# ପୌରୁଷ



ଲାଇ - ୧୯୮

ମୂଲ୍ୟ - ୧-ଟଙ୍କା.

Digitized by srujanika@gmail.com

# ପୌରୁଷ

दैवायत्तं कुले जन्म मदायत्तं च पौरुषम्

ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୌରୁଷ ବା ପୁରୁଷକାର ମୋର ଅଧୀନ ॥

କର୍ଣ୍ଣ—ବେଣୀସଂହାରମ୍ ॥

## ସୂଚୀପତ୍ର


| | ପୃଷ୍ଠା |
|---|---|
| ଶ୍ରୀ ଜଗନ୍ନାଥଙ୍କର ପ୍ରାର୍ଥନା — ଶ୍ରୀ ଶଙ୍କରାଚାର୍ଯ୍ୟ | ୬ |
| ସଂପାଦକୀୟ — ସମୁଦ୍ର ମନ୍ଥନ | |
| ଶ୍ରୀ ଜଗନ୍ନାଥ, ଭାରତୀୟ ସଂସ୍କୃତିର ପ୍ରତୀକ — ଜାନକୀବଲ୍ଲଭ ପଟ୍ଟନାୟକ | ୧୩ |
| ମେଘଦୂତ (ରଥଯାତ୍ରା ଅର୍ଥରେ) — ମହାମହୋପାଧ୍ୟାୟ ପଣ୍ଡିତ ନରହରି | ୧୭ |
| ମାଟିର ପ୍ରଦୀପ — ରବୀନ୍ଦ୍ରନାଥ ଠାକୁର | ୨୧ |
| ସେ ଦିନର ପ୍ରତିଜ୍ଞା — ପଣ୍ଡିତ ନୀଳକଣ୍ଠ ଦାସ | ୨୩ |
| ସଂବିଧାନରେ ରାଷ୍ଟ୍ରପତି — ଅଧ୍ୟାପକ ବୈଦ୍ୟନାଥ ମିଶ୍ର | ୨୭ |
| ବିଦ୍ରୋହ, ବିପ୍ଳବ, ରଜୋଗୁଣର ଉଦ୍ଦୀପନା ଆବଶ୍ୟକ — ସ୍ୱାମୀ ବିବେକାନନ୍ଦ | ୩୩ |
| ସ୍ୱାଧୀନତା ସଂଗ୍ରାମର ସ୍ମୃତି — ମହାବୀର ତ୍ୟାଗୀ | ୩୫ |
| ଷ୍ଟାଲିନଙ୍କ ନୟନପିତୁଳୀ ସ୍ୱେତଲାନା — ରାମଚନ୍ଦ୍ର ରଥ | ୩୮ |
| ଅକିଞ୍ଚନର ଜୀବନ ସ୍ମୃତି — ଡକ୍ଟର ପ୍ରାଣକୃଷ୍ଣ ପରିଜା | ୪୩ |
| ଭବିଷ୍ୟତର ଭୋଜନ — କେଶବଚନ୍ଦ୍ର ସାମଲ | ୪୮ |
| ବିଶ୍ୱଶାନ୍ତି ଓ ପଶ୍ଚିମ ଏସିଆ — ସଞ୍ଜୟ | ୫୩ |


Digitized by srujanika@gmail.com

| | ପୃଷ୍ଠା | | ପୃଷ୍ଠା |
|---|---|---|---|
| **ମୋ କାହାଣୀ**<br>ନୀଳମଣି ସେନାପତି | ୬୩ | **ପ୍ରତିଶ୍ରୁତି ଭଙ୍ଗ (ଜାପାନୀ ଗଳ୍ପ)** | ୮୭ |
| **ଆଗ୍ନେୟ ଶପଥ (ଗଳ୍ପ)**<br>ଜୟନ୍ତୀ ପଟ୍ଟନାୟକ | ୭୧ | **ସ୍ପୋର୍ଟସ୍—ସ୍ୱାସ୍ଥ୍ୟ ସୌନ୍ଦର୍ଯ୍ୟ ଆମୋଦର ପ୍ରତୀକ**<br>ରାଜରାଣୀ ଦେବୀ | ୯୨ |
| **ଅବଧୂତପତ୍ନୀ ଅରକ୍ଷିତ ଦାସ**<br>ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତି | ୭୫ | **ଶୁକ୍ରପକ୍ଷୀର ମୁକ୍ତି**<br>ଜୈନମୁନି ଶଶିଭାନୁ | ୯୫ |
| **ମହାଶୂନ୍ୟ ଓ ଚନ୍ଦ୍ରଲୋକ ଯାତ୍ରା**<br>ଯଦୁନାଥ ନାୟକ | ୮୧ | | |




ସଂପାଦକ ✳ ଜାନକୀବଲ୍ଲଭ ପଟ୍ଟନାୟକ

ପୌରୁଷର ଗ୍ରାହକ ଚାନ୍ଦା

| | |
|---|---|
| ବାର୍ଷିକ— | ୧୦ ଟଙ୍କା |
| ଷାଣ୍ମାସିକ— | ୫ ଟଙ୍କା ୫୦ ପ: |
| ମାସିକ— | ୧ ଟଙ୍କା |

ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା
ମୁଦ୍ରିତ ଓ ପ୍ରକାଶିତ
ପୌରୁଷ କାର୍ଯ୍ୟାଳୟ, ଚାନ୍ଦନୀଚୌକ, କଟକ-୨





FOR QUALITY & DURABILITY


*Better buy*

**Bizi STEEL FURNITURE**

**BIZI INDUSTRIES**

INDUSTRIAL ESTATE, CUTTACK-3


Digitized by srujanika@gmail.com



# ଜଗନ୍ନାଥ ସ୍ୱାମୀ

ମହାମ୍ଭୋଧିସ୍ତୀରେ
କନକ ରୁଚିରେ ନୀଳ ଶିଖରେ
ବସନ୍ ପ୍ରାସାଦାନ୍ତେ
ସହଜ ବଳଭଦ୍ରେଣ ବଳିନା
ସୁଭଦ୍ରା ମଧ୍ୟସ୍ଥ
ସକଳ ସୁରସେବାବସରଦୋ
ଜଗନ୍ନାଥ ସ୍ୱାମୀ
ନୟନ ପଥଗାମୀ ଭବତୁ ମେ ।

[ ମହା ସମୁଦ୍ରର କୂଳରେ ସୁବର୍ଣ୍ଣପରି ସୁନ୍ଦର ନୀଳାଚଳ ମନ୍ଦିରରେ ବଳଶାଳୀ ବଳଭଦ୍ର ଓ ସୁଭଦ୍ରାଙ୍କ ସହିତ ବାସ କରି ଯେ ସମସ୍ତ ଦେବତାଙ୍କୁ ସେବାର ସୁଖ ଦାନ କରୁଛନ୍ତି, ସେହି ଜଗନ୍ନାଥ ମହାପ୍ରଭୁ ମୋର ନେତ୍ର ପଥରେ ଆବିର୍ଭୂତ ହୁଅନ୍ତୁ । ]

ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ

Digitized by srujanika@gmail.com

# ସଂପାଦକୀୟ

## ସମୁଦ୍ର ମନ୍ଥନ

ଚଳିତ ଦଶକ (୧୯୬୦-୭୦) ହେଉଛି ସାରା ପୃଥିବୀରେ ଛାତ୍ର-ଯୁବକମାନଙ୍କର ଯୁଗ । ୧୯୬୦ ମସିହାରେ ଛାତ୍ରମାନଙ୍କ ବିଦ୍ରୋହ-ଯୋଗୁଁ କୋରିଆର ଜଣେ ସୁପ୍ରତିଷ୍ଠିତ ଜାତୀୟ ନେତା ପ୍ରେସିଡେଣ୍ଟ ସିଂମେନ ରି ଓ ତାଙ୍କର ଭ୍ରଷ୍ଟାଚାରୀ ସରକାରଙ୍କୁ ବିଦାୟ ନେବାକୁ ହେଲା ଓ ପ୍ରେସିଡେଣ୍ଟ ରି ନିର୍ବାସିତ ହେଲେ ।

ତୁର୍କୀରେ ଛାତ୍ରମାନଙ୍କ ବିପ୍ଳବ ଘଟି ଭ୍ରଷ୍ଟାଚାର-ଦୁଷ୍ଟ ଅଥଚ ବହୁକାଳର ଏକ ଗଣତାନ୍ତ୍ରିକ ଶାସନର ଅବସାନ ହେଲା ଓ ସାମରିକ ଏକଚ୍ଛତ୍ରବାଦ ପ୍ରତିଷ୍ଠିତ ହେଲା ।

ପୁଣି ସେହି ୧୯୬୦ ମସିହାରେ ଜାପାନ ସରକାରଙ୍କ ବିରୁଦ୍ଧରେ ଛାତ୍ରମାନେ ବିଦ୍ରୋହ କରି ସେ ଦେଶର ଆନ୍ତର୍ଜାତିକ ଭୂମିକାରେ ବଳପୂର୍ବକ ଏକ ପରିବର୍ତ୍ତନ ଆଣିଦେଲେ । ଯେଉଁ ଜାପାନକୁ ଆମେରିକା ଏକ ବିଶ୍ୱସ୍ତ ଅନୁଚର ବୋଲି ମନେ କରିଥିଲା, ଆମେରିକାର ରାଷ୍ଟ୍ରପତି ଆଇଜନ୍ ହାୱାର ଚରମପନ୍ଥୀ ଛାତ୍ରମାନଙ୍କ ବିକ୍ଷୋଭଭୟରେ ସେଠାକୁ ଯାଇ ପାରିଲେ ନାହିଁ । ଜାପାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଳ୍ପକାଳ ପରେ ବିଦାୟ ନେଲେ ଓ ଜାପାନର ବୈଦେଶିକ ନୀତି ଅଧିକ ନିରପେକ୍ଷ ଓ ସ୍ୱାଧୀନ ହେବାକୁ ଲାଗିଲା ।

ଏହାପରେ ଏପରି କୌଣସି ବର୍ଷ ଯାଉନାହିଁ ଯେଉଁ ବର୍ଷ କି କୌଣସି ନା କୌଣସି ଦେଶର ପ୍ରଚଳିତ ଶାସନ ଓ ସମାଜରେ ଛାତ୍ରମାନେ ବଳପୂର୍ବକ ପରିବର୍ତ୍ତନ ନ ଆଣୁଛନ୍ତି । ନିକଟବର୍ତ୍ତୀ ଦୃଷ୍ଟାନ୍ତ ହେଉଛି ୧୯୬୫-୬୬ ମସିହାର ଇଣ୍ଡୋନେସିଆ ଓ ୧୯୬୭ ମସିହାର ଭାରତବର୍ଷ ।

Digitized by srujanika@gmail.com

କେଉଁଠାରେ ଏ ପରିବର୍ତ୍ତନ ଅସ୍ଥାୟୀ, ଆଂଶିକ ଓ ଅସମାପ୍ତ । କେଉଁଠାରେ ଏହା ହୁଏତ ସମ୍ପୂର୍ଣ୍ଣ । ଭାରତବର୍ଷରେ ରାଷ୍ଟ୍ରବିପ୍ଳବ-ଜନିତ ପରିବର୍ତ୍ତନକୁ ପ୍ରଥମୋକ୍ତ ପର୍ଯ୍ୟାୟଭୁକ୍ତ କରାଯାଇ ପାରେ । ଏହା ଆଂଶିକ ଓ ଅସମାପ୍ତ କାରଣ ଏଥିରେ ସାରା ଭାରତବର୍ଷର ଚିତ୍ର ବଦଳି ନାହିଁ । ଯାହା ବି ବଦଳିଛି, ତା'ର କୌଣସି ନିର୍ଦ୍ଦିଷ୍ଟ ଦିଗ୍‌ଦର୍ଶନ ନାହିଁ ।

---

ମହାଭାରତ ଯୁଦ୍ଧଭୂମିରେ କୌରବମାନଙ୍କର ସେନାପତି ଗୁରୁ ଦ୍ରୋଣାଚାର୍ଯ୍ୟ ନିହତ ହେଲେ । ଦ୍ରୋଣଙ୍କ ପୁତ୍ର ମହାରଥୀ ଅଶ୍ୱତ୍ଥାମା କହିଲେ କୌରବମାନଙ୍କର ସେନାପତି ପଦରେ ତାଙ୍କୁ ହିଁ ବରଣ କରାଯାଉ । ଦୁର୍ଯ୍ୟୋଧନ କିନ୍ତୁ କର୍ଣ୍ଣଙ୍କର ଦାବୀ ଏଡ଼ାଇ ପାରିଲେ ନାହିଁ । ସେ କହିଲେ କର୍ଣ୍ଣ ମୂଳରୁ ସେନାପତି ହେବାର କଥା । ପିତାମହ ଭୀଷ୍ମ ଓ ଗୁରୁ ଦ୍ରୋଣାଚାର୍ଯ୍ୟ ଥିବାଯୋଗୁଁ ସେ ହୋଇ ପାରୁ ନ ଥିଲେ । କର୍ଣ୍ଣଙ୍କ ପ୍ରତି କଠୋର ବାକ୍ୟ ପ୍ରୟୋଗ କରି ଅଶ୍ୱତ୍ଥାମା କହିଲେ, କର୍ଣ୍ଣ ସାରଥିର ପୁତ୍ର । ସେ ସେନାପତି ହେବାକୁ ଯୋଗ୍ୟ ନୁହେଁ । ତା'ର ଯେଉଁ ଉତ୍ତର କର୍ଣ୍ଣ ଦେଇଥିଲେ ଏବର ଭାରତବର୍ଷର ଯୁବସମାଜପାଇଁ ମଧ୍ୟ ତାହା ପ୍ରଯୁଜ୍ୟ । ସଂସ୍କୃତ 'ବେଣୀ ସଂହାରମ୍' ନାଟକରେ ତାହା ଏହିପରି ଅଛି :—

"ସୂତୋ ବା ସୂତପୁତ୍ରୋ ବା
ଯୋ ବା କୋ ବା ଭବାମ୍ୟହଂ ।
ଦୈବାୟତ୍ତଂ କୁଳେ ଜନ୍ମ
ମଦାୟତ୍ତନ୍ତୁ ପୌରୁଷମ୍ ।"

ମୁଁ ସାରଥି ବା ସାରଥିର ପୁତ୍ର ହୋଇପାରେ ବା ଯେ କେହି ହୋଇପାରେ । ଉଚ୍ଚ କୁଳରେ ଜାତ ହେବା ମୋର ଆୟତ୍ତର ବାହାରେ । ତାହା ଦୈବର ଅଧୀନ; କିନ୍ତୁ ପୌରୁଷ ବା ପୁରୁଷକାର ମୋର ଅଧୀନ ।

ଏହି ଦୃଷ୍ଟିରୁ ଏହି ପତ୍ରିକାର ନାମକରଣକୁ 'ପୌରୁଷ' ରଖାଯାଇଛି । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଯେଉଁ ଅନ୍ତର୍ନିହିତ ଶକ୍ତି ଅଛି, ଜାତି, ବଂଶନିର୍ବିଶେଷରେ ତା'ର ଜାଗରଣ ପ୍ରତ୍ୟେକ ସମାଜ ଓ ରାଷ୍ଟ୍ରର ଧର୍ମ ହେବା ଆବଶ୍ୟକ ।

ସଂପାଦକ

Digitized by srujanika@gmail.com

ଉଦାହରଣସ୍ୱରୂପ ଭାରତର ଅର୍ଦ୍ଧାଂଶ କଂଗ୍ରେସ, ଅର୍ଦ୍ଧାଂଶ ଅଣ-କଂଗ୍ରେସ ଓ କେନ୍ଦ୍ରରେ କଂଗ୍ରେସ । ପୁଣି ସବୁ ଅଣକଂଗ୍ରେସ ଏକା ନୁହେଁ । ଓଡ଼ିଶାରେ ସ୍ୱତନ୍ତ୍ର-ଜନକଂଗ୍ରେସ ପଶ୍ଚିମ ବଙ୍ଗରେ ମାର୍କସ୍‌ବାଦୀ କମ୍ୟୁନିଷ୍ଟମାନଙ୍କ ପ୍ରାଧାନ୍ୟ, ଉତ୍ତରପ୍ରଦେଶ, ଦିଲ୍ଲୀରେ ଜନସଂଘର ଆଧିପତ୍ୟ, ମାନ୍ଦ୍ରାଜରେ ଦ୍ରାବିଡ଼ ଖଜଗମ୍‌ର ନେତୃତ୍ୱ; ତେଣୁ ଏ ପରିବର୍ତ୍ତନ ଅସ୍ଥାୟୀ । ଏହାର ନିର୍ଦ୍ଦିଷ୍ଟ, ସମ୍ପୂର୍ଣ୍ଣ ଦିଗ୍‌ଦର୍ଶନ ମିଳିବାକୁ ବାକି ଅଛି ଏବଂ ଯେପର୍ଯ୍ୟନ୍ତ ତାହା ମିଳିନାହିଁ, ସେପର୍ଯ୍ୟନ୍ତ ଶାନ୍ତି ନାହିଁ । ସମାଜର ଏହି ଗର୍ଭବେଦନାର ଶିଶୁ ହେଲେ ଶ୍ରୁଦଳ ।

ଭାରତବର୍ଷରେ କି ପରିବର୍ତ୍ତନ ଘଟିବ, ଏହାର ରୂପରେଖ କ'ଣ ହେବ, ତାହା କେହି କହି ପାରିବେ ନାହିଁ । ବିଶେଷତଃ ବର୍ତ୍ତମାନ ଯେଉଁ ନେତୃତ୍ୱହୀନ ଅବସ୍ଥାରେ ଏହି ଦେଶ ରହିଛି, ତାହାର ଭବିଷ୍ୟତ ଅନ୍ଧକାରମୟ ନ ହେଲେ ମଧ୍ୟ ଅନିଶ୍ଚିତର ଗର୍ଭରେ । ଶ୍ରୀ ଜୟପ୍ରକାଶ ନାରାୟଣଙ୍କ ପରି ଅତି ଆଶାବାଦୀ, ଚିନ୍ତାଶୀଳ ବ୍ୟକ୍ତି ମଧ୍ୟ କୌଣସି ବାଟ ନ ପାଇ ଦେଶରେ ଏକ ସାମରିକ ବିପ୍ଳବ ହେବ ବୋଲି କହିଦେଲେ ଏବଂ ସାମରିକ ବିପ୍ଳବ ହେଲେ ଯେଉଁମାନଙ୍କର ଆଗ ଗୋଡ଼ କଟା ହୁଏ, ଅର୍ଥାତ୍ ପେଶାଦାର ରାଜନୀତିଜ୍ଞଗଣ ସେମାନେ ନାରାୟଣଙ୍କ କଥା ଶୁଣି ନାରାୟଣଙ୍କୁ ଡାକିଲେ । ସାମରିକ ବିପ୍ଳବ ଯେଉଁ ଗଣତାନ୍ତ୍ରିକ ଦେଶରେ ହୋଇଛି ସେ ଦେଶରେ ନେତୃତ୍ୱହୀନ ଅବସ୍ଥାରେ ହିଁ ତାହା ହୋଇଛି । ତେଣୁ ଭବିଷ୍ୟତ୍‌ର ବହୁ ଅନିଶ୍ଚିତର ରୂପରେଖ ମଧ୍ୟରେ ସେ ଯେ ଗୋଟିଏ ନୁହେଁ, ତାହା କିଏ କହିବ ?

ଅସଲ କଥା ହେଲା, ପରିବର୍ତ୍ତନ । ସ୍ୱାଧୀନତା ପରେ ଯେଉଁମାନେ ନେତୃତ୍ୱରେ ରହିଲେ, ସେମାନେ ଦେଶର ସାମାଜିକ, ଆର୍ଥନୈତିକ କ୍ଷେତ୍ରରେ ଯେଉଁ ପରିବର୍ତ୍ତନ ଆଣିବାର କଥା, ତାହା ଆଣିପାରିଲେ ନାହିଁ । ସ୍ୱାଧୀନତାର ବହୁ ପୂର୍ବରୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର "ହେ ମୋର ଦୁର୍ଭାଗା ଦେଶ, ଯାଦେର କରେଛ ଅପମାନ"—କବିତାରେ ଲେଖିଥିଲେ ଯେଉଁମାନଙ୍କୁ ମାନବିକ ଅଧିକାରରୁ ବଞ୍ଚିତ କରି ରଖାଯାଇଛି, ଯେଉଁମାନଙ୍କୁ ତାଙ୍କର ପ୍ରାପ୍ୟ ନ୍ୟାୟ ଓ ସମ୍ମାନ ମିଳିନାହିଁ, ଯେଉଁମାନେ ଅଜ୍ଞାନର ଅନ୍ଧକାରରେ ରହିଛନ୍ତି, ସେମାନେ ଦିନେ ଏହି ଅପମାନ ଓ ଲାଞ୍ଛନାଭିତରୁ ଉଠି ସମାନ ଆସନରେ ବସିବେ ।

ବର୍ତ୍ତମାନ ମଧ୍ୟ ଭାରତର ଅଧିକାଂଶ ଲୋକ ସେମାନଙ୍କର ପ୍ରାପ୍ୟ ସମ୍ମାନ ଓ ଅଧିକାରରୁ ବଞ୍ଚିତ ହୋଇ ରହିଛନ୍ତି ଏବଂ ଏହି ଦେଶର ଅଧିକାଂଶ ଲୋକଙ୍କର ଦାରିଦ୍ର୍ୟ ଓ ଅଳ୍ପ ଲୋକଙ୍କର ବିଳାସ, ବ୍ୟସନ ଓ ଆଡ଼ମ୍ବରପୂର୍ଣ୍ଣ ଜୀବନ ପୃଥିବୀର ଅନ୍ୟଦେଶମାନଙ୍କୁ ବିସ୍ମିତ କରୁଛି । ସମାଜବାଦ, ଆର୍ଥିକ ସମାନତା, ସାମାଜିକ ନ୍ୟାୟ ଏ ସବୁ ରାଜନୀତିଜ୍ଞମାନଙ୍କର ପ୍ରବଞ୍ଚନାମୂଳକ ଧ୍ୱନିରେ ପରିଣତ ହୋଇଛି । ପଞ୍ଚବାର୍ଷିକ ଯୋଜନା ଦେଶର ଦାରିଦ୍ର୍ୟ ଓ ଆର୍ଥନୈତିକ ବିଭେଦ ଦୂର କରିବା ପରିବର୍ତ୍ତେ ତୀବ୍ରତର କରିଛି । ଦର-ବୃଦ୍ଧିରେ ଦରିଦ୍ର ଓ ମଧ୍ୟବିତ୍ତଶ୍ରେଣୀ ଲୋକଙ୍କର ଜୀବନ ଦୁଃସହ

Digitized by srujanika@gmail.com

ହେଲଣି । ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ଯ ଭାରତବର୍ଷର ଯାହା ଟିକିଏ ସମ୍ମାନ ଥିଲା ସେତିକ ଆଉ ନାହିଁ ।

ଯେତେବେଳେ ଦେଶରେ ଏହି ବ୍ୟର୍ଥତା, ତାହାର ପ୍ରତିକ୍ରିୟା ଛାତ୍ରମାନଙ୍କ ମଧ୍ଯରେ ଘଟିବା ଏକାନ୍ତ ସ୍ୱାଭାବିକ । ଛାତ୍ରସମାଜ ମଧ୍ଯରେ ଯେଉଁ ଉତ୍ତେଜନାକୁ ବିଶୃଙ୍ଖଳା ବୋଲି କୁହାଯାଉଛି, ଛାତ୍ରଙ୍କର ଯେଉଁ ସବୁ କାର୍ଯ୍ୟ ପଛରେ ଆଦର୍ଶ ନାହିଁ ବୋଲି ମନେ କରାଯାଉଛି, ତାହା ସମାଜର ଗୁରୁତର ବ୍ୟାଧିର ପ୍ରତିକ୍ରିୟା ମାତ୍ର ।

ଯଦି ସେ ପ୍ରତିକ୍ରିୟା ନ ଘଟେ, ତା'ହେଲେ ସମାଜରେ ପ୍ରାଣଶକ୍ତି ନାହିଁ ବୋଲି କୁହାଯିବ । ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ କୌଣସି ଦେଶ ବା ସମାଜ ସ୍ଥିର ହୋଇ ରହି ପାରିବ ନାହିଁ, ବିଶେଷତଃ ଯେଉଁ ଦେଶ ବା ସମାଜ ଶହ ଶହ ବର୍ଷଧରି ପରିବର୍ତ୍ତନର ଅପେକ୍ଷାରେ ରହିଚି । ସେଥିଯୋଗୁ ସ୍ୱାଧୀନତା ଲାଭ ପାଇଁ ଯେଉଁ ବିପ୍ଲବ ବା ଆନ୍ଦୋଳନ ତାହା ଯଥେଷ୍ଟ ନୁହେଁ । ସ୍ୱାଧୀନତା ପରେ ଏ ବିପ୍ଲବ ଦୀର୍ଘଜୀବୀ ହେବା ଆବଶ୍ୟକ । ଭାରତବର୍ଷରେ ତାହା ହେଲା ନାହିଁ । ଏତେ ବଡ଼ ବିରାଟ ଦେଶ, ଯେଉଁଠି ପରିବର୍ତ୍ତନର ପ୍ଲାବନ ବନ୍ୟା ସୃଷ୍ଟି ହେବାର କଥା, ତାହା ସ୍ଥିର, ନିଷ୍ପନ୍ଦ ହୋଇ ରହିଗଲା । ସେଠାରେ ଛାତ୍ର ଓ ଯୁବଶକ୍ତି ମଧ୍ଯରେ ଯଦି ସାମାନ୍ୟ ବିକ୍ଷୋଭ ଦେଖା ନ ଯାଏ, ତା' ହେଲେ କ'ଣ ସେ ଦେଶ, ସେ ସମାଜ ମରିଯିବ !

କିନ୍ତୁ ଏଥିପାଇଁ ଛାତ୍ରମାନେ ଦେଶକୁ ନେତୃତ୍ୱ ଦିଅନ୍ତୁ ବୋଲି କୁହାଯିବା ଠିକ୍ ନୁହେଁ । ଏହା ପ୍ରବଞ୍ଚନାମୂଳକ । ଛାତ୍ର-ସମାଜ ଏକ ବାଧ୍ୟବାଧ ରାଜନୈତିକ ଦଳ ନୁହେଁ । ଏହା ଏକ ଦଳ ହୋଇ ନ ପାରେ କି ହେବା ମଧ୍ଯ ଉଚିତ ନୁହେଁ । ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ର ହେଉ ବା କମ୍ୟୁନିଷ୍ଟ ରାଷ୍ଟ୍ର ହେଉ, ଏକ ସଂଗଠିତ, ବାଧ୍ୟବାଧ, ଆଦର୍ଶବାଦୀ ରାଜନୈତିକ ନେତୃତ୍ୱ ସମାଜର ସବୁ ପ୍ରଗତିକାମୀ ଶକ୍ତିଙ୍କୁ ନେଇ କାର୍ଯ୍ୟ କରେ । ଯେଉଁ ଦେଶରେ ଏହା ଥାଏ, ଛାତ୍ର ଓ ଯୁବକମାନେ ସେ ଦେଶରେ ଗଭୀର ଆଦର୍ଶବାଦ ଓ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ କାର୍ଯ୍ୟ କରନ୍ତି । ଯେଉଁ ଦେଶରେ ଏହା ନ ଥାଏ, ତାହା ହେବାପାଇଁ ଯେଉଁ ବିକ୍ଷୋଭ ବା ଆନ୍ଦୋଳନ ଆବଶ୍ୟକ, ଛାତ୍ରମାନେ ତା'ର ସୂଚନା ଦିଅନ୍ତି, ତା'ର ଅଗ୍ରଗାମୀ ଶକ୍ତିରୂପେ କାର୍ଯ୍ୟ କରନ୍ତି ।

୧୯୨୧ ମସିହାରେ ଛାତ୍ରମାନେ ଗଭୀର ଆଦର୍ଶବାଦରେ ଉଦ୍‌ବୁଦ୍ଧ ହୋଇଥିଲେ, କାରଣ ସେତେବେଳେ ମହାତ୍ମା ଗାନ୍ଧୀ ଥିଲେ ଓ ତାଙ୍କର ଅସାମାନ୍ୟ ବ୍ୟକ୍ତିତ୍ୱ ଥିଲା ଦେଶର ନେତୃତ୍ୱ । ଗାନ୍ଧୀ ନିଜେ ଅତି ଦରିଦ୍ର ଲୋକ ଭଳି ଚଳୁଥିଲେ । ଆଣ୍ଠୁ ଲୁଚୁ ନ ଥିବା ଲୁଗା ପିନ୍ଧୁଥିଲେ । ସେ ଥିଲେ ସାଧୁତାର ଅବତାର । କ୍ଷମତାଲୋଭ ତାଙ୍କର ଟିକେ ମାତ୍ର ନ ଥିଲା । ଗାନ୍ଧୀଙ୍କର ମୃତ୍ୟୁ ପରେ ତାଙ୍କର ଶିଷ୍ୟମାନେ ହିଁ ତାଙ୍କୁ ଆଗ ଭୁଲିଯିବାପାଇଁ ଚେଷ୍ଟା କଲେ ।

ସୋଭିଏଟ୍ ରୁଷିଆର ନିର୍ମାଣର ବେଳରେ ଥିଲା ଲେନିନ୍‌ଙ୍କ ନେତୃତ୍ୱ । ଲେନିନ୍ ଏକ ସାଧାରଣ ଶ୍ରମିକ ପରି ଜୀବନଯାପନ କରୁଥିଲେ । ଲେନିନ୍‌ଙ୍କ ଦୈନନ୍ଦିନ ଜୀବନ


Digitized by srujanika@gmail.com

...ସମ୍ପର୍କରେ ଜଣେ ଆମେରିକାନ୍ ସାମ୍ବାଦିକ ...ଲ୍ ବର୍ଟ ଉଇଲିଅମ୍ସ କହିଛନ୍ତି, "ଲେନିନ୍ ... ତାଙ୍କର ସ୍ତ୍ରୀ ଅତି ସାଧାରଣ ଖାଦ୍ୟ ଖାଉ-...ଲେ । ସେ ତାଙ୍କ ଗୃହାରେ ଚିନି ଖାଉ ନ...ଲେ କାରଣ ଅନ୍ୟମାନଙ୍କୁ ଯେତିକି ଚିନି ...ଡ଼ି ମିଳୁଥିଲା, ତାଙ୍କୁ ମଧ୍ୟ ସେତିକି ମିଳୁଥିଲା । ସୈନ୍ୟମାନେ ଓ ଚପରାଶିମାନେ ଯେଉଁପରି ବଡ଼ ...ଡ଼ ଘରେ ଲମ୍ବାଖଟରେ ଶୋଉଥିଲେ ଲେନିନ୍ ମଧ୍ୟ ସେହିପ୍ରରି ଶୋଉଥିଲେ । ଲେନିନ୍ ...ଣେ ଋଷି ହେବାକୁ ଯେ ଏହିପରି ଚଳୁଥିଲେ, ...ହା ନୁହେଁ । ସେ ସମାଜବାଦ ନୀତିକୁ ନିଜର ...ଚରଣରେ ପରିଣତ କରିଥିଲେ ।"

ଚୀନ୍‌ର ବିପ୍ଳବୀ ନେତା ହେଲେ ...ଓ ସେ ତୁଂ, ଯାହାଙ୍କର ବାଣୀକୁ ଏକ ଲାଲ-...ଡ଼ାବ ଆକାରରେ ଧରି ସେ ଦେଶର ଲକ୍ଷ ...କ୍ଷ ଛାତ୍ର-ଯୁବକ ନିଜର ଜୀବନକୁ ଶୁଦ୍ଧ ...ରିବାରେ ଆନନ୍ଦ ଅନୁଭବ କରୁଛନ୍ତି ।

ଆଜି ଭାରତବର୍ଷରେ ଆଦର୍ଶ ? ଅସାଧୁ ...ଜନୀତିଜ୍ଞଗଣ ? ଯେଉଁମାନେ ନିଜର ସ୍ୱାର୍ଥକୁ ହିଁ ...ଦେଶର ସ୍ୱାର୍ଥ ବୋଲି ମନେ କରନ୍ତି । ଛାତ୍ର-...ମାଜର ଉଚ୍ଚ ଆଦର୍ଶବାଦରେ ଉଦବୁଦ୍ଧ ...ହୋଇ ସରଳ ନିରାଡ଼ମ୍ବର ଜୀବନ-ଯାପନ ...ରିବେ, ଅଥଚ ଯେଉଁମାନେ ଶାସନ ଓ ...ମାଜର ନିୟାମକ ଓ ଅଭିଜାବକଶ୍ରେଣୀରେ ...ହିଲେ, ସେମାନଙ୍କର ଚଳଣି ଭିନ୍ନ ପ୍ରକାରର ହୋଇଥିବ; ଏହା କେଉଁ ଯୁକ୍ତିଭିତରେ ଯାଏ ?

ସୁଖର ବିଷୟ ସ୍ୱାଧୀନତା ପରେ ଏତିକି ହୋଇଛି ଯେ, ଆଶାନୁରୂପ ନ ହେଲେ ମଧ୍ୟ ଶିକ୍ଷିତ ଯୁବକ ଓ ଛାତ୍ରମାନଙ୍କର ସଂଖ୍ୟା ବୃଦ୍ଧି ଘଟିଛି । ବର୍ତ୍ତମାନ ଭାରତୀୟ ସମାଜ ଯେଉଁ ଅବସ୍ଥାରେ ଅଛି ସେଥିରେ ଏକ ସମୁଦ୍ର-ମନ୍ଥନ ଦରକାର ହେଉଛି । ପୁରାଣରେ ବର୍ଣ୍ଣିତ ଅଛି ଯେ, ଯେତେବେଳେ ସଂସାର ବିଭିଷଣମୟ ହୋଇଗଲା, ସେତେବେଳେ ଦେବତା ଓ ଦାନବମାନେ ମିଶି ବାସୁକି ନାଗକୁ ଦଉଡ଼ି କରି ଓ ମେରୁ ପର୍ବତକୁ ଖୁଆ ବା ମନ୍ଥନ ଦଣ୍ଡରୂପେ ରଖି ସାଗର ମନ୍ଥନ କଲେ । ଏଥିରେ ଅତଳ ଜଳଭିତରେ ଥିବା ସବୁ ବିଭବ ଉପରକୁ ବାହାରି ପଡ଼ିଲା । ଅମୃତ, ଚନ୍ଦ୍ରମା ଓ ଲକ୍ଷ୍ମୀ ବାହାରିଲେ । ବିଷ ମଧ୍ୟ ବାହାରିଲା; କିନ୍ତୁ ବିଷ ପାନପାଇଁ ନୀଳକଣ୍ଠଙ୍କର ଅଭାବ ରହିଲା ନାହିଁ । ଛାତ୍ର ଓ ଯୁବକଙ୍କ ମଧ୍ୟରେ ସମାଜର ପ୍ରାଣଶକ୍ତି ଅଛି । ଏ ଶକ୍ତି ଉଭୟ ଦୈବ ଓ ଦାନବ । ଏହାର ସାହାଯ୍ୟରେ ଶୁଷ୍କ ଓ ନିଷ୍ପ୍ରାଣ ହୋଇ ପଡ଼ିଥିବା ଭାରତୀୟ ସମାଜକୁ ପ୍ରାଣଶକ୍ତି ଦେବା-ପାଇଁ ଏକ ବୈପ୍ଳବିକ ମନ୍ଥନ ଆବଶ୍ୟକ । କ୍ଷତି ନାହିଁ, ଯଦି ସେଥିରେ ଏହି ପ୍ରଚଳିତ ସମାଜ ଓ ଶାସନ ବ୍ୟବସ୍ଥା ଓଲଟପାଲଟ ହୋଇଯାଏ ।



Digitized by srujanika@gmail.com



# ଶ୍ରୀ ଜଗନ୍ନାଥ

ଜାନକୀବଲ୍ଲଭ ପଟ୍ଟନାୟକ

ହଜାର ହଜାର ବର୍ଷ ଧରି ଜଗନ୍ନାଥଙ୍କୁ କେନ୍ଦ୍ର କରି ଯେଉଁ ଧର୍ମ ଗଢ଼ି ଉଠିଛି, ପୃଥିବୀରେ ତା'ର ପଟାନ୍ତର ନାହିଁ । ଉଦାରଭାବରେ ତାହା ସମସ୍ତ ଧର୍ମକୁ ଆପଣାର କରି 'ବସୁଧୈବ କୁଟୁମ୍ବକମ୍' ନୀତିର ଯଥାର୍ଥତା ପ୍ରତିପାଦନ କରିଛି । ଆଦିମ କାଳରୁ ଏ ଭାରତବର୍ଷରେ ଯେତେ ଧର୍ମ, ଯେତେ ସଭ୍ୟତା ଶିର ଉତ୍ତୋଳନ କରିଚି, ସବୁ ଜଗନ୍ନାଥଙ୍କ ଦେହରେ ଲୀନ ହୋଇଯାଇଚି । ଶବରର ଦେବତା ହୋଇ ଜଗନ୍ନାଥ ଆର୍ଯ୍ୟ ସଂସ୍କୃତି କହିଲେ ଯାହା ବୁଝାଯାଏ, ବୌଦ୍ଧ, ଜୈନ, ଶୈବ, ଶାକ୍ତ, ବୈଷ୍ଣବ—ଏପରିକି ଶିଖ ଓ ମୁସଲମାନ ସମସ୍ତଙ୍କର ଦେବତାରୂପେ ପୂଜିତ ହୋଇଛନ୍ତି ।

## କିମ୍ବଦନ୍ତୀର ଜଗନ୍ନାଥ

ଶବରର ରାଜା ବିଶ୍ୱାବସୁଙ୍କର ଉପାସ୍ୟ ଦେବତା ଜଗନ୍ନାଥ, ମାତ୍ର ସେଠାରୁ ତାଙ୍କର ଆରମ୍ଭ ନୁହେ । ଏ ବିଶ୍ୱାବସୁ ଥିଲେ ଦ୍ୱାପର ଯୁଗର ଜାରା ଶବର—ସେ ଜାରା ଶବର ପୁଣି ତ୍ରେତା ଯୁଗରେ ଅଙ୍ଗଦ, ବାନରରାଜ ବାଲୀଙ୍କର ପୁତ୍ର, ଶ୍ରୀରାମଙ୍କର ଭକ୍ତ ଓ ଲଙ୍କା ଯୁଦ୍ଧରେ ରାମଚନ୍ଦ୍ରଙ୍କର ଜଣେ ବିଶିଷ୍ଟ ସେନାପତି । ଲଙ୍କାର ଯୁଦ୍ଧ ସରିଗଲା । ପାରିତୋଷିକସ୍ୱରୂପ ଶ୍ରୀ ରାମଚନ୍ଦ୍ର ତାଙ୍କର ସେନାପତି ଓ ଅନୁଚରମାନଙ୍କୁ ବର ମାଗିବା-ପାଇଁ କହିଲେ । ଅଙ୍ଗଦ ମାଗିଲେ, ଯଦି ପ୍ରଭୁ ମୋତେ ବର ଦେବାପାଇଁ କହିଲ, ତା'ହେଲେ ମୋତେ ଏହି ବର ଦିଅ ଯେ ମୁଁ ପିତୃ ହତ୍ୟାର ପ୍ରତିଶୋଧ ନେବି; ଅଥଚ ଆପଣଙ୍କର ଭକ୍ତ ହୋଇ ରହିଥିବି ।' ସେହି ଅଙ୍ଗଦ ଜାରା ଶବର ହୋଇ ଦ୍ୱାରକାର ସମୁଦ୍ରକୂଳରେ ବିଧିର ଅଭିପ୍ରେତକୁ ସେପରି ଅପେକ୍ଷା କରି ରହିଥିଲେ । ଯଦୁବଂଶର ଧ୍ୱଂସ ପରେ ଶିଆଳୀ ଲତାର କୋଳରେ ଶ୍ରୀକୃଷ୍ଣ ଶୋଇଛନ୍ତି;—ରକ୍ତାଭ ପଦଯୁଗଳ ମୃଗର କାନପରି ଦେଖା ଯାଉଚି—ତା'ପରେ ଶବରର ଅବ୍ୟର୍ଥ ଶରରେ ବିଷ୍ଣୁଙ୍କର ଏହି ଶ୍ରେଷ୍ଠ ଅବତାର ଧରାପୃଷ୍ଠରୁ ବିଦାୟ ନେଉଛନ୍ତି ।

ତାଙ୍କର ଶରୀର ଦଗ୍ଧ ହେଉ ନାହିଁ । ଶରୀରର ଖଣ୍ଡେ ହାଡ଼କୁ ଗଛଡାଳରେ ଝୁଲାଇ ଦେଇ ସମୁଦ୍ରରେ ଦୈବବାଣୀ ଅନୁସାରେ ଭସାଇ ଦିଆଯାଉଚି, ସେ ଯାଇ ଲାଗୁଚି ବହୁ-କାଳପରେ ପୂର୍ବସାଗରର ଉପକୂଳରେ ଓ ତାକୁ ନେଇ ବିଶ୍ୱାବସୁ ନୀଳମାଧବ-ରୂପରେ ପୂଜା କରୁଛନ୍ତି । ଶବର ଦେବତାଙ୍କୁ ନିଜର କରିବାପାଇଁ ଆର୍ଯ୍ୟମାନଙ୍କ ପକ୍ଷରୁ ଚେଷ୍ଟା ହେଉଚି—ଏ ଚେଷ୍ଟାର ପ୍ରତୀକ ହେଲେ ଇନ୍ଦ୍ରଦ୍ୟୁମ୍ନ—ଏ ଇନ୍ଦ୍ରଦ୍ୟୁମ୍ନ ରାଜା କିଏ ?

Digitized by srujanika@gmail.com

ତାଙ୍କ ନାମ ଇତିହାସରେ ମିଳେ ନାହିଁ— ଜନଶ୍ରୁତି, ସ୍କନ୍ଦପୁରାଣ କହନ୍ତି ସେ ମାଳବର ରାଜା; ପ୍ରତ୍ନତତ୍ତ୍ୱବିତ୍ମାନେ ବିହାରର ମୁଙ୍ଗେର ପାଖରେ ଏକ ପୁରୁଣା ଗଡ଼ର ପୁନରୁଦ୍ଧାର କରିଛନ୍ତି । ତା'ର ନାମ ଇନ୍ଦ୍ରଦ୍ୟୁମ୍ନ ଗଡ଼ । ସେଠାରେ ଇନ୍ଦ୍ରଦ୍ୟୁମ୍ନ ରାଜା ରାଜପଣ କରୁଥିଲେ ବୋଲି କୁହାଯାଏ—କିନ୍ତୁ ସେ ଯେ ହୁଅନ୍ତୁ ନା କାହିଁକି, ସେ ନୀଳମାଧବଙ୍କୁ ଖୋଜାଇଲେ ଓ ଭକ୍ତ ବିଦ୍ୟାପତିଙ୍କୁ ପଠାଇଲେ । ବିଦ୍ୟାପତି ବିଶ୍ୱାବସୁଙ୍କୁ ପାଇଲେ ମଧ୍ୟ ନୀଳମାଧବଙ୍କୁ ପାଇଲେ ନାହିଁ । ବିଶ୍ୱାବସୁଙ୍କ କନ୍ୟାର ପ୍ରଣୟ-ପାଶରେ ଆବଦ୍ଧ ହୋଇ ଶେଷକୁ ସେ ତାଙ୍କର ସନ୍ଧାନ ପାଇଲେ ।

ଇନ୍ଦ୍ରଦ୍ୟୁମ୍ନ ଶବରପଲ୍ଲୀକୁ ସସୈନ୍ୟ ଆକ୍ରମଣ କଲେ । ବିଶ୍ୱାବସୁ ପରାସ୍ତ ହେଲେ । ମାତ୍ର ଭକ୍ତର ଭଗବାନ ଅନ୍ତର୍ହିତ ହୋଇଗଲେ । ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କୁ ନ ଦେଖି ଶୋକବିହ୍ୱଳ ହୋଇ ଏକୋଇଶ ଦିନ କାଳ ଅଧିଆ ପଡ଼ିଲେ । ତା'ପରେ ତାଙ୍କୁ ସ୍ୱପ୍ନାଦେଶ ହେଲା—ଯାଅ, ପୁରୀ ସମୁଦ୍ରର କୂଳରେ ଯେଉଁ ଦାରୁ ଆସି ଲାଗିଛି, ତାକୁ ଆଣି ମୂର୍ତ୍ତି ଖୋଦନ କର ଏବଂ ପ୍ରତିଷ୍ଠା କରି ପୂଜା କର ।

ମାତ୍ର ଏତିକରେ ଇନ୍ଦ୍ରଦ୍ୟୁମ୍ନଙ୍କର ପରୀକ୍ଷା ସରି ନାହିଁ । ଯେତେ ଲୋକ ଟାଣିଲେ ଦାରୁ କୂଳକୁ ଉଠିଲା ନାହିଁ, ପୁଣି ସ୍ୱପ୍ନ ହେଲା ଭକ୍ତ ବିଶ୍ୱାବସୁ ହାତ ନ ଲଗାଇଲେ ଦାରୁ ଉଠିବ ନାହିଁ । ଜଗନ୍ନାଥ ହେଉଛନ୍ତି ଶବରଙ୍କର ଦେବତା, ସେତେବେଳେ ଆଉ ଏବେ ମଧ୍ୟ ଯେଉଁ ଦଇତାମାନେ ତାଙ୍କର ସେବକ ସେମାନେ ପୁଣି ସେହି ଶବରମାନଙ୍କର ବଂଶଧର । ସ୍ନାନ ପୂର୍ଣ୍ଣିମାରୁ ରଥଯାତ୍ରାପର୍ଯ୍ୟନ୍ତ ଦିନ ଦଇତାମାନଙ୍କର । ସେଥିରେ ଆଉ କାହାରି ଅଧିକାର ନାହିଁ । ଶବରଙ୍କର ଦେବତାଙ୍କୁ ଆର୍ଯ୍ୟମାନେ ଆଦରି ନେଲେ । ତଥାପି ତାଙ୍କର ସେବା-ପୂଜାରେ ସେମାନଙ୍କର ଅଧିକାର ରହିଲା । ଦେବତା ହେଲେ ପତିତ-ପାବନ । ଶବର ବିଶ୍ୱାବସୁଙ୍କଠାରୁ ଆରମ୍ଭ-କରି ଦାସିଆ ବାଉରି ପର୍ଯ୍ୟନ୍ତ ।

## ଇତିହାସର ଜଗନ୍ନାଥ

କିମ୍ବଦନ୍ତୀରେ ଯାହା ଇତିହାସରେ ମଧ୍ୟ ସେଇଆ । ଶବର-ଦେବତାଙ୍କ ଉପରେ ପଡ଼ିଲା ବୌଦ୍ଧମାନଙ୍କର ପ୍ରଭାବ । ଅଶୋକଙ୍କ ପରେ ଓଡ଼ିଶାରେ ବୌଦ୍ଧ ଧର୍ମ ପ୍ରତିଷ୍ଠିତ ହେଲା । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ପୁଣି କିଏ ? ଏ ତ ରାମ, ଲକ୍ଷ୍ମଣ, ସୀତା ନୁହନ୍ତି । କାରଣ ସୁଭଦ୍ରା ଭଉଣୀ, ବଳଭଦ୍ର ବଡ଼ ଭାଇ । ଏ ତ୍ରିମୂର୍ତ୍ତିଙ୍କର ବୌଦ୍ଧଧର୍ମର ତ୍ରିମସ୍ତ ସହିତ ବହୁ ସାମଞ୍ଜସ୍ୟ ଅଛି । ବୁଦ୍ଧ, ଧର୍ମ, ସଂଘ । ଜଗନ୍ନାଥ ହେଉଛନ୍ତି ବୁଦ୍ଧ । ନମୋ ତସ୍ମୈ ଭଗବତେ ବାସୁଦେବାୟ । ବୁଦ୍ଧଙ୍କୁ କୁହାଯାଏ 'ନମୋ ତସେ ଭଗବତେ ଅର୍ହତେ ବୁଦ୍ଧ-ସମ୍ଭୁଦ୍ଧାୟ' । ବଳଭଦ୍ର ହେଉଛନ୍ତି ସଂଘର ପ୍ରତୀକ । ସଂଘକୁ ଚଳାଇବାକୁ ହେଲେ ଜଣେ ବଡ଼ ଭାଇ ଦରକାର କି ନା ? ସୁଭଦ୍ରା ହେଉଛନ୍ତି ଧର୍ମର ପ୍ରତୀକ । ସୌଭଦ ହେଉଛି ବୌଦ୍ଧମାନଙ୍କ ତନ୍ତ୍ରରେ ଧର୍ମ ତାଙ୍କୁ ନାରୀରୂପେ କଳ୍ପନା କରାଯାଇଛି ।— କିନ୍ତୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏ ତିନିହେଁ ନୁହନ୍ତି—'ଚତୁର୍ଦ୍ଧା ମୂରତି'—ପୁଣି ସୁଦର୍ଶନ ଚକ୍ର ଅଛନ୍ତି । ସେ କାହାର ପ୍ରତୀକ-

Digitized by srujanika@gmail.com

ଚକ୍ର ହେଉଛନ୍ତି ସବୁ ଧର୍ମର ପ୍ରତୀକ । ବୌଦ୍ଧ ଧର୍ମରେ ଚକ୍ର ହେଉଛି ସମୁଦାୟ ଧର୍ମତତ୍ତ୍ୱର ଅଙ୍ଗ । ବୁଦ୍ଧଦେବ ସାରନାଥରେ ପାଞ୍ଚ ଜଣ ସନ୍ନ୍ୟାସୀଙ୍କୁ ଯେତେବେଳେ ଧର୍ମ ପ୍ରଚାର କଲେ, ତା'ର ନାମ ହେଲା ଧର୍ମଚକ୍ର ପ୍ରବର୍ତ୍ତନ ସୂତ୍ର । ହିନ୍ଦୁ ଧର୍ମରେ ଚକ୍ର ହେଉଛି ସେଇଆ, ତେଣୁ ସେ ମଧ୍ୟ ବିଷ୍ଣୁଙ୍କର ଅସ୍ତ୍ର । ଚକ୍ରର ଆକାର କ'ଣ ? 'ଅଖଣ୍ଡ ମଣ୍ଡଳାକାରଂ' । ମଣ୍ଡଳର ଆକାର ପରି ଏହା ଅଖଣ୍ଡ । ଅର୍ଥାତ୍ ଏହାର ଆରମ୍ଭ ନାହିଁ କି ଶେଷ ନାହିଁ । ତେଣୁ ଏହା ହେଉଛି ଧର୍ମ ସନାତନ । ଧର୍ମର ଆରମ୍ଭ କେବେ, ଶେଷ କେବେ ତାହା କେହି କହି ପାରିବ ନାହିଁ । ପୁଣି ବୌଦ୍ଧମାନଙ୍କର ପ୍ରଭାବ ରଥଯାତ୍ରା ଉପରେ ପଡ଼ିଛି । ବୁଦ୍ଧଦେବଙ୍କର ମୂର୍ତ୍ତିକୁ, ତାଙ୍କର ଦାନ୍ତକୁ ରଥରେ ବସାଇ ନଗର ପ୍ରଦକ୍ଷିଣ କରିବାର ପ୍ରଥା ଚୀନ୍ ପରିବ୍ରାଜକ ଫାହିଏନଙ୍କ ସମୟରୁ ଅଛି । ଯେଉଁମାନେ କହନ୍ତି ବେଦରେ ରଥ ଶବ୍ଦ, 'ଇନ୍ଦ୍ର ରଥ' ଅଛି । ଗୀତାରେ ଅଛି—'ଆତ୍ମାନଂ ରଥୀନଂ ବିଦ୍ଧି', ଆତ୍ମାକୁ ରଥୀ ଓ ଶରୀରକୁ ରଥ ବୋଲି ଭାବ; ତାହା ସହିତ ଦେବତାଙ୍କ ରଥ-ଯାତ୍ରାର ସମ୍ପର୍କ ନାହିଁ । ଯେତେବେଳେ ତ ରଥ ଏକ ଯାନ ଥିଲା ରାଜାମାନେ ରଥରେ ବସି ଯାଉ-ଥିଲେ, ଯୋଦ୍ଧାମାନେ ଯାଉଥିଲେ; କିନ୍ତୁ ଦେବତାଙ୍କ ରଥ-ଯାତ୍ରା କଥା ଆମେ ବୌଦ୍ଧ ଧର୍ମର ଇତିହାସରେ ପଢ଼ୁ ।

## ବୌଦ୍ଧ ଅବତାର

କେବଳ ସେତିକି ନୁହେଁ ବୌଦ୍ଧ ଅବତାର ବୋଲି ଜଗନ୍ନାଥଙ୍କୁ ଗ୍ରହଣ କରାଯାଉଛି— ଜଗନ୍ନାଥଙ୍କୁ ଛାଡ଼ି ଦେଲେ ହିନ୍ଦୁମାନଙ୍କର କୌଣସି ଦେବତା ନାହାନ୍ତି, ଯେ କି ବୌଦ୍ଧା-ବତାରରୂପେ ପୂଜା ପାଉଛନ୍ତି । ଆଜକୁ ହଜାରେ ଏଗାରଶ ବର୍ଷରୁ ଜଗନ୍ନାଥ ବୌଦ୍ଧ ଅବତାର ବୋଲି ଶାସ୍ତ୍ରରୁ ପ୍ରମାଣ ମିଳେ— ନବମ ଶତାବ୍ଦୀରେ ବଙ୍ଗଳାର ଦେବପାଳ ରାଜାଙ୍କ ସମୟରେ ରମାଇ ପଣ୍ଡିତଙ୍କ ଲେଖାରେ ଅଛି—

"ନବମ ମୂର୍ତ୍ତିତେ ହରି ଜଗନ୍ନାଥ ନାମ ଧରି
ଜଳଧିର ତୀରେ କୈଲ ବାସ" ।

ଆମର ଜଣେ ଶ୍ରେଷ୍ଠ ପ୍ରାଚୀନ କବି ସାରଳା ଦାସ ମହାଭାରତ ସଭାପର୍ବରେ କହିଲେ—

"ସଂସାରଜନଙ୍କୁ ସେହି ତାରିବା ନିମନ୍ତେ
ବଉଦ୍ଧ ରୂପରେ ବିଜେ ଅଛି ଜଗନ୍ନାଥେ" ।

ଅର୍ଥାତ୍ ଶବରଙ୍କର ଦାରୁ ଇତିହାସରେ ବୁଦ୍ଧଙ୍କର ଦାରୁ ହେଲେ । ତାଙ୍କୁ ହିନ୍ଦୁମାନେ ପୁଣି ନିଜର କରି ନେଲେ । ନବମ ଶତାବ୍ଦୀରେ ଆଉରି ଜଣେ ବିଖ୍ୟାତ ଅବତାରରୂପୀ ମହାନ୍ ଧର୍ମପ୍ରଚାରକ ମହାତ୍ମା ଶଙ୍କରାଚାର୍ଯ୍ୟ 'ଜଗନ୍ନାଥ ସ୍ୱାମୀ' ସ୍ତୋତ୍ରରେ ତାଙ୍କୁ ଆପଣାର କରି ନେଲେ ।

ଶଙ୍କରାଚାର୍ଯ୍ୟ ପୁରୀ ଧାମକୁ ହିନ୍ଦୁମାନଙ୍କର ପ୍ରଧାନ ଚାରିଧାମମଧ୍ୟରେ ଅନ୍ୟତମ ବୋଲି ଜ୍ଞାନ କଲେ ଏବଂ ଏଠାରେ ଗୋବର୍ଦ୍ଧନ ମଠର ସ୍ଥାପନା କଲେ ।

ଶଙ୍କରାଚାର୍ଯ୍ୟଙ୍କ ପରେ ଆସିଲେ ଅନ୍ୟ ଜଣେ ପ୍ରଧାନାଚାର୍ଯ୍ୟ, ଶ୍ରୀ ରାମାନୁଜ । ସେ ଦ୍ୱାଦଶ ଶତାବ୍ଦୀରେ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ-କାଳରେ ପୁରୀ ଧାମକୁ ଆସିଥିଲେ ଓ ନିଜର

Digitized by srujanika@gmail.com

ଧର୍ମମତଦ୍ୱାରା ରାଜାଙ୍କୁ ପ୍ରଭାବିତ କରିଥିଲେ । ସ୍ମାର୍ତ୍ତ ବା ସ୍ମୃତିଶାସ୍ତ୍ର ଅନୁଯାୟୀ ବୈଷ୍ଣବ ମତରେ ଶ୍ରୀଜଗନ୍ନାଥଙ୍କର ପୂଜା ବିଧିବିଧାନ ପାଇଁ ସେ ଉଦ୍ୟମ କରିଥିଲେ ଏବଂ ଆଂଶିକ ସଫଳ ହୋଇଥିଲେ । ବୈଷ୍ଣବ ଧର୍ମ ଓଡ଼ିଶାରେ ପ୍ରତିଷ୍ଠିତ ହେଲା । ଲକ୍ଷ୍ମୀଙ୍କ ମନ୍ଦିର ସେହି ସମୟରେ ନିର୍ମାଣ କରାଯାଇଥିଲା । ତାହା ପୂର୍ବରୁ ଦେଉଳରେ ଲକ୍ଷ୍ମୀଙ୍କର ପୂଜା ନ ଥିଲା । ଏମାର ମଠ ଏହି ସମୟରେ ପ୍ରତିଷ୍ଠିତ ହେଲା ।

ରାମାନୁଜଙ୍କ ପରେ ମାଧ୍ୱାଚାର୍ଯ୍ୟ ପୁରୀ ଆସିଥିଲେ ଓ ପରେ ତାଙ୍କ ପନ୍ଥୀ ବ୍ରହ୍ମ ବୈଷ୍ଣବ ଆସି ପୁରୀ ଓ ଓଡ଼ିଶାରେ ତାଙ୍କ ମତବାଦର ପ୍ରଚାର କରିଥିଲେ । ଏହିପରିଭାବରେ ଶଙ୍କରଙ୍କର ଅଦ୍ୱୈତ, ରାମାନୁଜଙ୍କର ବିଶିଷ୍ଟ । ଦ୍ୱୈତ ଓ ମାଧ୍ୱଙ୍କର ଦ୍ୱୈତ ମତର ମିଳନ ଏହି ଗୋବର୍ଦ୍ଧନ ପୀଠରେ ହୋଇଥିଲା ।

ଏହାର ପରବର୍ତ୍ତୀ ପ୍ରଧାନ ପ୍ରଚାରକ ହେଉଛନ୍ତି ଶ୍ରୀ ଚୈତନ୍ୟ, ଯେ ହେଉଛନ୍ତି ରାଧା-କୃଷ୍ଣ ମଧୁର ଭକ୍ତିର ପ୍ରବର୍ତ୍ତକ । ପୁରୀ ବଡ଼ଦାଣ୍ଡରେ ଶ୍ରୀ ଚୈତନ୍ୟ ଓ ତାଙ୍କର ଶିଷ୍ୟମାନେ ଗଡ଼ିଛନ୍ତି—ବଡ଼ଦାଣ୍ଡର ଧୂଳି ରଥଯାତ୍ରା ସମୟରେ ଦେହରେ ଲଗାଇଛନ୍ତି । ଚୈତନ୍ୟଙ୍କ ପ୍ରଭାବରେ ରାଜା ପ୍ରତାପରୁଦ୍ର ରାଜକାର୍ଯ୍ୟ ଛାଡ଼ି ଖୋଳ କରତାଳ ଧରିଛନ୍ତି । ମଧୁର ଭକ୍ତିର ବନ୍ୟା ଓଡ଼ିଶାକୁ ପ୍ଲାବିତ କରିଛି ।

ତା'ପରେ ଶିଖ ଧର୍ମର ପ୍ରଚାରକ ଓ ପ୍ରବର୍ତ୍ତକ ଶ୍ରୀ ନାନକ ପୁଣି ଏଠାକୁ ଆସିଛନ୍ତି । କାଳଅଂବୋଦାସ୍ଥ ଗୁରୁଦ୍ୱାର ନାନକଙ୍କର ସ୍ମୃତିକୁ ବିଜଡ଼ିତ କରିଛି । ଶିଖମାନେ ଜଗନ୍ନାଥଙ୍କୁ ତାଙ୍କର ଦେବତା ବୋଲି ଗ୍ରହଣ କରନ୍ତି । ଶ୍ରେଷ୍ଠ ଶିଖରାଜ ରଣଜିତ୍ ସିଂହ କୋହିନୁର ହୀରା ଜଗନ୍ନାଥଙ୍କୁ ଦେଇଥିବା କଥା ହଣ୍ଟର ତାଙ୍କର ଓଡ଼ିଶା ଇତିହାସରେ ଲେଖିଛନ୍ତି—ମାତ୍ର ଏ କୋହିନୁର ହୀରା ଯାହା ଆଜି ଜଗନ୍ନାଥଙ୍କର ଭଣ୍ଡାର ମଣ୍ଡନ କରିଥାନ୍ତା, ସେ ଭାଗ୍ୟବଶରେ ଇଂଲଣ୍ଡରାଣୀଙ୍କର ମୁକୁଟରେ ସ୍ଥାନ ପାଇଛି ।

ମାତ୍ର ଏତିକରେ ଏ ଧର୍ମ ସମନ୍ୱୟ ଶେଷ ହେଲା ନାହିଁ । ମୁସଲମାନଙ୍କ ମଧ୍ୟରୁ କବୀର ଓ ସାଲବେଗ ଏବଂ ଯବନ ହରିଦାସ ଶ୍ରୀ ଜଗନ୍ନାଥଙ୍କର କୀର୍ତ୍ତି ଗାଥା ଗାନ କରି ଯାଇଛନ୍ତି । ସାଲବେଗଙ୍କର ଭଜନ—

'ଆହେ ନୀଳ ଶଇଳ ପ୍ରବଳମତ୍ତ ବାରଣ' ଓଡ଼ିଶାର ଘରେ ଘରେ ପ୍ରସିଦ୍ଧ । ସାଲବେଗ ହରିଦାସ, କବୀର ମୁସଲମାନ ହେଲେ ମଧ୍ୟ ସେମାନେ ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ଦେବତା ବୋଲି ମନେ କରୁଥିଲେ । ଓଡ଼ିଶାର ଜଣେ ଗଜପତି ରାଜା ରାମଚନ୍ଦ୍ର ଦେବ ମୁସଲମାନ ହୋଇଥିଲେ—ତାଙ୍କ ପାଇଁ ପତିତ-ପାବନ ମୂର୍ତ୍ତି ସିଂହଦ୍ୱାର ପାଖରେ ଦେଉଳ ଆଗରେ ଗଢ଼ା ଯାଇଥିଲା । ଏହିପରି ଯୁଗେ ଯୁଗେ ଜଗନ୍ନାଥ ଶବର, ବୌଦ୍ଧ, ବୈଷ୍ଣବ, ଶୈବ, ଗାଣପତ୍ୟ, ଶାକ୍ତ, ଶିଖ, ମୁସଲମାନ ସମସ୍ତଙ୍କର ଦେବତାରୂପେ ପୂଜିତ ହୋଇଛନ୍ତି । ଜଗନ୍ନାଥଙ୍କଠାରେ ସବୁ ଧର୍ମର ସମନ୍ୱୟ ଘଟିଛି ।

Digitized by srujanika@gmail.com

# ମେଘଦୂତ

## ବିରହୀ ଯକ୍ଷର କାବ୍ୟ ନୁହେଁ, —ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା

ବ୍ୟାଖ୍ୟାକାର
ମହାମହୋପାଧ୍ୟାୟ
ପଣ୍ଡିତ ନରହରି
ନିବନ୍ଧ—ପଣ୍ଡିତ ରାଧାନାଥ ମିଶ୍ର

ଓଡ଼ିଶାର ଯେଉଁ ବିଖ୍ୟାତ ସଂସ୍କୃତ-କବି, ପଣ୍ଡିତ ଓ ଆଲଙ୍କାରିକମାନେ ନିଜନିଜର କୃତିଦ୍ୱାରା ଭାରତରେ ପ୍ରସିଦ୍ଧି ଲାଭ କରିଥିଲେ ସେମାନଙ୍କ ମଧ୍ୟରେ ମହାମହୋପାଧ୍ୟାୟ ପଣ୍ଡିତ ନରହରି ଅନ୍ୟତମ । ନରହରି ମହାକବି କାଳିଦାସଙ୍କର ମେଘଦୂତ କାବ୍ୟର ଟୀକା କରି ପ୍ରମାଣିତ କରିଛନ୍ତି ଯେ ମେଘଦୂତ ବିରହୀ ଯକ୍ଷର ବିରହ ବ୍ୟଥାର କାବ୍ୟ ନୁହେ । ଏହା ହେଉଛି ନୀଳାଚଳନିବାସୀ ମହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରାର ବର୍ଣ୍ଣନା । ଏହି ଟୀକା ବ୍ରହ୍ମପ୍ରକାଶିକା ନାମରେ ଖ୍ୟାତ । ଏହି ବିଖ୍ୟାତ ଉତ୍କଳୀୟ ପଣ୍ଡିତଙ୍କର କଳ୍ପନା ଚାତୁରୀ ଓ ଅସାମାନ୍ୟ ପାଣ୍ଡିତ୍ୟର ପରିଚୟ ଏହି ଟୀକାରୁ ମିଳେ । ପଣ୍ଡିତ ନରହରି ଅଷ୍ଟାଦଶ ଶତାବ୍ଦୀର କବି ଏବଂ ସେ ଗଞ୍ଜାମ ଜିଲାର ଅଧିବାସୀ ଥିଲେ । ତାହାଙ୍କର ଅନ୍ୟାନ୍ୟ କୃତି ଓ ଜୀବନର କାହାଣୀ ଏପର୍ଯ୍ୟନ୍ତ ମିଳି ନାହିଁ । ସୁଧୀ ପାଠକମାନଙ୍କ ନିକଟରେ ତାଙ୍କର ପରିଚୟ କରାଇବା ଉଦ୍ଦେଶ୍ୟରେ ମେଘଦୂତର ପ୍ରଥମ ତିନୋଟି ଶ୍ଳୋକର ଅର୍ଥ ବ୍ରହ୍ମପ୍ରକାଶିକା ଟୀକା ଅନୁଯାୟୀ ଓଡ଼ିଆଭାଷାରେ ନିମ୍ନରେ ଅନୂଦିତ ହେଲା ।

କଶ୍ଚିତ୍ କାନ୍ତାବିରହଗୁରୁଣାଃ-
ସ୍ୱାଧିକାରପ୍ରମତ୍ତଃ
ଶାପେନାସ୍ତଂଗମିତମହିମା-
ବର୍ଷଭୋଗ୍ୟେଣ ଭର୍ତ୍ତୁଃ
ଯକ୍ଷଶ୍ଚକ୍ରେ ଜନକତନୟା-
ସ୍ନାନପୁଣ୍ୟୋଦକେଷୁ
ସ୍ନିଗ୍ଧଚ୍ଛାୟାତରୁଷୁବସତି
ରାମଗିର୍ଯ୍ୟାଶ୍ରମେଷୁ

ଅନ୍ୱୟଃ—କଶ୍ଚିତ୍-କାନ୍ତାବିଃ,
ଅହି ଅସ୍ୱାଧିକାରପ୍ରମତ୍ତଃ,
ଭର୍ତ୍ତୁଃ ବର୍ଷଭୋଗ୍ୟେଣ ଶାପେନ
ଅସ୍ତଂଗମିତମହିମା,
ଯକ୍ଷଃ, ଜନକତନୟାସ୍ନା, ଗୁରୁଣା,
ଅନପୁଣ୍ୟୋଦକେଷୁ
ସ୍ନିଗ୍ଧଚ୍ଛାୟାତରୁଷୁ ରାମଗିର୍ଯ୍ୟାଶ୍ରମେଷୁ ବସତି ।

ଅର୍ଥ—କଃ + ଚିତ୍ କଶ୍ଚିତ୍ ଅର୍ଥାତ୍ କଃ ସୁଖ ଓ ଚିତ୍ ଆନନ୍ଦର ସ୍ୱରୂପ, କାନ୍ତାବିଃ (କାନ୍ତ ଇଷ୍ଟ ବା ଅଭିଳଷିତ, ଅବିଃ ପର୍ବତ) ନୀଳପର୍ବତ-ଅଭିଳାଷୀ, ଅହି-ପୂଜ୍ୟ, ଅସ୍ୱାଧିକାର ପ୍ରମତ୍ତଃ—ସ୍ୱାଧିକାର କି ଭକ୍ତିମୁକ୍ତି-ଦାନସମ୍ପର୍କୀୟ ନିଜର ଅଧିକାର, ସେଥିରେ ଅପ୍ରମତ୍ତଃ କି ସାବଧାନ, ଭର୍ତ୍ତୁଃ

Digitized by srujanika@gmail.com

ବର୍ଷଭୋଗ୍ୟେଣ ଶାପେନ ଅସ୍ତଂଗମିତମହିମା, ଭର୍ତ୍ତୁଃ କି ପ୍ରଭୁ ବା ଯମଙ୍କର, ବର୍ଷ କି ଭାରତ-ବର୍ଷର ବା ତତ୍ରସ୍ଥଃ ଜନସାଧାରଣଙ୍କର ଭୋଗ୍ୟ ଶାପ ଅର୍ଥାତ୍ ଯମଦଣ୍ଡରୂପକ ଅଭିଶାପର ପ୍ରଭାବ ଯାହାଙ୍କ ଯୋଗୁଁ ଅସ୍ତଗତ ହୋଇଛି ସେହି ଯକ୍ଷଃ (ଇ + ଅକ୍ଷଃ ଅର୍ଥାତ୍ ଇ—ଲକ୍ଷ୍ମୀ ତାଙ୍କର ଅକ୍ଷ କି ନେତ୍ରଗତ) ଶ୍ରୀଜଗନ୍ନାଥ ଜନକତନୟାସ୍ନା ଜନକ—ପିତା ବସୁଦେବ, ତାଙ୍କର ତନୟା କି ସୁଭଦ୍ରା ଆସ୍ନା ଅର୍ଥାତ୍ ତାଙ୍କ ସଙ୍ଗେ ଉପବିଷ୍ଟ; ସୁରୁଣା—ଜେଷ୍ଠଭ୍ରାତା ବଳଦେବଙ୍କ ସହିତ ଅପୁଣ୍ୟୋଦକେଷୁ (ନ ପୁଣ୍ୟଂ, ଅପୁଣ୍ୟଂ, ନ ଅପୁଣ୍ୟଂ ଅନପୁଣ୍ୟଂ ଉଦକ ଯତ୍ର ଅର୍ଥାତ୍ ପୁଣ୍ୟ-ଉଦକ ଯେଉଁଠାରେ) ରୋହିଣୀ-କୁଣ୍ଡପ୍ରଭୃତି ପବିତ୍ର ଜଳାଧାର ଥିବା, ସ୍ନିଗ୍ଧ-ଛାୟାତରୁଷୁ, ଛାୟାଯୁକ୍ତ କଳ୍ପଦ୍ରୁମଥିବା, ରାମଗିର୍ଯ୍ୟାଶ୍ରମେଷୁ ( ରାମ କି ନୀଳ, ରାମଗିରି କି ନୀଳଗିରି, ଆଶ୍ରମ ଅର୍ଥାତ୍ ମନ୍ଦିର) ନୀଳାଚଳସ୍ଥ ମନ୍ଦିରମାନଙ୍କରେ ଚକ୍ରେ ସୁଦର୍ଶନ ଚକ୍ରକୁ ସମୀପରେ ରଖି ବସତି, ଅବସ୍ଥାନ କରୁଛନ୍ତି ।

ଅର୍ଥ—ସୁଖ ଓ ଜ୍ଞାନସ୍ୱରୂପ, ନୀଳପର୍ବତ-ବିହାରରସିକ, ସର୍ବଦା ଲକ୍ଷ୍ମୀଙ୍କର ନେତ୍ରାନନ୍ଦ-କାରକ, ପୂଜ୍ୟ, ଭକ୍ତ ଓ ଦର୍ଶକମାନଙ୍କର ଭକ୍ତି-ମୁକ୍ତି-ପ୍ରଦାନସମ୍ପର୍କରେ ସଚେତନ, ପୁଣି ନୀଳାଦ୍ରିବାସୀଙ୍କ ସମ୍ପର୍କରେ ଯମଦଣ୍ଡ ପ୍ରଭାବର ଅନ୍ତକାରକ, ଶ୍ରୀଜଗନ୍ନାଥ ରୋହିଣୀ-କୁଣ୍ଡାଦି ଜଳାଧାରଯୁକ୍ତ, କଳ୍ପଦ୍ରୁମଛାୟା-ସୁଶୋଭିତ, ନୀଳାଚଳମନ୍ଦିରରେ ଭଗିନୀ ସୁଭଦ୍ରା ଓ ଜ୍ୟେଷ୍ଠଭ୍ରାତା ବଳଦେବଙ୍କ ସହ ସୁଦର୍ଶନ ଚକ୍ର ସମୀପରେ ରଖି ବାସ କରୁଛନ୍ତି ।

ତସ୍ମିନ୍ନଦ୍ରୌ କତିଚିଦବଳା-
ବିପ୍ରଯୁକ୍ତଃ ସ କାମୀ
ନୀତ୍ୱା ମାସାନ୍ କନକବଳୟ-
ଭ୍ରଂଶରିକ୍ତପ୍ରକୋଷ୍ଠଃ
ଆଷାଢ଼ସ୍ୟ ପ୍ରଥମଦିବସେ
ମେଘମାଶ୍ଳିଷ୍ଟସାନୁଂ
ବପ୍ରକ୍ରୀଡ଼ାପରିଣତଗଜ-
ପ୍ରେକ୍ଷଣୀୟଂ ଦଦର୍ଶ । ୨ ।

ଅନ୍ୱୟ ସହିତ ଅର୍ଥ—ତସ୍ମିନ୍ ଅଦ୍ରୌ ସେହି ଅଦ୍ରି ବା ପର୍ବତରେ କତିଚିତ୍ ମାସାନ୍-ନୀତ୍ୱା କେତେକ ମାସ ନେଇ (ଏଗାରମାସ କାଳ ଅତିବାହିତ କରି ଓ ଜ୍ୟେଷ୍ଠମାସର ସ୍ନାନଯାତ୍ରା ଶେଷକରି) ଅଣସରଯୋଗୁଁ କନକବଳୟ-ଭ୍ରଂଶରିକ୍ତପ୍ରକୋଷ୍ଠଃ ଅର୍ଥାତ୍ କନକବଳୟ କି ସୁନାର ସିଂହାସନ ଭ୍ରଂଶ—ଛାଡ଼ି ଯାଇଥିବାରୁ ରିକ୍ତ କି ଶୂନ୍ୟ ଯାହାଙ୍କର ପ୍ରକୋଷ୍ଠ କି ମନ୍ଦିରକୋଠରୀ ଅବଳା-ବିପ୍ରଯୁକ୍ତଃ (ଅବଳା କି ସୁଭଦ୍ରା ତାଙ୍କଠାରୁ ଅବିପ୍ରଯୁକ୍ତ କି ତାଙ୍କ ସହିତ, ପୁଣି ନ ବଳ ଅବଳ ଅବିପ୍ରଯୁକ୍ତ ଅର୍ଥାତ୍ ବଳ କି ବଳଭଦ୍ର ତାଙ୍କଠାରୁ ଅବିପ୍ରଯୁକ୍ତ କି ତାଙ୍କ ସହିତ) ସୁଭଦ୍ରା ଓ ବଳଭଦ୍ରଙ୍କ ସହିତ କାମୀ କି ଗୁଣ୍ଡିଚାଘରକୁ ଯିବାପାଇଁ କାମନା କରୁଥିବା ସଃ କି ସେ ଜଗନ୍ନାଥ ଆଷାଢ଼ସ୍ୟ ପ୍ରଥମଦିବସେ—ଆଷାଢ଼ ମାସର ଶୁକ୍ଳପ୍ରତିପଦା ଦିନ, ଆଶ୍ଳିଷ୍ଟସାନୁଂ ନୀଳପର୍ବତ ଶୃଙ୍ଗସ୍ପର୍ଶୀ ବପ୍ରକ୍ରୀଡ଼ାପରିଣତ ଗଜଂ—ମାଟି ଖୋଳୁଥିବା ହାତୀପରି ପ୍ରେକ୍ଷଣୀୟଂ ମେଘଂ, ସୁନ୍ଦର କଳାମେଘକୁ ଦଦର୍ଶ—ଦର୍ଶନକଲେ ।

ଅର୍ଥ—ସେହି ନୀଳାଚଳରେ ଏଗାର ମାସ ଅତିବାହିତକରି ଜେଷ୍ଠମାସ ସ୍ନାନପରେ

Digitized by srujanika@gmail.com

ଅଣସରରେ ରହିବା ହେତୁ, ସ୍ୱର୍ଣ୍ଣସିଂହାସନ-ଯୁକ୍ତ କୋଠରୀକୁ ଶୂନ୍ୟକରି, ଆଷାଢ଼ମାସର ଶୁକ୍ଳ ପ୍ରତିପଦା ଦିନ ଭଗିନୀସୁଭଦ୍ରା ଓ ବଡ଼ ଭାଇ ବଳଭଦ୍ରଙ୍କ ସହ ଗୁଣ୍ଡିଚାଯାତ୍ରା କାମନାରେ ମନ୍ଦିର-ପ୍ରାଚୀର ସଂଲଗ୍ନ ମୃତ୍ତିକା-କ୍ରୀଡ଼ାରେ ରତ ହସ୍ତୀପରି ସୁନ୍ଦର କଳାମେଘକୁ ଦେଖିଥିଲେ ।

**ତସ୍ୟ ସ୍ଥିତ୍ୱା କଥମପିପୁରଃ**
**କେତକାଧାନହେତୋ-**
**ରନ୍ତର୍ବାଷ୍ପଶ୍ଚିରମନୁଚରବେ**
**ରାଜରାଜସ୍ୟ ଦଧ୍ୟୌ ।**
**ମେଘାଲୋକେ ଭବତିସୁଖିନୋଽ-**
**ପ୍ୟନ୍ୟଥାବୃତ୍ତି ଚେତଃ**
**କଣ୍ଠାଶ୍ଳେଷପ୍ରଣୟିନି ଜନେ**
**କିଂ ପୁନଃ ଦୂରସଂସ୍ଥେ । ୩ ।**

**ଅନ୍ୱୟଃ—ଅନୁଚରଃ ତସ୍ୟ**
**କେତକାଧାନହେତୋଃ,**
ପୁରଃ କଥମପିସ୍ଥିତ୍ୱା ଅନ୍ତର୍ବାଷ୍ପଃ
ରାଜରାଜସ୍ୟ ଚରଂ ଦଧ୍ୟୌ ।
ମେଘାଲୋକେ ସୁଖିନଃ
ଅପି ଚେତଃ ଅନ୍ୟଥାବୃତ୍ତି ଭବତି ।
କଣ୍ଠାଶ୍ଳେଷପ୍ରଣୟିନି
ପୁନଃ ଦୂରସଂସ୍ଥେ ଜନେ କିମ୍ ।

ଅନ୍ୱୟ ସହିତ ଅର୍ଥ—ଅନୁଚରଃ ସ୍ଥାବର ଜଙ୍ଗମମାନଙ୍କୁ ଅନୁଗତ ବା ଅନୁଗାମୀକରି ଯେ ଚରଣ କରୁଚ, ଅର୍ଥାତ ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥ କେତକାଧାନ ହେତୋଃ—କେତକ ବା କେତକୀ ଗଛର ଆଧାନ ପୁଷ୍ପଗ୍ରହଣର କାରଣ; ଆଷାଢ଼-ମାସରେ କଥମପିସ୍ଥିତ୍ୱା—ରଥଯାତ୍ରା କରିବା ଇଚ୍ଛାରେ କୌଣସିମତେ ରହି ଅନ୍ତର୍ବାଷ୍ପଃ ଅର୍ଥାତ୍ ଯାହାର ଆନନ୍ଦରେ ଅଶ୍ରୁ ଯୁକ୍ତ, ରାଜରାଜସ୍ୟ ଚରଂଦଧ୍ୟୌ—ରାଜାଧିରାଜ ଇନ୍ଦ୍ରଦ୍ୟୁମ୍ନଙ୍କୁ ପ୍ରତିବର୍ଷ ଗୁଣ୍ଡିଚାଯାତ୍ରା କରିବା-ବିଷୟକ ବରଦାନ କଥା ସ୍ମରଣ କରିଥିଲେ । ମେଘାଲୋକେ—ନବୀନ ମେଘ ଦର୍ଶନ କରି ସୁଖିନୋଽପି—ପ୍ରତିଦିନ ସିଂହାସନ ନିକଟରେ ଦାରୁବ୍ରହ୍ମଙ୍କୁ ଦେଖୁଥିବା ସୁଖୀ ଲୋକଙ୍କର ମଧ୍ୟ ଚେତଃ ଅନ୍ୟଥାବୃତ୍ତି ଭବତି—ଚିତ୍ତ ଅନ୍ୟପ୍ରକାର ହୋଇଯାଏ ଅର୍ଥାତ୍ ରଥଉପରେ ତାହାଙ୍କୁ ଥରେ ଦେଖିବାପାଇଁ ଉତ୍କଣ୍ଠିତ ହୁଏ । କଣ୍ଠାଶ୍ଳେଷ ପ୍ରଣୟିନି ଜନେ—କଣ୍ଠରେ ଆଶ୍ଳେଷ କି ତୁଣ୍ଡରେ ଭଜନ କରୁଥିବା ପ୍ରଣୟିନି ଜନେ ଭକ୍ତଜନ (କେବଳ ଭଗବନ୍-ନାମ କୀର୍ତ୍ତନ କରିବାକୁ ସମର୍ଥ ଅନ୍ୟଥା ଅସମର୍ଥ ବୃଦ୍ଧ, ରୋଗୀ ଆଦି) ଦୂରସଂସ୍ଥେ ପୁଣି ଯେଉଁମାନେ ଦୂରବର୍ତ୍ତୀ ଲୋକ ତାଙ୍କ ବିଷୟରେ କିଂ-କ'ଣ କହିବା ?

ଅର୍ଥ—କେତକୀପୁଷ୍ପ ପ୍ରସ୍ଫୁଟନକାଳ ଆଷାଢ଼ ମାସର ଆରମ୍ଭରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀ ଜଗନ୍ନାଥ ଦେବ ରଥାରୋହଣପୂର୍ବକ ଗୁଣ୍ଡିଚାଯାତ୍ରା ନିମିତ୍ତ ଆନନ୍ଦାଶ୍ରୁଯୁକ୍ତ ହୋଇ ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ମରଣ କରିଥିଲେ । (ମେଘ ଓ କେତକୀଫୁଲକୁ ଦେଖି ପ୍ରଭୁଙ୍କର ସ୍ମରଣ ହେଲା ଯେ ମୁଁ ଇନ୍ଦ୍ରଦ୍ୟୁମ୍ନଙ୍କୁ ଗୁଣ୍ଡିଚାଯାତ୍ରା କରିବାନିମିତ୍ତ ବର ସ୍ୱୀକାର କରିଥିଲି) ବର୍ଷା ଦିନରେ (ଗୁଣ୍ଡିଚାଯାତ୍ରାରେ) ନିତ୍ୟଦର୍ଶନ ଲାଭ କରୁଥିବା ସମୀପବର୍ତ୍ତୀ ଲୋକମାନଙ୍କର ମଧ୍ୟ ଦର୍ଶନନିମନ୍ତେ ଚିତ୍ତ ଉତ୍କଣ୍ଠିତ ହୁଏ । ମନ୍ଦିରଭିତରେ ପ୍ରବେଶ କରି ଦର୍ଶନ କରିବାକୁ ଅସମର୍ଥ ବୁଢ଼ାବୁଢ଼ୀ ରୁଗ୍ଣାଳ ଓ ଦୂରବର୍ତ୍ତୀ ଲୋକମାନଙ୍କର କଥା ବା କ'ଣ କହିବା । ୩ ।

Digitized by srujanika@gmail.com


# ଓଡ଼ିଶାର ଚଳଚ୍ଚିତ୍ର ଜଗତରେ
# ସ୍ବନାମ ଧନ୍ୟ

ରୂପରାଗ ପ୍ରାଇଭେଟ ଲିମିଟେଡ଼

ଅଫିସ

ପୁରୀଘାଟ, କଟକ

Digitized by srujanika@gmail.com



# ମାଟିର ପ୍ରଦୀପ

ରବୀନ୍ଦ୍ରନାଥ ଠାକୁର



କେ ହାତକୁ ନେବ ମୋର କାର୍ଯ୍ୟ
କହେ ସଂଧ୍ୟା ସୂର୍ଯ୍ୟ
ଶୁଣି ତା' ଜଗତ ରହେ ସ୍ଥିର ନିରୁତ୍ତର
ମାଟିର ପ୍ରଦୀପ ଏକ ଦେଲା ତା' ଉତ୍ତର
'ହେ ପ୍ରଭୁ କରିବି ନିଶ୍ଚେଁ
ସାଧ୍ୟ ଯା' ମୋହର ।'

Digitized by srujanika@gmail.com

*With Best Compliments Of*

# INDIAN PAINTS & CHEMICALS

MAKERS OF
QUALITY PAINTS

MADHUPATNA, CUTTACK-3

**Phone-1553** **Gram —COLOUR**


Digitized by srujanika@gmail.com

# ସେ ଦିନର ପ୍ରତିଜ୍ଞା

ପଣ୍ଡିତ ନୀଳକଣ୍ଠ ଦାସ

ସେ ସେତେବେଳେ ସପତ୍ନୀକ । ଗୋଟିଏ ପୁଅ ଆଉ ଗୋଟିଏ ଝିଅ ବୋଧହୁଏ ହୋଇ-ଥାଏ; କିନ୍ତୁ ସେ ଘରେ ରହୁ ନ ଥାନ୍ତି । ପରବର୍ତ୍ତୀ ଘଟଣା ଯଥାସ୍ଥାନରେ କହିବି । ଏବେ କହୁଛି, ଦାଶ ଆପଣଙ୍କ ପରି ହିନ୍ଦୁ ଗୃହସ୍ଥର ଦାମ୍ପତ୍ୟାବସ୍ଥା ଓ ତହିଁ ସଙ୍ଗେ ଅତି ସୁସଙ୍ଗତ ଓ ସମୀଚୀନ ଯୌବନାବସ୍ଥା ମୁଁ ଆଉ ଦେଖିଛି ବୋଲି ମନେ ହେଉନାହିଁ । ମହାଳୟା ପ୍ରାୟ ଦିନ ପନ୍ଦରକ ସରିଲା ତାଙ୍କ ଘରଠାରେ





ପଦ୍ମସ୍ଥଳ । ଶୁଣିଲି, ସେ ଗାଁ-ମୁଣ୍ଡ ଠାକୁରାଣୀ ଜାଗେଶ୍ୱରୀଙ୍କ ପାଖେ 'ସପ୍ତା' ବା 'ସପ୍ତାହ'ରେ ବସିଛନ୍ତି । ସପ୍ତା ଅନୁଷ୍ଠାନଟି ହେଉଛି ସାତଦିନ ହବିଷ କରି ବାହାରେ ରହି ସମଗ୍ର ଜଗନ୍ନାଥ ଦାସଙ୍କ ବାରସ୍କନ୍ଧଯାକ ଭାଗବତଟି ଥରେ ଆବୃତ୍ତି କରିବା । ଯାଇ ଦେଖିଲି, ସୌମ୍ୟ-ବପୁ, ଉଜ୍ଜ୍ୱଳ ଚକ୍ଷୁ, ତୋଫବନ୍ତ ପ୍ରାତଃସ୍ନାନ ସାରି ମଟା ପିନ୍ଧି ପୀଢ଼ାରେ ବସି ଆଗରେ

ପଣ୍ଡିତ ନୀଳକଣ୍ଠଙ୍କ ଆତ୍ମଜୀବନୀରୁ ଗୃହୀତ

Digitized by srujanika@gmail.com

ପୋଥି ଆସନରେ ତାଳପତ୍ର ଭାଗବତ ପୋଥିଟି ଥାଇ ସେଥିରୁ ଖେଦାଟିଏ କାଢ଼ି ହାତରେ ର ଦେବାଙ୍କ ଆଗେ 'ଋଜୁପୃଷ୍ଠ କଟିଗ୍ରୀବ' ହୋଇ ସୁନ୍ଦର ସ୍ୱରଝଙ୍କାରରେ ଭାଗବତ ପଢ଼ୁଛନ୍ତି । ପାଖରେ ଦୁଇ ଚାରିଜଣ ଶ୍ରୋତା ଛନ୍ତି ଓ ସେବକଟି ବି ସ୍ନାନପ୍ରକାର ସାରି ଭାଚୈତନ୍ୟ କରି ବସିଛି । ଚୂଡ଼ାଘସା ବାଲଭୋଗ ହୋଇଥିଲା ସେଥିରୁ ବାକି ଥିଲା । ଆମେ ସ୍ନାନନିତ୍ୟକର୍ମାଦି ସାରି ସେଇଥିରୁ ପ୍ରସାଦ ପାଇଲୁ ।

ପ୍ରାୟ ବେଳ ଦୁଇଘଡ଼ି ଥାଇ ଭାଗବତ ପଢ଼ା ସରିଲା । ଉଆଁଭାତ ସେବକ ରାନ୍ଧି ବେଢ଼ାରେ ଚଢ଼ାଇଥିଲା । ପାଞ୍ଚମାନଙ୍କରେ ବି ଡାଲି ଓ ତରକାରି ଥିଲା । ସବୁ ସେଇ ଭାଗବତଙ୍କୁ ଭୋଗ ଦିଆହେଲା । ଦାଶେ ଆପଣେ କଦଳୀପତ୍ର ଖଣ୍ଡିଏ ପକାଇ ହବିଷ୍ୟରେ ବସିଲେ । ଆମେ ଓ ଆଉ ଯେ ଥିଲେ ସମସ୍ତେ ଖଣ୍ଡିଏ ଖଣ୍ଡିଏ କଦଳୀପତ୍ର ପକାଇ ପାଙ୍ଗରେ ବସିଲୁ । ସେଦିନର ଅନୁଭୂତ ମୋର ନୂଆ । ଆମେ ଶାସନୀ ବ୍ରାହ୍ମଣ । ଗୋପବନ୍ଧୁ ବାବୁ ଶାସନୀ ନ ଥିଲେ । ସେ କାଳର ରୀତି ଅନୁସାରେ ସେ ଆମଠାରୁ ଶ୍ରେଷ୍ଠ ବ୍ରାହ୍ମଣ; ଆମର ତାଙ୍କ ଘରେ ଖାଇବାର କୁହେଁ । ପୁଣି ସେବକରନ୍ଧା ଭାତ, ତା' ପୁଣି ବେଢ଼ାରୁ ଆଣ୍ଠୁଳାରେ ପରଷା ହେବ, ସେବକ ପରଷିବ । ବିନା ଚଳୁରେ ଖାଇବାକୁ ହେବ । ଏଥିରେ ମୁଁ ଓ ମୋର ସଙ୍ଗୀ ଦୁହେଁ ଏକାବେଳକେ ଅନଭ୍ୟସ୍ତ । ପୁଣି ଓଡ଼ିଆ ଜଗନ୍ନାଥ ଦାସଙ୍କ ଭାଗବତଙ୍କୁ ଭୋଗ ଦିଆ ହେଉଛି । ସେ'ତ ଆମର ଅସ୍ପୃଶ୍ୟ । ଜଗନ୍ନାଥ ଦାସ ଶାସନୀ ଥିଲେ । ଓଡ଼ିଆରେ ଭାଗବତ ଲେଖିଥିଲେ ବୋଲି ସେ କପିଳେଶ୍ୱରପୁର ଶାସନଟି ପୁଣି ଶାସନଭିତରେ ଅସ୍ପୃଶ୍ୟ ଓ ଅପାଂକ୍ତେୟ ହୋଇଥିଲା । ଶାସନମାନଙ୍କରେ ଓଡ଼ିଆ ଭାଗବତ କେହି ପଢ଼ୁ ନ ଥିଲେ । ଏବେ ବି ବୁଏତ ସାଧାରଣ ସ୍ଥାନରେ ସଂସ୍କୃତ ପୁରାଣ ପାଠ ହେଲାପରି ଜଗନ୍ନାଥ ଦାସଙ୍କ ଭାଗବତ ପାଠ ଶାସନରେ ହୋଇ ନାହିଁ । ସେଦିନ ଆମେ ଚଳୁ ନ କରି ସମସ୍ତେ ଭାତ ତିଅଣ ଖାଇଲୁ; କିନ୍ତୁ ମୋର ମନେ ଅଛି, ଅଧାଖିଆ ପର୍ଯ୍ୟନ୍ତ ମୋ ପେଟକୁ ଭାତ ଯାଉ ନ ଥାଏ

ଦେବୀମନ୍ଦିରକୁ ଲାଗିଛି ଭାର୍ଗବୀନଦୀର ବନ୍ଧ । ବନ୍ଧତଳକୁ ପାଣି । ପାଣି ପରେ ନଈଭିତରେ ବାଲି । ସେଇ ବାଲିଭିତରେ ଝାଉଁବନେ ହୁଏ ବାଲିପୁର ମୌଜାର ଶ୍ମଶାନ । ସେଦିନ ସନ୍ଧ୍ୟାବେଳକୁ ଜହ୍ନ ପଡ଼ିଗଲା । ଆକାଶ ପରିଷ୍କାର । କଳା ଭ୍ରମର ପରି ପାଣିଧାରଟିଉପରେ ରୁପାଜ୍ୟୋତ୍ସ୍ନା ବିଛି ହୁଣା ହେଲାପରି ଲାଲ ଦାଉ ଦାଉ ଦିଶୁଛି । ସେତେବେଳେ ସେ ଅଞ୍ଚଳରେ ଭାରି କାଳ୍ପି (ହଇଜା) ପଡ଼ିଥାଏ । ବାଲିପୁରରେ ବେଶି ଲାଗିଥାଏ । ଲୋକେ ମୁର୍ଦ୍ଦାର ପୋଡ଼ିପାରୁ ନ ଥାନ୍ତି । କେହି କେହି ଶ୍ମଶାନରେ ଦରପୋଡ଼ା କରି ଛାଡ଼ିଯାନ୍ତି । ଅତି ଗରିବ ଲୋକେ ହୁଏତ ମୁର୍ଦ୍ଦାରମୁହଁରେ ନିଆଁ ଦେଇ ଘରକୁ ଚାଲିଯାନ୍ତି । ଦୁର୍ଭିକ୍ଷ ବା ମଡ଼କ ପଡ଼ିଲେ ଅନେକ ଗ୍ରାମରେ ଏହିପରି ହୁଏ । ସେଦିନ ନଈ ବନ୍ଧ ଉପରେ ବରଗଛ ମୂଳ ତଳ-ତଣ୍ଡୁଳିତ ଛାଇରେ ଗୋପବନ୍ଧୁ ଦାଶଙ୍କୁ ଘେରି ଆମେ ଚାରିଜଣ ଖଣ୍ଡିଏ ଦୋପଟା ଚାଦର ପକାଇ ସନ୍ଧ୍ୟା ପରେ ସେଇ ବାଲୁଗାନ୍ଧମଳେ ବସିଲୁ । ଆରପାଖେ ବିଲୁଆ ସବୁ କଳକଳ ଦରପୋଡ଼ା

ମଡ଼ା ଓଠାଉଥା'ନ୍ତି । ମୁର୍ଦ୍ଦାରଙ୍କ କୋଳେଇ (coffin)ର କନାକତରା ସବୁ ପଡ଼ିବାର ଦିଶୁଥାଏ । ଆମର ଗପ ଚାଲିଲା । ଗୋପବନ୍ଧୁ ଦାଶଙ୍କ ପରି ଗଳ୍ପ କରି ଭୁଲାଇବା ଲୋକ ବଡ଼ କମ୍ ଅଛନ୍ତି । ବିଶେଷରେ ଆମେ ପିଲା । ସେ ରାତି ଗଳ୍ପର ଚିହ୍ନ ସବୁ ପ୍ରାଣରେ ଆଜି ହୋଇଗଲା । ଚନ୍ଦ୍ର ବୁଡ଼ିଗଲେ । ରାତି ଶେ ସକାଳ ହୋଇ ଆସିଲା । ଆମେ ତନ୍ମୟ ଶେଷକୁ ଠିକ୍ କଲୁ, ଆମେ ପାଠପଢ଼ି ସରକାରୀ ଚାକିରି କରିବା ନାହିଁ । ଦେଶପାଇଁ କାମ କରିବା, ଜନ୍ମବେଳେ ଦେଶକୁ ଯାହା ଦେଖିଥାଉଁ ତା'ଠାରୁ ଉନ୍ନତ ଦେଖି ମରିବା ।

ଓଡ଼ିଶାର ପ୍ରଖ୍ୟାତ କବିରାଜ ୰ହରେକୃଷ୍ଣ ମିଶ୍ରଙ୍କଦ୍ୱାରା
ଆବିଷ୍କୃତ—

## କାମଳାରି

କାମଳ ରୋଗର ଅବ୍ୟର୍ଥ ଔଷଧ

## ଭ୍ରମସୁଦନ

ପକ୍ଷାଘାତ, ବ୍ଲେ ଏବଂ ହାଇ ବ୍ଲଡ଼ପ୍ରେସର ଓ ଛାତ୍ରମାନଙ୍କର
ସ୍ମୃତି ଶକ୍ତି ବର୍ଦ୍ଧକ

## ଚନ୍ଦ୍ରକାନ୍ତି

ନାଳ ଓ ନାଳରକ୍ତ ଝାଡ଼ାର ଏକମାତ୍ର ଆରୋଗ୍ୟକାରୀ
ଅବ୍ୟର୍ଥ ଔଷଧ ।

—ପ୍ରାପ୍ତିସ୍ଥାନ—

## ସୁଧାସିନ୍ଧୁ ଔଷଧାଳୟ

ଝାଞ୍ଜିରି ମଙ୍ଗଳା, କଟକ

**କବିରାଜ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର**

Digitized by srujanika@gmail.com

*With the best Compliments*

OF

# METALUX INDUSTRIES

Industrial Estate

***CUTTACK—3***

**Pioneers Among**

**Steel Cabinet**

**&**

**Furniture Makers**

Digitized by srujanika@gmail.com

# ସମ୍ବିଧାନରେ ରାଷ୍ଟ୍ରପତି

**ଭାରତୀୟ ଗଣତନ୍ତ୍ର**

ଡକ୍ଟର ବୈଦ୍ୟନାଥ ମିଶ୍ର

ଭାରତର ରାଷ୍ଟ୍ରପତି-ନିର୍ବାଚନରେ ଯେଉଁ କେତୋଟି ସମସ୍ୟା ଦେଶରେ ଆଲୋଡ଼ନ ସୃଷ୍ଟି କଲା, ତାକୁ ଅନୁଧ୍ୟାନ କଲେ ଦେଖାଯିବ ଯେ ଭାରତରେ ଏ ପର୍ଯ୍ୟନ୍ତ ବ୍ୟବସ୍ଥାପକ ଶାସନ ସୁଦୃଢ଼ ହୋଇ ପାରି ନାହିଁ । ପାର୍ଲିମେଣ୍ଟ ବା ବ୍ୟବସ୍ଥାପକ ସଭାକୁ ପ୍ରତିନିଧି ନିର୍ବାଚନ କଲେ ବ୍ୟବସ୍ଥାପକ ଶାସନ ସଫଳ ହୁଏ ନାହିଁ । ବ୍ୟବସ୍ଥାପକ ଶାସନର ସଫଳତା ନିର୍ବାଚନ-ପ୍ରଣାଳୀ ଉପରେ ବେଶୀ ନିର୍ଭର କରେ । ଯେଉଁସବୁ ଆଦର୍ଶ, ବିଚାର ବା କାର୍ଯ୍ୟକ୍ରମଦ୍ୱାରା ପ୍ରଭାବିତ ହୋଇ ଭୋଟଦାତାମାନେ ଭୋଟ ପ୍ରଦାନ କରନ୍ତି, ତାହା ବ୍ୟବସ୍ଥାପକ ଶାସନର ମାପକାଠି ବୋଲି ଧରାଯାଏ । ବିଶେଷତଃ ରାଷ୍ଟ୍ରପତି-ନିର୍ବାଚନ ପ୍ରଣାଳୀ ବ୍ୟବସ୍ଥାପକ ଶାସନ ପଦ୍ଧତିର ଏକ ବିଶେଷ ନିଦର୍ଶନ । କାରଣ ଏଥିପାଇଁ ସାବାଳକ ଭୋଟପ୍ରଥା ନାହିଁ । ଯେଉଁଠାରେ ଅଗଣିତ ନରନାରୀ ନିଜର କେବଳ ବୟସ ଗୁଣରେ ନିର୍ବାଚନରେ ଭାଗ ନିଅନ୍ତି, ସେଠାରେ ହୁଏତ ଉନ୍ମାଦନା ଓ ଉତ୍ତେଜନା କାର୍ଯ୍ୟ କରେ; କିନ୍ତୁ ରାଷ୍ଟ୍ରପତି ନିର୍ବାଚନରେ କେବଳ ପାର୍ଲିମେଣ୍ଟ ଓ ରାଜ୍ୟ ବିଧାନସଭାର ନିର୍ବାଚିତ ପ୍ରତିନିଧିମାନେ ଭାଗ ନିଅନ୍ତି । ଏହି ସୀମିତ ନିର୍ବାଚନମଣ୍ଡଳୀରେ ଯଦି ଆଦର୍ଶର ଖିଲାପ ହୁଏ ଏବଂ ଅଗଣତାନ୍ତ୍ରିକ ପନ୍ଥାର ଆଶ୍ରୟ ନିଆଯାଏ, ତାହାହେଲେ ବ୍ୟବସ୍ଥାପକ ଶାସନ ଦେଶରେ ସଫଳ ହୋଇଛି ବୋଲି କୁହାଯାଇ ପାରିବ ନାହିଁ । ସେହି ଦୃଷ୍ଟିରୁ ରାଷ୍ଟ୍ରପତି-ନିର୍ବାଚନରେ ଉପୁଜିଥିବା ଦୁଇଟି ପ୍ରଧାନ ସମସ୍ୟାର ଆଲୋଚନା କରାଯାଇ ପାରେ ।

ପ୍ରଥମ ପ୍ରଶ୍ନ ହେଉଛି ଶାସନକ୍ଷେତ୍ରରେ ରାଷ୍ଟ୍ରପତିଙ୍କର ସ୍ଥାନ । ସମ୍ବିଧାନ ପ୍ରଚଳନର ଦୀର୍ଘ ୧୭ ବର୍ଷ ପରେ ଯଦି ପ୍ରଶ୍ନ ହୁଏ ଯେ ରାଷ୍ଟ୍ରପତି କେନ୍ଦ୍ର ମନ୍ତ୍ରିମଣ୍ଡଳର ମତକୁ ଭ୍ରୂକ୍ଷେପ ନ କରି ନିଜର ସ୍ୱାଧୀନ ବିଚାର ଅନୁସାରେ ଦେଶର ଶାସନ ପରିଚାଳନା କରିବେ ଏବଂ ଦରକାର ପଡ଼ିଲେ, କେନ୍ଦ୍ର-ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଯାଇ ରାଜ୍ୟର ଶାସନକୁ ସମର୍ଥନ କରିବେ, ତାହାହେଲେ ବୁଝିବାକୁ ହେବ ଯେ ଭାରତର ସମ୍ବିଧାନର ମହତ୍ତ୍ୱ ଆମେ ଏ ପର୍ଯ୍ୟନ୍ତ ଉପଲବ୍ଧି କରି ନାହିଁ । କେନ୍ଦ୍ରରେ ଯେଉଁ ଦଳ ଶାସନକ୍ଷମତାରେ ଅଛନ୍ତି, ସେହି ଦଳ ବିରୁଦ୍ଧରେ ରାଷ୍ଟ୍ରପତି ପଦପାଇଁ ଏକ ପ୍ରାର୍ଥୀ ମନୋନୟନ କରିବାର ଅଧିକାର ବିରୋଧୀ-ଦଳର ଅଛି, ତାହା ନ ରହିଲେ ଗଣତାନ୍ତ୍ରିକ ଶାସନର କୌଣସି ମର୍ଯ୍ୟାଦା ରହିବ ନାହିଁ । ଏପରିକି ବିରୋଧୀଦଳର ପ୍ରାର୍ଥୀ ନିର୍ବାଚନରେ ଜିଣିଲେ ମଧ୍ୟ କେନ୍ଦ୍ର ଶାସନ ଭାଙ୍ଗି ପଡ଼ିବ ନାହିଁ । ସମସ୍ୟା ଆସିବ ଯେତେବେଳେ ହୁଏତ ରାଷ୍ଟ୍ରପତି କେନ୍ଦ୍ରରେ ଶାସନ ପରିଚାଳନା କରୁଥିବା ଦଳର ବିରୋଧୀ ପ୍ରାର୍ଥୀରୂପେ ନିର୍ବାଚିତ ହୋଇ ଆସିବେ; କିନ୍ତୁ ପ୍ରଶ୍ନ ହେଉଛି ଯେ ରାଷ୍ଟ୍ରପତି ହୁଅନ୍ତୁ ନା କାହିଁକି,

Digitized by srujanika@gmail.com

ସେ ମନ୍ତ୍ରିମଣ୍ଡଳର ପରାମର୍ଶରେ ଶାସନ କାର୍ଯ୍ୟ ପରିଚାଳନା କରିବେ ନା ନାହିଁ ।

ଏ କଥା ସମସ୍ତେ ସ୍ୱୀକାର କରିବେ ଯେ ଆମେ ଆମ ଦେଶରେ ଏକ ମନ୍ତ୍ରିମଣ୍ଡଳ ଶାସନ ପ୍ରତିଷ୍ଠା କରିଛୁ । ରାଷ୍ଟ୍ରପତିଙ୍କୁ ଶାସନର ମୁଖ୍ୟ କରାଯାଇ ନାହିଁ, ରାଷ୍ଟ୍ରର ମୁଖ୍ୟ ବୋଲି ଧରାଯାଇଛି । ସେଥିପାଇଁ ରାଷ୍ଟ୍ରପତିଙ୍କୁ ସିଧା ସଳଖ ସାବାଳକ ଭୋଟପ୍ରଥାଦ୍ୱାରା ନିର୍ବାଚନ କରା ନ ଯାଇ, ପରୋକ୍ଷଭାବରେ ଦେଶର ନିର୍ବାଚିତ ପ୍ରତିନିଧିମାନଙ୍କଦ୍ୱାରା ନିର୍ବାଚିତ କରାଯାଇଛି । ରାଷ୍ଟ୍ରପତିଙ୍କୁ ଯଦିଚ ଅନେକ କ୍ଷମତା ଦିଆଯାଇଛି, ଏପରିକି ସେ କେନ୍ଦ୍ର-ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରିପାରିବେ, ତଥାପି ସେ ଏ ବିଷୟରେ ମନୋମୁଖୀ କାର୍ଯ୍ୟ କରିପାରିବେ ନାହିଁ । ଯେ ପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳ ପାର୍ଲିମେଣ୍ଟର ଆସ୍ଥାଭାଜନ ହୋଇଥିବେ, ସେ ପର୍ଯ୍ୟନ୍ତ ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ । ମନ୍ତ୍ରିମଣ୍ଡଳ ଶାସନାନୁଯାୟୀ ମନ୍ତ୍ରିମଣ୍ଡଳ ଲୋକସଭା ପାଖରେ ଦାୟୀ ରହିବେ, ରାଷ୍ଟ୍ରପତିଙ୍କ ସହିତ ମନ୍ତ୍ରିମଣ୍ଡଳର ମତଦ୍ୱୈଧ ହେଲେ, ରାଷ୍ଟ୍ରପତି ନିଜର ମତ ଅନୁଯାୟୀ 'ମନ୍ତ୍ରିମଣ୍ଡଳକୁ ପରାମର୍ଶ ଦେବେ, ଏବଂ ତାଙ୍କର ମତ ଗ୍ରହଣ କରିବାକୁ ହୁଏତ ଚାପ ପକାଇବେ; କିନ୍ତୁ ମନ୍ତ୍ରିମଣ୍ଡଳ ଯଦି ନିଜ ମତରେ ଜିଦ ଧରି ରହନ୍ତି, ରାଷ୍ଟ୍ରପତି ବାଧ୍ୟ ହୋଇ ମନ୍ତ୍ରିମଣ୍ଡଳ ମତଅନୁଯାୟୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ । ଅତି ଦୁଃଖର କଥା ଯେ ଆମ ସମ୍ବିଧାନରେ ଏତେ ଧାରା ଓ ଉପଧାରା ସନ୍ନିବେଶ କରାଯାଇ ସମ୍ବିଧାନର ବିଭିନ୍ନ ବିଭାଗ ଯଥେଷ୍ଟ ବିଶ୍ଳେଷଣ କରାଯାଇଥିଲେ ମଧ୍ୟ ରାଷ୍ଟ୍ରପତି ଓ ମନ୍ତ୍ରିମଣ୍ଡଳର ସମ୍ପର୍କବିଷୟରେ ସ୍ପଷ୍ଟ ଚିତ୍ର ଦିଆଯାଇନାହିଁ; କିନ୍ତୁ ଯେଉଁମାନେ ସମ୍ବିଧାନ ପ୍ରଣୟନ କରିଛନ୍ତି, ସେମାନେ ପରିଷ୍କାରଭାବରେ କହିଛନ୍ତି ଯେ ଭାରତରେ ଏକ ମନ୍ତ୍ରିମଣ୍ଡଳ ଶାସନ ପ୍ରତିଷ୍ଠା କରାଯାଇଛି । ଏହି ଶାସନରେ ରାଷ୍ଟ୍ରପତି ଇଂଲଣ୍ଡର ରାଜାଙ୍କ ପରି ମନ୍ତ୍ରିମଣ୍ଡଳ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ । ଉଦାହରଣସ୍ୱରୂପ ସମ୍ବିଧାନ ପ୍ରଣୟନ କମିଟିର ସଭାପତି ଡକ୍ଟର ଆମ୍ବେଦକାର କହିଛନ୍ତି—

**"The President occupies the same position as the king under the English Constitution. He is the head of the nation but not of the executive He represents the nation, but does not rule the nation. He will be generally bound by the advice of his ministers. He can do nothing contrary to their advice"**

ସେହିପରି ବିଧାୟକସଭାର ସଭାପତି ଡକ୍ଟର ରାଜେନ୍ଦ୍ରପ୍ରସାଦ ମତ ପ୍ରକାଶ କରି କହିଛନ୍ତି ଯେ "ଯଦିଓ ସମ୍ବିଧାନରେ ରାଷ୍ଟ୍ରପତିଙ୍କୁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ ଯେ ସେ ମନ୍ତ୍ରିମଣ୍ଡଳର ପରାମର୍ଶ ଅନୁଯାୟୀ ସର୍ବଦା କାର୍ଯ୍ୟ କରିବେ, ତଥାପି ଆଶା କରାଯାଉଛି ଯେ ମନ୍ତ୍ରି-ମଣ୍ଡଳ ଶାସନର ପ୍ରଥା ଅନୁଯାୟୀ ସେ ନିୟମତାନ୍ତ୍ରିକ ରାଷ୍ଟ୍ରପତିରୂପେ ମନ୍ତ୍ରିମଣ୍ଡଳର ପରାମର୍ଶ

Digitized by srujanika@gmail.com

ଅନୁଯାୟୀ କାର୍ଯ୍ୟ କରିବେ” । ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଭାଷାରେ,

**Although there is no specific provision in the Constitution itself making it binding on the President to accept the advice of his Ministers, it hoped that the convention under which in England the king always acted on the advice of his Ministers, would be established in this country also and the President would become constitutional President in all matters'**

ଏଥିରୁ ଦେଖାଯିବ ଯେ ମନ୍ତ୍ରିମଣ୍ଡଳର ଶାସନର ରୀତି ଅନୁଯାୟୀ ଓ ସମ୍ବିଧାନର ନିର୍ଦ୍ଦେଶ ଅନୁଯାୟୀ ଭାରତର ରାଷ୍ଟ୍ରପତି ଏକ ନିୟମତାନ୍ତ୍ରିକ ଶାସନ କର୍ତ୍ତାରୂପେ ନିର୍ବାଚିତ ହୋଇଛନ୍ତି; କିନ୍ତୁ ଆମେ ଯଦି ଆଜି ଧ୍ୱନି ଦେଉ ଯେ ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳ ଠାରୁ ସ୍ୱତନ୍ତ୍ର ଓ ମନ୍ତ୍ରିମଣ୍ଡଳର ପରାମର୍ଶ ବିରୁଦ୍ଧରେ ରାଷ୍ଟ୍ରପତିଙ୍କର କାର୍ଯ୍ୟ କରିବାର ଯଥେଷ୍ଟ ଅଧିକାର ଅଛି ଏବଂ ସେହି ଅଧିକାରକୁ ସାବ୍ୟସ୍ତ କରିବାପାଇଁ ରାଜନୀତିକ ଦଳମାନେ ପ୍ରଚାର ଆରମ୍ଭ କରନ୍ତି, ତାହାହେଲେ ଏ ଦେଶରେ ଗଣତାନ୍ତ୍ରିକପରଂପରା ସୃଷ୍ଟି କରି ସମ୍ବିଧାନାନୁଯାୟୀ ଶାସନ କାର୍ଯ୍ୟ ପରିଚାଳନା କରିବା ଦୁରୂହ ବ୍ୟାପାର ହେବ । ହୁଏତ ଦିନେ ରାଷ୍ଟ୍ରପତି ବିରୋଧୀ ରାଜନୀତିକ ଦଳମାନଙ୍କର ସମର୍ଥନ ଲାଭ କରି, ସମ୍ବିଧାନର ବିକୃତ ଅର୍ଥ କରିବାକୁ ସୁବିଧା ପାଇବେ ଏବଂ ସେହି ସୁବିଧାର ସୁଯୋଗ ନେଇ ମନ୍ତ୍ରିମଣ୍ଡଳର ପରାମର୍ଶକୁ ବେଖାତିର କରିବାକୁ କୁଣ୍ଠା ବୋଧ କରିବେ ନାହିଁ । ସେତେବେଳେ ଏ ଦେଶରେ ଗଣତନ୍ତ୍ର ଶାସନର ସମାପନ କାର୍ଯ୍ୟ ଆରମ୍ଭ ହେବ । ଆଜିଠାରୁ ଏ ଦିଗରେ ସାବଧାନ ହେବା ପ୍ରତ୍ୟେକ ଗଣତନ୍ତ୍ରପ୍ରେମୀର ପ୍ରଧାନ କର୍ତ୍ତବ୍ୟ ।

ରାଷ୍ଟ୍ରପତି ନିର୍ବାଚନରେ ଆଉ ଏକ ପ୍ରଶ୍ନ ଉଠିଲା ଯେ ଯଦି ବିରୋଧୀଦଳର ସମର୍ଥିତ ପ୍ରାର୍ଥୀ ନିର୍ବାଚିତ ହେବେ, ତାହାହେଲେ କେନ୍ଦ୍ରରେ କଂଗ୍ରେସ ଶାସନ ବେଶୀ ଦିନ ସ୍ଥାୟୀ ହୋଇ ରହି ପାରିବ ନାହିଁ—ରାଷ୍ଟ୍ରପତିଙ୍କର ନିର୍ବାଚନ ପରେ ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଇସ୍ତଫା ଦେବାକୁ ବାଧ୍ୟ ହେବେ । ଏହି ଦ୍ୱିତୀୟ ପ୍ରଶ୍ନ ପ୍ରଥମ ପ୍ରଶ୍ନ ସହିତ ଘନିଷ୍ଠଭାବରେ ଜଡ଼ିତ । କେହି କହୁ ନାହିଁ ଯେ ରାଷ୍ଟ୍ରପତିଙ୍କର ଶାସନରେ କିଛି କର୍ତ୍ତୃତ୍ୱ ନାହିଁ ନିଜର ବ୍ୟକ୍ତିତ୍ୱପ୍ରଭାବରେ ରାଷ୍ଟ୍ରପତି କେନ୍ଦ୍ର ମନ୍ତ୍ରି-ମଣ୍ଡଳର ଦିଗ ନିୟନ୍ତ୍ରଣ କରିପାରିବେ । ଏପରିକି ନେହେରୁଙ୍କ ପରି ଅପ୍ରତିଦ୍ୱନ୍ଦ୍ୱୀ ଜନନେତା ପ୍ରଧାନମନ୍ତ୍ରୀ ଥିଲାବେଳେ ମଧ୍ୟ ତତ୍କାଳୀନ ରାଷ୍ଟ୍ରପତି ଶାସନର ଦିଗ ନିୟନ୍ତ୍ରଣ କରିବାରେ କେତେକ ପରିମାଣରେ ସାହାଯ୍ୟ କରିଛନ୍ତି । ନିକଟ ଭବିଷ୍ୟତରେ ନେହେରୁଙ୍କ ପରି ଅସାଧାରଣ ଶକ୍ତିସମ୍ପନ୍ନ ବ୍ୟକ୍ତି ଦେଶର ଶାସକ ଆସନ ଅଳଙ୍କୃତ କରିବାର ସମ୍ଭାବନା ନାହିଁ । ତେଣୁ ରାଷ୍ଟ୍ରର ପ୍ରଥମ ନାଗରିକ ଓ ମୁଖ୍ୟ ହିସାବରେ ରାଷ୍ଟ୍ରପତି ଶାସନରେ ବିଶେଷ

Digitized by srujanika@gmail.com

ପ୍ରସ୍ତାବ ପକାଇବାକୁ ସୁବିଧା ଓ ସୁଯୋଗ ପାଇବେ; କିନ୍ତୁ ପ୍ରଧାନ ମନ୍ତ୍ରୀଙ୍କ ସହିତ କଳହ କରି ବା ମନ୍ତ୍ରିମଣ୍ଡଳର କାର୍ଯ୍ୟକ୍ରମକୁ ବିରୋଧ କରି ରାଷ୍ଟ୍ରପତି ଶାସନ ଢଗକୁ ନିୟନ୍ତ୍ରଣ କରି-ପାରିବେ ନାହିଁ । ତାହାହେଲେ ଦେଶରେ ଏକ ସାଂବିଧାନିକ ସଂକଟ ସୃଷ୍ଟି ହେବ । ଏହି ସାଂବିଧାନିକ ସଙ୍କଟରୁ ରକ୍ଷା ପାଇବା ପାଇଁ ରାଷ୍ଟ୍ରପତି ଅନ୍ୟାନ୍ୟ ରାଜନୀତିଜ୍ଞମାନଙ୍କର ସାହାଯ୍ୟ ଓ ସହଯୋଗ ନେଇ ନିଜର ସମ୍ମାନ ଓ ମହତ୍ତ୍ୱ ବଢ଼ାଇବେ । ରାଷ୍ଟ୍ରପତି ଦଳୀୟ ପ୍ରାର୍ଥୀ ହୋଇପାରନ୍ତି, କିନ୍ତୁ ଦଳ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ରହିବା ଉଚିତ ନୁହେଁ । ରାଷ୍ଟ୍ର-ପତିଙ୍କୁ ଏକ ରାଜନୀତିଜ୍ଞ କରିବା ସମ୍ବିଧାନର ଉଦ୍ଦେଶ୍ୟ ନୁହେଁ । ତାହାହେଲେ ଆମେରିକା ପରି ଆମ ଦେଶରେ ରାଷ୍ଟ୍ରପତିମୂଳକ ଶାସନ ସୃଷ୍ଟି କାର୍ଯ୍ୟକାରୀ ହୋଇଥାନ୍ତା । କେନ୍ଦ୍ରରେ ଯେ କୌଣସି ଦଳ ମନ୍ତ୍ରିମଣ୍ଡଳ ଗଢ଼ିଲେ ମଧ୍ୟ ରାଷ୍ଟ୍ରପତି ସେହି ଦଳର କାର୍ଯ୍ୟକ୍ରମକୁ ସରକାର-ଙ୍କର କାର୍ଯ୍ୟକ୍ରମ ମାନି ସେହି ଅନୁସାରେ କାର୍ଯ୍ୟ କରିବା ସମ୍ବିଧାନର ଉଦ୍ଦେଶ୍ୟ । ଇଂଲଣ୍ଡରେ କେତେବେଳେ ଜାତିଦଳ ଅନ୍ୟ କେତେବେଳେ ଶ୍ରମିକ ଦଳ ମନ୍ତ୍ରିମଣ୍ଡଳ ଗଠନ କରୁଛନ୍ତି । ଏହି ଦୁଇଦଳଙ୍କ ଭିତରେ ଆଦର୍ଶଗତ ପ୍ରଭେଦ ଅଛି । ସେଥିପାଇଁ ସେମାନଙ୍କର କାର୍ଯ୍ୟକ୍ରମରେ ପ୍ରଭେଦ ପରିଲକ୍ଷିତ ହେଉଅଛି; କିନ୍ତୁ ଇଂଲଣ୍ଡର ରାଣୀ କୌଣସି ଦଳର କାର୍ଯ୍ୟକ୍ରମକୁ ସମାଲୋଚନା କରୁ ନାହାନ୍ତି, ତାଙ୍କର ନିଜର ଯାହା କିଛି ବ୍ୟକ୍ତିଗତ ଇଚ୍ଛା ଥାଉ ନା କାହିଁକି ସରକାରୀ ଦଳର କାର୍ଯ୍ୟକ୍ରମକୁ ନିଜର କାର୍ଯ୍ୟକ୍ରମ ବୋଲି ସ୍ୱୀକାର କରି, ପାର୍ଲାମେଣ୍ଟରେ ଭାଷଣ ଦେଉଛନ୍ତି । ଭାରତବର୍ଷେ କେତେକ ରାଜ୍ୟରେ ସେହିପ୍ରକାର ପରଂପରା ମଧ୍ୟ ପ୍ରତିଷ୍ଠିତ ହେଲାଣି । ରାଜ୍ୟପାଳମାନେ ବିଭିନ୍ନ ଦଳର ସରକାରଙ୍କର କାର୍ଯ୍ୟକ୍ରମକୁ ନିଜର କାର୍ଯ୍ୟକ୍ରମ ମନେକରି ସେହି ଅନୁସାରେ ସରକାରୀ ମତ ବିସ୍ତାର କରୁଛନ୍ତି । ଏଥିରେ କୌଣସି ଅସୁବିଧା ସୃଷ୍ଟି ହେଉ ନାହିଁ । ଆମେ ଯଦି ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରର ମୁଖ୍ୟ ଓ ମନ୍ତ୍ରିମଣ୍ଡଳଙ୍କୁ ଶାସନର ମୁଖ୍ୟ ବୋଲି ଗ୍ରହଣ କରିବା, ବିରୋଧୀ ଦଳର ପ୍ରାର୍ଥୀ ରାଷ୍ଟ୍ରପତି ନିର୍ବାଚିତ ହେଲେ, ସଂଖ୍ୟାଗରିଷ୍ଠ ଦଳର ମନ୍ତ୍ରିମଣ୍ଡଳ କେନ୍ଦ୍ର ସରକାରରୁ ଇସ୍ତଫା ଦେବେ କାହିଁକି ? ଏକ ଗଣତାନ୍ତ୍ରିକ ଶାସନରେ ଗୋଟିଏ ଦଳ ସବୁଦିନେ ଶାସନରେ ରହିବା ସମ୍ଭବ ନୁହେଁ । ଶାସନର ପରିବର୍ତ୍ତନ ଅବଶ୍ୟମ୍ଭାବୀ । ସେପରି ଅବସ୍ଥାରେ ଆମେ ଯେଉଁ ପରଂପରା ସୃଷ୍ଟି କରିବା ସେହି ପରମ୍ପରା ସମସ୍ତଙ୍କୁ ଲାଗୁ ହେବ । ସେହିଦୃଷ୍ଟିରୁ ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ଉପରେ କେନ୍ଦ୍ର ମନ୍ତ୍ରି-ମଣ୍ଡଳର ସ୍ଥାୟିତ୍ୱ ନିର୍ଭର ନ କରି ରାଷ୍ଟ୍ରପତିଙ୍କୁ ଏକ ନିୟମତାନ୍ତ୍ରିକ ଶାସକରୂପେ କିପରି ଅଧିଷ୍ଠିତ କରାଯାଇ ପାରିବ, ସେଥିପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ ।

ଏ ଦିଗରେ ଇଂଲଣ୍ଡଠାରୁ ଆମକୁ ଅନେକ ଶିଖିବାର ଅଛି । ଇଂଲଣ୍ଡରେ ବଂଶାନୁ-କ୍ରମରେ ରାଜା ରାଜଗାଦି ଦଖଲ କରନ୍ତି । ତେଣୁ ଜଣେ ରାଜା ଯୁଗ ଯୁଗ ଧରି ରାଜ୍ୟ ଶାସନ ପରିଚାଳନା କରିବାର ସୁବିଧା ପା'ନ୍ତି । ଇଂଲଣ୍ଡର ବର୍ତ୍ତମାନ ରାଣୀ ଏଲିଜାବେଥ ୧୯୫୩ ଠାରୁ ଦେଶର ରାଜଗାଦି ଦଖଲ କରି ବସିଛନ୍ତି । ଏତେ ବର୍ଷ ଧରି ଜଣେ ରାଜଗାଦିରେ

Digitized by srujanika@gmail.com

ଅଧିଷ୍ଠିତ ହେଲେ, ତାଙ୍କର କ୍ଷମତା ବୃଦ୍ଧି ପାଇବା ସ୍ୱାଭାବିକ; କିନ୍ତୁ ଇଂଲଣ୍ଡରେ ଧରି ନିଆଯାଇଛି ଯେ ରାଜା କୌଣସି ଭୁଲ କାମ କରି ପାରିବେ ନାହିଁ (**The king can do no wrong**) । ସମସ୍ତ ଥିଲି ଯେତେବେଳେ ଇଂଲଣ୍ଡର ରାଜା ଅତି ପ୍ରଭାବଶାଳୀ ଥିଲେ , ମନ୍ତ୍ରୀମାନେ ତାଙ୍କୁ ପରାମର୍ଶ ଦେଉଥିଲେ; କିନ୍ତୁ ସେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ଆଜି କିନ୍ତୁ ସେ ପରାମର୍ଶ ଦେଉଛନ୍ତି, ମନ୍ତ୍ରୀମାନେ ଶାସନ କାର୍ଯ୍ୟ ପରିଚାଳନା କରୁଛନ୍ତି । ଆମ ଦେଶରେ ରାଷ୍ଟ୍ରପତି ମୋଟେ ପାଞ୍ଚ ବର୍ଷପାଇଁ ନିର୍ବାଚିତ ହେଉଛନ୍ତି । ତେଣୁ ରାଷ୍ଟ୍ରପତିଙ୍କୁ ଏକ କ୍ଷମତାର ସନ୍ତକ (**Symbol of authority**) ରୂପେ ପ୍ରତିଷ୍ଠିତ କରିବା ସହଜ । ମନ୍ତ୍ରୀମାନେ କ୍ଷମତା ବ୍ୟବହାର କରିବେ ଓ ରାଷ୍ଟ୍ରପତି କ୍ଷମତାର ଆଧାର ହେବେ, ତାହାହେଲେ ଯାଇଁ ବ୍ୟବସ୍ଥାପକ ଶାସନ ସଫଳ ହୋଇ ପାରିବ । ଏହିଦୃଷ୍ଟିରୁ ବିଚାର କଲେ ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ଉପରେ କୌଣସି ମନ୍ତ୍ରିମଣ୍ଡଳର ଭାଗ୍ୟ ନିର୍ଭର କରିବାର ପ୍ରଶ୍ନ ଉଠୁନାହିଁ ।

ଅବଶ୍ୟ ଏ କଥା କୁହାଯାଇ ପାରେ ଯେ ରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ଦଳର ଭୋଟରମାନଙ୍କ ସଂଖ୍ୟା ଅଧିକ ଥାଇ ଯଦି କଂଗ୍ରେସପ୍ରାର୍ଥୀ ପରାସ୍ତ ହୁଅନ୍ତି, ତାହାହେଲେ ଦଳଭିତରେ ନୈତିକ ଅଧଃପତନ ଆସିବ ହୁଏତ ଏହା ଫଳରେ ଅନେକେ ନିଜ ଦଳ ପରିତ୍ୟାଗ କରି ବିରୋଧଦଳରେ ଯୋଗ ଦେବେ । ଏହା ଫଳରେ ହୁଏତ କଂଗ୍ରେସ ମନ୍ତ୍ରିମଣ୍ଡଳ ଭାଙ୍ଗିଯିବ । ଆମ ଦେଶରେ ଯେଉଁମାନେ ରାଜନୀତିରେ ଅଛନ୍ତି, ସେମାନଙ୍କ ଭିତରୁ ହୁଏତ ଅନେକଙ୍କର କୌଣସି ନିର୍ଦ୍ଦିଷ୍ଟ ମତବାଦ ନାହିଁ । ତେଣୁ କ୍ଷମତା ଓ ଧନର ମୋହରେ ଦଳ ପରିତ୍ୟାଗ କରିବା କେତେଙ୍କଙ୍କ ପକ୍ଷରେ କିଛି ଅସମ୍ଭବ କଥା ନୁହେଁ । କେବଳ ଆମ ଦେଶ କାହିଁକି, ମୋଟାମୋଟିଭାବରେ ଦେଖିଲେ ପ୍ରାୟ ପ୍ରତ୍ୟେକ ଦେଶରେ ରାଜନୀତିରେ ଏହି ଦୃଶ୍ୟ ଦେଖିବାକୁ ମିଳିବ । ଇଂଲଣ୍ଡରେ ଚର୍ଚ୍ଚିଲ ମଧ୍ୟ ନିଜର ଦଳ ପରିତ୍ୟାଗ କରିଥିଲେ ବୋଲି ତାଙ୍କର ଦୁର୍ନାମ ଶୁଣିବାକୁ ମିଳେ । ଆମେରିକାର ଜଣେ ସିନେଟର ଥରେ ତାଙ୍କର ଡାଇରୀରେ ଲେଖିଥିଲେ ।

**I place but little reliance on the honesty and truthfulness of most of our senators. The majority of them are small lights, mentally weak, and wholly unfit to be Senators··· Some are men of wealth who have purchased their positions. Some are men of narrow intellect limited comprehension and low partisan prejudice···**

କିନ୍ତୁ ଆମେ କ'ଣ ରାଜନୀତିଜ୍ଞମାନଙ୍କର ଏହି ସଙ୍କୀର୍ଣ୍ଣ ମନୋଭାବର ସୁବିଧା ନେବାପାଇଁ ରାଷ୍ଟ୍ରପତି ନିର୍ବାଚନରେ ଅବତୀର୍ଣ୍ଣ ହେବା ! ଏ ପ୍ରକାର ସଙ୍କୀର୍ଣ୍ଣ ମନୋଭାବ ପ୍ରତ୍ୟେକ

Digitized by srujanika@gmail.com

ଦଳରେ ଅଛୁ । ଥରେ ଯଦି ଏହାକୁ ପ୍ରଶ୍ରୟ ଦିଆଯାଏ, ସମୁଦାୟ ଭାରତବର୍ଷ ରାଜନୀତି ଉକ୍ତ ହୋଇ ଉଠିବ । ଯେଉଁମାନେ ଆଜି ଏହାର ସୁବିଧାନେଇ କ୍ଷମତା ଦଖଲ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ହୁଏତ କାଲି ଅନୁତାପ କରିବାକୁ ପଡ଼ିବ । କ୍ଷଣିକ ସୁବିଧା କୌଣସି ଏକ ବ୍ୟକ୍ତିର ମତବାଦ ବା ଜୀବନର ଧାରା ହୋଇପାରେ; କିନ୍ତୁ କୌଣସି ରାଜନୀତିକ ଦଳ ଏହାକୁ ଭିତ୍ତି କରି ନିଜର ରାଜନୀତିକ କାର୍ଯ୍ୟକ୍ରମ ଠିକ କରିବା ଉଚିତ ନୁହେଁ ।

---


ORIENT DISTRIBUTOR
&
Agencies Private Limited
MARIA BAZAR
CUTTACK
Distributors of ACC's Portland Cement,
White Cement & Water Proofing Compound

Digitized by srujanika@gmail.com

# ବିଦ୍ରୋହ, ବିପ୍ଲବ, ରଜୋଗୁଣର ଉଦ୍ଦୀପନା ଆବଶ୍ୟକ

—ସ୍ୱାମୀ ବିବେକାନନ୍ଦ—

[ ୧୯୦୨ ଜୁଲାଇ ୪ ତାରିଖରେ ବିବେକାନନ୍ଦଙ୍କର ମହାସମାଧି ହୋଇଥିଲା । ୧୮୯୭ ଖ୍ରୀଷ୍ଟାବ୍ଦରେ ଜଣେ ଶିଷ୍ୟଙ୍କ ସହିତ କଥୋପକଥନଚ୍ଛଳରେ ସ୍ୱାମୀ ବିବେକାନନ୍ଦ ଆଧୁନିକ ଭାରତବର୍ଷପକ୍ଷରେ କେଉଁ ଗୁଣ ଆବଶ୍ୟକ, ତା'ର ଏକ ଜ୍ୱାଲାମୟୀ ଉଦ୍‌ବୋଧନ ଦେଇଥିଲେ । ତାଙ୍କର ଶ୍ରାଦ୍ଧ ବା ତାଙ୍କୁ ଶ୍ରଦ୍ଧାର ସହିତ ସ୍ମରଣ କରିବା ଅବସରରେ ସେଥିରୁ କିୟଦଂଶ ନିମ୍ନରେ ପ୍ରଦତ୍ତ ହେଲା । ଏବେ ମଧ୍ୟ ୭୫ ବର୍ଷ ପରେ ତାହା ଏ ଦେଶବାସୀଙ୍କ ପ୍ରତି ପ୍ରଯୁଜ୍ୟ—ସଂପାଦକ ]



"ଦେଖ, ପୋଲ ଉପରେ ରେଲଗାଡ଼ି କିପରି ସିଂହ-ବିକ୍ରମରେ ଚାଲିଯାଉଛି । ଜଡ଼ ଓ ଚେତନର ମଧ୍ୟରେ ଏହାହିଁ ପାର୍ଥକ୍ୟ । ଯେ ନେଚର୍ ବା ପ୍ରକୃତିର ବିରୁଦ୍ଧରେ ବିଦ୍ରୋହ କରେ ସେହି ଚେତନ । ଗୋଟିଏ ସାମାନ୍ୟ ପିମ୍ପୁଡ଼ିକୁ ମାରିବାକୁ ଯାଅ ସେ ମଧ୍ୟ ଜୀବନ ରକ୍ଷାପାଇଁ ଥରେ ଲଢ଼େଇ କରେ । ଯେଉଁଠାରେ ପୁରୁଷକାର, ଯେଉଁଠାରେ ବିଦ୍ରୋହ, ବିପ୍ଲବ, ସେଠାରେ ହିଁ ଜୀବନ । ସେଠାରେହିଁ ଚେତନାର ବିକାଶ ।

"ଜଗତର ଇତିହାସ ପଢ଼ି ଦେଖ, କେବଳ ଭାରତବାସୀଙ୍କ ଛଡ଼ା ଅନ୍ୟ ସମସ୍ତଙ୍କ ପ୍ରତି ଏହି ନିୟମ ଖଟୁଛି । ଭାରତବାସୀ କେବଳ ଜଗତରେ ଜଡ଼ ପରି ପଡ଼ି ରହିଛନ୍ତି । ଅନ୍ୟମାନେ କହୁଛନ୍ତି—ଭାରତବାସୀ ହୀନ । ତାଙ୍କର ଶକ୍ତି ନାହିଁ । ଭାରତବାସୀ ମଧ୍ୟ ହଜାରେ ବର୍ଷ ହେବ ଭାବିବାରେ ଅଭ୍ୟସ୍ତ ଯେ ସେମାନେ ହୀନ, ସେମାନେ ଅକର୍ମଣ୍ୟ । ମୋର ଦେହ ମଧ୍ୟ ଏ ଦେଶର ମାଟିରୁ ଜାତ । ମୁଁ କିନ୍ତୁ କେବେ

Digitized by srujanika@gmail.com

ସେପରି ଭାବନାହିଁ । ତେଣୁ ଯେଉଁମାନେ ଆମକୁ ଚିରକାଳ ହୀନ ମନେ କରନ୍ତି, ସେମାନେ ( ପାଶ୍ଚାତ୍ୟବାସୀଗଣ ) ମୋତେ ଦେବତାପରି ଖାତିର୍ କରିଛନ୍ତି ଓ କରୁଛନ୍ତି । ସେହିପରି ପ୍ରତ୍ୟେକ ଭାରତବାସୀକୁ ତା'ର ଅନନ୍ତ ଶକ୍ତି, ଅପାରଜ୍ଞାନ, ଅଦମ୍ୟ ଉତ୍ସାହ ସମ୍ପର୍କରେ ସଚେତନ ହେବାକୁ ପଡ଼ିବ ।

"ଶ୍ରୀକୃଷ୍ଣଙ୍କର କଥା ଦେଖ । ତାଙ୍କର ବୃନ୍ଦାବନର ଲୀଳା କଥା ଛାଡ଼ି କୁରୁକ୍ଷେତ୍ରରେ ସେ କିପରି ହୃଦୟଗ୍ରାହୀ ଥିଲେ ତାହା ଚିନ୍ତା-କର । ଏପରି ଭୟାନକ ଯୁଦ୍ଧ-କୋଳା-ହଳରେ ବି ସେ ସ୍ଥିର, ଗମ୍ଭୀର, ଶାନ୍ତ । ଯୁଦ୍ଧକ୍ଷେତ୍ରରେ ମଧ୍ୟ ଅର୍ଜୁନଙ୍କୁ ଗୀତା କହୁଛନ୍ତି— କ୍ଷତ୍ରିୟର ସ୍ୱଧର୍ମ ଯୁଦ୍ଧରେ ଲଗାଉଛନ୍ତି । ଏହି ଭୟାନକ ଯୁଦ୍ଧର ପ୍ରବର୍ତ୍ତକ ହୋଇ ସୁଦ୍ଧା ସେ କିପରି କର୍ମହୀନ—ନିଜେ ଅସ୍ତ୍ର ଧରିଲେ ନାହିଁ । ଯେଉଁଆଡ଼େ ଚାହିଁବ, ସେଆଡ଼େ ଦେଖିବ ଶ୍ରୀକୃଷ୍ଣ ଚରିତ୍ର ପରଫେକ୍ଟ, ସର୍ବାଙ୍ଗ ସମ୍ପୂର୍ଣ୍ଣ । ଜ୍ଞାନ, କର୍ମ, ଭକ୍ତି ଯୋଗ—ସେ ଯେପରି ଏ ସବୁର ମୂର୍ତ୍ତିମାନ୍ ବିଗ୍ରହ ! ଶ୍ରୀକୃଷ୍ଣଙ୍କର କେବଳ ଏହି ଭାବଟିର ଆଜିକାଲି ବିଶେଷ-ଭାବରେ ଆଲୋଚନା ହେବା ଆବଶ୍ୟକ । ଏବେ ବୃନ୍ଦାବନରେ ବଂଶୀବଦନ କୃଷ୍ଣଙ୍କୁ କେବଳ ଦେଖିଲେ ଚଳିବ ନାହିଁ । ସେଥିରେ ଜୀବର ଉଦ୍ଧାର ହେବ ନାହିଁ । ବର୍ତ୍ତମାନ ଦରକାର— ଗୀତାରୂପ ସିଂହନାଦକାରୀ ଶ୍ରୀକୃଷ୍ଣଙ୍କର ପୂଜା, କୋଦଣ୍ଡଧାରୀ ମହାବୀର ରାମଚନ୍ଦ୍ର, ଶକ୍ତିରୂପିଣୀ ମା' କାଳୀଙ୍କର ପୂଜା । ତେବେ ଯାଇ ଲୋକେ ମହାଉଦ୍ୟମରେ କର୍ମତତ୍ପର ହୋଇ ଶକ୍ତିମାନ୍ ହୋଇ ଉଠିବେ । ମୁଁ ବେଶ୍ ଭଲ କରି ବୁଝିଛି, ଏ ଦେଶରେ ଯେଉଁମାନେ ଧର୍ମ କରନ୍ତି ସେମାନଙ୍କ ମଧ୍ୟରୁ ଅନେକେ ମସ୍ତିଷ୍କପାତଲା କିମ୍ବା ଦୁର୍ବଳମନା କିମ୍ବା ନିର୍ବୋଧ-ଉତ୍ସାହୀ । ମହା ରଜୋଗୁଣର ଉଦ୍ଦୀପନା ବିନା ଭାରତ-ବାସୀଙ୍କର ଇହକାଳ ନାହିଁ କି ପରକାଳ ନାହିଁ । ଏବେ ଘୋର ତମୋଗୁଣ ଦେଶକୁ ଘୋଡ଼ାଇ ପକାଇଛି ।

"ପାଶ୍ଚାତ୍ୟ ଦେଶ ବର୍ତ୍ତମାନ ମହା ରଜୋ-ଗୁଣ ସମ୍ପନ୍ନ ହୋଇ ଭୋଗର ଶେଷ ସୀମାକୁ ଉଠିଛନ୍ତି । ସେମାନଙ୍କଦ୍ୱାରା ଯୋଗ ହେବ ନାହିଁ ବୋଲି ଯେଉଁମାନେ କହନ୍ତି, ସେମାନେ ଭ୍ରାନ୍ତ । ତାଙ୍କଦ୍ୱାରା ଯୋଗ ହେବ ନାହିଁ ତ ପେଟ-ଦାୟରେ ଲାଳାୟିତ ଏ ଦେଶବାସୀଙ୍କଦ୍ୱାରା ହେବ ? ସେମାନଙ୍କର ଉତ୍କୃଷ୍ଟ ଭୋଗ ଦେଖି ମୋର ମେଘଦୂତର "ବିଦ୍ୟୁଦ୍ୱନ୍ତଂ ଲଳିତ-ବସନାଃ" ଇତ୍ୟାଦି ଛନ୍ଦ ମନେ ପଡ଼େ । ଭାରତବାସୀଙ୍କର ବର୍ତ୍ତମାନ ଏକମାତ୍ର ଭୋଗ ହେଉଛି ସନ୍ତସନ୍ତିଆ ଘରେ ଛିଣ୍ଡା କନ୍ଥାରେ ଶୋଇ ବର୍ଷକୁ ବର୍ଷ ପୁତ୍ର ପରି ବଂଶ ବୃଦ୍ଧି କରିବା । ସେଥିପାଇଁ କହୁଛି, ଏବେ ମନୁଷ୍ୟକୁ ରଜୋଗୁଣରେ ଉଦ୍ଦୀପିତ କରି କର୍ମପ୍ରାଣ କରିବାକୁ ହେବ । କର୍ମ, କର୍ମ, କର୍ମ । ବର୍ତ୍ତମାନ ଆଉ 'ନାନ୍ୟ ପନ୍ଥା ବିଦ୍ୟତେ ଅୟନାୟ', ଏହା ଛଡ଼ା ଉଦ୍ଧାରର ଅନ୍ୟ ପଥ ନାହିଁ ।"

# ସ୍ୱାଧୀନତା ସଂଗ୍ରାମର ସ୍ମୃତି



## ଏବେ ଗାନ୍ଧୀଙ୍କର ଲୁଣ ଖାଇଲ

ମହାବୀର ତ୍ୟାଗୀ

[ ଶ୍ରୀ ମହାବୀର ତ୍ୟାଗୀ ସ୍ୱାଧୀନତା ଆନ୍ଦୋଳନରେ ଜଣେ ବଶିଷ୍ଟ ସୈନିକ ଥିଲେ । ସେ ଗଭୀର ଆବେଗର ସହିତ ତାଙ୍କର ତତ୍କାଳୀନ ଅଭିଜ୍ଞତା ଦୁଇଟି ହିନ୍ଦୀ ପୁସ୍ତକରେ ପ୍ରକାଶ କରିଛନ୍ତି—'ବେ କ୍ରାନ୍ତ କେ ଦିନ' ଓ 'ମେରୀ କୌନ୍ ସୁନେ ଗା' ରେ । ସେଥିରୁ କେତୋଟି କାହାଣୀ ଏହି ପତ୍ରିକାରେ ପ୍ରକାଶିତ ହେବାପାଇଁ ଶ୍ରୀ ତ୍ୟାଗୀ ସାଦର ସମ୍ମତି ଦେଇଛନ୍ତି । ପାଠକମାନଙ୍କପାଇଁ ଏହି ଉଦ୍ଦୀପନାମୟ ଆନ୍ଦୋଳନର ଗାଥା ଓ ସ୍ମୃତି ମଧୁମୟ ହେବ ବୋଲି ଆଶା କରାଯାଏ— ସମ୍ପାଦକ ]

୧୯୩୦ରେ ଲବଣ-ସତ୍ୟାଗ୍ରହ ଘୋଷିତ ହେଲ । ଭାଇସରାୟଙ୍କଠାରୁ ଆରମ୍ଭକରି ପଣ୍ଡିତ ମୋତିଲାଲ ନେହରୁଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାକୁ ଥଟ୍ଟାରେ ଉଡ଼ାଇଲେ । କହିଲେ କି ଯେଉଁ ଭୂତକୁ ମାଡ଼ ଦରକାର ସେ କ'ଣ କଥାରେ ମାନିଯିବ ? ପାହାଡ଼ରେ କେବଳ ମୁଣ୍ଡ ପିଟିବା ସାର ହେବ । ଲୁଣ ମାରି ଇଂରେଜ ପରି ଶକ୍ତିଶାଳୀ ସରକାରକୁ ଉପାଡ଼ି ଫୋପାଡ଼ି ଦେବାରେ କେହି ବିଶ୍ୱାସ କରୁ ନ ଥିଲେ; କିନ୍ତୁ ହାତୀକୁ କୁମ୍ଭୀରର ଫାନ୍ଦରୁ ଫିଟାଇବା ଯାହା, ମହାତ୍ମା ଗାନ୍ଧୀଙ୍କ ରହସ୍ୟ ଉନ୍ମୋଚନ କରିବା ମଧ୍ୟ ସେଇଆ ।

Digitized by srujanika@gmail.com

ଆମକୁ ଆଦେଶ ଦିଆଗଲା, ଯେ କୌଣସି ସ୍ଥାନରେ ଖାଉଆମାଟି ମିଳିବ ତ ତାକୁ ପାଣିରେ ଗୋଳି ଚୂଲି ଉପରେ ବସାଇବ ଓ କଲେକ୍‌ଟରଙ୍କୁ ଜଣାଇ ଢୋଲ ପିଟି ଖୋଲା-ଖୋଲିଭାବରେ ଲୁଣ ତିଆରି କରିବ । ଡେରାଡୁନ ଜିଲାର ପ୍ରଥମ ସତ୍ୟାଗ୍ରହୀଦଳ ଚୌଧୁରୀ ବିହାରୀଲାଲଙ୍କ ନେତୃତ୍ୱରେ ଖାରାଖେତ-ନାମକ ସ୍ଥାନରେ ପହଞ୍ଚିଲେ । ଏଠାରେ ଏକ ଗ୍ରେଟ ଟ୍ରଣିଅଫର ଥିଲା । ସେମାନେ ଏହାର ପାଣି ଆଣି ଲୁଣ ତିଆରି କଲେ । ଗ୍ରେଟ ଗ୍ରେଟ କାଗଜପୁଡ଼ିଆ କରି ଗାନ୍ଧୀଙ୍କର ଲୁଣ ୧ ଟଙ୍କା, ୧୦ ଟଙ୍କା, ୨୦ଟଙ୍କା—ଏକ, ଦୁଇ, ତିନି, ଗାନ୍ଧୀଙ୍କର ଲୁଣ···ବୋଲି ନିଲାମ ଡକାଗଲା ଏବଂ ସଙ୍ଗେ ସଙ୍ଗେ ନିଲାମ ହୋଇଗଲା । ପରେ ପୁଲିସ୍ ଆସି ଏ ଲୁଣକୁ ଛଡ଼େଇ କରି ନେଇଗଲେ । ଆଉଦିନ ସିନ୍ଧୁରୀ ଫାଟିବା ପୂର୍ବରୁ ଆମେସବୁ ଧରାହୋଇ ଜେଲକୁ ଗଲୁ । ସେଠାରେ ଯାଇ ଦେଖିଲୁ ଯେ ପଣ୍ଡିତ ନାରାୟଣ ଦତ୍ତ ଡ଼ଙ୍ଗବାଲ, ପଣ୍ଡିତ ନରଦେବ ଶାସ୍ତ୍ରୀ, ଚୌଧୁରୀ ତୁଲସି ବର୍ମା, ବିଶ୍ୱମ୍ଭରାନନ୍ଦ ସରସ୍ୱତୀ ଏବଂ ପଣ୍ଡିତ ବିହାରୀଲାଲ ଆଗରୁ ସେଠିକି ଆସି ଯାଇଛନ୍ତି ।

ତା' ପରଦିନ ମକଦ୍ଦମା ଡେପୁଟି ମାଜିଷ୍ଟ୍ରେଟ ପଣ୍ଡିତ ବେଣୀପ୍ରସାଦଙ୍କ ଇଜ୍‌ଲାସ୍‌ରେ ଜେଲ ଭିତରେ ଆରମ୍ଭ କରାଗଲେ । ସେ କାଳରେ ପୋଲିସ ପାଖରେ ଦଶ, ପନ୍ଦର ଜଣ ସ୍ଥାୟୀ ସାକ୍ଷୀ ଥିଲେ । ଯଦି କୌଣସି ରାଜନୈତିକ ମକଦ୍ଦମା ଚାଲିଲା ତ, ଏପାଖ ସେପାଖ ହୋଇ ସେଇ ସତାର ଖାଁ, ଅବଦୁଲ୍ଲା କବାଡ଼ୀ ଓ ଠେଲଗାଡ଼ି ଚଲାଉଥିବା ଆଲିବକ୍‌ସ ଖୋଦାଙ୍କୁ ସାକ୍ଷୀ ରଖି ସବୁ ସତ କହିବ, କିଛି ମିଛ କହିବ ନାହିଁ, ବୋଲି ଶପଥ କରି କହି ଯାଉଥିଲେ ଯେ ସେମାନେ ସେ ସ୍ଥାନରେ ଉପସ୍ଥିତ ଥିଲେ ଓ ବେଆଇନ୍ ଲୁଣ ମରାହେବା ନିଜ ଆଖିରେ ଦେଖିଛନ୍ତି—ଏହିପରି ଦୁଇ ତିନିଜଣ ସାକ୍ଷୀ କହିବା ପରେ ଆମକୁ ପଚରା ଗଲା । ତୁମର କିଛି ସଫେଇ ଦେବାର ଅଛି ତ, କହ । ମୁଁ ଠିଆ ହୋଇ କହିଲି, "ବର୍ତ୍ତମାନ ମକଦ୍ଦମାର ପ୍ରମାଣ କାର୍ଯ୍ୟ ଶେଷ ହୋଇଗଲା, କିନ୍ତୁ ସରକାର ଏକଥା ପ୍ରମାଣ କରିବାକୁ ଭୁଲିଗଲେ କି ଆମେ ନିଲାମ କରିଥିବା ପୁଡ଼ିଆରେ କ'ଣ ଥିଲା, ଲୁଣ ନା ଫିଟିକିରି, ଚକ ଗୁଣ୍ଡି ନା ଚୂନ ?" ମାଜିଷ୍ଟ୍ରେଟ କହିଲେ, ହଁ ସାକ୍ଷୀପ୍ରମାଣରେ ଦୋଷ ରହିଯାଇଛି ।

ଆପଣମାନଙ୍କର ଯଦି କିଛି ଆପତ୍ତି ନଥାଏ, ତା'ହେଲେ ଅଦାଲତ ନିଜେ ଚାଖି ଏହା ଦେଖି ପାରନ୍ତି ।" ମୁଁ କହିଲି, "ଆମର ଏଥିରେ କୌଣସି ଆପତ୍ତି ନାହିଁ ।" ଡେପୁଟି ସାହେବ ଗୋଟିଏ ପୁଡ଼ିଆରୁ କିଛି ଟିପରେ ଆଣି ପାଟିରେ ଲଗାଇଲେ ଓ ହସି ହସି କହିଲେ, "ଏତ ଲୁଣ ।" ମୁଁ କହିଲି, "ବେଶ୍, ଏବେ ହୁକୁମ ଶୁଣାଇ ଦିଅ । ବହୁ ବର୍ଷଧରି ଇଂରେଜଙ୍କ ଲୁଣ ଖାଉଥିଲ; କିନ୍ତୁ ଏବେ ଶେଷରେ ଗାନ୍ଧୀଙ୍କର ଲୁଣ ଖାଇଲ, ଏ କଥା କେବେ ଭୁଲିବ ନାହିଁଟି ?"

ମାଜିଷ୍ଟ୍ରେଟଙ୍କର ହସ, ହସ ରେହେରା ଉଭେଇଗଲା । ସେ ମୁଣ୍ଡକୁ ତଳକୁ କରି ଟିକିଏ

Digitized by srujanika@gmail.com

ଦବିଗଲା ସ୍ୱରରେ କହିଲେ, "ଛ'ମାସ ସଶ୍ରମ କାରାଦଣ୍ଡ ଏବଂ ରାଜନୈତିକ ବନ୍ଦୀଙ୍କମଧ୍ୟରେ ଉଚ୍ଚ ଶ୍ରେଣୀ ।" ଆମେ ମହାତ୍ମା ଗାନ୍ଧୀଙ୍କର ଜୟଧ୍ୱନି କଲୁ । ଅଦାଲତ ବରଖାସ୍ତ ହୋଇଗଲା । ମାଜିଷ୍ଟ୍ରେଟ ହାତଯୋଡ଼ି ଆମ ଛ'ଜଣ ବନ୍ଦୀଙ୍କୁ ନମସ୍କାର କରି ଚାଲିଗଲେ ।

କିଛିଦିନପରେ ଆମେ ଶୁଣିବାକୁ ପାଇଲୁ, ଡେପୁଟି ମାଜିଷ୍ଟ୍ରେଟ ପଣ୍ଡିତ ବେଣୀପ୍ରସାଦ ଛୁଟି ନେଇ ଚାକିରୀରୁ ଅବସର ଗ୍ରହଣ କରିଗଲେ ।

---


# The Andhra Bank Ltd.

( Regd. Office : Machilipatnam )
Central Office : Hyderabad

—:o:—

## OUR SERVICES:

* Current Accounts
* Savings Accounts
* Fixed Deposits
* Recurring Deposit A/cs.
* Industrial Finance
* Commercial Loans
* Letters of Credit
* Export & Import Finances
* Collection of Bills
* Transfer of Money by Wire or Mail
* Safe Deposit Facilities

** A network of 114 branches in the States of Andhra Pradesh, Madras, Mysore, Maharashtra, Orissa, West Bengal, Gujarat and Madhya Pradesh and at New Delhi at your service.

OUR BRANCHES IN ORISSA

1. Big Bazar, P. B. No. 19,
Berhampur (Ganjam Dt.)
Phone No. 514

2. Chowdhury Bazar,
P. B. No. 108,
Cuttack.
Phone No. 1237

3. No. 368/4, Bell Road.
Post Bag No. 2,
Jeypore (Koraput Dt.)
Phone No. 139

4. Main Road,
Rayagada (Koraput Dt.)
Phone No. 94

K. S. DUTT
Chairman

T. R. BHAGAVAT
General Manager.


Digitized by srujanika@gmail.com

# ବାରବାଟୀ ଲଟେରୀ

## ଗୋଟିଏ ଭଲରୁ ସହସ୍ର ଭଲ !!

**ସତ୍ ତଥା ମହତ୍ ଉଦ୍ଦେଶ୍ୟ ରଖି ସଂସାରରେ ଯେତେ କାର୍ଯ୍ୟ ହୋଇଛି ସେଥିରୁ ଆହୁରି ଅସଂଖ୍ୟ ଭଲ ଫଳ ମିଳିଛି ।**

ବାରବାଟୀ ସଫଳ କ୍ଷେତ୍ରରେ ମଧ୍ୟ ତାହାହିଁ ପ୍ରମାଣିତ ହୋଇଗଲା ।

ନବ ଉତ୍କଳର ଗୋଟିଏ ଅକ୍ଷୟ କୀର୍ତ୍ତିପାଇଁ ଦେଶର ଗୃହଆଡ଼ୁ କେବଳ ଗୋଟିଏ ଲକ୍ଷ ଟଙ୍କା ସଂଗ୍ରହ କରିବାର କଳ୍ପନା ଦିନେ ହେଲା ।

ଆଜି ଦେଖା ଯାଉଛି........................

ବାରବାଟୀ ଷ୍ଟେଡ଼ିୟମ ତିଆରି କାର୍ଯ୍ୟ ଚାଲିଛି, ତାହା ସଙ୍ଗେ ସଙ୍ଗେ ସେହି ପାଣ୍ଠିରୁ:—

| | |
|---|---|
| ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ | — ଟ ,୭ ,୮୫-୦୦ |
| ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ | ଟ ୫୦,୦୦୦-୦୦ |
| ନେହରୁ ସ୍ମୃତିରକ୍ଷା ପାଣ୍ଠିକୁ | ଟ ୨୨,୫୦୦-୦୦ |
| ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | — ଟ ୪୦,୦୦୦-୦୦ |
| ବିହାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | — ଟ ୨୦ ୦୦୦-୦୦ |

ଓ ଅନ୍ୟାନ୍ୟ ଅନେକ ପାଣ୍ଠିକୁ ମଧ୍ୟ ପ୍ରାୟ ଏକଲକ୍ଷ (ଟ ୧ ୦୦,୦୦୦) ଟଙ୍କା ଯାଇଛି—

**ଆପଣ ଆମକୁ ଟଙ୍କାଏ ଟଙ୍କାଏ ସାହାଯ୍ୟ ଦେଇ ଅନ୍ୟମାନଙ୍କୁ ସାହାଯ୍ୟ ଦେବାପାଇଁ ପଥ ପରିଷ୍କାର କରି ଦିଅନ୍ତୁ ବୋଲି ବିନୀତ ଅନୁରୋଧ ।**

**ପ୍ରଥମ ପୁରସ୍କାର ଟ ୧, ୦୦,୦୦୦ (ଏକଲକ୍ଷ ଟଙ୍କା)**

**ଏହାପର ଉଠାଣ ତା ୩ । ୭ । ୬୭**

**ବିଶେଷ ବିବରଣୀ ପାଇଁ ଲେଖନ୍ତୁ—**

**ଅବୈତନିକ ସମ୍ପାଦକ**

ବାରବାଟୀ ସଫଳ କମିଟୀ

**କଟକ-୫**

Digitized by srujanika@gmail.com

# ସେ ଈଶ୍ୱର ଓ ହିନ୍ଦୁଧର୍ମ ପ୍ରତି ଆକୃଷ୍ଟ

# ଷ୍ଟାଲିନଙ୍କ ନସ୍ୟୂନପିଶୁନୀ— ଶ୍ୱେତଲାନା

**ରାମଚନ୍ଦ୍ର ରଥ** ବି. କମ୍.

ଯେତେବେଳେ ସୋଭିଏଟ୍ ରୁଷର ଅନ୍ୟତମ ନିର୍ମାତା ଯୋସେଫ୍ ଷ୍ଟାଲିନଙ୍କର କନ୍ୟା ଶ୍ୱେତଲାନା ଆଲିଲୁଏଭା ସ୍ୱଦେଶକୁ ଆଉ ଫେରିବେ ନାହିଁ ବୋଲି ସ୍ଥିର କଲେ, ସେତେବେଳେ ଏ ଚାଞ୍ଚଲ୍ୟକର ସମ୍ବାଦ ସାରା ପୃଥିବୀରେ ଖେଳିଗଲା ଏବଂ ଭାରତର ସୁନାମ ଉପରେ ଏହା ଏକ ଗଭୀର ରେଖାପାତ କଲା । କାରଣ ଶ୍ୱେତଲାନା ଭାରତରେ ଆଶ୍ରୟ ଗ୍ରହଣ କରିବେ ବୋଲି ଚାହିଁଥିଲେ; କିନ୍ତୁ ଭାରତ-ସରକାର ରୁଷ୍ ସରକାରଙ୍କ ଭୟରେ ତାଙ୍କୁ ଆଶ୍ରୟ ଦେଇ ପାରିଲେ ନାହିଁ ।

ଶ୍ୱେତଲାନାଙ୍କର ସୋଭିଏଟ ରୁଷ ଛାଡ଼ିବା ଓ ଭାରତ ପ୍ରତି ଆକୃଷ୍ଟ ହେବାର ଏକମାତ୍ର କାରଣ ହେଉଛନ୍ତି ଜଣେ ଭାରତୀୟ—ଶ୍ରୀ ବ୍ରଜେଶ ସିଂହ । ଶ୍ରୀ ବ୍ରଜେଶ ସିଂହ ଭାରତର ବାଣିଜ୍ୟ ମନ୍ତ୍ରୀ ଶ୍ରୀ ଦିନେଶ ସିଂହଙ୍କର ଦାଦା ଓ ଜଣେ ଜମିଦାର ପରିବାରର ଦାୟାଦ । କମ୍ୟୁନିଷ୍ଟବାଦ ପ୍ରତି ଆକୃଷ୍ଟ ହୋଇ ସେ ଭାରତରେ କମ୍ୟୁନିଷ୍ଟ ଆନ୍ଦୋଳନରେ ଏକ ମୁଖ୍ୟଭାଗ ଗ୍ରହଣ କରିଥିଲେ । ୧୯୬୩ ମସିହାରେ ସେ ରୁଷ୍ ଭାଷାରୁ ବିଭିନ୍ନ ପ୍ରସ୍ତର ପୁସ୍ତିକା ହିନ୍ଦୀରେ ଅନୁବାଦ କରିବାପାଇଁ ନିଯୁକ୍ତି ପାଇ ସୋଭିଏଟ ୟୁନିୟନ ଯାଇଥିଲେ



ଓ ସେଠାରେ ଏକ ସାଧାରଣ ଘଟଣାରେ ଶ୍ୱେତଲାନାଙ୍କ ସହିତ ତାଙ୍କର ବନ୍ଧୁତା ଜାତ ହେଲା । ଘଟଣାଟି ହେଉଛି, ମସ୍କୋରେ ଥରେ ଏକ ଆଲୋଚନାବେଳେ ବ୍ରଜେଶ ସିଂହ ହଠାତ୍ କହି ଉଠିଲେ, ସୋଭିଏଟ ନେତାମାନେ ଷ୍ଟାଲିନ୍‌ଙ୍କର ଯେପରି ଢଙ୍ଗରେ ନିନ୍ଦାବାଦ କରୁଛନ୍ତି, ତାହା ଯଥାର୍ଥ ହେଉନାହିଁ ।" ହଠାତ୍ ଜଣେ ସ୍ତ୍ରୀଲୋକ ମଝିରୁ ବାହାରି କହିଲେ, "ମୁଁ କିଏ ଆପଣ ଜାଣନ୍ତି, ମୁଁ ହେଉଛି ଯୋସେଫ ଷ୍ଟାଲିନଙ୍କର କନ୍ୟା ।"

Digitized by srujanika@gmail.com

କ୍ରମେ ଶ୍ୱେତଲନା ଓ ବ୍ରଜେଶ ସିଂହଙ୍କ ମଧ୍ୟରେ ବନ୍ଧୁତା ଜମିଗଲା ଓ ଉଭୟ ବିବାହ-ପାଶରେ ଆବଦ୍ଧ ହେବାପାଇଁ ସ୍ଥିର କଲେ, ମାତ୍ର ସୋଭିଏତ କର୍ତ୍ତୃପକ୍ଷ ଷ୍ଟାଲିନ୍‌ଙ୍କ କନ୍ୟାକୁ ଜଣେ ବିଦେଶୀୟଙ୍କ ସହିତ ବିବାହ କରିବାକୁ ଅନୁମତି ଦେଲେ ନାହିଁ । ବିବାହ ନ କଲେ ମଧ୍ୟ ଶ୍ୱେତଲନା ଓ ବ୍ରଜେଶ ସିଂହ ପତି-ପତ୍ନୀ ପରି ରହିବାକୁ ଲାଗିଲେ । ସୋଭିଏତ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟ କରିଥିବାଯୋଗୁଁ ତାଙ୍କର ଚଳିଚଳଣି, ଗତିବିଧି ପ୍ରତି କଡ଼ା ଦୃଷ୍ଟି ଦିଆଗଲା ଓ ସେ ତାଙ୍କର ସ୍ୱାମୀଙ୍କ ସହିତ ରୁଷିଆ ବାହାରକୁ, ବିଶେଷତଃ ଭାରତକୁ ଆସିବାପାଇଁ ଅନୁମତି ଚାହିଁଲେ ମଧ୍ୟ ତାଙ୍କୁ ମିଳିଲା ନାହିଁ ; କିନ୍ତୁ ଏ ମଧ୍ୟରେ ବ୍ରଜେଶ ସିଂହ ମୁରୁତର ରୋଗରେ ପୀଡ଼ିତ ହେଲେ ଏବଂ ଶ୍ୱେତଲନା ଓ ଡାକ୍ତରମାନଙ୍କ ଶତ ଚେଷ୍ଟା-ସତ୍ତ୍ୱେ ସେ ସେଥିରୁ ଭଲ ହେଲେ ନାହିଁ । ବ୍ରଜେଶଙ୍କ ମୃତ୍ୟୁ ଶ୍ୱେତଲନାଙ୍କ ଜୀବନ ରଙ୍ଗ-ମଞ୍ଚରେ ଏକ ଯବନିକା ଟାଣିଦେଲା । ତା'ପରେ ସେ ସ୍ଥିର କଲେ ଏକ ନୂଆ ଜୀବନ ଆରମ୍ଭ କରିବେ, ମାତ୍ର ତାହା ସୋଭିଏତ ରୁଷରେ ନୁହେଁ ।

ରାଜକନ୍ୟାର ସମ୍ମାନ

ଦିନ ଥିଲା, ଯେତେବେଳେ ରାଜକନ୍ୟାଙ୍କର ସମ୍ମାନଠାରୁ ବଳି ସମ୍ମାନ ଶ୍ୱେତଲନା ଷ୍ଟାଲିନା ସୋଭିଏତ ୟୁନିୟନରେ ପାଉଥିଲେ । ରୁଷ୍ ଭାଷାରେ ଶ୍ୱେତଲନା ଶବ୍ଦର ଅର୍ଥ ହେଉଚି— ସଂସାରର ଆଲୋକ । ଷ୍ଟାଲିନ୍‌ଙ୍କ ସମୟରେ ସେ ସୋଭିଏତ ସଂସାରର ଆଲୋକ ପରି ଥିଲେ । ତାଙ୍କର ନାମ ଅନୁସାରେ ହଜାର ହଜାର ରୁଷୀୟ ପରିବାର ତାଙ୍କର ନବଜାତ କନ୍ୟାର ନାମ ରଖିଥିଲେ । ଷ୍ଟାଲିନ୍ ତାଙ୍କୁ ଏତେ ଭଲ ପାଉଥିଲେ ଯେ ମୁହୂର୍ତ୍ତେ ନ ଦେଖିଲେ ତାଙ୍କୁ ଅନ୍ଧାର ଜଣାପଡ଼ୁଥିଲା । ଥରେ କ୍ରିମିଆରେ ଗ୍ରୀଷ୍ମାବକାଶ କାଟୁଥିବା ତାଙ୍କର କନ୍ୟାଙ୍କୁ ଏକ ପତ୍ରରେ ଷ୍ଟାଲିନ୍ ଲେଖିଥିଲେ,

"ହେ ମୋର ପ୍ରାଣର ପକ୍ଷୀ,

ତୁ କିପରିଭାବରେ ତୋର ସମସ୍ତ କାଟୁଛୁ ? ଇଂରାଜୀ ପଢ଼ାରେ ? ତୋତେ ଛାଡ଼ି ମୁହୂର୍ତ୍ତେ ରହିବା କେଡ଼େ କଷ୍ଟକର—କିନ୍ତୁ ମୁଁ କ'ଣ କରିବ ? ସମସ୍ତ କଟାଇବାକୁ ହେଉଚି—

ତୋର
ପାପୋଚକା(ବାପି) ।"

ସମସ୍ତେ ଜାଣନ୍ତି ଯେ ଷ୍ଟାଲିନ୍ ଜଣେ ଅତି ରୁକ୍ଷ ଓ ନିର୍ମମ ପୁରୁଷ ଥିଲେ; କିନ୍ତୁ କାହାରି ଜଣକ ପ୍ରତି ମଧ୍ୟ ତାଙ୍କର ଗଭୀର ସ୍ନେହ ଓ ମମତା ଥିଲା, ତା'ହେଲେ ସେ ହେଉଛନ୍ତି ତାଙ୍କର ଏକମାତ୍ର କନ୍ୟା ଶ୍ୱେତଲନା । ତାଙ୍କ ମା'ଙ୍କ ମୃତ୍ୟୁ ପରେ ଶ୍ୱେତଲନା ଥିଲେ ଷ୍ଟାଲିନ୍‌ଙ୍କର ଗୃହକର୍ତ୍ତ୍ରୀ । ସୋଭିଏତ ୟୁନିୟନର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରିବାକୁ ଗଲାବେଳେ, ଏପରିକି ରାଷ୍ଟ୍ରୀୟ ଉତ୍ସବ-ମାନଙ୍କରେ ଷ୍ଟାଲିନ୍‌ଙ୍କ ସହିତ ଶ୍ୱେତଲନା ଯାଉଥିଲେ ।

ତାଙ୍କର ପ୍ରଥମ ବିବାହକୁ ଷ୍ଟାଲିନ୍ ଅନୁମୋଦନ କରି ନ ଥିଲେ ଓ ପିତା ଓ ପୁତ୍ରୀଙ୍କର ସମ୍ପର୍କ ଟିକିଏ ସାମାନ୍ୟ ତିକ୍ତ ହୋଇଥିଲା; କିନ୍ତୁ ଶ୍ୱେତଲନା ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବା ପରେ ପୁଣି ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା । ଶ୍ୱେତଲନାଙ୍କର ଦ୍ୱିତୀୟ ବିବାହ ଷ୍ଟାଲିନ୍ ଅନୁମୋଦନ କରି-

Digitized by srujanika@gmail.com

ଥିଲେ । ଷ୍ଟାଲିନ୍‌ଙ୍କ ମୃତ୍ୟୁ ସମୟରେ ଶ୍ୱେତଲନା ତାଙ୍କ ପାଖରେ ଉପସ୍ଥିତ ଥିଲେ । ସେ ସମୟର ଦୃଶ୍ୟ ବର୍ଣ୍ଣନା କରି ଜଣେ ଫରାସୀ ସାମ୍ବାଦିକ ଲେଖିଛନ୍ତି—"ଷ୍ଟାଲିନ୍ ମୃତ୍ୟୁ ଶଯ୍ୟାରେ । କ୍ରୁଶ୍ଚେଭଙ୍କ ସମେତ କମ୍ୟୁନିଷ୍ଟ ପାର୍ଟିର ନେତାମାନେ ଶୋକାକୁଳ ଅବସ୍ଥାରେ ବାହାରେ ଅପେକ୍ଷା କରିଥାନ୍ତି । ମୃତ୍ୟୁର ଛାୟାରେ ଆଚ୍ଛାଦିତ ସେହି ଗୃହରେ ଶ୍ୱେତଲନା ଏକାକିନୀ; ଦୁନିଆଁରେ ସବୁ କିଛି ତାଙ୍କର ଚାଲିଯାଇଛି ।"

## ରାଷ୍ଟ୍ରୀୟ ସଂପତ୍ତି

ଷ୍ଟାଲିନ୍‌ଙ୍କ ମୃତ୍ୟୁପରେ ଶ୍ୱେତଲନା ଏକ ସାଧାରଣ ଜୀବନ ଯାପନ କରିବାକୁ ପସନ୍ଦ କରିଥିଲେ । ସେ କମ୍ୟୁନିଷ୍ଟଦଳର କୌଣସି ମହତ୍ତ୍ୱପୂର୍ଣ୍ଣ ପଦାଧିକାରୀ ନ କରି ଇଂରାଜୀ ଅନୁବାଦିକାରୂପେ ଏକ ରୁଷ୍-ପ୍ରକାଶନସଂସ୍ଥାରେ ଯୋଗଦେଇଥିଲେ । ସେ କହୁଥିଲେ,"ରାଜନୀତି ପ୍ରତି ମୋର ଅନୁରକ୍ତି ନାହିଁ । ଲେଖକ, କଳାବିତ୍, ଶିକ୍ଷକଗୋଷ୍ଠୀ ମଧ୍ୟରେ ମୋର ବନ୍ଧୁ ଅଧିକ ସଂଖ୍ୟାରେ ଅଛନ୍ତି ।" କ୍ରୁଶ୍ଚେଭଙ୍କ ନେତୃତ୍ୱରେ ଷ୍ଟାଲିନ୍‌ଙ୍କ ବିରୋଧରେ ଅଭିଯାନ ଆରମ୍ଭ ହେଲାବେଳେ ଶ୍ୱେତଲନାଙ୍କ ପ୍ରତି କୌଣସି ଦୁର୍ବ୍ୟବହାର କରାଯାଇ ନ ଥିଲା । ବରଂ ତାଙ୍କ ପ୍ରତି କ୍ରୁଶ୍ଚେଭଙ୍କର ବିଶେଷ ଶ୍ରଦ୍ଧା ଥିଲା । ତାଙ୍କୁ ପାଞ୍ଚଟି କୋଠରୀବିଶିଷ୍ଟ ଏକ ଗୃହ, ଗୋଟିଏ ମଟରକାର ଓ ଡ୍ରାଇଭର ଓ ପଲ୍ଲୀ ଅଞ୍ଚଳରେ ଅବସର ବିନୋଦନପାଇଁ ଏକ ଗୃହ ଯୋଗାଇ ଦିଆଯାଇ ଥିଲା । ଶ୍ୱେତଲନା କହିଛନ୍ତି, "ବୈଷୟିକ ଐଶ୍ୱର୍ଯ୍ୟଦୃଷ୍ଟିରୁ ମୋର କିଛି ଅଭାବ ନ ଥିଲା; କିନ୍ତୁ ମନୁଷ୍ୟ ଖାଲି ବୈଷୟିକ ବିଭବରେ ବଞ୍ଚେ ନାହିଁ ।" ବିଶେଷତଃ ବ୍ରଜେଶ ସିଂହଙ୍କ ସହିତ ତାଙ୍କୁ ଯେତେବେଳେ ବିବାହର ଅନୁମତି ମିଳିଲା ନାହିଁ ସେତେବେଳେ ଶ୍ୱେତଲନା ଅନୁଭବ କଲେ ଯେ ତାଙ୍କ ଦେଶରେ ତାଙ୍କର କୌଣସି ମୌଳିକ ସ୍ୱାଧୀନତା ନାହିଁ । ସେ ମନେ କଲେ ଷ୍ଟାଲିନ୍‌ଙ୍କର କନ୍ୟାକୁ ବୋଧହୁଏ ଏକ ରାଷ୍ଟ୍ରୀୟ ସଂପତ୍ତି ବୋଲି ମନେ କରାଯାଉଛି ।

ଅସୁସ୍ଥ ଅବସ୍ଥାରେ ବ୍ରଜେଶ ସିଂହ ଓ ଶ୍ୱେତଲନା ଭାରତ ଆସିବାକୁ ଅନୁମତି ଚାହିଁଥିଲେ, ମାତ୍ର ତାଙ୍କୁ ଅନୁମତି ମିଳି ନ ଥିଲା । ବ୍ରଜେଶଙ୍କ ମୃତ୍ୟୁ ପରେ ଶ୍ୱେତଲନା ତାଙ୍କର ଚିତାଭସ୍ମ ଗଙ୍ଗାରେ ବିସର୍ଜନ କରିବାପାଇଁ ପୁଣି ଅନୁମତି ମାଗିଲେ । ଏଥର ଅନୁମତି ମିଳିବାର ଏକ କାରଣ ହେଉଛି ବ୍ରଜେଶ ସିଂହଙ୍କର ପୁତୁରା ଦୀନେଶ ସିଂହ ଭାରତର ବୈଦେଶିକ ବ୍ୟାପାରର ରାଷ୍ଟ୍ରମନ୍ତ୍ରୀ ଥିଲେ ଓ ସେ ପ୍ରଧାନମନ୍ତ୍ରୀ କୋସିଗିନ୍‌ଙ୍କୁ ଅନୁରୋଧ କଲେ ଯେ ଏହି ଚିତାଭସ୍ମ ଆଣିବାପାଇଁ ଶ୍ୱେତଲନାଙ୍କୁ ଅନୁମତି ଦିଆଯାଉ । ସେ ତା'ର ସମସ୍ତ ଖର୍ଚ୍ଚ ବହନ କରିବେ ।

## ଈଶ୍ୱର ଓ ହିନ୍ଦୁ ଧର୍ମ

ଗତ ଡିସେମ୍ବର ମାସରେ ଦୁଇଟି ପାତ୍ରରେ ସ୍ୱାମୀଙ୍କ ଚିତାଭସ୍ମ ଧରି ଶ୍ୱେତଲନା ଭାରତରେ ପହଞ୍ଚିଲେ ଓ ବହୁ କଷ୍ଟରେ ସୋଭିଏଟ୍ ଦୂତାବାସର ଅନୁମତି ଆଣି ତାଙ୍କ ସ୍ୱାମୀଙ୍କର ଗ୍ରାମ କଲାକାଙ୍କର ଯାତ୍ରା କଲେ । କଲାକାଙ୍କର ଗଙ୍ଗାକୂଳରେ ଏକ କ୍ଷୁଦ୍ର, ମନୋରମ ସହର । ବ୍ରଜେଶ ସିଂହଙ୍କ ସାନ ଭାଇ ସୁରେଶ ସିଂହ ଓ ତାଙ୍କ ପତ୍ନୀ ଏହି ବିଖ୍ୟାତ ରୁଷୀୟ ମହିଳା

Digitized by srujanika@gmail.com

ତାଙ୍କ ପରିବାରର ଜଣେ ବୋଲି ପାଇ ଖୁବ୍ ଆନନ୍ଦିତ ହୋଇଥିଲେ । ଶ୍ୱେତଲାନା ସ୍ୱାମୀଙ୍କ ପରିବାରରେ ଜଣେ ହିନ୍ଦୁ ବିଧବା ଭଳି ସମସ୍ତ ନିୟମ ମାନି ଚଳୁଥିଲେ । ସେ ମାଛ ମାଂସ ଖାଉ ନ ଥିଲେ । ଧଳା ଶାଢ଼ୀ ପିନ୍ଧୁଥିଲେ । ସୁରେଶ ସିଂହଙ୍କ ସ୍ତ୍ରୀଙ୍କୁ ପରିବାକଟା ରନ୍ଧା-ବଢ଼ାରେ ସାହାଯ୍ୟ କରୁଥିଲେ । ସ୍ୱାମୀଙ୍କର ଚିତାଭସ୍ମ ଗଙ୍ଗାରେ ବିସର୍ଜନ ହେବା ଦିନ ଉପବାସ କରିଥିଲେ । ହିନ୍ଦୁ ଧର୍ମ ଓ ରାମକୃଷ୍ଣ, ବିବେକାନନ୍ଦଙ୍କ ପ୍ରତି ଖୁବ୍ ଆକୃଷ୍ଟ ହୋଇ ଥିଲେ । ପରେ ସେ କହିଛନ୍ତି, "ଆଜନ୍ମ ମୁଁ ଏକ ଧର୍ମହୀନ ପରିବାରରେ ବଢ଼ି ଥିଲି । ଆମର ପରିବାରରେ ଈଶ୍ୱରଙ୍କ ନାମ କେବେ ଉଚ୍ଚାରଣ କରାଯାଉ ନ ଥିଲା; କିନ୍ତୁ ମୁଁ ପରି ଜୀବନରେ ବୁଝି ପାରିଲି ଯେ ଈଶ୍ୱରଙ୍କ ବିନା କେବେ ମନୁଷ୍ୟ ବଞ୍ଚି ପାରେ ନାହିଁ ।" କଲିକତାରେ ଥିବାବେଳେ ଶ୍ୱେତଲାନା ସ୍ଥିର କଲେ ତାଙ୍କର ସ୍ଥାନ ଭାରତବର୍ଷରେ, ତାଙ୍କର ସ୍ୱାମୀଙ୍କର ଜନ୍ମ-ଭୂମିରେ । ପ୍ରଥମେ ବୈଦେଶିକ ମନ୍ତ୍ରୀ ଦୀନେଶ ସିଂହଙ୍କୁ ସେ ନିବେଦନ କଲେ ଯେ ତାଙ୍କୁ ଭାରତରେ ରହିବାକୁ ଅନୁମତି ଦିଆଯାଉ । ଶ୍ରୀ ସିଂହ କହିଲେ, ତାଙ୍କର ବା ଭାରତ-ସରକାରଙ୍କର କିଛି ଆପତ୍ତି ନାହିଁ; କିନ୍ତୁ ସୋଭିଏଟ୍ ସରକାର ତାଙ୍କୁ ଅନୁମତି ଦେଲେ ହେଲା । ସୋଭିଏଟ୍ ସରକାରଙ୍କ ଅନୁମତି ମିଳିବା ଅସମ୍ଭବ ଜାଣି ଶ୍ୱେତଲାନା ଚୁପ୍ ରହିଗଲେ, ମାତ୍ର ପରେ ନିର୍ବାଚନପ୍ରଚାରରେ ଯେତେବେଳେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କଲିକତା ଆସିଲେ, ଶ୍ୱେତଲାନା ତାଙ୍କୁ ଯାଇ ପ୍ରସ୍ତାବ ଦେଲେ ଯେ ସେ ଭାରତରେ ଆଶ୍ରୟ ନେବାପାଇଁ ଚାହାନ୍ତି । ଶ୍ରୀମତୀ ଗାନ୍ଧୀ ସୋଭିଏଟ୍ ୟୁନିୟନର ଅସନ୍ତୋଷଭାଜନ ନ ହେବାପାଇଁ ଇଚ୍ଛା କରି ଶ୍ୱେତଲାନାଙ୍କୁ ସ୍ପଷ୍ଟ ମନା କରି ଦେଲେ ।

ଏହା ପରେ ଶ୍ୱେତଲାନା ସୋଭିଏଟ୍ ୟୁନିୟନକୁ ଫେରିଯିବାପାଇଁ ଆପାତତଃ ସିଦ୍ଧାନ୍ତ କରି କଲିକତା ଛାଡ଼ିଲେ ଓ ଯେଉଁଦିନ ତାଙ୍କର ସୋଭିଏଟ ୟୁନିୟନ ଯିବାର କଥା, ତା' ପୂର୍ବଦିନ ସିଧା ଯାଇ ଆମେରିକା ଦୂତାବାସର ଦ୍ୱାରଦେଶରେ ହାଜର ହେଲେ । ସେହି ଦିନ ରାତିରେ ଗୋଟିଏ ଅଷ୍ଟ୍ରେଲିଆର ଉଡ଼ାଜାହାଜରେ ଶ୍ୱେତଲାନା ଷ୍ଟାଲିନ ଭାରତ ଛାଡ଼ି ତାଙ୍କର ଅନିର୍ଦ୍ଦିଷ୍ଟ ଭବିଷ୍ୟତ୍ ଅଭିମୁଖେ ଯାତ୍ରା କଲେ । ଶ୍ୱେତଲାନାଙ୍କ ପରି ଜଣେ ବିଖ୍ୟାତ ବ୍ୟକ୍ତିଙ୍କୁ ଆଶ୍ରୟ ଦେବା ଆମେରିକାର ରାଜନୈତିକ ଉଦ୍ଦେଶ୍ୟ ସିଦ୍ଧିପାଇଁ ଇନ୍ଧନ ଯୋଗାଇବା ଏକାନ୍ତ ସ୍ୱାଭାବିକ । ସେଠାରେ ଶ୍ୱେତଲାନା ରୁଷ୍‌ଭାଷାରେ ଲିଖିତ ତାଙ୍କର ଆତ୍ମଜୀବନୀ-ମୂଳକ ପାଣ୍ଡୁଲିପିକୁ ଇଂରେଜୀ ଭାଷାରେ ଅନୁବାଦ କରି ଛପାଉଛନ୍ତି । ଏଥିରେ ତାଙ୍କୁ ରୟାଲିଟି ବାବଦ୍‌ରେ ପ୍ରାୟ ୭୫ ଲକ୍ଷ ଟଙ୍କା ମିଳିବ । ସେ ଧନୀ ହେବାପଇଁ ଚାହାନ୍ତି ନାହିଁ । କାରଣ ସେ ଏକ ସାଧା ସିଧା ମହିଳା । ଏହି ଅର୍ଥକୁ ସେ ଭାରତର ଗରିବ ଲୋକଙ୍କ ସେବାରେ ଖଟାଇବେ ବୋଲି ଘୋଷଣା କରିଛନ୍ତି । ସେ ଘୋଷଣା କରିଛନ୍ତି ଯେ ସେ ସୋଭିଏଟ ୟୁନିୟନ ସ୍ୱାର୍ଥ ବିରୁଦ୍ଧରେ କୌଣସି କାର୍ଯ୍ୟ କରିବେ ନାହିଁ । ଦିନେ ତାଙ୍କର ପିମାନଙ୍କ ସହିତ ତାଙ୍କର ମିଳନ ହେବ ଓ ସେମାନେ ତାଙ୍କୁ ଭୁଲ୍ ବୁଝିବେ ନାହିଁ ।

Digitized by srujanika@gmail.com

# ଅକିଞ୍ଚନର ଜୀବନ-ସ୍ମୃତି

ଡକ୍‌ଟର ପ୍ରାଣକୃଷ୍ଣ ପରିଜା



ଦୁଇଟି ମୌଳିକ ବସ୍ତୁ ମନୁଷ୍ୟର ବ୍ୟକ୍ତିତ୍ୱ ନିର୍ଦ୍ଧାରଣ କରେ—ମନୁଷ୍ୟର ବଂଶାନୁଗତ ଅନ୍ତର୍ନିହିତ ଶକ୍ତି ଏବଂ ବାସସ୍ଥାନର ପ୍ରଭାବ । ବଂଶାନୁଗତ ଅନ୍ତର୍ନିହିତ ଶକ୍ତି ପାରିପାର୍ଶ୍ୱିକ ଅବସ୍ଥାମଧ୍ୟରେ ପ୍ରକାଶଲାଭ କରେ । ଯଦି ପାରିପାର୍ଶ୍ୱିକ ଅବସ୍ଥା ଭଲ ନ ଥାଏ, ତା'ହେଲେ, ମନୁଷ୍ୟର ବୁଦ୍ଧି ବା ଚରିତ୍ର ଅବାଞ୍ଛିତମାର୍ଗରେ ପରିଚାଳିତ ହୁଏ ।

ଦୁଇଟି ବିଷୟ ବାସସ୍ଥଳର ନିୟାମକ । ଗୋଟିଏ ହେଉଛି ବଂଶ-ପରମ୍ପରା ଏବଂ ଅନ୍ୟଟି ହେଉଛି ତାତ୍କାଳିକ ପାରିପାର୍ଶ୍ୱିକ ଅବସ୍ଥା । ଏହି ଦୃଷ୍ଟିରୁ ନିଜର ଜୀବନର କାହାଣୀରେ ବଂଶ ପରମ୍ପରାର ଏକ ନିର୍ଦ୍ଦିଷ୍ଟ ସ୍ଥାନ ଅଛି । ତେଣୁ ସଂକ୍ଷେପରେ ମୁଁ ସେହି ବଂଶ-ପରମ୍ପରାର ସାମାନ୍ୟ ପରିଚୟ ଦେଉଛି ।

## ପୂର୍ବ ପୁରୁଷ ସାରଳା ଦାସ

ମଧ୍ୟଯୁଗର ଓଡ଼ିଆକବି ସାରଳା ଦାସଙ୍କୁ ଆମର ପୂର୍ବ ପୁରୁଷ ବୋଲି ଦାବୀ କରାଯାଏ । ଆମ ବଂଶର ଆଦି ବାସଭୂମି କଟକ ଜିଲ୍ଲା ତେନ୍ତୁଳିପଦାରେ ଥିଲା । କିନ୍ତୁ କାଳକ୍ରମେ ଏହି ବଂଶରୁ କେହି କେହି ଜିଲ୍ଲାର ଅନ୍ୟ ଦୁଇଟି ସ୍ଥାନକୁ ଉଠିଯାଇଥିଲେ—ଗୋଟିଏ ଜଗତ୍‌ସିଂହପୁରନିକଟବର୍ତ୍ତୀ ଖେରସା ଗ୍ରାମକୁ ଏବଂ ଅନ୍ୟଟି ବାଲିକୁଦାନିକଟବର୍ତ୍ତୀ ଖମ୍ବକୂଳ ଗ୍ରାମକୁ; ଖେରସା ଗ୍ରାମକୁ ଯେଉଁମାନେ ଉଠିଯାଇ ଥିଲେ ସେମାନଙ୍କର ବଂଶଧର ହେଉଛନ୍ତି ସ୍ୱର୍ଗୀୟ ଗୋକୁଳାନନ୍ଦ ଚୌଧୁରୀ ଏବଂ ତାଙ୍କର ପୁତ୍ର ଗୋପବନ୍ଧୁ ଚୌଧୁରୀ ଓ ନବକୃଷ୍ଣ ଚୌଧୁରୀ । ଏହି ତିନୋଟି ସ୍ଥାନରେ ଆମ ଜାତିର ଅଧିକାଂଶ ପରିବାର ରହିଥିଲେ ମଧ୍ୟ, ନିକଟବର୍ତ୍ତୀ ଗ୍ରାମମାନଙ୍କୁ ଏମାନେ ବିସ୍ତାରଲାଭ କରିଥିଲେ । ବିଭିନ୍ନ ପର୍ବପର୍ବାଣୀରେ ଏମାନେ ଏକାଠି ହେଉଥିଲେ । ଉଦାହରଣସ୍ୱରୂପ—ଲେଖନୀ-ପୂଜା । ଏହି ଉତ୍ସବରେ ଲେଖନୀ ଓ ତାଳପତ୍ରପୋଥି ପୂଜାରେ ବସେ । ଏହି ସମୟରେ ବଂଶର ଠାକୁର ଯେଉଁ ସ୍ଥାନରେ

Digitized by srujanika@gmail.com

ଥାଆନ୍ତି, ସେହି କେନ୍ଦ୍ର ସ୍ଥାନକୁ ସମସ୍ତେ ଘୂରିଆଡ଼ୁ ଆସି ଜମା ହୁଅନ୍ତି । ବଂଶଗତ ଏକତାର ଅନ୍ୟ ଏକ ଉଦାହରଣ ଦିଆଯାଇ ପାରେ—ଖମ୍ବକୁଲଶାଖାର ଅନ୍ତର୍ଭୁକ୍ତ ପରିବାରଗଣ ସନ୍ତାନସନ୍ତତିଙ୍କ ଜନ୍ମଦିନ ପାଳନ କରନ୍ତି ନାହିଁ । ବୋଧହୁଏ ଅତୀତରେ କେବେ କାହାର ଜନ୍ମଦିନରେ କିଛି ଦୁର୍ଘଟଣା ଘଟିଥିଲା ।

ଖମ୍ବକୁଲର ଏକ ମାଇଲ୍ ଦୂରରେ ଅଲକା ନଦୀର ଅପର ପାର୍ଶ୍ୱରେ ବଡ଼ଗର ଗ୍ରାମକୁ ଆମର ପରିବାର ଉଠିଆସିଥିଲେ । ଏହି ଗ୍ରାମକୁ ଲଗି ଇଚ୍ଛାପୁର ଗ୍ରାମ । ଏହି ଦୁଇ ଗ୍ରାମର ଲୋକେ ଗ୍ରାମଯାତ୍ରାରେ ପର୍ବମାନଙ୍କରେ ସାଧାରଣତଃ ଏକାଠି ହୁଅନ୍ତି ।

## କାଳନ୍ଦୀ ପରିଜା

ଆମର ପୂର୍ବତନ ବଂଶ ବହୁ ଶାଖା ଓ ଉପଶାଖାରେ ବିଭକ୍ତ ହୋଇ ବହୁ ଅଞ୍ଚଳକୁ ଉଠିଯାଇଥିଲେ । ବଂଶର ପରମ୍ପରା ଗୋଟିଏ ପୁରୁଷରୁ ଅନ୍ୟ ପୁରୁଷକୁ ଗଡ଼ିଆସୁଥିଲା । ସାଙ୍ଗିଆ ପରିଜାରୁ ଦାସ, ଚୌଧୁରୀ ଓ ମହାପାତ୍ର ହେଉଥିଲା । ନିଜ ନିଜର ବୃତ୍ତି ଓ ବୈଷ୍ଣବ ଧର୍ମର ପ୍ରଥା ଅନୁଯାୟୀ ଏହିପରି ସାଙ୍ଗିଆ ବଦଳୁଥିଲା, କିନ୍ତୁ ବଂଶଗତ ଏକତା ସମସ୍ତେ ଉପଲବ୍ଧି କରୁଥିଲେ ଏବଂ ନିଜ ଜାତିର ଲୋକଙ୍କମଧ୍ୟରେ କୌଣସି ବିଶିଷ୍ଟ ଘଟଣା ଘଟିଲେ, ସମସ୍ତେ ସେଥିରେ ଗର୍ବ ଅନୁଭବ କରୁଥିଲେ । ଆମର ପିଲାଦିନେ ଆମେ ତେନ୍ତୁଳିପଦାର ଜଣେ କାଳନ୍ଦୀ ପରିଜାଙ୍କ କଥା ଶୁଣିଛୁ । ଏହି ବ୍ୟକ୍ତି ଜଣେ ଜମିଦାର ଥିଲେ ଏବଂ ସେ ଅଞ୍ଚଳରେ ତାଙ୍କର ଖୁବ୍ ପ୍ରଭାବ ଥିଲା । ବ୍ରିଟିଶ୍ ରାଜତ୍ୱର ପ୍ରଥମ ଅବସ୍ଥାରେ ମରୁଡ଼ି ପଡ଼ିଲା । ଗ୍ରାମବାସୀମାନେ ଜମିରେ ପାଣି ମଡ଼ାଇବାପାଇଁ ଗୁଡ଼ ନଦୀରେ ଏକ ବନ୍ଧ ପକାଇଥିଲେ । କଟକରୁ ଏକ୍‌ସକ୍ୟୁଟିଭ୍ ଇଞ୍ଜିନିୟର୍ ବନ୍ଧ କାଟିବାପାଇଁ ଆସିଲେ, ମାତ୍ର କାଳନ୍ଦୀ ପରିଜାଙ୍କ ନେତୃତ୍ୱରେ ଲୋକେ ତାଙ୍କୁ ନିସ୍ତୁକ ମାଡ଼ ଦେଲେ । କାଳନ୍ଦୀ ପରିଜାଙ୍କୁ ଗିରଫ କରାଗଲା ଏବଂ ତାଙ୍କର ବିଗୁର ହୋଇ ନ' ମାସ ଜେଲ ହେଲା । ଜେଲ ପରେ ସେ ଅସୁସ୍ଥ ହୋଇ ପଡ଼ିଲେ ଓ ତା'ର କିଛିକାଳ ପରେ ତାଙ୍କର ପରଲୋକ ହୋଇଗଲା । ଏହା ଏପରି ଏକ ଜଣାଶୁଣା ବିଷୟ ହୋଇଯାଇ ଥିଲା ମୁଁ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରଥମ ହୋଇଛି ବୋଲି ପ୍ରଗ୍ୱର ହେବାରୁ (ପ୍ରକୃତରେ ମୁଁ କେବଳ ସଂସ୍କୃତରେ ପ୍ରଥମ ହୋଇଥିଲି) ଉତ୍କଳଗୌରବ ମଧୁସୂଦନ କଟକ "ବାର୍ ଲାଇବ୍ରେରୀ"କୁ ମୋତେ ଡକାଇ ପଠାଇ ପଗ୍ୱରିଲେ, "କାଳନ୍ଦୀ-ପରିଜାଙ୍କର ତୁମେ କ'ଣ ହୁଅ କି ? ତାଙ୍କର ଖରାପ୍ ଗୁଣ ନା ଭଲ ଗୁଣ କେଉଁଟି ତୁମର ଅଛି ?" ମୁଁ କହିଲି, "ମୁଁ ସେହି ଏକା ବଂଶର ଲୋକ ହେଲେ ମଧ୍ୟ ତାଙ୍କର କୌଣସି ନିକଟ ସମ୍ପର୍କୀୟ ନୁହେଁ ।"

ବଡ଼ଗର ଇଚ୍ଛାପୁର ଗ୍ରାମରେ ଆମର ପରିବାର ଏକୁଟିଆ ରହୁଥିଲେ । ଏହି ପରିବାରକୁ ଏକ ସମ୍ଭ୍ରାନ୍ତ ମଧ୍ୟବିତ୍ତ ପରିବାର ଆଖ୍ୟା ଦିଆଯାଇପାରେ । ଏହାର ପରମ୍ପରା ଥିଲା ଶିକ୍ଷା, ସାହସିକତା ଏବଂ ସରଳ ଜୀବନ-

Digitized by srujanika@gmail.com

ସ୍ଥାପନ । ମୋର ପ୍ରପିତାମହ ହରେକୃଷ୍ଣ ପରିଜାଙ୍କର ଦୃଷ୍ଟାନ୍ତ ଦିଆଯାଇପାରେ । ହରେକୃଷ୍ଣ ପ୍ରଥମ ବନ୍ଦୋବସ୍ତବେଳେ କାର୍ଯ୍ୟ କରୁଥିଲେ । ବନ୍ଦୋବସ୍ତ-ଅଫିସର ଜଣେ ବଙ୍ଗାଳୀ ଥିଲେ ଏବଂ ସେ ତାଙ୍କର କାମରେ ଖୁବ୍ ଖୁସୀ ହୋଇ ତାଙ୍କ ନାମରେ ସ୍ଥାୟୀ ପ୍ରଜାରୂପେ ୯ ଏକର ଜମି କରିନେବାପାଇଁ କହିଲେ; କିନ୍ତୁ ହରେକୃଷ୍ଣ ମନା କରିଦେଇ ତାଙ୍କର ସଙ୍ଗାତ ହରେକୃଷ୍ଣ ପରିଡ଼ାଙ୍କ ନାମ ଦେଇଦେଲେ । ସେ କଲମଗୃହରେ ତାଙ୍କର ଜୀବିକାନିର୍ବାହ କରିବାଟାକୁ ପସନ୍ଦ କରୁଥିଲେ । ଗଞ୍ଜାମ ଜିଲ୍ଲାରେ ମୋର ଜେଜେବାପା ଜଣେ ସ୍କୁଲଶିକ୍ଷକ ଥିଲେ । ତାଙ୍କର ସେ ସାହସକୁ ଚିନ୍ତା କରିବାର କଥା । ସେତେବେଳେ ରେଳ ରାସ୍ତା ନ ଥିଲା । କଟକର ଉପକୂଳବର୍ତ୍ତୀ ଏକ ଗ୍ରାମରୁ ଗଞ୍ଜାମ ଜିଲ୍ଲାରେ ଯାଇ ଚାକିରି କରିବା କିଛି କମ୍ କଥା ନୁହେଁ । ପରେ ସେ ତାଙ୍କର ସାବତ ଭାଇ ରଘୁନାଥ ପରିଜାଙ୍କୁ ସାଙ୍ଗରେ ନେଇ ଯାଇଥିଲେ । ରଘୁନାଥ ଶିକ୍ଷାଦାନ ଛାଡ଼ି ବେପାର କରି ବେଶ୍ କିଛି ଉପାର୍ଜ୍ଜନ କରିଥିଲେ ଏବଂ ଗ୍ରାମକୁ ଆସି କିଛି ଜମି ଓ ମକଦ୍ଦମି ଖରିଦ କରି ପରିବାରର ଆର୍ଥିକ ଅବସ୍ଥାରେ ବେଶ୍ ଉନ୍ନତ ଆଣିପାରି ଥିଲେ । ମୋର ଜେଜେବାପାଙ୍କର ଅନ୍ୟ ଜଣେ ସାବତ ଭାଇ ଗୋକୁଳାନନ୍ଦ ପରିଜା ସେପରି କିଛି ପଢ଼ାପଢ଼ି କରି ନ ଥିଲେ; କିନ୍ତୁ ସେ ମୋଗଲସରାଇ ପର୍ଯ୍ୟନ୍ତ ଝେପି ଯାଇଥିଲେ । ସେତେବେଳେ ରେଲବାଇରେ ଚାକିରି କରିବା ତାଙ୍କର ଉଦ୍ଦେଶ୍ୟ ଥିଲା ।

ତାଙ୍କ ପରେ ଯେଉଁମାନେ ଆସିଲେ, ସେମାନେ ମଧ୍ୟ ସେହିପରି ସାହସୀ ଥିଲେ । ମୋର ବାପାଙ୍କର କୌଣସି ଆଧୁନିକ ଶିକ୍ଷା ନ ଥିଲା । ସେ ମୟୂରଭଞ୍ଜ ଯାଇ ସେଠାର ଜଙ୍ଗଲବିଭାଗରେ ଜଣେ ଫରେଷ୍ଟ-ଗାର୍ଡ଼ ରୂପେ କାର୍ଯ୍ୟ କରିଥିଲେ । ଏହି ସମୟକୁ ବାଲିକୁଦାରେ ନୂଆ ହୋଇ ମାଇନର ସ୍କୁଲ୍ ହେଲା । ମୋର ବାପାଙ୍କର କେତେକ ସମ୍ପର୍କୀୟ ଭାଇ ଏହି ସ୍କୁଲରେ ନାମ ଲେଖାଇଲେ । ଏବଂ ସେମାନଙ୍କମଧ୍ୟରୁ ଜଣେ ମାଇନର ପାସ୍ କରି କଟକରେ ଥିବା ସର୍ଭେ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ମୟୂରଭଞ୍ଜରେ ଓଭରସିୟର୍ ରୂପେ ନିଯୁକ୍ତ ପାଇଥିଲେ । ଅବଶ୍ୟ ସେ ବେଶି ଦିନ ବଞ୍ଚି ନ ଥିଲେ ।

## ସେତେବେଳର ଗ୍ରାମ୍ୟ ଜୀବନ

ସେତେବେଳେ ଗ୍ରାମ୍ୟ ଜୀବନ କିପରି ଥିଲା, ତାହାର ଏକ ସଂକ୍ଷିପ୍ତ ଆଭାସ ଦେବା ଉଚିତ ମନେକରୁଛି । ତିନୋଟି ବନ୍ଦୋବସ୍ତ ମୌଜାକୁ ନେଇ ଆମର ଗ୍ରାମ । ବ୍ରାହ୍ମଣ ଓ ହାଡ଼ିଙ୍କୁ ଛାଡ଼ିଦେଲେ ସବୁ ଜାତିର ଲୋକ ଆମ ଗ୍ରାମରେ ଥିଲେ ଏବଂ ସମସ୍ତଙ୍କ ମଧ୍ୟରେ ଖୁବ୍ ବନ୍ଧୁତା ଥିଲା । ପ୍ରତ୍ୟେକ ଲୋକ ସେ ଯେଉଁ ଜାତିର ହେଉ ନା କାହିଁକି, ତାକୁ ଭାଇ ବା ଦାଦା ନାମରେ ଅନ୍ୟମାନେ ଡାକୁଥିଲେ । ଅବଶ୍ୟ ଛୁଆଁ ଅଛୁଆଁ ଭେଦଭାବ ଥିଲା । ଏକା ପଙ୍ଗତରେ କେହି ବସୁ ନ ଥିଲେ । ଅପରାହ୍ନରେ ଉଚ୍ଚ ଜାତି ବୋଲାଉଥିବା କରଣ, ମହାନାୟକ ଓ ଖଣ୍ଡାୟତମାନେ, ଅନ୍ୟଙ୍କର କଥା ଛାଡ଼, ଏପରି କି ତେଲିଙ୍କି ମଧ୍ୟ ଛୁଉଁ ନ ଥିଲେ । ଅବଶ୍ୟ ମୋର କୈଶୋର ଅବସ୍ଥାକୁ ଏ କୁସଂସ୍କାର ଆଉ ନ ଥିଲା ।

Digitized by srujanika@gmail.com

## ରାହାସ ବିଶ୍ୱାଳ

ସାମାଜିକ ରୀତିନୀତିରେ ରକ୍ଷଣଶୀଳତା ସେତେବେଳେ ପ୍ରଧାନ ଥିଲେ ହେଁ, ରକ୍ଷଣଶୀଳତା ବିରୁଦ୍ଧରେ ବିଦ୍ରୋହର ବହୁ ଦୃଷ୍ଟାନ୍ତ ସେତେବେଳେ ମଧ୍ୟ ମିଳୁଥିଲା । ବିଶ୍ୱାଳ-ସାଙ୍ଗିଆ ବିଶିଷ୍ଟ ଗୋଟିଏ ଖଣ୍ଡାଏତ ପରିବାର ଆମ ଗ୍ରାମରେ ଥିଲେ । ପରିବାରର ମୁଖିଆ ଥିଲେ ରାହାସ ବିଶ୍ୱାଳ । ଏବେପରି ସେ ସମୟରେ ମଧ୍ୟ ସବୁ ଜାତିର ଲୋକେ ନଡ଼ିଆ ଗଛ ଲଗାଇବା ମନା ଥିଲା । କାରଣ ନଡ଼ିଆ ଗଛ ଲଗାଇଲେ କୁଆଡ଼େ ନିଜର ମୃତ୍ୟୁ ହୁଏ କିମ୍ବା ପରିବାରରେ କେହି ମରନ୍ତି । ଏ କୁସଂସ୍କାରର ମୂଳ ହେଲା, କୌଣସି କୌଣସି ଜାତି ଅନ୍ୟମାନଙ୍କୁ ନଡ଼ିଆ ଗଛ ଲଗାଇବାକୁ ବାରଣ କରି ନିଜର ଏକଚାଟିଆ କାରବାର ସାବ୍ୟସ୍ତ କରିବାପାଇଁ ଏହି ଧାରଣା ସୃଷ୍ଟି କରିଥିଲେ । ବ୍ରାହ୍ମଣମାନେ ନଡ଼ିଆଗଛ ଦଟାଉଥିଲେ । ଆମ ଗ୍ରାମରେ କେବଳ ଆମର ପରିବାର ନଡ଼ିଆଗଛ ଲଗାଉଥିଲେ ।

ରାହାସ ବିଶ୍ୱାଳଙ୍କର ସାହସକୁ ଧନ୍ୟବାଦ ଦେବାର କଥା ଯେ ସେ ପ୍ରଚଳିତ କୁସଂସ୍କାର ବିରୁଦ୍ଧରେ ଯାଇ ନଡ଼ିଆଗଛ ଲଗାଇ ଥିଲେ । ଅବଶ୍ୟ ନଡ଼ିଆଗଛରେ ଚଉଁର ପଡ଼ିଲା ଦିନକୁ ତାଙ୍କର ସାନ ଭାଇ ମରିଗଲେ; କିନ୍ତୁ ଏହା ଏକ କାକତାଳୀୟ ନ୍ୟାୟ ଛଡ଼ା ଅନ୍ୟ କିଛି ନୁହେଁ । ଏବେ ତାଙ୍କର ବଂଶଧରମାନେ ସେ ଲଗାଇଥିବା ନଡ଼ିଆଗଛର ଫଳ ଭୋଗ କରୁଛନ୍ତି ।

ସେହିପରି ପାନବରଜ ନ ଲଗାଇବା ବିଷୟରେ ମଧ୍ୟ କୁସଂସ୍କାର ଥିଲା । ମୋର ଜଣେ ଦାଦା ଏହି କୁସଂସ୍କାର ବିରୁଦ୍ଧରେ ଯାଇ ନିଜର ଏକ ପାନବରଜ କରିଥିଲେ; କିନ୍ତୁ କିଛି ହେଲାନାହିଁ । ବର୍ତ୍ତମାନ ବହୁ ଗ୍ରାମବାସୀ ପାନବରଜ କଲେଣି ଏବଂ ସେଥିରୁ ବେଶ୍ ଲାଭ ଉଠାଇଲେଣି ।

ସେ କାଳରେ ଗ୍ରାମଦେବତାଙ୍କ ବେଢ଼ାରେ ପୂର୍ଣ୍ଣିମୀ ଦିନ କିମ୍ବା ସଂକ୍ରାନ୍ତି ଦିବାର ପ୍ରଥମ ଦିନ ସନ୍ଧ୍ୟା ସମୟରେ ଲୋକେ ଏକାଠି ହେଉଥିଲେ । ଯିଏ ଯେଉଁ ଜାତିର ହୁଅନ୍ତୁ ନା କାହିଁକି ସମସ୍ତଙ୍କ ସାଙ୍ଗରେ ମିଶୁଥିଲେ ଏବଂ ଖାଇବାକୁ ଦେବାପାଇଁ ଭୋଗ ପ୍ରସ୍ତୁତ କରିବା ପାଳି ଜଣଜଣଙ୍କ ଭାଗରେ ପଡ଼ୁଥିଲା । ଏହି ବୈଠକରେ ପୁରାଣ ପଠିତ ହେଉଥିଲା ଏବଂ ଭଜନ ବୋଲା ଯାଉଥିଲା । ଜାତିଭେଦ ସତ୍ତ୍ୱେ ଗ୍ରାମ୍ୟ-ଜୀବନରେ ଏକ ସଂହତି ଦେଖା ଯାଉଥିଲା । କୌଣସି ପରିବାରର କେହି ମରିଗଲେ, ସେ ଯେଉଁ ଜାତିର ହେଉନା କାହିଁକି, ମୁର୍ଦାର ଶ୍ମଶାନଭୂମିକୁ ନ ଯିବା ପର୍ଯ୍ୟନ୍ତ କେହି ଖାଉ ନ ଥିଲେ ।

## ବୈଷ୍ଣବ ହେଲେ ସବୁ ଗଲା

ସନ୍ନ୍ୟାସୀ ହୋଇଗଲେ ଜାତିଭେଦ ଆଉ ରହୁ ନ ଥିଲା । ଜଣେ ଧୋବା ସନ୍ନ୍ୟାସୀ ହେବା ପରେ ଆମ ଗ୍ରାମକୁ ଆସି ଗ୍ରାମବାସୀଙ୍କୁ ତାଙ୍କର ଭକ୍ତି ଓ ଜ୍ଞାନରେ ଖୁବ୍ ପ୍ରଭାବିତ କରି ପାରିଥିଲେ । ଗ୍ରାମବାସୀମାନେ ତାଙ୍କପାଇଁ ଏକ ମଠ ତୋଳିଥିଲେ ଏବଂ ପ୍ରତିଦିନ ସନ୍ଧ୍ୟାରେ ଏହି ମଠ ଶାସ୍ତ୍ର-ପାଠର ଏକ କେନ୍ଦ୍ର ଥିଲା । ମୁଁ କେବେ କେବେ ଏହି ସାଂଧ୍ୟ ବୈଠକରେ ଯୋଗ ଦେଇଛି । ସନ୍ନ୍ୟାସୀଙ୍କର କୌଣସି

Digitized by srujanika@gmail.com

ଉତ୍ତରାଧିକାରୀ ଶିଷ୍ୟ ନ ଥିଲେ ଏବଂ ତାଙ୍କ ମୃତ୍ୟୁ ପରେ ବହୁଦିନଧରି ଏହି ମଠ ଥିଲା । ପରେ ଅବଶ୍ୟ ଯତ୍ନର ଅଭାବରୁ ଏହା ଭାଙ୍ଗି ପଡ଼ିଲା ।

ଏ ସବୁ ଦୃଷ୍ଟାନ୍ତ ଦେବାର ଉଦ୍ଦେଶ୍ୟ ହେଉଛି ଜାତି-ଭେଦସତ୍ତ୍ୱେ ଗ୍ରାମ୍ୟଜୀବନ ସେତେବେଳେ କିପରି ସଂହତି ଓ ଐକ୍ୟ ଆଣି-ପାରିଥିଲା । ଲୋକେ କେବଳ ଶାସ୍ତ୍ରାନୁମୋଦିତ ବୋଲି ଜାତିଭେଦପ୍ରଥାକୁ ମାନୁଥିଲେ । ସେତେବେଳେ ଅର୍ଥନୈତିକ ସଂଗ୍ରାମ ଏବର ପରି ପ୍ରବଳ ନ ଥିଲା । ଏହି ପାରିପାର୍ଶ୍ୱିକ ପରିସ୍ଥିତି-ମଧ୍ୟରେ ମୋର ବାଲ୍ୟକାଳ ଅତୀତ ହୋଇଥିଲା ।

## ଏକାନ୍ନବର୍ତ୍ତୀ ପରିବାର

ବର୍ତ୍ତମାନ ଆମ ନିଜ ପରିବାର କଥା ଉଲ୍ଲେଖ କରୁଛି । ଆମର ଏକ ଏକାନ୍ନବର୍ତ୍ତୀ ପରିବାର ଥିଲା । ଏହି ପରିବାରକୁ ତିନୋଟି ଭାଗରେ ବିଭକ୍ତ କରାଯାଇ ପାରେ । ପ୍ରଥମ ଭାଗଟି ମୋର ଜେଜେବାପାଙ୍କର । ସେଥିରେ ଥିଲେ ଜେଜେମା, ବାପା, ବୋଉ, ମୋର ଭଉଣୀ ଏବଂ ମୁଁ । ମୁଁ ଜନ୍ମ ନେବା ପୂର୍ବରୁ ଜେଜେବାପା ଚାଲି ଯାଇଥିଲେ । ଏହି ଏକାନ୍ନ-ବର୍ତ୍ତୀପରିବାରରେ ଆମ ଅଂଶଟି ଆର୍ଥିକ ଅବସ୍ଥା-ଦୃଷ୍ଟିରୁ ବଡ଼ ଦୁର୍ବଳ ଥିଲା । ମୋର ବାପା ମୟୂରଭଞ୍ଜରେ ଚାକିରି କରି ଘରକୁ ବିଶେଷ କିଛି ଦେଇ ପାରୁ ନ ଥିଲେ; କିନ୍ତୁ ମୋର ଜେଜେ ମା ଓ ବୋଉଙ୍କର ପରିବାରଭିତରେ ବେଶ୍ ପ୍ରତିପତ୍ତି ଥିଲା । ଏକ ସମୟରେ ପରିବାରର ସମସ୍ତଙ୍କ ଭିତରେ ଖାଦ୍ୟ ପଦାର୍ଥ ବିତରଣ ଯେପରି ସମାନ ଓ ଶୃଙ୍ଖଳିତଭାବରେ ହେବ, ସେଥିପାଇଁ ମୋର ବୋଉଙ୍କୁ ରୋଷାଇଘର ଦାୟିତ୍ୱରେ ରଖା ଯାଇଥିଲା ।

ତା' ପରେ ହେଉଛି ମୋର ଜେଜେ-ବାପାଙ୍କର ସାବତଭାଇଙ୍କ ପରିବାର । ସେ ପ୍ରାୟ ନିରକ୍ଷର ଥିଲେ ଏବଂ ଚାଷବାସ ଦେଖୁଥିଲେ । ତାଙ୍କର ଚାରୋଟି ପୁଅଙ୍କ ମଧ୍ୟରୁ ଜଣେ ପୋଷ୍ୟ-ପୁତ୍ର ଓ ତାଙ୍କର ଦୁଇଟି ଝିଅ ଥିଲେ; କିନ୍ତୁ ତାଙ୍କର ପୁଅମାନେ ବେଶ୍ ଚାଲାକ ଚତୁର ଥିଲେ । ବଡ଼ ପୁଅ ମୟୂରଭଞ୍ଜରେ ଓଭରସିୟର ଥାଇ ଅଳ୍ପ ବୟସରେ ମରିଗଲେ । ତାଙ୍କର ବିଧବା ପତ୍ନୀ ଓ ଗୋଟିଏ ପୁଅ ଥିଲା । ଦ୍ୱିତୀୟ ପୁତ୍ର ବନ୍ଦୋବସ୍ତରେ କାମ କରୁଥିଲେ । ସେ ମଧ୍ୟ ମରିଗଲେ ଓ ତାଙ୍କର ବିଧବା ପତ୍ନୀ ରହିଲେ । ତୃତୀୟ ପୁତ୍ର ବହୁକାଳ ବଞ୍ଚିଥିଲେ ।

ଏକାନ୍ନବର୍ତ୍ତୀ ପରିବାରର ତୃତୀୟ ଅଂଶ ସବୁଠାରୁ ପ୍ରଭାବଶାଳୀ ଥିଲା । ଏହି ପରିବାରର ପିତା ଗଞ୍ଜାମ ଜିଲ୍ଲାରେ ବ୍ୟବସାୟ କରି ବେଶ୍ ଦୁଇପଇସା କରିଥିଲେ ଓ ଜମିବାଡ଼ି କିଣିଥିଲେ । ତାଙ୍କର ତିନୋଟି ପୁଅ ଓ ଗୋଟିଏ ଝିଅ । ବଡ଼ ପୁଅକୁ ଛାଡ଼ିଦେଲେ ଅନ୍ୟମାନେ ସେପରି ଚତୁର ନ ଥିଲେ । ଏ ଥିଲେ ମୋର ଜେଜେ-ବାପାଙ୍କର ଦ୍ୱିତୀୟ ସାବତ ଭାଇ ଏବଂ ସେ ସମୁଦାୟ ପରିବାରର ଅଭିଭାବକ । ଆମର ଗୋଟିଏ ଚୁଲ୍ଲୀ ଓ ସମ୍ପତ୍ତିବାଡ଼ି ଏକାଠି ଥିଲେ ମଧ୍ୟ ପ୍ରତ୍ୟେକଙ୍କର କିଛି କିଛି ସ୍ୱାଧୀନତା ଥିଲା । ଉଦାହରଣସ୍ୱରୂପ ଆମ ପରିବାର ଗୋଟିଏ ଗାଈ ରଖିଥିଲେ ଏବଂ ଦୁଧ ଘିଅରୁ ପଇସା ବଳାଇ ଦରକାର ପଡ଼ିଲେ ଖର୍ଚ୍ଚ କରୁଥିଲେ ।

ଆମର ଘର, ଚାଳ ଘର—ସେଥିରେ ତିନୋଟି ସାହାଲି ଥିଲା । ଗୋଟିଏ ସାହାଲିରେ

Digitized by srujanika@gmail.com

ଗୋରୁ ରହୁଥିଲେ ଏବଂ ବାକି ଦୁଇଟି ସାହାଲା ପରିବାରର ସମସ୍ତଙ୍କପାଇଁ ନିର୍ଦ୍ଦିଷ୍ଟ ଥିଲା । ତତ୍କାଳୀନ ପ୍ରଥା ଅନୁଯାୟୀ ଆମ ଭାଗରେ ପୂର୍ବ ସାହାଲା ପଡ଼ିଥିଲା ଏବଂ ସବା ସାନ ଭାଇଙ୍କ ଭାଗରେ ପଶ୍ଚିମ ସାହାଲା ପଡ଼ିଥିଲା ଏବଂ ଏ ଦୁଇଟି ମଝିରେ ଥିବା ଘରେ ମଝିଆ ଭାଇଙ୍କ ପରିବାର ରହୁଥିଲେ । ପରିବାରରେ ପୁଅମାନଙ୍କ ବାହାଘର ହେବା ପରେ ଏ ନିୟମ ଠିକ୍ ପାଳିତ ହେଉଥିଲା । ଯେତେବେଳେ ପରିବାର ଖୁବ୍ ବଢ଼ିଗଲା ଏବଂ ମଝିଆ ଭାଇଙ୍କର ଅଂଶଟି ତାଙ୍କର ଦୁଇ ପରିବାର ପୁଅଙ୍କ ମୃତ୍ୟୁ ପରେ ଦୁର୍ବଳ ହୋଇ ପଡ଼ିଲା, ସେତେବେଳେ ସବା ସାନ ଭାଇ ନିଜର ଏକ ପୃଥକ୍ ଘର ତୋଳି ସେଠାକୁ ଚାଲିଗଲେ । ଅବଶ୍ୟ ମୋର ବାପା ଘରକୁ ଆସିବାଯାଏଁ ଅର୍ଥାତ୍ ୧୯୦୧ ମସିହା ପର୍ଯ୍ୟନ୍ତ ଏ ପରିବାର ଏକାନ୍ନବର୍ତ୍ତୀ ପରିବାରଭାବରେ ରହିଥିଲା । ମୋ ବାପା ତାଙ୍କର ସାନ ଦାଦା ଓ ପୁଅମାନଙ୍କର ପ୍ରତିପତ୍ତିକୁ ବାଧା ଦେଇଥିଲେ । ଥରେ ଭାରି ଜୋରରେ କଜିଆ ଲାଗିଲା । ସେ ମୟୂରଭଞ୍ଜ ଚାଲିଗଲେ ଏବଂ ଏକାନ୍ନବର୍ତ୍ତୀ ପରିବାର-ବନ୍ଧନ ଦୁର୍ବଳ ହୋଇପଡ଼ିଲା । କଜିଆର କାରଣ ହେଉଛି ଯେ ବାପାଙ୍କର ସାନ ଦାଦା ନିଜ ନାଁରେ ଧାନ କରଜ ଦେଉଥିଲେ । ଅବଶ୍ୟ ତାଙ୍କର ଏହା କରିବାର ଯଥେଷ୍ଟ କାରଣ ଥିଲା । ସେ ପରିବାରର ଏକମାତ୍ର ବୟୋଜ୍ୟେଷ୍ଠ ବ୍ୟକ୍ତି ଥିଲେ ଓ ପଢ଼ାଶୁଣା ଜାଣିଥିଲେ । ମୋର ବାପା ମୟୂରଭଞ୍ଜ ଯାଇ ଆଉ ଫେରିଲେ ନାହିଁ । ବର୍ଷକ ପରେ ତାଙ୍କର କାଳ ହୋଇଗଲା । ସେ ମୟୂରଭଞ୍ଜ ଯିବା ପୂର୍ବରୁ ମୁଁ ବାଲିକୁଦା ସ୍କୁଲକୁ ପଢ଼ିବାକୁ ଯିବାପାଇଁ ସେ ଜିଦ୍ ଧରିଥିଲେ ଏବଂ ମୋର ବୋଉ ୧୯୦୦ ମସିହାରେ ମୋତେ ବାଲିକୁଦା ସ୍କୁଲକୁ ପଠାଇଲେ । ବର୍ଷକ ପରେ ସେ ବି ମରିଗଲେ । ପରିବାରର ଅନ୍ୟ ଶାଖାମାନଙ୍କ ଉପରେ ମୋତେ ନିର୍ଭର କରିବାକୁ ପଡ଼ିଲା । ୧୯୦୪—୧୯୦୭ ମସିହାରେ ଏକାନ୍ନବର୍ତ୍ତୀ ପରିବାର ଭାଙ୍ଗିଗଲା । ସେତେବେଳକୁ ମୁଁ କଟକରେ ରେଭେନ୍ସା କଲେଜିଏଟ ସ୍କୁଲରେ ପଢ଼ୁଥିଲି । ମୁଁ କନିଷ୍ଠ ଶାଖା ଶ୍ରୀ ରଘୁନାଥ ପରିଜାଙ୍କ ପରିବାରରେ ଯାଇ ରହିଲି; କାରଣ ତାଙ୍କର ବଡ଼ ବୋହୂ ମୋ ମା'ଙ୍କ ମୃତ୍ୟୁ ପରେ ଏକାନ୍ନବର୍ତ୍ତୀ ପରିବାରରେ ଥିବାବେଳେ ମୋର ହେପାଜତ କରୁଥିଲେ ।

[କ୍ରମଶଃ]

Digitized by srujanika@gmail.com

# ଭବିଷ୍ୟତର ଭୋଜନ

କେଶବଚନ୍ଦ୍ର ସାମଲ ବି. ଏ.

ମନୁଷ୍ୟ ବଞ୍ଚିରହେ ଭବିଷ୍ୟତର ସୁଖ ଆଶାରେ । ଅନାଗତର ଆନନ୍ଦ ତା'ମନରେ ଯେଉଁ ପୁଲକ ସୃଷ୍ଟି କରେ, ସେଥିରେ ସେ ବର୍ତ୍ତମାନର ଦୁଃଖ ଓ ଜଞ୍ଜାଳକୁ ଭୁଲିଯାଏ । ଏହି ଦୁଃଖ-ଦୁର୍ଦ୍ଦଶା ଓ ଅଭାବ ଅନଟନରୁ ହିଁ ସୃଷ୍ଟି ହୁଏ କୌଣସି ନୂତନ ଉଦ୍ଭାବନ, ଯାହାକି ଭବିଷ୍ୟତ୍ ଜୀବନକୁ ମଧୁମୟ କରେ ।

ମନୁଷ୍ୟର ଜୀବନଧାରଣପାଇଁ ପ୍ରଥମ ଆବଶ୍ୟକ ହେଲା—ଅନ୍ନ, କିନ୍ତୁ ଦେଶରେ ଅନ୍ନର ଯେଉଁ ଅଭାବ ପଡ଼ୁଛି ଏବଂ ଲୋକସଂଖ୍ୟା ଯେପରି ଦ୍ରୁତଗତିରେ ବୃଦ୍ଧି ପାଉଛି, ସେଥିରୁ ଜଣାଯାଏ ଯେ ମନୁଷ୍ୟ ଏଇ ମାଟିଭିତରୁ ନିଜର ଆବଶ୍ୟକୀୟ ଖାଦ୍ୟତକ ସଂଗ୍ରହ କରି ପାରିବ ନାହିଁ । ବ୍ରିଟେନ୍‌ର ବିଶିଷ୍ଟ ବୈଜ୍ଞାନିକ ଡକ୍‌ଟର ଡେଭିସ୍ ଏକ ଅଟକଳ କରିଛନ୍ତି ଯେ ଦୁଇହଜାର ଖ୍ରୀଷ୍ଟାବ୍ଦ ବେଳକୁ ପୃଥିବୀର ମନୁଷ୍ୟସମାଜକୁ ବର୍ତ୍ତମାନ ଖାଦ୍ୟ ପରିମାଣର ତ୍ରିଗୁଣ ଉତ୍ପାଦନ କରିବାକୁ ପଡ଼ିବ । ତା' ହେଲେ ପ୍ରତ୍ୟେକ ଲୋକ ବଞ୍ଚିରହିବାପାଇଁ ଦୈନିକ ଦୁଇବେଳା ପେଟପୂରା ଭୋଜନ ପାଇ ପାରିବ ।

ଭବିଷ୍ୟତର ଏହି ଗୁରୁ ଦାୟିତ୍ୱ ସମ୍ଭାଳିବାକୁ ମନୁଷ୍ୟ କରୁଛି କ'ଣ ? ଅବଶ୍ୟ ବୈଜ୍ଞାନିକମାନେ ନୀରବରେ ବସି ରହି ନାହାନ୍ତି । କୃଷିକ୍ଷେତ୍ର ଓ ଅନ୍ୟାନ୍ୟ କ୍ଷେତ୍ରରୁ କିପରି ଅଧିକ ଖାଦ୍ୟ ଉତ୍ପାଦିତ ହୋଇ ପାରିବ, ସେ ଦିଗରେ ଅନବରତ ଗବେଷଣା ଚାଲିଛି । ଖାଦ୍ୟର ନୂଆ ନୂଆ କ୍ଷେତ୍ର ଆବିଷ୍କୃତ ହେଲଣି । ଏ ସମସ୍ତ ଉଦ୍ୟମ ଯଦି ସଫଳ ହୁଏ, ତେବେ ନିଶ୍ଚୟ କହିବାକୁ ହେବ ଯେ ମନୁଷ୍ୟର ଭବିଷ୍ୟତ୍ ଅନ୍ଧକାରମୟ ନୁହେଁ ।

## ପ୍ରୋଟିନର ଅଭାବ

ପ୍ରୋଟିନ୍‌ହିଁ ଖାଦ୍ୟର ସାରାଂଶ କିନ୍ତୁ ପ୍ରଧାନତଃ ଏହି ପ୍ରୋଟିନ୍‌ଜାତୀୟ ଖାଦ୍ୟର ଅଭାବହିଁ ଚତ୍ୱରର ଦୃଷ୍ଟିଗୋଚର ହୋଇଥାଏ । ଯେଉଁ ଖାଦ୍ୟରୁ ମନୁଷ୍ୟ ପ୍ରୋଟିନ୍ ପାଏ, ଡାଲି ଓ ମାଂସ ସେଥିମଧ୍ୟରେ ପ୍ରଧାନ । ମାଂସରୁ ଅବଶ୍ୟ ଯଥେଷ୍ଟ ପରିମାଣରେ ପ୍ରୋଟିନ୍ ମିଳେ; କିନ୍ତୁ ମାଂସ ପାଇବାକୁ ହେଲେ ବିଭିନ୍ନ ପ୍ରାଣୀ ପାଳିବାକୁ ହୋଇଥାଏ । ଏହି ପ୍ରାଣୀମାନେ ଘାସ, ପତ୍ର ଦାନା ଆଦି ଉଦ୍ଭିଦ ଓ ଉଦ୍ଭିଦଜାତ ପଦାର୍ଥ ଖାଇ ବଞ୍ଚନ୍ତି । ମୃତ୍ତିକା, ବାୟୁ ଓ ଜଳରେ ଥିବା 'ନାଇଟ୍ରୋଜେନ୍' 'ହାଇଡ୍ରୋଜେନ୍' ଓ 'କାର୍ବନ୍' ଗ୍ରହଣ କରି ଏଇ ଉଦ୍ଭିଦ ସେଥିରୁ ପ୍ରୋଟିନ୍ ପ୍ରସ୍ତୁତ କରେ । ତେଣୁ ଏହି କ୍ରମ ପଦ୍ଧତି ଅନୁସାରେ ଯେଉଁ ଗତିରେ ମନୁଷ୍ୟ-ଭୋଜ୍ୟ-ପ୍ରାଣୀ ଦେହରେ ପ୍ରୋଟିନ ସୃଷ୍ଟିହୁଏ,

Digitized by srujanika@gmail.com

ମନୁଷ୍ୟର ଆବଶ୍ୟକତାଦୃଷ୍ଟେ ତାହା ଯଥେଷ୍ଟ ନୁହେଁ । ଅଟକଳକରି ଦେଖାଯାଇଛି ଯେ ମାତ୍ର ଏକପାଉଣ୍ଡ୍ ମାଂସ ସୃଷ୍ଟି ପାଇଁ ପ୍ରାୟ ଆଠପାଉଣ୍ଡ ଘାସ ଆବଶ୍ୟକ ।

ତେବେ ପ୍ରୋଟିନ୍ ଯଦି ପ୍ରାଣୀ ଦେହକୁ ନ ଯାଇ ସିଧା ଉଦ୍ଭିଦଦେହରୁ ମଣିଷ ପେଟକୁ ଆସନ୍ତା, ତେବେ କେମିତି ହୁଅନ୍ତା ? ଅବଶ୍ୟ ଏହା ଏକ ଉତ୍ତମ କଳ୍ପନା; କିନ୍ତୁ ଏଠାରେ ପ୍ରଧାନ ପ୍ରତିବନ୍ଧକ ହେଲା—ସ୍ୱାଦୁ । ମାଂସର ସ୍ୱାଦୁ ଉଦ୍ଭିଦର ପତ୍ର, ଡେମ୍ପ ବା ଗଣ୍ଡିରୁ ମିଳିବ କି ? ମହୀଶୂରସ୍ଥିତ ଖାଦ୍ୟ-ଗବେଷଣାଗାରରେ ଏ ସମ୍ପର୍କରେ କେତେକ ଅନୁସନ୍ଧାନ କରାଯାଇ ଦେଖାଯାଇଛି ଯେ ପତ୍ରରୁ ଉତ୍ପାଦିତ ପ୍ରୋଟିନ୍‌କୁ ମନୁଷ୍ୟଖାଦ୍ୟରେ ପରିଣତ କରାଯାଇପାରେ । ବ୍ରିଟିଶ୍ ବୈଜ୍ଞାନିକମାନେ ମଧ୍ୟ ଏ କ୍ଷେତ୍ରରେ କେତେକ ଗବେଷଣା କରିଛନ୍ତି । ଏହି ବୈଜ୍ଞାନିକମାନେ ଉଦ୍ଭିଦପତ୍ରକୁ ଚେନା ଚେନା କରି କାଟି ଓ ଘଷି ଏବଂ ଏହାର କୋଷ-( ସେଲ୍ ) ଗୁଡ଼ିକୁ ଭାଙ୍ଗିଛନ୍ତି ଏବଂ ଏହାର ରସରେ ଥିବା ପ୍ରୋଟିନ୍‌କୁ ଏହାର ମଣ୍ଡ ଓ ସବୁଜ ଦ୍ରବ୍ୟରୁ (କ୍ଲୋରୋଫିଲ୍) ଅଲଗା କରିଛନ୍ତି । କେନ୍ଦ୍ରାପସାରୀ (ସେଣ୍ଟ୍ରିଫ୍ୟୁଗାଲ୍) ପଦ୍ଧତିରେ ଏହି ପ୍ରୋଟିନ୍‌କୁ ଅଲଗା କରାଯାଇଛି । ଏହା ଫଳରେ ଯେଉଁ ପ୍ରୋଟିନ୍‌ସମୃଦ୍ଧ ଦ୍ରବ୍ୟ ପ୍ରସ୍ତୁତ ହୋଇଛି, ତା'ର ରଙ୍ଗ ହୋଇଛି ଗାଢ଼ ସବୁଜବର୍ଣ୍ଣ । ଏଥିରେ ଖାଦ୍ୟର ବାଞ୍ଛିତ ସୁଗନ୍ଧ ନାହିଁ; କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ହୁଏତ ଏହାକୁ ସୁଗନ୍ଧଯୁକ୍ତ କରାଯାଇପାରେ । ରସାୟନବିତ୍‌ମାନଙ୍କ ପକ୍ଷେ ଏହା କଠିନ କାର୍ଯ୍ୟ ନୁହେଁ ।

ବିଭିନ୍ନ ଅଣୁଜୀବ ( ଅର୍ଗାନିକମ୍ ) ମାନଙ୍କଠାରେ ମଧ୍ୟ ମୌଳିକ ପ୍ରୋଟିନ୍ ପ୍ରସ୍ତୁତିର କ୍ଷମତା ରହିଛି । ବିଭିନ୍ନ ପ୍ରକାର ଶାକାଣୁ (ବାକ୍ଟିରିଆ) ବିଭିନ୍ନ ପ୍ରକାର ଦ୍ରବ୍ୟକୁ ଖାଦ୍ୟରୂପେ ବ୍ୟବହାର କରିଥାଆନ୍ତି । ଏକ ବ୍ରିଟିଶ୍ ପେଟ୍ରୋଲିୟମ୍ କମ୍ପାନୀ ବିଭିନ୍ନ ପ୍ରାକୃତିକ କ୍ଷେତ୍ରରୁ (ଯଥା :—ହ୍ରଦଜଳ ଓ ଖଣିଜତୈଳଥିବା ମୃତ୍ତିକା) ଶାକାଣୁ ସଂଗ୍ରହ କରି ଏହାକୁ ଖାଦ୍ୟପ୍ରସ୍ତୁତିରେ ବ୍ୟବହାର କରିଛନ୍ତି । ଶାକାଣୁଗୁଡ଼ିକୁ ପାଣିରେ ଭସାଇ ଏବଂ ଏହାକୁ ମିଥେନ୍‌ଗ୍ୟାସ୍‌ର ସଂସ୍ପର୍ଶରେ ଆଣି ଏଥିରେ ଆମୋନିଅମ୍ ନାଇଟ୍ରେଟ୍ ଆକାରରେ ଆବଶ୍ୟକୀୟ ନାଇଟ୍ରୋଜେନ୍ ଯୋଗାଇ ଦିଆଯାଇଛି । ଏଭଳି ଅବସ୍ଥାରେ ଶାକାଣୁର ଶୀଘ୍ର ବଂଶବୃଦ୍ଧି ହୁଏ ଏବଂ ଏହାକୁ କେନ୍ଦ୍ରାପସାରୀ (ସେଣ୍ଟ୍ରିଫ୍ୟୁଗାଲ୍) ପଦ୍ଧତି ଅନୁସାରେ ଜଳରୁ ସଂଗ୍ରହ କରି ନିଆଯାଏ । ଗବେଷଣାଗାରରେ ପାଳିତ ମୂଷାମାନେ ଏହି କୃତ୍ରିମ ଖାଦ୍ୟକୁ ଆନନ୍ଦରେ ଖାଇଛନ୍ତି । ଗବେଷଣାକାରୀ ବୈଜ୍ଞାନିକମାନେ ମଧ୍ୟ ଏହା ଭୋଜନ କରି ତୃପ୍ତିଲାଭ କରିଛନ୍ତି ।

## ଶୈବାଳରୁ ପ୍ରୋଟିନ୍

ପ୍ରୋଟିନ୍‌ର ଅନ୍ୟ ଏକ ଆଧାର ହେଉଛି ଶୈବାଳ । ପୃଥିବୀର ପ୍ରାୟ ସର୍ବତ୍ର ଆବଦ୍ଧ ଜଳରେ ବିଭିନ୍ନ ପ୍ରକାର ଶୈବାଳ ଦେଖାଯାଏ । ଶୈବାଳରୁ ଖାଦ୍ୟ ସଂଗ୍ରହ କିଛି ନୂଆକଥା ନୁହେଁ । ପ୍ରାଚୀନକାଳରେ ଲୋକେ ହ୍ରଦମାନଙ୍କରୁ ଶୈବାଳ ସଂଗ୍ରହ କରି ଖାଉଥିବା କଥା ଇତିହାସରୁ ଜଣାଯାଏ । ଶୈବାଳ ଅପେକ୍ଷାକୃତ ଅଧିକ ଆୟତନରେ ସୂର୍ଯ୍ୟାଲୋକର ସଂସ୍ପର୍ଶରେ

Digitized by srujanika@gmail.com

ଆସୁଥିବାରୁ, ଏହା ସୌର ଶକ୍ତିକୁ ଅଧିକ ବ୍ୟବହାର କରିଥାଏ । ତେଣୁ ନିୟନ୍ତ୍ରିତ ଅବସ୍ଥାରେ ଯଦି ଶୈବାଳସୃଷ୍ଟ କରାଯାଏ, ତେବେ ଅପେକ୍ଷାକୃତ ଅଳ୍ପସ୍ଥାନରୁ ଯଥେଷ୍ଟ ପରିମାଣରେ ପ୍ରୋଟିନ୍ ଉତ୍ପାଦନ କରାଯାଇପାରିବ । କୁଣ୍ଡମାନଙ୍କରେ ଏବଂ ଛାତ ଉପରେ ବଡ଼ ବଡ଼ ଟିଉବ୍‌ମାନଙ୍କରେ ଶୈବାଳ ସୃଷ୍ଟ କରାଯାଇପାରେ ।

କେତେକ ଦେଶରେ ଖାଦ୍ୟ ଉତ୍ପାଦନପାଇଁ ଖମିର (ୟିଷ୍ଟ୍) ମଧ୍ୟ ବ୍ୟବହାର କରାଯାଉଛି । ଦ୍ୱିତୀୟ ମହାଯୁଦ୍ଧ ସମୟରେ ଜର୍ମାନୀରେ ଏହି ଶ୍ରେଣୀର ହଜାର ହଜାର ଟନ୍ ଖାଦ୍ୟ ଉତ୍ପାଦିତ ହୋଇଥିଲା ଏବଂ ଲୋକେ ଏହା ଖାଇ ଜୀବନଧାରଣ କରିଥିଲେ ।

ତେବେ ଏହି ନୂତନ ପଦ୍ଧତି ଅନୁଯାରେ ପ୍ରସ୍ତୁତ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମନୁଷ୍ୟଦ୍ୱାରା କିପରିଭାବେ ଆଦୃତ ହେବ, ତା'ର ଉପରେ ଏ ଯୋଜନାର ସାଫଲ୍ୟ ନିର୍ଭର କରେ । ମନୁଷ୍ୟ ଖାଦ୍ୟ ସମ୍ପର୍କରେ ରକ୍ଷଣଶୀଳ ସତ, କିନ୍ତୁ ନୂତନ ଅବସ୍ଥାରେ ନିଜକୁ ଚଳାଇନେବାକୁ ମଧ୍ୟ ସେ ଧୁରନ୍ଧର । ୫୦ ବର୍ଷ ପୂର୍ବେ ଭାରତର କେଉଁଠି ଲୋକ ଶୁହା, ପାଉଁରୁଟୀ ଓ ବିସ୍କୁଟ ଖାଇ ଶିଖିଥିଲେ ? କିନ୍ତୁ ଆଜି ସୁହା, ପାଉଁରୁଟି ଓ ବିସ୍କୁଟ୍ ଦେଶରେ ବ୍ୟାପକଭାବେ ବ୍ୟବହୃତ ହେଉଛି । ତେଣୁ ନୂଆ ପ୍ରୋଟିନ୍‌ଯୁକ୍ତ କୃତ୍ରିମ ଖାଦ୍ୟକୁ ମନୁଷ୍ୟ ଯେ ଆଦରସହକାରେ ଗ୍ରହଣ କରିବ, ଏଥିରେ ସନ୍ଦେହ ନାହିଁ । ତେବେ ଏହି ଖାଦ୍ୟ ଯେପରି ସୁସ୍ୱାଦୁ ଓ ସୁଲଭ ହୁଏ, ବୈଜ୍ଞାନିକମାନେ ସେଥିପ୍ରତି ଦୃଷ୍ଟି ଦେବା ଉଚିତ ।

---

ଈଶ୍ୱରଙ୍କର କୃପା- ବତାସ ତ ବହୁଛି । ତୁମର ପାଲ୍ ଟେକି ଦେଉନାହିଁ କାହିଁକି ? କେହି କାହାକୁ କିଛି କରି ଦେଇପାରେ ନାହିଁ । ଆପଣାର ଭାଗ୍ୟ ଆପଣା ହାତରେ । ଗୁରୁ ବା ଅନ୍ୟ କେହି କେବଳ ସାହାଯ୍ୟ କରନ୍ତି ମାତ୍ର । ମନ୍ତ୍ରିର ଶକ୍ତିରେ ହିଁ ଗଛ ହୁଏ; ଜଳବାୟୁ କେବଳ ତା'ର ସହାୟକ ମାତ୍ର ।

—ଶ୍ରୀ ରାମକୃଷ୍ଣ ପରମହଂସ

*With Compliments of*

# CITY EMPORIUM

## Choudhury Bazar

***CUTTACK-1***

**A beautiful showroom of various types of**

**TEASETS, DINNERSETS, LEMONSETS,**

**CUPS, PLATES, GLASSES**

***OF***

## BENGAL POTTERIES

***AND***

## Hammer Master Flasks Etc.

***And***

*A WELL EQUIPPED STORE OF*

**Various Type Of Marriage Presentations**

Digitized by srujanika@gmail.com

# ବିଶ୍ୱଶାନ୍ତି ଓ ପଶ୍ଚିମ ଏସିଆ

—ସଂଜୟ

ପଶ୍ଚିମ ଏସିଆରେ ଇସ୍‌ରାଏଲ୍ ଓ ଆରବରାଜ୍ୟମାନଙ୍କ ମଧ୍ୟରେ ଯୁଦ୍ଧ ଏକ ଉତ୍କଟ ଆନ୍ତର୍ଜାତିକ ସମସ୍ୟାର ବହିଃପ୍ରକାଶ ମାତ୍ର । ଇସ୍‌ରାଏଲ୍‌ର ଜନ୍ମଦିନଠାରୁ ଏ ପର୍ଯ୍ୟନ୍ତ ଆରବ ଓ ଇହୁଦିମାନେ ଏଥରକୁ ମିଶାଇ ତିନଥର ଖୋଲାଖୋଲି ଯୁଦ୍ଧ କରିଛନ୍ତି ଓ ଯୁଦ୍ଧ ନ କରିବାବେଳେ ଯୁଦ୍ଧପାଇଁ ପ୍ରସ୍ତୁତ ହୋଇଛନ୍ତି । ତିନଥରଯାକ ଯୁଦ୍ଧରେ ଆରବମାନେ ପରାସ୍ତ ହୋଇଛନ୍ତି; କିନ୍ତୁ ଇସ୍‌ରାଏଲ୍ ଶାନ୍ତିରେ ରହି ପାରି ନାହିଁ ।


## ଆରବ-ହୃଦୟରେ ଛୁରୀ

ଏହି ତୀବ୍ର ଅଶାନ୍ତି, ଯୁଦ୍ଧ କିମ୍ବା ଯୁଦ୍ଧକାଳୀନ ପରିସ୍ଥିତିର କାରଣ ହେଉଛି ଇସ୍‌ରାଏଲ ବେଶୀ ଦିନର ରାଜ୍ୟ ନୁହେଁ । ଏହାକୁ ଅତି ଅଳ୍ପକାଳ ହେବ ପାଶ୍ଚାତ୍ୟ ଶକ୍ତିମାନେ ଆରବଭୂମି ଉପରେ ଜବରଦସ୍ତ ଥୋଇ ଦେଇଛନ୍ତି । ଇସ୍‌ରାଏଲ୍ ରାଜ୍ୟର ଉତ୍ତରରେ ଲେବାନନ୍ । ପଶ୍ଚିମରେ ସିରିଆ ଓ ଜର୍ଡ଼ାନ ଏବଂ ଦକ୍ଷିଣ ଓ ପୂର୍ବରେ ସଂଯୁକ୍ତ ଆରବ ସାଧାରଣତନ୍ତ୍ର । ପୁଣି ବହୁ ଆରବରାଜ୍ୟ ଏସବୁ ରାଜ୍ୟକୁ ଲାଗିକରି ରହିଛି । ଏକ ଗ୍ଲୋବ୍ ଆଗରେ ରଖି ଇସ୍‌ରାଏଲ୍‌ର ମାନଚିତ୍ର ନିରୀକ୍ଷଣ କଲେ ଦେଖାଯିବ ଯେ ଏହାର ଆକାର ଏକ ଭୁଜାର ଆକାର ପରି । ଛୁରିକାର ଆକୃତି ଗ୍ରହଣ କରିଥିବା ଏହି ରାଜ୍ୟ ସମଗ୍ର ଆରବ-ଜଗତର ହୃଦୟକୁ ବିଦ୍ଧକରି ରହିଛି ।

୧୯୪୮ ମସିହା ମେ ୧୪ ତାରିଖ ପର୍ଯ୍ୟନ୍ତ ପୃଥିବୀର ମାନଚିତ୍ରରେ ଇସ୍‌ରାଏଲନାମକ କୌଣସି ରାଷ୍ଟ୍ର ନ ଥିଲା । ଯେଉଁଠାରେ ଇସରାଏଲ ଅଛି, ସେ ସ୍ଥାନରେ ଥିଲା ଅନ୍ୟ ଏକ ରାଜ୍ୟ— ପାଲେଷ୍ଟାଇନ୍, ଯାହାର ଅଧିକାଂଶ ଅଧିବାସୀ ଥିଲେ ଆରବଜାତୀୟ । ଏହି ପାଲେଷ୍ଟାଇନ୍ ନାମଟି ଦୁଇହଜାର ବର୍ଷ ଆଗରୁ ରୋମାନ୍ ରାଜତ୍ୱକାଳରୁ ପ୍ରଚଳିତ ହୋଇ ଆସିଥିଲା । ୧୩୫ ଖ୍ରୀଷ୍ଟାବ୍ଦରେ ଜେରୁଜେଲମର ଇହୁଦିମାନଙ୍କୁ ରୋମାନ୍‌ମାନେ ବିତାଡ଼ିତ କରି ଦେଇଥିଲେ । ଇହୁଦିମାନେ ୟୁରୋପର ବିଭିନ୍ନ ରାଜ୍ୟକୁ ଯାଇ ବସତି ସ୍ଥାପନ କରିଥିଲେ ଓ ସେସବୁ ଦେଶ ଜନସାଧାରଣଙ୍କ ସହିତ ମିଶି ଯାଇଥିଲେ । ବିଂଶ ଶତାବ୍ଦୀର ଆରମ୍ଭରେ ସେମାନଙ୍କ ମଧ୍ୟରେ କେତେକ ଉଗ୍ରପନ୍ଥୀ ଜାତୀୟବାଦୀ ବାହାରିଲେ, ଯେଉଁମାନଙ୍କର ଧ୍ୱନି ହେଲା ପୃଥିବୀର ଇହୁଦିମାନଙ୍କପାଇଁ ଏକ ନଆ ଉପନିବେଶ, ଏକ ନୂଆ ରାଜ୍ୟ ସ୍ଥାପନ ଏବଂ ଏହି ରାଜ୍ୟ ହେବ ଦୁଇହଜାର ବର୍ଷ ଆଗରେ ଥିବା ଇହୁଦିମାନଙ୍କର ବସତି ଯୁଡ଼ିଆ ବା ପାଲେଷ୍ଟାଇନ୍ ମଧ୍ୟରେ । ପାଲେଷ୍ଟାଇନ୍ ସେତେବେଳେ ପଶ୍ଚିମ ଏସିଆର ବହୁ ଆରବରାଜ୍ୟ ସମେତ ତୁର୍କୀ ବା ଅଟୋମାନ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ପ୍ରଥମ ମହାଯୁଦ୍ଧବେଳେ ଜାତୀୟବାଦୀ ଉଗ୍ରପନ୍ଥୀ ଇହୁଦୀମାନଙ୍କ ପାଇଁ ଏକ ପରମ ସୁଯୋଗ ଆସିଗଲା । ତୁର୍କୀ ସେତେବେଳେ ଜର୍ମାନୀର ପକ୍ଷ ଗ୍ରହଣ କରିଥିଲା

Digitized by srujanika@gmail.com

ସେମାନେ ଭାବିଲେ ଇଂରେଜ ଓ ମିତ୍ରଶକ୍ତି-ମାନଙ୍କୁ ସାହାଯ୍ୟ କଲେ ତାଙ୍କର ସ୍ୱପ୍ନ ସଫଳ କରିପାରିବେ; କିନ୍ତୁ ଇଂରେଜମାନେ ମଧ୍ୟ ଆରବମାନଙ୍କୁ ସନ୍ତୁଷ୍ଟ କରିବାରେ ଲାଗିଥାନ୍ତି । କାରଣ ଆରବମାନଙ୍କୁ ଜାତୀୟଭାବରେ ଅନୁପ୍ରାଣିତ ନ କଲେ ତୁର୍କୀ ବିରୁଦ୍ଧରେ ଯୁଦ୍ଧଜୟ କରି ହେବ ନାହିଁ । ତେଣୁ ସେମାନେ ୧୯୧୫ ମସିହାରେ ପାଲେଷ୍ଟାଇନ୍‌ର ଆରବ-




( ଆରବ ହୃଦୟରେ ଛୁରି—ଇସ୍‌ରାଏଲ )

Digitized by srujanika@gmail.com

ମାନେ ସ୍ୱାଧୀନ ହେବେ ବୋଲି ପ୍ରତିଶ୍ରୁତି ଦେଇଦେଲେ । ଆରବମାନଙ୍କର ଜନବଳ ଥିଲେ ମଧ୍ୟ ଧନବଳ ନ ଥିଲା । ଇହୁଦିମାନେ ଆର୍ଥିକ ଦୃଷ୍ଟିରୁ ପୃଥିବୀରେ ଏକ ଶକ୍ତିଶାଳୀ ଜାତି । ଯେଉଁ ଦେଶରେ ଜଣେ ଇହୁଦି ରହିଲା ସେ ବ୍ୟବସାୟ, ବାଣିଜ୍ୟ କରି ତା'ର ନିଜର ଅର୍ଥ ଓ ପ୍ରତିପତ୍ତି ଜମାଇ ବସିଲା । ପ୍ରଥମ ମହାଯୁଦ୍ଧରେ ଉଗ୍ରପନ୍ଥୀ ଇହୁଦିମାନେ ବହୁ ଅର୍ଥ ସଂଗ୍ରହ କରି ବ୍ରିଟିଶ୍ ସରକାରଙ୍କୁ ସାହାଯ୍ୟ କଲେ ଓ ୧୯୧୭ ମସିହାରେ ବ୍ରିଟିଶ୍ ସରକାରଙ୍କ ପକ୍ଷରୁ ଲର୍ଡ଼ ବେଲ୍‌ଫୋର୍ ଘୋଷଣା କଲେ ଯେ ପାଲେଷ୍ଟାଇନ୍‌ରେ ଇହୁଦିମାନଙ୍କର ଏକ ଜାତୀୟ ଭୂମିର ଦାବୀ ସ୍ୱୀକାର କରାଯିବ ।

## ସଂଖ୍ୟାଲଘୁ ଇହୁଦି

୧୯୧୮ ମସିହାରେ ପାଲେଷ୍ଟାଇନ୍‌କୁ ବ୍ରିଟେନ୍‌ର ଏକ ରକ୍ଷିତ ରାଜ୍ୟବୋଲି ଘୋଷଣା କରାଗଲା । ଅର୍ଥାତ୍ ଏହି ରାଜ୍ୟର ଅଧିବାସୀମାନେ ସ୍ୱାଧୀନ ହେବାପାଇଁ ଉପଯୁକ୍ତ ହେବା ପର୍ଯ୍ୟନ୍ତ ବ୍ରିଟେନଦ୍ୱାରା ଶାସିତ ହେବେ । ସେତେବେଳେ ପାଲେଷ୍ଟାଇନ୍‌ରେ ସମଗ୍ର ଇହୁଦି ଜନସଂଖ୍ୟା ହେଉଥିଲା ମାତ୍ର ୮୫ ହଜାର; କିନ୍ତୁ ଆରବ ଜନସଂଖ୍ୟା ୧୦ ଲକ୍ଷରୁ ବେଶି । ବ୍ରିଟିଶ୍‌ମାନେ ଯେତେ ଭେଦନୀତି ଚଳାଇଲେ ମଧ୍ୟ ଯୁଦ୍ଧ ପରେ ପରେ ପାଲେଷ୍ଟାଇନ୍‌ର ଆରବମାନେ ନିଜର ସ୍ୱାଧୀନତା ଦାବୀ କରି ପ୍ରବଳ ଆନ୍ଦୋଳନ ଚଳାଇଲେ । ବ୍ରିଟିଶ୍‌ମାନେ ଏହି ଆନ୍ଦୋଳନ ଦମନ କରିବା ସଙ୍ଗେ ସଙ୍ଗେ ଇହୁଦିମାନେ ପାଲେଷ୍ଟଇନ୍‌ରେ ଆସି ଯେପରି ଅଧିକ ସଂଖ୍ୟାରେ ବସତି ସ୍ଥାପନ କରନ୍ତି ସେଥିପାଇଁ ତାଙ୍କୁ ଉତ୍ସାହିତ କଲେ । ୧୯୩୯ ମସିହାରେ ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହୋଇଗଲା ଓ ପାଲେଷ୍ଟାଇନ୍‌ରେ ବ୍ରିଟିଶ୍‌ମାନଙ୍କ ପାଇଁ ପୁଣି ଏକ ପରୀକ୍ଷା ଆସି ପହଞ୍ଚିଗଲା । ଏଥର ଉଭୟ ଆରବ ଓ ଇହୁଦିଙ୍କୁ ସନ୍ତୁଷ୍ଟ କରିବାପାଇଁ ବ୍ରିଟେନ୍ ଏକ ଶ୍ୱେତପତ୍ରରେ ଘୋଷଣା କଲା—

୧ । ନିକଟ ଭବିଷ୍ୟତରେ ଏକ ସ୍ୱାଧୀନ ପାଲେଷ୍ଟାଇନ୍ ରାଜ୍ୟ ଗଠିତ ହେବ ।

୨ । ଏହି ନୂଆ ରାଜ୍ୟକୁ ତିନୋଟି ଅଞ୍ଚଳରେ ବିଭକ୍ତ କରାଯିବ ।

(କ) ଆରବ ଅଞ୍ଚଳ

(ଖ) ଇହୁଦି ଅଞ୍ଚଳ

(ଗ) ଆରବ ଓ ଇହୁଦିମିଶ୍ର ଅଞ୍ଚଳ ।

ଉଭୟ ଇହୁଦି ଓ ଆରବ ଏହି ଘୋଷଣାରେ ଅସନ୍ତୁଷ୍ଟ ହେଲେହେଁ ମହାଯୁଦ୍ଧ ସମୟରେ ନୀରବ ହୋଇ ରହିଲେ । ତା'ପରେ ପୃଥିବୀ ଇହୁଦି ସଂଗଠନ (ଇହୁଦି ଜାତୀୟବାଦୀଙ୍କୁ ନେଇ ଗଠିତ ଅନୁଷ୍ଠାନ) ଇହୁଦିମାନଙ୍କ ଉପରେ ହୋଇଥିବା ନାଜି ଅତ୍ୟାଚାରର ସୁଯୋଗ ନେଇ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଏକ ପ୍ରବଳ ପ୍ରଚାର ଆରମ୍ଭ କରି ଦେଲେ ଯେ ଯଦି ପୃଥିବୀର ବିଭିନ୍ନ ରାଜ୍ୟରେ ଥିବା ସଂଖ୍ୟାଲଘୁ ଇହୁଦିମାନଙ୍କ ପ୍ରତି ନାଜି ଅତ୍ୟାଚାର ଓ ମରଣ ଶିବିର (**Concentration Camps**)ର ପୁନରାବୃତ୍ତି ହେବାକୁ ଦିଆ ନ ଯାଏ, ତା'ହେଲେ ପାଲେଷ୍ଟାଇନ୍‌ରେ ଏକ ସ୍ୱାଧୀନ ଇହୁଦି ରାଷ୍ଟ୍ର ଗଠନ କରାଯାଉ । ଆମେରିକାରେ ଇହୁଦିମାନଙ୍କ ସଂଖ୍ୟା ନ୍ୟୁନ ନୁହେଁ । ସେମାନଙ୍କ ଆର୍ଥିକ ପ୍ରଭାବ ଓ

ପ୍ରତିପତ୍ତି ମଧ୍ୟ ବେଶୀ । ଦ୍ୱିତୀୟ ମହାଯୁଦ୍ଧ ପରେ ବ୍ରିଟେନ୍ ଓ ଫ୍ରାନ୍ସ ଆଉ ପ୍ରଥମ ଶ୍ରେଣୀର ଶକ୍ତି ହୋଇ ରହିଲେ ନାହିଁ । ତାଙ୍କର ସ୍ଥାନ ଆମେରିକା ଓ ସୋଭିଏଟ ୟୁନିୟନ୍ ଗ୍ରହଣ କଲେ । ଆମେରିକାର ଜନମତ ଇହୁଦିମାନଙ୍କ ଦାବୀ ପଛରେ ରହିବାରୁ ଆମେରିକା ଇହୁଦିମାନଙ୍କୁ ବହୁ ବାଟରେ ସାହାଯ୍ୟ କଲା ଓ ଦ୍ୱିତୀୟ ମହାଯୁଦ୍ଧ ପରେ ପରେ ୟୁରୋପ ଓ ଆମେରିକାରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଇହୁଦି ଆସି ଅନୁପ୍ରବେଶ-ବିରୋଧୀ ଆଇନ **Anti-immigratio : Act** ) ସତ୍ତ୍ୱେ ପାଲେଷ୍ଟାଇନ୍‌ରେ ପଶିଗଲେ । ତା'ପରେ ଉଗ୍ରପନ୍ଥୀ ଇହୁଦି-ସଂସ୍ଥାମାନଙ୍କ ପକ୍ଷରୁ ଏପରି ସନ୍ତ୍ରାସବାଦୀ ଆନ୍ଦୋଳନ ଆରମ୍ଭ ହେଲା ଯେ ୧୯୪୭ ମସିହାରେ ବ୍ରିଟିଶ୍ ସରକାର ପାଲେଷ୍ଟାଇନ୍ ସମସ୍ୟାକୁ ଜାତିସଂଘ ଆଗରେ ଉପସ୍ଥାପିତ କରିବାକୁ ବାଧ୍ୟ ହୋଇଗଲେ । ଜାତିସଂଘରେ ଥିଲା ଆମେରିକା, ବ୍ରିଟେନ୍, ଫ୍ରାନ୍ସ ପ୍ରଭୃତି ପାଶ୍ଚାତ୍ୟ ଶକ୍ତିଙ୍କ ପ୍ରଭାବ ଓ ପ୍ରତିପତ୍ତି ବେଶୀ। ମାତ୍ର ଅଠେଇ ମାସ ମଧ୍ୟରେ ଜାତିସଂଘ ସିଦ୍ଧାନ୍ତ କଲେ ପାଲେଷ୍ଟାଇନ୍‌କୁ ଇହୁଦି ଓ ଆରବ ଦୁଇଟି ଭାଗରେ ବିଭକ୍ତ କରାଯିବ । ୧୯୪୮ ମେ ମାସ ୧୪ ତାରିଖ ଦିନ ବ୍ରିଟେନ୍ ପାଲେଷ୍ଟାଇନ୍ ଛାଡ଼ି ଚାଲିଯିବା ସଙ୍ଗେ ସଙ୍ଗେ ଇହୁଦିମାନଙ୍କର ନେତା ବେନ୍ ଗୁରିଅନ ଘୋଷଣା କଲେ—"ଇହୁଦିମାନଙ୍କର ପ୍ରାଚୀନ ଭୂମିରେ ଇସ୍ରାଏଲ୍ ରାଷ୍ଟ୍ର ପ୍ରତିଷ୍ଠିତ ହେଲା ।" ଏହି ଘୋଷଣାର ଅଳ୍ପ କେତେକ ମୁହୂର୍ତ୍ତ ମଧ୍ୟରେ ଆରବ ଓ ଇହୁଦିମାନଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଗଲା ।

## ୧୯୪୮-ପାଲେଷ୍ଟାଇନ୍ ଯୁଦ୍ଧ

ଆରବମାନଙ୍କ ପକ୍ଷରେ ଯୁଦ୍ଧଛଡ଼ା ଅନ୍ୟ କୌଣସି ପନ୍ଥା ନ ଥିଲା । କାରଣ ମାତ୍ର ୩୦ ବର୍ଷ ତଳେ ଯେଉଁଠି ୮୫ ହଜାର ଇହୁଦି ୧୦ ଲକ୍ଷ ଆରବଙ୍କ ମଧ୍ୟରେ ଚଳୁଥିଲେ, ସେଠାରେ ଅଳ୍ପ କେତେ ବର୍ଷ ମଧ୍ୟରେ ବିଶେଷତଃ ଦ୍ୱିତୀୟ ମହାଯୁଦ୍ଧ ଶେଷ ହେବା ପରେ ପରେ ପାଶ୍ଚାତ୍ୟଶକ୍ତିଙ୍କ ସମର୍ଥନ ଓ ଉତ୍ସାହ ଲାଭ କରି ୫୨ ଲକ୍ଷ୍ୟ ଇହୁଦି ଆସି ଜୋର ଜବରଦସ୍ତ ସ୍ୱତନ୍ତ୍ର ରାଜ୍ୟ ମଣ୍ଡି ବସିବା କପରି ବରଦାସ୍ତ କରି ଯାଇପାରେ ? କିନ୍ତୁ ଦୁଃଖର ବିଷୟ ଆରବରାଜ୍ୟମାନେ ବହୁସଂଖ୍ୟକ ଏବଂ ଆରବମାନେ ଯଥେଷ୍ଟ ସଂଖ୍ୟାଧିକ ହେଲେ ମଧ୍ୟ ସେମାନେ ସାମରିକଦୃଷ୍ଟିରୁ ଅତି ଦୁର୍ବଳ । ମିଶର, ଟ୍ରାନ୍ସଜର୍ଡ଼ାନ୍, ଇରାକ୍, ଲେବାନନ୍ ଓ ସିରିଆ ଏହି ପାଞ୍ଚଟି ରାଜ୍ୟ ମିଳିତଭାବରେ ଇସ୍ରାଏଲ ଆକ୍ରମଣ କଲେ । ଏହି ପାଞ୍ଚଟି ରାଷ୍ଟ୍ର ଏକତ୍ର ହୋଇଥିଲେ ମଧ୍ୟ ଯୁଦ୍ଧର ଫଳାଫଳ ମିଶରର ସୈନ୍ୟବାହିନୀ ଓ ଜର୍ଡ଼ାନ୍‌ର 'ଆରବ-ଲିଜିଅନ୍' ବା ଆରବବାହିନୀ ଉପରେ ନିର୍ଭର କରୁଥିଲା । ପ୍ରଥମେ ମିଶର-ସୈନ୍ୟବାହିନୀ ବେଥେଲହାମ୍ ପର୍ଯ୍ୟନ୍ତ ମାଡ଼ିଗଲେ ଓ ଜର୍ଡ଼ାନ୍‌ର ସୈନ୍ୟମାନଙ୍କ ସହିତ ସେମାନଙ୍କର ମିଳନ ହେଲା । ଉପକୂଳବର୍ତ୍ତୀ ଅଞ୍ଚଳରେ ସେମାନେ ଇସ୍ରାଏଲର ପ୍ରଧାନ ବନ୍ଦର ଜାଫା ଓ ରାଜଧାନୀ ଟେଲ୍ ଆଭିଭର ୨୦ ମାଇଲ୍ ନିକଟକୁ ଚାଲିଗଲେ; କିନ୍ତୁ ସଂଗଠନ କୌଶଳର ଅଭାବ ଓ ଯୋଗାଯୋଗର ଅବ୍ୟବସ୍ଥାଯୋଗୁଁ ଏମାନେ ଏ ବିଜୟର କୌଣସି ସଦୁପଯୋଗ କରି ପାରିଲେ ନାହିଁ ।

Digitized by srujanika@gmail.com

ଇସ୍ରାଏଲର ସୈନ୍ୟମାନେ ଏମାନଙ୍କୁ ପଛରୁ ଆସି ଘେରିଗଲେ । ଇସ୍ରାଏଲ୍‌ର ପ୍ରଥମରୁ ଅସ୍ତ୍ରଶସ୍ତ୍ର ଅଭାବ ଥିଲା । ପରେ ଚେକୋସ୍ଲୋଭାକିଆ ଓ ଅନ୍ୟ କେତେକ ରାଷ୍ଟ୍ରରୁ ପ୍ରଚୁର ଅସ୍ତ୍ରଶସ୍ତ୍ର ଆସି ପହଞ୍ଚିଗଲା । ଏହାଫଳରେ ଇସ୍ରାଏଲ ସୈନ୍ୟମାନେ ପ୍ରତିଆକ୍ରମଣ ଚଳାଇ ସମସ୍ତ ଆରବସୈନ୍ୟଙ୍କୁ ଇସ୍ରାଏଲ୍ ଭୂମିରୁ ବିତାଡ଼ିତ କରି ସଂପୂର୍ଣ୍ଣଭାବରେ ପରାସ୍ତ କଲେ । ୮ ମାସ ଯୁଦ୍ଧ ପରେ ଆରବରାଜ୍ୟ ଓ ଇସ୍ରାଏଲ୍ ମଧ୍ୟରେ ସନ୍ଧିଚୁକ୍ତି ସ୍ୱାକ୍ଷରିତ ହେଲା । ଏହାର ଫଳ ହେଲା ଯେ ଜାତିସଂଘ ପାଲେଷ୍ଟାଇନ୍‌ର ଯେତିକ ଅଞ୍ଚଳ ଇହୁଦିମାନଙ୍କୁ ଦେଇଥିଲେ ସେମାନେ ତାହାଠାରୁ ଆହୁରି ଏକ ତୃତୀୟାଂଶରୁ ବେଶୀ ଅଞ୍ଚଳ ଦଖଲ କରି ରହିଲେ । ପାଲେଷ୍ଟାଇନ୍‌ର ବାକି ଆରବ ଅଞ୍ଚଳକୁ ଜର୍ଡାନ୍ ନିକଟ ରାଜ୍ୟ ସହିତ ମିଶାଇ ଦେଲା । ମିଶର ତଟରେ ସମୁଦ୍ର ଉପକୂଳବର୍ତ୍ତୀ ଏକ କ୍ଷୁଦ୍ର ଅଞ୍ଚଳ ପଡ଼ିଲା, ଯାହା କି ଗାଜା ଅଞ୍ଚଳନାମରେ ଖ୍ୟାତ । ଇସ୍ରାଏଲ୍‌ରୁ ୯ ଲକ୍ଷ ଆରବ-ଶରଣାର୍ଥୀ ନିକଟବର୍ତ୍ତୀ ଜର୍ଡାନ୍ ରାଜ୍ୟ ଓ ମିଶରର ଗାଜା ଅଞ୍ଚଳକୁ ପଳାଇ ଆସିଲେ ।

## ନାସେରଙ୍କ ନେତୃତ୍ୱ

ସନ୍ଧିଚୁକ୍ତିରେ ସ୍ୱାକ୍ଷର କଲେ ମଧ୍ୟ ଆରବ-ରାଷ୍ଟ୍ରମାନେ ଇସ୍ରାଏଲ୍‌କୁ ସ୍ୱୀକାର କଲେ ନାହିଁ । ପରାଜୟର ଗ୍ଲାନିରେ ଆରବ-ଜଗତରେ ଘୋର ଅସନ୍ତୋଷ ଓ ନୈରାଶ୍ୟ ପ୍ରକାଶ ପାଇଲା । ସାମ୍ରାଜ୍ୟବାଦୀମାନଙ୍କ ପଛରେ ଗୋଡ଼ାଇବାଯୋଗୁଁ ଆରବ-ରାଜ୍ୟମାନଙ୍କର ଏ ଅବସ୍ଥା ହେଲା ବୋଲି ଆରବମାନେ ଅନୁଭବ କଲେ । ୧୯୫୨ ମସିହାରେ ମିଶରରେ-ବିଦ୍ରୋହ ଘଟି ଏକ ନୂତନ ସରକାର ପ୍ରତିଷ୍ଠିତ ହେଲା । ଗାଜା ଅଞ୍ଚଳରେ ଇସ୍ରାଏଲ୍ ସହିତ ଯୁଦ୍ଧ କରିଥିବା ଜଣେ ଯୁବକ ଅଫିସର କର୍ଣ୍ଣେଲ ନାସେରଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ମିଶରକୁ ବ୍ରିଟିଶ ପ୍ରଭାବରୁ ମୁକ୍ତ କରି ତାକୁ ଏକ ଶକ୍ତିଶାଳୀ ରାଷ୍ଟ୍ରରୂପେ ଗଠନ କରିବା । ୧୯୫୫-୫୬ ମସିହାରେ ନାସେର ତିନୋଟି ବଳିଷ୍ଠ ପଦକ୍ଷେପ ଗ୍ରହଣ କଲେ । ପୂର୍ବରୁ ମିଶର ସେନା ପାଶ୍ଚାତ୍ୟଗୋଷ୍ଠୀ ଉପରେ ସାମରିକ ସରଞ୍ଜାମ ପାଇଁ ନିର୍ଭର କରୁଥିଲା । ୧୯୫୫ ମସିହା ସେପ୍ଟେମ୍ବର ମାସରେ ନାସେର ଚେକୋସ୍ଲୋଭାକିଆରୁ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର କିଣିବାର ସିଦ୍ଧାନ୍ତ କଲେ । ତାଙ୍କର ଦ୍ୱିତୀୟ ପଦକ୍ଷେପ ହେଲା କମ୍ୟୁନିଷ୍ଟ ଚୀନ୍‌କୁ ସ୍ୱୀକୃତି ଦାନ । ତୃତୀୟ ପଦକ୍ଷେପ ସୁଏଜ୍ କେନାଲର ଜାତୀୟକରଣ । ଏହା ପୂର୍ବରୁ ସେ ସୁଏଜ୍ କେନାଲ ଅଞ୍ଚଳରୁ ବ୍ରିଟିଶସୈନ୍ୟମାନଙ୍କୁ ଅପସାରଣ କରାଇ ସାରିଥିଲେ ।

## ଗୋଟିଏ ଟେକାରେ ଯୋଡ଼ିଏ ଚଢ଼େଇ

୧୮୬୯ ମସିହାରେ ମିଶରର ଶାସକଙ୍କ ସହଯୋଗିତାରେ ପ୍ରସିଦ୍ଧ ଫରାସୀ ଇଞ୍ଜିନିୟର ଫର୍ଡିନାଣ୍ଡ ଲେସେପ୍ ସୁଏଜ୍ କେନାଲ ଖୋଳାଇଥିଲେ । ସୁଏଜ୍ କେନାଲ ଆନ୍ତର୍ଜାତିକ ବାଣିଜ୍ୟର ସୁବିଧାନିମନ୍ତେ ଭୂମଧ୍ୟସାଗର ଓ ଲୋହିତସାଗରକୁ ସଂଯୁକ୍ତ କରିବାପାଇଁ ମିଶରର ଭୂମି ଉପରେ ଖୋଳା ହୋଇଥିଲା । ମିଶରର ଏଥିରେ ଯେଉଁ ଅଂଶ ଥିଲା, ତାହା ବ୍ରିଟେନ ମିଶରର ଶାସକଙ୍କ ଦାରିଦ୍ର୍ୟର ସୁଯୋଗ ନେଇ କିଣି ନେଲା ।

Digitized by srujanika@gmail.com

ମିଶର ସୁଏଜ୍ କେନାଲରୁ କେବଳ ସାମାନ୍ୟ ଶୁଳ୍କ ଏଣିକ ପାଇଲା; କିନ୍ତୁ ଊନବିଂଶ ଶତାବ୍ଦୀର ଶେଷଦଶକ ଓ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସୁଏଜ୍ କେନାଲ ଥିଲା ଆନ୍ତର୍ଜାତିକ କୂଟନୀତିର ଏକ କେନ୍ଦ୍ରସ୍ଥଳ । ବ୍ରିଟେନ, ଫ୍ରାନସ, ଜର୍ମାନୀ ସୁଏଜ୍‌କେନାଲକୁ ନିଜ ଅକ୍ତିଆରରେ ରଖିବାପାଇଁ ବିବାଦ କରିଛନ୍ତି ଓ ମିଶର ଯେପରି ଏକ ଦୁର୍ବଳ ରାଜ୍ୟ ହୋଇ ଚିରକାଳ ରହେ, ସେଥିପାଇଁ ଚକ୍ରାନ୍ତ କରି ଆସିଛନ୍ତି । ନାସେର ସୁଏଜ୍ କେନାଲ ଜାତୀୟକରଣ କରି ଗୋଟିଏ ଟେକାରେ ଯୋଡ଼ିଏ ଚଢ଼େଇ ମାରି ଦେଲେ । ପ୍ରଥମତଃ ସୁଏଜ୍ କେନାଲ ଜାତୀୟକରଣ ହେବାଦ୍ୱାରା ଏଥିରୁ ଯେଉଁ ରାଜସ୍ୱ ମିଳିଲା, ତାହା ମିଶରର ରାଜକୋଷକୁ ଯଥେଷ୍ଟ ସାହାଯ୍ୟ କଲା; ଦ୍ୱିତୀୟତଃ ବ୍ରିଟିଶ୍ ଓ ଫରାସୀ ସାମ୍ରାଜ୍ୟବାଦର ପ୍ରଭାବ ମିଶରରୁ ସମ୍ପୂର୍ଣ୍ଣ ଲୁପ୍ତ ହୋଇ ମଧ୍ୟପ୍ରାଚ୍ୟରୁ ଯଥେଷ୍ଟ ପରିମାଣରେ କମିଗଲା ।

## ୧୯୫୬ ସୁଏଜ ଆକ୍ରମଣ

୧୯୫୫-୫୬ ମସିହାରେ ନାସେର ଏହି ସବୁ ପଦକ୍ଷେପ ନେଉଥିବାବେଳେ ପାଶ୍ଚାତ୍ୟ-ଗୋଷ୍ଠୀପକ୍ଷରୁ ଛକା-ପଞ୍ଝା ଖେଳ ପରି ଏହାର ବିରୋଧୀ କେତେକ ପଦକ୍ଷେପ ନିଆ ଯାଉଥିଲା । ପ୍ରଥମତଃ ଆମେରିକାପକ୍ଷରୁ ମଧ୍ୟପ୍ରାଚ୍ୟ ରକ୍ଷା-ସଂସ୍ଥାନାମକ ଏକ ସାମରିକ ମେଣ୍ଟ ଗଢ଼ାଯାଇ ସେଥିରେ ତୁର୍କୀ, ଇରାକ, ଇରାନ୍ ଓ ପାକିସ୍ଥାନକୁ ଅନ୍ତର୍ଭୁକ୍ତ କରାଗଲା । ଦ୍ୱିତୀୟତଃ ଇସ୍ରାଏଲ୍ ପକ୍ଷରୁ ପଡ଼ୋଶୀ ଆରବ ଅଞ୍ଚଳ-ମାନଙ୍କ ଉପରେ ଏହି ବର୍ଷକ ମଧ୍ୟରେ ଆତଙ୍କ-ବାଦୀମାନଙ୍କୁ ଶାସ୍ତି ଦେବା ନାମରେ ବହୁ ଆକ୍ରମଣ-ମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରା-ଯାଉଥିଲା । ୧୯୫୬ ସେପ୍‌ଟେମ୍ବରରେ ଜର୍ଡ଼ାନ୍‌ରୁ କେତେକ ଆତଙ୍କବାଦୀ ଇସ୍ରାଏଲ୍ ଭିତରକୁ ପଶି ଯାଉଥିବାର କାରଣ ଦର୍ଶାଇ ଇସ୍ରାଏଲ୍ ଜର୍ଡ଼ାନ ସୀମାନ୍ତ ଉପରେ ଆକ୍ରମଣ ଚଳାଇ ୧୦୦ଜଣ ଜର୍ଡ଼ାନ୍ ଅଧିବାସୀଙ୍କୁ ନିହତ କରିଥିଲା

ସୁଏଜ୍ କେନାଲର ଜାତୀୟକରଣ ବିରୁଦ୍ଧରେ ବ୍ରିଟେନ୍ ଓ ଫ୍ରାନ୍‌ସ ଏକତ୍ର କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଘୋଷଣା କରିବା ସଙ୍ଗେ ସଙ୍ଗେ ଏକ ସାମାନ୍ୟ ଆଳ ଦେଖାଇ ୧୯୫୬ ଅକ୍‌ଟୋବର ୨୯ ତାରିଖରେ ଇସ୍ରାଏଲ୍ ମିଶର ଆକ୍ରମଣ କଲା । ଇସ୍ରାଏଲ୍‌କୁ ଆକ୍ରମଣକାରୀ ବୋଲି କହି ନିନ୍ଦାବାଦ କରିବାପାଇଁ ଆମେରିକା ସମେତ ପ୍ରାୟ ସବୁ ରାଷ୍ଟ୍ର ନିରାପତ୍ତା ପରିଷଦ୍‌ରେ ରାଜି ହେଲେ ମଧ୍ୟ ବ୍ରିଟେନ ଓ ଫ୍ରାନ୍‌ସ ରାଜି ହେଲେ ନାହିଁ । ପରେ ପରେ ବ୍ରିଟିଶ ଓ ଫରାସୀ-ବିମାନରୁ ସୁଏଜ୍ କେନାଲ ଓ ମିଶରର ଅନ୍ୟାନ୍ୟ ସହର ଉପରେ ବୋମା-ବର୍ଷଣ ସଙ୍ଗେ ସଙ୍ଗେ ନଭେମ୍ବର ୩ ତାରିଖରେ ଫ୍ରାନ୍‌ସ ଓ ବ୍ରିଟେନ ସୁଏଜକେନାଲରେ ଆକାଶଛତାରୁ ସୈନ୍ୟ ଓହ୍ଲାଇବା ଆରମ୍ଭ କରିଦେଲେ, ଯାହାକୁ କି ପ୍ରଧାନମନ୍ତ୍ରୀ ନେହେରୁ ସାମ୍ରାଜ୍ୟବାଦର ପ୍ରତ୍ୟାବର୍ତ୍ତନ ଉଦ୍ୟମ ଏବଂ ବର୍ବରୋଚିତ ବୋଲି ନିନ୍ଦା କରିଥିଲେ । ବ୍ରିଟେନ୍ ଓ ଫ୍ରାନସର ସାହାଯ୍ୟରେ ଏଥର ଇସ୍ରାଏଲ ସମଗ୍ର ସିନାଇ ଉପଦ୍ୱୀପକୁ ଦଖଲ କରିନେଲେ । ଏଥିରେ ମିଶରର ଦୁଇ ହଜାରରୁ ତିନିହଜାର ସୈନ୍ୟ ନିହତ ବା ବନ୍ଦୀ ହେଲେ ଓ ବହୁ ସାମରିକ ସାଜ-ସରଞ୍ଜାମ ଧ୍ୱସ୍ତ ହୋଇ

Digitized by srujanika@gmail.com

ଗଲା; କିନ୍ତୁ ପୃଥିବୀର ଦୁଇ ପ୍ରଧାନ ଶକ୍ତି ସୋଭିଏଟ୍ ୟୁନିୟନ ଓ ଆମେରିକାର ବ୍ରିଟିଶ୍, ଫରାସୀ ଓ ଇସ୍ରାଏଲ୍ ଆକ୍ରମଣର ତୀବ୍ର ନିନ୍ଦାବାଦ କରିବାରୁ ଓ ସୋଭିଏଟ୍ ୟୁନିଅନ ଏମାନେ ଶୀଘ୍ର ହଟି ନ ଗଲେ ବଳପ୍ରୟୋଗ କରିବାପାଇଁ ଧମକ ଦେବାରୁ ସୁଏଜ୍ ଯୁଦ୍ଧର ଶୀଘ୍ର ଅବସାନ ହୋଇଗଲା । ଇସ୍ରାଏଲ୍ ସିନାଇରୁ ହଟି ଆସିବାପାଇଁ ବାଧ୍ୟ ହେଲା । ବ୍ରିଟିଶ୍ ଓ ଫରାସୀ ସରକାର ସାମ୍ରାଜ୍ୟବାଦ ଇତିହାସର ଏକ ଅତି ନିକୃଷ୍ଟ ନୈତିକ ପରାଜୟର ସମ୍ମୁଖୀନ ହେଲେ ।

ଯୁଦ୍ଧବିରତି ପରେ ଜାତିସଂଘପକ୍ଷରୁ ମିଶର ଇସ୍ରାଏଲ୍ ସୀମା ଗାଜା ଅଞ୍ଚଳରେ ଏକ ଶାନ୍ତିରକ୍ଷୀବାହିନୀ ପ୍ରତିଷ୍ଠିତ ହେଲା । ଇସ୍ରାଏଲ୍‌ର ଲାଭଭିତରେ ଏତିକି ହେଲା ଯେ ଏଣିକି ଆକାବା ଉପସାଗରବାଟେ ଲୋହିତସାଗରକୁ ଏହାର ଜାହାଜ ଚଳାଚଳରେ ବାଧା ରହିଲା ନାହିଁ । ପୂର୍ବେ ମିଶର ପକ୍ଷରୁ ଏହି ବାଧା ଦିଆ ହୋଇ ଆସୁଥିଲା ।

୧୯୪୮ ମସିହା ଓ ୧୯୫୬ ମସିହା ଏହି ଆରବ-ଇସ୍ରାଏଲ୍‌ର ଯୁଦ୍ଧରୁ ଦେଖାଯିବ ଯେ ଇସ୍ରାଏଲ୍ ପାଶ୍ଚାତ୍ୟଗୋଷ୍ଠୀର ସାହାଯ୍ୟ, ସମର୍ଥନ ଓ ପ୍ରେରଣା ସମ୍ପୂର୍ଣ୍ଣଭାବରେ ଲାଭ କରି ଆସିଛି ଓ ଆରବମାନଙ୍କୁ ବଳପୂର୍ବକ ଦବାଇ ରଖିବାପାଇଁ ଉଦ୍ୟମ କରି ଆସିଛି । ଏହି ପୃଷ୍ଠଭୂମିରେ ଅଳ୍ପଦିନତଳେ ହୋଇଥିବା ଆରବ-ଇସ୍ରାଏଲ୍ ଯୁଦ୍ଧର ଆଲୋଚନା କରାଯିବା ଉଚିତ ହେବ ।

## ମଧ୍ୟପ୍ରାଚ୍ୟରେ ପରିବର୍ତ୍ତନ

ଗତ ୧୧ ବର୍ଷ ସମୟମଧ୍ୟରେ ମଧ୍ୟପ୍ରାଚ୍ୟରେ ଏକ ବିରାଟ ପରିବର୍ତ୍ତନ ସାଧିତ ହୋଇଛି । ଆରବରାଷ୍ଟ୍ରମାନଙ୍କ ମଧ୍ୟରେ ପାଶ୍ଚାତ୍ୟ ଶକ୍ତିମାନଙ୍କ ପ୍ରଭାବ ସମ୍ପୂର୍ଣ୍ଣ ଲୁପ୍ତ ନହେଲେ ମଧ୍ୟ ଅତ୍ୟନ୍ତ ସଙ୍କୁଚିତ ହୋଇ ପଡ଼ିଛି । ଇରାକ୍ ଓ ୟେମେନ୍‌ରେ ରାଜତନ୍ତ୍ରର ଲୋପ, ଲେବାନନ୍‌ରେ ପାଶ୍ଚାତ୍ୟ ସମର୍ଥକ ସରକାରର ପତନ ଓ ନାସେରଙ୍କ ନେତୃତ୍ୱରେ ସଂଯୁକ୍ତ ଆରବ ସାଧାରଣତନ୍ତ୍ର ଓ ଆରବ-ଜାତୀୟତାର ଅଭିବୃଦ୍ଧି ହେଉଛି ଏହି ପରିବର୍ତ୍ତନର ବିଶେଷତ୍ୱ । ଏହି ପରିବର୍ତ୍ତନ ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ଶକ୍ତି ତାଙ୍କର ପୂର୍ବନୀତି ଅନୁସରଣ କରି ଆରବଜାତୀୟତା-ବିରୋଧୀ ପ୍ରଧାନ ପ୍ରାଣକେନ୍ଦ୍ର ଇସ୍ରାଏଲ୍‌କୁ ପ୍ରାୟ ୨ ହଜାର କୋଟି ଟଙ୍କା ଆର୍ଥିକ ସାହାଯ୍ୟ ଓ ପ୍ରଚୁର ସାମରିକ ସରଞ୍ଜାମ ଦେଇଛନ୍ତି । ୟେମେନ୍‌ରେ ଚାଲିଥିବା ଗୃହଯୁଦ୍ଧରେ ସାଉଦ ଆରବ-ରାଜତନ୍ତ୍ରର ପକ୍ଷ ସମର୍ଥନ କରିଛନ୍ତି ଓ ଜର୍ଡ଼ାନ୍‌ର ରାଜା ହୁସେନ୍‌ଙ୍କୁ ନାସେରଙ୍କ ବିରୁଦ୍ଧରେ ଉତ୍ସାହିତ କରି ଆସିଛନ୍ତି ।

ଇସ୍ରାଏଲ୍‌ରୁ ପଳାଇ ଆସିଥିବା କମ୍ବା ବିତାଡ଼ିତ ୧୦ ଲକ୍ଷ ଆରବ ଜର୍ଡ଼ାନ୍ ଓ ଗାଜାରେ ଗତ ୧୬ ବର୍ଷ କାଳ କେବଳ ତମ୍ବୁଭିତରେ ଜାତିସଂଘର ସାମାନ୍ୟ ସାହାଯ୍ୟ ପାଇ ଅତି ଦୁଃଖ, ଦାରିଦ୍ର୍ୟରେ ନିଜ ନିଜର ପ୍ରିୟ ବାସଭୂମିକୁ ଫେରିଯିବାପାଇଁ ଅପେକ୍ଷା କରିଛନ୍ତି । ଇସ୍ରାଏଲ୍ ସେମାନଙ୍କୁ ଗ୍ରହଣ କରିବାପାଇଁ ବାରମ୍ବାର ମନା କରିଦେଇଛି ଏବଂ ପୃଥିବୀର ଏକ ଉତ୍କଟ ଶରଣାର୍ଥୀ ସମସ୍ୟା ସୃଷ୍ଟି କରି ଏହାକୁ ବଞ୍ଚାଇ ରଖିଛି ।

ଆରବମାନଙ୍କ କ୍ଷତରେ ଚିନ ଦେଲପରି ଇସ୍ରାଏଲ୍‌ର ଅନ୍ୟ ଏକ କାର୍ଯ୍ୟ ହେଉଛି

Digitized by srujanika@gmail.com

ଜର୍ଡ଼ାନ୍ ନଦୀର ଜଳକୁ ତା'ର ନେଗେଭ୍ ମରୁଭୂମିକୁ ଉର୍ବର କରିବା ଉଦ୍ଦେଶ୍ୟରେ ପ୍ରୟୋଗ କରିବାର ଉଦ୍ୟମ । ଏ ଜର୍ଡ଼ାନ୍ ନଦୀ ହେଉଛି ସିରିଆ ଓ ଜର୍ଡ଼ାନ୍ ରାଜ୍ୟର ପ୍ରାଣସ୍ୱରୂପ । ସଂଯୁକ୍ତ ଆରବରାଜ୍ୟମାନଙ୍କ ସହିତ ପରାମର୍ଶ ନ କରି ଓ ସେମାନଙ୍କୁ ନିଗୃହୀତ କରିବା ଉଦ୍ଦେଶ୍ୟରେ ଇସ୍‌ରାଏଲ ର ଏ ଉଦ୍ୟମର ତୀବ୍ର ପ୍ରତିକ୍ରିୟା ଆରବରାଷ୍ଟ୍ରମାନଙ୍କ ମଧ୍ୟରେ ଦେଖାଦେବା ଏକାନ୍ତ ସ୍ୱାଭାବିକ । ୧୯୬୫ ମସିହାରେ କେବଳ ଏହାକୁ କେନ୍ଦ୍ର କରି ଯୁଦ୍ଧ ଲାଗିଯାଇଥାନ୍ତା; କିନ୍ତୁ ସେତେବେଳେ ରାଷ୍ଟ୍ରପତି ନାସେର ତାହା ନିଜର ନେତୃତ୍ୱବଳରେ ବାରଣ କରି ପାରିଥିଲେ ।

ଏହି ସମ୍ପର୍କରେ ଇସ୍‌ରାଏଲ୍‌ର ଅନ୍ୟ ଏକ କାର୍ଯ୍ୟ ହେଉଛି ମିଶରର ଗାଜା, ଜର୍ଡ଼ାନ, କିମ୍ବା ସିରିଆ ସଦି କୌଣସି ଆରବରାଜ୍ୟରୁ କେହି ସନ୍ତ୍ରାସବାଦୀ ଯାଇ କୌଣସି ଇସ୍‌ରାଏଲୀ ଗ୍ରାମରେ ଆକ୍ରମଣ କଲେ, ଇସ୍‌ରାଏଲ ସୈନ୍ୟ ଓ ଟ୍ୟାଙ୍କବାହିନୀ ଯାଇ କୌଣସି ନା କୌଣସି ଆରବଗ୍ରାମ ବା ସହରକୁ ଧୂଳିସାତ୍ କରିଦିଏ । ଗତ ଅପ୍ରେଲ ମାସରେ ଏହି ଆକ୍ରମଣ ଏପରି ଆକାର ଧାରଣ କଲା ଯେ ଜର୍ଡ଼ାନ୍-ରାଜ୍ୟର ଏକ ସୀମାନ୍ତ-ବର୍ତ୍ତୀ ସହର ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଗଲା ।

ଗତ ମେ ମାସରେ ଇସ୍‌ରାଏଲ୍‌ର ଶେଷ ଧମକ ହେଲା, ସିରିଆ ଉପରେ ଆକ୍ରମଣ କରି ତା'ର ରାଜଧାନୀ ଡାମସ୍କସ ସହର ଦଖଲ କରିଦେବା—କାରଣ ସିରିଆପନ୍ଥୀ ସନ୍ତ୍ରାସବାଦୀମାନେ ବାରମ୍ବାର ଇସ୍‌ରାଏଲ ଭିତରକୁ ପଶୁଥିଲେ । ଏହି ଆକ୍ରମଣର ଧମକ ହେଲ ଆରବରାଷ୍ଟ୍ରଗଣ ବିଶେଷତଃ ମିଶରପକ୍ଷରେ ଧୈର୍ଯ୍ୟଚ୍ୟୁତିର ଏକ ପ୍ରଧାନ କାରଣ ।

## ନାସେରଙ୍କ କୁଟନୈତିକ ତ୍ରୁଟି

କିନ୍ତୁ ଇସ୍‌ରାଏଲ୍ ଧମକର ସମ୍ମୁଖୀନ ହେବାପାଇଁ ନାସେର ଯେଉଁସବୁ ଆତ୍ମରକ୍ଷାମୂଳକ କାର୍ଯ୍ୟପନ୍ଥା ଗ୍ରହଣ କଲେ, ତା ମଧ୍ୟରେ ଗୋଟିଏ ଭୁଲ ହେଲା ୧୯୫୬ ମସିହାରେ ଆକାବା ଉପସାଗରମୁହଁରେ ଇସ୍‌ରାଏଲ୍‌ର ନିର୍ବାଧ ଜାହାଜ ଚଳାଚଳକୁ ସ୍ୱୀକାର କରି ହଠାତ୍ ଏହି ଉପସାଗରର ଦ୍ୱାରଦେଶକୁ ଅବରୋଧ କରିବା । ଏହି ଜଳପଥ ଆନ୍ତର୍ଜାତିକ କି ମିଶରୀୟ ତାହା ବିବାଦର ବିଷୟ ହେଲେ ହେଁ ଥରେ ଏହି ଜଳପଥରେ ଇସ୍‌ରାଏଲ୍‌କୁ ବାଣିଜ୍ୟ କାରବାରର ସୁଯୋଗ ଦେବାପରେ ତାହା ବନ୍ଦ କରି ଦେବା ଆରବମାନଙ୍କର ଦୁର୍ବଳତା ଖୋଜୁଥିବା ଇସ୍‌ରାଏଲ୍‌କୁ ଯଥେଷ୍ଟ ପରିମାଣରେ ସାହାଯ୍ୟ କରିଛି ।

ଇସରାଏଲ ମିଶରକୁ ହଠାତ୍ ବିଜୁଳି ବେଗରେ (ବ୍ଲିଜ କୌଶଳ) ଆକ୍ରମଣ କରି ତାର ବିମାନବାହିନୀକୁ ପଙ୍ଗୁ କରି ଦେଇଛି ଓ ପରେ ନିଜର ଶକ୍ତିଶାଳୀ ବିମାନବାହିନୀ ସାହାଯ୍ୟରେ ମାତ୍ର ତିନି ଦିନ ସମୟ ମଧ୍ୟରେ ସମଗ୍ର ଗାଜା ଅଞ୍ଚଳ ଓ ସିନାଇ ଉପଦ୍ୱୀପ ଦଖଲ କରି ଯାଇଛି । ଏହାଛଡ଼ା ଜର୍ଡ଼ାନ ଓ ସିରିଆର ମଧ୍ୟ ବହୁ ଅଞ୍ଚଳ ଇସ୍‌ରାଏଲ୍ ର ହସ୍ତଗତ ହୋଇଛି । ସାମରିକ ଦୃଷ୍ଟିରୁ ଇସ୍‌ରାଏଲ୍‌ର ଏ ବିଜୟ ସମ୍ପୂର୍ଣ୍ଣ ଏବଂ ଆରବ ରାଜ୍ୟମାନଙ୍କ ପକ୍ଷରେ ଏ ପରାଜୟ ପୂର୍ବ ପରାଜୟମାନଙ୍କ ଅପେକ୍ଷା ଅଧିକ ଶୋଚନୀୟ ଓ ଧ୍ୱଂସମୂଳକ ।

Digitized by srujanika@gmail.com

## ସ୍ଥାୟୀ ଶାନ୍ତିର ବାଟ

କିନ୍ତୁ ସାମରିକ ବିଜୟଦ୍ୱାରା ପଶ୍ଚିମ ଏସିଆରେ ଶାନ୍ତିରକ୍ଷା କେବେହେଲେ ସମ୍ଭବ ନୁହେଁ । ଇସ୍ରାଏଲ ପାଶ୍ଚାତ୍ୟ ଶକ୍ତିମାନଙ୍କଠାରୁ ଯେତେ ସାହାଯ୍ୟ ପାଉ ନା କାହିଁକି, ତା'ର ଚତୁର୍ଦ୍ଦିଗରେ ଘେରି ରହିଥିବା ଆରବ ପ୍ରତିବେଶୀମାନଙ୍କ ସହିତ ବିବାଦ କରି ସେ କେବେ ହେଲେ ଶାନ୍ତିରେ ରହି ପାରିବ ନାହିଁ । ଆରବ ରାଷ୍ଟ୍ରଗଣ ଓ ଇସ୍ରାଏଲ୍ ମଧ୍ୟରେ ସ୍ଥାୟୀ ଶାନ୍ତି ନିର୍ଭର କରୁଛି । ୧୦ ଲକ୍ଷ ଆରବ ଶରଣାର୍ଥୀଙ୍କ ଥଇଥାନର ଖର୍ଚ୍ଚ ବହନ କରିବା ଓ ସେମାନଙ୍କପାଇଁ ଜର୍ଡ଼ାନ୍ ନଦୀର ପଶ୍ଚିମ ପଟେ ଜେରୁଜେଲମକୁ ମିଶାଇ ଖଣ୍ଡେ ଅଞ୍ଚଳ ଛାଡ଼ିଦେବା ଓ ପ୍ରତିବେଶୀମାନଙ୍କ ମଧ୍ୟରେ କୌଣସି ସମସ୍ୟା ଦେଖା ଦେଲେ ଆପୋଷ ଆଲୋଚନାରେ ତାହା ସମାଧାନ କରିବାପାଇଁ ଉଦ୍ୟମ କରିବା ଇସ୍ରାଏଲ ପକ୍ଷରେ ଏହା ହେଉଛି ସର୍ବୋତ୍କୃଷ୍ଟମାର୍ଗ ।

ଆରବ ରାଜ୍ୟମାନଙ୍କ ପକ୍ଷରେ ଉଚିତ ହେଉଛି ଇସ୍ରାଏଲ୍‌କୁ ସ୍ୱୀକାର କରିନେବା ଏବଂ ଆକାବା ଉପସାଗରରେ ତା'ର ବାଣିଜ୍ୟିକ ଅଧିକାରକୁ ଗ୍ରହଣ କରି ନେବା ।

ଆରବ-ଇସ୍ରାଏଲ୍ ଯୁଦ୍ଧରୁ ଭାରତପରି ରାଷ୍ଟ୍ରର ଶିକ୍ଷା ହେଉଛି—'ନାୟମାତ୍ମା ବଲହୀନେନ ଲଭ୍ୟଃ' । ବଳ ନ ଥିଲେ ବର୍ତ୍ତମାନ ପୃଥିବୀରେ ଯେତେ ଜାତିସଂଘ ଥାଉନା କାହିଁକି, ମିତ୍ର ରାଷ୍ଟ୍ରମାନେ ଥା'ନ୍ତୁ ନା କାହିଁକି କେହି କାହାର ପିଠିରେ ପଡ଼ିବେ ନାହିଁ । ଆରବମାନେ ଭାବିଥିଲେ ସୋଭିଏଟ ୟୁନିୟନ ତାଙ୍କୁ ସାହାଯ୍ୟ କରିଥାନ୍ତା; କିନ୍ତୁ ବାଚନିକ ସାହାଯ୍ୟଛଡ଼ା ଆଉ କିଛି ସାହାଯ୍ୟ ସେମାନେ ପାଇଲେ ନାହିଁ ।

———

Digitized by srujanika@gmail.com

# ବର୍ଷାକୁ ଛତା
# ବାଆକୁ ବତା

ଶୋଷ ହେଲେ ପିଅ ପାନୀୟ ମିଠା
କେଉଁ ପାନୀୟ
ପି: ଆଇ: ଓ

କମଳା ସ୍କ୍ୱାସ, ଲେମ୍ବୁ ସ୍କ୍ୱାସ, ସପୁରୀ ସ୍କ୍ୱାସ
ପିଜୁଳି ଜେଲି ଓ କେନଡ୍ କମଳା ରସ

**ସମସ୍ତ ଛୋଟ ବଡ ଦୋକାନରେ ସୁଲଭ ମୂଲ୍ୟରେ
କିଣିବାକୁ ମିଳେ**

ବ୍ୟବସାୟୀର ବିଶେଷ ବିବରଣୀ ପାଇଁ
ଅନୁସନ୍ଧାନ କରନ୍ତୁ
ଡାଇରେକ୍ଟର ଅବ୍ ଏଗ୍ରିକଲଚର
(ଫ୍ରୁଟ ପ୍ରିଜରଭେସନ), ଓଡ଼ିଶା
ଭୁବନେଶ୍ୱର-୧
ଫୋନ ନଂ-୭୦୩

Digitized by srujanika@gmail.com

# ମୋ' କାହାଣୀ

## ମୁଁ ଯାହା କହିବି, ସତ କହିବି କେବଳ ସତ କହିବି, କିନ୍ତୁ ପୂରା ସତ କହିବି ନାହିଁ ।

## ଆଇ ସି ଏସ୍ ଜୀବନ-୧୯୨୨

ନୀଳମଣି ସେନାପତି



**ଇଂ**ଲଣ୍ଡରୁ ଫେରି ୧୯୨୨ ଜାନୁଆରୀ ୪ ତାରିଖ ଦିନ ମୁଁ ବମ୍ବେରେ ପହଞ୍ଚିଲି । ତତ୍କାଳୀନ ବିହାର-ଓଡ଼ିଶାପ୍ରଦେଶ ଓ ବର୍ତ୍ତମାନ ବିହାର ରାଜ୍ୟର ସାହାବାଦ ଜିଲାରେ ସହକାରୀ ମାଜିଷ୍ଟ୍ରେଟ୍ ଓ ସହକାରୀ କଲେକ୍ଟରର ଭାବରେ ଯୋଗ ଦେବା ପୂର୍ବରୁ ମୋତେ ୧୨ ଦିନ ସମୟ ମିଳିଥିଲା ।

ଏହି ସମୟମଧ୍ୟରେ ମୁଁ ମୋର ଗ୍ରାମ ଗାରଡ଼ିପଞ୍ଚାଣକୁ ମୋର ପରିବାରବର୍ଗଙ୍କୁ ଦେଖିବାକୁ ଗଲି । ପିଲାଦିନର ବନ୍ଧୁମାନଙ୍କ ସହିତ ବହୁକାଳ ପରେ ସାକ୍ଷାତ ହେବାର ଆନନ୍ଦ ବର୍ଣ୍ଣନା କରି ହେବ ନାହିଁ । ମୋର ଭଉଣୀ, ଖୁଡ଼ି ଓ ସଂପର୍କୀୟ ଭାଇଭଉଣୀମାନେ ପାଞ୍ଚବର୍ଷ ପରେ ମୁଁ ଫେରୁଚି ବୋଲି ଖବର ପାଇ ଆମ ଗ୍ରାମକୁ ଆସିଥିଲେ ।

### ଭାରତ ଆବିଷ୍କାର

୧୭ ତାରିଖ ଜାନୁଆରୀ ଦିନ ମୋର ଆରାରେ କାର୍ଯ୍ୟରେ ଯୋଗ ଦେବାର କଥା । ସେ ସମୟରେ ଯୁଆଡ଼େ ଗଲେ ବି କଲିକତା ବାଟଦେଇ ଯିବାକୁ ହେବ । ପୂର୍ବ ଭାରତରେ କଲିକତାକୁ ନ ଯାଇ କୁଆଡ଼େ ଯାଇ ହେବ ନାହିଁ । ବମ୍ବେରୁ ମୁଁ ପ୍ରଥମେ କଲିକତା ଗଲି । ସେଠାରେ ଟେଲିଗ୍ରାଫ ଅଫିସଠାରେ ମୁଁ ଭାରତବର୍ଷକୁ ଆବିଷ୍କାର କଲି । ଅଫିସ କାଉଣ୍ଟର ପାଖରେ ଦଳେ ଧୋତିପିନ୍ଧା ବଙ୍ଗାଳୀ ଅପେକ୍ଷା କରି ଥାଆନ୍ତି । ସେମାନଙ୍କ ସଙ୍ଗରେ ମୁଁ ଓ ମୋର ବନ୍ଧୁ ଥାଉ । ଆମେ ଦୁଇଜଣ ଟ୍ରାଉଜର ପିନ୍ଧିଥିଲୁ; କିନ୍ତୁ ଆମ ମୁଣ୍ଡରେ କୌଣସି ଟୋପି ନ ଥିଲା । ହଠାତ ଜଣେ ସାହେବଟୋପି ପିନ୍ଧା କୃଷ୍ଣକାୟ ବ୍ୟକ୍ତି ସେଠାରେ ଆସି ପହଞ୍ଚି ଗଲେ । ସେ ସମସ୍ତଙ୍କୁ ଠେଲି ପେଲି ଦେବାପାଇଁ ବ୍ୟସ୍ତ । ଲୋକେ ମଧ୍ୟ ସଙ୍ଗେ ସଙ୍ଗେ ବାଟ ଛାଡ଼ି ଦେଲେ । କାଉଣ୍ଟର ପାଖରେ ବସିଥିବା କିରାଣୀଜଣକ ତାଙ୍କର ସମସ୍ତ କାମ ଛାଡ଼ି ଏ ବ୍ୟକ୍ତିଙ୍କର କାମ କରିବାପାଇଁ ବ୍ୟାକୁଳ । ମୁଁ ସେ ବଙ୍ଗାଳୀମାନଙ୍କ ମଧ୍ୟରୁ କେତେକଙ୍କୁ ପଚାରିଲି, 'ସେ କିଏ'?

* ଶ୍ରୀ ସେନାପତିଙ୍କର ୧୯୨୨ ମସିହାର ଚେହେରା

Digitized by srujanika@gmail.com

"ସେ ଜଣେ ସାହେବ ।" ମୁଁ କହିଲି, ସାହେବ ଅର୍ଥ ? ଉତ୍ତର ମିଳିଲା, ସେ ମୁଣ୍ଡରେ ସାହେବ-ଟୋପି ପିନ୍ଧିଛନ୍ତି ।" ଅତଏବ ସାହେବଟୋପି ହେଉଚି ଭାରତରେ ଉଚ୍ଚ ପଦ ଓ ଅଧିକାରର ପ୍ରତୀକ । ଟୋପି ଦେଖିଲେ ସମସ୍ତଙ୍କୁ ବାଟ ଛାଡ଼ି ଦେବାକୁ ହେବ । ସେହି ଦିନଠାରୁ ମୁଁ ଟୋପିକୁ ଘୃଣା କରିବାକୁ ଲଗିଲି, ଯଦିଓ ସର୍ଯ୍ୟ-କିରଣରୁ ରକ୍ଷା ପାଇବାପାଇଁ ମୋତେ ବହୁ ସମୟରେ ଟୋପି ବ୍ୟବହାର କରିବାକୁ ହୋଇଚି । ଏବେ ଆମେରିକାନମାନେ କହି-ଲେଣି ଯେ ସର୍ଯ୍ୟକିରଣରୁ ମୁଣ୍ଡକୁ ରକ୍ଷା କରିବା ଦରକାର ନାହିଁ । ଭାରତୀୟ ଜନତା କିପରି ଟୋପିକୁ ଘୃଣା କରୁଥିଲେ, ୧୯୩୮ ମସିହାରେ ମୋତେ ତା'ର ପ୍ରମାଣ ମିଳିଲା । ସେତେବେଳର ଧ୍ୱନି ହେଲା, "ଟୋପିବାଲେ ମୁର୍ଦାବାଦ୍ ।"

କଟକରେ ଟାଉନ୍ ହଲରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା । କଟକର ସବୁ ଗଣ୍ୟମାନ୍ୟବ୍ୟକ୍ତି ମୋତେ ସ୍ୱାଗତ ଜଣାଇବାପାଇଁ ଉପସ୍ଥିତ ଥିଲେ । ଜଣେ ବକ୍ତା ମୋ ଉଦ୍ଦେଶ୍ୟରେ ଏକ ସଂସ୍କୃତ ଶ୍ଳୋକ ଉଚ୍ଚାର କରିଥିଲେ । ତାହା ହେଉଚି—

"ଯୌବନଂ ଧନସମ୍ପତ୍ତିଃ ପ୍ରଭୁତ୍ୱମବିବେକିତା
ଏକୈକମପ୍ୟନର୍ଥାୟ କିମୁ ଯତ୍ର ଚତୁଷ୍ଟୟମ୍ ॥"

ଆଜି ମୋର ଯୌବନ ନାହିଁ, ଧନସମ୍ପତ୍ତି ନାହିଁ କି ପ୍ରଭୁତ୍ୱ ନାହିଁ । ତଥାପି ମୁଁ ଏପର୍ଯ୍ୟନ୍ତ ତାହା ମନେ ରଖିଚି ।

## ବେହେଲବାଦକ କାଶୀନାଥ

ଆବ୍ରରେ କାର୍ଯ୍ୟରେ ଯୋଗ ଦେବାପାଇଁ ମୁଁ ଗାଡ଼ିପଞ୍ଚାଣ ଛାଡ଼ିବାବେଳେ ମୋ କଟକେଇ କାଶୀନାଥ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ମୋର ପରିଚାରକରୂପେ ପଠାଇଲେ । ସେ ପ୍ରଥମେ ଗୋଟିପୂଅ ଥିଲେ । ତା'ପରେ ବେହେଲ ବଜାଇଲେ । ଶେଷରେ ଗୋଟିପୁଅଦଳରେ ଯାଇ ବେହେଲଗୁରୁ ହେଲେ । କାଶୀନାଥ ମୋ ସହିତ ଆବ୍ର ଯାଇ ସେଠାରେ ମୋ ଗୃହରକ୍ଷକ, ପୂଜାରୀ, ଭୃତ୍ୟ ଓ ବେହେଲବାଦକ ହୋଇ ରହିଲେ । ସେ ମୋତେ ବେହେଲ ଶିକ୍ଷା ଦେବାପାଇଁ ଚେଷ୍ଟା କରିଥିଲେ; କିନ୍ତୁ ଶେଷକୁ ବୁଝିଗଲେ ଯେ ମୋଦ୍ୱାରା ଏହା ହୋଇ ପାରିବ ନାହିଁ । ମୁଁ ବିଶେଷ କିଛି ସଙ୍ଗୀତ ବୁଝି ପାରୁ ନଥିଲି; କିନ୍ତୁ ଯେବେ ସଙ୍ଗୀତ ଶୁଣିବାପାଇଁ ଇଚ୍ଛା ହେଉଥିଲି, କାଶୀଙ୍କୁ ବେହେଲ ବଜାଇବାପାଇଁ କହୁଥିଲି । ତାଙ୍କର ସମସ୍ତ ଗୁଣସତ୍ତ୍ୱେ କାଶୀନାଥ ବେଶୀଦିନ ରହିପାରି ନଥିଲେ । ଯେତେବେଳେ ମୋ ସ୍ତ୍ରୀ ଆସିଲେ ଓ ଘରର ସବୁ ଦାୟିତ୍ୱ ହାତକୁ ନେଲେ, ସେତେବେଳେ କାଶୀଙ୍କୁ ଛାଡ଼ି ଚାଲିଯିବାକୁ ହେଲା । ଅବଶ୍ୟ ବେହେଲ-ଶିକ୍ଷକ-ରୂପେ କାଶୀନାଥ ରହିଥିଲେ ସେ ନିଶ୍ଚୟ ଖୁସି ହୋଇଥାନ୍ତେ ।

ସରକାରଙ୍କପାଇଁ ଦିନଟା ମଧ୍ୟ ରାତ୍ରିରୁ ଆରମ୍ଭ ନ ହୋଇ ଦିନ ବାରଟାରୁ ଆରମ୍ଭ ହୁଏ ବୋଲି ମୁଁ ଜାଣି ନଥିଲି । ୧୭ ତାରିଖ ମୋର ୧୨ ଦିନ ସମସ୍ତ ପୂରିଗଲା । ୧୭ତାରିଖରେ ମୋର ଯୋଗ ଦେବାର କଥା । ମୁଁ ଯେଉଁ ଗାଡ଼ିରେ ଆସୁଥିଲି ୧୭ତାରିଖଦିନ ୧୨ଟା ପରେ ତାହା ଆସି ଆବ୍ର ଷ୍ଟେସନରେ ପହଞ୍ଚିଲା । କଲେକ୍ଟର ମୋତେ କହିଲେ ମୋର ଯୋଗ ଦେବା ସମୟ ଗଡ଼ିଗଲାଣି; କିନ୍ତୁ ଦିନ ୧୨ଟା

Digitized by srujanika@gmail.com

ପଟରୁ ଜଲଭିତରେ ଗାଡ଼ି ପହଞ୍ଚି ଯାଇଥିବାରୁ ମୁଁ ରିପୋର୍ଟ ଦେଇପାରେ ଯେ ପୂର୍ବାହ୍ନରେ ମୁଁ କାର୍ଯ୍ୟରେ ଯୋଗ ଦେଇଛି ।

ପହଞ୍ଚିବା ସଙ୍ଗେ ସଙ୍ଗେ କେତେଜଣ ଡେପୁଟି କଲେକ୍ଟର, କିରାଣି ଓ ପିଅନଙ୍କୁ ମୋର ସାକ୍ଷାତ୍‌ପାଇଁ ଅପେକ୍ଷା କରିଥିବାର ଦେଖିଲି । ସେମାନେ ମୋତେ 'ଇଓର ଅନର' **(your honour)** ବୋଲି ସମ୍ବୋଧନ କରିବାରୁ ମୋତେ ତାହା ସୁଖ ଲଗିଲା ନାହିଁ । ଏଣିକି ଏପରି ସମ୍ବୋଧନ ନ କରିବାକୁ ମୁଁ ସେମାନଙ୍କୁ କହିଲି । ସଙ୍ଗେ ସଙ୍ଗେ ଏହା କଲେକ୍ଟରଙ୍କ କାନକୁ ଚାଲିଗଲା ।

ଆଗ୍ରାର ବାତାବରଣ ଜର୍ମାନୀର ନାଜି-ଶାସନପରି ଥିଲା । ତୁମେ ଯାହା କରୁଥିଲ କି କହୁଥିଲ, ତାହା ରିପୋର୍ଟ ହେଉଥିଲା । କଲେକ୍ଟରଙ୍କୁ କେନ୍ଦ୍ର କରି ସାହାବାଦର ସଂସାର ଚାଲୁଥିଲା । ଆଗ୍ରାର ପ୍ରଥମ ଭାରତୀୟ ଆଇ. ସି. ଏସ ଅଫିସର ଥିଲେ ସମସ୍ତଙ୍କପାଇଁ ଏକ ଦର୍ଶନୀୟ ବସ୍ତୁ ।

## ମାଜିଷ୍ଟ୍ରେଟଙ୍କ ପାନଖିଆ

ମୁଁ ପ୍ରଥମେ ଜଣେ କିରାଣୀଭାବରେ କାମ ଆରମ୍ଭ କଲି । ସରକାରୀ ରାଜସ୍ୱ ଆଦାୟର ରେକର୍ଡ ମୁଁ ପ୍ରସ୍ତୁତ କରୁଥିଲି ଏବଂ ଆଦାୟପାଇଁ ସମସ୍ତ ବ୍ୟବସ୍ଥା କରୁଥିଲି । ଏଥି ସଙ୍ଗେ ସଙ୍ଗେ ବିଭାଗୀୟ ପରୀକ୍ଷାପାଇଁ ସବୁ ଫୌଜଦାରୀ ମୋକଦ୍ଦମାର ରେକର୍ଡ ପ୍ରସ୍ତୁତ ମଧ୍ୟ ମୋତେ କରିବାକୁ ହେଉଥିଲା ଓ ସେଥିପାଇଁ ଜଣେ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟଙ୍କ ପାଖରେ ମୁଁ ବସୁଥିଲି । ମାଜିଷ୍ଟ୍ରେଟ ଜଣକ ସବୁବେଳେ ପାନ ଚୋବାଇବାରେ ଲାଗିଥିଲେ ଓ ଇଜଲାସରେ ତାଙ୍କ ଚୌକି ପାଖରେ ଥୁଆହୋଇଥିବା ପିକଦାନୀରେ ପାନପିକ ପକାଉଥିଲେ । କେତେଜଣ ମୁକ୍ତାର ଛିଣ୍ଡା କାଳାକନା (ପୂର୍ବେ ହୁଏତ ତାହା ଏକ ମୁକ୍ତାରୀ ପୋଷାକ ଥିଲା) ପିନ୍ଧି ତାଙ୍କ କୋଠରୀକୁ ଆସୁଥିଲେ । ଜଣେ ମୁକ୍ତାର ତାଙ୍କ ପୋଷାକକୁ କେବେ ହେଲେ ଧୋଉ ନ ଥିଲେ, ଯାହା ଫଳରେ କି ସେଥିରୁ ଭାରି ଦୁର୍ଗନ୍ଧ ବାହାରୁଥିଲା ଏବଂ ଟଣାବାଲା ପଙ୍ଖାଯୋଗେ ସେ ଦୁର୍ଗନ୍ଧ ମାଜିଷ୍ଟ୍ରେଟଙ୍କ ଆସନ ଆଡ଼କୁ ଚାଲିଯାଉଥିଲା । ସେଥିପାଇଁ ବୋଧହୁଏ ମାଜିଷ୍ଟ୍ରେଟ ବହୁତ ପାନ ଚୋବାଉଥିଲେ ଓ ଅତର ଲଗାଇ ଆସୁଥିଲେ ।

ରବିବାରମାନଙ୍କରେ ମୁଁ ସାଇକଲମାରି ଚୌକିଦାରୀ ଟିକସ କିପରି ଧାର୍ଯ୍ୟ ହେଉଛି, ତାହା ତଦନ୍ତ କରିବାପାଇଁ ଯାଉଥିଲି । ଥରେ ଦେଖିଲି ଯେ ଗୋଟିଏ ଦୋମହଲା କୋଠାର ଟିକସ ଟ ୧୧ ଙ୍କା ଓ ତାକୁ ଲଗି ଏକ ଚାଳ-ଘରର ଟିକସ ଟ୧୬ଙ୍କା ହୋଇଛି । କୈଫିୟତ ମିଳିଲା, ଚାଳଘରବାଲା ଜଣେ କୃପଣ ବ୍ୟକ୍ତି । ଘରଭିତରେ ସେ ବହୁତ ଟଙ୍କା ସୁନା ପୋତି ରଖିଛି ଓ ରାତିହେଲେ ତା' ଉପରେ ଶୋଉଛି । ପୋତା ଧନକୁ ଜଗିବାପାଇଁ ଚୌକିଦାରକୁ ବେଶୀ ପରିଶ୍ରମ କରିବାକୁ ପଡ଼ୁଛି । କୋଠା-ଘରର ସେ ସମସ୍ୟା ନାହିଁ ।

ଆଗ୍ରାରେ ଥିବା ଘୋଡ଼ସବାର ପୋଲିସ ଦଳ ପୋଲୋ ଖେଳପାଇଁ ବେଶ୍ ସୁଯୋଗ ଦେଉଥିଲେ ଓ ମୁଁ କେତେଥର ଖେଳିବାର

Digitized by srujanika@gmail.com

ସୁଯୋଗ ପାଇଥିଲି । ଏ ଖେଳରେ ମୋର ଠିକ୍ ମନ ଲଗିଲାବେଳକୁ ମୁଁ ଆଗରୁ ବଦଳି ହୋଇଗଲି । ସନ୍ଧ୍ୟା ପୂର୍ବରୁ ଟେନିସ୍ ଓ ପରେ ବ୍ରିଜ୍ କିମ୍ବା ବିଲିୟାର୍ଡ୍ ଖେଳିବା ଆଗ କ୍ଳବରେ ସଭ୍ୟ ଥିବାବେଳେ ମୋର ଏକ ଦୈନନ୍ଦିନ ଅଭ୍ୟାସ ଥିଲା । ବର୍ଷାକାଳରେ ସ୍କୁଲ ପିଲାଙ୍କ ସାଙ୍ଗରେ ମୁଁ ଫୁଟବଲ୍ ଖେଳୁଥିଲି ।

ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟଭାବରେ ପୋଲିସ୍ ଆଇନ ଅନୁଯାୟୀ ମୁଁ ପ୍ରଥମେ ଏକ ଫୌଜଦାରୀ ମକଦ୍ଦମାର ବିଚାର କରିଥିଲି । ଜଣେ ସ୍ଥାନୀୟ ରାଜନୈତିକ ନେତାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା ଯେ ସେ ଏକ ସର୍ବସାଧାରଣ ସ୍ଥାନରେ ସଭା କରିଛନ୍ତି । ସର୍ବସାଧାରଣ ସ୍ଥାନର ପ୍ରମାଣ ଅଭାବରୁ ମୁଁ ତାଙ୍କୁ ଖଲାସ କରିଦେଲି । ଜିଲ୍ଲା ମାଜିଷ୍ଟ୍ରେଟ ସେହିଦିନ ସବୁ କାଗଜପତ୍ର ମଗାଇ ପଠାଇଲେ; କିନ୍ତୁ କିଛି କହିଲେ ନାହିଁ । ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ ମୋତେ କହିଲେ, ଆପଣ ଜଣେ ଖଲାସ କରିବା (**acquitting** ମାଜିଷ୍ଟ୍ରେଟ । ପୋଲିସ୍ ଓ ଆଇନଜ୍ଞମାନଙ୍କ ମନରେ ମାଜିଷ୍ଟ୍ରେଟମାନଙ୍କର ଦୃଷ୍ଟିରୁ ଗୋଟିଏ ବ୍ୟାଧି ଥିବା ଉଚିତ—'ଖଲାସ କରିବା' କିମ୍ବା ଦଣ୍ଡ ଦେବା' (**con-victing)**

ମୋର ଆରାରେ ଥିବା ସମୟରେ ୩୦ ବର୍ଷ ପରେ ଭାରତର ରାଷ୍ଟ୍ରପତି ହୋଇଥିବା ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନସମ୍ପର୍କରେ ଏକ ରାଜନୈତିକ ମକଦ୍ଦମାରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କୋର୍ଟକୁ ଟଣା ହୋଇ ଆସିବାକୁ ପଡ଼ିଥିଲା । ରାଜେନ୍ଦ୍ର ପ୍ରସାଦଙ୍କୁ ଡକ୍‌ରେ ଠିଆ ହୋଇ ରହିବାକୁ ପଡ଼ିଥିଲା, ମାତ୍ର ତାହା ଅଧଘଣ୍ଟାରୁ ବେଶୀ ନୁହେଁ । ବିହାରର ଖବରକାଗଜମାନେ ଏଥିପାଇଁ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ତୀବ୍ର ଆକ୍ରମଣ କରିଥିଲେ । ମୁଁ ପାଟନାର 'ସର୍ଚ୍ଚ ଲାଇଟ୍' ସମ୍ବାଦପତ୍ରକୁ ଏକ ପତ୍ରରେ ଲେଖିଲି, ଆଇନର ଆଖିରେ ସମସ୍ତେ ସମାନ । ରାଜେନ୍ଦ୍ରବାବୁ ନିଜେ ଜଣେ ସୁନାମଧନ୍ୟ ଆଇନଜ୍ଞ । ତାଙ୍କ ପ୍ରତି କୋର୍ଟର ସ୍ୱତନ୍ତ୍ର ବିଚାର ବା ସୁବିଧା ଦାନକୁ ସେ କେବେହେଲେ ପସନ୍ଦ କରି ନ ଥାନ୍ତେ । ସମ୍ପାଦକ ଏ ଚିଠି ଉପରେ ତାଙ୍କର ମନ୍ତବ୍ୟ ଦେଇ ଲେଖିଥିଲେ ଯେ ମୁଁ ଅଭିସନ୍ଧି ରଖି ଏହିପରି ଲେଖିଛି ।

## ଲାଲ ଫିତା

ଜିଲ୍ଲା ଅଫିସରେ ତିନିବର୍ଷଧରି ଘୂରୁଥିବା ଗୋଟିଏ ଫାଇଲ୍ କଲେକ୍ଟର ମୋ ପାଖକୁ ପଠାଇ ଦେଇଥିଲେ । ପ୍ରଥମ ମହାଯୁଦ୍ଧ (୧୯୧୪-୧୮) ସମୟରେ ଲୁଗା କିଣି ବଣ୍ଟା କରିବାପାଇଁ ଜିଲ୍ଲାବୋର୍ଡ଼ମାନଙ୍କୁ ସରକାର ଟଙ୍କା ମଞ୍ଜୁର କରିଥିଲେ । ନିଜେ କଲେକ୍ଟର ଥିଲେ ସାହାବାଦ ଜିଲ୍ଲା-ବୋର୍ଡର ଚେୟାରମ୍ୟାନ । ଏ ଜିଲ୍ଲା ବୋର୍ଡ ୬୦ ହଜାର ଟଙ୍କାର ହିସାବ ଦେଇ ପାରିଲେ ନାହିଁ । କେହି ଜଣେ ହେଲେ ସବୁ ଭାଉଚରକୁ ଏକାଠି କରି ମିଶାଇବାର ଉଦ୍ୟମ କରି ନ ଥିଲେ । ମୁଁ ୭ ଦିନ ମଧ୍ୟରେ ତାହା କରିଦେଲି । ଦେଖାଗଲା ଯେ ୬୦ ହଜାର ଟଙ୍କା ଲୁଗା କିଣା ଯାଇଥିବାର ହିସାବ ମିଳୁ ନ ଥିଲେ ମଧ୍ୟ ଏହାଠାରୁ ବହୁତ ବେଶୀ ଟଙ୍କାର ଲୁଗା ବଣ୍ଟା ହୋଇଥିବାର ହିସାବ ମିଳୁଛି । ଲୁଗା କିଣାର କେତେକ ରସିଦ ନଷ୍ଟ ହୋଇ ଯାଇଛି ।

Digitized by srujanika@gmail.com

ଇଂଲଣ ଅଫିସର ଦାୟିତ୍ୱରେ ମୁଁ କିଛିଦିନ ରହିଥିଲି । ଇଂଲଣ ଅଫିସ୍ ହେଉଚି କଲେକ୍ଟରେଟରେ ଇଂରାଜୀରେ ଦିଆ ନିଆ ହେଉଥିବା ଚିଠିପତ୍ରବିଭାଗ । ଦକ୍ଷିଣ ଆଫ୍ରିକାରେ ଯେଉଁସବୁ ଭାରତୀୟଙ୍କୁ ଶ୍ରମିକରୂପେ ନିଆ ଯାଇଥିଲି, ସେ ସମ୍ପର୍କୀୟ ଏକ ଫାଇଲରେ ମତାମତ ଦେବାପାଇଁ ଆସିଲି । କାମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଛାତ୍ର ଥିବାବେଳେ ମୁଁ ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ସମସ୍ୟା ସମ୍ପର୍କରେ ଅଧ୍ୟୟନ କରିଥିଲି ଓ ଶ୍ରୀ ପୋଲକଙ୍କ ସମ୍ପର୍କରେ ଆସିଥିଲି । ଫାଇଲ୍‌ରେ ମୋର ମନ୍ତବ୍ୟ କଲେକ୍ଟରଙ୍କ ମନକୁ ପାଇଲା ନାହିଁ । ସେ ମୋତେ ଡାକି କହିଲେ, "ତୁମର ଏକ ବ୍ରିଟିଶ୍‌ବିରୋଧୀ ମନୋଭାବ ଦେଖା ଗଲାଣି ।" ମୁଁ କହିଥିଲି, "ଦକ୍ଷିଣ ଆଫ୍ରିକା ବିଷୟରେ ମୁଁ ନିଶ୍ଚୟ ବ୍ରିଟିଶ୍‌ବିରୋଧୀ ।"

## ଗନ୍ଧକ

୧୯୨୨ ଜୁନ୍ ମାସରେ କଲେକ୍ଟର ଛୁଟି ନେବାରୁ ଏସ,ଡ଼ି,ଓ ଅସ୍ଥାୟୀ କଲେକ୍ଟର ହେଲେ । ମୁଁ ତାଙ୍କ ସହିତ ରୋହିଟାସ ଗଡ଼ରେ ଯାଇଥିବାବେଳେ ଦିନେ ଭୋରରୁ ବନ୍ଧୁକ ଧରି ଜଙ୍ଗଲୀ କୁକୁଡ଼ା ମାରିବାପାଇଁ ବାହାରିଗଲି । ଜଙ୍ଗଲଭିତରେ ଯିବାବେଳେ ଦେଖିଲି କ'ଣ ଧଳା ଗୁଣ୍ଡସବୁ ଭୂଇଁରେ ଚାରିଆଡ଼େ ବିଛାଇ ହୋଇ ପଡ଼ିଛି । ମୁଁ ସେଥିରୁ କିଛି ସଂଗ୍ରହ କରି ଆଗକୁ ଆଣିଲି । ଅସ୍ଥାୟୀ କଲେକ୍ଟର ଓ ସସାରାମର ଏସ,ଡ଼ି,ଓ (ରୋହିଟାସ ସସାରାମ ସବଡିଭିଜନର ଅନ୍ତର୍ଭୁକ୍ତ) ଏ ଗୁଣ୍ଡ କ'ଣ କିଛି କହି ପାରିଲେ ନାହିଁ ଓ ଏଥିରେ ଆଗ୍ରହ ମଧ୍ୟ ପ୍ରକାଶ କଲେ ନାହିଁ । ଆଗରେ ଏକ ବୃହତ୍ତ୍ୱଯନ୍ତ୍ର କାଚ (**magnifyIng glass**) ସାହାଯ୍ୟରେ ଏହି ଗୁଣ୍ଡ ଉପରେ ସୂର୍ଯ୍ୟକିରଣ ପକାଇ ମୁଁ ଦେଖିଲି ଯେ ଗନ୍ଧକଧୂଆଁ ବାହାରୁଚି । ମୁଁ ପାଟିକରି ଉଠିଲି "ୟୁରେକା, ୟୁରେକା" । ମୁଁ ଭାରତରେ ମିଳୁ ନ ଥିବା ଗନ୍ଧକର ଆବିଷ୍କାର କରି ପାରିଚି । ମୁଁ ଭାରତୀୟ ଭୂତତ୍ତ୍ୱ-ସମୀକ୍ଷାବିଭାଗର ବିଷୁ ବିବରଣୀ ପାଠ କଲି ଓ ମୋର ଗନ୍ତବ୍ୟ ଡ଼ାଏରୀ ଲେଖିଲି । ମୁଁ କଲେକ୍ଟରଙ୍କୁ ଏ ସାଉଁତର ଦେଲି । ସେ ତାଙ୍କ ସହିତ ରହିଥିବା ବାଡ଼ଏଣ୍ଡ କମ୍ପାନୀର ଜଣେ ଅଫିସରଙ୍କୁ ତାହା ଦେଇଥିଲେ । ସେ ସମ୍ପର୍କରେ ମୁଁ ଆଉ କିଛି ଶୁଣିବାକୁ ପାଇଲି ନାହିଁ । ମୁଁ ବର୍ତ୍ତମାନ ଶୁଣିବାକୁ ପାଉଚି ଯେ ସରକାର ସେହି ଅଞ୍ଚଳରେ ଗନ୍ଧକର ଅନୁସନ୍ଧାନ କରୁଛନ୍ତି ।

ମୁଁ ଆରାରେ ଗୋଟିଏ ବର୍ଷ କଟାଇଲି । ଏହି ବର୍ଷମଧ୍ୟରେ ଆରା କ୍ଲବରେ ଏକ ସଙ୍କଟ ଦେଖା ଦେଲା । ଆରାରେ ଥିବା ଭାରତୀୟ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ସବୁ କର୍ମଚାରୀଙ୍କ ମଧ୍ୟରେ ସିନିଅର ଥିଲେ । ସେ ନୂଆ ହୋଇ ଆସିଥିବା ଭାରତୀୟ ସିଭିଲସର୍ଜନଙ୍କୁ କ୍ଲବର ସଭ୍ୟ ହେବାପାଇଁ ପ୍ରସ୍ତାବ କଲେ । ମୁଁ ତାହା ସମର୍ଥନ କଲି । ଡିଷ୍ଟ୍ରିକ୍ଟ ଇଞ୍ଜିନିୟରଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟ ହେଲେ ୟୁରୋପୀୟ । ଜିଲ୍ଲା ବୋର୍ଡ ପକ୍ଷରୁ ହେଉଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଓ ଜିଲ୍ଲା ଇଞ୍ଜିନିୟରଙ୍କ ଗସ୍ତସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଓ ଜିଲ୍ଲା ଇଞ୍ଜିନିୟରଙ୍କ ମଧ୍ୟରେ ଖୁବ୍ କଡ଼ା ଚିଠିପତ୍ର ଦିଆନିଆ ଚାଲିଥିଲା । ଆରା କ୍ଲବକୁ

Digitized by srujanika@gmail.com

ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କୁ ହଟାଇବା ପାଇଁ ସବୁ ୟୁରୋପୀୟ ସଭ୍ୟ ମିଳିତଭାବରେ ନୂଆ ସିଭିଲସର୍ଜନଙ୍କ ସଭ୍ୟ ହେବା ପ୍ରସ୍ତାବର ବିରୋଧ କଲେ । ଫଳରେ ସେ ସଭ୍ୟ ହୋଇ ପାରିଲେ ନାହିଁ । ପ୍ରସ୍ତାବକ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଓ ସମର୍ଥକଭାବରେ ମୁଁ ଆଉ କ୍ଲବରୁ ଇସ୍ତଫା ଦେଇ ଦେଲି । ଜିଲାର କେନ୍ଦ୍ର ସ୍ଥାନରେ ଥିବା ପ୍ରଧାନ ପ୍ରଧାନ ସରକାରୀ କର୍ମଚାରୀଙ୍କ ମଧ୍ୟରେ ୟୁରୋପୀୟ ଓ ଭାରତୀୟଭାବ ସୃଷ୍ଟି ହୋଇଥିବାଯୋଗୁଁ ସରକାର ଜିଲା କଲେକ୍ଟରଙ୍କୁ ତାଙ୍କର କାର୍ଯ୍ୟକଳାପ-ପାଇଁ ଦାୟୀ କରିଥିଲେ । ଆଉ କ୍ଲବକୁ ମୋତେ ଆଣିବାପାଇଁ କଲେକ୍ଟର ଏକ ସୁଯୋଗ ଅପେକ୍ଷାରେ ଥିଲେ ।

୧୯୨୩ ମସିହା ଜାନୁଆରୀ ମାସରେ ମୁଁ ବିହାର ସବ୍‌ଡିଭିଜନାଲ ଅଫିସରରୂପେ ନିଯୁକ୍ତ ହେଲି । ସେତେବେଳକୁ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ ସହିତ ମୋର ସମ୍ପର୍କ ଆଉ ପୂର୍ବ-ପରି ଭଲ ନ ଥିଲା । ମୁଁ କଲେକ୍ଟରଙ୍କ ଅନୁରୋଧ ରକ୍ଷା କରି ଆଉ କ୍ଲବରେ ପୁନର୍ବାର ଯୋଗ ଦେଲି ।

## ଜୀବନର ଦ୍ୱନ୍ଦ୍ୱ

ଏ ମଧ୍ୟରେ ମୁଁ ଦୁଇଟିଯାକ ବିଭାଗୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମୋର ପୂର୍ବ ଦରମାର ଦୁଇଗୁଣ ପାଉଥିଲି; କିନ୍ତୁ ଭିତରରେ ମୋତେ ଅଫିସରୀ ଭଲ ଲାଗୁ ନ ଥିଲା । ମୁଁ ଯେଉଁ ଉଚ୍ଚ ଶିକ୍ଷା ଲାଭ କରିଥିଲି, ତା'ର ସଦୁପଯୋଗ ମୁଁ କରୁଛି ବୋଲି ମନେ କରୁ ନ ଥିଲି । ଏକ ଦାସମନୋବୃତ୍ତି ଭିତରେ ଘେରି ରହିଥିଲି । ଜଣେ ଶିକ୍ଷକ ହୋଇଥିଲେ ମୁଁ ଅଧିକ ସୁଖୀ ହୋଇ ପାରନ୍ତି ବୋଲି ମୁଁ ମନେ କଲି । ଏଲାହାବାଦ ବିଶ୍ୱବିଦ୍ୟାଳୟରେ ଭୂଗୋଳ ବିଭାଗରେ ରିଡ଼ର ହେବାପାଇଁ ମୁଁ ଗୋଟିଏ ଦରଖାସ୍ତ ପଠାଇଲି ଓ ସେଥିରେ ଉଲ୍ଲେଖ କଲି ଯେ ନିର୍ବାଚିତ ହେଲେ ମୁଁ ଆଇ. ସି. ଏସ.ରୁ ଇସ୍ତଫା ଦେଇ ଦେବି । ଏହି ସମୟ ମଧ୍ୟରେ ମୋର ବ୍ୟକ୍ତିଗତ ଜୀବନରେ କେତେକ ପରିବର୍ତ୍ତନ ଘଟିବାକୁ ବସିଥିଲା । ଛ' ମାସ ପରେ ଯେଉଁ ମହିଳାଙ୍କୁ ମୋର ବିବାହ କରିବାର କଥା ଆଇ. ସି. ଏସ.ରେ ରହିବାପାଇଁ ସେ ମୋତେ ସଫଳତାର ସହିତ ପ୍ରବର୍ତ୍ତାଇ ଥିଲେ । ତା'ପରେ ପାଟନାରେ ଗୃରହନ ଥିବା-ବେଳେ ମୋର ତାଙ୍କ ସହିତ ଦୁଇ ଥର ଦେଖା ହୋଇଥିଲା । ସେ ବନ୍ଧୁତ୍ୱ ପାର୍ଟି ଦେଇଥିଲେ ଓ ସେଥିରେ ମୁଁ ଓ ମୋର ଜଣେ ବନ୍ଧୁ ବହୁ ଝିଅଙ୍କ ସହିତ ମିଶିବାର ସୁଯୋଗ ପାଇଥିଲୁ; କିନ୍ତୁ କିଛି ଫଳ ହେଲା ନାହିଁ । ୧୦ ବର୍ଷ ବୟସରେ ମୁଁ ମହାଦେବଙ୍କ ଆଗରେ ପ୍ରତିଜ୍ଞା କରିଥିଲି ଯେ ମୁଁ ବିଧବା ବିବାହ କରିବି । ଏ ପ୍ରତିଜ୍ଞାର କଥା ମୁଁ କାହାରିକୁ କହି ନାହିଁ । କିପରି ଏହା ଘଟିଲା ମୁଁ ଅନ୍ୟ ଘଟଣାରେ ପରେ ତାହା ଉଲ୍ଲେଖ କରିବି । ଇଏ ଜଣେ ବିଧବା । ଏହାଙ୍କ ପ୍ରତି ମୁଁ ଆକୃଷ୍ଟ ହୋଇ ଗଲି । ମୋର ପ୍ରତିଜ୍ଞାର କଥା କିଛି ନ କହି ତାଙ୍କ ପଛରେ ମୁଁ ଲାଗିଲି । ବର୍ଷକ ପରେ ସେ ରାଜି ହୋଇଗଲେ ।

## ମିଷ୍ଟର ଦାସ

୧୯୨୨ ମସିହା ଗ୍ରୀଷ୍ମଋତୁରେ ମଧୁସୂଦନ ଦାସ ବିହାର-ଓଡ଼ିଶା ମନ୍ତ୍ରୀଭାବରେ ଆସି

Digitized by srujanika@gmail.com

ଗସ୍ତରେ ଆସିଲେ । ତାଙ୍କୁ ସମ୍ବର୍ଦ୍ଧନା ଜଣାଇବାପାଇଁ ବହୁ ସାଧାରଣ ଉତ୍ସବ ହୋଇଥିଲା, ସେ ଗୃ ଖାଇବାପାଇଁ ମୋ ନିମନ୍ତ୍ରଣ ରକ୍ଷା କରି କେବଳ ବ୍ୟକ୍ତିଗତ ମୋ' ଘରକୁ ଆସିଥିଲେ । ମୁଁ ଆଉ କାହାରିକୁ ଡାକି ନ ଥିଲି । ଜଣେ କଲେଜ ପିଲଭାବରେ ସେ ମୋତେ ପୂର୍ବରୁ ଜାଣିଥିଲେ । ସେତେବେଳେ ମୋର ଜଣେ ଦୁଃସ୍ଥ ଗ୍ରାମ ବନ୍ଧୁ ଯେଉଁ ବୃତ୍ତି ପାଉଥିଲେ ତାହା ତାଙ୍କ ପାଇଁ ଯଥେଷ୍ଟ ହେଉ ନଥିଲା । ମୁଁ ମଧୁସୂଦନଙ୍କ **ପାଖକୁ** ଏହି ଗ୍ରାମବନ୍ଧୁଙ୍କୁ କିଛି ସାହାଯ୍ୟ କରିବାପାଇଁ ଚିଠି ଲେଖିଥିଲି । ସଙ୍ଗେ ସଙ୍ଗେ ଉତ୍ତରସ୍ୱରୂପ ୧୦ଟି ଟଙ୍କା ଆସିଗଲା ଓ ଗ୍ରାମବନ୍ଧୁଙ୍କ କଲେଜ ଶିକ୍ଷା ଶେଷ ହେବା ପର୍ଯ୍ୟନ୍ତ ମାସିକ ଦଶଟଙ୍କା ସାହାଯ୍ୟର ପ୍ରତିଶ୍ରୁତି ମିଳିଲା । ଗ୍ରୀଷ୍ମମାସ ହେଲା ଆସିଥିବା ଜଣେ ଆସିଷ୍ଟାଣ୍ଟ ମାଜିଷ୍ଟ୍ରେଟଙ୍କ ଘରକୁ ଜଣେ ମନ୍ତ୍ରୀ ଆସିବାର ଘଟଣା ସେତେବେଳେ ଆମ ସହରରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଗୃ' ଖାଇବା ସମୟରେ ମୁଁ ତାଙ୍କୁ ଆମ୍ବର କେତେକ ସ୍ୟାମ୍ପ୍ଲ ଉଚିତ ଖାଇବାକୁ ଦେଇଥିଲି । ସେ ଖାଲି ଆମ୍ବ ମାଗିଲେ । ମୋ ବଗିଚାରେ ଥିବା ୧୦।୧୨ ପ୍ରକାର ଆମ୍ବ ଆଣି ମୁଁ ଥୋଇ ଦେଲି । ସେ ସବୁଥିରୁ ଅଳ୍ପ ଖଣ୍ଡେ ଖଣ୍ଡେ କାଟି ଚାଖିଲେ ଓ ଖୁବ୍ ଭଲ ଆମ୍ବ ବୋଲି ମନ୍ତବ୍ୟ ଦେଲେ ।

—କ୍ରମଶଃ

"ପରେ କ'ଣ ହେବ, ଯେ ସବୁବେଳେ ଏହି କଥା ଭାବେ, ତା'ଦ୍ୱାରା କୌଣସି କାର୍ଯ୍ୟ ହୋଇପାରେ ନାହିଁ । ଯାହା ସତ୍ୟ ଓ କରଣୀୟ ବୋଲି ମନେ କର, ତାହା ଶୀଘ୍ର କରିଯାଅ । ପରେ କ'ଣ ହେବ, ନ ହେବ, ସେକଥା ଭାବିବା ଦରକାର କ'ଣ ? ଏତେ ଟିକିଏ ତ ଜୀବନ ! ତା' ଭିତରେ ଏତେ ଫଳାଫଳ ହିସାବ କଲେ କ'ଣ କୌଣସି କାର୍ଯ୍ୟ ହୋଇ ପାରିବ । ଫଳାଫଳର ଦାତା ହେଉଛନ୍ତି ଏକମାତ୍ର ସେହି ଈଶ୍ୱର । ସେ ଯାହା କରିବାର କରିବେ । ତେଣୁ ସେ କଥାରେ ଏତେ ମନ ଦେଇ ଲାଭ କ'ଣ ? ଫଳାଫଳ ଆଡ଼କୁ ନ ଚାହିଁ କାମ କରିଯାଅ ।"

—ସ୍ୱାମୀ ବିବେକାନନ୍ଦ

Digitized by srujanika@gmail.com

*With Best Compliments*
*Of*

# STRAW PRODUCTS
# Ltd.

**( J. K. Paper Mills )**

## JAYKAYPUR

**Dt. Koraput**
**ORISSA**

Digitized by srujanika@gmail.com

# ଅଭିମନ୍ୟୁ ଶପଥ

ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ
ବି. ଏ., ଡି. ଏମ୍. ଏସ୍. ଏ

"ହେ ଗୋବିନ୍ଦ, ମୋର ମନ ସ୍ଥିର ରହୁ ନାହିଁ । ଶରୀର ଅବସନ୍ନ ଜଣାଯାଉଛି । ତୁଣ୍ଡରୁ ବାକ୍ୟ ସ୍ଫୁରୁ ନାହିଁ । ନାନା ଅଶୁଭ ସଙ୍କେତ ଦେଖାଯାଉଛି । ଯୁଧିଷ୍ଠିର ଓ ଆମ୍ଭର ସେନାପତିମାନେ କୁଶଳରେ ଅଛନ୍ତି ତ ?"

ଦ୍ରୁତଗାମୀ ରଥଯୋଗେ ପାଣ୍ଡବ-ଶିବିରକୁ ଫେରି ଆସୁଥିବା ପାର୍ଥ-ସାରଥି ଶ୍ରୀକୃଷ୍ଣ ଶୋକାତୁର ଅର୍ଜୁନଙ୍କୁ ଉତ୍ତର ଦେଲେ "ଯୁଧିଷ୍ଠିର ଓ ତାଙ୍କ ଅମାତ୍ୟମାନେ ଭଲ ଅଛନ୍ତି । ଯାହା ଅନିଷ୍ଟର ଆଶଙ୍କା ହେଉଛି, ତାହା କିଛି ନୁହେଁ । ସେଥିପାଇଁ ତୁମ୍ଭେ ଶୋକ କର ନାହିଁ ।"

ସେତେବେଳେ କୁରୁକ୍ଷେତ୍ର ରଣଭୂମିରେ ସନ୍ଧ୍ୟା ନଇଁ ଆସିଥିଲା । ସେ ଦିନର ଯୁଦ୍ଧ ଏପରି ଭୟାନକ ହୋଇଥିଲା ଯେ ତା'ର କୌଣସି ପଟାନ୍ତର ନ ଥିଲା । ମହାବୀର ଅଭିମନ୍ୟୁ ଦ୍ରୋଣଙ୍କ ନିର୍ମିତ ଚକ୍ରବ୍ୟୂହ ଭେଦକରି ଅସାଧ ସାଧନ କରିଥିଲେ ଓ ଏକାକୀ ମତ୍ତହସ୍ତୀ ପଦ୍ମ-ବନକୁ ଦଳନ କଲାପରି କୌରବସେନାଙ୍କୁ ଛିନ୍ନ ବିଛିନ୍ନ କରି କର୍ଣ୍ଣ, ଦୁଃଶାସନ, ଦୁର୍ଯ୍ୟୋଧନପ୍ରଭୃତି ଯୋଦ୍ଧାମାନଙ୍କୁ ପରାଜିତ କରିଥିଲେ ଓ ଶହ ଶହ ସୈନ୍ୟଙ୍କୁ ନିହତ କରିଥିଲେ; କିନ୍ତୁ ଏହି ଚତୁର୍ଦ୍ଦଶବର୍ଷୀୟ ବାଳକ ପିତା ଅର୍ଜୁନଙ୍କଠାରୁ ଚକ୍ରବ୍ୟୂହ ଭେଦ କରିବାର କୌଶଳ ଶିଖିଥିଲେ ମଧ୍ୟ ସେଥିରୁ ବାହାରି ଆସିବାର ଉପାୟ ଶିଖି ନ ଥିଲେ । ତେଣୁ ସେହି ସୁଯୋଗରେ କୌରବମାନେ କ୍ଷାତ୍ର ଧର୍ମ ବିରୋଧୀ ଅନ୍ୟାୟ ଯୁଦ୍ଧର ଆଶ୍ରୟ ନେଇ ବାଳକ ଅଭିମନ୍ୟୁଙ୍କୁ ଚାରିଆଡ଼ୁ ଘେରିଯାଇ ହତ୍ୟା କରିଥିଲେ । ମହାଭାରତର ବହୁ କଳଙ୍କମୟ କାହାଣୀଭିତରେ ଏହା ଥିଲା ସବୁଠାରୁ ଲୋମହର୍ଷଣକାରୀ ।

## ସଂଶପ୍ତକ

ସେଦିନ ଯୁଦ୍ଧରେ ଅର୍ଜୁନ କୁରୁକ୍ଷେତ୍ରର ପ୍ରଧାନ ସମରାଙ୍ଗଣରେ ଉପସ୍ଥିତ ନ ଥିଲେ । ସଂଶପ୍ତକମାନଙ୍କଦ୍ୱାରା ଆହୂତ ହୋଇ ସେ ସେମାନଙ୍କ ସହିତ ଯୁଦ୍ଧ କରିବାକୁ ଦୂରକୁ ଚାଲି ଯାଇଥିଲେ । ଏବର ଯୁଦ୍ଧରେ ଯେପରି 'ସୁଇସାଇଡେଲ୍ ବ୍ରିଗେଡ୍' ବା ଅସାଧ ସାଧନପାଇଁ ମୃତ୍ୟୁଦରଣକାରୀ ଦଳ ଅଛନ୍ତି, ସେତେବେଳେ ମଧ୍ୟ ସେହିପରି ଦଳ ଥିଲେ । ଏମାନଙ୍କୁ ସଂଶପ୍ତକ କୁହାଯାଉଥିଲା । ତ୍ରିଗର୍ତ୍ତ ଦେଶର ରାଜା ସୁଶର୍ମାଙ୍କ ନେତୃତ୍ୱରେ ତ୍ରିଗର୍ତ୍ତ ସେନା ଏହି ସଂଶପ୍ତକ ବ୍ରତ କିମ୍ବା 'ମର ବା ମାର' ବ୍ରତ ଗ୍ରହଣ କରି ଅର୍ଜୁନଙ୍କୁ ଯୁଦ୍ଧପାଇଁ ଆହ୍ୱାନ କରିଥିଲେ । କୌରବମାନଙ୍କ ଉଦ୍ଦେଶ୍ୟ ଥିଲା ଯେ ଅର୍ଜୁନ ପ୍ରଧାନ ରଣଭୂମିରୁ ଦୂରକୁ ଚାଲିଗଲେ ଦ୍ରୋଣ ଯୁଧିଷ୍ଠିରଙ୍କୁ ଜୀବନ୍ତାବସ୍ଥାରେ

Digitized by srujanika@gmail.com



( ଅର୍ଜୁନଙ୍କ ପ୍ରତିଜ୍ଞା )

ଧରି ଆଣି ଦୁର୍ଯ୍ୟୋଧନଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବେ । ଏହି କୌଶଳ ଆଂଶିକ ସଫଳ ହୋଇଥିଲା । ଅର୍ଥାତ୍ ସଂଶପ୍ତକମାନଙ୍କ ଆହ୍ୱାନ ଅର୍ଜୁନ ଗ୍ରହଣ କରିଥିଲେ ।

ଅର୍ଜୁନ ସଂଶପ୍ତକମାନଙ୍କ ସହିତ ଯୁଦ୍ଧ କରିବାପାଇଁ ଦୂରକୁ ଚାଲିଯିବା ପରେ ଦ୍ରୋଣ କୌରବସେନାକୁ ଏକ ଚକ୍ର-ଆକାରରେ ସଜ୍ଜିତ କରି ଏବଂ ନିଜେ ତା'ର ଦ୍ୱାରଦେଶରେ ରହି ଯୁଧିଷ୍ଠିରଙ୍କୁ ଧରିବାପାଇଁ ଉଦ୍ୟତ ହେଲେ । ଚକ୍ରବ୍ୟୂହ ଭେଦ କରିବାର ଶକ୍ତି ଅର୍ଜୁନଙ୍କ ଛଡ଼ା ପାଣ୍ଡବମାନଙ୍କର କାହାରି ନ ଥିଲା । ଅର୍ଜୁନଙ୍କଠାରୁ ଶୁଣି ଅଭିମନ୍ୟୁ ତାହା ଜାଣିଥିଲେ—କିନ୍ତୁ ଥରେ ଭେଦ କରି ଚାଲିଗଲେ ଫେରି ଆସିବାର କୌଶଳ ତାଙ୍କୁ ଜଣା ନ ଥିଲା । ଭୀମ, ସାତ୍ୟକି, ଧୃଷ୍ଟଦ୍ୟୁମ୍ନପ୍ରଭୃତି ଯୋଦ୍ଧାମାନେ ଅଭୟ ଦେଇଥିଲେ ଯେ ଥରେ ଅଭିମନ୍ୟୁ କୌରବ-ବ୍ୟୂହ ଭେଦ କରି ଚାଲିଗଲେ ସେମାନେ ତାଙ୍କ ପଛେ ପଛେ ଚାଲିଯିବେ; କିନ୍ତୁ ତାହା ହୋଇ ପାରିଲା ନାହିଁ । ଅଭିମନ୍ୟୁଙ୍କ ପଛେ ପଛେ ଏମାନେ ଯିବାବେଳକୁ ଦୁର୍ଯ୍ୟୋଧନଙ୍କ ଭଗିନୀପତି, ତାଙ୍କ ପକ୍ଷର ଅନ୍ୟତମ ମହାରଥୀ ସିନ୍ଧୁରାଜ ଜୟଦ୍ରଥ ସଫଳତାର ସହିତ ସେମାନଙ୍କ ପଥରୋଧ କରି ସେମାନଙ୍କୁ ନିବାରଣ କରି ପାରିଥିଲେ । ଅର୍ଜୁନଙ୍କ ବ୍ୟତୀତ ଅନ୍ୟ ପାଣ୍ଡବମାନଙ୍କୁ ପରାସ୍ତ କରିବା ଶକ୍ତି ଜୟଦ୍ରଥଙ୍କର ଥିଲା ।

Digitized by srujanika@gmail.com

ନିଃସହାୟଭାବରେ କୌରବ-ସୈନ୍ୟ ବ୍ୟୂହ ମଧ୍ୟରେ ଅଭିମନ୍ୟୁଙ୍କର ମୃତ୍ୟୁ ରାଜା ଯୁଧିଷ୍ଠିର ଓ ତାଙ୍କର ଭାଇମାନେ ଏବଂ ଅନ୍ୟାନ୍ୟ ପାଣ୍ଡବଯୋଦ୍ଧାମାନଙ୍କ ଉପରେ ଏକ ଅତି ଦୁଃଖ, ଲଜ୍ଜା ଓ ଶୋକର ବଜ୍ରପାତ କରିଥିଲା । ସେମାନେ କେଉଁ ମୁହଁରେ ଅଭିମନ୍ୟୁଙ୍କ ପିତା ଅର୍ଜୁନ ଓ ମାତୁଳ ଶ୍ରୀକୃଷ୍ଣଙ୍କୁ ଦେଖା କରିବେ ? ଏତେ ଏତେ କ୍ଷତ୍ରିୟ ବୀର ଜୀବିତ ଥାଇ ଆଉ ବାଳକ ଅଭିମନ୍ୟୁଙ୍କୁ କେହି ରକ୍ଷା କରି ପାରିଲେ ନାହିଁ, ଏହାର ସେମାନେ କି ଉତ୍ତର ଦେବେ ? ସେଦିନର ପାଣ୍ଡବ-ଶିବିର ଏକ ଶ୍ମଶାନଭୂମିପରି ଅତିଶୟ ଶୂନ୍ୟ ଓ ଶ୍ରୀହୀନ ଦେଖା ଯାଉଥିଲା । ଅଥଚ ଅନ୍ୟାୟ ଯୁଦ୍ଧରେ ଜୟଲାଭ କରିଥିଲେ ମଧ୍ୟ କୌରବ-ଶିବିରରେ ଆନନ୍ଦର କୋଳାହଳ ଶୁଣା ଯାଉଥିଲା ।

## ଅର୍ଜୁନଙ୍କ ଶୋକ

ସନ୍ଧ୍ୟା ଆଗତ ହେବାରୁ କୃଷ୍ଣ ଏବଂ ଅର୍ଜୁନ ରଥ ଉପରେ ଉପବିଷ୍ଟ ରହି ସେମାନଙ୍କର ସନ୍ଧ୍ୟା ପ୍ରାର୍ଥନା ଶେଷ କଲେ । କାହିଁକି ତାଙ୍କର ଚିତ୍ତ ବ୍ୟାକୁଳ ହେଉଛି, ଅମଙ୍ଗଳର ସୂଚନା ଦେଖା ଯାଉଛି, ଶରୀର ଅବସନ୍ନ ଜଣା ଯାଉଛି, ତାହା ସେ ବାରଂବାର ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିବାକୁ ଲାଗିଲେ । କୃଷ୍ଣ ମଧ୍ୟ ତାଙ୍କୁ ସାନ୍ତ୍ୱନା ଦେବାରେ ଲାଗି ଥିଲେ । ଏହିପରିଭାବରେ ପଥ ଅତିକ୍ରମ କରି ଅର୍ଜୁନଙ୍କ ରଥ ପାଣ୍ଡବ-ଶିବିରରେ ପହଞ୍ଚିଲା । ଶିବିରସ୍ଥ ଯୋଦ୍ଧାମାନଙ୍କୁ ଅର୍ଜୁନ ଯେଉଁ ଅବସ୍ଥାରେ ଦେଖିଲେ ସେଥିରେ ତାଙ୍କର ଆଶଙ୍କା ଦୃଢ଼ୀଭୂତ ହେଲା । ପ୍ରତିଦିନ ଯୁଦ୍ଧରୁ ଫେରିବାମାତ୍ରେ ଅଭିମନ୍ୟୁ ତାଙ୍କୁ ପାଛୋଟି ନେଇଯାନ୍ତି । ସେହି ସନ୍ଧ୍ୟାରେ ଆଉ ସେ କମନୀୟ କାନ୍ତି ଓ ହସ ହସ ମୁହଁ ଦେଖିବାକୁ ମିଳିଲା ନାହିଁ ।

"କୁଆଡ଼େ ଗଲା ମୋର ଅଭିମନ୍ୟୁ ? ତା'ହେଲେ କ'ଣ ମୋର ଆଶଙ୍କା ସତ୍ୟ ? ଦ୍ରୋଣଙ୍କର ଚକ୍ରବ୍ୟୂହ ଭେଦ କରିବାର ଶକ୍ତି କାହାରି ନ ଥିଲା । ମୁଁ ତାକୁ ତାହା ଶିକ୍ଷା ଦେଇ ଥିଲି । ଯଦି ସେ ବ୍ୟୂହ ଭେଦ କରି ଯାଇଥାଏ, ତା' ହେଲେ ସେ ଆଉ ଫେରି ନ ଥିବ । କାରଣ ସେ ଶିକ୍ଷା ସେ ପାଇ ନ ଥିଲା; କିନ୍ତୁ ପାଣ୍ଡବ-ଶିବିରରେ ଏତେ ଯୋଦ୍ଧା ଥାଉ ଥାଉ ଜାଣି ଶୁଣି ତାକୁ କିଏ ମରଣ ମୁହଁକୁ ଠେଲି ଦେଲା ? ମୁଁ ସେହି ସୁନ୍ଦର ନାସିକା, ଲଲାଟ, ଭ୍ରୂଲତା ଓ ସ୍ମିତ ହାସ୍ୟଯୁକ୍ତ ମୁହଁକୁ ନ ଦେଖିଲେ ମୁହୂର୍ତ୍ତେ ବଞ୍ଚି ପାରିବି ନାହିଁ । ମୁଁ କ'ଣ କହି ସୁଭଦ୍ରାଙ୍କୁ ସାନ୍ତ୍ୱନା ଦେବି ? ଦ୍ରୌପଦୀ କିପରି ବା ଧୈର୍ଯ୍ୟ ଧରି ରହିବେ ?"

ନୌକା ଭଗ୍ନ ହେଲେ ନାବିକ ଯେପରି ବିଳାପ କରେ ଅର୍ଜୁନ ସେପରି ଶୋକ କରିବାକୁ ଲାଗିଲେ । ଦୁଃଖରେ ନତମୁଖ ହୋଇଥିବା ଯୁଧିଷ୍ଠିରଙ୍କ ସମେତ ପାଣ୍ଡବ-ଶିବିରର ଯୋଦ୍ଧୃବୃନ୍ଦ ଅର୍ଜୁନଙ୍କ ଆଡ଼କୁ ଅନାଇ ପାରିଲେ ନାହିଁ । କେବଳ କୃଷ୍ଣ ଶୋକାର୍ତ୍ତ ସଖାଙ୍କର ହାତ ଧରି କହିଲେ, "ହେ ପାର୍ଥ, ତୁମ୍ଭେ ଶୋକ କର ନାହିଁ । ଯୁଦ୍ଧରେ ବିଜୟ ବା ମୃତ୍ୟୁ ଏହା ଛଡ଼ା କ୍ଷତ୍ରିୟପକ୍ଷରେ ଅନ୍ୟ ପନ୍ଥା ନାହିଁ । ପ୍ରତ୍ୟେକ କ୍ଷତ୍ରିୟ ଏହି ପ୍ରାର୍ଥନା କରେ ଯେ ସାହସ ଓ ବୀରତ୍ୱର ସହିତ ଯୁଦ୍ଧ କରୁ କରୁ ସମ୍ମୁଖ ସମରରେ ତା'ର ପ୍ରାଣ ଚାଲି ଯାଉ । ଅଭିମନ୍ୟୁ

Digitized by srujanika@gmail.com

ବାଳକ ହେଲେ ହେଁ ମହାବଳଶାଳୀ ରାଜପୁତ୍ର-ମାନଙ୍କ ଯୁଦ୍ଧରେ ସଂହାର କରି କ୍ଷତ୍ରିୟର ମୃତ୍ୟୁ ବରଣ କରିଛି । ତୁମେ ଭରତକୁଳର ଶ୍ରେଷ୍ଠ ବୀରପୁରୁଷ ହୋଇ ଯଦି ଏପରି ଶୋକାତୁର ହୁଅ, ତେବେ ଅନ୍ୟମାନଙ୍କୁ କିଏ ସାନ୍ତ୍ୱନା ଦେବ ?"

କୃଷ୍ଣଙ୍କଦ୍ୱାରା ଏପରି ଆଶ୍ୱାସିତ ହୋଇ ଅର୍ଜୁନ ଅଭିମନ୍ୟୁ କିପରି ନିହତ ହେଲେ ତାହା ଜାଣିବାପାଇଁ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିରଙ୍କୁ ପ୍ରଶ୍ନ କଲେ । ଯୁଧିଷ୍ଠିର ସମସ୍ତ ବର୍ଣ୍ଣନା କରି କହିଲେ ଯେ ତାହାଙ୍କ ପ୍ରରୋଚନାରେ ଅଭିମନ୍ୟୁ ଚକ୍ରବ୍ୟୂହ ଭେଦ କରି ଥିଲେ । ସୁଭଦ୍ରା ନନ୍ଦନଙ୍କ ପଛେ ପଛେ ନିଜେ ସେ (ଯୁଧିଷ୍ଠିର) ଭୀମସେନ, ସାତ୍ୟକି, ଧୃଷ୍ଟଦ୍ୟୁମ୍ନପ୍ରଭୃତି ବ୍ୟୂହ-ଭିତରକୁ ପ୍ରବେଶ କରିବାପାଇଁ ଉଦ୍ୟମ କରି ଥିଲେ; କିନ୍ତୁ ସିନ୍ଧୁରାଜ ଜୟଦ୍ରଥ ସେମାନଙ୍କୁ ବାରଣ କରିଥିଲା । ତା'ପରେ ଅନ୍ୟାୟ ଯୁଦ୍ଧରେ କୌରବମାନେ ଅଭିମନ୍ୟୁଙ୍କୁ ହତ୍ୟା କଲେ ।

## ଅଗ୍ନିରେ ଝାସ ଦେବି

ଅର୍ଜୁନ ଯୁଧିଷ୍ଠିରଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶୁଣିବା ପରେ ଶୋକରେ ଅଧୀର ହୋଇ ମୂର୍ଚ୍ଛିତ ହୋଇ ପଡ଼ିଲେ । ଚେତନା ଆସିବାରୁ ସେ କ୍ରୋଧରେ ଖରଶ୍ୱାସ ତ୍ୟାଗ କରିବାକୁ ଲାଗିଲେ । ତାଙ୍କର ସମସ୍ତ ଶରୀର ପ୍ରକମ୍ପିତ ହେବାକୁ ଲାଗିଲା । ସେ ଉଚ୍ଚ ସ୍ୱରରେ ଚିତ୍କାର କରି କହିଲେ, "ଉପସ୍ଥିତ ସମସ୍ତ ଯୋଦ୍ଧାଙ୍କର ସମ୍ମୁଖରେ ମୁଁ ଏହି ପ୍ରତିଜ୍ଞା କରୁଅଛି ଯେ କାଲି ଅଭିମନ୍ୟୁର ମୃତ୍ୟୁପାଇଁ ଦାୟୀ ଜୟଦ୍ରଥକୁ ହତ୍ୟା କରି ମୁଁ ପୁତ୍ରହନ୍ତାର ପ୍ରତିଶୋଧ ନେବି । ଯଦି ସେ ଦେବକୀପୁତ୍ର କୃଷ୍ଣ କିମ୍ବା ରାଜା ଯୁଧିଷ୍ଠିରଙ୍କର ଶରଣାପନ୍ନ ନ ହୁଏ, ତା'ହେଲେ ସେ ନିଶ୍ଚୟ ନିହତ ହେବ—

"କାଲି ସୁରାସୁର, ନର, ନାଗ, ପଶୁ, ପକ୍ଷୀ, ନିଶାଚର କେହି ଜୟଦ୍ରଥକୁ ରକ୍ଷା କରି ପାରିବେ ନାହିଁ । ଏପରିକି ଗୁରୁ ଦ୍ରୋଣାଚାର୍ଯ୍ୟ ଓ କୃପାଚାର୍ଯ୍ୟ ଅଭିମନ୍ୟୁର ଶତ୍ରୁକୁ ରକ୍ଷା କରିବାକୁ ଚେଷ୍ଟା କଲେ ଶରାଘାତରୁ ରକ୍ଷା ପାଇ ପାରିବେ ନାହିଁ—

"ଯଦି ମୋର ଏହି ପ୍ରତିଜ୍ଞାକୁ ମୁଁ ରକ୍ଷା ନ କରେ ତା' ହେଲେ ବ୍ରହ୍ମହତ୍ୟା, ପିତୃ-ମାତୃ-ହତ୍ୟା, ଗୋହତ୍ୟାଦି ସମସ୍ତ ପାପର ମୁଁ ଭାଗୀ ହେବି । ଆର୍ଯ୍ୟଧର୍ମହୀନ ବ୍ୟକ୍ତିଙ୍କର ଯେଉଁ ଦଶା ହୁଏ ମୋର ସେହି ଦଶା ହେବ" ।

ଅର୍ଜୁନ ଉଚ୍ଚସ୍ୱରରେ ଏହି ପ୍ରତିଜ୍ଞା କରିବା ସଙ୍ଗେ ସଙ୍ଗେ ଗାଣ୍ଡୀବଧନୁରେ ଟଙ୍କାର ଦାନ କଲେ । ସବ୍ୟସାଚୀ ଉଭୟ ବାମ ଓ ଦକ୍ଷିଣ ହସ୍ତରେ ଗାଣ୍ଡୀବ ଧନୁକୁ ବାରଂବାର ଟଙ୍କାରିବା-ଯୋଗୁଁ ସେହି ଟଙ୍କାରଧ୍ୱନି ଗଗନ-ପବନକୁ ସ୍ପର୍ଶ କରି ଚତୁର୍ଦ୍ଦିଗରେ ଶୁଣା ଗଲା ।

ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣ ତାଙ୍କର ପ୍ରିୟ ସଖାଙ୍କ ପ୍ରତି ଆନୁଗତ୍ୟ ଜଣାଇବାପାଇଁ ପାଞ୍ଚଜନ୍ୟ ଶଙ୍ଖ ବହୁ ସମୟ ଧରି ବାଦନ କଲେ । ପାଣ୍ଡବ-ଶିବିରରେ ପ୍ରବଳ ଉତ୍ସାହ ଓ କୋଳାହଳ ସୃଷ୍ଟି ହେଲା ଓ କାଳାନ୍ତକ ଶବ୍ଦପରି ଏହି ତୁମୁଳ ଧ୍ୱନି କୌରବ-ଶିବିରର ସମସ୍ତ ଆନନ୍ଦକୁ କ୍ଷଣକମଧ୍ୟରେ ଲୁଚାଇ ଦେଲା ।

(କ୍ରମଶଃ)

Digitized by srujanika@gmail.com

ରାଜପରିବାର ସନ୍ତାନ—

ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)

# ଅବଧୂତପନ୍ଥୀ ଅରକ୍ଷିତ ଦାସ

ଅବଧୂତପନ୍ଥୀ ଅରକ୍ଷିତ ଦାସ ଓଡ଼ିଶାର ବିଶିଷ୍ଟ ଧର୍ମପ୍ରଚାରକମାନଙ୍କ ମଧ୍ୟରୁ ଅନ୍ୟତମ । ପ୍ରାୟ ଅଢ଼େଇ ଶହ ବର୍ଷ ପୂର୍ବେ ସେ ଏ ଦେଶରେ ତାହାଙ୍କ ଧର୍ମମତବାଦ ପ୍ରଚାର କରି ଯାଇଥିଲେ । ପ୍ରଚଳିତ ଧର୍ମାଚରଣରୀତି ପ୍ରତି ବୀତଶ୍ରଦ୍ଧ ହୋଇ ସେ ଜାତିପ୍ରଥା ଓ ଅନ୍ଧ ପୌତ୍ତଳିକତା ବିରୁଦ୍ଧରେ ଏକ ବୈପ୍ଳବିକ ଜାଗରଣ ସୃଷ୍ଟି କରିବାକୁ ସମର୍ଥ ହୋଇଥିଲେ । ରାଜପରିବାର-ସନ୍ତାନ ହେଲେହେଁ ସତ୍ୟସନ୍ଧାନ ଓ ଜନକଲ୍ୟାଣରେ ବ୍ରତୀ ହୋଇ ସେ ବୈରାଗ୍ୟ ଓ କଠୋର ସନ୍ନ୍ୟାସକୁ ବରଣ କରି ନେଇଥିଲେ । ଏହିଦୃଷ୍ଟିରୁ ତାହାଙ୍କ ଜୀବନ-ଚରିତକୁ ଗୌତମ ବୁଦ୍ଧଙ୍କ ଜୀବନ ସହିତ ତୁଳନା କରାଯାଇପାରେ ।

ଅରକ୍ଷିତ ଦାସ 'ମହୀମଣ୍ଡଳ ଗୀତା' ନାମକ ଏକ ପୁସ୍ତକ ରଚନା କରି ଯାଇ ଅଛନ୍ତି । ନବାକ୍ଷରୀ ବୃତ୍ତରେ ଏହା ରଚିତ । ଏହି ପୁସ୍ତକର ୨୧ଟି ଅଧ୍ୟାୟ ମୁଦ୍ରିତ ହୋଇଅଛି, ମାତ୍ର ଏହି ଗ୍ରନ୍ଥଟି ୯୬ ଅଧ୍ୟାୟବିଶିଷ୍ଟ । ଏଣୁ ଏହି ପୁସ୍ତକର ବହୁ ଅଧ୍ୟାୟ ଏବେ ମଧ୍ୟ ଅପ୍ରକାଶିତ । ମନ-ଚୈତନ୍ୟ ସମ୍ବାଦଚ୍ଛଳରେ ଏହା ଲିଖିତ । ପ୍ରକାଶିତ ୨୧ଟି ଅଧ୍ୟାୟରୁ କବିଙ୍କ ଧର୍ମମତବାଦ ଓ ଜୀବନ ଚରିତ ସମ୍ପର୍କରେ କେତେକ ବିଷୟ ଜଣାଯାଇଥାଏ । ଏହାର ପ୍ରଥମ ପାଞ୍ଚଗୋଟି ଅଧ୍ୟାୟରେ କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମପ୍ରଭୃତି ପଞ୍ଚଭୂତର ଶ୍ରେଷ୍ଠତ୍ୱ ବର୍ଣ୍ଣିତ ହୋଇଅଛି ।

ନବକାର ସାଧକ ଅବଧୂତଙ୍କ ପ୍ରସଙ୍ଗର ବର୍ଣ୍ଣନା ଭାଗବତ ଏକାଦଶ ସ୍କନ୍ଧରେ ପରିଲକ୍ଷିତ ହୁଏ । ଅବଧୂତ ମଧ୍ୟ ପରମ ବିଷ୍ଣୁଭକ୍ତଭାବେ ଭାଗବତରେ କୀର୍ତ୍ତିତ । ନହୁଷ ନନ୍ଦନ ତତ୍ତ୍ୱଜ୍ଞାନୀ ଯଦୁଙ୍କୁ ବ୍ରାହ୍ମଣ ଅବଧୂତ ଆପଣାର ୨୪ ଗୁରୁଙ୍କ ବିଷୟ କହିଛନ୍ତି । ଧରଣୀ, ପର୍ବତ, ବୃକ୍ଷ, ପବନ, ଆକାଶ, ଜଳ, ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ରକଳା, କପୋତ-ଦମ୍ପତି, ଅଜଗର ସର୍ପ, ସମୁଦ୍ର, ପତଙ୍ଗ, ମଧୁମକ୍ଷିକା, ହସ୍ତିନୀ, ମୃଗ, ମୀନ, ପିଙ୍ଗଳା ବେଶ୍ୟା, ବାଳକ, କଙ୍କଣ ପରିହିତା କୁମାରୀ, ବାଣନିର୍ମାତା, କୀଟ, ନିଜର ଦେହ-ପ୍ରଭୃତି ଅବଧୂତଙ୍କର ଏହି ଚବିଶ ଗୁରୁଙ୍କ ବିଷୟ ଭାଗବତର ୭ମ ୮ମ ଓ ୯ମ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ।

## ପୁନର୍ଜନ୍ମ ନାହିଁ

ଅରକ୍ଷିତ ଦାସ ପ୍ରଚଳିତ ଧର୍ମାଚରଣ ରୀତିକୁ ସମର୍ଥନ କରି ନ ପାରି ଏହି ଅବଧୂତ ପନ୍ଥାକୁ ଅନୁସରଣ କରିଥିଲେ । ତାହାଙ୍କ ମତାନୁସାରୀ ବ୍ୟକ୍ତିମାନେ ଏବେ ମଧ୍ୟ ଏହି ଅବଧୂତ ନୀତି ପ୍ରତିପାଳନ କରିଥାନ୍ତି । ଓଡ଼ିଶାର ବିଭିନ୍ନ ସ୍ଥାନରେ ଅବଧୂତପନ୍ଥୀ ମଠ ଅବସ୍ଥିତ । ଏଠାରେ ଜାତି-ଧର୍ମର ବିଚାର ନଥାଏ । ଖାଦ୍ୟା ଖାଦ୍ୟ ଓ ଆମିଷ ନିରାମିଷ ଭେଦ ମଧ୍ୟ ଏଠାରେ ପରିଲକ୍ଷିତ ହୁଏ ନାହିଁ । ଓଲାସୁଣୀ ପାହାଡ଼ ଉପରେ ପ୍ରତିଷ୍ଠିତ ଅରକ୍ଷିତ ଦାସଙ୍କ ମଠରେ ଏହି ନୀତି ଏବେ ମଧ୍ୟ ପ୍ରତିପାଳିତ ହୋଇ-ଆସୁଅଛି । ଏଠାରେ ଆମିଷ, ନିରାମିଷ ସବୁ

Digitized by srujanika@gmail.com

ପଦାର୍ଥ ଭୋଗ କରାଯାଏ ଓ ବ୍ରାହ୍ମଣ ଅବ୍ରାହ୍ମଣ ସବୁ ଜାତିର ଲୋକେ ଏକତ୍ର ପଂକ୍ତି ଭୋଜନ କରି ଥାଆନ୍ତି ।

ଅରକ୍ଷିତ ଦାସ ଜନ୍ମାନ୍ତରବାଦରେ ବିଶ୍ୱାସ କରୁ ନ ଥିଲେ । ଏଣୁ ସେ ଲେଖିଯାଇଛନ୍ତି:—

"କେ ବୋଲେ ମଲେ ଜନ୍ମ ହୋଇ
ଏ ମିଛ ସତ କେବେ ନୋହି ।"
(୧ମ ଅଧ୍ୟାୟ ନାମଗୀତା)

ଉପାସ୍ୟ ଦେବତାଭେଦରେ ଶୈବ, ଶାକ୍ତ, ବୈଷ୍ଣବମାନଙ୍କ ମଧ୍ୟରେ ଧର୍ମମତ-ସମ୍ପର୍କୀୟ ବିଭେଦ ପରିଲକ୍ଷିତ ହୋଇଥାଏ, ମାତ୍ର ଅରକ୍ଷିତ ଦାସ ଉପାସ୍ୟ ଦେବତାଙ୍କ ମଧ୍ୟରେ କୌଣସି ଭିନ୍ନତା ଦେଖି ନାହାନ୍ତି । ଏଣୁ ସେ ଲେଖିଥିଲେ।

"ବ୍ରହ୍ମା ବିଷ୍ଣୁ ଶିବଟି ଜାଣ
ଏ ତିନି ଏକ ବୋଲି ଜାଣ"
(ମ—ଗୀତା—୨୧ ଅଧ୍ୟାୟ)

ଅରକ୍ଷିତ ଜାତିପ୍ରଥାର କଳୁଷତା ଓ ଶୌଚ ଓ ନିଶୌଚ ଭିତର ନିରର୍ଥକତା ଅନୁଭବ କରିଥିଲେ । ତାହା ନିମ୍ନୋକ୍ତ ପଂକ୍ତିରୁ ଅନୁମେୟ ।

"ଛୁଆଁ ଅଛୁଆଁ ନ ବାଛିବୁ
ଏହାକୁ ସମାନ ଜାଣିବୁ
ଶୌଚ ଓ ନିଶୌଚ ଦୁଇ
ସମାନ ଦେଖିବୁଟି ତୁହି" ।
(ମ-ମ ଗୀତା-୨୧ ଅଧ୍ୟାୟ)

ଅବଧୂତମତବାଦ ଉତ୍କଳୀୟ ବୈଷ୍ଣବ ଧର୍ମମତକୁ କେତେକ ପରିମାଣରେ ପ୍ରଭାବିତ କରିଅଛି । ସମ୍ଭବତଃ ଏହି ଅବଧୂତପନ୍ଥୀଙ୍କ କାଳକ୍ରମେ ଉତ୍କଳୀୟ ବୈଷ୍ଣବଧର୍ମରେ ପରିଣତ ହୋଇଥିଲା । ଅବଧୂତପନ୍ଥାରେ ଜ୍ୟୋତି ଦର୍ଶନ, ଅଣାକାର, ଶୂନ୍ୟ, ପୁରୁଷ, ବ୍ରହ୍ମଦର୍ଶନ, ଶରୀରଭେଦତତ୍ତ୍ୱ, ପିଣ୍ଡରେ ରାଧାକୃଷ୍ଣ ଲୀଳା ଦର୍ଶନ, ଜୀବ ପରମ, ନିକୁଟ, ଅଜପାଜପ, ମହାଶୂନ୍ୟରୁ ଜଗତ ଉତ୍ପନ୍ନ ହେବା ପ୍ରଭୃତି ବିଷୟ ସ୍ୱୀକୃତ । ଶୂନ୍ୟରୁ ଜାତ ଉତ୍ପତ୍ତି ବିଷୟ ସ୍ୱୀକାର କରି ସେ ଲେଖିଥିଲେ ।

"ମହାଶୂନ୍ୟରୁ ସର୍ବଜାତ
ତୋତେ ମୁଁ କହିଦେଲି ସତ୍ୟ" ॥
(ମ-ମ: ଗୀତା-୭ମ ଅଧ୍ୟାୟ)

ସେହିପରି ପିଣ୍ଡ ବ୍ରହ୍ମାଣ୍ଡ ମହତ୍ତ୍ୱସମ୍ପର୍କରେ ଲେଖିଥିଲେ ।

"ବ୍ରହ୍ମାଣ୍ଡ ଯେତେ ବିଧିମତ
ପିଣ୍ଡରେ ଅଛଇ ସମସ୍ତ
ପିଣ୍ଡ ବ୍ରହ୍ମାଣ୍ଡ ମୁହିଁ ହେଲି
ମୁଁ ତୋତେ ଗୁପତେ କହିଲି" ॥
(ମ-ମ: ଗୀତା-୧ମ ଅଧ୍ୟାୟ)

ଅରକ୍ଷିତ ମଧ୍ୟ ସ୍ୱୀୟ ସାଧନାକୁ ଭକ୍ତି-ଯୋଗନାମରେ ଅଭିହିତ କରି ଯାଇ ଅଛନ୍ତି ।

"ଭକତି ଯୋଗ ମୁଁ ସାଧିବି,
ଝାଡ଼ ପର୍ବତେ ବିହରିବି ।
ଭକତି ଯୋଗ ତୁ ସାଧିଲେ,
ଯୁଗ-ଯୁଗାନ୍ତ ଥିବୁ ଭଲେ ।
ଅଜର ଅମର ତୁ ହେବୁ,
ଯେବେ ତୁ ଏ ଯୋଗ ସାଧିବୁ" ।
(୧୦ମ ଅଧ୍ୟାୟ)

## ସର୍ବତ୍ର ବ୍ରହ୍ମ ଦର୍ଶନ

ଭଗବାନ ବ୍ରହ୍ମରୂପରେ ସର୍ବତ୍ର ବିଦ୍ୟମାନ । ତାହାଙ୍କୁ ପାଇବାକୁ ହେଲେ ଅନ୍ତର୍ଗତରେ ଧ୍ୟାନ କରିବାକୁ ହେବ, ମାତ୍ର ତାହା ନିକଟ

Digitized by srujanika@gmail.com

ଯେଉଁମାନେ ବଭିନ୍ନ ବ୍ରତ, ଉପବାସ ଓ ଯଜ୍ଞାଦରେ ମତ୍ତ ହୁଅନ୍ତ ସେମାନେ ଭ୍ରାନ୍ତ । ଏଣୁ କବ ଲେଖିଛନ୍ତ—

"କାଷ୍ଠ ପାଷାଣ ରୁଦ୍ରାକ୍ଷରେ,
ଖୋଜଲେ ନାହୁଁ ଟି ତହ୍ନିଁରେ ।
ମନ୍ତ୍ର ଯନ୍ତ୍ର ଧ୍ୟାନରେ ନାହିଁ,
ତୀର୍ଥ ବ୍ରତରେ ସେହୁ କାହିଁ ।
ଜଳ ଆହାର ନାହୁ ଜାଣ,
କ୍ଷୀର ପବନ କାହୁଁ ପୁଣ ।
ଗୁମ୍ଫାଭିତରେ ପଶି ରହୁ,
ତୋତେ ପାଇବ କାହୁ ସେହୁ ।
ଉଲଗ୍ନ ହୋଇ ଭ୍ରମୁଥାଇ,
ବଚନ କାହାକୁ ନ କହ ।
ସେହ୍ନି ଅନଙ୍ଗ ଅଟଇ,
ତୋତେ ପାଇବ ଅବା କାହିଁ ।
ଏଣେ ବଚଣ ମାୟା କଲୁ,
ନାନା କର୍ମରେ ଭୁଲାଇଲୁ ।
ତେଣୁ ଟି ଅଜ୍ଞାନ ହୋଇଲେ,
ନାନାଦ ଦେବତା ପୂଜଲେ ।
ତେଣୁ ହୋଇଲେ ଅଲ୍ପାୟୁଷ,
ତୋତେ ନ ସେବ ଗଲେ ନାଶ" ।

ଏହାଙ୍କ ମତାନୁଯାୟୀ ଚତ୍ତ ସଂଯମ, ଶ୍ୱାସ ପ୍ରଶ୍ୱାସର ସଂଯମ, ଅନାସକ୍ତ ନିର୍ବିକାରତ୍ୱ-ଫଳରେ ହିଁ ଶରୀର ଦୃଢ଼ ଓ ସାଧକ ଦୀର୍ଘଜୀବୀ ହୋଇଥାଏ । ଏହାଛଡ଼ା ଏଥିରେ ସପ୍ତାଙ୍ଗ ଯୋଗର ବିଷୟ ମଧ୍ୟ ସୂଚିତ ହୋଇଅଛି ।

ଅରକ୍ଷିତ ଦାସଙ୍କ ରଚିତ ମହୀମଣ୍ଡଳ ଗୀତାର ଛପନ ଅଧ୍ୟାୟଠାରୁ ଅଶୀ ଅଧ୍ୟାୟ ମଧ୍ୟରେ ଏହି ଭକ୍ତକବିଙ୍କର ଜୀବନବୃତ୍ତାନ୍ତ ସମ୍ପର୍କରେ ବହୁ ବିବରଣୀ ମିଳିଥାଏ । ବହୁବର୍ଷ ପୂର୍ବେ ଡ: କରୁଣାକରକର ମହୀମଣ୍ଡଳ ଗୀତାର ଉକ୍ତ ଅପ୍ରକାଶିତ ଅଂଶକୁ ଭିତ୍ତିକରି କବିଙ୍କ ଜୀବନଚରିତ ସମ୍ପର୍କରେ ଏକ ଉପାଦେୟ ପ୍ରବନ୍ଧ 'ମୁକୁର' ପତ୍ରିକାରେ ପ୍ରକାଶ କରିଥିଲେ । ତାହାକୁ ଅବଲମ୍ବନ କରି କବିଙ୍କ ଜୀବନଚରିତ ସଂକ୍ଷେପରେ ନିମ୍ନରେ ବର୍ଣ୍ଣିତ ହେଲା ।

## ବଡ଼ଖେମଣ୍ଡି ରାଜବଂଶୀୟ

ଗଞ୍ଜାମ ଅଞ୍ଚଳର କେରଣ୍ଡିମାଳ ପାହାଡ଼-ନିକଟବର୍ତ୍ତୀ ବଡ଼ଖେମଣ୍ଡି ରାଜବଂଶରେ ଅରକ୍ଷିତ ଦାସ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ନାମ ଥିଲା ବୀରବର ଦେବ । ତାହାଙ୍କର ଜନ୍ମ-କାଳ ୧୧୬୫ ସାଲ ଅର୍ଥାତ ୧୭୫୧ ମସିହା । ସେ ମୁକୁନ୍ଦଦେବଙ୍କ ସମକାଳୀନ ବୋଲି ମଧ୍ୟ ଶୁଣାଯାଇଥାଏ । କୈଶୋର ଓ ଆଦ୍ୟ ଯୌବନ କାଳରେ ଅତ୍ୟନ୍ତ ଭୋଗ-ବିଳାସରେ ତାହାଙ୍କର ଜୀବନ ଅତିବାହିତ ହୋଇଥିଲା ।
କବିଙ୍କ ଭାଷାରେ—

"ଘରେ ମୁଁ ଥିଲି ଯେତେଦିନ,
କି ଭୋଗ କରି ନାହିଁ ପୁଣ ।
ପାଟ-ପଟନେ ପୀତାମ୍ବର,
ଚୁଆ ଚନ୍ଦନ ଅଳଙ୍କାର ।
ଖଟ ପଲଙ୍କ ସେ ସୁପାତ,
କୁଙ୍କୁମ ଶରୀରେ ଲେପନ୍ତ ।
ନାନା ପୁଷ୍ପରେ ଶିରେ ସେନ,
ତୁରଙ୍ଗ ଉପରେ ସେ ପୁଣି ।
କ୍ଷୀର ଖେଚଡ଼ି ପିଠା ଅନ୍ନ,
ଖଣ୍ଡ ସାକର ଘୃତ ପୁଣ ।
ନାନାଦ ଭୋଗ ଆଉ ଯେତେ,
ମୁଁ କସ କହିବଇଁ ଚତେ ।
ଏ ସବୁ ସୁଖ ଛାଡ଼ି ମୁହି,
ତୋତେ ସେବିଲି କଷ୍ଟ ପାଇ ।।"

Digitized by srujanika@gmail.com

କେଉଁ କାରଣରୁ ତାହାଙ୍କର ସଂସାର ବୈରାଗ୍ୟ ଜାତ ହୋଇଥିଲା ତାହା ତାହାଙ୍କ ଗ୍ରନ୍ଥରୁ ଜଣାପଡ଼େ ନାହିଁ । ୧୯ ବର୍ଷ ବୟସରେ ସେ ଗୃହତ୍ୟାଗ କରି ଚାଲିଯାଇ-ଥିଲେ । ଦଗପହଣ୍ଡି ଗ୍ରାମରେ ଉପସ୍ଥିତ ହୋଇ ସେଠାରେ କୌପୀନ ଧାରଣ କରି ଗୃହକୁ ଏକ ବିଦାୟ ପତ୍ର ପ୍ରେରଣ କରିଥିଲେ । ଏହି ଦଗପହଣ୍ଡିଠାରେ ସେ ସନ୍ନ୍ୟାସଧର୍ମ ଗ୍ରହଣ କରିଥିଲେ । ରାତ୍ରିର ଅନ୍ଧକାରମଧ୍ୟରେ ନିଜର ସମସ୍ତ ଅତୀତ ପରିଚୟକୁ ନଷ୍ଟ ଭ୍ରଷ୍ଟ କରି-ଦେଇ ସତ୍ୟଲାଭ ଉଦ୍ଦେଶ୍ୟରେ ଅନିର୍ଦ୍ଦିଷ୍ଟ ପଥରେ ସେ ଆଗେଇ ଚାଲିଲେ । ପ୍ରଥମେ ସେ କେଉଣ୍ଡିମାଳ ପାହାଡ଼ର ଗୋଟିଏ ଗୁମ୍ଫାରେ କେତେଦିନ ପର୍ଯ୍ୟନ୍ତ ଯୋଗ ସାଧନା କରିଥିଲେ, ମାତ୍ର ତାଙ୍କର ଏହି ଅଜ୍ଞାତବାସ ଓ ଯୋଗସାଧନା ବିଷୟ ରାଜ୍ୟରେ ଅଜ୍ଞାତ ରହି ନ ଥିଲା । ତାଙ୍କର ମାତା ପିତା କେଉଣ୍ଡିମାଳ ପର୍ବତକୁ ଆସି ଏହି ସାଧକ ପୁତ୍ରକୁ ଗୃହସ୍ଥାଶ୍ରମକୁ ଫେରାଇ ନେବାକୁ ବହୁ ଉଦ୍ୟମ କରିଥିଲେ, ମାତ୍ର ଅରକ୍ଷିତ ସ୍ୱୀୟ ସାଧନାରେ ଅଟଳ ଅବିଚଳିତ ରହିଥିଲେ । ଗୃହର ପ୍ରଲୋଭନଠାରୁ ଦୂରକୁ ଚାଲିଯିବାପାଇଁ ସେ କୃତନିଶ୍ଚୟ ହେଲେ ଓ କେଉଣ୍ଡିମାଳପାହାଡ଼ ପରିତ୍ୟାଗ କରି ଚାଲିଗଲେ । ଏହାପରେ ସେ ପରିବ୍ରାଜକଭାବରେ ବହୁ ଗ୍ରାମ, ଜନପଦ, ଶବରପଲ୍ଲୀରେ ସାମୟିକ ଆତିଥ୍ୟ ଗ୍ରହଣ କରି ଇତସ୍ତତଃ ବୁଲିବାକୁ ଲାଗିଲେ । କେଉଁଠି ସେ ପଣ୍ଡିତ ବୋଲି ସମ୍ମାନିତ ହେଉ ଥିଲେ ତ କେଉଁଠି ବାପ୍ତା ବୋଲି ଲୋକେ ତାଙ୍କୁ ମନେ କରୁଥିଲେ । ଏହି ସମୟରେ ସେ ବହୁ ଅସ୍ପୃଶ୍ୟ ଶବରଗୃହରୁ ମଧ୍ୟ ଅନ୍ନ ଗ୍ରହଣ କରିବାରେ କୁଣ୍ଠାବୋଧ କରି ନାହାନ୍ତି । ଏକଦା ତାହାଙ୍କର ଆଶ୍ରୟଦାତା ଜନୈକ ବ୍ରାହ୍ମଣ ତାହାର ବିଧବା ରୂପବତୀ ଯୁବତୀ କନ୍ୟାକୁ ପତ୍ନୀଭାବରେଗ୍ରହଣ କରିବାପାଇଁ ଅରକ୍ଷିତଦାସଙ୍କୁ ଏକାନ୍ତ ଅନୁରୋଧ କରିଥିଲେ । ଏହି କନ୍ୟାଟି ମଧ୍ୟ ଅରକ୍ଷିତଙ୍କ ସେବାଶୁଶ୍ରୂଷାରେ ନିୟୋଜିତ ରହି ଅରକ୍ଷିତଙ୍କୁ ବିବାହ କରିବାପାଇଁ ନାନାଭାବରେ ତାଙ୍କୁ ପ୍ରଲୋଭିତ କରିଥିଲା, ମାତ୍ର ଏହାକୁ ଉପେକ୍ଷା କରି ଅରକ୍ଷିତ ସେହି ସ୍ଥାନ ତ୍ୟାଗ କରି ଚାଲିଯାଇଥିଲେ । ଭିକ୍ଷା ନ କରିବା ତାଙ୍କର ବ୍ରତ ଥିଲା । ଅଯାଚିତ-ଭାବରେ ସେ ଯେଉଁ ଖାଦ୍ୟ ପାଉଥିଲେ ତାହାହିଁ ଗ୍ରହଣ କରୁଥିଲେ । ଅନ୍ୟର ସ୍ୱେଚ୍ଛାକୃତ ପ୍ରଦତ୍ତ ଭୋଜନସାମଗ୍ରୀ ହିଁ ତାଙ୍କର ଥିଲା ଏକମାତ୍ର ଖାଦ୍ୟ । ବହୁଦିନ ଉପବାସ ଓ ଅନାହାରରେ କାଳ ଅତିବାହିତ କରି ଖଲ୍ଲିକୋଟ, ବାଣପୁର ଓ ମୋରଣ ବାଟଦେଇ ଆସି ସେ ପୁରୀରେ ଉପସ୍ଥିତ ହେଲେ । ସେତେବେଳେ ଜଗନ୍ନାଥ-ଦର୍ଶନାଭିଳାଷୀ ଯାତ୍ରୀମାନଙ୍କୁ ଦର୍ଶନୀ ମାସୁଲ ଦେବାକୁ ପଡ଼ୁଥିଲା, ମାତ୍ର ଅରକ୍ଷିତ ତାହା ଦେଇ ନ ପାରିବାରୁ ସେ ଜଗନ୍ନାଥଙ୍କ ଦର୍ଶନ ଲାଭରୁ ବଞ୍ଚିତ ହୋଇ ଥିଲେ । ଏଠାରେ ଉପବାସରେ ରହିଥିବା ସମୟରେ ତାହାଙ୍କୁ ଚୋର ମନେକରି ପ୍ରହରୀମାନେ ବହୁ ଦଣ୍ଡ ଦେଇଥିଲେ । ଅରକ୍ଷିତ ତା'ପରେ ସତ୍ୟବାଦୀ ଯାଇ ପୁନଶ୍ଚ ଶ୍ରୀକ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କଲେ । ସେତେବେଳେ ସେ ଅତ୍ୟନ୍ତ ଜୀର୍ଣ୍ଣଶୀର୍ଣ୍ଣ କଙ୍କାଳସାର । ତା'ପରେ ଜଗନ୍ନାଥ-ଦର୍ଶନକୁ ଅନୁମତି ପାଇଥିଲେ ହେଁ

Digitized by srujanika@gmail.com

ଶୀର୍ଣ୍ଣ ଦୁର୍ବଳ ଦେହରେ କେବଳ ଅରୁଣସ୍ତମ୍ଭ-ପର୍ଯ୍ୟନ୍ତ ଯାଇ ସେଠାରୁ ଫେରି ଆସିଲେ । ସେତେବେଳକୁ ସେ ୧୭ ଦିନ ଉପବାସ କରିଯାଇଥିଲେ; ଜଗନ୍ନାଥଙ୍କ ମୂର୍ତ୍ତିକୁ ଚର୍ମଚକ୍ଷୁରେ ଦେଖିବାକୁ ନ ପାଇଥିଲେ ହେଁ ସର୍ବତ୍ର ଭଗବାନଙ୍କର ଅବସ୍ଥିତିକୁ ଦିବ୍ୟ ଦୃଷ୍ଟିରେ ଉପଲବ୍ଧି କରି କହିଥିଲେ—

"ବୋଇଲି ଏଥି କାର୍ଯ୍ୟ ନାହିଁ,
ବ୍ରହ୍ମାଣ୍ଡେ ପୂରିଅଛି ସେହି ।"

## ଖଣ୍ଡଗିରି ଗୁମ୍ଫାରେ

**ଜଗନ୍ନାଥମନ୍ଦିର ପରିତ୍ୟାଗ କରି** ସେ ଖୋର୍ଦ୍ଧା ବାଟଦେଇ ଅରଣ୍ୟପଥରେ ଚାଲି ଚାଲି ଅବଶେଷରେ ଖଣ୍ଡଗିରିରେ ପହଞ୍ଚିଲେ । ଏହିଠାରେ ଗୁମ୍ଫା ପରିଷ୍କାର କରି ସେ ସାଧନାରେ ରତ ହେଲେ । ଏହିଠାରେ ବହୁ ବର୍ଷ ରହି ସେ ସିଦ୍ଧିଲାଭ କରିଥିଲେ ଓ ମହୀମଣ୍ଡଳ ଗୀତାର ୩୬ ଅଧ୍ୟାୟ ରଚନା କରିଥିଲେ । ସମ୍ଭବତଃ ଏହି ସ୍ଥାନକୁ ସମାଗତ ଯାତ୍ରୀମାନଙ୍କଦ୍ୱାରା ତାଙ୍କର ଯୋଗସାଧନାରେ ବ୍ୟାଘାତ ସୃଷ୍ଟି ହେବାରୁ ସେ ଖଣ୍ଡଗିରି ପରିତ୍ୟାଗ କରିଥିଲେ । କବି ଅସୁବିଧାଦିଶତଃ ସେଠାରୁ ଅନ୍ୟତ୍ର ଯାଇଥିବା ବିଷୟ ତାହାଙ୍କ ଗ୍ରନ୍ଥରୁ ଜଣାଯାଏ—

"ଖଣ୍ଡଗିରିରେ ମୁଁ ରହିଲି,
ଭକତି ସାଧି ନ ପାରିଲି ।
ଖଣ୍ଡଗିରିରୁ ମୋତେ ନିଅ,
ଭକତି ମୋର ଯେ ସାଧାଅ ।"
(୧୦ମ ଅଧ୍ୟାୟ)

ସାଧକ କବି ଏଠାରେ ବୁଥା ପର୍ବତରେ ବୃକ୍ଷ ହାଣି, ପଥର କଟାଇ, ଗୁମ୍ଫା ପରିଷ୍କାର କରି ଅନେକଙ୍କୁ କଷ୍ଟ ଦେଇଛନ୍ତି ଭାବି ମଧ୍ୟ ଅନୁତାପ କରିଛନ୍ତି—

"ନିର୍ଦ୍ଦୋଷୀ ଜୀବଙ୍କୁ ମାରିଲି,
ଗୁମ୍ଫାଗୁଡ଼ାଏ ଓଳାଇଲି ।
ଗଛ ବୃକ୍ଷ ଗୁଡ଼ାଏ ହାଣି,
ଅପ୍ରାଧ ଅର୍ଜିଲି ମୁଁ ପୁଣି ।
ପାଷାଣଗୁଡ଼ାଏ କଟାଇ,
ଲୋକଙ୍କୁ ବଡ଼ କଷ୍ଟ ଦେଇ ।"
(୧୧ ଅଧ୍ୟାୟ)

ଖଣ୍ଡଗିରିରୁ ଯାଇ ସେ ମହାନଦୀ-ତଟବର୍ତ୍ତୀ ନୀଳମାଧବ, ବେଲପଡ଼ାର ଦଧିବାବନ, ମଣି-ଭଦ୍ରା ପାହାଡ଼, ବୈଦ୍ୟଶ୍ୱର, ବାଙ୍କୀ, ହଳଦିଆ ତମପଡ଼ାପ୍ରଭୃତି ଅଞ୍ଚଳର ବିଭିନ୍ନସ୍ଥାନରେ ଅବସ୍ଥାନ କରିଥିଲେ । ସେଠାରୁ ନିର୍ଜନ ସମୁଦ୍ର କୂଳରେ କିଛିଦିନ କଟାଇଲା ପରେ ସେ ହରିହରପୁରର ଶିବମନ୍ଦିର, ପାରେଶ୍ୱର ଶିବମନ୍ଦିର, ପାରିଦ୍ୱୀପ, କନକା, ଯଦୁପୁର କେନ୍ଦ୍ରାପଡ଼ା ପ୍ରଭୃତି ସ୍ଥାନରେ ସାମୟିକ ଅବସ୍ଥାନ କରିଥିଲେ । ତାହାଙ୍କର ଅବସ୍ଥାନ-କାଳୀନ କେତେକ ଅନୁଭୂତି ଏହି ମହୀମଣ୍ଡଳ ଗୀତାରେ ଉଲ୍ଲିଖିତ ହୋଇଥିବାର ଦେଖା-ଯାଏ । ତା'ପରେ ସେ ଅରଣ୍ୟ-ଗୁମ୍ଫାପୂର୍ଣ୍ଣ ଓଡ଼ାସୁଣୀ (ଓଳାସୁଣୀ) ପାହାଡ଼କୁ ଆସି ଏହି ସ୍ଥାନରେ ତାହାଙ୍କର ଅନ୍ତିମ ଜୀବନ ଅତିବାହିତ କରିଥିଲେ । ଓଳାସୁଣୀଠାରେ ୧୬୪୬ ସାଲ ଅର୍ଥାତ୍ ୧୭୩୯ ମସିହା ମାଘ କୃଷ୍ଣ ଏକାଦଶୀ ଦିନ ଏହି ମହାପୁରୁଷ ସମାଧିସ୍ଥ ହୋଇଥିଲେ, ମାଘ କୃଷ୍ଣ ଏକାଦଶୀ ଦିନ ଏହିଠାରେ ଏକ ମେଳା ଓ ସାର୍ବଜନୀନ ଭୋଜି ତାହାଙ୍କ ସ୍ମୃତିରକ୍ଷାର୍ଥେ

Digitized by srujanika@gmail.com

ଅନୁଷ୍ଠିତ ହୋଇ ଆସୁଅଛି । ଓଡ଼ିଶାର ବିଭିନ୍ନାଞ୍ଚଳରେ ଏହି ସମ୍ପ୍ରଦାୟର ବହୁ ଶିଷ୍ୟ ରହିଅଛନ୍ତି । ଅରକ୍ଷିତ ଦାସଙ୍କ ପରେ ଓଲାସୁଣୀ ପୀଠର ଉତ୍ତରାଧିକାରୀ ହୋଇଥିଲେ ଅରକ୍ଷିତଙ୍କ ଶିଷ୍ୟ ରାମଚନ୍ଦ୍ର ଦାସ । ତାଙ୍କ ପରେ ଯଥାକ୍ରମେ ବୈରାଗୀ, ବାଞ୍ଛାନିଧି, ବୀରକିଶୋର, ଯୋଗେନ୍ଦ୍ର, ଲକ୍ଷ୍ମଣପ୍ରଭୃତି ଏହି ପୀଠର ଉତ୍ତରାଧିକାରୀ ହୋଇ ଅଛନ୍ତି । ବର୍ତ୍ତମାନର ଉତ୍ତରାଧିକାରୀ ଲକ୍ଷ୍ମଣଙ୍କଠାରୁ ଜଣାଯାଏ କବି ଅରକ୍ଷିତ ମହିମଣ୍ଡଳ ଗୀତା ବ୍ୟତୀତ ବାଳବୋଧ ଗୀତା, (୪ର୍ଥ ଅଧ୍ୟାୟ) ଭକ୍ତିଟୀକା (୫ମ ଅଧ୍ୟାୟ) ସପ୍ତାଙ୍ଗ ଅବଧୂତସଂହିତାପ୍ରଭୃତି ଗ୍ରନ୍ଥ ରଚନା କରି ଯାଇଅଛନ୍ତି । ଅରକ୍ଷିତଙ୍କ ରଚିତ ନିମ୍ନୋକ୍ତ ଅପ୍ରକାଶିତ ଭକ୍ତିସଙ୍ଗୀତ ଦୁଇଟି ତାହାଙ୍କ ସୌଜନ୍ୟରୁ ସଂଗୃହୀତ ହୋଇଅଛି ।

୧ମ— ରାମ ନାମ ନ ଭଜିଲ୍ କହୁଛିରେ,
"ଦେହଗୋଟି କ୍ଷୀଣ ହୋଇ ଯାଉଛିରେ '
ରକ୍ତମାଂସ ଦେହ ବନ୍ଧ,
ଏଡ଼େ ଗର୍ବ କରୁ ଜୀବ,
ଧନ ସାରବାକୁ ଜୀବ,
ଉଚିତ ହେଉ କପାଇ ।
କ୍ଷଣକେତି ଦେହ ତୋର,
ଛାଡ଼ି ପକାଇବେ ଘର,
ଘର ଗଲେ ଏବେ ଜୀବ,
ରହିବୁ କାହିଁ କହିଲ ।୧।
ରକ୍ତ ମାଂସ ମିଳିଯିବ,
ଦୁର୍ଗନ୍ଧ କୃମି ହୋଇବ ।
ମାଟିରେ ମାଟି ମିଶିବ,
ତୋତେ ଯମ ଧରିନେବ ।
ଅନେକ ମାଡ଼ ମାରିବ,
ନର୍କକୁଣ୍ଡେ ପକାଇବ ।
ନର୍କ ଆହାର କରିବୁ,
ଅନେକ ଦୁଃଖ ପାଇବୁ ।
ଏବେ ମୋର ବୋଲ କର,
ରାମ ନାମ ନିତ୍ୟେ ଧର ।
ନାମକୁ ନିତ୍ୟେ ଶୁଣିଲେ,
ଯମ ଡରିଥିବ ଭଲେ ।
ହିଂସା ମୋହ ଦୂର ହିବ,
ମୃତ୍ୟୁକାଳ ଦୂର ହେବ ।
ନାମଟି ଦୟା କରିବ,
ଦେହ କଞ୍ଚା ହୋଇଥିବ ।
ନାମ ନ ଭଜିଲେ ଜୀବ,
କାଳମୁଖେ ଯିବୁ କାହିଁ ।
ଅକ୍ଷିତ ଦାସ କହଇ,
ଖଣ୍ଡଗିରି ଡେକ ଜୀବ
କହୁଛିରେ ।୨।

୨ୟ—ଅରୂପାନନ୍ଦମଣ୍ଡଳା,
ଅଜ୍ୟୋତ ଶୂନ୍ୟରେ ଖେଳା ।
ଶୂନ୍ୟେ ଅବଧୂତ ବାନା,
ନୀଳଚକ୍ରେ ଉଡ଼େ ସିନା ।
ଅଖଣ୍ଡ ମଣ୍ଡଳା ହୋଇ,
ଅ ଅବିନ୍ଦୁ କିଛି ନାହିଁ ।
ଅଣ ସନ୍ଧେ ହେତୁ ଦେଇ,
ଅମନେ ମନକୁ ମିଳା । ୧ ।
ଅନାଦି ପରମ ତତ୍ତ୍ୱ,
ପବନ କର ତୋ ନେତ୍ର ।
ଯୋଗୀମାନଙ୍କର ତତ୍ତ୍ୱ,
ସେ ଦଗଧ କାଞ୍ଚନ ସୁନା । ୨ ।
କହେ ଅରକ୍ଷିତ ଦାସ,
ଅନନ୍ତ ଗୁମ୍ଫାରେ ବାସ ।
ଶୂନ୍ୟ ଜ୍ୟୋତି ଠାରେ ଆଶ,
ସେ ବ୍ରହ୍ମ କପୋଳେ ଖେଳା" ।୩।

Digitized by srujanika@gmail.com

ମନୁଷ୍ୟ ଆଉ ପିଞ୍ଜରାବଦ୍ଧ
ପକ୍ଷୀ ନୁହେ—

ଯଦୁନାଥ ନାୟକ ବି;ଏସସି

# ମହାଶୂନ୍ୟ ଓ ଚନ୍ଦ୍ରଲୋକ-ଯାତ୍ରା

କବି କଳ୍ପନାର ମଧୁର ଓ ମନୋହର ଚନ୍ଦ୍ର ପୃଥିବୀକୁ ସବୁବେଳେ ଆକର୍ଷଣ କରିଛି । ଯୁଗେ ଯୁଗେ ଏହା କଳ୍ପନାବିଳାସୀ ମନୁଷ୍ୟର ସରଗର ଶଶୀ । କିମ୍ବଦନ୍ତୀରେ ଅଛି ଯେ ଖାଲି ଏହାର ଜ୍ୟୋତ୍ସ୍ନାରେ ସନ୍ତୁଷ୍ଟ ନ ହୋଇ ମୃଗଶିଶୁ ଏହା ପାଖରେ ପହଞ୍ଚିବାକୁ ଚେଷ୍ଟା କଲା, ମାତ୍ର ପହଞ୍ଚି ପାରିଲା ନାହିଁ । ତେଣୁ ତା'ର ବ୍ୟର୍ଥତା ଓ ମୃତ୍ୟୁରେ ଚନ୍ଦ୍ର ଦେହରେ ଶଶ ବା ମୃଗର କଳଙ୍କ ରହିଗଲା ।

ମାତ୍ର ଏହି ମୃଗଶିଶୁର ବ୍ୟର୍ଥତା ପ୍ରାଣୀ-ଜଗତର ଶ୍ରେଷ୍ଠ ମନୁଷ୍ୟକୁ ଦେଇଛି ଚନ୍ଦ୍ର-ଲୋକରେ ପହଞ୍ଚିବାର ଦୁର୍ବାର ଲାଳସା । ଏହା ଆଜି କଳ୍ପନାର ବିଷୟ ହୋଇ ନାହିଁ । ଏହି ୧୯୬୭ ମସିହାରେ କିମ୍ବା ଖୁବ ବେଶି ହେଲେ ୨ ବର୍ଷ ଭିତରେ ଚନ୍ଦ୍ରଲୋକରେ ମନୁଷ୍ୟ ପହଞ୍ଚି ଯିବ । ସେ ବ୍ୟକ୍ତି ଜଣେ ଋଷିଆନ ନା ଜଣେ ଆମେରିକାନ ହେବେ ?



ଚନ୍ଦ୍ର ଲୋକରେ ପତଙ୍ଗପରି ଦେଖାଯାଉଥିବା ଆମେରିକାର ସର୍ଭେୟର-୩

Digitized by srujanika@gmail.com

ଚନ୍ଦ୍ର ପୃଥିବୀଠାରୁ ମାତ୍ର ଦୁଇ ଲକ୍ଷ ଚାଳିଶି ହଜାର ମାଇଲ ଦୂରରେ ।

ଶୁକ୍ରଗ୍ରହ ଗ୍ରହମାନଙ୍କ ମଧ୍ୟରେ ପୃଥିବୀର ସବୁଠାରୁ ନିକଟବର୍ତ୍ତୀ । ତଥାପି ଏହାର ଦୂରତ୍ୱ ୨୫ କୋଟି ମାଇଲ୍ ଓ ଏହା ପାଖରେ ପହଞ୍ଚିବାପାଇଁ ୧୪୬ ଦିନ ଲାଗିବ ।

ମଙ୍ଗଳ ଗ୍ରହ ପୃଥିବୀଠାରୁ ୩୭ କୋଟି ମାଇଲ ଓ ଏଠାରେ ପହଞ୍ଚିବା ପାଇଁ ୨୫୯ ଦିନ ଲାଗିବ ।

ଏମାନେ ସବୁ ସୌରଜଗତର ଗ୍ରହ ଉପଗ୍ରହ । ସୂର୍ଯ୍ୟର ଦୀପ୍ତିରେ ଏମାନେ ଜଳୁଛନ୍ତି; କିନ୍ତୁ ଏହି ସୂର୍ଯ୍ୟ ପରି ସହସ୍ର ସହସ୍ର ସୂର୍ଯ୍ୟ ଅଛନ୍ତି ଏବଂ ଗ୍ରହ ଉପଗ୍ରହ ଅଛନ୍ତି ।

ସୌରଲୋକ ଅତିକ୍ରମ କରି ନକ୍ଷତ୍ର-ଲୋକରେ ପହଞ୍ଚିବାକୁ ହେଲେ ଲକ୍ଷ ଲକ୍ଷ ବର୍ଷ ଦରକାର । ଯେଉଁ ଜଗତରେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ରଙ୍କର ଅବସ୍ଥାନ ତା'ର ନାମ ମହାଶୂନ୍ୟ । ଏହି ମହାଶୂନ୍ୟକୁ ବର୍ଣ୍ଣନା କରି ଆମର ପ୍ରାଚୀନ ଶାସ୍ତ୍ରକାରମାନେ କହିଛନ୍ତି ଏହା ଦିଗ୍‌ବିଦିଗ୍‌ଶୂନ୍ୟ । ମହାକାଳ ଏହାକୁ ସୀମାବଦ୍ଧ କରି ପାରି ନାହିଁ । ଏହା ଅନନ୍ତ । କେବଳ କଳ୍ପନା ଛଡ଼ା ଏହାକୁ ଚିନ୍ତା କରାଯାଇ ନ ପାରେ ।

## ତରଙ୍ଗଶୂନ୍ୟ ଜଳରାଶି

**ଅନନ୍ତ ମହାଶୂନ୍ୟକୁ ଏକ ତରଙ୍ଗଶୂନ୍ୟ** ଜଳରାଶି ସହିତ ତୁଳନା କରାଯାଇଥାଏ । ଯେପରି ଜଳରାଶି ଉପରେ ଛୋଟ ଛୋଟ ଜୀବ ମୁକ୍ତ ଓ ସ୍ୱଚ୍ଛନ୍ଦରେ ବିହାର କରି ପାରନ୍ତି ସେହିପରି ମହାଶୂନ୍ୟରେ କ୍ଷୁଦ୍ର ବେଗବାନ୍ ପଦାର୍ଥ ଅକ୍ଳେଶରେ ବିଚରଣ କରି ପାରିବ । ସେହିପରି ତରଙ୍ଗହୀନ ଜଳରାଶିମଧ୍ୟରେ ଭଉଁରୀ ପରି ଗୋଟିଏ ଗୋଟିଏ ଅଞ୍ଚଳ ରହିଛି । ପାଣିରେ ଭଉଁରୀପାଖରେ ଭାସୁଥିବା ପଦାର୍ଥଟିଏ ପଡ଼ିଗଲେ, ତାହା ସଙ୍ଗେ ସଙ୍ଗେ ଘୂରି ଘୂରି ଅତଳ ଗଭୀରରେ ବୁଡ଼ିଯାଏ, ମାତ୍ର ପାଣିର କୀଟ ପଡ଼ିଗଲେ ତାହା ଅକ୍ଳେଶରେ ଏଥିରୁ ବାହାରିବାପାଇଁ ସମର୍ଥ ହୁଏ ।

## ପିଞ୍ଜରାର ପକ୍ଷୀ

ମହାଶୂନ୍ୟର **ଭଉଁରୀ** ତାରକା, ଗ୍ରହ, ଉପଗ୍ରହର ଚାରିପାଖରେ ଗଢ଼ି ଉଠିଛି । ଏହା ଆଉ କିଛି ନୁହେଁ—ସେମାନଙ୍କର ମାଧ୍ୟାକର୍ଷଣ ମଣ୍ଡଳ । ଏହି ସବୁ ଭଉଁରୀକୁ ଛାଡ଼ିଦେଲେ କୌଣସି ବେଗବାନ୍ ବସ୍ତୁ, ଉଦାହରଣସ୍ୱରୂପ ମହାଶୂନ୍ୟ ପୋତ ସ୍ୱଚ୍ଛନ୍ଦରେ ମହାଶୂନ୍ୟର ତରଙ୍ଗହୀନ ବକ୍ଷରେ ଲକ୍ଷ ଲକ୍ଷ ମାଇଲ ବିଚରଣ କରି ପାରେ, ମାତ୍ର ଏହି ଭଉଁରୀ-ଭିତରେ ପଡ଼ିଗଲେ ଏହାର ଆଉ ନିସ୍ତାର ନାହିଁ । ମହାଶୂନ୍ୟର ନିସ୍ତରଙ୍ଗ ବକ୍ଷରେ ବିଚରଣ କରିବାକୁ ହେଲେ ପ୍ରଥମେ କୌଣସି ବେଗବାନ୍ ବସ୍ତୁକୁ ନିଜର ବାୟୁମଣ୍ଡଳ ଅତିକ୍ରମ କରିବାକୁ ହେବ । ପ୍ରତ୍ୟେକ ଗ୍ରହମଣ୍ଡଳର ଶକ୍ତିଶାଳୀ ମାଧ୍ୟାକର୍ଷଣ ଶକ୍ତି ଅଛି । ଏହି ଶକ୍ତିର ନିୟମ ହେଲା କୌଣସି ବସ୍ତୁ ଉପରକୁ ଉଠିଲେ ତଳକୁ ଟାଣି ଆଣିବା ଯେପରିକି ଗଛରୁ ଫଳ ପଡ଼ୁଛି ବା ଗୋଟିଏ ଫୁଟବଲକୁ ଉପରକୁ ପକାଇଲେ ତାହା ତଳକୁ ଖସି ପଡ଼ୁଛି । ମାଧ୍ୟାକର୍ଷଣ ଶକ୍ତିଦ୍ୱାରା ଆବଦ୍ଧ କେତେକ ଗ୍ରହ ଓ ଉପରକୁ ଗୋଟିଏ ଗୋଟିଏ

Digitized by srujanika@gmail.com

ପିଞ୍ଜରା ସହିତ ତୁଳନା କରାଯାଇ ପାରେ । ପୃଥିବୀ ସେହିପରି ଏକ ପିଞ୍ଜରା ଓ ମନୁଷ୍ୟ ସେହି ପିଞ୍ଜରାବଦ୍ଧ ପକ୍ଷୀ । ଥରେ ଏହି ପିଞ୍ଜରା ଅତିକ୍ରମ କଲେ ତେଣିକି ବାଧା-ବନ୍ଧନ ନ ଥାଏ ।

ଏହି ପିଞ୍ଜରାରୁ କିପରି ମୁକ୍ତି ଲାଭ କରିବାକୁ ହେବ ସେ ଚିନ୍ତା ଅଳ୍ପକାଳ ହେଲା ଆସିଲେ ମଧ୍ୟ ପ୍ରାୟ ୩୦୦ ବର୍ଷ ତଳେ ଜଣେ ମହାମନୀଷୀ ଏଥିପାଇଁ ଏକ ସୂତ୍ର ବାହାର କରିଥିଲେ । ସେ ହେଉଛନ୍ତି ସାର୍ ଆଇଜାକ୍ ନିଉଟନ୍ । ତାଙ୍କ ନିଜ ବଗିଚାରୁ ଆପଫଳ ତଳକୁ କାହିଁକି ପଡ଼ୁଛି ତାହା ଜାଣିବାପାଇଁ ଚେଷ୍ଟା କରି ସେ ମାଧ୍ୟାକର୍ଷଣ ଶକ୍ତିର ଆବିଷ୍କାର କରିଥିଲେ । ତାଙ୍କର ସୂତ୍ର ଓ ରକେଟ୍‌ର ଶକ୍ତି ଦୁଇଟିଯାକ ମିଶି ମନୁଷ୍ୟଙ୍କୁ ମହାଶୂନ୍ୟ-ଯାତ୍ରାର ଅମୋଘ ବରଦାନ କରିଛି ।

ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ତଳକୁ ଟାଣୁଥିଲେ ମଧ୍ୟ ରକେଟ କିପରି ଉପରକୁ ଉଠୁଛି ? ଏ ସମ୍ପର୍କରେ ନିଉଟନ୍‌ଙ୍କ ୩ୟ ସୂତ୍ର ହେଉଛି କୌଣସି କ୍ରିୟାର ସମାନ ଓ ବିରୋଧୀ ପ୍ରତିକ୍ରିୟା ଘଟେ, ଅର୍ଥାତ୍ ରକେଟ୍ ଫୁଟାଇଲାବେଳେ ଗ୍ୟାସ୍ ବା ଧୂଆଁ ଖୁବ୍ ଜୋରରେ ତଳକୁ ଆସୁଥିବାଯୋଗୁଁ ରକେଟ୍ ସେତିକି ଜୋରରେ ଉପରକୁ ଉଠେ । ଯେତେ ସମୟ ପର୍ଯ୍ୟନ୍ତ ଇଞ୍ଜିନ୍ ଫୁଟାଇ ନୂଆ ନୂଆ ବେଗରେ ଗ୍ୟାସ୍ ବାହାରୁଥାଏ, ରକେଟ୍ ସେତିକି ଦ୍ରୁତଗତିରେ ଉପରକୁ ଉଠିବାରେ ଲାଗେ ଏବଂ ଇଞ୍ଜିନ୍ ଜଳିଗଲା ପରେ ରକେଟ ମଧ୍ୟ ଉପରକୁ ଯିବାକୁ ବନ୍ଦ ହୁଏ ନାହିଁ । କାରଣ ନିଉଟନ୍‌ଙ୍କ ପ୍ରଥମ ସୂତ୍ର ହେଉଛି, କୌଣସି ବେଗବାନ୍ ବସ୍ତୁ ଅନ୍ୟ କୌଣସି ଶକ୍ତିଦ୍ୱାରା ଆଘାତ ପ୍ରାପ୍ତ ନ ହେଲେ ତାହା ସିଧା ସଳଖ ଚାଲିଥାଏ; କିନ୍ତୁ ଏ ରକେଟ୍ ଏହିପରି ଚାଲିବା ପରେ ଏହାର ଗତି ମନ୍ଥର ହୋଇ ଆସେ ଏବଂ ଏହା ବନ୍ଦ ହୋଇ ଯାଏ । କାରଣ ଏହାର ଆଉ ଶକ୍ତି ନ ଥାଏ ଏବଂ ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ନିୟମ ଅନୁଯାୟୀ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଏହାକୁ ତଳକୁ ଟାଣି ଆଣେ ।

ଏଥିରୁ ଦେଖାଯିବ ଯେ ରକେଟ୍ ଏକମାତ୍ର ଅସ୍ତ୍ର, ଯାହାକି ଖୁବ୍ ବେଗରେ ଉପରକୁ ଉଠି ପାରିବ, ମାତ୍ର ନିଉଟନ୍‌ଙ୍କ ନିୟମ ଅନୁସାରେ ଏହାକୁ ଅତ୍ୟନ୍ତ ବେଗ ସଂଗ୍ରହ କରିବାକୁ ହେବ । ତା' ନ ହେଲେ ମାଧ୍ୟାକର୍ଷଣ ଶକ୍ତିର ଉପରକୁ ଏହା ଉଠି ପାରିବ ନାହିଁ ।

## ରକେଟ୍‌ର ଶକ୍ତି

ରକେଟ୍ ଓ ନିଉଟନ୍‌ଙ୍କ ନିୟମ ଉଭୟ ଆଗରୁ ଜଣାଥିଲେ ମଧ୍ୟ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିକୁ ଅତିକ୍ରମ କରିବାକୁ ହେଲେ ରକେଟ୍‌କୁ କେତେ ବେଗ ସଞ୍ଚୟ କରିବାକୁ, ତାହା ଉଦ୍‌ଭାବନ କଲେ ଜଣେ ରୁଷ୍ ବୈଜ୍ଞାନିକ । ୧୮୯୮ ମସିହାରେ କନଷ୍ଟାନଟିନ୍ ଜିଅଲୋ-ଭସ୍କି । ସେ ତାଙ୍କର ସିଦ୍ଧାନ୍ତ ପ୍ରକାଶ କରି କହିଥିଲେ ଯେ, ବାରୁଦ ନୁହେଁ, ତରଳ ଜାଳେଣି ପଦାର୍ଥ ସାହାଯ୍ୟରେ ହିଁ ବେଗବାନ୍ ରକେଟ୍ ମହାଶୂନ୍ୟ-ଯାତ୍ରା କରି ପାରିବ । ଆଶ୍ଚର୍ଯ୍ୟର କଥା ସେତେବେଳେ ଉଡ଼ାଜାହାଜ ମଧ୍ୟ ଉଦ୍‌ଭାବନ ହୋଇ ନଥିଲା । ରୁଷ

Digitized by srujanika@gmail.com

ବୈଜ୍ଞାନିକ ଏହି ତଥ୍ୟ ପ୍ରକାଶ କଲେ ମଧ୍ୟ ତାକୁ କାର୍ଯ୍ୟରେ ପରିଣତ କରିବାକୁ ଉଦ୍ୟମ କଲେ ଜଣେ ଆମେରିକାର ବୈଜ୍ଞାନିକ, ରବର୍ଟ୍ ହଚିଂ ଗଡ୍ଡାର୍ଡ଼ । ତାଙ୍କର ଉଦ୍‌ଭାବନ ହେଉଛି ଗୋଟିଏ ଦଶଟନ୍ ରକେଟ୍ ସାହାଯ୍ୟରେ ଚନ୍ଦ୍ରଲୋକକୁ ଯନ୍ତ୍ରପାତି ପଠାଇବା । ସେ କହିଥିଲେ ଯେ ଗୋଟିଏ ସ୍ତରରେ ନୁହେଁ, ଦୁଇ ତିନୋଟି ସ୍ତରରେ ରକେଟ୍ ପଠାଇବାକୁ ପଡ଼ିବ, ଯାହାକି ବର୍ତ୍ତମାନ କରାଯାଉଛି । ଗଡ୍ଡାର୍ଡ଼ କେବଳ ଏତିକରେ ସନ୍ତୁଷ୍ଟ ରହିଲେ ନାହିଁ । ସେ ତରଳ ଜାଳେଣି ସାହାଯ୍ୟରେ ପୃଥିବୀର ପ୍ରଥମ ରକେଟ୍ ୧୯୨୬ ମସିହାରେ ଉଦ୍‌ଭାବନ କଲେ । ଏହି ରକେଟ୍ ୯୦ ଫୁଟ ପର୍ଯ୍ୟନ୍ତ ଉପରକୁ ଚାଲି ଯାଇଥିଲା । ୧୯୩୫ ମସିହା ପର୍ଯ୍ୟନ୍ତ ୭୫୦୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ମାତ୍ର ରକେଟ୍ ଯାଇ ପାରିଥିଲା; କିନ୍ତୁ ଯୁଦ୍ଧ ଶେଷଆଡ଼କୁ ରକେଟ୍ ସାହାଯ୍ୟରେ ଜର୍ମାନମାନେ ଇଂଲଣ୍ଡ ଉପରେ ବୋମାବର୍ଷଣ କରି ଖୁବ୍ ଏକ ବିଶୃଙ୍ଖଳା ସୃଷ୍ଟି କରି ପାରିଥିଲେ ।

## ବିରାଟ ପ୍ରସ୍ତୁତି

ବର୍ତ୍ତମାନ ଉଭୟ ରୁଷିଆ ଓ ଆମେରିକା ୧୦ ଟନରୁ ୧୨ ଟନ୍ ପର୍ଯ୍ୟନ୍ତ ଭାରି ଜିନିଷ ପଠାଇବାପାଇଁ ଖୁବ୍ ଶକ୍ତିଶାଳୀ ରକେଟ୍ ନିର୍ମାଣ କରି ସାରିଲେଣି । ଚନ୍ଦ୍ରଲୋକରେ ମନୁଷ୍ୟ ପହଞ୍ଚିବା ପୂର୍ବରୁ କେତେଗୁଡ଼ିଏ ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ଶେଷ ହେବା ଦରକାର । ବର୍ତ୍ତମାନ ଏଥିରୁ କେତେକ କାମ ଶେଷ ହୋଇ ଗଲାଣି, ପ୍ରଥମ ହେଉଛି ଟେଲିଭିଜନ, ରେଡ଼ିଓ ଓ କେତେକ ଯନ୍ତ୍ରପାତି ଚନ୍ଦ୍ରଲୋକରେ ଅବତରଣ କରାଇବା; ତାହା ଉଭୟ ରୁଷିଆ ଓ ଆମେରିକା କରି ସାରିଛନ୍ତି । ଦ୍ୱିତୀୟ କାର୍ଯ୍ୟକ୍ରମ ହେଉଛି ହେଲିକପ୍ଟରର ଓହ୍ଲାଇବା ପରି ଧୀରଭାବରେ ମହାଶୂନ୍ୟ ଯାନକୁ ଓହ୍ଲାଇବା । କାରଣ ମନୁଷ୍ୟକୁ ଓହ୍ଲାଇବାକୁ ହେଲେ ଏହିପରି ଧୀରଭାବରେ ଓହ୍ଲାଇବାକୁ ପଡ଼ିବ । ଏହି କାର୍ଯ୍ୟକ୍ରମଟିକୁ ରୁଷିଆ ଓ ଆମେରିକା ଉଭୟ ରାଷ୍ଟ୍ର ଶେଷ କରିଛନ୍ତି । ତୃତୀୟ କାର୍ଯ୍ୟକ୍ରମ ହେଉଛି—ଏକ ଗତିଶୀଳ ଗବେଷଣାଗାର ଚନ୍ଦ୍ରଲୋକରେ ଅବତରଣ କରିବ ଏବଂ ଫଟୋ ଓ ତଥ୍ୟ ସଂଗ୍ରହ କରି ପୃଥିବୀକୁ ପଠାଇବ । ଉଭୟ ରୁଷିଆ ଓ ଆମେରିକାପକ୍ଷରୁ ଏହି କାର୍ଯ୍ୟକ୍ରମ ଖୁବ୍ ଜୋର-ସୋରରେ କାର୍ଯ୍ୟକାରୀ ହେଉଛି । ରୁଷିଆର ଲୁନିକ୍ ଓ ଆମେରିକାର ସର୍ଭେୟର ଶହ ଶହ ଫଟୋ ଏବଂ ବହୁ ପ୍ରୟୋଜନୀୟ ତଥ୍ୟ ଚନ୍ଦ୍ରଲୋକରୁ ପୃଥିବୀକୁ ପଠାଇଛନ୍ତି । ଏବେ ନିକଟରେ ଆମେରିକାରୁ ପଠାଯାଇଥିବା ସର୍ଭେୟର ଚନ୍ଦ୍ରଲୋକର ଦୁଇ ତିନୋଟି ଜାଗାରୁ ମାଟି ଖୋଳି ପ୍ରମାଣିତ କରି ଦେଇଛି ଯେ ଚନ୍ଦ୍ରଲୋକର ମାଟି ପୃଥିବୀର ଓଦା ବାଲିପରି ।

ଚନ୍ଦ୍ରଲୋକରେ ମଣିଷ ଅବତରଣ କରିବା-ପାଇଁ ଆଠୋଟି ସ୍ଥାନ ଆମେରିକା ପକ୍ଷରୁ ବଚ୍ଛା ହୋଇ ସାରିଲାଣି ।

ଚତୁର୍ଥ କାର୍ଯ୍ୟକ୍ରମ ହେଉଛି ୨୨ ଟନ୍ ଓଜନ ଜିନିଷ ପଠାଇ ପାରିବା ଭଳି ବିରାଟ ରକେଟ୍ ନିର୍ମାଣ କରିବା ଏବଂ ଏହି ରକେଟ୍ ସାହାଯ୍ୟରେ ୩ ଜଣ ଯାତ୍ରୀଙ୍କୁ ଚନ୍ଦ୍ରଲୋକ ଚାରିପାଖ ବୁଲାଇ ପୃଥିବୀକୁ ଫେରାଇ ଆଣିବା । ଏହା ସଫଳ ହୋଇ ଗଲେ ଚନ୍ଦ୍ରଲୋକରେ

Digitized by srujanika@gmail.com

ମଣିଷର ସିଧା ସଳଖ ଅବତରଣ-ପର୍ଯ୍ୟାୟ ଆରମ୍ଭ ହେବ । ହିସାବ କରି ଦେଖା ଯାଇଛି ଯେ ମଣିଷକୁ ଚନ୍ଦ୍ରଲୋକରେ ପହଞ୍ଚିବାପାଇଁ ୬୦ ଘଣ୍ଟା ସମୟ ବା ତିନି ଦିନ ଦୁଇରାତି ଲାଗିବ ।

## କେତେ ଖର୍ଚ୍ଚ ଲାଗିବ

ଚନ୍ଦ୍ରଲୋକ-ଯାତ୍ରାପାଇଁ କେତେ ଖର୍ଚ୍ଚ ହେବ ତାହା ନିକଟରେ ଆମେରିକାପକ୍ଷରୁ ପ୍ରକାଶିତ ହିସାବରୁ **ଜଣାଯାଏ** । ୧୯୬୧ ମସିହାରୁ ଏ ମଧ୍ୟରେ ମନୁଷ୍ୟର ମହାଶୂନ୍ୟ ଯାତ୍ରାପାଇଁ ଆମେରିକାପକ୍ଷରୁ ଖର୍ଚ୍ଚ ହେଲଣି ୧୬ ହଜାର ୨ ଶହ ୫୦ କୋଟି ଟଙ୍କା, ଏହା ଭାରତର ଚତୁର୍ଥ ପଞ୍ଚବାର୍ଷିକ ଯୋଜନାଠାରୁ ସାମାନ୍ୟ ଊଣା । ଆମେରିକାର ଏହି କାର୍ଯ୍ୟରେ ୪ ଲକ୍ଷ କର୍ମୀ ଏବଂ ୬୦ ହଜାର ଇଂଜିନିୟର ଓ ବୈଜ୍ଞାନିକ ନିଯୁକ୍ତ ଅଛନ୍ତି । ଅନେକଙ୍କର ଯୁକ୍ତି ହେଉଛି ପୃଥିବୀରେ ରୋଗ, ଦାରିଦ୍ର୍ୟ ଓ ଅଶିକ୍ଷା ରାଜପଣ କରୁଥିବାବେଳେ ଚନ୍ଦ୍ରଲୋକକୁ ମଣିଷ ପଠାଇବା ଓ ମହାଶୂନ୍ୟ-ଯାତ୍ରା-ନିମନ୍ତେ ପୃଥିବୀର ସର୍ବପ୍ରଥମ ୨ଟି ରାଷ୍ଟ୍ର କାହିଁକି ଏତେ ବ୍ୟସ୍ତ କରୁଛନ୍ତି । ଏହାର ଉତ୍ତର ହେଉଛି—ବିଶ୍ୱର ରହସ୍ୟ ଉଦ୍‌ଘାଟନ କରିବା-ପାଇଁ ମନୁଷ୍ୟର ଦୁର୍ବାର ପ୍ରବୃତ୍ତି । ସେଥିରେ ବିଜ୍ଞାନର ଜୟ ଯାତ୍ରା ଓ ମନୁଷ୍ୟ ସଭ୍ୟତାର ଜୟଯାତ୍ରା ନିହିତ । ମହାଶୂନ୍ୟ-ଯାତ୍ରାଫଳରେ ବର୍ତ୍ତମାନ ଏତେ ତଥ୍ୟ ଆବିଷ୍କୃତ ହେଲଣି ଯେ ଯାହା ଫଳରେ ଦୁରାରୋଗ୍ୟ ରୋଗର ଚିକିତ୍ସା, ଜନ୍ମନିୟନ୍ତ୍ରଣ, ଜଳବାୟୁ ଓ ପାଣି ପାଗର ନିୟନ୍ତ୍ରଣ ଓ ସମାଜ ସଂଗଠନରେ ଏହା ଅଭୂତପୂର୍ବ ପରିବର୍ତ୍ତନ ଆଣି ପାରିବ । ମନୁଷ୍ୟମନରେ ଅନ୍ତତଃ ଏତିକି ବିଶ୍ୱାସ ସୃଷ୍ଟି ହୋଇ ପାରିଛି ଯେ ସେ ଆଉ ଏକ ପିଞ୍ଜରାବଦ୍ଧ ପକ୍ଷୀ ନୁହେଁ, ସେ ବିରାଟ ବିଶ୍ୱ ସଂସାରର ବିଭିନ୍ନ ଗ୍ରହ, ନକ୍ଷତ୍ରଙ୍କ ସହିତ ପ୍ରତ୍ୟକ୍ଷ ବନ୍ଧୁତା ସ୍ଥାପନ କରିବାରେ ସମର୍ଥ ।

---

Digitized by srujanika@gmail.com

*With Best Compliments Of:*

**Samantray Constructions**

**Rajabagicha**

***CUTTACK—1***

Digitized by srujanika@gmail.com

# ପ୍ରତିଶ୍ରୁତି-ଭଙ୍ଗ

ପତ୍ନୀ ମୃତ୍ୟୁଶଯ୍ୟାରେ ଶୋଇ କହିଲା, "ମରିବାକୁ ମୋର ଭୟ ନାହିଁ; କିନ୍ତୁ ଗୋଟିଏ କଥା ଜାଣିବାକୁ ମୋର ମନ ଗୋଳେଇ ଘାଣ୍ଟି ହେଉଛି, ମୋ ପରେ କିଏ ମୋର ସ୍ଥାନ ପୂରଣ କରିବ ।"

"ନା, ନା, ଏହି ଘରେ କେହି ତୁମର ସ୍ଥାନ ପୂରଣ କରି ପାରିବ ନାହିଁ । ମୁଁ କେବେ ହେଲେ ଆଉ ବିବାହ କରିବି ନାହିଁ ।" ଏହିପରି-ଭାବରେ ଶୋକାକୁଳ ସ୍ୱାମୀ ଉତ୍ତର ଦେଲା । ଏହା ଏକ ଉପରଠାଉରିଆ ଉତ୍ତର ନୁହେଁ । ଆସନ୍ନ ମୃତ୍ୟୁର ସମ୍ମୁଖୀନ ନିଜର ପ୍ରିୟତମା ପ୍ରତି ଗଭୀର ସ୍ନେହଯୋଗୁଁ ଏହା ଥିଲା ଏକ ହୃଦୟର ଉତ୍ତର ।

ପାଣ୍ଡୁର ମୁହଁରେ ସାମାନ୍ୟ ହସ ଫୁଟି ଉଠିଲା । "ଜଣେ ଯୋଦ୍ଧାର ପ୍ରତିଶ୍ରୁତିରୂପେ ମୁଁ ଏହାକୁ ଗ୍ରହଣ କରି ପାରିବି ତ ?"

"ହଁ, ତୁମେ ଏହାକୁ ଯୋଦ୍ଧାର ପ୍ରତିଶ୍ରୁତି-ରୂପେ ଗ୍ରହଣ କରିପାର ।"

ପତ୍ନୀର ଶେଷ ଅନୁରୋଧ ହେଲା, ବଗିଚାର କୋଳଗଛମୂଳରେ ତାକୁ କବର ଦିଆଯିବ । ମୂଳରୁ ତାହାର ଏହି ଇଚ୍ଛା ଥିଲେ ମଧ୍ୟ, ସେ ତାହା ପ୍ରକାଶ କରିବାକୁ ଚାହୁଁ ନ ଥିଲା, କାରଣ ସ୍ୱାମୀ ଆଉ ଥରେ ବିବାହ କରିବାକୁ ଚାହାନ୍ତି ତ, ଘରର ଏତେ ନିକଟରେ କବରଟା ରହିବା ଉଚିତ ହୁଅନ୍ତା ନାହିଁ; କିନ୍ତୁ ଏବେ ସେ ସନ୍ଦେହ ତୁଟିଗଲା । ନିକଟରେ କବର ରହିଲେ ସେ ସ୍ୱାମୀଙ୍କର ସ୍ୱର ଶୁଣି ପାରିବ ଏବଂ ବସନ୍ତ ଋତୁରେ ବଗିଚାରେ ଫୁଲସବୁ ଫୁଟିଲେ, ତାକୁ ମଧ୍ୟ ଦେଖି ପାରିବ ।

"ଏ କଥା କାହିଁକି କହୁଛ, ତମେ ତ ସେପରି ଅସୁସ୍ଥ ନୁହ । କ'ଣ ଆମ ସଂସାର ଏତେ ଶୀଘ୍ର ସରିଯିବ ।"

ସ୍ୱାମୀର ଏ କଥାରେ ପତ୍ନୀ ବିବ୍ରତ ହୋଇ ପଡ଼ି କହିଲା ମୋତେ ଆଉ ସେ ସାନ୍ତ୍ୱନା ଦିଅ ନାହିଁ । ମୁଁ ଅଳ୍ପ ସମୟ ପରେ ଚାଲି ଯାଉଛି । ମୋତେ ଯବାବ ଦିଅ, ଏହି ବଗିଚାରେ ହିଁ ମୋତେ କବର ଦେବ ଏବଂ......

"ହିଁ ନିଶ୍ଚୟ ଏହିଠାରେ ତମପାଇଁ ଏକ ସୁନ୍ଦର କବର ମୁଁ ନିର୍ମାଣ କରିବି ।"

ପତ୍ନୀର ଅନୁରୋଧ ସରି ନାହିଁ "ହଁ, ମୁଁ କହୁଥିଲି, ମୋତେ ଗୋଟିଏ ଘଣ୍ଟି ଦେବ ।"


"ଘଣ୍ଟି— ?"

"ହଁ, ଘଣ୍ଟି, ବୌଦ୍ଧ ଭିକ୍ଷୁମାନେ ଯେପରି ଘଣ୍ଟି ଧରି ଯାଆନ୍ତି ସେହିପରି ଗୋଟିଏ ଘଣ୍ଟି । କବରଭିତରେ ମୋର ଦରକାର ।"

"ଆଚ୍ଛା, ତାହା ହିଁ ହେବ । ଆଉ କିଛି ତୁମର ଇଚ୍ଛା ଅଛି ?"

"ନା, ଆଉ କିଛି ନାହିଁ । ବର୍ତ୍ତମାନ ମୁଁ ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କରିବି ।"

Digitized by srujanika@gmail.com



ଏତିକି କହି ସେ ତା'ର ଆଖି ବୁଜି ଦେଲା, ଯେପରି କି କ୍ଳାନ୍ତ ଶ୍ରାନ୍ତ ଅବସ୍ଥାରେ ଗୋଟିଏ ଶ୍ରେଷ୍ଠ ଶିଶୁ ଶୋଇ ଯାଇଛି । ମୁହଁରେ ସ୍ମିତହାସ୍ୟଟିକକ ସେହିପରି ଲାଗି ରହି ଯାଇଛି । ମୃତ୍ୟୁ ଯେପରି ଦେହର ସୌନ୍ଦର୍ଯ୍ୟକୁ ଛଡ଼ାଇ ନେଇ ପାରିନାହିଁ ।

ଗୃହ ପଛପଟ ବଗିଚାରେ ମୃତ ବ୍ୟକ୍ତିର ସମାଧି ଦିଆଗଲା ଏବଂ ଶେଷ ଇଚ୍ଛା ପୂର୍ତ୍ତି କରିବାପାଇଁ କବର ସହିତ ଗୋଟିଏ ଘଣ୍ଟି ରହିଲା । କବର ଉପରେ ରହିଲା ଏକ ସୁନ୍ଦର ସ୍ମୃତିଫଳକ ।

... ... ... ...

ସ୍ତ୍ରୀର ମୃତ୍ୟୁର ବର୍ଷେ ନ ପୂରୁଣୁ ବନ୍ଧୁ-ବାନ୍ଧବମାନେ କହିବାକୁ ଲାଗିଲେ, "ବୟସରେ ତୁମେ ପିଲାଲୋକ, ପରିବାରର ମଧ୍ୟ ତୁମେ ଏକମାତ୍ର ପୁଅ । ତୁମର ନିଜର କୌଣସି ସନ୍ତାନ ନାହିଁ । ଈଶ୍ୱର କର୍ତ୍ତବ୍ୟ ହେଉଛି ବଂଶରକ୍ଷାପାଇଁ ବିବାହ କରିବା । ତୁମେ ଯଦି ନିଃସନ୍ତାନ ହୁଅ, ତାହାହେଲେ ପିତୃଲୋକଙ୍କୁ କିଏ ଶ୍ରାଦ୍ଧ ଦେବ ?"

ଏହିପରି ବହୁ କୁହାବୋଲା ପରେ ବିଭାଘର ଠିକ୍ ହୋଇଗଲା । କନ୍ୟାର ବୟସ ସତର ବର୍ଷ; ସେ ମଧ୍ୟ ଭାରି ସୁନ୍ଦରୀ ଏବଂ ସ୍ନେହଶୀଳା । କବରରେ ଶୋଇଥିବା ପ୍ରଣୟିନୀ ପ୍ରତି ନିଜର ପ୍ରତିଶ୍ରୁତି-ଭଙ୍ଗକରି ଶେଷକୁ ସେ ବିବାହ କଲା ।

( ୨ )

ବିବାହର ସାତ ଦିନ ପର୍ଯ୍ୟନ୍ତ ସ୍ୱାମୀ ସ୍ତ୍ରୀଙ୍କର ସୁଖରେ କୌଣସି ବାଧା ଦେଖା ଦେଲା ନାହିଁ । ସାତ ଦିନ ପରେ ଦୁର୍ଗଭିତରେ ରାତିରେ ଉପସ୍ଥିତ ରହିବାପାଇଁ ସ୍ୱାମୀକୁ ବାହାରକୁ

Digitized by srujanika@gmail.com

ଯିବାକୁ ହେଲା । ପ୍ରଥମ ଦିନ ସନ୍ଧ୍ୟାରେ ହଠାତ୍ ନବବିବାହିତା ସ୍ତ୍ରୀର ମନ ଚଞ୍ଚଳ ହୋଇ ଉଠିଲା । ସେ ଶୋଇବାକୁ ଗଲେ ମଧ୍ୟ ଏକ ଅଜଣା ଭୟର ଆଶଙ୍କାରେ ନିଦ ହେଲା ନାହିଁ । ଝଡ଼ ପୂର୍ବରୁ ଯେପରି ବାୟୁମଣ୍ଡଳଟା ଭାରି ଲଗେ, ସେହିପରି ଗୃହଆଡ଼ ବୋଧ ହେଲା ।

ରାତି ଅଧସରକୁ ବାହାରେ ଶୁଣାଗଲା, ଏକ ଘଣ୍ଟିର ଶବ୍ଦ, ଠିକ୍ ଯେପରି ବୌଦ୍ଧ-ଭିକ୍ଷୁମାନେ ଯାଉଥିବାବେଳେ ଶୁଣାଯାଏ । ଏତେ ରାତିରେ ବୌଦ୍ଧଭିକ୍ଷୁ କୁଆଡ଼ୁ ଆସିବେ ଏହି କଥା ସେ ଚିନ୍ତା କରୁଥିବାବେଳେ ଘଣ୍ଟିର ଶବ୍ଦ ଆହୁରି ନିକଟତର ହୋଇ ଆସିଲା, ଯେପରି କି କେହି ଘର ଆଡ଼କୁ ଆସୁଛି; କିନ୍ତୁ ଘର ଆଡ଼କୁ ଆସିବାକୁ ହେଲେ ବାଡ଼ିପଟ ବଗିଚାଆଡ଼ୁ କାହିଁକି କିଏ ଆସିବ ? ହଠାତ୍ କୁକୁରମାନେ ଭୁକି ଉଠିଲେ ଏବଂ ଅତି ଭୟାନକଭାବରେ ଏକ ଦୁଃସ୍ୱପ୍ନର ଭୟ ଯେପରି ମାଡ଼ିବସିଲା । ଯୁବତୀଟି ସାଙ୍ଗେ ସାଙ୍ଗେ ଚାକରମାନଙ୍କୁ ଉଠାଇବାକୁ ଭାବିଲା; କିନ୍ତୁ ଦେଖିଲା, ସେ ନିଜେ ଉଠି ପାରୁ ନାହିଁ—ଡାକି ମଧ୍ୟ ପାରୁ ନାହିଁ ।

. . .

ଘଣ୍ଟିର ଶବ୍ଦ ଆହୁରି ନିକଟତର ହୋଇ ଆସୁଛି;—ଓଃ, କି ଭୀଷଣଭାବରେ କୁକୁର-ଗୁଡ଼ାକ ଭୁକୁଛନ୍ତି । ତା' ପରେ ......ତା' ପରେ ହଠାତ୍ ଏକ ଛାୟା —ନା, ଛାୟା ନୁହେଁ, ନାରୀର ମୂର୍ତ୍ତି,—ଏ କ'ଣ ? ଘରର ଦୁଆର ଜୋରରେ ଖୋଲା ହୋଇଛି । ଏହା-ଭିତରେ ପୁଣି କବରର ଏକ ଶାଢ଼ୀ ପିନ୍ଧି ଏବଂ ହାତରେ ଏକ ଘଣ୍ଟି ଧରି ଏକ ସ୍ତ୍ରୀ ଲୋକ କୁଆଡ଼ୁ ଆସିଲା ? ମୁହଁରେ ଆଖି ନାହିଁ, ମୁକୁଳା ବାଳ ମୁହଁ ଉପରେ ପଡ଼ିଛି, ତା'ର ଭିତରୁ ସେ ଯେପରି ଚାହିଁଛି ଏବଂ ବିନା ଜିଭରେ ଯେପରି କଥା କହୁଛି—

"ଏ ଘରେ ନୁହେଁ,—ଏ ଘରେ ତୁ ରହି ପାରିବୁ ନାହିଁ । ଏବେ ମଧ୍ୟ ମୁଁ ଏ ଘରର ଗୃହିଣୀ, ତତେ ଶୀଘ୍ର ଏ ଘର ଛାଡ଼ି ଚାଲି ଯିବାକୁ ହେବ ଏବଂ ଯିବାର କାରଣ କାହାରିକୁ ତୁ ଯେପରି ନ କହୁ । ଯଦି ତୁ ତାଙ୍କୁ ଏ କଥା କହୁ, ମୁଁ ତତେ ଠିକ ଠିକ କରି ଚିରି ଦେବ ।"

ଏ କଥା କହି ହଠାତ୍ ଛାୟା ମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇଗଲା ଏବଂ ନବବିବାହିତା ତରୁଣୀ ମୂର୍ଚ୍ଛିତା ହୋଇ ପଡ଼ିଗଲା । ପରଦିନ ସକାଳ ପର୍ଯ୍ୟନ୍ତ ଚେତା ଆସିଲା ନାହିଁ ।

ମାତ୍ର ଦିନର ଜଞ୍ଜାଳ ଭିତରେ ରାତିର ସେହି ଘଟଣା ଏକ ଦୁଃସ୍ୱପ୍ନ ପରି ମନେ ହେଲା । ଗତ ରାତିର କଥାକୁ ସେ ସତ୍ୟ ବୋଲି ବିଶ୍ୱାସ କରି ପାରିଲା ନାହିଁ ।

ପୁଣି ରାତି ହେଲା । ରାତି ଅଧକୁ କୁକୁରସବୁ ଭୁକି ଉଠିଲେ । ବାହାରିଆଡ଼ୁ ଘଣ୍ଟି ଶବ୍ଦ ଶୁଣାଗଲା । ନବ ବିବାହିତା ଚାକରମାନଙ୍କୁ ଉଠାଇବାକୁ ଚେଷ୍ଟା କଲା, ପାରିଲା ନାହିଁ ।

ତା' ପରେ ପୁଣି ସେହି ଛାୟାମୂର୍ତ୍ତି ଓ ପୁଣି ସେହି ସତର୍କବାଣୀ—"ତତେ ଏ ଘର ଛାଡ଼ି ଯିବାକୁ ହେବ ଏବଂ ଯିବାର କାରଣ ତୁ କାହାରିକୁ କହିବୁ ନାହିଁ । ଯଦି ତାଙ୍କୁ କହୁ, ତାହେଲେ ତତେ ଠିକ ଠିକ କରି ଚିରିଦେବି ।"

Digitized by srujanika@gmail.com

ଏଥର ଛଦ୍ମସ୍ବାମୂର୍ତ୍ତି ଖଟପାଖକୁ ଲଗିଆସି ନଈପଡ଼ି ଏହା କହି ଦେଇ ଗଲା ।

ତା' ପର ଦିନ ସକାଳେ ସ୍ୱାମୀ ଦୁର୍ଗରୁ ଫେର ଆସିବା ପରେ ଯୁବତୀ ପତ୍ନୀ ହଠାତ୍ ପାଦତଳେ ପଡ଼ିଯାଇ କହିଲା—

"ମୁଁ ତୁମକୁ ପ୍ରାର୍ଥନା କରୁଛି, ମୁଁ ଏପରି କହୁଥିବାଯୋଗୁ ମୋତେ କ୍ଷମା ଦିଅ । ମୋତେ ଏ ଘର ଛାଡ଼ି ଚାଲିଯିବାକୁ ହେବ ଏବଂ ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ।

ଆଶ୍ଚର୍ଯ୍ୟ ହୋଇ ସ୍ୱାମୀ ପ୍ରଶ୍ନ କଲା, "ତୁମେ କ'ଣ ଏ ଘରେ ସୁଖୀ ନୁହ । ମୋର ଅନୁପସ୍ଥିତିରେ ତୁମ ପ୍ରତି କେହି ଖରାପ ବ୍ୟବହାର କରି ନାହିଁ ତ ?"

"ନା, ନା, ତାହା ନୁହେଁ, ସମସ୍ତେ ମୋପ୍ରତି ଖୁବ୍ ଭଲ ବ୍ୟବହାର କରିଛନ୍ତି; କିନ୍ତୁ ଆଉ ମୁଁ ତୁମର ସ୍ତ୍ରୀ ହୋଇ ରହି ପାରିବି ନାହିଁ । ମୋତେ ଏ ଘର ଛାଡ଼ି ଚାଲିଯିବାକୁ ହେବ ।" ଏ କଥା କହି ସେ କଇଁ କଇଁ ହୋଇ କାନ୍ଦି ଉଠିଲା ।

"ଆଶ୍ଚର୍ଯ୍ୟର କଥା, ଏହାର କାରଣ ମୁଁ ବୁଝି ପାରୁନାହିଁ । ତାହେଲେ ତୁମେ କ'ଣ ଛାଡ଼ପତ୍ର ଦେବାକୁ ଚାହଁ ?"

କମ୍ପିତ କଣ୍ଠରେ ସ୍ତ୍ରୀ ଉତ୍ତର ଦେଲା, "ମୋତେ ଯଦି ଛାଡ଼ପତ୍ର ଦେବ ନାହିଁ, ମୋର ମରିବା ସୁନିଶ୍ଚିତ ବୋଲି ଧରିନିଅ ।"

ଏ ଉତ୍ତର ଶୁଣି ସ୍ୱାମୀର ପାଟିରୁ କିଛି ସମୟ କଥା ବାହାରିଲା ନାହିଁ । ତା'ପରେ ନିଜକୁ ସମ୍ଭାଳି ସେ କହିଲା, "ତୁମର କୌଣସି ଦୋଷ ନ ଥାଇ ତୁମକୁ ପଠାଇଦେବା ମୁଁ ଉଚିତ ମନେ କରୁନାହିଁ । ଏହାଦ୍ୱାରା ଆମର ପରିବାରର ନିନ୍ଦା ହେବ । ତେଣୁ ଏହା ମୁଁ କରି ପାରିବି ନାହିଁ ।"

ଏହାପରେ ଆଉ କଥା ଲୁଚାଇବା ସ୍ତ୍ରୀ ପକ୍ଷରେ ସମ୍ଭବ ହେଲା ନାହିଁ । ସେ ସମସ୍ତ କଥା ଖୋଲି କହି ସାରିବା ପରେ ଭୟାର୍ତ୍ତ ସ୍ୱରରେ କହିଲା, 'ଏଣିକି ଆଉ ମୋର ରକ୍ଷା ନାହିଁ । ସେ ନିଶ୍ଚୟ ମୋତେ ପ୍ରାଣରେ ମାରିଦେବ ।"

ସ୍ୱାମୀ ନିଜେ ବଡ଼ ନିର୍ଭୀକ ହେଲେ ମଧ୍ୟ ସମସ୍ତ କଥା ଶୁଣି ଟିକିଏ ବିଚଳିତ ହୋଇ ପଡ଼ିଲା, ମାତ୍ର ପରେ ନିଜକୁ ସଂଯତ କରି କହିଲା ।

"ଏଣୁ ତେଣୁ କାହାଣୀ ଶୁଣି ତୁମର ମନ ଚଞ୍ଚଳ ହୋଇ ଉଠିଛି । ଆଜି ମୁଁ ରହି ପାରୁ ନାହିଁ । ଗଡ଼ରେ ମୋତେ ଅନୁପସ୍ଥିତ ରହିବାକୁ ପଡ଼ିବ, କିନ୍ତୁ ତୁମେ ଏକୁଟିଆ ରହିବ ନାହିଁ । ଦୁଇଜଣ ରକ୍ଷୀ ତୁମର ଗୃହର ଦ୍ୱାର ଜଗି ରହିବେ ।"

( ୩ )

ଯେଉଁ ଦୁଇଜଣ ରକ୍ଷୀ ସେଦିନ ରାତିରେ ଜଗି ରହିଲେ ସେମାନେ ଖୁବ୍ ବଳଶାଳୀ ଓ ସାହସୀ ଲୋକ ଥିଲେ । ସ୍ତ୍ରୀ ଓ ଶିଶୁମାନଙ୍କ ରକ୍ଷକଭାବରେ ତାଙ୍କର ଅଭିଜ୍ଞତା ଥିଲା । ସେମାନେ ନବବିବାହିତାକୁ ଖୁସି କରିବାପାଇଁ ବହୁ ସୁନ୍ଦର କାହାଣୀ ଶୁଣାଇବାକୁ ଲାଗିଲେ । ସେ ମଧ୍ୟ ତାଙ୍କ ସହିତ ବେଶ୍ ଖୁସି ଗପ କଲା ଓ ଅଳ୍ପ ସମୟ ପରେ ତା'ର ସମସ୍ତ ଭୟ ଦୂରୀଭୂତ ହୋଇଗଲା । କିଛି ସମୟ ପରେ ସେ ନିଘୋଡ଼ ନିଦରେ ଶୋଇ ପଡ଼ିଲା ।

Digitized by srujanika@gmail.com

ରକ୍ଷୀ ଦୁଇଜଣ ଗୃହର ଗୋଟିଏ କ'ଣରେ ବସି ତାସ୍ ଖେଳିଲେ । ଯେପରି ନା'ର ନିଦ ଭାଙ୍ଗି ନ ଯାଏ, ସେଥିପାଇଁ ସେମାନେ ବଡ଼ ପାଟିକରି କଥା ହେଉ ନ ଥିଲେ ।

କିନ୍ତୁ ଠିକ୍ ରାତି ଅଧବେଳକୁ ହଠାତ୍ ଉପରେ ସ୍ତ୍ରୀର ନିଦ ଭାଙ୍ଗିଗଲା । କାରଣ ସେଇ ପୁରୁଣା ଘଣ୍ଟି ଶବ୍ଦାନୁକ୍ରମେ ଏହି ଶବ୍ଦ ନିକଟରୁ ଶୁଣାଗଲା । ସେ ଉଠି ମଧ୍ୟ ଚିତ୍କାର କଲା । କିନ୍ତୁ ସମଗ୍ର କଠୋର୍ରି ନୀରବ ଓ ନିଷ୍ପନ୍ଦ, ଯେପରିକି ଗୃହଆଡ଼େ ମୃତ୍ୟୁର ନୀରବତା ଏବଂ ଏହି ନୀରବତା ଘନୀଭୂତ ହେବାରେ ଲାଗିଛି । ସେ ସଶସ୍ତ୍ର ରକ୍ଷୀମାନଙ୍କ ଆଡ଼କୁ ଦୌଡ଼ିଗଲା, ମାତ୍ର ଦେଖିଲା ଯେ, ଜଣେ ଅନ୍ୟଆଡ଼କୁ ଗୃହିଁ ରହିଛି । କୌଣସି ସ୍ୱରଶବ୍ଦ ନାହିଁ, ସେମାନେ ଯେପରି ପଥର ପାଲଟି ଯାଇଛନ୍ତି । ସେ ସେମାନଙ୍କୁ ଖୁବ୍ ବଡ଼ ପାଟିରେ ଡାକିଲା, ହଲାଇଲା । କିନ୍ତୁ ଉଁ ନାହିଁ କି ଚୁଁ ନାହିଁ ।

ପରେ ସେମାନେ କହିଲେ, ସେମାନେ ଘଣ୍ଟି ଶବ୍ଦ ଶୁଣିଛନ୍ତି । ନବ ବିବାହିତାର ଚିତ୍କାର ମଧ୍ୟ ଶୁଣିଛନ୍ତି । ସେ ତାଙ୍କୁ ହଲାଇବାର ମଧ୍ୟ ଅନୁଭବ କରିଛନ୍ତି; କିନ୍ତୁ ସେମାନେ ଉଠି ପାରିନାହାନ୍ତି କି କଥା କହି ପାରି ନାହାନ୍ତି । ତା ପରେ ସେମାନେ କିଛି ଦେଖି ପାରି ନାହାନ୍ତି । ଏକ ଗଭୀର ନିଦ୍ରା ହଠାତ୍ ଆସି ସେମାନଙ୍କୁ ଘାରି ପକାଇଛି ।

ଖୁବ୍ ପ୍ରଭାତରୁ ସ୍ୱାମୀ ଘରେ ଫେରି ଦେଖେ ତ, ତା'ର ସ୍ତ୍ରୀର ମସ୍ତକହୀନ ଶରୀର ରକ୍ତରେ ଜୁଡ଼ୁବୁଡ଼ୁ ହୋଇ ରହିଛି । ଦେହରକ୍ଷୀ ଦୁଇଜଣ ଗାଢ ନିଦ୍ରାରେ ଶୋଇଛନ୍ତି । ମାଲିକର ଚିତ୍କାର ଶୁଣି ସେମାନେ ହଠାତ୍ ଉଠିପଡ଼ି ଗୃହର ଚଟାଣକୁ ନିର୍ବାକ୍ ଭାବରେ ଚାହିଁ ରହିଲେ ।

ମୁଣ୍ଡ କେଉଁଆଡ଼େ ଗଲା, ସେମାନେ ଖୋଜିବାକୁ ଲାଗିଲେ । ଦେହରୁ ମୁଣ୍ଡ କଟା ହୋଇ ନାହିଁ, ଛିଣ୍ଡା ହୋଇଛି । ରକ୍ତ ଦାଗ ଦରଜା ବାହାରଦ୍ୱାର ପର୍ଯ୍ୟନ୍ତ ପଡ଼ିଥିବାର ଦେଖାଗଲା । ସେମାନେ ଏହି ରକ୍ତଦାଗ ଦେଖି ଦେଖି ଚାଲିଲେ ବଗିଚାଭିତରକୁ । କିଛି ଦୂର ଗଲାପରେ ସେମାନେ ଏକ ଅଦ୍ଭୁତ ଦୃଶ୍ୟ ଦେଖି ଅବାକ୍ ହୋଇଗଲେ । କବର ଦିଆଯାଇଥିବା ସ୍ତ୍ରୀ ଲୋକର ମୂର୍ତ୍ତି ଗୋଟିଏ ହାତରେ ଘଣ୍ଟି ଓ ଆଉ ଗୋଟିଏ ହାତରେ ରକ୍ତ ଝରା ମୁଣ୍ଡକୁ ଧରି ଠିଆହୋଇଛି । ତାଙ୍କ ପାଟିରୁ କଥା ବାହାରିଲା ନାହିଁ । ତା' ପରେ ଜଣେ ରକ୍ଷୀ ବୌଦ୍ଧମନ୍ତ୍ର ପାଠ କରି ନିଜର ଖଡ୍ଗରେ ମୂର୍ତ୍ତିକୁ ପ୍ରହାର କଲା । ସଙ୍ଗେ ସଙ୍ଗେ ଏହି ମୂର୍ତ୍ତି ଛିଣ୍ଡାକନା, ବାଳ, ହାଡ଼ ଗଦାଏ ହୋଇ ଅଜାଡ଼ି ହୋଇପଡ଼ିଲା । ଘଣ୍ଟିଟା ଗଡ଼ିଗଲା । କିନ୍ତୁ ମାଂସହୀନ ହାଡ଼ୁଆ ଡାହାଣ ହାତଟା କଟିଠାରୁ ଛିଡ଼ିଯାଇଥିଲେ ମଧ୍ୟ କମ୍ପିବାରେ ଲାଗିଥିଲା ଏବଂ ହାତର ଆଙ୍ଗୁଠିଗୁଡ଼ାକ କଙ୍କଡ଼ା ଜାବୁଡ଼ି ଧରିବା ଭଳି ସେହି କଟା ମୁଣ୍ଡକୁ ଜାବୁଡ଼ି ଧରିଥିଲା ।

Digitized by srujanika@gmail.com

# ସ୍ପୋର୍ଟସ

## ଜାତିର ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ଓ ସୁସ୍ଥ ଆମୋଦର ପରିଚୟ

କୌଣସି ଦେଶର ପ୍ରଗତି ଓ ବିଭବର ଏକ ପ୍ରଧାନ ମାପକାଠି ହେଲା ଆନ୍ତର୍ଜାତିକ ପ୍ରତିଯୋଗିତାରେ ସେ ଦେଶର ଖେଳଓ୍ୟାଡ଼ମାନଙ୍କର କୃତିତ୍ୱ । ଇଂରାଜୀରେ ଗୋଟିଏ ପ୍ରବଚନ ଅଛି "ଇଟନର ଖେଳ ପଡ଼ିଆରେ ବ୍ରିଟିଶ ଜାତିର ଭାଗ୍ୟ ନିର୍ଣ୍ଣୀତ ହୁଏ ।" ବିଭିନ୍ନ ପ୍ରକାର କ୍ରୀଡ଼ା, ବ୍ୟାୟାମ କୌଶଳ ଦ୍ୱାରା ଜାତିର ସାହସ, ଧୈର୍ଯ୍ୟ, ଶକ୍ତି ଓ କୌଶଳର ପରୀକ୍ଷା ହୁଏ ।

ବିଗତ କେତୋଟି ଅଲିମ୍ପିକ କ୍ରୀଡ଼ାର କୃତିତ୍ୱ ଅନୁଯାୟୀ ବିଭିନ୍ନ ରାଷ୍ଟ୍ରର ସ୍ଥାନ ନିରୂପଣ କଲେ ଦେଖାଯିବ ଯେ ଖେଳ-ପଡ଼ିଆରେ ସେମାନେ ଯେଉଁ ଆସନ ଅଧିକାର କରିଛନ୍ତି, ଆନ୍ତର୍ଜାତିକ ରାଜନୀତି ଏବଂ ଅର୍ଥନୀତିକ୍ଷେତ୍ରରେ ମଧ୍ୟ ସେହିପରି ସ୍ଥାନ ଅଧିକାର କରିଛନ୍ତି । ଆମେରିକା, ରୁଷିଆ, ବ୍ରିଟେନ, ଜର୍ମାନୀ, ଜାପାନ, ଫ୍ରାନ୍ସ, ଅଷ୍ଟ୍ରେଲିଆ, ଚେକୋସ୍ଲୋଭାକିଆ ପ୍ରଭୃତି କେତୋଟି ରାଷ୍ଟ୍ର କ୍ରୀଡ଼ା-ଜଗତର କୃତିତ୍ୱ ଅନୁଯାୟୀ ଆନ୍ତର୍ଜାତିକ ରାଜନୀତି ଓ ଅର୍ଥ-ନୀତିକୁ ନିୟନ୍ତ୍ରଣ କରୁଛନ୍ତି । ଜର୍ମାନୀ ଓ ଜାପାନ ପରି ଦେଶ ବିଗତ ମହାଯୁଦ୍ଧରେ ପରାଜିତ ହୋଇ ଆନ୍ତର୍ଜାତିକ ରାଜନୀତିରେ ସେପରି ପ୍ରଭାବ ବିସ୍ତାର କରି ପାରି ନ ଥିଲେ ମଧ୍ୟ ଅର୍ଥନୀତିକ୍ଷେତ୍ରରେ ସେମାନଙ୍କ ସ୍ଥାନ ପୃଥିବୀର

**ରାଜରାଣୀ ଦେବୀ ଏମ୍. ଏ. ଡ଼ି. ଇଡ଼.**

**ଡ଼ିପ୍-ଇନ୍-ଫିଜିକାଲ୍ ଏଡ଼ୁକେସନ**

ଦୁଇ ପ୍ରଧାନ ଶକ୍ତି ଆମେରିକା ଓ ରୁଷିଆର ପଛକୁ ।

### ବୌଦ୍ଧ ଭିକ୍ଷୁ ଓ ଗଲ୍ଫ ଖେଳ—

ଜାପାନରେ ଦେଶୀୟ ଓ ପାଶ୍ଚାତ୍ୟ ଉଭୟ କ୍ରୀଡ଼ାର ଆଦର ଏତେ ବେଶୀ ଯେ କୌଣସି ଜାତୀୟ ଖେଳ-ପ୍ରତିଯୋଗିତା, ସ୍କୁଲର ପଢ଼ା ବନ୍ଦ କରି ଦିଆ ହୋଇ, 'ପିଲମାନଙ୍କୁ ଟେଲି-ଭିଜନରେ ଦେଖିବାପାଇଁ ଅନୁମତି ମିଳେ । ଏପରି କୌଣସି ପାଶ୍ଚାତ୍ୟ କ୍ରୀଡ଼ା ନାହିଁ ଯାହାକି ଜାପାନରେ ଜନପ୍ରିୟ ନ ହୋଇଛି, ଏବଂ ଜାପାନୀମାନେ ସେଥିରେ ଆନ୍ତର୍ଜାତୀୟ କୃତିତ୍ୱ ହାସଲ ନ କରିଛନ୍ତି । ଆଥଲେଟିକସ, ଜିମ୍‌ନାଷ୍ଟିକସ, ବେସବଲ, ବାସ୍କେଟବଲ, ଭଲିବଲ, ରୋଇଂ, ରଗବି, ଫୁଟବଲ, ହକି, ଟେନିସ, ଟେବୁଲ ଟେନିସ, ବ୍ୟାଡ଼ମିଣ୍ଟନ ଗଲ୍ଫ ଇତ୍ୟାଦିରେ ଜାପାନୀମାନେ ବିଶେଷ କୃତିତ୍ୱ ଅର୍ଜନ କରି ଏସିଆ ମଧ୍ୟରେ ସର୍ବଶ୍ରେଷ୍ଠ ଖେଳାଳୀରୂପେ ଗଣ୍ୟ ହୋଇଛନ୍ତି । ସନ୍ତରଣ-କ୍ଷେତ୍ରରେ ଜାପାନୀମାନଙ୍କ ସହ କେବଳ ଆମେରିକା ଓ ଅଷ୍ଟ୍ରେଲିଆର ସନ୍ତରଣକାରୀମାନେ ତୁଳନୀୟ । ଟେବୁଲ୍ ଟେନିସରେ ସେମାନେ ଅଦ୍ୱିତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ବାରମ୍ବାର ସେମାନେ ସର୍ବଶ୍ରେଷ୍ଠ ସ୍ଥାନ ଲାଭ କରିଛନ୍ତି । ଜିମ୍‌ନାଷ୍ଟିକ୍‌ସରେ ଜାପାନୀମାନେ ପୃଥିବୀର ଅନେକ ନୂତନ ରେକର୍ଡ଼ ସୃଷ୍ଟି କରିଛନ୍ତି । ଗଲ୍ଫ ଜାପାନରେ ଏପରି ଲୋକପ୍ରିୟ ଯେ

Digitized by srujanika@gmail.com

ଜାପାନର ପ୍ରାଚୀନ ରାଜଧାନୀ କିଓଟୋ ସହରର ମଠ ଓ ମନ୍ଦିର-ପ୍ରାନ୍ତରରେ ବୌଦ୍ଧଭିକ୍ଷୁମାନେ ଏହି ଖେଳକୁ ଯେପରି ମନୋନିବେଶ ସହ ଖେଳନ୍ତି ସେପରି ମନୋନିବେଶ ହୁଏତ ଭଗବାନ ବୁଦ୍ଧଙ୍କ ଠାରେ ତାଙ୍କର ନ ଥିବ ।

ଅଲିମ୍ପିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିବାପାଇଁ ଅସାଧାରଣ ଅଭିନିବେଶ ଆବଶ୍ୟକ । କାଁ ଭାଁ ପୃଥିବୀର ଗୋଟିଏ ରାଷ୍ଟ୍ର ଗୋଟିଏ ସ୍ୱର୍ଣ୍ଣ ବା ରୌପ୍ୟପଦକ ଲାଭ କରିବା ବଡ଼ କଥା ନୁହେଁ । ଆଫ୍ରିକାର ଏକ ଅନୁନ୍ନତ ଦେଶ ଇଥିଓପିଆ ମାରାଥନ ଦୌଡ଼ରେ ଦୁଇଥର ସ୍ୱର୍ଣ୍ଣପଦକ ଲାଭକରିଛି । ଭାରତ ଓ ପାକିସ୍ଥାନ ହକି ଖେଳରେ ପୃଥିବୀରେ ଅପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଛନ୍ତି । ସେହିପରି ଫୁଟବଲ୍ ଖେଳରେ ବ୍ରାଜିଲ ଆର୍ଜେଣ୍ଟିନାପରି କେତେକ ଲାଟିନ ଆମେରିକା ଦେଶ ଯଥେଷ୍ଟ ଆନ୍ତର୍ଜାତିକ କୃତିତ୍ୱ ଅର୍ଜନ କରିଛନ୍ତି, କିନ୍ତୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିବାପାଇଁ ଏକ ଜାତୀୟ ଅଭିନିବେଶ ଓ ଅନୁକୂଳ ବାତାବରଣ ଆବଶ୍ୟକ । ଜଣେ ବିଖ୍ୟାତ ଆମେରିକାନ୍ କୋଚ୍‌ଙ୍କ ମତରେ ୫ ଲକ୍ଷ ଭଲ ଖେଳାଳିଙ୍କ ମଧ୍ୟରୁ ଜଣେ ଆନ୍ତର୍ଜାତୀୟ ଅଲିମ୍ପିକ ଖେଳାଳୀ ବାହାରିବା ସମ୍ଭବ; ଏଥିରୁ ଅନୁମାନ କରାଯାଇପାରେ ଯେ କ୍ରୀଡ଼ା କେତେ ବ୍ୟାପକ ହେଲେ ଯାଇ ଆନ୍ତର୍ଜାତିକ କ୍ଷେତ୍ରରେ ଏକ ରାଷ୍ଟ୍ର ସମ୍ମାନ ଆଶା କରିପାରିବ ।

## ସର୍ବୋଚ୍ଚ ସୀମା କେଉଁଠି

ବର୍ତ୍ତମାନ ଆଥେଲେଟିକ୍ସ ବା ଜିମ୍‌ନାଷ୍ଟିକ୍‌ର ଏପରି କୌଣସି ରେକର୍ଡ଼ ନାହିଁ ଯାହାକି ଶାରୀରିକ ଶକ୍ତି ଓ ସାଧନା ବଳରେ ନ୍ୟୂନ କରାଯାଇ ନ ପାରେ । ୧୩ବର୍ଷ ତଳେ ଆମେରିକାର ପ୍ରସିଦ୍ଧ ଅଲିମ୍ପିକ୍ କୋଚ ବ୍ରୁଟସ୍ ହାମିଲ୍‌ଟନ ଗୋଟିଏ ତାଲିକା ଦେଇ ଆଥେଲେଟିକ୍ସ୍ ରେକର୍ଡ଼ର ଗୋଟିଏ ସୀମା ନିର୍ଦ୍ଧାରଣ କରିବାପାଇଁ ଉଦ୍ୟମ କରିଥିଲେ । ସେ କହିଥିଲେ ୩ ମିନଟ ୫୭.୮ ସେକେଣ୍ଡରୁ କମରେ କେହି ଏକମାଇଲ ଦୌଡ଼ି ପାରିବେ ନାହିଁ କିମ୍ବା ୯.୨ ସେକେଣ୍ଡରୁ କମରେ ଏକଶତ ଗଜ ଦୌଡ଼ି ପାରିବେ ନାହିଁ । ସଟ୍‌ପୁଟ୍ କ୍ଷେତ୍ରରେ ୬୨ ଫୁଟ ଏବଂ ଡ଼ିସ୍କସ୍ 'ଥ୍ରୋ' ରେ ୨୦୦ ଫୁଟ ହେଉଛି ତାଙ୍କ ମତରେ ସର୍ବୋଚ୍ଚ ସୀମା । ହାଇଜମ୍ପ୍‌ରେ ୭ ଫୁଟ ଲଙ୍ଗ୍ ଜମ୍ପ୍‌ରେ ୨୭ ଫୁଟ, ପୋଲ୍ ଭଲଟ୍‌ରେ ୧୬ ଫୁଟ ହେଉଛି ସର୍ବୋଚ୍ଚ ସୀମା ଯାହାକୁ ଅତିକ୍ରମ କରିବା ମନୁଷ୍ୟର ସାଧ୍ୟାତୀତ ।

## ଚିତାବାଘ ସଙ୍ଗେ ଯୋଡ଼ ଦେବା

ମାତ୍ର ତାଙ୍କର ଏ ଭବିଷ୍ୟତ ବାଣୀ ଅତି ଅଳ୍ପକାଳ ମଧ୍ୟରେ ବିଫଳ ହୋଇଛି ।

ବର୍ତ୍ତମାନ ଏପରି ଏକ ବ୍ୟକ୍ତି ବାହାରିଲେଣି ଯେ କି ଦୌଡ଼ରେ ଚିତାବାଘ ସଙ୍ଗରେ ଯୋଡ଼ ଦେବେ । ଆମେରିକାର ୧୯ବର୍ଷ ବୟସ୍କ ଏକ କଲେଜ ଛାତ୍ର ୩ ମିନଟ ୫୧.୩ ସେକେଣ୍ଡରେ ଏକ ମାଇଲ ଦୌଡ଼ି କୃତିତ୍ୱ ଅର୍ଜନ କରିଛନ୍ତି । ଜଣେ ଛାତ୍ର ୭୪ ଫୁଟ ଉଚ୍ଚକୁ ଡେଇଁଛନ୍ତି । ପୋଲ୍ ଭଲ୍‌ଟରେ ରେକର୍ଡ଼ ଉଠି ଉଠି ୧୭ ଫୁଟ ୩ଇଞ୍ଚକୁ ଗଲଣି ।

ଆଧୁନିକ ଉନ୍ନତ ଓ ସଭ୍ୟ ରାଷ୍ଟ୍ରମାନଙ୍କରେ ସ୍ପୋର୍ଟସର ଏପରି ଉନ୍ନତିର କାରଣ ହେଉଛି

Digitized by srujanika@gmail.com

ସ୍କୁଲରେ ପଢ଼ିବାବାଳୁଁ ଛାତ୍ରମାନଙ୍କୁ ଉପଯୁକ୍ତ ଟେକ୍‌ନିକାଲ ତାଲିମ୍ ଦିଆଯାଉଛି । ଗୃହରେ ସେମାନଙ୍କପାଇଁ ଏକ ଉତ୍ସାହର ବାତାବରଣ ସୃଷ୍ଟି କରାହେଉଛି; ବିଭିନ୍ନ ସରକାରୀ ଓ ବେ-ସରକାରୀ ସଙ୍ଗଠନପକ୍ଷରୁ ସେମାନଙ୍କର ତାଲିମର ବ୍ୟବସ୍ଥା ହେଉଛି ଏବଂ ସେମାନଙ୍କୁ ସାହାଯ୍ୟ ଦାନ କରାଯାଉଛି । କ୍ରୀଡ଼ାଖେଳାଳି-ମାନଙ୍କ ପାଇଁ ନିଯୁକ୍ତିର ଅଭାବ ନ ଥାଏ । ବିଶେଷତଃ ଟେଲିଭିଜନ ସାହାଯ୍ୟରେ ଶିକ୍ଷାଦାନ କରି ସେମାନେ ପ୍ରଚୁର ଅର୍ଥ ଉପାର୍ଜନ କରନ୍ତି । ଆଧୁନିକ ଖେଳାଳିର ଏକ ପ୍ରଧାନ ଗୁଣ ହେଲା ଶୀଘ୍ର କ୍ଲାନ୍ତ ନ ହେବା । ଏଥିପାଇଁ ଆବଶ୍ୟକ ଯଥେଷ୍ଟ ପୁଷ୍ଟିକର ଖାଦ୍ୟ ଓ ସତତ ସାଧନା । ଆମେରିକାର ପ୍ରତ୍ୟେକ ସ୍କୁଲ ଓ କଲେଜ ଛାତ୍ର ଯେ କେବଳ ସୁଷମ ଖାଦ୍ୟ ଖାଆନ୍ତି ତାହା ନୁହେଁ; ପ୍ରାତଃଭୋଜନ ସଙ୍ଗେ ଭିଟାମିନ ବଟିକା ଶରୀରର କ୍ଲାନ୍ତି ଦୂର କରିବାପାଇଁ ସେମାନେ ସେବନ କରନ୍ତି । ଉନ୍ନତ ଦେଶର କ୍ରୀଡ଼ାବିତ୍-ମାନଙ୍କର ଆଦର ଓ ଆୟ ସେ ଦେଶର ଉଚ୍ଚ କର୍ମଚାରୀ, ଅଧ୍ୟାପକ ଓ ବୈଜ୍ଞାନିକମାନଙ୍କର ସମ୍ମାନ ଓ ଆୟ ସହିତ ତୁଳନୀୟ ।


କ୍ରୀଡ଼ା-ଜଗତରେ ଆନ୍ତର୍ଜାତିକ ସମ୍ମାନ ଓ ମର୍ଯ୍ୟାଦା ହାସଲ କରିବାକୁ ହେଲେ ଭାରତ-ବର୍ଷରେ ମୂଳରୁ ସ୍କୁଲ ବୟସରୁ ପିଲାମାନଙ୍କୁ ବୈଜ୍ଞାନିକ ଭିତ୍ତିରେ ତାଲିମ ଦେବାର ବ୍ୟବସ୍ଥା କରାଯିବା ଆବଶ୍ୟକ । ଯେଉଁମାନଙ୍କ ମଧ୍ୟରେ ଶକ୍ତିର ପରିଚୟ ମିଳିବ ସେମାନଙ୍କୁ ଉପଯୁକ୍ତ ବୃତ୍ତି ଦିଆଯିବା ଆବଶ୍ୟକ । ଜାତୀୟ କ୍ଷେତ୍ରରେ ଓ ରାଜ୍ୟସ୍ତରରେ କ୍ରୋଡ଼ସର ବିକାଶପାଇଁ ଉପଯୁକ୍ତ ଅର୍ଥର ବ୍ୟବସ୍ଥା ହେବା ଆବଶ୍ୟକ । ସୁଯୋଗ୍ୟ ଖେଳାଳିମାନଙ୍କୁ ଉପଯୁକ୍ତ ବେତନରେ କୋଚ୍‌ଭାବରେ ବହୁ ସଂଖ୍ୟାରେ ନିଯୁକ୍ତ କରାଯାଇ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ସ୍ତରରୁ ବିଭିନ୍ନ କ୍ରୀଡ଼ାରେ ତାଲିମ ଦେବାର ବ୍ୟବସ୍ଥା କରିବା ଆବଶ୍ୟକ । କାରଣ କ୍ରୋଡ଼ସମ୍ମାନ ବା ଖେଳଓ୍ୱାଡ଼ ହେଉଛନ୍ତି ଯେ କୌଣସି ଜାତିର ସ୍ୱାସ୍ଥ୍ୟ, ଶକ୍ତି ଓ ସୌନ୍ଦର୍ଯ୍ୟର ପ୍ରତୀକ ।

---

> ଆତ୍ମାର ଘର ହେଉଚି ଶରୀର । ଘରେ ରହିଲେ ଯେପରି ଘରର ଟିକସ ଦେବାକୁ ହୁଏ, ଶରୀର ଧାରଣ କଲେ ସେପରି ତା'ର ଟିକସ ଦେବାକୁ ପଡ଼େ । ରୋଗ, ଶୋକ ହେଉଚି, ସେହି ଟିକସ ।
>
> —ଶ୍ରୀ ରାମକୃଷ୍ଣ ପରମହଂସ

Digitized by srujanika@gmail.com

## ଧାର୍ମିକ ପ୍ରବଚନ



# ଶୁକ ପକ୍ଷୀର ମୁକ୍ତି

ଜୈନମୁନି ଚିତ୍ରଭାନୁ

ଥରେ ଜଣେ ସାଧୁ ଗ୍ରାମବାସୀମାନଙ୍କୁ ଶରୀର ଓ ଆତ୍ମାସମ୍ପର୍କରେ ଉପଦେଶ ଦେଉଥିଲେ । ଲୋକେ ତାଙ୍କ ଭାଷଣ ମନ୍ତ୍ରମୁଗ୍ଧଭାବରେ ଶୁଣୁଥିଲେ । ବିଶେଷତଃ ଗ୍ରାମର ଜଣେ ଭଦ୍ରଲୋକ ନିୟମିତ ସାଧୁଙ୍କର ଭାଷଣ ଶୁଣୁଥିଲେ ଓ ଘରକୁ ଫେରିଯିବା ପରେ ସେ କ'ଣ ଶୁଣିଲେ, ତାହା ପରିବାରବର୍ଗଙ୍କୁ ଶୁଣାଉ ଥିଲେ । ଏହି ଭଦ୍ରଲୋକଙ୍କ ଘରେ ଶୁଆଟିଏ ଥିଲା ଓ ସେ ମଧ୍ୟ ସମସ୍ତ କଥା ଶୁଣୁଥିଲା । ଦିନେ ଏହି ଭଦ୍ରବ୍ୟକ୍ତି ସାଧୁଙ୍କ ଭାଷଣ ଶୁଣିବାପାଇଁ ଘର ଛାଡ଼ି ଯିବାବେଳେ ଶୁଆ ତାଙ୍କୁ ଡାକି କହିଲା, "ଯଦି ସାଧୁ ମହାରାଜ ମୁକ୍ତିବିଷୟରେ ଏତେ କଥା କହୁଛନ୍ତି ତା' ହେଲେ ସେ ମୋ ମୁକ୍ତିବିଷୟରେ କାହିଁକି କିଛି କହୁନାହାନ୍ତି । କିଏ ଦେହ-ପିଞ୍ଜରାରେ ବନ୍ଦୀ ତ, ମୁଁ ଏହି ପିଞ୍ଜରାରେ ବନ୍ଦୀ । ଦେହରୁ ଆତ୍ମାକୁ ମୁକ୍ତ କରିବା ଏକ ଗମ୍ଭୀର ଦାର୍ଶନିକ ତତ୍ତ୍ୱ; କିନ୍ତୁ ଗୋଟିଏ ଶୁଆ କିପରି ତା'ର ବନ୍ଧନରୁ ମୁକ୍ତ ହେବ, ଏପରି ଏକ ଅତି ସାଧାରଣ ସମସ୍ୟାବିଷୟରେ ତାଙ୍କର କ'ଣ କିଛି କହିବାର ନାହିଁ ? ମୁଁ କିପରି ମୁକ୍ତି ପାଇବି ଆଜି ଆପଣ ତାଙ୍କୁ ଟିକିଏ ପଚାରିବେ କି ?"

Digitized by srujanika@gmail.com

ଭଦ୍ରଲୋକ ସାଧୁମହାରାଜଙ୍କ ବକ୍ତୃତା ବହୁବାର ଶୁଣିଲେ ମଧ୍ୟ ନିଜର ମୁକ୍ତିବିଷୟରେ କେବେହେଲେ ଚିନ୍ତା କରୁ ନ ଥିଲେ; କିନ୍ତୁ ତାଙ୍କଠାରୁ ଶୁଣି ଜଣେ ଶୁଆ ଯେ ତା'ର ମୁକ୍ତି କଥା ଚିନ୍ତା କରୁଛି, ସେ ଏଥିରେ ବଡ଼ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଶୁଆକୁ ସାନ୍ତ୍ୱନା ଦେଇ ଗଲେ ଯେ, ନିଶ୍ଚୟ ସେ ସାଧୁଙ୍କଠାରୁ ତା'ର ପ୍ରଶ୍ନର ଉତ୍ତର ନେଇ ଆସିବେ ।

## ସାଧୁଙ୍କର ମୂର୍ଚ୍ଛା

ସେଦିନ ସାଧୁଙ୍କର ଭାଷଣ ଶେଷ ହେଲା । ଯେଉଁମାନେ ତାଙ୍କର ଭାଷଣ ଶୁଣିବାପାଇଁ ଉପସ୍ଥିତ ହୋଇଥିଲେ ସେମାନେ ନିଜ ନିଜ ଘରକୁ ଫେରିଗଲେ । ଭଦ୍ରବ୍ୟକ୍ତିଜଣକେ କେବଳ ଶେଷକୁ ରହିଲେ । ସେ ସଙ୍କୋଚର ସହିତ ସାଧୁଙ୍କ ପାଖକୁ ଯାଇ ପଚାରିଲେ, "ମହାରାଜ, ମୁଁ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରି ପାରେ କି" ? ସାଧୁ କହିଲେ, "ହଁ, ପଚାରୁନାହିଁ କାହିଁକି ?" ଉତ୍ସାହିତ ହୋଇ ଭଦ୍ରବ୍ୟକ୍ତି ପଚାରିଲେ, "ମହାରାଜ, ଜଣେ କିପରି ବନ୍ଧନରୁ ମୁକ୍ତ ହୋଇ ପାରିବ ?" ସାଧୁ ଭାବିଲେ ଏ ବ୍ୟକ୍ତି ସବୁଦିନ ବକ୍ତୃତା ଶୁଣି ଚାଲି ଯାଆନ୍ତି, ନିଜର ମୁକ୍ତିବିଷୟରେ କେବେ ହେଲେ ଚିନ୍ତା କରନ୍ତି ନାହିଁ । ଆଜି କାହିଁକି ଏ ପ୍ରଶ୍ନ ପଚାରୁଛନ୍ତି । ସେ କହିଲେ "ଏ ତ କେବେ ତୁମର ପ୍ରଶ୍ନ ହୋଇ ନ ପାରେ । କାରଣ ତୁମେ ତ ଯେଉଁ ବିଳାସପୂର୍ଣ୍ଣ ଜୀବନ-ଯାପନ କରୁଚ, ସବୁଦିନ ସେ ବନ୍ଧନକୁ ଟାଣ କରିବା ହେଉଛି ତୁମର କାମ । ଆଗେ କହ, କିଏ ଏ ପ୍ରଶ୍ନ ପଚାରିଚି ?" ଭଦ୍ରବ୍ୟକ୍ତି ମାନିଗଲେ ଯେ ଏ ପ୍ରଶ୍ନ ତାଙ୍କର ନୁହେଁ; ଏହା ତାଙ୍କ ଶୁଆର ପ୍ରଶ୍ନ ।

ଏହି କଥା ଶୁଣିବାମାତ୍ରେ ସାଧୁଙ୍କର ଏକ ଅପୂର୍ବ ପରିବର୍ତ୍ତନ ଘଟିଲା । ସେ ସଙ୍ଗେ ସଙ୍ଗେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ଭଦ୍ରବ୍ୟକ୍ତି ତାଙ୍କର ବହୁ ଚୁଶ୍ରୂଷା କଲେ । ସେ ଭୁଲ୍ କରିଛନ୍ତି ବୋଲି କହି କ୍ଷମା ମାଗି ଆଖି ଖୋଲିବାପାଇଁ ତାଙ୍କୁ ବହୁତ ପ୍ରାର୍ଥନା କଲେ । କିଛି ସମୟ ପରେ ସାଧୁ ଆଖି ଖୋଲିଲେ । ସାଧୁଙ୍କର ଏ ଦଶାଲାଗି ଲୋକେ କାଳେ ତାଙ୍କୁ ଦାୟୀ କରିବେ, ଏହା ଚିନ୍ତା କରି ଭଦ୍ରବ୍ୟକ୍ତି ଏତେ ଭୟଭୀତ ହୋଇ ପଡ଼ିଥିଲେ ଯେ ସେ ଆଉ ସାଧୁଙ୍କ କଥା ଶୁଣିବାପାଇଁ ମୁହୂର୍ତ୍ତେ ମାତ୍ର ଅପେକ୍ଷା ନ କରି ଦୌଡ଼ି ପଳାଇଗଲେ ।

ଘରେ ନପର ପଣର ହୋଇ ପହଞ୍ଚିବା-ବେଳକୁ ଶୁଆ ଅପେକ୍ଷା କରିଥିଲା, ପଚାରିଲା, "ସାଧୁ ମହାରାଜ, ମୋ ପ୍ରଶ୍ନର କି ଉତ୍ତର ଦେଲେ ?" "ଲେମ୍ଭୁ ଉତ୍ତର ଦେଲେ", ବୋଲି ରାଗିକରି ଭଦ୍ରବ୍ୟକ୍ତି କହିଲେ, "କି ଅଶୁଭ ପ୍ରଶ୍ନ ତୁ ପଚାରିଥିଲୁ—ଶୁଣିବାକ୍ଷଣି ସାଧୁ ମହାରାଜଙ୍କର ମୂର୍ଚ୍ଛା ହୋଇଗଲା । ମୋର ଭାଗ୍ୟବଳରୁ ତାଙ୍କର ଚେତା ଆସିଲା ।" ମୁନିବଙ୍କର କଥା ଶୁଣି ଶୁଆ କିଛି ନ କହି ମନ ମାରି ରହିଲା । ସେ ଆଉ କିଛି ଖାଇଲା ନାହିଁ କି ପିଇଲା ନାହିଁ । ସନ୍ଧ୍ୟା ବେଳକୁ ଗୋଡ଼ ଗୁଡ଼ି ଆଖି ବୁଜିଦେଲା । ଭଦ୍ରଲୋକ ଯେତେ ଚେଷ୍ଟା କଲେ ଆଉ ଶୁଆର ଜୀବନ ଆସିଲା ନାହିଁ । ସେ ମନେ ମନେ ଭାରି ବ୍ୟସ୍ତ ହେଲେ; କିନ୍ତୁ କ'ଣ

Digitized by srujanika@gmail.com

କାରବେ ସେ 'ମଲା' ଶୁଆ'କୁ ପଞ୍ଜୁରିରୁ କାଢି ବାହାରେ ଫୋପାଡ଼ି ଦେଲେ । ତାହାରେ ପଡ଼ିବାମାତ୍ରେ ଶୁଆ ସଙ୍ଗେ ସଙ୍ଗେ ଡେଣା ମେଲାଇ ଉଡ଼ିଗଲା । ସେତେବେଳେ ସାଧୁ ଉଦ୍ଦେଶ୍ୟ ବୁଝିଲେ, ତାଙ୍କ ଶୁଆ କେଡ଼େ ବୁଦ୍ଧିମାନ୍ ! ସାଧୁ ମହାତ୍ମା ତାଙ୍କୁ କି ଉତ୍ତର ଦେଇଥିଲେ ।

ଏ ପ୍ରବଚନର ଉଦ୍ଦେଶ୍ୟ—କଳେ ବଳେ କୌଶଳେ ଇନ୍ଦ୍ରିୟମାନଙ୍କୁ ବଶ କରିବାକୁ ହେବ ।

---

ଓଡ଼ିଶାର ସାହିତ୍ୟ, ରାଜନୀତି, ସାମାଜିକ ତଥା ସାଧାରଣ
କ୍ଷେତ୍ରରେ ଆନ୍ଦୋଳନ ସୃଷ୍ଟିକରି ପ୍ରକାଶ ପାଇଲା

# ଯୋଗକନ୍ୟା

ଲେଖକ—ଅଧ୍ୟାପକ ଶ୍ରୀ ଶ୍ୟାମସୁନ୍ଦର ମିଶ୍ର

ପ୍ରକାଶକ—**କଟକ ବୁକ ଷ୍ଟଲ୍**

ବାଲୁବଜାର, କଟକ—୨

କଟକର ସମସ୍ତ ପୁସ୍ତକ ଭଣ୍ଡାରମାନଙ୍କରେ ଅନୁସନ୍ଧାନ କରନ୍ତୁ

Digitized by srujanika@gmail.com

## "ନିଆଁକୁ ଯେବେ ଡର
## କର ଟାଇଲି ଘର"

ଗାଁ ଗହଳରେ ପଞ୍ଚାୟତମାନଙ୍କରେ ୨୭ଟି ଟାଇଲ୍ କାରଖାନା ବସିଲାଣି । ଲୋକଙ୍କର ମଙ୍ଗଳପାଇଁ ସରକାର ଏହି କାରଖାନାମାନ ବସାଇଛନ୍ତି । ଏହି କାରଖାନାମାନଙ୍କରୁ ସୁବିଧା ଓ ଶସ୍ତା ଦରରେ ଟାଇଲ ମିଳେ । ନିକଟତମ ଟାଇଲ୍ କାରଖାନାରେ ଅନୁସନ୍ଧାନ କରନ୍ତୁ ।

ଯାହାର ଘର ପୋଡ଼ିଯାଇଛି ସେମାନଙ୍କୁ ଶତକଡ଼ା ୧୦ ଟଙ୍କା ରିହାତି ମିଳିବ ।

ସବିଶେଷ ବିବରଣୀପାଇଁ

ଦି ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରିଜ କର୍ପୋରେସନ୍ ଲିମିଟେଡ଼ର

ନିମ୍ନଲିଖିତ ଶାଖା ଅଫିସମାନଙ୍କରେ ଅନୁସନ୍ଧାନ କରନ୍ତୁ :—

କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସୁନାବେଡ଼ା, ସମ୍ବଲପୁର ଓ ବାଲେଶ୍ୱର

## "କରିବ ଟାଇଲି ଘର
## ନିଆଁକୁ ନଥିବ ଡର"




ନାଇଲନ ସୁତା, ଜାଲ, ଅନ୍ୟାନ୍ୟ ମାଛଧରା
ଉପକରଣ ଓ ବୋଟ୍ ନିର୍ମାଣ କରୁ

ମଗରମାଛ ତେଲ ଓ ବିବାହ ଆଦି ଉପଲକ୍ଷେ
ମାଛର ଚାହିଦା ମେଣ୍ଟାଉ

## ଓଡ଼ିଶା ମତ୍ସ୍ୟ ଉନ୍ନୟନ
## କରପୋରେସନ ଲି:

ତୁଳସୀପୁର, କଟକ-୧



ଉପପ୍ରଧାନ ମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ ଫେରୋ ସିଲିକନ କାରଖାନା ଉଦ୍‌ଘାଟନ କରୁଛନ୍ତି । ତାଙ୍କ ବାମ ପାଖେ ଡଃ. ବି. ପଣ୍ଡା, ମାନେଜିଂ ଡାଇରେକ୍ଟର ।

ଓଡ଼ିଶାର ଫେରୋ ସିଲିକନ କାରଖାନା ଭାରତର ଧାତବ୍ୟ ଶିଳ୍ପ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଘରୋଇ ସଂସ୍ଥା ମଧ୍ୟରେ ଏହା ପ୍ରଥମ ଶିଳ୍ପ ଅନୁଷ୍ଠାନ । ଆମ ଦେଶର ବୈଦେଶିକ ମୁଦ୍ରା ସଞ୍ଚୟରେ ଏହି ଫେ [illegible] ନ କାରଖାନା ବିଶେଷ ଭାବେ ସାହାଯ୍ୟ କରୁଛି

# ଇଣ୍ଡିଆନ ମେଟାଲ୍‌ସ ଏଣ୍ଡ ଫେରୋ

# ଏଲୟ୍‌ସ ଲିଃ, ତେରୁବାଲି (ଜିଃ କୋରାପୁଟ)

Digitized by srujanika@gmail.com




ଦେଶପାଇଁ ଗତବର୍ଷ ୧୨ ଲକ୍ଷ ଟଙ୍କା ବୈଦେଶିକ ମୁଦ୍ରା ଅର୍ଜନ କରିଛି—

**କଳିଙ୍ଗ କୋ-ଅପରେଟିଭ**


**ସିଲଭର୍ ଫିଲିଗ୍ରି ୱାର୍କସ୍ ଲିଃ**

**ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ, କଟକ**

Digitized by srujanika@gmail.com





Digitized by srujanika@gmail.com



Digitized by srujanika@gmail.com

# ସନ୍ତାନ ଜନ୍ମ ବ୍ୟବଧାନ ବୃଦ୍ଧି ନିମନ୍ତେ ଅପରିହାର୍ଯ୍ୟ

## ଲୁପ୍



**ଲୁପ୍,** ଏହା ପଲିଥିଲିନ୍ ନାମକ ଏକ ପ୍ରକାର ପ୍ଲାଷ୍ଟିକ୍ ପଦାର୍ଥରେ ତିଆରି । ଏହାର ଗୋଟିଏ ପ୍ରାନ୍ତରେ ଦୁଇଟି ପ୍ଲାଷ୍ଟିକର ସୂତା ଲାଗିଥାଏ । ଏହା ଗର୍ଭାଶୟରେ ରହିଲେ ଜନ୍ମ ନିରୋଧର ଫଳପ୍ରଦ ପ୍ରଣାଳୀରୂପେ କାର୍ଯ୍ୟ କରେ ।

* ଏହା ଦାମ୍ପତ୍ୟ ସୁଖରେ ପ୍ରତିବନ୍ଧକ ହୁଏନାହିଁ ।
* ଏହା ନିରାପଦ ଓ ସୁବିଧାଜନକ ଗର୍ଭନିରୋଧ ପ୍ରଣାଳୀ ।
* ଯଦି ଦମ୍ପତି ଆଉ ଏକ ସନ୍ତାନ ଇଚ୍ଛା କରନ୍ତି, ତେବେ ଡାକ୍ତରଙ୍କ ସାହାଯ୍ୟରେ ଏହାକୁ ସୁବିଧାରେ ଗର୍ଭାଶୟରୁ ବାହାର କରି ଦିଆଯାଇ ପାରେ ।
* ଏହାକୁ ଅଳ୍ପ ସମୟ ମଧ୍ୟରେ ଗର୍ଭାଶୟ ମଧ୍ୟରେ ରଖି ଦିଆଯାଇ ପାରେ ଓ ଏଥିରେ ଆଦୌ କଷ୍ଟ ହୁଏନାହିଁ ।
ଏଥି ପଦ୍ଧତିରେ କୌଣସି ଅସ୍ତ୍ରୋପଚାର ଦରକାର ହୁଏନାହିଁ ।
ବିନା ଖର୍ଚ୍ଚରେ ଡାକ୍ତରଙ୍କ ଦ୍ୱାରାହିଁ ଏହାକୁ ଲଗାଇ ଦିଆଯାଏ ।
* **ଆର୍ଥିକ ସାହାଯ୍ୟ** — ଲୁପ୍ ଦେବାଲାଗି ନିମ୍ନଲିଖିତ ହାରରେ ଆର୍ଥିକ ସାହାଯ୍ୟ ଦେବାପାଇଁ ସରକାର ସ୍ଥିର କରିଛନ୍ତି ।

(କ) ଲୁପ ଲଗାଇବାକୁ ଟ ୫.୦୦ (ଖ) ଡାକ୍ତର ଟ ୨.୦୦ (ଗ) ଔଷଧ ଏବଂ ଚିକିତ୍ସା ଖର୍ଚ୍ଚ ଟ ୨.୭୫ (ଘ) ସାହାଯ୍ୟକାରୀ ଟ ୦.୨୫ (ଙ) ଲୁପ ଲଗାଇ ବାଡି ପ୍ରବର୍ତ୍ତକ ଟ ୧.୦୦ ।

**ପରିବାର କଲ୍ୟାଣ କେନ୍ଦ୍ରର ସାହାଯ୍ୟ ନିଅନ୍ତୁ ।**

**ରାଜ୍ୟ ପରିବାର ନିୟନ୍ତ୍ରଣ ସଂସ୍ଥା**


Digitized by srujanika@gmail.com

Holiness, Purity, and Charity are not the exclusive possessions of any church in the world, and every system has produced men and women of the most exalted character. In the face of this evidence, if anybody dreams of the exclusive survival of his own religion and the destruction of the others, I pity him from the bottom of my heart and point out to him that upon the banner of every religion will soon be written, in spite of their resistance, 'Help and not Fight', 'Assimilation and not Destruction', 'Harmony and Peace and not Dissension'.

— *SWAMI VIVEKANANDA*

*Issued by :*

**Dolphin Laboratories (Private) Ltd.**

**( House of Haemostatics )**

**1, ALLENBY ROAD**

**CALCUTTA - 20**

Digitized by srujanika@gmail.com

# ବାରବାଟୀ ଲଟେରୀ

## ଗୋଟିଏ ଭଲରୁ ସହସ୍ର ଭଲ !!

**ସତ୍ ତଥା ମହତ ଉଦ୍ଦେଶ୍ୟ ରଖି ସଂସାରରେ ଯେତେ କାର୍ଯ୍ୟ ହୋଇଛି ସେଥିରୁ ଆହୁରି ଅସଂଖ୍ୟ ଭଲ ଫଳ ମିଳିଛି ।**

## ବାରବାଟୀ ରାଫଲ କ୍ଷେତ୍ରରେ ମଧ୍ୟ ତାହାହିଁ ପ୍ରମାଣିତ ହୋଇଗଲା ।

**ନବ ଉତ୍କଳର ଗୋଟିଏ ଅକ୍ଷୟ କୀର୍ତ୍ତିପାଇଁ ଦେଶର ଶୁଭଚିନ୍ତକ କେବଳ ଗୋଟିଏ ଲେଖା ଟଙ୍କା ସଂଗ୍ରହ କରିବାର କଳ୍ପନା ଦିନେ ହେଲା ।**

ଆଜି ଦେଖା ଯାଉଛି.................

ବାରବାଟୀ ଷ୍ଟେଡ଼ିୟମ ତିଆରି କାର୍ଯ୍ୟ ଚାଲିଛି, ତା ସଙ୍ଗେ ସଙ୍ଗେ

ସେହି ପାଣ୍ଠିରୁ :—

| | |
|---|---|
| ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ | —୧,୮୨,୭୮୫-୦୦ |
| ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ | — ଟ ୫୦,୦୦୦-୦୦ |
| ନେହରୁ ସ୍ମୃତିରକ୍ଷା ପାଣ୍ଠିକୁ | — ଟ ୨୨ ୫୦୦-୦୦ |
| ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | — ଟ ୪୦,୦୦୦-୦୦ |
| ବିହାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | — ଟ ୨୦,୦୦୦-୦୦ |

ଓ ଅନ୍ୟାନ୍ୟ ଅନେକ ପାଣ୍ଠିକୁ ମଧ୍ୟ ପ୍ରାୟ ଏକଲକ୍ଷ (ଟ୧,୦୦,୦୦୦) ଟଙ୍କା ଯାଇଛି—

ଆପଣ ଆମକୁ ଟଙ୍କାଏ ଟଙ୍କାଏ ସାହାଯ୍ୟ ଦେଇ ଅନ୍ୟମାନଙ୍କୁ ସାହାଯ୍ୟ ଦେବାପାଇଁ ପଥ ପରିଷ୍କାର କରି ଦିଅନ୍ତୁ ବୋଲି ବିନୀତ ଅନୁରୋଧ ।

**ପ୍ରଥମ ପୁରସ୍କାର ଟ ୧,୦୦୦,୦୦୦ (ଏକଲକ୍ଷ ଟଙ୍କା)**

**ଏଥରପର ଉଠାଣ ତା ୧୦।୧୨।୬୭**

ବିଶେଷ ବିବରଣୀ ପାଇଁ ଲେଖନ୍ତୁ—

ଅବୈତନିକ ସମ୍ପାଦକ

ବାରବାଟୀ ରାଫଲ କମିଟୀ

କଟକ-୫

Digitized by srujanika@gmail.com

WITH BEST COMPLIMENTS OF :

SAMANTRAY
CONSTRUCTIONS
RAJABAGICHA
CUTTACK-1

Digitized by srujanika@gmail.com

# ପୌରୁଷ

दैवायत्तं कुले जन्म मदायत्तं च पौरुषम्

ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର ମୋର ଅଧୀନ ।

କର୍ଣ୍ଣ—ବେଣୀସଂହାରମ୍

## ସୂଚୀପତ୍ର


| | ପୃଷ୍ଠା |
|---|---|
| **ସ୍ୱାଧୀନ ଭାରତର ପ୍ରାର୍ଥନା** | ୫ |
| କୃଷ୍ଣ ଯଜୁର୍ବେଦ ସଂହିତା | |
| **ସଂପାଦକୀୟ*** ଆଉ ନିଦ୍ରା କେତେଦିନ | |
| **ଭାରତଗୀତିକା** | ୧୧ |
| ରାଧାନାଥ ରାୟ | |
| **ଆତ୍ମନିର୍ଭରଶୀଳତା** | ୧୩ |
| ମହାତ୍ମା ଗାନ୍ଧୀ | |
| **ଭାରତର ଭାଗ୍ୟଲିପି** | ୧୭ |
| ଶ୍ରୀ ଅରବିନ୍ଦ | |

| | ପୃଷ୍ଠା |
|---|---|
| **କେନ୍ଦ୍ରଜେଲମର ବେଦନ ପ୍ରାଚୀର** | ୨୧ |
| **ଶହୀଦ ଖୁଦୀରାମ ବୋଷ** | ୨୫ |
| ରାମଚନ୍ଦ୍ର ରଥ | |
| **ସ୍ୱାଧୀନତା ସଂଗ୍ରାମର ସ୍ମୃତି** | ୩୩ |
| ମହାବୀର ତ୍ୟାଗୀ | |
| **ସି ଆଇ ଏ** | ୪୧ |
| ସଜନ୍ୟ | |
| **ଅକାଞ୍ଚନର ଜୀବନ ସ୍ମୃତି** | ୪୫ |
| ଡକ୍ଟର ପ୍ରାଣକୃଷ୍ଣ ପରିଜା | |


Digitized by srujanika@gmail.com

**ଅଗ୍ନେୟ ଶପଥ** (ଗଳ୍ପ) ୫୩
ଜୟନ୍ତୀ ପଟ୍ଟନାୟକ

**ସଂସାରର ଅମୂଲ୍ୟଧନ-ସିକତା** ୫୯
ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ

**ମୋ କାହାଣୀ** ୬୭
ନୀଳମଣି ସେନାପତି

**ଜଗନ୍ନାଥ ମନ୍ଦିର ପରିକଳ୍ପନା** ୭୩
ଅଧ୍ୟାପକ ପ୍ରଭାତ ମୁଖାର୍ଜୀ

**ଭାରତର ଗତି କୁଆଡେ** ୭୭
ଅଧ୍ୟାପକ ବୈଦ୍ୟନାଥ ମିଶ୍ର

**ସୋନାର** (ବିଜ୍ଞାନ) ୮୩
ଅଧ୍ୟାପକ ଚୂଳମଣି ସାମଲ

**ଉଇମ୍ବଲ୍‌ଡନ** (ସ୍ପୋର୍ଟସ) ୮୭
ଯୁଗଳ କିଶୋର ଦାସ

**କଫି ବାଗାନରେ ବିଦ୍ରୋହ** (କାହାଣୀ) ୮୯
ରୁଡ଼ିଆର୍ଡ୍ କିପ୍‌ଲିଙ୍ଗ୍

**ପ୍ରଚ୍ଛଦପଟ୍ଟ ଚିତ୍ର—ଲାଲକିଲ୍ଲା**

**ସଂପାଦକ * ଜାନକୀବଲ୍ଲଭ ପଟ୍ଟନାୟକ**

| ପୌରୁଷର ଗ୍ରାହକ ଚାନ୍ଦା | |
|---|---|
| ବାର୍ଷିକ— | ୧୦ ଟଙ୍କା |
| ଷାଣ୍ମାସିକ— | ୫ ଟଙ୍କା ୫୦ ପ. |
| ମାସିକ | ୧ ଟଙ୍କା |

ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା
ମୁଦ୍ରିତ ଓ ପ୍ରକାଶିତ
ପୌରୁଷ ପ୍ରେସ ଓ କାର୍ଯ୍ୟାଳୟ,
ଚାନ୍ଦନୀଚୌକ, କଟକ-୨

Well-Tailored Dresses
A Key to your Personality

VISIT

MASTER J. K. RAO, TAILORS
BURLA MARKET
DIST. SAMBALPUR

Digitized by srujanika@gmail.com



# ସ୍ୱାଧୀନ ଭାରତର ପ୍ରାର୍ଥନା

ଆବ୍ରହ୍ମନ୍ ବ୍ରାହ୍ମଣୋ ବ୍ରହ୍ମବର୍ଚ୍ଚସୀ ଜାୟତାମ୍ । ଅସ୍ମିନ୍ ରାଷ୍ଟ୍ରେ ରାଜନ୍ୟଃ ଇଷବ୍ୟଃ ଶୂରୋ ମହାରଥୋ ଜାୟତାମ୍ । ଦୋଗ୍ଧ୍ରୀ ଧେନୁଃ । ବୋଢାଣ୍ଡ୍ରବାନ୍ । ଆଶୁଃ ସପ୍ତିଃ । ପୁରନ୍ଧ୍ରିର୍ଯୋଷା । ଜିଷ୍ଣୂ ରଥେଷ୍ଠାଃ । ସଭେୟୋ ଯୁବା । ଅସ୍ୟ ଯଜମାନସ୍ୟ ବୀରୋ ଜାୟତାମ୍ । ନିକାମେନିକାମେ ନଃ ପର୍ଜ୍ଜନ୍ୟୋ ବର୍ଷତୁ । ଫଳବତ୍ୟୋ ନ ଓଷଧୟଃ ପଚ୍ୟନ୍ତାମ୍ । ଯୋଗକ୍ଷେମୋ ନଃ କଳ୍ପତାମ୍ ।

ବ୍ରାହ୍ମଣ ବା ସମାଜର ନେତୃମଣ୍ଡଳୀ ମଧ୍ୟରେ ଏପରି ଜଣେ ଜନ୍ମ ହେଉ, ଯାହା ମଧ୍ୟରେ ଯଥେଷ୍ଟ ଆଧ୍ୟାତ୍ମିକ ଶକ୍ତି ଥିବ । ଶାସକମାନଙ୍କ ମଧ୍ୟରେ ଶୂର, ବୀର, ମହାରଥ ଜନ୍ମଲାଭ କରୁ । ଧେନୁ ଦୁଗ୍ଧବତୀ ହେଉ । ବଳୀବର୍ଦ୍ଦ କୃଷିକର୍ମକ୍ଷମ, ଅଶ୍ୱ ବେଗବାନ୍, ଯୁବତୀ ସୌନ୍ଦର୍ଯ୍ୟମୟୀ, ସୈନିକ ବିଜୟମଣ୍ଡିତ, ଯୁବକ ସଭ୍ୟ, ସୁଶିକ୍ଷିତ । ଏହି ପ୍ରାର୍ଥନାକାରୀର ବୀରପୁତ୍ର ଜନ୍ମ ହେଉ । ଯେତେବେଳେ ଆମେ ଇଚ୍ଛା କରିବୁ, ମେଘ ବର୍ଷୁ; ଉଦ୍ଭିଦଜଗତ ଶସ୍ୟଶାଳୀ ହେଉ । ଆମର ଐଶ୍ୱର୍ଯ୍ୟ ବର୍ଦ୍ଧିତ ଓ ସୁରକ୍ଷିତ ହେଉ ।

କୃଷ୍ଣ ଯଜୁର୍ବେଦ ସଂହିତା
୭ମ : ୫ : ୧୮ : ୧

Digitized by srujanika@gmail.com

# ସମ୍ପାଦକୀୟ

## ଆଉ ନିଦ୍ରା କେତେଦିନ ?

ଏକ ଆଧୁନିକ ସମ୍ମାନାସ୍ପଦ ରାଷ୍ଟ୍ରର ତିନୋଟି ମାନଦଣ୍ଡ ହେଉଛି—ଜାତୀୟ ଏକତା, ଶାସନଗତ ସ୍ଥିରତା ଓ ଅର୍ଥନୈତିକ ଐଶ୍ୱର୍ଯ୍ୟ । ବର୍ତ୍ତମାନର ସ୍ୱାଧୀନତାର ୨୦ ବର୍ଷ ପରେ ଭାରତର ଚାରିଆଡ଼େ ଘୋର ଅରାଜକତା ଦେଖା ଯାଉଛି । ଆଇନ, ଶୃଙ୍ଖଳା ପ୍ରତି ଏକ ସାଧାରଣ ଅସମ୍ମାନ ପ୍ରକାଶ ପାଉଛି । ଏପରି ଏକ ପ୍ରାଦେଶିକ ଭାବ ଜାଗ୍ରତ ହେଲାଣି, ଯାହାକି ସୀମା ଆନ୍ଦୋଳନବେଳେ କିମ୍ବା ମହାତ୍ମାଗାନ୍ଧୀଙ୍କ ନେତୃତ୍ୱ ପୂର୍ବରୁ ଏ ଦେଶରେ ଦେଖା ଯାଉଥିଲା ।

ରାଜନୈତିକ ଦଳମାନଙ୍କ ମଧ୍ୟରେ କୌଣସି ନୈତିକ ମାନଦଣ୍ଡ ପରିଲକ୍ଷିତ ହେଉ ନାହିଁ । ଯେ କୌଣସି ମତେ କ୍ଷମତାରେ ରହିବା ହେଉଛି ଏକମାତ୍ର ମାନଦଣ୍ଡ । ଅତୀତରେ କଂଗ୍ରେସ ଦଳ ବିଭିନ୍ନ ଦଳରୁ ସଭ୍ୟମାନଙ୍କୁ ପ୍ରଲୋଭିତ କରି ଆଣି ଦଳପୁଷ୍ଟି କରିବାର ଯେଉଁ ପରମ୍ପରା ସୃଷ୍ଟି କରିଥିଲେ, ବର୍ତ୍ତମାନ ବିରୋଧୀଦଳମାନେ ତାହାକୁ ନକଲ କରି ନେଲେଣି । ଏପରି ଭାବରେ ଦଳ ବଦଳ ହେଉଛି ଯେ କେଉଁଠି କେଉଁ ସରକାର କେତେଦିନ ରହିବ, ତାହା ଅନୁମାନ କରାଯାଇ ପାରିବ ନାହିଁ । ଉତ୍ତର ପ୍ରଦେଶରେ ଜଣେ ସଭ୍ୟ ଦିନକ ଭିତରେ ତିନିଥର ଏ ଦଳ, ସେ ଦଳ ହେବା ଫଳରେ ସେଠାର ବାଚସ୍ପତି ସ୍ଥିର କରି ପାରିଲେ ନାହିଁ, କେଉଁ ଦଳରେ ତାଙ୍କୁ ଗଣ୍ୟ କରାଯିବ ।

ତୃତୀୟ ଯୋଜନାର ବିଫଳତା, ମୁଦ୍ରାସ୍ଫୀତି ଓ ଦରବୃଦ୍ଧି ଯୋଗୁଁ ଦେଶରେ ଏକ ଗୁରୁତର ଅର୍ଥନୈତିକ ବିପର୍ଯ୍ୟୟ ଦେଖା ଦେଇଛି । ଗରିବ ଲୋକେ ଯେଉଁ ଅବସ୍ଥାରେ ଥିଲେ ସେହି ଅବସ୍ଥାରେ, ମଧ୍ୟବିତ୍ତ ଲୋକେ ଅଧିକ ଗରିବ ଓ ଶିକ୍ଷିତ ଯୁବକମାନେ ଉତ୍କଟ ବେକାର ସମସ୍ୟା ଯୋଗୁଁ ଏକ ଅନିଶ୍ଚିତ ଭବିଷ୍ୟତର ସମ୍ମୁଖୀନ ହେଉଛନ୍ତି ।

ଶାସନ କଳରେ ଯେଉଁ ଉତ୍କୋଚ ଓ ଦୁର୍ନୀତି ପୂର୍ବେ ତଳ ସ୍ତରରେ ଥିଲା । ବର୍ତ୍ତମାନ ତାହା ସବା ଉପର ସ୍ତର ପର୍ଯ୍ୟନ୍ତ ବ୍ୟାପି ଗଲାଣି, ଯାହା ଫଳରେ ସାଧାରଣ ଲୋକ ଶାସନଠାରୁ ତାଙ୍କର ନ୍ୟାଯ୍ୟୋଚିତ ଦାବୀ ହାସଲ କରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇଗଲାଣି ।

ଆନ୍ତର୍ଜାତିକ କ୍ଷେତ୍ରରେ ଭାରତ ଏକ ବନ୍ଧୁହୀନ ଅବସ୍ଥାରେ ଆସି ପହଞ୍ଚି ଯାଇଛି । ପାକିସ୍ଥାନ ଓ ଚୀନାର ଶତ୍ରୁତା ଏପରି ଭାବରେ ବଢ଼ି ଯାଇଛି ଯେ କୌଣସି ମୁହୂର୍ତ୍ତରେ ଏ ଦୁଇଟି ରାଷ୍ଟ୍ରର ମିଳିତ ଆକ୍ରମଣ ହୋଇଯାଇ ପାରେ ।

Digitized by srujanika@gmail.com

ଏ ପରିସ୍ଥିତିକୁ ଦେଖିଲେ ଆମେରିକାର ଜଣେ ପ୍ରସିଦ୍ଧ ରାଷ୍ଟ୍ରନେତା ପ୍ରେସିଡେଣ୍ଟ ଜେଫରସନଙ୍କ ଉକ୍ତି ମନେପଡ଼େ । ସେ କହିଥିଲେ, "ଦେଶର ଭବିଷ୍ୟତ କଥା ଚିନ୍ତା କଲାବେଳେ ମୁଁ ଥରି ଉଠୁଛି । I shudder at the future of the countary" ସ୍ୱାଧୀନତାର ୨୦ ବର୍ଷ ପରେ ଦେଶରେ ଏକ ପ୍ରବଳ ଉତ୍ସାହ, ଉନ୍ମାଦନା ସୃଷ୍ଟି ହେବା ପରିବର୍ତ୍ତେ କାହିଁକି ଏପରି ନୈରାଶ୍ୟ, ଅସନ୍ତୋଷ, ବିକ୍ଷୋଭ ପ୍ରକାଶ ପାଉଛି ?

ତାର କାରଣ ଖୋଜିବାକୁ ଯିବାକୁ ହେବ ନାହିଁ । କେବଳ ମନ୍ତ୍ରରେ ଦେଶ ବଦଳେ ନାହିଁ । ବଦଳିବା ପାଇଁ ମନ୍ତ୍ରର ବିଶ୍ୱାସ ଓ ଶକ୍ତି ଆବଶ୍ୟକ । ଦେଶ ସ୍ୱାଧୀନ ଏବଂ ଗଡ଼ଜାତ ରାଜ୍ୟମାନଙ୍କ ନମ୍ରତା ହୋଇଯିବା ପରେ, ଏକ ସମ୍ବିଧାନ ଦିଆ ହୋଇଗଲା । ଏ ସମ୍ବିଧାନରେ ସବୁ ଅଛି—ନାଗରିକ ସ୍ୱାଧୀନତା ଓ ଅର୍ଥନୈତିକ ସ୍ୱରାଜ୍ୟ । ଅର୍ଥନୈତିକ ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ପଞ୍ଚବାର୍ଷିକ ଯୋଜନାମାନ ପ୍ରବର୍ତ୍ତିତ ହେଲା । ଏସବୁ ଯୋଜନାର ଲକ୍ଷ୍ୟ ଏବଂ ଆକାର, ପ୍ରକାର ସମ୍ପର୍କରେ ମଧ୍ୟ କିଛି କହିବାର ନାହିଁ । ଦେଶ ଭିତରେ ଓ ବାହାରେ ଅର୍ଥନୈତିକ ପଣ୍ଡିତଗଣ ଏହାର ପ୍ରଶଂସା କରିଛନ୍ତି ।

ଗଣତାନ୍ତ୍ରିକ ସମାଜବାଦ ମଧ୍ୟ ସେହିପରି ଏକ ଉଚ୍ଚ, ଆଦର୍ଶବାଦୀ ଲକ୍ଷ୍ୟ । ଯେଉଁମାନେ କହନ୍ତି ଗଣତାନ୍ତ୍ରିକ ଶାସନରେ ସମାଜବାଦ ହୋଇ ପାରିବ ନାହିଁ, ସେମାନେ ୟୁରୋପର ନରୱେ, ଡେନମାର୍କ, ସ୍ୱିଡ଼େନ ଫିନଲାଣ୍ଡ ଆଦି ଦେଶମାନଙ୍କ ଆଡ଼କୁ ଦୃଷ୍ଟି ପକାନ୍ତୁ । ସେମାନେ ଏହା ସମ୍ପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିଛନ୍ତି । ୟୁରୋପରେ ସେମାନଙ୍କ ଐଶ୍ୱର୍ଯ୍ୟର ତୁଳନା ନାହିଁ ।

ସେହିପରି ନିରପେକ୍ଷ ବୈଦେଶିକ ନୀତି । ଭାରତ ପରି ଏକ ବିରାଟ ଦେଶ ପକ୍ଷରେ ନିରପେକ୍ଷତା ଛଡ଼ା ଅନ୍ୟ କି ନୀତି ଅନୁସୃତ ହୋଇଥାନ୍ତା ? ଭାରତ କାହାର ଅନୁଚର ହୋଇଥାନ୍ତା, ଆମେରିକାର ବା ରୁଷିଆର ? ପରାଧୀନ ଥିବାବେଳେ ଏହାର ଅନ୍ୟ ଗତି ନଥିଲା । ସର୍କସର ଘୋଡ଼ା ପିଠିରେ ମାଙ୍କଡ଼, ହାତୀ ପିଠିରେ କୁକୁର ବସିବା ସମ୍ଭବ । ମାତ୍ର ବନ୍ଧନମୁକ୍ତ ହାତୀ ତା'ର ପିଠିରେ କାହାକୁ ବସାଇ ଦେବ ତ ? ଚୀନ ଓ ଭାରତ ପରି ଏକ ବିରାଟ ଦେଶ, ପ୍ରାୟ ଏକ ସମୟରେ ଉଭୟ ମୁକ୍ତ ହୋଇଥିଲେ ସେ ବର୍ତ୍ତମାନ କେଉଁ ଗୋଷ୍ଠୀରେ ଅଛି ?

ପାର୍ଲାମେଣ୍ଟାରୀ ଗଣତନ୍ତ୍ରରେ ଦୋଷ ନାହିଁ, ଯୋଜନାରେ ଦୋଷ ନାହିଁ, ସମାଜବାଦୀ ଆଦର୍ଶ ଓ ନିରପେକ୍ଷ ବୈଦେଶିକ ନୀତିରେ ମଧ୍ୟ ଦୋଷ ନାହିଁ । କିନ୍ତୁ ଦୋଷ ହେଉଛି, କାର୍ଯ୍ୟକାରିତାରେ । ଏକ ଦରିଦ୍ର, ଅନୁନ୍ନତ ରାଷ୍ଟ୍ରର ଶହ ଶହ ବର୍ଷର ଜଡ଼ତା ଦୂର କରି ବୈପ୍ଳବିକ ଅଗ୍ରଗତି ଆଣିବାକୁ ହେଲେ ଯେଉଁ ତ୍ୟାଗ, ପ୍ରେରଣା ଶ୍ରମ, ସଂକଳ୍ପ ଆବଶ୍ୟକ, ଦୁଃଖର ବିଷୟ, ସ୍ୱାଧୀନତା ପରେ ତାହା ଏ ଦେଶରେ ରହିଲା ନାହିଁ । ଦେଶ ସ୍ୱାଧୀନ ହେବାର ପ୍ରଥମ କେତେବର୍ଷ ଯେଉଁ ଉନ୍ମାଦନା ଦେଖା ଯାଉଥିଲା, ଯେଉଁ ଆଶାର ଉଦ୍ରେକ ଲଗ୍ନ ସୃଷ୍ଟି ହୋଇଥିଲା, ତାହା ନେତୃତ୍ୱର ସିଦ୍ଧାନ୍ତ ଅଭାବରୁ କାର୍ଯ୍ୟରେ ପରିଣତ ହେଲା ନାହିଁ ।

Digitized by srujanika@gmail.com

କୃଷିର ଉତ୍ପାଦନ ବୃଦ୍ଧି, ଖାଦ୍ୟ-ସମସ୍ୟାର ସମାଧାନ ଓ କୋଟି କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ ଦେବା ପାଇଁ ଯେଉଁ ବୈପ୍ଳବିକ ଭୂସଂସ୍କାର ଆବଶ୍ୟକ ହୋଇଥିଲା, ତାହା ନେତୃତ୍ୱର ଦୃଢ଼ତାର ଅଭାବ ଓ ଶାସନ କ୍ଷେତ୍ରରେ ଥିବା ଦଳର ଅନ୍ୟାୟାର୍ଥୀ ଲୋକଙ୍କ ଯୋଗୁଁ କାର୍ଯ୍ୟରେ ପରିଣତ ହୋଇ ପାରିଲା ନାହିଁ । କେଉଁ ଦେଶରେ ୨୦ ବର୍ଷ କାଳ ଭୂସଂସ୍କାର କଥା କୁହାଯାଉଛି, ଯାହାକି ଏ ଦେଶରେ ହେଉଛି ? ଜାପାନ ଆମେରିକାର ଦଖଲରେ ଥିବାବେଳେ ଜେନେରାଲ ମାକ୍ ଆର୍ଥରଙ୍କ ପରି ଅତି ରକ୍ଷଣଶୀଳ ପୁଞ୍ଜିପତି ଆଦର୍ଶର ବ୍ୟକ୍ତି ସେହି ବର୍ଷକ ମଧ୍ୟରେ ଏକ ବୈପ୍ଳବିକ ଭୂସଂସ୍କାର କରାଇ ପାରିଲେ, ଭାରତରେ ଅତି ଉଚ୍ଚ ଆଦର୍ଶବାଦୀମାନେ ଥାଇ କାହିଁକି ତାହା ହୋଇ ପାରିଲା ନାହିଁ ? ଭୂସଂସ୍କାର ସହିତ ଗ୍ରାମ୍ୟ ଅର୍ଥନୀତିର ପରିବର୍ତ୍ତନ ଓ ଶିଳ୍ପର ବିକାଶ ଜଡ଼ିତ । ତେଣୁ ଗୋଟିଏ କ୍ଷେତ୍ରରେ ବିଫଳତା ଅନ୍ୟ କ୍ଷେତ୍ରରେ ପ୍ରତିଫଳିତ ହେବା ସ୍ୱାଭାବିକ ।

ଦେଶର ସ୍ୱାଧୀନତାର ଆରମ୍ଭ ବେଳରେ ଗୋଟିଏ ଭାରତୀୟ ଭାଷା, ହିନ୍ଦୀକୁ ରାଷ୍ଟ୍ରଭାଷା କରାଯାଇ ପାରିଥାନ୍ତା । ମାତ୍ର ତାହା ହେଲା ନାହିଁ ଓ ସମସ୍ୟା ଗଡ଼ାଇ ଗଡ଼ାଇ ଦିଆଗଲା । ବର୍ତ୍ତମାନ ଦେଶରେ ଏକ ଭୟାବହ ଝଞ୍ଜେଡ଼ ହେବାକୁ ଯାଉଛି । ଇଂରାଜୀ ରହିବ, ହିନ୍ଦୀ ରହିବ, ବିଶ୍ୱବିଦ୍ୟାଳୟମାନଙ୍କର ମାଧ୍ୟମ ପ୍ରାଦେଶିକ ଭାଷା ହେବ—ଚଉଦଟି ଯାକ ଭାଷାରେ ସର୍ବଭାରତୀୟ ପରୀକ୍ଷା ହେବ । ପୂର୍ବେ ସଂସ୍କୃତ ଥିଲା ସବୁ ଅଞ୍ଚଳର ଯୋଗସୂତ୍ର ଇଂରେଜଙ୍କ ଅମଳରେ ଇଂରେଜୀ । ଏପର୍ଯ୍ୟନ୍ତ ମଧ୍ୟ ଇଂରେଜୀ ରହିଛି, ମାତ୍ର ପରେ କ'ଣ ହେବ ତାହା କହିବାର ସାହସ କ'ଣ ନେତୃତ୍ୱର ରହିବ ନାହିଁ ?

---

## ଆମର ବ୍ୟାଧି

ଆମର ଭାରତୀୟ ସମାଜକୁ ସାତଟି ବ୍ୟାଧି ଗ୍ରାସ କରି ରହିଛି । ତାହା ହେଉଛି ରାଜନୈତିକ କ୍ଷେତ୍ରରେ ଅସାଧୁତା, ବିନା ପରିଶ୍ରମରେ ଧନୀ ହେବା, ଆମୋଦ କଲାବେଳେ ବିବେକକୁ ଭୁଲିଯିବା, ଚରିତ୍ର ନ ଥାଇ ଜ୍ଞାନୀ କହାଇବା, ନୈତିକତା ନ ଥାଇ ବ୍ୟବସାୟ କରିବା, ମାନବିକତାକୁ ଭୁଲି ବିଜ୍ଞାନର ଚର୍ଚ୍ଚା କରିବା, ତ୍ୟାଗ ଓ ନମ୍ରତା ନ ଥାଇ ପୂଜା, ପ୍ରାର୍ଥନା କରିବା ।

ମହାତ୍ମାଗାନ୍ଧୀ, ୧୯୨୫ ମସିହା

---

ସାମରିକ କ୍ଷେତ୍ରରେ ଦେଶକୁ ଜାଣି ଜାଣି ଦୁର୍ବଳ ରଖାଗଲା । ଚୀନ ଆକ୍ରମଣ ବେଳେ ପ୍ରଥମ ମହାଯୁଦ୍ଧ ଅମଳର ବନ୍ଧୁକ ଧରି ଓ ପାର୍ବତ୍ୟ ଅଞ୍ଚଳ ଯୁଦ୍ଧରେ ସଂପୂର୍ଣ୍ଣ ଅନଭ୍ୟସ୍ତ ଥାଇ ଭାରତୀୟମାନଙ୍କୁ ଚୀନାମାନଙ୍କ ସହିତ ଲଢ଼ିବାକୁ ହେଲା ଓ ପରିଣାମରେ ଏସିଆ ଓ ଆଫ୍ରିକାର ଦେଶ ଏବଂ ବାହାର ଦୁନିଆରେ ଆମର କଡ଼ାକର ସମ୍ମାନ ରହିଲା ନାହିଁ । ନିରପେକ୍ଷ ନୀତିର ଅର୍ଥ କ'ଣ ଦେଶକୁ ସାମରିକ କ୍ଷେତ୍ରରେ ଦୁର୍ବଳ ରଖିବା ?

ମୋଟ ଉପରେ ଅର୍ଥନୈତିକ ପ୍ରଗତି, ଏବଂ ସାମାଜିକ ଓ ଜାତୀୟ

Digitized by srujanika@gmail.com

କ୍ଷେତ୍ରରେ ବିଭିନ୍ନ ସଂସ୍କାର କେବଳ ଆଇନ ଓ ଯୋଜନା ବଦ୍ଧ ଏବଂ ସେହି ପୁରୁଣା କାଳିଆ ବ୍ରିଟିଶ ଅମଳର ଶାସନ କଳ ଜରିଆରେ କରିବା ପାଇଁ ଉଦ୍ୟମ କରାଗଲା । ଜନସାଧାରଣଙ୍କର ଉତ୍ସାହ ଉଦ୍ଦୀପନା ଜାଗ୍ରତ କରିବା ପାଇଁ ତାଙ୍କ ମଧ୍ୟରେ ଯେଉଁ ଆଲୋଡ଼ନ ସୃଷ୍ଟି ଆବଶ୍ୟକ, ତାହା ରାଜନୈତିକ ନେତୃତ୍ୱ ବା କଂଗ୍ରେସ ଦଳ କରି ପାରିଲା ନାହିଁ । ଲୋକଙ୍କର ସହିତ କର୍ମୀଙ୍କର ସଂପର୍କ, କର୍ମୀଙ୍କ ସହିତ ନେତୃବର୍ଗଙ୍କ ସଂପର୍କ, ନୂଆ, ବୁଦ୍ଧିମାନ୍ ଉତ୍ସାହୀ କର୍ମୀଙ୍କର ସୃଷ୍ଟି ହୋଇ ପାରିଲା ନାହିଁ । ଫଳରେ ଦେଶରେ କେବଳ ପରିବର୍ତ୍ତନର ଯନ୍ତ୍ର ଚାଲିଲା, ଏହାର ସ୍ପନ୍ଦନ ଶକ୍ତି ବା ମନ୍ତ୍ର ଚାଲିଲା ନାହିଁ ।

ଭାରତରେ ଯୋଜନା ହେବାର ୧୬ ବର୍ଷ ଚାଲିଛି । ସୋଭିଏଟ୍ ରୁଷରେ ଯୋଜନାର ୧୩ ବର୍ଷ ପରେ ନାତ୍ସି ଜର୍ମାନୀ ପକ୍ଷରୁ ଏକ ନାହିଁ ନ ଥିବା ଆକ୍ରମଣ ହେଲା ଏବଂ ରୁଷ ଅର୍ଥନୀତି ତାହାକୁ ଯେ, କେବଳ ସମ୍ଭାଳି ପାରିଲା ତାହା ନୁହେଁ, ପୃଥିବୀରେ ଦ୍ୱିତୀୟ ବୃହତ୍ତମ ଶକ୍ତିରୂପେ ଆତ୍ମପ୍ରକାଶ କଲା । ଭାରତର ଯୋଜନାର ୧୩ ବର୍ଷ ପରେ ମାତ୍ର ୧୫ ଦିନର ପାକିସ୍ତାନ ଯୁଦ୍ଧ ଏ ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଥିଲା, ଯାହାର ପ୍ରଭାବ କି ଆଜିଯାଏ ରହିଛି । ମାତ୍ର ୯ ବର୍ଷ ସମୟ ମଧ୍ୟରେ କମ୍ୟୁନିଷ୍ଟ ଚୀନ ପୃଥିବୀର ଏପରି ଶକ୍ତି ହୋଇ ଠିଆ ହୋଇଛି ଯେ, ଉଭୟ ସୋଭିଏଟ୍ ରୁଷିଆ ଓ ଆମେରିକାକୁ ବେପରବା ଭାବରେ ଆହ୍ୱାନ କରୁଛି ।

କବି ଦ୍ୱିଜେନ୍ଦ୍ର ଲାଲଙ୍କ ଭାଷାରେ ଖାଲି କ'ଣ ଭାରତ ଗୋଟିଏ ଦେଶ ଯେ, ଏପରି ଶୋଇ ରହିଥିବ ?

**ସମ୍ବଲପୁରୀ ବସ୍ତ୍ରାଳୟ ତନ୍ତୁଶିଳ୍ପ ସହଯୋଗ ସମିତି ଲିଃର**

ଲୁଗା ସୁନ୍ଦର ଯେପରି ମଜଭୁତ ମଧ୍ୟ ସେପରି । ଲୁଗାର ରଙ୍ଗ ପକ୍କା
ଏହି ସମିତିର ଲୁଗା ଦେଶ ବିଦେଶରେ ଆଦୃତ ଏବଂ ସର୍ବ-
ଭାରତୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ।
ଏହା ବ୍ୟବହାର କରି ଦେଶର ଶିଳ୍ପ ତଥା ଶିଳ୍ପୀଙ୍କୁ ଉତ୍ସାହିତ କରନ୍ତୁ ।

**କୃତାର୍ଥ ଆଚାର୍ଯ୍ୟ** (ପଦ୍ମଶ୍ରୀ)
ସଭାପତି

Digitized by srujanika@gmail.com

# ଅଳ୍ପ ମୂଳଧନରେ

# ଗ୍ରାମାଞ୍ଚଳରେ

ଖଦୀ, ମହୁ, ସାବୁନ, ତେଲ, ଚାଉଳ,
ଗୁଡ଼, ଖଣ୍ଡସାରୀ ତାଳଗୁଡ଼ ପ୍ରଭୃତି
ଗ୍ରାମୀଣ ଶିଳ୍ପର ବିକାଶ କରିବା
ସଙ୍ଗେ ସଙ୍ଗେ ହଜାର ହଜାର
ବ୍ୟକ୍ତିଙ୍କୁ ଗାଁଗହଳରେ ଧନ୍ଦା
ଯୋଗାଇଥାଏ ।

# ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼

ଭୁବନେଶ୍ୱର — ୧


Digitized by srujanika@gmail.com

# ଭାରତ-ଗୀତିକା

—ରାଧାନାଥ ରାୟ



ସର୍ବେଷାଂ ନୋ ଜନନୀ ଭାରତ
ଧରଣୀ କଳ୍ପଲତେୟଂ,
ଜନନୀବତ୍ସଳତନୟଗଣୈସ୍ତତ୍-
ସମ୍ୟକ୍ ଶର୍ମ ବିଧେୟଂ ।
ହିମଗିରି ସୀମନ୍ତିତ ମସ୍ତକ ମିଦ-
ମମ୍ବୁଧି ପରିଗତ ପାର୍ଶ୍ୱମ୍ ।

ଅସ୍ମଜ୍ଜନ୍ମଦମନ୍ନଦମନଘଂ
ଶ୍ରୌତ ପୁରାତନ ମାର୍ଗମ୍ ।
ବିଜନତ ହର୍ଷଂ ଭାରତବର୍ଷଂ
ବିଶ୍ୱୋତ୍କର୍ଷନିଦାନମ୍ ।
ଭାରତଧର୍ମିଣି କୃତମସ୍ମାଭି-
ର୍ନବମିଦମୈକ୍ୟ ବିଧାନମ୍ ।

ଏହି ଭାରତ ଭୂମି ଆମ ସମସ୍ତଙ୍କର ଜନନୀ । କଳ୍ପଲତା ପରି ଏହି ଭୂମି ଐଶ୍ୱର୍ଯ୍ୟ ଦାନ କରେ । ତେଣୁ ଜନନୀ-ବତ୍ସଳ ସନ୍ତାନ ସନ୍ତତିଙ୍କ ଦ୍ୱାରା ଏହାର ଯୋଗ୍ୟ ପୂଜା ହେବା ଆବଶ୍ୟକ । ଏହାର ମସ୍ତକର ସୀମାନ୍ତ ବା ସୂନ୍ଥା ହେଉଛି ହିମାଳୟ ପର୍ବତମାଳା । ଏହାର ଅନ୍ୟ ତିନପାଖରେ ମହୋଦଧି । ଏହି ଭାରତବର୍ଷ ଆମ୍ଭମାନଙ୍କର ଜନ୍ମଦାତା, ସର୍ବଦା ଅନ୍ନଦାତା, ବେଦ ପୁରାଣ ଓ ଋଷିମାନଙ୍କର କୀର୍ତ୍ତିତ, ଆନନ୍ଦଦାୟକ ଦେଶ ଓ ସମଗ୍ର ବିଶ୍ୱର ଉତ୍କର୍ଷର ସ୍ଥାନ । ତେଣୁ ଏହି ଭାରତମାତାର ପୂଜା ନିମନ୍ତେ ଆମ୍ଭେମାନେ ଐକ୍ୟବଦ୍ଧ ହୋଇଛୁ ।

Digitized by srujanika@gmail.com

*With Greetings From :*

# KALINGA CABLES
# (P) LTD.

## INDUSTRIAL ESTATE

CUTTACK-3

LEADING MANUFACTURERS
OF
ELECTRICAL CONDUCTORS
OF THE STATE

Digitized by srujanika@gmail.com



# ଆତ୍ମନିର୍ଭରଶୀଳତା

## ମହାତ୍ମାଗାନ୍ଧୀ

( ୧୯୪୭ ମସିହାରେ ଦେଶରେ ଖାଦ୍ୟାଭାବ ପଡ଼ିଥିବାବେଳେ ମହାତ୍ମାଗାନ୍ଧୀ ତାଙ୍କର ସମସ୍ତ ଭାଷଣରେ ଓ ଲେଖା ସ୍ୱାବଲମ୍ବୀ ହେବାପାଇଁ ଜୋର ଦେଇଥିଲେ । ବୈଦେଶିକ ସାହାଯ୍ୟ ଉପରେ ନିର୍ଭର କରିବାର ସେ ତୀବ୍ର ବିରୁଦ୍ଧାଚରଣ କରୁଥିଲେ । ସେତେବେଳେ ଦେଶର ଖାଦ୍ୟଶସ୍ୟ ସ୍ୱହ୍ୱଦାର ଶତକଡ଼ା ୩ଭାଗ ସେଥିରୁ ଆମଦାନୀ କରାଯାଉଥିଲା । ଏବେ ଶତକଡ଼ା ୬ଭାଗ ଓ କେବେ କେବେ ବେଶି ଆଣିବାକୁ ହେଉଛି ଓ ଆତ୍ମ-ନିର୍ଭରଶୀଳତା ପରିବର୍ତ୍ତେ ଅଭାବ ଓ ଭିକ୍ଷାବୃତ୍ତି ବଢିବାରେ ଲାଗିଛି । ଏବେ ସ୍ୱାଧୀନତାର ୨୦ ବର୍ଷ ପରେ ମଧ୍ୟ ଗାନ୍ଧୀଜୀଙ୍କର ଏହି ପରାମର୍ଶ ବିଶେଷ ଭାବରେ ସ୍ମରଣୀୟ )

—ସମ୍ପାଦକ

ପ୍ରାକୃତିକ ହେଉ ବା ମନୁଷ୍ୟକୃତ ହେଉ, ଭାରତରେ କୋଟି କୋଟି ନ ହେଲେ ମଧ୍ୟ ଲକ୍ଷ ଲକ୍ଷ ଲୋକ ଦୁର୍ଭିକ୍ଷରେ ଅନାହାର ଓ ମୃତ୍ୟୁ ବରଣ କରିବା ଏକ ଧରାବନ୍ଧା କଥା ହୋଇ ଯାଇଛି । ଏକ ଶୃଙ୍ଖଳିତ ସୁଶାସିତ ସମାଜରେ ଜଳକଷ୍ଟ ଓ ଅନ୍ନକଷ୍ଟ ଦୂର କରିବା ପାଇଁ ସର୍ବଦା ସଫଳ ବ୍ୟବସ୍ଥା କରାଯାଇଥାଏ । ଏପରି ସମାଜର ବର୍ଣ୍ଣନା ମୁଁ କରିବାକୁ ଯାଉ ନାହିଁ । କିନ୍ତୁ ପ୍ରଶ୍ନ ହେଉଛି, ବର୍ତ୍ତମାନର ଖାଦ୍ୟ ସମସ୍ୟା ସମାଧାନ ଆମେ କରି ପାରିବା ନା ନାହିଁ ?

ମୋର ମନ ହୁଏ, ଆମେ କରି ପାରିବା । ପରସ୍ପରକୁ ସାହାଯ୍ୟ କରିବା ଏବଂ ଆତ୍ମ-ନିର୍ଭରଶୀଳ ହେବା ଆମର ପ୍ରଥମ ଶିକ୍ଷା ହେବା ବାଞ୍ଛନୀୟ । ଏହି ବିଷୟରେ ହୃଦବୋଧ

Digitized by srujanika@gmail.com

ହୋଇଗଲେ, ଆମେମାନେ ବାହାର ଦେଶ ଉପରେ ନିର୍ଭର କରି ନିଜକୁ ଧ୍ୱଂସ ମୁଖକୁ ଘେନିଯିବା ନାହିଁ । ଏ କଥା ଆତ୍ମଗର୍ବରେ କୁହାଯାଉ ନାହିଁ ।

ଆମର ମନେ ରଖିବା ଉଚିତ ଯେ, ଆମେ ଏକ କ୍ଷୁଦ୍ର ଦେଶ ନୋହୁ, ଯେ କି ନିଜର ଖାଦ୍ୟ ପାଇଁ ବାହାର ଉପରେ ନିର୍ଭର କରିବା ।

ଆମେ ଗୋଟିଏ ଉପମହାଦେଶ, ଏକ ବିରାଟ ଜାତି, ଯାହାର ଲୋକ ସଂଖ୍ୟା ହେଉଚି ୪୦ କୋଟି ।

ସୁଦୀର୍ଘ ନଦନଦୀ, ସୀମାହୀନ, ଉର୍ବର କର୍ଷଣ-ଉପଯୋଗୀ ଭୂମି ଏବଂ ଅସରନ୍ତି ଗୋଧନର ମାଲିକ ହେଉଛନ୍ତି ଏହି ଦେଶର ଅଧିବାସୀଗଣ ।

ଆମର ଗାଈ ଯେ କମ୍ ଦୁଧ ଦେଉଛନ୍ତି, ତାହା କେବଳ ଆମର ଦୋଷରୁ ହେଉଛି । ଆମର ଯାହା ଦୁଧ ଦରକାର, ସେ ସବୁ ଆମର ଗୋଧନରୁ ଯେକୌଣସି ସମୟରେ ମିଳି ପାରିବ ।

ଯଦି ବିଗତ କେତେ ଶତାବ୍ଦୀ ଧରି ଆମର ଦେଶ ଅବହେଳିତ ଅବସ୍ଥାରେ ରହି ନ ଥାନ୍ତା, ତା ହେଲେ ବର୍ତ୍ତମାନ ଆମେ ନିଜପାଇଁ ଯଥେଷ୍ଟ ଖାଦ୍ୟଶସ୍ୟ ଉତ୍ପାଦନ କରିବା ଛଡ଼ା ବାହାର ଦୁନିଆକୁ ମଧ୍ୟ ଖାଦ୍ୟ ଯୋଗାଇ ପାରନ୍ତେ । ଏବେ ଏପରି ପରିସ୍ଥିତି ହୋଇଛି, ଦିନକୁ ଦିନ ଆମର ଖାଦ୍ୟାଭାବ ବଢ଼ିବାରେ ଲାଗିଛି । ଯଦି କୌଣସି ବୈଦେଶିକ ରାଷ୍ଟ୍ର ଆମକୁ ଖାଦ୍ୟଶସ୍ୟ ଦେଉଛି, ତାହା କୃତଘ୍ନତାର ସହିତ ପ୍ରତାଖ୍ୟାନ କରିବା ମୋର ଉଦ୍ଦେଶ୍ୟ ନୁହେଁ । ମୋର କହିବାର କଥା, ଆମେ ଭିକ ମାଗି ବୁଲିବା ନାହିଁ, କାରଣ ଏହା ନୈତିକ ଅଧୋଗତିର କାରଣ ।

× × × ×

ତା ପରେ ପୁଣି ବୈଦେଶିକ ସାହାଯ୍ୟ ଆମେ କେତେ ପାଇବା, ତାହା ବିସ୍ତୃତ କରାଯାଉ । ଆମର ବର୍ତ୍ତମାନ ଯାହା ଦରକାର ତାହାର ୯୫%ଭାଗ ମାତ୍ର ଆମେ ସ୍ୱଦେଶରୁ ପାଇ ପାରିବା ବୋଲି ମୋର ଧାରଣା । ଏହା ଯଦି ସତ ହୁଏ ଏବଂ ବହୁ ବିଶେଷଜ୍ଞଙ୍କଠାରୁ ଏହା ସତ୍ୟ ବୋଲି ମୁଁ ଜାଣି ପାରିଛି, ବାହାରୁ ସାହାଯ୍ୟ ଆଣିବାର ଯୁକ୍ତି ପଛରେ କୌଣସି ସାରବତ୍ତା ନାହିଁ । ଅତି ସାମାନ୍ୟ ହେଲେ ମଧ୍ୟ ଅନ୍ୟର ସାହାଯ୍ୟ ଉପରେ ନିର୍ଭର କରିବାକୁ ହେଲେ, ଆମର ବିରାଟ ଆତ୍ମନିର୍ଭରଶୀଳ ସମ୍ଭାବନା ଉପରୁ ଆମର ବିଶ୍ୱାସ ତୁଟି ଯାଉଛି । ଆମର କର୍ଷଣ ଉପଯୋଗୀ ଭୂମିର ପ୍ରତ୍ୟେକ ଇଞ୍ଚ ଜମି ଚାଷ କରି ଏବଂ ଯେଉଁ ଜମିରେ ଅର୍ଥକରୀ ଫସଲ ଉତ୍ପାଦନ ହେଉଛି, ସେଥିରୁ ଖାଦ୍ୟଶସ୍ୟ ଉତ୍ପାଦନ କରି ଆମର କ୍ଷୁଧା ମେଣ୍ଟାଇବାର ମନୋଭାବ ଆମର ରହୁନାହିଁ । ଯେଉଁ ଜମି ସଙ୍ଗେ ସଙ୍ଗେ ଚାଷ କରାଯାଇ ପାରିବ, ସେପରି ପଡ଼ିଆ ଜମିର ପୂର୍ଣ୍ଣ ସଦ୍‌ବ୍ୟବହାର କରାଯାଉ-ନାହିଁ ।

ଖାଦ୍ୟଶସ୍ୟର କେନ୍ଦ୍ରୀଭୂତ ନିୟନ୍ତ୍ରଣ ମୋ ବିଚାରରେ କ୍ଷତିକାରକ । ବିକେନ୍ଦ୍ରୀକରଣ ଦ୍ୱାରା ହିଁ ଚୋରବଜାରକୁ ଲୋପ କରାଯାଇ ପାରିବ ଏବଂ ଏହାଦ୍ୱାରା ସମୟ ଓ ଅର୍ଥର ଅପବ୍ୟୟ ବନ୍ଦ ହୋଇଯିବ ।

× × × ×

Digitized by srujanika@gmail.com

ଯଦି ପ୍ରତ୍ୟେକ ଭାରତୀୟ ଖାଦ୍ୟଶସ୍ୟ ଉତ୍ପାଦନରେ ନିଜର ଦାୟିତ୍ୱ ଅନୁଭବ କରନ୍ତି, ତାହାହେଲେ ଏ ଦେଶର ଖାଦ୍ୟାଭାବ ଥିଲା ବୋଲି ଆମେ ଭୁଲିଯିବା । କିପରି ଅଧିକ ଶସ୍ୟ ଉତ୍ପନ୍ନ ହେବ, ସେ ସମ୍ପର୍କରେ ବହୁ କଥା ଲେଖାଯାଇପାରେ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି କିପରି ଏ ବିଷୟଟି ପ୍ରତି ଅଧିକ ଧ୍ୟାନ ଦେବେ ସେ ସମ୍ପର୍କରେ ମୁଁ ଯଥେଷ୍ଟ କହିଲଣି । ବର୍ତ୍ତମାନ ବାହାରୁ ଆସୁଥିବା ଆମ ଆଶ୍ୟକତାର ୩% ଭାଗ ଖାଦ୍ୟଶସ୍ୟ କିପରି ବନ୍ଦ କରାଯାଇ ପାରିବ, ସେହି ସମ୍ପର୍କରେ ମୁଁ କିଛି କହି ରଖେ । ହିନ୍ଦୁମାନେ ଏକାଦଶୀ ଦିନ ଉପବାସ ବା ଅର୍ଦ୍ଧୋପବାସ କରନ୍ତି । ଭାରତର ଅନାହାରଗ୍ରସ୍ତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ, ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କ ପକ୍ଷରେ ଉପବାସ କରିବାରେ ମଧ୍ୟ ବାଧା ନାହିଁ । ଦେଶର ଏହି ସଙ୍କଟର ମୁହୂର୍ତ୍ତରେ ଏତିକି ଟିକିଏ ତ୍ୟାଗ କରିବାର ଆନନ୍ଦ ଏ ଜାତି ଅନୁଭବ କରିବ, ମୋର ଏ ଆତ୍ମବିଶ୍ୱାସ ଅଛି ।

---

With the best Compliments of :

Gram "SAMBHUNATH" Phone : 2679

**SAMBHUNATH & COMPANY**

Post Box No. 31

***MAIN ROAD, ROURKELA-1***

Distributors For D & H Secheron Electrodes manufactured by M/s. D & H Secheron Electrodes Private Limited. Indore (M. P.) in technical collaboration with S. A. des Ateliers de Secheron, Geneva, Switzerland : and Decabinol Degreasing Compound (Solvent Base Multipurpose Cleaner)

Digitized by srujanika@gmail.com

**DEDICATED TO THE SERVICE**

**OF**

**THE MOTHER LAND**

**IN**

**EARNING MUCH-NEEDED FOREIGN EXCHANGE**

# The Orissa Commercial Transport Corporation Limited,

***PIONEERS***

***IN***

## Heavy Transportation of Exportable Iron Ore To Paradeep Port

Digitized by srujanika@gmail.com

# ଭାରତର ଭାଗ୍ୟରବ

**ଭାରତର ଆଧ୍ୟାତ୍ମିକ ଜାଗରଣ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର ଏକ ଓଜସ୍ୱିନୀ ଲେଖାଏ ଓ ଦେଶର ନବଯୁବମାନଙ୍କୁ ଏକ ଆହ୍ୱାନ ।**



## ଶ୍ରୀ ଅରବିନ୍ଦ

ଆମ ଆଗରେ ଯେଉଁ କାମ ଅଛି, ତାହା ଏକ ଯନ୍ତ୍ରଚାଳିତ ଢଙ୍ଗରେ ହେବାର ନୁହେଁ । ଏହା ନୈତିକ ଓ ଆଧ୍ୟାତ୍ମିକ । ଏ ସରକାର ଯାଇ ସେ ସରକାର ଆସିବା ଆମର ଲକ୍ଷ୍ୟ ନୁହେଁ । ଆମର ଲକ୍ଷ୍ୟ, ଏ ଜାତିର ନବନିର୍ମାଣ । ଏହି କାର୍ଯ୍ୟର ରାଜନୀତି ଏକ ଅଙ୍ଗ ହୋଇପାରେ, କିନ୍ତୁ ଏକ ଅଙ୍ଗ ମାତ୍ର । କେବଳ ରାଜନୀତି, କିମ୍ବା କେବଳ ସାମାଜିକ ସମସ୍ୟା, ଧାର୍ମିକ ବା ଦାର୍ଶନିକ ପ୍ରଶ୍ନ, ସାହିତ୍ୟ ବା ବିଜ୍ଞାନ ଆମର ଧ୍ୟେୟ ହୋଇ ନ ପାରେ । ଏ ସବୁର ଏକତ୍ରରେ ଯେଉଁ ଜାତୀୟ କର୍ତ୍ତବ୍ୟ-ବୋଧର ଜାଗରଣ ଆବଶ୍ୟକ, ତାହାହିଁ ହେଉଛି ଆମର ଧର୍ମ ଏବଂ ଏ ଧର୍ମ ବିଶ୍ୱଜନୀନ ।

## ଯୋଗ, ଆଧ୍ୟାତ୍ମିକ ବିପ୍ଳବ

ଜୀବନର ଏକ ଶକ୍ତିଶାଳୀ ନିୟମ, ମାନବ ଜାତିର ଏକ ପରିବର୍ତ୍ତନର ଧାରା ଅଛି, ଯାହାକି ଆଧ୍ୟାତ୍ମିକଜ୍ଞାନ ଓ ଅଭିଜ୍ଞତା ଦ୍ୱାରା ଅନୁଭବ କରାଯାଇପାରେ । ଭାରତବର୍ଷ ହେଉଛି ଏହି ଜ୍ଞାନର ଆଧାର, ଅଭିଭାବକ, ପ୍ରବର୍ତ୍ତକ ଓ ପ୍ରଚାରକ । ଏହା ସେହି ଧର୍ମ ସନାତନ । ବୈଦେଶିକ ପ୍ରଭାବ ଫଳରେ ଭାରତ ସେହି ଧର୍ମର ବାହ୍ୟ ଆକାର ପ୍ରକାର ହରାଇ ନ ଥିଲେ ମଧ୍ୟ ଏହାର ବାସ୍ତବ ମର୍ଯ୍ୟାଦା ହରାଇ ବସିଚି । କାରଣ ଭାରତର ଧର୍ମ କେବଳ ଆଚରଣ ଦ୍ୱାରା ଅନୁଭବ କରାଯାଏ । ସମଗ୍ର ଜୀବନ ପାଇଁ ଏହା ଉଦ୍ଦିଷ୍ଟ; ଆମର ସମାଜ, ସାହିତ୍ୟ, ବିଜ୍ଞାନ, ରାଜନୀତି, ବ୍ୟକ୍ତିଗତ ଚରିତ୍ର, ଆକାଙ୍କ୍ଷା ଓ ଅଭୀପ୍ସା ଏହା ଦ୍ୱାରା ପରିଚାଳିତ ହେବା ଆବଶ୍ୟକ । ଏହି ଧର୍ମର ପ୍ରକୃତ ମହତ୍ତ୍ୱ ବୁଝିବାକୁ ହେଲେ, ଏହି ସତ୍ୟକୁ ଅନୁଭବ କରିବାକୁ ହେଲେ, ଯେଉଁ ଉଚ୍ଚ ଭାବଧାରା ଏହା ସୃଷ୍ଟି କରେ, ତାହା ହୃଦୟଙ୍ଗମ କରିବାକୁ ହେଲେ ଓ ଜୀବନରେ ଏହାକୁ ପ୍ରକୃତ କାର୍ଯ୍ୟକାରୀ କରିବାକୁ ହେଲେ କର୍ମଯୋଗର ସାଧନା ଆବଶ୍ୟକ । ମାନବ ଜୀବନର ଆଦର୍ଶ ଯେ ଯୋଗ, ତାହା ପ୍ରତିଷ୍ଠ[illegible] କରିବା ପାଇଁ ଭାରତ ଜାଗ୍ରତ ହୋଇଚି

Digitized by srujanika@gmail.com

ଏହି ଯୋଗର ସାହାଯ୍ୟରେ ସେ ନିଜର ସ୍ୱାଧୀନତା, ଏକତା ଓ ମହତ୍ତ୍ୱ ବଜାୟ ରଖିବା ପାଇଁ ଶକ୍ତି ସଂଗ୍ରହ କରି ପାରିବ । ଏହି ଆଧ୍ୟାତ୍ମିକ ବିପ୍ଳବକୁ ମୁଁ ଦୂରରୁ ଦେଖି ପାରୁଛି । ଭୌତିକ ବିଦ୍ରୋହ ତାର ଗୁପ୍ତା, ପ୍ରତିବିମ୍ବ ମାତ୍ର ।

## ପାଶ୍ଚାତ୍ୟର ଅନୁକରଣ

ୟୁରୋପୀୟ ତାର ଜୀବନରେ ଯନ୍ତ୍ରକୁହିଁ ମୁଖ୍ୟସ୍ଥାନ ଦେଇଥାଏ । ସେ ନୂଆ ସାମାଜିକ ଯୋଜନା ଓ ଶାସନ ପ୍ରଣାଳୀ ସୃଷ୍ଟି କରି ମାନବଜାତିର ପୁନରୁଦ୍ଧାର କରିବାକୁ ଚାହେଁ । ପାର୍ଲିମେଣ୍ଟରେ ଏକ ଆଇନ କରିଦେଇ ସେ ଐଶ୍ୱର୍ଯ୍ୟର ଯୁଗ ଆସିଗଲା ବୋଲି ବିଶ୍ୱାସ କରେ । ଯନ୍ତ୍ରର ଯଥେଷ୍ଟ ଆବଶ୍ୟକତା ଅଛି । କିନ୍ତୁ ଅନ୍ତର୍ନିହିତ ଆଧ୍ୟାତ୍ମିକ ଶକ୍ତିର ନିର୍ଦ୍ଦେଶ ଓ ନିୟନ୍ତ୍ରଣ ପାଇଁ ଏହା ହୋଇଛି । ଊନବିଂଶ ଶତାବ୍ଦୀର ଭାରତରେ ରାଜନୈତିକ ଶକ୍ତି, ସମାଜ ସଂସ୍କାର, ଧାର୍ମିକ ବିପ୍ଳବ ଓ ଜାଗରଣ ପାଇଁ ଉଦ୍ୟମ ହେଲା । କିନ୍ତୁ ଏହା ସଫଳ ହୋଇ ପାରିଲା ନାହିଁ; କାରଣ ପାଶ୍ଚାତ୍ୟ ଭାବଧାରା ଓ କାର୍ଯ୍ୟ ପ୍ରଣାଳୀକୁ ଅନୁକରଣ କରାଗଲା, ଆମ ଜାତିର ଐତିହ୍ୟ ଓ ଭବିତବ୍ୟକୁ ଆମେ ଭୁଲିଯାଇ ଭାବିଲୁ ଯେ, ୟୁରୋପୀୟ ଯାନ୍ତ୍ରିକତା ଓ ସଂଗଠନ ସାହାଯ୍ୟରେ ଆମେ ୟୁରୋପୀୟ ଐଶ୍ୱର୍ଯ୍ୟ, ପ୍ରତିଭା ଓ କର୍ମ ପ୍ରବଣତା ସୃଷ୍ଟି କରି ପାରିବୁ । ବିଂଶ ଶତାବ୍ଦୀରେ ଆମେ ଏହି ଅଭିଜ୍ଞତାରୁ ଶିକ୍ଷା ଲାଭ କରିବା ଉଚିତ ହେବ । ଆମେ ପଛକୁ ଫେରିବା—ଆମର ବିରାଟ ଐତିହ୍ୟ ରହିଛି । ଆଗକୁ ଚାହିଁବା କାରଣ ଏକ ବିରାଟ ମହାନ୍ ଜାତି ହେବାପାଇଁ ଭବିତବ୍ୟର ଆହ୍ୱାନ ଆସିଛି ।

କିନ୍ତୁ ୟୁରୋପୀୟ ଆକ୍ରମଣ ପୂର୍ବରୁ ଆମେ ଯେପରି ଥିଲେ ଠିକ ସେହିପରି ରହିବା ପାଇଁ ଉଦ୍ୟମ କଲେ କିମ୍ବା ଏକ ଆଧୁନିକ ବାତାବରଣ ବା ପରିବେଶର ଦାବୀକୁ ଅବଜ୍ଞା କଲେ, ସେ ଚେଷ୍ଟା ବ୍ୟର୍ଥ ହେବ । ଯେପରି କେତେକ ବର୍ଷତଳେ ଜଣେ ଲୋକ ଯାହାଥିଲା ଠିକ୍ ସେହି ଅବସ୍ଥାକୁ ଫେରିଯାଇ ପାରିବ ନାହିଁ, ସେହିପରି ପାଶ୍ଚାତ୍ୟ ପ୍ରଭାବରେ କେତେକ ଦାଗ ଯେତେ ଅସ୍ପୃହଣୀୟ ହେଲେ ମଧ୍ୟ ଏହି ପ୍ରଭାବ ଫଳରେ ଆମର ଯେଉଁସବୁ ପରିବର୍ତ୍ତନ ଘଟିଛି ସେଥିରୁ ଆମେ ମୁକ୍ତ ହୋଇ ପାରିବା ନାହିଁ । ଅତୀତର ଜୀବନକୁ ଆମେ ଫେରି ପାଇ ପାରିବା ନାହିଁ, କିନ୍ତୁ ନିଜକୁ ନ ହରାଇ ଓ ନିଜ ମଧ୍ୟରେ ଗଭୀର ଆତ୍ମବିଶ୍ୱାସ ସୃଷ୍ଟି କରି ଆମେ ପାଶ୍ଚାତ୍ୟ ଅଭିଜ୍ଞତାର ସଦ୍‌ବ୍ୟବହାର କରି ପାରିବା । ଏହାଛଡ଼ା ଏକ ସଂକୀର୍ଣ୍ଣ ଧାରଣାର ବଶବର୍ତ୍ତୀ ହୋଇ ଆଧୁନିକ ପୃଥିବୀରେ ଆମେ ଏକୁଟିଆ ରହି ପାରିବା ନାହିଁ । ଆମକୁ ଆମର ଚାରିପାଖରେ ଥିବା ଦୁନିଆ ସଂପର୍କରେ ସଂପୂର୍ଣ୍ଣ ଜ୍ଞାନ ଅର୍ଜନ କରିବାକୁ ହେବ ।

ଆଧୁନିକ ଦୁନିଆ ଏବେ ମଧ୍ୟ ବିଶେଷ ଭାବରେ ୟୁରୋପୀୟ ଚିନ୍ତା ଓ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବଗ୍ରସ୍ତ । ପାଶ୍ଚାତ୍ୟର ଏହି ଅତ୍ୟଧିକ ପ୍ରଭାବ ଦୂରକରି ଏସିଆର ବିଶେଷତଃ

Digitized by srujanika@gmail.com

ଭାରତୀୟ ମାନସକୁ ପୁନଃ ପ୍ରତିଷ୍ଠା କରିବା ଆମର କାମ୍ୟ ହେବା ବାଞ୍ଛନୀୟ । କିନ୍ତୁ ଏହା ହେବାକୁ ହେଲେ ସମସ୍ତ ଆଧୁନିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ଓ ଭାରତୀୟ ଆଧ୍ୟାତ୍ମିକ ଆଦର୍ଶକୁ ଆଗରେ ରଖି ତାର ସମାଧାନର ସୂତ୍ର ବାହାର କରିବାକୁ ହେବ ।

## ଭାରତୀୟ ହୁଅ

ପ୍ରତ୍ୟେକ ବ୍ୟକ୍ତି ବିଶେଷତଃ ଯେଉଁ ନବଯୁବକ ଗଣ ଭାରତର କାର୍ଯ୍ୟ, ଯାହାକି ପୃଥିବୀର କାର୍ଯ୍ୟ ଓ ଈଶ୍ୱରଙ୍କର କାର୍ଯ୍ୟ କରିବାକୁ ବାହାରିଛନ୍ତି, ସେମାନଙ୍କ ଆମର ଉପଦେଶ । "ତୁମେ ତୁମର ଆଦର୍ଶକୁ ରକ୍ଷା କରି ପାରିବ ନାହିଁ, ଯଦି ୟୁରୋପୀୟ ଭାବଧାରାହିଁ ତୁମର ମନକୁ ଗ୍ରାସକରି ରହେ, କିମ୍ବା ଭୌତିକ ଦୃଷ୍ଟିକୋଣରୁ ତୁମେ ଜୀବନକୁ ଦୃଷ୍ଟି ଦିଅ । ଭୌତିକ ବିଷୟରେ ତୁମେ କିଛି ନୁହଁ । ଆଧ୍ୟାତ୍ମିକ ବିଷୟରେ ତୁମେହିଁ ସବୁ । ଜଣେ ଭାରତୀୟ କେବଳ ସବୁ ବିଶ୍ୱାସ କରିପାରେ, ସବୁକିଛି କରିବା ପାଇଁ ସାହସ କରିପାରେ ଓ ସେଥିପାଇଁ ସମସ୍ତ ତ୍ୟାଗ ସ୍ୱୀକାର କରିପାରେ । ତେଣୁ ପ୍ରଥମେ ଭାରତୀୟ ହୁଅ । ତୁମର ପୂର୍ବପୁରୁଷମାନଙ୍କର ଦାୟାଦ ହେବାପାଇଁ ଚେଷ୍ଟାକର । ଆର୍ଯ୍ୟ ଭାବନା, ଆର୍ଯ୍ୟ ଶୃଙ୍ଖଳା, ଚରିତ୍ରବଳ ଓ ଆର୍ଯ୍ୟ ଜୀବନର ପୁନରୁଦ୍ଧାର କର । ବେଦାନ୍ତ, ଗୀତା ଓ ଯୋଗର ପୁନରୁଦ୍ଧାର କର । କେବଳ ଯୁକ୍ତିତର୍କ ବା ଭାବପ୍ରବଣତାରେ ନୁହେଁ, ନିଜର ଆଚରଣରେ ତା'ର ପୁନରୁଦ୍ଧାର କର । ତା'ହେଲେ ତୁମେ ବଳବୀର୍ଯ୍ୟଶାଳୀ, ଅଜେୟ ଓ ନିର୍ଭୀକ ହୋଇ ପାରିବ । ଜୀବନ କିମ୍ବା ମୃତ୍ୟୁ ତୁମକୁ ଭୟଭୀତ କରିପାରିବ ନାହିଁ । 'କଷ୍ଟକର' ବା 'ଅସମ୍ଭବ' ଏ ଶବ୍ଦ ତୁମର ଅଭିଧାନରୁ ଉଠିଯିବ । କେବଳ ଆଧ୍ୟାତ୍ମିକତାରେ ହିଁ ଚିରନ୍ତନ ଶକ୍ତି ନିହିତ ଓ ତୁମେ ତୁମର ବହିର୍ଦ୍ଦେଶର ସେହି ସାମ୍ରାଜ୍ୟକୁ ଫେରାଇ ଆଣ । ସେଠାରେ ତୁମର ମାତା ତୁମର ପୂଜାର ଅପେକ୍ଷାରେ । ସେ ତୁମକୁ ଶକ୍ତିଶାଳୀ କରିବାକୁ ଚାହେଁ । ତାହାପ୍ରତି ବିଶ୍ୱାସ ରଖ, ତାହାର ସେବାକର, ତୁମର ନିଜର ଅହଂକାର ବା ଅଭିମାନ ଦେଶର ବୃହତ୍ତର ଦେଶାଭିମାନରେ ମିଶାଇ ଦିଅ । ତୁମର ପୃଥକ୍ ସ୍ୱାର୍ଥକୁ ମାନବିକତାର ସେବାରେ ନିୟୋଜିତ କର । ତୁମ ନିଜଭିତରେ ଯେ, ସବୁ ଶକ୍ତିର ଉତ୍ସ ଅଛି, ତାହାର ସନ୍ଧାନ କରି ପାରିଲେ ସାମାଜିକ ସୌହାର୍ଦ୍ଦ୍ୟ, ବୌଦ୍ଧିକ ପ୍ରାଧାନ୍ୟ, ରାଜନୈତିକ ସ୍ୱାଧୀନତା, ମାନବିକ ଚିନ୍ତାରାଜ୍ୟର ପ୍ରଭୁତ୍ୱ ଓ ସାରା ପୃଥିବୀର ଅଧିକାର ହିଁ ତୁମର ହେବ ।

## ଭାରତର ଜାଗରଣର ଯୁଗ

ଏହା ହେଉଛି ବିଶ୍ୱରେ ଭାରତର ଜାଗରଣର ଯୁଗ । ଭାରତ ଆଗରେ ତାହା ପ୍ରଥମ ଓ ସର୍ବପ୍ରଧାନ କାର୍ଯ୍ୟ ହେଲ—ସମସ୍ତ ଗୌରବ, ଗମ୍ଭୀରତା ଓ ପୂର୍ଣ୍ଣତା ସହ ପ୍ରାଚୀନ ଆଧ୍ୟାତ୍ମିକ ଜ୍ଞାନ ଓ ଅନୁଭୂତିର ପୁନରୁଦ୍ଧାର । ଦର୍ଶନ, ସାହିତ୍ୟ, କଳା, ବିଜ୍ଞାନ ଆଦି ସମସ୍ତ କ୍ଷେତ୍ରରେ ଏହି ଆଧ୍ୟାତ୍ମିକତାକୁ ଭିତ୍ତିକରି ନୂଆ ନୂଆ ଆଧାରର ସୃଷ୍ଟି ହେଉଛି ଏଥିର ଦ୍ୱିତୀୟ କାର୍ଯ୍ୟକ୍ରମ । ତୃତୀୟ ଏବଂ ସବୁଠାରୁ

ଜନ୍ମକର କାର୍ଯ୍ୟହେଲ, ଏହି ଭାରତୀୟ ଦୃଷ୍ଟି-କୋଣରୁ ଆଧୁନିକ ସମସ୍ୟାବଳୀର ସମ୍ପୂର୍ଣ୍ଣ ମୌଳିକ ସମାଧାନ ଓ ଏକ ନୂତନ, ସୁଷମ ଓ ଆଧ୍ୟାତ୍ମିକ ସମାଜର ରଚନା । ମାନବ ସମାଜର ଭବିଷ୍ୟତପାଇଁ ଭାରତର ସାହାଯ୍ୟ କ'ଣ ହେବ, ତାହା ଏହି ତିନୋଟି କାର୍ଯ୍ୟକ୍ରମର ସଫଳତା ଉପରେ ବିଶେଷଭାବରେ ନିର୍ଭର କରୁଛି ।

ଭାରତର ଭାଗ୍ୟରବି ଉଦିତ ହେବେ । ତାଙ୍କର କିରଣମାଳାରେ ସମଗ୍ର ଦେଶ ଆଲୋକିତ ହେବ । ଏହି ଆଲୋକର ବନ୍ୟା ଏସିଆର ଦେଶେ ଦେଶେ ପ୍ରବାହିତ ହୋଇ ସମଗ୍ର ପୃଥିବୀକୁ ପ୍ଲାବିତ କରିବ । ଈଶ୍ୱରଙ୍କର ଏହାହିଁ ଇଚ୍ଛା ଓ ନିର୍ଦ୍ଦେଶ ଏବଂ ପ୍ରତ୍ୟେକ ଘଣ୍ଟା ଓ ପ୍ରତ୍ୟେକ ମୁହୂର୍ତ୍ତ ସେହି ଉଜ୍ଜ୍ୱଳ ଦିନକୁ ନିକଟରୁ ନିକଟତର କରୁଛି ।

ଭାରତର କାର୍ଯ୍ୟ ହେଉଛି ପୃଥିବୀକୁ ଆଲୋକର ଏକ ଚିରନ୍ତନ ଉତ୍ସ ଯୋଗାଇବା ଯେତେବେଳେ ପ୍ରଥମ ଉତ୍ସାହ ଓ ଉଦ୍ଦୀପନାର ସ୍ରୋତ ଶୁଖିଯାଉଛି ଓ ପୃଥିବୀ ଜୀର୍ଣ୍ଣ ଓ କ୍ଳାନ୍ତ, ଶ୍ରାନ୍ତ ହୋଇ ପଡ଼ୁଛି ଚାରିଆଡ଼େ ଭୌତିକତାର ବାତାବରଣ ଓ ଏପରି ସବୁ ସମସ୍ୟା ଦେଖା-ଦେଉଛି ଯାହାର ସମାଧାନ ହୋଇ ପାରୁନାହିଁ, ସେତେବେଳେ ଭାରତର କର୍ତ୍ତବ୍ୟ ହେଉଛି, ପୁଣି ପୃଥିବୀକୁ ଯୌବନଶ୍ରୀରେ ମଣ୍ଡିତ କରିବା ଓ ମାନବ ସମାଜକୁ ଅମୃତତ୍ୱର ନିଶ୍ଚିତ ସନ୍ଧାନ ଦେବା । ଏବେ ଏପରି ସମୟ ଆସିଗଲାଣି ।

---

With the best Compliments of :

**ORISSA CEMENT LIMITED**

**(A DALMIA ENTERPRISE)**

Manufacturers of :

**CEMENT R. C. C. SPUN PIPES PRESTRESSED CONCRETE POLES REFRACTORIES**

WORKS & REGD. OFFICE :
Rajgangpur,
Dist. Sundargarh
ORISSA.

HEAD OFFICE :
4, Scindia House
Post Box 364
NEW DELHI-1.

Digitized by srujanika@gmail.com

ୟୁହୁଦୀମାନଙ୍କ ବିଜୟର
ସର୍ବଶ୍ରେଷ୍ଠ ସ୍ମାରକ

# ଜେରୁଜେଲମ୍‌ର ରୋଦନ ପ୍ରାଚୀର

ପୁରୁଣା ଜେରୁଜେଲମରେ ଏକ ଭଗ୍ନାବଶେଷ ଅଛି—ଯାହା ସହିତ ଅଢ଼େଇ ହଜାର ବର୍ଷର ୟୁହୁଦୀମାନଙ୍କ ଧର୍ମ ଓ ଧାରଣା ଜଡ଼ିତ । ତାର ନାମ ହେଉଛି ପଶ୍ଚିମ ପ୍ରାଚୀର, ଯାହାକୁ କି ଖ୍ରୀଷ୍ଟାନ ଓ ମୁସଲମାନମାନେ ରୋଦନ ପ୍ରାଚୀର ବୋଲି କହନ୍ତି ।

ଏହାକୁ ରୋଦନ ପ୍ରାଚୀର ବୋଲି ଡାକିବାର କାରଣ, ଯଦି କୌଣସି ୟୁହୁଦୀ ଏହି ପ୍ରାଚୀର ପାଖରେ ଆସି ପହଞ୍ଚିଯାଏ, ତା ହେଲେ ସେ ପ୍ରାଚୀରର ପଥରକୁ ଧରି କାନ୍ଦିବାରେ ଲାଗେ । ଏପରିକି ଗତ ଆରବ-ୟୁହୁଦୀ ଯୁଦ୍ଧରେ ଯେତେବେଳେ ୟୁହୁଦୀ ସୈନ୍ୟମାନେ ପୁରୁଣା ଜେରୁଜେଲମ ଦଖଲ କରିଗଲେ, ସେତେବେଳେ ଏହି ପ୍ରାଚୀର ପାଖରେ ପହଞ୍ଚିବା କ୍ଷଣି ସେମାନେ ଯେ ଏକ ଯୁଦ୍ଧରତ ଶକ୍ତ ହୃଦୟର ସୈନିକ ତାହା ଭୁଲିଗଲେ । ଅତୀତର ଧର୍ମ, ଧାରଣା ଓ ବିଶ୍ୱାସ ତାଙ୍କୁ ଅଭିଭୂତ କରି ପକାଇଲା । ସେମାନେ ପ୍ରାଚୀରର ପଥରକୁ ଧରି କାନ୍ଦିବାରେ ଲାଗିଲେ ।

କ'ଣ ଏହି ଧାର୍ମିକ ଧାରଣା ଓ ବିଶ୍ୱାସ, ଯେଉଁଥିପାଇଁ ୟୁହୁଦୀମାନେ ଏହି ପ୍ରାଚୀର ପାଖରେ ଆସି ରୋଦନ କରନ୍ତି ? ପ୍ରକୃତରେ ଏହି ପ୍ରାଚୀର ହେଉଛି ୟୁହୁଦୀମାନଙ୍କର ଅତି ପ୍ରାଚୀନ, ପ୍ରସିଦ୍ଧ ଧର୍ମ ମନ୍ଦିରର ଭଗ୍ନାବଶେଷ । ଏହି ମନ୍ଦିରର ଚାରିଗୋଟି କାନ୍ଥ ମଧ୍ୟରୁ ଏହା ହେଉଛି ଗୋଟିଏ । ଏହାର ଲମ୍ବ ୧୫୭ ଫୁଟ ଓ ଉଚ୍ଚତା ୫୯ ଫୁଟ । ଧାଡ଼ି ଧାଡ଼ି ହୋଇ ୨୪ ଧାଡ଼ି ପଥରରେ ଏହା ଗଢ଼ା ହୋଇଛି । ଏହାର ତଳେ ନିଅଁ ଅଛି ୧୯ ଧାଡ଼ି ପଥର । ଏହି ସବୁ ପଥର କୌଣସିଥିରେ ଯୋଡ଼ା ହୋଇନାହିଁ । କିମ୍ବଦନ୍ତୀ ଅଛି ଯେ ଛ ଜଣ ସ୍ୱର୍ଗୀୟ ଦୂତ ୟୁହୁଦୀମାନଙ୍କ ମନ୍ଦିର ଭାଙ୍ଗି ଯିବା ବେଳେ ଏହି ପ୍ରାଚୀର ଉପରେ ବସି ରୋଦନ କରିଥିଲେ ଓ ସେମାନଙ୍କ ଲୁହ ପଥରକୁ ପଥର ଭେଦ କରି ସିମେଣ୍ଟଠାରୁ ଅଧିକ ଶକ୍ତ ଯୋଡ଼ାଇ ରୂପେ କାର୍ଯ୍ୟକଲା ।

## ଦେବତାଙ୍କର ଆତ୍ମା

ପୁରୁଣା ବାଇବଲ୍ ଅନୁଯାୟୀ ରାଜା ସଲୋମନ (ଯାହାଙ୍କୁ କି ନ୍ୟାୟ ବିଚାର ନିମନ୍ତେ ବିକ୍ରମାଦିତ୍ୟଙ୍କ ସହିତ ତୁଳନା କରାଯାଏ)

* ଜେରୁଜେଲମର ଭବିଷ୍ୟତ ବର୍ତ୍ତମାନ ଏକ ପ୍ରଧାନ ଆନ୍ତର୍ଜାତିକ ସମସ୍ୟା

Digitized by srujanika@gmail.com

ୟୁହୁଦୀମାନଙ୍କର ଏହି ପ୍ରସିଦ୍ଧ ଧର୍ମ ମନ୍ଦିର ନିର୍ମାଣ କରିଥିଲେ । ନିର୍ମାଣ ଆରମ୍ଭ ହେବା ପୂର୍ବରୁ ସେ ସମଗ୍ର ଜାତିକୁ ଏକତ୍ର କରି କାହା ଭାଗରେ କେଉଁ ଅଂଶଟି ଗଢ଼ିବାର ଦାୟିତ୍ୱ ପଡ଼ିବ, ସେଥିପାଇଁ ଗୁଳା ପକାଇଲେ । ମନ୍ଦିରର ପଶ୍ଚିମ ପଟ ବା ପଶ୍ଚିମ ପ୍ରାଚୀର ଗଢ଼ିବାର ଦାୟିତ୍ୱ ପଡ଼ିଲା ଦରିଦ୍ର ଶ୍ରମିକ ଶ୍ରେଣୀ ଉପରେ । ଏହି ଗରିବ ଶ୍ରେଣୀର ଲୋକ ନିଜେ ଖଟି ତାଙ୍କର ଅଂଶଟି ଗଢ଼ି ଦେଲେ । କିନ୍ତୁ ଧନିକ ଶ୍ରେଣୀର ଲୋକେ ମଜୁରିଆଙ୍କୁ ଲଗାଇ ତାଙ୍କ



ବେଦନ ପ୍ରାଚୀର ପାଖରେ ବେଦନରତ ୟୁହୁଦୀ ସୈନ୍ୟଗଣ

Digitized by srujanika@gmail.com

ଭାଗରେ ପଡ଼ିଥିବା ମନ୍ଦିରର ଅନ୍ୟ ଅଂଶଗୁଡ଼ିକ ତୋଳାଇଲେ । ଯେତେବେଳେ ମନ୍ଦିର ତୋଳା ସରିଗଲା, ସେତେବେଳେ ଶେକିନା (ଦେବତା ବା ଦୈବ ଶକ୍ତି) ମନ୍ଦିରର ପଶ୍ଚିମ ପ୍ରାଚୀରକୁ ଓହ୍ଲାଇ ଆସି ସେଠାରେ ସ୍ଥାପିତ ହୋଇ କହିଲେ, "ମୋ ଆଖିରେ ଗରିବ ଲୋକଙ୍କର ପରିଶ୍ରମ ସବୁଠାରୁ ମୂଲ୍ୟବାନ ଓ ସେଥିପାଇଁ ମୋର ଆଶୀର୍ବାଦ ଏହି ସ୍ଥାନରେ ରହିବ ।" ଆକାଶରୁ ଏହି ସମୟରେ ଦୈବବାଣୀ ଶୁଣାଗଲା ଯେ ପଶ୍ଚିମ ପ୍ରାଚୀରରେ ସବୁବେଳେ ଦେବତାଙ୍କର ଆତ୍ମା ରହିଥିବ ।

## କପୋତର କ୍ରନ୍ଦନ

ଖ୍ରୀଷ୍ଟପୂର୍ବ ୫୭ ସାଲରେ ସଲୋମାନଙ୍କ ନିର୍ମିତ ମନ୍ଦିର ଧ୍ୱସ୍ତ ହୋଇଗଲା । କିଛିକାଳ ପରେ ଦ୍ୱିତୀୟଥର ଏହି ମନ୍ଦିର ନିର୍ମିତ ହେଲା । ପୂର୍ବପରି ସମଗ୍ର ଜାତି ଏକଜୁଟ ହେଲେ । କାହା ଭାଗରେ କ'ଣ ନିର୍ମାଣ ଦାୟିତ୍ୱ ରହିବ, ସେଥିପାଇଁ ଗୁଳା ପକାଗଲା । ଗରିବ ଲୋକମାନଙ୍କ ଉପରେ ପଶ୍ଚିମ ପ୍ରାଚୀରର ଦାୟିତ୍ୱ ପଡ଼ିଲା ଏବଂ ସେମାନେ ତାହା ଗଢ଼ିଦେଲେ । ଯେତେବେଳେ ରୋମାନମାନେ ଜେରୁଜେଲମ ଆକ୍ରମଣ କଲେ, ସେମାନେ ଏହି ମନ୍ଦିରକୁ ଭାଙ୍ଗିଦେବା ପାଇଁ ଉଦ୍ୟମ କଲେ । ମନ୍ଦିରର ତିନୋଟିଯାକ ପ୍ରାଚୀର ଭାଙ୍ଗିସାରି ଯେତେବେଳେ ପଶ୍ଚିମ ପ୍ରାଚୀରକୁ ଭାଙ୍ଗିବା ପାଇଁ ଆସିଲେ, ସ୍ୱର୍ଗ ଦୂତମାନେ ସେମାନଙ୍କର ପକ୍ଷ ବିସ୍ତାର କରି ଏହାକୁ ରକ୍ଷା କରିବାରେ ଲାଗିଲେ । ସେମାନେ କହିଲେ, "ଗରିବ ଲୋକମାନଙ୍କ ଶ୍ରମରେ ନିର୍ମିତ ଏହି ପ୍ରାଚୀରକୁ କେହି ଧ୍ୱଂସ କରି ପାରିବ ନାହିଁ । ଯେଉଁ ରୋମାନ ସେନାପତି ଏହାକୁ ଧ୍ୱଂସ କରିବାକୁ ଆସିଥିଲେ, ତତ୍‌କ୍ଷଣାତ ସେହି ସ୍ଥାନରେ ତାଙ୍କର ମୃତ୍ୟୁ ହେଲା । ତାଙ୍କ ପରେ ଅନ୍ୟ ଜଣେ ସେନାପତି ଆସିଲେ, ତାଙ୍କର ହାତ ଛିଡ଼ି ପଡ଼ିଲା । ଶେଷରେ ସେମାନଙ୍କର ପ୍ରଧାନ ସେନାପତି ଟାଇଟସ୍ (ପରେ ଯେ ରୋମାନ ସମ୍ରାଟ ହେଲେ) ଆସିଲେ । କିନ୍ତୁ ଦୈବବାଣୀ ହେଲା, "ହେ ଖଳଲୋକର ଦୁଷ୍ଟବୁଦ୍ଧି ପୁତ୍ର, ତୁ ଏ ସ୍ଥାନ ଛାଡ଼ି ଚାଲିଯାଅ, ତୋତେ ସବୁ ଭାଙ୍ଗିବାର ଅଧିକାର ଦିଆଗଲା । କିନ୍ତୁ ଏତକ ତୁ ଭାଙ୍ଗି ପାରିବୁ ନାହିଁ ।" ଟାଇଟସ ଏକଥା କିଛି ନ ଶୁଣି ମନ୍ଦିରକୁ ଭାଙ୍ଗିବା ପାଇଁ ହାତରେ ଥିବା ହାତୁଡ଼ିକୁ ଉଠାଇଛନ୍ତି, ତାଙ୍କର ଡାହାଣ ହାତ ଛିଡ଼ିଗଲା ।

ଠିକ୍ ଏହି ମୁହୂର୍ତ୍ତରେ ଛ ଜଣ ସ୍ୱର୍ଗଦୂତ ସ୍ୱର୍ଗରୁ ଓହ୍ଲାଇ ଆସି ଏହି ପ୍ରାଚୀର ଉପରେ ବସି କ୍ରନ୍ଦନ କଲେ । ତାଙ୍କର ଲୋତକ ପଥର ଭିତରକୁ ଭେଦ କରି ସମସ୍ତ ପ୍ରାଚୀରକୁ ଅଧିକ ଦୃଢ଼ କରିବାରେ ସାହାଯ୍ୟ କଲା ।

କଥିତ ଅଛି ଯେ, ତିସା ବ'ଏଭ ଦିବସର ରାତିରେ ୟୁହୁଦୀମାନେ ପଶ୍ଚିମ ପ୍ରାଚୀର ନିକଟରେ ଉପସ୍ଥିତ ହୋଇ ଯେତେବେଳେ ସେମାନଙ୍କର ମନ୍ଦିର ଧ୍ୱସ୍ତ ବିଧ୍ୱସ୍ତ ହୋଇଥିବାର ଦେଖି କାନ୍ଦିବାକୁ ଲାଗନ୍ତି, ସେମାନଙ୍କର କ୍ରନ୍ଦନ ଧ୍ୱନି ସ୍ୱର୍ଗପୁରକୁ ଶୁଣାଯାଏ ଓ ନିଶାର୍ଦ୍ଧରେ ଏକ ଧବଳ ରଙ୍ଗର କପୋତ ଏହି ପ୍ରାଚୀର ଉପରେ ଉଡ଼ି ଆସି ବସେ ଓ ସେମାନଙ୍କ କ୍ରନ୍ଦନରେ ଯୋଗଦିଏ ।

Digitized by srujanika@gmail.com

ଶହ ଶହ ବର୍ଷ ଧରି ୟୁହୁଦୀମାନଙ୍କର ଏହି ଧାର୍ମିକ ଭଗ୍ନାବଶେଷ ପୋତି ହୋଇ ପଡ଼ିଥିଲା । ୧୫୬୦ ଖ୍ରୀଷ୍ଟାବ୍ଦରେ ସୁଲତାନ ସେଲିମ ଯେତେବେଳେ ଜେରୁଜେଲମ ଆସିଥିଲେ । ସେ ଦେଖିଲେ ଯେ, ତାଙ୍କ ପ୍ରାସାଦ ନିକଟରେ ଜଣେ ସ୍ତ୍ରୀ ଲୋକ ଦୂରରୁ ଆସି ଅଳିଆଗଦା ପକାଉଛି । ସେ ସ୍ତ୍ରୀ ଲୋକଟିକୁ ଡାକି ଏହାର କାରଣ ପଚାରିଲେ । ସ୍ତ୍ରୀ ଲୋକଟି ଉତ୍ତର ଦେଲା, ସେ ଜଣେ ଖ୍ରୀଷ୍ଟାନ୍ ଧର୍ମାବଲମ୍ବୀ । ପାଦ୍ରୀମାନେ ଖ୍ରୀଷ୍ଟାନ୍‌ମାନଙ୍କୁ କହିଛନ୍ତି ଯେ, ସେମାନେ ଅଳିଆଗଦା ଏ ସ୍ଥାନରେ ପକାଇବେ । କାରଣ ଏଠାରେ ୟୁହୁଦୀମାନଙ୍କର ପ୍ରଧାନ ଧର୍ମ ମନ୍ଦିର ଥିଲା । ଏହା ପୋତି ହୋଇଗଲେ ସେମାନେ ଏହାକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯିବେ । ସୁଲତାନ ପରୀକ୍ଷା କରି ଦେଖିଲେ ଯେ, ସେ ଯାହା କହୁଛି ସତ୍ୟ । ସଙ୍ଗେ ସଙ୍ଗେ ସେ ବହୁ ପରିମାଣରେ ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ଆଣି ସେହି ଅଳିଆ ପାହାଡ଼ ଭିତରେ ପୋତାଇ ଦେଲେ ଓ ନାଗରା ଦେଇ ଘୋଷଣା କଲେ ଯେ, ଗରିବ ଲୋକେ ଏହାକୁ ଖୋଳିଲେ ବହୁ ଧନ ରତ୍ନ ପାଇବେ ଓ ସେମାନେ ଯାହା ପାଇବେ ତାହା ସେମାନଙ୍କର । ୧୦ ହଜାର ଲୋକ ଲାଗି ଏହାକୁ ଖୋଳିଲେ । ମାସକ ଭିତରେ ଅଳିଆର ପାହାଡ଼ ଉଠିଗଲା । ତାହା ସ୍ଥାନରେ ଠିଆ ହେଲା ପୁରୁଣା ମନ୍ଦିରର ପ୍ରାଚୀର । ସୁଲତାନ ସେଲିମ ୟୁହୁଦୀମାନଙ୍କୁ ଡକାଇ କହିଲେ, ସେମାନେ ଯଦି ଇଚ୍ଛା କରନ୍ତି, ତା ହେଲେ ପୁଣି ମନ୍ଦିରକୁ ତୋଳି ଦେବାରେ ସେ ସାହାଯ୍ୟ କରିବେ । ୟୁହୁଦୀମାନେ ବେଦନ କରି ଉତ୍ତର ଦେଲେ, "ଈଶ୍ୱର ଯଥା ସମୟରେ ଏହାର ବ୍ୟବସ୍ଥା କରିବେ । ବର୍ତ୍ତମାନ ସେ ସମୟ ଆସି ନାହିଁ ।"

ଗତ ଆରବ-ଇସ୍ରାଏଲ୍ ଯୁଦ୍ଧରେ ୟୁହୁଦୀମାନେ ହଜାର ହଜାର ବର୍ଗ ମାଇଲ ଅଞ୍ଚଳ ଅଧିକାର କରିଛନ୍ତି—କିନ୍ତୁ ପୁରୁଣା ଜେରୁଜେଲମ୍, ଯେଉଁଠାରେ ଏହି ପ୍ରାଚୀର ଅବସ୍ଥିତ ତାହା ହେଉଛି ସେମାନଙ୍କ ପକ୍ଷରେ ସବୁଠାରୁ ମୂଲ୍ୟବାନ ବିଜୟ ।

---

('ନ୍ୟୁଜ୍ ଫ୍ରମ୍ ଇସ୍ରାଏଲ' ପତ୍ରିକାର ଜୁଲାଇ ପହିଲା ସଂଖ୍ୟାରୁ ସଂଗୃହୀତ ଓ ସମ୍ପାଦିତ

Digitized by srujanika@gmail.com

## ଭାରତରେ ବିପ୍ଳବ ଓ ବୋମା-ଯୁଗର ଆବାହନ

—ରାମଚନ୍ଦ୍ର ରଥ, ବି. କମ୍

ବିପ୍ଳବୀମାନେ ଭାରତରେ ବୋମା ତିଆରି କରିବା ପାଇଁ ବହୁ ପରୀକ୍ଷା କରି ସଫଳ ହେଲେ । ଉଲ୍ଲାସକରଙ୍କର ସୂଚନା ଅନୁଯାୟୀ ୧୯୦୮ ମସିହାରେ ପ୍ରଥମ ବୋମାର ପରୀକ୍ଷା ହେଲା ଦେଓଘର (ବିହାର) ଦଧିଶିଆ ପାହାଡ଼ରେ । ଯେଉଁ ଯୁବକଙ୍କ ଉପରେ ଏହି ବୋମା ଫୋପାଡ଼ ପରୀକ୍ଷା କରିବାର ଦାୟିତ୍ୱ ଦିଆଯାଇଥିଲା, ସେ ସାମାନ୍ୟ ଅସାବଧାନତା ଯୋଗୁଁ ପ୍ରାଣ ହରାଇଲେ । କିନ୍ତୁ ଏ ବୋମା ଫୁଟିବା ଯୋଗୁଁ ଏପରି ଶବ୍ଦ ହେଲା ଯେ, ତାହା ଏ ପାହାଡ଼ରୁ ସେ ପାହାଡ଼କୁ ଓ ଚାରିପାଖରେ ଥିବା ଗ୍ରାମକୁ ଶୁଣାଗଲା । ଯେଉଁ ବିପ୍ଳବୀ ଦଳ ଏହି ପରୀକ୍ଷା କରୁଥିଲେ, ସେମାନେ ଆନନ୍ଦରେ ନାଚି ଉଠିଲେ – ଆଉ ଅତ୍ୟାଚାରିତ ଭାରତବାସୀ ଅସହାୟ ନୁହନ୍ତି । ସେମାନଙ୍କ ହାତକୁ ଏକ ନୂଆ ଅସ୍ତ୍ର ଆସିଗଲା ।

ଏହି ବୋମାର ପ୍ରୟୋଗ ପାଇଁ ମଧ୍ୟ ବେଶିଦିନ ଲାଗିଲା ନାହିଁ । ୧୯୦୮ ଅପ୍ରେଲ ୩୦ ତାରିଖ ଦିନ ଦୁଇଜଣ ୟୁରୋପୀୟଙ୍କୁ ନେଇ ଯାଉଥିବା ଏକ ଘୋଡ଼ାଗାଡ଼ି ସନ୍ତ୍ରାସବାଦୀଙ୍କ ବୋମାମାଡ଼ରେ ଚୂରମାର ହୋଇଗଲା ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ବୋମା ଓ ସନ୍ତ୍ରାସବାଦର ଯୁଗ ଆରମ୍ଭ ହୋଇଗଲା । ଏହା ଥିଲା ବନ୍ଦେ ମାତରଂ ଆନ୍ଦୋଳନ ଓ ଅରବିନ୍ଦଙ୍କର ସମୟ । ମହାତ୍ମା ଗାନ୍ଧୀଙ୍କର ଅହିଂସା ଅସହଯୋଗ ଆନ୍ଦୋଳନର ଜନ୍ମ ହେବାକୁ ଆଉ ବହୁଦିନ ବାକି ଥିଲା ।

## ଶହୀଦ ଖୁଦୀରାମ ବୋଷ

### ଜଜ୍ କିଙ୍ଗସ୍ ଫୋର୍ଡ଼

ବନ୍ଦେ ମାତରଂ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଦେବା ପାଇଁ ଭାରତରେ ବ୍ରିଟିଶରାଜ ତାର ସମସ୍ତ ଶକ୍ତି ଖଟାଇଲା । ଯେଉଁମାନେ ବନ୍ଦେ ମାତରଂ ଧ୍ୱନି କରୁଥିଲେ, ତ୍ରିରଙ୍ଗପତାକା ବାଣ୍ଟୁଥିଲେ ବା ବିକ୍ଷୋଭ କରୁଥିଲେ, ସେମାନଙ୍କୁ ଆଇନ ବା ବେଆଇନ ଭାବରେ ଅତି କଠୋର ଦଣ୍ଡ ଭୋଗ କରିବାକୁ ପଡ଼ୁଥିଲା । କଲିକତାରେ କିଙ୍ଗସଫୋର୍ଡ଼ ନାମକ ଜଣେ ଗୋରା ଜଜ୍ ଥିଲେ । ତାଙ୍କର ଖାସ୍ କାମ ଥିଲା ଦେଶପ୍ରେମୀମାନଙ୍କର ତୁରନ୍ତ ବିଚାର କରି ତାକୁ ନିର୍ମମ ଭାବରେ ଦଣ୍ଡିତ କରିବା । କିଙ୍ଗସ୍‌ଫୋର୍ଡ଼ଙ୍କ ଆଦେଶ ମଧ୍ୟରେ ବେତମାଡ଼, କୋରଡ଼ାମାଡ଼, ଏକ ସାଧାରଣ କଥା ଥିଲା ।

ବିପ୍ଳବୀମାନେ ଦେଖିଲେ ଯେ, ବ୍ରିଟିଶ ଶାସନର କେତେକ ନିଷ୍ଠୁର ପ୍ରତୀକ ମଧ୍ୟରେ କିଙ୍ଗସ୍ ଫୋର୍ଡ଼ ଜଣେ ଓ ତାଙ୍କ ସହିତ ପ୍ରଥମେ ହିସାବନିକାଶ କରିବାକୁ ହେବ । କିନ୍ତୁ ସେମାନେ ତାଙ୍କର କାର୍ଯ୍ୟକ୍ରମ ସ୍ଥିର କରିବା

Digitized by srujanika@gmail.com

ପୂର୍ବରୁ ଗୋଇନ୍ଦା ପୋଲିସଙ୍କୁ ଏହାର ସୂରାକ୍ ମିଳିଗଲା । କିଙ୍ଗସ୍‌ଫୋର୍ଡ଼ ଆଉ କଲିକତାରେ ରହିଲେ ନାହିଁ । ମାର୍ଚ୍ଚ ୨୮ ତାରିଖରେ ସେ ମୁଜାଫରପୁରର ଜିଲ୍ଲା ଓ ସେସନ୍‌ସ ଜଜ୍ ଭାବରେ ନିଯୁକ୍ତି ପାଇ ଚାଲିଗଲେ ।

## ମୃତ୍ୟୁର ପରବାନା

ସନ୍ତ୍ରାସବାଦୀ ନେତାମାନଙ୍କର ବିଚାରରେ ସ୍ଥିର ହେଲା - କିଙ୍ଗସଫୋର୍ଡ଼ ଯେଉଁଠାକୁ ଯାଆନ୍ତୁ ନା କାହିଁକି, ମୃତ୍ୟୁର ପରବାନା ତାଙ୍କ ପଛେ ପଛେ ଯିବା ଦରକାର । ଏହି ପରବାନା ଦେବା ପାଇଁ ଦୁଇଜଣ ଯୁବକଙ୍କୁ ବଛା ଗଲା । କ୍ଷୁଦିରାମ ବୋଷ ଓ ପ୍ରଫୁଲ୍ଲ ଚାକୀ । ଏପ୍ରିଲ ତୃତୀୟ ସପ୍ତାହରେ ଏ ଦୁଇଜଣ ମୁଜାଫରପୁର ଯାଇ ସେଠାରେ ଏକ ଧର୍ମଶାଳାରେ ରହିଲେ ଓ ଦୁଇଦିନ କାଳ କିଙ୍ଗସ୍‌ଫୋର୍ଡ଼ଙ୍କର ଗତିବିଧି ଲକ୍ଷ୍ୟ କଲେ । କିଙ୍ଗସ୍ ଫୋର୍ଡ଼ ଏତେ ଭୟଭୀତ ହୋଇ ପଡ଼ିଥିଲେ ଯେ, ତାଙ୍କ ସହିତ ଦୁଇଜଣ ସଶସ୍ତ୍ର ପୋଲିସ (ଉଭୟ ମୁସଲମାନ) ସବୁବେଳେ ରହୁଥିଲେ । ସେ ସାଧାରଣତଃ ଘରୁ ବାହାରୁ ନ ଥିଲେ । କେବଳ କଚେରୀକୁ ଓ ସନ୍ଧ୍ୟାହେଲେ ବେଳେ ବେଳେ ମୁଜାଫରପୁର କ୍ଲବକୁ ଯାଉଥିଲେ । ଏହି କ୍ଲବ କେବଳ ୟୁରୋପୀୟମାନଙ୍କର ଥିଲା । ଏଥିରେ ଭାରତୀୟ ଓ କୁକୁରମାନଙ୍କର ପ୍ରବେଶ ନିଷିଦ୍ଧ (Indians and dogs are not permitted) ଥିଲା, ଯାହା କି ସେତେବେଳର ସବୁ ୟୁରୋପୀୟ କ୍ଲବମାନଙ୍କର ଘୋଷିତ ନୀତି ଥିଲା । ଖୁଦୀରାମ ଓ ପ୍ରଫୁଲ୍ଲ ସ୍ଥିର କଲେ, ଦିନବେଳେ କଚେରୀକୁ ଯିବା ସମୟରେ, କିମ୍ବା ଘରେ କିଙ୍ଗସ୍‌ଫୋର୍ଡ଼ଙ୍କୁ ହତ୍ୟା



Digitized by srujanika@gmail.com

କରାଯାଇ ପାରିବ ନାହିଁ । ସବୁଠାରୁ ସୁବିଧାଜନକ ସମୟ ହେଲା, ରାତିରେ ଯେତେବେଳେ ସେ କ୍ଲବରୁ ଘରକୁ ଫେରନ୍ତି । ରାତ ସାଢ଼େ ଆଠଟାରୁ ନଟା ମଧ୍ୟରେ ସେ ଘରକୁ ଫେରିଆସୁଥିଲେ । ଯୁବକ ଦୁଇଜଣ ତାଙ୍କର ଘୋଡ଼ାଗାଡ଼ିକୁ ଭଲଭାବରେ ଚିହ୍ନି ରଖିଲେ ।

## ଦୁଇଟି ଘୋଡ଼ାଗାଡ଼ି

ଅପ୍ରେଲ ତା ୩୦ ରିଖ ଦିନ କିଙ୍ଗସଫୋର୍ଡ ସସ୍ତ୍ରୀକ ଦୁଇଜଣ ୟୁରୋପୀୟ ମହିଳାଙ୍କ ସମେତ କ୍ଲବରେ ବସି ବ୍ରିଜ୍ ଖେଳିଲେ । ଏହି ମହିଳା ଦୁଇଜଣ ହେଉଛନ୍ତି, ସ୍ଥାନୀୟ ଜଣେ ୟୁରୋପୀୟ ବାରିଷ୍ଟର ଶ୍ରୀ କେନେଡ଼ିଙ୍କର ସ୍ତ୍ରୀ ଓ କନ୍ୟା । ସାଢ଼େ ଆଠଟାବେଳେ ଦୁଇଟି ପୃଥକ୍ ପୃଥକ୍ ଘୋଡ଼ାଗାଡ଼ିରେ କିଙ୍ଗ୍ସ୍‌ଫୋର୍ଡ ଓ ଏହି ଦୁଇଜଣ ମହିଳା କ୍ଲବରୁ ଘରକୁ ଫେରିଲେ । ଆଗରେ କେନେଡ଼ିଙ୍କର ଗାଡ଼ି ଓ ପଛରେ କିଙ୍ଗ୍ସ୍ ଫୋର୍ଡଙ୍କର ଗାଡ଼ି । ଦୁଇଟିଯାକ ଗାଡ଼ି ଏକା ରଙ୍ଗର ଓ ଏକା ପ୍ରକାରର ।

ପ୍ରଥମ ଗାଡ଼ିଟି କିଙ୍ଗ୍ସ୍‌ଫୋର୍ଡଙ୍କର ଘର ନିକଟରେ ଆସି ପହଞ୍ଚିବା ବେଳକୁ ହଠାତ୍ ରାତିରେ ଅନ୍ଧକାର ଭିତରୁ ଦୁଇ ଜଣ ଝାମ୍ପମାର ଠିଆ ହୋଇଗଲେ । ଖୁଦୀରାମ ଗାଡ଼ିଆଡ଼କୁ ଦଉଡ଼ିଯାଇ ହାତବୋମା ନିକ୍ଷେପ କଲେ । ତାଙ୍କର ଧାରଣା ଯେ, ଏହି ଗାଡ଼ିରେ କିଙ୍ଗ୍ସ୍‌ଫୋର୍ଡ ଅଛନ୍ତି । ଗାଡ଼ିଟି ଏକା ରଙ୍ଗର ହୋଇଥିବା ଯୋଗୁଁ ସେ ରାତିର ଅନ୍ଧକାରରେ ଆରୋହୀମାନଙ୍କୁ ଜାଣିପାରିଲେ ନାହିଁ । ଏହି ବୋମା ଫୁଟିବା କ୍ଷଣି ସମଗ୍ର ମୁଜାଫରପୁର ସହର କମ୍ପି ଉଠିଲା । ଘୋଡ଼ାଗାଡ଼ି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲା । ଆରୋହୀ ମହିଳା ଦୁଇଜଣଙ୍କର ଅଳ୍ପ ସମୟ ବ୍ୟବଧାନରେ ମୃତ୍ୟୁ ହୋଇଗଲା । ଭାଗ୍ୟବଳରୁ ନିଶ୍ଚିତ ମୃତ୍ୟୁ ମୁଖରୁ କିଙ୍ଗସଫୋର୍ଡ ରକ୍ଷା ପାଇଗଲେ ।



Digitized by srujanika@gmail.com

## ପଳାତକ

ଖୁଦିରାମ ଓ ପ୍ରଫୁଲ୍ଲ ଅନ୍ଧକାରରେ ଗଛ ଆଢ଼ୁଆଳକୁ ଚାଲିଯାଇ ଦୌଡ଼ି ପଳାଇଲେ । ରାତାରାତି ସେମାନେ ଏକାଠି ବହୁଦୂର ଯିବାପରେ ଜଣେ ସମସ୍ତିପୁରଆଡ଼କୁ ଓ ଅନ୍ୟଜଣକ ତାହାର ବିପରୀତ ରାସ୍ତା ଧରିଲେ । ସମଗ୍ର ଦେଶରେ ଏହି ହାତବୋମା ଫୁଟିବାର ଖବର ବ୍ୟାପିଗଲା, ମୁଜାଫରପୁର ଓ ତାହାର ନିକଟବର୍ତ୍ତୀ ଜିଲ୍ଲା ଓ ରେଲଷ୍ଟେସନମାନଙ୍କୁ ପୋଲିସ୍ ପକ୍ଷରୁ ସତର୍କ କରି ଦିଆଗଲା । ଯେ କୌଣସି ବ୍ୟକ୍ତିକୁ ସନ୍ଦେହ କରାଯିବ, ତାଙ୍କୁ ଗିରଫ କରିବା ପାଇଁ ହୁକୁମ ଦିଆଗଲା ।

ଖୁଦିରାମ ୨୫ ମାଇଲ ବାଟ ଚାଲି ଚାଲି ଅତି କ୍ଳାନ୍ତଶ୍ରାନ୍ତ ଅବସ୍ଥାରେ ଦରଭଙ୍ଗା ଜିଲ୍ଲାର ଚୌଆନି ନାମକ ଏକସ୍ଥାନରେ ଯାଇପହଞ୍ଚିଲେ । ସେଠାରେ ସେ ଏକ ଦୋକାନରେ ଜଳଖିଆ ମାଗୁଛନ୍ତି, ତାଙ୍କର ସେ ଧୂଳି ଗୋଡ଼, ରୁଖୁରା ମୁଣ୍ଡ ଓ ଅସ୍ୱାଭାବିକ ଚେହେରା ଦେଖି ଫତେ ସିଂ ଓ ଶିବପ୍ରସାଦ ନାମକ ଦୁଇଜଣ କନଷ୍ଟେବଲ ତାଙ୍କୁ ଗିରଫ କରି ଥାନାକୁ ନେଇଗଲେ । ପୋଲିସ ଅଫିସର ତାଙ୍କୁ ପ୍ରଶ୍ନ କରିବାରେ ଲାଗିଲେ । ଖୁଦିରାମଙ୍କ ଭିତର ହେଲ୍ପ ପକେଟରୁ ଏକ ରିଭଲଭର ବାହାର କରିବା । ମାତ୍ର ସଙ୍ଗେ ସଙ୍ଗେ ତାଙ୍କର ହାତକୁ ଧରି ନିଆଯାଇ ତାଙ୍କ ପକେଟ ଖୋଜାଗଲା । ସେଥିରୁ ଦୁଇଟି ରିଭଲଭର, ୩୦ ଟଙ୍କାର ନୋଟ, ୩୭ ରାଉଣ୍ଡ ଗୁଳି ଏବଂ ଭାରତୀୟ ରେଲବାଇର ଏକ ମାନଚିତ୍ର ଜବତ୍ କରାଗଲା । ହାତକଡ଼ି ପକାଯାଇ ତାଙ୍କୁ ଗାଡ଼ିରେ ମୁଜାଫରପୁର ଅଣାଗଲା ।

ରେଲଷ୍ଟେସନରେ ସ୍ଥାନୀୟ ଗୋରା ମାଜିଷ୍ଟ୍ରେଟଙ୍କ ସମେତ ବହୁଲୋକ ଜମା ହୋଇଥିଲେ । ଖୁଦିରାମଙ୍କ ମୁହଁରେ କୌଣସି ଭୟ ବା ଆତଂକର ଛବି ନ ଥିଲା । ବରଂ ସେଥିରେ ଯେପରି ନିର୍ଭୟତାର ଚିତ୍ର ଅଂକା ଯାଇଥିଲା । ତାଙ୍କୁ ଘୋଡ଼ା ଗାଡ଼ିରେ ବସାଇ ପୋଲିସ ଷ୍ଟେସନକୁ ନେବାବେଳେ ସେ ବାଟଯାକ ବନ୍ଦେ ମାତରଂ ଧ୍ୱନି କରି ଯାଇଥିଲେ ।

## ପ୍ରଫୁଲ୍ଲ ଚାକୀ

ପ୍ରଫୁଲ୍ଲ ଚାକୀ ଚାଲି ଚାଲି ବେଙ୍ଗଲ-ନାଗପୁର ରେଲବାଇର ସମସ୍ତିପୁର ଷ୍ଟେସନରେ ପହଞ୍ଚିଲେ । ସେଠାରେ ସେ ଗାଡ଼ି ଚଢ଼ି ମୋକାମେଘାଟ ପର୍ଯ୍ୟନ୍ତ ଏକ ଇଣ୍ଟରକ୍ଲାସ ଟିକେଟ କରିଥିଲେ । ଦୁର୍ଭାଗ୍ୟବଶତଃ ସେହି ଡବାରେ ନନ୍ଦଲାଲ ବାନାର୍ଜୀ ନାମରେ ଜଣେ ପୋଲିସ ସବ୍‌ଇନସପେକ୍‌ଟର ସାଦା ପୋଷାକ ପିନ୍ଧି ମୁଜାଫରପୁରରୁ ସିଂହଭୂମକୁ ବଦଳିରେ ଯାଉଥିଲେ । ସେ ପ୍ରଫୁଲ୍ଲଙ୍କ ଚେହେରା ଦେଖି ସନ୍ଦେହ କଲେ ଓ ତାଂକ ସହିତ ଆଳାପ ଜମାଇବା ପାଇଁ ଚେଷ୍ଟା କଲେ । ପ୍ରଫୁଲ୍ଲ କିନ୍ତୁ କୌଣସି କଥାବାର୍ତ୍ତା ନ କରି ଚୁପ୍ ହୋଇ ବସି ରହିଲେ । ଲୋକଟିର ମିଳାମିଶା ତାଙ୍କୁ ଆଦୌ ସୁଖ ଲାଗିଲା ନାହିଁ । ସେ ସେମୁରିଆଘାଟ ଷ୍ଟେସନରେ ଓହ୍ଲାଇ ଆଉ ଏକ ଡବାରେ ଯାଇ ବସିଲେ । ମୋକାମେଘାଟ ରେଲଷ୍ଟେସନ ହୋଇଗଲା । ସେଠାରୁ ସେ ହାଓଡ଼ା ଷ୍ଟେସନକୁ ଆଉଥରେ ଏକ ଇଣ୍ଟରକ୍ଲାସ ଟିକେଟ କଲେ ।

Digitized by srujanika@gmail.com

ଇତିମଧ୍ୟରେ ପୋଲିସ ସବ୍-ଇନ୍‌ସପେକ୍ଟର ସନ୍ଦେହ କରି ମୁଜାଫରପୁରରୁ ଟେଲିଗ୍ରାମ କରି ମୋକାମେଘାଟଠାରେ ଖବର ପାଇଲେ ଯେ, ସନ୍ଦେହ କରାଯାଇଥିବା ବ୍ୟକ୍ତିକୁ ଗିରଫ କର । ମୋକାମ ଷ୍ଟେସନରେ ଏହି ଟେଲିଗ୍ରାମ ଦେଖାଇ ସବ୍‌ଇନ୍‌ସପେକ୍ଟର ନନ୍ଦଲାଲ ବାନାର୍ଜି ପ୍ରଫୁଲ୍ଲଙ୍କୁ ଗିରଫ କଲେ । କିନ୍ତୁ ପ୍ରଫୁଲ୍ଲ ଖିବ୍ ବଳୁଆ ଥିଲେ । ସେ ସବ୍-ଇନ୍‌ସପେକ୍ଟରଙ୍କୁ ଠେଲିଦେଇ ଦଉଡ଼ି ପଳାଇଲେ । ପୂର୍ବରୁ ଖବର ପାଇ ପ୍ଲାଟଫର୍ମରେ ଅପେକ୍ଷା କରିଥିବା ପୋଲିସ ଦଳ ମଧ୍ୟ ତାଂକ ପଛରେ ଦୌଡ଼ିଲେ । ପ୍ଲାଟଫର୍ମ ଅତିକ୍ରମ କରି ପ୍ରଫୁଲ୍ଲ ପଳାଇବା ଆଉ ସମ୍ଭବପର ନ ଦେଖି ପକେଟରୁ ସଙ୍ଗେ ସଙ୍ଗେ ଏକ ପିସ୍ତଲ ବାହାର କରି ସେ ପୋଲିସକୁ ଲକ୍ଷ୍ୟ କରି ମାରିଲେ । ଗୁଳି, ବାଜିଲା ନାହିଁ ଓ ପ୍ରଫୁଲ୍ଲ ଠିକ୍ ଧରା ହେବା ପୂର୍ବରୁ ନିଜ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି ମାରିଲେ । ତାଂକ ମୃତ ଦେହ ମୁଜାଫରପୁର ଆସିଲା ।

## ମୁଜାଫରପୁର ବମ୍ବ କେସ୍

ହତ୍ୟା ଅଭିଯୋଗରେ ଖୁଦିରାମଂକର ବିଚାର ହେଲା । ଏହି ବିଚାର 'ମୁଜାଫରପୁର ବମ୍ବ କେସ୍' ନାମରେ ଖ୍ୟାତ । ୧୯୦୮ ମେ ମାସ ୨୧ ତାରିଖରେ ଜିଲ୍ଲା ମାଜିଷ୍ଟ୍ରେଟଂକ ଇଜଲାସରେ ବିବୃତି ଦେଇ ଖୁଦିରାମ କହିଲେ କିଂଗସ୍‌ଫୋର୍ଡ଼ଙ୍କୁ ହତ୍ୟା କରିବା ଥିଲା ତାଙ୍କର ଉଦ୍ଦେଶ୍ୟ । କାରଣ କିଙ୍ଗସ୍‌ଫୋର୍ଡ଼ ହେଉଛନ୍ତି ଅତ୍ୟାଚାରୀ ବ୍ରିଟିଶ ଶାସନର ଏକ ପ୍ରତୀକ । ସେ ଯେଉଁ ବୋମା ଫୋପାଡ଼ିଥିଲେ ତାହା କିଙ୍ଗସ୍‌ଫୋର୍ଡ଼ଂକ ଗାଡ଼ି ବୋଲି ଭାବି ସେ ଫୋପାଡ଼ି ଥିଲେ । ଦୁଃଖର ବିଷୟ, ଦୁଇଜଣ ନିରୀହା ମହିଳା ଏହା ଫଳରେ ନିହତ ହେଲେ ।

୧୯୦୮ ମେ ୫ ତାରିଖରେ ସେସନ୍‌ସ କୋର୍ଟରେ ତାଙ୍କ ବିଚାର ହେଲା । ସେତେବେଳେ ଜଜ୍ ଥିଲେ ମିଷ୍ଟର କାର୍ଣ୍ଣଡ଼ଫ୍ । କିଙ୍ଗସ୍‌ଫୋର୍ଡ ଏହି ବୋମା ଘଟଣା ପରେ ଏପରି ଭୟଭୀତହୋଇ ପଡ଼ିଥିଲେ ଯେ, ସେଥିରେ ତାଙ୍କ ଜ୍ୱର ହୋଇଗଲା । ଅସୁସ୍ଥ ଅବସ୍ଥାରେ ସେ ଛୁଟି ନେଇ ସମସ୍ତ ପରିବାରବର୍ଗଙ୍କ ସହିତ ମସୋରୀ ଚାଲିଗଲେ । କଲିକତାରେ ରାଜନୈତିକ ବନ୍ଦୀମାନଙ୍କ ବିଚାରବେଳେ ସେ ଯେଉଁ ଉତ୍ସାହ ପ୍ରଦର୍ଶନ କରିଥିଲେ; ତାଙ୍କର ସେ ଉତ୍ସାହରେ ମୃତ୍ୟୁ ହୋଇଗଲା । ଯଦିଓ ସେ ପରିଶ୍ରାର କିଛୁ-କାଳ ବଞ୍ଚିଥିଲେ ।

ଖୁଦିରାମଙ୍କ ବିଚାର ଶେଷ ହେବାର ଦୁଇଦିନ ପୂର୍ବରୁ ସେ ତାଙ୍କର ଓକିଲକୁ ନିଜ ବିଷୟରେ ଯେଉଁ ବିବୃତି ଦେଇଥିଲେ ସେଥିରେ ଏହି ବିପ୍ଳବ ଯୁବକଟିର କ୍ଷୁଦ୍ର ଜୀବନକାଳ ମଧ୍ୟରେ କେତେକ ରୋମାଞ୍ଚକର କାହାଣୀ ନିହିତ ।

## ପିଲାଦିନୁ ବିପ୍ଳବ

ଖୁଦିରାମଙ୍କ ଘର ମେଦିନୀପୁର ସହରରେ । ପିଲାଦିନୁ ତାଙ୍କର ବାପା, ମା' ମରିଯାଇଥିଲେ । ତାଙ୍କର କେହି ଭାଇ ନ ଥିଲେ । ଏକମାତ୍ର

Digitized by srujanika@gmail.com

ବଡ଼ ଭଉଣୀଙ୍କ ଘରେ ରହି ସେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ । ତା'ପରେ ସ୍ୱଦେଶୀ ଆନ୍ଦୋଳନରେ ସେ ପ୍ରତ୍ୟକ୍ଷ ଭାଗ ଗ୍ରହଣ କଲେ ।

୧୯୦୭ ମସିହା ଅପ୍ରେଲ ପହିଲାରେ ମେଦନୀପୁରରେ ଏକ ଶିଳ୍ପ ମେଳା ଖୋଲାଗଲା । ଜିଲ୍ଲା ମାଜିଷ୍ଟ୍ରେଟ ଥିଲେ ଏହାର ପୁରୋଧା । ଲୋକ ସମାବେଶ ମଧ୍ୟରୁ ହଠାତ୍ କେତେକ ପିଲାଙ୍କ କଣ୍ଠରୁ ଶୁଣାଗଲା –"ବନ୍ଦେ ମାତରଂ" ସେତେବେଳେ ବ୍ରିଟିଶ ଶାସିତ ମେଦନୀପୁରରେ ଏହାଥିଲା, ଲଙ୍କାରେ ହର ଶବ୍ଦ ଭଳି । ମେଳାର ଶେଷ ଦିନ ବ୍ରିଟିଶ ଶାସକଙ୍କ ବିରୁଦ୍ଧରେ ଏକ ପ୍ରସ୍ତୁତପତ୍ର ବଣ୍ଟା ହେଲା । ଏହି 'ବନ୍ଦେ ମାତରଂ' ଧ୍ୱନି ଓ ପ୍ରସ୍ତୁତପତ୍ର ବଣ୍ଟନର ପଛରେ ଥିଲେ ଖୁଦୀରାମ ବୋଷ । ଯାହାଙ୍କର ବୟସ ୧୬ ବର୍ଷ ମାତ୍ର । ଖୁଦୀରାମଙ୍କୁ ଗିରଫକରି ତାଙ୍କ ବିରୁଦ୍ଧରେ ମୋକଦ୍ଦମା ଲାଗିଲା । ଅଳ୍ପ ବୟସ ଯୋଗୁଁ ଶେଷକୁ ଏହି ମୋକଦ୍ଦମା ଉଠାଇ ନିଆଯାଇଥିଲା । ତେଣୁ ଖୁଦୀରାମଙ୍କ ପକ୍ଷରେ ଗିରଫ ହେବା ଓ ଜେଲରେ ରହିବା ନଆ ନ ଥିଲା । ଏ ଅଭିଜ୍ଞତା ଦୁଇବର୍ଷ ଆଗରୁ ତାଙ୍କର ହୋଇ ସାରିଥିଲା । ତାଙ୍କର ନିର୍ଭୀକତା ଓ ଦେଶପ୍ରେମୀ ପାଇଁ ସନ୍ତ୍ରାସବାଦୀମାନେ ତାଙ୍କୁ ଏହି କଠିନକାର୍ଯ୍ୟ ପାଇଁ ବାଛିଥିଲେ ।

## ନିର୍ଭୟର ପ୍ରତିମୂର୍ତ୍ତି

ଜୁନ ୧୩ ତାରିଖ ଦିନ 'ମୁଜାଫରପୁର ବମ୍ବ୍ କେସ୍‌ର' ରାୟ ଦିଆଗଲା ଯେ, ଖୁଦୀରାମ ବୋଷଙ୍କୁ ପ୍ରାଣଦଣ୍ଡ ଦିଆଯିବ । ଖୁଦୀରାମଙ୍କ ମୁହଁରେ ଏକ ସ୍ମିତହାସ୍ୟର ରେଖା । ସେ ଯେପରି ଏହି ମୁହୂର୍ତ୍ତ ପାଇଁ ଅପେକ୍ଷା କରି ରହିଥିଲେ । ଏହାର ୪୮ ଘଣ୍ଟା ପୂର୍ବରୁ ଖୁଦୀରାମଙ୍କ ଓକିଲ ତାଙ୍କୁ ପଚାରିଥିଲେ, 'ସେ କ'ଣ ଉପଯୁକ୍ତ ଅବସ୍ଥାରେ ଅଛନ୍ତି ? ଖୁଦୀରାମ ଉତ୍ତର ଦେଇଥିଲେ ତାଙ୍କର ମୋଟେ ଭୟ ହେଉନାହିଁ । ସେ ଗୀତା ଭଲରୂପେ ପଢ଼ିଛନ୍ତି । ସେ ବୋମାଫଟା ଘଟଣାରେ ତାଙ୍କର ଦାୟିତ୍ୱ ଭଲରୂପେ ହୃଦୟଙ୍ଗମ କରୁଛନ୍ତି ଓ ସେଥିପାଇଁ ସେ ନିର୍ଦ୍ଦୋଷ ବୋଲି ଜଜଙ୍କ ଆଗରେ ପ୍ରାର୍ଥନା କରିବାର ପ୍ରଶ୍ନ ଉଠୁନାହିଁ । ସେ ଦୁଃଖିତ ଯେ, କିଙ୍ଗ୍‌ସଫୋର୍ଡ଼ ଏବେସୁଦ୍ଧା ବଞ୍ଚିଛନ୍ତି ଓ ଦୁଇ ଜଣ ନିରୀହ ମହିଳାଙ୍କୁ ଜୀବନ ଦେବାକୁ ହୋଇଛି ।

ଜୁଲାଇ ୬ ତାରିଖରେ ଏହି ଦଣ୍ଡାଦେଶ ବିରୁଦ୍ଧରେ ହାଇକୋର୍ଟରେ ଅପିଲ ହେଲା, କିନ୍ତୁ କିଛି ଫଳ ହେଲା ନାହିଁ । ୧୯୦୮ ଅଗଷ୍ଟ ୧୧ ତାରିଖ ସକାଳ ୬ଟା ବେଳେ ମୁଜାଫରପୁର ଜେଲରେ ଖୁଦୀରାମଙ୍କ ଦଣ୍ଡାଦେଶ କାର୍ଯ୍ୟକାରୀ ହେଲା ।

ଫାଶୀକାଠକୁ ଆସିବାବେଳେ ସେ ଖୁବ୍ ପ୍ରସନ୍ନ ଦେଖାଯାଉଥିଲେ । ଫାଶୀ ଦେବା ପୂର୍ବରୁ ଯେତେବେଳେ ତାଙ୍କ ମୁଣ୍ଡରେ ଟୋପି ଡାଙ୍କ ଦିଆଗଲା, ସେତେବେଳେ ବନ୍ଦୀର ମୁହଁରୁ ସକାଳର ଆକାଶକୁ ଭେଦକରି ଶୁଣାଗଲା – 'ବନ୍ଦେ ମାତରଂ' ।

ମୁଜାଫରପୁର ବୋମାର ଶବ୍ଦ ସାରା ଭାରତବର୍ଷରେ ଶୁଣାଗଲା ଓ ଏହାର ପ୍ରତିଧ୍ୱନି ଇଂଲଣ୍ଡର ଉପକୂଳରେ ପହଞ୍ଚିଲା । ବ୍ରିଟେନର ସମ୍ବାଦପତ୍ରଗଣ ଓ ଭାରତରେ ବ୍ରିଟିଶ ପକ୍ଷପାତୀ

Digitized by srujanika@gmail.com

ସମ୍ବାଦପତ୍ରସବୁ ବୋମାର ପ୍ରତିଶୋଧ ଦାବୀ କଲେ । ଜାତୀୟତାବାଦୀ ସମ୍ବାଦପତ୍ରମାନେ ଲେଖିଲେ ଯେ, ଭାରତୀୟ ଜନମତକୁ ବଳାତ୍କାର ଦବାଇ ଦେବା ସମ୍ଭବ ନୁହେଁ ।

## ସବୁଠାରୁ ସ୍ମରଣୀୟ ଘଟଣା

"ସ୍ୱରାଜ୍ୟ ମୋର ଜନ୍ମଗତ ଅଧିକାର" ବୋଲି କହିଥିବା ଲୋକମାନ୍ୟ ତିଳକ ତାଙ୍କର ସମ୍ପାଦିତ 'କେଶରୀ' ପତ୍ରିକାରେ ଲେଖିଲେ । "୧୮୫୭ ବିଦ୍ରୋହ ପରେ ଇଂରେଜ ଜନମତ ବୋମାର ଜନ୍ମକୁ ଭାରତର ସବୁଠାରୁ ସ୍ମରଣୀୟ ଘଟଣା ବୋଲି ମନେ କରୁଛି । ଭାରତର ଜନସାଧାରଣ ସ୍ୱରାଜ୍ୟ ପାଇଁ ଯେ କୌଣସି ତ୍ୟାଗ କରିବା ନିମନ୍ତେ ପ୍ରସ୍ତୁତ । ସେମାନେ ବ୍ରିଟିଶ ଶାସକଙ୍କର ଗୌରବ ଗାନ କରିବା ପାଇଁ ପ୍ରସ୍ତୁତ ନୁହନ୍ତି । ଭାରତରେ ବୋମା ପକାଇବା ଓ ରୁଷିଆରେ ବୋମା ପକାଇବା ସମ୍ପୂର୍ଣ୍ଣ ଭିନ୍ନ । ରୁଷିଆରେ ବହୁଲୋକ ଅଛନ୍ତି, ସେମାନେ ସନ୍ତ୍ରାସବାଦୀମାନଙ୍କ କାର୍ଯ୍ୟର ସମାଲୋଚନା କରୁଛନ୍ତି । କିନ୍ତୁ ଭାରତରେ ଏହି ଲୋକଙ୍କ ବିପକ୍ଷରେ ଖୁବ୍ କମ୍ ଲୋକଙ୍କୁ ଦେଖିବାକୁ ମିଳିବ । ରୁଷିଆରେ ଲୋକେ ବୋମା ପକାଇ ପାର୍ଲିମେଣ୍ଟ (ଡୁମା) ଲାଭ କଲେ । ଭାରତରେ ଲୋକେ ନିଶ୍ଚୟ ସ୍ୱରାଜ୍ୟ ଲାଭ କରିବେ ।"

ବିଂଶ ଶତାବ୍ଦୀର ପ୍ରଥମ ଦୁଇଜଣ ଶହୀଦ ହେଲେ ପ୍ରଫୁଲ୍ଲ ଚାକୀ ଓ କ୍ଷୁଦିରାମ ବୋଷ ।

---

For the best Shopping Centre in Clothing & Tailoring
VISIT
ASOKA CLOTH STORE
SHOP NO. 26, BURLA,
DIST. SAMBALPUR.

With the Compliments of :
JALTARANG RADIOS
Sales & Service
DEALERS IN : RADIO, RADIOGRAM, SPARE PARTS, FANS, TAPERECORDERS, ELECTRICAL GOODS.
Main Road, Rourkela-1.

Digitized by srujanika@gmail.com

# ORIENT DISTRIBUTORS
&

## Agencies Private Limited

**MERIA BAZAR,**
**CUTTACK-1.**

*Distributors of* : **ACC's Portland Cement, White Cement & Water Proofing Compound.**

## B I S R A   L I M E

Perfectionists In Lime Production




Bisra Lime Used In All Public Sector Projects


Digitized by srujanika@gmail.com

# ସ୍ୱାଧୀନତା ସଂଗ୍ରାମର ସ୍ମୃତି

## ହରତାଳ

**—ମହାବୀର ତ୍ୟାଗୀ**



ମହାତ୍ମାଗାନ୍ଧି ବିଳାତ ଯାଇ ଗୋଲଟେବୁଲ୍ ବୈଠକରୁ ଫେରି ନଥାନ୍ତି । ଆମର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିର୍ଦ୍ଦେଶ ଆସିଲା ଯେ ଜିଲ୍ଲା କଂଗ୍ରେସ କମିଟିକୁ ଭାଙ୍ଗି ଦେଇ ତା ସ୍ଥାନରେ ଓ୍ୱାର କାଉନ୍‌ସିଲ ବା ଯୁଦ୍ଧ ସମିତି ଗଢ଼ାଯିବ । ଆମ ଜିଲ୍ଲା କଂଗ୍ରେସ କମିଟି ମୋତେ ଡିରେକ୍‌ଟର ରୂପେ ନିଯୁକ୍ତ କଲେ । ଅନ୍ୟ ବନ୍ଧୁମାନଙ୍କୁ ନେଇ ଯୁଦ୍ଧ ସମିତି ଗଢ଼ାଗଲା । ୨୩-୧୨-୧୯୩୧ ଦିନ ପେଶାବାରଠାରେ ଲାଲକୁର୍ତ୍ତି ଭାଇମାନଙ୍କ ଉପରେ ଇଂରେଜମାନେ ଗୁଳି ଚଳାଇବା ଫଳରେ ବହୁ ଭାଇ ଶହୀଦ ହୋଇଗଲେ । ଆମେ ଏହି ଶହୀଦମାନଙ୍କ ସ୍ମରଣରେ ଶହୀଦ ଦିବସ ପାଳନ କରିବା କଥା ଚିନ୍ତା କରୁଛୁ- ଏହି ସମୟରେ ମହାତ୍ମାଗାନ୍ଧୀ ଫେରି ଆସିଲେ ଓ ଗିରଫ ହୋଇ ଜେଲଗଲେ ।

ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ହରତାଳ ଘୋଷଣା କରାଗଲା । କିନ୍ତୁ ଏହାର ଦିନକ ଆଗରୁ ଜିଲ୍ଲା କଲେକ୍‌ଟର ଏକଟିନ୍ ସାହେବ ପୋଲିସ ଦ୍ୱାରା ଢେଙ୍ଗୁରା ଦିଆଇ ଦେଲେ ଯେ କେହି ହରତାଳ କଲେ ୬ମାସ ଜେଲ ଓ ୫୦୦ ଟଙ୍କା ଜୋରିମାନା ହେବ । ଆମେ ଭାବିଲୁ ଯେ କୌଣସି ନୂଆ ଅର୍ଡ଼ିନାନସ ବୋଧହୁଏ ଜାରି ହୋଇଗଲା । ସମସ୍ତେ ନିଜ ନିଜର ବିଛଣାଁ ବାନ୍ଧି ପ୍ରସ୍ତୁତ ହୋଇଗଲୁ ଓ କଂଗ୍ରେସ ଅଫିସରେ ଆସି ରୁଣ୍ଡ ହେଲୁ । ସହରର ଲୋକେ କହୁଥାନ୍ତି, ହରତାଳ ଘୋଷଣା ପ୍ରତ୍ୟାହାର କରି ନିଆଯାଉ । କିନ୍ତୁ ସ୍ଥିର ହେଲା

Digitized by srujanika@gmail.com

ଯେ, ଜିଲ୍ଲା କଂଗ୍ରେସ କମିଟିର ଘୋଷଣାକୁ ଯୁକ୍ତ କାଉନ୍‌ସିଲ ଓ୍ୱାପସ ନେଇ ପାରିବ ନାହିଁ । କିନ୍ତୁ ହରତାଳ ହେବା ଅସମ୍ଭବ ହୋଇଗଲା । ଆମେ ସହରଆଡ଼କୁ ଆମର ଲୋକ ପଠାଇଲୁ । ସମସ୍ତେ ଏହି ରିପୋର୍ଟ ଦେଲେ ଯେ, ଜଣେ ଦୋକାନୀ ବି ହରତାଳ କରିବାକୁ ପ୍ରସ୍ତୁତ ନୁହେଁ, ପୋଲିସ ଡେଙ୍ଗୁରା ଦେଇ ଦେଇ କଂଗ୍ରେସ ଅଫିସ ଆଡ଼କୁ ଆଗକୁ ଏବଂ ବାରମ୍ବାର ଢୋଲ ବଜାଇ କଲେକ୍ଟରଙ୍କ ଘୋଷଣା ପାଠ କଲା, ମୋର ଆଗରେ ଠିଆ ହୋଇ କଲେକ୍ଟରଙ୍କ ଘୋଷଣା ପଢ଼ିବାର ଅର୍ଥ ହେଉଛି, ମୋ ପ୍ରତି ଏକ ଆହ୍ୱାନ ।

## ରାମ-ଲକ୍ଷ୍ମଣ ଭିକ୍ଷା

ଆମ ଅଫିସ ଏକ ଧର୍ମଶାଳାରେ ହେଉଥାଏ, ଯେଉଁଠି ମୃତ ବ୍ୟକ୍ତିଙ୍କର ପିଣ୍ଡଦାନ କାର୍ଯ୍ୟ ଲୋକେ କରୁଥିଲେ । ଆମେ ସମସ୍ତେ ଅଫିସରେ ଏକାଠି ବସିବାର କାରଣ ହେଉଛି, ଯଦି ଧରପଗଡ଼ ହୁଏ, ତା ହେଲେ ସମସ୍ତେ ଏକା ସାଙ୍ଗରେ ଧରାହେବୁ । ସ୍ୱର୍ଗୀୟ ଚୌଧୁରୀ ବିହାରୀ ଲାଲ ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ଥିଲେ ଏବଂ ମୁଁ ସଭାପତି ଥିଲି । ଏହି ଯୁଦ୍ଧର ପ୍ରସ୍ତୁତି ପାଇଁ କେତେ ମାସ ଧରି ଆମେ ଗାଁଗଣ୍ଡା ବୁଲୁଥିଲୁ । ସବୁଗାଁରେ ପ୍ରଚାର କରୁଥିଲୁ ଓ ଲୋକଙ୍କୁ ବିଶ୍ୱାସ ଦେଉଥିଲୁ କି ଏଥର ଇଂରେଜ ଶାସନର ମୂଳ ଉପାଡ଼ି ଦିଆଯିବ । ଶେଷରେ ମୁଁ ଭଉଣୀମାନଙ୍କୁ ନିବେଦନ କରୁଥିଲି, "ତୁମେ ସବୁ କୌଶଲ୍ୟା ମୁଁ ଗାନ୍ଧୀଙ୍କ ପକ୍ଷରୁ ରାମ-ଲକ୍ଷଣଙ୍କ ଭିକ୍ଷା ମାଗୁଛି । ମୋର ଦୁଇଜଣ ଶିଷ୍ୟ ଦରକାର, ଯେଉଁମାନଙ୍କୁ କି ମୁଁ ଖୁବ ଶ୍ରଦ୍ଧାର ସହିତ ମୋର ଆଶ୍ରମରେ ରଖିବି । କିନ୍ତୁ ଏମାନଙ୍କୁ ମୋ ସାଙ୍ଗରେ ଜେଲ ଯିବାକୁ ହେବ' ଗାଁର ସବୁ ସ୍ତ୍ରୀ ପୁରୁଷ ଏକଜୁଟ ହୋଇ ଦୁଇଜଣ ଯୁବକ ମୋର ଜିମା କରି ଦିଅନ୍ତି । ଆମେ ଏମାନଙ୍କୁ ତିଳକ ଲଗାଇ ଫୁଲମାଳ ପିନ୍ଧାଇ ପଟୁଆର କରି ସହରକୁ ନେଇ ଆସୁ । ଗାଁ ଛାଡ଼ିବା ଆଗରୁ ମୁଁ ଏ ଦୁଇଜଣ ପିଲାଙ୍କୁ କହୁଥିଲି, ତୁମେ ମା'ଙ୍କର ପାଦ ଛୁଅଁ ଓ ବାପାଙ୍କର ଆଶୀର୍ବାଦ ଭିକ୍ଷା କର । ଯେବେ ଏ ମା'ଠାରୁ ବିଦାୟ ନିଏ, ମା' ଏହାକୁ ଆଲିଙ୍ଗନ କରେ ଓ ଭଉଣୀମାନେ ବନ୍ଦାପନା କରନ୍ତି । ଜଣେ ମା' ମୋତେ ଅଲଗା ଡାକି ନେଇ କହିଲା, "ତ୍ୟାଗୀ ମହାରାଜ, ଏହାର ବିବାହ ହେବାର ଅଛି । ଏହାକୁ ବେଶି ଦିନ ଜେଲକୁ ପଠାଇବ ନାହିଁ ।" ଏହିପରି ପଚିଶ ରାମ ଲକ୍ଷଣ ମୁଣ୍ଡରେ ଖଦଡ଼ କନା ବାନ୍ଧି ଆଶ୍ରମରେ ରହୁଥିଲେ ଓ ସକାଳେ ପ୍ରଭାତ ଫେରିରେ ଏହି ଗୀତ ଗାଇ ବୁଲୁଥିଲେ —

ଜଣକର ସେହି ଇସାରା ପାଇଁ କି
ଆମେ ରେ ଜାଗଢଅର,
ରକ୍ତର ନଦୀ ବୁହାଇ ଦେବୁଟି
ହୁସିଆର, ହୁସିଆର ।

ଏହିପରି ସାରା ଦେଶର କୋଣେ କୋଣେ ଆମେ ଏପରି ଉତ୍ସାହ ସୃଷ୍ଟି କରିଥିଲୁ ଯେ, ଯେପରିକି ସାଗର ଜଳ ଲଙ୍ଘନ କରିଯିବ ।

## କଲେକ୍ଟରଙ୍କ ଯୁଦ୍ଧଂ ଦେହି ଆହ୍ୱାନ

ଜିଲ୍ଲା କଲେକ୍ଟରଙ୍କ ଡେଙ୍ଗୁରା ଶୁଣି ମୁଁ ଜଣେ ସ୍ୱେଚ୍ଛାସେବକଙ୍କୁ ଡାକି କହିଲି,

Digitized by srujanika@gmail.com

''ତୁମକୁ କ୍ଷେତ୍ର ଉପରକୁ ଯିବାକୁ ହେବ । ଏଇ ଘଣ୍ଟା ନିଅ, ଏହାକୁ ବଜାଇ ବଜାଇ ବୁଲିଆଡ଼େ ଏହି ଘୋଷଣା କର ଯେ ଜିଲ୍ଲା କଂଗ୍ରେସ କମିଟିକୁ ଭାଙ୍ଗି ଦିଆଯାଇ ତା' ସ୍ଥାନରେ ଓ୍ୱାର କାଉନସିଲ ବା ଯୁଦ୍ଧ ସମିତି ଗଢ଼ାଯାଇଛି । ଶ୍ରୀଯୁକ୍ତ ତ୍ୟାଗୀ ହେଉଛନ୍ତି ଏହାର ଡିକ୍‌ଟେଟର୍ । ଏହିପରି ଆହୁରି ଆଠ ଦଶ ଜଣ ସ୍ୱେଚ୍ଛାସେବକଙ୍କୁ କୁହାଗଲା । ସେମାନେ ଜଣକ ପଛରେ ଜଣେ ୧୦୦ ଗଜ ଦୂରତାରେ ନିଜର ଘଣ୍ଟା ଓ ପତାକାକୁ ଲୁଚାଇ ଯାଉଥିଲେ । ଯଦି ଘୋଷଣାକାରୀ ସାଥୀକୁ ଗିରଫ କରି ନିଆଯାଏ, ତା ହେଲେ ତା ପଛରେ ଥିବା ସ୍ୱେଚ୍ଛାସେବକ ନିଜ ବାଡ଼ିରେ ପତାକା ଲଗାଇ ଉପରକୁ ଉଠାଇବେ ଓ ଘଣ୍ଟା ବାଡ଼ାଇ ଘୋଷଣା ଆରମ୍ଭ କରିଦେବେ ଏବଂ ଅନ୍ୟ ଜଣେ ସ୍ୱେଚ୍ଛାସେବକ ଏ ଗିରଫ ସମ୍ବାଦ ଆଣି କଂଗ୍ରେସ ଅଫିସକୁ ଦେଇ ଦେବେ । ଜଣେ ସ୍ୱେଚ୍ଛାସେବକ ଉପରବେଳା ଚାରିଟାବେଳେ ଆସି ଖବର ଦେଲେ ଯେ, ଥାନା ଆଗରେ ଘୋଷଣା କରୁଥିବା ଆମ ଲୋକଙ୍କୁ ଅଟକାଇ ନିଜେ କଲେକ୍‌ଟର କହିଲେ, 'ତୁମ ଡିକଟେଟର୍‌କୁ କହିଦିଅ ସରକାରୀ ଡିକ୍‌ଟେଟର ବି କ୍ଷେତ୍ର ଉପରକୁ ଆସି ଗଲେଣି । ହରତାଳ ହୋଇ ପାରିବ ନାହିଁ ।'' ଏହା ଶୁଣି ମୋର ରକ୍ତ ଗରମ ହୋଇଗଲା । ମୁଁ ଜାଣିଥିଲି ଯେ, ହରତାଳ ହୋଇ ପାରିବ ନାହିଁ । କିନ୍ତୁ ଜଣେ ବିଦେଶୀ ଅଫିସର ମୋତେ ଧମକ ଦେବ, ଏହା କେବେ ସହିବା ସମ୍ଭବ ନୁହେଁ ।

ମୁଁ ସ୍ଥିର କରି ନେଲି ଯେ, କାଲି ସକାଳ ହେବା ପୂର୍ବରୁ ମୁଁ ଯେପରି ଗିରଫ ହୋଇ ଯାଇଥିବି । ଏ ଅବସ୍ଥାରେ ଯଦି ହରତାଳ ନ ହୁଏ, ତାହେଲେ ବୁଝାଯାଇପାରିବ, ଡିକଟେଟର ବାହାରେ ଥିଲେ ନିଶ୍ଚୟ ହରତାଳ ହୋଇଥାନ୍ତା । ବ୍ରିଟିଶ ସୈନ୍ୟ ବାହିନୀରୁ ମୁଁ ଏହି ଶିକ୍ଷା (୧୯୧୮ ୨୦) କରିଥିଲି ଯେ, ଆକ୍ରମଣ କରିବା ଆଗରୁ ଶତ୍ରୁର ଶକ୍ତି, ସଙ୍ଗଠନ ନୀତି ଓ ଗୋଳା ବାରୁଦ ଆଦିର ପରିସ୍ଥିତି ଜାଣିବା ନିତାନ୍ତ ଆବଶ୍ୟକ । ବର୍ତ୍ତମାନ ମୁଁ ଏକ ଅଡୁଆରେ ପଡ଼ିଗଲି । ଠେଙ୍ଗାବାଲା ସ୍ୱେଚ୍ଛାସେବକ ଫେରି ଆସିଲା । ମୁଁ ଭାବିଥିଲି ଯେ, ଏ ଗିରଫ ହୋଇ ଯାଇଥିଲେ, ଅନ୍ୟ ଜଣକୁ ପଠାଇଥାନ୍ତି । ଫେରି ଆଉ ଜଣକୁ, ଫେରି ଆଉ ଜଣକୁ । ଏହିପରି ଢୋଲ ଆଉ ଠେଙ୍ଗାକୁ ଆଶ୍ରୟ କରି ମୁଁ ମାସେ କାଳ ଲଢିଥାନ୍ତି । କିନ୍ତୁ ମୋର ଏହି ଯୋଜନା ଫେଲ ମାରିଗଲା । ପୁଣି ସନ୍ଧ୍ୟା ୬ଟା ବେଳେ ଆହୁରି ଜଣେ ଠେଙ୍ଗାବାଲାକୁ ପଠାଇ ଘୋଷଣା କରାଗଲା, ''ସମସ୍ତଙ୍କୁ ଏହି ସୂଚନା ଦିଆଯାଉଅଛି କି ଓ୍ୱାର କାଉନସିଲର ବୈଠକ କାଲିର କାର୍ଯ୍ୟକ୍ରମ ସମ୍ପର୍କରେ ବିଚାର କରୁଛନ୍ତି । ଡିକଟେଟର ସାହେବଙ୍କ ଆଦେଶ, ଯେତେବେଳପର୍ଯ୍ୟନ୍ତ ଓ୍ୱାର କାଉନସିଲ ଶେଷ ସିଦ୍ଧାନ୍ତ ଘୋଷଣା ନ କରିଛନ୍ତି, ସେପର୍ଯ୍ୟନ୍ତ କେହି ଦୋକାନ ବନ୍ଦ କରିବେ ନାହିଁ ।'' ଏହି ଘୋଷଣାରେ ବଜାର ବାଲାଙ୍କର ଖୁବ୍ ଆନନ୍ଦ ହେଲା ।

Digitized by srujanika@gmail.com

କାରଣ ସେମାନେ ହୃଦୟରେ ତ ଆମ ସାଙ୍ଗରେ ଥିଲେ । କିନ୍ତୁ ଜେଲ, ଜୋରିମାନା ପାଇଁ ପ୍ରସ୍ତୁତ ନ ଥିଲେ । ଏମାନେ ଆମ ପାଖକୁ ଆସି କହିଲେ, ଆପଣମାନେ ସବୁ ବୁଝିସୁଝି କରୁଛନ୍ତି, ସେଥିପାଇଁ ଆମର ଅଭିବାଦନ ଗ୍ରହଣ କରନ୍ତୁ । ଆଜି ରାତି ବାରଟା ପର୍ଯ୍ୟନ୍ତ ଦୋକାନସବୁ ଖୋଲା ରଖାଯାଉ । ଯେପରି କଲେକ୍ଟର ଜାଣିବେ ଯେ, ମନପ୍ରାଣରେ ସମସ୍ତେ ଆପଣମାନଙ୍କ ସାଙ୍ଗରେ । କିନ୍ତୁ ଏହାପରେ ଘୋଷଣା କରିଦିଅନ୍ତୁ, 'ରାତି ବାରଟା ପର୍ଯ୍ୟନ୍ତ ବଜାରବାଲା ଯେମାନଙ୍କର ଦୋକାନ ଖୋଲା ରଖି ସରକାର ଭାବରେ ଜଣାଇ ଦେଲେ ଯେ, ସେମାନଙ୍କର ସହାନୁଭୂତି କଂଗ୍ରେସ ପ୍ରତି ଅଛି ।' ତେଣୁ କାଲି ଆଉ ହରତାଳ କରିବା ଦରକାର ନାହିଁ । କଥାଟା ଠିକ୍ । କିନ୍ତୁ କଲେକ୍ଟର ଇଆଡ଼େ ଜିଦ୍ ଯକାଇଛନ୍ତି ଓ ସ୍ୱେଚ୍ଛାସେବକଙ୍କୁ ସେ ପୁଣି କହିଛନ୍ତି ଯେ, ମୁଁ ଏହି ଥାନା ପାଖରେ ଅପେକ୍ଷା କରିଥିବି । ତୁମର ଡିକଟେଟର ଶୋଭାଯାତ୍ରା କରି ଆସିବେ ତ ଆମେ ଗୁଳି ଚଳାଇବୁ । ରାତି ୧୦ଟା ପର୍ଯ୍ୟନ୍ତ ଦୋକାନ ଖୋଲାରଖି ମୁଁ ଘୋଷଣା କରାଇ ଦେଲି, "ଡିକଟେଟର ସାହେବଙ୍କ ଆଦେଶ, କାଲି ଖୁବ୍ ଜୋରସୋରରେ ହରତାଳ ହେବ ।" କଲେକ୍ଟର ନିଜ ବଙ୍ଗଳାକୁ ଚାଲି ଯାଇଥିଲେ । ମୋର ବହୁତ ଆଶା ଥିଲା ଯେ, ଏହି ସ୍ୱେଚ୍ଛାସେବକଙ୍କୁ ଗିରଫ କରାଯିବ । କିନ୍ତୁ ଏ ସବୁ ଯେମିତି ଯାଇଥିଲା, ସେମିତି ଫେରି ଆସିଲା । ଏବେ ମୁଁ କରେ କ'ଣ ?

## ନାହିଁ ନ ଥିବା ହରତାଳ

ମୁଁ ନିଜ ଗ୍ରାମ ଅଜବପୁର ଚାଲି ଆସିଲି । ସ୍ତ୍ରୀ ମୋର ଖାଇବା ପାଇଁ ଅପେକ୍ଷା କରିଥିଲେ । ଖାଇବା ପରେ ଜେଲ ଯିବା ଲାଗି ମୋର ଲୁଗାପଟା ଓ ବିଛଣା ବନ୍ଧାହେଲା । ଯଦି କୌଣସି ଟାଂଗାର ଶବ୍ଦ ଶୁଣାଯାଉଥିଲା କିମ୍ବା ମୋଟର ହର୍ଣ୍ଣ ବାଜୁଥିଲା ତ ଶର୍ମଦା (ମୋର ସ୍ତ୍ରୀ) ଝିଙ୍କି ପାଖରେ ଯାଇ ଚାହୁଁଥିଲେ—କ'ଣ ପୋଲିସ ଆସିଗଲା କି ? ରାତିସାରା କଥାବାର୍ତ୍ତା ହେଉ ହେଉ କଟିଗଲା । ଚାରିଟା ବାଜିଲା । ଶର୍ମଦା କହିଲା, "ହରତାଳ ହୋଇ ପାରିବ ନାହିଁ । କଲେକ୍ଟର ତୁମକୁ ପରାସ୍ତ କରିବା ପରେ ଗିରଫ କରିବ ।" "ମୁଁ କହିଲି," ମୁଁ ବାଇସାଇକଲ୍‌ରେ ଚାଲି ଯାଉଛି । ଅନ୍ଧାରୁଆରୁ ହରତାଳର ଢେଙ୍କୁରା ଦିଆଇବି ଓ ଠିକ୍ ଭୋରୁ କଂଗ୍ରେସ ଅଫିସ ପାଖକୁ ଆସିଯିବି । ତୁମେ ଉମା (ମୋର ଝିଅ)କୁ ଶାଲରେ ଘୋଡ଼ାଇ କଂଗ୍ରେସ ଅଫିସ ପାଖକୁ ଆସିଯାଅ, ଯେପରିକି ତିନିଜଣ ଏକ ସାଙ୍ଗରେ ଗିରଫ ହୋଇଯିବା । ଏହି କଥା ଶର୍ମଦାର ପସନ୍ଦ ହେଲା ଓ ସେ ଜେଲ ଯିବା ପାଇଁ ତା'ର ବନ୍ଧପତ୍ର, ବିଛଣାବାନ୍ଧି ପ୍ରସ୍ତୁତ ହୋଇଗଲା ।

ସେଠାରେ ମୁଁ ବିଗୁଲ ବଜାଇ ବଜାଇ ନିମ୍ନଲିଖିତ ଘୋଷଣା ଆରମ୍ଭ କରିଦେଲି ।

"ଆଗ୍ରମରେ ଶୋଇଥିବା ଭାଇ ଓ ଭଉଣୀମାନେ, ମୁଁ କହୁଛି ମହାବୀର ତ୍ୟାଗୀ, ଡିକଟେଟର, ଜିଲ୍ଲା ଦେହରାଦୁନ । ମୁଁ ଆପଣମାନଙ୍କୁ ଏହା ସୂଚେଇ ଦେବାକୁ ଚାହେଁ ଯେ, ବ୍ରିଟିଶ କଲେକ୍ଟର ଆମକୁ ଏହି

Digitized by srujanika@gmail.com

ଧମକ ଦେଇଚ ଯେ, କାଲି ବଜାରରେ ଗୁଳି ଚାଲିବ । ମୋର ଆପଣମାନଙ୍କୁ ଏହି ନିବେଦନ, ଆଜି କୌଣସି ପିଲାକୁ ବାହାରକୁ ଛାଡ଼ିବେ ନାହିଁ । ଯଦି କୌଣସି ପିଲା ସ୍କୁଲକୁ ଯିବାବେଳେ ଗୁଳି ମୁହଁରେ ପଡ଼େ, ତା ହେଲେ ତାର ଦାୟିତ୍ୱ ଓ୍ୱାର କାଉନ୍‌ସିଲ ନେବ ନାହିଁ । ଯଦି ବଡ଼ କେହି ମରିଯାନ୍ତି, ତା'ହେଲେ ସେମାନଙ୍କୁ ଶହୀଦ କୁହାଯିବ । କିନ୍ତୁ ଶ୍ରେଷ୍ଠ ପିଲାଙ୍କ ଜୀବନ ଆପଣମାନଙ୍କ ହାତରେ ।''

ସାରା ସହରରେ ଘୋଷଣା କରି ସାରିବା ପରେ ମୁଁ ଆଶ୍ରମକୁ ଚାଲି ଆସିଲି । ଛାତ୍ରୀ ଶର୍ମଦା ନିଅଁକୁ ସାଙ୍ଗରେ ଧରି ଆଗରୁ ଫାଟକ ପାଖରେ ଠିଆ ହୋଇଥିଲା । ଆସିବା ପରେ ମୁଁ ସ୍ୱୟଂସେବକମାନଙ୍କୁ କହିଲି, ମୁଣ୍ଡରେ କପଡ଼ା ବାନ୍ଧି ଆଗକୁ ଆସ । ସମସ୍ତେ ଧାଡ଼ିବାନ୍ଧି ଆଗକୁ ଚାଲି ଆସିଲେ । ଭାରତମାତାର କେଉଁଠେ ଅଲଅଲି ସନ୍ତାନ ଏମାନେ ! ଏମାନେ, ଗାନ୍ଧିଙ୍କ ନାମରେ ସବୁବେଳେ ଲଢ଼ିବା ପାଇଁ ପ୍ରସ୍ତୁତ ହୋଇ ଯାଉଥିଲେ । ଏମାନଙ୍କ ମଧ୍ୟରୁ ଚାରିଜଣଙ୍କୁ ମୁଁ ସହରର ଚାରି ମାଇଲ ଦୂରକୁ ଏହି ନିର୍ଦ୍ଦେଶ ଦେଇ ପଠାଇ ଦେଲି ଯେ, ଯେଉଁସବୁ ଗ୍ରାମବାସୀ, ଦୁଧ, ପନିପରିବା, ଗହମ ଚାଉଳ ବୋଝେଇ ବଳଦଗାଡ଼ି କିମ୍ବା ଘୋଡ଼ା ପିଠିରେ ଜାଳେଣି କାଠ ଲଦି ଆସୁଥିବେ, ତାଙ୍କୁ ଅଟକାଇ କହିବ, ''ତ୍ୟାଗୀଜୀ ଆମକୁ ପଠାଇଛନ୍ତି, ଶୀଘ୍ର ଫେରିଯାଅ । ଆଜି ସହରରେ ହରତାଳ ଓ ଗୁଳି ଚାଲିବାର ଭୟ ଅଛି । ଯଦି ତୁମର ଘୋଡ଼ା କିମ୍ବା ବଳଦ ମରିଯାଏ, ତା'ହେଲେ କାନ୍ଦି କାନ୍ଦି ଘରକୁ ଫେରିବାକୁ ହେବ ।'' ବାକି ସ୍ୱୟଂସେବକ-ମାନଙ୍କର ଡ୍ୟୁଟି ବଜାରରେ ପଡ଼ିଲା : ଏମାନଙ୍କୁ ବୁଝାଇ ଦିଆଗଲା ଯେ, ସବୁ ଦୋକାନୀ ଏକା-ସାଙ୍ଗରେ ଆସନ୍ତି ନାହିଁ । ଜଣ ଜଣ ହୋଇ ଆସନ୍ତି । ଯଦି କେହି ଦୋକାନ ଆଡ଼କୁ ଆସନ୍ତି, ତା'ହେଲେ ଜୋରରେ ଘୋଷଣା କରିଦେବ—

''ଖବରଦାର, ତାଲାରେ ହାତ ଦିଅ ନାହିଁ । ମନେରଖ, କଂଗ୍ରେସବାଲାଏ ତୁମ ଦୋକାନ ପାଖରେ ଲଢ଼ିକରି ମରିବେ । ଏଠି ଗୁଳି ଚାଲିବ । ତୁମ ପରି ଯେଉଁମାନେ ଆଗରୁ ଆସିଥିଲେ, ସମସ୍ତେ ଫେରିଗଲେ । କେହି ଦୋକାନ ଖୋଲିଛି ନା, ତୁମେ ଦେଖୁବ ହେବାକୁ ଆସିଛ ?''

ଯେତେ ଦୋକାନଦାର ଆସିଲେ । ସେମାନେ ବାକି ଦୋକାନ ବନ୍ଦ ଥିବା ଦେଖିଲେ ଏବଂ ପ୍ରକୃତରେ ଫେରିଗଲେ । ପ୍ରଥମେ କଥାଟା ଅବଶ୍ୟ ମିଛ, କିନ୍ତୁ ପଛରେ ଏହା ସତ୍ୟ ହୋଇଗଲା । କାରଣ ଜଣ ଜଣ ହୋଇ ସବୁ ଦୋକାନୀ ଆସିଲେ ଓ ଫେରିଗଲେ । ସେଦିନ ଯେପରି ହରତାଳ ହେଲା କେବେ ଏପରି ହୋଇ ନ ଥିଲା । ଯେତେ ଦୋକାନ, ଯେତେ ସ୍କୁଲ, ସିନେମା, ସର୍କସ, ଗାଡ଼ି ଚଳାଚଳ ସବୁ ବନ୍ଦ ହୋଇଗଲା ।

ମୋର ବି ଏତେ ସାହସ କୁଆଡ଼ୁ ଥିଲା, ଦାରିଦ୍ର୍ୟରେ ଯେଉଁ ଶକ୍ତି ଥାଏ, ସେ ଶକ୍ତି ଲାଭ କରି ମୁଁ ସିଂହ ପରି ଗର୍ଜି ଚାଲୁଥିଲି । ଯୁଆଡ଼େ ଚାହିଁ ଥିଲି, ସ୍ନେହ, ଶ୍ରଦ୍ଧା ଓ ଶକ୍ତିର

Digitized by srujanika@gmail.com

ଝଲକ ଦେଖି ପାରୁଥିଲି । ମହାତ୍ମା ଗାନ୍ଧୀ ଙ୍କର ଉପୋଦ୍‌ଘାତରେ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥିଲେ ।

ଆଠଟା, ନ'ଟା ପର୍ଯ୍ୟନ୍ତ ଲୋକେ ଘରୁ ବାହାରିଲେ ନାହିଁ । କିନ୍ତୁ ପରେ ଲୋକେ ହରତାଳ କିପରି ହେଉଛି, ଦେଖିବା ପାଇଁ ବାହାରିଲେ, ଯେଉଁଠି ଏମାନେ ମୋତେ ଦେଖୁଥିଲେ, ଜୟ ଜୟକାର କରୁଥିଲେ । କିଛି ସମୟ ପରେ ମୋ ପଛେ ପଛେ ଜନତାର ଏକ ଭିଡ଼ ଲାଗିଗଲା । କିଏ ଜଣେ ଆସି ମୋତେ ଖବର ଦେଲେ ଯେ, ଆଡ଼ତ ବଜାରରେ ଲାଲା ଶଙ୍କର ଲାଲଙ୍କ ଦୋକାନ ଖୋଲା ଅଛି । ମୁଁ ଆଡ଼ତ ବଜାର ଆଡ଼କୁ ଗଲି । ଦେଖିଲି ଲାଲା ଶଙ୍କର ଲାଲ ତାଙ୍କ ଗଦି ଉପରେ ବସିଛନ୍ତି । ମୁଁ ପହଞ୍ଚିବା କ୍ଷଣି କଲେକ୍ଟର ସାହେବ ଦଶ ପନ୍ଦର ଜଣ ଘୋଡ଼ସବାର ପୋଲିସ ସହ ସେଠାରେ ପହଞ୍ଚିଗଲେ । ଏ ମଧ୍ୟ ବଜାର ଦେଖିବା ପାଇଁ ବାହାରିଥିଲେ ।

## ଲାଲା ଶଙ୍କରଲାଲ

ଶଙ୍କର ଲାଲଙ୍କ ଦୋକାନ ଆଗରେ ଘୋଡ଼ା ଅଟକାଇ କଲେକ୍ଟର ମିଷ୍ଟର ଏକମ୍ୟାନ କହିଲେ, ଲାଲା ଶଙ୍କରଲାଲ, ତୁମେ ବନ୍ଧୁକ ଲାଇସେନ୍‌ସଦାର । ତୁମେ ଦୋକାନ କେବେ ବନ୍ଦ କରିବ ନାହିଁ ।'' ଶଙ୍କରଲାଲ ହାତଯୋଡ଼ି ଛିଡ଼ା ହୋଇଗଲେ । ଆଉ କହିଲେ, ''ମୁଁ କେବେ ବନ୍ଦ କରିବ ନାହିଁ, ହଜୁର ।'' ଏବେ କଲେକ୍ଟର ସାହେବ ମୋ ଆଡ଼କୁ ଚାହିଁ କହିଲେ, ''ଦେଖ୍ ମିଷ୍ଟର ତ୍ୟାଗୀ, ଇସ ଦୁକାନ କୋ ବନ୍ଦ କରନେ ସକତା। ହେ, ତୋ ହମ ଦେଖନା ମାଁଗତା ହେ ତୁମ ହମ୍‌ସେ କରେଗା ।'' ମୁଁ କହିଲି, ଚେଷ୍ଟା କରୁଛି । ଆପଣ ଆପଣଙ୍କ ଘୋଡ଼ାଟାକୁ ଟିକିଏ ଆଡ଼େଇ ନିଅନ୍ତୁ ।'' ଫେର୍ ମୁଁ ପଛକୁ ହଟି ଆସି ସାମନାବାଲା ଦୋକାନ ପାଖରେ ଆସି ଠିଆ ହେଲି । ମୋ ହାତରେ ପାଟି କରି କହିବା ପାଇଁ ଟିଣର ଏକ ଚୁଙ୍ଗା ଥିଲା ଏବଂ ପାଖରେ ଖଦ୍ଦେର ଶାଲ୍ ଘୋଡ଼େଇ ହୋଇ ଦୁଇ ବର୍ଷର ଝିଅ ଉମା ଠିଆହୋଇଥିଲା । ଶର୍ମଦା ହାତରେ ଥିଲା ପତାକା । ଉମାକୁ ଶର୍ମଦା କ୍ଷମା କରିଦେଇ ମୁଁ ଗୋଟାଏ ଗୋଡ଼ ଆଗକୁ ଓ ଆଉ ଗୋଟ'ଏ ଗୋଡ଼ ପଛକୁ ରଖିଲି ଏବଂ ଚୁଙ୍ଗାରେ ମୁହଁ ଲଗାଇ ଲାଲା ଶଙ୍କରଲାଲଆଡ଼କୁ ଚୁଙ୍ଗାଟାକୁ ଏପରି ରଖିଲି, ଯେପରି ବନ୍ଧୁକକୁ ତାର ଲକ୍ଷ୍ୟ ଆଡ଼କୁ ରଖାଯାଏ । ଯେପରି କୌଣସି ଚକ୍ଷୁ-ବନ୍ଧନକାରୀର ଖେଳ ଦେଖିବା ପାଇଁ ଲୋକେ ଆଗ୍ରହରେ ଅନାଇ ରହିଥାନ୍ତି, ସେହିପରି ଧୀର, ଶାନ୍ତ ଅବସ୍ଥାରେ ପ୍ରାୟ ଦୁଇ ଶହରୁ ଅଢ଼େଇ ଶହ ଲୋକ ଠିଆ ହୋଇ ମୋ ଆଡ଼କୁ ଚାହିଁଥାନ୍ତି । କଲେକ୍ଟରଙ୍କ ଛିଡ଼ା ଦେଲେ ସମସ୍ତଙ୍କର ସହାନୁଭୂତି ମୋର ପ୍ରତି ଥାଏ । ମୁଁ ଅନୁଭବ କଲି ଯେ ମୌନରେ ଯେଉଁ ଶକ୍ତି ଅଛି, ତାହା ଶବ୍ଦରେ ନାହିଁ +

ମୁଁ ଶଙ୍କରଲାଲ ଆଡ଼କୁ ଥରେ ଅନାଇ କଲେକ୍‌ଟରଙ୍କୁ ତାଙ୍କର ଘୋଡ଼ା ଆଉ ଟିକିଏ ପଛକୁ ହଟାଇବା ପାଇଁ କହିଲି । କଣେ ହଲଦିଆ ପଗଡ଼ି ପିନ୍ଧି ଠିଆ ହୋଇଥିଲେ ।

Digitized by srujanika@gmail.com

ତାଙ୍କୁ କହିଲି, ତୁମ ପଗଡ଼ିର ରଙ୍ଗ ମୋ ଦୃଷ୍ଟିକୁ ଟାଣି ନେଉଛି । ତେଣୁ ତୁମେ ଏ ପାଖକୁ ଟିକେ ଆସ । ଏହାକହି ମୋର ଚୁଙ୍ଗୀକୁ ଠିକ୍ ଭାବରେ ରଖି ନିମ୍ନଲିଖିତ ଭାବରେ କହିବାକୁ ଆରମ୍ଭ କଲି ।

"କ'ଣ ଲାଲା ଶଙ୍କରଲାଲ···? ଲାଲା··· ଶଙ୍କର ଲାଲ ? ମନେରଖ ଲାଲା ଶଙ୍କରଲାଲ··· ସାରା ସହରରେ ହରତାଳ, କିନ୍ତୁ ଏକା ତୁମେ ଦୋକାନ ଖୋଲିଛ । ମନେରଖ ଶଙ୍କରଲାଲ···ଯଦି ମୁଁ ବ୍ରାହ୍ମଣ ବଂଶରେ ଜନ୍ମ ହୋଇଥିବି, ତା ହେଲେ ମୁଁ ପ୍ରତିଜ୍ଞା କରୁଛି ଯେ, ଆଜି ସୂର୍ଯ୍ୟାସ୍ତ ପୂର୍ବରୁ ତୁମ ଶୁଭ୍ର ବସ୍ତ୍ର କଡ଼ରେ ମୋର ପତ୍ନୀ, କନ୍ୟା ଓ ସ୍ୱେଚ୍ଛାସେବକମାନଙ୍କର ମୃତ ଦେହ ଜମା ହୋଇଥିବ । ଆମର ରକ୍ତ ତୁମ ମୁଣ୍ଡରେ ଲାଗି ରହିବ, କି ଜବାବ ଦେବ ଲାଲା ? ଶଙ୍କରଲାଲ···ଲାଲା···ଶଙ୍କରଲାଲ । ନିଜ କଥା ଚିନ୍ତା କର ଲାଲା । ତୁମେ ମରିଯିବା ପରେ ତୁମର ପିଲାମାନେ ଯେତେବେଳେ ବଜାରକୁ ଯାଉଥିବେ···ଲୋକେ କ'ଣ କହିବେ, ଏମାନେ ତ ହତ୍ୟାକାରୀର ସନ୍ତାନ ବନ୍ଦକର ଲାଲା ଶଙ୍କରଲାଲ···ବନ୍ଦକର ।"

ଲାଲା ଶଙ୍କରଲାଲ ସବୁବେଳେ କଂଗ୍ରେସକୁ ସାହାଯ୍ୟ କରି ଆସୁଥିଲେ ଓ ବଜାରରେ ତାଙ୍କର ବେଶ୍ ସମ୍ମାନ ଥିଲା । ମୋର ଏ କଥା ଶୁଣି ହଠାତ୍ ସେ ଗଦି ଉପରୁ ତଳକୁ ଓହ୍ଲାଇ ଆସି ଠିଆ ହେଲେ । ଆଖିରେ ଲୁହ ଓ କପୋଳ କମ୍ପିତ, ହାତଯୋଡ଼ି 'ଗୁରୁଆଡ଼େ ଜନତାର ଭିଡ଼ ଆଡ଼କୁ ଚାହିଁ କହିଲେ, "ଭାଇମାନେ, ମୁଁ କେତେ ଅପଦାର୍ଥ, ମୋତେ କ୍ଷମାକର ।" ପୁଣି ଦଉଡ଼ି ଯାଇ କଲେକ୍ଟରଙ୍କ ଘୋଡ଼ା ଆଗରେ ତାଙ୍କର ଦୁଇଗୋଡ଼ ଧରି ବସିଗଲେ ଓ କ "ହଜୁର, ମୋର ମୁହଁ କଳା ପଡ଼ିଗଲା ।" ପୁଣି ମୋ ସ୍ତ୍ରୀର କାନ୍ଧରେ ହାତ ରଖି କହିଲେ, ଝିଅ ମୋତେ କ୍ଷମା କରିଆଇ ଦିଏ ।" ପୁଣି ପାଗଳ ପରି ପାଟିକରି କହିଲେ "ତ୍ୟାଗୀଜୀ, କ୍ଷମା କର । ଆଉ କିଛି କହ ନାହିଁ । ନିଆଁ ଲଗାଇ ଦିଅ ଏ ଦୋକାନରେ । ମୁଁ ହ' କଡ଼ାର ହୋଇଗଲି । ମୋ ମୁହଁ କଳା ପଡ଼ିଗଲା ।" ମୁନିବ ସଙ୍ଗେ ସଙ୍ଗେ ଦୋକାନ ବନ୍ଦ କରିଦେଲା ।

ଲୋକେ ଜୟଧ୍ୱନି କରିବାକୁ ଲାଗିଲେ । କଲେକ୍ଟରଙ୍କ ଘୋଡ଼ା ଚମକି ଗଲା । ମୁଁ ଅଟ୍ଟ କରି କହିଲି, "ଏ କି ଅଭଦ୍ରତା, ମୁଁ ତ କଲେକ୍ଟରଙ୍କୁ ଘୋଡ଼ାରୁ ପକାଇବାକୁ ଚାହୁଁ ନାହିଁ । ସ୍ୱାଙ୍କ ରଜାର ସିଂହାସନକୁ ଓଲଟେଇ ଦେବାକୁ ଚାହୁଁଛୁ ।" ସବୁ ସହି ସମ୍ଭାଳି ମିଷ୍ଟର ଏକ୍‌ଟନ୍ ମୋ ପାଖକୁ ଆସି ଇଂରାଜୀରେ କହିଲେ, "ମିଷ୍ଟର ତ୍ୟାଗୀ, ଧନ୍ୟବାଦ । ମୋର ଅଭିବାଦନ ଗ୍ରହଣ କର । କିନ୍ତୁ ତମେ ଜାଣ ତ ଏଠାରେ ୧୪୪ ଧାରା ଜାରି ହୋଇଛି ଏବଂ ପାଞ୍ଚଜଣରୁ ବେଶି ଲୋକଙ୍କୁ କେହି ଏକାଠି କରି ପାରିବ ନାହିଁ ।" ମୁଁ କହିଲି, "ପାଞ୍ଚ ଜଣରୁ ବେଶୀ ଲୋକ କାହାନ୍ତି ? କଲେକ୍ଟର

Digitized by srujanika@gmail.com

ପଚାରିଲେ, "ଏହାର ଅର୍ଥ ?" ମୁଁ କହିଲି, "ଡକ୍ଟେଟର ତ୍ୟାଗୀ···ଏକ । ଡ଼ଟର ତ୍ୟାଗୀ···ଦୁଇ । ମାଡ଼ାମ୍ ତ୍ୟାଗୀ···ତିନ । ତ୍ୟାଗୀର ଝିଣ୍ଡା···...ଚାରି । ତ୍ୟାଗୀର···... କଲେକ୍ଟର...···ପାଞ୍ଚ ।

କଲେକ୍ଟର ହସି ହସି କହିଲେ, ଯେଉଁ ଲୋକମାନେ ଠିଆ ହୋଇଛନ୍ତି, ସେମାନେ କ'ଣ ତ୍ୟାଗୀର କେହି ନୁହଁନ୍ତି ?

ମୁଁ ଜୋରରେ କହିଲି, "ଭାଇମାନେ, ତୁମେମାନେ କଲେକ୍ଟର ସାହେବଙ୍କ ଯୋଗୁଁ ଏଠିକି ଆସିଛ କି ?"

"ହଁ, ହଁ" ବୋଲି ଜୋରରେ ଉତ୍ତର ମିଳିଲା । କଲେକ୍ଟର ହସି କରି ଚାଲିଗଲେ ।

---

VISIT

SHANKAR CLOTH STORE

For the Most Competitive Price, Choicest of Clothings
& Perfect Tailors
BURLA, DIST. SAMBALPUR.

With Best Compliments of :

HIRAKUD MEDICAL STORES

The Well-Known Stockists & Distributors of Medicines

BURLA MARKET, DIST. SAMBALPUR

Digitized by srujanika@gmail.com

## ଆନ୍ତର୍ଜାତିକ ସମୀକ୍ଷା

— ସଂଜୟ

# ସିଆଇଏ— ପୃଥିବୀର ଆତଙ୍କ

ସିଆଇଏ ହେଉଛି ଆମେରିକାର ଦୁଇଟି ପ୍ରଧାନ ଗୁଇନ୍ଦା ସଂସ୍ଥା ମଧ୍ୟରେ ଅନ୍ୟତମ । ଇଂରାଜୀରେ ଏଥିର ପୂର୍ଣ୍ଣନାମ ହେଲା ସେଣ୍ଟ୍ରାଲ୍ ଇଣ୍ଟେଲି ଜେନ୍‌ସି ଏଜେନ୍‌ସି । ଏହି ତିନୋଟି ଶବ୍ଦର ପ୍ରଥମ ଅକ୍ଷର ମିଶିଗଲେ ହେଉଛି ସିଆଏ, ଯେଉଁ ନାମରେ କି ଏହି ଅନୁଷ୍ଠାନ ସାରା ପୃଥିବୀରେ ପରିଚିତ । ଏବେ କେତେ ଦିନ ହେବ ସିଆଇଏର ନାମ ବହୁ ଆନ୍ତର୍ଜାତିକ ସଂସ୍ଥା ଓ ବିଭିନ୍ନ ଦେଶ ମଧ୍ୟରେ ଥିବା ଅନୁଷ୍ଠାନ ପକ୍ଷରେ ଏକ ଆତଙ୍କର କାରଣ ହୋଇଛି । ସମସ୍ତେ ଥରୁଛନ୍ତି—କାରଣ ପରୋକ୍ଷରେ ବା ପ୍ରତ୍ୟକ୍ଷରେ ସେମାନେ ଏହି ଗୁଇନ୍ଦା ସଂସ୍ଥା ଦ୍ୱାରା ହୁଏତ ସାହାଯ୍ୟପ୍ରାପ୍ତ ହୋଇଛନ୍ତି, ଯାହାକି ସାଧାରଣରେ ପ୍ରକାଶ ପାଇଯାଉଛି ବା ପାଇବାର ସମ୍ଭାବନା ଅଛି ।

## କେଉଁ ମାନେ ସାହାଯ୍ୟ ନେଇଛନ୍ତି

ବିଲାତର ଏକ ପ୍ରସିଦ୍ଧ ପତ୍ରିକା 'ଏନ-କାଉଣ୍ଟର' ସଂପର୍କରେ ଏବେ ଯେତେବେଳେ ପ୍ରକାଶ ପାଇଲା ଯେ, ଆମେରିକାନ ଗୁଇନ୍ଦା ସଂସ୍ଥା ଦ୍ୱାରା ଏହା ପରିପୁଷ୍ଟ; ଏଥିର ଦୁଇଜଣ ସଂପାଦକ ଖ୍ୟାତନାମା ଔପନ୍ୟାସିକ ଫ୍ରାଙ୍କ୍ କରମୋଡ୍ ଓ ବିଖ୍ୟାତ କବି ଷ୍ଟିଫେନ୍ ସ୍ପେଣ୍ଡର୍ ଏଥିରୁ ଇସ୍ତଫା ଦେଇଦେଲେ । ଏକ ପ୍ରସିଦ୍ଧ ଆନ୍ତର୍ଜାତିକ ସଂସ୍ଥା 'କଂଗ୍ରେସ୍ ଫର୍ କଲଚରାଲ୍ ଫ୍ରିଡ଼ମ' ବା ସାଂସ୍କୃତିକ ସ୍ୱାଧୀନତା କଂଗ୍ରେସ ଏହି ଗୁଇନ୍ଦା ସଂସ୍ଥା ପକ୍ଷରୁ ବେଶି ଟଙ୍କା ପାଏ ବୋଲି ପ୍ରକାଶ ପାଇବା ମାତ୍ରେ ସଙ୍ଗେ ସଙ୍ଗେ ସତ୍ୟାସତ୍ୟ ବିଚାର କରିବା ପାଇଁ ପ୍ୟାରିସଠାରେ ଏଥିର ସାଧାରଣ ପରିଷଦର ବୈଠକ ଡକାଗଲା । ଏଥିର ସଭାପତି ଭାରତୀୟ ସ୍ୱତନ୍ତ୍ର ଦଳର ଅନ୍ୟତମ ନେତା ଶ୍ରୀ ମିନୁ ମସାନୀ । ବୈଠକରେ ସାଧାରଣ ସଂପାଦକ କହିଲେ, "ହଁ, ସେ ପ୍ରକାଶ କରି ନାହାନ୍ତି, ସିଆଇଏ ଟଙ୍କାରୁ ଏହି ଅନୁଷ୍ଠାନ ଚଳେ ।" ପରେ ପରେ ହୁଏତ ଏମାନେ ଏ ଟଙ୍କା ଆଉ ନେବେ ନାହିଁ ବୋଲି କହିଲେ; କିନ୍ତୁ ଏ ସଂସ୍ଥାର ଯାହା ଖ୍ୟାତି ଥିଲା, ଗୁଇନ୍ଦା ଟଙ୍କା ଯୋଗୁଁ ତାହା ଆଉ ରହିଲା ନାହିଁ । ସେହିପରି 'ଓ୍ୱାର୍ଲ୍ଡ ଫେଡ଼ରେସନ୍ ଅଫ୍ ଲେବର' ବା ପୃଥିବୀ ଶ୍ରମିକ ସଂସ୍ଥା – ଯେଉଁ ସଂସ୍ଥାରେ କି ପୃଥିବୀର ସବୁ ଦେଶର ଶ୍ରମିକ ସଂଗଠନ ମାନେ ସଭ୍ୟ ଅଛନ୍ତି ଓ ଆମ ଦେଶର ମଧ୍ୟ କେତେକ ଶ୍ରମିକ ସଂଗଠନ ସଭ୍ୟ ଅଛନ୍ତି । ଏହି ଆନ୍ତର୍ଜାତିକ ସଂସ୍ଥା ମଧ୍ୟ ସିଆଇଏ ଠାରୁ ଅର୍ଥଲାଭ କରୁଛି ବୋଲି ପ୍ରକାଶ ପାଇଛି ଏବଂ କେହି ତାର

Digitized by srujanika@gmail.com

ପ୍ରତିବାଦ କରୁନାହାନ୍ତି । ନିକଟରେ ଯେତେବେଳେ ପ୍ରକାଶ ପାଇଲା ଭାରତର ଗୋଟିଏ ବନ୍ଦର ଶ୍ରମିକ ସଂସ୍ଥା ସିଆଇଏ ଠାରୁ ଟଙ୍କା ପାଉଛି, ସେତେବେଳେ କଥା—ଆମେ ଜଣାଣ ଖାଇନାହୁଁ ନ୍ୟାୟରେ ଗୋଟିକ ପରେ ଗୋଟିଏ ବନ୍ଦର ଶ୍ରମିକ ସଂସ୍ଥା ଏହାର ପ୍ରତିବାଦ କରିବାକୁ ଲାଗିଲେ । ସେହିପରି ଅନ୍ୟ ଗୋଟିଏ ଆନ୍ତର୍ଜାତିକ ସଂସ୍ଥା—ସଂବାଦପତ୍ରମାନଙ୍କର ସଂଗଠନ, ଆନ୍ତର୍ଜାତିକ ପ୍ରେସ ଇନଷ୍ଟିଚ୍ୟୁଟ୍, ସିଆଇଏ ଠାରୁ ଟଙ୍କା ପାଉଛି ବୋଲି ପ୍ରକାଶ ପାଇଲେ ମଧ୍ୟ ଇନଷ୍ଟିଚ୍ୟୁଟ ପକ୍ଷରୁ ଏହାର ଦୃଢ଼ ପ୍ରତିବାଦ କରାଯାଇଛି, ମାତ୍ର ଲୋକେ ଏହାକୁ ବିଶ୍ୱାସ କରିବେ କି ନାହିଁ, ବୁଝି ପାରୁନାହାନ୍ତି । ଭାରତରେ ଥିବା ଆମେରିକାର ଗୋଟିଏ ବେସରକାରୀ ସାହାଯ୍ୟ ସଂସ୍ଥା 'ଏସିଆ ଫାଉଣ୍ଡେସନ' ସିଆଇଏରୁ ଟଙ୍କା ପାଏ ବୋଲି ପ୍ରକାଶ ପାଇଲା । କ୍ଷଣି ଏହି ସଂସ୍ଥାଠାରୁ ଯେଉଁସବୁ ଭାରତୀୟ ଅନୁଷ୍ଠାନ ଟଙ୍କା ନେଉଥିଲେ, ସେମାନେ ମନା କରି ଦେଲେଣି ଆଉ ନେବେ ନାହିଁ । ଏତିକି ପ୍ରକାଶ ପାଇଲାଣି । ମଝିରେ ମଝିରେ ନୂଆ ନୂଆ ନାମ ପ୍ରକାଶ ପାଇବାରେ ଲାଗିଛି ଓ ସଙ୍ଗେ ସଙ୍ଗେ ଆଟଲାଣ୍ଟିକ ମହାସାଗରରୁ ପ୍ରଶାନ୍ତ ସମୁଦ୍ର ପର୍ଯ୍ୟନ୍ତ ପୃଥିବୀର ଦେଶରେ ଦେଶରେ ଏଥିର ପ୍ରତିଧ୍ୱନି ଶୁଣିବାକୁ ମିଳୁଛି । ଏବେ ନିୟୁୟର୍କ ଟାଇମସର ନୂଆଦିଲ୍ଲୀ ସଂବାଦଦାତା ଲେଖିଛନ୍ତି, ଭାରତର କେତେକ ରାଜନୈତିକ ଦଳ ଗତ ନିର୍ବାଚନରେ ସିଆଇଏ ଠାରୁ ପ୍ରଚୁର ଅର୍ଥ ସାହାଯ୍ୟ ପାଇଛନ୍ତି ।

ଦେଖିବାର କଥା ଯେ ଆମେରିକାର ଗୁଇନ୍ଦା ସଂସ୍ଥା ପକ୍ଷରୁ ଏ ସାହାଯ୍ୟ ରହସ୍ୟ ପ୍ରଥମେ ଆମେରିକାର ସଂବାଦପତ୍ରମାନଙ୍କରେହିଁ ପ୍ରକାଶ ପାଇଲା । 'ର‌ମ୍ପାର୍ଟସ୍' ନାମକ ସେ ଦେଶର ଏକ ନୂତନ ବାମପନ୍ଥୀ ମାସିକ ପ୍ରଥମେ ପ୍ରକାଶ କଲାଯେ ଆମେରିକାର ସର୍ବବୃହତ୍ତ ଛାତ୍ର ସଂଗଠନ ଜାତୀୟ ଛାତ୍ର ଆସୋସିଏସନ ସିଆଇଏ ଟଙ୍କରେ ପରିପୁଷ୍ଟ । ସଂଗେ ସଂଗେ ଏହାର ସତ୍ୟାସତ୍ୟ ଏକଥା ମାନିନେଲେ ଓ ତା'ପରେ ଖୋଲିଲା, ଗୋଟିକ ପରେ ଗୋଟିଏ ଚୋପ ଫୁଟିଲା ପରି ସିଆଇଏର ସାହାଯ୍ୟଦାନର ବିବରଣୀ । କେତେକେ ଯୁକ୍ତିକଲେ ଯେ କମ୍ୟୁନିଷ୍ଟବାଦ ବିରୁଦ୍ଧରେ ଏ ସାହାଯ୍ୟ ନେବାରେ ଦୋଷ ନାହିଁ ଏବଂ ସିଆଇଏ ଛଡ଼ା ଏତେ ଅଧିକ ସାହାଯ୍ୟ ଅନ୍ୟ କୌଣସି ସୂତ୍ରରୁ ମିଳିବା ସମ୍ଭବ ନୁହେଁ । କିନ୍ତୁ ସିଆଇଏ ନାମ ପଛରେ ଏପରି ସ୍ମୃତି ଜଡ଼ିତ ଯେ, ଏ ଟଙ୍କା ନେଲେ ଆଉ ନିସ୍ତାର ନାହିଁ । ସହଜରେ ଏ ଗୁଇନ୍ଦା ଅଠା ଆଉ ଛୁଡ଼ିବ ନାହିଁ ।

## ସିଆଇଏର ଜନ୍ମ

ଦ୍ୱିତୀୟ ମହାଯୁଦ୍ଧ ପରେ ଆମେରିକାର ଏହି ଗୁଇନ୍ଦା ସଂସ୍ଥାର ଜନ୍ମ । ବ୍ରିଟିଶ, ଫରାସୀ, ଜର୍ମାନ, ଜାପାନୀ ଓ ରୁଷିଆନ୍-ମାନଙ୍କର ଯୁଦ୍ଧ ସମୟରେ ଯେପରି ଶକ୍ତିଶାଳୀ ଗୁଇନ୍ଦା ସଂସ୍ଥା ଥିଲା, ଆମେରିକାର ସେପରି ନଥିଲା । ଆମେରିକାର ପର୍ଲ ହାର୍ବର ବନ୍ଦର ଉପରେ ଜାପାନ ଯେତେବେଳେ ଏକ ଅଭାବନୀୟ, ଭୟାବହ ଆକ୍ରମଣ କଲା,

Digitized by srujanika@gmail.com

ସେତେବେଳେ ଏହାର ସମ୍ମୁଖୀନ ହେବାପାଇଁ ଆମେରିକା ଆଦୌ ପ୍ରସ୍ତୁତ ନଥିଲା । ଜାପାନ ଉପକୂଳରୁ ପର୍ଲ ହାର୍ବର ହଜାର ହଜାର ମାଇଲ ଦୂର । ଏତେ ଦୂରରୁ ଜାପାନୀ ନୌବାହିନୀର ଚଳାଚଳ ସଂପୂର୍ଣ୍ଣ ଗୋପନୀୟ ରହି ପାରିଲା, ଏହା ଆମେରିକାର ଗୁଇନ୍ଦା ବ୍ୟବସ୍ଥାର ଏକ କମ୍ ବିପର୍ଯ୍ୟୟ ନୁହେଁ । ଏହା ପରେ ପରେ ଆମେରିକାରେ ଏକ ପ୍ରବଳ ଦାବୀ ହେଲା, ପୃଥିବୀର ଅନ୍ୟାନ୍ୟ ଶକ୍ତିମାନଙ୍କପରି ଆମେରିକାର ମଧ୍ୟ ଏକ ଶକ୍ତିଶାଳୀ ଗୁଇନ୍ଦା ସଂଗଠନ ଗଢ଼ାଯାଉ । ଏହାରି ଫଳରେ ହିଁ ସିଆଇଏର ଜନ୍ମ ।

୧୯୪୭ ମସିହାରେ ରାଷ୍ଟ୍ରପତି ଟ୍ରୁମାନଙ୍କ ସମୟରେ ଜାତୀୟ ନିରାପତ୍ତା ଆଇନ ଅନୁଯାୟୀ ସିଆଇଏ ସଂସ୍ଥା ଗଠନ କରାଗଲା । ମାତ୍ର ୨୦ବର୍ଷ ମଧ୍ୟରେ ଏ ଅନୁଷ୍ଠାନର ଗୁପ୍ତଚର ଜାଲ ପୃଥିବୀର ଏପରି କୌଣସି ଅଞ୍ଚଳ ନାହିଁ ଯାହାକୁ କି ସ୍ପର୍ଶ କରିନାହିଁ । ସିଆଇଏର ଏଜେଣ୍ଟମାନେ ବିଭିନ୍ନ ଦେଶରେ ବୁଲନ୍ତି । ଧର୍ମଯାଜକ, ବ୍ୟବସାୟୀ, କୂଟନୀତିଜ୍ଞ, ଶିକ୍ଷାବିତ୍, ଏପରିକି ବଡ଼ ବଡ଼ ହୋଟେଲ ବାରରେ ପରିବେଷଣକାରୀ ରୂପେ । ଲଓସର ଚା'ଦୋକାନରୁ ଆରମ୍ଭ କରି ରୁଷିଆର ରାଜନୈତିକ ପ୍ରାଣକେନ୍ଦ୍ର କ୍ରେମ୍ଲିନ ହଲ ପର୍ଯ୍ୟନ୍ତ ସିଆଇଏର ଗୁପ୍ତଚର ଅଛନ୍ତି । ଥରେ ପୂର୍ବ-ଜର୍ମାନୀରେ ଦଳେ ଶ୍ରମିକ ରାସ୍ତାରୁ ମାଟି ଖୋଳୁ ଖୋଳୁ ଆବିଷ୍କାର କଲେ ଏକ ବଡ଼ ଧରଣର ସୁଡ଼ଙ୍ଗ, ସୋଭିଏଟ ସୈନ୍ୟ ଛାଉଣୀରେ ଯାଇ ପହଞ୍ଚିଛି ଓ ଆସିଛି ପଶ୍ଚିମ ବର୍ଲିନରୁ । ଏହି ସୁଡ଼ଙ୍ଗ ଭିତରେ ତାର ଖଞ୍ଜି ସିଆଇଏ ମା[...] ମାଇଲ ଦୂରରୁ ସୋଭିଏଟ ସେନାଛାଉଣି[...] ସବୁ ଠିକ ଠିକ ଖବର ରଖନ୍ତି । କେବଳ ଭିତରେ ନୁହେଁ ଆକାଶରେ ପନ୍ଦରମା[...] ଉପରୁ ସିଆଇଏର ଗୁପ୍ତଚର ବିମାନ (ଯୁ[...] କମ୍ୟୁନିଷ୍ଟ ଚୀନର କେଉଁଠ କିପରି ର[...] ଗୁଡ଼ିଛି ତାର ସବୁ ଖବର ରଖେ । ସୋଭି[...] ୟୁନିଅନ ସାତବର୍ଷ ତଳେ ଏପରି ବିମାନଙ୍କୁ ଖସାଇ ଦେବା ପରେ ବର୍ତ୍ତ[...] ମହାଶୂନ୍ୟରେ ତଥ୍ୟ ସଂଗ୍ରହ ପାଇଁ ଉପ[...] ପଠାଯାଉଛି । ସିଆଇଏର ନିଜର ବିମାନବା[...] ଓ ଆନ୍ତର୍ଜାତିକ ବେତାର- ସଂଗ[...] (ରେଡ଼ିଓ ଫ୍ରି ୟୁରୋପ) ଅଛି । ଓ୍ୱାସିଂ[...] ସହରର ଆଠମାଇଲ ଦୂରବର୍ତ୍ତୀ ଏକ ଜ[...] ମଧ୍ୟରେ ଥିବା ଏହାର ଅଷ୍ଟତଳ ପ୍ରାସାଦ[...] ପ୍ରାୟ ୧୫ ହଜାର କର୍ମଚାରୀ କାମ କରନ୍ତି[...] ଏଥିରୁ କେବଳ ପାଞ୍ଚହଜାରଜଣ ପି. ଏଚ୍. [...] ଉପାଧିଧାରୀ ! ଏମାନଙ୍କ ମଧ୍ୟରେ ଭାଷାତତ୍ତ୍ୱ[...] ଅର୍ଥନୀତିଜ୍ଞ, ମାନଚିତ୍ର ବିଶାର[...] ମନସ୍ତତ୍ତ୍ୱଜ୍ଞ, ରସାୟନ ପଣ୍ଡିତ, ଭୂତତ୍ତ୍ୱବି[...] ମୃତ୍ତିକାବିଶାରଦ, କୂଟନୀତିଜ୍ଞ ସବୁ ଶ୍ରେଣୀ[...] ବିଶେଷଜ୍ଞ ଅଛନ୍ତି । କୁହାଯାଏ ଯେ ସିଆ[...] ପ୍ରାସାଦର ପ୍ରତି ଇଞ୍ଚ ଭୂମିରେ ଯେତେ[...] ବିଶେଷଜ୍ଞ ଅଛନ୍ତି, ପୃଥିବୀର ବହୁ ଶ୍ରେଷ୍ଠ ଶ୍ରେ[...] ଦେଶରେ ମଧ୍ୟ ସେତେଜଣ ବିଶେଷ[...] ନଥିବେ । ଏହି ବିଶେଷଜ୍ଞମାନଙ୍କର କା[...] ହେଲ ପ୍ରତ୍ୟହ ପୃଥିବୀର ବିଭିନ୍ନ ଅଞ୍ଚଳ[...] ଆସୁଥିବା ହଜାର ହଜାର ତଥ୍ୟକୁ ବାଛି ପଣ୍ଡା[...] କରିବା ଓ ଆମେରିକାର ନିରାପତ୍ତା ସା[...] ଏଥିରୁ ସାର ସଂଗ୍ରହ କରିବା ।

Digitized by srujanika@gmail.com

## ସ୍ୱୁକର୍ଣ୍ଣଙ୍କର ପ୍ରେମିକା

ପ୍ରଚଦନ ସଂଧାରେ ସିଆଇ ଏ ପକ୍ଷରୁ ଣକାର ରାଷ୍ଟ୍ରପତିଙ୍କ ସଂକ୍ଷିପ୍ତ ରିପୋର୍ଟ ଯାଏ—ପୃଥିବୀର ବିଭିନ୍ନ ଅଞ୍ଚଳରେ ସମୟରେ କଣ କଣ ହୋଇଛି ଓ ନିକଟ ଷ୍ୟତରେ କଣ କଣ ହେବାକୁ ଯାଉଛି ର ସ୍ପଷ୍ଟ ସୂଚନା ସେଥିରେ ଦିଆଯାଏ । ରିକ ପୃଥିବୀର କେହି ବିଶିଷ୍ଟ ରାଷ୍ଟ୍ରନୀତିଙ୍କ ତ ଥିଲେ ତାଙ୍କର ମୂତ୍ର ପରୀକ୍ଷାର ପୋର୍ଟଠାରୁ ଆରମ୍ଭ କରି ରାଷ୍ଟ୍ରପତି ସୁକର୍ଣ୍ଣଙ୍କର ନ ପ୍ରେମିକାଙ୍କର ସମ୍ବାଦ ପର୍ଯ୍ୟନ୍ତ । ଲେଖିବା ଲ୍ୟ ଯେ ସିଆଇଏର ଏହି ପୃଥିବୀ ବ୍ୟାପୀ ଯୋଜନା ପାଇଁ ଏହାର ବାର୍ଷିକ ବଜେଟ ଉଚ—ସ୍ୱଣ ହ କୋଟି ଟଙ୍କା !

ଆମେରିକାର ନିରାପତ୍ତା ପାଇଁ ଏ ଠନର ଦାନ ଯେ ଯଥେଷ୍ଟ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏଥିପାଇଁ ପୃଥିବୀର ବହୁ ଦେଶଙ୍କୁ କମ ମୂଲ୍ୟ ଦେବାକୁ ପଡ଼ୁ ନାହିଁ । ସିଆଇଏର ପ୍ରରୋଚନାରେ ପୃଥିବୀର କେତେ ଯେ ସରକାରର ପତନ ଘଟିଛି, କେତେ ରାଷ୍ଟ୍ରନେତା ନିଶ୍ଚିହ୍ନ ହୋଇ ଯାଇଛନ୍ତି, କେତେ ଅନୁଷ୍ଠାନ ନିନ୍ଦିତ ହୋଇଯାଇଛି, ତାର ଇୟତ୍ତା ନାହିଁ । ଏଥିରୁ କେତୋଟି ଦୃଷ୍ଟାନ୍ତ ହେଲା—୧୯୫୩ ମସିହାରେ ଇରାନରେ ପ୍ରଧାନମନ୍ତ୍ରୀ ମୋସାଦେବଙ୍କର ପତନ । ୧୯୫୪ ମସିହାରେ ଗୁଆଟିମାଲାର ବାମପନ୍ଥୀ କଣ୍ଟ୍ରୋଲ ଆର୍ବେଞ୍ଜ ସରକାରର ଗାଦିଚ୍ୟୁତି । ୧୯୬୧ ମସିହାରେ କଙ୍ଗୋରେ ଲୁମୁମ୍ବାଙ୍କର ହତ୍ୟା । ୧୯୬୫ ମସିହାରେ ଇନ୍ଦୋନେସିଆରେ ସୈନ୍ୟବାହିନୀର କ୍ଷମତା ଅଧିକାର ଓ ଏବେ ଗ୍ରୀସର ସାମରିକ ବିପ୍ଳବ । ସିଆଇଏ ବର୍ତ୍ତମାନ ପୃଥିବୀର ସବୁଠାରୁ ଆତଙ୍କଦାୟକ ଅନୁଷ୍ଠାନ !

---

ଭାରତୀୟ ମହାଜାତିକୁ କେହି ମାରି ପାରିବ ନାହିଁ । ମୃତ୍ୟୁହୀନ ହୋଇ ଏହା ଠିଆ ହୋଇଛି । ଯେତେଦିନ ପର୍ଯ୍ୟନ୍ତ ଭାରତର ଲୋକେ ଆଧ୍ୟାତ୍ମିକତାକୁ ଛାଡ଼ି ନାହାନ୍ତି, ଯେତେଦିନ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଭାବନା ଏହି ଜାତିର ପୃଷ୍ଠଭୂମିରେ ରହିଛି, ସେତେଦିନ ପର୍ଯ୍ୟନ୍ତ ଏହା ଚିରନ୍ତନ ଠିଆ ହୋଇ ରହିଥିବ ।

—ସ୍ୱାମୀ ବିବେକାନନ୍ଦ

Digitized by srujanika@gmail.com

# ଅତୀତର ଜୀବନସ୍ମୃତି



## ବାଲ୍ୟଶିକ୍ଷା

### (ସେକାଳର ଚାଟଶାଳୀ
ଚାଟିଘର

ଡକ୍ଟର ପ୍ରାଣକୃଷ୍ଣ ପଟ

**ମୋ** ପିଲଦିନେ ଆଧୁନିକ ବିଦ୍ୟାଳୟ କେତେକ ସ୍ଥାନରେ ଖୋଲିଥିଲେ ମଧ୍ୟ ସାଧାରଣତଃ ପାଠଶାଳା ବା ଚାଟଶାଳୀରେ ପୁରୁଣାକାଳିଆ ଢଙ୍ଗରେ ଶିକ୍ଷାଦିଆ ଯାଉଥିଲା ଏବଂ ତାହାହିଁ ଥିଲା ପ୍ରାଥମିକ ଶିକ୍ଷାର ମାଧ୍ୟମ । ମୁଁ ମୂଳରୁ କହୁଛି ଯେ ଆମ ଗ୍ରାମରୁ ୨ ମାଇଲ ଦୂରରେ ବାଲିକୁଦାଠାରେ ଏକ ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ଓ ମୋର ଦାଦା ସେଠାରେ ପଢ଼ିଥିଲେ । କିନ୍ତୁ ମୁଁ ସେ ସ୍କୁଲକୁ ଯାଇ ନଥିଲି; ମୋର ବାଲ୍ୟଶିକ୍ଷା ମୁଁ ପାଠଶାଳାରେହିଁ ସମାପ୍ତ କରିଥିଲି ।

### ଚାଟଶାଳୀ

ମୋର ଗୋସେଇଁ ବାପାଙ୍କର ଖାଇ ରଦ୍ଧ ଧରିବାଙ୍କ କଥା କହୁଛି । ତାଙ୍କର ସାନପୁଅ ସେପରି ଚତୁର ନ ଥିଲେ । ସେଥି ସେ ଜଣେ ମାଷ୍ଟିବଂଶ ଅବଧାନଙ୍କୁ ଗ୍ରାମ୍ୟ ନିଯୁକ୍ତ କରି ଆମ ଘରେ ଗୋଟିଏ ପାଠ ଖୋଲିଥିଲେ । ମୋର ଦାଦା, ମୁଁ ଓ ବନ୍ଧୁ ମିଳି ଏହି ପାଠଶାଳାରେ ଦେଇଥିଲୁ । ଆମର କୌଣସି ସ୍ଲେଟ, ନଥିଲା । ଦାଣ୍ଡ଼ା ଘରେ ମୁଣ୍ଡାଖଡ଼ିରେ ଆମେ ଅକ୍ଷର ଶିକ୍ଷା କରୁଥିଲୁ । ଗୋଟିଏ ଅକ୍ଷର ଲେଖି ତା ଉପରେ ବର ଖଡ଼ି ବୁଲେଇବା ଫଳରେ ଅକ୍ଷର ଅ

Digitized by srujanika@gmail.com

ରହୁଯାଉଥିଲା । ପ୍ରତ୍ୟେକଙ୍କର ଭାଗରେ ...ଏ ବର୍ଗଗଜ ଯାଗା ପଡ଼ୁଥିଲା । ତାର ନାମ । ଜଣେ ନିଜ ପାହୁ ଛାଡ଼ି ଅନ୍ୟ ପାହୁରେ ...ଶ କରିବା ମନା । ଯେତେବେଳେ ଲେଖି ... ଭୂଇଁରୁ ମାଟି ଉଠି ଯାଉଥିଲା, ...ତବେଳେ ପିଲାମାନେ ପାଣି କରି ମାଟି ...ରରେ ତାକୁ ଲିପି ଦେଉଥିଲେ ।

ସାଧାରଣ ଅକ୍ଷର ଶିକ୍ଷାପରେ ପିଲାମାନେ ...କ୍ଷର ଶିକ୍ଷା କରୁଥିଲେ । ଏହାପରେ ...ଆ ବା ଗୁଣନ ଶିକ୍ଷା । ଏହା ସାହାଯ୍ୟରେ ଓ ଗଣ୍ଡା ଶିକ୍ଷା କରାଯାଉଥିଲା । ଏଠାରେ ...ଖ କରାଯାଇପାରେ ଯେ ସେତେବେଳେ ...। ଅଧଲା ପାହୁଲା ସାଙ୍ଗକୁ କଉଡ଼ି ମୁଦ୍ରା ...ରରେ ଚଳୁଥିଲା । ଘଣେ ବା ପଚିଶଟି କଉଡ଼ି ...ଲେ ଅଣାଏ ହେଉଥିଲା । ୧୬ ଅଣାରେ ...ଟିଏ ଟଙ୍କା । ଏଥିପାଇଁ ଏହାର ନାମ ଥିଲା ...କିଆ ।

ପଣିକିଆ ଶିକ୍ଷାପରେ ଗୁଣନ, ଫେଡ଼ାଣ ...ଡ଼ାଙ୍କ ଶିକ୍ଷା ଦିଆଯାଉଥିଲା । ସକାଳେ ...-ଚଟାଣ ଉପରେ ମୁଣ୍ଡାଖଡ଼ିରେ ଲେଖି ...ଏ ଏହା ଶିକ୍ଷା କରୁଥିଲେ । ଉପରବେଳା ...ଆରେ ପଦ୍ୟ ମୁଖସ୍ଥ କରୁଥିଲେ ଓ ଟିକିଏ ...ଳା ପଡ଼ିଗଲେ ସଂସ୍କୃତ ଶ୍ଳୋକ ...ଖୁଥିଲେ । ପାଠୁଆ ପିଲାଏ ଲେଖନ ...ଯ୍ୟରେ ତାଳପତ୍ରରେ ଲେଖୁଥିଲେ । ...ଖନ ହେଉଛି ଏକ ପ୍ରକାର ଲୁହାର ...ମ ଏବଂ ଏହାର ମୁଣ୍ଡପାଖ ଏପରି ଦାନ୍ତୁଆ ଏଥିରେ ତାଳପତ୍ରକୁ କଟାଯାଇ ଲେଖିବା ...ରକୁ ଅଣାଯାଇ ପାରିବ । ଯେତେବେଳେ ଲେଖିବା ଦୁରସ୍ତ ହୋଇ ଯାଉଥିଲା, ପିଲାମାନେ କାଗଜାତ୍ର ଓ ହିସାବ ରଖିବା ଶିକ୍ଷା କରୁଥିଲେ । ପିଲାଙ୍କ ଭିତରେ ଯେଉଁମାନେ ଆଗୁଆ ଥିଲେ, ସେମାନେ ଅମରକୋଷ ମୁଖସ୍ଥ କରୁଥିଲେ ।

ସଂଧ୍ୟାବେଳେ ଘଣ୍ଟାଏକାଳ ପଣିକିଆ, ଓଡ଼ିଆ ପଦ୍ୟ, ସଂସ୍କୃତ ଶ୍ଳୋକ ଏପରିକି ଅମରକୋଷ ଆବୃତ୍ତି କରାଯାଉଥିଲା । ପିଲାମାନେ ଯାହା ମୁଖସ୍ଥ କରୁଥିଲେ, ସେଥିରୁ ଖୁବ୍ କମ୍ ଭୁଲୁଥିଲେ ମଧ୍ୟ ଏ ପ୍ରଣାଳୀରେ ସେମାନଙ୍କର ସ୍ମୃତିଶକ୍ତି ବଢ଼ୁଥିଲା, ଏହା ନିଃସନ୍ଦେହରେ କୁହାଯାଇପାରେ । ଅଳ୍ପକାଳ ମଧ୍ୟରେ ମୁଁ ଏ ପ୍ରଣାଳୀରେ ଏତିକି ପାଠ ଆୟତ୍ତ କରିଥିଲି । ଏବେ ମଧ୍ୟ ମୁଁ ଅମରକୋଷର କୌଣସି ନା କୌଣସି ଅଂଶ ଆବୃତ୍ତି କରି ପାରିବି ।

## ବିଦ୍ୟାରମ୍ଭ

ଆମ ଜାତିରେ ବିଦ୍ୟାରମ୍ଭ ନାମକ ଏକ ଉତ୍ସବ ପାଳନ କରାଯାଉଥିଲା । ଏହି ଦିନଠାରୁ ପିଲା ଶିକ୍ଷା ଆରମ୍ଭ କରିବାର କଥା । ନିଜ ପରିବାରର ନାୟକ ଏହି ଉତ୍ସବରେ ପୁରୋଧା କାର୍ଯ୍ୟ କରୁଥିଲେ । ଏହି ନାୟକମାନେ ଥିଲେ ମାଟିବଂଶ ବା ଛିତବଂଶ ଅବଧାନ କୁଳର । ଏମାନଙ୍କର ପୁରୁଷାନୁକ୍ରମିକ ବୃତ୍ତି ଥିଲା ଅବଧାନ କରିବା । ଏହି ଉତ୍ସବ ଦିନରେ ବିଦ୍ୟାରମ୍ଭ କରୁଥିବା ବାଳକ ନୂଆ ଲୁଗା ପିନ୍ଧୁଥିଲା, ସରସ୍ୱତୀଙ୍କୁ ଆବାହନ କରାଯାଉଥିଲା ଓ ୭ରୁ ୨୧ ପର୍ଯ୍ୟନ୍ତ ନଡ଼ିଆ ଭୋଗ ହେଉଥିଲା । ପରିବାରର ନାୟକ ବାଳକର ପ୍ରକୃତ ଶିକ୍ଷକ

Digitized by srujanika@gmail.com

ହେବ, ଏପରି କିଛି ନିୟମ ନ ଥିଲା । ମୋ କ୍ଷେତ୍ରରେ ଏ ଉତ୍ସବ ବିଳମ୍ବ ହୋଇଯାଇଥିଲା । ମୁଁ ପାଠଶାଳାରେ କିଛିଦିନ ଯୋଗ ଦେବାପରେ ମୋର ବିଦ୍ୟାରମ୍ଭ ଉତ୍ସବ ହୋଇଥିଲା ।

## ବେତମଣ୍ଡଳେ ଉପସ୍ଥାନ

ଏପରି ପାଠଶାଳାରେ ଯୋଗ ଦେବାର ପ୍ରଣାଳୀ ମଧ୍ୟ ବିଚିତ୍ର ପ୍ରକାର ଥିଲା । କୌଣସି ଉପସ୍ଥାନ ପଡ଼ୁ ନ ଥିଲା, କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଯୋଗ ଦେବାପାଇଁ ଖୁବ୍ ଜୋର ଦିଆଯାଉଥିଲା । ଯେଉଁ ପିଲା ଠିକ୍ ସମୟରେ ଆସୁଥିଲା ଓ ପ୍ରଥମେ ପାଠଶାଳାରେ ଆସି ପହଞ୍ଚୁଥିଲା, ତା' ପାପୁଲିରେ ଶୂନ ବା ବେତ ଛୁଆଇଁ ଦିଆଯାଉଥିଲା । ଯେ ତା' ପଛରେ ଆସୁଥିଲା ତା' ହାତରେ ଆସ୍ତେ ଦୁଇ ପାହାର ଓ ତୃତୀୟ ବାଳକକୁ ଜୋର ତିନି ପାହାର ଓ ଏହିପରି ବେତ ବସୁଥିଲା । ସବା ପଛରେ ଯେ ଆସୁଥିଲା, ସେ ସବୁଠାରୁ ବେଶୀ ଜୋରରେ ମାଡ଼ ଖାଉଥିଲା । ଏହା ଫଳରେ ଶୀଘ୍ର ପାଠଶାଳାକୁ ଆସିବା ପାଇଁ ପିଲାଙ୍କ ଭିତରେ ପ୍ରତିଯୋଗିତା ଲାଗୁଥିଲା ।

## ବେତମାଡ଼ ଡରି ଶିକ୍ଷକ ପଳାଇଲେ

ଜଣଙ୍କ ପରେ ଜଣେ ହୋଇ ମୋର ଦୁଇ ତିନିଜଣ ଶିକ୍ଷକ ଥିଲେ । ସେମାନଙ୍କ ମଧ୍ୟରୁ କେତେକେ ଅତି ନିଷ୍ଠୁର ଥିଲେ ଓ ସାମାନ୍ୟ ଭୁଲ ବା ଦୁଷ୍ଟାମି ପାଇ କଠିନ ଦଣ୍ଡ ଦେଉଥିଲେ । ଜଣେ ଶିକ୍ଷକ ମୋତେ ଯେଉଁ ଦଣ୍ଡ ଦେଇଥିଲେ, ଏଠାରେ ମୁଁ ତାର ଉଲ୍ଲେଖ କରିପାରେ । ମୁଁ କ'ଣ ଦୁଷ୍ଟାମି କରିଥିଲି । ଶିକ୍ଷକ କଦଳୀ ପଟୁକାରେ ମୋର ଗୋଡ଼ ବୃଢା ଆଙ୍ଗୁଠି ଦୁଇଟିକୁ ବାନ୍ଧିଦେଇ ବେକରେ ଫାଶକୁ ଗଳାଇ ଦେଲେ । ଫାଶ ଦଉଡ଼ି ଛୋଟ ଥିବାରୁ ଯୋଗୁ ଅତି କଷ୍ଟରେ ମୁଣ୍ଡ ନୁଆଇ ମୋତେ ବସିବାକୁ ପଡ଼ିଲା । ମୁଣ୍ଡ ଯାଇ ପ୍ରାୟ ଗୋଡ଼ରେ ଲାଗୁଥିଲା । ମୁଁ ମୁଣ୍ଡ ଏପାଖ ସେପାଖ କରି ପଟୁକାକୁ ଖସାଇବା ପାଇଁ ଚେଷ୍ଟା କଲି । ହଠାତ୍ ଦଉଡ଼ିଟି ଛିଡ଼ିଯିବାରୁ ମୁଁ ଅପ୍ରତ୍ୟାଶିତ ଭାବରେ ମୁକ୍ତ ପାଇଗଲି । ଦେଖିଲି ପାଖରେ ବେତଟା ପଡ଼ିଛି । ବେତଟାକୁ ଧରିପକାଇ ଶିକ୍ଷକଙ୍କୁ ବାଡ଼େଇବା ପାଇଁ ତାଙ୍କ ପଛେ ପଛେ ଦୌଡ଼ିଲି । ଲୋକଟିକୁ କାଳୁ କୁଣ୍ଡିଆ ହୋଇଥାଏ । ସେ ମୋତେ ଧରିବାକୁ ଚେଷ୍ଟା ନ କରି ଦୌଡ଼ି ପଳାଇବାକୁ ଲାଗିଲା । ଏତିକିବେଳେ ମୋର ଜେଜେ (ଦାଦାଙ୍କର ଦାଦା) ରଘୁନାଥ ପରିଜା ଆସି ମୋତେ ଧରି ପକାଇଲେ । ଏ ଦୃଶ୍ୟ ତାଙ୍କ ପକ୍ଷରେ ବେଶ୍ ଆମୋଦଦାୟକ ହୋଇଥିଲା; କିନ୍ତୁ ମୋର ବିଶୃଙ୍ଖଳା ପାଇଁ ସେ ମୋତେ ମାଡ଼ ନ ଦେଇ ଛାଡ଼ି ନ ଥିଲେ । ଉଲ୍ଲେଖଯୋଗ୍ୟ ବିଷୟ ହେଉଛି, ପିଲାମାନଙ୍କୁ ନିର୍ଦ୍ଦୟଭାବେ କଠୋର ଦଣ୍ଡ ଦେଲେ, ସେମାନଙ୍କ ମନରେ ଏକ ପ୍ରତିରୋଧ ଶକ୍ତି ଜାତ ହୁଏ, ଯାହାକି ମୋ' କ୍ଷେତ୍ରରେ ଏପରି ବିଶୃଙ୍ଖଳା ଆକାରରେ ଦେଖାଦେଲା ।

ସେତେବେଳର ଏକ ପ୍ରଥା ଥିଲା ଯେ, ବସନ୍ତପଞ୍ଚମୀ ପରେ ପିଲାମାନେ ଦଳ ଦଳ ହୋଇ ଧାନ କ୍ଷେତକୁ ଯାନ୍ତି ଏବଂ ଗୃହସ୍ଥ'

Digitized by srujanika@gmail.com

ଆଗରେ ସମବେତ ସ୍ୱରରେ 'ବନ୍ଦଇ ହରି ଦେବ ମୁରାରି...' ଗୀତ ଗାଇ ଶିକ୍ଷକଙ୍କ ପାଇଁ କିଛି ଧାନ ହଳା ମାଗନ୍ତି । ଚାଷୀମାନେ ପ୍ରାୟ ଗୋଟାଏ ଗୋଟାଏ ହଳା ଦଅନ୍ତି ଏବଂ ପିଲାମାନେ ସେଗୁଡ଼ିକୁ ବୋଝ ବାନ୍ଧ ମୁଣ୍ଡାଇ ଶିକ୍ଷକଙ୍କ ପାଖକୁ ଆଣନ୍ତି । ଏହିପରି ଭାବରେ ସ୍କୁଲର ଛାତ୍ରସଂଖ୍ୟା ଅନୁଯାୟୀ ଶିକ୍ଷକ ଏକ ମହଣ ବା ତଦୂର୍ଦ୍ଧ୍ୱ ଧାନ ପାଇଥାନ୍ତି । ଆମର ପାଠଶାଳା ଏହାର ବ୍ୟତିକ୍ରମ ନଥିଲା । ଆମେ ଶିକ୍ଷକଙ୍କ ପାଇ ଏହିପରି ଧାନ ହଳା ସଂଗ୍ରହ କରୁଥିଲୁ ।

ମୋର ବାଲ୍ୟ ଶିକ୍ଷାର ଅନ୍ୟ ଏକ ଅଂଶ ଥିଲା ମହାଭାରତ, ରାମାୟଣ ଓ ଅନ୍ୟାନ୍ୟ ପୁରାଣ ସବୁ ଶୁଣିବା । ପ୍ରତ୍ୟେକ ସଂଧ୍ୟାରେ କିଛି ନା କିଛି ପୁରାଣ ପାଠ ଥିଲା, ଆମ ପରିବାରର ଏକ ପ୍ରଥା । ପାଠଶାଳାରେ ସଂଧ୍ୟାଶିକ୍ଷା ଶେଷ କରି ମୁଁ ଏହି ଧର୍ମଗ୍ରନ୍ଥ ଶୁଣୁଥିଲି ଓ ରାମାୟଣ ମହାଭାରତ ଓ ପୁରାଣ ବର୍ଣ୍ଣିତ ବିଷୟମାନଙ୍କରେ ମୋର ଧାରଣା ହୋଇଥିଲା । ଏହି ଜ୍ଞାନ ବାଳକ ମନକୁ କମ୍ ପ୍ରଭାବିତ କରେନାହିଁ ।

## ଜମିଦାରୀ ଶିରସ୍ତା

ଏବେ ଯେପରି ହେଉଛି, ସେକାଳରେ ମଧ୍ୟ ଲୋକେ ମହାପ୍ରସାଦ (ପୁରୀ ଜଗନ୍ନାଥ ମନ୍ଦିରର ପ୍ରସାଦ) ଦେଇ ସଙ୍ଗାତ ବସୁଥିଲେ । ନାନା ଜାତି ବର୍ଣ୍ଣରରେ ଏକା ଗାଁର ଲୋକେ ଏହିପରି ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ କରୁଥିଲେ । ମହାନାୟକ (ବର୍ତ୍ତମାନ କରଣମାନଙ୍କ ସହିତ ମିଶି ଗଲେଣି) ପରିବାରର ଏହିପରି ଜଣେ ମହିଳାଙ୍କ ସହିତ ମୋର ମା' ସଙ୍ଗାତ ବସିଥିଲେ । ଏହି ସଙ୍ଗାତଙ୍କର ସ୍ୱାମୀ ଉଦୟନାଥ ଜେନା (ବର୍ତ୍ତମାନ ସେମାନେ ସାମନ୍ତରାୟ ସାଙ୍ଗିଆ ଗ୍ରହଣ କଲେଣି) ମୋର ମଉସା ହୋଇଗଲେ । ସେ ଜଗତସିଂହପୁରର ଲାଲବଂଶୀୟମାନଙ୍କ ଜମିଦାରୀରେ ଜଣେ ତହସିଲଦାର ଥିଲେ ଓ ତାଙ୍କର କର୍ମକେନ୍ଦ୍ର ଥିଲା ଆମ ଗ୍ରାମରୁ ପାଞ୍ଚମାଇଲ ଦୂର କୋଲଦା ଗ୍ରାମରେ । ମୋର ପାଠଶାଳା ଶିକ୍ଷାପରେ ମୁଁ ମୋର ମଉସାଙ୍କର ଜଣେ ଶିକ୍ଷାନବିସ୍ ଭାବରେ ଜମିଦାରୀ ରେକର୍ଡ଼ପତ୍ର ରଖିବାପାଇଁ ତାଙ୍କ ସାଙ୍ଗରେ ଚାଲିଗଲି । ମୁଁ ଏହି ମଉସାଙ୍କ ସହିତ ରହି ରେକର୍ଡ଼ପତ୍ର ରଖିବା କାର୍ଯ୍ୟ ଶିକ୍ଷାକଲି । ମୁଁ ସେଠାରେ ପ୍ରାୟ ବର୍ଷେକାଳ ରହିଥିଲି ଓ କାମ ଶିଖିବା ଛଡ଼ା ଆମର ରୋଷେଇବାସରେ ମଧ୍ୟ ସାହାଯ୍ୟ କରୁଥିଲି । ଏହି ସମୟରେ ମୋର ବାପା ମୟୂରଭଞ୍ଜରୁ ଘରକୁ ଆସିଲେ ଓ ମୋର ମାଙ୍କ ସହିତ କଥାଭାଷା କରି ସ୍ଥିର କଲେ ଯେ ମୁଁ ଏକ ଆଧୁନିକ ସ୍କୁଲରେ ପଢ଼ିବାକୁ ଯିବି । ଏହିପରି ଗୋଟିଏ ସ୍କୁଲ ବା ମାଇନର ସ୍କୁଲ ଆମଗ୍ରାମଠାରୁ ଦୁଇମାଇଲ ଦୂର ବାଲିକୁଦାରେ ଥିବା ଯୋଗୁଁ ମୋର ସେହିଠାରେ ପଢ଼ିବା ସ୍ଥିର ହେଲା ।

ବାଲିକୁଦାର ଅନ୍ତର୍ବର୍ତ୍ତୀ ବାଲିସାହିର ଜମିଦାର ଶ୍ରୀ ପରୀକ୍ଷିତ ଦାସ ଏହି ସ୍କୁଲ ସ୍ଥାପନ କରିଥିଲେ । ସେ ନିଜେ ଇଂରାଜୀଶିକ୍ଷା ଲାଭ କରି ନ ଥିଲେ । କିନ୍ତୁ ତାଙ୍କ ସମ୍ପର୍କରେ କିମ୍ବଦନ୍ତୀ ଶୁଣାଯାଏ ଯେ ସେ ଖୁବ୍ ଶିକ୍ଷାପ୍ରେମୀ, କର୍ମଠ ଓ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଥିଲେ । ଆଧୁନିକ ଶିକ୍ଷାର ବିସ୍ତାରରେ ବାଲିକୁଦା ସ୍କୁଲର ଦାନ ଉଲ୍ଲେଖ ଯୋଗ୍ୟ । ବର୍ତ୍ତମାନ

Digitized by srujanika@gmail.com

ଏହା ଏକ ଉଚ୍ଚଇଂରାଜୀ ବିଦ୍ୟାଳୟରେ ପରିଣତ । ମୋର କେତେଜଣ ଦାଦା ଏହି ସ୍କୁଲରେ ପଢ଼ିଥିଲେ । ୧୯୦୧ ମସିହା ଅପ୍ରେଲ ମାସରେ ମୁଁ ଏହି ସ୍କୁଲରେ ନାମ ଲେଖାଇଲି । ସେ ସମୟରେ ଶ୍ରୀ ରାଖାଲ ଚନ୍ଦ୍ର ସେନ ହେଡ଼ମାଷ୍ଟର ଥିଲେ । ଶ୍ରୀ ଧନେଶ୍ୱର ଦାସ ଜାତିରେ ଗୋପାଳ ସେକେଣ୍ଡ ମାଷ୍ଟର, ଶ୍ରୀ ନନ୍ଦକିଶୋର ସେନଗୁପ୍ତ ହେଡ଼ପଣ୍ଡିତ ଏବଂ ଶ୍ରୀ ଅଗଣି ନାୟକ (କ୍ଷିତିବଂଶ ଅବଧାନ ଜାତିର) ସେକେଣ୍ଡ ପଣ୍ଡିତ ଥିଲେ । ଇଂରାଜୀ ଅକ୍ଷର ଶିଖି ନଥିବା ଯୋଗୁଁ ଧନେଶ୍ୱର ବାବୁ ସବା ତଳଶ୍ରେଣୀରେ ମୋର ନାମ ଲେଖାଇଲେ ଓ ମୋର ବୟସ ୧୦ବର୍ଷ ବୋଲି ଲେଖିଲେ । ଏହିପରି ଦଶ-ବର୍ଷ ବୟସରୁ ମୁଁ ଇଂରାଜୀ ଶିକ୍ଷା ଆରମ୍ଭ କଲି ।

## ବାପା ଓ ମା'ଙ୍କର ମୃତ୍ୟୁ

ମୋର ବାପା ତାଙ୍କର ଭାଇମାନଙ୍କ ସହିତ କଜିଆ କରି ମୟୂରଭଞ୍ଜ ଚାଲିଗଲେ । ଆଉ ସେ ଫେରିଲେ ନାହିଁ । ବାରିପଦାରେ ତାଙ୍କର ଦେହାନ୍ତ ହୋଇଗଲା । ମୋର ପଢ଼ା ଅବଶ୍ୟ ବନ୍ଦ ହେଲାନାହିଁ ! ପ୍ରତିଦିନ ସ୍କୁଲକୁ ଯିବା ଦୁଇମାଇଲ ଓ ଆସିବା ଦୁଇମାଇଲ ଏହିପରି ଚାରିମାଇଲ ଯାଉଥିଲି । ଏହା କିଛି ଅସ୍ୱାଭାବିକ ନ ଥିଲା । ବହୁତ ପିଲା ଆମ ଗାଁ ପାଖରୁ ଏହିପରି ପ୍ରତିଦିନ ଯିବା ଆସିବା କରୁଥିଲେ । ମୁଁ ଆପେକ୍ଷାକୃତ ଅଧିକ ପୋଖତ ଥିଲି । ଏହାଛଡ଼ା ମୋର ପାଠଶାଳା ଶିକ୍ଷା ଥିଲା ଓ ମୋର ସ୍ମରଣଶକ୍ତି ଭଲ ଥିଲା । ତେଣୁ ଏହି ପ୍ରାଥମିକ ସ୍ତର ମୋପାଇଁ କଷ୍ଟକର ନଥିଲା । ମୁଁ ଦୁଇ ତିନଥର ଦୋହରା ଉତ୍ତୀର୍ଣ୍ଣ(Double promotion) ହେବା ଫଳରେ ୧୯୦୪ ସାଲରେ ମଧ୍ୟଇଂରାଜୀ ପାଠ୍ୟ ଶେଷ କରି ସେହିବର୍ଷ କଟକରେ ମଧ୍ୟଇଂରାଜୀସ୍କୁଲ ପରୀକ୍ଷା ଦେଲି ଓ ବୃତ୍ତି ପାଇଲି ।

ମୋର ପଢ଼ା ସମୟ ମଧ୍ୟରେ ବାପା ମରିବାର ବର୍ଷକ ପରେ ମା' ମରିଗଲେ ସାପକାମୁଡ଼ାରେ ସେ ମଲେ କି ତାଙ୍କ ହୃଦଯନ୍ତ୍ରକ୍ରିୟା ବନ୍ଦ ହୋଇଗଲା, ତାହା ଜଣାଗଲା ନାହିଁ । ଦିନେ ଉପରବେଳା ସେ ପଡ଼ିଆକୁ ଝାଡ଼ାଫେରି ଯାଇଥିଲେ ଏବଂ ଫେରିଲାବେଳେ ଗାଈପାଇଁ ଘାସ ଧରି ଆସିଥିଲେ । ତା'ପରେ ଢିଙ୍କିଶାଳକୁ ଗଲେ । ସେଠାରେ ଧାନକୁଟା ଦେଖୁଛନ୍ତି ଏହି ସମୟରେ ତଳେ ହଠାତ୍ ପଡ଼ିଗଲେ । ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ତାଙ୍କ ମୃତ୍ୟୁପରେ ମୁଁ ମୋର ବାପାଙ୍କ ଦାଦା ଘର ହେପାଜତରେ ରହିଲି ଓ ସେମାନେ ମୋର ସମସ୍ତ ଦାୟିତ୍ୱ ବହନ କରିଥିଲେ ।

ମୁଁ ଆଗରୁ କହିଛି ଯେ ମଧ୍ୟଇଂରାଜୀ ସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାସିକ ଚାରିଟଙ୍କା ବୃତ୍ତି ପାଇଲି । ଏହା ଫଳରେ ମୁଁ ଯେଉଁ ହାଇସ୍କୁଲରେ ଏଣ୍ଟ୍ରାନ୍ସ ପରୀକ୍ଷା ପାଇଁ ପଢ଼ିବି, ସେଥିରେ ମଧ୍ୟ ଫ୍ରିସିପ୍ ମିଳିବା ନିଶ୍ଚିତ ହୋଇଗଲା । ମୋର କେକେ (ବାପାଙ୍କ ଦାଦା) ମୋତେ କଟକ ପଢ଼ିବାକୁ ପଠାଇଲେ ଓ ୧୯୦୪ ମସିହାରେ ମୁଁ ରେଭେନ୍ସା କଲିଜିଏଟ୍ ସ୍କୁଲରେ ଯୋଗ ଦେଲି ।

Digitized by srujanika@gmail.com

ସେତେବେଳେ ବସ ନଥିଲା । କଟକକୁ ଯାକୁ ହେଲେ ଚାଲି କରି କମ୍ବା ଗଳିଦ ଗାଡ଼ିରେ ଯିବାକୁ ହେଉ-ଥିଲା । ଧନୀଘରର ପିଲାଏ ପାଲିଙ୍କ କମ୍ବା ବାଣରେ ବସି ଯାଉଥିଲେ । ମୋ ପକ୍ଷରେ ଚାଲିକରି ଯିବା ଥିଲା ପ୍ରଥମ ପନ୍ଥା । ତା' ହେଲେ କେହି ଯଦି ଧାନ ଶଗଡ଼ ନେଇ ଟକ ଯାଉଥିଲା, ମୁଁ ତା' ସାଙ୍ଗଧରି ଗାଡ଼ିରେ ବସି ଚାଲି ଯାଉଥିଲି । ସାଧାରଣତଃ ଅନ୍ୟ ଛାତ୍ରମାନଙ୍କ ସାଙ୍ଗରେ କମ୍ବା ଟେଷ୍ଟରେ କାମଥିବା ଗାଁ ଲୋକଙ୍କ ସାଙ୍ଗରେ ଟକ ଚାଲି ଯାଉଥିଲି । ଆମ ଗାଁରୁ କଟକର ର‌ା ଥିଲା ୩୬ ମାଇଲ । ବେଳେ ବେଳେ ଦିନକ ଭିତରେ ଆମେ କଟକ ପହଞ୍ଚି ଉଥିଲୁ । ସାଧାରଣତଃ ୧୯ ମାଇଲ କମ୍ବା ମାଇଲ ଚାଲିଯାଇ ରାତିକ ପାଇଁ ବିଶ୍ରାମ ଉଥିଲୁ ଓ ତା' ଆରଦିନ ପୁଣି ଚାଲୁଥିଲୁ । ମ ଦିନ ଆମେ କେତେ ବାଟ ଚାଲିଲୁ, ହା ନିର୍ଭର କରୁଥିଲା ରାତି ବିଶ୍ରାମାଗାର ବା ଟିଘରମାନଙ୍କ ଉପରେ ।

ଚଟିଘରଗୁଡ଼ିକ ଚାଳ ଛପର ଘର ଥିଲା । ଏକ ପାଇଁ ରାତିଏ ରହିବାର ଭଡ଼ା ଥିଲା ଛ' ସା (ଅଣାଏ) । ଚଟି ଘରର ମାଲିକ ଖେଇ କରିବା ପାଇଁ ବିନା ପଇସାରେ ାଣ୍ଡାଏ ଆଟିକା ଦେଉଥିଲା ଏବଂ ତା'ଠାରୁ ଡ଼, ଚାଉଳ ଡାଲି, ପରିବା କିଣିବାକୁ ଉଥିଲା । ଆମ ସମୟରେ କଟକ-ବାଲିକୁଦା ରେ ଏହିପରି ଛ'ଟି ଚଟିଘର ପ୍ରାୟ ୫/୬ ଇଲ ବ୍ୟବଧାନରେ ଥିଲା ।

ଏହି ଚଟିଘରଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ ଥିଲା ଓ ଖୁବ୍ ଯତ୍ନରେ ରଖାଯାଉଥିଲା । ସକାଳେ ଯାତ୍ରୀମାନେ ଚାଲିଯିବାପରେ ଘରଟିକୁ ମାଟି ଓ ଗୋବରରେ ଭଲ ଭାବରେ ଲିପି ଦିଆଯାଇ ପରବର୍ତ୍ତୀ ଭଡ଼ାଘରମାନଙ୍କ ପାଇଁ ପ୍ରସ୍ତୁତ କରି ରଖାଯାଉଥିଲା । ଏହିସବୁ ଚଟିଘରମାନଙ୍କର ପରିଷ୍କାର ପରିଚ୍ଛନ୍ନତା ବୈଦେଶିକ ଭ୍ରମଣକାରୀ-ମାନଙ୍କର ଦୃଷ୍ଟି ଓ ପ୍ରଶଂସା ଆକର୍ଷଣ କରି ପାରିଥିଲା । ମୋର ମନେ ଅଛି, ୧୯୬୧ ମସିହା ପରେ ଥରେ କଲିକତା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରଫେସର ବ୍ରୁଲ୍ (Bruhl)ଙ୍କ ସହିତ ମୋର ସାକ୍ଷାତ ହେଲା । ସେ ମୋତେ ଓଡ଼ିଶାର ଏହି ଚଟିଘରମାନଙ୍କର ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ପ୍ରଶଂସା କରି କହୁଥିଲେ । ସେ ଜଣେ ଜର୍ମାନ ଥିଲେ ଓ ଯୁବକ ଥିବା ଅବସ୍ଥାରେ ସେତେବେଳେ ଶିବପୁର ଇଞ୍ଜିନିଅରିଂ କଲେଜର ଅଧ୍ୟାପକ ଥିଲେ, ସେ ଓଡ଼ିଶା ଭ୍ରମଣରେ ଆସିଥିଲେ ଓ ଏହିପରି କେତେକ ଚଟିଘରେ ରହି ସେମାନଙ୍କ ସମ୍ପର୍କରେ ଏହି ଧାରଣା ପୋଷଣ କରିଥିଲେ ।

ବର୍ତ୍ତମାନ ଚଟିଘର ଯାଇ ତା' ସ୍ଥାନରେ ଚା'ଜଳଖିଆ ଦୋକାନମାନ ବସିଛି । କିନ୍ତୁ ସେ ପରିଷ୍କାର ପରିଚ୍ଛନ୍ନତା ଦେଖିବାକୁ ମିଳୁନାହିଁ । ଯେତେଦୂର ଜଣାଯାଏ ଏ ପରମ୍ପରାଗତ ପରିଚ୍ଛନ୍ନତା ସହିତ କେତେଗୁଡ଼ିଏ ଜନପଦର ସମ୍ପର୍କ ଅଛି । ଯେତେବେଳେ ଏସବୁ ଜନପଦ ଦେଖିବାକୁ ମିଳୁନାହିଁ, ସେତେବେଳେ ସେ ପରିଚ୍ଛନ୍ନତା ମଧ୍ୟ ଦେଖିବାକୁ ମିଳୁନାହିଁ । ଉଦାହରଣ ସ୍ୱରୂପ ପିତଳ ଗରା । ପୂର୍ବେ ଘରର ସ୍ତ୍ରୀ ଲୋକେ କମ୍ବା ଚାକର ତାଙ୍କର ଗରାକୁ

Digitized by srujanika@gmail.com

ମାଜ ସଫା ରଖୁଥିଲେ । ଯେତେବେଳେ ଗଣ୍ଡ ଯାଇ ବାଲ୍ଟି ଆସିଗଲା, ମଜାମଜ ଉଠିଗଲା ଓ ସାଧାରଣ ଭାବରେ ଆଉ ପରିଷ୍କାର କଥାଟି ରହିଲା ନାହିଁ ।

ପଥିକମାନଙ୍କୁ ରହିବାର ସୁବିଧା ଦେବା ଛଡ଼ା ଏହିସବୁ ଚଟିଘରକୁ ଆଶ୍ରୟ କରି ଭଣ୍ଡାର ରହୁଥିଲେ, ଯେଉଁମାନେ ଛ ପଇସା (ଅଣାଏ) ଦେଲେ ସେମାନଙ୍କୁ ଭଲରୂପେ ମୋଡ଼ି ଦେଉଥିଲେ ଓ ପରିଶ୍ରମର କ୍ଲାନ୍ତି ଦୂର ହୋଇ ଯାଉଥିଲା । ଦୂରପଥ ଯାଉଥିବା ପଥିକମାନଙ୍କ ପାଇଁ ପରିଶ୍ରମ ଦୂର କରିବା ବିଷୟରେ କେତେଗୁଡ଼ିଏ ଢଗ ଥିଲା । ସେଥିରୁ ଗୋଟିଏ ହେଉଛି "କୋଣେ ଘା', ପୋଷେ ଖା', ଧୂଅ ପା'

ଯେତେଇଚ୍ଛା ସେତେ ଯା''

ଆମଭଳି ବହୁତବାଟ ଚାଲିବା ଲୋକେ ଏହି ଉପଦେଶ ପାଳୁଥିଲୁ । ଏଠି ବାଟୋଇଙ୍କ ପାଇଁ ଉପଦେଶାତ୍ମକ ଆଉ ଗୋଟିଏ ଢଗ ଉଲ୍ଲେଖ କରାଯାଇପାରେ—

"ବାଡ଼ୀ ପଛକେ ଗବର୍ତ୍ତାଙ୍କ ହେଉ
ତାକୁ ନ ଛାଡ଼ିବ ଛଣେ
ଶତ୍ରୁକୁ ଆଣ୍ଡିବ, ପାଣିକୁ କଣ୍ଡିବ,
ସଙ୍ଗେ ହୋଇଥିବ ଜଣେ''

ଏବେ ଆଧୁନିକ ଯାତାୟତର ସୁବିଧା ଥିବା ଯୁଗରେ ଏସବୁ ଚଟିଘର ହୁଏତ ଅନ୍ତର୍ହିତ ହୋଇଗଲାଣି କିମ୍ବା ଏହାର ରୂପ ସମ୍ପୂର୍ଣ୍ଣ ବଦଳି ଗଲାଣି । ବର୍ତ୍ତମାନ ରାସ୍ତା କଡ଼ରେ ଆଉ ରାତି ଯାପନର ସୁବିଧା ନାହିଁ । କେବଳ ଯେଉଁଠି ବସ୍ ରହୁଚି, ସେଠାରେ ଚା' ଦୋକାନ କିମ୍ବା ଶ୍ରେଷ୍ଠ ଜଳଖିଆ ଦୋକାନ ଦେଖିବାକୁ ମିଳୁଚି ।

(କ୍ରମଶଃ)

---

ବିପଦର ଆଶଙ୍କା କଲେ କଇଁଚ ଯେପରି ତାର ଖୋଳ ଭିତରେ ନିଜକୁ ସଙ୍କୁଚିତ କରି ଆଣେ, ସେହିପରି ଅଢ଼ିଶସ୍ତ ଇନ୍ଦ୍ରିୟ ଉଦ୍ବେଗ ବା କାମପିପାସା ଜାଗ୍ରତ ହେଲେ ବିଜ୍ଞ ବ୍ୟକ୍ତି ଆତ୍ମସଂଯମର ଖୋଳ ଭିତରେ ନିଜର ଆତ୍ମରକ୍ଷା କରେ ।

—ମହାବୀର

Digitized by srujanika@gmail.com

Phone : 2830
2830-A
2323

M/s. **MANSARAM AGARWALA**

NEHRU NAGAR
ROURKELA—1

**Dist. Sundergarh, (Orissa)**

**Wholesale Dealers**

**IN**

**ATTA, MAIDA, SUJI, and SUGAR**

And

**Government Storage Agent**

Panposh and Bonai Sub-Divisions

*With the Compliments*

*of*

**NANCY AUTOMOBILES**

**Automobile Engineers**

*MAIN ROAD, ROURKELA-I*

Digitized by srujanika@gmail.com

ଆଗ୍ନେୟସ୍ତ୍ର ଶପଥ (୨)

# ଦ୍ରୋଣଙ୍କର ଅଭୟଦାନ

—ଜୟନ୍ତୀ ପଟ୍ଟନାୟକ

ଅର୍ଜ୍ଜୁନଙ୍କ ପ୍ରତିଜ୍ଞାର ସଂବାଦ ଅବିଲମ୍ବେ କୌରବ ଶିବିରରେ ପହଞ୍ଚିଲା । ଏବେ ଯେପରି, ସେତେବେଳେ ମଧ୍ୟ ସେହିପରି ଯୁଦ୍ଧର କୌଶଳ ଗୁପ୍ତଚରମାନଙ୍କ ତଥ୍ୟ ଉପରେ ବିଶେଷ ଭାବରେ ନିର୍ଭର କରୁଥିଲା । ଦୁର୍ଯ୍ୟୋଧନଙ୍କ ଚରମାନେ ଯାଇ ଖବର ଦେଲେ ଯେ ସିନ୍ଧୁରାଜ ଜୟଦ୍ରଥଙ୍କ ଯୋଗୁଁ ଅଭିମନ୍ୟୁ ନିହତ ହେଲେ ବୋଲି ଜାଣି କାଲି ସୂର୍ଯ୍ୟାସ୍ତ ପୂର୍ବରୁ ଜୟଦ୍ରଥଙ୍କୁ ନିହତ କରିବେ କିମ୍ବା ନିଜେ ଅଗ୍ନିରେ ଝାସଦେବେ, ଅର୍ଜ୍ଜୁନ ଏହି କଠୋର ପ୍ରତିଜ୍ଞା କରିଛନ୍ତି । ପାଣ୍ଡବ ଶିବିରର ତୁମୁଳ କୋଳାହଳ ଓ ଶଙ୍ଖଧ୍ୱନିରେ ଚରମାନଙ୍କର ଏହି ସଂବାଦ ସତ୍ୟ ବୋଲି ପ୍ରମାଣିତ ହୋଇଗଲା ।

## ଜୟଦ୍ରଥଙ୍କର ଭୟ

ସିନ୍ଧୁରାଜ ସେହି ସଂବାଦରେ ଅତିଶୟ କାତର ହୋଇ ପଡ଼ିଲେ । ତାଙ୍କର ଜନ୍ମକାଳରେ ଆକାଶରୁ ଏକ ଦୈବବାଣୀ ଗୁରୁଗମ୍ଭୀର ନିନାଦରେ ଶୁଣା ଯାଇଥିଲା, "ଏହି ନବଜାତକ କ୍ଷତ୍ରିୟମାନଙ୍କ ମଧ୍ୟରେ ଜଣେ ପ୍ରଧାନ ବୀର ରୂପେ ଗଣ୍ୟହେବ, କିନ୍ତୁ ଜଣେ ପ୍ରସିଦ୍ଧ କ୍ଷତ୍ରିୟ ଯେ କି ବୀରମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଓ ସବୁ ଯୁଗର ଶ୍ରେଷ୍ଠ ଯୋଦ୍ଧାମାନଙ୍କ ମଧ୍ୟରୁ ଅନ୍ୟତମ, ସେ କ୍ରୋଧାବିଷ୍ଟ ହୋଇ ଯୁଦ୍ଧ କ୍ଷେତ୍ରରେ ଏହାଙ୍କର ଶିରଚ୍ଛେଦନ କରିବେ ।" ଜୟଦ୍ରଥ ଏହି ଦୈବବାଣୀକୁ ସ୍ମରଣ କରି ତାଙ୍କର ବିନାଶ ସମୟ ନିକଟବର୍ତ୍ତୀ ହୋଇଗଲା ବୋଲି ମନେ କଲେ ।

ସେ ଅତି ଭୟଗ୍ରସ୍ତ ଚିତ୍ତରେ ରାଜା ଦୁର୍ଯ୍ୟୋଧନଙ୍କ ଶିବିରକୁ ଯାଇ କହିଲେ, "କୁରୁରାଜ, ତୁମେ ଅର୍ଜ୍ଜୁନଙ୍କ ପ୍ରତିଜ୍ଞା କଥା ଶୁଣିଥିବ । ଅର୍ଜ୍ଜୁନଙ୍କ ହସ୍ତରୁ ତୁମର ସମସ୍ତ ସୈନ୍ୟ ମୋତେ ପରିତ୍ରାଣ କରି ପାରିବେ, ଏ ବିଶ୍ୱାସ ମୋର ହେଉନାହିଁ । ମୋତେ ଅନୁମତି ଦିଅ, ମୁଁ ରାତ୍ରିର ଅନ୍ଧକାରରେ ସମସ୍ତଙ୍କ ଅଦୃଶ୍ୟରେ ନିଜ ରାଜ୍ୟକୁ ଫେରିଯିବି, ଏପରିକି ପାଣ୍ଡବମାନେ ଜାଣି ପାରିବେ ନାହିଁ ।

ଦୁର୍ଯ୍ୟୋଧନ ସ୍ୱପକ୍ଷର ସପ୍ତ ମହାରଥୀଙ୍କ ମଧ୍ୟରେ ଅନ୍ୟତମ, ନିଜର ଭଗିନୀ ପତି ରାଜା ଜୟଦ୍ରଥଙ୍କର ଏପରି ଭୟ ବ୍ୟାକୁଳିତ ଅବସ୍ଥା ଦେଖି ତାଙ୍କୁ ସାନ୍ତ୍ୱନା ଦାନ କରି କହିଲେ, "ସିନ୍ଧୁରାଜ, ଯୋଦ୍ଧାମାନଙ୍କ ମଧ୍ୟରେ ଶ୍ରେଷ୍ଠ

Digitized by srujanika@gmail.com

ହୋଇ ତୁମ ପକ୍ଷରେ ଏପରି ଭୟ ଶୋଭା ପାଉନାହିଁ । କର୍ଣ୍ଣ, ଚିତ୍ରସେନ, ବିବିଂଶତି, ଭୂରିଶ୍ରବା, ଶଲ୍ୟ, ଦୁଃଶାସନ, କୃପାଚାର୍ଯ୍ୟ, କୃତବର୍ମା, ଅଶ୍ୱତ୍ଥାମା, ଦ୍ରୋଣ ଓ ସ୍ୱୟଂ ମୁଁ ତୁମକୁ କାଲି ଯୁଦ୍ଧରେ ରକ୍ଷା କରିବୁ । ସମସ୍ତ କୌରବ ସେନା ତୁମର ସୁରକ୍ଷା ନିମିତ୍ତ ନିୟୋଜିତ ହେବ । ଅର୍ଜୁନର ଏପରି ଶକ୍ତି ନାହିଁ, ଯେ କି ଗୋଟିଏ ଦିନର ଯୁଦ୍ଧରେ ଏ ସମସ୍ତ ସେନାକୁ ପରାସ୍ତ କରି ତୁମକୁ ହସ୍ତଗତ କରି ପାରିବ । ନିର୍ଭୟରେ ତୁମେ ଅବସ୍ଥାନ କର ।''

ଦୁର୍ଯ୍ୟୋଧନଙ୍କ ଦ୍ୱାରା ଏହିପରି ଆଶ୍ୱସ୍ତ ହୋଇ ଜୟଦ୍ରଥ କୌରବମାନଙ୍କର ସେନାପତି ଦ୍ରୋଣାଚାର୍ଯ୍ୟଙ୍କ ଦର୍ଶନ ପାଇଁ ତାଙ୍କର ଶିବିରକୁ ଗଲେ । ପାଣ୍ଡବ ଓ କୌରବମାନଙ୍କ ପରି ସେ ମଧ୍ୟ ଦ୍ରୋଣାଚାର୍ଯ୍ୟଙ୍କର ଶିଷ୍ୟ ଥିଲେ । ବିନୀତ ଭାବରେ ସେ ଆଚାର୍ଯ୍ୟଙ୍କୁ ପଚାରିଲେ "ଗୁରୁଦେବ, ଆପଣ ମୋତେ ଯେପରି ଅସ୍ତ୍ର-ଶିକ୍ଷା ଦେଇଛନ୍ତି, ଅର୍ଜୁନଙ୍କୁ ମଧ୍ୟ ସେହିପରି ଶିକ୍ଷା ଦେଇଛନ୍ତି । ସମସ୍ତ ପ୍ରକାର ଯୁଦ୍ଧବିଦ୍ୟା ଓ ଯୁଦ୍ଧ କୌଶଳରେ ଆମ ଦୁହିଁଙ୍କ ମଧ୍ୟରେ ଆପଣ ତୁଳନା କରି ଆପଣଙ୍କର ମତ ବ୍ୟକ୍ତ କରିବା ହେଉନ୍ତୁ ।''

"ବତ୍ସ, ଗୁରୁଙ୍କର ଉପଦେଶ ତୁମ ଉଭୟଙ୍କ ପ୍ରତି ସମାନ ହୋଇଛି । କିନ୍ତୁ ଅର୍ଜୁନ ଅଧିକ ଶୃଙ୍ଖଳା, ସଂଯମ ଓ ସାଧନା ଦ୍ୱାରା ଓ ବନବାସ ଜନିତ ଦୁଃଖକଷ୍ଟ ସହିଥିବା ଯୋଗୁଁ ତୁମ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇଛନ୍ତି । କିନ୍ତୁ ତୁମେ ତାହା କରିନାହିଁ କିମ୍ବା ନିରୁତ୍ସାହିତ ହୁଅନାହିଁ । ଆଗାମୀ କାଲି ଯେଉଁ ଯୁଦ୍ଧ ହେବ, ସେଥିରେ ସମସ୍ତ ଶକ୍ତି ନିୟୋଜିତ କରି ମୁଁ ତୁମକୁ ରକ୍ଷା କରିବି । ମୋ ବାହୁବଳରେ ରକ୍ଷିତ ହେଲେ ଦେବତା-ମାନେ ମଧ୍ୟ ତୁମର କିଛି କରି ପାରିବେ ନାହିଁ । କାଲି କୌରବ ସେନାଙ୍କୁ ଏପରି ଏକ ବ୍ୟୂହରେ ସଜ୍ଜିତ କରାଯିବ, ଯାହା ମଧ୍ୟରେ ଅର୍ଜୁନ ପ୍ରବେଶ କରିପାରିବେ ନାହିଁ । ଅତଏବ ତୁମେ ପବିତ୍ର କ୍ଷତ୍ରିୟଧର୍ମର ଅନୁସରଣ କରି ଯୁଦ୍ଧରେ ପ୍ରବୃତ୍ତ ହୁଅ । ମୃତ୍ୟୁ ସମସ୍ତଙ୍କ ପାଇଁ ଅଛି । କିନ୍ତୁ ଯେଉଁମାନେ ସାହସର ସହିତ ଶତ୍ରୁର ସମ୍ମୁଖୀନ ହୁଅନ୍ତି, ସେହିମାନେହିଁ କୀର୍ତ୍ତିଶାଳୀ ।''

ଏହିପରି ଭାବରେ ଧନୁର୍ବିଦ୍ୟାରେ ଅନୁପମ, ବୀରମାନଙ୍କ ମଧ୍ୟରେ ଅଗ୍ରଣୀ ଦ୍ରୋଣାଚାର୍ଯ୍ୟ ଭୟଗ୍ରସ୍ତ ସୈନ୍ଧବଙ୍କୁ ଆଶ୍ୱାସନା ଦେଇ ଉତ୍ସାହିତ କରିଥିଲେ ।

## ଶ୍ରୀକୃଷ୍ଣଙ୍କ ଚିନ୍ତା

କୌରବ ଶିବିରରେ ଅର୍ଜୁନଙ୍କ ପ୍ରତିଜ୍ଞାର ପ୍ରତିକ୍ରିୟା କ'ଣ ହେଲା, ତାହା ପାଣ୍ଡବ ପକ୍ଷର ଗୁପ୍ତଚରମାନେ ଆସି ଖବର ଦେଲେ; କାରଣ ସେଦିନ ରାତି ଥିଲା, ଅଷ୍ଟାଦଶ ଦିବସବ୍ୟାପୀ ମହାଭାରତ ଯୁଦ୍ଧର ଏକ ଅତି ସଙ୍କଟପୂର୍ଣ୍ଣ, ସ୍ମରଣୀୟ ରାତି ।

ପାର୍ଥବତ୍ସଳ ବାସୁଦେବ ଅର୍ଜୁନଙ୍କୁ ଉତ୍ସାହିତ କରିବା ପାଇଁ ସିନା ପାଞ୍ଚଜନ୍ୟ ଶଙ୍ଖ ବଜାଇଦେଲେ । କିନ୍ତୁ ଯେତେବେଳେ ସେ ଜୟଦ୍ରଥଙ୍କ ଭୟ, କୌରବ ପକ୍ଷର ମନ୍ତ୍ରଣା ଓ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ଅଦ୍ଭୁତ ବ୍ୟୂହ ରଚନାର ସମ୍ବାଦ ପାଇଲେ, ସେ ଚିନ୍ତିତ ହୋଇ ପଡ଼ିଲେ ।

Digitized by srujanika@gmail.com

## ପଦ୍ମ ଶକଟ ବ୍ୟୂହ

ଦ୍ରୋଣଙ୍କର ଏହି ବ୍ୟୂହ ହେଉଛି ପଦ୍ମ-ଶକଟ ବ୍ୟୂହ । ସେତେବେଳେ ସୈନ୍ୟସଂଖ୍ୟା ଉପରେ ଯୁଦ୍ଧର ବିଜୟ ବହୁ ପରିମାଣରେ ନିର୍ଭର କରୁଥିଲା । ମହାଭାରତ ଯୁଦ୍ଧର ପ୍ରଥମ ୧୦ଦିନ ଭୀଷ୍ମ ସେନାପତି ଥିଲେ । ତାଙ୍କର ଯୁଦ୍ଧକୌଶଳ ଥିଲା ଆକ୍ରମଣାତ୍ମକ । ପ୍ରତିଦିନ ସେ ପାଣ୍ଡବ ପକ୍ଷର ଦଶ ସହସ୍ର ଯୋଦ୍ଧାଙ୍କୁ ନିହତ କରୁଥିଲେ । କିନ୍ତୁ ଦ୍ରୋଣଙ୍କର ଯୁଦ୍ଧକୌଶଳ ହେଉଚି ଆତ୍ମରକ୍ଷାମୂଳକ । ଏହି କୌଶଳ ପ୍ରୟୋଗ କରି ସେ ଦ୍ୱାଦଶ ଦିନର ଯୁଦ୍ଧରେ ଅଭିମନ୍ୟୁଙ୍କୁ ନିହତ ଓ ପାଣ୍ଡବ ପକ୍ଷକୁ ପରାଜିତ କରିଥିଲେ ।

ଏହାର ନାମ ପଦ୍ମ-ଶକଟ ବ୍ୟୂହ ହେବାର କାରଣ ଏହାର ପ୍ରଥମଭାଗ ଶକଟର ଆକୃତି ଓ ପଶ୍ଚାଦ୍‌ଭାଗ ପଦ୍ମାକୃତି । ଏହି ବ୍ୟୂହର ଆଗରେ ସେନାପତି ଦ୍ରୋଣ କୌରବ ସେନାକୁ ରକ୍ଷା କରିବେ । ପଶ୍ଚାଦ୍‌ଭାଗ ଏପରି ହେବ ଯେ ପଦ୍ମର କେଶର ସ୍ଥଳ ବା ହୃଦୟସ୍ଥଭାଗରେ ଜୟଦ୍ରଥ ଅବସ୍ଥାପିତ ହୋଇ ସେ କର୍ଣ୍ଣ, ଭୂରିଶ୍ରବା, ଅଶ୍ୱତ୍ଥାମା, ବୃଷସେନ, କୃପାଚାର୍ଯ୍ୟ ଓ ମଦ୍ରାଧିପତି ଶଲ୍ୟଙ୍କ ଦ୍ୱାରା ରକ୍ଷିତ ହେବ । ପ୍ରଥମେ ଦ୍ରୋଣଙ୍କୁ ଓ ପରେ ଏହି ମହାରଥୀମାନଙ୍କ ସମନ୍ୱିତ କୌରବସେନାକୁ ପରାସ୍ତ ନ କରି କେହି ଜୟଦ୍ରଥଙ୍କ ପାଖରେ ପ୍ରବେଶ କରି ପାରିବ ନାହିଁ, ଏବଂ ଅର୍ଜୁନଙ୍କୁ ତାଙ୍କର ପ୍ରତିଜ୍ଞା ପାଳନ କରିବାକୁ ହେଲେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ମଧ୍ୟରେ ଏହା କରିବାକୁ ହେବ । ଅଭିମନ୍ୟୁଙ୍କ ସହିତ ଯେପରି ଏହି ସେନାପତିମାନେ ଏକାଠି ଲଢ଼ିଥିଲେ ଅର୍ଜୁନଙ୍କ ସହିତ ମଧ୍ୟ ସେମାନେ ଏକାଠି ଲଢ଼ିବେ । ତେଣୁ ଅର୍ଜୁନ କିପରି ଏହି ଅସାଧ୍ୟ ସାଧନ କରି ଏହି ଦ୍ରୋଣ ବୀରମାନଙ୍କୁ ପରାଭୂତ କରିବେ ଓ ସୂର୍ଯ୍ୟାସ୍ତ ପୂର୍ବରୁ ତାଙ୍କର ପୁତ୍ରହନ୍ତାର ପ୍ରତିଶୋଧ ନେବେ, ତାହା ଶ୍ରୀକୃଷ୍ଣ ଚିନ୍ତା କରିବାକୁ ଲାଗିଲେ ।

ଶ୍ରୀକୃଷ୍ଣ ଅର୍ଜୁନ ଶିବିରକୁ ଯାଇ ପ୍ରଥମେ ତାଙ୍କର ପ୍ରିୟ ସଖାଙ୍କର ମନର ଅବସ୍ଥା କଣ ଅଛି, ତାହା ଜାଣିବାପାଇଁ ଚେଷ୍ଟାକଲେ, ସେ ଅର୍ଜୁନଙ୍କୁ କହିଲେ, "ହେ ପାର୍ଥ, ତୁମେ ଏକ ଅଲୌକିକ ପ୍ରତିଜ୍ଞା କରିଅଛ । ତୁମେ ତୁମର ଭାଇମାନଙ୍କର ପରାମର୍ଶ ନେଉନା କିମ୍ବା ମୋ ସହିତ ମନ୍ତ୍ରଣା କରିନାହଁ ଦ୍ରୋଣଙ୍କର ସମରସଜ୍ଜାର ସମ୍ବାଦ ତୁମେ ଶୁଣିଥିବ । ଯେଉଁ ଛ' ଜଣ ମହାରଥୀ ଜୟଦ୍ରଥଙ୍କୁ ରକ୍ଷା କରିବେ, ସେମାନେ ପ୍ରତ୍ୟେକ ଅମିତ ବଳଶାଳୀ । ସେମାନେ ଏକାଠି ମିଳିତ ହୋଇ ଲଢ଼ିଲେ ସେମାନଙ୍କୁ ପରାସ୍ତ କରିବା ସହଜସାଧ୍ୟ ନୁହେଁ । ତେଣୁ ଚାଲ, ପୁନର୍ବାର ଅମାତ୍ୟ ଓ ସୁହୃଦ୍‌ମାନଙ୍କ ସହିତ ଏକାଠି ହୋଇ ଆମେ ପରାମର୍ଶ କରିବା ।"

ଅର୍ଜୁନ କହିଲେ "ହେ ମଧୁସୂଦନ ଯେଉଁ ଯୁଦ୍ଧରୂପ ଦ୍ୟୂତକ୍ରୀଡ଼ାରେ ଜୟଦ୍ରଥ ପଣ ହୋଇଅଛି ଏବଂ ଯେଉଁ ଯୁଦ୍ଧରେ ଦ୍ରୋଣାଚାର୍ଯ୍ୟ ନିଶ୍ଚୟ ଜୟୀ ହେବେ ବୋଲି ଦୁର୍ଯ୍ୟୋଧନ ମନେ କରୁଛି, ସେହି ଯୁଦ୍ଧରେ

ାଲି ମୁଁ ଦ୍ରୋଣଙ୍କର ଶକ୍ତିଶାଳୀ ବ୍ୟୂହ ଭେଦ ାରି ସିନ୍ଧୁରାଜର ଶରୀରକୁ ମସ୍ତକ ବିହୀନ ରିବ । କାଲି ତୁମ୍ଭେ ସମସ୍ତ କୌରବଙ୍କ ୁପସ୍ଥିତିରେ ସିନ୍ଧୁରାଜକୁ ନିହତ ହେବାର ଦେଖିବ ।

"ହେ କୃଷ୍ଣ, କାଲି ପ୍ରଭାତରେ ମୁଁ ମନ କାର୍ଯ୍ୟ କରିବି, ଏ ସମସ୍ତ ଭୂମଣ୍ଡଳରେ ମୋର ସମକକ୍ଷ ହେବାପାଇଁ କୌଣସି ନୁର୍ଦ୍ଧାରୀ ନାହିଁ ବୋଲି ଦୁର୍ଯ୍ୟୋଧନ ଅନୁଭବ ରିବ । କାଲି ଯେଉଁସବୁ ଭୟଙ୍କର ଓ ଦ୍ୟାସ୍ତ୍ରମାନ ପ୍ରୟୋଗ କରାଯିବ, ତାହା ଥମ ହୋଇ ଉଭୟ ପକ୍ଷର ଯୋଦ୍ଧାମାନଙ୍କର ୟନ ଗୋଚର ହେବ । ହେ ହୃଷୀକେଶ, ଯଉଁ ଯୁଦ୍ଧରେ ଗାଣ୍ଡୀବ ଦିବ୍ୟଧନୁ, ମୁଁ ଯୋଦ୍ଧା ଓ ତୁମେ ମୋର ସାରଥୀ, ସେ ୍ଦ୍ଧରେ କୌଣସି କଥା ଅସାଧ୍ୟ ହୋଇ ପାରେ । ତୁମେ ଏସବୁ ଜାଣି ମଧ୍ୟ ମାତେ କାହିଁକି ମୋର ପ୍ରତିଜ୍ଞାରୁ ନିବୃତ୍ତ ଚୁଛ ?"

ଅର୍ଜ୍ଜୁନଙ୍କର ଏହି ମନର ଦୃଢ଼ତା ଓ ାତ୍ମବିଶ୍ୱାସ ଅନୁଭବ କରି ଶ୍ରୀକୃଷ୍ଣ ତାଙ୍କୁ ହସି ସି କହିଲେ, "ହେ ପାର୍ଥ, ତୁମକୁ ମୁଁ କେବଳ ରୀକ୍ଷା କରୁଥିଲି । ମୁଁ ଜାଣେ ତୁମେ କାଲି ମର ପ୍ରତିଜ୍ଞା ପୂରଣ କରିବ । ଦେବ ଦେବ ହାଦେବ ତୁମକୁ ଯେଉଁ ପାଶୁପତ ଅସ୍ତ୍ର ାନ କରିଛନ୍ତି, 'ତୁମେ ତାହା ମନେରଖି ଶିବଧ୍ୱଜଙ୍କୁ ସ୍ମରଣକରି ଏବଂ ସୁଖରେ ନିଦ୍ରା ାଅ । ମୁଁ ପ୍ରଭାତରୁ ତୁମର ରଥକୁ କାଲିର ମୂଳ ସଂଗ୍ରାମ ଉଦ୍ଦେଶ୍ୟରେ ପ୍ରସ୍ତୁତ କରି ଖିଥିବି ।"

ଏହିପରି ଅର୍ଜ୍ଜୁନଙ୍କୁ ପରାମର୍ଶ ଦେଇ କୃଷ୍ଣ ଦ୍ରୌପଦୀ ଓ ସୁଭଦ୍ରାଙ୍କ ଭବନକୁ ଗଲେ । ସେମାନଙ୍କୁ ଏବଂ ଅଭିମନ୍ୟୁ ପତ୍ନୀ ଉତ୍ତରାଙ୍କୁ ସାନ୍ତ୍ୱନା ଦାନ କରି ନିଜ ଶିବିରକୁ ଫେରି ଆସିଲେ । ସେ ସେହି ରାତ୍ରିରେ ଦ୍ରୋଣଙ୍କର ପଦ୍ମ-ଶକଟବ୍ୟୂହର କଥା ଚିନ୍ତାକରି, ତାହା କିପରି ଭେଦ କରିବାକୁ ହେବ ଓ କେଉଁ କେଉଁ ଯୋଦ୍ଧାମାନଙ୍କୁ କିପରି ପରାସ୍ତ କରିବାକୁ ହେବ, ତାର ସମସ୍ତ ବିସ୍ତର, ପରାମର୍ଶ କରିବାକୁ ଲାଗିଲେ । ସେ ଜାଣିଥିଲେ ଯେ ମହାଭାରତ ଯୁଦ୍ଧରେ ସେ ଅସ୍ତ୍ରଧାରଣ କରି ନାହାନ୍ତି ସତ, କିନ୍ତୁ ଦୁର୍ଯ୍ୟୋଧନର ଅନ୍ୟାୟ ଓ ବନବାସର ଦୁଃଖରେ ପ୍ରପୀଡ଼ିତ ପାଣ୍ଡବମାନେ ତାଙ୍କୁ ଆଶ୍ରୟ କରିଛନ୍ତି । ଏହାଛଡ଼ା ପାଣ୍ଡବମାନେ ତାଙ୍କର ନିଜର ପିଉସୀପୁଅ ଭାଇ ଏବଂ ଯେ କୌଣସିମତେ ଅର୍ଜ୍ଜୁନଙ୍କ ଜୀବନରକ୍ଷା କରିବାକୁ ହେବ ।

## ପ୍ରିୟତମ ସଖା


ତେଣୁ ସେ ରାତ୍ରିରେ ତାଙ୍କର ନିଦ୍ରା ହେଲନାହିଁ । ପ୍ରିୟ ସାରଥୀ ଦାରୁକଙ୍କୁ ଡାକି ସେ କହିଲେ, "ହେ ଦାରୁକ, କାଲି ଅର୍ଜ୍ଜୁନ ଯେଉଁ ପ୍ରତିଜ୍ଞା କରିଛନ୍ତି, ତାଙ୍କର ଧର୍ମବଳହିଁ ତାଙ୍କୁ ନିଶ୍ଚୟ ରକ୍ଷା କରିବ । ଯୁଦ୍ଧରେ ଗୁରୁ ଦ୍ରୋଣାଚାର୍ଯ୍ୟ ଅଜେୟ । ସେ ପୁଣି ଜୟଦ୍ରଥର ରକ୍ଷାର ଭାର ନେଇଛନ୍ତି । ସମସ୍ତ କୌରବ ସେନାକୁ ସେହି ଉଦ୍ଦେଶ୍ୟରେ ସେ ନିୟୋଜିତ କରିବେ । କିନ୍ତୁ ତୁମେ ଜାଣ, କୁନ୍ତୀପୁତ୍ର ଅର୍ଜ୍ଜୁନ ଅପେକ୍ଷା ସ୍ତ୍ରୀ, ପୁତ୍ର, ଜ୍ଞାତି,

Digitized by srujanika@gmail.com

ବାନ୍ଧବ କେହି ମୋ' ପକ୍ଷରେ ପ୍ରିୟତର ନୁହେଁ । ମୁଁ ଏହି ଜଗତକୁ ମୁହୂର୍ତ୍ତେ ସୁଦ୍ଧା ଅର୍ଜୁନଶୂନ୍ୟ ଦେଖି ପାରିବି ନାହିଁ । ତେଣୁ ଅର୍ଜୁନ ଯେଉଁ ପ୍ରତିଜ୍ଞା କରିଛନ୍ତି, ତାହା ମୋର ପ୍ରତିଜ୍ଞା । ତେଣୁ କାଲି କୃଷ୍ଣାର୍ଜୁନଙ୍କର ଶକ୍ତି ସାହସ, ଯୁଦ୍ଧକୌଶଳ ଓ କୂଟନୀତି ସମସ୍ତ ପୃଥିବୀ ଅବଲୋକନ କରିବ । କାଲି ତୁମେ କୌମୋଦକୀ ଗଦା, ଦିବ୍ୟଶକ୍ତି, ଚକ୍ର, ଧନୁ, ଶର ଓ ଅନ୍ୟାନ୍ୟ ଉପକରଣସହ ମୋର ରଥକୁ ସୁସଜ୍ଜିତ କରି ରଖିଥିବ । ଦରକାର ହେଲେ କାଲି ମୁଁ ଏହି ରଥରେ ଆରୋହଣ କରି ଯୁଦ୍ଧ କରିବି ।''

ପାଣ୍ଡବ ପକ୍ଷର ଅନ୍ୟ ସମସ୍ତେ ଘୋର ଉଦ୍‌ବେଗ ଭୟରେ ସେଦିନ ରାତ୍ରି ଯାପନ କଲେ । କାହାରିକୁ ସୁଖନିଦ୍ରା ହେଲନାହିଁ । ସମସ୍ତେ ଅର୍ଜୁନ ତରଣୀରେ ଦୁସ୍ତର ସମର ସାଗରକୁ ପାରିହେବା ପାଇଁ ବସିଥିଲେ । ତେଣୁ ଅର୍ଜୁନଙ୍କର ଭୀଷଣ ପ୍ରତିଜ୍ଞା କଥା ଚିନ୍ତାକରି ସମସ୍ତେ ତାଙ୍କର ବିଜୟକାମନା କରିବାକୁ ଲାଗିଲେ ।

— — ✻— —



FOR QUALITY & DURABILITY

Bizi

Better buy

STEEL FURNITURE

BIZI INDUSTRIES

INDUSTRIAL ESTATE, CUTTACK-3


Digitized by srujanika@gmail.com

ଚଳଚ୍ଚିତ୍ର ପରିବେଷଣରେ

# ନୂଆ ଆଲୋଡ଼ନ ସୃଷ୍ଟି କରିଛି

ଓଡ଼ିଶାରେ ସୁନାମଧନ୍ୟ

# ରୂପରାଗ ପ୍ରାଇଭେଟ୍ ଲିମିଟେଡ୍

ଅଫିସ:

ପୁରୀଘାଟ, କଟକ

Digitized by srujanika@gmail.com

# ସଂସାରର ଅମୂଲ୍ୟଧନ-ମିତ୍ରତା

ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ

ଜଣେ ଜଣକୁ ମିତ୍ର ବା ମିତ ବୋଲି ଡାକିଲେ ମନର ଭାବ ବଦଳି ଯାଏ । ମୋର ପିଲାବେଳର ଗୋଟିଏ କଥା ମନେ ଅଛି । ଆମ ଗାଁର ଦୁଇଜଣଙ୍କ ଭିତରେ କଳହ ଆରମ୍ଭ ହୋଇଗଲା । ସେଥିରେ ପରିବାରର ଅନ୍ୟମାନେ ମଧ୍ୟ ସାମିଲ ହୋଇ ଆସିଲେ । କଳହ ଧୀରେ ଧୀରେ କଦର୍ଯ୍ୟ ରୂପ ଧାରଣ କଲା । ଏ ସବୁ ଦେଖି ଗାଁର ଜଣେ ଚତୁର ଲୋକ ଦୁଇଜଣଙ୍କୁ ମିତ ବସାଇ ଦେଲେ । ସେମାନେ ମିତ ବୋଲି ଡକାଡକି ହେଲେ, ତା'ପରେ ସବୁ ବିବାଦ ଦୂର ହୋଇଗଲା । ଏଥିପାଇଁ କୁହାହୋଇଛି—

'ଶୋକାରାତିଭୟତ୍ରାଣଂ ପ୍ରୀତିବିଶ୍ରମ୍ଭଭାଜନମ୍
କେନ ରତ୍ନମିଦଂ ସୃଷ୍ଟଂ ମିତ୍ରମିତ୍ୟକ୍ଷରଦ୍ୱୟମ୍ ।'

ଶୋକର ଅରାତି ଅର୍ଥାତ୍ ଶତ୍ରୁ ସ୍ୱରୂପ, ଭୟର ତ୍ରାଣକର୍ତ୍ତା ଏବଂ ପ୍ରୀତି ଓ ବିଶ୍ୱାସର ଭାଜନ ରୂପ ମିତ୍ର ବୋଲି ଦୁଇଟି ଅକ୍ଷର ଗୋଟିଏ ଅପୂର୍ବ ରତ୍ନ । ଏହାକୁ କିଏ ସୃଷ୍ଟି କଲା ? ପ୍ରକୃତରେ ସେ ଧନ୍ୟ ।

'ମିତ୍ର'ର ଏହି ମାହାତ୍ମ୍ୟ ଥିବାରୁ ,ଲୋକେ ମିତ ବସିବାର ପ୍ରଥା ଓଡ଼ିଶାରେ ସର୍ବତ୍ର ଦେଖାଯାଏ । କେବଳ ଓଡ଼ିଶାରେ ନୁହେଁ, ଓଡ଼ିଶା ବାହାରେ ମଧ୍ୟ ଏହି ପ୍ରଥା ଦେଖିବାକୁ ମିଳେ । ବଙ୍ଗଳାରେ ଏହାକୁ 'ସହିପାତା' କୁହାଯାଏ ।

ଏହି ମିତପାଇଁ ଓଡ଼ିଶାରେ ଅନେକ ଶବ୍ଦ ଦେଖାଯାଏ ଏବଂ ସ୍ତ୍ରୀ ଓ ପୁରୁଷ ଉଭୟଙ୍କ ଭିତରେ ଏହି ପ୍ରଥା ପ୍ରଚଳିତ ଅଛି । ଏହି ଶବ୍ଦମାନଙ୍କ ଭିତରୁ କେତେକ କେବଳ ପୁରୁଷମାନେ ବ୍ୟବହାର କରନ୍ତି, କେତେକ ସ୍ତ୍ରୀମାନଙ୍କ ଭିତରେ ସୀମିତ ଓ କେତେକ ସ୍ତ୍ରୀପୁରୁଷ ଉଭୟଙ୍କଠାରେ ଦେଖିବାକୁ ମିଳେ । ଶବ୍ଦଗୁଡ଼ିକ ହେଲା—ମିତ, ମଇତ୍ର ସହି, ସଙ୍ଗାତ, ନିର୍ମାଲ୍ୟ, ଅଭଡ଼ା, ମହାପ୍ରସାଦ, ଗଜାମୁଗ, ମକର, ଗୁନ୍ଦ, ଗଙ୍ଗାଜଳ, ବଉଳ, ଅଶୋକ, ଚମ୍ପା, ତୁଳସୀ, ସେବତୀ, ଜାମୁଡାଳ, ଜାଈଫୁଲ, ଗୋଲାପ, ମଲ୍ଲୀ, ଲବଙ୍ଗ, ଲବଙ୍ଗଲତା, କଣ୍ଢେଇ, ଅଳେଇଚ, ଗଜ... ଇତ୍ୟାଦି । ଏହି ଶବ୍ଦଗୁଡ଼ିକ ଦେଖିଲେ ଜଣାପଡ଼ୁଛି ଯେ, ଏଥିରେ ଅନେକଗୁଡ଼ା ଫୁଲର ନାମ ଅଛି । ବିଶେଷକରି ଦୁଇ ସ୍ତ୍ରୀ ସଙ୍ଗାତ ହେଲେ ନିଜେ ଭଲ ପାଉଥିବା ଗୋଟିଏ ଫୁଲକୁ ବାଛୁଥାନ୍ତି ଏବଂ ସେହି ଫୁଲ ନାଁ ରେ ପରସ୍ପରକୁ ଡାକଥାନ୍ତି; କିନ୍ତୁ କେତେ... ଗୁଡ଼ିଏ ଫୁଲର ନା ମୂଳରେ କୌଣସି ... ଥିଲା ପରି ମନେହୁଏ, ଯଥା :—ଅଶୋକ ... ଅଶୋକାଷ୍ଟମୀ ଦିନ ଅଶୋକକୁ ସାକ୍ଷୀ ... ଦୁଇଜଣ ସଙ୍ଗାତ ହୋଇ ଅଶୋକ ହୁଅନ୍ତି ...

Digitized by srujanika@gmail.com

ସେହିପରି ବଉଳ, ଚମ୍ପାର ମୂଳରେ ବଉଳ ଅମାବାସ୍ୟା, ଚମ୍ପକଦ୍ୱାଦଶୀ ଆଦି ପର୍ବ ଅଳ୍ପପରି ଜଣାପଡ଼େ ।

ଏହି ସଙ୍ଗାତ ବସିବାର ମୂଳରେ ଆଉ କେତୋଟି ପର୍ବ ଅଳ୍ପ ପରି ଜଣାପଡ଼େ । ଯଥା:—ଗଜାମୁଗ । କୁମାରୀମାନେ ଓଷା ଦିନ ଗଜାମୁଗ ଲାଗେ ବୋଲି ଦୁଇ ହାତ ଗଜାମୁଗ ଖୁଆ-ଖାଇ ହୋଇ 'ଗଜାମୁଗ' ହୁଅନ୍ତି । ତାଳଗଜା ଖାଇ ଗଜା ଡକାଡକି ହୁଅନ୍ତି । ମକର ସଂକ୍ରାନ୍ତିରେ ମକରଚାଉଳ ଖାଇ ମକର ବସନ୍ତି । ସେହିପରି କୁମାର ପୂର୍ଣ୍ଣିମାରେ ଚୂଡ଼ା ଚକଟା ଖାଇ ଚୂଡ଼ା ବସନ୍ତି ।

କୌଣସି ଗୋଟିଏ ବିଶିଷ୍ଟ ବା ଶୁଭଦିନରେ କୌଣସି ଗୋଟିଏ ପଦାର୍ଥକୁ ସାକ୍ଷୀ ରଖି ଦିନରେ ବନ୍ଧୁ ହୁଅନ୍ତି ଯେ, ସେମାନେ ନିଜ ନିଜର ସୁଖଦୁଃଖରେ ଭାଗୀ ହୋଇ ସବୁଦିନ-ପାଇଁ ମିତ୍ରତା-ବନ୍ଧନରେ ଆବଦ୍ଧ ହୋଇ ରହିବେ । ଏଣୁ ଏହି ସାକ୍ଷୀ ଯେତେ ପବିତ୍ର ମାହାତ୍ମ୍ୟପୂର୍ଣ୍ଣ ହେବ, ମିତ୍ରତା ମଧ୍ୟ ସେତେ ଦୃଢ଼ ଓ ଅବିଚ୍ଛେଦ୍ୟ ହେବ । ଯେପରି ଗଙ୍ଗାଜଳ, ଅଭଡ଼ା, ନିର୍ମାଲ୍ୟ, ମହାପ୍ରସାଦ ଆଦି । ହିନ୍ଦୁ ଜୀବନରେ ଗଙ୍ଗାଜଳ ଓ ଓଡ଼ିଶାରେ ମହାପ୍ରସାଦର ସ୍ଥାନ ସମସ୍ତଙ୍କୁ ଜଣା ।

ସହି ବସିବାର ପ୍ରଥାରେ ସାମାନ୍ୟ ପାର୍ଥକ୍ୟ ପରିଲକ୍ଷିତ ହୁଏ । 'ସହି' ସାଧାରଣତଃ ଦୋମାସୀର ମଙ୍ଗଳ ଓଷଣ ଦିନରେ ବସନ୍ତି ଏବଂ ମିତ୍ର ବସିବାର ସବୁ ସଜ ସାଙ୍ଗକୁ ଅଧିକା ଦହି ସଜନା ଶାଗ ଦିଆ ଯାଇଥାଏ; କିନ୍ତୁ ପ୍ରତ୍ୟେକ ବିଧିରେ ପ୍ରଧାନ ଉପାଦାନ ହେଲା ମହାପ୍ରସାଦ ।

## ବେଦରେ ମିତ୍ର

ଶତ୍ରୁ-ମିତ୍ର ତ ପଶୁପକ୍ଷୀଙ୍କଠାରେ ମଧ୍ୟ ଦେଖାଯାଏ; କିନ୍ତୁ ଗୋଟିଏ ଆନୁଷ୍ଠାନିକ ବିଧିଦ୍ୱାରା ମିତ୍ର ହେବା କେବେ ଆରମ୍ଭ ହେଲା, କହିବା କଷ୍ଟ । ବେଦରେ 'ମିତ୍ରାବରୁଣୌ', 'ଅଗ୍ନି ବରୁଣୌ', 'ଅଗ୍ନିଷୋମୌ', 'ଅଗ୍ନି ମରୁତୌ', 'ଇନ୍ଦ୍ର।ବିଷ୍ଣୁ', 'ଦ୍ୟାବାପୃଥିବ୍ୟୌ' ଇତ୍ୟାଦି ଦୁଇ ଦୁଇ ଦେବତାଙ୍କ ସାହଚର୍ଯ୍ୟ ଦେଖାଯାଏ ଓ ସେମାନଙ୍କୁ ଏକ ସଙ୍ଗରେ ଆହୂତ ଦିଆଯାଏ । ଯଦିଓ ସେପରି ସେମାନେ ମିତ୍ର ବା ମଇତ୍ର; କିନ୍ତୁ ସେମାନଙ୍କୁ କୌଣସିଠାରେ ମିତ୍ର ବୋଲି କୁହା ହୋଇନାହିଁ କି ସେଥିପାଇଁ କୌଣସି ଆନୁଷ୍ଠାନିକ ବିଧି ଥିଲା କି ନାହିଁ ଜଣା ପଡ଼ୁ ନାହିଁ; କିନ୍ତୁ ରାମାୟଣ ଯୁଗକୁ ଆସିଲାବେଳକୁ ସେହିପରି ଆନୁଷ୍ଠାନିକ ବିଧିର ଉଲ୍ଲେଖ ମିଳୁଛି ।

## ଶ୍ରୀରାମ-ସୁଗ୍ରୀବ ମିତ୍ରତା

ରାମ ଓ ଲକ୍ଷ୍ମଣ ଋଷ୍ୟମୂକ ପର୍ବତରେ ଥିଲାବେଳେ ରାମଙ୍କ ସହିତ ସଖ୍ୟ ସ୍ଥାପନ କରିବାକୁ ହନୁମାନ ସୁଗ୍ରୀବଙ୍କୁ ପ୍ରସ୍ତାବ ଦେଇଥିଲେ । ଏଥିରେ ସୁଗ୍ରୀବ ସଂଯତ ହୋଇ ମନୁଷ୍ୟ ରୂପ ଧାରଣ କରି ରାମଚନ୍ଦ୍ରଙ୍କ ପାଖକୁ ଯାଇଥିଲେ ଏବଂ ତାଙ୍କୁ କହିଥିଲେ—

"ରୋଚତେ ଯଦି ମେ ସଖ୍ୟଂ
ବାହୁରେଷ ପ୍ରସାରିତଃ ।
ଗୃହ୍ୟତାଂ ପାଣିନା ପାଣି
ମର୍ଯ୍ୟାଦାବଧ୍ୟତାଂ ଧ୍ରୁବା" ।

Digitized by srujanika@gmail.com

"ମୋ ସଙ୍ଗରେ ଯଦି ସଖ୍ୟ ସ୍ଥାପନ କରିବାକୁ ଚାହାନ୍ତି (ମିତ ବସିବାକୁ ଚାହାନ୍ତି), ମୁଁ ଏହି ବାହୁ ପ୍ରସାରିତ କରିଛି, ମୋର ହାତକୁ ନିଜ ହାତରେ ଧରି ମର୍ଯ୍ୟାଦା ବାନ୍ଧନ୍ତୁ।" ସୁଗ୍ରୀବଙ୍କର ଏହିପରି ମିଷ୍ଟକଥା ଶୁଣି ଖୁସୀ ହୋଇ ରାମଚନ୍ଦ୍ର କରମର୍ଦ୍ଦନ କଲେ ଓ ତାଙ୍କୁ ଆଲିଙ୍ଗନ କଲେ। ତା'ପରେ ହନୁମାନ୍ ଭିକ୍ଷୁରୂପ ତ୍ୟାଗକରି ଦୁଇଖଣ୍ଡ କାଠ ଘଷି ନିଆଁ ବାହାର କଲେ ଓ ତାଙ୍କୁ ପ୍ରଜ୍ୱଳିତ କରି ଫୁଲ ଦେଇ ପୂଜା କଲେ। ଏହି ନିଆଁକୁ ସେ ଦୁଇଜଣଙ୍କ ମଝିରେ ରଖିବାରୁ ସେମାନେ ତାକୁ ପ୍ରଦକ୍ଷିଣ କଲେ। ସେତେବେଳେ ରାମଚନ୍ଦ୍ର ସୁଗ୍ରୀବଙ୍କୁ କହିଥିଲେ—

'ତ୍ୱଂ ବୟସ୍ୟୋଽସି ମେ ହୃଦ୍ୟୋ
ହ୍ୟେକଂ ଦୁଃଖଂ ସୁଖଂ ଚ ନୌ"

ତୁମେ ଆଜିଠାରୁ ମୋର ପ୍ରିୟ ବୟସ୍ୟ ହେଲ। ଆମର ଦୁଇଜଣଙ୍କର ଦୁଃଖ ଓ ସୁଖ ଏକ ହେଲା। ଏହିପରି ଭାବରେ ସେମାନେ ମିତ ବସିଥିଲେ। ଏହାକୁ ଦେଖିଲେ ଜଣାପଡ଼ୁଛି ଯେ ମିତ ବସିବାର ଗୋଟିଏ ଆନୁଷ୍ଠାନିକ ବିଧି ଥିଲା। ନିଆଁ ଜାଳି ପୂଜାକରି ଅଗ୍ନିଙ୍କୁ ସାକ୍ଷୀ ରଖୁଥିଲେ, କରମର୍ଦ୍ଦନ ଓ ଆଲିଙ୍ଗନ କରି ସୁଖଦୁଃଖରେ ଭାଗୀ ହେବାକୁ ପ୍ରତିଜ୍ଞା କରୁଥିଲେ।

ପୂର୍ବରେ ଅଗ୍ନିକୁ ସାକ୍ଷୀ ରଖି, ଆଜିକାଲି ପବିତ୍ର ମହାପ୍ରସାଦ ଗ୍ରହଣ କରି ଜୀବନରେ ବ୍ରତ ନିଅନ୍ତି ଯେ, ପ୍ରକୃତ ଅର୍ଥରେ ସେମାନେ ମିତ, ମଇତ୍ର ବା ସଙ୍ଗାତ ହେଲେ। ମିତ୍ରର ଲକ୍ଷଣ ହେଉଛି—

"ତଦେବାସ୍ୟ ପରଂ ମିତ୍ରଂ
ଯତ୍ର ସଂକ୍ରାମତି ଦ୍ୱୟମ୍
ଦୃଷ୍ଟେ ସୁଖଂ ଚ ଦୁଃଖଂ ଚ
ପ୍ରତିଚ୍ଛାୟେବ ଦର୍ପଣେ।"

ଦର୍ପଣରେ ପ୍ରତିବିମ୍ବ ପଡ଼ିଲା ପରି ଦେଖିଲା ମାତ୍ରେ ଯାହାଠାରେ ସୁଖ ଓ ଦୁଃଖ ସଂକ୍ରମିତ ହୁଏ, ସେ ହେଉଛି ପ୍ରକୃତରେ ପ୍ରକୃଷ୍ଟ ମିତ୍ର। ରାମ ଓ ସୁଗ୍ରୀବଙ୍କ ମିତ୍ରତାରେ ମଧ୍ୟ ଏହି ଭାବ ପ୍ରତିଫଳିତ। ଏଥିପାଇଁ ଭର୍ତ୍ତୃହରି ମଧ୍ୟ କହିଛନ୍ତି—

"ତନ୍ମିତ୍ରମାପଦି ସୁଖେ ଚ ସମକ୍ରିୟଂ ଯତ୍।"

ଆପଦ ଓ ସୁଖରେ ଯିଏ ସମକ୍ରିୟ ସିଏ ହେଉଛି ମିତ୍ର।

ମିତ ବା ମଇତ୍ର ହେଲେ ସବୁ ପର୍ବ-ପର୍ବାଣି ବା ବିବାହ-ଉତ୍ସବ ଆଦିରେ ନିମନ୍ତ୍ରଣ କରନ୍ତି, ଏପରିକି କୌଣସି ପରିବାରର ଜଣେ ମଲେ ମିତ୍ରର ହାଣ୍ଡି ଯାଏ ଏବଂ ଅଶୌଚ ପାଳନ କରିବାକୁ ପଡ଼େ। କୌଣସି କୌଣସି ଅଞ୍ଚଳରେ ଗୋଟିଏ ବିଶେଷ ବାଧା ଦେଖିବାକୁ ମିଳେ ଯେ ଗୋଟିଏ ମଇତ୍ରର ସ୍ତ୍ରୀ ଅନ୍ୟଜଣେ ମଇତ୍ରର ସାମନାକୁ ଆସନ୍ତି ନାହିଁ, ଛୁଇଁ ମଡ଼ାମଡ଼ି ହୁଅନ୍ତି ନାହିଁ। ଦେଢ଼-ଶ୍ୱଶୁର—ଭାଇବୋହୂ ଭଳିଆ ସମ୍ବନ୍ଧ ହୋଇଯାଏ। ବୋଧହୁଏ ଏଥିପାଇଁ ପ୍ରାୟଶ୍ଚିତ୍ତ ତତ୍ତ୍ୱରେ କୁହା ହୋଇଛି—

"ଗୁରୁତଳ୍ପବ୍ରତଂ କୁର୍ଯ୍ୟାଦ୍ ରେତଃ ସିକ୍ତ୍ୱା ।
ସ୍ୱଯୋନିଷୁ,
ସଖ୍ୟୁଃ ପୁତ୍ରସ୍ୟ ଚ ସ୍ତ୍ରୀଷୁ କୁମାରୀଷ୍ୱନ୍ତ୍ୟଜାସୁ ଚ"

Digitized by srujanika@gmail.com

ନଜର କନ୍ୟା, ମିତ୍ର ପତ୍ନୀ, ପୁତ୍ରବଧୂ ଓ ଅନ୍ତ୍ୟଜକୁମାରୀଙ୍କୁ ଗମନ କଲେ 'ଗୁରୁତଳ୍ପବ୍ରତ' କରିବାକୁ ହୁଏ । ଅର୍ଥାତ୍ ଗୁରୁପତ୍ନୀଗାମୀକୁ ଯେଉଁ ପ୍ରାୟଶ୍ଚିତ୍ତ କରିବାକୁ ହୁଏ, ସେହି ପ୍ରାୟଶ୍ଚିତ୍ତ କରିବାକୁ ହୁଏ । ଗୁରୁପତ୍ନୀଗମନ ଗୋଟିଏ ମହାପାପ, ସେହିପରି ମିତ୍ରପତ୍ନୀଗମନ ମଧ୍ୟ ମହାପାପ । ମିତ୍ର ବସିଲେ ଏହିପରି କୋଡ଼ୋଟି ଆଚାର ପାଳନ କରିବାକୁ ହୁଏ ।

## ଆଳାପରୁ ମିତ୍ରତା

ଏହି ମିତ୍ରତା ପ୍ରଥମତଃ ଆଳାପରୁ ଆରମ୍ଭ ହୁଏ । ଏଥିପାଇଁ ସିଂହଠାରୁ ନନ୍ଦିନୀ-ଧେନୁକୁ ରକ୍ଷା କରିବାକୁ ଯୁକ୍ତି ଦେଖାଇ ଦିଲୀପଙ୍କ ମୁହଁରେ କାଳିଦାସ କହିଛନ୍ତି—

"ସମ୍ବନ୍ଧମାଭାଷଣପୂର୍ବମାହୁ
ର୍ବୃତ୍ତଃ ସ ନୌ ସଙ୍ଗତୟୋ ର୍ବନାନ୍ତେ,
ତଦ୍‌ଭୂତନାଥାନୁଗ ! ନାର୍ହସି ତ୍ୱଂ
ସମ୍ବନ୍ଧିନୋ ମେ ପ୍ରଣୟଂ ବିହନ୍ତୁମ୍" ।

ଆଭାଷଣପୂର୍ବକ ସମ୍ବନ୍ଧ ବା ସଖ୍ୟ ସ୍ଥାପିତ ହୁଏ । ଏହି ବନ ପ୍ରାନ୍ତରେ ସଙ୍ଗତ ହୋଇ ଦୁଇଜଣଙ୍କର ତାହା ସମ୍ପାଦିତ ହୋଇଛି । ତେଣୁ ହେ ଭୂତନାଥ ଶିବଙ୍କର ଅନୁଚର ସିଂହ ! ମୁଁ ମିତ୍ର ମୋର ପ୍ରତ୍ୟୟ ବା ଅନୁନୟ ତୁମେ ନାଶ କରି ପାରିବ ନାହିଁ । ଏହି ଆଳାପ ପୁଣି ସାଧାରଣତଃ ପରସ୍ପର ବିଷୟରେ ଆବଦ୍ଧ ଥାଏ, ଅନ୍ୟକଥା ପକାଇବାକୁ ବେଳ ନ ଥାଏ । ଏଣୁ ଦମୟନ୍ତୀଙ୍କ ସ୍ୱୟମ୍ବର ସମ୍ବାଦ ନେଇ ନାରଦ ଯେତେବେଳେ ଇନ୍ଦ୍ରଙ୍କ ପାଖକୁ ଯାଇଛନ୍ତି, ସେତେବେଳେ ନୈଷଧକାର ଶ୍ରୀହର୍ଷ କହିଛନ୍ତି—

"ମୁଦ୍ରିତାନ୍ୟଜନସଙ୍କଥନଂ
ସମ୍ପାରଦଂ ବଲରିପୁଃ ସମବାଦୀତ,
ଆକରଃ ସ୍ୱପରଭୂରି କଥାନାଂ
ପ୍ରାୟଶୋହି ସୁହୃଦୋଃ ସହବାସଃ" ।

ଅନ୍ୟଲୋକଙ୍କ କଥା-ପ୍ରସଙ୍ଗସବୁ ଛାଡ଼ିଦେଇ ଜଳରିପୁ ଇନ୍ଦ୍ର ନାରଦଙ୍କ ସହିତ ସାଦର ସମ୍ଭାଷଣ କଲେ । ଦୁଇ ମିତ୍ରଙ୍କ ମିଳନ ହିଁ ଉଚ୍ଚ ପ୍ରାୟ ପରସ୍ପରସମ୍ବନ୍ଧୀ ଅସରନ୍ତି କଥାର ଆକର ସଦୃଶ । ଏ ସବୁ ପୁଣି ପ୍ରିୟ କଥା । ଅପ୍ରିୟ କଥା ହେଲେ ମିତ୍ରତାରେ ବ୍ୟାଘାତ ଆସେ, ଏଣୁ "କୁବାକ୍ୟାନ୍ତଂ ହି ସୌହୃଦମ୍" ବୋଲି କୁହା ହୋଇଅଛି ।

## ସାତପଦ ଯିବା ସାତପଦ କହିବା

ସଙ୍ଗତ ବା ମିଳନ ମଧ୍ୟ ମିତ୍ରତାର କାରଣ ହୋଇଥାଏ । ଏଣୁ ବ୍ରହ୍ମଚାରୀ-ବେଶୀ ଶିବ ପାର୍ବତୀଙ୍କୁ କହିଛନ୍ତି—

"ପ୍ରଯୁକ୍ତସତ୍କାର ବିଶେଷମାତ୍ମନା
ନମାଂ ପରଂ ସମ୍ପ୍ରତିପତ୍ତୁମର୍ହସି,
ଯତଃ ସତାଂ ସନ୍ନତଗାତ୍ରି ସଙ୍ଗତଂ
ମନୀଷିଭିଃ ସାପ୍ତପଦୀନମୁଚ୍ୟତେ" ।

ପୂଜା ସତ୍କାର କରି ସାରିଲା ପରେ ମୋତେ ପର ବୋଲି ଭାବିବା ଉଚିତ ନୁହେଁ । କାରଣ ସଜ୍ଜନମାନଙ୍କ ସଙ୍ଗତ ଅର୍ଥାତ୍ ମୈତ୍ରୀକୁ 'ସାପ୍ତପଦୀନ' କହନ୍ତି । ସାପ୍ତପଦୀନ ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ଶବ୍ଦ । ଏହା ସଖ୍ୟରେ ଗୋଟିଏ ପର୍ଯ୍ୟାୟ, ଅମରକୋଷରେ ଅଛି— 'ସଖ୍ୟଂ ସାପ୍ତପଦୀନଂ ସ୍ୟାତ୍' । ସାପ୍ତପଦୀନର ଅର୍ଥ

Digitized by srujanika@gmail.com

ଯାହା ସପ୍ତପଦଦ୍ୱାରା ପ୍ରାପ୍ତ ହୁଏ । ଅର୍ଥାତ୍ ସାତପଦ କଥା ହେଲେ ବା ସାତପଦ ଏକ ସଙ୍ଗରେ ଗଲେ ସାପ୍ତପଦୀନ ବା ସଖ୍ୟ ସ୍ଥାପିତ ହୁଏ । ଏଣୁ ପଞ୍ଚତନ୍ତ୍ରରେ ମଧ୍ୟ ଦେଖିବାକୁ ମିଳେ—"ଆହୁଃ ସପ୍ତପଦୀ ମୈତ୍ରୀ" । ଏହି ସାପ୍ତପଦୀନ ବା ମୈତ୍ର୍ୟ ବଳରେ ସାବିତ୍ରୀ ସତ୍ୟବାନଙ୍କ ଜୀବନ ଫେରି ପାଇଥିଲେ । ମହାଭାରତର ବନପର୍ବରେ ଯମ ସ୍ୱୟଂ ସତ୍ୟବାନଙ୍କ ଅଙ୍ଗୁଷ୍ଠମାତ୍ର ପୁରୁଷକୁ ନେଇସାରିଲ ପରେ ସାବିତ୍ରୀଙ୍କୁ ଫେରିଯିବାକୁ କହିବାରୁ ସେ କହିଲେ—

"ପ୍ରାହୁଃ ସାପ୍ତପଦଂ ମୈତ୍ର୍ୟଂ
ବୁଧାସ୍ତତ୍ତ୍ୱାର୍ଥଦର୍ଶିନଃ;
ମିତ୍ରତାଂଚ ପୁରସ୍କୃତ୍ୟ
କିଂଚିଦ୍ ବକ୍ଷ୍ୟାମି ତଚ୍ଛୃଣୁ ।"

ତତ୍ତ୍ୱାର୍ଥଦର୍ଶୀ ପଣ୍ଡିତମାନେ ସପ୍ତପଦଦ୍ୱାରା ମିତ୍ରତା ହୁଏ ବୋଲି କହନ୍ତି । ସେହି ମିତ୍ରତାବଳରେ କିଛି କହୁଛି ଶୁଣ । ତା'ପରେ ତାଙ୍କ ଯୁକ୍ତିଯୁକ୍ତ ଉକ୍ତିଦ୍ୱାରା ସନ୍ତୁଷ୍ଟ ହୋଇ ଯମ ଗୋଟିଏ ପରେ ଗୋଟିଏ ବର ଦେଇଛନ୍ତି ।

ବୟସ ମଧ୍ୟ ମିତ୍ରତାର ଗୋଟିଏ କାରଣ । ଏଣୁ ମିତ୍ରର ଗୋଟିଏ ପର୍ଯ୍ୟାୟ ହେଉଛି 'ବୟସ୍ୟ' ବା ସବୟାଃ । ବୟସର ଅର୍ଥ ହେଉଛି ବୟସରେ ତୁଲ୍ୟ । ଏଣୁ ସମାନବୟସର ଲୋକଙ୍କ ଭିତରେ ସାଧାରଣତଃ ମିତ୍ରତା ଦେଖା ଯାଇ ଥାଏ । ଏହି ବୟସର ସୁବିଧା ନେଇ ସଂସ୍କୃତ ନାଟକରେ ରାଜା ବିଦୂଷକଙ୍କୁ ବୟସ୍ୟ ବୋଲି ଆହ୍ୱାନ କରିଥାଏ ଏବଂ ପ୍ରେମ ବିଷୟରେ ତା'ର ସହାୟ ନେଇ ଥାଏ ।

ସମାନ ଶୀଳ ଓ ବ୍ୟସନ ମଧ୍ୟ ଏହି ମିତ୍ରତାର ମୂଳରେ ରହିଛି । ପଞ୍ଚତନ୍ତ୍ରରେ ଅଛି—

"ମୃଗା ମୃଗୈଃ ସଙ୍ଗମନୁବ୍ରଜନ୍ତି
ଗାବଶ୍ଚ ଗୋଭିସ୍ତୁରଗାସ୍ତୁରଙ୍ଗୈଃ,
ମୂର୍ଖାଶ୍ଚ ମୂର୍ଖୈଃ ସୁଧିୟଃ ସୁଧୀଭିଃ
ସମାନଶୀଳ ବ୍ୟସନେଷୁ ସଖ୍ୟମ୍ ।"

ମୃଗମାନେ ମୃଗମାନଙ୍କ ସଙ୍ଗରେ ରହନ୍ତି, ଗାଈମାନେ ଗାଈମାନଙ୍କ ସଙ୍ଗରେ, ଘୋଡ଼ାମାନେ ଘୋଡ଼ାମାନଙ୍କ ସଙ୍ଗରେ, ମୂର୍ଖମାନେ ମୂର୍ଖମାନଙ୍କ ସଙ୍ଗରେ ଓ ପଣ୍ଡିତମାନେ ପଣ୍ଡିତମାନଙ୍କ ସଙ୍ଗରେ ରହନ୍ତି । ଯେଉଁମାନଙ୍କ ଶୀଳ ଓ ବ୍ୟସନ ସମାନ, ସେମାନଙ୍କର ମିତ୍ରତା ହୋଇଥାଏ । ବ୍ୟସନ ବା ବିପତ୍ତି ମଧ୍ୟ ମିତ୍ରତାର ମୂଳରେ ଥିବାରୁ କୁହା ହୋଇଛି—

"ଉତ୍ସବେ ବ୍ୟସନେ ଚୈବ-
ଦୁର୍ଭିକ୍ଷେ ରାଷ୍ଟ୍ରବିପ୍ଳବେ
ରାଜଦ୍ୱାରେ ଶ୍ମଶାନେ ଚ
ଯସ୍ତିଷ୍ଠତି ସବାନ୍ଧବଃ ।"

କିନ୍ତୁ ଏହି ସବୁର ଉପରେ ବ୍ୟବହାର ଥିଲାପରି ଜଣା ପଡ଼ୁଛି । ଏଣୁ ପଞ୍ଚତନ୍ତ୍ରରେ ଏହା ମଧ୍ୟ କୁହାଅଛି—

"ନ କଶ୍ଚିତ୍ କସ୍ୟଚିନ୍ମିତ୍ରଂ
ନ କଶ୍ଚିତ୍କସ୍ୟଚିଦ୍ ରିପୁଃ
ବ୍ୟବହାରେଣ ଜାୟନ୍ତେ ମିତ୍ରାଣି ରିପବସ୍ତଥା ।"

କେହି କାହାର ମିତ୍ର ହୁଅନ୍ତି ନାହିଁ କି କେହି କାହାରର ଶତ୍ରୁ ହୁଅନ୍ତି ନାହିଁ । ବ୍ୟବହାର ଦ୍ୱାରା ମିତ୍ର ବା ଶତ୍ରୁ ହୋଇଥାଆନ୍ତି ।

Digitized by srujanika@gmail.com

ଅର୍ଥାତ୍ ମିତ୍ରତା କରିବାକୁ ଗଲେ ବ୍ୟବହାର ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ବ୍ୟବହାରରେ ସାମାନ୍ୟ ତ୍ରୁଟି ଘଟିଲେ ମିତ୍ରତାର ମଧ୍ୟ ଭଙ୍ଗ ହେବାର ଆଶଙ୍କା ରହିଛି।

ଏହି ବ୍ୟବହାର କାରଣଜନିତ ହୋଇପାରେ। କାରଣରୁ ହିଁ ମିତ୍ରତା ହୁଏ, କାରଣରୁ ହିଁ ଶତ୍ରୁତା ହୁଏ, ଏଣୁ ବୈର ନ କରି ମିତ୍ରତା କରିବା ଉଚିତ।

କାରଣାନ୍ମିତ୍ରତାଂ ଯାତି କାରଣା
ଦେତି ଶତ୍ରୁତାମ୍।
ତସ୍ମାନ୍ମିତ୍ରତ୍ୱମେବାତ୍ର ଯୋଜ୍ୟଂ ବୈରଂ
ନ ଧୀମତା।

## କୃତ୍ରିମ ଓ ସହଜ ବୈର

ଏହି କାରଣଜନିତ ମିତ୍ରତା ବା ଶତ୍ରୁତାକୁ କୃତ୍ରିମ କୁହାଯାଇପାରେ। ବୈରକୁ କୃତ୍ରିମ ଓ ସହଜ, ଏହିପରି ଦୁଇଭାଗରେ ବିଭକ୍ତ କରାହୋଇଛି।

କୃତ୍ରିମଂ ନାଶମଭ୍ୟେତି ବୈରଂଦ୍ରାକ୍
କୃତ୍ରିମୈର୍ଗୁଣୈଃ।
ପ୍ରାଣଦାନଂ ବିନାବୈରଂ ସହଜଂ
ଯାତି ନ କ୍ଷୟମ୍॥

କୃତ୍ରିମ ଗୁଣ ଅର୍ଥାତ୍ ଉପକାରାଦି ଦ୍ୱାରା କୃତ୍ରିମ ବୈର ନାଶପ୍ରାପ୍ତ ହୋଇପାରେ। ପ୍ରାଣଦାନ ବିନା ସହଜ ବୈର ନଷ୍ଟ ହୁଏ ନାହିଁ। ସହଜ ବୈର ଦେଖାଯାଏ ନେଉଳ-ସାପ, ଘାସଭୋଜୀ-ମାଂସଭୋଜୀ, ଜଳ-ବହ୍ନି, ଦେବ-ଦାନବ, କୁକୁର-ବିଲେଇ, ଧନୀ-ଗରିବ, ସପତ୍ନୀ, ସିଂହ-ଗଜ, ଶିକାରୀ-ହରିଣ, ଶ୍ରୋତ୍ରୀୟ-ଭ୍ରଷ୍ଟକ୍ରିୟ, ମୂର୍ଖ-ପଣ୍ଡିତ, ପତିବ୍ରତା-କୁଳଟା, ସଜ୍ଜନ-ଦୁର୍ଜନ ମାନଙ୍କର। ବୈରର ତୁଳନାରେ ମିତ୍ରତାକୁ ମଧ୍ୟ ଦୁଇଭାଗରେ ବିଭକ୍ତ କରାଯାଇପାରେ। କିନ୍ତୁ ମାଘରେ ଶତ୍ରୁତା ଓ ମିତ୍ରତାକୁ ସହଜ, ପ୍ରାକୃତ ଓ କୃତ୍ରିମ ତିନି ଭାଗରେ ବିଭକ୍ତ କରି ହୋଇଛି।

ଏଥିରୁ ଜଣାପଡୁଛି ଯେ, ମିତ୍ର ବା ଅମିତ୍ର ତିନିପ୍ରକାରର ହୋଇ ପାରନ୍ତି। ସେମାନେ ହେଲେ ସହଜ, ପ୍ରାକୃତ ଓ କୃତ୍ରିମ। ଟୀକାକାର ତାର ବ୍ୟାଖ୍ୟାକରି କହିଛନ୍ତି—ସହଜ ମିତ୍ର ହେଲେ ମାମୁଁ, ମାଉସୀ ପୁଅ, ପିଉସୀ ପୁଅ, ପିଉସୀ ପୁଅ ଆଦି। ପ୍ରାକୃତ ମିତ୍ର ହେଲେ—ଶତ୍ରୁ ଦେଶ ଦ୍ୱାରା ଆକ୍ରାନ୍ତ ରାଜାର ରାଜା ବା ପିତୃ ପରମ୍ପରାଗତ ମିତ୍ର, କୃତ୍ରିମ ମିତ୍ରହେଲେ—ସାମଦାନ ଆଦି କାର୍ଯ୍ୟ ଦ୍ୱାରା ଅର୍ଜିତ। ସେହିପରି ସହଜ ଶତ୍ରୁ ହେଲେ ନିଜ ବଂଶ୍ୟ, ପିତୃବ୍ୟ ଓ ତତ୍ପୁତ୍ରାଦି, ପ୍ରାକୃତ ଶତ୍ରୁ ହେଲେ ନିଜ ରାଜ୍ୟକୁ ଲାଗିଥିବା ରାଜ୍ୟର ରାଜା, କୃତ୍ରିମ ଶତ୍ରୁ ହେଲେ ଯାହାପ୍ରତି ତୁମେ ଅପରାଧ କରି ବା ତୁମ ପ୍ରତି ଯେ ଅପରାଧ କରିଛି। ଏହାଙ୍କ ଭିତରୁ କୃତ୍ରିମ ମିତ୍ର ବା ଶତ୍ରୁ ଗରିଷ୍ଠସ୍ଥାନ, ପ୍ୟାରଶର୍ଯ୍ୟଙ୍କ ମତରେ ସହଜ ମିତ୍ର ବା ଅମିତ୍ର କିଛି ନାହିଁ।

ନାସ୍ତି ଜାତ୍ୟାରିପୁର୍ନାମ ମିତ୍ରଂ ନାମ
ନ ବିଦ୍ୟତେ
କାର୍ଯ୍ୟ ଯୋଗାଦ୍ ବିଜାୟନ୍ତେ
ମିତ୍ରାଣି ରିପବସ୍ତଥା।
ମିତ୍ରଂ ଚ ଶତ୍ରୁତାମେତି କଦାଚିତ୍
କାଳ ପର୍ଯ୍ୟୟେ
ଶତ୍ରୁଷ୍ଟ ମିତ୍ରତାଂ ଯାତି ସ୍ୱାର୍ଥୋହି
ବଲବତ୍ତରଃ।

Digitized by srujanika@gmail.com

ଜନ୍ମରୁ କେହି ଶତ୍ରୁ ବା ମିତ୍ର ହୁଅନ୍ତି ନାହିଁ, କାର୍ଯ୍ୟ ହେତୁରୁ ମିତ୍ର ବା ଶତ୍ରୁ ହୁଅନ୍ତି । କାଳକ୍ରମରେ ମିତ୍ର ମଧ୍ୟ ଶତ୍ରୁ ହୁଏ ଏବଂ ଶତ୍ରୁ ମଧ୍ୟ ମିତ୍ର ହୁଏ । ସ୍ୱାର୍ଥ ହେଉଛି ବଳବତ୍ତର ।

ଅନ୍ୟତ୍ର ଚାରି ପ୍ରକାର ମିତ୍ରର ବିଭାଗ ଦେଖିବାକୁ ମିଳେ ।

ଔରସଂ କୃତ ସମ୍ବନ୍ଧଂ ତଥା ବଂଶ
କ୍ରମାଗତମ୍
ରକ୍ଷିତଂ ବ୍ୟସନେଭ୍ୟଶ୍ଚ ମିତ୍ରଂ
ଜ୍ଞେୟଂ ଚତୁର୍ବିଧମ୍ ।

(ପୁତ୍ରାଦି) ଔରସ, ସମ୍ବନ୍ଧ, ସ୍ଥାପନ କରାହୋଇଥିବା ବ୍ୟକ୍ତି, ବଂଶ ପରମ୍ପରାଗତ ଓ ବିପଦରୁ ରକ୍ଷିତ, ଏହିପରି ଚାରିପ୍ରକାର ମିତ୍ର ହୁଅନ୍ତି ।

ମହାଭାରତ ଶାନ୍ତି ପର୍ବର ରାଜଧର୍ମରେ କିନ୍ତୁ ରାଜାମାନଙ୍କର ଚାରିପ୍ରକାର ମିତ୍ରର ଉଲ୍ଲେଖ କରା ଯାଇଛି, ସହାର୍ଥ, ଭଜମାନ, ସହଜ ଓ କୃତ୍ରିମ ।

ସେହି ପ୍ରସଙ୍ଗରେ ଆହୁରି କୁହା ହୋଇଛି:—

ଚତୁର୍ଣ୍ଣାଂ ମଧ୍ୟମୌ ଶ୍ରେଷ୍ଠୌ ନିତ୍ୟଂ
ଶଙ୍କ୍ୟୌ ତଥାପରୌ,
ସର୍ବେ ନିତ୍ୟଂ ଶଙ୍କିତବ୍ୟାଃ ପ୍ରତ୍ୟକ୍ଷଂ
କାର୍ଯ୍ୟମାତ୍ମନଃ ।

ଏହି ଚାରିଟି ଭିତରୁ ମଝି ଦୁଇଟି ଅର୍ଥାତ୍ ଭଜମାନ ଓ ସହଜ ମିତ୍ର ଶ୍ରେଷ୍ଠ । ଅନ୍ୟମାନଙ୍କୁ ଅର୍ଥାତ୍ ସହାର୍ଥ ଓ କୃତ୍ରିମ ମିତ୍ରଙ୍କୁ ସନ୍ଦେହ କରିବ, ଅଥବା ସମସ୍ତଙ୍କୁ ସନ୍ଦେହ କରିବ । ନିଜେ ପ୍ରତ୍ୟକ୍ଷ ସବୁ କାମ କରିବ । ବୋଧହୁଏ, ଏଠାରେ ବୃହସ୍ପତିଙ୍କ ନୀତି ସନ୍ଧି ଅନୁସୃତ ହୋଇଛି । ବୃହସ୍ପତି ସମସ୍ତଙ୍କୁ ଅବିଶ୍ୱାସ କରିବାକୁ ଉପଦେଶ ଦେଇଥିଲେ । ଗୁପ୍ତ ଓ ଭାର୍ଗବ ମିତ୍ର ସମ୍ପ୍ରାପ୍ତିର ପକ୍ଷପାତୀ ଥିଲେ :—

ସୁକୃତ୍ୟଂ ବିଷ୍ଣୁଗୁପ୍ତସ୍ୟ ମିତ୍ରାପ୍ତିର୍ଭାର୍ଗବସ୍ୟ ଚ
ବୃହସ୍ପତେରବିଶ୍ୱାସୋ ନୀତି ସନ୍ଧିସ୍ତ୍ରିଧାସ୍ଥିତଃ ।

## ସମାନ ଲୋକଙ୍କ ମଧ୍ୟରେ

ଏହି ମିତ୍ରତା ସମାନ ସମାନ ଭିତରେ କରିବା କଥା । ବଡ଼ ବା ସାନ ସଙ୍ଗରେ କରିବା ଉଚିତ ନୁହେଁ । ଏଣୁ କୁହାହୋଇଛି—

ଯୟୋରେବ ସମଂ ବିତ୍ତଂ ଯୟୋରେବ
ସମଂ କୁଳମ୍,
ତୟୋର୍ମୈତ୍ରୀ ବିବାହଶ୍ଚ ନତୁ
ପୁଷ୍ଟ ବିପୁଷ୍ଟୟୋଃ
ଯୋମିତ୍ରଂ କୁରୁତେ ମୂଢ଼ ଆତ୍ମନୋଽ-
ସଦୃଶଂ କୁଧୀଃ
ହୀନଂ ବାଽପ୍ୟଧିକଂ ବାଽପି ହାସ୍ୟତାଂ
ଯାତ୍ୟସୌ ଜନଃ ।

ଯେଉଁମାନଙ୍କର ସମାନ ବିତ୍ତ ଓ ସମାନ କୁଳ ତାଙ୍କର ମୈତ୍ରୀ ଏବଂ ବିବାହ ହେବା ଉଚିତ । ପୁଷ୍ଟ ଓ ବିପୁଷ୍ଟ (ଅଧିକ ବା ହୀନ)ଙ୍କର ହେବା ଉଚିତ ନୁହେଁ । ଯେଉଁ ମୂଢ଼ ହୀନ ବା ଅଧିକ ନିଜର ଅସମାନ ମିତ୍ର କରେ, ସେ ଉପହସିତ ହୁଏ । ଏଣୁ କାଳିଦାସ ମଧ୍ୟ କହିଛନ୍ତି—

ହୀନାନ୍ୟନୁପକର୍ତ୍ତ୍ରୀଣି ପ୍ରବୃଦ୍ଧାନି ବିକୁର୍ବତେ
ତେନ ମଧ୍ୟମ ଶକ୍ତୀନି ମିତ୍ରାଣି ସ୍ଥାପିତାନ୍ୟତଃ ।

ହୀନ ମିତ୍ର କୌଣସି ଉପକାର କରି ପାରିବେ ନାହିଁ । ବଡ଼ ବା ଅତି ସମୃଦ୍ଧ ହେଲେ ବିରୁଦ୍ଧ ଆଚରଣ କରିପାରନ୍ତି । ଏଣୁ ମଧ୍ୟମ ଶକ୍ତିମାନଙ୍କୁ ମିତ୍ର କରା ହେଲା ।

Digitized by srujanika@gmail.com

ଏହି ମିତ୍ରତା ବଳ, ଗୋଟିଏ ବଡ଼ ଧନ । "ନାସ୍ତି ବନ୍ଧୁ ସଙ୍ଗବର୍ଜନମ୍" ଏହାଦ୍ୱାରା ଅସାଧ୍ୟ ମଧ୍ୟ ସାଧିତ ହୁଏ ।

ମିତ୍ରବାନ୍ ସାଧୟତ୍ୟର୍ଥାନ
ଦୁଃସାଧ୍ୟାନପିତ୍ତ୍ୱୈ ଯତଃ
ତସ୍ମାନ ମିତ୍ରାଣି କୁର୍ବୀତ
ସମାନାନ୍ୟେବ ଯତ୍ନତଃ ।

ମିତ୍ରବାନ ଲୋକ ଦୁଃସାଧ୍ୟ କାର୍ଯ୍ୟକୁ ମଧ୍ୟ ସାଧ୍ୟ କରେ । ତେଣୁ ନିଜର ସମାନ ଅନେକ ମିତ୍ର କରିବା ଉଚିତ ।

ଯାନ କାନ ଚ ମିତ୍ରାଣି କର୍ତ୍ତବ୍ୟାନ ଶତାନିଚ ।

ଏହି ମିତ୍ରତା ଦୃଢ଼ ହେବା ଉଚିତ । ସୌହୃଦ ବ୍ୟକ୍ତିକୁ ସମ୍ପଦେ ଲକ୍ଷ୍ମୀ ବରଣ କରିଥାନ୍ତି ।

ଶୂରଂ କୃତଜ୍ଞଂ ଦୃଢ଼-ସୌହୃଦଂ ଚ
ଲକ୍ଷ୍ମୀଃ ସ୍ୱୟଂ ଯାତି ନିବାସହେତୋଃ ।

ଶୌର୍ଯ୍ୟ ସମ୍ପନ୍ନ, କୃତଜ୍ଞତାଯୁକ୍ତ ଓ ଦୃଢ଼-ସୌହୃଦ ବ୍ୟକ୍ତିଙ୍କ ପାଖକୁ ଲକ୍ଷ୍ମୀ ନିଜେ ବାସ କରିବାକୁ ଯାନ୍ତି ।

## କାହା ସଙ୍ଗେ ମିତ୍ରତା କରିବନାହିଁ

ଯେଉଁମାନେ କୃତଜ୍ଞ ନୁହନ୍ତି, ଯାହାର ମିତ୍ରତା ଦୃଢ଼ ନୁହେଁ, ସେମାନଙ୍କ ସଙ୍ଗରେ ମିତ୍ରତା କରିବା ଉଚିତ ନୁହେଁ । ଅନେକ ମିତ୍ର କରିବା ଉଚିତ୍, କେତେକ ଲୋକଙ୍କ ସଙ୍ଗରେ ମିତ୍ରତା କରିବାକୁ ମନା କରା ହୋଇଛି । ବିଷ୍ଣୁ ପୁରାଣରେ ଅଛି—

ବଦ୍ୱିଷ୍ଟ ପତିତୋନ୍ମତ୍ତ ବହୁ
ବୈରିତ କୀଟକୈଃ
ବନ୍ଧକୀ ବନ୍ଧକୀ ଭର୍ତ୍ତୃ
କ୍ଷୁଦ୍ରାନୃତ କଥୈଃ ସହ ।
ତଥାତି ବ୍ୟୟଶୀଳୈଶ୍ଚ
ପରିବାଦରତୈଃ ଶଠୈଃ
ବୁଧୋ ମୈତ୍ରୀ ନ କୁର୍ବୀତ
ନୈକଃ ପନ୍ଥାନମାଶ୍ରୟେତଃ ।

ବଦ୍ୱିଷ୍ଟ, ପତିତ, ଉନ୍ମତ୍ତ, ବହୁବୈରି, ଅତିକୀଟକ ବା କୀଟ ପରି ଅତି ପୀଡ଼କ, ଦୁଷ୍ଟରମଣୀ, ଦୁଷ୍ଟରମଣୀ ପତି, କ୍ଷୁଦ୍ର, ମିଥ୍ୟାବାଦୀ, ଅତି ବ୍ୟୟଶୀଳ, ପର ନିନ୍ଦାରତ ଓ ଶଠ ଏମାନଙ୍କ ସହିତ ମିତ୍ରତା କରିବା ଉଚିତ ନୁହେଁ ଏବଂ ଏକା ବାଟ ଚାଲିବ ନାହିଁ । ସଂକ୍ଷେପରେ କହିବାକୁ ଗଲେ, ଖଳ ଲୋକ ସଙ୍ଗରେ ମିତ୍ରତା କରିବ ନାହିଁ । ଖଳ ଓ ସଜ୍ଜନଙ୍କ ମୈତ୍ରୀକୁ ତୁଳନା କରି କୁହାଯାଇଛି—

ଆରମ୍ଭ ଗୁର୍ବୀ କ୍ଷୟିଣୀ କ୍ରମେଣ
ଲଘୀ ପୁରା ବୃଦ୍ଧିମତୀଚ ପଶ୍ଚାତ୍
ଦିନସ୍ୟ ପୂର୍ବାର୍ଦ୍ଧ ପରାର୍ଦ୍ଧ ଭିନ୍ନା
ଛାୟେବ ମୈତ୍ରୀ ଖଲ ସଜ୍ଜନାନାମ୍ ।

ଖଳ ଓ ସଜ୍ଜନ ମାନଙ୍କ ମୈତ୍ରୀ ଦିନର ପୂର୍ବାର୍ଦ୍ଧ ଓ ପରାର୍ଦ୍ଧର ଛାୟାପରି, ପୂର୍ବାହ୍ଣରେ ଛାୟା ପ୍ରଥମେ ବଡ଼ ହୁଏ ଓ ଧୀରେ ଧୀରେ କ୍ଷୟପ୍ରାପ୍ତ ହୁଏ ଏବଂ ଅପରାହ୍ଣରେ ଛାୟା ପ୍ରଥମେ ଶ୍ରେଷ୍ଠ ଥାଏ ଓ ପରେ ବଡ଼ ହୁଏ । ସେହିପରି ଖଳ ସହିତ ମୈତ୍ରୀ ପ୍ରଥମେ ବଡ଼ ଆଡ଼ମ୍ବର ସହିତ ଆରମ୍ଭ ହୁଏ ଓ ଧୀରେ ଧୀରେ କମିଯାଏ । କିନ୍ତୁ ସଜ୍ଜନମାନଙ୍କ ମୈତ୍ରୀ ଅପରାହ୍ଣର ଛାୟା ଭଳି ପ୍ରଥମରେ ଶ୍ରେଷ୍ଠ ଆକାରରୁ ଆରମ୍ଭ ହୁଏ ଓ କ୍ରମେ କ୍ରମେ ବୃଦ୍ଧି ପ୍ରାପ୍ତ ହୁଏ । ଏଣୁ ଲୋକ ଚିହ୍ନି ମିତ୍ରତା କରିବା ଉଚିତ ।

Digitized by srujanika@gmail.com

# ମୋ' କାହାଣୀ



## ବକ୍ସାର
## (୧୯୦୩-୦୬)

ବକ୍ସାର ସବ୍‌ଡିଭିଜନ୍‌ରେ କାମ ବେଶି । କେବଳ ବିଚାର କାର୍ଯ୍ୟରେ ଦିନକୁ ଛ'ଘଣ୍ଟା ଦେବାକୁ ହେଉଥିଲା । ରାୟ ଲେଖିବା କାମ ଘରକୁ ଚଳୁଥିଲା । ସେତେବେଳେ ସବ୍‌ଡିଭିଜନ୍ ଅଫିସରମାନଙ୍କର ଷ୍ଟେନୋ ନ ଥିଲେ । ସବୁ ହାତରେ ଲେଖିବାକୁ ପଡୁଥିଲା । ରାତିରେ ପେଟ୍ରୋମାକ୍ସ ଜଳୁଥାଏ । ଏକେ ତ ଗରମ ପବନ, ତା ସାଙ୍ଗକୁ ପେଟ୍ରୋମାକ୍ସ ବାଷ୍ପ, ଟଣା ପଙ୍ଖା ସାହାଯ୍ୟରେ ମୁହଁରେ ବାଜୁଥାଏ । ପୋକ ସବୁ ଦେହ ଓ ମୁହଁ ଉପରେ ଆସି ବସୁଥାନ୍ତି । ସେତେବେଳେ ରାତି ନ'ଟାରୁ ଏଗାରଟା ପର୍ଯ୍ୟନ୍ତ ବସି ଲେଖିବା, ଆଉ ଯାହା ହୋଇପାରେ, କିନ୍ତୁ ଜୀବନ-ଉପଭୋଗ ନୁହେଁ । ଏହାଦ୍ୱାରା ନ୍ୟାୟ ବିଚାର ଲୋକଙ୍କୁ ଯାହା ମିଳୁ ନା କାହିଁକି, ଅନ୍ତତଃ ଏ ସବୁ ରାୟକୁ ପ୍ରଥମ ଶ୍ରେଣୀର ଲେଖା ବୋଲି କୁହାଯାଇ ନ ପାରେ ।

*

## ମୁଦାଲା, ମୁଦେଇ ଉଭୟଙ୍କୁ ଜେଲ

ଆରାରେ ଖିଲାପକାରୀ ମାଜିଷ୍ଟ୍ରେଟରୁ ବେ ବେଶିଦିନ ମୋର ଖ୍ୟାତି ମୁଁ ବଜାୟ ର ପାରିଲି ନାହିଁ । ଥରେ ଏକ ଦଙ୍ଗା ସମ୍ପର୍କୀ ମୋକଦ୍ଦମାରେ ମୁଁ ଉଭୟ ମୁଦାଲା ମୁଦେଇଙ୍କ ବିରୁଦ୍ଧରେ ଦଣ୍ଡାଦେଶ ଦେଲି ଦୁଇଦଳଯାକ ପରସ୍ପର ବିରୁଦ୍ଧରେ ମୋକଦ୍ଦମ କରିଥିଲେ । ଉଭୟ ମୋକଦ୍ଦମାର ବି ଏକସମୟରେ ବାହାରିଲା । ଏକ ମୋକଦ୍ଦମା ମୁଦେଇକୁ ଅନ୍ୟ ମକଦ୍ଦମାରେ ସାକ୍ଷୀରୂପେ ଜବାବସୁଆଲ କରାଗଲା । ଉଭୟ ମୋକଦ୍ଦମ ସେହି ଦଙ୍ଗା ଘଟଣା ସମ୍ପର୍କରେ । ତେଣୁ ଏ ସମୟରେ ରାୟ ଦେଇ ଉଭୟଙ୍କୁ ଦଣ୍ଡିତ କରି ନ୍ୟାୟ ବିଚାର କ୍ଷେତ୍ରରେ ଏକ ନୂଆ ଅଧ୍ୟା ସୃଷ୍ଟି କଲି । ଉଭୟ ପକ୍ଷ ଆଶା କରିଥିଲେ ଯେ, ମୁଁ ତାଙ୍କୁ ଖଲାସ କରିଦେବି । ତେ

*ଶ୍ରୀ ସେନାପତିଙ୍କର ତତ୍କାଳୀନ ଚେହେରା

Digitized by srujanika@gmail.com

ମୋ କୋର୍ଟରୁ ମୋକଦ୍ଦମା ଉଠାଇ ନେବାପାଇଁ କେହି ଦରଖାସ୍ତ ଦେଇ ନ ଥିଲେ । ଉଭୟ ପକ୍ଷକୁ ଯେତେବେଳେ ଜେଲ ହେବା ପାଇଁ ଦଣ୍ଡାଦେଶ ଦିଆଗଲା, ଓକିଲମାନେ କାବ୍‌ବା ହୋଇଗଲେ । ଉଭୟ ପକ୍ଷ ଅପିଲ ଦରଖାସ୍ତ କଲେ । ହାଇକୋର୍ଟ ମୋର ରାୟ ସହିତ ଏକମତ ହେଲେ । ବିଶ୍ୱସ୍ତ ସୂତ୍ରରୁ ମୁଁ ଜାଣିଲି ଯେ, ତଦନ୍ତ କରୁଥିବା ପୋଲିସ ଅଫିସରମାନେ ଏ ଘଟଣାରେ ମୋ ଉପରେ ଭାରି ବିରକ୍ତ ଓ ଅସନ୍ତୁଷ୍ଟ ହେଲେ, କାରଣ ସେମାନେ ଉଭୟ ପକ୍ଷଠାରୁ ଚାରିହଜାର ଟଙ୍କା ନେଇଥିଲେ । କଥା ହୋଇଥିଲା ଯେ, ଯେଉଁ ପକ୍ଷ ହାରିଯିବ, ତାର ଟଙ୍କା ଫେରାଇ ଦିଆଯିବ । ଉଭୟ ପକ୍ଷ ହାରିଲେ ଓ ପୋଲିସକୁ ଟଙ୍କାଯାକ ଫେରାଇ ଦେବାକୁ ହେଲା ।

ମାଜିଷ୍ଟ୍ରେଟଙ୍କ କାର୍ଯ୍ୟ ପ୍ରଣାଳୀରେ ମୁଁ କେତେକ ନୂଆ ପରମ୍ପରା ସୃଷ୍ଟି କଲି । ମୁଦାଲଙ୍କୁ କୌଣସି ପ୍ରଶ୍ନ କରିବାକୁ ମୁଁ ଓକିଲମାନଙ୍କୁ ଦେଲି ନାହିଁ । ମୁଁ ନିଜେ ଦରଖାସ୍ତକୁ ପଢ଼ି ଦେଇ ପ୍ରଶ୍ନ ପଚାରୁଥିଲି । ଏହିପରି ଭାବରେ ବହୁ ଅଭିଯୋଗକୁ ଅଳ୍ପସମୟ ମଧ୍ୟରେ ମୁଁ ବରଖାସ୍ତ କରି ଦେଉଥିଲି ।

ଅନ୍ୟ ଏକ ପରମ୍ପରା ହେଉଛି— ଓକିଲମାନେ ଭୋଜପୁରି ଭାଷାରେ ଦିଆ ହେଉଥିବା ସାକ୍ଷ୍ୟ ପ୍ରମାଣକୁ ଇଂରାଜୀରେ ଅନୁବାଦ କରି ଡାକୁଥିଲେ । ଓକିଲମାନେ ଇଂରାଜୀରେ ଡାକଦେ, ମୁଁ ତାଙ୍କର ଷ୍ଟେନୋ-ଗ୍ରାଫର ଭାବରେ ସବୁ ବସି ଲେଖିବାକୁ ପସନ୍ଦ କଲିନାହିଁ । ମୁଁ ନିଜେ ବଡ଼ ପାଟିକରି ଇଂରାଜୀରେ ଅନୁବାଦ କରୁଥିଲି ଓ ଓକିଲ-ମାନଙ୍କର ଏଥିରେ ଯଦି କିଛି କହିବାର ଥାଏ ବୋଲି ପଚାରି ନେଉଥିଲି । ଅନେକ ହିନ୍ଦି ଶବ୍ଦକୁ ଇଂରାଜୀରେ ଅନୁବାଦ ନ କରି ସେହିପରି ରଖିବା ଅଧିକ ବୋଧଗମ୍ୟ ହେଉଥିଲା ।

ଯେତେଦୂର ସମ୍ଭବ ହେଉଥିଲା, ମୁଁ ପ୍ରଧାନ ପ୍ରଧାନ ଅଭିଯୋଗଗୁଡ଼ିକର ସରଜମିନ ତଦନ୍ତ କରୁଥିଲି, ଯାହା ଫଳରେ କି ମୋର ଯିବା ପୂର୍ବରୁ ଏ ସବୁର ସମାଧାନ ହୋଇ ଯାଉଥିଲା । ମୋର ଏପରି ତଦନ୍ତର ସାମନା କରିବା ପାଇଁ ପକ୍ଷମାନଙ୍କର ସାହସ ହେଉ ନ ଥିଲା । ଥରେ ଗୋଟିଏ ଜମିଜମା ବିବାଦରେ ମୁଁ ସେ ସ୍ଥାନକୁ ଯାଇ ଯେଉଁ ନୋଟ ଦେଇଥିଲି, ମୋର ବଦଳି ହେବାର ବହୁ ବର୍ଷ ପର୍ଯ୍ୟନ୍ତ, ତାହା ପ୍ରାମାଣିକ ହୋଇ ରହିଲା । ପାଟନା ହାଇକୋର୍ଟର ବହୁ ମକଦ୍ଦମାରେ କଟକ, ସମ୍ବଲପୁରରେ ଥିବାବେଳେ ସରଜମିନ ତଦନ୍ତ ପରେ ଲିଖିତ ଏହି ନୋଟର ସତ୍ୟତା ପ୍ରମାଣ କରିବାପାଇଁ କମିଶନରେ ମୋଠାରୁ ତିନିଥର ସାକ୍ଷ୍ୟ ନିଆଯାଇଛି । ପ୍ରତ୍ୟେକଥର ବହୁବର୍ଷ ତଳେ ମୁଁ ଲେଖିଥିବା ଏହି ନୋଟକୁ ଭିତ୍ତିକରି ମକଦ୍ଦମାର ଭାଗ୍ୟ ନିଷ୍ପତ୍ତି ହୋଇଛି ।

ଅପରାହ୍ଣରେ ଖୁବ୍ ଗରମରେ ସାକ୍ଷ୍ୟକୁ ଲିପିବଦ୍ଧ କରିବା ଭାରି କଷ୍ଟ ହେଉଥିଲା । ଥରେ ମୁଁ ଲେଖୁଛି, ଏହି ସମୟରେ ଘୁମେଇ ପଡ଼ିଲି ।

Digitized by srujanika@gmail.com

ଓକିଲମାନେ ଏହାର ସୁଯୋଗ ନେଇ ମୋଠାରୁ ଏକ ପ୍ରାମାଣିକ ନକଲ ଦାବୀ କଲେ । ଯେତେବେଳେ ନକଲର ସେ ଅଂଶଟି "ବୁଝିହେଉ ନାହିଁ, ବୁଝାଇ ଦେବା ପାଇଁ" ମୋ ପାଖକୁ ଆସିଲା, ମୁଁ ତା ପାଖରେ ଲେଖି ଦେଲି "ପଢ଼ିହେଉ ନାହିଁ, ତାକୁ ସେହିପରି ଗ୍ରହଣ କର ।" ତଳକୁ ତାରିଖ ଦେଇ ମୁଁ ଦସ୍ତଖତ କରିଦେଲି । ମୋର ମନ୍ତବ୍ୟ ସହ ପ୍ରାମାଣିକ ନକଲ ଦିଆଗଲା । ଶାସ୍ତିର ଅପେକ୍ଷାରେ ରହିଲି । କିଛି ହେଲା ନାହିଁ ।

## ଜିଦ୍‌ଖୋର ବ୍ୟକ୍ତି

ଗୋଟିଏ ମକଦ୍ଦମାରେ ଜଣେ ଭାରି ଜିଦଖୋର ବ୍ୟକ୍ତି ବୋଲି ମୋତେ ଜଣାଗଲା । ମୋକଦ୍ଦମାଟି ହେଉଚି, ଗୋଟିଏ ଖାନ୍‌ଦାନ ପରିବାରର ଦୁଇ ଭାଇଙ୍କ ଭିତରୁ ଜଣେ ଗୋଟିଏ ବେଶ୍ୟାକୁ ଆଣି ଘର ଭିତରେ ରଖିଲା, ତାର ମା' ଏହାର ଭାରି ବିରୋଧ କଲା । ଘର ଭିତରେ କଳହ ଓ ବିବାଦର ସୂଚନା ଦେଖାଗଲା । ମାଜିଷ୍ଟ୍ରେଟ ଭାବରେ ମୁଁ ମୋର କ୍ଷମତା ପ୍ରୟୋଗ କରି ବେଶ୍ୟାକୁ ଘରୁ ବାହାରିଯିବା ପାଇଁ ଆଦେଶ ଦେଲି । ମୋର ଆଦେଶ ଜିଲ୍ଲା ମାଜିଷ୍ଟ୍ରେଟ ଦ୍ୱାରା ବାତିଲ ହୋଇଗଲା । ମୁଁ ସେ ସ୍ତ୍ରୀ ଲୋକକୁ ବାହାରିଯିବା ପାଇଁ ଆଦେଶ ଦେଲି । ଆଉଥରେ ମୋର ଆଦେଶ ବାତିଲ ହେଲା । କିନ୍ତୁ ମୁଁ ଏ ସମ୍ପର୍କରେ ପୁଣି କିଛି କରିବା ପୂର୍ବରୁ ବେଶ୍ୟା ଓ ତାର ଉପପତି ଉଭୟେ ଘର ଛାଡ଼ି ଚାଲି ଯାଇଥିଲେ ।

## ସେବକର ଓ ଏକର ଶାସନ

ଡୁମ୍ରାଓଁଠାରେ ଦୁଇ ଦଳ ମୁସଲମାନଙ୍କ ଭିତରେ କିଏ ଆଗ ଶୋଭାଯାତ୍ରା ନେବ, ସେ ସମ୍ପର୍କରେ ବିବାଦ ଲାଗି ଛାତୁ ଫଟାଫଟି ଅବସ୍ଥା ସୃଷ୍ଟି ହେଲା । ମୁଁ ପ୍ରତିଦିନ ଏ ସମ୍ପର୍କରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ରିପୋର୍ଟ ଦେଉଥିଲି । ରାତି ଅଧରେ ରିପୋର୍ଟ କାର୍ବନ କାଗଜ ପକାଇ ଲେଖା ହେଉଥିଲା ଓ ସକାଳ ୭ଟା ବେଳକୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ହାତରେ ରିପୋର୍ଟର ଏକ ନକଲ ପହଞ୍ଚି ଯାଉଥିଲା । ଗୋଟିଏ ଦଳ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଡୁମ୍ରାଓଁକୁ ନିମନ୍ତ୍ରଣ କରି ଆଣିବା ପାଇଁ ଗଲେ । ସେ କହିଲେ, "ସବ୍‌ଡିଭିଜନ ଅଫିସରଙ୍କ ଉପରେ ମୋର ପୂରା ବିଶ୍ୱାସ ଅଛି । ତୁମେ ସବୁ ତାଙ୍କ ପାଖକୁ ଯାଅ ।" ପରେ ସେ ମୋତେ କହିଲେ, "ଯଦି ମୁଁ ଯାଇଥାନ୍ତି ତା ହେଲେ ଉଭୟ ଦଳ ମୋ ପାଖକୁ ଆସିବାରେ ଲାଗିଥାନ୍ତେ ଓ ତୁମର ଦାୟିତ୍ୱକୁ ମୁଁ ନିଜ ହାତକୁ ନେଇଥାନ୍ତି । ମୁଁ ତାହା ହେବାକୁ ଦେଲି ନାହିଁ । ଶାସନର ସେହି ନୀତିରୁ ଆମେ କେତେ ଦୂରକୁ ଚାଲି ଗଲୁଣି । ନିକଟରେ ଦଳେ ଲୋକ ଏ ରାଜ୍ୟର ରାଜଧାନୀରେ ଥାନା ଉପରେ ଆକ୍ରମଣ କଲେ । ସବ୍‌ଡିଭିଜନ୍ ଅଫିସର ସଙ୍ଗେ ସଙ୍ଗେ ତଦନ୍ତ କରିବାର କଥା । ସେ ତାହା କଲେ ନାହିଁ । ତାଙ୍କ ଉପରେ ଯେ ଅଛନ୍ତି, ଜିଲ୍ଲା ମାଜିଷ୍ଟ୍ରେଟ ସେ କିଛି କଲେ ନାହିଁ । ଡିଭିଜନାଲ କମିଶନର ମଧ୍ୟ ଚୁପ୍ ହୋଇ ବସିଲେ । ତଦନ୍ତ ପାଇଁ ସରକାରଙ୍କୁ ଜଣେ ଅଫିସର ନିଯୁକ୍ତ କରିବାକୁ ପଡ଼ିଲା ଓ ତଦନ୍ତ

Digitized by srujanika@gmail.com

ଆରମ୍ଭ ହେଲ ଘଟଣା ଘଟିବାର ୧୫ ଦିନ ପରେ । ଗୃହଆଡ଼େ ଅବ୍ୟବସ୍ଥା । ଶାସନ ଅଛି ବୋଲି ଜଣା ପଡ଼ୁ ନାହିଁ । ଅନେକ ଲୋକ ଭାବିଲେ ଯେ ସ୍ଥାନୀୟ ଉପନିର୍ବାଚନ ସରିବା ପର୍ଯ୍ୟନ୍ତ ବୋଧହୁଏ ଜାଣିଶୁଣି ତଦନ୍ତକୁ ଡେରି କରି ଦିଆଗଲା ।

## ରହସ୍ୟଜନକ ଫଳଝୁଡ଼ି

ପୋଲିସ ମଧ୍ୟରେ ଦୁର୍ନୀତିର ଗୋଟିଏ ଦୃଷ୍ଟାନ୍ତ ମୁଁ ଦେଇଛି । ବରିଷ୍ଠ ପଦାଧିକାରୀଙ୍କ ମଧ୍ୟରେ ଥିବା ଦୁର୍ନୀତିର ଗୋଟିଏ ଦୃଷ୍ଟାନ୍ତ ଦେଉଛି । ଶାସନର ସବୁ ବିଭାଗରୁ କଠୋର ହସ୍ତରେ ଦୁର୍ନୀତିର ଲୋପ କରିବା ପାଇଁ ମୁଁ ଉଦ୍ୟମ କରିଥିଲି । କିନ୍ତୁ ଯେଉଁମାନଙ୍କର ସରକାରଙ୍କ ପାଖରେ କାମ ଥାଏ, ମୋତେ କର୍ମଚାରୀ-ମାନଙ୍କୁ ଦୁର୍ନୀତିଗ୍ରସ୍ତ କରିବା ପାଇଁ ଏପରି ଦୃଢ଼ନିଶ୍ଚୟ ଯେ, ଶାସନକୁ ନିର୍ମଳ ରଖିବାକୁ ହେଲେ ସରକାରଙ୍କୁ ଖୁବ୍ ଦୃଢ଼ ରହିବାକୁ ହେବ । ବିଭିନ୍ନ ପ୍ରକାରରେ ମୋତେ ଦୁର୍ନୀତିରେ ପୂରାଇବା ପାଇଁ ଦୁଇଥର ଉଦ୍ୟମ ହୋଇଥିଲା । ଥରେ ମୁଁ ଗସ୍ତରେ ଯାଉଥିବାବେଳେ ବଜାରରେ ମୋ ଘରକୁ ଏକ ଝୁଡ଼ି ଆସି ପହଞ୍ଚିଲା । ଝୁଡ଼ି ଭିତରେ ବିଭିନ୍ନ ପନିପରିବା ଫଳ, ମିଠା ଓ ପାନୀୟ ଥିଲା । ମୁଁ ଫେରିବା ପରେ ଯେଉଁ ବ୍ୟକ୍ତିଙ୍କ ପାଖରୁ ସବୁ ଜିନିଷ ଆସିଥିଲା, ତାଙ୍କୁ ଫେରାଇ ଦେବାପାଇଁ ଝୁଡ଼ିଟି ପୋଲିସ ଜିମା କରିଦେଲି । ପୋଲିସ ଖବର ଦେଲେ ଯେ, ବ୍ୟକ୍ତି ଜଣକ ଏହାକୁ ଫେରାଇ ନେବାପାଇଁ ମନାକଲେ । ତାଙ୍କର କହିବାର କଥା ଯେ ସେ ଏହାକୁ ପଠାଇ ନାହାନ୍ତି । ତାଙ୍କୁ ମୋ ନିକଟରେ ବଦନାମ କରାଇବା ତାଙ୍କର ଶତ୍ରୁ, ଅମୁକବ୍ୟକ୍ତି ମୋପାଖକୁ ଏହାକୁ ପଠାଇଥିବ । ପୋଲିସ ସେହି ଅମୁକ ବ୍ୟକ୍ତି ପାଖକୁ ଏହା ପଠାଇବା ନିରର୍ଥକ ହୋଇଥାନ୍ତା; ତେଣୁ ରୋଗୀମାନଙ୍କ ପାଇଁ ମୁଁ ଏହିସବୁ ଜିନିଷ ହସ୍‌ପିଟାଲକୁ ପଠାଇ-ଦେଲି । କିଏ ମୋତେ ଲାଞ୍ଚ ଦେବାପାଇଁ ଚେଷ୍ଟା କରିଥିଲା । ତାହା ମୁଁ ଜାଣି ପାରିଲି ନାହିଁ ।

ଅନ୍ୟ ଘଟଣାଟି ହେଉଛି, ମୁଁ ଏକ ସ୍ଥାନରେ ସରଜମିନ୍ ତଦନ୍ତ କରିବା ସମୟରେ ମୋ ହାତକୁ କିଛି କାଗଜପତ୍ର ବଢ଼ାଇ ଦିଆଗଲା । ମୁଁ ଖୋଲି ଦେଖେତ, ତା ଭିତରୁ ଦଶଟି ଦଶଟଙ୍କିଆ ନୋଟ ଗଳି ପଡ଼ିଲା । ଲୋକଟି ସଙ୍ଗେ ସଙ୍ଗେ କହିଲା, ଭୁଲରେ କାଗଜ ଭିତରେ ଦଶଟଙ୍କିଆ ନୋଟ୍‌ଗୁଡ଼ାକ ରହିଯାଇଥିଲା । ଉଭୟଙ୍କ ଜଣାଶୁଣାରେ ଅଫିସର କାଗଜତକ ଘରେ ପଢ଼ିବା ପାଇଁ ପକେଟରେ ରଖିଥାନ୍ତେ । କେବଳ ଏହି ଦୁଇଟି ଘଟଣାକୁ ଗ୍ରହଣଦେଲେ ଦୁର୍ନୀତିକାରୀ ପକ୍ଷମାନଙ୍କ ହାତୁଡ଼ରୁ ମୁଁ ଖସି ଯାଇଛି ।

ହିନ୍ଦୁ ଓ ମୁସଲମାନ ପର୍ବ ହେଲେ ଆଉ ରକ୍ଷା ନ ଥିଲା । ସାଧାରଣତଃ ଏହିସବୁ ପର୍ବ ଶେଷରେ ରାତିରେ ପଟୁଆର ବାହାରେ । ଏପରି କୌଣସି ପର୍ବ ନ ଥାଏ, ଯେଉଁଠି ଶାନ୍ତିଭଙ୍ଗର ଆଶଙ୍କା ନାହିଁ । ପୋଲିସ ଓ ମାଜିଷ୍ଟ୍ରେଟ୍ ୨୪ଘଣ୍ଟା ଜାଗରଥାଇ ହୋଇ

Digitized by srujanika@gmail.com

ରହୁଥିଲେ । ଅନୁପସ୍ଥିତ ଛୁଟି ମଞ୍ଜୁର ହେଉ ନଥିଲା । ପରେ ଅବଶ୍ୟ କ୍ଷତିପୂରଣ ସ୍ୱରୂପ ଛୁଟି ମିଳୁଥିଲା । ଥରେ ଏକ ହିନ୍ଦୁ ପତ୍ନୀର ବାହାଣିବାରେ ପ୍ରଧାନ ସମସ୍ୟା ହେଲ— କ କ ଅସ୍ପୃଶ୍ୟ ପତ୍ନୀରରେ ବାହାର କରାଯିବ । ମୁଁ ଇତିମଧ୍ୟରେ ରିପୋର୍ଟ ଲେଖି ତାର ଏକ କପି ନକଲ ସକାଳେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପାଖକୁ ପଠାଇ ଦେଇଥିଲି । ୪୦୦ ବର୍ଷ ତଳେ ହିନ୍ଦିଭାଷାରେ ପ୍ରଥମେ ରାମାୟଣ ଲେଖିଥିବା ତୁଳସୀଦାସଙ୍କୁ ଉଦ୍ଧାର କରି ମୁଁ ଏ ସମସ୍ୟାର ସମାଧାନ କରିଥିଲି ।

## ସାହାବାଦର ଲାଠି

ଡୁମରାଓଁ ଜମିଦାରୀ ସୁପ୍ରେପାସ୍ ଆସିଷ୍ଟାଣ୍ଟ ମାନେଜର ଜଣେ ଖଳପ୍ରକୃତିର ଲୋକ ଥିଲେ । ଡୁମରାଓଁ ଏକ ବଡ଼ ଜମିଦାରୀ ଥିଲା ଓ ଗଙ୍ଗାନଦୀର ଗୋଟିଏ ଅଂଶ ଏହାର ଅନ୍ତର୍ଭୁକ୍ତ ଥିଲା । ଗଙ୍ଗାନଦୀ ବନ୍ୟା-ସମୟରେ ଏଠାରେ ପାଞ୍ଚମାଇଲ ଜଳ ଉଚ୍ଛୁଳି ମାଡ଼ି ଯାଉଥିଲା । ଯାହା ଫଳରେ ଜମିର ସୀମା ସରହଦ ନଇ ଧୋଇବାରେ ନଷ୍ଟ ଭ୍ରଷ୍ଟ ହୋଇ ଯାଉଥିଲା । ଗଙ୍ଗାବନ୍ୟା-ପ୍ଲାବିତ ଏହି ଅଞ୍ଚଳ, ଯାହାକି ଗଙ୍ଗ ଦାଏରୀ ନାମରେ ଖ୍ୟାତ, ଯେଉଁଥିରେ ଜମିଜମା ମକଦ୍ଦମାର ସଂଖ୍ୟା ଏହି କାରଣରୁ ବେଶି ହେଉଥିଲା । ଆସିଷ୍ଟାଣ୍ଟ ମାନେଜର ପ୍ରଜାଙ୍କ ମଧ୍ୟରେ ମାଲିମକଦ୍ଦମା ସୃଷ୍ଟିକରି ବେଶ ଦି'ପଇସା ରୋଜଗାର କରୁଥିଲେ । ସାହାବାଦ ଜିଲ୍ଲାର ଲୋକେ ଖୁବ୍ ନିର୍ଭୀକ ଓ ବଳୁଆ । ମୁଁ ବକ୍‌ସାର ଗ୍ରଡ଼ବାର ଅଳ୍ପକାଳ ମଧ୍ୟରେ ଡୁମରାଓଁ ରାଜ୍ୟର ଜଣେ ସୁପ୍ରେପାସ୍ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କୁ ମାତ୍ର ପ୍ରଜାମାନେ ଗଙ୍ଗା ସ୍ରୋତରେ ଫିଙ୍ଗିଦେଲେ । ହତ୍ୟାର କୌଣସି ପ୍ରମାଣ ମିଳିଲା ନାହିଁ । ଲୋକେ ଏକାଠି ହୋଇଗଲେ । ସୁପ୍ରେପାସ୍ ଆସିଷ୍ଟାଣ୍ଟ ମ୍ୟାନେଜର ଉଭାନ ।

## ଥରେ ହାତଦେଖି ପାଞ୍ଚଶହଟଙ୍କା

ଡୁମରାଓଁର ମହାରାଣୀ ଅସୁସ୍ଥ ହୋଇ ପଡ଼ିଲେ । ପ୍ରିକ୍‌ଟର ଶ୍ରୀମତୀ ସତ୍ୟପ୍ରିୟା ଘୋଷ ତାଙ୍କର ଚିକିତ୍ସା ପାଇଁ ନିଯୁକ୍ତ ହେଲେ । ଶ୍ରୀମତୀ ଘୋଷ ଭାରତରେ ପ୍ରଥମ ମହିଳା ଏଫ. ଆର. ସି. ଏସ୍. । ମୋ ସ୍ତ୍ରୀଙ୍କର ସେ ବହୁଦିନର ବନ୍ଧୁ ଥିଲେ । ତେଣୁ ସେ ଆମ ଘରେ ଆସି ରହିଲେ । ପ୍ରତିଦିନ ମହାରାଜାଙ୍କର ବଗିଗାଡ଼ି ଡୁମରାଓଁଠାରୁ ୧୨ ମାଇଲ ଆମ ଘରଠାକୁ ଆସି ତାଙ୍କୁ ନେଇ ଯାଉଥିଲା ଓ ଛାଡ଼ି ଦେଇ ଯାଉଥିଲା । ଶ୍ରୀମତୀ ଘୋଷ କହନ୍ତି ଯେ, ସେ କେବଳ ମହାରାଣୀଙ୍କର ନାଡ଼ି ଦେଖି ଦିନକୁ ୫୦୦ ଟଙ୍କା ନେଉଥିଲେ । କାରଣ ସେ ପରଦା ଅନ୍ତରାଳରେ ରହୁଥିଲେ ଓ ହାତଟି ବଢାଇବା ଛଡ଼ା ନିଜେ ଦେଖା ଦେଉ ନ ଥିଲେ । ଏହା ପ୍ରାୟ ତିନ ସପ୍ତାହ ପର୍ଯ୍ୟନ୍ତ ଗ୍ଲିଲା ।

ଡୁମରାଓଁର ମହାରାଜା କେଶୋପ୍ରସାଦ ସିଂ କଲେଜହତା ମାଡ଼ି ନଥିଲେ । ତାଙ୍କର ଇଂରାଜୀ କିଛି ଭଲ ନଥିଲା । ସେ ଖୁବ୍ ଅପରିଷ୍କାର ଦେଖାଯାନ୍ତି । ଅବଶ୍ୟ ଜମିଦାରୀ ଆଦବ-କାଏଦା ଜାଣିଥିଲେ । ସେ ହିନ୍ଦୁସ୍ତାନୀ ଓ ତାଙ୍କର ସ୍ଥାନୀୟ ଭୋଜପୁରୀ ଭାଷା କହୁଥିଲେ ।

Digitized by srujanika@gmail.com

ତାଙ୍କର ଜମିଦାରୀ ଅଫିସ ଖୁବ୍ ସୁପରିଚାଳିତ ଥିଲା । କିନ୍ତୁ ପ୍ରଜାମାନଙ୍କ ସାଙ୍ଗରେ ତାଙ୍କର ସମ୍ପର୍କ ଭଲ ନ ଥିଲା । କୋର୍ଟ କଚେରୀରେ ଜିତାପଟ୍ଟ ଅବଶ୍ୟ ତାଙ୍କର ହେଉଥିଲା । କାରଣ ତାଙ୍କର ପଇସା ଥିଲା ଓ କାଗଜପତ୍ର ଠିକ୍ ରହୁଥିଲା । ବ୍ରିଟିଶ୍ ଅଫିସରଙ୍କୁ କିପରି ଖୁସି କରିବାକୁ ହୁଏ, ସେ ଜାଣିଥିଲେ ।

ସେ ୟୁରୋପୀୟମାନଙ୍କୁ ମ୍ୟାନେଜର ଓ ଆସିଷ୍ଟାଣ୍ଟ ମ୍ୟାନେଜର ରଖୁଥିଲେ । ସେ ଗଭର୍ଣ୍ଣରଙ୍କୁ ଆପ୍ୟାୟିତ କରି ସରକାରୀ ଆଦେଶ କରାଇ ନେଇଥିଲେ ଯେ, ତାଙ୍କ ଜମିର ଖଜଣା ଆଦାୟ ସରକାରଙ୍କ ଦ୍ୱାରା କରାଯିବ । ଖୁବ୍ କମ୍ ଜମିଦାର ଏ ସୁବିଧା ପାଇଥିଲେ । ଅବଶ୍ୟ କେତେ ମାସ ମଧ୍ୟରେ ସେ ଗଭର୍ଣ୍ଣରଙ୍କ ଏକ୍ଜିକ୍ୟୁଟିଭ କାଉନ୍ସିଲର ସଭ୍ୟରୂପେ ନିଯୁକ୍ତ ହେଲେ, ଯେଉଁଥିପାଇଁ କେବଳ ରାଜଭକ୍ତି ଛଡ଼ା ତାଙ୍କର ଅନ୍ୟ କୌଣସି ଯୋଗ୍ୟତା ନ ଥିଲା ।

## ଜେଲର ବଲକା

ବକ୍ସାର କେନ୍ଦ୍ର ଜେଲ ଦାୟିତ୍ୱରେ ଭାରତୀୟ ମେଡ଼ିକାଲ ସର୍ଭିସର ଜଣେ ଅଫିସର ଥିଲେ । ତାଙ୍କ ସହିତ ସାମାଜିକ କ୍ଷେତ୍ରରେ ସମାସ୍ପନ୍ଦ ଭାବରେ ମୁଁ ମିଳିମିଶି ପାରୁଥିଲି । ଜେଲଟି ସୁପରିଚାଳିତ ଥିଲା । ଜେଲର ବଗିଚା ଓ ଜେଲ ଶ୍ରମିକଙ୍କର ପୂର୍ଣ୍ଣ ସଦୁପଯୋଗ କରାଯାଉଥିଲା । ଜେଲ ମାନୁଏଲରେ ଖୁବ୍ ପୁଙ୍ଖାନୁପୁଙ୍ଖ ଭାବରେ ଜେଲ ପରିଚାଳନାର ନିର୍ଦ୍ଦେଶ ଦିଆଯାଇଛି । ଏପରିକି, କେଉଁ ପ୍ରକାରର କମଳା ଲେମ୍ବୁ ଲଗାଯିବ ଓ କିପରି ଭାବରେ ପାଣିକଖାରୁ ଚାଷ କରାଯିବ, ସେସବୁ ମଧ୍ୟ ସେଥିରେ ଅଛି । ନିୟମ ଅନୁଯାୟୀ ଯେଉଁ ସବୁ ଫଳ, ପନିପରିବା ଜେଲ ଭିତରେ ଚାଷ କରାଯିବ, ତାହା କଏଦୀମାନେ ଖାଇବେ । ତାଙ୍କଠାରୁ ବଳିଲେ ଜେଲ କର୍ମଚାରୀ ଓ ଜେଲରଙ୍କ ମଧ୍ୟରେ ତାହା ବଣ୍ଟାଯିବ । ଜେଲ ସୁପରିଣ୍ଟେଣ୍ଡେଣ୍ଟ କର୍ମଚାରୀ-ଶ୍ରେଣୀର ଅନ୍ତର୍ଭୁକ୍ତ ନୁହନ୍ତି । କିନ୍ତୁ ପ୍ରତିଦିନ ଜେଲ ବଗିଚାରୁ ତାଙ୍କୁ ପନିପରିବା ମିଳୁଥିଲା, ସୁପରିଣ୍ଟେଣ୍ଡେଣ୍ଟ ଦିନେ ଦିନେ ମୋ ପାଖକୁ କିଛି ପଠାଇ ଦେଉଥିଲେ । ମୁଁ ଯେତେବେଳେ ପନ୍ଦର ଦିନ ପାଇଁ ଅସ୍ଥାୟୀ ଭାବରେ କେନ୍ଦ୍ର ଜେଲ ସୁପରିଣ୍ଟେଣ୍ଡେଣ୍ଟ ରହିଲି, ମୋ ପାଖକୁ ମଧ୍ୟ ପ୍ରତିଦିନ ପରିବା ଆସିଲା । ମୁଖ୍ୟ ଜେଲରଙ୍କୁ ଏହା ଏକ ଦୈନନ୍ଦିନ ଅଭିବାଦନ ବୋଲି ମୋର ମନେ ହେଲା । "ବଲକା" ଯାକ ବଣ୍ଟା ସରିବା ପରେ ଜେଲର ରୋଷେଇଘର ପାଇଁ ଆଉ ବେଶିକିଛି ରହୁ ନ ଥିଲା । ଏପରିକି ଜେଲ ହସପିଟାଲ ପାଇଁ ମଧ୍ୟ । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, "ବଲକା"ର ଯେପରି ଭାବରେ ଏଠି ଅର୍ଥ କରାଯାଉଛି; ସେ ସମ୍ପର୍କରେ କୌଣସି ଅଭିଯୋଗ ଜେଲ ପରିଦର୍ଶକ ବା ପରିଦର୍ଶକମଣ୍ଡଳୀଙ୍କ ଆଗରେ କେବେ ହେଲେ ହେଉ ନ ଥିଲା ।

( କ୍ରମଶଃ )

Digitized by srujanika@gmail.com

# କମ୍ପାନି ଅମଳରେ ଜଗନ୍ନାଥ ମନ୍ଦିର ପରିଚାଳନା

ଅଧ୍ୟାପକ ପ୍ରଭାତ ମୁଖାର୍ଜୀ

ଖ୍ରୀ ୧୮୦୩ରେ ଇଷ୍ଟଇଣ୍ଡିଆ କମ୍ପାନି ଓଡ଼ିଶା ଅଧିକାର କରି ଜଗନ୍ନାଥ ମନ୍ଦିର ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ସ୍ଥାପନ କଲେ, ଇଂରେଜମାନେ ମନ୍ଦିରର ମାନ ମର୍ଯ୍ୟାଦା କ୍ଷୁଣ୍ଣ ହେବ ନାହିଁ ବୋଲି ପଣ୍ଡାମାନଙ୍କୁ ପ୍ରତିଶ୍ରୁତି ଦେଲେ । ସେମାନେ ମଧ୍ୟ ଇଂରେଜମାନଙ୍କ ଦ୍ୱାରା ମନ୍ଦିର ଶାସନ ନିୟନ୍ତ୍ରଣକୁ ସ୍ୱୀକାର କଲେ ।

ଦକ୍ଷିଣ ବିଭାଗର କଲେକ୍ଟର ଜର୍ଜ ହଣ୍ଟରଙ୍କୁ ମନ୍ଦିର ପରିଚାଳନାର ଭାର ଦିଆଗଲା । ତାଙ୍କୁ ସାହାଯ୍ୟ କରିବା ପାଇଁ ଗୋବିନ୍ଦ ରାୟ ମହାଶୟ ନାମରେ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ସହକାରୀ ନିଯୁକ୍ତ କରାହେଲା । କମ୍ପାନି ସରକାର ଜଗନ୍ନାଥ ମନ୍ଦିର ଉପରେ ଖୋର୍ଦ୍ଧା ରାଜାଙ୍କ ଅଧିକାର ସମ୍ବନ୍ଧରେ ଅନୁସନ୍ଧାନ କରି ଜାଣିଲେ ଯେ ମରହଟ୍ଟାମାନେ ମଧ୍ୟ ଜଗନ୍ନାଥ ମନ୍ଦିରକୁ ନିଜ ତତ୍ତ୍ୱାବଧାନରେ ରଖିଥିଲେ । ମରହଟ୍ଟା ସୁବେଦାର ସେଓ ଭଟ୍ଟ ଶାଠିଙ୍କ ସମୟରୁ ମନ୍ଦିରର ସେବକ ମାନଙ୍କ କାର୍ଯ୍ୟ ତଦାରଖ କରିବା ପାଇଁ ଜଣେ ଓହାଜାଦାର ବା ମ୍ୟାନେଜର ନିଯୁକ୍ତ ହେଉଥିଲେ । [ବଙ୍ଗ ଗୁପ୍ତ ଓ ରାଜନୈତିକ କାଗଜପତ୍ର-୯। ୩। ୧୮୦୪]

ସେ ସମୟରେ ଖୋର୍ଦ୍ଧା ରାଜାଙ୍କ ସହିତ ଜଗନ୍ନାଥ ମନ୍ଦିର ସମ୍ପର୍କ କେବଳ ପ୍ରଥାନୁଗତ ଥିଲା । 'ରାଜସେବା' ବେଳେ ରାଜାଙ୍କ ନାମ ଉଚ୍ଚାରଣ ହେଉଥିଲା । [କମିଶନରମାନଙ୍କ ଠାରୁ ଓହାଜାଦାର ମୋରାର ପଣ୍ଡିତଙ୍କୁ ଚିଠି— ୯। ୬। ୧୮୦୪]। ସୁନିଆ ଦିନ ସେ ମନ୍ଦିରରୁ ନ'ଟି ସୁନା ମୋହର ଓ ଦଶଟି ଟଙ୍କା ନଜରାନା ପାଉଥିଲେ । [କମିଶନରମାନଙ୍କ ଠାରୁ ମୋରାର ପଣ୍ଡିତଙ୍କୁ ଚିଠି—୧୧। ୯। ୧୮୦୪]

ଖୋର୍ଦ୍ଧା ରାଜା ମୁକୁନ୍ଦଦେବ ଦାବୀ କଲେ ଯେ ସ୍ନାନ ଯାତ୍ରାବେଳେ ସେ କେତୋଟି ମେଣ୍ଢା ଆଉ ଛେଳି ଭେଟି ପାଉଥିଲେ । (ହାଣ୍ଟାରଙ୍କଠାରୁ କମିଶନରମାନଙ୍କୁ ଚିଠି — ୧୬।୯।୧୮୦୪) ତାଙ୍କର ଦାବୀ ଅଗ୍ରାହ୍ୟ ହେବାରୁ ସେ ପାଇକ ପଠାଇ ପିପିଲି ପାଖରେ କେତେଗୁଡ଼ିଏ ଗାଁରୁ ୧୪୪ଟି ଗୃହପାଳିତ ପଶୁ ଧରି ନେଇଗଲେ ।

ଇଂରେଜମାନେ ଖୋର୍ଦ୍ଧା ରାଜାଙ୍କୁ ବନ୍ଦୀ କରି ମେଦିନୀପୁରରେ ରଖିଲେ । କିଛି କାଳ ପରେ ବଡ଼ଲାଟ ତାଙ୍କୁ ପୁରୀରେ ରହିବାକୁ ଅନୁମତି ଦେଲେ । ସଦର ବୋର୍ଡ଼ ଅଫ

Digitized by srujanika@gmail.com

ରେଭିନିଉ ସୁପାରିଶ କଲେ ଯେ ମୁକୁନ୍ଦଦେବଙ୍କୁ ମନ୍ଦିର ପରିଚାଳନାର ଭାର ଦିଆଯାଉ, କାରଣ ଖୋର୍ଦ୍ଧା ରାଜାମାନେ ଅତୀତରେ ମନ୍ଦିର ପରିଚାଳନା କରୁଥିଲେ । କିନ୍ତୁ ହ୍ୱଣ୍ଟର ଏ ପ୍ରସ୍ତାବର ବିରୋଧ କରି ଲେଖିଲେ ଗତ ୬୦ ବର୍ଷ ମରହଟ୍ଟା ସରକାରଙ୍କ ଜଗନ୍ନାଥ ମନ୍ଦିର ଉପରେ ପୂର୍ଣ୍ଣ କ୍ଷମତା ଥିଲା । (ହ୍ୱାଣ୍ଟାର୍‌ଠାରୁ ରେଭିନିଉ ବୋର୍ଡ଼କୁ ଚିଠି— ୨୧. ୭. ୧୮୦୭)

ଇଂରେଜ ସରକାର ଖୋର୍ଦ୍ଧା ଅଧିକାର କରି ମୁକୁନ୍ଦଦେବଙ୍କୁ ଲଘୁ ଦୋଷରେ ଗୁରୁଦଣ୍ଡ ଦେଇଥିଲେ । ତେଣୁ ଖ୍ରୀଷ୍ଟାନ ସରକାର ଜଗନ୍ନାଥ ମନ୍ଦିର ପରିଚାଳନା ହସ୍ତାନ୍ତର କରିବେ ବୋଲି ସ୍ଥିର କରି ତାଙ୍କୁହିଁ ସେହି ଭାର ଦେଲେ । ଖ୍ରୀ୧୮୧୦ର ୧୯ ରେଗୁଲେସନ୍ ଅନୁସାରେ ରାଜା ମୁକୁନ୍ଦଦେବ ଓ ତାଙ୍କର ବଂଶଧରମାନେ ମନ୍ଦିର ପରିଚାଳକ ବା ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହେଲେ । ସରକାର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅସଦାଚରଣ ବା ଅଯୋଗ୍ୟତା ପାଇଁ ପଦଚ୍ୟୁତ କରିବାର ଅଧିକାର ନିଜ ହାତରେ ରଖିଲେ ।

ପାଇକ ବିଦ୍ରୋହ ପରେ ମୁକୁନ୍ଦଦେବ ଓ ତାଙ୍କର ପୁତ୍ର ରାମଚନ୍ଦ୍ରଦେବ ବନ୍ଦୀ ହେବାରୁ ସରକାର ପୁଣି ମନ୍ଦିର ପରିଚାଳନା କଲେ । କିନ୍ତୁ ସାଟନ୍, ପେଗ ପ୍ରଭୃତି ମିଶନାରୀମାନେ ଖ୍ରୀଷ୍ଟାନ ସରକାରଙ୍କ ମନ୍ଦିର ସହିତ ସମ୍ପର୍କ ଛିନ୍ନ କରିବା ପାଇଁ ଆନ୍ଦୋଳନ ଆରମ୍ଭ କଲେ । ମୁକୁନ୍ଦଦେବଙ୍କ ମୃତ୍ୟୁପରେ ରାମଚନ୍ଦ୍ରଦେବଙ୍କୁ ମୁକ୍ତ ଦେଇ ମନ୍ଦିର ସୁପରିଣ୍ଟେଣ୍ଡେଣ୍ଟ କରାଗଲା, କିନ୍ତୁ ମିଶନାରୀମାନେ ସନ୍ତୁଷ୍ଟ ହେଲେ ନାହିଁ । ସେମାନେ ଦାବୀ କଲେ ଯେ କମ୍ପାନୀ ସରକାର ଯାତ୍ରୀକର ଆଦାୟ କରିବେ ନାହିଁ ଏବଂ ମନ୍ଦିର ସହିତ କୌଣସି ସମ୍ପର୍କ ରଖିବେ ନାହିଁ ।

ଶେଷରେ ସେମାନେ ବିଲାତକୁ ଯାଇ କମ୍ପାନୀର ଡାଇରେକ୍ଟରମାନଙ୍କୁ ଧରିଲେ । ୧୨।୧୧।୧୮୩୬ ତାରିଖରେ ଡାଇରେକ୍ଟର୍‌ମାନେ ନିର୍ଦ୍ଦେଶ ଦେଲେ ଯେ ଜଗନ୍ନାଥ ମନ୍ଦିରର ସମ୍ପୂର୍ଣ୍ଣ ଶାସନଭାର ରାଜାଙ୍କୁ ଛାଡ଼ି ଦିଆଯାଉ । କମିଶନାର ରିକେଟ୍‌ସ୍ ଲେଖିଲେ ଯେ ଲୋକେ ଏ ପ୍ରସ୍ତାବର ଘୋର ବିରୋଧ କରୁଛନ୍ତି (ରିକେଟ୍‌ସଙ୍କଠାରୁ ବୋର୍ଡ ଅଫ୍ ରେଭିନିଉକୁ ଚିଠି—୧୫।୧୦।୧୮୩୭

ଜଗନ୍ନାଥ ମନ୍ଦିରର ପଣ୍ଡାମାନେ ଦରଖାସ୍ତ କଲେ ଯେ ସେମାନଙ୍କୁ ଯାତ୍ରୀକର ଆଦାୟ କରିବାକୁ ଦିଆଯାଉ, ବଡ଼ଲାଟ ଲର୍ଡ ଅକଲ୍ୟାଣ୍ଡ ୧୧।୭।୧୮୩୮ ତାରିଖରେ ମନ୍ତବ୍ୟ କଲେ ଯେ, ପଣ୍ଡାମାନଙ୍କୁ ଯାତ୍ରୀ କର ଆଦାୟ କରିବାକୁ ଦିଆ ଗଲେ ସେମାନେ ଯାତ୍ରୀମାନଙ୍କୁ ଉତ୍ପୀଡ଼ନ କରିବେ କିନ୍ତୁ କମ୍ପାନୀ ସରକାର ହିନ୍ଦୁ ଜନସାଧାରଣଙ୍କଠାରୁ ମନ୍ଦିର ରକ୍ଷଣାବେକ୍ଷଣର ଭାର ନେଇଥିବାରୁ ଯାତ୍ରୀମାନଙ୍କ ସ୍ୱାର୍ଥ ସୁରକ୍ଷା ଦିଗରେ ସରକାରଙ୍କର ଦାୟିତ୍ୱ ଅଛି ।

ସରକାର ରାଜାଙ୍କୁ ମନ୍ଦିରର ଶାସନଭାର ଦେବେ କି ନାହିଁ, ସ୍ଥିର କରିବାକୁ ସମୟ ନେଲେ । ୧୮୪୨ ମସିହାରେ କମିଶନାର ମିଲ୍‌ସ୍ ପ୍ରସ୍ତାବ କଲେ ଯେ ମନ୍ଦିର ପରିଚାଳନା

Digitized by srujanika@gmail.com

ସହିତ ସରକାରଙ୍କ କୌଣସି ସମ୍ପର୍କ ରହିବ ନାହିଁ କିନ୍ତୁ ସୁପରିଣ୍ଟେଣ୍ଡେଣ୍ଟ ଅସଦାଚରଣ କଲେ ସରକାର ତାଙ୍କୁ ପଦଚ୍ୟୁତ କରି ପାରିବେ । (ମିଲ୍‌ସଙ୍କଠାରୁ ବୋର୍ଡ଼ ଅଫ୍ ରେଭିନ୍ୟୁକୁ ଚିଠି—୧. ୪. ୧୮୪୨)

ସରକାର ଜଗନ୍ନାଥ ମନ୍ଦିରର ବ୍ୟୟ ନିର୍ବାହ ସକାଶେ ୩୫,୨୫୦ ଟଙ୍କା ଗ୍ରାଣ୍ଟ ଦେଉଥିଲେ । କାରଣ ମନ୍ଦିରର ଆୟ ଯଥେଷ୍ଟ ନ ଥିଲା । କିନ୍ତୁ ୫। ୫। ୧୮୫୨ ତାରିଖରେ କମ୍ପାନୀର ଡାଇରେକ୍ଟରମାନେ ନିର୍ଦ୍ଦେଶ ଦେଲେ ଯେ ସରକାରୀ ଟ୍ରେଜେରୀରୁ ମନ୍ଦିରର ଖର୍ଚ୍ଚ ପାଇଁ ଟଙ୍କା ଦେବା ଅନୁଚିତ, ୨୮। ୨। ୧୮୫୬ ତାରିଖରେ ବଡ଼ଲାଟ ହୁକୁମ କଲେ ଯେ ବାର୍ଷିକ ଅର୍ଥ ସାହାଯ୍ୟ ବଦଳରେ ଖୋର୍ଦ୍ଧା ଖାସମାହାଲର କିଛି ଅଂଶ ମନ୍ଦିର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ହସ୍ତାନ୍ତର କରାଯାଉ । ଖୋର୍ଦ୍ଧାରାଜା ଖୋର୍ଦ୍ଧା ଫେରି ପାଇବାର ଆଶା ତ୍ୟାଗ କରି ନ ଥିଲେ । ସେ ଏହି ପ୍ରସ୍ତାବରେ ଆପତ୍ତି କଲେ । କମିଶନର କୋବାର୍ଣ୍ଣ ରାଜାଙ୍କୁ ଜଣାଇଲେ ଯେ ଚୁକ୍ତି ପତ୍ରରେ ସ୍ୱାକ୍ଷର ନ କଲେ ତାଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ପଦରୁ ବରଖାସ୍ତ କରିବା ପାଇଁ ସେ ଗଭର୍ଣ୍ଣମେଣ୍ଟଙ୍କୁ ଲେଖିବେ । (କୋବାର୍ଣ୍ଣଙ୍କଠାରୁ ବୋର୍ଡ଼ ଅଫ୍ ରେଭିନ୍ୟୁକୁ ଚିଠି—୨୨।୨।୧୮୫୮) ରାଜା ବାଧ୍ୟ ହୋଇ ଚୁକ୍ତିରେ ସ୍ୱାକ୍ଷର କଲେ ।

ଖୋର୍ଦ୍ଧାରାଜା ଗାଦିଚ୍ୟୁତ ହୋଇ ପୁରୀରେ ଆସି ବାସ ନ କରିଥିଲେ ଏବଂ ମିଶନାରୀମାନେ ଆନ୍ଦୋଳନ ନ କରିଥିଲେ ଜଗନ୍ନାଥ ମନ୍ଦିର ସରକାରୀ ପରିଚାଳନା ଅଧୀନରେ ରହି ଯାଇଥାନ୍ତା ।

**GUPTA MEDICAL HALL**
Post. Bargarh, Dist. Sambalpur, Branch-Burla
Distributors & Stockists of :
1. Pfizer Ltd (Pfizer, Dumex & Veterinary Products)
2. Warner Hindustan Ltd.
3. Oriental Pharmaceutical Industries Ltd.
4. Kohran Chemical Co. Ltd.
5. Fair Deal Corporation (P) Ltd.
6. Muller & Philip's Ltd.
7. G. D. Pharmaceuticals Ltd.

Digitized by srujanika@gmail.com

*For Anything In Agriculture*

CONTACT

M/s. **Raj Commercial Enterprises,**

***Central Market, Rourkela***

Dealers for Escorts, Farm Machinery Tractors, Trailers, Implements &
' RAJDOOT ' Motor Cycles
with
Authorised sub-dealers/Service Centres in Orissa

M/s. UTKAL AUTOMOBILES
PRIVATE LIMITED.

CUTTACK, ROURKELA, SAMBALPUR, BERHAMPUR,
BARIPADA, BARBIL & JAJPUR ROAD

Digitized by srujanika@gmail.com

# ଭାରତର ଗତି କୁଆଡ଼େ

## ଅଧ୍ୟାପକ ଡକ୍ଟର ବୈଦ୍ୟନାଥ ମିଶ୍ର

ବୋଧହୁଏ ୧୯୩୧ ମସିହା ହେବ । ପଣ୍ଡିତ ନେହେରୁ ସେତେବେଳେ ଏହି ପ୍ରଶ୍ନ ପଚାରିଥିଲେ । କିନ୍ତୁ ଏହି ପ୍ରଶ୍ନର ଗୁରୁତ୍ୱ ସେତେବେଳେ ଖୁବ୍ କମ ଲୋକ ଉପଲବ୍ଧି କରିଥିଲେ । କାରଣ ଇଂରେଜ ସରକାରଙ୍କର ବିରୁଦ୍ଧରେ ଆମର ଯେଉଁ ସଂଗ୍ରାମ ଚାଲିଥିଲା, ସେହି ସଂଗ୍ରାମକୁ ସଫଳ କରି ସ୍ୱାଧୀନତା ହାସଲ କରିବା ସେତେବେଳେ ଏତେ ଦୁରୂହ ବ୍ୟାପାର ବୋଲି ବିଚାର କରାଯାଉଥିଲା ଯେ ସ୍ୱାଧୀନତାର ଆଭିମୁଖ୍ୟ ବିଷୟରେ ଆଲୋଚନା କରିବାକୁ କାହାର ଧୈର୍ଯ୍ୟ ନ ଥିଲା । ଆଜି ପୁଣି ସ୍ୱାଧୀନତାର କୋଡ଼ିଏ ବର୍ଷ ପରେ ଆମ ଆଗରେ ସେହି ପ୍ରଶ୍ନ ଆସି ପହଞ୍ଚିଛି, ଭାରତର ଗତି କୁଆଡ଼େ ? ଏହି ଉତ୍ତର କିଏ ଦେବ ।

ସ୍ୱାଧୀନତା ପରେ ଆମ ଆଗରେ କେତେ ଆଦର୍ଶ ଆସି ପହଞ୍ଚିଛି । ଐତିହାସିକମାନେ ଯେତେବେଳେ ଏ ବିଷୟରେ ଗବେଷଣା କରିବେ, ସେତେବେଳେ ଏଥିପାଇଁ ଅନେକ ପୋଥି ଲେଖା ହେବ । ତେବେ ରାଜନୀତି, ଅର୍ଥନୀତି ଓ ସାମାଜିକ କ୍ଷେତ୍ରରେ ଯେଉଁ ତିନି ଗୋଟିଏ ଆଦର୍ଶ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ଯାହାକୁ ଭିତ୍ତି କରି ଆମେ ଭାରତୀୟ ରାଷ୍ଟ୍ରର ମୂଳଦୁଆ ସ୍ଥାପନ କରିଥିଲେ, ଆଜି ସେ ସବୁ ଆଦର୍ଶର ଅବସ୍ଥା କଣ ? ଗଣତନ୍ତ୍ର, ଯୋଜନା ଓ ସମାଜବାଦ ଭାରତୀୟ ଜୀବନଧାରା ଭିତରେ କେତେଦୂର ପ୍ରବେଶ ଲାଭ କରିଛି ? ବୋଧହୁଏ ଆମେ ଯଦି କହୁ ଯେ, ସ୍ୱାଧୀନତାର କୋଡ଼ିଏ ବର୍ଷ ପରେ ସବୁ ଆଦର୍ଶ କେବଳ କଙ୍କାଳ ରହିଛି, କେହି ଆପତ୍ତି କରିବାକୁ ସାହସ କରିବେ ନାହିଁ । ଏପରିକି ଯେଉଁମାନେ ଏହି ସବୁ ଆଦର୍ଶର ବଡ଼ପଣ୍ଡା ବୋଲି ନିଜକୁ ଅଭିହିତ କରୁଛନ୍ତି, ସେମାନେ ମଧ୍ୟ ମାନିବେ ଯେ ଭାରତୀୟ ଜଳବାୟୁ ଭିତରେ ଗଣତନ୍ତ୍ର, ଯୋଜନା ବା ସମାଜବାଦର ଚେର ଏ ପର୍ଯ୍ୟନ୍ତ ପଶି ପାରି ନାହିଁ । ଭାରତୀୟ ସଂସ୍କୃତିର ପୁନରୁଦ୍ଧାର ପାଇଁ ଏବେ ଯେଉଁ ଉଦ୍ୟମ ଚାଲିଛି, ସେଥିରେ ଏ ସବୁର ଚେର ଆଉ କେବେ ପଶି ପାରିବ କି ନାହିଁ ସନ୍ଦେହ ।

ପ୍ରଥମେ ଗଣତନ୍ତ୍ରର ସମୀକ୍ଷା କରାଯାଉ । ସ୍ୱାଧୀନତା ଆସିଲା । ଆମେ ଏକ ଆଦର୍ଶ ସମ୍ବିଧାନ ଗଢ଼ିଲୁ । ଅତି ସାହସର ସହିତ ସାବାଳକ ଭୋଟ ପ୍ରଥା ପ୍ରଚଳନ କଲୁ । ସାହସ କରିବାକୁ ହେବ, କାରଣ ଏପରି ଏକ ବିରାଟ ଦେଶରେ ଅସଂଖ୍ୟ ସାବାଳକ ନର ନାରୀଙ୍କୁ ଭୋଟ ଅଧିକାର ଦେବା ନିଶ୍ଚୟ

Digitized by srujanika@gmail.com

ଏକ ସାମ୍ବିଧିକ କାର୍ଯ୍ୟ । କେନ୍ଦ୍ରରେ ପାର୍ଲାମେଣ୍ଟ ଓ ରାଜ୍ୟରେ ଆସେମ୍ବ୍ଲି ଗଠନ କଲୁଁ । ଜନସାଧାରଣଙ୍କର ଭୋଟରେ ପ୍ରତିନିଧିମାନେ ନିର୍ବାଚିତ ହୋଇ କେନ୍ଦ୍ର ଓ ରାଜ୍ୟରେ ଶାସନ କାର୍ଯ୍ୟ ପରିଚାଳନା କରିବା ପାଇଁ ସମ୍ବିଧାନରେ ବ୍ୟବସ୍ଥା କଲୁ । ସେଇ ଅନୁସାରେ ନିର୍ବାଚନ ହେଲା, ପାର୍ଲାମେଣ୍ଟ ଓ ଆସେମ୍ବ୍ଲି ଗଠନ କରାଗଲା । ସଂଖ୍ୟାଗରିଷ୍ଠ ଦଳ ମନ୍ତ୍ରୀ ମଣ୍ଡଳ ଗଠନ କରି କେନ୍ଦ୍ରରେ ଓ ରାଜ୍ୟରେ ଶାସନ କାର୍ଯ୍ୟ ପରିଚାଳନା କଲେ । ସମ୍ବିଧାନ ଅନୁଯାୟୀ ଭାରତରେ ଗଣତନ୍ତ୍ର ଶାସନ ପରିଚାଳିତ ହେଲା ବୋଲି ସମସ୍ତେ କହିଲେ, ପୃଥିବୀରେ ଭାରତ ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ବୋଲି ଘୋଷିତ ହେଲା । କିନ୍ତୁ ଗଣତନ୍ତ୍ରର ଗଣ୍ଡି ଭିତରେ ରାଜନୀତିଜ୍ଞମାନେ ଜୁଆଖେଳ ଖେଳିବାକୁ ଲାଗିଲେ, ଶାସନକୁ ଏକ ବ୍ୟବସାୟ ମନେ କରି ସେଥିରୁ ଫାଇଦା ଉଠାଇବାକୁ ଲାଗିଲେ ।

ଏ କଥା ସତ ଯେ, ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଜନୀତିଜ୍ଞମାନଙ୍କର ଶାସନରେ ଓ ସମାଜରେ ପ୍ରଭାବ ରହିଛି । କିନ୍ତୁ ସେମାନେ ସମାଜ ବା ଶାସନର ସବୁ ନିୟନ୍ତ୍ରଣ କରୁ ନାହାନ୍ତି । ଦେଶରେ ଆଇନ ଶାସନ ରହିଛି, ସମାଲୋଚନାକୁ ପ୍ରଶ୍ରୟ ଦିଆଯାଉଛି, ଜନସାଧାରଣ ନିଜର ମର୍ଯ୍ୟାଦା ପାଉଛନ୍ତି । ବିଶେଷ ଭାବରେ ଯେଉଁ ଗୁଡ଼ିକ ଉନ୍ନତ ଦେଶ, ସେଥିରେ ରାଜନୀତିଜ୍ଞମାନେ ପାର୍ଲାମେଣ୍ଟ ବା ବ୍ୟବସ୍ଥାପକ ସଭା ଭିତରେ ନିଜର ଆଇନ କରିବାର କ୍ଷମତା ବ୍ୟବହାର କରି ଦେଶର ଶାସନ ପାଇଁ ଆଇନ ପ୍ରଣୟନ କରୁଛନ୍ତି । ସେଇ ଆଇନ ଅନୁସାରେ ଦେଶର ଶାସନ ପରିଚାଳିତ ହେଉଛି । ଯିଏ ଯେଉଁ ଦଳର ହୁଅନ୍ତୁ, ଯେଉଁ ମତବାଦର ହୁଅନ୍ତୁ ବା ଯେଉଁ ବିଭାଗର ହୁଅନ୍ତୁ, ସମାଜ ସମସ୍ତଙ୍କୁ ସମାନ ଭାବରେ ବିଚାର କରୁଛି । କିନ୍ତୁ ଅନୁନ୍ନତ ଦେଶମାନଙ୍କରେ ଯେଉଁଠାରେ ଗଣତନ୍ତ୍ର କାର୍ଯ୍ୟକାରୀ କରାଯାଉଛି, ସେଠାରେ ରାଜନୀତିଜ୍ଞମାନେ ସମାଜର ପ୍ରତ୍ୟେକ ବିଭାଗରେ ନିଜର ପ୍ରଭାବ ବିସ୍ତାର କରି, ନିଜର ହୁକୁମ ଅନୁସାରେ ଶାସନ ଓ ସମାଜର ମାନଦଣ୍ଡ ପରିବର୍ତ୍ତନ କରି ପାରୁଛନ୍ତି । ସେଥିପାଇଁ କିଏ କିଏ କହିବାର ଶୁଣାଯାଉଛି ଯେ ଏହି ଦେଶମାନଙ୍କରେ ଗଣତନ୍ତ୍ର ଜନସାଧାରଣଙ୍କର ଶାସନ ନ ହୋଇ, ରାଜନୀତିଜ୍ଞମାନଙ୍କର ଶାସନ ହୋଇଛି । ଗଣତନ୍ତ୍ର ବିଷୟରେ ଲିନ୍‌କନ୍ ଯେଉଁ ବ୍ୟାଖ୍ୟା ଦେଇଥିଲେ ତାହା ଏବେ ପରିବର୍ତ୍ତନ କରାଯାଇ ଗଣତନ୍ତ୍ରଶାସନକୁ Government by the politicians for the politicians and of the politicians' ବୋଲି ବିବେଚନା କରାଯାଉଛି । ବିଶେଷ ଭାବରେ ଆଫ୍ରିକାରେ ଓ ଏସିଆରେ ଗଣତନ୍ତ୍ରର ଏହି ଯେଉଁ ନମୁନା ଦେଖାଯାଉଛି, ତାହା ଏକଛତ୍ର ଶାସନଠାରୁ କୌଣସି ଗୁଣରେ ଭିନ୍ନ ବୋଲି କହି ହେବ ନାହିଁ । ଏକଛତ୍ର ଶାସନରେ କୌଣସି ଗୋଟିଏ ଦଳ ବା କୌଣସି ଏକ ବ୍ୟକ୍ତି ଶାସନକୁ ଅଧିକାର କରି ସମାଜକୁ ନିଜର ସୁବିଧା ବା ମତବାଦ ଅନୁଯାୟୀ ପରିଚାଳନା କରନ୍ତି । ସେଥିପାଇଁ ଆମେ ଏକଛତ୍ର ଶାସନକୁ ସର୍ବସାଧାରଣଙ୍କର ଶାସନ ବୋଲି କହୁ ନାହିଁ ।

Digitized by srujanika@gmail.com

ଯଦି ଗଣତନ୍ତ୍ର ଶାସନରେ ମଧ୍ୟ ସେହି କଥା ହେଲା ଏବଂ ଏକ ଶ୍ରେଣୀର ଲୋକ ଶାସନକୁ ନିଜର ସୁବିଧା ଅନୁଯାୟୀ ପରିଚାଳନା କଲେ, ତାହା ହେଲେ ଗଣତନ୍ତ୍ର ଓ ଏକଛତ୍ର ଶାସନ ଭିତରେ ପ୍ରଭେଦ କେଉଁଠାରେ ରହିଲା ?

ଅତି ଦୁଃଖର କଥା ଯେ ଭାରତରେ ଆଜି ଗଣତନ୍ତ୍ର ନାମରେ ଏକ ପ୍ରକାର ଏକଛତ୍ର ଶାସନ ଚାଲିଛି । ବିଶେଷ ଭାବରେ ଏବେ ରାଜନୀତିଜ୍ଞମାନେ ଯେପରି ଭାବରେ ଘୋଡ଼ା ଦଉଡ଼ ଆରମ୍ଭ କରିଛନ୍ତି, ତାହା ଫଳରେ ଶାସନର ଦାଗ ଆଉ ଗଣତନ୍ତ୍ରର ପାଖ ପଶି ପାରିବ ନାହିଁ । ଜନସାଧାରଣଙ୍କର କାମରେ ହୁଏତ ଶାଇନ ଚାଲିବ କିନ୍ତୁ ସେମାନଙ୍କର ଶାସନ ସହିତ ସମ୍ପର୍କ ରହିବ ନାହିଁ । ଜନତାର ଦୋହାଇ ଦେଇ ଆମେ ହୁଏତ, ଗଣତନ୍ତ୍ରର ନମୁନା ବାଢ଼ିବା କିନ୍ତୁ ସେହି ଗଣତନ୍ତ୍ର ଭିତରେ ଜନତାର ସ୍ୱାର୍ଥ ଓ ଅଧିକାରକୁ ହତ୍ୟା କରିବା ପାଇଁ ଉଦ୍ୟମ କରିବା । ବର୍ତ୍ତମାନ ବୋଧହୁଏ ସମୟ ଆସିଛି ଯେତେବେଳେ ଏହାର ପରିବର୍ତ୍ତନ ଦରକାର । ଜଣେ ବିଶିଷ୍ଟ ଇଂରେଜ ଲେଖକ କହିଛନ୍ତି, eternal vigilance is the price of liberty' ବର୍ତ୍ତମାନ ସ୍ୱାଧୀନତା ରକ୍ଷା କରିବା ପାଇଁ ସତର୍କତା ଅବଲମ୍ବନ କରିବା ବୋଧହୁଏ ଅତି ଜରୁରୀ ହୋଇ ପଡ଼ିଛି ।

ଏଣେ ଗଣତନ୍ତ୍ର ଯେପରି କାର୍ଯ୍ୟରେ ଏକ ପ୍ରକାର ଏକଛତ୍ର ଶାସନରେ ପରିଣତ ହୋଇଛି, ସେହିପରି ଯୋଜନା ଏବେ ଏକ ପ୍ରହସନରେ ଆସି ପହଞ୍ଚିଛି । ଯେତେବେଳେ ଭାରତରେ ପ୍ରଥମେ ଯୋଜନା ଆରମ୍ଭ ହେଲା, ସେତେବେଳେ ଲୋକମାନଙ୍କ ମନରେ କେତେ ଆଶା, କେତେ ଉଦ୍ଦୀପନା ଖେଳିଯାଇଥିଲା । ଯୋଜନା ଫଳରେ ଦେଶରେ ଆର୍ଥନୀତିକ ଭିତ୍ତି ସୁଦୃଢ଼ ହେବ, ଜନସାଧାରଣଙ୍କର ଜୀବନ ମାନଦଣ୍ଡରେ ଉନ୍ନତି ଆସିବ, ଦେଶ ଖାଦ୍ୟ, ବସ୍ତ୍ର, ବାସଗୃହ ପ୍ରଭୃତି ଅତି ଆବଶ୍ୟକୀୟ ଜିନଷରେ ସ୍ୱାବଲମ୍ବନଶୀଳ ହେବ । ଶହ ଶହ ବର୍ଷର ପରାଧୀନତା ଭିତରେ ଦେଶର ଜୀବନଧାରା ଯେପରି ଶୁଖି ଯାଇଥିଲା । ଯୋଜନା ଏକ ବିରାଟ ଆଶାର ସଂଚାର କରି ଦେଶ ଆଗରେ ଏକ ଉଜ୍ଜ୍ୱଳ ଆଲୋକ ରୂପେ ଉଦ୍‌ଭାସିତ ହୋଇଥିଲା । କିନ୍ତୁ ଏବେ ଆର୍ଥନୀତିକ ଯୋଜନାର ଅବସ୍ଥା କଣ, ଏପରିକି ଯେଉଁ ଯୋଜନା କମିଶନ ଭାରତୀୟ ଅର୍ଥନୀତିରେ ଏକ ମୂଳଦୁଆ ରୂପେ ଗତ ୧୫ ବର୍ଷ ହେଲା କାର୍ଯ୍ୟ କରି ଭାରତୀୟ ଅର୍ଥନୀତିର ଦାଗକୁ ନିୟନ୍ତ୍ରଣ କରୁଥିଲେ, ସେ ଯୋଜନା କମିଶନର କ୍ଷମତା ଏବେ ହ୍ରାସ ହୋଇଯାଇ ଏହାକୁ ଏକ ପରାମର୍ଶଦାତା କମିଟି ରୂପେ ଗଠନ କରାଯାଇଛି । ଯେପରି ଜଣାଯାଉଛି ଦେଶରେ ଯୋଜନା ପ୍ରତି ଆଉ ଆସ୍ଥା ନାହିଁ । ବରଂ ଯୋଜନା ଯୋଗୁଁ ଦେଶରେ ଦରଦାମ ବୃଦ୍ଧି ପାଉଛି ବୋଲି ଭିନ୍ନ ଭିନ୍ନ ଆଡ଼ୁ ଅଭିଯୋଗ ହେଉଛି । ଉପର ସ୍ତରରେ ମଧ୍ୟ ଯୋଜନା ଖର୍ଚ୍ଚ କମାଇ ଦେଶର ଦରଦାମ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ ହେଉଛି । ଅଥଚ ଯୋଜନାର କୌଣସି ଉଦ୍ଦେଶ୍ୟ ଏ ପର୍ଯ୍ୟନ୍ତ ସଫଳ ହୋଇ ନାହିଁ । ୧୯୬୭ ବର୍ଷର ଯୋଜନାପରେ ମଧ୍ୟ ଆମେ ଏବେ ପ୍ରତ୍ୟେକ

Digitized by srujanika@gmail.com

ବର୍ଷ ୧୫୦।୨୦୦ କୋଟି ଟଙ୍କାର ଖାଦ୍ୟ ବିଦେଶରୁ ଆମଦାନୀ କରି ଆଣୁଛୁ । ୧୯୪୭ ମସିହାରେ ଆମ ସରକାର ଘୋଷଣା କରିଥିଲେ ଯେ ଦୁଇ ତିନି ବର୍ଷ ଭିତରେ ଭାରତ ଖାଦ୍ୟ ଦିଗରେ ସ୍ୱାବଲମ୍ବନଶୀଳ ହେବ, ବିଦେଶରୁ ଖାଦ୍ୟ ଆମଦାନୀ କରିବ ନାହିଁ । ଅଥଚ କୋଡ଼ିଏ ବର୍ଷ ପରେ ଆମେ ଖାଦ୍ୟ ବିଷୟରେ ଆତ୍ମ ନିର୍ଭରଶୀଳ ହୋଇ ପାରି ନାହୁଁ । ଓଡ଼ିଶା, ବିହାର, ଉତ୍ତର ପ୍ରଦେଶ ଓ ଅନ୍ୟାନ୍ୟ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ି କେତେ ଯେ ଲୋକେ ପ୍ରାଣ ହରାଉଛନ୍ତି, ତାର ହିସାବ ନାହିଁ । ବେକାର ସମସ୍ୟା ଏହା ଭିତରେ ଅତି ଅସମ୍ଭବ ଭାବରେ ବୃଦ୍ଧି ପାଇଛି । ଜିନିଷପତ୍ରର ଦରଦାମ ଏବେ ବର୍ଷକୁ ଶତକରା ହାରାହାରି ୧୫।୧୬ ଭାଗ ହିସାବରେ ବଢ଼ି ଚାଲିଛି । ଏହା ଫଳରେ ଟଙ୍କା ପଇସାର ମୂଲ୍ୟ ଏତେ କମିଛି ଯେ ୧୦ ବର୍ଷ ତଳେ ଗୋଟିଏ ଟଙ୍କାରେ ଯେତେ ଜିନିଷ କିଣିବାକୁ ମିଳୁଥିଲା, ଏବେ ୫୦।୬୦ ଟଙ୍କା ଦେଲେ ମଧ୍ୟ ସେତିକି ଜିନିଷ ମିଳୁ ନାହିଁ । ଏହା ଫଳରେ ଜନସାଧାରଣଙ୍କର ଜୀବନଧାରଣ ମାନଦଣ୍ଡ କମିବାରେ ଲାଗିଛି । ମୋଟ ଉପରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଯୋଜନା ଫଳରେ ଆର୍ଥିକ ଭିତ୍ତି ସୁଦୃଢ଼ ହେବା ପରିବର୍ତ୍ତେ ଦୁର୍ବଳ ହୋଇଛି, ଜନସାଧାରଣଙ୍କର ଜୀବନମାନଦଣ୍ଡ ବୃଦ୍ଧି ହେବା ପରିବର୍ତ୍ତେ କମିଛି ଏବଂ ଦେଶରେ ଯୋଜନା ବିରୁଦ୍ଧରେ ଏକ ବାୟୁମଣ୍ଡଳ ସୃଷ୍ଟି ହୋଇଛି । କେବଳ ଯୋଜନା ନାଁରେ କେତେଗୁଡ଼ିଏ ବିଭାଗ ଖୋଲି ଅଯଥା ଖର୍ଚ୍ଚ ବଢ଼ିଛି ଏବଂ ଯୋଜନା ଯୋଗୁଁ କେତେଗୁଡ଼ିଏ ଲୋକ ସୁବିଧା ପାଇ ନିଜର ଆର୍ଥିକ ଅବସ୍ଥାରେ ଉନ୍ନତି ହାସଲ କରିଛନ୍ତି ।

ଏହା ବାଦେ ଆସିଲା ସମାଜବାଦ କଥା । ସମାଜବାଦର ଅନେକ ଅର୍ଥ ଅଛି । ଅନ୍ତତଃ ଦୁଇଟି ଅର୍ଥ ଦୃଷ୍ଟିରୁ ସମାଜବାଦକୁ ବିଚାର କରାଯାଇ ପାରେ । ପ୍ରଥମରେ ହେଉଛି ସମାଜବାଦ ହେଲେ ଅର୍ଥନୀତି କ୍ଷେତ୍ରରେ ସରକାରୀ କର୍ତ୍ତୃତ୍ୱ ବୃଦ୍ଧି ପାଇବ । ଦ୍ୱିତୀୟରେ ସମାଜବାଦ ଦ୍ୱାରା ଅର୍ଥନୀତିକ ବୈଷମ୍ୟ ଦୂର ହୋଇ ବଣ୍ଟନ ପ୍ରଣାଳୀରେ ନ୍ୟାୟ ପ୍ରତିଷ୍ଠା କରାଯିବ । ଏହି ଦୃଷ୍ଟିରୁ ବିଚାର କଲେ ଭାରତରେ ସମାଜବାଦ ପ୍ରତିଷ୍ଠିତ ହୋଇଛି ବୋଲି କେହି କହି ପାରିବେ ନାହିଁ । ବରଂ ପୁଞ୍ଜିବାଦୀ ଦେଶମାନଙ୍କରେ ଆମ ଦେଶଠାରୁ ବେଶୀ ସମାଜବାଦ ପ୍ରତିଷ୍ଠିତ ହୋଇଛି ବୋଲି କୁହାଯିବ । ଆମେରିକା ଗୋଟିଏ ପୁଞ୍ଜିବାଦୀ ଦେଶ ବୋଲି ସମସ୍ତେ ଜାଣନ୍ତି । ଆମେରିକାର ସରକାରଙ୍କର ଅର୍ଥନୀତି କ୍ଷେତ୍ରରେ ଯେତେ କର୍ତ୍ତୃତ୍ୱ ଅଛି, ଭାରତରେ ତାହା ନାହିଁ । ଆମେରିକାରେ ଯେତେ ଜିନିଷ ଉତ୍ପାଦିତ ହେଉଛି ତାର ଶତକଡ଼ା ପ୍ରାୟ ୨୪ ଭାଗ ସରକାର ଉତ୍ପାଦନ କରୁଛନ୍ତି । ଅଥଚ ଭାରତରେ ମୋଟ ଉତ୍ପାଦନ ଭିତରୁ ସରକାରଙ୍କର ଭାଗ ହେଉଛି ମୋଟେ ଶତକଡ଼ା ୧୪ଭାଗ । ଅର୍ଥନୀତିକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁଗୁଡ଼ିକ ମୁଖ୍ୟ ବିଭାଗ, ଯଥା ବ୍ୟାଙ୍କ ଓ ବୈଦେଶିକ ବାଣିଜ୍ୟ ତାହା ଆମ ଦେଶରେ ବେସରକାରୀ କର୍ତ୍ତୃତ୍ୱରେ ରହିଛି । ଏପରିକି ଜାପାନ ପରି ଏକ ପୁଞ୍ଜିବାଦୀ ଦେଶରେ ସରକାର ମଧ୍ୟ ବୈଦେଶିକ ବାଣିଜ୍ୟକୁ

Digitized by srujanika@gmail.com

ନିୟନ୍ତ୍ରଣ କରି ଅର୍ଥନୀତିରେ କର୍ତ୍ତୃତ୍ୱ ବିସ୍ତାର କରି ପାରୁଛନ୍ତି । ସମାଜବାଦ ଫଳରେ ଆମ ଦେଶରେ କେତେଗୁଡ଼ିଏ ସରକାରୀ ଶିଳ୍ପ ପ୍ରତିଷ୍ଠା ହୋଇଛି ମାତ୍ର । କିନ୍ତୁ ସେ ଶିଳ୍ପଗୁଡ଼ିକ ମଧ୍ୟ ଠିକ୍ ମାର୍ଗରେ ପରିଚାଳିତ ହେଉନାହିଁ । କିନ୍ତୁ ଏ କଥା ମନେ ରଖିବାକୁ ପଡ଼ିବ ଯେ କେତେଗୁଡ଼ିଏ ସରକାରୀ ଶିଳ୍ପ ପ୍ରତିଷ୍ଠା କରିଦେଲେ ସମାଜବାଦ ହୁଏ ନାହିଁ । ପ୍ରତ୍ୟେକ ଦେଶରେ ସରକାରୀ ଶିଳ୍ପ ଅଛି । ତେଣୁ ଏହାକୁ ଭିତ୍ତି କରି ଭାରତରେ ସମାଜବାଦ ପ୍ରତିଷ୍ଠା କରିବାକୁ ଉଦ୍ୟମ କରିବା ସମାଜବାଦ ପ୍ରତି ଏକ ଉପହାସ ଛଡ଼ା ଆଉ କିଛି ନୁହେଁ ।

ଦ୍ୱିତୀୟ ହେଉଛି ବ୍ୟୟ ବଣ୍ଟନ ଓ ଆର୍ଥନୀତିକ ବୈଷମ୍ୟ ଦୂରୀକରଣ । ଅତି ଦୁଃଖର କଥା ଯେ ଯୋଜନା ଫଳରେ ଆମ ଦେଶରେ ଆର୍ଥନୀତିକ ବୈଷମ୍ୟ ବୃଦ୍ଧି ପାଇ ସମାଜବାଦର ମୂଳ ଲକ୍ଷ୍ୟ ପଣ୍ଡ ହୋଇଛି । ସରକାରଙ୍କ ଉପରେ ଏବେ ଯେଉଁ ମନୋପଲି କମିଶନ ରିପୋର୍ଟ ପ୍ରକାଶ ପାଇଛି, ସେଥିରେ ଉଲ୍ଲେଖ କରାଯାଇଛି ଯେ, ଭାରତରେ କେତେକ ମୁଷ୍ଟିମେୟ ଶିଳ୍ପପତି ଭାରତର ଅର୍ଥନୀତିକୁ ପୁରାପୁରି ନିଜ ଅକ୍ତିଆରରେ ରଖିଛନ୍ତି । ଶିଳ୍ପର ବିକାଶ ପାଇଁ ବେସରକାରୀ ଶିଳ୍ପପତିମାନଙ୍କୁ ଯେଉଁସବୁ ଲାଇସେନ୍ସ ଦେବାର ବ୍ୟବସ୍ଥା ହୋଇଛି, ସେହି ବ୍ୟବସ୍ଥାର ସୁବିଧା ନେଇ ବଡ଼ ବଡ଼ ଶିଳ୍ପପତିମାନେ ଅଧିକ ସୁବିଧା ହାସଲ କରି ପାରିଛନ୍ତି । ଫଳରେ ଯୋଜନା ଯୋଗୁଁ ଆର୍ଥନୀତିକ କ୍ଷମତା କେତେ ଶିଳ୍ପପତିଙ୍କ ହସ୍ତରେ କେନ୍ଦ୍ରୀଭୂତ ରହିଛି । ଏହାବ୍ୟତୀତ ବଣ୍ଟନ ପ୍ରଣାଳୀରେ ମଧ୍ୟ ଅସାମଞ୍ଜସ୍ୟ ବୃଦ୍ଧି ପାଇଛି । ମହଲନୋବିସ୍‌ଙ୍କ ରିପୋର୍ଟରେ ଯେଉଁସବୁ ତଥ୍ୟ ପ୍ରକାଶ ପାଇଛି, ସେଥିରୁ ଦେଖାଯାଉଛି ଯେ, ସ୍ୱାଧୀନତା ପରେ ଦେଶରେ ଆର୍ଥନୀତିକ ବୈଷମ୍ୟ ବୃଦ୍ଧି ପାଇଛି । ବର୍ତ୍ତମାନ ଭାରତରେ ଆର୍ଥନୀତିକ କ୍ଷେତ୍ରରେ ଯେଉଁ ବିଭେଦ ଅଛି, ମୁକ୍ତ ବାଦ ଅର୍ଥନୀତି ଦ୍ୱାରା ପରିଚାଳିତ ହେଉଥିବା ଆମେରିକା ଓ ଜାପାନରେ ମଧ୍ୟ ସେ ବିଭେଦ ନାହିଁ । ପ୍ରକୃତରେ ଆମ ଦେଶରେ କେବଳ କଥାରେ ସମାଜବାଦ ରହିଛି, କାର୍ଯ୍ୟରେ ନାହିଁ ।


ଆଜି ବୋଧହୁଏ ସମୟ ଆସିଛି, ଯେତେବେଳେ ଆମେ ପୁଣି ଥରେ ନେହେରୁଙ୍କ ସେହି ପୂର୍ବ ପ୍ରଶ୍ନ ନିଜକୁ ପଚାରି ପୁଣିଥରେ ସମାଧାନ ବାହାର କରିବା । ଭାରତ ଯଦି ପ୍ରକୃତରେ ଏକ ସ୍ୱାଧୀନ, ଉନ୍ନତ ଓ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ଦେଶ ବିଦେଶରେ ପରିଚିତ ହେବ, ତାହାହେଲେ ତାର ଗତିପଥରେ ଗତ କୋଡ଼ିଏ ବର୍ଷ ଭିତରେ ଏହି ଯେଉଁ ବ୍ୟତିକ୍ରମ ହୋଇ ଯାଇଛି, ତାକୁ ଆମକୁ ପରିବର୍ତ୍ତନ କରିବାକୁ ପଡ଼ିବ । ନଚେତ୍ ଭାରତର ଐତିହ୍ୟ ଯେତେ ଉଚ୍ଚ ହେଲେ ମଧ୍ୟ ଭାରତକୁ ଏକ ଆଧୁନିକ ରାଷ୍ଟ୍ର ବୋଲି କେହି ପାସଙ୍ଗରେ ପକାଇବେ ନାହିଁ ।

Digitized by srujanika@gmail.com

SHREE GANESH

DAL, FLOUR & OIL MILLS

KATCHERY ROAD, ROURKELA-1



**Manufacturers & Millers of All types of Dal**
**(MUNG, MASUR, ARHAR. KHESARI, CHANA· Etc)**

With Compliments of :

HARIHAR PRADHAN

'A' CLASS CONTRACTOR, ROURKELLA

Builder of The Jagannath Temple of Rourkela,
The only Temple of the Steel Township
&
The Biggest jn the District

Digitized by srujanika@gmail.com

ସାଗରରାଣୀର
ପେଟପଟେ ଆଖି

# ସୋନାର

## ଡକ୍ଟର କୁଳମଣି ସାମଲ

କଥାଟି ଶୁଣୁ ଶୁଣୁ ସମସ୍ତେ ଚମକିବେ । ଚମକିବାର ବି କଥା । କାହାର ବିଶ୍ୱାସ ହେବ ଯେ, କୁଇନ୍ ଏଲିଜାବେଥ୍‌ର ଓଜନ ୮୩ ହଜାର ଟନ୍ । ଆଲିନ୍ ଏ ମିସିଙ୍କ ଭାଷାରେ ପ୍ରକୃତରେ ସେ ସାଗରରାଣୀ । ଲମ୍ବ ତା'ର ୧୦୩୧ ଫୁଟ । ୨ ହଜାର ଯାତ୍ରୀଙ୍କୁ କୋଳରେ ଧରି ସାଢ଼େ ଚାରି ଦିନରେ ସେ ଆଟ୍‌ଲାଣ୍ଟିକ ମହାସାଗର ପାରି ହୁଏ । ଘଣ୍ଟାକୁ ଏହାର ବେଗ ହେଲା ପ୍ରାୟ ୨୮ ମାଇଲ । ସାଧାରଣ ରେଲଗାଡ଼ିର ବେଗ ସଙ୍ଗେ ପ୍ରାୟ ସମାନ ।

ଏହି ଜାହାଜ ଭିତରେ ୨ ହଜାର ଜଣ ଯାତ୍ରୀ ଜାକଜମକ ହୋଇ ଘରବରେ ବସି ନ ଥାନ୍ତି । ସେମାନଙ୍କ ମଧ୍ୟରେ ଖିଅପିଆ, ଖେଳକୌତୁକ, ନାଚତାମସା, ମଜ୍ଜଳିସ୍ ଆଦି ବରାବର ଲାଗି ରହିଥାଏ । ସେଥିରୁ ୪କୋଡ଼ିଏ କେ ୬୮୦ ଜଣ ବସି ଦେଖିଲାଭଳି ସିନେମାହଲ ଅଛି । ପ୍ରତିଦିନ ପ୍ରାୟ ୩ ହଜାର ଲୋକଙ୍କୁ ଶୋଇବା ପାଇଁ ୬ଟା ଜାଗାରେ ବାଢ଼େଇ ଚାଲିଥାଏ । ପୋଷାକ ସରଞ୍ଜାମ ପାଇଁ ବାହାରକୁ ଯିବା ଦରକାର ନାହିଁ । ଗୋଟିଏ ଥର ଯାତ୍ରା ପାଇଁ ଲକ୍ଷେ ପାଉଣ୍ଡ ତାଜା ମାଂସ, ୧୨ ହଜାର ପାଉଣ୍ଡ ଡଟକା ପନିପରିବା, ୧୪ ହଜାର ପାଉଣ୍ଡ ଚିନି, ୬୦ ହଜାର ପାଉଣ୍ଡ ସଜ ଫଳ ଓ ୩୫ ହଜାର ପାଉଣ୍ଡ ମାଛ ଏଥିରେ ମହଜୁଦ୍ ଥାଏ ।

କିନ୍ତୁ ସମୁଦ୍ରରେ ଗଲାବେଳେ ଯାତ୍ରୀ ଦେଖେ ଉପରେ ଖାଲି ଆକାଶ ଓ ତଳେ ପାଣି । ସ୍ଥଳଭାଗ ଯାଇଁ କାହିଁ କେତେ ଦୂରରେ ! ଦିଗଭାଗ କିଛୁ ଠଉରେଇ ହୁଏ ନାହିଁ । ଖାଲି ଡରମାଡ଼େ । ଦୁର୍ଯୋଗକୁ ଝଡ଼ବତାସ ଆରମ୍ଭ ହେଲେ ସାଗରର ଢେଉଗୁଡ଼ିକ ମାତି ଉଠନ୍ତି । କିନ୍ତୁ ସାଗରରାଣୀ ଏସବୁକୁ ବେଖାତିର କରି ତା ବାଟରେ ସେ ଆଗେଇ ଚାଲେ । ତା'ର ବାଟ ଠିକଣା ରଖିବାକୁ ରାଡ଼ାର, ରେଡ଼ିଓ ଓ ଅନ୍ୟାନ୍ୟ ଯନ୍ତ୍ରସବୁ ଖଞ୍ଜା ହୋଇଥାଏ । କେବଳ ମଙ୍ଗଟି ତା'ର ଓଜନରେ ୧୪୦ ଟନ୍ । କିନ୍ତୁ କୁଇନ ଏଲିଜାବେଥ୍‌ର ନିରାପତ୍ତା ପାଇଁ ଏତିକି ବନ୍ଦୋବସ୍ତ ଯଥେଷ୍ଟ ନୁହେଁ ।

### ଇଉବୋଟ ବା ଜର୍ମାନ ଦୁଧିଆ

ଦେଶ ଦେଶ ଭିତରେ ଯଦି ଯୁଦ୍ଧ ଲାଗିଯାଏ ଏହି ସାଗରରାଣୀଟି ନିର୍ଭୟରେ ଯାତାୟାତ କରି ପାରିବ ତ ? ଶତ୍ରୁର ସର୍ବନାଶୀ ଦୃଷ୍ଟି ଏହା ଉପରେ ପଡ଼ିବା ଅସମ୍ଭବ ନୁହେଁ । ଜର୍ମାନୀର ଇଉବୋଟ୍ କଥା କିଏ ନ ଜାଣେ ?

Digitized by srujanika@gmail.com

ଏହି ଯନ୍ତ୍ରରୁ ବିଦ୍ୟୁତ୍ ଚୁମ୍ବକ ତରଙ୍ଗ ଚାରିଆଡ଼କୁ ପଠାଯାଏ । ସେକେଣ୍ଡକୁ ତାହା ୧୮୬ ହଜାର ମାଇଲ ବେଗରେ ଆଗେଇ ଯାଏ । ବାଧା ନ ପାଇଲେ ତାହା ଆଉ ଫେରେନା । କିନ୍ତୁ ବାଟରେ ଯଦି ଉଡ଼ାଜାହାଜ ଉଡ଼ିଯାଉଥାଏ, ଏହି ତରଙ୍ଗ ବାଧାପାଏ । ସେଇଠୁ ସେ ବାଟଭାଙ୍ଗି ଫେରିଆସେ । ଠିକ୍ ସେହି ପୂର୍ବ ବେଗରେ । ସେକେଣ୍ଡକୁ ୧୮୬ ହଜାର ମାଇଲ । ସେ ଆସି ରାଡ଼ାରର ସଂଗ୍ରାହକ ପାଖରେ ପହଞ୍ଚେ । ତରଙ୍ଗ ପଠେଇବାଠାରୁ ପହଞ୍ଚିବା ପର୍ଯ୍ୟନ୍ତ ଯେତିକି ସମୟ ଲାଗିଲା ସେଥିରୁ ଉଡ଼ାଜାହାଜର ଦୂରତା ଜଣାପଡ଼େ । କାରଣ ତରଙ୍ଗର ଗତିକୁ ସମୟରେ ଗୁଣିଦେଲେ ଦୂରତା ଜଣାପଡ଼େ । ସେହି ଦୂରତାର ଅଧାହେଲା ଉଡ଼ାଜାହାଜର ପ୍ରକୃତ ଦୂରତା । କିନ୍ତୁ ଏହା ଜାଣିବାକୁ ସେତେବେଳେ ହିସାବ କରିବାକୁ ପଡ଼େ ନାହିଁ ।

ଆଧୁନିକ ରାଡ଼ାରରେ ଏପରି ବନ୍ଦୋବସ୍ତ ହୋଇଛି ଯେ, ଉଡ଼ାଜାହାଜର ଛବିଟି ପରଦା ଉପରେ ଭାସିଉଠେ । ତା'ର ବେଗ ଓ ଦୂରତା ସେଥିରୁ ଜଣାପଡ଼େ । ଲଢୁଆ ବିମାନମାନେ ବର୍ତ୍ତମାନ ମାଡ଼ି ଉଠନ୍ତି । ତେଣୁ ଉଡ଼ାଜାହାଜ ଦୂରରୁ ଖସି ନ ଯାଇ ତଳକୁ ଖସିପଡ଼େ । ସାଗରପାଣିରେ ଏପରି ରାଡ଼ାର ଖଞ୍ଜା ହୋଇଛି । ତେଣୁ ତାହା ସାହାଯ୍ୟରେ ସେ ଦିଗ ଠିକଣା କରେ । ନିଜେ କେଉଁଠି ଅଛି ଓ କୁଆଡ଼େ ଯାଉଛି ଜାଣିପାରେ । ଉପକୂଳରୁ ନିରାପଦ ସଙ୍କେତ ପାଏ । ଶତ୍ରୁପକ୍ଷର ଉଡ଼ାଜାହାଜ ଆସିଲେ ଜାଣିପାରେ । ବିପଦ ଆପଦ ପଡ଼ିଲେ ଦୂରକୁ ଖବର ପଠାଏ କିମ୍ବା ଦୂରରୁ ଖବର ଅନ୍ତର ଗ୍ରହଣ କରେ ।

## ପାଣିତଳର ବିପଦ

କିନ୍ତୁ ପାଣି ତଳ କଥା ଜାଣିବା ପାଇଁ ଏହି ରେଡ଼ିଓ କିମ୍ବା ରାଡ଼ାର ଅସମର୍ଥ । ଏଥିପାଇଁ ଦରକାର ହୁଏ 'ସୋନାର' । ରାଡ଼ାର ପରି ଏହା ଆଉ ଗୋଟିଏ ଯନ୍ତ୍ର । ରାଡ଼ାର୍‌ରୁ ବିଦ୍ୟୁତ୍ ଚୁମ୍ବକ ତରଙ୍ଗ ଦୂରକୁ ପଠାଯାଏ । କିନ୍ତୁ ସୋନାରରୁ ପଠାଯାଏ ଅଶୁଣା ଶବ୍ଦ । ସମୁଦ୍ର ପାଣିରେ ଲୁଣ ଓ ଅନ୍ୟାନ୍ୟ ଧାତବ ଲବଣ ମିଶି ରହିଥାଏ । ତେଣୁ ସେଥିରେ ବିଦ୍ୟୁତ୍ ଚୁମ୍ବକ ତରଙ୍ଗ ଯା'ଆସ କରି ପାରେ ନାହିଁ । ଅଳ୍ପ ବାଟ ନ ଯାଉଣୁ ତାହା ଲୁଣିଆ ପାଣିରେ ଶୋଷି ହୋଇଯାଏ । ଫଳରେ ଦୂରରେ ଯାଉଥିବା ବୁଡ଼ାଜାହାଜ ପାଖରେ ତାହା ପହଞ୍ଚି ପାରେ ନାହିଁ । ତେଣୁ ତା'ର ସଙ୍କେତ ଆସିବା କଥା ଉଠୁ ନାହିଁ । ସେଥିପାଇଁ ରାଡ଼ାର୍, ସମୁଦ୍ର ପେଟତଳର ସମ୍ବାଦ ଦେବାକୁ ଏକାନ୍ତ ଅସମର୍ଥ ।

କିନ୍ତୁ ଅଶୁଣା ଶବ୍ଦ ଶୋଷି ନ ହୋଇ ସମୁଦ୍ର ପାଣିରେ ଦୂରକୁ ଦୂରକୁ ଆଗେଇ ଯାଏ । ଅଶୁଣା ଶବ୍ଦ ଠିକ ଶବ୍ଦ ତରଙ୍ଗ ପରି ସୃଷ୍ଟି ହୁଏ । କିନ୍ତୁ ତଫାତ୍ ହେଲା ଏହାର କମ୍ପନମାତ୍ରା ଯଥେଷ୍ଟ ଅଧିକ । ଏହା ସୃଷ୍ଟି ହେଲାବେଳେ ଉତ୍ପାଦନକାରୀ ବସ୍ତୁ ସେକେଣ୍ଡକୁ ୨୦ ହଜାର ଥରରୁ ଅଧିକ ହାରରେ ଥରିବାକୁ ଲାଗେ । ଏହି ଗ୍ରେଟ ଗ୍ରେଟ ତରଙ୍ଗଗୁଡ଼ିକୁ ମଣିଷ ଠଉରେଇ ପାରେନା । ଏହାକୁ କୁହାଯାଏ ଅଶୁଣା ଶବ୍ଦ । କାରଣ ଶବ୍ଦ ପରି ଏହା ବାୟୁକଣାଗୁଡ଼ିକରେ କମ୍ପନ ସୃଷ୍ଟି କରୁଥିଲେ ମଧ୍ୟ ମଣିଷ କାନକୁ ଅଶୁଣା ରହିଯାଏ । କିନ୍ତୁ ଏହି ଅଶୁଣା ତରଙ୍ଗର ବେଗ

Digitized by srujanika@gmail.com

ଯୁଦ୍ଧ ସମୟରେ ଇଂରେଜମାନଙ୍କୁ କେତେ ଯେ ହରକତ ନ କରିଛି ? ସେତେବେଳେ ଏଗୁଡ଼ିକୁ କୁହାହେଉଥିଲା ଜର୍ମାନୀ ଗଧିଆ । ପ୍ରକୃତରେ ଗଧିଆ ବାଘ ଦିନ ଦ'ପହରରେ ଶିକାର କଲାପରି ଏମାନେ ସମସ୍ତଙ୍କ ଆଖି ଆଗରେ ଜାହାଜଗୁଡ଼ିକୁ ବୁଡ଼ାଇ ଦେଉଥିଲେ । ପାଣି ଭିତରେ ବୁଡ଼ି ବୁଡ଼ି ଆସି ଜାହାଜ ତଳକୁ କାଟି ଫୁଟେଇ ଦେଉଥିଲେ କିମ୍ବା ଜାହାଜ ତଳେ କିଛି ଭୟଙ୍କର ବିସ୍ଫୋରକ ବାନ୍ଧି ଦେଇଯାଉଥିଲେ । ବିସ୍ଫୋରଣରେ ଜାହାଜ ବୁଡ଼ିଲା ବେଳକୁ ଜର୍ମାନୀ ଗଧିଆଟି ନିରାପଦରେ ଖସି ଯାଇଥାଏ ।

ସାଗରବାଣୀ ପାଇଁ ଯେ ସେଭଳି ବିପଦ ନାହିଁ ତା ନୁହେଁ । ତାହାହେଲେ କୋଟି କୋଟି ଟଙ୍କାର ସମ୍ପତ୍ତି ଓ ହଜାର ହଜାର ଅମୂଲ୍ୟ ଜୀବନର ନିରାପତ୍ତା ପାଇଁ ଦୃଷ୍ଟି ନ ଦେଇ କ'ଣ ସେଗୁଡ଼ିକୁ ସମୁଦ୍ରକୁ ଠେଲି ଦିଆଯାଇଛି ? ତାହା କେବେ ସମ୍ଭବ ନୁହେଁ । ସାଗରବାଣୀର ପେଟତଳେ ବିଚିତ୍ର ପ୍ରକାର ଆଖି ଖଞ୍ଜା-ହୋଇଛି । ତାହା ସାହାଯ୍ୟରେ ସେ ସମୁଦ୍ର ପେଟଟାକୁ ସ୍ପଷ୍ଟ ଦେଖିପାରେ । ସମୁଦ୍ର ଭିତରେ କେଉଁଠି ବୁଡ଼ାଜାହାଜ ପହଁରୁଛି କି ତିମିମାଛ ବିଶ୍ରାମ ନେଉଛି ସେ ଜାଣିପାରେ । ତେଣୁ ସତର୍କ ହୋଇ ସେ ବାଟ ଭାଙ୍ଗି ଯାଏ କିମ୍ବା ସାବଧାନ ହୋଇ ଆଗେଇ ଚାଲେ ।

ବର୍ତ୍ତମାନ ସମସ୍ତଙ୍କ ମନରେ ପ୍ରଶ୍ନ ଉଠିବଣି ସାଗରବାଣୀର ଆଖିଟା କିପରି ତିଆରି ଯେ, ସେ ପାଣିତଳ କଥା ଜାଣିପାରେ । ତା ଆଖିଟା କୌଣସି ଜୀବଜନ୍ତୁ ବା ମଣିଷଙ୍କ ଆଖି ପରି ନୁହେଁ । ସେଥିରେ ଦେଖିବା ପାଇଁ ସେ ଆଲୁଅ ଦରକାର କରେ ନାହିଁ । କି ଆଶ୍ଚର୍ଯ୍ୟ କଥା, ଆଲୁଅ ନ ଥିଲେ ପୁଣି ଦେଖି ହେବ କିପରି ? ଦେଖିବାର ଅର୍ଥ ତାହାହେଲେ କ'ଣ ? ବସ୍ତୁର ଆକାର, ରୂପ ଓ ଗଠନବିଧି ସମ୍ବନ୍ଧରେ ଆମ ମସ୍ତିଷ୍କରେ ଧାରଣା ହେଲେ ଆମେ ବସ୍ତୁଟିକୁ ଦେଖିଲୁ ବୋଲି କହୁ । ଏହି ଧାରଣା ଦେବା ପାଇଁ ଆଖି ଆମକୁ ସାହାଯ୍ୟ କରେ । ତେଣୁ ଆମେ କହୁ ଯେ, ଆମେ ଆଖିରେ ଦେଖିପାରୁ ।

## ରାଡ଼ାରର ଆଖି

ବେଳେବେଳେ ବସ୍ତୁଟି ବହୁଦୂରରେ ଥିଲେ ମଧ୍ୟ ତା ସମ୍ବନ୍ଧରେ ଏ ସବୁ ଧାରଣା କରି ହୁଏ । ତେଣୁ ଆମେ ତାକୁ ଆଖିରେ ନ ଦେଖିଲେ ମଧ୍ୟ ତାକୁ ଦେଖିବାର ସମସ୍ତ ଧାରଣା ପାଇପାରୁ । ସମସ୍ତଙ୍କର ସେହି ଦାରୁଣ ଘଟଣାଟି ଏବେ ବି ମନେଥିବ । ପାକିସ୍ତାନ ଓ ଭାରତ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗିଥାଏ । ଗୁଜରାଟର ମୁଖ୍ୟମନ୍ତ୍ରୀ ତାଙ୍କ ସ୍ତ୍ରୀଙ୍କ ସହିତ ଏକ ଉଡ଼ାଜାହାଜରେ ଉଠିଲେ । ଭାରତର ସୀମା ଭିତର ଦେଇ ସେମାନେ ଏକ ବେସାମରିକ ଉଡ଼ାଜାହାଜର ଉଡ଼ି ଯାଉଥିଲେ । ପାକିସ୍ତାନର ଉଡ଼ାଜାହାଜ ଘାଟିରେ ଏହି ଉଡ଼ାଜାହାଜ ର ଚିତ୍ର ଫୁଟି ଉଠିଲା । ଅନ୍ୟ କଥାରେ କହିଲେ ଏତେଦୂରରୁ ପାକିସ୍ତାନ ଏହି ଉଡ଼ାଜାହାଜକୁ ଦେଖିପାରିଲା । ସଙ୍ଗେ ସଙ୍ଗେ ପାକିସ୍ତାନର ଲଢ଼ୁଆ ବିମାନ ତତ୍ପର ହୋଇ ଉଠିଲେ । ଏକ ନିରୀହ ଦମ୍ପତି ଚିରଦିନ ପାଇଁ ପୃଥିବୀରୁ ବିଦାୟ ନେଲେ ।

ଏତେଦୂରରୁ ଦେଖିବାପାଇଁ ସାହାଯ୍ୟ କରେ ରାଡ଼ାର । ତେଣୁ ଏହାକୁ ଏକ ଶକ୍ତିଶାଳୀ ବେତାର ଆଖି କହିଲେ ଭୁଲ୍ ହେବ ନାହିଁ ।

Digitized by srujanika@gmail.com

ଶୁଭୁଥିବା ଶବ୍ଦ ତରଙ୍ଗର ବେଗ ସଙ୍ଗେ ସମାନ ।

ଜଳ ଭିତରେ ଅଶୁଣା ଶବ୍ଦ ଘଣ୍ଟାକୁ ପ୍ରାୟ ୩ ହଜାର କଲୋ ମିଟର (ପ୍ରାୟ ୨ ହଜାର ମାଇଲ୍) ବେଗରେ ଆଗେଇଯାଏ । ବୁଡ଼ା ଜାହାଜ କମ୍ବା ତିମିମାଛ ଦେହରେ ବାଜ ଫେରି ଆସିଲେ ବାଧାବିଘ୍ନର ସୂଚନା ମିଳେ । ଯେଉଁ ଯନ୍ତ୍ରଟି ଅଶୁଣା ଶବ୍ଦ ପଠାଇ ସାଗର-ଗର୍ଭକୁ ନିର୍ଘାପଦରେ ବାଟ କଢ଼ାଏ ତା'ର ନାମ ସୋନାର । ଏମିତି ଏକ ସୋନାର ଧରି ବୁଡ଼ାଜାହାଜ ମଧ୍ୟ ପାଣି ତଳେ ତଳେ ପହଁରିବା ମାରୁଥାଏ । ତେଣୁ ସୋନାର ହେଲା ତା'ର ଆଖି । ସୋନାରଟି ବିଗିଡ଼ି ଗଲେ ସେ ଅନ୍ଧ ପରି ଅଣ୍ଡାଳି ହୁଏ । ସେତେବେଳେ ତା'ର ଦୁର୍ଦ୍ଦଶା କଥା କହିଲେ ନ ସରେ । କେଉଁଠି ତାକୁ ତିମିମାଛ ମୁଣ୍ଡିଆ ମାରିଲାଣି ତ ସମୁଦ୍ର ପାଣିରେ ଭାସୁଥିବା ବରଫ ପାହାଡ଼ ଦେହରେ ତା ମୁଣ୍ଡ ପିଟି ହୋଇଗଲାଣି । ତେଣୁ ପାଣି ଭିତରେ ନିଦକରେ ଧାଁ ଧପଡ଼ କରିବା ପାଇଁ ସୋନାର ହେଲା ତା'ର ଏକମାତ୍ର ସାହସ ଓ ଭରସା । ସେହିପରି ସାଗରଗର୍ଭର ସେବା ପାଇଁ ସୋନାର ମଧ୍ୟ ଏକ ଉପାଦେୟ ଯନ୍ତ୍ର । ଏହି ଯନ୍ତ୍ରଟିକୁ ଆମେ କୃତ୍ରିମ୍ ଏଲଜାବେଥ୍‌ର୍ ପେଟପଟ ଆଖି ବୋଲି ନ କହିବା କାହିଁକି ?

With the Compliments of :

LAKSHMI FLOUR MILLS
(MASTER ATTA)
MAIN ROAD, ROURKELA-1

ସ୍ପୋର୍ଟସ

# ଟେନିସ ଖେଳର କାଉଁରୀ ଆକର୍ଷଣ

# ଉଇମ୍ବଲ୍ଡନ୍

ଯୁଗଳକିଶୋର ଦାସ

କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉଇମ୍ବଲ୍ଡନର ନାମ ନ ଜାଣିଥିବା ବ୍ୟକ୍ତି ଖୁବ କମ ଥିବେ । ପ୍ରତିବର୍ଷ ପୃଥିବୀର ପ୍ରସିଦ୍ଧ ଟେନିସ ଖେଳଓ୍ୱାଡ଼ିମାନଙ୍କୁ ଲଣ୍ଡନ୍ ସହରର ଅଦୂରବର୍ତ୍ତୀ ଏହି ସ୍ଥାନର ଆହ୍ୱାନ ଆସେ ଏବଂ ପୃଥିବୀର ବିଭିନ୍ନ କୋଣରୁ ଖେଳଓ୍ୱାଡ଼ିମାନେ ଆସନ୍ତି, ନିଜର କ୍ରୀଡ଼ାନୈପୁଣ୍ୟ ଦେଖାଇବା ପାଇଁ ଏବଂ ଏହାର ଉଚ୍ଚ ମାନଦଣ୍ଡରେ ପରୀକ୍ଷା ଦେବାପାଇଁ ।

ପ୍ରତିବର୍ଷ ଜୁଲାଇ ମାସ ପାଖାପାଖି ଏହି ଆନ୍ତର୍ଜାତିକ ଲନ୍ ଟେନିସ୍ ପ୍ରତିଯୋଗିତା ପନ୍ଦର ଦିନ ଯାଏ ଚାଲେ । ତା ଭିତରୁ ଗୋଟିଏ ଦିନ ଥାଏ କେବଳ ମହିଳାମାନଙ୍କର । ସେ ଦିନଟି ହେଉଛି ପୁରୁଣା ଫେସନ ଯାଇ ନଆ ଫେସନ ସୃଷ୍ଟି ହେବାର ଦିନ ।

## ବୈକୁଣ୍ଠକୁ ଟିକେଟ କାଟିବା

ଏହି ପ୍ରତିଯୋଗିତା ସୃଷ୍ଟି ହେବାର ଏ ବର୍ଷକୁ ମିଶାଇ ୮୧ ବର୍ଷ ପୂରିଗଲା । ୧୮୭୭ ମସିହାରେ ପ୍ରଥମ ଆନ୍ତର୍ଜାତିକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ବ୍ରିଟିଶ ଜାତିର ସମସ୍ତ ଅନୁଷ୍ଠାନ ଯେଉଁ ରକ୍ଷଣଶୀଳ ବାତାବରଣରେ ପରିପୁଷ୍ଟ, ଉଇମ୍ବଲ୍ଡନ୍ ସେଥିରୁ ବାଦ୍ ଯାଇ ନାହିଁ । ଉଇମ୍ବଲ୍ଡନ କ୍ଲବର ସଭ୍ୟ ହେବାକୁ ହେଲେ ଖୁବ୍ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରିବାକୁ ହେବ, କିମ୍ବା ପ୍ରଚୁର ଅର୍ଥ ଦେବାକୁ ପଡ଼ିବ । ସେଥିପାଇଁ କୁହାଯାଇଛି ଯେ, ବୈକୁଣ୍ଠକୁ ଟିକେଟ କାଟିବା ସହଜ, ମାତ୍ର ଉଇମ୍ବଲ୍ଡନ୍‌ର ସଭ୍ୟ ହେବା ସହଜ ନୁହେଁ । ଏହାର ସଭ୍ୟମାନଙ୍କ ମଧ୍ୟରେ ସ୍ୱିଡେନର ରାଜା, ଡେନମାର୍କର ରାଣୀ ଏବଂ ଡ୍ୟୁକ୍ ଅଫ୍ ଉଇଣ୍ଡସର (ଅଷ୍ଟମ ଏଡ୍‌ଓ୍ୱାର୍ଡ଼)ଙ୍କ ପରି ବ୍ୟକ୍ତି ଅଛନ୍ତି । ଏହି କ୍ଲବର ସଭାନେତ୍ରୀ ହେଉଛନ୍ତି ଡଚେସ୍ ଅଫ କେଣ୍ଟ । କାରଣ ପୂର୍ବେ ଏହି ଉଇମ୍ବଲ୍ଡନ୍ ମ୍ୟୁନିସିପାଲିଟି ଅଞ୍ଚଳ କେଣ୍ଟ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ।

ଉଇମ୍ବଲ୍ଡନ୍ କ୍ଲବର ଏହି ପୁରୁଣାକାଳିଆ ଢଙ୍ଗରଙ୍ଗକୁ ଛାଡ଼ିଦେଲେ, ବାକିସବୁ ଏହାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରେ । ଲନ୍ ଟେନିସ୍ ଛଡ଼ା କ୍ରିକେଟ୍ ଖେଳର ମଧ୍ୟ ଏହା ଏକ ପ୍ରଧାନ କେନ୍ଦ୍ର । ମାତ୍ର ଏହାର ପ୍ରସିଦ୍ଧି କ୍ରିକେଟ ପାଇଁ ନୁହେଁ, ଟେନିସ ପାଇଁ ।

## ଯୋଦ୍ଧାମାନଙ୍କର ପତନ

ଏଥର ଉଇମ୍ବଲ୍ଡନ୍ ପ୍ରତିଯୋଗିତାରେ ଭାରତବର୍ଷ ସମେତ ପୃଥିବୀର ଚାରିଆଡ଼ୁ ଖେଳଓ୍ୱାଡ଼ିମାନେ ଯୋଗ ଦେଇଥିଲେ, ଗତବର୍ଷ ଉଇମ୍ବଲ୍ଡନ୍ ପ୍ରତିଯୋଗିତାରେ ଅନୁପସ୍ଥିତ ରହିଥିବା ଭାରତର ଶ୍ରେଷ୍ଠ ଖେଳାଳୀ ରାମନାଥନ୍ କୃଷ୍ଣନ୍ ଏକ ସମ୍ମାନଜନକ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । କୃଷ୍ଣନ୍‌ଙ୍କ ପକ୍ଷରେ ଉଇମ୍ବଲ୍ଡନ୍ ନୂତନ ନୁହେଁ । ସେ

Digitized by srujanika@gmail.com

ବର୍ଷେ ସେମିଫାଇନାଲକୁ ଉଠି ସ୍ୱଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । କିନ୍ତୁ ତାହା ପରେ ପରେ ସେ ସ୍ଥାନକୁ ବା ତାହାର ଉପରକୁ ଉଠି ପାରିଲେ ନାହିଁ । ପ୍ରେମଜିତ୍ ଲାଲ ଓ ଜୟଦ୍ୱୀପ ମୁଖାର୍ଜୀ ଗତବର୍ଷ ପରି ଏ ବର୍ଷ ମଧ୍ୟ ଯୋଗ ଦେଇଥିଲେ । କୃଷ୍ଣନ୍, ଲାଲ ଓ ଆଉଜଣେ ଭାରତୀୟ ଖେଳାଳୀ ଶ୍ୟାମ ମିନୋତ୍ରା ଦୁଇ ରାଉଣ୍ଡ ଉପରକୁ ଯାଇ ପାରିଲେ ନାହିଁ । ମାତ୍ର ମୁଖାର୍ଜୀ ଗଲେ । କିନ୍ତୁ ତୃତୀୟ ରାଉଣ୍ଡରେ ସେ ଦକ୍ଷିଣ ଆଫ୍ରିକାର ପହିଲି ନମ୍ବର ଖେଳାଳୀ ଡ୍ରାଇସ୍‌ଡେଲଙ୍କ ଦ୍ୱାରା ପରାସ୍ତ ହୋଇଗଲେ । ଉଇମ୍ବଲଡନ୍ ଯୁଦ୍ଧର ପ୍ରଥମ ସପ୍ତାହରେ ଏଥର ଯେତେ ପୃଥିବୀ ବିଖ୍ୟାତ ଯୋଦ୍ଧାମାନଙ୍କର ପତନ ଘଟିଛି, ଅତୀତରେ ତା'ର ଖୁବ୍ କମ୍ ଦୃଷ୍ଟାନ୍ତ ଦେଖାଯାଏ ।

ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରତିବର୍ଷ ଆଠଜଣ ବିଖ୍ୟାତ ଖେଳାଳୀଙ୍କୁ ସେମାନଙ୍କର ପୂର୍ବ ବର୍ଷର କୃତିତ୍ୱ ଓ ଆନ୍ତର୍ଜାତିକ ଖ୍ୟାତି ଦୃଷ୍ଟିରୁ ବଚ୍ଛା ଯାଇଥାଏ । ସେମାନଙ୍କୁ ବଚ୍ଛା (Seeded) ଖେଳାଳୀ ଆଖ୍ୟା ଦିଆ ଯାଇଥାଏ । ଏ ବର୍ଷ ପ୍ରଥମ ଦିନରେ ପହିଲି-ନମ୍ବର ବଚ୍ଛା ଖେଳାଳୀ ଗତବର୍ଷର ଚାମ୍ପିଆନ୍ ସ୍ପେନ୍‌ର ମାନୁଏଲ୍ ସାଣ୍ଟାନା ଜଣେ ଜଣାଶୁଣା ନ ଥିବା ଖେଳାଳୀଙ୍କ ଦ୍ୱାରା ପରାସ୍ତ ହୋଇଗଲେ । ତାଙ୍କ ପରେ ପରେ ଆହୁରି ପାଞ୍ଚଜଣ ବଚ୍ଛା ଖେଳାଳୀ ମଧ୍ୟ ହାରିଗଲେ । ଶେଷକୁ ରହିଲେ ଦୁଇଜଣ । ତୃତୀୟ ନମ୍ବର ଜନ ନିଉକମ୍ବ ଓ ଷଷ୍ଠ ନମ୍ବର କେନ୍ ଫ୍ଲେଚର । ମହିଳା ବିଭାଗରେ ରହିଲେ ସ୍ୱଜଣ ।

ବଚ୍ଛା ଖେଳାଳୀଙ୍କ ମଧ୍ୟରେ ନ ଥାଇ ଯେଉଁମାନେ ଏ ବର୍ଷ ସୁନାମ ଅର୍ଜନ କଲେ ସେମାନଙ୍କ ମଧ୍ୟରେ ପୁରୁଷ ବିଭାଗରେ ହେଉଛନ୍ତି ଜର୍ମାନୀର ଉଇଲ୍ ହେଲ୍‌ମ୍ ବ୍ୟୁଙ୍ଗର୍ଟ ଓ ଯୁଗୋସ୍ଲାଭିଆର ନିକୋଲାଇ ପିଲିକ୍ । ସ୍ତ୍ରୀ ବିଭାଗରେ ଆମେରିକାର ଅଠରବର୍ଷ ବୟସ୍କା ଶ୍ରୀମତୀ ରୋଜ୍‌ମେରି କାସାଲ୍‌ସ । ବ୍ୟୁଙ୍ଗର୍ଟ ଆଠଜଣ ବଚ୍ଛା ଖେଳାଳୀଙ୍କ ମଧ୍ୟରେ ନ ଥାଇ ଫାଇନାଲ୍‌କୁ ଉଠିବାର ସମ୍ମାନଲାଭ କରିଥିଲେ । କିନ୍ତୁ ଚାମ୍ପିଆନ୍ ହୋଇ ପାରିଲେ ନାହିଁ । ସେ ଆଖ୍ୟା ଅର୍ଜନ କଲେ ଅଷ୍ଟ୍ରେଲିଆର ନିଉକମ୍ବ୍ ।

## ଟେନିସ୍ ରାଜ୍ୟର ରାଣୀ

ଏଥର ସବୁଠାରୁ କୃତିତ୍ୱ ଅର୍ଜନ କଲେ, ମହିଳା ବିଭାଗର ଚାମ୍ପିଆନ ଆମେରିକାର ଶ୍ରୀମତୀ ବିଲିଜେନ୍ କିଙ୍ଗ । ଗତବର୍ଷ ସେ ମଧ୍ୟ ଚାମ୍ପିଆନ୍ ହୋଇଥିଲେ । ଏହାଦ୍ୱାରା ସେ ବିଗତ ଦୁଇବର୍ଷ ଧରି ଟେନିସ୍ ରାଜ୍ୟର ରାଣୀ ରୂପେ ଘୋଷିତ ହେଲେ । କିନ୍ତୁ ତାଙ୍କର ଏ ବର୍ଷ ସାଫଲ୍ୟର ମୁକୁଟ କେବଳ ଗୋଟିଏ ନୁହେଁ, ତିନୋଟି । ସିଙ୍ଗଲ୍‌ସ୍ ଚାମ୍ପିଆନ୍ ହେବା ଛଡ଼ା ସେ ଡବଲ୍‌ସ୍ ଏବଂ ମିଶ୍ର ଡବଲ୍‌ସ୍‌ର ମଧ୍ୟ ଚାମ୍ପିଆନ୍ ହେଲେ ।

ପୁରୁଷ ବିଭାଗ ଡବଲ୍‌ସ୍‌ରେ ଭାରତର କୃଷ୍ଣନ୍ ଓ ମୁଖାର୍ଜୀ ଖୁବ୍ ଭଲ ଖେଳ ଖେଳି କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟନ୍ତ ଯାଇଥିଲେ ।

ଏହିପରି ଜୟ-ପରାଜୟ ମଧ୍ୟରେ ୮୧ତମ ଉଇମ୍ବଲଡନ୍ ପ୍ରତିଯୋଗିତା ସମାପ୍ତ ହେଲା ।

---

Digitized by srujanika@gmail.com

# କଫିବାଗାନରେ ବିଦ୍ରୋହ

## ରୁଡ୍‌ୟାର୍ଡ଼ କିପ୍‌ଲିଙ୍ଗ୍

''ମୋର ଧନ, ମୋର ଜୀବନ, ମୋ' କଥା ମନରେ ଧରୁନୁ ନାହିଁକି ରେ ।''

କଥା ନୁହେଁ, ବନ୍ଧୁକ ମାଡ଼ ଦେବା ପରେ ଏହା ହେଉଛି ମାହୁନ୍ତର ହାତୀକୁ ସାଦର ସମ୍ଭାଷଣ । ଥରେ ନୁହେଁ, କେତେ ଥର ଏପରି ସେ ମାଡ଼ ଦେଇଛି ଓ କେତେଥର ଏହିପରି କହିଛି । ଏ କଥା ଶୁଣିବା ପାଇଁ ହାତୀ ବି ତାର କାନ ପାରି ରହିଥାଏ ଏବଂ ତାର ଥୋଡ଼-ପାହାଡ଼କୁ ମାହୁନ୍ତ ଦେହରେ ବୁଲାଇ ଆଣେ ।

ମାହୁନ୍ତର ନାମ ଦୀଶା; ହାତୀର ନାମ ମୋତିଗଜ୍ ।

ଜଙ୍ଗଲ କାଟି ନୂଆ କଫି ବାଗାନ କରିବା ପାଇଁ ବାଗାନର ମାଲିକ ବହୁତ ହାତୀଙ୍କୁ କାମରେ ଲଗାଇଥାଏ । ହାତୀଙ୍କର କାମ ହେଉଛି ଗଛକଟା ସରିଲେ ଥୁଣ୍ଟା ସବୁ ଉପାଡ଼ି ଦେବା । ଏଥିରେ କମ ଖର୍ଚ୍ଚ ପଡୁଥିଲା, କାରଣ ଡିନାମାଇଟ ଥିଲା ଭାରି ଖର୍ଚ୍ଚସାପେକ୍ଷ । ଯେଉଁ ହାତୀଙ୍କର ଦାନ୍ତ ଥାଏ, ସେମାନେ ଦାନ୍ତ ଲଗାଇ ଉପାଡ଼ି ଦିଅନ୍ତି କିମ୍ବା ଦଉଡ଼ି ସାହାଯ୍ୟରେ ଉପାଡ଼ନ୍ତି ।

ଏଥର ଯେତେ ହାତୀ କାମ କରିବାକୁ ଆସିଥିଲେ, ସେମାନଙ୍କ ମଧ୍ୟରେ ସବୁଠାରୁ ଶ୍ରେଷ୍ଠ ହାତୀ ଥିଲା ସବୁଠାରୁ ଖରାପ ମାହୁନ୍ତର । ଏହି ହାତୀ ମୋତିଗଜର ମାହୁନ୍ତ ଥିଲା ତାର ମାଲିକ, ଯଦିଓ କୌଣସି ରାଜାର ହାତୀଶାଳରେ ସେ ସବୁଠାରୁ ବେଶି ଆଦର ପାଇଥାନ୍ତା ।

ଯେତେବେଳେ ମୋତିଗଜକୁ ଖଟାଇ ଦୀଶାର କିଛି ବେଶୀ ପଇସା ହୋଇଯାଏ, ସେ ବହୁତ ବେଶି ମଦ ପିଇଦିଏ ଏବଂ ତମ୍ବୁ ବନ୍ଧା ହୋଇଥିବା ମୁନିଆ କାଠ ଖଣ୍ଡେ ଆଣି ମୋତିଗଜର ଆଗ ଗୋଡ଼ର ନରମ ନଖକୁ ପିଟିବାରେ ଲାଗେ । ସେଥିରେ ମୋତିଗଜକୁ କଷ୍ଟ ହେବାର କଥା । ସେ ଚାହିଁଲେ ତାକୁ ମୁହୂର୍ତ୍ତକେ ଦଳି ମାଡ଼ି ମେଞ୍ଚା କରି ଦିଅନ୍ତା । କିନ୍ତୁ ସେ ଜାଣେ ଯେ, ପର ମୁହୂର୍ତ୍ତରେ ଏହି ଦୀଶା ପୁଣି ଆସି ତା ପାଖରେ କାନ୍ଦିବ ଏବଂ ବାପରେ, ଧନରେ ବୋଲି କହିବ ଏବଂ ତାକୁ ବି କିଛି ମଦ ପିଇବାକୁ ଦେବ । ମୋତିଗଜ ବି ଭାରି ମଦ୍ୟପ ଥିଲା । ବିଶେଷତଃ ମହୁଲି ମଦ, ତା ନ ହେଲେ ତାଡ଼ି ମଧ୍ୟ ଚଳେ ।

ଏହିପରି ମଦ୍ୟପାନ ଓ ସମ୍ଭାଷଣ ପରେ ଦୀଶା ମୋତିଗଜର ଆଗ ଦୁଇଗୋଡ଼ ମଝିରେ ଯାଇ ଶୋଇପଡ଼େ । ସନ୍ଧ୍ୟାର ମଝିରେ ଦୀଶାର ଶୋଇବାଠା ହୁଏ । ଦୀଶା ଶୋଇଥିବା ପର୍ଯ୍ୟନ୍ତ ମୋତିଗଜ ସେହିପରି ତାର ସୁରକ୍ଷା ପାଇଁ ଠିଆ ହୋଇ ରହିଥାଏ । ଗାଡ଼ି, ଘୋଡ଼ା, ଲୋକ କେହି ବାଟ ନ ପାଇ ଠିଆ ହୋଇ ରହନ୍ତି । ପୂରାଏ ହୋ ହା ହେବା ପରେ ଦୀଶା ନିଦରୁ ଉଠେ ।

ଦିନବେଳେ ସାଧାରଣତଃ ଖିଆ ହୁଏ ନାହିଁ । କାରଣ ଏତେ ବେଶି ମଜୁରି ଯେ

Digitized by srujanika@gmail.com

ନଏ ବା ହରାଇବ ? ଧୀଣା ମୋଡଗଜର କାନ୍ଧରେ ବସି ତାକୁ ହୁକୁମ ଦେବାରେ ଲାଗେ । ମୋଡଗଜ ତାର ଦୁଇ ଚମତ୍କାର ଦାନ୍ତ ସାହାଯ୍ୟରେ ଥୁଣ୍ଟାଗୁଡ଼ାକ ଉପାଡ଼ି ପକାଏ କିମ୍ବା କାନ୍ଧରେ ଦଉଡ଼ି ଲଗାଇ ଉପାଡ଼େ । ଧୀଣା ତାର କାନ ପଛକୁ ଗୋଇଠା ଦେବାରେ ଲାଗିଥାଏ ଏବଂ କହୁଥାଏ ଯେ, ସେ ହେଉଛି ପ୍ରକୃତରେ ହାତୀମାନଙ୍କ ମଧ୍ୟରେ ରାଜା ।

ସନ୍ଧ୍ୟାହେଲେ ହାତୀର ଦୈନିକ ପାଉଣ୍ଡ ସବୁଜ ଖାଦ୍ୟ ସାଙ୍ଗରେ ଗୋଟିଏ କ୍ୱାର୍ଟ ମଦ ଗୋଳାଇ ଦେଇ ଏବଂ ସେଥିରୁ ଟିକିଏ ନିଜେ ଚାଖି ଧୀଣା ମୋଡଗଜର ଦୁଇଗୋଡ଼ର ମଝିରେ ଠିଆହୋଇ ଗୀତ ବୋଲିବାରେ ଲାଗିଥାଏ ତାର ନିଦ ଆସିବା ପର୍ଯ୍ୟନ୍ତ ।

ସପ୍ତାହକୁ ଥରେ ଧୀଣା ମୋଡଗଜକୁ ନଈକୁ ଗାଧୋଇବାକୁ ନିଏ । ମୋଡଗଜ ଅଗଭୀର ପାଣିରେ କଡ଼ୁଆ ହୋଇ ଶୋଇ ଯାଏ । ଧୀଣା ନଡ଼ିଆ କତାର ବିଣ୍ଡା ଓ ଖଣ୍ଡେ ଇଟା ଧରି ତାକୁ ଘଷିବାରେ ଲାଗେ । ଯେତେବେଳେ ଇଟାର ମାଡ ବସେ ସେତେବେଳେ ମୋଡଗଜ ଜାଣେ ଯେ କଡ଼ ଲେଉଟାଇବାକୁ ହେବ । ତା ପରେ ଧୀଣା ପାଦକୁ ଭଲ କରି ଦେଖିନିଏ । ଆଖି ଦୁଇଟାକୁ ଟିକିଏ ପରୀକ୍ଷା କରେ । କାନ ଦୁଇଟାକୁ ଏପାଖ ସେପାଖ କରେ କାଳେ କିଛି ଲାଗିଥିବେ ବା ଘା' ହୋଇଥିବ । ଏହା ସରିବା ପରେ ଉଭୟ ହାତୀ ଓ ମାହୁନ୍ତ ପାଣି ଭିତରୁ ଗୀତ ବୋଲି ଉଠିବା ପରି ଦେଖା ଯାଆନ୍ତି ।

ଏପରି କିଛୁଦିନ ଶାନ୍ତିପୂର୍ଣ୍ଣ ଜୀବନ ପରେ ଧୀଣାର ଇଚ୍ଛା ହେଲା କିଛି ଦିନ ବିଶ୍ରାମ ନେଇ ଖାଲି ମଦ ପିଇବା । କାରଣ ସଂଜବେଳେ ଟିକିଏ ଟିକିଏ ମଦ ପିଇବାଟା ଆଉ କେତେଦିନ ଏହିପରି ଚାଲିଥିବ ।

ଧୀଣା କଫି ବଗିଚା ମାଲିକ ପାଖକୁ ଯାଇ ହଠାତ୍ କାନ୍ଦି ଉଠି କହିଲା, "ମୋ' ମା' ମରିଗଲା ।"

"ଦୁଇମାସତଳେ ଯେବେ ଆଉ ଗୋଟିଏ କଫି ବଗିଚା ପାଇଁ ଜଙ୍ଗଲ ସଫା ହେଉଥିଲା, ସେତେବେଳେ ତୋ ମା' ମରିଯାଇଥିଲା ! ବର୍ଷକ ତଳେ ଯେତେବେଳେ ତୁ ମୋ'ର କାମ କରୁଥିଲୁ ସେତେବେଳେ ଆଉଥରେ ସେ ମରି ଯାଇଥିଲା," କଫି ବଗିଚାର ମାଲିକ ଧୀଣାର ଗୁଣ ଜାଣି ଏହି ଉତ୍ତର ଦେଲା ।

"ସେତେବେଳେ ମୋ ଖୁଡ଼ି ମରି ଯାଇଥିଲା, ସେ ମୋ ମା' ଭଳି । ମୁଁ ମଧ୍ୟ ତାକୁ ମା' ବୋଲି ଡାକୁଥିଲି । ସେ ୧୮ଟି ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଚାଲି ଯାଇଛି ଓ ମୋତେ ସେମାନଙ୍କୁ ପୋଷିବାକୁ ହେଉଛି," ଏହା କହି ଧୀଣା ଆହୁରି ଜୋରରେ କାନ୍ଦିବାକୁ ଲାଗିଲା ।

କଫି ବଗିଚା ମାଲିକ ପଚାରିଲା, "ତୋ ମା' ମରି ଯାଇଥିବା ଖବର ତୁ କେଉଁଠୁ ପାଇଲୁ ?"

"ଡାକରେ ଚିଠି ଆସିଥିଲା," ଧୀଣା ଉତ୍ତର ଦେଲା ।

"ଚିଠିତ ଗତ ହପ୍ତାଏ ହେଲା ଆସି ନାହିଁ, ଯା ଚୁପ୍‌ହୋଇ କାମ କର ।"


Digitized by srujanika@gmail.com

"ଆମ ଗାଁରେ ହଇଜା ଲାଗିଛି ଓ ମୋ'ର ସମ୍ପର୍କୀ ଜଣକ ପରେ ଜଣେ ମରିଯାଉଛନ୍ତି।" ଏଥର ଧୀଣାର ଆଖିରୁ ପ୍ରକୃତରେ ଲୁହ ବୋହିବାକୁ ଲାଗିଲା।

"ଆଚ୍ଛା, ତୋ ଗାଁର ଚନ୍ଦୁ ଏଠି କାମକରୁଛି। ତାକୁ ଡାକି ପଚାରିବା, ପ୍ରକୃତରେ ତୋର ସ୍ତ୍ରୀ ଅଛନ୍ତି କି ନାହିଁ।" ଏହା କହି ବଗିଚାମାଲିକ ଚନ୍ଦୁକୁ ଡାକି ପଚାରିଲା, "ଚନ୍ଦୁ, ସତ କହ ତ ଏହାର ସ୍ତ୍ରୀ ଅଛନ୍ତି ?" ଚନ୍ଦୁ କହିଲା, "ଇଏ ? ଏହାକୁ କିଏ ଝିଅ ଦେବ ? ଗାଁ ସ୍ତ୍ରୀ ଲୋକ ଇଆ ଆଡ଼କୁ ଅନାଇବେ କି ? ଏହାକୁ ବାହା ହେବା ଅପେକ୍ଷା ସେମାନେ ହାତୀକୁ ବରଂ ବାହାହେବା ପସନ୍ଦ କରିବେ।"

ଚନ୍ଦୁ ର କଥା ଶୁଣି ଧୀଣା ଖୁବ୍ ପାଟି କରି କାନ୍ଦିଲା ଓ ମାଲିକକୁ କହିଲା, "ଆଜ୍ଞା, ଏବେ ନିଶ୍ଚୟ କରି ସତକଥା କହୁଛି। ଶୁଣନ୍ତୁ, ଗତ ଦୁଇମାସ ହେଲା ମୁଁ ଭଲକରି ମଦ ପିଇ ପାରି ନାହିଁ। ଏ ବଗିଚା ହେଉଛି ଧର୍ମ ସ୍ଥାନ। ମୁଁ ଏଠୁ ଦୂରକୁ ଚାଲିଯାଇ ଟିକିଏ ମଦ ପିଇବି ଏବଂ କାହାରି ସଙ୍ଗରେ କଳିଗୋଳ କରିବି ନାହିଁ।"

ଏବେ ପ୍ରକୃତ ସତକଥା ବାହାରିଲା ଜାଣି, କଫି ବଗିଚାର ମାଲିକ ଟିକେ ହସି ଦେଇ କହିଲା, "ଆଚ୍ଛା ଧୀଣା ତୋର ଦରଖାସ୍ତ ମଞ୍ଜୁର ହେବ। କିନ୍ତୁ ତୁ ନ ଥିବାବେଳେ ମୋର ଗଜର ଦାୟିତ୍ୱ କିଏ ନେବ ? ତୁ ତ ଜାଣୁ-



ଛୁଆ ଶୁଣ୍ଢ ଉପରକୁ ଉଠିଛି ତ

Digitized by srujanika@gmail.com

ଯେ ତୋ ଛଡ଼ା କାହାରି କଥା ମାନିବ ନାହିଁ ।"

"ହଜୁର, ଦୁନିଆଁର ରାଜା, ୪୦ ହଜାର ବର୍ଷ ବଞ୍ଚନ୍ତୁ । ମୁଁ ମାତ୍ର ଦଶଟି ଦିନ ପାଇଁ ଛୁଟି ନେଉଚି । ତା'ପରେ ମୁଁ ଆପଣଙ୍କ ଗୁଣ ଗାଇ କହୁଚି, ନିଶ୍ଚୟ ଫେରି ଆସିବି । ଆଉ ଏତେ ଟିକିଏ ସମୟ କିପରି କାମ କରିବାକୁ ହେବ, ମୋତିଗଜକୁ ମୁଁ ବୁଝାଇ ଦେବି ଯେ । ହଜୁର ଖାଲି ଅନୁମତି ଦେଲେ, ମୁଁ ମୋତି-ଗଜକୁ ଏହିକ୍ଷଣି ଡାକିବି ।"

ଧୀଶା ଏହିପରି କହି ଏବଂ ଅନୁମତିକୁ ଅପେକ୍ଷା ନକରି ମୋତିଗଜକୁ ଚିତ୍କାର କରି ଡାକିଲା । ସେତେବେଳେ ଗୋଟାଏ ଗଛ ଆଡୁଆଳରେ ରହି ମୋତିଗଜ ତାର ଦାନ୍ତରେ ମାଟି ତାଡ଼ି ନିଜ ଦେହ ଉପରେ ପକାଉଥିଲା । ଡାକ ଶୁଣି ପଲସି ଆସିଲା ।

ଧୀଶା ତା' ଆଗରେ ଠିଆ ହୋଇ ହାତ-ଯୋଡ଼ି କହିଲା, "ହେ ଗଜରାଜ, ମୋର ହୃଦୟର ଧନ, ଏହି ମଦ୍ୟପର ରକ୍ଷକ, ଟିକିଏ କାନଡେରି ଶୁଣ ।"

ମୋତିଗଜ କାନ ଡେରିଲା ଓ ଥୋଡ଼ ହସ୍ତ ଉପରକୁ ଉଠାଇ ନମସ୍କାର କଲା । ଧୀଶା କହିଲା, "ମୁଁ ଚାଲି ଯାଉଚି ।"

ମୋତିଗଜ ଆଖି ମିଟିକା ମାରିବା ପରି ଅଭିନୟ କଲା । "କହୁ ତୁ ଗୋଟାଏ ଘୁଷୁରିଟାଏ, ତୋତେ ରହି ଏଠି କାମ କରିବାକୁ ହେବ ।" ଏହା ଶୁଣି ମୋତିଗଜର ଆନନ୍ଦ ଉଭେଇ ଗଲା । ଅଶ୍ରୁଧାରାଗୁଡ଼ାକ ତାଡ଼ି ତାଡ଼ି ତା'ର ଦାନ୍ତ ବହିଲାଣି ।

"ଆରେ ଧନ, ଦଶୋଟି ଦିନ ମାତ୍ର ରହିବ । ତୋର ଆଗଗୋଡ଼ ଉଠା । ଦଶଦିନ କେତେ ମୁଁ ବୁଝାଇ ଦେଉଚି । ଆରେ ବୋକା ଗୋଡ଼ ଟେକୁ ନାହୁଁ କାହିଁକି ? ତୁ ତ ଶୁଖିଲା ଗାଡ଼ିଆର ବେଙ୍ଗ,ରୁ କେଉଁଠୁ ବୁଝିବୁ ।" ମୋତିଗଜ ଗୋଡ଼ ଟେକିଲା । ଧୀଶା ତମ୍ବୁବନ୍ଧା ହେଉଥିବା ଗୋଟାଏ ଗୋଜିଆ କାଠ ଆଣି ଏକ, ଦୁଇ, ତିନି କରି ଦଶଥର ହାତୀର ନଖରେ ସେଇଟାକୁ ପିଟିଲା । ହାତୀଟା ଯେପରି ଅସ୍ୱସ୍ତି ଅନୁଭବ କରି ଏ ଗୋଡ଼ପରେ ସେ ଗୋଡ଼କୁ ଉଠାଉଥାଏ ।

"ଦଶୋଟି ଦିନ ବୁଝିଲୁ । ତୋତେ ଚନ୍ଦୁ ଯେପରି ହୁକୁମ ଦେବ, ତୁ ସେହିପରି କରିବୁ ଓ ଗଛର ମୂଳଯାକ ତାଡ଼ି ଦେଉଥିବୁ । ଚନ୍ଦୁଁକୁ ନେଇ ତୋ ବେକ ଉପରେ ବସାଇଲୁ ?" ମୋତିଗଜ ତାର ଶୁଣ୍ଢକୁ ମୋଡ଼ି ଦେଖାଇ ଦେଲା । ଚନ୍ଦୁଁ ତା ଉପରେ ଗୋଡ଼ ରଖିବା ମାତ୍ରେ ତାକୁ ନେଇ ବେକରେ ବସାଇଲା । ଧୀଶା ଚନ୍ଦୁଁକୁ ଅଙ୍କୁଶ ବଢ଼ାଇ ଦେଲା ।

ଚନ୍ଦୁଁ ମୋତିଗଜର ମୁଣ୍ଡରେ ଅଙ୍କୁଶକୁ ଦୁଇ ତିନିଥର ମାରିବା କ୍ଷଣି ସେ ଖୁବ୍ ଜୋର୍‌ରେ ଗର୍ଜନ କରି ଉଠିଲା ।

"ଚୁପ୍ ରହ, ଚୁପ ରହ, ଦଶଦିନ ପାଇଁ ଚନ୍ଦୁଁ ତୋର ମାହୁନ୍ତ । ତା କଥାମାନ ଚଳିବୁ । ଏବେ ମୋତେ ବିଦାୟ ଦିଅ, ମୁଁ ଯାଉଚି । ମୋର ଗଳାର ମାଳ, ମୋର ଜୀବନ, ମୋର ରାଜା, ହାତୀପଲର ଚନ୍ଦ୍ରମା । ନିଜ ଦେହପା କଥା ବୁଝୁଥିବୁ । ସୁଧାର ହେଉଥିବୁ । ଏବେ ମୁଁ ଯାଉଚି ।"

ଧୀଶା ଏହା କହିବା ପରେ ମୋତିଗଜ ତା'ର ଥୋଡ଼ପାହାଡ଼ରେ ଧୀଶାକୁ ଗୁଡ଼ାଇ

Digitized by srujanika@gmail.com

ଦୁଇଥର ଉପରକୁ ତଳକୁ କଲା । ସେହିପରି ଢଙ୍ଗରେ ସେ ଧାଣାକୁ ବିଦାୟ ଦିଏ ।

"ଏଣିକି ସେ କାମ କରିବ । ହଜୁର ମୋତେ ଛୁଟି ମିଳିଲାତ ?" ଧାଣା ଏହା କହି ବାଗାନ ମାଲିକ ଆଡ଼କୁ ଚାହିଁଲା । ମାଲିକ ମୁଣ୍ଡ ହଲାଇବାରୁ ଧାଣା ଦୌଡ଼ି ପଳାଇଲା । ମୋତିଗଜ ଗଲା ଗୁଣ୍ଡା ଉପାଡ଼ିବାକୁ ।

ଚନ୍ଦୁ ମୋତିକ ଖୁବ ସ୍ନେହ କଲା । ମସଲା ଗୋଳାଇ ତାକୁ ଖାଇବାକୁ ଦେଲା । ତାର ଦେହରେ ତେଲ କଲା । ମୋତି ଯେତେବେଳେ କାମରୁ ଫେରି ଆସୁଥିଲା, ଚନ୍ଦୁର ସାନଝିଅ ତାକୁ ଶିଶିଳ ବଜାଏ, ଚନ୍ଦୁର ସ୍ତ୍ରୀ ତାକୁ 'ମୋ' ବାପରେ, ଧନରେ ବୋଲି କହେ । କିନ୍ତୁ ମୋତିଗଜ ଧାଣାପରି ଗୋଟାଏ ବାଡ଼ ଭୁଲି ଥିଲା । ସେ ଏ ପାରିବାରିକ, ଜୀବନର ଭାବ-ପ୍ରବଣତାକୁ ବୁଝି ପାରୁ ନଥିଲା । ସେ ସବୁବେଳେ ଭାବୁଥିଲା ତା ସଂସାରର ମାଲିକ ଜଲ୍ଦି ଫେରିଆସୁ; ସଂଧ୍ୟାବେଳେ ଟିକିଏ ମଦ ପିଇବା, ମଟୁଆଳ ହୋଇ ଶୋଇବା, କେତେବେଳେ ମସ୍ତକ ମାଡ଼, ପୁଣି ମସ୍ତକ ଗେଲ—ସେ ଜୀବନ କ'ଣ ଭୁଲିହୁଏ ?

କିନ୍ତୁ ସେ କାମରେ କିଛି ହେଲା କରି ନାହିଁ । କଫି ବାଗାନର ମାଲିକ ମଧ୍ୟ ଦେଖି ଆଶ୍ଚର୍ଯ୍ୟ । କିନ୍ତୁ ଏ ଭିତରେ ଧାଣା ମଦଖାଇ ଝୁଲୁ ଝୁଲୁ ତା ନିଜ ବାଡ଼ର ଏକ ବାହାଘର ଯାଉଥିବାର ଦେଖିଲା ଓ ପଚୁଆରରେ ଯୋଗ ଦେଇ, ମଦଖାଇ ଓ ନାଚ ୧୦ ଦିନ ଅତୀତ ହୋଇ ଯିବା କଥା ଭୁଲିଗଲା ।

ଏଗାର ଦିନ ସକାଳ ହେଲା । ଧାଣାର ଦେଖା ନାହିଁ । ମୋତିଗଜକୁ କାମକୁ ନେବା ପାଇଁ ତାକୁ ଦଉଡ଼ିରୁ ଫିଟାଇ ଦେଉଥାନ୍ତି ସେ ଚକ୍ରଆଡ଼କୁ ଟିକିଏ ଚାହିଁଲା ଓ ତା'ପରେ ଚାଲିଲା । ଯେପରି କି ତାର ଅନ୍ୟ କିଛି କାମ ଅଛି ।

"ହେ, ହୋ, ଇଆଡ଼େ ଆ, ଇଆଡ଼େ ଆ, ମୋତେ ନ ବସାଇ କୁଆଡ଼େ ଯାଉଚ, ହେ ମୋତି, ସାସ ଘରଭର ଅଳଙ୍କାର, ପାହାଡ଼ମାନଙ୍କର କ୍ରୋଧ, ଫେରିଆ, ନ ହେଲେ ତୋର ମୋଟା ପାଦର ଆଙ୍ଗୁଠି ଯାକ ଏଇ ଚମ୍ପୁର ମୁନିଆଁ ଖିଲରେ ଫିଟି ଦେବଟି ?" ଏତେ ପାଟିକରି ଚନ୍ଦୁ ଡାକିବାକୁ ଲାଗିଲା ।

ମୋତିଗଜ ତା'ଆଡ଼କୁ ଟିକିଏ ଚାହିଁ ଖେଳିବା ପରି ହେଲା, ମାତ୍ର କଥା ନ ଶୁଣି ଚାଲିଗଲା । ଦାନ୍ତ ଶ୍ଳେଷ ହେଉଥିଲା । ଗଛରୁ ଖଣ୍ଡେ ବଡ଼ ଡାଳ ଭାଙ୍ଗି ଦାନ୍ତକାଠି କରି ଚୋବେଇ ଚାଲିଲା । ସେଇ ସବୁ ହାତୀ କାମକୁ ବାହାରିଥିଲେ, ସେମାନଙ୍କ ସଙ୍ଗେ ଟିକିଏ ମଜାକରି, ଦେଖି ବାଗାନ୍ ଦ୍ୱାର ।

ଚନ୍ଦୁ ଯାଇ ଖବର ଦେଲା ବାଗାନ୍ ମାଲିକକୁ । ସେ ହାତରେ ଗୋଟେ କୋରଡ଼ା ଧରି ତାକୁ ଶୂନ୍ୟରେ ପିଟି ପିଟି ହାତୀ ଆଡ଼କୁ ଆସିଲା । ମୋତିଗଜ ଗୋଡ଼ି ବାଗାନ ମାଲିକକୁ ଚେଖାଏ ଦେବ ବୋଲି ସ୍ଥିରକରି ତାକୁ ପାଏ ବାଟ ଯାଏଁ ଗୋଡ଼େଇ ଯାଇ ତା ବଙ୍ଗଳା ବାରଣ୍ଡାକୁ ଉଡ଼ି ନେଇଗଲା ।

ବାଗାନ୍ ମାଲିକ ରାଗି ଯାଇ କହିଲା, "ଆଚ୍ଛା ଠିକ୍ ଅଛି । ଏହାକୁ ଏପରି ପାଳେ ଦିଆଯିବା ଦରକାର, ଯେପରିକି ସେମିତି ମାଡ଼ ଏଠି କାମ କରୁଥିବା କେହି ହାତୀ ଖାଇ ନ ଥିବେ । କଳା ନାଗ ଓ ନଜମକୁ ୧୦ ଫୁଟିଆ

ଦ'ଟା ଲୁହା ଜଞ୍ଜିର ଧରେଇ ଦିଅ, ସେମାନେ ସ୍ୱାଙ୍କୁ କୋଡ଼ଏ ପାହାର କରି ପିଟନ୍ତୁ ।"

କଳାନାଗ, ଯାହାର ଅର୍ଥ ହେଉଛି କଳା ହାତୀ କିମ୍ବା କାଳସର୍ପ ଏବଂ ନକ୍ମ ବାଗାନର ସବୁଠାରୁ ଦୁଇଟି ବଡ଼ ଓ ବଳୁଆ ହାତୀ, ସେମାନଙ୍କର କାମ ହେଲା, କୌଣସି ହାତୀ ଦୋଷ କଲେ ଗୁରୁତର ଦଣ୍ଡ ଦେବା-କାରଣ କୌଣସି ଲୋକ ହାତୀଙ୍କୁ ଭଲରୂପେ ବାଡ଼େଇ ପାରିବ ନାହିଁ ।

କଳାନାଗ ଓ ନକ୍ମ ୧୨ ଫୁଟିଆ ଜଞ୍ଜିରର ଗୋଟାଏ ଗୋଟାଏ କୋରଡ଼ା ଥୋଡ଼ପାହାରରେ ଧରି ମୋତିଗଜ ଆଡ଼କୁ ମାଡ଼ି ଚାଲିଲେ । ମୋତିଗଜର ବୟସ ହେଲା ୩୯ ବର୍ଷ । ସେ କେବେ ଏପରି ମାଡ଼ ଖାଇ ନାହିଁ । ଏ ବିଷୟରେ ଏକ ନୂଆ ଅଭିଜ୍ଞତା ଅର୍ଜନ କରିବାକୁ ସେ ଇଚ୍ଛା କଲାନାହିଁ । ତେଣୁ ସେ ନିଜର ମୁଣ୍ଡକୁ ବାଁରୁ ଡାହାଣ ଓ ଡାହାଣରୁ ବାଁକୁ ହଲାଇବାରେ ଲାଗିଲା ଏବଂ କଳାନାଗର ଦେହର ଯେଉଁ ଅଂଶଟା ମୋଟା, ତେଣୁ ଦାନ୍ତ ଭୁଷିଦେଲେ ଭଲଭାବରେ ଗଳିଯିବ, ସେଆଡ଼କୁ ଠଉରେଇବାକୁ ଲାଗିଲା । କଳାନାଗର ଦାନ୍ତ ନାହିଁ, ଜଞ୍ଜିରଟାହିଁ ତାର ହୁକୁମତର ଚିହ୍ନ, ତେଣୁ ସେ, ମୋତିଗଜ ଠାରୁ ଦୂରେଇ ଯାଇ ଜଞ୍ଜିରଟାକୁ ହଲାଇଲା, ଯେପରିକି ମଜା କରିବା ପାଇଁ ସେ ହଲାଉଛି । ନକ୍ମ ତା ଆଗରୁ ଖସି ଯାଇଥିଲା । କାରଣ ସେଦିନ ସକାଳେ ଲଢ଼ିବା ପାଇଁ ତାର ମନର ଅବସ୍ଥା ନ ଥିଲା ।

ତେଣୁ ମୋତିଗଜ କାନ ପାରି ଏକୁଟିଆ ଠିଆ ହୋଇ ରହିଲା । ବାଗାନ ମାଲିକ ପାଇଁ କଥାଟା ପରିଷ୍କାର ହୋଇଗଲା ଯେ, ଅତି ମୋତିସହିତ ବିବାଦ ଉଚିତହେବନାହିଁ । ଏଣିକି ମୁକ୍ତ ଭାବରେ ମୋତିଗଜ ବୁଲିଲା ବାଗାନ ପରିଦର୍ଶନରେ । ଯେଉଁ ହାତୀ କାମ କରିବ ନାହିଁ, ଅଥଚ ସେ ବନ୍ଧା ହେବ ନାହିଁ, ତାକୁ ସମ୍ଭାଳିବା ଯାହା ଏକ ୮୯ ଟନର ବନ୍ଧୁକକୁ ବହୁ ଜାହାଜ ଚଳାଚଳ ହେଉଥିବା ଏକ ସମୁଦ୍ର ପଥରେ ଆଖିବୁଜି ଫୁଟାଇ ଚାଲିବା ସେଇଆ । ମୋତିଗଜ ତାର ପୁରାତନ ବନ୍ଧୁମାନଙ୍କୁ ପିଠିରେ ଥାପୁଡ଼େଇ ଚାଲିଲା— ଉଦ୍ଦେଶ୍ୟ କାମ କପରି ଚାଲିଛି ? କାହାରି ପାଖରେ କିଛି ସମୟ ଠିଆ ହୋଇ ଏଣୁ ତେଣୁ ଶୁଣି ହେଲା - ଶ୍ରମିକମାନଙ୍କର ଅଧିକାର ସମ୍ପର୍କରେ ବିଶେଷତଃ ହାତୀମାନଙ୍କୁ ଉଦୁଉଦିଆ ଦ'ପହରେ କପରି ଅଧିକ ବିଶ୍ରାମ ମିଳିବ । ଏହିପରି ଦିନସାରା ବାଗାନର ଏପାଖ ସେପାଖ ବୁଲି ଓ ସମସ୍ତଙ୍କୁ ଚିଡ଼େଇ, ବିଗିଡ଼େଇ ଦେଇ ଠିକ୍ ସଞ୍ଜବେଳକୁ ଖାଇବା ପାଇଁ ଫେରିଆସିଲା ।

ଚନ୍ଦୁଁ ତାକୁ ଦେଖି ରାଗି କରି କହିଲା, "ଯଦି ତୁ କାମ କରିବୁ ନାହିଁ ତା ହେଲେ ଖାଇବୁ ନାହିଁ । ତୁ ଗୋଟାଏ ବଣୁଆ ହାତୀ, ଆଦୌ ଶିକ୍ଷିତ ହୋଇ ନାହୁଁ । ଯା' ତୋ' ଜଙ୍ଗଲକୁ ଚାଲି ଯା ।"

ଚନ୍ଦୁଁର ଶ୍ରେଷ୍ଠ ଛୁଆ କୁଡ଼ିଆ ଘର ଭିତରେ ପେଟେଇ ଗଡ଼ୁଥିଲା । ମୋତିଗଜ ଜାଣେ ଯେ, ଚନ୍ଦୁଁର ସଂସାରରେ ପ୍ରିୟତମ ବସ୍ତୁ ହେଲା ଏଇଟି । ସେ ତାର ଶୁଣ୍ଢକୁ ଟିକିଏ ବଙ୍କେଇ ଶ୍ରେଷ୍ଠ ଛୁଆ ଆଡ଼କୁ ବଢ଼ାଇ ଦେଲା । ଛୁଆ ଆନନ୍ଦରେ ପାଟି କରି ଶୁଣ୍ଢ ଉପରକୁ ଉଠି ଆସିଛି ତ, ସଙ୍ଗେ ସଙ୍ଗେ ମୋତି ୧୨ ଫୁଟ

Digitized by srujanika@gmail.com

ଉପରକୁ ତାର ବାପାର ମୁଣ୍ଡ ଉପରେ ତାକୁ ଟେକି ଧରିଲା ।

ଚନ୍ଦୁ ହାତ ଯୋଡ଼ି କହିବାକୁ ଲାଗିଲା, 'ରାଜହସ୍ତୀ, ୨ଫୁଟ ଓସାରର ବାରଟି ଗହମର ପିଠା, ବଲାଡ ମଦରେ ବୁଡ଼ା ହୋଇ ରହିଚି । ତା ସଙ୍ଗେ ସଙ୍ଗେ ଦୁଇଶ ପାଉଣ୍ଡ ଘାସ ସଙ୍ଗେ ସଙ୍ଗେ କଟାହୋଇ ଆସିଚି । ସେସବୁ ତୁମ ପାଇଁ ରହିଚି । ମୋର ହୃଦୟର ଧନ ଓ ମୋ ଆଖିର ତାରା ଏ ଶ୍ରେଷ୍ଠ ପିଲାଟିକୁ ଖାଲି ତଳେ ଥୋଇଦିଅ ।

ମୋଢଗଜ ତାର ଆଗ ଦୁଇଗୋଡ଼ ମଝିରେ ଚନ୍ଦୁର ପିଲାକୁ ଆଣି ଥୋଇ ଦେଇ ଆହାର ଅପେକ୍ଷାରେ ରହିଲା । ଏହି ଗୋଡ଼ ଗୁଡ଼ିକ ଲେ, ଚନ୍ଦୁର ପିଲା କ ଘର, ତାର ସମସ୍ତ କୁଡ଼ିଆ ଘରକୁ ଦାନ୍ତ ଖୁଣ୍ଟାପରି ମଡ଼ ମଡ଼ କରି ଦେଇଥାନ୍ତା । ମୋଢଗଜର ଖାଦ୍ୟ ଆସିଗଲା ଓ ଶ୍ରେଷ୍ଠ ଚୁଆ ପେଟେଇ ସୁଲିଗଲା । ହାତୀ ମାନଙ୍କର ଏକ ବିଶେଷତ୍ୱ ହେଉଚି, ସେମାନେ ଏତେ ବିଶାଳ ହେଲେ ମଧ୍ୟ ସେମାନଙ୍କର ଖୁବ୍ କମ୍ ଶୋଇବା ଦରକାର କରନ୍ତି । ରାତିରେ ୪।୫ ଘଣ୍ଟା ହେଲେ 'ହେଲା । ଅଧରାତି ପୂର୍ବରୁ ଦୁଇଘଣ୍ଟା, ତାହା ଗୋଟିଏ କଡ଼ରେ ଶୋଇବାରେ ଯାଏ—ବାକି ରାତି ଗୋଟାକ ପରେ ଦୁଇଘଣ୍ଟା ସେଇଟା କଡ଼ ନେଉଟାଇ ଶୋଇବା ହୁଏ । ଅବଶିଷ୍ଟ ନଜ ନ ରାତିର ଅଧିକାଂଶ ଖାଇବା, ପାକୁଳେଇବା କିମ୍ବା ଖାଲି ଏଣୁ ତେଣୁ ଶବ୍ଦ କରିବାରେ ଯାଏ । ମୋଢଗଜ ଖାଇସାରିବା ପରେ ଟିକିଏ ଘୁମେଇ ଗଲା ଓ ପୀଶାର କଥା ଭାବିବାକୁ ଲାଗିଲା ।

ଅଧରାତି ବେଳକୁ ମୋଢଗଜ ତାର ଶାଳରୁ ବାହାରି ଗଲା । ତାର ମନେ ହେଲା, ପୀଶା ବୋଧହୁଏ ଜଙ୍ଗଲ ଭିତରେ କେଉଁଠି ମଦଖାଇ ଶୋଇପଡ଼ିଚି । ତାର ହେପାଜତ କରିବାକୁ କେହି ନାହାନ୍ତି । ତେଣୁ ସେଠିକି ରାତିରେ ସେ ଜଙ୍ଗଲର ଏପାଖ ସେପାଖ ଖାଲି ହୁଣ୍ଢାଳ ଗର୍ଜନ କରି ବୁଲିଲା । ସେ ନଈକୂଳକୁ ଯାଇ ପାଣିରେ ପଶି ଗର୍ଜନ କଲା, ସେଉଁଠାରେ କି ପୀଶା ତାକୁ ଗାଧୋଇ ଦିଏ । କିନ୍ତୁ ଉତ୍ତର ମିଳିଲା ନାହିଁ । ଏହିପରି ସେ ରାତିସାରା ବୁଲିଲା । ଫଳରେ କୌଣସି ହାତୀ ଶୋଇ ପାରିଲେ ନାହିଁ । ଦଳେ ଜେଲା ଜଙ୍ଗଲ ଭିତରେ ରହିଥିଲେ । ସେମାନେ ପ୍ରାଣ ଭୟରେ ଗଛରେ ଚଢ଼ିଗଲେ ।

ସକାଳ ହେବାରୁ ପୀଶା ବାଗାନକୁ ଫେରିଲା । ସେ ବେଶୀ ମଦ ପିଇ ଦେଇଥିଲା ଓ ଏତେ ବିଳମ୍ବରେ ଫେରିବା ଯୋଗୁଁ ଅଜଣା ଆଶଙ୍କାରେ ଫେରୁଥିଲା । ସେତେବେଳେ ସେ ଦେଖିଲା ଯେ ବଙ୍ଗଳା ବା ବାଗାନର କିଛି କ୍ଷତି ହୋଇନାହିଁ, ସେ ଆଶ୍ୱସ୍ତିରେ ଏକ ଦୀର୍ଘ ନିଶ୍ୱାସ ଛାଡ଼ିଲା । କାରଣ ସେ ଜାଣେ ଯେ ମୋଢଗଜ କେତେ ରାଗି । ବାଗାନର ମାଲିକଙ୍କୁ ବହୁ ମିଛ କହିଲା ଓ ଅନେକ ସଲାମ ଦେଲା । ସେତେବେଳକୁ ରାତିଯାକ ବୁଲି କ୍ଲାନ୍ତ ହୋଇପଡ଼ି ମୋଢଗଜ ତାର ପ୍ରାତ ଭୋଜନରେ ଲାଗିଥିଲା ।

ବାଗନ ମାଲିକ ପୀଶାକୁ କହିଲା, "ତୋ ହାତୀକୁ ଶୀଘ୍ର ଏଠିକି ଡାକ ।" ପୀଶା ଏକ ଅଦ୍ଭୁତ ଭାଷାରେ ଡାକିବାକୁ ଲାଗିଲା ।

Digitized by srujanika@gmail.com

ମାହୁନ୍ତମାନଙ୍କର ବିଶ୍ୱାସ ଯେ, ଏକ୍‌ସପ୍ରେସ ଚୀନ ଦେଶରୁ ଆସିଛି, ଯେତେବେଳେ କି ପୃଥିବୀର ଜନ୍ତୁସମସ୍ତ ଓ ମନୁଷ୍ୟମାନେ ନୂହନ୍ତି । ହାତୀମାନେ ଥିଲେ ପୃଥିବୀର ମାଲିକ । ମୋତିଗଜ ଏ ଭାଷା ଶୁଣି ଆସିଛି । ହାତୀମାନେ ଦୌଡ଼ନ୍ତି ନାହିଁ । ସେମାନେ ବିଭିନ୍ନ ଗତିରେ ଆସନ୍ତି । ଯଦି କୌଣସି ଏକ୍‌ସପ୍ରେସ ଗାଡ଼ିକୁ ଧରିବା ପାଇଁ କୌଣସି ହାତୀ ସ୍ଥିର କରେ, ସେ ନ ଦୌଡ଼ି ମଧ୍ୟ ଏତେ ଜୋରରେ ଯିବ ଯେ, ଏକ୍‌ସପ୍ରେସ ଗାଡ଼ିକୁ ଧରିପାରିବ । ମୋତିଗଜ ଆଖି ପିଛୁଳାକେ ବାଗାନ ମାଲିକର ଦୁଆରେ ଆସି ହାଜର ହୋଇଗଲା । ତା'ପରେ ହାତୀ ଆଉ ସେ ମଣିଷର ମିଳନ ଦେଖ !

ଉଭୟେ କୁଣ୍ଢାକୁଣ୍ଢି ହୋଇ ଗଲେ ଓ ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ପରସ୍ପରକୁ ଦେଖିବାରେ ଲାଗିଲେ, ଯେପରି ଉଭୟେ ନବିପଦରେ ଅଛନ୍ତି ।

"ଏବେ ଆମେ କାମକୁ ବାହାରିବା । ମୋ ବାପ, ମୋ ଧନ, ମୋତେ ଉପରକୁ ଉଠାଇ ନେଲୁ," ଯାଣା ଏହା କହିବା ମାତ୍ରେ ମୋତିଗଜ ତାକୁ ନିଜ ବେକ ଉପରକୁ ଉଠାଇ ନେଲା । ଉଭୟ ଚାଲିଲେ ଖୁଣ୍ଟା ଉପାଡ଼ିବା ପାଇଁ ।

ବାଗାନର ମାଲିକ ଏତେ ଆଶ୍ଚର୍ଯ୍ୟ ହୋଇ ସ୍ତମ୍ଭ ରହିଲା ଯେ, ଗଣିବା ପାଇଁ ତା'ର ସମୟ ନ ଥିଲା ।

(କିପ୍‌ଲିଙ୍ଗଙ୍କର Motigaj. The Mutineer ଗଳ୍ପର ଅନୁବାଦ)

"ନିଆଁକୁ ଯେବେ ଡର
କର ଟାଇଲ ଘର"

ଗାଁଗହଳରେ ପଞ୍ଚାୟତମାନଙ୍କରେ ୨୭ଟି ଟାଇଲ କାରଖାନା ବସିଲାଣି । ଲୋକଙ୍କର ମଙ୍ଗଳପାଇଁ ସରକାର ଏହି କାରଖାନାମାନ ବସାଇଛନ୍ତି । ଏହି କାରଖାନାମାନଙ୍କରୁ ସୁବିଧା ଓ ଶସ୍ତା ଦରରେ ଟାଇଲ ମିଳେ । ନିକଟତମ ଟାଇଲ କାରଖାନ ରେ ଅନୁସନ୍ଧାନ କରନ୍ତୁ ।

ଯାହାର ଘର ପୋଡ଼ିଯାଇଛି ସେମାନଙ୍କୁ ଶତକଡ଼ା ୧୦ ଟଙ୍କା ରିହାତି ମିଳିବ ।

ଅବଶେଷ ବିବରଣୀପାଇଁ ।

ଦି ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରିଜ କର୍ପୋରେସନ୍ ଲିମିଟେଡ଼ର

ନିମ୍ନଲିଖିତ ଶାଖା ଅଫିସମାନଙ୍କରେ ଅନୁସନ୍ଧାନ କରନ୍ତୁ :—

କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସୁନାବେଡ଼ା, ସମ୍ବଲପୁର ଓ ବାଲେଶ୍ୱର

"କରିବ ଟାଇଲ ଘର
ନିଆଁକୁ ନ ଥିବ ଡର"

Digitized by srujanika@gmail.com

ମଟର ମାଲିକ ଓ ଡ୍ରାଇଭର
ସମସ୍ତେ ଜାଣନ୍ତୁ !

ସ୍ପାର୍କ
ଶକ୍ତିଶାଳୀ ଓ ନିର୍ଭରଯୋଗ୍ୟ




ବ୍ୟାଟେରୀ

କେବଳ ଆମ ଦେଶରେ ନୁହେଁ
ବିଦେଶରେ ମଧ୍ୟ ଏହାର ଚାହିଦା
ଦିନକୁ ଦିନ ବଢ଼ି ଚାଲିଛି ।

ସ୍ପାର୍କ ବ୍ୟାଟେରୀଟିଏ କିଣି
ନିଶ୍ଚିନ୍ତ ରୁହନ୍ତୁ

ଅନ୍ୟ ସବୁ ବ୍ୟାଟେରୀ ଅଚଳ ହେଲେବି
ସ୍ପାର୍କ ବିଜୁଳି ପରି କାମ କରେ ।

ପ୍ରସ୍ତୁତକାରୀ —
ସ୍ପାର୍କ ବ୍ୟାଟେରୀ ମାନ୍ୟୁଫାକ୍‌ଚରିଂ ଓ୍ୱାର୍କ୍ସ ଲି:
ଇଣ୍ଡଷ୍ଟ୍ରିୟାଲ ଇଷ୍ଟେଟ, କଟକ-୩ ଫୋନ-୧୫୫୪


Digitized by srujanika@gmail.com




ଦେଶପାଇଁ ଗତବର୍ଷ ୧୨ ଲକ୍ଷ ଟଙ୍କା ବୈଦେଶିକ ମୁଦ୍ରା ଅର୍ଜନ କରିଛି—

**କଳିଙ୍ଗ କୋ-ଅପରେଟିଭ**

**ସିଲଭର୍ ଫିଲିଗ୍ରି ଓ୍ୱାର୍କସ୍ ଲିଃ**

**ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ, କଟକ**

Digitized by srujanika@gmail.com



ପୁଅ ଝିଅଙ୍କୁ ସଞ୍ଚିବା କଥା ଶିଖାନ୍ତୁ

( ଲୋକ- ସମ୍ପର୍କ, ଓଡ଼ିଶା )

Digitized by srujanika@gmail.com

With Best Compliments from :

# KALINGA TUBES LIMITED

33, CHITTARANJAN AVENUE
CALCUTTA-12

**Works**
CHOUDWAR
CUTTACK (ORISSA)

***MANUFACTURERS OF :***

**BLACK AND GALVANISED STEEL PIPES FOR GAS, WATER & STEAM AND STEP DRAWN STEEL TUBULAR POLES FOR POWER TRANSMISSION, STREET LIGHTING, ETC.**

ଅଗଷ୍ଟ—୧୯୬୭

ମୂଲ୍ୟ—୧ ଟଙ୍କା

Digitized by srujanika@gmail.com

# ପୌରୁଷ



Digitized by srujanika@gmail.com

ଫୋନ୍ — ୧୭୬୨ (ଅଫିସ); ୧୬୬୬ (ଘର) ଟେଲିଗ୍ରାମ—ଫିଲିଗ୍ରୀ

# କଳିଙ୍ଗ ସମବାୟ ରୌପ୍ୟତାରକସି ପ୍ରତିଷ୍ଠାନ, ଲିଃ

## ମଧୁପାଟଣା, କଟକ—୩



ବିଶ୍ୱବିଖ୍ୟାତ ଓ ଉତ୍କୃଷ୍ଟ ରୌପ୍ୟ ତାରକସି ପଦାର୍ଥ-ମାନଙ୍କ ନିର୍ମାତା ଓ ରପ୍ତାନିକାରୀ; ଆମ ତିଆରି ଜିନିଷ-ଗୁଡ଼ିକ ଆମ୍ଭ କାରଖାନା ଓ ନିମ୍ନଲିଖିତ ବିକ୍ରୟ କେନ୍ଦ୍ର (ଏମ୍ପୋରିୟମ୍) ମାନଙ୍କରେ କିଣିବାକୁ ମିଳେ -

(୧) ନୟାସଡ଼କ, କଟକ — ୨ (ଶୀତତାପନିୟନ୍ତ୍ରିତ) । (୨) ଷ୍ଟେସନରୋଡ଼, ସମ୍ବଲପୁର । (୩) ଦକ୍ଷିଣପୂର୍ବ ରେଳବାଇ ହୋଟେଲ, ପୁରୀ ।(୪) ବଡ଼ଦାଣ୍ଡ, ପୁରୀ । (୫) ମେନ୍‌ରୋଡ଼, ବ୍ରହ୍ମ । (୬) ଗରିଆହାଟ ମାର୍କେଟ, କଲିକତା । (୭) ରେଲବାଇ-ଷ୍ଟେସନ, ଟାଟା ନଗର । (୮) ରୟାପେଟା, ହାଇରୋଡ଼, ମାଇଲାପୁର, ମାନ୍ଦ୍ରାଜ (ଶୀତତାପନିୟନ୍ତ୍ରିତ) । (୯) ୨୯,ଲ୍ୟାଣ୍ଡସ୍ ଡାଉନ୍ ରୋଡ଼, କୋଲାବା ବମ୍ବେ ୧୯. ଆର (୧୦) ସ୍ତମ୍ଭ-ନଂ୭, ସେକ୍‌ଟର-୨ ରାଉରକେଲା । (୧୧) ଫାଷ୍ଟଗେଟ୍ ମେନ୍‌ରୋଡ଼, ଚାଳଚେର । (୧୨) ଜି ୫୬, କର୍ଣ୍ଣଟ ସରକସ, ନୂଆଦିଲ୍ଲୀ (ଶୀତତାପନିୟନ୍ତ୍ରିତ) (୧୩) ସାଫାପ୍ଲିର ଥିଏଟର ବିଲଡ଼ିଂ ମାନ୍ଦ୍ରାଜ । (୧୪) ହସ୍‌ପିଟାଲରୋଡ଼, ବାଙ୍ଗାଲୋର ୧ (୧୫) ଷ୍ଟେସନ ରୋଡ଼ (ବୁଦ୍ଧେଶ୍ୱରୀ), ଭୁବନେଶ୍ୱର ।

Digitized by srujanika@gmail.com

*With Greetings From :*

# KALINGA CABLES (P) LTD.

*INDUSTRIAL ESTATE*

CUTTACK-3

LEADING MANUFACTURERS
OF
ELETRICAL CONDUCTORS
OF THE STATE

Digitized by srujanika@gmail.com

# ପୌରୁଷ

दैवायत्तं कुले जन्म मदायत्तं च पौरुषम

ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର ମୋର ଅଧୀନ ।

କର୍ଣ୍ଣ—ବେଣୀସଂହାରମ୍

## ସୂଚୀପତ୍ର


| | ପୃଷ୍ଠା |
|---|---|
| **ଗଣେଶଙ୍କ ବନ୍ଦନା**<br>ଗଣପତି ଉପନିଷଦ୍ | ୫ |
| **ସଂପାଦକୀୟ***<br>ଭବିତବ୍ୟର ଆହ୍ୱାନ | ୭ |
| **ଭାଦ୍ର ଶୁକ୍ଳ ଚତୁର୍ଥୀ** | ୧୧ |
| **ଗଣତନ୍ତ୍ର**<br>ଡକ୍ଟର ରାଧାକୃଷ୍ଣନ | ୧୫ |
| **ଆଜିର ପ୍ରାର୍ଥନା**<br>କାକା କାଲେଲକର | ୧୯ |
| **ଚୀନର ସାଂସ୍କୃତିକ ବିପ୍ଳବ**<br>ସଂଜୟ | ୨୩ |
| **ଋଗ୍‌ବେଦରେ ଜୀବନର ଜୟଗାନ**<br>ମନୀଷା ଦାସ | ୩୩ |
| **ସେଦିନ ଗାନ୍ଧିଜୀ କାନ୍ଦିଲେ**<br>ମହାବୀର ତ୍ୟାଗୀ | ୪୧ |
| **ବର୍ତ୍ତମାନର ସଂକଟ**<br>ଡକ୍ଟର ବୈଦ୍ୟନାଥ ମିଶ୍ର | ୪୨ |


Digitized by srujanika@gmail.com

**ଯୋଗାସନ** ୫୫
ଶ୍ରୀ ଯୋଗାଚାର୍ଯ୍ୟ

**ଟମା'କାହାଣୀ** ୫୯
ନୀଳମଣି ସେନାପତି

**ଜୀବାଣୁଙ୍କ ଯମ** ୬୯
ଡକ୍ଟର କୁଳମଣି ସାମଲ

**ଅକାଞ୍ଚନର ଜୀବନ ସ୍ମୃତି** ୭୩
ଡକ୍ଟର ପ୍ରାଣକୃଷ୍ଣ ପରିଜା

**ପ୍ରତିଜ୍ଞା ପାଳନ** ୮୧
ଜୟନ୍ତୀ ପଟ୍ଟନାୟକ

**କୋଡ଼ିଏ ବର୍ଷ ପରେ (ଗଳ୍ପ)** ୯୧
ଓ' ହେନେରି


**ପ୍ରଚ୍ଛଦପଟ୍ଟ ଚିତ୍ର—ଗଣପତି (ପଟ୍ଟଚିତ୍ର)**


**ସଂପାଦକ * ଜାନକୀବଲ୍ଲଭ ପଟ୍ଟନାୟକ**

ପୌରୁଷର ଗ୍ରାହକ ଚାନ୍ଦା

| | |
|---|---|
| ବାର୍ଷିକ— | ୧୦ ଟଙ୍କା |
| ଷାଣ୍ମାସିକ— | ୫ ଟଙ୍କା ୫୦ ପ. |
| ମାସିକ | ୧ ଟଙ୍କା |

ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା
ମୁଦ୍ରିତ ଓ ପ୍ରକାଶିତ
ପୌରୁଷ ପ୍ରେସ ଓ କାର୍ଯ୍ୟାଳୟ,
ବୁଦ୍ଧମଚୌକ, କଟକ-୧



DRINK

**Pinola**

ICE COLD

**THACKER BROTHERS,**

Industrial Estate. Cuttack-3

# ଗଣେଶଙ୍କ ବନ୍ଦନା



ନମସ୍ତେ ଗଣପତୟେ । ତ୍ୱମେବ ପ୍ରତ୍ୟକ୍ଷଂ
ତତ୍ତ୍ୱମସି । ତ୍ୱମେବ କେବଲଂ କର୍ତ୍ତାସି ।
ତ୍ୱମେବ କେବଲଂ ଧର୍ତ୍ତାସି । ତ୍ୱମେବ
କେବଳଂ ହର୍ତ୍ତାସି । ତ୍ୱମେବ ସର୍ବଂ
ଖଲ୍ୱିଦଂ ବ୍ରହ୍ମାସି ।

*  *  *  *  *

ଅବ ପଶ୍ଚାତ୍ତାତ୍ । ଅବ ପୁରସ୍ତାତ୍ତାତ୍ ।
ଅବ ଚୋତ୍ତରତ୍ତାତ୍ । ଅବ ଦକ୍ଷିଣାତ୍ତାତ୍ ।
ଅବ ଚୋର୍ଦ୍ଧ୍ୱାତ୍ତାତ୍ । ଅବାଧରାତ୍ତାତ୍ ।
ସର୍ବତୋ ମାଂ ପାହି ପାହି ସମନ୍ତାତ୍ ।

ହେ ଗଣପତି, ତୁମକୁ ମୋର ନମସ୍କାର । ତୁମେ ହେଉଛ ପ୍ରତ୍ୟକ୍ଷ ସତ୍ୟ । ତୁମେ ସମସ୍ତଙ୍କର ଧାରଣକାରୀ । ସମସ୍ତଙ୍କର ହରଣକାରୀ । ତୁମେ ହେଉଛ ସାକ୍ଷାତ୍ ବ୍ରହ୍ମ * * *

ତୁମେ ମୋତେ ପୃଷ୍ଠଭାଗରୁ ରକ୍ଷାକର, ଅଗ୍ରଭାଗରୁ ରକ୍ଷାକର । ଉତ୍ତର ଭାଗରୁ ରକ୍ଷାକର, ଦକ୍ଷିଣଭାଗରୁ ରକ୍ଷାକର । ଊର୍ଦ୍ଧ୍ୱରୁ, ଅଧଃରୁ, ଚତୁର୍ଦ୍ଦିଗରୁ ସର୍ବତୋଭାବେ ମୋତେ ରକ୍ଷାକର, ରକ୍ଷାକର ।

—ଗଣପତି ଉପନିଷଦ୍



Digitized by srujanika@gmail.com

# ସମ୍ପାଦକୀୟ

## ଭବିତବ୍ୟର ଆହ୍ୱାନ —

ପ୍ରସିଦ୍ଧ ଐତିହାସିକ ଆର୍ଣ୍ଣଲ୍ଡ ଟଏନ୍‌ବିଙ୍କ ମତରେ ପ୍ରତ୍ୟେକ ଦେଶରେ ଏକ 'ପ୍ରଭାବଶାଳୀ ସଂଖ୍ୟାଲଘୁ ଗୋଷ୍ଠୀ' (dominant minority) ଅଛି, ଯେକି ଜନସାଧାରଣଙ୍କୁ ଶିକ୍ଷା, ସାହିତ୍ୟ, ଦର୍ଶନ, ବିଜ୍ଞାନ ଆଦି ଚିନ୍ତା-ରାଜ୍ୟରେ ଏବଂ ରାଜନୈତିକ ଓ ସାମାଜିକ କାର୍ଯ୍ୟକ୍ଷେତ୍ରରେ ପ୍ରକୃତ ନେତୃତ୍ୱ ଦେଇଥାଏ ।

ଏହି ସଂଖ୍ୟାଲଘୁ ଗୋଷ୍ଠୀ କହିଲେ ସଂଖ୍ୟାଲଘୁ ସମ୍ପ୍ରଦାୟ ବା ସଂଖ୍ୟାଲଘୁ ଭାଷାଭାଷୀ ବୁଝାଯାଏ ନାହିଁ । ଏମାନେ ହେଉଛନ୍ତି ସମାଜର ଶିକ୍ଷିତ, ସଭ୍ୟ, ପ୍ରଗତିଶୀଳ ସମ୍ପ୍ରଦାୟ—ଛାତ୍ର, ଶିକ୍ଷକ, ସାହିତ୍ୟିକ, ଦାର୍ଶନିକ, ଇଞ୍ଜିନିଅର, ଡାକ୍ତର, ସାଂବାଦିକ, ରାଜନୀତିଜ୍ଞ ଓ ଶାସନ କ୍ଷେତ୍ରରେ ଥିବା କର୍ମଚାରୀଗଣ । ଜନସାଧାରଣଙ୍କ ତୁଳନାରେ ଏମାନେ ସଂଖ୍ୟାଲଘୁ । କିନ୍ତୁ ଶିକ୍ଷା ଓ ପ୍ରସାରିତ ଦୃଷ୍ଟିକୋଣ ଯୋଗୁଁ ଏମାନେ ପୁରୁଣା ସମସ୍ୟାମାନଙ୍କର ସମାଧାନପାଇଁ ନୂଆ ଚିନ୍ତା କରିପାରନ୍ତି ଓ ଦେଶର ବୈପ୍ଳବିକ ପରିବର୍ତ୍ତନପାଇଁ ଏହାକୁ ଏକ ଶୃଙ୍ଖଳିତ, ଯୋଜନାବଦ୍ଧ କାର୍ଯ୍ୟରୂପେ ଜନସାଧାରଣଙ୍କ ଆଗରେ ରଖିପାରନ୍ତି ।

ଯେଉଁ ଦେଶରେ ଏହି ସଂଖ୍ୟାଲଘୁ ଗୋଷ୍ଠୀ ନିଜ ଦେଶର ଅତୀତର ଗର୍ବ ଓ ଗୌରବ ବିଷୟରେ ସଚେତନ ଓ ଭବିଷ୍ୟତ ସଂପର୍କରେ ସଂପୂର୍ଣ୍ଣ ଅନୁପ୍ରାଣିତ, ସେ ଦେଶର ଉନ୍ନତି ଅବଶ୍ୟମ୍ଭାବୀ । କିନ୍ତୁ ଯେଉଁ ଦେଶରେ ଏହି ଗୋଷ୍ଠୀ କ୍ଷୁଦ୍ର, କ୍ଷୁଦ୍ର ଜାତିଆଣିଭାବ, ସାଂପ୍ରଦାୟିକତା, ଆଞ୍ଚଳିକତା ଓ ରାଜନୈତିକ କ୍ଷମତା ଲିପ୍ସାରେ ଶତଧା ବିଭକ୍ତ, ସେ ଦେଶର ଉନ୍ନତି ସୁଦୂର ପରାହତ ।

ଆମେରିକା ଯୁକ୍ତରାଷ୍ଟ୍ର ଭୌତିକ ଐଶ୍ୱର୍ଯ୍ୟ ଓ ସାମରିକ ଶକ୍ତି ଦୃଷ୍ଟିରୁ ପୃଥିବୀରେ ସର୍ବପ୍ରଧାନ ଶକ୍ତିରୂପେ ଠିଆହୋଇଛି, ତା'ର କାରଣହେଉଛି, ନିଜର ଦେଶର ଓ ନିଜର ଭବିତବ୍ୟ ଉପରେ ଆମେରିକାର ଏହି ଗୋଷ୍ଠୀର ଅଖଣ୍ଡ ବିଶ୍ୱାସ । ଆମେରିକାର ନବନିର୍ମାଣ କାଳରେ ଯେଉଁମାନେ ସମସ୍ତ ବାଧା, ବିଘ୍ନ ଅତିକ୍ରମ-କରି ସେ ଦେଶର ବିରାଟ ପଶ୍ଚିମାଞ୍ଚଳକୁ ଆବିଷ୍କାର କଲେ, ସେଠାରେ ନୂଆ ନୂଆ କୃଷୋପଯୋଗୀ ଜମିଆବାଦକଲେ ଓ କଳ,

Digitized by srujanika@gmail.com

କାରଖାନା ବସାଇଲେ, ସେମାନଙ୍କୁ ଅଗ୍ରଗାମୀ ଦଳ (pioneers) ବୋଲି କୁହାଯାଉଥିଲା । ଯେତେବେଳେ ଯୁକ୍ତରାଷ୍ଟ୍ରର ସମସ୍ତ ଭୂଖଣ୍ଡରେ ଏମାନଙ୍କର ସଭ୍ୟତା ସ୍ଥାପିତ ହେଲା ସେମାନେ ଆମେରିକାକୁ ଇଂଲଣ୍ଡ ଓ ଫ୍ରାନ୍ସ ପରି ଏକ ପ୍ରଧାନ ଶକ୍ତିରେ ପରିଣତ କରିବାକୁ ସଙ୍କଳ୍ପ ନେଲେ ଓ ପ୍ରଥମ ମହାଯୁଦ୍ଧ ପରେ ପରେ ଆମେରିକା ଯେତେବେଳେ ଏକ ପ୍ରଧାନ ଶକ୍ତିରୂପେ ଦେଖାଦେଲା, ସେତେବେଳେ ଏହାକୁ ପୃଥିବୀର ଶ୍ରେଷ୍ଠ ଶକ୍ତିରୂପେ ଠିଆ କରାଇବା ହେଲା ସେ ଦେଶର ନେତୃତ୍ବର ଲକ୍ଷ୍ୟ । ରାଷ୍ଟ୍ରପତି ଆଇଜେନ-ହାଓ୍ବରଙ୍କ ଅମଳରେ ଆମେରିକାର ପ୍ରଭାବ ମନ୍ଦୀଭୂତ ହୋଇଗଲା, ଆମେରିକାର ନେତୃତ୍ବରେ ସେ ଉନ୍ମାଦନା ଓ ଝଲକ ରହିଲା ନାହିଁ । ସେତେବେଳେ ଜନ୍‌-ଫିଜରାଲଡ୍ କେନେଡ଼ିଙ୍କର ଧ୍ବନି ହେଲା— ନୂତନ ଦିଗ୍‌ବଳୟର ସଂଧାନ (New frontiers) ।

ଆମେରିକା ଏପରି ଗୋଟିଏ ଦେଶ ଯେ, ୟୁରୋପର ବହୁ ଭାଷାଭାଷୀ ଲୋକ ଆମେରିକାକୁ ଆସିଛନ୍ତି, ନିଜ ଦେଶରେ ଅତ୍ୟାଚାରିତ ହୋଇ କିମ୍ବା ନୂତନ ସମ୍ଭାବନା, ନୂତନ ଐଶ୍ବର୍ଯ୍ୟର ଲାଲସା ଯୋଗୁଁ । ଗୋଟିଏ ପୁରୁଷ ପରେ ସେମାନଙ୍କର ବଂଶଧରମାନେ ସଂପୂର୍ଣ୍ଣ-ଭାବରେ ନିଜକୁ ଏହି ନୂତନ ଦେଶସହିତ ମିଳାଇ ଦେଇଛନ୍ତି—ଏହାର ଭାଷା, ଏହାର ଜୀବନଧାରଣ ପ୍ରଣାଳୀକୁ ଗ୍ରହଣ କରିନେଇଛନ୍ତି ।

ପୃଥିବୀର ଏହିପରି ଅନ୍ୟ ଏକ ଦେଶ ହେଉଛି ସୋଭିଏଟ୍ ୟୁନିଅନ । ସୋଭିଏଟ୍ ରାଷ୍ଟ୍ର ପୁରାତନ ରୁଷ ସାମ୍ରାଜ୍ୟ ଉପରେ ଗଢ଼ି ଉଠିଥିଲେ ମଧ୍ୟ ଏହା ଏକ ନୂତନ ଦେଶ ଯାହାର ବୟସ ହେଉଛି ୫୦ ବର୍ଷ । ଏ ଦେଶରେ କେବଳ ରୁଷ ଭାଷାଭାଷୀ ନାହାନ୍ତି, ବହୁ ଭାଷାଭାଷୀ ବାଲ୍‌ଟିକ୍ ଉପସାଗରଠାରୁ ଆରମ୍ଭ କରି ମଧ୍ୟଏସିଆ ପର୍ଯ୍ୟନ୍ତ ତାଙ୍କର ପୁରାତନ ସଂସ୍କୃତି ଜାତୀୟତା ଓ ଇତିହାସ ଯେନି ରହିଛନ୍ତି । କିନ୍ତୁ ସମସ୍ତେ ନିଜକୁ ଗୋଟିଏ ରାଷ୍ଟ୍ରରୂପେ ଗଢ଼ି ପୃଥିବୀରେ ନିଜର ଶ୍ରେଷ୍ଠ ଆସନ ଅଧିକାର କରିବାପାଇଁ ବ୍ୟାକୁଳ । ଆମେରିକା ଯେପରି ବ୍ୟସ୍ତ ଯେ, ତା'ର ଗଣତାନ୍ତ୍ରିକ ଜୀବନଧାରା ଓ ବ୍ୟକ୍ତିଗତ ଉଦ୍ୟୋଗ ବା ପୁଞ୍ଜିବାଦ ପୃଥିବୀରେ ଗୃହୀତ ହେଉ, ସୋଭିଏଟ୍ ୟୁନିୟନ ସେହିପରି ବ୍ୟାକୁଳ ଯେ, କମ୍ୟୁନିଷ୍ଟବାଦ ପୃଥିବୀରେ ଜୟଲାଭ କରୁ । ଉଭୟ ନିଜର ଭବିତବ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ଅନୁପ୍ରାଣିତ ହୋଇ କାର୍ଯ୍ୟ କରୁଛନ୍ତି ।

ସେହିପରି ଚୀନ ଦେଶ । ଏହାର ଇତିହାସ ଅତି ପ୍ରାଚୀନ ହେଲେ ମଧ୍ୟ ବହୁକାଳ ଧରି ଏହା ସାମ୍ରାଜ୍ୟବାଦୀଙ୍କଦ୍ୱାରା ଲାଞ୍ଛିତ ଓ ନିଜର ଦୁର୍ବଳତାରେ କ୍ଷୁଦ୍ର ଓ ସଙ୍କୀର୍ଣ୍ଣ ହୋଇ ପଡ଼ି ରହିଥିଲା । ମାତ୍ର ଏବେ ଅଳ୍ପକାଳ ହେବ ସମଗ୍ର ଚୀନ ଗୋଟିଏ ଶାସନାଧୀନ ହୋଇ ପୃଥିବୀର ଶ୍ରେଷ୍ଠ ଶକ୍ତି ହେବାର ସ୍ୱପ୍ନରେ ଅନୁପ୍ରାଣିତ ହୋଇଛି । ସେହି ବିଶ୍ୱାସରେ ତା'ର

Digitized by srujanika@gmail.com

ଆଣବିକ ଓ ଉଦ୍‌ଯାନ ବୋମା, ବିରାଟ ସାମରିକ ବାହିନୀ ଓ ସାଂସ୍କୃତିକ ବିପ୍ଳବ । ସେଥିପୋଇଁ ଚୀନ ଆଜି କହି ପାରୁଛି—ଆମ୍ଭ ସୋଭିଏଟ ରୁଷ, ଆମ୍ଭ ଆମେରିକା ଆମେ ଉଭୟଙ୍କ ସହିତ ଲଢ଼ିବାପାଇଁ ପ୍ରସ୍ତୁତ ଅଛୁ ।

କେତେ କ୍ଷୁଦ୍ର ଦେଶ ଇସ୍ରାଏଲ । ଆୟତନରେ ୮ ହଜାର ବର୍ଗମାଇଲ । ଲୋକ ସଂଖ୍ୟା ମାତ୍ର ୨୭ ଲକ୍ଷ । କିନ୍ତୁ ପୁରାତନ ବାଇବଲ୍ କାହାଣୀ ଅନୁଯାୟୀ କ୍ଷୁଦ୍ରକାୟ ଡାଭିଡ଼ ଯେପରି ବିରାଟକାୟ ରାକ୍ଷସ ଗଲିଆଥ୍‌କୁ କେବଳ ସାହସ ଓ କୌଶଳ ଦ୍ୱାରା ନିହତ କରିଥିଲା, ସେହିପରି ଏହି ଦେଶ ବିରାଟ ଆରବ ରାଷ୍ଟ୍ରମଣ୍ଡଳ ଓ ତାଙ୍କର ସମବେତ ସେନାକୁ ମାତ୍ର ୫ ଦିନ ଯୁଦ୍ଧରେ ସମ୍ପୂର୍ଣ୍ଣଭାବରେ ପରାସ୍ତ ଓ ଛିନ୍ନ ଭିନ୍ନ କରିଦେଲା । ପୃଥିବୀର ବିଭିନ୍ନ ଦେଶରୁ ପ୍ରାୟ ଶହେ ଭାଷା କହୁଥିବା ଲୋକ ଆସି ଏହି ଦେଶରେ ରହିଛନ୍ତି । ଅଥଚ ସେମାନଙ୍କର ଆଜି ଗୋଟିଏ ଭାଷା ହିବ୍ରୁ—ଗୋଟିଏ ଦେଶ ଇସ୍ରାଏଲ୍—ଗୋଟିଏ ଲକ୍ଷ୍ୟ—ଏହାକୁ ପୃଥିବୀରେ ଏକ ସମ୍ମାନିତ ଆସନ ଦେବା ।

ଏହି ୫୦ ବର୍ଷ ମଧ୍ୟରେ ଦୁଇ ଦୁଇଟା ମହାଯୁଦ୍ଧ ଲଢ଼ି ଜର୍ମାନୀ ଜାତି ଧ୍ୱଂସ-ସ୍ତୂପରେ ପରିଣତ ହୋଇ ପୁଣି ଏକ ଶକ୍ତିଶାଳୀ, ଐଶ୍ୱର୍ଯ୍ୟଶାଳୀ ରାଷ୍ଟ୍ରରେ ପରିଣତ ହୋଇଛି । ଜର୍ମାନୀର ଏକ ପ୍ରଧାନ ନଗରୀ ହାମ୍ବର୍ଗ । ଏହାର ନଗରପାଳିକାର ସଙ୍କେତ ହେଉଛି—ଏକ କାଳ୍ପନିକ ପକ୍ଷୀ, ଫେନିକ୍ସ (Phoenix)। ଏହି ପକ୍ଷୀ ସମ୍ପର୍କରେ କୁହାଯାଏ ଯେ ଏହାକୁ ଯେତେଥର ପୋଡ଼ି ଦେଇ ଭସ୍ମ କରିଦିଅ ଏହା ଦ୍ୱିଗୁଣ ତେଜରେ ଜାଜ୍ୱଲ୍ୟ ହୋଇ ଉଠିବ । ଜର୍ମାନ ଜାତି ବାସ୍ତବିକ ଏହି କାଳ୍ପନିକ ଫେନିକ୍ସ । ଏହାକୁ କେହି ଭସ୍ମସାତ୍ କରି ପାରିବ ନାହିଁ । କେବଳ ସାମରିକ କ୍ଷେତ୍ର ନୁହେ, ସାହିତ୍ୟ, ଦର୍ଶନ, ବିଜ୍ଞାନ ସମସ୍ତ କ୍ଷେତ୍ରରେ ପୃଥିବୀକୁ ଜର୍ମାନ ଜାତିର ଦାନ କେତେ ବେଶି !

ଭାରତ ସେହିପରି ଏକ ପ୍ରାଚୀନ ଦେଶ ହେଲେ ମଧ୍ୟ ଏକ ଶାସନାଧୀନ ଭୂଖଣ୍ଡ ଓ ଆଧୁନିକ ଜାତୀୟତା ଦୃଷ୍ଟିରୁ ଏହା ଏକ ନୂତନ ଦେଶ । ଏଠାରେ ବହୁ ଭାଷା-ଭାଷୀ, ବହୁ ଧର୍ମ, ସମ୍ପ୍ରଦାୟର ଲୋକ ଅଛନ୍ତି । ଏମାନେ ଅତୀତରେ ନିଜ ନିଜ ଅଞ୍ଚଳ, ନିଜ ନିଜ ସମ୍ପ୍ରଦାୟ ବିଶେଷ ଦୃଷ୍ଟିରୁ ଚିନ୍ତା କରୁଥିଲେ । ଅଖଣ୍ଡ ଭାରତ ବର୍ଷର ଜାତୀୟତା କେବଳ କବିଙ୍କର ସ୍ୱପ୍ନ ଥିଲା । କବି ରବୀନ୍ଦ୍ରନାଥ ଠାକୁର ଯେଉଁ ଭାରତୀୟ ମାନସକୁ ଆହ୍ୱାନ କରିଥିଲେ;

"ହେ ମୋର ଚିତ୍ତ ପୁଣ୍ୟ ତୀର୍ଥ
ଜାଗରେ ଧୀରେ
ଏହି ଭାରତର ମହାମାନବର
ସାଗର ତୀରେ ।"

କାହିଁ ସେହି ମହାମାନବ, ମହାଜାତୀୟତା-ବୋଧ ? ମହାତ୍ମାଗାନ୍ଧୀ ଯେଉଁ ମହାଜାତୀୟତା ବୋଧପାଇଁ ସାମାଜିକ, ଅର୍ଥନୈତିକ, ରାଜନୈତିକ କ୍ଷେତ୍ରରେ ଜନସାଧାରଣଙ୍କୁ ଅନୁପ୍ରାଣିତ କରିଥିଲେ,

Digitized by srujanika@gmail.com

ବିଭିନ୍ନ କାର୍ଯ୍ୟକ୍ରମ ଓ ଆନ୍ଦୋଳନର ବନ୍ୟା ଏ ଦେଶରେ ପ୍ରବାହିତ କରିଦେଇଥିଲେ, କାହିଁ ସେହି ପ୍ରେରଣାର ସ୍ରୋତ ? ବର୍ତ୍ତମାନ ଯେପରି ଅବସ୍ଥା, ଭଗବାନ ନକରନ୍ତୁ, ଯଦି କେନ୍ଦ୍ରରେ ଗୋଟିଏ ବଳିଷ୍ଠ ସରକାର ନ ରହେ, ତା'ହେଲେ ଏ ଦେଶ ଖଣ୍ଡବିଖଣ୍ଡିତ ହୋଇଯାଇ ପ୍ରବଳ ଅନ୍ତର୍ବିବାଦ ଓ ଗୃହଯୁଦ୍ଧରେ ଲିପ୍ତ ହୋଇଯିବ, ଯାହାକି ବର୍ତ୍ତମାନ କଙ୍ଗୋ, ନାଇଜେରିଆ ପ୍ରଭୃତି ଆଫ୍ରିକାର ବଡ଼ ବଡ଼ ଦେଶରେ ହେଉଚି ।

ତେଣୁ ଯେତେବେଳେ ଜାତୀୟତାର ସ୍ରୋତ ଶୁଷ୍କ ହୋଇ ଆସୁଚି ଓ ଚାରିଆଡ଼େ ଅରାଜକତାର ଚିହ୍ନ ପ୍ରକାଶ ପାଉଚି, କ୍ଷମତାଲୁବ୍ଧ ରାଜନୀତିଜ୍ଞଗଣ ଏଥିରେ ଉଦ୍‌ବେଗ ପ୍ରକାଶ କରିବା ଦୂରେ ଥାଉ, ଏହାର ସୁଯୋଗ ଉଣ୍ଡୁଛନ୍ତି, ସେତେବେଳେ ଜଣେ ବିଖ୍ୟାତ ଆଇରିସ୍‌-କବି ଉଇଲିଅମ୍ ବଟଲର ୟିଟ୍‌ସ୍‌ଙ୍କ କଥା ମନେପଡ଼େ । ସେ କହିଥିଲେ, "ନିକୃଷ୍ଟ ଶ୍ରେଣୀର ଲୋକେ ନିଜର ସ୍ୱାର୍ଥବୃଦ୍ଧିରେ ଉଦ୍‌ବୁଦ୍ଧ ହୋଇଥିବାବେଳେ, ଉତ୍କୃଷ୍ଟ-ଶ୍ରେଣୀର ଲୋକଙ୍କର କୌଣସି ଉଚ୍ଚ ଲକ୍ଷ୍ୟ ବା ଆତ୍ମବିଶ୍ୱାସ ନାହିଁ (The best lack conviction, while the worst are full of passionate intensity) ।"


ଏ ଲକ୍ଷ୍ୟ କ'ଣ ହେବା ଉଚିତ, ତାହା ବୋଧହୁଏ ବିଶେଷ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ । ଭାରତର ଅଖଣ୍ଡତା ଏବେ ମଧ୍ୟ ଆସିନାହିଁ । ୧୯୪୭ ମସିହାରେ ଏ ଦେଶର ବିଭାଜନ ଏକ ରାଜନୈତିକ ସୁବିଧାବାଦ, ଧର୍ମାନ୍ଧତା ଆଗରେ ଆତ୍ମସମର୍ପଣ । ଯେତେ ଦିନ ପର୍ଯ୍ୟନ୍ତ ଭାରତ ଭାଗ ଭାଗ ହୋଇ ରହିଚି, ଭାରତ ପୃଥିବୀରେ ନିଜକୁ ଏକ ବିରାଟଶକ୍ତିରୂପେ ପ୍ରତିଷ୍ଠିତ କରି ପାରିବ ନାହିଁ । ଆମକୁ ସ୍ୱୀକାର କରି ନେବାକୁ ହେବ ଯେ ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା ସତ, କିନ୍ତୁ ଭାରତୀୟ ଜାତୀୟତା ହାର ମାନିଗଲା ଏବଂ ଏବେ ମଧ୍ୟ ହାର ମାନି ରହିଚି । ତେଣୁ ଏ ପରାଜୟକୁ ବିଜୟରେ ପରିଣତ କରିବାକୁ ହେବ ଏବଂ ସେଥିପାଇଁ ଦେଶର ନବଯୁବକଗଣ ଉଦ୍‌ବୁଦ୍ଧ ହେବା ଆବଶ୍ୟକ । କେତେକ ମନେ କରୁଛନ୍ତି, ଏହା ଯୁଦ୍ଧରେ ହେବ । ସେ ବାଟରେ ଏହା ହେବନାହିଁ । ଭାରତ ଭିତରେ ସାଂପ୍ରଦାୟିକ ସଂପ୍ରୀତି, ବନ୍ଧୁତ୍ୱ ଓ ଏକତା ବଳରେ ଏହା ସମ୍ଭବ ହୋଇ-ପାରିବ । ଏହାହିଁ ଭାରତର ଭବିତବ୍ୟ ଓ ମହାତ୍ମା ଗାନ୍ଧୀଙ୍କର ଅପୂର୍ଣ୍ଣ ଇଚ୍ଛା ।

ଭାରତ ପ୍ରତି ଅନ୍ୟ ଏକ ଐତିହାସିକ ଆହ୍ୱାନ ହେଉଚି, ନବଜାଗ୍ରତ ଏସିଆ ଓ ଆଫ୍ରିକାର ଦେଶମାନଙ୍କ ମଧ୍ୟରେ ଭାରତ ନିଜକୁ ଏକ ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ ଦେଶରୂପେ ପ୍ରତିଷ୍ଠିତ କରିବା । ଅତୀତରେ ଯେତେ ଭାବର ଆଦାନ ପ୍ରଦାନ ହେଉନା କାହିଁକି, ଚୀନ ଓ ଭାରତ ଏସିଆରେ ନିଜର ନେତୃତ୍ୱପାଇଁ ଉଦ୍ୟମ କରି ଆସିଛନ୍ତି । ଦକ୍ଷିଣ ପୂର୍ବ ଏସିଆ

Digitized by srujanika@gmail.com

ହେଉଛି ଏହି ଐତିହାସିକ ପ୍ରତିଯୋଗିତାର ସାକ୍ଷୀ-ଭୂମି । ଚୀନ ବଳପ୍ରୟୋଗ କରି ନିଜର ଭାଷା, ସଂସ୍କୃତି ଓ ଶାସନପ୍ରଣାଳୀ ପ୍ରଚଳନ କରିବାର ଉଦ୍ୟମ କରି ଆସିଛି । ଭାରତ ବଳପ୍ରୟୋଗ ନକରି ନିଜର ଉତ୍କୃଷ୍ଟତର, ଉନ୍ନତତର ସଭ୍ୟତା ଓ ଜୀବନଧାରା ଦ୍ୱାରା ସେମାନଙ୍କୁ ଅନୁପ୍ରାଣିତ କରିଛି । ଏସବୁ ଦେଶର ଭାଷା, ଧର୍ମ, ଆଚାର, ବ୍ୟବହାର, କଳା, ଭାସ୍କର୍ଯ୍ୟ ସବୁଥିରେ ଭାରତର ଏହି ଐତିହାସିକ ବିଜୟ ଅଙ୍କିତ ହୋଇ ରହିଛି । ଭାରତ ସ୍ୱୀକୃତ ବା ନସ୍ୱୀକୃତ ଏହାହିଁ ହେଉଛି ତାର ଭବିତବ୍ୟ ଏବଂ ପରିବର୍ତ୍ତିତ ଯୁଗପ୍ରବାହରେ ତାହା ପୂର୍ଣ୍ଣ କରିବାକୁ ହେଲେ ଏ ଦେଶକୁ ଅଚିରେ ସାମାଜିକ, ଅର୍ଥନୈତିକ, ସାମରିକ କ୍ଷେତ୍ରରେ ଏକ ଶକ୍ତିଶାଳୀ ରାଷ୍ଟ୍ରରୂପେ ଠିଆହେବାକୁ ହେବ ।

କିନ୍ତୁ ଭାରତର ବୈଜ ପତାକା ପୁଣି ଥରେ ଉଡ଼ାଇବାକୁ ହେଲେ ଶାସକବର୍ଗଙ୍କ ସାଥରେ ଏହାର ପ୍ରଭାବଶାଳୀ ସଂଖ୍ୟାଲଘୁ ଗୋଷ୍ଠୀ ତାଙ୍କର ଐତିହାସିକ ଦାୟିତ୍ୱ ହୃଦୟଙ୍ଗମ କରିବେ କି ?




Konark
ELECTRICAL ACCESSORIES
Manufactured by
ORISSA ELECTRICAL MANUFACTURERS LTD.
INDUSTRIAL ESTATE, CUTTACK-5

Digitized by srujanika@gmail.com

# ଗଣପତି ଓ ଭାଦ୍ରଶୁକ୍ଳ ଚତୁର୍ଥୀ

ହିନ୍ଦୁ ଧର୍ମର ଦେବ-ଦେବୀଙ୍କ ମଧ୍ୟରେ ଗଣପତିଙ୍କୁ ପ୍ରଧାନ ସ୍ଥାନ ଦିଆଯାଏ । ସେ ସମସ୍ତ ଲୋକରେ ଆଗ ପୂଜା ପାଇଥାନ୍ତି । ଦେବୀଶକ୍ତିର ଆରାଧନା-ପାଇଁ ଯେଉଁ ପଞ୍ଚଦେବତାଙ୍କୁ ପ୍ରଥମେ ଆବାହନ କରାଯାଏ, ସେମାନଙ୍କ ମଧ୍ୟରେ ଗଣେଶ ହେଉଛନ୍ତି ସର୍ବପ୍ରଥମ (ଗଣ, ନାରାୟଣ, ରୁଦ୍ର, ଅମ୍ବିକା, ଭାସ୍କର) । କାରଣ ସେ ବିଘ୍ନେଶ ବା ସମସ୍ତ ବିଘ୍ନର ବିନାଶକାରୀ । ଯେକୌଣସି ପୂଜା, ହୋମ, ଯଜ୍ଞ ବା ସତ୍କର୍ମର ଆରମ୍ଭବେଳେ ତାଙ୍କର ସହାୟତା ଏକାନ୍ତ ଆବଶ୍ୟକ ।

## ଜ୍ଞାନ ଓ ମୋକ୍ଷର ଅଧୀଶ୍ୱର

ଗଣପତିଙ୍କର ପ୍ରଧାନ ଆଠଟି ନାମ ହେଉଛି—ଗଣେଶ ବା ଗଣାଧିପ, ବିନାୟକ ବା ବିଘ୍ନେଶ, ଲମ୍ବୋଦର, ହେରମ୍ବ, ଗଜାନନ, ଏକଦନ୍ତ, ସୂର୍ପକର୍ଣ୍ଣ ଓ ଗୁହାଗ୍ରଜ । ଏହିପରିଭାବରେ ଏହି ଆଠଟି ନାମର ଅର୍ଥ କରାଯାଏ ।

ସେ ଗଣେଶ ବା ଶିବଗଣମାନଙ୍କର ସେନାପତି । ଗଣେଶର ଅନ୍ୟ ଅର୍ଥ ହେଉଛି—ଗ-ଜ୍ଞାନବାଚକ, ଣ-ମୋକ୍ଷ-ଦାୟକ, ଏହି ଉଭୟ ଜ୍ଞାନ ଓ ମୋକ୍ଷର ଯେ ଈଶ, ଅଧୀଶ୍ୱର :—

ଜ୍ଞାନାର୍ଥବାଚକୋ ଗ-ଶ୍ଚ
ଣ-ଶ୍ଚ ନିର୍ବାଣବାଚକଃ
ତୟୋରୀଶଂ ପରଂବ୍ରହ୍ମ
ଗଣେଶଂ ପ୍ରଣମାମ୍ୟହମ୍’’ ।

ବିନାୟକ ବା ବିଘ୍ନେଶର ଅର୍ଥ ହେଉଛି, ସେ ସମସ୍ତ ବିଘ୍ନ ବା ବିପଦର ଖଣ୍ଡନ-କରିବା ଅର୍ଥରେ ନାୟକ ବା ବିଘ୍ନନାଶନକାରୀ । ସେ ଲମ୍ବୋଦର, କାରଣ ବିଷ୍ଣୁ ଓ ଶିବ ଉଭୟଙ୍କ ଅର୍ପିତ ନୈବେଦ୍ୟ ଓ ଭକ୍ତଗଣ ଯେଉଁ ଭୋଗ ଅର୍ପଣ କରନ୍ତି ତାହା ଭକ୍ଷଣ କରି ତାଙ୍କର ଉଦର ବଡ଼ ହୋଇଯାଇଛି । ତାଙ୍କର ହେରମ୍ବ ନାମକରଣ ହେଉଛି—ହେ-ଦୀନାର୍ଥବାଚକ, ରମ୍ବ—ପାଳନାର୍ଥବାଚକ, ଅର୍ଥାତ୍ ସେ ଦରିଦ୍ର ଲୋକମାନଙ୍କର ପାଳନକାରୀ । ଗଜାନନ, ଏକଦନ୍ତ, ସୂର୍ପକର୍ଣ୍ଣ : ତାଙ୍କର ଏହି ତିନୋଟି ନାମ ତାଙ୍କ ମୁଣ୍ଡ ହାତୀର ମୁଣ୍ଡ ଥିବାଯୋଗୁଁ ହୋଇଛି ; ଏବଂ ତାଙ୍କର ହାତୀମୁଣ୍ଡ ସଂକ୍ରାନ୍ତ ଗଳ୍ପ ପରେ ଉଲ୍ଲେଖ କରାଯାଉଛି । ସେ ଗୁହାଗ୍ରଜ—ଗୁହ-କାର୍ତ୍ତିକଙ୍କର ଅଗ୍ରଜ-ବଡ଼ଭାଇ ଅର୍ଥାତ୍ କାର୍ତ୍ତିକଙ୍କ ପୂର୍ବରୁ ସେ ଶିବଙ୍କ ଗୃହରେ ପ୍ରଥମଜାତ ସନ୍ତାନ ।

## ଗଜାନନ

ଗଣେଶ ଶିବଙ୍କ ଗୃହରେ କାର୍ତ୍ତିକେୟଙ୍କ ପୂର୍ବରୁ ଜାତ ହୋଇଥିଲେ

Digitized by srujanika@gmail.com

ମଧ୍ୟ ଶିବ-ପାର୍ବତୀଙ୍କ ଔରସରୁ ତାଙ୍କର ଜନ୍ମ ହୋଇନାହିଁ । ସେ ପାର୍ବତୀଙ୍କର ମାନସପୁତ୍ର (ବନ୍ଦେ ଶୈଳସୁତାସୁତଂ) । ପୁରାଣରେ କଥିତ ଅଛି ଯେ ଶିବ ବହୁକାଳ ତପସ୍ୟାରତ ଥିବାବେଳେ ପାର୍ବତୀ ନିଜକୁ ଏକାକିନୀ ଅନୁଭବ କରି ମନେମନେ ଏକ ସୁନ୍ଦର ପୁତ୍ରର କାମନା କଲେ ଓ ସଙ୍ଗେ ସଙ୍ଗେ ଏହିପୁତ୍ରର ଆବିର୍ଭାବ ହେଲା । ଅନ୍ୟ କିମ୍ବଦନ୍ତୀ ହେଉଛି, ସେ ନିଜ ଦେହର ହଳଦୀମଳିକୁଟିରୁ ଏକ ବାଳକର ମୂର୍ତ୍ତି ନିର୍ମାଣ କରି ତାଙ୍କୁ ଜୀବନ୍ୟାସ ଦେଲେ । ଏହି ପୁତ୍ର କାଳକ୍ରମେ ବଲୀୟାନ ହୋଇ ମାତାଙ୍କର ଦ୍ୱାରରକ୍ଷକରୂପେ କାର୍ଯ୍ୟ କଲେ । ଏହିସମୟରେ ଶିବ ଫେରିଆସନ୍ତି ଏହିପୁତ୍ର ତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ । ଶିବ ମଧ୍ୟ ନିଜ ଗୃହଦ୍ୱାରରେ ଏପରି ଜଣେ ଲୋକ ତାଙ୍କର ପଥରୋଧ କରୁଥିବାର ଜାଣିପାରି କ୍ରୋଧରେ ଶୀଘ୍ର ତାଙ୍କର ମସ୍ତକ ଛେଦନ କଲେ, ମାତ୍ର ପରେ ନିଜର ଭ୍ରମ ବୁଝିପାରି ଓ ପାର୍ବତୀଙ୍କର ଶୋକ ଦେଖି ପୁଣି ଏହି ମୁଣ୍ଡକୁ ଯୋଡ଼ିବାକୁ ବାହାରନ୍ତି ତ ଦେଖିଲେ ଯେ ଜଣେ ରାକ୍ଷସୀ ସେହି ମସ୍ତକକୁ ଅପହରଣ କରିଛି । ତେଣୁ ସେ ଶିବଗଣଙ୍କୁ ପଠାଇଲେ ଶୀଘ୍ର ମସ୍ତକର ଅନୁସନ୍ଧାନରେ । ସେମାନେ ମସ୍ତକକୁ ନ ପାଇ ଏକ ଶୋଇଥିବା ଶ୍ୱେତହସ୍ତୀର ମସ୍ତକକୁ ଛେଦନ କରି ଆଣି ପହଞ୍ଚାଇ ଦେଲେ । ଏହି ମସ୍ତକଯୋଗୁଁ ଗଣପତି ହେଲେ ଗଜାନନ ।

ଅନ୍ୟ କିମ୍ବଦନ୍ତୀ ହେଉଛି ପାର୍ବତୀ ନିଜର ସୁନ୍ଦର ପୁତ୍ରଙ୍କୁ ଦେଖିବାପାଇଁ ଦେବଗଣଙ୍କୁ ଆହ୍ୱାନ କଲେ । ଏମାନଙ୍କ ମଧ୍ୟରେ ଥିଲେ ଶନିଗ୍ରହ । ସେ ଆଖି ପକାଇଛନ୍ତି କି ନାହିଁ, ଗଣେଶଙ୍କ ମୁଣ୍ଡ ଜଳି ପାଉଁଶ ହୋଇଗଲା । ତା' ସ୍ଥାନରେ ଆଉ ଗୋଟିଏ ମୁଣ୍ଡ ଖୋଜାହୋଇ ହାତୀମୁଣ୍ଡ ଆସିଲା; କିନ୍ତୁ ହାତୀର ତ ଯୋଡ଼ିଏ ଦାନ୍ତ । ଗଣେଶଙ୍କର ପୁଣି ଗୋଟିଏ ଦାନ୍ତ ହେଲା କିପରି ? ଗଜାସୁର ଯେତେବେଳେ ଦେବତାମାନଙ୍କୁ ବାରମ୍ବାର ପରାଜିତ କରି ସ୍ୱର୍ଗପୁରକୁ ଧ୍ୱସ୍ତବିଧ୍ୱସ୍ତ କଲା, ଗଣପତି ଦେବଗଣଙ୍କର ସେନାପତି ହୋଇ ତାକୁ ନିହତ କଲେ, ମାତ୍ର ଏହି ଯୁଦ୍ଧରେ ତାଙ୍କୁ ଗୋଟିଏ ଦାନ୍ତ ହରାଇବାକୁ ପଡ଼ିଲା । ଅନ୍ୟ କିମ୍ବଦନ୍ତୀ ସବୁ ହେଉଛି, ବୀରଭଦ୍ର, ରାବଣ ବା ପରଶୁରାମ ଜଣେ କାହାରି ସହିତ ଲଢ଼ି ତାଙ୍କର ଗୋଟିଏ ଦାନ୍ତ ଭାଙ୍ଗିଯାଇଛି ।

କିନ୍ତୁ ପେଟ ବଡ଼ ହେଉ, ହାତୀ ମୁଣ୍ଡ ହେଉ ବା ସେ ଖର୍ବ ବ୍ୟକ୍ତି ହୁଅନ୍ତୁ, ବୁଦ୍ଧି ଓ ବିଦ୍ୟାରେ ଗଣେଶଙ୍କୁ ଟପିବାପାଇଁ କେହି ନ ଥିଲେ । ଥରେ ଗଣେଶ ଓ କାର୍ତ୍ତିକେୟ ଉଭୟ ପିତା ମହେଶ୍ୱରଙ୍କ ଆଗରେ ନିଜର ବୁଦ୍ଧି, ବିଦ୍ୟାର ପରୀକ୍ଷା-ପାଇଁ ବାହାରିଲେ । ମହାଦେବ କହିଲେ, ଯେ ଆଗ ତ୍ରିଭୁବନ ବୁଲି ଆସି ତାଙ୍କ ପାଖରେ ପହଞ୍ଚିବ, ସେ ଅଧିକ ବିଦ୍ୱାନ, ବୁଦ୍ଧିମାନ୍ ବୋଲି ଜଣାଯିବ । କାର୍ତ୍ତିକେୟ ସଙ୍ଗେ ସଙ୍ଗେ ତାଙ୍କର ବାହନ ମୟୂର

Digitized by srujanika@gmail.com

ପିଠିରେ ବସିଲେ । ମୟୂର ଉଡ଼ି ପାରେ । ଗଣେଶଙ୍କର ବାହନ ମୂଷିକ । ସେ ଦେଖିଲେ ଯେ ମୂଷିକ ଉପରେ ବସି ଏ ପ୍ରତିଯୋଗିତାରେ ଯୋଗଦେବାର ମୂଲ୍ୟ ନାହିଁ । କିଛି ସମୟ ଚିନ୍ତା କଲେ । ପରେ ମହାଦେବଙ୍କ ଚାରିପଟେ ବୁଲିଆସି କହିଲେ, 'ହେ ଭଗବନ୍, ତୁମେ ତ ତ୍ରିଭୁବନର ହର୍ତ୍ତା, କର୍ତ୍ତା, ନିୟନ୍ତା । ତୁମ ଚାରିପଟେ ବୁଲି ଆସିଲେ ଯାହା, ତ୍ରିଭୁବନରେ ବୁଲି ଆସିଲେ ସେଇଆ ।''

## ଚନ୍ଦ୍ରଙ୍କ ପ୍ରତି ଅଭିଶାପ

ନିଜର ବିଦ୍ୟା, ବୁଦ୍ଧି ଓ ବଳରେ ଗଣେଶ ଦେବତାମାନଙ୍କର ପ୍ରିୟ ଓ ପୂଜ୍ୟ ହୋଇ ପାରିଥିଲେ । ବ୍ରହ୍ମା ତାଙ୍କୁ ଅଷ୍ଟସିଦ୍ଧି (ଅଣିମା, ମହିମା ଆଦି) ର ଅଧିକାରୀ କଲେ । ତାଙ୍କୁ ଅଟକା କରିବା ସହଜ କଥା ନ ଥିଲା । କିନ୍ତୁ ଦେବତାଙ୍କୁ ଏହାର ପରିଣାମ ଭୋଗ କରିବାକୁ ପଡ଼ିଲା ।

ଦିନେ ଗଣେଶ ହାତରେ ମୋଦକ ଧରି ଆନନ୍ଦରେ ଆକାଶରେ ବିଚରଣ କରୁ କରୁ ଚନ୍ଦ୍ରଲୋକରେ ପହଞ୍ଚିଛନ୍ତି, ହଠାତ୍ କାହାର ଉପହାସର ଧ୍ୱନି ଶୁଣିବାକୁ ପାଇଲେ ।

ସେ ପଛକୁ ଫେରି ଦେଖନ୍ତି ତ ଚନ୍ଦ୍ର ତାଙ୍କ ରୂପକୁ ଚାହିଁ ହସୁଛନ୍ତି । ସେ ସଙ୍ଗେ ସଙ୍ଗେ ଅଭିଶାପ ଦେଲେ, "ଯେଉଁ ରୂପ-ଗର୍ବରେ ତୁମେ ଉନ୍ମତ୍ତ, ସେ ରୂପର କିଛି ମୂଲ୍ୟ ନାହିଁ । କାରଣ ଏଣିକି ତୁମ ଆଡ଼କୁ କେହି ଭୁଲରେ ଚାହିଁବା ଅନାଇବେ ନାହିଁ । ଯଦି କେହି ସେପରି କେହି ଧୃଷ୍ଟତା କରେ, ତା'ହେଲେ ସମସ୍ତ ପାପରେ ଭାଗୀ ହେବ ।''

ଏହି ଅଭିଶାପ ଶୁଣି ଚନ୍ଦ୍ର କଳା ପଡ଼ିଗଲେ । ତାଙ୍କର ଯଦି କିଛି ଥାଏ ତ ରୂପ । ରୂପର ଗୌରବ ହେଉଛି, ଲୋକେ ତାଙ୍କୁ ଦେଖି ପ୍ରଶଂସା କରିବା । ଯଦି ଲୋକେ ତାଙ୍କ ଆଡ଼କୁ ଚାହିଁବେ ନାହିଁ, ତା'ହେଲେ ତାଙ୍କର ଅବସ୍ଥା କ'ଣ ହେବ ?

ଚନ୍ଦ୍ର ଶୋକାତୁର ହୋଇ ବ୍ରହ୍ମାଙ୍କ ପାଖରେ ପହଞ୍ଚିଲେ । ବ୍ରହ୍ମା କହିଲେ, ସେ ତ ଦୂରର କଥା; ବିଷ୍ଣୁ ବା ମହେଶ୍ୱର ତାଙ୍କୁ ସାହାଯ୍ୟ କରି ପାରିବେ ନାହିଁ । କେବଳ ନିଜେ ଗଣପତି ସନ୍ତୁଷ୍ଟ ହେଲେ ତାଙ୍କର ଶାପ ଖଣ୍ଡିତ ହେବ । ସେଥିପାଇଁ ଚନ୍ଦ୍ର ନିଜେ ପ୍ରତିମାସ ଚତୁର୍ଥୀ ତିଥିରେ ମୋଦକ ନୈବେଦ୍ୟ କରି ଗଣପତିଙ୍କର ପୂଜା କରନ୍ତୁ ।

ଚନ୍ଦ୍ର ତାହା ହିଁ କଲେ । ଚନ୍ଦ୍ରଙ୍କର ଭକ୍ତିରେ ହେଉ ବା ମୋଦକପ୍ରୀତିରେ ହେଉ, ଗଣପତି ସନ୍ତୁଷ୍ଟ ହୋଇ ଚନ୍ଦ୍ରଙ୍କ ଆଗରେ ଆବିର୍ଭୂତ ହେଲେ । ଚନ୍ଦ୍ରଙ୍କ ମୁହଁରୁ ଏଥର ହସ ଚାଲି ଯାଇଥିଲା । ସେ ଗଣେଶଙ୍କ ପାଦତଳେ ପଡ଼ିଯାଇ ପ୍ରଣିପାତ କଲେ । ଗଣପତି ଏଥର ଅତୀତର କଥା ଭୁଲିଯାଇ କହିଲେ, "କ'ଣ ବର ମାଗୁଛ, ମାଗ ।"

ଚନ୍ଦ୍ର କହିଲେ, "ଆପଣଙ୍କର ଅଭିଶାପ ପ୍ରତ୍ୟାହାର କରି ନିଅନ୍ତୁ ।''

Digitized by srujanika@gmail.com

## ଭାଦ୍ର ଶୁକ୍ଳ ଚତୁର୍ଥୀ

ଗଣପତି ଉତ୍ତର ଦେଲେ, "ଅଭିଶାପ ତ ପୁଣି ପ୍ରତ୍ୟାହାର କରାଯାଇ ପାରେ ନାହିଁ; କିନ୍ତୁ ଯେତେବେଳେ ମୁଁ ତୁମ ଉପରେ ସନ୍ତୁଷ୍ଟ ହୋଇଛି, ମୁଁ ଏହିପରି-ଭାବରେ ତା'ର ସଂଶୋଧନ କରି ଦେଉଛି । ଯେ ତୁମକୁ କେବଳ ଶୁକ୍ଳ-ଚତୁର୍ଥୀରେ ଦେଖିବ, ସେ ବର୍ଷକପାଇଁ ପାପଭାଗୀ ହେବ, କିନ୍ତୁ ସେ ପାପ ମଧ୍ୟ ରହିବ ନାହିଁ, ଯଦି ଶୁକ୍ଳପକ୍ଷରେ ଚତୁର୍ଥୀ ପୂର୍ବରୁ ତୁମକୁ କେହି ଦେଖିଥିବ ।"

ସେହିଦିନଠାରୁ ଶୁକ୍ଳ ଦ୍ୱିତୀୟାର ଜହ୍ନ ପୃଥିବୀରେ ପ୍ରସିଦ୍ଧ ହୋଇଗଲା ଓ ସବୁ ଲୋକ ଏହାକୁ ଦେଖିବାକୁ ଆକାଂକ୍ଷିତ ହେଲେ ।

ଚନ୍ଦ୍ର ଏଥିରେ ଅତିଶୟ କୃତକୃତ୍ୟ ଅନୁଭବ କରି ଗଣେଶଙ୍କୁ ପ୍ରାର୍ଥନା କଲେ, "ବର୍ଷକରେ ଏପରି ଗୋଟିଏ ଦିନ କହନ୍ତୁ, ଯେଉଁଦିନ ଆପଣଙ୍କୁ ପୂଜା କଲେ ଆପଣଙ୍କର ସବୁଠାରୁ ଅଧିକ ସନ୍ତୋଷ ହେବ ଏବଂ ସମସ୍ତେ ଅଧିକ ଫଳ ଲାଭ କରିବେ" ।

ଗଣେଶ ଉତ୍ତର ଦେଲେ, "ଯଦି ଭାଦ୍ର ଶୁକ୍ଳ ଚତୁର୍ଥୀ ଦିନ ମୋର ମୃଣ୍ମୟମୂର୍ତ୍ତି ନିର୍ମାଣ କରି ଭକ୍ତିର ସହିତ ପୁଷ୍ପ, ନୈବେଦ୍ୟ ବିଶେଷରେ ମୋଦକ ସହିତ ମୋର ପୂଜା କରାଯାଏ, ତା'ହେଲେ ମୁଁ ସବୁଠାରୁ ପ୍ରୀତ ହେବି ଓ ଭକ୍ତମାନଙ୍କର ସମସ୍ତ ବିଘ୍ନ ବିନାଶ କରିବି । ସେମାନଙ୍କୁ ମୁଁ ଧନ, ଧାନ୍ୟ, ଜନ୍ମ ଓ ସିଦ୍ଧି ଦାନ କରିବି" ।

ସେହିଦିନଠାରୁ ଭାଦ୍ର ଶୁକ୍ଳ ଚତୁର୍ଥୀ ଗଣପତିଙ୍କର ପୂଜାପାଇଁ ପ୍ରସିଦ୍ଧ ହୋଇଗଲା ।

---

VISIT

MALNI CAFE MADRAS HOTEL

SAMBALPUR

*Specialist for Ice Cream, Badammilk Fruit Jelly and other Cold items, and best South Indian tiffin and meals.*

Digitized by srujanika@gmail.com

ଶୁଦ୍ଧ ବିଚାର ଓ ଆଚରଣ ଦ୍ୱାରା
ଗଣତନ୍ତ୍ରର ସୁରକ୍ଷା ସମ୍ଭବ



# ଗଣତନ୍ତ୍ର

—ଡକ୍ଟର ରାଧାକୃଷ୍ଣନ

ବିଶ୍ୱାସରେ ଦୃଢ଼ତା ଓ ଆଚରଣରେ ବିନୟଦ୍ୱାରା ହିଁ ଗଣତନ୍ତ୍ରର ରକ୍ଷା କରାଯାଇ ପାରେ । ଅନେକ ସମୟରେ ଆମେ ଅନ୍ୟମାନଙ୍କଠାରୁ ନିଜକୁ ବଡ଼ ବୋଲି ମନେ ନ କଲେ ମଧ୍ୟ, ଅନ୍ୟମାନଙ୍କ ପରି ଉତ୍କୃଷ୍ଟ ଶ୍ରେଣୀର ବୋଲି ମନେ କରୁ । ପ୍ରଶ୍ନ ହେଉଛି ଆମେ ଯାହା ହେବା ଉଚିତ, ତାହା ଆମେ ହେଉଛୁ କି ? ବାରମ୍ବାର ଆତ୍ମପରୀକ୍ଷା କରିବା ହେଉଛି ପ୍ରକୃତ ଗଣତନ୍ତ୍ରପ୍ରେମୀର କର୍ତ୍ତବ୍ୟ । ଏହି ଆତ୍ମପରୀକ୍ଷା ଦ୍ୱାରା ହିଁ ନିଜର ଭୁଲ ଜଣାପଡ଼ିଯାଏ ଓ ଆତ୍ମାଭିମାନ ଓ ଅହଂକାର ଦୂର ହୁଏ । ନିଜେ ଯାହା କରୁଛି ସବୁ ଠିକ୍ ଓ ନିଜେ ଅନ୍ୟମାନଙ୍କଠାରୁ ଉଚ୍ଚରେ ବୋଲି ଯେଉଁ ଅହଂକାର, ତାହା ଗଣତାନ୍ତ୍ରିକ ଧାରଣାର ବିରୋଧୀ ।

## ବିନୟ

ବିନୟ ଏକ ସଂସ୍କୃତ ଶବ୍ଦ, ଯାହାର ଅର୍ଥ ହେଉଛି ଉଭୟ ନମ୍ରତା ଓ ଶୃଙ୍ଖଳା । ଏକ ଶିକ୍ଷିତ, ଶକ୍ତିଶାଳୀ ବିଜ୍ଞ ଜନମତ ହିଁ ଗଣତାନ୍ତ୍ରିକ ପ୍ରଣାଳୀକୁ ସୁସ୍ଥ ଓ ସୁଦୃଢ଼ କରିପାରେ । କେବଳ ଏହି ଜନମତ ଦ୍ୱାରା ହିଁ ଦୁର୍ନୀତି, କୁଶାସନ ଓ ଶାସନଗତ

Digitized by srujanika@gmail.com

ଅପାରଗତା ଦୂର କରାଯାଇ ପାରେ । ଯେଉଁମାନେ ମନ୍ତ୍ରିମଣ୍ଡଳରେ, ଶାସନ କ୍ଷେତ୍ରରେ କିମ୍ବା ବଡ଼ ବଡ଼ କଳ-କାରଖାନାରେ କାମ କରୁଛନ୍ତି, ସେମାନଙ୍କର ସଂକୀର୍ଣ୍ଣ, କ୍ରୋଧଖୋର ଓ ପ୍ରଭୁତ୍ୱର ମନୋବୃତ୍ତି ପରିହାର କରିବା ଉଚିତ ହେବ। ଯେମାନେ ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥ ସହିତ ନିଜକୁ ମିଶାଇ ଦେଇ ଜନସାଧାରଣଙ୍କ ମଧ୍ୟରେ ଦେଶର ଭବିଷ୍ୟତ ନିର୍ମାଣପାଇଁ ଏକ ଗର୍ବ ଓ ଗୌରବ-ବୋଧ ଜାଗ୍ରତ କରି ପାରିବେ । ଏକ ଦୃଢ଼, ଦକ୍ଷ, ଦୁର୍ନୀତିହୀନ କର୍ମଚାରୀ ଗୋଷ୍ଠୀ ଗଣତାନ୍ତ୍ରିକ ଶାସନର ମୂଳଭିତ୍ତି । ତେଣୁ ଶାସନକଳରେ ଅଯଥା ହସ୍ତକ୍ଷେପ ଯେପରି ନ ହୁଏ, ସେଥିପ୍ରତି ସଜାଗ ଦୃଷ୍ଟି ଦେବାକୁ ପଡ଼ିବ, ତା'ନ ହେଲେ ଏକ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇ ଶାସନକଳ ଦୁର୍ବଳ ହୋଇ ପଡ଼ିବ । ଦୁର୍ଭାଗ୍ୟର କଥା, ସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବହୁ ବ୍ୟକ୍ତି ଓ କର୍ମଚାରୀଙ୍କ ବିରୁଦ୍ଧରେ ଏବେ ଦୁର୍ନୀତିର ଅଭିଯୋଗ ଶୁଣିବାକୁ ମିଳୁଛି । ଏହିସବୁ ଅଭିଯୋଗ ଅତିରଞ୍ଜିତ ହୋଇ ପାରିଥାଏ। କିନ୍ତୁ ଅଭିଯୋଗ ଯେ ହେଉଛି, ତାହା ଏକ ରାଜନୈତିକ ସତ୍ୟ ଏବଂ ତାହା ଭୁଲିଗଲେ ଚଳିବ ନାହିଁ ।

## ଛାତ୍ର ବିଶୃଙ୍ଖଳା

ଏବେ ବାଲିକା, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ନାହିଁ ନଥିବା ବିଶୃଙ୍ଖଳା ଦେଖିବାକୁ ମିଳୁଛି । ଏହା ଏକ ଦୁର୍ଭାଗ୍ୟ-ଜନକ ପରିସ୍ଥିତି ଓ ଏଥିରୁ କମ୍ ଆଶଙ୍କା ଓ ଉଦ୍‌ବେଗ ଜନ୍ମୁନାହିଁ । ଆମେ ଏଦେଶରେ ବଡ଼ ବଡ଼ କଳ, କାରଖାନା, ଯୋଜନା ଓ କାର୍ଯ୍ୟକ୍ରମମାନ କରୁଛୁ ଓ ସେଥିରେ ଇଟା, ପଥର, ଇସ୍ପାତ, ସିମେଣ୍ଟ ବହୁ ପରିମାଣରେ ବ୍ୟୟିତ ହେଉଛି । କିନ୍ତୁ ଆମକୁ ମନେ ରଖିବାକୁ ହେବ, ଯାହା ଉପରେ ଆମର ଦେଶର ଭବିଷ୍ୟତ ନିର୍ଭର କରେ, ସେ ହେଉଛି ଯୁବଶକ୍ତି । ଯଦି ସ୍କୁଲ ଓ କଲେଜରେ ପଢ଼ୁଥିବା ଏହି ଯୁବକ, ଯୁବତୀମାନେ ବ୍ୟର୍ଥ, ଅସନ୍ତୁଷ୍ଟ, ବିକ୍ଷୁବ୍ଧ ହୋଇ ତାଙ୍କର ପ୍ରଧାନ କର୍ତ୍ତବ୍ୟ ଅଧ୍ୟୟନରେ ମନୋନିବେଶ କରନ୍ତି ନାହିଁ, ତା'ହେଲେ ଏ ପରିସ୍ଥିତିର ପ୍ରତିକାର ପାଇଁ ଶୀଘ୍ର ଦୀର୍ଘସ୍ଥାୟୀ ଉଦ୍ୟମ ହେବା ବାଞ୍ଛନୀୟ ।

ଆମେମାନେ ସମାଜବାଦର କଥା କହିବାବେଳେ ଏହା ସହିତ ଏକ ଉଚ୍ଚ-କୋଟିର ଆଚରଣ ଜଡ଼ିତ ବୋଲି ଭୁଲିଗଲେ ଚଳିବ ନାହିଁ । ସମାଜବାଦ ଏକ ମନର ବିଚାର, ଏକ ବ୍ୟବହାରିକ ବିଷୟ, ଏକ ଜୀବନଯାତ୍ରା ପ୍ରଣାଳୀ । ଏକ ସମାଜବାଦୀ ରାଷ୍ଟ୍ରରେ ବ୍ୟକ୍ତିଗତ ସ୍ୱାର୍ଥର ସ୍ଥାନ ନାହିଁ । ଜାତିର ସାମୂହିକ ମଙ୍ଗଳ-ପାଇଁ ଏହା ପରିତ୍ୟାଗ କରିବାକୁ ହେବ । ସମାଜବାଦ ଲକ୍ଷ୍ୟରେ ସମାଜର ଏହି ନବ-ନିର୍ମାଣପାଇଁ ଏକ ନୂତନ ପରିବର୍ତ୍ତିତ ବ୍ୟକ୍ତିତ୍ୱର ଆବଶ୍ୟକତା ବେଶୀ ।

Digitized by srujanika@gmail.com

## ସମାଜର ବ୍ୟାଧି

୧୯୨୫ ମସିହାରେ ମହାତ୍ମାଗାନ୍ଧୀ ଆମ ସମାଜର ସାତଟି ବ୍ୟାଧି ସମ୍ପର୍କରେ ଯାହା କହିଥିଲେ, ତାହା ଏଠାରେ ଉଲ୍ଲେଖ କରାଯାଇ ପାରେ । ସେହିସବୁ ବ୍ୟାଧି ହେଉଛି—ନୀତିହୀନ ରାଜନୀତି, ଅନୁପାର୍ଜିତ ସମ୍ପତ୍ତି, ବିବେକ-ବିହୀନ ଆମୋଦ, ଚରିତ୍ର ବିନା ଜ୍ଞାନାର୍ଜ୍ଜନ, ନୈତିକତା ହୀନ ବ୍ୟବସାୟ, ମାନବିକତା ବହିର୍ଭୂତ ବିଜ୍ଞାନ, ତ୍ୟାଗହୀନ ଉପାସନା । ବହୁ ଅଭାବ, ଅସୁବିଧା ଅଛି, ଜନସାଧାରଣଙ୍କର କେତେକ ଅପରିହାର୍ଯ୍ୟ, ମୌଳିକ ଦାବୀ, ଆଶା, ଆକାଙ୍‌କ୍ଷା ରହିଛି, ତାହା ଶୀଘ୍ର ପୂରଣ କରିବାକୁ ହେବ । ବିଳମ୍ବ ବା ବ୍ୟର୍ଥତାପାଇଁ କେହି ଅପେକ୍ଷା କରି ପାରିବେ ନାହିଁ । ଆମର ଭବିଷ୍ୟତ ନିର୍ମାଣ-ପାଇଁ ଆମକୁ ସମସ୍ତ ଶକ୍ତି ଦେଇ ଲାଗିବାକୁ ହେବ —

କୁରୁ ପୌରୁଷମ୍ ଆତ୍ମଶକ୍ତ୍ୟା ।*

---

* ଉତ୍କଳର ରାଧାକୃଷ୍ଣନଙ୍କର 'ଲେଖା ଓ ବକ୍ତୃତାମାଳା'ରୁ ସଂଗୃହୀତ ।

With the best Compliments of :

Gram "SAMBHUNATH" Phone : 2679

**SAMBHUNATH & COMPANY**

Post Box No. 31

***MAIN ROAD, ROURKELA-1***

Distributors For D & H Secheron Electrodes manufactured
by M/s. D & H Secheron Electrodes Private Limited.
Indore (M. P.) in technical collaboration with
S. A. des Ateliers de Secheron, Geneva, Switzerland :
and
Decabinol Degreasing Compound
(Solvent Base Multipurpose Cleaner)


Digitized by srujanika@gmail.com

# ଆପଣଙ୍କ ଲାଇବ୍ରେରୀର ଶ୍ରୀବୃଦ୍ଧି କରନ୍ତୁ

| | | | |
|---|---|---|---|
| ତୁଳସୀ ରାମାୟଣ | ଅନୁବାଦ | ପଂ. ସ୍ୱପ୍ନେଶ୍ୱର ଦାସ | ଟ ୧୪.୦୦ |
| ସର୍ଦ୍ଦାର ବଲ୍ଲଭଭାଇ ପଟେଲ | ,, | ସଚ୍ଚିଦାନନ୍ଦ କାନୁନଗୋ | ଟ ୧୫.୦୦ |
| କାହାପାଇଁ ଘଣ୍ଟା ବାଜେ | ,, | ଲାଲ ନଗେନ୍ଦ୍ର କୁମାର ରାୟ | ଟ ୭.୫୦ |
| କବାଂଡ଼ ଓ ମେରୀ / ମ୍ୟାକନଦୀରେ ଏକସପ୍ତାହ | ,, | ଲାଲ ନଗେନ୍ଦ୍ର କୁମାର ରାୟ | ଟ ୭.୫୦ |
| ମାନବ ସମାଜର କଲ୍ୟାଣ | ,, | ଲାଲ ନଗେନ୍ଦ୍ର କୁମାର ରାୟ | ଟ ୭.୦୦ |
| ଉଦାର ଚେତାର ବିବେକ | ,, | ସୁରେନ୍ଦ୍ର ନାଥ ଦାସ | ଟ ୨.୦୦ |
| ଜାତୀୟ ଜାଗରଣ ଓ ସ୍ୱାମୀ ବିବେକାନନ୍ଦ | ଲେଖକ | ଲକ୍ଷ୍ମୀନାରାୟଣ ବସୁସିଂହ | ଟ ୫.୦୦ |
| ଝଡ଼ ଓ ଛାଇ (କବିତା) | ,, | ମୁରଲୀ ମୋହନ ଜେନା | ଟ ୮.୦୦ |
| କବି ପ୍ରିୟାସୁ ,, | ,, | ନିତ୍ୟାନନ୍ଦ ମହାପାତ୍ର | ଟ ୨.୫୦ |
| ମହାବୀର ଦେହର ବିଶେଇ | ,, | ଅନନ୍ତ ଦେବନାଥ ପଟ୍ଟନାୟକ | ଟ ୨.୦୦ |

ପ୍ରକାଶକ ଓ ବିକ୍ରେତା—ଇଷ୍ଟ ୱେଷ୍ଟ ପୁସ୍ତକ ଭଣ୍ଡାର
ବାଙ୍କା ବଜାର କଟକ—୨


Digitized by srujanika@gmail.com



# ଆଜିର ପ୍ରାର୍ଥନା

**କାକା କାଲେଲକର**

ଆମେ ନିୟମିତ ପ୍ରାର୍ଥନା କରୁ । ଆଗ୍ରହାତିଶଯ୍ୟରେ ଆମେ ଏହା ଆରମ୍ଭ କରୁ, କିନ୍ତୁ କାଳକ୍ରମେ ଏହା ଯନ୍ତ୍ରଚାଳିତ-ବତ୍ ଏକ ଦୈନନ୍ଦିନ ରୁଟିନରେ ପରିଣତ ହୋଇଯାଏ । ଏପରି ହେବା ଉଚିତ ନୁହେଁ । ପ୍ରାର୍ଥନାରେ ବିଶିଷ୍ଟ ଶକ୍ତି ନିହିତ ଅଛି । ଯଦି ଆମେ ଏକାଗ୍ରଚିତ୍ତରେ ନିଷ୍ଠାର ସହିତ ପ୍ରାର୍ଥନା କରୁ, ତା'ହେଲେ ଏହାର ଲାଭଜନକ ଫଳ ଆମେ ଅନୁଭବ କରିପାରିବା ।

ମୁଁ ପ୍ରାର୍ଥନାରେ ବିଶ୍ୱାସ କରେ ଏବଂ ଏହାର ଫଳ କ'ଣ ହେଉଛି, ତାହା ଜାଣିବାକୁ ଚେଷ୍ଟାକରେ ।

ସ୍ୱାଧୀନତା ସଙ୍ଗେ ସଙ୍ଗେ ଦେଶ ବିଭାଜନ ହେଲା, କିନ୍ତୁ ଶାନ୍ତି ଆସିଲା ନାହିଁ । ନୂଆଖାଲିରେ କିପରି ଧ୍ୱଂସର ବାତ୍ୟା ବହିଲା, ତାହା ପ୍ରତ୍ୟେକ ଲୋକ ଜାଣନ୍ତି । ସେହି ଭୟାନକ ହତ୍ୟାକାଣ୍ଡ ବନ୍ଦ କରିବା ପାଇଁ ଗାନ୍ଧିଜୀ ନୂଆଖାଲିରେ ପହଞ୍ଚି ଗାଁକୁ ଗାଁ ଓ ଘରକୁ ଘର ବୁଲିଥିଲେ । ଖାଲି ପାଦରେ ବୁଲି ଏକ ବଡ଼ ଆତ୍ମପରୀକ୍ଷାର ସେ ସମ୍ମୁଖୀନ ହୋଇଥିଲେ । ସେ ତାଙ୍କର ଲୋକପ୍ରିୟ ଭଜନ ସହିତ ଦୁଇଟି ନାମ ସେତେବେଳେ ଯୋଗକଲେ—'ଈଶ୍ୱର ଅଲ୍ଲା ତେରେ ନାମ' । ଏହାସହିତ ସେ ପୁଣି ମିଶାଇଲେ—'ସବ୍‌କୋ ସନମତି

Digitized by srujanika@gmail.com

ହେ ଭଗବାନ' । ଯେଉଁ ନାମରେ ଡକାଯାଉ ନା କାହିଁକି ସବୁ ଧର୍ମର ଦେବତା ସେହି ଜଣେ ଭଗବାନ । ତେଣୁ ସବୁ ଧର୍ମରେ ମହତ୍ତ୍ୱ ଅଛି । ସମସ୍ତଙ୍କ ମଧ୍ୟରେ ସଦ୍‌ବୁଦ୍ଧି ଜାତ ହେଉ ।

ଏହି ପ୍ରାର୍ଥନା ବିଜୁଳିବେଗରେ ପ୍ରଭାବ ପକାଇଥିଲା । ଯେଉଁଠି ସାମ୍ପ୍ରଦାୟିକ ବିବାଦ ଦେଖାଦେଲା, ଗାନ୍ଧିଜୀ ସେଠାରେ ଶାନ୍ତି ସ୍ଥାପନ କଲେ । ସେହିଦିନଠାରୁ ଆମେ ସେହି ପ୍ରାର୍ଥନାକୁ ନିଜର କରି ନେଇଛୁ । କିନ୍ତୁ ଗାନ୍ଧିଜୀଙ୍କର ଯେଉଁ ହୃଦୟର କଥା ଏହା ଭିତରେ ଥିଲା, ତାହା ଆଉ ନ ଥିବା ପରି ଜଣା ଯାଉଛି । ଏହି ଭୂମିରୁ ହୃଦ୍‌ବତ୍ତା ଯେପରି ଉଭାନ ହୋଇ ଗଲାଣି । ଆମେ ଗୋଟିଏ ଦେଶର ନାଗରିକ, ଗୋଟିଏ ଜାତିର ଲୋକ, ଏକ ମହାନ ସଂସ୍କୃତିର ଉତ୍ତରାଧିକାରୀ; ଏକଥା ଆମେ ଭୁଲି ଗଲୁଣି । ସାଂପ୍ରଦାୟିକତା ପ୍ରାଦେଶିକତା, ଭାଷା ଓ ରାଜନୀତିର ବିଭେଦ ଆମକୁ ପରସ୍ପରଠାରୁ ଦୂରକୁ ଠେଲି ଦେଲାଣି । ଆମ ନିଜ ଦେଶର ଲୋକଙ୍କୁ ଆମେ ବିଦେଶୀ ବୋଲି କହୁଛୁ । ଦେଶରେ ସନ୍ଦେହ, ଅବିଶ୍ୱାସ, ଘୃଣା, ଅଭିସନ୍ଧିର ବାତାବରଣ । କାହିଁ ସେହି ହୃଦୟର ଭାବ, ଯାହାକୁ ନେଇ ଆମେ ପ୍ରାର୍ଥନା କରିବୁ, 'ହେ ଭଗବାନ, ସମସ୍ତଙ୍କୁ ସନ୍‌ମତି ଦିଅ' ।

ଏପରି ପ୍ରାର୍ଥନା କରିବାରେ ଅଧିକାର ଆମର ଚାଲିଗଲାଣି । ଦେଶକୁ ଖଣ୍ଡ ବିଖଣ୍ଡିତ କରିବାର ଆମେ ପ୍ରସ୍ତାବ କରୁଛୁ । ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱାର୍ଥ କଥା ଚିନ୍ତା କରୁଛନ୍ତି । କେବଳ ଅନ୍ତରରେ ସଦ୍‌ଭାବନା ଜାଗ୍ରତ ହେଲେ ଆମେ ସମଗ୍ର ଜାତିର କଥା ଚିନ୍ତା କରି ପାରିବା । କିନ୍ତୁ ତାହା ହେଉନାହିଁ ।

ଏହି ପରିସ୍ଥିତି ବାସ୍ତବରେ ନୈରାଶ୍ୟ-ଜନକ ନୁହେଁ କି ? କିନ୍ତୁ ସକାଳ ହେବା ପୂର୍ବରୁ ଯେଉଁ ଘନ ଅନ୍ଧକାର ଦେଖାଯାଏ, ତାହା ଯେପରି ନୈରାଶ୍ୟଜନକ ନୁହେଁ, ସେହିପରି ଆମ ଜାତିର ଭାଗ୍ୟ ଓ ଆମର ପ୍ରେରଣାଦାୟିନୀ ସଂସ୍କୃତି ସମ୍ପର୍କରେ ଚିନ୍ତାକଲେ ଆମର ଆତ୍ମବିଶ୍ୱାସ ଜାଗ୍ରତ ହେବ । ହୃଦୟରେ ବିଶ୍ୱାସ ଥିଲେ ଆମେ ଅନୁଭବ କରି ପାରିବା ଯେ, ଈଶ୍ୱର ସର୍ବବ୍ୟାପୀ । ତାଙ୍କର ସୃଷ୍ଟି ସ୍ୱେଚ୍ଛାଚାଳିତ ନୁହେଁ, କାରଣ ସେ ହେଉଛନ୍ତି ଏହାର ନିୟନ୍ତା । ଯେତେବେଳେ ନିରାଶା ଆମକୁ ସମ୍ପୂର୍ଣ୍ଣ ଅଭିଭୂତ କରିପକାଏ, ସେତେ-ବେଳେ ଆମେ ପ୍ରକୃତ, ସମ୍ପୂର୍ଣ୍ଣ ଭକ୍ତିର ଦର୍ଶନ ପାଉଁ । ଏହି ସମୟରେ ଆମର ପ୍ରାର୍ଥନା କ'ଣ ହେବା ଦରକାର ?

ପୃଥିବୀର ସର୍ବଶ୍ରେଷ୍ଠ ଭକ୍ତ ଓ ଆଦର୍ଶ ମାନବଗଣ ଆମକୁ ଏହି ପ୍ରାର୍ଥନା ଶିକ୍ଷା ଦେଇଛନ୍ତି । ଯୀଶୁଖ୍ରୀଷ୍ଟ କହିଛନ୍ତି, ଆମର ଶରୀରର ବଞ୍ଚିବାପାଇଁ ଯେପରି ଖାଦ୍ୟ ଦରକାର, ସେହିପରି ଆଧ୍ୟାତ୍ମିକ ଖାଦ୍ୟ ମଧ୍ୟ ଦରକାର । ଯେତେବେଳେ ତାଙ୍କର ଶେଷ ପରୀକ୍ଷା ହେଲା, ସେ କହିଲେ, "ହେ ଈଶ୍ୱର, ତୁମର ଇଚ୍ଛାହିଁ ପୂର୍ଣ୍ଣହେବ" ।

Digitized by srujanika@gmail.com

ଆମେ କ'ଣ ଇଚ୍ଛାକରୁ, କ'ଣ ମାଗିବୁ, ତାହା ଜାଣୁନାହିଁ । ଈଶ୍ୱରଙ୍କ ପାଖରେ ନିଜକୁ ସମର୍ପଣ କରିବାହିଁ ସେହି ଦୃଷ୍ଟିରୁ ନିରାପଦ । ତାଙ୍କର ଯାହା ଇଚ୍ଛା, ତାହାହିଁ ହେବ, ତାହାହିଁ ପୂରଣ କରିବା ଆମର ଧର୍ମ । କେବଳ ସଚ୍ଚା ଭକ୍ତମାନଙ୍କ ମୁହଁରୁ ହିଁ ଏହି ପ୍ରାର୍ଥନା ବାହାରିବ । ଶ୍ରୀ ରାମକୃଷ୍ଣଙ୍କ ମୁହଁରୁ ଏହି ପ୍ରାର୍ଥନା ବାହାରିଥିଲା, "ମା, ତୁ ହିଁ ସବୁ, ମୁଁ କେବଳ ଗୋଟିଏ ଯନ୍ତ୍ର । ତୋ ହାତରେ ଗୋଟାଏ ଖେଳନା । ମୁଁ କିଛି ମାଗିବି ନାହିଁ । ତୋର ଯାହା ଇଚ୍ଛା ତାହାହିଁ ପୂର୍ଣ୍ଣ ହେବ । ମୋର କାର୍ଯ୍ୟ ହେଉଚି, ତୁ ଯେଉଁଥିପାଇଁ ମୋତେ ନିଯୁକ୍ତ କରିବୁ, ସେଥିପାଇଁ ପ୍ରସ୍ତୁତ ହୋଇ ରହିବା ।"

କେବଳ ଭାଗ୍ୟଦେବତା ଜାଣନ୍ତି, ଭାରତ ପାଇଁ କ'ଣ ମଙ୍ଗଳ ହେବ, ଜାତିକି ଭଲ ବା କି ମନ୍ଦ ଅଭିଜ୍ଞତା ମଧ୍ୟରେ ଯିବ । ଏହି ଅସୁବିଧାଜନକ ସମୟରେ ଆମେ ଏହା ବୁଝିବା ଉଚିତ । ଈଶ୍ୱର ଆମର ମଙ୍ଗଳ କରିବେ, ଏ ଧାରଣା ଆମର ଦୃଢ଼ୀଭୂତ ହେବା ଉଚିତ । ଆମର ହୃଦୟ ଓ ମନ ପରିଷ୍କାର ହେଉ । ଆମ ଆଗରେ ଯାହା କାର୍ଯ୍ୟ ଅଛି, ଭଗବାନଙ୍କୁ ଶ୍ରଦ୍ଧାର ସହିତ ଅର୍ପଣ କରି ନମ୍ରତାର ସହିତ ତାହା କରିବା ଉଚିତ ।

ଯେତେବେଳେ ମହାତ୍ମାଜୀ ଭାରତକୁ ଆସିଲେ, ଏ ଦେଶର ଅବସ୍ଥା ଅତିଶୟ ଶୋଚନୀୟ ଥିଲା । ସେତେବେଳେ ଆମେ ବହୁ ତଳକୁ ଖସି ଯାଇଥିଲୁ । କିନ୍ତୁ ଗାନ୍ଧିଜୀ କାହାରିକୁ ଦୋଷ ଦେଇ ନ ଥିଲେ କିମ୍ବା କାହାରିକୁ ଘୃଣା କରି ନ ଥିଲେ । ତାଙ୍କ ସମୟରେ ଯେଉଁ ଜାତୀୟ ଏକତା ଓ ଦେଶପ୍ରେମ ଜାତ ହେଲା, ହଜାରେ ବର୍ଷ ଧରି ତାହା କେବେ ହୋଇ ନ ଥିଲା । ଏବଂ ସ୍ୱାଧୀନତାର ୨୦ ବର୍ଷ ମଧ୍ୟରେ ଆମେ ପରସ୍ପରର ଦୋଷ ଦୁର୍ବଳତା ବାହାର କରିବାରେ ଲାଗିଚୁ ଓ ଚାରିଆଡ଼େ ଏକ ଘୃଣା ଓ ଅବାଦର ବାତାବରଣ ସୃଷ୍ଟି କରିଛୁ । କେବଳ ସହିଷ୍ଣୁତା, କରୁଣା, ସହଯୋଗ ଓ ସୌହାର୍ଦ୍ଦ୍ୟର ପନ୍ଥାରେ ଆମେ ଏ ଦେଶକୁ ମହାନ୍ କରି ପାରିବ । ସେଥିପାଇଁ ଏକମାତ୍ର ଉପାୟ ହେଉଚି ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରି ପ୍ରାର୍ଥନା କରିବା, "ହେ ଭଗବାନ, ତୁମର ଇଚ୍ଛା ପୂର୍ଣ୍ଣ ହେଉ, ତୁମର ଜୟ ହେଉ ।"

---

ଦେଶ ତୁମପାଇଁ କ'ଣ କରିବ, ତାହା
ଚିନ୍ତାକରନାହିଁ, ତୁମେ ଦେଶପାଇଁ
କ'ଣ କରିବ ତାହାର ଚିନ୍ତାକର ।
—ଜନ୍ ଏଫ୍ କେନେଡ଼ି

Digitized by srujanika@gmail.com

# ବାରବାଟୀ ଲଟେରୀ

## ଗୋଟିଏ ଭଲରୁ ସହସ୍ର ଭଲ !!

**ସତ୍ ତଥା ମହତ ଉଦ୍ଦେଶ୍ୟ ରଖି ସଂସାରରେ ଯେତେ କାର୍ଯ୍ୟ ହୋଇଛି ସେଥିରୁ ଆହୁରି ଅସଂଖ୍ୟ ଭଲ ଫଳ ମିଳିଛି ।**

## ବାରବାଟୀ ରାଫେଲ କ୍ଷେତ୍ରରେ ମଧ୍ୟ ତାହାହିଁ ପ୍ରମାଣିତ ହୋଇଗଲା ।

ନବ ଉତ୍କଳର ଗୋଟିଏ ଅକ୍ଷୟ କୀର୍ତ୍ତିପୀଠ ଦେଶର ଗୁରିଆଡ଼ୁ କେବଳ ଗୋଟିଏ ଲେଖା ଟଙ୍କା ସଂଗ୍ରହ କରିବାର କଳ୍ପନା ଦିନେ ହେଲା ।

ଆଜ ଦେଖା ଯାଉଛି.................

ବାରବାଟୀ ଷ୍ଟେଡ଼ିୟମ ତିଆରି କାର୍ଯ୍ୟ ଚାଲିଛି, ତା ସଙ୍ଗେ ସଙ୍ଗେ

ସେହି ପାଣ୍ଠିରୁ :—

| | |
|---|---|
| ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ | —୧,୫୨,୭୮୫-୦୦ |
| ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ | —ଟ ୫୦,୦୦୦-୦୦ |
| ନେହେରୁ ସ୍ମୃତିରକ୍ଷା ପାଣ୍ଠିକୁ | —ଟ ୨୨,୫୦୦-୦୦ |
| ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | —ଟ ୪୦,୦୦୦-୦୦ |
| ବିହାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | —ଟ ୨୦,୦୦୦-୦୦ |

ଓ ଅନ୍ୟାନ୍ୟ ଅନେକ ପାଣ୍ଠିକୁ ମଧ୍ୟ ପ୍ରାୟ ଏକଲକ୍ଷ(ଟ୧,୦୦,୦୦୦)ଟଙ୍କା ଯାଇଛି—

ଆପଣ ଆମକୁ ଟଙ୍କାଏ ଟଙ୍କାଏ ସାହାଯ୍ୟ ଦେଇ ଅନ୍ୟମାନଙ୍କୁ ସାହାଯ୍ୟ ଦେବାପାଇଁ ପଥ ପରିଷ୍କାର କରି ଦିଅନ୍ତୁ ବୋଲି ବିନୀତ ଅନୁରୋଧ ।

**ପ୍ରଥମ ପୁରସ୍କାର ଟ ୧,୦୦୦,୦୦ (ଏକଲକ୍ଷ ଟଙ୍କା)**

**ଏଥର ଉଠାଣ ତା ୧୦।୧୨।୬୭**

ବିଶେଷ ବିବରଣୀ ପାଇଁ ଲେଖନ୍ତୁ— ଅବୈତନିକ ସମ୍ପାଦକ
ବାରବାଟୀ ରାଫେଲ କମିଟୀ
କଟକ-୫


Digitized by srujanika@gmail.com

# ଚୀନର ସାଂସ୍କୃତିକ ବିପ୍ଳବ

—ସଂଜୟ

ସ୍ଥାନ—ପେକିଂର ସିଙ୍ଗ୍ ହୁଆ ବିଶ୍ୱବିଦ୍ୟାଳୟ । ସମୟ—୧୯୬୭ ଜାନୁଆରୀ ୬ ତାରିଖ ରାତି ଦଶଟା । ଶହ ଶହ ଛାତ୍ରଙ୍କ ଘେରରେ ଜଣେ ମହିଳା ଏକ ମଞ୍ଚ ଉପରେ ଠିଆହୋଇ ତାଙ୍କର ସ୍ୱାମୀଙ୍କର ନିନ୍ଦାବାଦ ଶୁଣୁଛନ୍ତି—ତାଙ୍କ ନାମ ଉଚ୍ଛୃଙ୍ଖଳ ଛାତ୍ରଦଳ ଦେଇଛନ୍ତି, 'ବିଶ୍ୱବିଦ୍ୟାଳୟର ଏକନମ୍ବର ପକେଟମାରୁ ।' ସକାଳ ପାଞ୍ଚଟାପର୍ଯ୍ୟନ୍ତ ତାଙ୍କ ବିରୁଦ୍ଧରେ, ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ନିନ୍ଦାବାଦ ଧ୍ୱନି ଚାଲିଛି, ପ୍ରଶ୍ନବାଣ ମଧ୍ୟ ଚାଲିଛି ଶେଷକୁ ଅପମାନ, ଲାଞ୍ଛନା, କ୍ଳାନ୍ତି ମଧ୍ୟରେ ଅତି ଶୋଚନୀୟ ଅବସ୍ଥାରେ ତାଙ୍କୁ ଯାହା ଲେଖିବାପାଇଁ ହୁକୁମ ଦିଆଯାଉଛି, ତାହା ସେ ଲେଖି ସେଥିରେ ଦସ୍ତଖତ କରୁଛନ୍ତି ।

## ରାଷ୍ଟ୍ରପତିଙ୍କ ପତ୍ନୀ ଦୋଷୀ ହେଲେ

ଏ ମହିଳା ଆଉ କେହି ନୁହନ୍ତି, ଚୀନର ରାଷ୍ଟ୍ରପତି ଲିଉ ସାଓଚିଙ୍କର ପତ୍ନୀ— କୂଟନୈତିକ ଦୃଷ୍ଟିରୁ ଦେଶର ମହିଳାମାନଙ୍କ ମଧ୍ୟରେ ପ୍ରଥମ-ସ୍ଥାନୀୟା, ସବୁଠାରୁ ଅଧିକ ସମ୍ମାନର ପାତ୍ରୀ । ସେ ଯାହା ଲେଖି ଦସ୍ତଖତ କରୁଛନ୍ତି, ତାହାମଧ୍ୟ ଜାଣିବାର କଥା:—

"ଲିଉ ସାଓଚିଙ୍କର ବୁର୍ଜୁଆ ପ୍ରତିକ୍ରିୟାଶୀଳ ନୀତି ବିରୁଦ୍ଧରେ ଯାଇ ସିଙ୍ଗ୍ ହୁଆ ବିଶ୍ୱବିଦ୍ୟାଳୟର ବିପ୍ଳବୀ ଛାତ୍ରଗଣ ମୋତେ ପରୀକ୍ଷା କରିବାପାଇଁ ଘୋଷାରି ଆଣିଛନ୍ତି । ତାଙ୍କର ଏହି କାମ ଠିକ୍




ପେକିଂ 'ପିପୁଲସ ଡେଲି' ସମ୍ବାଦପତ୍ରରେ ଅଙ୍କିତ ଚିତ୍ର । ଉପରେ ଚୀନାଭାଷାରେ ଲେଖା ହୋଇଛି—"ଭୀଷଣ ପବନ ଓ ବିକ୍ଷୁବ୍ଧ ଲହରୀମାଳା ଅତିକ୍ରମ କରିବାପାଇଁ ଚେୟାରମ୍ୟାନ୍ ମାଓଙ୍କୁ ଅନୁସରଣ କର" ।

Digitized by srujanika@gmail.com

ହୋଇଛୁ ଏବଂ ମୁଁ ତାକୁ ସମର୍ଥନ କରୁଛୁ । ମୋର ଆତ୍ମପରୀକ୍ଷା ଶେଷ ହେବା-ପର୍ଯ୍ୟନ୍ତ ମୁଁ ଏଠାରେ ରହିବାପାଇଁ ପ୍ରସ୍ତୁତ ଅଛୁ ।

"ମୁଁ କମ୍ରେଡ଼ ଲିଉ ସାଓଚିଙ୍କ ସଂପର୍କରେ ଯାହା ଜାଣେ, ସବୁ ଖୋଲି କହିଦେବାପାଇଁ ପ୍ରସ୍ତୁତ ଅଛୁ । ଆଜିଠାରୁ ପ୍ରତି ଦଶଦିନରେ ଥରେ ମୁଁ ଲିଉଙ୍କ ସମ୍ପର୍କରେ ଯାହା ଜାଣେ, ତା'ର ଗୋଟିଏ ଗୋଟିଏ ରିପୋର୍ଟ ପଠାଇବ । ଏହି ରିପୋର୍ଟରେ ତାଙ୍କର ଦୈନନ୍ଦିନ ଜୀବନ ଓ ବ୍ୟକ୍ତିଗତ ଚରିତ୍ର ସମ୍ପର୍କରେ ମଧ୍ୟ ରହିବ ।

"ମୋତେ ମୋର ବାସଭବନକୁ ନେଇ ଛାଡ଼ିଦେଲେ ଯେତେବେଳେ ବିପ୍ଳବୀ ଗ୍ରୁପଦଳ ଡକାଇବେ, ମୁଁ ଆସିବା ପାଇଁ ପ୍ରସ୍ତୁତ ଅଛୁ ।

"(ସ୍ୱାକ୍ଷର) ଓ୍ୱାଙ୍ଗ କ୍ୱାଙ୍ଗ୍-ମେଇ
(ଶ୍ରୀମତୀ ଲିଉ ସାଓଚି)"

## ଗୋରୁ-ରାକ୍ଷସ

ଏ ହେଉଛି ଗୋଟିଏ ଘଟଣା । ଅନ୍ୟ ଏକ ଘଟଣା ହେଲା—ଜଣେ ପ୍ରୌଢ଼ବ୍ୟକ୍ତି । କେହି ଜଣେ ଆସି ତାଙ୍କ ମୁଣ୍ଡରେ ରଙ୍ଗ ବାଲ୍ଟିରୁ ବୁଡ଼ାଏ ରଙ୍ଗ ଅଜାଡ଼ି ଦେଲା । ଅନ୍ୟ ଜଣେ ଆସି ତାଙ୍କ ମୁଣ୍ଡରେ ଗୋଟିଏ ଲମ୍ବା ଗଧ ଟୋପି ପିନ୍ଧାଇ ଦେଲା । ସେ ଟୋପିରେ ଲେଖା ହୋଇଛି, 'ଗୋରୁ-ରାକ୍ଷସ' । ତା'ପରେ ସେ ପ୍ରୌଢ଼ବ୍ୟକ୍ତିଙ୍କୁ ଚଲାଇ ଚଲାଇ ନିଆ-ଯାଉଛି । ବାଟରେ ଧାଡ଼ିହୋଇ ଠିଆ



ମାଓସେ ତୁଂ, ସାଂସ୍କୃତିକ ବିପ୍ଳବର ଜନ୍ମଦାତା ଓ ଲିନ୍ ପିଆଓ, ମାଓଙ୍କର ଉତ୍ତରାଧିକାରୀ ।

Digitized by srujanika@gmail.com

ହୋଇଥିବା ଯୁବକଦଳ ତାଙ୍କ ଆଡ଼କୁ ଛେପ ପକାଉଛନ୍ତି । କେହି କେହି ଚାପୁଡ଼ାଟାଏ ବା ବିଧାଟାଏ ପକାଇ ଦେବାକୁ ଭୁଲୁ ନାହାନ୍ତି । ଏ ପ୍ରୌଢ଼ବ୍ୟକ୍ତି ଜଣକ କିଏ ଜାଣନ୍ତି ? ମା ସିତ୍ସନ, ଚୀନର ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞ ଓ ବେହେଲା-ବାଦକ ।

ଏପରି ଘଟଣା ପୃଥିବୀର ଅନ୍ୟ କୌଣସି ରାଷ୍ଟ୍ରରେ କଳ୍ପନା କରାଯାଇ ପାରିବ ନାହିଁ । କିନ୍ତୁ ଚୀନରେ ଗତ ବର୍ଷେ ହେଲା ଏହା ଏକ ଦୈନନ୍ଦିନ ଘଟଣାରେ ପରିଣତ ହୋଇଛି । ଦେଶର ବହୁ ବିଶିଷ୍ଟ, କ୍ଷମତାଶାଳୀ, ନେତୃସ୍ଥାନୀୟ ବ୍ୟକ୍ତି, ବିଶ୍ୱବିଦ୍ୟାଳୟର ଅଧ୍ୟାପକଗଣ, ବୈଜ୍ଞାନିକ, ଲେଖକ, ଐତିହାସିକ, ଦାର୍ଶନିକ, ସଙ୍ଗୀତଜ୍ଞ—ଗୋଟାଏ କଥାରେ କହିବାକୁ ଗଲେ ଦେଶର ବୁଦ୍ଧିଜୀବୀ ସମ୍ପ୍ରଦାୟ ଏବଂ ବହୁ ଶ୍ରମିକ ଓ କୃଷକ, ନେତା କେହି ଏ ଆକ୍ରମଣରୁ ତ୍ରାଣ ପାଉନାହାନ୍ତି । ଏହି ଆକ୍ରମଣାତ୍ମକ କାର୍ଯ୍ୟରେ ଅଗ୍ରୁହେଲେ ଅପୋଗଣ୍ଡ ବାଳକ ଓ ଅପ୍ରାପ୍ତ-ବୟସ୍କ ଛାତ୍ରଗଣ । ଗୋଟାଏ ବର୍ଷଧରି ଚୀନର ସ୍କୁଲ୍ କଲେଜକୁ ଛୁଟି କରି ଦିଆ-ଯାଇଛି ଓ ହଜାର ହଜାର ସଂଖ୍ୟାରେ ଛାତ୍ର ସହର ବଜାର, ଗାଁଗଣ୍ଡା ବୁଲି ମାଓ-ସେ ତୁଂଙ୍କ ବାର୍ତ୍ତା ପ୍ରଚାର କରିବା ନାମରେ ଏହିସବୁ କାଣ୍ଡରେ ଲିପ୍ତ ଅଛନ୍ତି । ମାଓସେ-ତୁଂ ଓ ତାଙ୍କର ସମର୍ଥକମାନଙ୍କ ଭାଷାରେ ଏହାର ନାମ ହେଉଛି ସାଂସ୍କୃତିକ ବିପ୍ଳବ ଓ ଯେଉଁ କିଶୋର ଓ ତରୁଣମାନେ ଏହି ବିପ୍ଳବରେ ଯୋଗ ଦେଇଛନ୍ତି ସେମାନେ ହେଲେ ଲାଲରକ୍ଷୀ । ମାଓସେତୁଂଙ୍କ ନିର୍ଦ୍ଦେଶରେ ଚୀନର ରାଷ୍ଟ୍ରଶକ୍ତି ଏମାନଙ୍କ ପଛରେ ରହିଛି । ତେଣୁ ଲାଲରକ୍ଷୀମାନେ



ଶ୍ରୀ ଓ ଶ୍ରୀମତୀ ଲିଉ ସାଓ ଚି ।



ପେଙ୍ଗ ଚେନ୍ ଓ ଚେଙ୍ଗ୍ କିଆଓ ପେଙ୍ଗ୍ ।

Digitized by srujanika@gmail.com

ହୋଇଛନ୍ତି, ଚୀନରେ ଏକ କୋକୁଆଭୟ ! ସାଧାରଣ କୃଷକ, ଶ୍ରମିକଠାରୁ ଆରମ୍ଭକରି ରାଷ୍ଟ୍ରପତିଙ୍କ ପର୍ଯ୍ୟନ୍ତ କେହି ଏମାନଙ୍କ ପାଖରୁ ନିରାପଦ ନୁହଁନ୍ତି । କେବଳ ଚୀନ ଭିତରର ଲୋକ ନୁହନ୍ତି, ବୈଦେଶିକ ଦୂତାବାସ ଓ ତା'ର କର୍ମଚାରୀଗଣ ମଧ୍ୟ ଏମାନଙ୍କ ପାଖରୁ ନିରାପଦ ନୁହନ୍ତି । ଏବେ ଏପରି ଗୋଟିଏ ଦିନ ଯାଉନାହିଁ, ଯେଉଁ ଦିନକି ଲାଲରକ୍ଷୀମାନଙ୍କଦ୍ୱାରା ଘଟୁଥିବା ଗୃହଯୁଦ୍ଧ, ହିଂସାକାଣ୍ଡ ଓ ବୈଦେଶିକ ଦୂତାବାସମାନଙ୍କ ଉପରେ ଅଗ୍ନିକ ଆକ୍ରମଣ ପୃଥିବୀର ବିଭିନ୍ନ ସମ୍ବାଦ ପତ୍ରରେ ପ୍ରକାଶିତ ନ ହେଉଛି ।

## ଏ ବିଦ୍ରୋହ କାହିଁକି ?

ସମସ୍ତେ ଜାଣନ୍ତି, ଚୀନ ଏକ ଏକଛତ୍ରବାଦୀ ଦେଶ ଓ ମାଓସେ ତୁଂ ଚୀନର ଏକଛତ୍ରବାଦୀ ନେତା । ତାଙ୍କର ନୀତି ଓ ନିର୍ଦ୍ଦେଶରେ ଚୀନର ଶାସନ ଓ ସମାଜ, ଗତ ଅଠର ବର୍ଷ ହେଲା ପରିଚାଳିତ ହୋଇ ଆସୁଛି । ଏବେ କ'ଣ ହେଲା ଯେ, ଚୀନର ସର୍ବେସର୍ବା ଓ ସେଠାରେ ଈଶ୍ୱରଙ୍କ ସ୍ଥାନ ଗ୍ରହଣ କରିଥିବା ଏହି ନେତା ଗୁଡ଼ିଏ ବାଳକ ଏବଂ ଛାତ୍ରଙ୍କୁ ଧରି ତାଙ୍କର ସହକର୍ମୀ, ସହଯୋଗୀ ଓ ରାଷ୍ଟ୍ରର ବିସ୍ତୃତ, ପଦସ୍ଥ ବ୍ୟକ୍ତିଙ୍କ ବିରୁଦ୍ଧରେ ଏପରି ଏକ ଅଭିଯାନ ଚଳାଇଛନ୍ତି । ସେ ଚାହିଁଲେ, ଷ୍ଟାଲିନଙ୍କ ପରି ତାଙ୍କର ବିରୋଧୀମାନଙ୍କୁ ଗିରଫ କରି ନିଶ୍ଚିହ୍ନ କରିଦେଇ ପାରନ୍ତେ । ତାଙ୍କ ପକ୍ଷରେ ମନୁଷ୍ୟ ଜୀବନର ମୂଲ୍ୟ କିଛି ନୁହେଁ । କ୍ଷମତା ବନ୍ଧୁକ ମୁନରୁହିଁ ଆଶ୍ରୟ କରିଥାଏ ବୋଲି ସେ କହନ୍ତି । ସେ ଥରେ କହିଥିଲେ, ତାଙ୍କର ନୀତିରକ୍ଷାପାଇଁ ଯଦି ବିଶ୍ୱଯୁଦ୍ଧ ହୋଇଯାଏ ଓ ସେଥିରେ ଚୀନର ତିରିଶକୋଟି ଲୋକ ମରିଯାଆନ୍ତି, ତାହେଲେ କ୍ଷତି ନାହିଁ । ତେଣୁ ସେ ତାଙ୍କର ବିରୋଧୀମାନଙ୍କୁ ନିହତ, ନିର୍ବାସିତ କିମ୍ବା କାରାଗାରରେ ଅବରୁଦ୍ଧ ନ କରି କାହିଁକି ବର୍ତ୍ତମାନ ଦେଶରେ ଏପରି ଏକ ପ୍ରହସନ ଲଗାଇଛନ୍ତି ?

## ମାର୍କସ-ଲେନିନଙ୍କ ମୁକୁଟ

କଥା ହେଉଛି ଯେ, ଚୀନରେ ମାଓ-ବିରୋଧୀଙ୍କ ସଂଖ୍ୟା ମୁଷ୍ଟିମେୟ ନୁହେଁ । କମ୍ୟୁନିଷ୍ଟ ଶାସନକୁ ସର୍ବହରାର ଏକଛତ୍ରବାଦ (dictatorship of the proletariat) ବୋଲି କୁହାଯାଏ । ଏହାର ଅର୍ଥ ହେଉଛି, ଜମିଦାରଶ୍ରେଣୀ, ପୁଞ୍ଜିପତି ଓ ବୁର୍ଜୁଆ (ମଧ୍ୟବିତ୍ତ ସମ୍ପ୍ରଦାୟ) ଏମାନଙ୍କୁ ସମ୍ପୂର୍ଣ୍ଣଭାବରେ କ୍ଷମତାଚ୍ୟୁତ କରି ଶ୍ରମିକମାନଙ୍କ ପକ୍ଷରୁ କମ୍ୟୁନିଷ୍ଟଦଳ ଦେଶ ଶାସନ କରିବେ । ତେଣୁ ସର୍ବହରାର ଏକଛତ୍ରବାଦ ହେଉଛି, କମ୍ୟୁନିଷ୍ଟ ଦଳର ଏକଛତ୍ରବାଦ । ରୁଷିଆରେ ଲେନିନଙ୍କ ଜୀବଦ୍ଦଶାରେ ଏହା ହୋଇଥିଲା । କିନ୍ତୁ ପରେ ଷ୍ଟାଲିନ ଏପରି ଏକ ନୀତି ଅନୁସରଣ କଲେ ଯେ, ସେ ଦଳକୁ ନଠାରୁ ବା ଦଳରୁ ଏକ ସଖିକୁଲ୍ଲୋଇ ଦରି ସବୁ କରିଗଲେ । ସେ ମନେକଲେ ଯେ, ମାର୍କସ୍ ଓ

Digitized by srujanika@gmail.com

ଲେନିନ୍‌ଙ୍କ ମୁକୁଟ ତାଙ୍କ ମୁଣ୍ଡରେ ବନ୍ଧା ହୋଇଛି । ତେଣୁ ସେ ଯାହା କହୁଛନ୍ତି ବା କରୁଛନ୍ତି, ତାହା ପ୍ରକୃତ ମାର୍କସବାଦ-ଲେନିନବାଦ । ତାଙ୍କର ବିରୋଧ କରିବା ମାର୍କସବାଦର ଦ୍ରୋହ, କମ୍ୟୁନିଷ୍ଟବାଦର ଶତ୍ରୁତା ଓ ଦେଶ ପ୍ରତି ବିଶ୍ୱାସଘାତକତା ସଙ୍ଗେ ସମାନ । ତେଣୁ ସେପରି ବିରୋଧକାରୀଙ୍କର ସୋଭିଏଟ୍ ରାଷ୍ଟ୍ରରେ ସ୍ଥାନ ନାହିଁ । ଚୀନରେ ମାଓ-ସେତୁଂ ଠିକ୍ ଏହି ନୀତି ଅନୁସରଣ କରୁଥିଲେ ।

## କ୍ରୁଶ୍ଚେଭଙ୍କ ଢେଲା

କିନ୍ତୁ ୧୯୫୬ ମସିହା ପରଠାରୁ କେତେ ବର୍ଷ ମଧ୍ୟରେ ଆନ୍ତର୍ଜାତିକ କ୍ଷେତ୍ରରେ ଓ ଚୀନ୍ ଭିତରେ, ଏପରି କେତେକ ଘଟଣା ଘଟିଗଲା ଯେଉଁଥିରେ ମାଓଙ୍କ ବ୍ୟକ୍ତିଗତ ଏକଛତ୍ରବାଦ ଚୀନ-ଦେଶରେ ବିନା ପ୍ରଶ୍ନ, ବିନା ବିଚାରରେ ଆଉ ସ୍ୱୀକୃତ ହେଲା ନାହିଁ । ପ୍ରଥମ ଘଟଣା ହେଉଛି, ରୁଷିଆରେ ଷ୍ଟାଲିନ୍‌ବାଦ ବା ବ୍ୟକ୍ତିପୂଜାର ପତନ । ସୋଭିଏଟ ରୁଷ ଆନ୍ତର୍ଜାତିକ କମ୍ୟୁନିଷ୍ଟବାଦର ନେତାରୂପେ ଦୀର୍ଘକାଳ ସ୍ୱୀକୃତ ହୋଇଥିବାଯୋଗୁଁ ଯେତେବେଳେ କ୍ରୁଶ୍ଚେଭଙ୍କ ନେତୃତ୍ୱରେ ଷ୍ଟାଲିନବାଦ ବା ବ୍ୟକ୍ତିପୂଜାର ତୀବ୍ର ନିନ୍ଦା କରାଗଲା, ତା'ର ପ୍ରତିଧ୍ୱନିସବୁ କମ୍ୟୁନିଷ୍ଟ ଦେଶରେ ଶୁଣାଗଲା ଓ ସବୁ କମ୍ୟୁନିଷ୍ଟ ଦେଶ ଓ ଦଳର ନୀତିରେ ପରିବର୍ତ୍ତନ ଘଟିଲା । କିନ୍ତୁ ମାଓସେତୁଂ ଚୀନରେ ନିଜକୁ ଷ୍ଟାଲିନ୍‌ଙ୍କ ପରେ ପ୍ରତିଷ୍ଠିତ କରିଥିବା-ଯୋଗୁଁ ଓ ଆନ୍ତର୍ଜାତିକ କ୍ଷେତ୍ରରେ ସେ ଲେନିନଙ୍କ ପରେ 'ନିଜକୁ ଜଣେ ମାର୍କସ-ବାଦର ବ୍ୟାଖ୍ୟାକାର ଓ ପ୍ରୟୋଗକାରୀ ବୋଲି ମନେ କରୁଥିବାଯୋଗୁଁ ସେ ସୋଭିଏଟ୍ କମ୍ୟୁନିଷ୍ଟଦଳ ଓ କ୍ରୁଶ୍ଚେଭଙ୍କ ନେତୃତ୍ୱକୁ ଗ୍ରହଣ କଲେ ନାହିଁ । କିନ୍ତୁ ଖୋଲାଖୋଲି ଭାବରେ ନ ହେଲେ ମଧ୍ୟ ଭିତରେ ଭିତରେ ଚୀନ କମ୍ୟୁନିଷ୍ଟ ଦଳରେ ବ୍ୟକ୍ତିପୂଜା ବିରୁଦ୍ଧରେ ଓ ମାଓଙ୍କ ନେତୃତ୍ୱକୁ ବିନା ବିଚାରରେ ଗ୍ରହଣ କରାଯିବା ବିରୁଦ୍ଧରେ ଏକ ଚିନ୍ତାଧାରା ସୃଷ୍ଟି ହେଲା । ଆନ୍ତର୍ଜାତିକ କମ୍ୟୁନିଷ୍ଟବାଦର ନିସ୍ତରଙ୍ଗ ଜଳରାଶିକୁ କ୍ରୁଶ୍ଚେଭ ଯେଉଁ ଢେଲା ଛାଡ଼ିଦେଲେ, ତା'ର ତରଙ୍ଗ କୂଳରେ ଯାଇ ବାଜିଲା ।

୧୯୪୯ ମସିହାରୁ ଚୀନଦେଶରେ ସୋଭିଏଟ୍ ଚୀନ ବନ୍ଧୁତାକୁ ଅହରହ ପ୍ରଶଂସା କରାଯାଉଥିଲା । ସୋଭିଏଟ୍ ନେତୃତ୍ୱକୁ ଆନ୍ତର୍ଜାତିକ କମ୍ୟୁନିଷ୍ଟବାଦର ନେତୃତ୍ୱ ବୋଲି ଗ୍ରହଣ କରାଯାଉଥିଲା । ତେଣୁ ସୋଭିଏଟ୍ ୟୁନିଅନ୍‌ର ପରିବର୍ତ୍ତନରୁ ଚୀନ ସଂପୂର୍ଣ୍ଣଭାବରେ ଅଲଗା ରହିବା ସମ୍ଭବ ନ ଥିଲା ।

## ଚୀନର ଲମ୍ଫଡ଼ିଆଁ

ଅନ୍ୟ ଏକ ଘଟଣା ହେଉଛି, ଚୀନ ଭିତରର । ମାଓସେତୁଂଙ୍କ ନେତୃତ୍ୱରେ ହୋଇଥିବା ବିରାଟ ଅଗ୍ରଗାମୀ ଲମ୍ଫ (great leap forward) ସଫଳ

Digitized by srujanika@gmail.com

ହେଲ ନାହିଁ । ଏହା ଫଳରେ ଦେଶର ଯେଉଁ ଅର୍ଥନୈତିକ ବିପର୍ଯ୍ୟୟ ଘଟିଲା, ତାହାର ତୁଳନା ନାହିଁ । ମାଓସେତୁଂ ଘୋଷଣା କରିଥିଲେ, ୧୦ ବର୍ଷ ସମୟ ମଧ୍ୟରେ ଅର୍ଥନୈତିକ ଐଶ୍ୱର୍ଯ୍ୟ ଓ ଅଗ୍ରଗତିରେ ଚୀନ ବ୍ରିଟେନ୍‌କୁ ଟପିଯିବ । କୃଷି, ଶିଳ୍ପ ଓ ବିଭିନ୍ନ କ୍ଷେତ୍ରରେ କଳ୍ପନା-ବିଳାସୀ ଲକ୍ଷ୍ୟମାନ ରଖା ଯାଇଥିଲା । କୃଷି ଉତ୍ପାଦନ ବଢ଼ାଇବାପାଇଁ କମ୍ୟୁନ୍ ଓ ଇସ୍ପାତ ଉତ୍ପାଦନ ବଢ଼ାଇବାପାଇଁ ନିଜ ନିଜ ବାଡ଼ିପଟ ଚୂଲିରେ ଲୁହା ତରଳାଇବା (Backyard steel) କାମ ପ୍ରବର୍ତ୍ତନ କରାଗଲା । କମ୍ୟୁନ୍‌ରେ କୃଷୀମାନେ ଉତ୍ପାଦନ କଲେ ନାହିଁ ଓ ଗୃହପାଳିତ ପଶୁମାନଙ୍କୁ ହତ୍ୟା କରି ପ୍ରତିଶୋଧ ନେଲେ । ବାଡ଼ିପଟ ଚୂଲିରେ ଯେଉଁ ଲୁହା ତରଳାଗଲା, ସେଥିରୁ ଯାହା ବାହାରିଲା; ତାହା ଆଉ ଯାହା ହେଉ ପଛକେ, ଇସ୍ପାତ ନୁହେଁ । ସେସବୁ ଖତଗଦାରେ ପଡ଼ିଲା । କମ୍ୟୁନିଷ୍ଟ ବିପ୍ଳବର ପ୍ରଥମ ଅବସ୍ଥାରେ ଅର୍ଥାତ୍ ୧୯୪୯ରୁ ୧୯୫୭ ମସିହାପର୍ଯ୍ୟନ୍ତ ଯେଉଁ ଉତ୍ସାହ, ଉଦ୍ଦୀପନା ଦେଶରେ ସୃଷ୍ଟି ହୋଇଥିଲା, ଲୋକଙ୍କ ବ୍ୟକ୍ତିଗତ ସମ୍ପତ୍ତିର ଲୋପ ସାଧନ, ପାରିବାରିକ ଜୀବନ ଏବଂ ସାମାଜିକ ଓ ଧାର୍ମିକ ପରମ୍ପରାର ଉଚ୍ଛେଦ ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଲା ଓ ଉତ୍ପାଦନ ଗୁରୁଆଡ଼େ କମିଗଲା । ୧୯୫୯ ମସିହାର ଶେଷବେଳକୁ ଅର୍ଥାତ୍ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଦୁଇବର୍ଷ ମଧ୍ୟରେ ଚୀନରେ ଯେ ଏକ ପ୍ରବଳ ଅର୍ଥନୈତିକ ସଙ୍କଟ ଦେଖାଦେବାକୁ ଯାଉଛି, ତାହା ସ୍ପଷ୍ଟ ହୋଇଗଲା । ରୁଷିଆ ଓ କମ୍ୟୁନିଷ୍ଟ ଜଗତରେ ବ୍ୟକ୍ତିପୂଜାର ନିନ୍ଦା ଓ ଚୀନ ଦେଶ ଭିତରେ ମାଓସେତୁଂଙ୍କ ନୀତିର ବିପର୍ଯ୍ୟୟ, ଏ ଉଭୟ ଦେଶ ମଧ୍ୟରେ ଏକ ପ୍ରବଳ ମାଓବିରୋଧୀ ଚିନ୍ତାଧାରା ସୃଷ୍ଟି କଲା । ଯେଉଁମାନେ ଏହି ମାଓ-ବିରୋଧୀ ଚିନ୍ତାଧାରାରେ ପରିଚାଳିତ ହେଲେ ସେମାନେ ମୁଷ୍ଟିମେୟ ନୁହନ୍ତି । ନିମ୍ନଲିଖିତ ଏକ ଶ୍ରେଣୀବିଭାଗରୁ ସେମାନଙ୍କର ସଂଖ୍ୟା ଅନୁମାନ କରାଯାଇପାରେ ।

## ମାଓବିରୋଧୀ ଚିନ୍ତାଧାରା

୧ । ଦେଶପ୍ରେମୀ ଚୀନାଲୋକେ (ଯେଉଁମାନେ କମ୍ୟୁନିଷ୍ଟବାଦ ନୁହେଁ ଜାତୀୟତାଦ୍ୱାରା ଉଦବୁଦ୍ଧ, ନିଜ ଦେଶକୁ ଶକ୍ତିଶାଳୀ ହେବାକୁ ଚାହାନ୍ତି, କିନ୍ତୁ କୌଣସି ବ୍ୟକ୍ତି ବା ଦଳ ପ୍ରତି ତାଙ୍କର ଖାସ୍ ଅନୁରକ୍ତି ନାହିଁ ।

୨ । ଉଦାରପନ୍ଥୀଗଣ (Liberals), ଯେଉଁମାନେ ଚୀନରେ ପରିବର୍ତ୍ତନ ଚାହାନ୍ତି, ସଂସ୍କାର ଚାହାନ୍ତି, ପ୍ରାଚୀନ ସାମାଜିକ ବ୍ୟବସ୍ଥାରେ ଯେଉଁମାନେ ଅସନ୍ତୁଷ୍ଟ; କିନ୍ତୁ ସେମାନେ ଉଗ୍ରପନ୍ଥୀ ନୁହନ୍ତି, ଯେଉଁମାନେକି ସଂସ୍କାର ନାମରେ ସମାଜର ମୂଳକୁ ଉପୁଡ଼ାଇ ଦେବେ ।

୩ । ଜନସାଧାରଣ, ଯେଉଁମାନେ ଭଲରେ ରହିବା, ଖାଇପିନ୍ଧି ଚଳିବାକୁ ଚାହାନ୍ତି, ସେମାନେ କମ୍ୟୁନିଷ୍ଟ ଆଦର୍ଶବାଦ ନାମରେ ଦୀର୍ଘକାଳ ଧରି ଦୁଃଖକଷ୍ଟ ସହିବା

Digitized by srujanika@gmail.com

ଏପରିକି ପାରିବାରିକ ଜୀବନର ସୁଖସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରିବାପାଇଁ ପ୍ରସ୍ତୁତ ନୁହନ୍ତି ।

୪ । ବୁଦ୍ଧିଜୀବୀ ଶ୍ରେଣୀର ଲୋକେ (କବି, ଲେଖକ, ଶିଳ୍ପୀ, ଚିତ୍ରକାର, ଅଧ୍ୟାପକ ଆଦି), ଯେଉଁମାନେ ସହଜରେ ଦଳୀୟ ଚିନ୍ତାଧାରା ଗ୍ରହଣ କରିବାପାଇଁ ପ୍ରସ୍ତୁତ ନୁହନ୍ତି ଓ ସ୍ୱାଧୀନ ଚିନ୍ତାକୁ ପସନ୍ଦ କରନ୍ତି ।

୫ । ବିଶେଷଜ୍ଞଗଣ (ବୈଜ୍ଞାନିକ, କାରିଗର ଓ ବିଶେଷ ତାଲିମପ୍ରାପ୍ତ ବ୍ୟକ୍ତି), ଯେଉଁମାନେ ମାଓସେତୁଂଙ୍କୁ ସର୍ବଜ୍ଞ ବୋଲି ଗ୍ରହଣ କରିବାଲାଗି ପ୍ରସ୍ତୁତ ନୁହଁନ୍ତି । ଉଦାହରଣ ସ୍ୱରୂପ ଚୀନ୍‌ରେ କେମେଷ୍ଟ୍ରି ଶ୍ରେଣୀରେ, ଇଞ୍ଜିନିଅରିଂରେ ମାଓସେତୁଂଙ୍କ ଚିନ୍ତାଧାରାକୁ ଅପରିହାର୍ଯ୍ୟ ପାଠ୍ୟ ବିଷୟ ବୋଲି ପଢ଼ାଯାଏ । ଯେଉଁମାନେ ଏହି ଚିନ୍ତାଧାରା ସହିତ ପରିଚିତ, ସେମାନେ ଭଲ ବୈଜ୍ଞାନିକ, ଇଞ୍ଜିନିଅର ହୋଇ ପାରିବେ । ଥରେ ଟେବୁଲ ଟେନିସ୍‌ରେ ବିଶ୍ୱଚମ୍ପିଆନ ଆଖ୍ୟା ଲାଭ କରିଥିବା ଜଣେ ଚୀନା ଯୁବକ ଖେଳାଳି ବାଧ୍ୟହୋଇ ଘୋଷଣା କଲେ ଯେ ମାଓସେତୁଂଙ୍କ ଚିନ୍ତାଧାରା ସହିତ ପରିଚିତ ଥିବା ଯୋଗୁଁ ସେ ଏପରି ସୁନାମ ଅର୍ଜନ କରିପାରିଲେ । ବିଶେଷଜ୍ଞମାନେ ରାଜନୀତିଜ୍ଞଙ୍କ ଦ୍ୱାରା ପରିଚାଳିତ ହେବାକୁ ଚାହାନ୍ତି ନାହିଁ ।

୬ । ସାମରିକ କ୍ଷେତ୍ରରେ ସେନାପତିଗଣ, ଯେଉଁମାନେ ଏକ ଆଧୁନିକ ସୈନ୍ୟବାହିନୀ ନିର୍ମାଣ କରିବାକୁ ଚାହାନ୍ତି, କିନ୍ତୁ ମାଓଙ୍କ ଚିନ୍ତାଧାରା ଅନୁଯାୟୀ ଉତ୍ପାଦନଶୀଳ ଶ୍ରମ ନାମରେ ସୈନ୍ୟମାନଙ୍କୁ ଧାନ କାଟିବା ଓ ରାସ୍ତାରେ ମାଟି କାମରେ ଲଗାଇବାକୁ ପସନ୍ଦ କରନ୍ତି ନାହିଁ ।

୭ । କମ୍ୟୁନିଷ୍ଟମାନଙ୍କ ମଧ୍ୟରେ ଏପରି ବହୁ ଲୋକ ଅଛନ୍ତି, ଯେଉଁମାନେ ଦଳର ନୀତି ଓ ଆଦର୍ଶ ନାମରେ ଅବାସ୍ତବ ଲକ୍ଷ୍ୟରଖିବାର ବିରୋଧୀ ଓ ଧୀରସ୍ଥିର ଭାବରେ ଲୋକଙ୍କୁ ସାଙ୍ଗରେ ନେବାକୁ ଚାହାଁନ୍ତି । ଏମାନଙ୍କ ମଧ୍ୟରେ ମାଓଙ୍କ ବହୁ ବିଶିଷ୍ଟ ସହକର୍ମୀ ଅଛନ୍ତି ।

## ନିପଟ ଉଦ୍ଧା

ଏହି ଶେଷୋକ୍ତ ଶ୍ରେଣୀର ଲୋକେହିଁ ପ୍ରଥମେ ମାଓବିରୋଧୀ ଚିନ୍ତାଧାରାର ନେତୃତ୍ୱ ନେଲେ । ୧୯୫୯ ମସିହାରେ ଚୀନ କମ୍ୟୁନିଷ୍ଟ ଦଳ କେନ୍ଦ୍ର କମିଟି ବୈଠକରେ ଚୀନର ତତ୍କାଳୀନ ସୈନ୍ୟାଧ୍ୟକ୍ଷ ଓ ଦେଶରକ୍ଷାମନ୍ତ୍ରୀ ମାର୍ଶାଲ ପେଙ୍ଗ୍ ଟେ-ହୁଆଇ ଏହି ଶ୍ରେଣୀର ମୁଖପାତ୍ର ଭାବରେ ମାଓ ନୀତିର ବିରୋଧ କଲେ । ସେଥିରେ ମାଓ ଏପରି ଉତ୍କ୍ଷିପ୍ତ ହୋଇ ପଡ଼ିଲେ ଯେ, ମାର୍ଶାଲ ପେଙ୍ଗ୍‌ଙ୍କୁ ତାଙ୍କର ପଦରୁ ଓ ଦଳରୁ ବହିଷ୍କୃତ କରାଗଲା । ତାଙ୍କ ସ୍ଥାନ ଅଧିକାର କଲେ ଲିନ୍‌ପିଆଓ, ଯାହାଙ୍କୁ ବର୍ତ୍ତମାନ ମାଓସେତୁଂଙ୍କ ଉତ୍ତରାଧିକାରୀ ବୋଲି କୁହାଯାଉଛି । କିନ୍ତୁ ଏତିକରେ ଏ ବିରୋଧ ସରିଲା ନାହିଁ । ୧୯୬୧-୬୨ ମସିହାରେ

Digitized by srujanika@gmail.com

ଯେତେବେଳେ ମାଓସେତୁଂଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଚୌ ଏନ୍ ଲାଇ ଅତୀତର ନୀତିରେ କେତେକ ଭୁଲ ତ୍ରୁଟି ରହିଥିବାର ସ୍ୱୀକାର କଲେ, ମାଓଙ୍କ ସମାଲୋଚକମାନେ ତା'ର ସୁବିଧା ନେଲେ । ଏ ସମାଲୋଚନା ପେକିଂ ମ୍ୟୁନିସିପାଲ ପାର୍ଟି କମିଟି ଓ କମ୍ୟୁନିଷ୍ଟପାର୍ଟି କେନ୍ଦ୍ର କମିଟିର ପ୍ରଚାର-ବିଭାଗରେହିଁ ମୁଖ୍ୟତଃ ଦେଖାଦେଲା । ପେକିଂର ଡେପୁଟି ମେୟର ଓ ଦେଶର ଜଣେ ବିଖ୍ୟାତ ଐତିହାସିକ ଓ ନାଟ୍ୟକାର ଉ ହାନ୍ ଏକ ନାଟକ ଲେଖିଲେ, ଯାହାର ନାମ ହେଉଚି 'ହାଇଜୁଇଙ୍କର ବହିଷ୍କାର '' ହାଇଜୁଇ ହେଉଛନ୍ତି ଚୀନ ଇତିହାସର ଏକ ପୂର୍ବତନ ରାଜବଂଶର କର୍ମଚାରୀ, ଯେକି କୃଷକମାନଙ୍କ ସ୍ୱାର୍ଥରକ୍ଷା କରିବାକୁ-ଯାଇ ସମ୍ରାଟଙ୍କର ବିଷପାତ୍ର ହୋଇଥିଲେ । ବାସ୍ତବରେ ଏହି ଚରିତ୍ର ଜରିଆରେ ଉ ହାନ୍ ମାଓସେତୁଂଙ୍କ ଦ୍ୱାରା ମାର୍ଶାଲ ପେଙ୍ଗଙ୍କ ବହିଷ୍କାରର ସମାଲୋଚନା କରିଥିଲେ । ଏହାପରେ ପେକିଂ ପାର୍ଟିକମିଟିର ଅନ୍ୟତମ ସମ୍ପାଦକ ଟେଙ୍ଗ୍ ଟୋ ପେକିଂର ସମ୍ବାଦପତ୍ରମାନଙ୍କରେ ଗୁଡ଼ିଏ ଲେଖା ପ୍ରକାଶ କଲେ । ଏଥିମଧ୍ୟରେ "ତିନ-ପରିବାରରୁ ବିଶିଷ୍ଟ ଗ୍ରାମର ଖବର'' ନାମକ ଏକ ଲେଖାରେ କେବଳ ମାର୍ଶାଲ ପେଙ୍ଗ୍ଙ୍କ ବହିଷ୍କାର ନୁହେଁ, ମାଓଙ୍କ ନୀତି, କାର୍ଯ୍ୟକ୍ରମ ଓ ନେତୃତ୍ୱର ପ୍ରଚ୍ଛନ୍ନ ଭାବରେ ନହେଲେହେଁ ପରିଷ୍କାର ସମାଲୋଚନା କରିଥିଲେ । ସେ ଲେଖିଲେ, ଏପରି କେତେକ ଲୋକ ଅଛନ୍ତି; ଯେଉଁମାନେ ଅତି ଗର୍ବରେ ଉତ୍ଫୁଲ୍ଲ ହୋଇ କୌଣସି ଭଲ ପରାମର୍ଶ ଶୁଣିବାକୁ ଚାହାନ୍ତି ନାହିଁ ଓ ତୋଷାମଦକାରୀଙ୍କ ଦ୍ୱାରା ପରିବେଷ୍ଟିତ । ଅନ୍ୟ ଏକ ଲେଖାରେ ଟେଙ୍ଗଟୋ କାହାଣୀର ଏକ ଖେଳାଳୀ କଥା ଉଲ୍ଲେଖ-କରି ଲେଖିଲେ । ଏ ଖେଳାଳୀ ଏପରି ଲମ୍ଫ ଦେବ ବୋଲି କହିଲା, ଯାହାକି ପୃଥିବୀରେ କେହି କେବେ ଦେଇ ନଥିବ । କାର୍ଯ୍ୟରେ ଦେଖାଗଲା, ସେ ଏକ କପଟ ଡମ୍ଫା । ଏହି ଲେଖାଟି ମାଓସେତୁଂ ଓ ତାଙ୍କର ଅଗ୍ରଗାମୀ ଲମ୍ଫ (great leap forward) ପ୍ରତି ଯେ ପ୍ରଯୁଜ୍ୟ, ଏଥିରେ ସନ୍ଦେହ କରାଯାଇ ନ ପାରେ । ଟେଙ୍ଗ ଓ ଉହାନ୍ଙ୍କ ପଛରେ ଥିଲେ ପାର୍ଟି ପ୍ରଚାର ବିଭାଗର ଉପମୁଖ୍ୟ ଚୁଉ ୟାଙ୍ଗ୍ । ୧୯୬୨ ମସିହାରେ ଦଳର ବିଭିନ୍ନ ସଭାରେ ଚୁଉୟାଙ୍ଗ ମାଓ-ନୀତିର ସ୍ପଷ୍ଟ ସମାଲୋଚନା କରିଥିଲେ ।

## ମାଓଙ୍କ ପ୍ରତି-ଆକ୍ରମଣ

୧୯୬୨ ମସିହା ଶେଷକୁ ମାଓ ତାଙ୍କର ପ୍ରତିଆକ୍ରମଣ ଆରମ୍ଭ କରିଦେଲେ । ଯେଉଁମାନେ ପ୍ରଚ୍ଛନ୍ନଭାବରେ ମାଓବିରୋଧୀ ଚିନ୍ତାଧାରା ପ୍ରଚାର କରୁଅଛନ୍ତି, ସେମାନଙ୍କୁ ଧରିବାପାଇଁ ପେକିଂର ମେୟର ପେଙ୍ଗ୍ ଚେନ୍ଙ୍କୁ ମାଓ ଦାୟିତ୍ୱ ଦେଲେ । ପେଙ୍ଗଚେନ ଚୀନର ନେତାମାନଙ୍କ ମଧ୍ୟରେ ହଠାତ୍ ଉପରକୁ ଉଠିଯାଇ ଷଷ୍ଠସ୍ଥାନ ଅଧିକାର କଲେ ଓ ଜଣାଗଲା ସେ ମାଓଙ୍କର ମଧ୍ୟ ଉତ୍ତରାଧିକାରୀ ହୋଇ-ପାରନ୍ତି । କିନ୍ତୁ '୧୯୬୫ ମସିହାରେ

Digitized by srujanika@gmail.com

ପେଙ୍ଗଚେନ୍‌ଙ୍କୁ ସନ୍ଦେହ କରାଗଲାଯେ ସେ ମାଓଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛନ୍ତି । ପେଙ୍ଗଚେନ ୧୯୬୫ ମସିହା ସେପ୍‌ଟେମ୍ବର ମାସରେ କୁଆଡ଼େ ଦଳର ବିଭିନ୍ନ ପ୍ରାଦେଶିକ ପ୍ରଚାରବିଭାଗ କର୍ମକର୍ତ୍ତାମାନଙ୍କର ଏକ ବୈଠକରେ କହିଥିଲେ, "ସତ୍ୟର ସମକ୍ଷରେ ସମସ୍ତେ ସମାନ । ସମସ୍ତଙ୍କର କହିବାର ସ୍ୱାଧୀନତା ଅଛି । ଯଦି ଚେୟାରମ୍ୟାନ୍ ମାଓଙ୍କର ଭୁଲ ଅଛି, ତାଙ୍କୁମଧ୍ୟ ସମାଲୋଚନା କରାଯାଇ ପାରେ ।"

## ମେଣ୍ଟୋଙ୍କୁ ଛେଳିଙ୍କଠାରୁ ଅଲଗା କରିବା

୧୯୬୫ ମସିହା ନଭେମ୍ବର ମାସରେ ମାଓସେତୁଂ ତାଙ୍କ ନିଜ ଭାଷାରେ ଚୀନ ଭିତରେ ଓ ବାହାରେ "ମେଣ୍ଢାମାନଙ୍କୁ ଛେଳିମାନଙ୍କଠାରୁ ଅଲଗା କରିବା ପାଇଁ" ସ୍ଥିର କଲେ । ସେହି ମାସରେ ବର୍ତ୍ତମାନ ପ୍ରସିଦ୍ଧି ଲାଭ କରିଥିବା ଚୀନର 'ସାଂସ୍କୃତିକ ବିପ୍ଳବ' ଆରମ୍ଭ ହେଲା । ଏ ସାଂସ୍କୃତିକ ବିପ୍ଳବର ଅର୍ଥହେଉଛି କଠୋର ହସ୍ତରେ ମାଓଙ୍କର ବିରୋଧୀମାନଙ୍କୁ ବିଭିନ୍ନ କ୍ଷେତ୍ରରୁ ନିପାତ କରିବା । ଏଥିପାଇଁ ପ୍ରଥମ ଲକ୍ଷ୍ୟ ହେଲା ପେକିଂ ମ୍ୟୁନିସିପାଲ କମିଟି ଓ ଚୀନର ସାଂସ୍କୃତିକ ଓ ପ୍ରଚାର ବିଭାଗ । ଏହା ମଧ୍ୟରେ ଗଲେ ଉହାନ, ଚେଙ୍ଗଟୋ, ଗୁଇଲିନ୍ ଓ ଶେଷରୁ ପେକିଂର ମେୟର ପେଙ୍ଗ୍‌ଚେନ । ଦଳ ଓ ସରକାରର ବିଭିନ୍ନ ସମ୍ପାଦକ, ବିଶେଷତଃ ଲିନ ପିଆଓଙ୍କ କର୍ତ୍ତୃତ୍ୱରେ ଥିବା ସାମରିକ ବାହିନୀର ସମ୍ବାଦପତ୍ରରେ ଏମାନଙ୍କ ଲେଖା ଓ ବକ୍ତୃତାମାନଙ୍କର ତୀବ୍ର ସମାଲୋଚନା ହେଲା ଓ ୧୯୬୬ ଅପ୍ରେଲ ମାସ ସୁଦ୍ଧା ଏମାନଙ୍କୁ ବିଭିନ୍ନ ପଦ ପଦବୀରୁ ବହିଷ୍କାର କରାଗଲା । ୧୯୬୬ ମସିହା ଜୁନ, ଜୁଲାଇ ମାସ ଆଡ଼କୁ ଯେତେବେଳେ ଏହି ବହିଷ୍କାର ଅଭିଯାନ କେନ୍ଦ୍ରରୁ ଯାଇ ପ୍ରଦେଶମାନଙ୍କୁ ବ୍ୟାପିଲା, ଦଳ ପ୍ରଚାର ବିଭାଗ ତତ୍ତ୍ୱାବଧାନରେ ଥିବା ଯୋଗୁଁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ତାର ଅଧ୍ୟାପକଗଣ, ସମ୍ବାଦପତ୍ର ସମୂହ, କବି, ନାଟ୍ୟକାର, ଶିଳ୍ପୀ ସଙ୍ଗୀତଜ୍ଞ ସମସ୍ତେ ସମାଲୋଚନାର ଶରବ୍ୟ ହେଲେ ମାଓପନ୍ଥୀ ଛାତ୍ରମାନେ ବିଶ୍ୱବିଦ୍ୟାଳୟର କୁଳପତି, ଅଧ୍ୟାପକମାନଙ୍କ ମୁହଁରେ ଚକଲେଟ୍ ଓ କାଳି ବୋଳି ମୁଣ୍ଡରେ ଗଧ ଟୋପି ପିନ୍ଧାଇ ବୁଲାଇଲେ ଓ ଛେପ ପକାଇଲେ । ପ୍ରଥମେ ଏହି ବହିଷ୍କାର କାର୍ଯ୍ୟ ଗୋଟିଏ ଗୋଟିଏ କାର୍ଯ୍ୟକାରୀ ବା କର୍ମୀଦଳଙ୍କୁ ପଠାଇ କରାଯାଉଥିଲା । କିନ୍ତୁ ତାଙ୍କ କାର୍ଯ୍ୟ ସନ୍ତୋଷଜନକ ବୋଧ ହେଲା ନାହିଁ ।

## ଲାଲରକ୍ଷୀ

ଅଗଷ୍ଟ ମାସରେ ଦଳର କେନ୍ଦ୍ର କମିଟିରେ ଏକ ପ୍ରସ୍ତାବ କରାଗଲା ଯେ ଏଣିକି ଆଉ କର୍ମୀଦଳ ପଠାଯିବ ନାହିଁ । କେନ୍ଦ୍ରରେ ଏକ ସାଂସ୍କୃତିକ ବିପ୍ଳବ କମିଟି ରହିବ ଓ ବିଭିନ୍ନ ପ୍ରଦେଶ ଓ ଅଞ୍ଚଳରେ ତାର ଶାଖା କମିଟିମାନ ରହିବ । ଏମାନେ ସାଧାରଣ ଭାବରେ ନିର୍ଦ୍ଦେଶ ଦେବେ ଓ ସାଂସ୍କୃତିକ

Digitized by srujanika@gmail.com

ବିପବକୁ ନିୟନ୍ତ୍ରଣ କରିବେ । କିନ୍ତୁ ବିପ୍ଳବ କରିବେ—"ଛାତ୍ର, ଯୁବକ ଓ ସୈନ୍ୟଗଣ— ଯେଉଁମାନଙ୍କୁ କି ଚଳିରେ "ଲାଲରକ୍ଷୀ" ନାମ ଦିଆଗଲା । ଦଳର ବିଭିନ୍ନ ସ୍ତରରେ ଥିବା କର୍ମକର୍ତ୍ତାମାନଙ୍କୁ ସାବଧାନ କରି ଦିଆଗଲା ଯେ ଏଣିକି ସେମାନେ ଖୋଲା-ଖୋଲି ଭାବରେ ସମାଲୋଚନାର ପାତ୍ର ହେବେ । ବାହାରେ ପ୍ରାଚୀରପତ୍ରମାନ ମରାଯାଇ ସେମାନଙ୍କୁ ସମାଲୋଚନା କରାଯିବ । ଦଳର କେନ୍ଦ୍ର କମିଟି କେବଳ ବହିଷ୍କାର କରି ପାରିବେ ।

କେନ୍ଦ୍ର କମିଟି ବୈଠକରେ ଏହି ପ୍ରସ୍ତାବର ତୀବ୍ର ବିରୋଧ ହେଲା । ରାଷ୍ଟ୍ରପତି ଲିଉ ସାଓଚି ଓ ଦଳର ସେକ୍ରେଟାରୀ ଜେନେରାଲ ଟେଙ୍ଗ୍ ଜିଆଓପିଙ୍ଗ୍ କମ୍ୟୁ-ନିଷ୍ଟ ଦଳର ସଭ୍ୟମାନଙ୍କୁ ଏହି ଅରାଜକତା ଭିତରକୁ ଠେଲି ଦେବାକୁ କେବେ ଇଚ୍ଛାକରୁ ନ ଥିଲେ । କିନ୍ତୁ ମାଓ ନିଜର ବ୍ୟକ୍ତିଗତ ପ୍ରଭାବ ଓ ପ୍ରତିପତ୍ତି ଖଟାଇ ଏହାକୁ ଗ୍ରହଣ କରାଇ ନେଲେ । ଏହା ପରେ ପରେ ଲିଉ ଓ ଟେଙ୍ଗ୍ଙ୍କ ସ୍ଥାନ ତଳକୁ ଖସି ଆସିଲା ଓ ଲିନ୍‌ପିଆଓ ଦଳ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କଲେ । କେନ୍ଦ୍ର କମିଟି ବୈଠକର ତିନିଦିନ ପରେ କମ୍ୟୁନିଷ୍ଟ ଯୁବକ ସଙ୍ଘ (ଦଳର ଯୁବକ ସଂସ୍ଥା)କୁ ଭାଙ୍ଗି ଦିଆଯାଇ ତାଙ୍କ ସ୍ଥାନରେ ଲାଲରକ୍ଷୀ ସଂସ୍ଥା ଗଢ଼ାଗଲା । ଲକ୍ଷ ଲକ୍ଷ ସଂଖ୍ୟାରେ ଛାତ୍ର ଲାଲରକ୍ଷୀ ହେଲେ । ସେ ଲାଲପତାକା ଖଣ୍ଡେ ଧରିଲା, ଲାଲ ରଙ୍ଗର କନା ହାତରେ ବାନ୍ଧିଲା, ମାଓସେତୁଂଙ୍କ ଉପଦେଶ ସମ୍ବଳିତ ଲାଲକିତାବ ହାତରେ ଧରି ଦେଖାଇଲା, ସେ ହେଲା, ଲାଲରକ୍ଷୀ । ଆମ ଦେଶରେ କଥା ଅଛି "ବାରଜାତି ତେର ଗୋଲ, ବୈଷ୍ଣବ ହେଲେ ସବୁ ଗଲା ।" ସେହିପରି ଚୀନରେ ଲାଲରକ୍ଷୀ ହେଲେ ତାକୁ ଦେଶର ଚରମ ବିପ୍ଳବୀ ବୋଲି ଧରି ନିଆଗଲା । ଯେ ଲାଲରକ୍ଷୀ ନ ହେବ, ତା'ର ନିସ୍ତାର ନାହିଁ । ତେଣୁ ଅଧିକାଂଶ ଛାତ୍ର ଉତ୍ସୁରେ ଲାଲରକ୍ଷୀ ହୋଇଗଲେ ।

ଏହି ଛାତ୍ରଙ୍କ ସହିତ ମାଓପନ୍ଥୀ ଦଳୀୟ କର୍ମୀ, ଶ୍ରମିକ ଓ ସୈନିକମାନେ ମିଶି ବର୍ତ୍ତମାନ ଚୀନରେ ଏକ ଚରମ ଅରାଜକତା ଓ ଗୃହଯୁଦ୍ଧ ଚଳାଇଛନ୍ତି । ଯେପରି ଦେଖାଯାଉଚି, ବିଭିନ୍ନ କଳ, କାରଖାନାରେ ସାଧାରଣ ଶ୍ରମିକ ଓ କୃଷକ ଏହି ବିଶୃଙ୍ଖଳାକୁ ପସନ୍ଦ କରୁନାହାନ୍ତି । ଦଳର ହଜାର ହଜାର କର୍ମୀଙ୍କଠାରୁ ଆରମ୍ଭ କରି ପ୍ରଧାନ ପଦାଧିକାରୀ ରାଷ୍ଟ୍ରପତି ଲିଉଙ୍କ ପର୍ଯ୍ୟନ୍ତ ଏକ ପ୍ରବଳ ମାଓବିରୋଧୀ ଗୋଷ୍ଠୀ ସୃଷ୍ଟି ହୋଇଚି । ଚୀନର ୭ଟି ପ୍ରଦେଶର ଗଭର୍ଣ୍ଣରମାନେ ଏହି ତଥାକଥିତ ସାଂସ୍କୃତିକ ବିପ୍ଳବ ଓ ମାଓବାଦର ବିରୋଧୀ । ବର୍ତ୍ତମାନ ମାଓସେତୁଂଙ୍କୁ ତଥାକଥିତ ସାଂସ୍କୃତିକ ବିପ୍ଳବ ନାମରେ ତାଙ୍କର ଷ୍ଟାଲିନପନ୍ଥୀ ବ୍ୟକ୍ତିଗତ ଏକଛତ୍ରବାଦ ପ୍ରତିଷ୍ଠିତ କରିବାକୁ ହେଲେ ରକ୍ତର ନଦୀ ସନ୍ତରଣ କରିବାକୁ ହେବ । କାରଣ କୃଷକ, ଶ୍ରମିକ, ବୁଦ୍ଧିଜୀବୀ, ଦଳର କର୍ମୀ ଓ ସୈନ୍ୟବାହିନୀ ସମସ୍ତେ ବର୍ତ୍ତମାନ ଦୁଇଫାଙ୍କ—ମାଓପନ୍ଥୀ ଓ ମାଓବିରୋଧୀ ।

Digitized by srujanika@gmail.com

# ଋଗ୍‌ବେଦରେ ଜୀବନର ଜୟଗାନ

**—ମନୀଷା ଦାସ,** ବି. ଏ.

ଆର୍ଯ୍ୟସଂସ୍କୃତିର ମହତ୍ତ୍ୱ ଅବଦାନ ମଧ୍ୟରେ ଋଗ୍‌ବେଦ ସର୍ବପ୍ରଥମ ଏବଂ ସର୍ବଶ୍ରେଷ୍ଠ । ଏହା ଯୁଗ ଯୁଗ ଧରି ଆର୍ଯ୍ୟ-ଜୀବନର ଧାର୍ମିକତା ଓ ଆଧ୍ୟାତ୍ମିକତାର ସ୍ୱଚ୍ଛ ଉତ୍ସରୂପରେ ବିବେଚିତ ହୋଇ ଆସିଅଛି । ଏଣୁ ଏଥିରେ ଭାବ, ଭାଷାର ବିଚାର ଏକ ଗୌଣ-ବିଷୟରୂପରେ ବିବେଚିତ ହେବା ସ୍ୱାଭାବିକ, ମାତ୍ର ଏହି ସୁପ୍ରାଚୀନ ଆର୍ଯ୍ୟ ଅବଦାନ ମଧ୍ୟରେ ଭାବ, ଭାଷାର ଯେ ଉଚ୍ଛ୍ୱଳ ତରଙ୍ଗ ବିଳସିତ ହୋଇଅଛି, ତାହା ବିଚାର କଲେ, ଭାବ-ଭାଷର କଳାନୈପୁଣ୍ୟରେ ପୃଥିବୀର ଯେକୌଣସି ଭାଷା-ସାହିତ୍ୟର ବିଭବଠାରୁ କୌଣସି ନ୍ୟୂନ ନୁହେଁ; ଅଧିକନ୍ତୁ ସ୍ୱତଃ-ସ୍ଫୂର୍ତ୍ତି ଭାବ-ବିକାଶରେ ଚିର ଭାସ୍ୱର ଓ ଚିର ସୁନ୍ଦର ହୋଇ ପାରିଛି ।

ଋଷିଗଣଙ୍କର ଅନ୍ତରର ଅସୀମ ଜ୍ଞାନ-ରାଶିର କିଞ୍ଚିତ୍ ଆଭାସ ମାତ୍ର ଋଗ୍‌ବେଦର କବିତାଗୁଡ଼ିକରେ ପ୍ରତିଫଳିତ । ମନ୍ତ୍ର-ଗୁଡ଼ିକର ରଚନାଶୈଳୀ କାବ୍ୟକ ବିଭିନ୍ନ ଭାବରେ ମଣିରତ୍ନଖଚିତ ରାଜସୌଧ ପରି ସୁଶ୍ରୀମନ୍ତ । ଭାବର ଗାମ୍ଭୀର୍ଯ୍ୟ, ଛନ୍ଦର ଲାଳିତ୍ୟ, ଭାଷାର ମାର୍ଜିତ ସମାବେଶରେ ଋଗ୍‌ବେଦର ପ୍ରତିଟି ସୂକ୍ତ କଳାନୈପୁଣ୍ୟର ଅନବଦ୍ୟ ସୃଷ୍ଟି ବୋଲି ବିବେଚିତ ହେବ ।

ଋଗ୍‌ବେଦ ଦଶଟି ମଣ୍ଡଳ ଓ ୮୫ଟି ଅନୁବାକ୍ (ପରିଚ୍ଛେଦ) ଦ୍ୱାରା ବିଭକ୍ତ । ମଧୁଚ୍ଛନ୍ଦା, ଦୀର୍ଘତମା, ଅଗସ୍ତ୍ୟପ୍ରଭୃତି ଋଷି ପ୍ରଥମ ମଣ୍ଡଳର ସୂକ୍ତ-ରଚନାକାରୀ । ଦ୍ୱିତୀୟ ମଣ୍ଡଳ ଗୃତ୍ସମଦ, ତୃତୀୟମଣ୍ଡଳ ବିଶ୍ୱାମିତ୍ର, ଚତୁର୍ଥ ମଣ୍ଡଳ ବାମଦେବ, ପଞ୍ଚମ ମଣ୍ଡଳ ଅତ୍ରି, ଷଷ୍ଠମଣ୍ଡଳ ଭରଦ୍ୱାଜ, ସପ୍ତମମଣ୍ଡଳ ବଶିଷ୍ଠ, ଅଷ୍ଟମମଣ୍ଡଳ ପ୍ରଗାଥ, ନବମ ଓ ଦଶମ ମଣ୍ଡଳରେ ବିଭିନ୍ନ ଋଷିଙ୍କର ରଚନାର ପ୍ରାଧାନ୍ୟ ପରିଲକ୍ଷିତ ହୁଏ ।

ଋଗ୍‌ବେଦର ପ୍ରତ୍ୟେକ ଋକ୍ ବିଭିନ୍ନ ଦେବତାଙ୍କ ନାମରେ ଉତ୍ସର୍ଗୀକୃତ । ଦେବଗଣଙ୍କର ଐଶ୍ୱର୍ଯ୍ୟ, ଶୌର୍ଯ୍ୟ, ମହତ୍ତ୍ୱ, କଲ୍ୟାଣପରାୟଣତା ଅଧିକାଂଶ କବିତାରେ ପ୍ରତିଫଳିତ । ଋଷିଗଣଙ୍କର ଧନ, ଜନ, ଯଶଃପ୍ରାର୍ଥନାରେ ପ୍ରତ୍ୟେକ ଋକ୍ ଅଳଂକୃତ ଓ ଅନୁରଣିତ । ବିଶ୍ୱର ମୌଳିକ ସତ୍ତ୍ୱା,

Digitized by srujanika@gmail.com

ପ୍ରକୃତର ବିଭିନ୍ନ ପର୍ଯ୍ୟାୟରେ ଆକାରିତ, ଏହା ଋଷିଗଣ ଉପଲବ୍ଧି କରିଥିଲେ । ତାହାହିଁ ଉଷା, ଅଗ୍ନି ଦ୍ୟୁସ୍ଥ, ଆକାଶ, ମରୁତ୍, ସୂର୍ଯ୍ୟ, ଇନ୍ଦ୍ରାଦିଙ୍କ ଦେବତାର ପ୍ରକାଶଭାବରେ ଚିତ୍ରଣ କରାଯାଇଅଛି ।

## କାବ୍ୟର ଲକ୍ଷ୍ୟ

କାବ୍ୟର ସଂଜ୍ଞା ନିର୍ଦ୍ଦେଶ କରିବାକୁ ଯାଇ ସଂସ୍କୃତ ଭାଷାର ଆଲଂକାରିକଗଣ ଉଲ୍ଲେଖ କରି ଅଛନ୍ତି (୧) "ରସାତ୍ମକଂ ବାକ୍ୟଂ କାବ୍ୟମ୍ ।" (୨) ରମଣୀୟାର୍ଥ ପ୍ରତିପାଦକଶବ୍ଦଃ କାବ୍ୟମ୍ । (୩) ଚତୁର୍ବର୍ଗ ଫଳପ୍ରାପ୍ତି ଃ ସୁଖାଦଲ୍ପଧିୟାମପି ।

(୪) "ଧର୍ମାର୍ଥକାମମୋକ୍ଷାଣାଂ
ବୈଚକ୍ଷଣ୍ୟଂ କଳାସୁ ଚ
କରୋତି କୀର୍ତ୍ତିଂ ଚ ସାଧୁ-
କାବ୍ୟଂ ନିଷେବଣମ୍ ।"

(୧) ରସାତ୍ମକ ବାକ୍ୟ ହିଁ କାବ୍ୟ । (୨) ରମଣୀୟାର୍ଥପ୍ରତିପାଦକ ଶବ୍ଦକୁ କାବ୍ୟ କୁହାଯାଏ । (୩) ଅଳ୍ପ ଲୋକ ଯାହାଦ୍ୱାରା ସହଜରେ ଚତୁର୍ବର୍ଗଫଳ ପାଇଥାନ୍ତି । (୪) ସାଧୁ କାବ୍ୟ ଚର୍ଚ୍ଚାଦ୍ୱାରା ଧର୍ମ, ଅର୍ଥ, କାମ, ମୋକ୍ଷ ଓ ବିଭିନ୍ନ କଳାରେ ବିଚକ୍ଷଣତ୍ୱ ଲାଭକରେ । କାବ୍ୟର ଏହି ସଂକ୍ଷିପ୍ତ ସଂଜ୍ଞାର ବ୍ୟାଖ୍ୟାନ ଦେବାକୁ ଯାଇ କୁହାଯାଇଛି, କାବ୍ୟ ମନୁଷ୍ୟର ଭାବ, ଅନୁଭୂତି, ସୁଖ, ଦୁଃଖ, ଆନନ୍ଦ ଓ ସୌନ୍ଦର୍ଯ୍ୟର ପ୍ରତୀକ ହେବା ଆବଶ୍ୟକ । କାବ୍ୟର ଏହି ସଂଜ୍ଞା ଶ୍ରେଣୀବିଭାଗ କରିବାକୁ ଯାଇ କୁହାଯାଇଛି, ପ୍ରତ୍ୟେକ କାବ୍ୟର-ଅନ୍ତଃ ପ୍ରବାହିତ ରସ ନଅଟି ଶ୍ରେଣୀରେ ବିଭକ୍ତ ଯଥା:—ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ । ଏହି ଆଠଟି ରସ ଓ କେହି କେହି ଶାନ୍ତ ବା ବାତ୍ସଲ୍ୟ ରସକୁ ଉକ୍ତ ଆଠରସରେ ମିଶ୍ରିତ କରି ନବସଂଖ୍ୟକ କରିଥାନ୍ତି ।

ଯେଉଁ ସମୟରେ ଭାରତୀୟ ସଭ୍ୟତା ଜାଗତିକ ଅନୁଭୂତିର ଉତ୍ତୁଙ୍ଗ ଗିରି-ଶିଖରରେ ଉପନୀତ ହୋଇଥିଲା, ସେହି-ସମୟରେ ଭାରତୀୟ କାବ୍ୟର ଅନ୍ତଃ-ପ୍ରବାହିତ ରସ ଉକ୍ତ ନଅଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା, ମାତ୍ର ବୈଦିକ-କାଳୀନ ଆର୍ଯ୍ୟଜୀବନ ପରକାଳୀନ ଜାଗତିକ ଜୀବନଠାରୁ ବହୁ ଉଚ୍ଚରେ ଅବସ୍ଥିତ ଥିଲା । ଉକ୍ତ ଜୀବନ-ଧର୍ମ-ଅର୍ଥ, କାମ-ମୋକ୍ଷ ସର୍ବସ୍ୱ ଥିଲା ଏବଂ ଧର୍ମ ଓ ମୋକ୍ଷଲିପ୍ସା ଚରମ ଲକ୍ଷ୍ୟଭାବରେ ବିବେଚିତ ହୋଇଥିଲା । ଆର୍ଯ୍ୟର ଧର୍ମାନୁଭୂତି ଓ ମୋକ୍ଷ ଆଧୁନିକ ଅର୍ଥରେ ରିଲିଜନ୍ (Religion) ବା ସାଲ୍‌ଭେସନ [Salvation) ବା ନିର୍ବାଣ ନୁହେଁ ବା ବିନାଶ ନୁହେଁ । ଏହି ଧର୍ମର ସଂଜ୍ଞା ହେଲା, "ଆଚାରଃ ପରମୋ ଧର୍ମଃ, ଆଚାର ହିଁ ପରମଧର୍ମ ବା, ଧ୍ରିୟତେ ଅନେନ ଇତି ଧର୍ମଃ, ଅର୍ଥାତ୍ ଯାହାଦ୍ୱାରା ଏହି ବିଶ୍ୱ ଧରା ହୋଇ ରହିଅଛି ।" ଆର୍ଯ୍ୟର ଧର୍ମ ଓ ମୋକ୍ଷର ଲକ୍ଷ୍ୟ ଜୀବ ଜାଗତିକ ସୁଖଦୁଃଖ, ଘାତ-ପ୍ରତିଘାତରୁ ମୁକ୍ତ ହୋଇ ଚିରସତ୍ୟ, ଚିରସୁନ୍ଦର ଓ ଚିରମଙ୍ଗଳକର ପରମାତ୍ମାରେ ବିଲୀନ ହୋଇଯିବା । ଏହି ପରମ ସତ୍ୟାନୁଭୂତିପାଇଁ ଆର୍ଯ୍ୟଜୀବନ

Digitized by srujanika@gmail.com

ଅଧୀର ଆକୁଳ ହୋଇ ଜୀବନାଦର୍ଶକୁ ଅନୁରୂପଭାବେ ରୂପାୟିତ କରିଥିଲେ । ଜୀବନର ଏହି ଆବେଗ, ଆକାଙ୍କ୍ଷା, ଉଦ୍‌ବେଗ, ଉଚ୍ଛ୍ୱାସ, ଉନ୍ନତଗିରର ତୁଙ୍ଗ ଶିଖରରୁ ସ୍ରୋତସ୍ୱିନୀ ନିର୍ଝରିଣୀ ପରି ଋଗ୍‌ବେଦର ବିଭିନ୍ନ ଋକ୍ ପ୍ରବାହିତ ହୋଇଥିଲା । ପରବର୍ତ୍ତୀ ବୈଦିକ ମନ୍ତ୍ର ଓ ସୂକ୍ତ ଅପେକ୍ଷା ଋଗ୍‌ବେଦର ସୂକ୍ତଗୁଡ଼ିକ ପ୍ରଭାବଶାଳୀ ଛନ୍ଦ ଓ ଯତିପାତଦ୍ୱାରା ଅଧିକତର ମନୋଜ୍ଞ ହୋଇ ପାରିଛି । କେବଳ ୭୫ଟି ସ୍ୱତନ୍ତ୍ର ସୂକ୍ତ ବ୍ୟତୀତ ସୁନିର୍ବାଚିତ କେତେକ ଋଗ୍‌-ବେଦର ସୂକ୍ତଦ୍ୱାରା ସାମବେଦରେ ଗାନର ପରିକଳ୍ପନା କରାଯାଇଅଛି ।

ଭାବ, ଭାଷା, କଳ୍ପନା, ଧ୍ୱନି ଓ ଅନୁଭୂତିର ସମନ୍ୱୟ ଯଦି କବିତାର ବାସ୍ତବ ରୂପ ବୋଲି ବିବେଚିତ ହୁଏ, ତାହାହେଲେ ଋଗ୍‌ବେଦର ସୂକ୍ତଗୁଡ଼ିକ ଏହି ପରିପ୍ରେକ୍ଷୀରେ ନ୍ୟୂନ ନୁହେଁ । ଅଧିକନ୍ତୁ କାବ୍ୟାଳଙ୍କାର ଏହି ବିଭବମାନଙ୍କଦ୍ୱାରା ଋଗ୍‌ବେଦର ସୂକ୍ତଗୁଡ଼ିକ ଅଧିକ ସରସ ଓ ସମୁଜ୍ଜ୍ୱଳ ହୋଇ ପାରିଛି ।

## ଜୀବନର ଜୟଗାନ

ଆର୍ଯ୍ୟ-ଋଷିଗଣ ଜନ୍ମ-ମୃତ୍ୟୁ, ଜୀବନ-ସଂଗ୍ରାମ, ଜୀବନର ଅପରିପୂର୍ଣ୍ଣତା ଓ ଜୀବନର ଏକାନ୍ତ କାମ୍ୟ ସତ୍ୟ, ଆନନ୍ଦ, ମଙ୍ଗଳ ମଧ୍ୟରେ ଏକ ବାସ୍ତବବାଦୀ ଧାରଣା ପୋଷଣ କରିଥିଲେ । ସେମାନେ ଐଶ୍ୱରିକ ଶକ୍ତିର ସ୍ଥିତି ଓ ଅନୁଭୂତିରେ ପରମ ବିଶ୍ୱାସୀ ଥିଲେ ଏବଂ ସେହି ବିଶ୍ୱାସରେ ଉତ୍ସାହିତ ହୋଇ ଜୀବନର ସାର୍ଥକତା ଲାଭ କାମନାରେ ଆନନ୍ଦ-ଉତ୍ସାହମଧ୍ୟରେ ଯେଉଁ ପ୍ରାର୍ଥନା କରିଥିଲେ, ତାହାହିଁ ଋଗ୍‌ବେଦର ଋକ୍ ନାମରେ ପରିଚିତ । ବୈଦିକ ଋଷିଗଣ ଜୀବନ ତଥା ଈଶ୍ୱରଙ୍କୁ ଭଲ ପାଇ ଶିଖିଥିଲେ, ଏଣୁ ଜୀବନର ପ୍ରତି କାମନା ଓ ବାସନା ପ୍ରାର୍ଥନାଭାବରେ ଆତ୍ମପ୍ରକାଶ କରିଥିଲା । ଋଗ୍‌ବେଦର ଜୀବନାଦର୍ଶ, ବାସ୍ତବ ଅନୁଭୂତ, ଉତ୍ସାହ ଉଦ୍ଦୀପନାର ଯେଉଁ ଆଲେଖ୍ୟ ଉପସ୍ଥାପିତ କରାଯାଇଛି, ତାହା ଅନନ୍ୟସାଧାରଣ । ଏଣୁ ଜୀବନର ଏହି ମଧୁମୟୀ କାମନାରେ ଆର୍ଯ୍ୟ ଋଷିଙ୍କ ଉଦାତ୍ତ କଣ୍ଠରୁ ଉଚ୍ଚାରିତ ହୋଇଥିଲା—

"ମଧୁବାତା ଋତାୟତେ<br>
ମଧୁ କ୍ଷରନ୍ତି ସିନ୍ଧବଃ<br>
ମାଧ୍ୱୀର୍ନଃ ସନ୍ତ୍ୱୋଷଧୀଃ । ୬<br>
ମଧୁନକ୍ତମ୍ ଉତୋଷସୋ<br>
ମଧୁମତ୍ ପାର୍ଥିବଂ ରଜଃ<br>
ମଧୁଦ୍ୟୌର୍ ଅସ୍ତୁ ନଃ ପିତା । ୭<br>
ମଧୁମାନନୋ ବନସ୍ପତିର<br>
ମଧୁମାଂ ଅସ୍ତୁ ସୂର୍ଯ୍ୟଃ<br>
ମାଧ୍ୱୀର୍ ଗାବୋ ଭବନ୍ତୁ ନଃ । ୮,<br>
ଋ ୧-୯୧ ।

ଯେଉଁଲୋକ ଋତ ବା ଶାଶ୍ୱତ ନିୟମ ମାନି ଚଳେ, ତା'ପାଇଁ ପବନ ମଧୁର ହୁଏ । ନଦୀ ନିର୍ଝରିଣୀର ଜଳ ମଧ୍ୟ ମଧୁର ହୁଏ । ବନସ୍ପତି ମଧୁର ହୁଅନ୍ତି, ଉଷା ଓ ରାତି ମଧୁର ହୁଅନ୍ତି, ପୃଥିବୀର ଧୂଳିକଣା

Digitized by srujanika@gmail.com

ମଧୁର ହୁଏ, ହୁଗ ମଧ୍ୟ ମଧୁର ହୁଏ। ସୂର୍ଯ୍ୟ ବି ମଧୁର ହୁଏ— ଗିରି ବନ ମଧ୍ୟ ମଧୁର ହୁଏ।

ପ୍ରାଚୀନ ଗ୍ରୀକ୍ ଧର୍ମ ହେଉ ଓ ବୌଦ୍ଧ ଧର୍ମର କବିତାମାନଙ୍କରେ ଦୁଃଖ, ନୈରାଶ୍ୟ, ଗ୍ଲାନିକର ପାପପ୍ରବୃତ୍ତିର ନିର୍ମମ ଅବଦମନ, ଜୀବନର ଦୁଃଖାତ୍ମକ ପରିଚ୍ଛେଦର ଯେଉଁ କରୁଣ ଚିତ୍ର ମିଳେ, ତାହା ଋଗ୍‌ବେଦରେ ବିରଳ। ପରକାଳୀନ ସାହିତ୍ୟର କଳ୍ପନା-ପରିପୁଷ୍ଟ ବୃତ୍ତଚିତ୍ରଣରେ ମୁଗ୍ଧ ହୋଇ ଆର୍ଯ୍ୟ ଋଷି ସହସ୍ର ବର୍ଷ ବଞ୍ଚିବାର କଳ୍ପନାରେ ବିଳାସୀ ନ ହୋଇ ନିଜକୁ ଶତାୟୁ ହେବାର ବାସନା ରଖିଥିଲେ।

"ଇମଂ ଜୀବେଭ୍ୟଃ ପରିଧିଂ ଦଧାମି
ମୈଷାଂ ନୁ ଗାଦପରୋ ଅର୍ଥମେତମ୍,
ଶତଂ ଜୀବନ୍ତୁ ଶରଦଃ ପୁରୂଚୀ-
ରନ୍ତର୍ମୃତ୍ୟୁଂ ଦଧତାଂ ପର୍ବତେନ"।
ଋଗ୍‌ବେଦ, ୧୦, ୧୮।

ମନୁଷ୍ୟପାଇଁ ଜୀବନର ଏହି ସୀମା ନିର୍ଦ୍ଧାରଣ କରାଯାଉଛି। ମନୁଷ୍ୟ ଶତବର୍ଷ ବଞ୍ଚି ଉନ୍ନତିବିଧାନ କରୁ। ଆୟୁ ଓ ମୃତ୍ୟୁ ମଧ୍ୟରେ ପର୍ବତ ପ୍ରତିବନ୍ଧକସ୍ୱରୂପ ଛିଡ଼ା କରି ଦିଅ।"

ଋଗ୍‌ବେଦର ଏହି କାମନା ଯଜୁର୍ବେଦରେ:
"ଅଦୀନାଃ ସ୍ୟାମ ଶରଦଃ ଶତଂ
ଭୂୟଶ୍ଚ ଶରଦଃ ଶତାତ୍।"

ଏହି ଭାବରେ ପ୍ରତିଫଳିତ ହୋଇଥିଲା। ଅଥର୍ବବେଦର ଋଷି, ଋଗ୍‌ବେଦର କାମନାକୁ ସୁନ୍ଦରପ୍ରସାରୀ କରି ଗାନ କରିଥିଲେ—

"ପଶ୍ୟେମ ଶରଦଃ ଶତମ
ଜୀବେମ ଶରଦଃ ଶତମ୍, ଇତ୍ୟାଦି।

ଆର୍ଯ୍ୟ ଋଷିର ଏହି କାମନା, ପଞ୍ଚନଦର ଘଞ୍ଚ ତପୋବନ ବା ସୈନ୍ଧବ-ଗାଙ୍ଗେୟ ଉପତ୍ୟକାର ସ୍ୱର୍ଣ୍ଣାଭ ଗୋଧୂମ କ୍ଷେତର ସୌରଭ କଳ୍ପନାବିଳାସ ନୁହେଁ। ଜୀବନସଂଗ୍ରାମର କଣ୍ଟକିତ ଓ କଙ୍କରିଲ ପଥର ଜୟଯାତ୍ରାର ବାସ୍ତବ ଅନୁଭୂତି ଲାଭ କରିବା ସଙ୍ଗେ ସଙ୍ଗେ, ଆର୍ଯ୍ୟ ଋଷି ସତ୍ୟ ପ୍ରତି ଗଭୀର ନିଷ୍ଠାରୁ ଉକ୍ତ ଅନୁଭୂତି ଲାଭ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ
ସଂ ବୋ ମନାଂସି ଜାନତାମ୍
ଦେବାଭାଗଂ ଯଥା ପୂର୍ବେ
ସଂ ଜାନାନା ଉପାସତେ।
ସମାନୋ ମନ୍ତ୍ରଃ ସମିତିଃ
ସମାନୀ ସମାନଂ ମନଃ ସହ ଚିତ୍ତମ୍ ଏଷାମ୍
ସମାନଂ ମନ୍ତ୍ରମ୍ ଅଭିମନ୍ତ୍ରୟେ ବଃ
ସମାନେନ ବୋ ହବିଷା ଜୁହୋମି।
ସମାନୀବ ଆକୂତିଃ ସମାନା ହୃଦୟାନି ବଃ
ସମାନମ୍ ଅସ୍ତୁ ବୋ ମନୋ ଯଥା ବଃ
ସୁସହାସତି। ଋଗ୍‌ବେଦ, ୧୦-୧୯୧

ଧର୍ମନିରତ ବିଦ୍ୱାନ୍, ତୁମେସବୁ ଏକତ୍ର ମିଳିତ ହୁଅ। ଏକ କଥା କହ। ପୂର୍ବେ ଦେବଗଣ ଏକତ୍ର ହୋଇ ନିଜର ଦେବଭାଗ ଉପଭୋଗ କଲାପରି, ତୁମେ ଏକତ୍ର ଉପଭୋଗ କର। ଏକମନା ହୁଅ।

Digitized by srujanika@gmail.com

ଏକତର ହୁଅ । ତୁମର ଲକ୍ଷ୍ୟ ଏକ ହେଉ । ତୁମର ପ୍ରାର୍ଥନା ଏକ ହେଉ । ତୁମର ହୃଦୟ ଏକ ହେଉ । ତୁମେ ସୁଖରେ ଏକତ୍ର ବାସକର ।''

ଭାଷାର ଗୁରୁତ୍ୱ ଓ ବର୍ଣ୍ଣନ ଭଙ୍ଗୀର ସାବଲୀଳତାରେ ଋଗ୍‌ବେଦର କବିତାଗୁଡ଼ିକ ଅନନ୍ୟସାଧାରଣ । ବହୁ ସମାଲୋଚକଙ୍କ ମତରେ ଋଗ୍‌ବେଦ-ବର୍ଣ୍ଣିତ ଉଷା ସୂର୍ଯ୍ୟୋଦୟର ବର୍ଣ୍ଣନା ପରି ଉତ୍କୃଷ୍ଟ ବର୍ଣ୍ଣନା ପୃଥିବୀର ଯେକୌଣସି ଭାଷାରେ ବିରଳ ।

## ଉଷାର ମଧୁମୟ ବର୍ଣ୍ଣନା

ଉଷା ଶବ୍ଦର ଅର୍ଥ କାନ୍ତିମତୀ । ଏହି ଉଷା ଶବ୍ଦ ଲାଟିନ୍ ଭାଷାରେ ଅରୋରା (Arora) ଏବଂ ଗ୍ରୀକ୍ ଭାଷାରେ ଏଓସ୍ (Eoas) ଶବ୍ଦର ସମକାଳୀୟ । ନବୋଦିତା ଉଷାର ବର୍ଣ୍ଣ-ବିଭାସରେ ଋଷିର ହୃଦୟ ତରଙ୍ଗାୟିତ ହୋଇ ଋଗ୍‌ବେଦର ୨୦ଟି ସୂକ୍ତରେ ଉଷାର ମହିମା ଝଂକୃତ ହୋଇଅଛି । ଉଷାର ଅନୁପମ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ଋଗ୍‌ବେଦରେ କୁହାଯାଇଛି—

"ସ୍ୱର୍ଗପୁତ୍ରୀ ଦୀପ୍ତାଙ୍ଗୀ ଉଷା ଆକାଶରେ ଉଦିତ ହେଲେ । ସେହି କାନ୍ତିମୟୀ, ରାତ୍ରୀର ଭଗିନୀସ୍ୱରୂପା, ଉଷା ସ୍ୱକାନ୍ତି ସୂର୍ଯ୍ୟକାନ୍ତିରେ କାନ୍ତିମତୀ । ସୂର୍ଯ୍ୟ ଉଷାର ପଶ୍ଚାଦ୍‌ଭାଗରେ ପ୍ରକାଶିତ ହେବାମାତ୍ରେ, ଉଭୟ ଯୁବକ ଓ ଯୁବତୀ ପରି ପ୍ରତିଭାତ ହେଉଅଛନ୍ତି । ସୂର୍ଯ୍ୟଙ୍କର ରଙ୍ଗିନ୍ ଅଶ୍ୱ ଯୋଖି ଯାଉଥିବା ରଥରେ ଯାହା କଳ୍ପପରି ଦେଖା ଯାଉ-ଅଛନ୍ତି । ଉଷା ବଳାସୋଚିତ ବେଶଭୂଷାରେ ଭୂଷିତା ହୋଇ ନର୍ତ୍ତକୀର ଶୋଭା ଧାରଣ କଲାପରି ଶୋଭା ପାଉଛନ୍ତି । ସୂର୍ଯ୍ୟଙ୍କ ଅରୁଣାଭ ତେଜୋଦାମ ପରିଧାନ କରି କାନ୍ତିମତୀ ଉଷା ପ୍ରଭାତର ମନ୍ଦମନ୍ଦ ଆଗରେ ନିଜର କାନ୍ତି ପ୍ରକାଶ କରୁଅଛନ୍ତି । "ଉଷା ସ୍ୱର୍ଗର ଦ୍ୱାର ଉଦ୍‌ଘାଟନ କରୁଅଛନ୍ତି । ଉଷା ତାଙ୍କର ଉଚ୍ଛ୍ୱସିତ କିରଣରାଶିରେ ଉଜ୍ଜ୍ୱଳ ମୟୂଖ ପରି ଦେଖା ଯାଉଅଛନ୍ତି । ଉଷା ରାକ୍ଷସ ଓ ପିଶାଚବର୍ଗଙ୍କୁ ଗାଢ଼ ଅନ୍ଧକାରମଧ୍ୟରେ ନିର୍ବାସିତ କରୁଅଛନ୍ତି । ଧୀରେ ଧୀରେ ଉଷା, ରାତ୍ରିର ନୀଳ ବସନ ପାଲଟୁଛନ୍ତି । ଉଷାର ଆଗମନରେ ବିହଙ୍ଗମ-ଗଣ ସ୍ୱ-ସ୍ୱ ନୀଡ଼ ପରିତ୍ୟାଗ କରି ଦିଗଦିଗନ୍ତକୁ ଧାବିତ ହେଉଅଛନ୍ତି । ଭ୍ରମରର ଗୁଞ୍ଜନ-ପକ୍ଷୀର ମଧୁର କଳରବରେ ଧରିତ୍ରୀ ମଧୁମୟୀ ହୋଇ ଉଠୁଛି ''। ଇତ୍ୟାଦି ।

ପୃଥିବୀର ବିଭିନ୍ନ ଭାଷାରେ ବର୍ଣ୍ଣିତ ଉଷାର ବର୍ଣ୍ଣନାକୁ ଋଗ୍‌ବେଦର ବର୍ଣ୍ଣନା ସହିତ ତୁଳନା କଲେ, ସମସ୍ତ ବର୍ଣ୍ଣନା ଋଗ୍‌ବେଦର ବର୍ଣ୍ଣନା ନିକଟରେ 'ବାଣୋଚ୍ଛିଷ୍ଟମିଦଂ ଜଗତ୍'' ଭାବରେ ପ୍ରତିପାଦିତ ହେବ ।

## ଉପାଖ୍ୟାନ

ଋଗ୍‌ବେଦରେ ବର୍ଣ୍ଣିତ ପୁରୁରବା ଓ ଉର୍ବଶୀଙ୍କର କଥୋପକଥନ ଓ ଉପାଖ୍ୟାନ ଗାଥାକାବ୍ୟ [Ballad]ର ଏକ ଜ୍ୱଳନ୍ତ ଓ ଦୀପ୍ତିମନ୍ତ ଆଲେଖ୍ୟ ।

Digitized by srujanika@gmail.com

ଋଗ୍‌ବେଦର ଦଶମମଣ୍ଡଳ ୯୫ ସୂକ୍ତ ପୁରୁରବା ଓ ଉର୍ବଶୀଙ୍କ ଉକ୍ତିପ୍ରତ୍ୟୁକ୍ତିରେ ରୂପାୟିତ । ରାଜା ପୁରୁରବା ବହୁପତ୍ନୀକ ଥିଲେ ମଧ୍ୟ, ଅପରୂପ ଲାବଣ୍ୟବତୀ ଉର୍ବଶୀଙ୍କୁ ଅନ୍ୟତମା ପତ୍ନୀ ରୂପରେ ଗ୍ରହଣ କରିଥିଲେ । ବିବାହ ପୂର୍ବରୁ ଉଭୟ ଏକ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତିରେ ଆବଦ୍ଧ ଥିଲେ, ମାତ୍ର ପୁରୁରବା ଉକ୍ତ ପ୍ରତିଶ୍ରୁତି ଭଙ୍ଗ କରିବାରୁ ଉର୍ବଶୀ ଅନ୍ତଃସତ୍ତ୍ୱା ଥିବା ଅବସ୍ଥାରେ ପୁରୁରବାଙ୍କୁ ପରିତ୍ୟାଗ କରିଥିଲେ ଏବଂ ସନ୍ତାନ ପ୍ରସବ ପରେ ମୁଁ ତାହାକୁ ତୁମ ନିକଟକୁ ପଠାଇ ଦେବି । ଏହାର ଉତ୍ତରରେ ରାଜା ଜିଜ୍ଞାସା କରିଥିଲେ, ତୁମକୁ ନ ଦେଖି ଶିଶୁଟି କଅଣ କ୍ରନ୍ଦନ କରିବ ନାହିଁ ! ଉର୍ବଶୀ ଉତ୍ତର ଦେଇଥିଲେ ନା, ସେ ଶିଶୁଟି କ୍ରନ୍ଦନ କରିବ ନାହିଁ ; କାରଣ ମୁଁ ସର୍ବଦା ତା'ର ମଙ୍ଗଳ କାମନା କରିବି । ଉକ୍ତ ଉପାଖ୍ୟାନରେ ନାରୀର ରୂପଗୁଣ ବର୍ଣ୍ଣନା ମିଳନ, ପ୍ରେମ, ଦାମ୍ପତ୍ୟ, ବିଚ୍ଛେଦ, ବାତ୍ସଲ୍ୟର ଏକ ରୂପମନ୍ତ ଚିତ୍ର ଚିତ୍ରିତ ହୋଇଅଛି ।

ଋଗ୍‌ବେଦର ଦଶମ ମଣ୍ଡଳରେ ବର୍ଣ୍ଣିତ ଯମଯାମୀଙ୍କର କଥୋପକଥନବର୍ଣ୍ଣନାତ୍ମକ କାବ୍ୟକଳାର ଏକ ଜ୍ୱଳନ୍ତ ପ୍ରତିଛବି । ଯମଯାମୀଙ୍କର ଇତିବୃତ୍ତର ପରିଣତି କେଉଁଠି ତାହା ବର୍ଣ୍ଣିତ ହୋଇ ନ ଥିଲେ ମଧ୍ୟ,— ପ୍ରାକୃତିକ ଜୈବଧର୍ମର ନିବିଡ଼ ବେଷ୍ଟନୀ ସଙ୍ଗେ ମାନବିକ ଧର୍ମବୋଧ ସଂଘର୍ଷର ଏକ ନିପୁଣ ଆଲେଖ୍ୟ ଉକ୍ତ ସୂକ୍ତରେ ବର୍ଣ୍ଣିତ ହୋଇଅଛି ।

ଋଗ୍‌ବେଦର ଦଶମମଣ୍ଡଳ ୮୫ସୂକ୍ତରେ ସୋମାଙ୍କ ସହିତ ସୂର୍ଯ୍ୟାଙ୍କ ବିବାହର ବର୍ଣ୍ଣନା କରାଯାଇଛି । ଅଶ୍ୱିନୀକୁମାରଦ୍ୱୟ ଏହି ବିବାହରେ ଘଟକସ୍ୱରୂପ କାର୍ଯ୍ୟ କରିଅଛନ୍ତି । ସୂର୍ଯ୍ୟା-ସୋମାଙ୍କର ବିବାହ ଅନୁଷ୍ଠାନ ସୂକ୍ତଗୁଡ଼ିକ ଯୁଗ-ଯୁଗଧରି ଭାରତୀୟ ହୃଦୟ ଜୀବନକୁ ପ୍ରେମର ଗଭୀର ଅନୁଭୂତିରେ ରୋମାଞ୍ଚକର ତଥା ଛନ୍ଦୋମୟ କରି ପାରିଛି ।

ବଧୂବେଶିନୀ ସୋମର ବର୍ଣ୍ଣନା-ପ୍ରସଙ୍ଗରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ଭାବ, ଅନୁଭୂତିର ଯେଉଁ କମନୀୟ ବର୍ଣ୍ଣନା କରାଯାଇଛି, ତାହା ପାଠ କଲେ ଆର୍ଯ୍ୟ ଋଷିର ଗଭୀର ସୌନ୍ଦର୍ଯ୍ୟ ଓ ଉନ୍ନତ ରୁଚିପ୍ରବୃତ୍ତିର ପରିଚୟ ମିଳେ ।

ରୈଭ୍ୟାସୀଦ୍ ଅନୁଦେଯୀ
ନରାଶଂସୀ ନ୍ୟୋଚନୀ
ସୂର୍ଯ୍ୟାୟା ଭଦ୍ରମ୍ ଇଦବାସୋ
ଗାଥୟୈତି ପରିଷ୍କୃତମ୍ ।
ଚିତ୍ତିରା ଉପବର୍ହଣଂ ଚକ୍ଷୁରା ଅଭ୍ୟଞ୍ଜନମ୍
ଦ୍ୟୌର୍ଭୂମିଃ କୋଶ ଆସୀଦ୍
ଯଦ୍ ଅଯାତ୍ ସୂର୍ଯ୍ୟା ପତିମ୍ ।

ସୂର୍ଯ୍ୟା ସ୍ୱାମୀଙ୍କ ସଙ୍ଗରେ ଯାଇଥିବା ସମୟରେ, ରୈଭି ଛନ୍ଦ ତାଙ୍କର ବିବାହ-କାଳୀନ ସାଥୀ ହୋଇଥିଲା, ନରାଶଂସୀ ସୂକ୍ତ ତାଙ୍କର ଅଙ୍ଗରକ୍ଷୀ ହୋଇଥିଲା । ଗାଥା-ସଙ୍ଗୀତ ତାଙ୍କର ଅଙ୍ଗାଭରଣ ହୋଇଥିଲା । ଭାବନା ହିଁ ଶୟନରୂପକ ଶଯ୍ୟାର ଉପାଧାନ ହୋଇଥିଲା । ପାରିପାର୍ଶ୍ୱିକ ଦୃଶ୍ୟହିଁ ନେତ୍ରର

Digitized by srujanika@gmail.com

ଅଭ୍ୟୁତ୍ଥାନ ବା କଳ୍ପନା ହୋଇଥିଲା । ଆକାଶ-ଦେଶ ଗଳାର ବିହାରଳ ହୋଇଥିଲା ।

ସୂର୍ଯ୍ୟ-ସୋମାଙ୍କର ବିବାହକାଳୀନ ଶପଥ ପାଠ, ହଜାର ହଜାର ବର୍ଷ ପରେ କୋଟି କୋଟି ଆର୍ଯ୍ୟ ନରନାରୀଙ୍କର ପରିଣୟ-ବେଦୀକାର ଶପଥରୂପେ ଗୃହୀତ ହୋଉଅଛି । ପାଣିଗ୍ରହଣକାଳରେ ବର-କନ୍ୟାର ହସ୍ତଧାରଣ କରି ।

"ଗୃହ୍ଣାମିତେ ସୌଭାଗତ୍ୱାୟ ହସ୍ତଂ
ମୟା ପତ୍ୟା ଜରଦଷ୍ଟି ର୍ ଯଥା ସଃ
ଭଗୋ ଅର୍ଯମା ସବିତା ପୁରଂଧର୍
ମହ୍ୟଂତ୍ୱାଦୁରଂ ଗାର୍ହପତ୍ୟାୟ ଦେବାଃ "।

"ଆଦର୍ଶ ଗୃହସ୍ଥାଶ୍ରମ ଓ ସୌଭାଗ୍ୟ ବୃଦ୍ଧି ପାଇଁ ମୁଁ ତୁମର ପାଣିଗ୍ରହଣ କରୁଅଛି । ମୋର ଜରାବସ୍ଥାପର୍ଯ୍ୟନ୍ତ ତୁମେ ମୋର ପତ୍ନୀ ହୋଇ ରହିବ । ଭଗ, ଅର୍ଯମା, ସବିତା, ପୁରନ୍ଧ୍ରୀ ପ୍ରଭୃତି ଦେବଗଣ ମୋର ଗୃହଲକ୍ଷ୍ମୀ ହେବାପାଇଁ ଦାନ କରି ଅଛନ୍ତି "।

ଏହି ଶପଥର ଅନ୍ତରାଳରେ ହିନ୍ଦୁର ବିବାହ ଅନୁଷ୍ଠାନର ମହତ୍ତ୍ୱ ଓ ଉନ୍ନତ ରୁଚି-ବୋଧର ପ୍ରତିଧ୍ୱନି କିପରି ନିହିତ ଅଛି ତାହା ପ୍ରାମାଣିତ ହୁଏ ।

## ଜୀବନ ଦୁଃଖମୟ ନୁହେଁ

ପ୍ରଫେସର ଉଇଲ ସନ୍ କାଓଏଲଙ୍କ ମତରେ ପ୍ରାଚୀନ ସଭ୍ୟତାକାଳୀନ କବିତାମାନଙ୍କରେ ବର୍ଣ୍ଣିତ ଛନ୍ଦ ଓ ଦୁଃଖାବହ ଚିତ୍ର ଯେ ପରିଚୟ ମିଳେ ତାହା ଋଗ୍‌ବେଦରେ ବିରଳ, ମାତ୍ର ଋଗ୍‌ବେଦର କବିତାଗୁଡ଼ିକର ସ୍ୱାତନ୍ତ୍ର୍ୟ ବିଷୟରେ ପୂର୍ବରୁ ଉଲ୍ଲେଖ କରାଯାଇଅଛି । କାବ୍ୟ-କବିତାରେ ଛନ୍ଦ, ଯତିପାତର ସୃଷ୍ଟି ବହୁ ପରକାଳୀନ ସଂଯୋଜନା, ମାତ୍ର ସୁପ୍ରାଚୀନ ବୈଦିକ ଋଷିମାନଙ୍କର କାବ୍ୟିକ କଳାମାନସ, ଆଲଂକାରିକ ଆଭରଣ ସର୍ଜନାରେ ତୃପ୍ତ ନ ରହି ଜୀବନ ଓ ପ୍ରକୃତିର ଗମ୍ଭୀର ଅନୁଭୂତି ଓ ସୌନ୍ଦର୍ଯ୍ୟକୁ ସହଜ, ସରଳ, ନିରାଭରଣ ଭାଷାରେ ବ୍ୟକ୍ତ କରିବାରେ ନିବଦ୍ଧ ଥିଲା ।

ଋଗ୍‌ବେଦର ଧାର୍ମିକେତର ସୂକ୍ତଗୁଡ଼ିକର ବର୍ଣ୍ଣନା କାବ୍ୟକଳାର ବିଭିନ୍ନ ଆଭିମୁଖ୍ୟ-ଦ୍ୱାରା ଅଧିକ ସମୃଦ୍ଧ । ଦଶମମଣ୍ଡଳର ୩୪ ସୂକ୍ତରେ ବର୍ଣ୍ଣିତ ଜୁଆ ଖେଳାଳୀର ଦୁର୍ଦ୍ଦଶା ବର୍ଣ୍ଣନା, ଦୁଃଖ, ଶୋକ ଅନୁତାପର ଏକ ଜ୍ୱଳନ୍ତ ଆଲେଖ୍ୟ । ଏହି ସୂକ୍ତରେ ଜୁଆଖେଳ ପାଶବାଶିକ ସୁଖସମୃଦ୍ଧିକୁ ନଷ୍ଟ କରି କିପରି ଧ୍ୱଂସମୁଖକୁ ଟାଣି ନେଇଛି, ତା'ର ଏକ କରୁଣ ବର୍ଣ୍ଣନାର ପରିଚୟ ମିଳେ ।

ଋଗ୍‌ବେଦର ପ୍ରଥମ ମଣ୍ଡଳ ୬୪ ସୂକ୍ତ ଓ ସପ୍ତମ ମଣ୍ଡଳର ୧୦୩ ସୂକ୍ତରେ ପ୍ରହେଳିକା (Riddle) ଓ ବ୍ୟଙ୍ଗ କବିତା (Satire) ର ପରିଚୟ ମିଳେ । ଏହି ସୂକ୍ତର ତାତ୍ତ୍ୱିକ ଅର୍ଥ ଯାହା ହୋଇଥାଉନା କାହିଁକି, ବାହ୍ୟିକ ଦୃଷ୍ଟିରୁ ଏହି ସୂକ୍ତର ବର୍ଣ୍ଣନାକୁ ବ୍ୟଙ୍ଗକବିତାର ଅନ୍ତର୍ଭୁକ୍ତ

Digitized by srujanika@gmail.com

କରାଯାଇପାରେ । ଗ୍ରୀଷ୍ମକାଳର ପ୍ରଚଣ୍ଡ ରୌଦ୍ର ତାପରେ ମୂକ ମୌନ ଥିବା ଭେକଗୁଡ଼ିକର ବର୍ଷାଗମରେ ମୁଖରତାକୁ ସୋମପାୟୀ ବ୍ରାହ୍ମଣଙ୍କ ଅଧ୍ୟୟନ-କାଳୀନ ଗୀତଘୋଷ ସହିତ ତୁଳନା କରାଯାଇଅଛି ।

"ସମ୍ବତ୍ସରଂ ଶଶୟାନା
ବ୍ରାହ୍ମଣା ବ୍ରତଚାରିଣଃ
ବାଚଂ ପର୍ଜନ୍ୟଂ ଜିନ୍ୱିତାଂ
ପ୍ରମଣ୍ଡୁକାଂ ଅବାଦିଷୁଃ ।

ଜୀବନ ଓ ପ୍ରକୃତିର ଗଭୀରତମ ସତ୍ୟ, ତଥ୍ୟ, ସୌନ୍ଦର୍ଯ୍ୟ ଅନୁସନ୍ଧାନରେ ଆର୍ଯ୍ୟ-ଋଷିର ଅନ୍ତରତମ ପ୍ରଦେଶ ଅଧୀର ଆକୁଳ ହୋଇ ଉଠିଥିଲା । ଯାହା ଚିରନ୍ତନ ସତ୍ୟ, ଶିବ ଓ ସୁନ୍ଦର, ତାହାର କାମନାରେ ଆର୍ଯ୍ୟଋଷିର ଉଦାତ୍ତ କଣ୍ଠରୁ ଋକ୍‌ଗୁଡ଼ିକ ଉଚ୍ଚାରିତ ହୋଇଥିଲା । ଶତ ସହସ୍ର ବର୍ଷର ସଭ୍ୟତା ଓ ସଂସ୍କୃତିର ପରିକ୍ରମା ଓ ଅଜ୍ଞାନ ଅନ୍ଧକାରମୟ ଜୀବନର ଘାତ-ପ୍ରତିଘାତ-ସତ୍ତ୍ୱେ ଋଗ୍‌ବେଦର ସୂକ୍ତଗୁଡ଼ିକ ଆଶା ଆଲୋକର ଦୀପ୍ତ ମନ୍ତ୍ର ଦୀପସ୍ତମ୍ଭ ପରି ବିରାଜିତ ।

———

Phone : 2830
2830-A
2323

M/s. MANSARAM AGARWALA
NEHRU NAGAR
ROURKELA—1
Dist. Sundergarh, (Orissa)
**Wholesale Dealers**
**IN**
ATTA, MAIDA, SUJI, and SUGAR
And
**Government Storage Agent**
Panposh and Bonai Sub-Divisions

Digitized by srujanika@gmail.com

# ସ୍ୱାଧୀନତା ସଂଗ୍ରାମର ସ୍ମୃତି



## ସେଦିନ ଗାନ୍ଧିଜୀ କାନ୍ଦିଲେ

**—ମହାବୀର ତ୍ୟାଗୀ**

ଖିଲାଫତ ଆନ୍ଦୋଳନ ବେଳେ ଏକ ମିଳିତ କାର୍ଯ୍ୟକ୍ରମ ଯୋଗୁଁ ହିନ୍ଦୁ ମୁସଲମାନଙ୍କ ଭିତରେ ଏପରି ଏକତା ଆସିଥିଲା—ଯାହାକି କ୍ଷୀର-ନୀରଭଳି ସଙ୍ଗେ ସମାନ; କିନ୍ତୁ ଏ ଆନ୍ଦୋଳନ କମିଯିବା ପରେ ଏ ଦୁଇ ସମ୍ପ୍ରଦାୟ ମଧ୍ୟରେ ପୁଣି ବିବାଦ ଆରମ୍ଭ ହୋଇଗଲା । ହିନ୍ଦୁମାନେ 'ଶୁଦ୍ଧି' ଓ ମୁସଲମାନମାନେ 'ତବଲୀଗ' ଆରମ୍ଭ କରିଦେଲେ । ଚାରିଆଡ଼େ ଦଙ୍ଗା ଆରମ୍ଭ ହୋଇଗଲା । କେଉଁଠି ମସ୍‌ଜିଦ୍ ଆଗରେ ବାଜା ବଜାଇବା, କେଉଁଠି ଶଙ୍ଖ ବଜାଇବା ବା ଡେଙ୍ଗୁରା ଦେବାରୁ ଏହା ଆରମ୍ଭ ହୋଇଗଲା । ଅନ୍ଧର କ'ଣ ଦରକାର ? ଦୁଇଟି ଆଖି । ବିଦେଶୀ ସରକାର ଯାହା ଚାହୁଁଥିଲା, ତାହା ହୋଇଗଲା । ହିନ୍ଦୁ ମହାସଭା ଓ ମୁସଲିମ୍ ଲିଗକୁ ମଧ୍ୟ ଖାଦ୍ୟ ମିଳିଗଲା । କଂଗ୍ରେସ ଲୋକଙ୍କର ବଜାରର ଭାଉ କମିବାରେ ଲାଗିଲା । ଆମ ଭିତରେ ଯେଉଁମାନେ ହିନ୍ଦୁ ଥିଲେ, ସେମାନଙ୍କର କିଛି ଅସୁବିଧା ନ ଥିଲା; କିନ୍ତୁ ଯେଉଁମାନେ ମୁସଲମାନ, ସେମାନଙ୍କୁ ମୁସଲମାନ ଲୋକେ 'କାଫିର୍' ବା ବିଧର୍ମୀ ବୋଲି କହିବାରେ ଲାଗିଲେ ।

Digitized by srujanika@gmail.com

ଏହି ବାତାବରଣରେ ଗାନ୍ଧିଜୀ କଂଗ୍ରେସ-ଲୋକଙ୍କୁ ଲେଖିଥିଲେ ଯେ, ତୋଫାନ ସମୟରେ ଜଙ୍ଗଲରେ ବହୁତ ଗଛ ଉପୁଡ଼ି ପଡ଼େ, କିନ୍ତୁ ଯେଉଁ ଗଛର ଚେର ମଜଭୁତ୍ ସେ ଉପୁଡ଼େ ନାହିଁ । ତେଣୁ ଅସଲ୍ କଂଗ୍ରେସ-ଲୋକ ସେହି, ଯେ ଏହି ସାଂପ୍ରଦାୟିକ ଜୁଆର ଭିଡ଼ାରେ ଏକୁଟିଆ ହୋଇ ଠିଆ ହୋଇପାରେ । ବାସ୍ତବିକ ଏହା ଏକ ବଡ଼ ଦୁଃଖର ସମୟ ଥିଲା ।

## ସଭାପତିଙ୍କ ଆପତ୍ତିଜନକ ଭାଷଣ

ଏହି ସମୟରେ କଂଗ୍ରେସ-ସଭାପତି ମୌଲାନା ମହମ୍ମଦ ଅଲ୍ଲୀ ମୁସଲମାନମାନଙ୍କୁ ଦେଇଥିବା ଏକ ଭାଷଣ ଖବରକାଗଜରେ ବାହାରିଲା । ସେ କହିଥିଲେ, "ମୁଁ ଏକ ଫାଜର୍ (ବ୍ୟଭିଚାରୀ)ଓ ଫାସିଦ୍ (ଦୁଷ୍ଟଚରିତ୍ର) ମୁସଲମାନକୁ ମହାତ୍ମା ଗାନ୍ଧୀଙ୍କଠାରୁ ଭଲ ବୋଲି ମନେକରେ ।" ପଞ୍ଜାବର ହିନ୍ଦୁ ଖବରକାଗଜମାନେ ତାତି ଉଠିଲେ । ମୁଁ ସେତେବେଳେ ନିଖିଳ ଭାରତ କଂଗ୍ରେସ କମିଟିର ସଭ୍ୟ ଥାଏ ଓ ପଣ୍ଡିତ ଜବାହାରଲାଲ ନେହରୁ ଥାନ୍ତି, ସଂପାଦକ । କଂଗ୍ରେସ-ସଭାପତିଙ୍କର୍ ଏହି କଥା ଅସହ୍ୟ ହୋଇ ଉଠିଲା । ମୁଁ ତାଙ୍କ ବିରୁଦ୍ଧରେ ଏକ ଅବିଶ୍ୱାସ ପ୍ରସ୍ତାବ ପଠାଇ ଦେଲି । ପଣ୍ଡିତ ନରଦେବ ଶାସ୍ତ୍ରୀ ଏହାର ସମର୍ଥକ । ଜବାହାରଲାଲଜୀ ମୂଳରୁ ଭାରି ଚତୁର, କାୟଦା-କାନୁନବାଲା ଥିଲେ । ସେ ମୋ ପାଖକୁ ଚିଠି ଲେଖିଲେ, "ତୁମେ ସତରେ କ'ଣ ଏ ପ୍ରସ୍ତାବ ଆଗତ କରିବାକୁ ଚାହଁ ।" ମୁଁ ଉତ୍ତର ଦେଲି, "ବହୁତ ଭାବି ଚିନ୍ତି ମୁଁ ଏ ପ୍ରସ୍ତାବ ପଠାଇଛି । ଏହା ମୁଁ ନିଶ୍ଚୟ ଆଗତ କରିବି ।" କାର୍ଯ୍ୟସୂଚୀରେ ମୋର ପ୍ରସ୍ତାବ ଛପା ହୋଇଗଲା । ୨୭ ଜୁନ୍‌ରେ ଏ. ଆଇ.ସି.ସି.ର ବୈଠକ ଅହମ୍ମଦାବାଦରେ ଡକା ଯାଇଥିଲା । ଅହମଦାବାଦ ମ୍ୟୁନିସିପାଲିଟିର ଚେୟାରମାନ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଥିଲେ ଅଭ୍ୟର୍ଥନା ସମିତିର ସଭାପତି ।

ଆମର ନିଜର କିଛି ରୋଜଗାର ନ ଥିଲା । ସେଥିରେ ପୁଣି କଂଗ୍ରେସପାଇଁ ଲମ୍ବାଟୁର୍ କରିବାକୁ ପଡୁଥିଲା, ସେଥିରେ କଂଗ୍ରେସ ଗୋଟିଏ ପଇସା ଦେଉ ନ ଥିଲା । ତେଣୁ କଂଗ୍ରେସ-ବୈଠକପାଇଁ ଗାଡ଼ିରେ ଗଲାବେଳେ ଆମେ ତୃତୀୟ ଶ୍ରେଣୀରେ ଯାଉ । ଏହି ଡବାରେ ଅନ୍ୟ ପ୍ରଦେଶର ଲୋକ ମଧ୍ୟ ଆସି ଜୁଟନ୍ତି । ପରସ୍ପରର ଅନୁଭୂତି ଶୁଣିବା, ଗୁଟଭଜା, ପକୋଡ଼ି ଖିଆଇବା ଓ ଥଟ୍ଟା ତାମସା କରିବାରେ ବାଟ କଟିଯାଏ ଓ ଦୁଃଖ ମେଣ୍ଟିଯାଏ ।

ଅହମ୍ମଦାବାଦ ବୈଠକ କଂଗ୍ରେସ ଇତିହାସରେ ଅମର ରହିବ । ମହାତ୍ମାଗାନ୍ଧୀ ଜେଲରୁ ମୁକ୍ତପାଇ ପ୍ରଥମଥର ଅଖିଳ ଭାରତ-କଂଗ୍ରେସ କମିଟି ଅଧିବେଶନରେ ଯୋଗ ଦେଇଥାନ୍ତି । ଏହାଙ୍କ ଅନୁପସ୍ଥିତିରେ ପଣ୍ଡିତ ମୋତିଲାଲ ନେହରୁ, ଶ୍ରୀ ଦେଶବନ୍ଧୁ ଦାସ, ହାକିମ ଆଜମଲ ଖାଁ, ରାମଭଜ ଦତ୍ତ ଚୌଧୁରୀ ଓ ବିଟ୍ଠଲ ଭାଇ ପଟେଲ୍ ଆଦି ନେତାମାନେ ମିଶି ଏକ ଯାଞ୍ଚ କମିଟିଦ୍ୱାରା

Digitized by srujanika@gmail.com

ଏହା ସୁପାରିଶ୍ କରି ନେଇଥା'ନ୍ତି ଯେ, ବ୍ୟବସ୍ଥାପକସଭା ବର୍ଜନ ବଦଳରେ ବ୍ୟବସ୍ଥାପକସଭା ଭିତରେ ରହି ଆନ୍ଦୋଳନ ଚଳାଇବାକୁ ହେବ । ସ୍ୱରାଜ୍ୟପାର୍ଟି ନାମରେ ଶହ ଶହ କଂଗ୍ରେସଲୋକ ବ୍ୟବସ୍ଥାପକସଭା ସଭ୍ୟ ନିର୍ବାଚିତ ହୋଇସାରି ଥା'ନ୍ତି ।

## ଶହୀଦ୍ ଗୋପୀନାଥ ସାହା

ଯଦିଓ ସନ୍ତ୍ରାସବାଦୀ ଦଳର ନେତାମାନେ ନାଗପୁର କଂଗ୍ରେସରେ ମହାତ୍ମାଗାନ୍ଧୀଙ୍କୁ କଥା ଦେଇଥିଲେ ଯେ, ଅସହଯୋଗ ଆନ୍ଦୋଳନକୁ ସେମାନେ ପୂର୍ଣ୍ଣ ସୁଯୋଗ ଦେବେ ଓ ଏ ଆନ୍ଦୋଳନ ଚାଲୁଥିବାବେଳେ ବୋମା ଆଦି ପକାଇବା ବନ୍ଦ କରିବେ, ଦଳର କେତେକ ଯୁବକ ସଭ୍ୟ ସରକାରୀ ଜୁଲମକୁ ସହି ନ ପାରି ପଞ୍ଜାବ ଓ ବଙ୍ଗଳାରେ ସେମାନଙ୍କ କାର୍ଯ୍ୟ ଆରମ୍ଭ କରିଦେଲେ । କଲିକତାର ପୁଲିସ କମିଶନର ଚାର୍ଲସ ଟେଗର୍ଟ ସନ୍ତ୍ରାସ-ବାଦୀମାନଙ୍କ ପଛରେ ଲାଗିଥିବା ଯୋଗୁଁ ଗୋପୀନାଥ ସାହା ନାମକ ଜଣେ ଯୁବକ ତାଙ୍କୁ ମାରିବା ପାଇଁ ସ୍ଥିର କଲେ; କିନ୍ତୁ ଟେଗର୍ଟ ବୋଲି ଭାବି ଅନ୍ୟଜଣେ ଇଂରେଜ ମିଷ୍ଟର ଡେଙ୍କୁ ଭୁଲକରି ମାରିଦେଲେ । ଗୋପୀନାଥଙ୍କୁ ଫାଶି ହୋଇଗଲା । ଅଖିଳ ଭାରତ-କଂଗ୍ରେସ-କମିଟି ବୈଠକ ଶ୍ରୀ ଗୋପୀନାଥ ସାହା ଶହୀଦ୍ ହେବା ପରେ ପରେ ବସୁଥିଲା ।

## "ମୋ' କଥା ନିଷ୍ପତ୍ତି ହୋଇଯାଉ"

ବୈଠକ ଆରମ୍ଭର ଆଗେ ମୌଲାନା ମହମ୍ମଦ ଅଲ୍ଲୀ, 'ପ୍ରଥମେ ମୋ କଥାର ନିଷ୍ପତ୍ତି ହୋଇଯାଉ,' ବୋଲି କହି ମୋତେ ବଡ଼ ପାଟିରେ ଡାକିଲେ, "ଅବିଶ୍ୱାସ ପ୍ରସ୍ତାବ ଆଗତ କର ।" ମୋର ବୟସ ସେତେବେଳେ ୨୪ ବର୍ଷ । ମୁଁ ଯାଇ ପ୍ଲାଟଫର୍ମ ଉପରେ ଥିଧା ଠିଆ ହୋଇ ପଢ଼ି ଆରମ୍ଭ କଲି, 'ମିଷ୍ଟର ପ୍ରେସିଡେଣ୍ଟ ଏଣ୍ଡ ଫ୍ରେଣ୍ଡସ !' ଏତିକ କହିଛି କି ନାହିଁ, ମହାତ୍ମାଗାନ୍ଧୀ ମହମ୍ମଦ ଅଲ୍ଲୀଙ୍କର ଅନୁମତି ଅପେକ୍ଷାରେ କହିଲେ, "ପ୍ରସ୍ତାବ ଆଗରୁ ମୋତେ ଦୁଇ ମିନିଟ କହିବାର ସୁଯୋଗ ଦିଆଯାଉ ।" ମୌଲାନା ଜୋର୍ ରେ ପାଟିକରି କହିଲେ, "ଅଡ଼ାର, ଅଡ଼ାର, ଆଗେ ପ୍ରସ୍ତାବର ନିଷ୍ପତ୍ତି ହେଉ ତା'ପରେ ଯାଇ ସେଇଁ କଥା ।"

ମହାତ୍ମାଗାନ୍ଧୀଙ୍କୁ ଚୁପ କରିବା କଷ୍ଟକର କଥା । ସେ ମୋ ଆଡ଼କୁ ଚାହିଁ ପଚାରିଲେ, "ମୋ ସହିତ କଥାଭାଷା କରିବାକୁ ତମର ଆପତ୍ତି ଅଛି କି ?" ମୁଁ କହିଲି, "ନାହିଁ ।" ସେଠୁ ଜୋର୍ ରେ ହସି କହିଲେ, "ଜବ ମେଁ ଔର ବୋ ବ୍ରଜ, ତୋ ବିଚ୍ ମେଁ କ୍ୟୋଁ ବୋଲତା ହେ କାଜୀ ।" ସଭାରେ ଯେତେ ଲୋକ ଥିଲେ ହସି ଉଠିଲେ । ମୁଁ ଯାଇ ମହାତ୍ମାଗାନ୍ଧୀଙ୍କ ପାଖରେ ବସିଲି ।

ବାପୁ କହିଲେ, "ଏ ପ୍ରସ୍ତାବ ତ ଠିକ୍ ନାହିଁ । ମୌଲାନା ଅନ୍ୟ କାହାରିକୁ କହି

Digitized by srujanika@gmail.com

କହି ନାହାଁନ୍ତି । ବ୍ୟକ୍ତିଗତ ଓ ଦୁଷ୍ଚରିତ୍ର ମୁସଲମାନ ମହାତ୍ମା ଗାନ୍ଧୀଙ୍କଠାରୁ ଭଲ ବୋଲି ସେ ବୁଝାଇଛନ୍ତି । ଏଥିରେ ଗାଳି କ'ଣ ରହିଲା ? ଗାଳିର ପ୍ରମାଣ ଯେଉଁ ଲୋକକୁ ଗାଳି ଦିଆଯାଏ, ସେ ତାହା ଗାଳି ବୋଲି କହିଲେ ହେଲା । ଗାନ୍ଧିତ ଏହାକୁ ଗାଳି ବୋଲି ସ୍ୱୀକାର କରୁ ନାହିଁ ।''

ମୁଁ ଉତ୍ତର ଦେଲି—''ମହାତ୍ମାଗାନ୍ଧିଙ୍କ ସହିତ କୌଣସି ସମ୍ପର୍କ ନାହିଁ । ଏହି ଭାଷଣ ଅନୁସାରେ କଂଗ୍ରେସ-ସଭାପତିଙ୍କ ଦୃଷ୍ଟିରେ ଜଣେ ବଦମାସ୍ ଓ ଦୁଶ୍ଚରିତ୍ର ମୁସଲମାନ ଅନ୍ୟ ସମ୍ପ୍ରଦାୟର ଶ୍ରେଷ୍ଠ ବ୍ୟକ୍ତିଙ୍କଠାରୁ ଉଚ୍ଚରେ । ଆଜିକାଲି ସ୍ଥାନେ ସ୍ଥାନେ ହିନ୍ଦୁ-ମୁସଲମାନ ଦଙ୍ଗା ହେଉଛି । ଏହି ଭାଷଣ ''ଜଳୁଥିବା ନିଆଁରେ ପେଟ୍ରୋଲ ପରି ହେବ ।''

ଗାନ୍ଧିଜୀ ପଚାରିଲେ, ''ଏହି ପ୍ରସ୍ତାବ ଗୃହୀତ ହେବ ବୋଲି ତୁମେ ଆଶା କରୁଛ ? କେତେ ଭୋଟ ମିଳିବ ?''

ମୁଁ କହିଲି, ''ଦୁଇଟି ଭୋଟ ତ ନିଶ୍ଚୟ ମିଳିବ । ଗୃହୀତ ହେଉ ବା ନ ହେଉ, କଂଗ୍ରେସ-ରେକର୍ଡ଼ରେ ଅନ୍ତତଃ ରହିଯିବ ଯେ, କଂଗ୍ରେସ ସଭାପତିଙ୍କ ଭାଷଣ ବିଷୟରେ କେତେକ କଂଗ୍ରେସଲୋକ ଆପତ୍ତି କରିଥିଲେ ।''

ମହାତ୍ମାଜୀ—''ଏ କଥା ଉଠାଇବାଦ୍ୱାରା କଂଗ୍ରେସ-ରେକର୍ଡ଼ ଭଲ ହେବ ନା ଖରାପ ହେବ ? ହିନ୍ଦୁ ମୁସଲମାନଙ୍କୁ ଏକ ସଙ୍ଗରେ ରଖିବାକୁ ହେବ ତ ଜଣଙ୍କୁ ଅନ୍ୟର ଦୋଷ ଘୋଡ଼ାଇ ନେବାକୁ ପଡ଼ିବ । ତୁମେ ଜାଣ ମିତ୍ରତା କାହାକୁ କୁହାଯାଏ ?''

ମୁଁ କହିଲି, ''ଜଣେ ଅନ୍ୟକୁ ଶ୍ରଦ୍ଧା କରିବା ହେଉଛି ମିତ୍ରତା ।'' ବାପୁ କହିଲେ, ''ସ୍ୱାକୁ ତ ବଦମାସି କହନ୍ତି । ମିତ୍ରତା ହେଉଛି, ମିତ୍ରର ଦୋଷ ନ ଧରିବା, ଯେ ଏହା ନ କରେ ସେ ମିତ୍ର ନୁହେଁ । ତେଣୁ ତୁମର ପ୍ରସ୍ତାବ ଠିକ୍ ହୋଇ ନାହିଁ ।''

'ଏ ପ୍ରସ୍ତାବ ପ୍ରତ୍ୟାହାର କରି ପାରିବ ନାହିଁ' ବୋଲି କହି ମୁଁ ଠିଆ ହେଲି । ଗାନ୍ଧିଜୀ କହିଲେ, ''ଆଚ୍ଛା ତୁମର ଖୁସି । କିନ୍ତୁ ଗୋଟିଏ କଥାର ଉତ୍ତର ଦେବ କି ? ତୁମର ଅକଲ ବେଶୀ ନା ମାହାତ୍ମା ଗାନ୍ଧିଙ୍କର ?''

ମୁଁ କହିଲି, ''ମହାତ୍ମା ଗାନ୍ଧିଙ୍କର ।''

ବାପୁ କହିଲେ, ''ତା'ହେଲେ ତ ହୋଇଗଲା । ଜଣେ ବୁଦ୍ଧିହୀନ ଲୋକକୁ ତ ଅକଲବାଲା ଲୋକର କଥା ମାନିବାକୁ ହେବ । ପ୍ରସ୍ତାବଟା ତୁମର ପସନ୍ଦ ହେଉଛି; ମୁଁ ଜାଣିଥିଲି ଯେ, ତୁମ ପରି ଲୋକର ଦୁର୍ବୁଦ୍ଧି ବେଶୀ ପସନ୍ଦ ହେବ । ସୁବୁଦ୍ଧି ହେବ ନାହିଁ । ଏବେ ପ୍ରସ୍ତାବ ପ୍ରତ୍ୟାହାର କରିବ କି ନାହିଁ ?'' ମୁଁ ଆଉ କରନ୍ତି କ'ଣ ? ପ୍ରସ୍ତାବ ପ୍ରତ୍ୟାହାର କରି ନେଲି ।

## ମୋତିଲାଲ ଓ ଦେଶବନ୍ଧୁଙ୍କ ସଭା ତ୍ୟାଗ

ଏହାପରେ ଗାନ୍ଧିଜୀଙ୍କର ସୁପ୍ରସିଦ୍ଧ ପ୍ରସ୍ତାବ ଧାର୍ଯ୍ୟ ହୋଇଗଲା । ଗୋଟିଏ ମିଷ୍ଟର ଡେକର ରାଜନୈତିକ ହତ୍ୟାର ନିନ୍ଦା,

Digitized by srujanika@gmail.com

ଦ୍ୱିତୀୟ ଅଦାଲତ, ସ୍କୁଲ, କଲେଜ, ଆସେମ୍ବ୍ଲି ଓ ବିଦେଶୀ ବସ୍ତ୍ରର ତ୍ୟାଗ । ତୃତୀୟ ପ୍ରସ୍ତାବରେ କୁହାଯାଇଥିଲା, ଯେ ଯେଉଁ ପ୍ରାଦେଶିକ ବା ଜିଲ୍ଲା କଂଗ୍ରେସର ସଦସ୍ୟ ବ୍ୟକ୍ତି କଂଗ୍ରେସ-ନୀତି ଓ କାର୍ଯ୍ୟକ୍ରମର ବିରୋଧରେ କାର୍ଯ୍ୟ କରିବେ, ସେମାନଙ୍କ ସ୍ଥାନ ଖାଲି ପଡ଼ିଛି ବୋଲି ଧରାଯିବ ଓ ତାଙ୍କ ସ୍ଥାନରେ ଅନ୍ୟ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯିବ । ଚତୁର୍ଥ ପ୍ରସ୍ତାବରେ କୁହା ଯାଇଥିଲି ଯେ ପ୍ରତ୍ୟେକ କଂଗ୍ରେସ ସଭ୍ୟଙ୍କୁ ଚାରିଅଣା ପରିବର୍ତ୍ତେ ପ୍ରତି ମାସ ୧୫ ତାରିଖ ପୂର୍ବରୁ ନିଜ ହାତରେ କଟା ହୋଇଥିବା ସୂତା ଦାଖଲ କରିବାକୁ ହେବ । ଶ୍ରୀ ଦେଶବନ୍ଧୁ ଦାସ ଓ ପଣ୍ଡିତ ମୋତିଲାଲ ନେହେରୁଙ୍କ ଦଳ (ସ୍ୱରାଜ୍ୟ-ପାର୍ଟି) ପ୍ରଥମ ପ୍ରସ୍ତାବରେ ଶହୀଦ୍ ଗୋପୀନାଥ ସାହାଙ୍କର ଦେଶଭକ୍ତି ଓ ସାହସର ପ୍ରଶଂସା କରି ଓ ଦ୍ୱିତୀୟ ପ୍ରସ୍ତାବରେ ଅଦାଲତ ବୟକଟ ବିଷୟରେ ଦେବାନୀ ମକଦ୍ଦମାକୁ ଅନ୍ତର୍ଭୁକ୍ତ ନ କରିବା ପାଇଁ ସଂଶୋଧନ ଆଣିଲେ । ବାପୁ ଏ ଦୁଇଟିଯାକ ସଂଶୋଧନର ବିରୁଦ୍ଧରେ ଥିଲେ । ତାଙ୍କର ଯୁକ୍ତି ଥିଲା, କଂଗ୍ରେସର ଧ୍ୟେୟ ହେଉଛି ଅହିଂସା । ଏ କେବେହେଲେ କୌଣସି ହିଂସାତ୍ମକ କାର୍ଯ୍ୟର ସମର୍ଥନ କରି ନ ପାରେ । ଦେଶବନ୍ଧୁଙ୍କ ସଂଶୋଧନ ପକ୍ଷରେ ୭୦ ଭୋଟ ଓ ବିପକ୍ଷରେ ୭୮ ଭୋଟ ହୋଇ ସଂଶୋଧନ କାଟ ଖାଇଗଲା । ଦ୍ୱିତୀୟ ପ୍ରସ୍ତାବରେ ଭୋଟ ନିଆଯିବା ପୂର୍ବରୁ ଦେଶବନ୍ଧୁ, ମୋତିଲାଲ ନେହେରୁ ଓ ତାଙ୍କ ଦଳର ୫୭ ଜଣଯାକ ସଭ୍ୟ ବୈଠକ ଛାଡ଼ି ଚାଲିଗଲେ । ଭୋଟରେ ଗାନ୍ଧିଜୀଙ୍କ ପକ୍ଷର ବିଜୟ ହେଲା; କିନ୍ତୁ ଏମାନେ ବୈଠକ ଛାଡ଼ି ଯିବା ଗାନ୍ଧିଜୀଙ୍କ ଉପରେ ଗଭୀର ରେଖାପାତ କଲା । ସେ ନିଜର ଶୃଙ୍ଖଳା ସମ୍ପର୍କୀୟ ପ୍ରସ୍ତାବରେ ସଂଶୋଧନ ଆଣିଲେ ଯେ କାଉନ୍ସିଲ ବା ବିଧାନସଭା-ସଦସ୍ୟମାନେ ମଧ୍ୟ କଂଗ୍ରେସର କର୍ମକର୍ତ୍ତା ହୋଇ ପାରିବେ । ଏହାପରେ ସେ ଆଉ ଏକ ନୂଆ ପ୍ରସ୍ତାବ ଆଣିଲେ । ମୋତିଲାଲ ଓ ଦେଶବନ୍ଧୁଙ୍କ ଇଚ୍ଛା ପ୍ରତି ସମ୍ମାନ ଦେଇ ସେ ପ୍ରସ୍ତାବରେ କୁହାଗଲା ଅଦାଲତ ବୟକଟ୍ ହେଉ; କିନ୍ତୁ ଦେବାନୀ ମକଦ୍ଦମା-କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ । ଏ ପ୍ରସ୍ତାବ ଦାଖଲ କରାଯିବାମାତ୍ରେ ଡାକ୍ତର ଚୋଇଥ-ରାମ ଉଠିକହିଲେ, ଏ ପ୍ରସ୍ତାବ ଅବୈଧାନିକ; କାରଣ ଆଜି ଏ ବୈଠକରେ ଗୃହୀତ ହୋଇଥିବା ପ୍ରସ୍ତାବର ଏହା ବିରୁଦ୍ଧରେ । ଗାନ୍ଧିଜୀ କହିଲେ, ପ୍ରସ୍ତାବ ଗୃହୀତ ଯିନା ହୋଇ ଯାଇଛି; କିନ୍ତୁ ଯେତିକି ଅଧିକ ଭୋଟରେ ଏହା ଗୃହୀତ ହେଲା, ମୁଁ ସେଥିରେ ସନ୍ତୁଷ୍ଟ ନୁହେଁ । ମହମ୍ମଦ ଅଲ୍ଲୀ ମହାତ୍ମାଗାନ୍ଧିଙ୍କୁ କହିଲେ, "କିନ୍ତୁ ଆପଣ ତ ଜଣେ ବାରିଷ୍ଟର । ମୁଁ ଏବେ କି ରୁଲିଂ ଦେବ ?" ମହାତ୍ମାଜୀ କହିଲେ, "ଚୋଇଥ-ରାମଙ୍କ କଥା ଠିକ୍; କିନ୍ତୁ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ମୋଦ୍ୱାରା ପ୍ରଭାବିତ ହୋଇ ସଭ୍ୟମାନେ ପ୍ରସ୍ତାବ ଗ୍ରହଣ କରି ନିଅନ୍ତୁ, ଏହା ମୁଁ ଚାହେଁ ନାହିଁ । ମୂଳ ପ୍ରସ୍ତାବଟି ଏମାନେ ନିଜ ଇଚ୍ଛା ଅନୁଯାରେ ଗ୍ରହଣ କରି

Digitized by srujanika@gmail.com

ନାହାନ୍ତି ।'' ମୌଲନା ମହମ୍ମଦ ଅଲ୍ଲୀ ନିଜ ରୁଲିଂ ଶୁଣାଇ କହିଲେ, ଏ ପ୍ରସ୍ତାବ ଆସି ପାରିବ ନାହିଁ ।

## ଗାନ୍ଧିଜୀଙ୍କ କ୍ରନ୍ଦନ

ଏହା ପରେ ପରେ ଜଲ୍ଦି ଜଲ୍ଦି କାର୍ଯ୍ୟସୂଚୀ ସମାପ୍ତ ହୋଇଗଲା । ମୌଲନା ଆଜାଦ ମହାତ୍ମାଜୀଙ୍କୁ ଅନୁରୋଧ କଲେ, "ଆପଣ ଏତେ ଦିନ ପରେ ପୁଣି ଆମ ପାଖକୁ ଫେରି ଆସିଛନ୍ତି । ଏ ଭିତରେ ବହୁତ ଘଟଣା ଘଟି ଗଲାଣି । ସଭା ଶେଷ ହେବା ପୂର୍ବରୁ ଆପଣଙ୍କ ମୁହଁରୁ ଆମେ ଦି'ପଦ ଶୁଣିବାକୁ ଚାହୁଁ ।'' ଗାନ୍ଧିଜୀ ସୌକତଅଲ୍ଲୀଙ୍କ ଆଡ଼କୁ ଚାହିଁଲେ । ସଙ୍ଗେ ସଙ୍ଗେ ତାଙ୍କ ଚେହେରାରେ ଏକ ପରିବର୍ତ୍ତନ ଦେଖାଗଲା । କପୋଳ କମ୍ପିତ ହେବାକୁ ଲାଗିଲା ଓ ଆଖିରୁ ଝର ଝର ଲୁହ ବୋହିବାକୁ ଲାଗିଲା । ନିଜ ଚାଦରରେ ମୁହଁ ପୋଛି ପିଲା କଇଁ କଇଁ ହୋଇ କାନ୍ଦିଲା ପରି କାନ୍ଦିଲେ । ତା'ପରେ କହିଲେ, "ଏ ସ୍ନେହିତରାମ, ଯାହାକୁ ମୁଁ ପୁଅ ପରି ଦେଖେ, ସେ ଆଜି ମୋତେ ପଏଣ୍ଟ ଅବ୍ ଅର୍ଡର (ବୈଧାନିକ ପ୍ରଶ୍ନ) ଶିଖାଉଛି । ଆଜି ତ ମୁଁ ଏକୁଟିଆ ହୋଇଗଲି । ଆପଣମାନେ ସମସ୍ତେ ମୋତେ ଯେ ଦଗାଇଦେଲେ ତାହା ନୁହେଁ, ଏକୁଟିଆ ଜଙ୍ଗଲରେ ଛାଡ଼ିଦେଲେ ।''

ଆମେମାନେ ସବୁ ଅବାକ ହୋଇଗଲୁ । ମୌଲନା ମହମ୍ମଦଅଲ୍ଲୀ ଦୁଇ ଆଣ୍ଠୁ ମାଡ଼ି ବସି ( ଯେପରି ପ୍ରାର୍ଥନାରେ ବସନ୍ତି ) ଓ ଦୁଇହାତ ଆଗକୁ ବଢ଼ାଇ କହିଲେ, "ହେ ଭଗବାନ୍ ! ଆମେ ପାପୀ, ଆମକୁ ବୁଦ୍ଧି ଦିଅ ।'' ଏହାକହି ଖୁବ୍ ଜୋରରେ କାନ୍ଦିବାକୁ ଲାଗିଲେ । ସମସ୍ତଙ୍କ ଆଖି ପୋଛିବାକୁ ଲାଗିଲା । ସେ ଦିନ ଯେତେ ବଡ଼ ବଡ଼ ନେତା ଥିଲେ, ସମସ୍ତେ ପିଲା ହୋଇଗଲେ । ମୌଲନା ଆଜାଦ ଗାନ୍ଧିଜୀଙ୍କୁ ବୁଝାଉଥିଲେ । ବାବୁ ପୁରୁଷୋତ୍ତମ ଦାସ ଟଣ୍ଡନ ଆମ ସମସ୍ତଙ୍କ ପକ୍ଷରୁ ଗାନ୍ଧିଜୀଙ୍କୁ ଆଶ୍ୱାସନା ଦେଇ କହିଲେ, "ଆମେ ସମସ୍ତେ ଆପଣଙ୍କ ସହିତ ରହିଛୁ ଓ ରହିଥିବୁ । ଆପଣଙ୍କ ସ୍ୱେଦବିନ୍ଦୁ ସହିତ ଆମର ରକ୍ତ ଆମେ ମିଶାଇ ଦେବୁ । ଆଖିବୁଜି ଆପଣଙ୍କ ନିର୍ଦ୍ଦେଶରେ ଚାଲିବୁ ।'' ଗାନ୍ଧିଜୀ ଚୁପ ହୋଇ ଯାଇଥିଲେ । ପୁଣି କାନ୍ଦି ଉଠିଲେ । ଆମେ ଯେଉଁ ଯୁବକମାନେ ଥିଲୁ, ଆଉ ରହି ପାରିଲୁ ନାହିଁ । ରୁଦ୍ଧ କଣ୍ଠକୁ ଖୋଲି ଦେଇ ଧ୍ୱନି କଲୁ, "ମହାତ୍ମା ଗାନ୍ଧିଜୀ ଜୟ ।'' ଗାନ୍ଧିଜୀଙ୍କୁ ଏପରି କାନ୍ଦିବା ସେଦିନ କଂଗ୍ରେସକମିଟି-ସଭ୍ୟମାନଙ୍କ ଛଡ଼ା ଆଉ କେହି ଦେଖି ନ ଥିବେ । ଆଜି ସେହି ଅଶ୍ରୁସେଚିତ ଭାରତମାତାର ଆଶାଲତା'ରେ ଫୁଲ ଫୁଟିଛି ।

## ମୋତିଲାଲଙ୍କ ସିଗ୍‌ରେଟ୍

ପୁଣି ସେହି ଦିନ ସନ୍ଧ୍ୟାବେଳେ ଆମେ ଗାନ୍ଧିଜୀଙ୍କ ପ୍ରାର୍ଥନାସଭାକୁ ଗଲୁ । ସେଠାରେ ଯାହା ହେଲା, ଏ ପର୍ଯ୍ୟନ୍ତ ତାହା କେହି ଜାଣନ୍ତି ନାହିଁ । ଏହି କ୍ଷୁଦ୍ର ଘଟଣାର ପ୍ରକାଶରେ ମୋର ବହିର ପୂରା ଦାମ ଉଠିଯିବ । ପ୍ରାର୍ଥନା-ସଭାମଞ୍ଚ ଉପରେ ଗାନ୍ଧିଜୀଙ୍କ ସହିତ ପଣ୍ଡିତ ମୋତିଲାଲ

Digitized by srujanika@gmail.com

ନେହରୁ ପଶ୍ଚାତ୍ତାପ କରିବା ଭଙ୍ଗୀରେ ବସିଥିଲେ । ସେ ନିଜର ପଥର ପରି କଠିନ ଦୃଷ୍ଟିକୁ ଏଆଡ଼େ ସେଆଡ଼େ ନିକ୍ଷେପ କରି ଚିନ୍ତିତ ଥିବାର ଦେଖା ଯାଉଥିଲେ । ଯେପରିକି କିଛି ହଜିଗଲା ଚିନ୍ତାକୁ ଖୋଜୁଛନ୍ତି । ଏହିପରି ଅବସ୍ଥାରେ କୌଣସି ଅପ୍ରୀତିକର ଭାବନା ବା ମନର କ୍ଷତକୁ ଭୁଲିଯିବାପାଇଁ ଲୋକେ ସିଗ୍ରେଟ୍ ଆଦି ପାନ କରନ୍ତି । ଠିକ୍ ଗୀତା-ପାଠ ଆରମ୍ଭ ହେବାବେଳେ ମୋତିଲାଲ ସିଗ୍ରେଟ ଲଗାଇ ଖୁବ୍ ଜୋରରେ ଟାଣିବାକୁ ଲାଗିଲେ । ଗାନ୍ଧିଜୀ ତାଙ୍କ ଆଡ଼କୁ ଚାହିଁ ଆଖି ବୁଜି ଦେଲେ । ପ୍ରାର୍ଥନା ସମାପ୍ତ ହେବା ପରେ ପ୍ରବଚନ ଆରମ୍ଭ ହେଲା । ଗାନ୍ଧିଜୀ କହିଲେ :—

"ଆଜି ତ ମୋର ମନ ପାପର ବସାଘର ହୋଇଗଲା । ମୋତିଲାଲ ମୋର ସାଙ୍ଗଭାଇ । ତାଙ୍କଠାରୁ କୌଣସି କଥା ମୁଁ ଲୁଚାଇ ନାହିଁ । ମୁଁ ତାଙ୍କୁ ନିଜର ସମସ୍ତ କଥା ଫିଟାଇ କହିପାରେ । ନିଜର ଜୀବନର ରହସ୍ୟ ଖୋଲି ଦେଇପାରେ; କିନ୍ତୁ ସେ ସିଗ୍ରେଟ୍ ଲଗାଇବାର ମୁଁ ଦେଖିଲି, ଚୁପ୍ ହୋଇ ରହିଗଲି । ମୋର ଇଚ୍ଛା ହେଉଥିଲା, ପ୍ରାର୍ଥନାରେ ସିଗ୍ରେଟ୍ ଖାଇବା ଠିକ୍ ନୁହେଁ ବୋଲି ତାଙ୍କୁ କହି ଦେବି; କିନ୍ତୁ ମୁଁ ମୋର ମନର କଥା ମନରେ ଚାପି ବସିଗଲି । ବସିଗଲି ସିନା, ପାପ ହଜମ ହେବ କୁଆଡ଼ୁ ? ପ୍ରାର୍ଥନାରେ ମନ ଲାଗିଲା ନାହିଁ । ଯଦି ମୋର ମନ ନିର୍ମଳ ଥାନ୍ତା, ତା'ହେଲେ ନିଶ୍ଚୟ ସିଗ୍ରେଟ୍ ନିଭାଇ ଦେବାକୁ ମୁଁ କହିଥାନ୍ତି; କିନ୍ତୁ ଆଜି ତ ମୋ' ମନକୁ ପାପ ଛୁଇଁଛି । ମୁଁ ଭାବିଲି । ମୋତିଲାଲ ତ ମୋ ଉପରେ ଅସନ୍ତୁଷ୍ଟ ଅଛନ୍ତି, କାଲେ ପ୍ରାର୍ଥନାସଭା ଛାଡ଼ି ଚାଲିଯିବେ ! ଏ ଭୟ ମୋର ହେଲା । ମୋତିଲାଲ ମୋତେ ସ୍ନେହ କରନ୍ତି ବୋଲି ମୁଁ ଜାଣେ, ଫେରେ ମୋର କାହିଁକି ଏପରି ଭୟ ହେଲା ? ଭୟ ତ ହେଉଛି ପାପର ଛାୟା ।"

## ବାପୁ, ଆଉ ଥରେ ଆସ

ଏତିକିରେ ମୋତିଲାଲ ଅଭିଭୂତ ହୋଇଗଲେ । ସିଗ୍ରେଟ୍କୁ ଦୂରକୁ ଫୋପାଡ଼ି ଦେଇ ରୁମାଲ୍ରେ ଆଖି ପୋଛି କାନ୍ଦିବାକୁ ଲାଗିଲେ । ଆମର ପିଲାମାନେ ହୃଦୟର ଭାଷା କେବେ ଯାଇ ଶିଖିବେ । ହୃଦୟ ତ ଅଶ୍ରୁର ଭାଷା ବୁଝିପାରେ । ମୋତିଲାଲଙ୍କ ଅଶ୍ରୁର ସ୍ରୋତ ପବିତ୍ର ମୋତି ଆମର ଆଖିକୁ ପବିତ୍ର କରି ଦେଲା । ଏବେ ଆମ ଭିତରେ ବହୁତ ଲୋକ ଅଛନ୍ତି, ଯେ ନଚାଇ ପାରିବେ, ହସାଇ ପାରିବେ; କିନ୍ତୁ ଆମକୁ ଆତ୍ମସମ୍ମାନ ଦେବ, ହୃଦୟକୁ ପବିତ୍ର ଅଶ୍ରୁଜଳରେ ଧୋଇ ଦେବ, ଏପରି ଲୋକ କିଏ ଅଛି ? ଏବେ ଖାଲି ଆଖି କାନ୍ଦିବାକୁ ଚାହେଁ । ହେ ବାପୁ, ତୁମେ ଆଉଥରେ ଆସ !


———

Digitized by srujanika@gmail.com

SHREE GANESH

# DAL, FLOUR & OIL MILLS

KATCHERY ROAD, ROURKELA-1



**Manufacturers & Millers of All types of Dal**

**(MUNG, MASUR, ARHAR. KHESARI, CHANA, Etc)**

With Compliments of :

# HARIHAR PRADHAN

'A' CLASS CONTRACTOR, ROURKELLA

Builder of The Jagannath Temple of Rourkela,
The only Temple of the Steel Township
&
The Biggest in the District

Digitized by srujanika@gmail.com

ପୋଲିସ୍ ବଳରେ ଗଣତନ୍ତ୍ର ଶାସନ ରକ୍ଷା କରାଯାଇ ପାରିବ ନାହିଁ ।

# ବର୍ତ୍ତମାନର ସଙ୍କଟ

ଅଧ୍ୟାପକ ଡକ୍ଟର ବୈଦ୍ୟନାଥ ମିଶ୍ର

**ଦେଶରେ** ଯେପରି ଭାବରେ ଅଶାନ୍ତିର ବାତ୍ୟା ପ୍ରବାହିତ ହେଉଛି, ସେଥିରେ ଭାରତରେ ଗଣତନ୍ତ୍ର ତିଷ୍ଠି ରହି ପାରିବ ବୋଲି ସହଜରେ ବିଶ୍ୱାସ ହେଉ ନାହିଁ । ଏପରିକି ଭାରତ ଏକ ଦୃଢ଼ ରାଷ୍ଟ୍ରରୂପେ ମୁଣ୍ଡ ଟେକି ଉଠି ପାରିବ କି ନାହିଁ, ସେ ବିଷୟରେ ମଧ୍ୟ ସନ୍ଦେହ ପ୍ରକାଶ ପାଉଛି । ଭାରତ ପରି ଏକ ବିରାଟ ଦେଶରେ କୌଣସି କୌଣସି ଜାଗାରେ ଯଦି ଅଶାନ୍ତି ବା ବିଶୃଙ୍ଖଳା ସୃଷ୍ଟି ହୁଏ, ସେଥିରେ ବିଚଳିତ ହେବାର କିଛି ନାହିଁ; କିନ୍ତୁ ଅଶାନ୍ତି ଓ ବିଶୃଙ୍ଖଳା ଯଦି ସାମାଜିକ ଜୀବନର ଏକ ଧାରାରୂପେ ବିବେଚିତ ହୁଏ ଏବଂ ପ୍ରତ୍ୟେକ ଗୋଷ୍ଠୀ ନିଜର ଯେକୌଣସି ଦାବୀ ପୂରଣ କରିବା ପାଇଁ ବିଶୃଙ୍ଖଳାର ଆଶ୍ରୟ ନିଅନ୍ତି, ତାହାହେଲେ ଅଶାନ୍ତିକୁ ଆଉ ଏକ ବେନିୟମ କାର୍ଯ୍ୟ ବୋଲି ଧରି ହେବ ନାହିଁ । ବିଶେଷତଃ ଯେଉଁମାନେ ଆଇନ୍-ଶୃଙ୍ଖଳା ରକ୍ଷା କରିବାର କଥା, ସେମାନେ ଯେତେବେଳେ ଆଇନ୍-ଶୃଙ୍ଖଳା ଭାଙ୍ଗି ନିଜର ଦାବୀ ପୂରଣ କରିବାକୁ ଉଦ୍ୟମ କରନ୍ତି କିମ୍ବା ଅନ୍ୟମାନଙ୍କୁ ମତେଇ ଦେଶରେ ବିଶୃଙ୍ଖଳା ସୃଷ୍ଟି କରନ୍ତି, ସେତେବେଳେ ଶାନ୍ତି, ଶୃଙ୍ଖଳା ଓ ଗଣତାନ୍ତ୍ରିକ ପଦ୍ଧତି ପ୍ରତି ସମାଜରେ ଯେଉଁ ସମ୍ମାନ ଥାଏ, ତାହା ଆପେ ଆପେ ଲୋପ ପାଇଯାଏ । ବର୍ତ୍ତମାନ ପ୍ରାୟ ଆମେ ସେହି ଅବସ୍ଥାକୁ ଆସି ଗଲୁଣି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ଅସ୍ଥାୟୀ ସମାଧାନ

ବର୍ତ୍ତମାନ ପ୍ରଶ୍ନ ହେଉଛି ଯେ ଆମେ କିପରି ଭାବରେ ଏହି ଆତ୍ମମୁଖ୍ୟକୁ ପରିବର୍ତ୍ତନ କରିବା । ଏ କଥା ସତ୍ୟ ଯେ, ସମାଜରେ ଅଶାନ୍ତି ଓ ବିଶୃଙ୍ଖଳା ବୃଦ୍ଧି ପାଇଲେ, ସରକାର ଅଧିକ ବଳ ପ୍ରୟୋଗ କରି ଏହାକୁ ଦମନ କରିବାକୁ ଉଦ୍ୟମ କରିବେ । କୌଣସି ସରକାର ନୀରବଦର୍ଶକ ଭାବରେ ଅଶାନ୍ତିକୁ ପ୍ରଶ୍ରୟ ଦେଇ ନ ପାରନ୍ତି । ସରକାରୀ ଆଦର୍ଶ ଯାହା ହେଉ ନା କାହିଁକି, ଯେକୌଣସି ଦଳ କ୍ଷମତାରେ ରହନ୍ତୁ ନା କାହିଁକି । ଦେଶରେ ଶାନ୍ତି ପ୍ରତିଷ୍ଠା କରିବା ସରକାରଙ୍କର ଦାୟିତ୍ୱ ଏବଂ ଏହି ଦାୟିତ୍ୱରୁ ସରକାର ସହଜରେ

Digitized by srujanika@gmail.com

ଉଦ୍ଧାର ଯାଇ ପାରବେ ନାହିଁ । ରୁଷିଆ ଆମେରିକା, ଇଂଲଣ୍ଡ ଓ ଚୀନ ପ୍ରଭୃତି ପୃଥିବୀରେ ଯେତେ ଦେଶ ଅଛନ୍ତି, ପ୍ରତ୍ୟେକ ଦେଶ ଏହି ପନ୍ଥା ଅନୁସରଣ କରିଛନ୍ତି— ଏଥିରେ ସାମ୍ୟବାଦ, ସମାଜବାଦ, ପୁଞ୍ଜିବାଦ ବା ଗଣତନ୍ତ୍ର ଅନ୍ତରାୟ ହୋଇ ନାହିଁ । ବିଶେଷଭାବରେ ବିଶୃଙ୍ଖଳା, ଯେଉଁଠାରେ ହିଂସାତ୍ମକ କାଣ୍ଡରେ ପରିଣତ ହୋଇଛି, ସେଠାରେ ସରକାର ସଂଗଠିତ ହିଂସାଦ୍ୱାରା ତାହାର ମୁକାବିଲା କରିଛନ୍ତି, ଏବେ ମଧ୍ୟ କରୁଛନ୍ତି । ଯେପର୍ଯ୍ୟନ୍ତ ସରକାରୀ ସଂଗଠିତ ହିଂସାଶକ୍ତି ଜନସାଧାରଣଙ୍କର ଶକ୍ତିଠାରୁ ଅଧିକ ବୋଲି ପ୍ରମାଣିତ ହୋଇଛି, ସେପର୍ଯ୍ୟନ୍ତ ସରକାର ନିଜର କ୍ଷମତା ବଜାୟ ରଖି ପାରିଛନ୍ତି, ଯେତେବେଳେ ସରକାରୀ ଶକ୍ତି ଦୁର୍ବଳ ହୋଇ ଯାଇଛି, ସେତେବେଳେ ସରକାର ହାର ମାନିଛନ୍ତି, ଜନସାଧାରଣଙ୍କର ନାମରେ ଅନ୍ୟ ଏକ ଗୋଷ୍ଠୀ କ୍ଷମତା ଦଖଲ କରି ନିଜର ଶାସନ ଜାରି କରିଛନ୍ତି । ଯେଉଁମାନଙ୍କର ଇତିହାସରେ ଟିକିଏ ହେଲେ ପ୍ରବେଶ ଅଛି, ସେମାନେ ଇତିହାସର ଏହି ନିର୍ଦ୍ଦେଶକୁ ସହଜରେ ଭୁଲି ଯାଇ ପାରିବେ ନାହିଁ । ତେଣୁ ଆମ ଦେଶରେ ସରକାର, ରାଜ୍ୟ-ସରକାର ନ ହେଲେ ବି ଅନ୍ତତଃ କେନ୍ଦ୍ର-ସରକାର ଅଶାନ୍ତି, ବିଶୃଙ୍ଖଳା ଓ ହିଂସାତ୍ମକ କାଣ୍ଡକୁ ଅୟତ୍ତ କରିବା ପାଇଁ ନିଶ୍ଚୟ ବଳ ପ୍ରୟୋଗ କରିବେ; କିନ୍ତୁ ଆମକୁ ମାନିବାକୁ ପଡ଼ିବ ଯେ, ସରକାରୀ ବଳ ପ୍ରୟୋଗ ଦେଶରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିବାପାଇଁ ଏକ ଅସ୍ଥାୟୀ ସମାଧାନପନ୍ଥା । ସ୍ଥାୟୀ ସମାଧାନ-ପାଇଁ ଆମକୁ ଅନ୍ୟ ପନ୍ଥାର ଆଶ୍ରୟ ନେବାକୁ ପଡ଼ିବ ।

ପ୍ରଥମେ ଆମକୁ ମନେ ରଖିବାକୁ ପଡ଼ିବ ଯେ ସରକାରୀ କ୍ଷମତା କେବଳ ବଳ ଉପରେ ନିର୍ଭର କରେ ନାହିଁ । ବଳ ଏକ ଦିଗ, ବୋଧହୁଏ ଏକ ଅପରିହାର୍ଯ୍ୟ ଦିଗ; କିନ୍ତୁ ବଳ ସହିତ ଜନମଙ୍ଗଳ କାର୍ଯ୍ୟକୁ ସାମିଲ୍ ନ କଲେ ସରକାର ଜନସାଧାରଣଙ୍କର ଶ୍ରଦ୍ଧାଭାଜନ ହୋଇ ପାରିବେ ନାହିଁ । ବିଶେଷଭାବରେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନମଙ୍ଗଳ-କାର୍ଯ୍ୟକୁ ଗୁରୁତ୍ୱ ନ ଦେଲେ ସରକାରୀ ସଂସ୍ଥା ବେଶୀଦିନ ସ୍ଥାୟୀ ହୋଇ ରହି ପାରିବ ନାହିଁ । ସେହି ଦୃଷ୍ଟିରୁ ବିଚାର କଲେ ଏକ ନ୍ୟାୟପୂର୍ଣ୍ଣ ସମାଜ ପ୍ରତିଷ୍ଠା କରିବା ସରକାରଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି ଧରାଯିବ । ତାହା-ହେଲେ ସରକାର ଜନସାଧାରଣଙ୍କର ବିଶ୍ୱାସଭାଜନ ହୋଇ ପାରିବେ ଏବଂ ଏହା ଫଳରେ ଦେଶରେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ବୋଧହୁଏ ସହଜ ହେବ । ଏକ ଜନମଙ୍ଗଳ ରାଷ୍ଟ୍ରରେ, ଜନମଙ୍ଗଳ-କାର୍ଯ୍ୟର ମାଧ୍ୟମରେ ସରକାର ଜନସାଧାରଣଙ୍କର ଦ୍ୱାରସ୍ଥ ହୋଇ ପାରିବେ, ଅନ୍ୟଥା ନୁହେଁ । କିନ୍ତୁ ଏହି ଜନମଙ୍ଗଳ-କାର୍ଯ୍ୟକୁ ସଫଳ କରିବାକୁ ହେଲେ ଏବଂ ଏହି ଜନମଙ୍ଗଳ-କାର୍ଯ୍ୟ ସାହାଯ୍ୟରେ ଜନତାର ଶ୍ରଦ୍ଧା ଅର୍ଜ୍ଜନ

Digitized by srujanika@gmail.com

କରିବାକୁ ଚାହିଁଲେ, ସରକାର ଅନ୍ତତଃ ତିନୋଟି ଦିଗ ପ୍ରତି ଦୃଷ୍ଟି ଦେବା ଦରକାର ।

## ଆଇନ୍ ଶାସନ

ପ୍ରଥମ ହେଉଛି ଆଇନ ଶାସନ । ଶାସନ ପାଇଁ ଆଇନ୍‌କାନୁନ ପ୍ରଣୟନ କରିବାଦ୍ୱାରା ଆଇନ୍ ପ୍ରତିଷ୍ଠିତ ହୁଏ ନାହିଁ । ଆଇନ ଶାସନ କାନୁନ ଯେତେ ଭଲ ହେଲେ ମଧ୍ୟ ତାହା ଯଦି କାର୍ଯ୍ୟକାରୀ ନ ହୁଏ ଏବଂ ଶାସନରୁ କେତେକ ଲୋକ ନିଜର ପଦବୀ, ପ୍ରଭାବ ବା ଆଭିଜାତ୍ୟ ଯୋଗୁଁ ଅଧିକ ସୁବିଧା ପାଆନ୍ତି, ତାହାହେଲେ ଆଇନ ପ୍ରତି କାହାର ସମ୍ମାନ ରହେ ନାହିଁ । ଆଇନ୍-କାନୁନ ଭଲ ହେବ, ସେଥିରେ କୌଣସି ବ୍ୟକ୍ତି, ଗୋଷ୍ଠୀ ବା ସଂପ୍ରଦାୟକୁ ଅଧିକ ସୁବିଧା ବା ସୁଯୋଗ ଦିଆଯିବ ନାହିଁ ଏବଂ ଏହି ଆଇନ୍‌କାନୁନ କାର୍ଯ୍ୟକାରିତାରେ କୌଣସି ପକ୍ଷପାତିତା ରହିବ ନାହିଁ, ତାହାହେଲେ ଯାଇଁ ଆଇନ ପ୍ରତି ଲୋକମାନଙ୍କର ଶ୍ରଦ୍ଧା ବା ସମ୍ମାନ ରହିବ । ଏବେ ଦେଶରେ ଏକ ବଦ୍ଧମୂଳଧାରଣା ହୋଇଗଲାଣି ଯେ ସରକାରୀ ଆଇନ୍‌ର କୌଣସି ମୂଲ୍ୟ ନାହିଁ ; ଯାହାର ଉପର ସ୍ତରରେ ପ୍ରଭାବ ଅଛି କିମ୍ବା ନିଜର ଶକ୍ତି ପ୍ରୟୋଗ କରି ଉପରସ୍ତରକୁ ପ୍ରଭାବିତ କରି ପାରୁଛି, ସେ ଆଇନକାନୁନକୁ ନିଜ ସୁବିଧା ଅନୁସାରେ ବ୍ୟବହାର କରି ପାରୁଛି । ଏପରିକି, ବିଚାରବିଭାଗରେ ମଧ୍ୟ ସମସ୍ତେ ସମାନ ରକମ ସୁବିଧା ଓ ସୁଯୋଗ ପାଉ ନାହାନ୍ତି । ଆମର ବିଚାରବିଭାଗ ଏପରି ବ୍ୟୟଶୀଳ ହୋଇଛି, ଯେ ଯା'ର ଅଧିକ ଅର୍ଥ ଅଛି, ସେ ଦୋରସ୍ତ ଓକିଲଙ୍କୁ ନିଯୁକ୍ତ କରି ନିଜ ପକ୍ଷରେ ଆଇନକୁ ପ୍ରୟୋଗ କରିପାରୁ ଅଛି । ଆଇନ-ଶାସନର ମୂଳ ଉଦ୍ଦେଶ୍ୟ ଏହା ଫଳରେ କାର୍ଯ୍ୟକାରୀ ହୋଇ ପାରୁ ନାହିଁ । ବିଚାରାଳୟ ଆଗରେ ସମସ୍ତେ ସମାନ ହୋଇ ପାରନ୍ତି; କିନ୍ତୁ କାର୍ଯ୍ୟରେ କେତେକ ଲୋକ ଅଧିକ ସୁବିଧା ଓ ସୁଯୋଗ ପାଉଛନ୍ତି । ଫଳରେ ସରକାରୀ ଆଇନ୍ ପ୍ରତି ଏପରିକି ସରକାରୀ ସଂସ୍ଥା ପ୍ରତି ଅବିଶ୍ୱାସ ଜାତ ହେଉଛି ଏବଂ ଏହି ଅବିଶ୍ୱାସ ଯୋଗୁଁ ବିଶୃଙ୍ଖଳା ବୃଦ୍ଧି ପାଉଛି ।

## ଅର୍ଥନୈତିକ ନ୍ୟାୟ

ଦ୍ୱିତୀୟରେ ଦେଶରେ ଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠା କରିବାକୁ ହେଲେ ଖାଲି ଆଇନ୍-ଦ୍ୱାରା, କିମ୍ବା ପୁଲିସ୍‌ର ବଳଦ୍ୱାରା କିମ୍ବା ରାଜନୀତିକ ପ୍ରଚାରଦ୍ୱାରା, ତାହା ସମ୍ଭବ ହୋଇ ପାରିବ ନାହିଁ । ଗଣତନ୍ତ୍ରର ବିକାଶ-ପାଇଁ ଉତ୍ତମ ନାଗରିକ ଶିକ୍ଷା ପ୍ରୟୋଜନ, ଏଥିରେ କୌଣସି ସନ୍ଦେହ ନାହିଁ । ଗଣତନ୍ତ୍ର ଶାସନ କେବଳ ବ୍ୟବସ୍ଥାପକ ସଭାପାଇଁ ସାବାଳକ ଭୋଟ ଦ୍ୱାରା ପ୍ରାର୍ଥୀ ନିର୍ବାଚନ କଲେ ସଫଳ ହୁଏ ନାହିଁ । ଏହି ଶାସନ-ପାଇଁ ଜନସାଧାରଣଙ୍କର ଆସକ୍ତି ରହିବା ଦରକାର । ସେଥିପାଇଁ ନାଗରିକ ଶିକ୍ଷାର ପ୍ରୟୋଜନ; କିନ୍ତୁ ଏକ ଭୋକିଲା ଲୋକକୁ ଖାଲି ନାଗରିକ ଶିକ୍ଷା ଦେଲେ ସେ କ'ଣ

Digitized by srujanika@gmail.com

ଗଣତନ୍ତ୍ର ପ୍ରତି ଆକୃଷ୍ଟ ହେବ ! ଗଣତନ୍ତ୍ର ଶାସନକୁ ସୁଦୃଢ଼ କରିବାକୁ ହେଲେ ଏକ ନ୍ୟାୟପୂର୍ଣ୍ଣ ଆର୍ଥନୀତିକ ସଂସ୍ଥା ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରିବାକୁ ପଡ଼ିବ । ଗଣତନ୍ତ୍ରଶାସନକୁ କେବଳ ରାଜନୀତିକ ସୀମା ଭିତରେ ଆବଦ୍ଧ କରି ଆମେ ଯଦି ଗଣତନ୍ତ୍ରର ସଫଳତା ପାଇଁ ଉଦ୍ୟମ କରିବା, ତାହା-ହେଲେ ଗଣତନ୍ତ୍ରଶାସନ ଜନସାଧାରଣଙ୍କର ମନକୁ ସ୍ପର୍ଶ କରି ପାରିବ ନାହିଁ । ସେହି ଦୃଷ୍ଟିରୁ ଆର୍ଥନୀତିକ କ୍ଷେତ୍ରରେ ଅନ୍ତତଃ ଦୁଇଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ପ୍ରଥମ ହେଉଛି ଜନସାଧାରଣଙ୍କର ଦୈନନ୍ଦିନ ଅଭାବ ପୂରଣ କରିବା । ମନୁଷ୍ୟ ମନୁଷ୍ୟ ଭଳି ବଞ୍ଚି ରହିବାକୁ ହେଲେ ତା'ର ଅତ୍ୟାବଶ୍ୟକ ଦରକାରୀ ଜିନିଷ ପୂରଣ ହେବା ନିତାନ୍ତ—ଅର୍ଥାତ୍ ଖାଦ୍ୟ, ବସ୍ତ୍ର ଓ ବାସଗୃହ ପ୍ରଭୃତି ଅତି ଦରକାରୀ ଜିନିଷରେ ସେ ଯେପରି ଅଭାବ ଅନୁଭବ ନ କରେ । ଏକ ଦରିଦ୍ର ଦେଶରେ ଏ ସବୁ ବିଷୟରେ କେହି ପୂର୍ଣ୍ଣମାତ୍ରାରେ ସନ୍ତୁଷ୍ଟ ହୋଇପାରିବେ ନାହିଁ; କିନ୍ତୁ କେତେକ ଭୋଗବିଳାସରେ ମାତିବେ ଓ ଅନ୍ୟ କେତେକ ନଖାଇ ନପିଇ ରାସ୍ତାରେ ଗଡ଼ିବେ, ଏହାକୁ କୌଣସି ସମାଜ ଓ ସଂସ୍ଥା ସହ୍ୟ କରି ପାରିବ ନାହିଁ । ସେହିଦୃଷ୍ଟିରୁ ଅତ୍ୟାବଶ୍ୟକ ଅଭାବ ପୂରଣ ସଙ୍ଗେ ସଙ୍ଗେ ଦେଶରେ ବଣ୍ଟନ ପ୍ରଣାଳୀରେ ଯେଉଁ ଅସାମଞ୍ଜସ୍ୟ ଅଛି, ତାକୁ ଦୂର କରିବାକୁ ଉଦ୍ୟମ କରିବାକୁ ପଡ଼ିବ । ଆମର ତ ଧାରଣା ଯେ, ଦେଶରେ ଯେଉଁ ପୁଞ୍ଜିଭୂତ ଅଶାନ୍ତି ଓ ଅସନ୍ତୋଷ ଅଛି ଏବଂ ଯାହାର ବିସ୍ଫୋରଣ ସ୍ୱରୂପ ଏହି ଅଶାନ୍ତି ଓ ବିଶୃଙ୍ଖଳା ପ୍ରକାଶ ପାଉଛି, ତା'ର ମୂଳରେ ଏହି ବଣ୍ଟନ ପ୍ରଣାଳୀର ଅସାମଞ୍ଜସ୍ୟ ଅନେକାଂଶରେ କାର୍ଯ୍ୟ କରୁଛି । ଅନ୍ୟମାନଙ୍କର ଭୋଗବିଳାସ ଓ ମଉଜ-ମଜଲିସ୍ ଲୋକମାନେ ଏବେ ନୀରବରେ ସହି ନିଜର ଦୁର୍ଦ୍ଦଶା ପାଇଁ ଭାଗ୍ୟକୁ ଦାୟୀ କରି ଭଗବାନଙ୍କୁ ଆରାଧନା କରି ତୁନି ପଡୁନାହାନ୍ତି । ସେମାନେ ନିଜର ଭାଗ୍ୟ-ବିପର୍ଯ୍ୟୟକୁ ଏକ ସାମାଜିକ ବା ରାଜନୀତିକ ଅନ୍ୟାୟ ମନେ କରି ଏହା ବିରୋଧରେ ପ୍ରତିରୋଧ କରୁଛନ୍ତି । ତେଣୁ ଏହି ଅନ୍ୟାୟ ଦୂର କରିବା ପାଇଁ ତୁରନ୍ତ ବ୍ୟବସ୍ଥା ନକଲେ, ଶାନ୍ତି ଓ ଶୃଙ୍ଖଳା ସହଜରେ ପ୍ରତିଷ୍ଠିତ ହୋଇ ପାରିବ ନାହିଁ ।

## କର୍ମରେ ଆନନ୍ଦ

କିନ୍ତୁ ଖାଲି ଉତ୍ପାଦନ ବୃଦ୍ଧି କରି ଜନ-ସାଧାରଣଙ୍କର ଜୀବନଧାରଣ ମାନଦଣ୍ଡର ଉନ୍ନତି କଲେ କିମ୍ବା ନ୍ୟାୟ ବଣ୍ଟନ କରି ଆର୍ଥନୀତିକ ବିଭେଦ ଦୂର କରିବାପାଇଁ ଉଦ୍ୟମ କଲେ, ସମାଜରେ ଶୃଙ୍ଖଳା ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ମଣିଷ କେବଳ ଅର୍ଥନୀତିକୁ ଧରି ବଞ୍ଚେ ନାହିଁ । ଅର୍ଥନୀତି ଏକ ଭୂମିକା, ଏହି ଭୂମିକା ପ୍ରଥମେ ଠିକ୍ ରହିବା ଦରକାର; କିନ୍ତୁ ଭୂମିକା ପରେ କ'ଣ ? ଆମେ ମନର ଗହନ-ବନ ଭିତରେ ପଶିବାକୁ ଚାହୁଁ ନାହୁଁ । କାରଣ ତା' ଭିତରେ ପ୍ରବେଶ କରିବା ଆମ ପକ୍ଷରେ ଯେତିକି କଷ୍ଟ, ତାହା ଭିତରୁ

Digitized by srujanika@gmail.com

ତାହାର ଏକ ସମାଧାନ ପନ୍ଥା ବାହାର କରିବା ମଧ୍ୟ ସେତିକି କଷ୍ଟ । ତେବେ ଏତିକି କହିଲେ ଯଥେଷ୍ଟ ହେବ ଯେ, ମଣିଷ ଯେଉଁ କାମ କରୁଛି, ସେହି କାମରେ ତା'ର ଏକ ସନ୍ତୋଷ ଆସିବା ଦରକାର । ସେ ନିଜର ସମସ୍ତ ଶକ୍ତି ବ୍ୟୟ କରି ଯେଉଁ କାମ ହାସଲ କରୁଛି, ସେଥିରେ ତା'ର ଆନନ୍ଦ ରହିବା ଦରକାର । ଏକ ଜନବହୁଳ ଦେଶରେ ଆମର ଅର୍ଥନୀତିକୁ ଏପରି ଗଢ଼ିବାକୁ ହେବ, ଯେପରି ସମସ୍ତେ କିଛି ନା କିଛି କାମ ପାଇବେ । ବିନା କର୍ମରେ ଅର୍ଥ ହାସଲ ହେଲେ ହୁଏତ ତାହା ଭୋଗ ପାଇଁ ଅସୁବିଧା ସୃଷ୍ଟି କରିବ ନାହିଁ; କିନ୍ତୁ ମାନସିକ ଶାନ୍ତି ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ପୁଣି ଏପରିଭାବରେ କର୍ମସଂସ୍ଥାନ ସୃଷ୍ଟି କରିବାକୁ ପଡ଼ିବ ଯେପରିକି ସମସ୍ତେ, ନିଜର ଶକ୍ତି ଅନୁଯାୟୀ କାମ ପାଇ ପାରିବେ ଏବଂ ସେହି କାମରୁ ଆନନ୍ଦ ଅନୁଭବ କରି ପାରିବେ । ଏଥିପାଇଁ ଆର୍ଥନୀତିକ ବ୍ୟବସ୍ଥା, ସାମାଜିକ ଢଙ୍ଗ ଓ ଶିକ୍ଷା ପ୍ରଣାଳୀ ପ୍ରଭୃତି ପ୍ରତ୍ୟେକ ବିଭାଗର ଆମୂଳଚୂଳ ପରିବର୍ତ୍ତନ ଦରକାର । ମନୁଷ୍ୟର ସ୍ୱହୃଦାକୁ ଆଖି ଆଗରେ ରଖି ଆମେ ଯଦି ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ କରି ପାରିବା, ତାହାହେଲେ ଏ ଯେଉଁ ବିପଦ ଆମ ଆଗରେ ଆସି ଆଜି ପହଞ୍ଚିଛି, ତା'ର ମୁକାବିଲା କରିବାକୁ ଆମେ ଶକ୍ତି ଅର୍ଜନ କରି ପାରିବା ।



WITH BEST COMPLIMENTS OF:

SAMANTRAY CONSTRUCTIONS
RAJABAGICHA
CUTTACK-1

Digitized by srujanika@gmail.com

# ଯୋଗାସନ

—ଶ୍ରୀ ଯୋଗାଚାର୍ଯ୍ୟ

ପ୍ରାଚୀନ ଭାରତର ଯେଉଁସବୁ ଦାନ ଆଧୁନିକ ସଭ୍ୟତା ଆବିଷ୍କାର କରି ଆପଣାର କରିବାପାଇଁ ଉଦ୍ୟମ କରୁଛି, ତାହା ମଧ୍ୟରେ ଯୋଗ ଅନ୍ୟତମ । ଯୋଗ ଶବ୍ଦର ଅର୍ଥ ଯୋଗ କରିବା ବା ମିଶାଇବା । ସୂକ୍ଷ୍ମ ଅର୍ଥରେ ଏହା ହେଲା, ଜ୍ଞାତସାରରେ ଆତ୍ମାର ପରମାତ୍ମାଙ୍କ ସହିତ ମିଳନ ବା ଯୋଗ । ସତ୍ୟଲାଭ କରିବାପାଇଁ ଯୋଗ ସର୍ବୋତ୍କୃଷ୍ଟ କାର୍ଯ୍ୟକାରୀ ପନ୍ଥା । ସବୁ ଧର୍ମଶାସ୍ତ୍ର କହନ୍ତି, "ଈଶ୍ୱର ଅଛନ୍ତି, ଅନ୍ୟମାନେ ତାଙ୍କୁ ଲାଭ କରି ପାରିଛନ୍ତି, ତୁମେ ଚାହିଁଲେ ମଧ୍ୟ ତାଙ୍କୁ ଲାଭ କରି ପାରିବ" କିନ୍ତୁ ଯୋଗହିଁ ତା'ର ପନ୍ଥା ନିରୂପଣ କରେ । ହଜାର ହଜାର ବର୍ଷର ସାଧନାରେ ଭାରତର ମୁନିଋଷିମାନେ ଯୋଗ ରୂପକ ଅମୂଲ୍ୟ ରତ୍ନ ଆବିଷ୍କାର କରିଛନ୍ତି ।

## ପତଞ୍ଜଳି

ଯୋଗର ବୈଜ୍ଞାନିକ ରୂପ ପ୍ରାଚୀନ ଭାରତର ଋଷି ପତଞ୍ଜଳି ଦେଇଛନ୍ତି । ପତଞ୍ଜଳିଙ୍କର ଯୋଗ ହେଉଛି କ୍ରମାନ୍ୱୟରେ ଆଠଟି ନିୟମାନୁସରଣ କରିବା । (୧ମ) ଯମ ବା ଅନ୍ୟର ହିଂସା ନ କରିବା, ଅସତ୍ୟ ଆଚରଣ ନ କରିବା, ଚୋରି ନ କରିବା ଓ ଅର୍ଥଲୋଭ ପରିତ୍ୟାଗ କରିବା । (୨ୟ) ନିୟମ ବା ଆତ୍ମସଂଯମ ଆଚରଣ କରିବା, ମନ ଓ ଶରୀର ଉଭୟଙ୍କୁ ପବିତ୍ର ରଖିବା, ଈଶ୍ୱରଙ୍କଠାରେ ଭକ୍ତି ରଖିବା । (୩ୟ) ଆସନ ବା ଯେତେଇଚ୍ଛା ସେତେ ସମୟପର୍ଯ୍ୟନ୍ତ ମେରୁଦଣ୍ଡକୁ ସିଧା ରଖି ଶରୀରକୁ ସ୍ଥିର ଓ ସୁଖକର ଅବସ୍ଥାରେ ରଖିବା (୪ର୍ଥ) ପ୍ରାଣାୟାମ ବା ଯେଉଁସବୁ ପ୍ରାଣଶକ୍ତି ଶରୀର ଧାରଣ ପାଇଁ ଆବଶ୍ୟକ, ତାହା ହୃଦୟଙ୍ଗମ କରିବା ଓ ଠିକଣା ବାଟରେ ନିୟୋଜିତ କରିବା । (୫ମ) ଚିତ୍ତବିକ୍ଷେପକ ବାହ୍ୟ ସାଂସାରିକ ପଦାର୍ଥରୁ ଇନ୍ଦ୍ରିୟମାନଙ୍କୁ ହଟାଇ ଆଣିବା । (୬ଷ୍ଠ) ଧାରଣା ବା ଅନ୍ତର୍ଦ୍ଦୃଷ୍ଟିରେ ନିଜକୁ ନିବଦ୍ଧ ରଖିବା । (୭ମ) ଧ୍ୟାନ ବା ସର୍ବବ୍ୟାପୀ ଈଶ୍ୱରଙ୍କଠାରେ ନିଜର ମନ ଓ ଚୈତନ୍ୟର ନିଯୁକ୍ତି । (୮ମ) ସମାଧି ବା ଜ୍ଞାତସାରରେ ଈଶ୍ୱରଙ୍କ ସହିତ ମିଳନ ଓ ସର୍ବଶ୍ରେଷ୍ଠ ଆନନ୍ଦ ଲାଭ ।

ବର୍ତ୍ତମାନ ପତଞ୍ଜଳିଙ୍କର ତୃତୀୟ ମାର୍ଗ ବା ଯୋଗାସନ ଏହି ଲେଖାର ଆଲୋଚ୍ୟ ବିଷୟ । ପୃଥିବୀର ସବୁ ଧର୍ମ ପ୍ରଥମ ଦୁଇଟି

Digitized by srujanika@gmail.com

ମାର୍ଗ ଅର୍ଥାତ୍ ଯମ ଓ ନିୟମ ଶିକ୍ଷା ଦେଇଥାନ୍ତି । ଆଧ୍ୟାତ୍ମିକ ବିକାଶ ପାଇଁ ଏ ଦୁଇଟି ଏକାନ୍ତ ଆବଶ୍ୟକ; କିନ୍ତୁ ତୃତୀୟ କ୍ରିୟା ଯୋଗାସନକୁ ସଫଳତାର ସହିତ କରିପାରିଲେ ପ୍ରଥମ ଦୁଇଟି ସହଜସାଧ୍ୟ ହୋଇଯାଏ । ଯୋଗାସନ ଏପରି ଗୋଟିଏ କ୍ରିୟା ଯେ ଏହି ଗୋଟିକ କାର୍ଯ୍ୟରେ ଶରୀର ସୁସ୍ଥ, ସବଳ ରହିବା ସଙ୍ଗେ ସଙ୍ଗେ ମନର ସ୍ଥିରତା, ଆଧ୍ୟାତ୍ମିକ ଭାବନା ସ୍ୱତଃ ଜାଗ୍ରତ ହୁଏ ।

## ଶହେ ଦଣ୍ଡ, ଗୋଟିଏ ଆସନ

ଶରୀର ଚର୍ଚ୍ଚା ପାଇଁ ଆମ ଦେଶରେ ଓ ପୃଥିବୀରେ ବହୁକ୍ରୀଡ଼ା, ବ୍ୟାୟାମ ଓ କୁସ୍ତିର ପ୍ରଚଳନ ଅଛି । ମୋଟା ହେବା ପାଇଁ, ମାଂସପେଶୀ ବଢ଼ାଇବାପାଇଁ ଓ ମଲ୍ଲମାଲୀ କରିବାପାଇଁ ହୁଏତ ଏସବୁର ଆବଶ୍ୟକତା ବେଶି; କିନ୍ତୁ କାର୍ଯ୍ୟରେ ଦେଖାଯାଇଛି, ଯେଉଁମାନେ ଦଣ୍ଡ, ବୈଠକ ମାରନ୍ତି, ଭାରୋତ୍ତୋଳନ କରନ୍ତି ସେମାନେ କିଛିକାଳ ତାକୁ ଛାଡ଼ିଦେଲେ ଅସ୍ୱାଭାବିକଭାବରେ ମୋଟା ହୋଇଯାନ୍ତି ବା ତାଙ୍କର ପେଟ ବାହାରିପଡ଼େ । ଏହାଛଡ଼ା ଏପ୍ରକାର ଶାରୀରିକ କସରତ କିଛିସମୟ କଲେ ଲୋକ କ୍ଳାନ୍ତ ହୋଇପଡ଼େ । ଶରୀରର ତନ୍ତୁ (tissue)ମାନଙ୍କର ଅଯଥା ଅପଚୟ ଘଟେ; କିନ୍ତୁ ଆସନ ଯେତେଇଚ୍ଛା ସେତେ ସମୟ କଲେ ମଧ୍ୟ କ୍ଳାନ୍ତ ଆସେ ନାହିଁ ଏବଂ କିଛିଦିନ ଆସନ କରି ଛାଡ଼ିଦେଲେ ତା'ର କୌଣସି ପ୍ରତିକ୍ରିୟା ଶରୀର ଉପରେ ଦେଖାଯାଏ ନାହିଁ । ପୁଣି ଘଣ୍ଟାଏକାଳ ଦୌଡ଼ିଲେ, ଦଣ୍ଡ, ବୈଠକ ମାରିଲେ ବା କୁସ୍ତି କଲେ ଯେଉଁ ଫଳ ମିଳିବ, ୧୫/୨୦ ମିନିଟ୍ ଗୋଟିଏ ଯୋଡ଼ିଏ ଆସନ ଭଲଭାବରେ କଲେ ସେହି ଫଳ ମିଳିବ ।

## ପ୍ରାଣଶକ୍ତି-ସଞ୍ଚାଳନ

ବ୍ୟାଟେରୀର ଶକ୍ତି ଫେରାଇ ଆଣିବାପାଇଁ ତା'କୁ ଯେପରି ରିଚାର୍ଜ କରିବା ଦରକାର ପଡ଼େ, ସେହିପରି ଶରୀରର ବିଭିନ୍ନ ପେଶୀ ବା ଗ୍ରନ୍ଥିର ଖୋଲନା ଓ ରକ୍ତସଞ୍ଚାଳନ ବୃଦ୍ଧି-ଦ୍ୱାରା ଦୁର୍ବଳ ତନ୍ତୁ ଓ ଅଙ୍ଗକୁ ସବଳ କରିଯାଇପାରେ । ଯୋଗୀ ଓ ସାଧୁମାନେ ଆସନ ଏବଂ ଧ୍ୟାନଦ୍ୱାରା ଲକ୍ଷ୍ୟ କରିଛନ୍ତି ଯେ ବସ୍ତୁ ଓ ଚେତନ ମଧ୍ୟରେ ଏକ ନିଗୂଢ଼ ସମ୍ପର୍କ ରହିଛି ଏବଂ ସେ ସମ୍ପର୍କଟି ହେଉଛି ପ୍ରାଣ ବା ଜୀବନୀଶକ୍ତି । ଯଦି ଶରୀରର କୌଣସି ଅଙ୍ଗ ପ୍ରତି ନିଜର ଧ୍ୟାନ ନିବଦ୍ଧ ରହେ, ତା'ହେଲେ ସେହି ଅଙ୍ଗରେ ପ୍ରାଣ-ଶକ୍ତିର ଅଧିକ ସଞ୍ଚାଳନ ଘଟେ । ଆସନର ଉଦ୍ଦେଶ୍ୟ ହେଉଛି ଶରୀରକୁ ଗୋଟିଏ ଭଙ୍ଗୀରେ ସ୍ଥିର ରଖି ଏହି ପ୍ରାଣଶକ୍ତିର ସଞ୍ଚାଳନ କରାଇବା । ନିୟମିତଭାବରେ ଆସନ କଲେ ଶରୀରର ସାଧାରଣ ବ୍ୟଥା ଓ ଅସୁସ୍ଥତା ଦୂର ହୋଇଯାଏ, ଶରୀର ଓ ମନ ସର୍ବଦା ସ୍ଫୂର୍ତ୍ତି ରହେ ଏବଂ ଶରୀରର କ୍ଷୟିଷ୍ଣୁ, ଦୁର୍ବଳ ଅଙ୍ଗ ଓ ତନ୍ତୁମାନଙ୍କରେ ଯୌବନର ଦୀପ୍ତି ଅକ୍ଷତ ରହେ । ଏଠାରେ ଗୋଟିଏ ବିଶିଷ୍ଟ ଉଦାହରଣ ଦିଆଯାଇ ପାରେ—୭୩ ବର୍ଷ ବୟସପର୍ଯ୍ୟନ୍ତ ଭାରତର ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀ ଜବାହାରଲାଲ

Digitized by srujanika@gmail.com

ନେହେରୁ ଅତ୍ୟନ୍ତ କର୍ମବେଗ, ସୁସ୍ଥ, ସବଳ, ଯୁବକସୁଲଭ ଶରୀରର ଅଧିକାରୀ ଥିଲେ । ୧୯୪୯ମସିହାରେ ଆମେରିକା ଭ୍ରମଣରେ ଯାଇଥିବାବେଳେ ସେ ଏକ ସମ୍ବାଦକ-ସମ୍ମିଳନୀରେ କହିଥିଲେ :—

"ରାଜନୀତଜ୍ଞମାନେ ପ୍ରତିଦିନ କିଛିସମୟ ମୁଣ୍ଡ ତଳକୁ ଓ ଗୋଡ଼ ଉପରକୁ (ଶୀର୍ଷାସନ) ରଖିଲେ ପୃଥିବୀର ବହୁ ଉତ୍କଟ ସମସ୍ୟା ଦୂରୀଭୂତ ହୋଇଯାନ୍ତା" ।

ସ୍ୱର୍ଗୀୟ ନେହେରୁ ନିୟମିତ ଭାବରେ ଯୋଗାସନ କରୁଥିଲେ ।

ଏହି ପତ୍ରିକାର ପରବର୍ତ୍ତୀ ସଂଖ୍ୟା-ମାନଙ୍କରେ ବିଭିନ୍ନ ଆସନଚିତ୍ର ସାହାଯ୍ୟରେ ବୁଝାଇ ଦିଆଯିବ, ମାତ୍ର ତା' ପୂର୍ବରୁ ଆସନ ସମ୍ପର୍କରେ କେତୋଟି ସାଧାରଣ ନିୟମ ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ।

## କେତୋଟି ଅପରିହାର୍ଯ୍ୟ ନିୟମ

ଯେ କୌଣସି ବୟସରେ ଆସନ କରାଯାଇ ପାରିବ । କେବଳ ୫ ବର୍ଷ ବୟସ ପର୍ଯ୍ୟନ୍ତ ଛୋଟ ପିଲା ଓ ଗର୍ଭବତୀ ନାରୀମାନଙ୍କ ପାଇଁ ଆସନ କରିବା ବାରଣ ଅଛି ।

ଆସନ ଏକ ନିର୍ଜନ ଓ ଶାନ୍ତିପୂର୍ଣ୍ଣ ବାତାବରଣ ମଧ୍ୟରେ ହେବା ଆବଶ୍ୟକ । ଯଦି କୌଣସିକୋଠରୀରେ ବହୁବ୍ୟକ୍ତିଏକାଠି ରହୁଥାନ୍ତି, ତା' ହେଲେ ସେ କୋଠରୀର ଗୋଟିଏ କଣରେ ବା ବାହାର ବାରଣ୍ଡାରେ କିମ୍ବା କୋଠା ଥିଲେ କୋଠା-ଉପର ଛାତରେ ଆସନ କରାଯାଇପାରେ ।

ଆସନ ପୂର୍ବରୁ ମନ ଶାନ୍ତ ଓ ସ୍ଥିର ରହିବା ଆବଶ୍ୟକ । କାରଣ ମନ ଚଞ୍ଚଳ ବା ଉତ୍ତେଜିତ ଥିବାବେଳେ ଆସନ କଲେ ତା'ର ପୂର୍ଣ୍ଣଫଳ ମିଳେ ନାହିଁ । ସେଥିପାଇଁ କୁହାଯାଉଛି ଯେ ନିଶ୍ଚିନ୍ତ ମନରେ [ସର୍ବଚିନ୍ତାବିବର୍ଜିତଃ] ଆସନ କରାଯିବା ଆବଶ୍ୟକ ।

ଆସନପାଇଁ ପ୍ରକୃଷ୍ଟ ସମୟ ହେଉଛି ପ୍ରଭାତକାଳ । କାରଣ ସେତେବେଳେ ପ୍ରକୃତିର ଶାନ୍ତିପୂର୍ଣ୍ଣ ପରିବେଶ ଏବଂ ମନ ଶାନ୍ତ ଓ ଅଚଞ୍ଚଳ ରହେ । ଯଦି ବିଶେଷ ବ୍ୟସ୍ତତା ଯୋଗୁଁ କେହି ପ୍ରଭାତସମୟରେ ଏହା କରି ନପାରନ୍ତି, ତା'ହେଲେ ସନ୍ଧ୍ୟା-ସମୟରେ ଏହା କରାଯାଇପାରେ; କିନ୍ତୁ ଯେଉଁ ସମୟରେ କରାଯିବ, ପ୍ରତିଦିନ ଠିକ୍ ସେହି ସମୟରେ ଏହା କରାଯିବା ଆବଶ୍ୟକ । ଶୀତଋତୁରେ ଯୋଗାସନ ଅବ୍ୟାହତ ରଖାଯିବା ବାଞ୍ଛନୀୟ । କାରଣ ଶରୀରର କସରତ୍ ପାଇଁ ଏହା ହେଉଛି ସର୍ବୋତ୍କୃଷ୍ଟ ସମୟ । ଆସନ କରିବାପୂର୍ବରୁ ପେଟରେ କିଛି ନ ରହିବା ଆବଶ୍ୟକ । ତେଣୁ ମଳମୂତ୍ର ତ୍ୟାଗ ଆଦି ନିତ୍ୟକର୍ମ ସାରି ଏବଂ ପ୍ରାତଃଭୋଜନ ପୂର୍ବରୁ ଆସନ କରାଯିବା ସର୍ବଥା ବାଞ୍ଛନୀୟ । ଗାଧୋଇବା ପୂର୍ବରୁ ଏହା କରାଯାଇପାରେ । ପରେ ପରେ ମଧ୍ୟ କରାଯାଇପାରେ ।

ଆସନ ଦିନରେ କେତେ ସମୟ କରାଯିବ, ତା'ର ସେପରି କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ । ଘଣ୍ଟାଏ ଦୁଇ ଘଣ୍ଟା ପର୍ଯ୍ୟନ୍ତ ମଧ୍ୟ ଆସନ କରାଯାଇ ପାରେ । ସାଧାରଣତଃ

Digitized by srujanika@gmail.com

୨୫।୩୦ ମିନିଟ୍ ନିୟମିତ ଆସନ କରାଯିବା ବାଞ୍ଛନୀୟ । ଏପରିକି, ଦିନରେ ପାଞ୍ଚ ମିନିଟ୍ ନିୟମିତ ଆସନ କଲେ ମଧ୍ୟ ତା'ର ଫଳ ମିଳିଥାଏ ।

ଅତ୍ୟଧିକ ଥଣ୍ଡା ବା ବର୍ଷା ହେଉ ନ ଥିଲେ ମୁକ୍ତାକାଶ-ତଳେ ଆସନ କରାଯିବା ସର୍ବୋଠାରୁ ଫଳପ୍ରଦ । ତା' ନ ହେଲେ ଆସନ କରିବା ସମୟରେ ଘରର ଦୁଆର, ଝରକାସବୁ ଖୋଲି ରଖାଯିବା ଆବଶ୍ୟକ, ଯେପରିକି ମୁକ୍ତବାୟୁ ସଞ୍ଚାଳିତ ହୋଇ ପାରିବ ।

ଆସନ ସମୟରେ ଦେହରେ ବିଶେଷ ବସ୍ତ୍ର ବା ଆବରଣ ରହିବା ଉଚିତ ନୁହେଁ । ଚଡ୍ଢି ବା ଅଣ୍ଡରୱେର ଯଥେଷ୍ଟ । ଶୀତଦିନେ ଅଧିକ ଥଣ୍ଡା ଲାଗୁଥିଲେ ଦେହରେ ସ୍ୱେଟର କମ୍ବା କୁର୍ତ୍ତା ରଖା ଯାଇପାରେ । ମୋଟ ଉପରେ ଦେହର ଚମରେ ଅଧିକ ପବନ ବାଜିବା ଭଲ ଏବଂ ଅଙ୍ଗପ୍ରତ୍ୟଙ୍ଗର ଅବାଧ ଚଳପ୍ରଚଳନ ହେବା ବାଞ୍ଛନୀୟ ।

ଆସନସମୟରେ ପାଟି ବନ୍ଦ ରଖାଯିବ । କେବଳ ନାକରେ ନିଃଶ୍ୱାସ-ପ୍ରଶ୍ୱାସ ନିଆଯିବ । ନିଃଶ୍ୱାସପ୍ରଶ୍ୱାସ ଧୀର ଓ ଗଭୀର ଭାବରେ ନିଆଯିବା ଆବଶ୍ୟକ ।

କେବେ ହେଲେ ଖାଲି ଭୂଇଁରେ ଆସନ କରାଯିବା ଉଚିତ ନୁହେଁ । କୁଶ କମ୍ବା ବେଣାର ମଶିଣା, କମ୍ବଳ ବା 'ମୃଗଚର୍ମ ବ୍ୟବହାର କରାଯାଇପାରେ । ଏହା ଉପରେ ଏକ ପରିଚ୍ଛନ୍ନ ଧବଳ ବସ୍ତ୍ର ବିଛାଇ ଆସନ କରାଯିବା ବାଞ୍ଛନୀୟ । ଏହି ବସ୍ତ୍ରଟି ପ୍ରତିଦିନ ଧୋଇ ଦେବା ଉଚିତ । ଯେପରିକି ସ୍ୱାସ୍ଥ୍ୟରକ୍ଷାପାଇଁ ଏହା ଅନୁକୂଳ ହେବ ।

ଶରୀରର ସ୍ୱାସ୍ଥ୍ୟ, ମନର ସତେଜତା ଓ ସ୍ୱଚ୍ଛତା ଏବଂ ଉଚ୍ଚ ଚିନ୍ତାପାଇଁ ଯୋଗାସନ ଭାରତର ଏକ ଅମୂଲ୍ୟ ଆବିଷ୍କାର ଓ ପୃଥିବୀର ସଭ୍ୟତାକୁ ଏହା ଏକ ଅତୁଳନୀୟ ଦାନ । 'ହଠଯୋଗ ପ୍ରଦୀପିକା' ନାମକ ଯୋଗ-ଶାସ୍ତ୍ରରୁ ନିମ୍ନୋକ୍ତ ଶ୍ଳୋକଟି ଉଦ୍ଧାର କରି ଯୋଗର ମହତ୍ତ୍ୱ ପ୍ରତିପାଦନ କରାଯାଉଛି ।

"ବପୁଃ କୃଶତ୍ୱଂ ବଦନେ ପ୍ରସନ୍ନତା
ନାଦସ୍ଫୁଟତ୍ୱଂ ନୟନେ ସୁନିର୍ମଳେ ॥
ଅରୋଗତା ବିନ୍ଦୁଜୟୋଽଗ୍ନିଦୀପନଂ
ନାଡ଼ିବିଶୁଦ୍ଧିର୍ହଠଯୋଗଲକ୍ଷଣମ୍ ! ।"

ଶରୀରରେ କୃଶତ୍ୱ, ମୁଖରେ ପ୍ରସନ୍ନତା, ସ୍ପଷ୍ଟ, ସୁନ୍ଦର ସ୍ୱର, ନିର୍ମଳ ଚକ୍ଷୁ, ନୀରୋଗ ସ୍ୱାସ୍ଥ୍ୟ, ସଂଯତ ପ୍ରକୃତି, ସ୍ଫୂର୍ତ୍ତି ଓ କର୍ମ-ପ୍ରବଣତା, ନାଡ଼ିର ଶୁଦ୍ଧି ଏହି କେତୋଟି ହେଉଛି ହଠଯୋଗ ବା ଯୋଗାସନର ଲବ୍ଧ ଫଳ ।

Digitized by srujanika@gmail.com

# ମୋ' କାହାଣୀ

## ବକ୍ସର ୧୯୨୩-୨୪

—ନୀଳମଣି ସେନାପତି



ବକ୍ସାରର ଜୀବନଯାପନ-ପ୍ରଣାଳୀ ପୁରାତନ ଢଙ୍ଗରେ ଥିଲା । ବିଦ୍ୟୁତ୍‌ଶକ୍ତି, ପାନୀୟ ଜଳ ବ୍ୟବସ୍ଥା, ଟ୍ୟାକ୍ସି, ବସ୍ ଆଦି ନ ଥିଲା କିମ୍ବା ଇଚ୍ଛା ହେଲେ ପିଚ୍ ରାସ୍ତା କରାଯାଇ ନ ଥିଲା । କେବଳ ବକ୍ସାର ସବ୍‌ଡିଭିଜନ ନୁହେଁ, ସାରା ସାହାବାଦ ଜିଲାର ଏହିଆ ଥିଲା ଅବସ୍ଥା । ବକ୍ସାର ସବ୍‌ଡିଭିଜନରେ କାହାର ମଟରକାର କିମ୍ବା ମଟର ସାଇକେଲ ବି ନ ଥିଲା । ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, କଲେକ୍ଟର, ଏସ୍.ପି, ସିଭିଲ୍ ସର୍ଜନ, ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ଏବଂ ବୋଧହୁଏ ସଦାରାମ ଏସ.ଡି.ଓ.ଙ୍କର ଖଣ୍ଡେ ଖଣ୍ଡେ ମଟରଗାଡ଼ି ଥିଲା । ଯଦିଓ 'ଟି' ମଡେଲ ଫୋର୍ଡକାର୍‌ର ଦାମ୍ ଥିଲା ଦୁଇ ହଜାର ଟଙ୍କା, ଜଣେ ସବ୍‌ଡିଭିଜନାଲ ଅଫିସର ନିଜର ସଞ୍ଚୟରୁ ତାହା କିଣିବା ସମ୍ଭବପର ନ ଥିଲା । ସରକାରଙ୍କଠାରୁ ଏଥିପାଇଁ ଆଗରୁଆ ଟଙ୍କା ଆଣିବାକୁ ହେଉଥିଲା; କିନ୍ତୁ ସରକାର ପ୍ରଥମେ ଜାଣିବାକୁ ଚାହୁଁଥିଲେ, ଯେ ସବ୍‌ଡିଭିଜନରେ ମଟରଗାଡ଼ି ଚାଲିବାପାଇଁ ଭଲ ରାସ୍ତା ଅଛି କି ନାହିଁ । ଏଥିପାଇଁ ଭଲ ରାସ୍ତାଥିବା ସବ୍‌ଡିଭିଜନମାନଙ୍କର ଏକ ତାଲିକା ସରକାର ରଖିଥିଲେ ଓ ବକ୍ସାର ତାହା ଭିତରେ ନ ଥିଲା ।

Digitized by srujanika@gmail.com

## ଏକ୍କା ଗାଡ଼ି

ତେଣୁ ସାଇକଲ୍‌ରେ ବା ଚାଲିକରି ମୁଁ ଗସ୍ତ କରୁଥିଲି । ମୋର ଗୋଟିଏ ଘୋଡ଼ା ଥିଲା; କିନ୍ତୁ ବକ୍‌ସାର ନିକଟବର୍ତ୍ତୀ ଅଞ୍ଚଳ କିମ୍ବା କୌଣସି ଜାଗାରେ କ୍ୟାମ୍ପ ପକାଇବାକୁ ଥିଲେ ମୁଁ କେବଳ ଏ ଘୋଡ଼ାଟିକୁ ବ୍ୟବହାର କରୁଥିଲି । ଶୀତ ଋତୁରେ ବେଳେ ବେଳେ ମୋ'ସ୍ତ୍ରୀ ମୋ ସହିତ କ୍ୟାମ୍ପକୁ ଯାଉଥିଲେ । ମୁଁ ସାଇକଲ୍‌ରେ ଓ ସେ ଏକ୍କାରେ ଯାଉଥିଲେ । ଏକ୍କା ହେଉଛି ଗୋଟିଏ ଘୋଡ଼ା ଟାଣୁଥିବା ଏକପ୍ରକାର ଗାଡ଼ି । ଗୋଡ଼ ଦ'ଟା ତଳକୁ ଚକ ପର୍ଯ୍ୟନ୍ତ ଲମ୍ବାଇ ଯାତ୍ରୀଙ୍କୁ ଏହାର ହାଡ଼ୁଆ କାଠପଟା ଉପରେ ବସିବାକୁ ହୁଏ ଓ ଏକ୍କାଗାଡ଼ି ଚାଲିଲାବେଳେ କାଳେ ଗଡ଼ି ପଡ଼ିବ, ସେଥିପାଇଁ ଖୁବ୍ ସାବଧାନତା ଅବଲମ୍ବନ କରିବାକୁ ପଡ଼େ । ସେଥିରେ ମଧ୍ୟ ରାସ୍ତାଧୂଳିରୁ ଗୋଡ଼ ଦ'ଟା ଛୁଡ଼ି ପାଏ ନାହିଁ । ଏହାର ସମସ୍ତ ବିପଦ ଓ ଅସୁବିଧା ସତ୍ତ୍ୱେ ଏକ୍କା ହେଉଛି ବିହାରର ଏକ ସର୍ବସାଧାରଣ ଯାନ । ଯେଉଁଠି ଦୁଇଫୁଟ ପର୍ଯ୍ୟନ୍ତ ହିଡ଼ି ଅଛି, ଏକ୍କା ସେ ବାଟରେ ମଧ୍ୟ ଯାଇ ପାରିବ । ଘଣ୍ଟାରେ ଏହାର ବେଗ ଆଠ ମାଇଲ୍ ଓ ଏଥିରେ ଯିବା-ଆସିବା କରିବାକୁ କମ୍ ଖର୍ଚ୍ଚ ପଡ଼େ । ବୋଧହୁଏ ମହାଭାରତ-ଯୁଦ୍ଧରେ ଯେଉଁ ରଥ ବ୍ୟବହୃତ ହେଉଥିଲା, ତାହା କାଳକ୍ରମେ ଏକ୍କାରେ ପରିଣତ ହୋଇଛି । ବେଳେ ବେଳେ ମୁଁ ତମ୍ବୁ ପକାଇ ରହୁଥିବା ବେଳେ ଓକିଲମାନେ ଏକ୍କାରେ ଆସି ନିଜ ନିଜର ତମ୍ବୁ ପକାଇ ମୋ' କ୍ୟାମ୍ପରେ ରହୁଥିଲେ । ଏକ୍କାରେ ସେମାନଙ୍କ ସହିତ ସେମାନଙ୍କର ତମ୍ବୁ ମଧ୍ୟ ଆସି ପାରୁଥିଲା ଓ ଏଥିରେ କମ୍ ଖର୍ଚ୍ଚ ପଡ଼ୁଥିଲା ।

୧୯୨୫ ମସିହାରେ ବକ୍‌ସାର ଥିଲା ଶିକାର ପାଇଁ ଏକ ଉତ୍କୃଷ୍ଟ ସବ୍‌ଡିଭିଜନ । ସବ୍‌ଡିଭିଜନାଲ୍ ଅଫିସରଙ୍କ ଟିପା ଖାତାରେ କେଉଁଠି କୃଷ୍ଣସାର ମରାଯାଇ ପାରିବ, ତା'ର ଏକ ତାଲିକା ଥିଲା । ଦଳ ଦଳ ହୋଇ ଏତେ କୃଷ୍ଣସାର ବୁଲୁଥିଲେ ଯେ ମୁଁ ମୋର କ୍ୟାମ୍ପପାଇଁ ଗୋଟିଏ ଗୋଟିଏ ଶିକାର କରୁଥିଲି । ୧୯୬୩ ମସିହାରେ ମୁଁ ପୁଣିଥରେ ବକ୍‌ସାର ଗସ୍ତରେ ଯାଇଥିବାବେଳେ ଗୋଟିଏ ହେଲେ କୃଷ୍ଣସାର ଦେଖିଲି ନାହିଁ । ଏହି ଜାତୀୟ ମୃଗ ସେଠାରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଛି । ବାଗେଡ଼ି ପକ୍ଷୀ ମଧ୍ୟରେ ଖୁବ୍ ରୁଚିକର ଖାଦ୍ୟ ଥିଲା । ତେଣୁ ଜଣେ ଜଣେ ଧନୀ ଚାଷୀ ଶହ ଶହ ସଂଖ୍ୟାରେ ଏହି ପକ୍ଷୀଙ୍କୁ ଜାଲ ପକାଇ ଧରି ନେଉଥିଲେ ।

## ରୋଡ଼ ରୋଲରରୁ ବିଜୁଳି ଆଲୁଅ

ସେତେବେଳେ ସେଠାରେ ବିଜୁଳି ଆଲୁଅ କ'ଣ ଲୋକେ ଜାଣି ନଥିଲେ; କିନ୍ତୁ ମୋ'ସ୍ତ୍ରୀ ଏକ ଦାତବ୍ୟ କାର୍ଯ୍ୟପାଇଁ ଥରେ ଏକ ଉତ୍ସବର ଆୟୋଜନ କରି ଯେକୌଣସିମତେ ବିଜୁଳି ଆଲୁଅ ଜାଳିବା ପାଇଁ ସ୍ଥିର କରି ନେଲେ । ମୁଁ ସେତେ-

Digitized by srujanika@gmail.com

ବେଲକୁ ଫୋର୍ଟ ଗଡ଼ଖାଇ ବେଷ୍ଟି ତଘର)
ଘରେ ଯାଇ ରହିଲଣି । ଏହି ଘରକୁ ଲଗି ସିମେଣ୍ଟଦିଆ ଟେନିସ୍ ପଡ଼ିଆରେ ନାଟକର ଆୟୋଜନ ହେଲା । ଗଡ଼ଖାଇ ଭିତରକୁ ମାଟି ଗଡ଼ାଇ ଆଣି ଏକ 'ଗ୍ରେଡ଼ ରୋଲର' ଅଣାଗଲା । ଏହି ରୋଲରର ଷ୍ଟିମ୍ ଇଞ୍ଜିନ୍ ସାହାଯ୍ୟରେ ଆସିଷ୍ଟାଣ୍ଟ ଇଞ୍ଜିନିଅର ବିଜୁଳି ଆଲୁଅ ବାହାର କଲେ ଓ ରଙ୍ଗମଞ୍ଚ ଏଥିରେ ଆଲୋକିତ ହେଲା । ଅଭିନୟ ଯାହା ହେଉନା କାହିଁକି, ରଙ୍ଗମଞ୍ଚରେ ଯେ ବିଜୁଳି ଆଲୁଅ ଜଳିଲା, ସେଥିରେ ଦର୍ଶକମାନଙ୍କ ପଇସା ଉଠିଗଲା । ମନେ ରଖନ୍ତୁ, ସବ୍‌ଡିଭିଜନାଲ ଅଫିସରଙ୍କ ଘରେ ଏହି ନାଟକ ଅଭିନୟର ଆୟୋଜନ ହୋଇଥିବା ଯୋଗୁଁ ଲୋକଙ୍କୁ ଦୁଇଗୁଣ ଅଧିକ ମୂଲ୍ୟ ଦେଇ ଟିକଟ କିଣିବାକୁ ହୋଇଥିଲା । ଏଥିରୁ ମିଳିଲା ତିନିଶ'ଟଙ୍କା । ସେତେବେଳେ ସ୍ଥାନୀୟ ମ୍ୟୁନିସିପାଲିଟି ପକ୍ଷରୁ ଯେଉଁ ପ୍ରାଥମିକ ବାଳିକାବିଦ୍ୟାଳୟ ଆରମ୍ଭ କରାହେଉଥିଲା, ସେଥିପାଇଁ ସେତେବେଳର ଏ ତିନିଶ ଟଙ୍କା ପାଣ୍ଠି କମ୍ ନୁହେ ।

ଗ୍ରୀଷ୍ମ ଋତୁରେ ଖୁବ୍ ଗରମ ହେଉଥିଲା; କିନ୍ତୁ ଶୀତଋତୁ ବେଶ୍ ଉପଭୋଗ୍ୟ ଥିଲା । ରେଫ୍ରିଜରେଟର କ'ଣ ଲୋକେ ଜାଣି ନ ଥିଲେ । ବରଫ ମିଳୁ ନ ଥିଲା । ପିଇବା ପାଣିକୁ ସୁରାଇରେ ରଖି ଆମେ ଥଣ୍ଡା କରୁଥିଲୁ । ସୁରାଇକୁ ଦେଖିଲେ ମୋ'ର ବଗ ଓ କୋକିଶିଆଳି ଗପ ମନେପଡ଼େ । ବୋଧହୁଏ ଏହିପରି ଏକ ପାତ୍ରରେ ବଗ କୋକିଶିଆଳିକୁ ଖାଇବାକୁ ନିମନ୍ତ୍ରଣ କରିଥିଲା । ସୁରାଇକୁ ଆମେ ଏକ ଗଛ-ଡାଳରେ ଝୁଲାଇ ଦେଇଥିଲୁ । ଥଣ୍ଡାପବନ ବହିଲାବେଳେ ସେ ସୁରାଇକୁ ଥଣ୍ଡା ରଖୁଥିଲା । ଆଟ୍‌ଠାରେ କ୍ଲବ ଏବଂ ତା'ର ବୟୋଜ୍ୟେଷ୍ଠ ସଭ୍ୟଙ୍କର ଆଇସ୍ ବକ୍‌ସ ଥିଲା । ଏହା ସାହାଯ୍ୟରେ ସେମାନେ ତାଙ୍କର ସୋଡ଼ା ଓ ସନ୍ଧ୍ୟାକାଳୀନ ହୁଇସ୍କିକୁ ଥଣ୍ଡା ରଖୁଥିଲେ ।

## ୧୯୨୩-୨୪ ମସିହାରେ ବକ୍‌ସାରର ଆର୍ଥିକ ଅବସ୍ଥା

୧ । କୃଷି, ଗୋ-ମହିଷାଦି ପାଳନ ଓ ବ୍ୟବସାୟାଦି ଲୋକମାନଙ୍କର ଏକମାତ୍ର ଧନ୍ଦା ଥିଲା ।

୨ । କମାର, ବଢ଼େଇ, କୁମ୍ଭାରଙ୍କ କାମ ଛଡ଼ା ଅନ୍ୟ କୌଣସି ଉଲ୍ଲେଖଯୋଗ୍ୟ ଶିଳ୍ପ ନ ଥିଲା । ସେମାନେ ସ୍ଥାନୀୟ ଲୋକଙ୍କ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉତ୍ପାଦନ କରୁଥିଲେ । ଉଭୟ ହିନ୍ଦୁ ଓ ମୁସଲମାନ ତନ୍ତୀ ତାଙ୍କର ବ୍ୟବସାୟ ଛାଡ଼ି ଦେଇଥିଲେ । ଦେଶଭିତରୁ ଓ ବାହାରୁ ମିଲ୍-ତିଆରି ଲୁଗା ବଜାରରେ ଆସି ଅଜାଡ଼ି ହୋଇ ପଡ଼ୁଥିଲା ।

୩ । ଚୀନା ଫେରିବାଲାମାନେ ଶସ୍ତା-ଧରଣର ସିଲ୍‌କ ଲୁଗା ଓ ଜରିପକା ଲୁଗା ଆଣି ବିକ୍ରି କରୁଥିଲେ । ବକ୍‌ସବାଲାମାନେ କୌଣସି କୌଣସି ଅଙ୍ଗ୍ଲୋଇଣ୍ଡିଆନ ଲେଡ଼ି (ଯାହାଙ୍କ ସହିତ କେବେ ଦେଖା-ହେବା ସମ୍ଭବ ନୁହେଁ)ଙ୍କଠାରୁ ଆଣିଛନ୍ତି

ବୋଲି କହୁ ଲେସ୍, ସିଲ୍କ, ଅର୍ଗାଣ୍ଡି ଚନ୍ଦନ ଆଦି ବିକି ପାଇଁ ଆଣୁଥିଲେ; କିନ୍ତୁ ଏହା ବାକ୍ସରେ ଦେଉ ନ ଥିଲେ ।

୪ । ଗୋରୁ-ଗାଈମାନେ ସାହାବାଦୀ, ଗାଈମାନେ ଦୁଧିଆଳୀ ଥିଲେ ଓ ବଳଦ-ସବୁ ଖୁବ୍ ବଳୁଆ ଥିଲେ ।

୫ । ପ୍ରଚୁର ପରିମାଣରେ ଦୁଧ ମିଳୁଥିଲା । ମୁଁ ଯେଉଁ ଗାଁକୁ ଯାଉଥିଲି, ଲୋକେ ମୁଆଁ ଭରିଆ ମୋଟା ସିଝା ଦୁଧ ଦେଉଥିଲେ । କାଠ ଚୁଲୀରେ ଦୁଧ ଗରମ କଲାବେଳେ ଦୁଧଭିତରେ ଧୂଆଁ ପଶି ଯାଉଥିଲା ଓ ଏ ଧୂଆଁ ଗନ୍ଧ ରହି ଯାଉଥିଲା । କାଳକ୍ରମେ ମୁଁ ଏ ଦୁଧ ସହିତ ଅଭ୍ୟସ୍ତ ହୋଇଗଲି ଓ ଧୂଆଁ ଗନ୍ଧ ନ ଥିବା ଦୁଧଠାରୁ ଏ ଦୁଧକୁ ଅଧିକ ପସନ୍ଦ କଲି । ବେଳେ ବେଳେ ଖୁବ୍ ସରପକା ଦହି ମିଳୁଥିଲା ଏବଂ ଏ ଦହି ଏପରି ବସି ଯାଉଥିଲା ଯେ, ଝୁମୁକ୍ସ ବା ଛୁରୀରେ କାଟିବା ଦରକାର ହେଉଥିଲା ।

୬ । ଚଣା, ବାର୍ଲି, ମକ୍କା, ଶିମ୍ବ-ମଞ୍ଜିକୁ ଗୁଣ୍ଡକରି ଲିଟିନାମକ ଏକ ରୋଟି ପ୍ରସ୍ତୁତ କରି ଯାଉଥିଲା । ଘିଅରେ ଭଜା ଏହି ରୋଟିକୁ ଗୃହର ସମ୍ମାନିତ ଅତିଥିମାନଙ୍କୁ ଦିଆଯାଉଥିଲା । ଯେପରି ପେଟୁ ନ ହେଲେ ଏଥିରୁ ଗୋଟାଏ ରୋଟି ଖାଇବା ଅସମ୍ଭବ ଥିଲା ।

୭ । ଅନେକ ଗାଁରେ ଟଟୁ ଘୋଡ଼ା ସବୁ ଥିଲେ । ବରହମ୍ପୁର ମେଳାକୁ ହଜାର ହଜାର ଗାଈ ଓ ଶହ ଶହ ସଂଖ୍ୟାରେ ଟଟୁଘୋଡ଼ା ବିକି ପାଇଁ ଆସୁଥିଲେ । ଗୋଟିଏ ମେଳାରେ ପ୍ରାୟ ୧୦ଲକ୍ଷ ପର୍ଯ୍ୟନ୍ତ ବଳଦ ହସ୍ତାନ୍ତର ହେଉଥିଲେ । ଏକ ବିଶେଷ ନାଳ ସାହାଯ୍ୟରେ ସରକାରୀ କେନାଲରୁ ମେଳା ସ୍ଥାନକୁ ପାଣି ଯୋଗାଇବାର ବ୍ୟବସ୍ଥା କରିଯାଉଥିଲା ।

୮ । ଲୋକେ କର୍ମନାଶା ନଦୀକୁ ଡରୁଥିଲେ । ଏହାର ନାମରୁ ଦେଖାଯିବ ଯେ, ଏହା କିପରି ଅମଙ୍ଗଳସୂଚକ । ଏହି ନଦୀ କେବଳ ଅନୁର୍ବର ଅଞ୍ଚଳରେ ପ୍ରବାହିତ ହେଉଥିଲା, ଯେଉଁଠି ଏକମାତ୍ର ବୃକ୍ଷ ଥିଲା କଣ୍ଟକିତ ବାଉଁଳଗଛ ।

## ସାମାଜିକ ଅବସ୍ଥା

୧ । ସମାଜର ନୈତିକତା ଖୁବ୍ ଉଚ୍ଚରେ ଥିଲା । ଲୋକେ ସୋକ୍ ଠୋକ୍ କଥା କହୁଥିଲେ ।

୨ । ଲୋକଙ୍କର ଉଦ୍‌ବୃତ୍ତ କାମ-ପିପାସା ମେଣ୍ଟାଇବାପାଇଁ ସହରମାନଙ୍କରେ "ଲାଲବତୀ" ଅଞ୍ଚଳ ବା ବେଶ୍ୟାପଡ଼ାମାନ ଥିଲା ।

୩ । ଅଧିକାଂଶ ବିବାଦ ଜମିବାଡ଼ିକୁ କେନ୍ଦ୍ର କରି ହେଉଥିଲା ।

୪ । ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାୟ ନ ଥିଲା କହିଲେ ଚଳେ । ଗୀତ ବୋଲିବା କାର୍ଯ୍ୟ କେବଳ ବେଶ୍ୟାମାନଙ୍କ ମଧ୍ୟରେ ସୀମାବଦ୍ଧ ଥିଲା । ବେଶ୍ୟାପଡ଼ା ଛଡ଼ା ସଂଗୀତର ଚର୍ଚ୍ଚା କ୍ୱଚିତ୍ ଅନ୍ୟତ୍ର ହେଉଥିଲା ।

Digitized by srujanika@gmail.com

* । ମୁଁ ଥରେ ଏକ ସ୍ଥାନରେ ଗାଡ଼ିଣା, ବାଜଣାର ବଗାଦ କଣ ଅସୁବିଧାରେ ପଡ଼ିଗଲି । ଯାହା ମୋ ଆଗରେ ପରିବେଷଣ କରାଗଲା, ସେଥିରେ ମୁଁ ଲଜ୍ଜିତ ହୋଇଗଲି । ସେ ହେଉଛନ୍ତି, ଡୁମରାଓର ଜଣେ ବେଶ୍ୟା ।

୬ । ଜାତିଭେଦ ଓ ଅସ୍ପୃଶ୍ୟତା ସମାଜରେ ଦୃଢ଼ ଥିଲା । ଯେଉଁ ତିନୋଟି ଜାତି ପରସ୍ପର ମଧ୍ୟରେ ଆସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ, ସେମାନେ ହେଲେ—କାୟସ୍ଥ, ଭୂମିହାର, ରାଜପୁତ ।

୭ । ରାଜପୁତ ଓ ଅହୀର୍‌ମାନଙ୍କୁ ସୈନ୍ୟବାହିନୀରେ ନିଆଯାଉଥିଲା । ସୈନ୍ୟ-ବିଭାଗରୁ ପେନସନ ପାଇଥିବା ଏବଂ ଯୁଦ୍ଧର କ୍ଷତ ଦେହରେ ଧାରଣ କରିଥିବା ମେଡ଼ାଲ-ପ୍ରାପ୍ତ କୌଣସି କୌଣସି ବ୍ୟକ୍ତିଙ୍କଠାରୁ କାବୁଲ ଅଭିଯାନର କାହାଣୀ ଶୁଣିବା ବେଶ ଲୋଭନୀୟ ଥିଲା ।

## ମୋତିଲାଲଙ୍କ 'ସିଟିଂକା କପଡ଼ା'

ମୋ'ର ବକ୍‌ସାର ରହଣିର ଗୋଟିଏ ଘଟଣା ବେଶ୍ ଉପଭୋଗ୍ୟ । ଗଭର୍ଣ୍ଣରଙ୍କ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲର ସଭ୍ୟ (ସେତେବେଳେ ମନ୍ତ୍ରୀ) ଡକ୍ଟର ସଚ୍ଚିଦାନନ୍ଦ ସିହ୍ନା ପାଟଣାରେ ତାଙ୍କ ଘରେ ଆସି ସପରିବାର ରହିବାପାଇଁ ମୋତେ ନିମନ୍ତ୍ରଣ କରିଥାନ୍ତି । ଆମେ ବକସାରରେ ଗାଡ଼ି ଚଢ଼ି ଦେଖୁଛି ଆମ ଡବାରେ ପଣ୍ଡିତ ମୋତିଲାଲ ନେହରୁ (ଜବାହାରଲାଲ-ନେହରୁଙ୍କ ପିତା) ଓ ତାଙ୍କ ପରିବାରର ବନ୍ଧୁ ମହିଳା ବସିଛନ୍ତି । ଗାଡ଼ି ପାଟଣାରେ ପହଞ୍ଚିବା ପୂର୍ବରୁ ମୋତିଲାଲ ତାଙ୍କର 'ସିଟିଂକା କପଡ଼ା' ଆଣିବାକୁ କହି ବାଥ୍‌ରୁମ୍‌ରେ ପଶିଗଲେ ଓ କିଛି ସମୟପରେ ଶୁଭ୍ର ଖଦଡ଼ ଲୁଗା ପିନ୍ଧି ବାହାରି ଆସିଲେ । ତାଙ୍କର ସ୍ୱଭାବ, ଚରିତ୍ର ସଙ୍ଗେ ସଙ୍ଗେ ଶୁଭ୍ର ଖଦୀ-ଟୋପିପିନ୍ଧା ତାଙ୍କର ମନୋଜ୍ଞ ମୁଖମଣ୍ଡଳ ଦେଖିଲେ ଯେ କେହି ତାଙ୍କ ପ୍ରତି ଭକ୍ତିରେ ଅଭିଭୂତ ନ ହୋଇ ରହି ପାରିବ ନାହିଁ । ପାଟଣାଠାରେ ଡକ୍ଟର ସଚ୍ଚିଦାନନ୍ଦ ସିହ୍ନାଙ୍କ ସମେତ ଏକ ବିରାଟ ଜନତା ପଣ୍ଡିତ ମୋତିଲାଲଙ୍କ ଅପେକ୍ଷାରେ ରହିଥିଲା । ଆମେ ପୃଥକ ପୃଥକ ଗାଡ଼ିରେ ଷ୍ଟେସନରୁ ଗଲୁ । କେବଳ ଚା' ଖାଇବା ସମୟରେ ଯେତେବେଳେ ଆମେ ଏକାଠି ହେଲୁ, ସେତେବେଳେ ଆମେ ସେହି ଜଣଙ୍କ ଘରର ଅତିଥି ବୋଲି ବୁଝି ପାରିଲୁ ।

ପରିସ୍ଥିତି ଆମ ପକ୍ଷରେ ଆଦୌ ପ୍ରୀତିକର ନ ଥିଲା । ଡକ୍ଟର ସଚ୍ଚିଦାନନ୍ଦ ସିହ୍ନା ସରକାରଙ୍କର ଅତି ବିଶ୍ୱସ୍ତ ଥାଇ ବ୍ରିଟିଶ୍-ସରକାରଙ୍କ ପହିଲି ନମ୍ବର ଶତ୍ରୁ ଓ ଜଣେ ଜୁନିଅର ସରକାରୀ କର୍ମଚାରୀଙ୍କୁ ଏକାଠି ନିଜଘରେ ଆଣି ରଖିଥିଲେ । ମୋତିଲାଲ ନିଖିଳଭାରତ-କଂଗ୍ରେସକମିଟିର ଏକ ବୈଠକରେ ଯୋଗ ଦେବାପାଇଁ ଆସିଥିଲେ । ଯେଉଁ ମହିଳାମାନେ ତାଙ୍କ ସହିତ ଆସିଥିଲେ, ସେମାନେ ଖୁବ୍ ସରୁ ସିଲକ୍ ଶାଢ଼ୀ ପିନ୍ଧିଥିଲେ; କିନ୍ତୁ ଚା ଖାଇବାବେଳେ ଖଦଡ଼ଶାଢ଼ୀ ପିନ୍ଧି ପହଞ୍ଚିଗଲେ ।

Digitized by srujanika@gmail.com

ଡକ୍ଟର ସଚ୍ଚିଦାନନ୍ଦ ସିହ୍ନା, ସରକାରଙ୍କ ଏକ୍‌ଜିକ୍ୟୁଟିଭ୍ କାଉନସିଲର ସଭ୍ୟ ହେବା ପୂର୍ବରୁ ବାରିଷ୍ଟର ଥିଲେ ଓ ପାଞ୍ଚବର୍ଷ ସଭ୍ୟ ହେବା ପରେ ପୁଣି ଓକିଲାତି ଆରମ୍ଭ କରିଥିଲେ । ସେ ଜଣେ ଖ୍ୟାତନାମା ସାମ୍ବାଦିକ ଓ ବିହାରର ଶ୍ରେଷ୍ଠ ଜନସେବୀ ଥିଲେ । ପାଟଣାରେ ଥିବା ତାଙ୍କର ଏକ ପ୍ରକାଣ୍ଡ ପୁସ୍ତକାଗାରକୁ ସେ ସାଧାରଣଙ୍କୁ ଦାନ କରି ଦେଇଥିଲେ । ତାଙ୍କର ଦୈନିକ କାର୍ଯ୍ୟ ଭିତରେ ଭାରତର ସବୁ ପ୍ରଧାନ ପ୍ରଧାନ ସମ୍ବାଦପତ୍ରର କଟିଂ ବା ପ୍ରୟୋଜନୀୟ ଅଂଶ ରଖାଯାଉଥିଲା । ବୋଧହୁଏ ସେକାଗଜଯାକ ସବୁ ସେ ପଢ଼ୁନଥିଲେ । ସେ ଯେତକ ପଢ଼ୁଥିଲେ, ତା'ର ପ୍ରୟୋଜନୀୟ ଅଂଶଯାକରେ ଚିହ୍ନଟ କରି ଦେଉଥିଲେ ଓ ତାଙ୍କ ଅଫିସରେ ତାହା କଟା ଯାଇ ରଖାଯାଉଥିଲା । ବାକି ଖବର-କାଗଜତକ ତାଙ୍କ ଅଫିସ କର୍ମଚାରୀମାନେ ପଢ଼ି ଯାହା ତାଙ୍କର ଦରକାର ହେବ ବୋଲି ଭାବୁଥିଲେ, ତାଙ୍କପାଇଁ ତାହା ଚିହ୍ନ ଦେଇ ରଖୁଥିଲେ । ଏହିସବୁ କଟା ହୋଇ ରଖା ଯାଉଥିବା କାଗଜ ଅନେକଗୁଡ଼ିଏ ଆଲମାରୀରେ ବହୁ ଶ୍ରେଣୀ ବିଭାଗ କରାଯାଇ ଠିକ୍ ଭାବରେ ରଖାଯାଉଥିଲା । ଏସବୁ ତାଙ୍କର ଏପରି ମନେ ରହି ଯାଇଥିଲା ଯେ, ଅଳ୍ପ କେତେ ମିନଟ୍ ମଧ୍ୟରେ ୨୦ବର୍ଷ ତଳର ରମେଶଚନ୍ଦ୍ର ଦତ୍ତଙ୍କର କୌଣସି ବକ୍ତୃତା କିମ୍ବା ପ୍ରଥମ ମହାଯୁଦ୍ଧ ପୂର୍ବରୁ ଆସ୍‌କ୍ୱିଥଙ୍କ କୌଣସି ଭାଷଣକୁ ସେ ବାହାର କରି ଦେଉଥିଲେ ।

ଏଠାରେ ଆଉ ଗୋଟିଏ ଘଟଣା କହିରଖେ । ମଧୁସୂଦନ ଦାସ (*ରାମସେ ମାକଡୋନାଲଡ଼ଙ୍କ ଭାଷାରେ ଓଡ଼ିଶାର ମୁକୁଟହୀନ ରାଜା) ବିହାର ଓ ଓଡ଼ିଶା ମନ୍ତ୍ରିତ୍ୱରୁ ଇସ୍ତଫା ଦେଇ ମୋ କୋର୍ଟକୁ ଓକିଲ ଭାବରେ ଆସିଥିଲେ । ମୁଁ ତାଙ୍କର ଏକ ମୁକ୍ତ ସମ୍ପର୍କରେ ଯେତେବେଳେ ପ୍ରଶ୍ନ କଲି, ସେ ମୋତେ ବେଶ୍ କେତେକ କଥା ଶୁଣାଇ ଏକ ବକ୍ତୃତା ଦେଲେ । ଯଦିଓ କୋର୍ଟରେ ମୁଁ ଥିଲି ହାକିମ, ମଧୁସୂଦନ ଦାସଙ୍କ ଭଳି ବ୍ୟକ୍ତିଙ୍କ କଥାକୁ ମୁଣ୍ଡପାତି ସହିନେବା ଛଡ଼ା ଅନ୍ୟବାଟ ନ ଥିଲା । କଚେରୀ କାମ ସରିବା ପରେ ସେ ଆମ ଘରକୁ ଆସିଥିଲେ ଓ ଓଡ଼ିଶା ପରିସ୍ଥିତି ସମ୍ପର୍କରେ ଆମେ ବହୁ ସମୟଧରି ଆଲୋଚନା କରିଥିଲୁ ।

## ଅଶ୍ରବଳୁ ଭାଷାଶିକ୍ଷା

ବକ୍‌ସାରରେ ମୋର ଆର୍ଥିକ ଅବସ୍ଥା ଭଲ ନ ଥିଲା । କିଛି ଟଙ୍କା ରୋଜଗାର କରିବା ପାଇଁ ମୁଁ କେତେକ ଭାଷା ଶିକ୍ଷା କରି ପରୀକ୍ଷା ଦେବାକୁ ସ୍ଥିର କଲି । ଭାରତ ସରକାର ଓ ବିହାର-ଓଡ଼ିଶା ସରକାର ଉଭୟଙ୍କର ଏକ ପୁରସ୍କାର ଯୋଜନା ଥିଲା । ସଂସ୍କୃତରେ ପରୀକ୍ଷା ଦେଇ ମୁଁ ପାଁ'ଶ ଟଙ୍କା ପାଇଲି । ଭଲଭାବରେ ହିନ୍ଦି-ଭାଷା ଜାଣିଥିବାପାଇଁ ଟ ୭୫୦୲, ଉଚ୍ଚ ହିନ୍ଦିଭାଷା ଜ୍ଞାନପାଇଁ ଟ ୧୫୦୦୲ ପାଇଲି, ବଙ୍ଗଳାଭାଷା ପରୀକ୍ଷାରେ ମୁଁ ଉତ୍ତୀର୍ଣ୍ଣ ହୋଇଥିଲି; କିନ୍ତୁ ମୋର ଚାକରୀର ପ୍ରଥମ

* ରାମ୍‌ସେ ମାକ୍‌ଡୋନାଲ୍‌ଡ଼, ବ୍ରିଟିଶ ଶ୍ରମିକ ନେତା ଓ ପ୍ରଧାନମନ୍ତ୍ରୀ ଥିଲେ ।

Digitized by srujanika@gmail.com

ବର୍ଷ ମଧ୍ୟରେ କୌଣସି ବଙ୍ଗଳାଭାଷା ଜିଲ୍ଲାରେ ନଥିବା ଯୋଗୁଁ ମୋତେ କିଛି ଟଙ୍କା ମିଳିଲା ନାହିଁ । ଯେତେବେଳେ ବଙ୍ଗଳାଭାଷୀ ମାନଭୂମ ଜିଲ୍ଲାରେ କାର୍ଯ୍ୟ କରିବାକୁ ହେଲା, ସେତେବେଳେ ଚାକିରିର ତେର ବର୍ଷ ହୋଇ ଗଲାଣି । ସରକାର ଯେପରି ଏହି ପାଞ୍ଚଶ ଟଙ୍କା ରଖିବାପାଇଁ ବାର ବର୍ଷକାଳ ଅତୀତ ହେବାକୁ ଅପେକ୍ଷାରେ ରହିଥିଲେ । ପରେ ମୁଁ ଓଡ଼ିଆ ଭାଷାରେ ଉତ୍ତୀର୍ଣ୍ଣ ହୋଇ ଟ୧,୦୦୦୯ ପାଇଲି । ମୁଁ ମୁଣ୍ଡାରି ଓ ସାନ୍ତାଳି ଶିକ୍ଷା କଲି; କିନ୍ତୁ କୌଣସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରି ନ ଥିଲି ।

ବକ୍ସାରଠାରେ ଆମର ପ୍ରଥମ ସନ୍ତାନର ଲାଳନ-ପାଳନରେ ମୋ ସ୍ତ୍ରୀଙ୍କୁ ସାହାଯ୍ୟ କରିବାପାଇଁ ଜଣେ ଆଙ୍ଗ୍ଲୋ-ଇଣ୍ଡିଆନ ଝିଅକୁ ଆମେ ନିଯୁକ୍ତ କରିଥିଲୁ । ପିଲାଟି ବଡ଼ ଦୁର୍ବଳ ଓ ରୋଗିଣା ଥିଲା । କିଛିଦିନ ପରେ ବକ୍ସାର କେନ୍ଦ୍ର ଜେଲର ଜଣେ ଆଙ୍ଗ୍ଲୋଇଣ୍ଡିଆନ ଅଫିସର ଏ ଝିଅ ସହିତ ପଳାଇଗଲା — ମାତ୍ର ପଛରେ ତାକୁ ଆଉ ପଚାରିଲା ନାହିଁ । ଝିଅଟି ଆମର ସାହାଯ୍ୟ ମାଗିଲା । ଆମେ କିଛି କରିପାରିଲୁ ନାହିଁ ।

## ଗଭର୍ଣ୍ଣରଙ୍କୁ ମାନପତ୍ର

ଏସ୍. ଡି. ଓ. ହିସାବରେ ମୁଁ ବକ୍ସାର ଲୋକାଲବୋର୍ଡ଼ର ସଭାପତି ଓ ସାହାବାଦ ଜିଲାବୋର୍ଡ଼ର ସଭ୍ୟ ଥିଲି । ଗଭର୍ଣ୍ଣରଙ୍କୁ ଏକ ମାନପତ୍ର ଦେବାରେ ଜିଲାବୋର୍ଡ଼ ଅର୍ଥ ବ୍ୟୟିତ ହେବାରେ ମୁଁ ଘୋର ଆପତ୍ତି କରିଥିଲି । ସ୍ଥାନୀୟ ସ୍ୱାୟତ୍ତଶାସନ ଆଇନ ଅନୁଯାୟୀ ଜିଲାବୋର୍ଡ଼ର ପାଣ୍ଠି କେତେକ ନିର୍ଦ୍ଦିଷ୍ଟ ବିଷୟରେ ଖର୍ଚ୍ଚ ହେବାର କଥା । ଗଭର୍ଣ୍ଣରଙ୍କୁ ମାନପତ୍ର ଦେବା ତା'ର ଅନ୍ତର୍ଭୁକ୍ତ ହୋଇ ନ ପାରେ । ମୋର ଆପତ୍ତି ଶେଷକୁ ଗୃହୀତ ହେଲା ଓ ଏଥିରେ ଯାହା ଖର୍ଚ୍ଚ ହୋଇଥିଲା, ସଭ୍ୟମାନେ ନିଜ ନିଜ ଭିତରେ ଚାନ୍ଦା ଉଠାଇ ତାହା ଭରଣା କଲେ । କଥାଟା ଏଠି ଶେଷ ହେଲା ନାହିଁ । ଗଭର୍ଣ୍ଣରଙ୍କୁ ମାନପତ୍ର ଦେବାରେ କାହିଁକି ମୁଁ ଆପତ୍ତି କଲି, ସେବିଷୟରେ ମୋ'ଠାରୁ କୈଫିୟତ ତଲବ କରାଗଲା । ମୁଁ କିଛି ଉତ୍ତର ଦେଲି ନାହିଁ; କାରଣ ମୋର ଆପତ୍ତି ଥିଲା, ଜିଲାବୋର୍ଡ଼ ପାଣ୍ଠି କାହିଁକି ଏଥିପାଇଁ ଖର୍ଚ୍ଚ ହେବ ?

ବକ୍ସାରରୁ ବଦଳି ନେବା ମୋ ପକ୍ଷରେ ଟିକିଏ ଦୁଃଖଦାୟକ ହୋଇଥିଲା । କାରଣ ଏଠାରେ ମୁଁ ବିବାହ କରିଥିଲି ଓ ଏଠାରେ ମୋ'ର ଦୁଇଟି ପିଲା ଜନ୍ମ ହୋଇଥିଲେ । ଜଣେ ଜନ୍ମ ହେବାର ଆଠଦିନ ପରେ ମରିଗଲା । ମୋ' ସ୍ତ୍ରୀ ସଙ୍ଗରେ ତାଙ୍କର ଦଶବର୍ଷର କନ୍ୟା ଡଲିକୁ ଘେନି ଆସିଥିଲେ । ପରେ ସେ ମୋ' ପରିବାରର ସମସ୍ତ ହାଲ ବୁଝିଲା । ଯେତେବେଳେ ମୋର ପ୍ରଥମ ପୁତ୍ରର ଜନ୍ମ ହେଲା, ଓକିଲମାନେ ଏକ ପୁତ୍ର ସନ୍ତାନର ଜନ୍ମ ପାଇଁ ମୋତେ ସ୍ୱାଗତ ଜଣାଇବାପାଇଁ ଆସିଥିଲେ ।

Digitized by srujanika@gmail.com

ସାମାଜିକ ସ୍ତରରେ ଅବସର ବିନୋଦନ ପାଇଁ ସୁଯୋଗ ନ ଥିବା ଯୋଗୁଁ ପଞ୍ଜାବ ମେଲ୍ ଆସିବା ବେଳେ ଆମେ ରେଲ-ଷ୍ଟେସନକୁ ଯାଉଥିଲୁ । ଅନେକ ସମୟରେ ଗାଡ଼ିରେ ଯାଉଥିବା ପରିଚିତ ବ୍ୟକ୍ତିଙ୍କର ଦେଖା ମିଳୁଥିଲା ଓ ଗାଡ଼ିରୁ ଓହ୍ଲାଇ ଆମ ସହିତ ଦିନେ ଦୁଇଦିନ ରହିବାପାଇଁ ଆମେ ତାଙ୍କୁ ପ୍ରବର୍ତ୍ତାଇ ପାରୁଥିଲୁ ।

୧୯୨୪ ମସିହା ଗ୍ରୀଷ୍ମମାସ ଛୁଟିରେ ମୋର ସାବତ ଝିଅ ଡଲି, ଜ୍ୱରରେ ଅସୁସ୍ଥ ହୋଇ ପଡ଼ିଲା । ଦି'ଦିନ ଭିତରେ ଜ୍ୱର ଛାଡ଼ିଗଲା; କିନ୍ତୁ ସେ ଏତେ ଦୁର୍ବଳ ହୋଇ ପଡ଼ିଥିଲା ଯେ, ଠିଆ ହୋଇ ପାରୁ ନ ଥିଲା । ପ୍ରାୟ ପନ୍ଦର ଦିନ କାଳ ସେ ଏହିପରି ବାତଗ୍ରସ୍ତ ରୋଗୀ ପରି ପଡ଼ି ରହିଲା । ଦିନେ ସକାଳୁ ସିଏ ଏକୁଟିଆ ତା' କୋଠରୀରେ ଥିବାବେଳେ ଅନ୍ୟ କୋଠରୀରେ ଥିବା ବର୍ଷକର ପିଲା ବାବଲି ଜୋରରେ କାନ୍ଦି ଉଠିଲା । ଡଲି ତା' ଖଟ ଉପରୁ ଡେଇଁପଡ଼ି ବାବଲି ଶୋଇଥିବା ଖଟଆଡ଼କୁ ଦୌଡ଼ିଗଲା । ସେ କେବଳ ଯେ ଠିଆହୋଇ ପାରୁଛି, ତାହା ନୁହେଁ; ଦଉଡ଼ି ପାରୁଛି ବୋଲି ଅନୁଭବ କଲା । ସେହିଦିନ ଠାରୁ ସେ ଭଲ ହୋଇଗଲା । ଆଉ ଏପରି କେବେ ତାକୁ ହୋଇନାହିଁ ।

## ଫରାସୀଭାଷୀ ଲାଲ୍‌ଜୀ

ଲୁଗାପଟା ସଫା କରିବାପାଇଁ ଆମେ ଲାଲ୍‌ଜୀ ନାମକ ଜଣେ ଲୋକକୁ ନିଯୁକ୍ତ କଲୁ । ଲାଲ୍‌ଜୀ ଜଣେ ବୁଢ଼ା ଲୋକ । ମାଡ଼ାଗାସ୍କରରେ ତା'ର ଗୋଟିଏ ଲଣ୍ଡ୍ରି ଥିଲା ଓ ସେଥିରେ ତା'ର ଜୀବନ କଟି ଯାଉଥିଲା । ସେ ଗଙ୍ଗାକୂଳରେ ଶେଷନିଶ୍ୱାସ ତ୍ୟାଗ କରିବାପାଇଁ ଭାରତ ଆସିଥିଲା । କିନ୍ତୁ ଆହୁରି ବହୁ ବର୍ଷ ବଞ୍ଚିବାର ଜୀବନୀଶକ୍ତି ତା'ର ଥିଲା । ସେ କେବଳ ଫରାସୀ ଭାଷା ଜାଣିଥିଲା । ମୁଁ ସାମାନ୍ୟ ଫରାସୀ ଭାଷା ଜାଣିଥିଲି । ଲୁଗା ସଫା କରିବ ବିଷୟରେ ଫରାସୀ ଭାଷାରେ ମୁଁ ତା' ସହିତ କଥାଭାଷା କରିପାରୁଥିଲି । ସେ ଉଭୟ ମନଃ ଓ ଶରୀରରେ ବେଶ ସାଧାସିଧା ଲୋକ ଥିଲା । ଆମେ ତାକୁ ଭଲ ପାଉଥିଲୁ । ସେ ତା'ର ଗଧକୁ ଏତେ ଭଲ ପାଉଥିଲା ଯେ, ଫରାସୀ ଭାଷାରେ ତା' ସହିତ କଥାଭାଷା କରୁଥିଲା । ଏ ଗଧକୁ ୬୦୦ ମାଇଲ ଗାଡ଼ିରେ କଟକ ଆଣିବା ପାଇଁ ସେ ଜିଦ୍ ଧରିଥିଲା ।

## ଟିକଟ ନ ନେଇ କୁକୁଡ଼ା ନିଅ

ବକ୍‌ସାର ଛାଡ଼ିବା ବେଳେ ଆମର ଜିନିଷପତ୍ର ଗୋଟିଏ ରେଲ ୱାଗନରେ ଆସିଲା । ମୁଁ ୱାଗନକୁ ବୁକ୍ କରିସାରି ବାବୁଙ୍କୁ ମୋର ପଇସା ଜମା କରିଦେଲି । ସେ ଘୋଡ଼ା-ଡବାରେ ଆସିଲା । ଏହି ଡବାରେ ମୋର ଘୋଡ଼ା, ଗାଈ, ବାଛୁରୀ ଓ ଗଧ ଆସିଲେ । ଏଥିପାଇଁ ମୋତେ ଗୋଟିଏ ଘୋଡ଼ାର ଭଡ଼ା ଦେବାକୁ ହେଲା । ରେଲବାଇ ନିୟମ ଅନୁଯାୟୀ ଗୋଟିଏ ଘୋଡ଼ା ପାଇଁ ଯେତିକି ଭଡ଼ା, ତିନୋଟି ଘୋଡ଼ା ବା ତିନୋଟି ପଶୁପାଇଁ ସେତିକି । ମୁଁ ତିନୋଟି ଘୋଡ଼ା ସ୍ଥଳେ ଗୋଟିଏ

Digitized by srujanika@gmail.com

ଘୋଡ଼ା, ଗୋଟିଏ ବାଛୁରୀ ଲାଗିଥିବା ଗାଈ ଓ ଗୋଟିଏ ଗଧ ଆଣିଲି । ଏହା ଛଡ଼ା ରେଲବାଇରୁ ଆଲଙ୍ଜ ଓ ସଇଣ ଦୁଇଜଣ ପରିଚାରକଙ୍କୁ ଆସିବାପାଇଁ ଅନୁମତି ମିଳିଥିଲା ।

ଯେଉଁମାନେ ମୋତେ ବିଦାୟ ଦେବା ପାଇଁ ଷ୍ଟେସନକୁ ଆସିଥିଲେ, ପଞ୍ଜାବ ମେଲକୁ ପନ୍ଦର ମିନିଟ୍ ଅଟକାଇ ଦେଲେ । ଏହା ମୋର ଦୋଷ ନୁହେଁ, କି ଜନତାର ଦୋଷ ନୁହେଁ । ରେଲବାଇ କର୍ମଚାରୀମାନେ ଏତେ ଅନୁରକ୍ତ ଥିଲେ ଯେ ମୁଁ ଗାଡ଼ି ଭିତରକୁ ନଯିବା ପର୍ଯ୍ୟନ୍ତ ହୁଇସିଲ ଦେଇ ନଥିଲେ । ଏ ବିଳମ୍ବର କାରଣ କ'ଣ, ମୁଁ ଜାଣେ ନାହିଁ । ହୁଏତ ଦଶବର୍ଷ ଗୋଟିଏ ସ୍ଥାନରେ ରହିବା ପରେ ଯେଉଁ ଜନତା ମୋତେ ବିଦାୟ ଦେବାକୁ ଆସିଥିଲା, ତା'ର ମୋ ପ୍ରତି ଶ୍ରଦ୍ଧା ଏହାର କାରଣ ହୋଇପାରେ । ଗାଡ଼ି ଭିତରେ ମୋର ଦଶଜଣ ଚାକର ଥିଲେ । କଲିକତା ପହଞ୍ଚିବାର କେତୋଟି ଷ୍ଟେସନ ପୂର୍ବରୁ ଚାକରମାନଙ୍କ ଦ୍ୱାରା ଟିକିଏ ଗୋଳମାଳ ଲାଗିଲା । ଚାକରମାନେ ସାଙ୍ଗରେ ଗୋଟିଏ ବୋଝରେ ଗୁଡ଼ିଏ କୁକୁଡ଼ା ଆଣିଥିଲେ । ରେଲବାଇ କର୍ମଚାରୀ ଏଥିପାଇଁ ଏକ ତୃତୀୟ ଶ୍ରେଣୀ ଟିକଟ ଦାବୀ କଲେ । କୁକୁଡ଼ାଯାକଙ୍କର ଏତେ ଦାମ ହେବ ନାହିଁ । ରେଲକର୍ମଚାରୀ ଓ ଚାକରମାନଙ୍କ ମଧ୍ୟରେ କିଛିସମୟ ଯୁକ୍ତିତର୍କ ହେବା ପରେ ଏହି ବୋଝକୁ 'ଲଗେଜ୍' ଭିତରେ ଗଣାଗଲା । ଚାକରମାନେ ତୃତୀୟଶ୍ରେଣୀ ଟିକଟ ପରିବର୍ତ୍ତେ କୁକୁଡ଼ାଯାକ ରେଲବାଇ କର୍ମଚାରୀମାନଙ୍କୁ ଦେବାପାଇଁ କହିଲେ । ନିଶ୍ଚିତ ଭାବରେ ଜଣାଗଲା ଯେ, ରେଲବାଇ କର୍ମଚାରୀଙ୍କର କିଛି ଔଚିତ୍ୟ ଜ୍ଞାନ ଥିଲା ।

*With the Compliments*

*of*

**NANCY AUTOMOBILES**

**Automobile Engineers**

**MAIN ROAD, ROURKELA-1**

Digitized by srujanika@gmail.com

ଚଳଚ୍ଚିତ୍ର ପରିବେଷଣରେ

ନୂଆ ଆଲୋଡ଼ନ ସୃଷ୍ଟି କରୁଛି

ଓଡ଼ିଶାରେ ସ୍ୱନାମଧନ୍ୟ

# ରୂପରାଗ ପ୍ରାଇଭେଟ୍ ଲିମିଟେଡ

ଅଫିସ:

ପୁରୀଘାଟ, କଟକ


Digitized by srujanika@gmail.com

ଅଶୁଣା-ଶତ୍ରୁ

—ଡକ୍ଟର କୁଳମଣି ସାମଲ

# ଜୀବାଣୁଙ୍କ ଯମ

**ରୋ**ଗ ଜୀବାଣୁଙ୍କ ନାଁ ଶୁଣିଲେ ମଣିଷମାନଙ୍କ ନାହି ଡିଏ। ରକ୍ଷା, ଏମାନେ ଆଖିକୁ ଦିଶନ୍ତି ନାହିଁ। ଦିଶୁଥିଲେ ବୋଧହୁଏ ଆମେ ବାଟ ଚାଲି ପାରନ୍ତେ ନାହିଁ କି ପାଣି ମଧ୍ୟ ପିଇ ପାରନ୍ତେ ନାହିଁ। କାରଣ ଜଳ, ସ୍ଥଳ ଓ ବାୟୁ ସର୍ବତ୍ର ଏମାନେ ବିରାଜମାନ। ବାଟ ଚାଲିଲାବେଳେ, ବସିଲାବେଳେ କି ଶୋଇଲାବେଳେ ଏମାନେ ଆମ ଦେହରେ ବାଡ଼େଇ ହୁଅନ୍ତି, ନାକ ପାଟିରେ ପଶନ୍ତି କିମ୍ବା ଚମରେ ଘଷି ହୁଅନ୍ତି। ଏମାନଙ୍କୁ ଦେଖୁଥିଲେ ଆମେ କ'ଣ ଏମିତି ନିଶ୍ଚିନ୍ତରେ ନିଶ୍ୱାସ ମାରିପାରନ୍ତେ ନା ଟିକିଏ ଆରାମରେ ଶୋଇ ପାରନ୍ତେ ? ଏମାନଙ୍କ କଥା କେବଳ ବହିରେ ପଢି କିମ୍ବା ଡାକ୍ତରଙ୍କ ମୁହଁରୁ ଶୁଣି ଆମେ ଆତଙ୍କ ଗଣୁ। ସାବୁନରେ ଦେହହାତ ଧୋଇ କିମ୍ବା ମାଛି ଗୋଡ଼େଇ ଗୋଡ଼େଇ ଆମେ ନୟାନ୍ତ ହୋଇପଡ଼ୁ; ତଥାପି ଆମ ଦୁଃଖ ମେଣ୍ଟେ ନା। ଆଜି ହଇଜା ତ କାଲି ଟାଇଫଏଡ୍। ଦୁଧକୁ ଯେତେ ଯତ୍ନରେ ଘୋଡ଼ାଇଲେ ବି ତାହା ଝିଟା ହୋଇ ଗଲାଣି। ତରକାରୀରେ ହାତ ନ ପୂରାଇଲେ ବି ତାହା ଗନ୍ଧିଆ ପାଲଟିଲାଣି। ଏମିତି ଅନେକ ଦୁର୍ଘଟଣା ଘଟେ; ତଥାପି ସେଗୁଡ଼ାକ ଏତେଥର ଘଟେ ଯେ, ତାହା ଆମର ଦେହସହା ହୋଇଯାଏ।

## ଅଜଣା-ଶତ୍ରୁ

ସମସ୍ତେ ମାନିବେ ଯେ, ଜଣା-ଶତ୍ରୁ ଅପେକ୍ଷା ଅଜଣା-ଶତ୍ରୁ ଅତି ଭୟଙ୍କର। ତା'ସାଙ୍ଗକୁ ଯଦି ଶତ୍ରୁ ଅଦୃଶ୍ୟ ହୋଇଥାଏ, ତାହାହେଲେ କଥା ସରିଲା। ତା'ର ଆକ୍ରମଣ ଦ୍ୱିଗୁଣ ଭୟଙ୍କର ହୋଇଉଠେ। ଡାକ୍ତରଙ୍କ କୃପାରୁ ଏହି ଅଦୃଶ୍ୟ ଶତ୍ରୁର ଆମେ ଉପଯୁକ୍ତ ଚର୍ଚ୍ଚା କରି ଜାଣୁ।

ମନେକର, ଆମେ ବଜାରରେ ଜଳଖିଆ ଖାଉଛୁ। ସାଙ୍ଗ ମେଳରେ ଗପସପ ହୋଇ, ବାଁ ହାତରେ ମାଛି ଘଉଡ଼ା ଘଉଡ଼ି ମହା-ମଉଜରେ ଆମେ ଜଳଖିଆତକ ଖାଇଦେଲୁ। କିନ୍ତୁ ଠିକ୍ ତା'ର ଦୁଇ ଦିନଦିନ ପରେ ଆଉ କିଛି ଅଛପା ରହିଲା ନାହିଁ।

Digitized by srujanika@gmail.com

ବାନ୍ତି ଯାଉଁଛି ଝାଡ଼ା । ଏଣେ ପରିସ୍ତ୍ରା ବନ୍ଦ । ଡାକ୍ତରବାବୁ ଇଙ୍ଗିତ ଦେଲେ ଝାଡ଼ା ପରୀକ୍ଷା କର । ଆଉ ଯାଏ କୁଆଡ଼େ ? ସୂକ୍ଷ୍ମ ଅଣୁବୀକ୍ଷଣ ତଳେ ଅଦୃଶ୍ୟ ଶତ୍ରୁ ଧରା ପଡ଼ିଲେ । ବଜାରର ଜଳଖିଆ ସଙ୍ଗେ ପେଟକୁ ଯାଇ ସେଠି ସେମାନେ ବର୍ତ୍ତମାନ ବଂଶ ବିସ୍ତାରକରି ଦେଇଛନ୍ତି । ସଙ୍ଗେ ସଙ୍ଗେ ଔଷଧର ବ୍ୟବସ୍ଥା ହେଲା, ଅଦୃଶ୍ୟ ଶତ୍ରୁର ସେହି ଅସ୍ବସ୍ତିକର ଆକ୍ରମଣ ପାକସ୍ଥଳୀର ବର୍ବରତା ପରି ବ୍ୟର୍ଥ ହେଲା ।

ତେବେ ରୋଗ ସିନା ଭଲ ହେଲା, କିନ୍ତୁ ପୂର୍ବ ସ୍ୱାସ୍ଥ୍ୟ ଫେରି ଆସିବାକୁ ଅନେକ-ଦିନ ଲାଗିଲା । ଯଦି କୌଣସିମତେ ଆଗରୁ କିଛି ଟେର୍ ମିଳିଥାନ୍ତା ଯେ, ଶତ୍ରୁ ରସଗୋଲା ଓ ମିଠେଇକୁ ଆଶ୍ରା କରି ଛପି ରହିଛି, ଆମେ ସେଇଠି ତା'ର ବିସାଦ-ନିକାଶ କରିଥାନ୍ତୁ ।

ମନେକର, ଅଣୁବୀକ୍ଷଣ ଧରି (ଯଦିଓ କଥାଟା ବାସ୍ତବିକ୍ ନୁହେଁ) ଆମେ ରସଗୋଲାକୁ ନିରୀକ୍ଷଣ କଲୁ । ଶତ୍ରୁର ସଂଧାନ ମିଳିଗଲା । ତା'ପାଇଁ କି ବିହିତ ପ୍ରତିକାର କରାଯିବ ? ଏକ ସହଜ ଉପାୟ ହେଲା ଶତ୍ରୁକୁ ରସଗୋଲା ସହିତ ସହରର ସେହି ନାକଫଟା ନର୍ଦ୍ଦମା ଗହ୍ୱରକୁ ଫିଙ୍ଗିଦିଅ । ଯେଉଁଠି ନଗରପାଳିକା ହାରି ମାନିଛି, ସେଇଠି ଶତ୍ରୁ ପଡ଼ିରହୁ । ଅବଶ୍ୟ ରସଗୋଲା ନଷ୍ଟ ହୋଇଗଲା, କିଛି ଯାଏଆସେ ନା । ତାହା ବୋଲି କ'ଣ ଶତ୍ରୁକୁ ଜାଣିଶୁଣି ଘରକୁ ସଙ୍ଖୋଳିବା ?

ଆଚ୍ଛା, ରସଗୋଲାଟିକୁ ନ ଫିଙ୍ଗି କ'ଣ ଶତ୍ରୁକୁ ମାରିହୋଇ ନ ଥାନ୍ତା ? ହୋଇଥାନ୍ତା, ଡାକ୍ତର ବନ୍ଧୁଙ୍କ ପରାମର୍ଶ ନେଇଥିଲେ । ରସଗୋଲା ଉପରେ କିଛି ଔଷଧଗୁଣ୍ଡ ବା ତରଳ ଛିଞ୍ଚିବାକୁ ହୋଇଥାନ୍ତା । କିନ୍ତୁ ତାହା ସୁସ୍ୱାଦୁ ରସଗୋଲା ହୋଇ ରହିଥାନ୍ତାକି ? ତା'ଛଡ଼ା ତରଳ କିମ୍ବା ଦ୍ରବଣର ଦାମ ଯାଉଁଛି ଡାକ୍ତର ବନ୍ଧୁଙ୍କ ଫିସ୍ ମିଶି ରସଗୋଲାକୁ ଦୁର୍ମୂଲ୍ୟ କରିଥାନ୍ତା ।

ଏବେ କିନ୍ତୁ ଅନ୍ୟ ଏକ ଉପାୟର ସୂଚନା ମିଳିଛି । ରସଗୋଲା ବିଷାକ୍ତ ହେବ ନାହିଁ । ତା'ର ଖାଦ୍ୟଗୁଣ ଅକ୍ଷତ ରହିବ । ଅଥଚ ସେ ଜୀବାଣୁମୁକ୍ତ ହେବ । କିନ୍ତୁ ଏବ୍ୟବସ୍ଥା କରିବେ ପଦାର୍ଥବିଜ୍ଞାନୀ । ରସଗୋଲା ଭିତରକୁ ପଶିବ ଅଶ୍ରୁଣାଶବ୍ଦ । ଏଥିରେ ରସଗୋଲାର ରସ ଧରିବାକୁ ଲାଗିବ । ଭୟଙ୍କର ଚାପ ସୃଷ୍ଟି ହେବ । ତାପ ବଢ଼ିବ, ତା' ସଙ୍ଗେ ସଙ୍ଗେ ଘଟିବ ଜୀବାଣୁଙ୍କର ଜୀବନ୍ତ ସମାଧି । ସେହି ରସଗୋଲା ଭିତରେ ହିଁ ସେମାନଙ୍କ ବଂଶ ନିପାତ ହେବ । ଅଶ୍ରୁଣାଶବ୍ଦର ତୀବ୍ରତା ଠିକଣା ନ ରଖିଲେ ରସଗୋଲା ଫାଟିଯିବାର ସମ୍ଭାବନା । ଦୁଧ ବା ଅନ୍ୟାନ୍ୟ ଖାଦ୍ୟ ପଦାର୍ଥକୁ ଆଜକାଲି ଏମିତି ଜୀବାଣୁମୁକ୍ତ କରାଗଲାଣି ।

## ଭୂତାଣୁଙ୍କ ନିପାତ

ଅଶ୍ରୁଣାଶବ୍ଦ ସାହାଯ୍ୟରେ ଧୂଆଁ ପତ୍ର କୃଷୀମାନେ ଭୂତାଣୁ (Virus) ମାନଙ୍କୁ ନିପାତ କରିଛନ୍ତି । ବାଡ଼ି ବାଡ଼ି ଧୂଆଁ ପତ୍ର

Digitized by srujanika@gmail.com

ବୃକ୍ଷ । ପ୍ରତିଗଛକୁ ଆକ୍ରମଣ କଲା ମୋଜାଇକ୍ ଭୂତାଣୁ । ବୃକ୍ଷୀ ମୁଣ୍ଡରେ ହାତ ଦେଇ ବସିଲା । ଉପାୟ କ'ଣ ? ମୋଜାଇକ୍ ଭୂତାଣୁକୁ ନ ମାଇଲେ ବର୍ଷକର ଧୂଆଁ ପତ୍ର ବୃକ୍ଷ ନଷ୍ଟ ହୋଇଯିବ । ଦରକାର ହେଲା ଅଣୁଣାଶକ । ଧୂଆଁ ପତ୍ର ଜଆଁଗ୍ରର ବାୟୁମଣ୍ଡଳକୁ ଥରହର କରି ଅଣୁଣାଶକ ଖେଳିଗଲା । କେହି ଜାଣି ପାରିଲେ ନାହିଁ ଯେ, କମ୍ପନର ସେହି ତୀବ୍ରତା ଭିତରେ ପ୍ରତି ମୋଜାଇକ୍ ଭୂତାଣୁ ଥରି ଥରି ମରିଗଲା । ଧୂଆଁ ପତ୍ର ଗଛଗୁଡ଼ିକ ଭୂତାଣୁ-ମୁକ୍ତ ହୋଇ ପୂର୍ବପରି ପୁଣି ସତେଜ ହୋଇ ଉଠିଲେ ।

## କୀଟାଣୁ କବଚ

ମଞ୍ଜି ସଂରକ୍ଷଣପାଇଁ ବର୍ତ୍ତମାନ ଏକ ଉପାୟ ମିଳିଗଲା । ଗଦା ଗଦା ମଞ୍ଜି, ତା ଭିତରେ କୋଟି କୋଟି କୀଟ । ପୋଖତ ମଞ୍ଜିଗୁଡ଼ିକ ଦିନ କେଇଟାରେ ଫମ୍ପା ହୋଇଯିବ । ସେହିଟିକି ପୋକଗୁଡ଼ିକୁ ଅଲଗା କରିବା କଣ ସହଜ କଥା ? ବର୍ତ୍ତମାନ ଡାକରା ପଡ଼ିଲା ଜଣେ ଶବ୍ଦବଜ୍ଞାନୀଙ୍କୁ । କାରଣ ତା'ପାଖରେ ଥିଲା ସେହି ଅମୋଘଅସ୍ତ୍ର ଅଶ୍ରୁଣାଶକ । କୀଟାଣୁ ଯୁଦ୍ଧପାଇଁ ମଣିଷର ଏହା ଅବ୍ୟର୍ଥ ଅସ୍ତ୍ର । କେବଳ ସେତିକ ନୁହେଁ, ଅଣୁଣାଶକ ବାଜିଲେ ଓଡ଼ଶ ମରିବେ, ମୂଷା ଗ୍ରେଟା ହେବେ ଓ ବେଙ୍ଗମାନେ ବନ୍ଧ୍ୟା ହେବେ ।

## ଅଶ୍ରୁଣା ବନ୍ଧୁକ

ବୁଦ୍ଧି ଥିଲେ ଯେମିତି ଉପାୟ ଆସେ, ପାଖରେ ଅସ୍ତ୍ର ଥିଲେ ସେମିତି ବେଳେବେଳେ ଅନ୍ୟାୟ ହୋଇଯାଏ । କୀଟପତଙ୍ଗ ଗୁଡ଼ିକ ମଣିଷ ଉପରେ ପରୀକ୍ଷା ଚାଲିଲା । ତା' ନାଁ ଅଶ୍ରୁଣା ବନ୍ଧୁକ । ଗୁଳି ଫୁଟିବ ନାହିଁ, ଧୂଆଁ ବାହାରିବ ନାହିଁ, ଏଣେ କିନ୍ତୁ ମଣିଷର ରକ୍ତକୋଷ ଫାଟିବାକୁ ଲାଗିବ । ଏହି ବନ୍ଧୁକରୁ ଛୁଟି ଆସିବ ଅଶ୍ରୁଣାଶକ । ତାର ତୀବ୍ର କମ୍ପନରେ ରକ୍ତକୋଷ ଫାଟି ଆବର୍ଜନାକା ଅଲଗା ହୋଇଯିବ । କି ମାରାତ୍ମକ ଅସ୍ତ୍ର ! ରକ୍ଷା, ଏହାର ବ୍ୟବହାର ବ୍ୟାପକ ହୋଇନି । ମଣିଷର ସୁବୁଦ୍ଧି ହେଲେ ତାହା ସେହି ପରୀକ୍ଷାରେ ହିଁ ରହିବ ।

## ବିନା ଅସ୍ତ୍ରରେ ଅସ୍ତ୍ର ଚିକିତ୍ସା

ସବୁବେଳେ ଅଶ୍ରୁଣାଶକରେ ମଣିଷର ରକ୍ତକୋଷ ଫାଟେନା । ଉପଯୁକ୍ତ ସ୍ପନ୍ଦନରେ ବ୍ୟବହାର କଲେ ନାନା ଉପକାର ମଧ୍ୟ ମିଳେ । ବୃକ୍କ ( Kidney ) କିମ୍ବା ପାକସ୍ଥଳୀରେ ପଥର ଜମିଛି । ପେଟ ନ ଚିରିଲେ ପଥର ବାହାରିବ କିପରି ? ପେଟଚିରା କଥା ଶୁଣି ରକ୍ତହୀନ ରୋଗୀଟା ଚିରା ଗ୍ରହଣଲାଣି । ସର୍ଜନ ସାନ୍ତ୍ୱନା ଦେଲେ "ବ୍ୟସ୍ତ ହୁଅନା, ବିନା ଅସ୍ତ୍ରରେ ପଥରକୁ ନଷ୍ଟ କରି ଦେବ ।" କାରଣ ସେତେବେଳକୁ ଅଶୁଣାଶକ ପ୍ରୟୋଗରେ ସେ ସିଦ୍ଧହସ୍ତ ହୋଇ ଉଠିଥିଲେ । ଏପରିକି ଆଖିର ସୂକ୍ଷ୍ମ କୋମଳ ସ୍ନାୟୁ ଛିଣ୍ଡି ଯାଇଥିଲେ, ସେ ଅଶୁଣାଶକରେ ତାକୁ ଯୋଖି ପାରୁଥିଲେ । ସେମିତି ହାଡ଼ର ମଜ୍ଜା ଭିତରେ କିଛି ରୋଗ ହୋଇଛି ତ ତାଙ୍କର ଭାବନା ନ ଥିଲା । କାରଣ ଅଶୁଣାଶକ ସେପର୍ଯ୍ୟନ୍ତ ଭେଦ

Digitized by srujanika@gmail.com

ସବୁ ଠିକଣା କଣ ଦେଇଥିଲ । କାହାର ଯଦି ହାତ କିମ୍ବା ଗୋଡ଼ ଆଙ୍ଗୁଠିରେ ଘା' ହୋଇ ଚମକୁଥି ହୋଇଛି, ତାହା ହେଲେ ଅଶ୍ରୁଣାଶବ୍ଦ ବଳରେ ତା ଚମକୁ ଦୁରୁଳା କରି ଦେବ । ଏହା ସାହାଯ୍ୟରେ ରୁଷିଆ, ଆମେରିକାର ଡାକ୍ତରମାନେ ଆଣ୍ଟୁ-ଚିଣ୍ଡି ବାତ ଭଲ କରୁଛନ୍ତି ।

## ମନ୍ତ୍ରପାଠରେ ଅଶ୍ରୁଣାଶବ୍ଦ

ପ୍ରବାଦ ଅଛି, ଆଗେ ଆମ ଦେଶରେ ମନ୍ତ୍ରପାଠ କରି ରୋଗ ଭଲକରି ଦେଉଥିଲେ । ପୂଜାସ୍ଥାନ ବା ଦେବାଳୟ ପବିତ୍ର କରିବାପାଇଁ ପୁରୋହିତମାନେ ମନ୍ତ୍ରୋଚାରଣ କରୁଥିଲେ । ଭୋଗ ଖାଇଲେ ରୋଗ ହେବ ନାହିଁ ବୋଲି ଲୋକଙ୍କର ବିଶ୍ୱାସ । ବର୍ତ୍ତମାନ ରକ୍ଷଣଶୀଳମାନେ ଯୁକ୍ତି କରି ପାରନ୍ତି, ମନ୍ତ୍ରପାଠରେ ବୋଧହୁଏ ଅଶ୍ରୁଣାଶବ୍ଦର ସୃଷ୍ଟି ହୁଏ । ତାହାହେଲେ କେବଳ ମନ୍ତ୍ରପାଠ କଲେ ସ୍ଥାନ, ଖାଦ୍ୟ ବା ଲୋକ ଜୀବାଣୁମୁକ୍ତ ହୋଇପାରେ । ମଣିଷ କଣ୍ଠରୁ ଅଶ୍ରୁଣାଶବ୍ଦ ବାହାରିବା କଥା ବୈଜ୍ଞାନିକ ସ୍ତରରେ ଏପର୍ଯ୍ୟନ୍ତ ପ୍ରମାଣିତ ହୋଇନାହିଁ; ତେଣୁ ଏ ବିଶ୍ୱାସକୁ ସହଜରେ ମାନି ନିଆଯାଇ ପାରିବ ନାହିଁ । ବିନା ପରୀକ୍ଷାରେ ଶୁଣାକଥାକୁ ମାନିନେଲେ ବିଜ୍ଞାନ ମରିଯିବ । ତେଣୁ ଏହି ଲୋକଶ୍ରୁଣା କଥାକୁ ଅଶ୍ରୁଣାଶବ୍ଦ ସହିତ ଯୋଡ଼ିବା ଉଚିତ ନୁହେଁ । କିନ୍ତୁ ଅଶ୍ରୁଣାଶବ୍ଦକୁ ଏକ ଧାରରେ ଜୀବାଣୁଙ୍କ ଯମ, କୀଟାଣୁ ଆକ୍ରମଣର କବଚ ବା ସର୍ଜନଙ୍କ ଅଦୃଶ୍ୟଅସ୍ତ୍ର କହିଲେ କେହି ପ୍ରତିବାଦ କରିବେ ନାହିଁ ।

---


**ସମ୍ବଲପୁରୀ ବସ୍ତ୍ରାଳୟ ତନ୍ତଶିଳ୍ପ ସହଯୋଗ ସମିତି ଲିଃର**

ଲୁଗା ସୁନ୍ଦର ଯେପରି ମଜଭୁତ ମଧ୍ୟ ସେପରି । ଲୁଗାର ରଙ୍ଗ ପକ୍କା
ଏହି ସମିତିର ଲୁଗା ଦେଶ ବିଦେଶରେ ଆଦୃତ ଏବଂ ସର୍ବ-
ଭାରତୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ।
ଏହା ବ୍ୟବହାର କରି ଦେଶର ଶିଳ୍ପ ତଥା ଶିଳ୍ପୀଙ୍କୁ ଉତ୍ସାହିତ କରନ୍ତୁ ।

**କୃତାର୍ଥ ଆଚାର୍ଯ୍ୟ** (ପଦ୍ମଶ୍ରୀ)
ସଭାପତି


Digitized by srujanika@gmail.com

# ଅତୀତର ଜୀବନସ୍ମୃତି

## କଲଜିଏଟ ସ୍କୁଲ ଓ ରେଭେନ୍ସା କଲେଜ

—ଡକ୍ଟର ପ୍ରାଣକୃଷ୍ଣ ପରିଜା



ମୁଁ କଟକ ଯାଇ ଶ୍ରୀ ଆନନ୍ଦଚନ୍ଦ୍ର ମହାନ୍ତି ମୋହରିରଙ୍କ ବସାରେ ରହିଲି । ସେଠାରେ ମୋର ଭଉଣୋଇ ମଧ୍ୟ ରହୁଥିଲେ । ପରେ ଗୋଟିଏ ପ୍ରେଟ ମେସ୍‌ରେ ମୋର ଦୁଇଜଣ ସହାଧ୍ୟାୟୀ ଶ୍ରୀ ରଘୁନାଥ କାନୁନଗୋ ଓ ଶ୍ରୀ ଆର୍ତ୍ତବନ୍ଧୁ ମହାନ୍ତି ଏବଂ ଦୁଇଜଣ ସିଭିଲ୍ କୋର୍ଟ ପିଅନ ଗୋପୀନାଥ ମହାନ୍ତି ଓ ଗଙ୍ଗାଧର ମହାପାତ୍ରଙ୍କ ସହିତ ଗୋଟିଏ ପ୍ରେଟ ମେସ୍‌ରେ ରହିଲି । ପ୍ରଥମ ତିନିଜଣ ଆମ ଗାଁ ପାଖର ଲୋକ ଓ ଶେଷ ଜଣକ କଟକ ଜିଲ୍ଲା ଯାଜପୁର ସବ୍‌ଡିଭିଜନ୍‌ର ଲୋକ ।

ସିଭିଲ୍ କୋର୍ଟ ବା କଲେକ୍ଟରେଟର କିରାଣୀ ଶ୍ରୀ କପିଳେଶ୍ୱର ମହାନ୍ତିଙ୍କର ରହିବା ଘର ପାଖରେ ଥିବା ତାଙ୍କର ଗୋଟିଏ ସ୍କୁଲଘରେ ଆମେ ପ୍ରାୟ ବର୍ଷେ ରହିଲୁ । ପରେ କପିଳ ବାବୁଙ୍କ ଘର ଗୁଜୁରାଟର ବର୍ତ୍ତମାନ ରାଜ୍ୟପାଳ ଶ୍ରୀ ନିତ୍ୟାନନ୍ଦ କାନୁନଗୋଙ୍କ ପିତାଙ୍କର ବାସଗୃହ ହେଲା । ଗୋପୀନାଥ ବାବୁ ଓ ଗଙ୍ଗାଧର ବାବୁ ରୋଷାଇ କରନ୍ତି ଏବଂ ଆମେ ପିଲାମାନେ ସେମାନଙ୍କୁ ସାହାଯ୍ୟ କରୁ । ବେଳେବେଳେ ଆମେ ମଧ୍ୟ ରୋଷାଇ ରୁ । ଗୋପୀନାଥ ବାବୁଙ୍କର ସାଙ୍ଗୋପାଙ୍ଗ

Digitized by srujanika@gmail.com

ଓ ବନ୍ଧୁବାନ୍ଧବମାନେ ଏହି ଘରେ ଆସି ରହନ୍ତି । ଶେଷକୁ ଏଠାରେ ଏତେ ଲୋକ ହୋଇଗଲେ ଯେ, ଘରମାଲିକ ସେ ଘର ଛାଡ଼ିବାପାଇଁ ଆମକୁ କହିଲେ । ତା ପରେ ଆମେ ଅନ୍ୟ ଗୋଟିଏ ସ୍ଥାନକୁ ଆସି ସେଠାରେ ପୁଣି ମେସ୍ ଆରମ୍ଭ କଲୁ । ରଘୁନାଥ କାନୁନଗୋ ସେତେବେଳକୁ ସର୍ଭେ ସ୍କୁଲ ପରୀକ୍ଷାରେ ପାସ୍ କରି ସ୍ବୃତ୍ତି ପାଇଗଲେଣି ।

ମାସକୁ ବୃତ୍ତି ଦୁଇଟଙ୍କା, ଦରମାଛାଡ଼ ଓ ଗାଁରୁ ଷୋଳ ସେର ଚାଉଳ ଆସୁଥିବା ଯୋଗୁ ମୁଁ ବେଶ୍ ଭଲରେ ଚଳି ଯାଉଥିଲି ।

ନୂଆବସାରେ ଥିବାବେଳେ ଗୋପୀନାଥ ବାବୁଙ୍କର ଖୁବ ଜୋର୍ ନାଲଝାଡ଼ା ହେଲା । ଆର୍ତ୍ତବନ୍ଧୁ ଏବଂ ମୁଁ ରାତଦିନ ତାଙ୍କର ଖୁବ୍ ସେବାଯତ୍ନ କରିବା ଫଳରେ ସେ ଭଲ ହୋଇଗଲେ । କିନ୍ତୁ ମୋତେ ନାଲଝାଡ଼ା ହେଲା । ଆମର ହେଡ଼ମାଷ୍ଟର ଶ୍ରୀ ବେଣୀମାଧବ ଦାସ ମୋତେ ଦେଖିବାକୁ ଆସି ହୋମିଓପାଥିକ ଔଷଧ ଦେଇଥିଲେ ଓ ଘରକୁ ଚାଲିଯିବା-ପାଇଁ ମୋତେ ପରାମର୍ଶ ଦେଲେ । ମୋର ଦାଦା ଆସି ମୋତେ ଘରକୁ ନେଇଗଲେ । ଏହା ହେଉଛି ମୋର ସେକେଣ୍ଡ୍ କ୍ଲାସ (ବର୍ତ୍ତମାନ ତାହାକୁ ନବମ ବା ଦଶମ ଶ୍ରେଣୀ କୁହାଯାଉଛି) ବେଳର କଥା ।

## ତୁମର ଭବିଷ୍ୟତ ଉଜ୍ଜ୍ୱଳ

ଏବେ ମୁଁ ଆମ ସ୍କୁଲ ସମ୍ପର୍କରେ କିଛି କହି ରଖେ । ଯେତେବେଳେ ମୁଁ ରେଭେନସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇଲି, ଶ୍ରୀ ମୋହିନୀମୋହନ ଚୌଧୁରୀ, ଏମ୍. ଏ. ହେଡ଼ମାଷ୍ଟର ଏବଂ ଶ୍ରୀ ବିଶ୍ୱନାଥ ଶତପଥୀ ସଂସ୍କୃତ ଶିକ୍ଷକ ଥିଲେ । ଶ୍ରୀ ବିଶ୍ୱନାଥ ଶତପଥୀ ପୁରୁଣାକାଳିଆ ସଂସ୍କୃତ ପଣ୍ଡିତ ଥିଲେ । ମୋର ମନେ ଅଛି, ନାମଲେଖା ପରେ ମୁଁ ଯେତେବେଳେ ତାଙ୍କ କ୍ଲାସକୁ ଗଲି, କ୍ଲାସର ଅନ୍ୟ ପିଲାମାନଙ୍କଠାରୁ ମୋର ବୟସ ଅଧିକ ଥିଲା । ଡେଙ୍ଗା ହୋଇ ତନ୍ତବୁଣା ଖଦୀ ଖଣ୍ଡେ ପିନ୍ଧି ଓ ବେକରେ ଚାଦର ପକାଇ କୌଣସି ଯୋତା ବା ସାର୍ଟ ନ ପିନ୍ଧି ମୁଁ ଯେତେବେଳେ ତାଙ୍କ କ୍ଲାସକୁ ପଶିଗଲି, ମୁଁ ଯେପରି ସେଠାରେ ଜଣେ ବ୍ୟତିକ୍ରମ, ସେହି ଦୃଷ୍ଟିରେ ସବୁ ପିଲା ମୋଆଡ଼କୁ ଚାହିଁ ରହିଲେ । ପଣ୍ଡିତଜୀ ସେତେବେଳେ ଶତକ ବୋଲୁଥିଲେ । ତାହା ଛାଡ଼ି ସେ ମଧ୍ୟ ମୋ ଆଡ଼କୁ ଚାହିଁଲେ । ତା ପରେ ମୋ ନାମ ପଚାରି କହିଲେ, "ଆସ, ବସ । ମୋତେ ଜଣାଯାଉଛି, ତୁମର ଭବିଷ୍ୟତ୍ ଖୁବ ଉଜ୍ଜ୍ୱଳ ହେବ ।" ପଣ୍ଡିତଜୀ ଭାରି କଡ଼ା ଶିକ୍ଷକ ଥିଲେ । ଯଦି କୌଣସି ଛାତ୍ର ତାଙ୍କୁ ଚିଡ଼ାଇବାକୁ ଚେଷ୍ଟା କରିଥିଲା, ସେ ସାଧୁ ଓଡ଼ିଆ ଶବ୍ଦ ପ୍ରୟୋଗ କରି କୁତ୍ସିତ ଭାବରେ ଗାଳିଦେଉଥିଲେ । କୌଣସି ଶିଷ୍ଟାଚାର ଜ୍ଞାନ ଥିବା ଲୋକ ଏହାକୁ କଥିତ ଓଡ଼ିଆରେ ଅର୍ଥ କରି ପାରିବନାହିଁ । ସେ ମଧ୍ୟ ଖୁବ୍ ରହସ୍ୟ-ପ୍ରିୟ ଥିଲେ । ଯଦି କୌଣସି ଛାତ୍ର ଭୁଲ ସଂସ୍କୃତ ଉଚ୍ଚାରଣ କରୁଥିଲା ଓ ଅନ୍ୟ

Digitized by srujanika@gmail.com

ସହାଧ୍ୟାୟୀମାନେ ହସୁଥିଲେ, ପଣ୍ଡିତଜୀ କହୁଥିଲେ, ହସ ନାହିଁ । ସେ ଯେତେ ଭୁଲ୍ କରୁ ନା କାହିଁକି ସଂସ୍କୃତ ଉଚ୍ଚାରଣରେ ତା'ର ଅଭ୍ୟାସ ହୋଇଯିବ ଯେ ! ହେଡ଼ମାଷ୍ଟର ମୋହିନୀ ବାବୁ ଆମକୁ ଅଙ୍କ ପଢ଼ାଉଥିଲେ । ସେ ଅତି ଭଲଲୋକ ଥିଲେ ଓ ଛାତ୍ରମାନେ ତାଙ୍କୁ ଶ୍ରଦ୍ଧା କରୁଥିଲେ । ସେ ଆମକୁ କୌଣସି ଅଙ୍କ କଷିବାକୁ ଦେଇ, ଆମେ ତାହା କଷିବା ପୂର୍ବରୁ ବ୍ଲାକବୋର୍ଡ଼ରେ ତା'ର ଉତ୍ତର ଲେଖି ଦେଉଥିଲେ । ସେ ବେଶୀ ଦିନ ରହିଲେ ନାହିଁ । ରେଭେନ୍‌ସା କଲେଜର ଅଧ୍ୟାପକ ଶ୍ରୀ ବେଣୀମାଧବ ଦାସ, ଏମ୍. ଏ. ତାଙ୍କ ପରେ ହେଡ଼ମାଷ୍ଟର ହୋଇ ଆସିଲେ । ସେ ସମୟରେ ରେଭେନସା କଲେଜିଏଟ୍ ସ୍କୁଲ, ରେଭେନ୍‌ସା କଲେଜ ପ୍ରିନ୍‌ସିପାଲ୍‌ଙ୍କର ପରିଚାଳନାରେ ଥିଲା । ମୁଁ ସ୍କୁଲରେ ପଢ଼ିଲାବେଳେ ସେକାଳର ଜଣେ ଖ୍ୟାତନାମା ଗଣିତଜ୍ଞ ଓ ଅଙ୍କ ବହିର ଲେଖକ ଶ୍ରୀ ବିପିନବିହାରୀ ଗୁପ୍ତ ରେଭେନ୍‌ସା କଲେଜର ପ୍ରିନ୍‌ସିପାଲ ଥିଲେ ଓ ବେଳେ ବେଳେ କ୍ଲାସକୁ ଆସି ବୁଲି ଯାଉଥିଲେ ।

## ପ୍ରବନ୍ଧ-ପ୍ରତିଯୋଗିତା

ବେଣୀବାବୁ ସ୍କୁଲ୍‌ରେ ଶୃଙ୍ଖଳା ରକ୍ଷା କରିବା ଦିଗରେ ଖୁବ୍ କଡ଼ା ଲୋକ ଥିଲେ । ସେ ରାଜା ରାମମୋହନ ରାୟଙ୍କ ଚିନ୍ତାଧାରାର ଲୋକ ଥିଲେ ଓ ନୈତିକତା ଉପରେ ଖୁବ୍ ଜୋର ଦେଉଥିଲେ । ସେ ଆମକୁ ଇଂରାଜୀ ପଢ଼ାଉଥିଲେ । ତାଙ୍କର ଶିକ୍ଷାପ୍ରଣାଳୀ କଲେଜ୍ ଅଧ୍ୟାପନା ଭଳି ଥିଲା—କିଛିସମୟ ବକ୍ତୃତା ଓ ତା'ପରେ ଆଲୋଚନା । ମୁଁ ପୂର୍ବରୁ କହିଛି ଯେ, ମୋର ନାଲଝାଡ଼ା ହେଉଥିବା ବେଳେ ସେ ଉପରେ ମୋ ନିକଟକୁ ଆସି ଖୁବ୍ ସହାନୁଭୂତି ପ୍ରକାଶ କରିଥିଲେ । ଯେତେବେଳେ ଜଣେ ଛାତ୍ରହିସାବରେ ମୋର କିଛି ଶକ୍ତି ଓ ସମ୍ଭାବନା ଥିବାର ସେ ଅନୁଭବ କଲେ, ସେ ଆମର ଥାର୍ଡ଼-ପଣ୍ଡିତ ଶ୍ରୀ ମୃତ୍ୟୁଞ୍ଜୟ ରଥ, ବାଣୀଭୂଷଣଙ୍କୁ ମୋର ଦେଖାଶୁଣା କରିବାକୁ ଦାୟିତ୍ୱ ଦେଲେ । ସ୍କୁଲରେ ପଢ଼ୁଥିବାବେଳେ କନିକା ରାଜାଙ୍କ ପକ୍ଷରୁ ବ୍ୟବସ୍ଥା କରା-ଯାଇଥିବା ଏକ ପ୍ରବନ୍ଧ-ପ୍ରତିଯୋଗିତାରେ ମୁଁ ଅଂଶ ଗ୍ରହଣ କରିଥିଲି । ସ୍କୁଲ୍ ଇନସ୍‌ପେକ୍‌ଟରଙ୍କ ଜରିଆରେ କଟକଜିଲ୍ଲା ବୋର୍ଡ଼, ଏହି ପ୍ରତିଯୋଗିତା କରାଇଥିଲେ । ମୁଁ ୨୦ ଟଙ୍କାର ପୁରସ୍କାର ପାଇଲି । ସ୍କୁଲ୍ ଇନସ୍‌ପେକଟର ଶ୍ରୀ ନାରାୟଣ-ପ୍ରସାଦ ମହାନ୍ତିଙ୍କ ଘରକୁ ଯାଇ ମୁଁ ଏହି ପୁରସ୍କାର ଆଣିଥିଲି । ଶ୍ରୀ ମହାନ୍ତି ଜଣେ ପଣ୍ଡିତ ଲୋକ ଥିଲେ । କିନ୍ତୁ ତାଙ୍କର ଅଫିମ ଅଭ୍ୟାସ ଥିଲା । ମୋର ତାଙ୍କ ସହିତ ଦେଖା ହେଲାବେଳେ ସେ ଝିମେଇ ଝିମେଇ ଘୁମାଉଥିଲେ । କିନ୍ତୁ ସେ ମୋତେ ସମସ୍ତ ପଚରାଉଚରା କରି ଖୁବ୍ ଉତ୍ସାହିତ କରିଥିଲେ । ପରେ ସେ ରେଭେନ୍‌ସା କଲେଜିଏଟ୍ ସ୍କୁଲର ହେଡ୍‌ମାଷ୍ଟର ହୋଇଥିଲେ ।

Digitized by srujanika@gmail.com

## ଷ୍ଟିଓ୍ୱାର୍ଟ ସ୍କୁଲ

ଯେତେବେଳେ ମୁଁ ବର୍ତ୍ତମାନର ଦଶମଶ୍ରେଣୀ ବା ସେତେବେଳେ ସେକେଣ୍ଡ୍ କ୍ଲାସରେ ପଢୁଥିଲି, ନେତାଜୀ ସୁଭାଷଚନ୍ଦ୍ର ବୋଷ୍ଙ୍କର ଠିକ୍ ଉପର ଦୁଇଭାଇ ଶ୍ରୀ ସୁଧୀରଚନ୍ଦ୍ର ବୋଷ ଓ ସୁନୀଲ୍‌ଚନ୍ଦ୍ର ବୋଷ ଆମ ଶ୍ରେଣୀରେ ଯୋଗଦେଲେ । ସେମାନେ ଜଣେ ଜଣକର ସିଭିଲ୍ ସର୍ଜନ ଡକ୍ଟର ଷ୍ଟିଓ୍ୱାର୍ଟଙ୍କ ଦ୍ୱାରା ସ୍ଥାପିତ ସ୍ଥାନୀୟ ୟୁରୋପିଆନ୍ ସ୍କୁଲ୍, ଷ୍ଟିଓ୍ୱାର୍ଟ ସ୍କୁଲ୍‌ରେ ପଢୁଥିଲେ । ଏବେ ଯେପରି, ସେତେବେଳେ ମଧ୍ୟ ସେହିପରି ଥିଲାବାଲା ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ୟୁରୋପିଆନ୍ ସ୍କୁଲ୍‌ମାନଙ୍କରେ ପଢ଼ାଉଥିଲେ, ଯେପରିକି ସହଜରେ ଏବଂ ଚଞ୍ଚଳ ସେମାନେ ଇଂରାଜୀ ଶିକ୍ଷା କରି-ପାରିବେ । କେତେକ କ୍ଷେତ୍ରରେ ୟୁରୋପିଆନ୍ ସ୍କୁଲରୁ ଆସି ସାଧାରଣ ସ୍କୁଲ୍‌ରେ ଏଣ୍ଟ୍ରାନସ ପରୀକ୍ଷାପାଇଁ ସେମାନେ ନାମ ଲେଖାଉଥିଲେ; ଯେପରିକି ବୋଷ୍ ଭାଇମାନଙ୍କ କ୍ଷେତ୍ରରେ ହୋଇଥିଲା ।

ସେ'ସମୟରେ ବିଦ୍ୟାଳୟରେ ପ୍ରବେଶ କରିବା ପରୀକ୍ଷାକୁ ପ୍ରବେଶିକା ପରୀକ୍ଷା ବା ଏଣ୍ଟ୍ରାନ୍‌ସ ଏକ୍‌ଜାମିନେସନ୍ କୁହାଯାଉଥିଲା । କଲିକତା ବିଶ୍ୱ-ବିଦ୍ୟାଳୟଦ୍ୱାରା ୧୯୧୦ ମସିହାରେ ଏହାର ନାମ ପରିବର୍ତ୍ତିତ ହୋଇ ମାଟ୍ରିକୁଲେସନ ପରୀକ୍ଷା ହେଲା ।

ଆମର ଗଣିତ ଶିକ୍ଷକ ଥିଲେ ଶ୍ରୀ ନିବାରଣଚନ୍ଦ୍ର ଦାସଗୁପ୍ତ ଓ ଇତିହାସ ଶିକ୍ଷକ ଶ୍ରୀ ନୀଳମଣି ସାଧୁଖାନ୍ । ନିବାରଣବାବୁ ଅତି ଆଗ୍ରହୀ ଶିକ୍ଷକ ଥିଲେ ଓ କ୍ଲାସରେ ପିଲାଏ ନ ବୁଝିବାପର୍ଯ୍ୟନ୍ତ ଛାଡ଼ୁ ନ ଥିଲେ । ସେ ପଢ଼ାଇଲାବେଳେ ବଙ୍ଗଳାରେ ବା ଯେତିକି ଅଳ୍ପ ଓଡ଼ିଆ ସେ ଜାଣିଥିଲେ, ତାହା କହି ଓ ନାନାଭାବରେ ଅଭିନୟ କରି ପିଲାଙ୍କୁ ସବୁ ବୁଝାଇ ଦେଉଥିଲେ । ନୀଳମଣିବାବୁ ଧୀରସ୍ଥିର ବ୍ୟକ୍ତି ଓ ଭଲ ଶିକ୍ଷକ ଥିଲେ ଓ ଛାତ୍ରମାନେ ତାଙ୍କୁ ଭକ୍ତି କରୁଥିଲେ ।

## ପାଣ୍ଡିତ୍ୟ ପ୍ରତି ଆଦର

ଶ୍ରୀ ସତ୍ୟବାଦୀ ନାୟକ ଆମର ଭୂଗୋଳ ଶିକ୍ଷକ ଥିଲେ । ତାଙ୍କ ଘର ଥିଲା କମାପଡ଼ାରେ ଓ ଦେବଦାସୀମାନେ ଯେଉଁ ଗୋଷ୍ଠୀରୁ ଆସନ୍ତି, ସେ ସେହି ଗୋଷ୍ଠୀର ଲୋକ ଥିଲେ । କିନ୍ତୁ ସେ ଜଣେ ଭଲ ଶିକ୍ଷକ ଥିଲେ ଓ ଛାତ୍ରମାନେ ତାଙ୍କୁ ଭକ୍ତି କରୁଥିଲେ । ଶିକ୍ଷକ ଯେଉଁ ଗୋଷ୍ଠୀର ହୁଅନ୍ତୁ ନା କାହିଁକି, ପାଣ୍ଡିତ୍ୟ ପ୍ରତି ସାଧାରଣରେ ଆଦର ଥିଲା । ମୁଁ ପୂର୍ବରୁ ଉଲ୍ଲେଖ କରିଛି ଯେ, ପୁରୁଷାନୁକ୍ରମିକ-ଭାବରେ ଯେଉଁମାନେ ଶିକ୍ଷକତା କରନ୍ତି; ସେମାନେ ଛିତିବଂଶ ନାୟକ ଗୋଷ୍ଠୀର ଲୋକ । ସେମାନଙ୍କ ହାତରୁ ଲୋକେ ପାଣି ଛୁଉଁ ନ ଥିଲେ । କିନ୍ତୁ ଶିକ୍ଷକଭାବରେ ସେମାନେ ଯଥେଷ୍ଟ ଶ୍ରଦ୍ଧା ଓ ଭକ୍ତିର ପାତ୍ର ଥିଲେ । ବାଲୁବଜାରରେ ଆମର ସେକେଣ୍ଡ

Digitized by srujanika@gmail.com

ମାଷ୍ଟର ଜାତରେ ଗଉଡ଼ ଥିଲେ । କିନ୍ତୁ ଅନ୍ୟ ଶିକ୍ଷକଙ୍କ ତୁଳନାରେ ତାଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ଊଣା ନ ଥିଲା । ଯେତେବେଳେ ସ୍ୱକୀୟସ୍ୱାର୍ଥପାଇଁ ଯଥେଷ୍ଟ ସୁବିଧାସୁଯୋଗ ମିଳନ୍ତି ନାହିଁ, ସ୍ୱାର୍ଥପର ଲୋକେ ଜାତିଆଣ ଭେଦଭାବକୁ ବଢ଼ାଇଦେଲେ । ମୋର ମନେ ଅଛି ଏପରିକି, ଶିକ୍ଷାବିଭାଗ ଅଧ୍ୟାପକରୂପେ ରେଭେନ୍‌ସା କଲେଜରେ ଜଣେ ବ୍ୟକ୍ତିଙ୍କ ନିଯୁକ୍ତିକୁ କେତେକ ଲୋକ ଆପତ୍ତି କରିଥିଲେ; କାରଣ ଉଚ୍ଚବର୍ଣ୍ଣର ଛାତ୍ରମାନେ ନୀଚଜାତିର ଶିକ୍ଷକଙ୍କ ପାଖରେ ପଢ଼ିବା-ପାଇଁ ଆପତ୍ତି ଉଠାଇଲେ । ଏହା ଏକ ଘୃଣ୍ୟ ମନୋବୃତ୍ତି; କିନ୍ତୁ ସ୍ୱାର୍ଥାନ୍ଧ ଲୋକେ ଏହିପରି ଅପକୌଶଳ ଅବଲମ୍ବନ କରିଥାନ୍ତି । ଏପରିକି, କେତେକ ନେତୃସ୍ଥାନୀୟ ବ୍ୟକ୍ତି ତାଙ୍କ ବେଳରେ ଜାତିଗତ ପ୍ରାଧାନ୍ୟର ପ୍ରଚ୍ଚାର କରିଛନ୍ତି ।

ବର୍ତ୍ତମାନ ମୋର ସ୍କୁଲ୍ ଜୀବନକୁ ଆସୁଛି । ଅସୁସ୍ଥତା ପରେ ମୁଁ ଗାଁରୁ ଫେରିଆସି ରେଭେନ ସା କଲେଜ ହଷ୍ଟେଲରେ ରହିବାର ସୁବିଧା ପାଇଲି । ଅବଶ୍ୟ ଏଥିରେ କଲେଜ ଛାତ୍ରମାନଙ୍କର ରହିବାର କଥା । କିନ୍ତୁ ସ୍ଥାନ ଖାଲି ରହୁଥିବାରୁ ସ୍କୁଲ ଛାତ୍ରମାନଙ୍କୁ ରହିବାର ଅନୁମତି ମିଳୁଥିଲା, ଅବଶ୍ୟ ଏବ୍ୟବସ୍ଥା ଅଳ୍ପ କାଳପାଇଁ ଖୋଲିଥିଲା । ଆମର ସହକାରୀ ପ୍ରଧାନ ଶିକ୍ଷକ ଶ୍ରୀସୁରେଶଚନ୍ଦ୍ର ଗୁପ୍ତ ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ସେ ଖୁବ୍ କଡ଼ା; କିନ୍ତୁ ସହାନୁଭୂତିଶୀଳ ଲୋକ ଥିଲେ ।

## ସନ୍‌ସାଇନ୍ ପଡ଼ିଆ

ମୁଁ କଲେଜ ହଷ୍ଟେଲରେ ଥିବା ବେଳେ ସରକାର ପୁରୀଘାଟ ନିକଟରେ କଲେଜ ଓ ସ୍କୁଲର ଖେଳପଡ଼ିଆପାଇଁ ଜମି ଦଖଲ କଲେ । ବର୍ତ୍ତମାନ ଏହାକୁ ସନ୍‌ସାଇନ୍ ପଡ଼ିଆ କୁହାଯାଉଛି । ଏହିଜମି ଉପରେ ଯାଜପୁରର ଜଣେ ଲୋକଙ୍କର ପାଚେରୀ ଘେରି ହୋଇଥିବା ଗୋଟିଏ ଘର ଥିଲା । ମୋର ଯେତିକି ମନେପଡ଼ୁଛି, ଏହି ଘରଟିରେ ସ୍କୁଲର ହଷ୍ଟେଲ ହେଲା ଓ ସେଥିରେ ପନ୍ଦର ଜଣ ଛାତ୍ର ରହିଲେ । ଆମର ଭୂଗୋଳ ଶିକ୍ଷକ ସତ୍ୟବାଦୀ ନାୟକ ଏହି ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ହେଲେ । ରେଭେନ୍‌ସା କଲେଜିଏଟ ସ୍କୁଲର ଅନ୍ୟତମ ଶିକ୍ଷକ ଶ୍ରୀ ଭଗବାନ ମହାପାତ୍ର ତାଙ୍କର ଦୁଇଭାଇ ଶ୍ରୀ ବାସୁଦେବ ମହାପାତ୍ର ଓ ଶ୍ରୀ ବାଞ୍ଛାନିଧି ମହାପାତ୍ରଙ୍କ ସହିତ ଏହି ହଷ୍ଟେଲରେ ଆସି ରହିଲେ । ପରେ ସେ ଡେପୁଟିମାଜିଷ୍ଟ୍ରେଟ ହୋଇ ଚାଲିଗଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ବ୍ରଜମୋହନ ପଣ୍ଡା, ଗଙ୍ଗାଧର ଦୋରା, (ଉଭୟ ସମ୍ବଲପୁର) ଆନନ୍ଦଚନ୍ଦ୍ର ରଥ ଓ ଦାମୋଦର ରଥ (ନୟାଗଡ଼), କରୁଣାକର ଦାସ (କେଉଁଝର), ଉଦୟନାଥ ଗଡ଼ନାୟକ (ଅନୁଗୁଳ) ଓ ଶ୍ରୀକୃଷ୍ଣ ଦାସ ଜଗତସିଂହପୁର ନିକଟବର୍ତ୍ତୀ ପଲ୍ଲୀ ନାମକ ଏକ ଗ୍ରାମର ଙ୍କ ନାମ ମୋର ମନେ ପଡ଼ୁଛି ।

ଆମେ ୧୯୦୯ ମସିହାରେ ପ୍ରବେଶିକା ପରୀକ୍ଷା ଦେଲୁ । ଏହା ହେଲା ଶେଷ

Digitized by srujanika@gmail.com

ପ୍ରବେଶିକା ପରୀକ୍ଷା । ୧୯୧୧ରେ ଏହାର ନାମ ମାଟ୍ରିକ୍ୟୁଲେସନ ପରୀକ୍ଷା ହେଲା ଓ ସିଲାବସ ମଧ୍ୟ ବଦଳି ଗଲା । ତେଣୁ ଯେଉଁମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିଲେ ନାହିଁ, ସେମାନଙ୍କୁ ଏବଂ ଯେଉଁମାନେ ଆବଶ୍ୟକ ବୟସ ତୁଳନାରେ କମ୍ ବୟସ୍କ ସେମାନଙ୍କୁ ସୁଯୋଗ ଦେବା ପାଇଁ ସେହି ବର୍ଷ ଏକ ସପ୍ଲିମେଣ୍ଟାରି ପରୀକ୍ଷା ହେଲା । ସେତେବେଳେ ପ୍ରବେଶିକା ପରୀକ୍ଷାପାଇଁ ସର୍ବନିମ୍ନ ବୟସ ଥିଲା ୧୬ ବର୍ଷ । ତେଣୁ ମୋର କେତେକ ସହପାଠୀ ପରୀକ୍ଷା ଦେଇ ପାରିଲେ ନାହିଁ । ଏମାନଙ୍କ ମଧ୍ୟରେ ଥିଲେ ଶ୍ରୀ ଗିରିଜାଶଙ୍କର ରାୟ ଓ ଶ୍ରୀ ବିଭୂତିଭୂଷଣ ମୁର୍ଖାର୍ଜୀ, ଯେଉଁମାନେ ପରେ ବିହାର ଓ ଓଡ଼ିଶାରେ କଲେଜ ଶିକ୍ଷକଭାବରେ ସୁନାମ ଅର୍ଜନ କରିଥିଲେ । ସେମାନେ ସ୍କୁଲ ବଦଳାଇ ବର୍ଷେ ବା ଦୁଇବର୍ଷ ପରେ ମାଟ୍ରିକ ପରୀକ୍ଷା ଦେଇଥିଲେ ।

## ୨୦ ଟଙ୍କା ଛାତ୍ରବୃତ୍ତି

କଲିକତା ବିଶ୍ୱବିଦ୍ୟାଳୟରେ ମୁଁ ପ୍ରଥମ ସ୍ଥାନ ଅଧିକାର କରିଥିବା ଜନରବ ସମ୍ପର୍କରେ ପୂର୍ବରୁ ଉଲ୍ଲେଖ କରିଛି । ଏହା ଶୁଣିବା ପରେ ଉତ୍କଳଗୌରବ ମଧୁସୂଦନ ଦାସ ମୋତେ ଡକାଇ ପଠାଇଥିଲେ । ପ୍ରକୃତରେ ମୁଁ ସଂସ୍କୃତରେ ପ୍ରଥମ ସ୍ଥାନ ଅଧିକାର କରି ଜୟନାରାୟଣ ପୁରସ୍କାର ଲାଭ କଲି । ମୋଟରେ ବିଶ୍ୱବିଦ୍ୟାଳୟରେ ମୋର ସ୍ଥାନ ଥିଲା ନବମ । ସେତେବେଳେ ପ୍ରଥମ ଦଶ ଜଣ କୃତୀଛାତ୍ରଙ୍କୁ ୨୦ ଟଙ୍କା ବୃତ୍ତି ମିଳୁଥିଲା ଓ ମୁଁ ତାହା ପାଇଲି । ମୋର କେତେ ଜଣ ସହାଧ୍ୟାୟୀ କଲେଜରେ ପଢ଼ିବାପାଇଁ କଲିକତା ଗଲେ । ସେମାନଙ୍କ ମଧ୍ୟରେ ନେତାଜୀ ସୁଭାଷ ବୋଷଙ୍କ ଭାଇ ସୁଧୀରଚନ୍ଦ୍ର ବୋଷ ଓ ସୁନୀଲ ଚନ୍ଦ୍ର ବୋଷ, କଟକର ତତ୍କାଳୀନ ମୁନ୍‌ସଫ୍‌ଙ୍କ ପୁତ୍ର ପ୍ରମୋଦ କୁମାର ଦେଙ୍କ ନାମ ଉଲ୍ଲେଖଯୋଗ୍ୟ । ସୁନୀଲ ପରେ ଜଣେ ବିଖ୍ୟାତ ହୃଦ୍‌ରୋଗ ଚିକିତ୍ସକ ହେଲେ ଓ ସୁଧୀର ଏକ ଖଣିଜ ସଂସ୍ଥାରେ ଯୋଗ ଦେଲେ । ପ୍ରମୋଦ ଏଡ଼ିନ୍‌ବରାରୁ ଫେରି ଭାରତୀୟ କୃଷି ସର୍ଭିସରେ ଯୋଗ ଦେଇ କାନପୁର କୃଷି କଲେଜର ପ୍ରିନ୍‌ସିପାଲ୍‌ଭାବରେ ଅବସର ଗ୍ରହଣ କଲେ ।

ମୁଁ କଟକ ରେଭେନ୍‌ସା କଲେଜରେ ଆଇ. ଏସ୍‌.ସି ପଢ଼ିଲି । ସେତେବେଳକୁ ଶ୍ରୀଯୁକ୍ତ ଆର. ସ' ପ୍ରିନସିପାଲ ହୋଇ ଆସିଥାନ୍ତି । ସେ କେତେକ ଗଣିତ କ୍ଲାସ ନେଉଥିଲେ । ଅନ୍ୟ ଗଣିତ ଅଧ୍ୟାପକ ଥିଲେ ଶ୍ରୀ ବଙ୍କିମ ଦାସ ବାନାର୍ଜୀ । କୌଣସି ଛାତ୍ରଙ୍କ ସହିତ ତାଙ୍କର ଥରେ ଦେଖା ହେଲେ, ସବୁଦିନପାଇଁ ତାଙ୍କର ନାମ ମନେ ରଖି ପାରୁଥିଲେ । ସେ ଖୁବ୍ ଭଲ ଶିକ୍ଷକ ଥିଲେ । ଆମର ଇଂରାଜୀ ଅଧ୍ୟାପକ ଥିଲେ ଶ୍ରୀ ଗୋପାଲଚନ୍ଦ୍ର ଗାଙ୍ଗୁଲି ଓ ପଦାର୍ଥ-ବିଜ୍ଞାନ ବିଭାଗ ଅଧ୍ୟାପକ ଥିଲେ ଶ୍ରୀ ରମେନ୍ଦ୍ର ନାଥ ଘୋଷ । ସେ ବଡ଼ ଶାନ୍ତ ଶିଷ୍ଟ, ସାଧାସିଧା ଲୋକ ଥିଲେ ଓ ଶିକ୍ଷକ

Digitized by srujanika@gmail.com

ସ୍ତବରେ ତାଙ୍କର ସୁନାମ ଥିଲା । ଛାତ୍ରମାନଙ୍କ ଆଗ୍ରହ ଜାତ କରାଇବାର କୌଶଳ ତାଙ୍କୁ ଜଣାଥିଲା । ଥରେ ଜଣେ ଛାତ୍ର ପଛ ବେଞ୍ଚରେ ବସି ଘୁମାଉଥିଲେ । ରମେନ୍ଦ୍ର ବାବୁ ଏହା ଦେଖିପାରି ଖୁବ୍ ବଡ଼ ପାଟିରେ କହିଲେ, 'ଯଦି 'କ' ମାଖରୁ ଶୋଇଥିବା ପିଲାପର୍ଯ୍ୟନ୍ତ ଏକ ରେଖା ଟଣାଯାଏ...' । ଅନ୍ୟ ପିଲାମାନେ ଠୋ ଠୋ ହୋଇ ହସି ଉଠିଲେ ଓ ସୁପ୍ତ ଛାତ୍ରଙ୍କର ନିଦ ଭାଙ୍ଗି ଗଲା । ବର୍ଷକ ମଧ୍ୟରେ ରମେନ୍ଦ୍ର ବାବୁ ବଦଳି ହୋଇଗଲେ । ତାଙ୍କ ସ୍ଥାନରେ ଆସିଲେ ଶ୍ରୀ ସନ୍ତୋଷଚନ୍ଦ୍ର ରାୟ, ଜଣେ ଭଲ ବକ୍ତା ଓ ଶିକ୍ଷକ ।

## ଯୋଗେଶଚନ୍ଦ୍ର ବନ୍ଦ୍ୟାପାଧ୍ୟ

ଉଦ୍‌ଭିଦ ବିଜ୍ଞାନରେ ଆମର ଅଧ୍ୟାପକ ଥିଲେ ରାୟବାହାଦୁର ଯୋଗେଶଚନ୍ଦ୍ର ରାୟ ବନ୍ଦ୍ୟାପାଧ୍ୟ । ନୂଆ ଇଣ୍ଟରମିଡ଼ିଏଟ୍ ପାଠ୍ୟକ୍ରମ ପ୍ରଚଳିତ ହେବା ପୂର୍ବରୁ ଯୋଗେଶବାବୁ, ପଦାର୍ଥବିଜ୍ଞାନ ରସାୟନ ଶାସ୍ତ୍ର, ଉଦ୍‌ଭିଦ ବିଜ୍ଞାନ ଆଦି ବିଜ୍ଞାନର ସବୁ ବିଭାଗ ପଢ଼ାଉଥିଲେ । କିନ୍ତୁ ନୂଆ ପାଠ୍ୟକ୍ରମରେ ସେ କେବଳ ଉଦ୍‌ଭିଦ ବିଜ୍ଞାନ ପଢ଼ାଇଲେ । ତାଙ୍କର ଅଧ୍ୟାପନା ପ୍ରଣାଳୀ ସଂପୂର୍ଣ୍ଣ ନୂତନ ଧରଣର ଥିଲା । ଉଦ୍‌ଭିଦ ବିଜ୍ଞାନ କ୍ଲାସ ଅନ୍ୟ ପାଠ୍ୟ ତୁଳନାରେ ଶ୍ରେଷ୍ଠ ଥିଲା, ତେଣୁ ତାଙ୍କର ପ୍ରଣାଳୀ ଖୁବ୍ ଫଳପ୍ରଦ ହେଉଥିଲା । ସେ ପ୍ରତ୍ୟେକ ଦୁଇଜଣ ଛାତ୍ରଙ୍କୁ ଖଣ୍ଡେ ଖଣ୍ଡେ ଶ୍ରେଷ୍ଠ କଆଁଳରେ ମଞ୍ଜି ଲଗାଇବାପାଇଁ ଦେଇ ଦେଉଥିଲେ । ମଞ୍ଜିରୁ କିପରି ଗଛ ହେଉଛି ଓ ଗଛ କିପରି ବଢ଼ୁଛି, ତାହା ଅନୁଧ୍ୟାନ କରିବାପାଇଁ ସେ ଛାତ୍ରମାନଙ୍କୁ କହୁଥିଲେ । କାହାରି କିଛି ସନ୍ଦେହ ବା ଅସୁବିଧା ଥିଲେ, ସେ ନିଜେ କ୍ଷେତ୍ରକୁ ଆସି ବୁଝାଇ ଦେଉଥିଲେ । ଏହି ପ୍ରଣାଳୀ ଖୁବ୍ ଫଳପ୍ରଦ ଥିଲା, କିନ୍ତୁ ଏବେ ଗୋଟିଏ ଗୋଟିଏ ଶ୍ରେଣୀରେ ସେ ତୁଳନାରେ ବହୁ ସଂଖ୍ୟକ ଛାତ୍ରଙ୍କୁ ପଢ଼ାଇବାକୁ ହେଉଛି; ତେଣୁ ଏବେ ଏପ୍ରଣାଳୀ କାର୍ଯ୍ୟକାରୀ ହେବା ସନ୍ଦେହ-ଜନକ । ଯୋଗେଶବାବୁଙ୍କର ବହୁ କ୍ଷେତ୍ରରେ ଅଧ୍ୟୟନ ଓ ଚର୍ଚ୍ଚା ଥିଲା । ଚନ୍ଦ୍ରଶେଖର ସିଂହସାମନ୍ତଙ୍କୁ ଓ ତାଙ୍କର କୃତି ସିଦ୍ଧାନ୍ତ-ଦର୍ପଣକୁ ଦେଶ ଆଗରେ ସେ ଯେ ପରିଚିତ କରାଇଥିଲେ, ଏହା କାହାରିକୁ ଅବିଦିତ ନାହିଁ । ପରେ ଏଥିପାଇଁ ସାମନ୍ତ ଚନ୍ଦ୍ର-ଶେଖରଙ୍କୁ ତତ୍କାଳୀନ ସରକାରଙ୍କଠାରୁ ମହାମହୋପାଧ୍ୟାୟ ଉପାଧି ମିଳିଥିଲା ।

ଏହାଛଡ଼ା ଜ୍ଞାନ-ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଏହି ଆଗ୍ରହୀ ଅଧ୍ୟାପକଙ୍କର ଚର୍ଚ୍ଚା ଥିଲା । କାଠଯୋଡ଼ି କୂଳରେ ଏକ ଉଇଣ୍ଡ୍‌ମିଲର ମଡ଼େଲ୍ ବସାଇ ସେ ପରୀକ୍ଷା କରୁଥିବା ଆମେ ଦେଖିଚୁ । ସେ ବଙ୍ଗଳାରେ ଏକ ଅଭିଧାନ ମଧ୍ୟ ସଙ୍କଳନ କରୁଥିଲେ । ଥରେ ଛୁଟି ପୂର୍ବରୁ ମୁଁ ତାଙ୍କୁ ଦେଖା କରିବାକୁ ଯାଇଥିଲି । ଓଡ଼ିଶାରେ କେତେ ପ୍ରକାର ପିଠାପଣା

Digitized by srujanika@gmail.com

ହୁଏ, ତାହା ତାଙ୍କୁ ଲେଖି କରି ଦେବାପାଇଁ ସେ ମୋତେ କହିଥିଲେ ଓ ମୁଁ ଦେଇଥିଲି । ମୋର ସ୍କୁଲ ସହାଧ୍ୟାୟୀ ଓ କଲେଜରେ ସମସାମୟିକ ବନ୍ଧୁ ଶ୍ରୀ ଉଦୟନାଥ ଗଡ଼ନାୟକଙ୍କ ନିମନ୍ତ୍ରଣକ୍ରମେ ମୁଁ ଢେଙ୍କାନାଳ କପିଳାସ ପାହାଡ଼ରେ ଏକ ଗ୍ରୀଷ୍ମାବକାଶ କଟାଇଥିଲି । କପିଳାସ ଯିବା ପୂର୍ବରୁ ଯୋଗେଶବାବୁଙ୍କ ସହିତ ସାକ୍ଷାତ୍ କଲି । କପିଳାସ ଭ୍ରମଣ ଅଭିଜ୍ଞତା ସମ୍ପର୍କରେ ଲେଖି କରି ଦେବାପାଇଁ ସେ ମୋତେ କହିଥିଲେ । ଫେରିବା ପରେ କପିଳାସଯାତ୍ରା, କପିଳାସ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସେଠାରେ ଯେଉଁ ସବୁ ବୃକ୍ଷଲତା ଓ ପ୍ରାଣୀଙ୍କୁ ଦେଖିଲି ତା'ର ଏକ ବୃତ୍ତାନ୍ତ ମୁଁ ତାଙ୍କୁ ଲେଖିକରି ଦେଇଥିଲି । (କ୍ରମଶଃ)

---

"ନିଆଁକୁ ଯେବେ ଡର
କର ଟାଇଲି ଘର"

ଗାଁଗହଳରେ ପଞ୍ଚାୟତମାନଙ୍କରେ ୨୭ଟି ଟାଇଲ୍ କାରଖାନା ବସିଲଣି । ଲୋକଙ୍କର ମଙ୍ଗଳପାଇଁ ସରକାର ଏହି କାରଖାନାମାନ ବସାଇଛନ୍ତି । ଏହି କାରଖାନାମାନଙ୍କରୁ ସୁବିଧା ଓ ଶସ୍ତା ଦରରେ ଟାଇଲ୍ ମିଳେ । ନିକଟତମ ଟାଇଲ୍ କାରଖାନାରେ ଅନୁସନ୍ଧାନ କରନ୍ତୁ ।

ଯାହାର ଘର ପୋଡ଼ିଯାଇଛି, ସେମାନଙ୍କୁ ଶତକଡ଼ା ୧୦ ଟଙ୍କା ରିହାତି ମିଳିବ ।

ସବିଶେଷ ବିବରଣୀପାଇଁ :

**ଦି ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରିଜ କର୍ପୋରେସନ୍ ଲିମିଟେଡ଼ର**

ନିମ୍ନଲିଖିତ ଶାଖା ଅଫିସମାନଙ୍କରେ ଅନୁସନ୍ଧାନ କରନ୍ତୁ :—

କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସୁନାବେଡ଼ା, ସମ୍ବଲପୁର ଓ ବାଲେଶ୍ୱର

"କରିବ ଟାଇଲି ଘର
ନିଆଁକୁ ନ ଥିବ ଡର"

Digitized by srujanika@gmail.com

# ଆତ୍ମେୟ ଶପଥ (୩)

## ଜୟଦ୍ରଥ ବଧ

—ଜୟନ୍ତୀ ପଟ୍ଟନାୟକ

ଅଷ୍ଟାଦଶ ଦିବସବ୍ୟାପୀ ମହାଭାରତଯୁଦ୍ଧର ସବୁଠାରୁ ଭୟାନକ ଓ ସ୍ମରଣୀୟ ଦିନଟି ହେଉଛି ଚତୁର୍ଦ୍ଦଶ ଦିବସ। ଏହି ଦିନ ଉଭୟ କୌରବ ଓ ପାଣ୍ଡବ ପକ୍ଷ ପ୍ରାଣକୁ ପଣ କରି ତୁମୁଳ ସଂଗ୍ରାମ କରିଥିଲେ।

### ବ୍ୟୁହଭେଦ

ସେଦିନ ଅର୍ଜ୍ଜୁନଙ୍କ ପକ୍ଷରେ ପ୍ରଧାନ ସମସ୍ୟା ଥିଲା, ଦ୍ରୋଣଙ୍କର ବ୍ୟୁହ ଭେଦ କରି ଜୟଦ୍ରଥଙ୍କ ପାଖରେ ପହଞ୍ଚିବା। ଦ୍ରୋଣଙ୍କର ଏହି ଅଭୁତ ବ୍ୟୁହ ସଂପର୍କରେ ପୂର୍ବରୁ ବର୍ଣ୍ଣନା କରାଯାଇଛି। ଏହି ବ୍ୟୁହର ଅଗ୍ରରକ୍ଷକ ଥିଲେ ନିଜେ ଦ୍ରୋଣ। ତାଙ୍କୁ ପରାସ୍ତ ନ କରି ବ୍ୟୁହ ଭେଦ କରିବା ସମ୍ଭବ ନ ଥିଲା ଏବଂ ଦ୍ରୋଣଙ୍କୁ ପରାଜିତ କରିବାର ଶକ୍ତି ଉଭୟ ପାଣ୍ଡବ ଓ କୌରବଙ୍କ ମଧ୍ୟରେ କାହାରି ନ ଥିଲା। ଦ୍ରୋଣଙ୍କ ପରେ ପଦ୍ମବ୍ୟୁହ ବା ଚକ୍ରବ୍ୟୁହର ଆରମ୍ଭ ଓ ତା'ର ରକ୍ଷକ ଥିଲେ କୃତବର୍ମା, ଯେ କି ଜଣେ ସୁପ୍ରସିଦ୍ଧ ଯୋଦ୍ଧା ଓ ସେନାପତି ଥିଲେ। ସେ ମଧ୍ୟ ସହଜରେ ପରାସ୍ତ ହେବାର ନୁହନ୍ତି। ତାଙ୍କ ପରେ ଥିଲେ ଦୁର୍ଜ୍ଜୟ କାମ୍ବୋଜସେନା ଓ ତାଙ୍କର ସହାୟକ ରାଜନ୍ୟବୃନ୍ଦ ଏବଂ ରାଜା ଦୁର୍ଯ୍ୟୋଧନ। ଏମାନଙ୍କୁ ପରାସ୍ତ କରିବା ପରେ ଜୟଦ୍ରଥଙ୍କ ପାଖରେ ପହଞ୍ଚିବାକୁ ହେବ; କିନ୍ତୁ ଜୟଦ୍ରଥ ଏକାକୀ ନ ଥିଲେ। ତାଙ୍କୁ କୌରବପକ୍ଷର ପ୍ରଧାନ ପ୍ରଧାନ ଛଅଜଣ ସେନାପତି କର୍ଣ୍ଣ, ଶଲ୍ୟ, କୃପାଚାର୍ଯ୍ୟ, ଅଶ୍ୱତ୍ଥାମା, ବୃଷସେନ ଓ ଭୂରିଶ୍ରବା ଜଗି ରହିଥିଲେ। ସେମାନଙ୍କୁ ପରାସ୍ତ ନ କରି ଜୟଦ୍ରଥଙ୍କ ସହିତ ଲଢ଼ିବା ସମ୍ଭବ ନୁହେଁ। ଜୟଦ୍ରଥ ନିଜେ ମଧ୍ୟ ଜଣେ ମହାବୀର ଥିଲେ।

ଏହି ସମୁଦାୟ ବ୍ୟୁହର ଆଗରେ ଦୁଃଶାସନ ଓ ବିକର୍ଣ୍ଣଙ୍କ ସହାୟତାରେ ଦୁର୍ଯ୍ୟୋଧନଙ୍କର ଅନ୍ୟତମ ଭ୍ରାତା ଦୁର୍ମର୍ଷଣ ଏକ ହଜାର ଗଜାରୋହୀ ସୈନ୍ୟଙ୍କୁ ଧରି 'ଯୁଦ୍ଧଂ ଦେହି' ଚିତ୍କାର କରୁଥିଲେ।

ଅର୍ଜ୍ଜୁନ ଯୁଦ୍ଧଭୂମିକୁ ଆସି ପ୍ରଥମେ ଦ୍ରୋଣଙ୍କର ଏହି ରଣକୌଶଳ ଅବଲୋକନ କଲେ ଏବଂ କୃଷ୍ଣଙ୍କୁ କହିଲେ,

Digitized by srujanika@gmail.com

‘କେଶବ, ଦୁର୍ମର୍ଷଣ ଯେଉଁଠାରେ ଅଛନ୍ତି, ସେଠାକୁ ମୋର ରଥ ଚାଳନା କର । ପ୍ରଥମେ ଗଜସେନାଙ୍କୁ ଛିନ୍ନଭିନ୍ନ କରିବାକୁ ହେବ ।’’

ଦୁର୍ମର୍ଷଣଙ୍କର ଗଜସେନା ପ୍ରବଳ ବାୟୁବେଗରେ କଳାମେଘମାଳା ଉଡ଼ିଯିବା ପରି ଅର୍ଜୁନଙ୍କ ଶରଘାତରେ ଛିନ୍ନବିଚ୍ଛିନ୍ନ ହୋଇ ଚତୁର୍ଦ୍ଦିଗକୁ ପଳାୟନ କଲେ । ଏଥିରେ ଦୁଃଶାସନ କ୍ରୋଧାନ୍ୱିତ



Digitized by srujanika@gmail.com

ହୋଇ ଗଜସୈନ୍ୟସମନ୍ୱିତ ତାଙ୍କର ସୈନ୍ୟବଳ ଧରି ଅର୍ଜୁନଙ୍କୁ ଘେରିଗଲେ । ଧନଞ୍ଜୟ ପୁତ୍ରଶୋକ ଓ ନିଜର ପ୍ରତିଜ୍ଞାର କଥା ଚିନ୍ତା କରି ନିର୍ମମଭାବରେ ଶର ବର୍ଷଣ କରିବାକୁ ଲାଗିଲେ ଓ ତାଙ୍କର ଅବ୍ୟର୍ଥ ଶରଜାଳରେ ଚତୁର୍ଦ୍ଦିଗରେ ପଗଡ଼ି ଓ କୁଣ୍ଡଳଭୂଷିତ ମସ୍ତକସମୂହ ଦେହରୁ ବିଚ୍ଛିନ୍ନ ହୋଇ ଭୂମିରେ ପଡ଼ିବାକୁ ଲାଗିଲା । ସେତେବେଳେ ମନେହେଲା, ଯେପରିକି କୁନ୍ତୀପୁତ୍ର ଦେବାର୍ଚ୍ଚନପାଇଁ ପଦ୍ମପୁଷ୍ପ ଚୟନ କରୁଛନ୍ତି । ଦୁଃଶାସନ ଅର୍ଜୁନଙ୍କ ପ୍ରତିପକ୍ଷ ହୋଇ ବେଶୀସମୟ ଠିଆହେବା ସମ୍ଭବ ନୁହେ । ସେ ନିଜର ସୈନ୍ୟମାନଙ୍କର ଏ ବିପର୍ଯ୍ୟୟ ଦେଖି ଦ୍ରୋଣଙ୍କ ପାଖକୁ ପଳାୟନ କଲେ ।

ସବ୍ୟସାଚୀଙ୍କର ଦ୍ରୁତଗାମୀ ରଥ ଶୀଘ୍ର ଦ୍ରୋଣଙ୍କ ପାଖରେ ଯାଇ ପହଞ୍ଚିଲା । ଅର୍ଜୁନ ଆଚାର୍ଯ୍ୟଙ୍କୁ ପ୍ରଣିପାତ କରି କହିଲେ, "ଗୁରୁଦେବ ! ପୁତ୍ରଶୋକରେ ଅଧୀରହୋଇ ଆଜି ଜୟଦ୍ରଥକୁ ନିହତ କରିବାପାଇଁ ମୁଁ ଏକ ଦୁଷ୍କର କାର୍ଯ୍ୟର ଶପଥ ନେଇଛି । ଆପଣ ସର୍ବଦା ଆମର ମଙ୍ଗଳଚିନ୍ତା କରି ଆସିଛନ୍ତି । ଆପଣଙ୍କ ଆଶୀର୍ବାଦ ବିନା ମୁଁ କେବେହେଲେ ସଫଳକାମ ହୋଇପାରିବି ନାହିଁ । ଅଶ୍ୱତ୍ଥାମା ଯେପରି ଆପଣଙ୍କର ରକ୍ଷଣୀୟ, ମୁଁ ମଧ୍ୟ ସେହିପରି । ଆପଣ ମୋତେ ସାହାଯ୍ୟ କରନ୍ତୁ ।"

ଦ୍ରୋଣ ହସି ହସି ଉତ୍ତର ଦେଲେ, "ଅର୍ଜୁନ, ମୁଁ ଜୟଦ୍ରଥକୁ ରକ୍ଷା କରିବାପାଇଁ ପ୍ରତିଶ୍ରୁତି ଦେଇଛି । ତୁମେ ମୋତେ ପରାସ୍ତ ନ କରି ଆଗକୁ ଯାଇପାରିବ ନାହିଁ ।" ଏହା କହି ସେ ଶୀଘ୍ର ଅର୍ଜୁନଙ୍କ ଆଡ଼କୁ ବହୁ ଶର ନିକ୍ଷେପ କଲେ । ଅର୍ଜୁନ ମଧ୍ୟ ପ୍ରତ୍ୟୁତ୍ତରରେ ଶର ବର୍ଷଣ କରିବାକୁ ଲାଗିଲେ । ମୁହୂର୍ତ୍ତକ ମଧ୍ୟରେ ଉଭୟ ଉଭୟଙ୍କ ପ୍ରତି ଯେଉଁ ଶର ବର୍ଷଣ କଲେ ସେଥିରେ ସେମାନଙ୍କର ରଥ ଲୁକ୍କାୟିତ ହୋଇଗଲା ।

## ଗୁରୁ, ଶତ୍ରୁ ନୁହଁନ୍ତି

ଶ୍ରୀକୃଷ୍ଣ ଜାଣିଲେ, ଏପରି ଯୁଦ୍ଧ କରୁଥିଲେ କେବଳ ଦ୍ରୋଣଙ୍କ ପାଖରେ ବେଳବୁଡ଼ିଯିବ; ସୂର୍ଯ୍ୟ ଅସ୍ତ ହୋଇଯିବେ ଓ ଅର୍ଜୁନ ବ୍ୟୂହ ଭେଦ କରି ଜୟଦ୍ରଥଙ୍କ ପାଖକୁ ଯାଇ ପାରିବେ ନାହିଁ । ସେ ଅର୍ଜୁନଙ୍କୁ କହିଲେ, "ପାର୍ଥ ! ଆଉ ଏଠାରେ ବିଳମ୍ବ କର ନାହିଁ । ଏ ବ୍ରାହ୍ମଣ ଏହିପରି ଅବିଶ୍ରାନ୍ତ ଲଢ଼ୁଥିବ ।" ଏହା କହି ଅତି ବେଗରେ ସେ ଅର୍ଜୁନଙ୍କ ରଥର ଘୋଡ଼ାମାନଙ୍କୁ ଦଉଡ଼ାଇ ଦେଲେ ।

ଦ୍ରୋଣ ପଛରୁ ଡାକୁଥାନ୍ତି, "ଅର୍ଜୁନ ! ତୁମ ପକ୍ଷରେ ଏପରି ଯିବା ଠିକ୍ ହେଉ ନାହିଁ । ତୁମେ ସର୍ବ ଗର୍ବ କର ଯେ ଶତ୍ରୁକୁ ପରାସ୍ତ ନ କରି ଆଗକୁ ଯାଅ ନାହିଁ ।"

Digitized by srujanika@gmail.com

ଅର୍ଜୁନ ପଛକୁ ଚାହିଁ କହିଲେ, "ଆପଣ ମୋ'ର ଗୁରୁ, ଶତ୍ରୁ ନୁହନ୍ତି । ମୁଁ ଆପଣଙ୍କର ପୁତ୍ରତୁଲ୍ୟ । ଆପଣଙ୍କୁ ପରାସ୍ତ କରିବ, ଏପରି କିଏ ଅଛି ?" ଏହିପରି କହି ଅତି ଦ୍ରୁତଗତିରେ କୃଷ୍ଣ ଓ ଅର୍ଜୁନ ଦ୍ରୋଣଙ୍କ ବ୍ୟୂହ ଭେଦକରି ଭିତରକୁ ପଶିଗଲେ । ଅର୍ଜୁନଙ୍କ ପୃଷ୍ଠରକ୍ଷକ ଯୁଧାମନ୍ୟୁ ଓ ଉତ୍ତମୌଜା ତାଙ୍କ ପଛେ ପଛେ ବି ଚାଲିଗଲେ ।

କିନ୍ତୁ ସେଠାରେ କୃତବର୍ମାଙ୍କ ସମେତ ବହୁ ପ୍ରଧାନ ଯୋଦ୍ଧା ତାଙ୍କର ଅପେକ୍ଷାରେ ରହିଥିଲେ । ଭୋଜରାଜ କୃତବର୍ମା ଓ କାମ୍ବୋଜରାଜ ସୁଦକ୍ଷିଣଙ୍କ ସହିତ ତାଙ୍କର ତୁମୁଳ ସଂଗ୍ରାମ ହେଲା । କୃତବର୍ମା ମୂର୍ଚ୍ଛିତ ହୋଇ ରଥରେ ପଡ଼ିଗଲେ । ତାଙ୍କୁ ସାହାଯ୍ୟ କରିବାକୁ ଆସିଲେ ଶୂରସେନ ଦେଶୀୟ ରାଜା ଶ୍ରୁତାୟୁଧ ।

## ଆତ୍ମଘାତୀ ଗଦା

ଅର୍ଜୁନ ଶୀଘ୍ର ଶ୍ରୁତାୟୁଧଙ୍କର ସାରଥି ଓ ଅଶ୍ୱମାନଙ୍କୁ ନିହତ କରନ୍ତେ, ସେ ତାଙ୍କର ଗଦା ଉଦ୍ୟତ କରି ଅର୍ଜୁନଙ୍କ ଆଡ଼କୁ ଦୌଡ଼ି ଆସିଲେ । ଶ୍ରୁତାୟୁଧଙ୍କର ଗଦା ଅମୋଘ ଥିଲା । ତାହା ତାଙ୍କର ପିତା ବରୁଣ ତାଙ୍କୁ ଦେଇଥିଲେ । ଶ୍ରୁତାୟୁଧଙ୍କର ମାତା ପର୍ଣ୍ଣାଶା ପୁତ୍ର ଜନ୍ମପରେ ବରୁଣଙ୍କୁ ପ୍ରାର୍ଥନା କରିଥିଲେ ଯେ ତାଙ୍କର ପୁତ୍ର ଅମର ହେଉ । ବରୁଣ କହିଲେ ସଂସାର ମରଣଶୀଳ, ସେଥିରେ କେହି ଅମର ହୋଇ ପାରିବ ନାହିଁ; କିନ୍ତୁ ତୁମର ପୁତ୍ର ଆମ୍ଭ ଦତ୍ତ ଅସ୍ତ୍ରପ୍ରଭାବରେ ସମସ୍ତ ଜଗତରେ ଦୁର୍ଦ୍ଧର୍ଷ ହେବ" ।

ଏହା କହି ବରୁଣ ଶ୍ରୁତାୟୁଧଙ୍କୁ ଏକ ମନ୍ତ୍ରିତ ଗଦା ଅର୍ପଣ କରି କହିଲେ, "ହେ ବତ୍ସ, ଯୁଦ୍ଧ ନ କରୁଥିବା ଲୋକ ପ୍ରତି ଏ ଗଦା ନିକ୍ଷେପ କରିବ ନାହିଁ; ଯଦି କର, ତା' ହେଲେ ଏ ଗଦା ତୁମ ଉପରେ ଆସି ପଡ଼ିବ ।"

ଶ୍ରୁତାୟୁଧ ଏହି ଗଦାକୁ ଅର୍ଜୁନଙ୍କ ପ୍ରତି କ'ଣ ନିକ୍ଷେପ କରିବେ, କୃଷ୍ଣଙ୍କ ପ୍ରତି ଲକ୍ଷ୍ୟ କରି ପକାଇଲେ । ଏହି ଗଦା ଜନାର୍ଦ୍ଦନଙ୍କ ହୃଦୟରେ ବାଜି ଶୀଘ୍ର ଫେରିଗଲା ଓ ଶ୍ରୁତାୟୁଧଙ୍କ ଉପରେ ପଡ଼ି ତାଙ୍କୁ ନିହତ କଲା । କାମ୍ବୋଜରାଜ ସୁଦକ୍ଷିଣ ଶ୍ରୁତାୟୁଧଙ୍କ ମୃତ୍ୟୁ ଦେଖି ନିଜର ଏକ ଅବ୍ୟର୍ଥ ଶକ୍ତିକୁ ଅର୍ଜୁନଙ୍କ ପ୍ରତି ନିକ୍ଷେପ କଲେ । ଅର୍ଜୁନ ଏହି ଶକ୍ତିରେ ଆହତ ହୋଇ ଅତି ବ୍ୟଥା ଅନୁଭବ କଲେ । ମାତ୍ର ଶୀଘ୍ର ଏକ ତୀକ୍ଷ୍ଣ ଶରରେ ବାତଭଗ୍ନ ବୃକ୍ଷ ପରି ସୁଦକ୍ଷିଣଙ୍କ ଶରୀରକୁ ଭୂପାତିତ କଲେ । ଅର୍ଜୁନଙ୍କ ବିରୋଧ କରିବାକୁ କେହି ସମର୍ଥ ହେଲେ ନାହିଁ ଓ ଚତୁର୍ଦ୍ଦିଗରେ ଗଜ, ବାଜି ଓ ମନୁଷ୍ୟମାନଙ୍କର ଶରୀର ଭୂପତିତ ହେବାକୁ ଲାଗିଲା ।

ଶ୍ରୁତାୟୁ ଓ ତାଙ୍କର ଭ୍ରାତା ଅଚ୍ୟୁତାୟୁ ଏ ଅବସ୍ଥା ଦେଖି ଅର୍ଜୁନଙ୍କ ପ୍ରତିରୋଧ କରିବାପାଇଁ ମାଡ଼ି ଆସିଲେ । ଅଚ୍ୟୁତାୟୁ ଜଣେ ବିଖ୍ୟାତ ଯୋଦ୍ଧା ଥିଲେ । ସେ ଅର୍ଜୁନଙ୍କ ସଙ୍ଗେ ଯୁଦ୍ଧ କରୁ କରୁ ଏପରି ଗୋଟିଏ ଭୟାନକ ଶୂଳ ପ୍ରୟୋଗ କଲେ,

Digitized by srujanika@gmail.com

ଯାହାକି ଅର୍ଜ୍ଜୁନଙ୍କ ଷତ ବକ୍ଷସ୍ଥଳରେ ଯାଇ ବାଜିଲା । ଏଥିରେ ଏହି ବୀରଶ୍ରେଷ୍ଠ ମୂର୍ଚ୍ଛିତ ହୋଇ ଧ୍ୱଜ-ଯଷ୍ଟିକୁ ଧରି ରହିଗଲେ । ଧନଞ୍ଜୟ ହାତ ବୋଲି ସ୍ଥିରଆଡ଼େ କୌରବ ସୈନ୍ୟ ସିଂହନାଦ କଲେ, ମାତ୍ର କୃଷ୍ଣଙ୍କଦ୍ୱାରା ଆଶ୍ୱସ୍ତ ହୋଇ ଅର୍ଜ୍ଜୁନ ଶୀଘ୍ର ଚେତନାପ୍ରାପ୍ତ ହେଲେ ଓ ଏ ଦୁଇ ଭାଇଙ୍କୁ ନିହତ କରି ଜୟଦ୍ରଥ ଯେଉଁଠାରେ ଥିଲେ, ସେ ଆଡ଼କୁ ଧାବମାନ ହେଲେ ।

## ଦୁର୍ଯ୍ୟୋଧନଙ୍କ ବ୍ୟାକୁଳତା

ସିନ୍ଧୁରାଜଙ୍କ ନିକଟକୁ ଅର୍ଜ୍ଜୁନଙ୍କ ରଥ ଧାବମାନ ହେଉଥିବାର ଲକ୍ଷ୍ୟ କରି ଦୁର୍ଯ୍ୟୋଧନ ଅତିଶୟ ବ୍ୟାକୁଳ ହୋଇ ଦ୍ରୋଣଙ୍କ ପାଖକୁ ଯାଇ ଏହି ଅଭିଯୋଗ କଲେ, "ହେ ଆଚାର୍ଯ୍ୟ ! ଆପଣଙ୍କ ଆଜିର ଯୁଦ୍ଧ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଉଚି । ଆପଣଙ୍କୁ କେହି ଯୁଦ୍ଧରେ ପରାସ୍ତ କରି ପାରିବେ ନାହିଁ ଓ ଆପଣ ଜୟଦ୍ରଥ-ରକ୍ଷାର ଭାର ଗ୍ରହଣ କରିଛନ୍ତି; କିନ୍ତୁ କିପରି ପାଣ୍ଡୁନନ୍ଦନ ଅର୍ଜ୍ଜୁନ ଆପଣଙ୍କୁ ଅତିକ୍ରମ କରି ଚାଲିଗଲେ ? ଜଣାଯାଉଚି, ଆପଣ ଅର୍ଜ୍ଜୁନଙ୍କୁ ସାହାଯ୍ୟ କରିବାପାଇଁ ବଦ୍ଧପରିକର । ମୁଁ ଯଦି ଏହା ଜାଣିଥାନ୍ତି; ତା' ହେଲେ ଜୟଦ୍ରଥଙ୍କୁ ପଳାଇଯିବାପାଇଁ ପରାମର୍ଶ ଦେଇଥାନ୍ତି । ବର୍ତ୍ତମାନ ଅର୍ଜ୍ଜୁନ-ହାତରୁ ଜୟଦ୍ରଥଙ୍କୁ ଆଉ ରକ୍ଷା କରିବା ସମ୍ଭବ ନୁହେଁ, ଆପଣଙ୍କର ଯଦି ପ୍ରକୃତରେ ଜୟଦ୍ରଥଙ୍କୁ ରକ୍ଷାକରିବାର ଇଚ୍ଛା ଥାଏ, ତା'ହେଲେ ଅର୍ଜ୍ଜୁନର ପଥରୋଧ କରନ୍ତୁ ।"

ଦ୍ରୋଣ କହିଲେ, "ତୁମେ ମୋ ପ୍ରତି ଯେଉଁ ମିଥ୍ୟା ଅଭିଯୋଗ ଆରୋପ କରୁଚ, ମୁଁ ସେଥିରେ ଦୁଃଖିତ ନୁହେଁ । ତୁମେ ମୋର ପୁଅପରି । ଏପରିକି ଅଶ୍ୱତ୍ଥାମାଠାରୁ ମଧ୍ୟ ମୁଁ ତୁମକୁ ଭଲପାଏ । ତୁମେ ଅତିଶୟ କ୍ଷୁବ୍ଧ ହୋଇ ଅନେକ କଥା କହିଗଲ । ତୁମେ ଜାଣ ନାହିଁ ଯେ, ମୁଁ ଅର୍ଜ୍ଜୁନର ଗତିରୋଧ ନକରି ତାକୁ ଛାଡ଼ିନାହିଁ । କୃଷ୍ଣ ଅତି ଦ୍ରୁତବେଗରେ ରଥ ଚାଳନା କରି ଚାଲିଗଲେ । ମୁଁ ବର୍ତ୍ତମାନ ବୃଦ୍ଧ ହେଲିଣି, ତାଙ୍କୁ ଗୋଡ଼ାଇ ଧରିବା ମୋ ପକ୍ଷରେ ସମ୍ଭବ ନୁହେଁ ।

"ତୁମେ ସାଧ୍ୟମତେ ଯୁଦ୍ଧ କର । ଅନ୍ୟ ପ୍ରଧାନ ପ୍ରଧାନ ଯୋଦ୍ଧା ଓ ସେନାପତିମାନେ ଜୟଦ୍ରଥଙ୍କୁ ଘେରି ରହିଛନ୍ତି । ତୁମର ଭୟକରିବାର କାରଣ କ'ଣ ? ଏବେ ମୁଁ ତୁମକୁ ଏକ ଅଦ୍ଭୁତ ବର୍ମ ଦାନ କରୁଛି । ଏ ବର୍ମ ପରିଧାନ କଲେ ତୁମକୁ କୌଣସି ଅସ୍ତ୍ର ଭେଦ କରି ପାରିବ ନାହିଁ । ଯାଅ, ଶୀଘ୍ର ଅର୍ଜ୍ଜୁନଙ୍କର ସମ୍ମୁଖୀନ ହୁଅ । ବର୍ତ୍ତମାନ ଅର୍ଜ୍ଜୁନ ନ ଥିବାଯୋଗୁଁ ଯୁଧିଷ୍ଠିର ଆଶ୍ରୟହୀନ । ମୁଁ ତାଙ୍କୁ ଜୀବିତାବସ୍ଥାରେ ଧରିନେବାପାଇଁ ଯେଉଁ ପ୍ରତିଶ୍ରୁତି ଦେଇଛି, ତାହାକୁ ପାଳନ କରୁଚି । ଏହା ଛଡ଼ା ମୁଁ ଯଦି ଚାଲିଯାଏ, ତୁମର ସେନା ଭଗ୍ନ ହୋଇଯିବ ।"

Digitized by srujanika@gmail.com

## ଦୁର୍ଯ୍ୟୋଧନଙ୍କ ବର୍ମ

ଦ୍ରୋଣଙ୍କଦ୍ୱାରା ଏହିପରିଭାବରେ ଆଶ୍ୱସ୍ତହୋଇ ଓ ବର୍ମ ପରିଧାନ କରି ଦୁର୍ଯ୍ୟୋଧନ "ଧନଞ୍ଜୟ, ରହ, ରହ" ବୋଲି ଧ୍ୱନି କରି ଅର୍ଜୁନଙ୍କ ପ୍ରତି ଧାବିତ ହେଲେ ।

କୃଷ୍ଣ ଏହାଦେଖି ଅର୍ଜୁନଙ୍କୁ କହିଲେ, "ପାର୍ଥ, ବଡ଼ ଆଶ୍ଚର୍ଯ୍ୟ କଥା ମୁଁ ଦେଖୁଚି, ଦୁର୍ଯ୍ୟୋଧନ ତୁମକୁ ଯୁଦ୍ଧକୁ ଆହ୍ୱାନକରିବାକୁ ଆସିଚି । ସେ ତୁମକୁ ରାଜ୍ୟଚ୍ୟୁତ ଓ ବନବାସୀ କରାଇ ସମସ୍ତ ଦୁଃଖକଷ୍ଟ ଦେଇଚି । ବର୍ତ୍ତମାନ ଏହି ମୋଗ୍ୟୋଗ ତୁମ ହାତୁଡ଼ରେ, ତାକୁ ଛାଡ଼ ନାହିଁ ।"

ଅର୍ଜୁନ ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହେଲା ଏବଂ ଅର୍ଜୁନଙ୍କ ସମସ୍ତ ଶରସନ୍ଧାନ ବ୍ୟର୍ଥ ହେଲା । କୃଷ୍ଣ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ଅର୍ଜୁନ, କି'ଣ ତୁମର ଗାଣ୍ଡୀବଧନୁ ନିସ୍ତେଜ ହୋଇଗଲା ?"

ଅର୍ଜୁନ ଟିକିଏ ଚିନ୍ତା କରି କହିଲେ, "ମୁଁ ଦୁର୍ଯ୍ୟୋଧନର କୌଶଳ ବୁଝିପାରୁଚି । ସେ ଦ୍ରୋଣଦତ୍ତ ଏକ ବର୍ମ ପରିଧାନ କରିଚି, ବଳଦ ବାଘଛାଲ ପରିଧାନ କରିବାପରି । ସେ ଜାଣେ ନାହିଁ ଯେ, ଏ ବର୍ମକୁ ଭେଦ କରିବାର ବାଣ ମୋ ପାଖରେ ଅଛି ।"

ଏହା କହି ଅର୍ଜୁନ ଏହିସବୁ ବାଣକୁ ଅଭିମନ୍ତ୍ରିତ କରି ଶରାସନରେ ଯୋଜନା କରିଛନ୍ତି କି ନାହିଁ, ଦୂରରୁ ଅଶ୍ୱତ୍ଥାମା ସର୍ବଘାତୀ ଅସ୍ତ୍ରଦ୍ୱାରା ତାହାକୁ ଛେଦନ କରି ପକାଇଲେ । ଅର୍ଜୁନ ଦ୍ୱିତୀୟଥରପାଇଁ ଗୋଟିଏ ଅସ୍ତ୍ରକୁ ପ୍ରୟୋଗ କରନ୍ତି ନାହିଁ । ତେଣୁ ସେ ବର୍ମଦ୍ୱାରା ରକ୍ଷିତ ହୋଇନଥିବା ଦୁର୍ଯ୍ୟୋଧନଙ୍କ ହାତପାପୁଲିକୁ କେତୋଟି ଶରରେ ବିଦ୍ଧ କଲେ । ବର୍ମଧାରୀ ଦୁର୍ଯ୍ୟୋଧନ ଏଥିରେ ଅତିଶୟ ଆହତ ହୋଇ ପଳାୟନ କଲେ ।

ଦୁର୍ଯ୍ୟୋଧନ ଏହିପରି ପରାଭୂତ ହେବାରୁ କୃଷ୍ଣ ଶଙ୍ଖଧ୍ୱନି କଲେ ଓ ଏତେ ନିକଟରେ ପାଞ୍ଚଜନ୍ୟ ଶଙ୍ଖଧ୍ୱନି ଶୁଣିପାରି ଜୟଦ୍ରଥଙ୍କୁ ରକ୍ଷାକରୁଥିବା ସେନାପତି-ମାନେ ଅର୍ଜୁନଙ୍କୁ ଭେଟିବାପାଇଁ ପ୍ରସ୍ତୁତ ହୋଇଗଲେ ।

## ଯୁଧିଷ୍ଠିରଙ୍କ ଶଙ୍କା

ଏତେବେଳକୁ ଅପରାହ୍ଣ ହେଲାଣି । ଏଣେ ବ୍ୟୂହର ଦ୍ୱାରଦେଶରେ କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ହେଉଚି । ଦ୍ରୋଣ, ଯୁଧିଷ୍ଠିରଙ୍କୁ ଧରିବା-ପାଇଁ ବଦ୍ଧପରିକର, ମାତ୍ର ଅର୍ଜୁନଙ୍କ ଆଦେଶରେ ଧୃଷ୍ଟଦ୍ୟୁମ୍ନ, ଭୀମ ଓ ସାତ୍ୟକି ତାଙ୍କୁ ରକ୍ଷା କରୁଛନ୍ତି । ଦ୍ରୋଣ, ଧୃଷ୍ଟଦ୍ୟୁମ୍ନଙ୍କୁ ପରାସ୍ତ କଲେ ସାତ୍ୟକି ତାଙ୍କ ସହିତ ଲଢ଼ୁଛନ୍ତି । ସାତ୍ୟକିଙ୍କୁ ପରାସ୍ତ କଲେ ପୁଣି ଧୃଷ୍ଟଦ୍ୟୁମ୍ନ, ଏହିପରିଭାବରେ ସେମାନେ ଦ୍ରୋଣଙ୍କର ଉଦ୍ୟମକୁ ବ୍ୟର୍ଥ କରୁଛନ୍ତି, କିନ୍ତୁ ଦ୍ରୋଣ ଜଣେ ଅଜେୟ, ଅକ୍ଳାନ୍ତ ଯୋଦ୍ଧା । ୮୪ବର୍ଷ ବୟସରେ ମଧ୍ୟ ତାଙ୍କୁ ପରାସ୍ତ କରିବାର ଶକ୍ତି କାହାର

Digitized by srujanika@gmail.com

ନ ଥିଲା । ଦ୍ରୋଣଙ୍କଦ୍ୱାରା ପାଣ୍ଡବ ପକ୍ଷର ତୃମୂଳ ସୈନ୍ୟକ୍ଷୟ ହେବାକୁ ଲାଗିଲା ।

କୃଷ୍ଣଙ୍କ ପାଞ୍ଚଜନ୍ୟ ଧ୍ୱନି ଶୁଣିପାରି ଯୁଧିଷ୍ଠିର ସାତ୍ୟକିଙ୍କୁ ଡାକି କହିଲେ, "ସାତ୍ୟକି, କେବଳ ପାଞ୍ଚଜନ୍ୟ ଧ୍ୱନି ଶୁଣାଯାଉଛି । ଗାଣ୍ଡୀବ ଟଙ୍କାର ଶୁଭୁନାହିଁ । ମୋର ଭୟ ହେଉଛି ଯେ ଅର୍ଜୁନ କୌରବ ସେନାପତିମାନଙ୍କଦ୍ୱାରା ଅବରୁଦ୍ଧ ହୋଇ ଯୁଦ୍ଧରେ ନିହତ ହୋଇଛନ୍ତି ଓ କୃଷ୍ଣ କ୍ରୁଦ୍ଧ ହୋଇ ନିଜେ ଅସ୍ତ୍ର ଧାରଣ କରି ଯୁଦ୍ଧ କରୁଛନ୍ତି । ତା' ନ ହେଲେ କେବଳ ପାଞ୍ଚଜନ୍ୟ କାହିଁକି ଶୁଣାଯିବ ? ସାତ୍ୟକି, ତୁମଦ୍ୱାରା ଅସାଧ୍ୟ କିଛି ନାହିଁ । ତୁମର ଗୁରୁ ଅର୍ଜୁନ ବର୍ତ୍ତମାନ ଅତି ବିପଦରେ ପଡ଼ିଛନ୍ତି । ତୁମେ ଯାଅ, ଶୀଘ୍ର ତାଙ୍କୁ ସାହାଯ୍ୟ କର ।"

ସାତ୍ୟକିଙ୍କର ଅର୍ଜୁନଙ୍କ ସମ୍ପର୍କରେ କୌଣସି ସନ୍ଦେହ ନ ଥିଲେ ହେଁ ସେ ଯୁଧିଷ୍ଠିରଙ୍କ ଆଦେଶ ପାଳନ କରି ଗଲେ ଓ ଗଲାବେଳେ ଭୀମ ଓ ଧୃଷ୍ଟଦ୍ୟୁମ୍ନଙ୍କୁ "ଯୁଧିଷ୍ଠିରଙ୍କ ରକ୍ଷାଦାୟିତ୍ୱ ତୁମ ଉପରେ ରହିଲା" ବୋଲି କହିଗଲେ ।

ଅର୍ଜୁନ ଯେପରି ଦ୍ରୋଣଙ୍କୁ ପ୍ରଣିପାତ କରି ଚାଲି ଯାଇଥିଲେ, ସାତ୍ୟକି ମଧ୍ୟ ସେହିପରି ଚାଲିଗଲେ ଓ କୃତବର୍ମାଙ୍କୁ ପରାସ୍ତ କରି ଓ କାମ୍ବୋଜ ସୈନ୍ୟମାନଙ୍କର ପ୍ରତିରୋଧ ଭଗ୍ନ କରି ସେ ଅର୍ଜୁନଙ୍କର ସମୀପବର୍ତ୍ତୀ ହେଲେ ।

ଯୁଧିଷ୍ଠିର ଅର୍ଜୁନଙ୍କ ଜୀବନ ଆଶଙ୍କାରେ ଅବଶ୍ୟ ସାତ୍ୟକିଙ୍କୁ ପଠାଇଥିଲେ; କିନ୍ତୁ ସାତ୍ୟକିଙ୍କର ଆଗମନ ଅର୍ଜୁନଙ୍କୁ ଖୁବ୍ ସାହାଯ୍ୟ କଲା । କାରଣ ସେ ଓ ପରେ ଭୀମସେନ ଆସି ଭୂରିଶ୍ରବା ଓ କର୍ଣ୍ଣଙ୍କ ସହିତ ଲଢ଼ି ଅର୍ଜୁନଙ୍କର କାର୍ଯ୍ୟକୁ ସହଜ କରି ଦେଇଥିଲେ ।

ସାତ୍ୟକି ଯିବାର ବହୁ ସମୟ ଅତୀତ ହେବା ପରେ ଯୁଧିଷ୍ଠିର ପୁଣି ପାଞ୍ଚଜନ୍ୟ ଧ୍ୱନି ଶୁଣି ଓ ଗାଣ୍ଡୀବର ଟଙ୍କାର ଶୁଣି ନ ପାରି ଭୀମଙ୍କୁ ଡାକି କହିଲେ, "ମୁଁ ଅର୍ଜୁନଙ୍କ ସମ୍ପର୍କରେ ଶଙ୍କାକୁଳ ଏବଂ ଏକାକୀ ସାତ୍ୟକିଙ୍କୁ ପଠାଇ ମୁଁ ଘୋର ଶଙ୍କାରେ ସମୟ କଟାଉଛି । ଭୀମ, ତୁମେ ଯାଇ ମୋତେ ସମ୍ବାଦ ଦିଅ, ଅର୍ଜୁନ ଓ ସାତ୍ୟକି ଜୀବନରେ ଅଛନ୍ତି ତ ?"

ଏହିପରିସ୍ଥିତିରେ ଧର୍ମପୁତ୍ରଙ୍କଦ୍ୱାରା ଆଦିଷ୍ଟ ହୋଇ ଭୀମ ଧୃଷ୍ଟଦ୍ୟୁମ୍ନଙ୍କୁ ଡାକି କହିଲେ, "ପାଞ୍ଚାଳ, ମୁଁ ଯୁଧିଷ୍ଠିରଙ୍କର ଆଦେଶ ମାନି ଯାଉଛି । ତୁମକୁ ଧର୍ମପୁତ୍ର ଲାଗିଲେ" ।

ଧୃଷ୍ଟଦ୍ୟୁମ୍ନ କହିଲେ, ସେ ଜୀବିତ ଥିବାପର୍ଯ୍ୟନ୍ତ ଦ୍ରୋଣ, ଯୁଧିଷ୍ଠିରଙ୍କୁ ବନ୍ଦୀ କରି ପାରିବେ ନାହିଁ ।

ଭୀମ ଦ୍ରୋଣଙ୍କୁ ଅତିକ୍ରମ କରିବାବେଳେ ଦ୍ରୋଣ କହିଲେ, "ଅର୍ଜୁନ ଓ ସାତ୍ୟକି ମୋର ଅନୁମତି ଭିକ୍ଷା କରି ବ୍ୟୂହ ଭିତରକୁ ପଶିଛନ୍ତି । ତୁମେ ଅନୁମତି ମାଗିଲେ ମଧ୍ୟ ମୁଁ ଦେବି ନାହିଁ ।"

ଭୀମ କ୍ରୁଦ୍ଧ ହୋଇ କହିଲେ, "ଅର୍ଜୁନ ତୁମର ଅନୁମତି ମାଗି ଯାଇଥିବା ସମ୍ଭବ

Digitized by srujanika@gmail.com

ନୁହେଁ । ଯଦି ସେ ତାହା କରିଥାନ୍ତେ, ମୁଁ ତାଙ୍କ ପରି ନମ୍ର ନୁହେ ବା ଦୟାଳୁ ନୁହେ । ତୁମେ ଆମର ଆଚାର୍ଯ୍ୟ ଓ ପିତୃତୁଲ୍ୟ ହୋଇ ଯଦି ଆମ ସହିତ ଶତ୍ରୁତା କଲ, ଆମେ ମଧ୍ୟ ତୁମକୁ ଶତ୍ରୁଦୃଷ୍ଟିରେ ଦେଖିବାକୁ ସ୍ଥିର ।'' ଏହା କହି ଭୀମ ଶୀଘ୍ର ଦ୍ରୋଣଙ୍କ ରଥ ଉତ୍ତୋଳନ କରି ଦୂରକୁ ଫିଙ୍ଗି-ଦେଲେ । ଦ୍ରୋଣ କୌଣସିମତେ ରଥରୁ ଡେଇଁପଡ଼ି ଅନ୍ୟ ରଥ ଗ୍ରହଣ କଲେ, ମାତ୍ର ବାରମ୍ବାର ତାଙ୍କର ରଥ ଭଗ୍ନ ହେଲା । ଭୀମ ଏହି ଅବସ୍ଥାରେ ତାଙ୍କୁ ପରିତ୍ୟାଗ କରି ବ୍ୟୂହମଧ୍ୟକୁ ପ୍ରବେଶ କଲେ ଓ କୃତବର୍ମା, ଦୁଃଶାସନ ଏବଂ ଅନ୍ୟ କୌରବ ଯୋଦ୍ଧାମାନଙ୍କୁ ପରାଜିତ କରି ଅର୍ଜୁନଙ୍କ ନିକଟବର୍ତ୍ତୀ ହୋଇ ସିଂହନାଦ କଲେ । ତାଙ୍କର ସିଂହନାଦ, ପାଞ୍ଚଜନ୍ୟ-ଧ୍ୱନି, ଗାଣ୍ଡୀବ-ଟଙ୍କାର ଓ ସାତ୍ୟକିଙ୍କ ଶଙ୍ଖଧ୍ୱନି ଦୂରରୁ ଏକତ୍ର ଶୁଣିପାରି ଯୁଧିଷ୍ଠିର ସେମାନେ ନିରାପଦ ଅଛନ୍ତି ବୋଲି ଜାଣିପାରି ହୃଷ୍ଟ ହେଲେ ।

## ସାତ୍ୟକି ଓ ଭୂରିଶ୍ରବା

ପଦ୍ମବ୍ୟୂହଭିତରେ ସାତ୍ୟକି-ଭୂରିଶ୍ରବା ଓ ଭୀମ, କର୍ଣ୍ଣଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହୋଇଥିଲା । ଗୋଟିଏ ସମୟରେ ସାତ୍ୟକିଙ୍କୁ ଭୂତଳଶାୟୀ କରି ଭୂରିଶ୍ରବା ତାଙ୍କୁ ହତ୍ୟା କରିବାପାଇଁ ଖଡ୍ଗ ଉତ୍ତୋଳନ କରିଚନ୍ତି କୃଷ୍ଣ ଅର୍ଜୁନଙ୍କୁ କହିଲେ, "ଧନଞ୍ଜୟ, ସାତ୍ୟକି ତୁମକୁ ସାହାଯ୍ୟ କରିବାପାଇଁ ଆସିଛନ୍ତି । ସେ ଯୁଦ୍ଧରେ ଅତିକ୍ଳାନ୍ତ ଅବସ୍ଥାରେ ଥିବାବେଳେ ଭୂରିଶ୍ରବା ତାଙ୍କୁ ଭୂତଳଶାୟୀ କରି ହତ୍ୟା କରିବାପାଇଁ ଉଦ୍ୟତ । ତୁମେ ଏହାର ନୀରବ ଦର୍ଶକ ହୋଇ ରହିବା ଉଚିତ ନୁହେଁ, ସାତ୍ୟକି ତୁମର ଆଶ୍ରିତ, ପ୍ରିୟ-ସଖା ଓ ଶିଷ୍ୟ । ତୁମେ ତାଙ୍କୁ ରକ୍ଷାକର ।''

ସାତ୍ୟକି-ଭୂରିଶ୍ରବାଙ୍କର ଦ୍ୱନ୍ଦ୍ୱ ଯୁଦ୍ଧ-ବେଳେ ଅର୍ଜୁନ ଭୂରିଶ୍ରବାଙ୍କୁ ଶର ମାରିବା କ୍ଷାତ୍ରୋଚିତ ଧର୍ମବୋଲି ମନେ ନ କଲେ ମଧ୍ୟ, କୃଷ୍ଣଙ୍କର ତାଡ଼ନା ଓ ସାତ୍ୟକିଙ୍କ ପ୍ରତି ତାଙ୍କର ଅନୁରକ୍ତିଯୋଗୁଁ ସେ ଭୂରିଶ୍ରବାଙ୍କ ଉଦ୍ୟତ ହସ୍ତକୁ ଲକ୍ଷ୍ୟ କରି ଶର ସନ୍ଧାନ କଲେ । ଭୂରିଶ୍ରବାଙ୍କର ଖଡ୍ଗ ଧାରଣ କରିଥିବା ହସ୍ତ ଶରୀରରୁ ଛିନ୍ନ ହୋଇ ଭୂପତିତ ହେଲା । ଏଥିରେ ଭୂରିଶ୍ରବା ଅତିଶୟ ଦୁଃଖିତ ହୋଇ କୃଷ୍ଣ ଓ ଅର୍ଜୁନଙ୍କୁ ଧିକ୍କାର କଲେ ଓ ଜୀବନ ପ୍ରତି ମମତା ତ୍ୟାଗ କରି ଧ୍ୟାନସ୍ଥ ହୋଇ ବସିଲେ । ସାତ୍ୟକି ଏହାରି ସୁଯୋଗ ନେଇ ଯେତେବେଳେ ଭୂରିଶ୍ରବାଙ୍କ ଶିରଚ୍ଛେଦନ କଲେ, ଉପସ୍ଥିତ କ୍ଷତ୍ରିୟ ବୀରମାନେ ତାଙ୍କର ନିନ୍ଦା କରିବାକୁ ଲାଗିଲେ ।

## ଭୀମ ଓ କର୍ଣ୍ଣ

ଭୀମ ଓ କର୍ଣ୍ଣଙ୍କ ଯୁଦ୍ଧରେ କର୍ଣ୍ଣଭୀମଙ୍କ-ଦ୍ୱାରା ବାରମ୍ବାର ପରାସ୍ତ ଓ ରଥଚ୍ୟୁତ ହୋଇଥିଲେ, ଯାହାକି ସେତେବେଳେ ଅଦ୍ଭୁତ ବୋଧ ହେଲା; କିନ୍ତୁ ଶେଷରେ କର୍ଣ୍ଣ, ଭୀମଙ୍କୁ ନିରସ୍ତ୍ର କରି ନିଜର ଧନୁ-

Digitized by srujanika@gmail.com

ଧୂଳାରେ ତାଙ୍କ ଦେହକୁ ଛୁଇଁ କହିଲେ, "ତୁମେ ମୂର୍ଖ, ତୋରାଣି ପିଇବା ଲୋକ, ତୁମେ ଏ ଯୁଦ୍ଧଭୂମି ଛାଡ଼ି ନିଜ ଗୃହରେ ଯାଇ ଆଶ୍ରୟ କର ।" କର୍ଣ୍ଣ, ଭୀମଙ୍କୁ ମାରିଲେ ନାହିଁ; କାରଣ ସେ କୁନ୍ତୀଙ୍କ ଆଗରେ ପ୍ରତିଜ୍ଞା କରିଥିଲେ ଯେ କେବଳ ଅର୍ଜୁନଙ୍କ ଛଡ଼ା ଅନ୍ୟ କୌଣସି ପାଣ୍ଡବଙ୍କୁ ସେ ନିହତ କରିବେ ନାହିଁ ।

ଦୁର୍ଯ୍ୟୋଧନ କର୍ଣ୍ଣଙ୍କ ପାଖକୁ ଯାଇ କହିଲେ, "ହେ ରାଧେୟ, ତୁମେ ଏକମାତ୍ର ଅର୍ଜୁନଙ୍କୁ ଅବରୋଧ କରିବାକୁ ସମର୍ଥ । ତା' ନ ହେଲେ ଜୟଦ୍ରଥ ତାଙ୍କର କରଗତ ହେବେ ।"

କର୍ଣ୍ଣ ସେତେବେଳେ ଭୀମଙ୍କ ସହିତ ଯୁଦ୍ଧ କରି ଅତିଶୟ କ୍ଳାନ୍ତ, ଶ୍ରାନ୍ତ ହୋଇଥିଲେ ମଧ୍ୟ ଅର୍ଜୁନଙ୍କ ବିରୋଧ କରିବାପାଇଁ ତାଙ୍କ ସମ୍ମୁଖକୁ ରଥଚାଳନା କଲେ । ସେତେବେଳେ ସୂର୍ଯ୍ୟ ଅସ୍ତଗାମୀ ଓ ଶ୍ରୀକୃଷ୍ଣ ବୁଝିଥିଲେ କର୍ଣ୍ଣଙ୍କ ସହିତ ଯୁଦ୍ଧରେ ବୃଥା କାଳ ବିଳମ୍ବ ନ କରି ଅର୍ଜୁନ, ଜୟଦ୍ରଥଙ୍କୁ ଗ୍ରହଣ କରନ୍ତୁ । ସେଥିପାଇଁ ସେ ପାଞ୍ଚଜନ୍ୟ ଶଙ୍ଖଧ୍ୱନି କରି ତାଙ୍କ ନିଜର ସାରଥି ଦାରୁକଙ୍କୁ ଡକାଇଲେ । ଦାରୁକଙ୍କ ଚାଳିତ ଏକ ସୁସଜ୍ଜିତ ରଥରେ ସାତ୍ୟକି ଆରୋହଣ କରି କର୍ଣ୍ଣଙ୍କୁ ବାରଣ କରିବାପାଇଁ ତାଙ୍କ ସହିତ ତୁମୁଳ ଯୁଦ୍ଧରେ ପ୍ରବୃତ୍ତ ହେଲେ । କର୍ଣ୍ଣ, ସାତ୍ୟକିଙ୍କୁ ପରାସ୍ତ କରି ପାରିଲେ ନାହିଁ ।

ଏହି ସମୟ ମଧ୍ୟରେ ଅର୍ଜୁନ ଜୟଦ୍ରଥ ଓ ତାଙ୍କର ରକ୍ଷାକର୍ତ୍ତା ଅଶ୍ୱତ୍ଥାମା, କୃପାଚାର୍ଯ୍ୟ, ବୃଷସେନ, ଶଲ୍ୟ ଆଦିଙ୍କ ସହିତ ତୁମୁଳ ସଂଗ୍ରାମରେ ଲିପ୍ତ ହେଲେ । ସେତେବେଳକୁ ସୂର୍ଯ୍ୟ ଅସ୍ତାଚଳମୁଖୀ ହୋଇ ରକ୍ତବର୍ଣ୍ଣ ଦିଶିଲେଣି ।

## କୃଷ୍ଣ-ମାୟା

ଏହି ସମୟରେ ଶ୍ରୀକୃଷ୍ଣ ଏକ ଅଦ୍ଭୁତ ବିଭୂତି ଦେଖାଇଲେ । ସେ ନିଜର ମାୟାବଳରେ ସୂର୍ଯ୍ୟଙ୍କୁ ଅଦୃଶ୍ୟ କରିଦେଲେ । ସୂର୍ଯ୍ୟ ଅସ୍ତମିତ ଦେଖି କୌରବ-ସେନା ମଧ୍ୟରେ ଆନନ୍ଦର କୋଳାହଳ ଶୁଣାଗଲା । ଜୟଦ୍ରଥ ଓ ଅନ୍ୟ ମହାରଥୀ-ମାନେ ପଶ୍ଚିମ ଦିଗକୁ ଚାହିଁ ରହିଲେ ।

ଇତ୍ୟବସରରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ, 'ହେ ଗାଣ୍ଡୀବୀ, ତୁମେ ବର୍ତ୍ତମାନ କାଳ ବିଳମ୍ବ ନ କରି ଜୟଦ୍ରଥର ମସ୍ତକକୁ ଶୀଘ୍ର ଅପହରଣ କର । ମୁଁ ମାୟାବଳରେ ସୂର୍ଯ୍ୟଙ୍କୁ ଅଦୃଶ୍ୟ କରିଛି । ତୁମେ ଏହି କାର୍ଯ୍ୟ ସମ୍ପାଦନ କରିବାମାତ୍ରେ ପୁଣି ସୂର୍ଯ୍ୟ ଦୃଶ୍ୟମାନ ହେବେ; କିନ୍ତୁ ମନେରଖ, ଜୟଦ୍ରଥର ମସ୍ତକକୁ ଭୂପତିତ କରିବ ନାହିଁ । ସିନ୍ଧୁରାଜର ପିତା ବୃଦ୍ଧକ୍ଷତ୍ର ଏହି ବର ଲାଭ କରିଛନ୍ତି ଯେ, ତାଙ୍କର ପୁତ୍ରର ମସ୍ତକକୁ ଯେ ଭୂପାତିତ କରିବ, ତା'ର ନିଜର ମସ୍ତକ ଶତଧା ବିଦୀର୍ଣ୍ଣ ହୋଇଯିବ; ଅତଏବ ତୁମେ ଜୟଦ୍ରଥର ମସ୍ତକକୁ ଛେଦନ କରି ଆକାଶପଥରେ ଉଡ଼ାଇ ନିଅ ଓ ଯେଉଁଠାରେ ତା'ର ପିତା ତପସ୍ୟା କରୁଚି, ସେହି ସ୍ଥାନରେ ତା'ର କୋଳରେ ନେଇ ଏହି ମସ୍ତକକୁ ରଖିଦିଅ ।"

Digitized by srujanika@gmail.com

## ପ୍ରତିଜ୍ଞା ପାଳନ

ଅଦ୍ଭୁତକର୍ମା ଧନଞ୍ଜୟ ଶ୍ରୀକୃଷ୍ଣଙ୍କ ପରାମର୍ଶ ଅନୁସାରେ ଶୀଘ୍ର କାର୍ଯ୍ୟ କଲେ । ଜୟଦ୍ରଥଙ୍କ ମସ୍ତକ ଶରୀରରୁ ଛିନ୍ନ ହୋଇ ଆକାଶପଥରେ ଉଡ଼ିଗଲା ଓ କୁରୁକ୍ଷେତ୍ରର ଅଦୂରରେ ତପସ୍ୟାରତ ତାଙ୍କ ପିତାଙ୍କର କୋଳରେ ଯାଇ ପତିତ ହେଲା । ବୃଦ୍ଧକ୍ଷତ୍ର ନିଜ କୋଳରେ କ'ଣ ଗୋଟାଏ ପଡ଼ିଲା ବୋଲି ଉଠିଯିବା ମାତ୍ରେ ନିଜର ପୁତ୍ରର ମସ୍ତକ ଗଡ଼ିଯାଇ ତଳେ ପଡ଼ିଲା ଓ ସଙ୍ଗେ ସଙ୍ଗେ ବୃଦ୍ଧକ୍ଷତ୍ରଙ୍କର ମସ୍ତକ ଖଣ୍ଡ-ବିଖଣ୍ଡିତ ହୋଇଗଲା ।

ଏହି ସମୟରେ ପୁଣି ସୂର୍ଯ୍ୟ ପ୍ରକାଶିତ ହେଲେ ଓ ପାଣ୍ଡବ ସେନା ମଧ୍ୟରେ ତୁମୁଳ ହର୍ଷଧ୍ୱନି ସହିତ ପାଞ୍ଚଜନ୍ୟର ଜୟଧ୍ୱନି ନିନାଦିତ ହେଲା ।

ଅର୍ଜୁନ ତାଙ୍କର ପ୍ରତିଜ୍ଞା ଏହିପରି ନିଜର ବଳ, ବୀର୍ଯ୍ୟ ଓ ଶ୍ରୀକୃଷ୍ଣଙ୍କ ସହାୟତାରେ ପୂରଣ କରିଥିଲେ । ଗୀତାର ବାଣୀ—

"ଯତ୍ର ଯୋଗେଶ୍ୱରଃ କୃଷ୍ଣୋ,
ଯତ୍ର ପାର୍ଥୋ ଧନୁର୍ଦ୍ଧରଃ, ।
ତତ୍ର ଶ୍ରୀର୍ବିଜୟୋ ଭୂତି-
ର୍ଧ୍ରୁବା ନୀତି ର୍ମତିର୍ମମ" ।

ଉକ୍ତ ଏହିପରି ବିଭିନ୍ନ ଘଟଣାରେ ସାର୍ଥକ ହୋଇଥିଲା ।

ORIENT DISTRIBUTORS
&
Agencies Private Limited
MERIA BAZAR
CUTTACK-1.
Distributors of: ACC's Portland Cement, White Cement & Water Proofing Compound

Digitized by srujanika@gmail.com

ବନ୍ଧୁତା ଓ କର୍ତ୍ତବ୍ୟ
ମଧ୍ୟରେ ଦ୍ୱନ୍ଦ୍ୱ

# କୋଡ଼ିଏବର୍ଷ ପରେ

**—ଓ' ହେନେରୀ**

ଷ୍ଟ୍ରିଟରେ ଥିବା ପୋଲିସ ବେଶ୍ ଏକ ଭଙ୍ଗୀରେ ବଜାର ଉପରେ ବୁଲୁଛି । ଏ ଭଙ୍ଗୀଟା ଅଭ୍ୟାସଗତ; କାହାରିକୁ ଦେଖାଇ ହେବାପାଇଁ ନୁହେଁ । କାରଣ ସେତେବେଳକୁ ଖୁବ୍ କମ୍ ଦର୍ଶକ ଥାନ୍ତି । ରାତି ଦଶଟା ବାଜିଛି କି ନାହିଁ । କିନ୍ତୁ ବର୍ଷା ହୋଇ ଟିକିଏ କୁହୁଳିଆ ପାଗ ହୋଇଥିବା ଯୋଗୁଁ ରାସ୍ତା ପ୍ରାୟ ଶୂନଶାନ ହୋଇଯାଇଥାଏ ।

ପୋଲିସବାଲା ଯିବାବେଳେ ହାତରେ ଥିବା ତାର ବାଟନଟାକୁ ମଝିରେ ମଝିରେ ବୁଲାଉଥାଏ । ତଳରୁ ଉପରକୁ କରୁଥାଏ । ଯେଉଁ ଦୋକାନ ବନ୍ଦ ହୋଇ ଯାଇଛି ଦରଜା ବନ୍ଦ ଅଛି କି ନାହିଁ ପରୀକ୍ଷା କରି ଦେଖୁଥାଏ । ଦେଖିବାକୁ ଲୋକଟି ଖୁବ୍ ହୃଷ୍ଟପୁଷ୍ଟ । ବୁଲିବାର ମଧ୍ୟ ଗୋଟାଏ ଆଭିଜାତ୍ୟ ଅଛି । ବାସ୍ତବିକ ନଗର ଶାନ୍ତି-ରକ୍ଷକର ଏକ ଚମତ୍କାର ଚିତ୍ର ।

ରାସ୍ତାରେ ଅଧିକାଂଶ ବ୍ୟବସାୟୀଙ୍କ ଦୋକାନ ବନ୍ଦ ହୋଇଗଲାଣି । ଖାଲି ମଝିରେ ମଝିରେ କେଉଁଠି ପାନ, ସିଗାରେଟ୍ ଦୋକାନ ବା ରାତିସାରା ଯେଉଁମାନେ ଚା' ଜଳଖିଆ ଯୋଗାନ୍ତି, ସେହିମାନଙ୍କ ଦୋକାନ ଖୋଲା ଅଛି ।

ପୋଲିସବାଲା ବଜାରର ପ୍ରାୟ ଅଧାଅଧି ରାସ୍ତା ହୋଇ ଯିବା ପରେ ହଠାତ୍ ଟିକିଏ ନିଜର ଗତି ମନ୍ଥର କରି ଆଣିଲା । ଗୋଟାଏ ଲୁହା ଦୋକାନର ଦୁଆର ମୁହଁରେ ଜଣେ ଲୋକ ଆଉଜି ଠିଆ ହୋଇଛି । ଲୋକଟାର ମୁହଁରେ ଖଣ୍ଡେ ସିଗ୍ରେଟ୍ । ମାତ୍ର ତାହା ଲଗା ହୋଇନାହିଁ । ପୋଲିସବାଲା ଲୋକର ପାଖକୁ ଯିବାମାତ୍ରେ ଲୋକଟି ହଠାତ୍ କହି ଉଠିଲା—

"ମୋତେ ଭୁଲ୍ ବୁଝନ୍ତୁ ନାହିଁ । ମୁଁ ମୋର ଜଣେ ବନ୍ଧୁଙ୍କୁ ଅପେକ୍ଷା କରି ରହିଛି । ତାଙ୍କ ସହିତ ଏଇଠି ମୋର ଦେଖାହେବ ବୋଲି କୋଡ଼ିଏ ବର୍ଷ ତଳେ କଥା ହୋଇଥିଲା । ଆପଣଙ୍କୁ ବୋଧହୁଏ କଥାଟା କେମିତିକା ଲାଗିବ । କିନ୍ତୁ ଏଥିରେ ଯେ ଟିକିଏ ମିଛ ନାହିଁ, ଆପଣ ଜାଣିବାକୁ ଚାହାଁନ୍ତି ତ ମୁଁ ବୁଝାଇ ଦେଉଛି । କୋଡ଼ିଏ ବର୍ଷ ତଳେ ଠିକ୍ ଏଇଠି ଗୋଟାଏ ରେସ୍ତୋରାଁ ଥିଲା, ଏବେ ଯେଉଁଠି ଲୁହା ଦୋକାନ ହୋଇଛି ।"

ପୋଲିସବାଲା କହିଲା, "ପାଞ୍ଚବର୍ଷ ତଳେ ବି ଥିଲା । ପରେ ତାକୁ ଭାଙ୍ଗି ଦିଆଯାଇ ତା' ସ୍ଥାନରେ ଏ ଦୋକାନ ହୋଇଛି ।"

Digitized by srujanika@gmail.com



ଦୁଆର ମୁହଁରେ ଆଉଜି ଥିବା ଲୋକଟି ଦିଆସିଲି ମାରି ତା'ର ସିଗ୍‌ରେଟ୍‌ଟା ଲଗାଇଲା । ସେତେବେଳେ ମୁହଁଟା ପରିଷ୍କାର ଦେଖାଗଲା—କଲପାଟି ଆୟତାକାର, ଡାହାଣ ଭ୍ରୂଲତା ପାଖରେ ଏକ ଧଳା କ୍ଷତ ଚିହ୍ନ; ବିଶେଷତଃ ଆଖି ଦୁଇଟା ସରୁ ଯେପରି ଜାଣିବାକୁ ଚାହେଁ ।

Digitized by srujanika@gmail.com

## ୨୦ବର୍ଷ ତଳର ରେସ୍ତୋରାଁ

ଲୋକଟି କହିବାକୁ ଲାଗିଲା, "ଆଜ ରାତିର ଠିକ୍ କୋଡ଼ିଏ ବର୍ଷ ତଳେ ମୋର ସବୁଠାରୁ ବଡ଼ ସାଙ୍ଗ ଜିମି-ପୂରାନାମ ଜିମି ଉଏଲ୍ସ. ଦୁନିଆରେ ତା' ପରି ସାଙ୍ଗଟିଏ କୋଟିକରେ ଗୋଟିଏ ଥିବେ କି ନାହିଁ—ଦୁଇଜଣଯାକ ଏଇଠାରେ ଥିବା ରେସ୍ତୋରାଁରେ ବସି ଖାଉଥିଲୁ । ଏହି ନିଉୟର୍କ ସହରରେ ସେ ଓ ମୁଁ ଦୁଇଭାଇ ଭଳି ବଢ଼ିଥିଲୁ । କୋଡ଼ିଏ ବର୍ଷ । ତା' ଆରଦିନ ସକାଳୁ ମୋତେ ପଶ୍ଚିମ ଅଞ୍ଚଳମୁଖରେ ଭାଗ୍ୟର ଅନ୍ୱେଷଣରେ ଯିବାକୁ ହେବ । ଜିମିକୁ ସାଙ୍ଗରେ ନେବା ଅସମ୍ଭବ । ସେ ନିଉୟର୍କ ଛାଡ଼ି କୁଆଡ଼େ ଯିବାକୁ ପ୍ରସ୍ତୁତ ନ ଥିଲା । ତାର ଦୁନିଆ ଥିଲା ଏଇ ସହରଟା । ସେ ଯାହାହେଉ, ଆମ ଦୁଇଜଣଙ୍କ ଭିତରେ ଏଇଆ ସ୍ଥିର ହେଲା ଯେ, ସେ ଦିନ, ସେ ସମୟର ଠିକ୍ କୋଡ଼ିଏବର୍ଷ ପରେ ଆମ ଦୁଇଜଣଙ୍କର ଏଇ ସ୍ଥାନରେ ସାକ୍ଷାତ୍ ହେବ । ଯେ ଯେଉଁ ଅବସ୍ଥାରେ, ଯେତେ ଦୂରରେ ଥାଉନା କାହିଁକି, ଏହି ପ୍ରତିଶ୍ରୁତି ରକ୍ଷା କରିବାକୁ ହେବ । ଆମେ ଧରିନେଲୁ ଯେ କୋଡ଼ିଏବର୍ଷ ସମୟ ମଧ୍ୟରେ ଆମ ଦୁଇଜଣଙ୍କର ଯାହା ଭାଗ୍ୟରେ ଯାହାଥିବ, ହୋଇ ଯାଇଥିବ ।"

ପୋଲିସବାଲା କହିଲା, "କଥାଟାତ ଶୁଣିବାକୁ ବେଶ୍ ଲାଗୁଛି । ଏତେ ବ୍ୟବଧାନରେ ପୁଣି ଦେଖା ! ତୁମେ ଏସହର ଛାଡ଼ିବା ପରେ ତୁମ ସାଙ୍ଗ ବିଷୟରେ କି'ଣ କିଛି ଖବର ପାଇନାହିଁ ?"

ଅନ୍ୟଜଣଙ୍କ ଉତ୍ତର ଦେଲା, "ହଁ କିଛିଦିନ ଆମ ଭିତରେ ଚିଠିପତ୍ର ଦିଆନିଆ ହୋଇଛି । କିନ୍ତୁ ତା' ପରେ ଆମେ କେହି କାହାର ଖବର ରଖି ପାରିଲୁ ନାହିଁ । ପଶ୍ଚିମାଞ୍ଚଳ କହିଲେ, କେତେ ବଡ ବୁଝୁଥିବ । ମୁଁ ବହୁଆଡ଼େ ବେଶ୍ ଫୁର୍ତ୍ତିରେ ବୁଲିବାରେ ଲାଗିଲି । କିନ୍ତୁ ମୁଁ ଜାଣେ ଯେ ଜିମି ଯଦି ବଞ୍ଚିଥିବ, ସେ ନିଶ୍ଚୟ ମୋତେ ଏଠି ସାକ୍ଷାତ୍ କରିବ । କାରଣ ତା' ପରି ବିଶ୍ୱସ୍ତ ବନ୍ଧୁ ଦୁନିଆରେ ଖୁବ୍ କମ୍ ମିଳିବେ । ସେ କେବେ ସେଦିନର କଥା ଭୁଲି ନ ଥିବ । ମୁଁ ଏଇ ଦୁଆର ମୁହଁରେ ଠିଆ ହେବାପାଇଁ ହଜାରେ ମାଇଲ୍ ଦୂରରୁ ଆସିଛି । ମୋର ସାଙ୍ଗ ଯଦି ଆସିଥାଏ, ତା' ହେଲେ ମୋ'ର ଆସିବାଟା ନିଶ୍ଚୟ ସାର୍ଥକ ହେବ ।"

ଅପେକ୍ଷାକାରୀ ବ୍ୟକ୍ତି ଶ୍ରେଷ୍ଠ ଶ୍ରେଷ୍ଠ ଡାଏମଣ୍ଡ ଖଞ୍ଜା ଏକ ସୁନ୍ଦର ଘଣ୍ଟା ବାହାର-କରି କହିଲା, "ଦଶଟା ବାଜିବାକୁ ତିନି ମିନିଟ ଅଛି । ଏଇ ଦୁଆର ମୁହଁରେ ଆମେ ଯେତେବେଳେ ପରସ୍ପରକୁ ବିଦାୟ ନେଲୁ ଠିକ୍ ଦଶଟା ବାଜିଥିଲା ।"

"ପଶ୍ଚିମରେ ତ ସମୟଟା ବେଶ୍ ଭଲରେ କଟିଥିବ ?" ପୋଲିସବାଲା ପଚାରିଲା ।

## ବହୁତ ମଉଜ କରିଛି

"ମୁଁ ବାଜି ଦେଇ କହିପାରେ, ମୁଁ ଯେମିତି ମଉଜ କରିଛି, ଜିମି ତାର ଅଧେ

Digitized by srujanika@gmail.com

ପାଇ ନ ଥିବ । ସେ ଖୁବ୍ ଭଲ ଲୋକ ହିଁ, କିନ୍ତୁ ଖାଲି ଚଳବାଟରେ ଚାଲିବା ଲୋକ । କେତେ ଲୋକଙ୍କ ସାଙ୍ଗରେ ମୋର ବୁଦ୍ଧିର ପରୀକ୍ଷା ନ ହୋଇଛି ! ନିଉୟର୍କ ସହରରେ ରହିଲେ ତୁମକୁ ଏକ ସଙ୍କୀର୍ଣ୍ଣ ଗଣ୍ଡି ଭିତରେ ରହିବାକୁ ହେବ । କିନ୍ତୁ ପଶ୍ଚିମାଞ୍ଚଳ—କେଡ଼େ ବିସ୍ତୀର୍ଣ୍ଣ ତାର ପରିବଳୟ !''

ପୋଲିସବାଲା ତାର ଚାଡ଼ଟାକୁ ବୁଲାଇ ପାହୁଣ୍ଡେ ଦି' ପାହୁଣ୍ଡ ଯାଇ କହିଲା, ''ଆଚ୍ଛା, ମୁଁ ମୋର କାମରେ ଚାଲିଲି । ତୁମର ସାଙ୍ଗ ଆସିବ ତ ? ପୁଣି ଠିକ୍ ସମୟରେ ?'

''ମୁଁ ତାହା କହି ପାରିବି ନାହିଁ । ମୁଁ ଏଠାରେ ଦଶଟା ପରେ ଆଉ ଅଧଘଣ୍ଟାଏ ଅପେକ୍ଷା କରିବି । ଯଦି ଜିମି ବଞ୍ଚିଥାଏ ତା'ହେଲେ ତା' ଭିତରେ ସେ ନିଶ୍ଚୟ ଆସିଯିବ ।''

''ତୁମର ଆଶା ସଫଳ ହେଉ ।'' ଏତିକି କହି ପୋଲିସବାଲା ଚାଲିଗଲା ।

## ଆଗନ୍ତୁକ

ଟିକିଏ ବର୍ଷା ପକାଇବାକୁ ଆରମ୍ଭ କଲାଣି । ଆଗରୁ ଯେଉଁ ଅଣ୍ଡାପବନ ଦେହିରେ ବାଜୁଥିଲା ସେ ଜୋରରେ ବହିବାକୁ ଲାଗିଲା । ଯେଉଁ କେତେଜଣ ପଦଯାତ୍ରୀ ଯାଉଥିଲେ, ସେମାନେ ତାଙ୍କର କୋଟର କଲରକୁ ଉପରକୁ ଟେକିଦେଇ ଓ ପକେଟ୍‌ରେ ହାତପୂରାଇ ଦ୍ରୁତ-ବେଗରେ ଚାଲିବାକୁ ଲାଗିଲେ ।

ହଜାର ମାଇଲ୍ ଦୂରରୁ ଆସିଥିବା ଯାତ୍ରୀ, କୋଡ଼ିଏବର୍ଷ ତଳର ବନ୍ଧୁଙ୍କ ସାକ୍ଷାତ୍‌ର ଅପେକ୍ଷାରେ ଲୁହାଦୋକାନର ଦ୍ୱାର-ଦେଶରେ ଠିଆହୋଇ ସିଗରେଟ ଟାଣିବାରେ ଲାଗିଲା ।

ପ୍ରାୟ କୋଡ଼ିଏ ମିନଟ୍ ସେ ଅପେକ୍ଷା-କରିଛି, ଏହି ସମୟରେ ଜଣେ ଦୀର୍ଘକାୟ-ବିଶିଷ୍ଟ ଏକ ଲମ୍ବା ଓଭରକୋଟ ପିନ୍ଧି ରାସ୍ତାର ବିପରୀତ ପଟୁ ଆସିବାର ଦେଖାଗଲା । ସେ ଅପେକ୍ଷାକରିଥିବା ଲୋକଟିକୁ ସମ୍ବୋଧନ କରି କହିଲା, ''କିଏରେ, ବବ୍‌ନା ?''

''ତୁ ତେବେ କ'ଣ ଜିମି ଉଏଲସ୍‌,'' ଅପେକ୍ଷାକାରୀ ସନ୍ଧିହାନ ହୋଇ ପଚାରିଲା ।

ଆଗନ୍ତୁକ ଜଣକ ତା'ର ଦୁଇହାତକୁ ନିଜହାତରେ ଜାକିଧରି କହିଲା, ''ଏତ ବବ୍ । ଆଉ କେହି ନୁହେଁ । ମୁଁ ନିଶ୍ଚିତଭାବରେ ଜାଣିଥିଲି ଯେ ତୁ ବଞ୍ଚିଥିଲେ ନିଶ୍ଚୟ ଏଠାକୁ ଆସିବୁ । କୋଡ଼ିଏବର୍ଷକାଳ । କ'ଣ କମ୍ ହେଲାଣି ? ପୁରୁଣା ରେସ୍ତୋରାଁଟା ଆଉ ନାହିଁ । ଥାଆନ୍ତାକି, ଏଇଠି ଆଜି ଆମେ ସାଙ୍ଗହୋଇ ଖାଇଥାନ୍ତେ । ପଶ୍ଚିମାଞ୍ଚଳରେ ତୋର କପରି ସମୟ କଟିଲା ?

''କ'ଣ କହିବି । ଯାହା ମୁଁ ଚାହିଁଛି, ତା ପାଇଛି । ଜିମି ତୁ ତ ବହୁତ ବଦଳି ଯାଇଛୁ । ମୁଁ କେବେ ଭାବିନଥିଲି ଯେ ତୁ ଦୁଇତିନିଇଞ୍ଚ ଅଧିକ ଡେଙ୍ଗା ହୋଇ ଯାଇଥିବୁ ।''

Digitized by srujanika@gmail.com

"ହଁ କୋଡ଼ିଏବର୍ଷ ବୟସ ହେବାପରେ ମୁଁ ଠିକ୍‌ଏ ଡେଙ୍ଗା ହୋଇଯାଇଛ ।"

"ନିଉୟର୍କରେ ତୋର ସମସ୍ତ ଭଲ-ଭାବରେ କଟିଛି ଜିମି ?"

"ହଁ ସେଇମିତି । ସହରର ଗୋଟିଏ ସରକାରୀ ବଗିଚାରେ ମୁଁ ରହୁଥାଇଛ । ଆ'ବର୍, ମୁଁ ଗୋଟାଏ ଜାଗାଜାଣେ । ସେଠି ବସି ସେଇ ପୁରୁଣାଦିନଗୁଡ଼ାକର କଥା ଠିକ୍‌ଏ କଥାଭାଷା ହେବା ।"

ହାତରେ ହାତ ଛନ୍ଦି ଦୁଇଜଣଯାକ ରାସ୍ତାଉପରେ ଚାଲିବାକୁ ଲାଗିଲେ । ପଶ୍ଚିମରୁ ଆସିଥିବା ଲୋକ ତାର ସଫଳତାରେ ଉଦ୍‌ବୃଦ୍ଧହୋଇ ଜୀବନର ଘଟଣାବଳୀ ଗପିବାରେ ଲାଗିଥାଏ । ଅନ୍ୟଜଣକ ଓଭରକୋଟ ଭିତରେ ସମସ୍ତ ଦେହକୁ ଘୋଡ଼ାଇହୋଇ ଖୁବ୍ ନିବିଷ୍ଟ-ମନରେ ଶୁଣୁଥାଏ ।

ରାସ୍ତାର ମୋଡ଼ରେ ଗୋଟାଏ ମନୋହାରୀ ଦୋକାନ । ବିଜୁଳିଆଲୁଅରେ ଝଟକୁଛ । ଯେତେବେଳେ ସେମାନେ ଏହାପାଖକୁ ଆସିଲେ ଦୁହେଁ ଦୁହିଙ୍କ ମୁହଁକୁ ଅନାଇଲେ । ପଶ୍ଚିମରୁ ଆସିଥିବା ଲୋକ ହଠାତ୍ ଆଉ ଆଗକୁ ନଯାଇ ଠିଆ ହୋଇଗଲା ଓ ହାତଟାକୁ ଡେଙ୍ଗା-ଲୋକର ହାତରୁ ଟାଣିଆଣିଲା ।

"ତୁମେତ ଜିମି ଉଏଲସ ନୁହ । କୋଡ଼ିଏ ବର୍ଷ ଅବଶ୍ୟ ଏକ ଦୀର୍ଘସମୟ । କିନ୍ତୁ କ'ଣ ଏତେ ଦୀର୍ଘ ସମୟ ଯେତେବେଳେ ଜଣେ ଲୋକର ଲମ୍ବା-ନାକଟା ଚେପଟା ହୋଇଯିବ ।"

ଦୀର୍ଘକାୟ ଲୋକଟି ଜବାବ ଦେଲା, "ହଁ ଅନେକ ସମୟରେ ଏତିକି ସମୟ ମଧ୍ୟରେ ଜଣେ ଭଲ ଲୋକ ଖରାପ ହୋଇ ଯାଇ ପାରେ । ମନେରଖ, ତୁମେ ଦଶ ମିନିଟ୍ ହେଲା ଗିରଫ ହେଲେଣି । ଚିକାଗୋ ପୋଲିସ ତୁମେ ଇଆଡ଼କୁ ଆସିଥିବ ଭାବି ଆମକୁ ତାରବାର୍ତ୍ତାରେ ଖବର ପଠାଇଛ ଯେ ତୁମକୁ ଧରି ଚିକାଗୋ ପଠାଇ ଦେବାକୁ ପଡ଼ିବ । ମୁଁ ଆଶାକରେ ତୁମେ କିଛି ଗଣ୍ଡଗୋଳ ନ କରି ମୋ ସହିତ ଧୀରସ୍ଥିର ଭାବରେ ଯିବ । କିନ୍ତୁ ଥାନାକୁ ଯିବା ପୂର୍ବରୁ ତୁମପାଇଁ ଏ ଚିଠି ଖଣ୍ଡିକ ଅଛି । ବିଟ୍ ଦେଉଥିବା ପୋଲିସବାଲା ଦେଇଛ । ତୁମେ ଝରକା ପାଖକୁ ଯାଇଆଲୁଅରେ ଏହାକୁ ପଢ଼ିପାର ।"

ପଶ୍ଚିମରୁ ଆସିଥିବା ଲୋକଟି ଚିଠିଟି ଖୋଲିଲା । ପଢ଼ିବାକୁ ଆରମ୍ଭ କଲାବେଳେ ତାର ହାତ ସ୍ଥିର ଥିଲା । କିନ୍ତୁ ଶେଷ କଲାବେଳକୁ ହାତ ଠିକ୍‌ଏ ଥରିଗଲା । ଚିଠିଟା ମଧ୍ୟ ସେପରି ବଡ଼ ନୁହେଁ । ତାହା ହେଉଛ :—


ବବ୍ ।

ଠିକ୍ ସମୟରେ ନିର୍ଦ୍ଦିଷ୍ଟ ସ୍ଥାନକୁ ମୁଁ ଯାଇଥିଲି । ତୁ ଯେତେବେଳେ ଦିଆସିଲି ମାରି ସିଗ୍‌ରେଟ୍ ଲଗାଇଲୁ, ସେତେବେଳେ ମୁଁ ଯାହାର ମୁହଁକୁ ଦେଖିଲି ସେ ଲୋକଟିର ଖୋଜ ଚିକାଗୋ ପୋଲିସ ଲଗାଇଛନ୍ତି । ମୁଁ ପାରିଲି ନାହିଁ, ବବ୍ । ତେଣୁ ଆଗକୁ ଯାଇ ସାଦା ପୋଷାକରେ ଥିବା ଜଣେ ଗୋଇନ୍ଦା ପୋଲିସକୁ ପଠାଇ ଦେଲି ।

ତୋର ଜିମି

Digitized by srujanika@gmail.com

ରାମ ଖଣ୍ଡିଏ ସ୍କୁଟର
କିଣିଛି



# ଆପଣଙ୍କ ପୁଅ ମଧ କିଣିପାରେ

**ଯଦ ଆପଣମଧ୍ୟ ଆଜଠାରୁ
ସଞ୍ଚୟ ଆରମ୍ଭ କରନ୍ତୁ ।**

ମାତ୍ର ୫ଟଙ୍କା ଜମା ଦେଇ ଆପଣ
**ଇଉକୋବ୍ୟାଙ୍କ**ରେ ସେଭିଂସ୍
ବ୍ୟାଙ୍କ ଏକାଉଣ୍ଟ ଖୋଲ ପାରବେ

ଦି
ଇଉନାଇଟେଡ
କମାର୍ଶିୟାଲ
ବ୍ୟାଙ୍କ
ଲିମିଟେଡ

ହେଡ୍ ଅଫିସ : କଲ୍‌କତା

ASP/UCO-9/67


Digitized by srujanika@gmail.com

Vol I No. 3 PAURUSHA Regd. No. 0 116




September--1967 Price Rs 1/-

Digitized by srujanika@gmail.com



Digitized by srujanika@gmail.com




Digitized by srujanika@gmail.com

ଶାରଦୀୟ ଉତ୍ସବରେ

ଆପଣଙ୍କ ପ୍ରିୟଜନଙ୍କ ପାଇଁ ଏକ ମନୋଜ୍ଞ
ଉପହାର

କବିଭର୍ତ୍ତୃ ହରିଙ୍କ

# ନୀତି ଶତକ

(ଶହେଟି ଅମର କବିତାର ଗୁଚ୍ଛ)

ଅନୁବାଦକ – **ଜାନକୀବଲ୍ଲଭ ପଟ୍ଟନାୟକ**

ହାତଲେଖା ଅକ୍ଷରରେ ବ୍ଲକ ହୋଇ ଆର୍ଟ ପେପରରେ ତିନି ରଙ୍ଗରେ
ମୁଦ୍ରିତ ଓ ଚିତ୍ରିତ

**ଓଡ଼ିଶାରେ ଏପରି ମୁଦ୍ରଣ ପରିପାଟୀ ଓ ଏ ଧରଣର ପୁସ୍ତକ**
**ସମ୍ପୂର୍ଣ୍ଣ ନୂତନ**

ଓଡ଼ିଶାର ସାହିତ୍ୟ ଜଗତକୁ ଉପହାର ଦେଉଛନ୍ତି—

ପ୍ରକାଶକ

## ଦାସ ବ୍ରଦର୍ସ

**ବ୍ରହ୍ମପୁର—କଟକ**

Digitized by srujanika@gmail.com

# ପୌରୁଷ

ଦୈବାୟତ୍ତଂ କୁଲେ ଜନ୍ମ ମଦାୟତ୍ତଂ ଚ ପୌରୁଷମ୍

ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର ମୋର ଅଧୀନ ।

କର୍ଣ୍ଣ—ବେଣୀସଂହାରମ୍

## ସୂଚୀପତ୍ର


ପୃଷ୍ଠା

**ଦେବୀ ବନ୍ଦନା** ୫
ମାର୍କଣ୍ଡେୟ ପୁରାଣ

**ସଂପାଦକୀୟ** ୬
କାହିଁ ସେ ପ୍ରେରଣାର ଉତ୍ସ

**ମୋର କ୍ଷୁଦ୍ର ଅଂଶ** ୧୨
ମହାତ୍ମା ଗାନ୍ଧୀ

**ତା'ପରେ ଗାନ୍ଧୀ ଆସିଗଲେ** ୧୩
ପଣ୍ଡିତ ଜବାହାରଲାଲ ନେହେରୁ

**ଖଦୀ—ଏ ଜାତିର ଉତ୍ତରାଧିକାର** ୨୧
ଚକ୍ରବର୍ତ୍ତୀ ରାଜଗୋପାଲାଚାରୀ

**ମା' ଜଗଦ୍ଧାତ୍ରୀଙ୍କ ଆବାହନ** ୨୫
ଶ୍ରୀ ସରଳା ଦେବୀ

ପୃଷ୍ଠା

**ଦୁଂ ଦୁର୍ଗେ ଦୁର୍ଗତି ହର** ୨୯
ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ, ଏମ୍. ଏ.

**ବିଲାତି ମାଟି** ୩୯
ଡକ୍ଟର ସଦାଶିବ ମିଶ୍ର, ଏମ୍. ଏ., ପି. ଏଚ.ଡି.

**ବିଲାତରେ ରଦ୍ଦି କାଗଜ** ୪୪
ଅଧ୍ୟାପକ ଡକ୍ଟର ସୂର୍ଯ୍ୟକାନ୍ତ ଦାସ, ଏମ୍. କମ୍., ପି. ଏଚ.ଡି.

**ଜଳ ହିଁ ଜୀବନ** ୪୯
ଶ୍ରୀ କେଶବଚନ୍ଦ୍ର ସାମଲ, ବି. ଏ.

**ଓଡ଼ିଆ ସାହିତ୍ୟରେ ହାସ୍ୟରସର ପ୍ରଭାବ** ୫୫
ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତି, ଏମ୍. ଏ. (ଭରଦ୍ୱାଜ)


Digitized by srujanika@gmail.com

**ଭାରତୀୟ ଐକ୍ୟ ଓ କେନ୍ଦ୍ରର ଭୂମିକା** ୫୯
ଅଧ୍ୟାପକ ଡକ୍ଟର ବୈଦ୍ୟନାଥ ମିଶ୍ର
ଏମ୍. ଏ., ପି. ଏଚ.ଡ଼ି.

**ଧୋବା ଭୂଠରୁ ବାଘଲର ଭେଳା** ୬୫
ଅଧ୍ୟାପକ ଡକ୍ଟର କୁଳମଣି ସାମଲ,
ଏମ୍. ଏସ୍‌ସି., ପି. ଏଚ.ଡ଼ି

**ଅକାଞ୍ଚନର ଜୀବନ ସ୍ମୃତି** ୭୧
ଡକ୍ଟର ପ୍ରାଣକୃଷ୍ଣ ପଣ୍ଡା

**ଗ୍ଲାଉସ** [ଭ୍ରମଣ କାହାଣୀ] ୮୧
ଡକ୍ଟର କୁଞ୍ଜବିହାରୀ ଦାଶ,
ଏମ୍. ଏ., ପି. ଏଚ.ଡ଼ି

**ଧରମ ପୁଅ** [ଗଳ୍ପ] ୮୭
ଲଓ ଟଲଷ୍ଟୟ

**ଖାରବେଳଙ୍କ ଦ୍ୱିତୀୟ ମହିଷୀ** ୯୬
ଡକ୍ଟର ନବୀନକୁମାର ସାହୁ,
ଏମ୍. ଏ., ପି. ଏଚ. ଡ଼ି

**ଇତିହାସରେ ଶକ୍ତି ଉପାସନା** ୧୦୧
ଡକ୍ଟର ବଂଶୀଧର ମହାନ୍ତି,
ଏମ୍. ଏ., ପି. ଏଚ. ଡ଼ି

**ଅମୃତତତ୍ତ୍ୱ** ୧୦୫
ଡକ୍ଟର ମାୟାଧର ମାନସିଂହ,
ଏମ୍. ଏ. ପି. ଏଚ. ଡ଼ି

**ଉପନିଷଦ ଯୁଗରେ ଛାତ୍ର ସମାଜ** ୧୧୧
ଅଧ୍ୟାପକ ବିବେକାନନ୍ଦ ମୁଖାର୍ଜି

**ଦ୍ୟୂତକ୍ରୀଡ଼ାର ଚକ୍ରାନ୍ତ** [କାହାଣୀ] ୧୨୧
ଶ୍ରୀ ଜୟନ୍ତୀ ପଟ୍ଟନାୟକ,
ବି. ଏ., ଡ଼ି. ଏସ୍. ଏସ୍. ଏ.

**ପ୍ରଚ୍ଛଦପଟ ଚିତ୍ର—ମହିଷମର୍ଦ୍ଦିନୀ**

---

**ସଂପାଦକ * ଜାନକୀବଲ୍ଲଭ ପଟ୍ଟନାୟକ**

---

ପୌରୁଷର ଗ୍ରାହକ ଚାନ୍ଦା
ବାର୍ଷିକ— ୧୦ ଟଙ୍କା
ଷାଣ୍ମାସିକ— ୫ ଟଙ୍କା ୫୦ ପ.
ଏ ସଂଖ୍ୟା ୧ ଟଙ୍କା ୨୫ ପଇସା

ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା
ମୁଦ୍ରିତ ଓ ପ୍ରକାଶିତ
ପୌରୁଷ ପ୍ରେସ ଓ କାର୍ଯ୍ୟାଳୟ,
ଚୁଡ଼ଙ୍ଗାଚୌକ, କଟକ-୨

Digitized by srujanika@gmail.com



# ଦେବୀବନ୍ଦନା

ଦୁର୍ଗେ ସ୍ମୃତା ହରସି ଭୀତିମଶେଷଜନ୍ତୋ
ସ୍ୱସ୍ଥୈଃ ସ୍ମୃତା ମତିମତୀବ ଶୁଭାଂ ଦଦା
ଦାରିଦ୍ର୍ୟଦୁଃଖଭୟହାରିଣି କା ତ୍ୱଦନ୍ୟା ।
ସର୍ବୋପକାରକରଣାୟ ସଦାର୍ଦ୍ରଚିତ୍ତା ॥

ଦୁଃଖରେ ତୁମକୁ ସ୍ମରଣ କଲେ ତୁମେ ପ୍ରାଣୀମାନଙ୍କର ମହାଭୟ ଦୂର କର । ସୁଖରେ ସ୍ମରଣ କଲେ ତୁମେ ମନ ମଧ୍ୟରେ ମଙ୍ଗଳକାରିଣୀ ହୁଅ । ତୁମେ ଦାରିଦ୍ର୍ୟ ଦୁଃଖର ଭୟ ହରଣ କରିପାର । ହେ ଦେବି ! ଦୟାର୍ଦ୍ର ଚିତ୍ତରେ ସମସ୍ତଙ୍କର ଉପକାର କରିବାପାଇଁ ତୁମ ଛଡ଼ା ଆଉ କିଏ ଅଛି ?

—ମାର୍କଣ୍ଡେୟ ପୁରାଣ

Digitized by srujanika@gmail.com

# ସମ୍ପାଦକୀୟ

## କାହିଁ ସେ ପ୍ରେରଣାର ଉତ୍ସ

ଅକ୍ଟୋବର ୨ ତାରିଖ ଗାନ୍ଧିଜୀଙ୍କର ଜନ୍ମଦିନ । ଏହି ଦିନଟି ଦେଶରେ ମାମୁଲି ଛୁଟି ଦିନ ରୂପେ ଘୋଷିତ ହୋଇଛି । କେତୋଟି ସଭା, ସମିତି । ସମ୍ବାଦପତ୍ର-ମାନଙ୍କରେ କେତୋଟି ଲେଖା । ରାଜଘାଟରେ ନେତୃମଣ୍ଡଳୀଙ୍କ ପକ୍ଷରୁ ସୂତାକଟା ଓ ଗାନ୍ଧିଜୀଙ୍କ ସମାଧି ଉପରେ ପୁଷ୍ପାଞ୍ଜଳି । ବେଶ୍ ଏତିକି ହିଁ ହେଉଛି, ଏ ଦେଶରେ ଗାନ୍ଧିଜୀଙ୍କର ସ୍ମୃତି । ତାଙ୍କର ନୀତି, କାର୍ଯ୍ୟ କଳାପ, ସାଧାରଣ ଜୀବନ, ସମାଜନୀତି କେଉଁଠି ଗାନ୍ଧିଜୀଙ୍କର ନୀତି ପ୍ରତିଫଳିତ ହେଉନାହିଁ ।

ଅଥଚ ବାହାରକୁ ଯାଅ, ଦେଖିବ ଆଧୁନିକ ଭାରତବର୍ଷକୁ ଲୋକେ ଗାନ୍ଧିଜୀଙ୍କ ଦେଶ ବୋଲି ବୁଝନ୍ତି ଓ ସମ୍ମାନ ଦିଅନ୍ତି । ପାଶ୍ଚାତ୍ୟ ଦେଶମାନଙ୍କରେ ସାଧାରଣ ଜନତା ଜଣେ ଭାରତୀୟ ଦେଖିଲେ ଗାନ୍ଧୀଙ୍କ ଦେଶର ଲୋକ ବୋଲି ଆଦର କରନ୍ତି ଓ ତାଙ୍କ ଜରିଆରେ ଗାନ୍ଧୀଙ୍କୁ ନିଜର ଭକ୍ତି, ସମ୍ମାନ ଜ୍ଞାପନ କରନ୍ତି ।

ମୋର ନିଜର ଅଭିଜ୍ଞତା କହୁଚି । ଇଟାଲିର ଗୋଟିଏ ରେଷ୍ଟୋରାଁରେ ମୁଁ ବସି ଖାଉଚି । ଜଣେ ୩୦ ବର୍ଷ ବୟସର ଯୁବକ ଖାଇବାକୁ ଆସିଲେ । ମୋତେ ଦେଖି ସେ ମୋ' ପାଖରେ ଆସି ବସିଲେ ଓ କହିଲେ, "ଆପଣ ଜଣେ ଭାରତୀୟ, ଗାନ୍ଧୀଙ୍କ ଦେଶର ଲୋକ, ମୁଁ ଗାନ୍ଧୀଙ୍କୁ ଦେଖିନାହିଁ । କିନ୍ତୁ ଗାନ୍ଧୀଙ୍କ ମୃତ୍ୟୁ ସମ୍ବାଦ ପାଇ ମୁଁ ଛୋଟ ପିଲା ପରି କାନ୍ଦିଚି, ମୋ' ବାପା ମରିଗଲାବେଳେ ମଧ୍ୟ ମୁଁ ସେପରି କାନ୍ଦି ନାହିଁ ।"

ଆମେରିକାର ଗୋଟିଏ କ୍ଷୁଦ୍ର ପରିବାର । ସ୍ୱାମୀ ସ୍ଥାନୀୟ ଏକ କଲେଜର ଅଧ୍ୟାପକ । ସ୍ତ୍ରୀ ଉଚ୍ଚ ଶିକ୍ଷିତା ଓ ସହରର ମହିଳା ସଂଘର ଜଣେ କର୍ମକର୍ତ୍ତ୍ରୀ । ମୁଁ ତାଙ୍କ ଘରେ ଅତିଥି ହୋଇଥିଲି । ତାଙ୍କର ଆଳାପର ପ୍ରଥମ ବିଷୟବସ୍ତୁ ହେଲେ ଗାନ୍ଧିଜୀ । ସେ କହିଲେ, "ଆମେରିକାକୁ ଗାନ୍ଧୀ ଆସି ନାହାନ୍ତି କି ଆମେ ତାଙ୍କୁ ଦେଖିନାହୁଁ । କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ପରେ ଯଦି କେହି ବ୍ୟକ୍ତି ପୃଥିବୀରେ ପ୍ରେମର ପ୍ଲାବନ ଖେଳାଇ ଦେଇ ପାରିଥିଲି, ତା' ହେଲେ ସେ ହେଉଛନ୍ତି ଗାନ୍ଧୀ ।"

ଆଫ୍ରିକାର ଜଣେ ନିଗ୍ରୋ ଶିକ୍ଷାବିତ୍ । ସେ ଆମେରିକା ଭ୍ରମଣରେ ଆସିଥାନ୍ତି । ସାନ ଫ୍ରାନସିସ୍କୋଠାରେ ଆମେ ଏକତ୍ର

Digitized by srujanika@gmail.com

ବୁଲିବାକୁ ଯାଉଛୁ । ତାଙ୍କର ମନ୍ତବ୍ୟ ହେଉଚି, ସେ ଭାରତବର୍ଷକୁ ଭଲପାନ୍ତି କେବଳ ଗାନ୍ଧୀଙ୍କ ଯୋଗୁ । ଆଫ୍ରିକାରେ ଯେଉଁ ଜାଗରଣ ସୃଷ୍ଟି ହୋଇଚି, ତାହା ଗାନ୍ଧୀଙ୍କ ଯୋଗୁ । ଆଫ୍ରିକାର ଜନସାଧାରଣ ମହାତ୍ମାଗାନ୍ଧିଙ୍କ ଜୀବନ ଓ କାର୍ଯ୍ୟାବଳୀରୁ ଗଭୀର ପ୍ରେରଣା ଲାଭ କରନ୍ତି ।"

ଜାପାନର ଏକ ବୌଦ୍ଧ ମନ୍ଦିରର ଉଦ୍ୟାନରେ ବୁଲୁଚି । କେତେକ ସ୍କୁଲ ଛାତ୍ର ଛାତ୍ରୀ ସେଠାରେ ବୁଲୁଥିଲେ । ଜଣେ ଛାତ୍ରୀ ମୋତେ ଆସି କହିଲେ, "ଆପଣ ବୋଧହୁଏ ଭାରତୀୟ ?" ମୁଁ ହଁ କରିବାରୁ ସେ କହିଲେ, "ମୁଁ ଭାରତବର୍ଷକୁ ଭାରି ଭଲପାଏ । କାରଣ ଭାରତ ହେଉଚି ଗାନ୍ଧୀଙ୍କର ଦେଶ ।"

କେବଳ ବ୍ୟକ୍ତିଗତ ଭାବରେ ଯେ ପୃଥିବୀର ବହୁ ଲୋକ ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ, ତାହା ନୁହେଁ । ତାଙ୍କର ଆଦର୍ଶରେ ଦେଶ ଦେଶରେ ଗଣ-ଆନ୍ଦୋଳନ, ରାଜନୈତିକ ଓ ସାମାଜିକ ସଂଗଠନମାନ ଗଢ଼ି ଉଠିଚି । ଗାନ୍ଧୀଙ୍କ ଆଦର୍ଶରେ ଅହିଂସାତ୍ମକ ଶାନ୍ତିପୂର୍ଣ୍ଣ ଗଣ ଆନ୍ଦୋଳନ କରି ପୃଥିବୀର ଦୁଇଜଣ ବିଶିଷ୍ଟ ଜନନେତା ଶାନ୍ତି ପାଇଁ ନୋବେଲ ପୁରସ୍କାର ଲାଭ କରିଛନ୍ତି—ଦକ୍ଷିଣ ଆଫ୍ରିକାର ଆଲବର୍ଟ ଲୁଥୁଲି ଓ ଆମେରିକାର ମାର୍ଟିନ୍ ଲୁଥର୍ କିଙ୍ଗ୍ ।

ଆଲବର୍ଟ ଲୁଥୁଲି ନେଟାଲର ଆଫ୍ରିକା ଜାତୀୟ କଂଗ୍ରେସର ନେତୃତ୍ୱରେ ବର୍ଣ୍ଣ ବିଦ୍ୱେଷ ବିରୁଦ୍ଧରେ ଆଫ୍ରିକାର ଜନଗଣଙ୍କୁ ଏକ ଆପୋଷହୀନ, ଶାନ୍ତିପୂର୍ଣ୍ଣ ସଂଗ୍ରାମରେ ଉଦ୍‌ବୁଦ୍ଧ କରିଛନ୍ତି ଓ ମୃତ୍ୟୁ ପର୍ଯ୍ୟନ୍ତ ଘୋର ଦୁଃଖ, କଷ୍ଟ, କାରାବରଣ ଓ ନିର୍ବାସନ ଦଣ୍ଡକୁ ହସି ହସି ଗ୍ରହଣ କରିଛନ୍ତି ।

ଏ ଶତାବ୍ଦୀରେ ଆମେରିକାରେ ନିଗ୍ରୋମାନଙ୍କର ଜାଗରଣ ପାଇଁ ଯିଏ କେନ୍ଦ୍ରୀ ଜଣେ ବ୍ୟକ୍ତି ସବୁଠାରୁ ବେଶି ଦାମ୍ କରିଥାଏ, ତା'ହେଲେ ସେ ଯୁବକ, ନିଗ୍ରୋ ଧର୍ମଯାଜକ ମାର୍ଟିନ୍ ଲୁଥର କିଙ୍ଗ । ଆମେରିକାର ଦକ୍ଷିଣାଞ୍ଚଳରେ ଯେଉଁ ଘୋର ବର୍ଣ୍ଣ ବିଦ୍ୱେଷ ଦେଖାଯାଏ, ସାଧାରଣ ବସ୍‌ମାନଙ୍କରେ ନିଗ୍ରୋଙ୍କ ପାଇଁ ଅଲଗା ସ୍ଥାନ, ଗୋରାମାନଙ୍କ ପାଇଁ ଅଲଗା ସ୍ଥାନ ତା'ବିରୁଦ୍ଧରେ କିଙ୍ଗ୍ ପ୍ରଥମେ ତାଙ୍କର ଅହିଂସ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କଲେ । ଗୋଟିଏ ସହରର ଯେତେ ସାଧାରଣ ଯାତ୍ରୀବାହୀ ବସ୍, ନିଗ୍ରୋମାନେ ବର୍ଜନ କଲେ । ୧୦ ମାଇଲ, ୧୨ ମାଇଲ ପର୍ଯ୍ୟନ୍ତ ରାସ୍ତା ହଜାର ହଜାର ନିଗ୍ରୋ ଯୁବକ ଯୁବତୀ ଚାଲି କରି ନିଜ କର୍ମ କ୍ଷେତ୍ରକୁ ଗଲେ । କିନ୍ତୁ ବସ୍ ଚଢ଼ି [illegible] ନାହିଁ । ଅଳ୍ପଦିନ ଯାଇଚି, ଟ୍ରାନ୍‌ସପୋର୍ଟ କର୍ତ୍ତୃପକ୍ଷ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଗଲେ । ଏବେ ନିଗ୍ରୋମାନଙ୍କୁ କିପରି ସାମାଜିକ ଓ ଅର୍ଥନୈତିକ ସମସ୍ତ କ୍ଷେତ୍ରରେ ଶୀଘ୍ର ଗୋରା ଆମେରିକାନମାନଙ୍କ ସ୍ତରକୁ ଆଣିବାକୁ ହେବ, ତାହାହିଁ ହେଉଛି ଆମେରିକାର ଶାସନ ଓ ସରକାରଙ୍କର ପ୍ରଧାନ କାର୍ଯ୍ୟକ୍ରମ ।

Digitized by srujanika@gmail.com

ଫରାସୀ ଲଣ୍ଡା ଜେଲ ଖଷ୍ଟୋ । ଅସ୍ପର୍ଯ୍ୟ
ନୋବା ଭାବେଙ୍କ ଭାଷାରେ, 'ୟୁରୋପରେ
ଗାନ୍ଧିବାଦକୁ ଉଜ୍ଜୀବିତ କରି
ଛନ୍ତି ।'' ୧୯୩୭ ମସିହାରେ
ଙ୍କ ସାକ୍ଷାତ୍ କରିବା ପରେ ସେ ଏକ
ର୍ଣ ଗାନ୍ଧି ସମାଜ (Community)
ନ କରିବାରେ ବ୍ୟସ୍ତ । "କେବଳ
ଦ୍ଧ ବିପ୍ଳବର ଫଳ ମଙ୍ଗଳମୟ,
କ ଗାନ୍ଧୀଙ୍କ ପ୍ରଦର୍ଶିତ ପନ୍ଥାରେ
ଇଥାଏ"—ଏହା ହେଉଚି ଏହି
ସୀ ମନୀଷୀଙ୍କର ଘୋଷଣା ।
ଏହାପରେ ଗାନ୍ଧୀଙ୍କ ମୃତ୍ୟୁ ପରେ
ରେ ଦେଶରେ ଗାନ୍ଧିବାଦ ବା
ପ୍ରଦର୍ଶିତ ମାର୍ଗରେ ବିଜୟ ଅଭିଯାନ
ଚି—କିନ୍ତୁ ଗାନ୍ଧିଙ୍କର ଜନ୍ମଭୂମି
ବର୍ଷ ! ସେଠାରେ ଗାନ୍ଧି ବିସ୍ମୃତ
। ଭାରତବର୍ଷରେ ବୁଦ୍ଧଙ୍କର ଦଶା
ଗାନ୍ଧିଙ୍କର ଦଶା ହେବ ନାହିଁ ତ !
ଥିବୀର ପ୍ରତ୍ୟେକ ପ୍ରଧାନ ଜାଗ୍ରତ ଜାତିର
ଜଣେ ଜାତୀୟ ନେତା ଅଛନ୍ତି,
ହୁଅଛନ୍ତି ଜାତୀୟ ପ୍ରେରଣାର ଉତ୍ସ
ତୀୟ ଆକାଶର ଧ୍ରୁବତାରା; ଯାହାଙ୍କୁ
ପଥଭ୍ରଷ୍ଟ ଦିଗ୍‌ଭ୍ରାନ୍ତ ଜନତା ତା'ର
ନର୍ଣ୍ଣୟ କରେ ।
ସୋଭିଏଟ ରାଷ୍ଟ୍ରର ସେହି ନେତା
ଛନ୍ତି ଲେନିନ । ବୈଜ୍ଞାନିକ
ମ୍ୟୁନିଷ୍ଟବାଦର ଜନକ କାର୍ଲମାର୍କସ୍
ଲ ମଧ୍ୟ ମାର୍କସଙ୍କ ପୂର୍ବରୁ ହଜାର
ର ବର୍ଷ ଧରି ପୃଥିବୀର ବହୁ ଚିନ୍ତା-
କ କମ୍ୟୁନିଷ୍ଟବାଦର କଥା କହିଛନ୍ତି ।
କିନ୍ତୁ ତାକୁ କାର୍ଯ୍ୟରେ ପରିଣତ କଲେ
ଲେନିନ ଓ ରୁଷିଆରେ ପରୀକ୍ଷିତ ହୋଇ
ଏହା ଏକ ବିଶ୍ୱବ୍ୟାପୀ ବିପ୍ଳବ ଓ
ଆନ୍ଦୋଳନରେ ପରିଣତ ହୋଇଛି ।
୧୯୨୪ ମସିହାରୁ ଲେନିନଙ୍କ ମୃତ୍ୟୁ
ହେଲାଣି । କିନ୍ତୁ ଏପରି ଦିନେ ଯାଉନାହିଁ,
ଯେଉଁଦିନ ଲେନିନଙ୍କ ପ୍ରଦର୍ଶିତ ମାର୍ଗରୁ
ସୋଭିଏଟ୍ ରାଷ୍ଟ୍ର ବିଚ୍ୟୁତ ହେଉଛି କି
ନାହିଁ, ତା'ର ବିଚାର ନ ହେଉଛି ! ସେହି
ମାର୍ଗରେ ଯାଉଥିବା ଯୋଗୁଁ ଆଜି
ସୋଭିଏଟ୍ ୟୁନିଅନ ହେଉଚି ପୃଥିବୀର
ଏକ ମହାନ୍ ଶକ୍ତିଶାଳୀ ରାଷ୍ଟ୍ର । ଏକ
ଅପରାଜେୟ ଶକ୍ତି ।

ଚୀନଦେଶରେ ଆଜି ମାଓଙ୍କର ଆଦର୍ଶ ଓ ଚିନ୍ତାଧାରାକୁ ନେଇ ଏକ ଅଭୂତପୂର୍ବ ବିପ୍ଳବ ହେଉଚି । ଏଥିରେ କେତେଲୋକ ମରି ହଜି ଗଲେ, କେତେ ବିଶିଷ୍ଟ ନେତାଙ୍କର ପତନ ହେଲା, ଦେଶରେ କେତେ କଳ, କାରଖାନା ବନ୍ଦ ହୋଇଗଲା, ଛିଡ଼ନାହିଁ । ଜାତିର ପ୍ରଧାନ ରକ୍ଷା କବଚ ହେଉଚି, ତା'ର ଆଦର୍ଶ । ଯଦି ଏହି ଆଦର୍ଶରେ କୌଣସି ଜାତି ଉଦ୍‌ବୁଦ୍ଧ ଓ ଏକତାବଦ୍ଧ ହୁଏ, ତା'ହେଲେ ପୃଥିବୀରେ କେହି ତାକୁ ପରାଜିତ କରିପାରିବେ ନାହିଁ । ଆଜି ଚୀନର ନାଁ ଶୁଣିଲେ ସମଗ୍ର ପୃଥିବୀ ଥରହର ହେଉଚି ।

ଆମେରିକାର ଜାତୀୟ ନେତା ହେଲେ ଆବ୍ରାହାମ ଲିଙ୍କନ୍, ଯେ କି ଏହି ବିରାଟ ଜାତିକୁ ଐକ୍ୟ ଓ ଗଣତନ୍ତ୍ରର ମନ୍ତ୍ରଦାନ କରିଛନ୍ତି । ଲିଙ୍କନ୍ ଗୋଟିଏ ଦଳର

Digitized by srujanika@gmail.com

ନେତା ଭାବରେ ପ୍ରେସିଡେଣ୍ଟ ହୋଇଥିଲେ । କିନ୍ତୁ ଦଳ ନିର୍ବିଶେଷରେ ତାଙ୍କୁ ଆଜି ଆମେରିକାର ଜାତୀୟତାର ପ୍ରାଣ ଓ ପ୍ରେରଣା ସ୍ୱରୂପ ଗ୍ରହଣ କରାଯାଉଛି ।

ଗାନ୍ଧିଙ୍କର ଆଦର୍ଶ କ'ଣ ? ଗାନ୍ଧିବାଦ କ'ଣ ? କୁହାଯାଉଛି, ଗାନ୍ଧିବାଦ ହେଉଛି ସତ୍ୟ ଓ ଅହିଂସା ଏବଂ ଗାନ୍ଧି ହେଉଛନ୍ତି ମହାତ୍ମା । ସମସ୍ତେ ମହାତ୍ମା ହୋଇ ପାରିବେ ନାହିଁ । ସତ୍ୟ ବା ଅହିଂସାର ଆଚରଣ କରି ପାରିବେ ନାହିଁ । ସବୁ ଧର୍ମରେ ସତ୍ୟ ଓ ଅହିଂସାକୁ ଉଚ୍ଚ ସ୍ଥାନ ଦିଆଯାଇଛି, ଭାରତୀୟ ଧର୍ମମାନଙ୍କରେ ମଧ୍ୟ । କିନ୍ତୁ ସାଧାରଣରେ ଏହା ଆଚରିତ ହୋଇ ପାରିବ କି ? ସ୍ୱାଧୀନତା ସଂଗ୍ରାମ ବେଳେ ଗାନ୍ଧିଜୀଙ୍କ ନେତୃତ୍ୱର ଆବଶ୍ୟକତା ଥିଲା । ସ୍ୱାଧୀନତା ଆସିଗଲା । ଗାନ୍ଧି ମଧ୍ୟ ଚାଲି ଗଲେ । ତାଙ୍କୁ ବହୁ ଦେବତାଙ୍କ ପରି ଜଣେ ଦେବତା ଭାବରେ ଗ୍ରହଣ କରାଯାଉ । ସେ ସେହିପରି ନମସ୍ୟ ହୋଇ ରହିଥାନ୍ତୁ । ବାସ୍ତବିକ ଏହା ହିଁ ହେଉଛି ଗାନ୍ଧିଜୀଙ୍କ ସମ୍ପର୍କରେ ପ୍ରଚଳିତ ଧାରଣା । ସ୍ୱାଧୀନତାର ପରବର୍ତ୍ତୀ କାଳରେ ଯେଉଁମାନଙ୍କର ଜନ୍ମ, ବର୍ତ୍ତମାନର ସେହି ନବ ଯୁବକ ମଣ୍ଡଳୀଙ୍କ ମଧ୍ୟରେ ଗାନ୍ଧି ଏକ କିମ୍ବଦନ୍ତୀ ମାତ୍ର । ଗାନ୍ଧିଙ୍କର ଶିଷ୍ୟ ପ୍ରଶିଷ୍ୟମାନେ ତାଙ୍କୁ ଏହି ସ୍ଥାନରେ ଆଣି ରଖିଛନ୍ତି ।

ଯଦି ଗାନ୍ଧିଜୀ କିଛି ଥିଲେ, ତା'ହେଲେ ସେ ଥିଲେ ନବ ଭାରତର ପ୍ରତୀକ ଓ ପ୍ରତିମୂର୍ତ୍ତି ଓ ବିଶ୍ୱରେ ଏକ ନୂତନ ଆବଶ୍ୟକତାର ପରିପୂର୍ତ୍ତି । ସତ୍ୟ ଓ ଅହିଂସାକୁ ସେ ନିଜ ଜୀବନର ଆଦର୍ଶରେ ପରିଣତ କରିଥିଲେ ଓ ଜାତୀୟ ଆନ୍ଦୋଳନରେ ଏହା ପ୍ରତିଫଳିତ କରିଥିଲେ । କିନ୍ତୁ ତାଙ୍କର ଅହିଂସା ଥିଲା ବୀରର ଅହିଂସା । ସେ ଚାହୁଁଥିଲେ ବୀରତ୍ୱର ଜାଗରଣ । କାପୁରୁଷତା ତାଙ୍କର ଜାତକରେ ନ ଥିଲା । ସେ ହିଂସାରେ ବିଶ୍ୱାସ କରୁଥିବା ବୀର, ସାହସୀ ବ୍ୟକ୍ତିଙ୍କୁ ଅହିଂସାରେ ବିଶ୍ୱାସ କରୁଥିବା କାପୁରୁଷଠାରୁ ଉଚ୍ଚ ସ୍ଥାନ ଦେଉଥିଲେ ।

ସେ ଚାହୁଁଥିଲେ ଭାରତବର୍ଷ ନିଜର ଅତୀତର ଐତିହ୍ୟ ଓ ସଂସ୍କୃତିରୁ ବିଚ୍ଛିନ୍ନ ନ ହୋଇ ଏକ ବୀର ଦେଶ ହେଉ ଓ ପୃଥିବୀରେ ନିଜକୁ ପ୍ରତିଷ୍ଠିତ କରୁ । ସେ ସେଥିପାଇଁ ସ୍ୱଦେଶୀ, ସ୍ୱାଭିମାନ ଓ ସ୍ୱାବଲମ୍ବନ ଉପରେ ଗୁରୁତ୍ୱ ଦେଉଥିଲେ । ଯେପରିକି, ଏ ଦେଶ କାହାରି ଉପରେ ନିର୍ଭରଶୀଳ ନ ହୁଏ, ଅନ୍ନରେ ବସ୍ତ୍ରରେ, ନିଜର ସୁରକ୍ଷା ଧର୍ମକରେ । ସେ ଚାହୁଁଥିଲେ ଭାରତର ୭ ଲକ୍ଷ ଗ୍ରାମର ଜନସାଧାରଣଙ୍କର ଉନ୍ନତି ନ ହେଲେ ଭାରତର ଉନ୍ନତି ହେବ ନାହିଁ । ତେଣୁ ଶିକ୍ଷିତମାନଙ୍କ ପ୍ରତି ତାଙ୍କର ଧ୍ୱନି ଥିଲା, 'ଗ୍ରାମକୁ ଫେରି ଯାଅ' । ଆଜି ଚୀନର ଶିକ୍ଷିତ ଯୁବକମାନଙ୍କ ପ୍ରତି ମାଓ ସେତୁଂଙ୍କ ଶିକ୍ଷା କ'ଣ ତାହା ଅଧ୍ୟୟନ କର । ଗାଁରେ ରହି ଲୋକଙ୍କ ସହିତ ସମ୍ପୂର୍ଣ୍ଣ ନ ମିଶିଲେ, ତାଙ୍କର ସମସ୍ୟା ସହିତ ପରିଚିତ ନ ହେଲେ ଓ ତାଙ୍କଠାରୁ ଶିକ୍ଷା

Digitized by srujanika@gmail.com

ଗ୍ରହଣ ନ କଲେ, କୌଣସି ବିଶ୍ୱବିଦ୍ୟାଳୟ ଡିଗ୍ରୀ ଦେଇ ପାରିବ ନାହିଁ । ମାଓ ସେତୁଂ ଏହା କହୁଛନ୍ତି, ତେଣୁ ସେ ଅତ୍ୟାଧୁନିକ । ଗାନ୍ଧି ଏହା କହୁଥିଲେ, ତେଣୁ ସେ ପୁରୁଣା କାଳିଆ ।

ଗାନ୍ଧୀ ମନ୍ତ୍ରୀ, ରାଜନୀତିଜ୍ଞ, ସରକାରୀ କର୍ମଚାରୀ, ଧନିକ, ଅଭିଜାତ ଶ୍ରେଣୀଙ୍କୁ ପରାମର୍ଶ ଦେଇ କହୁଥିଲେ, "ତୁମକୁ ଗୋଟିଏ ମୁଁ ତଉଁରିଆ ଦେଉଛି, ଜୀବନରେ ତୁମେ ସବୁଠାରୁ ଯେଉଁ ଗରିବ ଲୋକଟିକୁ ଦେଖିଛ, ତା'ର ମୁହଁ ତୁମର ସବୁ କଥା ଓ କାର୍ଯ୍ୟରେ ମନେ ପଡ଼ୁ ।" କଥାଟା ପୁରୁଣାକାଳିଆ, କାରଣ ଗାନ୍ଧୀ କହିଛନ୍ତି । କିନ୍ତୁ ରୁଷିଆରେ ଲେନିନ କହିଲେ, ସର୍ବହରାର ରାଷ୍ଟ୍ର ପ୍ରତିଷ୍ଠିତ କରିବାକୁ ହେବ; ଚୀନରେ ମାଓ ସେତୁଂ କହୁଛନ୍ତି, ପୁଞ୍ଜିବାଦୀ, ଅଭିଜାତ ଢଙ୍ଗ ଯାହା ପାଖରେ ପ୍ରକାଶ ପାଉଛି, ତାକୁ ସମସ୍ତଙ୍କଠାରୁ ଅଲଗା କରି ତା' ମୁଣ୍ଡରେ ମାଟି ବୁହାଅ ବା ତା ଦ୍ୱାରା ହଳ କରାଅ; ସେ ହେଉଛି ଆଧୁନିକ ଚିନ୍ତାଧାରା ।

ଗାନ୍ଧିଜୀଙ୍କ ଆଦର୍ଶରେ ନ ଚାଲିଥିବା ଯୋଗୁଁ ଆଜି ଭାରତ ଦୁର୍ବଳ, ପରମୁଖାପେକ୍ଷୀ । ସମାଜବାଦ ଫମ୍ପା ଆବାଜରେ ପରିଣତ ହୋଇଛି । ଧନୀ ଅଧିକ ଧନୀ ଓ ଗରିବ ଅଧିକ ଗରିବ ହୋଇଛି । ଚାରିଆଡ଼େ ହା, ହତାଶା, ବିକ୍ଷୋଭ, ହିଂସା, ଅନୈକ୍ୟ ଓ ସଂକୀର୍ଣ୍ଣତା । ଆଜି ଯୁବଶକ୍ତିକୁ ଆଦର୍ଶରେ ଉଦ୍‌ବୁଦ୍ଧ କରିବାର କିଛି ନାହିଁ । ସର୍ବତ୍ର ସ୍ୱାର୍ଥର ତାଣ୍ଡବଲୀଳା ।

[illegible]

ଆଉ କେହି ଭାରତର ଗତିରୋଧ କରିପାରିବେ ନାହିଁ । ଆଉ ଏ ଦେଶ ଶୋଇ ରହିବ ନାହିଁ । ବାହାରର କୌଣସି ଶକ୍ତି ତାକୁ ଅଟକାଇ ପାରିବ ନାହିଁ । ଯେଉଁ ଜୁଆର ଉଠିଛି, କିଏ ତା'ର ପ୍ରତିରୋଧ କରିବାକୁ ସାହସ କରିବ ?

**ସ୍ୱାମୀ ବିବେକାନନ୍ଦ**

Digitized by srujanika@gmail.com

ସେତିକି ପ୍ରଚଳନ ହେଉଥିବ
ଗାନ୍ଧିଜୀଙ୍କ ଉପଦେଶାବଳୀ
ସେତିକି ମୂଲ୍ୟବାନ୍ ।



# 'ମୋର କ୍ଷୁଦ୍ର ଅଂଶ

—ମହାତ୍ମା ଗାନ୍ଧୀ

ଈଶ୍ୱରଙ୍କ ଇଚ୍ଛା ବିନା ଘାସଟିଏ ମଧ୍ୟ ହଲେ ନାହିଁ ବୋଲି ଯାହା କୁହାଯାଏ, ସେଥିରେ ମୋର ପୂର୍ଣ୍ଣ ବିଶ୍ୱାସ ଅଛି । ଯଦି ମୋ ଦ୍ୱାରା ସେ କିଛି କରିବାକୁ ଚାହାଁନ୍ତି, ତା'ହେଲେ ସେ ମୋ' ଜୀବନ ରକ୍ଷା କରିବେ । ତାଙ୍କ ଇଚ୍ଛା ବିରୁଦ୍ଧରେ କେହି ଏହାକୁ ରକ୍ଷା କରି ପାରିବ ନାହିଁ ।

ମୁଁ ଜଣେ ଆଶାବାଦୀ । ନ୍ୟାୟର ଅଭିବୃଦ୍ଧି ହେବ, ଏ ବିଷୟରେ ମୁଁ କୌଣସି ପ୍ରମାଣ ଦେଇ ପାରୁ ନାହିଁ । କିନ୍ତୁ ମୋର ଦୃଢ଼ ବିଶ୍ୱାସ ଯେ, ଶେଷରେ ନ୍ୟାୟର ଜୟ ହେବ । ନ୍ୟାୟର ବିଜୟ ସୁନିଶ୍ଚିତ; ଏହି ବିଶ୍ୱାସରୁ ହିଁ ଆମେ ପ୍ରେରଣା ଲାଭ କରି ପାରିବା ।

ମୋର ମହାତ୍ମାପଣ ମୂଲ୍ୟହୀନ । ସତ୍ୟ, ଅହିଂସା ଓ ବ୍ରହ୍ମଚର୍ଯ୍ୟ ଉପରେ ମୁଁ ଯେଉଁ ଗୁରୁତ୍ୱ ଦେଉଛି, ତାହାହିଁ ଚିରନ୍ତନ । ମୋର ସେହି ଅଂଶଟି ଯେତେ କ୍ଷୁଦ୍ର ହେଲେ ମଧ୍ୟ ମୂଲ୍ୟବାନ । ତାକୁ ତୁମେ ଫୋପାଡ଼ି ଦେଇ ପାରିବ ନାହିଁ ।

ବିଫଳତା ଓ ନୈରାଶ୍ୟକୁ ମଧ୍ୟ ମୁଁ ଉଚ୍ଚ ମୂଲ୍ୟ ଦେଇଥାଏ, କାରଣ ସେ ସବୁ ହେଉଛି ସଫଳତାର ସୋପାନ ସ୍ୱରୂପ ।

ଉକ୍ତ ଅଭିଜ୍ଞତାରୁ ମୁଁ ଏହି ପ୍ରଧାନ ଶିକ୍ଷା ଲାଭ କରିଛି ଯେ, ନିଜର କ୍ରୋଧକୁ ସମ୍ବରଣ କରିବାକୁ ହେବ । ଉତ୍ତାପକୁ ରକ୍ଷା କରି ଯେପରି ଶକ୍ତିରେ ପରିଣତ କରାଯାଏ, ସେହିପରି କ୍ରୋଧକୁ ସମ୍ବରଣ କରାଯାଇ

Digitized by srujanika@gmail.com

# *VIJOYA GREETINGS*
# *TO OUR FRIENDS & PATRONS*

## The Andhra Bank Ltd.

( Regd. Office : Machilipatnam )

Central Office : Hyderabad

:o:—

**OUR SERVICES :**

* Current Accounts
* Savings Accounts
* Fixed Deposits
* Recurring Deposit A/cs.
* Industrial Finance
* Commercial Loans
* Letters of Credit
* Export & Import Finances
* Collection of Bills
* Transfer of Money by
* Wire or Mail
* Safe Deposit Facilities

** A network of 114 branches in the States of Andhra Pradesh, Mysore, Maharashtra, Orissa, West Bengal, Gujarat and Madhya Pradesh and at New Delhi at your service.

OUR BRANCHES IN ORISSA

1. Big Bazar, P. B. No, 19,
Berhampur (Ganjam Dt.)
Phone No. 514

2. Chowdhury Bazar,
P. B. No. 108,
Cuttack.
Phone No 1237

3. No, 368/4. Bell Road.
Post Bag No. 2.
Jeypore (Koraput Dt.)
Phone No 139

4. Main Road,
Rayagada (Koraput Dt.)
Phone No. 94

**K. S. DUTT**
Chairman

**T. R. BHAGAVAT**
General Manageri


Digitized by srujanika@gmail.com

ପାରିଲେ, ସେଥିରୁ ଯେଉଁ ଶକ୍ତି ଜାତ ହେବ, ତାହା ପୃଥିବୀକୁ ହଲଚଲ କରିଦେବ ।

ପରାଜୟ ମୋତେ ନିରାଶ କରେ ନାହିଁ । ଏହା ମୋତେ ଶିକ୍ଷା ଦିଏ । ମୁଁ ଜାଣେ ଈଶ୍ୱର ମୋତେ ଚଲାଇବେ । ମନୁଷ୍ୟର ବିଶ୍ୱରଠାରୁ ବଡ଼ ହେଉଛି ସତ୍ୟ ।

ପ୍ରତିଶ୍ରୁତି ଭଙ୍ଗ ମୋତେ ସଂପୂର୍ଣ୍ଣ ଭାବରେ ଦୋହଲାଇ ଦିଏ । ଯଦି ନିଷ୍ଠା ଓ ପବିତ୍ରତାର ସହିତ ମୁଁ କେବେ କାହାରିକୁ କିଛି ପ୍ରତିଶ୍ରୁତି ଦେଇଛି, ତାହା ପାଳନ କରିବା ପାଇଁ ଅତି ଆନନ୍ଦରେ ମୋର ଜୀବନ ଦେଇଦେବା ପାଇଁ ପ୍ରସ୍ତୁତ ରହିବା ଉଚିତ ।

ସତ୍ୟ କ'ଣ ? ଏକ କଠିନ ପ୍ରଶ୍ନ । କିନ୍ତୁ ଏ ପ୍ରଶ୍ନର ମୁଁ ଏହିପରି ଭାବରେ ସମାଧାନ କରିଛି । ତୁମର ଅନ୍ତରର ସ୍ୱର ହେଉଚି ସତ୍ୟ ।

ଯେଉଁଠି ପ୍ରେମ ଅଛି, ସେଠି ଜୀବନ ଅଛି । ପ୍ରେମ ବିହୀନ ଜୀବନ ହେଉଛି ମୃତ୍ୟୁ । ଗୋଟିଏ ମୁଦ୍ରାର ଏପଟ ହେଲା ସତ୍ୟ । ଅନ୍ୟ ପଟଟି ହେଲା ପ୍ରେମ । ମୋର ଦୃଢ଼ ବିଶ୍ୱାସ, ସତ୍ୟ ଓ ପ୍ରେମ ଦ୍ୱାରା ଆମେ ସାରା ସଂସାରକୁ ଜୟ କରି ପାରିବା ।

ଯେତେବେଳେ ସବୁ ଆଶା ଶୂନ୍ୟ ହୋଇଯାଏ, ସାହାଯ୍ୟକାରୀମାନେ ସାହାଯ୍ୟ କରନ୍ତି ନାହିଁ ଓ ସାନ୍ତ୍ୱନାକାରୀମାନେ ପଳାଇଯାନ୍ତି, ମୁଁ ଅନୁଭବ କରିଚି, କେଉଁ ଅଜ୍ଞାତ ସ୍ଥାନରୁ ସାହାଯ୍ୟ ଆସି ପହଞ୍ଚିଯାଏ ।

ପୂଜା, ପ୍ରାର୍ଥନା, ଅନୁଯୋଗ କୁସଂସ୍କାର ନୁହେଁ । ଖାଇବା, ପିଇବା, ବସିବା, ଶୋଇବା, ଚାଲିବାଠାରୁ ହେଉଛି ଏ ସବୁ ଅଧିକ ବାସ୍ତବ । ଈଶ୍ୱରଙ୍କ ଚିନ୍ତା କରିବା ଅଧିକ ବାସ୍ତବ । ଅନ୍ୟ ସବୁ ଅବାସ୍ତବ, ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଦେହ ପାଇଁ ଯେପରି ଖାଦ୍ୟ ଦରକାର, ଆତ୍ମା ପାଇଁ ସେହିପରି ପ୍ରାର୍ଥନା ଦରକାର । ନିଜ ଅନ୍ତର ଭିତରେ ଈଶ୍ୱରଙ୍କ ସତ୍ତା ଅନୁଭବ ନ କଲେ ପ୍ରାର୍ଥନା ହୁଏ ନାହିଁ । ପ୍ରକୃତ ମୁକ୍ତି ପାଇଁ ଈଶ୍ୱର ସମ୍ପୂର୍ଣ୍ଣ ଆତ୍ମ-ସମର୍ପଣର ମୂଲ୍ୟ ଦାବୀ କରନ୍ତି ।

କେତେ କାଳ ଧରି ମୁଁ ନୀରବତା ଅଭ୍ୟାସ କରିବା ପରେ ମୁଁ ଏହାର ଆଧ୍ୟାତ୍ମିକ ମୂଲ୍ୟ ଜାଣି ପାରିଲି । ମୋ ମନ ଭିତରେ ହଠାତ୍ ଏକ ଅନୁଭୂତିର ଝଲକ ଖେଳିଗଲା ଯେ, ଏହି ହେଉଚି ସମୟ ଯେତେବେଳେ ଈଶ୍ୱରଙ୍କ ସହିତ ମୁଁ ସମ୍ପର୍କ ସ୍ଥାପନ କରିଚି ।

ଅନେକ ସମୟରେ ଜୀବନରେ ଏପରି କେତେକ ମୁହୂର୍ତ୍ତ ଆସେ, ଯେତେବେଳେ କାର୍ଯ୍ୟ କରିବାର ବେଳ । ଯେତେବେଳେ ତୁମର ଘନିଷ୍ଠ ବନ୍ଧୁମାନେ ତୁମ ସହିତ ରହି ନ ପାରନ୍ତି । ଯେତେବେଳେ କର୍ତ୍ତବ୍ୟ-ସଙ୍କଟ ଉପସ୍ଥିତ ହୁଏ, ସେତେବେଳେ ତୁମ 'ଅନ୍ତର ଭିତରେ ଥିବା କ୍ଷୁଦ୍ର ସ୍ୱର'ହିଁ ତୁମକୁ ଠିକ୍ ବାଟରେ ନେଇଯିବ ।

(ଗାନ୍ଧିଜୀଙ୍କ ଉପଦେଶାବଳୀ—ସଂଗୃହୀତ)

Digitized by srujanika@gmail.com

VIJOYA GREETINGS

TO

***OUR PATRONS & CUSTOMERS***

# THE NEW DRUG HOUSE

**NAYASARAK, CUTTACK-2**

**Phone: 846**

***WITH PUJA GREETINGS***
***From***

# THE ART REPRODUCTION

Mahammadia Bazar, Cuttack-2

THE ART DESIGNERS, PRINTERS &
BLOCK MAKERS
&
SPECIALISTS IN COLOUR PRINTING

Digitized by srujanika@gmail.com

ଭାରତର ରୁଦ୍ଧ ପ୍ରକୋଷ୍ଠ ଭିତରକୁ ସେ ଆସିଲେ ଏକ ଦମକାଏ ତାଜା ପବନ ଓ ଆଲୋକର ରେଖାଭଳି ।



# ତା' ପରେ ଗାନ୍ଧୀ ଆସିଗଲେ

—ପଣ୍ଡିତ ଜବାହାରଲାଲ ନେହେରୁ

**ତା'**ପରେ ଗାନ୍ଧୀ ଆସିଗଲେ । ଦମକାଏ ତାଜା ପବନ ଏକ ରୁଦ୍ଧ କକ୍ଷ ଭିତରେ ପଶିଗଲେ ଯେପରି ହୁଏ, ତାଙ୍କର ଆସିବାଟା ସେହିପରି ହେଲା । ଆମେ ଟିକିଏ ଗୋଡ଼ ହାତ ଲମ୍ବାଇ ଗମ୍ଭୀର ନିଃଶ୍ୱାସ ନେଲୁ । ନିରନ୍ଧ୍ର ଅନ୍ଧକାରକୁ ଭେଦ କରି ଯେପରି ଏକ ଆଲୋକର ରେଖା ପ୍ରବେଶ କରେ, ସେ ସେହିପରି ଆସିଲେ ଓ ଆମ ଆଖିର ପରଦା ଖସିଗଲା । ଏକ ଘୂର୍ଣ୍ଣିବାୟୁ ଯେପରି ସବୁ ଓଲଟ ପାଲଟ କରିଦିଏ, ତାଙ୍କ ଆସିବାଟା ସେହିପରି ହେଲା—ସବୁଠାରୁ ବଡ଼ କଥା ହେଉଛି, ଲୋକଙ୍କର ଚିନ୍ତାଧାରା ବଦଳିଗଲା । ସେ ଉପରୁ ଆସିଲେ ନାହିଁ । ଏହି ଭାରତର ଜନଗଣଙ୍କ ଭିତରୁ ସେ ବାହାରିବା ପରି ମନେହେଲା । ସେହିମାନଙ୍କ ଭାଷା ସେ କହିଲେ ଓ ସବୁବେଳେ ସେହିମାନଙ୍କ ଆଡ଼କୁ ଓ ସେମାନଙ୍କର ଅତି ଶୋଚନୀୟ ଅବସ୍ଥା ପ୍ରତି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲେ । ତୁମେ ଯେଉଁମାନେ ଏହି କୃଷକ, ଶ୍ରମିକଙ୍କୁ ଶୋଷଣ କରି ବଞ୍ଚୁଛ, ଶୀଘ୍ର ସେମାନଙ୍କ ପିଠି ଉପରୁ ଓହ୍ଲାଇ ଆସ । ଯେଉଁ ବ୍ୟବସ୍ଥା ଫଳରେ ଦେଶରେ ଏତେ ଦାରିଦ୍ର୍ୟ, ଏତେ ଦୁର୍ଦ୍ଦଶା, ତାକୁ ତୁମେ ବଦଳାଇ ଦିଅ । ଏହା ହେଲା ତାଙ୍କର ବାଣୀ । ରାଜନୈତିକ ସ୍ୱାଧୀନତା ସେତେବେଳେ ନୂତନ ଆକାର, ନୂତନ ଅର୍ଥ ଗ୍ରହଣ କଲା । ସେ ଯାହା କହିଲେ, ସେଥିରୁ ଅନେକ କଥା ଆମେ ଆଂଶିକ ଭାବରେ ଗ୍ରହଣ କଲୁ କିମ୍ବା ବିଲ୍‌କୁଲ ଗ୍ରହଣ

Digitized by srujanika@gmail.com

କଲୁ ନାହିଁ । କିନ୍ତୁ ଏ ସବୁ ହେଲା ଗୌଣ । ତାଙ୍କର ଅସଲ ଶିକ୍ଷା ହେଲା—ନିର୍ଭୀକତା ଓ ସତ୍ୟ ପ୍ରତି ବିଶ୍ୱାସ ଏବଂ ଜନସାଧାରଣଙ୍କ ମଙ୍ଗଳକୁ ଆଗରେ ରଖି ଏହି ଦୁଇଟି ଉପରେ ପ୍ରତିଷ୍ଠିତ କର୍ମପନ୍ଥା । ଆମର ପ୍ରାଚୀନ ଶାସ୍ତ୍ରସବୁ କହୁଛନ୍ତି ଯେ କୌଣସି ଜାତି ବା ବ୍ୟକ୍ତିର ସବୁଠାରୁ ବଡ଼ ଗୁଣ ହେଉଛି ଅଭୟ । କେବଳ ଶାରୀରିକ ସାହସ ଯଥେଷ୍ଟ ନୁହେଁ । ମନରୁ ଭୟ ବିଦୂରିତ ହେବା ଉଚିତ ।

ହଠାତ୍ ଭୟର ଯେଉଁ କଳାଛାଇ ଲୋକଙ୍କର ମୁହଁକୁ ଢାଙ୍କି ରଖିଥିଲା, ତାହା ଅନ୍ତର୍ହିତ ହୋଇଗଲା; ପୁରା ନ ହେଲେ ମଧ୍ୟ ଏକ ଆଶ୍ଚର୍ଯ୍ୟଜନକ ଭାବରେ ବହୁ ଅଂଶରେ । ଭୟ ହେଉଛି ମିଥ୍ୟାର ସାଥୀ; ତେଣୁ ନିର୍ଭୟର ସାଥୀ ହେଉଛି ସତ୍ୟ । ଭାରତର ଜନଗଣ ଯେତେ ସତ୍ୟନିଷ୍ଠ ଥିଲେ, ତାହାଠାରୁ ଯେ ଅଧିକ ସତ୍ୟନିଷ୍ଠ ହୋଇଗଲେ, ତାହା ନୁହେ କିମ୍ବା ତାଙ୍କର ମୌଳିକ ଚରିତ୍ର ରାତାରାତି ଅଦଳିଗଲା ନାହିଁ । କିନ୍ତୁ ମିଥ୍ୟାଚାରର ବାତାବରଣ ବହୁ ଭାବରେ କମି ଯିବାରୁ ଦେଶରେ ଏକ ଆକାଶ ପାତାଳ ପରିବର୍ତ୍ତନ ଦେଖାଗଲା ।

## ଆପୋଷହୀନ ସତ୍ୟର ପ୍ରତୀକ

ଗାନ୍ଧୀ ଏକ ଆପୋଷହୀନ ସତ୍ୟର ପ୍ରତୀକ ରୂପେ ଆମେ ଭୁଲ କଲେ ସବୁବେଳେ ଆମକୁ ଉଠାଇ ଆଣୁଥିଲେ ଓ ଆମର ଆଚରଣ ପାଇଁ ଆମକୁ ଲଜ୍ଜିତ କରି ପୁଣି ସତ୍ୟର ପଥକୁ ନେଇ ଆସୁଥିଲେ । ସତ୍ୟ କ'ଣ ? ମୁଁ ତାହା ଠିକ୍ ଜାଣେନାହିଁ । ବୋଧହୁଏ ଆମର ସତ୍ୟ ସବୁ ଆପେକ୍ଷିକ ଓ ଚରମ ସତ୍ୟ ଆମର ବହିର୍ଭୂତ । ବିଭିନ୍ନ ଲୋକେ ସତ୍ୟର ଭିନ୍ନ ଭିନ୍ନ ଅର୍ଥ କରନ୍ତି ଓ ପ୍ରତ୍ୟେକ ବ୍ୟକ୍ତି ନିଜର ପୃଷ୍ଠଭୂମି, ଶିକ୍ଷା ଓ ସ୍ୱଭାବ ଦ୍ୱାରା ପ୍ରଭାବିତ ହୁଅନ୍ତି । ଗାନ୍ଧୀ ମଧ୍ୟ ସେଥିରୁ ବାହାରେ ନ ଥିଲେ । ପ୍ରତ୍ୟେକ ବ୍ୟକ୍ତି ଯାହାକୁ ସତ୍ୟ ବୋଲି ଜାଣେ ଓ ଅନୁଭବ କରେ ଅନ୍ତତଃ ତା' ପକ୍ଷରେ ସତ୍ୟର ଅର୍ଥ ହେଉଛି ସେଇଆ । ଏହି ସଂଜ୍ଞା ଅନୁଯାୟୀ ଗାନ୍ଧୀ ସତ୍ୟ ପ୍ରତି ଯେପରି ଅନୁରକ୍ତ ଥିଲେ, ମୁଁ ଆଉ ସେପରି କୌଣସି ଲୋକକୁ ଜାଣେନାହିଁ । ଜଣେ ଗଣତନ୍ତ୍ରୀଙ୍କଠାରେ ତାହା ଏକ ଭୟାନକ ଗୁଣ । କାରଣ ତା' ମନ ଭିତରେ ଯାହା ଥାଏ, ସେ ପ୍ରକାଶ କରିଦିଏ ଓ ଲୋକେ ତାର ବିଭିନ୍ନ ପରିବର୍ତ୍ତିତ ମାନସିକ ଅବସ୍ଥାକୁ ଜାଣି ପାରନ୍ତି ।

ଗାନ୍ଧୀ ଏ ଦେଶର କୋଟି କୋଟି ଲୋକଙ୍କୁ ବିଭିନ୍ନ ଭାବରେ ପ୍ରଭାବିତ କରିଥିଲେ । କେତେକେ ତାଙ୍କର ଜୀବନର ଧାରା ସମ୍ପୂର୍ଣ୍ଣ ବଦଳାଇ ଦେଲେ । ଅନ୍ୟ କେତେକେ ଆଂଶିକ ଭାବରେ ପ୍ରଭାବିତ ହେଲେ । କେତେକଙ୍କ ଉପରେ ଯେଉଁ ପ୍ରଭାବ ପଡ଼ିଥିଲା, କାଳକ୍ରମେ ତାହା ମଉଳିଗଲା । କିନ୍ତୁ ଏ ପ୍ରଭାବ ପୁରା ମଉଳିଯିବା ସମ୍ଭବ ନୁହେଁ । ଏହା ହୋଇ ନ ପାରେ । ଭିନ୍ନ ଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ

Digitized by srujanika@gmail.com

ପ୍ରତିବିମ୍ବ ହେଲା । ସେମାନେ ନିଜେ ନିଜେ ତା'ର ଉତ୍ତର ଦେବେ ।

## କଂଗ୍ରେସ ସଂଗଠନ ବଦଳିଗଲା

ଗାନ୍ଧୀ ପ୍ରଥମ ହୋଇ କଂଗ୍ରେସ ସଂଗଠନରେ ପ୍ରବେଶ କଲେ ଓ ସଙ୍ଗେ ସଙ୍ଗେ ଏହାର ସଂବିଧାନରେ ସଂପୂର୍ଣ୍ଣ ପରିବର୍ତ୍ତନ ଆଣି ଦେଲେ । ସେ ଏହାକୁ ଏକ ଗଣତାନ୍ତ୍ରିକ ଓ ଜନଗଣଙ୍କ ସଂଗଠନରେ ପରିଣତ କଲେ । ପୂର୍ବରୁ ଏହା ମଧ୍ୟ ଗଣତାନ୍ତ୍ରିକ ଥିଲା । କିନ୍ତୁ ଏହାର ସଭ୍ୟ ହେବା ଓ ଭୋଟ ଦେବାର ଅଧିକାର କେବଳ ଉପର ଶ୍ରେଣୀର ଲୋକଙ୍କ ମଧ୍ୟରେ ସୀମାବଦ୍ଧ ଥିଲା । ଏବେ କୃଷକମାନେ ବହୁ ସଂଖ୍ୟାରେ ଏହାର ସଭ୍ୟ ହେବାକୁ ଲାଗିଲେ ଓ କଂଗ୍ରେସର ଚେହେରା ବଦଳିଗଲା । ଏହା କେତେକ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ସମେତ ଏକ ବିରାଟ କୃଷି ସଂଗଠନରେ ପରିଣତ ହେଲା । ଶିଳ୍ପ ଶ୍ରମିକମାନେ ମଧ୍ୟ ଆସିଲେ । ଅବଶ୍ୟ ବ୍ୟକ୍ତିଗତ ଭାବରେ, ସେମାନଙ୍କ ସଂଗଠନ ଜରିଆରେ ନୁହେଁ ।

କଂଗ୍ରେସ ସଂଗଠନର ଲକ୍ଷ୍ୟ ଓ ଭିତ୍ତିଭୂମି ହେଲା କାର୍ଯ୍ୟ – ଏକ ଶାନ୍ତିପୂର୍ଣ୍ଣ କର୍ମପନ୍ଥା । ଏ ପର୍ଯ୍ୟନ୍ତ କେବଳ ବକ୍ତୃତା ଦେବା ଓ ପ୍ରସ୍ତାବ ପାସ୍ କରିବା କିମ୍ବା ସଂନ୍ତ୍ରାସବାଦୀ କାର୍ଯ୍ୟ-କଳାପ ଚାଲିଥିଲା । ଏହି ଉଭୟଠାରୁ କଂଗ୍ରେସକୁ ଅଲଗା ରଖାଗଲା । ବିଶେଷତଃ ସଂନ୍ତ୍ରାସବାଦ କଂଗ୍ରେସ ନୀତିର ବିରୋଧୀ ବୋଲି ଘୋଷଣା କରାଯାଇ ତାର ନିନ୍ଦାବାଦ କରାଗଲା । ଏକ ନୂଆ କାର୍ଯ୍ୟ ପ୍ରଣାଳୀ ଆରମ୍ଭ ହେଲା । ଏହା ସଂପୂର୍ଣ୍ଣ ଭାବରେ ଶାନ୍ତିପୂର୍ଣ୍ଣ ହେଲେହେଁ ଅନ୍ୟାୟ ଆଗରେ ମୁଣ୍ଡ ନୂଆଁଇବାକୁ ଆଦୌ ପ୍ରଶ୍ରୟ ଦିଆଯାଉ ନ ଥିଲା ଏବଂ ସେଥିପାଇଁ ସମସ୍ତ ଦୁଃଖ, କଷ୍ଟ ତ୍ୟାଗ ବରଣ କରିବା ପାଇଁ ଲୋକେ ପ୍ରସ୍ତୁତ ହୋଇଗଲେ । ଗାନ୍ଧୀ ଏକ ଆଭ୍ୟନ୍ତ ଧରଣର ଶାନ୍ତିବାଦୀ ଥିଲେ । କାରଣ ସେ କର୍ମରେ ବିଶ୍ୱାସ କରୁଥିଲେ ଓ ପ୍ରବଳ କର୍ମପ୍ରାଣତା ତାଙ୍କ ଭିତରେ ପ୍ରକାଶ ପାଉଥିଲା ।

ଭାଗ୍ୟକୁ ଆଦରି ରହିବା କିମ୍ବା ଯାହା ପାପ ଓ ଅନ୍ୟାୟ ତା'ସହିତ ସମାଧାନ କରିବା ଗାନ୍ଧୀଙ୍କ ଧାତରେ ନ ଥିଲା । ସେ ବିରୋଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଯାଉଥିଲେ—ଅବଶ୍ୟ ଏହି ବିରୋଧ ଶାନ୍ତି ଓ ଧୈର୍ଯ୍ୟ ଉପରେ ପ୍ରତିଷ୍ଠିତ ଥିଲା ।

## ଜୀବନର ଧାରା ବଦଳିଗଲା

ସେ ଆମମାନଙ୍କୁ ଗାଁ ଗହଳକୁ ପଠାଇଲେ । ଗାଁ ଗଣ୍ଡାରେ ଏକ ନୂଆ କର୍ମ ଯୋଜନାର ଦୂତଭାବରେ ଅସଂଖ୍ୟ କର୍ମୀ ବିଚ୍ଛୁରିତ ହୋଇଗଲେ ଓ ଭାରତର ଗ୍ରାମମାନ କର୍ମ ମୁଖର ହୋଇ ଉଠିଲା । କୃଷକର ଘୁମ ଭାଙ୍ଗିଗଲା ଓ ଏକ ନିଶ୍ଚେଷ୍ଟତା ଭିତରୁ ସେ ଜାଗ୍ରତ ହୋଇ ଉଠିଲା । ଆମ ଉପରେ ଏକ ଭିନ୍ନ, ସୁଦୂର ପ୍ରସାରୀ ପ୍ରଭାବ ପଡ଼ିଲା । ଆମେ ପ୍ରଥମଥର ଗ୍ରାମବାସୀଙ୍କୁ ତାଙ୍କର ମାଟିଘର ଭିତର

Digitized by srujanika@gmail.com

# ORIENT DISTRIBUTORS
&
**Agencies Private Limited**
**MERIA BAZAR**
**CUTTCK-1.**

*Distributors of:* **AC's Portland Cement, White Cement & Water Proofing Compound**



With Compliments of :

# HARIHAR PRADHAN

'A' CLASS CONTRACTOR, ROURKELA

Builder of The Jagannath Temple of Rourkela
The Only Temple of the Steel Township
&
The Biggest in the District


Digitized by srujanika@gmail.com

ବାତାବରଣ ଭିତରେ ଦେଖିଲୁ । ଛୁଧାର ଯେଉଁ କଙ୍କାଳ ମୂର୍ତ୍ତି ସେମାନଙ୍କୁ ଗ୍ରାସି ରହିଥିଲା, ତାହା ମଧ୍ୟ ଆମେ ଦେଖିଲୁ । ବହୁ ଓ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣମାନଙ୍କରୁ ଭାରତୀୟ ଅଥନୀତି ସଂପର୍କରେ ଆମେ ଯାହା ଶିଖି ନ ଥିଲୁ, ଆମେ ଗାଁ ଗହଳରେ କାମକରି ତାହା ଦେଖି ପାରିଲୁ । ଆଉ ଆମ ପକ୍ଷରେ ଆମର ପୁରୁଣା ଜୀବନକୁ ଫେରିଯିବାର ପ୍ରଶ୍ନ ରହିଲା ନାହିଁ ।

ଅର୍ଥନୀତି, ସମାଜ ବ୍ୟବସ୍ଥା ଓ ଅନ୍ୟ ବହୁ ବିଷୟରେ ଗାନ୍ଧିଜୀଙ୍କର ଦୃଢ଼ ମତ ଥିଲା । ସେ ତାଙ୍କର ମତସବୁ କଂଗ୍ରେସ ଉପରେ ଲଦିଦେବାକୁ ଇଚ୍ଛୁକ ନ ଥିଲେ । କିନ୍ତୁ ତାଙ୍କର କେତେକ ମତ ସେ କଂଗ୍ରେସ ଭିତରେ ପୂରାଇବାପାଇଁ ଚେଷ୍ଟାକଲେ । କିନ୍ତୁ ଅତି ସତର୍କତାର ସହିତ ସେ ତାହା-କଲେ-ସମସ୍ତଙ୍କୁ ବୁଝାଇ ଶୁଝାଇ ସାଙ୍ଗରେ ନେବାପାଇଁ । ଅନେକ ସମୟରେ ସେ ଏତେ ଆଗକୁ ଚାଲିଯାଉଥିଲେ ଯେ, ତାଙ୍କ ସହିତ କଂଗ୍ରେସ ଯାଇ ପାରୁ ନ ଥିଲା । ସେକ୍ଷେତ୍ରରେ ସେ ପଛକୁ ଫେରି ଆସୁଥିଲେ । ବହୁଲୋକ ତାଙ୍କ ମତକୁ ପୂରା ଗ୍ରହଣ କରୁ ନ ଥିଲେ ।

କେତେକେ ତାଙ୍କର ମୌଳିକ ଦୃଷ୍ଟିକୋଣ ସହିତ ମଧ୍ୟ ଏକମତ ହେଉ ନ ଥିଲେ । କିନ୍ତୁ ପରିସ୍ଥିତିକୁ ପାଖ ଖୁଆଇ ସେ ଗ୍ରହଣଯୋଗ୍ୟ ହେବାଭଳି ତାଙ୍କର ଯେଉଁ ନୀତି କଂଗ୍ରେସ ଆଗରେ ରଖିଥିଲେ, ତାହା ବହୁଲୋକ ଗ୍ରହଣ କରି ନେଇଥିଲେ ।

ଗାନ୍ଧୀ ମୁଖ୍ୟତଃ ଏକ ଧାର୍ମିକ ପୁରୁଷ ଥିଲେ । ସେ ହାଡ଼େ ହାଡ଼େ ହିନ୍ଦୁ ଥିଲେ । କିନ୍ତୁ ଧର୍ମ ସମ୍ପର୍କରେ ତାଙ୍କର ଧାରଣା ଅନ୍ୟମାନଙ୍କଠାରୁ ଭିନ୍ନ ଥିଲା । କୌଣସି କୁସଂସ୍କାର ସହିତ ତାଙ୍କର ସମ୍ପର୍କ ନ ଥିଲା । ସତ୍ୟ ଓ ପ୍ରେମ ଥିଲା ତାଙ୍କର ଧାର୍ମିକ ବିଶ୍ୱାସର ମୂଳରେ ।

## ଦରିଦ୍ର ଓ ନିଃସମ୍ବଳ ଜନଗଣଙ୍କ ପ୍ରତିନିଧି

ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଏକତା ପ୍ରତିଷ୍ଠା କରିବାପାଇଁ, ଓ ଉପରେ ଥିବା ପାଶ୍ଚାତ୍ୟ ଗୋଷ୍ଠୀ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂରକରିବା ପାଇଁ ସେ ଚେଷ୍ଟିତ ହୋଇଥିଲେ । ଦେଶର ପୁରାତନ ସଂସ୍କୃତିର ଯେଉସବୁ ପ୍ରାଣବନ୍ତ ପ୍ରେରଣା ଥିଲା, ତାହା ସେ ପୁନରାବିଷ୍କାର କରି ତାକୁ ନୂଆ ମୂଲ୍ୟ ଦେଇଥିଲେ ଓ ଜନସାଧାରଣ ଯେପରି ଭାଗ୍ୟକୁ ଆଦରି ପଡ଼ି ରହିଥିଲେ, ସେଥିରୁ ସେମାନଙ୍କୁ ଜାଗ୍ରତ କରି ସେ ନୂତନ ଉନ୍ମାଦନା ଓ କର୍ମ ପ୍ରେରଣା ଦେଇଥିଲେ । ତାଙ୍କର ବହୁମୁଖୀ କର୍ମ ଯୋଜନା ଓ ଏକାଗ୍ର ଚରିତ୍ର ମଧ୍ୟରେ ଗୋଟିଏ ବିଷୟ ଲକ୍ଷ୍ୟ କରିବାର କଥା—ଜନସାଧାରଣଙ୍କ ସହିତ ସେ ନିଜକୁ ମିଶାଇ ଦେଇଥିଲେ ଏବଂ କେବଳ ଭାରତବର୍ଷର ନୁହେଁ, ପୃଥିବୀର ଦରିଦ୍ର ଓ ନିଃସମ୍ବଳ ଜନତାର ସ୍ୱାର୍ଥକୁ ହିଁ ସେ ନିଜର ବୋଲି ଗ୍ରହଣ କରିଥିଲେ ।

ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର ନୁହେଁ ଯେ ଏପରି ଜଣେ ଆତ୍ମବିଶ୍ୱାସ ଓ


Digitized by srujanika@gmail.com

ଅସାଧାରଣ ଶକ୍ତି ସମ୍ପନ୍ନ ବ୍ୟକ୍ତି ଭାରତର ଦରିଦ୍ର ଜନସାଧାରଣଙ୍କୁ ଚୁମ୍ବକପରି ଆକୃଷ୍ଟ କରିବି । କେବଳ ଜନସାଧାରଣ ନୁହନ୍ତି ; ବୁଦ୍ଧିଜୀବୀ ସଂପ୍ରଦାୟ ମଧ୍ୟ ତାଙ୍କ ପ୍ରତି ଆକୃଷ୍ଟ ହୋଇଗଲେ; ଅବଶ୍ୟ ସେମାନଙ୍କର ଚିନ୍ତାଧାରା ଅନେକ ସମୟରେ ପରିଷ୍କାର ନ ଥିଲା ଓ ପୁରୁଣା ଜୀବନକୁ ବଦଳାଇବା ସେମାନଙ୍କ ପକ୍ଷରେ କଷ୍ଟକର ଥିଲା । ତେଣୁ ତାଙ୍କୁ ଯେଉଁମାନେ ଅନୁସରଣ କରୁଥିଲେ କେବଳ ସେମାନଙ୍କ ମଧ୍ୟରେ ନୁହେଁ, ତାଙ୍କ ବିରୋଧୀମାନଙ୍କ ଭିତରେ ଓ ଯେଉଁମାନେ ନିଜର ମନ ସ୍ଥିର କରିପାରୁ ନ ଥିଲେ ସେମାନଙ୍କ ଭିତରେ ସେ ଏକ ପ୍ରବଳ ମାନସିକ ବିପ୍ଳବ ସଂଘଟିତ କରି ପାରିଥିଲେ ।

ଗାନ୍ଧୀଙ୍କର ପୂର୍ଣ୍ଣ ପ୍ରଭାବରେ ଥିଲେ ମଧ୍ୟ କଂଗ୍ରେସ ଥିଲା ଏକ ବିରାଟ ଅନୁଷ୍ଠାନ । ଏଥିରେ ବହୁ ମତ ପ୍ରକାଶ ପାଉଥିଲା ଓ ସହଜରେ ଏହାକୁ ଗୋଟିଏ ଦଗରେ ଚାଳିତ କରାଯାଇ ପାରୁ ନ ଥିଲା । ଅନେକ ସମୟରେ ଗାନ୍ଧୀ ଅନ୍ୟମାନଙ୍କ ଗ୍ରହଣଯୋଗ୍ୟ ହେବାପାଇଁ ତାଙ୍କ ସ୍ଥାନରୁ ଟିକିଏ ତଳକୁ ଖସିଆସୁଥିଲେ ଓ ବେଳେ ବେଳେ ବିରୋଧୀ-ମାନଙ୍କ ମତବାଦକୁ ଗ୍ରହଣ କରିଯାଇଥିଲେ । କିନ୍ତୁ କେତେ ପ୍ରଧାନ ପ୍ରଧାନ ବିଷୟରେ ସେ ନିଜ ମତରେ ଦୃଢ଼ ରହୁଥିଲେ ଓ ଏଥିପାଇଁ ବହୁବାର କଂଗ୍ରେସ ସହିତ ତାଙ୍କର ଅମେଳ ହେଉଥିଲା । କିନ୍ତୁ ସବୁବେଳେ ସେ ଥିଲେ ଭାରତୀୟ ସ୍ୱାଧୀନତା ଓ ଉଗ୍ର ଜାତୀୟତାର ପ୍ରତୀକ ଏବଂ ଏହି ପ୍ରତୀକ ଭାବରେ ଲୋକେ ତାଙ୍କର ନେତୃତ୍ୱକୁ ଗ୍ରହଣ କରି ମତଭେଦ ସତ୍ତ୍ୱେ ତାଙ୍କ ଆଡ଼କୁ ଟାଣିହୋଇ ଆସୁଥିଲେ । ସକ୍ରିୟ ସଂଗ୍ରାମ ନ ଥିବାବେଳେ ସେମାନେ ସବୁସମୟରେ ତାଙ୍କର ନେତୃତ୍ୱ ଗ୍ରହଣ କରୁ ନ ଥିଲେ । କିନ୍ତୁ ଯେତେବେଳେ ସଂଗ୍ରାମ ହେବ ବୋଲି ଜଳ ଜଳ ଦେଖା ଯାଉଥିଲା, ସେ ହିଁ ଥିଲେ ସଂଗ୍ରାମୀ ଭାରତବର୍ଷର ପ୍ରତୀକ । ଅନ୍ୟସବୁ ଗୌଣ ହୋଇ ଯାଉଥିଲା ।

( 'ଭାରତ ଆବିଷ୍କାର', ୧୯୪୬ )

ଠିକ ମନେ ଖଦୀ ପିନ୍ଧିବା
ଆରମ୍ଭ କଲେ ବୋଲି ଖଦୀର
ମୂଲ୍ୟ କମିଯାଇ ନାହିଁ ।



# ଖଦୀ—ଏ ଜାତିର ଉତ୍ତରାଧିକାର

**ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ**

ସରକାରୀ ପରିଚାଳନା ଯୋଗୁଁ କଟାଳି ଆନ୍ଦୋଳନର ବର୍ତ୍ତମାନ ଏପରି ଅବସ୍ଥା ହୋଇଛି ଯେ ବ୍ୟବହୃତ ହୋଇ ନ ପାରି ବହୁ ସୂତା ଜମା ହୋଇ ପଡ଼ିରହୁଛି । ଏ ସବୁ ସୂତାର ମାନ ନିମ୍ନଧରଣର । କିନ୍ତୁ ଦୋଷ ନାହିଁ, ମିଲ ସୂତା ସହିତ ଏହାକୁ ମିଶାଇ ଯଦି ବ୍ୟବହାର କରିଯାଇ ପାରେ । ଅବଶ୍ୟ ଏହାକୁ ସେତେବେଳେ ଖଦୀ ନ କହି ଅନ୍ୟ କିଛି ନାମରେ ଡକାଯାଇପାରେ । ଯଥା:—ମିଲ୍-କମ୍-ଚରଖା । ଏହି ନିମ୍ନ ଧରଣର ହାତକଟା ସୂତାକୁ ଯଦି ଖିଏ ସ୍ଥାନରେ ଦୁଇ ବା ତିନି ଖିଅ ଏକାଠି କରି ବୁଣାଯାଏ, ତା'ହେଲେ ଏ କନାରେ ଭଲ ଦର୍ଜିଙ୍କୁ ଦେଇ ପେଣ୍ଟ୍, ସାର୍ଟ୍ କରିଯାଇ ପାରେ । ତା'ହେଲେ ମିଲ ସୂତାର ସାହାଯ୍ୟ ନେବା ଦରକାର ନାହିଁ ।

ହାତ ତନ୍ତ ଆମର ପୂର୍ଣ୍ଣ ସମର୍ଥନ ଲାଭ କରିବା ଉଚିତ । ସେହିପରି ମଧ୍ୟ ଚରଖା । ଯଦି ଆମେ ଖଦୀ କିଣୁ ଓ ପିନ୍ଧୁ ତା'ହେଲେ ଆମେ ଦୁଇଟି ଯାକକୁ ସମର୍ଥନ କରି ପାରିବା । ଯଦି ଆମେ ତନ୍ତ ଲୁଗା କିଣିବା ଓ ପିନ୍ଧିବା, ତା'ହେଲେ ଆମେ ହାତ ତନ୍ତକୁ ସମର୍ଥନ କରି ପାରିବା ।

## ଜାତିର ସମ୍ମାନିତ ପୋଷାକ ହେଉ

ଜାତିର ପିତାଙ୍କୁ ସମ୍ମାନ ଦେଖାଇ ଦେଶର ଶିକ୍ଷିତ, ସମ୍ଭ୍ରାନ୍ତ ସଂପ୍ରଦାୟ ଖଦୀକୁ ନିଜର ପୋଷାକ କରି ନେବା ଉଚିତ । ଏଥିପାଇଁ ସେମାନେ ପୂର୍ଣ୍ଣ ମୂଲ୍ୟ ଦେଇ ଏହା କିଣିବା ଉଚିତ ଓ ମୂଲ୍ୟ କମାଇବା ପାଇଁ ସରକାର ସାହାଯ୍ୟ ଦିଅନ୍ତୁ ବୋଲି ଦାବୀ କରିବା ଉଚିତ ନୁହେଁ । ରାଷ୍ଟ୍ର ଖଦୀକୁ ସାହାଯ୍ୟ ଦେବା ନାମରେ ଖଦୀ କିଣିନେଇ

Digitized by srujanika@gmail.com


*WITH BEST COMPLIMENTS OF:*

# UNIVERSAL SALES & SUPPLY AGENCY

## General Order Suppliers
&
## Commission Agents

**BUXIBAZAR, CUTTACK—1**

**Phone—840.**




*Konark*

**ELECTRICAL ACCESSORIES**

*Manufactured by*

**ORISSA ELECTRICAL MANUFACTURERS LTD.**

**INDUSTRIAL ESTATE, CUTTACK-3**

ଚଳିଆ କର୍ମଶ୍ରେଣୀମାନଙ୍କର ପୋଷାକରୂପେ ଏହାକୁ ଚଳାଇବା ଉଚିତ ନୁହେଁ । ଖଦୀର ଏପରି ଅବସ୍ଥା ନ ହେଉ, ଯାହା କି ଶ୍ରୀକର-ବାକର, ନିମ୍ନ କର୍ମଶ୍ରେଣୀଙ୍କର ଏହା ପୋଷାକ ହୋଇଯିବ । ଯେଉଁମାନେ ଏ ଦେଶର ରାଜନୈତିକ ସ୍ୱାଧୀନତାରେ ଗର୍ବ ଅନୁଭବ କରନ୍ତି ଓ ନିଜକୁ ଜାତିର ସମ୍ଭ୍ରାନ୍ତ ସମ୍ପ୍ରଦାୟର ବୋଲି ଜ୍ଞାନ କରନ୍ତି, ସେମାନେ ଖଦୀକୁ ସମ୍ମାନର ଚିହ୍ନରୂପେ ପରିଧାନ କରନ୍ତୁ ।

ମନେ କର, ଗାନ୍ଧିଜୀଙ୍କର ନିଜ ହାତ କଟା ସୂତାରେ ବୁଣା ହୋଇଥିବା କିଛି କନା ଆମ ପାଖରେ ଅଛି । ଆମେ ଏହାକୁ ଜାତିର ସର୍ବଶ୍ରେଷ୍ଠ ସମ୍ପଦ ବୋଲି ଜ୍ଞାନ କରିବା ନା ନାହିଁ ? ଏହାକୁ ଅଧିକାଂଶ ଜିନିଷର ଊର୍ଦ୍ଧ୍ୱରେ ସ୍ଥାନ ଦେବା ନା ନାହିଁ ? ସବୁ ଖଦୀକୁ ଗାନ୍ଧିଜୀଙ୍କ ହାତ କଟା ସୂତାରେ ବୁଣା ହୋଇଛି ବୋଲି ଜ୍ଞାନ କର । ସବୁ ହାତକଟା ସୂତା ଗାନ୍ଧିଜୀଙ୍କ ହାତରେ କଟା, ଯେପରିକି ସୈନ୍ୟମାନଙ୍କର ସମସ୍ତ ବିଜୟ ସେମାନଙ୍କର ସେନାପତିଙ୍କର ବୋଲି ଧରି ନିଆଯାଏ । ତେଣୁ ଅର୍ଥନୈତିକ ଯୁକ୍ତି ଦେଖାଇ ଖଦୀକୁ ଆମେ ଠିକ ଠିକ କରି ଫିଙ୍ଗି ନ ଦେଇ ଏହାକୁ ଉତ୍ତରାଧିକାରୀ ସଦେ ଅର୍ଜିତ ପୂର୍ବପୁରୁଷଙ୍କ ଦାନ ରୂପେ ସମ୍ମାନ ଦେଖାଇବା ଉଚିତ । ଯଦି ଭାରତବର୍ଷରେ ସବୁ ଠିକ ଯାକ ହିନ୍ଦୁ ହୋଇଯାଆନ୍ତି ଓ 'ଶିବାୟ ନମଃ,' ନାରାୟଣାୟ ଓ ବୋଲି ଉଚ୍ଚାରଣ କରନ୍ତି, ତା'ହେଲେ ମୁଁ କ'ଣ ଏ ମନ୍ତ୍ର ଉଚ୍ଚାରଣ କରିବାକୁ ଛାଡ଼ି ଦେବି ? ମୋର ବନ୍ଧୁ ଏସ୍. ରାମନାଥନଙ୍କ ପ୍ରତି ମୋର ପୂର୍ବ ଭଳି ଶ୍ରଦ୍ଧା ରହିବ ଓ ରହିଥିବ ଏବଂ ରାମନାଥନ ଖଦୀ ସମ୍ପର୍କରେ ଯାହା କହନ୍ତୁ ବା ଲେଖନ୍ତୁ, ମୁଁ ଖଦୀ ପିନ୍ଧୁଥିବି । ଏହାକୁ ଭାବପ୍ରବଣତା କୁହାଯାଇ ପାରେ । କିନ୍ତୁ ରାମନାଥନଙ୍କ ଓ ମୁଁ ବ୍ରିଟିଶ ଶାସନରୁ ଭାରତକୁ ସ୍ୱାଧୀନ କରିବା ନିମନ୍ତେ କେଉଁଥି ପାଇଁ ତ୍ୟାଗ ଓ ଦୁଃଖ, କଷ୍ଟ ବରଣ କରିଥିଲୁ ? କ'ଣ ବ୍ରିଟିଶମାନଙ୍କ ଅପେକ୍ଷା ଆମର ପ୍ରତିନିଧିମାନେ ଦେଶକୁ ଅଧିକ ଉତ୍ତମରୂପେ ଶାସନ କରିବେ ବୋଲି ? ନା, ତା' ନୁହେଁ । ସେ ଓ ମୁଁ ଏ ବିଷୟରେ ଆଦୌ ନିଶ୍ଚିତ ନ ଥିଲୁ । ଏ ଆଶା ମଧ୍ୟ ଆମର ନ ଥିଲା । ଆଜି ଇସ୍ରାଏଲ କାହିଁକି ଜେରୁଜେଲମ୍‌ରେ ରହିବା ପାଇଁ ଏତେ ଚେଷ୍ଟା କରୁଛି—ଏହା ଭାବପ୍ରବଣତା ନୁହେଁ ତ ଆଉ କ'ଣ ହୋଇପାରେ ?

---

( ଗତ ଜୁଲାଇ ୧୫ ତାରିଖ 'ସ୍ୱରାଜ୍ୟ'ରେ ପ୍ରକାଶିତ ଲେଖାର ଅନୁବାଦ )

Digitized by srujanika@gmail.com

# ଆପଣଙ୍କ ଲାଇବ୍ରେରୀର ଶ୍ରୀବୃଦ୍ଧି କରନ୍ତୁ

| | | |
|---|---|---|
| ତୁଳସୀ ରାମାୟଣ | ଅନୁବାଦ ଡ: ସ୍ୱପ୍ନେଶ୍ୱର ଦାସ | ଟ୧୫.୦୦ |
| ସର୍ଦ୍ଦାର ବଲ୍ଲଭଭାଇ ପଟେଲ | [illegible] ଦାନନ୍ଦ କାନୁନଗୋ | ଟ୧୫.୫୦ |
| କାହାପାଇଁ ଘଣ୍ଟାବାଜେ | "ଲାଲା ନଗେନ୍ଦ୍ର କୁମାର ରାୟ | ଟ୬.୫୦ |
| କବାଂଡ଼ ଓ ମେରୀ<br>ମଧ୍ୟାଳନଦୀରେ ଏକସପ୍ତାହ | ,, ଲାଲା ନଗେନ୍ଦ୍ରକୁମାର ରାୟ | ଟ୬.୫୦ |
| ମାନବ ସମାଜର କଲ୍ୟାଣ | ,, ଲାଲା ନଗେନ୍ଦ୍ର କୁମାର ରାୟ | ଟ୬.୦୦ |
| ଉଦାର ଚେତାର ବିବେକ | ,, ବୀରେନ୍ଦ୍ର ନାଥ ଦାସ | ଟ୬.୦୦ |
| ଜାତୀୟ ଜାଗରଣ ଓ<br>ସ୍ୱାମୀ ବିବେକାନନ୍ଦ | ଲେଖକ ଲକ୍ଷ୍ମୀନାରାୟଣ ରାୟସିଂହ | ଟ୫.୦୦ |
| ଖଣ୍ଡ ଓ ଛାଇ (କବିତା) | ,, ମୁରଲୀ ମୋହନ ଜେନା | ଟ୮.୦୦ |
| କବିପ୍ରିୟାସୁ ,, | ,, ନିତ୍ୟାନନ୍ଦ ମହାପାତ୍ର | ଟ ୨.୫୦ |
| ମହାବୀର ଦୋହରା ବିଶେଷ | ,, ଅନନ୍ତ ପଦ୍ମନାଭ ପଟ୍ଟନାୟକ | ଟ୨୦୦ |

**ପ୍ରକାଶକ ଓ ବିକ୍ରେତା--ଦୃଷ୍ଟି ଭାଷ ପୁସ୍ତକ ଭଣ୍ଡାର**
ବାଙ୍କାବାଜାର କଟକ—୨

Digitized by srujanika@gmail.com

# ମାଆ ଜଗଦ୍ଧାତ୍ରୀଙ୍କୁ ଆବାହନ

ସରଳା ଦେବୀ

ତୁମେ ଯେତେବଡ଼ ଧନୀ ମାନୀ ଜ୍ଞାନୀ ସୁନ୍ଦର ସୁସ୍ଥ ହେଲେ ମଧ୍ୟ ତୁମମାନଙ୍କୁ ଯଦି ଅଭିମାନ ଗର୍ବ ଛୁଇଁବ ତେବେ ତୁମର ନିସ୍ତାର ନାହିଁ । ତୁମର ଅଭିମାନ ଗର୍ବ ନିଶ୍ଚୟ ନଷ୍ଟହେବ । ତୁମେ ମନେ ମନେ ବୁଝିବ ତୁମେ କେହିନୁହଁ, ତୁମର କିଛି ଶକ୍ତି ନାହିଁ । ତୁମେ କାନ୍ଦିବ, ମନେ ମନେ ।

ମା ଆମର ସିଂହବାହନରେ ଜଗଦ୍ଧାତ୍ରୀ ମୂର୍ତ୍ତି ଧରି ଆସୁଛନ୍ତି, ଏହା ମୂଳରେ ମଧ୍ୟ ଅଭିମାନ । ଦେବଗଣଙ୍କ ଗର୍ବ ଅଭିମାନ ନାଶ କରିବାକୁ ମା ଜଗଦ୍ଧାତ୍ରୀ ରୂପ ପ୍ରଥମେ ଧରିଥିଲେ । ତା'ପରେ ପ୍ରତିବର୍ଷ ପୁଣ୍ୟ ନବମୀ ତିଥିରେ ମା ଜଗଦ୍ଧାତ୍ରୀ ମୂର୍ତ୍ତିରେ ଆସି ତ୍ରିତାପତାପିତ ଜୀବଙ୍କୁ ଶାନ୍ତ କରନ୍ତି ।

ଇନ୍ଦ୍ରାଦି ଦେବତାନେ ଭାବିଲେ ସେମାନେ ଈଶ୍ୱର, ତାଙ୍କଠାରୁ ଅତିରିକ୍ତ ଈଶ୍ୱର ନାହାନ୍ତି । ସେଥିପାଇଁ ମା ଜ୍ୟୋତିରୂପ ଧାରଣ କରି ସେମାନଙ୍କ ମୂଢ଼ଭିମାନ ଧ୍ୱଂସ କରିବାକୁ ସମ୍ମୁଖରେ ଛିଡ଼ାହେଲେ ।

କୋଟିସୂର୍ଯ୍ୟ ପ୍ରତୀକାଶଂ ଚନ୍ଦ୍ରକୋଟି ସମପ୍ରଭଂ
ଜ୍ୱଳନ୍ତ ପର୍ବମିତବ ସର୍ବଲୋକ ଭୟଙ୍କରଂ ।

କୋଟି ଚନ୍ଦ୍ର ସୂର୍ଯ୍ୟ ତେଜ ଜ୍ୱଳନ୍ତ ପର୍ବତ ପରି ଦୀପ୍ତି ତେଜ ଦେଖି ଦେବଗଣ ଭୀତ ହେଲେ । ସେମାନେ ଏହି ତେଜର ନିର୍ଣ୍ଣୟ କରି ନ ପାରି ବାୟୁଦେବତାଙ୍କୁ ପଚାରିଲେ ହେ ବାୟୁ, । ତୁମେ ଯାଇ ଏ ଅଦ୍ଭୁତ ତେଜ କ'ଣ ବୁଝିଆସ । ବାୟୁକ୍ଷଣକରେ ତେଜ ନିକଟରେ ଉପସ୍ଥିତ ହେବାରୁ ତେଜ କହିଲେ ହେ ବଳବନ୍, ତୁମର କି ବୀର୍ଯ୍ୟ ? ତୁମେ କିଏ ? ଜଗତର ସମସ୍ତ ପଦାର୍ଥ ମୁଁ ଗ୍ରହଣ କରିପାରେ । ଏ କଥା କହି କିଛିକ୍ଷଣ ପରେ ବାୟୁଙ୍କୁ ଗୋଟିଏ ତୃଣ ଦେଇ କହିଲେ ଗ୍ରହଣ କର ।

"ବାୟୁଃ ସର୍ବ ପ୍ରଯତ୍ନେନ ମାଦାତୁଂ
ତଦକ୍ଷମୋ ଭବେତ୍"

ସର୍ବପ୍ରଯତ୍ନ କରି ବାୟୁ ତାହା କରିବାକୁ ସମର୍ଥ ହେଲେ ନାହିଁ । ତାହାପରେ ଭୀତ ଓ ସନ୍ଦିଗ୍ଧ ମନରେ ଦେବତାମାନେ ଅଗ୍ନିଙ୍କୁ କହିଲେ :

"ଅଗ୍ନେ ଏତଦ୍ବିଜାନୀହି
କିମେତଂ କର୍ମସୁଦ୍ଭୂତମ୍"

ଅଗ୍ନି ! ତୁମେ ବିଶେଷଭାବରେ ବୁଝିଆସ, ଏପରି ଅଦ୍ଭୁତ କର୍ମର ଅର୍ଥ କ'ଣ ।"

ଅଗ୍ନି ତେଜ ନିକଟରେ ଉପସ୍ଥିତ ହେଲାରୁ ତେଜ କହିଲେ "ତୁମେ କିଏ" ?

Digitized by srujanika@gmail.com

DEDICATED TO THE SERVICE
OF
THE MOTHERLAND
IN
EARNING MUCH-NEEDED FOREIGN
EXCHANGE


# The Orissa Commercial Transport Corporation Limited.

*PIONEERS*
*IN*

Heavy Transportation of
Exportable Iron Ore
To Paradeep Port


Digitized by srujanika@gmail.com

ଅଗ୍ନି କହିଲେ ମୁଁ ଅଗ୍ନି । ମୁଁ ସବୁ ଦଗ୍ଧ କରିପାରେ । ତେଜ କହିଲେ, ଏହି ତୃଣଟି ଆଗ ଦଗ୍ଧ କର । "ମାତ୍ର ଅଗ୍ନି ଦଗ୍ଧ କରିପାରିଲେ ନାହିଁ । ଅଗ୍ନି ଲଜ୍ଜିତ ହୋଇ ଫେରି ଆସିଲେ ।

ଦେବଗଣ ଏହାପରେ ସେମାନଙ୍କ ଭ୍ରମ ବୁଝିଲେ । ସେମାନେ ଏକତ୍ରିତ ହୋଇ ପରାମର୍ଶ କରି ଭାବିଲେ ଆମେ ଈଶ୍ୱର ନୋହୁଁ । ସେ ନିଶ୍ଚୟ ଈଶ୍ୱରୀ । ଏହା ଜାଣି ସେମାନେ ପରମେଶ୍ୱରୀଙ୍କ ସ୍ତବ କଲେ ।

ସେମାନେ କହିଲେ, "ମା, ତୁମେ ହିଁ ଈଶ୍ୱରୀ, ଆମେ ନୋହୁଁ । ଆମେ ନିଜକୁ ଈଶ୍ୱର ଭାବି ଯେଉଁ ପାପ କଲୁ ମା ଜଗତରେ, କୃପା କରି କ୍ଷମା କର । ଆମେ ତୁମର ସର୍ବ ମଙ୍ଗଳ ରୂପ ଦେଖିବାକୁ ଚାହୁଁ । ଆମର ମନ ବାସନା ପୂରାଅ ମା ।

ଦେବଗଣଙ୍କ ସ୍ତବରେ ଦେବୀ ତୁଷ୍ଟ ହେଲେ । ଦେଖୁ ଦେଖୁ ତେଜ ଅନ୍ତର୍ହିତ ହୋଇ ଗଗନମଣ୍ଡଳରେ ଦେବୀଙ୍କ ମନୋହର ରୂପ ଦେଖାଗଲା ।

ମା ମୋର ସିଂହାସନରେ ବସିଛନ୍ତି । ବାଲାର୍କ ପରି ତାଙ୍କ ବର୍ଣ୍ଣ, ରକ୍ତାମ୍ବରୀ, ଚତୁର୍ଭୁଜା, ସର୍ବାଳଂକାର ଭୂଷିତା ନାଗ ଉପବୀତ ଧାରିଣୀ । ତ୍ରିନୟନରୁ କରୁଣାମୃତ ଝରୁଛି । କୋଟିଚନ୍ଦ୍ର ପରି ଦୀପ୍ତିମୟୀ ମାଙ୍କୁ ଦେବର୍ଷିଗଣ ସେବା କରୁଛନ୍ତି, ମୁନିମାନେ ପୂଜା କରୁଛନ୍ତି କି ସୁନ୍ଦର ରୂପ ! ବିହ୍ୱଳିତ ଦେବଗଣ ମାତୃସ୍ତବ କଲେ ।

ସେମାନଙ୍କ ଈଶ୍ୱରତ୍ୱ ଅଭିମାନ ଚୂର୍ଣ୍ଣ ହେଲା ଓ ସେମାନେ ବୁଝିଲେ ତାଙ୍କର କିଛି ଶକ୍ତି ନାହିଁ । ଯାହାଙ୍କ ପ୍ରେରଣାରେ ସେମାନେ କାର୍ଯ୍ୟ କରନ୍ତି ସେହି ଶକ୍ତିର ପ୍ରେରଣା ଦାତ୍ରୀ ସେହି ଦେବୀ ଈଶ୍ୱରୀ ! ସେ ଯନ୍ତ୍ରୀ, ଦେବତାମାନେ ଯନ୍ତ୍ର ।

ଏହି ଭାବନା ମନରେ ପଡ଼ିଲେ ବେଶି ଆନନ୍ଦିତ ହୁଏ । ତୁମେ ଯନ୍ତ୍ର ଆମେ ଯନ୍ତ୍ରୀ । ଏଭାବ ରହିଲେ ଆଉ ଭାବନା ଚିନ୍ତା ନ ଥାଏ । କେବଳ ଥାଏ ହୃଦୟଭରା ଆନନ୍ଦ ।

ଆମେ, ନର ମାନବ ମାନବୀ କିଛି ନୋହୁଁ । ତୁମେ ଆମର ପ୍ରାଣସ୍ୱରୂପା ତୁମରି ବୀଣାର ସ୍ୱର ଆମଠାରେ ଜୀବନର ନାନା କର୍ମ, ସୁଖ ଦୁଃଖରେ ବାଜେ ।

କି ସୁନ୍ଦର ତୁମର ହୃଦୟ ! କିପରି ତୁମକୁ ଭକ୍ତିର ଅର୍ଘ୍ୟ ଢାଳିବି ମା । ଆମକୁ ବଞ୍ଚାଅ, ଆଖି ଫିଟାଇ ଦିଅ ମା । ଦୁର୍ଗା ଦୁର୍ଗା ଦୁର୍ଗା ଏ ନାମ ଜପିଲେ ମନୁଷ୍ୟ ଜୀବନ୍ମୁକ୍ତ ହୁଏ । ଭୟ ନାହିଁ ।


ଯେଉଁ ଭକ୍ତ ପରିବାର ସହି ନୈବେଦ୍ୟ ଦୁର୍ଗା ପୂଜା କରି ନ ପାରନ୍ତି ମା ତାଙ୍କର ପୂଜା ନେବାକୁ ଗୋଟିଏ ଦିନରେ ତିନୋଟି ପୂଜା ଗ୍ରହଣ କରନ୍ତି ।

ଏହି ଶାରଦୀୟ ପୁଣ୍ୟତିଥିରେ ମା ଆସୁଛନ୍ତି । ତାଙ୍କର ଲୀଳା ଚିନ୍ତା କଲେ ମନ ଶାନ୍ତ ଓ ଜୀବନଧାରା ସୁସ୍ଥ ହେବ । ତାଙ୍କର ନାମ ଅବିରାମ ଜପ କଲେ ଓ ତାଙ୍କୁ ଆତ୍ମସମର୍ପଣ କଲେ ମନୁଷ୍ୟ ଆଧିଭୌତିକ ଆଧିଦୈବିକ ଆଧ୍ୟାତ୍ମିକ ସଙ୍କଟରୁ ତ୍ରାଣ ପାଇବ । ମାଭୈଃ । ଏହାହିଁ ଆମର ମାଆଙ୍କ ପ୍ରତି କର୍ତ୍ତବ୍ୟ ଅଟେ । ମା'ଙ୍କ ଶରଣାଗତି ଛଡ଼ା ଜୀବର ଗତି ମୁକ୍ତି କେଉଁଥିରେ କଳି ଯୁଗରେ ସମ୍ଭବ ନୁହେଁ । ଏହି କଥା ଲେଖିବା ବାହୁଲ୍ୟ ।

Digitized by srujanika@gmail.com

# କଳିଙ୍ଗ ସମବାୟ ରୌପ୍ୟତାରକସ ପ୍ରତିଷ୍ଠାନ, ଲିଃ

**ମଧୁପାଟଣା, କଟକ—୩**



**ବିଶ୍ୱବିଖ୍ୟାତ ଓ ଉତ୍କୃଷ୍ଟ ରୌପ୍ୟ ତାରକସ ପଦାର୍ଥ-ମାନଙ୍କ ନିର୍ମାତା ଓ ରପ୍ତାନିକାରୀ, ଆମ ତିଆରି ଜିନିଷ-ଗୁଡ଼ିକ ଆମ୍ଭ କାରଖାନା ଓ ନିମ୍ନଲିଖିତ ବିକ୍ରୟ କେନ୍ଦ୍ର (ଏମ୍ପୋରିୟମ) ମାନଙ୍କରେ କିଣିବାକୁ ମିଳେ—**

(୧) ନୟାସଡ଼କ, କଟକ—୨ (ଶୀତତାପନିୟନ୍ତ୍ରିତ)। (୨) ଷ୍ଟେସନରୋଡ଼, ସମ୍ବଲପୁର। (୩) ଦକ୍ଷିଣପୂର୍ବ ରେଳବାଇ ହୋଟେଲ, ପୁରୀ। (୪) ବଡ଼ଦାଣ୍ଡ, ପୁରୀ। (୫) ମେନ୍‌ରୋଡ଼, ଗଞ୍ଜ। (୬) ଗଡ଼ିଆହାଟ ମାର୍କେଟ୍, କଲିକତା। (୭) ରେଳବାଇ-ଷ୍ଟେସନ, ଟାଟା ନଗର। (୮) ରାୟପେଟା, ହାଇରୋଡ଼, ମଇଲାପୁର, ମାନ୍ଦ୍ରାଜ (ଶୀତତାପନିୟନ୍ତ୍ରିତ) (୯) ୨୯ ଲ୍ୟାଣ୍ଡସ୍ ଡାଉନ୍ ରୋଡ଼, କୋଲବା ବମ୍ବେ ୧ ବି.ଆର. (୧୦) ସପ ନଂ୭, ସେକ୍ଟର-୨ ରାଉରକେଲା। (୧୧) ଫାଷ୍ଟଗେଟ ମେନରୋଡ଼, ତାଲଚେର। (୧୨) ଜି ୬୭, କନ୍ନଟ୍ ସର୍କସ, ନୂଆଦିଲ୍ଲୀ (ଶୀତତାପନିୟନ୍ତ୍ରିତ) (୧୩) ସାଫାୟର ଥିଏଟର ବିଲଡ଼ିଂ ମାନ୍ଦ୍ରାଜ। (୧୪) ହସ୍ପିଟାଲରୋଡ଼, ବାଙ୍ଗାଲୋର ୧ (୧୫) ଷ୍ଟେସନ ରୋଡ଼ (ବୁଦ୍ଧେଶ୍ୱରୀ), ଭୁବନେଶ୍ୱର।

Digitized by srujanika@gmail.com

# ଦୁଂ ଦୁର୍ଗେ ଦୁରିତଂ ହର

ଅଧ୍ୟାପକ ପ୍ରହ୍ଲାଦ, ପ୍ରଧାନ ଏମ ଏ,

ଦୁର୍ଗାପୂଜା ପୁଣି ଆସିଲଣି । ସ୍ବଳ୍ପଅଡ଼େ ପୂଜାଉତ୍ସବର ଘଣ୍ଟା ଲାଗିବ । ଲୋକେ ମହାଉତ୍ସବରେ ଉନ୍ମତ୍ତ ହୋଇ ଉଠିବେ । ସମସ୍ତେ ସ୍ରୋତରେ ଭାସି ଯିବେ, ଭାବିବାକୁ ବେଳ ନାହିଁ । ତଥାପି ମଝିରେ ମଝିରେ ଭାବନା ଆସେ । ନାନା ଭାବନା ଭିତରେ ଗୋଟିଏ ପ୍ରଶ୍ନ ମନରେ ଉଙ୍କି ମାରେ—ଦୁର୍ଗା ଶବ୍ଦର ଅର୍ଥ କ'ଣ ? ଏହି ଶବ୍ଦଟି ସିଦ୍ଧ ହେଲା କପରି ?

## ଦୁର୍ଗା ଶବ୍ଦର ଅର୍ଥ

ଶାରଦାତିଳକରେ ଦୁର୍ଗାମନ୍ତ୍ରସମ୍ବନ୍ଧରେ ତାନ୍ତ୍ରିକ ଭାଷାରେ ଲେଖା ହୋଇଛି—

"ତତୋ ଦୁର୍ଗାମନୁଂ ବକ୍ଷ୍ୟେ
ଦୃଷ୍ଟାଦୃଷ୍ଟଫଳପ୍ରଦମ୍
ମାୟାଽନ୍ତେ ଃ କର୍ଣ୍ଣବହ୍ନ୍ୟାଢ୍ୟୋ
ଭୂୟୋଽସୌ ସର୍ଗବାନ୍ ଭବେତ୍ ।
ପଞ୍ଚାନ୍ତକଃ ପ୍ରତିଷ୍ଠାବାନ୍ ମାରୁତୋ
ଭୌତିକାସନଃ
ତାରାଦ୍ୟନ୍ତଦୟାନ୍ତୋଽୟଂ ମନ୍ତ୍ରୋ-
ବସ୍ୱକ୍ଷରାତ୍ମକଃ ।"

ଦୃଷ୍ଟ ଓ ଅଦୃଷ୍ଟ ଫଳପ୍ରଦ ଦୁର୍ଗାମନ୍ତ୍ରବା ମନ୍ତ୍ର କହୁଛନ୍ତି ସେହି ମନ୍ତ୍ରର ମାୟା ବା ଶକ୍ତିବୀଜ ହେଉଛି—ଅଦ୍ରି ଅର୍ଥାତ୍ ଦକାର, କର୍ଣ୍ଣ ହେଉଛି ଉକାର, ସେ ପୁଣି ବିନ୍ଦୁ ବା ଅନୁସ୍ୱାର ଯୁକ୍ତ, ଏପରି ହେଲା 'ଦୁଂ' । ଏହି 'ଦୁଂ' ହେଲା ଶକ୍ତିବୀଜ । ସେହି 'ଦୁ' ରେ ସର୍ଗ ବା ବିସର୍ଗ ଦେଲେ 'ଦୁଃ' ଅର୍ଥାତ୍ 'ଦୁର୍' । ପଞ୍ଚାନ୍ତକ ହେଉଛି 'ଗ' କାର, ସେଥିରେ ପ୍ରତିଷ୍ଠା ବା ଆକାର ଦେଲେ ହେଲା 'ଗା' । ତା'ପରେ ମାରୁତ ବା 'ୟ' କାରରେ ଭୌତିକ ବା ଐକାର ଦେଲେ ହେଲା ୟୈ । ସବୁକୁ ମିଶାଇଲେ ହେଲା "ଦୁଂ ଦୁର୍ଗାୟୈ ।"

ଏଥିରୁ ଜଣା ପଡ଼ୁଛି ଯେ ଦ୍+ଉ+ଃ(ର୍) ଗ୍+ଆ, ଏହି ବର୍ଣ୍ଣସମଷ୍ଟିରେ ଦୁର୍ଗାଶବ୍ଦ ସିଦ୍ଧ ହୋଇଛି । ଗୋଟିଏ ନୈରୁକ୍ତ, ପରମ୍ପରା ଅନୁସାରେ ଧାତୁ ବା ପଦର ଗୋଟିଏ ଗୋଟିଏ ବର୍ଣ୍ଣକୁ ନେଇ ଶବ୍ଦ ସିଦ୍ଧ ହୁଏ । ଏଣୁ ଏହି ବର୍ଣ୍ଣମାନଙ୍କର ଅର୍ଥ କରିବାକୁ ଯାଇ ଲେଖା ହୋଇଛି—

"ଦୈତ୍ୟନାଶାର୍ଥ ବଚନୋ
ଦକାରଃ ପରିକୀର୍ତ୍ତିତଃ

Digitized by srujanika@gmail.com

This Puja

Make Your Family a Lasting Gift

**PHILIPS** Sonoramic **RADIO**

OF

**Different Models**

**Price Rs. 125 to Rs. 898**

Buy Now Form

**GENERAL, ELECTRONICS**

Buxibazar, Cuttack-1

**BHARAT SUPPLY AGENCY**

**JANAPATH**

Unit No—3, Station Circle.

Bhubaneswar

**AUTHORISED DEALER FOR :**

**KIRLOSKAR PUMPING SETS**

**WITH**

**Electric Motor & Diesel Engine**

Digitized by srujanika@gmail.com

ଉକାରେ ବିଘ୍ନନାଶସ୍ୟ
ବାଚକେ ବେଦସମ୍ମତଃ
ରେଫୋ ରୋଗଘ୍ନବଚନୋ
ଗଶ୍ଚ ପାପଘ୍ନବାଚକଃ
ଭୟଶତ୍ରୁଘ୍ନବଚନ
ଶ୍ଚାକାରଃ ପରିକୀର୍ତ୍ତିତଃ ।"

ଦୈତ୍ୟନାଶରୁ ଦକାର, ବିଘ୍ନନାଶ (ଉପଦ୍ରବ ନାଶ)ରୁ ଉ କାର, ରୋଗନାଶରୁ ରେଫ, ପାପ (ଆଗସ ) ନାଶରୁ ଗ କାର ଭୟଶତ୍ରୁ ( ଅଗ୍ରତ ବା ଆଗ୍ରତ) ରୁ ଆକାର ନେଇ ଦୁର୍ଗା ହୋଇଛି, ଏ ବ୍ୟୁତ୍ପତ୍ତି ହେଲା ଶବ୍ଦର ଗୋଟିଏ ଗୋଟିଏ ଅକ୍ଷର ନେଇ ।

ଏହାର ଗୋଟିଏ ବ୍ୟୁତ୍ପତ୍ତି ଦେଖାଯାଏ, ଯେଉଁଥିରେ ଶବ୍ଦ ଓ ଅକ୍ଷର ମିଶାଇ ଦୁର୍ଗା ଶବ୍ଦର ବ୍ୟୁତ୍ପତ୍ତି ଦେଖା ହୋଇଛି । ଯଥା —

"ଦୁର୍ଗେ ଦୈତ୍ୟେ ମହାବିଘ୍ନେ
ଭବବନ୍ଧେ କୁକର୍ମଣି,
ଶୋକେ ଦୁଃଖେ ଚ ନରକେ
ଯମଦଣ୍ଡେଚ ଜନ୍ମନି ।
ମହାଭୟେଽତିରୋଗେ ଚାପ୍ୟାଶବ୍ଦୋ
ହନ୍ତୃବାଚକଃ,
ଏତାନ୍ ହନ୍ତ୍ୟେବ ଯା ଦେବୀ
ସା ଦୁର୍ଗା ପରିକୀର୍ତ୍ତିତା ।"

'ଦୁର୍ଗ' ଶବ୍ଦର ଅର୍ଥ ହେଉଛି—ଦୈତ୍ୟ-ବିଶେଷ, ମହାବିଘ୍ନ, ଭବବନ୍ଧ, କୁକର୍ମ, ଶୋକ, ଦୁଃଖ, ନରକ, ଯମଦଣ୍ଡ, ଜନ୍ମ, ମହାଭୟ, ଏବଂ ଅତିରୋଗ; 'ଆ' ଶବ୍ଦର ଅର୍ଥ ହେଉଛି ହନ୍ତା । ଏଣୁ ଏସବୁକୁ ଯେ ନାଶ କରେ, ସେ ହେଉଛନ୍ତି ଦୁର୍ଗା (ଦୁର୍ଗ+ଆ) । ଏହାକୁ ଦେଖିଲେ ଜଣା ପଡ଼ୁଛି ଯେ ପ୍ରଥମେ 'ଦୁର୍ଗା' ଶବ୍ଦର ବ୍ୟାପକ ପ୍ରଚଳନ ହେଲା ପରେ ସେଥିରୁ ଏହି ସବୁ ଅର୍ଥ ବାହାର କରା ହୋଇଛି । ଆକାରର ହନ୍ତା ବା ହନ୍ତ୍ରୀ ଅର୍ଥ କିପରି ହେଲା, ବୁଝି ହେଉନାହିଁ । ବୋଧହୁଏ "ଦୁର୍ଗେ ଦୁର୍ଗତି-ନାଶିନୀ"ରୁ ଏହିପରି ଅର୍ଥ ବାହାର କରାହୋଇଛି । 'ଦୁର୍ଗ'ର ଦୁର୍ଗତି ଅର୍ଥ ହେଲେ ଆକାରର ନାଶ କରିବା ଅର୍ଥ ଛଡ଼ା ଆଉ କ'ଣ ହୋଇପାରେ ? ଏଣୁ କୁହା ହୋଇଛି —

"ଦୁର୍ଗୋଽସୁରୋ ଦୈତ୍ୟେବଚନୋଽ-
ପ୍ୟାକାରୋ ନାଶବାଚକଃ
ଦୁର୍ଗଂ ନାଶୟନ୍ତି ନିତ୍ୟଂ
ଯା ସା ଦୁର୍ଗା ପ୍ରକୀର୍ତ୍ତିତା ।
ବିପତ୍ତିବାଚକୋ ଦୁର୍ଗ
ଶ୍ଚାକାରୋ ନାଶବାଚକଃ
ତଂ ନନାଶ ପୁରାତେନ
ବୁଧୈ ଦୁର୍ଗା ପ୍ରକୀର୍ତ୍ତିତା ।"

ଦୁର୍ଗର ଅର୍ଥ ଦୈତ୍ୟ, ଅଥବା ବିପତ୍ତି, ଓ ଆକାର ନାଶଦାତକ, ଏଣୁ ସେହି ଦେବୀଙ୍କ ନାମ ହେଉଛି – ଦୁର୍ଗା ।

ଦୁର୍ଗା ଶବ୍ଦର ଏହି ସବୁ ଅର୍ଥ ହେଉଛି— କପୋଳକଳ୍ପିତ । ଅବଶ୍ୟ ଦୁର୍ଗା ଶବ୍ଦ ହେଉଛି ଦୁର୍ଗ ଶବ୍ଦର ସ୍ତ୍ରୀଲିଙ୍ଗ ଏବଂ ଦୁର୍ଗ ଶବ୍ଦର ଅର୍ଥ ହେଉଛି "ଦୁର୍ଗମ ! ଦୁର୍ଗଂ ପଥାସ୍ତତ୍

Digitized by srujanika@gmail.com

କବୟୋ ବଦନ୍ତି ।” ଯାହା ଦୁର୍ଗମ, ତାହାକୁ ଦୁର୍ଗ କୁହାଯାଏ । ଦୁର୍ଗାଙ୍କ ଅନ୍ୟ ନାମ 'ପାର୍ବତୀ' ଓ 'ହୈମବତୀ' ପର୍ବତ ସ୍ୱତଃ ଦୁର୍ଗମ, ଏବଂ ହିମବାନ୍ ବା ହିମାଳୟ ପର୍ବତ ଆହୁରି ଦୁର୍ଗମ । ଯେତେବେଳେ ଦେବୀଙ୍କୁ ଶିବପତ୍ନୀ ପାର୍ବତୀ ବା ହେମବତୀ ରୂପରେ କଳ୍ପନା କରି ହେଲା, ସେତେବେଳେ ତାଙ୍କୁ ଦୁର୍ଗାରୂପରେ ମଧ୍ୟ କଳ୍ପନା କରାଗଲା ପରି ଜଣା ପଡ଼ୁଛି । ଅରେ ତାଙ୍କୁ ଦୁର୍ଗାରୂପରେ କଳ୍ପନା କରି ସାରିଲା ପରେ ଯେତେ ଦୁର୍ଗମ ବା ଦୁରଧିଗମ ଗୁଣ ତାଙ୍କଠାରେ ଆରୋପ କରାହେଲା । ଏଣୁ ଦେବ୍ୟୁପନିଷଦ୍‌ରେ କୁହାହୋଇଛି ।

“ଜ୍ଞାନାନାଂ ଚିନ୍ମୟାତୀତା
ଶୂନ୍ୟାନାଂ ଶୂନ୍ୟସାକ୍ଷିଣୀ
ଯସ୍ୟାଃପ ରତରଂ ନାସ୍ତି—
ସୈଷା ଦୁର୍ଗା ପ୍ରକୀର୍ତ୍ତିତା ।
ଦୁର୍ଗାତ୍ ସଂତ୍ରାୟତେ ଯସ୍ମାଦ୍—
ଦେବୀ ଦୁର୍ଗେତି କଥ୍ୟତେ ॥”

ତାଙ୍କ ପରେ ଆଉ କିଛି ନାହିଁ ବୋଲି ସେ ଦୁର୍ଗା, ସେ ଜ୍ଞାନର ଚିନ୍ମୟାତୀତ ଏବଂ ଶୂନ୍ୟର ଶୂନ୍ୟସାକ୍ଷିଣୀ । ସେ ଦୁର୍ଗରୁ ତ୍ରାଣ କରନ୍ତି ବୋଲି ଦୁର୍ଗା । ସେ ଧୀରେ ଧୀରେ ହନ୍ତ୍ରୀ ବା ନାଶକର୍ତ୍ତ୍ରୀ ରୂପରୁ ତ୍ରାଣ କର୍ତ୍ତ୍ରୀ-ରୂପ ବା ମାତୃରୂପ ଧାରଣ କଲେ । ଏଣୁ ସେହି ଦେବ୍ୟୁପନିଷଦ୍‌ରେ ପୁଣି କୁହା ହୋଇଛି—

“ଏଷାତ୍ମଶକ୍ତିଃ । ଏଷା ବିଶ୍ୱମୋହିନୀ ପାଶାଙ୍କୁଶ—ଧନୁର୍ବାଣଧରା । ଏଷା ଶ୍ରୀ ମହାବିଦ୍ୟା । ଯ ଏବଂ ବେଦ ସ ଶୋକଂ ତରତି । ନମସ୍ତେ ଅସ୍ତୁ ଭଗବତି ଭବତୀ ମାତରସ୍ମାନ୍ ପାତୁ ।”

ଏହି ଦେବୀ ହେଉଛନ୍ତି ଆତ୍ମଶକ୍ତି, ଏହି ଦେବୀ ହେଉଛନ୍ତି ବିଶ୍ୱମୋହିନୀ ଓ ପାଶ-ଅଙ୍କୁଶ-ଧନୁର୍ବାଣଧାରିଣୀ । ଏହି ଦେବୀ ହେଉଛନ୍ତି ଶ୍ରୀ ମହାବିଦ୍ୟା । ଯା'ର ଏହିପରି ଜ୍ଞାନ ଉଦିତ ହୁଏ, ସେ ଶୋକରୁ ପାରି ହୁଏ । ହେ ମା ଭଗବତି ! ତୋତେ ନମସ୍କାର, ଆମକୁ ରକ୍ଷା କର ।

## ଦେବୀଙ୍କ ଆୟୁଧ

ଦେବ୍ୟୁପନିଷଦ୍‌ର ଏହି ଅଂଶରୁ ଜଣା-ପଡ଼ୁଛି ଦେବୀଙ୍କର ଆୟୁଧ ହେଉଛି— ପାଶ, ଅଙ୍କୁଶ, ଧନୁ ଓ ବାଣ । ସେହି ଦେବ୍ୟୁପନିଷଦ୍‌ର ଆଉ ଗୋଟିଏ ସ୍ଥାନରେ ଦେବୀଙ୍କ ଚାରିହାତରେ ପାଶ, ଅଙ୍କୁଶ, ବରଦ ଓ ଅଭୟ ମୁଦ୍ରା ଥିବାର ଉଲ୍ଲେଖ ମିଳେ । ସେଠାରେ ଦେବୀଙ୍କ ଧ୍ୟାନରୂପରେ କୁହା ହୋଇଛି—

“ନୁକିବୃନ୍ଦଶିକମଧ୍ୟସ୍ଥାଂ
ପ୍ରାତଃସୂର୍ଯ୍ୟସମପ୍ରଭାମ୍
ପାଶାଙ୍କୁଶଧରାଂ ସୌମ୍ୟାଂ
ବରଦାଭୟହସ୍ତକାମ୍
ତ୍ରିନେତ୍ରାଂ ରକ୍ତବସନାଂ
ଭକ୍ତକାମଦୁଘାଂ ଭଜେ ॥”

Digitized by srujanika@gmail.com

ହୃତ୍‌ପଦ୍ମମଧ୍ୟସ୍ଥିତ, ପ୍ରାତଃକାଳୀନ ସୂର୍ଯ୍ୟଙ୍କ ପରି ପ୍ରଭାମୟୀ ପାଶ-ଅଙ୍କୁଶ, ବରଦ ଓ ଅଭୟମୁଦ୍ରାଧାରିଣୀ, ତ୍ରିନେତ୍ରା, ରକ୍ତବସନା, ଭକ୍ତମାନଙ୍କ କାମଦାତ୍ରୀ ଦେବୀଙ୍କ ସୌମ୍ୟ ମୂର୍ତ୍ତିକୁ ଧ୍ୟାନକରେ ।

ଏହି ଧ୍ୟାନରେ ପାଶ-ଅଙ୍କୁଶ ଛଡ଼ା ଧନୁ ଓ ବାଣ ସ୍ଥାନରେ ବରଦ ଓ ଅଭୟମୁଦ୍ରା ଆସିଛି । ଏହା ବାହାରେ ତ୍ରିନେତ୍ରା ଏବଂ ରକ୍ତବସନା କୁହା ହୋଇଛି ।

ଏହା ଦୁର୍ଗାଙ୍କ କେଉଁ ରୂପ ? ଶାରଦାତିଳକରେ ଦୁର୍ଗାଙ୍କ ଧ୍ୟାନ-ପ୍ରସଙ୍ଗରେ କୁହା ହୋଇଅଛି—

"ସିଂହସ୍ଥା ଶଶିଶେଖରା ମରକତ
ପ୍ରଖ୍ୟୈଶ୍ଚତୁର୍ଭି ର୍ଭୁଜୈଃ
ଶଙ୍ଖଂ ଚକ୍ର ଧନୁଃ ଶରାଂଶ୍ଚ ଦଧତୀ
ନେତ୍ରୈସ୍ତ୍ରିଭିଃ ଶୋଭିତା ।
ଆମୁକ୍ତାଙ୍ଗଦହାର କଙ୍କଣ
ରଣତ୍‌କାଞ୍ଚୀ ରଣନ୍ନୂପୁରା
ଦୁର୍ଗା ଦୁର୍ଗତିହାରିଣୀ ଭବତୁ ବୋ
ରତ୍ନୋଲ୍ଲସତ୍‌କୁଣ୍ଡଳା ॥"

ଦୁର୍ଗା ହେଉଛନ୍ତି ସିଂହବାହନା, ମସ୍ତକରେ ଚନ୍ଦ୍ର ଧାରଣ କରିଛନ୍ତି, ମରକତ ପ୍ରଭାମୟ ଚାରିହାତରେ ଶଙ୍ଖ, ଚକ୍ର, ଧନୁ ଓ ଶର ଧାରଣ କରିଛନ୍ତି । ସେ ତ୍ରିନୟନା ଓ କେୟୂର, ହାର, କଙ୍କଣ, ରଣତ୍‌କାଞ୍ଚୀ ଓ ରଣନ୍ନୂପୁର ରତ୍ନକୁଣ୍ଡଳଦ୍ୱାରା ଭୂଷିତା । ଏହିପରି ଦୁର୍ଗା ଦୁର୍ଗତିହାରିଣୀ ହୁଅନ୍ତୁ । ଏଠାରେ ଧନୁଶର ଅଛି, ତ୍ରିନେତ୍ରା ମଧ୍ୟ କିନ୍ତୁ ପାଶ-ଅଙ୍କୁଶ ବା ବରଦଅଭୟ ମୁଦ୍ରା ନାହିଁ ।

## ଜୟଦୁର୍ଗା

ଶାରଦାତିଳକରେ ଦୁର୍ଗାଙ୍କ ଆଉ କେତୋଟି ମୂର୍ତ୍ତିର ଧ୍ୟାନ ଦେଖିବାକୁ ମିଳେ, ଯଥା—ମହିଷମର୍ଦ୍ଦିନୀ ବା ମହାଦୁର୍ଗା, ଜୟଦୁର୍ଗା ଶୂଳିନୀ ଦୁର୍ଗା ଓ ବନଦୁର୍ଗା ବା ବିନ୍ଧ୍ୟବାସିନୀ ଦୁର୍ଗା । ସେ ଭିତରୁ ଜୟଦୁର୍ଗା ଓ ବନଦୁର୍ଗା ଚତୁର୍ଭୁଜା; କିନ୍ତୁ ଆୟୁଧରେ ପାର୍ଥକ୍ୟ ଦେଖାଯାଉଛି । ଜୟଦୁର୍ଗାଙ୍କ ଧ୍ୟାନ ହେଲ—

"କାଳାଭ୍ରାଭାଂ କଟାକ୍ଷୈରରିକୁଳଭୟଦାଂ
ମୌଳିବଦ୍ଧେନ୍ଦୁରେଖାଂ
ଶଙ୍ଖଂ ଚକ୍ରଂ କୃପାଣଂ ତ୍ରିଶିଖମପିକରୈ-
ରୁଦ୍ୱହନ୍ତୀଂ ତ୍ରିନେତ୍ରାମ୍ ।
ସିଂହସ୍କନ୍ଧାଧିରୂଢ଼ାଂ ତ୍ରିଭୁବନମଖିଳଂ
ତେଜସା ପୂରୟନ୍ତୀଂ
ଧ୍ୟାୟେତ୍ ଦୁର୍ଗାଂ ଜୟାଖ୍ୟାଂ ତ୍ରିଦଶ-
ପରିବୃତାଂ ସେବିତାଂ ସିଦ୍ଧିକାମୈଃ ।"

କଳାମେଘ ପରି ବର୍ଣ୍ଣ ଧାରଣ କରିଥିବା, କଟାକ୍ଷଦ୍ୱାରା ଶତ୍ରୁକୁଳର ଭୟସଞ୍ଚାର କରୁଥିବା, ମସ୍ତକରେ ଇନ୍ଦୁରେଖା ଧାରଣ କରିଥିବା, କରରେ ଶଙ୍ଖ, ଚକ୍ର, କୃପାଣ ଓ ତ୍ରିଶୂଳ ଧାରଣ କରିଥିବା, ତ୍ରିନେତ୍ରା, ସିଂହସ୍କନ୍ଧରେ ଅଧିରୂଢ଼ା ନିଜର ତେଜଦ୍ୱାରା ଅଖିଳ ତ୍ରିଭୁବନକୁ ପୂରଣ କରୁଥିବା ଦେବତାପରିବୃତ ଓ ସିଦ୍ଧିକାମୀ ଭକ୍ତମାନଙ୍କଦ୍ୱାରା ସେବିତ ଜୟଦୁର୍ଗାଙ୍କୁ ଧ୍ୟାନ କରିବ ।

Digitized by srujanika@gmail.com

# The Orissa State Co-operative Bank Ltd.,

***JAIL ROAD, CUTTACK-1.***

( *Scheduled Bank - Established 1948* )

Gram : PROCOBANK Phone : 257

## SPECIAL FEATURES OF THE BANK

Open Your Saving Account - Earn Interest at 4 % per Annum Drawal by Cheques.

★ All types of deposits are accepted at favourable rates of interest.

★ Inward and outward Bills are accepted for collection.

★ Remittance facilities are allowed at reasonble rates of commission.

★ Other Banking Services are rendered such as collection of Pay Bills, Pension Bills. Payment of Insurance Premium etc.

★ Finance made available through our numerous affiliated Banks in the State of Orissa for Development of Agricultural and Industrial Production, and Marketing of Handloom Cloth etc.

★ Your deposits ensure agricultural and Industrial Development in our State.

SRI B. C. HOTA, M. A. B. L.
M. L. A.
President.

Sri Y. R. Bali,
Managing Director.


Digitized by srujanika@gmail.com

## ବନଦୁର୍ଗା

"ବନଦୁର୍ଗାଙ୍କ ଧ୍ୟାନ ହେଲା—
ସୌବର୍ଣ୍ଣାମ୍ବୁଜମଧ୍ୟଗାଂ ତ୍ରିନୟନାଂ
ସୌଦାମିନୀସନ୍ନିଭାଂ
ଚକ୍ରଂ ଶଙ୍ଖବରାଭୟାନି ଦଧତୀମିନ୍ଦୋଃ
କଳାଂବିଭ୍ରତୀମ୍ ।
ଗ୍ରୈବେୟାଙ୍ଗଦାହାରକୁଣ୍ଡଳଧରା-
ମାଖଣ୍ଡଲାଦ୍ୟୈଃ ସ୍ତୁତାଂ
ଧ୍ୟାୟେଦ୍ ବିନ୍ଧ୍ୟନିବାସିନୀଂ ଶଶିମୁଖୀଂ
ପାର୍ଶ୍ୱସ୍ଥ ପଞ୍ଚାନନାମ୍ ।"

ବିନ୍ଧ୍ୟବାସିନୀ ବନଦୁର୍ଗା ହେଉଛନ୍ତି— ସୁବର୍ଣ୍ଣପଦ୍ମ - ମଧ୍ୟସ୍ଥିତ, ତ୍ରିନୟନା, ବିଦ୍ୟୁତ୍‌ପ୍ରଭାମୟୀ, (ହାତରେ) ଚକ୍ର, ଶଙ୍ଖ, ବର, ଅଭୟ (ମସ୍ତକରେ) ଇନ୍ଦୁକଳା ଓ ( ଯଥାସ୍ଥାନରେ ) ଗ୍ରୈବେୟ, ଅଙ୍ଗଦ, ହାର, କୁଣ୍ଡଳ ଧାରଣ କରିଥାନ୍ତି, ଇନ୍ଦ୍ର ଆଦି ଦେବତାମାନେ ସ୍ତୁତି କରୁଥାନ୍ତି ଓ ପାର୍ଶ୍ୱରେ ବନ୍ଧ ଥାନ୍ତି । ସେ ହେଉଛନ୍ତି ଶଶିମୁଖୀ ।

ଏଠାରେ ବର ଓ ଅଭୟର ଉଲ୍ଲେଖ ଆସୁଛି; କିନ୍ତୁ ତା'ସଙ୍ଗରେ ଶଙ୍ଖ ଚକ୍ର ଆସୁଛି, ପାଶ ଅଙ୍କୁଶ ଆସୁ ନାହିଁ ।

ମହିଷମର୍ଦ୍ଦିନୀ ଦୁର୍ଗା ହେଉଛନ୍ତି ଷଡ଼ଭୁଜା ଏବଂ ଶୂଳିନୀ ଦୁର୍ଗା ହେଉଛନ୍ତି ଅଷ୍ଟଭୁଜା । କେତେକ ଦୁର୍ଗାଙ୍କର ୧୦, ୧୬, ୩୨, ୬୪ ପର୍ଯ୍ୟନ୍ତ ଭୁଜ ଓ ବିଭିନ୍ନ ଆୟୁଧର ଉଲ୍ଲେଖ ଆସୁଛି । କିନ୍ତୁ ସେସବୁର ଏଠାରେ ଚର୍ଚ୍ଚା କରିବାର କୌଣସି ପ୍ରୟୋଜନ ନାହିଁ ।

## ଭୁବନେଶ୍ୱରୀ

ଦେବ୍ୟୁପନିଷଦ୍‌ରେ ଥିବା ଦେବୀଙ୍କ ସହିତ ଶାରଦା ତିଳକରେ ଥିବା ଭୁବନେଶ୍ୱରୀଙ୍କ ଧ୍ୟାନର ଅନେକ ସାମଞ୍ଜସ୍ୟ ଅଛି । ଭୁବନେଶ୍ୱରୀଙ୍କ ଧ୍ୟାନ ହେଲା—

"ବରାଙ୍କୁଶୌ ପାଶମଭୀତିମୁଦ୍ରାଂ
କରୈର୍ବହନ୍ତୀଂ କମଳାସନସ୍ଥାମ୍ ।
ବାଳାର୍କ କୋଟିପ୍ରତିମାଂ ତ୍ରିନେତ୍ରାଂ
ଭଜେଽହମାଦ୍ୟାଂ ଭୁବନେଶ୍ୱରୀଂ ତାମ୍ ।"

କରରେ ବର, ଅଙ୍କୁଶ, ପାଶ, ଅଭୟ ଧାରଣ କରି କମଳାସନରେ ଥିବା କୋଟି ବାଳସୂର୍ଯ୍ୟ ସଦୃଶୀ ତ୍ରିନେତ୍ରା ଆଦ୍ୟା ଭୁବନେଶ୍ୱରୀଙ୍କୁ ମୁଁ ଧ୍ୟାନ କରୁଛି । ଦେବ୍ୟୁପନିଷଦ୍‌ର "ହୃତ୍‌ପୁଣ୍ଡରୀକ ମଧ୍ୟସ୍ଥା" ଜାଗାରେ ଏଠାରେ କେବଳ 'କମଳା-ସନସ୍ଥା' 'ପ୍ରାତଃସୂର୍ଯ୍ୟସମପ୍ରଭା' ସ୍ଥାନରେ ଏଠାରେ 'ବାଳାର୍କକୋଟିପ୍ରତିମା', ଉଭୟତ୍ର ତ୍ରିନେତ୍ରା । ସେଠାରେ କେବଳ 'ରକ୍ତବସନା' ଅଧିକ ଅଛି, ଯାହା ଏଠାରେ ନାହିଁ; କିନ୍ତୁ ଏହି ପ୍ରଭେଦ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏହି ଭୁବନେଶ୍ୱରୀଙ୍କୁ 'ଆଦ୍ୟା' ବୋଲି କୁହାହୋଇ ଅଛି । ଦେବ୍ୟୁପନିଷଦ୍‌ରେ ମଧ୍ୟ ଅଛି—

"ସର୍ବେ ବୈ ଦେବା ଦେବୀମୁପତସ୍ଥୁଃ । କାସି ତ୍ୱଂ ମହାଦେବି ! ସାବ୍ରବୀଦ୍ ଅହଂ ବ୍ରହ୍ମସ୍ୱରୂପିଣୀ । ମତ୍ତଃ ପ୍ରକୃତି-ପୁରୁଷାତ୍ମକଂ ଜଗତ୍ ଶୂନ୍ୟଂ ଚ ଶୂନ୍ୟଂ ଚ ଅହମାନନ୍ଦାନା ନନ୍ଦାଃ ବିଜ୍ଞାନାବିଜ୍ଞାନେ ଅହମ୍" ।

Digitized by srujanika@gmail.com

ଗାନ୍ଧିଜୀ ଖଦୀ ଜଗତକୁ ଗୋଟିଏ କଥା କହିଥିଲେ—
"ଯେ ପିନ୍ଧିବ ସେ କାଟିବ, ଓ ସେ ପିନ୍ଧିବ ।

× × × ×

ମୁକ୍ତ ବୁଣାର ସାହାଯ୍ୟପଦ୍ଧତିକୁ ଚାଲୁ କରିବା ଦ୍ୱାରା ଏହି ପ୍ରବାଦକୁ ଲୋକପ୍ରିୟ କରାଇବାପାଇଁ ମହାନ ସହାୟତା ମିଳୁଛି ॥

କଟାଳୀକୁ ସୂତା ବଦଳରେ ମାଗଣା ଲୁଗା ମିଳିଯିବ । ଗ୍ରାମ୍ୟ ଉତ୍ପାଦନକୁ ମଧ୍ୟ ସହାୟତା ମିଳିବ । ଯେଉଁ ବ୍ୟକ୍ତି କପାଚାଷ କରୁଥିବ ସେ କେବଳ ସୂତାକାଟିଦେଲେ ନିଜର ଆବଶ୍ୟକତାନୁଯାୟୀ ଖଦୀ ପାଇ ପାରିବ ।

ଗ୍ରାମ୍ୟସ୍ୱରାଜ ହାସଲ ପାଇଁ ଖଦି ଗୋଟିଏ ମହତ୍ତ୍ୱପୂର୍ଣ୍ଣ
—କାର୍ଯ୍ୟକ୍ରମ—

ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗବୋର୍ଡ଼
ଭୁବନେଶ୍ୱର-୧

Digitized by srujanika@gmail.com

ସବୁ ଦେବତାମାନେ ଦେବୀଙ୍କପାଖକୁ ଗଲେ ଏବଂ ତାଙ୍କୁ ପଚାରିଲେ—ହେ ମହାଦେବୀ ! ତୁମେ କେଉଁଠାରେ ଅଛ । ସେ କହିଲେ—ମୁଁ ବ୍ରହ୍ମସ୍ୱରୂପିଣୀ, ମୋଠାରୁ ପ୍ରକୃତିପୁରୁଷାତ୍ମକ ଜଗତ୍, ଶୂନ୍ୟ ଓ ଅଶୂନ୍ୟ ଜାତ ହୁଏ, ମୁଁ ହେଉଛି ଆନନ୍ଦ ଓ ଅନାନନ୍ଦ, ମୁଁ ହେଉଛି ବିଜ୍ଞାନ ଓ ଅବିଜ୍ଞାନ । ସେହିପରି ତାଙ୍କୁ ଅଜ୍ଞେୟା, ଅନନ୍ତା, ଅଲକ୍ଷ୍ୟା, ଅଜା, ଏକା, ନୈକା ବୋଲି କୁହାହୋଇଛି । ଏଣୁ ସ୍ପଷ୍ଟତଃ ତାଙ୍କୁ ଆଦ୍ୟା ନ କହିଲେ ମଧ୍ୟ ସେ ଆଦ୍ୟା । ଏଣୁ ଆମେ ଭୁବନେଶ୍ୱରୀ ଓ ଦୁର୍ଗାଙ୍କୁ ଏକ ବୋଲି ନେଇ ପାରୁଁ । ସେହି ଦେବୀଙ୍କୁ ସ୍ତୁତି କରି କୁହାହୋଇଛି—

"ତାମଗ୍ନିବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ
ବୈରୋଚନୀଂ କର୍ମଫଳେଷୁ ଜୁଷ୍ଟାମ୍ ।
ଦୁର୍ଗାଂ ଦେବୀଂ ଶରଣମହଂ ପ୍ରପଦ୍ୟେ
ସ୍ୱତରାଂ ନାଶୟତେ ତମଃ ।

ସେହି ଅଗ୍ନିବର୍ଣ୍ଣ ତପସ୍ୟାଦ୍ୱାରା ପ୍ରଜ୍ୱଳିତା, ସୂର୍ଯ୍ୟବତ୍ ଉଦ୍ଭାସିତା, କର୍ମଫଳରେ ସେବିତା ଦେବୀ ଦୁର୍ଗାଙ୍କ ମୁଁ ଶରଣାପନ୍ନ ହେଉଛି । ସେ ତମ (ଅନ୍ଧକାର ଅଜ୍ଞାନାକୁ ନାଶ କରନ୍ତି) । ସ୍ତୁତିକରି ସେଠାରେ ଆହୁରି କୁହା-ହୋଇଛି—

"ପ୍ରପଦ୍ୟେ ଶରଣଂ ଦେବୀଂ
ଦୁଂଦୁର୍ଗେ ଦୁରିତଂ ହର ।
ତାଂ ଦୁର୍ଗାଂ ଦୁର୍ଗମାଂ ଦେବୀଂ
ଦୁରାଚାରବିଘାତିନୀମ୍ ॥
ନମାମି ଭବଭୀତୋଽହଂ
ସଂସାରାର୍ଣ୍ଣବତାରିଣୀମ୍ ॥"

ଦେବୀଙ୍କଠାରେ ମୁଁ ଶରଣ ପଶୁଛି । ହେ ଦୁଂ ଦୁର୍ଗେ, ମୋର ଦୁରିତ-ଦୁଃଖ ଦାରିଦ୍ର୍ୟ-ଦୂରକର । ଏହି ଭବକୁ ଆଜିର ସଂସାରକୁ ମୋର ଅତ୍ୟନ୍ତ ଭୟ । (ଆଜି ଚାରିଆଡ଼େ ଦୁରାଚାର ପୂରି ରହିଛି), ଏଣୁ ଏହି ସଂସାରାର୍ଣ୍ଣବତାରିଣୀ ଏବଂ ଦୁରାଚାର ବିଘାତିନୀ ଦୁର୍ଗମା ଦୁର୍ଗାଦେବୀଙ୍କୁ ମୋର ନମସ୍କାର ।

With the Compliments of :
**JALTARANG RDIOS**
Sales & Service
DEALERS : RADIO, RADIOGRAM. SPARE PARTS. FANS, TAPERECORDERS. ELECTRICAL GOODS.
Main Road, Rourkela - 1
**NATIONAL EKCO**

Digitized by srujanika@gmail.com

ଆନନ୍ଦ ମୁଖରିତ ଶାରଦୀୟ ଉତ୍ସବରେ

## ସଶ୍ରଦ୍ଧ-ଘୋଷଣା

ଆଗାମୀ କାଳିର ସୌଖୀନ୍ ଚାହିଦା ଆଜି
ମେଣ୍ଟାଇବା ଉଦ୍ଦେଶ୍ୟରେ ଆମେ ଦ୍ରୁତ ଗତିରେ
ଆଗେଇ ଚାଲିଛୁ

## ଓଡ଼ିଶା ପାଇଁ ମିଲ୍ ତିଆରି ଧୋତି, ଶାଢ଼ୀ ଯୋଗାଣ ଆମର ବିଶେଷତ୍ୱ
## ଛାପେଇ ପୋଷାକ ପରିଚ୍ଛେଦ ବସ୍ତ୍ର ଓ ଫର୍ଣ୍ଣିସିଂଗସ୍

ଅଧୁନା ଦ୍ରୁତ ପ୍ରସ୍ତୁତ ଢଙ୍ଗରେ
ଆଗେଇ ଚାଲିଛୁ —

ଧୁଲେଇ, ରଙ୍ଗିନ୍ ମର୍ସରାଇଜ୍ ପପଲିନ୍ ଓ ଭଏଲ ପପଲିନ୍, ପଟା
ଅନ୍ୟାନ୍ୟ ଶାର୍ଟିଂ, ଫାନ୍ସିଲିନେ', ଗାବରଡ଼ିନ୍, ଟୁଇରସ୍ କୋଟିଂ,
ଧୁଲେଇ, ମର୍ସରାଇଜଡ଼, ଡ୍ରିଲ୍ ଓ ଅନ୍ୟାନ୍ୟ
ବୈଦେଶିକ ମୁଦ୍ରା ଅର୍ଜ୍ଜନ ଢଙ୍ଗରେ ସ୍ୱଦେଶ ବଜାରରେ
ଆମର ଫର୍ଣ୍ଣିସିଂଗସ୍ ବସ୍ତ୍ର ଆଦୃତ ହୋଇଛି ॥

# ଓଡ଼ିଶା ଟେକ୍ସଟାଇଲ ମିଲ୍ସ ଲିଃ

ଚୌଦ୍ୱାର — କଟକ

## ବିଲାତ ମାଟି

**—ଡକ୍ଟର ସଦାଶିବ ମିଶ୍ର**

ବାଣିଜ୍ୟ ଓ ସାମ୍ରାଜ୍ୟରେ ଇତିହାସରେ ଏକ ମନୋରମ ଅଧ୍ୟାୟ ।

କଲିକତା । ମହାନଗରୀ । ଖାଲି ଭାରତବର୍ଷରେ ନୁହେଁ, ସାରା ପୃଥିବୀରେ ମଧ୍ୟ ଏ ଏକ ବିରାଟ ସହର । ଅତି ଜନାକୀର୍ଣ୍ଣ । ଏଇ ସହର ଭିତରେ, ଘରେ ବାହାରେ, ରାସ୍ତାରେ ଘାଟରେ, ପଡ଼ିଆରେ ଫୁଟ୍‌ପାଥ୍‌ରେ ଲକ୍ଷ ଲକ୍ଷ ଲୋକଙ୍କର ବସବାସ । ଏ ସହର ଅଯୋଧ୍ୟା, ବାରାଣସୀ ପରି ପ୍ରାଚୀନ ସହର ନୁହେଁ । କଟକ ସହର ପରି ମଧ୍ୟ ପୁରୁଣା ନୁହେଁ । କଟକ ସହରକୁ ଏକ ହଜାର ବର୍ଷ ପୂରି ଗଲାଣି । ଅବଶ୍ୟ ସହସ୍ର ବାର୍ଷିକ ପୁନଶ୍ଚ ପାଳନ କରାଯାଇ ନାହିଁ । କଲିକତା କିନ୍ତୁ ଶିଶୁ ଶ୍ରେଣୀରେ ଅନ୍ତର୍ଭୁକ୍ତ । ଅଳ୍ପଦିନର ଏ ସହର । ପ୍ରାୟ ଦୁଇଶହ ବର୍ଷ ତଳେ ଏହାର ଜନ୍ମ ହୋଇଥିଲା । ଇଂରେଜମାନଙ୍କ ଅମଳର ଆରମ୍ଭରେ ଏ ସହରର ପ୍ରତିଷ୍ଠା । ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଭାରତବର୍ଷକୁ ଆସିଥିଲା ବାଣିଜ୍ୟ କରିବାପାଇଁ । ହୁଗୁଳି ନଦୀ ଜାହାଜ ଯାତାୟତପାଇଁ ପ୍ରଶସ୍ତ, ସୁଗଭୀର, ସମୁଦ୍ର ନିକଟବର୍ତ୍ତୀ । ଯେଉଁଠାରେ ଜାହାଜ ରହିବାର ସୁବିଧା ହେଲା, ସେଇଠାରେ ସହର ଗଢ଼ି ଉଠିଲା । ସେଇ ହେଲା କଲିକତା ସହର ।

### ଲଣ୍ଡନ ଛାଞ୍ଚ ରେ କଲିକତା

ଇଂରେଜମାନେ କଲିକତା ସହର ଗଢ଼ିଲାବେଳେ ତାଙ୍କ ଆଖି ଆଗରେ ଥିଲା ଲଣ୍ଡନ ସହରର ଚିତ୍ର । ଲଣ୍ଡନ ସହର ଛାଞ୍ଚରେ କଲିକତାର ବିଶିଷ୍ଟ ଅଞ୍ଚଳ-ସବୁ ତିଆରି କରାଗଲା । ଟେମସ୍ ନଦୀ-କୂଳରେ ଲଣ୍ଡନ୍ ସହରର ଏକ ବିଶିଷ୍ଟ ରାସ୍ତାର ନାମ ଷ୍ଟ୍ରାଣ୍ଡ୍ । ହୁଗୁଳି ନଦୀକୂଳରେ ମାଲଗୋଦାମ, ବ୍ୟବସାୟ ଅନୁଷ୍ଠାନ ବସାଇବାପାଇଁ ଯେଉଁ ରାସ୍ତା ପ୍ରସ୍ତୁତ ହେଲା, ତାହାରନାମ ହେଲା ଷ୍ଟ୍ରାଣ୍ଡ୍ । ଏ ରାସ୍ତାର ପୂର୍ବ ସୌଷ୍ଠବ ଏବେ ଆଉ ନାହିଁ । କଟକ ସହରର ବିଭବ, ଚିମାଖାଲି, ନାଳ ନର୍ଦ୍ଦମା, ଦୁର୍ଗନ୍ଧ ଆବର୍ଜନା ସହିତ କଲିକତାର କେତେ ଅଞ୍ଚଳ ପ୍ରତିଯୋଗିତା କରିବା ପାଇଁ ସମର୍ଥ ହେଲେଣି; ମାତ୍ର ଏ ସହର ପ୍ରତିଷ୍ଠିତ ହେଲାବେଳେ ଇଂରେଜମାନଙ୍କ ବସବାସ, ବାଣିଜ୍ୟ ବ୍ୟବସାୟ, କ୍ରୀଡ଼ା-କୌତୁକ, ଆମୋଦ-ପ୍ରମୋଦପାଇଁ ଯେଉଁ ସବୁ ଅଞ୍ଚଳ ନିର୍ମିତ ହୋଇଥିଲା, ସେଥିରେ ଲଣ୍ଡନ ସହରର ପରିପାଟୀ ପ୍ରତିଫଳିତ ହୋଇଥିଲା ।

Digitized by srujanika@gmail.com

## ହାଇଡ଼ପାର୍କ ଓ ଚୌରଙ୍ଗୀ

ଲଣ୍ଡନ୍ ସହରର ମଧ୍ୟଭାଗରେ ଏକ ବିରାଟ ଉପବନ । ତା'ର ନାମ ହାଇଡ଼୍ ପାର୍କ । ଏ ପାର୍କ ପୃଥିବୀ ବିଖ୍ୟାତ । ଏଇ ପାର୍କକୁ ଲଗି ଯେଉଁସବୁ ରାସ୍ତା, ସେସବୁ ଲଣ୍ଡନ୍‌ର ସମ୍ଭ୍ରାନ୍ତ ଅଞ୍ଚଳ । ସହରର କେନ୍ଦ୍ରସ୍ଥଳୀ, ପୁଣି ସମ୍ମୁଖରେ ହାଇଡ଼୍ ପାର୍କପରି ବିରାଟ ଉପବନ । ଏଇ ରାସ୍ତା-ଗୁଡ଼ିକୁ ଉପରେ ବଡ଼ ବଡ଼ ଦାମିକା ଦୋକାନ, ନାମଜାଦା ହୋଟେଲ, ସୌଖୀନ ସିନେମା, ଆମୋଦ ପ୍ରମୋଦର ନାନାବିଧ ଆୟୋଜନ ।

ଏଇ ଛାଞ୍ଚରେ ଗଢ଼ାଗଲା କଲିକତାର ଚୌରଙ୍ଗୀ । ସମ୍ମୁଖରେ ବିସ୍ତୀର୍ଣ୍ଣ ମଇଦାନ—ପ୍ରସିଦ୍ଧ କ୍ରୀଡ଼ାସ୍ଥଳୀ । ସ୍ଥାନେ ସ୍ଥାନେ ସ୍ମୃତିସ୍ତମ୍ଭ, ବିଜୟୀ ସେନା-ନାୟକମାନଙ୍କର ଅଶ୍ୱାରୂଢ଼ ମୂର୍ତ୍ତି । ସୁପ୍ରଶସ୍ତ ମାର୍ଗ; ଉତ୍ତୁଙ୍ଗ ସୌଧମାଳା । ବିଳାତ ଲୋକଙ୍କର ବସବାସ, କ୍ରୀଡ଼ାକୌତୁକ, ଆମୋଦ ପ୍ରମୋଦ, ବ୍ୟବସାୟ କାରବାର— ଏ ସମସ୍ତର ମନୋଜ୍ଞ ସମାବେଶ । ଅଟ୍ଟାଳିକାମାନଙ୍କରେ ଫୁଟିଲା ତତ୍କାଳୀନ ବିଳାତ ସ୍ଥାପତ୍ୟ—ଗଥିକ୍ କଳା । ଲଣ୍ଡନ୍ ସହର ଛାଞ୍ଚରେ ବିଳାତ ପରିପାଟୀ ।

## ବିଳାତ ମାଟିରେ ଗଢ଼ା

ଏଇ ଚୌରଙ୍ଗୀ ଏବଂ ତା'ର ଆଖପାଖ ଅଞ୍ଚଳ ନିତାନ୍ତ ଖାଲ ଜମି ଥିଲା । ସେଠାରେ ସର୍ବଦା ପାଣି ଜମି ରହୁଥିଲା, ଏ ସ୍ଥାନ ବସବାସର ଅଯୋଗ୍ୟ ଥିଲା । ବିଳାତ ମାଟିରେ ଏ ସବୁ ପୋତା ହେଲା । ବିଳାତ ଜାହାଜରେ ଆସିଥିଲା ବିଳାତରୁ ମାଟି । ସେତେବେଳେ ସୁଏଜ୍ କେନାଲ ଖୋଲା ହୋଇ ନ ଥିଲା । ଆଫ୍ରିକା ମହାଦେଶର ଦକ୍ଷିଣରେ ଉତ୍ତମାଶା ଅନ୍ତରୀପ ପ୍ରଦକ୍ଷିଣ କରି ବିଳାତରୁ ଆସୁଥିଲା ଜାହାଜ । ଏଭଳି ପ୍ରାୟ ନଅ ହଜାର ମାଇଲ ଜଳପଥ ଅତିକ୍ରମ କରି ବିଳାତ ଜାହାଜ ଆଣିଲା ବିଳାତ ମାଟି । ଏଇମାଟିରେ ଏସବୁ ଖାଲ ଅଞ୍ଚଳ ଭର୍ତ୍ତି କରାଗଲା । ଗଙ୍ଗାମାଟିରେ ମିଶିଲା ବିଳାତ ମାଟି । ଏଇ ବିଳାତ ମାଟି ଉପରେ ନିର୍ମିତ ହେଲା ସୁରମ୍ୟ ଚୌରଙ୍ଗୀ ।

ଆଶ୍ଚର୍ଯ୍ୟ ! ବିଳାତରୁ ମାଟି ଅଣାଗଲା କାହିଁକି ? ବିଳାତ ମାଟି ନ ହେଲେ କ'ଣ କଲିକତା ସହରରେ ବିଳାତ ଲୋକଙ୍କର ସୁଖନିଦ୍ରା ହେଲା ନାହିଁ ? ତା'ନୁହେଁ । ସୁଖନିଦ୍ରା ପାଇଁ ବିବିଧ ବ୍ୟବସ୍ଥା ମହଜୁତ । ଯେଉଁ ଜାତି ସାମ୍ରାଜ୍ୟ ସ୍ଥାପନ କରେ, ସେ ପୃଥିବୀରେ ଯେ କୌଣସି ସ୍ଥାନରେ ଜୀବନ ଉପଭୋଗ କରିପାରେ । ବିଳାତ ମାଟି ନ ହେଲେ କ'ଣ ଭାରତରେ ବିଳାତ ବିଜୟର ପରାକାଷ୍ଠା ପ୍ରକଟିତ ହୋଇ ପାରି ନ ଥା'ନ୍ତା ? ସେ ଭ୍ରାନ୍ତ ଧାରଣା ।

ଦେଂସହା, ଧରଣୀ କାହାରି ଅହଙ୍କାର ସହ୍ୟ କରେ ନାହିଁ । ବିଳାତ ମାଟିରେ ଜନ୍ମ ଗ୍ରହଣ କରିବାରେ କ'ଣ କୌଣସି ସ୍ୱାତନ୍ତ୍ର୍ୟ ଅଛି ? ବିଳାତ ଦେଶର ଆଇନ୍ ଅନୁସାରେ ସେ ଦେଶରେ ଯେ ଜନ୍ମ ଗ୍ରହଣ କରେ, ସେ ହିଁ ସେଦେଶର ନାଗରିକ ।

Digitized by srujanika@gmail.com

ସେଥିଲାଗି ଭାରତବର୍ଷରେ ବାସ କରୁଥିବା ଆସନ୍ନପ୍ରସବା ଇଂରେଜ ମହିଳାମାନେ ପ୍ରସବ ଲାଗି ନିଜ ଦେଶକୁ ଚାଲିଯାଉଥିଲେ । ସେତେବେଳେ ବ୍ୟୋମଯାନ ନ ଥିଲା । ଜାହାଜରେ ଯିବାପାଇଁ ଦୀର୍ଘ ସମୟ ଲାଗୁଥିଲା । ଜାହାଜରେ କାହାର କାହାର ପ୍ରସବ ହୋଇ ଯାଉଥିଲା । ସେଥିପାଇଁ ବିଲାତି ଜାହାଜଗୁଡ଼ିକୁ ବିଲାତ ଦେଶର ଅଙ୍ଗ ବୋଲି ଆଇନ୍‌ରେ ବ୍ୟବସ୍ଥା ଥିଲା । ବିଲାତି ମାଟି ଉପରେ ନିର୍ମିତ ଚୌରଙ୍ଗୀରେ ଜନ୍ମଲାଭ କଲେ ବିଲାତର ନାଗରିକତା ମିଳୁ ନ ଥିଲା ।

## ବିଳାସ ସାମଗ୍ରୀ ସହିତ ବିଲାତି ମାଟି

ତେବେ ବିଲାତରୁ ମାଟି ଆସିଲା କାହିଁକି ? କାରଣ ଅଛି । ଭାରତ ଏବଂ ବିଲାତ ମଧ୍ୟରେ ବାଣିଜ୍ୟ କାରବାର ହେଉଥିଲା ବିଲାତି ଜାହାଜରେ । ଭାରତରୁ ରପ୍ତାନି ହେଉଥିଲା ଝୋଟ, ଚମଡ଼ା, ଚିନାବାଦାମ ଇତ୍ୟାଦି କଞ୍ଚାମାଲ । ଏ ସବୁ ଜିନିଷ ଆୟତନରେ ବଡ଼; ଓଜନରେ ବହୁତ; ମାତ୍ର ମୂଲ୍ୟରେ ଅଳ୍ପ । ବିଲାତରୁ ଆସୁଥିଲା ସରୁ ସୂକ୍ଷ୍ମ ଜିନିଷ, ନାନା ବିଳାସର ସାମଗ୍ରୀ । ଏସବୁ ଜିନିଷ ଆକାରରେ କ୍ଷୁଦ୍ର, ଓଜନରେ କମ୍; ମାତ୍ର ମୂଲ୍ୟ ବହୁତ । ଭାରତରୁ ଜାହାଜ ଗଲା ବେଳକୁ ଭରା ବୋଝେଇ । ବିଲାତରୁ ଆସିଲା ବେଳକୁ ହାଲୁକା । ଡଙ୍ଗାରେ ବୋଝେଇ କମ୍ ହେଲେ ଡଙ୍ଗା ହୁଏ ଟଳମଳ । ଜାହାଜର ସେଇ ଅବସ୍ଥା । ଭାରତରୁ ଯିବାବେଳେ ଜାହାଜ ଗଲା ସ୍ୱଚ୍ଛନ୍ଦରେ । ବିଲାତରୁ ଆସିବାବେଳକୁ ହେଲା ଟଳମଳ । ଦୀର୍ଘ ସମୁଦ୍ର ବକ୍ଷରେ ପଥବାହି ଚାଲିବ କିପରି ? କୌଣସିମତେ ବୋଝେଇ ବଢ଼ାଇବାକୁ ହେବ ।

ବୋଝେଇ ସମତୁଲ କରିବାପାଇଁ ଜାହାଜରେ ଭର୍ତ୍ତି କରାଗଲା ମାଟି । ବିଲାତରୁ ଯେତେ ଜାହାଜ ଭାରତକୁ ଆସିଲା, ସବୁଥିରେ ଆସିଲା ବିଲାତି ମାଟି । ଜାହାଜ ଲାଗିଲା ହୁଗୁଳି ନଦୀରେ । ବିଲାତି ମାଟିତକ ଜାହାଜରୁ ଖାଲାସ କରାଯାଇ ନିକଟସ୍ଥ ଖାଲ ଜମିରେ ଭର୍ତ୍ତି କରାଗଲା । ଏହିପରି ଚାଲିଲା ବହୁକାଳ । ବିଲାତି ମାଟିରେ କଲିକତାର ଖାଲଜମି ଭର୍ତ୍ତି-ହେଲା । ତା' ଉପରେ ନିର୍ମିତ ହେଲା ଚୌରଙ୍ଗୀ ଏବଂ ଅନ୍ୟାନ୍ୟ ମାର୍ଗ ଓ ତାହିଁରେ ବିରାଟ ଅଟ୍ଟାଳିକା ।

ଏ ମାଟିବୁହା ବହୁକାଳ ଚାଲିଥାନ୍ତା । ମାତ୍ର ନୂଆ ବ୍ୟବସାୟ ବୁଦ୍ଧି ପଶିଗଲା । ବିଲାତରେ ବହୁତ ପଥରଲୁଣ । ଲୁଣ ବ୍ୟବସାୟୀମାନେ ଜାହାଜ କମ୍ପାନୀମାନଙ୍କୁ ପରାମର୍ଶ ଦେଲେ, ତୁମେ ଅକାରଣରେ ଖର୍ଚ୍ଚାନ୍ତ ହୋଇ ଏତେ ମାଟି ବୋହି ନେଉଛ କାହିଁକି ? ଆମେ ଲୁଣ ପଥର ଆଣି ତମ ଜାହାଜରେ ବୋଝେଇ କରିଦେବୁ । ତୁମେ ସେତକ ବିନା ମାସୁଲରେ ଭାରତକୁ ନେଇଯାଅ । ଜାହାଜ କମ୍ପାନୀମାନେ ସମ୍ମତ ହେଲେ । ନଅ ହଜାର ମାଇଲ ସମୁଦ୍ରପଥ ଅତିକ୍ରମ କଲେ ହେଁ ବିନାମାସୁଲ୍‌ରେ ଲିଭର୍‌ପୁଲ୍

Digitized by srujanika@gmail.com

ଲୁଣ ଆଜି ଭାରତବର୍ଷରେ ଶସ୍ତାରେ ବିକା ହେଲା; ଭାରତୀୟ ଲୁଣ ସହିତ ପ୍ରତିଯୋଗିତା କରିବାକୁ ସମର୍ଥ ହେଲା । ଲୁଣ ବ୍ୟବସାୟୀ, ଜାହାଜ କମ୍ପାନୀ ଉଭୟେ ହେଲେ ଲାଭବାନ୍ । ବିଲାତରୁ ମାଟି ଆସିବା ବନ୍ଦ ହେଲା ।

---

With Puja Greetings :

SIBCO INDUSTRIES P. LTD

( Plastic Division )

MANUFACTURERS OF
Plastic & Polithin Utility goods such as
Glass, Mug, Cud & Plate. Bati-Soap Case,
Fountain Pen and Jessore Combs.
ENQUIRE:-
C-II, INDUSTRIAL ESTATE, CUTTACK-3
Phone-1669 Gram : Sibco

Digitized by srujanika@gmail.com

## ବୈଦେଶିକ ମୁଦ୍ରା ସଞ୍ଚୟରେ ସାହାଯ୍ୟକାରୀ

# ବିଲାତରେ ରଦ୍ଦି କାଗଜ

ଅଧ୍ୟାପକ ଡ଼କ୍‌ଟର ସୂର୍ଯ୍ୟକାନ୍ତ ଦାସ

କେତେ ରଦ୍ଦି କାଗଜ ଆମେ ଚିରି ଫିଙ୍ଗି ନ ଦେଉଛୁ ବା ପୋଡ଼ି ନ ପକାଉଛୁ ? ବିଲାତରେ କିନ୍ତୁ ରଦ୍ଦି କାଗଜ କାରବାର ଲାଗି ସ୍ୱତନ୍ତ୍ର ଓ ବିରାଟ ବ୍ୟବସାୟ ଗଢି ଉଠିଛି । ରଦ୍ଦି ଓ ଅନାବଶ୍ୟକ କାଗଜ ଅଯଥା ନଷ୍ଟ ନକରି ବର୍ଷକୁ ବର୍ଷ କିପରି ଦେଶ ଭିତରୁ ଅଧିକ ରଦ୍ଦି କାଗଜ ସଂଗୃହୀତ ହେବ, ସେଥିଲାଗି ବିଲାତ ସରକାର, ବିଲାତର ସ୍ୱାୟତ୍ତ ଶାସନ ସଂସ୍ଥା ଓ କେତେକ ଶିଳ୍ପପତି ଅତ୍ୟନ୍ତ ତୀକ୍ଷ୍ଣ ଦୃଷ୍ଟି ଦେଇଥାନ୍ତି ।

ବିଲାତରେ ଯେ ରଦ୍ଦି କାଗଜ ପୋଡ଼ା ଯାଏନା, ବା ନଷ୍ଟ କରି ଦିଆଯାଏ ନା, ତା' ନୁହେଁ । ୧୯୬୬ ସାଲରେ ବିଲାତରେ ପ୍ରାୟ ଛଅଶ ଲକ୍ଷ ଟନ ରଦ୍ଦି ଓ ଅନାବଶ୍ୟକ କାଗଜ ପୋଡ଼ି ଦିଆ ଯାଇଥିଲା । ସେହି ବର୍ଷ ମଧ୍ୟ ପ୍ରାୟ ୨୦ ଲକ୍ଷ ଟନ୍ ରଦ୍ଦି କାଗଜ ନଷ୍ଟ ନକରି କାଗଜକଳ ଓ " ପେପରବୋର୍ଡ " କାରଖାନା ମାନଙ୍କରେ ତାହାର ପୁନଃ ବ୍ୟବହାର ହୋଇଥିଲା ।

ସଂପଦଶାଳୀ ଦେଶ ମାନଙ୍କରେ ଏହି ରଦ୍ଦିକାଗଜ, ରଦ୍ଦି ଲୁହା, ପୁରୁଣା ଆଲ୍ୟୁମିନିୟମ୍ ସାମଗ୍ରୀ, ଭଙ୍ଗା ପ୍ଲାଷ୍ଟିକ୍ ଜିନିଷ, ପୁରୁଣା ରବର ଟାୟାର୍ ଇତ୍ୟାଦି ପରିତ୍ୟାଜ୍ୟ ଆପାତତଃ ଅଦରକାରୀ ପଦାର୍ଥ ଗୁଡ଼ିକର ବେଶ୍ ବୃଦ୍ଧି ରହିଛି । ଶିଳ୍ପାନୁଷ୍ଠାନ ରେ କଂଚା ମାଲ ରୂପେ ଏହି ଅନାବଶ୍ୟକ ଜିନିଷ ଗୁଡ଼ିକର ଯଥେଷ୍ଟ ସଦୁପଯୋଗ କରିଯାଏ ।

ବିଲାତରେ ସଂଗୃହୀତ ହେଉଥିବା ରଦ୍ଦି କାଗଜର ଶତକଡ଼ା ୮୨ ଭାଗ କଂଚା ମାଲ ରୂପେ ପେପର୍‌ବୋର୍ଡ ମିଲରେ ବ୍ୟବହୃତ ହୁଏ । ଅବଶିଷ୍ଟ ଅଠର ଭାଗ କାଗଜ କଲ ମାନଙ୍କର କଂଚାମାଲ ସଙ୍ଗେ ମିଶ୍ରିତ ହୁଏ । ପ୍ରତ୍ୟେକ ପ୍ରକାର ପ୍ୟାକିଙ୍ଗ୍ ଲାଗି କାର୍ଡବୋର୍ଡ ବ୍ୟବହୃତ ହେଉଥିବାରୁ, କାଗଜ ତିଆରି ପ୍ଲେଟ୍ ଓ ଗ୍ଲାସରେ ପାନାହାର ଅଭ୍ୟାସ ବୃଦ୍ଧି ଲଭୁଥିବାରୁ ପେପର୍ ବୋର୍ଡ କାରଖାନା ଗୁଡ଼ିକର ଦ୍ରୁତ ବିକାଶ ହେବାରେ ଲାଗିଛି ।

Digitized by srujanika@gmail.com

ନାଇଲନ ସୂତା, ଜାଲ, ଅନ୍ୟାନ୍ୟ ମାଛଧରା
ଉପକରଣ ଓ ବୋଟ୍ ନିର୍ମାଣ କରୁ
ମଗରମାଛ ତେଲ ଓ ବିବାହ ଆଦି ଉପଲକ୍ଷେ
ମାଛର ଚାହିଦା ମେଣ୍ଟାନ୍ତୁ

ଓଡ଼ିଶା ମତ୍ସ୍ୟ ଉନ୍ନୟନ
କରପୋରେସନ ଲିଃ
ତୁଳସୀପୁର, କଟକ-୧

ବିଜୟା ଶୁଭେଚ୍ଛା ସହ

//
//

ଇଣ୍ଡିଆନ ପେଣ୍ଟସ୍ ଏଣ୍ଡ କେମିକାଲସ
ମଧୁପାଟଣା, କଟକ-୩
ଫୋ. ନ.—୧୫୫୩-A.

Digitized by srujanika@gmail.com

## ବୈଦେଶିକ ମୁଦ୍ରା ସଞ୍ଚୟର ବାଟ

ସଂଗୃହୀତ ହେଉଥିବା ରଦ୍ଦି କାଗଜକୁ ବିଲାତରେ ପ୍ରଥମେ କିସମ କିସମ କରି ବାଛି ଦିଆଯାଏ । ବଛାବଛି ପରେ ରଦ୍ଦି କାଗଜ ଗୁଡ଼ିକ ପ୍ରାୟ ୩୮ କିସମରେ ସଜାଇ ରଖାଯାଏ । ଏହି "ଗ୍ରେଡ଼ିଂ" ଉତ୍ତାରୁ ବାର୍ଷିକ ପ୍ରାୟ ଦଶ ଲକ୍ଷ ଟନ୍ ରଦ୍ଦି କାଗଜ ବିଲାତର କାଗଜକଲ ମାନଙ୍କରେ ମଣ୍ଡରେ ପରିଣତ ହୋଇ ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ହୁଏ । କାଗଜକଲ ମାନଙ୍କ ଲାଗି ୟୁରୋପର ଅନ୍ୟାନ୍ୟ ଦେଶରୁ ବିଲାତକୁ କାଗଜ ମଣ୍ଡ ଆମଦାନୀ ହୋଇଥାଏ । ମଣ୍ଡ ଆମଦାନୀ ଲାଗି ବିଲାତ ର ବାର୍ଷିକ ୧୦ ଦଶମିକ ୨ କୋଟି ପାଉଣ୍ଡ୍ ମୁଦ୍ରା ବ୍ୟୟ ହୁଏ । କିନ୍ତୁ ରଦ୍ଦି କାଗଜରୁ ମଣ୍ଡ ତିଆରି ହେବା ଯୋଗେ ବିଲାତର ପ୍ରାୟ ୨୭ ନିୟୁତ ପାଉଣ୍ଡ ବୈଦେଶିକ ମୁଦ୍ରା ଖର୍ଚ୍ଚ ନ ହୋଇ ରହିଯାଏ । ଆହୁରି ମଧ୍ୟ ବିଲାତରୁ ବିଦେଶକୁ କେତେକ ରଦ୍ଦି କାଗଜ ରପ୍ତାନୀ କରାଯାଇ ସେ ବାବତରେ ମୋଟ ୨୦ ଲକ୍ଷ ପାଉଣ୍ଡ୍ ମୁଦ୍ରା ବାର୍ଷିକ ରୋଜଗାର ହୁଏ ।

ରଦ୍ଦି କାଗଜକୁ ମଣ୍ଡ ରୂପେ କାଗଜ କଲ ମାନଙ୍କରେ ପୁନଃ ବ୍ୟବହାର କରିବା ପ୍ରଣାଳୀର ବହୁଳ ପ୍ରଚଳନ ହେତୁ ଆଶା କରାଯାଉଛି ଯେ ବର୍ତ୍ତମାନ ଯେତେ ପରିମାଣରେ ରଦ୍ଦି କାଗଜ ଲୋଡ଼ା ପଡୁଛି ତାହା ଅପେକ୍ଷା ଶତକଡ଼ା ୨୭ ଭାଗ ଅଧିକ ରଦ୍ଦି କାଗଜ ୧୯୭୦ ସାଲ ବେଳକୁ ଦରକାର ପଡ଼ିବ । ଯଦି ଅଧିକ ପରିମାଣରେ ଉପଯୁକ୍ତ କିସମର ରଦ୍ଦି କାଗଜ ସଂଗୃହୀତ ହୋଇ ନପାରେ ତେବେ ବିଲାତର ବୈଦେଶିକ ମୁଦ୍ରାରୁ ମୋଟ ୨୫ ନିୟୁତ ପାଉଣ୍ଡ ଅଧିକ ଖର୍ଚ୍ଚ କରି କାଗଜ-ମଣ୍ଡ ଆମଦାନୀ କରିବାକୁ ପଡ଼ିବ ।

## ଆବର୍ଜନାରୁ ରଦ୍ଦି କାଗଜ ଅଲଗା କରିବା

କିପରି ଅଧିକରୁ ଅଧିକ ରଦ୍ଦି କାଗଜ ସଂଗ୍ରହ କରି ପେପର୍ ବୋର୍ଡ କାରଖାନାକୁ ଯୋଗାଇ ଦିଆଯିବ, ସେଥିଲାଗି ବିଲାତର ସରକାରୀ ମହଲରେ ବିଶେଷ ଉଦ୍ୟମ ହେଉଛି ବିଲାତର ଅର୍ଥନୈତିକ ବିକାଶ ପ୍ରତି ଅନବରତ ଧ୍ୟାନ ଦେଉଥିବା "ନ୍ୟାସନାଲ୍ ଇକନମିକ୍ ଡେଭଲପ୍‌ମେଣ୍ଟ୍ କାଉନ୍‌ସିଲ୍" ନାମକ ଅନୁଷ୍ଠାନର ତତ୍ତ୍ୱାବଧାନରେ ଗଠିତ ହୋଇଥିବା ବିଶେଷଜ୍ଞ ମାନଙ୍କ ( ଓ୍ୱାର୍କିଙ୍ଗ୍ ପାର୍ଟି ) ଅନୁସନ୍ଧାନରେ ସ୍ଥିର ହୋଇଛି ଯେ ବିଭିନ୍ନ ନଗରୀର ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ଆବର୍ଜନା ସଂଗ୍ରହ କଲାବେଳେ ରଦ୍ଦି କାଗଜକୁ ବାଛି ବାଛି ରଖିବା ଲାଗି ଅତ୍ୟନ୍ତ ଯତ୍ନପର ହେବାକୁ ପଡ଼ିବ ।

ବିଲାତରେ ସାଧାରଣତଃ ଏହି ତିନୋଟି ସୂତ୍ରରେ ରଦ୍ଦି କାଗଜ ସଂଗୃହୀତ ହୋଇଥାଏ – (୧) ରଦ୍ଦି କାଗଜ ବେପାରି, ( ୨ ) ସ୍ୱାୟତ୍ତଶାସନ ଅନୁଷ୍ଠାନ ଆବର୍ଜନା ନିଷ୍କାସନ ବିଭାଗ, (୩) କାଗଜ କଲର କଂଗ୍ରୁ

Digitized by srujanika@gmail.com

For

# Cooper Engines & Pumps

PUMPS
COOPER
ENGINES

*CONTACT*

## MODESN TRADERS

Tinkoniabogicha,
Cuttack -

**Sole Agents For Orissa**

**Pho ne ;353**

Digitized by srujanika@gmail.com

।ମଲ-ହସ୍ତ ଦପ୍ତର । ସଂଗୃହୀତ ହେଉଥିବା ରଦ୍ଦି କାଗଜର ଶତକଡ଼ା ୬° ଭାଗ ବେପାରି ମାନଙ୍କଠାରୁ ଆସେ, ଶତକଡ଼ା ୪୦ର ଭାଗ ସ୍ୱାୟତ୍ତଶାସନ ଅନୁଷ୍ଠାନ ଜରିଆରେ ମିଳେ, ଅବଶିଷ୍ଟାଂଶ କାଗଜ କଲର କଂଗ୍ରେମାଲ ସଂଗ୍ରହ ବିଭାଗର କର୍ମଚାରୀମାନେ କିଣି ଆଣନ୍ତି

ରଦ୍ଦି କାଗଜ ବ୍ୟବସାୟ ଦେଶ ପକ୍ଷେ ଏପରି ଦରକାରୀ ଶିଳ୍ପ ଯେ ସେହି ବ୍ୟବସାୟରେ ନିଯୁକ୍ତ ବେପାରୀ ମାନଙ୍କର ସ୍ୱତନ୍ତ୍ର ଅନୁଷ୍ଠାନ ରହିଛି । ଏହାର ନାମ, "ବ୍ରିଟିଶ୍ ୱେଷ୍ଟପେପର୍ ଆସୋସିଏସନ୍" । ଏହି ଅନୁଷ୍ଠାନ ପ୍ରତିବର୍ଷ ସେ ଦେଶରେ 'ଅଧିକ ରଦ୍ଦି କାଗଜ ସାଇତି ରଖ' ପ୍ରତିଯୋଗିତା କରିଏ ଏବଂ ଦେଶ ବ୍ୟାପୀ "ୱେଷ୍ଟ ରିକଭରି" ଆନ୍ଦୋଳନ ଦ୍ୱାରା ନଷ୍ଟ ହେବାକୁ ଯାଉଥିବା ପଦାର୍ଥର ପୁନଶ୍ଚ ସଦୁପଯୋଗ ବ୍ୟବସ୍ଥା କରେ ।

## ସବୁ ରଦ୍ଦି ଜିନିଷର ମୂଲ୍ୟ ଅଛି

କେବଳ ଯେ ରଦ୍ଦି କାଗଜର ଏପରି ବ୍ୟାପକ ବ୍ୟବସାୟ ବିଲାତରେ ପ୍ରତିଷ୍ଠିତ ହୋଇଛି,ତା' ନୁହେଁ । ରଦ୍ଦି ଲୁହା, ରଦ୍ଦି କପଡ଼ା ( textile rag trade ) ରଦ୍ଦି ପଶମ ପଦାର୍ଥ ( Woolen Rag Trade ) ପ୍ରଭୃତିକୁ ଦେଶର ଅନ୍ଧିସନ୍ଧିରୁ ସଂଗ୍ରହ କରି ପୁନଶ୍ଚ କଲ କାରଖାନାରେ ସେଥିରୁ ନୂଆ ସାମଗ୍ରୀ ଗଢିବା ଲାଗି ଲାଭ-ଜନକ ବ୍ୟବସାୟ ସ୍ଥାପିତ ହୋଇଛି । ଏହି ସବୁ ରଦ୍ଦି ପଦାର୍ଥର ବିନିଯୋଗ କରି କପରି ନୂତନ ଶିଳ୍ପ ସଂସ୍ଥା ଗୁଲପାରେ ତାହାର ବାର୍ଷିକ 'ପ୍ରଦର୍ଶନୀ' ମଧ୍ୟ ହୋଇଥାଏ । ରଦ୍ଦି ଜିନିସରୁ ଭଲ ଭଲ ସାମଗ୍ରୀ ତିଆରି କରୁଥିବା ଶିଳ୍ପସଂସ୍ଥା ଗୁଡ଼ିକର ସ୍ୱତନ୍ତ୍ର ସଂଗଠନ ହୋଇଛି । ଏହାର ନାମ ହେଉଛି **West Trade Federation.** ଏମାନଙ୍କର ସ୍ୱତନ୍ତ୍ର ବୈଜ୍ଞାନିକ ଗବେଷଣାଗାର ପ୍ରତିଷ୍ଠିତ ହୋଇଛି , ନାମ ହେଲା 'ରିକ୍ଲେମେସନ ଟ୍ରେଡ଼ସ୍ ରିସର୍ଚ୍ଚ ଆର୍ଗାନାଇଜେସନ୍' । ବିଲାତର ବଡ଼ ବଡ଼ ଶିକ୍ଷାନୁଷ୍ଠାନ ଯଥା 'ନଟିଂହାମ୍ କଲେଜ୍ ଅଫ୍ ଟେକ୍ନୋଲଜି, ରେ ଏହି ବ୍ୟବସାୟର ଅଭିବୃଦ୍ଧି ଲାଗି ଶିକ୍ଷାଦାନ ଓ ଗବେଷଣାଗାର ବ୍ୟବସ୍ଥା ମଧ୍ୟ ରହିଛି ।

ସଂପଦ ସୃଷ୍ଟି ଲାଗି ବିଲାତରେ ରଦ୍ଦି କାଗଜ ମଧ୍ୟ ଲୋଡ଼ା ପଡଛି

*With Greetings From :*

# KALINGA CABLES (P) LTD.

**INDUSTRIAL ESTATE**

CUTTACK-3

LEADING MANUFACTURERS
OF
ELETRICAL CONDUCTORS
OF THE STATE

Digitized by srujanika@gmail.com

> ସମୁଦ୍ର ଜଳକୁ ମଧୁର ଓ
> କୃତ୍ରିମ ବର୍ଷା କରି ଜଳାଭାବ
> ଦୂର କରାଯାଇପାରେ

# ଜଳହିଁ ଜୀବନ

**କେଶବ ଚନ୍ଦ୍ର ସାମଲ**

**ଅଜ୍ଞାତର ଅନ୍ଧକାରମୟ** ଗର୍ଭରେ କେଉଁ ଶୁଭ ମୁହୂର୍ତ୍ତରେ ଜୀବନର ପ୍ରଥମ ସଂସ୍କାର ହେଲା, ମାନବ ସମାଜକୁ ତାହା ଏ ପର୍ଯ୍ୟନ୍ତ ଜଣା ପଡ଼ି ନାହିଁ । କିନ୍ତୁ ବୈଜ୍ଞାନିକମାନେ ଜାଣି ପାରିଛନ୍ତି ଯେ ଜୀବନର ପ୍ରଥମ ସୃଷ୍ଟି ହୋଇଥିଲା —ଜଳରେ । ତେଣୁ ଜୀବନର ଅନ୍ୟ ନାମ ହେଉଛି ଜଳ ।

ଜୀବନ ଓ ଜଳ ମଧ୍ୟରେ ରହିଛି ନିବିଡ଼ ସମ୍ପର୍କ । ଜଳ ନ ରହିଲେ ଯେପରି ସୃଷ୍ଟି ନାଶ ହୁଏ, ଜଳ ବଢ଼ିଗଲେ ମଧ୍ୟ ସୃଷ୍ଟି ନାଶ ହୋଇଥାଏ । ସୃଷ୍ଟିର ଏହି ପ୍ରଧାନତମ ଆବଶ୍ୟକତା ପୂରଣ କରିବା ପାଇଁ ସୃଷ୍ଟିକର୍ତ୍ତା ପୃଥିବୀ ବକ୍ଷରେ ପ୍ରଭୂତ ଜଳଭଣ୍ଡାର ସୃଷ୍ଟି କରିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ଜଳର ଅଭାବରେ ସୃଷ୍ଟି କିପରି ଛାରଖାର ହେଉଛି, ବିଗତ କଳାହାଣ୍ଡି ଓ ବିହାରରେ ପଡ଼ିଥିବା ଦୁର୍ଭିକ୍ଷର କରୁଣ ଦୃଶ୍ୟହିଁ ତାର ଅନ୍ୟତମ ପ୍ରମାଣ ।

ଅଟକଳ କରାଯାଇଛି ଯେ ପୃଥିବୀ ବକ୍ଷରେ ମୋଟ ୩୨ କୋଟି ୬୦ ଲକ୍ଷ ୧୭ ହଜାର ୩ ଶହ ଘନ ମାଇଲ ଜଳ ରହିଛି । ଏଥି ମଧ୍ୟରୁ ଶତକଡ଼ା ୯୭.୨ ଭାଗ ଅଛି ଲବଣାକ୍ତ ମହାସାଗରରେ । ସୃଷ୍ଟିର ଆରମ୍ଭରୁ ହିଁ ଜଳର ଅସ୍ତିତ୍ୱ ରହିଛି ବୋଲି ଜଣାଯାଏ ଏବଂ ଜଳର ପରିମାଣ ଆଜି ମଧ୍ୟ ସେତିକି ଅଛି, ଯେତିକି କୋଟି କୋଟି ବର୍ଷ ପୂର୍ବରୁ ଥିଲା ।

ବାର୍ଷିକ ହାରାହାରି ୪୪ ଇଞ୍ଚ ବର୍ଷା ଦେଶର କୃଷି କାର୍ଯ୍ୟ ପାଇଁ ଯଥେଷ୍ଟ । କିନ୍ତୁ ଦୁଃଖର କଥା ଯେ ଭାରତର ସର୍ବତ୍ର ସମାନ ହାରରେ ବୃଷ୍ଟି ହୁଏ ନାହିଁ । ଦେଶର ଶତକଡ଼ା ପ୍ରାୟ ୬୬ ଭାଗ ଅଂଶ ହାରାହାରି ବାର୍ଷିକ ବୃଷ୍ଟିପାତରୁ କମ୍ ପାଇଥାଏ । ତେଣୁ ଯଦି କୌଣସି ଅଞ୍ଚଳରେ ମୌସୁମୀ ବର୍ଷା ନ ହୁଏ, ତେବେ ଏହା ପରେ ପରେ ଦେଖାଯାଏ ଅନାବୃଷ୍ଟିର କରାଳ ଛାୟା । ଫଳରେ ସେ ଅଞ୍ଚଳର ଜନସାଧାରଣ ଅକଥନୀୟ ଦୁଃଖ ଭୋଗ କରନ୍ତି ।

ପୃଥିବୀ ବକ୍ଷରେ ଜଳର ପ୍ରାଚୁର୍ଯ୍ୟ ଥିବା ସତ୍ତ୍ୱେ ମନୁଷ୍ୟର ଅସ୍ତିତ୍ୱ ପାଇଁ ଆଜି ଯେଉଁ ଦ୍ରବ୍ୟଟି ସର୍ବାଧିକ ଆବଶ୍ୟକ, ତାହା ହେଉଛି ଜଳ । ଜନସଂଖ୍ୟାର ବୃଦ୍ଧି ଓ ଶିଳ୍ପ ପ୍ରସାର ଏହି ଆବଶ୍ୟକତାକୁ ଆହୁରି ବଢ଼ାଇ ଦେଇଛି ।

Digitized by srujanika@gmail.com

## ପାନୀୟ ଜଳର ଅଭାବ

ମାନବ ସମାଜର ଦୁଇଟି ପ୍ରଧାନ କର୍ମକ୍ଷେତ୍ର ହେଉଛି କୃଷି ଓ ଶିଳ୍ପ । ଶିଳ୍ପ ନଗରମାନଙ୍କରେ ମଧୁର ନିର୍ମଳ ଜଳ ଯୋଗାଇ ଦେବା କପରି ଏକ ଦୁଃସାଧ୍ୟ ବ୍ୟାପାର ହେଲଣି, ପ୍ରତିଦିନ ସମ୍ବାଦପତ୍ର ପଢ଼ିଲେ, ତାହା ଜଣାଯାଏ । ବମ୍ବେ ଭଳି ଏକ ପ୍ରଧାନ ସହରରେ ଦୈନିକ ୩୫ କୋଟି ଗ୍ୟାଲନ୍ ଜଳ ଆବଶ୍ୟକ ହେଉଥିବା ସ୍ଥଳେ ପ୍ରକୃତରେ ମାତ୍ର ୨୦ କୋଟି ଗ୍ୟାଲନ୍ ଯୋଗାଇ ଦିଆ ଯାଇଥାଏ । କଲିକତାର ଦୈନିକ ଆବଶ୍ୟକତା ହେଲା ୪୫ କୋଟି ଗ୍ୟାଲନ୍ । କିନ୍ତୁ ଏହି ସହରକୁ ଦୈନିକ ମାତ୍ର ୧୮ କୋଟି ଗ୍ୟାଲନ୍ ଯୋଗାଇ ଦିଆ ଯାଇଥାଏ । ମାନ୍ଦ୍ରାଜର ଦୈନିକ ଆବଶ୍ୟକତା ୧୦ କୋଟି ଗ୍ୟାଲନ୍ ଥିବା ସ୍ଥଳେ ମାତ୍ର ସାଢ଼େ ତିନି କୋଟି ଗ୍ୟାଲନ୍ ଯୋଗାଇ ଦିଆଯାଏ ।

ଅନେକ ସ୍ଥାନରେ ଶିଳ୍ପ କାରଖାନା ସ୍ଥାପନର ସମସ୍ତ ସୁବିଧା ଥିବା ସତ୍ତ୍ୱେ ଏହା କରିଯାଇ ପାରୁନାହିଁ । ଏହାର ପ୍ରଧାନ କାରଣ ହେଉଛି ଜଳାଭାବ । ଇସ୍ପାତ ଓ ଅନ୍ୟାନ୍ୟ ଧାତୁ ଦ୍ରବ୍ୟ ଉତ୍ପାଦନ କରିବା ଜଳାଭାବରେ ସମ୍ଭବ ନୁହେଁ । ଅଟକଳ କରାଯାଇଛି ଯେ ଏକ ଟନ୍ ଇସ୍ପାତ ଉତ୍ପାଦନ ପାଇଁ ୬୫ ହଜାର ଗ୍ୟାଲନ୍ ଜଳ ଆବଶ୍ୟକ ହୁଏ । ଗୋଟିଏ ମଟରଗାଡ଼ି ତିଆରି ହୋଇ କାରଖାନାରୁ ଗଡ଼ି ଆସିଲା ବେଳକୁ ଏହାର ଉତ୍ପାଦନରେ ୪୦ ହଜାର ଗ୍ୟାଲନ୍ ଜଳ ଲାଗିଥାଏ । ଏକ ବ୍ୟାରେଲ୍ ପେଟ୍ରୋଲିଅମ୍ ଶୋଧନ କରିବାକୁ ୭୭୦ ଗ୍ୟାଲନ୍ ଏବଂ ଏକ ଟନ୍ କୃତ୍ରିମ ରବର ଉତ୍ପାଦନ କରିବାକୁ ୭ ଲକ୍ଷ ଗ୍ୟାଲନ୍ ଜଳ ଆବଶ୍ୟକ ହୁଏ ବୋଲି ଅଟକଳ କରାଯାଇଛି ।

ମଧୁର ନିର୍ମଳ ଜଳର ଆବଶ୍ୟକତା ପ୍ରତିଦିନ ବଢ଼ିବାରେ ଲାଗିଛି । କେତେକ ବୈଜ୍ଞାନିକ ଅନୁମାନ କରନ୍ତି ଯେ ଏହା ଏତେ ଦ୍ରୁତଗତିରେ ବୃଦ୍ଧି ପାଉଛି ଯେ ଆଉ କେତୋଟି ବର୍ଷ ପରେ ଏହା ପୂରଣ କରିବା ସମ୍ଭବ ହେବ ନାହିଁ । ତେଣୁ ପୃଥିବୀର ବୃହତ୍ତମ ଜଳଭଣ୍ଡାର—ଲବଣାକ୍ତ ମହାସାଗରମାନଙ୍କ ପ୍ରତି ବୈଜ୍ଞାନିକମାନେ ଦୃଷ୍ଟି ଦେଲେଣି ।

ସାଗର ମଧ୍ୟରେ ପ୍ରଚୁର ଜଳ ଥିଲେସୁଦ୍ଧା ଏହା ମନୁଷ୍ୟର ବିଶେଷ କାର୍ଯ୍ୟରେ ଲାଗୁ ନାହିଁ । ଲବଣାକ୍ତ ହୋଇଥିବାରୁ ପାନୀୟ ଜଳ ରୂପେ ବ୍ୟବହୃତ ହୋଇପାରୁ ନାହିଁ । ଶିଳ୍ପ ବା କୃଷି କାର୍ଯ୍ୟରେ ମଧ୍ୟ ଏହା ଏହି କାରଣରୁ ବ୍ୟବହୃତ ହୋଇପାରୁ ନାହିଁ । ପୃଥିବୀ ବକ୍ଷରେ ଥିବା ମୋଟ ପ୍ରାୟ ୩୨ କୋଟି ୬୦ ଲକ୍ଷ ୧୭ ହଜାର ୩ ଶହ ଘନ ମାଇଲ୍ ଜଳର ଶତକଡ଼ା ପ୍ରାୟ ୯୭.୨ ଭାଗ ସାଗର-ମହାସାଗରମାନଙ୍କରେ ରହିଛି ।

Digitized by srujanika@gmail.com

ସମୁଦ୍ର ଯାତ୍ରୀ ନାବିକମାନଙ୍କୁ ସାଗର ଜଳକୁ କପର ଆୟନ-ବିନମୟ ( Ion-exchange) ପଦ୍ଧତି ଦ୍ୱାରା ଲବଣମୁକ୍ତ କରାଯାଇ ପାରେ, ତାହା ଜଣା ଥିଲା । କନ୍ତୁ ଏ ପର୍ଯ୍ୟନ୍ତ ସମୁଦ୍ର ଜଳକୁ ବ୍ୟାପକ ଭାବେ ଲବଣମୁକ୍ତ କରି ଜନସାଧାରଣଙ୍କ କଲ୍ୟାଣ ପାଇଁ ଏହାକୁ ବିନିଯୋଗ କରିବାର ଉଦ୍ୟମ କରାଯାଇ ନ ଥିଲା । ମଧୁର ଜଳର ବ୍ୟାପକ ଅଭାବ ଦେଖା ଦେଉଥିବାରୁ ବୈଜ୍ଞାନିକମାନେ ସେ ଦିଗରେ ବର୍ତ୍ତମାନ ମନ ଦେଇଛନ୍ତି ।

## ଜଳର ଅସଦ୍‌ବ୍ୟବହାର

ଯେତକ ଜଳ ମନୁଷ୍ୟକୁ ମିଳୁଛି, ତାହାର ଉପଯୁକ୍ତ ବ୍ୟବହାର କରାଯାଉଛି କି ? କଟକ ସହରର ରାସ୍ତାକଡ଼ର ପାଣିକଳ ଗୁଡ଼ିକୁ ଦେଖିଲେ, ବାସ୍ତବିକ ଦୁଃଖ ହୁଏ । କେବଳ କଟକ ନୁହେଁ, ସବୁ ସହରରେ ଏଇ ଅବସ୍ଥା । ନିର୍ମଳ ପାନୀୟ ଜଳ ଯଦି ଏଭଳିଭାବେ ନଷ୍ଟ ନ ହୁଅନ୍ତା, ତେବେ ସହରମାନଙ୍କରେ ଜଳାଭାବ ଅନେକ ପରିମାଣରେ ଦୂର ହୋଇ ପାରନ୍ତା ।

କେବଳ ସହର ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ଉପଲବ୍ଧ ଜଳର ସଦ୍‌ବ୍ୟବହାର ହୋଇପାରୁ ନାହିଁ । କେଉଁଠି ଅଯଥା ଅଧିକ ଜଳ ବ୍ୟବହୃତ ହେଉଛି ତ କେଉଁଠି ଅତ୍ୟଳ୍ପ ଜଳ ସେଚନ କରାଯାଉଛି । ନୂଆଦିଲ୍ଲୀସ୍ଥିତ କୃଷି ଗବେଷଣା ପ୍ରତିଷ୍ଠାନରେ କରାଯାଉଥିବା ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ ଧାନର ସର୍ବାଧିକ ଉତ୍ପାଦନ ପାଇଁ ସଠିକ ପରିମାଣରେ ଜଳ ବ୍ୟବହାର କରିବା ଉଚିତ— ବେଶୀ ନୁହେଁ କି କମ ନୁହେଁ । ଏହି ଅନୁସନ୍ଧାନରୁ ପ୍ରକାଶ ଯେ ଓଡ଼ିଶା, ଆନ୍ଧ୍ର, ମାନ୍ଦ୍ରାଜ ଆଦି ରାଜ୍ୟରେ ବର୍ତ୍ତମାନ ବ୍ୟାପକଭାବେ ଚାଷ କରାଯାଉଥିବା ଟାଇଚୁଙ୍ଗ୍ ଧାନରୁ ସର୍ବାଧିକ ଅମଳ ପାଇବାକୁ ହେଲେ ଏପରିଭାବେ ଜଳ-ସେଚନ କରିବା ଉଚିତ ଯେପରି କି ଏହା ରୁଆ ହେବାର ୮୦ ଦିନ ମଧ୍ୟରେ ୪ ସେ: ମି: ଗଭୀରତା ପର୍ଯ୍ୟନ୍ତ ଜମି ପାଣିରେ ବୁଡ଼ି ରହେ, ଏହି ଧାନ ରୁଆ ହେବାର ଠାରୁ ୨୦ ଦିନ ଏବଂ ୪୦ରୁ ୬୦ ଦିନ ମଧ୍ୟରେ ଜମି ଭଲଭାବେ ବୁଡ଼ି ରହିବା ଉଚିତ । ୪ ସେ: ମି: ରୁ ଅଧିକ ଗଭୀରତା ପର୍ଯ୍ୟନ୍ତ ଯଦି ଜମିକୁ ବୁଡ଼ାଯାଏ, ତେବେ ଅଯଥା ଜଳ ନଷ୍ଟ ହୋଇଯାଏ ଏବଂ ଏହା ଫସଲର କ୍ଷତି ମଧ୍ୟ କରିପାରେ । ଯେଉଁ ଜମିରେ ଜଳ ଜମି ରହେ, ସେଥିରୁ ମଝିରେ ମଝିରେ ଜଳ ନିଷ୍କାସନ ମଧ୍ୟ କରି ଦେବା ଉଚିତ ।

ଏଥିରୁ ଦେଖାଯିବ ଯେ, ପୃଥିବୀରେ ଜଳର ପ୍ରାଚୁର୍ଯ୍ୟ ରହିଛି । କନ୍ତୁ ପ୍ରଧାନ ଆବଶ୍ୟକତା ହେଲା ଜଳର ଉପଯୁକ୍ତ ବ୍ୟବହାର ବା ଜଳସଂପଦର ସଠିକ ପରିଚାଳନା ।

Digitized by srujanika@gmail.com

# ସମୁଦ୍ରଜଳକୁ ମଧୁର କରିବା

ସମୁଦ୍ର ଜଳକୁ ଲବଣ ମୁକ୍ତ କରି ଏହାକୁ କୃଷି କାର୍ଯ୍ୟରେ ବ୍ୟବହାର କରିବା ଦିଗରେ ପୃଥିବୀର ବିଭିନ୍ନ ସ୍ଥାନରେ ଉଦ୍ୟମ କରାଗଲାଣି । କେତେକ ସ୍ଥାନରେ ଏଥିପାଇଁ ନମୁନା-କାରଖାନାମାନ ମଧ୍ୟ ସ୍ଥାପିତ ହୋଇଛି । ଜଳକୁ ବାଷ୍ପୀଭବନ (evaporation) କରାଇ ଅଥବା ଜମାଟ ବନ୍ଧାଇ (freezing) ଏଥିରୁ ଲବଣ ଦୂର କରାଯାଉଛି । କେତେକ ସ୍ଥାନରେ ଜଳକୁ ବିପରୀତ ସମୀକରଣ (reverse osmosis) କରି ଏବଂ ଅନ୍ୟ କେତେକ ସ୍ଥାନରେ ଏହାକୁ ବିଦ୍ୟୁତ୍ ବିଚ୍ଛେଦନ (electro dialysis) ପଦ୍ଧତିରେ ଲବଣ ମୁକ୍ତ କରାଯାଉଛି ।

ଭାରତରେ ଏପରି କେତେକ ସ୍ଥାନ ରହିଛି, ଯେଉଁଠି ସ୍ୱଳ୍ପ ବ୍ୟୟରେ ସମୁଦ୍ର-ଜଳକୁ ଲବଣ ମୁକ୍ତ କରି କାର୍ଯ୍ୟରେ ଲଗାଯାଇ ପାରେ ।

## କୃତ୍ରିମ ବର୍ଷା

ସମୁଦ୍ର ଜଳ ଛଡ଼ା, ଜଳର ଅନ୍ୟ ଏକ ଆଧାର ହେଉଛି ବଉଦ । ପାଣିପାଗରୁ ନିୟନ୍ତ୍ରଣ କରିବାର ସଠିକ ପଦ୍ଧତି ଏବେ ମନୁଷ୍ୟକୁ ଜଣା ନାହିଁ । ତେବେ ଏ ଦିଗରେ ଉଦ୍ୟମ ବରାବର ଲାଗି ରହିଛି । ଭାରତରେ ବଉଦରୁ କୃତ୍ରିମ ପଦ୍ଧତିରେ ଜଳ ବୃଷ୍ଟି କରିବା ପାଇଁ ୧୯୫୫ ମସିହା ଠାରୁ ବୈଜ୍ଞାନିକମାନେ ଉଦ୍ୟମ କରି ଆସୁଛନ୍ତି । ଦିଲ୍ଲୀସ୍ଥିତ ଜାତୀୟ ପଦାର୍ଥବିଜ୍ଞାନ ଗବେଷଣାଗାରରେ ନିୟମିତଭାବେ ଏ ସମ୍ପର୍କରେ ଅନୁସନ୍ଧାନ କରାଯାଉଛି । ରାଡ଼ାର ଯୋଗେ ଦିଲ୍ଲୀରେ ଯେଉଁସବୁ ଅନୁସନ୍ଧାନ କରା ଯାଇଥିଲା, ସେଥିରୁ ଏ ଅଞ୍ଚଳରେ ଦୁଇଶହ ମାଇଲ ପରିସର ମଧ୍ୟରେ ଜଳଧାରା ବଉଦ ମଧ୍ୟରେ ବିଭିନ୍ନ ପରିବର୍ତ୍ତନ "ଦେଖିବା" ବୈଜ୍ଞାନିକମାନଙ୍କ ପକ୍ଷେ ସମ୍ଭବ ହୋଇଛି । ଯେଉଁ ବଉଦ-ଗୁଡ଼ିକରୁ ଜଳ ବର୍ଷା ହେବ ନାହିଁ, ସେଭଳି ବଉଦକୁ ବୃଷ୍ଟିକାରୀ ବଉଦଠାରୁ ଅଲଗା ଭାବେ ଦେଖିବାର କୌଶଳ ମଧ୍ୟ ଭାରତୀୟ ବୈଜ୍ଞାନିକମାନଙ୍କୁ ଜଣାଗଲାଣି ।

ଏହିଭଳି ବାଦଲ ମଧ୍ୟରେ ଯଦି କୌଣସି ଦ୍ରବ୍ୟକୁ ବିହନ ବୁଣିବାଭଳି ଛିଞ୍ଚାଯାଏ, ତେବେ ଏଥିରେ ଜଳବିନ୍ଦୁମାନ ସୃଷ୍ଟି-ହୋଇ ପାରିବ ଏବଂ ଏଥିରୁ ବର୍ଷା ହୋଇ ପାରିବ ବୋଲି ଜଣାଯାଇଛି । ଭାରତରେ ବଉଦ ସିଞ୍ଚନ ପାଇଁ ଲବଣ ହିଁ ଉପଯୁକ୍ତ ଦ୍ରବ୍ୟ । ଲବଣ କଣିକାଗୁଡ଼ିକ ବଉଦରେ ପ୍ରବେଶ କଲେ ତାହା ଜଳ ଆକର୍ଷଣ କରି ଜଳ ବିନ୍ଦୁମାନ ସୃଷ୍ଟି କରିଥାଏ । ମାଟିଉପରୁ ବଉଦ ମଧ୍ୟକୁ ଲବଣ କଣିକା କ୍ଷେପ୍ର କରାଯାଇ ପାରେ । ୧୯୫୭ ମସିହାରୁ ଏଭଳି ପରୀକ୍ଷା ଭାରତୀୟ ବୈଜ୍ଞାନିକମାନେ କରି ଆସୁଛନ୍ତି । ୧୯୬୨ ମସିହାରେ ବିମାନରୁ ଏହି ସିଞ୍ଚନ କାର୍ଯ୍ୟ କରାଯାଇ ଥିଲା । କିନ୍ତୁ ଏଥିରେ ବିଶେଷ ଲାଭ ହେଲା ନାହିଁ । ମାଟି ଉପରୁ ସିଞ୍ଚନ କରିବା ଦ୍ୱାରା

Digitized by srujanika@gmail.com

ଲବଣ-ଦାନାଯୁକ୍ତ ବାୟୁ ପ୍ରବାହରେ ମିଶି ଚାରି-ପାଞ୍ଚ ହଜାର ଫୁଟ ଉପରେ ଥିବା ବଉଦ ମଧ୍ୟରେ ପ୍ରବେଶ କରେ ଏବଂ ଜଳ ଆକର୍ଷଣ କରି ବୃଷ୍ଟିପାତରେ ସାହାଯ୍ୟ କରେ । ଦିଲ୍ଲୀଛଡ଼ା ଆଗ୍ରା ଓ ଜୟପୁରରେ ମଧ୍ୟ ଏଭଳି ପରୀକ୍ଷା କରା ଯାଇଛି । ଏହାଫଳରେ ବୃଷ୍ଟିପାତ ଶତକଡ଼ା ୨୦ଭାଗ ବୃଦ୍ଧି ପାଇବ ବୋଲି ଆଶା କରାଯାଏ ।

---


*With the Compliments*

*of*

NANCY AUTOMOBILES

**Automobile Engineers**

*MAIN ROAD, ROURKELA*


Digitized by srujanika@gmail.com

ଚଳଚ୍ଚିତ୍ର ପରିବେଷଣରେ

ନୂଆ ଆଲୋଡ଼ନ ସୃଷ୍ଟି କରିଛନ୍ତି

ଓଡ଼ିଶାର ସୁନାମଧନ୍ୟ

# ରୂପରାଗ ପ୍ରାଇଭେଟ୍ ଲିମିଟେଡ୍

ଅଫିସ:

ପୁରୀଘାଟ, କଟକ

Digitized by srujanika@gmail.com

# ଓଡ଼ିଆ ସାହିତ୍ୟରେ ହାସ୍ୟରସର ପ୍ରଭାବ

**ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତି,**
**ଭରଦ୍ୱାଜ**

ଅଭିନବତ୍ୱ, ଦୈହିକ ବିକୃତି, ସ୍ୱଳ୍ପ ଚରିତ୍ର ଦୋଷ, ନିୟମର ବ୍ୟତିକ୍ରମ, ସାମାନ୍ୟ ଦୁର୍ଘଟଣା, ସର୍ବଜନ ସୁଲଭ ଜ୍ଞାନ ବା କର୍ମକୁଶଳତାର ଅଭାବ, ବସ୍ତୁବିଭ୍ରମ, ଅସାମଞ୍ଜସ୍ୟ, ଅନୁକରଣ, ବ୍ୟକ୍ତିବିଶେଷର ଅଧଃପତନ, ଗୌରବ ହାନି ବା ପରାଭବ ଓ ଅଯୋଗ୍ୟତା ପ୍ରଭୃତି ବିଷୟଗୁଡ଼ିକ ହାସ୍ୟରସ ସୃଷ୍ଟିର ପ୍ରକୃଷ୍ଟ ଉପାଦାନ । ମାତ୍ର ପ୍ରାଚୀନ ଓ ମଧ୍ୟକାଳୀନ ଓଡ଼ିଆ ସାହିତ୍ୟରେ ହାସ୍ୟରସ ପରିବର୍ତ୍ତେ ପ୍ରଣୟ ଓ ଭକ୍ତି ଭାବନାର ହିଁ ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ତଥାପି କେତେକ ପ୍ରାଚୀନ କବି ସ୍ୱତନ୍ତ୍ରଭାବେ ହାସ୍ୟରସାତ୍ମକ ଗୀତି କାବ୍ୟ ରଚନା କରିଥିବାର ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହେଁ ।

## ବସିବାକୁ ନାହିଁ ଠାଆ

ଓଡ଼ିଶାରେ ପ୍ରଚଳିତ ଲୋକଗୀତ-ମାନଙ୍କରେ ମଧ୍ୟ ହାସ୍ୟରସାତ୍ମକ ରଚନାର ଅଭାବ ନାହିଁ । ଏବେମଧ୍ୟ ଝାଲୁକୁଣୀ ପୂଜା ଓ ପୁଚି ପ୍ରଭୃତି ଖେଳର ଅବକାଶରେ ନାନା ପ୍ରକାର 'ବାଦ-ଗୀତ'ର ପ୍ରଚଳନ ହୋଇଥାଏ । "ଆମ ଝାଲୁକୁଣୀ ରାଣୀ-ରୂମ ଝାଲୁକୁଣୀ ବାଉଁଶ କାଣି" ପ୍ରଭୃତି ଗୀତ ଗାଇ ଗୋଟିଏ ପକ୍ଷ ଅପର ପକ୍ଷକୁ ପରିହାସ କରିଥାଆନ୍ତି । ଅଧିକାଂଶ 'ବାଦ ଗୀତ' ଏକପ୍ରକାର ହାସ୍ୟରସାତ୍ମକ ଅଥବା ବିଦ୍ରୂପାତ୍ମକ (୧) । ଏହାଛଡ଼ା ବହୁ ଅର୍ଥହୀନ, କୌତୁକାବହ ଓ ହାସ୍ୟୋଦ୍ଦୀପକ ଗୀତ ମଧ୍ୟ ଓଡ଼ିଆ ଲୋକ ସାହିତ୍ୟରେ ପରିଲକ୍ଷିତ ହୁଏ । କେତେକ ଓଡ଼ିଆ ଢଗ ଢମାଳିରେ ହାସ୍ୟରସାତ୍ମକ ଉକ୍ତି ନିହିତ । ଓଡ଼ିଆ ଲୋକ ସାହିତ୍ୟରେ ପ୍ରଚଳିତ ପରିହାସ-ମୂଳକ ଗୀତ ଭାବେ, 'ଅଇଲଟ ବନ୍ଧୁ ଭଲକଲ, ବସିବାକୁ ନାହିଁ ଠାଆ; ଯେଉଁ ବାଟେ ବାଟେ ଆସିଛ ବନ୍ଧୁ ସେହି ବାଟେ ବାଟେ ଯାଆ' ଗୀତଟି ସମଧିକ ଜନପ୍ରିୟ ।

ହାସ୍ୟରସାତ୍ମକ ଗୀତକୁ ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ଢମାଳୀ ଗୀତ' କୁହାଯାଉ

(୧) ଅଖାଇ ନାମ ପାନପତ୍ର
ବସିଥାଇ ଚୂଲି ମୁଣ୍ଡେ
ଘଇତା ଆଗେ ସକେଇ କାନ୍ଦେ
କହୁ ନେଇ ନାହିଁ ରୁଣ୍ଡେ ।

Digitized by srujanika@gmail.com

ଥିଲା । ବିଶେଷତଃ ବିବାହ ସମୟରେ ବର ଓ କନ୍ୟାଙ୍କ ଉଦ୍ଦେଶ୍ୟରେ 'ଡମାଲି ଗୀତ' ବା ପରିହାସ ମୂଳକ ଗୀତ ଗାଇବା ବିଧି ସମାଜରେ ପ୍ରଚଳିତ ଥିଲା (୧) । 'କଳସା ଚଉତିଶା', 'ମଙ୍ଗଳ ସଂଗୀତ' ଓ ଅନ୍ୟାନ୍ୟ ପ୍ରାଚୀନ ରଚନାମାନଙ୍କରୁ ତାହାହିଁ ସୂଚିତ ହୁଏ । ଏତଦ୍‌ସତ୍ତ୍ୱେ ପ୍ରାଚୀନ ଓ ମଧ୍ୟଯୁଗର ଓଡ଼ିଆ ସାହିତ୍ୟରେ ହାସ୍ୟରସାତ୍ମକ ଗୀତ-କାବ୍ୟର ସଂଖ୍ୟା ଏକପ୍ରକାର ବିରଳ କୁହା ଯାଇ ପାରେ । ଜାତୀୟ ଜୀବନରେ ନାନା ଦୁର୍ଯୋଗ, ଦୁର୍ବିପାକ, ଅନିଶ୍ଚିତତା ଯୋଗୁଁ ମଧ୍ୟଯୁଗର ସମାଜ-ଜୀବନରୁ ଆନନ୍ଦ ଓ ହାସ୍ୟରସ ନିଃଶେଷିତ ହୋଇଥିବା ବିଚିତ୍ର ନୁହେଁ ।

## ଦନାଇ ଦାସ ଓ ବ୍ରଜନାଥ ବଡ଼ଜେନା

ଭକ୍ତିୀୟ ଚୌପଦୀ ଅଥବା କୃଷ୍ଣଲୀଳାତ୍ମକ ବୈଷ୍ଣବ ଗୀତି କାବ୍ୟରେ ବିଭିନ୍ନ ଚରିତ୍ରମାନଙ୍କ ମଧ୍ୟରେ ପରିହାସପୂର୍ଣ୍ଣ ଉକ୍ତି-ପ୍ରତ୍ୟୁକ୍ତିର ବର୍ଣ୍ଣନା ପ୍ରସଙ୍ଗରେ ହାସ୍ୟରସର ସ୍ୱଳ୍ପ ଦୃଷ୍ଟାନ୍ତ ପରିଲକ୍ଷିତ ହେଉଥିଲେହେଁ ତାହା ଆଦିରସର ଉଚ୍ଛ୍ୱସିତ ଅଭିବ୍ୟକ୍ତିର ଅନ୍ତରାଳରେ ନିଷ୍ପ୍ରଭ । ଏହି ଦୃଷ୍ଟିରୁ ଦନେଇ ଦାସଙ୍କ 'ପହିଲି ଚଉତିଶା'ଟି ଓଡ଼ିଆ ଗୀତି-କାବ୍ୟକ୍ଷେତ୍ରରେ ଏକ ଅଭିନବ ରଚନାରୂପେ ଗ୍ରହଣୀୟ । ଜନସାଧାରଣଙ୍କର ବହୁ ଦୋଷତ୍ରୁଟି, ଅସଙ୍ଗତ ଓ ଉପହାସ୍ୟାସ୍ପଦ ବିଷୟକୁ କବି ଏଥିରେ ବର୍ଣ୍ଣନା କରିଅଛନ୍ତି (୧) । ଏହି-ପରିପ୍ରେକ୍ଷୀରେ ବଳୁଙ୍ଗୀ ଦାସ ଓ ନିଧି ରଥଙ୍କ

---

(୧) (କ) 'ଡମାଲୀ ଲୋକେ
କନ୍ୟାକୁ କରନ୍ତି ଡମାଲୀ
ମୁଖପୋଡ଼ି ତଳକୁ
ଅଛଇ ନୃପବାଳୀ
କଉତୁକ ପରିହାସ
ଅଟେ ଏ ମଙ୍ଗଳ
ନଣନ୍ଦକୁ ବଧୂମାନେ
କରନ୍ତି ଡମାଳ ।'
(ମଙ୍ଗଳ ସଂଗୀତ ୨ୟ-ପୃ ୪୨-୪୩)

(ଖ) 'କଉତୁକ କରି
ବିଭା ମଣ୍ଡପେ ଗାଇବ
କଳି ଦ୍ୱନ୍ଦ୍ୱ କଲେ ତହିଁ
ଛଳ ନ କରିବ ।'
(ମ-ସ ୨ୟ ପୃ ୪୫)

(ଗ) ମଙ୍ଗଳ ଗୀତ ଗାଇଲେ
ନାନା କଉତୁକେ
କଳି ଦ୍ୱନ୍ଦ୍ୱ ନ କରିବେ
ବରଜାତ ଲୋକେ ।
(ମ. ସ ୧ମ ପରିଶିଷ୍ଟ ୪୯)

(୧) 'ପାଇକ ହୋଇ ଚରଣ ଫାଟୁଆ
ବଳଦ ହୋଇ ବିନ୍ଧଣା ମଠୁଆ
ପୁରୁଷ ହୋଇ ମାଇପଗୋଟୁଆ
କହେ ଦନାଇ ଏ ସବେ ଅବାଟୁଆ ।'
× × ×
'ଲାଜ ନ ଥାଇ ଯେବଣ ମୁଖେ
ବୈର କରିଯାଏ ଅଲୁଅ ପକ୍ଷେ
ନିଲ୍ଲଜପଣରେ ଖାଆନ୍ତି ମାଡ଼
କହେ ଦନାଇ ତାଙ୍କ ମୁହଁ ପୋଡ଼ ।
(ଦନାଇ ଦାସଙ୍କ ପହିଲି ଚଉତିଶା)
ଏହି ଦୁଇଗୋଟି ଚଉତିଶା ଏବେ ମଧ୍ୟ ଅପ୍ରକାଶିତ ।

Digitized by srujanika@gmail.com

ରଚିତ ଦୁଇଗୋଟି 'ଭଲ ମନ୍ଦ ଚଉତିଶା'ରେ ଜନସାଧାରଣଙ୍କ ବନ୍ଧୁଦୋଷକୃତି ଓ ଅସଙ୍ଗତ କାର୍ଯ୍ୟକଳାପ ପ୍ରତି କଟାକ୍ଷ ଓ କଟୂକ୍ତିର ଉଲ୍ଲେଖ ଦେଖାଯାଏ ।

ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ କବି ବ୍ରଜନାଥ ବଡ଼ଜେନା ବିଧିବଦ୍ଧଭାବେ ହାସ୍ୟରସାତ୍ମକ ଗୀତକାବ୍ୟ ରଚନା ଲାଗି ଉଦ୍ୟମ କରିଥିଲେ । ତାହାଙ୍କ ହାସ୍ୟରସାତ୍ମକ କଥା-ଗ୍ରନ୍ଥ 'ଚତୁରବିନୋଦ'ରେ କେତେଗୋଟି ହାସ୍ୟରସାତ୍ମକ ଗୀତ ପରିଦୃଷ୍ଟ ହୁଏ । ଅତିରଞ୍ଜନ, ସଂସ୍କୃତ ଶ୍ଲୋକର ବିକୃତ ଅନୁକରଣ, ଅସଙ୍ଗତ ଆସ୍ଫାଳନ ଓ ପ୍ରକୃତି-ବିରୁଦ୍ଧ ଗୁଣାବଳୀର ବର୍ଣ୍ଣନା ମାଧ୍ୟମରେ ସେ ମୁଖ୍ୟତଃ ହାସ୍ୟରସ ସୃଷ୍ଟି କରାଇବାକୁ ପ୍ରୟାସ କରିଅଛନ୍ତି । ତାହାଙ୍କ ରଚିତ ହାସ୍ୟରସାତ୍ମକ ଗୀତମାନଙ୍କ ମଧ୍ୟରୁ 'ପିଉସା ଦେହେ ମୋ ପିଉ ବଢ଼ିଲା ପ୍ରବଳେ' ଗୀତଟି ଉଲ୍ଲେଖଯୋଗ୍ୟ ।

## ଯଦୁମଣି

'ଚତୁରବିନୋଦ'ର ହାସ୍ୟରସାତ୍ମକ ପରମ୍ପରା ରକ୍ଷା କରି କବିସୂର୍ଯ୍ୟ ବଳଦେବ ରଥ ଊନବିଂଶ ଶତକର ପ୍ରଥମାର୍ଦ୍ଧରେ 'ହାସ୍ୟ କଲ୍ଲୋଳ' ନାମକ ଏକ କଥା-ସାହିତ୍ୟ ରଚନା କରିଥିଲେ । ଏଥିରେ ମଧ୍ୟ ସ୍ଥାନେ ସ୍ଥାନେ ଗୀତାକାରରେ କବି ଅତିରଞ୍ଜନ ପ୍ରକୃତି ବିରୁଦ୍ଧ ବିଷୟର ଅବତାରଣା କରି ହାସ୍ୟରସ ସୃଷ୍ଟି କରିବାକୁ ସମର୍ଥ ହୋଇଅଛନ୍ତି । ରହସ୍ୟଘୋଷ ରାଜାଙ୍କ ରାଜ୍ୟର ବାରବାମାଙ୍କ ରୂପବର୍ଣ୍ଣନାରୁ ତାହା ଅନୁମେୟ ।

ଏତଦ୍‌ବ୍ୟତୀତ ସ୍ୱତନ୍ତ୍ରଭାବେ 'ଜଗତେ କେବଳ', 'ସରପେ କୁହାଯାଉଥାଇ ପିନା' ପ୍ରଭୃତି କେତେକ ହାସ୍ୟ-ରସାତ୍ମକ ଗୀତ ମଧ୍ୟ କବିସୂର୍ଯ୍ୟ ରଚନା କରିଅଛନ୍ତି । ଏହାଙ୍କ ସମକାଳୀନ କବି ଯଦୁମଣି ହାସରସାତ୍ମକ ରଚନା-ବିନ୍ୟାସ ଓ ଚୌତିକାବ୍ୟ-ରଚୟିତାଭାବେ ସୁପ୍ରସିଦ୍ଧ । ତାହାଙ୍କର ଅଧିକାଂଶ ହାସ୍ୟରସାତ୍ମକ ଉକ୍ତିରେ ତତ୍କାଳୀନ ରାଜାମାନଙ୍କର ଭ୍ରାନ୍ତି, ଅନୁଦାରତା ଓ ଅଜ୍ଞତାପ୍ରତି କଟାକ୍ଷ ସୂଚିତ । ତନ୍ମଧ୍ୟରୁ 'ଅନ୍ଧ ଦେଶକୁ ଗଲା ଦର୍ପଣ ବିକି', 'କୁଞ୍ଜବନେ ଜଗନ୍ନାଥ ନ ହେବ ଗୋସାଇଁ' ପ୍ରଭୃତି ପଦଗୁଡ଼ିକ ସର୍ବସ୍ୱ ଲୋକମୁଖରେ ପ୍ରଚଳିତ । ଲୌକିକ ଭାଷାର ଏହିପରି ଏକପଦବିଶିଷ୍ଟ ଗୀତକୁ 'ଖଣ୍ଡିଆ ଛନ୍ଦ' କୁହାଯାଏ । ଏହା ଛଡ଼ା ତାହାଙ୍କ ରଚିତ 'ଜାଣୁ ଜାଣୁ ଖଣାରେ ମୁଁ ପଡ଼ିଲି ରେ' ଚୌପଦୀ ଓ 'ନୀଳାଚଳ-କଳାକର ସତ କି ଏ ମିଛ' ଭଜନଟି ମଧ୍ୟ ହାସ୍ୟରସଗର୍ଭିତ ।

ଊନବିଂଶ ଶତାବ୍ଦୀର ଶେଷଭାଗରେ ଚିନ୍ତାମଣି ମହାପାତ୍ରଙ୍କ ରଚିତ 'ରହସ୍ୟ ମଞ୍ଜରୀ' ଶୀର୍ଷକ ରଚନାଟି ମଧ୍ୟ ହାସ୍ୟରସାତ୍ମକ ଗୀତକାବ୍ୟର ଅନ୍ୟତମ ନିଦର୍ଶନ ☼(୧) । କବିଙ୍କ ଭାଷାରେ ଏହି ରଚନାଟି 'ବାଲୁଆ ଲୋକ ହୃଦୟକୁ ତୁଷ୍ଟ' ସଦ୍‌ଗୁଣ ଓ ଏହା ଗର୍ବୀ, ଅହଂକାରୀ

☼ (୧) ରହସ୍ୟ ମଞ୍ଜରୀ— ଚିନ୍ତାମଣି ମହାପାତ୍ର । ପ୍ର. ପ୍ର. ୧୮୯୬—ଅରୁଣୋଦୟ ପ୍ରେସ ।

Digitized by srujanika@gmail.com

ଜନମାନଙ୍କର ଗର୍ବ ଅହଙ୍କାରକୁ ନାଶ କରିବାକୁ ସମର୍ଥ । ଏହି ରଚନାଟି କବିସୂର୍ଯ୍ୟଙ୍କ 'ଜଗତେ କେବଳ ଓ 'ସରସେ କୁହାଯାଉଥାଏ । ହିନା' ପ୍ରସ୍ତାବରେ ପ୍ରଭାବିତ ଓ ଏଥିରେ ବ୍ୟକ୍ତିଗତ ଚାରିତ୍ରିକ ଦୋଷତ୍ରୁଟି, ଆସ୍ଫାଳନ, କମ୍ଭୁତ ପରିବେଶ ଚିତ୍ରଣ, ଅତିରଞ୍ଜନ ଓ ପ୍ରକୃତିବିରୁଦ୍ଧ ବିଷୟର ଅବତାରଣା କରାଯାଇ ହାସ୍ୟରସ ସୃଷ୍ଟିର ପ୍ରୟାସ ହୋଇଅଛି ।

## ଶୁଦ୍ଧହାସ୍ୟ ପରିବେଷଣ

ଏହିପରି ପ୍ରାଚୀନ ଓଡ଼ିଆ ଗୀତିକାବ୍ୟରେ ଯେଉଁ କେତେକ ହାସ୍ୟରସାତ୍ମକ ରଚନା ପରିଲକ୍ଷିତ ହୁଏ, ତାହାର ଏକମାତ୍ର ଉଦ୍ଦେଶ୍ୟ ଥିଲା, ପାଠକ ମାନଙ୍କର ଶୁଦ୍ଧ ହାସ୍ୟ ପରିବେଷଣ କରିବା । ପ୍ରତ୍ୟକ୍ଷଭାବରେ ସମାଜର ବିଭିନ୍ନ ଦୋଷତ୍ରୁଟିର ସଂଶୋଧନ ଅଥବା ନିର୍ମମ ସମାଲୋଚନାଲାଗି ତାହା ଅଭିପ୍ରେତ ନଥିଲା । ମାତ୍ର ଆଧୁନିକ ଗୀତି-କବିତାରେ ବ୍ୟଙ୍ଗ ଓ ହାସ୍ୟରସ ମୁଖ୍ୟତଃ ସମାଲୋଚନା ବା ଦୋଷତ୍ରୁଟି ସଂଶୋଧନ ଉଦ୍ଦେଶ୍ୟରେ ନିୟୋଜିତ ହେଉଅଛି । ଊନବିଂଶ ଶତକର ଶେଷ ଦୁଇ ଦଶକରେ ସାମାଜିକ ସମସ୍ୟାକୁ ଉପଜୀବ୍ୟ କରି ଆଧୁନିକ ଓଡ଼ିଆ ସାହିତ୍ୟରେ ବ୍ୟଙ୍ଗ-ପ୍ରଧାନ ଗୀତି-କବିତାର ସୂତ୍ରପାତ ହେଲା । ଏତାଦୃଶ ଗୀତିକାବ୍ୟ ରଚନାରେ ରାଧାନାଥ, ଫକୀରମୋହନ ଓ ଗୋବିନ୍ଦ ରଥ ପ୍ରଭୃତିଙ୍କର ନାମ ଉଲ୍ଲେଖଯୋଗ୍ୟ ।

'ଦରବାର' ଖଣ୍ଡକାବ୍ୟରେ ରାଧାନାଥ ତତ୍କାଳୀନ ଓଡ଼ିଶାର କ୍ଷମତାଲାଳସୀ, ଅହଙ୍କାରୀ, ସ୍ୱଳ୍ପ ଶିକ୍ଷାପ୍ରାପ୍ତ ରାଜକର୍ମଚାରୀ ଓ ପଦଲାଳସୀ, ତୋଷାମଦପ୍ରିୟ ରାଜନ୍ୟ-ମଣ୍ଡଳଙ୍କ ବିଭିନ୍ନ ଦୋଷତ୍ରୁଟିକୁ ବ୍ୟଙ୍ଗାତ୍ମକ ଭାବରେ ପରିବେଷଣ କରିଅଛନ୍ତି । ଜାତୀୟ କବି ଗୋବିନ୍ଦ ରଥ ସେ ଯୁଗର ସିଭିଲ୍‌ସର୍ଭିସ ବାବୁମାନଙ୍କୁ ବ୍ୟଙ୍ଗ କରି ଯେଉଁ 'ଫଉଚର ସାହେବ' କବିତାଟି ରଚନା କରିଥିଲେ, ତାହା ମଧ୍ୟ ଏକ ଉତ୍କୃଷ୍ଟ ହାସ୍ୟରସାତ୍ମକ ଗୀତି-କାବ୍ୟ । ଫକୀରମୋହନ 'ଉତ୍କଳ ଭ୍ରମଣ' ରଚନାଟିରେ ସେହିପରି ବହୁ ବ୍ୟକ୍ତି-ବିଶେଷଙ୍କ ଦୋଷତ୍ରୁଟିପ୍ରତି କଟାକ୍ଷ ପ୍ରକାଶ କରିଥିଲେ । ମୁଖ୍ୟତଃ ଶିକ୍ଷିତ ବାବୁମାନଙ୍କର ସ୍ୱଦେଶର ସାହିତ୍ୟ ଓ ସଂସ୍କୃତିପ୍ରତି ଘୋର ଅବଜ୍ଞା ଓ ପାଶ୍ଚାତ୍ୟ ରୀତିନୀତିର ବିକୃତ ଅନୁକରଣକୁ ସେ ଏଥିରେ ଚମତ୍କାରଭାବେ ବିଦ୍ରୁପ କରିଅଛନ୍ତି । ହାସ୍ୟରସାତ୍ମକ କବିତା ରଚନାରେ ଉତ୍କଳବିକ ମଧୁସୂଦନଙ୍କର କୌଣସି ଦକ୍ଷତା ନ ଥିଲେହେଁ 'ଇନ୍ଦ୍ରଧନୁ' ଓ 'ବିଜୁଳି'ର ସାହିତ୍ୟିକ ବିବାଦରେ ମର୍ମାହତ ହୋଇ ସେ 'ସାବାସ ସାହିତ୍ୟ-ଚର୍ଚ୍ଚା ସାବାସ ସାବାସ', ଓ 'ଭଣ୍ଡ ରସାୟନ' ନାମକ ଦୁଇଟି ବ୍ୟଙ୍ଗାତ୍ମକ କବିତା ରଚନା କରିଥିଲେ । ପରବର୍ତ୍ତୀ-କାଳରେ ଗୀତି-କବିତାରେ ହାସ୍ୟ ଓ ଓ ବ୍ୟଙ୍ଗ-ବିଦ୍ରୁପକୁ ଭିତ୍ତି କରି ଗଙ୍ଗାଧର ମେହେର, ଗୋପାଳଚନ୍ଦ୍ର ପ୍ରହରାଜ, ଭିକାରୀ ଚରଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ଚନ୍ଦ୍ରମଣି ମହାନ୍ତି, ଗୋଦାବରୀଶ ମହାପାତ୍ର ପ୍ରଭୃତି ବହୁକବି କବିତା ରଚନା କରିଯାଇଅଛନ୍ତି ।

---

Digitized by srujanika@gmail.com

> କେନ୍ଦ୍ରରେ ନେତା ବା ପ୍ରଧାନମନ୍ତ୍ରୀ ଦୁର୍ବଳ ହୋଇଗଲେ ଦେଶର ଏକତା ରହିବ ନାହିଁ

# ଭାରତୀୟ ଐକ୍ୟ ଓ କେନ୍ଦ୍ରର ଭୂମିକା

**ଅଧ୍ୟାପକ ଡକ୍ଟର ବୈଦ୍ୟନାଥ ମିଶ୍ର**

**କେନ୍ଦ୍ର** ଓ ରାଜ୍ୟସରକାରମାନଙ୍କ ଭିତରେ ଯେପରି ତିକ୍ତତା ବୃଦ୍ଧି ପାଉଛି, ସେଥିରେ ଭାରତର ଐକ୍ୟ ଓ ସଂହତି ଦୃଢ଼ ହୋଇ ରହି ପାରିବ ବୋଲି ବିଶ୍ୱାସ ହେଉ ନାହିଁ । ପ୍ରକୃତରେ ବିଭିନ୍ନ କ୍ଷେତ୍ରରେ ଭାରତର ଦୁର୍ବଳତା ଆଜି ଏତେ ଅଧିକ ହୋଇଛି ଯେ, କେତେକେ ଭାରତକୁ ପୃଥିବୀର ଏକ ରୋଗଗ୍ରସ୍ତ ରାଜ୍ୟ ( Sick man of the world ) ବୋଲି କହିବାକୁ କୁଣ୍ଠା ବୋଧ କରୁ ନାହାନ୍ତି । କିନ୍ତୁ ଅନ୍ୟାନ୍ୟ ଦୁର୍ବଳତା ଗୋଟିଏ ପଟେ ଅନୈକ୍ୟ ଓ ସଂଘର୍ଷ ଅନ୍ୟ ପଟେ । ଭାରତର ଅର୍ଥନୀତି ଯେତେ ଦୁର୍ବଳ, ରାଜନୀତି ଯେତେ କଳଙ୍କିତ, ଶିକ୍ଷା, ସଭ୍ୟତା ଓ ସଂସ୍କୃତି ଯେତେ ଦିଗଭ୍ରାନ୍ତ ହେଲେ ମଧ୍ୟ, ଯଦି ଦେଶରେ ଏକତା ଥିବ, ତାହାହେଲେ ଭାରତ ପୁଣି ଥରେ ମୁଣ୍ଡ ଟେକି ଠିଆ ହେବା ପାଇଁ ସାହସ ବାନ୍ଧି ବାହାରି ପାରିବ । ଆଜି କିନ୍ତୁ ଏହି ଏକତା ଓ ସଂହତି ଉପରେ ଆଘାତ ଆସିଛି ।

## କ୍ଷମତା ପାଇ ମଧ୍ୟ ଦୁର୍ବଳ

ଅତି ଦୁଃଖର କଥା ଯେ ସମ୍ବିଧାନରେ କେନ୍ଦ୍ର ସରକାରଙ୍କୁ ବ୍ୟାପକ କ୍ଷମତା ଦିଆଯାଇଥିଲେ ମଧ୍ୟ କେନ୍ଦ୍ର ସରକାର ନିଜର କ୍ଷମତା ପ୍ରୟୋଗ କରି ରାଜ୍ୟ-ସରକାରଙ୍କର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାକୁ ସାହସ କରିପାରୁ ନାହାନ୍ତି । ଯେଉଁମାନେ ଭାରତୀୟ ସମ୍ବିଧାନର ଟୀକାକାର ସେମାନେ ସମସ୍ତେ ମାନୁଛନ୍ତି ଯେ ଆକାର ପ୍ରକାରରେ ଭାରତୀୟ ଶାସନ ଏକ ସଙ୍ଘୀୟ ଶାସନ ( Federal Govenment), ହେଲେ ମଧ୍ୟ ବସ୍ତୁତଃ ଏଥିରେ ଏକ କୈନ୍ଦ୍ରିକ ଶାସନ (Unitary Government) ଅଛି । ଅର୍ଥାତ ସମ୍ବିଧାନ ଅନୁଯାୟୀ କେନ୍ଦ୍ର ଓ ରାଜ୍ୟମାନଙ୍କ ଭିତରେ କ୍ଷମତାର ବଣ୍ଟନ କରାଯାଇଛି, ଏହି କ୍ଷମତାର ପୁନର୍ବଣ୍ଟନ

Digitized by srujanika@gmail.com

ପାଇଁ ସମ୍ବିଧାନ ସଂଶୋଧନର ବ୍ୟବସ୍ଥା ଅଛି, କେନ୍ଦ୍ର ଓ ରାଜ୍ୟମାନଙ୍କ ଭିତରେ ଶାସନତାନ୍ତ୍ରିକ ସଂଘର୍ଷ ହେଲେ, ସେହି ସଂଘର୍ଷର ବିଚାର କରି ନିଷ୍ପତ୍ତି ଦେବା ପାଇଁ ଏକ ସ୍ୱାଧୀନ ବିଚାରାଳୟର ବ୍ୟବସ୍ଥା କରାଯାଇଛି । ତେଣୁ ଭାରତରେ ସଙ୍ଘ-ଶାସନ ପ୍ରତିଷ୍ଠିତ ହୋଇଛି ବୋଲି କୁହାଯାଉଛି । କିନ୍ତୁ ଏହି ସଙ୍ଘ ଶାସନରେ କେନ୍ଦ୍ରକୁ ଏତେ ଅଧିକ କ୍ଷମତା ଦିଆଯାଇଛି ଓ ରାଜ୍ୟର ଶାସନତାନ୍ତ୍ରିକ, ଆଇନ ସଂକ୍ରାନ୍ତ ଓ ଆର୍ଥିକ କ୍ଷମତା ଉପରେ ହସ୍ତକ୍ଷେପ କରିବା ପାଇଁ କେନ୍ଦ୍ର ସରକାର ଏତେ ସୁବିଧା ପାଇଛନ୍ତି ଯେ ରାଜ୍ୟଶାସନ କେନ୍ଦ୍ର ସହିତ ଅଧସ୍ତନ ସହଯୋଗିତାରେ (Sub-Ordinate Co-operation) ଆବଦ୍ଧ ବୋଲି ନିଶ୍ଚିନ୍ତରେ କୁହାଯାଇ ପାରେ । ପ୍ରକୃତରେ ସମ୍ବିଧାନରେ କୌଣସି ଯାଗାରେ ସଙ୍ଘ-ଶାସନର ନାମ ମଧ୍ୟ ଉଲ୍ଲେଖ ନାହିଁ । ଭାରତ ବିଭାଜନ ପରେ ଦେଶରେ ଯେଉଁ ଅନୈକ୍ୟ ଓ ବିଭେଦର ସୂଚନା ମିଳିଥିଲା, ତାକୁ ଏଡ଼ିବା ପାଇଁ ସମ୍ବିଧାନରେ କେନ୍ଦ୍ର ସରକାରଙ୍କର କାହିଁକି ଯେ ପ୍ରାଧାନ୍ୟ ସ୍ୱୀକାର କରାଯାଇଥିଲା, ତାହା ସମସ୍ତେ ମାନୁଛନ୍ତି । ତଥାପି ଆଜି କେନ୍ଦ୍ର ସରକାର କାହିଁକି ନିଜର ହୁକୁମତ ଜାରି କରିପାରୁ ନାହାନ୍ତି ?

## କେନ୍ଦ୍ରରେ ନେତୃତ୍ୱର ଅଭାବ

ଆମର ବିଶ୍ୱାସ, ସମ୍ବିଧାନର ଧାରା ଓ ଉପଧାରା ପ୍ରୟୋଗ କରି ରାଜ୍ୟସରକାର ମାନଙ୍କର ଉଦ୍‌ଭ୍ରାନ୍ତ ନୀତି ଓ କାର୍ଯ୍ୟ-କଳାପକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର-ସ୍ତରରେ ଆଜି ନେତୃତ୍ୱର ଅଭାବ ଦେଶରେ ଏକ ବିଷମ ସମସ୍ୟା ସୃଷ୍ଟି କରିଛି । ପ୍ରାଦେଶିକ ନେତା ରାଜନୀତିକ ଦଳମାନେ ଜନପ୍ରିୟ ହେବା ପାଇଁ ଆଞ୍ଚଳିକ ଦାବୀ ଉପରେ ଗୁରୁତ୍ୱ ଦେଉଛନ୍ତି । ଏପରିକି ସର୍ବ ଭାରତୀୟ ଦଳମାନେ ମଧ୍ୟ ଏହାର ଶିକାର ହେଉଛନ୍ତି । ସେମାନେ ସର୍ବଭାରତୀୟ ନୀତି ଓ କାର୍ଯ୍ୟକଳାପକୁ ଗୁରୁତ୍ୱ ନ ଦେଇ, ରାଜ୍ୟସ୍ତରରେ କିପରି କ୍ଷମତା ଅଧିକାର କରାଯାଇ ପାରିବ, ସେଥିପାଇଁ ବେଶୀ ଧ୍ୟାନ ଦେଉଛନ୍ତି । ନେହେରୁ ଯୁଗରେ ପ୍ରାଦେଶିକ କଂଗ୍ରେସ ନେତାମାନେ ମଧ୍ୟ ରାଜ୍ୟରେ ନିଜର କ୍ଷମତା ବଜାୟ ରଖିବା ପାଇଁ ଆଞ୍ଚଳିକ ମନୋଭାବର ଆଶ୍ରୟ ନେଉଥିଲେ, ନେହେରୁ ପ୍ରତିଷ୍ଠା, ଖ୍ୟାତି ଓ କ୍ଷମତା ସାହାଯ୍ୟରେ ଏହାକୁ ବନ୍ଦ କରି ପାରି ନ ଥିଲେ, କେବଳ ନିୟନ୍ତ୍ରଣ କରି ଆୟତ୍ତାଧୀନ କରି ରଖିବାକୁ ସୁଯୋଗ ପାଇ-ଥିଲେ । ନେହେରୁଙ୍କ ପରେ ଆଜି ଯେତେ-ବେଳେ ବିଭିନ୍ନ ରାଜ୍ୟରେ କଂଗ୍ରେସର ଖ୍ୟାତି ବିପନ୍ନ ହୋଇଛି, କଂଗ୍ରେସର ପ୍ରାଦେଶିକ ନେତାମାନେ ଉଚ୍ଛୃଙ୍ଖଳ, ପ୍ରାଦେଶିକ ମନୋଭାବକୁ ନିୟନ୍ତ୍ରଣ ନ କରି ବରଂ ବୃଦ୍ଧି କରିବାରେ ସାହାଯ୍ୟ କରୁଛନ୍ତି ।

## ଗଣତନ୍ତ୍ର ବିରୁଦ୍ଧରେ ଚକ୍ରାନ୍ତ

ଯେଉଁ ଯେଉଁ ରାଜ୍ୟରେ ଅଣକଂଗ୍ରେସ ଶାସନ ପ୍ରତିଷ୍ଠିତ ହୋଇଛି, ସେଠାରେ ମଧ୍ୟ ଉନ୍ନତ ଧରଣର ଚକ୍ରାଧାରାର ସୂଚନା

Digitized by srujanika@gmail.com

ମିଳୁ ନାହିଁ । କେନ୍ଦ୍ରରେ କଂଗ୍ରେସ ଶାସନ ପ୍ରତିଷ୍ଠିତ ହୋଇଥିବାରୁ କେନ୍ଦ୍ର ଶାସନ ବିରୁଦ୍ଧରେ ଜନମତ ସୃଷ୍ଟି କରିବା ପାଇଁ କେତେକ ବେକଂଗ୍ରେସ ସରକାର ସରକାରୀ କ୍ଷମତା ପ୍ରୟୋଗ କରି ଧର୍ମଘଟ ଓ ଧାରଣା ଆରମ୍ଭ କରୁଛନ୍ତି । ଯେଉଁମାନେ ଆଇନ ଶୃଙ୍ଖଳା ରକ୍ଷା କରିବାର କଥା, ସେମାନେ ଆଇନ ଶୃଙ୍ଖଳା ଭଙ୍ଗ କରିବା ପାଇଁ ଜନସାଧାରଣଙ୍କୁ ଉତ୍ସାହିତ କରୁଛନ୍ତି ଏବଂ ପ୍ରାଦେଶିକ ଶାସନରେ ନିଜର ଦୋଷ ଦୁର୍ବଳତା ଘୋଡ଼ାଇବା ପାଇଁ କେନ୍ଦ୍ର ସରକାର ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କରୁଛନ୍ତି । ଏହା ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମତାନ୍ତର ବୃଦ୍ଧି ପାଉଛି ଏବଂ ପ୍ରାଦେଶିକ ମନୋଭାବର ପ୍ରସାର ହେଉଛି । କେତେକ ଉଗ୍ରପନ୍ଥୀ ରାଜନୀତିକ ଓ ଅଣ ରାଜନୀତିକ ଦଳ ଜାଣିଶୁଣି ଦେଶରେ ବିଭେଦ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି । ସେମାନଙ୍କର ଧାରଣା ଯେ, ଏହା ଫଳରେ ଦେଶରେ ଆଇନ ଶୃଙ୍ଖଳା ଭାଙ୍ଗିପଡ଼ିବ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କ୍ଷମତା କମିବ, ଶାସନ ଉପରେ ଜନସାଧାରଣଙ୍କର ଆସ୍ଥା ରହିବ ନାହିଁ । ଫଳରେ ସେମାନେ ଏକ ବିପ୍ଳବ ଆରମ୍ଭ କରି ସରକାରୀ କଳ ଦଖଲ କରିବାକୁ ସୁଯୋଗ ପାଇବେ । ଗଣତନ୍ତ୍ରରେ ସେମାନଙ୍କର ବିଶ୍ୱାସ ନାହିଁ । କିନ୍ତୁ ଗଣତାନ୍ତ୍ରିକ ଶାସନ ପନ୍ଥାର ସାହାଯ୍ୟ ନେଇ ସେମାନେ ଗଣତନ୍ତ୍ରର କବର ଖୋଳିବାକୁ ଉଦ୍ୟମ କରୁଛନ୍ତି ।

## ସର୍ବଭାରତୀୟ ନେତୃତ୍ୱର ପ୍ରତିଷ୍ଠା

ଏହିପରି ଏକ ସଂକଟ କାଳୀନ ପରିସ୍ଥିତିରେ ଗଣତନ୍ତ୍ରକୁ ରକ୍ଷା କରିବାକୁ ଯେଉଁମାନେ ବଦ୍ଧପରିକର, ସେମାନେ ନୂତନ ଉପାୟ ଉଦ୍ଭାବନ କରିବା ଦରକାର । ଏଥିପାଇଁ ପ୍ରଥମ ପନ୍ଥା ହେଉଛି ଦେଶର ଏକ ସର୍ବ ଭାରତୀୟ ଗଣତାନ୍ତ୍ରିକ ନେତୃତ୍ୱ ସୃଷ୍ଟି କରିବା । ବର୍ତ୍ତମାନ କୌଣସି ରାଜନୀତିକ ଦଳର ସର୍ବ ଭାରତୀୟ ଭୂମିକା ନାହିଁ — ତେଣୁ କୌଣସି ରାଜନୀତିକ ଦଳର ନେତା ଭାରତୀୟ ନେତୃତ୍ୱ ପ୍ରତିଷ୍ଠା କରି ବର୍ଦ୍ଧନଶୀଳ ପ୍ରାଦେଶିକ ମନୋଭାବକୁ ଦମନ କରିବାର ସୁଯୋଗ ପାଇ ପାରିବେ ନାହିଁ । ରାଜନୀତିକ ଗଣ୍ଡିରୁ ଦୂରରେ ରହି ବିନୋବାଜୀ ଓ ଜୟପ୍ରକାଶଜୀ, ଏହି ସଙ୍କୀର୍ଣ୍ଣତା ବିରୁଦ୍ଧରେ ସଂଗ୍ରାମ ଚଳାଇଛନ୍ତି । ଏହି ସଂଗ୍ରାମର ଯଥେଷ୍ଟ ଗୁରୁତ୍ୱ ଅଛି, କାରଣ ସୁସ୍ଥ ଗଣତାନ୍ତ୍ରିକ ପରଂପରା କେବଳ ସଂବିଧାନ ବା ରାଜନୀତିକ ଦଳମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୁଏ ନାହିଁ । ଏଥିପାଇଁ ଲୋକ-ଚରିତ୍ରର ପରିବର୍ତ୍ତନ ଦରକାର । ଶିଷ୍ଟାଚାର ଆଇନ ଉପରେ ନିର୍ଭର କରେ ନାହିଁ —ନିର୍ଭର କରେ ମନୁଷ୍ୟର ଶିକ୍ଷା, ସ୍ୱଭାବ, ପାରିପାର୍ଶ୍ୱିକ ପରିସ୍ଥିତି । ନେତୃତ୍ୱର ଆଦର୍ଶ, ରାଜନୀତିକ ଦଳମାନଙ୍କର କାର୍ଯ୍ୟ-କଳାପ, ଦେଶ ଓ ଜାତିର ଐତିହ୍ୟ ଓ ପରଂପରା ଉପରେ । ତେଣୁ ଲୋକ ଚରିତ୍ର ପରିବର୍ତ୍ତନ କରି ଦେଶରେ ଏକ ନୂତନ ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ

Digitized by srujanika@gmail.com

ବିନୋବାଜୀ ଓ ଜୟପ୍ରକାଶଜୀ ଯେଉଁ ବିପ୍ଳବ ସୃଷ୍ଟି କରିଛନ୍ତି, ତାହା ସର୍ବାଦୌ ଆବଶ୍ୟକ । ଯେଉଁମାନେ ଅଙ୍କଶାସ୍ତ୍ର ପକାଇ ଏହି ଆନ୍ଦୋଳନର ଫଳାଫଳ ବିଚାର କରୁଛନ୍ତି, ସେମାନେ ଏକ ମସ୍ତବଡ଼ ଭୁଲ କରୁଛନ୍ତି । ଏହି ଆନ୍ଦୋଳନର କୌଣସିଠାରେ ଶେଷ ନାହିଁ । ଏଥିରେ ହରଣ ଫଳ କେବେ ହେଲେ ପୂର୍ଣ ହେବ ନାହିଁ । କିନ୍ତୁ ଗୁଣ ଫଳ ସର୍ବଦା କିଛି ରହିବନି। ମୁଷ୍ଟିମେୟ କେତେକ ଲୋକ ଯଦି ଏହା ଫଳରେ ଉପକୃତ ହୁଅନ୍ତି, ତାହାହେଲେ ମଧ୍ୟ ସମାଜରେ ତାର ପ୍ରଭାବ ପଡ଼ିବ ।

## ପ୍ରଧାନମନ୍ତ୍ରୀ ଓ ନିର୍ବାଚନ ପ୍ରଣାଳୀ

ସେ ଯାହାହେଉ, ଏହି ଆନ୍ଦୋଳନ ସହିତ ସମ୍ବିଧାନର ଭୂମିକା ମଧ୍ୟ ଆମକୁ ବିଚାର କରିବାକୁ ପଡ଼ିବ । ଶିକ୍ଷାର ପ୍ରଭାବ ପରୋକ୍ଷ, ସଂବିଧାନର ପ୍ରଭାବ ପ୍ରତ୍ୟକ୍ଷ । ସେହି ଦୃଷ୍ଟିରୁ ସମ୍ବିଧାନର ପରିବର୍ତ୍ତନ କରି ଆଗେ ସର୍ବ ଭାରତୀୟ ନେତୃତ୍ୱ ପ୍ରତିଷ୍ଠା କରିବାର ଅବକାଶ ଅଛି କି ନାହିଁ, ଦେଖାଯାଉ । ଆମମାନଙ୍କ ମତରେ ଭାରତର ବର୍ତ୍ତମାନ ଅବସ୍ଥାରେ ବ୍ରିଟିଶ ଢାଞ୍ଚାର ବ୍ୟବସ୍ଥାପକ ଶାସନ ଏ ଦେଶରେ ସର୍ବ ଭାରତୀୟ ନେତୃତ୍ୱ ପ୍ରତିଷ୍ଠା କରି ପାରିବ ନାହିଁ । ଆମ ଶାସନରେ ଭାରତର ପ୍ରଧାନମନ୍ତ୍ରୀ ଦେଶ ଶାସନର ମୁଖ୍ୟ, ରାଷ୍ଟ୍ରପତି ଦେଶର ମୁଖ୍ୟ, ଜାତିର ପ୍ରତିନିଧି, କିନ୍ତୁ ଶାସନର ମୁଖ୍ୟ ନୁହନ୍ତି । ଏକ ମନ୍ତ୍ରିମଣ୍ଡଳ-ଶାସନରେ ପ୍ରଧାନମନ୍ତ୍ରୀ ଶାସନର ମୁଖ୍ୟ ହେବା ସ୍ୱାଭାବିକ । ରାଷ୍ଟ୍ରପତିଙ୍କ ହସ୍ତରେ ସଙ୍ଘର କାର୍ଯ୍ୟପାଳିକା ଶକ୍ତି ନିହିତ ହୋଇପାରେ, ରାଷ୍ଟ୍ରପତିଙ୍କ ନାମରେ ଶାସନ ପରିଚାଳନା କରାଯାଇପାରେ, କିନ୍ତୁ ମନ୍ତ୍ରିମଣ୍ଡଳ ପ୍ରକୃତରେ ଶାସନକାର୍ଯ୍ୟ ପରିଚାଳନା କରନ୍ତି । ସେହି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ନିଜେ ସର୍ବ ଭାରତୀୟ ପ୍ରତିନିଧି ହେବା ଉଚିତ । କିନ୍ତୁ ଏବେ ଇଂରେଜୀ ବ୍ୟବସ୍ଥାପକ ଢାଞ୍ଚାରେ ପ୍ରଧାନମନ୍ତ୍ରୀ ଗୋଟିଏ ନିର୍ବାଚନ-ମଣ୍ଡଳୀରୁ ନିର୍ବାଚିତ ହେଉଛନ୍ତି । ଯେଉଁ ଯେଉଁ ଦେଶରେ ଲୋକସଂଖ୍ୟା ପ୍ରାୟ ପଚାଶ କୋଟି, ଭୋଟର ସଂଖ୍ୟା ପ୍ରାୟ ୨୫ କୋଟି, ଭାଷା, ସଂସ୍କୃତି ଓ ଚାଲିଚଳନରେ ଯେଉଁଠାରେ ତୀବ୍ର ପ୍ରଭେଦ, ସେହି ଦେଶରେ ଜଣେ ପ୍ରତିନିଧି ଗୋଟିଏ ନିର୍ବାଚନମଣ୍ଡଳୀର ପ୍ରାୟ ଦେଢ଼ଲକ୍ଷ ଦୁଇଲକ୍ଷ ଭୋଟରଙ୍କର ଭୋଟ ପାଇ ସାରା ଦେଶର ପ୍ରଧାନମନ୍ତ୍ରୀ ହେଲେ, ସେ ସେଦେଶର ଶ୍ରଦ୍ଧା ଓ ସମ୍ମାନ ପାଇବା ସହଜ କଥା ନୁହେଁ । ନେହେରୁଙ୍କର କଥା ଏବେ ବିଚାରିବା ଉଚିତ ନୁହେଁ । ସେ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଦେଶର ନେତା ଥିଲେ । ପ୍ରଧାନମନ୍ତ୍ରୀ ହେବାର କିଛି ବର୍ଷ ପରେ ବରଂ ତାଙ୍କର ନେତୃତ୍ୱର ପ୍ରଭାବ କମିଲା । ବ୍ରିଟେନର ପ୍ରଧାନମନ୍ତ୍ରୀ ମଧ୍ୟ ଆମର ଆଦର୍ଶ ହୋଇ ପାରିବେ ନାହିଁ । ବ୍ରିଟେନ ଗୋଟିଏ ଛୋଟିଆ ଦେଶ । ସେଠାକାର ଅଧିବାସୀମାନଙ୍କର ଗୋଟିଏ

Digitized by srujanika@gmail.com

ସ୍ଥଷା, ଗୋଟିଏ ସଂସ୍କୃତି । ଏଠାରେ ବିଭିନ୍ନ ଦଳଭିତରେ ସେପରି ବିଶେଷ ବିଭେଦ ନାହିଁ ଏବଂ ଶେଷରେ ଦୁଇଟି ଜାତୀୟ ଦଳ ଅଛନ୍ତି । ତେଣୁ ଜଣେ ପ୍ରତିନିଧି ଗୋଟିଏ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ, ଗୋଟାଏ ଦଳର ନେତୃତ୍ୱ ନେଇ ସାରି ବ୍ରିଟେନର ସମର୍ଥନ ସହଜରେ ହାସଲ କରି ପାରିବେ । କିନ୍ତୁ ଆମର ଅବସ୍ଥା ସ୍ୱତନ୍ତ୍ର । ତେଣୁ ଆମେ ଯଦି ଆମେରିକା ପରି ଏକ ନିର୍ବାଚନ ସଂସ୍ଥା ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ନିର୍ବାଚିତ କରି ପାରିବା ଏବଂ ସେ ପାର୍ଲାମେଣ୍ଟର ସଦସ୍ୟଙ୍କୁ ବାଛି ନିଜର ମନ୍ତ୍ରୀମଣ୍ଡଳ ଗଠନ କରି ଦେଶର ଶାସନ ପରିଚାଳନା କରିବାକୁ ସୁବିଧା ପାଇବେ, ତାହାହେଲେ ବୋଧହୁଏ ଦେଶର ଜନସାଧାରଣଙ୍କର ଓ ପ୍ରତ୍ୟେକ ରାଜ୍ୟ ସରକାରଙ୍କର ସେ ସମର୍ଥନ ହାସଲ କରି ଦେଶରେ ଏକ ଦୃଢ଼ ଜାତୀୟ ସରକାର ପ୍ରତିଷ୍ଠା କରିବାକୁ ସମର୍ଥ ହୋଇ ପାରିବେ । ପାର୍ଲାମେଣ୍ଟ ଶାସନରେ ଯେତେବେଳେ ପ୍ରଧାନମନ୍ତ୍ରୀ ଶାସନର ମୁଖ୍ୟ, ସେ ଜାତିର ରାଜନୀତିକ ଚିନ୍ତାଧାରାର ପ୍ରତୀକ ହେବା ଉଚିତ । ଦେଶରେ ଯେତେବେଳେ ସର୍ବ-ଭାରତୀୟ ରାଜନୀତିକ ନେତୃତ୍ୱର ଅଭାବ, ସେତେବେଳେ ସାମ୍ବିଧାନିକ ଉପାୟରେ ପ୍ରଧାନମନ୍ତ୍ରୀଙ୍କୁ ସର୍ବଭାରତୀୟ ନେତା କରିବା ବୋଧହୁଏ ଏକମାତ୍ର ପନ୍ଥା ।

———

Phone : 2830
2830-A
2323

M/s. **MANSARAM AGARWALA**

NEHRU NAGAR
ROURKELA—1
**Dist. Sundergarh, (Orissa)**
**Wholesale Dealers**
**IN**
**ATTA, MAIDA, SUJI, and SUGAR**
And
**Government Storage Agent**
Panposh and Bonai Sub-Divisions

Digitized by srujanika@gmail.com

# ବାରବାଟୀ ଲଟେରୀ

## ଗୋଟିଏ ଭଲରୁ ସହସ୍ର ଭଲ !!

**ସତ୍ ତଥା ମହତ ଉଦ୍ଦେଶ୍ୟ ରଖି ସଂସାରରେ ଯେତେ କାର୍ଯ୍ୟ ହୋଇଛି ସେଥିରୁ ଆହୁରି ଅସଂଖ୍ୟ ଭଲ ଫଳ ମିଳିଛି ।**

## ବାରବାଟୀ ରାଫଲ କ୍ଷେତ୍ରରେ ମଧ୍ୟ ତାହାହିଁ ପ୍ରମାଣିତ ହୋଇଗଲା ।

ନବ ଉତ୍କଳର ଗୋଟିଏ ଅକ୍ଷୟ କୀର୍ତ୍ତି ପାଇଁ ଦେଶର ଷ୍ଟାଡ଼ିଅମ ତିଆରି କରିବାକୁ ଗୋଟିଏ ଲେଖା ଟଙ୍କା ସଂଗ୍ରହ କରିବାର କଳ୍ପନା ଦିନେ ହେଲା ।

ଆଜି ଦେଖା ଯାଉଛି.................

ବାରବାଟୀ ଷ୍ଟେଡ଼ିୟମ ତିଆରି କାର୍ଯ୍ୟ ଚାଲିଛି, ତା ସଙ୍ଗେ ସଙ୍ଗେ

ସେହି ପାଣ୍ଠିରୁ :—

| | |
|---|---|
| ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ | —୧,୮୨,୭୮୫-୦୦ |
| ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ | —ଟ ୫୦,୦୦୦-୦୦ |
| ନେହେରୁ ସ୍ମୃତିରକ୍ଷା ପାଣ୍ଠିକୁ | —ଟ ୨୨,୫୦୦-୦୦ |
| ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | —ଟ ୪୦,୦୦୦-୦୦ |
| ବିହାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | —ଟ ୨୦,୦୦୦-୦୦ |

ଓ ଅନ୍ୟାନ୍ୟ ଅନେକ ପାଣ୍ଠିକୁ ମଧ୍ୟ ପ୍ରାୟ ଏକଲକ୍ଷ (ଟ୧,୦୦,୦୦୦) ଟଙ୍କା ଯାଇଛି—

ଆପଣ ଆମକୁ ଟଙ୍କାଏ ଟଙ୍କାଏ ସାହାଯ୍ୟ ଦେଇ ଅନ୍ୟମାନଙ୍କୁ ସାହାଯ୍ୟ ଦେବାପାଇଁ ପଥ ପରିଷ୍କାର କରି ଦିଅନ୍ତୁ ବୋଲି ବିନୀତ ଅନୁରୋଧ ।

**ପ୍ରଥମ ପୁରସ୍କାର ଟ ୧,୦୦୦,୦୦ (ଏକଲକ୍ଷ ଟଙ୍କା)**

**ଏଥିପର ଉଠାଣ ତା ୧୦।୧୨।୬୭**

ବିଶେଷ ବିବରଣୀ ପାଇଁ ଲେଖନ୍ତୁ— ଅବୈତନିକ ସମ୍ପାଦକ
ବାରବାଟୀ ରାଫଲ କମିଟୀ
କଟକ-୫


Digitized by srujanika@gmail.com

> ଅଶୁଣା ଶବ୍ଦ ସାହାଯ୍ୟରେ
> ଲୁଗାସଫା, ଯନ୍ତ୍ର ସଫେଇ,
> ମେଘବର୍ଷା ସମ୍ଭବ ହେଉଛି ।

# ଧୋବା ଗୁଠରୁ ବାଦଲର ଭେଳା

**ଡକ୍ଟର କୁଳମଣି ସାମଲ**

ଆମ ଦେଶରେ ସକାଳ ହେଲେ ବୁଢ଼ା ବୁଢ଼ୀଏ ନଈକୂଳକୁ ଧାଆଁନ୍ତି । ତାର ଅନେକ କାରଣ ଅଛି । ଦୂର ଗଛ ଉହାଡ଼ରୁ ସୂର୍ଯ୍ୟ ଉଠୁଥାଏ । ପାହାନ୍ତି ରାତିର ଶୀତଳ ପବନ ସେ ପର୍ଯ୍ୟନ୍ତ ବି ସୁଲୁସୁଲୁ ବହୁଥାଏ । କବିରାଜେ କହୁଥାନ୍ତି, ସକାଳ ବୁଲା ହଜମି ବଢ଼ାଏ । ଶିଥିଳ ଅଙ୍ଗ-ପ୍ରତ୍ୟଙ୍ଗକୁ ସକ୍ରିୟ କରେ । ତା ଛଡ଼ା ଧସ୍ତ୍ରଣ ବର୍ଷ ତଳର ଘଟଣାକୁ ଗପସପରେ ମନେ ପକାଇ ବୁଲାଚଲାଟା ବେଶ୍ ଉପଭୋଗ କରିହୁଏ । ଏମିତି ମୁକ୍ତ ବାୟୁରେ ହାତଗୋଡ଼ ହଲାଇ ଅକ୍ସିଜେନ ଶୋଷି ନେଲାବେଳେ ହଠାତ୍ ସେମାନଙ୍କ କାନରେ ପଡ଼େ ଏକ ବିଚିତ୍ର ଶବ୍ଦ, "ହୁଁ ହାଁ ଠୋ ଠା" । ସେମାନେ ଠଉରେଇ ନଥାନ୍ତି ଏଇଟା କ'ଣ ।

ସକାଳୁ ସୂର୍ଯ୍ୟ ନ ଉଠୁଣୁ ସେ ଉଠିଛି । ତା ଘରେ ଏତେ ମଳି ଲୁଗା ଜମିଥିଲା ଯେ ଗୋଡ଼ ଚୁଲୁ ନ ଥିଲା । ତେଣୁ ଝଟଝଟିଆରୁ ସେ ଗୋଡ଼ କାଢ଼ିଛି । ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିବ ଅଥଚ ସେ ନଈ ପାଣିରୁ ଉଠିବ ନାହିଁ । ସେମିତି ଆଣ୍ଠୁଏ ପାଣିରେ ପଶି ଲୁଗା ସାହାଯ୍ୟରେ ସେ ଗଣ୍ଡିକୁ ଦେଉଥିବ ନସ୍ତକ ମାଡ଼ । ସେତେବେଳେ ତା ଦେହ ହାତର ସବୁ ମାଂସପେଶୀଗୁଡ଼ିକ ଦୁହିଁ ହୋଇ ଉଠୁଥିବେ । ମୁହଁରୁ ବାହାରିବ ହୁଁ ହାଁ ଶବ୍ଦ । ଦେହରୁ ତାର ପୋଷ-ପୋଷ ଝାଳ ନିଗିଡ଼ି ନଈ ସୁଅରେ ମିଶିଯିବ । ଲୋକେ କହନ୍ତି ଧୋବା ହାତରେ ଲୁଗାର ବର୍ଷକର ଆଇସ ମାସକୁ ଖସିଆସେ ।

କିନ୍ତୁ ଲୁଗା କାଚିବା ଧୋବାର ବେଉସା । ଏମିତି ନ କାଚିଲେ ନ ଚଳେ । ଠୋ ଠା ନ ବାଡ଼େଇ କୁଚୁକୁଚୁ କରି କାଚିଲେ ତାର ଗ୍ରାହକଙ୍କ ମେଣ୍ଟିବ ନାହିଁ । ସେଥିପାଇଁ ନଈକୂଳେ ରାତି ନ ପାହୁଣୁ ବାବୁ ଭୂୟାଁଙ୍କ ସଙ୍ଗେ ତାର ଭେଟହୁଏ ।

Digitized by srujanika@gmail.com

କିନ୍ତୁ ଏମିତି ଝାଳଗାଳ ହୋଇ ଖଟିବାକୁ ଆଧୁନିକ ସମାଜ ପସନ୍ଦ କରେ ନା ।

ସେଥିପାଇଁ ଇଂଲଣ୍ଡର ଟେମ୍ସ ନଦୀ-କୂଳରେ କି କ୍ୟାନାଡ଼ାର ସେଣ୍ଟଲରେନସ ନଦୀକୂଳରେ କେହି ଏହି ହତଭାଗାମାନଙ୍କୁ ଦେଖି ନ ଥିବ । ହଡ୍‌ସନ ବେ ବା ଉଲ୍‌ଓ୍ୟାର୍ଥ ପରି ବିଖ୍ୟାତ ବ୍ୟବସାୟୀଙ୍କ ଦୋକାନ ପାଖରେ ତାଙ୍କ ବ୍ୟବସାୟ ମେଲ୍ ଦେଇଥାନ୍ତି । ସେମାନେ ସ୍ୱଇଚ ଟିପି ଲୁଗା ସଫା କରନ୍ତି । ତାଙ୍କୁ ସେଠି ସାହାଯ୍ୟ କରେ ଲୁଗାଧୁଆ କଳ । ତା ଛଡ଼ା ପ୍ରତ୍ୟେକଙ୍କ ଘରେ ମଧ୍ୟ ଏମିତି ଲୁଗାଧୁଆ କଳ ଥାଏ । ଗୃହିଣୀମାନେ ଅଳ୍ପ ଚେଷ୍ଟାରେ ଏ କାମ ଚଳେଇ ନିଅନ୍ତି । ନ ପାରିଲେ ଧୋବା ଦୋକାନକୁ ଆସନ୍ତି ।

## ବିଜୁଳିଶକ୍ତି ଲୁଗାଧୁଏ

ବିଜୁଳି ଶକ୍ତି ବଳରେ ଗରମ ସାବୁନ ପାଣିରେ ଲୁଗା ଆପେ ଆପେ ଦଳି ମକଚି ହୁଏ । ପୁଣି ଚିପୁଡ଼ି ହୋଇ ଗରମ ପବନରେ ଶୁଖିଯାଏ । ମଣିଷ ଖାଲି ସମସ୍ତ ଜିନି ତାକୁ ଏଠି ନେଇ ସେଠି ଥୁଏ । ଝଡ଼ବର୍ଷା ହେଉଥିଲେ କି ଆକାଶରେ ମେଘ ଘୋଡ଼େଇ ଥିଲେ ଲୁଗା ଧୋଇ ପିନ୍ଧିବାରେ କୌଣସି ଅସୁବିଧା ହୁଏ ନା ।

## ଅଶୁଣାଶବ୍ଦରେ ଲୁଗାଧୁଆ

ଲୁଗା ଧୋଇବା ପାଇଁ ଏବେ ଏକ ଅନ୍ୟ ବନ୍ଦୋବସ୍ତ ହୋଇଛି । ବିଜୁଳିଶକ୍ତି ଯାନ୍ତ୍ରିକ ଶକ୍ତି ନ ହୋଇ ଅଶୁଣା ଶବ୍ଦରେ ପରିଣତ ହେବ । ଏ ଶବ୍ଦ କାନରୁ ଶୁଭିବ ନାହିଁ । ଯା ବଳରେ କୁଇନ୍ ଏଲିଜାବେଥ୍ ପାଣିତଳ ତିମିମାଛକୁ ଦେଖେ, ଯାର ତୀବ୍ର କମ୍ପନରେ ଜୀବାଣୁ ବଂଶ ନିର୍ମୂଳ ହୁଏ, ଏ ହେଉଛି ସେହି ଅଶୁଣା ଶବ୍ଦ । ତାକୁଇ ପ୍ରୟୋଗ କରି ଧୋବା ଲୁଗା ଧୋବ କରିବ । ଏହି ଅଶୁଣା ତରଙ୍ଗର ତୀବ୍ର କମ୍ପନରେ ଧୂଳିମଳି ଥରହର ହେବେ । ଯେଉଁ ଲୁଗାକୁ ଆଶ୍ରା କରି ସେମାନେ ଅସୁନ୍ଦର ଓ ଗନ୍ଧିଆ କରି ପକାଇ ଥିଲେ ତାକୁ ଛାଡ଼ି ସେମାନେ ଅଲଗା ହୋଇଯିବେ । ସତା ଲୁଗା ହୋଇଥିଲେ ତାକୁ ପାଣିରେ ବୁଡ଼େଇ ଦିଆଯିବ । ତାପରେ ସେହି ପାଣିରେ ଅଶୁଣା ଶବ୍ଦ ଖେଳିଯିବ । ବର୍ତ୍ତମାନ ଜଳକଣା ଲୁଗା ଭିତରେ ଏପଟ ସେପଟ ହୋଇ ମଳିମଳକୁ ଅଲଗା କରିନେବ ।

## ଶୂନ୍ୟେ ଶୂନ୍ୟେ ଲୁଗାସଫା

ଦାମିକା ପୋଷାକ ହୋଇଥିଲେ ଶୁଖିଲା ସଫା କରି ହେବ । କମ୍ବଳକୁ ବାଡ଼େଇ ଧୂଳି ଝାଡ଼ିଲା ପରି ଅଶୁଣା ଶବ୍ଦ ପଶମ ପୋଷାକକୁ ଥରେଇ ମଳି ଅଲଗା କରିନେବ । ଏଥିରେ ପୋଷାକ କୁଞ୍ଚି ହେବାର କି ସାନ ହେବାର ଭୟ ନାହିଁ । ଦାମିକା ପୋଷାକ ସଫା କରିବା ପାଇଁ ଏହା ଏକ ଉତ୍କୃଷ୍ଟ ଉପାୟ । କିନ୍ତୁ କେଉଁ ଲୁଗାପାଇଁ କେତେ ଅଶୁଣା ଶବ୍ଦ ପ୍ରୟୋଗ କରିବାକୁ ହେବ ତାର ବିଚାର ଧୋବାର ଅଭିଜ୍ଞତା ଉପରେ ନିର୍ଭର କରିବ ।

Digitized by srujanika@gmail.com

ତା ଛଡ଼ା ମଲର ତାରତମ୍ୟ ଅନୁସାରେ ଅଣୁଣାଶଙ୍କର କମ୍ପନ ଓ ସ୍ପନ୍ଦନ ମାତ୍ର ଠିକଣା କରିବାକୁ ହେବ । ଦୁର୍ଯୋଗକୁ ଏହା ବିଗିଡ଼ି ଗଲେ ଏହାକୁ ସଜାଡ଼ିବା ପାଇଁ ଇଞ୍ଜିନିୟରିଂ କୌଶଳ ଦରକାର । ଏମିତ ଖଣ୍ଡେ ଅଣୁଶ୍ରା ଶବ୍ଦ ଉତ୍ପାଦନକାରୀ ଯନ୍ତ୍ର ବିଶୁର ଧୋବା ହାତରେ ପଡ଼ିଲେ ସେ ଆଉ ନଇକୂଳକୁ ଧାଇଁବ କାହିଁକି ? ଏକ ଲୁଗାସଫା କାରଖାନାର ସେ ହେବ ଇଞ୍ଜିନିୟର ବାବୁ ।

## ଟିକଟିକି ଯନ୍ତ୍ର ସଫେଇ

ବର୍ତ୍ତମାନ ଜଣା ପଡ଼ିଲା ଧୋବାର ହାତବାରସି ହେବ ଅଣୁଣାଶବ୍ଦ ଜନ୍ମେଇବା ଯନ୍ତ୍ର । ତାକୁଇ ଆଶ୍ରାକରି ସେ ପେଟ ପୋଷିବ । କିନ୍ତୁ ଏହି ହାତବାରସି ଖଣ୍ଡିକ କେବଳ ଧୋବାର ଏକଚାଟିଆ ନୁହେଁ । ଏବେ ଘଣ୍ଟା ଦୋକାନରେ ଫଟୋ ଷ୍ଟୁଡ଼ିଓରେ ଓ କଳକାରଖାନାରେ ମଧ୍ୟ ଏହାର ଆବଶ୍ୟକତା ପଡ଼ିଲାଣି ।

କାନ୍ଥ ଘଣ୍ଟାକୁ ଛୁଇଁଲେ ହାତ ଘଣ୍ଟା କେତେ ସାନ । ତା ପୁଣି ଭଦ୍ରମହିଳାଙ୍କ ହାତ ଘଣ୍ଟା ହୋଇଥିଲେ କଥା ସରିଲା । ତାର କୌଣସି ଏକ ଅଂଶକୁ ପରୀକ୍ଷା କରିବାକୁ ହେଲେ ଆଖିରେ ଏକ ମୋଟା ଯବକାଚ ଲଗେଇବା ଦରକାର । ଏହିଭଳି ଘଣ୍ଟାରେ ତେଲ ଦେଇ ଯଦି ସଫାସୁତୁରା କରିବାକୁ ହୁଏ ଦୋକାନୀର ଅକଲ ଗୁଡୁମ ହୋଇଯାଏ । ଏଇଠି ତାକୁ ସାହାଯ୍ୟ କରେ ଅଣୁଣା ଶବ୍ଦ । ଯନ୍ତ୍ରପାତି ଯେତେ ସୂକ୍ଷ୍ମ ହେଲେ ବି ସେଗୁଡ଼ିକୁ ତେଲରେ ବୁଡ଼େଇ ଦିଆଯିବ । ତେଲ ଭିତରକୁ ଅଣୁଣା ଶବ୍ଦ ପଠାଇଲେ ସେହି ସୂକ୍ଷ୍ମାତିସୂକ୍ଷ୍ମ ଅଂଶଗୁଡ଼ିକ ତେଲରେ ଘଷି ମାଜି ହେବ । ଯେଉଁ ଅଂଶଗୁଡ଼ିକ ସହଜରେ ଆଖିକୁ ଦିଶି ନଥାନ୍ତି; ସେଗୁଡ଼ିକ ମଧ୍ୟ ଚକ୍‌ଚକ୍ ମାରିବାକୁ ଲାଗିବ । ବର୍ତ୍ତମାନ ଦାମିକା କ୍ୟାମେରାର ଅଂଶ, ମୂଲ୍ୟବାନ ଅଳଙ୍କାର କିମ୍ବା ଅନ୍ୟାନ୍ୟ ସୂକ୍ଷ୍ମ ଯନ୍ତ୍ରପାତିର ଅଂଶମାନ ଯେତେ ଶ୍ରେଷ୍ଠ ହେଲେ ବି ସେଗୁଡ଼ିକୁ ସଫା କରିବା ଆଉ ସମସ୍ୟା ହୋଇ ରହିନାହିଁ ।

## ବାୟୁମଣ୍ଡଳରୁ ଧୂଳିଝଡ଼ା

ମନେକର ବାୟୁମଣ୍ଡଳରେ ଧୂଳିକଣା, କୋଇଲା ଗୁଣ୍ଡ କିମ୍ବା ଜଳକଣା ଭର୍ତ୍ତି ହୋଇଛି । ସେହି ବାୟୁତ ପୁଣି କୋଠରୀ ଭିତରେ ଅଛି । ସେହିଭଳି ଏକ କୋଠରୀରେ ବୈଜ୍ଞାନିକ ପରୀକ୍ଷା ଚଳେଇ-ବାକୁ ହେବ । ଅତି ସୂକ୍ଷ୍ମ ଯନ୍ତ୍ରପାତିରେ ସେଠି କାମ ହେବ । ଏହି ଧୂଳିକଣା ପ୍ରଭୃତି ଯନ୍ତ୍ରରେ ଲାଗିଲେ ଫଳାଫଳରେ ପ୍ରମାଦର ଆଶଙ୍କା ଅଛି । ତା ଛଡ଼ା ଲକ୍ଷଲକ୍ଷ ଟଙ୍କାର ବୈଜ୍ଞାନିକ ଯନ୍ତ୍ରପାତିରେ ବାୟୁମଣ୍ଡଳର ଧୂଳି ବା ଜଳକଣା ଲାଗିଗଲେ ସବୁଯନ୍ତ୍ର ଅଚଳ ହୋଇ ଯିବାର ଆଶଙ୍କା । କି ଉପାୟରେ ସେ କୋଠରୀର ବାୟୁରୁ ଧୂଳିକଣା ଓ କୋଇଲା ଗୁଣ୍ଡ ପ୍ରଭୃତିକୁ ଅଲଗା କରି ହେବ । ଏଇଠି ଅଣୁଣା ଶବ୍ଦ ଆମକୁ ଧୂଳିମଳି ଝାଡ଼ିବାରେ ସାହାଯ୍ୟ କରେ ।

Digitized by srujanika@gmail.com

କେବଳ ଯନ୍ତ୍ରପାତିରୁ ନୁହେଁ ବାୟୁମଣ୍ଡଳରୁ ମଧ୍ୟ ଧୂଳିଝାଡ଼ୁ ହୋଇଯାଏ । ଅଶୁଣା ଶବ୍ଦର କମ୍ପନରେ ବାୟୁମଣ୍ଡଳର ଧୂଳିକଣା ଓ କୋଇଲାଗୁଣ୍ଡ ତଳକୁ ଖସି ପଡ଼ନ୍ତି । ଯାନବାହାନ ସମ୍ମୁଖରୁ କୁହୁଡ଼ି କିମ୍ବା ମେଘକୁ ଘୁଞ୍ଚାଇବାକୁ ହେଲେ ଅଶୁଣା ଶବ୍ଦକୁ ଆଗେ ଆଗେ ପଠାଇବାକୁ ପଡ଼େ । ଛୋଟ ଛୋଟ ଜଳକଣା ଗୁଡ଼ିକ ଏକାଠି ହୋଇ ତଳକୁ ଖସି ଆସନ୍ତି । ବାୟୁମଣ୍ଡଳ ପରିଷ୍କୃତ ହୁଏ ।

## ଚାହିଁଲେ ମେଘରୁ ବର୍ଷା

ଅଶୁଣା ଶବ୍ଦ ସାହାଯ୍ୟରେ ମେଘରୁ କୃତ୍ରିମ ବୃଷ୍ଟିପାତ କରାଇବା ଅତି ସହଜ । ଏଥିପାଇଁ ଟନ୍ ଟନ୍ ଲୁଣମିଶା ବରଫଗୁଣ୍ଡ କିମ୍ବା ଅନ୍ୟ କିଛି ରାସାୟନିକ ଦ୍ରବ୍ୟନେଇ ଛିଞ୍ଚିବା ଦରକାର ନାହିଁ । ଉଡ଼ାଜାହାଜରୁ ଅଶୁଣା ଶବ୍ଦ ପଠାଇଲେ ମାଇଲ ମାଇଲ ଧରି ବାଦଲରୁ ବୃଷ୍ଟିବିନ୍ଦୁ ଝରି ପଡ଼ିବ । କେବଳ ପରୀକ୍ଷା ଓ ଗବେଷଣା ଦ୍ୱାରା ଉପଯୁକ୍ତ ତୀବ୍ରତା ଓ ସ୍ପନ୍ଦନ ଠିକଣା କରିବାକୁ ହେବ । ଏହାର ବ୍ୟାପକ ପ୍ରୟୋଗ ହେଲେ ଦେଶରେ ମେଘ ବୈର ବ୍ୟାପିବ । ଗୋଟିଏ ଦେଶ ଚାହିଁଲେ ତାଙ୍କ ଆକାଶରେ ଖସି ଯାଉଥିବା ମୌସୁମୀକୁ ଅନ୍ୟ ଦେଶକୁ ଛାଡ଼ି ଦେବ ନାହିଁ । ବାଟରେ ମନଇଚ୍ଛା ମୌସୁମୀକୁ ନିଚ୍ଚୋଳି ଦେବ ।

## ରଞ୍ଜନରଶ୍ମି ବଦଳରେ

ରଞ୍ଜନରଶ୍ମି କଥା ଜଣାଶୁଣା । ଏହି ରଶ୍ମି ବଳରେ ବାହାରୁ ଭିତରଟା ଦେଖି ହୁଏ । ଅଶୁଣା ଶବ୍ଦ ମଧ୍ୟ ରଞ୍ଜନରଶ୍ମିର କାମ କରିବ । ମନେକର ମଜଭୁତ୍ ଦେଖି ଲୁହାକଡ଼ି ବରଗା କିଣା ହେଲା । ବାହାରୁ ଦେଖିବାକୁ ଏହା ବଡ଼ ମଜଭୁତ୍ । କିନ୍ତୁ ଭିତରେ ଜଖମ ଅଛି । ବାହାରୁ ଅନେଇଲେ ଦିଶିବ କିପରି ? ଏହି ଜଖମ ଲୁହାକଡ଼ି ଗୁଡ଼ାକ କାମରେ ଲାଗିଗଲା । ପୋଲ ଓ କଳ କାରଖାନା ଏହାକୁ ଆଶ୍ରା କରି ସୁଦୃଢ଼ ହେଲା । କିନ୍ତୁ ଦୋଷ ତ୍ରୁଟିକୁ କେତେଦିନ ଲୁଚେଇ ହେବ । ପରେ ସମସ୍ତ ତାକୁ ଧରି ପକାଇ ଦେଲା । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଗଢ଼ାହୋଇଥିବା ପୋଲଟା ଭୁଶୁଡ଼ି ପଡ଼ିଲା । ପଞ୍ଚାୟତ ସଭାଠାରୁ ଆରମ୍ଭ କରି ପାର୍ଲିମେଣ୍ଟ ପର୍ଯ୍ୟନ୍ତ ଖାଲି ଛୁଟିଲା ପ୍ରଶ୍ନବାଣ । ବିଚରା ଇଞ୍ଜିନିୟରକୁ ଛଟେଇ କରି ସରକାର ବାହାଦୁର ଆତ୍ମଶୁଦ୍ଧି କଲେ ।

ରଞ୍ଜନରଶ୍ମିରେ ଏହି ତ୍ରୁଟି ମୂଳରୁ ଜଣା ପଡ଼ିଥାନ୍ତା । ଭଲ ଜାଗା ଦେଇ ରଞ୍ଜନରଶ୍ମି ଯେମିତି ଯାଏ ଜଖମ ଦେଇ ସେମିତି ଯାଇ ପାରେନା । ଅନେକ ସ୍ଥଳରେ ସିଧା ସଳଖ ଫେରି ଆସେ । କଡ଼ିର ଏ ମୁଣ୍ଡରୁ ରଞ୍ଜନରଶ୍ମି ପଠେଇଲେ ସେ ମୁଣ୍ଡରେ ଯଦି ଠିକଣା ରୂପେ ନ ବାହାରିଲା ତାହା ହେଲେ ଜଖମ ଅଛି ବୋଲି ଜଣାପଡ଼େ । କିନ୍ତୁ ଏଭଳି ରଞ୍ଜନରଶ୍ମି

Digitized by srujanika@gmail.com

ଉତ୍ପାଦନକାରୀ ଯନ୍ତ୍ର ଖଣ୍ଡିକର ଦାମ୍ ପ୍ରାୟ ଏକଲକ୍ଷ ଟଙ୍କା । ଏତେ ଟଙ୍କାର ରଞ୍ଜନରଶ୍ମି ଯନ୍ତ୍ର ସବୁବେଳେ ହାତ ପାଖରେ ନଥାଏ । ତେଣୁ ଲୁହା କାରଖାନା ମାଲିକଙ୍କ ସାଧୁତା ଉପରେ କାମ ଚଳିଥାଏ ।

ଆଜି ଅଳ୍ପ ଖର୍ଚ୍ଚରେ ଏହି ପରୀକ୍ଷା କରି ହେବ । ଠିକ୍ ରଞ୍ଜନରଶ୍ମିର କାମ କରିବ ଅଶୁଣା ଶବ୍ଦ । ମାତ୍ର କେତେ ହଜାର ଟଙ୍କାରେ ଏହା ଉତ୍ପନ୍ନ ହେବ । ଠିକ୍ ରଞ୍ଜନରଶ୍ମିକୁ ପଠାଇଲା ପରି ଏହାକୁ ପଠାଯିବ । ବାଟରେ ଜଖମ ପଡ଼ିଲେ ଅଶୁଣା ଶବ୍ଦ ବାଙ୍କେଇ ଯିବ କିମ୍ବା ଫେରି ଆସିବ । ଆଉ ମୁଣ୍ଡରେ ଅଶୁଣା ଶବ୍ଦ ନ ପହଞ୍ଚିଲେ କ୍ଷତିର ଆଶଙ୍କା ଯଥେଷ୍ଟ ଅଧିକ । ଲକ୍ଷେ ବଦଳରେ ହଜାର ଖର୍ଚ୍ଚ କଲେ ମଧ୍ୟ ପରୀକ୍ଷାରେ କିଛି ଅସୁବିଧା ହେବନାହିଁ ।

## ଇଞ୍ଜିନିୟର ଆଜି ଯାଦୁକର

ଆମ ଦେଶରେ ଗୀତ ବୋଲନ୍ତି 'ବଜ୍ରରୁ କଠିଣ ହୀରା' । କିନ୍ତୁ ଅଶୁଣା ଶବ୍ଦ ଏ ବିଶ୍ୱାସ ଆଜି ଦୂର କରିଛି । ହୀରା କିମ୍ବା ଷ୍ଟିଲ ପରି କଠିନ ପଦାର୍ଥ ମଧ୍ୟରେ ଏହା ଗ୍ରେଟ ଗ୍ରେଟ କଣା କରି ପାରୁଛି । କଣାର ଆକାର ମନଇଚ୍ଛା ହେଉଛି । କେତେବେଳେ ଗୋଲିଆ ତ କେତେବେଳେ ଚୌକିଆ । ସେଥିରେ ମୂଲ୍ୟବାନ ପଦାର୍ଥ ଖଞ୍ଜି ହୀରାର ମୂଲ୍ୟକୁ ଅସମ୍ଭବ ଭାବେ ବଢ଼େଇ ଦିଆଯାଉଛି । ଆଜି ସକ୍ଷ୍ମ କଠିନ ପଦାର୍ଥର ଝଲେଇ କରିବା କାରିଗରିର ପାଠ ନୁହେଁ । ସିଧା ସଳଖ ଦୁଇଟି ପଦାର୍ଥକୁ ଯୋଖି ଅଶୁଣା ଶବ୍ଦ ପଠାଇଲେ ସେ ଦୁଇଟା ମିଶିଯାଏ । ବିଶେଷତଃ ଦାମିକା ଯନ୍ତ୍ରପାତିରେ ଏଭଳି କାମ ସବୁବେଳେ ଦରକାର । ସେଥିପାଇଁ ଅଶୁଣା ଶବ୍ଦ ଉତ୍ପାଦନ କାରୀ ଯନ୍ତ୍ର ଖଣ୍ଡିଏ ଧରି ଇଞ୍ଜିନିୟର ଆଜି ଯାଦୁକର । ଏବେ "ଇଞ୍ଜିନିୟରଙ୍କ ହାତ ମୁରୁବାଶି" କହିଲେ ଲୋକେ ଏହି ଅଶୁଣା ଶବ୍ଦ ଯନ୍ତ୍ରକୁ ବୁଝିଲେଣି ।


## ସମ୍ବଲପୁରୀ ବସ୍ତ୍ରାଳୟ ତନ୍ତଶିଳ୍ପ ସହଯୋଗ ସମିତି ଲିଃର

ଲୁଗା ସୁନ୍ଦର ଯେପରି ମଜଭୁତ ମଧ୍ୟ ସେପରି । ଲୁଗାର ରଙ୍ଗ ପକ୍କା
ଏହି ସମିତିର ଲୁଗା ଦେଶ ବିଦେଶରେ ଆଦୃତ ଏବଂ ସର୍ବ-
ଭାରତୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ।

**ଏହା ବ୍ୟବହାର କରି ଦେଶର ଶିଳ୍ପ ତଥା ଶିଳ୍ପୀଙ୍କୁ ଉତ୍ସାହିତ କରନ୍ତୁ ।**

କୃତାର୍ଥ ଆଚାର୍ଯ୍ୟ (ପଦ୍ମଶ୍ରୀ)
ସଭାପତି


Digitized by srujanika@gmail.com

WITH BEST COMPLIMENTS OF:

SAMANTRAY
CONSTRUCTIONS
RAJABAGICHA
CUTTACK-1

Digitized by srujanika@gmail.com

# ଅଭିଜ୍ଞତାର ଜୀବନ ସ୍ମୃତି



## କପିଳାସ ରେଭେନ୍ସା କଲେଜ, ଇଡେନ ହିନ୍ଦୁ ହଷ୍ଟେଲ

—ଡକ୍ଟର ପ୍ରାଣକୃଷ୍ଣ ପରିଜା

ଏଠାରେ କପିଳାସ ପଙ୍କତ ବିଷୟ ମୋର ଯାହା ମନେ ଅଛି ତାହା କହେ । ଢେଙ୍କାନାଳ ଜିଲ୍ଲାରେ କପିଳାସ ପାହାଡ଼ । ସେତେବେଳେ ଢେଙ୍କାନାଳ ଏକ ଗଡ଼ଜାତ ରାଜ୍ୟ ଥିଲା ଓ କଟକଠାରୁ ଢେଙ୍କାନାଳ ବାଟରେ କପିଳାସ ଯିବାକୁ ହେଲେ ୭୫ ମାଇଲ ଦୂର ପଡ଼ୁଥିଲା । କପଳାସ ପାହାଡ଼ ତଳେ ଦେଓଗାଁ ନାମରେ ଏକ ଗ୍ରାମ ଅବସ୍ଥିତ । ସେତେବେଳେ ଲୋକ ହୁଏତ ସ୍କୁଲ କର କମ୍ବା ବଳଦ ଗାଡ଼ିରେ ଦେଓଗାଁ ପର୍ଯ୍ୟନ୍ତ ଯାଉଥିଲେ । ସେଠାରେ ଏକ ନିର୍ମିତ ଚଲା ରାସ୍ତାରେ ପାହାଡ଼ ଉପରକୁ ଯିବାକୁ ହେଉଥିଲା । ଦେଓଗାଁ ଓ ପାହାଡ଼ ଶିଖର ମଧ୍ୟରେ ଏକ ଶିବମନ୍ଦିର ଓ ପ୍ରାକୃତିକ ଝରଣା ଅଛି । ସେଠାରେ ରାଜାଙ୍କର ଗୋଟିଏ ବଙ୍ଗଳା ଓ ଯାତ୍ରୀମାନେ ରହିବା ପାଇଁ କେତେଗୁଡ଼ିଏ କୋଠରୀ ଅଛି । ଆମେ ଏହିପରି ଗୋଟିଏ କୋଠରୀରେ ରହିଲୁ । ଝରଣାର ପାଣିକୁ ଆବଦ୍ଧ କରିବା ପାଇଁ ବଡ଼ ବଡ଼ ପଥର କୁଣ୍ଡମାନ ନିର୍ମିତ ହୋଇଥିଲା । ଏହି ସବୁ କୁଣ୍ଡ ଭରିଯିବା ପରେ ଉଦ୍‌ବୃତ୍ତ ଜଳ ଆହୁରି ଏକ ପକ୍କା ଚବକାରେ ପଡ଼ୁଥିଲା । ସେଠାରେ ଉପରୁ ପଡ଼ୁଥିବା ପାଣିରେ ଗାଧୋଇବାର ସୁବିଧା ଥିଲା ।

Digitized by srujanika@gmail.com

ଆହୁରି ଉପରକୁ ଗଲେ ଗୁମ୍ଫା ପଡ଼େ, ଯାହାର ନାମ ହେଉଛି ସୀତାଅନୁତ୍ତଶାଳ । ଜନଶ୍ରୁତି ଅଛି ଯେ ଏହି ଗୁମ୍ଫାଥିଲା ସୀତାଙ୍କର ପ୍ରସୂତି ଗୃହ । ଏଠାରେ ସେ ଲବ, କୁଶଙ୍କୁ ଜନ୍ମ ଦେଇଥିଲେ । ଯାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ଏ ପ୍ରବାଦ କୌଣସି ପଣ୍ଡାଙ୍କର ମସ୍ତିକ-ପ୍ରସୂତ ହୋଇପାରେ । ପାହାଡ଼ର ଉପର ହେଉଛି ସମତଳ ଏବଂ ଏହାକୁ ଦେବସଭା କୁହାଯାଏ । ଏଠାରେ କେତେକ ମନ୍ଦିର ଆକାରର ପଥର ଅଛି । ପାହାଡ଼ ଉପରୁ କଟକ ସହରର ସୌଧମାଳା ଦେଖାଯାଏ ।

ଶିବରାତ୍ରି ଦିନ ଏଠାରେ ଏକ ବଡ଼ ଧରଣରେ ଯାତ୍ରା ହୁଏ ଓ ଓଡ଼ିଆର ଚାରିଆଡ଼ୁ ଲୋକ ଆସନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ମୁଁ କଟକ ଆସିବା ପୂର୍ବରୁ ଆମ ଗ୍ରାମର ବହୁ ଲୋକ ସାଙ୍ଗ ହୋଇ କପିଳାସ ଯାଇଥିଲୁ । ଆମ ଗ୍ରାମରୁ କଟକ ୩୬ ମାଇଲ ଓ କଟକରୁ କପିଳାସ ୭୫ ମାଇଲ । କିନ୍ତୁ ଆମେ ଆଉ ଏକ ଜଙ୍ଗଲ ବାଟରେ ସିଧା ଯିବାଦ୍ୱାରା ଆମକୁ ୨୦ ମାଇଲ କମ ପଡ଼ିଥିଲା । କପିଳାସରେ ପହଞ୍ଚିବାକୁ ଆମକୁ ଦିନଦିନ ଲାଗିଲା । ସେତେବେଳକୁ ଦର୍ଶକଙ୍କର ଭିଡ଼ ଜମି ଯାଇଥିଲା ଓ ମନ୍ଦିର ଚୂଡ଼ାରେ ମହାଦୀପ କେତେବେଳେ ଜଳିବ ତାହା ଦେଖିବା ପାଇଁ ସମସ୍ତଙ୍କୁ ଉଜାଗର ରହିବାକୁ ପଡ଼ିଥିଲା । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ଏ ମନ୍ଦିରର ପୂଜକମାନେ ବ୍ରାହ୍ମଣ ନ ଥିଲେ। ସେମାନେ ଦେଓଗାଁର ଲୋକ ଓ ସବୁଦିନ ଯିବା ଆସିବା କରୁଥିଲେ । ଅଧିକାଂଶ ଲୋକ ମଣିଷ ଚଲା ବାଟରେ ପାହାଡ଼ ଚଢ଼ୁଥିଲେ । କିନ୍ତୁ ଦେଓଗାଁରୁ କପିଳାସ ମନ୍ଦିର ନିକଟ ବଙ୍ଗଳାକୁ ହାତୀରେ ଯିବାପାଇଁ ରାଜା ଏକ ବୁଲଣି ରାସ୍ତା ତିଆରି କରିଥିଲେ । ବୋଧହୁଏ ବର୍ତ୍ତମାନ ଏ ରାସ୍ତାରେ ଜିପ୍ ଓ କାର ଗଲାଣି ।

ପାହାଡ଼ର ଜଳବାୟୁ ଅତ୍ୟନ୍ତ ମନୋରମ । କେବଳ ଜୁନମାସରେ କେତେକ ଦିନ ଗୁଡ଼ିଦେଲେ ଗ୍ରୀଷ୍ମର ତାପ ସାଧାରଣତଃ ଏଠାରେ ଅନୁଭୂତ ହୁଏ ନାହିଁ । ଲୋକଙ୍କର ରହିବାର ସୁବ୍ୟବସ୍ଥା ହୋଇ ପାରିଲେ ଏହା ଏକ ଗ୍ରୀଷ୍ମନିବାସ ହୋଇ ପାରିବ । ପ୍ରଥମ ବର୍ଷା ପରେ ଅବଶ୍ୟ ଏଠାରେ ତେଲୁଣି ପୋକ ଓ ବିଛାଙ୍କର ସଂଖ୍ୟା ବଢ଼ିଯାଏ । ତେଲୁଣିପୋକ-ଗୁଡ଼ିକ ୬ ଇଞ୍ଚ ବା ତା'ଠୁ ବେଶୀ ଲମ୍ବ ।

## ବାଦ୍ୟାନିଧି

ପୂର୍ବରୁ କୁହାଯାଇଅଛି ଯେ, ଆମ ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ମୋତେ କହିଥିଲେ କପିଳାସ ବିଷୟରେ ଗୋଟିଏ ପ୍ରବନ୍ଧ ଲେଖିବାକୁ । ମୁଁ କପିଳାସ ସମ୍ପର୍କରେ ଯେଉଁ ପ୍ରବନ୍ଧ ଲେଖିଥିଲି, ଯୋଗେଶବାବୁ ସେଥିରେ ଭାରି ଖୁସି ହୋଇଥିଲେ ଓ ପିଲାମାନଙ୍କର ଏକ ସଭା ଡାକି ମୋତେ ସେଠାରେ ତାହା ପଢ଼ିବାକୁ କହିଥିଲେ । ଏଥିରୁ ଜଣାଯିବ ଯୋଗେଶ ବାବୁ

Digitized by srujanika@gmail.com

କିପରି ଛାତ୍ରମାନଙ୍କୁ ଉତ୍ସାହିତ କରୁଥିଲେ । ସେ ନିଜେ ବହୁମୁଖୀ ପଣ୍ଡିତ ଥିଲେ ଏବଂ ଛାତ୍ରମାନଙ୍କ ଉନ୍ନତି ପାଇଁ ଯତ୍ନଶୀଳ ହେଲେ । ତାଙ୍କର ପାଣ୍ଡିତ୍ୟକୁ ସମ୍ମାନ ଦେଖାଇବାର ନିଦର୍ଶନ ସ୍ୱରୂପ ମୁକ୍ତିମଣ୍ଡପ ତାଙ୍କୁ ବିଦ୍ୟାନିଧି ଉପାଧି ଦେଇଥିଲେ ।

ମୁଁ ଇଂଲଣ୍ଡରୁ ଫେରିବା ପରେ ଯେତେବେଳେ ବଟାନି ବିଭାଗରେ ଯୋଗଦେଲି, ଥରେ ତାଙ୍କୁ ପରୀକ୍ଷକ ଭାବରେ ତାଙ୍କ ପୁରୁଣା କଲେଜକୁ ନିମନ୍ତ୍ରଣ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବା ପରେ ତାଙ୍କୁ ଡକ୍ଟର ଅବ୍ ସାଏନ୍ସ ଉପାଧିରେ ଭୂଷିତ କରାଯାଇ ଥିଲା ।

ଶିକ୍ଷକତ୍ୱ ଓ ବ୍ୟକ୍ତିତ୍ୱ ଉଭୟ ଦୃଷ୍ଟିରୁ ସେ ଅସାଧାରଣ ଥିଲେ । ସେ ତାଙ୍କର ଛାତ୍ରମାନଙ୍କ ଅସୁବିଧା ପ୍ରତି ବ୍ୟକ୍ତିଗତ ଭାବରେ ଦୃଷ୍ଟି ଦେଉଥିଲେ ।

ଆମେ କଲେଜରେ ପଢ଼ୁଥିବା ବେଳେ ବିଖ୍ୟାତ ଦେଶପ୍ରେମୀ ଖୁଦିରାମ ବୋଷ କଟକ ଆସି ମ୍ୟୁନିସିପାଲିଟି ପଡ଼ିଆରେ ଏକ ସାଧାରଣ ସଭାରେ ଭାଷଣ ଦେଇଥିଲେ । ମୁଁ ତାଙ୍କର ଭାଷଣ ଶୁଣିଥିଲି । ପରେ ପରେ 'ଉତ୍କଳ ସାହିତ୍ୟ'ର ଖ୍ୟାତନାମା ସମ୍ପାଦକ ଶ୍ରୀ ବିଶ୍ୱନାଥ କର ତାଙ୍କ ବାଲୁବଜାର ଘରକୁ ଶ୍ରୀ ବୋଷଙ୍କୁ ନିମନ୍ତ୍ରଣ କରିଥିଲେ ଓ ଆମେ କେତେକ ଛାତ୍ର ତାଙ୍କ ସହିତ ଆଲୋଚନା କରିବା ପାଇଁ ଯାଉଥିଲୁ । ତାଙ୍କର ଭାଷଣ ଓ ଆଲୋଚନାର ପ୍ରଭାବ ଆମ ଉପରେ ଖୁବ୍ ପଡ଼ୁଥିଲା ଓ ଆମର ଭବିଷ୍ୟତ ଜୀବନ ଗଠନରେ ସାହାଯ୍ୟ କରିଥିଲା ।

ଅନ୍ୟ ନେତାମାନଙ୍କ ମଧ୍ୟରେ ଶ୍ରୀ ବିପିନଚନ୍ଦ୍ର ପାଲ୍ କଟକ ଆସି ମ୍ୟୁନିସିପାଲିଟି ପଡ଼ିଆରେ ଏକ ଭାଷଣ ଦେଇଥିଲେ । ସେ କାଳରେ ମାଇକ୍ରୋଫୋନ ଜଣା ଶୁଣା ନ ଥିଲା । ଥିଲେ ମଧ୍ୟ ବିପିନଚନ୍ଦ୍ରଙ୍କର ତାହା ଦରକାର ପଡ଼ି ନ ଥାନ୍ତା । କାରଣ ସେ ଏପରି ବଡ଼ ପାଟିରେ କହି ପାରୁଥିଲେ ଯେ ଘାଏ ବାଟରୁ ତାହା ଶୁଣା ଯାଉଥିଲା ।

ଏକ ସମୟରେ ବିପିନଚନ୍ଦ୍ର ପାଲ୍ ପ୍ୟାରୀମୋହନ ଏକାଡେମୀର ହେଡ୍‌ମାଷ୍ଟର ଥିଲେ । ବହୁଦିନ ପରେ ଅନ୍ୟ ଏକ ସମ୍ପର୍କରେ ସେ ତାଙ୍କର ପୁରାତନ ସ୍କୁଲ ଦେଖିବାକୁ ଆସିଥିଲେ । ସେତେବେଳକୁ ମୁଁ ବିଲାତରୁ ଫେରି ଆସିଥାଏ । ସେ କଲିକତା ଫେରିଲାବେଳେ ଆମେ ଦୁଇଜଣ ଗୋଟିଏ ଡବାରେ ଥିଲୁ । ସେ ତାଙ୍କର କେତେକ ଅଭିଜ୍ଞତା ମୋତେ କହିଥିଲେ । ସେଥିରୁ ଗୋଟିଏ କଥା ମୋର ମନେଅଛି । ଥରେ ଜଣେ ଇଂରେଜ ଭଦ୍ରବ୍ୟକ୍ତିଙ୍କ ସହିତ ସେ ଏକତ୍ର ଯାଉଥିବା ବେଳେ ଭଦ୍ରବ୍ୟକ୍ତି ଜଣଙ୍କ ସେ ଜେଲ୍ ଯାଇଛନ୍ତି କି ବୋଲି ପଚାରିଲେ । ପାଲ୍ ଉତ୍ତର ଦେଇଥିଲେ, ହଁ

Digitized by srujanika@gmail.com

ସେ ଜେଲ ଯାଇଛନ୍ତି—ସେତେବେଳେ ଜେଲ ଶୃଙ୍ଖଳସ୍ଥ ପରି ନ ହୋଇ ପ୍ରକୃତ ଜେଲଖାନା ଥିଲା ।

## ସମସାମୟିକ ଛାତ୍ରବଂଧୁ

ରେଭେନ୍‌ସା କଲେଜରେ ଥିବାବେଳେ ମୁଁ ପୁରୁଣା ଛାତ୍ରାବାସରେ ଥିଲି । ଓଡ଼ିଶାର ସବୁ ଅଞ୍ଚଳରୁ ଛାତ୍ର ଏଠାରେ ରହୁଥିଲେ । ସେତେବେଳେ ଯେଉଁମାନେ ଛାତ୍ରାବାସରେ ଥିଲେ, ସେମାନଙ୍କ ମଧ୍ୟରୁ କେତେକ ପରଜୀବନରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ । କେତେକ ବିଖ୍ୟାତ ଲୋକଙ୍କର ନାମ ଏଠାରେ ଉଲ୍ଲେଖ କରାଯାଇପାରେ—ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଶ୍ରୀ କୃପାସିନ୍ଧୁ ମିଶ୍ର (ବିଖ୍ୟାତ ଲେଖକଗଣ) ଶ୍ରୀ ଗୋକୁଳାନନ୍ଦ ନାୟକ, ଶ୍ରୀ ବାଙ୍କନିଧି ପଟ୍ଟନାୟକ ( ଜଣାଶୁଣା ହେଡ୍‌ମାଷ୍ଟର ) ଓ ଶ୍ରୀ ହେମଚନ୍ଦ୍ର ଚୌଧୁରୀ । ମୟୂରଭଞ୍ଜରୁ ଜଣେ ଆଦିବାସୀ ଛାତ୍ର ଥିଲେ; ତାଙ୍କର ନାମ ଶ୍ରୀ ଚୈତନ୍ୟ ମାଝି । ମେସ ଚାକର ତାଙ୍କର ବାସନ ଧୋଇବାକୁ ଅନିଚ୍ଛୁକ ହେବାରୁ ସେ ତାଙ୍କ ରହିବା କୋଠରୀରେ ଖାଉଥିଲେ । ଏହା ୧୯୧୦, ୧୯୧୧ ସାଲ କଥା । କିନ୍ତୁ ୧୯୧୧ ମସିହାରେ ମୁଁ ବିଲାତରୁ ଫେରିବା ବେଳକୁ ମଧ୍ୟ ଏହି ଅବସ୍ଥା ଥିଲା । ଥରେ ଜଣେ ମୁସଲମାନ ବନ୍ଧୁ ମୋ ସହିତ ଆସି ଖାଇଲେ । ସେ ଗଲା ପରେ ଚାକର ( ଜାତିରେ ଭଣ୍ଡାରି ) ବାସନ ଧୋଇବା ପାଇଁ ମନାକଲା । ମୁଁ ସେତେବେଳେ ନିଜେ ଧୋଇବା ପାଇଁ ବାସନ ଗୋଟାଇଲି, ଚାକର ଅନୁତାପ କରି କହିଲା ଯେ, ଆପଣ ବାସନ ଧୋଇବାପାଇଁ ସେତେବେଳେ ପ୍ରସ୍ତୁତ ଅଛନ୍ତି, ମୋର ସେଥିରେ ଆଉ ଆପତ୍ତି କରିବାର କୌଣସି କାରଣ ନାହିଁ । ସେହିଦିନଠାରୁ ଆମ ଘରେ ଆଉ ସେପରି ଆପତ୍ତି କେବେ ଉଠି ନାହିଁ ।

କଲେଜରେ ମୋର ସମସାମୟିକ ଛାତ୍ରଙ୍କ ମଧ୍ୟରେ କେତେକଙ୍କ ନାମ ଉଲ୍ଲେଖ କରାଯାଇ ପାରେ—ଅଧ୍ୟାପକ ନାରାୟଣ ମିଶ୍ର ମୋ'ଠାରୁ ବର୍ଷେ ଉପରେ ପଢ଼ୁଥିଲେ, ଉତ୍ତର ପ୍ରଦେଶର ପୂର୍ବତନ ରାଜ୍ୟପାଳ ଶ୍ରୀ ବିଶ୍ୱନାଥ ଦାସ, ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ବଡ଼ ଭାଇ ଶ୍ରୀ ସୁରେଶଚନ୍ଦ୍ର ବୋଷ, ସ୍ୱାଧୀନତା ସଂଗ୍ରାମର ଜଣେ ବିଖ୍ୟାତ ଯୋଦ୍ଧା ଶ୍ରୀ ଶୈଳେନ୍ଦ୍ରନାଥ ବୋଷ, ହିନ୍ଦ୍ ସେବକ ସମାଜର ସଭ୍ୟ ଓ ସୁପରିଚିତ ସମାଜ ସେବୀ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ । ଏମାନଙ୍କ ମଧ୍ୟରୁ ସର୍ବଶ୍ରୀ ସୁରେଶଚନ୍ଦ୍ର ବୋଷ, ଶୈଳେନ୍ଦ୍ରନାଥ ବୋଷ ଓ ଲକ୍ଷ୍ମୀନାରାୟଣ ସାହୁ ମୋର ସହପାଠୀ ଥିଲେ ।

## ଉତ୍କଳ ସମ୍ମିଳନୀ

ବଙ୍ଗ ଭଙ୍ଗ ଓ ସ୍ୱଦେଶୀ ଆନ୍ଦୋଳନ ଯୋଗୁଁ ସେତେବେଳେ ରାଜନୈତିକ ବାତାବରଣ ଉତ୍ତେଜିତ ଥିଲା । କୋର୍ଟ କଚେରୀର ଭାଷା ଓଡ଼ିଆ ଉଠାଇ ଦେଇ ବଙ୍ଗଳା କରିବା ପାଇଁ ଯେଉଁ ଉଦ୍ୟମ ହୋଇଥିଲା, ତାହା ବ୍ୟର୍ଥ ହୋଇ ଯିବାରୁ

Digitized by srujanika@gmail.com

ପୂର୍ବ ଆନ୍ଦୋଳନର ପଣମ ହୋଇଯାଇଥିଲା । ଆମେ ସେତେବେଳେ ଶୁଣିଛୁ ଯେ, ବାଲେଶ୍ୱରର ରଜା ବୈକୁଣ୍ଠନାଥ ଦେଙ୍କ ସମେତ ଓଡ଼ିଶାର ବହୁ ବିଶିଷ୍ଟ ବଙ୍ଗାଳୀ ଅଧିବାସୀ ଏହି ଉଦ୍ୟମର ତୀବ୍ର ବିରୋଧ କରିଥିଲେ ।

ଉତ୍କଳ ସମ୍ମିଳନୀ ଗଠନ ପାଇଁ ସେତେବେଳେ ଉଦ୍ୟମ ଆରମ୍ଭ ହେଲା । ସେଥିପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ ମ୍ୟୁନିସିପାଲ୍‌ଟି ମଣ୍ଡଆରେ ଏ ସମ୍ପର୍କରେ ଆଲୋଚିତ ଏକ ସଭାରେ ଭାଷଣ ଦେଇଥିବା ମୋର ମନେ ଅଛି । ମଧୁବାବୁ ଓ ସୁରେନ୍ଦ୍ର ନାଥ ବାନାର୍ଜୀଙ୍କର ଓଡ଼ିଶାର ସ୍ୱାର୍ଥ ଘେନି ସେତେବେଳେ ମତଭେଦ ଦେଖାଯାଇଥିଲା ଓ ମଧୁବାବୁ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଏକ ସଙ୍ଗଠନର ଆବଶ୍ୟକତା ଅନୁଭବ କରୁଥିଲେ । ସେଥିରେ ସେ ସଫଳ ହୋଇ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା କରିଥିଲେ ।

୧୯୧୧ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ଚତୁର୍ଥସ୍ଥାନ ଅଧିକାର କରି ମୁଁ ଆଇ. ଏସ ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି । ପ୍ରଥମ ଶ୍ରେଣୀର ବୃତ୍ତି ମୋତେ ମିଳିଲା ନାହିଁ । କାରଣ ଆଇ. ଏସ୍ ସି. ରେ ପ୍ରଥମ ତିନିଜଣ ଓ ଆଇ. ଏ. ର ପ୍ରଥମ ସ୍ଥିରଜଣ ଛାତ୍ରଙ୍କୁ ଏହି ବୃତ୍ତି ମିଳୁଥିଲା । ମୁଁ ମାସକୁ କେବଳ ୨୦ ଟଙ୍କାର ବୃତ୍ତି ପାଇଲି । ଅଧିକ ପଢ଼ିବା ଏକ ପ୍ରଧାନ ସମସ୍ୟା ହେଲା । ରେଭେନ୍‌ସା କଲେଜରେ ବି. ଏସ୍, ସି. ଶ୍ରେଣୀ ନ ଥିଲା । ବି. ଏସ୍. ସି ପଢ଼ିବାକୁ ହେଲେ କଲିକତା ଯିବାକୁ ପଡ଼ୁଥିଲା । ସେତେବେଳେ କେଉଁଝରର ସରକାରୀ ଦେଓ୍ୱାନ ଶ୍ରୀ ବାସୁଦେବ କାନୁନଗୋ ( ଶ୍ରୀ ନିତ୍ୟାନନ୍ଦ କାନୁନଗୋଙ୍କର ଦାଦା ) ମୋତେ ସାହାଯ୍ୟ କଲେ । ମୁଁ ପୂର୍ବରୁ ଉଲ୍ଲେଖ କରିଛି ଯେ କଲିଜିଏଟ ସ୍କୁଲରେ ନାମ ଲେଖାଇବା ପରେ ମୁଁ କଟକରେ ଥିବା ତାଙ୍କ ବାସଗୃହର ବାହାର ଘରେ ରହି ପଢ଼ୁଥିଲି । ସେତେବେଳୁ ସେ ମୋତେ ଜାଣିଥିଲେ । ଏବେ ସେ ମୋତେ ମାସକୁ ୨୦ ଟଙ୍କା ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଲେ । ଏହିପରି ମୋର ମାସକୁ ୪୦ ଟଙ୍କା ହେଲା ।

## ପ୍ରେସିଡେନ୍‌ସି କଲେଜ

ମୁଁ କଲିକତା ଯାଇ ପ୍ରେସିଡେନ୍‌ସି କଲେଜରେ ନାମ ଲେଖାଇଲି ଓ ଇଡେନ ହିନ୍ଦୁ ହଷ୍ଟେଲରେ ରହିଲି । ପଢ଼ାପଢ଼ିର ଏହି ଆର୍ଥିକ ଦିଗ ସମ୍ପର୍କରେ ଆଉ ଏକ ଘଟଣା ଉଲ୍ଲେଖ କରିବି । ସେ ସମୟରେ ମୋହିନୀ ମୋହନ ଧର ମୟୂରଭଞ୍ଜର ଦେଓ୍ୱାନ ଥିଲେ । ତାଙ୍କ ପୁଅ ଶ୍ରୀ ଧୀରେନ୍ଦ୍ର ମୋହନ ଧର ୧୯୧୨ ମସିହାରେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇ ପ୍ରେସିଡେନ୍‌ସି କଲେଜରେ ଯୋଗ ଦେଲେ । ମୋହିନୀ ବାବୁ ତାଙ୍କ ପୁଅ ରହୁଥିବା କୋଠରୀରେ ୮ ଜଣ ଭଲ ଛାତ୍ର ରହିବା ପାଇଁ ଇଚ୍ଛା ପ୍ରକାଶ କଲେ । ମୁଁ ଏକ ନମ୍ବର ଓ୍ୱାର୍ଡ଼ରେ ରହୁଥିଲି । କାରଣ ସେଠାରେ କମ୍ ଭଡ଼ା ପଡ଼ୁଥିଲା । ମୁଁ ଚତୁର୍ଥ ନମ୍ବର ଓ୍ୱାର୍ଡ଼କୁ ଯିବାପାଇଁ ଶ୍ରୀ ଧର

Digitized by srujanika@gmail.com

ଇଚ୍ଛା ପ୍ରକାଶ କରି କହିଲେ ଯେ ସେ ମୋତେ ଅଧିକ ଖର୍ଚ୍ଚ ତୁଲାଇବା ପାଇଁ ମାସକୁ ଦଶଟଙ୍କା ସାହାଯ୍ୟ ଦେବେ । ମୁଁ ଏଥିରେ ରାଜି ହୋଇ ଧୀରେନ୍ଦ୍ର ମୋହନ ଯେଉଁ କୋଠରୀରେ ରହୁଥିଲେ, ସେଥିରେ ରହିଲି ।

ମୁଁ ଏହି ଅଧିକ ଦଶଟଙ୍କା ସାହାଯ୍ୟ ପାଇବା ପରେ ଶ୍ରୀ ବାସୁଦେବ କାନୁନ-ଗୋଙ୍କୁ ଲେଖିଲି, ସେ ତାଙ୍କ ସାହାଯ୍ୟ ଦଶଟଙ୍କାକୁ କମାଇ ଦିଅନ୍ତୁ । ମୋର ୪୦ ଟଙ୍କାରୁ ବେଶୀ ଟଙ୍କା ଦରକାର ପଡୁ ନ ଥିଲା । ମୁଁ ଜୋତା ପିନ୍ଧୁ ନ ଥିଲି । କେବଳ ଧୋତି, କୁର୍ତ୍ତା । ଆଉ କୌଣସି ଆମୋଦ, ପ୍ରମୋଦ ନ ଥିଲା । ସେତେବେଳେ ଦିନକୁ ଦୁଇଓଳି ଖାଇବା ପାଇଁ ମାସିକ ମେସଖର୍ଚ୍ଚ ଥିଲା ସାତଟଙ୍କା ଆଠ ଅଣା । ତେଣୁ ୪୦ ଟଙ୍କାରେ ଜଣେ ଚଳିବାରେ କିଛି ଅସୁବିଧା ହେଉ ନ ଥିଲା । ସ୍ନାତକୋତ୍ତର ଶ୍ରେଣୀରେ ମୁଁ ଆର୍ଥିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହୋଇଗଲି । ତାହା ମୁଁ ପରେ ଉଲ୍ଲେଖ କରିବି ।

ବାସୁବାବୁଙ୍କ ଋଣ ଆର୍ଥିକ ଦିଗରୁ ମୁଁ ପରିଶୋଧ କରି ଦେଇଥିଲି. ତାଙ୍କ ପୁଅର ପଢ଼ିବା ବେଳେ ସାହାଯ୍ୟ କରି । କିନ୍ତୁ ସେତେବେଳେ ମୋର ଅତି ଦରକାର ସମୟରେ ସେ ସାହାଯ୍ୟ କରି ଥିବାରୁ ତାଙ୍କର ବଦାନ୍ୟତା କେବେ ମୁଁ ପରିଶୋଧ କରି ପାରିବି ନାହିଁ ।

ଧର ପରିବାରଙ୍କ ସହିତ ମୋର ଭଲ ଭାବରେ ଜଣାଶୁଣା ହୋଇଗଲା । ଶ୍ରୀମତୀ ଧର ମାତୃତୁଲ୍ୟ ସ୍ନେହଶୀଳା ଥିଲେ । ମୁଁ ତାଙ୍କର ଭଦ୍ର ଓ ଦୟାଳୁ ସ୍ୱଭାବରେ ଏତେ ଅଭିଭୂତ ହୋଇ ପଡ଼ିଥିଲି ଯେ ମୋର ଗୋଟିଏ ଝିଅର ନାମ ତାଙ୍କ ନାମାନୁସାରେ ରଖିଥିଲି । ଧୀରେନ୍ ବାବୁ ବାରିଷ୍ଟର ଭାବରେ କଲିକତା ହାଇକୋର୍ଟରେ ତାଙ୍କର ଆଇନ୍ ବ୍ୟବସାୟ ଆରମ୍ଭ କରିଥିଲେ । ତାଙ୍କର ଭାଇ ଶ୍ରୀ ସତ୍ୟେନ୍ଦ୍ର ମୋହନ ଧର ଭାରତୀୟ ସିଭିଲ ସର୍ଭିସରେ ଯୋଗ ଦେଇ ଖୁବ୍ ସୁନାମ ଅର୍ଜନ କରିଥିଲେ । ଭଗବାନଙ୍କ କୃପାରୁ ସେ ଜୀବିତ ଅଛନ୍ତି । ଧୀରେନ୍ ବାବୁ ଆଉ ନାହାନ୍ତି ।

## କଲିକତା ଛାତ୍ର ଜୀବନ

କଲିକତାରେ ମୋର ଛାତ୍ର ଜୀବନ ସମ୍ପର୍କରେ ଉଲ୍ଲେଖ କରୁଛି । ମୁଁ ପ୍ରେସି-ଡେନ୍‌ସି କଲେଜରେ ନାମ ଲେଖାଇ ହିନ୍ଦୁ ହଷ୍ଟେଲରେ ରହିବା ସମୟରେ ଓଡ଼ିଶାରୁ ପ୍ରାୟ ୧୦।୧୨ ଜଣ ଛାତ୍ର ସେଠାରେ ରହୁଥିଲେ । ସର୍ବଶ୍ରୀ ନଳିନୀକାନ୍ତ ଘୋଷ (ପରବର୍ତ୍ତୀ କାଳରେ ଶାସନ ବିଭାଗରେ ଯୋଗ ଦେଇଥିଲେ), ଗୋପବନ୍ଧୁ ଚୌଧୁରୀ (ବିଖ୍ୟାତ ନେତା), ନାରାୟଣ ମିଶ୍ର (ଅଧ୍ୟାପକ), ହରିହର ଦାସ (ବିଖ୍ୟାତ ଶିକ୍ଷକ ଓ ଲେଖକ ଶ୍ରୀ କୃପାସିନ୍ଧୁ ମିଶ୍ରଙ୍କ ଭାଇ ଓ ପୁରୀର ଜଣେ ଆଡ଼ଭୋକେଟ), ପୁଣ୍ଡରୀକାକ୍ଷ ସେନ୍ (ଆଡ଼ଭୋକେଟ), ଗଜେନ୍ଦ୍ର ପ୍ରସାଦ ଦାସ (ପାଟଣା

Digitized by srujanika@gmail.com

ହାଇକୋର୍ଟର ବିଖ୍ୟାତ ଆଡ଼ଭୋକେଟ), ଶ୍ୟାମଚନ୍ଦ୍ର ତ୍ରିପାଠୀ (ଓଡ଼ିଶାର ଶିକ୍ଷା ବିଭାଗର ଡ଼ିରେକ୍ଟର), ବ୍ରଜମୋହନ ପଣ୍ଡା (ସମ୍ବଲପୁରର ଜଣେ ଖ୍ୟାତନାମା ସାଧାରଣ ସେବୀ), ଦେବେନ୍ଦ୍ରନାଥ ଗିରି (ବାଲେଶ୍ୱରର ଆଡ଼ଭୋକେଟ୍), ଭଙ୍ଗାରପୁରର ରାଧାଶ୍ୟାମ ଦାସ ଚୌଧୁରୀ ଓ ବାଲେଶ୍ୱରର ରମେଶଚନ୍ଦ୍ର ପ୍ରଧାନ । ପୁରୀର ଜଣାଶୁଣା ଘୋଷ ପରିବାରର ଜଣେ କେହି ଘୋଷ ସେତେବେଳେ ସେ ହଷ୍ଟେଲରେ ଥିଲେ । କିନ୍ତୁ ସେ ଓଡ଼ିଆ ଛାତ୍ରମାନଙ୍କଠାରୁ ଦୂରରେ ରହୁଥିଲେ । ନାରାୟଣ ମିଶ୍ର ଓ ଗୋପବନ୍ଧୁ ଚୌଧୁରୀ ଖୁବ୍ ଭଲ ଖେଳଓ୍ୱାଡ଼ ଥିଲେ ଓ ଖେଳାଳୀମାନଙ୍କ ମଧ୍ୟରେ ବେଶ ପ୍ରିୟ ହୋଇ ପାରିଥିଲେ । ବି. ଏସ. ସି. ଶ୍ରେଣୀମାନଙ୍କରେ ଶ୍ରୀ ରାଧାଶ୍ୟାମ ଦାସ ଚୌଧୁରୀ ଓ ମୁଁ ସହପାଠୀ ଥିଲୁ । ଅନ୍ୟମାନେ ଆମ ଉପରେ କିମ୍ବା ତଳେ ପଢ଼ୁଥିଲେ ।

ଘରଠାରୁ ଦୂରରେ ରହୁଥିବା ଯୋଗୁଁ ଆମେମାନେ ବାରଂବାର ଏକତ୍ର ମିଳିତ ହେଉଥିଲୁ । ଆମେ ଓଡ଼ିଆରେ ଏକ ହସ୍ତଲେଖା ପତ୍ରିକା ପ୍ରକାଶ କରି ହଷ୍ଟେଲ କମନ୍ ରୁମରେ ତାହା ରଖି ଦେଉଥିଲୁ । ମୁଁ ଏ ପତ୍ରିକାର ଦାୟିତ୍ୱରେ ଥିଲି । ଏହାର ନାମ ଥିଲା "ଆଶାଲତା" । ମୋର ମନେଅଛି, ଥରେ ଗୋଟିଏ ଘଟଣାରେ ବ୍ରହ୍ମପୁରର ଶଶିଭୂଷଣ ରଥ କଲିକତା ଆସି ଆମ ପାଖକୁ ଯାଇଥିଲେ ଓ ପତ୍ରିକା ବିଷୟ ଜାଣିଲେ । ସେଥିରେ ସେ ଏତେ ଉତ୍ସାହିତ ଅନୁଭବ କଲେ, ଯେ ଏହି ପତ୍ରିକାର ନାମକରଣ ଅନୁସାରେ ସେ ତାଙ୍କର ବିଖ୍ୟାତ ପତ୍ରିକା! 'ଆଶା'ର ନାମକରଣ ରଖିଥିବା କଥା ମୋତେ ଥରେ କଥା ପ୍ରସଙ୍ଗରେ କହିଥିଲେ । ଆମର ଏ ପତ୍ରିକାଟି ବେଶୀଦିନ ବଞ୍ଚି ପାରିଲା ନାହିଁ । ଯେତେବେଳେ ଏହା ବନ୍ଦ ହୋଇଗଲା, ସେତେବେଳେ ଶ୍ରୀ ନାରାୟଣ ମିଶ୍ର ଏହାର ଦାୟିତ୍ୱରେ ଥିଲେ । ସେ ସେତେବେଳ ପର୍ଯ୍ୟନ୍ତ ବାହାରିଥିବା ହାତଲେଖା ପତ୍ରିକା ସବୁ କମନ୍ ରୁମ୍‌କୁ ଉପହାର ସ୍ୱରୂପ ଦେଇ ଦେଇଥିଲେ । ବୋଧହୁଏ ସେଗୁଡ଼ିକ ଯଥା ସମୟରେ ଅନ୍ତର୍ହିତ ହୋଇଯାଇଥିବ ।

## ଇଡେ଼ନ ହିନ୍ଦୁ ହଷ୍ଟେଲ

ମୁଁ ପୂର୍ବରୁ ଉଲ୍ଲେଖ କରିଛି ଯେ, ଇଡେ଼ନ ହିନ୍ଦୁ ହଷ୍ଟେଲ କେତୋଟି ଓ୍ୱାର୍ଡ଼ରେ ବିଭକ୍ତ ହୋଇଥିଲା । ପରୀକ୍ଷାର୍ଥୀମାନଙ୍କ ପାଇଁ ପ୍ରତ୍ୟେକ ଓ୍ୱାର୍ଡ଼ରେ କେତୋଟି ଚଉକିଆ କୋଠରି ଥିଲା । ହଷ୍ଟେଲର ଅଧିକାଂଶ ଛାତ୍ର ବଙ୍ଗଳାର ଥିଲେ ମଧ୍ୟ ଓଡ଼ିଶା, ବିହାର ଓ ଆସାମର ମଧ୍ୟ କିଛି ଛାତ୍ର ଥିଲେ । ସରଭାନ୍‌ମୁଥୁ ନାମକ ସିଂହଳର ଜଣେ ଛାତ୍ର ଯେ କି ମୋର ସହପାଠୀ ଥିଲେ, ସେ ମଧ୍ୟ ଏ ହଷ୍ଟେଲରେ ରହୁଥିଲେ । କେବଳ ବିହାରୀମାନଙ୍କୁ ଛାଡ଼ିଦେଲେ ମେସ୍‌ରେ ସବୁଛାତ୍ର ଏକା ଟେବୁଲରେ ଖାଉଥିଲେ । ବିହାରୀମାନେ ନିରାମିଷାଶୀ ଥିବାରୁ ସେମାନେ ଅଲଗା ମେସ୍ କରିଥିଲେ । କିନ୍ତୁ ଅନ୍ୟମାନେ ଏକା ଟେବୁଲରେ ଖାଉଥିଲେ ମଧ୍ୟ ଖାଇବା

Digitized by srujanika@gmail.com

ଘର ଅଲଗା ଅଲଗା ଥିଲା । ବ୍ରାହ୍ମଣ, ବୈଶ୍ୟ, ନାମ ଶୂଦ୍ର ଓ ଅନ୍ୟମାନଙ୍କର ଭିନ୍ନ ଭିନ୍ନ ଖାଇବା ଘର ଥିଲା । ଆମ ସମୟରେ ବ୍ରାହ୍ମଣମାନଙ୍କ ଖାଇବା ଘରକୁ ଅନ୍ୟମାନେ ପଶିବା କଷ୍ଟକର ଥିଲେ ମଧ୍ୟ ବାକୀସବୁ ଖାଇବା ଘରକୁ ଯେ ଇଚ୍ଛା ସେ ଯାଇ ପାରୁଥିଲେ । ଦିନକୁ ଦୁଇଓଳି ଖାଇବା ପାଇଁ ମାସିକ ମେସ ଖର୍ଚ୍ଚ ଥିଲା ୭ ଟଙ୍କା ୫୦ ପଇସା । ହଷ୍ଟେଲ ହତା ଭିତରେ ଲାଇସେନସ ପାଇଥିବା ଜଣେ ଦୋକାନୀଙ୍କର ମିଷ୍ଟାନ୍ନ ଦୋକାନ ଥିଲା । ମେସ୍‌ର ପ୍ରଧାନ ପୂଜାରୀ ନାରାୟଣ ଓ ମିଠେଇ ଦୋକାନୀ ବନମାଳୀଙ୍କୁ ଭୁଲିବାର ନୁହେଁ । ମିଲ ଓ ଜଳଖିଆ ଖାଇବା ସମୟରେ ସବୁ ଓ୍ୟାଡ଼ରୁ ଓ ସବୁ ଖାଇବା ଘରୁ ସେମାନଙ୍କ ନାମ ଡକା ପଡ଼ୁଥିଲା ।

ହଷ୍ଟେଲ ସହବାସୀ ମାନଙ୍କ ମଧ୍ୟରୁ ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ପରବର୍ତ୍ତୀ କାଳରେ ସୁନାମ ଅର୍ଜନ କରିଥିଲେ, ସେମାନେ ହେଲେ-ଏଲାହାବାଦର ବିଖ୍ୟାତ ରସାୟନଶାସ୍ତ୍ରବିତ ଅଧ୍ୟାପକ ନୀଳରତନ ଧର । ପଦାର୍ଥ ବିଜ୍ଞାନରେ ବିଶେଷଜ୍ଞ ଅଧ୍ୟାପକ ମେଘନାଦ ସାହା, ବାଙ୍ଗାଲୋର ଇନଷ୍ଟିଚ୍ୟୁଟ୍ ଓ ଖଡ଼ଗପୁର ଆଇ. ଆଇ. ଟିର ଅଧ୍ୟକ୍ଷ ରସାୟନ ଶାସ୍ତ୍ରବିତ୍ ଅଧ୍ୟାପକ ଜ୍ଞାନଚନ୍ଦ୍ର ଘୋଷ, ଇଣ୍ଡିଆନ ଏଗ୍ରିକଲ୍‌ଚରାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ଅନ୍ୟତମ ରସାୟନ ଶାସ୍ତ୍ରବିତ ଡକ୍ଟର ଜ୍ଞାନେନ୍ଦ୍ରନାଥ ମୁଖାର୍ଜୀ, କଲିକତା ବିଶ୍ୱବିଦ୍ୟାଳୟର ଗଣିତ ଅଧ୍ୟାପକ ଡକ୍ଟର ନିଖିଳରଞ୍ଜନ ସେନ୍, ସ୍ୱାଧୀନତା ସଂଗ୍ରାମର ବିଖ୍ୟାତ ଯୋଦ୍ଧା ଶ୍ରୀ ଅନଙ୍ଗମୋହନ ଦାସ, ରାଜନୈତିକ ନେତା ଡକ୍ଟର ଏସ୍ ପି. ଘୋଷ, ପାଟଣା କଲେଜରେ ପଦାର୍ଥବିଜ୍ଞାନ ଅଧ୍ୟାପକ ଶ୍ରୀ କାମତା ପ୍ରସାଦ, ଆସାମର ବିଖ୍ୟାତ ଐତିହାସିକ ଓ ଶିକ୍ଷାବିତ୍ ଡକ୍ଟର ସୂର୍ଯ୍ୟକୁମାର ଭୂୟାଁ, ସିଲ୍‌ହଟର ଶିକ୍ଷାବିତ୍ ଶ୍ରୀ ଶଶୀଭୂଷଣ ଚକ୍ରବର୍ତ୍ତୀ, ଭୂତତ୍ତ୍ୱବିତ୍ ଡକ୍ଟର ବିରଜାଶଙ୍କର ଗୁପ୍ତ । ଓଡ଼ିଶାରୁ ଯେଉଁମାନଙ୍କ ନାମ ଉଲ୍ଲେଖ କରିଛି, ସେମାନଙ୍କ ଛଡ଼ା ଏହି କେତେକଙ୍କର ନାମ ମୋର ମନେ ପଡ଼ୁଛି । ବାରିପଦା ହାଇସ୍କୁଲରୁ ଏନଟ୍ରାନ୍‌ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଶ୍ରୀ ରବୀନ୍ଦ୍ରନାଥ ବାନାର୍ଜୀଙ୍କର ନାମ ଉଲ୍ଲେଖ ଯୋଗ୍ୟ । ସେ ଇଡ଼େନ ହିନ୍ଦୁ ହଷ୍ଟେଲକୁ ତାଙ୍କର ବନ୍ଧୁମାନଙ୍କ ସନ୍ଧାନ ନେବାକୁ ବାରଂବାର ଯାଉଥିଲେ । ପରବର୍ତ୍ତୀକାଳରେ ସେ ଆଇ. ସି. ଏସ୍. ହୋଇ ଜଣେ ବିଖ୍ୟାତ ଶାସକ ଓ ୟୁନିଅନ୍ ପବ୍‌ଲିକ ସର୍ଭିସ୍ କମିସନର ଚେୟାରମାନ ହୋଇଥିଲେ । ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଇଡ଼େନ ହିନ୍ଦୁ ହଷ୍ଟେଲରେ ଛାତ୍ରଭାବରେ ରହୁଥିଲେ । କିନ୍ତୁ ମୁଁ ଗଲା-ବେଳକୁ ସେ ନଥିଲେ । ସେତେବେଳେ ସେ କଲିକତା ହାଇକୋର୍ଟରେ ଓକିଲାତି କରୁ-ଥିଲେ । କିନ୍ତୁ ହଷ୍ଟେଲର ବାର୍ଷିକ ମିଳନ ଉତ୍ସବରେ ଜଣେ ପୁରାତନ ଛାତ୍ର ଭାବରେ ସେ ବରାବର ଯୋଗ ଦେଉଥିଲେ ।

Digitized by srujanika@gmail.com

## ସରସ୍ୱତୀ ପୂଜା ପ୍ରତି ଅଶ୍ରଦ୍ଧା

ହଷ୍ଟେଲରେ ଜୀବନ ଅତ୍ୟନ୍ତ ବନ୍ଧୁତା-ପୂର୍ଣ୍ଣ ଓ ସହଯୋଗମୂଳକ ଥିଲା । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଓଡ଼ିଶା ଓ ଆସାମ ଅପେକ୍ଷା ବଙ୍ଗଳା ବହୁତ ଆଗରେ ଥିଲା । ସେ ଦୃଷ୍ଟିରୁ ବଙ୍ଗାଳୀମାନଙ୍କ ମଧ୍ୟରେ ଟିକିଏ ହାମବଡ଼ା ଭାବ ପ୍ରକାଶ ପାଇବା ସ୍ୱାଭାବିକ ଥିଲା । କିନ୍ତୁ ହଷ୍ଟେଲରେ ତାହା ନ ଥିଲା । ବର୍ଷରେ ଦୁଇଟି ଦିନ ହଷ୍ଟେଲର ସମସ୍ତେ ଏକାଠି ହେଉଥିଲେ । ତାହା ହେଉଛି ବାର୍ଷିକ ଦିବସ ଓ ସରସ୍ୱତୀ ପୂଜା । ବାର୍ଷିକ ଦିବସରେ ନାଟକ ଅଭିନୟ ହେଉଥିଲା ଓ ବାହାରୁ ପ୍ରତିଷ୍ଠାବାନ ଲୋକେ ଆସି ଭାଷଣ ଦେଉଥିଲେ । ଏଠାରେ ମୁଁ କହୁରଖେଁ ଯେ ଇଡେନ ହିନ୍ଦୁ ହଷ୍ଟେଲରୁ ମୁଁ ସରସ୍ୱତୀ ପୂଜା ପାଳନ କରିବା ଛାଡ଼ି ଦେଲି । ତାର କାରଣ ହେଉଛି କବି ରାଧାନାଥ ଗାଇଥିଲେ ଯେ ଦେବୀ ସରସ୍ୱତୀ ଓଡ଼ିଶାବାସୀଙ୍କ ପ୍ରତି ନିର୍ଦ୍ଦୟ ଥିଲେ —

ଦେବୀ ବୀଣାପାଣି କେଉଁ ପାପ ଫଳେ
କରୁଣା ତୋହର ଊଣା ଏ ଉତ୍କଳେ ।

ମୋର ଯୁକ୍ତି ହେଉଛି ଯୁଗ ଯୁଗ ଧରି ସରସ୍ୱତୀଙ୍କୁ ପୂଜା କରି କବିଙ୍କ ଭାଷାରେ ଯଦି ଏଇଆ ହେଲା ଆମର ଅବସ୍ଥା, ତା'ହେଲେ ଏ ପୂଜା କରି କି ଲାଭ ? ପରେ ଯେତେବେଳେ ମୁଁ ଜାଣିଲି ଯେ ସାହିତ୍ୟ ଦର୍ପଣକାର ବିଶ୍ୱନାଥ କବିରାଜ ଓ ଗୀତ ଗୋବିନ୍ଦର କବି ଜୟଦେବ ସଂସ୍କୃତ ସାହିତ୍ୟକୁ ଅମୂଲ୍ୟ ଦାନ କରି ଯାଇଛନ୍ତି । ମୁଁ ଅନୁଭବ କଲି, ପ୍ରକୃତରେ ସରସ୍ୱତୀଙ୍କର କରୁଣା ଉତ୍କଳ ପ୍ରତି ଊଣା ନୁହେଁ । କିନ୍ତୁ, ମୁଁ ଯେଉଁ ସିଦ୍ଧାନ୍ତ ଗ୍ରହଣ କରିଥିଲି, ସେଥିରେ ଆଉ ପରିବର୍ତ୍ତନ ହେଲା ନାହିଁ ।

## ଓଡ଼ିଆଙ୍କ କର୍ତ୍ତବ୍ୟ ନିଷ୍ଠା

ମୁଁ ଆଗରୁ କହିଛି, ହଷ୍ଟେଲର ବାତାବରଣ ବନ୍ଧୁତ୍ୱପୂର୍ଣ୍ଣ ଥିଲା । କିନ୍ତୁ ହଷ୍ଟେଲ ବାହାରେ ହାମବଡ଼ା ମନୋଭାବ ପ୍ରକାଶ ପାଉଥିଲା । ସେ ସମୟରେ 'ନାୟକ' ନାମରେ ଏକ ବଙ୍ଗଳା ଦୈନିକ ଥିଲା । ଏହି ପତ୍ରିକାରେ ଥରେ ଏକ ଗଳ୍ପ ପ୍ରକାଶ ପାଇଥିଲା । ଗଳ୍ପରେ ବର୍ଷା କରୁଛନ୍ତି, ନାରଦ ଅଜାଙ୍କୁ ପଚାରୁଛି, 'ଅଜା' ସ୍ୱର୍ଗରେ କ'ଣ କେହି ଓଡ଼ିଆ ନାହାନ୍ତି ? ଅଜା ଏ ପ୍ରଶ୍ନ ପଚାରିବାର ଉଦ୍ଦେଶ୍ୟ କ'ଣ ବୋଲି ଜାଣିବାକୁ ଇଚ୍ଛା କରିବାରୁ ନାରଦ କହୁଛି, "ସ୍ୱର୍ଗର ପାଇପ ଫାଟି ଫଣା ହୋଇ ଯାଇଥିବାରୁ ଏମିତି ବର୍ଷା ହେଉଛି । ଓଡ଼ିଆ ଥିଲେ ସେମାନେ ମରାମତି କରି ସାରିଥାଆନ୍ତେ ।" ଏହି ଗଳ୍ପ ଓଡ଼ିଆ-ମାନଙ୍କର ନିନ୍ଦା ବା ପ୍ରଶଂସା ଯେ କୌଣସି ଦୃଷ୍ଟିରୁ ଗ୍ରହଣ କରାଯାଇ ପାରେ । କଲିକତାରେ ଅଧିକାଂଶ ପାଣିବାଲା ଥିଲେ ଓଡ଼ିଆ । ଅନ୍ୟ ଏକ ଘଟଣାରେ "ନାୟକ" ଉତ୍କଳଗୌରବ ମଧୁସୂଦନଙ୍କୁ, 'ମଧୁଉଡ଼େ' ନାମ ଦେଇଥିଲା ।

ଯାହା ହେଉ, କାରିଗରି ଭାବରେ ଓଡ଼ିଆମାନେ ଶିଳ୍ପ କୌଶଳ ଦେଖାଇ ଭାରତରେ ସର୍ବତ୍ର ସୁପରିଚିତ ହୋଇଥିଲେ ।

Digitized by srujanika@gmail.com

ମୁଁ ଆଗ୍ରା, ମଥୁରା ଓ ଭାରତର ଅନ୍ୟ ବହୁ ସ୍ଥାନରେ ଓଡ଼ିଆ କାରିଗରମାନଙ୍କୁ ଦେଖିଛି । ନିଷ୍ଠାପର ଭାବରେ କାମକରି ଓଡ଼ିଆମାନେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରୁଥିଲେ । ଏପରିକି ଜଣେ ସାମାନ୍ୟ ଓଡ଼ିଆ ଯୁବକର କପରି ତାର ନିଷ୍ଠା ଫଳରେ ତା'ର ଜନ୍ମଭୂମିର ସମ୍ମାନ ବଢ଼ାଇ ଥିଲା ସେ ସମ୍ପର୍କରେ ଏକ କାହାଣୀ ମୁଁ ଏଠାରେ ଉଲ୍ଲେଖ କରିପାରେ । ମୁଁ କାମ୍ବ୍ରିଜରେ ଥିବାବେଳେ ଦିନେ ସେଠାରେ ଏକ ପ୍ରଧାନ ରାସ୍ତାରେ ମୁଁ ବୁଲି ବାହାରିଛି, ଜଣେ ବୟସ୍କ ଇଂରେଜ ଭଦ୍ରଲୋକ ମୋତେ ଅଟକାଇ ପଚାରିଲେ, "ଆପଣ କେଉଁଠୁ ଆସିଛନ୍ତି"? ମୁଁ କହିଲି, "ଓଡ଼ିଶାରୁ ।" ସେ ଖୁବ ଖୁସିହୋଇ ମୋର କର ମର୍ଦ୍ଦନ କରି କହିଲେ, "ମୁଁ ଆଜ କେତେ ଆନନ୍ଦିତ ଯେ ମୋର ପୁରାତନ ବେହେରା ସପନର ଦେଶରୁ ଜଣେ ଯୁବକ ସଙ୍ଗେ ଦେଖା ହେଲା । ସପନ ମୋର ବିଶ୍ୱସ୍ତ ବେହେରା ଥିଲା ଏବଂ ମୋର ପିଲାଙ୍କୁ ବଡ଼ ହେପାଜତ କରୁଥିଲା । ତାଙ୍କ ଘରେ ଚା ଖାଇବା ପାଇଁ ସେ ମୋତେ ନିମନ୍ତ୍ରଣ କଲେ । ମୁଁ ଜାଣିଲି ଯେ ସେ ଜଣେ ଅବସରପ୍ରାପ୍ତ ଆଇ. ସି. ଏସ୍ ଅଫିସର । ଏବେ କାମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଅଛନ୍ତି । ମୁଁ ତାଙ୍କର ନାମ ଓ ସପନର ଗାଁ ନାଁ ମଧ୍ୟ ଭୁଲି ଯାଇଛି । କିନ୍ତୁ ଏହି ଘଟଣାର ଶିକ୍ଷାହେଉଛି ଲୋକ ଯେକୌଣସି କାର୍ଯ୍ୟରେ ଥାଉନା କାହିଁକି କର୍ତ୍ତବ୍ୟ ନିଷ୍ଠାଦ୍ୱାରା ସେ ତାର ମାତୃଭୂମିର ସୁନାମ ବଢ଼ାଇ ପାରେ ।






Digitized by srujanika@gmail.com

# ଗ୍ଲାଡ଼ିସ୍

— ଡକ୍ଟର କୁଞ୍ଜବିହାରୀ ଦାଶ

ଆମ ମୋଟେଲରୁ ତିରିଶ ମାଇଲ ଦୂରରେ ତାଙ୍କର ଘର, ସେ ଆମକୁ ଡିନର୍‌କୁ ନିମନ୍ତ୍ରଣ କରିଛନ୍ତି, ଆଳୁବିକା ସଙ୍ଗେ ମହାଦେବ ଦେଖା—ସେହିପରି ଭୋଜନ ସଙ୍ଗେ ଆମର ସଲ୍‌ଟଲେକ ଦେଖାହେବ – ଏହି କଳ୍ପନାରେ ଆମେ ବାହାରିଲୁ । ଯେଉଁଠି ଗାଡ଼ି ଘଣ୍ଟାକେ ଷାଠିଏ ସତୁରି ମାଇଲ ଗତିରେ ଯାଏ, ସେଠି ତିରିଶ ମାଇଲ ଦୂରରେ ନିମନ୍ତ୍ରଣ ରକ୍ଷା ଏକ ସାଧାରଣ କଥା । ମିସ୍ ଗ୍ଲାଡ଼ିସ୍ ସେଣ୍ଟଲୁଇସ୍‌ରେ ଉଦୟର ଡାକ୍ତରି ଅଫିସରେ ନର୍ସ ଥିଲେ, ଅପରେସନ ବେଳେ ପାଖେ ପାଖେ ରହନ୍ତି, ଅସ୍ତ୍ର ବଢ଼ାନ୍ତି, ବ୍ୟାଣ୍ଡେଜ ବାନ୍ଧନ୍ତି ବା ଖୋଲନ୍ତି, ସେତେବେଳେ ସେଣ୍ଟଲୁଇସ୍‌ରେ "ଜେଟ୍ ଓ୍ୱାଇଲର" ଇଞ୍ଜିନିୟରିଂ ପଢ଼ୁଥିଲେ, ଆର୍ଥିକ ଅବସ୍ଥା ଶୋଚନୀୟ । ଅର୍ଥାଭାବରୁ, ସେ ପଢ଼ା ଛାଡ଼ିଦେବାକୁ ବସିଥିଲେ । ଏତିକିବେଳେ ମିସ୍‌ଙ୍କ ସହିତ ତାଙ୍କର ସାକ୍ଷାତ—ପ୍ରଥମ ଦୃଷ୍ଟିରେ ପ୍ରେମ; ଦ୍ୱିତୀୟ ଦୃଷ୍ଟିରେ ତାହା ବଢ଼ିବାକୁ ଲାଗିଲା, ବଢ଼ିଚାଲିଲା । ମିସ୍ ନିଜ ଅର୍ଜନରେ ଓ୍ୱାଇଲରଙ୍କୁ ପଢ଼ାଇବାକୁ ଲାଗିଲେ । ଇଞ୍ଜିନିୟର ହେଲାପରେ ଓ୍ୱାଇଲର୍ ତାଙ୍କ ପ୍ରଣୟିନୀକୁ ବିଭା ହେଲେ । ଏବେ ଚାକିରି ଛାଡ଼ି ସେ ହୋଇଛନ୍ତି ଗୃହିଣୀ, ରୋଗୀ ସେବା ଛାଡ଼ି ସ୍ୱାମୀ ସେବା କରୁଛନ୍ତି ସଲ୍‌ଟଲେକ୍ ସହରରେ ।

ବାଟରେ ଗୋଟିଏ ଲେଭଲକ୍ରସିଂ, ଟ୍ରେନ୍ ଆସିବାର ଦୁଇ ମିନିଟ ଆଗରୁ ମନକୁ ମନ ଦୁଇପଟେ ଲାଲ ଆଲୋକଯୁକ୍ତ ଧାରଣା ପଡ଼ିଲା; ଗାଡ଼ି ଚାଲିଯିବା ପରେ ଆପେ ଆପେ ଖୋଲିଗଲା । ଏ ଦୃଶ୍ୟ ଦେଖି ମୋ ଆଖିରେ ଆଉ ଗୋଟିଏ ଦୃଶ୍ୟ ମୁହୂର୍ତ୍ତେ ନାଚିଗଲା—କଟକ ମାଲଗୋଦାମ ଲେଭଲକ୍ରସିଂ ।

ସୂର୍ଯ୍ୟ ମୁହଁକୁ ପଡ଼ୁଥାଆନ୍ତି, ମରୁଭୂମିର ସୂର୍ଯ୍ୟ, ଅପ୍ରୀତିକର; ବାଁ ପଟେ ଆମର ମୃତ

---

ଲେଖକଙ୍କ 'ଆମେରିକାରୁ ଇଉରୋପ ଆଫ୍ରିକା' ପୁସ୍ତକର ଯନ୍ତ୍ରସ୍ଥ । ଉଦୟ ଓ ଇରା ଲେଖକଙ୍କ ପୁଅ ଓ ପୁଅ ବୋହୂ ।

Digitized by srujanika@gmail.com

ଚ୍ଛନ, କେଉଁଠି କପର ବୃଦାଏ ବୃଦାଏ ସେଜ୍‌ବ୍ରସ । ବାଲି ଉପରେ ଲବଣ ବସି ଯାଇଛି, ଯନ୍ତ୍ର ସାହାଯ୍ୟରେ ଆମଦାନୀ କରାଯାଉଛି । ପ୍ରାନ୍ତରକୁ ଲୁଣିପାଣି ବୋଦ୍ଧ କମ୍ପ୍ ହ୍ରଦର ତୀରବର୍ତ୍ତୀ ଜମିରେ ବନ୍ଧ ବାନ୍ଧି ଖରାରେ ପାଣି ଶୁଖିଗଲେ ଲବଣ ଆଦାୟ କରାଯାଏ । ସଲ୍‌ଟଲେକ୍ ବ୍ରାଟ, ଏହାର ଦୀର୍ଘତା ୭୫ ମାଇଲ, ପ୍ରସାର ୩୫ ମାଇଲ, ଗଭୀରତା ୨୦ ରୁ ୫୦ ଫୁଟ । ପୃଥିବୀରେ 'ଡେଡ଼ସି'ର ଜଳ ସବୁଠାରୁ ଲବଣାକ୍ତ । ଲବଣତାରେ 'ସଲ୍‌ଟଲେକ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଅଛି । ଏହାର ଜଳରେ ଶତକରା ୨୭ ଭାଗ ଲବଣ ଅଛି । ବନ୍ଦଣି ପଡ଼ିପାରେ ନାହିଁ । କାରଣ ସୂତା ବୁଡ଼େ ନାହିଁ । ମତ୍ତୀସ ଜଳତରଙ୍ଗରେ ଶୋଇରହିବା ଦୃଶ୍ୟ ଅଦ୍ଭୁତ । ସୋଲ ପରି ସେ ଲୋକେ ଡୁବେଇଲେ ପୁଣି ଉପରକୁ ଉଠିଆସେ । ଏଥିରେ ବ୍ରେଟ ବ୍ରେଟ ଚିଙ୍ଗୁଡ଼ି ଛଡ଼ା ଅନ୍ୟ କୌଣସି ମାଛ ରହି ପାରନ୍ତି ନାହିଁ ।

'ରକି' ପର୍ବତର ଧାରେ ଧାରେ କାରଖାନା ବସିଛି, ଧୂଆଁ ଉଠୁଛି, ଧୂସର ଚ୍ଛଣାନ ଗିରି ଗୈରିକ ହୋଇଉଠିଛି ସନ୍ଧ୍ୟା-ରାଗରେ । ସ୍ୱର୍ଣ୍ଣାଭ ହ୍ରଦରେ ସ୍ୱପ୍ନ ମୂର୍ଚ୍ଛିତ ହୋଇ ପଡ଼ୁଛି । ଗୋଟିଏ ପଲକ ପକାଇ ଦୃଷ୍ଟି ଫେରାଇଲୁ । ତେଣିକି ରାସ୍ତା ନାହିଁ । ପଥହରା ହେଲୁ ଆମେ ଅପନ୍ତର ମରୁଭୂମିରେ । ଉଦରରେ କ୍ଷୁଧା, ଦନଯାକର ବାଧା ତାକୁ ଶାଣିତ କରିବାକୁ ଲାଗିଲା, ଯେତେବେଳେ ଜାଣି ପାରିଲୁ ନିଜର ଅବସ୍ଥା । କ୍ଲାନ୍ତ ଦୃଷ୍ଟି ପଥରୁ ସନ୍ଧ୍ୟା ଅପସୃତ ଗଲା ।

ଅଧଘଣ୍ଟା ବୁଲିଲା ପରେ ଠିକ ବାଟରେ ପହଞ୍ଚିଲୁ, ସଲ୍‌ଟଲେକ୍ କୂଳେ । ଯେତେବେଳକୁ ସନ୍ଧ୍ୟା 'ରକି' ଉପରକୁ ଉଠିଥାଏ; ଜଣେ ସଚେତନ ଶିଳ୍ପୀ ପରି ଦୂରଦୃଷ୍ଟି ପକାଇ ଦେଖୁଥାଏ, ହ୍ରଦ ଉପରେ କେଉଁଠି ତୁଳୀ ଗଭୀରଭାବରେ ବୁଲାଇବ, କେଉଁଠି ଲଘୁଭାବେ, କେଉଁଠି କେଉଁ ରଙ୍ଗର ମାଡ଼ କେତେ ହେବ ।

ମୋ ଦୃଷ୍ଟି ସେ ଦୃଶ୍ୟକୁ ନ ପାଉଥିଲେ ବି ମୁଁ ଲମ୍ବାଉଥିଲି, ଏ କ୍ଷଣର ଛବିକୁ ପର୍ଣ୍ଣାଙ୍ଗଭାବେ ମନରେ ନ ଆଙ୍କିଲେ ଅପରାଧ ହେବ ବୋଲି ।

ଗ୍ଲାଡ଼ସ୍ କାନ୍ଥରେ ଅଙ୍ଗୁର ସଜାଇଛି — ଲାଲକଳା ସାଗୁଆ ରଙ୍ଗର ପ୍ଲାଷ୍ଟିକ୍ ଅଙ୍ଗୁର କେତୋଟି ଛବି ଟାଙ୍ଗିଛି-ଈଗଲ୍, ଟର୍କିସ୍, ଫେଜାଣ୍ଟ, ଶୁଆ, କାର୍ଡ଼ିନେଲ ପକ୍ଷୀର ଛବି, ତା'ନିଜର ଅଙ୍କନ । ଗୋଟିଏ ଦରଜାରେ ମକ୍‌କାର ଚାମର ଝୁଲାଇଛି । ଗୋଟିଏ ବୋତଲରେ 'ପେନ' ଭର୍ତ୍ତି ହୋଇ ରହିଛି, ଏ ତାହାର ଗୋଟିଏ ଦୁଲ୍ଲଭଅଧ୍ୟ ଯୋଜନା । ଗାଉଁଲି ସରା-ଗାତରେ ପଇସାଏ ଲେଖାଁଏ ଗଳାଇଲା ପରି ସେ ପକାଇ ଗ୍ଲାଇଛି ।

ଘର ପଛଆଡ଼େ ଗୋଟିଏ ଛୋଟ ବଗିଚା ତେନାଏ ପଡ଼ିଆରେ ଫୁଲାଏ ସବୁଜ, ନୀଳରଙ୍ଗର ପେଟୋନିଆଁ ଫୁଟିଛି, ଗୋଟିଏ ଗଛରେ ନବ ହୋଇଛି ପିଚ୍

Digitized by srujanika@gmail.com

ଫଳ, ଦୂରରୁ ଆପେଲ୍ ପରି ଦିଶେ; ଆଉ ଗୋଟିଏ ଗଛ ତେଇ ଫଳଭରା; ଟମାଟୋ, ବୀଟ୍, ଗାଜର୍ କେତେ ଫସଲ ହୋଇଛି। ପିମ୍ପର୍ କେତୋଟି ଫଳିଛି, ଆମ ଆଡ଼ର ବଣି ଲଙ୍କାପରି ଦିଶେ, ରାଗ ନାହିଁ। ସାଲଡ ସଙ୍ଗେ ଖିଆଯାଏ।

ବଗିଚା ସୀମାରେ ଉଚ୍ଚ ପାହାଡ଼ ମୂଳର ବାଲି ଗିରଡ଼ା ପକାଯାଇଛି-ନିୟୁତ ବର୍ଷ ତଳେ ଏଠି ଗୋଟିଏ ହ୍ରଦ ଥିଲା, ଭୂତତ୍ତ୍ୱବିଦ୍‌ମାନେ କହନ୍ତି। ଏବେ ଜଳ ନାହିଁ। କେବଳ ବର୍ତ୍ତୁଳ ଉପଲମୟ ଶଯ୍ୟା ସେହି ମୃତ ହ୍ରଦର ସ୍ମୃତି ପେନ ପଡ଼ି ରହିଛି।

ଗ୍ଲାଡ଼ିସ୍‌ର ତିନୋଟି ପିଲା। ବଡ଼ ଝିଅର ନାଁ ଲେସ୍ଲୀ, ସାନଝିଅର ନାଁ ଯୋଆନ୍; ଯୋଡ଼ିଆ ପୁଅ—ନାଁ ଜର୍ଜ, ଜଣେ ସ୍ପାନିସ୍ ଠାରୁ ପୁଅ କରି ଆଣିଛି—ସେ ଜୋଷିବ ନାହିଁ, ପୋଷିବ ନାହିଁ; ପୁଅ ବିନା ଏ ସଂସାରରେ କଣ ଅଚଳ ହେଉଥିଲା? ଗ୍ଲାଡ଼ିସ୍ କାହିଁକି ପୁଅଟିଏ କଲା? ଏତେ ଆଧୁନିକା ହେଲେ ବି ଏ ଦେଶର ନାରୀ ସେହି ପାରମ୍ପରିକ ଦୁର୍ବଳତା ଦୂର କରି ପାରିନାହିଁ। ଝିଅରେ ସେ ତୃପ୍ତା ନୁହେଁ, ପୁଅ ଲୋଡ଼ା, ଟିକିଏ ଅଧିକ ଗେହ୍ଲା ହୁଏ ସେ, ଅଧିକ ଅମାନିଆଁ।

ଜର୍ଜକୁ ପଚାରିଲି ତା'ର ପଢ଼ାକଥା। ସେ କହିଲା — ଆମ ହାଇସ୍କୁଲରେ ମାଷ୍ଟର ମାଷ୍ଟରାଣୀ ଉଭୟ ଅଛନ୍ତି। ମାଷ୍ଟରାଣୀଙ୍କ ପଢ଼ାକୁ ସେ ପସନ୍ଦ କରେ ନାହିଁ। କାହିଁକି, ସେ ବୁଝାଇ ପାରିଲା ନାହିଁ, ଓଲଟି ପଚାରିଲା—

'ତୁମେ କାହା ପଢ଼ାକୁ ପସନ୍ଦ କର'?

'ମୁଁ ମାଷ୍ଟରାଣୀଙ୍କ ପାଖେ ପଢ଼ିନାହିଁ, କହି ପାରିବି ନାହିଁ'।

'ତୁମେ କି ଖେଳ ସବୁ ଖେଳ'?

'ଆମେ ଖେଳ; କିପରି ଆକ୍ରମଣ କରିବାକୁ ହେବ, ପୁଣି ଶତ୍ରୁ ଆକ୍ରମଣ କଲେ ଆତ୍ମ-ରକ୍ଷା କରିବାକୁ ହେବ. ସେ ସମ୍ପର୍କରେ ଗୋଟାଏ ସ୍ଥୂଳ ଧାରଣା ଜର୍ଜ ମୋତେ ଦେଲା। ମୂଳରୁ ଏମାନେ ସାହସୀ, ନିର୍ଭୀକ ହେବାର ପ୍ରେରଣା ପାଇଆନ୍ତି। ତେଣୁ ଯୁଦ୍ଧ ନାମରେ ଆତଙ୍କ ସୃଷ୍ଟି ହୁଏ ନାହିଁ।

ମୁଁ ଶିକ୍ଷକ, ଅତଏବ ମନୋବିଜ୍ଞାନବିତ୍ତ୍ୱ ହୋଇଥିବି—ଏଇ ଧାରଣାରେ ଗ୍ଲାଡ଼ିସ୍ ପିଲାଙ୍କ ପଢ଼ା ଓ ବିନୋଦନ ସମ୍ପର୍କରେ ମୋତେ ନାନା ପ୍ରଶ୍ନ ପଚାରିଲା। ମୋତେ ଯାହା ଦିଶିଲା ଉତ୍ତର ଦେଲି। ମନୋ-ବିଜ୍ଞାନବିତ୍ ମୋର ଏ ମତ ପ୍ରକାଶକୁ ଅନଧିକାର ଚର୍ଚ୍ଚା ମନେ କରି ପାରନ୍ତି। କିନ୍ତୁ ନିରୁତ୍ତର ରହିଥିଲେ କ'ଣ ହୋଇଥାନ୍ତା? ଗ୍ଲାଡ଼ିସ୍ ହୁଏତ ଚିନ୍ତିତ ଥାଆନ୍ତା-- ପିଲାଙ୍କ ମନ ବୁଝେନାହିଁ, ପାଠ ପଢ଼ାଏ କେମିତି?

ତା'ର ପ୍ରଥମ ପ୍ରଶ୍ନ – ପିଲାର ପ୍ରତିଭା ଅଛି, ଅଥଚ ସେ ପରିଶ୍ରମ କରୁନାହିଁ, କଣ କରିବାକୁ ହେବ?

'କେତେକ ଲାଲ୍ ଆଖି ଦେଖାନ୍ତି, ମାରନ୍ତି; କିନ୍ତୁ ଫଳ ହୁଏ ବିପରୀତ। ପିଲା

Digitized by srujanika@gmail.com

ପାଠଣ୍ଡାରୁ ହୋଇଯାଏ । ସେ ଲୁଚେ ନଇଲେ ପଳାଏ । ଏ ବଗରେ ଅଧୀର ନ ହୋଇ ଧୈର୍ଯ୍ୟ ଅବଲମ୍ବନ କରିବାକୁ ହେବ । କ କ ବିଷୟ ପ୍ରତି ତାର ଆଗ୍ରହ ଅଛି, ବୁଝିବାକୁ ହେବ, କ'ଣ ଅଭାବ ହେବାରୁ ସେ ଚାହୁଁନାହିଁ, ବୁଝିବାକୁ ଜାଣିବାକୁ ହେବ । ପଢ଼ା ଯେ ଗୋଟାଏ ଅସାଧାରଣ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର ପିଲା ମନରୁ ଏ ଧାରଣା ଦୂର କରିବାକୁ ହେବ । ଲେଡ଼ା ହେଲେ ତା ସହିତ ଖେଳିବାକୁ ହେବ, ଗୀତ ବୋଲି ବା ଗଳ୍ପ କହି ତାର ମନୋରଞ୍ଜନ କରିବାକୁ ହେବ । ସେ ଯେପରି ବୁଝିବ—ପଢ଼ା ଏକ ବିନୋଦନ ।'

ପ୍ରଥମେ ଜର୍ଜକୁ ପିଆନୋ ଶିଖାଇଲି, ଏବେ କର୍ଣ୍ଣେନେଟ୍ ଶିଖାଉଛି । ସେ ଶୀଘ୍ର ଶୀଘ୍ର ଶିଖିଯାଉଛି, ଭଲ ମଧ୍ୟ ବଜାଉଛି; ମନେହୁଏ, ଏ ବଗରେ ତା'ର ପ୍ରତିଭା ଅଛି । କିନ୍ତୁ ଅଭ୍ୟାସ କରୁନାହିଁ । କଣ କରାଯିବ ?'

'ପିଆନୋ ବା କର୍ଣ୍ଣେନେଟ ବଜାଇବା ଗୋଟାଏ ବିନୋଦନ, ତା ଜୀବନର ଲକ୍ଷ୍ୟ ନୁହେଁ—ସେ ଯେତେ ବେଶୀରୁ ପ୍ରକୃତ ଆନନ୍ଦ ପାଏ, ବଜାଇବ । ଇଚ୍ଛା ନ ଥିଲେ ଉପରୁ ଚାପ ଦେଲେ ତା ମନ ଭାଙ୍ଗିଯିବ । ତେଣୁ ଉତ୍ସାହ ଦେବେ, ଚାପ ଦେବେନାହିଁ ।'

ଜର୍ଜ ଓ ଲେସ୍ଲି ମଧ୍ୟରେ ବିବାଦ ଲାଗୁଛି. ବେଳେ ବେଳେ ଝଗଡ଼ା, ଉଭୟଙ୍କର ହେଉଛି; ଗୋଟିଏ ପୋଷ୍ୟ, ଅନ୍ୟଟି ରକ୍ତ ସଂପର୍କୀୟ । ଲେସ୍ଲିକୁ ଆମେ ଅଳଗା କରୁ, ଜର୍ଜକୁ କିଛି କହୁନାହିଁ—ପରଦିନ, କାଲେ ମନକଷ୍ଟ କରିବ ! କି ଉପାୟରେ ଏହି ଭାଇଭଉଣୀଙ୍କ ମଧ୍ୟରେ ସଦ୍‌ଭାବ ଅଣାଯାଇ ପାରିବ ?'

'ଦୁହେଁ ପ୍ରାୟ ବୟସରେ ସମାନ, ଚରିତ୍ରଗତ ସହିତ ଉଭୟଙ୍କ ମଧ୍ୟରେ ପ୍ରତିଯୋଗିତା ଲଗାଇ ଦେବାକୁ ହେବ—ଗୀତର ଆବୃତ୍ତି, ପ୍ରବନ୍ଧ ଲେଖା, ଛବି-ଅଙ୍କା, ଖେଳ, ବଗିଚା କାମ, ସଦ୍‌ଗୁଣ ହାସଲ ଲାଗି ଆଗ୍ରହ ଜନ୍ମିଲେ ଈର୍ଷା, ହିଂସା ଦୂର ହୋଇଯିବ ।'

ଦୁହିଁଙ୍କୁ କହିଦେବ ଲାଗି ବିଚ୍ଛିନ୍ନ ରଖି ପାରନ୍ତି । ତା ଫଳରେ ଆକର୍ଷଣ ବଢ଼ି ପାରେ ।

ଲେସ୍ଲି ଆଗରେ ଜର୍ଜ ପ୍ରତି ଅଧିକ ସ୍ନେହ ଦେଖାଇବେ ନାହିଁ । ଘରର ଝିଅ—ସେ ହୁଏତ ବୁଝୁଛି—ଜର୍ଜ କାହୁଁ ଆଇଲା; ସେ କାହିଁକି ପିତାମାତାଙ୍କ ସ୍ନେହରେ ଅଧିକାରୀ ହେବ ? ପୁଣି ଅଧିକଭାବରେ !

ଗ୍ଲାଡସ୍ ଆଉ ଇଭା ମଧ୍ୟରେ ଆଳାପ ଜମିଲା । କଥା ପ୍ରସଙ୍ଗରେ ଗ୍ଲାଡସ କହିଲା—ଭଲ ପଡ଼ୋଶୀ ପାଇବା ସୌଭାଗ୍ୟର କଥା; ଈର୍ଷା ହିଂସା ଆସେ, ବେଳେବେଳେ କଳି ବି ଲାଗିଯାଏ, ଅତି ଛୋଟ ଛୋଟ କଥାରୁ । ପଡ଼ୋଶୀକି ଭଲ-ପାଇବା ସହଜ ନୁହେଁ । ଆମେ ଘରଣୀମାନେ ମିଳି ଏଠି ଗୋଟିଏ କ୍ଲବ ଗଢ଼ିଲୁ । କଥା ହେଲା—ସପ୍ତାହକେ ଥରେ ଜଣେକ ଘରେ ବିଜ୍ ଖେଳ ହେବ ।

Digitized by srujanika@gmail.com

ସେଦିନ ମିଷ୍ଟର ଓ୍ୱାଇଲର କୁଆଡ଼େ ଯିବାର ଥାଏ । ମୁଁ ଘରଗୁଡ଼ ଯାଇ ପାରିଲି ନାହିଁ । ଅନ୍ୟ ଖେଳାଳିମାନେ କହିଲେ— ତୁମେ ଜଣେ ବଦଳିଆ ଦିଅ । କହିଲି, ଏ ଝିକ ମାରି କାମ କରିବି ନାହିଁ । ମୋତେ ବିଦାୟ ଦିଅ; ଆଉ ଏ କ୍ଳବକୁ ଆସିବି ନାହିଁ ।

ଏଠି ଖାଲି ଅଜବ ଗପ—କାହା ସ୍ୱାମୀ କେମିତି, କାହା ଘରକରଣା କିପରି ଇତ୍ୟାଦି । ଅତି ଛୋଟ ଛୋଟ କଥାରୁ ବେଳେବେଳେ ଝଗଡ଼ା ହୋଇଯାଏ । ସେହି ଦିନରୁ ମୁଁ କାହା ଘରକୁ ଯାଏନାହିଁ, କି ମୋ ଘରକୁ କେହି ପଡ଼ୋଶୀ ଆସେ ନାହିଁ ।

ଇଭା କହିଲା—ତୁମ କଥା ସତ, ବିନା କାରଣରେ ବେଳେବେଳେ ସଖ୍ୟ ନାଶ ହୁଏ । ଜଣେ ପାକିସ୍ତାନୀକ ଉଦବ୍ପ ସେଣ୍ଟିମେଣ୍ଟରେ ସ୍ୱୀକାର କରେଇ ଦେଇଥିଲେ । ତାଙ୍କ ଦୁହିଙ୍କ ମଧ୍ୟରେ କୌଣସି ମେଳ ବା ଅମେଳ ନାହିଁ । ହେବ ବା କାହିଁ ? ସେ ଯାହା କାର୍ଯ୍ୟରେ ବ୍ୟସ୍ତ । ତାଙ୍କ ସ୍ତ୍ରୀ ଓ ମୁଁ ଦୁହେଁ ଏକାତ୍ମା ହୋଇ ଚଳୁଥାଉଁ; ଭାରତ ପାକିସ୍ତାନ— ଏକା ନାହିଁ, ଦ୍ୱିଖଣ୍ଡିତ !

କିନ୍ତୁ ଦିନେ ହଠାତ୍ ତା' ମନ କ'ଣ ହେଲା—ଆସି କହିଲା ତୁମେ ଭାରତୀୟ ଗୋରୁ ହାଣ ନାହିଁ, ମଣିଷ ହାଣି ଜାଣ, ଡାକ୍ତରଖାନା, ମସ୍‌ଜିଦ୍, ଅନାଥାଶ୍ରମ ଉପରେ ବୋମା ପକାଉଛ !

ସେତେବେଳେ ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଲାଗିଥାଏ । "ଆମେ ଏଠି ବୃଥା ଝଗଡ଼ା କରି କି ଫଳ ? ମାନସିକ ଶାନ୍ତି ନାଶ ବ୍ୟତୀତ ଆଉ କି ଲାଭ ହେବ ?"— ଏତିକି କହି ମୁଁ ଚାଲି ଆସିଲି । ପରେ ସେ ଅବଶ୍ୟ ତାର ଭୁଲ ବୁଝିଲା, ଦୁଃଖ ପ୍ରକାଶ କଲା ।

ଗ୍ଲାଡସ୍ ବେଶ ସଜାଇଛି ଅତି ଆଧୁନିକା ପରି; 'ଗ୍ଲାମୋର' ନାମକ ଫେସନ ପୁସ୍ତକଟିଏ ରଖିଛି, ଶରୀର ଭୂଷଣ ଓ କେଶ ସଜ୍ଜାକୁ ଯୁଗୋପଯୋଗୀ କରିବା-ଲାଗି । ଚାଲି, ଚାହାଣୀ, କଥନଭଙ୍ଗୀ ନାଟକୀୟ । କଥା କହିଲେ ମୁଁହ ଛୁଟେ, ସତେ ବା କିଛି ପାର୍ଟ ମୁଖସ୍ଥ କରି କହୁଛି । କିନ୍ତୁ ସେହି ଘୋଷବଳିର ଅପ୍ରାକୃତିକତା ଗାଡ଼ିସର କଥନରେ ନ ଥାଏ । ତାର ମଧୁରତା ମୋହାଚ୍ଛନ୍ନ କରେ ।

ଉତ୍ସ ପରି ଗଦ୍‌ଗଦ୍, ଉତ୍ସବ ପରି ବର୍ଣ୍ଣାଢ୍ୟ, କଥା କହିବା ତାର ସ୍ତରକୁ ଉତ୍ତୀର୍ଣ୍ଣ ହୁଏ ଆତ୍ମବିସ୍ମୃତିରେ । ମଝେ ମଝେ ପଦେ-ଅଧେ ଯୋଡ଼ିଦିଏ, ମୁଁ ଗ୍ଲାଡସକୁ ପ୍ରେରଣା ଦେବାଲାଗି । ଅଧର ତାର ଶାଣିତ ହୋଇ ଉଠେ । କଥା ହୁଏ ତୀକ୍ଷ୍ଣତର ।

ବିଚାରି ସ୍ୱାମୀଟି ତାର ନୀରବ ହୋଇ ବସିଥାଏ । କଥା କୃପଣ, ଏ ସିନେମା ନକ୍ଷତ୍ରଟି କଥାରେ କର୍ମରେ ଗୃହକୁ ଉଜ୍ଜ୍ୱଳ କରି ରଖିଛି, ସ୍ୱାମୀର ସେଥିଲା ରୁଚି ନାହିଁ । ପ୍ରୟାସ ବି ନାହିଁ । ସେ ସାଧାରଣ, ଯାହାହେଲେ ଖାଇବେ, ଯାହା କହିଲେ ସହିବେ, ଏକାନ୍ତ ପୋଷ୍ୟ, ସ୍ତ୍ରୀ ତାଙ୍କୁ ମନୋନୀତ କରିଛି, ପରିବର୍ତ୍ତନର ପକ୍ଷପାତୀ ସେ ନୁହନ୍ତି । ଏକ ସ୍ଥାୟୀ ସ୍ୱାମୀ ସ୍ତ୍ରୀର ବଶ୍ୟ ।

Digitized by srujanika@gmail.com

‘କେଉଁ ଡାକ୍ତରଖାନାରେ କାମ କରିବାକୁ ଇଚ୍ଛା ହୁଏନାହିଁ ?’ ପଚାରିଲି ।

ଲୋକସମ୍ପର୍କ ମୋତେ ଭଲ ଲାଗେ । କିନ୍ତୁ ଏ ପିଲାଙ୍କୁ କେଉଁଠି ରଖିବି ? ପଡ଼ୋଶୀଙ୍କ କଥା ତ ଶୁଣିଲ ।”

‘ତା’ ହେଲେ ପିଲାମାନେ ବଡ଼ ହୋଇଗଲେ ଆପଣ ଚାକିରି କରିବେ !

‘ସ୍ୱାମୀ ? ତାଙ୍କ ସେବାତ କାହାଣେ !’

‘ଅର୍ଥାଭାବ ହେଲେ ଲୋକେ ଚାକିରି କରନ୍ତି; ଆପଣଙ୍କର ତ ......’

‘ଅଭାବ ଯଥେଷ୍ଟ; ତାର ସୀମା ନାହିଁ; ଜୀବନର ମାନ ବଢ଼ାଇବା ଲାଗି ବହୁତ ଅର୍ଥ ଦରକାର ।’

ମାନର କ’ଣ ସୀମା ଅଛି ? ଯେତେ-ବଢ଼ାଇଲେ ବି ଆହୁରି କିଛି ରହିଯିବ । ଅଭାବ—ଅଭାବ; ଜୀବନରେ ହିଁ ତାକୁ ପୂରଣ କରିବାକୁ ହେବ ।’ ବକେଟ ତ ଆପଣଙ୍କ ହାତର କଥା !

‘ପ୍ରକୃତରେ ଆମେ ଯେପରି ବସ୍ତୁରୁ ଚଳୁଛୁ; କିଏ କେମିତି ଚଳୁଛି ବୁଝିଲେ ଚଳିବନାହିଁ । ଭାରତୀୟ ନାରୀ କ’ଣ କରନ୍ତି ?’

“ବେଶୀ ଭାଗ ସମସ୍ତ ସ୍ୱାମୀ ଓ ସନ୍ତାନ ସେବାରେ ଯାଏ । ଆପଣ ତ ନର୍ସ, ବୈଜ୍ଞାନିକ ଭାବରେ ସ୍ନେହ ଓ ଶ୍ରଦ୍ଧା ମିଶିଲେ ଅପୂର୍ବ ହୋଇ ଉଠିବ, ସଂସାର ଉଜ୍ଜ୍ୱଳ ଓ ମହନୀୟ ହୋଇଯିବ ।”

ପଳାୟମାନ ଚଞ୍ଚଳ ଆନନ୍ଦକୁ ଗ୍ଲାଡିସ ନିଜ ସଂସାରରେ ଯେପରି ବାନ୍ଧି ରଖିଛି ଦେଖି ଖୁସି ଲାଗିଲା । ଡିନାର ପରେ ଆମେ ଗ୍ଲାଡିସ ଓ ଓ୍ୱାଇଲଡଙ୍କ ଠାରୁ ବିଦାୟ ନେଇ ଆସିଲୁ । ଲର୍ଡ଼ ‘ଡେ ଏଣ୍ଡ ନାଇଟ୍’ ଦୋକାନରୁ ପ୍ରାତଃ ରାଶି ଲାଗି ସଉଦା କଲୁ ।


SHREE GANESH

DAL, FLOUR & OIL MILLS

KATCHERY ROAD, ROURKELA-1

Manufacturers & Millers of All types of Dal

(MUNG, MASUR, ARHAR. KHESARI, CHANA. Etc.)


Digitized by srujanika@gmail.com

# ଧରମ ପୁଅ

**— ଲିଓ ଟଲଷ୍ଟୟ୍**

> ପୃଥିବୀର ଶ୍ରେଷ୍ଠ କଥାକାର ଟଲଷ୍ଟୟଙ୍କର ଏକ ମନୋରମ ଲୋକକଥ । ଏହାର ଶିକ୍ଷା ହେଉଛି, ପାପକୁ ପାପରେ ନୁହେଁ, ଧର୍ମରେ ଜୟ କରିହୁଏ ।

ଜଣେ ଗରିବ ଚାଷୀର ଗୋଟିଏ ପୁଅ ହେଲା । ସେ ଖୁବ୍ ଖୁସି ହୋଇ ତାର ପଡ଼ିଶା ଘରକୁ ଯାଇ କହିଲା 'ତୁମେ ମୋ' ପୁଅର ଧରମ ବାପ ହୁଅ ।' ପଡ଼ିଶା ମନା କରିଦେଲା । କାରଣ ଏପରି ଜଣେ ଗରିବର ପୁଅର ଧରମ ବାପ ହେବାକୁ ସେ ଇଚ୍ଛା କଲା ନାହିଁ । ଚାଷୀଟି ଆଉ ଜଣେ ପଡ଼ିଶାକୁ ପଚାରିଲା ସେ ବି ମନା କରିଦେଲା । ଏହିପରି ସେ ଗାଁର ଘରେ ଘରେ ଯାଇ ପଚାରିଲା । କିନ୍ତୁ କେହି ତା' ପୁଅର ଧରମ ବାପ ହେବାକୁ ରାଜି ହେଲେ ନାହିଁ । ତେଣୁ ସେ ଅନ୍ୟ ଏକ ଗ୍ରାମକୁ ଯାଉଛି, ବାଟରେ ଜଣେ ଲୋକ ତାକୁ ଅଟକାଇ କହିଲା : "ଭାଇ ସବୁ ଭଲ ତ, ତୁମେ କୁଆଡ଼େ ବାହାରିଛ ?" ଲୋକଟି ଉତ୍ତର ଦେଲା, "ଭଗବାନ ମୋତେ ପିଲାଟିଏ ଦେଇଛନ୍ତି, ଯେ କି ଯୌବନରେ ମୋର ଆନନ୍ଦ ବଢ଼ାଇବ, ବାର୍ଦ୍ଧକ୍ୟରେ ମୋତେ ସୁଖ ଓ ସାନ୍ତ୍ୱନା ଦେବ ଓ ମୃତ୍ୟୁପରେ ମୋର ପ୍ରାର୍ଥନା କରିବ । କିନ୍ତୁ ମୁଁ ଜଣେ ଗରିବ ଲୋକ । ଆମ ଗ୍ରାମରେ କେହି ଏ ପିଲାଟିର ଧରମ ବାପ ହେବାକୁ ରାଜି ହେଉ ନାହାନ୍ତି । ତେଣୁ ଅନ୍ୟ କେଉଁଠି କେହି ଯଦି ତା'ର ଧରମ ବାପ ମିଳିଯାନ୍ତି, ମୁଁ ଖୋଜିବା ଉଦ୍ଦେଶ୍ୟରେ ବାହାରିଛି ।"

ଆଗନ୍ତୁକ ବ୍ୟକ୍ତି ଜଣକ କହିଲା, "ତା'ହେଲେ ମୁଁ ତମ ପୁଅର ଧରମ ବାପ ହେଉଛି ।"

ଚାଷୀଟି ଭାରି ଖୁସି ହୋଇ ତା ପ୍ରତି କୃତଜ୍ଞତା ପ୍ରକାଶ କରି କହିଲା, "ଭଲ ହେଲା, ତୁମେ ଧରମ ବାପ ହେଲ । କିନ୍ତୁ କିଏ ତା'ର ଧରମ ମା' ହେବ ?"

"ଯାଅ ସହରକୁ ଚାଲିଯାଅ, ସେଠାରେ ଠିକ୍ ଛକ ଉପରେ ତୁମେ ଗୋଟିଏ ପଥର ଘର ଦେଖିବ । ତା'ର ଆଗପଟେ ଦୋକାନ ଘର ହୋଇଛି । ଠିକ୍ ଘରକୁ ପଶିଗଲା ବେଳେ ଖୋଦ ଘର ମାଲିକ ଦୋକାନଦାର ବସିଥିବ । ସେହି ମାଲିକର

Digitized by srujanika@gmail.com

ଝିଅ ତୁମ ପୁଅର ଧରମ ମା' ହେବା ପାଇଁ ତୁମେ ତାକୁ ଅନୁରୋଧ କରିବ ।"

ଆଗନ୍ତୁକର କଥା ଶୁଣି ଚାଷୀଟି ଟିକିଏ ଇତସ୍ତତଃ ହେଲା । ସେ କହିଲା, "ଜଣେ ଧନୀ ଦୋକାନଦାରକୁ କପରି ମୁଁ ପଚାରିବି ? ସେ ମୋତେ କ'ଣ କହିବ ? ସେ କ'ଣ କେବେ ହେଲେ ତା' ଝିଅକୁ ଆସିବାକୁ ଦେବ ?"

"ସେ ବିଷୟରେ ବିଶେଷ ବ୍ୟସ୍ତ ନ ହୋଇ ଯାଅ, ପଚାର । କାଲି ସକାଳକୁ ସବୁ ପ୍ରସ୍ତୁତ କରିରଖ । ମୁଁ ନାଁ ଦିଆବେଳେ ଆସିବି ।"

ଚାଷୀ ବିସ୍ମିତ ଘରକୁ ଫେରି ଆସି ତା'ର ହଳରେ ଲାଗୁଥିବା ଘୋଡ଼ା ଉପରେ ବସି ସହରକୁ ଚାଲିଲା । ନିର୍ଦ୍ଦିଷ୍ଟ ଘର ଆଗରେ ପହଞ୍ଚି ସେ ଘୋଡ଼ାରୁ ଓହ୍ଲାଇଚି କି ନାହିଁ, ନିଜେ ଦୋକାନଦାର ଆସି ପଚାରିଲା ।

'ତୁମେ କ'ଣ ଚାହୁଁଚ ?"

"ଆଉ କ'ଣ ଚାହିଁବି, ଭଗବାନ ତ ମୋତେ ଗୋଟିଏ ବାଳକ ଦେଇଛନ୍ତି ଯେ କି ଯୌବନରେ ମୋତେ ଆନନ୍ଦ, ବାର୍ଦ୍ଧକ୍ୟରେ ସୁଖ ଓ ସାନ୍ତ୍ୱନା ଓ ମୃତ୍ୟୁ ପରେ ପ୍ରାର୍ଥନା କରିବ । ଆପଣଙ୍କୁ ଏତିକି ପ୍ରାର୍ଥନା, ଆପଣଙ୍କ ଝିଅ ତା'ର ଧରମା ମା' ହେବ ।"

"ଦୋକାନଦାର ପଚାରିଲା, ନାମ କରଣ ଉତ୍ସବ କେବେ ହେବ ?"

"କାଲି ସକାଳୁ ।"

"ଠିକ୍ ଅଛି, ତୁମେ ନିଶ୍ଚିନ୍ତରେ ଯାଅ, କାଲି ଠିକ୍ ସମୟରେ ମୋ ଝିଅ ଯାଇ ପହଞ୍ଚିବ ।"

ତା'ଆର ଦିନ ଧରମ ମା' ଠିକ୍ ସମୟରେ ଆସି ପହଞ୍ଚିଲା । ଧରମ ବାପ ମଧ୍ୟ । ନାମ କରଣ ହୋଇଗଲା । ଠିକ୍ ପରେ ପରେ ଧରମ ବାପ ଚାଲିଗଲା । ସେ କିଏ, ଘର କେଉଁଠି କେହି ଜାଣି ପାରିଲେ ନାହିଁ ।

ପିଲାଟି ତା' ବାପ ମା'ଙ୍କ ଆନନ୍ଦ ବଢ଼ାଇ ବଡ଼ ହେବାକୁ ଲାଗିଲା । ସେ ଖୁବ୍ ବଳୁଆ, ପରିଶ୍ରମ କରିବାକୁ ଆଗ୍ରହୀ ଓ ଚତୁର ହେଲା ଏବଂ ବାପ ମା'ଙ୍କୁ ମାନି ଚାଲୁଥିଲା । ୧୦ ବର୍ଷ ବୟସ ହେବା ବେଳକୁ ବାପ ମା' ତାକୁ ଲେଖାପଢ଼ା ଶିଖିବା ପାଇଁ ସ୍କୁଲକୁ ପଠାଇଲେ । ଅନ୍ୟମାନଙ୍କୁ ଯାହା ଶିଖିବାକୁ ପାଞ୍ଚ ବର୍ଷ ଲାଗୁଥିଲା, ସେ ତାହା ବର୍ଷକରେ ଶିଖିଗଲା । ଅଳ୍ପ ଦିନ ଭିତରେ ସ୍କୁଲ ପାଠ ତାର ଶେଷ ହୋଇଗଲା ।

ଇଷ୍ଟର ପର୍ବ ଆସିଲା ଓ ପିଲାଟି ତା'ର ଧରମ ମା' ପାଖକୁ ଯାଇ ଭକ୍ତି ଜଣାଇଲା ।

ଘରକୁ ଫେରି ଆସି ସେ ତା'ର ବାପ ମା'ଙ୍କୁ ପଚାରିଲା, "ମୋର ଧରମ ବାପ କେଉଁଠି ! ମୁଁ ତାଙ୍କୁ ମୋର ଭକ୍ତି ଜଣାଇବାକୁ ଚାହେଁ ।'

ବାପା ତା ର ଉତ୍ତର ଦେଲା;

"ପୁଅ, ଆମେ ତୋ' ଧରମ ବାପ ବିଷୟରେ କିଛି ଜାଣୁ ନାହିଁ । ଅନେକ ସମୟରେ ଆମେ ସେ କଥା ଭାବି ଚିନ୍ତିତ ହେଉଛୁ । ଯେଉଁଦିନ ତୋ'ର ନାମକରଣ ହେଲା, ସେହିଦିନଠାରୁ ତାଙ୍କୁ ଆମେ ଦେଖି ନାହୁଁ କି କିଛି ଖବର ତାଙ୍କ ବିଷୟରେ ପାଉନାହୁଁ । ସେ କେଉଁଠି

Digitized by srujanika@gmail.com

ଅଛନ୍ତି, ବଞ୍ଚିଛନ୍ତି କି ମଲେଣି, ଆମେ କିଛି ଜାଣୁ ନାହିଁ ।''

''କିଛି ଚିନ୍ତା ନାହିଁ, ମୁଁ ନିଜେ ମୋର ଧରମ ବାପ କେଉଁଠି ଅଛନ୍ତି ଯାଇ ଖୋଜି ଆସିବି । ଈଶ୍ବର ପର୍ବରେ ମୋର ଭକ୍ତି ମୁଁ ନିଶ୍ଚୟ ତାଙ୍କୁ ଜଣାଇବି ।''

ବାପ ମା'ଙ୍କ ଅନୁମତି ନେଇ ପିଲା ତା' ଧରମ ବାପକୁ ଖୋଜିବା ପାଇଁ ବାହାରିଗଲା ।

ସେ ତା'ର ଗାଁ ଛାଡ଼ି ବହୁ ସମୟ ବାଟ ଚାଲିବାପରେ ଜଣେ ଆଗନ୍ତୁକ ତାକୁ ଅଟକାଇ ପଚାରିଲେ;

''କିରେ ପୁଅ, କୁଆଡ଼େ ଯାଉଚୁ ?''

ପିଲାଟି ଉତ୍ତର ଦେଲା :—

'ମୁଁ ମୋର ଧରମ ମା'ଙ୍କୁ ଈଶ୍ବର ପର୍ବର ଭକ୍ତି ଜଣାଇଲି । ଘରକୁ ଆସି ମୋର ବାପ ମା'ଙ୍କୁ ପଚାରିଲି, ମୋର ଧରମ ବାପ କେଉଁଠି ଅଛନ୍ତି, ତାଙ୍କୁ ଯାଇ ମଧ୍ୟ ମୁଁ ମୋର ଭକ୍ତି ଜଣାଇବି । ବାପ, ମା କିଛି ଜାଣନ୍ତି ନାହିଁ ବୋଲି କହିଲେ । ମୋର ନାମକରଣ ବେଳେ କେବଳ ସେ ଆସିଥିଲେ । ଏବେ ସେ ବଞ୍ଚିଛନ୍ତି କି ନାହିଁ, ତା'ମଧ୍ୟ ସେମାନେ ଜାଣନ୍ତି ନାହିଁ । କିନ୍ତୁ ମୁଁ ମୋର ଧରମବାପଙ୍କୁ ଦେଖିବାକୁ ଚାହେଁ । ସେଥିପାଇଁ ତାଙ୍କୁ ଖୋଜିବାପାଇଁ ମୁଁ ବାହାରିଛି ।''

ଆଗନ୍ତୁକ ଉତ୍ତର ଦେଲେ, ''ମୁଁ ତୁମର ଧରମ ବାପ ।''

ଏହାଶୁଣି ପିଲାଟି ଭାରି ଖୁସି ହୋଇ ଧରମ ବାପାଙ୍କର ପାଦ ଛୁଇଁ ପ୍ରଣିପାତ କଲା । ତା ପରେ ପଚାରିଲା, ''ଧରମ ବାପା, ତୁମେ କୁଆଡ଼େ ଯାଉଚ, ଯଦି ଆମ ଗାଁ ବାଟେ ଯାଉଥାଅ, ତା' ହେଲେ ଆମଘରକୁ ଟିକିଏ ଆସ ।''

ଧରମବାପ କହିଲେ, ''ବର୍ତ୍ତମାନ ମୋର ସମୟ ନାହିଁ, ବହୁତ ଗାଁ'କୁ ମୁଁ ଯିବି । କାଲି ଯାଇ ମୁଁ ଘରକୁ ଫେରିବି ସେତେବେଳେ ତୁମେ ଆସି ମୋତେ ଦେଖାକରିବ ।''

''କିନ୍ତୁ ଧରମବାପ, ମୁଁ ତମ ଘର କେମିତି ପାଇବି ?''

''ଏହି ରାସ୍ତା ଛାଡ଼ି ତୁମେ ଉଦୟ ସୂର୍ଯ୍ୟର ଅଭିମୁଖରେ ଯିବ । ସେପଟେ ଗଲେ ବାଟରେ ଏକ ଜଙ୍ଗଲ ପଡ଼ିବ । ଜଙ୍ଗଲ ଭିତରେ ଯାଉ ଯାଉ ତୁମେ ଏକ ସୁନ୍ଦର ଘାସ ଭୂଇଁ ଦେଖିବ । ସେଠି ଟିକିଏ ବସି ବିଶ୍ରାମ ନେବ, ଚାରିଆଡ଼କୁ ଅନାଇବ ଓ ଯାହା ଯାହା ଘଟୁଛି ଦେଖିବ । ଜଙ୍ଗଲ ସେପଟେ ତୁମେ ଗୋଟିଏ ବଗିଚା ଦେଖିବ । ବଗିଚା ଭିତରେ ସୁନା ଛପରଣି ଘର । ସେ ଘରଟି ହେଉଚି ମୋର । ଘରର ଗେଟ୍ ପାଖକୁ ଚାଲିଯିବ । ସେଠି ମୁଁ ତୁମକୁ ଅପେକ୍ଷା କରିଥିବି ।'' ଏହା କହି ଧରମ-ବାପ ଅଳ୍ପସମୟ ମଧ୍ୟରେ ଅଦୃଶ୍ୟ ହୋଇଗଲେ ।

ଯେମିତି ଧରମ ବାପ କହିଥିଲେ ପିଲାଟି ଠିକ୍ ସେହିପରି କଲା । ସେ ପୂର୍ବଦିଗ ଆଡ଼କୁ ଚାଲି ଗୋଟିଏ ଜଙ୍ଗଲରେ ପହଞ୍ଚିଲା । ଜଙ୍ଗଲ ଭିତରେ ଘାସ ପଡ଼ିଆ ।

Digitized by srujanika@gmail.com

ପଡ଼ିଆ ମଝିରେ ଏକ ଦେବଦାରୁ ଗଛ । ଗଛ ଡାଳରେ ଏକ ଦଉଡ଼ିରେ ଗୋଟାଏ କାଠଗଡ଼ ଝୁଲୁଛି । ଠିକ୍ ଏହା କାଠଗଡ଼ ପାଖରେ ଗୋଟାଏ କାଠ କୁଣ୍ଡରେ ମହୁ ପୂର୍ଣ୍ଣ ହୋଇ ରହିଛି । ଏଠି କାହିଁକି ମହୁଅଛି ଓ ତା ଉପରେ କାଠ ଗଡ଼ଟାଏ ଝୁଲୁଛି, ପିଲଟି ଏଇ କଥା ଭାବୁ ଭାବୁ ସେ ଜଙ୍ଗଲ ଭିତରେ ହଠାତ୍ ଖଡ଼ ଖଡ଼ ଶବ୍ଦ ଶୁଣିଲା ଓ ସେ ଦେଖିଲା ଗୁଡ଼ାଏ ଭାଲୁ ଦଉଡ଼ୁଛନ୍ତି । ମାଈଭାଲୁ ସାଙ୍ଗରେ ଗୋଟିଏ ବର୍ଷିକିଆ ଛୁଆ ଓ ଆହୁରି ଅତି ଛୋଟ ଛୋଟ ତିନୋଟି ଥିଲା । ମାଈ ଭାଲୁଟି ଶୁଙ୍ଘି ଶୁଙ୍ଘି କାଠ କୁଣ୍ଡ ଆଡ଼କୁ ଚାଲିଲା । ତା ପଛେ ପଛେ ଚାଲିଲେ ଛୋଟ ଛୋଟ ଛୁଆ ତିନୋଟି ।

ସେ ଥୋମଣିଟାକୁ ମହୁ କୁଣ୍ଡରେ ପୂରାଇ ଛୋଟ ଛୁଆମାନଙ୍କୁ ସେଇଆ କରିବାକୁ କହିଲା । ସେମାନେ ଠେଲାପେଲା ହୋଇ ମହୁକୁଣ୍ଡ ଭିତରେ ମୁହଁ ଭର୍ତ୍ତିକଲେ । ସେମାନେ ଏହା କରିଛନ୍ତି କି ନାହିଁ, ଯେଉଁ କାଠ ଗଡ଼ଟାକୁ ମାଈଭାଲୁ ମୁହଁରେ ଆଡ଼େଇ ଦେଇଥିଲା, ତାହା ଝୁଲିଲା ପରି ହୋଇ ଭାଲୁ ଛୁଆମାନଙ୍କୁ ଠେଲିଦେଲା । ଏହା ଦେଖି ମାଈଭାଲୁ ତା'ର ଗୋଡ଼ରେ ପୁଣି କାଠ ଗଡ଼ଟାକୁ ଆଡ଼େଇ ଦେଲା । ଗଡ଼ଟା ଦୂରକୁ ଚାଲିଯାଇ ପୁଣି ଲେଉଟି ଆସିଲା ଓ ଗୋଟାଏ ଭାଲୁ ଛୁଆକୁ ମୁଣ୍ଡରେ ଓ ଆଉ ଜଣକୁ ପିଠିରେ ଆଘାତ ଦେଲା । ଭାଲୁ ଛୁଆ ଯାକ ଚିତ୍କାର କରି କରି ଦୂରକୁ ପଳାଇଲେ । ମା ଗାଁ ଗାଁ ହୋଇ ତା'ର ଦୁଇ ଆଗଗୋଡ଼ରେ ଗଡ଼ଟାକୁ ଧରି ପକାଇଲା ଓ ଉପରକୁ ଉଠାଇ ଜୋରରେ ଠେଲିଦେଲା । କାଠ ଗଡ଼ଟା ଖୁବ ଉଚ୍ଚକୁ ଉଠିଗଲା । ଗୋଟାଏ ଛୋଟ ଛୁଆ ମହୁକୁଣ୍ଡ ଭିତରେ ମୁହଁ ଭର୍ତ୍ତିକରି ଚାକୁ ଚାକୁ କରି ମହୁ ଖାଇବାକୁ ଲାଗିଲା । ଅନ୍ୟମାନେ ମଧ୍ୟ କୁଣ୍ଡ ନିକଟକୁ ଆସିବାକୁ ଲାଗିଲେ । ମାତ୍ର ସେମାନେ ଆସିଛନ୍ତି କି ନାହିଁ, କାଠ ଗଡ଼ଟା ଜୋରରେ ଆସି କୁଣ୍ଡରେ ମୁହଁ ପୂରାଇଥିବା ଛୁଆ ମୁଣ୍ଡରେ ଏପରି ଆଘାତ ଦେଲା ଯେ, ସେ ସଙ୍ଗେ ସଙ୍ଗେ ମରି ପଡ଼ିଗଲା । ମାଈଭାଲୁ ଏଥିରେ ରାଗିଯାଇ କାଠ ଗଡ଼ଟାକୁ ପୁଣି ଧରିପକାଇ ତା'ର ଯେତେ ଜୋର ଥିଲା ଉଠାଇ ଠେଲି-ଦେଲା । କାଠଗଡ଼ ଯେଉଁ ଡାଳରେ ବନ୍ଧା ହୋଇଥିଲା ତା ଉପରକୁ ଉଠିଗଲା ଓ ଦଉଡ଼ିଟା ହୁଗୁଳା ହୋଇଗଲା । ମାଈଭାଲୁ ମହୁକୁଣ୍ଡ ପାଖକୁ ତା'ର ପିଲାଙ୍କୁ ଧରି ଦଉଡ଼ି ଆସିଲା । କାଠଗଡ଼ ଝୁଲି ଝୁଲି ଉପରକୁ ଉଠିଗଲା ଓ ଖୁବ୍ ଉପରକୁ ଉଠି ରହିଗଲା । ତା'ପରେ ତଳକୁ ପଡ଼ିଲା । ଯେତିକି ନିକଟ ହୋଇ ଆସିଲା, ସେତିକି ଜୋରରେ ଝୁଲିବାକୁ ଲାଗିଲା ଓ ଶେଷରେ ଖୁବ୍ ଜୋରରେ ଆସି ମାଈଭାଲୁ ମୁଣ୍ଡରେ ଠୋ କରି ପିଟି ହୋଇଗଲା । ମାଈଭାଲୁ ସଙ୍ଗେ ସଙ୍ଗେ ଗଡ଼ି ପଡ଼ିଲା ଓ ଗୋଡ଼ ଦି'ଟାକୁ ହଲାଇ ସଙ୍ଗେ ସଙ୍ଗେ ମରିଗଲା । ଭାଲୁ ଛୁଆ ତିନୋଟିଯାକ ଜଙ୍ଗଲ ଭିତରକୁ ପଳାଇଲେ ।

Digitized by srujanika@gmail.com

ଆଶ୍ଚର୍ଯ୍ୟ ହୋଇ ପିଲଟି ଏସବୁ ଦେଖିଲା । ତା'ପରେ ପୁଣି ସେ ଦେଖିଲା, ଗୋଟିଏ ସୁନ୍ଦର ବଗିଚା ଓ ବଗିଚା ଭିତରେ ଏକ ସୁନ୍ଦର ପ୍ରାସାଦ ଓ ତା'ଉପରେ ସୁନା ଛାଆଣି ହୋଇଛି । ପ୍ରାସାଦର ଦ୍ୱାର-ଦେଶରେ ତା'ର ଧରମବାପ ଠିଆହୋଇ ଅଳ୍ପ ଟିକିଏ ଟିକିଏ ହସୁଛନ୍ତି ।

ସେ ତାଙ୍କ ଧରମ ପୁଅକୁ ବେଶ୍ ଆଦର କରି ବଗିଚା ଭିତରକୁ ନେଇଗଲେ । ସେଠାରେ ସେଇ ସୌନ୍ଦର୍ଯ୍ୟ ଓ ଆନନ୍ଦ ତାକୁ ଘେରି ରହିଲା, ସେ ତାହା ସ୍ୱପ୍ନରେ ସୁଦ୍ଧା ଚିନ୍ତା କରି ନ ଥିଲା ।

ତା'ପରେ ଧରମ ବାପ ତାକୁ ପ୍ରାସାଦ ଭିତରକୁ ନେଇଗଲେ । ବାହାର ଅପେକ୍ଷା ଭିତର ଆହୁରି ସୁନ୍ଦର । ଧରମ ବାପ ତାକୁ ସବୁ କୋଠରୀଯାକ ବୁଲାଇ ଦେଖାଇଲେ । ପ୍ରତ୍ୟେକ ଘର ଅନ୍ୟ ଘରଠାରୁ ଆହୁରି ସୁନ୍ଦର ଓ ଚମତ୍କାର । ଶେଷକୁ ସେମାନେ ଗୋଟିଏ ଦ୍ୱାରରେ ପହଞ୍ଚିଲେ, ଯେଉଁ ଦ୍ୱାରଟି ଜଞ୍ଜିମୁଦ ହୋଇଥିଲା ।

ଧରମ ବାପ କହିଲେ, "ତୁମେ ଦେଖୁଛ ତ, ଏ ଦ୍ୱାରରେ ତାଲା ପଡ଼ିନାହିଁ । କେବଳ ଜଞ୍ଜିମୁଦ ହୋଇଛି । ଏହା ଖୋଲିଯାଇ ପାରିବ । କିନ୍ତୁ ଖୋଲିବା ପାଇଁ ମୁଁ ତୁମକୁ ମନା କରୁଛି । ତୁମେ ଏଠାରେ ରହିପାରିବ, ମନଇଚ୍ଛା ଯୁଆଡ଼େ ବୁଲି ଯାଇପାରିବ । ମୋ' ପ୍ରାସାଦର ସମସ୍ତ ଆନନ୍ଦ ଉପଭୋଗ କରିପାରିବ । କିନ୍ତୁ ମୋ'ର ଏକମାତ୍ର ଆଦେଶ ହେଉଛି—ଏ ଦ୍ୱାରଟି ଖୋଲିବ ନାହିଁ । କିନ୍ତୁ ଯଦି କେବେ ଖୋଲ, ତା' ହେଲେ ଜଙ୍ଗଲରେ ଯାହା ଦେଖିଥିଲ, ତାକୁ ମନେ ରଖିଥିବ ।"

ଏଇ କଥା କହି ଧରମବାପ ଚାଲିଗଲେ । ଧରମପୁଅ ସେ ପ୍ରାସାଦରେ ରହିଲା ଏବଂ ସେଠାରେ ଜୀବନ ଏତେ ଉପଭୋଗ୍ୟ ଓ ଆନନ୍ଦଦାୟକ ହେଲା ଯେ, ସେ ରହୁ ରହୁ ସେଠାରେ ରହିଗଲା ଓ ତା'ର ମନେ ହେଲା ତିନିଘଣ୍ଟା ମାତ୍ର ରହିଛି । ପ୍ରକୃତରେ ସେତେବେଳକୁ ତା'ର ତିରିଶବର୍ଷ କଟିଗଲାଣି । ତିରିଶ ବର୍ଷ ବିତିଯିବା ପରେ ଧରମପୁଅ ଜଞ୍ଜିମୁଦ ଦ୍ୱାରବାଟେ ଯିବାକୁ ଯାଉଛି, ସେ ମନେ-ମନେ ଭାବିଲା, କାହିଁକି ତା'ର ଧରମ ବାପ ତାକୁ ସେ ଘରେ ପଶିବାପାଇଁ ମନା କରିଛନ୍ତି ।

"ମୁଁ ଟିକିଏ ଦେଖେଁ ସେଠି କ'ଣ ଅଛି", ଏହା କହି ସେ ଦ୍ୱାରକୁ ଟିକିଏ ଠେଲି ଦେଇଛି ତ ଜଞ୍ଜିମୁଦ ଛିଣ୍ଡିଗଲା, ଦ୍ୱାର ଖୋଲିଗଲା ଏବଂ ଧରମପୁଅ ତା' ଭିତରକୁ ଯାଇ ଏକ ସୁନ୍ଦର ସଭାଗୃହ ଦେଖିଲା, ଯାହାକି ଅନ୍ୟସବୁ ଘରଠାରୁ ସୁନ୍ଦର । ସଭାଗୃହର ମଝିରେ ଥିଲା ଏକ ସିଂହାସନ । ସେ କିଛିକାଳ ଧରି ସେ ହଲ୍ ଭିତରେ ବୁଲି ସିଂହାସନର ପାହାଚ ଚଢ଼ି ସିଂହାସନର ଉପରେ ଯାଇ ବସିଲା । ସେ ସିବାବେଳେ ସିଂହାସନକୁ ଲାଗି ଗୋଟିଏ ରାଜଦଣ୍ଡ ଥିବାର ଦେଖିଲା ଏବଂ ନିଜ ହାତରେ ତାହା ଗ୍ରହଣ କଲା । ସେ ଏହା

Digitized by srujanika@gmail.com

କରୁଛନ୍ତି କି ନାହିଁ, ସଙ୍ଗେ ସଙ୍ଗେ ସଭାଗୃହର କାନ୍ଥମାନ ଅପସାରିତ ହୋଇଗଲେ । ଧରମପୁଅ ଗୃହଆଡ଼କୁ ଚାହିଁ ସମସ୍ତ ସଂସାର ଓ ସେଠାରେ ଲୋକମାନେ କ'ଣ କରୁଛନ୍ତି ତାହା ଦେଖି ପାରିଲା । ସେ ଆଗକୁ ଚାହିଁଲା, ଦେଖିଲା, ସମୁଦ୍ରରେ ଜାହାଜ ସବୁ ଯାତାୟାତ କରୁଛନ୍ତି । ଡାହାଣକୁ ଚାହିଁଲା, ଦେଖିଲା ଏକ ଅଦ୍ଭୁତ ଧରଣର ବୌଦ୍ଧଧର୍ମୀ ଲୋକ ସେଠାରେ ବାସ କରୁଛନ୍ତି । ବାମକୁ ଚାହିଁଲା, ଦେଖିଲା ଖ୍ରୀଷ୍ଟାନମାନେ ଅଛନ୍ତି; କିନ୍ତୁ ରୁଷଦେଶବାସୀ ସେଠାରେ ନାହାନ୍ତି । ସେ ପଛକୁ ଚାହିଁଲା ଏବଂ ଦେଖିଲା—ତା'ପରି ରୁଷଦେଶୀୟ ଲୋକେ ।

ସେ କହିଲା, 'ମୁଁ ଥରେ ଭଲ କରି ଦେଖେଁ, ଆମଘରେ କ'ଣ ହେଉଛି, ଏ ବର୍ଷ ଫସଲ ଭଲ ହୋଇଛି କି ନାହିଁ ।"

ସେ ତାର ବାପାଙ୍କ କ୍ଷେତକୁ ଚାହିଁଲା । ଦେଖିଲା, ସେଠାରେ କଲେଇ ବଡ଼ା ବଡ଼ା ହୋଇ ଠିଆ ହୋଇଛି । ଅଧିକ ଫସଲ ହୋଇଛି କି ନାହିଁ । ଦେଖିବାପାଇଁ ସେ ଗଣିବାକୁ ଲାଗିଲା ଏବଂ ଏତିକିବେଳେ ଦେଖିଲା, ଜଣେ ଚାଷୀ ଗୋଟାଏ ଶଗଡ଼ ଚଳାଉଛି । ସେତେବେଳକୁ ରାତି ଓ ସେ ଭାବିଲା, ତାର ବାପା କଲେଇ ଶଗଡ଼ରେ ନେବାକୁ ଆସିଛି । କିନ୍ତୁ ଥରେ ନିରେଖି ଦେଲେ ସେ ତା'ର ଗ୍ରାମର ଜଣେ ଜଣାଶୁଣା ଚୋରକୁ ଦେଖି ପାରିଲା । ସେ ଶଗଡ଼ ଉଠାଇ କଲେଇ ସବୁ ନେବାକୁ ଲାଗିଲା । ଏଥିରେ ଧରମ ପୁଅ ରାଗରେ ପାଟି କରିବାକୁ ଲାଗିଲା !

"ବାପା, ବାପା; ଆମ କ୍ଷେତରୁ କଲେଇ ଯାକ ଚୋରି ହୋଇ ଯାଉଛି !"

ତା'ର ବାପା ଶୋଇଥିଲା । ସେ ହଠାତ୍ ଉଠିପଡ଼ି କହିଲା; "ମୁଁ ସ୍ୱପ୍ନ ଦେଖିଲି, ଆମର କଲେଇ ସବୁ ଚୋରି ହୋଇଯାଉଛି । ମୁଁ ଦଉଡ଼ି ଯାଇ ଦେଖେ ତ କ'ଣ ହେଉଛି ?"

ସଙ୍ଗେ ସଙ୍ଗେ ଘୋଡ଼ାରେ ଚଢ଼ି ତା' କ୍ଷେତ ଆଡ଼କୁ ଦୌଡ଼ିଲା । ସେଠାରେ ସେ ଚୋରକୁ ଦେଖି ଅନ୍ୟ ଚାଷୀମାନଙ୍କୁ ଡାକ ପକାଇଲା । ଚୋରକୁ ବାନ୍ଧି ସମସ୍ତେ ନିସ୍ତୁକ ଛେଚିଲେ ଓ ଜେଲରେ ନେଇ ଭର୍ତ୍ତି କଲେ ।

ତା'ପରେ ଧରମ ପୁଅ ସହରରେ ତା'ର ଧରମ ମା' ଯେଉଁଠି ରହୁଛି ସେଆଡ଼କୁ ଚାହିଁଲା । ସେ ଦେଖିଲା, ତା'ର ଧରମ ମା' ଜଣେ ବେପାରୀକୁ ବାହା ହୋଇଗଲାଣି । ସେ ନିଦରେ ଶୋଇଥିବାବେଳେ ତା'ର ସ୍ୱାମୀ ଉଠି ଅନ୍ୟ ଜଣେ ସ୍ତ୍ରୀ ଲୋକ ପାଖକୁ ଗଲା । ଧରମ ପୁଅ ପାଟି କଲା !

"ଧରମ ମା', ଉଠିପଡ଼, ଉଠିପଡ଼, ତୁମର ସ୍ୱାମୀ ଖରାପ ବାଟରେ ଗଲେଣି ।"

ଧରମ ମା' ସାଙ୍ଗେ ସାଙ୍ଗେ ଉଠିପଡ଼ି ଲୁଗାପଟା ପିନ୍ଧି ତାର ସ୍ୱାମୀ ଯେଉଁଠାରେ ଥିଲା, ସେଠିରେ ଯାଇ ପହଞ୍ଚିଲା ଓ ସ୍ୱାମୀକୁ ଲଜ୍ଜିତ କରି ସ୍ତ୍ରୀଲୋକକୁ ବାଡ଼େଇ ବାଡ଼େଇ ବିଦା କରି ଦେଲା ।

Digitized by srujanika@gmail.com

ତା’ପରେ ଧରମପୁଅ ତା’ ମା କ’ଣ କରୁଚ ଜାଣିବାପାଇଁ ଚାହିଁଲା । ଦେଖିଲା, ସେ ନଦରେ ତା ଲୁଗାରେ ଶୋଇଥିବା-ବେଳେ ଜଣେ ଚୋର ଘରଭିତରେ ପଶି ସିନ୍ଦୁକରୁ ଜିନଷପତ୍ର ସବୁ ଉଠାଇବାରେ ଲାଗିଚ । ଏହି ସମୟରେ ତା ମା’ ଉଠିପଡ଼ି ଚିତ୍କାର କଲା । କିନ୍ତୁ ଡକାୟତଟା ଗୋଟାଏ କୁରାଢ଼ି ଧରି ନେଇ ତାକୁ ମାରିବାପାଇଁ ଉଦ୍ଧ୍ୟତ ହେଲା ।

ଧରମପୁଅ ଡକାୟତ ଆଡ଼କୁ ଲକ୍ଷକରି ତା’ର ରାଜଦଣ୍ଡଟା ଛାଡ଼ିଦେଲା । ଡକାଏତର କପାଳରେ ଦଣ୍ଡଟା ବାଜିଲା ଓ ସଙ୍ଗେ ସଙ୍ଗେ ସେହିଠାରେ ତା’ର ମୃତ୍ୟୁ ହୋଇଗଲା ।

ଧରମପୁଅ ଡକାୟତକୁ ମାରିବା ପରେ ପରେ ସଭା ଗୃହର ଗ୍ରୀଲ୍‌କାଠ ଆସି ଲାଗିଗଲା ଏବଂ ଏହା ପୂର୍ବରୁ ଯେପରି ଥିଲା, ସେପରି ହୋଇଗଲା ।

ଏହାପରେ ଦ୍ୱାର ଖୋଲିଗଲା ଓ ଧରମବାପ ସଭା ଗୃହ ଭିତରକୁ ପ୍ରବେଶ କଲେ । ଧରମପୁଅ ପାଖକୁ ଆସି ସେ ତାକୁ ସିଂହାସନରୁ ତଳକୁ ହାତ ବଢ଼ାଇ ଉଠାଇ ଆଣିଲେ ଓ କହିଲେ ।

“ତୁମେ ମୋର ଆଦେଶ ପାଳନ କରି ନାହିଁ । ନିଷିଦ୍ଧ ଦ୍ୱାରକୁ ଖୋଲି ତୁମେ ପ୍ରଥମ ଭୁଲ୍ କଲ । ସିଂହାସନ ଚଢ଼ି ଏବଂ ମୋର ରାଜଦଣ୍ଡକୁ ନିଜ ହାତରେ ନେଇ ଦ୍ୱିତୀୟ ଭୁଲ୍ କଲ । ଏବେ ତୃତୀୟ ଭୁଲ୍ କଲ; ଯାହା ଫଳରେ ସଂସାରରେ ପାପହିଁ କେବଳ ବଢ଼ିଗଲା । ତୁମେ ଯଦି ଆଉ ଘଣ୍ଟାଏ ଅଧିକ ବସିଥାନ୍ତ, ତା’ହେଲେ ମନୁଷ୍ୟ ସମାଜର ଅଧାଅଧି ଲୋକଙ୍କର ତୁମେ ସର୍ବନାଶ କରି ସାରିଥାନ୍ତ ।

ତା’ପରେ ଧରମବାପ ତାଙ୍କର ଧରମପୁଅକୁ ପୁଣି ଥରେ ସିଂହାସନରେ ନେଇ ବସାଇଲେ ଓ ରାଜଦଣ୍ଡଟିକୁ ଧରାଇ ଦେଲେ । ସଙ୍ଗେ ସଙ୍ଗେ ଗ୍ରୀଲ୍‌ଗୁଡ଼ିକ ଯାକ କାଠ ଅଦୃଶ୍ୟ ହୋଇଗଲା ଓ ସବୁ ଜିନିଷ ଦେଖାଗଲା । ଧରମବାପ କହିଲେ;

“ଦେଖ, ତୁମେ ତୁମ ବାପାଙ୍କର କ୍ଷତି କରିଚ । ଚୋର ଜେଲରେ ବର୍ଷେ ରହି ଫେରିଲାଣି । ସେଠାରେ ସେ ସମସ୍ତ ପ୍ରକାର ଦୁଷ୍କାମି ଶିକ୍ଷାକରି ଆସିଚ ଓ ଏବେ ତାକୁ ଆଉ ସଂଶୋଧନ କରି ହେବ ନାହିଁ । ଏବେ ସେ ତୁମ ବାପାଙ୍କର ଦୁଇଟିଯାକ ଘୋଡ଼ାକୁ ଚୋରି କରି ନେଇଚ ଓ ତୁମ ଖଳାରେ ନିଆଁ ଲଗାଇ ଦେଇଚ । ତୁମ ବାପାଙ୍କପାଇଁ ତୁମେ ଏହିସବୁ ଉପହାର ଆଣିଚ ।”

ଧରମ ପୁଅ ଦେଖିଲା ଯେ ତା’ର ବାପାଙ୍କ ଖଳା ଜଳି ଯାଉଚ । କିନ୍ତୁ ସଙ୍ଗେ ସଙ୍ଗେ ଧରମ ବାପ ସେ ଦୃଶ୍ୟକୁ ଘୋଡ଼ାଇ ନେଲେ ।

“ଏବେ ଦେଖ ତୁମର ଧରମ ମା’ଙ୍କ ସ୍ୱାମୀଙ୍କୁ । ଏକ ବର୍ଷ ହେଲା ସେ ତା’ ସ୍ତ୍ରୀଙ୍କୁ ଛାଡ଼ି ସାରିଲାଣି ଓ ଅନ୍ୟ ସ୍ତ୍ରୀ ଲୋକଙ୍କ ପାଖକୁ ଯାଉଚ । ଯେଉଁ ସ୍ତ୍ରୀକୁ ସେ ରଖିଚା

Digitized by srujanika@gmail.com

ସ୍ୱରୂପ ରଖିଥିଲ, ସେ ଆଜିଠାରୁ ଜେଲକୁ ଯିବାକୁ ଗଲଣି । ଦୁଃଖ ଓ ନୈରାଶ୍ୟରେ ତୁମର ଧରମ ମା’ ବର୍ତ୍ତମାନ ମଦ ପିଇବାକୁ ଆରମ୍ଭ କଲଣି । ତୁମେ ତୁମର ଧରମ ମା’ ପାଇଁ ଏହି ଉପହାର ଆଣିଲ ।’’

ଧରମ ବାପ ଏ ଦୃଶ୍ୟକୁ ଘୋଡ଼ାଇ ଦେଇ ଧରମ ପୁଅର ଆଖିକୁ ପୁଣି ତା’ର ଘର ଆଡ଼କୁ ଫେରାଇ ନେଲେ । ସେଠାରେ ସେ ଦେଖିଲା, ତା’ର ମା’ ନିଜର ପାପ-ପାଇଁ ବସି ଅନୁତାପ କରୁଛି ଓ କାନ୍ଦି କାନ୍ଦି କହୁଛି !

‘‘ଡକାୟତ ସେ ଦିନ ବାଟରେ ମୋତେ ମାରି ଦେଇଥିଲେ ଭଲ ହୋଇଥାନ୍ତା । ମୁଁ ଯାହା ଏତେ ପାପ କରି ବଞ୍ଚି ରହିଛି ।’

ଧରମ ବାପ କହିଲେ, ‘‘ତୁମେ, ତୁମ ମା’ ପାଇଁ ଏହି ଉପହାର ଆଣିଲ ।’’

ସେ ଏହି ଦୃଶ୍ୟକୁ ମଧ୍ୟ ବନ୍ଦ କରି ଦେଲେ ଓ ଧରମ ପୁଅକୁ ତଳକୁ ଚାହିଁବା ପାଇଁ କହିଲେ । ଧରମ ପୁଅ ଦେଖିଲା ଦୁଇ ଜଣ ଜେଲର ରକ୍ଷୀ ଡକାୟତକୁ ଜେଲ ଦ୍ୱାର ପାଖରେ ଧରି ରଖିଛନ୍ତି ।

ଧରମ ବାପ କହିଲେ;

‘‘ଏ ଲୋକଟି ଦଶ ଜଣ ଲୋକଙ୍କୁ ମାରିଛି । ସେ ନିଜେ ତାର ପାପର ପ୍ରାୟଶ୍ଚିତ୍ତ କରିଥାନ୍ତା କିନ୍ତୁ ତୁମେ ତାକୁ ହତ୍ୟା କରି ତାର ସବୁ ପାପ ଯାକ ନିଜେ ଗ୍ରହଣ କଲ । ବର୍ତ୍ତମାନ ତାର ଅପରାଧ ପାଇଁ ତୁମକୁ ଜବାବ ଦେବାକୁ ପଡ଼ିବ । ତୁମେ ନିଜ ପାଇଁ ଏହି ଉପହାର ଆଣିଲ । ମାଈଭାଲୁ ଥରେ କାଠଗଣ୍ଡିକୁ ଠେଲି ଦେଇ ତାର ପିଲାମାନଙ୍କୁ ବିଚଳିତ କରାଇଲା । ଆଉ ଥରେ ଠେଲି ଦେଇ ସେ ତା’ର ପିଲାକୁ ମରାଇଲା । ତୃତୀୟ ଥର ଠେଲି ଦେଇ ନିଜେ ମଲା । ତୁମେ ଠିକ ସେଇଆ କଲ । ବର୍ତ୍ତମାନ ମୁଁ ତୁମକୁ ୩୦ ବର୍ଷ ସମୟ ଦେଉଛି । ତୁମେ ପୁଣି ସଂସାର ଭିତରକୁ ଯାଅ ଓ ଡକାୟତର ପାପ ସବୁର ପ୍ରାୟଶ୍ଚିତ୍ତ କର । ଯଦି ତାହା ନ କର ତୁମେ ତା’ ହେଲେ ତା’ର ସ୍ଥାନ ଗ୍ରହଣ କରିବ ।

‘‘ମୁଁ କିପରି ପା ର ପ୍ରାୟଶ୍ଚିତ୍ତ କରିବି ?’’ ଧରମ ପୁଅ ପଚାରିଲା । ଧରମ ବାପ ଉତ୍ତର ଦେଲେ;

‘‘ତୁମେ ସଂସାରକୁ ଯେତିକି ପାପ ଦେଇଛ, ସେତିକି ପାପ ହଟାଇ ପାରିଲେ ତୁମର ପାପ ଓ ଡକାୟତର ପାପ ଉଭୟଙ୍କର ପ୍ରାୟଶ୍ଚିତ୍ତ ହେବ ।’’

‘‘ମୁଁ କିପରି ସଂସାରରୁ ପାପ ନାଶ କରିବି ?’’

‘‘ଯାଅ, ସିଧା ଉଦୟ ସୂର୍ଯ୍ୟର ଅଭିମୁଖରେ । କିଛି ସମୟ ପରେ ତୁମେ ଏକ ଧାନ କ୍ଷେତ ଦେଖିବ । ସେଠି କେତେକ ଲୋକ କାମ କରୁଥିବେ । ସେମାନେ କ’ଣ କରୁଛନ୍ତି ଦେଖିବ ଓ ତୁମେ ଯାହା ଜାଣ ତାଙ୍କୁ ଶିକ୍ଷା ଦେବ । ତା’ପରେ ଯାଅ ଓ ଯାହା ଦେଖିବ ତାକୁ ମନେ ରଖ । ଚତୁର୍ଥ ଦିନରେ ତୁମେ ଏକ ଜଙ୍ଗଲରେ ପହଞ୍ଚିବ । ଜଙ୍ଗଲ ମଝିରେ ଗୁମ୍ଫା । ଗୁମ୍ଫା ଭିତରେ ଜଣେ ଋଷି ରହୁଛନ୍ତି । ଯାହା ଯାହା ଘଟିଛି, ତାଙ୍କୁ

Digitized by srujanika@gmail.com

ସତ୍ୟ କହ । ତୁମକୁ କ'ଣ କରିବାକୁ ହେବ, ସେ ତାହା ଶିକ୍ଷା ଦେବେ । ସେ ତୁମକୁ ଯାହା କହିବେ, ସତ୍ୟ କରି ସାରିବା ପରେ ତୁମେ ତୁମର ପାପ ଓ ଡକାଏତର ପାପର ପ୍ରାୟଶ୍ଚିତ୍ତ କରିବ ।"

ଏହି କଥା କହି ଧରମ ବାପ ତାଙ୍କର ଧରମ ପୁଅକୁ ସାଙ୍ଗରେ ନେଇ ଘର ବାହାରେ ଗୁଡ଼ି ଦେଇ ଆସିଲେ ।

(ପର ସଂଖ୍ୟାରେ ସମାପ୍ତ ହେବ)


"ନିଆଁକୁ ଯେବେ ଡର
କର ଟାଇଲ ଘର"

ଗାଁଗହଳରେ ପଞ୍ଚାୟତମାନଙ୍କରେ ୬୭ଟି ଟାଇଲ କାରଖାନା ବସିଲଣି । ଲୋକଙ୍କର ମଙ୍ଗଳପାଇଁ ସରକାର ଏହି କାରଖାନାମାନ ବସାଇଛନ୍ତି । ଏହି କାରଖାନାମାନଙ୍କରୁ ସୁବିଧା ଓ ଶସ୍ତା ଦରରେ ଟାଇଲ ମିଳେ । ନିକଟତମ ଟାଇଲ କାରଖାନାରେ ଅନୁସନ୍ଧାନ କରନ୍ତୁ ।

ଯାହାର ଘର ପୋଡ଼ିଯାଇଛି, ସେମାନଙ୍କୁ ଶତକଡ଼ା ୧୦ ଟଙ୍କା ରିହାତି ମିଳିବ ।

ସବିଶେଷ ବିବରଣୀପାଇଁ :

**ଦି ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରିଜ କର୍ପୋରେସନ୍ ଲିମିଟେଡ଼ର**

ନିମ୍ନଲିଖିତ ଶାଖା ଅଫିସମାନଙ୍କରେ ଅନୁସନ୍ଧାନ କରନ୍ତୁ :—

କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସୁନାବେଡ଼ା, ସମ୍ବଲପୁର ଓ ବାଲେଶ୍ୱର

"କରିବ ଟାଇଲ ଘର
ନିଆଁକୁ ନଥିବ ଡର"


Digitized by srujanika@gmail.com

You name it ! We make it !

FOR DESIGN AND MANUFACTURE OF

STEEL TRUSSES, TANKS AND STAGINGS,

. . . WHEEL BARROWS, TROLLIES, GATES & GRILLS,

CHIMNYES AND MODERN PARBOILING AND

MECHANICAL DYING EQUIPMENTS

FOR PADDY.

Gram : SUBSTANCE Phone : 1520

M/s. Gannon Dunkeriey (Orissa) Limited,

C-4, INDUSTRIAL ESTATE,

CUTTACK-3.

Digitized by srujanika@gmail.com

ଓଡ଼ିଶା ଇତିହାସର ଏକ
ମନୋରମ ଆଲେଖ୍ୟ ।

# ଖାରବେଳଙ୍କ ଦ୍ୱିତୀୟ ମହିଷୀ

ଡ଼ଃ **ନବୀନକୁମାର ସାହୁ,** ଏମ୍. ଏ., ପି. ଏଚ୍. ଡ଼ି. ଡ଼ି. ଲିଟ୍

**କ**ଳିଙ୍ଗ ସମ୍ରାଟ ଖାରବେଳ ଆତ୍ମଚରିତ ପ୍ରଜ୍ଞାପନ ନିମନ୍ତେ ଯେଉଁ ଦୁଇଟି ମାଧ୍ୟମ ଅବଲମ୍ବନ କରିଥିଲେ, ତାହା ହେଉଛି ଶିଳାଲେଖ ଓ ଶିଳାଙ୍କନ । ଭୁବନେଶ୍ୱର ନିକଟସ୍ଥ ଉଦୟଗିରିରେ ଥିବା ହାତୀଗୁମ୍ଫା ଶିଳାଙ୍କନରେ ସେହି ସୁବିଖ୍ୟାତ ସମ୍ରାଟଙ୍କ ଆତ୍ମବିବରଣ ବହୁପରିମାଣରେ ପ୍ରକାଶ ପାଏ । ଶିଳାଲେଖରୁ ମିଳେ ଯେ ଖାରବେଳଙ୍କର ଦୁଇଜଣ ମହିଷୀ ଥିଲେ— ବଜିର ଘର ରାଣୀ ଓ ସିଂହପଥ ରାଣୀ । ଶିଳାଙ୍କନରେ ମଧ୍ୟ ଲମ୍ବ ସୋଫା ଉପରେ ଖାରବେଳଙ୍କର ବାମ ଓ ଦକ୍ଷିଣ ପାର୍ଶ୍ୱରେ ଦୁଇରାଣୀ ଉପବେଶନ କରିଥିବା ଦେଖିବାକୁ ମିଳନ୍ତି । ବଜିର ଘର ରାଣୀ ଥିଲେ ସମ୍ରାଟଙ୍କ ପ୍ରଥମା ମହିଷୀ । ସେ ବଜ୍ରଗୃହ (ଆଧୁନିକ ମଧ୍ୟପ୍ରଦେଶସ୍ଥ ଓ୍ୱୈରାଗଡ଼ର ରାଜା ଲଲର୍କଙ୍କ ଦୁହିତା । ମଞ୍ଚପୁରୀଗୁମ୍ଫା ଅଭିଲେଖରେ ସେ ନିଜ ବଂଶର ବିବରଣୀ ଲିପିବଦ୍ଧ କରିଯାଇ ଅଛନ୍ତି । ଖାରବେଳ ୨୪ବର୍ଷ ବୟସରେ କଳିଙ୍ଗ ସିଂହାସନ ଆରୋହଣ କରିବାବେଳେ ପ୍ରଥମା ମହିଷୀଙ୍କ ପାଣିଗ୍ରହଣ କରି ସାରିଥିଲେ । ଦ୍ୱିତୀୟା ମହିଷୀ ସିଂହପଥ ରାଣୀଙ୍କୁ ସେ ନିଜ ଅଭିଷେକରେ କିଛିକାଳ ପରେ ବିବାହ କରିଥିବା ନିଶ୍ଚିତରୂପେ ଜଣାପଡ଼େ । ଯେଉଁ ପରିସ୍ଥିତରେ ସେହି ବିବାହ ସମ୍ଭବ ହେଲା, ତାହା ରାଣୀଗୁମ୍ଫାର ଅଙ୍କନରୁ ସ୍ପଷ୍ଟ ସୂଚିତ ହୁଏ । ତାହାର ସଂକ୍ଷିପ୍ତ ଧାରା-ବିବରଣ ନିମ୍ନରେ ପ୍ରଦତ୍ତ ହେଲା ।

## ମତ୍ତହସ୍ତୀର ଆକ୍ରମଣ

ଜଣେ ରାଜପୁରୁଷ କେତେକ ମହିଳାଙ୍କ ଗହଣରେ କଳିଙ୍ଗ ସମୀପବର୍ତ୍ତୀ ଅରଣ୍ୟରେ ଭ୍ରମଣ କରୁଥିବାବେଳେ ଏକ ପଦ୍ମପୋଖରୀ ଦେଖି ସେଠାରେ ଜଳ-ବିହାର କରିବା-ପାଇଁ ଇଚ୍ଛା କଲେ । ସେତେବେଳେ ଏକ ଦନ୍ତାହାତୀ ଦଳେ ହସ୍ତୀସହ ସେହି

Digitized by srujanika@gmail.com

ପୋଖରୀର ପଦ୍ମବନରେ ଉନ୍ମତ୍ତ ହୋଇ କ୍ରୀଡ଼ା କରୁଥାଏ । ରାଜପୁରୁଷ ହସ୍ତୀପଲକୁ ତଡ଼ିବାପାଇଁ ଉଦ୍ୟତ ହେବାରୁ ଦନ୍ତାବଳଟି କ୍ରୁଦ୍ଧ ହୋଇ ତାଙ୍କୁ ଆକ୍ରମଣ କଲା । ସେ ଅବିଚଳିତ ହୋଇ ବିକ୍ରମସହ ତାହାର ସମ୍ମୁଖୀନ ହେଲେ । ଉଭୟ ଦଳ ମଧ୍ୟରେ କିଛିକାଳ ଖଣ୍ଡଯୁଦ୍ଧ ଚାଲିଲା । ସେତେବେଳେ ଜଣେ ବୀର ତରୁଣୀ ଜୀବନକୁ ଭ୍ରୂକ୍ଷେପ ନ କରି ସମସ୍ତଙ୍କ ଆଗରେ ରହି ଦନ୍ତୀହାତୀ ଉପରକୁ ନିଜର ଅଙ୍ଗ ଅଲଙ୍କାରମାନ ନିକ୍ଷେପ କଲେ । ତଦ୍ଦ୍ୱାରା ହସ୍ତୀଟି କ୍ଷତ-ବିକ୍ଷତ ହୋଇ ସଂଘର୍ଷରେ ପଛଘୁଞ୍ଚା ଦେଲା । ମାତ୍ର ରାଜପୁରୁଷ ସେଠାରେ ସାଂଘାତିକଭାବେ ଆହତ ହେଲେ ଓ ସେହି ତରୁଣୀ ଅନ୍ୟମାନଙ୍କ ସାହାଯ୍ୟରେ ତାଙ୍କୁ ନିକଟସ୍ଥ ଏକ ନିଶବୁହାକୁ ଶୁଶ୍ରୂଷା ନିମନ୍ତେ ନେଇଗଲେ ।

## ଲମ୍ପଟ ପୁରୁଷର ଚକ୍ରାନ୍ତ

ହସ୍ତୀଦଳସହ ସଂଘର୍ଷ ଚାଲିଥିବା-ବେଳେ କେତେଜଣ ନାରୀ ଭୟବିହ୍ୱଳା ହୋଇ ଇତସ୍ତତଃ ପଳାୟନ କରିଥିଲେ । ସେମାନଙ୍କ ମଧ୍ୟରେ ଜଣେ ଥିଲା ଏକ ଲମ୍ପଟ ପୁରୁଷଙ୍କର ଗୁପ୍ତଚର । ପୂର୍ବୋକ୍ତ ବୀର ତରୁଣୀକୁ ଲାଭ କରିବା ନିମନ୍ତେ ସେହି ପୁରୁଷ କେତେ କାଳରୁ ଉଦ୍ୟମ ଚଳାଇ ଥିଲେ ଓ ସମ୍ଭବତଃ ନାରୀଜଣକ ଥିଲା ତାଙ୍କ ସକଳ ଚକ୍ରାନ୍ତର ସହକାରିଣୀ । ରାଜପୁରୁଷ



ଖାରବେଳ ତାଙ୍କର ଦ୍ୱିତୀୟ ମହିଷୀଙ୍କ ସହିତ ନୃତ୍ୟ ଦେଖୁଛନ୍ତି
(ଉଦୟଗିରି ଗୁମ୍ଫା)

Digitized by srujanika@gmail.com

ଯେପର୍ଯ୍ୟନ୍ତ ତରୁଣୀଙ୍କ ରକ୍ଷାକବଚ-ରୂପେ ଥିଲେ, ସେମାନଙ୍କର ସମସ୍ତ ଉଦ୍ୟମ ବିଫଳ ହେଉଥିଲା । ମାତ୍ର ଯେତେବେଳେ ସେହି କାମାସକ୍ତ ପୁରୁଷ ଗୁପ୍ତଚରମାନଙ୍କଠାରୁ ତାଙ୍କର ଆହତ ଅବସ୍ଥାର ସମ୍ବାଦ ପାଇଲେ ସେ ଅବିଳମ୍ବେ ତାହାର ସୁଯୋଗ ନେବାପାଇଁ ସ୍ଥିର କଲେ । ତାଙ୍କର ଈପ୍ସିତା ତରୁଣୀଙ୍କୁ ଲାଭ କରିବା ଲାଳସାରେ ସେ ଗୁପ୍ତଚରଙ୍କ ନିର୍ଦ୍ଦେଶିତ ପଥରେ ଅଗ୍ରସର ହେଲେ । ତେଣେ ଅସହାୟ ଅବସ୍ଥାରେ ରାଜପୁରୁଷଙ୍କର ମୃତ୍ୟୁ ହେଲା । ଲମ୍ପଟ ପୁରୁଷଜଣକ ତରୁଣୀଙ୍କୁ ଅପହରଣ କରିବା ନିମନ୍ତେ ବଳପ୍ରୟୋଗ କରିବାରୁ ସେ ବିପଦରେ ଅଧୀର ନ ହୋଇ ମୃତ ପୁରୁଷଙ୍କର ଅସ୍ତ୍ର ଧରି ପ୍ରତିରୋଧ କଲେ । ମାତ୍ର ଅଳ୍ପକାଳ ପରେ ଦ୍ୱନ୍ଦ୍ୱ, ଯୁଦ୍ଧରେ ପରାଭୂତା ହୋଇ ବନ୍ଦିନୀ ହେଲେ ।

ସୌଭାଗ୍ୟବଶତଃ ସେତେବେଳେ ସମ୍ରାଟ ଖାରବେଳ ସଦଳବଳରେ ସେହି ଅରଣ୍ୟରେ ପାରିଧି-ବିଜେ କରିଥାନ୍ତି । ତାଙ୍କର ସେନାଙ୍କ କୋଳାହଳରେ ବନଭୂମି ହଠାତ୍ ମୁଖରିତ ହୋଇ ଉଠିଲା । ସେହି ଲମ୍ପଟ ପୁରୁଷ ପ୍ରମାଦ ଗଣିଲେ ଓ କିଂକର୍ତ୍ତବ୍ୟ-ବିମୂଢ଼ ହୋଇ ତରୁଣୀଙ୍କୁ ଅରଣ୍ୟରେ ଏକାକିନୀ ଛାଡ଼ି ପଳାୟନ କଲେ ।

## ଦ୍ୱିତୀୟା ମହିଷୀ

ଖାରବେଳଙ୍କର ଶରବିଦ୍ଧ ହୋଇ ଦ୍ରୁତଗାମୀ ମୃଗଟିଏ ଏକ ବୃକ୍ଷ ମୂଳରେ ଟଳି ପଡ଼ିଲା । ସମ୍ରାଟ ଅଶ୍ୱପୃଷ୍ଠରୁ ଅବତରଣ କରି ନିଜେ ସେହି ଆହତ ମୃଗ ଆଡ଼କୁ ଅଗ୍ରସର ହେଲେ । ନିକଟକୁ ଯାଇ ଦେଖିଲେ, ଜଣେ ନାରୀ ବୃକ୍ଷ ଡାଳରେ ବସି ଆଶ୍ରୟ ପ୍ରାର୍ଥନା କରୁଅଛନ୍ତି । ପରିଚୟ ଲାଭ କରି ଖାରବେଳ ତାଙ୍କୁ ଅତି ଆଦରରେ ନିଜ ପ୍ରାସାଦକୁ ଆଣିଲେ । ତାଙ୍କର ସମ୍ମାନ ନିମନ୍ତେ ରାଜଧାନୀ କଳିଙ୍ଗନଗରୀରେ ନୃତ୍ୟ-ଗୀତ ସହ ବିବିଧ ଉତ୍ସବ ଆୟୋଜିତ ହୋଇଥିଲା । ନୃତ୍ୟ ସଙ୍ଗୀତ ପରିବେଷ୍ଟିତ-ହେଉଥିବା ରଙ୍ଗମଞ୍ଚର ଏକ ପାର୍ଶ୍ୱରେ ଖାରବେଳ ତରୁଣୀଙ୍କ ସହ ଉପବେଶନ କରିଥିବା ଓ ଅପର ପାର୍ଶ୍ୱରେ ବଜ୍ରର ଘର ରାଣୀ ଏକାକିନୀ ଆସନ ଗ୍ରହଣ କରିଥିବା ଚିତ୍ରାଙ୍କନ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହୁଏ । ପରିଶେଷରେ ତରୁଣୀ ହେଲେ ଖାର-ବେଳଙ୍କର ଦ୍ୱିତୀୟା ମହିଷୀ ଓ ସେ ସିଂହପଥରାଣୀ ନାମରେ ପରିଚିତା ହେଲେ ।

## ଦ୍ୱିତୀୟା ମହିଷୀଙ୍କର ଉଦାରତା

ପ୍ରଥମା ମହିଷୀ ବଜ୍ରର ଘର ରାଣୀ ଥିଲେ ଜଣେ ନିଷ୍ଠାପର ଜୈନ । ସେ କଳିଙ୍ଗର ଶ୍ରମଣଙ୍କ ନିମନ୍ତେ ନିଜ ହାତପାଣ୍ଡିରୁ ମଞ୍ଚପୁରୀଗୁମ୍ଫାର ଉପର ମହଲା ଖନନ କରାଇଥିଲେ । ଦ୍ୱିତୀୟା ମହିଷୀ ସିଂହପଥ ରାଣୀ ଧର୍ମକ୍ଷେତ୍ରରେ ଉଦାର ମନୋଭାବ ପ୍ରଦର୍ଶନ କରୁଥିଲେ । ସେ ସବୁ ଧର୍ମ-ସମ୍ପ୍ରଦାୟ ପ୍ରତି ସମ୍ମାନ ଦେଖାଇବା ନିମନ୍ତେ ଖାରବେଳଙ୍କୁ ପ୍ରୋତ୍ସାହନ ଦେଉଥିଲେ ।

Digitized by srujanika@gmail.com

ସେକାଳରେ ଉଦୟଗିରି (କୁମାରୀ ପର୍ବତ)କୁ ପବିତ୍ର ପୀଠ ଜ୍ଞାନ କରି ଭାରତର ବିଭିନ୍ନ ଅଞ୍ଚଳରୁ ବହୁ ଜୈନ ଅର୍ହତ ଓ ଯତି, ବ୍ରାହ୍ମଣ ତାପସ ଓ ଋଷି, ତଥା ବୌଦ୍ଧ-ଶ୍ରମଣ ଓ ଭିକ୍ଷୁ ପରିଦର୍ଶନ ନିମନ୍ତେ ଆସୁଥିଲେ । ସେହି ଧାର୍ମିକ ଅତିଥିମାନଙ୍କର ନିବାସପାଇଁ ଏକ ପାନ୍ଥଶାଳା ନିର୍ମାଣ କରିବା ନିମନ୍ତେ ସିଂହପଥ ରାଣୀ ସମ୍ରାଟଙ୍କୁ ଅନୁରୋଧ ଜଣାଇଥିଲେ । ରାଣୀଙ୍କର ସେହି ସଦିଚ୍ଛା ପୂରଣ କରିବା ନିମନ୍ତେ ଖାରବେଳ ବିଭିନ୍ନ ଧର୍ମବାଦୀ ଆଗନ୍ତୁକ ଅତିଥିଙ୍କ ଉଦ୍ଦେଶ୍ୟରେ କୁମାରୀ ପର୍ବତର ପାର୍ଶ୍ୱଦେଶରେ ଯେଉଁ ସୁରମ୍ୟ ପ୍ରାସାଦ ତୋଳିଥିଲେ, ତାହା ସେକାଳରେ ଅତୁଳନୀୟ ଥିଲା । ବହୁ ଦୂର ଦେଶରୁ ଆନୀତ ୩୫ ଲକ୍ଷ ସୁନ୍ଦର ପ୍ରସ୍ତର-ଦ୍ୱାରା ପ୍ରାସାଦଟି ନିର୍ମିତ ହୋଇଥିଲା । ତାହାର ତଳଭାଗର ଚଟାଣ ପାଟଳ ବର୍ଣ୍ଣରେ ରଞ୍ଜିତ ହୋଇଥିଲା ଓ ସ୍ତମ୍ଭମାନଙ୍କରେ ବୈଦୁର୍ଯ୍ୟଖଣ୍ଡ ଖଚିତ ହୋଇ ଝଟକୁ ଥିଲା । ପ୍ରାସାଦର ନିର୍ମାଣ କାର୍ଯ୍ୟରେ ଅନ୍ୟୂନ ଏକ ଲକ୍ଷ ପାଞ୍ଚ ହଜାର କାର୍ଷାପଣ ବ୍ୟୟିତ ହୋଇଥିଲା ।

## ରାଜଧର୍ମ ଓ ସବୁ ଧର୍ମର ଆଦର

ଖାରବେଳ ନିଜେ ଜୈନ ଧର୍ମାବଲମ୍ବୀ ଥିଲେ ହେଁ ସେ ସବୁ ଧର୍ମର ପୂଜକ ଥିଲେ ଓ ବିଭିନ୍ନ ଧର୍ମ ସମ୍ପ୍ରଦାୟର ଦେବାୟତନ-ମାନ ସଂସ୍କାର ସାଧନ କରିଥିଲେ । ହାତୀଗୁମ୍ଫା ଶିଳାଲେଖରେ ସେ ନିଜକୁ କ୍ଷେମରାଜ, ଧର୍ମରାଜ ଓ ବୃଦ୍ଧିରାଜ ଆଖ୍ୟା ଦେଇ ପ୍ରକାଶ କରନ୍ତି ଯେ, ସେ ଧର୍ମ-ନିର୍ବିଶେଷରେ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖନ୍ତି, ସମସ୍ତଙ୍କର ବାଣୀ ଶ୍ରବଣ କରନ୍ତି, ସମସ୍ତଙ୍କର ହିତ ଅନୁଭବ କରନ୍ତି ଓ ସମସ୍ତଙ୍କର କଲ୍ୟାଣ କାମନା କରନ୍ତି । ଜୈନ ଭାବଧାରାସିଦ୍ଧ ଉଦାର ଧର୍ମନୀତିର ବ୍ୟାଖ୍ୟାନ କରିବା ବେଳେ ସେ ନିଜ ରାଜଧର୍ମର ଉଚ୍ଚ ଆଦର୍ଶର ସୂଚନା ପ୍ରକାଶ କରନ୍ତି । ସେ ନିଜକୁ ଶାଶ୍ୱତ ନିୟମର ଧାରକ, ସଂରକ୍ଷକ ଓ ପ୍ରବର୍ତ୍ତକରୂପେ ଜ୍ଞାନ କରୁଥିଲେ ଓ ପୂର୍ବପୁରୁଷ ରାଜର୍ଷି ବସୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଧର୍ମନୀତି ଓ ରାଜନୀତିର ସମନ୍ୱୟ ପ୍ରତିଷ୍ଠା ନିମନ୍ତେ ଉଦ୍ୟମ କରୁଥିଲେ । ଅଶୋକଙ୍କ ସଦୃଶ ସେ ଧର୍ମ ବିଜୟର ପରିକଳ୍ପନା କରି ନଥିଲେ । ଶାସନତନ୍ତ୍ରକୁ ଧର୍ମନୀତିର ଅଙ୍ଗ କରି ଧର୍ମ ପରି ପ୍ରଚାର କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା । ତାଙ୍କର ଲକ୍ଷ୍ୟ ଥିଲା, ଧର୍ମର ପରିବେଶରେ ଏକ ମହନୀୟ ମାନବ ସଂସ୍କୃତିର ଆଦର୍ଶ ପ୍ରତିଷ୍ଠା କରିବା । ସେହି ଲକ୍ଷ୍ୟର ମୂଳରେ ଥିଲା ଦ୍ୱିତୀୟା ମହିଷୀ ସିଂହ-ପଥ ରାଣୀଙ୍କର ଅଦମ୍ୟ ପ୍ରେରଣା ଓ ସାଧନା ।

Digitized by srujanika@gmail.com

# ଇତିହାସରେ ଶକ୍ତି ଉପାସନା

## ଅଧ୍ୟାପକ ଡକ୍ଟର ବଂଶୀଧର ମହାନ୍ତି

ଶକ୍ତି ଉପାସନାର ଇତିହାସ ଅତି ପ୍ରାଚୀନ । ଆଦ୍ୟାଶକ୍ତି ମାତୃକାରୂପେ ଦେବୀପୂଜା କେବଳ ଭାରତରେ ନୁହେଁ, ପୃଥିବୀର ଅନ୍ୟାନ୍ୟ ବହୁଦେଶରେ ପ୍ରଚଳିତ ଥିବାର ବିଷୟ ଇତିହାସରୁ ଜଣାପଡ଼ିଥାଏ । ଦେବୀପୂଜା ପଶ୍ଚିମ ଏସିଆ, ଦକ୍ଷିଣ-ପୂର୍ବ ଇଉରୋପର ବିଭିନ୍ନ ସ୍ଥଳରେ ପ୍ରଚଳିତ ଥିଲା । ପ୍ରାଚୀନ ସିରିଆର ପ୍ରତ୍ନତତ୍ତ୍ୱରୁ ଜଣାଯାଏ ଯେ, ଆମ ଭାରତର ସିଂହବାହିନୀ ଦୁର୍ଗାଙ୍କ ପରି ସେ ଦେଶରେ ସିଂହବାହିନୀ ଦେବୀଙ୍କର ମୂର୍ତ୍ତି ଏକ ସମୟରେ ପ୍ରାଚୀନ-କାଳରେ ପ୍ରଚଳିତ ଥିଲା ।

### ସୈନ୍ଧବ ସଭ୍ୟତାରେ ଶକ୍ତିପୂଜା

ହରପ୍ପା, ମହେଞ୍ଜୋଦାରୋ ପ୍ରଭୃତି ସ୍ଥାନରେ କେତେକ ସ୍ତ୍ରୀ ମୂର୍ତ୍ତି ପ୍ରତ୍ନତାତ୍ତ୍ୱିକ ଖୋଦନରୁ ମିଳିଥିଲା । ଏଥିରୁ କେତେକ ଐତିହାସିକ ମନେକରନ୍ତି ଯେ, ତାହା ହେଉଛି ପ୍ରାଚୀନ ମାତୃକାର ମୂର୍ତ୍ତି । ପ୍ରାଚୀନ ସିନ୍ଧୁ ସଭ୍ୟତା ବା "Early Indus Civilization-Ernest Mackay" ଗ୍ରନ୍ଥରେ ଏ ବିଷୟରେ ବିଶଦ ଆଲୋଚନା କରି ଆଲୋଚକ କହନ୍ତି ଯେ, ଯେଉଁ କେତେକ ଭଗ୍ନ ନାରୀମୂର୍ତ୍ତି ମହେଞ୍ଜୋଦାରୋ ଓ ହରପ୍ପାରୁ ମିଳିଛି ନିଃସନ୍ଦେହରେ ସେଗୁଡ଼ିକୁ 'ମାତୃକା' ବା 'Mother Goddess' ଆଖ୍ୟା ଦିଆଯାଇପାରେ । ଏହି ମାତୃକା ଉପାସନା ପ୍ରାଚୀନ କାଳରେ ଏକସମୟରେ ଭାରତ, ସିରିଆ ଓ ମଧ୍ୟ ଏସିଆ ଅଞ୍ଚଳର ଅନେକ ସ୍ଥଳରେ ପ୍ରଚଳିତ ଥିଲା । ଆଜି ମଧ୍ୟ ଏହି ଶକ୍ତି ଉପାସନା ଭାରତର ନିମ୍ନସ୍ତରର ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ଅଛି । ଏହିସବୁ କ୍ଷୁଦ୍ର ମୂର୍ତ୍ତିରୁ ଜଣାପଡ଼େ ଯେ ସମ୍ଭବତଃ ପ୍ରାଚୀନ ସିନ୍ଧୁ ସଭ୍ୟତାରେ ଗଢ଼ିଉଠିଥିବା ସହରମାନଙ୍କର ଘରର କାନ୍ଥରେ ଥିବା ଖୋଲଗୁଡ଼ିକରେ ଏହି ମାତୃକା ମୂର୍ତ୍ତି ପୂଜିତ ହେଉଥିଲେ ଯାହାଙ୍କର ନାମ ସେ ସମୟରେ କ'ଣ ଥିଲା ତାହା ସହଜରେ ଜଣାପଡ଼େ ନାହିଁ । ମୂର୍ତ୍ତି-ଗୁଡ଼ିକର ଗଠନ ପ୍ରଣାଳୀରୁ ସେଗୁଡ଼ିକ ଯେ କୁମାରୀ ଦେବୀମୂର୍ତ୍ତି, ଏବିଷୟ ବହୁ ପ୍ରତ୍ନତତ୍ତ୍ୱବିଦ୍ ଆଲୋଚନା କରି ସ୍ଥିର କରିଅଛନ୍ତି । ଅଧିକନ୍ତୁ ମଧ୍ୟ ଗୋଟିଏ ମୂର୍ତ୍ତି ରହିଛି ଓ ସେ ହେଉଛନ୍ତି ଶୃଙ୍ଗଯୁକ୍ତ ଦେବୀ ମୂର୍ତ୍ତି ଓ ସେ ଏକ ପିପ୍ପଳ ବୃକ୍ଷ ମୂଳରେ ଉପବିଷ୍ଟ ଓ ତାଙ୍କ ସମ୍ମୁଖରେ ଅନ୍ୟ ଏକ ଶୃଙ୍ଗ ଶୋଭିତ ପୁରୁଷ ଦେବତା ନତଜାନୁ ଅବସ୍ଥାରେ ବିନମ୍ର ପ୍ରଣତି

Digitized by srujanika@gmail.com

ଜଣାଉ ଅଛନ୍ତି । ତେଣୁ ଏସବୁରୁ ଅନୁମିତ ହୁଏ ଖ୍ରୀ: ପୂ: ହଜାର ବର୍ଷ ତଳେ ପ୍ରାକ୍ ବୈଦ୍ଧିକ ଯୁଗରେ ଭାରତୀୟ ସଭ୍ୟତାରେ ଶକ୍ତି ଉପାସନା ରହିଥିଲା । ପ୍ରାକ୍-ବୈଦ୍ଧିକ ଯୁଗର ସଭ୍ୟତା ଦ୍ରାବିଡ଼ ସଭ୍ୟତା ହୋଇଥିବାରୁ ଶକ୍ତି ଉପାସନା ପ୍ରଥମେ ସେହି ସଭ୍ୟତାରେ ଆତ୍ମପ୍ରକାଶ କରିଥିବା ବିଷୟ ଜଣାପଡ଼ୁଛି ।

ଏହାଛଡ଼ା ଖାଦ୍ୟଶସ୍ୟ ଓ ଉଦ୍ଭିଦର ଜନୟିତ୍ରୀରୂପେ ଦେବୀ ପୂଜାର ପରିକଳ୍ପନା ମଧ୍ୟ ବହୁ ପ୍ରାଚୀନ—ଏପ୍ରକାର ପୂଜା ଅତି ଆଦିମ ସମାଜରେ ପ୍ରଚଳିତ ଥିଲା ଏବଂ ଏବେ ବି ରହିଛି । ବୈଦ୍ଧିକ ଯୁଗରେ ଆର୍ଯ୍ୟ ଋଷିମାନେ ଉଷା, ସରସ୍ୱତୀ, ପୃଥିବୀ, ଅଦିତୀ, ଇଡ଼ା, ଧୀଷଣା ଓ ରାତ୍ରି ପ୍ରଭୃତି ବିଭିନ୍ନ ଶକ୍ତିର ପରିକଳ୍ପନା କରି ବିଭିନ୍ନ ସୂକ୍ତ ରଚନା କରିଯାଇ ଅଛନ୍ତି ।

## 'ମୁଁ ସମସ୍ତଙ୍କୁ ଧାରଣ କରିଛି'

ଋକ୍‌ବେଦର ଦଶମ ମଣ୍ଡଳରେ ଥିବା ୧୨୫ ସୂକ୍ତରେ ଶକ୍ତିଙ୍କର ଅନନ୍ୟ ସାଧାରଣ ବର୍ଣ୍ଣନା ପରିଲକ୍ଷିତ ହୋଇ-ଥାଏ । ଏହି ସୂକ୍ତ ବେଦ-ପରବର୍ତ୍ତୀ ସାହିତ୍ୟରେ 'ଦେବୀ-ସୂକ୍ତ'ଭାବରେ ପରିଚିତ । ଯେପରି :—

ଅହଂ ରୁଦ୍ରେଭିର୍ବସୁଭିଶ୍ଚରାମ୍ୟହ-
ମାଦିତ୍ୟୈରୁତ ବିଶ୍ୱଦେବୈଃ
ଅହଂ ମିତ୍ରା ବରୁଣୋଭା ବିଭର୍ମ୍ୟ-
ହମିନ୍ଦ୍ରାଗ୍ନୀ ଅଶ୍ୱିନୋଭା ।୧।

ଅହଂ ସୋମ ମାହନସଂ ବିଭର୍ମ୍ୟହଂ
ତ୍ୱଷ୍ଟାରମୁତ ପୂଷଣଂ ଭଗମ୍
ଅହଂ ଦଧାମି ଦ୍ରବିଣଂ ହବିଷ୍ମତେ
ସୁପ୍ରାବ୍ୟେ ଯଜମାନାୟ ସୁନ୍ୱତେ ।୨।

ଏହାର ଅର୍ଥ ହେଉଛି—'ମୁଁ ରୁଦ୍ର ଏବଂ ବସୁଗଣଙ୍କ ସହିତ ବିଚରଣ କରେ, ମୁଁ ଆଦିତ୍ୟ ଓ ଅନ୍ୟାନ୍ୟ ଦେବତାମାନଙ୍କ ସହିତ ରହିଅଛି । ମୁଁ ମିତ୍ର ଓ ବରୁଣ ଉଭୟଙ୍କୁ ଧାରଣ କରିଛି । ମୁଁ ଇନ୍ଦ୍ର, ଅଗ୍ନି ଓ ଅଶ୍ୱିନୀକୁମାର ଦ୍ୱୟଙ୍କୁ ଧରିରଖିଛି । ଯେ ସୋମଦ୍ୱାରା ଆଘାତପ୍ରାପ୍ତ ବା ଯେ ପ୍ରସ୍ତରଖଣ୍ଡ ଆଘାତରେ ଉତ୍ପନ୍ନ ହୋଇ ଅଛନ୍ତି ମୁଁ ତାଙ୍କୁ ମଧ୍ୟ ଧାରଣ କରିଅଛି । ମୁଁ ତ୍ୱଷ୍ଟା, ପୂଷା ଏବଂ ଭଗଙ୍କୁ ମଧ୍ୟ ଧାରଣ କରିଛି । ଯେଉଁ ଯଜମାନ ଯଜ୍ଞ ସାମଗ୍ରୀ ଓ ସୋମରସଦ୍ୱାରା ଦେବତାମାନଙ୍କୁ ଉତ୍ତମରୂପେ ତୃପ୍ତି ପ୍ରଦାନ କରେ ମୁଁ ତାଙ୍କୁ ଧନ ପ୍ରଦାନ କରିଥାଏ" । ବୈଦିକ ଋଷିମାନେ ବିଶ୍ୱଶକ୍ତିର ମୂଳରେ ଦେବୀ-ଶକ୍ତି ଥିବାର ଯେ ଉପଲବ୍ଧି କରିଥିଲେ ତାହା ଏହି ସମସ୍ତ ବର୍ଣ୍ଣନାରୁ ଜଣା ପଡ଼ିଥାଏ ।

ବେଦ-ପରବର୍ତ୍ତୀ ସାହିତ୍ୟରେ ଅନ୍ୟାନ୍ୟ ବହୁ ଦେବୀଙ୍କର ସୃଷ୍ଟି ଘଟିଥିଲା । ଉମା, ଅମ୍ବିକା, କାଳୀ, ଦୁର୍ଗା ପ୍ରଭୃତିଙ୍କୁ କେନ୍ଦ୍ର କରି ଶାକ୍ତ-ଧର୍ମ ଭାରତରେ ପ୍ରସାର ଲାଭ କରିଥିଲା ।

## ପ୍ରାଚୀନ ଓଡ଼ିଶାରେ ଶକ୍ତିପୂଜା

ପ୍ରାଚୀନ ଓଡ଼ିଶାରେ ଶକ୍ତିପୂଜାର ଇତିହାସ ଯଥାର୍ଥଭାବରେ ଆଲୋଚିତ ହୋଇନାହିଁ । ତନ୍ତ୍ର-ଗ୍ରନ୍ଥସମୂହରେ ଶକ୍ତି

Digitized by srujanika@gmail.com

ସାଧନାର ଚାରିଗୋଟି ପୀଠର ବର୍ଣ୍ଣନା ଦେଖିବାକୁ ମିଳିଥାଏ ଓ ସେହି ପୀଠ ଚାରିଗୋଟି ହେଉଛନ୍ତି ଓଡ୍ଡୀୟାନ, ଶ୍ରୀହଟ୍ଟ, ପୂର୍ଣ୍ଣଗିରି ଓ କାମାକ୍ଷା । ଏହି ଚାରି ପୀଠର ଅଧିଷ୍ଠାତ୍ରୀ ଦେବୀ ଯଥାକ୍ରମେ ହେଉଛନ୍ତି କାତ୍ୟାୟିନୀ, ମହାଦେବୀ, ପୂର୍ଣ୍ଣେଶ୍ୱରୀ ଓ କାମରୂପିଣୀ ବା କାମାକ୍ଷ୍ୟା । ଓଡ୍ଡୀୟାନ ପୀଠ ହିଁ ହେଉଛି ଓଡ଼ିଶାର ଜଗନ୍ନାଥ ପୀଠ, ଯେଉଁଠାରେ ବିମଳା ମହାଦେବୀ ଓ ଜଗନ୍ନାଥ ଭୈରବରୂପେ ପୂଜିତ ହେଉ ଅଛନ୍ତି । ପୁରୁଷୋତ୍ତମ କ୍ଷେତ୍ରର ବିମଳା ଓ ଯାଜପୁରର ବିରଜା-ପୀଠ ଓଡ଼ିଶାର ପ୍ରାଚୀନତମ ଶାକ୍ତ-ପୀଠ ଭାବରେ ପୁରାଣ ଓ ତନ୍ତ୍ର-ଗ୍ରନ୍ଥମାନଙ୍କରେ କଥିତ ।

ଓଡ଼ିଶାରେ ତାନ୍ତ୍ରିକ ବୌଦ୍ଧଧର୍ମ ଲୋକ-ପ୍ରିୟତା ଲାଭ କରିଥିଲା ଓ ଓଡ଼ିଶା ଉକ୍ତ ଧର୍ମର ପ୍ରଧାନପୀଠରୂପେ ସମଗ୍ର ଭାରତରେ ଖ୍ୟାତ ପାଇଥିଲା । ଏହି ସମୟରୁ ହିଁ ଓଡ଼ିଶାରେ ଶାକ୍ତଧର୍ମ ଅଶେଷ ଲୋକପ୍ରିୟତା ଲାଭ କଲା । ତାନ୍ତ୍ରିକ ବୌଦ୍ଧଧର୍ମ ଓ ହିନ୍ଦୁତନ୍ତ୍ରର ଲୋକପ୍ରିୟତା ଫଳରେ ବହୁ ଦେବୀ ସୃଷ୍ଟି ଲାଭ କଲେ । ତାରା, ଉଗ୍ରତାରା, ବାରାହୀ, ମାରୀଚ, ଚାମୁଣ୍ଡା, ଚର୍ଚ୍ଚିକା, ଭଟ୍ଟାରିକା ଓ ପର୍ଣ୍ଣଶବରୀ ମୁଖ୍ୟତଃ ବୌଦ୍ଧଦେବୀ ହେଲେ ହେଁ ସେମାନେ କାଳକ୍ରମେ ହିନ୍ଦୁଧର୍ମର ଲୋକପ୍ରିୟ ଉପାସ୍ୟ ଦେବୀ ହେଲେ ।

ଓଡ଼ିଶାର ପ୍ରଧାନ ଶାକ୍ତ-ପୀଠ-ଗୁଡ଼ିକ ହେଉଛି କଟକ ଜିଲ୍ଲାର ବିରଜା ଓ ସାରଳା ପୀଠ, ପୁରୀ ଜିଲ୍ଲାର ମଙ୍ଗଳା ଓ ଶ୍ରୀକ୍ଷେତ୍ରର ବିମଳା-ପୀଠ, ସମ୍ବଲପୁରର ସମଲେଶ୍ୱରୀ, ବାଣପୁରର ଭଗବତୀ ଓ ବାଙ୍କିର ଚର୍ଚ୍ଚିକା । ଏହାଛଡ଼ା ଓଡ଼ିଶାର ପୁରପଲ୍ଲୀର କେତେ ଯେ ଦେବୀ ବିଗ୍ରହ ରହିଛନ୍ତି, ତାହାର କଳନା କରିବା ଅସମ୍ଭବ ।

ବିଭିନ୍ନ ଶାକ୍ତପୀଠର ବର୍ଣ୍ଣନାରେ ଏକାମ୍ରପୀଠ ଶାକ୍ତପୀଠଭାବରେ କଥିତ ହୋଇଅଛି । ଭୁବନେଶ୍ୱର ମନ୍ଦିର ନିକଟବର୍ତ୍ତୀ ବୈତାଳ ମନ୍ଦିର ଏକ ସମୟରେ ଶକ୍ତି ଉପାସନାର ଏକ ପ୍ରଧାନ ପୀଠ ଥିଲା । ଏହି ମନ୍ଦିରର ଗର୍ଭଗୃହରେ ଶବାସନା କୃଶୋଦରୀ ଚାମୁଣ୍ଡା ଦେବୀଙ୍କର ଯେଉଁ ବିକଟାଳ ମୂର୍ତ୍ତି ଦେଖାଯାଏ, ତହିଁରୁ ତାନ୍ତ୍ରିକ ଶାକ୍ତଧର୍ମର କରାଳତା ଓ ବୀଭତ୍ସତା ସହଜରେ ଅନୁମିତ ହୋଇଥାଏ । ଶାକ୍ତ ଧର୍ମରେ ତନ୍ତ୍ର-ପୂଜାରେ ମଣ୍ଡଳାକାରରେ ଯୋଗିନୀମାନଙ୍କୁ ସ୍ଥାପନା କରିବାର ବିଧି ରହିଛି । ଓଡ଼ିଶାର ଭୁବନେଶ୍ୱର ନିକଟବର୍ତ୍ତୀ ହୀରାପୁର ବା ରାଣୀପୁର ଝରିଆଲର ଚଉଷଠି ଯୋଗିନୀ ମନ୍ଦିର ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ଓଡ଼ିଶାର ବିଭିନ୍ନ ସ୍ଥଳରୁ ମିଳୁଥିବା ସପ୍ତମାତୃକା ମୂର୍ତ୍ତି ତଥା ଯାଜପୁରର ସପ୍ତମାତୃକା ମୂର୍ତ୍ତି ଓଡ଼ିଶାର କଳା ଓ ସ୍ଥାପତ୍ୟର ସମୁଚ୍ଚ ନିଦର୍ଶନ ଦେବା ସହିତ ଓଡ଼ିଶାରେ ଶାକ୍ତଧର୍ମର ପରାକାଷ୍ଠା ପ୍ରଦର୍ଶନ କରାଯାଇଥାଏ ।

ମହିଷମର୍ଦ୍ଦିନୀ ଦୁର୍ଗାଙ୍କର ବିଭିନ୍ନ ପ୍ରକାର ମୂର୍ତ୍ତି ଓଡ଼ିଶାରେ କ୍ଷେତ୍ର ବିଶେଷଭାବରେ ରହିଛି । ଦୁର୍ଗାଙ୍କର ଭୁଜ ସଂଖ୍ୟାରେ ମଧ୍ୟ

Digitized by srujanika@gmail.com

ବିଭିନ୍ନତା ଲକ୍ଷିତ ହୋଇଥାଏ । ଦୁର୍ଗା ଦେଉଁ ୮, ୧୨, ୧୬, ୧୮, ୨୦ ଏହିପରିକି ୩୨ ହସ୍ତା ଅଟନ୍ତି । ପ୍ରାଚୀନ ଓଡ଼ିଶାରେ ମୃଣ୍ମୟ ଦୁର୍ଗା ମୂର୍ତ୍ତି ପୂଜାର ପ୍ରଚଳନ ନ ଥିଲା; କିନ୍ତୁ ବଙ୍ଗୀୟ ସଂସ୍କୃତି ପ୍ରଭାବରେ ମେଢ଼ ପୂଜା ଊନବିଂଶ ଶତକର ଶେଷ ଭାଗରୁ ଓଡ଼ିଶାରେ ପ୍ରଚଳିତ ହୋଇ ଲୋକପ୍ରିୟତା ଲାଭ କଲା । ଓଡ଼ିଆ ସଂସ୍କୃତିରେ ଦୁର୍ଗାଙ୍କର ପ୍ରସ୍ତର ମୂର୍ତ୍ତି ପୂଜା ସହିତ ଶାରଦୀୟ ଦୁର୍ଗୋତ୍ସବରେ କଳସୀ ପୂଜା ଓଡ଼ିଶାର ପୁରପଲ୍ଲୀରେ ଏବେ ବି ପ୍ରଚଳିତ ରହିଛି ।

ସୃଷ୍ଟି, ସ୍ଥିତି ଓ ସଂହାରରୂପିଣୀ ପ୍ରକୃତି-ରୂପିଣୀ ଶକ୍ତିପୂଜା ଆବହମାନ କାଳରୁ ଭାରତୀୟ ସଂସ୍କୃତି ଓ ଧର୍ମର ଧାରାକୁ ଓତଃପ୍ରୋତ ଭାବରେ ପ୍ରଭାବିତ କରିଛି । ଶକ୍ତି ପୂଜାରେ ମାତୃ ପୂଜାର ଗୌରବ ନିହିତ, ଯାହା ହିନ୍ଦୁ ସଂସ୍କୃତିର ଏକ ପ୍ରଧାନ ବୈଶିଷ୍ଟ୍ୟ । ତୈତ୍ତିରୀୟ ଆରଣ୍ୟକରେ ଶକ୍ତିରୂପିଣୀ ଦୁର୍ଗାଦେବୀଙ୍କର ଯେଉଁ ମହିମାମୟୀ ବର୍ଣ୍ଣନା ରହିଛି, ତାହା ଲକ୍ଷ୍ୟ କରିବାର କଥା :—

"ତାଂ ଅଗ୍ନିବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ
ବୈରୋଚନୀଂ କର୍ମଫଳେଷୁ ଜୁଷ୍ଟାମ୍
ଦୁର୍ଗାଂ ଦେବୀଂ ଶରଣମହଂ ପ୍ରପଦ୍ୟେ
ସୁତରସି ତରସେ ନମଃ" ।

"ହେ ଅଗ୍ନିବର୍ଣ୍ଣା ତପ୍ତ ପ୍ରଦୀପ୍ତା ସୂର୍ଯ୍ୟ କନ୍ୟା ଯେ ଅଭୀଷ୍ଟ ଫଳପ୍ରାପ୍ତି ନିମିତ୍ତ ଲୋକମାନଙ୍କଦ୍ୱାରା ପ୍ରାର୍ଥିତ ହୁଅନ୍ତି, ଏପରି ଦୁର୍ଗାଦେବୀଙ୍କର ମୁଁ ଶରଣାପନ୍ନ ହେଉଛି । ହେ ତାରଣକାରିଣୀ ଦୁର୍ଗେ, ତୁମକୁ ମୁଁ ପ୍ରଣତି ଜଣାଉଛି" ।

FOR :—

PHOTOGRAPHY, RADIOS
STATIONERIES,
WATCHES & CLOCKS.

VISIT

S. ZIAULLAH & Co

BUXI BAZAR & CHOUDHURY BAZAR,
CUTTACK-1

Phone s:-407 & 407 A

Digitized by srujanika@gmail.com

| |
|---|
| ଏ ଦେଶରେ ଜୀବନ-ଦର୍ଶନ<br>ଭୋଗ ନୁହେଁ |

# ଅମୃତତ୍ୱ

**—ଡକ୍ଟର ମାଧୁଧର ମାନସିଂହ**

ବିଶ୍ୱ ସଭ୍ୟତାରେ ଭାରତବର୍ଷ ଏକମାତ୍ର ଦେଶ ଯେଉଁ ମୂଳରୁ ଅମୃତତ୍ୱ ଖୋଜି ଆସିଛି । ଆମେ ଇଜିପ୍ଟକୁ ଯିବା ପିରାମିଡ଼ ଦେଖିବାକୁ ଏବଂ ପୃଥିବୀଯାକର ଲୋକ ଭାରତବର୍ଷକୁ ଆସୁଛନ୍ତି, ତାଜମହଲ ଦେଖିବାକୁ । କିନ୍ତୁ ମନେ ରଖିବାକୁ ହେବ ଯେ, ଉଭୟ ପିରାମିଡ଼ ଓ ତାଜମହଲ ହେଲେ, ମୃତ୍ୟୁ-ତତ୍ତ୍ୱର ମହାକାବ୍ୟ । ସେଠି ମନୁଷ୍ୟର ମୃତ୍ୟୁ ଉପରେ ଶିଳ୍ପ ଗଢ଼ା ଯାଇଛି ।

## ଭୋଗରେ ଅମୃତତ୍ୱ ନାହିଁ

ଏମାନଙ୍କର ବିପରୀତରେ, ଆମ ଏହି ଓଡ଼ିଶାରେ ଠିଆ ହୋଇଛନ୍ତି, କୋଣାର୍କ, ପୁରୀ ଓ ଭୁବନେଶ୍ୱରରେ ଯଥାକ୍ରମେ ସୂର୍ଯ୍ୟ ଦେବତାର, ବିଶ୍ୱ-ଦେବତାର ଓ ସୃଷ୍ଟି-ଦେବତାର ମହାନ୍ ମନ୍ଦିରସବୁ । ସେସବୁ ପ୍ରଚଳିତ ସଂଜ୍ଞାରେ 'ମନ୍ଦିର', କିନ୍ତୁ ମୁଖ୍ୟତଃ, ସେସବୁ ଜୀବନର ଆଲେଖ-ଶାଳା । କାରଣ, ହିନ୍ଦୁର ଆତ୍ମା ଖୋଜିଛି ତାର ସକଳ ଧର୍ମ-ସାଧନା ଦେଇ, କେବଳ ଚିରନ୍ତନ ଜୀବନ । ହିନ୍ଦୁ ମୃତ୍ୟୁକୁ ସ୍ୱୀକାର କରି ନେଇନି କେତେବେଳେ ହେଲେ । ସେ ଦିବ୍ୟଦୃଷ୍ଟିରେ ଦେଖି ପାରିଛି ମୃତ୍ୟୁର ଆରପଟେ ମହତ୍ତର, ପୂର୍ଣ୍ଣତର ଓ ସୁନ୍ଦରତର ଜୀବନ ଏବଂ ତାର ନାମ, ସେ ଦେଇଛି ଅମୃତ,—ସୃଷ୍ଟିର ସବୁଠାରୁ ସ୍ୱାଦ୍ୟ ପଦାର୍ଥ; ଯାହା ଦେବତାମାନଙ୍କର ହିଁ ନିଜସ୍ୱ ଭୋଗ ବୋଲି କୁହାଯାଏ । ସେଥିରେ ମନୁଷ୍ୟର ଅଧିକାର ନାହିଁ । କିନ୍ତୁ ଭାରତବର୍ଷର ମନୁଷ୍ୟ ତାହା କେବେ ହେଲେ ମାନି ଯାଇ ନାହିଁ । ଇନ୍ଦ୍ରର ବଜ୍ର-ପ୍ରହାରକୁ ଭ୍ରୂକ୍ଷେପ ନ କରି ସେ ତାର ଗରୁଡ଼କୁ ପଠାଇଛି ମହାନ୍ତରୀକ୍ଷକୁ ଦେବତାମାନଙ୍କଠାରୁ ସେହି ଅମୃତକୁ ଛଡ଼ାଇ ଆଣିବାକୁ । ଭାରତର ଆତ୍ମା ଖୋଜିଛି ଉପନିଷଦମାନଙ୍କରେ (ବୃହଦାରଣ୍ୟକ, ୩ । ୨ । ୧୦ ) "ମୃତ୍ୟୁର ମୃତ୍ୟୁ" ଏବଂ ଜଣେ ଭାରତୀୟ ନାରୀ ମଧ୍ୟ ପ୍ରାଣମୟ କଣ୍ଠରେ ଜିଜ୍ଞାସା କରି ଉଠିଛି, 'ହେ ମହାଭାଗ, ଯଦି ବା ଏହି ଧନପରିପୂର୍ଣ୍ଣ ସମଗ୍ର ଧରଣୀ ମୋର ହୁଏ, ତାହାଦ୍ୱାରା କ'ଣ, ମୁଁ ଅମର ହୋଇ ପାରିବି ? ଯାହା ମତେ ଅମୃତତ୍ୱ ଦେଇ ନ ପାରେ, ସେ ସବୁରେ ମୋର କି ପ୍ରୟୋଜନ ?" (ବୃ: ଉ: ୨, ୪, ୫)

Digitized by srujanika@gmail.com

# Cuttack United Central Co-Operative Bank. Ltd.

NIMCHOUDI, CUTTACK-2. (Orissa).

Phone :-841

**THE BANK ACCEPTS ALL TYPES OF DEPOSITS AT FAVOURABLE RATES.**

Interest on Savings Bank Deposit—4% p.a.

No restriction in the limit of Savings Bank Deposit.

Fixed Deposit: —4% to 7% according to period.

Current Deposit :—The account can be opened with Rs. 50/- only.

**Please keep your funds in this Bank for better rate of interest, security and safety.**

S. K. Roy,
President.

G. D. Mishra,
Secretary.


Digitized by srujanika@gmail.com

# କଳା ଓ ସ୍ଥାପତ୍ୟରେ ଜୀବନ-ଦର୍ଶନ

ଅନ୍ୟାନ୍ୟ ସଭ୍ୟତା, ସଂସ୍କୃତି ଓ ଧର୍ମରେ ଈଶ୍ୱରଙ୍କ ତଥାକଥିତ ଗୃହକୁ, ଅର୍ଥାତ୍ ଗୀର୍ଜା, ମସ୍‌ଜିଦ୍ ଓ ସିନାଗଗ୍‌କୁ, ଶୂନ୍ୟ ରଖା ଯାଇଛି । କିନ୍ତୁ ହିନ୍ଦୁ, ସୃଷ୍ଟିରେ କେଉଁଠି ଶୂନ୍ୟ ଥିବାର ଦେଖି ନାହିଁ ଏବଂ ଏହି ବିଚିତ୍ର-ବିପୁଳ ବିଶ୍ୱର ସ୍ରଷ୍ଟାର ପ୍ରତୀକ-ଗୃହ ଶୂନ୍ୟ କାହିଁକି ରହିବ, ସେ ବୁଝି ପାରିନି । ତେଣୁ ଭାରତବର୍ଷ, ମୃତ୍ୟୁରେ ବା ଶୂନ୍ୟତାରେ ତା'ର ଈଶ୍ୱରଙ୍କୁ ଜଡ଼ିତ କରି ଅପ୍ରାକୃତିକ ପ୍ରଗତି ଦାବୀ କରିନି; ବରଂ ସେ ଦେଖିଛି ଯେ ଜୀବନ ଓ ଈଶ୍ୱର ଓତଃପ୍ରୋତଭାବରେ ଜଡ଼ିତ ଏବଂ ତାହାହିଁ ସେ ଆଙ୍କି ଦେଇଛି ତାର ଦେବତାର ମନ୍ଦିର ଗାତ୍ରରେ । ତାହାହିଁ କୋଣାର୍କ ଓ ଲିଙ୍ଗରାଜ, ଖଜୁରାହୋ ଓ ରାଜାରାଣୀ । ଈଶ୍ୱର, ସବୁ ଧର୍ମରେ ଅଦୃଶ୍ୟ । କିନ୍ତୁ ସେ ଚିରପ୍ରତ୍ୟକ୍ଷୀଭୂତ ହୋଇ ଆସିଛନ୍ତି ଦୁଇ ଜଣଙ୍କ ଦିବ୍ୟଚକ୍ଷୁକୁ;—ଶିଳ୍ପୀ ଓ ଋଷିଙ୍କର । ପିରାମିଡ଼ ଓ ତାଜମହଲରେ ପାର୍ଥିବ ପ୍ରେମ ଓ ବିଭବ ପରିପୁଷ୍ଟିତ ହୋଇ ଉଠିଛି । କିନ୍ତୁ, କୋଣାର୍କ ଓ ରାଜାରାଣୀରେ ଆମେ ମନୁଷ୍ୟ ସମାଜର ଦୁଇ ଶାଶ୍ୱତ ଦିବ୍ୟଦ୍ରଷ୍ଟା, ଋଷି ଓ ଶିଳ୍ପୀଙ୍କୁ, ହାତ ଧରାଧରି ହୋଇ ଠିଆ ହେବାର ଦେଖୁଁ । ସେଠି, ରୂପ ଓ ସତ୍ୟ, ଈଶ୍ୱର ଓ ଜୀବନ, ସ୍ୱର୍ଗ ଓ ସଂସାର, ସୁନ୍ଦର ଓ ମହତ୍, ନିରନ୍ତ ମିଳନରେ ନୃତ୍ୟରତ ଥିବାର ଆମେ ଦେଖୁଁ । ଅଦୃଶ୍ୟ ଭଗବାନ, ଆମର ଦୈନନ୍ଦିନ ଜୀବନରେ ଏହିପରିଭାବରେ ପ୍ରତିନିୟତ ଦୃଶ୍ୟମାନ ହୋଇ ପୃହି ନାହାନ୍ତି କି ? ତେଣୁ, ଜୀବନର ଏହି ମହାବିଚିତ୍ର, ଶବ୍ଦ-ଗନ୍ଧ-ରୂପ-ରସ-ମୟ ନାଟକାଭିନୟକୁ ବାଦ ଦେଇ, ଆମେ ଶୂନ୍ୟ ଦେବସ୍ଥାନର କିପରି କଳ୍ପନା କରିବା ?

କିନ୍ତୁ, ଏ ହେଲା ଅତୀତ ଭାରତବର୍ଷର କଥା । ଆଜିର ଭାରତବର୍ଷ, ସ୍ୱାଧୀନୋତ୍ତର ଭାରତବର୍ଷର ଆତ୍ମା ଆଜି କାହାର ସଂଧାନରେ ବ୍ୟସ୍ତ ? ଜୀବନର, ଅମୃତତ୍ୱର ନା, ମୃତ୍ୟୁର ବା ଧ୍ୱଂସର ? ଆଜିକା ତରୁଣ ଭାରତର କଳ୍ପନା ପଦେଇ ପାରୁଛି ତାର କଳ୍ପନାର ମହାବିହଙ୍ଗମ ସୁପର୍ଣ୍ଣକୁ, ଇନ୍ଦ୍ରର ବଜ୍ର ପ୍ରହାରରେ ପକ୍ଷଚ୍ୟୁତ ହେଲେ ମଧ୍ୟ ମହାନ୍ତରୀକ୍ଷରେ ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱକୁ ଉଠି, ନିଷ୍ଠି ତରୁପେ ଅମୃତ ସଂଗ୍ରହ କରି ଆଣିବାକୁ ?

ଆମେ ସ୍ୱପ୍ନ ଦେଖୁଥିଲେ ଯେ ସ୍ୱାଧୀନତା ପରେ ଆମର ଜାତୀୟ ଜୀବନ ପୂର୍ଣ୍ଣତର ହେବ, ସୁନ୍ଦରତର ହେବ ଓ ମହତ୍ତର ହେବ କିନ୍ତୁ ଆଜି ଆମେ କେଉଁଠି ଆସି ପହଞ୍ଚିଛେ ?

ଆଜି ଆମେ ଖାଦ୍ୟହୀନ, ସମ୍ମାନହୀନ, ବନ୍ଧୁହୀନ, ପରାଜିତ, ଅଧଃପତିତ ଓ ବିଶ୍ୱର ସ୍ୱଶଆଡ଼େ ଉପହସିତ ଏକ ଜାତି । ଆମର ପରିବ୍ୟାପ୍ତ ବିଶୃଙ୍ଖଳା ଓ ଅପାରଗତା ଆମକୁ ପୁଣି ନେଇ ସ୍ଥଳିଲ ପରି ମନେ

Digitized by srujanika@gmail.com

ହେଉଛି ସେହି ବର୍ଗୀ-ପିଣ୍ଡାରୀ-ଠଗ-ମାନଙ୍କର ସ୍ଥାନ ଓ କାଳକୁ । କ'ଣ ଆମର ଭବିଷ୍ୟତ ଏବଂ ତାହା ବା କାହା ହାତରେ ?

ଆମର ଭବିଷ୍ୟତ ନିଶ୍ଚୟ ଯେ ଆମର ତରୁଣ ପୁଅ-ଝିଅଙ୍କ ହାତରେ, ଏହା ତ ସ୍ୱତଃସିଦ୍ଧ କଥା । ତେଣୁ ତାର ଆଲୋଚନା ନିଷ୍ପ୍ରୟୋଜନ । ଏହାହିଁ ଜୀବନର ପଦ୍ଧତି ।

କିନ୍ତୁ ଇହଜୀବନକୁ ପୂର୍ଣ୍ଣ, ସୁନ୍ଦର ଓ ମହତ୍ କେବଳ ସେହିମାନେ କରି ପାରନ୍ତି, ଯେ ଦୃଷ୍ଟି ରଖନ୍ତି ମହାଜୀବନ ଉପରେ, ମୃତ୍ୟୁରେ ନୁହେଁ ଅତି-ମୃତ୍ୟୁରେ, ଅର୍ଥାତ୍ ଅମୃତତ୍ୱରେ ସେହି ବ୍ୟକ୍ତି ଓ ଜାତି ବରେଣ୍ୟ, ଯେ ଏହି ଜଗତରେ ଅଂଶ ଭିତରୁ ପୂର୍ଣ୍ଣକୁ, ମୃତ୍ୟୁକୁ ଅତିକ୍ରମ କରି ଅମୃତତ୍ୱକୁ ଏବଂ କ୍ଷଣିକତା ଭିତରୁ ଶାଶ୍ୱତକୁ ସଂଗ୍ରହ କରି ପାରନ୍ତି ।

## ଭାରତର ଦୈନ୍ୟ

ସଭ୍ୟତାର ମହାନ୍-ଜନନୀ ଭାରତବର୍ଷର ଏହି ପରମ୍ପରା ଐତିହ୍ୟକୁ ଆଜି ସ୍ୱାଧୀନୋତ୍ତର ଭାରତର ତରୁଣତରୁଣୀ ଯେ ଭୁଲି ଯାଉଛନ୍ତି, ତାହା ଅତ୍ୟନ୍ତ ପରିତାପର କଥା ନୁହେଁ କି ?

କିନ୍ତୁ, ଭାରତବର୍ଷର ତରୁଣ କି ଦେଖି ମଧ୍ୟ ଅନ୍ଧ ରହିବେ, କିପରି ତାଙ୍କରି ଆଖି ଆଗରେ ଈଶ୍ୱର ଅନ୍ୟ ଜାତିମାନେ ଅଭ୍ୟୁଦୟର ଏହି ମୁଖ୍ୟ ଉପାଦ୍ୟୂଟିକୁ ବାଛି ଓ ଜାତିର ଜୀବନରେ ପ୍ରୟୋଗ କରି ସବୁ ଦିଗରେ ପୂର୍ଣ୍ଣତା ଓ ସମ୍ମାନ ପାଇ ଯାଇଛନ୍ତି ?

ନିକଟରେ ପୃଥିବୀର ଦଶଟି ଧନୀ ଦେଶ ଏକାଠି ହେଲେ ଆନ୍ତର୍ଜାତିକ ଋଣ ବ୍ୟବସ୍ଥା ଆଲୋଚନା କରିବାକୁ । କିନ୍ତୁ ହାୟ, ସେଠି ବିରାଟ ଭାରତବର୍ଷର ସ୍ଥାନ ନାହିଁ । କିନ୍ତୁ ଗୌରବାନ୍ୱିତ ଆସନ ଗ୍ରହଣ କରିଛନ୍ତି ଜାପାନ, ହଲାଣ୍ଡ, ସୁଇଟ୍ଜରଲାଣ୍ଡ ପରି ଛୋଟ ଛୋଟ ରାଜ୍ୟ ଯେକି ଭାରତବର୍ଷର ଏକ ଏକ ଜିଲ୍ଲା ବା ପ୍ରଦେଶଠାରୁ ବି ପରିମାଣ ଓ ପ୍ରାକୃତିକ ସମ୍ପଦରେ ହୀନ ?

କିନ୍ତୁ ଆଜି ସେହି କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ଓ ଜାତି ବଡ଼ ପ୍ରତିଷ୍ଠ କାରଣ, ସେମାନେ ସତ୍ୟରେ ଅମୃତର ପ୍ରୟାସୀ । ତା ନ ହୋଇଥିଲେ, ଜାପାନର ଏକ ଦରିଦ୍ର କିରାଣୀ ମାସ ମାସ, ବର୍ଷ ବର୍ଷ ଧରି ଗୋଟିଏ ଛୋଟିଆ ଟେଲିସ୍କୋପ ହାତରେ ଧରି ରାତିକ ରାତି ବିନିଦ୍ର ରହି ଏବଂ ଶେଷରେ ଏକ ଅସାଧାରଣ ଜ୍ୟୋତିଷ ଆବିଷ୍କାର କରି, ବର୍ତ୍ତମାନ ପୃଥିବୀରେ ସୁବିଦିତ ଏକ ଆଷ୍ଟ୍ରୋନମର୍ ରୂପରେ ପରିଚିତ ହୋଇପାରନ୍ତା ବା ଏକ ଜାପାନୀ-ଡ୍ରାଇଭର ପୃଥିବୀକୁ ଏକ ନୂତନ ମଟର-ସାଇକଲ୍ ( ହଣ୍ଡା ) ଯୋଗାଇ ପାରନ୍ତା ? ଏ ପରିପ୍ରେକ୍ଷୀରେ, ଆମ ଦେଶର ତରୁଣୀ, ଶସ୍ତା ସିନେମାଟିକେଟ, ଶସ୍ତା ସାର୍ଟିଫିକେଟ୍ ଓ ଶସ୍ତା ହୋଟେଲ ଭୋଜନପାଇଁ ଷ୍ଟ୍ରାଇକ କରି, ରେଲରାସ୍ତା ଭାଙ୍ଗି, ବସ୍ ପୋଡ଼ି, ସରକାରୀ କାଗଜପତ୍ର ନଷ୍ଟ କରି ଯେଉଁ ବର୍ବରତାର ଦୃଷ୍ଟାନ୍ତ ଦେଖାଉଛନ୍ତି, ତାହା ଯେ ଆମକୁ ନିଶ୍ଚିତ ଅଧଃପତନକୁ ନେବ, ଏଥିରେ ସନ୍ଦେହ କ'ଣ ?

Digitized by srujanika@gmail.com

ହେ ମୋ ଦେଶର ପ୍ରିୟ ତରୁଣବର୍ଗ, ତମେ କି ତମର ମହାନ୍ ଐତିହାସିକ ଜାତିର ପୁଣ୍ୟ, ଉଦାର ଐତିହ୍ୟକୁ ଭୁଲିଯିବ ? ଭ୍ରାନ୍ତ ପଥରେ ଯାଅନା ଭାଇ, ଜୀବନକୁ ଉପଭୋଗ କରିବାକୁ ଯଦି ସ୍ପୃହା, ପ୍ରକୃତରେ ବଡ଼ ହେବାକୁ ଯଦି ସ୍ପୃହା; ତେବେ ଜୀବନରେ ଅମୃତର ସନ୍ଧାନ କର । ଅନ୍ୟମାର୍ଗ କେବଳ ଧ୍ୱଂସର, ମୃତ୍ୟୁର, ଆତ୍ମହତ୍ୟାର ।

---

For

**Motor, Fire Burglary And Other General Insurance Business.**

*PLEASE CONTACT*

**CALEDONIAN INSURANCE COMPANY.**

**CENTURY INSURANCE CO. LTD.**

Choudhury Bazar, Cuttack

Digitized by srujanika@gmail.com

*For Your Problems of :*

★ MATERIAL HANDLING
★ WATERING OR DEWATERING
★ ENGINEERING ESTABLISHMENT
★ MECHANICAL UNDERTAKING
★ ELECTRICAL INSTALLATIONS

*One of Our Products :*

Lima Shovels, Austin Western Granes, Eimco Crawler Tractor Dozers, B. S. P. Sheet Piling Equipment.

Worthington Simpson, Flowmore Centrifugal & Selfpriming Pumps, Calama- Submersible Pumps, Amteep Herdes & Addisons Machine Tool.

Telk & Hengers Transformers & Switchgears, Evans Passanger Lifts

*— HAS THE ANSWER —*

**Middle East Construction & Equipments**

TINKONIA BAGICHA, CUTTACK-1

Branches at : JEYPORE, KORAPUT, ROURKELA.

Digitized by srujanika@gmail.com

ଉପନିଷଦର ଯୁଗକୁ ହିଁ ଭାରତର ସର୍ବଶ୍ରେଷ୍ଠ ଯୁଗ ବୋଲି କୁହାଯାଏ- ସେଯୁଗର ଓ ଏଯୁଗର ସମାଜର ତୁଳନାତ୍ମକ ବିଚାର ଦେଶର ଭବିଷ୍ୟତ ଦୃଷ୍ଟିରୁ ଏକାନ୍ତ ଆବଶ୍ୟକ ।

# ଉପନିଷଦ୍ ଯୁଗରେ ଛାତ୍ର ସମାଜ

—ଅଧ୍ୟାପକ ବିବେକାନନ୍ଦ ମୁଖାର୍ଜି

ଅର୍ଥକାରୀ ବିଦ୍ୟାକୁହିଁ ସାମାଜିକ ବ୍ୟକ୍ତି-ଗଣ କାମନା କରିଥାଆନ୍ତି । ପ୍ରଗତିଶୀଳ ସମାଜରେ ଜୀବନଯାତ୍ରା ଯେତିକି ଜଟିଳ ହେଉଅଛି ଓ ଜୀବନର ଉପକରଣ ଯେତିକି ବହୁଳ ହୋଇ ଉଠୁଛି, ଅର୍ଥର ପ୍ରୟୋଜନୀୟତା ସେତିକି ବୃଦ୍ଧି ପାଉଅଛି । ବିଦ୍ୟାଶିକ୍ଷା ଲାଗି ମଧ୍ୟ ଅର୍ଥ ପ୍ରୟୋଜନ ହୋଇଥାଏ । ଦାର୍ଶନିକ ଚିନ୍ତା, ଦର୍ଶନରେ ଅନୁଶୀଳନ ଅଥବା ସାହିତ୍ୟ ରସିକତା ସେହି ପରିମାଣରେ ଅର୍ଥସାପେକ୍ଷ ହୋଇ ନ ପାରେ । ମାତ୍ର ବୈଜ୍ଞାନିକ ଗବେଷଣା ଲାଗି ପ୍ରଚୁର ଅର୍ଥ ପ୍ରୟୋଜନ ହୁଏ । କେବଳ ମାତ୍ର ଶ୍ରବଣ ଓ ମନନଦ୍ୱାରା ବିଜ୍ଞାନ-ବିଦ୍ୟା ଆୟତ୍ତ କରିବା ସମ୍ଭବ ନୁହେଁ, ପରୀକ୍ଷାଗାରର ସାଜ ସରଞ୍ଜାମ ମଧ୍ୟ ଏଥିପାଇଁ ଆବଶ୍ୟକ ।

## ବର୍ତ୍ତମାନ ଲକ୍ଷ୍ୟ—ଚାକିରୀ

ବର୍ତ୍ତମାନ ଭାରତବର୍ଷରେ ଅପ୍ରୟୋଜନୀୟ-ବୋଧ ହେବା ହେତୁ ସଂସ୍କୃତ ବିଷୟଟି ସ୍କୁଲ କଲେଜର ପାଠ୍ୟକ୍ରମରୁ ଉଠି ଯାଉଅଛି, ଦର୍ଶନ ଶ୍ରେଣୀରେ ଛାତ୍ର ହେଉ ନାହାନ୍ତି, ସ୍କୁଲ କଲେଜର ବିଜ୍ଞାନେ-ତର ବିଭାଗଗୁଡ଼ିକୁ ସରକାର ପ୍ରଶ୍ରୟ ଦେବାକୁ ଚାହାନ୍ତି ନାହିଁ । ସମସ୍ତେ ନିଜ ନିଜର ଶାଖାକୁ ବିଜ୍ଞାନ ଆଖ୍ୟା ଦେଲେ ଯେପରି ବର୍ତ୍ତିଯିବେ ! ଅର୍ଥନୀତି ମଧ୍ୟ ବିଜ୍ଞାନ, ମନସ୍ତତ୍ତ୍ୱ ମଧ୍ୟ ବିଜ୍ଞାନ, ତର୍କଶାସ୍ତ୍ର ମଧ୍ୟ ବିଜ୍ଞାନ । ଏହିସବୁ ବିଭାଗ ରସାୟନଶାସ୍ତ୍ର ଓ ପଦାର୍ଥବିଦ୍ୟା ଭଳି ପରୀକ୍ଷାଗାର ସ୍ଥାପନ ଲାଗି ବ୍ୟଗ୍ର । ତାହା ନ ହେଲେ ଯେପରି କୌଳିନ୍ୟ ଲାଭ ହୋଇ ପାରିବ ନାହିଁ । ଶିକ୍ଷା ସମ୍ପର୍କରେ ଏବମ୍ବିଧ ଧାରଣା ନେଇ ଗୁରୁ-ଶିଷ୍ୟଙ୍କର ସମ୍ପର୍କକୁ ବିଚାର କରିବାକୁ ଗଲେ କେତେଗୁଡ଼ିଏ ସିଦ୍ଧାନ୍ତ ଅବଶ୍ୟ-ମ୍ଭାବୀ । ଅଥଚ ଗୁରୁ-ମର୍ଯ୍ୟାଦା ସମ୍ପର୍କରେ ଯାହାଙ୍କର ଅଭିମାନ ତୀବ୍ର, ସେମାନଙ୍କର ସେହି ସ୍ୱାଭାବିକ ସିଦ୍ଧାନ୍ତଗୁଡ଼ିକ ମନଃପୂତ

Digitized by srujanika@gmail.com

ହୁଏ ନାହିଁ । ମୁଁ ମୋର ଅଧ୍ୟାପକ ବନ୍ଧୁମାନେ କହୁଥିବା ଶୁଣିଛି ଯେ, ସେମାନଙ୍କର ପଠିତ ବିଷୟଗୁଡ଼ିକ କୌଣସିମତେ ସର୍ବଭାରତୀୟ ଚାକିରି ପରୀକ୍ଷାର ବିଷୟତାଲିକାର ଅନ୍ତର୍ଭୁକ୍ତ ହୋଇ ପାରିଲେ ଆଉ କୌଣସି ଭୟ ରହିବ ନାହିଁ । ଚାକିରି ଲାଭ ଯଦି ତାର ଏକମାତ୍ର ଉଦ୍ଦେଶ୍ୟ ହୁଏ, ତା'ହେଲେ ଲାଭ କଲାପରେ ଏବଂ ଚାକିରି ଲାଭ ବ୍ୟତୀତ ସେହି ଜ୍ଞାନର କୌଣସି ଗୌରବହିଁ ରହେ ନାହିଁ । ପୁରୁଣା ଖୋଳପା ଭଳି ତାହା ଆପଣା ଛାଏଁ ପରିତ୍ୟକ୍ତ ହୋଇଯାଏ । ଏଦେଶରେ ମାତୃଭାଷାର ମଧ୍ୟ ଗୌରବ ନାହିଁ । ତାହାର କାରଣ ଚାକିରି କ୍ଷେତ୍ରରେ ଭାଷା ହେଉଛି ଇଂରାଜୀ ।

## ଧନ ନେଇ ବିଦ୍ୟା ଶିକ୍ଷା ହୁଏ ନାହିଁ

ଏହି ସବୁ କାରଣରୁ ଉପନିଷଦ୍‌ର ଛାତ୍ର ସମାଜ ସହିତ ଆଜିକାଲି ଛାତ୍ର ସମାଜର ଅଥବା ଉପନିଷଦର ଗୁରୁ-ଶିଷ୍ୟ-ସମ୍ପର୍କ ସହିତ ଆଜିକାର ଗୁରୁ ଶିଷ୍ୟ ସମ୍ପର୍କ ତୁଳନୀୟ ନୁହେଁ । ସେ କାଳରେ ରାଜା ରାଜୁଡ଼ାମାନେ ଅର୍ଥହୀନ, ଦୀନ-ଦରିଦ୍ର ଗୁରୁଙ୍କ ନିକଟକୁ ଯାଇ ରାଜକୀୟ ଅଭିମାନରେ ହିରଣ୍ୟ, ଅଶ୍ୱ, ରଥ ପ୍ରଭୃତି ଗୁରୁଙ୍କୁ ସମର୍ପଣ କରି ମଧ୍ୟ ବିଦ୍ୟା ଆଦାୟ କରିବାକୁ ସମର୍ଥ ହେଉ ନ ଥିଲେ । ଯେଉଁ ଆତ୍ମା ସ୍ୱରୂପତଃ ନିଷ୍ପାପ, ଜରା-ରହିତ, ମୃତ୍ୟୁଶୂନ୍ୟ, ଶୋକ-ଦୁଃଖବର୍ଜିତ ଭୋଜନେଚ୍ଛାହୀନ, ପିପାସାବର୍ଜିତ, ସତ୍ୟକାମ ଓ ସତ୍ୟସଂକଳ୍ପ ସେହି ଆତ୍ମାକୁ ସେ ଲାଭ କରି ଅଛନ୍ତି ସେ ମନୁଷ୍ୟର ଇନ୍ଦ୍ରିୟ ସମୂହର ଶକ୍ତିକ୍ଷୟକାରୀ ଭୋଗବସ୍ତୁ ସେଗୁଡ଼ିକୁ ନେଇ କଣ କରିବେ ? ରାଜା ଜାନଶ୍ରୁତି ଶୂଦ୍ର ସଦୃଶ କେବଳ ଧନଦ୍ୱାରା ବିଦ୍ୟା ଗ୍ରହଣ ଉଦ୍ଦେଶ୍ୟରେ ରୈକ୍ୱଙ୍କ ନିକଟକୁ ଯାଇଥିଲେ । ଏଣୁ ରୈକ୍ୱ କ୍ଷତ୍ରିୟ ରାଜାଙ୍କୁ ଶୂଦ୍ର ବୋଲି ସମ୍ବୋଧନ କରିଥିଲେ ।

'ଶୂଦ୍ରବଦ୍‌ବା ଧନେନୈବ ଏନଂ ବିଦ୍ୟା ଗ୍ରହଣାୟ ଉପଜଗାମ, ନ ଚ ଶୁଶ୍ରୂଷୟା । ନତୁ ଜାତ୍ୟୈବ ଶୂଦ୍ର ଇତି ।'

(ଛାନ୍ଦୋଗ୍ୟ ୪।୨—ଶାଙ୍କର ଭାଷ୍ୟ)

ପୌତ୍ରାୟଣ ଜାନଶ୍ରୁତି ଶ୍ରଦ୍ଧାର ସହିତ ବହୁ ଦାନ କରିଥିଲେ । ଅତିଥି ଭୋଜନାର୍ଥେ ବହୁ ଅନ୍ନ ପାକ କରାଇଥିଲେ । ଦିଗେ ଦିଗେ ପାନ୍ଥଶାଳା ନିର୍ମାଣ କରିଥିଲେ; ତଥାପି ସେ 'କ୍ଷୁଦ୍ର ଶକଟ ଦ୍ୱାରା ପରିଚିତ' ରୈକ୍ୱଙ୍କର ଖ୍ୟାତି ଶ୍ରବଣ କରି ତାହାଙ୍କ ନିକଟକୁ ବ୍ରହ୍ମଜ୍ଞାନ ଲାଭାର୍ଥେ ଯିବାଲାଗି ମନସ୍ଥ କରିଥିଲେ ଏବଂ ସେଥିପାଇଁ ତାହାଙ୍କ ସାରଥିକୁ ଏହାଙ୍କ ସନ୍ଧାନରେ ପ୍ରେରଣ କରିଥିଲେ । ସାରଥି ବହୁ ଗ୍ରାମ, ନଗର ବୁଲି ଶେଷରେ ଏକ କ୍ଷୁଦ୍ର ଶକଟର ଅଧୋ-ଦେଶରେ ରୈକ୍ୱକୁ ଦେଖିବାକୁ ପାଇଲେ । ଦେଖିଲେ ସେ କଣ୍ଡୂୟନ ରତ । ସାରଥି ଆସି ରାଜାଙ୍କୁ ସମ୍ବାଦ ଦେବାରୁ ରାଜା ଜାନଶ୍ରୁତି ଛଅଶହ ଗୋରୁ, ଅଶ୍ୱତରୀଯୁକ୍ତ ରଥ ଏବଂ ବହୁ ଧନ ନେଇ ରୈକ୍ୱଙ୍କ ନିକଟକୁ ଗଲେ । କହିଲେ—"ଆପଣ ଯେଉଁ ଦେବତାଙ୍କ ଉପାସନା କରନ୍ତି ମୋତେ

Digitized by srujanika@gmail.com

ସେହି ଦେବତାଙ୍କ ବିଷୟରେହିଁ କିଛୁ ଉପଦେଶ ଦିଅନ୍ତୁ'' । ରୈକ୍ୱ ତହୁଁ ଉତ୍ତର କଲେ—''ହେ ଶୂଦ୍ର ! ଏହି ହାରନିଷ୍କ ଶକଟାଦି ଗୋସମୂହ ସହିତ ତୁମର ହୋଇ ରହିଥାଉ'' । ଏସବୁଡ଼ିକ ମୁଁ ଚାହେଁ ନାହିଁ ।

ଏହି ଋଷିମାନଙ୍କର ଯେ ସମ୍ପୂର୍ଣ୍ଣଭାବରେ ଜୀବନ-ରସ-ରସିକତା ନ ଥିଲା ତାହା କୁହାଯାଇ ନ ପାରେ । ଅର୍ଥ ଏବଂ ପରମାର୍ଥ, ବିଦ୍ୟା ଏବଂ ଅବିଦ୍ୟା ଉଭୟଙ୍କୁ ଏକ ପୁରୁଷଙ୍କର ଅନୁଷ୍ଠେୟ ରୂପରେ ଯିଏ ଜାଣି ଅଛନ୍ତି, ତାହାଙ୍କର ଜୀବନ ସଂପର୍କରେ ଭୟ ଅଥବା ବିରୂପତା ରହିବାର କଥା ନୁହେଁ । ଜନକ ଥିଲେ ରାଜର୍ଷି । ଯାଜ୍ଞବଲ୍‌କ୍ୟ ଅତି ବଡ଼ ବ୍ରହ୍ମିଷ୍ଠ ହୋଇ ମଧ ଗୋଧନ କାମନା କରିଥିଲେ । ରାଜା ଜାନଶ୍ରୁତି ଯେତେବେଳେ ସହସ୍ର ଗୋ, ସ୍ୱର୍ଣ୍ଣହାର, ଅଶ୍ୱତରୀଯୁକ୍ତ ରଥ ଏବଂ ଏକ କନ୍ୟା ନେଇ ରୈକ୍ୱଙ୍କ ନିକଟକୁ ଆସିଲେ, ସେତେବେଳେ ରୈକ୍ୱ କନ୍ୟାଟିର ମୁହଁକୁ ଟେକିଧରି କହିଲେ 'ଏଇ ମୁହଁଟିହିଁ ମୋତେ ଆଳାପରେ ପ୍ରବୃତ୍ତ କରିବ ।'

''ତସ୍ୟା ହ ମୁଖ ମୁପୋଦ୍‌ଗୃହ୍‌ଣନ୍ନୁ-ବାଚାଜହାରେମାଃ ଶୂଦ୍ର, ଅନେନୈବ ମୁଖେ ନାଲାପୟିଷ୍ୟଥା ଇତି ।''।

## ଶିକ୍ଷାର ଲକ୍ଷ୍ୟ-ଆତ୍ମଜ୍ଞାନ

ଉପନିଷଦର ଶିଷ୍ୟସମାଜ ଗୁରୁମାନଙ୍କ ନିକଟକୁ ଯେଉଁ ଆତ୍ମା ସଂପର୍କରେ ଅନୁଶାସନ ଲାଭ କରିବାକୁ ଯାଉଁଥିଲେ, ସେହି ଆତ୍ମା ଶୁଦ୍ଧ, ଅପାପବିଦ୍ଧ, ନିତ୍ୟ-କାଳସ୍ଥାୟୀ । ସେହି ଆତ୍ମା ଶୋତର ଶୋତ୍ର ମନର ମନ, ବାକ୍ୟର ବାକ୍ୟ, ପ୍ରାଣର ପ୍ରାଣ, ଚକ୍ଷୁର ଚକ୍ଷୁ । ଏହାଙ୍କୁ ଜାଣିଲେ ଆଉ ଶରୀର ଧାରଣ କରିବାକୁ ପଡ଼େ ନାହିଁ । ବାଗିନ୍ଦ୍ରିୟଦ୍ୱାରା ସେ ଉଚ୍ଚାରିତ ହୁଅନ୍ତି ନାହିଁ ଅଥଚ ଏହାରଦ୍ୱାରା ବାଗିନ୍ଦ୍ରିୟ ଶବ୍ଦ ପ୍ରକାଶ କରେ, ଅନ୍ତଃକରଣଦ୍ୱାରା ଏହାଙ୍କ ଚିନ୍ତା କରାଯାଇ ପାରେ ନାହିଁ, କିନ୍ତୁ ଏହାଙ୍କଦ୍ୱାରା ହିଁ ଅନ୍ତଃକରଣ ଉଦ୍‌ଭାସିତ ହୁଏ, ନୟନ ଏହାଙ୍କୁ ଦେଖିପାରେ ନାହିଁ, ଅଥଚ ଏହାଙ୍କ ଦ୍ୱାରା ହିଁ ନୟନ ଦର୍ଶନମୟ ହୁଏ, ଶ୍ରବଣଦ୍ୱାରା ଏହାଙ୍କୁ ଶୁଣାଯାଇ ପାରେ ନାହିଁ । ଅଥଚ ଏହାଙ୍କଦ୍ୱାରା ହିଁ ଶ୍ରବଣ ଶ୍ରୁତିମୟ ହୁଏ, ନାସିକା ଏହାଙ୍କୁ ଘ୍ରାଣ କରିପାରେ ନାହିଁ, ଅଥଚ ଏହାଙ୍କ ସାହାଯ୍ୟରେ ନାସିକା ଘ୍ରାଣ ଗ୍ରହଣ କରିପାରେ (କେନ) । କେହି ଯଦି ମନେକରେ ସେ ବ୍ରହ୍ମଙ୍କୁ ଜାଣି ପାରିଅଛି, ତେବେ ସେ ବ୍ରହ୍ମଙ୍କର ଯେଉଁ ଆଧିଦୈବିକ କ୍ଷୁଦ୍ର ରୂପ ଅଛି ତାହାକୁହିଁ ମାତ୍ର ଜାଣିପାରେ । ବନ୍ଧୁ, ତେବେ ମଧ ତାହା-ପକ୍ଷେ ବିଚାର୍ଯ୍ୟ ରହି ଯାଆନ୍ତି । ବ୍ରହ୍ମ ଯାହାଙ୍କ ନିକଟରେ ଅବିଦିତ ତାହାଙ୍କ ନିକଟରେ ହିଁ ସେ ସୁବିଦିତ, ଯାହାଙ୍କ ନିକଟରେ ବିଦିତ ବୋଲି ନିଶ୍ଚିତ, ସେ ବ୍ରହ୍ମଙ୍କୁ ଜାଣି ନାହାନ୍ତି । ପ୍ରାକୃତ ବୁଦ୍ଧି ସଂପନ୍ନ କେହି ଆତ୍ମଜ୍ଞାନର ଉପଦେଶ ପ୍ରଦାନ କଲେ ଆତ୍ମା ସମ୍ୟକ ପ୍ରକାରେ ଜ୍ଞାତ ହୁଏ ନାହିଁ । କାରଣ ସେ ସେମାନଙ୍କ

Digitized by srujanika@gmail.com

# ଓଡ଼ିଶାର ହସ୍ତଶିଳ୍ପ

ଦୁର୍ଗାପୂଜାର ଆନନ୍ଦ-ମୁଖରିତ ଉତ୍ସବକୁ ସରସ ଓ ସୁନ୍ଦର କରିବା ପାଇଁ ଓଡ଼ିଶା ହସ୍ତଶିଳ୍ପର ଅମୂଲ୍ୟ ଅବଦାନ

ଦୁର୍ଗତିନାଶିନୀ ମା'ଙ୍କର ପ୍ରତିମା ଗଠନ ଠାରୁ ଆରମ୍ଭ କରି ମେଢ଼ ସାଜସଜ୍ଜା ଓ ପରିପାଟୀରେ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପର ଅମୂଲ୍ୟ ଅବଦାନ ଆପଣଙ୍କୁ ଯେ ଖାଲି ମୁଗ୍ଧ ଓ ଚକିତ କରିଛି ତା ନୁହେଁ, ପାଶ୍ଚାତ୍ୟ ଜଗତର ଆଧୁନିକତମ ଗୃହରେ ମଧ୍ୟ ତା'ର ଆଦର ସୁପ୍ରତିଷ୍ଠିତ ।

ଆପଣଙ୍କ ଗୃହର ସାଜସଜ୍ଜା, ମହିଳାମାନଙ୍କ ପରିଧାନ ଓ ଶିଶୁମାନଙ୍କ ଚିତ୍ତବିନୋଦନ ପାଇଁ ଆଜି ଓଡ଼ିଶା ହସ୍ତଶିଳ୍ପ-ଜାତ ଜିନିଷ ମାନ କିଣି ଆପଣଙ୍କ ରାଜ୍ୟର ଶିଳ୍ପ ଅଭିବୃଦ୍ଧିରେ ସାହାଯ୍ୟ କରନ୍ତୁ ।

- ✻ **କାଠ ତିଆରି ନାନା ସାଜସଜ୍ଜା ଉପକରଣ ଓ ଖେଳନା**
- ✻ **କଟକୀ ଚପଲ**
- ✻ **ପିତଳ ତିଆରି ମାଛ ମୂର୍ତ୍ତି**
- * **ଶିଙ୍ଗ ତିଆରି ଖେଳନା ଓ ଜୀବଜନ୍ତୁ**
- * **ରୂପା ତାରକସି କାମ**
- * **ପଥର ଓ ଖଡ଼ିପଥରର ମନୋହର ମୂର୍ତ୍ତି**
- * **ପଟ୍ଟଚିତ୍ରରେ ପୌରାଣିକ ଘଟଣା ବଳୀର ଆଲେଖ୍ୟ**
- * **ତନ୍ତବୁଣା ଶାଢ଼ୀ, ବ୍ଲାଉଜ କନା, ଟେବୁଲ କ୍ଲଥ ଇତ୍ୟାଦି**

**ଦୟାକରି ଥରେ ନିମଚୌଡ଼ି, କଟକରେ ଥିବା ହସ୍ତଶିଳ୍ପ 'ସୋ'ରୁମକୁ ଆସନ୍ତୁ**

---

ଓଡ଼ିଶାର ଶିଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଚାରିତ


Digitized by srujanika@gmail.com

ନିକଟରେ ନାନାବିଧ ବିକଳ୍ପର ବିଷୟ ହୋଇ ପଡ଼ନ୍ତି । କେବଳମାତ୍ର ଅଭେଦ-ଦର୍ଶୀ ଓ ଜୀବନ୍ମୁକ୍ତ ଆଗ୍ରହ୍ୟ ଉପଦେଶ ପ୍ରଦାନ କଲେ ଆତ୍ମା ସମ୍ବନ୍ଧରେ ସକଳ ସଂଶୟର ଅବସାନ ହୋଇଥାଏ । ସେ ସୂକ୍ଷ୍ମରୁ ସୂକ୍ଷ୍ମତର, ବିଶାଳରୁ ବିଶାଳତର, ଓ ଜୀବର ହୃଦୟ ଗହ୍ୱରରେ ତାହାଙ୍କର ଅବସ୍ଥିତି । ବେଦକୁ ପଢ଼ି ଶାସ୍ତ୍ରକୁ ଶ୍ରବଣ କରି ଏହାଙ୍କୁ ଜାଣି ହୁଏ ନାହିଁ । ବିଜ୍ଞାନବାନ୍, ସଂଯତ ମନା, ସଦାଶୁଚି ବ୍ୟକ୍ତି ସେହି ପଦ ପ୍ରାପ୍ତ ହୁଅନ୍ତି, ଯହିଁରୁ ପୁନର୍ଜନ୍ମ ହୁଏ ନାହିଁ । ସେ ଶବ୍ଦ-ସ୍ପର୍ଶ-ରୂପ-ରସ-ଗନ୍ଧର ଅତୀତ, ସେ ଅକ୍ଷୟ, ଶାଶ୍ୱତ, ଅନାଦି, ଅନନ୍ତ, ମହତ୍ତତ୍ତ୍ୱରୁ ବିଲକ୍ଷଣ, କୂଟସ୍ଥ, ନିତ୍ୟ— ଏହାଙ୍କୁ ଜାଣିଲେ ଜୀବ ମୃତ୍ୟୁମୁଖରୁ ବିମୁକ୍ତ ହୁଏ । ସେ ସକଳ ଅନିତ୍ୟ ବସ୍ତୁର ଶାଶ୍ୱତ କାରଣ ଶକ୍ତି; ସଚେତନର ସେ ଚୈତନ୍ୟ— ଏହାଙ୍କୁ ଗୁରୁବାକ୍ୟ ଅନୁଯାୟୀ ନିଜ ବୁଦ୍ଧିରେ ଦର୍ଶନ କଲେ ଶାଶ୍ୱତ ସୁଖ ଲାଭ ହୁଏ । (କଠ)

ଯେତେବେଳେ ଶିକ୍ଷାର ବିଷୟବସ୍ତୁ ଏହିପରି, ସେତେବେଳେ ଗୁରୁ ଶିଷ୍ୟଙ୍କର ସଂପର୍କ କିପରି ହୋଇଥିବ ତାହା ସହଜରେ ଅନୁମେୟ । 'ସଦା ସତ୍ୟକଥା କହିବ'— ଏହି କଥା ପୁସ୍ତକରୁ ପଢ଼ିଲେ କୌଣସି ବାଳକ ସତ୍ୟବାଦୀ ହୁଏ ନାହିଁ । ପୁସ୍ତକର ଜ୍ଞାନ ପୁସ୍ତକରେ ହିଁ ରହିଯାଏ । ହୁଏତ ସମସ୍ତ ଜୀବନକାଳ ମଧ୍ୟରେ ତାହାସହିତ ଆଉ ସଂଯୋଗ ସ୍ଥାପିତ ହୁଏ ନାହିଁ ।

ବର୍ତ୍ତମାନର ଶିକ୍ଷାପଦ୍ଧତିରେ ଶିକ୍ଷକ ଜାଣନ୍ତି ଯେ, ସେ ଛାତ୍ରଙ୍କୁ କେତେଗୁଡ଼ିଏ ତଥ୍ୟ ଜଣାଇ ଦେଉଅଛନ୍ତି, ଛାତ୍ର ମଧ୍ୟ ଏତିକି ଜାଣନ୍ତି ଯେ, ସେହି ତଥ୍ୟଗୁଡ଼ିକୁ ଯଥାଯଥଭାବରେ ପରୀକ୍ଷା ଖାତାରେ ଲେଖିଦେଲେ ସେ ପରୀକ୍ଷାରେ ଉଚ୍ଚସ୍ଥାନ ଅଧିକାର କରିପାରିବେ ଏବଂ ପରୀକ୍ଷା ପରେ ସେହି ବୋଝକୁ ଓହ୍ଲାଇଦେଇ ସେ ନିଜକୁ ହାଲୁକା କରିଦେବେ । ଏହି ଶିକ୍ଷା ଯେଉଁ ଚାକିରିର ଉପାୟ—ସେହି ଚାକିରିଲାଭ ହୋଇଗଲେ ଉପାୟଟି ଅବାନ୍ତର ହୋଇଯାଏ । ଉପାର୍ଜନ ଲାଗି ଶିକ୍ଷାର ଯେଉଁ ଅଂଶଟି ପ୍ରୟୋଜନ କେବଳ ସେତିକ ମାତ୍ର ରହିଗଲେ ଯଥେଷ୍ଟ । ସ୍ୱଧର୍ମ ସହିତ ବୃତ୍ତି-ବ୍ୟବସାୟର ପ୍ରାୟ ସଂଘର୍ଷ ଲାଗିରହିଥାଏ; ଶିକ୍ଷା ଅନୁଯାୟୀ ସବୁବେଳେ ବୃତ୍ତି-ବ୍ୟବସାୟ ମିଳେନାହିଁ । ଜୀବନରେ ଅଦୃଷ୍ଟର ଏହି ପରିହାସ ବିଷୟକୁ ବର୍ଣ୍ଣନା କରି ଜଣେକ କବି ଲେଖିଛନ୍ତି—

"କବି ସେ ଡାକ୍ତରୀ କରେ
　　　ଡାକ୍ତର-ଦୋକାନୀ
ଦୋକାନୀ ସେତାର ସାଧେ
　　　ସେତାରୀ ଲଙ୍ଗଳ ବାନ୍ଧେ—
କୃଷକର ଲୟେଛେ ଭୂମିକା
ପ୍ରେମିକା ସେ ହୟେଛେ ଲେଖିକା ।"

## ଏକର ଜ୍ଞାନ-ଉଦ୍ଦେଶ୍ୟମୂଳକ

ଉପନିଷଦ୍‌ର ବ୍ରହ୍ମଜ୍ଞାନ ସ୍ୱୟଂ ସଂପୂର୍ଣ୍ଣ । ମାତ୍ର ଆମ୍ଭେମାନେ ଯେଉଁ ଜ୍ଞାନଚର୍ଚ୍ଚା କରିଥାଉ ତାହା ଅସଂପୂର୍ଣ୍ଣ ଓ ଉଦ୍ଦେଶ୍ୟ-

Digitized by srujanika@gmail.com

With the Compliments of :

# LAKSHMI FLOUR MILLS

## (MASTER ATTA)

MAIN ROAD, ROURKELA-1

With the best Compliments of :

Gram "SAMBHUNATH" Phone : 2679

# SAMBHUNATH & COMPANY

Post Box No. 31

*MAIN ROAD, ROURKELA-1*

Distributors For D & H Secheron Electrodes manufactured by M/s. D & H Secheron Electrodes Private Limited. Indore (M. P.) in technical collaboration with S. A. des Ateliers de Secheron, Geneva, Switzerland : and

Decabinol Degreasing Compound
(Solvent Base Multipurpose Cleaner)

Digitized by srujanika@gmail.com

ମୂଳକ; ତାହାର ଗୁରୁତ୍ୱ ଆପେକ୍ଷିକ,— ସେଥିପାଇଁ ଗୁରୁଙ୍କର ଗୁରୁତ୍ୱ ମଧ୍ୟ ଆପେକ୍ଷିକ ହୋଇପଡ଼େ । ମାତ୍ର ଆମ୍ଭେ ଶିକ୍ଷକ ଗୋଷ୍ଠୀ କ୍ଷୁଦ୍ର ଅଭିମାନର ବଶବର୍ତ୍ତୀ ହୋଇ ତାହା ବିସ୍ମୃତ ହୋଇଯାଉ । ଯେଉଁ ଜ୍ଞାନର ପରିଧି ସଦା ପ୍ରସରଣଶୀଳ, ସେହି ଜ୍ଞାନର ସାଧନାରେ ଗୋଟାଏ ସ୍ଥାନରେ ସ୍ଥାଣୁ ହୋଇ ବସିରହିଲେ ଚଳେ ନାହିଁ । ଆମ୍ଭ ଛାତ୍ରମାନଙ୍କର ଜିଜ୍ଞାସା ଅନନ୍ତ ନୁହେଁ—ହେବାର କଥା ମଧ୍ୟ ନୁହେଁ, ସେମାନଙ୍କ ଲାଗି ପାଠ୍ୟକ୍ରମ ନିର୍ଦ୍ଧାରିତ ହୋଇଅଛି, ତାହାରି ଆବର୍ତ୍ତିରେ ସେମାନଙ୍କୁ ଘୂରିବାକୁହିଁ ପଡ଼ୁଥାଏ । ଉପନିଷଦର ଛାତ୍ର ଯେଉଁ ଜ୍ଞାନ ଆକାଙ୍‌କ୍ଷା କରେ ଏବଂ ଆମର ଛାତ୍ର ସମାଜ ଯେଉଁ ଜ୍ଞାନର ଅନୁଶୀଳନ କରନ୍ତି, ସେ ଦୁହିଙ୍କର ପ୍ରକୃତି ମଧ୍ୟ ସ୍ୱତନ୍ତ୍ର ପୂରାପୂରି ଓଲଟା କହିଲେ ବି ଚଳିବ । ଯେଉଁ ଜ୍ଞାନ ଶୀତାତପନିୟନ୍ତ୍ରିତ କକ୍ଷ ରଚନାର ରହସ୍ୟ ପରିବେଷଣ କରେ ଏବଂ ଯେଉଁ ସାଧନାରେ ଶୀତକାଳରେ ଆକଣ୍ଠ-ଜଳରେ ନିମଗ୍ନ ଏବଂ ଗ୍ରୀଷ୍ମକାଳରେ ପଞ୍ଚାଗ୍ନି ମଧ୍ୟରେ ରହି ତିତିକ୍ଷା ଶିକ୍ଷା କରିବାକୁ ପଡ଼ୁଥାଏ ଏହି ଦୁଇଟିର ମାନ ଦଣ୍ଡ ଏକ ହୋଇ ନ ପାରେ । ପ୍ରକୃତିକୁ ଜୟ କରିବା ଏବଂ ଆତ୍ମାକୁ ଜାଣିବା ଦୁଇଟି ସଂପୂର୍ଣ୍ଣ ଅଲଗା ବିଷୟ । ଅସୁର ବିରୋଚନ ଦେହକୁହିଁ ଆତ୍ମାଜ୍ଞାନ କରି ସେଇଠି ଅଟକି ଯାଇଥିଲେ । କିନ୍ତୁ ଦେବତା ଇନ୍ଦ୍ରଙ୍କର ଜିଜ୍ଞାସା ସେଇଠି ଅଟକି ନ ଥିଲା । ଏଣୁ ଦେବତା ହେଉଛନ୍ତି ଦେବତା ଏବଂ ଅସୁର ହେଉଛନ୍ତି ଅସୁର ।

## ଇନ୍ଦ୍ର ଓ ବିରୋଚନ

ଦେବତାଗଣଙ୍କ ମଧ୍ୟରେ ଇନ୍ଦ୍ର ଏବଂ ଅସୁରମାନଙ୍କ ମଧ୍ୟରେ ବିରୋଚନ ବ୍ରହ୍ମଜ୍ଞାନ ଲାଭାର୍ଥରେ ହସ୍ତରେ ସମିଧ ଗ୍ରହଣପୂର୍ବକ ପ୍ରଜାପତିଙ୍କ ନିକଟକୁ ଯାଇଥିଲେ । ସେ ଦୁହେଁ ବତିଶ ବର୍ଷ ବ୍ରହ୍ମଚର୍ଯ୍ୟ ଅବଲମ୍ବନ-ପୂର୍ବକ ବାସକଲେ । ବତିଶ ବର୍ଷ ପରେ ପ୍ରଜାପତି ସେ ଦୁହିଙ୍କୁ ଜିଜ୍ଞାସା କଲେ— 'କିମିଚ୍ଛନ୍ତାବ ବାସ୍ତମିତି'—ତୁମେ କି ଉଦ୍ଦେଶ୍ୟରେ ଏଠାରେ ବାସ କରୁଛ ? ସେ ଦୁହେଁ କହିଲେ—'ଆତ୍ମତତ୍ତ୍ୱ ଅବଗତ ହେବାଲାଗି ବାସକରୁଛୁ' । ପ୍ରଜାପତି ଇନ୍ଦ୍ର ଓ ବିରୋଚନ ଦୁହିଙ୍କୁ କହିଲେ— 'ଏଇ ଯେ ଚକ୍ଷୁ ମଧ୍ୟରେ ପୁରୁଷ ଏହାହିଁ ଆତ୍ମା, ଏହାହିଁ ଅମୃତ; ଅତଏବ ଏହା ଅଭୟ ଏବଂ ଏହାହିଁ ବ୍ରହ୍ମ' ।

ଉପଯୁକ୍ତ ଅଧିକାର ନ ଥିବା ଯୋଗୁଁ ଇନ୍ଦ୍ର ଓ ବିରୋଚନ ପ୍ରତିବିମ୍ବକୁହିଁ 'ଅକ୍ଷିପୁରୁଷ' ମନେ କଲେ, ପ୍ରଜାପତିଙ୍କୁ ଜିଜ୍ଞାସା କଲେ-ହେ ଭଗବାନ ! 'ଏଇ ଯେ ଜଳ ମଧ୍ୟରେ ଓ ଦର୍ପଣରେ ଦୃଷ୍ଟ ହୁଏ ତାହା ମଧ୍ୟରୁ କେଉଁଟି ଆତ୍ମା ?' ପ୍ରଜାପତି କହିଲେ—'ଏଇ ସମସ୍ତ ଜଳାଦି ମଧ୍ୟରେ ଆତ୍ମାହିଁ ଦୃଷ୍ଟ ହୁଅନ୍ତି' । ଇନ୍ଦ୍ର ଓ ବିରୋଚନ ଛାୟାମୟ ପୁରୁଷଙ୍କୁ ହିଁ ଆତ୍ମା ବୋଲି ଗ୍ରହଣ କଲେ । ପ୍ରଜାପତି ତାହାଙ୍କର ଭ୍ରମ ଦୂର କରିବାକୁ କହିଲେ—'ଜଳ ପୂର୍ଣ୍ଣ ଶରାବମଧ୍ୟରେ

Digitized by srujanika@gmail.com

ନିଜ ନିଜ ପ୍ରତିବିମ୍ବ ଦର୍ଶନ କର । ସେମାନେ ଶରାବରେ ନିଜ ନିଜ ପ୍ରତିବିମ୍ବ ଦର୍ଶନ କରି କହିଲେ—'ଭଗବାନ୍ ! ଆମ୍ଭେ ଆତ୍ମାକୁ ହିଁ ଲୋମରୁ ନଖ ପର୍ଯ୍ୟନ୍ତ ଦେଖି ଅଛୁ' । ତହୁଁ ପ୍ରଜାପତି ସେ ଦୁହିଁଙ୍କୁ କହିଲେ—'ତୁମ୍ଭେ-ମାନେ ଉତ୍ତମ ଭାବରେ ଅଳଂକୃତ, ସୁନ୍ଦର ବସ୍ତ୍ର ଯୁକ୍ତ ଏବଂ ପରିଷ୍କୃତ ହୋଇ ଉଦକ-ପୂର୍ଣ୍ଣ ଶରାବରେ ନିଜକୁ ଦର୍ଶନ କର' । ସେମାନେ ସେ ଭଳି କଲା ପରେ ପ୍ରଜାପତି ଜିଜ୍ଞାସା କଲେ—'କଣ ଦେଖୁଛ' ? ଇନ୍ଦ୍ର, ବିରୋଚନ କହିଲେ—'ହେ ଭଗବାନ୍ ! ଆମ୍ଭେମାନେ ଠିକ୍ ଏମିତି ଉତ୍ତମ ଅଳଂକାର-ସଂପନ୍ନ, ସୁବସନଯୁକ୍ତ ଓ ପରିଷ୍କୃତ, ଛାୟାରେ ମଧ୍ୟ ଠିକ୍ ସେହିଭଳି ଦେଖିବାକୁ ପାଉଅଛୁ' । ପ୍ରଜାପତି କହିଲେ—'ଏହାହିଁ ଆତ୍ମା, ଏହାହିଁ ଅମୃତ ଓ ଅଭୟ, ଏହାହିଁ ବ୍ରହ୍ମ' ସେମାନେ ଆପଣାକୁ କୃତାର୍ଥ ମନେକରି ପ୍ରଫୁଲ୍ଲ ଚିତ୍ତରେ ଗୃହାଭିମୁଖରେ ଗମନ କଲେ । ପ୍ରଜାପତି ସେମାନଙ୍କୁ ତୃଷ୍ଟଚିତ୍ତରେ ଫେରିଯିବା ଦେଖି ଭାବିଲେ, ଜଳ ଶରାବରେ ଦୁଇଥର ଦୁଇ ପ୍ରକାର ଛାୟା ଦେଖି ମଧ୍ୟ ଏହାଙ୍କର ଭ୍ରାନ୍ତବୁଦ୍ଧି ଘୁଞ୍ଚିଲା ନାହିଁ । ଏମାନେ ଆତ୍ମାକୁ ଲାଭ ନ କରି ମଧ୍ୟ ପ୍ରଶାନ୍ତଚିତ୍ତରେ ଯାଉଅଛନ୍ତି । ଦେବତା ହେଉନ୍ତୁ ବା ଅସୁର ହୁଅନ୍ତୁ ଯେଉଁମାନେ ଏହିଭଳି ଭ୍ରାନ୍ତ ଆତ୍ମା-ବିଦ୍ୟାସମ୍ପନ୍ନ ହେବେ ସେମାନେ ନିଶ୍ଚୟ ଶ୍ରେୟଃ ପଥରୁ ଭ୍ରଷ୍ଟ ହେବେ ।

ଉଭୟଙ୍କ ମଧ୍ୟରେ ବିରୋଚନ ହିଁ ଶାନ୍ତ-ଚିତ୍ତରେ ଅସୁରମାନଙ୍କ ନିକଟକୁ ଫେରିଗଲେ ଏବଂ ଅସୁରମାନଙ୍କ ନିକଟରେ ପ୍ରଚାର କଲେ, ଏଇ ଜଗତରେ ଦେହରୂପକ ଆତ୍ମାହିଁ ମହନୀୟ, ଦେହର ପୂଜା ଓ ପରିଚର୍ଯ୍ୟା କଲେ ଇହ ଓ ପର ଉଭୟ ଲୋକ ଲାଭ ହୋଇଥାଏ । ସେହି କାରଣରୁ ଆଜି ମଧ୍ୟ ଅଦାତା, ଶ୍ରଦ୍ଧାହୀନ, ସତ୍କର୍ମବିମୁଖ ଲୋକଙ୍କୁ ସାଧୁଜନମାନେ ଅସୁର କହିଥାଆନ୍ତି—"ତସ୍ମାଦପ୍ୟଦ୍ୟେହାଜଦାନମ ଶ୍ରଦ୍ଧଧାନମ ଯଜମାନମାହୁରାସୁରୋ ବତେତି" ।

ବିରୋଚନଙ୍କର ଜ୍ଞାନ ଅସଂପୂର୍ଣ୍ଣ ରହିଗଲା । ମାତ୍ର ଇନ୍ଦ୍ର ବାଟରେ ଯାଉ ଯାଉ ମନେ ମନେ ବିତର୍କ କରି ନିଜର ଭ୍ରମ ବୁଝି ପାରିଲେ । ଏଣୁ ପୁନରାୟ ସମିଧଭାର ବହନ-ପୂର୍ବକ ପ୍ରଜାପତିଙ୍କ ନିକଟକୁ ଆସିଲେ । ପ୍ରଜାପତି କହିଲେ ତୁମେ ଆହୁରି ୩୨ ବର୍ଷ ବ୍ରହ୍ମଚର୍ଯ୍ୟ ପାଳନ କର । ୩୨ ବର୍ଷ ପରେ ପ୍ରଜାପତି କହିଲେ,—'ଯେ ସ୍ୱପ୍ନ କାଳରେ ବିବିଧ ଭୋଗଦ୍ୱାରା ପରିପୂଜିତ ହୋଇ ବିଚରଣ କରନ୍ତି ସିଏହିଁ ଆତ୍ମା, ସେ ଅମୃତ ଓ ଅଭୟ, ସେହିଁ ବ୍ରହ୍ମ' ।

ଏହି ସ୍ୱପ୍ନାତ୍ମାଙ୍କ ବିଷୟ ଶୁଣି ଇନ୍ଦ୍ର ପୁନରାୟ ତୃଷ୍ଟ ଚିତ୍ତରେ ଫେରି ଯାଉଥିଲେ । କିନ୍ତୁ ପୁନଶ୍ଚ ନିଜର ଭୁଲ ବୁଝିପାରି ଫେରି ଆସିଲେ । ପ୍ରଜାପତି କହିଲେ—'ତୁମେ ଆହୁରି ୩୨ ବର୍ଷ ବ୍ରହ୍ମଚର୍ଯ୍ୟ ପାଳନ କର' । ମାତ୍ର ଏଥିରେ ମଧ୍ୟ ବ୍ରହ୍ମଜ୍ଞାନ ସଂପୂର୍ଣ୍ଣ ହେଲା ନାହିଁ । ସେ ୪ର୍ଥ ଥର ଆସି ଆହୁରି ୫ ବର୍ଷ ବ୍ରହ୍ମଚର୍ଯ୍ୟ ପାଳନ କଲେ । ଏହିଭଳି ଏକଶତ ଏକ ବର୍ଷ ବ୍ରହ୍ମଚର୍ଯ୍ୟ ପାଳନ କଲାପରେ ସେ ପ୍ରଜାପତିଙ୍କ ନିକଟରୁ

Digitized by srujanika@gmail.com

ବ୍ରହ୍ମଜ୍ଞାନ ଲାଭ କଲେ । ପ୍ରଜାପତି କଥିତ ଏହି ବ୍ରହ୍ମଜ୍ଞାନ ଯେଉଁମାନେ ଲାଭ କରନ୍ତି, 'ତେଷାଂ ସର୍ବେଚ ଲୋକା ଆପ୍ନୋ ସର୍ବେ ଚ କାମାଃ'—ଅର୍ଥାତ୍ ସେମାନେ ସକଳ ଲୋକ ଓ ସକଳ କାମନା କରନ୍ତି ।

ସର୍ବ କାମନା ଓ ସର୍ବ ଲୋକ ଲାଭର ତପସ୍ୟା ସଙ୍ଗେ ସ୍ୱୀକାର ଅଥବା ବ୍ୟବସାୟ କ୍ଷେତ୍ରରେ ସିଦ୍ଧିଲାଭର ତୁଳନା ହୋଇପାରିବ ନାହିଁ । ଇନ୍ଦ୍ରର ଇନ୍ଦ୍ରତ୍ୱ ଯାହା ନିକଟରେ ମିଥ୍ୟା ସେହି ଆତ୍ମଜ୍ଞାନ ଲାଭ ନିମିତ୍ତ ଏକଶହ ଏକ ବର୍ଷ ତପସ୍ୟା ମଧ୍ୟ ନଗଣ୍ୟ । ଯେ ହେତୁ ଏଇ ଆତ୍ମା ଜରା ଏବଂ ମୃତ୍ୟୁର ଅତୀତ, ସେଥିପାଇଁ ଜରା ଓ ମୃତ୍ୟୁର ଭୟରେ ଜ୍ଞାନ ସାଧନା ସମୟକୁ ନିର୍ଦ୍ଧାରିତ କରିବାକୁ ଅନ୍ୟାବଶ୍ୟକ ଇହଲୋକର ସକଳ ସାଧନାକୁ ଅସାର ଜାଣିବା ପରେ ହିଁ ଶିଷ୍ୟଗଣ ଏହି ସତ୍ୟଜ୍ଞାନ ଅନ୍ୱେଷଣରେ ଆସି ଅଛନ୍ତି । ଏଣୁ ସେମାନେ ଫେରିଯିବେ କେଉଁଠିକି ?

ନାରଦ ଯେତେବେଳେ ବେଦ, ଇତିହାସ, ପୁରାଣ, ବ୍ୟାକରଣ, ଗଣିତ, ତର୍କଶାସ୍ତ୍ର, ନକ୍ଷତ୍ର ବିଦ୍ୟା, ଜ୍ୟୋତିଷ ନୃତ୍ୟ, ଗୀତ ଇତ୍ୟାଦି ଆୟତ୍ତ କରି ମଧ୍ୟ ଶୋକକୁ ଆୟତ୍ତ କରି ପାରିଲେ ନାହିଁ, ସେତେବେଳେ ଭଗବାନ୍ ସନତ୍କୁମାରଙ୍କ ନିକଟକୁ ଯାଇ କହିଲେ—"ମୁଁ ଏତେ ଜାଣି ମଧ୍ୟ କେବଳ ଶବ୍ଦାର୍ଥ ମାତ୍ର ଜାଣିଅଛି", ଆତ୍ମବିତ୍ ହୋଇପାରି ନାହିଁ—"ସୋଽହଂ ଭଗବଃ ଶୋଚାମି ତଂ ମା ଭଗବାଞ୍ଛୋକସ୍ୟ ପାରଂ ତାରୟତ୍ୱିତି ।" (ମୁଁ ଦୁଃଖ ଭୋଗ କରୁଅଛି ମୋତେ ଶୋକର ପରପାରକୁ ଉତ୍ତୀର୍ଣ୍ଣ କରନ୍ତୁ ) ।

ଏହି ଆତ୍ମାକୁ ଆନନ୍ଦ, ଶ୍ରଦ୍ଧା ଓ ନିଷ୍ଠାର ଦ୍ୱାରା ଜାଣିବାକୁ ହୁଏ ଏବଂ ଏହାକୁ ଜାଣିଲେ—'ନାନ୍ୟତ୍ ପଶ୍ୟତି ନାନ୍ୟଚ୍ଛୃଣୋତି ନାନ୍ୟଦ୍ୱିଜାନାତି ।' ସେ ନିଜ ମହିମାରେ ପ୍ରତିଷ୍ଠିତ—'ସଭଗବାଃ କସ୍ମିନ୍ ପ୍ରତିଷ୍ଠିତ ଇତି ସ୍ୱେମହିମ୍ନି ଯଦିବା ନ ମହିମ୍ନୀତି ।' ଅର୍ଥାତ୍ ତୁମର ପ୍ରଶ୍ନାନୁସାରେ ସେ ସ୍ୱୀୟ ମହିମାରେ ହିଁ ପ୍ରତିଷ୍ଠିତ ବୋଲି କୁହାଯାଇଅଛି । ପ୍ରକୃତ ପକ୍ଷରେ ସେ କେଉଁଠି ପ୍ରତିଷ୍ଠିତ ନୁହନ୍ତି ।

## ଔଦ୍ଧତ୍ୟର ତିରସ୍କାର

ଶିଷ୍ୟମାନଙ୍କୁ ଉପଦେଶ ଦେବାକୁ ଯାଇ ଉପନିଷଦ୍‌ର ଗୁରୁମାନଙ୍କର ଜିଜ୍ଞାସାର ମଧ୍ୟ ଶେଷ ନାହିଁ । ଜିଜ୍ଞାସାରୁ ହିଁ ବିନୟ ଜନ୍ମେ । ଅଳ୍ପ ଜ୍ଞାନୀର ଔଦ୍ଧତ୍ୟ ଉପନିଷଦ୍‌ରେ ବାରମ୍ବାର ତିରସ୍କୃତ ହୋଇଅଛି ।

ଅରୁଣଙ୍କ ପୁତ୍ର ଉଦ୍ଦାଳକ ଥିଲେ ଅନ୍ୟତମ ଶ୍ରେଷ୍ଠ ଜ୍ଞାନୀ । ଏକଦା ମହାଗୃହସ୍ଥ ଓ ମହା ଶ୍ରୋତ୍ରିୟ ଅର୍ଥାତ୍ ଉତ୍କୃଷ୍ଟ ସଦାଚାର ଓ ବେଦାଦି ଶାସ୍ତ୍ରାଧ୍ୟୟନସମ୍ପନ୍ନ ଉପମନ୍ୟୁ-ପୁତ୍ର ପ୍ରାଚୀନ ଶାଲ, ପୁଲୁଷି ପୁତ୍ର ସତ୍ୟଯଜ୍ଞ, ଭାଲ୍ଲବିନନ୍ଦନ ଇନ୍ଦ୍ରଦ୍ୟୁମ୍ନ, ଶର୍କରାକ୍ଷ ସୁତ ଜନ ଓ ଅଶ୍ୱତରାଶ୍ୱ ପୁତ୍ର ବୁଡ଼ିଲ ପ୍ରଭୃତି ଏକତ୍ର ମିଳିତ ହୋଇ ଆମ୍ଭମାନଙ୍କର ଆତ୍ମା କିଏ ଏହି ବିଷୟରେ ବିଚାର କରିଥିଲେ । ସେମାନେ ସ୍ଥିର କଲେ ବର୍ତ୍ତମାନ ସମୟରେ ଉଦ୍ଦାଳକ ନାମକ ଅରୁଣର ପୁତ୍ର ଏଇ ବୈଶ୍ୱାନର ଆତ୍ମା ବିଷୟରେ ଅବଗତ

Digitized by srujanika@gmail.com

ଅଛନ୍ତି, ଆମ୍ଭେମାନେ ତାହାଙ୍କ ନିକଟକୁ ଗମନ କରିବୁ । କିନ୍ତୁ ଉଦ୍ଦାଳକଙ୍କ ନିକଟକୁ ଯାଇ ପ୍ରଶ୍ନ କରିବାକୁ ଉଦ୍ଦାଳକ ବୁଝିପାରିଲେ ମୁଁ ଏମାନଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ପାରିବି ନାହିଁ, ଅତଏବ ଅନ୍ୟ ଉପଦେଷ୍ଟାଙ୍କ କହିବେ । 'ନ ସର୍ବମିବ ପ୍ରତିପତ୍ସ୍ୟେ ହନ୍ତାହମନ୍ୟମଭ୍ୟନୁଶାସାନୀତି' ।

## ବିଶୁଦ୍ଧ ଚିତ୍ତର ପ୍ରୟୋଜନ

ତପଃ, ଦମ, କର୍ମ ଉପନିଷଦ୍‌ର ପାଦ ସ୍ୱରୂପ; ବେଦସମୂହ ତାହାର ବିବିଧ ଅଙ୍ଗ, ସତ୍ୟ ତାହାର ଆୟତନ (କେନ) ବାରମ୍ବାର ମନନଦ୍ୱାରା ଓ ସଙ୍କଳ୍ପଦ୍ୱାରା ଏହାକୁ ଜାଣିବାକୁ ପଡ଼େ । ଶ୍ରେୟ ଓ ପ୍ରେୟ ଉଭୟହିଁ ମନୁଷ୍ୟକୁ ଆଶ୍ରୟ କରିଥାଏ । ଯେ ଧୀର ସେ ପ୍ରେୟ ଅପେକ୍ଷା ଶ୍ରେୟକୁ ଉତ୍ତମ ଜାଣି ତାହାକୁ ଗ୍ରହଣ କରନ୍ତି । ଧୀର ବ୍ୟକ୍ତିଙ୍କୁ କାମନାର ବସ୍ତୁ ପ୍ରଲୁବ୍ଧ କରିପାରେ ନାହିଁ । ଯେଉଁମାନେ ଅବିଦ୍ୟାଦ୍ୱାରା ବେଷ୍ଟିତ ହୋଇ ନିଜକୁ ପଣ୍ଡିତ ମନେ କରନ୍ତି ସେମାନେ ଅନ୍ଧ ପରିଚାଳିତ ଅନ୍ଧ ସଦୃଶ । ସଂସାରରେ ଆସକ୍ତ, ଧନ ମୋହରେ ସମାଚ୍ଛନ୍ନ ଓ ଅବିବେକୀ ନିକଟରେ ପରଲୋକ ସମ୍ବନ୍ଧୀୟ ସାଧନ ପ୍ରତିଭାତ ହୁଏ ନାହିଁ । ତର୍କଦ୍ୱାରା ଏହାଙ୍କୁ ଜାଣି ହୁଏ ନାହିଁ, ଅଧ୍ୟାତ୍ମ ଯୋଗ ସହାୟତାରେହିଁ କେବଳ ଏହାଙ୍କୁ ଜାଣିହୁଏ । ବହୁ ବେଦ ଆବୃତ୍ତି କରିବା ଫଳରେ, ଅଥବା ଧାରଣାଶକ୍ତି ସହାୟତାରେ, ଅଥବା ବହୁ ଶାସ୍ତ୍ର ଶ୍ରବଣ-ଦ୍ୱାରା ଏହାଙ୍କୁ ଜାଣି ହୁଏ ନାହିଁ । ପାପାଚରଣରୁ ନିବୃତ୍ତ ହେବା, ଇନ୍ଦ୍ରିୟ ଲୋଲୁପତାରୁ ବିରତ ହେବା, ଏକାଗ୍ରଚିତ୍ତ ହେବା, ସମାଧିର ଫଳଲାଭ ବିଷୟରେ ଅସ୍ଥିରତା ବର୍ଜନ କରିବା ପ୍ରଭୃତି ବ୍ରହ୍ମଲାଭର ସୋପାନ । ଯେ ବିଜ୍ଞାନବାନ୍, ସଂଯତମନା ଓ ସର୍ବଦା ପବିତ୍ର ଏକମାତ୍ର ସେ ବ୍ରହ୍ମପଦ ପ୍ରାପ୍ତ ହୁଅନ୍ତି । (କଠ) ଯଥାବିଧି ସମୀପାଗତ ପ୍ରଶାନ୍ତମନା ଓ ସଂଯତେନ୍ଦ୍ରିୟ ଶିଷ୍ୟକୁ ବ୍ରହ୍ମଜ୍ଞ ବ୍ରହ୍ମବିଦ୍ୟା ଉପଦେଶ ଦେଇଥାନ୍ତି । (ମୁଣ୍ଡକ) ଚିତ୍ତ ପ୍ରସନ୍ନ ହେଲେ ଆତ୍ମା ଆପଣାକୁ ବିଶେଷରୂପେ ପ୍ରକଟିତ କରାଏ । ସୁତରାଂ ବିଶୁଦ୍ଧ ଚିତ୍ତଦ୍ୱାରା ସୂକ୍ଷ୍ମ ଆତ୍ମାକୁ ଜାଣିହୁଏ ।

ଶିକ୍ଷଣୀୟ ବିଷୟ ଭିନ୍ନ ହେଲେ ହେଁ ଏକାଳର ଗୁରୁମାନେ ଏହି ସମସ୍ତ ଗୁଣର ଯଥାସାଧ୍ୟ ଅନୁଶୀଳନ କଲେ ବୋଧହୁଏ ଗୁରୁ-ଶିଷ୍ୟର ସମ୍ପର୍କ ଉନ୍ନତ ହୋଇପାରେ, ଦେଶ ଓ ଜାତିର ମଙ୍ଗଳ ହୋଇପାରେ ।

Digitized by srujanika@gmail.com

# ଦ୍ୟୂତକ୍ରୀଡ଼ାର ଚକ୍ରାନ୍ତ

ଜୟନ୍ତୀ ପଟ୍ଟନାୟକ ବି. ଏ., ଡ଼ି. ଏସ୍. ଏସ୍. ଏ.

[ପାଣ୍ଡବମାନଙ୍କ ପ୍ରତି ଦୁର୍ଯ୍ୟୋଧନ ମୂଳରୁ ଈର୍ଷାପରବଶ ଥିଲେ । ସେଥିପାଇଁ ସେ ତାଙ୍କର ଭାଇ ଦୁଃଶାସନ, ସଖା କର୍ଣ୍ଣ ଓ ମାତୁଳ ଶକୁନିଙ୍କ ସହିତ ବହୁ ଚକ୍ରାନ୍ତ କରିଥିଲେ । ଏହିସବୁ ଚକ୍ରାନ୍ତ ମଧ୍ୟରେ ପ୍ରଧାନ ହେଉଛି ଦ୍ୟୂତକ୍ରୀଡ଼ା । କେଉଁଥିରୁ ଏହି ଦ୍ୟୂତକ୍ରୀଡ଼ାର ମନ୍ତ୍ରଣା ହେଲା, ଦ୍ୟୂତକ୍ରୀଡ଼ା ଫଳରେ ପାଣ୍ଡବମାନେ ଓ ବିଶେଷତଃ ଦ୍ରୌପଦୀ କୌରବ ରାଜସଭାରେ କପରି ଭାବରେ ଅପମାନିତ ହେଲେ, ଅପମାନର ପ୍ରତିଶୋଧ ନେବାପାଇଁ ଦ୍ରୌପଦୀ ଓ ଭୀମଙ୍କର ପ୍ରତିଜ୍ଞା ଏବଂ କେଉଁ କେଉଁ କ୍ଷେତ୍ରରେ ଏହି ପ୍ରତିଜ୍ଞା ପାଳିତ ହୋଇଥିଲା, ତାହା କ୍ରମାନ୍ୱୟରେ ଆଠୁର ଗୋଟିଏ ପର୍ଯ୍ୟାୟରେ 'ପୌରୁଷ'ରେ ପ୍ରକାଶିତ ହେବ । ଏହି ସଂଖ୍ୟାରୁ ତାହା ଆରମ୍ଭ ହେଲା— ସଂପାଦକ, ପୌରୁଷ ]

ପାଣ୍ଡବମାନେ ଇନ୍ଦ୍ରପ୍ରସ୍ଥରେ ନିଜର ଐଶ୍ୱର୍ଯ୍ୟ ଓ ଗୌରବ ବର୍ଦ୍ଧନ କରି ରାଜପଣ କଲେ । କିଛିକାଳ ପରେ ଯୁଧିଷ୍ଠିରଙ୍କର ବନ୍ଧୁ ଓ ଅମାତ୍ୟମାନେ ତାଙ୍କୁ ପରାମର୍ଶ ଦେଲେ ଯେ, ସେ ରାଜାମାନଙ୍କର ପରମଶ୍ରେୟ ରାଜସୂୟ ଯଜ୍ଞ ଅନୁଷ୍ଠାନ କରନ୍ତୁ । ସେତେବେଳେ ଦିଗ୍ବିଜୟ ଦ୍ୱାରା ଯେଉଁ ରାଜା ସମଗ୍ର ଦେଶର ରାଜନ୍ୟବର୍ଗଙ୍କୁ ବଶୀଭୂତ କରି ପାରୁଥିଲେ, ସେ ରାଜସୂୟ ଯଜ୍ଞର ହକଦାର ହେଉଥିଲେ ଓ ସମ୍ରାଟ ଉପାଧି ଲାଭ କରୁଥିଲେ । ବୀର ଭ୍ରାତାଗଣଙ୍କ ଦ୍ୱାରା ସମନ୍ୱିତ ହୋଇ ଯୁଧିଷ୍ଠିର ବା କାହିଁକି ରାଜସୂୟ ଯଜ୍ଞର କାମନା ନ କରନ୍ତେ ! କିନ୍ତୁ ତା' ପୂର୍ବରୁ ସେ ପାଣ୍ଡବମାନଙ୍କର ପ୍ରିୟ ସଖା ଶ୍ରୀକୃଷ୍ଣଙ୍କୁ ଡକାଇ ତାଙ୍କର ପରାମର୍ଶ ଲୋଡ଼ିଲେ ।

ଶ୍ରୀକୃଷ୍ଣ କହିଲେ ଯେ, ଯୁଧିଷ୍ଠିର ଯଜ୍ଞ କରିବା ପାଇଁ ସବୁ ଦୃଷ୍ଟିରୁ ଉପଯୁକ୍ତ । କିନ୍ତୁ ମଗଧାଧିପତି ଜରାସନ୍ଧକୁ ସମ୍ପୂର୍ଣ୍ଣ ପରାସ୍ତ ନ କରିବା ଯାଏଁ ସେ ଏ ଯଜ୍ଞ କରି ପାରିବେ ନାହିଁ । କାରଣ ଜରାସନ୍ଧ ସମଗ୍ର ମଧ୍ୟଭାରତର ରାଜା ଥିଲେ ଓ ସେତେବେଳେ ବୀରମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ ଓ ନିଜେ ଶ୍ରୀକୃଷ୍ଣ ଜରାସନ୍ଧ

Digitized by srujanika@gmail.com

ଉପ୍ୟୂରେ ମଥୁରାରୁ ଯାଇ ବହୁ ଦୂରବର୍ତ୍ତୀ ଦ୍ୱାରକା ଦ୍ୱୀପରେ ଗଡ଼ ନିର୍ମାଣ କରି ରହିଥିଲେ । ଶ୍ରୀକୃଷ୍ଣ ଜରାସନ୍ଧର ବିନାଶ ପାଇଁ ଭୀମ ଓ ଅର୍ଜୁନଙ୍କୁ ତାଙ୍କ ସହିତ ପଠାଇବା ପାଇଁ ଯୁଧିଷ୍ଠିରଙ୍କ ଅନୁମତି ମାଗିଲେ । କୃଷ୍ଣଙ୍କର କୂଟନୀତି ଓ ଭୀମଙ୍କର ବଳରେ ଜରାସନ୍ଧ ନିହତ ହେବାରୁ ଜରାସନ୍ଧର ବନ୍ଦୀଶାଳାରେ ଥିବା ରାଜାମାନେ ପାଣ୍ଡବମାନଙ୍କ ପ୍ରତି କୃତଜ୍ଞ ହୋଇ ଯୁଧିଷ୍ଠିରଙ୍କର ବଶ୍ୟତା ସ୍ୱୀକାର କଲେ ଓ ତାଙ୍କୁ ନାନା ଧନ, ରତ୍ନ ଉପହାର ଦେଇ ରାଜସୂୟରେ ସାହାଯ୍ୟ କଲେ । ଅର୍ଜୁନ ଉତ୍ତରକୁ, ଭୀମ ପୂର୍ବକୁ, ନକୁଳ ପଶ୍ଚିମକୁ ଓ ସହଦେବ ଦକ୍ଷିଣକୁ ଦିଗ୍‌ବିଜୟ ଯାତ୍ରା କଲେ ଓ ସେମାନେ ସଫଳତାର ସହିତ ସମସ୍ତ ଭାରତବର୍ଷକୁ ବଶୀଭୂତ କଲେ ।

ରାଜସୂୟ ଯଜ୍ଞର ନିମନ୍ତ୍ରଣ ଦେଇ ଦୂତମାନେ ଚତୁର୍ଦ୍ଦିଗରେ ପ୍ରେରିତ ହେଲେ । ଭୀଷ୍ମ, ଦ୍ରୋଣ, ଧୃତରାଷ୍ଟ୍ର, ବିଦୁର କୃପାଚାର୍ଯ୍ୟ ଓ ଦୁର୍ଯ୍ୟୋଧନ, କର୍ଣ୍ଣ, ଜୟଦ୍ରଥ ପ୍ରଭୃତିଙ୍କୁ ନିମନ୍ତ୍ରଣ କରିବା ପାଇଁ ଦିଗ୍‌ବିଜୟୀ ନକୁଳ ହସ୍ତିନାପୁର ଯାତ୍ରା କଲେ ।

## ପ୍ରଥମ ଅର୍ଘ୍ୟ

ଭାରତର ସ୍ୱଶଆଡ଼୍ ରାଜନ୍ୟବୃନ୍ଦ ଯୁଧିଷ୍ଠିରଙ୍କ ନିମନ୍ତ୍ରଣ ରକ୍ଷାକରି ରାଜସୂୟ ଯଜ୍ଞରେ ଆସି ଯୋଗଦେଲେ । ମହା ସମାରୋହରେ ଏହି ଯଜ୍ଞ ଅନୁଷ୍ଠିତ ହେଲା । ରାଜାମାନଙ୍କୁ ବରଣ କରିବାବେଳେ ପିତାମହ ଭୀଷ୍ମ, ଯୁଧିଷ୍ଠିରଙ୍କୁ କହିଲେ, "ହେ ରାଜନ୍, ତୁମେ ରାଜାମାନଙ୍କର ଯଥାଯୋଗ୍ୟ ପୂଜାକର କିନ୍ତୁ ଏମାନଙ୍କ ମଧ୍ୟରେ ଯେ ସର୍ବଶ୍ରେଷ୍ଠ, ତୁମେ ତାଙ୍କୁ ସର୍ବପ୍ରଥମେ ଅର୍ଘ୍ୟ ପ୍ରଦାନ କର ।"

ଯୁଧିଷ୍ଠିର କହିଲେ, "ହେ ପିତାମହ, କାହାକୁ ପ୍ରଥମେ ଅର୍ଘ୍ୟ ଦିଆଯିବ, ଆପଣ ସେ ପରାମର୍ଶ ଦିଅନ୍ତୁ ।"

ଭୀଷ୍ମ ଯଜ୍ଞ ସ୍ଥଳରେ ସମବେତ ରାଜନ୍ୟ-ମଣ୍ଡଳୀ ଆଡ଼କୁ ଦୃଷ୍ଟିପାତ କରି କହିଲେ, "ଜ୍ୟୋତିଷ୍କମାନଙ୍କ ମଧ୍ୟରେ ଯେପରି ସୂର୍ଯ୍ୟଙ୍କର ସ୍ଥାନ, ତେଜ ବଳ, ପରାକ୍ରମ ଓ ବିଜ୍ଞ ବିଷୟର ବୁଦ୍ଧି ଦୃଷ୍ଟିରୁ ସମସ୍ତ ରାଜା ଓ ମନୁଷ୍ୟଙ୍କ ମଧ୍ୟରେ କୃଷ୍ଣଙ୍କର ସେହି ସ୍ଥାନ । ତେଣୁ ତାହାଙ୍କୁ ପ୍ରଥମେ ଅର୍ଘ୍ୟ ପ୍ରଦାନ କରାଯିବା ଉଚିତ ହେବ ।"

## ଶିଶୁପାଳ ବଧ

ଭୀଷ୍ମଙ୍କ ଦ୍ୱାରା ଆଦିଷ୍ଟ ହୋଇ ସହଦେବ ଶ୍ରୀକୃଷ୍ଣଙ୍କୁ ସର୍ବ ପ୍ରଥମେ ଅର୍ଘ୍ୟ ପ୍ରଦାନ କଲେ । କିନ୍ତୁ ଚେଦିରାଜ ଶିଶୁପାଳ ଶ୍ରୀକୃଷ୍ଣଙ୍କର ପରମ ଶତ୍ରୁ ଥିଲେ । ରୁକ୍ମିଣୀଙ୍କୁ ବିବାହ କରିବା ପାଇଁ ଯାଇ ସେ ସେଉଁଦିନୁ ବ୍ୟର୍ଥ ହୋଇ ଫେରିଥିଲେ, (ରୁକ୍ମିଣୀଙ୍କୁ ଶ୍ରୀକୃଷ୍ଣ ବିବାହ କରିଥିଲେ—ବରବେଶ ପିନ୍ଧି ଶିଶୁପାଳ ବ୍ୟର୍ଥହୋଇ ଫେରିବା ଯୋଗୁଁ ଏବେ ମଧ୍ୟ ବ୍ୟର୍ଥ ବରମାନଙ୍କୁ ଶିଶୁପାଳଆ ହୋଇ ଫେରିଲ ବୋଲି କୁହାଯାଏ) । ଶିଶୁପାଳ ଶ୍ରୀକୃଷ୍ଣଙ୍କ ନାଁ ଶୁଣିଲେ ରାଗରେ ଜଳୁଥିଲା । ବର୍ତ୍ତମାନ

Digitized by srujanika@gmail.com

ପାଣ୍ଡବ ରାଜସଭାରେ ଭାରତର ସମସ୍ତ ରାଜନ୍ୟଙ୍କ ସମକ୍ଷରେ ତାଙ୍କୁ ସର୍ବାଗ୍ରେ ପୂଜା ହେଉଥିବାର ଦେଖି ସେ ହଠାତ୍ ଠିଆ ହୋଇ ପଡ଼ି, ଭୀଷ୍ମଙ୍କୁ ଓ ଶ୍ରୀକୃଷ୍ଣଙ୍କୁ ଭର୍ତ୍ସନା କରିବାକୁ ଲାଗିଲେ । ଅନ୍ୟାନ୍ୟ ରାଜାମାନଙ୍କୁ ସଭାସ୍ଥଳ ଛାଡ଼ି ଚାଲିଯିବା ପାଇଁ ସେ ଉତ୍ସାହିତ କଲେ । ଏବେ ଯେପରି କକ୍ଷ ତ୍ୟାଗ ହେଉଚି, ସେବେ ମଧ୍ୟ ବୋଧହୁଏ ସେପରି ହେଉଥିଲା । ବହୁ ରାଜା ଶିଶୁପାଳଙ୍କ କଥାରେ ରାଜିଗଲେ ଓ ସଭାସ୍ଥଳ ଛାଡ଼ି ଚାଲିଯିବାକୁ ବସିଲେ । ଯୁଧିଷ୍ଠିରଙ୍କ ସମସ୍ତ ଅନୁନୟ ବିନୟ ବ୍ୟର୍ଥ ହେଲା । ଏହାଦ୍ୱାରା ଶିଶୁପାଳ ଉତ୍ତେଜିତ ହୋଇ ଯୁଦ୍ଧ କରିବା ପାଇଁ ଆହ୍ୱାନ କଲେ । ସେଠାରେ କୃଷ୍ଣ ଓ ଶିଶୁପାଳଙ୍କ ମଧ୍ୟରେ ଘୋର ଯୁଦ୍ଧ ହେଲା ଓ ଶିଶୁପାଳ ନିହତ ହେଲେ । ଏହାପରେ ଯଜ୍ଞ କାର୍ଯ୍ୟ ନିର୍ବିଘ୍ନରେ ସମ୍ପାଦିତ ହେଲା ।

## ବିପତ୍ତିର ଆରମ୍ଭ ନା ଶେଷ

ଯଜ୍ଞ ଶେଷହେବା ପରେ ପ୍ରଧାନ ପୁରୋଧା ବ୍ୟାସଦେବ ଯୁଧିଷ୍ଠିରଙ୍କ ଠାରୁ ବିଦାୟ ନେବାକୁ ଆସିଲେ । କୁରୁ ବଂଶର ରକ୍ଷକ, ହିତାକାଙ୍କ୍ଷୀ ଓ ସର୍ବସମ୍ମାନିତ ବ୍ୟାସଦେବଙ୍କୁ ପ୍ରଣିପାତ କରି ଯୁଧିଷ୍ଠିର କହିଲେ, "ହେ ଗୁରୁଶ୍ରେଷ୍ଠ । ଆପଣ ତ୍ରିକାଳ ଦର୍ଶୀ । ରାଜସୂୟ ଯଜ୍ଞ ସମୟରେ ଚେଦିପତି ଶିଶୁପାଳଙ୍କର ଯଜ୍ଞ ଭଙ୍ଗର ଉଦ୍ୟମ, ଶ୍ରୀକୃଷ୍ଣଙ୍କ ସହିତ ତାଙ୍କର ଯୁଦ୍ଧ ଓ ପତନ ଯୋଗୁଁ ଅଶୁଭ ସୂଚନା ଜାତ ହେଲା । ଆପଣ ଆମର ସଂଶୟ ମୋଚନ କରି କହନ୍ତୁ, ଏହା ଉତ୍ପାତ ଓ ବିପର୍ଯ୍ୟୟର ଆରମ୍ଭ ନା ଶେଷ ?"

ବ୍ୟାସଦେବ କହିଲେ, "ହେ ରାଜନ୍, ଏହା ଆରମ୍ଭ ମାତ୍ର । ଶେଷ ନୁହେଁ । ଆଜିଠାରୁ ତେରବର୍ଷ ପର୍ଯ୍ୟନ୍ତ ପୃଥିବୀର ଚାରିଆଡ଼େ ମହାନ୍ ବିପତ୍ତି ସୃଷ୍ଟି ହେବ । ଶହ ଶହ ରାଜା, ଅଗଣିତ ଯୋଦ୍ଧା ଓ କ୍ଷତ୍ରିୟ ନିହତ ହେବେ ଓ ଯୁଗ ପରିବର୍ତ୍ତନ ହୋଇଯିବ । ଦୁର୍ଯ୍ୟୋଧନଙ୍କର ତୁମ୍ଭପ୍ରତି ଅହେତୁକ ଈର୍ଷା ଓ ବିପଦରୁ ଏହି ଭୟ ଉପସ୍ଥିତ ହେବ । ଶେଷରେ ଏକ ପକ୍ଷରେ ତୁମେ ଓ ତୁମର ଭ୍ରାତାମାନେ ଓ ଅପର ପକ୍ଷରେ ଦୁର୍ଯ୍ୟୋଧନ ଓ ତାଙ୍କର ବନ୍ଧୁବର୍ଗଙ୍କ ମଧ୍ୟରେ ଏକ ତୁମୁଳ ସଂଗ୍ରାମ ହେବ ଓ ସେଥିରେ କ୍ଷତ୍ରିୟକୁଳ ଧ୍ୱଂସ ପାଇଯିବେ । ତେଣୁ ତୁମେ ଧର୍ମର ପଥକୁ ଅନୁସରଣ କରି ପ୍ରଜାମାନଙ୍କୁ ପାଳନ କର ।

ବ୍ୟାସଦେବ ଏହା କହି ବିଦାୟ ନେବା ପରେ ଯୁଧିଷ୍ଠିର ଅତ୍ୟନ୍ତ ଚିନ୍ତିତ ହୋଇ ପଡ଼ିଲେ ଓ ଦୁର୍ଯ୍ୟୋଧନଙ୍କ ସହିତ ବନ୍ଧୁତା ରକ୍ଷା କରିବା ନିମନ୍ତେ ଦରକାର ପଡ଼ିଲେ ଯେ କୌଣସି କାର୍ଯ୍ୟ କରିବା ପାଇଁ ସେ ମନେ ମନେ ସ୍ଥିର କଲେ । ବିବାଦକୁ ଦୂରରେ ରଖି ସମସ୍ତଙ୍କର ପ୍ରିୟ କାର୍ଯ୍ୟ କରିବା ଓ ସମସ୍ତଙ୍କ ପ୍ରତି ସମବ୍ୟବହାର କରିବା ଓ ଧର୍ମର ମାର୍ଗରେ ରହିବା ପାଇଁ ସେ ପ୍ରତିଜ୍ଞା କଲେ ।

Digitized by srujanika@gmail.com

## ଦୁର୍ଯ୍ୟୋଧନଙ୍କ ଈର୍ଷା

ଯୁଧିଷ୍ଠିର ଏହିପରି ଚିନ୍ତା କରୁଥିବା ବେଳେ ଦୁର୍ଯ୍ୟୋଧନ ରାଜସୂୟ ଯଜ୍ଞରେ ପାଣ୍ଡବମାନଙ୍କର ଅତୁଳନୀୟ ସମ୍ପତ୍ତି ଓ ସମ୍ମାନ ଦେଖି ଈର୍ଷାରେ ଜଳିଗଲେ । କଥିତ ଅଛି ଯେ, ଯୁଧିଷ୍ଠିରଙ୍କ ସଭାଗୃହ ଏପରି ମୂଲ୍ୟବାନ ପ୍ରସ୍ତରରେ ନିର୍ମିତ ହୋଇ ରମଣୀୟ ହୋଇଥିଲା ଯେ ସମାଗତ ରାଜନ୍ୟବୃନ୍ଦ ଅନ୍ତରରେ ତାହା କେବେ ଦେଖି ନ ଥିଲେ । ସବୁ ରାଜା, ବ୍ୟାସଦେବ ଓ ଶ୍ରୀକୃଷ୍ଣ ବିଦାୟ ନେବାପରେ ଦୁର୍ଯୋଧନ ଓ ତାଙ୍କର ବନ୍ଧୁମାନେ ଏହି ସଭାଗୃହରେ କିଛିକାଳ ଅବସ୍ଥାନ କରିଥିଲେ । ଏହି ସଭାଗୃହର ଚଟାଣ ସ୍ଫଟିକରେ ନିର୍ମିତ ହୋଇଥିବା ଯୋଗୁଁ ଜଳାଶୟର ଭ୍ରମ ଉତ୍ପାଦନ କରୁଥିଲା । ଦୁର୍ଯ୍ୟୋଧନ ଏକ ସ୍ଥାନରେ ଜଳର ଆଶଙ୍କା କରି ବସ୍ତ୍ର ଉତ୍ତୋଳନ କଲେ ଓ ବଡ଼ ଲଜ୍ଜିତ ହୋଇଗଲେ । ଅନ୍ୟ ଏକ ସ୍ଥାନରେ ଏକ ଜଳାଶୟ ଥିଲା । କିନ୍ତୁ ଭ୍ରମ ବଶରେ ତାହାକୁ ସେ ସ୍ଥଳ ଜ୍ଞାନ କରି ଯାଉଛନ୍ତି, ସେଥିରେ ସେ ପଡ଼ିଗଲେ । ଏହା ଦେଖି ଭୀମ ଓ ଅନ୍ୟମାନେ ହସିଦେଲେ ।

## ଶକୁନି

ଏହିପରି ଲଜ୍ଜିତ ହୋଇ ଦୁର୍ଯ୍ୟୋଧନ ଚିନ୍ତାକୁଳ ଭାବରେ ତାଙ୍କର ମାଉଳ ଶକୁନିଙ୍କ ପାଖରେ ଯାଇ କହିଲେ, "ପାଣ୍ଡବମାନଙ୍କର ଏ ଐଶ୍ୱର୍ଯ୍ୟ ଦେଖି ମୋର ହୃଦୟରେ ଶଲ୍ୟବିଦ୍ଧ ହେବାପରି ଲାଗୁଚି । ମୁଁ ସେମାନଙ୍କର ବିନାଶ ପାଇଁ ଅତୀତରେ ଏତେ ଉଦ୍ୟମ କଲି । କିଛି ସଫଳ ହେଲା ନାହିଁ । ଏବେ ସେମାନେ ରାଜାମାନଙ୍କର ପରମ କାମ୍ୟ ରାଜସୂୟ ଯଜ୍ଞ କରି ପ୍ରଭୂତ ଐଶ୍ୱର୍ଯ୍ୟରେ ମଣ୍ଡିତ ହେଲେ । ସବୁ ରାଜାମାନଙ୍କ ଆଗରେ କୃଷ୍ଣ ଶିଶୁପାଳକୁ ପଶୁପରି ହତ୍ୟା କଲେ । କିନ୍ତୁ ପାଣ୍ଡବ-ମାନଙ୍କ ଉପରେ କେହି କିଛି କହିଲେ ନାହିଁ । ମୁଁ ବର୍ତ୍ତମାନ ନିଃସହାୟ । ଏପରି ଅବସ୍ଥାରେ ଜୀବନ ଧାରଣ କରି ଲାଭ କ'ଣ ?"

ଶକୁନି ଉତ୍ତର ଦେଲେ, "ହେ ଦୁର୍ଯ୍ୟୋଧନ, ତୁମ ପକ୍ଷରେ ଏପରି ଚିନ୍ତିତ ଓ ଈର୍ଷାନ୍ୱିତ ହେବା ଉଚିତ ହେଉ ନାହିଁ । ପାଣ୍ଡବମାନେ ତୁମର ଭାଇ । ତୁମେ ତାଙ୍କର ଅନିଷ୍ଟ କରିବା ପାଇଁ ବହୁ ଚେଷ୍ଟା କରିଚ । କିନ୍ତୁ ସେ ତୁମ ସହିତ ବିବାଦ ନ କରି ସେମାନଙ୍କ ନିଜ ଉଦ୍ୟମରେ ଓ ଭାଗ୍ୟ-ବଳରେ ଐଶ୍ୱର୍ଯ୍ୟଶାଳୀ ହେଲେ ଓ ରାଜ-ଲକ୍ଷ୍ମୀଙ୍କୁ ଭୋଗ କଲେ । ସେଥିରେ ତୁମର କ୍ଷତି କ'ଣ ହେଉଚି ? ତୁମେ ଯାହା କହୁଚ, ତୁମର କେହି ସହାୟ ନାହାନ୍ତି, ତାହା ସତ୍ୟ ନୁହେ । ତୁମ ସହିତ ଦ୍ରୋଣ, କର୍ଣ୍ଣ, କୃପ, ସୋମଦତ୍ତ, ଅଶ୍ୱତ୍ଥାମା ପ୍ରଭୃତି ମହାରଥୀମାନେ ଅଛନ୍ତି । ସେମାନଙ୍କୁ ଧରି ତୁମେ ପୃଥିବୀ ଜୟ କରି ସମ୍ରାଟ ହୁଅ ।"

ଏହା ଶୁଣି କିଛିଟା ଆଶ୍ୱସ୍ତ ଅନୁଭବ କରି ଦୁର୍ଯ୍ୟୋଧନ ସଙ୍ଗେ ସଙ୍ଗେ କହିଲେ, "ତୁମେ ଯଦି ପରାମର୍ଶ ଦେବ, ତା'ହେଲେ

Digitized by srujanika@gmail.com

ଭୀଷ୍ମଙ୍କୁ ଓ ଅନ୍ୟମାନଙ୍କୁ ସଙ୍ଗରେ ଧରି ମୁଁ ପାଣ୍ଡବମାନଙ୍କୁ ଜୟ କରିବି ଓ ପୃଥିବୀ ମୋର ଅଧିକୃତ ହେବ ।"

## ଦ୍ୟୁତ କ୍ରୀଡ଼ାର ଚକ୍ରାନ୍ତ

ଶକୁନି ଉତ୍ତର ଦେଲେ, ତୁମେ ପାଣ୍ଡବମାନଙ୍କୁ ଯୁଦ୍ଧରେ ପରାଜିତ କରି ପାରିବ ନାହିଁ । ସେମାନେ ନିଜେ ମହାବୀର ଓ ଧନୁର୍ଦ୍ଧର ଓ ସେମାନଙ୍କୁ ଶ୍ରୀକୃଷ୍ଣ ସହାୟ ଅଛନ୍ତି । ଯେପରି ଭାବରେ ଯୁଦ୍ଧ ନ କରି ଯୁଧିଷ୍ଠିରଙ୍କୁ ଜୟ କରାଯାଇ ପାରେ, ତା'ର ଉପାୟ ମୁଁ ଚିନ୍ତା କରୁଛି ।"

ଦୁର୍ଯ୍ୟୋଧନଙ୍କ ମୁହଁରେ ଏକ ଆନନ୍ଦର ଢେଉ ଖେଳିଗଲା । ସେ ବିସ୍ମୟ-ଦୃଷ୍ଟିରେ ଶକୁନିଙ୍କ ଆଡ଼କୁ ଅନାଇ କହିଲେ, "ଏହା କ'ଣ କେବେ ସମ୍ଭବ ଯେ ବିନା ଯୁଦ୍ଧରେ ଆମେ ଯୁଧିଷ୍ଠିରଙ୍କ ରାଜଲକ୍ଷ୍ମୀଙ୍କୁ ଅପହରଣ କରି ପାରିବା ?"

ଶକୁନି କହିଲେ, "ହଁ, ତାହା ସମ୍ଭବ, ବିନା ରକ୍ତପାତରେ ଏହି ସମସ୍ତ ସାମ୍ରାଜ୍ୟ ତୁମେ ଭୋଗ କରି ପାରିବ । ତା'ର ଉପାୟ ମୁଁ କହୁଚି, ଶୁଣ । ରାଜା ଯୁଧିଷ୍ଠିର ଦ୍ୟୁତକ୍ରୀଡ଼ାସକ୍ତ । ତାଙ୍କୁ ଯଦି କ୍ଷାତ୍ର ଧର୍ମ ଅନୁସାରେ ଦ୍ୟୁତକ୍ରୀଡ଼ା ପାଇଁ ନିମନ୍ତ୍ରଣ କରାଯାଏ, ତା'ହେଲେ ନିମନ୍ତ୍ରଣ କେବେ ସେ ପ୍ରତ୍ୟାଖ୍ୟାନ କରିବେ ନାହିଁ । ପଶା ଖେଳରେ ମୋର ସମକକ୍ଷ ହେବା ପାଇଁ ଏ ସଂସାରରେ କେହି ନାହାନ୍ତି କହିଲେ ଚଳେ । ମୁଁ ତୁମ ପାଇଁ ଖେଳିବି, ଯୁଧିଷ୍ଠିର ନିଜେ ଖେଳିବେ । ଏଥିରେ ସମସ୍ତ ରାଜ୍ୟ ପଣ ରଖାଯିବ ।" (କ୍ରମଶଃ)

*Sterling Means*

**GOOD TEA**

**FRESH FROM** *Garden*

**STERLING TEA HOUSE**

TEA MERCHANTS AND COMMISSION AGENTS

**TINKONIA BAGICHA, CUTTACK-1**

Stockists : Coffe, Bengal Potteries, Kerala Potteries, Siva glass, Jain Products, Champion flask and jar etc.

Digitized by srujanika@gmail.com


ଇଉକୋ ବ୍ୟାଙ୍କ
ସେଭିଂସ
ବ୍ୟାଙ୍କ
ଏକାଉଣ୍ଟ ଖୋଲନ୍ତୁ
ଆପଣଙ୍କର
ପ୍ରିୟଜନମାନଙ୍କ
ପାଇଁ
ଦି
ଇଉନାଇଟେଡ
କମାର୍ଶିୟାଲ
ବ୍ୟାଙ୍କ
ଲିମିଟେଡ
ହେଡ ଅଫିସ—କଲିକତା
ଏହା ଏପରି ଏକ ଉପହାର
ଯାହାକି ବଢ଼ି ଚାଲେ
ASP/UCO-21/65

# DODGE

## TRUCKS & BUSES



TELEHOIST DUMPERS
119" w.b.



BUSES
205", 190", 165" & 147"
w.b. Full Forward Control

**ATTRACTIVE HIRE FORCHASE FACILITIES**

*CONTACT*.

## PATNAIK & COMPANY (P) LTD.

**CANTONMENT ROAD**
CUTTACK

Phone--CTC 108

Digitized by srujanika@gmail.com




Digitized by srujanika@gmail.com

Vol 1 No. 4 PAURUSHA Regd. No. 0-116

# ଖଲିକୋଟ କଲେଜ ଲଟେରି

ଜାଣନ୍ତି କି ? ଏହାର ରୌପ୍ୟଜୟନ୍ତୀ ( ପଞ୍ଚବିଂଶତମ )

ଉଠାଣ ତା ୨୫ - ୧୦ - ୬୭

## ଓଡ଼ିଶାରେ କଲେଜସ୍ତରୀୟ ଶିକ୍ଷାର ଅଗ୍ରଗତି ଦିଗରେ ଏହାର ବିଶିଷ୍ଟ ଅବଦାନ

ଖଲିକୋଟ କଲେଜ ( ବ୍ରହ୍ମପୁର ) ରେ ବିଭିନ୍ନ ଅନର୍ସ ଓ ସ୍ନାତକୋତ୍ତର (M. A. Msc) ବିଭାଗମାନ ଖୋଲିଛି ।
ତା ସାଙ୍ଗକୁ ଆଇନ ଓ ଶିକ୍ଷକ ତାଲିମ ଶାଖା ପ୍ରତିଷ୍ଠା କରିଛି, ଶାଖା କଲେଜ ସ୍ଥାପନ ତଥା ବିଲ୍ଡିଂ, ଷ୍ଟାଡ଼ିଆମ, ଉଚ୍ଚଧରଣର ଏକାଧିକ ଛାତ୍ରାବାସ ଆଦିରେ ବ୍ୟୟ ହେଲାଣି, ଟ ୪୭ ଲକ୍ଷ

ରାମଚନ୍ଦ୍ର ମର୍ଦ୍ଦରାଜ କଲେଜ ପ୍ରତିଷ୍ଠା ପାଇଁ ଓ ଅନ୍ୟାନ୍ୟ କୋଡ଼ିଏଟି କଲେଜକୁ ଦିଆଗଲାଣି ଟ ୧୨ ଲକ୍ଷ

ସ୍ୱାମୀ ବିବେକାନନ୍ଦ ଶତବାର୍ଷିକୀ ଓ ଅନ୍ୟାନ୍ୟ ପାଣ୍ଠି ପାଇଁ ଦାନ ଟ ୭ଲକ୍ଷ

ଜାତୀୟ ପ୍ରତିରକ୍ଷା ପାଣ୍ଠି ନିମନ୍ତେ ଟ ୫୦,୦୦୦

ଉତ୍ତର ଓଡ଼ିଶା ବନ୍ୟାତ୍ରାଣ ପାଇଁ ଦାନ ଟ ୨୦,୦୦୦

ଆପଣ କେବଳ ଏକଟଙ୍କା ସାହାଯ୍ୟ କରି ଶିକ୍ଷାର ଅଗ୍ରଗତିରେ ଭାଗ ନିଅନ୍ତୁ, ମହତ୍ କାର୍ଯ୍ୟ ସାଧିତ ହେଉ !

ଦ୍ରଷ୍ଟବ୍ୟ — ଓଡ଼ିଶାର ତିନିଜଣ ବ୍ୟକ୍ତି ଲକ୍ଷାଧିକ ଟଙ୍କାର ପ୍ରଥମ ପୁରସ୍କାର ଅକସ୍ମାତ୍ ଏ ପାଇଛନ୍ତି । ବିଶେଷ ବିବରଣୀ ପାଇଁ ନିମ୍ନ ଠିକଣାକୁ ଲେଖନ୍ତୁ ।

ଅବୈତନିକ ସମ୍ପାଦକ

ଖଲିକୋଟ - କଲେଜ - ବୃତ୍ତି - ଲଟେରି ଫଣ୍ଡ୍ ବ୍ରହ୍ମପୁର (ଗଞ୍ଜାମ)

October — 1967 Price Rs. 1-25 p

Digitized by srujanika@gmail.com



Digitized by srujanika@gmail.com

# ପୌରୁଷ

ଦୈବାୟତ୍ତଂ କୁଳେ ଜନ୍ମ ମଦାୟତ୍ତଂ ଚ ପୌରୁଷମ୍

ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର ମୋର ଅଧୀନ ।

କର୍ଣ୍ଣ--ବେଣୀସଂହାରମ୍

## ସୂଚୀପତ୍ର


ପୃଷ୍ଠା

ମଙ୍ଗଳମୟ ପ୍ରାର୍ଥନା ୩

ସଂପାଦକୀୟ *ପଣ୍ଡିତ ନୀଳକଣ୍ଠ ୪

ଅକ୍ଟୋବର ବିପ୍ଳବ (୧)

ଲାଗି ଯିବ ପଛେ
ନଇଁବ ନାହିଁ ୧୧

ସୂର୍ଯ୍ୟ ହରିହର ଦାସ

ଜୀବନ କର୍ମମୟ ୧୩

ପଣ୍ଡିତ ନୀଳକଣ୍ଠ ଦାସ

ଆମର ଆଭିମୁଖ୍ୟ
କ'ଣ ହେବ ୧୭

ପଣ୍ଡିତ ଜବାହରଲାଲ ନେହରୁ

ଅକ୍ଟୋବର ବିପ୍ଳବର ପ୍ରଥମ

ପୃଷ୍ଠା

ସୁପ୍ରଭାତ ୨୧

ଜାନକୀବଲ୍ଲଭ ପଟ୍ଟନାୟକ

କୃଷ୍ଣାବତାର ୨୯

କେ. ଏମ୍. ମୁନ୍‌ସୀ

ଅକ୍ରାନର ଜୀବନ ସ୍ମୃତି ୩୭

ଡ଼କ୍ଟର ପ୍ରାଣକୃଷ୍ଣ ପରିଜା

ରୁଷ ବିପ୍ଳବର ଦାନ ୪୫

ଡ଼କ୍ଟର ବୈଦ୍ୟନାଥ ମିଶ୍ର

ମୋ' କାହାଣୀ ୪୯

ଶ୍ରୀ ନୀଳମଣି ସେନାପତି

ଉପନିଷଦର ଶାନ୍ତି ବଚନ ୫୭

ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ


Digitized by srujanika@gmail.com

ସ୍ୱାଧୀନତା ସଂଗ୍ରାମର ସ୍ମୃତି ୭୪
ମହାବୀର ତ୍ୟାଗୀ

ଧରମ ପୁଅ (ଗଳ୍ପ) ୭୬
ଲିଓ ଟଲଷ୍ଟୟ

ନବ ଦୁର୍ଗା ୭୨
ଶ୍ରୀ ଗଣେଶ ପ୍ରସାଦ ପରିଜା

ପଶାଖେଳ ନିମନ୍ତ୍ରଣ (ଗଳ୍ପ) ୮୯
ଜୟନ୍ତୀ ପଟ୍ଟନାୟକ


ପ୍ରଚ୍ଛଦପଟ ଚିତ୍ର - ଦୀପଦାନ
ଶିବ ପାଣିଗ୍ରାହୀ


ସଂପାଦକ * ଜାନକୀବଲ୍ଲଭ ପଟ୍ଟନାୟକ

| | | |
|---|---|---|
| ପୌରୁଷର ଗ୍ରାହକ ମୂଲ୍ୟ | | ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା |
| ବାର୍ଷିକ— | ୧୦ ଟଙ୍କା | ମୁଦ୍ରିତ ଓ ପ୍ରକାଶିତ |
| ଷାଣ୍ମାସିକ— | ୫ ଟଙ୍କା ୫୦ପ. | ପୌରୁଷ ପ୍ରେସ ଓ କାର୍ଯ୍ୟାଳୟ, |
| ମାସିକ— | ୧ ଟଙ୍କା | ମୁନ୍ସିଚୌକ, କଟକ-୨ |



# BISRA LIME

Perfectionists In Lime Production




Bisra Lime Used In All Public Sector Projects



Digitized by srujanika@gmail.com



# ମଙ୍ଗଳମୟ – ପ୍ରାର୍ଥନା

ଭଦ୍ରଂ କର୍ଣ୍ଣେଭିଃ
ଶୃଣୁୟାମ ଦେବାଃ
ଭଦ୍ରଂ ପଶ୍ୟେମା-
କ୍ଷଭିର୍ଯଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁ-
ବାଂସସ୍ତନୁଭିଃ
ବ୍ୟଶେମ ଦେବ-
ହିତଂ ଯଦାୟୁଃ ॥

ହେ ଦେବଗଣ ! ଯାହା କିଛି ଶୁଭ,
ତାହାହିଁ ଆମେ କାନରେ ଶୁଣୁ ।
ହେ ଆମର ଅର୍ଚ୍ଚନୀୟ ଦେବଗଣ !
ଯାହା କିଛି ଶୁଭ ତାହାହିଁ ଆମେ
ଆଖିରେ ଦେଖୁଁ । ଆମର ଅଙ୍ଗ
ପ୍ରତ୍ୟଙ୍ଗ ସବଳ ରହୁଥାଉ ଏବଂ
ତୁମର ଗୁଣଗାନ କରି ଈଶ୍ୱରଦତ୍ତ
ଆମର ଆୟୁଷ ଆମେ ଲଭକରୁଁ ।

-- ଋଗ୍‌ବେଦ
୧।୮୯।୮

Digitized by srujanika@gmail.com

# ସମ୍ପାଦକୀୟ

## ପଣ୍ଡିତ ନୀଳକଣ୍ଠ

ପଣ୍ଡିତ ନୀଳକଣ୍ଠଙ୍କର ଜୀବନ ଦୀପ ନିଭିଗଲା । ଦୀର୍ଘକାଳ ଧରି ସେଥିପାଇଁ ସେ ପ୍ରସ୍ତୁତ ହୋଇ ରହିଥିଲେ । ଭଗବତ୍ ଗୀତାର ସେ ଥିଲେ ମର୍ମଜ୍ଞ ଭାଷ୍ୟକାର । ହୁଏତ ଗୀତାର ଭାଷାରେ ତାଙ୍କର ଅମର ଆତ୍ମା ଶୋକାକୁଳ ଦେଶବାସୀଙ୍କ ପ୍ରତି ଲକ୍ଷ୍ୟ କରି କହୁଥିବ, "ଲୁଗା ବଦଳାଇବା ପରି ଦେହ-ଟାକୁ ବଦଳାଯାଏ—ଏଥିରେ ଶୋକ କରି-ବାର କ'ଣ ଅଛି ?"

ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋଽପରାଣି
ତଥା ଶରୀରାଣି ବିହାୟ ଜୀର୍ଣ୍ଣା-
ନ୍ୟନ୍ୟାନି ସଂଯାତି ନବାନି ଦେହୀ ।

କିନ୍ତୁ ଶୋକ ଏକ ଭିନ୍ନ ଜିନିଷ । ସେ ଯୁକ୍ତି ବା ଶାସ୍ତ୍ରର ପ୍ରମାଣ ଅନୁଯାୟୀ ହୁଏ ନାହିଁ । ତା'ପରେ ତାଙ୍କର ବିୟୋଗରେ ଯେ ଶୂନ୍ୟ, ତାହା ପୂରଣ ହେବାର ନୁହେଁ ।

ଆଧୁନିକ ଉତ୍କଳ ଭୂମିରେ ସେ ଥିଲେ ପ୍ରାଚୀନ ଆର୍ଯ୍ୟ ଋଷିଙ୍କର ବରପୁତ୍ର । ଜ୍ଞାନର ସେ ପିପାସା । ସତ୍ୟର ଅନୁସନ୍ଧାନ, ଲକ୍ଷ୍ୟର ସେ ଏକାଗ୍ରତା, ସେବାର ସେ ଆକୁଳତା, ସେ ସାଧନା, ସେ ନିଷ୍ଠା, ସେ ଦାମ୍ଭିକତା ଆଉ ଦେଖିବାକୁ ମିଳିବ ନାହିଁ ।

ତାଙ୍କର ପ୍ରତିଭା କୌଣସି ଗୋଟିଏ ବାଟରେ ନିୟୋଜିତ ହେବାର ନଥିଲା । ଏପରି ବହୁମୁଖୀ, ଶକ୍ତିଶାଳୀ ପ୍ରତିଭାର ଅଧିକାଂଶ କେବେହେଲେ ସମସ୍ତଙ୍କର ଚଲା ବାଟରେ ଚାଲି ପାରନ୍ତି ନାହିଁ । ସେ ଚାଲି ନଥିଲେ । ପରାଧୀନ ଭାରତବର୍ଷର ଏକ ଅବହେଳିତ ଅଞ୍ଚଳର ନିଭୃତ କୋଣରେ ସେ ଜନ୍ମ ଗ୍ରହଣ କରିଥିଲେ । ପରାଧୀନ ଭାରତର ସମସ୍ୟା; ତା'ପରେ ପୁଣି ନିର୍ଯ୍ୟାତିତ, ଦରିଦ୍ର ଉତ୍କଳ ଭୂମିର ସମସ୍ୟା । ମୂକ ଜନସାଧା-ରଣଙ୍କୁ ଏ ସମସ୍ୟା ଘାରେ ନାହିଁ । ଭାଗ୍ୟର ଇଙ୍ଗିତରେ ସେମାନେ କ୍ରୀଡ଼ନକ ପରି ନିଜକୁ ମନେ କରନ୍ତି । ଏ ସମାଜରେ ଯେଉଁ-ମାନେ ଶିକ୍ଷା ଓ ସଭ୍ୟତାର ଆଲୋକ ଲଭ କରନ୍ତି, ସେମାନଙ୍କ ଆଗରେ ଦୁଇଟି ପନ୍ଥା—ଗଡ୍ଡଲିକା; ଯାଅ, ଗୋଟିଏ ମେଣ୍ଢା ଯେଉଁ ବାଟରେ ଯାଉଛି, ପଲକ ଯାକ ମେଣ୍ଢା ଯିବା ପରି, ସରକାରୀ ଚାକିରି ବା ସେହିପରି ସମ୍ଭୋଗର ଜୀବନରେ ପଶି ଯାଅ ଓ ଯେଉଁ ବାତାବରଣରୁ ତୁମେ ଆସିଛ, ତାକୁ ଭୁଲି-ଯାଅ; ଜନ ସାଧାରଣ ସେହିପରି ଥାଆନ୍ତୁ;

Digitized by srujanika@gmail.com

ସେହିପରି ଥାଉ ତାଙ୍କର ଦାରିଦ୍ର୍ୟ, ଅଶିକ୍ଷା, ଅଜ୍ଞାନ ଓ କୁସଂସ୍କାର । ଅନ୍ୟ ପନ୍ଥା ହେଉଚି—ନା, ତାହା ହୋଇ ପାରିବ ନାହିଁ; ଏ ସମାଜକୁ, ଏ ଶାସନକୁ, ଏ ପ୍ରଚଳିତ ଧାରଣାକୁ ବଦଳାଇବାକୁ ହେବ । ସେଥିପାଇଁ ନିଜର ସମସ୍ତ ଶକ୍ତି, ଶିକ୍ଷା, ସାଧନା, ପ୍ରତିଭା ନିୟୋଜିତ କରିବାକୁ ହେବ । ପଣ୍ଡିତ ନୀଳକଣ୍ଠ ଥିଲେ ଏହି ମାର୍ଗର ପଥିକ ।

ଭାର୍ଗବୀ ନଦୀର କୂଳରେ ସୁରିଆଡ଼େ ହଇଜା ମଡ଼ା ପୋଡ଼ା ହେଉଥାନ୍ତି । ତାଙ୍କର ଭାଷାରେ ତାଙ୍କର ଗୁରୁ ଓ ଜୀବନର ସଖା ପଣ୍ଡିତ ଗୋପବନ୍ଧୁଙ୍କ ପାଖରେ ରହି ସେ ପ୍ରତିଜ୍ଞା କଲେ, "ଆମେ ପାଠ ପଢ଼ି ସରକାରୀ ଚାକିରି କରିବା ନାହିଁ । ଦେଶପାଇଁ କିଛି କରିବା । ଜନ୍ମବେଳେ ଦେଶକୁ ଯାହା ଦେଖି ଥାଇଁ, ତା'ଠାରୁ ଉନ୍ନତ ଦେଖି ମରିବା ।"

ଏହି ଦୃଷ୍ଟିରୁ ପଣ୍ଡିତ ନୀଳକଣ୍ଠଙ୍କର ଜୀବନ ବିଚାର କରିବାକୁ ହେବ । ସେ ଥିଲେ କବି, ନିବନ୍ଧ ଲେଖକ, ସାମ୍ବାଦିକ, ସମାଲୋଚକ, ଶିକ୍ଷକ, ଶିକ୍ଷାବିତ୍, ସମାଜ ସଂସ୍କାରକ, ସ୍ୱଦେଶ ପ୍ରେମୀ, ସ୍ୱାଧୀନତା ସଂଗ୍ରାମର ନେତା, ରାଜନୀତିଜ୍ଞ, ବିଧାୟକ- ଏକ କଥାରେ କହିଲେ ଆଧୁନିକ ଉତ୍କଳର ଅନ୍ୟତମ ଧର୍ମ ଓ କର୍ମଗୁରୁ ।

ଏହି ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଦାନ ମହନୀୟ ଓ ପ୍ରତ୍ୟେକର ଏକ ମହାନ୍ ଐତିହାସିକ ମୂଲ୍ୟ ଅଛି । କେତେକ କହନ୍ତି, ରାଜନୀତିଜ୍ଞ ନୀଳକଣ୍ଠ ବଞ୍ଚିବେ ନାହିଁ ସାହିତ୍ୟିକ ନୀଳକଣ୍ଠ ବଞ୍ଚିବେ । ଏଥିରୁ ଟିକିଏ ଧରି ପୁଣି କେତେକେ କହନ୍ତି, ସେ ରାଜନୀତି କ୍ଷେତ୍ରକୁ ଆସି ଭୁଲ କଲେ । ସାହିତ୍ୟ ସାଧନାରେ ରହିଥିଲେ ଭଲ ହୋଇଥାନ୍ତା । ଏହା ଏକ ଭ୍ରମାତ୍ମକ ଯୁକ୍ତି । ଯେଉଁ ଯୁଗରେ, ଯେଉଁ ସମସ୍ୟା-ବହୁଳ ଭୂମିରେ, ତାଙ୍କର ଜନ୍ମ, ସେଥିରେ ସେ ଗୋଟିଏ ଘର କ'ଣରେ ବସି ଖାଲି ସାହିତ୍ୟ ସାଧନା କରିଥାନ୍ତେ, ଏହା କଳ୍ପନା-ବିଳାସ ଛଡ଼ା କିଛି ନୁହେଁ ।

ବିଗତ ଅର୍ଦ୍ଧ ଶତାବ୍ଦୀ ଧରି ଭାରତୀୟ ଜୀବନର ଆହ୍ୱାନ ହେଉଛି, ସମାଜ ଓ ଜୀବନର ସାମୂହିକ ପରିବର୍ତ୍ତନର ଆହ୍ୱାନ ଏବଂ ଏହି ଆହ୍ୱାନର କେନ୍ଦ୍ରରେ ଅଛି ରାଜନୀତି ରାଜନୀତିକୁ ଛାଡ଼ି ଦେଇ ଏ ପରିବର୍ତ୍ତନ ଆଣି ହେବ ନାହିଁ । ସେଥିପାଇଁ ଏ ଦେଶର ଶହ ଶହ ବ୍ୟକ୍ତି ଯେଉଁମାନେ କି ଯେ କୌଣସି କ୍ଷେତ୍ରରେ ରହିଥିଲେ ଶୀର୍ଷ ସ୍ଥଳକୁ ପାଇଥାନ୍ତେ, ସେମାନେ ରାଜନୀତି କ୍ଷେତ୍ରରେ ବା ଅଧିକ ଯୁକ୍ତିଯୁକ୍ତ ଭାଷାରେ କହିଲେ, ସାଧାରଣ ଜୀବନରେ ପ୍ରବେଶ କଲେ ।" ପଣ୍ଡିତ ନୀଳକଣ୍ଠ ଯଦି ତାହା କରି ନ ଥାନ୍ତେ, ତା'ହେଲେ ସେ ଯୁଗର ଐତିହାସିକ ଆହ୍ୱାନ ପ୍ରତି ଅବିଚାର କରିଥାନ୍ତେ; ଦେଶ ତାଙ୍କଠାରୁ ଯାହା ଆଶା କରିଥିଲା, ତାହା ଅପୂର୍ଣ୍ଣ ରହିଥାନ୍ତା ।

ତାଙ୍କ ଜୀବନରେ ସେ ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ହୋଇ ପାରିଲେ ନାହିଁ । ଏଇଟା କ'ଣ ସଫଳତାର ମାପ କାଠି ? ତା'ହେଲେ କୁଆଡ଼େ ଗଲେ ମହାତ୍ମା ଗାନ୍ଧୀ, ବାଳ ଗଙ୍ଗାଧର ତିଳକ, ପଣ୍ଡିତ ମଦନ ମୋହନ ମାଳବୀୟ ବା ପଣ୍ଡିତ ଗୋପବନ୍ଧୁ ଦାସ ? ରାଜନୀତି କ୍ଷେତ୍ରରେ ରହି'ଦେଲେ ବେଲେ

ସେ ବହୁ ଭୁଲ କରିଛନ୍ତି, ସଠିକ୍ ବାଟ ଦେଖାଇ ପାରି ନାହାନ୍ତି । ଏ ଦେଶର ସାଧାରଣ ଜୀବନରେ ଦୀର୍ଘ ପଚାଶ ବର୍ଷ ରହି କିଏ ଏ ଭୁଲ କରିନାହିଁ ? ଗାନ୍ଧୀ କରି ନାହାନ୍ତି ? ନେହେରୁ କରି ନାହାନ୍ତି ?

ଅନେକେ ତାଙ୍କ ବିରୁଦ୍ଧରେ ଅଭିଯୋଗ କରନ୍ତି ଯେ ସେ ସମାଜ ସଂସ୍କାର ନାମରେ ପ୍ରଚଳିତ ଧର୍ମ ବିଶ୍ୱାସର ବିରୋଧ କରିଥିଲେ । ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି ଓଡ଼ିଆର ଯେଉଁ ମହାନ୍ ସଂସ୍କୃତିକୁ ତାଙ୍କର ବଳିଷ୍ଠ ଲେଖନୀରେ ସେ ପ୍ରତିପାଦିତ କରିଥିଲେ, ତାଙ୍କ ବିରୁଦ୍ଧରେ ଏପରି ଅଭିଯୋଗ ବାସ୍ତବିକ୍ ହାସ୍ୟାସ୍ପଦ । ତାଙ୍କର 'ନବ' ଆନ୍ଦୋଳନ, ବିଶେଷତଃ ବୈଷ୍ଣବ ଧର୍ମ ନାମରେ କେତେକ ଅସଦାଚାର ବିରୁଦ୍ଧରେ ତାଙ୍କର ବିଷୋଦ୍‌ଗାର କେତେକ କ୍ଷେତ୍ରରେ ଏହିପରି ଧାରଣାକୁ ଜନ୍ମ ଦେଇଚି । କିନ୍ତୁ ତାଙ୍କର ଆଚରଣ ଓ ଜୀବନ ଦର୍ଶନ ପାଇଁ ବୋଧହୁଏ ନୀଳକଣ୍ଠ ଭଗବାନଙ୍କ ନିକଟରେ ଅଧିକ ପ୍ରିୟ ହେବେ ।

ରୁଦ୍ରାକ୍ଷଂ ତୁଳସୀକାଷ୍ଠଂ
ତ୍ରିପୁଣ୍ଡ୍ରଂ ଭସ୍ମ ଧାରଣଂ ।
ଯାତ୍ରା ସ୍ନାନାନି ହୋମାଗ୍ନି
ଜପା ବା ଦେବ ଦର୍ଶନଂ ।
ନୈତେ ପୁଣ୍ୟନ୍ତି ମନୁଜଂ
ଯଥା ଭୂତହିତେରତାଃ

ରୁଦ୍ରାକ୍ଷ, ତୁଳସୀ ମାଳୀ, ତ୍ରିଶୂଳ ଓ ଭସ୍ମ ଲେପନ, ତୀର୍ଥଯାତ୍ରା, ସ୍ନାନ, ହୋମ ଜପ, ମନ୍ଦିର ଦର୍ଶନ ମନୁଷ୍ୟକୁ ଯେଉଁ ପୁଣ୍ୟ ଦାନ କରେ ନାହିଁ, ପ୍ରାଣୀମାନଙ୍କ ମଙ୍ଗଳ ପାଇଁ ଉତ୍ସର୍ଗୀକୃତ ଜୀବନ ତାହା ଦାନ କରେ ।

ତାଙ୍କର ଜୀବନର ସଖା ଓ ଗୁରୁ ଗୋପବନ୍ଧୁଙ୍କ ପରି ପଣ୍ଡିତ ନୀଳକଣ୍ଠଙ୍କୁ ଇତିହାସ ଯେ ନିଶ୍ଚୟ ଉଚ୍ଚସ୍ଥାନ ଦେବ, ଏଥିରେ ସନ୍ଦେହ ନାହିଁ । କାରଣ ସେ ଯେଉଁ ଅଭିଶପ୍ତ ଭୂଖଣ୍ଡରେ ଜନ୍ମ ଗ୍ରହଣ କରିଥିଲେ ତା'ର ସମସ୍ତ କ୍ଷେତ୍ରରେ ପରିବର୍ତ୍ତନ ଆଣିଛନ୍ତି ଓ ପରିବର୍ତ୍ତନ ପାଇଁ ଶକ୍ତିଶାଳୀ ଦିଗ୍‌ଦର୍ଶନ ଦେଇ ଯାଇଛନ୍ତି—ସେଥିରେ ସାହିତ୍ୟ, ଶିକ୍ଷା, ରାଜନୀତି, ସମାଜ ସେବା ସମସ୍ତ ଅନ୍ତର୍ଭୁକ୍ତ ।

ସେ ଜୀବନର ଯେଉଁ ବ୍ରତ ଗ୍ରହଣ କରିଥିଲେ—ତାହା ଏ ଭୂମିରେ ପ୍ରତ୍ୟେକ ଯୁବକ ଓ ଯୁବକର ଜୀବନର ବ୍ରତ ହେଉ । ସମସ୍ତେ ଜନ୍ମ ହେବେ ଓ ମରିବେ । କିନ୍ତୁ ସେ ଧନ୍ୟ, ଯେ ଜନ୍ମ ହୋଇ ଜାତି ଓ ବଂଶର ଉନ୍ନତି ସାଧନ କରିପିବେ ।

ଜାତସ୍ୟ ହି ଧ୍ରୁବଂ ମୃତ୍ୟୁ
ଧ୍ରୁବଂ ଜନ୍ମ ମୃତସ୍ୟଚ
ସଜାତ ଯେନ ଜାତେନ
ଯାତି ବଂଶ ସମୁନ୍ନତମ୍ ।

ଏ ଯୁଗପୁରୁଷଙ୍କ ଅମର ସ୍ମୃତି ପ୍ରତି ଆମେ ସଶ୍ରଦ୍ଧ ପ୍ରଣିପାତ କରୁଛୁ ।

Digitized by srujanika@gmail.com

# ଅକ୍ଟୋବର ବିପ୍ଳବ (୧)

ଅକ୍ଟୋବର ବିପ୍ଳବର ୬୦ ତମ ଜୟନ୍ତୀ ଏ ଦେଶରେ ପାଳିତ ହେଉଛି ।

ଅତୀତରେ ବହୁ ବିପ୍ଳବ ହୋଇଛି, ଏବେ ମଧ୍ୟ ବର୍ଷକୁ ବର୍ଷ କୌଣସି ବା କୌଣସି ଦେଶରେ ବିପ୍ଳବ ଘଟୁଛି ନାହିଁ । କିନ୍ତୁ ସବୁ ଝଟକୁଥିବା ପଦାର୍ଥ ଯେପରି ସୁନା ନୁହେଁ, ସେହିପରି ସବୁ ବିଦ୍ରୋହକୁ ଯୁଗାନ୍ତକାରୀ ବିପ୍ଳବ ବୋଲି କୁହାଯାଇ ନ ପାରେ । ପୃଥିବୀର ଅଧିକାଂଶ ବିପ୍ଳବ ହେଉଚି ପ୍ରାସାଦ ବିଦ୍ରୋହ ( Palace Revolution ) । ଅର୍ଥାତ୍ ସେହି ରାଜା ବା ଶାସକ ମଣ୍ଡଳୀ ମଧ୍ୟରୁ ଜଣଙ୍କୁ ଗାଦିଚ୍ୟୁତ କରି ଆଉ ଜଣେ ଗାଦି ନସୀନ ହେବା । ଏଥିରେ କୌଣସି ଆଦର୍ଶ ଗତ, ନୀତିଗତ ପ୍ରଶ୍ନର ସ୍ଥାନ ନାହିଁ ।

ପୃଥିବୀରେ ଯେଉଁ ଗୁଡ଼ିଏ ବିପ୍ଳବ ପ୍ରକୃତରେ ସମାଜ ଓ ଶାସନର ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ପାରିଚି—ତାହା ମଧ୍ୟରେ ଫରାସୀ ବିପ୍ଳବ (୧୭୮୯ ମସିହା) ଏବଂ ରୁଷ ବିପ୍ଳବ (୧୯୧୭ ମସିହା) ବିଶେଷ ଉଲ୍ଲେଖ ଯୋଗ୍ୟ । ରୁଷ ବିପ୍ଳବ ଏହି ଶତାବ୍ଦୀର ଏବଂ ଆମ୍ଭମାନଙ୍କର ଅଧିକ ନିକଟବର୍ତ୍ତୀ ଏବଂ ପୃଥିବୀର କୌଣସି ଦେଶ ନାହିଁ, ଯେ କି ଏହାର ପ୍ରଭାବରୁ ମୁକ୍ତ ହୋଇ ପାରିଛି ।

ଦ୍ୱିତୀୟ ମହାଯୁଦ୍ଧ ପର୍ଯ୍ୟନ୍ତ କେବଳ ଗୋଟିଏ ଦେଶ, ସୋଭିଏଟ ୟୁନିଅନ ଥିଲି ସମାଜ ବାଦୀ ରାଷ୍ଟ୍ର ; ଏବେ ସମସ୍ତ ପୂର୍ବୟୁରୋପୀୟ ଦେଶ, ଏସିଆ ଭୂଖଣ୍ଡରେ ଚୀନ, ଉତ୍ତର କୋରିଆ, ମଙ୍ଗୋଲିଆ, ଉତ୍ତର ଭିଏଟନାମ ଏବଂ ଆମେରିକାର କ୍ୟୁବା କମ୍ୟୁନିଷ୍ଟବାଦକୁ ରାଷ୍ଟ୍ରର ନୀତିରୂପେ ଗ୍ରହଣ କରିଛନ୍ତି । ଏହି କମ୍ୟୁନିଷ୍ଟ ପରିକଳ୍ପିତ ସମାଜବାଦକୁ ସେମାନେ ନାମ ଦେଇଛନ୍ତି ମାର୍କସବାଦ-ଲେନିନ୍‌ବାଦ । ଅର୍ଥାତ୍ ମାର୍କସ୍‌ଙ୍କର ବୈଜ୍ଞାନିକ ବିଶ୍ଳେଷଣ ଓ ଲେନିନ୍‌ଙ୍କର ପ୍ରୟୋଗ ବା କାର୍ଯ୍ୟରେ ଏହାକୁ ପରିଣତ କରିବାର ନୀତି ସମସ୍ତ କମ୍ୟୁନିଷ୍ଟ ଦୁନିଆର ଘୋଷିତ ନୀତି ହୋଇଛି । ୧୯୧୭ ମସିହାରେ ଯେଉଁ ବିପ୍ଳବର ଅଶ୍ୱ ସୋଭିଏଟ ଭୂମିରେ ଧାବିତ ହେଉଥିଲା, ଆଜି ପୃଥିବୀର ଦେଶରେ ଦେଶରେ ତାର ଖୁର ଧ୍ୱନି ଶୁଣିବାକୁ ମିଳୁଚି ।

ଅକ୍ଟୋବର ବିପ୍ଳବର ୬୦ ବର୍ଷକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ହେଉଚି—୧୯୧୭ରୁ ଦ୍ୱିତୀୟ ମହାଯୁଦ୍ଧ ପର୍ଯ୍ୟନ୍ତ ; ଏହି ସମୟ ମଧ୍ୟରେ ସମାଜବାଦର ବିକାଶ କେବଳ ସୋଭିଏଟ ରାଷ୍ଟ୍ର ମଧ୍ୟରେ ହୋଇଥିଲି ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ସୋଭିଏଟ ୟୁନିଅନକୁ ଆମେରିକା, ବ୍ରିଟେନ, ଫ୍ରାନସ, ଜର୍ମାନୀ, ଜାପାନ ପରି ଏକ ଶକ୍ତିଶାଳୀ ରାଷ୍ଟ୍ରରୂପେ ବିଶ୍ୱର ସ୍ୱୀକାର-ଯାଉ ନଥିଲି । ଦ୍ୱିତୀୟ ଭାଗ ହେଉଛି, ଦ୍ୱିତୀୟ ମହାଯୁଦ୍ଧ ପରଠାରୁ ଏ ପର୍ଯ୍ୟନ୍ତ ; ଯେଉଁ ସମୟରେ କି ସମାଜବାଦ କେବଳ ସୋଭିଏଟ ୟୁନିଅନରେ ସୀମାବଦ୍ଧ ନ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଗଲି ଓ ସୋଭିଏଟ ରାଷ୍ଟ୍ରଶକ୍ତିକୁ ଆନ୍ତର୍ଜାତିକ କ୍ଷେତ୍ରରେ ଏକ ଅତି-ଶକ୍ତି ( Super-Power ) ବୋଲି ଅଭିହିତ କରାଗଲି ।

Digitized by srujanika@gmail.com

ପ୍ରଥମ ଭାଗରେ ୨୮ ବର୍ଷ ମଧ୍ୟରେ ସୋଭିଏଟ୍ ୟୁନିଅନର ଜନସାଧାରଣ ଯେଉଁ ଦୁଃଖ, କଷ୍ଟ ବରଣ କରିଛନ୍ତି, ସୋଭିଏଟ ରାଷ୍ଟ୍ର ଯେଉଁ ମନ୍ତ୍ର ସମସ୍ୟାର ସମ୍ମୁଖୀନ ହୋଇଛି ତାହା କଳ୍ପନା କରାଯାଇ ପାରିବ ନାହିଁ । ଲେନିନଙ୍କର ବ୍ୟକ୍ତିତ୍ୱ, କମ୍ୟୁନିଷ୍ଟ ପାର୍ଟିର ସଂଗଠନ ଏବଂ ସମାଜବାଦୀ ନୀତିର ସୁଗୋଚିତ ଆଦର୍ଶ ଓ ଉପଯୋଗିତା ବଳରେ ହିଁ ସୋଭିଏଟ ରାଷ୍ଟ୍ର ଏହି ଭୀଷଣ ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇ ପାରିଛି ।

୧୯୧୭ ନଭେମ୍ବର ମାସରେ ଯେତେବେଳେ ଲେନିନଙ୍କ ବଲ ସେଭିକ ଦଳ ( କମ୍ୟୁନିଷ୍ଟ ପାର୍ଟି ) କ୍ଷମତା ଦଖଲ କଲେ, ସେତେବେଳେ ସମଗ୍ର ଦେଶରେ ଭୀଷଣ ଅରାଜକତା, ଏପରିକି ମସ୍କୋ ସହରରେ ମଧ୍ୟ ଲୋକଙ୍କର ଧନ, ଜୀବନ ନିରାପଦ ନଥିଲା । ଚାରିଆଡ଼େ ଡକାଏତି, ଗୃହଦାହ, ହତ୍ୟାକାଣ୍ଡ, ଲୁଟ ତରାଜ ଚାଲିଥିଲା । ସୈନ୍ୟମାନେ ଯୁଦ୍ଧଭୂମି ଛାଡ଼ି ଦେଇ ଅସ୍ତ୍ର, ଶସ୍ତ୍ର ଧରି ଗାଁ ଗହଳରେ ବୁଲିଲେ । ଜାରଙ୍କର ସମର୍ଥକ ପ୍ରତିକ୍ରିୟା ଶୀଳ ଗୋଷ୍ଠୀ, ଲେନିନଙ୍କ ବିରୋଧୀ ମେନସେଭିକ ଓ ସୋସାଲ ଡ଼ମୋକ୍ରାଟ ଦଳ ଚାରିଆଡ଼େ ନୂତନ ସରକାର ବିରୁଦ୍ଧରେ ବିଦ୍ରୋହ ଓ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ । ଏହାପରେ ପୁଣି ବ୍ରିଟେନ, ଫ୍ରାନ୍ସ, ଜାପାନ, ଇଟାଲୀ, ଆମେରିକା ଯୁକ୍ତରାଷ୍ଟ୍ର ପକ୍ଷରୁ ସୈନ୍ୟଦଳ ସୋଭିଏଟ ରାଷ୍ଟ୍ରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିବାକୁ ଲାଗିଲେ । ଜର୍ମାନୀ ଓ ପୋଲଣ୍ଡ ପକ୍ଷରୁ ପଶ୍ଚିମାଞ୍ଚଳରେ ଧ୍ୱଂସଲୀଳା ଚାଲିଲା । ସୋଭିଏଟ ୟୁନିଅନର ଦୁଇଟି ପ୍ରଧାନ ରାଜ୍ୟ ଜର୍ଜିଆ ଓ ୟୁକ୍ରାଇନ୍‌ରେ ବୈଦେଶିକ ସମର୍ଥନ ଲାଭକରି ସ୍ୱାଧୀନ ସରକାର ପ୍ରତିଷ୍ଠିତ ହେଲା । ଆକ୍ରମଣକାରୀ ରାଷ୍ଟ୍ରମାନେ ସୋଭିଏଟ ୟୁନିଅନକୁ ଅବରୁଦ୍ଧ କରି ରଖିବା ଫଳରେ ବାହାରୁ ଖାଦ୍ୟ ପଦାର୍ଥ, ପରିଧେୟ, କୋଇଲା ଓ ପେଟ୍ରୋଲ ପ୍ରଭୃତି ଜାଳେଣି ଦ୍ରବ୍ୟ, ଏପରିକି ଔଷଧ ପତ୍ର ମଧ୍ୟ ଆସି ପାରିଲା ନାହିଁ । ଦେଶର ଅର୍ଥନୀତି ଭୁସୁଡ଼ି ପଡ଼ିଲା । ରୋଗୀଙ୍କର ଚିକିତ୍ସା ପାଇଁ ଔଷଧ ମିଳିଲା ନାହିଁ । ୨୪ ବର୍ଷର ଗୃହ ଯୁଦ୍ଧ ମଧ୍ୟରେ ଯେତେ ଲୋକ ମଲେ, ତାଙ୍କର ସଂଖ୍ୟା ହେଉଚି ୭୦ ଲକ୍ଷ ।

ତା'ପରେ ଆସିଲା ୧୯୨୮ ମସିହାର ଦୁର୍ଭିକ୍ଷ । ଇତିହାସରେ ଏ ଦୁର୍ଭିକ୍ଷ ହେଉଚି, ସବୁଠାରୁ ଲୋମହର୍ଷଣକାରୀ । ଏଥିରେ ମନୁଷ୍ୟ ଓ ଗୋରୁ, ଗାଈ କେତେ ମରିଗଲେ ତାହାର କଳନା ନାହିଁ ।

ସୋଭିଏଟ ବିପ୍ଳବର ଚାରିବର୍ଷ ପରେ ରୁଷିଆର ଅର୍ଥନୀତି ଏହି ଅବସ୍ଥାରେ ଆସି ପହଞ୍ଚିଥିଲା ଯେ ୧୯୧୩ ମସିହାରେ ଦେଶରେ ଯାହା ଉତ୍ପାଦନ ହେଉଥିଲା, ତାହା ଆସି ତିନି ଭାଗରୁ ଭାଗକରେ ପହଞ୍ଚିଲା ।

ଏହି ବୈଦେଶିକ ଆକ୍ରମଣ, ଅନ୍ତ-ର୍ବିପ୍ଳବ, ଅରାଜକତା ଓ ଦୁର୍ଭିକ୍ଷର ଧ୍ୱଂସସ୍ତୂପ ମଧ୍ୟରୁ ଲେନିନ ଓ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱ, ସଂଗଠନ କୌଶଳ, ଏକାଗ୍ର ସାଧନା ବଳରେ ଯେଉଁ ନୂତନ ରୁଷିଆର ନିର୍ମାଣ କଲେ, ୧୯୪୦ ମସିହାରେ ତାହା ସାରା ପୃଥିବୀ ରେ ଏକ ଅପରାଜେୟ ଶକ୍ତି ହୋଇ ଠିଆ

Digitized by srujanika@gmail.com

ହୋଇଗଲା ଏବଂ ଇତିହାସର ସବୁଠାରୁ ଭୟାନକ, ଦୁର୍ଜୟ ନାଜୀ ଶକ୍ତିର ଆକ୍ରମଣକୁ ପରାହତ କରି ପୃଥିବୀର ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ରଶକ୍ତି ରୂପେ ଦେଖାଦେଲା ।

ବର୍ତ୍ତମାନ ସୋଭିଏଟ୍ ୟୁନିଅନ ଅର୍ଥ ନୈତିକ କ୍ଷେତ୍ରରେ ଆମେରିକାର ତଳକୁ ଥିଲେ ମଧ୍ୟ ସାମରିକ କ୍ଷେତ୍ରରେ ଏହା ତାହାର ସମକକ୍ଷ ଓ ବୈଜ୍ଞାନିକ କ୍ଷେତ୍ରରେ ଆମେରିକା ଆଗରେ । ମାତ୍ର ୫୦ ବର୍ଷ ମଧ୍ୟରେ ସୋଭିଏଟ୍ ୟୁନିଅନରେ ଯାହା ସମ୍ଭବ ହୋଇ ପାରିଛି ୪୦୦ ବର୍ଷ ମଧ୍ୟରେ ପାଶ୍ଚାତ୍ୟ ପୁଞ୍ଜିବାଦୀ ରାଷ୍ଟ୍ର ମାନଙ୍କରେ ତାହା ସମ୍ଭବ ହୋଇ ପାରି ନାହିଁ । ପ୍ରସିଦ୍ଧ ବ୍ରିଟିଶ ଅର୍ଥ ନୀତିଜ୍ଞ ଲେଖକ ସିଡ଼ନି ଊଏବ୍‌ସଙ୍କ ମତରେ ୧୯୧୭ ରୁ ୧୯୩୭ ମସିହା ମଧ୍ୟରେ ସୋଭିଏଟ୍ ୟୁନିଅନରେ ତିନୋଟି ବିପ୍ଳବ ହୋଇ ସାରିଥିଲା । ଧାର୍ମିକ ବିପ୍ଳବ ( ଯାହାକି ସମଗ୍ର ମଧ୍ୟଯୁଗଧରି ୟୁରୋପରେ ଚାଲିଥିଲା, ଅର୍ଥାତ ଗୀର୍ଜା ମାନଙ୍କ ପ୍ରଭାବରୁ ରାଷ୍ଟ୍ରକୁ ମୁକ୍ତ କରିବାର ଆନ୍ଦୋଳନ ) ଶିଳ୍ପ ବିପ୍ଳବ ( ଯାହାକି ଅଷ୍ଟାଦଶ ଶତାବ୍ଦୀରେ ଇଂଲଣ୍ଡରେ ଆରମ୍ଭ ହୋଇଥିଲା ) ଏବଂ ରାଜନୈତିକ ବିପ୍ଳବ ( ସାବାଳକ ଭୋଟ ଅଧିକାର ଆନ୍ଦୋଳନ ପାଶ୍ଚାତ୍ୟ ଦେଶ ମାନଙ୍କରେ ଏହି ଶତାବ୍ଦୀର ପ୍ରଥମ ୨୫ ବର୍ଷ ଧରି ଚାଲିଥିଲା ) ।

ସୋଭିଏଟ୍ ବିପ୍ଳବରୁ ଭାରତ କିଛି ଶିକ୍ଷାଲାଭ କଲା ନାହିଁ । ଏ ଦେଶରେ ଦେଶ ବିଭାଗ ଯୋଗୁଁ ଦେଖାଯାଇଥିବା ସମସ୍ୟା, ଯୁଦ୍ଧୋତ୍ତର ସମସ୍ୟା ଓ ସ୍ୱାଧୀନତାର ପରବର୍ତ୍ତୀ ସମସ୍ୟା ସୋଭିଏଟ୍ ୟୁନିଅନର ଜନ୍ମ କାଳର ସମସ୍ୟା ତୁଳନାରେ କିଛି ନୁହେଁ । ଅଥଚ ରୁଷ କୋଡ଼ିଏ ବର୍ଷପରେ ଏକ ବଳିଷ୍ଠ, ଦୁର୍ଜୟ ଶକ୍ତି ରୂପେ ଦେଖାଦେଇ ପାରିଲା । ଭାରତ ପ୍ରଥମରୁ ଯେପରି ଅଣ୍ଡାଳ ହେଉଥିଲା, ଏବେ ମଧ୍ୟ ସେପରି ହେଉଛି ।

ମନୁଷ୍ୟ ମନରେ ଯୁଦ୍ଧର ଆରମ୍ଭ ହୁଏ ; ତେଣୁ ତା'ର ପ୍ରତିରୋଧ
ଶକ୍ତି ସେହିଠାରେ ହିଁ ସୃଷ୍ଟି କରିବାକୁ ହେବ

ଅର୍ଲ ଅଟଲୀ

Digitized by srujanika@gmail.com

# Orissa State Financial Corporation

BARBATI STADIUM, CUTTACK-5

Telegram : 'FINCORISSA' Telephone : 981

Provides medium and long-term finance for establishment or expansion of small and medium industries in Orissa.

**SALIENT FEATURES AS ON 30-9-67**

| | |
|---|---|
| Loan applied | Rs. 7,53,61,800.00 |
| Loan sanctioned | Rs. 3,23,37,000.00 |
| Loans Disbursed | Rs. 2,91,41.500.00 |
| Shares Underwritten | Rs. 26,50,000.00 |

***For details please contact the office of the Corporation.***

( R. N. SAHOO )
MANAGING DIRECTOR


Digitized by srujanika@gmail.com



'ପୌରୁଷ'ର ଅନୁରୋଧରେ ଋଷିପ୍ରତିମ ଆଚାର୍ଯ୍ୟ ହରିହର ତାଙ୍କର ସାନ ଭାଇ ଓ ସହକର୍ମୀ ପଣ୍ଡିତ ନୀଳକଣ୍ଠଙ୍କ ସମ୍ପର୍କରେ ଏହି କ୍ଷୁଦ୍ର ସ୍ମରଣିକାଟି ଦେଇଛନ୍ତି ।

# ଭାଙ୍ଗିଯିବ ପଛେ ଲଇଁବ ନାହିଁ

ଆଚାର୍ଯ୍ୟ ହରିହର ଦାସ

କଣ୍ଠ (ନୀଳକଣ୍ଠ)ର ପିଲାଦିନ କଥା ମୋର ମନେ ପଡୁଛି । ସେ ଓ ତାର ଉପର ଭଉଣୀ 'ନମ' ପିଲାବେଳେ ଅନେକ ଥର ଅଣକ ଢଆର କରାଇବା ପାଇଁ ଆମ ପଢ଼ଣା ବଢ଼େଇ ଘରକୁ ଆସନ୍ତି । ମୁଁ ସେତେବେଳେ ଆମ ଗାଁ ମଧ୍ୟ ଭଣ୍ଡାରୀକୁଲର ସ୍କୁଲରେ ପଢୁଥାଏ । ସେହି କୌଣସି ମରା ଅବସ୍ଥାରୁ ମୁଁ କଣ୍ଠକୁ ଜାଣେ । ସେ ଯେ କେବଳ ମୋର କୁଟୁମ୍ବର ସାନ ଭାଇ ଥିଲା, ତା ନୁହେଁ । ସେ ମୋର ସାଥୀ ଓ ସହକର୍ମୀ ମଧ୍ୟ ଥିଲା । ପରବର୍ତ୍ତୀ ଜୀବନରେ ତାର ଓ ମୋର କର୍ମ କ୍ଷେତ୍ର ଅଲଗା ହୋଇଥିଲେ ମଧ୍ୟ ଆମେ ପରସ୍ପରକୁ ଖୁବ୍ ଭଲ ପାଉଥିଲୁ । ଏକତ୍ର କେତେ ଖେଳିଛୁ । କେତେ ଖାଇଛୁ, ସତ୍ୟବାଦୀ ସ୍କୁଲ ପାଇଁ କେତେ କାଠ ବୋହିଛୁ । ସେ ସବୁ ଏବେ ମଧ୍ୟ ମନେ ପଡ଼େ । କଣ୍ଠ ରୋଗ ଶଯ୍ୟାରେ ପଡ଼ିଥିଲା ବେଳେ ମୁଁ ତାକୁ ଦେଖିବା ପାଇଁ ମଝିରେ ମଝିରେ ଯାଉଥିଲି । ବେଳେ ବେଳେ ତାର ଶେଯ ପାଖରେ ବସି ସେହି ପୁରୁଣା ଗପ କରୁଁ । ସେ ସବୁ ଶୁଣି କଣ୍ଠ ଭାରି ଖୁସି ହୁଏ । ଏ ପରିଣତ ବୟସରେ ଏତେ ଦିନ ରୋଗ ଶଯ୍ୟାରେ ପଡ଼ି ମଧ୍ୟ ତାର ମନର ବଳ ଓ ଦମ୍ଭ ଭାଙ୍ଗି ପଡ଼ି ନଥିଲା । ଗତ ଅପ୍ରେଲ ମାସ ପର୍ଯ୍ୟନ୍ତ ମୁଁ ଯେତେ ଥର ତାକୁ ଦେଖିବାକୁ ଯାଇଛି । ସେ ମୋତେ ଦେଖିଲା ମାତ୍ରେ ହରି ଭାଇନା ବୋଲି କହିଲା ବେଳେ ମୁଁ ତାକୁ ପଚାରେ କଣ୍ଠ କପରି ଅଛୁ । ସେ ବରାବର ଗମ୍ଭୀର ଭାବରେ କହେ "ଭଲଅଛି" । କେବେହେଲେ ସେ କହି

ନାହିଁ ଯେ ମୁଁ ରୋଗରେ କଷ୍ଟ ପାଉଛି ।

ଏ ଶରୀର ଯେ ଆତ୍ମାଠାରୁ ପୃଥକ, କଣ୍ଠ କେବଳ ତାହା ଜାଣି ନଥିଲ, ନିଜ ଜୀବନରେ ତାହା ପ୍ରମାଣିତ କରି ଗଲ । କଣ୍ଠ ସମ୍ପର୍କରେ ମୁଁ ବା ଅଧିକ କଣ କହିବ । ସମସ୍ତେ ତ ତା ବିଷୟରେ ଊଣା ଅଧିକେ କିଛି ନା କିଛି ଜାଣନ୍ତି । ଜୀବନରେ କୌଣସି ଅବସ୍ଥାରେ କେବେ ହେଲେ ଲକ୍ଷ୍ୟ ଚିବାର ମୁଁ ତାକୁ ଦେଖି ନାହିଁ । ତାର ସ୍ୱଭାବ ଥିଲା ଭାଙ୍ଗ ଚିବ ପଛେ, ଲଇଁବ ନାହିଁ । ସେଥି ଯୋଗୁ ସେ ଜୀବନରେ ଅନେକ କ୍ଷେତ୍ରରେ ତାର ବନ୍ଧୁ ଓ ସହକର୍ମୀ ମାନଙ୍କ ଠାରୁ ଦୂରେଇ ଯାଉଥିଲ । ସେ ତାର ଶେଷ ଜୀବନରେ ମଧ୍ୟ ରୋଗ ସଙ୍ଗରେ ଯୁଦ୍ଧ କରି ପ୍ରସନ୍ନ ବଦନରେ ଚାଲିଗଲ । ଦିନେ ତ ସମସ୍ତେ ଯିବେ, ଯିବାର କଥା । ସେ ପରିଣତ ବୟସରେ ଗଲ, ସେଥିପାଇଁ ବିଶେଷ ଦୁଃଖ ନାହିଁ । କେବଳ ପରମେଶ୍ୱର ମୋତେ କି ଉଦ୍ଦେଶ୍ୟରେ ଏ ସବୁ ଦେଖିବା ପାଇଁ ବଞ୍ଚାଇ ରଖିଛନ୍ତି, ତାହା ତାଙ୍କୁ ହିଁ ଜଣା ।

—*—


ଦେଖିବାକୁ ଯେପରି ସୁନ୍ଦର, ସେହିପରି ମଜଭୁତ

# ନିରାକାର ଟାଇପ ଫାଉଣ୍ଡ୍ରୀ

ପ୍ରସ୍ତୁତ
ବିଭିନ୍ନ ଆଧୁନିକରୁଚି ସଂପନ୍ନ ଟାଇପ
କଟକ ତଥା ଓଡ଼ିଶାର ବିଭିନ୍ନ ପ୍ରେସରେ
ଚହଳ ପକାଇ ଦେଇଛି

## ଥରେମାତ୍ର ପରୀକ୍ଷାକରି ଦେଖିବାକୁ ଅନୁରୋଧ

ନିରାକାର ଟାଇପ ଫାଉଣ୍ଡ୍ରୀ, ଝୋଲସାହି, କଟକ


Digitized by srujanika@gmail.com

ପଣ୍ଡିତ ନୀଳକଣ୍ଠଙ୍କ ଲିଖିତ ଆର୍ଯ୍ୟ ଜୀବନର ନିମ୍ନଲିଖିତ ଉଦ୍ଧୃତାଂଶ ତାଙ୍କ ଜୀବନ ଦର୍ଶନର ପରିଚୟ ଦିଏ ।



# ଜୀବନ କର୍ମମୟ

ପଣ୍ଡିତ ନୀଳକଣ୍ଠ ଦାସ

ଆର୍ଯ୍ୟର ଜୀବନ କର୍ମମୟ । ସେ ନିଜର କର୍ମମୟ ଜୀବନରେ ମଧ୍ୟ କୌଣସି ଆସକ୍ତି ବା ଫଳ ଲାଭର ଆଶା ରଖି ନାହିଁ । ତାର ବିଶ୍ୱାସ, ଜୀବନରେ ଫଳ ଆଶାରେ କର୍ମ କଲେ, କର୍ମରେ ମୋର ବୋଲି ଅହଂକାର ଆସିବ; ବ୍ୟକ୍ତିତ୍ୱରେ ବିଶ୍ୱଭାବ ସ୍ଖଳିତ ହେବ; ଆତ୍ମଲାଭ ହେବ ନାହିଁ, ସାଧନା ପଣ୍ଡ ହେବ; ସିଦ୍ଧି ଆସିବ ନାହିଁ; ମୁକ୍ତି ମିଳିବ ନାହିଁ ।

## ଜନକଙ୍କର ଆଦର୍ଶ

ଜନକାଦି ସିଦ୍ଧ ପୁରୁଷମାନେ ଏହି ସିଦ୍ଧି ଲାଭ ବିଷୟରେ ଆର୍ଯ୍ୟର ଐତିହାସିକ ଆଦର୍ଶ । ଜନକ ମିଥିଳାର ରାଜା ଥିଲେ; ପ୍ରଜାରଞ୍ଜନ ଓ ପ୍ରଜା ପାଳନରେ ତତ୍ପର ଥିଲେ, ନିତ୍ୟ ନିୟତ ଭାବରେ ନିଜର ସ୍ଥିର-ଧର୍ମ, କର୍ତ୍ତବ୍ୟରେ ନିରତ ଥିଲେ; ତଥାପି ସେ ସିଦ୍ଧ ଓ ମୁକ୍ତ ଥିଲେ ବୋଲି, ସେ କହି ପାରିଥିଲେ—"ମିଥିଲାୟାଂ ପ୍ରଦୀପ୍ତାୟାଂ ନ ମେ ଲଭ୍ୟୋ ନ ମେ କ୍ଷତି, ଅର୍ଥାତ୍—ମିଥିଳା ପୋଡ଼ିଗଲେ ମୋର କିଛି ଲାଭ ବା କ୍ଷତି ନାହିଁ । ଏହା ବୋଲି ସେ ମିଥିଳା ପ୍ରତି କର୍ତ୍ତବ୍ୟ ନକରି ଡଲେ ମାତ୍ର ଅବହେଳା ଦେଖାଇ ନାହାନ୍ତି । ସମସ୍ତ କର୍ତ୍ତବ୍ୟର ଫଳତ

Digitized by srujanika@gmail.com

ଓ କଠୋର ସାଧନା ମଧ୍ୟରେ, ପ୍ରଜାରଞ୍ଜନ ନିମନ୍ତେ ପ୍ରାଣରେ ବିଶାଳ ବ୍ୟାକୁଳତା ମଧ୍ୟରେ ମିଥିଳାର ରାଜା ହୋଇ ମଧ୍ୟ ଏପରି ନିର୍ଲିପ୍ତ ଓ ଫଳାକାଂକ୍ଷାବିରହିତ ଭାବରେ କାର୍ଯ୍ୟ କରିବା କେବଳ ଆର୍ଯ୍ୟ ଭୂମିରେ ସମ୍ଭବ ଥିଲା । ସେ ନିଜକୁ ବିଶ୍ୱଯନ୍ତ୍ରର ଗୋଟିଏ ନିର୍ଦ୍ଦିଷ୍ଟ ଅଂଶ ବୋଲି ଧାରଣା କରି ପାରି-ଥିଲେ । ବିଶ୍ୱର ପ୍ରତ୍ୟେକ ପଦାର୍ଥରେ ତାଙ୍କର ଯେତିକ ମମତା, ନିଜଠାରେ ତାଙ୍କର ଠିକ୍ ସେତିକ ମମତା ଥିଲା । ଇଉରୋପରେ ବଚନ ଅଛି, "ରୋମନଗର ପୋଡ଼ିଗଲା ବେଳେ, ରୋମର ସମ୍ରାଟ ନେରୋ ଆନନ୍ଦରେ ବେହେଲା ବଜାଇ ସଂଗୀତ କରୁଥିଲେ ।" ତାଙ୍କର ମଧ୍ୟ ରୋମରେ ମମତା ନ ଥିଲା, କିନ୍ତୁ ସେ ମମତା ନଥିବା କେବଳ ବିଳାସ-ଜନିତ ଅବହେଳାର ଫଳ । ଯେ କୌଣସି ବ୍ୟସନୀ ବିଳାସୀର ଏପରି ଆପାତ ନିର୍ମମତା ଆସିପାରେ; କିନ୍ତୁ ଜନକଙ୍କର ନିର୍ମମ କର୍ମ ସାଧନା, ଧର୍ମ-ଧାରଣାରେ ବିଶ୍ୱଚୈତନ୍ୟ ବୃଦ୍ଧି ଏଥିରୁ ସମ୍ପୂର୍ଣ୍ଣ ଭିନ୍ନ । ଜନକଙ୍କର ନିର୍ମମତାରେ ବ୍ୟସନର ଅବହେଳା ନାହିଁ । ସେ ନିର୍ମମ ଥିଲେ; କିନ୍ତୁ ଜ୍ଞାନ ନଥିଲେ । ବିଶାଳ ଧର୍ମ-ଭାବରେ ବିଶ୍ୱପ୍ରେରଣା ଅନୁଭବ କରି, ସେ ବିଶ୍ୱଚୈତନ୍ୟରେ ନିଜର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କରିବା ନିମନ୍ତେ ନିର୍ଲିପ୍ତ ଭାବରେ କର୍ମ-ନିରତ ଥିଲେ ।

ସଂସାର କର୍ମଭୂମି । ବିଶ୍ୱଚୈତନ୍ୟ କର୍ମରେ ବ୍ୟକ୍ତ ଅଛି । କର୍ମ ବିନା ସଂସାର ଅସମ୍ଭବ । ସ୍ୱୟଂ ଜନକ ପ୍ରଭୃତି କର୍ମ ଦ୍ୱାରା ପାରିଥିଲେ ବା କର୍ମରୁ ଆସକ୍ତି-ହୀନ ହୋଇ-ଥିଲେ । ସେମାନେ ମଧ୍ୟ "କର୍ମଣୈବ ହି ସଂସିଦ୍ଧି ମାସ୍ଥିତାଃ (ଜନକାଦୟଃ) ।"

ଅର୍ଥାତ୍ କେବଳ କର୍ମରେ ହିଁ ସିଦ୍ଧି ଲଭିଥିଲେ ।

ଜଗତର ଏ କର୍ମଚୈତନ୍ୟ ବିଷୟରେ ଦୃଢ଼ ଧାରଣା ଆସିଲେ ସିଦ୍ଧ ହୁଏ । ସେତେବେଳେ କର୍ତ୍ତବ୍ୟକୁ ହିଁ ମାନବ ଜୀବନ କରି ଦେଖେ । ଜଗତରେ ଯେ ଯାହାର ନିର୍ଦ୍ଦିଷ୍ଟ କର୍ମ କରିବେ । କୌଣସି କର୍ମ ନୀଚ ବା ଉଚ୍ଚ ନୁହେଁ । ସେଥିପାଇଁ କୁହାଯାଏ—

"ବିଦ୍ୟାବିନୟ ସମ୍ପନ୍ନେ
ବ୍ରାହ୍ମଣେ ଗବି ହସ୍ତିନି ।
ଶୁନିଚୈବ ଶ୍ୱପାକେ ଚ
ପଣ୍ଡିତାଃ ସମଦର୍ଶିନଃ ।"

ଏହି ସମଜ୍ଞାନହିଁ ସାଧନାରେ ସିଦ୍ଧି । ଏହି ସମଜ୍ଞାନ ଆସିଲେ ମୁକ୍ତ ହୁଏ, ଏହି ସମଜ୍ଞାନ ଆସିବା ପାଇଁ କର୍ମ, ଜ୍ଞାନ, ଭକ୍ତି, ପ୍ରଭୃତି ନାନା ସାଧନା । ଏହି ସମଜ୍ଞାନହିଁ ବିଶ୍ୱଚୈତନ୍ୟ ସମ୍ବନ୍ଧରେ ଯଥାର୍ଥ ଜ୍ଞାନର ଫଳ, ଏହାକୁହିଁ ଆର୍ଯ୍ୟମାନେ ଆତ୍ମଜ୍ଞାନ କହୁଛନ୍ତି । ମୁଁ କହେ, କଣ— ଜ୍ଞାନ ଆସିଲେ, ବ୍ରାହ୍ମଣର ଜ୍ଞାନ ହୁଏ । ବିଶ୍ୱଚୈତନ୍ୟର ନିୟମଏତା କର୍ମ-ମୟତା ବୁଝି ପାରି, ମାନବ କ୍ଷୁଦ୍ର ଅହଂକାର ଛାଡ଼ିଦିଏ । ପ୍ରକୃତ ଆତ୍ମୋତ୍ସର୍ଗ କରି ଆତ୍ମଲାଭ କରେ । ସେଥିପାଇଁ ବଚନ ଅଛି—

"ଉଦ୍ଧରେ ଦାତ୍ମନାତ୍ମାନଂ ।"

ଅର୍ଥାତ୍, ଆତ୍ମାରେ ଆତ୍ମାକୁ ଉଦ୍ଧାର କରିବ ।

Digitized by srujanika@gmail.com

ଅନଂତ ବିଶ୍ୱ-ଆତ୍ମାର ଜ୍ଞାନ ଆସିଲେ, କ୍ଷୁଦ୍ର, ମାନବାତ୍ମାର ଅହଂକାର ସେଥିରେ ବିଲୀନହୁଏ । ମନୁଷ୍ୟ ଜାଣିବ, ମୁଁ କେହି ନୁହେଁ ବାସ୍ତବିକ ଅନଂତ ବିଶ୍ୱକର୍ମରେ ମୋର ଗୋଟିଏ ଯଥୋଚିତ ସ୍ଥାନ ମାତ୍ର ଏବଂ ଏହି ହିସାବରେ ସୂର୍ଯ୍ୟ, ଚଂଦ୍ର, ଗ୍ରହ, ତାରାଠାରୁ, କୁକୁର, ଚଂଡ଼ାଳ, ତରୁ, ତୃଣ, କାଠ, ପଥର ପର୍ଯ୍ୟଂତ ସମସ୍ତଂକର ଗୋଟିଏ ଗୋଟିଏ ସ୍ଥାନ । ମୁଁ ଯାହା ସେମାନେ ସେଇଆ, ସମସ୍ତ ବିଶ୍ୱ ସେଇଆ । ଏ ଭାବର ଧାରଣା, ଏହି ଆତ୍ମପ୍ରସାର, ଆତ୍ମାକୁ ଏହିପରି ଜଗତରେ ବ୍ୟାପ୍ତ ଦେଖିବାହିଁ ଆର୍ଯ୍ୟର ସମସ୍ତ ସାଧନାର ଲକ୍ଷ୍ୟ ଏବଂ ଏହି ବିଶ୍ୱଚୈତନ୍ୟ ଜ୍ଞାନ ବା ବିଶ୍ୱାତ୍ମାର ଅବବୋଧ ଓ ତହିଁରେ ପ୍ରକୃତ ଧାରଣାହିଁ ତାହାର ମୁକ୍ତି ।

କଥାଟା ଏପରି ଦାର୍ଶନିକ ଭାବରେ ବୁଝିବା କାହାର କାହାର ପକ୍ଷରେ ଦୁରଧି-ଗମ୍ୟ ହୋଇପାରେ । ବିଶ୍ୱଶକ୍ତିର ଅନଂତ ବିକାଶ ମୋ ଭିତରେ ହେଉଅଛି । ବିଶ୍ୱଶକ୍ତିର ବିକାଶ ହିଁ ମୋର ଜୀବନ । ମୁଁ ନଥିଲେ ସମସ୍ତ ବିଶ୍ୱ ନାଇ, ସମସ୍ତ ବିଶ୍ୱ ନଥିଲେ ମୁଁ ନାଇ । ଏ ସବୁ କଥା ଗୋଟିଏ ସାଧାରଣ ଉଦାହରଣରେ ବୁଝାଯାଉ ।

ଧନ ସଂସାରରେ କେବଳ କାରବାର ଓ ବ୍ୟବହାର ପାଇଁ । ଲୋକେ ସେଥିରେ ଖାଦ୍ୟ, ପେୟ ଓ ପରିଧେୟ କିଣଂତି । କେହି କେହି ତାହା ନିଜର ବୋଲି ରଖି ପାରିବେ ନାଇ । ଯେ ଧନ ସଂଚୟ କରଂତି, ସେ ମଧ୍ୟ ତାହା ରଖଂତି ନାଇ । ସେ ଘର ତୋଳଂତି, ବଗିଚା କରଂତି, ବାକ୍ସ ଆଲମାରୀ କରଂତି, ଶେଷରେ ଏହିପରି ସେ ଧନ ଶିଳ୍ପୀ ଓ ଶ୍ରମଜୀବୀ ମାନଂକ ହାତକୁ ଯାଇ, ତାଂକର ଖାଦ୍ୟ ପେୟ ଯୋଗାଏ । ତାହା କଦାପି ସ୍ଥିର ରହିପାରେ ନାଇ । ନିତାଂତ ନ ହେଲେ, ଶେଷକୁ ଚୋର ନିଏ କିଂବା ସମାଜର ଅସତ୍ ବ୍ୟବସାୟୀ ମାନେ ଗ୍ରହଣ କରଂତି । ତାହା ବରାବର ଏକ ହାତରୁ ଅନ୍ୟ ହାତକୁ ଯାଏ ଓ ବରାବର ଖାଦ୍ୟ, ପେୟ, ପରିଧେୟ ଯୋଗାଉଥାଏ । ଏହା ଧନର ପ୍ରକୃତି, କିଂତୁ ତଥାପି ଲୋକେ ଧନ ସଂଚୟ କରଂତି, ପୋତି ରଖଂତି ; ମନରେ ବିଚାର କରୁଥାଂତି, ସେ ଧନ ତାଂକର ; କିଂତୁ ଫଳରେ ବାଧ୍ୟହୋଇ ତାହା ଅନ୍ୟ ହାତରେ ଦିଅଂତି । ଯେ ଜ୍ଞାନୀ ସେ ତାହା କରଂତି ନାଇ । ଧନର ପ୍ରକୃତି ବିଷୟରେ ତାଂକର ସମ୍ୟକ୍ ଧାରଣା ଥାଏ । ସେ ତାହା ବ୍ୟବହାର ବା ବିତରଣ କରଂତି, ପୋତି ରଖଂତି ନାଇ । ସେଥିରେ ତାଙ୍କର 'ମୋର' ବୋଲି ବିଶେଷ ମମତା ବା ଅହଂକାର ନଥାଏ, କିନ୍ତୁ ଏ ଜ୍ଞାନ ଲୋକ ସାଧାରଣର ସହଜରେ ଆସେ ନାଇ । ସେଥିପାଇଁ ସାଧନା ଦରକାର । ଧନର ପ୍ରକୃତ ଅର୍ଥ ବୁଝିବାରେ ବିଶେଷ ମନୋ-ନିବେଶ କରି, ସେହି ଅନୁସାରେ କର୍ମାଭ୍ୟାସ କରିବା ହିଁ ସାଧନା । ଏଥିରେ ସିଦ୍ଧି ଆସିଲେ ଆଉ ଧନରେ ମମତା ରହେନାଇ ।

## ମୋହନାଶ

ଧନ ସଂବଂଧରେ ଯାହା କୁହାଗଲା, ଜୀବନ ସମ୍ବନ୍ଧରେ ତାହା ହିଁ ବୁଝିବାକୁ ହେବ । ଜୀବନର ବ୍ୟବହାର ହିଁ ତାହାର

Digitized by srujanika@gmail.com

ଅର୍ଥ; ତାହାର ଯଥାର୍ଥ ଉପଯୋଗିତା ବା ଉଦ୍ଦେଶ୍ୟ । କର୍ମ ହିଁ ଜୀବନର ବ୍ୟବହାର । ନିର୍ଦ୍ଦିଷ୍ଟ କର୍ମରେ ତାହାର ଯଥାର୍ଥ ଉପଯୋଗିତା ପ୍ରତିପାଦିତ ହୁଏ । ଜଗତରେ ପ୍ରତ୍ୟେକ ଜୀବନର, ପ୍ରତ୍ୟେକ ବସ୍ତୁର ନିର୍ଦ୍ଦିଷ୍ଟ ସ୍ଥିତି ଅଛି । ତାହା ନ ରହିଲେ ବିଶୃଙ୍ଖଳ ବ୍ୟଂଗ ହେବ । ମାତ୍ର ଏହି ବ୍ୟବହାରର ଭାବ ସହଜରେ ଆସେ ନାହିଁ । ସେଥିପାଇଁ ସାଧନାର ପ୍ରୟୋଜନ । ଏହି ସାଧାନାରେ ସିଦ୍ଧି ଆସିଲେ, ସମସ୍ତ ବିଶ୍ୱଜୀବନର ଭାବ ହୃଦୟରେ ପ୍ରତିଫଳିତ ହୁଏ ମାନବର ଆଉ ଅହଂକାର ରହେ ନାଇ । ଜୀବର ମୋହ ନଷ୍ଟ ହୁଏ । ଏହି ମୋହ ନାଶ ହିଁ ଆର୍ଯ ଜୀବନର ସିଦ୍ଧି । କର୍ମର ଅଭ୍ୟାସ, କର୍ମର ପ୍ରକୃତ ଅବବୋଧ ଓ ସମସ୍ତ ବିଶ୍ୱଜଗତରେ ଆତ୍ମାର ପ୍ରସାର ଧାରଣା କରିବା ଏହି ସିଦ୍ଧିର ପନ୍ଥା । ଏହି ପନ୍ଥାରେ ହିଁ ଆର୍ଯ ଜୀବନର ସାଧନା ।

## ଇନ୍ଦ୍ରଦ୍ୟୁମ୍ନଙ୍କ ଆତ୍ମତ୍ୟାଗ

ପ୍ରବାଦ ଅଛି, ସମସ୍ତେ ଜାଣିଥିବେ ଇନ୍ଦ୍ରଦ୍ୟୁମ୍ନ ନୀଳାଚଳ ଧାମରେ ଅକ୍ଷୟ କୀର୍ତ୍ତି ସଂପାଦନ କରି ବ୍ରହ୍ମାଙ୍କ ପାଖେ ବର ମାଗିଥିଲେ, "ମୋତେ ବର ଦିଅନ୍ତୁ, ମୋ କୁଳରେ କେହି ରହିବେ ନାଇ । ଏ କୀର୍ତ୍ତି ମୋର ବୋଲି ଅହଂକାର କରିବାକୁ ଯେପରି କେହି ନଥିବେ ।" କୁଳ ରକ୍ଷା କରିବା ଆର୍ଯର କି ଉପାଦେୟ ଓ ପ୍ରିୟ ବସ୍ତୁ, ସମାଜରେ ସେଥିପାଇଁ କି ଆଦର, ପ୍ରଯତ୍ନ, ତାହା ସମସ୍ତେ ଆନୁଭବ କରନ୍ତି; ମାତ୍ର ଇନ୍ଦ୍ରଦ୍ୟୁମ୍ନଙ୍କ ଆତ୍ମୋତ୍ସର୍ଗ ମଧ୍ୟ ଆର୍ଯର ଜାତୀୟ ଭାବ ଓ ଜାତୀୟ ସାଧନାର ଫଳ । ଇନ୍ଦ୍ରଦ୍ୟୁମ୍ନ ତ ପୁରାଣ ଓ ପ୍ରବାଦର କଥା । ଏ ଦେଶରେ କେତେ ମନ୍ଦିର, ମଠ, ଦେବାଳୟ, ପୁଷ୍କରିଣୀ ପ୍ରଭୃତି ଚିର କୀର୍ତ୍ତି ସବୁ ରହି ଅଛି; କୌଣସି ଠାରେ କର୍ତ୍ତା ମର୍ମର ପ୍ରସ୍ତରରେ ନିଜର ନାମ ଲେଖି ଦିବାର ପ୍ରସ୍ତାବ କରି ନାହାନ୍ତି । ଜୀବନର ସ୍ଥିତିରେ ଏ ଆତ୍ମୋତ୍ସର୍ଗ କେବଳ ଆର୍ଯ ପକ୍ଷରେ ସମ୍ଭବ, ଏହା ତାହାର ସାଧନା, ଏହା ହିଁ ତାହାର ଜୀବନ ।

---

ଦରିଦ୍ର ଜନଗଣଙ୍କ ପ୍ରତି ଭଗବାନଙ୍କ ଆଶୀର୍ବାଦ ଅଛି,
କାରଣ ସେଇମାନେହିଁ ସ୍ୱର୍ଗରାଜ୍ୟର ଅଧିକାରୀ ।

ଯୀଶୁ ଖ୍ରୀଷ୍ଟ

Digitized by srujanika@gmail.com

୧୯୪୯ ମସିହାରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ରୌପ୍ୟ ଜୁବୁଲି ଉତ୍ସବରେ ଏକ ପ୍ରଦତ୍ତ ଭାଷଣରେ ପଣ୍ଡିତ ନେହରୁ ଭାରତୀୟ ରାଷ୍ଟ୍ରର ଆଭିମୁଖ୍ୟ କ'ଣ ହେବ, ସେ ସଂପର୍କରେ ଏକ ସୁସ୍ପଷ୍ଟ ଚିତ୍ର ଦେଇଥିଲେ। ତାର କିୟଦଂଶ ଏଠାରେ ଦିଆଯାଇଛି।

# ଆମର ଆଭିମୁଖ୍ୟ କ'ଣ ହେବ



## ପଣ୍ଡିତ ଜବାହରଲାଲ ନେହରୁ

ଗତ କୋଡ଼ିଏ ତିରିଶି ବର୍ଷଧରି ଭାରତର ରଙ୍ଗମଞ୍ଚରେ ଏକ ପ୍ରଧାନ ଭୂମିକା ଗ୍ରହଣ କରିଥିବା ମୁଁ ଏବଂ ମୋ ସହ-କର୍ମୀମାନେ ଯେତେବେଳେ ଅନ୍ତର୍ହିତ ହୋଇଯିବୁ ସେତେବେଳେ ଅବଶ୍ୟ ଅନ୍ୟ-ମାନେ ଆମର ସ୍ଥାନ ଗ୍ରହଣ କରିବେ। କାରଣ ଏହିପରି ଭାବରେ ଏକ ଜାତି ତା'ର ଯାତ୍ରା ଅବ୍ୟାହତ ରଖେ। କୌଣସି ଜାତି କେବେ ମରେ ନାହିଁ। ସ୍ତ୍ରୀ ବା ପୁରୁଷ ହୁଅନ୍ତୁ, ବ୍ୟକ୍ତି ବିଶେଷ ଏହିପରି ଆସନ୍ତି ଓ ଯାଆନ୍ତି। ମାତ୍ର ଜାତି ଚାଲିଥାଏ। କାରଣ ଏହା ଚିରସ୍ଥାୟୀ। ଭାରତ ଏହି ଶ୍ରେଣୀର ଏକ ଜାତି, ଏହାର ଚିନ୍ତାଧାରା, ପ୍ରଗତି, ଏପରିକି ପତନରେ ମଧ୍ୟ ଏହା ପ୍ରତିଫଳିତ ହୋଇଛି। ତେଣୁ ଆମ୍ଭେମାନେ ଚାଲିଯିବୁ ଏବଂ ଯେଉଁ ଭାର ଆମ୍ଭେମାନେ ଭଲଭାବରେ ହେଉ ବା ନହେଉ, ବହନ କରି ଆସିଛୁ ତାହା ଅନ୍ୟମାନଙ୍କ କାନ୍ଧ ଉପରେ ପଡ଼ିବ। ସେମାନେ ସେଥିପାଇଁ ପ୍ରସ୍ତୁତ କି? ତାହା ହିଁ ଚିନ୍ତା କରିବାର ବିଷୟ।

### ସଶ୍ରମ କାରାଦଣ୍ଡରେ ଦଣ୍ଡିତ

କାମ କରିବାର ସମୟ ଅଛି ଏବଂ ଖେଳିବାର ମଧ୍ୟ ସମୟ ଅଛି। ସେହିପରି ହସିବା ଏବଂ କାନ୍ଦିବାର ମଧ୍ୟ ସମୟ ଅଛି।

Digitized by srujanika@gmail.com

ଆଜି ହେଉଛି ଏ ଜାତି ପକ୍ଷରେ କାମ କରିବାର ସମସ୍ୟା । କାରଣ ଅନ୍ୟଏକ ଭାଷାରେ କହିବାକୁଗଲେ ଆଧୁନିକ ଭାରତ ବର୍ଷର ଏହି ମୁଗର ଲୋକେ ସଶ୍ରମ କାରାଦଣ୍ଡରେ ଦଣ୍ଡିତ—ସେମାନଙ୍କ ପକ୍ଷରେ ଗତ୍ୟନ୍ତର ନାହିଁ ।

କିନ୍ତୁ ପ୍ରଶ୍ନ ହେଉଛି ଆମେ କି ଢ଼ଂଗରେ ଶ୍ରମ କରିବା ଏବଂ କିଭଳି ମନୋବୃତ୍ତି ଘେନି ଆମେ ତାହା କରିବା ? ଏହି ପରିଶ୍ରମ ଯଦି ଭଲକାମପାଇଁ ହୋଇଥାଏ ତାହାହେଲେ ଏଥିରେ ଯଥେଷ୍ଟ ଆନନ୍ଦ ଅଛି । ଏଥିରେ ଆତ୍ମାକୁ ଶାନ୍ତି ଏବଂ ହୃଦୟକୁ ବଳ ମିଳିବ । ଯେତେ କଠିନ ପରିଶ୍ରମ କଲେ ମଧ କିଛି ଯାଏ ଆସେ ନାହିଁ । ଲୋକେ ମୋ ପାଖକୁ ଆସନ୍ତି ଏବଂ କହନ୍ତି; "ଏତେ କଠିନ ପରିଶ୍ରମ କରନ୍ତୁ ନାହିଁ, ଯେତେ ଶୋଇବାର କଥା ଆପଣ ଶୋଉ ନାହାନ୍ତି ।" ଯେପରି ଶୋଇବାଟା ହିଁ ପ୍ରଧାନ କଥା । ପ୍ରକୃତରେ କଥାଟା ହେଉଛି ଭିନ୍ନ । କୌଣସି ଭଲକାମ ପାଇଁ କଠିନ ପ୍ରରିଶ୍ରମ କରି କେହି କେବେ ମରି ନାହିଁ । କିନ୍ତୁ କାମ ନକରି ସ୍ଫୁର୍ତ୍ତି ଶୂନ୍ୟ ହୋଇ ଲୋକେ ମରିବାର ଦେଖାଯାଏ । ତେଣୁ ଆମକୁ ପରିଶ୍ରମ କରିବାକୁ ହେବ; କାମ କରିବାକୁ ହେବ ।

## ଶୋଭାଯାତ୍ରା କାମନୁହେଁ

ଆଜି କାଲି କେତେକ ଲୋକ ଭାବନ୍ତି କାମର ଅର୍ଥ ହେଉଚି, ସହର ବଜାରରେ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବୁଲିବା, ହରତାଳ ନାମରେ ସ୍କୁଲ ଏବଂ କାରଖାନାରେ କାମ ବନ୍ଦ କରିଦେବା । କେଳେ କେଳେ ଯେ ଏହାର ମୂଲ୍ୟ ନାହିଁ ତାହା ନୁହେଁ । କିନ୍ତୁ ମୁଁ କହିବାକୁ ଚାହେଁ ବର୍ତ୍ତମାନ ଯାହା ଦେଶରେ ଘଟିଯାଉଛି ଦେଶ ପ୍ରତି ତା ଠାରୁ ବଳି ଆଉ କିଛି ବଡ଼ ଅପରାଧ ନାହିଁ । ଏହା ହିଁ କଣ ସ୍ୱାଧୀନତା ଏବଂ ଗଣତନ୍ତ୍ରର ଅର୍ଥ ?

ଏହି ପୃଥିବୀ ଗୋଟିଏ ଶ୍ରେଷ୍ଠ ଯାଗା ନୁହେଁ । ଏହା ଏକ ନିରେଟ ଯାଗା । ପୃଥିବୀର ସମସ୍ୟାଠାରୁ ଭାରତର ସମସ୍ୟାକୁ ଅଲଗା ରଖି ହେବ ନାହିଁ । ମାନବ ଇତିହାସର ଏହି ପରିବର୍ତ୍ତନ ମୁହୂର୍ତ୍ତରେ ଯଦି କୌଣସି ସମସ୍ୟାର ବିଚାର କରିବାକୁ ହୁଏ, ଇତିହାସର ଦୃଷ୍ଟିରୁ, ଅତୀତର ଭୂମିକାରେ ତାହା ବିଚାର କରିବାକୁ ହେବ । ମୁଁ ବେଶୀ ଦୂରକୁ ଯାଉ ନାହିଁ । ଦେଢ଼ଶ ବର୍ଷ ତଳେ ପାଶ୍ଚାତ୍ୟ ଜଗତରେ ଶିଳ୍ପ ବିପ୍ଳବର ଆରମ୍ଭ ହେଲା । ପୁଞ୍ଜିବାଦୀ ସମାଜ, ଶିଳ୍ପରେ ପୁଞ୍ଜି ଉପରେ ଏହା ପ୍ରତିଷ୍ଠିତ । ଏହାର ଲକ୍ଷ୍ୟ ଥିଲା ଅଧିକରୁ ଅଧିକ ଧନ ଉତ୍ପାଦନ କରିବା । ଏହା ପୂର୍ବରୁ ପୃଥିବୀ ବଡ଼ ଦରିଦ୍ର ଥିଲା । ଉତ୍ପାଦନ ଅତ୍ୟନ୍ତ ସୀମାବଦ୍ଧ ଥିଲା । ଏହି ଦରିଦ୍ର ଅବସ୍ଥାରେ ବହୁକାଳ ଧରି ଦୁନିଆଁ ରହି ଯାଇଥିଲା । ପୁଞ୍ଜିବାଦ ଏକ ନୂତନ ଉତ୍ପାଦନ ପ୍ରଣାଳୀ ଦ୍ୱାରା ଧନର ଉତ୍ପାଦନ ବଢ଼ାଇବାକୁ ଲାଗିଲେ ।

## ପୁଞ୍ଜିବାଦ ଓ ବଣ୍ଟନ ସମସ୍ୟା

ପୁଞ୍ଜିବାଦ ମଧ୍ୟରେ କେତେକ ବିରୋଧାଭାସ ଦେଖିବାକୁ ମିଳେ । କିନ୍ତୁ

Digitized by srujanika@gmail.com

ପ୍ରତ୍ୟେକ ବସ୍ତୁର ଭଲ ମନ୍ଦ ଦୁଇଦିଗ ରହିଛି । ବିଭିନ୍ନ କାରଣରୁ ପୁଞ୍ଜିବାଦ ଦ୍ୱାରା ପୃଥିବୀର ବହୁ ସମସ୍ୟାର ସମାଧାନ ହୋଇ ପାରିଥିଲା । ଅତୀତର ପ୍ରଧାନ ସାଫଲ୍ୟ ମାନଙ୍କ ମଧ୍ୟରେ ଏହା ଅନ୍ୟତମ ବୋଲି ଗ୍ରହଣ କରି-ବାକୁ ହେବ । ଏହା ଉତ୍ପାଦନ ସମସ୍ୟାର ସମାଧାନ କରି ପାରିଥିଲା ।

କିନ୍ତୁ ଉତ୍ପାଦନ ସମସ୍ୟା ସମାଧାନ କଲାବେଳେ ଆଉ ଏକ ସମସ୍ୟା ଆସି ପହଞ୍ଚି-ଯାଏ । ତାହା ହେଉଛି ବଣ୍ଟନ ସମସ୍ୟା । ତେଣୁ ତାହା ଭିତରୁ ଏହିପରି ଏକ ବିବାଦ ମୂଳକ ସମସ୍ୟାର ଉଦ୍ଭବ ହେଲା । ପୁଞ୍ଜି-ବାଦ ଆମେରିକା ଏବଂ ୟୁରୋପରେ ସୀମାବଦ୍ଧ ଥିବା ଯୋଗୁଁ ଓ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳ ସେମାନଙ୍କ କରଗତ ଥିବା ଯୋଗୁଁ ଏ ସମସ୍ୟା ଶୀଘ୍ର ଏକ ବଡ଼ ଆକାର ଧାରଣ କରି ନଥିଲା । କିନ୍ତୁ କ୍ରମେ ଏକ ସଙ୍କଟ ଉପସ୍ଥିତ ହେଲା ।

ହିଂସା ଓ ଯୁଦ୍ଧର ବାଟରେ ଏହି ସଙ୍କଟର ସମାଧାନର ଯେଉଁ ଉଦ୍ୟମ ହୋଇଛି ତାହା ସଫଳ ହୋଇ ନାହିଁ । ତେଣୁ ଏହାର ସମାଧାନର ଆହ୍ୱାନ ହେଉଛି ଆମ ଯୁଗର ସର୍ବ ପ୍ରଧାନ ଆହ୍ୱାନ । ଆମେ ଯଦି ଏହାକୁ ଗ୍ରହଣ କରି ନ ପାରିବା, ତାହା ହେଲେ ଅନ୍ୟ ବହୁ ସମସ୍ୟା ଆସି ଆମକୁ ଗ୍ରାସି ଦେବ । ଯଦି କେତେକ ଲୋକ ଭାବନ୍ତି ସେ ଯେପରି ଚାଲିଛି ସେହିପରି ଚାଲୁ ; ସବୁ-ଠିକ୍ ହୋଇଯିବ, ତାହାହେଲେ ଏହାଠାରୁ ବଳି ଆଉ ବଡ଼ ଭୁଲ୍ କିଛି ହେବନାହିଁ ।

ଏ ଦେଶରେ ଆମକୁ ଶିଳ୍ପର ଦ୍ରୁତ ବିକାଶ ସାଧନ କରିବାକୁ ହେବ । ଆମେ ସେହି ଦିଗରେ ଉଦ୍ୟମ କରୁଛୁ । ତାହା ହିଁ ଆମର ଧ୍ୟେୟ ଏବଂ ଲକ୍ଷ୍ୟ । ଅଧିକ ଧନ ଓ ଉତ୍ପାଦନ ପାଇଁ ଆମକୁ ଏହା କରିବାକୁ ହେବ । ଏହା କରିବାକୁ ହେଲେ ବିଜ୍ଞାନ ଓ କାରିଗରି ବିଦ୍ୟାରେ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କ ବହୁ ବହୁ ସଂଖ୍ୟାରେ ଆବଶ୍ୟକ ; ସେମାନଙ୍କୁ ମଧ୍ୟ ଆମକୁ ସୃଷ୍ଟି କରିବାକୁ ହେବ । କିନ୍ତୁ ସେତିକରେ ଏ ସମସ୍ୟାର ସମାଧାନ ହେବ ନାହିଁ । ଇତିହାସର ବୃହତ୍ ପୃଷ୍ଠଭୂମିରେ ଏହି ସମସ୍ୟାର ଉପଲବ୍ଧି ହେବା ଆବଶ୍ୟକ ।

## ପୋଲିସ ରାଷ୍ଟ୍ରବାଦ

ବିଭିନ୍ନ ସାମାଜିକ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରୁଥିବା ଏକ ସରକାର ପୋଲିସ ରାଷ୍ଟ୍ରର ସରକାର ଠାରୁ ଭିନ୍ନ । ପୋଲିସ ରାଷ୍ଟ୍ରର କାର୍ଯ୍ୟ ହେଉଛି ଶାନ୍ତି ରକ୍ଷା କରିବା, ଖଜଣା ଅସୁଲ କରିବା ଓ ଆଉ କେତୋଟି ଶ୍ରେଷ୍ଠ କାଟିଆ କାମ କରିବା । ଆଜି ଆମକୁ କଠିନ ଆର୍ଥିକ ଓ ସାମାଜିକ ସମସ୍ୟା ମାନଙ୍କର ସମାଧାନ କରିବାକୁ ହେବ । ଖାଲି ସରକାର ପକ୍ଷରୁ ଫରମାନ ଜାରି କରି ବା ଫତୱା ଜାରି କରି ଏ ସମସ୍ୟାର ସମାଧାନ କରାଯାଇ ପାରିବ ନାହିଁ । ଅବଶ୍ୟ ଆଇନ ପ୍ରଣୟନ କରିବାକୁ ପଡ଼ିବ । ସରକାରୀ ସ୍ତରରେ ନିଶ୍ଚୟ ଉଦ୍ୟମ କରିବାକୁ ହେବ । କିନ୍ତୁ ଏହିପରି ଆର୍ଥିକ ବ୍ୟାପାରରେ ସରକାରୀ କାର୍ଯ୍ୟକଳାପ ବେଶି ଦୂର ଯାଇ ପାରେନାହିଁ । ଲୋକଙ୍କର

Digitized by srujanika@gmail.com

କାର୍ଯ୍ୟ କଳାପ, ସେମାନଙ୍କର ମନୋବୃତ୍ତି ଓ ସେମାନଙ୍କର ସହଯୋଗ ଉପରେ ହିଁ ଏହି ସବୁ ସମସ୍ୟାର ସମାଧାନ ବହୁପରିମାଣରେ ନିର୍ଭର କରେ । ସରକାର ପକ୍ଷରୁ ସର୍ବୋତ୍କୃଷ୍ଟ ଆଇନ ପ୍ରଣୀତ ହେଲେ ମଧ୍ୟ ଲୋକେ ସହଯୋଗ ନକଲେ ବା ସେମାନଙ୍କର ଇଚ୍ଛା ନଥିଲେ ତାହା କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ଏକ ଦୁର୍ବଳ ସରକାର, ରାଜନୈତିକ ଦୃଷ୍ଟିରୁ ମନ୍ଦ ସରକାର ଭଲ ଫଳ ଦେଖାଇ ପାରିବ, ଯଦି ଲୋକଙ୍କର ସହଯୋଗ ତାହା ପଛରେ ଥାଏ । ସବୁଠାରୁ ବଡ଼ କଥା ହେଉଛି ଲୋକଙ୍କ ଭିତରେ କର୍ମ ପ୍ରବଣତା ଓ ସହଯୋଗର ମନୋବୃତ୍ତି ସୃଷ୍ଟି କରିବା ।

ଆମର ସବୁଠାରୁ ବଡ଼ ଦୋଷ, ଭାରତରେ ଏଜି ସେହି ମନୋବୃତ୍ତିଟି ନାହିଁ । ଶ୍ରମିକ ହେଉ, କାରଖାନାର ମାଲିକ ହେଉ, ମୁଦ୍ରିକ ବା ଗ୍ରାହକ ହୁଅନ୍ତୁ, ସମସ୍ତଙ୍କ ମଧ୍ୟରେ ଏହି ମନୋବୃତ୍ତିର ଅଭାବ । ଏହା ପରିବର୍ତ୍ତିରେ ବର୍ତ୍ତମାନ ଲୋକଙ୍କର ଧାରଣା ଯେ ଧର୍ମଘଟ, ଶୋଭାଯାତ୍ରା ଓ ସେହିପରି କାର୍ଯ୍ୟକଲାପ ଦ୍ୱାରା ଯଥେଷ୍ଟ ଫଳ ମିଳି ପାରିବ । ସବୁଠାରୁ ଦୁଃଖର କଥା ଯେ ଜାଣିବା ଶୁଣିବା ଲୋକେ ଏଥିରେ ଭଳି ଯାଉଛନ୍ତି ଓ ଏ ପ୍ରକାର କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି

**ଭବିଷ୍ୟତର ଅଖଣ୍ଡ ବିଶ୍ୱାସ**

ଭାରତର ଭବିଷ୍ୟତ ସମ୍ପର୍କରେ ମୋର ଅଖଣ୍ଡ ବିଶ୍ୱାସ ଅଛି । ସେ ବିଶ୍ୱାସ ନଥିଲେ ମୁଁ ଏତେ ପରିଶ୍ରମ କରୁ ନଥାନ୍ତି । ସେହି ବିଶ୍ୱାସ ଥିବା ଯୋଗୁଁ ଏସବୁ କଠିନ ସମସ୍ୟାର କଥା କହୁଛି । ପରସ୍ପରକୁ ନ ଚେକି କିପରି ଆମେ ଏ ସମସ୍ୟାର ସମ୍ମୁଖୀନ ହୋଇ ପାରିବା ଓ ବହୁ କ୍ଷେତ୍ରରେ ଅତି ନିମ୍ନରୁ ଖୁବ୍ ଉପରକୁ ଉଠି ପାରିବା, ତାହା ହିଁ ଆମର ବିଚାରିବାର ବିଷୟ । ଅନ୍ୟ ଦେଶ ମାନଙ୍କରୁ ସୁନା, ରୁପା ବା ଟଙ୍କା ଆମକୁ ମିଳିବ ନାହିଁ । ଆମକୁ ଏହି ଦେଶରେ ତାହା ଉତ୍ପାଦନ କରିବାକୁ ହେବ ଏବଂ ଠିକଣା ବାଟରେ ଚାଲିଲେ ତାହା ଆମେ କରି ପାରିବା ।

ଦେଶକୁ ବଦଳାଇବାର ଦୁଇଟି ବାଟ ଅଛି । ଗୋଟିଏ ବାଟ ହେଉଛି, ଯାହା ଦେଖୁଛ, ସବୁ ଠିକ୍ ଠିକ୍ କରି ଭାଙ୍ଗି ଦିଅ ଏବଂ ନୂଆ କରି ସବୁ ତିଆରି କର ; ଏକ ପରିଷ୍କାର ସିଲଟରେ ସବୁ ଲେଖିବା ଆରମ୍ଭ କର । କିନ୍ତୁ ପରିଷ୍କାର ସିଲଟ ମିଳିବତ ? ଅତୀତକୁ ସମ୍ପୂର୍ଣ୍ଣ ଭୁଲି ହେବ ନାହିଁ । ଅବଶ୍ୟ ବର୍ତ୍ତମାନ ଯେଉଁ ସରକାର, ଅର୍ଥନୈତିକ ବା ସାମାଜିକ ସଙ୍ଗଠନ ଦେଖିବାକୁ ମିଳୁଛି, ତାକୁ ଭାଂଗି ଦେଇ ସେଥିରୁ କିଛି ନୂଆ ଆରମ୍ଭ କରାଯାଇ ପାରେ । କିନ୍ତୁ ଏହା ମୋର ମତ ନୁହେଁ । ଆଉ ଗୋଟିଏ ବାଟ ହେଉଛି, ଉପସ୍ଥିତ ବ୍ୟବସ୍ଥାକୁ ରଖି ଅତି ଦ୍ରୁତ ପରିବର୍ତ୍ତନ ଆଣିବା ଏବଂ ଆମ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଚେଷ୍ଟା କରିବା । ଏହି ଦୁଇଟି ଭିତରୁ ଗୋଟିଏ ବାଟ ବାଛି ନେବାକୁ ହେବ । ମଧ୍ୟବର୍ତ୍ତୀ ପନ୍ଥା ହେଉଛି ଅତିଶୟ ବିପଦ୍‌ଜନକ । ତୁମେ ଏ ବ୍ୟବସ୍ଥାକୁ ଭାଂଗିବ ନାହିଁ କି ପରିବର୍ତ୍ତନ ଆଣିବ ନାହିଁ । ତାହା ହେଲେ ତୁମେ କ'ଣ କରିବ ? ଏ ମନୋବୃତ୍ତି କେବଳ ପତନ ଓ ଧ୍ୱଂସ ଆଡ଼କୁ ଟାଣିନେବ । *

—*—

* ଶ୍ରୀ ନେହରୁଙ୍କର ୭୮ତମ ଜୟନ୍ତୀ ଉପଲକ୍ଷେ

Digitized by srujanika@gmail.com

ଯେଉଁ ଅକ୍ଟୋବର ବିପ୍ଳବ ଗତ ଅର୍ଦ୍ଧଶତାବ୍ଦୀ ଧରି ପୃଥିବୀର ଚିନ୍ତାଧାରାକୁ ଆଲୋଡ଼ିତ କରିଛି, ଲେନିନଂକ ନେତୃତ୍ୱରେ ତାହା ଜୟର ହୋଇଥିଲା, ଏହି ଲେଖା ତାର ଏକ କ୍ଷୁଦ୍ର ସ୍ମରଣିକା ।

# ଅକ୍ଟୋବର ବିପ୍ଳବର ପ୍ରଥମ ସୁପ୍ରଭାତ

**ଜାନକୀବଲ୍ଲଭ ପଟ୍ଟନାୟକ**

୧୯୧୭ ମସିହା ମାର୍ଚ୍ଚ ମଧ୍ୟ ଭାଗରେ ଜାରଙ୍କର ପତନ ଘଟି ଏକ ଅସ୍ଥାୟୀ ସରକାର ପ୍ରତିଷ୍ଠିତ ହେଲା । ସେତେବେଳେ ଲେନିନ୍ ସୁଇଜରଲେଣ୍ଡରେ ଏକ ନିର୍ବାସିତ ଜୀବନ ଯାପନ କରୁଥିଲେ । ତାଙ୍କର ଜଣେ ପୁରାତନ ବନ୍ଧୁ ତାଙ୍କୁ ସେତେବେଳେ ଆସି ଏହି ଖବର ଦେଲେ, ସେ ତାହା ପ୍ରଥମେ ବିଶ୍ୱାସ କରି ପାରିଲେ ନାହିଁ । ପରେ ସ୍ୱିସ୍ ସମ୍ବାଦପତ୍ର ମାନଙ୍କରେ ରୁଷିଆରେ ଏହି ବୈପ୍ଳବିକ ପରିବର୍ତ୍ତନର ସମ୍ବାଦ ପ୍ରକାଶ ପାଇଲା । ଲେନିନ୍ ଶୀଘ୍ର ରୁଷିଆ ଯିବା ପାଇଁ ସମସ୍ତ ଆୟୋଜନରେ ଲାଗି ପଡ଼ିଲେ । ରୁଷିଆ ସହିତ ଯୁଦ୍ଧରତ ଜର୍ମାନୀର ସାହାଯ୍ୟରେ ତାଙ୍କର ଏହି ଆୟୋଜନ ସଫଳ ହେଲା ।

୧୯୧୭ ଏପ୍ରିଲ୍ ୧୬ ତାରିଖ ଦିନ ଲେନିନ୍ଙ୍କର ଗାଡ଼ି ପେଟ୍ରୋଗ୍ରାଡ୍ (ବର୍ତ୍ତମାନର ଲେନିନ୍ଗ୍ରାଡ୍) ର ଫିନ୍ଲଣ୍ଡ ଷ୍ଟେସନରେ ଲାଗିଲା । ହଜାର ହଜାର ସଂଖ୍ୟାରେ ଶ୍ରମିକ, ସୈନ୍ୟ, ନାବିକ ଓ ଅନ୍ୟାନ୍ୟ ଶ୍ରେଣୀର ଲୋକେ ଲାଲ ପତାକା ସହ ଲେନିନ୍ଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇ ଥିଲେ ।

ଲେନିନ୍ଙ୍କ ଆଗମନ ପୂର୍ବରୁ ନେତୃତ୍ୱ ହୀନ ବଲ୍ସେଭିକ୍ ଦଳ ଅସ୍ଥାୟୀ ସରକାର ପ୍ରତି କି ମନୋଭାବ ପୋଷଣ କରିବେ ତାହା ସ୍ଥିର କରି ପାରୁ ନ ଥିଲେ । ଦଳର ସମ୍ବାଦ ପତ୍ର 'ପ୍ରାଭଦା' ପ୍ରଥମେ ଅସ୍ଥାୟୀ ସରକାରର ବିରୋଧ କରୁଥିଲା । ପରେ ସମର୍ଥନ କଲା । ଲେନିନଙ୍କର ପ୍ରଥମ କାର୍ଯ୍ୟ ହେଲା ଦଳକୁ ଏକ ନିର୍ଦ୍ଦିଷ୍ଟ ନେତୃତ୍ୱ ଦେବା । ତାଙ୍କୁ ଭେଟିବା ପାଇଁ ଦଳର ନେତୃମଣ୍ଡଳୀଙ୍କ ପକ୍ଷରୁ ଯେଉଁ ବୈଠକର ଆୟୋଜନ ହୋଇଥିଲା, ସେଥିରେ ସେ ଯୋଗଦେଇ କିଛି ସମୟ ସେମାନଙ୍କର ଭାଷଣ ଓ ମତାମତ ଶୁଣିଲେ । ପରେ ଦୃଢ଼ ସ୍ୱରରେ କହିଲେ, "ଅସ୍ଥାୟୀ ସରକାର ଆଦୌ ସମର୍ଥନଯୋଗ୍ୟ ନୁହେଁ । ଯେଉଁମାନେ ଏହାକୁ ସମର୍ଥନ କରୁଛନ୍ତି, ସେମାନେ ସୁବିଧାବାଦୀ ଏବଂ ସମାଜବାଦ ଓ ଶ୍ରମଜୀବୀ ଜନସାଧାରଣଙ୍କର ଶତ୍ରୁ ।"

ଏହି କଠୋର ଭାଷା ପ୍ରୟୋଗରେ ଦଳର ନେତୃମଣ୍ଡଳୀ ସ୍ତମ୍ଭୀଭୂତ ହୋଇ ଗଲେ । କିନ୍ତୁ ତାଙ୍କର ସିଦ୍ଧାନ୍ତ ଥିଲା ଦଳ

Digitized by srujanika@gmail.com

ପକ୍ଷରେ ଏକମାତ୍ର ସିଦ୍ଧାନ୍ତ । ସେ ଦଳ ସଭାରେ ମଭାପତିତ୍ୱ କରୁଥିବା ବିଶିଷ୍ଟ କମ୍ୟୁନିଷ୍ଟ ନେତା କାମେନିଭ କହିଥିଲେ "ଲେନିନ୍-ଙ୍କର ମତ ଆମ ପକ୍ଷରେ ରୁଚିକର ବୋଧ ହୋଇ ନପାରେ । କିନ୍ତୁ ସେ ହେଉଛନ୍ତି ଆମର ପ୍ରତିଷ୍ଠିତ, ସ୍ୱୀକୃତ ନେତା ଏବଂ ତାଙ୍କର ନେତୃତ୍ୱରେ ହିଁ ଅମେ ଆମର ସମାଜବାଦ ଲକ୍ଷ୍ୟ ହାସଲ କରି ପାରିବୁ ।"

ଅସ୍ଥାୟୀ ସରକାର ଜର୍ମାନୀ ସହିତ ରୁଷିଆର ଯୁଦ୍ଧକୁ ଚଳାଇ ରଖିଲେ । ଜନସାଧାରଣଙ୍କ ମଧ୍ୟରେ ଏ ଯୁଦ୍ଧ ସମ୍ପୂର୍ଣ୍ଣ ଅପ୍ରିୟ ଥିଲା । ଲେନିନ୍ ଙ୍କର ପ୍ରଥମ ସ୍ଲୋଗାନ୍ ହେଲା ଯୁଦ୍ଧ ବନ୍ଦ ହେଉ । ତାଙ୍କର ବିରୋଧୀ ମାନେ, ବିଶେଷତଃ ଅସ୍ଥାୟୀ ସରକାରକୁ ସମର୍ଥନ କରୁଥିବା ବିଭିନ୍ନ ଦଳ, ତାଙ୍କ ବିରୁଦ୍ଧରେ ନାନା ପ୍ରକାର ଆକ୍ରମଣ କରିଦେଲେ । ସେ ଜର୍ମାନୀର ଦଲାଲ, ଜର୍ମାନୀ ସାହାଯ୍ୟରେ ଯୁଦ୍ଧ ବନ୍ଦ କରିବା ନିମନ୍ତେ ସେ ରୁଷିଆ ଆସିଛନ୍ତି, ତାଙ୍କ ବିରୁଦ୍ଧରେ ଏହି ସବୁ ଅଭିଯୋଗ ପ୍ରଚାରିତ ହେବାକୁ ଲାଗିଲା । କିନ୍ତୁ ଲେନିନ୍ ତାଙ୍କର ଅକାଟ୍ୟ ଯୁକ୍ତି ଦ୍ୱାରା ପ୍ରମାଣ କଲେ ଯେ, ଏ ଯୁଦ୍ଧ ଏକ ସାମ୍ରାଜ୍ୟ ବାଦୀ ଯୁଦ୍ଧ । ଏଥିରେ ରୁଷିଆର ଜନ ସାଧାରଣଙ୍କର ସ୍ୱାର୍ଥ ସାଧିତ ହେବନାହିଁ ।

୧୯୧୭ ମସିହା ମେ ସାତ ତାରିଖ ଠାରୁ ବାର ତାରିଖ ପର୍ଯ୍ୟନ୍ତ ନିଖିଳ ରୁଷିଆ ବଲ୍ ସେଭିକ୍ ଦଳ ସମ୍ମିଳନୀ ବସି ସେଥିରେ ଲେନିନ୍ଙ୍କର ସିଦ୍ଧାନ୍ତ ଗୃହୀତ ହେଲା । ଦଳରେ କେତେକ ତାଙ୍କର ବିରୋଧ କରିଥିଲେ ମଧ୍ୟ ସେ ହିଁ ଥିଲେ ଅବିସମ୍ବାଦୀ ନେତା । ଏହିପରି ଭାବରେ ରୁଷିଆକୁ ଫେରିବାର ମାସକ ମଧ୍ୟରେ ବଲ୍ ସେଭିକ୍ ଦଳର ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ କରି ଲେନିନ୍ ଅସ୍ଥାୟୀ ସରକାରକୁ ଏକ ପୁଞ୍ଜିବାଦୀ ଜମିଦାର ଶ୍ରେଣୀର ସରକାର ବୋଲି ରୁଷ୍ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରବଳ ମତ ସୃଷ୍ଟି କରିପାରି ଥିଲେ ।

ସେତେବେଳେ ପେଟ୍ରୋଗ୍ରାଡ଼ ସହର ଥିଲା ରୁଷିଆର ବୈପ୍ଳବିକ ବାତାବରଣର ପ୍ରାଣକେନ୍ଦ୍ର । ଏହା ଥିଲା ରୁଷିଆର ରାଜଧାନୀ ଏବଂ ଅସ୍ଥାୟୀ ସରକାର ଓ ମନ୍ତ୍ରୀମଣ୍ଡଳ ଏଠାରେ କାର୍ଯ୍ୟ କରୁଥିଲେ । ଏହା ସଙ୍ଗେ ସଙ୍ଗେ ସହରର ବିଭିନ୍ନ କଳ କାରଖାନାର ଶ୍ରମିକ ମାନଙ୍କ ପକ୍ଷରୁ ଏକ ସୋଭିଏଟ୍ ବା ସ୍ୱାୟତ୍ତ-ଶାସନ ମୂଳକ ସଂସ୍ଥା ଗଢ଼ା ଯାଇଥିଲା । ପଛରେ ଶ୍ରମିକ ମାନଙ୍କ ସହିତ ଅ... ପେଟ୍ରୋଗ୍ରାଡ଼ର ବିଭିନ୍ନ ସୈନ୍ୟ ଗ୍ରୁପ୍ଣୀ ... ନାବିକ ମାନଙ୍କ ପ୍ରତିନିଧି ଯୋଗଦେଲେ । କାର୍ଯ୍ୟତଃ ଅସ୍ଥାୟୀ ସରକାର ସମଗ୍ର ରୁଷିଆର ଶାସନ ଦାୟିତ୍ୱରେ ଥିଲେ ମଧ୍ୟ ଶ୍ରମିକ ଓ ସୈନ୍ୟ ମାନଙ୍କର ସୋଭିଏଟ୍ ଥିଲା ଏକଅତି ଶକ୍ତିଶାଳୀ ସଂସ୍ଥା । ଲେନିନ୍ ଅସ୍ଥାୟୀ ସରକାରକୁ ଏକ ପୁଞ୍ଜିବାଦୀ ଜମିଦାରଙ୍କ ଆଡ୍ଡା ବୋଲି ମନେ କରୁଥିଲେ । ପେଟ୍ରୋ-ଗ୍ରାଡ଼ ସୋଭିଏଟ୍ ଅନୁକରଣରେ ମସ୍କୋ ଏବଂ ଅନ୍ୟାନ୍ୟ ସହରରେ ସୋଭିଏଟ୍ ମାନ ସ୍ୱତଃ ପ୍ରବୃତ୍ତ ଭାବରେ ଗଢି ଉଠିଲା । ଲେନିନ୍ଙ୍କର ସ୍ଲୋଗାନ୍ ଥିଲା, "ସବୁ କ୍ଷମତା ସୋଭିଏଟ୍ ହାତରେ ଦେଇଦିଅ ।" ଏହି ସବୁ ସୋଭିଏଟ୍ରେ ତାଙ୍କର ଦଳ ବଲସେଭିକ୍

Digitized by srujanika@gmail.com

ପାର୍ଟି କଂଗ୍ରେସ ଅଳ୍ପ ସଂଖ୍ୟାରେ ରହି ମଧ୍ୟ ସଂଗ୍ରାମୀ ନୀତିନି ତାହାହିଁ ଥିଲା ତାଙ୍କର ଲକ୍ଷ୍ୟ । କାରଣ ବଲ୍‌ସେଭିକ ଦଳ ଛଡ଼ା ମେନ୍‌ସେଭିକ୍‌; ସୋସିଆଲ ଡିମୋକ୍ରାଟ ଏବଂ ଅନ୍ୟାନ୍ୟ ଅଳ୍ପ ବାମପନ୍ଥୀ ରାଜନୈତିକ ଦଳ [illegible] ରହିଥିଲେ ।

ଜୁନ ୧୬ ତାରିଖରେ ନିଖିଳ ରୁଷିଆ ସୋଭିଏଟ୍‌ କଂଗ୍ରେସ ଆରମ୍ଭ ହେଲା ଲେନିନ୍‌ ଏଠାରେ ଏକ ଐତିହାସିକ ଘୋଷଣା ଦେଲେ ବର୍ତ୍ତମାନ ଏକ ଦାବୀ କଲେ ଯେ ଅସ୍ଥାୟୀ ସରକାର ହାତରୁ ସୋଭିଏଟ୍‌ ମାନଙ୍କୁ କ୍ଷମତା ଛଡ଼ାଇ ନେଉ । ସେତେବେଳେ ଅସ୍ଥାୟୀ ସରକାରର ପ୍ରତିନିଧି ରୂପେ କେରେନ୍‌ସ୍କି ଉପସ୍ଥିତ ଥିଲେ ଏବଂ ସେ ଲେନିନଙ୍କ



'ଝଣ୍ଡେ ମୁଣ୍ଡା ପେନସିଲ୍‌ ଓ ସ୍କୁଲ ପିଲାର ଏକ୍‌ସରସାଇଜ ଖାତା – – – –'

Digitized by srujanika@gmail.com

ଶାସନର ବିରୋଧ କରିଥିଲେ; ମାତ୍ର ଲେନିନ୍‌ଙ୍କୁ ହିଁ ଉପସ୍ଥିତ ସୈନ୍ୟ, ନାବିକ ଓ ଶ୍ରମିକମାନେ ବିପୁଳ ସମର୍ଦ୍ଧନା ଜ୍ଞାପନ କରିଥିଲେ ।

ରୁଷିଆର ଜନସାଧାରଣଙ୍କ ଆଗରେ ସେତେବେଳେ ଦୁଇଟି ପ୍ରଧାନ ସମସ୍ୟା ଥିଲା । ତିନିବର୍ଷ ଯୁଦ୍ଧ ଭିତରେ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ଏ ଯୁଦ୍ଧର ଶୀଘ୍ର ଅବସାନ ହେଉ, ଏହା କେବଳ ସାଧାରଣ ଲୋକେ ନୁହନ୍ତି, ସୈନ୍ୟମାନେ ମଧ୍ୟ ଚାହୁଁଥିଲେ । ଦ୍ୱିତୀୟତଃ ଜମିଦାର ମାନଙ୍କ ଅତ୍ୟାଚାରରେ କୃଷିମାନେ ଅତ୍ୟନ୍ତ ଉତ୍ପୀଡ଼ିତ ହୋଇ ପଡ଼ିଥିଲେ । ତିନି ଶହ ବର୍ଷର ଜାର ଶାସନର ଅବସାନ ପରେ ସେମାନେ ରୁଷର ନୂତନ ସରକାର ଏବଂ ନେତୃ ମଣ୍ଡଳୀ ପାଖରୁ ଏକ ବୈପ୍ଳବିକ କର୍ମପନ୍ଥା ଆଶା କରୁଥିଲେ । କିନ୍ତୁ ଏହି ସରକାର, ବ୍ରିଟେନ, ଫ୍ରାନ୍‌ସ ଓ ଆମେରିକା ଯୁକ୍ତରାଷ୍ଟ୍ରକୁ ପ୍ରତିଶ୍ରୁତି ଦେଲା ଯେ ତାଙ୍କ ପକ୍ଷରେ ରହି ରୁଷିଆ ଯୁଦ୍ଧ ଚଳାଇବ । କୃଷିମାନେ ଜମି ଦେବା ଓ ବୈପ୍ଳବିକ ଅର୍ଥନୈତିକ କାର୍ଯ୍ୟକ୍ରମ ସମ୍ପର୍କରେ ଏହି ସରକାର ଜମିଦାର ପୁଞ୍ଜିପତିଙ୍କ ପ୍ରଭାବରେ କୌଣସି କାର୍ଯ୍ୟକ୍ରମ ଗ୍ରହଣ କରି ପାରିଲା ନାହିଁ । ଲେନିନ୍ ଏକମାତ୍ର ବ୍ୟକ୍ତି ଯେ ସେତେବେଳେ ସ୍ଲୋଗାନ୍ ଦେଇଥିଲେ, ପ୍ରକୃତ କ୍ଷମତା ଜନସାଧାରଣଙ୍କ ସୋଭିଏଟ୍ ହାତକୁ ଆସୁ, ଶୀଘ୍ର ଯୁଦ୍ଧର ଅବସାନ ହୋଇ ଜର୍ମାନୀ ସହିତ ସନ୍ଧି କରାଯାଉ ଓ କୃଷିମାନେ ଜମିର ମାଲିକ ହୁଅନ୍ତୁ । ଲେନିନ୍‌ଙ୍କ ସ୍ୱରରେ ରୁଷିଆର ନିପୀଡ଼ିତ ଜନସାଧାରଣ ସେମାନଙ୍କ ନିଜ ସ୍ୱର ଶୁଣିବାକୁ ପାଇଥିଲେ । ପେଟ୍ରୋଗ୍ରାଡ଼ରେ ଥିବା ୧,୫୦,୦୦୦ ସୈନ୍ୟ ଅସ୍ଥାୟୀ ସରକାର ମିତରେ ଅତ୍ୟନ୍ତ ଅସ୍ଥିର ଏବଂ ଅସନ୍ତୁଷ୍ଟ ହୋଇ ରହିଥିଲେ ।

ଏହି ପରିସ୍ଥିତିରେ ୧୯୧୭ ମସିହା ଜୁନ୍ ୨୩ ତାରିଖ ଏବଂ ଜୁଲାଇ ୧୭ ତାରିଖରେ ସମସ୍ତ ସୈନିକ ଓ ନାବିକମାନଙ୍କ ପକ୍ଷରୁ ସ୍ୱତଃପ୍ରବୃତ୍ତ ବିଦ୍ରୋହ ଘଟିଥିଲା । ଏହି ବିଦ୍ରୋହକୁ ଖୋଲ୍ ଖୋଲା ଭାବରେ ସମର୍ଥନ ନ କଲେ ମଧ୍ୟ ଲେନିନ୍ ଓ ବଲସେଭିକ ପାର୍ଟି ଏଥିପ୍ରତି ସମ୍ପୂର୍ଣ୍ଣ ସହାନୁଭୂତିଶୀଳ ଥିଲେ । ଜୁଲାଇ ୧୯ ତାରିଖରେ ଲେନିନ୍ ଓ ଜିନୋଭିଏଭ୍, କାମେନେଭ୍ ପ୍ରଭୃତି ତାଙ୍କର କେତୋଟି ଅନ୍ତରଙ୍ଗ ସହକର୍ମୀଙ୍କୁ ଗିରଫ କରିବା ପାଇଁ ଅସ୍ଥାୟୀ ସରକାର ଆଦେଶ ଦେଲେ । ଲେନିନ୍ ପେଟ୍ରୋଗ୍ରାଡ଼୍ ଛାଡ଼ି ଫିନ୍‌ଲାଣ୍ଡ ପଳାଇଲେ ।

ଏହାର ଦୁଇଦିନ ପରେ କେରେନ୍‌ସ୍କିଙ୍କ ନେତୃତ୍ୱରେ ଏକ ନୂଆ ସରକାର ଗଠିତ ହେଲା । ଜୁଲାଇ ଠାରୁ ସେପ୍‌ଟେମ୍ବର ମାସ ମଧ୍ୟରେ ଏହି ନୂଆ ସରକାର କୌଣସି ନିର୍ଦ୍ଦିଷ୍ଟ ଅର୍ଥନୈତିକ କାର୍ଯ୍ୟକ୍ରମ ଗ୍ରହଣ କଲେ ନାହିଁ । ସାମରିକ କ୍ଷେତ୍ରରେ ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ଘଟିବାକୁ ଲାଗିଲା । ସେପ୍‌ଟେମ୍ବର ସାତ ତାରିଖରେ ରୁଷିଆର ପ୍ରଧାନ ସେନାପତି କର୍ନିଲଭ ମନ୍ତ୍ରୀମଣ୍ଡଳର ଇସ୍ତଫା ଦାବୀ କରି ତାଙ୍କ ହାତରେ ରୁଷିଆର ସାମରିକ ଓ ବେସାମରିକ କର୍ତ୍ତୃତ୍ୱ

Digitized by srujanika@gmail.com

ଗୁଡ଼ ଦେବା ପାଇଁ ଦାବୀ କଲେ । କେରେ-ନେସ୍କି ସରକାର କର୍ନିଲଭଙ୍କୁ ବରଖାସ୍ତ କରି ତାଙ୍କୁ ପେଟ୍ରୋଗ୍ରାଡ଼ ଆସିବା ପାଇଁ ଆଦେଶ ଦେଲେ । କିନ୍ତୁ କର୍ନିଲଭ୍ ତାଙ୍କର ଅଶ୍ୱାରୋହୀ ସୈନ୍ୟ ମାନଙ୍କୁ ନେଇ ପେଟ୍ରୋ-ଗ୍ରାଡ୍ ଅଭିମୁଖେ ବିଦ୍ରୋହ ଅଭିଯାନ କଲେ, ପେଟ୍ରୋଗ୍ରାଡ଼ର ସୈନ୍ୟ ଏବଂ ଶ୍ରମିକ ନାବିକଙ୍କର ସହଯୋଗ ନ ଥିବାରୁ ଏ ବିଦ୍ରୋହ ବିଫଳ ହେଲା । କର୍ନିଲଭ ଗିରଫ ହେଲେ । କର୍ନିଲଭ୍ ବିଦ୍ରୋହର ଫଳ ହେଲା ପ୍ରତିକ୍ରିୟା ଶୀଳ ସେନାପତି ମାନଙ୍କ ପଛରେ ସୈନ୍ୟ ମାନଙ୍କର ସମର୍ଥନ ଆଉ ରହିଲା ନାହିଁ । କିନ୍ତୁ ଏ ସମର୍ଥନ ମଧ୍ୟ ଅସ୍ଥାୟୀ ସରକାର ପ୍ରତି ନଥିଲା, କାରଣ ଅସ୍ଥାୟୀ ସରକାରର ଯୁଦ୍ଧଖୋର ନୀତି ଓ ଅର୍ଥନୈତିକ କ୍ଷେତ୍ରରେ ସ୍ଥାଣୁ ଚନ୍ଦ୍ରାଧାରକୁ କୃଷକ, ଶ୍ରମିକ ଓ ସୈନ୍ୟଦଳ କେହି ସମର୍ଥନ କରୁ ନଥିଲେ ।

ସେପ୍ଟେମ୍ବର ଶେଷ ବେଳକୁ ଲେନିନ୍ ବଲସେଭିକ ପାର୍ଟିର କେନ୍ଦ୍ର କମିଟି ପାଖକୁ ଏକ ଚିଠି ଲେଖିଲେ । ସେ ଚିଠିରେ ବିପ୍ଳବ ପାଇଁ ତତ୍ପର ହୋଇଯିବାକୁ ସେ ପରାମର୍ଶ ଦେଇଥିଲେ । ଅକ୍ଟୋବର ୧୨ ତାରିଖରେ ସେ ଆଉ ଏକ ଚିଠିରେ ଲେଖିଲେ,

"ବଲସେଭିକ୍ ମାନଙ୍କ ପକ୍ଷରୁ ଏକ ସଶସ୍ତ୍ର ବିଦ୍ରୋହ ହେଲେ ତାହା ସଫଳ ହେବା ସୁନିଶ୍ଚିତ; (୧) ତିନପାଖରୁ ଆମେ ହଠାତ୍ ଆକ୍ରମଣ କରିପାରିବା—ପେଟ୍ରୋଗ୍ରାଡ଼ ପଟ୍ଟୁ, ମସ୍କୋ ଆଡ଼ୁ ଏବଂ ବାଲଟିକ୍ ନୌବାହିନୀର ତରଫରୁ (୨) ଆମର ସ୍ଲୋଗାନ ହେବ, ଜମିଦାର ମାନଙ୍କ ବିରୁଦ୍ଧରେ ଜାଗ୍ରତ କୃଷୀମାନଙ୍କୁ ଦମନ କରୁଥିବା ସରକାର ଧ୍ୱଂସ ହେଉ (୩) ଦେଶରେ ଆମର ସଂଖ୍ୟା ଗରିଷ୍ଠତା ଅଛି (୪) ମେନସେଭିକ୍ ଓ ଅନ୍ୟାନ୍ୟ ସମାଜବାଦୀ ଦଳ ମଧ୍ୟରେ ଘୋର ଅନୈକ୍ୟ ଦେଖାଦେଇଛି (୫) ମସ୍କୋରେ ଆମପକ୍ଷରୁ ଶୀଘ୍ର କ୍ଷମତା ଦଖଲ କରାଯାଇ-ପାରିବ । (୬) ପେଟ୍ରୋଗ୍ରାଡ଼ରେ ହଜାର ହଜାର සशସ୍ତ୍ର ଶ୍ରମିକ ଓ ସୈନ୍ୟ ଆମକୁ ସମର୍ଥନ କରୁଛନ୍ତି । ସେଠାରେ ଆମେ ସରକାରୀ ଆସ୍ଥାନ, ଟେଲିଫୋନ ଏକ୍ସ-ଚେଞ୍ଜ ଓ ବଡ଼ ବଡ଼ ସମ୍ବାଦପତ୍ର ଓ ଛାପା-ଖାନା ମାନଙ୍କୁ ଦଖଲ କରିନେବା ଉଚିତ । ଶୀଘ୍ର ଯୁଦ୍ଧର ଅବସାନ ହେବ ଓ କୃଷୀ-ମାନଙ୍କୁ ଜମି ଦେବାକୁ ଚାହୁଁଥିବା ବଲ-ସେଭିକ୍ ମାନଙ୍କ ବିରୁଦ୍ଧରେ କେହି ହାତ ଉଠାଇବାକୁ ସାହସ କରିବ ନାହିଁ ।"

ଅକ୍ଟୋବର ୮ ତାରିଖରେ ବଲ-ସେଭିକ୍ ଦଳର ଅନ୍ୟତମ ନେତା ଟ୍ରଟସ୍କି ପେଟ୍ରୋଗ୍ରାଡ଼ ସୋଭିଏଟ୍ର ଚେୟାରମ୍ୟାନ ନିର୍ବାଚିତ ହେଲେ । ଏହା ପୂର୍ବରୁ ମସ୍କୋ ସୋଭିଏଟ୍ ବଲସେଭିକ୍ ମାନଙ୍କ ହାତରେ ପଡ଼ିଥିଲା ।

ଅକ୍ଟୋବର ମାସ ତୃତୀୟ ସପ୍ତା-ହରେ ଲେନିନ୍ ପେଟ୍ରୋଗ୍ରାଡ଼ରେ ଆସି ପହଞ୍ଚିଲେ । ଅକ୍ଟୋବର ୨୩ ତାରିଖରେ ବଲସେଭିକ କେନ୍ଦ୍ର କମିଟିର ଏକ ଜରୁରୀ ବୈଠକ ବସିଲା । ଏହି ବୈଠକରେ ଲେନିନ୍ ଦାବୀ କଲେ ଯେ ଆଉ ମୁହୂର୍ତ୍ତେ କାଳ

Digitized by srujanika@gmail.com

ବିଳମ୍ବ ନକରି ହସ୍ତେ ବିଦ୍ରୋହ ପାଇଁ ଆହ୍ୱାନ ଦିଆଯିବା ଉଚିତ ।

ଟ୍ରଟସ୍କି ତାଙ୍କ ଆତ୍ମ ଜୀବନୀରେ ଲେଖି-ଛନ୍ତି, "ଖଣ୍ଡେ ମୁଣ୍ଡା ପେନ୍‌ସିଲ ପଡ଼ିଥିଲା । ଜଣେ ସ୍କୁଲ ପିଲାର ଏକ୍‌ସରସାଇଜ୍ ଖାତାରୁ ଖଣ୍ଡେ କାଗଜ ଚିରି ଏହି ପେନ୍‌ସିଲରେ ଲେନିନ୍ ଲେଖି ପକାଇଲେ, ଦଳ ଏକ ସମସ୍ତ ବିଦ୍ରୋହ ପାଇଁ ଆହ୍ୱାନ ଦେଉଛି ।" ପ୍ରସ୍ତାବ ଉପରେ ଭୋଟ ନିଆଗଲା । ସପକ୍ଷରେ ୧୦, ବିପକ୍ଷରେ ୨ ।"

ଏହା ପରେ ପରେ ବଲସେଭିକ୍ ଦଳ ପକ୍ଷରୁ ତତ୍ପରତାର ସହିତ କାର୍ଯ୍ୟପନ୍ଥା ଗ୍ରହଣ କରାଗଲା । ପେଟ୍ରୋଗ୍ରାଡ଼ ସୋଭିଏଟ୍ ଏକ ସାମରିକ ବୈପ୍ଳବିକ କମିଟି ଗଠନ କଲେ, ଏହି କମିଟି ପକ୍ଷରୁ ପ୍ରତ୍ୟେକ ସୈନ୍ୟ ଗୁଳ୍ମଣୀ ପାଇଁ ଜଣେ ଜଣେ କମିସାର୍ ନିଯୁକ୍ତ କଲେ । କମିଟି ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଗଲା – ପେଟ୍ରୋଗ୍ରାଡ଼ର ସମସ୍ତ କ୍ଷମତା ସାମରିକ ବୈପ୍ଳବିକ କମିଟି ହାତରେ ଛାଡ଼ି ଦିଆଗଲା । ଏହା ଦ୍ୱାରା ଅସ୍ଥାୟୀ ସରକାରକୁ କେହି ନ ମାନିବା ପାଇଁ ଘୋଷଣା କରାଗଲା ।

ନଭେମ୍ବର ୭ ତାରିଖରେ ଲେନିନ୍ କେନ୍ଦ୍ର କମିଟିକୁ ଲେଖିଲେ, "ସନ୍ଧ୍ୟା କିମ୍ବା ଆଜି ରାତିରେ ଏ ବିଷୟରେ ଶେଷ ସିଦ୍ଧାନ୍ତ କରିବାକୁ ପଡ଼ିବ, ଆଉ ଟିକିଏ ବିଳମ୍ବ କଲେ ଇତିହାସ ବିପ୍ଳବୀମାନଙ୍କୁ କ୍ଷମା ଦେବନାହିଁ । ଆଜି ଆମେ କ୍ଷମତା ଦଖଲ କରିଗଲେ ସୋଭିଏଟ୍ ପକ୍ଷରୁ ତାହା କରାଯାଉଛି ବୋଲି ଜଣାଯିବ । କାଲିକି ଅପେକ୍ଷା କଲେ ଅବସ୍ଥା ବଦଳି ଯାଇପାରେ ।

ବିପ୍ଳବର କାର୍ଯ୍ୟକ୍ରମ ହେଲା, ଅସ୍ଥାୟୀ ସରକାର ଆସ୍ଥାନ ଓ୍ୱିଣ୍ଟର ପାଲେସ୍‌କୁ ସୈନ୍ୟ, ନାବିକ ଓ ସଶସ୍ତ୍ର ସୈନିକମାନେ ଘେରି ନିବେ । ସେମାନଙ୍କ ତରଫରୁ ଏକ ପ୍ରତିନିଧି ଦଳ ଯାଇ ସରକାରକୁ ଆତ୍ମ ସମର୍ପଣ କରିବାକୁ କହିବେ । ଯଦି ଏହାର କିଛି ଫଳ ନ ହୁଏ ତାହା ହେଲେ ନିକଟ-ବର୍ତ୍ତୀ, "ଅରୋରା ଯୁଦ୍ଧ ଜାହାଜରୁ ଗୁଳି ଚଳନା କରିଦିଆଯିବ ଏବଂ ହସ୍ତେ ଶ୍ରମିକ ଏବଂ ଲାଲରକ୍ଷୀମାନେ ଓ୍ୱିଣ୍ଟର ପାଲେସ୍ ଭିତରକୁ ପଶି ଯାଇ ତାକୁ ଅଧିକାର କରିନେବେ ।

ନଭେମ୍ବର ୭ ତାରିଖ ସକାଳୁ ବିଦ୍ରୋହ ଆରମ୍ଭ ହୋଇଗଲା । ଏହା ଏପରି ଦ୍ରୁତ ଗତିରେ ବ୍ୟାପିଲା ଯେ ତାହା ବର୍ଣ୍ଣନା କରି ହେଉନାହିଁ । ଲାଲରକ୍ଷୀ ମାନେ କେନ୍ଦ୍ର ଟେଲିଗ୍ରାଫ ଅଫିସ, ପୋଷ୍ଟ ଅଫିସ ଓ ଅନ୍ୟାନ୍ୟ ସରକାରୀ କୋଠାବାଡ଼ିକୁ ଦଖଲ କରିଗଲେ । ସଶସ୍ତ୍ର ବଲସେଭିକ୍ ମାନେ ଓ୍ୱିଣ୍ଟର ପାଲେସ୍‌କୁ ଚାରିଆଡ଼ୁ ଘେରିଗଲେ । କେରେନ୍‌ସ୍କି ନିଜେ ପେଟ୍ରୋଗ୍ରାଡ଼ ବାହାରକୁ ଯାଇ ସୀମାନ୍ତରେ ଥିବା ସୈନ୍ୟ ମାନଙ୍କୁ ବିଦ୍ରୋହ ଦମନ ଉଦ୍ଦେଶ୍ୟରେ ଭେଟିବା ପାଇଁ ସିଦ୍ଧାନ୍ତ କଲେ । କୌଣସିମତେ ଓ୍ୱିଣ୍ଟର ପାଲେସରୁ ସେ ଖସି ପଳାଇଲେ । ସୀମାନ୍ତ ସୈନ୍ୟମାନେ ଏ ବିଦ୍ରୋହରେ କୌଣସି ପକ୍ଷ ଗ୍ରହଣ ନକରିବା ପାଇଁ ସ୍ପଷ୍ଟ ଭାବରେ ଜଣାଇ ଦେଲେ, ପେଟ୍ରୋଗ୍ରାଡର ସୈନ୍ୟମାନେ ବଲସେଭିକ ମାନଙ୍କ ପକ୍ଷରେ ମୂଳରୁ ରହିଥିଲେ ।

Digitized by srujanika@gmail.com

ଉଇଣ୍ଟର ପାଲେସରେ ମନ୍ତ୍ରୀମଣ୍ଡଳର ଅବଶିଷ୍ଟ ସଭ୍ୟ ଅଲଟକେଟେକ ଦେହରକ୍ଷୀ ଓ ପ୍ରହରୀ ସୈନ୍ୟଙ୍କ ଦ୍ୱାରା ବେଷ୍ଟିତ ହୋଇ ରହିଥିଲେ; ସେମାନେ ପ୍ରାସାଦର ଝରକା ଭିତରୁ ପ୍ରାସାଦ ଆଡ଼କୁ ମୁହଁ କରିଥିବା 'ଅରୋର' ଜାହାଜର କମାଣମାନ ଦେଖି ପାରିଲେ । ପ୍ରାସାଦ ଆଗରେ ସଶସ୍ତ୍ର ମଟର, କମାଣ ଓ ସୈନ୍ୟଗଣ ସମୁଦ୍ରର ଲହରୀ ପରି ମାଡ଼ିଆସୁଥିବା ସେମାନେ ଦେଖିପାରିଲେ । ସନ୍ଧ୍ୟା ସାଢ଼େ ସାତଟା ବେଳେ ଚରମ ପତ୍ର ପହଞ୍ଚିଲା—କୋଡ଼ିଏ ମିନିଟ ଭିତରେ ଆତ୍ମ-ସମର୍ପଣ ନକଲେ ବିମାନ ମାନଙ୍କରୁ ଗୁଳି ଚଳାଯିବ । ମନ୍ତ୍ରୀମଣ୍ଡଳ ଚରମ ପତ୍ରର କୌଣସି ଉତ୍ତର ନଦେଇ ଚୁପ୍ ହୋଇ ରହିଲେ ।

ସଙ୍ଗେ ସଙ୍ଗେ କମାଣରୁ ଗୁଳି ବର୍ଷଣ ଆରମ୍ଭ ହୋଇଗଲା ଏବଂ ଦଳକୁ ଦଳ ସଶସ୍ତ୍ର ସୈନ୍ୟ, ଶ୍ରମିକ ଓ ବଲସେଭିକ୍ ସାମାନ୍ୟ ବା ବିନା ପ୍ରତିରୋଧରେ ପ୍ରାସାଦକୁ ଦଖଲ କରିଗଲେ । ଅସ୍ଥାୟୀ ସରକାରଙ୍କର ସଭ୍ୟ ଗଣ ଯେଉଁ ଗୃହରେ ବସିଥିଲେ ସେହି ଗୃହ ଭିତରକୁ ସାମରିକ ବିଦ୍ରୋହ କମିଟିର ସମ୍ପାଦକ ଏଣ୍ଟୋନଭ୍ ବିଦ୍ରୋହୀ ମାନଙ୍କ ଗହଣରେ ପଶିଯାଇ ଉଚ୍ଚ ସ୍ୱରରେ କହିଲେ, "ଅସ୍ଥାୟୀ ସରକାରର ସଭ୍ୟମାନେ କାହାନ୍ତି ? ସେମାନଙ୍କୁ ସମସ୍ତଙ୍କୁ ଗିରଫ କରାଗଲା ।" ଅସ୍ଥାୟୀ ସରକାର ପକ୍ଷରୁ କନୋଭଲଫ୍ କହିଲେ, "ଆମେ ଆତ୍ମ ସମର୍ପଣ କରୁଛୁ" ।

ଏହାପରେ ଅସ୍ଥାୟୀ ସରକାର ସଭ୍ୟ ମାନଙ୍କୁ ଗିରଫ କରାଯାଇ ସେଣ୍ଟ ପିଟର ଓ ସେଣ୍ଟ ପଲ ଦୁର୍ଗ ଆଡ଼କୁ ନିଆଗଲା । ବାଟରେ ଜନତା ସେମାନଙ୍କୁ ଦେଖିଲା କ୍ଷଣି ଗାଳି ଓ କୁତ୍ସା ବର୍ଷଣ କରିବାକୁ ଲାଗିଲେ ।

ସ୍ମୋଲନି ଠାରେ ସୋଭିଏଟ୍ କଂଗ୍ରେସର ଅଧିବେଶନ ବସିଥାଏ । ଲେନିନ ଅଧିବେଶନ ଗୃହରେ ପଶିଗଲା କ୍ଷଣି ଚତୁର୍ଦ୍ଦିଗରୁ ବିପୁଳ ଆନନ୍ଦ ଧ୍ୱନିରେ ତାଙ୍କୁ ସ୍ୱାଗତ କରାଗଲା । ଲେନିନ ଘୋଷଣା କଲେ ;

"ବନ୍ଧୁଗଣ ! ଯେଉଁ ଶ୍ରମିକ ଓ କୃଷି ମାନଙ୍କର ବିପ୍ଳବ ପାଇଁ ବଲସେଭିକ୍ ମାନେ ବାରଂବାର ଦାବୀ କରି ଆସୁଥିଲେ, ଆଜି ତାହା ହୋଇ ଯାଇଛି ··· ଆଜିଠାରୁ ରୁଷିଆର ଇତିହାସରେ ଏକ ନୂଆ ଅଧ୍ୟାୟ ଲେଖାହେବ । ସମାଜବାଦର ବିଜୟ ସୁନିଶ୍ଚିତ ।"

ସେଦିନ ରାତିରେ ଲେନିନ ତାଙ୍କର ଜଣେ ବିଶ୍ୱସ୍ତ ବନ୍ଧୁଙ୍କ ଗୃହରେ ଯାଇ ରହିଲେ । ସେ ଅଳ୍ପ ସମୟ ଶୋଇଛନ୍ତି କି ନାହିଁ, ଉଠି ଲେଖା ପଢ଼ାରେ ଲାଗିଗଲେ । ସେ ବାରଂବାର ଲେଖୁଥାନ୍ତି ପୁଣି ତାକୁ କାଟା କଟି କରୁଥାନ୍ତି । ଠିକ୍ ଭୋର ବେଳକୁ ଲେଖା ଶେଷ ହେଲା । ଲେନିନ୍ ଶୋଇବାକୁ ଗଲେ । ସକାଳେ ଟିକିଏ ଡେରିରେ ଲେନିନଙ୍କ ସହିତ ଚାହା ଖାଇବା ପାଇଁ ପରିବାରର ଅନ୍ୟ ସଭ୍ୟ ମାନେ ଆସି ଯେତେବେଳେ ଜମାହେଲେ, ଲେନିନ୍ ସେମାନଙ୍କୁ ସାଲ୍ୟୁଟ୍ ଜଣାଇ କହିଲେ, "ସମାଜବାଦୀ ବିପ୍ଳବର ପ୍ରଥମ ସୁପ୍ରଭାତ ।" ଏହାପରେ ରାତିରେ ପ୍ରସ୍ତୁତ କରିଥିବା ଲେଖାଖଣ୍ଡି ପକେଟରୁ ବାହାରକରି ସେ ପଢ଼ିଦେଲେ । ଏହି ଲେଖାଟି ହେଉଛି, ଜମିଦାର ମାନଙ୍କୁ ସମ୍ପୂର୍ଣ୍ଣ କ୍ଷମତାଚ୍ୟୁତ କରି କୃଷି ମାନଙ୍କୁ ଜମିର ଅଧିକାର ଦେବାର ଘୋଷଣା ପତ୍ର ।

———


Digitized by srujanika@gmail.com

ସମ୍ବଲପୁରୀ ବସ୍ତ୍ରାଳୟ ତନ୍ତଶିଳ୍ପ ସହଯୋଗ ସମିତି ଲିଃର

ଲୁଗା ସୁନ୍ଦର ଯେପରି ମଜଭୁତ ମଧ୍ୟ ସେପରି । ଲୁଗାର ରଙ୍ଗ ପକ୍କା
ଏହି ସମିତିର ଲୁଗା ଦେଶ ବିଦେଶରେ ଆଦୃତ ଏବଂ ସର୍ବ-
ଭାରତୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ।

ଏହା ବ୍ୟବହାର କରି ଦେଶର ଶିଳ୍ପ ତଥା ଶିଳ୍ପୀଙ୍କୁ
ଉତ୍ସାହିତ କରନ୍ତୁ ।

କୃତାର୍ଥ ଆଚାର୍ଯ୍ୟ (ପଦ୍ମଶ୍ରୀ)
ସଭାପତି




*Konark*
ELECTRICAL ACCESSORIES
*Manufactured by*
ORISSA ELECTRICAL MANUFACTURERS LTD.
INDUSTRIAL ESTATE, CUTTACK-3

# କୃଷ୍ଣାବତାର

-- କେ. ଏମ୍. ମୁନ୍‌ସୀ    ଅନୁବାଦ: ଜୟନ୍ତୀ ପଟ୍ଟନାୟକ

## ମଙ୍ଗଳାଚରଣ

ପ୍ରସ୍ଫୁଟିତ ପଦ୍ମପୁଷ୍ପ ପରି ନିର୍ମଳ ଓ ଆୟତଚକ୍ଷୁ, ବିଶାଳ ବୁଦ୍ଧି ବ୍ୟାସ ଦେବଂକୁ ନମସ୍କାର, ଯେ ମହାଭାରତ ରୂପକ ତୈଳରେ ପରିପୂର୍ଣ୍ଣ ଜ୍ଞାନମୟ ପ୍ରଦୀପ ଏ ଭୂମିରେ ପ୍ରଜ୍ଜ୍ୱଳିତ କରିଥିଲେ।

ହେ କୃଷ୍ଣ, ତୁମେ ଆର୍ତ୍ତମାନଂକ ଅଭିଷ୍ଟ ପୂରଣ କରିପାର;
ତୁମକୁ ମୋର ନମସ୍କାର।

ତୁମେ ସମସ୍ତ ଦେୟ ପଦାର୍ଥର ଦାତା;
ତୁମେ ଦୁଷ୍ଟଂକର ନିବାରଣକାରୀ;
ତୁମେ ସମସ୍ତଜ୍ଞାନର ଆଧାର ସ୍ଥଳ
ତୁମେ ଗୀତାରୂପ ଅମୃତ ଆମ୍ଭମାନଂକୁ ଦାନ କରିଛ।

ତୁମେ ବସୁଦେବଂକର ପୁତ୍ର;
କଂସ ଓ ଚାଣୁରଂକ ମର୍ଦ୍ଦନକାରୀ;
ଦେବକୀଂକର ପରମ ଆନନ୍ଦ ସ୍ୱରୂପ;
ହେ ଜଗତ୍ ଗୁରୁ କୃଷ୍ଣ,
ତୁମକୁ ମୋର ନମସ୍କାର।

ତୁମର କୃପାରେ ମୂକବ୍ୟକ୍ତି ବାକ୍‌ଶକ୍ତି ଲଭ କରେ;
ପଂଗୁ ବ୍ୟକ୍ତି ପର୍ବତ ଲଂଘିପାରେ
ହେ ପରମ ଆନନ୍ଦର ଅଧିକାରୀ;
ହେ ମାଧବ; ତୁମକୁ ମୁଁ ବନ୍ଦନା କରୁଛି।

Digitized by srujanika@gmail.com

# ଉପୋଦ୍‌ଘାତ

ପୃଥ୍ୱୀମାତା ଓ ଆମ ସମସ୍ତଙ୍କର ମାତା ଧରଣୀ ଅଶ୍ରୁ ପୂର୍ଣ୍ଣ ଲୋଚନରେ, ଅନନ୍ତ ବା ସୀମାହୀନ କାଳ ପୃଷ୍ଠରେ ବିଦ୍ୟମାନ ପ୍ରଭୁ ନାରାୟଣଙ୍କ ନିକଟରେ ଉପସ୍ଥିତ ହୋଇ ପ୍ରାର୍ଥନା କଲେ ।

ପୃଥ୍ୱୀମାତା କରଯୋଡ଼ି ଏହିପରି ଭାବରେ ପ୍ରାର୍ଥନା କଲେ, "ହେ ସର୍ବଶକ୍ତିମାନ୍, ଧନଜନଙ୍କର ଅନ୍ତ୍ରଦ୍ୱଦାତା, ମୁଁ ଅଉ ଦୁଃଖର ଭାର ବହି ପାରିବି ନାହିଁ । ତୁମଠାରେ ସମାନ ଭକ୍ତି ରଖି ଜୀବବୋଧର ଆନନ୍ଦ ଲାଭ କରିବେ ଓ ଅଖଣ୍ଡ ସୁଖଭୋଗ କରିବେ, ଏହି ଉଦ୍ଦେଶ୍ୟରେ ସନ୍ତାନସନ୍ତତିଙ୍କୁ ପାଳନ କରିବା ପାଇଁ ତୁମେ ଅଖଣ୍ଡ ଜ୍ଞାନ ବଳରେ ମୋତେ ନିର୍ଦ୍ଦେଶ ଦେଲ । କିନ୍ତୁ ପ୍ରଭୁ, ଏବେ ଯେଉଁ ସ୍ତ୍ରୀ, ପୁରୁଷମାନେ ଜନ୍ମହେଲେ, ସେମାନେ ଅତି ନିମ୍ନ ର ଶ୍ରେଣୀର ଓ ତୁମ-ପ୍ରତି ସମ୍ପୂର୍ଣ୍ଣ ବିମୁଖ ।



"ହେ ପ୍ରଭୁ - - - - ଆଉଟିଂ ର ଆମ୍ଭ ।"

Digitized by srujanika@gmail.com

"ଯେଉଁମାନେ ଲୋକଙ୍କୁ ଶାସନ କଲେ ସେମାନେ ସ୍ୱାର୍ଥପର ହେଲେ ଏବଂ ଅନ୍ୟର ଅମଙ୍ଗଳ ଚିନ୍ତା କରିବାକୁ ଲାଗିଲେ । ଏବେ କ୍ଷମତାର ଲାଳସାରେ ସେମାନେ ମୋର ସନ୍ତାନ ଗଣଙ୍କୁ ବହୁ ପୀଡ଼ା ଦେଉଛନ୍ତି ଓ ସେମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ସେମାନେ ଧର୍ମ ଓ ନ୍ୟାୟର ମାର୍ଗର ବିରୁଦ୍ଧାଚରଣ କରୁଛନ୍ତି । ସ୍ତ୍ରୀଙ୍କଠାରୁ ସ୍ୱାମୀଙ୍କୁ ଏବଂ ପିତା ମାତାଙ୍କ ଠାରୁ ସନ୍ତାନମାନଙ୍କୁ ସେମାନେ ବିଚ୍ଛିନ୍ନ କରୁଛନ୍ତି ଓ ଯେଉଁଠାରେ ଦିନେ ପ୍ରବଳ ସ୍ନେହ ଦେଖିବାକୁ ମିଳୁଥିଲା, ସେଠାରେ ଘୃଣାର ମଞ୍ଜି ପୋତା ହେଉଛି ।

"କଳେ, ବଳେ, କୌଶଳେ ଶାସକଗଣ ନର ନାରୀ ମାନଙ୍କ କ୍ଷମତା ଓ ଧନର ପଦଲେହନ କରିବାକୁ ଶିକ୍ଷା ଦେଉଛନ୍ତି । ନୃତ୍ୟ, ମଦ୍ୟପାନ ଓ ବ୍ୟଭିଚାର ଦ୍ୱାରା ସେମାନେ ଅଧର୍ମର ମାର୍ଗ ଅବଲମ୍ବନ କରୁଛନ୍ତି । ସେମାନେ ତୁମକୁ ପରିତ୍ୟାଗ କରି ନିଜର ଶକ୍ତିରେ ଆନନ୍ଦଲାଭ କରୁଛନ୍ତି । ଘରସଂସାର ଭାଙ୍ଗି ଗଲାଣି, ମନ୍ଦିରମାନ ଅପବିତ୍ର ହୋଇଗଲାଣି । ଋଷିମାନଙ୍କୁ ଉପହାସ କରାଯାଉଛି, ସେମାନଙ୍କୁ ମାଡ଼ ମରାହେଉଛି କମ୍ୱା ଶିକୁଳିରେ ବନ୍ଧାଯାଉଛି ।

"ପ୍ରଭୁ, ମୁଁ ଦୁଃଖରେ ନଇଁପଡ଼ିଲିଣି, ହେ କରୁଣାକର, ତୁମ ପ୍ରତିଜ୍ଞା ପାଳନ କରି ମୋତେ ରକ୍ଷା କର ।"

ଏହାପରେ ଭଗବାନ ପୃଥ୍ୱୀମାତାଙ୍କୁ ସ୍ନେହାର୍ଦ୍ର କଣ୍ଠରେ ଏହିପରି କହିଲେ ।

"ଝିଅ, ତୁମେ ଯାହା କହୁଛ, ମୁଁ ଆଗରୁ ଜାଣିଛି । କିଛି ଭୟ କର ନାହିଁ । ମୁଁ ତୁମକୁ ଥରେ ଅଭୟ ଦାନ କରିଛି ଏବଂ ତାହା ସବୁକାଳପାଇଁ । ଯେତେବେଳେ ଧର୍ମର କ୍ଷୟ ହୁଏ, ମୁଁ ଦୁଷ୍କୃତର ବିନାଶ ପାଇଁ ପୃଥିବୀରେ ଜନ୍ମ ପରିଗ୍ରହ କରେ । ମୋର ଭକ୍ତମାନଙ୍କର ବିନାଶ ନାହିଁ ।"

ପୃଥ୍ୱୀମାତା ପୁଣି ପ୍ରାର୍ଥନା କଲେ,

"ହେ ପ୍ରଭୁ, ମୁଁ ନିବେଦନ କରୁଛି<br>ଆଉ ଥରେ ଆସ,<br>ମୋ ସନ୍ତାନମାନଙ୍କୁ ରକ୍ଷା କର ।"

ଭଗବାନ କହିଲେ, "ମୁଁ ନିଶ୍ଚୟ ଯିବି ।"

# ଦେବକୀ ଓ ବସୁଦେବଙ୍କ ବିବାହ

ଗୌରବମୟ ଦ୍ୱାପର ଯୁଗରେ ଯାଦବମାନେ ବ୍ରଜଭୂମି ନାମକ ଯମୁନାର ତୀରର ଉପତ୍ୟକାରେ ବସବାସ କରୁଥିଲେ । ଏହି ଅଞ୍ଚଳ ଫଳପ୍ରଦ ବୃକ୍ଷ, ପୁଷ୍ପିତ ଲତା ଏବଂ ଗୋଚର ଭୂମିରେ ପରିପୂର୍ଣ୍ଣ ଥିଲା । ଯାଦବ ମାନଙ୍କର ଗୋଧନର ବିପୁଳ ଅଭିବୃଦ୍ଧି ହେଉଥିଲା । ଗୋବର୍ଦ୍ଧନ ପର୍ବତ ଏହି ଶସ୍ୟଶ୍ୟାମଳା ଭୂମିର କେନ୍ଦ୍ର ସ୍ୱରୂପ ଥିଲା ଏବଂ ଯାଦବମାନେ ଏହାକୁ ପୂଜା କରୁଥିଲେ ।

କୁକୁର, ଅନ୍ଧକ, ବୃଷ୍ଣି, ସାତ୍ୱତ, ଭୋଜ, ମଧୁ ଓ ଶୂର ଯାଦବ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । ଏହା ମଧ୍ୟ ବୃଷ୍ଣିଗଣ ନାମରେ କଥିତ ହେଉଥିଲା । ସେ ମାନଙ୍କର ସମ୍ବିଧାନ ପ୍ରଜାତାନ୍ତ୍ରିକ ଥିଲା । ଅନ୍ଧକମାନେ ସମସ୍ତଙ୍କଠାରୁ ଅଧିକ ଶକ୍ତିଶାଳୀ ଥିଲେ ଏବଂ

Digitized by srujanika@gmail.com

ସେମାନଙ୍କର ଗଣମୁଖ୍ୟଙ୍କୁ ରଜା ନାମରେ ଡାକୁଥିଲେ ।

ଯାଦବମାନେ ଏକ ସାହସୀ ଓ ଶକ୍ତିଶାଳୀ ଜାତି ଥିଲେ । ପୃଥିବୀର ବିଭିନ୍ନ ଜାତି ମଧ୍ୟରେ ଉଚ୍ଚସ୍ଥାନ ଅଧିକାର କରିଥିବା ଯୋଗୁଁ ସେମାନେ ଗର୍ବ ଅନୁଭବ କରୁଥିଲେ, କାରଣ ସେମାନେ ସ୍ୱୟଂ ସୃଷ୍ଟି-କର୍ତ୍ତା ବ୍ରହ୍ମାଙ୍କ ବଂଶଧର ବୋଲି ଦାବୀ କରୁଥିଲେ ।

ବ୍ରହ୍ମାଙ୍କର ଅତ୍ରି ଓ ଦକ୍ଷ ନାମରେ ଦୁଇ ପୁତ୍ର ଥିଲେ । ଦକ୍ଷଙ୍କର ସନ୍ତାନ ଅଦିତି । ଅଦିତିଙ୍କର ସନ୍ତାନ ବିବସ୍ୱାନ୍ ଓ ବିବସ୍ୱାନ୍‌ଙ୍କର ସନ୍ତାନ ମନୁ । ମନୁଙ୍କର କନ୍ୟା ଇଳା ସୋମଙ୍କୁ ବିବାହ କଲେ ଏବଂ ତାଙ୍କଠାରୁ ଜନ୍ମହେଲେ ପୁରୁରବା । ତାଙ୍କର ଯୌବନ କାଳରେ ଦେବତା ମାନଙ୍କର ପ୍ରିୟ ଅପସରା ଉର୍ବଶୀଙ୍କ ପ୍ରେମରେ ପଡ଼ିଗଲେ ।

ପୁରୁରବାଙ୍କର ଦୁଇ ପୁତ୍ର ଥିଲେ । ଜ୍ୟେଷ୍ଠ ପୁତ୍ର ଆୟୁଙ୍କର ପଞ୍ଚପୁତ୍ର ସେମାନଙ୍କ ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ହେଲେ ନହୁଷ । ନହୁଷଙ୍କର ଜ୍ୟେଷ୍ଠପୁତ୍ର ଯଯାତି । ପୃଥିବୀରେ ପ୍ରଥମେ ହିଁ ଯଯାତି ଚକ୍ରବର୍ତ୍ତୀ ରୂପେ ଶାସନ କରିଥିଲେ । ସେ ଉଭୟ ଦେବତା ଓ ଅସୁରଙ୍କୁ ଜୟ କରିଥିଲେ । ଯଯାତିଙ୍କର ପ୍ରଥମ ସ୍ତ୍ରୀ ଦେବଯାନୀ ସେ ଅସୁରଗୁରୁ ଭର୍ଗବ ଋଷି ଶୁକ୍ରାଚାର୍ଯ୍ୟଙ୍କର କନ୍ୟା । ନିଜର ତପୋବଳରେ ସେ ଦେବତା ମାନଙ୍କର ଶତ୍ରୁ ଧୂଳିସାତ୍ କରିଦେଉଥିଲେ । ଦେବଯାନୀଙ୍କର ଦୁଇପୁତ୍ର ଥିଲେ—ଯଦୁ ଓ ତୁର୍ବସୁ ।

ଯଦୁଙ୍କର ବଂଶଧରମାନେ ଯାଦବ ନାମରେ ଅଭିହିତ ହେଲେ । ଯଦୁଙ୍କର ପୁତ୍ର କୋଷ୍ଟ୍ରୁ । କୋଷ୍ଟ୍ରୁଙ୍କର ପୁତ୍ର ଦେବମିଢୁଷ୍ ଓ ତାଙ୍କର ପୁତ୍ର ଶୂର ।

ଦ୍ୱାପରର ପୂର୍ବବର୍ତ୍ତୀ ତ୍ରେତା ଯୁଗରେ ମଧୁ ନାମକ ଅସୁର ବ୍ରଜଭୂମିର ଅରଣ୍ୟାଞ୍ଚଳରେ ରହୁଥିଲେ । ସେଠାରେ ସେ ଏପରି ପ୍ରତାପୀ ହୋଇଥିଲେ ଯେ, କାଳକ୍ରମେ ତାଙ୍କର ବାସସ୍ଥଳ ମଧୁବନ ନାମରେ ପ୍ରସିଦ୍ଧ ହୋଇଗଲା । ମଧୁ ଅରଣ୍ୟାଞ୍ଚଳକୁ ପରିଷ୍କାର କରି ଯମୁନା କୂଳରେ ଏକ ବସତି ସ୍ଥାପନ କଲେ, ଯାହାକୁ ପରେ ମଥୁରା ବୋଲି କୁହାଗଲା ।

ମଧୁଙ୍କର ପୁତ୍ରମାନେ ପୃଥିବୀରେ ଏତେ ଅତ୍ୟାଚାର କଲେ ଯେ ତାଙ୍କ ନାଁ ଶୁଣିବା ମାତ୍ରେକେ ଲୋକେ ଥରହର ହେଲେ । ସେ ଯୁଗରେ ରାମାବତାର ରୂପୀ ଭଗବାନ ରାମଚନ୍ଦ୍ରଙ୍କର କନିଷ୍ଠ ଭ୍ରାତା ଶତ୍ରୁଘ୍ନ ମଧୁଙ୍କର ମହାବୃଦ୍ଧି ପୁତ୍ରମାନଙ୍କ ବିରୁଦ୍ଧରେ ମଥୁରା ଆକ୍ରମଣ କରି ଏହି ପାପୀ ଜାତିକୁ ଧ୍ୱଂସ ବିଧ୍ୱସ୍ତ କରିଦେଲେ । ସେ ମଧ୍ୟ ଏହି ଉପତ୍ୟକାର କେତେକ ଅରଣ୍ୟାଞ୍ଚଳ ପରିଷ୍କାର କରିଥିଲେ । ତାଙ୍କର ଏବଂ ଇକ୍ଷ୍ୱାକୁ ବଂଶଧରଙ୍କ ଶାସନରେ ମଧୁବନ ଅତ୍ୟନ୍ତ ଐଶ୍ୱର୍ଯ୍ୟଶାଳୀ ହୋଇ ଉଠିଲା ।

ତାପରେ ଶୂର ଖୁବ୍ ପ୍ରତାପୀ ହୋଇ-ଥିଲେ । ତାଙ୍କ ନେତୃତ୍ୱରେ ଯାଦବମାନେ ମଥୁରା ଆକ୍ରମଣ କରି ଶତ୍ରୁଘ୍ନଙ୍କର ବଂଶଧରଙ୍କୁ ଜୟ କଲେ । ସେ ଉପତ୍ୟକାରେ ଯାଦବମାନେ

Digitized by srujanika@gmail.com

ବନ୍ଧୁ ବସତ ସ୍ଥାପନ କଲେ । ସେମାନେ ସ୍ୱର୍ଣ୍ଣ ଶୌର୍ଯ୍ୟ ଓ ଗୋଧନରେ ସମୃଦ୍ଧିଶାଳୀ ହୋଇ ଉଠିଲେ । ଶୂରଙ୍କର ନାମାନୁସାରେ ବ୍ରଜଭୂମି ଶୂରସେନ ନାମରେ କଥିତ ହେଲା ।

ବସୁଦେବ ଶୂରଙ୍କ ବଂଶଧର ଥିଲେ । ଏକ ପୁଣ୍ୟ ମୁହୂର୍ତ୍ତରେ ତାଙ୍କର ଜନ୍ମ ହୋଇଥିଲା ଓ ସେ ସମୟରେ ସ୍ୱର୍ଗରେ ଶଙ୍ଖ ଏବଂ ମର୍ତ୍ତ୍ୟରେ ଦୁନ୍ଦୁଭି ବାଜି ଉଠିଲା ସେଥି-ପାଇଁ ତାଙ୍କୁ ଅଣକ ଦୁନ୍ଦୁଭି ବୋଲି କୁହାଯାଉଥିଲା । ଚନ୍ଦ୍ରଙ୍କ ପରି ସୁନ୍ଦର ଏବଂ ଅନନ୍ତ କାଳ ପାଇଁ ଖ୍ୟାତି ଲାଭ କରିବାକୁ ଯାଉଥିବା ଏହି ନବଜାତ ସନ୍ତାନ ଉପରେ ଦେବତା-ମାନେ ପୁଷ୍ପବୃଷ୍ଟି କଲେ ।

ବସୁଦେବଙ୍କର ପାଞ୍ଚ ଭଉଣୀଙ୍କ ମଧ୍ୟରେ ଜଣେ ହେଉଛନ୍ତି ପୃଥା । କୁନ୍ତୀ ଭୋଜରାଜଙ୍କର ପାଳିତା କନ୍ୟା ଥିଲେ । ପରେ ସେ ପାଣ୍ଡୁଙ୍କର ପତ୍ନୀ ଓ ମହାଭାରତ ଯୁଦ୍ଧର ବିଜେତା ଚିରସ୍ମରଣୀୟ ପଞ୍ଚ ପାଣ୍ଡବଙ୍କ ମଧ୍ୟରୁ ତିନିଜଣଙ୍କର ଜନନୀ ହେଲେ । ବସୁଦେବଙ୍କର ଅନ୍ୟ ଜଣେ ଭଗ୍ନୀ ଚେଦି ରାଜ ପୁତ୍ରଙ୍କ ସହିତ ବିବାହ କରିଥିଲେ ଏବଂ ତାଙ୍କଠାରୁ ଶିଶୁପାଳ ଜନ୍ମଗ୍ରହଣ କଲେ ।

ବସୁଦେବ ଥିଲେ ଶୂରମାନଙ୍କର ଗଣ-ମୁଖ୍ୟ । ତାଙ୍କର ବହୁତ ଗୋଧନ ଥିଲା । କିନ୍ତୁ ପୂର୍ବରୁ କଥିତ ହୋଇଛି ଯେ, ଭୋଜଙ୍କର ଅନ୍ୟ ଜଣେ ପୁତ୍ରଙ୍କ ବଂଶଧର ଅନ୍ଧକମାନେ ପ୍ରବଳ ହୋଇ ଉଠିଲେ । ଅନ୍ଧକମାନଙ୍କର ମୁଖ୍ୟ ବା ରାଜା ଉଗ୍ରସେନଙ୍କର ଆଧିପତ୍ୟ ସ୍ୱୀକାର କରି ବସୁଦେବ ତାଙ୍କର ସାମନ୍ତ ରାଜା ହୋଇଥିଲେ ।

ଉଗ୍ରସେନଙ୍କର ପାଞ୍ଚ ପୁତ୍ର ଓ ନଅ କନ୍ୟା । ତାଙ୍କର ଜ୍ୟେଷ୍ଠପୁତ୍ର ହେଉଛନ୍ତି କଂସ ।

ଉଗ୍ରସେନଙ୍କର ଭ୍ରାତା ଦେବକଙ୍କର ଚାରି ପୁତ୍ର ଓ ସାତ କନ୍ୟା । ସେମାନଙ୍କ ମଧ୍ୟରେ ଦେବକୀ ସବୁଠାରୁ ସୁନ୍ଦରୀ ଥିଲେ ।

ଶୂର ଏବଂ ଅନ୍ଧକମାନଙ୍କ ମଧ୍ୟରେ ବିବାଦ ହେଲା । ସେମାନଙ୍କର ଗୋରକ୍ଷକମାନେ ପରସ୍ପର ସହିତ ଲଢ଼େଇ କରୁଥିଲେ । ଏହି ଦୁଇ ଜାତିର ବୟୋବୃଦ୍ଧ ବ୍ୟକ୍ତିମାନେ ସ୍ଥିର କଲେ ଯେ, ଦେବକୀ ବସୁଦେବଙ୍କ ସହିତ ବିବାହ କଲେ ଉଭୟ ଜାତି ସବୁବେଳେ ଶାନ୍ତିରେ ରହି ପାରିବେ । ରାଜା ଉଗ୍ରସେନଙ୍କର ପ୍ରାସାଦରେ ବିବାହ ଉତ୍ସବ ଅନୁଷ୍ଠିତ ହେଲା ।

ହୋମାଗ୍ନିର ଚତୁର୍ଦ୍ଦିଗରେ ସାତଥର ବସୁଦେବ କନ୍ୟାକୁ ସଙ୍ଗରେ ଧରି ବୁଲିଲେ । ଦେବକୀଙ୍କର ମୁଖମଣ୍ଡଳ ଚନ୍ଦ୍ରପରି ସୁନ୍ଦର ଥିଲା ଓ ସେ ଥିଲେ ଅତୁଳନୀୟ ରୂପବତୀ । ଶଙ୍ଖ, ଭେରୀ, ମାଦଳ ଓ ମୃଦଙ୍ଗର ଧ୍ୱନି ଏହି ମଙ୍ଗଳମୟ ଉତ୍ସବକୁ ପ୍ରତିଧ୍ୱନିତ କଲା । ଯାଦବମାନେ ରୂପ ଓ ଗୁଣରେ ତୁଳନୀୟ ଏପରି ବର କନ୍ୟା ଲାଭ କରି ଆନନ୍ଦିତ ହେଲେ ।

—*—

Digitized by srujanika@gmail.com

# କଂସର କ୍ରୋଧ

ଘୋରତର ଦୁଷ୍ଟ ରାଜନ୍ୟବର୍ଗଙ୍କ ମଧ୍ୟରେ, ରାଜା ଉଗ୍ରସେନଙ୍କ ପୁତ୍ର ଥିଲା ସବୁଠାରୁ ଦୁଷ୍ଟ । ସେ ସାହସୀ, କୌଶଳୀ, ଗର୍ବୀ, ଉଦ୍ଧତ ଓ ପ୍ରତିଶୋଧ ପ୍ରିୟ ଥିଲା, ଶକ୍ତିଶାଳୀ ରାଜାମାନଙ୍କ ସହିତ ମିତ୍ରତା ସୂତ୍ରରେ ଆବଦ୍ଧ ହୋଇ ଶତ୍ରୁ ଓ ମିତ୍ର ଉଭୟଙ୍କ ପକ୍ଷରେ ସେ ଭୟ ଓ ଆତଙ୍କର କାରଣ ହୋଇଥିଲା । ସେ କୌଣସି ଆଇନ, କାନୁନ, ନୀତି ନିୟମ ମାନୁ ନ ଥିଲା—ତାହା ଦୈବୀ ହେଉ ବା ମାନୁଷୀ ହେଉ । ସେ ଜ୍ଞାନୀଙ୍କୁ ବିଦ୍ରୂପ, ସାଧୁଙ୍କୁ ଉପହାସ ଏବଂ ଭଗବତ୍ ପ୍ରେମୀମାନଙ୍କୁ ଘୃଣା କରୁଥିଲା ।

ଦେବକୀ ଓ ବସୁଦେବଙ୍କର ବିବାହ ସମୟରେ ଭକ୍ତମାନଙ୍କ ବିବେକର ପ୍ରଦୀପ ଦେବର୍ଷି ନାରଦ କଂସ ନିକଟରେ ଉପସ୍ଥିତ ହେଲେ । କଂସ ତାଙ୍କୁ ସ୍ୱାଗତ କରିବାକୁ ଯାଇ ତାଙ୍କର ଆଶୀର୍ବାଦ ଭିକ୍ଷା କଲା ।

ଉତ୍ତରରେ ନାରଦ କଂସକୁ ତାର ମନ୍ଦ ଆଚରଣରୁ ନିବୃତ୍ତ ହେବା ପାଇଁ ଉପଦେଶ ଦେଲେ । ସେ କହିଲେ, "ଧର୍ମ ପ୍ରତି ଯାହାର ଅସମ୍ମାନ, ସେ କେବେହେଲେ ସର୍ବ ଶେଷ ବିଜୟର ଅଧିକାରୀ ହୋଇ ପାରିବ ନାହିଁ ।

କଂସ ଅଟ୍ଟହାସ୍ୟ କରି କହିଲା, "ହେ ଦେବର୍ଷି, ନୀତି, ଅନୀତି କେହି ମୋର ପଥରେ ପ୍ରତିବନ୍ଧକ ହୋଇ ପାରିବ ନାହିଁ । ମୋର ଈଶ୍ୱର ଭୟ ନାହିଁ । ଦୁର୍ବଳକୁ ଭୟଭୀତ କରିବା ପାଇଁ ସେ ଏକ କପୋଳ କଳ୍ପିତ ବସ୍ତୁ । ମୁଁ ଦୁର୍ବଳ ନୁହେଁ । ମୋର ଇଚ୍ଛା ହିଁ ମୋର ଧର୍ମ । ମୁଁ ଅନ୍ୟ କିଛି ଗ୍ରହଣ କରେ ନାହିଁ । ପ୍ରତ୍ୟେକଙ୍କୁ ତାହା ମାନିବା ପାଇଁ ମୁଁ ବାଧ୍ୟ କରିବି ।"

ଈଷତ୍ ହାସ୍ୟ ପୂର୍ବକ ଦେବର୍ଷି କହିଲେ, ବତ୍ସ, ଧର୍ମର ନୀତି ଅପରିବର୍ତ୍ତନୀୟ । କେହି ହେଲେ, ଏପରିକି ତୁମେ ମଧ୍ୟ ସେଥିରୁ ରକ୍ଷା ପାଇ ପାରିବ ନାହିଁ । ମନେ ରଖ, ଧର୍ମର ଯେତେବେଳେ କ୍ଷୟ ହୁଏ, ସ୍ୱୟଂ ଭଗବାନ ଧର୍ମର ଅଭ୍ୟୁତ୍ଥାନ ପାଇଁ ଜନ୍ମ ପରିଗ୍ରହଣ କରନ୍ତି ।

କଂସ ଉଦ୍ଧତ ଭାବରେ ହସିଲା ଓ କହିଲା, "ଦେବର୍ଷି, ମନୁଷ୍ୟ କିମ୍ବା ଦେବତା କେହି ହେଲେ ମୋର ପଥରୋଧ କରିବାକୁ ସାହସ କରି ପାରିବ ନାହିଁ ।"

"ତୁମେ ନିଜେ ବିଷୟରେ କ'ଣ ଏତେ ନିଶ୍ଚିତ ? ତାହା ଯଦି ହୋଇଥାଏ, ତା'ହେଲେ ତୁମକୁ କେହି ରକ୍ଷା କରି ପାରିବ ନାହିଁ । ଏହା ହିଁ ଦେବତାମାନଙ୍କର ନିର୍ଦ୍ଦେଶ ।" ଯୁଗ ଯୁଗ ଧରି ବହୁ ଦୁଷ୍ଟ ଲୋକଙ୍କ ଉତ୍ଥାନ ଓ ପତନ ସେ ସ୍ୱଚକ୍ଷୁରେ ଦେଖିଛନ୍ତି । ତେଣୁ ଅବିଚଳିତ ଭାବରେ ସେ ଏହା କହିଲେ ।

କଂସର ସ୍ୱରରେ ଘୃଣା—"ମୋତେ କିଏ ସ୍ପର୍ଶ କରିବା ପାଇଁ ସାହସ କରିବ ?"

ଦେବର୍ଷି ନୀରବରେ କିଛିକ୍ଷଣ ଚିନ୍ତା-ମଗ୍ନ ହେଲେ । ତା ପରେ ସେ କହିଲେ,

Digitized by srujanika@gmail.com

"ହେ ରାଜା, ତୁମେ ନିଜକୁ ଯେତେ ବଳୀ-ୟାନ ବୋଲି ବିଚାର କରୁଥିଲେ ମଧ୍ୟ, ମୁଁ ଜାଣେ ତୁମର ବିନାଶ ହିଁ ଈଶ୍ୱରଙ୍କ ଇଚ୍ଛା । ତୁମର ପିତୃବ୍ୟଙ୍କ କନ୍ୟା ଦେବକୀଙ୍କର ଅଷ୍ଟମ ସନ୍ତାନ ତୁମକୁ ବଧ କରିବ ।" କଂସ ଉତ୍ତର ଦେବା ପୂର୍ବରୁ ଦେବର୍ଷି ଅନ୍ତର୍ହିତ ହୋଇ ଯାଇଥିଲେ ।

ପିତା ଉଗ୍ରସେନ ରାଜା ହୋଇଥିଲେ ମଧ୍ୟ, କଂସ ନିଜେ ମଥୁରା ଶାସନ କରୁଥିଲା । ମଥୁରାର ପ୍ରଜା ଓ ପଡ଼ୋଶୀ ରାଜ୍ୟର ରାଜା ଓ ପ୍ରଜାମାନେ କଂସନାମ ଶୁଣିଲେ ଥରହର ହେଉଥିଲେ, କାରଣ କଂସକୁ ବାଧା ଦେବା ଶକ୍ତି କାହାର ନ ଥିଲା । ତେଣୁ ଦେବର୍ଷିଙ୍କର ଭବିଷ୍ୟତ୍ ବାଣୀ ଶୁଣି ସେ କ୍ରୋଧରେ ଜର୍ଜର ହୋଇ ପଡ଼ିଲା ।

ଦେବର୍ଷି ନାରଦ ଯେତେବେଳେ ଏହି ଭବିଷ୍ୟତ୍ ବାଣୀ ଶୁଣାଇଲେ ସେଠିକ ବେଳେ ହିଁ ଦେବକୀଙ୍କର ବସୁଦେବଙ୍କ ସହିତ ବିବାହ ହେଉଥିଲା । କଂସ ମନେ କଲା, ଆଉ କିଛି ଭବିଷ୍ୟତ୍ ଉପରେ ନ ଛାଡ଼ି ବର୍ତ୍ତମାନ ଦେବକୀଙ୍କୁ ହତ୍ୟାକଲେ ସବୁ ଠିକ୍ ହୋଇ-ଯିବ, କାରଣ ନାରଦଙ୍କ ଭବିଷ୍ୟତ୍ ବାଣୀକୁ ସତ୍ୟ ବୋଲି ପ୍ରମାଣିତ କରିବ ପାଇଁ ଆଉ କୌଣସି ସନ୍ତାନ ଜନ୍ମ ହେବାର ପ୍ରଶ୍ନ ନ ଥିବ ।

କ୍ରୋଧରେ ଆରକ୍ତ ନୟନ କଂସ ପ୍ରାସାଦ ଦ୍ୱାର ମୁଖରେ ପହଞ୍ଚିବା ବେଳକୁ ବିବାହର ଶୋଭାଯାତ୍ରା ଆରମ୍ଭ ହେବାକୁ ଯାଉଚି । ଯେଉଁ ନର ନାରୀ ଗଣ ଆନନ୍ଦ କୋଳାହଳ କରି ଏଥିରେ ଯୋଗ ଦେଇଥିଲେ, ସେମାନେ ମୃତ୍ୟୁର ଦେବତା ଯମପରି ନିଷ୍ଠୁର କଂସକୁ ଆସୁଥିବାର ଦେଖିଲେ । ସେମାନେ ଭୟରେ ସ୍ତମ୍ଭୀଭୂତ ହୋଇ ରହିଗଲେ । ଶଙ୍ଖ ଓ ବାଦ୍ୟ ଧ୍ୱନି ବନ୍ଦ ହୋଇଗଲା ।

ବରକନ୍ୟା ଯେଉଁ ରଥରେ ବସିଥିଲେ, କଂସ ସେହି ରଥ ଆଡ଼କୁ ଦୌଡ଼ିଯାଇ ଦେବକୀଙ୍କ କେଶ ଆକର୍ଷଣ ପୂର୍ବକ ତାଙ୍କୁ ରଥରୁ ଓହ୍ଲାଇ ଦେଲା । ପିତା ଉଗ୍ରସେନ ଓ ଅନ୍ୟ ରାଜକୀୟ ପରିଜନବର୍ଗ ଭୟଭୀତ ହୋଇ ଏହା ଦେଖୁଥାଆନ୍ତି ।

ମାତ୍ର ଅଳ୍ପକ୍ଷଣ ପୂର୍ବରୁ ଯେଉଁ କନ୍ୟା ନବବଧୂ ବେଶରେ ବିଭିନ୍ନ ଅଳଙ୍କାର ପରିଧାନ କରି ସୁନ୍ଦର ଓ ନାନା ଆଶା ଆନନ୍ଦରେ ଉଜ୍ଜ୍ୱଳ ଦେଖା ଯାଉଥିଲେ, ସେ ଏବେ କଂସ ଦ୍ୱାରା ରଥରୁ ଆକ୍ରାନ୍ତ ହୋଇ କଳା ପଡ଼ିଗଲେ ଓ ତାଙ୍କ ମୁହଁରୁ ଭୟାର୍ତ୍ତ ଚିତ୍କାର ଶୁଣାଗଲା ।

ନିଜ ପୁତ୍ରର କ୍ରୂର ସ୍ୱଭାବ ବିଷୟରେ ଅବଗତ ରାଜା ଉଗ୍ରସେନ କଂସର ଏହି ଆଚରଣରେ ଦୁଃଖାଭିଭୂତ ହୋଇ ପଡ଼ିଲେ । ଯାଦବ ରାଜପୁତ୍ର ଯୁବକ ବସୁଦେବ ରଥରୁ ଡେଇଁପଡ଼ି ଖଡ୍ଗ ଉତ୍ତୋଳନ କରିଥିବା କଂସର ହାତକୁ ଧରି ପକାଇଲେ ।

ବସୁଦେବ ପଚାରିଲେ, "ଗୌରବମୟ ଭୋଜବଂଶ ସମ୍ଭୂତ ହୋଇ ହେ ଭଦ୍ର, ସମ୍ଭ୍ରାନ୍ତ ଯୁବରାଜ ! ତୁମେ କ'ଣ କରୁଚ ? ସଦ୍ୟ ବିବାହିତା ତୁମର ଭଗିନୀ ଏହି ନିରପରାଧ ବାଳିକାକୁ ତୁମେ ହତ୍ୟା କରିବାକୁ ଯାଉଚ ?"

Digitized by srujanika@gmail.com

ବସୁଦେବଙ୍କୁ ଠେଲି ଦେବାକୁ ଚେଷ୍ଟା କରି କଂସ ରାଗରେ ଚିତ୍କାର କଲା, "ହଟି ଯାଅ ।"

ରାଜା ଉଗ୍ରସେନଙ୍କ ଭାଇ ଦେବକ କଂସର ପିଠିରେ ହାତ ପକାଇ କହିଲେ, "ପୁଅ, ଦେବକୀକୁ ଛାଡ଼ିଦିଅ । ସେ ତୋର କ'ଣ କ୍ଷତି କରିଛି ? ତାକୁ ଛାଡ଼ିଦିଅ ।"

କଂସ ରାଗରେ ଭୂଇଁରେ ଗୋଡ଼ କଚାଡ଼ି କହିଲା, "ମୁଁ ତାକୁ କେବେହେଲେ ବଞ୍ଚିବାକୁ ଦେବି ନାହିଁ । ତାର ମୃତ୍ୟୁ ନିଶ୍ଚିତ ।"

ବୟସ ଅଳ୍ପ ହେଲେ ମଧ୍ୟ ବସୁଦେବ ଜଣେ ବିଜ୍ଞ ବ୍ୟକ୍ତି ଥିଲେ । କଂସର ବାହୁ-ଛାୟା ତଳେ ସେ ବଞ୍ଚିଛନ୍ତି ଏବଂ ସେ ଜାଣନ୍ତି, ଏହି କ୍ରୁଦ୍ଧ ଯୁବରାଜଙ୍କର ପ୍ରତି-ରୋଧ କରିବା ମୂଲ୍ୟହୀନ । ତେଣୁ ସେ ଯୋଡ଼ହସ୍ତରେ କଂସକୁ କହିଲେ; "ହେ ଭୋଜସତ୍ତମ, ତୁମେ କାହିଁକି ଆତ୍ମପ୍ରତି ଏପରି କ୍ରୁଦ୍ଧ ହେଉଛ ?"

କଂସଙ୍କର ଉତ୍ତରରେ ପଶୁର କ୍ରୂରତା; "ଦେବତାମାନେ ମୋତେ ସତର୍କ ବାଣୀ ଶୁଣାଇ ଦେଇଛନ୍ତି, ଦେବକୀର ଅଷ୍ଟମ ପୁତ୍ର ମୋର ନିଧନକାରୀ ହେବ । ତାହା ଯେପରି ନ ହେବ, ତା'ର ବାଟ ମୁଁ କରିବାକୁ ଯାଉଛି ।"

ବସୁଦେବ ଜାଣିଥିଲେ ଯେ ସେଠାରେ ଜଣେ କେହି ନାହିଁ, ଯେକି କଂସକୁ ତାର କ୍ରୂର ସଂକଳ୍ପରୁ ନିବୃତ୍ତ କରି ପାରିବ । ସେ ପୂର୍ବପରି ଯୋଡ଼ ହସ୍ତରେ କହିଲେ, "ଭଦ୍ରସତ୍ତମ, ଏତିକି ଯଦି ଆପଣ ଚାହାଁନ୍ତି, ତା ହେଲେ ମୁଁ ତାର ଉପାୟ କହୁଛି । ଏହି ନିରୀହା ଯୁବତୀ ଆପଣଙ୍କର ବିପଦର କାରଣ ହେବ ବୋଲି ଦେବତାମାନେ କହି ନାହାନ୍ତି । ତେଣୁ କାହିଁକି ତାଙ୍କୁ ହତ୍ୟା କରିବାକୁ ଯାଉଛ ? ଦୈବବାଣୀ ହେଉଛି ଯେ ତାଙ୍କର ଅଷ୍ଟମ ସନ୍ତାନ ତୁମର ନିଧନକାରୀ ହେବ, ମୁଁ ତୁମର ବିଶ୍ୱସ୍ତ ପରିଜନ, ଆତ୍ମୀୟ; ମୁଁ ପ୍ରତିଜ୍ଞା କରୁଛି ଯେ, ସମସ୍ତ ବିପଦରୁ ତୁମକୁ ରକ୍ଷା କରିବି, ଦେବକୀକୁ ବଞ୍ଚିବାକୁ ଦିଅ । ମୁଁ ପ୍ରତିଜ୍ଞା କରୁଛି ଯେ ଜନ୍ମ ହେବା କ୍ଷଣି ଦେବକୀର ପ୍ରତ୍ୟେକ ପୁତ୍ରକୁ ମୁଁ ତୁମକୁ ନେଇ ଦେଇ ଆସିବି । ତା'ପରେ ତୁମର ଯାହା ଇଚ୍ଛା, ତାହା କରିବ । ଦୈବବାଣୀ କେବେ ସଫଳ ହେବ ନାହିଁ ।"

କଂସ ଭୟଗ୍ରସ୍ତ ପିତା, ପିତୃବ୍ୟ, ଦେବକୀ ଓ ପରିଜନଙ୍କୁ ଲକ୍ଷ୍ୟ କଲା । ସେ ଅନୁଭବ କଲା ଯେ ଅସନ୍ତୁଷ୍ଟ ଯାଦବମାନଙ୍କୁ ନିଜ ବିରୁଦ୍ଧରେ ଡିବାକୁ ଦେବା ଠିକ୍ ହେବ ନାହିଁ । ତେଣୁ ସେ ସ୍ଥିର କଲା, ଦେବକୀ ବଞ୍ଚି ରହିବୁ ।

ସେ କହିଲା, ଗୋଟିଏ ସର୍ତ୍ତରେ ମୁଁ ଦେବକୀକୁ ଛାଡ଼ି ଦେଉଛି । ବିବାହ ଶୋଭା-ଯାତ୍ରା ଗଜରାଜ ପ୍ରାସାଦକୁ ଫିରିବ । ମୋର ବିଶ୍ୱସ୍ତ ଅନୁଚରମାନେ ଦିବାରାତ୍ରି ସେହି ପ୍ରାସାଦରେ ପ୍ରହରୀ ଦେବେ । ବସୁଦେବ ! ତୁମର ପ୍ରତିଜ୍ଞା ତୁମକୁ ରକ୍ଷା କରିବାକୁ ହେବ, ଦେବକୀଙ୍କର ପ୍ରତ୍ୟେକ ସନ୍ତାନ ଜନ୍ମ ହେବା ସଙ୍ଗେ ସଙ୍ଗେ ମୋତେ ଅର୍ପଣ କରିବ । ମନେରଖ, ଏଥିରେ ତୁମର ଯେପରି ତ୍ରୁଟି ନ ଘଟେ । ଯାହା ହେବାର ହେବ, ତୁମର କୌଣସି ସନ୍ତାନକୁ ମୁଁ ବଞ୍ଚିବାକୁ ଦେବି ନାହିଁ ।"

Digitized by srujanika@gmail.com

# ଅଶୀତିଅନ୍ତର ଜୀବନ ସ୍ମୃତି

୩୦



## କଲିକତାରେ କଲେଜ ଜୀବନ

--ଡ଼କ୍ଟର ପ୍ରାଣକୃଷ୍ଣ ପରିଜା

ବର୍ତ୍ତମାନ ପୁଣି କଲିକତା କଥା କହିବା । ଇଡ଼େନ୍ ହିନ୍ଦୁ ହଷ୍ଟେଲ୍‌ରେ କେବଳ ଯେ ବହୁ ସଂଖ୍ୟକ ଓଡ଼ିଆ ଛାତ୍ର ରହୁଥିଲେ ତାହା ନୁହେଁ, ୯ ନଂ, ପଞ୍ଚାନନ ଘୋଷ ଲେନ୍‌ରେ ମଧ୍ୟ ଓଡ଼ିଶାର ବହୁ ଖ୍ୟାତକୋତ୍ତର ଛାତ୍ର ରହୁଥିଲେ । ସେଠାରେ ରହୁଥିବା କେତେକ ବିଖ୍ୟାତ ଲୋକଙ୍କର ନାମ ମୋର ମନେ ପଡ଼ୁଛି । କବି ପଦ୍ମଚରଣ ପଟ୍ଟନାୟକ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ଅଧ୍ୟାପକ କୃତ୍ତିବାସ ସାମନ୍ତରାୟଙ୍କର ନାମ ଉଲ୍ଲେଖ ଯୋଗ୍ୟ ।

### ଅଙ୍କ-ଶାସ୍ତ୍ର ଅଧ୍ୟୟନ

ବର୍ତ୍ତମାନ ଆମ କଲେଜ ବିଷୟରେ କିଛି କହିବା ଆବଶ୍ୟକ ବୋଲି ମନେକରୁଛି । ମୁଁ ମୋର ବି. ଏସ୍. ସି. ପାଠ୍ୟକ୍ରମ ପଦାର୍ଥ ବିଜ୍ଞାନ, ରସାୟନ ଶାସ୍ତ୍ର ଓ ଅଙ୍କ ଶାସ୍ତ୍ର ନେଇଥିଲି । ମୋର ଉଦ୍ଭିଦ ବିଜ୍ଞାନ ନେବାପାଇଁ ଖୁବ୍ ଇଚ୍ଛା ଥିଲେ ମଧ୍ୟ ସେ କାଳରେ କଲିକତା ବିଶ୍ୱବିଦ୍ୟାଳୟରେ କିମ୍ବା ପ୍ରେସିଡେନ୍‌ସି କଲେଜରେ ଉଦ୍ଭିଦ ବିଜ୍ଞାନ ଶ୍ରେଣୀ ନଥିଲା । ଯଦି କେହି ଉଦ୍ଭିଦ ବିଜ୍ଞାନ ଅଧ୍ୟୟନ କରିବାକୁ ଚାହୁଁଥିଲା, ତା'ହେଲେ ବଙ୍ଗବାସୀ କଲେଜରେ ଥିବା ଏହି ଶ୍ରେଣୀ

Digitized by srujanika@gmail.com

ମାନଙ୍କରେ ଯୋଗଦେବା ଦେଶ୍କୋର ପଡ଼ୁ-ଥିଲା । ଅର୍ଥିକ କାରଣରୁ ମୋ ପକ୍ଷରେ ଏହା ସମ୍ଭବପର ନଥିଲା । ବୃତ୍ତିଗତ ଚାକିରିର ସୁବିଧା ଦୃଷ୍ଟିରୁ ମୁଁ ଅଙ୍କ ଶାସ୍ତ୍ରକୁ ବାଛିନେଇ ସେଥିରେ ଅନର୍ସ ନେଲି । ସେ ସମୟରେ ପଦାର୍ଥ-ବିଜ୍ଞାନ ଓ ପ୍ରାଣୀ-ବିଜ୍ଞାନ ଏତେ ବ୍ୟାପକ ଭାବରେ ପଢ଼ା ଯାଉ ନ ଥିଲା । କଣେଙ୍କର ଅଙ୍କ ଶାସ୍ତ୍ରରେ ଜ୍ଞାନ ଥିଲେ ସେ ଅନ୍ତତଃ ଜଣେ ସ୍କୁଲ ଶିକ୍ଷକ ହୋଇ ପାରୁ-ଥିଲା । ଅନର୍ସ ଶ୍ରେଣୀରେ ମୋ ସାଙ୍ଗରେ ଯେଉଁମାନେ ପଢ଼ୁଥିଲେ ସେମାନଙ୍କ ମଧ୍ୟରୁ କେତେକ ହେଲେ—ବର୍ତ୍ତମାନ ଜାତୀୟ ଅଧ୍ୟାପକ ଥିବା ଶ୍ରୀ ସତ୍ୟେନ୍ଦ୍ରନାଥ ବୋଷ ଏବଂ ବିଖ୍ୟାତ ପଦାର୍ଥ-ବିଜ୍ଞାନବିତ୍ ଡକ୍ଟର ମେଘନାଦ ସାହା, କଲିକତା ବିଶ୍ୱବିଦ୍ୟା-ଳୟର ଅଙ୍କ ଶାସ୍ତ୍ର ଅଧ୍ୟାପକ ନିଖିଳ ରଞ୍ଜନ ସେନ, ବିହାରର ଓ୍ୱାଜିଦ୍ ହୁସେନ ଯେକି ଅଇ. ସି. ଏସ୍. ହୋଇ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ହୋଇଥିଲେ । ଆମର ଅଧ୍ୟାପକଗଣ ହେଉଛନ୍ତି, ଡକ୍ଟର କଲିସ , ଡକ୍ଟର ଡ଼. ଏନ୍. ମଲ୍ଲିକ, ଶ୍ରୀ ବଙ୍କିମ ଦାସ ବାନର୍ଜୀ ଏବଂ ଶ୍ରୀ ଏଚ୍. ସି. ସେନ-ଗୁପ୍ତ ।

## ବାଇଜୀ ଓ ସୁଧାଂଶୁ ବଦନ

ଡକ୍ଟର କଲିସ୍ ଗମ୍ଭୀର, ନିଷ୍ଠାପର ଶିକ୍ଷକ ଥିଲେ ଯେ କି ନିଜ ବିଷୟର ବାହାରକୁ ଯାଉ ନଥିଲେ । କିନ୍ତୁ ଡକ୍ଟର ଡ଼ି. ଏନ୍. ମଲ୍ଲିକ ଅନ୍ୟ ଧରଣର ଥିଲେ । ତାଙ୍କର ଗାମ୍ଭୀର୍ଯ୍ୟପୂର୍ଣ୍ଣ ଆବରଣ ତଳେ ଏକ ରସିକତାପୂର୍ଣ୍ଣ ମନୋଭାବ ଲୁକ୍କାୟିତ ଥିଲା । ଆମର ଜଣେ ସହପାଠୀର ନାମ ଥିଲା, ସୁଧାଂଶୁ ବଦନ । କିନ୍ତୁ ତା'ର ଚେହେରା ନାମର ଯଥାର୍ଥତା ପ୍ରତିପାଦନ କରୁ ନଥିଲା । ଦିନେ ଉପସ୍ଥାନ ଗ୍ରହଣ ସମୟରେ ଡକ୍ଟର ମଲ୍ଲିକ ତା'ର ନାମକୁ ଡାକିଦେଇ ସଙ୍ଗେ ସଙ୍ଗେ ମନ୍ତବ୍ୟ କଲେ, ବାପ ମା'ମାନେ ତାଙ୍କ ପିଲାମାନଙ୍କ ବିଷୟରେ ଖୁବ୍ ଅତିରଞ୍ଜିତ ମନୋଭାବ ପୋଷଣ କରନ୍ତି । ବେଳେ ବେଳେ ବ୍ଲାକ ବୋର୍ଡରେ ଇଂରେଜୀରେ "By G" ଲେଖିଲା ବେଳେ ସେ ଏପରି ଉଚ୍ଚାରଣ କରନ୍ତି ଯେ ଯାହା "ବାଇଜୀ" ବୋଲି ଶୁଣାଯାଏ । ଆମର ସବୁ ଶିକ୍ଷକଙ୍କୁ ଆମେ ଯଥେଷ୍ଟ ଶ୍ରଦ୍ଧା କରୁଥିଲୁ ଓ ସମ୍ମାନ ଦେଉଥିଲୁ । ଅଧ୍ୟାପକ ସେନଗୁପ୍ତଙ୍କର ଡାକନାମ ଥିଲା 'ଓମେଗା' । କାରଣ ଏହି ଶବ୍ଦଟିକୁ ସେ ଏକ ବିଚିତ୍ର ଭଙ୍ଗୀରେ ଉଚ୍ଚାରଣ କରୁଥିଲେ । ପାଶ୍ ପାଠ୍ୟରେ ମୋର ପଦାର୍ଥ-ବିଜ୍ଞାନ ଓ ରସାୟନ ଶାସ୍ତ୍ର ଥିଲା । ପଦାର୍ଥ ବିଜ୍ଞାନରେ ଆମର ଶିକ୍ଷକ-ମାନେ ହେଲେ ଅଧ୍ୟାପକ ପିକ୍, ଅଧ୍ୟାପକ ହେଣ୍ଡରସନ୍ ଏବଂ ଆଚାର୍ଯ୍ୟ ଜଗଦୀଶଚନ୍ଦ୍ର ବୋଷ । ଏ ସମସ୍ତଙ୍କ ମଧ୍ୟରେ ଆଚାର୍ଯ୍ୟ ଜଗଦୀଶଙ୍କର ପ୍ରଭାବ ଛାତ୍ରମାନଙ୍କ ଉପରେ ସବୁଠାରୁ ବେଶୀ ପଡ଼ୁଥିଲା । ସେ ଘଣ୍ଟା କଣ୍ଟାପରି ନିୟମିତ ଥିଲେ । ଡିମନ୍‌ଷ୍ଟ୍ରେଟର୍ ଉପସ୍ଥାନ ପକାଉଥିଲେ । ଆଚାର୍ଯ୍ୟ ଜଗଦୀଶ ଲେକ୍‌ଚର ଥିଏଟରରେ ସିଧା ପ୍ରବେଶ କରି ଭାଷଣ ଆରମ୍ଭ କରୁଥିଲେ ଏବଂ ଠିକ୍ ସମୟରେ ଭାଷଣ ଶେଷ କରି ଯାଉଥିଲେ ।

Digitized by srujanika@gmail.com

ଡ଼ିମନ୍‌ଷ୍ଟ୍ରେଟର୍ ପୂର୍ବରୁ ଡ଼ିମନ୍‌ଷ୍ଟ୍ରେସନ୍ ପାଇଁ ସମସ୍ତ ସପରୀକ୍ଷଣ ସଜ୍ଜା ପ୍ରସ୍ତୁତକରି ରଖୁଥିଲେ ।

## ଆଚାର୍ଯ୍ୟ ଜଗଦୀଶ ଓ ପ୍ରଫୁଲ୍ଲଚନ୍ଦ୍ର

ରସାୟନ ଶାସ୍ତ୍ରରେ ଆମର ଅଧ୍ୟାପକ ଥିଲେ ଡକ୍‌ଟର ପି. ସି. ରାୟ (ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର), ଅଧ୍ୟାପକ ଚନ୍ଦ୍ର ଭୂଷଣ ଭାଦୁଡ଼ି ଓ ଅଧ୍ୟାପକ ଜ୍ୟୋତିଭୂଷଣ ଭାଦୁଡ଼ି । ଏମାନେ ମିଶି ବେଙ୍ଗଲ୍ କେମିକାଲ୍ କାରଖାନାର ସ୍ଥାପନ ଓ ଉନ୍ନତି ସାଧନ କରିଥିଲେ । ସେମାନେ ଆଦର୍ଶ ସ୍ଥାନୀୟ ଶିକ୍ଷକ ଥିଲେ । ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ରଙ୍କ ଠାରୁ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଥିଲେ ଭିନ୍ନ ଧରଣର ଶିକ୍ଷକ । ଆଚାର୍ଯ୍ୟ ଜଗଦୀଶ ତାଙ୍କ ବକ୍ତବ୍ୟ ବିଷୟରୁ ଟିକିଏ ହେଲେ ଏପାଖ ସେପାଖ ହେଉ ନଥିଲେ । କିନ୍ତୁ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଛାତ୍ରମାନଙ୍କ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟି କୋଣର ବିକାଶ ପାଇଁ ଭାରତୀୟ ସଂସ୍କୃତିରୁ ବହୁ ବୌଦ୍ଧିକ ଓ ସାମାଜିକ ବିଷୟ ବସ୍ତୁର ଅବତାରଣା କରୁଥିଲେ । ମୋର ଗୋଟିଏ ଘଟଣା ମନେ ପଡ଼ୁଛି । ମଧ୍ୟଯୁଗୀୟ ଭାରତ ବର୍ଷରେ ତର୍କ ଉପରେ କିପରି ଅନାବଶ୍ୟକ ଗୁରୁତ୍ୱ ଦିଆଯାଇ ବିଜ୍ଞାନର କ୍ଷତି ସାଧନ କରାଯାଉଥିଲା । ତାର ଏକ ସୁନ୍ଦର ଉଦାହରଣ ସେ ଦେଉଥିଲେ । ସେ କହୁଥିଲେ, ଏହିପରି ମୁକ୍ତି କରି ଆମର ସମୟ ଓ ଶକ୍ତିର ଅପଚୟ ଘଟେ । ଯଥା—

"ତାଲ୍ ପଡ଼ିୟା ଢିପ୍ କରେ, ନା ଢିପ୍ କରିୟା ତାଲ୍ ପଡ଼େ" ଅର୍ଥାତ୍ ତାଳ ପଡ଼ିଲେ ଢୋ କରି ଶବ୍ଦ ହୁଏ ନା ଢୋ କରି ଶବ୍ଦ ହେଲେ ତାଳ ପଡ଼େ । ଏହି ସବୁ ଛୋଟ ଛୋଟ ଉଦାହରଣ ଦ୍ୱାରା ତାଙ୍କର ବକ୍ତୃତାମାନ ଭରି ସରସ ହେଉଥିଲା ।

ବିଭିନ୍ନ ରାସାୟନିକ ଦ୍ରବ୍ୟର ଉତ୍ପାଦନ ବିଷୟରେ ଚନ୍ଦ୍ରଭୂଷଣ ବାବୁ ଖୁବ୍ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଉଥିଲେ । ବେଙ୍ଗଲ୍ କେମିକାଲ୍ ସମ୍ପର୍କରେ ଆସି ସେ ଯେଉଁ ଜ୍ଞାନ ଓ ଅଭିଜ୍ଞତା ଆହରଣ କରିପାରିଥିଲେ । ଏହିପରି ବାତାବରଣରେ ଆମେ ଆମର ବି. ଏସ୍. ସି. ପାଠ୍ୟକ୍ରମ ଶେଷ କରି ୧୯୧୩ ମସିହାରେ ପରୀକ୍ଷା ଦେଲି ।

## ବିହାର ଓ ଓଡ଼ିଶା

ଏହି କାଳର ଏକ ବିଶିଷ୍ଟ ରାଜନୈତିକ ଘଟଣା ହେଉଛି, ବଙ୍ଗ ଭଙ୍ଗ ସିଦ୍ଧାନ୍ତ ରଦ୍ଦ ହେବା ଏବଂ ବିହାର ଓ ଓଡ଼ିଶା ଏବଂ ଆସାମ ପ୍ରଦେଶର ସୃଷ୍ଟି ହେବା । ମୋର ମନେ ଅଛି ସୁରେନ୍ଦ୍ରନାଥ ବାନାର୍ଜୀ କଲେଜ ସ୍କ୍ୱାୟାର୍‌ରେ ଏକ ଭାଷଣ ଦେଇଥିଲେ । ତାଙ୍କ ଭାଷଣ ଆରମ୍ଭରେ ଗୁରୁଗମ୍ଭୀର ସ୍ୱରରେ ସେ ଯେଉଁ ପ୍ରଥମ ବାକ୍ୟଟି କହିଥିଲେ ତାହା ହେଉଛି, "ବଙ୍ଗ ଭଙ୍ଗ ରଦ୍ଦ ହୋଇଛି ।" ଇଡ଼େନ୍ ହିନ୍ଦୁ ହଷ୍ଟେଲ୍ ସମେତ ଚାରିଆଡ଼େ ଆନନ୍ଦ ଉଚ୍ଛ୍ୱାସ ଖେଳିଗଲା । କାରଣ ବଙ୍ଗଦେଶ ପକ୍ଷରେ ଏହା ଥିଲା ଏକ ପ୍ରଧାନ ରାଜନୈତିକ ଘଟଣା । କିନ୍ତୁ ସେତେବେଳେ ଏ ଧାରଣା କେହି

Digitized by srujanika@gmail.com

କରି ନଥିଲେ ଯେ ଯେଉଁ ଦେଶ ବିଶ୍ୱରେ ମନ୍ତ୍ରି ପୋଗ ହେଲା, ତାହା ପରବର୍ତ୍ତୀ କାଳରେ ଭାରତ ବର୍ଷକୁ ବିଖଣ୍ଡିତ କରିବ । ବିହାରୀ ଓ ଓଡ଼ିଆମାନଙ୍କ ପାଇଁ ବିହାର ଓ ଓଡ଼ିଶା ପ୍ରଦେଶର ସୃଷ୍ଟି ତାତ୍ପର୍ଯ୍ୟପୂର୍ଣ୍ଣ । ଆମର କେତେଜଣ ବଙ୍ଗାଳୀ ସହପାଠୀ ଅସନ୍ତୁଷ୍ଟ ସହାନୁଭୂତିଶୀଳ ବୋଲି ଦେଖାଇ ହେଲେ । ଜଣେ ବନ୍ଧୁଙ୍କର ମନ୍ତବ୍ୟ ମୋର ମନେ ଅଛି—"ଓଡ଼ିଶା କି ଦୋଷ କରିଥିଲା ଯେ ତାକୁ ଏପରି ଦଣ୍ଡିତ କରାଗଲା ।" ଯାହା ହେଉ ଆମେ ଏହି ନୂଆ ପ୍ରଦେଶ ସୃଷ୍ଟିରେ ଆଶାବାନ୍ ହୋଇଥିଲୁ ।

ୱାଇ. ଏମ୍. ସି. ଏ ହଲ୍‌ରେ ସାଧାରଣ ସଭା ଓ ବକ୍ତୃତାମାନଙ୍କରେ ଯୋଗ ଦେବା ମୋର ଏକ ଅଭ୍ୟାସ ଥିଲା । ଏଉ ମଧ୍ୟ କଲେଜ ସ୍କୋୟାରରେ ସଭା ହେଲେ ଯାଉଥିଲି । ଥରେ ଗୋପାଳ କୃଷ୍ଣ ଗୋଖଲେଙ୍କ ଭାଷଣ ଶୁଣିବା ପାଇଁ ମୁଁ କଲେଜ ସ୍କୋୟାରକୁ ଯାଇଥିଲି । ସୁରେନ୍ଦ୍ରନାଥ ବାନର୍ଜୀଙ୍କଠାରୁ ତାଙ୍କର ବକ୍ତୃତା ଭିନ୍ନ ଧରଣର ଥିଲା । ସେ ଧୀର ସ୍ୱରରେ କହୁଥିଲେ ଏବଂ ସମସ୍ତ କଥା ଯୁକ୍ତି ଦ୍ୱାରା ପ୍ରତିପାଦିତ କରିବା ପାଇଁ ଚେଷ୍ଟା କରୁଥିଲେ । ସୁରେନ୍ଦ୍ରନାଥ ଗୁରୁଗମ୍ଭୀର ସ୍ୱରରେ ଲୋକଙ୍କୁ ଓ ଶ୍ରୋତା ବର୍ଗଙ୍କୁ ମନ୍ତ୍ରବତ ମୁଗ୍ଧିତ କରି ରଖୁଥିଲେ ।

୧୯୧୩ ମସିହାରେ ମୁଁ ବି. ଏସ୍‌ସି ଅନର୍ସ ପରୀକ୍ଷା ଦେଇ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି ଏବଂ ସେହି ବର୍ଷ ଏମ୍.ଏସ୍‌ସି ଶ୍ରେଣୀରେ ଯୋଗ ଦେଲି । ସେ କାଳରେ କଟକରେ ଓଡ଼ିଆ ପିପଲ୍‌ସ୍ ଆସୋସିଏସନ୍ ନାମରେ ଏକ ସଂସ୍ଥା ଥିଲା । ସାହିତ୍ୟିକ ଓ ଆଇନଜୀବୀ ରାୟବାହାଦୂର ଭିକାରୀ ଚରଣ ପଟ୍ଟନାୟକ ଏହାର ସେକ୍ରେଟାରୀ ଥିଲେ । ଏହି ଆସୋସିଏସନ୍ ଜରିଆରେ ସ୍ନାତକୋତ୍ତର ବୃତ୍ତି ପାଇଁ ମୁଁ ବିହାର ଓ ଓଡ଼ିଶା ସରକାରଙ୍କୁ ଦରଖାସ୍ତ କଲି ଏବଂ ମାସିକ ୨୦ ଟଙ୍କାର ବୃତ୍ତି ଲାଭକଲି ।

## ମାନମନ୍ଦିରରେ ସହକାରୀ

ପ୍ରେସିଡେନସି କଲେଜର ଗୋଟିଏ ମାନମନ୍ଦିର ଥିଲା । ଅଙ୍କଶାସ୍ତ୍ର ଅଧ୍ୟାପକ ଏହି ମାନମନ୍ଦିରର ଦାୟିତ୍ୱରେ ଥିଲେ । ମାନମନ୍ଦିରରେ ପୁରା ସମୟ ପାଇଁ ଜଣେ କର୍ମଚାରୀ ନିଯୁକ୍ତ ହୋଇଥାନ୍ତି । ଏବଂ ଉପାଧ୍ୟାୟଙ୍କର ଅଙ୍କଶାସ୍ତ୍ର ଶ୍ରେଣୀରୁ ଦୁଇଜଣ ଛାତ୍ର ସହକାରୀ ରୂପେ ବଛାଯାଉଥିଲେ । ମୁଁ ଯେତେବେଳେ ଉପାଧ୍ୟାୟଙ୍କର ଶ୍ରେଣୀରେ ଯୋଗ ଦେଲି ସେତେବେଳେ ଜଣେ ଛାତ୍ର ସହକାରୀ ଦରକାର ହେଉଥିଲେ । ମୁଁ ଆମର ଅଧ୍ୟାପକ ଡକ୍‌ଟର କଲିସ୍‌ଙ୍କ ପାଖକୁ ଯାଇ ଏଥିପାଇଁ ଆବେଦନ କଲି ଏବଂ ସେ ମତେ ଏଥିପାଇଁ ବାଛିଲେ । ଏଥିପାଇଁ ମାସିକ ଭତ୍ତା ମିଳେ ୨୦ ଟଙ୍କା । କାମ କରିବାର ସମୟ ହେଉଛି ସନ୍ଧ୍ୟା ୭ଟାରୁ ୯ଟା ଏବଂ ସପ୍ତାହରେ ରବିବାରକୁ ଛାଡ଼ିଦେଇ ଛ'ଦିନ । ଛାତ୍ର ଏବଂ ସାଧାରଣ ଲୋକେ ଏହି ମାନମନ୍ଦିରକୁ ନକ୍ଷତ୍ର ଏବଂ ଅନ୍ୟାନ୍ୟ ଜ୍ୟୋତିଷ୍କମାନଙ୍କୁ ଦୂରବୀକ୍ଷଣ ଯନ୍ତ୍ର

Digitized by srujanika@gmail.com

ସାହାଯ୍ୟରେ ଦେଖିବା ପାଇଁ ଆସନ୍ତି ଏବଂ ଛାତ୍ର ସହକାରୀମାନଙ୍କର କର୍ତ୍ତବ୍ୟ ହେଉଛି ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ସେମାନଙ୍କୁ ଦେଖାଇବାରେ ସାହାଯ୍ୟ କରିବା ଏବଂ ରଖା ଯାଇଥିବା ଅନ୍ୟାନ୍ୟ ଯନ୍ତ୍ରମାନଙ୍କ ସମ୍ପର୍କରେ ବୁଝାଇବା । ଶ୍ରୀ ବିଭୂତିଭୂଷଣ ଦାସ ମୋର ଅନ୍ୟ ସହକାରୀ ଥିଲେ ଏବଂ ସେ ଅଙ୍କ ଶାସ୍ତ୍ରରେ ଏମ୍. ଏସ୍‌ସି ଶେଷ ବର୍ଷରେ ଅଧ୍ୟୟନ କରୁଥିଲେ । ତାଙ୍କ ଘର ଚଟ୍ଟଗ୍ରାମରେ ଓ ତାଙ୍କର ବଡ ଭାଇ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଥିଲେ । ତାଙ୍କର ଜଣେ ସାନ ଭାଇ ଆଇ. ସି. ଏସ୍ ହୋଇଥିଲେ ଏବଂ ପରେ କୌଣସି ଇଉରୋପୀୟ ଦେଶରେ ଭାରତର ରାଷ୍ଟ୍ରଦୂତ ରୂପେ ନିଯୁକ୍ତ ପାଇଥିଲେ । ବିଭୂତି ବାବୁ ଜଣେ ସରଳ ବନ୍ଧୁ ଭାବାପନ୍ନ ଲୋକ ଥିଲେ । ଆମେ ଦୁଇଜଣ ଖୁବ୍ ବନ୍ଧୁ ହୋଇଗଲୁ । ସେ ଏମ୍. ଏସ୍. ସି. ପାଶ୍ କରି କଲିକତା ବିଶ୍ୱବିଦ୍ୟାଳୟରେ ଅଙ୍କଶାସ୍ତ୍ରରେ ଜଣେ ଲେକ୍‌ଚରର ରୂପେ ନିର୍ଯୁକ୍ତ ହେଲେ । ପରେ ମୁଁ କେମ୍ବ୍ରିଜ୍‌ରେ ଥିଲାବେଳେ ଶୁଣିଲି ଯେ ସେ ସନ୍ନ୍ୟାସୀ ହୋଇ ଯାଇଥିଲେ ଏବଂ ପୁଷ୍କର ହ୍ରଦ (ଅଜମୀର ନିକଟବର୍ତ୍ତୀ) ନିକଟରେ ତୀର୍ଥ ବାସ କରୁଥିଲେ । ୧୯୬୧ ମସିହାରେ ମୁଁ ଯେତେବେଳେ ଭାରତକୁ ଫେରି ଆସିଲି, କୌଣସି ଏକ କାର୍ଯ୍ୟରେ ଲକ୍ଷ୍ନୌ ଯାଇଥିଲି ଏବଂ ଅପ୍ରତ୍ୟାଶିତ ଭାବରେ ସେଠାରେ ବିଭୂତି ବାବୁଙ୍କ ସହିତ ମୋର ଦେଖାହେଲା । ତାଙ୍କର ଜଣେ ଅନୁରକ୍ତ ଛାତ୍ର ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରୀ ତ୍ରିପାଠୀଙ୍କ ନିମନ୍ତ୍ରଣ କ୍ରମେ ସେ ଲକ୍ଷ୍ନୌ ଆସିଥିଲେ । ଜଣେ ପୁରାତନ ବନ୍ଧୁଙ୍କ ସହିତ ଏତେଦିନ ପରେ ସାକ୍ଷାତ ହେବାର ଆନନ୍ଦ ବୁଝାଯାଇ ପାରିବ ନାହିଁ । ପ୍ରେସିଡେନ୍‌ସି କଲେଜର ପୁରୁଣା ଦିନ ଓ ତତ୍ ସମ୍ପର୍କରେ ଆମେ ବହୁତ ସମୟ କଥାବାର୍ତ୍ତା ହେଲୁ ଏବଂ ମୁଁ ତାଙ୍କୁ ଆର୍ଥିକ ଦିଗରୁ ବା ଅନ୍ୟ କୌଣସି ଦିଗରୁ କପରି ସାହାଯ୍ୟ କରିପାରେ ବୋଲି ପଚାରିଲି । ସେ ଜଣେ ସଚ୍ଚା ସନ୍ନ୍ୟାସୀ ଥିଲେ । ତେଣୁ କୌଣସି ସାହାଯ୍ୟ ଗ୍ରହଣ କରିବା ପାଇଁ ମନାକରି ଦେଲେ । ତାଙ୍କ ସହିତ ଆଉ ମୋର ସାକ୍ଷାତ ହୋଇନାହିଁ । ସେ ଅଛନ୍ତି କି ମଲେଣି ମୁଁ କହି ପାରିବି ନାହିଁ ।

ବର୍ତ୍ତମାନ ପାର୍ଥିବ ବିଷୟର ଆଲୋଚନା କରୁଛି । ସରକାରୀ ବୃତ୍ତି ଏବଂ ପ୍ରେସିଡେନ୍‌ସି କଲେଜ ମାନମନ୍ଦିରର ସହକାରୀ ଭାବରେ ମୋର ଉଭୟ ମିଶି ମାସକୁ ୪୦ ଟଙ୍କା ହେଉଥିଲା । ତେଣୁ ଶ୍ରୀ କାନୁନ୍‌ଗୋ ଓ ଶ୍ରୀ ଧରଙ୍କ ଠାରୁ ମୁଁ ଯେଉଁ ସାହାଯ୍ୟ ନେଉଥିଲି ତାହା ଆଉ ନେଲି ନାହିଁ ।

## ଟିଉସନ୍ଦ୍ୱାରା ଅର୍ଥୋପାର୍ଜନ

ଇଡେନ୍ ହିନ୍ଦୁ ହଷ୍ଟେଲରେ ରମେଶଚନ୍ଦ୍ର ପ୍ରଧାନ ନାମରେ ଓଡ଼ିଶାରୁ ନୂଆ ହୋଇ ଆସି ଜଣେ ଛାତ୍ର ରହୁଥିଲେ । ଅଙ୍କ ବିଷୟରେ ତାଙ୍କର ସାହାଯ୍ୟ ଦରକାର ହେଲା । ମାସିକ ୨୦ ଟଙ୍କାରେ ମୁଁ ସେ ଦାୟିତ୍ୱ ଗ୍ରହଣ କଲି । ଏହିପରି ଭାବରେ

Digitized by srujanika@gmail.com

ଟଙ୍କୋଟି ସୂତ୍ରରୁ ମାସକୁ ୭୦ ଟଙ୍କା ପାଇ ମୁଁ ବେଶ୍ ଭଲ ଭାବରେ ରହିଲି ଏବଂ ସ୍କୁଲରେ ପଢ଼ୁଥିବା ମୋର ଜଣେ ଅଭାବ-ଗ୍ରସ୍ତ ଭାଇ ଦାଦାପୁଅଙ୍କୁ କିଛି ସାହାଯ୍ୟ କରି ପାରିଲି । ହିନ୍ଦୁ ହଷ୍ଟେଲରର ଆଉ ଏକ ଘଟଣା ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ । ମୁଁ ପୂର୍ବରୁ କହିଛି ଯେ ବାଲେଶ୍ୱରର ଦେବେନ୍ଦ୍ରନାଥ ଗିରି ନାମରେ ଆମର ଜଣେ ସମସାମୟିକ ଛାତ୍ର ଥିଲେ । ସେ ଦେଖିଲେ ମୋର କୌଣସି ପଶମ, ରେଶମ ବା ଏଣ୍ଡିର ଗରମ ଚାଦର ନ ଥିଲା । ମୋଟା ସୂତା ଚାଦରରେ ଚଳାଯାଉଥିଲା ଏବଂ କିଛି ଗରମ ଲୁଗା ଦରକାର ହେଉ ନଥିଲା । ଦିନେ କଲେଜରୁ ଫେରିବା ବେଳେ ଦେବେନ୍ଦ୍ର ବାବୁ ଗୋଟିଏ ସରୁ ଖଣ୍ଡେ ଏଣ୍ଡି ଚାଦର ମୋ ଖଟ ଉପରେ ରଖି ଦେଇ ଯାଇଛନ୍ତି । ମୁଁ ଚାଦରଟି ନେଇ ତାଙ୍କ ପାଖକୁ ଗଲି ଏବଂ ଫେରାଇ ନେବା ପାଇଁ କହିଲି । କିନ୍ତୁ ସେ ଏତେ ଜିଦ୍ କଲେ ଯେ ବାଧ ହୋଇ ଧନ୍ୟବାଦ ସହ ତାହା ଗ୍ରହଣ କଲି । ପୂର୍ବରୁ କୁହାଯାଇଛି ଦେବେନ୍ଦ୍ର ବାବୁ ଜଣେ ଆଇନଜୀବୀ ହୋଇଥିଲେ ଏବଂ ଭାରତୀୟ ଭେଷଜ ଜଡ଼ିବୁଟିମାନଙ୍କ ସମ୍ପର୍କରେ ଖୁବ୍ ଆଗ୍ରହୀ ଥିଲେ ।

ଏମ୍. ଏସ୍‌ସି ପଢ଼ୁଥିବା ବେଳେ ଗୋପବାବୁ (ଗୋପବନ୍ଧୁ ଚୌଧୁରୀ)ଙ୍କ ସହିତ ମୋର ବନ୍ଧୁତା ଜନ୍ମିଥିଲା । ସେ ଅଙ୍କଶାସ୍ତ୍ର ପଢ଼ୁଥିଲେ ଓ ମୋ'ଠାରୁ ବର୍ଷେ ଉପରେ ଥିଲେ । ବେଳେ ବେଳେ ମୁଁ ତାଙ୍କଠାରୁ ବହି ପତ୍ର ମାଗି ଆଣୁଥିଲି ଏବଂ ପାଠ୍ୟ ବିଷୟରେ ତାଙ୍କ ସାହାଯ୍ୟ ନେଉ-ଥିଲି । ସେହିପରି ହରିହର ବାବୁ (ହରିହର ଦାସ) ଏବଂ ମୁଁ ଏକତ୍ର ଅଙ୍କଶାସ୍ତ୍ର ଅଧ୍ୟୟନ କରୁଥିଲୁ । ସେ ମଧ୍ୟ ମୋ'ଠାରୁ ବର୍ଷେ ଉପର ଶ୍ରେଣୀରେ ଥିଲେ ।

## ବିଲାତରେ ପଢ଼ିବା ପାଇଁ ବୃତ୍ତି

ଏହି ସମୟରେ ବିହାରୀ ଓ ଓଡ଼ିଆ ଛାତ୍ରଙ୍କ ମଧ୍ୟରୁ ଜଣେ କାହାରି ନାମ ଷ୍ଟେଟ୍ ମାଜଷ୍ଟେଟ୍ ବୃତ୍ତି ପାଇଁ ସୁପାରିଶ କରିବାକୁ ବିହାର ଓ ଓଡ଼ିଶା ସରକାର କଲିକତା ବିଶ୍ୱବିଦ୍ୟାଳୟକୁ ଅନୁରୋଧ କଲେ । ସାର୍ ଆଶୁତୋଷ ମୁଖାର୍ଜୀ ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଥିଲେ । ସାର୍ ଆଶୁତୋଷଙ୍କୁ ଦେଖା କରିବା ପାଇଁ ମୋତେ କେତେକେ ପରାମର୍ଶ ଦେଲେ । ଦିନେ ମୋର ଜଣେ ବନ୍ଧୁ ଶ୍ରୀ ବାଙ୍କନିଧି ପଟ୍ଟନାୟକଙ୍କ ସହିତ ମୁଁ ତାଙ୍କ ପାଖକୁ ଗଲି । ସେତେବେଳେ ସାର୍ ଆଶୁତୋଷ ତେଲ ମାଲିସ୍ ହେଉଥିଲେ ଏବଂ ବହୁ ଲୋକ ତାଙ୍କୁ ଦେଖା କରିବା ପାଇଁ ଅପେକ୍ଷା କରିଥିଲେ । ଏହିକ ବେଳେ ସେ କୁଆଡ଼େ ଦେଖା କରିବାକୁ ଚାହୁଁଥିବା ଲୋକମାନଙ୍କୁ ସାକ୍ଷାତ କରନ୍ତି । ମୁଁ ଯାହା ଶୁଣିଥିଲି ତାହା ସତ ବୋଲି ଆଖିରେ ଦେଖିଲି । ସେ ଆମକୁ ଡାକଲେ । ମୁଁ କାହିଁକି ଆସିଛି ବୋଲି କହିବାରୁ ସେ କହିଲେ ଯୋଗ୍ୟତା ଅନୁସାରେ ତାଙ୍କୁ ବଛିବାକୁ ପଡ଼ିବ, କିନ୍ତୁ ମୋ

Digitized by srujanika@gmail.com

ବୟସରେ କଣ କରିପାଇ ପାରେ ସେ..ଦେଖିବେ । ପଦାର୍ଥ ବିଜ୍ଞାନରେ ପ୍ରଥମଶ୍ରେଣୀ ଅନର୍ସ ପାଇଥିବା ଶ୍ରୀ କାମତା ପ୍ରସାଦଙ୍କ ନାମ ବିଶ୍ୱ ବିଦ୍ୟାଳୟ ସୁପାରିଶ କଲା । ସେ ଅଳ୍ପ କାଳପାଇଁ ଡେପୁଟି ମାଜିଷ୍ଟ୍ରେଟ୍ ରହିଥିଲେ, କାରଣ ପରେ ବିହାର ଏବଂ ଓଡ଼ିଶାର ଜଣେ ସ୍କଲାର୍ ହିସାବେ ତାଙ୍କୁ ଇଂଲଣ୍ଡ ଯିବା ପାଇଁ ବଛା ଯାଇଥିଲା । ଏହି ସମୟରେ ବିହାର ଓ ଓଡ଼ିଶା ପ୍ରଦେଶ ସରକାର ଇଂଲଣ୍ଡକୁ କେତେଜଣ ଛାତ୍ରଙ୍କ ଉଚ୍ଚଶିକ୍ଷା ଲାଭ ପାଇଁ ପଠାଇବାକୁ ସ୍ଥିର କଲେ । ୧୯୧୪ ମସିହାରେ ସେମାନେ ତିନିଜଣ ଛାତ୍ରଙ୍କ ପଠାଇବାକୁ ନିଷ୍ପତ୍ତି କରିଥିଲେ । ସେଥିରୁ ଜଣେ ଓଡ଼ିଶାରୁ ଓ ଦୁଇଜଣ ବିହାରରୁ । ମୁଁ ପ୍ରେସିଡ଼େନ୍ସି କଲେଜ ପ୍ରିନ୍ସିପାଲ ମିଷ୍ଟର ଏଚ. ଆର. ଜେମସ୍ଙ୍କ ଜରିଆରେ ଦରଖାସ୍ତ କଲି । ସେ ମୋ ଦରଖାସ୍ତକୁ ସୁପାରିଶ କରିଥିଲେ । ମୁଁ ଓଡ଼ିଶାରୁ ଏବଂ ଅବଦୁସ୍ ସମଦ୍ ଖାଁ ଓ ଏସ୍. ଆର୍. ଯୁ. ଜମନ୍ ବିହାରରୁ ବଛାଗଲେ । ୧୯୧୫ ସାଲରେ ଓଡ଼ିଶାରୁ ଏସ୍. ସି. ତ୍ରିପାଠୀ ଓ ବିହାରରୁ କାମତା ପ୍ରସାଦ ଓ ଏ. ସି. ବାନର୍ଜୀ ବଛାଗଲେ ।

ମୋର ଜାହାଜ ଟିକଟ କିଣା ହୋଇଗଲା । ଜୀବନ ଧାରଣ ପ୍ରଣାଳୀରେ ପରିବର୍ତ୍ତନ ପାଇଁ ମୋତେ ପ୍ରସ୍ତୁତ ହେବାକୁ ହେଲା । ନୂଆ ପୋଷାକ ଓ ଅନ୍ୟାନ୍ୟ ବ୍ୟାବହାରିକ ଜିନିଷ କିଣିବାରେ ବନ୍ଧୁମାନେ ସାହାଯ୍ୟ କଲେ । ଏଥି ମଧ୍ୟରେ ମୋର ପ୍ରଥମ ଯୋଡା ହଲକ ବି ଥିଲା । ଯେତେବେଳେ ସବୁ ଠିକ୍ଠାକ୍ ହୋଇଗଲା, ୧୯୧୪ ମସିହା ଅଗଷ୍ଟ ୧୦ ତାରିଖରେ ମୁଁ ବମ୍ବେ ଅଭିମୁଖେ କଲିକତା ଛାଡ଼ିଲି ଓ ୨୪ ତାରିଖ ସନ୍ଧ୍ୟାରେ ସେଠାରୁ ଜାହାଜ ଧରିଲି । ଏହିପରି ଭାବରେ ମୋର ଶିକ୍ଷା ଜୀବନର ଦ୍ୱିତୀୟ ଅଧ୍ୟାୟ ଶେଷ ହେଲା । ପ୍ରଥମ ଅଧ୍ୟାୟ ସରିଥିଲା, ୧୯୦୧ ମସିହାରେ ଯେତେବେଳେ ତହସିଲଦାର ଅଫିସରେ ନକଲ ନବିସ୍ କାମ ଛାଡ଼ି ବାଲକୁଦା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଯୋଗ ଦେଇଥିଲି ।

—କ୍ରମଶଃ

ରାଜନୀତି ଓ ବେଶଭୂଷା ଉଭୟରେ ଯେଉଁମାନେ ଏପଟ ସେପଟ ହୁଅନ୍ତି — ଭାବନ୍ତୁ ଏଥିଦ୍ୱାରା ସେମାନଙ୍କୁ ଅପ୍ରେମ ମିଳିବ ।

— ଗେଟେ

Digitized by srujanika@gmail.com

# ବାରବାଟୀ ଲଟେରୀ

**ଗୋଟିଏ ଭଲରୁ ସହସ୍ର ଭଲ !!**

ସତ୍ ତଥା ମହତ୍ ଉଦ୍ଦେଶ୍ୟ ରଖି ସଂସାରରେ ଯେତେ କାର୍ଯ୍ୟ ହୋଇଛି ସେଥିରୁ ଆନ୍ତୁର ଅସଂଖ୍ୟ ଭଲ ଫଳ ମିଳିଛି ।

## ବାରବାଟୀ ରାଫଲ କ୍ଷେତ୍ରରେ ମଧ୍ୟ ତାହାହିଁ ପ୍ରମାଣିତ ହୋଇଗଲା

ନବ ଉତ୍କଳର ଗୋଟିଏ ଅକ୍ଷୟ କୀର୍ତ୍ତି ପାଇଁ ଦେଶର ଶୁଭଆକାଂକ୍ଷୀ କେବଳ ଗୋଟିଏ ଲେଖା ଟଂକା ସଂଗ୍ରହ କରିବାର କଳ୍ପନା କଲେ ହେଲେ ।

ଆଜି ଦେଖା ଯାଉଛି ........

ବାରବାଟୀ ଷ୍ଟେଡ଼ିୟମ ତିଆରି କାର୍ଯ୍ୟ ତ ଚାଲିଛି, ତା ସଙ୍ଗେ ସଙ୍ଗେ ସେହି ପାଣ୍ଠିରୁ —

| | |
|---|---|
| ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ | —୧,୮୨,୭୮୫-୦୦ |
| ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ | —ଟ ୫୦,୦୦୦-୦୦ |
| ନେହେରୁ ସ୍ମୃତିରକ୍ଷା ପାଣ୍ଠିକୁ | —ଟ ୨୨,୫୦୦-୦୦ |
| ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳପାଇଁ | —ଟ ୪୦,୦୦୦-୦୦ |
| ବିହାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | —ଟ ୨୦,୦୦୦-୦୦ |

ଓ ଅନ୍ୟାନ୍ୟ ଅନେକ ପାଣ୍ଠିକୁ ମଧ୍ୟ ପ୍ରାୟ ଏକଲକ୍ଷ (ଟ୧,୦୦,୦୦୦) ଟଙ୍କା ଯାଇଛି—

ଆପଣ ଆମକୁ ଟଙ୍କାଏ ଟଙ୍କାଏ ସାହାଯ୍ୟ ଦେଇ ଅନ୍ୟମାନଙ୍କୁ ସାହାଯ୍ୟ ଦେବାପାଇଁ ପଥ ପରିଷ୍କାର କରି ଦିଅନ୍ତୁ ବୋଲି ବିନୀତ ଅନୁରୋଧ ।

ପ୍ରଥମ ପୁରସ୍କାର ଟ ୧,୦୦୦,୦୦ (ଏକ ଲକ୍ଷ ଟଙ୍କା)

ଏହାପର ଡ୍ର ତାରିଖ ତା ୧୦-୧୨-୬୭

ବିଶେଷ ବିବରଣୀ ପାଇଁ ଲେଖନ୍ତୁ— ଅବୈତନିକ ସମ୍ପାଦକ
**ବାରବାଟୀ ରଫଲ କମିଟୀ**
କଟକ-୫

Digitized by srujanika@gmail.com

# ରୁଷ ବିପ୍ଳବର ଦାନ

ଅଧ୍ୟାପକ ଡ଼କ୍ଟର ବୈଦ୍ୟନାଥ ମିଶ୍ର

ପୃଥିବୀରେ କେତେ ବିପ୍ଳବ ଆସିଛି । କିନ୍ତୁ ରୁଷିଆର ବିପ୍ଳବ ପୃଥିବୀରେ ଯେଉଁ ଚମକ ସୃଷ୍ଟି କରିଛି, ତାହା ବୋଧହୁଏ ଅନ୍ୟ କୌଣସି ବିପ୍ଳବ ସୃଷ୍ଟି କରିନାହିଁ । ଏପରିକି ଯେଉଁମାନେ ରୁଷିଆର ଆଦର୍ଶରେ ଅନୁପ୍ରାଣିତ ନୁହନ୍ତି, ସେମାନେ ମଧ୍ୟ ଆଜି ରୁଷିଆକୁ ପସନ୍ଦ ନ କରି ରହି ପାରୁ ନାହାନ୍ତି । ଏଇ ମାତ୍ର ପଚିଶ ବର୍ଷ ଭିତରେ ରୁଷିଆର ବିପ୍ଳବ, କେବଳ ରୁଷିଆରେ ନୁହେ, ସାରା ମାନବ-ସମାଜର ଚିନ୍ତାଧାରାରେ ଯେଉଁ ଚହଲ ସୃଷ୍ଟି କରିଛି, ତାର ପଟାନ୍ତର ନାହିଁ । ମାର୍କସ୍‌ଙ୍କର 'କମ୍ୟୁନିଜମ୍' ଲେନିନଙ୍କର 'ରାଷ୍ଟ୍ର ଓ ବିପ୍ଳବ' ଓ ଷ୍ଟାଲିନଙ୍କର 'ଦଳହିତର ଏକଛତ୍ର ଶାସନ' ସାରା ପୃଥିବୀର ନିଦ ଭାଙ୍ଗି ଦେଇଛି । ଯେଉଁମାନେ ମାର୍କସ୍‌ଙ୍କର ବିଚାରକୁ ପସନ୍ଦ କରନ୍ତି ନାହିଁ, ଲେନିନଙ୍କର ହିଂସା-ଆନ୍ଦୋଳନକୁ ସମାଲୋଚନା କରନ୍ତି ଓ ଷ୍ଟାଲିନଙ୍କର ନିଷ୍ଠୁର ଏକଛତ୍ର ଶାସନକୁ ଘୃଣା କରନ୍ତି, ସେମାନେ ମଧ୍ୟ ସ୍ୱୀକାର କରନ୍ତି ଯେ ରୁଷିଆ ଆଜି ପୃଥିବୀରେ ଏକ ପ୍ରଗତିଶୀଳ ରାଷ୍ଟ୍ରରୂପେ ପ୍ରାଧାନ୍ୟ ବିସ୍ତାର କରି ସାରା ଦୁନିଆର ଅର୍ଥନୈତିକ, ରାଜନୀତିକ ଓ ସାମାଜିକ ଗତି ନିୟନ୍ତ୍ରଣ କରିବାରେ ମୁଖ୍ୟ ସ୍ଥାନ ହାସଲ କରିଛି ।

## ବିପ୍ଳବ ଓ ସଂସ୍କାର

ବିପ୍ଳବ ଓ ସଂସ୍କାରର ବ୍ୟାଖ୍ୟା କରି ବିନୋବାଜୀ ଥରେ କହିଥିଲେ ଯେ ବିପ୍ଳବ ହେଉଛି ଏକ ବେଗବାନ ଅଶ୍ୱ, ସଂସ୍କାର ହେଉଛି ଏକ ଭାରବାହୀ ଗଧ । ଅଶ୍ୱ ଯେପରି କୌଣସି ବାଧା ବିଘ୍ନକୁ ଖାତିର ନ କରି ନିଜର ଗନ୍ତବ୍ୟ ପଥରେ ଧାବମାନ ହୁଏ, ରୁଷିଆ ସେହିପରି ନିଜର ଗନ୍ତବ୍ୟ ପଥରେ ଆଗେଇଯାଇ ସାରା ପୃଥିବୀର ଆଖିକୁ ଝଲସାଇ ଦେଇଛି । ଯେତେବେଳେ ଘୋଡ଼ା ଦଉଡ଼ ପ୍ରତିଯୋଗିତା ହୁଏ, ସେତେବେଳେ କେତେ ଆରୋହୀ ଖସି ପଡ଼ି ନାନା ବିପଦର ସମ୍ମୁଖୀନ ହୁଅନ୍ତି । କିନ୍ତୁ ଦର୍ଶକ ମାନଙ୍କର ସେଥି ପ୍ରତି ନଜର ନ ଥାଏ, ନଜର ଥାଏ କେଉଁ ଅଶ୍ୱ ଗନ୍ତବ୍ୟ ସ୍ଥାନରେ ପ୍ରଥମେ ଯାଇଁ ପହଞ୍ଚି ପାରୁଛି । ତେଣୁ ରୁଷିଆରେ ଯେଉଁ ବିପ୍ଳବ ହୋଇଛି, ସେଥିରେ କେତେ ଅନ୍ୟାୟ ହୋଇଛି, କେତେ ଅତ୍ୟାଚାର ହୋଇଛି; ଷ୍ଟାଲିନଙ୍କର ଏକଛତ୍ର ଶାସନ ଅମଳରେ କେବଳ ଆରୋହୀ ନୁହନ୍ତି, ଅନେକ ଦର୍ଶକ ମଧ୍ୟ ଷ୍ଟାଲିନଙ୍କର କ୍ରୁର ଶାସନରେ ପେଶି ହୋଇ ଇହଲୀଳା ସମ୍ବରଣ କରିଛନ୍ତି, ତଥାପି ରୁଷିଆ ଆଗେଇ ଚାଲିଛି, ବିପ୍ଳବର ଗର୍ଭବେଦନାକୁ ଅତିକ୍ରମ କରି ।

Digitized by srujanika@gmail.com

# ଆର୍ଥନୀତିକ ଯୋଜନା

ଆଜି ଯେତେବେଳେ ଏହି ପଚିଶ ବର୍ଷର ଇତିହାସ ଆଲୋଚନା କରାଯାଉଛି, ସେତେବେଳେ ଆମ ଆଗରେ ସେହି ଅତ୍ୟାଚାର ଆସୁନାହିଁ, ସେହି ଅନ୍ୟାୟ ଆସୁ ନାହିଁ, ଆସୁଛି ରୁଷିଆ ବିପ୍ଳବର ମାନବ ସମାଜକୁ ବିରାଟ ଅବଦାନ—ଯୋଜନା, ସାମାଜିକ ନ୍ୟାୟ, ଆନ୍ତର୍ଜାତିକ ସଂହତି, ପରାଧୀନର ସ୍ୱାଧୀନତା ପାଇଁ ସଂଗ୍ରାମ, ଅବହେଳିତ ଓ ଅତ୍ୟାଚାରିତ ମଣିଷର ନିଜ ଅଧିକାର ଦାବୀ । ଏଥିରେ ସାରା ପୃଥିବୀ ହତବୁଦ୍ଧି ହୋଇ ଯାଇଛି । ଆଜି ପ୍ରତ୍ୟେକ ଦେଶରେ ଯୋଜନା ହେଉଛି, ଅର୍ଥନୀତିର ପରିବର୍ତ୍ତନ ଓ ଉନ୍ନତି ପାଇଁ ଆର୍ଥନୀତିକ ଯୋଜନା ଅର୍ଥନୀତିର ଏକ ଅପରିହାର୍ଯ୍ୟ ଅଙ୍ଗ ବୋଲି ସ୍ୱୀକାର କରାଯାଉଛି । ଏପରିକି ଯେଉଁ ଦେଶର ଅର୍ଥନୀତିରେ ସରକାରୀ ଉଦ୍ୟୋଗକୁ ଏକ ଅଯଥା ହସ୍ତକ୍ଷେପ ବୋଲି ବିବେଚନା କରାଯାଉଛି, ସେଠାରେ ମଧ୍ୟ ଅର୍ଥନୀତିକୁ ସଜାଡ଼ିବା ପାଇଁ ସରକାରୀ ଯୋଜନାକୁ ପ୍ରୟୋଗ କରାଯାଉଛି । ଆର୍ଥନୀତିକ ସଙ୍କଟ କିଂବା ମୁଦ୍ରାସ୍ଫୀତି ବିନା ସରକାରୀ ଉଦ୍ୟମରେ ନିୟନ୍ତ୍ରଣ କରାଯାଇ ପାରିବ ନାହିଁ ବୋଲି ପୁଞ୍ଜିବାଦୀ-ଅର୍ଥନୀତିରେ ବିଶ୍ୱାସ କରୁଥିବା ଅର୍ଥ ନୀତିଜ୍ଞମାନେ ସ୍ୱୀକାର କରୁଛନ୍ତି । କିନ୍ତୁ ଯେଉଁ ଦେଶରେ ଅଭାବ ଅଛି; ଅନାଟନ ଅଛି, ସେହି ଦେଶର ଅର୍ଥନୀତିର ବେଗ ବୃଦ୍ଧି କରି ଜନସାଧାରଣଙ୍କର ଜୀବନ ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ଆର୍ଥନୀତିକ ଯୋଜନାକୁ ପ୍ରଥମ ସ୍ଥାନ ଦିଆଯାଇଅଛି । ପ୍ରକୃତରେ ଯେଉଁ ରୁଷିଆରେ ଏହି ଯୋଜନାର ଆରମ୍ଭ ହୋଇଛି, ସେହି ରୁଷିଆ ଯୋଜନା ବଳରେ ଏକ ସମୃଦ୍ଧିଶାଳୀ ଦେଶରୂପେ ପୃଥିବୀରେ ପରିଚିତ ହୋଇ ପାରିଛି । ଯେଉଁମାନେ କମ୍ୟୁନିଜମ୍‌ର ପକ୍ଷପାତୀ ନୁହନ୍ତି, ସେମାନେ ମଧ୍ୟ ହିସାବ ପ୍ରକାଶ କରି କହୁଛନ୍ତି ଯେ ୧୯୧୯ ମସିହାଠାରୁ ୧୯୬୬ ମସିହା ଭିତରେ ରୁଷିଆରେ ହାରାହାରି ବର୍ଷକୁ ଶତକଡ଼ା ୧୧.୧ ଭାଗ ହିସାବରେ ଶିଳ୍ପ ଉତ୍ପାଦନ ବୃଦ୍ଧି ପାଇଛି । ଅଥଚ ଏହି ସମୟ ଭିତରେ ଆମେରିକାରେ ଶତକଡ଼ା ୪ ଓ ବ୍ରିଟେନରେ ଶତକଡ଼ା ୨.୫ ଭାଗ ହିସାବରେ ଶିଳ୍ପ ଉତ୍ପାଦନର ଉନ୍ନତି ହୋଇଅଛି । ଏ କଥା ମଧ୍ୟ ମନେ ରଖିବାକୁ ହେବ ଯେ ଦ୍ୱିତୀୟ ମହାଯୁଦ୍ଧରେ ରୁଷିଆର ଯାହା କ୍ଷତି ହୋଇଥିଲା ତାହା ଅତୁଳନୀୟ । ଏଥିରେ ପ୍ରାୟ ୨ କୋଟି ଲୋକ ପ୍ରାଣ ହରାଇଥିଲେ କିଂବା ସମ୍ପୂର୍ଣ୍ଣ ଅକାମୀ ହୋଇ ଯାଇଥିଲେ ଏବଂ ଦେଶର ପ୍ରାୟ ଏକ ତୃତୀୟାଂଶ ସମ୍ପତ୍ତି ନଷ୍ଟ ହୋଇ ଯାଇଥିଲା । ତଥାପି ରୁଷିଆ ଏହି କ୍ଷତିକୁ ସମ୍ଭାଳି ଯୁଦ୍ଧପରେ ଅଧିକ ଉନ୍ନତି କରିବାକୁ କ୍ଷମ ହୋଇ ପାରିଲା । ୧୯୫୮ ଠାରୁ ରୁଷିଆରେ ହାରାହାରି ବର୍ଷକୁ ଶିଳ୍ପ ଉତ୍ପାଦନ ଶତକଡ଼ା ପ୍ରାୟ ୧୦ ଭାଗ ବୃଦ୍ଧି ପାଉଛି ବୋଲି ହିସାବ କରାଯାଉଛି । ଏହି ସମୟ ଭିତରେ ଅନ୍ୟାନ୍ୟ ଉନ୍ନତ ଦେଶମାନଙ୍କର ଶିଳ୍ପ ଉତ୍ପାଦନ ବୃଦ୍ଧିର ହାର ଶତକଡ଼ା ୫/୬ରୁ ଅଧିକ ହୋଇ ନାହିଁ । ଏହା ବ୍ୟତୀତ ବିଜ୍ଞାନ,

Digitized by srujanika@gmail.com

କଳା, କୌଶଳ ଓ ଯାନ୍ତ୍ରିକ ସଭ୍ୟତାରେ ରୁଷିଆ ଗତ ଦଶ ପନ୍ଦର ବର୍ଷ ଭିତରେ ଯେଉଁ ଅଗ୍ରଗତି ଆଣି ପାରିଛି, ତାହା ସାରା ପୃଥିବୀରେ ଆଲୋଡ଼ନ ସୃଷ୍ଟି କରିଛି । ରୁଷିଆର ସ୍ପୁଟ୍‌ନିକ୍ ଚନ୍ଦ୍ର ଗ୍ରହର ପ୍ରଧାନ କରିବା ପୂର୍ବରୁ ଓଡ଼ିଶାର ଏକ ନିଭୃତ କୋଣରୁ ଚନ୍ଦ୍ର ଗ୍ରହରେ ଜମି ଖରିଦ କରିବାର ଡାକ ଶୁଭିଛି । ଆଜି ଭାରତରେ ଅର୍ଥନୈତିକ ଯୋଜନା ହେଉଛି; ସାରା ପୃଥିବୀରେ ଯେତେ ଅନୁନ୍ନତ ଦେଶ ଅଛନ୍ତି, ସମସ୍ତେ ଯୋଜନା କରି ଅର୍ଥନୀତିକୁ ମଜବୁତ କରିବା ପାଇଁ ଉଦ୍ୟମ କରୁଛନ୍ତି । ଏହି ଯୋଜନା ଭିତରେ ଆମେ ରୁଷିଆ ବିପ୍ଳବର ସନ୍ଧାନ ପାଉଛୁ ।

## ସାମାଜିକ ନ୍ୟାୟ

ଏବେ ପୃଥିବୀରେ ଆଉ ଗୋଟିଏ ଧ୍ୱନି ଉଠିଛି । ସେ ହେଉଛି ସମାଜବାଦ । ସମାଜବାଦର ଯାହା କିଛି ଅର୍ଥ ଥାଉନା କାହିଁକି, ଗୋଟିଏ ଅର୍ଥରେ ସମସ୍ତେ ଏକମତ ଯେ ସମାଜରେ ଯେଉଁମାନେ ଅବହେଳିତ, ଅତ୍ୟାଚରିତ, ସେମାନଙ୍କ ପ୍ରତି ନ୍ୟାୟ କରିହେବ, ଯୁଗ ଯୁଗର ଅନ୍ୟାୟ ଓ ଅତ୍ୟାଚାରକୁ ଲୋପ କରି, ଏକ ଶ୍ରେଣୀହୀନ ଶୋଷଣହୀନ, ଓ ନ୍ୟାୟପୂର୍ଣ୍ଣ ସମାଜ ପ୍ରତିଷ୍ଠା କରିବାକୁ ହେବ । ଏହି ଆଦର୍ଶ ରୁଷିଆରେ ଏ ପର୍ଯ୍ୟନ୍ତ ପ୍ରତିଷ୍ଠିତ ହୋଇ ନାହିଁ ବୋଲି କମ୍ୟୁନିଷ୍ଟମାନେ ମଧ୍ୟ ସ୍ୱୀକାର କରୁଛନ୍ତି । ସମାଜବାଦ ପାଇଁ ବିପ୍ଳବ ହୋଇ ମଧ୍ୟ ଶ୍ରମିକମାନେ ଅର୍ଥନୀତିକୁ ନିୟନ୍ତ୍ରଣ କରିବାକୁ ଅଧିକାର ପାଇ ନାହାନ୍ତି । ଦଳ ଓ ସରକାର କୃପାରେ ବ୍ୟକ୍ତିଗତ ସ୍ୱାଧୀନତା ଅପହରଣ କରାଯାଇଛି; ମୁଷ୍ଟିମେୟ କେତେକ ଲୋକ ସର୍ବହରା ନାମରେ ଶାସନକରି ସର୍ବହରା ମାନଙ୍କୁ ନିଜ ଅଧିକାରରୁ ବଞ୍ଚିତ କରିଛନ୍ତି ବୋଲି ଅଭିଯୋଗ ହେଉଛି । ତଥାପି ରୁଷିଆରେ ଆଉ ଷ୍ଟାଲିନ ନାହାନ୍ତି କି ଷ୍ଟାଲିନଙ୍କର ରାଜତ୍ୱ ନାହିଁ । ସମୃଦ୍ଧିଶାଳୀ କମ୍ୟୁନିଜମ ଉଦାର ଗଣତାନ୍ତ୍ରିକ ମନୋବୃତ୍ତି ସୃଷ୍ଟି କରିବାରେ ସାହାଯ୍ୟ କରିଛି । ତେଣୁ ଆଜି ଚାଇନାର ଉଗ୍ର, ହିଂସ୍ର ଓ ଯୁଦ୍ଧ ପ୍ରିୟ ମାଓପନ୍ଥୀ କମ୍ୟୁନିଷ୍ଟମାନେ ରୁଷିଆର କମ୍ୟୁନିଷ୍ଟ ସରକାର ପରିଚାଳକ ମାନଙ୍କୁ ସଂଶୋଧନବାଦୀ ବୋଲି ଅଭିହିତ କରି ସେମାନଙ୍କର ନିନ୍ଦା ରଚନା କରୁଛନ୍ତି । ସାମ୍ୟବାଦ ଓ ପୁଞ୍ଜିବାଦର ସଂଘର୍ଷ ଏବେ ସେଥିପାଇଁ ଅନ୍ତର୍ନିହିତ ସଂଘର୍ଷରେ ପରିଣତ ହୋଇଛି । ସେ ଯାହା ହେଉ ପଛକେ, ଏ କଥା ସତ ଯେ ରୁଷିଆର କମ୍ୟୁନିଷ୍ଟ ବିପ୍ଳବ ସାରା ପୃଥିବୀର ଦୃଷ୍ଟିକୋଣ ବଦଳେଇ ଦେଇ ପାରିଛି । ତେଣୁ ଆଜି ପ୍ରତ୍ୟେକ ଦେଶରେ ଶାସକ ଓ ରାଜନୈତିକ ଦଳମାନେ ସମାଜ ବାଦର ନାମ ନେଇ ଶପଥ ଗ୍ରହଣ କରୁଛନ୍ତି । ଆମ ଦେଶର ରାଜା ରାଜୁଡ଼ା, ଜମିଦାର ଓ ପୁଞ୍ଜିପତିମାନେ ମଧ୍ୟ ଏଥିରୁ ଅବ୍ୟାହତି ପାଇ ନାହାନ୍ତି ।

## ଆନ୍ତର୍ଜାତିକ ସଂହତି

ରୁଷିଆ ବିପ୍ଳବର ଆଉ ଗୋଟିଏ ଅବଦାନକୁ କେହି ଭୁଲି ପାରିବେ ନାହିଁ ।

Digitized by srujanika@gmail.com

କମ୍ୟୁନିଷ୍ଟ ମାନିଫେଷ୍ଟୋରେ ମାର୍କସ୍ ଓ ଏଙ୍ଗେଲେସ୍ କହିଥିଲେ,

The Proletarians have nothing to lose but their chains. They lave a world to win. Workers of the world, unite !"

ମାର୍କସ୍ ଓ ଏଙ୍ଗେଲେସ୍ ଶ୍ରମିକମାନଙ୍କୁ ଏକଜୁଟ ହେବା ପାଇଁ ଏ ଯେଉଁ ଡାକ ଦେଇଥିଲେ ଏଥିରେ କେବଳ ସଂଘର୍ଷର ଧ୍ୱନି ନଥିଲା । ସେମାନଙ୍କ ମତରେ ସମାଜର ପରିବର୍ତ୍ତନ ପାଇଁ ସଂଘର୍ଷ ଅନିବାର୍ଯ୍ୟ । କିନ୍ତୁ ସଂଘର୍ଷ ସହିତ ଆନ୍ତର୍ଜାତିକ ସହଯୋଗ ପାଇଁ ଯେଉଁ ନିବେଦନ ଥିଲା, ତାହା ଏ ପର୍ଯ୍ୟନ୍ତ ଅନେକ ବୁଦ୍ଧିଜୀବୀଙ୍କୁ ପ୍ରଭାବିତ କରିଛି, ଏବଂ ଯୁଗେ ଯୁଗେ ପ୍ରଭାବିତ କରିବ । ଜାତୀୟତାର ନିଷ୍ଠୁର କଷାଘାତରେ ପୃଥିବୀ ଆଜି ଯେତେବେଳେ ଜର୍ଜ୍ଜରିତ, ସେତେବେଳେ ଆନ୍ତର୍ଜାତିକ ସହଯୋଗ ଓ ସମନ୍ୱୟ ଯେ ଏକମାତ୍ର ଆଶା ଭରସା, ଏଥିରେ ଦ୍ୱିମତ ନାହିଁ । ଯଦି ଋଷିଆର ନେତୃବୃନ୍ଦ ଓ ଜନସାଧାରଣ ଏ ଦିଗରେ ଦୃଢ଼-ପଦକ୍ଷେପ ନେଇ ଆନ୍ତର୍ଜାତିକ ସହଯୋଗ ଓ ସଦ୍ଭାବ ପ୍ରତିଷ୍ଠା କରିବାରେ ସମର୍ଥ ହୋଇ ପାରିବେ, ମାର୍କସଙ୍କର ଆଶା ଓ ଋଷିଆର ବିପ୍ଳବ ସଫଳ ହେଲା ବୋଲି ବୁଝାଯିବ ।

—୧୦୪—

*With Compliments of:*

**HARIHAR PRADHAN**

'A' CLASS CONTRACTOR, ROURKELA

Builder of The Jagannath Temple of Rourkela, The Only Temple of the Steel Township

&

The Biggest in the District

Digitized by srujanika@gmail.com

# ମୋ' କାହାଣୀ

ଏଥିରେ ସମସ୍ତ ସତ୍ୟ । କିଛି ଲୁଚା ଯାଇ ନାହିଁ ।



## ମୋର ବିବାହ

--ନୀଳମଣି ସେନାପତି

ମୋର ବିବାହ ବ୍ୟାପାରରେ ହୋଇଥିବା ଘୋଳୁଁ ତାହାର ବିବରଣୀ ଏଠାରେ ଦେବା ଉଚିତ ହେବ ।

ଏହା ବର୍ଣ୍ଣନା କରିବା ଦରକାର ପଡ଼ି ନ ଥାନ୍ତା । କିନ୍ତୁ ମୋର ଯେଉଁ "ଝିଆଣି" ଓ "ପୁରୁଷ" ମାନେ ଏବଂ ଆମେରିକାନ ବନ୍ଧୁମାନେ ଏ ବିଷୟ ଶୁଣିଛନ୍ତି , ସେମାନେ ଲଗାଇଲେ ଯେ, ମୁଁ ଏହାକୁ ଲେଖି ରଖେଁ ।

ପିଲାଦିନେ ମୁଁ ନିଶ୍ଚୟ " ଏଞ୍ଚୋଡ଼େ ଟୋକା " ବା ଅକାଳ କୁଷ୍ମାଣ୍ଡ ଥିଲି । କାରଣ [illegible] ବର୍ଷ ବୟସରେ ମୁଁ ବୁଝି ପାରିଥିଲି ଯେ ମୋର ବିବାହର ଆଲୋଚନା ଚାଲିଛି । ୧୯୦୩ ମସୀହା ଫେବୃୟାରୀ ମାସରେ ଚନ୍ଦ୍ରଭାଗା କୁଡ଼କୁ ଆମ୍ଭେମାନେ ଯାଇଥିଲୁଁ । ମୁଁ ଗୋଟିଏ ବଳଦ ଗାଡ଼ି ଭିତରେ ଥିଲି । ସେ ଭିତରୁ ମୋତେ ନେଇ ଆଉ ଗୋଟିଏ ବଳଦ ଗାଡ଼ିରେ ଥିବା ଲୋକଙ୍କୁ ଦେଖାଇ ଦିଆଗଲା । ଆଉ ବଳଦ ଗାଡ଼ି ଭିତରୁ ଜଣେ ଭଦ୍ର ମହିଳା ଗୋଟିଏ ଝିଅକୁ କାଖେଇ ବାହାର ଆସିଲେ । ସେ ଝିଅଟି ଏଡ଼େ ପାଟି କରି କାନ୍ଦୁଥାଏ ଯେ, ପାଖ ଯାହାକୁ ଫାଟି ପଡ଼ୁଥାଏ । ମତେ ଯେପରି ଏକ ଦାଗର

Digitized by srujanika@gmail.com

ଶକ୍ତ ତା କଣ୍ଠରେ ଥିଲା । ବୁଢ଼ା ବୁଢ଼ା ଲୋକଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇଗଲା , ପିଲା ଦୁଇଟି ବେଶ୍ ଏକ ସୁନ୍ଦର ଯୋଡ଼ି ହେବେ । ସତ କହିବାକୁ ଗଲେ , ବିଭାଘର କଥା ଶୁଣି ମୋତେ ଫୁର୍ତ୍ତି ଲାଗିଲା- ଢୋଲ, ପେଣ୍ଢେକାଳି ବାଜିବ ଓ କେତେ ପ୍ରକାର ବାଣ ଫୁଟିବ ! ସିଂଘାଣି ନାକୀ, କାନ୍ଦୁରିଆ ଆଡ଼କୁ ଟିକିଏ ଭଲକରି ଚାହିଁଲି । ପ୍ରସ୍ତାବଟା ମୋର ପସନ୍ଦ ହେଲା । ମାତ୍ର ସେ ବୋଧେ ଅନୁମୋଦନ କଲା ନାହିଁ । କାରଣ ଫଳରେ ତ କିଛି ହେଲା ନାହିଁ !

ପରବର୍ତ୍ତୀ ଘଟଣାଟି ମୋର ଜୀବନକୁ ବିଶେଷ ଭାବରେ ପ୍ରଭାବିତ କରିଛି । ଏଗାର ବର୍ଷ ବୟସରେ ଜଣେ ଆଦର୍ଶବାଦୀ ଶିକ୍ଷକଙ୍କ ପ୍ରଭାବରେ ବାଣପଦା ନିକଟବର୍ତ୍ତୀ ବରୁଣେଇ ପାଟ ଶିବ ମନ୍ଦିରରେ ମୁଁ ଦୁଇଟି ଶପଥ କରିଥିଲି ଏବଂ କାହା ଆଗରେ ଅଜି ପର୍ଯ୍ୟନ୍ତ ତାହା ପ୍ରକାଶ କରି ନାହିଁ । ବର୍ତ୍ତମାନ ସେଥିରୁ ଗୋଟିଏ ମୁଁ ସାଧାରଣରେ ପ୍ରକାଶ କରୁଛି କାରଣ ଚଉରି ବର୍ଷ ବୟସରେ ଆଉ-ଥରେ ମୋର ବିବାହ କରିବାର ସମ୍ଭାବନା ନାହିଁ । ସେଥିରୁ ଗୋଟିଏ ଶପଥ ହେଉଛି – " ମୁଁ ବିଧବା ବିବାହ କରିବି " । ସେତେ-ବେଳେ ଯେଉଁ ବଡ଼ ଲୋକଙ୍କର ଜୀବନୀ ପଢ଼ିଥିଲି , ସେଥିରେ ମୁଁ ଖୁବ୍ ପ୍ରଭାବିତ ହୋଇ ପଡ଼ିଥିଲି । ସେମାନଙ୍କ ମଧ୍ୟରେ ଜଣେ ହେଲେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଯେ କି, ସମାଜରେ ବିଧବାମାନଙ୍କ ସମ୍ପର୍କରେ ଥିବା କୁସଂସ୍କାର ବିରୁଦ୍ଧରେ ଲଢ଼େଇ କରି-ଥିଲେ । ମୁଁ ଭାବିଲି , ମୁଁ ଜଣେ ବିଧବାଙ୍କୁ ବିବାହ କରି ସାମାଜିକ କୁସଂସ୍କାର ଭାଙ୍ଗି ପାରିବି । ଆଗରୁ କୁହାବୋଲା କିଛି ନାହିଁ , ହଠାତ୍ ଯେତେବେଳେ ମୋତେ ଦୁଇଟି ଶପଥ ଦେବା ପାଇଁ କୁହାଗଲା , ମୋ ମନ ଭିତରେ ବିଧବା ବିବାହ କଥାଟା ଖୁବ୍ ବଡ଼ ସ୍ଥାନ ଅଧିକାର କରିଥିଲା । ମୋର ଶପଥ ଦୁଇଟି କଣ, ଶିକ୍ଷକ ତାହା ନିଜେ ମଧ୍ୟ ମୋତେ ପଚାରିଲେ ନାହିଁ । ଆଉ ମଧ୍ୟ କାହାରିକୁ କହିବାକୁ ମନା କରି ଥିଲେ । ଏହି ଦୁଇଟି ଶପଥ ଜୀବନ ସାରା ମୋର ଆଚରଣକୁ ଶୃଙ୍ଖଳିତ କରିଛି ।

୧୯୬୧ ମସିହାରେ ବିଲାତରେ ଏବଂ ୧୯୬୨ ମସିହାରେ ଭାରତରେ , ବଙ୍ଗ, ବିହାର ଏବଂ ଉତ୍ତର ପ୍ରଦେଶରୁ କେତେକ ବିଶିଷ୍ଟ ଲୋକଙ୍କ ପକ୍ଷରୁ ମୋର ବିବାହ ପ୍ରସ୍ତାବ ଆସିଥିଲା । କିନ୍ତୁ ମୋର ଗୋଟିଏ ଉତ୍ତର ଥିଲା – " ଏବେ ନୁହେଁ" । ବିବାହ ପ୍ରାପ୍ତ ଅସମ୍ଭବ ବୋଲି ଇଂଲଣ୍ଡରେ ମୁଁ ଝିଅମାନଙ୍କ ସହିତ ବେଶୀ ମିଶାମିଶି କରୁ ନ ଥିଲି । ବିଧବା କେଉଁଠୁ ପାଇବି ? ମୁଁ ସାହେବୀ ନାଚ ଶିଖିଲି । କିନ୍ତୁ କୌଣସି ଝିଅକୁ ନାଚିବା ପାଇଁ ଡ଼ାକିବାର ସାହସ ମୋର ନ ଥିଲା । ଅବଶ୍ୟ ଝିଅଙ୍କ ସହିତ ମିଶିଲେ ବା ନାଚିଲେ ଯେ ବିଭା ହେବାକୁ ପଡ଼େ, ତାହା ନୁହେଁ । କିନ୍ତୁ ମୋ ମନ ଭିତରେ କାଳେ ବେଶୀ ଦୂର ଚାଲିଯିବ ସବୁବେଳେ ଭୟ ହେଉଥିଲା । ବିଲାତ ଯିବା ଆଗରୁ ପଦ୍ମା ପ୍ରତି ମୋର ଗଭୀର ପ୍ରେମ ଥିଲା

Digitized by srujanika@gmail.com

ସେ ସମ୍ପର୍କରେ ମୋର ଭଉଣୀ ହେବ ଏବଂ ସବୁ ଦୃଷ୍ଟିରୁ ମଧ୍ୟ ମୋର ଭଉଣୀ ପରି ଥିଲା ପଦ୍ମା ପ୍ରତି ଆକୃଷ୍ଟ ଥିବା ଯୋଗୁଁ ଅନ୍ୟ ଝିଅମାନଙ୍କ ସହିତ ମିଶିବା ଲାଳସାରୁ ବହୁତ ଦୂରରେ ମୁଁ ଥିଲି । ଇଂଲଣ୍ଡରେ ଡ଼ି ନାମକ ଜଣେ ଆଇରିଶ୍ ଝିଅ ସହିତ ମୋର ଗଭୀର ପ୍ରେମ ହେଲା । କିନ୍ତୁ ଆମର ବନ୍ଧୁତାର ପ୍ରାଥମିକ ଅବସ୍ଥାରେ ମୁଁ ପରିଷ୍କାର କରି ଦେଇଥିଲି ଯେ, ବିବାହର ପ୍ରଶ୍ନ ଉଠି ପାରେ ନାହିଁ । ତେବେ ବି ଆମ ଉଭୟଙ୍କର ବିବାହିତ ଜୀବନରେ ମଧ୍ୟ ଚିଠି ପତ୍ର ବିନିମୟ ହୋଇଛି । ମନ ଭିତରେ ଡ଼ି ପ୍ରତି ଅନୁରକ୍ତ ଥିବା ଯୋଗୁଁ ଇଂଲଣ୍ଡରେ ଅନ୍ୟ କୌଣସି ଝିଅ ଆଡ଼କୁ ଚାହିଁବାକୁ ମୋର ମନ ହେଉ ନ ଥିଲା ।

ମୁଁ ବିବାହ କରିବା ବିରୁଦ୍ଧରେ ନୁହେଁ ବୋଲି ଜାଣି ଜଣେ ବୟସ୍କ ବନ୍ଧୁ ମୋର ଅଜ୍ଞାତସାରରେ ଅମୃତବଜାର ପତ୍ରିକାରେ ବିଜ୍ଞାପନ ଦେଇଦେଲେ ଯେ, "ଉଚ୍ଚ ସରକାରୀ ଚାକିରିରେ ଥିବା ଚବିଶ ବର୍ଷ ବୟସର ଜଣେ ବ୍ରାହ୍ମଣ ଯୁବକଙ୍କ ପାଇଁ ଠିକ୍ ସୁନ୍ଦରୀ, ଗୁଣବତୀ କନ୍ୟା ଆବଶ୍ୟକ ।" ସେ ବହୁତ ଗୁଡ଼ିଏ "ଦରଖାସ୍ତ" ପାଇଲେ । କେତେକ ଦରଖାସ୍ତରେ ଫଟ ଥିଲା, କେତେକ ଦରଖାସ୍ତ ଅତିଶୟ ଗୋପନୀୟ ଏବଂ ଗୋଟିଏ ଦରଖାସ୍ତରେ କନ୍ୟାର ସ୍କୁଲ ଏକ୍ସରସାଇଜ୍ ଖାତାର ଗୋଟିଏ ଛିନ୍ନ ପତ୍ର ମଧ୍ୟ ଥିଲା, ସବୁ ଫଟୋଯାକ ଏବଂ ହସ୍ତଲିପିଟି ଫେରାଇ ଦେବା ପାଇଁ ଓ ଅନ୍ୟ ଦରଖାସ୍ତ ଗୁଡ଼ିକ ପୋଡ଼ି ଦେବା ପାଇଁ ମୁଁ ମୋର ବନ୍ଧୁଙ୍କୁ କହିଲି ।

ଇତି ମଧ୍ୟରେ ପରମାନନ୍ଦ ଦଦେଇ ଏବଂ ଯଦୁ ଭାଇନା ମୋର ବିଭାଘର ପାଇଁ ଲାଗି ପଡ଼ିଲେ । କଟକରେ କଲେଜରେ ପଢୁଥିବା ବେଳେ ଜଣକ ଘରକୁ ମୁଁ ଯିବା ଆସିବା କରୁଥିଲି । ସେ ପରିବାରରେ ଦୁଇଟି ଝିଅ ଥିଲେ । ମୋର ମତାମତର ଅପେକ୍ଷାରେ ଦଦେଇ ଜଣକୁ ଠିକଣା କଲେ । କିନ୍ତୁ ଯଦୁ ଅନ୍ୟ ଜଣକୁ ଠିକଣା କରି ମୋତେ ନ ପଚାରି ମୋ ପକ୍ଷରୁ ପ୍ରତିଶ୍ରୁତି ଦେଇ ଦେଲେ । ମୁଁ ଯଦୁ ଭାଇନାଙ୍କୁ ଏକ କଡ଼ା ଚିଠି ଲେଖି ମନା କରି ଦେଲି । ମୋ ସମ୍ବନ୍ଧରେ ନାନା ପ୍ରକାର ଗୁଜବ ରଟୁ ଥିଲା । ପଦ୍ମା ଲେଖିଲା, "ମୁଁ ଶୁଣୁଛି, ତୁମେ ବିଭା କରିବାକୁ ନାରାଜ । ଅଥଚ ସାହାବାଣୀଟାଏ ରଖିଛ, ଏଇଟା କଣ ସୁନ୍ଦର ହେଉଛି ? ମୋତେ କହ, ତୁମେ କଣ ଚାହିଁ ? ମୁଁ ଚେଷ୍ଟା କରିବି" । ଦଦେଇ ଆଉ ଗୋଟିଏ ଭଲ ପ୍ରସ୍ତାବ ଆଣିଥିଲେ । ଯଦି ପୂର୍ବରୁ ବିଧବା ବିବାହରେ ବନ୍ଧା ନ ଥାନ୍ତି, ମୁଁ ଏ ପ୍ରସ୍ତାବକୁ ଗ୍ରହଣ କରି ଥାନ୍ତି । ଏ ପ୍ରସ୍ତାବଟି କନ୍ୟାର ପରିବାରରେ ଏପରି ଭାବରେ ଚର୍ଚ୍ଚା ହୋଇ ଯାଇଥିଲା ଯେ, କନ୍ୟାର ନାତି ଏବେ ଅଳ୍ପ ଦିନ ତଳେ ମୋତେ କହୁଥିଲା, ମୋର ଆଈ ତୁମକୁ ବିଭା ହେବାର ଥିଲା ! ମୁଁ କହିଲି "ତାଙ୍କୁ କହିବ, ଏବେ ମଧ୍ୟ ସମୟ ଅଛି" !

Digitized by srujanika@gmail.com

୧୯୨୨ ମସୀହା ଏପ୍ରିଲ ମାସରେ ପାଟନା ରେଲୱେ ଜଙ୍କସନ୍‌ରେ ଇନ୍ଦ୍ରମତୀ ଦତ୍ତଙ୍କ ସହିତ ଦେଖା ହେବା ପରେ ମୋର ଭାଗ୍ୟ ନିର୍ଣ୍ଣୀତ ହୋଇଗଲା । ସେ ପାଟନା ଡିଭିଜନ୍‌ର ସହକାରୀ ସ୍କୁଲ୍ ଇନ୍‌ସପେକ୍‌ଟ୍ରେସ୍ ଥିଲେ ଏବଂ ଗୟାରୁ ଗସ୍ତରେ ଫେରୁଥିଲେ । ସେହି ଗାଡ଼ିରେ ଆସୁଥିବା ମୋର ବନ୍ଧୁ ଜୀବନଙ୍କୁ ଭେଟିବାକୁ ମୁଁ ଷ୍ଟେସନ୍‌କୁ ଯାଇ-ଥିଲି । ଜୀବନ ମୋତେ ଇନ୍ଦ୍ରମତୀ ସହିତ ପରିଚିତ କରାଇ ଦେଲା । ତା' ପର ଦିନ ଇନ୍ଦ୍ରମତୀ ଆମକୁ ଚା' ଖାଇବା ପାଇଁ ନିମନ୍ତ୍ରଣ କଲେ । ଆମ ସହିତ ଅନ୍ୟ ବନ୍ଧୁ ଝିଅ ମଧ୍ୟ ନିମନ୍ତ୍ରିତ ହୋଇ ଆସିଥିଲେ । ସେଠାରେ ଗୀତ ବୋଲା ଠାରୁ ଆରମ୍ଭ କରି ବେଶ୍ ଆନନ୍ଦରେ ସମୟଟା କଟିଲା । ପୁଣି ଦ୍ୱିତୀୟ ଦିନ ସେ ଆମକୁ ଚା' ଖାଇବା ପାଇଁ ନିମନ୍ତ୍ରଣ କଲେ । ସେ ଦିନ ଅଳ୍ପ ଝିଅ ଆସିଥିଲେ । ଝିଅମାନଙ୍କ ସହିତ ଆମକୁ ଭଲ ଭାବରେ ପରିଚିତ କରାଇବା ପାଇଁ ତାଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା । କାରଣ ଜୀବନ କାହାକୁ ବିବାହ କରିବ, ତାହା ଆଗରୁ ଠିକ୍ କରି ନେଇ ଥିଲା ଏବଂ ସ୍କୁଲ ଛାତ୍ର ସମୟରୁ ମୁଁ କୌଣସି ଜଣେ ମହିଳାଙ୍କୁ ବିବାହ କରିବି ବୋଲି ଠିକ୍ କରିଥିଲି, ତାହାଙ୍କୁ ମୁଁ ପାଇ-ଗଲି । ମାଟ୍ରିକୁଲେସନ୍ ପରେ ସେ ବିବାହ କରିଥିଲେ ଓ ପ୍ରଥମ ସନ୍ତାନର ଜନ୍ମ ପରେ ସେ ବିଧବା ହେଲେ । ତା ପରେ ସେ ଇଣ୍ଟରମିଡ଼ିଏଟ, ବି. ଏ ଓ ବି. ଟି ପାସ୍ କରି ଦର୍ଶନ ଶାସ୍ତ୍ରରେ ଏମ୍. ଏ ପର୍ଯ୍ୟନ୍ତ ପଢ଼ିଲେ । ଏହି ସମୟରେ ସେ ସ୍କୁଲ ସମୂହର ଆସିଷ୍ଟାଣ୍ଟ ଇନ୍‌ସପେକ୍‌ଟ୍ରେସ୍ ରୂପେ ନିଯୁକ୍ତ ପାଇଲେ । ସେହି ବର୍ଷକ ଭିତରେ ୧୯୨୨ ମସିହାରେ ସେ ଆର୍‌ବା ଓ ବକ୍‌ସାର ଗସ୍ତରେ ଆସୁଥିବା ବେଳେ ମୋର ତାଙ୍କ ସହିତ ବହୁଥର ସାକ୍ଷାତ ହୋଇଛି । ତା ପରେ ସେ ଇସ୍ତଫା ଦେଇ ଏଲ୍ଲାବାଦର ଗୋଟିଏ ହାଇସ୍କୁଲର ହେଡ୍‌ମିଷ୍ଟ୍ରେସ୍ ହୋଇ ଚାଲିଗଲେ । ସେଠାରେ ସେ ପ୍ରଥମେ ତାଙ୍କର ଭଉଣୀ ସହିତ ରହିଲେ । ଏ ଭଉଣୀଙ୍କର ସ୍ୱାମୀ ମୋର କେମ୍ବ୍ରିଜ୍ ସମୟର ବନ୍ଧୁ "ଫାଦର୍ ବାନାର୍ଜ୍ଜି" । ସେ ଇଣ୍ଡିଏନ୍ ଏଡ୍‌ୁକେସନାଲ ସର୍ଭିସରେ ଯୋଗ ଦେଇ ଏଲ୍ଲାବାଦ ବିଶ୍ୱ-ବିଦ୍ୟାଳୟରେ ଗଣିତ ଅଧ୍ୟାପକ ଥିଲେ । ମୁଁ ଏଲ୍ଲାବାଦ ଗଲି ଏବଂ ଇନ୍ଦ୍ରମତୀଙ୍କୁ ବିବାହ ପ୍ରସ୍ତାବ ଦେଲି । ସେ ନାହିଁ କରି ଦେଲେ । ମୁଁ ଭାବିଲି, ମୁଁ ଆଉଥରେ ଚେଷ୍ଟା କଲେ ନିଶ୍ଚୟ ସଫଳ ହେବ । ଜଣେ ବିଧବାକୁ ବିବାହ କରିବ ବୋଲି ମୋର ପ୍ରତିଜ୍ଞା ବିଷୟ ମୁଁ ତାଙ୍କୁ କହି ନାହିଁ କି କାହାରିକୁ କହି ନାହିଁ । କହିଥିଲେ, ମନା କରି ଦେବା ପାଇଁ ତାଙ୍କୁ ଗୋଟିଏ କାରଣ ମିଳି ଥାନ୍ତା । ତାଙ୍କ ପ୍ରତି ଆକୃଷ୍ଟ ହୋଇ ନୁହେ, ସେ ଜଣେ ବିଧବା ହୋଇଥିବାରୁ ମୁଁ ବିବାହ ପ୍ରସ୍ତାବ ଦେଉଛି ବୋଲି ସେ ଭାବି ଥାନ୍ତେ । ବିବାହ ପରେ ମଧ୍ୟ ତାଙ୍କୁ ଏ କଥା କହିବା ଏକ ନିଷ୍ଠୁରତା ହୋଇଥାନ୍ତା, କାରଣ ମୁଁ ତାଙ୍କୁ ଯେଉଁ ଉଚ୍ଚ ଆସନରେ ଅଧିଷ୍ଠିତ କରିଥିଲି, ଏହା ଫଳରେ ସେ ତାର ତଳକୁ ଖସି ପଡ଼ି ଥାନ୍ତେ । ମୃତ୍ୟୁ ପର୍ଯ୍ୟନ୍ତ ସେ ମୋର ପ୍ରତିଜ୍ଞାର କଥା ଜାଣି ନାହାନ୍ତି ।

Digitized by srujanika@gmail.com

୧୯୬୩ ମସୀହା ଫେବୃୟାରୀ ମାସରେ ମୁଁ ବକ୍ସାରରେ ସବଡ଼ିଭିଜନାଲ ଅଫିସର ଥିଲିବେଳେ ତାଙ୍କୁ ବକ୍ସାରକୁ ଡ଼ାକିଲି, ସେ ଆସିଲେ, ମୁଁ ପୁନରାୟ ବିବାହ ପ୍ରସ୍ତାବ ଦେଲି ଏଥର ସେ ରାଜି ହେଲେ । ପରବର୍ତ୍ତୀ ସମସ୍ୟା ହେଲା, କିପରି ଏ ପ୍ରସ୍ତାବ କାର୍ଯ୍ୟକାରୀ ହେବ । ସେ ଜଣେ କାୟସ୍ଥ, ମୁଁ ଜଣେ ବ୍ରାହ୍ମଣ । ହିନ୍ଦୁ ରୀତିରେ ବିବାହ ହେବା ସମ୍ଭବ ନୁହେଁ । ବ୍ରାହ୍ମ ରୀତିରେ ହୋଇ ପାରି ଥାନ୍ତା, କିନ୍ତୁ ବହୁ ବ୍ରାହ୍ମ ବିଧବାକୁ ଅମଙ୍ଗଳ ସୂଚକ ବୋଲି ମନେ କରୁଥିଲେ । ଆମ ଜାଣିବାରେ କେତେକ ବ୍ରାହ୍ମ ଥିଲେ, ଯେଉଁ ମାନେ ବିଧବା ଉପସ୍ଥିତି ଥିଲେ ଭୋଜି ଆଦି ଉତ୍ସବରେ ଯୋଗ ଦେଉ ନ ଥିଲେ । କେତେକ ଉତ୍ସବକୁ ବିଧବାଙ୍କ ନିମନ୍ତ୍ରଣ ମଧ୍ୟ କରାଯାଉ ନ ଥିଲା । ବହୁ କାରଣରୁ ବିଧବା ବିବାହ ଜନପ୍ରିୟ ହୁଅନ୍ତା ନାହିଁ । ବହୁ ପିତାମାତା ବିଧବା ବିବାହର ବିରୋଧୀ ଥିଲେ କାରଣ ବିଧବା ବିବାହ ଦ୍ୱାରା ସେମାନଙ୍କର କନ୍ୟା ଗୋଟିଏ ସୁଯୋଗ୍ୟ ବରପାତ୍ରରୁ ବଞ୍ଚିତ ହେବେ । ସଂସ୍କାରକମାନଙ୍କର ସମସ୍ତ ଉଦ୍ୟମ ସତ୍ତ୍ୱେ ବିଧବାମାନଙ୍କ ବିରୁଦ୍ଧରେ ସମାଜରେ ଏକ ବଦ୍ଧମୂଳ ଧାରଣା ରହି-ଥିଲା । ଆମେ ସ୍ଥିର କଲୁଁ ଏହାକୁ ଆମେ ଏକ ସାମାଜିକ ଉତ୍ସବରେ ପରିଣତ ନ କରି ୧୮୭୨ ମସିହା **Act III** ଆଇନ ଅନୁ-ଯାୟୀ ରେଜେଷ୍ଟ୍ରୀ ବିବାହ କରିବୁଁ । ଯେ ରେଜେଷ୍ଟ୍ରୀ କରନ୍ତି ସେ କମିଶନରଙ୍କ ଆଦେଶରେ ରହୁଥିଲେ । ଯେତେବେଳେ ଚଉଦ ଦିନଆ ବିଜ୍ଞପ୍ତି ସମୟ ଅତୀତ ହୋଇଗଲା ଓ

କେଉଁଠାରୁ କିଛି ଆପତ୍ତି ହେଲା ନାହିଁ, ବିଜ୍ଞପ୍ତିରେ ମୁଁ ଇନ୍ଦୁମତୀର ଦସ୍ତଖତ ନେଇ ନ ଥିବାର ଦେଖାଗଲା । ତେଣୁ ପୁଣି ଥରେ ଏଥିପାଇଁ ତାଙ୍କୁ ବକ୍ସାର ଆସିବାକୁ ହେଲା । ବିଜ୍ଞପ୍ତିର ପନ୍ଦର ଦିନ ଆଗରୁ ଓ ପନ୍ଦର ଦିନ ପରେ ବକ୍ସାର ଠାରେ ସେ ରହିବା ପାଇଁ ମୁଁ ଗୋଟିଏ ଅଲଗା ଘର ନେଲି । ମୁଁ ତାଙ୍କୁ ସଦ୍ୟ ବିଷୟରେ ଏବଂ ଢ଼ି ବିଷୟରେ ସମସ୍ତ କଥା କହିଲି । ଢ଼ି ଲେଖିଥିଲା, "ଯେଉଁ ଚନ୍ଦ୍ର ମୋତେ କିରଣ ଦେଉଛି, ସେ ତୁମକୁ ମଧ୍ୟ କିରଣ ଦେଉଛି, ମୁଁ ଚନ୍ଦ୍ରକୁ ଅନାଇ ତୁମର ମୁହଁ ଦେଖି ପାରୁଛି" । ଏ ଚିଠି ଆସିଲା ବେଳେ ବକ୍ସାରରେ ଇନ୍ଦୁମତୀ ମୋ ପାଖରେ ବସିଥାନ୍ତି, ସେ ମୋର ପ୍ରସ୍ତାବ ଗ୍ରହଣ କରି ନେଇଥାନ୍ତି, ମାତ୍ର ଆମର ବିବାହ ହୋଇ ନ ଥାଏ । ଏହି ସମୟରେ ଢ଼ିର ଚିଠି ଆସି ପହଞ୍ଚିଲା । ମୁଁ ତାଙ୍କୁ ତାହା ପଢ଼ିବାକୁ ଦେଲି । ତାଙ୍କୁ ନ ଦେଇଥିଲେ, ଅବସ୍ଥା ଆହୁରି ଜଟିଳ ହୋଇଥାନ୍ତା । ପଢ଼ିବା ପରେ ତାଙ୍କର ପ୍ରତିକ୍ରିୟା ହେଲା, "ଆମର ବିବାହ ପ୍ରସ୍ତାବ ଏଠାରେ ରହୁ । ତୁମେ ଢ଼ିକୁ ବିବାହ କର । ମୁଁ ତୁମର ବନ୍ଧୁ ହୋଇ ରହିଲି" ଏହି ସଙ୍କଟପୂର୍ଣ୍ଣ ପରିସ୍ଥିତି ପୁଣି ଦୁଇ ଦିନ ରହିଥିଲା । ମୁଁ ତାଙ୍କୁ କହିଲି, "ଢ଼ି ଜାଣେ ଯେ ତା ସହିତ ବିବାହ ହେବ ନାହିଁ କେବେ ହେଲେ ମୁଁ ଜଣେ "ଇଂଲଣ୍ଡ" ବାଳିକାକୁ ବିବାହ କରିବି ନାହିଁ" ଇନ୍ଦୁମତୀ ବୁଝିଲେ । ମୋର ବିବାହ ପରେ ମୁଁ ଢ଼ିକୁ ଚିଠି ଲେଖି ଜଣାଇ ଥିଲି । ପବିତ୍ର ପ୍ରେମ କ୍ରମେ ମଉଳିଗଲା । ବିଲାତରେ ସେ ବିବାହ

Digitized by srujanika@gmail.com

କଲି । ଦୁଇବର୍ଷ ପରେ ସେ ତାର ପୁଅର ଗୋଟିଏ ଫଟ ପଠାଇ ଥିଲି ।

ରେଜିଷ୍ଟ୍ରାର ପାଖକୁ ପୁଣି ଥରେ ବିଜ୍ଞପ୍ତି ଗଲା । ଆପତ୍ତିର ସମୟ ଗଡ଼ିଯିବା ପରେ କଲେକ୍ଟର ଆମର ବିବାହ ରେଜେଷ୍ଟ୍ରୀଭୁକ୍ତ କରିବା ପାଇଁ ରେଜିଷ୍ଟ୍ରାରଙ୍କୁ ମୋ ଅନୁରୋଧ କ୍ରମେ ବକ୍ସାର ପଠାଇଲେ । ମେ ୧୨ ତାରିଖ କୁ ବିବାହ ଦିନ ଧାର୍ଯ୍ୟ ହେଲା, କଲେକ୍ଟର ଡବ୍ଲ୍ୟୁ ଜନ୍‌ସନ୍, ଆଇ. ସି. ଏସ୍ ସାକ୍ଷୀ ହେବା ପାଇଁ ଆସିଥିଲେ ଏବଂ ସେ ମୋ ଘରେ ରହିଥିଲେ । ଅନ୍ୟ ସାକ୍ଷୀମାନେ ଥିଲେ, କାପ୍ଟେନ ଗାଇ, ଆଇ. ଏମ୍. ଏସ୍ ( ଇଣ୍ଡିଆନ୍ ମେଡ଼ିକାଲ ସର୍ଭିସ ) ସେ କି ବକ୍ସାର କେନ୍ଦ୍ର ଜେଲର ସୁପରିଣ୍ଟେଣ୍ଡେଣ୍ଟ୍ ଥିଲେ ଓ କେନ୍ଦ୍ର ଜେଲର କାର୍ଯ୍ୟାଳୟ ବିଶେଷଜ୍ଞ ମିଷ୍ଟର ରବିନସନ୍ । ଉତ୍ସବ ଶେଷରେ ଆମ ଘରେ ଅଳ୍ପ ଲୋକଙ୍କର ଖାଇବା ବ୍ୟବସ୍ଥା ହୋଇଥିଲା । ଏ ଖବର ଓଡ଼ିଶାକୁ ପରମାନନ୍ଦ ଦଦେଇଙ୍କ ପାଖକୁ ଦିଆଗଲା । ଇନ୍ଦୁମତୀର ବାପା ହଜାରୀ ବାଗରେ ରହୁଥିଲେ, ତାଙ୍କୁ ମଧ୍ୟ ଏହା ଜଣାଇ ଦିଆଗଲା । ଏଲାହାବାଦରେ ଥିବା ତା'ର ଭଉଣୀ ଏହା ଆଗରୁ ଜାଣିଥିଲେ ଅଳ୍ପ କେତେକ ସପ୍ତାହ ମଧ୍ୟରେ ପରମାନନ୍ଦ ଦଦେଇ ବକ୍ସାର ଆସିଲେ ଓ ମୋର କିଛି ଭୁଲ ହୋଇ ନାହିଁ ବୋଲି ତାଙ୍କର ପୂର୍ଣ୍ଣ ହୃଦ୍‌ବୋଧ ହେଲା । ଦଦେଇ ଖୁସି ହେଲେ ମଧ୍ୟ କଟକରେ କେତେକ ଲୋକ ଏଥିରେ ଖୁସି ହେଲେ ନାହିଁ । ବିବାହ ବଜାରରୁ ଗୋଟିଏ ଭଲ ସାମଗ୍ରୀ ଚାଲିଗଲା ବୋଲି କେହି କେହି ମନେ କଲେ । ଜଣେ ବୟସ୍କ ଓଡ଼ିଆ ଅଫିସର ମନ୍ତବ୍ୟ ଦେଲେ, ବଙ୍ଗଳାକୁ ଦୁଇ ଲକ୍ଷ ଟଙ୍କା ଚାଲିଗଲା । " ସେତେବେଳେ ମୋର ମୂଲ୍ୟ ଏତେ ? !

ବିବାହ ପରେ ମୁଁ ଛୁଟି ନେଇ ହଜାରିବାଗ ଗଲି । ସେଠାରେ ମୋର ଶ୍ୱଶୁର ଓ ଶାଶୁ ବୋଧହୁଏ ବୁଝିଥିବେ ଯେ ତାଙ୍କର ଝିଅ ଭୁଲ କରି ନାହିଁ । ରେଜେଷ୍ଟ୍ରୀ ବିବାହର ଗୋଟିଏ ଦିଗ ହେଉଛି- ଆମ ଉଭୟଙ୍କୁ ଏକ ଘୋଷଣା ପତ୍ରରେ ସ୍ୱାକ୍ଷର କରିବାକୁ ହେଉଥିଲା । ତାହା ହେଉଛି, " ମୁଁ ହିନ୍ଦୁ ନୁହେଁ, ମୁସଲମାନ ନୁହେଁ · · · ଇତ୍ୟାଦି , ଇତ୍ୟାଦି । "

ଫଳରେ ଏଇଆ ହେଲା ଯେ ବିଧାନତଃ ମୁଁ ଆଉ ହିନ୍ଦୁ ହୋଇ ରହିଲି ନାହିଁ, ଯଦିଓ ପ୍ରକୃତରେ ମୁଁ ହିନ୍ଦୁ ଛଡ଼ା ଆଉ କିଛି ନ ଥିଲି । ପ୍ରକୃତରେ ହିନ୍ଦୁ ନ ହୋଇ ମୁଁ କଣ ହେଲି, ତା' ବୋଧହୁଏ ନବୋଧ ଆଇନକାରମାନେ ଜାଣିଥିବେ । ଏବେ ଏ ଆଇନର ସଂଶୋଧନ ହୋଇଗଲାଣି । ଘୋଷଣା ପତ୍ରଟି ଏବେ ନାସ୍ତିବାଚକ ନୁହେଁ, ଆସ୍ତିବାଚକ- "ମୁଁ ଜଣେ ହିନ୍ଦୁ · · · ଇତ୍ୟାଦି" ବିଧାନତଃ ମୁଁ ଜଣେ ହିନ୍ଦୁ ହୋଇ ରହି ନଥିବା ଯୋଗୁଁ ବିବାହ ପରେ ମୁଁ କୌଣସି ହିନ୍ଦୁ ମନ୍ଦିରକୁ ଯାଇ ନାହିଁ । ପୁରୀ ରାଜା ମୋତେ ନିମନ୍ତ୍ରଣ କରିଥିଲେ, ଜଗନ୍ନାଥ ଦର୍ଶନ ପାଇଁ । ତେବେ ମଧ୍ୟ ମୁଁ ଯାଇ ନ ଥିଲି । ଏବେ ମୁଁ ଯାଇପାରେ, କିନ୍ତୁ ମୁଁ ଯିବି ନାହିଁ ।

୧୯୫୭ ଫେବୃୟାରୀ ୧୭ ତାରିଖରେ ଭୁବନେଶ୍ୱରରେ ଆମ କୁଳ ପୁରୋହିତ

Digitized by srujanika@gmail.com

ମୋତେ ହିନ୍ଦୁ ଧର୍ମରେ ପୁନଃ ଦୀକ୍ଷିତ କଲେ ତା'ପରେ ମୋ ଭଉଣୀର ଝିଅ ଅରୁଣା, ଯାହାକୁ କି ମୁଁ ଝିଅ କରିଥିଲି ତାକୁ ହିନ୍ଦୁ ମତରେ ବିବାହ ଦେଇ ପାରିଲି । ଅରୁଣା ଜନ୍ମ ହେବାର ୧୦ ଦିନ ପରେ ତା' ମା ମରିଗଲା, ୧୭ ଦିନବେଳୁ ମୁଁ ତାକୁ ପାଳିଲି ।

୧୯୩୪ ସେପ୍ଟେମ୍ବର ପହିଲାରେ ଇନ୍ଦୁମତୀର ମୃତ୍ୟୁ ହେଲା । ସେତେବେଳେ ମୋ ପରିବାରରେ ଥିଲେ, ବାବଲି (୧୦) ବୁଲି (୮) ଅରୁଣା (୬) । ୨୨ ବର୍ଷ ବୟସର ମୋର ପାଳିତ ଝିଅ ଡ଼ଲି ଉପରେ ସେମାନଙ୍କର ତତ୍ତ୍ୱାବଧାନ ଭାର ପଡ଼ିଲା । ଡ଼ଲିକୁ ବିବାହ କରିବାପାଇଁ ବହୁ ଚାପ ଦିଆଗଲା । ମାତ୍ର ସେ ମନା କରିଦେଇ କହିଲା ଯେ ତାର ପ୍ରଥମ କର୍ତ୍ତବ୍ୟ ହେଉଛି, ବାବଲି, ବୁଲି ଓ ଅରୁଣାଙ୍କ ସମ୍ଭାଳିବା । ଆଉଥରେ ବିବାହ କରିବାପାଇଁ ମୋ' ଉପରେ ମଧ୍ୟ ଚାପଦିଆଗଲା । କିନ୍ତୁ ବିବାହର ଇଚ୍ଛା ମୋର ନ ଥିଲା ।

## ମୋ ସ୍ତ୍ରୀର ଜ୍ଞାତି କୁଟୁମ୍ବ

ମୋ ସ୍ତ୍ରୀର ଚାରି ଭାଇ ଓ ତିନି ଭଉଣୀ । ସମସ୍ତେ ବଡ଼ ଅତିଶୟ ଦୁର୍ବଳ ଥିଲେ । ତା'ର ସ୍ୱାସ୍ଥ୍ୟ ପାଇଁ ମୋର ଶ୍ୱଶୁର ପୂର୍ବ ପାକିସ୍ତାନ ମେଙ୍ଗାଲିରୁ ଉଠି ଆସି ବିହାରର ହଜାରିବାଗ ଠାରେ ଆସି ରହିଥିଲେ । ସେଠାରେ 'ଏନକ୍ୟୁମ୍ବର୍ଡ଼ ଇଷ୍ଟେଟ୍'ରେ ଚାକିରି କରି ସେ ମ୍ୟାନେଜର ପଦକୁ ଉଠିଥିଲେ । କିନ୍ତୁ ପିଲାଟି ବେଶୀଦିନ ବଞ୍ଚି ନ ଥିଲା । ସେ ଗୋଟିଏ କୂଅରେ ପଡ଼ିଗଲା ଓ ଅନ୍ୟମାନେ ଜାଣିବା ପୂର୍ବରୁ ବୁଡ଼ି ଯାଇଥିଲା । ଅନ୍ୟ ତିନି ଭାଇ ବିହାର କିମ୍ବା ବଙ୍ଗଳାରେ କଣ୍ଟ୍ରାକ୍ଟର ଅଛନ୍ତି କିମ୍ବା ଚାକିରି କରନ୍ତି । ଜଣେ ଭଉଣୀ ଶ୍ରୀମତୀ ବାନାର୍ଜୀ ଏଲାହାବାଦରେ ଅଛନ୍ତି ଓ ମୁଁ ତାଙ୍କ କଥା ଆଗରୁ ଉଲ୍ଲେଖ କରିଛି । ଆଉ ଗୋଟିଏ ଭଉଣୀ ରାଞ୍ଚିର ଜଣେ ଓକିଲଙ୍କୁ ବିବାହ କରିଛନ୍ତି । ଇଷ୍ଟ-ପାକିସ୍ତାନର ଚିଟାଗଙ୍ଗ ଗୁପ୍ତ ପରିବାରରେ ଆଉ ଗୋଟିଏ ଭଉଣୀ ବିବାହ କରିଛନ୍ତି । ଗୁପ୍ତ ପରିବାରର ଜଣେ ଯୁବକ ବ୍ରିଟିଶଙ୍କ ବିରୁଦ୍ଧରେ ସନ୍ତ୍ରାସବାଦୀ ଆନ୍ଦୋଳନରେ ଯୋଗ ଦେଇ ଚିଟାଗଙ୍ଗ ଅସ୍ତ୍ରାଗାର ଆକ୍ରମଣ ମକଦ୍ଦମାରେ ଜଡ଼ିତ ହୋଇଥିଲା । ଅନ୍ୟ-ଜଣେ ଯୁବକ ଦେଶଛାଡ଼ି ଜର୍ମାନୀରେ ରହି ଜଣେ ଜର୍ମାନ ମହିଳାଙ୍କୁ ବିବାହ କରିଥିଲେ ଓ ଡୁଇସ୍‌ବର୍ଗଠାରେ ରହିଥିଲେ । ୧୯୫୫ ମସିହାରେ ମୁଁ ଡୁଇସ୍‌ବର୍ଗ ଯାଇଥିବା ବେଳେ ଏହି ପରିବାରକୁ ଭେଟିଥିଲି । ମୋର ଶାଳୀର ଜଣେ ନଣନ୍ଦ (ଗୁପ୍ତପରିବାରର ଜଣେ ଝିଅ) କଟକରେ ବିବାହ କରିଥିଲେ । ସେ ହେଉଛନ୍ତି ବିଜୟାନନ୍ଦ ପଟ୍ଟନାୟକଙ୍କର ମା । ଅତଏବ ମୁଁ ଏହିପରି ଭାବରେ ବିଜୁର ମାମୁଁ ସ୍ଥାନୀୟ ବୋଲି ନିଜକୁ କହିପାରେ ।

ମୋର ଶାଶୁଙ୍କର ଦୁଇ ଭଉଣୀ ବିହାରର ଲହିରିଆ ସରାଇ ମଜୁମଦାର ପରିବାରରେ ବିବାହ କରିଥିଲେ । ଏହି ପରିବାରରୁ ବାହାରିଛନ୍ତି ଶ୍ରୀ ଏସ୍. ଏନ୍, ମଜୁମଦାର ଆଇ. ସି. ଏସ୍, ସୁଚେତା କୃପାଲାନୀ ଯେ ଉତ୍ତର ପ୍ରଦେଶର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଥିଲେ ଓ ବିଶିଷ୍ଟ ସର୍ବୋଦୟନେତା

Digitized by srujanika@gmail.com

ଶ୍ରୀ ଧୀରେନ ମଜୁମଦାର । ମୋର ଏଲାହା-ବାଦରେ ଥିବା ଶାଳୀଙ୍କର ପୁଅ ବାରିଷ୍ଟର ମିଳନ ବାନର୍ଜୀ । ଏବେ ହରିୟାନାର ରାଜ୍ୟପାଳ ବି. ଏନ. ଚକ୍ରବର୍ତ୍ତୀ ଆଇ. ସି. ଏସ୍‌ଙ୍କ ଝିଅକୁ ବିବାହ କରିଛନ୍ତି ।

ମୋର ଶଶୁର ବ୍ରଜ ଗୋପାଳ ନିୟୋଗୀ କେଶବଚନ୍ଦ୍ର ସେନଙ୍କ ପ୍ରତିଷ୍ଠିତ ନବବିଧାନ ସମାଜର ଜଣେ ସୁପରିଚିତ ସଭ୍ୟ ଥିଲେ । କେଶବଚନ୍ଦ୍ର ସେନ ଓ ତାଙ୍କର ପରିବାର ସହିତ ମୋ ଶଶୁରଙ୍କର ଘନିଷ୍ଠ ସମ୍ପର୍କ ଥିଲା ।

---


# "ନିଆଁକୁ ଯେବେ ଡର
# କର ଟାଇଲ୍ ଘର"

ଗାଁ ଗହଳରେ ପଞ୍ଚାୟତମାନଙ୍କରେ ୨୭ଟି ଟାଇଲ କାରଖାନା ବସିଲାଣି । ଲୋକଙ୍କର ମଙ୍ଗଳପାଇଁ ସରକାର ଏହି କାରଖାନାମାନ ବସାଇଛନ୍ତି । ଏହି କାରଖାନାମାନଙ୍କରୁ ସୁବିଧା ଓ ଶସ୍ତା ଦରରେ ଟାଇଲ ମିଳେ । ନିକଟତମ ଟାଇଲ କାରଖାନାରେ ଅନୁସନ୍ଧାନ କରନ୍ତୁ ।

ଯାହାର ଘର ପୋଡ଼ିଯାଇଛି, ସେମାନଙ୍କୁ ଶତକଡ଼ା ୧୦ ଟଙ୍କା ରିହାତି ମିଳିବ ।

ସବିଶେଷ ବିବରଣୀପାଇଁ :—

**ଦି ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରିଜ କର୍ପୋରେସନ୍ ଲିମିଟେଡ଼ର**

ନିମ୍ନଲିଖିତ ଶାଖା ଅଫିସମାନଙ୍କରେ ଅନୁସନ୍ଧାନ କରନ୍ତୁ :—

କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସୁନାବେଡ଼ା, ସମ୍ବଲପୁର ଓ ବାଲେଶ୍ୱର

# "କରିବ ଟାଇଲ୍ ଘର
# ନିଆଁକୁ ନଥିବ ଡ଼ର"


Digitized by srujanika@gmail.com

**ଶାନ୍ତିହିଁ ଭାରତୀୟ ସଭ୍ୟତାର ମୂଳମନ୍ତ୍ର**

# ଉପନିଷଦ୍ର ଶାନ୍ତିବଚନ

**ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ**

ଉପନିଷଦ୍ ସବୁ ବେଦରୂପରେ ସ୍ୱୀକୃତ । ବେଦର ସଂଜ୍ଞା କରିବାକୁ ଯାଇ କୁହାଯାଇଛି— "ମନ୍ତ୍ର ବ୍ରାହ୍ମଣୟୋର୍ବେଦନାମଧେୟମ୍" ମନ୍ତ୍ର ଓ ବ୍ରାହ୍ମଣକୁ ବେଦ କହନ୍ତି । ପ୍ରଥମରେ ବେଦ ତିନି ଭାଗରେ ବିଭକ୍ତ ଥିଲା, ଋକ୍, ସାମ ଓ ଯଜୁର୍ବେଦ । ଏଣୁ ଏହାକୁ 'ତ୍ରୟୀ' କହୁଥିଲେ । ପରେ ଏଥିରେ ଅଥର୍ବ ମିଶିବାରୁ ବେଦର ବିଭାଗ ଚାରି ହେଲା । ଏହି ଚାରିବେଦରେ ମନ୍ତ୍ର ସମୂହ ସଂକଳିତ ହୋଇଛି, ଏଣୁ ଏହାର ନାମ ସଂହିତା । କାଳକ୍ରମେ ବେଦର ନାନା ଶାଖା ହେଲା ଏବଂ କ୍ରମେ କ୍ରମେ ଅବୋଧ ବା ଦୁର୍ବୋଧ ହୋଇ ଆସିଲା, ଏଣୁ ସେ ସବୁର ବ୍ୟାଖ୍ୟାର ପ୍ରୟୋଜନ ହେଲା । ଏହି ବ୍ୟାଖ୍ୟା ଗ୍ରନ୍ଥ ହେଲା ବ୍ରାହ୍ମଣ । ପ୍ରତ୍ୟେକ ବେଦର ଶାଖା ଅନୁସାରେ ବିଭିନ୍ନ ବ୍ରାହ୍ମଣ ଗ୍ରନ୍ଥ ଲେଖାହେଲା । ବେଦର ଏହି ବ୍ରାହ୍ମଣ ଅଂଶକୁ ଦୁଇ ଭାଗରେ ବିଭକ୍ତ କରା ହୋଇଛି – ବିଧିବାଦ ଓ ଅର୍ଥବାଦ । ବିଧିବାଦ ଅଜ୍ଞାତ ବିଷୟରେ ଜ୍ଞାନ ଦିଏ, ଅନନୁଷ୍ଠିତ କର୍ମରେ ପ୍ରବୃତ୍ତ କରେ, ଅର୍ଥବାଦରେ ସ୍ତବ ସ୍ତୁତି ଆଦି ଅନ୍ତର୍ନିବିଷ୍ଟ ।

ବେଦର ଆଉ ଦୁଇ ପ୍ରକାର ବିଭାଗ ମଧ୍ୟ ଦେଖାଯାଏ – କର୍ମକାଣ୍ଡ ଓ ଜ୍ଞାନକାଣ୍ଡ । କର୍ମକାଣ୍ଡରେ ଯଜ୍ଞ ସମ୍ପାଦନ ବିଧି ଅନ୍ତର୍ଭୁକ୍ତ ଓ ଜ୍ଞାନକାଣ୍ଡରେ ତାତ୍ତ୍ୱିକ ଆଲୋଚନା । ଏହି ଦୁଇ ପ୍ରକାର ଆଲୋଚନା ନେଇ ବ୍ରାହ୍ମଣ ଗ୍ରନ୍ଥ ପରେ ଆରଣ୍ୟକର ସୃଷ୍ଟି ହେଲା ଏବଂ ତା' ପରେ ଉପନିଷଦ୍ର ବିକାଶ, ଆରଣ୍ୟକ ଓ ଉପନିଷଦ୍ ବ୍ରାହ୍ମଣ ଗ୍ରନ୍ଥର ଅନ୍ତର୍ଭୁକ୍ତ । ଏଣୁ ବେଦ ବା ବୈଦିକ ସାହିତ୍ୟ କହିଲେ ମନ୍ତ୍ର ବା ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ୍ ବୁଝାଏ । ଉପନିଷଦ୍କୁ ବେଦାନ୍ତ ମଧ୍ୟ କହନ୍ତି, ଅର୍ଥାତ୍ ବେଦର ଅନ୍ତ ବା ବୈଦିକ ଜ୍ଞାନର ପରାକାଷ୍ଠା ।

## ଉପନିଷଦ୍ ପାଠରେ ଗୌରବ

ବେଦର ଯେପରି ଗୌରବ, ଉପନିଷଦ୍ର ମଧ୍ୟ ସେହିପରି ଗୌରବ । ବେଦପାଠ ବା ସ୍ୱାଧ୍ୟାୟର ଯେପରି ମାହାତ୍ମ୍ୟ, ଉପନିଷଦ୍ ପାଠର ମଧ୍ୟ ସେହିପରି ମାହାତ୍ମ୍ୟ । ବେଦପାଠର ବିଶେଷ ବିଧି ଅଛି । ବେଦ ମନ୍ତ୍ରର ଆଦିରେ ଓ ଅନ୍ତରେ ଓଁ ଉଚ୍ଚାରଣ କରିବାକୁ ହୁଏ, ଏହା ବିଧି । ସେହିପରି ଉପନିଷଦ୍ ପାଠ କଲେ ମଧ୍ୟ ଆଦିରେ ଓ

Digitized by srujanika@gmail.com

ଅନ୍ତରେ ଶାନ୍ତ ବଚନ ପାଠ କରିବାକୁ ହୁଏ ।
ଏଣୁ ମୁକ୍ତିକୋପନିଷଦ୍‌ରେ କୁହା ହୋଇଅଛି-

ଇତ୍ଥଂ କୈବଲ୍ୟମୁକ୍ତିସ୍ତୁ
କେନୋପାୟେନ ସିଧ୍ୟତି ।
ମାଣ୍ଡୁକ୍ୟମେକମେବାଲଂ
ମୁମୁକ୍ଷୂଣାଂ ବିମୁକ୍ତୟେ ॥
ତଥାପ୍ୟସିଦ୍ଧଂଚେଜ୍ଜ୍ଞାନଂ
ଦଶୋପନିଷଦଂ ପଠ ।
ଜ୍ଞାନଂ ଲବ୍ଧ୍ୱାଚିରାଦେବ
ମାମକଂ ଧାମ ଯାସ୍ୟସି ॥
ତଥାପି ଦୃଢ଼ତା ନୋ ଚେଦ୍
ବିଜ୍ଞାନସ୍ୟାଞ୍ଜନାସୁତ ॥
ଦ୍ୱାତ୍ରିଂଶାଖ୍ୟୋପନିଷଦଂ
ସମଭ୍ୟସ୍ୟ ନିବର୍ତ୍ତୟ ॥
ବିଦେହମୁକ୍ତାବିଚ୍ଛା
ଚେଦଷ୍ଟୋତ୍ତର ଶତଂ ପଠ ।
ତାସାଂ କ୍ରମଂ ସଶାନ୍ତିଂ ଚ
ଶୃଣୁ ବକ୍ଷ୍ୟାମି ତତ୍ତ୍ୱତଃ ॥

ମୁକ୍ତିକୋପନିଷଦ୍ ରାମ - ହନୁମାନଙ୍କ ପ୍ରଶ୍ନୋ- ତ୍ତର କ୍ରମରେ ଲେଖା ହୋଇଛି । ରାମ କହୁଛନ୍ତି — ଏହି କୈବଲ୍ୟମୁକ୍ତି କେଉଁ ଉପାୟରେ ସିଦ୍ଧ ହୁଏ, ଏହାଯଦି ପ୍ରଶ୍ନ, ତେବେ କେବଳ ମାଣ୍ଡୁକ୍ୟ ଉପନିଷଦ୍ ଏକମାତ୍ର ମୁମୁକ୍ଷୁମାନଙ୍କ ବିମୁକ୍ତିପାଇଁ ଯଥେଷ୍ଟ ତଥାପି ଯଦି ଜ୍ଞାନ ସିଦ୍ଧ ନ ହେଲା, ତେବେ ଦଶ ଉପନିଷଦ୍ ପଢ଼, ଜ୍ଞାନ ଲଭ କରି ଶୀଘ୍ର ମୋ ଧାମକୁ ଯିବ । ହେ ଅଞ୍ଜନାସୁତ ! ତଥାପି ଯଦି ବିଜ୍ଞାନର ଦୃଢ଼ତା ନ ହୁଏ, ଦ୍ୱାତ୍ରିଂଶତ୍ ଉପନିଷଦ୍ ଅଭ୍ୟାସ କରି ନିବୃତ୍ତି ଲାଭ କର । ଯଦି ବିଦେହମୁକ୍ତିରେ ଇଚ୍ଛା, ତେବେ ଅଷ୍ଟୋତ୍ତର ଶତ ଉପନିଷଦ୍ ପାଠ କର । ସେମାନଙ୍କର କ୍ରମ ଓ ଶାନ୍ତି କହୁଛି ଶୁଣ ।

## ୧୦୮ ଉପନିଷଦ ସାର

ଏଥିରୁ ଜଣା ପଡୁଛି ଯେ ମାଣ୍ଡୁକ୍ୟ ଉପନିଷଦ୍ ସର୍ବଶ୍ରେଷ୍ଠ ଉପନିଷଦ୍, ତା'ପରେ ଦଶ, ବତିଶ ଓ ଏକଶହ ଆଠ । ବେଦର ପ୍ରତ୍ୟେକ ଶାଖାର ଯଦି ଗୋଟିଏ ଗୋଟିଏ ଉପନିଷଦ ହୁଏ, ତେବେ ଉପନିଷଦ୍ ସଂଖ୍ୟା ହେବ ୧୧୮୦, କାରଣ — ବେଦ ଚାରି ପ୍ରକାର । ଋଗ୍‌ବେଦର ଶାଖା ହେଉଛି-୨୧, ଯଜୁର୍ବେଦର ୧୦୯, ସାମବେଦର ୧୦୦୦ ଏବଂ ଅଥର୍ବ ବେଦର ୫୦ :—

ଅଥ ଋଗ୍‌ବେଦାଦି ବିଭାଗେନ ବେଦାଶ୍ଚତ୍ୱାରଃ । ତେଷୈକବିଂଶତିଶାଖା ଋଚଃ । ନବାଧିକ ଶତଶାଖା ଯଜୁଃ । ସହସ୍ରଶାଖାଃ ସାମ୍ନଃ । ପଞ୍ଚାଶତ୍‌ଶାଖା ଅଥର୍ବଣାସ୍ୟ ।

ଏହାଭିତରୁ ୨୨୦ଟି ଉପନିଷଦ୍ ମିଳୁଛି । କିନ୍ତୁ ମୁକ୍ତିକଉପନିଷଦ୍ ୧୦୮ ଉପ- ନିଷଦ୍‌କୁ ସାର ବା ଶ୍ରେଷ୍ଠ ବୋଲି କହିଛନ୍ତି ।

ସର୍ବୋପନିଷଦାଂ ମଧ୍ୟେ
ସାରମଷ୍ଟୋତ୍ତରଂ ଶତମ୍ ।
ସକୃଚ୍ଛ୍ରବଣ ମାତ୍ରେଣ
ସର୍ବାଘୌଘନିକୃନ୍ତନମ୍ ॥

ସବୁ ଉପନିଷଦ୍ ମଧ୍ୟରେ ଅଷ୍ଟୋତ୍ତର ଶତ ଉପନିଷଦ୍ ହେଉଛି ସାର ଏବଂ ସେମାନଙ୍କୁ ଥରେ ଶୁଣିଲେ ସବୁ ପାପ ନାଶ ହୁଏ, ବନ୍ଧନରୁ ମୁକ୍ତି ମଧ୍ୟ ମିଳେ ।

Digitized by srujanika@gmail.com

ଇଦଂ ଶାସ୍ତ୍ରଂ ମୟା ଦତ୍ତଂ
ଗୁହ୍ୟମଷ୍ଟୋତ୍ତରଂ ଶତମ୍ ।
ଜ୍ଞାନତୋଽଜ୍ଞାନତୋ ବାପି
ପଠତାଂ ବନ୍ଧମୋଚକମ୍ ॥

ଏହି ଅଷ୍ଟୋତ୍ତର ଶତ ଉପନିଷଦ୍ ଜ୍ଞାନପୂର୍ବକ ବା ଅଜ୍ଞାନପୂର୍ବକ, ବୃତ୍ତି ବା ନିବୃତ୍ତି ପାଠ କଲେ ଭବବନ୍ଧନରୁ ମୁକ୍ତିଦାୟକ ହୁଏ ।

ଏହି ଅଷ୍ଟୋତ୍ତର ଶତ ଉପନିଷଦ୍‌ର କ୍ରମ ଓ ଶାନ୍ତିବଚନ ମଧ୍ଯ ମୁକ୍ତିକ ଉପନିଷଦ୍‌ରେ ଦିଆ ହୋଇଛି । କ୍ରମ ଅପେକ୍ଷା ଶାନ୍ତିବଚନ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ।

ଉପନିଷଦ୍‌ର ଋଷି ବ୍ରହ୍ମଭାବ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଉଦାତ୍ତ କଣ୍ଠରେ ଶାନ୍ତି-ବଚନ ପାଠ କରିଛନ୍ତି । ସେ ଇହଲୋକରେ ଥାଇ ମଧ୍ଯ ଅନ୍ତ୍ୟନ୍ତ ଊର୍ଦ୍ଧ୍ୱରେ 'ଉପନିଷଦ୍ ପାଠ ଋଷିଙ୍କୁ ବ୍ରହ୍ମଭାବାପନ୍ନ ବ୍ରହ୍ମମୟ କରିଛି, ଓ ସ୍ୱତଃସ୍ଫୂର୍ତ୍ତି ହୋଇ କଣ୍ଠରୁ ନିଃସୃତ ହୋଇଛି ଶାନ୍ତିବଚନ । ଶାନ୍ତିବଚନରେ ଉପ-ନିଷଦ୍‌ର ନିର୍ଯ୍ୟାସ ସ୍ଥାପିତ ହୋଇଛି । ଶାନ୍ତି-ବଚନ ପାଠ ଭବତାପକ୍ଳିଷ୍ଟ ସାଧାରଣ ଲୋକଙ୍କୁ ମଧ୍ଯ କ୍ଷଣକପାଇଁ ଆତ୍ମହରା କରି ଉଚ୍ଚସ୍ତରକୁ ନେଇ ଯାଏ । ଏଣୁ ଏହି ଶାନ୍ତି-ବଚନ ସମୂହଙ୍କ ପାଠ କରିବା ଓ ଜାଣିବା ଆବଶ୍ୟକ ବୋଲି ମନେ ହୁଏ ।

## ପାଞ୍ଚଟି ଶାନ୍ତି ବଚନ

ଉପନିଷଦ୍‌ର ୫ଟି ଶାନ୍ତିବଚନ ଦେଖିବାକୁ ମିଳେ । ବେଦ ପ୍ରଧାନତଃ ଚାରି ହେଲେ ମଧ୍ଯ ଯଜୁର୍ବେଦ କୃଷ୍ଣ ଓ ଶୁକ୍ଳ ଭେଦରେ ଦୁଇପ୍ରକାର ହୋଇ ଥିବାରୁ ପାଞ୍ଚ ବୋଲି ଧରିବାକୁ ହେବ । ଏହି ପାଞ୍ଚ ବେଦ ଅନୁସାରେ ଉପନିଷଦ୍‌କୁ ୫ ଭାଗ କରି ସବୁ ଉପନିଷଦ୍‌ର ୫ଟି ଶାନ୍ତିବଚନ ଦିଆହୋଇଛି ।

ଯଥା — ଐତରେୟ, କୌଷୀତକୀ, ନାଦବିନ୍ଦୁ, ଆତ୍ମପ୍ରବୋଧ, ନିର୍ବାଣ, ମୁଦ୍ଗଳ, ଅକ୍ଷମାଳିକା, ତ୍ରିପୁରା, ସୌଭାଗ୍ୟ ଓ ବହ୍ୱୃଚ, ଋକ୍‌ବେଦର ଏହି ୧୦ ଉପନିଷଦ୍‌ର ଶାନ୍ତି ହେଉଛି — 'ବାଙ୍ମେ ମନସି' ।

ଈଶାବାସ୍ୟ, ବୃହଦାରଣ୍ୟକ, ଜାବାଲ, ହଂସ, ପରମହଂସ, ସୁବାଲ, ମାନ୍ତ୍ରିକ, ନିରାଲମ୍ବ, ତ୍ରିଶିଖୀ ବ୍ରାହ୍ମଣ, ମଣ୍ଡଳ ବ୍ରାହ୍ମଣ, ଅଦ୍ୱୟତାରକ, ପୈଙ୍ଗଳ, ଭିକ୍ଷୁ, ତୁରୀୟାତୀତ, ଅଧ୍ୟାତ୍ମ, ତାରସାର, ଯାଜ୍ଞବଲ୍‌କ୍ୟ, ଶାଟ୍ୟାୟନୀ, ଏବଂ ମୁକ୍ତିକ, ଶୁକ୍ଳ ଯଜୁର୍ବେଦର ଏହି ୧୯ ଉପନିଷଦ୍‌ର ଶାନ୍ତି ହେଉଛି— 'ପୂର୍ଣ୍ଣମଦଃ' ।

କଠବଲ୍ଲୀ, ତୈତ୍ତିରୀୟ, ବ୍ରହ୍ମ, କୈବଲ୍ୟ, ଶ୍ୱେତାଶ୍ୱତର, ଗର୍ଭ, ନାରାୟଣ, ଅମୃତବିନ୍ଦୁ, ଅମୃତନାଦ, କାଲାଗ୍ନିରୁଦ୍ର, କ୍ଷୁରିକା, ସର୍ବସାର, ଶୁକରହସ୍ୟ, ତେଜୋବିନ୍ଦୁ, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଦକ୍ଷିଣାମୂର୍ତ୍ତି, ସ୍କନ୍ଦ, ଶାରୀରକ, ଯୋଗଶିଖା, ଏକାକ୍ଷର, ଅକ୍ଷି, ଅବଧୂତ କଠ, ରୁଦ୍ରହୃଦୟ, ଯୋଗକୁଣ୍ଡଳିନୀ, ପଞ୍ଚବ୍ରହ୍ମ, ପ୍ରାଣାଗ୍ନିହୋତ୍ର, ବରାହ, କଳିସନ୍ତରଣ ଓ ସରସ୍ୱତୀରହସ୍ୟ କୃଷ୍ଣଯଜୁର୍ବେଦର ଏହି ୩୨ ଉପନିଷଦ୍‌ର ଶାନ୍ତି ହେଲା "ସହନାବବତୁ" ।

Digitized by srujanika@gmail.com

କେନ, ଛାନ୍ଦୋଗ୍ୟ, ଆରୁଣି, ମୈତ୍ରାୟଣୀ, ମୈତ୍ରେୟୀ, ବଜ୍ରସୂଚିକା, ଯୋଗଚୂଡ଼ାମଣି, ବାସୁଦେବ, ମହତ୍, ସନ୍ୟାସ, ଅବ୍ୟକ୍ତ, କୁଣ୍ଡିକା, ସାବିତ୍ରୀ, ରୁଦ୍ରାକ୍ଷଜାବାଲ, ଦର୍ଶନ ଏବଂ ଜାବାଲି, ସାମବେଦର ଏହି ୧୬ ଉପନିଷଦର ଶାନ୍ତି ହେଲା "ଆପ୍ୟାୟନ୍ତୁ" ।

ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ଅଥର୍ବଶିରସ୍, ଅଥର୍ବଶିଖା, ବୃହଜ୍ଜାବାଳ, ନୃସିଂହତାପନୀ, ନାରଦପରିବ୍ରାଜକ, ସୀତା, ଶରଭ, ମହାନାରାୟଣ, ରାମରହସ୍ୟ, ରାମତାପନୀ, ଶାଣ୍ଡିଲ୍ୟ ପରମହଂସପରିବ୍ରାଜକ, ଅନ୍ନପୂର୍ଣ୍ଣା, ସୂର୍ଯ୍ୟ, ଆତ୍ମ, ପାଶୁପତ, ପରବ୍ରହ୍ମ, ତ୍ରିପୁରାତପନ, ଦେବୀ, ଭାବନା, ବ୍ରହ୍ମଜାବାଲ, ଗଣପତି, ମହାବାକ୍ୟ, ଗୋପାଳତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ ଏବଂ ଗାରୁଡ଼, ଅଥର୍ବବେଦର ୩୧ ଉପନିଷଦର ଶାନ୍ତିହେଲା "ଭଦ୍ରଂକର୍ଣ୍ଣେଭିଃ" ।

ଏହିପରି ୧୦୮ ଉପନିଷଦର ଶାନ୍ତି-ହେଲା ୫ ଟି । ସମ୍ପୂର୍ଣ୍ଣ ଶାନ୍ତିବଚନ ଓଡ଼ିଆ ଅନୁବାଦ ସହ ନିମ୍ନରେ ପ୍ରଦତ୍ତହେଲା ।

(୧) ବାଙ୍ମେ ମନସି ପ୍ରତିଷ୍ଠିତା । ମନୋ ମେ ବାଚି ପ୍ରତିଷ୍ଠିତମ୍ । ଆବିରାବୀର୍ମ ଏଧି । ବେଦସ୍ୟ ମ ଆଣୀସ୍ଥ । ଶ୍ରୁତଂ ମେ ମା ପ୍ରହାସୀଃ । ଅନେନାଧୀତେନ ଅହୋରାତ୍ରାନ୍ ସନ୍ଦଧାମି । ଋତଂ ବଦିଷ୍ୟାମି । ସତ୍ୟଂ ବଦିଷ୍ୟାମି । ତନ୍ମାମବତୁ ତଦ୍ବକ୍ତାରମବତୁ । ଅବତୁ ମାମ୍ । ଅବତୁ ବକ୍ତାରମବତୁ ବକ୍ତାରମ୍ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ମୋର ବାଣୀ ମନରେ ପ୍ରତିଷ୍ଠିତ ହେଉ । ମୋର ମନ ବାଣୀରେ ପ୍ରତିଷ୍ଠିତ ହେଉ । ସ୍ୱୟଂପ୍ରକାଶ ବ୍ରହ୍ମ ମୋର ଆବିର୍ଭୂତ ହୁଅନ୍ତୁ ମୋର ବାକ୍ ଓ ମନ ବେଦରୂପକ ଚକ୍ରର ଅଣିକାଠି ହେଉ । ଶ୍ରୁତ (ବେଦ) ମୋତେ ତ୍ୟାଗ ନ କରୁ । (ବେଦର) ଏହି ଅଧ୍ୟୟନ ଦ୍ୱାରା ଦିନ ଓ ରାତିକୁ ମୁଁ ସନ୍ଧାନ କରିବି (ସଂଯୁକ୍ତ କରିବି) । ଋତ କହିବି, ସତ୍ୟ କହିବି, ତାହା ମୋତେ ରକ୍ଷାକରୁ । ତାହା ବକ୍ତା (ଗୁରୁ) କୁ ରକ୍ଷା କରୁ । ମୋତେ ରକ୍ଷା କରୁ । ବକ୍ତାକୁ ରକ୍ଷା କରୁ, ବକ୍ତାକୁ ରକ୍ଷା କରୁ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

(୨) ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ
ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ
ପୂର୍ଣ୍ଣମେବାବଶିଷ୍ୟତେ ॥

ତାହା (ମଧ୍ୟ) ପୂର୍ଣ୍ଣ, ଏହା (ମଧ୍ୟ) ପୂର୍ଣ୍ଣ, ପୂର୍ଣ୍ଣରୁ ପୂର୍ଣ୍ଣ ଉଦ୍‌ଗତ ହୁଏ, ପୂର୍ଣ୍ଣରୁ ପୂର୍ଣ୍ଣକୁ ନେଇ ଯାହା ଅବଶିଷ୍ଟ ରହେ, ତାହାମଧ୍ୟ ପୂର୍ଣ୍ଣ ।

ଓ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

(୩) ସହ ନାବବତୁ ସହ ନୌ ଭୁନକ୍ତୁ
ସହବୀର୍ଯ୍ୟଂ କରବାବହୈ ।
ତେଜସ୍ୱି ନାବଧୀତମସ୍ତୁ । ମା ବିଦ୍ୱିଷାବହୈ ।

ସେ ଆମ ଦୁହିଙ୍କୁ ଏକସଙ୍ଗରେ ରକ୍ଷା କରନ୍ତୁ, ଏକସଙ୍ଗରେ ପାଳନ କରନ୍ତୁ, ଆମେ ଦୁହେଁ ଏକା ସଙ୍ଗରେ ଉଦ୍ୟମ କରିବା, ଆମର ଅଧୀତ (ବସ୍ତୁ) ତେଜସ୍ୱୀ (ଉଜ୍ଜ୍ୱଳ) ହେଉ, ଆମେ ବିଦ୍ୱେଷ କରିବା ନାହିଁ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

(୪) ଆପ୍ୟାୟନ୍ତୁ ମମାଙ୍ଗାନି, ବାକ୍ ପ୍ରାଣଶ୍ଚକ୍ଷୁଃ ଶ୍ରୋତ୍ରମଥୋ ବଳମିନ୍ଦ୍ରିୟାଣି ଚ ସର୍ବାଣି ।

Digitized by srujanika@gmail.com

ସର୍ବଂ ବ୍ରହ୍ମୌପନିଷଦମ୍ । ମାହଂ ବ୍ରହ୍ମ ନିରା-
କୁର୍ଯ୍ୟାମ୍ । ମା ମା ବ୍ରହ୍ମ ନିରାକରୋତ୍ ।
ଅନିରାକରଣମସ୍ତ୍ୱନିରାକରଣଂ ମେ ଅସ୍ତୁ ।
ତଦାତ୍ମନି ନିରତେ ଯ ଉପନିଷତ୍ସୁ ଧର୍ମାସ୍ତେ
ମୟି ସନ୍ତୁ ତେ ମୟି ସନ୍ତୁ ।

ମୋର ସବୁ ଅଙ୍ଗ ପରିପୁଷ୍ଟ ହେଉ ; ବାକ୍ , ପ୍ରାଣ, ଚକ୍ଷୁ , ଶ୍ରୋତ୍ର, ବଳ, ଇନ୍ଦ୍ରିୟସକଳ, ସବୁ ପରିପୁଷ୍ଟ ହେଉ । ଉପନିଷଦ୍‌ରେ ଯାହା ପ୍ରତିପାଦିତ ସବୁ ବ୍ରହ୍ମ, ମୁଁ ବ୍ରହ୍ମର ନିରାକରଣ ନ କରେ, ବ୍ରହ୍ମ ମୋର ନିରାକରଣ ନ କରୁ । ଅନିରାକରଣ ହେଉ, ମୋର ଅନିରାକରଣ ହେଉ । ମୁଁ ଆତ୍ମାରେ ରତ ହେଲ ପରେ ମୋଠାରେ ଉପନିଷଦ୍‌ରେ ପ୍ରତିପାଦିତ ସବୁ ଧର୍ମ ଆବିଷ୍ଟ ହେଉ, ସେ ସବୁ ମୋଠାରେ ଆବିଷ୍ଟ ହେଉ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

(୫) ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବାଃ
ଭଦ୍ରଂ ପଶ୍ୟେମାକ୍ଷଭିର୍ଯଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିଃ
ବ୍ୟଶେମ ଦେବହିତଂ ଯଦାୟୁଃ ।
ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ
ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ
ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ॥

ହେ ଦେବଗଣ ! ଆମକୁ କାନରେ ଭଲ କଥା ଶୁଣିବାକୁ ଦିଅ, ଆମେ ଯଜ୍ଞରତ, ଆମକୁ ଆଖିରେ ଭଲ କଥା ଦେଖିବାକୁ ଦିଅ ଆମେ ଦେବତାମାନଙ୍କର ସ୍ତୁତି କରୁଅଛୁଁ, ଆମକୁ ସ୍ଥିର ଅଙ୍ଗ ଓ ଶରୀର ଦ୍ୱାରା ଦେବତାମାନଙ୍କର ଆୟୁ ଭୋଗ କରିବାକୁ ଦିଅ । ବିପୁଳଯଶା ଇନ୍ଦ୍ର ଆମର ମଙ୍ଗଳ ବିଧାନ କରନ୍ତୁ, ସର୍ବଜ୍ଞାନମୟ ପୂଷା ଆମର ମଙ୍ଗଳ ବିଧାନ କରନ୍ତୁ । ଅପ୍ରତିହତନେମି ତାର୍କ୍ଷ୍ୟ ଆମର ମଙ୍ଗଳ ବିଧାନ କରନ୍ତୁ, ବୃହସ୍ପତି ଆମର ମଙ୍ଗଳ ବିଧାନ କରନ୍ତୁ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ଏସବୁ ସଂକ୍ଷେପରେ କୁହାହୋଇଛି—

ବାକ୍‌ପୂର୍ଣ୍ଣ ସହନାପ୍ୟାୟନ୍
ଭଦ୍ରଂକର୍ଣ୍ଣେଭିରେବ ଚ ।
ପଞ୍ଚ ଶାନ୍ତୀଃ ପଠିତ୍ୱାଦୌ
ପଠେତ୍ ବାକ୍ୟାନ୍ୟନନ୍ତରମ୍ ॥

ବାକ୍ (ବାଙ୍ମେ ମନସି), ପୂର୍ଣ୍ଣ (ପୂର୍ଣ୍ଣମଦଃ), ସହନା (ସହନାବବତୁ), ଆପ୍ୟାୟନ୍ (ଆପ୍ୟାୟନ୍ତୁମମାଙ୍ଗାନି), ଭଦ୍ରଂକର୍ଣ୍ଣେଭିଃ । ଏହି ପାଞ୍ଚ ଶାନ୍ତି ଆଦିରେ ପାଠ କରି ତା'ପରେ ବାକ୍ୟ (ଉପନିଷଦ୍‌ବାକ୍ୟ) ସବୁ ପାଠ କରିବ ।

## ଆଦ୍ୟରେ ପାଠ, ଶେଷରେ ପାଠ

ଏହି ପାଞ୍ଚୋଟି ଶାନ୍ତି ବଚନ ବେଦ ଅନୁସାରେ ବିଭାଗ କରି ହୋଇଥିବା ଉପନିଷଦ୍‌ର କେବଳ ଆଦିରେ ନୁହେଁ, ଅନ୍ତରେ ମଧ୍ୟ ପାଠ କରିବାକୁ ହୁଏ । କିନ୍ତୁ ସେଥିରେ ସାମାନ୍ୟ ବ୍ୟତିକ୍ରମ ମଧ୍ୟ ଦେଖିବାକୁ ମିଳେ ।

ବୃହଦାରଣ୍ୟକ ଓ ଶ୍ୱେତାଶ୍ୱତର ଉପନିଷଦ୍‌ର ଆରମ୍ଭରେ "ପୂର୍ଣ୍ଣମଦଃ ପୂର୍ଣ୍ଣମିଦମ୍ . . . . " ଏବଂ ଅନ୍ତରେ "ସହନାବବତୁ" ଶାନ୍ତିବାକ୍ୟ ଦେଖିବାକୁ ମିଳେ ।

Digitized by srujanika@gmail.com

ଜାବାଲ ଉପନିଷଦ୍‌ର ଆଦିରେ "ଭଦ୍ରଂ କର୍ଣ୍ଣେଭିଃ" ଏବଂ ଅନ୍ତରେ "ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ" ଅଛି । ମୈତ୍ରାୟଣୀ ଉପନିଷଦ୍‌ର ଆରମ୍ଭରେ "ଆପ୍ୟାୟନ୍ତୁ ମମାଙ୍ଗାନି" ଅଛି, କିନ୍ତୁ ଶେଷରେ କିଛି ନାହିଁ ।

ଏହା ବାହାରେ କୌଷୀତକୀ ବ୍ରାହ୍ମଣ ଉପନିଷଦ୍‌ରେ "ବାଙ୍‌ମେ ମନସି ପ୍ରତିଷ୍ଠିତା" ଶାନ୍ତିବାକ୍ୟର ଗୋଟିଏ ପାଠାନ୍ତର ଦେଖିବାକୁ ମିଳେ । ତାର ଅନ୍ତରେ ଥିବା ଶାନ୍ତିବାକ୍ୟଟି ହେଉଛି ଋତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି, ତନ୍ମାମବତୁ ତଦ୍‌ବକ୍ତାରମବତୁ ଅବତୁ ମାମ୍ ଅବତୁ ବକ୍ତାରମବତୁ ବକ୍ତାରମ୍ । ବାଙ୍‌ମେ ମନସି ପ୍ରତିଷ୍ଠିତା, ମନୋ ମେ ବାଚି ପ୍ରତିଷ୍ଠିତମ । ଆବିରାବିର୍ମ ଏଧି ବେଦସ୍ୟ ମ ଆଣୀସ୍ଥଃ ଶ୍ରୁତଂ ମେ ମା ପ୍ରହାସୀଃ ଅନେନାଧୀତେନାହୋରାତ୍ରାନ୍ ସନ୍ଦଧାମ୍ୟଗ୍ନ ଇଳା ନମ ଇଳା ନମ ଋଷିଭ୍ୟୋ ମନ୍ତ୍ରକୃଦ୍‌ଭ୍ୟୋ ମନ୍ତ୍ରପତିଭ୍ୟୋ ନମୋ ବୋଽସ୍ତୁ ଦେବେଭ୍ୟଃ ଶିବା ନଃ ଶଂତମା ଭବ ସୁମୃଡୀକା ସରସ୍ୱତି ମା ତେ ବ୍ୟୋମ ସନ୍ଦୃଶି । ଅଦିତ୍ୟଂ ମନ ଇଷିରଂ ଚକ୍ଷୁଃ ସୂର୍ଯ୍ୟୋ ଜ୍ୟୋତିଷାଂ ଶ୍ରେଷ୍ଠୋ ଦୀକ୍ଷେ ମା ମା ହିଂସୀଃ ।

ଆରମ୍ଭରେ ମଧ୍ୟ ଏହି ବାକ୍ୟଟି ଅଛି, କିନ୍ତୁ ସେଥିରେ "ଋତଂ ବଦିଷ୍ୟାମି .... ଅବତୁ ବକ୍ତାରମ୍" ନାହିଁ, ଆରମ୍ଭ ହୋଇଛି- "ବାଙ୍‌ମେ ମନସି ପ୍ରତିଷ୍ଠିତା"ରୁ । ଏହାର ଓଡ଼ିଆ ଅନୁବାଦ ହେବ — ଋତ କହିବି, ସତ୍ୟ କହିବି, ତାହା ମୋତେ ରକ୍ଷା କରୁ, ତାହା ବକ୍ତାକୁ ରକ୍ଷା କରୁ, ମୋତେ ରକ୍ଷା କରୁ ବକ୍ତାକୁ ରକ୍ଷା କରୁ । ବାଣୀ ମନରେ ପ୍ରତିଷ୍ଠିତ, ମନ ବାଣୀରେ ପ୍ରତିଷ୍ଠିତ । ତୁମେ (ସ୍ୱୟଂ ପ୍ରକାଶ ବ୍ରହ୍ମ) ମର୍ତ୍ତ୍ୟ (ମନୁଷ୍ୟ) ରୂପରେ ଜ୍ଞାନଦ୍ୱାରା ଆବିର୍ଭୂତ ହୁଅ । ତୁମେ ମୋର ଅଣିକଲସ୍ୱରୂପ, (ଅର୍ଥାତ୍ ଅଣିକଲ ନ ଥିଲେ ଚକ ଅଚଳ ହୁଏ, ଅଣିକଲ ହେଉଛି ଚକର ପ୍ରଧାନ ଆଶ୍ରୟ, ବ୍ରହ୍ମ ସେହିପରି ଋତ ଉପରେ ପ୍ରତିଷ୍ଠିତ) । ମୋତେ ହିଂସା ନ କରୁ, ଏହି ଅଧ୍ୟୟନ ଦ୍ୱାରା ଦିନ ରାତି ମୁଁ ବାସ କରିବି (କାଳଯାପନ କରିବି) । ହେ ଅଗ୍ନି, ତୁମଙ୍କୁ ଯଜ୍ଞବେଦିରେ ମୋର ନମସ୍କାର, ଯଜ୍ଞବେଦିରେ ମନ୍ତ୍ରକୃତ୍ ମନ୍ତ୍ରପତି ଋଷିମାନଙ୍କୁ ମୋର ନମସ୍କାର, ଦେବତାମାନଙ୍କୁ ମୋର ନମସ୍କାର । ହେ ସରସ୍ୱତି ! ତୁମେ ସୁଖଦାୟିନୀ ହୋଇ ଆମର କଲ୍ୟାଣମୟୀ ମଙ୍ଗଳମୟୀ ହୁଅ, ଆମେ ତୁମକୁ ଆକାଶରେ ନ ଦେଖୁ (ଅର୍ଥାତ୍ ଇହ ଲୋକରେ ଦେଖୁଁ) । ହିଂସା ରହିତ ମନ ହେଉଛି ଯଜ୍ଞ ଗମନଶୀଳ ଚକ୍ଷୁ ହେଉଛି ଜ୍ୟୋତିଷ୍କମାନଙ୍କ ଶ୍ରେଷ୍ଠ ସୂର୍ଯ୍ୟ, ସେମାନେ ମୋତେ ମୋର ଦୀକ୍ଷାରେ ହିଂସା ନ କରନ୍ତୁ । ଓ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ସେହିପରି ତୈତ୍ତିରୀୟ ଉପନିଷଦ୍‌ର ବ୍ରହ୍ମାନନ୍ଦବଲ୍ଲୀ ଓ ଭୃଗୁବଲ୍ଲୀ ଶାନ୍ତିବଚନ "ସହନାବବତୁ" ହେଲେ ମଧ୍ୟ ସମଗ୍ର ଉପନିଷଦ୍‌ର ଶାନ୍ତିବଚନ ହେଉଛି—

ଓ ଶଂ ନୋ ମିତ୍ରଃ ଶଂ ବରୁଣଃ
ଶଂ ନୋ ଭବତ୍ୱର୍ଯ୍ୟମା ।
ଶଂ ନ ଇନ୍ଦ୍ରୋ ବୃହସ୍ପତିଃ
ଶଂ ନୋ ବିଷ୍ଣୁ ରୁରୁକ୍ରମଃ ।

Digitized by srujanika@gmail.com

ନମୋ ବ୍ରହ୍ମଣେ । ନମସ୍ତେ ବାୟୋ । ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି । ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି । ସତ୍ୟଂ ବଦିଷ୍ୟାମି । ଋତଂ ବଦିଷ୍ୟାମି । ତନ୍ମାମବତୁ ତଦ୍‌ବକ୍ତାରମବତୁ । ଅବତୁମାମ୍ ଅବତୁ ବକ୍ତାରମ୍ ।

ସୂର୍ଯ୍ୟ ଆମର ମଙ୍ଗଳମୟ ହୁଅନ୍ତୁ, ବରୁଣ ଆମର ମଙ୍ଗଳମୟ ହୁଅନ୍ତୁ, ଅର୍ଯ୍ୟମା ଆମର ମଙ୍ଗଳମୟ ହୁଅନ୍ତୁ । ଇନ୍ଦ୍ର, ବୃହସ୍ପତି ଆମର ମଙ୍ଗଳମୟ ହୁଅନ୍ତୁ । ଉରୁକ୍ରମ (ତ୍ରିବିକ୍ରମ) ବିଷ୍ଣୁ ଆମର ମଙ୍ଗଳମୟ ହୁଅନ୍ତୁ । ବ୍ରହ୍ମନଙ୍କୁ ନମସ୍କାର । ହେ ବାୟୁ ! ତୁମକୁ ନମସ୍କାର । ତୁମେ ହେଉଛ ପ୍ରତ୍ୟକ୍ଷ ବ୍ରହ୍ମ । ତୁମକୁହିଁ ପ୍ରତ୍ୟକ୍ଷ ବ୍ରହ୍ମ ବୋଲି କହିବି । ଋତ କହିବି, ସତ୍ୟ କହିବି । ତାହା ମୋତେ ରକ୍ଷା କରୁ । ତାହା ବକ୍ତାକୁ ରକ୍ଷା କରୁ । ମୋତେ ରକ୍ଷା କରୁ । ବକ୍ତାକୁ ରକ୍ଷା କରୁ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।


ଏହା ହେଉଛି ଉପନିଷଦ୍‌ର ଶାନ୍ତିବଚନ ।

—ঃ০ঃ—


SHREE GANESH

DAL, FLOUR & OIL MILLS

KATCHERY ROAD, ROURKELA-1



**Manufacturers & Millers of All types of Dal**

**(MUNG, MASUR, ARHAR, KHESARI, CHANA, Etc)**


Digitized by srujanika@gmail.com

ଚଳଚ୍ଚିତ୍ର ପରିବେଷଣରେ

## ନୂଆ ଆଲୋଡ଼ନ ସୃଷ୍ଟି କରିଛି

ଓଡ଼ିଶାରେ ସ୍ୱନାମଧନ୍ୟ

# ରୂପରାଗ
# ପ୍ରାଇଭେଟ୍ ଲିମିଟେଡ

ଅଫିସ :

ପୁରୀଘାଟ, କଟକ

Digitized by srujanika@gmail.com

# ସ୍ୱାଧୀନତା ସଂଗ୍ରାମର ସ୍ମୃତି



## ଜବାହରଲାଲଙ୍କ କ୍ରୋଧ ଓ ମୋର ଉତ୍ତର

--ମହାବୀର ତ୍ୟାଗୀ

ମହାତ୍ମାଗାନ୍ଧୀ ଗୋଲଟେବୁଲ ବୈଠକରେ ଯୋଗ ଦେବା ପାଇଁ ବିଲାତ ଯାଇ ଥିଲେ ଏବଂ ଜବାହରଲାଲ ନେହରୁ ଦୁଇ ଥର କଂଗ୍ରେସ ସଭାପତି ନିର୍ବାଚିତ ହୋଇ ଥିଲେ । ଲବଣ ସତ୍ୟାଗ୍ରହ ଶେଷ ହୋଇ ଯାଇ ଥିଲା । ଗହମ ମହଣ ଦୁଇ ଟଙ୍କା ଦରରେ ବିକ୍ରି ହେଉ ଥିଲା । କୃଷୀ ମାନଙ୍କୁ ଖଜଣା ଦେବା କଷ୍ଟକର ହେଉଥିଲା । ପଣ୍ଡିତ ମୋତିଲାଲ ନେହରୁଙ୍କର ପରଲୋକ ହୋଇ ଯାଇଥିଲା ଏବଂ ଜବାହରଲାଲଙ୍କର ମୁଣ୍ଡରେ ଉଠିଥିଲା ଯେ ଗୋଟିଏ ନୂଆ କିଛି କରି ବାକୁ ହେବ । ଶ୍ରୀ ପୁରୁଷୋତ୍ତମ ଦାସ ଟଣ୍ଡନଙ୍କର ସାହାଯ୍ୟରେ ସେ ଏଲାହାବାଦରେ ଏକ ଜିଲ୍ଲାରେ ଲୋକଙ୍କୁ ଖଜଣା ବନ୍ଦ ପାଇଁ ପ୍ରସ୍ତାବ କରି ରଖି ଥିଲେ । ଉତ୍ତର ପ୍ରଦେଶ କଂଗ୍ରେସ କମିଟିର ବୈଠକ ଲକ୍ଷ୍ନୌ ଠାରେ ଡକା ଯାଇ ଥିଲା । ଆଲିଗଡ଼ର ସ୍ୱର୍ଗୀୟ ଅହମ୍ମଦ ଖାଁ ଶେରୱାନୀ ଆମର ପ୍ରଦେଶ କଂଗ୍ରେସ କମିଟି ସଭାପତି ଥିଲେ । ପ୍ରଦେଶର ଅଧିକାଂଶ ସଭ୍ୟ ଦିନେ ଦି ଦିନ ଆଗରୁ ଲକ୍ଷ୍ନୌ ପହଞ୍ଚି ଯାଇଥିଲେ । ଏଲାହାବାଦର ସବୁ କର୍ମକର୍ତ୍ତା ନେତୃତ୍ୱ ଜାରି କରିବାରେ ବ୍ୟସ୍ତ ଥିଲେ । ତାପରେ ଥିଲେ ଲକ୍ଷ୍ନୌବାଲା । ଅନ୍ୟ ଜିଲାର ସଭ୍ୟ ମାନଙ୍କ ନେତୃତ୍ୱର କ୍ଷେତ୍ରରେ ଗଣା ଯାଉ ନଥିଲା ।

Digitized by srujanika@gmail.com

## ଶେଷ ଅସ୍ତ୍ର

ଆମର କହିବାର ଥିଲା ଯେ ଖଜଣା ବନ୍ଦ ଗାନ୍ଧିଜୀଙ୍କର ଶେଷ ଅସ୍ତ୍ର । ଆଗାମୀ ସଂଗ୍ରାମ ପାଇଁ ଏହାକୁ ସୁରକ୍ଷିତ ରଖିବା ଦରକାର । ଗାନ୍ଧିଜୀଙ୍କ ଅନୁପସ୍ଥିତିରେ ଏ ଅସ୍ତ୍ର ବ୍ୟବହାର କରିବା ଠିକ୍ ହେବନାହିଁ । ଯଦି ଏ ଅସ୍ତ୍ର ଥରେ ବିଫଳ ହୋଇଗଲା ତାହେଲେ କଣ ହେବ ? କିନ୍ତୁ ଶ୍ରୀ କେଶବ ଦେଓ ମାଳବ୍ୟ, ସର୍ଦ୍ଦାର ନର୍ମଦା ପ୍ରସାଦ ସିଂହ, ପଣ୍ଡିତ କୃଷ୍ଣକାନ୍ତ ମାଳବ୍ୟ ଏବଂ ସ୍ୱାମୀ ଭେଙ୍କଟେଶ ନାରାୟଣ ତିଓ୍ୱାରୀ, ପୁରୁଷୋତ୍ତମ ଦାସ ଟଣ୍ଡନ ପ୍ରଭୃତି ଏକ୍ସାବାଦୀ ମାନଙ୍କର ଧୂନ ଥିଲା – "ଆମେ ହଜାର ହଜାର ଭଲଣ୍ଟିଅର ଦେବୁ ଏବଂ ଆନ୍ଦୋଳନ ଘୋର ଘୋର ଚାଲିବ" । ଏହା ଫଳରେ ସମଗ୍ର ପ୍ରଦେଶ ଖଜଣାବନ୍ଦ ଆନ୍ଦୋଳନ ପକ୍ଷରେ ହୋଇଗଲା । ସେ ସମୟରେ ଧାରଣା ଥିଲା ଯେ ଯେଉଁ ବ୍ୟକ୍ତି ଗରମ ଗରମ କଥା କହିବ ସମସ୍ତେ ତାର ପକ୍ଷରେ ହାତ ଉଠାଇବେ ଏବଂ ଆଉ ଯେ ଧୀର, ସ୍ଥିର ଭାବରେ କହିବ, ତାକୁ ଲୋକେ କହିବେ 'ଧଣ୍ଡ ସାପର ଛୁଆ' । ଖଜଣା ବନ୍ଦ ଆନ୍ଦୋଳନର ବିରୁଦ୍ଧରେ ମୁଁ ଥିଲି ଏବଂ ମୋ ସହିତ ଥିଲେ ବନାରସର ସ୍ୱର୍ଗୀୟ ବାବୁ ଶିବ ପ୍ରସାଦ ଗୁପ୍ତ । ଆମେ ଦୁହିଁଆଡ଼େ ଭୁଲ ବିରୋଧୀ ପ୍ରଚାର ଆରମ୍ଭ କରି ଦେଲୁ । ଆମେ କହିଲୁ ଏକ୍ସାବାଦ ନେତାମାନେ ନିଜ ହାଣ୍ଡିରେ ଅଲଗା ଖେଚେଡ଼ି ରାନ୍ଧିବା ପାଇଁ ଚାହାନ୍ତି । ଇଂରେଜ ମାନଙ୍କ ବିରୁଦ୍ଧରେ ବିଦ୍ରୋହର ବାତାବରଣ ଏପରି ଥିଲା ଯେ ଆମର କଥାର କୌଣସି ପ୍ରଭାବ ପଡ଼ିଲା ନାହିଁ । ଶେଷକୁ ଆମ ସହିତ ଏକ ଚୁକ୍ତି କରାଗଲା — ଆମେ ଦୁଇ ଜଣ କୌଣସି ବିରୋଧ ନକରି ନିରପେକ୍ଷ ରହିବୁ । ଛେଦିଲାଲ ଧର୍ମଶାଳାରେ ପ୍ରଦେଶ କଂଗ୍ରେସ କମିଟିର ବୈଠକ ବସିଥିଲା । ହଜାର ହଜାର ଗୁଡ଼ିଏ ଦର୍ଶକ ଭାବରେ ଉପସ୍ଥିତ ଥିଲେ । ଆଜି କାଲି ଯେପରି ସିନେମା ଷ୍ଟାରଙ୍କ ପଛରେ ପିଲାଏ ଦଉଡ଼ୁଛନ୍ତି ସେତେବେଳେ ସେପରି ଜବାହରଲାଲଙ୍କ ପଛରେ ଦୁନିଆଁ ଦଉଡ଼ୁଥିଲା । ସାପୁଆ କେଳା ପରି ଯେ ମୁଆଡ଼େ ବୀଣା ବଜାଉଥିଲେ ହଜାର ହଜାର ଯୁବକ ସାପଙ୍କ ପରି ବାହାରି ଆସି ଜବାହରଲାଲଙ୍କ ବୀଣା ଆଗରେ ନାଚୁଥିଲେ । ଏ ଥିଲା ଜବାହରଲାଲଙ୍କ ଯୌବନ ସମୟ ।

## ବହି ଫୋପଡ଼ା

ଖଜଣା ବନ୍ଦ ପ୍ରସ୍ତାବ ଉପରେ ସାତ ଅଠ ଜଣ ଭାଷଣ ଦେବାପରେ ମୁଁ ଆଲୋଚନା ବନ୍ଦ (closure) ର ପ୍ରସ୍ତାବ ଆଣିଲି । ସେତେବେଳେ ଶେରଓ୍ୱାନୀ ସାହେବ ଚାଲି ଯାଇ ଥିଲେ ଓ ଜବାହରଲାଲ ସଭାପତିଙ୍କ ଆସନରେ ବସିଥିଲେ । ସେ କହିଲେ, "ମୁଁ ଏ ପ୍ରସ୍ତାବକୁ ସ୍ୱୀକାର କରୁ ନାହିଁ ।" ମୁଁ ଆଇନ ବହି ନେଇ ଜବାହରଲାଲଙ୍କ ପାଖରେ ପହଞ୍ଚିଲି ଏବଂ ଆଲୋଚନା ବନ୍ଦ ପ୍ରସ୍ତାବ ଉପରେ ଭୋଟ ନେବା ଅବଶ୍ୟକ ହେବ ବୋଲି ଜଣାଇଲି । ସେ ବାଣ୍ଟେଶ୍ୱରୀ ପାଣି କରୁଛନ୍ତି । ତା ପରେ ପୁଣି ନେତା । ମୋ-ହାତରୁ ବହିଟା ଛଡ଼ାଇ ନେଇ ଏପରି ଫିଙ୍ଗି ଦେଲେ, ଯେପରିକି ଚତୁର୍ଥ ଶ୍ରେଣୀରେ ମୋର ଶିକ୍ଷକ ମକ୍‌ସୁଦ ହସନ ସ୍ଲିଟଟା ଛଡ଼ାଇ

Digitized by srujanika@gmail.com

ନେଇ ମିଙ୍ଗି ଦେଇଥିଲେ ଏବଂ ଖୁବ୍ ପାଟି କରି ଇଂରେଜୀରେ କହିଲେ "ନିଜ ଯାଗାରେ ବସି ଯାଅ, ନଚେତ୍ ସଭାରୁ ବାହାର କରି ଦେବି।" ମୁଁ ମାଡ଼ ଖାଇବା ପରି ଆସି ନିଜ ଯାଗାରେ ବସି ଗଲି। ଟଣ୍ଡନଜୀଙ୍କର ଭାଷଣ ଆରମ୍ଭ ହୋଇ ଗଲା। ମୁଁ ମୁହଁ ତଳକୁ କରି ବସି ରହିଲି। ପରେ ମୋର ଦୃଷ୍ଟି କମଳା ଭାବୀ (କମଳା ନେହରୁ) ଏବଂ ଶର୍ମିଦା (ମୋର ସ୍ତ୍ରୀ) ଉପରେ ପଡ଼ିଲା। ଏ ଦୁଇ ଜଣ ଜେଲରେ ଏକା ସାଙ୍ଗରେ ଥିଲେ। ମୋତେ ଏପରି ଲାଗିଲା କି ମୋ ଅପମାନରେ ଶର୍ମିଦା ନିସ୍ତେଜ ହୋଇ ପଡ଼ିଛି। ସଙ୍ଗେ ସଙ୍ଗେ ପ୍ରତିଶୋଧ ନେବାର ଭାବନା ମୋ ମନରେ ଜାଗ୍ରତ ହୋଇ ଉଠିଲା।

## ମୁହଁ ଲାଲ ପଡ଼ି ଯାଇଥାନ୍ତା

ଟଣ୍ଡନଜୀ ବସି ଟିକା ପରେ ମୁଁ ଏକ ବୈଧାନିକ ଆପତ୍ତି (point of order) ଉଠାଇଲି। ମୋର ଚେହେରାରୁ ଜବାହର-ଲାଲ ବୁଝି ଗଲେ ଯେ ମୁଁ ଝଗଡ଼ା ପାଇଁ ତିଆରି ହୋଇ ଚାଲିଛି। ସଙ୍ଗେ ସଙ୍ଗେ କହିଲେ, "କଣ ଆପଣ ମୋର ବ୍ୟବହାର ସମ୍ପର୍କରେ ଆପତ୍ତି ଉଠାଇବା ପାଇଁ ଚାହାନ୍ତି?" ମୁଁ କହିଲି - "ହଁ, ସେଇଥିପାଇଁ ମୁଁ ଠିଆ ହୋଇଛି।" ଚୌକି ଛାଡ଼ି ଦେଇ ଠିଆ ହୋଇ ଗଲେ ଏବଂ ଟଣ୍ଡନଜୀଙ୍କୁ କହିଲେ - "ମୁଁ ଯେତେବେଳେ ବିବାଦର ବିଷୟ ହୋଇ ଗଲିଣି, ଆପଣ ସଭାପତିଙ୍କର ଆସନ ଗ୍ରହଣ କରନ୍ତୁ।" ଟଣ୍ଡନଜୀ ଜଣେ ଅତି ତ୍ୟାଗୀ, ସରଳ ଲୋକ ଥିଲେ, ଯେଉଁ ନିମ୍ବ ଦାନ୍ତକାଠି ଘଷୁ ଥିଲେ। ଏବେ ହଜାର ହଜାର ଲୋକ ବଞ୍ଚିଥିବେ ଯେଉଁ ଟଣ୍ଡନଜୀଙ୍କର ପବିତ୍ର ଆତ୍ମାରୁ ତ୍ୟାଗ ଓ ତପସ୍ୟାର ପ୍ରେରଣା ଲାଭ କରିଛନ୍ତି। ସେ ଚୌକିରେ ବସିଛନ୍ତି କି ନାହିଁ ମୁଁ ଆରମ୍ଭ କଲି, "ଆପଣଙ୍କ ଆଗରୁ ଯେଉଁ ଭଦ୍ର ବ୍ୟକ୍ତି ସଭାପତିତ୍ୱ କରୁଥିଲେ ସେ ବନ୍ଧୁ ଫୋପାଡ଼ି ଅନୈତିକ ବ୍ୟବହାର କରିଛନ୍ତି ଯାହା ଫଳରେ ସଭାପତିଙ୍କ ଆସନର ସମ୍ମାନ ହାନି ହୋଇଛି। ତାଙ୍କୁ କୁହାଯାଉ, ସେ ସଭା ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ।" ଜବାହରଲାଲଜୀଙ୍କ ଦେହରେ କଅଁଟା ଲାଗି ଗଲା। ସେ କହିଲେ - "ଶୁଣନ୍ତୁ। ମୁଁ କହି-ବାକୁ ଚାହୁଁଛି . . ." ଏତିକି କହିଛନ୍ତି କି ନାହିଁ, ମୁଁ ଟଣ୍ଡନଜୀଙ୍କୁ କହିଲି - "ଆପଣ ଏହାଙ୍କୁ ବନ୍ଦ କରନ୍ତୁ, ମୋ ସହିତ ଏହାଙ୍କର ସିଧା କଥାବାର୍ତ୍ତା କରିବାର କୌଣସି ଅଧି-କାର ନାହିଁ। ସେ ଯାହା କହିବାକୁ ଚାହାନ୍ତି ସଭାପତିଙ୍କୁ କହନ୍ତୁ।" ଜବାହରଲାଲଜୀ କହିଲେ - "ମୁଁ ତୁମକୁ କହିବି, ତୁମକୁ ଶୁଣିବାକୁ ପଡ଼ିବ। ତୁମେ ମୋତେ ବନ୍ଧୁ ଦେଖାଉଛ ଏବଂ ସଭା କିପରି ପରିଚାଳନା କରିବାକୁ ହେବ ତାହା ଶିଖାଉଛ। ମୋ ହାତରେ ବନ୍ଧୁଥିଲା। ଯଦି ଆଉ କିଛି ଭାରି ଜିନିଷ ଥାନ୍ତା ତା'ହେଲେ ତାକୁ ବି ତୁମ ଉପରକୁ ଫୋପାଡ଼ି ଥାନ୍ତି।" ଏହା ଶୁଣି ମୋ ମୁଣ୍ଡକୁ ରକ୍ତ ଚଢ଼ିଗଲା। କଣ କହି ଗଲି ଜାଣେନାହିଁ, "ଯଦି ଆପଣ ଭାରି ଜିନିଷ ଉପରକୁ ଫୋପାଡ଼ି ଥାନ୍ତେ ତା'ହେଲେ ମୁଁ . . . . . . . ମୁହଁ ଲାଲ ପଡ଼ି ଯାଇ ଥାନ୍ତା।"

Digitized by srujanika@gmail.com

ଯାଙ୍ଗେ ଯାଙ୍ଗେ ଚ୍ଛିର ଆଉ୍ ପାଟି ହେଲା, "ବସି ଯାଅ, ବସି ଯାଅ, କ୍ଷମା ମାଗ, ଯାହା କହୁଛ, ଫେରାଇ ନିଅ ।" ମୁଁ କହିଲି "ଯେକେବେଲ ପର୍ଯ୍ୟନ୍ତ ଏହି ଏଲ୍ଲାବାଦୀ···

ଚୁପ୍ କରା ନଯାଇଛି ସେତେବେଳ ପର୍ଯ୍ୟନ୍ତ ମୁଁ ବସିବି ନାହିଁ ଏବଂ ଆପଣମାନଙ୍କର ଏହି ବ୍ୟବହାର ଯଦି ଏପରି ହୁଏ ତାହେଲେ ମୁଁ ନିଜ ଜିଲ୍ଲା କଂଗ୍ରେସ କମିଟିକୁ ପ୍ରଦେଶ କଂଗ୍ରେସ କମିଟିରୁ ବିଚ୍ଛିନ୍ନ କରି ନେବି ।" ଟଣ୍ଡନଜୀ ରୁଲିଂ ଦେଲେ "ତ୍ୟାଗୀଜୀ ଯେଉଁ ଚାପୁଡ଼ା ଦେବା କଥା କହିଛନ୍ତି ତାହା ଶିଷ୍ଟାଚାରର ବିରୁଦ୍ଧାଚରଣ କରୁଛି । ଏଥି ପାଇଁ ମୁଁ ତାଙ୍କୁ ଅନୁରୋଧ କରୁଛି, ସେ ଶୀଘ୍ର ତାଙ୍କର ସେହି ବାକ୍ୟ ଫେରାଇ ନିଅନ୍ତୁ ।" ମୁଁ କଥାଟା ଫେରାଇ ନେଲି ! କିନ୍ତୁ ନେଲି ବେଳେ ଏହା କହିଲି ଯେ ମୁଁ ଆପଣଙ୍କ ଆଦେଶ ଅନୁସାରେ ଏହି ବାକ୍ୟ ଫେରାଇ ନେଉଛି, କିନ୍ତୁ ମୁଁ ଏପରି କୌଣସି ଶବ୍ଦ କହି ନାହିଁ ଯଦ୍ଦ୍ୱାରା ତାଙ୍କଠାରୁ ମୁଁ ଯାହା ଅପମାନ ପାଇଛି ସେ ମୋଠାରୁ ଅଧିକ ଅପମାନିତ ହୋଇଛନ୍ତି । ଲୋକମାନେ ପାଟି କରି ଉଠିଲେ, " ଆମେ ଏ ସର୍ତ୍ତ ସ୍ୱୀକାର କରୁ ନାହୁଁ, ବସି ଯାଅ ।" ମୁଁ ବସିବା ପାଇଁ ମନା କରି ଦେଲି । ଜବାହରଲାଲଜୀ ଠିଆ ହୋଇ ପଡ଼ି କହିଲେ;

"ତ୍ୟାଗୀ ଏବଂ ମୁଁ ବହୁ ଦିନର ପୁରୁଣା ବନ୍ଧୁ । କିନ୍ତୁ ଆମ ଦୁହିଁଙ୍କ ମଧ୍ୟରେ ଏକ ଅରଳୁ ବଳିଗଲେ ଏବଂ ଖୁବ୍ ରଗା ରଗି ଚାଲିଲା । ଆମ ଭିତରେ କେହି ଯାହାରକୁ କ୍ଷମା ମାଗି ପାରିବ ନାହିଁ କି କ୍ଷମା କରିବ ନାହିଁ । ଆମ ଦୁହିଁଙ୍କୁ ଛାଡ଼ି ଦିଆଯାଉ । ଆମେ ବାହାରକୁ ଯାଇ ଆମର ଝଗଡ଼ା ମେଣ୍ଟାଇ ଦେବୁ । ଆମେ ଏ ଗୃହର ବହୁତ ସମୟ ନେଇଗଲୁ । ସେଥିପାଇଁ ମୁଁ ଦୁହିଙ୍କ ପକ୍ଷରୁ କ୍ଷମା ମାଗୁଛି । ତ୍ୟାଗୀ, ତୁମର ମତ କ'ଣ ?"

## ନିଷ୍ଠୁରତା ଓ ଭଦ୍ରତା ଉଭୟରେ ପରାସ୍ତ

ମୁଁ ଆବା କାବା ହୋଇ ରହିଗଲି, ଯେପରିକି ନିଜ ହାତରେ ନିଜ ଗାଲରେ ଚାପୁଡ଼ା ମାରି ହୁଅନ୍ତି । ଏ ଯାଦୁକରର ମୁକାବିଲା କରିବା ବଡ଼ କଷ୍ଟକର । ବଡ଼ ନମ୍ରତାର ସହିତ ଜବାହରଲାଲଜୀ ଏବଂ ସବୁ ସଭ୍ୟସଦଙ୍କୁ କ୍ଷମା ମାଗି ମୁଁ କହିଲି, "ଜବାହରଲାଲଜୀ ନିଷ୍ଠୁରତାରେ ମୋତେ ପରାସ୍ତ କରିଥିଲେ ! ଏବେ ଭଦ୍ରତାରେ ମୋତେ ମାଟିରେ ମିଶାଇ ଦେଲେ ।"

ଏହା ପରେ ଜବାହରଲାଲ ସଭାପତି ଆସନ ଗ୍ରହଣ କରି ଆଲୋଚନା ଶେଷ କରି ଦେଲେ ଏବଂ ଖଜଣାବନ୍ଦ ପ୍ରସ୍ତାବ ଉପରେ ଭୋଟ ନେଲେ । ମୋର ଗୋଟିଏ ହାତ ବିରୁଦ୍ଧରେ ଉଠିଲା । ସେ ଘୋଷଣା କଲେ ଯେ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଗଲା ମୁଁ ସେତେବେଳ ପର୍ଯ୍ୟନ୍ତ ମୋ ହାତ ତଳକୁ ପକାଇ ନଥିଲି । ନମ୍ରତାର ସହିତ ମୁଁ ଜବାହରଲାଲଙ୍କ ଦୃଷ୍ଟି ଆକର୍ଷଣ କରି କହିଲି " ଏ ପର୍ଯ୍ୟନ୍ତ ମୋର ହାତ ଉଠିଛି ।"

Digitized by srujanika@gmail.com

ଜବାହରଲାଲଜୀ ହସି ହସି କହିଲେ " ତା ହେଲେ ଲେଖି ଦିଆ ଯାଉ ତ୍ୟାଗୀ ଛଡ଼ା ସମସ୍ତ ପ୍ରଦେଶ ଏହି ପ୍ରସ୍ତାବ ପଛରେ ଅଛି ।" ମୁଁ କହିଲି - "ଠିକ୍ ଅଛି । ଅନ୍ତତଃ ଏ କଥା ତ କୁହା ଯାଇ ପାରିବ, ପ୍ରଦେଶରେ ଜଣେ ଲୋକ ଅଛି ଯାହାର ମୁଣ୍ଡ ଠିକ୍ ଅଛି ।"

ସଭା ସରିବା ପରେ ଭିଡ଼ ଭିତରେ ଜବାହରଲାଲ ମୋ ପଛରୁ ଆସି ଏକ ଭୁସି ମାରି କହିଲେ " ତୁମେ ତୁମର ଦୁଷ୍ଟାମି କେବେ ଛାଡ଼ିବ ନାହିଁ ।"

—:୦:—

Phone : 2830
2830-A
2323

M/s. MANSARAM AGARWALA
NEHRU NAGAR
ROURKELA-1
Dist. Sundergarh. (Orissa)
Wholesale Dealers
IN
ATTA, MAIDA, SUJI AND SUGAR
AND
Government Storage Agent
Panposh and Bonai Sub-Divisions

Digitized by srujanika@gmail.com

WITH BEST COMPLIMENTS OF:

SAMANTRAY CONSTRUCTIONS
RAJABAGICHA
CUTTACK-1

Digitized by srujanika@gmail.com

# ନବ ଦୁର୍ଗା

ଶ୍ରୀ ଗଣେଶ ପ୍ରସାଦ ପରିଜା

ପିତାମହ ବ୍ରହ୍ମା, ଦେବୀ ଦୁର୍ଗାଙ୍କ ସ୍ତବ କରିବାକୁ ଯାଇ ତାଙ୍କର ନଅଟି ନାମ ଉଲ୍ଲେଖ କରିଥିଲେ । ଉକ୍ତ ନଅଟି ନାମାନୁସାରେ ନଅଟି ରୂପ, ଭେଦ, ସ୍ତବ, ହୋଇଥିବାର ଜଣାଯାଏ, ତାହା ଦେବୀଙ୍କର ନଅଟି କାୟା-ବ୍ୟୂହ ମୂର୍ତ୍ତି । ଦେବୀଙ୍କର ଏହି ନବନାମ ପ୍ରତ୍ୟେକ ଜ୍ଞାତ ହୁଅନ୍ତ ଶକ୍ତି ମହିମାର ଆଧାର ସପ୍ତଶତୀ ଚଣ୍ଡୀଠାରୁ, ଦେବୀ କବଚ ସ୍ତୋତ୍ରରେ ଲେଖାଅଛି —

ପ୍ରଥମଂ ଶୈଳପୁତ୍ରୀତି
ଦ୍ୱିତୀୟଂ ବ୍ରହ୍ମଚାରିଣୀ
ତୃତୀୟଂ ଚନ୍ଦ୍ରଘଣ୍ଟେତି
କୁଷ୍ମାଣ୍ଡେତି ଚତୁର୍ଥକମ୍
ପଞ୍ଚମଂ ସ୍କନ୍ଦମାତେତି
ଷଷ୍ଠଂ କାତ୍ୟାୟନୀ ତଥା ।
ସପ୍ତମଂ କାଳରାତ୍ରୀତି
ମହାଗୌରୀତି ଚାଷ୍ଟମଂ
ନବମଂ ସିଦ୍ଧିଦାତ୍ରୀ ଚ
ନବ ଦୁର୍ଗାଃ ପ୍ରକୀର୍ତ୍ତିତାଃ ।।

**ଶୈଳପୁତ୍ରୀ:**-ନବଦୁର୍ଗାଙ୍କର ପ୍ରଥମ ନାମ ଶୈଳପୁତ୍ରୀ । ଶୈଳରାଜ ହିମାଳୟର ଅଧିଷ୍ଠାତ୍ରୀ ଦେବୀ ଶୈଳପୁତ୍ରୀ ନାମରେ ବିଶ୍ରୁ ବିଦିତା । ଦେବୀଙ୍କୁ କନ୍ୟାରୂପେ ପ୍ରାପ୍ତ ହେବା ପାଇଁ କଠୋର ତପସ୍ୟା କରିଥିଲେ ସ୍ୱୟଂ ଶୈଳରାଜ ହିମାଳୟ । ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ଗିରିରାଜ ନନ୍ଦିନୀ ରୂପେ ଜନ୍ମ ଗ୍ରହଣ କରିଥିଲେ ।

ପିତା ଦକ୍ଷ ପ୍ରଜାପତିଙ୍କର ଶିବ ବର୍ଜନ ଯଜ୍ଞରେ ସ୍ୱାମୀଙ୍କ ନିନ୍ଦା ସହ୍ୟ କରି ନ ପାରି ସତୀ ଦେହତ୍ୟାଗ କଲେ ସେହି ଯଜ୍ଞ ଭୂମିରେ । ମଙ୍ଗଳମୟ ମହେଶ୍ୱର ସତୀଙ୍କ ଦେହତ୍ୟାଗ ସମ୍ବାଦ ପ୍ରାପ୍ତ ହୋଇ ମୁହୂର୍ତ୍ତକ ମଧ୍ୟରେ ଯଜ୍ଞ ସ୍ଥଳରେ ପ୍ରବେଶ କରି ଦକ୍ଷଙ୍କୁ ସମୁଚିତ ଶାସ୍ତି ଦେବା ସଙ୍ଗେ ସଙ୍ଗେ ସତୀଙ୍କ ମୃତଦେହକୁ ସ୍କନ୍ଧରେ ବହନ କରି ଉନ୍ମତ୍ତଙ୍କ ଭଳି ତାଣ୍ଡବ ନୃତ୍ୟ କରି ବିଶ୍ୱ ପରିକ୍ରମଣ କଲେ । ସ୍ୱୟଂ ବିଷ୍ଣୁ ସୃଷ୍ଟିର ମଙ୍ଗଳାର୍ଥେ କାଳଚକ୍ର ଦ୍ୱାରା ଶିବଙ୍କ ସ୍କନ୍ଧ ଦେଶରୁ ଛିନ୍ନ କରିଦେଲେ ସତୀଙ୍କ ଦେହ । ଅବଶେଷରେ ସତୀଙ୍କ ଦେହଶୂନ୍ୟ ସ୍କନ୍ଧ ଅବଲୋକନ କରି ଶିବ ଚେତନ ହୋଇ ପୁନର୍ବାର ଶକ୍ତିପ୍ରାପ୍ତି ନିମିତ୍ତ ହେଲେ ତପସ୍ୟା ମଗ୍ନ । ସଂହାରକର୍ତ୍ତା ଶିବଙ୍କ ନିଷ୍କ୍ରିୟତାରେ ଆସୁରିକ ଶକ୍ତି କ୍ରମେ ବର୍ଦ୍ଧିତ ହେବାକୁ ଲାଗିଲା । ପ୍ରଚଣ୍ଡ ଆସୁରୀ ଶକ୍ତି ପ୍ରଭାବରେ ଦେବଶକ୍ତି ହେଲା ନ୍ୟୂନ । ପ୍ରବଳ

Digitized by srujanika@gmail.com

ବେଗଗାମୀ ଆସୁରୀ ଶକ୍ତିକୁ ରୋଧକରିବା ପାଇଁ ନ୍ୟୁନ ଦେବଶକ୍ତି ଯେତେ ଚେଷ୍ଟା କଲେ ମଧ୍ୟ ପାରିଲେ ନାହିଁ । ବରଂ ବାରଂବାର ଦେବଶକ୍ତି ପରାଜିତ ହୋଇ ଦୁର୍ବଳ, ନିସ୍ତେଜ ହୋଇ ପଡ଼ିଲା । ଦେବଶକ୍ତିକୁ ସଂଗଠିତ କରିବା ଓ ଆସୁରୀଶକ୍ତିକୁ ପରାଜିତ କରିବାପାଇଁ ଏକ ସବଳ ସେନାପତିର ଅଭାବ ଦେବଗଣ ଅନୁଭବ କଲେ । ବ୍ରହ୍ମା ଦେବଗଣଙ୍କୁ ପରାମର୍ଶ ଦେଇ କହିଲେ, ଦେବ ସେନାର ଯୋଗ୍ୟ ସେନାପତି ହେଉଛନ୍ତି 'କୁମାର' ଯେଉଁ ଜନ୍ମ ଗ୍ରହଣ କରିବେ ଶିବ-ପାର୍ବତୀଙ୍କ ମିଳନରୁ । ଦେବଗଣ ଆକୁଳ ପ୍ରାର୍ଥନା କଲେ ଦୁର୍ଗତି ହାରିଣୀ ଜଗଦମ୍ବାଙ୍କୁ ପୁନର୍ବାର ଧରଣୀରେ ଆବିର୍ଭୂତା ହେବା ପାଇଁ । ଦେବତାମାନଙ୍କ ମଙ୍ଗଳ ନିମିତ୍ତ ମା ଶୈଳପୁତ୍ରୀ ରୂପେ ଆବିର୍ଭୂତା ହେଲେ । ଏହା ଦ୍ୱାରା ଫଳହେଲା ତିନୋଟି, ଦେବତାଙ୍କ କାର୍ଯ୍ୟ ସାଧନ, ଶୈଳରାଜାଙ୍କ ବାଞ୍ଛା ପୂରଣ ଓ ଶିବଙ୍କ ତପସ୍ୟାର ପରିପୂର୍ତ୍ତି ।

ବ୍ରହ୍ମଚାରିଣୀ:- ଶୈଳପୁତ୍ରୀଙ୍କର ଅପର ନାମ ଉ-ମା ହୈମବତୀ । ହୈମବତୀ ବ୍ରହ୍ମଚାରିଣୀ, "ବ୍ରହ୍ମ ଚରିତୁଂ ଶୀଳମସ୍ୟାଃ" ବ୍ରହ୍ମଜ୍ଞାନ ଦାନ, ବ୍ରହ୍ମକୁ ପ୍ରାପ୍ତ କରାଇବା ଯାର ସ୍ୱଭାବ । ଦେବରାଜ ଇନ୍ଦ୍ରଙ୍କୁ ସେ ବ୍ରହ୍ମଜ୍ଞାନ ବ୍ରହ୍ମଚାରିଣୀ ରୂପେ ଦାନ କରିଥିଲେ । ଏହି ବୃତ୍ତାନ୍ତ କେନୋପନିଷଦରେ ବର୍ଣ୍ଣିତ ହୋଇଛି । ଅହର୍ନିଶ ଚାଲିଥିଲା ଦେବାସୁରଙ୍କର ଭୀଷଣ ସଂଗ୍ରାମ ଶତବର୍ଷ ବ୍ୟାପୀ । ଅବଶେଷରେ ସମ୍ମିଳିତ ଦେବଶକ୍ତି ପ୍ରଭାବରେ ଆସୁରୀଶକ୍ତି ହେଲା ପରାଭୂତ । ଯୁଦ୍ଧଶେଷରେ ପ୍ରତ୍ୟେକ ଦେବତା ଗର୍ବାନ୍ୱିତ ହୋଇ ସ୍ୱ ସ୍ୱ ଶକ୍ତିର ଗରିମା ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଭୁଲିଗଲେ ସକଳ ଶକ୍ତିର ପ୍ରଭାବ । ପ୍ରତ୍ୟେକ ଦେବତା ଅହଂଭାବ ପୋଷଣ କରି ସମ୍ମିଳିତ ଶକ୍ତି ପ୍ରଭାବରେ ଯୁଦ୍ଧରେ ଜୟ ସମ୍ଭବପର ହୋଇଛି ବୋଲି ଭୁଲିଗଲେ ।

ଦେବଗଣ ଏକଦା ସମବେତ ହୋଇଥିବା ବେଳେ ହଠାତ୍ ସେଠାରେ ଏକ ଅତ୍ୟୁଜ୍ଜ୍ୱଳ ଜ୍ୟୋତିର୍ମୟ ବ୍ୟକ୍ତି ଦେଖାଗଲେ ସେହି ଜ୍ୟୋତିର୍ମୟ ବ୍ୟକ୍ତି କିଏ ଓ କାହିଁକି ଆବିର୍ଭୂତ ହୋଇଛନ୍ତି ତାହା ଜାଣି ଆସିବାକୁ ଦେବରାଜ ଇନ୍ଦ୍ର ଅଗ୍ନିଙ୍କୁ ଆଦେଶ ଦେଲେ ।

ଆତ୍ମଗର୍ବୀ ଅଗ୍ନି ସେହି ତେଜୋମୟ ଶକ୍ତି ନିକଟକୁ ଗମନ କରି ତାଙ୍କୁ ପ୍ରଶ୍ନ କଲେ 'କସ୍ତ୍ୱଂ' । ପ୍ରତ୍ୟୁତ୍ତର ଆସିଲା 'କସ୍ତ୍ୱଂ' । ସ୍ୱଶକ୍ତିରେ ଗର୍ବିତ ଅଗ୍ନି ଉତ୍ତର ଦେଲେ, 'ଅହଂ ଅଗ୍ନି ଦେବତା' ! ପୁନର୍ବାର ପ୍ରଶ୍ନ-ଆସିଲା 'ତୁମଦ୍ୱାରା କଣ ହୋଇପାରେ' ? 'ବ୍ରହ୍ମାଣ୍ଡ ରେ ଯାହାକିଛି ଅଛି ସବୁ ଭସ୍ମୀଭୂତ କରିପାରେ । "ତେବେ ଏହି ତୃଣ ଖଣ୍ଡିକ ଦଗ୍ଧକର" ।

ଜ୍ୟୋତିର୍ମୟ ଦେବତା ଅଗ୍ନିଙ୍କ ସମ୍ମୁଖରେ ଧରିଲେ ଖଣ୍ଡେ କ୍ଷୁଦ୍ର ତୃଣ । ସେହି କ୍ଷୁଦ୍ର ତୃଣ ଖଣ୍ଡି ଦଗ୍ଧ କରିବାକୁ ପ୍ରବୃତ୍ତ ହୋଇ ଅଗ୍ନିଦେବତା ତାହା ଦଗ୍ଧ କରି ପାରିଲେ ନାହିଁ । ସେ ଭୟରେ ପଲାୟନ କଲେ । ଅଗ୍ନିଙ୍କର ପରାଭବ ଦେଖି ଇନ୍ଦ୍ର

Digitized by srujanika@gmail.com

ବାୟୁ ଦେବତାଙ୍କୁ ପଠାଇଲେ । ଅହଂକାରୀ ପବନ ଅଣରୂଣ ମୂର୍ତ୍ତି ଧରି ଉପସ୍ଥିତ ହେଲେ ଜ୍ୟୋତିର୍ମୟ ଦେବତାଙ୍କ ସମ୍ମୁଖରେ ଅଗ୍ନିଙ୍କ ଭଳି ପବନ ମଧ୍ୟ ପ୍ରଶ୍ନ କଲେ 'କସ୍ତ୍ୱଂ' ? ପ୍ରତ୍ୟୁତ୍ତର ଆସିଲା 'କସ୍ତ୍ୱଂ' ? ମୁଁ ପବନ ଦେବତା, ଉତ୍ତର ଦେଲେ ବାୟୁ । 'କି ଶକ୍ତି ଅଛି ତୁମଠାରେ' ? 'ବିଶ୍ୱରେ ଯାହାକିଛି ଅଛି ମୁଁ ସବୁ ଉଡ଼ାଇ ଦେଇ ପାରେ,' ପବନ ଉତ୍ତର ଦେଲେ । 'ତେବେ ଏହି ତୃଣ ଖଣ୍ଡିକ ଉଡ଼ାଇ ଦେଇ ପାରିବ' ? ଜ୍ୟୋତିର୍ମୟ ବିଗ୍ରହ ବାୟୁଙ୍କ ଆଗକୁ ତୃଣଟିକୁ ବଢ଼ାଇ ଦେଲେ ।

ସେହି ତୃଣ ଖଣ୍ଡିକ ଉଡ଼ାଇବାକୁ ଅଣରୂଣ ମୂର୍ତ୍ତି ଧାରଣ କଲେ ପବନ । ତାଙ୍କର ସମସ୍ତ ଶକ୍ତି ଖର୍ଚ୍ଚ କଲେ ମଧ୍ୟ ତୃଣଟିର ସାମାନ୍ୟ ମାତ୍ର କମ୍ପନ ହେଲନାହିଁ । ସେ ଭୟରେ ପଳାୟନ କଲେ ।

ଏବେ ଗର୍ବୀଷ୍ଠୀତ ସ୍ୱୟଂ ଦେବରାଜ ଇନ୍ଦ୍ର ନିଜେ ଆସିଲେ । ସେ ଠିକ୍ କଲେ ଜ୍ୟୋତିର୍ମୟ ବିଗ୍ରହ ନିକଟରେ ଉପସ୍ଥିତ ହୋଇ ହସ୍ତସ୍ଥିତ ବଜ୍ର ତାଙ୍କୁ ନିକ୍ଷେପ କରିବେ । ମାତ୍ର ତାହା କୌଣସି ମତେ ସମ୍ଭବ ହେଲନାହିଁ । ଦେବରାଜ ପହଞ୍ଚିବା ପୂର୍ବରୁ ସେ ଅନ୍ତର୍ହିତ ହେଲେ । ହତ୍‌ବାକ୍ ହୋଇ ଇନ୍ଦ୍ର ଲକ୍ଷ୍ୟକଲେ ଊର୍ଦ୍ଧ୍ୱକୁ ସେ ଊର୍ଦ୍ଧ୍ୱରେ ବ୍ରହ୍ମସ୍ୱରୂପିଣୀ ଉମା ହୈମବତୀଙ୍କ ଦର୍ଶନ କରି ବିସ୍ମିତ ହେଲେ ଓ ତାଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ । ବ୍ରହ୍ମସ୍ୱରୂପିଣୀ ଦେବୀ ଉମା ଦୟାପରବଶ ହୋଇ ତାଙ୍କ ବ୍ରହ୍ମଜ୍ଞାନ ଦାନ କଲେ ।

ବିଶ୍ୱରେ କୌଣସି କାର୍ଯ୍ୟ କରିବାକୁ କାହାର କିଛି କ୍ଷମତା ନାହିଁ । ସମସ୍ତ ଶକ୍ତିର ଉତ୍ସ ସେହି ପରଂବ୍ରହ୍ମ । ସେଥିପାଇଁ ସେ ଆବିର୍ଭୂତ ହୋଇଥିଲେ ଗର୍ବିତ ଦେବଗଣଙ୍କ ଗର୍ବ ଖର୍ବ କରିବାକୁ । ବ୍ରହ୍ମସ୍ୱରୂପିଣୀ ଦେବୀ ମୂର୍ତ୍ତିମତୀ ବ୍ରହ୍ମଜ୍ଞାନ । ତାହାଙ୍କ ଦର୍ଶନ ପାଇ ଏବଂ ତାହାଙ୍କ ଅନୁଗ୍ରହରେ ଇନ୍ଦ୍ର ପାଇଥିଲେ ସତ୍ୟ ସ୍ୱରୂପ ବ୍ରହ୍ମାନୁଭୂତି ।

**ଚଣ୍ଡଘଣ୍ଟା**:- ମହିଷାସୁର ବଧ ନିମିତ୍ତ ସମ୍ମିଳିତ ଦେବ ଶକ୍ତିର ସ୍ୱରୂପ ନେଇ ପ୍ରକଟିତ ହେଲେ ଦେବୀ ଦୁର୍ଗା । ଦୁର୍ଗତିରୁ ଉଦ୍ଧାର ପାଇବା ନିମିତ୍ତ ପ୍ରତ୍ୟେକ ଦେବତା ନିଜ ନିଜ ଅସ୍ତ୍ରରୁ ଅନ୍ୟ ଏକ ଅସ୍ତ୍ର ସୃଷ୍ଟି କରି ଦେବୀଙ୍କ ହାତରେ ଉପହାର ଦେଲେ । ଦେବରାଜ ଇନ୍ଦ୍ର ପୂର୍ବେ ବ୍ରହ୍ମସ୍ୱରୂପିଣୀଙ୍କ ଠାରୁ ପାଇଥିବା ବ୍ରହ୍ମଜ୍ଞାନ ପ୍ରଚାର ନିମିତ୍ତ ତାଙ୍କୁ ଘଣ୍ଟା ଦେଲେ । ଏହି ଘଣ୍ଟା ମଧ୍ୟରେ ଗଜରାଜ ଐରାବତର ମହାଶକ୍ତି ଥିଲା "ଦଦୌ ତସ୍ୟୈ ସହସ୍ରାକ୍ଷୋ ଘଣ୍ଟା ମୈରାବତାଦ୍‌ଗଜାତ୍" । ଅତି ପ୍ରଚଣ୍ଡ ଏହି ଘଣ୍ଟାର ଧ୍ୱନି ପଣ୍ଡିତମାନେ କହନ୍ତି ଘଣ୍ଟା ସର୍ବବାଦ୍ୟମୟୀ, ପ୍ରତ୍ୟେକ ବାଦ୍ୟ ଯନ୍ତ୍ରର ଧ୍ୱନି ଘଣ୍ଟାଧ୍ୱନିରେ ନିହିତ । ମହା ବିଶ୍ୱ ମୂଳରେ ଯେଉଁ ଶବ୍ଦବ୍ରହ୍ମ ବା ନାଦବ୍ରହ୍ମ ସ୍ଥିତ ତାହା ଏହି ମହା ଘଣ୍ଟା ଧ୍ୱନିରୁ ଉଦ୍‌ଭୂତ । ଯେତେବେଳେ ସାଧକମାନେ ମାତୃ ସାଧନାରେ ଅଗ୍ରସର ହୁଅନ୍ତି ସେତେବେଳେ ଏହି ଘଣ୍ଟାଧ୍ୱନି ମାଧ୍ୟମରେ ସେମାନେ ଜାଣିତ ହୁଅନ୍ତି ଦେବୀ ଆଉ କେତେ

Digitized by srujanika@gmail.com

ଦ୍ୱାରରେ ଅଛନ୍ତି ସେମାନଙ୍କ ନିକଟରୁ । ଯେଉଁମାନେ ଭୋଗାସକ୍ତ ସେମାନଙ୍କ ମୃତ୍ୟୁ ସମୟରେ ଏହି ଧ୍ୱନି ଶୁଣାଯିବାରୁ ସେମାନେ ଭୟରେ କମ୍ପମାନ ହୁଅନ୍ତି । ଯମ ବାହନ ମହିଷର କଣ୍ଠଦେଶ ଘଣ୍ଟି ସ୍ୱର ତାହା ଶୁଣାଯାଏ । ଯେଉଁମାନେ ମାତୃଭକ୍ତ ସେମାନେ ଏହି ଘଣ୍ଟାଧ୍ୱନି ଦ୍ୱାରା ଅନୁଭବ କରନ୍ତି ମାତୃ କରସ୍ଥିତ ଘଣ୍ଟାର ମଙ୍ଗଳ ଅହ୍ୱାନ ।

**କୁଷ୍ମାଣ୍ଡା:-** ନବଦୁର୍ଗାଙ୍କର ଚତୁର୍ଥ ମୂର୍ତ୍ତି କୁଷ୍ମାଣ୍ଡା । ଊଷ୍ମା ଶବ୍ଦ୍—ତାପ । କୁତ୍ସିତ୍ ତାପର ନାମ କୁଷ୍ମା । ଏହି ମରଣଶୀଳ ଜଗତରେ ଆଧିଭୌତିକ, ଆଧିଦୈବିକ, ଓ ଆଧ୍ୟାତ୍ମିକ ଭେଦରେ ତ୍ରିବିଧ ତାପ ସୃଷ୍ଟି । ଏହି ଦୁର୍ବିଷହ ତ୍ରିତାପହିଁ କୁଷ୍ମା । ଅଣ୍ଡ—ଉଦର, କୁଷ୍ମା ଯେଉଁ ଉଦର ବନ୍ଧନ କରେ ତାକୁହିଁ କୁଷ୍ମାଣ୍ଡା କହନ୍ତି । ଶ୍ରୀକୃଷ୍ଣ ଦାବାନଳ ପାନ କରିଥିଲେ ବ୍ରଜପୁର ଲୋକମାନଙ୍କ ରକ୍ଷାପାଇଁ । ଜନନୀ ପଦାଶ୍ରିତ ଲୋକଙ୍କ ଶାନ୍ତିଦାନ ନିମିତ୍ତ ତ୍ରିତାପ ଉଦରସ୍ଥ କରିଛନ୍ତି । ଯେଉଁମାନେ 'ମା'ଙ୍କର ପଦାଶ୍ରିତ ନୁହନ୍ତି ସେମାନେ ତ୍ରିତାପରେ ପ୍ରଜ୍ୱଳିତ । ଯେଉଁମାନେ ପଦାଶ୍ରିତ ସେମାନଙ୍କର କୁକାର୍ଯ୍ୟ, କଳଙ୍କ ଓ ତ୍ରିତାପ ନିଜେ ଉଦରସ୍ଥ କରେ ସ୍ୱୟଂ ଜନନୀ । ତେଣୁ ସେ କୁଷ୍ମାଣ୍ଡା, ସନ୍ତାନତାପ ହାରିଣୀ, କଲ୍ୟାଣମୟୀ ।

**ସ୍କନ୍ଦମାତା:—** ଦେବ ସେନାପତି ଶିବକୁମାର କାର୍ତ୍ତିକେୟଙ୍କ ଅପରନାମ ସ୍କନ୍ଦ ଦେବଗଣଙ୍କ ଆକୁଳ ନିବେଦନ୍ଦ୍ୱାରା ଶୈଳ ହିମାଳୟଙ୍କ ଗୃହରେ ଦେବୀ ମେନକାଙ୍କ ଗର୍ଭରୁ ଉମା ଜନ୍ମଲାଭ କଲେ । ଉମାଙ୍କର କୈଶୋର ଅବସ୍ଥା ପ୍ରାପ୍ତ ପରେ ଦେବତାମାନଙ୍କ ପରାମର୍ଶ କ୍ରମେ କାମଦେବ ଶିବଙ୍କ ଧ୍ୟାନ ଭଗ୍ନ ପାଇଁ ଚେଷ୍ଟିତ ହେଲେ । ଉମାଙ୍କର ଶିବପୂଜା ବେଳେ କାମଦେବ ଫୁଲଧନୁରେ ଶର ସଂଯୋଗ କଲେ । ତତ୍କ୍ଷଣାତ୍ ଶିବଙ୍କର କ୍ରୋଧାଗ୍ନିରେ ମଦନ ଭସ୍ମୀଭୂତ ହେଲେ । ମଦନ ସାହାଯ୍ୟରେ ଶିବଙ୍କ ଧ୍ୟାନ ଭଙ୍ଗ ବିଡ଼ମ୍ବନା ଜାଣି ଦେବଗଣ ଚିନ୍ତିତ ହେଲେ । ଦେବୀ ହୈମବତୀ ଶିବ ପ୍ରାପ୍ତି ଆଶାରେ ତପସ୍ୟା ଆରମ୍ଭ କଲେ । ଉମାଙ୍କ ସୁକଠୋର ତପଶ୍ଚରଣରେ ବିଶ୍ୱ ପ୍ରକମ୍ପିତ ହେଲା । ଶ୍ରେଷ୍ଠ ତପସ୍ୱୀମାନେ ବୃକ୍ଷର ଝଡ଼ାପତ୍ର ଖାଦ୍ୟରୂପେ ଗ୍ରହଣ କରନ୍ତି, ମାତ୍ର ଦେବୀ ହୈମବତୀ ତାହାମଧ୍ୟ ତ୍ୟାଗ କଲେ, ସେଥିପାଇଁ ଋଷିମାନେ ତାଙ୍କ ନାମ ଦେଲେ ଅପର୍ଣ୍ଣା' ।

ଶକ୍ତି ପ୍ରାପ୍ତି ପାଇଁ ଶିବ ଧ୍ୟାନ ମଗ୍ନ, ଶିବ ପ୍ରାପ୍ତି ପାଇଁ ଶକ୍ତି ହେଲେ ଧ୍ୟାନ ମଗ୍ନ । ଉଭୟଙ୍କର ଧ୍ୟାନର ସୁଫଳ ଘଟିଲା । ସେହି ମିଳନରୁ କୁମାର କାର୍ତ୍ତିକେୟଙ୍କର ଜନ୍ମ । କାର୍ତ୍ତିକେୟ ଦେବସେନା ନାୟକ 'ସ୍କନ୍ଦ' ନାମରେ ସୁପରିଚିତ ହେଲେ ।

**କାତ୍ୟାୟନୀ:—** ଏହାଙ୍କ ମହାଦେହ ମହାଦେବଙ୍କର ସ୍କନ୍ଧ ଦେଶରୁ ଅପସାରିତ ହୋଇ ସାରା ଭାରତରେ ବିଛୁରିତ ହୋଇ ପଡ଼ିଲା । ତାଙ୍କ ଦେହର ଏକାବନଟି ଅଂଶ ଯେଉଁଠି ପଡ଼ିଲା, ତାହା ପ୍ରତ୍ୟେକ ଶକ୍ତି ପୀଠ ରୂପେ ପ୍ରସିଦ୍ଧ ହେଲା । ଏଥି ମଧ୍ୟରୁ ବୃନ୍ଦାବନ

Digitized by srujanika@gmail.com

ଏକ ମହାପୀଠ । ସେଠାରେ ଦେବୀ ବିରାଜ-ମାନ କରିଛନ୍ତି କାତ୍ୟାୟନୀ ରୂପରେ । ଦେବୀ କାତ୍ୟାୟନୀଙ୍କ ଶକ୍ତି ଅନନ୍ୟ ସାଧାରଣ । ଚଣ୍ଡିରେ ଦେବୀଙ୍କର ସୁଖଦା ଓ ମୋକ୍ଷଦା ଦୁଇଟି ସ୍ୱରୂପ କଥା ସ୍ପଷ୍ଟ ଦୃଷ୍ଟହୁଏ । ଦେବୀଙ୍କ ଆରାଧାନାକରି ମହାରାଜ ସୁରଥ ସୁଖ ପ୍ରାପ୍ତ ହେଲେ ଏବଂ ସମାଧି ବୈଶ୍ୟ ପ୍ରାପ୍ତ ହେଲେ ମୋକ୍ଷ । କାତ୍ୟାୟନୀ ରୂପରେ ଦେବୀ ଭକ୍ତି ଦାନ କରନ୍ତି । ଭକ୍ତି ଧନ ଅତୀବ ଦୁଷ୍ପ୍ରାପ୍ୟ କୌଣସି ସାଧନାରେ ଭକ୍ତିସମ୍ପଦ କେହି କେବେ ଲଭ କରି ପାରେନାହିଁ । ଏହା କେବଳ କୃପାଲବ୍ଧ ସାମଗ୍ରୀ । କାତ୍ୟାୟନୀ-ରୂପିଣୀ ଯୋଗମାୟା ଦେବୀଙ୍କ କରୁଣାରେ ଏହା ଲଭ ହୁଏ । ବ୍ରଜର ଗୋପ ବାଳା ଦେବୀ କାତ୍ୟାୟନୀଙ୍କ ପ୍ରସାଦରେ କୃଷ୍ଣଭକ୍ତି ପ୍ରାପ୍ତ ହୋଇଥିଲେ ।

**କାଳରାତ୍ରି:**- 'କାଳରାତ୍ରି' ଦେବୀ-ଦୁର୍ଗାଙ୍କର ଗୋଟିଏ ସ୍ୱରୂପ ଏବଂ ନାମ । ଋଗ୍‌ବେଦର ଦଶମ ମଣ୍ଡଳ ରାତ୍ରି ସୂକ୍ତ ପାଠ-କଲେ ଜ୍ଞାତ ହେବାକୁ ହୁଏ, ପରମାତ୍ମାଙ୍କୁ ରାତ୍ରି ରୂପେ ଅଭିହିତ କରାଯାଇଛି । ବ୍ରହ୍ମମୟୀ 'ମା' ଏହି ରାତ୍ରିର ଈଶ୍ୱରୀ । ରାତ୍ରିରେ ଜୀବ-ଜଗତ ସମସ୍ତ କାର୍ଯ୍ୟରୁ ବିରତି ଲଭ କରେ । ପ୍ରଳୟ କାଳରେ ଏହି ରାତ୍ରି ରୂପିଣୀ ମହା-ମାୟାଙ୍କ କୋଡ଼ରେ ସମସ୍ତ ବିଶ୍ୱର ବିଳୟ ଘଟେ । ମହା ପ୍ରଳୟର ରାତ୍ରିହିଁ ମହାରାତ୍ରି । ଦେବୀ ଏହି ରାତ୍ରିରୂପା । ମହାରାତ୍ରିଟାରୁ କାଳରାତ୍ରି ଟିକିଏ ଭିନ୍ନ । **ମହାରାତ୍ରିରେ** ସଂସାରର ଲୟ ହୁଏ । କିନ୍ତୁ ପରମ ପୁରୁଷ ମହାବିଷ୍ଣୁ ଜାଗ୍ରତ ଥାଆନ୍ତି । କାଳରାତ୍ରିରେ ମହାବିଷ୍ଣୁ ମଧ୍ୟ ନିଦ୍ରାଭିଭୂତ ହୁଅନ୍ତି । ଚଣ୍ଡି ଅନୁସାରେ ସେ ଯୋଗନିଦ୍ରାକୁ ଭଜନ କରନ୍ତି ।

ଯୋଗନିଦ୍ରାଂ ଯଦାବିଷ୍ଣୁ ଜଗତ୍ୟେ
କାର୍ଣ୍ଣବୀ କୃତେ
ଆସ୍ତିର୍ଯ୍ୟ ଶେଷମଭଜତ୍ କଲ୍ପାନ୍ତେ
ଭଗବାନପ୍ରଭୁଃ ॥

ଏହି ଯୋଗନିଦ୍ରା ମହା କାଳିକା ବା କାଳରାତ୍ରି । ପ୍ରତ୍ୟହ ପ୍ରତ୍ୟେକ ମାନବ ଯାହା କୋଳରେ କର୍ମକ୍ଳାନ୍ତ ହୋଇ ବିଶ୍ରାମ ନିଅନ୍ତି, ପୁନର୍ବାର ନୂତନ ଉତ୍ସାହ ପେନ ପ୍ରଭାତରେ ଉତ୍‌ଥିତ ହୁଅନ୍ତି, ସେ ସେହି କାଳରାତ୍ରି ଦେବୀଙ୍କ ଅଂଶଭୂତ କୁଣ୍ଡଳିନୀ କାଳିକା । ବିଶ୍ୱ, ବିଶ୍ୱଜୀବ ଶକ୍ତିକୁ, ବିଶ୍ୱନାଥଙ୍କୁ ଓ କାଳଶକ୍ତିଙ୍କୁ ଯେ ଗ୍ରାସ କରେ ସେ ସେହି ଦେବୀ 'କାଳରାତ୍ରି' ।

**ମହାଗୌରୀ:—** ଦେବାଧିଦେବ ମହାଦେବ ଏକଦା କାଳରାତ୍ରି ଦେବୀଙ୍କୁ କାଳୀ ବୋଲି ସମ୍ବୋଧନ କରନ୍ତେ ଦେବୀ ଅଭିମାନିନୀ ହୋଇ ତପସ୍ୟାମଗ୍ନ ହେଲେ । କଠୋର ତପସ୍ୟାଦ୍ୱାରା ନିଜର କୃଷ୍ଣବର୍ଣ୍ଣ ତ୍ୟାଗ କରି ଗୌରୀ ରୂପେ ଦୃଶ୍ୟମାନ ହେଲେ । କାଳରାତ୍ରିଙ୍କ କୃଷ୍ଣବର୍ଣ୍ଣ ମହା-ଦେବଙ୍କ ଅଙ୍ଗରେ ଆଶ୍ରୟ ନେଲା । ସେହି କୁନ୍ଦେନ୍ଦୁବର୍ଣ୍ଣା ମହାଗୌରୀ ଦେବୀ ବିଶ୍ୱବନ୍ଦିତା ହେଲେ । ମହାକାଳ ସନ୍ତାନବତ୍ସଳା କିନ୍ତୁ ଗୌରୀରୂପ ଧାରଣ କରି ହେଲେ ପତି ସୋହାଗିନୀ । ଶିବ ଯେଉଁ କୃଷ୍ଣରୂପକୁ ଘୃଣା-

Digitized by srujanika@gmail.com

କରିଥିଲେ ମହାଲକ୍ଷ୍ମୀ ସେହି କୃଷ୍ଣରୂପର ପୂଜାରିଣୀ ହେଲେ ।

**ସିଦ୍ଧିଦାତ୍ରୀ:-** ସମସ୍ତ କର୍ମରେ ଯେ ସାଧକଙ୍କୁ ସିଦ୍ଧି ପ୍ରଦାନ କରନ୍ତି ସେ ସିଦ୍ଧି-ଦାତ୍ରୀ । ପୂର୍ବୋକ୍ତ ଅଷ୍ଟନାମରେ ସାଧକ ତାଙ୍କର ଯଥେଷ୍ଟ ପରିଚୟ ପ୍ରାପ୍ତ ହୋଇଛୁ । ଶ୍ରୀମଦ୍ ଭଗବତ୍ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି — ଯେ ଯଥା ମାଂ ପ୍ରପଦ୍ୟନ୍ତେ
ତାଂ ସ୍ତଥୈବ ଭଜାମ୍ୟହମ୍

ଯେ ମୋତେ ଯେଉଁ ରୂପେ ଭଜେ ମୁଁ ତାକୁ ସେହିଭାବରେ ତୁଷ୍ଟ କରେ । ଏହି ତୁଷ୍ଟି-କାରିଣୀ ଶକ୍ତି ଜନନୀ ସିଦ୍ଧିଦାତ୍ରୀର । ମହା-ଭାରତ ଭୀଷ୍ମପର୍ବର ପଞ୍ଚବିଂଶ ଅଧ୍ୟାୟ ଠାରୁ ଆରମ୍ଭ ହୋଇଛି ଉପନିଷଦ୍ ପର୍ଯ୍ୟାୟ । ତତ୍ ପୂର୍ବବର୍ତ୍ତୀ ତ୍ରୟୋବିଂଶ ଅଧ୍ୟାୟର ନାମ ଦୁର୍ଗାସ୍ତବ ପର୍ବାଧ୍ୟାୟ । ଅଧ୍ୟାୟ ଆରମ୍ଭରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି, ଅର୍ଜୁନ ! ମହାଭାରତ ଯୁଦ୍ଧରେ ତୁମ ପକ୍ଷର ଜୟପାଇଁ ତୁମେ ଦୁର୍ଗାସ୍ତବ କର । ଶ୍ରୀକୃଷ୍ଣ ଦୁର୍ଗାଙ୍କର ଯେଉଁ ସ୍ୱରୂପ ବର୍ଣ୍ଣନା କରି ସ୍ତବ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସେ ସ୍ୱରୂପ ସିଦ୍ଧିଦାତ୍ରୀଙ୍କର । ଅର୍ଜୁନ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେ-ଶରେ ଦେବୀଙ୍କୁ ସ୍ତବଦ୍ୱାରା ସନ୍ତୁଷ୍ଟ କରି ଦର୍ଶନ ପାଇ ପାରିଥିଲେ ।

ବିଶ୍ୱର ସମସ୍ତ ଜୀବ ଯୋଗୀ, ଭୋଗୀ, ତ୍ୟାଗୀ, ସାଧକ, ଭକ୍ତ, ଗୃହୀ, ତପସ୍ୱୀ, ଏପରିକି ବ୍ରହ୍ମା, ଶିବ, ବିଷ୍ଣୁ ପର୍ଯ୍ୟନ୍ତ ସାଧନା ରତ । ଦେବୀ ସିଦ୍ଧିଦାତ୍ରୀଙ୍କ ବ୍ୟତୀତ ଆଉ କାହାର ଶକ୍ତି ଅଛି ସିଦ୍ଧି ଦାନ କରିବ ? ମହାରାଜ ସୁରଥ ଇଚ୍ଛା କରିଥିଲେ ସୁଖ, ସମାଧି ବୈଶ୍ୟ ଚାହିଁଥିଲେ ମୋକ୍ଷ, ଗୋପି-ମାନେ ଚାହିଁଥିଲେ କୃଷ୍ଣଙ୍କର ସେହି ମହାପ୍ରେମ 'ମା' ସିଦ୍ଧିଦାତ୍ରୀ ସମସ୍ତଙ୍କୁ ସବୁ ଦାନ କରି-ଛନ୍ତି । ଏପରିକି ଦୁଷ୍ଟ ମହିଷାସୁରକୁ 'ମା' ସନ୍ତାନରୂପେ ଗ୍ରହଣ କରି ତାଙ୍କର ସେହି ଅଭୟ ପଦ ଦାନ କରିଛନ୍ତି ।

ଆଜି ଜାତି ତଥା ଦେଶର ଦୁର୍ଦ୍ଦିନ ଆଗତ । ସନ୍ତାନ ଗଣ ମସ୍ତକ ଅବନତ କରି ଗାଇ ଉଠନ୍ତୁ ଚଣ୍ଡୀଙ୍କର ସେହି ମନ୍ତ୍ର :-

ଯା ଦେବୀ ସର୍ବଭୂତେଷୁ
ମାତୃରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋନମଃ ।

---

ଚିରକାଳ ଧୂଆଁ ହୋଇ ରହିବା ଅପେକ୍ଷା
କ୍ଷଣେ ଜଳିଯିବା ଭଲ ।

**ବ୍ୟାସଦେବ, ମହାଭାରତ**

Digitized by srujanika@gmail.com

# ଧରମ ପୁଅ

**-- ଲିଓ ଟଲଷ୍ଟୟ୍**

ପୃଥିବୀର ଶ୍ରେଷ୍ଠ କଥାକାର ଟଲଷ୍ଟୟଙ୍କର ମନୋରମ ଗଳ୍ପର ଏହା ଶେଷ ଅଂଶ । ପାପକୁ ପାପରେ ନୁହେଁ, ଧର୍ମରେ ଜୟ କରି ଯାଇ ପାରେ, ଏହା ଏ ଗଳ୍ପର ଶିକ୍ଷା । ପ୍ରତ୍ୟେକ ଲୋକ ଈଶ୍ୱରଙ୍କର ଧରମ ପୁଅ ଓ ସେ ବୁଝିଲେ ତାଙ୍କର ଶ୍ରେଷ୍ଠ ଆଶୀର୍ବାଦ ଲାଭକରି ପାରିବ

ଧରମପୁଅ ତା' ବାଟେ ବାଟେ ଗଲା ଓ ଗଲାବେଳେ ସେ ଭାବିଲା ;

"ମୁଁ ସଂସାରରୁ କପରି ପାପକୁ ଧ୍ୱଂସ କରି ପାରିବି ? ପାପୀ ଲୋକମାନଙ୍କୁ କାରା-ଦଣ୍ଡ ଦେଇ, ସେମାନଙ୍କୁ ନିର୍ବାସିତ କରି କିମ୍ବା ପ୍ରାଣଦଣ୍ଡରେ ଦଣ୍ଡିତ କରି ପାପକୁ ଧ୍ୱଂସ କରିଯାଇ ପାରେ । ତେଣୁ ଅନ୍ୟମାନ-ଙ୍କର ପାପକୁ ନିଜ ମୁଣ୍ଡ ଉପରକୁ ନ ନେଇ ମୁଁ କପରି ପାପକୁ ଧ୍ୱଂସ କରିବି ?"

ଧରମପୁଅ ବହୁତ ସମୟ ଧରି ଏହା ଚିନ୍ତା କରିବାକୁ ଲାଗିଲା । କିନ୍ତୁ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲା ନାହିଁ । ସେ ଏହିପରି ଚିନ୍ତା କରି ଯାଉ ଯାଉ ବାଟରେ ଏକ ଗହମ କ୍ଷେତ ଦେଖିଲା । ସେଠାରେ ଖୁବ୍ ଭଲ ଗହମ ହୋଇଛି ଓ ପାଚି କଟା ହେବାପାଇଁ ହୋଇ ଗଲାଣି । ଧରମପୁଅ ଦେଖିଲା ଯେ ଗୋଟିଏ ବାଛୁରି ପିଲା ଗହମ କ୍ଷେତରେ ପଶିଛି । ପାଖରେ ଥିବା ଲୋକେ ତାକୁ ଦେଖି ଆଗକୁ ଥୋଡ଼ାଏ ପୁଣି ପଛକୁ ଥୋଡ଼ାଏ ଛଡ଼ି ନେଉଛନ୍ତି । ଯେତେବେଳେ ବାଛୁରି ବାହାରି ଆସିବା ପାଇଁ ଚେଷ୍ଟା କରୁଛି, ସେତେବେଳେ ଜଣେ ଦଉଡ଼ି ଯିବା ବେଳେ ସେ ହୁରୁଡ଼ି ଯାଉଛି ଏବଂ ପୁଣି ପଛକୁ ପଳା-ଉଛି । ସମସ୍ତେ ତା' ପଛରେ ଗୋଡ଼ାଇ-ବାରେ ଲାଗିଛନ୍ତି ଓ ଏଥିରେ ଶସ୍ୟ କେଣ୍ଡା ସବୁ ମକଚି ହୋଇ ଯାଉଛି । ରାସ୍ତା ଉପରେ ଜଣେ ସ୍ତ୍ରୀ ଲୋକ ଠିଆ ହୋଇ ପାଟି କରି କହୁଛି ;

"ସେମାନେ ମୋ ବାଛୁରିଟାକୁ ଗୋଡ଼ାଇ ଗୋଡ଼ାଇ ମାରି ପକାଇବେ ।"

ଧରମପୁଅ କୃଷୀମାନଙ୍କୁ କହିଲା,

"ତୁମେମାନେ ଏ ସବୁ କ'ଣ କରୁଛ ? କ୍ଷେତ ଭିତରୁ ଚାଲି ଆସ । ସ୍ତ୍ରୀ ଲୋକ ତା' ବାଛୁରୀକୁ ଡାକି ଆଣିବ ଯେ !"

ଲୋକେ ସବୁ ସେଇଆ କଲେ । ସ୍ତ୍ରୀ ଲୋକଟି କ୍ଷେତ ହୁଡ଼ାକୁ ଆସି ତା' ବାଛୁରୀକୁ ଡାକିଲା, 'ଆ, ଆ, ଶ୍ୟାମଳୀ, ଚାଲିଆ ।" ବାଛୁରୀ କାନଡ଼େରି କିଛି ସମୟ ଶୁଣିଲା ।

Digitized by srujanika@gmail.com

ତା'ପରେ ସ୍ତ୍ରୀ ଲୋକଟି ଆଡ଼କୁ ଦଉଡ଼ି ଆସି ତା' କଣା କାନରେ ମୁହଁ ଭର୍ତ୍ତି କରି 'ହୁମ୍ମା, ହୁମ୍ମା' କରି ବୋବାଇବାକୁ ଲଗିଲ । ଋଷୀ-ମାନେ ଖୁସି ହେଲେ, ସ୍ତ୍ରୀ ଲୋକଟି ଖୁସି ହେଲ , ବାଛୁରୀ ମଧ୍ୟ ଖୁସି ହେଲ ।

ଧରମପୁଅ ତା' ବାଟରେ ଗଲ । ସେ ଭାବିବାକୁ ଲଗିଲ ;

"ବର୍ତ୍ତମାନ ମୁଁ ଅନୁଭବ କରୁଚି ଯେ ପାପ ହିଁ ପାପକୁ ବଢ଼ାଏ । ବେଶୀଲୋକ ପାପକୁ ତଡ଼ିବାକୁ ଚେଷ୍ଟା କଲେ ସେ ବଢ଼ିବାକୁ ଲଗିବ । ପାପଦ୍ୱାରା ପାପକୁ ଧ୍ୱଂସ କରିହୋଇ ପାରିବ ନାହିଁ । କିନ୍ତୁ କାହାଦ୍ୱାରା



Digitized by srujanika@gmail.com

କରାଯାଇ ପାରବ ? ମୁଁ ଜାଣେ ନାହିଁ । ବାଳୁଙ୍ଗା ତା'ର ଖାମିନ୍ଦର କଥା ଶୁଣିବାରୁ ସବୁ ଠିକ୍ ହୋଇଗଲା । କିନ୍ତୁ ଯଦି ସେ ତା' କଥା ଶୁଣି ନ ଥାନ୍ତା, ତା' ହେଲେ ତାକୁ ଗହମ କ୍ଷେତରୁ କପରି ତଡ଼ା ଯାଇଥାନ୍ତା ?''

ଧରମପୁଅ ପୁଣି ଭାବିବାକୁ ଲଗିଲା । କିନ୍ତୁ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲା ନାହିଁ । ସେ ବାଟରେ ଯାଉ ଯାଉ ଗୋଟିଏ ଗାଁ ରେ ଆସି ପହଞ୍ଚିଲା । ଗାଁ ଶେଷ ମୁଣ୍ଡକୁ ଯାଇ ସେଠାରେ ଜଣକ ଘରେ ସେ ରାତିଟି ବିଶ୍ରାମ ନେବା ପାଇଁ ଚାହିଁଲା । ଘରେ ଥିବା ସ୍ତ୍ରୀ ଲୋକଟି ଘର ଚଟାଣ ସଫା କରୁଥିଲା । ସେ ଧରମପୁଅକୁ ଘର ଭିତରକୁ ଆସିବାପାଇଁ କହିଲା । ସେ ଭିତରକୁ ଆସି ଇଟା ଚୁଲି ଉପରେ ବସିଗଲା ଓ ସ୍ତ୍ରୀ ଲୋକଟି କ'ଣ କରୁଛି ଦେଖିଲା । ଚଟାଣ ସଫା କରି ସାରି ଖାଇବା ଟେବଲ୍‌କୁ ଘଷି ସଫା କରିବାକୁ ଲଗିଲା । ସଫା କରିବାପରେ ଖଣ୍ଡେ ମଇଳା କନାରେ ଟେବଲକୁ ପୋଛିଲା । କିନ୍ତୁ କନାଟା ମଇଳା ହୋଇ ଥିବାରୁ ସେ ଯେତକ ପୋଛୁଥାଏ, ଟେବଲରେ ମଇଳା ଦାଗ ସବୁ ରହି ଯାଉଥାଏ । ଗୋଟାଏ ଦାଗ ପୋଛି ହୋଇଗଲା ବେଳକୁ ଆଉ ଗୋଟାଏ ଦାଗ ଆସି ଯାଉଥାଏ । ସେ ଏ ପାଖ ସେ ପାଖ କରି ଯେତେ ପୋଛୁଥାଏ, ଏଇଆ ହେବାରେ ଲଗିଥାଏ । କିଛି ସମୟ ନୀରବ ହୋଇ ଧରମପୁଅ ଏହା ଦେଖିଲା ପରେ କହିଲା,

''ମା, ତୁମେ କ'ଣ କରୁଚ ?''

'' ତୁମେ କ'ଣ ଦେଖି ପାରୁ ନାହିଁ, ମୁଁ ପର୍ବ ପାଇଁ ସବୁ ସଫା କରୁଚି । କିନ୍ତୁ ଏ ଟେବଲଟା ; ଯେତେ ଚେଷ୍ଟାକଲେ ସଫା ହେଉନାହିଁ । ମୁଁ ହାଲିଆ ହୋଇ ଗଲିଣି ।''

ଧରମପୁଅ କହିଲା, '' ତୁମେ ଯେଉଁ କନାରେ ପୋଛୁଚ, ତାକୁ ଆଗ ସଫା କର । ତା'ପରେ ସଫାକନାରେ ଟେବଲ ପୋଛିବ ।''

ସ୍ତ୍ରୀ ଲୋକଟି ସେଇଆ କଲା ଓ ଟେବଲ ସଫା ହୋଇଗଲା ।

ତା' ପରଦିନ ସକାଳୁ ସେ ସ୍ତ୍ରୀ ଲୋକଠାରୁ ବିଦାୟ ନେଇ ପୁଣି ତା' ବାଟରେ ଚାଲିଲା । କିଛି ସମୟ ଚାଲିବା ପରେ ସେ ଏକ ଜଙ୍ଗଲ ସୀମାରେ ଆସି ପହଞ୍ଚିଲା । ସେଠାରେ ସେ ଦେଖିଲା, କେତେକ ଲୋକ କାଠକୁ ବଙ୍କାକରି ଚକର ଅର କରୁଛନ୍ତି । ପାଖକୁ ଆସି ସେ ଦେଖିଲା, ଲୋକେ ଯେତେ ଘିରି ଘିରି ହୋଇ ବୁଲିଲେ ମଧ୍ୟ କାଠଟା ବଙ୍କା ହେଉନାହିଁ । ସେ ସେଠାରେ ଠିଆ ହୋଇ କିଛି ସମୟ ନିରୀକ୍ଷଣ କଲା । ସେ ଦେଖିଲା ଯେ ଯେଉଁ ଗଣ୍ଡିରେ ଏ କାଠଟାକୁ ଏମାନେ ଭର୍ତ୍ତି କରି ବଙ୍କାଇବାକୁ ଚେଷ୍ଟା କରୁଛନ୍ତି, ତାହା ଠିକ୍ ଭାବରେ ଭର୍ତ୍ତି ହୋଇ ନ ଥିବା ଯୋଗୁଁ ଲୋକେ ଘୂରିବା ସଙ୍ଗେ ସଙ୍ଗେ କାଠଟା ବି ଘୂରୁଚି । ତା'ପରେ ଧରମପୁଅ ପଚାରିଲା ,

''ତୁମେମାନେ କ'ଣ କରୁଚ ?''

''ତୁମେ, କ'ଣ ଦେଖି ପାରୁ ନାହିଁ, ଆମେ ଚକର ଅର ତିଆରି କରୁଚୁ । ଆମେ ଦୁଇଥର କାଠଟାକୁ ଧୂଆଁ ଦେଇ ଅଟକା ହୋଇ ଗଲୁଣି । କାଠଟା ମୋଟେ ବାଙ୍କୁ-ନାହିଁ ।''

Digitized by srujanika@gmail.com

ଧରମପୁଅ କହିଲା, "ତୁମେ କାଠଟାକୁ ଠିକ୍‌ଭାବରେ ରଖିନାହିଁ । ତେଣୁ ତୁମେ ଜୁଳିବା ସଙ୍ଗେ ସଙ୍ଗେ କାଠଟା ବି ଜୁଳୁଛି ।"

ସ୍ତ୍ରୀମାନେ ଧରମପୁଅର କଥାମାନି କରିବାରୁ ତାଙ୍କ କାମଟି ଠିକ୍ ଚାଲିଲା ।

ଧରମପୁଅ ରାତିକ ସେମାନଙ୍କ ସଙ୍ଗରେ କଟାଇଲା ଓ ସକାଳୁ ଉଠି ଚାଲିଲା । ସେ ଦିନଟାଯାକ ଓ ସାରା ରାତି ଚାଲିବା ପରେ, ଦଳେ ଗାଈଆଳ ପଲ ପକାଇ ରାତି କଟାଉ-ଛନ୍ତି, ଠିକ୍ ସେଇଠୁ ସେଇଠୁ ସେ ସେମାନଙ୍କ ପାଖକୁ ଆସି ବିଶ୍ରାମ ନେଲା । ସେ ଦେଖିଲା, ସେମାନେ ନିଆଁ ପୁଆଁଇବାପାଇଁ ଗୋଟିଏ ଶୁଖିଲା କାଠ ଏକାଠି ଆଣି ସଜାଉଛନ୍ତି । [illegible] ଶୁଖିଲା [illegible] କାଠ ନିଆଁ ଧରୁନାହିଁ, କଞ୍ଚା କାଠ ଆଣି ତା' ଉପରେ ପକାଇ ଦେଉଛନ୍ତି, ଯାହା ଫଳରେ କି କଞ୍ଚା କାଠ ସେଁ ସେଁ ହେଉଛି ଓ ନିଆଁ ନ ବାହାରି ଧୂଆଁ ବାହାରୁଛି । ସେମାନେ ପୁଣି ଶୁଖିଲା କାଠ ଆଣୁଛନ୍ତି, ତାକୁ ଜଳାଇବା ପରେ କଞ୍ଚା କାଠ ଆଣି ପକାଉଛନ୍ତି ଓ ନିଆଁ ଲିଭି ଯାଉଛି ।

ଧରମପୁଅ କହିଲା, "ଏତେ ଶୀଘ୍ର କଞ୍ଚା କାଠ ପକାଅ ନାହିଁ । ଶୁଖିଲା କାଠକୁ ଭଲ ଭାବରେ ଜଳିବାକୁ ଦିଅ । ତା'ପରେ ମନଇଚ୍ଛା କଞ୍ଚାକାଠ ପକାଇବ, କିଛି ଛିଡ ନାହିଁ ।"

ଗାଈଆଳ ମାନେ ତା' କଥା ମାନି କାର୍ଯ୍ୟକଲେ । ସେମାନେ ଶୁଖିଲା କାଠ ଜମା କରି ସେଥିରେ ନିଆଁ ଲଗାଇଲେ । ନିଆଁ ଖୁବ୍ ଭଲ ଭାବରେ ଜଳିବାପରେ ସେମାନେ କଞ୍ଚାକାଠ ଦେଲେ, ସବୁ ଠିକ୍ ଜଳିଲା ।

ଧରମପୁଅ ତାଙ୍କ ସାଙ୍ଗରେ କିଛି ସମୟ ରହି ତା' ବାଟରେ ଚାଲିଲା । ସେ ମନେ ମନେ ଚିନ୍ତା କଲା, ସେଇ ତିନୋଟି ଘଟଣା ସେ ଅଙ୍କେ ନିଭେଇଲା, ତା'ର କ'ଣ ଅର୍ଥ ହୋଇପାରେ , ସେ କିଛି ସ୍ଥିର କରି ପାରିଲା ନାହିଁ ।

ସେଦିନ ଯାକ ସେ ସେହିପରି ଚାଲି ସନ୍ଧ୍ୟାବେଳକୁ ଆଉ ଏକ ଜଙ୍ଗଲରେ ଆସି ପହଞ୍ଚିଲା । ସେଠାରେ ସେ ଦେଖିଲା ଗୋଟିଏ କୁଡ଼ିଆଘରେ ଜଣେ ସନ୍ନ୍ୟାସୀ ରହୁଛନ୍ତି । ସେ ବାହାରୁ ଡାକିବା ଛଣି ଭିତରୁ ପ୍ରଶ୍ନ ହେଲା, "କିଏ ତୁମେ ?"

ଧରମପୁଅ କହିଲା [illegible], "[illegible] ଅପରାଧୀ । ମୋତେ [illegible] ମୋ' ପାପ ନୁହେଁ, ଅନ୍ୟର ପାପ ପାଇଁ ପ୍ରାୟଶ୍ଚିତ୍ତ କରିବାକୁ ହେବ ।" ଏହା ଶୁଣି ସନ୍ନ୍ୟାସୀ ବାହାରକୁ ଚାଲି ଆସିଲେ ।

"ଅନ୍ୟର କି ପାପ ପାଇଁ ତୁମକୁ ପ୍ରାୟଶ୍ଚିତ୍ତ କରିବାକୁ ହେବ ?"

ଧରମପୁଅ ତାଙ୍କୁ ସମସ୍ତ କଥା କହିଲା; ତା'ର ଧରମବାପାଙ୍କ କଥା ; ମାଈଭାଲୁ ଓ ତା'ର ପିଲାମାନଙ୍କ କଥା ; ଜଉମୁଦ୍ରା ପଡ଼ି-ଥିବା ସିଂହାସନ ଘର କଥା; ଧରମବାପାଙ୍କର ତା'ପ୍ରତି ଆଦେଶ, ଗହମ କ୍ଷେତରେ ଥିବା ବାଛୁରି ଓ ତାର ଖାମିନ୍ଦ ତାକୁ ଡାକିବା କଥା ।

"ମୁଁ ଦେଖିଲି, ପାପକୁ କେବେ ପାପ ଦ୍ୱାରା ନଷ୍ଟ କରି ଯାଇ ପାରିବ ନାହିଁ । କିନ୍ତୁ କିପରି ଏହାକୁ ନଷ୍ଟ କରିବାକୁ ହେବ ମୁଁ

Digitized by srujanika@gmail.com

ବୁଝିପାରୁ ନାହିଁ । ଆପଣ ମୋତେ ତାହା ଶିଖାଇ ଦିଅନ୍ତୁ ।"

ସନ୍ନ୍ୟାସୀ କହିଲେ, " ଆଜ ତୁମେ ବାଟରେ କ'ଣ କ'ଣ ଦେଖିଲ, ମୋତେ କହ । "

ସ୍ତ୍ରୀ ଲୋକର କେବଳ ସଫା କରିବା କଥା, ଚାଷୀଙ୍କର ଚକ ଅର ଗଢ଼ିବା କଥା, ଗାଈଆଳଙ୍କର ନିଆଁ ପୁଆଁଇବା କଥା, ସବୁ ଗୋଟି ଗୋଟି କରି ଧରମପୁଅ ସନ୍ନ୍ୟାସୀଙ୍କୁ କହିଲା ।

ସନ୍ନ୍ୟାସୀ ସବୁ ଶୁଣି ତାଙ୍କ କୁଡ଼ିଆ ଭିତରକୁ ପଶିଗଲେ ଓ ପୁରୁଣା କୁରାଢ଼ି ଆଣି ଧରମପୁଅକୁ ଧରି କଛୁ ଦୂର ଗଲେ । ତା'ପରେ ଗୋଟିଏ ଗଛକୁ ଦେଖାଇ ଦେଇ କହିଲେ,

"ଏହି ଗଛଟାକୁ ହାଣିଦିଅ ।"

ଧରମପୁଅ ହାଣି ଦେବାରୁ ସନ୍ନ୍ୟାସୀ କହିଲେ, "ଏବେ ଏହାକୁ ଡାଳଗଡ଼ କରି କାଟିଦିଅ ।"

ଧରମପୁଅ ଡାଳଗଡ଼ କରି କାଟି ସାରିବା ପରେ ସନ୍ନ୍ୟାସୀ କୁଡ଼ିଆ ଭିତରକୁ ପଶିଗଲେ ଓ ନିଆଁ ହୁଳା ଆଣି କହିଲେ,

"ଏହି ଡାଳଗଡ଼ କାଠକୁ ପୋଡ଼ିଦିଅ ।"

ଧରମପୁଅ କାଠଗଡ଼ ଡାଳୋଟିକୁ ନିଆଁ ଲଗାଇ ଜାଳିଲା । ସବୁ ଜଳିସିବା ପରେ ଶେଷକୁ କେବଳ ଡାଳଖଣ୍ଡ ଦରପୋଡ଼ା ଖୁଣ୍ଟା ରହିଲା । ସନ୍ନ୍ୟାସୀ କହିଲେ,

"ଏହିପରି ଭାବରେ ଭୂଇଁରେ ତୁମେ ଏ ସବୁକୁ ଅଧେ ପୋତି ଦିଅ ।"

ଧରମପୁଅ ତାହାହିଁ କଲା ।

ଦେଖ, ପାହାଡ଼ ତଳେ ଯେଉଁ ନଈ ବହି ଯାଉଚି, ପାଣିରେ ସେଥିରୁ ପାଣି ନେଇ ଆସ ଓ ଏହି ଖୁଣ୍ଟାରେ ପାଣି ଦିଅ । ତୁମେ ସେ ସ୍ତ୍ରୀ ଲୋକକୁ ଯେପରି ଶିକ୍ଷା ଦେଇଥିଲ, ସେହିପରି ଖୁଣ୍ଟାରେ ପାଣିଦିଅ । ଯେପରି ଅର ଗଢ଼ିବା ବାଲାଙ୍କୁ ଶିକ୍ଷା ଦେଇଥିଲ, ସେହିପରି ଏହି ଖୁଣ୍ଟାକୁ ପାଣିଦିଅ ଏବଂ ଏହି ଖୁଣ୍ଟା—ସେ ଗାଈଆଳଙ୍କୁ ଯେପରି ଶିକ୍ଷା ଦେଇଥିଲ, ସେହିପରି ପାଣି ଦିଅ, ଯେତେ-ବେଳେ ଡାଳୋଟି ଯାକ ଖୁଣ୍ଟାରେ ଚେର ଲାଗିବ ଓ ସେଥିରୁ ଡାଳୋଟି ଆଉ ଗଛ ହେବ, ସେତେବେଳେ ପାପକୁ କିପରି ଧ୍ୱଂସ କରିବାକୁ ହୁଏ, ତାହା ତୁମେ ଜାଣି ପାରିଥିବ ଓ ତୁମର ସବୁ ପାପର ପ୍ରାୟଶ୍ଚିତ୍ତ କରିଥିବ ।"

ଏହା କହି ସନ୍ନ୍ୟାସୀ ତାଙ୍କ କୁଡ଼ିଆ ଭିତରକୁ ଫେରିଗଲେ । ଧରମ ପୁଅ କିନ୍ତୁ ସମସ୍ତ ଧରି ଚିନ୍ତା କଲା । କିନ୍ତୁ ସନ୍ନ୍ୟାସୀଙ୍କ କଥାର ରହସ୍ୟ ବୁଝି ପାରିଲା ନାହିଁ । କିନ୍ତୁ ସେ ତାକୁ ଯେଉଁ ପରାମର୍ଶ ଦେଇଥିଲେ, ସେ ତାହା କରିବାକୁ ଚେଷ୍ଟା କଲା ।

ସେ ନଈକୁ ଗଲା । ପାଣିରେ ପାଣି ଆଣି ଗୋଟିଏ ଖୁଣ୍ଟା ଉପରେ ପକାଇଲା । ଏହିପରି ସେ ବାରମ୍ବାର କଲା ଓ ଡାଳୋଟି ଯାକ ଖୁଣ୍ଟାରେ ଏହିପରି ଭାବରେ ପାଣି ଦେଲା । ସେତେବେଳେ ସେ ଥକି ପଡ଼ିଲା ଓ ତାକୁ ଭୋକ ଲାଗିଲା, ସେ ସନ୍ନ୍ୟାସୀଙ୍କୁ କିଛି ଖାଇବା ପାଇଁ ମାଗିବାକୁ ଗଲା । ସେ କୁଡ଼ିଆର ଦୁଆର ଖୋଲି ଦେଇଛି ତ ସେ ଘର ଭିତରେ କିଛି ଶୁଖିଲା ରୁଟି ଦେଖିଲା ଓ

Digitized by srujanika@gmail.com

ହେଥିରୁ କିଛି ଖାଇଲା । ତା'ପରେ ଗୋଟାଏ କୋଦାଳ ଧରି ସନ୍ନ୍ୟାସୀଙ୍କ କବର ପାଇଁ ମାଟି ଖୋଳିବାକୁ ଲାଗିଲା । ସକାଳରେ ସେ ନଈରୁ ପାଟିରେ ପାଣି ଆଣି ଅଣ୍ଡାରେ ଦେଉଥାଏ; ଅନ୍ୟବେଳେ କବର ଖୋଳୁଥାଏ । ସେ କବର ଖୋଳା କାମ ଶେଷ କରି ସନ୍ନ୍ୟାସୀଙ୍କ ଶବକୁ ପୋତିବାକୁ ଯାଉଛି । କେତେକ ଗ୍ରାମବାସୀ ସନ୍ନ୍ୟାସୀଙ୍କ ପାଇଁ କିଛି ଖାଦ୍ୟ ଦ୍ରବ୍ୟ ଧରି ପହଞ୍ଚିଲେ । ସେମାନେ ଜାଣି ନ ଥିଲେ ଯେ ସନ୍ନ୍ୟାସୀ ଦେହ ତ୍ୟାଗ କରିଛନ୍ତି ।

ସେମାନେ ଶୁଣିଲେ ଯେ ସନ୍ନ୍ୟାସୀ ମରିବା ପୂର୍ବରୁ ଧରମ ପୁଅକୁ ଆଶୀର୍ବାଦ କରି ତାଙ୍କ ସ୍ଥାନରେ ଛାଡ଼ି ଯାଇଛନ୍ତି । ସେମାନେ ସନ୍ନ୍ୟାସୀଙ୍କ କବର ଦେଇ ଖାଦ୍ୟ ଦ୍ରବ୍ୟ ସାକ ଧରମ ପୁଅକୁ ଦେଲେ ଓ ଆହୁରି ଆଣି ଦେବା ପାଇଁ ପ୍ରତିଶ୍ରୁତି ଦେଇ ଫେରିଗଲେ ।

ଧରମ ପୁଅ ବୃଦ୍ଧ ସନ୍ନ୍ୟାସୀଙ୍କ ସ୍ଥାନ ଗ୍ରହଣ କଲା । ସେଠାରେ ସେ ସନ୍ନ୍ୟାସୀଙ୍କ କଥା ଅନୁସାରେ ନଈରୁ ପାଟିରେ ପାଣି ଆଣି ଅଣ୍ଡା ମାନଙ୍କରେ ଦେଲା ଓ ଲୋକେ ଆଣୁଥିବା ଖାଦ୍ୟ ଜିନିଷ ଆନନ୍ଦରେ ଖାଇ ରହିଲା ।

ଏହିପରି ସେ ବର୍ଷେ ରହିଲା ଓ ବହୁ-ଲୋକ ତାକୁ ଦେଖିବାକୁ ଆସିଲେ । ନିଜର ଆତ୍ମାର ଶୁଦ୍ଧି ପାଇଁ ସେ ପାଟିରେ ପାଣି ଆଣି ଅଣ୍ଡାରେ ଦେଉଛି ଓ ଏକ ପବିତ୍ର ଜୀବନ ଯାପନ କରୁଛି, ଏହି କଥା ଚାରିଆଡ଼େ ପ୍ରଚାର ହୋଇଗଲା ଓ ତା'ର ସୁନାମ ବଢ଼ି-ବାକୁ ଲାଗିଲା । ଚାରିଆଡ଼ୁ ଲୋକେ ତାକୁ ଦେଖିବାକୁ ଆସିଲେ । ଧନୀ ସେଠମାନେ ତା'ପାଖକୁ ବହୁ ଉପହାର ଆଣି ପହଞ୍ଚିଲେ । ସେ ନିଜର ଯେତିକି ଦରକାର ସେତିକି ରଖି ବାକି ସବୁ ଗରିବ ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଲା ।

ଏହିପରି ଧରମ ପୁଅର ଦିନ କଟି-ବାକୁ ଲାଗିଲା । ଓଳିଏ ସେ ପାଟିରେ ପାଣି ଆଣି ଅଣ୍ଡାରେ ଦିଏ । ଆଉ ଓଳିକ ବିଶ୍ରାମ କରେ ଓ ଲୋକମାନଙ୍କୁ ଦର୍ଶନ ଦିଏ । ସେ ମନେ ମନେ ଭାବିଲା, ସନ୍ନ୍ୟାସୀଙ୍କ ପରା-ମର୍ଶ ଅନୁଯାୟୀ ଏହି ହେଉଛି ଜୀବନ, ଯଦ୍ଵାରା କି ସେ ନିଜେ ପ୍ରାୟଶ୍ଚିତ୍ତ କରି ପାପକୁ ଧ୍ଵଂସ କରି ପାରିବ ।

ଏହିପରି ଦୁଇବର୍ଷ କଟିଗଲା । ଅଣ୍ଡା ସବୁକୁ ପାଣି ଦେବାରେ ସେ ଦିନେ ହେଲେ ଅବହେଳା କରିନାହିଁ । କିନ୍ତୁ ସେଥିରୁ ଗୋଟିଏ ହେଲେ ଅଣ୍ଡା କଅଁଳିଲା ନାହିଁ ।

ଦିନେ ସେ ତା' କୁଡ଼ିଆରେ ବସିଛି, ଜଣେ ଲୋକ ଘୋଡ଼ାରେ ବସି ଗୀତ ଗାଇ ଯାଉଥିବାର ଶୁଣିଲା । ଓ ଲୋକଟି କିଏ ଜାଣିବା ପାଇଁ ଧରମ ପୁଅ ବାହାରି ଆସି ଦେଖିଲା, ଗୋଟିଏ ସୁନ୍ଦର ଘୋଡ଼ାରେ ଜିନ୍ ଦିଆ ହୋଇଛି, ତା'ଉପରେ ଖୁବ୍ ଭଲ ପୋଷାକ ପରିଛନ୍ଦ ପିନ୍ଧି ଜଣେ ମଜଭୁତ ଜବାନ ବସିଛି ।

ଧରମ ପୁଅ ତାକୁ ଅଟକାଇ ସେ କିଏ ଓ କୁଆଡ଼େ ଯାଉଛି ବୋଲି ପଚାରିଲା ।

ଲୋକଟି ଘୋଡ଼ାର ଲଗାମକୁ ଭିଡ଼ି

Digitized by srujanika@gmail.com

ଉତ୍ତର ଦେଲା । "ମୁଁ ଜଣେ ଡ଼କାୟତ । ମୁଁ ନିର୍ଜନ ରାସ୍ତାରେ ବୁଲୁଥାଏ । କେହି ଲୋକ ହାବୁଡ଼େ ପଡ଼ିଲେ ତାକୁ ହତ୍ୟା କରେ । ଯେତେ ବେଶୀ ଲୋକଙ୍କୁ ହତ୍ୟା କରେ, ସେତିକ ଆନନ୍ଦରେ ଗୀତ ଗାଇ ଚାଲେ ।"

ଧରମ ପୁଅ ଭୟଭୀତ ହୋଇ ଭାବିଲା ।

"ଏପରି ଜଣେ ଲୋକ ଭିତରେ ଯେଉଁ ପାପ ଅଛି, ତାକୁ କିପରି ଧ୍ୱଂସ କରାଯାଇପାରେ । ଯେଉଁ ଲୋକମାନେ ସ୍ୱେଚ୍ଛାରେ ମୋ' ପାଖକୁ ଆସି ତାଙ୍କର ଦୋଷା ଦୋଷ ସ୍ୱୀକାର କରି ଯାଉଛନ୍ତି, ସେମାନଙ୍କ ସହିତ କଥାଭାଷା କରିବା ସହଜ । କିନ୍ତୁ ଏ ଲୋକ ସାଙ୍ଗରେ ? ଏତେ ପାପ କରିବାଟାକୁ ଗର୍ବର କଥା ବୋଲି ମନେ କରୁଚି ।"

ତେଣୁ ସେ କିଛି ନ କହି ଚାଲି ଆସିଲା ଓ ମନେ ମନେ ଭାବିଲା, "ଏବେ ମୁଁ କରେ କ'ଣ ? ଏ ଡ଼କାୟତ ଯଦି ଏଇ ଅଞ୍ଚଳରେ ବୁଲେ, ତା'ହେଲେ ମୋ'ପାଖକୁ ଲୋକେ ଆସିବେ ନାହିଁ । ଭୟରେ ପଳାଇବେ । ସେମାନଙ୍କର କ୍ଷତି ହେବ । ତା ସଙ୍ଗେ ସଙ୍ଗେ ମୁଁ କ'ଣ ଖାଇ ବଞ୍ଚିବ ?"

ଧରମ ପୁଅ ପଛକୁ ଫେରି ଡ଼କାଏତକୁ କହିଲା,

"ଲୋକେ ମୋ'ପାଖକୁ ଆସୁଛନ୍ତି ପାପ ଗର୍ବରେ ନୁହେଁ, ପ୍ରାୟଶ୍ଚିତ୍ତ କରିବା ପାଇଁ ଓ କ୍ଷମା ମାଗିବା ପାଇଁ । ତୁମେ ଯଦି ଈଶ୍ୱରଙ୍କୁ ଭୟକର, ତା'ହେଲେ ତୁମ ପାପର ପ୍ରାୟଶ୍ଚିତ୍ତ କର । ଯଦି ତୁମ ହୃଦୟରେ ଅନୁତାପ ନ ହେଉଚି, ତା'ହେଲେ ଏଠାରୁ ଶୀଘ୍ର ଚାଲିଯାଅ । ଆଉ କେବେ ଯେପରି ଏଠାକୁ ନ ଆସ । ତୁମେ ଯଦି ଲୋକଙ୍କୁ ଭୟଭୀତ କର ଓ ମୋତେ ହଇରାଣ କର, ତା'ହେଲେ ଈଶ୍ୱର ତୁମକୁ ଦଣ୍ଡିତ କରିବେ ।"

ଡ଼କାୟତ ହସିଲା;

"ମୁଁ ଈଶ୍ୱରଙ୍କୁ ଭୟ କରେ ନାହିଁ କି ତୁମର କଥା ମୁଁ ଶୁଣିବାକୁ ଚାହେଁ ନାହିଁ । ତୁମେ ମୋର ମାଲିକ ନୁହଁ । ତୁମେ ତୁମର ପବିତ୍ରତାକୁ ଦେଖାଇ ବଞ୍ଚୁଚ । ମୁଁ ମୋର ଡ଼କାୟତିରେ ବଞ୍ଚୁଚି । ଆମ ସମସ୍ତଙ୍କୁ ବଞ୍ଚିବାକୁ ହେବ । ଯେଉଁ ବୁଢ଼ୀ ଲୋକେ ତୁମ ପାଖକୁ ଆସୁଛନ୍ତି, ତାଙ୍କୁ ଉପଦେଶ ବାଣୀ ଶୁଣାଅ । ମୋତେ ଶିକ୍ଷା ଦେବାକୁ ତୁମର କିଛି ନାହିଁ । ତୁମେ ଆଜି ମୋତେ ଈଶ୍ୱରଙ୍କ କଥା ଶୁଣାଇଲ, ସେଥିପାଇଁ କାଲି ମୁଁ ଆଉ ଦୁଇଜଣ ଲୋକ ମାରିବି । ମୁଁ ତୁମକୁ ମଧ୍ୟ ମାରି ଦେଇଥାନ୍ତି । କିନ୍ତୁ ବର୍ତ୍ତମାନ ମୁଁ ମୋର ହାତକୁ ରକ୍ତାକ୍ତ କରିବାକୁ ଚାହୁଁ ନାହିଁ । ଦେଖ, ଆଉ ଯେପରି ଭବିଷ୍ୟତରେ ମୋ ବାଟରେ ଠିଆ ନ ହୁଅ ।"

ଏହିପରି ଧମକ ଦେଇ ଡ଼କାୟତ ଘୋଡ଼ାରେ ବସି ଚାଲିଗଲା । ସେ ଅଉ ସେଠିକି ଅସିଲା ନାହିଁ । ଧରମ ପୁଅ ଶାନ୍ତିରେ ରହିଲା । ଏହିପରି ଆଠବର୍ଷ କଟି-ଗଲା ।

ଦିନେ ରାତିରେ ଧରମ ପୁଅ ଅଙ୍ଗାର ଗୁଡ଼ିକରେ ପାଣି ଦେଇ ନିଜ କୁଡ଼ିଆକୁ ଫେରି ବିଶ୍ରାମ ନେଲା ଓ ଲୋକଙ୍କ ଆସିବା ପାଇଁ

Digitized by srujanika@gmail.com

ଅପେକ୍ଷା କରି ରହିଲା । କିନ୍ତୁ କେହି ଆସିଲେ ନାହିଁ । ତା' ପରଦିନ ଯାକ ମଧ୍ୟ କେହି ଆସିଲେ ନାହିଁ । ସଂଧ୍ୟା ହେବାରୁ ସେ ବିରକ୍ତ ହୋଇ ନିଜର ଅତୀତ ଜୀବନ କଥା ଚିନ୍ତା କରିବାକୁ ଲଗିଲା । ସେ କିପରି ନିଜର ପବିତ୍ରତାକୁ ଜୀବିକା କରି ବଞ୍ଚୁଚି, ଡକାୟତ ତାହା କହି ତାକୁ ଗାଳି ଦେଇଥିଲା । ସେ କଥା ତା'ର ମନେ ପଡ଼ିଲା । ସେ ଭାବିଲା, "ମୋତେ ସନ୍ନ୍ୟାସୀ ଯେପରି ପରାମର୍ଶ ଦେଇ ଥିଲେ, ମୁଁ ସେପରି ତ ଚଳିନାହିଁ । ସନ୍ନ୍ୟାସୀ ମୋତେ ଗୋଟିଏ ପ୍ରାୟଶ୍ଚିତ୍ତ କରିବା ପାଇଁ କହିଥିଲେ । ମୁଁ ସେଥିରୁ ନିଜର ଜୀବିକା ଓ ଯଶ ଅର୍ଜନ କରିବାରେ ଲଗିଚି । ମୁଁ ଏଥିରେ ଏପରି ଆସକ୍ତ ହୋଇ ଗଲିଣି ଯେ ଲୋକେ ନ ଆସିବାରୁ ମୋତେ ଖରାପ ଲଗୁଚି । ଯେତେବେଳେ ଲୋକେ ଆସୁଛନ୍ତି, ମୋତେ ଆନନ୍ଦ ଲଗୁଚି, କାରଣ ସେମାନେ ମୋର ପବିତ୍ରତାର ପ୍ରଶଂସା କରୁଛନ୍ତି । ଏପରି ଭାବରେ କଣ ଜୀବନ କଟିବାର କଥା ? ମୁଁ ପ୍ରଶଂସାର ଲୋଭରେ ଦିଗ୍‌ଭ୍ରାନ୍ତ ହୋଇଗଲି ମୁଁ ମୋର ଅତୀତ ପାପର ପ୍ରାୟଶ୍ଚିତ୍ତ କରି ପାରିଲି ନାହିଁ । ପୁଣି ପାପ କରିବାରେ ଲଗିଚି । ଏବେ ମୁଁ ଏଠାରୁ ଚାଲିଯାଇ ଜଙ୍ଗଲ ଭିତରେ ଆଉ ଗୋଟିଏ ଯାଗାରେ ରହିଲେ ଭଲ ହେବ, ଯେଉଁଠି କି ଲୋକେ ମୋତେ ଦେଖି ପାରିବେ ନାହିଁ, ମୁଁ ମୋ ପାପର ପ୍ରାୟଶ୍ଚିତ୍ତ କରି ପାରିବି ଓ ପୁଣି ଆଉ ପାପ କରିବି ନାହିଁ ।"

ଏହି ସିଦ୍ଧାନ୍ତ କରି ଧରମ ପୁଅ ନିଜ ବ୍ୟାଗରେ ଶୁଖିଲା ରୁଟି ଗୁଡ଼ିଏ ରଖି ଓ ହାତରେ ଏକ କୋଦାଳ ଧରି ତାର କୁଡ଼ିଆ ଘର ଛାଡ଼ି ଚାଲିଗଲା । ଗୋଟିଏ ପାହାଡ଼ ପାଖରେ ସୁନ୍ଦର ନିର୍ଜନ ସ୍ଥାନ ଥିବାର ସେ ଜାଣିଥିଲା । ସେଠାରେ ଏକ ଗୁମ୍ଫା ଖୋଳି ଲୋକଙ୍କଠାରୁ ଦୂରରେ ସେ ରହିବ ବୋଲି ମନସ୍ଥ କଲା ।

ସେ ତାର ବ୍ୟାଗ ଧରି ଯାଉଚି, ଦେଖିଲା ସେଇ ଡକାଏତ ଘୋଡ଼ାରେ ଚଢ଼ି ତା' ଆଡ଼କୁ ଆସୁଚି । ଧରମ ପୁଅ ଡରିଗଲା ଓ ଦଉଡ଼ି ପଳାଇବାକୁ ଲାଗିଲା । କିନ୍ତୁ ଡକା-ଏତ ଦଉଡ଼ିଯାଇ ତା' ଆଗରେ ଘୋଡ଼ା ଠିଆ କରି ଦେଲା ।

ଡକାଏତ ପଚାରିଲା, "କୁଆଡ଼େ ଯାଉଚ ?"

ଧରମପୁଅ କହିଲା ସେ ଏପରି ଏକ ସ୍ଥାନକୁ ଯିବାକୁ ଚାହେଁ, ଯେଉଁଠି ଲୋକେ ତାକୁ ଦେଖି ପାରିବେ ନାହିଁ । ଡକାଏତକୁ ଏ କଥାରେ ଭାରି ଆଶ୍ଚର୍ଯ୍ୟ ବୋଧ ହେଲା ।

"ଲୋକେ ଯଦି ତୁମକୁ ଦେଖି ନ ପାରିବେ, ତୁମେ କ'ଣ ଖାଇ ବଞ୍ଚିବ ?"

ଧରମପୁଅ ଏକଥା ଚିନ୍ତା କରି ନଥିଲା । କିନ୍ତୁ ଡକାଏତର ପ୍ରଶ୍ନ ତାକୁ ମନେ ପକାଇ ଦେଲା ଯେ ବଞ୍ଚିବାକୁ ହେଲେ ଖାଦ୍ୟ ଦର-କାର । ସେ ଉତ୍ତର ଦେଲା ;

"ଯାହା ଈଶ୍ୱର ଦେବେ ।"

ଡକାଏତ କିଛି ନ କହି ଘୋଡ଼ାରେ ବସି ଚାଲିଗଲା ।

" ତା' ଜୀବନ ଧାରଣା ସମ୍ପର୍କରେ କାହିଁକି ମୁଁ କିଛି ତାକୁ କହିଲି ନାହିଁ ? ସେ ବର୍ତ୍ତମାନ ଅନୁତାପ କରିପାରେ । ଆଜିତ

Digitized by srujanika@gmail.com

ସେ ଖୁବ୍ ଭଦ୍ର ଜଣା ଯାଉଛୁ । ମୋତେ ମାରିବା ପାଇଁ ଧମକ ଦେଇ ନାହିଁ ।" ଏହି କଥା ମନରେ ଭାବି ଧରମ ପୁଅ ଡକାଏତକୁ ପାଟି କରି ଡାକିଲା ;

"ତୁମ ପାପ ପାଇଁ ତୁମକୁ ଅନୁତାପ କରିବାକୁ ହେବ । ତୁମେ ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ ଯାଇ ପାରିବ ନାହିଁ ।

ଡ଼କାଏତ ତାର ଘୋଡ଼ାକୁ ଫେରାଇଲା ଓ ଅଣ୍ଟାରୁ ଗୋଟାଏ ଛୁରୀ ବାହାର କରି ଧରମପୁଅ ଆଡ଼କୁ ଛୁଡ଼ି ଦେଇଲା । ଧରମପୁଅ ଡ଼ରି ଯାଇ ଜଙ୍ଗଲ ଭିତରକୁ ପଳାଇଗଲା ।

ଡ଼କାଏତ ତା'ପଛରେ ନ ଗୋଡ଼ାଇ ପାଟିକରି କହିଲା ,

"ଏ ବୁଢ଼ା ! ତତେ ଦୁଇଥର ଛାଡ଼ି ଦେଲି । ପୁଣି ଥରେ ମୋ' ବାଟରେ ଠିଆ ହେବୁ ତ, ତତେ ନିଶ୍ଚୟ ହତ୍ୟା କରିବି ।"

ଏତକ କହି ଡକାଏତ ଚାଲିଗଲା ।

ସକାଳବେଳେ ଧରମପୁଅ ଅଣ୍ଡାରେ ପାଣି ଦେବାକୁ ଯାଇ ଦେଖିଲା, ଗୋଟିଏ ଅଣ୍ଡା କଅଁଳିଛି ! ତା' ଭିତରୁ ଗୋଟିଏ ଆତ ଗଛ ବାହାରୁଛି ।

ସମସ୍ତଙ୍କଠାରୁ ଲୁକ୍କାୟିତ ଭାବରେ ରହି ଧରମପୁଅ ଏକାକୀ ସମୟ କଟାଇବାକୁ ଲାଗିଲା । ଯେତେବେଳେ ତା'ର ରୁଟି ଯାକ ସରିଗଲା, ସେ ଚିନ୍ତାକଲା ;

"ବର୍ତ୍ତମାନ ଯାଉଚି, କିଛି ଫଳ ମୂଳ ଯୋଗାଡ଼ କରି ବଞ୍ଚିବାକୁ ହେବ ।" ସେ ଅଳ୍ପବାଟ ଯାଇଛି କି ନାହିଁ, ଦେଖିଲା, ଗୋଟିଏ ଗଛ ଡାଳରେ ଝୁଲିଛି ରୁଟି ଭର୍ତ୍ତି ହୋଇଥିବା ବ୍ୟାଗ୍‌ଟିଏ ଝୁଲୁଛି । ସେ ବ୍ୟାଗଟି ନେଇ କନ୍ଦଫଳ ତାକୁ ଖାଇ ରହିଲା ।

ସେତକ ସରିଥିବା ପରେ ସେ ପୁଣି ଯାଇ ଦେଖିଲା, ଆଉ ଗୋଟିଏ ରୁଟି ବ୍ୟାଗ୍ ଠିକ୍ ସେଇ ଡ଼ାଲରେ ଝୁଲୁଛି, ଏହିପରି ଭାବରେ ତାର ଖାଇବାର ଅଭାବ ରହିଲା ନାହିଁ, କିନ୍ତୁ ତା'ର ଏକମାତ୍ର ଭୟ ହେଲା, ଡ଼କାଏତକୁ । ତା'ର ଘୋଡ଼ାଟାପୁ ଶୁଣିଲେ ସେ ଲୁଚି ଯାଉଥିଲା ଓ ମନେ ମନେ ଭାବୁଥିଲା;

"ମୋର ପାପର ପ୍ରାୟଶ୍ଚିତ୍ତ କରିବା ପୂର୍ବରୁ ସେ ମୋତେ ପ୍ରାଣରେ ମାରି ଦେଇ ପାରେ ।"

ଦିନେ ଖୁବ୍ ସକାଳୁ ଉଠି ଧରମପୁଅ ତାର କାମକୁ ଗଲା । ଅଣ୍ଡା ସବୁ ଲୁଣିପଟ ଭୂଇଁ ସେ ଓଦା କରି ସାରିବା ପରେ କ୍ଲାନ୍ତ ହୋଇ ସେଠାରେ ବିଶ୍ରାମ ନେବା ପାଇଁ ବସି ପଡ଼ିଲା । ବସିଲାବେଳେ ସେ ମନେ ମନେ ଭାବିଲା ;

"ମୁଁ ପାପ କରିଛି । ମୃତ୍ୟୁକୁ ମୁଁ ଭୟ କରୁଛି । ବୋଧହୁଏ ମୃତ୍ୟୁରେ ମୁଁ ମୋର ପାପର ପ୍ରାୟଶ୍ଚିତ୍ତ କରେ, ଏହା ହିଁ ଈଶ୍ୱରଙ୍କ ଇଚ୍ଛା ।"

ତା' ମନ ଭିତରେ ଏହି ଭାବନା ଆସିଛି କି ନାହିଁ, ସେ ଦେଖିଲା ସେ କ'ଣ ଘୋଡ଼ାଏ ଗଳାରେ ଏଣୁ ତେଣୁ କହୁ ଡକାଏତ ସେହି ବାଟ ଦେଇ ଯାଉଛି । ଧରମ ପୁଅ ଭାବିଲା,

"ଈଶ୍ୱରଙ୍କ ଇଚ୍ଛା ବିନା କେହି ମୋର ମଙ୍ଗଳ ବା ଅମଙ୍ଗଳ କରି ପାରିବେ ନାହିଁ ।"

ସେ ଡକାଏତକୁ ଭେଟିବା ପାଇଁ ଯାଇ

Digitized by srujanika@gmail.com

ଦେଖେ ତ ଡ଼କାଏତ ଏକାକୀ ନୁହେ । ତା ପଛରେ ମୁହଁ ଓ ଗୋଡ଼, ହାତ ବନ୍ଧା ହୋଇ ଆଉ ଜଣେ ବସିଚ । ସେ ଲୋକ କିଛି କହୁନାହିଁ । କିନ୍ତୁ ଡ଼କାଏତ ତାକୁ ଗାଳି ଦେବାରେ ଲାଗିଚ । ଧରମପୁଅ ଡ଼କାଏତ ପାଖକୁ ଯାଇ ଘୋଡ଼ା ଆଗରେ ଠିଆ ହୋଇଗଲା ।

"ତୁମେ ଏ ଲୋକକୁ କୁଆଡ଼େ ନେଉଚ ?"

ଡ଼କାଏତ ଉତ୍ତର ଦେଲା, "ମୁଁ ତାକୁ ଜଙ୍ଗଲ ଭିତରକୁ ନେଉଚ । ସେ ଜଣେ ସେଠର ପୁଅ । ତା' ବାପା କେଉଁଠି ଟଙ୍କା ଲୁଚାଇ ରଖିଚ, ସେ ତାହା କହୁନାହିଁ । ମୁଁ ତାକୁ କୋରଡ଼ାରେ ପିଟି କଥା ଆଦାୟ କରିବ ।"

ଏହା କହି ଡ଼କାଏତ ଘୋଡ଼ାକୁ ଚିବା ପାଇଁ ଗୋଡ଼ ମାରିଲା, ମାତ୍ର ଧରମ ପୁଅ ଘୋଡ଼ାର ବଲ୍‌ଗାଟାକୁ ଧରି ଛାଡ଼ିଲା ନାହିଁ ।

"ଏ ଲୋକଟିକୁ ଛାଡ଼ିଦିଅ ।"

ଡ଼କାଏତ ରାଗିଯାଇ ମାରିବା ପାଇଁ ହାତ ଉଠାଇଲା ।

"ମୁଁ ଏ ଲୋକକୁ କ'ଣ କରିବାକୁ ଯାଉଚ, ତୁମେ ନିଜ ଦେହରେ ତାକୁ ପରୀକ୍ଷା କରିବାକୁ ଚାହଁ ? ମୁଁ ତୁମକୁ ପ୍ରାଣରେ ମାରିବା ପାଇଁ ଯେଉଁ ପ୍ରତିଜ୍ଞା କରିଥିଲି, ତାହା କ'ଣ ଭୁଲି ଯାଇଚ ? ଛାଡ଼ ଘୋଡ଼ାକୁ !"

ଧରମ ପୁଅ କିନ୍ତୁ ଡ଼ରିଲା ନାହିଁ, ସେ ଉତ୍ତର ଦେଲା ;

"ତୁମେ ଯାଇ ପାରିବ ନାହିଁ । ମୁଁ ତୁମକୁ ଭୟ କରେ ନାହିଁ । ଈଶ୍ୱରଙ୍କ ଛଡ଼ା ମୁଁ କାହାରିକୁ ଭୟ କରେ ନାହିଁ । ତାଙ୍କର ଇଚ୍ଛା ମୁଁ ତୁମକୁ ଛାଡ଼ିବି ନାହିଁ । ଏହି ଲୋକକୁ ଛାଡ଼ି ଦିଅ ।"

ଡ଼କାଏତ ରାଗି ଫଁ ଫଁ ହେଲା । ମାତ୍ର କିଛି ନକରି ତାର ଛୁରୀ ବାହାର କରି ସେଠର ପୁଅ ବନ୍ଧା ହୋଇଥିବା ଦଉଡ଼ିକୁ କାଟି ଦେଲା ଓ ତାକୁ ବନ୍ଧନ ମୁକ୍ତ କଲା ।

"ଯାଅ, ତୁମେ ଦୁଇ ଜଣ ଶୀଘ୍ର ମୋ' ବାଟରୁ ଚାଲିଯାଅ ।"

ସେଠର ପୁଅ ଘୋଡ଼ା ପିଠିରୁ ଡ଼େଇଁ ପଡ଼ି ଦୌଡ଼ି ପଳାଇଲା । ଡ଼କାଏତ ଚିବାକୁ ବସିଚ, ଧରମପୁଅ ତାକୁ ପୁଣି ଅଟକାଇ ଆଉ ଏପରି ପାପପୂର୍ଣ୍ଣ ଜୀବନ ଯାପନ ନ କରିବାକୁ ତାକୁ କହିଲା । ଶେଷ ପର୍ଯ୍ୟନ୍ତ ନୀରବ ହୋଇ ଡ଼କାଏତ ଶୁଣିଲା ଓ କିଛି ନ କହି ଚାଲିଗଲା ।

ତା' ଆରଦିନ ସକାଳେ ଧରମପୁଅ ଥୁଣ୍ଟା ସବୁରେ ପାଣି ଦେବାକୁ ଯାଉଚ, ଦେଖିଲା, ଦ୍ୱିତୀୟ ଥୁଣ୍ଟା ଟି କଅଁଳିଲାଣି ଓ ସେଥିରୁ ଗୋଟିଏ ଆମ୍ବଗଛ ବାହାରୁଚ ।

ଆହୁରି ଦଶବର୍ଷ ଚାଲିଗଲା । ଏବେ ଧରମ ପୁଅ ନୀରବରେ ବସି ରହିଚ । ବସ୍ତୁ-ମାନ କୌଣସିଟାରେ ତା'ର ସ୍ପୃହା ନାହିଁ । କାହାରିକୁ ସେ ଭୟ କରେ ନାହିଁ । ତା'ର ହୃଦୟରେ ପରିପୂର୍ଣ୍ଣ ଆନନ୍ଦ ।

"ମନୁଷ୍ୟପ୍ରତି ଭଗବାନ ପୁଣି ଏହିପରି ଆଶୀର୍ବାଦ ବର୍ଷଣ କରନ୍ତୁ ! କିନ୍ତୁ ମନୁଷ୍ୟ-ମାନେ କାହିଁକି ବିନା କାରଣରେ ନିଜକୁ ଏପରି କଷ୍ଟ ଦିଅନ୍ତି ? କାହିଁକି ସେମାନେ ଶାନ୍ତିରେ ରହି ପାରନ୍ତି ନାହିଁ ?"

Digitized by srujanika@gmail.com

ମନୁଷ୍ୟମାନଙ୍କ ମଧ୍ୟରେ ସମସ୍ତ ପାପ ଓ ତଦ୍ଦ୍ୱାରା ସେମାନେ କିପରି କଷ୍ଟ ପାଉଛନ୍ତି, ତାହା ଚିନ୍ତା କରି ତା'ର ହୃଦୟରେ କରୁଣା ଭରିଗଲା ।

ସେ ଭାବିଲା, ମୁଁ ଯେପରି ଜୀବନ ଯାପନ କରୁଛି, ତାହା ଠିକ୍ ନୁହେଁ । ମୁଁ ଯାହା ଲାଭ କରିଛି, ମୁଁ ଯାଇ ସମସ୍ତଙ୍କୁ ତାହା ଶିକ୍ଷା ଦେବି ।"

ସେ ଏହା ଭାବୁଛି କି ନାହିଁ, ସେ ଡକାଏତକୁ ସେହି ବାଟରେ ଆସିବାର ଦେଖିଲା । "ଏ ଲୋକକୁ ଯେତେ କହିଲେ ମଧ୍ୟ ଏ ଶୁଣିବ ନାହିଁ," ଏହା ଭାବି ସେ ଡକାଏତ ସହିତ ଦେଖା କରିବାକୁ ଗଲା ନାହିଁ । ତା' ମନ ଭିତରେ ଏଇଟା ପ୍ରଥମ ଚିନ୍ତା । କିନ୍ତୁ ସେ ତାର ସିଦ୍ଧାନ୍ତ ବଦଳାଇ ରାସ୍ତା ଉପରକୁ ଗଲା ଓ ଦେଖିଲା, ଡକାଏତ ମୁହଁ ତଳକୁ କରିଛି ଓ ଭାରି ଗମ୍ଭୀର ଦେଖାଯାଉଛି ।

ଧରମ ପୁଅ ତା ଆଡ଼କୁ ଚାହିଁଲା ଓ ତାର ହୃଦୟରେ ଲୋକଟି ପ୍ରତି କରୁଣା ଭରି ଗଲା । ସେ ତା' ଆଡ଼କୁ ଦଉଡ଼ି ଯାଇ ତା' ଆଣ୍ଠୁ ଦୁଇଟିରେ ହାତ ପକାଇ କହିଲା,

"ଭାଇ ମୋର, ତୋ'ର ଆତ୍ମା ପ୍ରତି ଟିକିଏ ହେଲେ ଦୟା ହେଉ । ତୋ ଭିତରେ ଈଶ୍ୱରଙ୍କ ସତ୍ତା ଅଛି । ତୁ ନିଜେ କଷ୍ଟ ପାଉଛୁ । ଅନ୍ୟ ମାନଙ୍କୁ କଷ୍ଟ ଦେଉଛୁ ଏବଂ ଭବିଷ୍ୟତ ପାଇଁ ଅଧିକରୁ ଅଧିକ ଦୁଃଖ ସଞ୍ଚୟ କରୁଛୁ । ତଥାପି ଈଶ୍ୱରଙ୍କର ତୋ' ପ୍ରତି କେତେ ଶ୍ରଦ୍ଧା ଏବଂ କେତେ ଅଧିକ ତାଙ୍କର ଆଶୀର୍ବାଦ ! ନିଜକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ଦିଅ ନାହିଁ । ଜୀବନର ଧାରା ବଦଳାଇ ଦିଅ ।"

ଡକାୟତ ରାଗିଯାଇ ମୁହଁ ବୁଲାଇ ଦେଲା ଏବଂ କହିଲା, "ମୋତେ ଛାଡ଼ିଦିଅ ।"

କିନ୍ତୁ ଧରମ ପୁଅ ଡକାୟତକୁ ଆହୁରି ଜୋର ରେ ଧରି କାନ୍ଦିବାକୁ ଲାଗିଲା । ଡକାଏତ ଧରମ ପୁଅ ଆଡ଼କୁ ଚାହିଁଲା । ବହୁତ ସମୟ ଧରି ସେ ତାକୁ ଚାହିଁଲା ଓ ଘୋଡ଼ାରୁ ଓହ୍ଲାଇ ଧରମ ପୁଅ ପାଦତଳେ ଆଣ୍ଠୁ ମାଡ଼ି ବସିଗଲା ।

ତାପରେ ସେ କହିବାକୁ ଲାଗିଲା, "ବୃଥା ତୁ ମୋତେ ପରାସ୍ତ କରିଦେଲୁ । କୋଡ଼ିଏ ବର୍ଷ ଧରି ମୁଁ ତୋର ପ୍ରତିରୋଧ କରିଛି । କିନ୍ତୁ ଆଜି ପାରୁ ନାହିଁ, ତୋ'ର ଯାହା ଇଚ୍ଛା ମୋତେ ନେଇ କର । ମୋର ନିଜ ଉପରେ ଆଉ ଶକ୍ତି ନାହିଁ । ଯେତେବେଳେ ପ୍ରଥମେ ତୁ ମତେ ବୁଝାଇବା ପାଇଁ ଚେଷ୍ଟା କଲୁ ମୋର ଖାଲି ରାଗହେଲା ଯେତେବେଳେ ଲୋକଙ୍କ ଠାରୁ ତୁ ଦୂରରେ ରହିଲୁ, ସେତେବେଳେ ତୋ' କଥା ମୁଁ ଟିକିଏ ଟିକିଏ ଶୁଣିଲି । କାରଣ ମୁଁ ଦେଖିଲି ଯେ ତୁ ସେମାନଙ୍କଠାରୁ ନିଜ ପାଇଁ କିଛି ଚାହୁଁ ନାହୁଁ । ସେହି ଦିନଠାରୁ ତୋପାଇଁ ଖାଦ୍ୟଆଣି ମୁଁ ସେ ଗଛ ଡାଳରେ ଝୁଲାଇ ଦେଉଥିଲି ।"

ତାପରେ ଧରମ ପୁଅ ମନେ ପକାଇଲା ଯେ ସ୍ତ୍ରୀ ଲୋକଟିର ଟେବୁଲ ସଫାକରିବା

Digitized by srujanika@gmail.com

କଥା । ସେ ନିଜର କଥା ସଫା କରିବା-ପରେ ତାର ନୈତିକ ସଫା କରି ପାରିଲା । ସେହିପରି ସେ ଯେତେବେଳେ ନିଜ କଥା ଆଉ ଚିନ୍ତା କଲନାହିଁ ଓ ନିଜର ହୃଦୟ ନିର୍ମଳ କଲା, ସେତେବେଳେ ଯାଇ ସେ ଅନ୍ୟର ହୃଦୟ ନିର୍ମଳ କରି ପାରିଲା ।

ଡ଼କାଏତ କହିବାକୁ ଲଗିଲ ;

"ଯେତେବେଳେ ମୁଁ ଦେଖିଲି ଯେ ତୁ ମୃତ୍ୟୁକୁ ଭୟ କରୁନାହୁଁ, ସେତେବେଳେ ମୋର ହୃଦୟ ବଦଳିଗଲା ।"

ଧରମପୁଅ ମନେ ପକାଇଲା ଚକର ଅର ଗଡ଼ିବା ଲୋକଙ୍କ କଥା । କାଠଟାକୁ ଠିକ୍ ସ୍ଥାନରେ ନ ରଖିବା ପର୍ଯ୍ୟନ୍ତ ସେମାନେ ତାକୁ କାଟି ପାରୁ ନଥିଲେ । ସେହିପରି ସେ ମୃତ୍ୟୁର ଭୟକୁ ପରିତ୍ୟାଗ କରି ନିଜକୁ ଯେତେବେଳେ ଈଶ୍ୱରଙ୍କଠାରେ ସ୍ଥିର ରଖିଲା, ସେତେବେଳେ ଯାଇ ସେ ଏହି ଲୋକର ଦୁର୍ଦ୍ଦାନ୍ତ ହୃଦୟକୁ ପରିବର୍ତ୍ତନ କରି ପାରିଲା ।

ଡ଼କାଏତ ପୁଣି କହିବାକୁ ଲଗିଲା, "ମୋର ହୃଦୟ ପୂର୍ବ ତରଳ ନଥିଲା । କିନ୍ତୁ ଯେତେବେଳେ ତୋର ହୃଦୟ ମୋ ପ୍ରତି କରୁଣାରେ ଭରିଗଲା ଓ ତୁ ମୋ ପାଇଁ କାନ୍ଦିବାକୁ ଲଗିଲୁ, ମୋର ହୃଦୟ ପୁରି ତରଳିଗଲା ।"

ଧରମ ପୁଅ ଆନନ୍ଦରେ ଯେଉଁଠି ଅଙ୍ଗାରସବୁ ପୋତା ହୋଇଥିଲା, ଡ଼କାଏତକୁ ସେଠିକି ନେଇ ଗଲା । ସେଠାରେ ସେମାନେ ଦେଖିଲେ ଯେ ତୃତୀୟ ଅଙ୍ଗାରଟି କଅଁଳ ଯାଇଛି ଓ ସେଥିରୁ ଗୋଟିଏ ଆତ ଗଛ ବାହାରୁଛି । ଧରମପୁଅ ଗାଈଆଳଙ୍କ କଥା ମନେ ପକାଇଲା । ଶୁଖିଲାକାଠ ଭଲ ଭାବରେ ନ ଜଳିବା ଯାଏଁ କଞ୍ଚାକାଠରେ ନିଆଁ ଧରିଲା ନାହିଁ । ତେଣୁ ଯେତେବେଳେ ତା'ର ହୃଦୟର ବଳି ଭଲ ଭାବରେ ଜଳିବାକୁ ଲଗିଲା, ସେତେବେଳେ ଯାଇ ସେ ଅନ୍ୟର ହୃଦୟକୁ ପ୍ରଜ୍ୱଳିତ କରି ପାରିଲା ।

ଶେଷରେ ସେ ତା'ର ପାପର ପ୍ରାୟଶ୍ଚିତ୍ତ କରି ପାରିଛି ବୋଲି ଭାବି ଧରମ ପୁଅ ଆନନ୍ଦ ବିହ୍ୱଳ ହୋଇପଡ଼ିଲା ।

ସେ ସମସ୍ତ କଥା ଡ଼କାଏତକୁ କହି ଆଖି ବୁଜି ଦେଲା । ଡ଼କାଏତ ତାକୁ କବର ଦେଇ ସେ ଯେପରି ଉପଦେଶ ଦେଇଥିଲା ସେହିପରି ଭାବରେ ଚଳିଲା ଓ ଧରମପୁଅର ଉପଦେଶାବଳୀ ଅନ୍ୟମାନଙ୍କୁ ଶିକ୍ଷା ଦେଲା ।

—*—

Digitized by srujanika@gmail.com

## ମହାଭାରତ ଗଳ୍ପ

# ପଶାଖେଳ ନିମନ୍ତ୍ରଣ

--ଜୟନ୍ତୀ ପଟ୍ଟନାୟକ

ପଶାଖେଳରେ ଶକୁନିଙ୍କର ପାର-ଦର୍ଶିତା ଓ ସେଥିରେ ଯୁଧିଷ୍ଠିରଙ୍କର ଆସକ୍ତି ବିଷୟ ଦୁର୍ଯ୍ୟୋଧନ ଜାଣିଥିଲେ । ଜତୁ-ଗୃହରେ ନିଆଁ ଲଗାଇ ସେ ପାଣ୍ଡବମାନଙ୍କୁ ମାରି ପାରି ନାହାନ୍ତି । ଯୁଦ୍ଧରେ ସେମାନଙ୍କୁ ପରାସ୍ତ ବା ନିହତ କରିବା ମଧ୍ୟ ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ତେଣୁ ପାଣ୍ଡବମାନଙ୍କୁ ଶ୍ରୀହୀନ କରି ସେମାନଙ୍କ ରାଜଲକ୍ଷ୍ମୀକୁ ଅପହରଣ କରିବା ପାଇଁ ଖଳବୁଦ୍ଧି ଶକୁନିଙ୍କ ପରାମର୍ଶରେ ଦୁର୍ଯ୍ୟୋଧନଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ଶକୁନିଙ୍କୁ କୁଣ୍ଢାଇ ପକାଇ କହିଲେ;

"ମାତୁଳ, ତୁମେ କେବଳ ଜଣେ ବୀର ଯୋଦ୍ଧା ନୁହଁ । ଅତି ଉର୍ବର ତୁମର ମସ୍ତିଷ୍କ ଓ ଶକ୍ତିଶାଳୀ ବୁଦ୍ଧି । ପାଣ୍ଡବ-ମାନଙ୍କର ଶ୍ରୀକୃଷ୍ଣ ସହାୟ ହୋଇ ପାରନ୍ତି । କିନ୍ତୁ ତୁମେ ଯାହାର ସହାୟ ହେବ, ତାହା ପକ୍ଷରେ କୌଣସି ବସ୍ତୁ ଅପ୍ରାପ୍ତ ରହିବ ନାହିଁ କିନ୍ତୁ ମୋ' ମନରେ ଗୋଟିଏ ସନ୍ଦେହ ହେଉଛି—କିପରି ଭାବରେ ପିତାଙ୍କୁ ଏଥିରେ ସମ୍ମତ କରାଇବାକୁ ହେବ । ଯୁଧିଷ୍ଠିରଙ୍କୁ ଦ୍ୟୁତକ୍ରୀଡ଼ାକୁ ନିମନ୍ତ୍ରଣ କରିବାର ପ୍ରସ୍ତାବ ମୁଁ କୁରୁ ରାଜାଙ୍କୁ ଦେଇ ପାରିବି ନାହିଁ । ତୁମକୁ ସେ କାର୍ଯ୍ୟ କରିବାକୁ ହେବ ।"

ଶକୁନି ଧୃତରାଷ୍ଟ୍ରଙ୍କୁ ଜାଣନ୍ତି । ସେ ଅତ୍ୟନ୍ତ ପୁତ୍ରବତ୍ସଳ । ବିଶେଷତଃ ଦୁର୍ଯ୍ୟୋ-ଧନଙ୍କୁ ସେ ଅତିଶୟ ସ୍ନେହ କରନ୍ତି । ପୁତ୍ର ସ୍ନେହରେ ଏହି ଅନ୍ଧ ରାଜାଙ୍କର ଅନେକ ସମୟରେ ଦୂରଦୃଷ୍ଟି ରହେ ନାହିଁ । ଶକୁନି କହିଲେ, "ଦୁର୍ଯ୍ୟୋଧନ, ଚିନ୍ତା କର ନାହିଁ । ତୁମେ ମୋ ସହିତ ଗଲେ ଆମେ ଉଭୟ ଧୃତରାଷ୍ଟ୍ରଙ୍କୁ ପ୍ରଭାବିତ କରି ପାରିବା ।"

ଦୁର୍ମତି ଶକୁନି ଗାନ୍ଧାରୀ ନନ୍ଦନଙ୍କ ସହିତ ରାଜା ଧୃତରାଷ୍ଟ୍ରଙ୍କ ପାଖରେ ଉପସ୍ଥିତ ହୋଇ କହିଲେ,

"କୁରୁରାଜ ! ଦୁର୍ଯ୍ୟୋଧନ ଚିନ୍ତାଗ୍ରସ୍ତ ହୋଇ ଅତିଶୟ କ୍ଷୀଣ ଓ ବିବର୍ଣ୍ଣ ଦେଖା-ଯାଉଛନ୍ତି । ଆପଣ ତାଙ୍କର ଅସହ୍ୟ ଦୁଃଖ ଓ ବେଦନା ହୃଦୟଙ୍ଗମ କରିବାକୁ ଇଚ୍ଛା କରୁନାହାନ୍ତି । ତା'ହେଲେ କ'ଣ ଆପଣ ଚାହାନ୍ତି, ଆପଣଙ୍କର ପୁତ୍ର ଏହିପରି ଦୁଃଖରେ କ୍ଷୀଣ ଓ କାତର ହୋଇ ରହିଥାନ୍ତୁ ?"

ଧୃତରାଷ୍ଟ୍ର ଅତ୍ୟନ୍ତ ଉଦ୍‌ବିଗ୍ନ ସ୍ୱରରେ ଦୁର୍ଯ୍ୟୋଧନଙ୍କୁ ପଚାରିଲେ, 'ତୁମର କିଛି ଦୁଃଖ ଥାଇପାରେ ବୋଲି ମୁଁ କଳ୍ପନା କରି ପାରୁ ନାହିଁ । ହସ୍ତିନାପୁରର ସମସ୍ତ ଐଶ୍ୱର୍ଯ୍ୟର ତୁମେ ହିଁ ଅଧୀଶ୍ୱର । ସଂସାରରେ ଏପରି କୌଣସି ଉତ୍ତମ ପଦାର୍ଥ ନାହିଁ, ଯାହାକି ତୁମେ ଉପଭୋଗ ନ କରୁଛ । ଦେବତା ମାନଙ୍କ ପରି ସମସ୍ତ ଭୋଗ୍ୟ ଦ୍ରବ୍ୟ ତୁମର

Digitized by srujanika@gmail.com

ଇଚ୍ଛାଧୀନ ଓ ତୁମର ଭ୍ରାତା ଓ ବନ୍ଧୁଗଣଙ୍କର ପରି ତୁମର ପ୍ରିୟ କାର୍ଯ୍ୟରେ ରତ ଅଛନ୍ତି । ତୁମେ ମୋର ଜ୍ୟେଷ୍ଠପୁତ୍ର, ଯୁବରାଜ ଓ କୌରବ ସିଂହାସନର ଉତ୍ତରାଧିକାରୀ । ତେଣୁ କ'ଣ ପାଇଁ ତୁମର ଏ ଦୁଃଖ, ଏ ଉଦ୍‌ବେଗ ?"

ଦୁର୍ଯ୍ୟୋଧନ ଉତ୍ତର ଦେଲେ,, "ଅନ୍ୟ ଯେ କେହି ବ୍ୟକ୍ତି ପରି ମୁଁ ଉଦର ପୂରଣ ପାଇଁ ଭୋଜନ କରୁଚି ଓ ନଗ୍ନତା ନିବାରଣ ପାଇଁ ପରିଧାନ କରୁଚି । କିନ୍ତୁ ଏପରି ଜୀବନ ଧାରଣ କରି ଲାଭ କ'ଣ ? ଏହା କ'ଣ କ୍ଷାତ୍ର ବୃତ୍ତି ? କୌଣସି ରାଜ-କୁଳୋଦ୍‌ଭବ କ୍ଷତ୍ରିୟ କେବେହେଲେ ନିଜର ସାମାନ୍ୟ ଧନ ବା ଐଶ୍ୱର୍ଯ୍ୟରେ ସନ୍ତୁଷ୍ଟ ରହେ ନାହିଁ; ପାଣ୍ଡବମାନଙ୍କର ମୁଁ ଯେଉଁ ଐଶ୍ୱର୍ଯ୍ୟ ଦେଖିଲି, ତାହା ତୁଳନାରେ ଆମର ଏ ଧନ, ଏ ରାଜ୍ୟ, ଏ ଐଶ୍ୱର୍ଯ୍ୟ କିଛି ନୁହେ । ଯୁଧି-ଷ୍ଠିରଙ୍କ ରାଜଲକ୍ଷ୍ମୀର ଦୀପ୍ତି ଆମ୍ଭର ଚିନ୍ତାକୁ ଅତ୍ୟନ୍ତ ବିବର୍ଣ୍ଣ କରୁଛି । ଶତ୍ରୁଙ୍କର ଶ୍ରୀ ବୃଦ୍ଧି ଦେଖି ଆମ୍ଭର ପୁଣି ଶାନ୍ତିରେ ରହିବା କେବେ ହେଲେ ସମ୍ଭବ ନୁହେ ।"

ଧୃତରାଷ୍ଟ୍ର ଅତ୍ୟନ୍ତ ପୁତ୍ର ବତ୍ସଲ ହେଲେ ହେଁ ପାଣ୍ଡବମାନଙ୍କ ପ୍ରତି ଶତ୍ରୁତାର ପକ୍ଷପାତୀ ନ ଥିଲେ । ସେ ଦୁର୍ଯ୍ୟୋଧନଙ୍କ କଥା ଶୁଣି ତାଙ୍କୁ ସାନ୍ତ୍ୱନା ଦେଇ କହିଲେ;

"ପୁତ୍ର ଦୁର୍ଯ୍ୟୋଧନ । ତୁମେ ମୋର ଓ ଜ୍ୟେଷ୍ଠ ମହିଷୀ ଗାନ୍ଧାରୀଙ୍କର ଜ୍ୟେଷ୍ଠପୁତ୍ର । ପାଣ୍ଡବମାନଙ୍କ ପ୍ରତି ଦ୍ୱେଷ କରିବା ତୁମ୍ଭ ପକ୍ଷରେ ଉଚିତ ହେବନାହିଁ । ନିଜ ଜ୍ଞାତି ଓ କୁଟୁମ୍ବମାନଙ୍କୁ ଦ୍ୱେଷ କଲେ ଅଚିରେ କଳହ, ବିବାଦକୁ ଓ ମରଣ ପରି ଦୁଃଖକୁ ନିମନ୍ତ୍ରଣ କରିବାକୁ ହୁଏ । ବିଶେଷତଃ ଯୁଧିଷ୍ଠିର ଅତ୍ୟନ୍ତ ଧାର୍ମିକ । ତୁମ ପ୍ରତି ତାଙ୍କର ସ୍ନେହ ଛଡ଼ା ଅନ୍ୟ କିଛି ନାହିଁ । କପଟ କ'ଣ ସେ ଜାଣନ୍ତି ନାହିଁ । ତୁମର ଐଶ୍ୱର୍ଯ୍ୟ ବୃଦ୍ଧି ହେଉ, ତୁମେ ସୁଖରେ ରହ, ତାହା ସେ ଚାହାନ୍ତି । ଏପରି ଅବସ୍ଥାରେ ତାଙ୍କ ପ୍ରତି ଶତ୍ରୁତା ଆଚରଣ କରି ତୁମର କି ଲାଭ ହେବ ?

"ତାଙ୍କର ଯେପରି ଶକ୍ତିଶାଳୀ ମିତ୍ର ଅଛନ୍ତି, ତୁମର ମଧ୍ୟ ସେହିପରି ଅଛନ୍ତି । ତୁମେ ଯଦି ଯଜ୍ଞ କରି ବିପୁଳ ଧନର ଅଧୀଶ୍ୱର ହେବାପାଇଁ ଇଚ୍ଛାକର, ତା'ହେଲେ ତୁମର ତାହା କରିବାରେ କୌଣସି ବାଧା ନାହିଁ । ଚତୁର୍ଦ୍ଦିଗରୁ ରାଜାମାନେ ଆସି ତୁମକୁ ମଧ୍ୟ ସମ୍ମାନିତ କରିବେ ଓ ଧନ, ରତ୍ନାଦି ଦାନ କରିବେ । ପାଣ୍ଡୁ ପୁତ୍ରମାନେ ତୁମର ଭ୍ରାତା, ଜ୍ଞାତି ଓ ସ୍ୱଜନ ଏବଂ ତୁମର ବାହୁ ସ୍ୱରୂପ । ତୁମେ କ'ଣ ତୁମର ବାହୁକୁ ଛେଦନ କରିବାକୁ ଇଚ୍ଛା କରୁଛ । ହେ ପୁତ୍ର, ତୁମେ ବୁଝିପାରୁ ନାହଁ । ପରିବାର ମଧ୍ୟରେ ବିବାଦ ସୃଷ୍ଟି କରି କେବେ ତୁମର ମଙ୍ଗଳ ହେବ ନାହିଁ । ଯଦି ତୁମର ଚିତ୍ତ ବିଚଳିତ ହେଉଚି, ଯଜ୍ଞକର, ଧନ ଦାନ କର କିମ୍ବା ବାଦ୍ୟ, ନୃତ୍ୟ, ଉପଭୋଗ ଦ୍ୱାରା ମନକୁ ଶାନ୍ତକର ।"

ବିଜ୍ଞମାନଙ୍କର ସମ୍ମତ ଧୃତରାଷ୍ଟ୍ରଙ୍କର ଏହି ଉପଦେଶ ବାଣୀ ଦୁର୍ଯ୍ୟୋଧନଙ୍କର ଈର୍ଷା

Digitized by srujanika@gmail.com

ଯୁକ୍ତ ହୃଦୟର ବନ୍ଧୁରେ ସତରୂପେ କାର୍ଯ୍ୟ କଲା । ସେ ଉତ୍‌କ୍ଷିପ୍ତ ହୋଇ କହିଲେ ;

"ଯେଉଁ ବ୍ୟକ୍ତିର ନିଜର ପ୍ରଜ୍ଞା ନଥାଇ ବହୁ ଶାସ୍ତ୍ର ଅଧ୍ୟୟନ କରେ ସେ ବ୍ୟକ୍ତି ଶାସ୍ତ୍ରର ପ୍ରକୃତ ଅର୍ଥ ବୁଝିପାରେ ନାହିଁ । ଏପରି ବ୍ୟକ୍ତିକୁ ଝୋଳ ରାନ୍ଧୁଥିବା ଡ଼ଙ୍କି ସହିତ ତୁଳନା କରାଯାଇପାରେ । କାରଣ ଡ଼ଙ୍କିଟା ଝୋଳରେ ମଜ୍ଜି କରି ରହୁଥିଲେ ମଧ୍ୟ ତାର ସ୍ୱାଦୁ ଅନୁଭବ କରିପାରେ ନାହିଁ । ଆପଣ ରାଜନୀତି ସମ୍ପର୍କରେ ବହୁ ଅଧ୍ୟୟନ କରିଛନ୍ତି ସତ, କିନ୍ତୁ ଆପଣଙ୍କ ରାଜନୈତିକ ବିଜ୍ଞତା ବିଶେଷ ଥିଲାପରି ମନେ ହେଉନାହିଁ ଆପଣ ନିଜେ ସ୍ୱତନ୍ତ୍ର ନୁହନ୍ତି । ବୃହତ୍ ନୌକା ସହିତ ବନ୍ଧାହୋଇ ଏକ କ୍ଷୁଦ୍ର ନୌକା ଚାଲିବା ପରି ଆପଣ ଅନ୍ୟମାନଙ୍କ ବୁଦ୍ଧିରେ ପରିଚାଳିତ ହେଉଛନ୍ତି ।

"ବୃହସ୍ପତିଙ୍କ ନୀତି ଶାସ୍ତ୍ରରେ ଉପଦେଶ ଦିଆଯାଇଛି, କ୍ଷମା ଓ ସନ୍ତୋଷ ସାଧାରଣ ଲୋକଙ୍କ ପକ୍ଷରେ ଭୂଷଣ ହେଲେହେଁ କ୍ଷତ୍ରିୟ ମାନଙ୍କର ଭୂଷଣ ନୁହେ । କ୍ଷତ୍ରିୟମାନଙ୍କର ବୃତ୍ତି ଯୁଦ୍ଧ ଓ ରାଜ୍ୟଜୟ; ସେଥିରେ ଧର୍ମ ହେଉ ବା ଅଧର୍ମ ହେଉ, ଯାଏ ଆସେ ନାହିଁ । କୌଣସି ବ୍ୟକ୍ତି ଶତ୍ରୁ ବା ମିତ୍ର ନୁହେ । ଯେ ସନ୍ତାପ ଦାନ କରେ ସେ ଶତ୍ରୁ । ଆପଣ ରାଜବଂଶରେ ଜନ୍ମ ହୋଇଛନ୍ତି ଓ ରାଜା ଆପଣଙ୍କ ପକ୍ଷରେ ଏପରି ବାକ୍ୟ ଶୋଭା ପାଉ ନାହିଁ । ଆପଣ ବୋଧହୁଏ ଆମ୍ଭମାନଙ୍କର ଉନ୍ନତି ଚାହାନ୍ତି ନାହିଁ । ଧୃତରାଷ୍ଟ୍ର ପୁତ୍ର ମାନଙ୍କର ଅଭ୍ୟୁ ପରିତ୍ରାଣ ନାହିଁ ବୋଲି ଆମର ମନେ ହେଉଛି ।"

ଦୁର୍ଯ୍ୟୋଧନ ଏହିପରି ପାପୀ ଲୋକ ଶାସ୍ତ୍ର ବୁଝାଇବାପରି ଅଧର୍ମକୁ ଧର୍ମ ବୋଲି ପ୍ରତିପାଦିତ କରିବାକୁ ଚେଷ୍ଟାକଲେ ।

ଶକୁନି ଦେଖିଲେ ଯେ ଏହି ହେଉଛି ବେଳ, ଏତିକିବେଳେ ପଶା ଖେଳର ଯୋଜନା ଧୃତରାଷ୍ଟ୍ରଙ୍କୁ ଦେବାକୁ ହେବ । ସେ ଦୁର୍ଯ୍ୟୋଧନକୁ ସମ୍ବୋଧନ କରି କହିଲେ ।

"ହେ ବିଜୟୀ ଯୋଦ୍ଧା, ତୁମେ ଦୁଃଖରେ କାତର ହୁଅନାହିଁ । ମୁଁ ଜାଣେ, କିପରି ଭାବରେ ଯୁଧିଷ୍ଠିରଙ୍କ ସୌଭାଗ୍ୟକୁ ଅପହରଣ କରିବାକୁ ହେବ । ମହାରାଜ ଧୃତରାଷ୍ଟ୍ର ତାଙ୍କୁ ଦ୍ୟୂତକ୍ରୀଡ଼ାକୁ ଆହ୍ୱାନ କରନ୍ତୁ । ଯୁଦ୍ଧ ନ କରି ଖାଲି ପଶାକାଠି ପକାଇ ମୁଁ ଆଖି ପିଛୁଳାକେ ଚିନ୍ତା ନ କରି ପାଣ୍ଡବ ମାନଙ୍କ ରାଜଲକ୍ଷ୍ମୀକୁ ହରଣ କରିନେବି । ପଶାର ଗୋଟି ମାନେ ଧନୁ ଓ କାଠି ମୋର ଶର । ଏ ଯୁଦ୍ଧରେ ମୋତେ ପରାସ୍ତ କରିବ, ପୃଥିବୀରେ ଏପରି ଲୋକ ମୁଁ ଦେଖୁନାହିଁ ।"

ଧୃତରାଷ୍ଟ୍ର କହିଲେ, ବିଦୁରଙ୍କ ପରାମର୍ଶ ନ କରି ମୁଁ କୌଣସି କାର୍ଯ୍ୟ କରେ ନାହିଁ । ଯାଦବମାନଙ୍କ ମଧ୍ୟରେ ଉଦ୍ଧବ ଯେପରି, କୁରୁବଂଶରେ ବିଦୁର ସେହିପରି ବିଦ୍ୱାନ୍, ଶାନ୍ତ ଓ ଅତ୍ୟନ୍ତ ବିଚକ୍ଷଣ ବ୍ୟକ୍ତି । କୌରବ ମାନଙ୍କର ଯେଉଁଥିରେ ମଙ୍ଗଳ, ସେହି ଉପଦେଶ ସେ ଦିଅନ୍ତି । ତେଣୁ ଦ୍ୟୂତକ୍ରୀଡ଼ା ପାଇଁ ଯୁଧିଷ୍ଠିରଙ୍କୁ ନିମନ୍ତ୍ରଣ କରିବା ଠିକ୍ ହେବ କି ନାହିଁ, ଆମେ ତାଙ୍କୁ ପଚାରି ସ୍ଥିର କରିବା ।"

Digitized by srujanika@gmail.com

ବିଦୁରଙ୍କ ସହିତ ପରାମର୍ଶ କରିବା କଥା ଶୁଣି ଦୁର୍ଯ୍ୟୋଧନ ଓ ଶକୁନି ଚମକି ପଡ଼ିଲେ । ସେମାନେ ଜାଣନ୍ତି ଯେ ଦ୍ୟୁତକ୍ରୀଡ଼ା ସପକ୍ଷରେ ବିଦୁର କେବେହେଲେ ମତ ଦେବେନାହିଁ । ଦୁର୍ଯ୍ୟୋଧନ ସଙ୍ଗେ ସଙ୍ଗେ କହିଲେ,

"ବିଦୁର ଆମକୁ କେବଳ ନୀତିବାକ୍ୟ ଶୁଣାଇବେ । ସେ ଯେପରି ପାଣ୍ଡବମାନଙ୍କ ମଙ୍ଗଳ ଚିନ୍ତା କରୁଛନ୍ତି, ଆମର କରନ୍ତି ନାହିଁ । ସେ ଆମର ବୁଦ୍ଧିଭ୍ରମ ଜାତ କରାଇବା ପାଇଁ ଚେଷ୍ଟା କରିବେ । ବୁଦ୍ଧିମାନ୍ ଲୋକ ପରବୁଦ୍ଧିରେ କାମ କରନ୍ତି ନାହିଁ । ତେଣୁ ସମସ୍ତ ନୀତି ନିଜେ ଅବଗତ ଥାଇ ଆପଣ କାହିଁକି ବିଦୁରଙ୍କ ପରାମର୍ଶ ଲୋଡ଼ୁଛନ୍ତି ?"

ଧୃତରାଷ୍ଟ୍ର କହିଲେ, ପାଣ୍ଡବ ମାନେ ଅତ୍ୟନ୍ତ ଶକ୍ତିଶାଳୀ । ବଳବାନ୍ ବ୍ୟକ୍ତିଙ୍କ ସହିତ ବିବାଦ କଲେ ଅତି ଭୟାନକ ପରିଣାମ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ତାପରେ ପୁଣି ଦ୍ୟୁତକ୍ରୀଡ଼ା ଭଲ ଅନର୍ଥ ନାହିଁ । ଥରେ ଯଦି ତାହା ଆରମ୍ଭ ହେବ, ଯୁଦ୍ଧରେ ପ୍ରଯୁକ୍ତ ବିଭିନ୍ନ ଅସ୍ତ୍ର ସ୍ପୋଦ ଅପେକ୍ଷା ତାହା ଅଧିକ ଭୟଂକର, ବିପଜ୍ଜନକ ଓ କ୍ଷତିକାରକ ହେବ ।"

କିନ୍ତୁ ଦୁର୍ଯ୍ୟୋଧନ ଛାଡ଼ିବା ପାଇଁ ପ୍ରସ୍ତୁତ ନୁହନ୍ତି । ସେ କହିଲେ, "ସମସ୍ତ ଭୟ ପରିତ୍ୟାଗ କରି ନିଜର ଉଦ୍ୟୋଗ ବଳରେ ଆତ୍ମରକ୍ଷା କରିବା ହେଉଛି ବିଜ୍ଞ ଲୋକଙ୍କର କର୍ତ୍ତବ୍ୟ । ବର୍ତ୍ତମାନ ଦ୍ୟୁତକ୍ରୀଡ଼ାର ଯେଉଁ ସୁଯୋଗ ଆସିଛି, ଭବିଷ୍ୟତରେ ଆଉ ତାହା ଆସିବ ନାହିଁ । ଦ୍ୟୁତକ୍ରୀଡ଼ା ବହୁ ପ୍ରାଚୀନ କାଳରୁ ଚଳି ଆସୁଛି ଓ କ୍ଷତ୍ରିୟମାନେ ଏହି କ୍ରୀଡ଼ା ପ୍ରତି ଆଦର ଦେଖାଇଥାନ୍ତି । ପାଣ୍ଡବ ମାନେ ଅଧିକ ଶକ୍ତିଶାଳୀ ହେବା ପୂର୍ବରୁ କଲେ ବଳେ କୌଶଳେ ତାଙ୍କୁ ପରାଭୂତ କରିବାକୁ ହେବ । ଆପଣ ଶୀଘ୍ର ଶକୁନିଙ୍କ ପ୍ରସ୍ତାବ ଗ୍ରହଣ କରି ପାଣ୍ଡବ ମାନଙ୍କୁ ଦ୍ୟୁତକ୍ରୀଡ଼ାର ନିମନ୍ତ୍ରଣ ପଠାନ୍ତୁ । ସେଥିପାଇଁ ସୁରମ୍ୟ ସଭାଗୃହ ନିର୍ମିତ ହେଉ । ଏଥିରେ ଆଉ ଅଧିକ ବିଳମ୍ବ କରିବା ଉଚିତ ହେବ ନାହିଁ ।"

ଧୃତରାଷ୍ଟ୍ର ନିଜର ପୁତ୍ରଙ୍କୁ ପାପ ବୁଦ୍ଧିରୁ ନିବୃତ୍ତ କରିବାକୁ ବିଫଳ ହୋଇ ଓ ବହୁ ସମୟ ଧରି ଆଲୋଚନା ଦ୍ୱାରା କ୍ଲାନ୍ତ ହୋଇ ପଡ଼ି ଶେଷକୁ କହିଲେ,

"ତୁମର ଯୁକ୍ତି ଓ ଶକୁନିଙ୍କ ପ୍ରସ୍ତାବରେ ମୋର ଆଦୌ ହୃଦ୍‌ବୋଧ ହେଉ ନାହିଁ । ତୁମର ଯାହା ଇଚ୍ଛା ତାହା କର । କିନ୍ତୁ ମୋର କଥା ସ୍ମରଣ କରି ଦିନେ ନା ଦିନେ ତୁମକୁ ଅନୁତାପ କରିବାକୁ ପଡ଼ିବ । ବର୍ତ୍ତମାନ କୁରୁବଂଶର ଧ୍ୱଂସର ସମୟ ଆସିଗଲା ।"

ଏହା କହି ଦୁର୍ବଳମନା ପୁତ୍ରବତ୍ସଳ ରାଜା ଦ୍ୟୁତକ୍ରୀଡ଼ା ପାଇଁ ଏକ ବିଭିନ୍ନ ରତ୍ନ ଖଚିତ ରମଣୀୟ ସଭାଗୃହ ନିର୍ମାଣ କରିବା ପାଇଁ ଆଦେଶ ଦେଲେ । କିନ୍ତୁ ଏହା ସଙ୍ଗେ ସଙ୍ଗେ ବିଦୁରଙ୍କୁ ଡାକି ନିଭୃତରେ ମଧ୍ୟ ପରାମର୍ଶ କଲେ ।

ବିଦୁର କହିଲେ, "ତୁମେ ଶକୁନି, ଦୁର୍ଯ୍ୟୋଧନଙ୍କ ପ୍ରସ୍ତାବ ଗ୍ରହଣ କରି ଘୋର-

Digitized by srujanika@gmail.com

ତତ ବିପଦକୁ ନିମନ୍ତ୍ରଣ କଲ । ଏହା ଦ୍ୱାରା ଯେଉଁ ଭେଦ ଓ କଳହ ଜାତ ହେବ, ତାହା କୁରୁ କୁଳର ଧ୍ୱଂସର କାରଣ ହେବ ।"

ଧୃତରାଷ୍ଟ୍ର କହିଲେ, "ବର୍ତ୍ତମାନ ସିଦ୍ଧାନ୍ତ ହୋଇ ଗଲାଣି । ତେଣୁ ଆଉ ଉଦ୍‌ବିଗ୍ନ ହୋଇ ଲାଭ ନାହିଁ । ଦୈବ ଯଦି ଆମ ପ୍ରତି ପ୍ରତିକୂଳ ଥାଏ, ତା'ହେଲେ ଦ୍ୟୂତକ୍ରୀଡ଼ା ନ କଲେ ମଧ୍ୟ ଆମର ମଙ୍ଗଳ ହେବ ନାହିଁ । କିନ୍ତୁ ଦୈବ ସବଳ ଥିଲେ ଦ୍ୟୂତକ୍ରୀଡ଼ା ଦ୍ୱାରା ଆମେ ଅଧିକ ଲାଭବାନ ହେବା । ଦୈବ ହିଁ ଶକ୍ତିଶାଳୀ । ମନୁଷ୍ୟ କିଛି ନୁହେ । ଅତଏବ ତୁମେ ନିଜେ ଯାଇ ଯୁଧିଷ୍ଠିରଙ୍କୁ ଦ୍ୟୂତକ୍ରୀଡ଼ା ପାଇଁ ନିମନ୍ତ୍ରଣ କର ।"

ଏହିପରି ଭାବରେ ଅଳ୍ପକାଳ ପୂର୍ବେ ଶକୁନି ଓ ଦୁର୍ଯ୍ୟୋଧନଙ୍କ ପ୍ରସ୍ତାବର ବିରୋଧ କରୁଥିବା ରାଜା ଧୃତରାଷ୍ଟ୍ର ସେହିମାନଙ୍କ ଯୁକ୍ତିକୁ ସମର୍ଥନ କରିବାକୁ ଲାଗିଲେ । ସଂସାରରେ ଏପରି କୌଣସି ମନ୍ଦକାର୍ଯ୍ୟ ନାହିଁ, ଯାହାର ସମର୍ଥନ କରିବା ପାଇଁ ଯୁକ୍ତିର ଅଭାବ ଅଛି । ବିଶେଷତଃ ଦୁର୍ବଳ ଲୋକେ ଉଭୟ ପ୍ରକାର କଥା କହି ପାରନ୍ତି ।

ଧୃତରାଷ୍ଟ୍ରଙ୍କର ଆଦେଶ ଅନୁସାରେ ବିଦୁର ଅତ୍ୟନ୍ତ ବିଷଣ୍ଣ ମନରେ ରାଜାଙ୍କର ନିମନ୍ତ୍ରଣ ନେଇ ଇନ୍ଦ୍ରପ୍ରସ୍ଥ ଅଭିମୁଖରେ ଯାତ୍ରା କଲେ ।

---

ORIENT DISTRIBUTORS
&
**Agencies Private Limited**
**MERIA BAZAR**
**CUTTACK-1.**
*Distributors of:* **ACC's Portland Cement, White Cement & Water Proofing Compound**

Digitized by srujanika@gmail.com

ଯେଉଁମାନେ ନବ ଯୌବନର ଉନ୍ମାଦନାରେ ବିପଥଗାମୀ ହୋଇ, ଅନୈସର୍ଗିକ ପ୍ରକ୍ରିୟାଦ୍ୱାରା ଆତ୍ମ ସନ୍ତୋଷ ଲଭ କରି ଉଦ୍ଦାମ ଯୌବନରେ ପୌରୁଷ ହରାଇ ବ୍ୟକ୍ତିତ୍ୱର ସାର୍ଥକତା ଉପଲବ୍ଧି କରି ପାରୁ ନାହାନ୍ତି
ସେମାନେ

# ଉତ୍କଳ ଆୟୁର୍ବେଦିକ ସମବାୟ
# ଫାର୍ମାସୀ ଲିଃ
# ଆସିକା ଗଞ୍ଜାମଙ୍କର

ସଦ୍ୟ ଫଳପ୍ରଦ

**ବସନ୍ତ କୁସୁମା କର**

ଇନ୍ଦ୍ରିୟ ଶୈଥିଲ୍ୟ ; ଧାତୁ ଦୌର୍ବଲ୍ୟ ; ଶାରିରୀକ ତେଜହୀନତା ; ପ୍ରମେହ ପ୍ରଭୃତିର ଅମୋଘ ଔଷଧ ।

**ଅଶ୍ୱଗନ୍ଧାରିଷ୍ଟ**

ସ୍ନାୟବିକ ଦୁର୍ବଳତା ; ରକ୍ତହୀନତା ; ଶୁକ୍ରର ସ୍ୱଳ୍ପତା ; କ୍ଲାନ୍ତି ; ପ୍ରଭୃତି ନାଶ କରିବାରେ ଅଦ୍ୱିତୀୟ.

**ପରୀକ୍ଷା କରନ୍ତୁ**

ଆୟୁର୍ବେଦ ଶାସ୍ତ୍ରର ପୂର୍ଣ୍ଣଜ୍ଞାନ ଆହରଣାର୍ଥ 'ଆୟୁର୍ବେଦ ଚିକିତ୍ସା ସଂଗ୍ରହ' ଅଧ୍ୟୟନ କରନ୍ତୁ

Digitized by srujanika@gmail.com

ରାମ ଖଣ୍ଡିଏ ସ୍କୁଟର
କିଣିଛି



ଆପଣଙ୍କ ପୁଅ ମଧ କିଣିପାରେ

ଯଦ ଆପଣମଧ୍ୟ ଆଜଠାରୁ
ସଞ୍ଚୟ ଆରମ୍ଭ କରନ୍ତୁ ।

ମାତ୍ର ୫ଟଙ୍କା ଜମା ଦେଇ ଆପଣ
ଇଉକୋବ୍ୟାଙ୍କରେ ସେଭିଂସ୍
ବ୍ୟାଙ୍କ ଏକାଉଣ୍ଟ ଖୋଲି ପାରିବେ

ଦି
ଇଉନାଇଟେଡ
କମାର୍ଶିୟାଲ
ବ୍ୟାଙ୍କ
ଲିମିଟେଡ

ହେଡ୍ ଅଫିସ : କଲିକତା

ASP/UCO-9167


Digitized by srujanika@gmail.com

# ଖଲିକୋଟ କଲେଜ
# ଲଟେରି

ଜାଣନ୍ତି କି ? ଏହାର ରୌପ୍ୟଜୟନ୍ତୀ ( ପଞ୍ଚବିଂଶତମ )

## ଓଡ଼ିଶାରେ କଲେଜସ୍ତରୀୟ ଶିକ୍ଷାର ଅଗ୍ରଗତି ଦିଗରେ ଏହାର ବିଶିଷ୍ଟ ଅବଦାନ

ଖଲିକୋଟ କଲେଜ ( ବ୍ରହ୍ମପୁର ) ରେ ବିଭିନ୍ନ ଅନର୍ସ ଓ ସ୍ନାତକୋତ୍ତର (M. A. Msc) ବିଭାଗମାନ ଖୋଲିଛି । ତା ସାଙ୍ଗକୁ ଆଇନ ଓ ଶିକ୍ଷକ ତାଲିମ ଶାଖା ପ୍ରତିଷ୍ଠା କରିଛି, ଶାଖା କଲେଜ ସ୍ଥାପନ ତଥା ବିଲ୍ଡିଂ, ଷ୍ଟାଡ଼ିଆମ, ଉଚ୍ଚଧରଣର ଏକାଧିକ ଛାତ୍ରାବାସ ଆଦିରେ ବ୍ୟୟ ହେଲାଣି, ଟ ୪୬ ଲକ୍ଷ

| | |
|---|---|
| ରାମଚନ୍ଦ୍ର ମର୍ଦ୍ଦରାଜ କଲେଜ ପ୍ରତିଷ୍ଠା ପାଇଁ ଓ ଅନ୍ୟାନ୍ୟ କୋଡ଼ିଏଟି କଲେଜକୁ ଦିଆଗଲାଣି | ଟ ୧୨ ଲକ୍ଷ |
| ସ୍ୱାମୀ ବିବେକାନନ୍ଦ ଶତବାର୍ଷିକୀ ଓ ଅନ୍ୟାନ୍ୟ ପାଣ୍ଠି ପାଇଁ ଦାନ | ଟ ୬ଲକ୍ଷ |
| ଜାତୀୟ ପ୍ରତିରକ୍ଷା ପାଣ୍ଠି ନିମନ୍ତେ | ଟ ୫୦,୦୦୦ |
| ଉତ୍ତର ଓଡ଼ିଶା ବନ୍ୟାତ୍ରାଣ ପାଇଁ ଦାନ | ଟ ୧୦,୦୦୦ |

ଆପଣ କେବଳ ଏକଟଙ୍କା ସାହାଯ୍ୟ କରି ଶିକ୍ଷାର ଅଗ୍ରଗତିରେ ଭାଗ ନିଅନ୍ତୁ, ମହତ୍‌କାର୍ଯ୍ୟ ସାଧିତ ହେଉ ।

ଦ୍ରଷ୍ଟବ୍ୟ — ଓଡ଼ିଶାର ତିନିଜଣ ବ୍ୟକ୍ତି ଲକ୍ଷାଧିକ ଟଙ୍କାର ପ୍ରଥମ ପୁରସ୍କାର ଆଜଯାଏ ପାଇଛନ୍ତି । ବିଶେଷ ବିବରଣୀ ପାଇଁ ନିମ୍ନ ଠିକଣାକୁ ଲେଖନ୍ତୁ ।

ଅବୈତନିକ ସମ୍ପାଦକ

ଖଲିକୋଟ - କଲେଜ - ବୃତ୍ତି - ଲଟେରୀ ଫଣ୍ଡ୍ ବ୍ରହ୍ମପୁର(ଗଞ୍ଜାମ)


Digitized by srujanika@gmail.com

ସୋଭିଏଟ ରୁଷ, ଚେକୋସ୍ଲୋଭାକିଆ, ଜର୍ମାନୀ,
ଅଇଲଣ୍ଡ ଯେଉଁଠି ଖୋଜ

## ସ୍ପାର୍କ (ବାଟେରୀ)

ମଟର ମାଲିକ ଓ ଡ୍ରାଇଭର
ସମସ୍ତେ ଜାଣନ୍ତି !




କେବଳ ଆମ ଦେଶରେ ନୁହେଁ
ବିଦେଶରେ ମଧ୍ୟ ଏହାର ଚାହିଦା
ଦିନକୁ ଦିନ ବଢ଼ି ଚାଲିଛି ।

ସ୍ପାର୍କ ବ୍ୟାଟେରୀଟିଏ କିଣି
ନିଶ୍ଚିନ୍ତ ରହନ୍ତୁ

ଅନ୍ୟ ସବୁ ବ୍ୟାଟେରୀ ଅପେକ୍ଷା
ସ୍ପାର୍କ ଦ୍ୱିଗୁଣି ପରି କାମ କରେ ।

ପ୍ରସ୍ତୁତକାରୀ —
ସ୍ପାର୍କ ବ୍ୟାଟେରୀ ମାନୁଫାକ୍‌ଚରିଂ ୱାର୍କସ୍ ଲି:
ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, କଟକ-୩ ଫୋନ-୧୫୪୫

With Best Compliments from :

# KALINGA TUBES LIMITED

33, CHITTARANJAN AVENUE
CALCUTTA-12

Works
CHOUDWAR
CUTTACK (ORISSA)

*MANUFACTURERS OF :*

BLACK AND GALVANISED
M.S. PIPES FOR GAS,
WATER & STEAM AND
SWAGED DRAWN STEEL
TUBULAR POLES FOR
POWER TRANSMISSION,
STREET LIGHTING, ETC.

November — 1967

Price Rs. 1/-

Digitized by srujanika@gmail.com

# ପୌରୁଷ



Digitized by srujanika@gmail.com

# ପୌରୁଷ

दैवायत्तं कुले जन्म मदायत्तं च पौरुषम्

ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର ମୋର ଅଧୀନ ।

କର୍ଣ୍ଣ--ବେଣୀସଂହାରମ୍

## ସୂଚୀପତ୍ର


| | ପୃଷ୍ଠା |
|---|---|
| **ଅଭୟ ପ୍ରାର୍ଥନା** | ୩ |
| **ସଂପାଦକୀୟ** ❊ | |
| ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ୍ | ୪ |
| **ଦଅ କୃପା ଆଲୋକର ରେଖା (ଭଜନ)** | |
| କାର୍ଡ଼ିନାଲ୍ ନିଉମାନ୍ | ୯ |
| **ଧର୍ମାନ୍ଧତା ନୁହେ, ସହଯୋଗର ବେଳ** | |
| ଡ଼କ୍ଟର ରାଧାକୃଷ୍ଣନ | ୧୧ |
| **ପାହାଡ଼ର ଘର** | |
| ଯୀଶୁଖ୍ରୀଷ୍ଟ | ୧୫ |
| **ମୁଁ ଯୀଶୁଖ୍ରୀଷ୍ଟଙ୍କୁ ଦେଖିଚ** | |
| ସ୍ୱାମୀ ଯୋଗାନନ୍ଦ | ୧୯ |
| **ଖ୍ରୀଷ୍ଟମାସ ଅର୍ଥାତ୍ ଯୀଶୁଜନ୍ମ** | |
| ପ୍ରେମଲତା ବେହେରା, ଅଧ୍ୟକ୍ଷ, ଶୈଳବାଳା ମହିଳାକଲେଜ | ୨୩ |

| | ପୃଷ୍ଠା |
|---|---|
| **ସର୍ଦ୍ଦାର ବଲ୍ଲଭଭାଇ ପଟେଲ** | |
| ଜାନକୀ ବଲ୍ଲଭ ପଟ୍ଟନାୟକ | ୨୯ |
| **କୃଷ୍ଣାବତାର** | |
| କେ. ଏମ୍. ମୁନ୍‌ସୀ | ୩୩ |
| **ଅକାଞ୍ଚନର ଜୀବନସ୍ମୃତି** | |
| ଡ଼କ୍ଟର ପ୍ରାଣକୃଷ୍ଣ ପରିଜା | ୪୧ |
| **କାଥିଟର ରାମକଥା** | |
| ସ୍ୱର୍ଣ୍ଣଲତା ପ୍ରଧାନ | ୪୯ |
| **ବଡ଼ଦିନ ଉପହାର (ଗଳ୍ପ)** | |
| ଓ. ହେନେରି | ୫୫ |
| **ମୋ' କାହାଣୀ** | |
| ନୀଳମଣି ସେନାପତି | ୬୧ |
| **ସ୍ୱାଧୀନତା ସଂଗ୍ରାମର ସ୍ମୃତି** | |
| ମହାବୀର ତ୍ୟାଗୀ | ୬୭ |


Digitized by srujanika@gmail.com


| | | | |
|---|---|---|---|
| **ଦେବତା ଓ ଅସୁର**<br>ଶ୍ରୀ ଜଗଦ୍‌ଗୁରୁ ଚନ୍ଦ୍ରଶେଖର ସ୍ୱାମୀ | ୭୬ | **ମହାଭାରତ କାହାଣୀ (ଗଳ୍ପ)**<br>ଜୟନ୍ତୀ ପଟ୍ଟନାୟକ | ୮୫ |
| **ପୁଷ୍ପକ ଯାନରୁ ଜେଟ ଯୁଗ**<br>(ବିଜ୍ଞାନ) | ୭୯ | **ରାଜ୍ୟପାଳଙ୍କ ନିଯୁକ୍ତି ଓ କ୍ଷମତା**<br>ଅଧ୍ୟାପକ ଡ଼କ୍ଟର ବୈଦ୍ୟନାଥ ମିଶ୍ର | ୯୧ |


ପ୍ରଚ୍ଛଦପଟ ଚିତ୍ର - ବୀଣାବାଦନ
ଶିବ ପାଣିଗ୍ରାହୀ


ସଂପାଦକ ⁕ ଜାନକୀବଲ୍ଲଭ ପଟ୍ଟନାୟକ

| ପୌରୁଷର ଗ୍ରାହକ ମୂଲ୍ୟ | |
|---|---|
| ବାର୍ଷିକ— | ୧୦ ଟଙ୍କା |
| ଷାଣ୍ମାସିକ— | ୫ ଟଙ୍କା ୫୦ପ. |
| ମାସିକ— | ୧ ଟଙ୍କା |

ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା
ମୁଦ୍ରିତ ଓ ପ୍ରକାଶିତ
ପୌରୁଷ ପ୍ରେସ ଓ କାର୍ଯ୍ୟାଳୟ,
ଚନ୍ଦନୀଚୌକ, କଟକ-୨


Konark
ELECTRICAL ACCESSORIES
Manufactured by
ORISSA ELECTRICAL MANUFACTURERS LTD.
INDUSTRIAL ESTATE . CUTTACK-3

Digitized by srujanika@gmail.com

# ଅଭୟ—ପ୍ରାର୍ଥନା



ଅଭୟଂ ନଃ କରତ୍ୟନ୍ତରୀକ୍ଷଂ
ଅଭୟଂ ଦ୍ୟାବାପୃଥିବୀ
ଉଭେ ଇମେ ।
ଅଭୟଂ ପଶ୍ଚାତ୍ ଅଭୟଂ ପୁରସ୍ତାତ୍
ଉତ୍ତରାଦଧରାଦ୍ ଅଭୟଂ ନୋ ଅସ୍ତୁ

* * *

ଅଭୟଂ ମିତ୍ରାତ୍ ଅଭୟମମିତ୍ରାତ୍
ଅଭୟଂ ଜ୍ଞାତାଦଭୟଂ ପୁରୋ ଯଃ ।
ଅଭୟଂ ନକ୍ତଂ ଅଭୟଂ ଦିବା ନଃ
ସର୍ବା ଆଶା ମମ ମିତ୍ରଂ ଭବନ୍ତୁ ॥

ଅନ୍ତରୀକ୍ଷ ଆମକୁ ଅଭୟ ଦାନ କରୁ ; ସ୍ୱର୍ଗ ଓ ପୃଥିବୀ ଆମକୁ ଅଭୟ ଦାନ କରୁ ; ପୂର୍ବଭାଗରେ ଆମର ଭୟ ଜାତ ନହେଉ, ଅପରଭାଗରେ ନହେଉ, ଉର୍ଦ୍ଧ୍ୱଭାଗରେ ନହେଉ ବା ଅଧୋଭାଗରେ ନହେଉ ।

ମିତ୍ରମାନଙ୍କଠାରୁ ଆମର ଅଭୟ ହେଉ, ଶତ୍ରୁମାନଙ୍କଠାରୁ ଅଭୟ ହେଉ ; ଜ୍ଞାତ ବ୍ୟକ୍ତିଠାରୁ ଅଭୟ ହେଉ, ଅଜ୍ଞାତ ବ୍ୟକ୍ତିଠାରୁ ଅଭୟ ହେଉ ; ରାତିରେ ଅଭୟ ରହୁ, ଦିନବେଳେ ମଧ୍ୟ ଅଭୟ ରହୁ ।

ଚତୁର୍ଦ୍ଦିଗ ମୋର ବନ୍ଧୁ ହୋଇ ରହନ୍ତୁ ।

-- ଅଥର୍ବବେଦ, ୧୯. ୧୫. ୫. ୬

Digitized by srujanika@gmail.com

# ସମ୍ପାଦକୀୟ

## ⁂ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ୍

ଭାରତର ସମ୍ବିଧାନ ନିର୍ମାତାମାନେ ଏ ଦେଶକୁ ଏକ ପାର୍ଲାମେଣ୍ଟାରି ଗଣତାନ୍ତ୍ରିକ ଶାସନ ଦେଲେ । ପୃଥିବୀରେ ଗଣତନ୍ତ୍ର ଶାସନକୁ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ କରାଯାଏ । ପାର୍ଲାମେଣ୍ଟାରି ଓ ପ୍ରେସିଡ଼େନ-ଆଲ୍ । ଗ୍ରେଟ୍ ବ୍ରିଟେନ୍‌କୁ ପାର୍ଲାମେଣ୍ଟାରି ଗଣତାନ୍ତ୍ରିକ ଶାସନର ଜନୟିତ୍ରୀ ବୋଲି କୁହାଯାଏ । ଅନ୍ୟ ପକ୍ଷରେ ଆମେରିକା ହେଉଛି ପ୍ରେସିଡ଼େନ୍‌ସିଆଲ୍ ଗଣତନ୍ତ୍ରର ଜନନୀ । ଗୋଟିଏ ପ୍ରଣାଳୀରେ ପାର୍ଲାମେଣ୍ଟ ହେଉଛି ସର୍ବୋପରି । ପାର୍ଲାମେଣ୍ଟ୍‌ରେ ସଂଖ୍ୟା ଗରିଷ୍ଠ ଦଳର ନେତା ଦେଶର ପ୍ରଧାନ ମନ୍ତ୍ରୀ । ଏଥିରେ ରାଜା, ରାଣୀ ବା ରାଷ୍ଟ୍ରପତିଙ୍କ ନାମରେ ଶାସନ ଚଳାଗଲେ ମଧ୍ୟ ସେମାନେ ନାମ ମାତ୍ର ଶାସନତାନ୍ତ୍ରିକ ମୁଖ୍ୟ । ପ୍ରେସିଡ଼େନ୍‌ସିଆଲ୍ ପ୍ରଣାଳୀରେ ପ୍ରେସିଡ଼େଣ୍ଟ ବା ରାଷ୍ଟ୍ରପତି ଯେ କି ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି, ସେ ହେଉଛନ୍ତି ଶାସନର ମୁଖ୍ୟ ବା ସର୍ବୋଚ୍ଚକର୍ତ୍ତା । ଅବଶ୍ୟ ଏ ଦୁଇଟି ପ୍ରଣାଳୀର ବିଭିନ୍ନ ରୂପ ପୃଥିବୀର ବହୁ ଦେଶରେ ଦେଖାଯାଏ । କିନ୍ତୁ ପ୍ରଣାଳୀ ଯାହା ହେଉ ନା କାହିଁକି, ଗଣତନ୍ତ୍ର ଶାସନ ଚଳିବାକୁ ହେଲେ ଦୁଇଟି ଶକ୍ତିଶାଳୀ ଦଳ ରହିବା ଆବଶ୍ୟକ ଏବଂ ଏହି ଦୁଇଟି ଦଳର ଗଣତନ୍ତ୍ର ଶାସନ ଉପରେ ପୂର୍ଣ୍ଣ ବିଶ୍ୱାସ ରହିଥିବା ଅବଶ୍ୟକ । ଏହା ଛଡ଼ା ଦୁଇଟି ଯାକ ଦଳ ପରସ୍ପର ବିରୋଧୀ ହେଲେ ମଧ୍ୟ ଦେଶର ମୌଳିକ ସ୍ୱାର୍ଥ ସମ୍ପର୍କୀୟ ପ୍ରଶ୍ନ ଉପରେ ଏମାନଙ୍କ ମଧ୍ୟରେ ଯେତେ ଦୂର ସମ୍ଭବ ମତୈକ୍ୟ ଓ ସହଯୋଗ ରହିବା ବାଞ୍ଛନୀୟ ।

ଉଦାହରଣ ସ୍ୱରୂପ ଭାରତରେ କେତେକ ମୌଳିକ ପ୍ରଶ୍ନ ହେଲା, ଜାତୀୟ ଏକତା, ଏକ ସର୍ବସମ୍ମତ ସରକାରୀ ଭାଷା, ଜନସାଧାରଣଙ୍କର ଦାରିଦ୍ର୍ୟ ଓ ବୈଷମ୍ୟ ଦୂର କରିବା ପାଇଁ ଏକ ସର୍ବସମ୍ମତ ଅର୍ଥନୈତିକ କାର୍ଯ୍ୟକ୍ରମ,

Digitized by srujanika@gmail.com

ଦେଶର ନିରାପତ୍ତା ରକ୍ଷା ଓ ସମ୍ମାନ ବୃଦ୍ଧି ପାଇଁ ଏକ ମିଳିତ ବୈଦେଶିକ ନୀତି, ଯାହାକୁ କି ଆମେରିକାରେ ଏକ **bipartisan foreign policy** ବୋଲି କହନ୍ତି ।

ସମ୍ବିଧାନ ବା ଗଣତାନ୍ତ୍ରିକ ଶାସନ ପ୍ରତି ସମ୍ମାନ, ଲୋକ ମତକୁ ଭୟ ଏବଂ ଉଲ୍ଲିଖିତ କେତେକ ସାଧାରଣ କାର୍ଯ୍ୟକ୍ରମ ନ ରହିଲେ ତାହା ପାର୍ଲାମେଣ୍ଟାରୀ ହେଉ, ପ୍ରେସିଡ଼େନ୍‌ସିଆଲ୍‌ ହେଉ ବା ଅନ୍ୟ ଯେ କୌଣସି ଢଙ୍ଗର ହେଉ, ବେଶୀ ଦିନ ଚାଲି ପାରିବ ନାହିଁ ।

ପୃଥିବୀରେ ନୂଆ ହୋଇ ସ୍ୱାଧୀନ ହୋଇଥିବା ବହୁ ଦେଶ ଖୁବ୍‌ ଉତ୍ସାହର ସହିତ ଗଣତନ୍ତ୍ର ଶାସନ ଚଳାଇଛନ୍ତି । ଆଦର୍ଶ ସ୍ଥାନୀୟ ସମ୍ବିଧାନ ମଧ୍ୟ ପ୍ରଣୟନ କରିଛନ୍ତି । ସଫଳତାର ସହିତ ଏକାଧିକ ବାର ସାଧାରଣ ନିର୍ବାଚନ ହୋଇଛି । କିନ୍ତୁ ଏହି କେତେକ ସାଧାରଣ ଭିତ୍ତିଭୂମିର ଅଭାବରୁ ଏ ସବୁ ଦେଶରେ ଗଣତନ୍ତ୍ର ଶାସନ ଅତି ଅଳ୍ପକାଳ ମଧ୍ୟରେ ଭୁଷୁଡ଼ି ପଡ଼ିଛି । ଉଦାହରଣ ସ୍ୱରୂପ ପାକିସ୍ତାନ, ବ୍ରହ୍ମଦେଶ, ଘାନା, ନାଇଜେରିଆ, ଇଣ୍ଡୋନେସିଆ ।

ପାକିସ୍ତାନରେ ରାଜନୀତିଜ୍ଞ ମାନଙ୍କ ମଧ୍ୟରେ ପ୍ରବଳ ବିବାଦ, ଶାସନ କ୍ଷେତ୍ରରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ, ଯେଉଁ ଦଳ ପାକିସ୍ତାନ ଗଠନ ପାଇଁ ଦାୟୀ ସେହି ମୁସଲିମ୍‌ଲିଗ ଦଳର ଆଦର୍ଶର ଅଭାବ, ନେତୃତ୍ୱର ଅଭାବ ଓ ପ୍ରବଳ ଅନ୍ତର୍ବିବାଦ ମୁସଲିମ୍‌ଲିଗକୁ ପାକିସ୍ତାନରୁ ପ୍ରାୟ ନିଶ୍ଚିହ୍ନ କରି ଦେଲା ଓ ଗଣତନ୍ତ୍ର ଶାସନର ସମାପ୍ତି ଘଟାଇଲା ।

ବ୍ରହ୍ମଦେଶରେ ନେତୃତ୍ୱର ଦୁର୍ବଳତା, ଦୂରଦୃଷ୍ଟିର ଅଭାବ ଓ ଆତ୍ମବିଶ୍ୱାସ ହୀନତା ସେ ଦେଶରେ ଗଣତନ୍ତ୍ର ଶାସନର ପତନ ପାଇଁ ଦାୟୀ । ସେଠାରେ ପ୍ରଧାନମନ୍ତ୍ରୀ ଉ ନୁ ସାମୟିକ ଭାବରେ ଦେଶର ଶାସନ କାର୍ଯ୍ୟ ସମ୍ଭାଳିବା ପାଇଁ ସାମରିକ ବାହିନୀକୁ ନିମନ୍ତ୍ରଣ କଲେ । ଶେଷରେ ସାମରିକ ବାହିନୀ ଶାସନରେ ରହିଲା, ସେ ରହିଲେ ସାମରିକ ବାହିନୀର ତତ୍ତ୍ୱାବଧାନରେ ବା ବନ୍ଦୀଶାଳାରେ ।

ଘାନା ଓ ଇଣ୍ଡୋନେସିଆ ଉଭୟ ଦେଶରେ ନେତୃତ୍ୱର ଗଣତନ୍ତ୍ର ଶାସନ ଉପରେ ବିଶ୍ୱାସ ନଥିଲା । ଘାନାର ରାଷ୍ଟ୍ରପତି ଏନ୍‌କ୍ରୁମା ପ୍ରଥମେ ଗଣତନ୍ତ୍ର ଶାସନର ପ୍ରଚଳନ କରାଇ ପରେ ନିଜର ଏକ ଦଳୀୟ ଏକଚ୍ଛତ୍ରବାଦ ଚଳାଇଲେ । ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣ ସେହିପରି କିଛି ଦିନ ଗଣତନ୍ତ୍ର ଶାସନ ପ୍ରଚଳନ କରି ପରେ ଏହାକୁ ଏକ ବ୍ୟକ୍ତିଗତ ମାଲିକାନା ( **guided democracy** )ରେ ପରିଣତ କଲେ ।

ନାଇଜେରିଆରେ ଗଣତନ୍ତ୍ର ଶାସନର ପତନ ସବୁଠାରୁ ଅଧିକ ମର୍ମନ୍ତୁଦ ଓ ଏ ଦେଶ ପକ୍ଷରେ ଶିକ୍ଷଣୀୟ । ଭାରତ ପରି ନାଇଜେରିଆ ଏକ ବିରାଟ ଦେଶ । ଏହା ଏକ ବହୁଭାଷାଭାଷୀ, ବହୁଧର୍ମାବଲମ୍ବୀ ଓ ବହୁ ରାଜ୍ୟ ବା ପ୍ରଦେଶରେ ବିଭକ୍ତ । ଏଠାରେ ଗଣତନ୍ତ୍ର ଶାସନର ପତନର ପ୍ରଧାନ କାରଣ ହେଉଛି, ବିଭିନ୍ନ ରାଜ୍ୟ ମଧ୍ୟରେ ପ୍ରବଳ

Digitized by srujanika@gmail.com

ବିବାଦ, ପରସ୍ପର ପ୍ରତି ସନ୍ଦେହ ଓ ଅବିଶ୍ୱାସ, ଦେଶାଭିମାନ ବା ଜାତୀୟ ଏକତାର ଅଭାବ ଓ ଶେଷରେ ନିର୍ବାଚନରେ ଦୁର୍ନୀତି ।

ଏହି ସବୁ ଦେଶରେ ଏକ ସାମରିକ ଏକଛତ୍ରବାଦ ପ୍ରତିଷ୍ଠିତ ହୋଇଛି । ସଂଗଠିତ ରାଜନୈତିକ ଦଳ ଯେତେବେଳେ ନେତୃତ୍ୱ ଦେଇ ପାରି ନାହିଁ, ରାଜନୀତିଜ୍ଞ ମାନେ ଦେଶର ସ୍ୱାର୍ଥଠାରୁ ଦଳୀୟ ଓ ବ୍ୟକ୍ତିଗତ ସ୍ୱାର୍ଥକୁ ଉଚ୍ଚସ୍ଥାନ ଦେଇଛନ୍ତି, ସେତେବେଳେ ଜନସାଧାରଣ 'ଗଣତନ୍ତ୍ର'ରେ ବିରକ୍ତ ହୋଇ ସାମରିକ ଏକଛତ୍ରବାଦକୁ ସ୍ୱାଗତ କରିଛନ୍ତି ।

ଭାରତରେ ଗଣତନ୍ତ୍ର ଶାସନ ଏମାନଙ୍କ ତୁଳନାରେ ଅବଶ୍ୟ ଦୃଢ଼ତର । ଏଠାରେ ଛଅଟି ସାଧାରଣ ନିର୍ବାଚନ ହୋଇଗଲଣି । ନିର୍ବାଚିତ ପ୍ରତିନିଧି ମୂଳକ ସରକାର ଛଡ଼ା ଏକ ସ୍ୱାଧୀନ ନିରପେକ୍ଷ ବିଚାର ବିଭାଗ, ଏକ ନିରପେକ୍ଷ କର୍ମଚାରୀ ଗୋଷ୍ଠୀ, ସମ୍ବିଧାନରେ ସ୍ୱୀକୃତ ବ୍ୟକ୍ତିଗତ ମୌଳିକ ଅଧିକାର ଅବ୍ୟାହତ ରଖାଯାଇଛି । କିନ୍ତୁ ଏଥିରୁ ଯଦି ମନେ କରାଯାଏ ଯେ ଏ ଦେଶରେ ଗଣତନ୍ତ୍ର ଶାସନ ଏକ ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ, ତା'ହେଲେ ଏକ ସାଂଘାତିକ ଭୁଲ ହେବ ।

ବର୍ତ୍ତମାନ ଭାରତୀୟ ଗଣତନ୍ତ୍ର ଏକ ଚରମ ପରୀକ୍ଷା ମଧ୍ୟରେ ଗତି କରୁଛି । ଗୋଟିଏ ଦଳ ୨୦ ବର୍ଷ ଧରି କେନ୍ଦ୍ରରେ ଓ ବିଭିନ୍ନ ରାଜ୍ୟରେ ଶାସନ କ୍ଷମତାରେ ରହିବା ପରେ ଭାରତରେ ପ୍ରାୟ ଅର୍ଦ୍ଧ ସଂଖ୍ୟକ ରାଜ୍ୟରେ କ୍ଷମତାରୁ ଅପସାରିତ ହୋଇଛି । ବିଭିନ୍ନ ବିରୋଧୀ ଦଳ ପ୍ରଥମ ହୋଇ କ୍ଷମତା ଲାଭ କରିଛନ୍ତି । ଏ ପରିସ୍ଥିତିରେ କେନ୍ଦ୍ରରେ ଥିବା କଂଗ୍ରେସ ଦଳ ବିଭିନ୍ନ ରାଜ୍ୟରେ ଅଣକଂଗ୍ରେସ ସରକାରମାନଙ୍କ ସହିତ ସମ୍ପୂର୍ଣ୍ଣ ସହଯୋଗ ଦେଖାଇବା ଓ ସେମାନଙ୍କୁ ଆବଶ୍ୟକ ସାହାଯ୍ୟ ଦେବା ଯେପରି ଆବଶ୍ୟକ, ସେହିପରି ଅଣକଂଗ୍ରେସ ସରକାରମାନଙ୍କ ପକ୍ଷରୁ ଦକ୍ଷତା, ନେତୃତ୍ୱ ଓ ଗଣତାନ୍ତ୍ରିକ ଶାସନ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରକାଶ ପାଇବା ମଧ୍ୟ ସେହିପରି ଆବଶ୍ୟକ ।

ଗୋଟିଏ ଦଳ ଦୀର୍ଘକାଳ ଶାସନ କ୍ଷମତାରେ ରହିବା ଗଣତନ୍ତ୍ରର ବିକାଶ ପଥରେ ଆଦୌ ସହାୟକ ନୁହେଁ । ସେଥିପାଇଁ ତୁର୍କୀରେ କେମାଲ ଆତାତୁର୍କ ନିଜ ଦଳର ବହୁ ସଭ୍ୟଙ୍କୁ ପ୍ରବର୍ତ୍ତାଇ ଏକ ବିରୋଧୀ ଦଳ ଗଠନ କରାଇଥିଲେ ଏବଂ କିପରି ଶକ୍ତିଶାଳୀ ବିରୋଧ କରିବାକୁ ହୁଏ, ସେଥିରେ ଏହି ଦଳକୁ ତାଲିମ କରିବାକୁ ଉଦ୍ୟମ କରିଥିଲେ । ସୁଖର ବିଷୟ ଭାରତରେ ସ୍ୱାଭାବିକ ଭାବରେ ଏକ ବା ଏକାଧିକ ବିରୋଧୀ ଦଳ କ୍ଷମତାକୁ ଆସିଛନ୍ତି । ଦୀର୍ଘକାଳ ବାହାରେ ରହିବା ଫଳରେ ସେମାନଙ୍କ ମଧ୍ୟରେ ଯେଉଁ ବ୍ୟର୍ଥତା ଓ ନୈରାଶ୍ୟ ସୃଷ୍ଟି ହୋଇଥିଲା, ତାହା ଆଂଶିକ ଭାବରେ ଦୂରୀଭୂତ ହୋଇଛି । ଏହା ଭାରତର ଗଣତାନ୍ତ୍ରିକ ପ୍ରଣାଳୀ ପକ୍ଷରେ ନିଶ୍ଚୟ ଏକ ଶୁଭ ସୂଚନା ଏବଂ ଯେଉଁ ଦଳ

Digitized by srujanika@gmail.com

ଏ ଦେଶରେ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା କରାଇବାରେ ବିଶେଷ ଭାବରେ ଦାୟୀ, ସେହି କଂଗ୍ରେସ ଦଳ ଏଥିରେ ବିଶେଷ ଆନନ୍ଦ ଓ ଗୌରବ ଅନୁଭବ କରିବାର କଥା ।

କେରଳ, ମାନ୍ଦ୍ରାଜ, ଓଡ଼ିଶା ପରି ରାଜ୍ୟରେ କଂଗ୍ରେସବିରୋଧୀ ଦଳମାନେ ଏତେ ଶକ୍ତିଶାଳୀ ଯେ ସେଠାରେ ଶାସନ କ୍ଷେତ୍ରରେ ସେମାନଙ୍କୁ ନିଜର ଦକ୍ଷତାର ପ୍ରମାଣ ଦେବାପାଇଁ ବହୁ ସମୟ ଓ ଅବସର ରହିଛି । କିନ୍ତୁ ଅନ୍ୟ ରାଜ୍ୟ ମାନଙ୍କର ଅବସ୍ଥା ଭିନ୍ନ । ପଞ୍ଜାବ, ହରିଆନା, ଉତ୍ତର ପ୍ରଦେଶ, ବିହାର ମଧ୍ୟ ପ୍ରଦେଶ, ପଶ୍ଚିମ ବଙ୍ଗରେ ନିର୍ବାଚନ ପରେ ଗଠିତ ଅଣକଂଗ୍ରେସ ସରକାରମାନେ ମତ ଓ ଆଦର୍ଶରେ ପରସ୍ପର ବିରୁଦ୍ଧ ବହୁ ଦଳର ସମାହାରରେ ଗଠିତ । ଏ ସବୁ ରାଜ୍ୟରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ । ତେଣୁ ଶାସନ ବାହାରେ ଥିବା କଂଗ୍ରେସ ଦଳ ପକ୍ଷରୁ ଏ ସବୁ ସରକାରର ପତନ ପାଇଁ ବିଶେଷ ଉଦ୍ୟମ କରିବାକୁ ହେବ ନାହିଁ । କିନ୍ତୁ ଦେଶର ସ୍ୱାର୍ଥ ଓ ଗଣତାନ୍ତ୍ରିକ ଶାସନର ଭବିଷ୍ୟତ ଦୃଷ୍ଟିରୁ କଂଗ୍ରେସ ପକ୍ଷରୁ ହଠାତ୍ ଏପରି ଉଦ୍ୟମ ହେବା ଆଦୌ ବାଞ୍ଛନୀୟ ନୁହେ । କଂଗ୍ରେସ ବହୁକାଳ କ୍ଷମତାରେ ରହିଛି । ବର୍ତ୍ତମାନ କିଛିଦିନ ଅପେକ୍ଷା କରି ପାରିବ । ଦ୍ୱିତୀୟତଃ ଏକ ବିରୋଧୀ ସରକାର କିପରି କାର୍ଯ୍ୟ କରୁଛି, ତାହା ପରୀକ୍ଷା କରି ଦେଖିବା ପାଇଁ ଜନ ସାଧାରଣଙ୍କୁ ସୁଯୋଗ ଓ ଅବସର ଦିଆଯିବା ଆବଶ୍ୟକ । ଦୁଃଖର ବିଷୟ ଦଳୀୟ ସ୍ୱାର୍ଥରେ ପ୍ରରୋଚିତ ହୋଇ କଂଗ୍ରେସ ଏପରି ଅପେକ୍ଷା କରି ପାରିଲା ନାହିଁ, ଯାହା ଫଳରେ ରାଜସ୍ଥାନରେ କଂଗ୍ରେସ ସରକାର ପ୍ରତିଷ୍ଠା ହେଲା, ହରିଆନାରେ ରାଷ୍ଟ୍ରପତି ଶାସନ ଓ ପଞ୍ଜାବରେ କଂଗ୍ରେସଦଳ ସମର୍ଥିତ ଶାସନ ପ୍ରବର୍ତ୍ତିତ ହେଲା ।

ପଶ୍ଚିମବଙ୍ଗ ଅବସ୍ଥା ସ୍ୱତନ୍ତ୍ର ହେଲେ ମଧ୍ୟ ଏଠାରେ ମଧ୍ୟ କଂଗ୍ରେସର ଆଚରଣ କଳଙ୍କମୁକ୍ତ ନୁହେ । ବିଧାନସଭାରେ ବିଳ କଥାକାଣି ପାଇଁ ଗୋଟିଏ ମାସ ଅପେକ୍ଷା କରି ଯାଇ ଥିଲେ କିଛି ଭାସି ଯାଇ ନ ଥାନ୍ତା । ଏତିକି ଅପେକ୍ଷା କରିଥିଲେ ଆଜି ପଶ୍ଚିମବଙ୍ଗର ଜନମତ କଂଗ୍ରେସ ପକ୍ଷରେ ରହି ଥାନ୍ତା ।

ଏକ ପକ୍ଷରେ କଂଗ୍ରେସ ଅପେକ୍ଷା କରିବାକୁ ପ୍ରସ୍ତୁତ ନୁହେ । ଅନ୍ୟ ପକ୍ଷରେ ଉଲ୍ଲିଖିତ ରାଜ୍ୟମାନଙ୍କରେ ବିରୋଧୀ ଦଳଙ୍କର ଆଚରଣ ଆଦୌ ପ୍ରଶଂସାଯୋଗ୍ୟ ନୁହେ । ସେମାନେ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏକ ସର୍ବନିମ୍ନ କାର୍ଯ୍ୟକ୍ରମ ଗ୍ରହଣ କରି ସେଥିଲାଗି ନିଜକୁ ନିବଦ୍ଧ ରଖିବାକୁ ପ୍ରସ୍ତୁତ ନୁହନ୍ତି । ଉତ୍ତର ପ୍ରଦେଶରେ ସଂଯୁକ୍ତ ସୋସାଲିଷ୍ଟ ଓ କମ୍ୟୁନିଷ୍ଟ ମାନେ ନିଜ ନିଜର ଦଳୀୟ କାର୍ଯ୍ୟକ୍ରମକୁ ଚଳାଇବା ପାଇଁ ଜିଦ୍ ଧରୁଛନ୍ତି । ବିହାରରେ ମଧ୍ୟ ସେହି ଅବସ୍ଥା । ହରିଆନା ଓ ପଞ୍ଜାବରେ କୌଣସି କାର୍ଯ୍ୟକ୍ରମ ନଥାଇ କେବଳ କ୍ଷମତାକୁ ଜାବୁଡ଼ି ଧରିବା ହେଲା କଂଗ୍ରେସ ବିରୋଧୀ ଦଳ ମାନଙ୍କର କାର୍ଯ୍ୟକ୍ରମ । ମଧ୍ୟପ୍ରଦେଶ ମଧ୍ୟ ଏହି ଶ୍ରେଣୀରେ ଦିବ । ସେଠାରେ ଯେପରି

ଭାରତରେ ମନ୍ତ୍ରୀତ୍ୱ ଲୋଭରେ ଲଗା ବଦଳା-ଇବା ପରି ଦଳ ବଦଳ ଚାଲିଲା, ତାହା ବାସ୍ତବିକ ଦେଶର ଗଣତାନ୍ତ୍ରିକ ଶାସନ ପକ୍ଷରେ ଏକ ଅତ୍ୟନ୍ତ ବିପଜ୍ଜନକ ସଙ୍କେତ । ଅତୀତରେ କଂଗ୍ରେସ ଯାହା କରିଅଛି ନା କାହିଁକି, ନିର୍ବାଚନ ପରେ ଏହାକୁ ଉତ୍ସାହିତ କରିବାରେ କଂଗ୍ରେସ ବିରୋଧୀ ଦଳମାନେ ବିଶେଷ ଭାବରେ ଦାୟୀ । ପଶ୍ଚିମ ବଙ୍ଗର ପରିସ୍ଥିତି ଭିନ୍ନ । ଏଠାରେ କେତୋଟି ଦଳ ବିଶେଷତଃ ବାମପନ୍ଥୀ କମ୍ୟୁନିଷ୍ଟ ଦଳ ନିଜାନ୍ତ ସ୍ୱାର୍ଥପର ଭାବରେ ଶାସନ କ୍ଷମତାକୁ ଦଳର କାର୍ଯ୍ୟକ୍ରମକୁ ପ୍ରସାରିତ କରିବାରେ ଲଗାଇଲେ ଏହି କାର୍ଯ୍ୟକ୍ରମକୁ ସମଗ୍ର ସରକାରର କାର୍ଯ୍ୟ-କ୍ରମ ରୂପେ ଜବରଦସ୍ତ ଚଳାଇବାର ଉଦ୍ୟମ ହେଲା । ଶ୍ରୀ ଅଜୟ ମୁଖାର୍ଜୀ ଏକ ସମ୍ପୀ ଲୁଣ୍ଠାଇ ମୁଖ୍ୟମନ୍ତ୍ରୀ ହୋଇ ରହିଲେ । ଶେଷକୁ ଏପରି ଅବସ୍ଥା ହେଲା ଯେ ସେ କଂଗ୍ରେସ ଦଳର ସମର୍ଥନରେ ଶାସନ ଦାୟିତ୍ୱ ନେବାର ମନୋବୃତ୍ତି ଦେଖାଇଲେ ଏବଂ ନିଜର ସହଯୋଗୀ ବାମପନ୍ଥୀ କମ୍ୟୁନିଷ୍ଟଙ୍କ ବିରୁଦ୍ଧରେ ବିବୃତ୍ତି ଦେଲେ । ଏବେ କଂଗ୍ରେସ ଦଳର ଅଧୈର୍ଯ୍ୟ ଓ କଂଗ୍ରେସ ବିରୋଧୀ ଦଳ ମାନଙ୍କ ମଧ୍ୟରେ ପ୍ରବଳ ସ୍ୱାର୍ଥର ସଂଘର୍ଷ ପଶ୍ଚିମବଙ୍ଗକୁ ଅରାଜକତା ଆଡ଼କୁ ଟାଣି ନେଇଛି । ଯଦି ପଶ୍ଚିମ ବଙ୍ଗ ପରି ସାରା ଭାରତର ଅବସ୍ଥା ହୋଇଯାଏ, ତା'ହେଲେ ପାକିସ୍ତାନ, ଘାନା, ନାଇଜେରିଆ, ଇନ୍ଦୋ-ନେସିଆର ଅବସ୍ଥା ଯାହା ହୋଇଛି, ଭାରତର ଅବସ୍ଥା ଠିକ୍ ସେଇଆ ହୋଇଯିବ ।

ଭାରତରେ ଏକ ପ୍ରବଳ ଅର୍ଥନୈତିକ ସଙ୍କଟ ଦେଖା ଦେଇଛି । ତା'ସାଙ୍ଗକୁ ରାଜନୈତିକ କ୍ଷେତ୍ରରେ ଯଦି ଗୁରୁତର ସଙ୍କଟ ଦେଖାଦିଏ, ସବୁ ରାଜନୈତିକ ଦଳ ସ୍ୱାର୍ଥପର, ଅନୈତିକ ବୋଲି ପ୍ରମାଣିତ ହୋଇ ଯାଆନ୍ତି, ତା'ହେଲେ ଆଜି ସୁଦୃଢ଼ ବୋଲି ଜଣା ଯାଉଥିବା ଏହି ଶାସନ ପ୍ରଣାଳୀ ଅଚିରେ ଭୁଶୁଡ଼ି ପଡ଼ିବ ।

## [illegible]

ଅନ୍ୟଲୋକଙ୍କ ପାଇଁ ତୁମେ କ'ଣ କରିଛ, ଭୁଲିଯାଅ ।
ତୁମ ପାଇଁ ଅନ୍ୟମାନେ କ'ଣ କରିଛନ୍ତି, ମନେରଖ ।

— ହେନେରୀ ଭାନ ଡାଇକ୍

Digitized by srujanika@gmail.com

# ଦିଅ କୃପା ଆଲୋକର ରେଖା

- କାର୍ଡ଼ିନାଲ ନିଉମାନ୍

ଘିରଆଡ଼େ ଅନ୍ଧକାର
        ଦିଅ କୃପା ଆଲୋକର ରେଖା
        ଦେଖାଅ ହେ ପଥ ।
ଘନ ଅନ୍ଧକାର ରାତ୍ରି
        ଗୃହଠାରୁ ବହୁଦୂରେ, ସଖା
        ଦେଖାଅ ହେ ପଥ ।

ସ୍ଥିର ରଖ ପାଦ ଦୁଇ
ଚାହେଁ ନାହିଁ, ଚାହେଁ ନାହିଁ
        ଦେଖିବାକୁ ବିଶାଳ ଦିଗନ୍ତ
ମୋ' ପକ୍ଷେ ଯଥେଷ୍ଟ ସଖା
        ଏକପଦ ପଥ !

ନ ଥିଲି ଏପରି ମୁହିଁ
ନ ଥିଲି ଏ ହୃଦୟର ବ୍ୟଥା
ତୁମକୁ ଖୋଜିବା ପାଇଁ
ଏ ବେଦନା, ଏହି ବ୍ୟାକୁଳତା ।
ଥିଲି ମନେ ଆଡ଼ମ୍ବର, ଗର୍ବ ଓ ଆତଙ୍କ
ମୁଁ ଥିଲି ମୋ' ଦ୍ରଷ୍ଟା, ନିୟାମକ ।
(ମାତ୍ର) ଭୁଲି ଯାଅ ସେ ସବୁ ଅତୀତ
ଦେଖାଅ ହେ ପଥ ।

Digitized by srujanika@gmail.com

ଥାଏ ମୋ'ର ହୃଦ ଯେବେ
ତୁମ ଆଶୀର୍ବାଦ, ମହିମା ତୁମର
ଅତିକ୍ରମିପାରେ ମୁହିଁ ପ୍ରାନ୍ତର, ପ୍ରପାତ, ଶିଖରୀ ଶିଖର

ରାତ୍ରି ହେବ ଶେଷ,
ଊଷାର ଆଲୋକେ ସ୍ୱର୍ଗ ଦୂତଙ୍କର ମୁଖେ
ଦେଖିବି ମୁଁ ହସ,
ଯେ' ହସର ପାଇଁ ମୁ ବ୍ୟାକୁଳ
ଏତେ କାଳ,
ଯେ ହସଟି ହଜାଇନ ମୋ'ର ।

—*—

[ Cardinal Newman ଙ୍କର ପ୍ରସିଦ୍ଧ କବିତା Lead Kindly Lightର ଅନୁବାଦ । ଗାନ୍ଧିଜୀ ତାଙ୍କ ପ୍ରାର୍ଥନା ସଭାରେ ଯେଉଁ କେତୋଟି ସଙ୍ଗୀତ ବୋଲାଇବାପାଇଁ ଭଲ ପାଉଥିଲେ, ତାହା ମଧ୍ୟରେ ଏହା ଅନ୍ୟତମ । ]

Digitized by srujanika@gmail.com

# ଧର୍ମାନ୍ଧତା ନୁହେଁ, ସହଯୋଗର ବେଳ



### ଡ଼କ୍ଟର ରାଧାକୃଷ୍ଣନ

ଧର୍ମର ବିଭିନ୍ନତା ପାଇଁ ବିବାଦ ହେଉ ନାହିଁ ; ବିବାଦ ହେଉଛି ସହିଷ୍ଣୁତାର ଅଭାବ ଯୋଗୁଁ । ଅନ୍ୟମାନଙ୍କ ପ୍ରତି ଘୃଣା ଏବଂ ଆତ୍ମ ବଡ଼ିମା ଯୋଗୁଁ ସହିଷ୍ଣୁତାର ଯେ ଅଭାବ ହେଉଛି, ତାହା ନୁହେଁ । ଆମେ ପ୍ରକୃତ ସତ୍ୟ ଜାଣୁ, ଅନ୍ୟ ମାନେ ଆଂଶିକ ମଧ୍ୟ ଜାଣନ୍ତି ନାହିଁ, ଏହି ଧାରଣାରୁ ଅସହିଷ୍ଣୁତା ହେଉଛି । ସହିଷ୍ଣୁତା ହେଉଛି ଖୋଲାମନରେ ସବୁ ବିଚାର କରିବା । ଆମେ ବିଭିନ୍ନ ପଥ ଅନୁସରଣ କରି ପାରୁ, କିନ୍ତୁ ଆମର ଲକ୍ଷ୍ୟ ହେଉଛି ଏକ । ତେଣୁ ସେହି ଗୋଟିଏ ଲକ୍ଷ୍ୟର ଅନୁସରଣ କରୁଥିବା ଯୋଗୁଁ ଆମେ ପରସ୍ପରକୁ ଆଧ୍ୟାତ୍ମିକ ଭ୍ରାତା ବୋଲି ମନେ କରିବା ବାଞ୍ଛନୀୟ ।

## ସହିଷ୍ଣୁତା

ଗୋଟିଏ ସାଧାରଣ ବିଷୟକୁ ଭିନ୍ନ ଭିନ୍ନ ଭାବରେ ଉପସ୍ଥାପନ କଲେ ଯାହା ହେବ, ବିଭିନ୍ନ ଧର୍ମ ହେଉଛି ଠିକ୍ ସେୟା । ମୋର ଯାହା କାମରେ ଲାଗୁନାହିଁ, ଅନ୍ୟମାନଙ୍କର ତାହା କାମରେ ଲାଗିପାରେ । ଧାର୍ମିକ ବିଶ୍ୱାସ ଓ ବିଚାର କ୍ଷେତ୍ରରେ ସହିଷ୍ଣୁତାକୁ ଆମର ଏକ ପବିତ୍ର କର୍ତ୍ତବ୍ୟ ବୋଲି ମନେ କରିବା ବାଞ୍ଛନୀୟ । ଏହା ଯଦି ଆମେ ଅଭ୍ୟାସ କରୁ, ତାହାହେଲେ କୁସଂସ୍କାର ଓ ଅନ୍ଧବିଶ୍ୱାସ ହଟିଯିବ ଓ ଅଧିକ କିଛି ପ୍ରୟୋଜନୀୟ ଜ୍ଞାନ ଆମେ ଲାଭ କରି ପାରିବା । ଯଦି କେହି ଈଶ୍ୱରଙ୍କୁ ଆମେ ଈର୍ଷାକାରୀ ବୋଲି ମନେକରୁ

Digitized by srujanika@gmail.com

ତାହାହେଲେ ଅନ୍ୟ ଦେବତାଙ୍କର ପୂଜା ଭ୍ରମାତ୍ମକ ବୋଲି ମନେ ହୋଇପାରେ । ପୂର୍ବ ଖଣ୍ଡରେ ଯଥା ଭାରତ ଓ ଚୀନ ଦେଶରେ ଦେବତାମାନେ ଈର୍ଷାପର ନୁହଁନ୍ତି । ଯେ ସତ୍ୟର ଅନ୍ୱେଷଣ କରୁଛି, ତା'ର ନିଜର ସଂଶୟ ଥାଇ ପାରେ । ସତ୍ୟକୁ ଜାବୁଡ଼ି ଧରି ରଖିବା ଦ୍ୱାରା ମନୁଷ୍ୟର ପ୍ରକୃତର ବିକାଶ ହୁଏ ନାହିଁ । ସତ୍ୟର ଅନ୍ୱେଷଣହିଁ ହେଉଛି ପ୍ରକୃତ ମନୁଷ୍ୟତ୍ୱର ବିକାଶ । ଜଣେ ବିଶିଷ୍ଟ ପାଶ୍ଚାତ୍ୟ ମନୀଷୀ ଲେସିଙ୍ଗ୍ (Lessing) କହିଥିଲେ, ସତ୍ୟ ହସ୍ତଗତ ହୋଇଥିବା ବ୍ୟକ୍ତି ଅପେକ୍ଷା ସତ୍ୟସନ୍ଧ ବା ସତ୍ୟକୁ ଅନୁସନ୍ଧାନ କରୁଥିବା ଲୋକର ମୂଲ୍ୟ ବେଶି । "ଯଦି ଈଶ୍ୱର ତାଙ୍କର ଡାହାଣ ହାତରେ ସତ୍ୟକୁ ଧରି ଥା'ନ୍ତି ଏବଂ ବାମ ହାତରେ ସତ୍ୟକୁ ସନ୍ଧାନ କରିବାର ଆଗ୍ରହ ଧରି ରଖିଥାନ୍ତି ଏବଂ ମତେ କହନ୍ତି, "ଦୁଇଟିରୁ ଗୋଟିଏ ବାଛ", ମୁଁ ନମ୍ର ଭାବରେ ତାଙ୍କର ବାମ ହାତକୁ ଧରି ପକାଇ କହନ୍ତି, "ହେ ପିତା ! ମତେ ଏଇଟିକୁ ଦିଅ, ଖାଣ୍ଟି ସତ୍ୟ ତୁମର ହୋଇ ରହୁ" ।

## ଗାନ୍ଧିଜୀ ଓ ଆମେରିକାନ୍ ପାଦ୍ରୀ

ହିନ୍ଦୁମାନଙ୍କର ଗାୟତ୍ରୀ ଜପର ଲକ୍ଷ୍ୟ ହେଉଛି, ନିଜକୁ ଅଧିକରୁ ଅଧିକ ଉନ୍ନତ କରିବା । ବୈଜ୍ଞାନିକମାନେ ଜାଣନ୍ତି ସତ୍ୟ ଏକ ଚରମ ବସ୍ତୁ ନୁହେଁ, ଏହା ଆନୁମାନିକ । ପ୍ରକୃତ ବସ୍ତୁଟି ହେଉଛି ଖୋଜିବା, ଅନ୍ୱେଷଣ କରିବା । ବିଭିନ୍ନ ଧର୍ମ ସଂପ୍ରଦାୟର ଲୋକେ ପରସ୍ପରକୁ ସେହି ଗୋଟିଏ ବ୍ରତରେ ବ୍ରତୀ ବୋଲି ମନେ କରିବା ଉଚିତ । ଯେତେବେଳେ ଆମେ ମନେକରୁ, ଆମେ ହିଁ ସତ୍ୟଲାଭ କରିଛୁ, ସେତେବେଳେ ଅନ୍ୟମାନଙ୍କ ପ୍ରତି ଆମର ମନୋଭାବ କଠୋର ହୋଇଯାଏ । ଈଶ୍ୱର ରହସ୍ୟ ଭେଦ କରିବା ପାଇଁ ନିଜର ଧର୍ମ ବିଶ୍ୱାସ ଅନ୍ୟାପେକ୍ଷା ଅଧିକ ସାହାଯ୍ୟ କରେ ବୋଲି ମନେ କରି ମଧ୍ୟ ଯେଉଁମାନେ ଅନ୍ୟ ଧର୍ମରେ ବିଶ୍ୱାସ କରନ୍ତି, ସେମାନଙ୍କ ପ୍ରତି ଶତ୍ରୁତା ଆଚରଣ କରିବାର କୌଣସି କାରଣ ନାହିଁ । ଆମେରିକାର ଜଣେ ଧର୍ମଯାଜକ ଗାନ୍ଧୀଜୀଙ୍କ ପାଖକୁ ଲେଖିଥିଲେ ଯେ, ସବୁ ଧର୍ମ ମଧ୍ୟରେ ଖ୍ରୀଷ୍ଟାନ ଧର୍ମ ଶ୍ରେଷ୍ଠ ଧର୍ମ । ଗାନ୍ଧୀଜୀ ତା'ର ଉତ୍ତରରେ ଲେଖିଲେ, "ତୁମେ ଜଗତର ସବୁ ଲୋକଙ୍କୁ ଜାଣିବାର ଦାବୀ କରୁଛ ; ନିଜେ ଈଶ୍ୱର ନ ହେଲେ ଏହି ଦାବୀ କେହି କରି ପାରିବେ ନାହିଁ । ତୁମେ ଦୁଇଟି ଭ୍ରାନ୍ତ ଧାରଣା ଦ୍ୱାରା ଚାଳିତ ହେଉଛ । ଏତିକି ତୁମେ ବୁଝିବ ବୋଲି ମୁଁ ଆଶାକରେ । ପ୍ରଥମ ହେଲା, ତୁମେ ନିଜ ପାଇଁ ଯାହା ଭଲ ବୋଲି ମନେ କରୁଅଛ ତାହା ନିଶ୍ଚୟ ଭଲ ହୋଇଥିବ ବୋଲି ଧରି ନେଉଛ । ଦ୍ୱିତୀୟଟି ହେଲା, ତୁମପାଇଁ ଯାହା ଭଲବୋଲି ତୁମେ ଭାବୁଛ ସମସ୍ତ ପୃଥିବୀ ପାଇଁ ତାହା ଭଲବୋଲି ତୁମରଧାରଣା ହୋଇଯାଇଛି । ଜଣେ ଅଭ୍ରାନ୍ତ ଓ ସର୍ବଜ୍ଞ ବ୍ୟକ୍ତି ଏପରି ଧାରଣା କରିପାରେ । କିନ୍ତୁ ସେପରି କେହି ଅଛି କି ? ତୁମର ଟିକିଏ ନମ୍ରତା ରହୁ । ଏତିକି ମୁଁ ଚାହେଁ ।"

ଅଧ୍ୟାପକ ଏ. ଏନ୍. ହ୍ୱାଇଟ୍‌ହେଡ଼୍ କହନ୍ତି, "ଆମର ଜ୍ଞାନ ଯଥେଷ୍ଟ ହୋଇଗଲା ବୋଲି ମନରେ ଯେଉଁ ବିଚିତ୍ର ଧାରଣା ହୁଏ

Digitized by srujanika@gmail.com

ମୁଁ ତା'ର ବିରୋଧୀ । ପଣ୍ଡିତ ମାନଙ୍କର ଅମ୍ଭ ବଢ଼ିବା ହେଉଛି ପ୍ରଭୁଏତାର ଆତଙ୍କ ।" ସେ ପୁଣି କହନ୍ତି, "ଯେଉଁଠି ଗୋଟିଏ ନୂଆ ସମ୍ପ୍ରଦାୟ ଗଢ଼ି ଉଠିଲା, ଜାଣିବ, ସେଠାରେ ଜଣେ ଅନ୍ଧବିଶ୍ୱାସୀ ଲୁଚି ରହିଛି ।"

ପୃଥିବୀର ସର୍ବପ୍ରଧାନ ଧର୍ମ ସବୁ ଯେଉଁ ଉଦାରତାର ପ୍ରଚାର କରନ୍ତି, "ଆମେ ହିଁ କେବଳ ସତ୍ୟଲାଭ କରିପାରିଛୁ," ଏ ଧାରଣା ତା'ର ବିରୋଧ କରେ । ସମାଜକୁ ଗଢ଼ିବାର ଯେଉଁ ବିରାଟ ସୃଜନଶୀଳ ଶକ୍ତି ଦିନେ ସଂଗଠିତ ଧର୍ମ ମାନଙ୍କର ଥିଲା, ତାହା ପୁଣି ଫେରିଆସିବ, ଯଦି ବିଭିନ୍ନ ଧର୍ମ ମଧ୍ୟରେ ବିବାଦ ପରିବର୍ତ୍ତେ ସହଯୋଗ ପ୍ରତିଷ୍ଠିତ ହୁଏ । ଏହି ପ୍ରଧାନ ବିଷୟରେ ପୃଥିବୀ ଆଉ ଭାଗ ଭାଗ ହୋଇ ରହି ପାରିବ ନାହିଁ । ଈଶ୍ୱର ସବୁ ଧର୍ମରେ ଅଛନ୍ତି । ଖ୍ରୀଷ୍ଟ ଧର୍ମରେ ଯେତିକି, ଅନ୍ୟସବୁ ଧର୍ମରେ ସେହିପରି । ଯଦି ଆମେ ମନେକରୁ ଈଶ୍ୱର ଅଳ୍ପ କେତେକଙ୍କ ପାଇଁ ସତ୍ୟର ପ୍ରକାଶ କରିଛନ୍ତି, ସମଗ୍ର ମାନବ ଜାତି ପାଇଁ ନୁହେଁ, ତାହାହେଲେ କଳହ ଓ ବିବାଦ ଆରମ୍ଭ ହୋଇଯିବ । ଷୋଡ଼ଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଖ୍ରୀଷ୍ଟାନ ଧର୍ମର ଇତିହାସ ହେଉଛି ଅସହିଷ୍ଣୁତା ଓ ତାହାର କୁପରିଣାମର ଇତିହାସ । ଯଦି ପ୍ରେମର ପ୍ରତିମୂର୍ତ୍ତି ଈଶ୍ୱରଙ୍କୁ ପୂଜା ନକରି, ତାଙ୍କୁ ଈର୍ଷାର ପ୍ରତିମୂର୍ତ୍ତି ମନେକରି ପୂଜାକରୁ, ତାହାହେଲେ ପୃଥିବୀରେ ଶାନ୍ତି ରହିବ ନାହିଁ । ଅନେକ ବ୍ୟକ୍ତି ଆଧୁନିକ ଯୁଗରେ କୌଣସି ଧର୍ମପ୍ରତି ଆକୃଷ୍ଟ ନହେଉଥିବାର ମୂଳରେ ଅଛି ଅନ୍ୟ କେତେକଙ୍କର ଧର୍ମାନ୍ଧତା । ଖ୍ରୀଷ୍ଟାନ ଧର୍ମର ନାମରେ ଯେଉଁ ଅସହିଷ୍ଣୁତା ଦେଖା ଯାଇଛି ଓ ଅତୀତରେ ଧର୍ମଯୁଦ୍ଧମାନ ହୋଇ ଯାଇଛି, ତାହା ଯୀଶୁଖ୍ରୀଷ୍ଟଙ୍କର ଉପଦେଶାବଳୀର ବିରୋଧୀ । କାରଣ ଯୀଶୁ କହିଥିଲେ ଯେ, ପରମେଶ୍ୱର ହେଉଛନ୍ତି ପ୍ରେମ । ବାଇବେଲର ନୂତନ ପୁସ୍ତକରେ ଆମେ ପଢ଼ୁ "ଈଶ୍ୱର ହେଉଛନ୍ତି ପ୍ରେମ" (ଜୋହନ ୪: ୧୬) । ତାଙ୍କର ବାକ୍ୟର ଆଲୋକ ସମସ୍ତଙ୍କୁ ଆଲୋକିତ କରେ (ଜୋହନ ୧: ୯ ) ଏବଂ ତାଙ୍କର ଇଚ୍ଛା ଯେ ସବୁ ଲୋକଙ୍କର ଉଦ୍ଧାର ହେଉ ଏବଂ ସମସ୍ତେ ସତ୍ୟର ଜ୍ଞାନ ଲାଭ କରି ପାରନ୍ତୁ ( ଟିମୋଥି ୨: ୪ ) । ପାଣ୍ଡିତ୍ୟ ପୂର୍ଣ୍ଣ ଆଲୋଚନା ଏବଂ ଅନ୍ଧବିଶ୍ୱାସ ମୂଳକ ତର୍କ ବନ୍ଦ ହୋଇ ଗଲାଣି । ପାଶ୍ଚାତ୍ୟ ଦେଶରେ ଖ୍ରୀଷ୍ଟଧର୍ମ ମଧ୍ୟରେ ଯେ ବହୁ ସମ୍ପ୍ରଦାୟ ଗଠିତ ହୋଇଛି ଏବଂ ସେମାନେ ପରସ୍ପରର ଘୋର ବିରୋଧ କରୁଛନ୍ତି, ତାହା ଏହି କାରଣରୁ ହୋଇଛି ।

## ସଂଗଚ୍ଛଧ୍ୱଂ

ଏବେ ଏକ ବୃହତ୍ତର ଭିତ୍ତି ଭୂମିରେ ସବୁଧର୍ମ ମଧ୍ୟରେ ସହଯୋଗିତା ପ୍ରତିଷ୍ଠା ଉଦ୍ୟମ ହେଉ । ଆଧ୍ୟାତ୍ମିକତାର କ୍ଷେତ୍ର ହେଉଛି ମୁକ୍ତିର ବିହାର ସ୍ଥଳ । କିଏ କେଉଁ ଧର୍ମରେ ବିଶ୍ୱାସ କଲା, ସେଥିରେ ଯାଏ ଆସେ ନାହିଁ । ଆମର ଅତୀତର ପରଂପରାରେ ଯାହା କିଛି ମୂଲ୍ୟବାନ ତାହାକୁ ପରିତ୍ୟାଗ ନକରି ବିଶ୍ୱମାନବିକତା ବୋଧ ପାଇଁ ଉଦ୍ୟତ ହେବା ଆବଶ୍ୟକ । ଆଧୁନିକ ସଭ୍ୟ ସମାଜ ପକ୍ଷରେ ଏହାହିଁ ହେଉଛି ପ୍ରକୃଷ୍ଟ ପନ୍ଥା । ଋଗ୍ ବେଦର ଶେଷ ସୂକ୍ତ ହେଉଛି ;

Digitized by srujanika@gmail.com

"ଏକାଠି ଚାଲ । ଏକମତ ହୋଇ କହ, ତୁମର ମନରେ ଗୋଟିଏ ଧାରଣା ହେଉ, ତୁମର କାର୍ଯରେ ଏକତା ପ୍ରତିଷ୍ଠିତ ହେଉ । ତୁମର ହୃଦୟରେ ସମାନ ଭାବ ଥାଉ, ତୁମେ ଏକମନ ହୁଅ, ତାହାହେଲେ ତୁମେ ସୁଖି ହୋଇ ପାରିବ ।"


ସଂଗଚ୍ଛଧ୍ୱଂ, ସଂବଦଧ୍ୱଂ,
ସଂବୋ ମନାଂସି ଜାନତାମ୍ ।
ସମାନୀ ବ ଆକୂତିଃ,
ସମାନା ହୃଦୟାନି ବଃ
ସମାନଂ ଅସ୍ତୁ ବୋ ମନଃ
ଯଥା ବଃ ସୁସହାସତି ।

( ଡକ୍ଟର ରାଧାକୃଷ୍ଣନଙ୍କର ବକ୍ତୃତାମାଳାରୁ )

—*—

**BISRA LIME**

Perfectionists In Lime Production




Bisra Lime Used In All Public Sector Projects

# "ପାହାଡର ଘର"

-- ଯୀଶୁ ଖ୍ରୀଷ୍ଟ



(ଜର୍ଡ଼ାନ୍‌ଠାରେ ଗୁରୁ ଜନ୍‌ଙ୍କଠାରୁ ଦୀକ୍ଷା ଗ୍ରହଣ କରି ଓ ଭଗବତ୍ ଧାରଣାରେ ପ୍ରଣୋଦିତ ହୋଇ ଯୀଶୁ ଖ୍ରୀଷ୍ଟ ୪୦ ଦିନ କାଳ ଅରଣ୍ୟ-ବାସ କରିଥିଲେ । ସେଠାରୁ ସେ ଆସୁରୀ ଶକ୍ତିର ସମସ୍ତ ପ୍ରଲୋଭନରୁ ମୁକ୍ତ ହୋଇ ଓ ସତ୍ୟ ଲାଭ କରି ତାଂକର ପ୍ରଥମ ଶିଷ୍ୟମାନଂକୁ ଏକ ପାହାଡ଼ର ଶିଖରରୁ ଯେଉଁ ବାଣୀ ଶୁଣାଇ ଥିଲେ, ସେହି ପବିତ୍ର ଉପଦେଶାବଳୀ ଖ୍ରୀଷ୍ଟାନ ଧର୍ମଗ୍ରନ୍ଥ ବାଇବଲରେ ଲିପିବଦ୍ଧ ହୋଇଛି । ସେଥିରୁ କିୟଦଂଶ ଏଥିରେ ଉଦ୍ଧାର କରାଯାଉଛି । )

ଦରିଦ୍ର ଜନତା ପ୍ରତି ଈଶ୍ୱରଙ୍କର ଆଶୀର୍ବାଦ ରହିଛି ; ସେମାନେ ସ୍ୱର୍ଗରାଜ୍ୟର ଅଧିକାରୀ ।

ଯେଉଁମାନେ ଶୋକାକୁଳ ସେମାନେ ଧନ୍ୟ, କାରଣ ସେମାନଙ୍କୁ ସାନ୍ତ୍ୱନା ମିଳିବ ।

ଯେଉଁମାନେ ନମ୍ର ସେମାନେ ଧନ୍ୟ, କାରଣ ସେମାନେ ହିଁ ପୃଥିବୀର ଅଧିକାରୀ ଲାଭ କରି ପାରିବେ ।

ନ୍ୟାୟ ଓ ସତ୍ୟର ଆଚରଣ ପାଇଁ ଯେଉଁମାନଙ୍କର କ୍ଷୁଧା ତୃଷ୍ଣା ରହିଛି, ସେମାନେ ଧନ୍ୟ ; କାରଣ ସେମାନଙ୍କର କ୍ଷୁଧା ଓ ତୃଷ୍ଣାର ମୋଚନ ହେବ ।

କାରୁଣିକ ବ୍ୟକ୍ତିମାନେ ଧନ୍ୟ, କାରଣ ସେମାନେ କରୁଣା ଲାଭ କରିବେ ।

Digitized by srujanika@gmail.com

ଯେଉଁମାନଙ୍କର ହୃଦୟ ପବିତ୍ର ସେମାନେ ଧନ୍ୟ ; କାରଣ ସେମାନେ ଈଶ୍ୱରଙ୍କ ଦର୍ଶନ ଲାଭ କରିବେ ।

ଯେଉଁମାନେ ଶାନ୍ତି ସ୍ଥାପନ କରନ୍ତି, ସେମାନେ ଧନ୍ୟ ; କାରଣ ସେମାନେ ଈଶ୍ୱରଙ୍କ ସନ୍ତାନ ରୂପେ ଅଭିହିତ ହେବେ ।

ଯେଉଁମାନେ ନ୍ୟାୟ ଓ ସତ୍ୟର ରକ୍ଷା ପାଇଁ ଦୁଃଖ ଭୋଗ କରନ୍ତି, ଦଣ୍ଡିତ ହୁଅନ୍ତି, ସେମାନେ ଧନ୍ୟ ; କାରଣ ସେମାନେ ହିଁ ସ୍ୱର୍ଗରାଜ୍ୟର ଅଧିକାରୀ ।

ତୁମକୁ ଏକଥା କୁହା ଯାଇଛି ଯେ ତୁମର ପଡ଼ୋଶୀକୁ ଶ୍ରଦ୍ଧା କର ଏବଂ ଶତ୍ରୁକୁ ଘୃଣା କର ।

କିନ୍ତୁ ମୁଁ ତୁମକୁ କହୁଛି, ତୁମର ଶତ୍ରୁକୁ ଶ୍ରଦ୍ଧା କର । ଯେଉଁମାନେ ତୁମକୁ ଗାଳି ଦେଉଛନ୍ତି, ତାଙ୍କୁ ଆଶୀର୍ବାଦ କର, ଯେଉଁମାନେ ତୁମକୁ ଘୃଣା କରୁଛନ୍ତି ତାଙ୍କର ମଙ୍ଗଳ କର ଏବଂ ଯେଉଁମାନେ ତୁମକୁ ଦଣ୍ଡ ଓ ଦୁଃଖ, କଷ୍ଟ ଦେଉଛନ୍ତି ସେମାନଙ୍କ ପାଇଁ ପ୍ରାର୍ଥନା କର ।

ସ୍ୱର୍ଗରେ ଥିବା ତୁମ ପିତାଙ୍କର ତୁମେ ଉପଯୁକ୍ତ ସନ୍ତାନହୁଅ ; କାରଣ ତାଙ୍କର ଆଦେଶରେ ସୂର୍ଯ୍ୟ ସମସ୍ତଙ୍କୁ ସମାନ ଭାବରେ ଆଲୋକ ଦେଉଛି, ସେମାନେ ଭଲ ଲୋକ ହୁଅନ୍ତୁ ବା ମନ୍ଦ ଲୋକ ହୁଅନ୍ତୁ ; ତାଙ୍କର ଆଦେଶରେ ଭଲ ଓ ମନ୍ଦ ସମସ୍ତଙ୍କ ପାଇଁ ସମାନ ଭାବରେ ବର୍ଷା ହେଉଛି ।

ତୁମେ ଯେତେବେଳେ ପ୍ରାର୍ଥନା କରିବ ଭଣ୍ଡ ମାନଙ୍କ ପରି ପ୍ରାର୍ଥନା କର ନାହିଁ ; ଭଣ୍ଡମାନେ ମନ୍ଦିରରେ, ରାସ୍ତା ଉପରେ ଠିଆ ହୋଇ ସମସ୍ତଙ୍କୁ ଦେଖାଇ ହେବା ପାଇଁ ପ୍ରାର୍ଥନା କରନ୍ତି ।

କିନ୍ତୁ ତୁମେ ଯେତେବେଳେ ପ୍ରାର୍ଥନା କରିବ, ନିଭୃତରେ ପ୍ରାର୍ଥନା କର ।

ତୁମେ ତାଙ୍କୁ ଏହିଭଳି ଭାବରେ ପ୍ରାର୍ଥନା କର ; "ହେ ସ୍ୱର୍ଗ ରାଜ୍ୟରେ ଥିବା ଆମର ପିତା, ତୁମର ପବିତ୍ର ନାମ କୀର୍ତ୍ତିତ ହେଉ ।"

"ତୁମର ରାଜ୍ୟ ଆସୁ । ତୁମର ଇଚ୍ଛା ସ୍ୱର୍ଗ ରାଜ୍ୟରେ ପୂର୍ଣ୍ଣ ହେଲ ପରି ଏହି ମର୍ତ୍ତ୍ୟରେ ମଧ୍ୟ ପୂର୍ଣ୍ଣ ହେଉ ।"

"ମୋହ ପ୍ରତି ଆମକୁ ଆକୃଷ୍ଟ କର ନାହିଁ ; ମନ୍ଦ କାର୍ଯ୍ୟରୁ ଆମକୁ ଉଦ୍ଧାର କର ; କାରଣ ଏହି ରାଜ୍ୟ ତୁମର, ଏ କ୍ଷମତା, ଏ ଗୌରବ ଚିରକାଳ ତୁମର ହିଁ ହୋଇ ରହିବ ।"

"ତୁମେ ଅନ୍ୟମାନଙ୍କୁ କ୍ଷମା ଦେଲେ ଈଶ୍ୱର ତୁମକୁ କ୍ଷମାଦେବେ । ମାତ୍ର ତୁମେ ଅନ୍ୟମାନଙ୍କୁ କ୍ଷମା ନ ଦେଲେ ସ୍ୱର୍ଗରାଜ୍ୟରେ ଥିବା ତୁମର ପିତା ତୁମକୁ କ୍ଷମା ଦେବେ ନାହିଁ ।

ଧନ ସମ୍ପତ୍ତି ପ୍ରତି ଲୋଭ କରନାହିଁ । ପାର୍ଥିବ ପଦାର୍ଥ ପୋକ ଖାଇ ଯିବ, କଳଙ୍କି ଯିବ କିମ୍ବା ନଷ୍ଟ ହୋଇଯିବ ଏବଂ ଚୋର ମାନେ ତାହା ଚୋରି କରି ନେବେ ।

କିନ୍ତୁ ତୁମେ ପରକାଳ ପାଇଁ ଏପରି ଧନ ସଞ୍ଚୟ କର, ଯାହାକୁ ପୋକ ଖାଇବ ନାହିଁ, ଯାହା କଳଙ୍କି ଯିବ ନାହିଁ ବା ନଷ୍ଟ ହେବ ନାହିଁ ଏବଂ ଚୋର ମାନେ ଚୋରି କରି ପାରିବେ ନାହିଁ ।

ଏହି ଧନ ତୁମର ହୃଦୟରେ ହିଁ ସଞ୍ଚିତ ହୋଇ ରହିଛି ।

Digitized by srujanika@gmail.com

ଜଣେ ବ୍ୟକ୍ତି ଦୁଇଜଣ ମୁନିବଙ୍କର ଏକ ସମୟରେ ସେବା କରି ପାରିବ ନାହିଁ, କାରଣ ଜଣକୁ ଯେ ଶ୍ରଦ୍ଧା କଲେ ଅନ୍ୟ ଜଣକୁ ଘୃଣା କରୁଥିବ, ଜଣଙ୍କ ପ୍ରତି ଅନୁରକ୍ତ ଥିଲେ, ଅନ୍ୟ ପ୍ରତି ବିରକ୍ତ ହେଉଥିବ । ସେହିପରି ତୁମେ ଭଗବାନ ଓ ମିଥ୍ୟାଗୁରୁ ଉଭୟଙ୍କୁ ସେବା କରି ପାରିବ ନାହିଁ ।

ଅନ୍ୟମାନେ ତୁମକୁ ଯେପରି ବିଚାର ନ କରନ୍ତୁ ବୋଲି ତୁମେ ଚାହଁ, ଅନ୍ୟମାନଙ୍କୁ ତୁମେ ମଧ୍ୟ ସେହିପରି ବିଚାର କର ନାହିଁ ।

କାରଣ ତୁମେ ଅନ୍ୟ ମାନଙ୍କୁ ଯେପରି ଭାବେ ବିଚାର କରିବ ସେମାନେ ମଧ୍ୟ ତୁମକୁ ସେହିପରି ଭାବେ ବିଚାର କରିବେ ; ତୁମେ ଯେପରି ଭାବରେ ଅନ୍ୟ ମାନଙ୍କ ପ୍ରତି ବ୍ୟବସ୍ଥା କରିଥିବ, ତୁମ ପାଇଁ ସେହିପରି ବ୍ୟବସ୍ଥା ହୋଇଥିବ ।

ମାଗ, ମିଳିଯିବ ; ଖୋଜ, ପାଇଯିବ ; ଡାକ, ଦ୍ୱାର ଖୋଲିଯିବ ; କାରଣ ଯେ ମାଗେ, ସେ ପାଏ ; ଯେ ଖୋଜେ, ତାକୁ ମିଳିଯାଏ ; ଏବଂ ଯେ ଡାକେ ତା'ପାଇଁ ଦୁଆର ଖୋଲିଯାଏ ।

ତୁମ ଭିତରେ ଏପରି କେହି ଲୋକ ଅଛି, ଯଦି ତାର ପୁଅ ତାକୁ ଖଣ୍ଡେ ରୁଟି ମାଗେ ଯେ ତାକୁ ତା ପରିବର୍ତ୍ତରେ ପଥର ଖଣ୍ଡେ ଦେବ ?

ଜଣେ ବ୍ୟକ୍ତି ନିଜେ ମନ୍ଦ ହୋଇ ଯଦି ତାର ପିଲାମାନଙ୍କୁ ଭଲ ପଦାର୍ଥ ଦେଉଛି, ତାହାହେଲେ ସ୍ୱର୍ଗରେ ଥିବା ତୁମର ପିତା ତୁମେ ମାଗିବା ମାତ୍ରେ ତୁମକୁ କାହିଁକି ଭଲ ପଦାର୍ଥ ଦେବେ ନାହିଁ ?

ତେଣୁ ଅନ୍ୟମାନେ ତୁମପ୍ରତି ଯେପରି ବ୍ୟବହାର କରନ୍ତୁ ବୋଲି ତୁମେ ଚାହଁ, ତୁମେ ସେମାନଙ୍କ ପ୍ରତି ସେହିପରି ବ୍ୟବହାର କର । ତାହାହିଁ ହେଉଛି ଧର୍ମଗୁରୁ ମାନଙ୍କର ଉପଦେଶ ।

ମିଥ୍ୟାଗୁରୁ ମାନେ, ଯେଉଁମାନେ ଗୁରୁ ବୋଲାଉଛନ୍ତି, ସେମାନଙ୍କ ପ୍ରତି ସାବଧାନ ହୁଅ । ସେମାନେ ମେଣ୍ଢାର ଚମଡ଼ା ପିନ୍ଧିଛନ୍ତି, କିନ୍ତୁ ତାଙ୍କ ଭିତରେ ଏକ ଭୋକିଲା ଗଧିଆ ଛପି ରହିଛି ।

କାର୍ଯ୍ୟରୁ ହିଁ ତୁମେ ତାଙ୍କର ବିଚାର କର । କଣ୍ଟା ଗଛ ଲଗାଇ କେହି କେବେ ଅଙ୍ଗୁର ଫଳ ତୋଳେ ନାହିଁ, କିମ୍ବା ଘାସରୁ ଶସ୍ୟ କେଣ୍ଡା ଲାଭ କରେ ନାହିଁ ।

ଯେଉଁମାନେ ମୋ ଉପଦେଶ ଶୁଣନ୍ତି ଏବଂ ତାଙ୍କୁ କାର୍ଯ୍ୟରେ ପରିଣତ କରିବା ପାଇଁ ଚେଷ୍ଟା କରନ୍ତି ସେମାନଙ୍କୁ ମୁଁ ବିଜ୍ଞ ବ୍ୟକ୍ତି ମାନଙ୍କ ମଧ୍ୟରେ ଗଣିଥାଏ ; ସେମାନେ ତାଙ୍କର ଗୃହକୁ ଏକ ପାହାଡ଼ର ମୂଳ ପଥରରେ ନିର୍ମାଣ କରିଛନ୍ତି ।

ଆସୁ ବର୍ଷା, ଆସୁ ବନ୍ୟା, ଆସୁ ବାତ୍ୟା ଏବଂ ସେ ଗୃହକୁ ଆଘାତ କରୁ ; ସେ ଗୃହର କିଛି କ୍ଷତି ହେବନାହିଁ ; କାରଣ ତାହା ପାହାଡ଼ର ମୂଳ ଭିତ୍ତି ଉପରେ ନିର୍ମିତ ।

କିନ୍ତୁ ଯେ ମୋର ଉପଦେଶ ଶୁଣି କାର୍ଯ୍ୟରେ ତାହା କରେନାହିଁ, ତାକୁ ମୁଁ ଏକ ନିର୍ବୋଧ ବ୍ୟକ୍ତି ରୂପେ ଗଣେ ; କାରଣ ବାଲୁକା ଉପରେ ସେ ତାର ଗୃହ ନିର୍ମାଣ କରିଛି । ଯଦି ବର୍ଷା ଓ ବନ୍ୟା ଆସେ, ବାତ୍ୟା ପ୍ରବାହିତ ହୁଏ ଏବଂ ସେ ଗୃହକୁ ଆଘାତ କରେ ତାହା ହେଲେ ତା'ର ପତନ ନିଶ୍ଚିତ, ତାହାକୁ କେହି ରକ୍ଷା କରି ପାରିବେ ନାହିଁ ।

—*—

Digitized by srujanika@gmail.com

*With Compliments of*

# CITY EMPORIUM

## Choudhury Bazar

*CUTTACK-1*

**A beautiful showroom of various types of**

TEASETS, DINNERSETS, LEMONSETS,

CUPS, PLATES, GLASSES

*OF*

## BENGAL POTTERIES

*AND*

## Hammer Master Flasks Etc.

*And*

*A WELL EQUIPPED STORE OF*

Various Types Of Marriage Presentations

Digitized by srujanika@gmail.com

ଈଶ୍ୱରଙ୍କୁ ଦେଖିବାକୁ ଚାହିଁଲେ ଶତକଡ଼ା ୨୫ଭାଗ ନିଜର ସାଧନା, ୨୫ଭାଗ ଗୁରୁକୃପା ଓ ଶତକଡ଼ା ୫୦ଭାଗ ଈଶ୍ୱରଙ୍କର ଅନୁଗ୍ରହ ଆବଶ୍ୟକ ।

# 'ମୁଁ ଯୀଶୁଖ୍ରୀଷ୍ଟଙ୍କୁ ଦେଖିଛି'



ସ୍ୱାମୀ ଯୋଗାନନ୍ଦ

ଭାରତର ବିଶ୍ୱବିଖ୍ୟାତ ଯୋଗୀ ଓ ମହାତ୍ମା ମାନଙ୍କ ମଧ୍ୟରେ ସ୍ୱାମୀ ଯୋଗାନନ୍ଦ ଅନ୍ୟତମ । ଗ୍ରାଜୁଏଟ୍ ହେବା ପରେ ସେ ସନ୍ନ୍ୟାସୀ ହୋଇଥିଲେ ଏବଂ ତାଙ୍କର ଗୁରୁ ଶ୍ରୀ ଯୁକ୍ତେଶ୍ୱର, ଗୁରୁଙ୍କର ଗୁରୁ ଲାହିଡ଼ି ମହାଶୟ ଓ ତାଙ୍କର ଗୁରୁ ବାବାଜି ମହାଶୟଙ୍କର ଆଦେଶରେ ସେ 'କ୍ରିୟା ଯୋଗ'ର ପ୍ରଚାର ପାଇଁ ଆମେରିକା ଯାତ୍ରା କରିଥିଲେ । ସେଠାରେ ରହି ସେ ଯେଉଁ ଅନ୍ତର୍ଜାତିକ ସଂସ୍ଥାର ପ୍ରତିଷ୍ଠା କଲେ, ତା'ର ନାମ ହେଉଛି, Self Realization Fellowship ଭାରତରେ ଏହି ସଂଗଠନର ଗୋଟିଏ ପ୍ରଧାନ ଶାଖା ଅଛି । ତାହା ହେଉଛି, 'ଯୋଗଦା ସତ୍ସଙ୍ଗ ସୋସାଇଟି' । ପୁରୀରେ ଏହି ସଂସ୍ଥାର ଏକ ମଠ ଅଛି ।

ଯୀଶୁ ଖ୍ରୀଷ୍ଟ ଏବଂ ଅନ୍ୟ ସମସ୍ତ ମାନ୍ୟ, ସନ୍ଥ ଓ ମହାତ୍ମା ମାନଙ୍କ ଶରୀର ଈଶ୍ୱରଙ୍କ ମଧ୍ୟରେ ଅମରତ୍ୱ ଲାଭ କରିଛି । ସେଥି ହେତୁରୁ ଏହି ମହାତ୍ମାମାନେ ଯେ କୌଣସି ସମୟରେ ଆମ ଆଗରେ ଦେଖା ଦେଇ ପାରନ୍ତି ।

## ତୃତୀୟ ଚକ୍ଷୁ

କିପରି ଏମାନେ ଦୃଶ୍ୟମାନ ହୁଅନ୍ତି ? ଏହାର ଏକ ବିଜ୍ଞାନ ଅଛି । ଦୁଇ ଭ୍ରୂ ଲତାର ମଝିରେ ଥିବା ସ୍ଥାନରେ ଦୃଷ୍ଟି ନିବଦ୍ଧ କରିବାକୁ ହୁଏ । ଏହିଠାରେ ଦୃଷ୍ଟି ନିବଦ୍ଧ ହେଲେ ବାହାରର ଆଲୋକ ବନ୍ଦ ହୋଇ ଯାଇ ଅନ୍ତରର ଏକ ଆଲୋକ ଦେଖାଯାଏ । ଏହି ଆଲୋକଟି କାହାରେ ମସ୍ତିଷ୍କର ମଝିରୁ, ଯେଉଁଠିକି ଦୁଇଟି ଆଖିର ସ୍ନାୟୁ ମିଳିତ ହୋଇଛି । ଏହି ସ୍ଥାନଟିକୁ ମସ୍ତିଷ୍କର ଚକ୍ଷୁ

Digitized by srujanika@gmail.com

(Pineal eye) କୁହାଯାଏ । ଏଥିରୁ ନିର୍ଗତ ଆଲୋକ ଦୁଇ ଭ୍ରୂଲତା ମଝିରେ ଥିବା ସ୍ଥାନ ବା ଆଧ୍ୟାତ୍ମିକ ଚକ୍ଷୁରେ ପ୍ରତିଫଳିତ ହୁଏ । ଏହି ଚକ୍ଷୁଟି ସମ୍ପର୍କରେ ଯୀଶୁଖ୍ରୀଷ୍ଟ କହିଥିଲେ "ଯଦି ତୁମର ଆଖି ଗୋଟିଏ ହୋଇ ରହିବ, ତୁମର ସମସ୍ତ ଶରୀର ଆଲୋକିତ ହୋଇଯିବ।"

କୌଣସି ଗୋଟିଏ ବସ୍ତୁ ଦେଖିବାକୁ ହେଲେ ତାହା ଅନ୍ଧକାରରେ ନୁହେଁ, ଆଲୋକରେ ଦେଖିବାକୁ ହୁଏ । ତେଣୁ ଯେଉଁ ଋଷିମାନେ ଦିବ୍ୟ ଦୃଷ୍ଟିରେ ଦେଖୁଅନ୍ତି, ସେମାନେ ଦିବ୍ୟ ଆଲୋକରେ ହିଁ ଉଦ୍ଭାସିତ ହୁଅନ୍ତି । ପ୍ରଥମେ ଦୈହିକ ଚକ୍ଷୁକୁ ବନ୍ଦ କରିବାକୁ ହେବ । ଆଖି ପତା ବନ୍ଦ କରି ଏହି ମଧ୍ୟସ୍ଥ ଚକ୍ଷୁ ବା ଆଧ୍ୟାତ୍ମିକ ଚକ୍ଷୁରେ ଦୃଷ୍ଟି ନିବଦ୍ଧ କରିବାକୁ ଚେଷ୍ଟାକଲେ ଆଖି ଦୁଇଟି ଅତି ଖୁବ୍ ଚଞ୍ଚଳ ଗତିରେ ବୁଲିବାକୁ ଲାଗିବ । ସେଥିରେ ଯାହା ଦେଖାଯିବ, ତାହା ଦିବ୍ୟ ଆଲୋକ ( Astral Light ) ନୁହେଁ । ସେହି ଆଲୋକ ଦେଖିବା ପାଇଁ କୌଣସି ପ୍ରକାର ଉତ୍ତେଜିତ ନ ହୋଇ ଖୁବ ଧୀର ଓ ଗମ୍ଭୀର ଭାବରେ ଓ ଗଭୀର ମନୋନିବେଶ ସହକାରେ ଉଦ୍ୟମ କରିବାକୁ ହେବ । ତାହା ଆସିଗଲେ ଯୀଶୁଖ୍ରୀଷ୍ଟ କିମ୍ବା ଯେ କୌଣସି ସାଧୁ ସନ୍ଥ ଦେଖାଦେବେ ।

## ବହୁତଥର ଦେଖିଛି

ମୁଁ ଯୀଶୁ ଖ୍ରୀଷ୍ଟଙ୍କୁ ବହୁତ ଥର ଦେଖିଛି । ଲୋକେ ଯେପରି ଭାବନ୍ତି ସେ ସେପରି ଗୋରା ନୁହନ୍ତି । ପାଶ୍ଚାତ୍ୟ ଦେଶ ମାନଙ୍କରେ ଶିଳ୍ପୀ ମାନେ ତାଙ୍କୁ ଏକ ନୀଳ ଚକ୍ଷୁ ବିଶିଷ୍ଟ ଶ୍ୱେତାଙ୍ଗରୂପେ ଚିତ୍ରଣ କରିବାକୁ ଚେଷ୍ଟା କରିଛନ୍ତି । ପ୍ରକୃତରେ ତାଙ୍କର ଦେହର ରଙ୍ଗ ଅଲିଭ୍ ବର୍ଣ୍ଣର ଥିଲା—କଳା ନୁହେଁ, ଢୋଫା ବାଦାମୀ ରଙ୍ଗ ବୋଲି କୁହାଯାଇ ପାରେ । ତାଙ୍କର ଚକ୍ଷୁ ଥିଲା ଗାଢ଼ ବାଦାମୀ ରଙ୍ଗର । ତାଙ୍କର ନାକର ଅଗ ଟିକିଏ ଚେପ୍ଟା ଥିଲା । ତାଙ୍କର ନିଶ, ଅଳ୍ପ ଅଳ୍ପ ଦାଢ଼ୀ ଓ ଲମ୍ବା ବାଳ କଳା ରଙ୍ଗର । ତାଙ୍କ ମୁହଁ ଏବଂ ଦେହ ଖୁବ ସୁନ୍ଦର ଭାବରେ ଗଠିତ।

ଆଧ୍ୟାତ୍ମିକ ଚକ୍ଷୁରେ ଯେତେବେଳେ ଏହି ଦିବ୍ୟ ଆଲୋକ ଦେଖାଯିବ, ସେତେବେଳେ ତୁମେ ସମୟର ଦୂରତ୍ୱକୁ ଭାଙ୍ଗି ଯାଇ ଯୀଶୁ ଖ୍ରୀଷ୍ଟଙ୍କୁ ଡ଼ାକିଲେ ତାଙ୍କ ଦର୍ଶନର ଦିବ୍ୟ ଅନୁଭୂତି ତୁମେ ଲାଭକରି ପାରିବ । କିନ୍ତୁ ସେଥିପାଇଁ ତୁମକୁ ବାରମ୍ବାର ଚେଷ୍ଟା କରିବାକୁ ହେବ । ଏଥିରେ କିଛି ଛଳ ନାହିଁ । ସମୟ ଓ ସାଧନା ଦରକାର । କିନ୍ତୁ ବୃଥାରେ କେତେ ସମୟ ନଷ୍ଟ ନ ହେଉଛି ? ମୋର ସମସ୍ତ କାର୍ଯ୍ୟ ସତ୍ତ୍ୱେ ମୁଁ ଘଣ୍ଟା ଘଣ୍ଟା ଧରି ଏହି ଅସୀମର ଆନନ୍ଦରେ ନିଜକୁ ଆତ୍ମହରା କରି ଦେଇଛି । ଆଧ୍ୟାତ୍ମିକ ଚକ୍ଷୁର ସେହି ଆଲୋକ ଉପରେ ସବୁବେଳେ ମୁଁ ଦୃଷ୍ଟି ରଖି ଆସିଛି ।

ମନେକର, ତୁମେ ଯୀଶୁଖ୍ରୀଷ୍ଟଙ୍କୁ ଦେଖିବାକୁ ଚାହଁ । ସେ କିପରି ହୋଇଥିବେ ସେ ସଂମ୍ପର୍କରେ ଚିନ୍ତା କର ନାହିଁ । ନୀରବରେ ପ୍ରାର୍ଥନା କର, "ହେ ଯୀଶୁ, ତୁମେ

Digitized by srujanika@gmail.com

ମୋ ନିକଟକୁ ଆସ । " ତାହାହେଲେ ଦିବ୍ୟ ଆଲୋକରେ ତୁମ ଆଗରେ ଏକ ମୂର୍ତ୍ତି ଆସି ଦେଖା ଦେବେ । ଯେପରି ଦେହର ଚକ୍ଷୁ ବହୁ ଦୂର ଦୂରବୀକ୍ଷଣର ପ୍ରତିମୂର୍ତ୍ତି ତୁମ ଆଗକୁ ଆଣେ, ସେହିପରି ଏହି ମଧ୍ୟସ୍ଥ, କୂଟସ୍ଥ ବା ଆଧ୍ୟାତ୍ମିକ ଚକ୍ଷୁରେ ମନୋନିବେଶ କଲେ ଭୌତିକ ଆଲୋକ ଅନ୍ତର୍ହିତ ହୋଇ ଯାଏ ଓ ଦିବ୍ୟ ଆଲୋକ ପ୍ରକାଶ ପାଏ । ଏହି ଆଲୋକରେ ତୁମେ ମହାତ୍ମା ମାନଙ୍କୁ ଦେଖି ପାରିବ ।

ଏଥିପାଇଁ 'ଯୋଗଦା ସତ୍ସଙ୍ଗ ସୋସାଇଟି' ଜ୍ୟୋତିମୁଦ୍ରା ନାମକ ଏକ ଯୋଗ ସାଧନାର ନିର୍ଦ୍ଦେଶ ଦେଇଛନ୍ତି । ଏହା ଅଭ୍ୟାସ କଲେ ତୁମେ ଯେ କୌଣସି ମହାପୁରୁଷଙ୍କର ମୂର୍ତ୍ତି ଦେଖି ପାରିବ । ସେ ପ୍ରଥମେ ଏକ କ୍ଷୁଦ୍ର ମୂର୍ତ୍ତି ହୋଇ ଆସିବେ ; କିନ୍ତୁ ପରେ ଯେତେବେଳେ ତୁମର ଗ୍ରହଣ କରିବାର ଶକ୍ତି ବଢ଼ିବାକୁ ଲାଗିବ, ତୁମେ ତାଙ୍କର ପୂର୍ଣ୍ଣାଙ୍ଗ ମୂର୍ତ୍ତି ଦେଖି ପାରିବ ।

## ଦେଖିପାରିବ, ଶୁଣିପାରିବ ଛୁଇଁ ପାରିବ

ଅଧିକ ଭକ୍ତି ଓ ଅଭିନିବେଶ ସହକାରେ ଉଦ୍ୟମ କଲେ ମହାପୁରୁଷଙ୍କ କଥା ମଧ୍ୟ ତୁମେ ଶୁଣି ପାରିବ । କିନ୍ତୁ ତୁମେ ଯଦି ତୁମର ଆଖି ଖୋଲିଦେବ ତାହାହେଲେ ଏହି ଦୃଶ୍ୟ ଅନ୍ତର୍ହିତ ହୋଇଯିବ । ତୁମେ ଆଶ୍ଚର୍ଯ୍ୟ ହୋଇ କହିବ, "ମୁଁ ଆଖି ଖୋଲି କାହିଁକି ତାଙ୍କୁ ଦେଖି ପାରିଲି ନାହିଁ ?" ତୁମେ ଆହୁରି ଅଧ୍ୟବସାୟ ପୂର୍ବକ ଉଦ୍ୟମ କଲେ ଆଖି ଖୋଲି ତାଙ୍କୁ ଦେଖି ପାରିବ । ତୁମେ ତାଙ୍କୁ ଦେଖିଲେ, ତାଙ୍କ କଥା ଶୁଣିଲେ ଯଦି ତାଙ୍କୁ ଛୁଇଁବାକୁ ଚେଷ୍ଟା କରିବ, ତାହା ହେଲେ ସେ ଅନ୍ତର୍ହିତ ହୋଇଯିବେ । କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ଯେଉଁ ମାନେ ବହୁଦୂର ଆଗେଇ ଯାଇଛନ୍ତି, ସେମାନେ ଗଭୀର ଭକ୍ତି ସହକାରେ ମହାପୁରୁଷ ମାନଙ୍କୁ ଆହ୍ୱାନ କରି ଛୁଇଁ ପାରନ୍ତି । ଯେଉଁ ଦିବ୍ୟ ଆଲୋକ ମଧ୍ୟରୁ ମହାପୁରୁଷମାନେ ଆସନ୍ତି, ତାହା ଏପରି ଶକ୍ତିଶାଳୀ ଯେ ଚଳଚିତ୍ରପରି ତାହା ତୁମର ଆଗରେ ଭାସି ଉଠିବ ଏବଂ ତୁମେ ଚାହିଁଲେ ତାହା ସ୍ପର୍ଶ କରି ପାରିବ ।

ଥରେ ମୋର ଗୁରୁ ଶ୍ରୀଯୁକ୍ତେଶ୍ୱରଙ୍କ କଲିକତାରେ ଥିଲେ । ମୁଁ ଶ୍ରୀରାମପୁରରେ ରହୁଥିଲି, ମୁଁ ଯେଉଁ କୋଠରୀରେ ରହୁଥିଲି ସେଠାରେ ସେ ହଠାତ୍ ଆସି ଦେଖାଦେଲେ ଏବଂ ମୁଁ ତାଙ୍କର ଜୋତା ଓ ପୋଷାକକୁ ଛୁଇଁଲି ।

ସ୍ୱାମୀ ପ୍ରଣବାନନ୍ଦ ତାଙ୍କର ଗୁରୁ ଲାହିଡ଼ୀ ମହାଶୟଙ୍କ ସହିତ ଦେଖା କରିବାକୁ ଯାଉ ଥିଲେ । ପ୍ରଣବାନନ୍ଦ ଗାଡ଼ିରେ ଚଢ଼ିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଲାହିଡ଼ୀ ମହାଶୟ ତାଙ୍କ କୋଠରୀ ଭିତରେ ଆବିର୍ଭୂତ ହୋଇ କହିଲେ, "କାହିଁକି ବାରାଣସୀ ଯାଉଛ ? ସେଠାରେ ତୁମେ ମତେ ଆଉ ଦେଖିବ ନାହିଁ ।" ଏହି ଶବ୍ଦର ଅର୍ଥରେ ବିଚଳିତ ହୋଇ ପ୍ରଣବାନନ୍ଦ କ୍ରନ୍ଦନ କରିବାକୁ ଲାଗିଲେ ସେ ଭାବିଲେ ଯେ ସେ ତାଙ୍କର ଗୁରୁଙ୍କର ଅଶରୀରୀ ମୂର୍ତ୍ତି ଦେଖୁଛନ୍ତି । କିନ୍ତୁ ଲାହିଡ଼ୀ ମହାଶୟ କହିଲେ, "ଇଆଡ଼େ ଚାହିଁ,

Digitized by srujanika@gmail.com

ମୋର ଶରୀରକୁ ଛୁଅଁ । ସବୁବେଳେ ପରି ମୁଁ ବଞ୍ଚିଛି । ଶୋକ କର ନାହିଁ, ମୁଁ କ'ଣ ଚିର ଦିନ ତୁମ ସହିତ ନାହିଁ ?" ଏହା କହି ସେ ନିଜ ହାତରେ ପ୍ରବୋଧନନ୍ଦଙ୍କୁ ସ୍ପର୍ଶ କଲେ ।

ବମ୍ବେରେ ମୁଁ ଏକ ହୋଟେଲରେ ରହିଥିଲି । ମୋର ଗୁରୁ ଶ୍ରୀ ଯୁକ୍ତେଶ୍ୱର ଯେତେବେଳେ ଦେହ ତ୍ୟାଗ କରି ସାରିଲେଣି । ହୋଟେଲ ପ୍ରକୋଷ୍ଠ ମଧ୍ୟରେ ସେ ଆସି ଆବିର୍ଭୂତ ହେଲେ । ମୁଁ ଭାବିଲି, ଏହା ଏକ ଅଶରୀରୀ ଆତ୍ମା, କିନ୍ତୁ ସେ କହିଲେ, "ମୁଁ ଯାହାଥିଲି, ସେଇଆ ଅଛି ।"

ମୁଁ ଯେତେବେଳେ ତାଙ୍କୁ ଛୁଇଁଲି ଓ କୋଲାଗ୍ରତ କଲି ସେତେବେଳେ ମୁଁ ଅନୁଭବ କରି ପାରିଲି ଯେ ସେ ରକ୍ତମାଂସ ଶରୀରରେ ଅଛନ୍ତି । ମୁଁ ତାଙ୍କୁ ଖୁବ୍ ଜୋରରେ କୁଣ୍ଢାଇ ଧରି ଯେତେବେଳେ ଆଉ ଛାଡ଼ିବାକୁ ଚାହିଁଲି ନାହିଁ, କ୍ରମେ ତାଙ୍କର ଦେହ ଏକ ଜ୍ୟୋତିରେ ପରିଣତ ହୋଇଗଲା ।

ଏହି ସବୁ ଅନୁଭୂତି ଅତ୍ୟନ୍ତ ବିଶାଳ ଓ ଆନନ୍ଦମୟ । କିନ୍ତୁ ପ୍ରାଣର ଆବେଗରେ ଈଶ୍ୱର ପ୍ରେମ ଓ ଶ୍ରଦ୍ଧାର ବଳରେ ହିଁ ଏହା ସମ୍ଭବ ହୁଏ । ବିନା ଗୁରୁରେ ସାଧାରଣ ଭକ୍ତ ଈଶ୍ୱରଙ୍କୁ ଦେଖି ପାରନ୍ତି ନାହିଁ । ଈଶ୍ୱରଙ୍କୁ ଦେଖିବାକୁ ହେଲେ, ଶତକଡ଼ା ୨୫ ଭାଗ ଧ୍ୟାନରୂପକ ସାଧନା, ଶତକଡ଼ା ୨୫ ଭାଗ ଗୁରୁଙ୍କର ଆଶୀର୍ବାଦ ଏବଂ ବାକୀ ୫୦ ଭାଗ ଭଗବତ୍ ଅନୁଗ୍ରହ ଦରକାର । ଯଦି ଶେଷ ପର୍ଯ୍ୟନ୍ତ ତୁମେ ଦୃଢ଼ ରହ, ତାହା ହେଲେ ସେ ନିଶ୍ଚୟ ତୁମକୁ ଦେଖା ଦେବେ ।

[SRF ଅନୁଷ୍ଠାନ, ଲସ ଏଞ୍ଜେଲସ୍‌ର ସୌଜନ୍ୟରୁ]


ସୁନ୍ଦର ଛାପା ଓ ଡିଜାଇନ
ପାଇଁ
ଅନୁସନ୍ଧାନ କରନ୍ତୁ

ପୌରୁଷ ପ୍ରେସ, ପୁରୁଣା କଲେଜ ଗଳି,
କଟକ-୨ ଇଂରାଜୀ ଓ ଓଡ଼ିଆରେ ସମସ୍ତ
ଛାପାକାମ ଏଠାରେ କରାଯାଏ । ଫୋନ-୨୯୮


Digitized by srujanika@gmail.com

# ଖ୍ରୀଷ୍ଟମାସ ଅର୍ଥାତ୍ ଯୀଶୁଜନ୍ମ

ପ୍ରେମଲତା ବେହେରା

ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ପରମେଶ୍ୱରଙ୍କର ସହିତ ଥିଲେ, ସେହି ବାକ୍ୟ ପରମେଶ୍ୱର ଥିଲେ । ସେ ଆଦ୍ୟରେ ପରମେଶ୍ୱରଙ୍କର ସହିତ ଥିଲେ । ତାହାଙ୍କ ଦ୍ୱାରା ସମୁଦାୟ ବସ୍ତୁ ସୃଷ୍ଟ ହେଲ, ପୁଣି ସମସ୍ତ ସୃଷ୍ଟ ବସ୍ତୁ ମଧ୍ୟରୁ ଗୋଟିଏ ବସ୍ତୁ ସୁଦ୍ଧା ତାହାଙ୍କ ବିନା ସୃଷ୍ଟ ହେଲ ନାହିଁ । ଜୀବନ ତାଙ୍କଠାରେ ଥିଲ, ପୁଣି ସେହି ଜୀବନ ମନୁଷ୍ୟର ଜ୍ୟୋତି । ପୁଣି ସେହି ଜ୍ୟୋତି ଅନ୍ଧକାରରେ ପ୍ରକାଶମାନ ହେଲ । ମାତ୍ର ଅନ୍ଧକାର ତାହା ଗ୍ରହଣ କଲ ନାହିଁ ।

ଆଉ ସେହି ବାକ୍ୟ ଦେହବନ୍ତ ହୁଅନ୍ତେ ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କର ସଙ୍ଗେ ବାସ କଲେ । ଯୋହନ ୧. ୧-୪ ଓ ୧୪ ପଦ,

ପରମେଶ୍ୱର ଦେହବନ୍ତ ହୋଇ ପ୍ରକାଶ କଲେ । ୧ତୀମଥି ୩: ୧୬ । ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମର ସହସ୍ର ସହସ୍ର ବର୍ଷ ପୂର୍ବରୁ ତାହାଙ୍କ ଜନ୍ମ ବିଷୟରେ ଭବିଷ୍ୟବାଣୀ ବାଇବେଲରେ ଉଲ୍ଲିଖିତ ଅଛି ।

ସୃଷ୍ଟିର ଆରମ୍ଭରେ ପ୍ରଥମ ମନୁଷ୍ୟ ପାପ କରି ଈଶ୍ୱରଙ୍କ ଦ୍ୱାରା ଅଭିଶପ୍ତ ହେଲା । ପତିତ ମାନବ ଜାତିର ମୁକ୍ତିର ନିମନ୍ତେ ଯୀଶୁ ଖ୍ରୀଷ୍ଟ ଦେହବନ୍ତ ହୋଇ ଜାତ ହେବେ ଏବଂ ଶୟତାନର କାର୍ଯ୍ୟ ନିପାତ କରି ମନୁଷ୍ୟ ଜାତିର ଉଦ୍ଧାର କରିବେ, ଏହା ବାଇବଲର ପ୍ରଥମ ପୁସ୍ତକ ଆଦି ପୁସ୍ତକରେ ଲିଖିତ ଅଛି ।

"ପ୍ରଭୁ ନିଜେ ତୁମ୍ଭମାନଙ୍କୁ ଏକ ଚିହ୍ନ ଦେବେ । ଦେଖ ଜଣେ କୁମାରୀ ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁୟେଲ ( ଆମ୍ଭମାନଙ୍କ ସହିତ ପରମେଶ୍ୱର ) ଦେବ ।" ଯିଶାଇୟ ୭:୧୪

"ହେ ବୈଥଲିହିମ ଇଫ୍ରାଥା, ଯିହୁଦାର ସହସ୍ର ଗଣର ମଧ୍ୟରେ କ୍ଷୁଦ୍ର ଯେ ତୁମ୍ଭେ, ତୁମ୍ଭ ମଧ୍ୟରୁ ଇସ୍ରାଏଲର ଶାସନକର୍ତ୍ତା ହେବା ନିମନ୍ତେ ଆମ୍ଭ ଉଦ୍ଦେଶ୍ୟରେ ଏକ ବ୍ୟକ୍ତି ଉତ୍ପନ୍ନ ହେବେ । ପୁରାତନ କାଳରୁ, ଅନାଦି କାଳରୁ, ତାହାଙ୍କର ଉତ୍ପତ୍ତି । ମୀଖା ୫:୨ ପଦ ।

## ତାଙ୍କର ରାଜତ୍ୱର ଶେଷନାହିଁ

ଯୀଶୁଙ୍କର ଜନ୍ମ ପୂର୍ବରୁ ଈଶ୍ୱରଙ୍କର ଦୂତ ସ୍ୱପ୍ନରେ ଯୋଷେଫଙ୍କୁ ଦର୍ଶନ ଦେଇ

Digitized by srujanika@gmail.com

କହିଲେ "ହେ ଦାଉଦଙ୍କ ସନ୍ତାନ ଯୋଷେଫ୍; ଆପଣାର ବାଗ୍‌ଦତ୍ତା ସ୍ତ୍ରୀ ମେରୀଙ୍କୁ ଗ୍ରହଣ କରିବାକୁ ଭୟ କର ନାହିଁ, ଯେହେତୁ ତାଙ୍କର ଗର୍ଭଧାରଣ ଧର୍ମାତ୍ମାଙ୍କଠାରୁ ହୋଇଅଛି । ସେ ପୁତ୍ରଟିଏ ପ୍ରସବ କରିବେ । ପୁଣି ତୁମ୍ଭେ ତାଙ୍କର ନାମ ଯୀଶୁ (ଅର୍ଥାତ୍ ତ୍ରାଣକର୍ତ୍ତା) ଦେବ, ଯେହେତୁ ସେ ଆପଣା ଲୋକମାନଙ୍କୁ ସେମାନଙ୍କର ପାପରୁ ତ୍ରାଣ କରିବେ । ମାଥିଉ ୧: ୨୦. ୨୧ ପଦ ।

ଈଶ୍ୱରଙ୍କର ଦୂତ ମେରୀଙ୍କୁ କହିଲେ "ମେରି ! ଭୟ କରନାହିଁ । ତୁମଠାରେ ପରମେଶ୍ୱରଙ୍କର ଅନୁଗ୍ରହ ଅଛି । ଦେଖ, ତୁମ୍ଭେ ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ, ଓ ତାଙ୍କର ନାମ ଯୀଶୁ (ତ୍ରାଣକର୍ତ୍ତା) ଦେବ । ସେ ମହାନ୍ ହୋଇ ସର୍ବ ପ୍ରଧାନଙ୍କର ପୁତ୍ର ବୋଲି ବିଖ୍ୟାତ ହେବେ । ପ୍ରଭୁ ପରମେଶ୍ୱର ତାହାଙ୍କ ପିତା ଦାଉଦଙ୍କର ସିଂହାସନ ତାହାଙ୍କୁ ଦେବେ, ପୁଣି ଯାକୁବର ବଂଶ ଉପରେ ସେ ସର୍ବଦା ରାଜତ୍ୱ କରିବେ ଓ ତାଙ୍କର ରାଜତ୍ୱର ଶେଷ ହେବ ନାହିଁ ।

ଲୂକ ୧: ୩୦ ୩୩ ପଦ ।

ସାଧାରଣତଃ ମହାପୁରୁଷ ବା ଅବତାର ମାନଙ୍କର ଜନ୍ମ ଓ ଜୀବନ ତାଙ୍କର ଜୀବନ କାଳରେ ବା ମୃତ୍ୟୁପରେ ଲେଖା ହୋଇଥାଏ । ମାତ୍ର ଯୀଶୁଖ୍ରୀଷ୍ଟଙ୍କର ଜନ୍ମ, ଜୀବନ ଓ କାର୍ଯ୍ୟାବଳୀ, ମୃତ୍ୟୁ, ପୁନରୁତ୍ଥାନ ଓ ସ୍ୱର୍ଗାରୋହଣ ସହସ୍ର ସହସ୍ର ବର୍ଷ ପୂର୍ବରୁ ଭାବବାଦୀ ମାନଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା ।

ଯୀଶୁଖ୍ରୀଷ୍ଟଙ୍କର ଅସାଧାରଣ ଜନ୍ମ ନୈସର୍ଗିକ ଚିହ୍ନଦ୍ୱାରା ପ୍ରମାଣିତ ଓ ଦୃଢ଼ୀଭୂତ ହୋଇଥିଲା ।

ପୂର୍ବଦେଶରେ ବିଦ୍ୱାନ୍ ଜ୍ୟୋତିଷଗଣ ଆକାଶରେ ଏକ ନୂତନ ତାରା ଦେଖି, ସେହି ତାରାକୁ ଲକ୍ଷ୍ୟ ରଖି, ଯିହୁଦୀୟ ମାନଙ୍କର ରାଜା ଯୀଶୁଙ୍କର ଅନ୍ୱେଷଣରେ ବାହାରିଲେ ଏବଂ ଶିଶୁ ଯୀଶୁ ଯେଉଁ ଗୃହରେ ଥିଲେ, ସେ ତାରା ସେଠାରେ ସ୍ଥଗିତ ରହିବାରୁ ସେମାନେ ଭିତରକୁ ଯାଇ ତାଙ୍କୁ ଭଜନ କଲେ ।

ମାଥିଉ ୨: ୧୦-୧୨ ପଦ

ଯୀଶୁଖ୍ରୀଷ୍ଟଙ୍କ ଜନ୍ମବେଳେ ଜଣେ ସ୍ୱର୍ଗ ଦୂତ ମେଷପାଳକ ମାନଙ୍କ ପାଖରେ ଦର୍ଶନ ଦେଲେ ଏବଂ ସେମାନଙ୍କ ନିକଟରେ ଈଶ୍ୱରୀୟ ତେଜ ପ୍ରକାଶମାନ ହେଲା । ଦୂତ କହିଲେ "ଭୟ କରନାହିଁ, ଦେଖ ଆମ୍ଭେ ସମସ୍ତ ଲୋକଙ୍କ ନିମନ୍ତେ, ଅତ୍ୟନ୍ତ ଆନନ୍ଦ ଜନକ ସୁସମାଚାର ତୁମ୍ଭମାନଙ୍କୁ ଜଣାଉଅଛୁ, ଯେଣୁ ଆଜି ଦାଉଦଙ୍କ ନଗରରେ ତୁମ୍ଭମାନଙ୍କ ନିମନ୍ତେ ତ୍ରାଣକର୍ତ୍ତା ଅର୍ଥାତ୍ ଖ୍ରୀଷ୍ଟପ୍ରଭୁ ଜନ୍ମି ଅଛନ୍ତି । ତୁମ୍ଭେମାନେ ସେ ସ୍ଥାନକୁ ଗଲେ ସେହି ବାଳକକୁ ଏକ ଗୁହାଳ କୁଣ୍ଡରେ ବସ୍ତ୍ର-ବେଷ୍ଟିତ ହୋଇ ଶୋଇଥିବାର ଦେଖିବ । ତୁମ୍ଭମାନଙ୍କ ପ୍ରତି ଏହି ଚିହ୍ନ ଦତ୍ତ ହେଲା । ସେହିକ୍ଷଣି ସେହି ଦୂତଙ୍କ ସଙ୍ଗରେ ସ୍ୱର୍ଗବାହିନୀ ଉପସ୍ଥିତ ହୋଇ ପରମେଶ୍ୱରଙ୍କର ଗୁଣାନୁବାଦ କରୁ କରୁ କହିଲେ "ସର୍ବୋପରିସ୍ଥ ପରମେଶ୍ୱରଙ୍କ ପ୍ରତି ମହିମା, ପୃଥିବୀରେ ଶାନ୍ତି ଓ ମନୁଷ୍ୟ ଜାତିର ମଙ୍ଗଳ ହେଉ ।"
ଲୂକ ୨: ୯-୧୩ ପଦ ।

Digitized by srujanika@gmail.com

## ଯାହାର କାନଅଛି, ଶୁଣୁ

ଯୀଶୁ ଖ୍ରୀଷ୍ଟଙ୍କର ଜନ୍ମ ଦିବସରେ ଦୁଃଖ କ୍ଲିଷ୍ଟ, ଶଙ୍କିତ ମାନବ ଜାତି ତ୍ରିତ ଏ ପର୍ଯ୍ୟନ୍ତ ସେହି ସ୍ୱର୍ଗଦୂତ ମାନଙ୍କର ସଙ୍ଗୀତର ଝଙ୍କାର ଶୁଣୁଛି । କିନ୍ତୁ ଜଗତର କଳରବ, ମାନବର କର୍ଣ୍ଣ ରୁଦ୍ଧ କରୁଛି । ଯୀଶୁ ତାଙ୍କର ନିଗୂଢ଼ କଥା ପ୍ରକାଶ କଲି ବେଳେ କହୁଥିଲେ, ଯାହାର କର୍ଣ୍ଣଅଛି, ଶୁଣୁ ।"

(କ) ଦୂତଗଣର ପ୍ରଥମ କଥା, ଈଶ୍ୱରଙ୍କର ମହିମା ହେଉ । ମାନବ ଜାତିର ପାପ ଈଶ୍ୱରଙ୍କୁ ଅସମ୍ମାନ ଦେଇଛି । ଯୀଶୁ ଜଗତରେ ଜନ୍ମ ହୋଇ, ଜଗତରେ ପାପ ନିଜ ଉପରେ ନେଇ ପାପର ବର୍ତ୍ତିନ ମୃତ୍ୟୁକୁ ବରଣ କରି, କାଲଭେରି କ୍ରୁଶ ଉପରେ ନିଜର ନିର୍ଦ୍ଦୋଷ ଓ ନିଷ୍କଳଙ୍କ ଜୀବନକୁ ବଳୀଦାନ ଦେବା ଦ୍ୱାରା, ପତିତ ମାନବ ଜାତି ପାଇଁ ଯେଉଁ ମୁକ୍ତିର ଦ୍ୱାର ଖୋଲି ଦେଲେ, ମନୁଷ୍ୟ ସେହି ମୁକ୍ତିର ଆସ୍ୱାଦ ନିଜ ହୃଦୟ, ଶରୀର ଓ ଜୀବନରେ ଅନୁଭବ କଲେ, ତଦ୍ଦ୍ୱାରା ପରମେଶ୍ୱର ମହିମାନ୍ୱିତ ହେବେ । ମନୁଷ୍ୟର ଆତ୍ମା ପରମାତ୍ମାଙ୍କ ସହିତ ମୁକ୍ତି ପଥ ଦେଇ ମିଳିତ ନହେବା ପର୍ଯ୍ୟନ୍ତ, ଈଶ୍ୱରଙ୍କର ପ୍ରତିମୂର୍ତ୍ତି ଓ ସାଦୃଶ୍ୟରେ ସୃଷ୍ଟ ମନୁଷ୍ୟ ତାହାଙ୍କୁ ମହିମା ଦେଇ ପାଇବ ନାହିଁ ।

(ଖ) ଯୀଶୁଙ୍କର ଜନ୍ମଦିବସରେ ସ୍ୱର୍ଗ ପୃଥିବୀରେ ଶାନ୍ତି ଘୋଷଣା କଲା । ଧର୍ମ ଶାସ୍ତ୍ର କହେ, "ଦୁଷ୍ଟମାନେ ତରଙ୍ଗିତ ସମୁଦ୍ର ତୁଲ୍ୟ, କାରଣ ତାହା ସ୍ଥିର ହୋଇ ପାରେ ନାହିଁ, ଆଉ ତହିଁର ଜଳରେ ପଙ୍କ ଓ କାଦୁଅ ଉଠେ । ପରମେଶ୍ୱର କହନ୍ତି, ଦୁଷ୍ଟମାନଙ୍କର ହୃଦୟରେ କିଛି ଶାନ୍ତି ନାହିଁ । ଯିଶାଇୟ ୫୭: ୨୦ ଓ ୨୧ ପଦ ।

ଯୀଶୁ ଖ୍ରୀଷ୍ଟ ଜଗତରେ ଦେହବନ୍ତ ହୋଇ ଜନ୍ମ ହେବାର ଉଦ୍ଦେଶ୍ୟ ଯେ ସେ ପାପୀର ପାପ ନେଇ, ପାପର ବର୍ତ୍ତିନ ମୃତ୍ୟୁକୁ ବରଣ କରି, ନିଜର ଅମୂଲ୍ୟ ରକ୍ତରେ ମନୁଷ୍ୟର ପାପ ଧୋଇ, ତାକୁ ହୃଦୟରେ ବୋଧର ଅଗମ୍ୟ ଶାନ୍ତି ଦେବେ ଓ ଅନନ୍ତ ଜୀବନର ଅଧିକାରୀ କରିବେ ।

(ଗ) ମନୁଷ୍ୟମାନଙ୍କର ମଙ୍ଗଳର ଆଶୀର୍ବାଣୀ ଯୀଶୁଙ୍କର ଜନ୍ମ ଦିବସରେ ସ୍ୱର୍ଗ ଉଚ୍ଚାରଣ କଲା । ମନୁଷ୍ୟର ହୃଦୟର ପରିବର୍ତ୍ତନ ହେଲେ ସେମାନେ ପରସ୍ପରକୁ ପ୍ରେମ କରି ପାରିବେ ଓ ଜଣ ଜଣେ ଅନ୍ୟର ମଙ୍ଗଳ କରିବା ଦ୍ୱାରା ଈଶ୍ୱରଙ୍କୁ ଗୌରବ ଦେବେ ।

ଆକାଶରେ ତାରା ଓ ସ୍ୱର୍ଗର ବାଣୀ, ଦୂତଙ୍କର ଆବିର୍ଭାବ ଯୀଶୁଙ୍କର ଜନ୍ମ ଦିବସରେ ପ୍ରକାଶ ହୋଇ କେବଳ ତାଙ୍କର ଈଶ୍ୱରତ୍ୱର ପ୍ରମାଣ ଦେଇ ନ ଥିଲା, ମାତ୍ର ତାଙ୍କ ନାମ ଇମ୍ମାନୁୟେଲ (ଆମ୍ଭମାନଙ୍କ ସହିତ ଈଶ୍ୱର) ମଧ୍ୟ, ତାଙ୍କର ଦେବତ୍ୱର ପରିଚୟ ଦିଏ ।

ଯୀଶୁ ଅର୍ଥାତ୍ ତ୍ରାଣକର୍ତ୍ତା, ସେ ଲୋକମାନଙ୍କୁ ପାପରୁ ଓ ମନ୍ଦ ସଂସାରରୁ ଉଦ୍ଧାର କରନ୍ତି । ଅନୁଭବୀ ନିଜ ଜୀବନରେ ଏହି କାର୍ଯ୍ୟ ଉପଲବ୍ଧି କରେ ।

Digitized by srujanika@gmail.com

# ବାଇବଲରେ ଯୀଶୁ ଜନ୍ମୋତ୍ସବ

ଆଜିର ଖ୍ରୀଷ୍ଟିୟାନ ଜଗତ ଯୀଶୁଙ୍କର ଜନ୍ମ ଦିବସ ପାଳନ କରି ନିଜକୁ ତୃପ୍ତ ଓ ଆପ୍ୟାୟିତ କରେ । ନିଜ କର୍ମରେ ନିଜେ ଆମୋଦ କରେ, ମାତ୍ର ତାହା ଅକାରଣ ଓ ବ୍ୟର୍ଥ । ବାଇବଲରେ ଯୀଶୁଙ୍କ ଜନ୍ମଦିବସ କିପରି ପ୍ରତିପାଳିତ ହୋଇଥିଲା ତାହା ଜାଣିବା ଉଚିତ । ତାଙ୍କ ଜନ୍ମ ଦିବସରେ ଯେଉଁମାନେ ତାଙ୍କୁ ଭେଟିବାକୁ ଓ ତାଙ୍କ ଗୁଣ ଗାନ କରିବାକୁ ଗଲେ, ଯେଉଁମାନେ ଗ୍ରହଣ କରି କୃତାର୍ଥ ହେଲେ, ପୁଣି ଯେଉଁ-ମାନେ ତାଙ୍କୁ ଅଗ୍ରାହ୍ୟ କରି ବିନଷ୍ଟ ହେଲେ । ସେମାନଙ୍କର ଜୀବନ ଆଲୋଚନା କରୁ ।

ପୂର୍ବ ଦେଶରୁ (ଇତିହାସ କହେ ଭାରତ ବର୍ଷରୁ) ତିନି ଜଣ ପଣ୍ଡିତ ଓ ଜ୍ୟୋତିଷ ଆକାଶ ମଣ୍ଡଳରେ ନୂତନ ନକ୍ଷତ୍ର ଦେଖି ଓ ଆକାଶ ପଥରେ ତାହା ଅଗ୍ରଗତି କରୁଛି ଦେଖି ଚକିତ ହେଲେ ଏବଂ ସେହି ନକ୍ଷତ୍ରର ଅନୁଗମନ କଲେ । ସେମାନଙ୍କର ଯାତ୍ରା ଦୀର୍ଘ ଥିବାରୁ ବହୁ ଶ୍ରମ ସ୍ୱୀକାର କରିବାକୁ ହେଲା । ଈଶ୍ୱରଙ୍କ ବାକ୍ୟ କହେ "ଅନ୍ୱେଷଣ କର, ଉଦ୍ଦେଶ୍ୟ ପାଇବ ।"

ଈଶ୍ୱର ଅନ୍ୱେଷୀ ତାଙ୍କ ବିଶ୍ୱାସର ଯାତ୍ରାରେ ଏହି ପଣ୍ଡିତମାନଙ୍କର ପଥ ଦେଇ ଗଲେ, ନିଶ୍ଚୟ ଈଶ୍ୱର ଦର୍ଶନ ପାଇବ । ସେମାନେ ଯୀଶୁଙ୍କର ଅନ୍ୱେଷଣ କଲେ । ସନ୍ଧାନ ପାଇଲେ, ଭଜନ କଲେ ଓ ତାଙ୍କୁ ଦର୍ଶନ ଦେଲେ । ଖ୍ରୀଷ୍ଟମାନ୍ ବା ଯୀଶୁଙ୍କର ଜନ୍ମୋତ୍ସବ ଏହି ଜୀବନରେ ସାର୍ଥକ ହେବ, ଯଦି ପ୍ରତ୍ୟେକେ ଏହି ଶ୍ରେଷ୍ଠ କାର୍ଯ୍ୟ କରି ପାରିବେ । ପଥରେ ଗଲାବେଳେ ସେମାନେ ଲକ୍ଷ୍ୟ ଭ୍ରଷ୍ଟ ହେଲେ ନାହିଁ । ସେମାନେ ତାରାକୁ ଦେଖି ଅଗ୍ରସର ହେଲେ । ବର୍ତ୍ତମାନ ଦୃଶ୍ୟ ତାରା ବଦଳରେ ପରମେଶ୍ୱରଙ୍କର ବାକ୍ୟ ଓ ଧର୍ମଶାସ୍ତ୍ର ଦ୍ୱାରା ଚାଳିତ ହେଉ । ଯେଉଁ ସ୍ଥାନରେ ତାରା ସ୍ଥିର ହେଲା, ସେମାନେ ଘର ଭିତରକୁ ଯାଇ ପ୍ରଥମେ ଯୀଶୁଙ୍କୁ ଦେଖି ଆନନ୍ଦ କଲେ, କାରଣ ସେମାନଙ୍କର ଶ୍ରମ ସାର୍ଥକ ହେଲା । ପରେ ଦଣ୍ଡବତ ହୋଇ ତାଙ୍କୁ ଭଜନ କଲେ । ଏହାହିଁ ଭକ୍ତର ବାସ୍ତବ ଭଜନ । ପୁଣି ଗଣ୍ଠିରି ଫିଟାଇ ସୁନା, କୁନ୍ଦୁରୁ ଓ ଗନ୍ଧରସ ତାହାଙ୍କୁ ଦର୍ଶନୀ ଦେଲେ । ଈଶ୍ୱରଙ୍କର ଦର୍ଶନ ପାଇଲେ, ହୃଦୟର ଅଶାନ୍ତି ଓ ନିରାନନ୍ଦ ଅପସରି ଯାଏ, ପ୍ରଚୁର ଆନନ୍ଦ ଓ ଶାନ୍ତି ମିଳେ । ତାଙ୍କ ଉଦ୍ଦେଶ୍ୟରେ ମସ୍ତକ-ନତ ହୁଏ ଏବଂ ମନୁଷ୍ୟ ଆପଣା ହୃଦୟ ଗଣ୍ଠିରି ଖୋଲି ସୁନା, ବହୁମୂଲ୍ୟ ପଦାର୍ଥ କୁନ୍ଦୁରୁ (ଈଶ୍ୱରଙ୍କର ପୂଜା ଆରାଧନାର ବସ୍ତୁ) ଏବଂ ଗନ୍ଧ ରସ (ଦୁଃଖ, ଯନ୍ତ୍ରଣା ବେଳେ ବ୍ୟବହୃତ ହୁଏ) ଉପହାର ଦେବ । ଅର୍ଥାତ୍ ମନୁଷ୍ୟ ଈଶ୍ୱରଙ୍କୁ ରାଜା ଓ ତ୍ରାଣ କର୍ତ୍ତା ରୂପେ ଗ୍ରହଣ କରି, ନିଜ ଜୀବନକୁ ସମ୍ପୂର୍ଣ୍ଣ ତାଙ୍କଠାରେ ଉତ୍ସର୍ଗ କରେ । ତତ୍ପରେ ସେ ତିନି ପଣ୍ଡିତ ଅନ୍ୟ ପଥ ଦେଇ ନିଜ ଦେଶକୁ ପ୍ରସ୍ଥାନ କଲେ । ଈଶ୍ୱର ଦର୍ଶନ ପରେ ମନୁଷ୍ୟର ହୃଦୟ, ଜୀବନ ଓ ଜୀବନପଥ ସବୁର ପରିବର୍ତ୍ତନ

Digitized by srujanika@gmail.com

ଆସେ । ତନ ଜଣ ପଣ୍ଡିତ ଯୀଶୁଙ୍କ ଜନ୍ମ ଅବସରରେ ଏହି ନୂତନ ଅନୁଭୂତି ପାଇଲେ । ପ୍ରକୃତ ଜ୍ଞାନୀ ବା ପଣ୍ଡିତ କିଏ ? ଧର୍ମଶାସ୍ତ୍ର କହେ "ପରମେଶ୍ୱରଙ୍କ ଭୟ ଜ୍ଞାନର ଆରମ୍ଭ ଏବଂ କୁକର୍ମ ତ୍ୟାଗ ବାସ୍ତବ ବୁଦ୍ଧି ।"

ଆୟୁବ ୨୮:୨୮ ପଦ ।

ଯାହାର ଅନ୍ତରରେ ଈଶ୍ୱର ଭୟ ଥାଏ, ସେ କୁକର୍ମରୁ ବିରତ ହେବ, ଏବଂ ଖ୍ରୀଷ୍ଟଙ୍କର ଜନ୍ମୋତ୍ସବ ଯଥାର୍ଥ ରୂପେ ପାଳନ କରି ପାରିବ ।

ମେଷପାଳକମାନେ ଦୂତଙ୍କର ବାଣୀ ଶୁଣି ସ୍ୱସ୍ଥାନ ତ୍ୟାଗ କରି ତ୍ରାଣକର୍ତ୍ତାଙ୍କର ଅନ୍ୱେଷଣରେ ଗଲେ । ତାଙ୍କର ସାକ୍ଷାତ୍ ପାଇ, ତାଙ୍କର ଭଜନ କଲେ । ସେହିପରି ମେଷପାଳକମାନଙ୍କ ପରି ସରଳ, ନିରହଙ୍କାର ନମ୍ର ଓ କର୍ମମୟ ଜୀବନ ବିଶିଷ୍ଟ ମନୁଷ୍ୟ ଈଶ୍ୱର ଦର୍ଶନ ପାଇ ଯୀଶୁ ଜନ୍ମୋତ୍ସବର ସଦୁପଯୋଗ କରି ପାରିବ ।

ଶିମିୟୋନ ନାମକ ଜଣେ ଧାର୍ମିକ ଓ ଭକ୍ତ ଯାହାଙ୍କ ଉପରେ ଧର୍ମାତ୍ମା ଅଧିଷ୍ଠାନ କରିଥିଲେ ଏବଂ ସେ ଇସ୍ରାଏଲର ସାନ୍ତ୍ୱନା ଅପେକ୍ଷାରେ ଥିଲେ, ଆତ୍ମାଙ୍କ ଦ୍ୱାରା ଆକୃଷ୍ଟ ହୋଇ ମନ୍ଦିରକୁ ଆସି ଯୀଶୁଙ୍କୁ କୋଳରେ ଧରି ପରମେଶ୍ୱରଙ୍କର ଧନ୍ୟବାଦ କଲେ । ଯୀଶୁଙ୍କର ଜନ୍ମ ଏହିପରି ଭକ୍ତଙ୍କ ଜୀବନକୁ ସାର୍ଥକ ଓ ଆନନ୍ଦିତ କରେ ।

ହାନ୍ନା ନାମ୍ନୀ ଜଣେ ବୃଦ୍ଧା ଭବିଷ୍ୟଦ୍‌ବକ୍ତ୍ରୀ ଚଉରାଶୀ ବର୍ଷ ବୟସ ପର୍ଯ୍ୟନ୍ତ ମନ୍ଦିର... ନ ଯାଇ ଉପବାସ ଓ ପ୍ରାର୍ଥନା ଦ୍ୱାରା ଦିବାରାତ୍ର ପରମେଶ୍ୱରଙ୍କର ସେବା କରୁଥିଲେ । ସେ ଶିଶୁ ଯୀଶୁଙ୍କୁ ମନ୍ଦିର ମଧ୍ୟରେ ତାଙ୍କର ମା କୋଳରେ ଦେଖି, ପରମେଶ୍ୱରଙ୍କର ଧନ୍ୟବାଦ କଲେ ଏବଂ ଯେତେ ଲୋକ ମୁକ୍ତିର ଅପେକ୍ଷାରେ ଥିଲେ ସେମାନଙ୍କୁ ଯୀଶୁଙ୍କର ବୃତ୍ତାନ୍ତ ଜଣାଇଲେ ।

## ତୃତୀୟ ଶ୍ରେଣୀର ଭକ୍ତ

ଉପରୋକ୍ତ ତ୍ରିବିଧ ଶ୍ରେଣୀର ଭକ୍ତମାନଙ୍କର ଗୁଣାବଳୀ ଆମଠାରେ ଦେଖାଗଲେ, ଖ୍ରୀଷ୍ଟମାସ୍ ବା ଯୀଶୁ ଜନ୍ମ ଆମ ଜୀବନରେ ଯଥାର୍ଥ ରୂପେ ପାଳିତ ହେବ ।

କିନ୍ତୁ ହେରୋଦ ରାଜା ଈର୍ଷାନ୍ୱିତ ହୋଇ ଯୀଶୁଙ୍କୁ ବଧ କରିବାକୁ ନାନା ଉପାୟ କଲା, ସେ ଯୀଶୁ ଜନ୍ମରେ ଆନନ୍ଦ ନ କରି, ନିଜ କୋପରେ, ବିନଷ୍ଟ ହେଲା । ତାର ଜୀବନ ଈର୍ଷା, କୋପ ଓ ବିବାଦରେ ଜର୍ଜରିତ ହେଲା ।

ପାନ୍ଥଶାଳାର ମାଲିକ ଧନବନ୍ତ ମାନଙ୍କର ଧନ ଦେଖି, ପାନ୍ଥଶାଳାରେ ବଡ଼ ଲୋକଙ୍କୁ ସ୍ଥାନ ଦେଲା । ମାତ୍ର ଯୀଶୁଙ୍କର ଲାଳନକର୍ତ୍ତା ପିତା ମାତା ଯୋଷେଫ ଓ ମେରୀଙ୍କର ଦୀନାବସ୍ଥା ଦେଖି, ସେମାନଙ୍କୁ ତୁଚ୍ଛ କରି ଅଗ୍ରାହ୍ୟ କରିବା ଦ୍ୱାରା ଜଗତର ତ୍ରାଣକର୍ତ୍ତାଙ୍କ ଉପେକ୍ଷା କରି ମହା ସୁଯୋଗ ହରାଇଲା ।

ସେହିପରି ଅସାର ଜଗତ, ଅସ୍ଥାୟୀ ଧନ ଓ ମାନ ସମ୍ଭ୍ରମକୁ ହୃଦୟରେ ସ୍ଥାନ ଦେଇ, କୁତ୍ସିତ ଅର୍ଥଲୋଭୀ ହେଲେ, ଆମ ହୃଦରେ ଯୀଶୁ ଜନ୍ମ ହେବାକୁ ଇଚ୍ଛା କଲେ ମଧ୍ୟ, ପାନ୍ଥଶାଳାର ମାଲିକ ପରି ଆମେ ତାଙ୍କୁ

Digitized by srujanika@gmail.com

ଅଗ୍ରାହ୍ୟ କରିବୁ ।

ଧର୍ମନେତା ଫାରୁଶୀ ଓ ଅଧ୍ୟାପକ ବା ନ୍ୟାୟବ୍ୟବସ୍ଥାପକ ଗଣ ନିଜ ଧର୍ମ, କର୍ମରେ, ନାନା ଉଦ୍ୟମରେ ଶାନ୍ତି ନ ପାଇଲେ ମଧ୍ୟ, ନୀଚ ଦରିଦ୍ର ପରିବାରରେ ଯୀଶୁ ଜନ୍ମ ଗ୍ରହଣ କରିବାରୁ, ତାଙ୍କୁ ତ୍ରାଣକର୍ତ୍ତା ରୂପେ ଗ୍ରହଣ କରିବାକୁ ଲଜ୍ଜିତ ଓ ଅନିଚ୍ଛୁକ ହେଲେ । ଫଳତଃ ଯୀଶୁ ଜନ୍ମରେ ନୀଚ ଶ୍ରେଣୀର ଲୋକମାନେ ଯେଉଁ ଆନନ୍ଦ ଓ ଶାନ୍ତି ପ୍ରାପ୍ତ ହୋଇ ପରମେଶ୍ୱରଙ୍କୁ ମହିମା ଦେଲେ, ସେହି ଆନନ୍ଦରୁ ଆତ୍ମତୃପ୍ତ ନିଜ ଧର୍ମ କର୍ମରେ ନିର୍ଭରକାରୀ ମନୁଷ୍ୟ ବଞ୍ଚିତ ହୁଏ ।

ଜଗତ ଯୀଶୁଙ୍କୁ ରାଜପ୍ରାସାଦରେ ଜନ୍ମିବାକୁ ଇଚ୍ଛାକଲା, ମାତ୍ର ଦୀନହୀନ ପାପୀମାନଙ୍କ ପାଇଁ, ସ୍ୱର୍ଗ ମର୍ତ୍ତ୍ୟ ଓ ପାତାଳର କର୍ତ୍ତା ଯାହାଙ୍କୁ ସ୍ୱର୍ଗ ଓ ପୃଥିବୀ ଧାରଣ କରି ନ ପାରେ, ସେ ଆପଣାକୁ ଏତେ ନ୍ୟୂନ ଓ ନମ୍ର କଲେ ଯେ କ୍ଷୁଦ୍ର କୁଟୀରର ଗୁହାଳ କୁଣ୍ଡରେ ନିଜକୁ ରଖିବାକୁ ପସନ୍ଦ କଲେ, ଯେପରି ନିତାନ୍ତ ନରାଧମ ପାପୀ ମଧ୍ୟ ତାଙ୍କୁ ପ୍ରାପ୍ତହୋଇ ପାରିବ । ଯିହୁଦୀ ବା ଇସ୍ରାଏଲ ଜାତି ବୁଝିଲେ ଯେ ସେ ସୁବର୍ଣ୍ଣ ମୁକୁଟ ପିନ୍ଧି ରଜା ରୂପେ ଜଗତକୁ ଆସିବେ, ମାତ୍ର ସେ କଣ୍ଟାର ମୁକୁଟ ପିନ୍ଧିଲେ ।

ସ୍ମରଣରେ ରଖିବେ, ଈଶ୍ୱର ପୃଥିବୀ ସୃଷ୍ଟି କଲବେଳେ, କଣ୍ଟାଗଛ ସୃଷ୍ଟି କରି ନ ଥିଲେ । ପ୍ରଥମ ମନୁଷ୍ୟ ଆଦମ ଓ ତାର ସ୍ତ୍ରୀ ହବା ପାପ କଲାପରେ ଈଶ୍ୱର ପୃଥିବୀକୁ ଅଭିଶାପ ଦେବାରୁ କଣ୍ଟା ଜାତ ହେଲା । ସେହି କଣ୍ଟା ମନୁଷ୍ୟ ନେଇ ଈଶ୍ୱରଙ୍କର ମୁଣ୍ଡରେ ଦେଲା । ଜଗତ ବୁଝିଲା ସେ ଖଡ୍ଗଧାରୀ ହୋଇ ଜଗତ ଜୟ କରିବେ, ମାତ୍ର ସେ ଖଡ୍ଗ ପରିବର୍ତ୍ତରେ ଅଭିଶପ୍ତ କ୍ରୁଶ ବହନ କରି ଜଗତକୁ ଜୟ କଲେ ।

ଆଡ଼ମ୍ବରରେ ଖ୍ରୀଷ୍ଟ ଜନ୍ମୋତ୍ସବ ପାଳନ କଲେ କିଛି ଲାଭ ନାହିଁ, ମାତ୍ର ନିଜର ହୃଦୟ ରୂପ ପାପ କଳୁଷତାରେ ପୂର୍ଣ୍ଣ ଗୁହାଳ କୁଣ୍ଡରେ ଯୀଶୁ ଅର୍ଥାତ୍ ତ୍ରାଣ କର୍ତ୍ତାଙ୍କୁ ସ୍ଥାନ ଦେଲେ, ଉପଯୁକ୍ତ ଭକ୍ତି ଭାବରେ ତାଙ୍କର ଭଜନ ଓ ଉପାସନା ହେବ । ଶିଶୁ ଯେପରି ଜନ୍ମ ପରେ ପ୍ରତିଦିନ ବୃଦ୍ଧି ପାଏ, ସେହିପରି ପ୍ରତିବର୍ଷ ଯୀଶୁ ହୃଦୟରେ ଜନ୍ମ ନ ହୋଇ ଦିନକୁ ଦିନ ଭକ୍ତର ଅନ୍ତରରେ ବୃଦ୍ଧି ପାଇଲେ, ତାର ଜନ୍ମୋତ୍ସବ ପାଳନ ସାର୍ଥକ ହେବ ।

---

କୁଳରକ୍ଷା ନିମିତ୍ତ ଜଣେ ପୁରୁଷକୁ ତ୍ୟାଗ କରିବ, ଗ୍ରାମରକ୍ଷା ନିମିତ୍ତ କୁଳ ତ୍ୟାଗ କରିବ, ଦେଶରକ୍ଷା ନିମିତ୍ତ ଗ୍ରାମ ତ୍ୟାଗ କରିବ ଓ ଆପଣାର ନିମିତ୍ତ ପୃଥିବୀ ତ୍ୟାଗ କରିବ — **ବିଦୁର, ମହାଭାରତ**

Digitized by srujanika@gmail.com



ଶୀଘ୍ର ସିଦ୍ଧାନ୍ତ ଗ୍ରହଣ କରିବା, ଆହୁରି ଶୀଘ୍ର ତାକୁ କାର୍ଯ୍ୟକାରୀ କରିବା ଓ ନିଜ ସିଦ୍ଧାନ୍ତରେ ଅଟଳ ରହିବା ଥିଲା ତାଙ୍କ ଶକ୍ତିକେନ୍ଦ୍ରିକ ବ୍ୟକ୍ତିତ୍ୱର ଧର୍ମ ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲ

**ଜାନକୀ ବଲ୍ଲଭ ପଟ୍ଟନାୟକ**

ଗାନ୍ଧିଜୀଙ୍କ ମୃତ୍ୟୁର କିଛିଦିନ ପରେ ସର୍ଦ୍ଦାର ପଟେଲଙ୍କୁ ସମ୍ମାନ ଦେବାପାଇଁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଏକ ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବ ହୋଇଥାଏ । ସେଥିରେ ଭାଷଣ ଦେଇ ସର୍ଦ୍ଦାର ପଟେଲ କହିଥିଲେ, "ଗାନ୍ଧୀଜୀଙ୍କ ସହିତ ମୋର ଏକ ଚୁକ୍ତି ହୋଇଥିଲା । ମୁଁ ଆଗ ମରିବି, ତାପରେ ଗାନ୍ଧିଜୀ । କିନ୍ତୁ ଗାନ୍ଧିଜୀ ଆଗ ଚାଲିଗଲେ । ତାଙ୍କର ମୃତ୍ୟୁପରେ ମୋର ବଞ୍ଚିବାର ଇଚ୍ଛା ନ ଥିଲା । କିନ୍ତୁ ମୁଁ ଦେଖୁଛି ଯେ ତାଙ୍କର କିଛି କାମ ମୋ' ପାଇଁ ରହି-ଯାଇଛି । ତାହା ହେଉଛି ଦେଶୀୟ ରାଜ୍ୟମାନଙ୍କ ମିଶ୍ରଣ ଓ ଭାରତରେ ଗୋଟିଏ ଶାସନର ପ୍ରତିଷ୍ଠା । ସେତକ ସରିଗଲେ ମୁଁ ଚାଲିଯିବି ।"

## ସଫଳତାର ସୂତ୍ରଧର

ଏତକ କାମ କେତେ ଶୀଘ୍ର ସାରି ସର୍ଦ୍ଦାର ଚାଲିଗଲେ ! ଅଳ୍ପ ତାହା କଳ୍ପନା କରି ହେଉନାହିଁ । ୧୯୪୭ ଅଗଷ୍ଟ ୧୫ରେ ଇଂରେଜମାନେ ଭାରତ ଛାଡ଼ିବା ବେଳେ ଏ ଦେଶକୁ ଦୁଇଟି ବଡ଼ ଅଭିଶାପ ଦେଇ ଯାଇଥିଲେ । ଗୋଟିଏ ହେଉଛି ଦେଶ ବିଭାଗ ଓ ପାକିସ୍ଥାନର ସୃଷ୍ଟି ଓ ଅନ୍ୟଟି ହେଉଛି ପ୍ରାୟ ଛ'ଶହ ଦେଶୀୟ ରାଜ୍ୟଙ୍କୁ ତାଙ୍କର ସାର୍ବଭୌମତ୍ୱ ଅର୍ପଣ । ପ୍ରଥମଟି ଜାତୀୟ କଂଗ୍ରେସର ନେତୃବର୍ଗ ଗ୍ରହଣ କରି ଯାଇଥିଲେ । ଦ୍ୱିତୀୟଟି ଆଇନରେ କ୍ଷମତା ହସ୍ତାନ୍ତର ଯୋଗୁଁ ହୋଇଥିଲା । ତ୍ରିବାଙ୍କୁର କୋଚିନରେ ସେତେବେଳେ ପ୍ରଧାନମନ୍ତ୍ରୀ ଥିବା ସାର୍ ସି. ପି. ରାମସ୍ୱାମୀ ଆୟାର୍ ଘୋଷଣା କଲେ, ଇଂରେଜମାନେ ଯିବା ପରେ ତାଙ୍କ ସହିତ ଦେଶୀୟ ରାଜାମାନଙ୍କର ହୋଇଥିବା ଚୁକ୍ତି ମଧ୍ୟ ରଦ୍ଦ ହୋଇଗଲା । ଏଣିକି ସେମାନେ ସ୍ୱାଧୀନ ଓ ସାର୍ବଭୌମ ।

Digitized by srujanika@gmail.com

ଗୋଟି ଗୋଟି ହୋଇ ଦେଶୀୟ ରାଜାମାନେ ଏହି ତଥାକଥିତ ସ୍ୱାଧୀନତାର ସ୍ୱପ୍ନରେ ବିହ୍ୱଳ ହୋଇ ସ୍ୱାଧୀନ ଭାରତ ବିରୁଦ୍ଧରେ ଚକ୍ରାନ୍ତ କରିବାକୁ ଲାଗିଲେ । ଜୁନାଗଡ଼ ଓ ହାଇଦରାବାଦ ପାକିସ୍ଥାନ ସହିତ ଷଡ଼ଯନ୍ତ୍ରରେ ଲିପ୍ତ ହେଲେ । କେତେକ ଦେଶୀୟ ରାଜ୍ୟର ରାଜା ଭୋପାଲ ପର୍ଯ୍ୟନ୍ତ ପାକିସ୍ଥାନର ସୀମାକୁ ବିସ୍ତାର କରିବା ପାଇଁ କଳ୍ପନା କରିଥିଲେ । ଜଣାଗଲା, ଯେପରି ଭାରତ ଶତଧା ବିଭକ୍ତ ହୋଇଯିବ ଏବଂ ଅଷ୍ଟାଦଶ ଶତାବ୍ଦୀର ଅଭିଶପ୍ତ ଇତିହାସର ପୁନରାବୃତ୍ତି ହେବ ।

ଆଜି ଯଦି ତାହା ନ ହୋଇଥାଏ ଏବଂ ବିନା ରକ୍ତପାତରେ ସାହସ, କୂଟନୈତିକ କୌଶଳ ଓ ବିଚକ୍ଷଣ ବୁଦ୍ଧିର ବୃଦ୍ଧି ଦ୍ୱାରା ଭାରତର ଏକତା ପ୍ରତିଷ୍ଠିତ ହୋଇଥାଏ, ତାହାହେଲେ ସର୍ଦ୍ଦାର ପଟେଲଙ୍କ ଯୋଗୁଁ ତାହା ସମ୍ଭବ ହୋଇଛି । ସ୍ୱାଧୀନତାର ଏହି ସର୍ବଶ୍ରେଷ୍ଠ ସଫଳତାର ସେହି ହେଉଛନ୍ତି ଏକମାତ୍ର ସୂତ୍ରଧର ।

ଏଥିପାଇଁ କେବଳ ବନ୍ଧୁମାନଙ୍କଠାରୁ ନୁହେଁ, ଶତ୍ରୁମାନଙ୍କଠାରୁ ମଧ୍ୟ ସେ ଯେଉଁ ଅକୁଣ୍ଠିତ ପ୍ରଶଂସା ଲାଭ କରିଥିଲେ ତାହା ବିଶେଷ ଉଲ୍ଲେଖଯୋଗ୍ୟ । ୧୯୪୮ମସିହାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଭାରତର ସ୍ୱାଧୀନତା ଉପନିବେଶବାଦର ନାମାନ୍ତର ମାତ୍ର ବୋଲି ଚିତ୍ରଣ କରି ଭାରତ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲେ । ହାଇଦରାବାଦର ତେଲେଙ୍ଗାନା ହେଲା ଏହି ବିଦ୍ରୋହର କେନ୍ଦ୍ର । ଉଦ୍ଦେଶ୍ୟ ହେଲା, ଦୁର୍ବଳ ନିଜାମ ଶାସନକୁ ଭାଙ୍ଗିଦେଇ ସେଠାରେ ଏକ ବୈପ୍ଳବିକ ଏକଛତ୍ରବାଦ ପ୍ରତିଷ୍ଠା କରିବା ଏବଂ ସେଠାରୁ ଅନ୍ତର୍ବିପ୍ଳବ ଦ୍ୱାରା ଭାରତର ଶାସନକୁ ଅଧିକାର କରିବା । କିନ୍ତୁ ତେଲେଙ୍ଗାନାରେ କମ୍ୟୁନିଷ୍ଟ ବିଦ୍ରୋହର ସାମାନ୍ୟ ଅଗ୍ରଗତି ନହେଉଣୁ ଭାରତୀୟ ସେନା ହାଇଦରାବାଦକୁ ଅଧିକାର କରିଗଲେ । ନିଜାମ ଶାହୀ ଭୂଷୁଡ଼ି ପଡ଼ିଲା । ସେତେବେଳେ କମ୍ୟୁନିଷ୍ଟ ପାର୍ଟିର ଜଣେ ପୂର୍ବତନ ସମ୍ପାଦକ ଓ ବିଶିଷ୍ଟ ନେତା ଶ୍ରୀ ପୂରଣଚନ୍ଦ୍ର ଯୋଷୀ ନିଂସଙ୍ଗ ରହିଥିବା ଅବସ୍ଥାରେ ତାଙ୍କ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ 'ମତାମତ' ନାମକ ଏକ ପତ୍ରିକାରେ ଯାହା ଲେଖିଥିଲେ, ତାହା ଉଲ୍ଲେଖ ଯୋଗ୍ୟ । ଶ୍ରୀ ଯୋଷୀ ଲେଖିଥିଲେ ଯେ ବିଦ୍ରୋହ କରି କମ୍ୟୁନିଷ୍ଟମାନେ ଦେଶୀୟ ରାଜ୍ୟମାନଙ୍କୁ ଦଖଲ କରୁଥିବା ଉଦ୍ୟମ କରୁଥିବା ବେଳେ ଉପରେ ବସି ସର୍ଦ୍ଦାର ପଟେଲ ଯେପରି କୂଟନୈତିକ କୌଶଳ ଦ୍ୱାରା ଅଳ୍ପ ସମୟ ମଧ୍ୟରେ ତାହା ସାଧନ କରିଗଲେ ସେଥିରୁ ସମସ୍ତଙ୍କର ଶିକ୍ଷା ଲାଭ କରିବା ଉଚିତ । ଇତିହାସ ପ୍ରସିଦ୍ଧ ବିସ୍‌ମାର୍କ ମଧ୍ୟ ଏହିପରି ଭାବରେ ଏବଂ ଏତେ ଶୀଘ୍ର ଜର୍ମାନୀର ଏକୀକରଣ କରି ପାରି ନଥିଲେ ।

## କାର୍ଯ୍ୟହିଁ ଉତ୍ତର

ସର୍ଦ୍ଦାରଙ୍କ ବିଶେଷତ୍ୱ ଥିଲା, ସେ ବେଶି ବକ୍ତୃତା ଦେଉ ନଥିଲେ । ନେପୋଲିଅନଙ୍କର ଉକ୍ତି ହିଁ ତାଙ୍କ ପ୍ରତି ପ୍ରଯୁଜ୍ୟ ହୋଇପାରେ । ନେପୋଲିଅନ୍ କହିଥିଲେ, "ଲୋକେ ଯେତେ କହିବାର କହୁଥାନ୍ତୁ ; କାର୍ଯ୍ୟ ହିଁ ହେଉଛି ପ୍ରକୃତ ଉତ୍ତର (Let words pass, let deeds answer) ।" ନୀରବତା ହିଁ

Digitized by srujanika@gmail.com

ଥିଲା ତାଙ୍କ ମୁଖର ପ୍ରତିପକ୍ଷ ମାନଙ୍କ ପ୍ରତି ଶକ୍ତିଶାଳୀ ଉତ୍ତର । ଏଠାରେ ଗୋଟିଏ ଘଟଣା ଉଲ୍ଲେଖ କରାଯାଇ ପାରେ । ମିଶ୍ରଣ ଚୁକ୍ତି ସ୍ୱାକ୍ଷର ପାଇଁ ରଜା ମହାରାଜାମାନଙ୍କର ଏକ ପ୍ରତିନିଧି ମଣ୍ଡଳ ଭାରତ ସରକାରଙ୍କ ସହିତ ଆଲୋଚନା କରିବା ପାଇଁ ଆସିଥାନ୍ତି । ଏହି ମିଶ୍ରଣ ଚୁକ୍ତି (Instrument of accession) ଥିଲା ଦେଶୀୟ ରାଜ୍ୟର ମିଶ୍ରଣ କାର୍ଯ୍ୟସୂଚୀର ପ୍ରଥମ ବଳିଷ୍ଠ ପଦକ୍ଷେପ । ଭାରତ ସରକାରଙ୍କ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରୀଭାବରେ ସର୍ଦ୍ଦାର ପଟେଲ ଓ ଅନ୍ୟମାନେ ଥା'ନ୍ତି । ରାଜନ୍ୟବର୍ଗଙ୍କ ପକ୍ଷରୁ ସାର ସି. ପି. ରାମସ୍ୱାମୀ ଆୟାର ଏକ ଦୀର୍ଘ ଭାଷଣ ଦେଇ ଆଇନତଃ ସେମାନେ କିପରି ସ୍ୱାଧୀନ ଓ ସାର୍ବଭୌମ ତାହା ବୁଝାଇଲେ । ଅନ୍ୟ ପ୍ରତିନିଧିମାନେ ମଧ୍ୟ ତାଙ୍କର ଭାଷଣକୁ ସମର୍ଥନ କଲେ । ସର୍ଦ୍ଦାର ପଟେଲ କିଛି ନକହି ଚୁପ ହୋଇ ସବୁ ଶୁଣୁ ଥା'ନ୍ତି । ସମସ୍ତେ କହି ସାରିବା ପରେ ସେ ଉଠି ଏତିକି କହିଲେ, "ବେଶ୍ ସରିଲେ ? ମୁଁ କିଛି କହିବାକୁ ଚାହେଁ ନାହିଁ ।" ଏତିକି କହି ସେ ଉଠି ଚାଲିଗଲେ । ତା'ପର ଦିନ ମିଶ୍ରଣ ଚୁକ୍ତି ସ୍ୱାକ୍ଷରିତ ହୋଇଗଲା ।

## ବର୍ଦ୍ଦୋଲି ସତ୍ୟାଗ୍ରହ

ଦେଶମିଶ୍ରଣ ସର୍ଦ୍ଦାର ପଟେଲଙ୍କ ସର୍ବଶ୍ରେଷ୍ଠ ଦାନ ହେଲେ ମଧ୍ୟ ଏକମାତ୍ର ଦାନ ନୁହେଁ । ତାଙ୍କର ଅପୂର୍ବ ସଂଗଠନ କୌଶଳ ଦେଶର ଖୁବ୍ କମ ନେତାଙ୍କର ଥିଲା । ଗାନ୍ଧୀଜୀଙ୍କର ଉଚ୍ଚ ଆଦର୍ଶ ଓ ବଳିଷ୍ଠ କର୍ମ ଯୋଜନାକୁ ସେ ହିଁ କାର୍ଯ୍ୟରେ ପରିଣତ କରୁଥିଲେ । ଭାରତବର୍ଷରେ ଗାନ୍ଧୀ ପ୍ରବର୍ତ୍ତିତ ଅହିଂସ ସତ୍ୟାଗ୍ରହର ବିଶାଳ କାର୍ଯ୍ୟକାରିତା ବର୍ଦ୍ଦୋଲିଠାରେ ପ୍ରଥମେ ସେ ପ୍ରମାଣିତ କରିଥିଲେ । ବର୍ଦ୍ଦୋଲି ତାଲୁକର ପ୍ରାୟ ୮୦,୦୦୦ କୃଷୀଙ୍କୁ ସେ ଏପରି ସଂଗଠିତ କରି ପାରିଥିଲେ ଯେ କିଛିକାଳ ସେଠାରେ ବ୍ରିଟିଶରାଜ ନିଷ୍କ୍ରିୟ ହୋଇଗଲେ । ତତ୍କାଳୀନ ଜଣେ ବିଖ୍ୟାତ ପର୍ଯ୍ୟବେକ୍ଷକ ଓ ସର୍ଦ୍ଦାରଙ୍କ ସହଯୋଗୀଙ୍କ ମତରେ ବର୍ଦ୍ଦୋଲିର ୮୦,୦୦୦ କୃଷୀ ଏକ ଦୁର୍ଜୟ ମନୁଷ୍ୟର ଦୁର୍ଗରେ ପରିଣତ ହୋଇଗଲେ । ଖଜଣା ବନ୍ଦ କରିବା ଫଳରେ ଜେଲ୍, ଜୋରିମାନା, ଜମି ନିଲାମ, ବ୍ରିଟିଶ ସରକାରର ଗୁଣ୍ଡାମାନଙ୍କର ଅତ୍ୟାଚାର ସବୁ କିଛି ଅଧିବାସୀଙ୍କୁ ଭୋଗିଲେ । କିନ୍ତୁ ଜନତାର ମନୋବଳ ଭାଙ୍ଗିଲା ନାହିଁ । ବର୍ଦ୍ଦୋଲି ସତ୍ୟାଗ୍ରହ ସଫଳ ହେଲା ।

୧୯୩୭ – ୩୯ ମସିହାରେ ଭାରତର ବିଭିନ୍ନ ରାଜ୍ୟରେ ଯେଉଁ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କରାଗଲା ତା'ର ମୂଳରେ ଥିଲା ସର୍ଦ୍ଦାରଙ୍କର ସଂଗଠନ ଶକ୍ତି ଓ ସୁଦୃଢ଼ ନେତୃତ୍ୱ । ବିଭିନ୍ନ ପ୍ରକାର ବ୍ୟକ୍ତି ଓ ଶକ୍ତି ଏକଜୁଟ ହୋଇଥିବା କଂଗ୍ରେସ ପରି ଏକ ବିରାଟ ଅନୁଷ୍ଠାନ କ୍ଷମତାର ପ୍ରଥମ ଆସ୍ୱାଦରେ ଯେପରି ଭାଙ୍ଗି ନପଡ଼େ, ଲକ୍ଷ୍ୟଭ୍ରଷ୍ଟ ନ ହୁଏ, ସେଥିପାଇଁ ସର୍ଦ୍ଦାରଙ୍କର ତୀକ୍ଷ୍ଣ ସଜାଗ ଦୃଷ୍ଟି, ଦୃଢ଼ ସାଂଗଠନିକ ଶୃଙ୍ଖଳା ବିଶେଷ ଭାବରେ ଦାୟୀ । କଂଗ୍ରେସ ସରକାର ମାନଙ୍କୁ ବ୍ରିଟିଶ ସରକାର ବିରୁଦ୍ଧରେ ସେ ଏକ କ୍ଷମତାର ଯୁଦ୍ଧଭୂମି ରୂପେ ପ୍ରସ୍ତୁତ କରିଥିଲେ । କ୍ଷମତାର ପଶା ଖେଳରେ ଏହି ବିଂଶ ଶତାବ୍ଦୀର କୌଟିଲ୍ୟଙ୍କୁ ବ୍ରିଟିଶ କୂଟନୀତି ହଟାଇ ପାରି

ନ ଥିଲା । ଗାନ୍ଧୀଜୀଙ୍କର ଆଦର୍ଶ ଓ ତପସ୍ୟା ଭାରତର ଜନତା ଓ ବିଶ୍ୱର ଜନ ସାଧାରଣଙ୍କୁ ଯେପରି ଉଦ୍‌ବୁଦ୍ଧ କରିଥିଲା, ସର୍ଦ୍ଦାରଙ୍କର ବାସ୍ତବ ବୁଦ୍ଧି, ଦୃଢ଼ ସଂଗଠନ ଶକ୍ତି ଓ କଠୋର ଶୃଙ୍ଖଳା ଜ୍ଞାନ ସେହିପରି କଂଗ୍ରେସ ଅନୁଷ୍ଠାନକୁ ତାର ଶତ୍ରୁମାନଙ୍କର, ବିଶେଷତଃ ବ୍ରିଟିଶ ସରକାରର ଏକ ଭୟର କାରଣ ରୂପେ ପ୍ରସ୍ତୁତ କରି ପାରିଥିଲା ।

## ଶକ୍ତିରେ ବିଶ୍ୱାସ

ସ୍ୱାଧୀନତା ପରେ ପରେ ସର୍ଦ୍ଦାରଙ୍କ ଯଦି ରାଷ୍ଟ୍ର ଶାସନରେ ନଥିଲେ ସେତେବେଳେ ଭାରତର ବିଭିନ୍ନ ସମସ୍ୟାର ସମାଧାନ ହୋଇପାରି ନଥାନ୍ତା । ସେ ଶକ୍ତିରେ ବିଶ୍ୱାସ କରୁଥିଲେ, ସଂଗଠନ ଓ କାର୍ଯ୍ୟରେ ବିଶ୍ୱାସ କରୁଥିଲେ । ଗୀତାର ବାକ୍ୟ, "ନାୟମାତ୍ମା ବଳହୀନେନ ଲଭ୍ୟଃ" ତାଙ୍କର ଜୀବନର ଅନୁସୃତ ନୀତି ଥିଲା । ସେଥିପାଇଁ ସେ ଭାରତକୁ ଏକ ଶକ୍ତିଶାଳୀ ଦୁର୍ଜ୍ଜୟ ଶକ୍ତି ରୂପେ ଗଢ଼ିବା ପାଇଁ ଉଦ୍ୟମ କରୁଥିଲେ । ଶୀଘ୍ର ସିଦ୍ଧାନ୍ତ ଗ୍ରହଣ କରିବା, ଆହୁରି ଶୀଘ୍ର ତା'କୁ କାର୍ଯ୍ୟକାରୀ କରିବା ଓ ନିଜ ସିଦ୍ଧାନ୍ତରେ ଅଟଳ ରହିବା ଥିଲା ତାଙ୍କର ଏହି ଶକ୍ତିକେନ୍ଦ୍ରିକ ରାଷ୍ଟ୍ରନୀତିର ଧର୍ମ । ତାଙ୍କର ନେତୃତ୍ୱର ଏହି ପ୍ରଭାବ ପରବର୍ତ୍ତୀ କାଳରେ ରକ୍ଷିତ ହୋଇ ପାରିଲା ନାହିଁ, ଯାହା ଫଳରେ ଭାରତ ଏକ ଦୁର୍ବଳ ପରମୁଖାପେକ୍ଷୀ ରାଷ୍ଟ୍ରରୂପେ ପରିଚିତ ହୋଇଗଲା ।

## କୁସୁମ ପରି କୋମଳ

ସର୍ଦ୍ଦାରଙ୍କୁ ଯଥାର୍ଥରେ ଏକ ଲୌହ-ମାନବ ବୋଲି କୁହାଯାଏ । କିନ୍ତୁ ତାଙ୍କପରି କୋମଳ ହୃଦୟର ବ୍ୟକ୍ତି ମଧ୍ୟ ଖୁବ୍ କମ [illegible] ଯାହା କୁହାଯାଇଚି 'ବଜ୍ରାଦପି କଠୋରାଣି, ମୃଦୂନି କୁସୁମାଦପି' ତାଙ୍କ ପ୍ରତି ତାହା ନିର୍ଦ୍ଦିଷ୍ଟରେ ପ୍ରୟୋଗ କରାଯାଇ ପାରେ । ତାଙ୍କର ବନ୍ଧୁ ସହକର୍ମୀମାନଙ୍କ ପ୍ରତି ତାଙ୍କର ପ୍ରଗାଢ଼ ସ୍ନେହ, ମମତା ଓ ଆନୁଗତ୍ୟ ଏବଂ ଜନସାଧାରଣଙ୍କ ଦୁଃଖର ଲାଘବ ପାଇଁ ଅବିରତ ଚିନ୍ତା ଓ ଚେଷ୍ଟା ତାଙ୍କ ଚରିତ୍ରର ଏକ ପ୍ରଧାନ ବୈଶିଷ୍ଟ୍ୟ ବୋଲି କଥିତ ହୋଇଛି । ପିଲାଙ୍କପରି ସେ ହସି ପାରୁଥିଲେ, ଥଟ୍ଟା ପରିହାସ କରି ପାରୁଥିଲେ । ୟେରବଦା ଜେଲରେ ସର୍ଦ୍ଦାର ଗାନ୍ଧୀଜୀଙ୍କ ସହ ୧୬ମାସ ରହିଥିଲେ । ଏହି ୧୬ ମାସ ମଧ୍ୟରେ ସର୍ଦ୍ଦାରଙ୍କ ସମ୍ପର୍କରେ ନିଜର ଅଭିଜ୍ଞତା ବର୍ଣ୍ଣନା କରି ଗାନ୍ଧୀଜୀ କହିଥିଲେ, "ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସହିତ ରହିବାର ପରମ ସୌଭାଗ୍ୟ ମୋର ଘଟିଥିଲା । ମୁଁ ପୂର୍ବରୁ ତାଙ୍କର ଅତୁଳନୀୟ ସାହସ ଓ ଜ୍ୱଳନ୍ତ ଦେଶପ୍ରେମର ପରିଚୟ ପାଇଥିଲି । କିନ୍ତୁ ତାଙ୍କ ହୃଦୟରେ ଯେଉଁ ସ୍ନେହ, ଶ୍ରଦ୍ଧାର ପରିଚୟ ମୁଁ ପାଇଲି ତାହା ମୋର ମା'ର ସ୍ନେହକଥା ମନେ ମନେ ପକାଇ ଦେଲା । ତାଙ୍କ ହୃଦୟରେ ଏପରି ମାତୃ ସ୍ନେହ ଥାଏ ବୋଲି ମୁଁ କଳ୍ପନା କରି ନଥିଲି । . . . ବର୍ଦ୍ଦୋଲି ଓ କୈରାର କୃଷୀମାନଙ୍କ ପ୍ରତି ତାଙ୍କର ଗଭୀର ମମତା ଓ ଶ୍ରଦ୍ଧା ମୁଁ କେବେ ଭୁଲି ପାରିବି ନାହିଁ ।" ସର୍ଦ୍ଦାର ପଟେଲ ବାସ୍ତବରେ ଯୁଗପୁରୁଷ ଥିଲେ । ଯୁଗାନ୍ତକାରୀ ବିପ୍ଳବୀ ମହାପୁରୁଷମାନଙ୍କ ସହିତ ତାଙ୍କର ଯେପରି କେତେକ ମୁଷ୍ଟିମେୟ ସାଥୀ ବର୍ଗଦ୍ୱାରା ପ୍ରେରିତ ହୋଇ ଆସନ୍ତି, ଗାନ୍ଧୀଜୀଙ୍କର ସେହିପରି ମୁଷ୍ଟିମେୟ ସାଥୀଙ୍କ ମଧ୍ୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଆସିଥିଲେ । ଇତିହାସରୁ ତାଙ୍କର ନାମ ଲିଭିବ ନାହିଁ ।

Digitized by srujanika@gmail.com

# କୃଷ୍ଣାବତାର

-- କେ. ଏମ୍. ମୁନ୍ସୀ

ଅନୁବାଦ : ଜୟନ୍ତୀ ପଟ୍ଟନାୟକ

## କଂସର କୌଶଳ

ଶୂର ଏବଂ ତାଙ୍କର ମିତ୍ର ଜାତି ସନ୍ଧାତ ଓ କୁକ୍କୁରମାନେ ବସୁଦେବ ଓ ଦେବକୀ ସେମାନଙ୍କ ବିବାହ ଦିବସରେ ବନ୍ଦୀ ହେବା ଦେଖି ଅପମାନିତ ବୋଧ କଲେ । ରାଜା ଉଗ୍ରସେନ ଯେଉଁ ଅନ୍ଧକମାନଙ୍କର ଗଣମୁଖ୍ୟ ଥିଲେ, ସେମାନେ କଂସର ଏହି ଅସଭ୍ୟ ଆଚରଣରେ ବିଚଳିତ ହୋଇ ପଡ଼ିଲେ ।

ଏହି ଅସନ୍ତୋଷ କ୍ରମେ କଂସ ବିରୁଦ୍ଧରେ ଏକ ଗମ୍ଭୀର ପ୍ରତିରୋଧର ରୂପ ନେବାକୁ ବସିଲା । ଅଳ୍ପ କେତେ ମାସ ପରେ ସେ ତାର ଗୁପ୍ତଚର ମାନଙ୍କଠାରୁ ଶୁଣିବାକୁ ପାଇଲା ଯେ, ଏହି ଅସନ୍ତୋଷ ଉତ୍ତରୋତ୍ତର ବୃଦ୍ଧି ପାଉଛି । ଉଚ୍ଚମନା ଯାଦବମାନେ କେବଳ ଯେ ଶୂରମାନଙ୍କ ଗଣମୁଖ୍ୟଙ୍କ ପ୍ରତି କଂସର ବ୍ୟବହାର ସମ୍ପର୍କରେ ଆଲୋଚନା କରୁଛନ୍ତି, ତାହା ନୁହେଁ, ତାର ସମସ୍ତ ମନ୍ଦ କାର୍ଯ୍ୟର ମଧ୍ୟ ଆଲୋଚନା କରୁଛନ୍ତି । ନାରୀମାନଙ୍କର କ୍ରୋଧ ଓ ବିରକ୍ତିର ସୀମା ରହିଲା ନାହିଁ । ସେମାନେ ଅନୁଭବ କଲେ ଯେ, ଦେବକୀଙ୍କର ଅପମାନ ସମଗ୍ର ନାରୀ ଜାତି ପ୍ରତି ଅପମାନ ଓ ଦେବକୀଙ୍କର ଦୁଃଖ ସେମାନଙ୍କର ଦୁଃଖ । ଯଦି କଂସ ଇଚ୍ଛା କରେ, ତାହେଲେ ସେମାନଙ୍କ ମଧ୍ୟରୁ କେହି ହେଲେ ଜଣେ ଏଥିରୁ ଉଦ୍ଧାର ପାଇ ପାରିବ ନାହିଁ ।

କିନ୍ତୁ କଂସ ଏହି ଅସନ୍ତୋଷ ଓ ବିରୋଧରେ ବିଚଳିତ ହେଲା ନାହିଁ । ସେ ମନେ କଲା ଯେ, ଲୋକମାନେ ଉଦ୍ଧତ ହୋଇ ଗଲେଣି ଏବଂ ଯେ ତାର ବିରୋଧ ବା ସମାଲୋଚନା କରିବ, ତାକୁ ଶେଷ କରିଦେବାକୁ ହେବ । ସେ ମନକୁ ମନ କହିଲା, ସମସ୍ତ ବିରୋଧୀଙ୍କୁ ସେ ମୂଳପୋଛ କରିଦେବ । ଏହି ଉଦ୍ଦେଶ୍ୟରେ ନିଜର ବିଶ୍ୱସ୍ତ ଅନୁଚରମାନଙ୍କୁ ନେଇ ସେ ନିଭୃତରେ ମନ୍ତ୍ରଣା କଲା ।

Digitized by srujanika@gmail.com

କଂସର ଅନୁଚରମାନେ ଏକ ବିଶେଷ ଗୋଷ୍ଠୀ ଥିଲେ । ସେମାନେ ଯେ ଯାଦବମାନଙ୍କର ବଂଶଧର ନଥିଲେ, ତାହା ନୁହେଁ, ନିଜେ ଖଳ ଲୋକ ଥିଲେ । ସେମାନଙ୍କ ମଧ୍ୟରୁ ଅନେକେ କୌଣସି ଆଇନ କାନୁନ, ମତ ବା ନିୟମ ମାନୁ ନ ଥିଲେ, ତାହା ମନୁଷ୍ୟ କୃତ ବିଧି ବିଧାନ ହେଉ ବା ଧାର୍ମିକ ମତ ବା ପରମ୍ପରା ହେଉ ।

ସେମାନେ କଂସର ଅନ୍ନରେ ପାଳିତ ଏବଂ କଂସର ନିର୍ଦ୍ଦେଶ କ୍ରମେ କାର୍ଯ୍ୟ କରୁଥିଲେ । ଲୋକଙ୍କ ମନରେ ଭୟ ଓ ଆତଙ୍କ ଜନ୍ମାଇବା ପାଇଁ ସେମାନଙ୍କ ମଧ୍ୟରେ ଚଳପ୍ରଚଳ ହେଉଥିଲେ । ଯାହାକୁ ସେମାନେ ବିରୋଧୀ ବୋଲି ମନେ କରୁଥିଲେ, ତାକୁ ପ୍ରହାର କରୁଥିଲେ ବା ବନ୍ଦୀ କରି ଆଣୁଥିଲେ । ଅନେକ ସମୟରେ କଂସର ପାଇଁ ବା ନିଜର ପ୍ରବୃତ୍ତି ଚରିତାର୍ଥ କରିବା ପାଇଁ ସେମାନେ ନାରୀମାନଙ୍କୁ ଅପହରଣ କରୁଥିଲେ ଓ ପରିବାରକୁ ଧ୍ୱଂସ କରି ଦେଉଥିଲେ ।

ସେମାନେ ଯେଉଁ ସମ୍ବାଦ ଆଣି ଦେଉଥିଲେ, ତାହା କଂସ କ୍ରୋଧରେ ଜର୍ଜର ହୋଇ ଶୁଣୁଥିଲା । ସେମାନେ କହିଲେ, "ଯାଦବମାନେ ଆପଣଙ୍କର କାର୍ଯ୍ୟକୁ ଦୁଷ୍ଟ ଓ ଅସଭ୍ୟ ଲୋକର କାର୍ଯ୍ୟ ବୋଲି କହୁଛନ୍ତି । ବସୁଦେବ ଓ ଦେବକୀଙ୍କ ପ୍ରତି ସେମାନଙ୍କର ଗଭୀର ସହାନୁଭୂତି ଅଛି । ଆପଣଙ୍କର ମଧ୍ୟ ଆଚରଣ ବିଷୟରେ ସେମାନେ ରାଜା ଉଗ୍ରସେନଙ୍କ ନିକଟରେ ଉପସ୍ଥିତ ହୋଇ ବାରମ୍ବାର ଅଭିଯୋଗ କରୁଛନ୍ତି । ରାଜା ବୃଦ୍ଧ ଓ ଦୁର୍ବଳ ଏବଂ ସର୍ବଦା ସେ ଆପଣଙ୍କ ବିରୁଦ୍ଧ ଅଭିଯୋଗ ଗୁଡ଼ିକ ଶୁଣିବା ପାଇଁ ପ୍ରସ୍ତୁତ ।"

କଂସର ମୁଖ୍ୟ ସମର୍ଥନଦାତାର ସ୍ତ୍ରୀ ହେଲା ପୁତନା । ତାର କାର୍ଯ୍ୟ ଥିଲା, ଯାଦବ ସ୍ତ୍ରୀମାନେ କଂସ ବିଷୟରେ କ'ଣ କଥାବାର୍ତ୍ତା ହେଉଛନ୍ତି ତାହା ଶୁଣିବା । ପୁତନା ଦେଖିବାକୁ ବିଶାଳ ଓ ଭୟଙ୍କର ଓ ସେ ସମସ୍ତଙ୍କ ସହିତ ଅଭଦ୍ର ବ୍ୟବହାର କରେ । ଅନ୍ୟାନ୍ୟ ଚରମାନଙ୍କ ଠାରୁ କଂସ ପୁତନାକୁ ବେଶୀ ଭଲ ପାଉଥିଲା, କାରଣ ପୁତନା ସବୁ କଥା ଠିକ୍ ତା ଆଗରେ ଆଣି କହୁଥିଲା ।

ସେ କହୁଥିଲା, "ହେ ରାଜପୁତ୍ର, ଯାଦବନାରୀମାନେ ତୁମକୁ ଘୃଣା କରନ୍ତି । ତୁମ ପ୍ରତି ସେମାନଙ୍କର ଏତେ କ୍ରୋଧ ଯେ ସେମାନେ ତୁମ ବିରୁଦ୍ଧରେ ତାଙ୍କର ସ୍ୱାମୀ ମାନଙ୍କୁ ଉତ୍କ୍ଷିପ୍ତ କରୁଛନ୍ତି । ସେମାନେ ସମସ୍ତେ ଦେବକୀଙ୍କ ପ୍ରତି ସହାନୁଭୂତିଶୀଳ । ଆପଣ ଯେତିକି ବସୁଦେବ ଓ ଦେବକୀଙ୍କୁ ପୀଡ଼ା ଦେଉଛନ୍ତି, ସେମାନେ ସେତିକି ସେମାନଙ୍କୁ ଶ୍ରଦ୍ଧା କରୁଛନ୍ତି । ସେମାନେ ଭବିଷ୍ୟତ ବାଣୀ ବିଷୟ ଶୁଣିଛନ୍ତି ଏବଂ ଦେବକୀଙ୍କର ଅଷ୍ଟମ ସନ୍ତାନର ଆଗମନକୁ ଯାଦବକୁଳର ପୁନରୁଦ୍ଧାର ପାଇଁ ଆତୁର ହୋଇ ଅପେକ୍ଷା କରି ରହିଛନ୍ତି ।"

କଂସ ନିଜର କ୍ରୋଧକୁ ଚାପି ରଖି ନିଶ ମୋଡ଼ିବାକୁ ଲାଗିଲା । ସେମାନଙ୍କ ଠାରୁ ସମସ୍ତ କଥା ଶୁଣି ସେ ଯାଦବ ମାନଙ୍କୁ ଏହି ଶିକ୍ଷା ଦେବ ବୋଲି ସ୍ଥିର କଲା ଏବଂ ଏକ ନବୀନ ଚକ୍ରାନ୍ତ ତା'ର ମସ୍ତିଷ୍କ ଭିତରେ ଖେଳି ବୁଲିଲା ।

Digitized by srujanika@gmail.com

କିଛି ଦିନ ପରେ କଂସ ଅଗ୍ରବାନ୍ ଅରଣ୍ୟକୁ ଶିକାର କରିବା ନିମନ୍ତେ ଯାଇଥିଲା । ସେଠାରେ ସେ ବ୍ରଜଭୂମିର ସୀମାନ୍ତବର୍ତ୍ତୀ ଏକ କ୍ଷୁଦ୍ର ଅଞ୍ଚଳର ରାଜା ଭୌମଙ୍କ ସହିତ ସାକ୍ଷାତ କରିବା ପାଇଁ ଗଲା । କଂସ ଓ ଭୌମ ବାଲ୍ୟ ବନ୍ଧୁ ଥିଲେ । ଅନ୍ୟ ଏକ ପଡ଼ୋଶୀ ରାଜ୍ୟର ରାଜପୁତ୍ର ବାଣଙ୍କ ସହିତ ସେମାନେ ଏକାଠି ଗାଳବ ଋଷିଙ୍କ ଆଶ୍ରମରେ ବିଦ୍ୟାଶିକ୍ଷା କରିଥିଲେ ଏବଂ ସେମାନଙ୍କର କ୍ରୁର ସ୍ୱଭାବ ଓ ଦୁଷ୍ଟ ବୁଦ୍ଧି ଦ୍ୱାରା ଅନ୍ୟ ଆଶ୍ରମବାସୀମାନଙ୍କୁ ଉତ୍ପୀଡ଼ିତ କରି ରଖିଥିଲେ । ସେମାନେ ଆଶ୍ରମକୁ ଏପରି ଆତଙ୍କିତ କରି ରଖିଲେ ଯେ ଗୁରୁ ଗାଳବ ବାଧ୍ୟ ହୋଇ ରାଜା ଉଗ୍ରସେନଙ୍କୁ ପୁତ୍ରକୁ ଆଶ୍ରମରୁ ନେଇ ଯିବା ପାଇଁ ଅନୁରୋଧ କରିଥିଲେ ।

ସେହିଦିନଠାରୁ ଜ୍ଞାନବନ୍ତ ଓ ବିଦ୍ୱାନ୍ ଲୋକମାନଙ୍କ ପ୍ରତି କଂସର ଏକ ବିଦ୍ୱେଷ ଭାବ ଜାତ ହେଲା । ପରବର୍ତ୍ତୀ ଜୀବନରେ ଏହି ତିନିଜଣ ବାଲ୍ୟବନ୍ଧୁ ପରସ୍ପରର ଅତି ଘନିଷ୍ଠବନ୍ଧୁ ହୋଇ ରହିଥିଲେ ।

ଭୌମ ଓ ବାଣ ସେତିକିବେଳୁ କଂସର ସାହସ ଓ ଦୁଷ୍ଟବୁଦ୍ଧି ପାଇଁ ତାକୁ ସେମାନଙ୍କର ନେତା ରୂପେ ମନେ କରୁଥିଲେ । ସେମାନେ ଅପେକ୍ଷା କରି ରହିଥିଲେ, କେଉଁ ଦିନ କଂସ ଯାଦବମାନଙ୍କର ରାଜା ହୋଇ ଦିଗ୍‌ବିଜୟରେ ବାହାରିବ, ତାହାହେଲେ ସେମାନଙ୍କର କ୍ଷୁଦ୍ର ରାଜ୍ୟକୁ ସେମାନେ ବଢ଼ାଇ ପାରିବେ ।

କଂସ ଭୌମଙ୍କର ଅତିଥି ଥିବାବେଳେ ବାଣ ଯାଇ ସେଠାରେ ପହଞ୍ଚିଲେ । ତିନିହେଁ ଏକାଠି ହେବା ପରେ ମଥୁରାର ଘଟଣାବଳୀ ବିସ୍ତୃତଭାବରେ ଚର୍ଚ୍ଚା କଲେ । ସେମାନେ ସ୍ଥିର କଲେ ଯେ ଯେଉଁ ଯାଦବମାନେ ମୁଣ୍ଡ ଟେକିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ଶେଷ କରିଦେବାକୁ ପଡ଼ିବ । ଉଗ୍ରସେନ ଯେପରି ଅସନ୍ତୁଷ୍ଟ ମାନଙ୍କର ନେତା ହୋଇ ନ ବାହାରନ୍ତି ସେ ଦିଗରେ ମଧ୍ୟ କିଛି କରିବାକୁ ପଡ଼ିବ । କଂସ ନିଜ ପିତାଙ୍କୁ ଘୃଣା କରୁଥିଲା, କାରଣ ଉଗ୍ରସେନ ବଡ଼ ଦୟାଳୁ ସ୍ୱଭାବର ଥିଲେ ଏବଂ ନିଜ ବଂଶ ପରମ୍ପରା ଅନୁଯାୟୀ ପ୍ରଜାମାନଙ୍କୁ ସନ୍ତାନ ରୂପେ ଜ୍ଞାନ କରୁଥିଲେ । କଂସ କହିଲା "ଏହି ବୁଢ଼ାବାକ ସବୁବେଳେ ଅସନ୍ତୁଷ୍ଟ ପ୍ରଜାମାନଙ୍କ କଥା ଶୁଣିବାକୁ ଲାଗିଲା ଓ ମୋ କାର୍ଯ୍ୟ କଳାପରେ ବାଧା ସୃଷ୍ଟି କଲା ।" କଂସ କ'ଣ ଚାହେଁ ତାହା ଭଲ ଭାବରେ ହୃଦୟଙ୍ଗମ କରିଥିଲା । ସେ ସମସ୍ତ ଅସନ୍ତୁଷ୍ଟ ଯାଦବଙ୍କୁ କଠୋର ଭାବରେ ଦମନ କରିବ । ତାହା କରିବାକୁ ହେଲେ ତାହା ପ୍ରତି ଅନୁରକ୍ତ ଗୋଟିଏ ଯାଦବବିରୋଧୀ ଦଳ ତିଆରି କରିବାକୁ ହେବ

କଂସ ଯୁବରାଜ ହୋଇଥିବା ଯୋଗୁଁ ଯାଦବ ମାନଙ୍କର ନେତୃତ୍ୱ ନେବା ତାର ଜନ୍ମଗତ ଦାବୀ ହେଲେହେଁ ଯାଦବମାନେ ପରମ୍ପରା ଦୃଷ୍ଟିରୁ ଓ ସ୍ୱଭାବତଃ ଗଣତାନ୍ତ୍ରିକ ଓ ଶାନ୍ତିପ୍ରିୟ ଥିଲେ । ପ୍ରତ୍ୟେକ ଗୋଷ୍ଠୀ ନିଜର ସ୍ୱାଧୀନତା ଚାହୁଁଥିଲେ । ତେଣୁ ଯେଉଁ ବ୍ୟକ୍ତି ନିଜର ହାତରେ ସବୁ କ୍ଷମତାକୁ ଠୁଳ କରିବାକୁ ଚେଷ୍ଟା କରୁଥିଲା, ତାକୁ

Digitized by srujanika@gmail.com

ସେମାନେ ସନ୍ଦେହ ଚକ୍ଷୁରେ ଦେଖୁଥିଲେ ; କାରଣ ତାହା ଯୁଦ୍ଧରେ ବାଣଙ୍କୁ ପରିଷ୍କାର କରି ଦେଇଥିଲା । ଏଥି ଯୋଗୁଁ କଂସର ଆସନ ଦୁର୍ବଳ ହୋଇ ପଡ଼ିଲା । ଯଦିଓ ସେ ରାଜା ହୋଇ ପାରେ ; କିନ୍ତୁ ତାହା ନାମ ମାତ୍ର, କାରଣ ସେ ରାଜ୍ୟ ଜୟ କରିପାରିବ ନାହିଁ । ସର୍ବୋଚ୍ଚ କ୍ଷମତା ଉପଭୋଗ କରିବାକୁ ହେଲେ ଏକ ଦୃଢ଼ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ହେବ । ସେଥିପାଇଁ ତା'ର ଶକ୍ତିଶାଳୀ ବନ୍ଧୁ ଥିବା ଆବଶ୍ୟକ । ସେ ପର୍ଯ୍ୟନ୍ତ ତାକୁ ଧୈର୍ଯ୍ୟ ଏବଂ ସାବଧାନତାର ସହିତ ଅପେକ୍ଷା କରିବାକୁ ହେବ ।

ସେ ସମୟରେ ସବୁଠାରୁ ଶକ୍ତିଶାଳୀ ଓ ଦୁର୍ଜୟ ରାଜା ଥିଲା ଜରାସନ୍ଧ । ସେ ଏକ ବିଖ୍ୟାତ ଯୋଦ୍ଧା ଓ ସେନାପତି ଥିଲା । ତାର ପ୍ରବଳ ପରାକ୍ରାନ୍ତ ସେନା ପଡ଼ୋଶୀ ରାଜ୍ୟମାନଙ୍କୁ ଜୟ କରି ରାଜ୍ୟ ପରେ ରାଜ୍ୟ ଯୋଗ କରୁଥିଲେ । ଅଳ୍ପ ସମୟ ମଧ୍ୟରେ ସେ ଚକ୍ରବର୍ତ୍ତୀର ସମ୍ମାନ ଲଭ କରି ସମ୍ରାଟ ହେବା ପାଇଁ ବସିଲା ।

କଂସ ପକ୍ଷରେ ଜରାସନ୍ଧହିଁ ଥିଲା ଆଦର୍ଶ ଏବଂ ତାକୁ ସେ ଅନୁକରଣ କରିବାକୁ ଚାହୁଁଥିଲା । ବର୍ତ୍ତମାନ ସମୟ ଆସିଛି, ଯେତେବେଳେ ସେ ତାର ଲକ୍ଷ୍ୟ ହାସଲ କରିପାରିବ । ଯଦି ଜରାସନ୍ଧ ତା'ସହିତ ବୈବାହିକ ସମ୍ପର୍କ ସ୍ଥାପନ କରେ, ତାହାହେଲେ ସେ ମଗଧକୁ ରାଜ୍ୟଜୟରେ ସାହାଯ୍ୟ କରିବ । ତା'ହେଲେ ପ୍ରତିବଦଳରେ ଯାଦବମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ପାଇଁ ଜରାସନ୍ଧ ତାକୁ ନିଶ୍ଚୟ ସାହାଯ୍ୟ କରିବ । କିଏ ଜାଣେ ? ଜରାସନ୍ଧର ମୃତ୍ୟୁ ଘଟିପାରେ ଏବଂ ଏତେବଡ଼ ବିରାଟ ସାମ୍ରାଜ୍ୟର କିୟଦଂଶ ତା'ଭାଗ୍ୟକୁ ମିଳିଯାଇ ପାରେ ।

କଂସର ଏହି କୌଶଳପୂର୍ଣ୍ଣ ଚକ୍ରାନ୍ତ ଶୀଘ୍ର କାର୍ଯ୍ୟକାରୀ ହୋଇଗଲା । ବାଣ ଜରାସନ୍ଧର ଦୂର ସମ୍ପର୍କୀୟ ଭାଇ ହୁଏ । ସେ ଆନନ୍ଦରେ କଂସ ସହିତ ଜରାସନ୍ଧର କନ୍ୟାର ବିବାହ ପ୍ରସ୍ତାବ ନେଇ ମଗଧ ଯାତ୍ରା କଲା । ଆଶାତୀତ ଭାବରେ ଏହି ଉଦ୍ୟମ ସଫଳ ହେଲା । ଅଳ୍ପ କେତେ ମାସ ମଧ୍ୟରେ ମଗଧ ରାଜାଙ୍କର ଦୁଇ କନ୍ୟା ସହିତ କଂସର ବିବାହ ହୋଇଗଲା ।

ବିବାହ ପରେ ଜରାସନ୍ଧର ଦୁଇ କନ୍ୟା ମଥୁରାରେ ପହଞ୍ଚିଲେ ଏବଂ ତାଙ୍କ ସାଙ୍ଗରେ ବହୁ ମଲ୍ଲ ଓ ଯୋଦ୍ଧାଙ୍କୁ ସଙ୍ଗରେ ଆଣିଥିଲେ । ଏହି ଆଗନ୍ତୁକମାନେ କଂସ ପ୍ରତି ଅନୁରକ୍ତ ଥାଇ ଯାଦବମାନଙ୍କ ବିରୁଦ୍ଧରେ ତାକୁ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତ ହୋଇ ରହିଲେ ।

Digitized by srujanika@gmail.com

# ଋଷି ପ୍ରଥମ ଅକ୍ରୁର

କଂସ ନିଜର ଶତ୍ରୁ ସନ୍ଧାନ କରୁଥିବା-ବେଳେ ନିର୍ଜନ ବନ୍ଦୀ ଶାଳାରେ ବସୁଦେବ ଓ ଦେବକୀ ଦୁଃଖରେ କାଳହରଣ କରୁଥିଲେ ।

ବସୁଦେବ ଅବିରତ ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରୁଥିଲେ, ତାଙ୍କୁ ଏ ବନ୍ଧନ ଦୁଃଖରୁ ସେ ଉଦ୍ଧାର କରନ୍ତୁ ।

ବସୁଦେବ ଓ ଦେବକୀ ଏପରି ଜଣେ ମୁକ୍ତି ଦାତାଙ୍କୁ ଶୀଘ୍ର ପଠାଇବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ । ଜଣେ ସାଧ୍ୱୀ ସ୍ତ୍ରୀର ଯାହା କରିବାର କଥା, ଦେବକୀ ତାହା କରୁଥିଲେ । ବସୁଦେବଙ୍କ ପ୍ରାର୍ଥନାରେ ସେ ଯୋଗ ଦେଉଥିଲେ ଓ ଉପବାସ ଓ ବ୍ରତ ଆଦି କରୁଥିଲେ । କିନ୍ତୁ ତାଙ୍କର ମନର ଗୋଟିଏ କାମନା ଥିଲା । ତାହା ହେଉଛି, ସେ ନିଜେ କପରି ଏହି ମୁକ୍ତିଦାତାଙ୍କୁ ଗର୍ଭରେ ଧାରଣ କରନ୍ତେ । ଅନେକ ସମୟରେ ନିଶାର୍ଦ୍ଧରେ ସେ ବସୁଦେବଙ୍କ ପାଖରୁ ଉଠି ଆସନ୍ତି ଏବଂ ଯୋଡ଼ ହସ୍ତରେ ମୁଣ୍ଡ ନୁଆଁଇ ପ୍ରାର୍ଥନା କରନ୍ତି, "ହେ ଭଗବାନ, ଜନଗଣଙ୍କର ଶରଣ-ଦାତା, ମୁଁ ଏହି ମୁକ୍ତିଦାତାଙ୍କର ଜନନୀ ହୁଏ ।" ରାତ୍ରିର ଶେଷ ସମୟରେ ଯେତେବେଳେ ସେ ପ୍ରାର୍ଥନା କରନ୍ତି, ଅନେକ ସମୟରେ ତାଙ୍କର ମନେହୁଏ, ତାଙ୍କର ପ୍ରାର୍ଥନା ଈଶ୍ୱର ଶୁଣୁଛନ୍ତି । ଏହି ଦାରୁଣ ଦୁଃଖର ବେଳରେ ନିଶିଦିନ ବସୁଦେବଙ୍କର ସେବା କରୁଥିଲାବେଳେ ତାଙ୍କର ହୃଦୟ ଆଶା ଓ ବିଶ୍ୱାସରେ ପୂର୍ଣ୍ଣ ହୁଏ ଏବଂ ସାହସ ଓ ଧୈର୍ଯ୍ୟ ଧରିବା ପାଇଁ ବସୁଦେବଙ୍କୁ ପ୍ରେରଣା ଦେଉଥାନ୍ତି ।

ମଗଧ ରାଜକନ୍ୟାମାନଙ୍କୁ ସଙ୍ଗରେ ଧରି କଂସ ମଥୁରାକୁ ଫେରି ଆସିବା ପରେ ପରେ ଦେବକୀଙ୍କର ଏକ ପୁତ୍ର ସନ୍ତାନ ଜାତ ହେଲା । ଯାଦବମାନଙ୍କ ମଧ୍ୟରେ ଏ ଖବର ବ୍ୟାପିଯିବାକ୍ଷଣି ସେମାନେ ଭୟରେ ଥରିବାକୁ ଲାଗିଲେ; ସେମାନେ ଭାବିଲେ ସେ ବସୁଦେବଙ୍କର ପୁଅକୁ କଂସ ନିଶ୍ଚୟ ହତ୍ୟା କରିବ ।

ଯାଦବମାନଙ୍କର ଅନ୍ୟତମ ଗୋଷ୍ଠୀ-ବୃଷ୍ଣିମାନଙ୍କର ମୁଖ୍ୟ ଥିଲେ ଅକ୍ରୁର । ସେ ଜଣେ ସାଧୁ ଓ ଧାର୍ମିକ ବ୍ୟକ୍ତି ଥିଲେ । ଯାଦବମାନେ ତାଙ୍କୁ ଖୁବ ସମ୍ମାନ ଚକ୍ଷୁରେ ଦେଖୁଥିଲେ । ନେତୃସ୍ଥାନୀୟ ବ୍ୟକ୍ତିମାନେ ଅକ୍ରୁରଙ୍କୁ ଅନୁରୋଧ କଲେ, ସେ କଂସର ଏହି ପରିକଳ୍ପିତ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ଏବଂ ତାକୁ ଅନୁରୋଧ କରନ୍ତୁ, ସେ ଏଥିରୁ ନିବୃତ୍ତ ହେଉ । ଏକ ନିରପରାଧ ଶିଶୁକୁ ହତ୍ୟା କରିବାଠାରୁ ବଳି ଅପରାଧ କ'ଣ ଥାଇପାରେ ?

ଅକ୍ରୁର ଏଥିରେ ରାଜି ହେଲେ ଏବଂ

Digitized by srujanika@gmail.com

ବନ୍ଧୁ ଯାଦବ ମୁଖ୍ୟଙ୍କ ପରାମର୍ଶ ମତେ ବସୁଦେବଙ୍କ ସହିତ କଂସ ନିକଟକୁ ଗଲେ । ବସୁଦେବ ନିଜର ପ୍ରତିଶ୍ରୁତି ପାଳନ କରି ତାଙ୍କର ପ୍ରଥମ ସନ୍ତାନକୁ କଂସ ନିକଟକୁ ଧରି ଯାଇଥିଲେ ।

କଂସ ଯେତେବେଳେ ତାର ବିଶ୍ୱସ୍ତ ଅନୁଚର ଓ ସଶସ୍ତ୍ର ମଗଧ ଯୋଦ୍ଧାମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ସିଂହାସନରେ ବସିଥିଲା । ଅକ୍ରୁର କଂସକୁ କହିଲେ, ସେ ତାର ଏହି ପାଶବିକ ପରିକଳ୍ପନାରୁ ନିବୃତ୍ତ ହେଉ । ଲୋତକାର୍ଦ୍ର ଚକ୍ଷୁରେ ବସୁଦେବ ମଧ୍ୟ ତାଙ୍କର ପ୍ରଥମ ସନ୍ତାନଟିକୁ ଜୀବନରେ ରଖିବା ପାଇଁ ପ୍ରାର୍ଥନା କଲେ ।

ଅକ୍ରୁର କରଯୋଡ଼ି କହିଲେ, "ମୁଁ ପ୍ରାର୍ଥନା କରୁଛି, ତୁମର ଟିକିଏ ଦୟା ହେଉ । ଏ ଶିଶୁ ତୁମର କି ଦୋଷ କରିଛି ? ନିରୀହ ଶିଶୁକୁ ହତ୍ୟା କରିବା ଅନ୍ୟାୟ, ଅନୁଚିତ ଓ ଅନାର୍ଯ୍ୟମାନଙ୍କର କାର୍ଯ୍ୟ । ଦେବକୀର ଅଷ୍ଟମ ଗର୍ଭରୁ ଜାତ ସନ୍ତାନ ତୁମପାଇଁ ବିପଦର କାରଣ ହେବ । ପ୍ରଥମ ସନ୍ତାନ ନୁହେ ।"

କଂସ ଭ୍ରୂକୁଟି କୁଞ୍ଚିତ କରି କହିଲା, "ମୁଁ ପ୍ରଥମରୁ ଏ ବିଷୟରେ ଦୃଢ଼ ରହିବାକୁ ଚାହେଁ ।"

ବସୁଦେବ ତାଙ୍କର ପୁଅ ସନ୍ତାନକୁ କୋଳରେ ଜାବୁଡ଼ି ଧରି କହିଲେ "ରାଜା ଚତୁର୍ଭୁଜ ବିଷ୍ଣୁଙ୍କ ପରି ଦୟାର ଅବତାର ହୋଇ କାର୍ଯ୍ୟ କରନ୍ତୁ ।"

କଂସ ଏକ ଘୃଣାର ଚକ୍ଷୁରେ ସେମାନଙ୍କୁ ଚାହିଁ ସେମାନଙ୍କ କଥା ଶୁଣିଲା । ତା'ପରେ ଏକ ଦୁଷ୍ଟ ବ୍ୟଙ୍ଗ ଅଟ୍ଟହାସ କରିବା ପରି ଖୁବ ଜୋରରେ ହସି ଉଠିଲା ।

"ଯଦି ତୁମର ଈଶ୍ୱର ଦୟାର ଅବତାର, ତା' ହେଲେ ତାଙ୍କର ସାହାଯ୍ୟ ମାଗ, ବସୁଦେବ ! ମୁଁ ଈଶ୍ୱର ନୁହେ । ହେବାକୁ ମଧ୍ୟ ଚାହେ ନାହିଁ ଏବଂ ମୋ' ପାଖରେ କୌଣସି ଦୟା, ମାୟା ନାହିଁ", କର୍କଶ ସ୍ୱରରେ କଂସ ଉତ୍ତର ଦେଲା ।

ବନ୍ଧୁ ସମସ୍ତ ଧରି ଅକ୍ରୁର ଓ ବସୁଦେବ ନିବେଦନ କଲେ । କିନ୍ତୁ ସବୁ ବୃଥା ହେଲା । ଶେଷରେ କଂସ ଠିଆ ହୋଇ ପଡ଼ି ବସୁଦେବଙ୍କ କୋଳରୁ ଶିଶୁକୁ ଛଡ଼ାଇ ନେଲା ଏବଂ ତା'ର ମୁଣ୍ଡକୁ ଭୂଇଁରେ ଛେଚି ଦେଲା । ଉପସ୍ଥିତ ଯାଦବମାନେ ଭୟରେ ଚିତ୍କାର କରି ଉଠିଲେ ।

ଯେତେବେଳେ କଂସର ଏହି ଶିଶୁ ହତ୍ୟା ସମ୍ବାଦ ଚାରିଆଡ଼େ ବ୍ୟାପିଗଲା, ଯାଦବମାନେ ତାଙ୍କ ମୁଣ୍ଡରେ ବଜ୍ର ପଡ଼ିଲା ପରି ମନେ କଲେ । କ'ଣ କରିବାକୁ ହେବ, କାହା ସାହାଯ୍ୟ ନେବାକୁ ହେବ, ସେମାନେ ଚିନ୍ତା କରି ପାରିଲେ ନାହିଁ । ଶେଷରେ ଯାଦବ ବଂଶର ଜ୍ୟେଷ୍ଠ ବା ମୁଖ୍ୟମାନେ ରାଜା ଉଗ୍ରସେନଙ୍କ ପ୍ରାସାଦକୁ ଯାଇ ଗୁହାରି କଲେ । ପୁରୁଷମାନେ ଦୁଃଖରେ କାନ୍ଦିବାକୁ ଲାଗିଲେ । ସ୍ତ୍ରୀମାନେ ଶୁଣ୍ଢ ବାଡ଼ାଇ ରୋଦନ କଲେ । ସେଠାରେ ଏକ କରୁଣ ଦୃଶ୍ୟ ସୃଷ୍ଟି ହେଲା ।

ରାଜା ଉଗ୍ରସେନ ତାଙ୍କ ପୁଅର ଏହି ବିଭତ୍ସ କାର୍ଯ୍ୟ ଶୁଣିବା କ୍ଷଣି ତାଙ୍କ ଚକ୍ଷୁରୁ

Digitized by srujanika@gmail.com

ଲୋତକ ଝରିବାକୁ ଲାଗିଲା । ଥର ଥର ପାଦରେ କଂସ ରହୁଥିବା ପ୍ରସାଦକୁ ସେ ଗଲେ ।

ପିତା ପୁତ୍ରଙ୍କର ସାକ୍ଷାତରେ କ'ଣ ହେଲା, କେହି ଜାଣନ୍ତି ନାହିଁ । କିନ୍ତୁ କଂସର ପ୍ରାସାଦରୁ ଆଉ ରାଜା ଉଗ୍ରସେନ ଫେରିଲେ ନାହିଁ । କେବଳ ତାଙ୍କର ସ୍ତ୍ରୀ ଓ ବିଶ୍ୱସ୍ତ ଅନୁଚରଙ୍କ ଛଡ଼ା ତାଙ୍କ ସହିତ କେହି ସାକ୍ଷାତ୍ ନ କରିବା ପାଇଁ ମନା ହେଲା । ପିତା ପୁତ୍ରର ଦ୍ୱାରା ବନ୍ଦୀ ହେଲେ । ଏ ଖବରରେ ଯାଦବମାନେ ଆହୁରି ବିଚଳିତ ହୋଇ ପଡ଼ିଲେ । କାରଣ ଆର୍ଯ୍ୟ-ମାନଙ୍କ ଧର୍ମରେ ପିତାଙ୍କୁ ଦେବତାର ଆସନ ଦିଆଯାଏ ।

ପରଦିନ କଂସର ଭୃତ୍ୟମାନେ ମଥୁରା ନଗରୀରେ ଏକ ଆତଙ୍କରାଜ ସୃଷ୍ଟି କଲେ । ବସୁଦେବ ଓ ଦେବକୀ ଯେଉଁ ପ୍ରାସାଦରେ ବନ୍ଦୀ ହୋଇ ରହିଥିଲେ ବୃଷ୍ଣି-ପ୍ରଧାନ ଅକ୍ରୂରଙ୍କୁ ସେଠାରେ ଆଣି ବନ୍ଦୀ କରାଗଲା । ଯେଉଁ ମୁଖ୍ୟମାନେ ତାଙ୍କ ସହିତ ଆସିଥିଲେ, ସେମାନଙ୍କ ଘରେ ନିଆଁ ଲଗାଇ ଦିଆଗଲା । ଉଗ୍ରସେନଙ୍କ ପ୍ରାସାଦ ରକ୍ଷୀମାନଙ୍କୁ ହତ୍ୟା କରାଗଲା । ଲୋକେ ଘରେ କବାଟ କିଳି ରହିଲେ; ଯେଉଁମାନେ ଭାବିଲେ ଯେ କଂସ ସେମାନଙ୍କ ପ୍ରତି କ୍ରୁଦ୍ଧ ହୋଇଛି, ସେମାନେ ଘର ଛାଡ଼ି ପଳାଇ ଚାଲିଲେ ।

କଂସ ତାର ବିଶ୍ୱସ୍ତ ଅଶ୍ୱାରୋହୀମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ରଥରେ ବସି ଯେତେବେଳେ ମଥୁରା ନଗରୀ ଭିତରେ ଯାଉଥିଲା, ଅନୁଚରମାନେ ତାର ଜୟଧ୍ୱନି କରିବାକୁ ଲାଗିଥିଲେ ଓ ଅତ୍ୟାଚାରିତ-ମାନଙ୍କର କ୍ରନ୍ଦନ ଧ୍ୱନି ଶୁଣା ଯାଉଥିଲା । କଂସ ନିଶ ମୋଡ଼ି ମୋଡ଼ି ଭାବୁଥିଲା, ଯାଦବମାନେ ତାଙ୍କର ଯାହା ପ୍ରାପ୍ୟ ପାଉଛନ୍ତି । ସେ ତା'ର ଯଥାର୍ଥ ପ୍ରତିଶୋଧ ନେଉଛି ।

ପ୍ରାସାଦର ବନ୍ଦୀଶାଳାରେ କ୍ରନ୍ଦନରତା ଦେବକୀଙ୍କ ଶଯ୍ୟା ପାଖରେ ବସୁଦେବ ବସି ରହି ସାନ୍ତ୍ୱନା ଦେଉଥିଲେ । କାନ୍ଦି କାନ୍ଦି ଦେବକୀଙ୍କ ଆଖିର ଲୁହ ଶୁଖି ଗଲାଣି । ସେ କେବଳ କହୁଥାନ୍ତି, "ହେ ଭଗବାନ, କରୁଣା ସାଗର, ତୁମେ ଶୀଘ୍ର ମୁକ୍ତିଦାତାଙ୍କୁ ପଠାଅ ।"

ତାଙ୍କ ପାଖରେ ଅକ୍ରୂର ଠିଆ ହୋଇ ସାନ୍ତ୍ୱନା ଦେଇ କହୁଥାନ୍ତି, "ଦୁଃଖ ହେଉଛି, ଭଗବାନଙ୍କ ତରଳିବା ଲକ୍ଷଣ । ଭୟ କରନାହିଁ, ଦେବକୀ ।"

ବସୁଦେବଙ୍କୁ ସେ କହିଲେ, "ବସୁ-ଦେବ, ମୁକ୍ତିଦାତା ନିଶ୍ଚୟ ଆସିବେ । ଈଶ୍ୱରଙ୍କ ଇଚ୍ଛା ରହସ୍ୟମୟ । କିନ୍ତୁ କିଛି ଦିନ ତଳେ ମୁଁ ଶୁଭ ସୂଚକ ସମ୍ବାଦ ଶୁଣିଲି । ମହର୍ଷି କୃଷ୍ଣ ଦ୍ୱୈପାୟନ ଇନ୍ଦ୍ରପ୍ରସ୍ଥକୁ ଯିବା ବାଟରେ ମଥୁରାରେ ଅବସ୍ଥାନ କରିବେ । ସେ ବ୍ରହ୍ମର୍ଷିମାନଙ୍କ ମଧ୍ୟରେ ଶ୍ରେଷ୍ଠ ଓ ପୂଜିତ । ସେ ନିଶ୍ଚୟ କିଛି ବାଟ ଦେଖାଇବେ ।"

ଅକ୍ରୂର ବୟସରେ ତରୁଣ ହେଲେହେଁ ଜ୍ଞାନରେ ବୃଦ୍ଧ ଥିଲେ ଏବଂ ଈଶ୍ୱରଙ୍କ କୃପାରେ ତାଙ୍କର ଅଖଣ୍ଡ ବିଶ୍ୱାସ ଥିଲା । ଦୁଃଖ ଓ ଦୁର୍ଦ୍ଦିନ ବେଳେ ମଥୁରାର ଜନ-

Digitized by srujanika@gmail.com

ସାଧାରଣଙ୍କୁ ଯେ ସାହାଯ୍ୟ କରି ଆସିଥିବା ଯୋଗୁଁ ସେମାନଙ୍କର ତାଙ୍କ ପ୍ରତି ପ୍ରଗାଢ଼ ଶ୍ରଦ୍ଧା ଥିଲା ।

କଂସର ଚରମାନେ ତାଙ୍କୁ ଆସି ଖବର ଦେଲେ ଯେ ବିଦ୍ରୋହ ସମ୍ପୂର୍ଣ୍ଣ ଭାବରେ ଦମନ କରାଯାଇ ପାରିଚି । ବହୁ ଯାଦବ ନେତାମାନେ ପରିବାରବର୍ଗ ସହ ପଡ଼ୋଶୀ ରାଜାମାନଙ୍କୁ ପଳାଇ ଯାଇଛନ୍ତି । ଅନ୍ୟମାନେ ସମ୍ପୂର୍ଣ୍ଣ ଆନୁଗତ୍ୟ ସ୍ୱୀକାର କରିଛନ୍ତି । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି, ଏପରିକି ଯେଉଁମାନେ କଂସ ପ୍ରତି ଅନୁରକ୍ତ ସେମାନେ ଅକ୍ରୂରଙ୍କ ପରି ଏକ ନିରୀହ ନିର୍ଦ୍ଦୋଷ ବ୍ୟକ୍ତିଙ୍କ ପ୍ରତି ଯେଉଁ ଅନ୍ୟାୟ କରାଯାଇଛି, ସେଥିରେ ଦୁଃଖିତ ।

ଗୋଟିଏ ଥର ଆଘାତରେ ଯେଉଁ ଫଳ ମିଳିଚି ସେଥିରେ କଂସ ସନ୍ତୁଷ୍ଟ ହୋଇ ମନେକଲା, ଯେଉଁ ଲୋକମତ ପ୍ରକାଶ ପାଉଚି, ତାକୁ ଆଉ ଅବଜ୍ଞା କରିବା ଉଚିତ ହେବ ନାହିଁ । ତେଣୁ ଅକ୍ରୂରଙ୍କୁ ମୁକ୍ତ କରିଦେଲେ ଲୋକେ ତା'ର ଏହି କାର୍ଯ୍ୟକୁ ପ୍ରଶଂସା କରିବେ ଓ ସେମାନଙ୍କର ଅସନ୍ତୋଷ ରହିବ ନାହିଁ ।

କୁରୁବୀର ଭୀଷ୍ମଙ୍କଠାରୁ ସମ୍ବାଦ ନେଇ ବାର୍ତ୍ତାବହମାନେ ପହଞ୍ଚିଲେ । ବସୁଦେବ ଇନ୍ଦ୍ରପ୍ରସ୍ଥ ଯିବାପାଇଁ ଭୀଷ୍ମ ନିମନ୍ତ୍ରଣ କରି-ଛନ୍ତି । କଂସ କି ଉତ୍ତର ଦେବ ବୁଝି ପାରିଲା ନାହିଁ । କଂସ ଜାଣେ ଯେ ଭୀଷ୍ମ ଜଣେ ଦୁର୍ଜୟ ଯୋଦ୍ଧା । ସେ ହସ୍ତିନାପୁରର ଶକ୍ତିଶାଳୀ ସାମ୍ରାଜ୍ୟର ରକ୍ଷକ । ତାଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିବା ଅର୍ଥ ତାଙ୍କର ଶତ୍ରୁତା ଭାଜନ ହେବା । ଏଥିରୁ କିପରି ରକ୍ଷା ମିଳିବ, କଂସକୁ କିଛି ବାଟ ମିଳିଲା ନାହିଁ । କିନ୍ତୁ ସେ ଜାଣିଲା ହସ୍ତିନା-ପୁରରେ ଅକ୍ରୂରଙ୍କ ପ୍ରତି ସମସ୍ତଙ୍କର ଭଲ ଧାରଣା ଅଛି ଓ ତାଙ୍କୁ ସେ କିଛି ବୁଦ୍ଧି ଦେଇ ପାରନ୍ତି । ତେଣୁ ସେ ଶୀଘ୍ର ଅକ୍ରୂରଙ୍କୁ ମୁକ୍ତ କରିଦେଲା ।

ଅକ୍ରୂର ଅତ୍ୟାଚାରୀ ରାଜାର ଅନୁଗ୍ରହ ଭିକ୍ଷା କରୁ ନ ଥିଲେ । ସେ ସିଧା ସିଧା ଘରକୁ ଯାଇ ତାଙ୍କର ପରିବାରବର୍ଗଙ୍କୁ ଗୋକୁଳ ପଠାଇ ଦେଲେ ଓ ଅତ୍ୟାଚାରିତ ମଥୁରାବାସୀଙ୍କୁ ସାନ୍ତ୍ୱନା ଦେବାପାଇଁ ନିଜେ ମଥୁରାରେ ରହିଲେ । କଂସର ଅନୁଚରବର୍ଗ କି କି ଅତ୍ୟାଚାର କରିଛନ୍ତି, ସେ ପ୍ରତ୍ୟେକ ଲୋକର ଘରକୁ ଯାଇ ଗଭୀର ସହାନୁଭୂତିର ସହିତ ତାହା ଶୁଣିଲେ । ସେ ସେମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ କରିବା ପାଇଁ ଚେଷ୍ଟା କଲେ । ସବୁଠାରୁ ସେମାନଙ୍କର ଯାହା ବିଶେଷ ଦରକାର ଓ ତାଙ୍କ ପାଖରେ ତାହା ପ୍ରଚୁର ପରିମାଣରେ ଥିଲା, ସେମାନଙ୍କୁ ସେ ତାହା ଦେଲେ । ଏହି ଅମୂଲ୍ୟ ଧନ ହେଉଚି ଭଗବତ ବିଶ୍ୱାସ । ସେ ସେମାନଙ୍କୁ କହିଲେ, "ଏପରିକି ଆମର ଏ ଦୁର୍ଦ୍ଦଶା ମଧ୍ୟ ଭଗବାନଙ୍କ ଅଭିପ୍ରେତ । କାରଣ ଏହି ଦୁଃଖ ରୂପକ ଅଗ୍ନିରେ ପରୀକ୍ଷା ଦେଇ ସେମାନଙ୍କୁ ସୁବର୍ଣ୍ଣ ପରି ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ । ସେମାନେ ନିଶ୍ଚୟ ଉତ୍ତୀର୍ଣ୍ଣ ହେବେ । କାରଣ ଭଗବାନ ନିଜେ କହିଛନ୍ତି, "ମୋର ଭକ୍ତମାନେ ବିନାଶ ଯା'ନ୍ତି ନାହିଁ ।"

ଲୋକଙ୍କ ହୃଦୟରେ ନୂତନ ଆଶା ଜାଗ୍ରତ ହେଲା ଏବଂ ଦୁଃଖ, କଷ୍ଟ ଭିତରେ ଜିବାପାଇଁ ସେମାନଙ୍କୁ ନୂତନ ଶକ୍ତି ଓ ସାହସ ମିଳିଲା ।

Digitized by srujanika@gmail.com

# ଅବିସ୍ମରଣୀୟ ଜୀବନ ସ୍ମୃତି

୬୪



## କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ

ଡକ୍ଟର ପ୍ରାଣକୃଷ୍ଣ ପରିଜା

ମୁଁ ଏଠାରେ ଉଲ୍ଲେଖ କରି ପାରେ ଯେ କେମ୍ବ୍ରିଜ ଉଦ୍ଦେଶ୍ୟରେ କଲିକତା ଛାଡ଼ିବା ପୂର୍ବରୁ ମୋର ଆତ୍ମୀୟ ସ୍ୱଜନ ମାନଙ୍କ ଠାରୁ ବିଦାୟ ଦେବା ପାଇଁ ମୁଁ ଆମ ଗାଁ ଘରଠିକି ଯାଇଥିଲି । ସେମାନେ ସେଠାରେ କେତେକ ଧାର୍ମିକ ଉତ୍ସବର ଆୟୋଜନ କରିଥିଲେ । ତାହା ମଧ୍ୟରେ ଥିଲା ଝଙ୍କଡ଼ରେ ଥିବା ସାରଳା ଠାକୁରାଣୀଙ୍କ ମନ୍ଦିରକୁ ଯିବା । ଆମ ପରିବାରରେ ଏପରିକି ଆମ ଗୋଷ୍ଠିରେ ବୋଲି ମଧ୍ୟ କୁହାଯାଇ ପରେ, ପାଠ ପଢ଼ା ହେଉ କିମ୍ବା ଯେ କୌଣସି ଶୁଭ କାର୍ଯ୍ୟ ହେଉ, ସେଥିରେ ସାରଳା ଠାକୁରାଣୀଙ୍କ ପାଖକୁ ଯାଇ କଳା ଶାଢ଼ୀ ଦେବା ଏକ ପ୍ରଥା ରୂପେ ଚଳି ଆସିଥିଲା । ମୋ କ୍ଷେତ୍ରରେ ମଧ୍ୟ ତାହା ହିଁ ହେଲା ।

### ପ୍ରଥମ ମହାଯୁଦ୍ଧ

କଲିକତାଠାରୁ ରେଲ ଯାତ୍ରା କରିବା ଆରମ୍ଭରେ ଷ୍ଟେସନକୁ ବହୁ ବନ୍ଧୁ ମତେ ବିଦାୟ ଦେବା ପାଇଁ ଆସିଥିଲେ । କେତେ ତାରିଖରେ ମୁଁ କଲିକତା ଛାଡ଼ିଲି, ମୋର ଠିକ୍ ମନେ ପଡ଼ୁ

Digitized by srujanika@gmail.com

ନାହିଁ । ବୋଧହୁଏ ୧୯୧୪ ମସିହା ଅକ୍ଟୋବର ୧୦ ତାରିଖ ହେବ । ଏହା ପୂର୍ବରୁ ଆମର ବିଲାତ ଯାତ୍ରାର ଦିନ ଠିକ୍ କରି ଯାଇଥିଲି । କିନ୍ତୁ ଜୁଲାଇ ୨୮ ତାରିଖରେ ଅଷ୍ଟ୍ରିଆ ସର୍ବିଆ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାରୁ ଏବଂ ୧୯୧୪ ଅଗଷ୍ଟ ୪ ତାରିଖରେ ଇଂଲଣ୍ଡ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାରୁ ଯାତ୍ରା ଦିନ ସ୍ଥଗିତ ରଖିବାକୁ ପଡ଼ିଥିଲି ।

ଓଡ଼ିଶାର ଅନ୍ୟ ଜଣେ ଛାତ୍ର ଶ୍ରୀ ସଚ୍ଚିଦାନନ୍ଦ ରାୟ ପାରଳା ଖେମଣ୍ଡି ମହାରାଜାଙ୍କ ବୃତ୍ତି ପାଇ ବିଲାତ ଯାଉଥିଲେ । ସେ ମଧ୍ୟ ମୋ ସହିତ ଥିଲେ । ତାଙ୍କର ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ପଢ଼ିବାର ହେଲା । ସେଠାରେ ସେ ଇତିହାସ ଅଧ୍ୟୟନ କଲେ ଏବଂ ଫେରିବା ପରେ ପାରଳାଖେମଣ୍ଡି ମହାରାଜା କଲେଜର ପ୍ରିନ୍ସିପାଲ ଭାବରେ କେତେକ ବର୍ଷ କାର୍ଯ୍ୟ କଲେ । ପାରଳା ଖେମଣ୍ଡି ଓଡ଼ିଶାରେ ମିଶିବା ପରେ ସେ ରେଭେନ୍ସା କଲେଜିଏଟ ସ୍କୁଲ ସମୂହର ଇନ୍ସପେକ୍ଟର, ରେଭେନ୍ସା କଲେଜର ପ୍ରିନ୍ସିପାଲ ଏବଂ ଶେଷରେ ଡ଼ି. ପି. ଆଇ ହୋଇଥିଲେ ।

## ଆଚାର୍ଯ୍ୟ ଓ ମିଶ୍ରିତ ଶୈଳୀ

ସେହି ଗାଡ଼ିରେ ଯାତ୍ରା କରୁଥିଲେ ଭାରତ ସରକାରଙ୍କ ଜଣେ ବୃତ୍ତି ଧାରୀ ଛାତ୍ର ଶ୍ରୀ ପ୍ରସନ୍ନ କୁମାର ଆଚାର୍ଯ୍ୟ । ସେ ପ୍ରାଚ୍ୟ ବିଦ୍ୟା ଅଧ୍ୟୟନ କରିବା ପାଇଁ ଯାଉଥିଲେ, ବଙ୍ଗଳାର ବିଖ୍ୟାତ ସ୍ୱାଧୀନତା ସଗ୍ରାମର ଯୋଦ୍ଧା ଏବଂ ସୁବିଦିତ ହୋମିଓ ପାଥିକ୍ ଡ଼ାକ୍ତର ପ୍ରାଣକୃଷ୍ଣ ଆଚାର୍ଯ୍ୟଙ୍କର ସେ ପୁତ୍ର । ଶ୍ରୀ ଆଚାର୍ଯ୍ୟ ଲଣ୍ଡନ ବିଶ୍ୱ ବିଦ୍ୟାଳୟରେ ପ୍ରାଚ୍ୟ ବିଦ୍ୟା ସବୁ, ବିଶେଷତଃ ସଂସ୍କୃତର ଅଧ୍ୟୟନ ପାଇଁ ଯାଉଥିଲେ । ଗାଡ଼ିରେ ଆମ ଉଭୟଙ୍କର ସାକ୍ଷାତ ହେଲା, ଏବଂ ବମ୍ବେରେ ଆମେ ଏକାଠି ହେଲୁ । ଯାତ୍ରା ସମୟରେ ଘନିଷ୍ଠତା ବଢ଼ିଲା ଏବଂ ଆଚାର୍ଯ୍ୟ ଓ ମୁଁ ସାରା ଜୀବନ ବନ୍ଧୁ ହୋଇ ରହିଲୁ । ଶ୍ରୀ ଆଚାର୍ଯ୍ୟ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ଯୋଗ ଦେଲେ ଏବଂ ମୁଁ କେମ୍ବ୍ରିଜ ଗଲି । କିନ୍ତୁ ଛୁଟି ସମୟରେ ଆମେ ପରସ୍ପରକୁ ସାକ୍ଷାତ୍ କରୁଥିଲୁ । ଲଣ୍ଡନରେ ସେ ପଢ଼ା ଶେଷ କରି ଲାଇଡ଼େନ୍ ଯାଇଥିଲେ ଓ ସେଠାରୁ ଡ଼କ୍ଟରେଟ ପାଇଲେ । ଭାରତକୁ ଫେରିବା ପରେ ସେ ଆଇ. ଇ. ଏସ ରେ ଯୋଗଦେଇ ଏଲ୍ହାବାଦ ମ୍ୟୁଅର କଲେଜର ସଂସ୍କୃତ ଅଧ୍ୟାପକ ହୋଇ ଥିଲେ । ପରେ ଏହି କଲେଜ ଏଲ୍ହାବାଦ ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ ହେଲା । ଭାରତକୁ ଫେରିବା ପରେ ଆମର ଘନିଷ୍ଠ ବନ୍ଧୁତା ରହିଥିଲା ଓ ବେଳେ ବେଳେ ଆମେ ପରସ୍ପରକୁ ସାକ୍ଷାତ୍ କରୁଥିଲୁ । ସଂସ୍କୃତରେ ଜଣେ ବିଦ୍ୱାନ୍ ଭାବରେ ସେ ପ୍ରାଚୀନ ଭାରତୀୟ ସ୍ଥାପତ୍ୟ ବିଦ୍ୟା ପ୍ରତି ଅନୁରକ୍ତ ଥିଲେ । ସେ ଏଲ୍ହାବାଦଠାରେ ନିଜର ଗୋଟିଏ ଘର ତିଆରି କରିଥିଲେ । ସେ ଘରଟି ବିଭିନ୍ନ ଶୈଳୀର ମିଶ୍ରଣ ବୋଲି କୁହା ଯାଇପାରେ । ତାହାର ଗୋଟିଏ ଭାଗ ସାଞ୍ଚି ସ୍ତୂପ ଶୈଳୀରେ, ଅନ୍ୟ ଗୋଟିଏ ଭାଗ ଅନ୍ୟ ଗୋଟିଏ ଶୈଳୀରେ ଏବଂ ଆଉ

Digitized by srujanika@gmail.com

ଗୋଟିଏ ଭାଗ ଆହୁରି ଏକ ଶୈଳୀରେ ନିର୍ମିତ ହୋଇଥିଲା । ସେ ତାଙ୍କର ବନ୍ଧୁମାନଙ୍କୁ ଏବଂ ସାକ୍ଷାତ କରିବାକୁ ଯାଉଥିବା ବ୍ୟକ୍ତିଙ୍କୁ ଗର୍ବର ସହିତ ଏହା ଦେଖାଉଥିଲେ । ସତ କହିବାକୁ ଗଲେ ମୁଁ ଏପରି ମିଶ୍ରିତ ଶୈଳୀରେ ପ୍ରଭାବିତ ହୋଇ ପାରିନଥିଲି । ତାଙ୍କର ବହି, "Glories of India" ପ୍ରାଚୀନ ଭାରତୀୟ ସଂସ୍କୃତି, କଳା ସାହିତ୍ୟ ଓ ଦର୍ଶନ ସମ୍ପର୍କରେ ଲିଖିତ ।

## ଜାହାଜ ଯାତ୍ରା

ବର୍ତ୍ତମାନ ଆମର ଜାହାଜ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରୁଛି । ୧୯୧୪ ମସିହା ଅଗଷ୍ଟ ୧୪ ତାରିଖ ଦିନ ଏସ୍. ଏସ୍. ମାଲ୍‌ଓ୍ୱା ନାମକ ୨୦ ହଜାର ଟନ୍ ବିଶିଷ୍ଟ ଜାହାଜରେ ଆମେ ଚଢ଼ିଲୁ । ବିହାର ସରକାରଙ୍କ ଅନ୍ୟତମ ବୃତ୍ତିପ୍ରାପ୍ତ ଛାତ୍ର ଏମ୍. ଆର୍. ୟୁ. ଜମାନ୍ ଆମ ସହିତ ଜାହାଜ ଚଢ଼ିଲେ । ଆମ ସଙ୍ଗରେ ଅନ୍ୟ ଯେଉଁମାନେ ଭାରତୀୟ ଥିଲେ, ସେମାନଙ୍କ ମଧ୍ୟରୁ ଦୁଇଜଣ ଶିଖ ଛାତ୍ରଙ୍କର ନାମ ମୋର ମନେ ପଡ଼ୁଛି—ଏ. ଏସ୍ ଗରେଓ୍ୱାଲ ଓ ଜେ. ଏସ୍ ଗରେଓ୍ୱାଲ ଦୁଇଜଣ ଯାକ ଦୁଇ ଭାଇ । ସେମାନେ ଆଗରୁ ବିଲାତ ଯାଇ ପଢୁଥିଲେ ଏବଂ ଛୁଟିରେ ଘରକୁ ଆସି ବିଲାତକୁ ଫେରି ଯାଉଥିଲେ । ଆମର ଜାହାଜ ଏଡ଼େନ୍, ପୋର୍ଟ ସଏଦ୍, ମାଲ୍‌ଟା, ମାର୍ସେଲିସ ଓ ଜିବ୍ରାଲଟର ଠାରେ ରହିଲା । ସାମାନ୍ୟ ବୋଇତ ଚଢ଼ା ଅସୁସ୍ଥତା ଛଡ଼ା ସମଗ୍ର ଯାତ୍ରାରେ ମୋର ବିଶେଷ କିଛି ହୋଇ ନାହିଁ । ପ୍ରତ୍ୟେକ ବନ୍ଦରରେ ଆମେ ଜାହାଜରୁ ଓହ୍ଲାଇ ସହର ଭିତରକୁ ଯାଉଥିଲୁ । ସବୁଠାରେ ଭାରତୀୟ ବ୍ୟବସାୟୀ ଥିଲେ । ଏପରିକି ଜିବ୍ରାଲ୍‌ଟରରେ ମଧ୍ୟ ଆମେ ଭାରତୀୟ ବ୍ୟବସାୟୀ ମାନଙ୍କୁ ଦେଖିଲୁ । ଆମର ଲଣ୍ଡନରେ ପହଞ୍ଚିବାର କଥା । କିନ୍ତୁ ଜାହାଜକୁ ସତର୍କ କରି ଦିଆଯାଇଥିଲା ଯେ ଇଂଲିଶ ପ୍ରଣାଳୀ ଭିତରେ ମାଇନ୍ ଖଞ୍ଜା ଯାଇଛି; ଅର୍ଥାତ୍ ବୋମା ମାନ ରଖା ଯାଇଛି । ତେଣୁ ଜାହାଜ ଲଣ୍ଡନ ନଯାଇ ପ୍ଲାଇମାଉଥ ଅଭିମୁଖରେ ଗଲା ।

ବମ୍ବେରୁ ପ୍ଲାଇମାଉଥ୍ ଲାଗିଲା କୋଡ଼ିଏ ଦିନ । ସେଠାରୁ ଆମେ ଗାଡ଼ିରେ ଲଣ୍ଡନ ଗଲୁ । ଇଂଲଣ୍ଡରେ ଗାଡ଼ିରେ ମାତ୍ର ଦୁଇଟି ଶ୍ରେଣୀ—ପ୍ରଥମ ଶ୍ରେଣୀ ଓ ତୃତୀୟ ଶ୍ରେଣୀ । ଅଧିକାଂଶ ଯାତ୍ରୀ ତୃତୀୟ ଶ୍ରେଣୀରେ ଯାଆନ୍ତି । କେବଳ ଲଣ୍ଡନ ଠାରୁ ଡୋଭର ଯାଉଥିବା ଏକ୍‌ସ୍‌ପ୍ରେସ ଗାଡ଼ିରେ ତିନୋଟି ଶ୍ରେଣୀ ଥିଲା । ଜାହାଜ କଂପାନି ଆମର ଟିକଟ କରିଥିଲେ । ଭାରତରୁ ଆସି ଏଠାରେ ସେପ୍‌ଟେମ୍ବର ମାସ ମଧ୍ୟ ଆମ ପକ୍ଷରେ ଅତିଶୟ ଥଣ୍ଡା ଜଣାଗଲା । ଯାତ୍ରା ସମୟରେ ସେପରି ବିଶେଷ କିଛି ସ୍ମରଣୀୟ ଘଟଣା ମୋର ମନେ ପଡ଼ୁନାହିଁ । କେବଳ ଯୁଦ୍ଧ ଘୋଷଣା ଯୋଗୁଁ ଯାହା ଏକ ଉତ୍ତେଜନା ପୂର୍ଣ୍ଣ ବାତାବରଣ ଥିଲା । ଲଣ୍ଡନରେ ପହଞ୍ଚିବା ପରେ ଇଣ୍ଡିଆ ଅଫିସର ଜଣେ ଭଦ୍ର ବ୍ୟକ୍ତି ମୋ ସହିତ ସାକ୍ଷାତ କଲେ ଏବଂ ଯେଉଁ ହଷ୍ଟେଲରେ ନୂଆ ହୋଇ ଆସୁଥିବା ଭାରତୀୟ ଛାତ୍ରମାନେ ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଯୋଗ ଦେବା ପୂର୍ବରୁ ରହନ୍ତି, ସେଠାରେ ମତେ ନେଇ ରଖାଇଲେ ।

Digitized by srujanika@gmail.com

ଫିଲ୍ଡ଼ ନାମକ ଜଣେ ବ୍ୟକ୍ତି ଏ ଦାୟିତ୍ୱରେ ଥିଲେ । ଗରେଓ୍ୱାଲ ଭ୍ରାତା ଦ୍ୱୟ ଆମଠାରୁ ବିଦାୟ ନେଇ ଚାଲିଗଲେ, କାରଣ ସେମାନେ ବିଲାତରେ ନୂଆ ନଥିଲେ । ସେମାନଙ୍କ ମଧ୍ୟରୁ ଜଣେ, ଏ.ଏସ ଗରେଓ୍ୱାଲ ଡ଼ାକ୍ତରୀ ପଢ଼ୁଥିଲେ ଏବଂ ଅନ୍ୟ ଜଣକ ଜେ. ଏସ. ଗରେଓ୍ୱାଲ ପଶୁ ଚିକିତ୍ସା ବିଜ୍ଞାନ ପଢ଼ି ଉତ୍ତର ଭାରତର କୌଣସି ଏକ ପ୍ରଦେଶରେ ଭେଟେରି-ନେରୀ ବିଭାଗରେ ଯୋଗ ଦେଇଥିଲେ । ଶେଷରେ ସେ ବିହାର-ଓଡ଼ିଶା ଭେଟେରିନେରୀ ସର୍ଭିସ୍‌ର ଡ଼ିରେକ୍ଟର ହୋଇଥିଲେ ।

ଅଳ୍ପଦିନ ପାଇଁ ଭାରତୀୟ ଛାତ୍ର ମାନଙ୍କ ପାଇଁ ରକ୍ଷିତ ହଷ୍ଟେଲରେ ଆମକୁ ରଖାଗଲା । ସେଠାରେ କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ରସାୟନ ଶାସ୍ତ୍ର ଅଧ୍ୟୟନ କରୁଥିବା ଶ୍ରୀ ସୁରେଶ ଚନ୍ଦ୍ର ସେନଙ୍କ ସହିତ ମୋର ସାକ୍ଷାତ ହେଲା । ଭାରତକୁ ଫେରିବା ପରେ ଦାର୍ଜିଲିଂ ଠାରେ ସେ ସରକାରୀ ସିଙ୍କୋନା ବଗିଚାରେ ରସାୟନବିଦ୍ ଭାବରେ ଯୋଗଦେଲେ । ପରେ କଲିକତା ଠାରେ ଥିବା ଡ଼ାକ୍ତର ମହଲାନବିଶଙ୍କ ପରିସଂଖ୍ୟାନ ସଂସ୍ଥାର ଶାସନ ମୁଖ୍ୟ ଭାବରେ ସେ ଯୋଗ ଦେଇଥିଲେ ।

ସଚ୍ଚିଦାନନ୍ଦ ରାୟ ଅକ୍‌ସଫୋର୍ଡ ଗଲେ ଏବଂ ମୁଁ ଓ ଏସ. ଆର. ୟୁ. ଜମାନ୍ ୧୯୧୪ ସେପ୍‌ଟେମ୍ବର ୧୪ ତାରିଖ ଦିନ କେମ୍ବ୍ରିଜ ଯାତ୍ରା କଲୁ । ଜମାନ୍ ଟ୍ରିନିଟି କଲେଜରେ ଯୋଗଦେଲେ ଏବଂ ମୁଁ କ୍ରାଇଷ୍ଟ'ସ କଲେଜରେ ଯୋଗ ଦେଲି । କ୍ରାଇଷ୍ଟ'ସ୍ କଲେଜର ଛାତ୍ର ସଂଖ୍ୟା ଦୁଇଶହ । ଟ୍ରିନିଟି ଓ ସେଣ୍ଟ ଜନ୍‌ସ୍ ତୁଳନାରେ ଏହା କ୍ଷୁଦ୍ର ହେଲେ ମଧ୍ୟ ଏହା ଏକ ଐତିହାସିକ ଅନୁଷ୍ଠାନ । ଏଥିରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ମାନଙ୍କ ମଧ୍ୟରେ ସାର ଫିଲିପ୍ ସିଡ୍‌ନିଙ୍କ ନାମ ଉଲ୍ଲେଖ ଯୋଗ୍ୟ । ମାନବ ପ୍ରେମୀ ଏହି ବିଖ୍ୟାତ ସୈନିକ ନିଜେ ତୃଷାର୍ତ୍ତ ଥାଇ ମଧ୍ୟ ଆଉ ଜଣେ ତୃଷାର୍ତ୍ତ ସୈନିକଙ୍କୁ ପାଣି ଗିଲାସେ ଦେଇ କହିଥିଲେ, "ମୋ ଅପେକ୍ଷା ତାଙ୍କର ଏହା ବେଶୀ ଦରକାର ।" କବି ମିଲଟନ୍ ଓ ଚାର୍ଲସ ଡ଼ାରଉଇନ୍ ମଧ୍ୟ କ୍ରାଇଷ୍ଟ'ସ କଲେଜର ଛାତ୍ର ଥିଲେ । ଏଠାରେ ମିଲଟନ ଗୋଟିଏ ତୁତକୋଳି ଗଛର ଚାରା ରୋପଣ କରିଥିଲେ । ଏବେ ସେ ଗଛଟି ଅଛି ଏବଂ ଭ୍ରମଣକାରୀ ମାନଙ୍କର ଦର୍ଶନୀୟ ବସ୍ତୁ ହୋଇ ରହିଛି । କଲେଜର ଖାଇବା ଘର କାନ୍ଥରେ ଏହି ସବୁ ବିଖ୍ୟାତ ଲୋକଙ୍କର ଛବି ଟଙ୍ଗା ଯାଇଛି । ଥରେ ଜଣେ ଅକ୍‌ସ-ଫୋର୍ଡ କଲେଜର ଫେଲୋ, ଜଣେ କ୍ରାଇଷ୍ଟ'ସ୍ କଲେଜ ଫେଲୋ ସହିତ ଖାଉଥିବା ବେଳର ଏକ କାହାଣୀ ଅଛି । ସେ ଏହି ସବୁ ବଡ଼ ଲୋକଙ୍କର ଛବି ଦେଖି ବିଶ୍ୱାସ କରି ପାରିଲେ ନାହିଁ ଯେ ସେମାନେ କ୍ରାଇଷ୍ଟ'ସ୍ କଲେଜର ଛାତ୍ର । ତେଣୁ ସେ ମାଷ୍ଟର (କଲେଜର ମୁଖ୍ୟ) ଙ୍କୁ ଏହି ମନ୍ତବ୍ୟ ପ୍ରକାଶ କଲେ, "ଆମେ ଅକ୍‌ସଫୋର୍ଡରେ କେବଳ ସେଠାରେ ପଢ଼ୁଥିବା ଲୋକଙ୍କର ଚିତ୍ର ରଖୁ ।" ମାଷ୍ଟର ଉତ୍ତର ଦେଲେ, "ଆମେ ମଧ୍ୟ ସେୟା କରୁ ।" ସେଥିରେ ଫେଲୋ ବଡ଼ ଅପ୍ରସ୍ତୁତ ହୋଇଗଲେ ।

ଭାରତୀୟ ମାନଙ୍କ ଦୃଷ୍ଟିରୁ କ୍ରାଇଷ୍ଟ'ସ୍ କଲେଜ ଏକ ଐତିହାସିକ ଅନୁଷ୍ଠାନ ।

Digitized by srujanika@gmail.com

କାରଣ କେମ୍ବ୍ରିଜର ଏହି କଲେଜ ପ୍ରଥମେ ଭାରତୀୟ ଛାତ୍ର ମାନଙ୍କୁ ସେଠାରେ ନାମ ଲେଖାଇବା ପାଇଁ ଅନୁମତି ଦେଇଥିଲା । ତାପରେ ସେଣ୍ଟଜନ୍‌ସ କଲେଜରେ ଭାରତୀୟ ଛାତ୍ର ମାନଙ୍କୁ ପଢ଼ିବା ପାଇଁ ଅନୁମତି ମିଳିଲା । କ୍ରାଇଷ୍ଟ'ସ୍ କଲେଜ ଭାରତୀୟମାନଙ୍କୁ ଅନୁମତି ଦେବା ପୂର୍ବରୁ ସେମାନେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଭର୍ତ୍ତି ହୋଇ ପାରୁ ନଥିଲେ । ଏପରିକି ମୋ ସମୟରେ ସେଲୱଇନ କଲେଜ ଭାରତୀୟ ମାନଙ୍କୁ ଗ୍ରହଣ କରୁ ନଥିଲା । କାରଣ ସ୍ୱରୂପ ଦର୍ଶା ଯାଉଥିଲା ଯେ ଏହା ଏକ ଖ୍ରୀଷ୍ଟାନ ଧର୍ମ ସମ୍ପର୍କୀୟ କଲେଜ । କ୍ରାଇଷ୍ଟ'ସ କଲେଜ ଭାରତୀୟ ମାନଙ୍କୁ ପ୍ରଥମେ ଅନୁମତି ଦେଇଥିବା ଯୋଗୁଁ ବହୁ ବିଶିଷ୍ଟ ଭାରତୀୟ ଏହି କଲେଜର ଛାତ୍ର ଥିଲେ । ଏଠାରେ ତତ୍‌କାଳୀନ ହାଇକୋର୍ଟ ଜଜ ହୋଇଥିବା ଜଷ୍ଟିସ୍ ମହମ୍ମଦଙ୍କ ନାମ, ଆନନ୍ଦ ମୋହନ ବୋଷ ଏବଂ ସାର ଜଗଦୀଶ ଚନ୍ଦ୍ର ବୋଷ, ସାର୍ କେ. ରାମନ ମେନନ୍ (ମାଡ୍ରାସ୍ ପ୍ରେସିଡ଼େନ୍‌ସି କଲେଜର ପ୍ରାଣୀତତ୍ତ୍ୱ ଅଧ୍ୟାପକ ଓ ପରେ ମାଡ୍ରାଜ ବିଶ୍ୱବିଦ୍ୟାଳୟର କୁଳପତି) ଙ୍କ ନାମ ଉଲ୍ଲେଖ କରାଯାଇ ପାରେ ।

ଏଠାରେ କେମ୍ବ୍ରିଜ କଲେଜର ସଗଠନ ସମ୍ପର୍କରେ ପାଠକ ମାନଙ୍କୁ କିଛି ଧାରଣା ଦେବା ଆବଶ୍ୟକ ମନେ କରୁଛି । କଲେଜର ଅଧକ୍ଷଙ୍କୁ ସାଧାରଣତଃ ମାଷ୍ଟର କୁହାଯାଏ । ବେଳେ ବେଳେ ତାଙ୍କୁ ପ୍ରେସିଡ଼େଣ୍ଟ, ପ୍ରୋଭେଷ୍ଟ ନାମରେ ମଧ୍ୟ ଡ଼କା ଯାଇଥାଏ । ତାପରେ ଫେଲୋଜ୍ । ଏମାନଙ୍କର ସଂଖ୍ୟା ସବୁ କଲେଜରେ ସମାନ ନୁହେ । ମୋ ସମୟରେ କ୍ରାଇଷ୍ଟ କଲେଜର ୧୪ ଜଣ ଫେଲୋ ଥିଲେ । ମାଷ୍ଟର ଫେଲୋ ମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ଅଧିକାଂଶ ଫେଲୋ ନିର୍ବାଚିତ ବ୍ୟକ୍ତି । ଯଦି କୌଣସି ଶୂନ୍ୟସ୍ଥାନ ଥାଏ, ତାହାହେଲେ ମାଷ୍ଟର ଓ ଅବଶିଷ୍ଟ ଫେଲୋମାନେ ଜଣେ ନୂଆ ଫେଲୋଙ୍କୁ ନିର୍ବାଚିତ କରନ୍ତି । ବିଶ୍ୱ ବିଦ୍ୟାଳୟ ନିୟମ ଅନୁଯାୟୀ ବିଶ୍ୱ ବିଦ୍ୟାଳୟର ସବୁ ଅଧ୍ୟାପକ କୌଣସି ନା କୌଣସି କଲେଜର ଫେଲୋ ହେବା ଆବଶ୍ୟକ । ତେଣୁ ପ୍ରତ୍ୟେକ କଲେଜରେ ଅଧ୍ୟାପକ ଫେଲୋମାନଙ୍କୁ ଦେଖିବାକୁ ମିଳେ । ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ କଲେଜ ପାଇଁ ଅଧ୍ୟାପକ ଫେଲୋଙ୍କ ସଂଖ୍ୟା ନିରୂପଣ କରି ଦେଇଥାଏ । ଯଦି ନିରୂପଣ ସମୟରେ କୌଣସି କଲେଜରେ ଏଥିପାଇଁ ଶୂନ୍ୟସ୍ଥାନ ନଥାଏ, ତାହାହେଲେ ଜଣେ ଅଧ୍ୟାପକଙ୍କୁ ଫେଲୋରୂପେ ନ ନେଇ ପାରୁ ଥିବା ଯୋଗୁଁ ସେ କଲେଜକୁ କିଛି ବାର୍ଷିକ ଅର୍ଥ ଦେବାକୁ ପଡ଼େ । ଫେଲୋ ମାନଙ୍କର ଡ଼ାକ ନାମ ହେଉଛି ଡ଼ନ୍ । ଏମାନଙ୍କ ମଧ୍ୟରୁ ଜଣେ ଡ଼ିନ ନିର୍ବାଚିତ ହୁଅନ୍ତି ଏବଂ ସେ କଲେଜର ଶୃଙ୍ଖଳା ରକ୍ଷା ପାଇଁ ଦାୟୀ ରହନ୍ତି । ଯଦି କିଛି ଗୁରୁତର ବିଶୃଙ୍ଖଳା ଘଟିଲା, ଡ଼ିନ୍ ଜଣେ ଛାତ୍ରଙ୍କୁ କଲେଜରୁ ବା ବିଶ୍ୱ ବିଦ୍ୟାଳୟରୁ ବହିଷ୍କୃତ କରି ଦେଇ ପାରନ୍ତି ।

ମୋ' ସମୟରେ ମାଷ୍ଟର, ଫେଲୋ, ଏବଂ ଅଧ୍ୟାପକ ମାନଙ୍କର କାର୍ଯ୍ୟକାଳ ସାରା

Digitized by srujanika@gmail.com

ଜୀବନ ପାଇଁ ଥିଲା । ସୁତରାଂ ସେତେବେଳେ ଅନେକାରେ କୁହା ଯାଉଥିଲା, "ମୃତ୍ୟୁ, ଇସ୍ତଫା ଦାନ କିମ୍ବା ହତ୍ୟା ଦ୍ୱାରା ହିଁ କେବଳ ଶୂନ୍ୟସ୍ଥାନ ମୁକ୍ତି ହୋଇପାରେ ।" କିନ୍ତୁ ଏବେ ଏକ ବୟସଗତ ସୀମା ନିର୍ଦ୍ଧାରଣ କରାଯାଇଛି । ତାହା ହେଉଛି ୭୦ ବର୍ଷ ।

ପ୍ରତ୍ୟେକ କଲେଜର ଛାତ୍ର ସଂଖ୍ୟା ସୀମିତ । କ୍ରାଇଷ୍ଟ'ସ କଲେଜର ଛାତ୍ର ସଂଖ୍ୟା ଥିଲା ଦୁଇ ଶହ । ଜଣେ ଛାତ୍ରକୁ କଲେଜରେ ଗୋଟିଏ ରୁମ ନେଇ କିମ୍ବା କଲେଜ ଛାଡ଼ି ରହିବା ପାଇଁ ଲାଇସେନ୍ସ ପ୍ରାପ୍ତ ବସାଘରେ ରହିବାକୁ ପଡୁଥିଲା । କଲେଜରେ ସବୁଛାତ୍ରଙ୍କର ରହିବା ପାଇଁ ଘର ନଥିବା ଯୋଗୁଁ କେତେକ ଛାତ୍ରଙ୍କୁ ଲାଇସେନ୍ସ ପ୍ରାପ୍ତ ବସା ଘରେ ରହିବାକୁ ପଡୁଥିଲା । ଅବଶ୍ୟ ସମାନ୍ୟରେ ବର୍ଷକ ପାଇଁ ପ୍ରତ୍ୟେକ ଛାତ୍ରକୁ କଲେଜରେ ଗୋଟିଏ ରୁମ ମିଳୁଥିଲା । ଉପର ଶ୍ରେଣୀରେ ପଢୁଥିବା ଛାତ୍ରମାନେ ଘର ଛାଡ଼ି ଦେଉଥିଲେ ଓ ତଳେ ପଢୁଥିବା ଛାତ୍ରମାନେ ସେଠାରେ ଆସି ରହୁଥିଲେ । କଲେଜରେ ଗୋଟିଏ ରୁମ ବାସ୍ତବରେ ତିନୋଟି ରୁମର ସମାବେଶ ଥିଲା—ଗୋଟିଏ ଶୋଇବା ଘର, ଗୋଟିଏ ବୈଠକଖାନା ଏବଂ ଗୋଟିଏ ଭଣ୍ଡାର ଘର । ବାହାରେ ଥିବା ବସାଘରେ ମଧ୍ୟ ଜଣେ ଛାତ୍ର ଗୋଟିଏ ଶୋଇବା ଘର ଏବଂ ଗୋଟିଏ ବୈଠକ ଖାନା ପାଉଥିଲା । ଛାତ୍ରଙ୍କ ସଂଖ୍ୟା ବଢ଼ିବା ପରେ ଏ ବ୍ୟବସ୍ଥାର ପରିବର୍ତ୍ତନ ହୋଇଛି । ବର୍ତ୍ତମାନ ପ୍ରତ୍ୟେକ ଛାତ୍ର କେବଳ ଗୋଟିଏ ଘର ପାଉଛନ୍ତି । କେବଳ କ୍ରାଇଷ୍ଟ'ସ କଲେଜର ଛାତ୍ର ସଂଖ୍ୟା ହେଉଛି ୫୦୦ ।

ଜଣେ ଛାତ୍ର କଲେଜରେ ରହୁ ବା ଲାଇସେନ୍ସ ପ୍ରାପ୍ତ ବସାଘରେ ରହୁ, କଲେଜ ହଲରେ ତାକୁ ନିଶ୍ଚୟ ଖାଇବାକୁ ହେବ । ସେ କେବଳ ସପ୍ତାହରେ ଥରେ ଖାଇବା ବେଳେ ଅନୁପସ୍ଥିତ ରହିପାରେ । ଯଦି ସେ ବେଶି ଅନୁପସ୍ଥିତ ରହେ, ତାହାହେଲେ ତାକୁ ଖାଇବା ଜରିମାନା ଦେବାକୁ ପଡ଼େ । ଯଦି ଏପରି ଅନୁପସ୍ଥିତ ହେବାଟା ତାର ଅଭ୍ୟାସଗତ ହୋଇଗଲା, ତାହା ହେଲେ ଡିନଙ୍କ ପାଖରେ ଏହାର କୈଫିୟତ ଦେବାକୁ ପଡ଼ିବ । ଭୋଜନ ଶାଳା ରେ "ଫ୍ରେସମେନ୍" (ପ୍ରଥମ ବାର୍ଷିକ ଛାତ୍ରମାନଙ୍କୁ Freshors କୁହାଯାଏ) କେନ୍ଦ୍ରସ୍ଥଳରେ ବସନ୍ତି । ଦ୍ୱିତୀୟ ବାର୍ଷିକ ଛାତ୍ରମାନେ ଘର ଭିତରେ ପଶିଲେ କେନ୍ଦ୍ରର ବାମକୁ ଥିବା ଟେବୁଲ ପାଖରେ ବସନ୍ତି ଏବଂ ତୃତୀୟ ବାର୍ଷିକ ଛାତ୍ରମାନେ ଡାହାଣକୁ ବସନ୍ତି । ଭୋଜନ ଶାଳାର ଶେଷରେ ଗୋଟିଏ ଉନ୍ନତ ମଞ୍ଚ ଉପରେ ମାଷ୍ଟର ଓ ଫେଲୋମାନେ ବସନ୍ତି । କୌଣସି ବିଶିଷ୍ଟ ବ୍ୟକ୍ତି ଖାଇବାକୁ ନିମନ୍ତ୍ରିତ ହୋଇ ଆସିଲେ ସେ ଫେଲୋମାନଙ୍କ ସହିତ ବସି ଭୋଜନ କରନ୍ତି । ମୋ ସମୟରେ ଦକ୍ଷିଣ ଆଫ୍ରିକାର ଜେନେରାଲ ସ୍ମଟସ୍ ଏହିପରି ନିମନ୍ତ୍ରିତ ହୋଇ ଆସିଥିଲେ ଏବଂ କଲେଜର ସେ ପୁରାତନ ଛାତ୍ର ଥିବା ଯୋଗୁଁ ଛାତ୍ରମାନଙ୍କ ପକ୍ଷରୁ ବିପୁଳ ଆନନ୍ଦଧ୍ୱନିରେ ତାଙ୍କୁ ସ୍ୱାଗତ କରାଯାଇଥିଲା ।

ସ୍ନାତକୋତ୍ତର ଛାତ୍ରମାନେ କଲେଜ ଉପର ମହଲରେ ଥିବା ବାଲ୍‌କୋନିରେ

Digitized by srujanika@gmail.com

ଖାଉଥିଲେ । କଲେଜ ଘରେ ରହୁଥିବା ଛାତ୍ର-ମାନେ ସେମାନଙ୍କର ପ୍ରାତଃ ଭୋଜନ ଓ ମଧ୍ୟାହ୍ନ ଭୋଜନ ନିଜ ରୁମରେ କରିବାରେ କୌଣସି ଆପତ୍ତି ନଥିଲା । ଧନୀ ଛାତ୍ରମାନେ କଲେଜ ପାକଶାଳାରୁ ସେମାନଙ୍କର ପ୍ରାତଃ ଭୋଜନ ଓ ମଧ୍ୟାହ୍ନ ଭୋଜନ ଅର୍ଡ଼ର ଦେଇ ମଗାଇ ପାରୁଥିଲେ । ଅନ୍ୟମାନେ ନିଜେ ନିଜେ ପରିଜ୍ ବା ଖିରି ରାନ୍ଧି ଏବଂ ଅଣ୍ଡା ସିଝାଇ ଖାଇବା ବ୍ୟବସ୍ଥା କରୁଥିଲେ । ଏ କାର୍ଯ୍ୟରେ ବେଳେ ବେଳେ ଜିପ୍ (gyp) ମାନେ ତାଙ୍କୁ ସାହାଯ୍ୟ କରୁଥିଲେ । ଗୋଟିଏ ସିଡ଼ି (ଷ୍ଟେୟାରକେସ୍) ୪ଟି କିମ୍ବା ୫ଟି ରୁମ ପାଇଁ ଥାଏ । ଏପରି ଦୁଇଟି ସିଡ଼ିରେ ଥିବା ରୁମ ମାନଙ୍କର ଗୁହାଳ ଶୁଣ୍ଡା କରିବା ଚାକରର ନାମ ହେଉଛି ଜିପ୍ । ପାଞ୍ଚଜଣ ଛାତ୍ର ସେଠାରେ ରହନ୍ତି । ଏହି ଚାକରକୁ ତାର ସ୍ତ୍ରୀ ମଧ୍ୟ ସାହାଯ୍ୟ କରେ । ମୁଁ ଯେତେବେଳେ କଲେଜରେ ରହିଲି, ମୋ ସିଡ଼ିର ନମ୍ବର ଥିଲା 'ଏମ୍' । ମୁଁ ସବା ଉପର ରୁମରେ ରହୁଥିଲି । ମୋର ଜିପ୍‌ର ନାମ ଥିଲା ବେନେଟ୍ । ଆମ ଦୁହିଁଙ୍କ ଭିତରେ ଭଲ ପଡ଼ୁଥିଲା ଏବଂ ସେ ମୋତେ ତା'ଘରକୁ ମଝି ମଝିରେ ଚାହା ଖାଇବା ପାଇଁ ଡ଼ାକୁଥିଲା ।

ଜଣେ ଛାତ୍ର କଲେଜରେ ରହୁ ବା ଲାଇସେନ୍‌ସ ପ୍ରାପ୍ତ ବସାଘରେ ରହୁ ଦଶଟା ପୂର୍ବରୁ ତାକୁ ନିଜ ରୁମକୁ ଫେରି ଆସିବାକୁ ହେବ । ଯଦି ଡେ଼ରି ହେଲା ତାହାହେଲେ ଜୋରିମାନା ଦେବାକୁ ପଡ଼ିବ । ଦଶଟା ଠାରୁ ଏଗାରଟା ଭିତରେ ଆସିଲେ ତିନି ପେନ୍‌ସ ଓ ଦଶଟାରୁ ବାରଟା ଭିତରେ ଆସିଲେ ଛଅ ପେନ୍‌ସ ଦେବାକୁ ପଡ଼ୁଥିଲା । ବାରଟା ପରେ ଆସିଲେ ଏହାକୁ ଏକ ଗୁରୁ-ତର ଅପରାଧ ବୋଲି ବିଚାର କରା ଯାଉ-ଥିଲା । ବାରମ୍ବାର ଏପରି ଆସିଲେ କଲେଜରୁ ବହିଷ୍କୃତ କରା ଯାଉଥିଲା । ସପ୍ତାହରେ କେତେକ ଦିନ ଅବଶ୍ୟ ଛାତ୍ରମାନଙ୍କର ଡ଼େ଼ରିରେ ଫେରିବାରେ ଆପତ୍ତି ନଥିଲା । ମୋର ଜଣେ ସମକାଳୀନ ଛାତ୍ରଙ୍କ କଥା ମନେ ପଡ଼ୁଛି । ସୈମନ ସିଂ ର ଅନ୍ତର୍ଦ୍ୱାରୁଲ୍ ଆଜମ୍; ତାଙ୍କର କେବେହେଲେ ଡ଼େ଼ରି ହୋଇନଥିଲା । ଡ଼ିନ୍ ତାଙ୍କୁ ଡ଼ାକାଇ ପଠାଇ ପଚାରିଲେ, ତୁମର କ'ଣ କେହି ବନ୍ଧୁ ନାହାନ୍ତି, ନା ତୁମେ କାହା ସହିତ ମିଶା ମିଶି କର ନାହିଁ ? କାହିଁ ତମର ତ ଦିନେ-ହେଲେ ସନ୍ଧ୍ୟାବେଳେ ଡ଼େ଼ରି ହେଉନାହିଁ ।"

କଲେଜ ଗେଟ୍ ଓ ଲାଇସେନ୍‌ସ ପ୍ରାପ୍ତ ବସାଘରର ଦ୍ୱାର ସବୁ ଠିକ୍ ଦଶଟା ବେଳେ ପଡ଼ି ଯାଉଥିଲା । ପୋର୍ଟର ବା ଦ୍ୱାର ରକ୍ଷକ ଡ଼େ଼ରିରେ ଫେରୁଥିବା ସବୁ ଛାତ୍ରଙ୍କ ନାମ ଲେଖି ରଖୁଥିଲା । ବସା ଘରର ମାଲିକାଣୀ ଡ଼େ଼ରିରେ ଫେରୁଥିବା ସମସ୍ତଙ୍କର ନାମ କଲେଜକୁ ରିପୋର୍ଟ କରୁଥିଲା; ତା' ନହେଲେ ତା'ର ଲାଇସେନ୍‌ସ କଟି ଯାଆନ୍ତା । ପୋର୍ଟର ମାନେ ଡ଼ିନ୍ ଭଳି ପୋଷାକ ପିନ୍ଧୁ-ଥିଲେ । ରବିବାର ଦିନ ସେମାନେ ସକାଳୁ ଆ କୋଟ ଓ ଉଚ୍ଚା ଟୋପି ପିନ୍ଧୁଥିଲେ । ପ୍ରକୃତରେ ସେମାନେ ଡ଼ିନ୍ ମାନଙ୍କଠାରୁ ଭଲ ପୋଷାକ ପିନ୍ଧନ୍ତି । ନୂଆ ଛାତ୍ରମାନଙ୍କର କା'ଣ କରିବା ଉଚିତ ନୁହେଁ, ସେ ସମ୍ପର୍କରେ

Digitized by srujanika@gmail.com

ଏକ ପୁସ୍ତିକା ପ୍ରକାଶିତ ହୁଏ । ସାଧାରଣତଃ ନୂଆ ହୋଇ ଯୋଗ ଦେଉଥିବା ଛାତ୍ରମାନେ କେତେକ ସାଧାରଣ ଭୁଲ କରନ୍ତି, ତାହାର ସଂଶୋଧନ ପାଇଁ ଏହି ପୁସ୍ତିକା ଉଦ୍ଦିଷ୍ଟ । ସେଥିରେ ଗୋଟିଏ ବକ୍ତବ୍ୟ ହେଲା, "ପୋଟରକୁ ଦେଖି ଡନ ବୋଲି ଭୁଲ ବୁଝିବ ନାହିଁ, ଡନ ଅପେକ୍ଷା ପୋଟର ଭଲ ପୋଷାକ ପିନ୍ଧେ ।"

ଯାହା ହେଉ, ପୋର୍ଟର ଓ ବୟାଘର ମାନଙ୍କର ମାଲିକାଣୀଙ୍କ ସମେତ ସମସ୍ତେ ଏହି କଠୋର ଭାବେ ନିୟମ ମାନି ଚଳନ୍ତି । ଭାରତୀୟ ମାନେ ଏଇଟା ବିଶେଷ ଭାବେ ଲକ୍ଷ୍ୟ କରନ୍ତୁ, କାରଣ ସ୍ୱଭାବତଃ ସେମାନେ ଢିଲା କାରବାରରେ ଅଭ୍ୟସ୍ତ ।

—※—

ORIENT DISTRIBUTORS
&
Agencies Private Limited
MERIA BAZAR
CUTTACK-1.
Distributors of: ACC's Portland Cement, White Cement & Water Proofing Compound

Digitized by srujanika@gmail.com

# ଜାଭାରେ ରାମକଥା

ସ୍ୱର୍ଣ୍ଣଲତା ପ୍ରଧାନ, ଏମ. ଏ.

ଭାରତର ତଥା ଏହାର ନିକଟବର୍ତ୍ତୀ ଦେଶ ତିବ୍ବତ, ଚୀନ, ସ୍ୟାମ, ଜାଭା, ବ୍ରହ୍ମଦେଶ ଆଦି ଦେଶ ଗୁଡ଼ିକର ସାହିତ୍ୟରେ ରାମ କଥାର ଅଦ୍ୱିତୀୟ ବ୍ୟାପକତା ଏସିଆ ମହାଦେଶର ସାଂସ୍କୃତିକ ଇତିହାସର ଏକ ମହତ୍ୱପୂର୍ଣ୍ଣ ତତ୍ତ୍ୱ । ଲୋକ ପ୍ରାଣର ଅମୂଲ୍ୟଧନ ଏହି ରାମକଥା କେବଳ ଭାରତରେ ନୁହେଁ ସମଗ୍ର ପୃଥିବୀର କୋଣେ କୋଣେ ବିଭିନ୍ନ ସାହିତ୍ୟ ମାଧ୍ୟମରେ ନାନାଦୃଷ୍ଟି କୋଣରୁ ଅଧ୍ୟୟନ କରା ଯାଉଛି । କେବଳ ସଂସ୍କୃତ ସାହିତ୍ୟରେ ନୁହେଁ, ବୌଦ୍ଧ ସାହିତ୍ୟ, ଜୈନ ସାହିତ୍ୟ, ସଂସ୍କୃତ ଲଳିତ ସାହିତ୍ୟ ତଥା କଥା ସାହିତ୍ୟରେ ମଧ୍ୟ ରାମାୟଣର ପ୍ରଭାବ ଅତୁଳନୀୟ । ତିବ୍ବତୀୟ ରାମାୟଣ, ଖୋତାନୀ ରାମାୟଣ, କାକାୱିନ୍ ରାମାୟଣ, ହିକାୟତ୍ ସେରୀ ରାମ, ଇତ୍ୟାଦି ବିଦେଶୀ ରାମକଥା ସାହିତ୍ୟ ବିଶ୍ୱ ଦରବାରରେ ଭାରତୀୟ ରାମାୟଣର ଉତ୍କର୍ଷକୁ ପ୍ରତିପାଦନ କରେ । ବିଦେଶରେ ରାମାୟଣର ପ୍ରଭାବ ଦ୍ୱାରା ଏହା ହିଁ ଅନୁଭୂତ ଯେ ଭାରତୀୟ ସଂସ୍କୃତି ଯାହାକି ରାମାୟଣର ପ୍ରତି ଛନ୍ଦେ ଛନ୍ଦେ ପ୍ରତିଫଳିତ ତାହା ବହୁ ପ୍ରାଚୀନ କାଳରୁ ଭାରତର ନିକଟବର୍ତ୍ତୀ ଦେଶ ଗୁଡ଼ିକୁ ବହୁ ଭାବରେ ପ୍ରଭାବିତ କରି ପାରିଛି । ଏସବୁ ଦେଶ ମଧ୍ୟରେ ଜାଭାରେ ରାମାୟଣର ପ୍ରଭାବ ସବୁଠାରୁ ଉଲ୍ଲେଖ ଯୋଗ୍ୟ ।

ଜାଭା ଯାହାର ଅନ୍ୟ ନାମ ଯବଦ୍ୱୀପ, ତାହାର ପ୍ରଥମ ପରିଚୟ ମିଳେ ଭାରତୀୟ ସାହିତ୍ୟର ଆଦିକାବ୍ୟ ବାଲ୍ମୀକି ବିରଚିତ ରାମାୟଣ ମହା କାବ୍ୟରେ । ବର୍ତ୍ତମାନ ଜାଭାରେ ଏହି ରାମାୟଣର ଅନେକ ସଂସ୍କରଣ ଆବିଷ୍କୃତ ହୋଇଛି । ଗଦ୍ୟ ଓ ପଦ୍ୟ ଉଭୟ ଆକାରରେ ରାମାୟଣର ପ୍ରାଚୀନ, ମଧ୍ୟବର୍ତ୍ତୀ କାଳୀନ, ଓ ଅଭିନବ ସଂସ୍କରଣ ବିଦ୍ୟମାନ । ବର୍ତ୍ତମାନ କାଳରେ ମଧ୍ୟ ଗ୍ରନ୍ଥ ନାଟ୍ୟ ଓ ଗଳ୍ପ ସାହିତ୍ୟରେ ରାମାୟଣର ଉପାଖ୍ୟାନ ଗୁଡ଼ିକର ସତ୍ତା ଜାଭାରେ ରାମାୟଣର ଗୁରୁତ୍ୱ ଓ ଲୋକପ୍ରିୟତା ପ୍ରତିପାଦନ କରେ । କିନ୍ତୁ ଜାଭା ତଥା ଇଣ୍ଡୋନେସିଆର ଅନ୍ୟ ଦ୍ୱୀପ ପୁଞ୍ଜରେ ବିଦ୍ୟମାନ ରାମକଥାରେ ମୂଳ ରାମାୟଣ ଠାରୁ ଅନେକ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ । ଏଥିରୁ ଏହାହିଁ ଜଣାପଡ଼େ ଯେ ସେତେବେଳେ ଜାଭା ଦେଶବାସୀ ମୂଳ ରାମାୟଣକୁ ସ୍ୱାଧୀନ ଭାବରେ ପରିବର୍ତ୍ତନ କରି ସ୍ୱଭାଷାରେ ରଚନା କରିବାରେ ପଶ୍ଚାତ୍ ପଦ ହୋଇ ନ ଥିଲେ । ଜାଭାର ରାମକଥା ସାହିତ୍ୟର ପରିବର୍ତ୍ତନ ହେବାର ମୂଳରେ ଏହି କାରଣ ମଧ୍ୟ ଆଇପାରେ ଯେ ଜାଭା ଦେଶବାସୀ ମୂଳ ରାମାୟଣର ଅବଲମ୍ବନରେ ରଚିତ ଅନ୍ୟ ରାମକଥା ମୂଳକ ଗ୍ରନ୍ଥରୁ ମଧ୍ୟ ରାମ ଚରିତକୁ ଆହରଣ କରିଛନ୍ତି । କାରଣ ଭାରତରେ ମଧ୍ୟ ମୂଳ ରାମା-

Digitized by srujanika@gmail.com

ସ୍ଥଳକୁ ଆଧାର କରି ପରବର୍ତ୍ତୀ କାଳରେ ବହୁ ରାମକଥା ରଚନା କରାଯାଇଛି, ଯେଉଁ-ଥିରେ କି ଅନେକ ନୂତନ ଘଟଣାର ଉପ-ସ୍ଥାପନା କରାଯିବା ସଙ୍ଗେ ସଙ୍ଗେ ରାମ ଚରିତରେ ଅନେକ ପରିବର୍ତ୍ତନ ଦେଖା ଯାଇଛି । କାରଣ ମୂଳ ରାମାୟଣରେ ରାମ ଜଣେ ସର୍ବଜନବନ୍ଦିତ ଶ୍ରେଷ୍ଠବୀର ରୂପରେ ଚିତ୍ରିତ ହୋଇଛନ୍ତି । ଏହାପର ଅବସ୍ଥାରେ ରାମାୟଣର ଯେତେବେଳେ ଅନ୍ୟ ରୂପାନ୍ତର ହୋଇଛି, ସେ ହୋଇଛନ୍ତି ଭଗବାନ ବିଷ୍ଣୁଙ୍କ ଅବତାର ଏବଂ ଶେଷ ଓ ତୃତୀୟ ଅବସ୍ଥାରେ ଏହା ବର୍ଣ୍ଣନା କରାଯାଇଛି ଯେ ରାମ ହିଁ ସ୍ୱୟଂ ଭଗବାନ୍ । ୟୁରୋପୀୟ ବିଦ୍ୱାନମାନଙ୍କ ମତରେ ହିନ୍ଦୁମାନେ ଯେତେବେଳେ ଜାଭା ଦ୍ୱୀପରେ ପଦାର୍ପଣ କଲେ ସେତେବେଳେ ରାମକଥା ତୃତୀୟ ଅବସ୍ଥାକୁ ପ୍ରବେଶ କରି ନଥିଲା ।

## ପ୍ରମ୍ବନମ୍ ମନ୍ଦିର ଓ ରାମାୟଣ

ଜାଭାରେ ପ୍ରଚଳିତ ରାମକଥା ବିଷୟ ଉପରେ ଆଲୋଚନା କରିବାକୁ ଗଲେ ପ୍ରଥମେ ବିଚାରକୁ ଆସେ, ମଧ୍ୟ-ଜାଭାର ପ୍ରମ୍ବନମ୍ ( Prambanam ) ନାମକ ଏକ ସ୍ଥାନରେ ଅବସ୍ଥିତ ନବମ ଶତାବ୍ଦୀରେ ନିର୍ମିତ ଶିବ ମନ୍ଦିରର ପାଷାଣ ଗାତ୍ରରେ ଚିତ୍ରିତ ହୋଇଥିବା ଚିତ୍ରଲିପି । ମନ୍ଦିରର ଚତୁଃ ପାର୍ଶ୍ୱରେ ଘେରି ରହିଥିବା ଉଚ୍ଚ ପ୍ରାଚୀର ଗାତ୍ରରେ ଅଙ୍କିତ ହୋଇଛି ରାମାୟଣର ଘଟଣା ସମୂହ । ସେହି ଚିତ୍ରଲିପିର ବାନର ମୂର୍ତ୍ତିକୁ ରାମାୟଣରେ ବର୍ଣ୍ଣିତ ବାନର କଥା ସହିତ ତୁଳନା କରାଯାଇ ଅନେକ ସାମ୍ୟ ଲକ୍ଷ୍ୟ କରାଯାଏ । ଏହି ଚିତ୍ରଲିପିର ପୁଙ୍ଖାନୁପୁଙ୍ଖ ତଥ୍ୟ ଅନୁଧ୍ୟାନରେ ଲିପ୍ତ ଡକ୍ଟର ଭଗେଲ୍ (vogal) ଶେଷରେ ଏହି ମତ ପ୍ରଦାନ କରିଛନ୍ତି ଯେ ପାରମ୍ପରିକ ରାମ ବିଷୟକ ଗଳ୍ପ ସବୁହିଁ ଏହି ପାଷାଣ ଗାତ୍ରରେ ଚିତ୍ରିତ ଦୃଶ୍ୟ ଗୁଡ଼ିକର ମୂଳ ଆଧାର । ପୁଣି କେତେକ ପଣ୍ଡିତଙ୍କ ମତରେ ଏ ପର୍ଯ୍ୟନ୍ତ ଉକ୍ତ ପ୍ରସ୍ତର ଚିତ୍ରଲିପି ସମ୍ପର୍କରେ ସନ୍ତୋଷ ଜନକ ଗବେଷଣା ହୋଇନାହିଁ । ଯାହା ହେଲେ ବି ପ୍ରମ୍ବନମ୍ ମନ୍ଦିରର ଚିତ୍ରଲିପି ଉପରେ ମତଭେଦ ଦେଖା ଦେଇ ଥିଲେ ମଧ୍ୟ ଏଥିରେ ଯେଉଁ ରାମକଥାର ବର୍ଣ୍ଣନା ଦେଖିବାକୁ ମିଳେ ତାହା ସହିତ ବାଲ୍ମୀକି ରାମ କଥାର ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।

## କାକାବନ ରାମାୟଣ

କାକାବନ୍ ରାମାୟଣ ହିଁ ଜାଭାରେ ରଚିତ ପ୍ରାଚୀନତମ ରାମାୟଣ । ଏଥିରେ ଯେଉଁ ମୂଳ ରାମ କଥାର ପରିବର୍ତ୍ତନ ସବୁ ଦେଖାଯାଏ ତାହାର ସଂଖ୍ୟା ଅଧିକ ନୁହେଁ ଏବଂ ବିଶେଷ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ନୁହେଁ । ଅସମ୍ପୂର୍ଣ୍ଣ ଏହି କାକାବନ୍ ରାମାୟଣର ନିର୍ଦ୍ଦିଷ୍ଟ ରଚନା କାଳ ଜଣାପଡ଼ି ନାହିଁ । ଏହାର ଭାଷାରୁ ହିଁ ଏହାର ରଚନା କାଳ ବିଷୟରେ ଯାହା କିଛି ତଥ୍ୟ ଉପଲବ୍ଧ ହୁଏ । ପ୍ରଫେସର କାର୍ନ (kern)ଙ୍କ ମତାନୁସାରେ ଏହା କେଦିରି ଯୁଗର ରଚନା, ଏହି କାକା-ବନ୍ ରାମାୟଣକୁ ଅଧ୍ୟୟନ କଲେ ମନେ ହୁଏ ଏହାର ଲେଖକ ସଂସ୍କୃତ ଭାଷାରେ ଅନଭିଜ୍ଞ । ସେଚିତ୍‌ରାମ ଯାହାକି ଜାଭାର

Digitized by srujanika@gmail.com

ବହୁଜନ ସ୍ୱୀକୃତ ଗ୍ରନ୍ଥ ସେଥିରେ ରାବଣର ପୂର୍ବ ଇତିହାସ ବର୍ଣ୍ଣନା କରା ଯାଇଥିବା ସ୍ଥଲେ କାକାବିନ୍ ରାମାୟଣରେ ତାହାର ଉଲ୍ଲେଖ କରା ଯାଇନାହିଁ । ଜାଭାର ଅନ୍ୟ ଏକ ପ୍ରସିଦ୍ଧ ରାମାୟଣ ଗ୍ରନ୍ଥ ଉତ୍ତର କାଣ୍ଡ ବିଷୟରେ ମଧ୍ୟ କାକାବିନ୍ ରାମାୟଣରେ କିଛି କୁହା ଯାଇନାହିଁ । ଜାଭାର ଏହି ଉତ୍ତର କାଣ୍ଡ ରାମାୟଣ ସଂସ୍କୃତ ଉତ୍ତର କାଣ୍ଡର ଗଦ୍ୟରେ ଏକ ବିସ୍ତାରିତ ରୂପାନ୍ତର ମାତ୍ର । କାକାବିନ୍ ରାମାୟଣ, ସେରତ୍ ରାମ ଓ ଉତ୍ତର କାଣ୍ଡ ରାମକଥା ତ୍ରୟ ଏକତ୍ର ଜାଭାର ସମଗ୍ର ରାମକଥା ସାହିତ୍ୟର ପ୍ରଥମ ବିଭାଗ ରୂପେ ପରିଚିତ । ଏହି ପ୍ରଥମ ବର୍ଗର ରାମକଥା ଭାରତର ଅନ୍ୟ ରାମାୟଣ ଗ୍ରନ୍ଥ ଅବଲମ୍ବନରେ ରଚିତ ।

ରାମକଥା ସାହିତ୍ୟର ଦ୍ୱିତୀୟ ବର୍ଗ ବା ବିଭାଗରେ ସ୍ୱଳ୍ପଖ୍ୟାତ ରାମକଥା ମୂଳକ ରଚନା ସବୁ ଅନ୍ତର୍ଭୁକ୍ତ । ସେଥି ମଧ୍ୟରେ ରାମାୟଣ ଶାସକ (Sack), ରାମକେଲି ଇତ୍ୟାଦି ପ୍ରଧାନ । ମାଲୟର "ହିକାୟତ ସେରୀ ରାମ" ନାମକ ରାମାୟଣ, ଏହି ଦ୍ୱିତୀୟ ବିଭାଗସ୍ଥ ରାମାୟଣ କଥା ଅନୁସରଣରେ ରଚିତ ହୋଇଥିବାର କୁହାଯାଏ । ଏହି ବିଭାଗର ରାମାୟଣ ଗ୍ରନ୍ଥ ଗୁଡ଼ିକ ଜାଭାର ଲୋକ ସମାଜରେ ଅଧିକ ଭାବେ ଆଦୃତ ହୋଇ ପାରିଛି । କାରଣ ଏହା ଅନେକ ସମୟରେ ଲୋକ ମନୋରଞ୍ଜନ ପାଇଁ ନାଟକାକାରରେ ଜନସମ୍ମୁଖରେ ପ୍ରଦର୍ଶିତ ହୋଇଥାଏ । ଦଶମୁଖର ଜନ୍ମ, ରାବଣ କର୍ତ୍ତୃକ ଇନ୍ଦ୍ରକୃତ ମାତା ବିଦ୍ୟାଧରୀ ହରଣ, ରାମ ବିବାହ ଆଦି ବୃତ୍ତାନ୍ତ ଗୁଡ଼ିକୁ ହିଁ ଅବଲମ୍ବନ କରି ରଚିତ ହୋଇଥାଏ ଉକ୍ତ ନାଟକ ସବୁ । ରାମକଥା ସାହିତ୍ୟର ଦ୍ୱିତୀୟ ବିଭାଗ ଜନ ସମାଜରେ ଏତେ ଲୋକପ୍ରିୟତା ଅର୍ଜନ କରିବା ସ୍ଥଲେ ପ୍ରଥମ ଭାଗଟି ଜାଭାସ୍ଥ ରାମକଥା ପଣ୍ଡିତଙ୍କର ବାହ୍ୟ ବିଚାର ବ୍ୟତୀତ ଅନ୍ୟ କିଛି ନୁହେଁ ।

## ସେରତ୍ ରାମାୟଣ

"ସେରତ୍‌କାଣ୍ଡ" ରାମାୟଣ ଯାହାକି ଦ୍ୱିତୀୟ ଭାଗରେ ଅନ୍ତର୍ଭୁକ୍ତ ତାହାର ଆରମ୍ଭ ହୋଇଛି ଆଦମ୍ ଏବଂ ତାଙ୍କ ପୁତ୍ର ଅବିଲ୍, କବିଲ୍ ଏବଂ ସେତନକୁ ନେଇ । ଏହାର ଅନ୍ୟ ଏକ ବିଶେଷତା ହେଉଛି ଏଥିରେ ଜାଭାର ପ୍ରାଚୀନ ରାଜାମାନଙ୍କ ବଂଶାବଳୀର ବର୍ଣ୍ଣନା । ଏହି ଗ୍ରନ୍ଥରେ ରାମଚନ୍ଦ୍ର ଭର୍ଗବ ନାମରେ ନାମିତ, ସୀତାଙ୍କୁ ସନ୍ତା ନାମରେ, ଲକ୍ଷ୍ମଣଙ୍କୁ ମୁର୍ଧକ, ଜନକଙ୍କୁ କାଲି, କଇକେୟୀଙ୍କୁ କାଣ୍ଡ୍ରପ୍ଥ, ହନୁମାନଙ୍କୁ ଅନମାନ ନାମରେ ବର୍ଣ୍ଣନା କରାଯାଇଛି । ଏଠାରେ ହନୁମାନଙ୍କୁ ରାମ ସୀତାଙ୍କ ସନ୍ତାନ ବୋଲି କୁହା ଯାଇଛି । ରାମ ଏବଂ ସୀତା ଯେତେବେଳେ କ୍ଷଣ କାଳ ପାଇଁ ବାନର ରୂପେ ରୂପାନ୍ତରିତ ହୋଇଥିଲେ ସେତେବେଳେ ହିଁ ହନୁମାନର ଜନ୍ମ ହୋଇଛି । ଏବଂ ହନୁମାନ ତାର ଲାଙ୍ଗୁଳ ହରାଇଛି କିନ୍ତୁ ପୁଣି ତାହା ପାଇଛି ବାଲ୍ମୀକୀର ସମୁଦ୍ର ମନ୍ଥରେ ।

## ଛାୟାନାଟ୍ୟ ଓ ପୁତ୍ତଳିକା ନାଟ୍ୟ

ଆଜି ମଧ୍ୟ ରାମକଥାର ସ୍ଥାନ ଜାଭାରେ ଅନେକ ଉଚ୍ଚରେ । ଭାରତୀୟ ରାମ ଉପାଖ୍ୟାନ ଏପରି

Digitized by srujanika@gmail.com

ଭବେ ଜାଭାରେ ଲୋକ ସମାଜଦ୍ୱାରା ବ୍ୟବହୃତ ହୋଇଛି, ଯାହାଦ୍ୱାରା ଏହାର ମୂଳ ଉଦ୍ଭବ ସ୍ଥାନ ବିସ୍ମୃତି ଗର୍ଭରେ ଲୀନ ହୋଇ ଯାଇଛି । ଜାଭାରେ ରାମ କଥାର ଆଦର ଦେଖିଲେ ମନେ ହୁଏ ରାମଙ୍କ ଘର ବରଂ ରଘୁପତିଙ୍କ ଜନ୍ମ ଭାରତ ନୁହେଁ, ଜାଭା-ଦ୍ୱୀପ । ଛାୟାନାଟ୍ୟ ମାଧ୍ୟମରେ ଅଧିକାଂଶରେ ପରିପୁଷ୍ଟ ହୋଇଛି ପରମ ଆଦରଣୀୟ ରାମ କଥା । ପୁତ୍ତଳିକା ନାଟ୍ୟରେ ରାମ, ସୀତା ଆଦିଙ୍କ ପୁତ୍ତଳିକା ରୂପ ଜନ ସମାଜରେ ଅତ୍ୟନ୍ତ ଆକର୍ଷଣୀୟ ହୋଇ ପାରିଛି । ପ୍ରମ୍ବାନାମ୍ ଶିବମନ୍ଦିରର ପ୍ରସ୍ତର ଗାତ୍ରରେ ଅଙ୍କିତ ରାମାୟଣ ଚିତ୍ରରୂପେ ଜାଭାରେ ରାମାୟଣର ଲୋକପ୍ରିୟତାର ଜ୍ୱଳନ୍ତ ପ୍ରମାଣ । ଏହି ପ୍ରସ୍ତର ଚିତ୍ରଲିପିରେ ରାମୋପାଖ୍ୟାନର ଆରମ୍ଭରେ ଅଙ୍କିତ ହୋଇଛି ମେଲୋତ୍ପଳ ସହିତ ଗରୁଡ଼, ପୁଣି ବିଷ୍ଣୁ ସାଗରର ମଧ୍ୟରେ ଶେଷନାଗ ଉପରେ ଶାୟିତ, ଏବଂ ତାଙ୍କ ଚତୁଃ ପାର୍ଶ୍ୱରେ ଦେବଦେବ ମୂର୍ତ୍ତି ଉପବିଷ୍ଟ ଏବଂ ସେମାନଙ୍କ ମଧ୍ୟ ଭାଗରେ ଏକ ଋଷି ବିଷ୍ଣୁଙ୍କୁ ପୁଷ୍ପାଞ୍ଜଳି ଅର୍ପିତ କରିବା ମୁଦ୍ରାରେ ଦଣ୍ଡାୟମାନ । ଏହିପରି ଭାବରେ ରାମ ଆଖ୍ୟାନର ପ୍ରଥମ ଆବିର୍ଭାବ ଦିଆଯାଇଛି । ଚିତ୍ରଲିପିର ପ୍ରଥମ ଦୃଶ୍ୟରେ ଲକ୍ଷ୍ୟ କରିବାର କଥା ହେଉଛି ଏହା ସହିତ ସଂସ୍କୃତ ରାମାୟଣ ତଥା ଜାଭାର ପ୍ରାଚୀନ କାକାୱିନ ରାମାୟଣର କୌଣସି ସାମ୍ୟ ନାହିଁ । କିନ୍ତୁ ଏହାର ଅନୁରୂପ ସାମଞ୍ଜସ୍ୟ ଦେଖିବାକୁ ମିଳେ କାଳିଦାସଙ୍କ ରଘୁବଂଶ ମହାକାବ୍ୟ ସହିତ । କାରଣ ରଘୁବଂଶର ଦଶମ ସର୍ଗରେ ଦେବତାଗଣ ଋଷି ଭୃଗୁଙ୍କ ନେତୃତ୍ୱରେ ସମୁଦ୍ର ମଧ୍ୟଭାଗରେ ଶେଷନାଗପରେ ଉପବିଷ୍ଟ ବିଷ୍ଣୁଙ୍କୁ ଆହ୍ୱାନ କରିବାର ଦୃଶ୍ୟ ବର୍ଣ୍ଣନା କରାଯାଇଛି ।

ଏହି ପ୍ରସ୍ତର ଚିତ୍ରଲିପିର ପ୍ରଥମ ଦୃଶ୍ୟ ପରେ କ୍ରମେ ଚିତ୍ରିତ ହୋଇଛି ଦଶରଥଙ୍କ ରାଜଦରବାରରେ ବିଶ୍ୱାମିତ୍ରଙ୍କ ଦର୍ଶନ, ରାମଲକ୍ଷ୍ମଣଙ୍କ ତାଡ଼କା ଓ ଅନ୍ୟ ରାକ୍ଷସୀ ହନନ, ଜନକଙ୍କ ସହ ସାକ୍ଷାତ, ସୀତାଙ୍କ ସ୍ୱୟମ୍ବର, ହରଧନୁଭଙ୍ଗ, ଅକ୍ଷମାଳା ପରିହିତ ପରଶୁରାମଙ୍କ ରାମ ସୀତାଙ୍କ ସହ ସାକ୍ଷାତ, କୈକେୟୀଙ୍କ ଦଶରଥଙ୍କ ଠାରେ ବରପ୍ରାର୍ଥନା ସେରତ୍ କାଣ୍ଡରେ ଲଙ୍କା ଅଭିଯାନ ପ୍ରାରମ୍ଭର ଠିକ୍ ପ୍ରାକ୍ କାଳରେ ଅବତରଣ କରାଯାଇଛି ପାଣ୍ଡବ କଥା । ସପ୍ତଦଶତମ ସର୍ଗରେ ପୁଣି ଆରମ୍ଭ ହୋଇଅଛି ରାମ ଆଖ୍ୟାନ । ତାହାପରେ କ୍ରମେ ରାବଣ ମୃତ୍ୟୁ ଏବଂ ତାର ପରିଣାମ, ସୀତା ଉପାଖ୍ୟାନ, ଜନକଙ୍କ ଆଶ୍ରମରେ ରାମ ସୀତାଙ୍କ ମିଳନ, କୁଶ ଲବ ସହ ଇନ୍ଦ୍ରଜିତ କନ୍ୟାର ବିବାହ ଆଦି ବର୍ଣ୍ଣିତ ହୋଇଛି । ଶେଷରେ ସୀତା ଇଚ୍ଛା ପ୍ରକାଶ କରିଛନ୍ତି ରାମଙ୍କ ସହ ଅଗ୍ନିରେ ପ୍ରଜ୍ୱଳିତ ହେବାପାଇଁ ଏଇ ସର୍ତ୍ତରେ ଯେ ପରଜନ୍ମରେ ସେ ରାମଙ୍କର ଭଗ୍ନୀରୂପେ ଜନ୍ମ ଲଭ କରିବେ । ଏଇଠି ଶେଷ ହୋଇଛି ସେରତ୍ କାଣ୍ଡ ରାମାୟଣ ।

ବାଲ୍ମୀକିଙ୍କ ଉତ୍ତରକାଣ୍ଡ ଏବଂ ଏହି ସେରତ୍ କାଣ୍ଡ ମଧ୍ୟରେ ଏତେ ପାର୍ଥକ୍ୟ ପରି ଲକ୍ଷିତ ହୁଏ ଯେ ମନେ ହୁଏ ସେରତ୍

Digitized by srujanika@gmail.com

କାଣ୍ଡର ରଚନାର ମାଧ୍ୟମ ବାଲ୍ମୀକିଙ୍କ ଉତ୍ତର କାଣ୍ଡ ନୁହେଁ, ଅନ୍ୟ କୌଣସି ରାମ କଥା ମୂଳକ ଗ୍ରନ୍ଥ । ଏଥିରେ ମୁନିମାନଙ୍କ ପ୍ରଚଳିତ ଆଖ୍ୟାନର ସଂଯୋଜନା ହୋଇଛି । ରାମ ବୃତ୍ତାନ୍ତ ବର୍ଣ୍ଣନା ଥିବା ସଙ୍ଗେ ସଙ୍ଗେ ତାଙ୍କର ରାଜବଂଶାବଳୀର ଅବତାରଣା କରାଯାଇଛି । ଅତଏବ ଏହି ସବୁକୁ ସମୂହ ଭାବରେ ଦେଖିଲେ ସେରତ୍ କାଣ୍ଡକୁ ତାଙ୍କର ଏକ ପୁରାଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ପୁଣି ସୀତାଙ୍କୁ ସେରତ୍ କାଣ୍ଡରେ ବାହ୍ୟତଃ ରାବଣ ଓ ମନ୍ଦୋଦରୀଙ୍କ କନ୍ୟା ରୂପେ ଚିତ୍ରିତ କରାଯାଇଥିଲେ ମଧ୍ୟ ପ୍ରକୃତରେ ଏଥିରେ ମନ୍ଦୋଦରୀ ଏବଂ ଦଶରଥଙ୍କ ଦୁହିତା ବୋଲି କୁହାଯାଇଛି । ଏଥିରେ ସୀତା ଜନ୍ମ ଅଦ୍ଭୁତ ଭାବରେ ବର୍ଣ୍ଣନା କରାଯାଇଛି । ସୀତା ଜନ୍ମ ହେବା ସଙ୍ଗେ ସଙ୍ଗେ ତାଙ୍କୁ ଏକ ପେଟିକା ମଧ୍ୟରେ ରଖାଯାଇ ଜଳରେ ଭସାଇ ଦିଆ-ଯାଇଅଛି ଏବଂ ପରେ ଜନକ କୌଣସି ଏକ ନଦୀରେ ପ୍ରାତଃସ୍ନାନ କରିବା ସମୟରେ ପେଟିକା ମଧ୍ୟରେ ଥିବା ସୀତାଙ୍କୁ ପାଇ ସ୍ୱ-କନ୍ୟାରୂପେ ପାଳନ କରିଥିଲେ । କିନ୍ତୁ ବାଲ୍ମୀକି ବିରଚିତ ରାମାୟଣରେ ସୀତାଙ୍କୁ ଅନ୍ୟ ଭାବରେ ଚିତ୍ରଣ କରାଯାଇଛି । ମୂଳ-ରାମାୟଣରେ ସୀତାଙ୍କ ସହିତ ରାବଣର କୌଣସି ସମ୍ବନ୍ଧ ନାହିଁ । ବାଲ୍ମୀକି ରାମାୟଣ ସୁସଂସ୍କୃତ ସଭ୍ୟତାର ପ୍ରତୀକ ହୋଇଥିଲେ ତାଙ୍କର ରାମାୟଣରେ କେତେକ ଆଦିମ ପରମ୍ପରାର ସୁରକ୍ଷା ହୋଇଛି ।

ଯୁବରାଜରୂପେ ରାମାଭିଷେକର ଆୟୋଜନ, ଦଶରଥ ଓ କୌଶଲ୍ୟାଙ୍କ କାରୁଣ ଦୃଶ୍ୟ, ବନ ଯାତ୍ରା ଇତ୍ୟାଦି ରାମାୟଣର ଘଟଣା ମାନ । ବାଲ୍ମୀକି ରାମାୟଣ ଓ ପ୍ରମବନମ ମନ୍ଦିର ଗାତ୍ରରେ ଖୋଦିତ ଏହି ଚିତ୍ରକୃତିକୁ ତୁଳନା କଲେ ଅଳ୍ପ ଭେଦ ଦେଖିବାକୁ ମିଳେ । ପ୍ରମବନମ ଚିତ୍ରଲିପିରେ ତାଡ଼କା ରାକ୍ଷସୀ କାହାଣୀରେ ଦ୍ୱିତୀୟ ରାକ୍ଷସୀ ଏବଂ ବିରାଧ ସହ ଯୁଦ୍ଧରେ ଦ୍ୱିତୀୟ ରାକ୍ଷସର ଆବିର୍ଭାବ, କାକପକ୍ଷୀର ଦଣ୍ଡ, ଜଟାୟୁକୁ ସୀତାଙ୍କ ମୁଦ୍ରିକା ଦାନ ପୁନର୍ବାର ଜଟାୟୁ ଦ୍ୱାରା ଲକ୍ଷ୍ମଣଙ୍କୁ ସେହି ମୁଦ୍ରିକା ଦାନ ଇତ୍ୟାଦିର ନୂତନ ସମାବେଶ ହୋଇଛି ପ୍ରମବନମ ଚିତ୍ରଲିପିରେ । ପୃଥିବୀର ଅନ୍ୟ କୌଣସି ଦେଶରେ ଏପରିକି ଭାରତରେ ମଧ୍ୟ ରାମଙ୍କ ଜୀବନଗାଥାକୁ ନେଇ ଏତେ ବିଶଦ ଭାବରେ ପ୍ରସ୍ତର ଉପରେ ଚିତ୍ରଖୋଦିତ ହୋଇ ନାହିଁ ।

ପ୍ରମବନମ ମନ୍ଦିର ନିର୍ମାଣର ସୁଦୀର୍ଘ ବର୍ଷ ଅତିକ୍ରମ ପରେ ପୂର୍ବ ଜାଭାରେ ପ୍ରତିଷ୍ଠିତ ହେଲା ପନତରନ୍ ( Panataran ) ମନ୍ଦିର, ଯେଉଁଥିରେ ମଧ୍ୟ ଆବିଷ୍କୃତ ହୋଇଛି ରାମାୟଣର ଚିତ୍ରଲିପି । ଲଙ୍କା କାଣ୍ଡର ହନୁମାନର କୀର୍ତ୍ତି କଳାପ ଚିତ୍ରିତ ହୋଇଛି ଏହି ମନ୍ଦିର ଗାତ୍ରରେ । ଯେଉଁ ରାମକଥା ଏହି ମନ୍ଦିରରେ ଚିତ୍ରିତ ହୋଇଛି ତାହା ସନ୍ତୋଷରେ ଜାଭାର ପ୍ରାଚୀନ କାକାୱିନ୍ ରାମାୟଣକୁ ଅନୁସରଣ କରିଥିବାର ମନେ ହୁଏ ।

—*—

Digitized by srujanika@gmail.com

ଚଳଚିତ୍ର ପରିବେଷଣରେ

ନୂଆ ଆଲୋଡ଼ନ ସୃଷ୍ଟି କରିଛି

ଓଡ଼ିଶାରେ ଦ୍ୱିନାମଧନ୍ୟ

# ରୂପରାଗ ପ୍ରାଇଭେଟ୍ ଲିମିଟେଡ

ଅଫିସ :

ପୁରୀଘାଟ, କଟକ

Digitized by srujanika@gmail.com

# ବଡ଼ଦିନ ଉପହାର

ଓ. ହେନେରୀ

ଏକ ଡ଼ଲାର ଆଉ ସତାଅଶି ସେଣ୍ଟ । ବାସ୍ ସେତିକ । ଏଥିରୁ ଷାଠିଏ ସେଣ୍ଟ ଥିଲା ପେନି ଆକାରରେ । ପରିବା ଦୋକାନ, ମାଂସ ଦୋକାନ ଏବଂ ଅନ୍ୟ ଦୋକାନୀମାନଙ୍କ ଆଗରେ ନିଜର କୃପଣତା ଦେଖାଇ, ବହୁ ମୂଲମୂଲ କରି ସେ ଏଇତକ ବଳକା କରିଛି । ଥରଅର କରି ତିନିଥର ଗଣିଲା, ଡେଲା । ଏକ ଡ଼ଲାର ଆଉ ସତାଅଶି ସେଣ୍ଟ । କାଲି ବଡ଼ଦିନ ଉତ୍ସବ ହେବ ।

ଗ୍ରେଟ ମଳିଆ ଖଟଟା ଉପରେ ଶୋଇ କେବଳ କାନ୍ଦିବା ବ୍ୟତୀତ ଆଉ କିଛି କାମ ତା'ର ନଥିଲା । ଡେଲା ତାହାହିଁ କଲା । ତାକୁ ଲାଗୁଥିଲା ଯେପରି ଜୀବନଟା ଲୁହଭରା ଦୀର୍ଘ ନିଶ୍ୱାସ ; କାନ୍ଦ ଓ ହସର ଏକ ସମଷ୍ଟି, ଯହିଁରେ ଦୁଃଖର ମାତ୍ରା ବେଶୀ ।

ସେମାନେ ଯେଉଁ ଘରେ ରହନ୍ତି, ତାର ଭଡ଼ା ହେଉଚି ସପ୍ତାହକୁ ଆଠ ଡ଼ଲାର । ଦେଖିବାକୁ ଘରଟା ସେତେ କଦର୍ଯ୍ୟ ନ ହେଲେ ବି ଦୈନ୍ୟର ଛାପ ସୁସ୍ପଷ୍ଟ । ତଳେ ଫ୍ରଣ୍ଟ କବାଟ ନିକଟରେ ଲଟକା ହୋଇଛି ଗୋଟିଏ ଚିଠି ବାକ୍ସ, ସେଥିରେ ଚିଠି ଗଲେ ନାଇ ଏବଂ କବାଟକୁ ଲାଗି ଅଛି କଲିଙ୍ଗ ବେଲର ଗୋଟିଏ ବୋତାମ; ଏ ବୋତାମକୁ ଯେତେ ଟିପିଲେ ବି ବାଜିବ ନାଇ । କାନ୍ଥରେ ଖଣ୍ଡେ କାର୍ଡ଼ ଉପରେ "ମି ଜେମସ୍ ଡ଼ିଲିଙ୍ଗହାମ ୟଙ୍ଗ" ଲେଖା ହୋଇ ମଇଳା ହୋଇଛି ।

କେତେଦିନ ତଳେ ଗୃହକର୍ତ୍ତାଙ୍କ ଆୟ ଥିଲା ସପ୍ତାହକୁ ତିରିଶ ଡ଼ଲାର । ସେତେବେଳେ ସ୍ୱଚ୍ଛନ୍ଦରେ ଦିନ କଟୁଥିଲା । ନାମାଙ୍କିତ ଫଳକର "ଡ଼ିଲିଙ୍ଗହାମ" ଶବ୍ଦଟା ସ୍ପଷ୍ଟ ଦେଖାଯାଉ ଥିଲା । ବର୍ତ୍ତମାନ କିନ୍ତୁ ଆୟ କମି ଯାଇଚି କୋଡ଼ିଏ ଡ଼ଲାରକୁ ଏବଂ "ଡ଼ିଲିଙ୍ଗହାମ" ଶବ୍ଦଟି କ୍ରମେ ଅସ୍ପଷ୍ଟ ହେବାର ଲାଗିଚି; ମନେ ହେଉଚି ଯେପରି ଅକ୍ଷର ଗୁଡ଼ିକ ଆପେ ଆପେ ସଙ୍କୁଚିତ ହୋଇ କେବଳ ଗୋଟିଏ "ଡ଼ି"ରେ ଆସି ରହିଯିବ । ସବୁ ପରିବର୍ତ୍ତନ ସତ୍ତ୍ୱେ ଗୋଟିଏ କଥା ଆଗଭଳି ରହିଛି । ତାହା ହେଉଛି, ଯେତେବେଳେ ମି. ଜେମସ୍ ଡ଼ିଲିଙ୍ଗହାମ ୟଙ୍ଗ ବସାକୁ ଫେରନ୍ତି, ସେତେବେଳେ ମିସେସ୍ ଡ଼ିଲିଙ୍ଗହାମ୍ ଅର୍ଥାତ୍ ଡେଲା ତାଙ୍କୁ "ଜିମ୍" ସମ୍ବୋଧନ କରି ଆଲିଙ୍ଗନ କରନ୍ତି ।

ଡେଲା ଆଉ କାନ୍ଦିଲା ନାହିଁ । ମୁହଁରେ ପାଉଡ଼ର କନାଟି ବୁଲାଇ ଆଣିଲା ଓ ଝରକା ପାଖରେ ଠିଆ ହୋଇ ବାହାରେ ଗୋଟିଏ ଧୂସର କାନ୍ଥ ଉପରେ ଯାଉଥିବା ଏକ ଧୂସର ରଙ୍ଗର ବିଲେଇ ଆଡ଼େ ଉଦାସ ଆଖିରେ ଚାହିଁ ରହିଲା । କାଲି ବଡ଼ଦିନ ଉତ୍ସବ । ତା ନିକଟରେ ଜିମପାଇଁ ଉପହାରଟିଏ କିଣିବା ପାଇଁ ମୋଟେ ଗୋଟିଏ ଡ଼ଲାର ଓ ସତାଅଶି ସେଣ୍ଟ ଅଛି । ସେତିକ ମଧ୍ୟ ମାସ

Digitized by srujanika@gmail.com

ମାସ ଧରି ପାରୁ ପର୍ଯ୍ୟନ୍ତ ସଞ୍ଚିତ ଧନ। ସପ୍ତାହକୁ କୋଡ଼ିଏ ଡ଼ଲାର ଅଣ୍ଟୁ ନାହିଁ। ଯେତେ ଖର୍ଚ୍ଚ ହେବା କଥା, ତା'ଠାରୁ ଅଧିକ ହୋଇ ଯାଉଛି। ସବୁବେଳେ ସେମିତି ହୁଏ। ତାର ପ୍ରିୟତମ ଜିମ ପାଇଁ ଗୋଟିଏ ସୁନ୍ଦର ଉପହାର କିଣିବ ବୋଲି ସେ କେତେ ସୁଖ ସ୍ୱପ୍ନ ଦେଖିଛି; ଏସିତ ଗୋଟାଏ ଭଲ, ଅପୂର୍ବ ଏବଂ ଉତ୍କୃଷ୍ଟ ଉପହାର ଯାହାକୁ ନେଇ ଜିମ ଗୌରବ ଅନୁଭବ କରିବ। କିନ୍ତୁ ତା ନିକଟରେ ଅଛି ସବୁ ମୋଟ ଏକ ଡ଼ଲାର ସତାଅଶୀ ସେଣ୍ଟ।

ବଖରାଟିର ଦୁଇଟି ଝରକା ମଝିରେ ଖଣ୍ଡେ କାଚ ଝିଲମିଲ ଥିଲା। ଅ୦ ଡ଼ଲାର ଭଡ଼ାଘରେ ଏମିତି କାଚର ଝିଲମିଲ ଥିବା ଆପଣମାନେ ଦେଖିଥିବେ। ଜଣେ ଚଳାକ ଲୋକ ସେଇ ଛୋଟ କାଚ ଝିଲମିଲ ଆଗରେ ଠିଆ ହେଲେ ନିଜର ଖଣ୍ଡ ଖଣ୍ଡିଆ ଲମ୍ବା ପ୍ରତି-ଫଳିତ ଛବି ଦେଖି ପାରିବ। ଡେଲା ପତଳା ଥିବାରୁ ସେଥିରେ ନିଜକୁ ଦେଖି-ବାରେ ଅଭ୍ୟସ୍ତ ହୋଇଯାଇଥିଲା।

ହଠାତ୍ ସେ ଝରକା ପାଖକୁ ଗଲା ଏବଂ ଉକ୍ତ କାଚରେ ଦେଖିବାକୁ ଲାଗିଲା। ତା'ର ଆଖି ଦୁଇଟି ଖୁବ ଚୋପା ଏବଂ ଉଜ୍ଜ୍ୱଳ ଦେଖା ଯାଉଥିଲା। କିନ୍ତୁ ଗତ କୋଡ଼ିଏ ସେକେଣ୍ଡ ମଧ୍ୟରେ ତା'ର ମୁହଁର ବର୍ଣ୍ଣ ଅଳ୍ପ ଫିକା ପଡ଼ି ଯାଇଥିଲା। ସେ ତାର ବାଳ ମୁକୁଳା କରି ତଳକୁ ଲମ୍ବାଇ ଦେଲା।

ଶ୍ରୀ ଓ ଶ୍ରୀମତୀ ଡ଼ିଲିଙ୍ଗହାମଙ୍କର ଦୁଇଟି ବସ୍ତୁ ଥିଲା। ଯାହାକୁ ନେଇ ସେମାନେ ଖୁବ ଗର୍ବ କରୁଥିଲେ। ସେଥିରୁ ଗୋଟିଏ ହେଉଛି ଜିମର ସୁନା ଘଡ଼ି, ଯାହାକି ସେ ତାର ପିତୃ ପିତାମହ ସୂତ୍ରେ ଲାଭ କରିଥିଲା। ଅନ୍ୟଟି ହେଉଛି, ଡେଲାର କୁନ୍ତଳ। ଯଦି ବେଲାସିବା ଶେବାର ରାଣୀ ନିକଟରେ କେଉଁଠି ଥା'ନ୍ତେ, ଡେଲା ତାଙ୍କର ସମସ୍ତ ଅଳଙ୍କାର ଓ ଐଶ୍ୱର୍ଯ୍ୟକୁ ତାର ମୁକ୍ତ କୁନ୍ତଳର ସୌନ୍ଦର୍ଯ୍ୟରେ ତାଚ୍ଛଲ୍ୟ କରନ୍ତା; ଯଦି ରାଜା ସୋଲମନ ନିଜର ସମସ୍ତ ବୈଭବ ଜିମର ଘର ପାଖରେ ଏକ ଭଣ୍ଡାର ଘରେ ରଖି ଜଗି ରହି ଥାନ୍ତେ, ତେବେ ଜିମ ଚାଲିଯିବା ବେଳେ ନିଜର ଘଡ଼ିଟା କାଢ଼ି ଦେଖାଇ ଦିଅନ୍ତା, ଯାହା ଫଳରେ ସେ ଜିମ ପ୍ରତି ଈର୍ଷାପର ହୋଇ ଦାଢ଼ି ଆଉଁଷି-ବାରେ ଲାଗନ୍ତେ।

ଡ଼େଲାର ବାଳ ଗୋଟିଏ ବାଦାମି ରଙ୍ଗର ଝରଣାପରି ତରଙ୍ଗାୟିତ ହୋଇ ଲମ୍ବିଥିଲା ଆଣ୍ଠୁ ପର୍ଯ୍ୟନ୍ତ। ଡ଼େଲାର ଦେହରେ ତାହା ଗୋଟିଏ ଝଲମଲ ପୋଷାକ ପରି ଦିଶୁଥିଲା। ତାପରେ ସେ ଶୀଘ୍ର ଏକରକମ ଖୁବ ଆବେଗରେ ତାକୁ ବାନ୍ଧି ପକାଇଲା। ସେ କ'ଣ ଭାବିଲା କେଜାଣି, ଅଳ୍ପ ସମୟ ପରେ ସେ ଥରି ଉଠିଲା। କିନ୍ତୁ ପରେ ପରେ ସ୍ଥିର ଭାବରେ ଠିଆ ହୋଇ ରହିଲା। ଆଖିର ଟୋପେ ଦି'ଟୋପା ଲୁହ ଗଡ଼ି ପଡ଼ିଲା ଛିଣ୍ଡା କାର୍ପେଟଟା ଉପରେ।

ସେ ଶୀଘ୍ର ତାର ବାଦାମି ଜ୍ୟାକେଟ୍ ଟା ଗଳେଇ ହୋଇ ପୁରୁଣା ବାଦାମି ରଙ୍ଗର ଟୋପିଟା ପିନ୍ଧିଦେଲା। ତାର ଆଖିର ଭଳି ଚଞ୍ଚଳ ଓ ଝଲକ ଥିଲା। କବାଟଟା ବନ୍ଦକରି ସେ ରାସ୍ତାକୁ ଓହ୍ଲାଇ ପଡ଼ିଲା।

Digitized by srujanika@gmail.com

ଶେଷରେ ସେ ଯେଉଁଠି ପହଞ୍ଚିଲ, ସେଠାରେ ସାଇନ୍ ବୋଡ଼ରେ ଲେଖା ହୋଇଛି—ମଡ଼ାମ୍ ସାଫ୍ରୋନ ; ସମସ୍ତ ପ୍ରକାର କେଶ ଜାତ ଦ୍ରବ୍ୟ ଏଠାରେ ମିଳେ । ତରତର ହୋଇ ଦୋକାନ ଉପରକୁ ଉଠିଯାଇ ଡେ଼ଲ ଦେଖିଲ, ଦୋକାନରେ ଯେଉଁ ଶ୍ରୀମତୀ ବସିଛନ୍ତି, ସେ ସଫ୍ରୋନ ପରି କୋମଳ-କାନ୍ତ ନାମର ବହୁତ ଦୂରରେ । ତତ୍‌କ୍ଷଣାତ୍ ସେ ନିଜକୁ ସଯତ କରି ଗୋଲ୍, ମୋଟା ମୋଟି ହୋଇଥିବା ଦୋକାନ ମାଲିକ ଆଗରେ ଠିଆ ହେଲ । "ଆପଣ ମୋର ବାଳ ଖରିଦ କରିବେ ?"

ଶ୍ରୀମତୀ କହିଲେ, "ହଁ ମୁଁ ବାଳ କିଣେ । ଟୋପିଟା କାଢ଼, ତୁମର ବାଳ ଆଗେ ମୁଁ ଦେଖିବାକୁ ଚାହେଁ ।"

ଡେ଼ଲ ଟୋପିଟା କାଢ଼ିଦେଲ । ସଙ୍ଗେ ସଙ୍ଗେ ବାଦାମି ରଙ୍ଗ ବାଳର ଝରଣା ଗୋଟିଏ ତଳକୁ ଝରିଗଲ । ନିଜହାତରେ ବାଳକୁ ପରୀକ୍ଷା କରି ଶ୍ରୀମତୀ କହିଲେ, "କୋଡ଼ିଏ ଡ଼ଲର ଦେବ ।"

"କୋଡ଼ିଏ ଡଲର, ଆଗ୍ର ଜଲଦି ଦଅ", କହିଲ ଡେ଼ଲ ।

ତାପରେ ଡେ଼ଲର ଯେପରି ଦୁଇଟା ଗୋଲପି ଡେ଼ଣା ଲଗିଗଲ । ସେ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଖୋଜି ବୁଲିଲ ଦୋକାନ, ବଜାର ଚାରିଆଡ଼େ—ଜିମ ପାଇଁ ଗୋଟିଏ ଉପହାର କିଣିବା ପାଇଁ ।

ଶେଷରେ ସେ ତାହା ପାଇଲ । ସେଇଟି କେବଳ ଯେପରି ଜିମ ପାଇଁ ତିଆରି ହୋଇଥିଲ, ଅଉ କାହାରି ପାଇଁ ନୁହେଁ । ଏମିତି ଜିନିଷଟିଏ ଆଉ କେଉଁ ଦୋକାନରେ ସେ ଖୋଜି ପାଇ ନଥିଲ । ଜିନିଷଟି ହେଉଛି ପ୍ଲାଟିନମ ନିର୍ମିତ କାରୁକାର୍ଯ୍ୟ ଖଚିତ ଗୋଟିଏ ସୁନ୍ଦର ଘଡ଼ି ବନ୍ଧା ଚେନ । ସବୁ ଭଲ ଜିନିଷପରି ବାହ୍ୟ ଚାକ ଚକ୍ୟ ସଙ୍ଗେ ସଙ୍ଗେ ତାର ନିଜସ୍ୱ ମୂଲ୍ୟ ବାରିହୋଇ ପଡୁଥିଲ । ଡେ଼ଲ ଭାବିଲ- ଏଇଟା ଯେପରି ଜିମ ପାଇଁ ତିଆରି ହୋଇଛି । ଏକୋଇଶି ଡ଼ଲର ଦେଇ ସେ ତାହା କିଣିନେଲ ଏବଂ ବଳକା ସତାଅଶି ସେଣ୍ଟଧରି ଚଞ୍ଚଳ ଘରକୁ ଫେରି ଆସିଲ । ଏଣିକି ଚମଡ଼ା ଚେନ ଯୋଗୁଁ ସମସ୍ତଙ୍କ ଆଗରେ ଘଣ୍ଟା ଦେଖାଇବାକୁ ଜିମକୁ ଯେଉଁ ସଙ୍କୋଚ ଲଗୁଥିଲ, ଅଉ ଲଗିବ ନାହିଁ ।

ଘରେ ପହଞ୍ଚିବା ଯାଏଁ ଡେ଼ଲ ଜିମର ଚେନଟାକୁ ନେଇ ଯେପରି ବିହ୍ୱଳ ଅବସ୍ଥାରେ ଥିଲ, ସେ ଅବସ୍ଥା କମିଗଲ ; ସେ ପ୍ରକୃତିସ୍ଥ ହେବାକୁ ଲଗିଲ ।

ମୁଣ୍ଡର ଶ୍ରେଷ୍ଠ ଶ୍ରେଷ୍ଠ ବାଳକୁ କୁଞ୍ଚି କରି ଡେ଼ଲ ଚାଳିଶି ମିନିଟ ମଧ୍ୟରେ ବାଳ କୁଣ୍ଡାଇ ପକାଇଲ ଏବଂ ଜଣେ ସ୍କୁଲ ପିଲ ଭଳି ଦେଖାଗଲ । ବହୁତ ସମୟ ପର୍ଯ୍ୟନ୍ତ ଦର୍ପଣରେ ନିଜକୁ ସେ ଖୁବ୍ ମନୋଯୋଗ ପୂର୍ବକ ଚାହିଁ ରହିଲ । ତାପରେ କହିବାକୁ ଲଗିଲ, "ଜିମ ମତେ ଦେଖିଲେ ନିଶ୍ଚୟ ବାଡ଼େଇ ପକାଇବ । ମୁଁ କୋନି ଆଇଲେଣ୍ଡର ନାଚବାଲୀ ଭଳି ଦିଶୁଛି ବୋଲି କହିବ । କିନ୍ତୁ ଏକ ଡ଼ଲର ଓ ଶତାଅଶି ସେଣ୍ଟ ନେଇ କ'ଣ କରି ପାରିଥାନ୍ତି ?"

ସାତଟା ବେଳକୁ କଫି ତିଆରି ସରିଗଲ

Digitized by srujanika@gmail.com

ଏବଂ ଭଜାଭଜି କରିବାପାଇଁ କଡ଼େଇଟା ଷ୍ଟୋଭ୍ ଉପରେ ଗରମ ହୋଇ ରହିଥିଲା ।

ଜିମ କେବେ ଡେ଼ରି କରେ ନାହିଁ ।

ଡେ଼ଲା ନିଜ ହାତରେ ପ୍ଲାଟିନମ ଚେନଟା ଖୋଲି ଯେଉଁ ଦୁଆର ବାଟେ ଜିମ୍ ସବୁବେଳେ ଆସେ, ସେଇ ଦୁଆର ନିକଟରେ ଟେବୁଲ କଡ଼େଯାଇ ବସିଲା । କିଛି ସମୟ ପରେ ସେ ସିଡ଼ିପାଚରେ ଜିମ୍‌ର ପାଦ ଶବ୍ଦ ଶୁଣି ପାରିଲା । ହଠାତ୍ କିଛି ସମୟ ପାଇଁ ଡେ଼ଲା ଶେତା ପଡ଼ିଗଲା । ଆଗରୁ ଛୋଟ ଛୋଟ କଥା ନେଇ ତା'ର ପ୍ରାର୍ଥନା କରିବା ଅଭ୍ୟାସ ଥିଲା । ବର୍ତ୍ତମାନ ସେ ଧୀର ସ୍ୱରରେ ପ୍ରାର୍ଥନା କରିବାକୁ ଲାଗିଲା ; "ହେ ଭଗବାନ ! ଏପରିକି କର, ଜିମ ଯେପରି ଭାବୁ, ଆଗେ ମୁଁ ଯେପରି ସୁନ୍ଦର ଥିଲି, ଏବେ ବି ସେପରି ଅଛି ।"

କବାଟ ଖୋଲିଲା ; ଜିମ ଘର ଭିତରକୁ ଆସି କବାଟ ବନ୍ଦ କରିଦେଲା । ସେ ଝଡ଼ିଗଲା ପରି ଓ ଗମ୍ଭୀର ଦେଖା ଯାଉଥିଲା । ଡେ଼ଲା ତାର ଚେହେରା ଦେଖି କିଛି ବୁଝି ପାରିଲାନି, କିନ୍ତୁ ଫିକାଏ ଡ଼ରିଗଲା । ସେ ଆଖିରେ କ୍ରୋଧ ବିସ୍ମୟ, ନୈରାଶ୍ୟ, ଭୟ ଆଦିର କୌଣସି ଭାବ ପ୍ରକାଶିତ ହେଉ ନଥିଲା । ଏ ସବୁ ପାଇଁ ସେ ପ୍ରସ୍ତୁତ ଥିଲା । ଜିମ୍ ତାକୁ ସ୍ଥିର ଦୃଷ୍ଟିରେ ଅସ୍ୱାଭାବିକ ଭାବରେ ଚାହିଁ ଥିଲା ।

ଡେ଼ଲା ଟେବୁଲ୍ ଉପରୁ ଉଠି ଜିମ ପାଖକୁ ଗଲା ଏବଂ କହିଲା, "ଜିମ, ମୋର ପ୍ରିୟତମ ଜିମ, ଏପରି ଚାହିଁ ନାହିଁ । ବାଳ ପୁଣି ବଢ଼ିଯିବ, ତୁମେ କିଛି ମନେ କରିବ ନାହିଁ ଟି ? ମୋର ବାଳ ଖୁବ୍ ଶୀଘ୍ର ବଢ଼ିଯାଏ । ନୀରବ ରହିଲ, ଜିମ ? କହ 'ମୋର' ଖ୍ରୀଷ୍ଟମାସ ପର୍ବ ସୁଖକର ହେଉ । ତମେ ଜାଣ ନାହିଁ, ମୁଁ ତୁମପାଇଁ କି ସୁନ୍ଦର, କି ଚମତ୍କାର ଉପହାର ଆଣିଛି ।"

"ତୁମେ ତୁମ ବାଳ କାଟି ପକାଇଛ ?" ଜିମ୍ ବହୁ ପରିଶ୍ରମ କରି ଯେପରି ପଚାରିଲା । ସେ ସବୁ ବିଷୟ ଶୁଣି ମଧ୍ୟ ଏତିକି ଏପର୍ଯ୍ୟନ୍ତ ବୁଝି ପାରିନାହିଁ ।

"ହଁ, କାଟିଦେଲି ; ବିକି ଦେଇଛି ମଧ୍ୟ," କହିଲା ଡେ଼ଲା ; "ଯାହାହେଉ ଜିମ୍, ତୁମେ ମତେ କ'ଣ ଆଗଭଳି ଭଲ ପାଉ ନାହିଁ ? ବାଳ ନ ଥାଇ ମୁଁ କ'ଣ ସେହିପରି ନାହିଁ ?" ବ୍ୟଗ୍ରଦୃଷ୍ଟିରେ ଜିମ କେବଳ ଡେ଼ଲାକୁ ବଲ ବଲ କରି ଚାହିଁବାରେ ଲାଗିଥିଲା । କିଛି ସମୟ ପରେ ସେ ପୁଣି ବୋକାଙ୍କ ପରି ପ୍ରଶ୍ନକଲା, "ତୁମେ କହୁଚ ତୁମର ବାଳ ଆଉ ନାହିଁ ?" ଡେ଼ଲା କହିଲା, "ତମେ କାହିଁକି ତାକୁ ଏତେ ଖୋଜୁଛ ? ମୁଁ କହୁଛି, ବିକିଦେଇଛି, ତାହା ଯାଇଛି । ଖ୍ରୀଷ୍ଟମାସ ପର୍ବ ; ମୁଁ ଯାହାକରିଥାଏ ତୁମପାଇଁ କରିଛି । ଜିମ, ମୋର ବାଳ ଗଣାଯାଇପାରେ କିନ୍ତୁ ତୁମପ୍ରତି ଥିବା ମୋର ପ୍ରେମ କେହି କାଳେ ମାପିବ ? ଯାଏ କିଛି ଖାଇବା ପାଇଁ କରୁଛି ?"

ଜିମ୍‌ର ମୋହ ଭାଙ୍ଗିଗଲା, ଆବେଗରେ ସେ ଡେ଼ଲାକୁ ନିଜ ଛାତି ଉପରକୁ ଟାଣି ଆଣି ସେ ଆଲିଙ୍ଗନ କଲା । କେତେ ସମୟ ପାଇଁ ସେମାନେ ସବୁ ଭୁଲିଗଲେ । ତାପରେ ଜିମ୍ ତାର ଓଭରକୋଟ ପକେଟରୁ ଗୋଟିଏ

Digitized by srujanika@gmail.com

ପୁଡ଼ିଆ କାଢ଼ି ଟେବୁଲ ଉପରେ ରଖିଦେଲା ଏବଂ କହିଲା, "ଡେଲ ମତେ ଭୁଲ ବୁଝନା । ମୁଁ ଭାବୁନି' ବାଳକାଟିଦେଲେ କିମ୍ବା ବାଳ ସଫା କଲେ ତୁମେ ବଦଳିଯିବ ବୋଲି ; କିନ୍ତୁ ସେଇ ପୁଡ଼ିଆଟି ଖୋଲିଲେ ଜାଣିବ, କିଛି ସମୟ ଧରି ମୁଁ କାହିଁକି ଅବାକ୍ ହୋଇ ରହି ଯାଇଥିଲି ।"

ଡେଲା ତାର ଗୋରା ଆଙ୍ଗୁଠିରେ ଜଲଦି ଜଲଦି ସୂତା ଛିଣ୍ଡାଇ ପୁଡ଼ିଆଟି ଖୋଲି ପକାଇଲା ଏବଂ ଖୁସିରେ ପାଟିକରି ଉଠିଲା । କିନ୍ତୁ କ୍ଷଣକରେ ସେ ଖୁସି, ହସ ନିଭି ଗଲା ଓ ସେ କୋହଧରି କାନ୍ଦି ଉଠିଲା; ଜିମ୍ ତାର ସମସ୍ତ ଶକ୍ତି ଖଟାଇ ତାକୁ ବୁଝାଇବାକୁ ଲଗିଲା ।

ପୁଡ଼ିଆଟି ଭିତରେ ଥିଲା ଡେଲାର ଚିର ଇପ୍‌ସିତ ସୁନ୍ଦର କଇଁଚ ଖୋଲରେ ତିଆରି ପାନିଆ କେତେଟା । ପାନିଆ ଗୁଡ଼ିକ ଖୁବ୍ ମୂଲ୍ୟବାନ ଥିଲା, ସେ ଗୁଡ଼ିକର ଧାର କମ୍ର କାରୁକାର୍ଯ୍ୟ ଖଚିତ ହୋଇଥିଲା । ଏଇ ପାନିଆ କେତୋଟି ପାଇବା ପାଇଁ ସେ କେତେ ବ୍ୟାକୁଳ, କେତେ ବ୍ୟଗ୍ର ନ ହୋଇଛି ? ତା'ର ସୁନ୍ଦର ବାଳକୁ ଏଇ ପାନିଆ କେତେ ସୁନ୍ଦର ମାନିଥାନ୍ତା ! କିନ୍ତୁ ବର୍ତ୍ତମାନ ପାନିଆ ପାଇଲା ବେଳକୁ ସେ ବାଳ ନାଇଁ !

କିଛି ସମୟ ପର୍ଯ୍ୟନ୍ତ ପାନିଆ ଗୁଡ଼ାକୁ ଛାତିରେ ଜାକି ଧରିଲା ଡେଲା, ଶେଷରେ ଉଦାସ ଆଖିରେ ଜିମ୍ ଆଡ଼େ ଚାହିଁ ଟିକିଏ ହସି କହିଲା, "ମୋର ବାଳ ଚଞ୍ଚଳ ବଢ଼ିଯାଏ ଜିମ୍ ।" ତାପରେ ପୋଡ଼ା ବିଲେଇ ପରି ଡେଇଁ ପାଟି କରି ଉଠିଲା ।

ଏ ପର୍ଯ୍ୟନ୍ତ ଜିମ୍ ତା'ର ସୁନ୍ଦର ଉପହାରଟି କ'ଣ ତାହା ଦେଖି ନଥିଲା, ଡେଲା ଆଗ୍ରହର ସହ ହାତ ମୁଠା ଖୋଲି ସେ ଧରିଥିବା ପ୍ଲାଟିନମ ଚେନ୍‌ଟା ଦେଖାଇଲା । ବଢ଼ିଆ ପ୍ଲାଟିନମ ଚେନ୍‌ଟା । କିନ୍ତୁ ମନେହେଲା, ଯେପରି ଡେଲାର ଉଜ୍ଜ୍ୱଳ ସ୍ୱଚ୍ଛ ଅନ୍ତରଆତ୍ମାକୁ ପ୍ରତିଫଳନ କରୁଛି ।

"ଜିମ୍, ଏଇଟା ଭଲ ହୋଇନି ? ସହରଟା ସାରା ବୁଲି ବୁଲି ଶେଷରେ ଏଇଟା ପାଇଲି । ଆଜିଠୁଁ ତୁମେ ଦିନକୁ ଶହେ ଥର ଘଣ୍ଟା ଦେଖିବାରେ ଲାଗିବ, ତୁମ ଘଣ୍ଟାଟା ଦିଅ ତ ଦେଖେଁ, ଚେନ୍‌ଟା ତାକୁ କିମିତି ମାନୁଛି ।"

ଜିମ୍ ଡେଲାର କଥା ମାନିବା ପରିବର୍ତ୍ତେ ମୁଣ୍ଡତଳେ ହାତ ରଖି ସୋଫା ଉପରେ ଲଥ୍ କରି ବସିଗଲା ଓ ମୁରୁକି ହସି କହିଲା, "ଡେଲ ଚାଲ ବଡ଼ଦିନର ଉପହାର ସବୁ ଆଡ଼େଇ ରଖିଦେବା । ସେ ଗୁଡ଼ିକ ଏତେ ସୁନ୍ଦର ଯେ ତାକୁ ବ୍ୟବହାର କରିହେବ ନାହିଁ । ମୁଁ ଘଡ଼ିଟା ବିକିଦେଇ ତୁମପାଇଁ ପାନିଆ କିଣି ଦେଇଛି ।" ଶେଷ ଆଡ଼କୁ ତା'ର ଗଳାଟା ଟିକିଏ ଅସ୍ପଷ୍ଟ ହୋଇ ଯାଇଥିଲା । ସେ କହିଲା, "ହଁ ଆଉ ଡେରି କରନି, କ'ଣ ରାନ୍ଧିବ ବୋଲି କହୁଥିଲ, ଯାଅ କର ।"

ଅନୁବାଦ : ଚିନ୍ତାମାଳ କୃଷ୍ଣ ରଥ

Digitized by srujanika@gmail.com

WITH BEST COMPLIMENTS OF:

SAMANTRAY
CONSTRUCTIONS
RAJABAGICHA
CUTTACK-1

Digitized by srujanika@gmail.com

# ମୋ' କାହାଣୀ

**ମୁଁ ଯାହା କହିବି, ସତ କହିବି କେବଳ ସତ କହିବି,
କିନ୍ତୁ ପୂରା ସତ କହିବି ନାହିଁ ।**

## କଟକ
## (ଓଡ଼ିଶା ବନ୍ଦୋବସ୍ତ)



**ଅକ୍ଟୋବର ୧୯୨୫ -
ଜୁଲାଇ ୧୯୨୮**

**ନୀଳମଣି ସେନାପତି**

୧୯୨୫ ମସିହା ଅକ୍ଟୋବର ମାସରେ ମୁଁ କଟକ ଠାରେ ଓଡ଼ିଶା ବନ୍ଦୋବସ୍ତରେ ଯୋଗ ଦେଲି ଏବଂ ଚଉଲିଆଗଞ୍ଜ ଠାରେ ଓଡ଼ିଶା ମିଲିଟେରୀ ପୋଲିସଙ୍କର ସର୍ଜେଣ୍ଟ ମେଜରଙ୍କ ପାଇଁ ନିର୍ମିତ ନୂଆ ଘରେ ଯାଇ ରହିଲି । ପ୍ରତିଦିନ ସକାଳୁ ସର୍ଭେ ଟ୍ରେନିଂ ପାଇଁ ମୁଁ ସାତ ମାଇଲ ସାଇକେଲରେ ଯିବା ଆସିବା କରୁଥିଲି ଏବଂ ପ୍ରତିଦିନ ଉପର ବେଳା ବନ୍ଦୋବସ୍ତ ଅଫିସରେ କର୍ମଚାରୀଙ୍କ ପାଇଁ ହେଉଥିବା ବକ୍ତୃତା ଶୁଣିବା ପାଇଁ ପୁଣି ଚାରି ମାଇଲ୍ ଯିବା ଆସିବା କରୁଥିଲି । ଯେଉଁ କର୍ମଚାରୀ ମାନେ ସେତେବେଳେ ଟ୍ରେନିଂ ପାଉଥିଲେ ସେମାନେ ହେଲେ— ଡେପୁଟି କଲେକ୍ଟର, ସବ୍ ଡେପୁଟି କଲେକ୍ଟର ଏବଂ ମୁନସଫଗଣ ।

ଏହି ଦଳରେ ଥିଲେ ଦୁଇଜଣ ଆଇ. ସି. ଏସ୍ କର୍ମଚାରୀ । ତିନି ମାସ ତାଲିମ ପାଇବା ପରେ ଆମକୁ ପରୀକ୍ଷା ଦେବାକୁ ହେଲା । ନିମ୍ନ କର୍ମଚାରୀ ମାନଙ୍କର ପ୍ରତି-ଯୋଗୀ ହେବା ଅନୁଚିତ ବୋଲି ମୁଁ ମନେ

Digitized by srujanika@gmail.com

କଲି । ତଥାପି ମୁଁ ଏହି ପ୍ରତିଯୋଗିତାର ଆହ୍ୱାନକୁ ଗ୍ରହଣ କଲି । ପରୀକ୍ଷା ଫଳରୁ ଦେଖାଗଲା, ମୋର ନାମ ସମସ୍ତଙ୍କ ଉପରେ ଅଛି । କେମ୍ବ୍ରିଜ୍ ବିଶ୍ୱ ବିଦ୍ୟାଳୟରେ ଭୌଗଳିକ ନୈସ୍ଥୀ ( Geographical Tripos) ପାଇଁ ମୁଁ ସବୁ ସମ୍ପର୍କୀୟ ଜ୍ଞାନ ହାସଲ କରିଥିଲି । କିନ୍ତୁ ଓଡ଼ିଶା ବନ୍ଦୋବସ୍ତର ଜରିପ ମାପ ଥିଲା ସମ୍ପୂର୍ଣ୍ଣ ଭିନ୍ନ ଧରଣର । ମାନଚିତ୍ର ତିଆରି କରିବାର ପ୍ରାଥମିକ ଜ୍ଞାନ ଲାଭ କରିବା ପରେ ଜରିପ ମାପ ଭିତରକୁ ମୁଁ ପଶି ପାରିଲି ।

## ଟମ୍ବୁର ବ୍ୟବହାର

ପ୍ରତ୍ୟେକ କାନୁନଗୋଇ ଓ ସହକାରୀ ବନ୍ଦୋବସ୍ତ ଅଫିସରଙ୍କର ପ୍ରଥମ ଜାଣିବାର କଥା ହେଉଛି, କିପରି ଟମ୍ବୁର ବ୍ୟବହାର କରିବାକୁ ହୁଏ ଏବଂ ତା'ର ଯତ୍ନ ନିଆଯାଏ । ଆମେ ଟମ୍ବୁ ପକାଇବା, ଖୋଲିବା, ଓ ସଜାଡ଼ି ରଖିବା କାର୍ଯ୍ୟ କରୁଥିଲୁ । ଜାନୁଆରୀ ମାସରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଆମ୍ବ ବଉଳିବା ସମୟରେ ଆମକୁ ସତର୍କ ରହିବାକୁ ପଡ଼ୁଥିଲା । ବଉଳରୁ ଯେଉଁ ମହୁ ଝରେ ଏବଂ ନୂଆ ହୋଇ ହେଉଥିବା ଆମ୍ବର ନସା ଯଦି ଟମ୍ବୁ କନା ଉପରେ ପଡ଼େ, ତାହାହେଲେ ସେ କନା ଅଳ୍ପ ଦିନ ଭିତରେ ନଷ୍ଟ ହୋଇଯାଏ । ଏଣୁ ଜାନୁଆରୀରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଆମ୍ବ ଗଛ ତଳେ ଟମ୍ବୁ ପକାଇବା ମନାଥାଏ । ଯେଉଁ କର୍ମଚାରୀ ପକାନ୍ତି ତାଙ୍କୁ ନୂଆ ଟମ୍ବୁ ଦାମର ଅଧା ଦେବାକୁ ପଡ଼େ ।

## ବନ୍ଦୋବସ୍ତର ଉଦ୍ଦେଶ୍ୟ

ବନ୍ଦୋବସ୍ତ କାର୍ଯ୍ୟର ଉଦ୍ଦେଶ୍ୟ ହେଲା, ଜମି ଜମା ସମ୍ପର୍କରେ ଏକ ରେକର୍ଡ ବା ବିବରଣୀ ପ୍ରସ୍ତୁତ କରିବା, ପ୍ରଜା ଜମିଦାରଙ୍କୁ କେତେ ଖଜଣା ଦେବ ଏବଂ ଜମିଦାର ସରକାରଙ୍କୁ କେତେ ଟେକ୍ସ ଦେବ, ତାହା ସ୍ଥିର କରିବା । ଅବଶ୍ୟ ନିଷ୍କର ଜମି ବା ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଥିବା ଜମି ସମ୍ପର୍କରେ ଏ ପ୍ରଶ୍ନ ଉଠୁ ନାହିଁ ।

ଜମି ଜମାର ପ୍ରଥମ ପର୍ଯ୍ୟାୟ ହେଉଛି ଗ୍ରାମର ସବୁ ଜମିର ନକ୍ସା ତିଆରି କରି ଜରିପ ମାପ କରାଇବା । ଏଥିପାଇଁ ଗୋଟିଏ ଅଞ୍ଚଳକୁ ବହୁଗ୍ରାମ ବା ମୌଜାରେ ବିଭକ୍ତ କରାଯାଇଥାଏ, ଯଦି ଖୁବ୍ ବଡ଼ ଗାଁ ଥାଏ ତାହେଲେ ଏକାଧିକ ମାନଚିତ୍ର ପ୍ରସ୍ତୁତ କରାଯାଏ । ଷୋଳ ଇଞ୍ଚରେ ଏକମାଇଲ ନକ୍ସା । କିନ୍ତୁ ଛୋଟ ଛୋଟ ଜମିକୁ ବତିଶି ଇଞ୍ଚ = ଏକମାଇଲ ନକ୍ସାରେ ମପାଯାଏ । ସବୁ ସର୍ଭେର ନୀତି ହେଲା, ସମୁଦାୟରୁ ପ୍ରତ୍ୟେକ ଅଂଶକୁ ଆସିବା, ପ୍ରତ୍ୟେକ ଅଂଶରୁ ସମୁଦାୟକୁ ଯିବା ନୁହେଁ । ଜରିପ ମାପରେ ପ୍ରଥମେ ସର୍ଭେ ଦଳଙ୍କୁ ଗ୍ରାମକୁ ଯାଇ ଗୋଟିଏ ପ୍ରାଥମିକ ମାନଚିତ୍ର କରିବାକୁ ପଡ଼େ । ଗ୍ରାମର ନିକଟବର୍ତ୍ତୀ କୌଣସି ଏକ ଉଚ୍ଚ ତ୍ରିକୋଣାକାର ଭୂମିରୁ ଆରମ୍ଭ କରି କାଗଜ ଫର୍ଦ୍ଦରେ ସେମାନେ ଗ୍ରାମର ଚତୁଃସୀମା ଟାଣନ୍ତି ଓ ତାହା ଉପରେ ଗ୍ରାମର ପ୍ରଧାନ ପ୍ରଧାନ ସ୍ଥାନକୁ ଚିହ୍ନଟ କରି ଦିଅନ୍ତି । ସେମାନେ ଗ୍ରାମର ସୀମାକୁ ମାପନ୍ତି ନାହିଁ । କେବଳ ସୀମା ରେଖାର ଉପରେ କିମ୍ବା ପାଖରେ ସେମାନେ ଚିହ୍ନଟ କରି ଦିଅନ୍ତି । ଯଦି ସେପରି ବଡ଼ ଗଛ, ଉଚ୍ଚ ଭୂମି କିମ୍ବା

Digitized by srujanika@gmail.com

ପ୍ରଶ୍ନ ଆଉ ନଥାଏ, ତାହାହେଲେ ସେମାନେ ଏକାଠି ପଥର ଗଦା କରି ମାନଚିତ୍ରରେ ସ୍ଥାନ ନିରୂପଣ କରି ଦିଅନ୍ତି,ପରି ବର୍ଷ ଅମୀନ କିମ୍ବା ସର୍ଭେଅର ଆସେ । ସେ ପ୍ରଥମେ ମାନଚିତ୍ରରେ ଚିହ୍ନିତ କରା ଯାଇଥିବା ସ୍ଥାନ ମାନ ଦେଖିନିଏ । ତାପରେ ମାନଚିତ୍ରକୁ ବିଭିନ୍ନ ଭାଗରେ ବିଭକ୍ତ କରେ ଏବଂ ପ୍ରତ୍ୟେକ ଭାଗକୁ ସର୍ଭେ ନିମନ୍ତେ ସ୍ୱତନ୍ତ୍ର ଅଞ୍ଚଳ ରୂପେ ଗ୍ରହଣ କରାଯାଏ । ଏହା ଦ୍ୱାରା ଭୁଲ ଭଟକା ବହୁ ପରିମାଣରେ କମି ଯାଇଥାଏ । ମାନ ଚିତ୍ରରେ ଥିବା ଏହି ସବୁ ବିଭାଗ ଜଣେ ଇନସ୍‌ପେକ୍ଟର ପରୀକ୍ଷା କରି ଦେଖି ସାରିବା ପରେ ଟିକିନିଖି ସର୍ଭେ କରିବା ପାଇଁ ଅମୀନଙ୍କୁ ପଠା ଯାଏ । ଏହି ଟିକିନିଖି ସର୍ଭେ ହେଲା ପ୍ରତ୍ୟେକ ବିଭାଗରେ କେତୋଟି ରେଖା ଟାଣିଦେଇ ଏହି ରେଖାର ଉଭୟ ପାଖରେ ଜମିର ସୀମା ନିରୂପଣ କରିବା । ଏହାକୁ କିଷ୍ଟିୱାର କୁହାଯାଏ । କିଷ୍ଟିୱାରକୁ ଜଣେ ଇନସ୍‌ପେକ୍ଟର ଅନ୍ତତଃ ପରୀକ୍ଷା କରିବାର କଥା । କିନ୍ତୁ ଇନସ୍‌ପେକ୍ଟରଙ୍କ ଉପରେ ଥିବା କାନୁନ୍‌ଗୋ ଏବଂ ସହକାରୀ ବନ୍ଦୋବସ୍ତ ଅଫିସରଙ୍କର ମଧ୍ୟ ଏହା କାମ ।

ଏହି ପରୀକ୍ଷା କରିବା ହେଲା ଜମିର କୌଣସି ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଏକ ରେଖା ଟାଣି ତାହା ମାନଚିତ୍ରର ଅନ୍ୟ ସବୁ ରେଖା ଉପରେ କିପରି ଗଲା, ତାହା ଦେଖିବା । ଯଦି ଏହି ଟଣା ରେଖା ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ଥାଏ, ତାହାହେଲେ ଏହାକୁ ଗ୍ରହଣ କରି ନିଆ ଯାଏ । ଏଠାରେ ଉଲ୍ଲେଖ ଯୋଗ୍ୟ ବିଷୟ ହେଉଛି, ଯଦି କିଛି ଭୁଲ ରହିଥାଏ ତାହା ରେଖାର ଗୋଟିଏ ସ୍ଥାନରେ ନ ରହି ବିଭିନ୍ନ ସ୍ଥାନରେ ବାଣ୍ଟି ଦିଆଯାଏ । ଉଦାହରଣ ସ୍ୱରୂପ ମାନଚିତ୍ରରେ ଅଛି କୋଡ଼ିଏଟି ଭାଗ ; ଜମି ମପା ଦିବାରୁ ଦେଖାଗଲା ଏକୋଇଶିଟି ଭାଗ । ତାହାହେଲେ ଏହି କୋଡ଼ିଏଟି ଭାଗ ପ୍ରତ୍ୟେକଟି କିଛି କିଛି ବଦଳେ । କିଷ୍ଟିୱାର ପରେ ଖାନାପୁରି ହୁଏ । ଖାନାପୁରିର ଅର୍ଥ ହେଉଛି ବିଭିନ୍ନ ପ୍ରଶ୍ନ ପୂରଣ କରିବା । ଉତ୍ତର ପଶ୍ଚିମରୁ ଆରମ୍ଭ କରି ଦକ୍ଷିଣ-ପୂର୍ବ ପର୍ଯ୍ୟନ୍ତ ପ୍ରତ୍ୟେକ ଜମିର ନମ୍ବର କରାଯାଏ । ଜମିରେ ଯେ ନମ୍ବର ଦିଏ, ସେ ସେହି ଜମିର ମାଲିକର ନାଆଁକୁ ରେକର୍ଡ କରେ । ଏହା ସହିତ କାହାକୁ ସେ ଖଜଣା ଦେଉଛି, ସେ ଜମିଦାରର ନାମ କିମ୍ବା ତା ସଙ୍ଗରେ ଅଛି କେହି ଯେ ଜମିକୁ କୃଷି କରୁଥିଲେ ତାହାର ନାମ କିମ୍ବା କାହାରିକୁ ଭାଗ ଦେଇଥିଲେ ସେ ଭାଗଚାଷୀର ନାମ ଲେଖିବାକୁ ହୁଏ । ଜମି ସମ୍ପର୍କୀୟ ଅନ୍ୟ ସମସ୍ତ ବିବରଣୀ ଲେଖାଯାଏ । ଉଦାହରଣ ସ୍ୱରୂପ ସେ ଜମିର ଫସଲ ହୁଏକି ନାହିଁ, ହେଉଥିଲେ କି ଫସଲ ହୁଏ, ସେ ଜମିରେ ଗଛ ଅଛି କି ନାହିଁ, ରାସ୍ତା, ପୋଖରୀ, ନଈ, ବନ୍ଧ ପ୍ରଭୃତି ଥିଲେ ଏହା ତା'ର ଅଂଶ କି ନା ଏ ସମସ୍ତ ରେକର୍ଡ ହୁଏ ।

## ମାନଚିତ୍ର ପ୍ରସ୍ତୁତ

ଜମିର ଆକାର ଓ ଗ୍ରାମର ଆକାର ଅନୁଯାୟୀ ଗାଁ ପିଛା ପାଞ୍ଚଶହରୁ ଦୁଇ ହଜାର ପର୍ଯ୍ୟନ୍ତ ବିଲ ଥାଏ । ଜମି ମାପ କାମ ପଡ଼ିଆ

Digitized by srujanika@gmail.com

ସମୟରେ ସାଧାରଣତଃ ଏପ୍ରିଲ ମାସ ଶେଷ ସୁଦ୍ଧାରୁ ସରିବା ଦରକାର ; ଯେପରି କି ଜମିରେ କୃଷି ବାସ କାମ ଆରମ୍ଭ ହେବା ବେଳକୁ କିଛି ଅସୁବିଧା ନହୁଏ । ବେଳେ ବେଳେ ଜୁନ ମାସ ମଝିଭାଗ ପର୍ଯ୍ୟନ୍ତ ଏହି କାମ ଚାଲେ । ଖାନାପୁରି ସରିବା ପରେ ଅମୀନ ବନ୍ଦୋବସ୍ତ ହେଡ଼ କ୍ୱାର୍ଟରକୁ ଫେରି ଆସେ । ହେଡ଼କ୍ୱାର୍ଟରରେ ପ୍ରତ୍ୟେକ ଖଣ୍ଡର କ୍ଷେତ୍ରଫଳ ନିରୂପଣ କରାଯାଏ ଏବଂ ମାନଚିତ୍ରରେ ସ୍ୟାହି ମଡ଼ାଯାଏ । ଖାନାପୁରି ରେକର୍ଡରେ ଏହି କ୍ଷେତ୍ରଫଳ ଲେଖି ଦିଆଯାଏ । ପର ବର୍ଷ ପୁଣି ସେହିଆ ସମୟରେ ଅର୍ଥାତ୍ ଅକଟୋବର ପରେ ପରେ ପାର୍ଚ୍ଚା (ଜମିର କ୍ଷେତ୍ରଫଳ ଲେଖାଥିବା କାଗଜ) ସବୁ ବାଣ୍ଟି ଦିଆଯାଏ, ଯାହା ଫଳରେ ପ୍ରତ୍ୟେକ କୃଷୀ ତାର ଜମିର ନମ୍ବର ଓ ତା'ର କ୍ଷେତ୍ରଫଳ କଣ କଣ ରେକର୍ଡ ହୋଇଛି, ତାହା ଜାଣି ପାରେ । ତାପରେ ସେତେ ଏଟେଷ୍ଟେସନ କେମ୍ପ । ଏଥିରେ ଖାନାପୁରି ବେଳେ ପ୍ରସ୍ତୁତ ହୋଇଥିବା ରେକର୍ଡ, ପ୍ରଚଳିତ ସତ୍ତା ବା ଖଜଣା ଏବଂ କୃଷୀ ଓ ଜମି ମାଲିକର ସ୍ଥାନ ନିରୂପଣ କରାଯାଏ । ଆଟେଷ୍ଟେସନ୍‌ରେ ମୁନସରମ୍ ବା କରଣୀ ସମବେତ ଗ୍ରାମବାସୀଙ୍କ ଉପସ୍ଥିତିରେ ଖାନାପୁରି ରେକର୍ଡରେ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ ଜମି ବିଷୟ ପଢ଼ି ଶୁଣାଇ ଦିଏ । ଯଦି କୌଣସି ଗ୍ରାମ ବାସୀର କିଛି କହିବାର ଥାଏ ସେ ତାକୁ ନୋଟ୍ କରେ । ଯଦି କିଛି ବିବାଦ ଥାଏ ତାହା ବିବାଦ ବୋଲି ଲେଖାଯାଏ । ଖାନାପୁରି ଅବସ୍ଥାରେ ମଧ୍ୟ ବିବାଦ ବା ବିରୁଦ୍ଧ ଦାବୀ ଉଠିଥାଏ ଏବଂ ସହକାରୀ ବନ୍ଦୋବସ୍ତ ଅଫିସର ତାହାର ମୀମାଂସା କରନ୍ତି । ମୋଟା ମୋଟି ଶତକଡ଼ା ଦୁଇ ଭାଗ ଜମି ସମ୍ପର୍କରେ ବିବାଦ ହୋଇଥାଏ । ଜମିର ମାଲିକ କିଏ ସେ ସମ୍ପର୍କରେ, ଜମିର ସୀମା ସମ୍ପର୍କରେ ବା କୃଷୀର ସ୍ଥାନ ସମ୍ପର୍କରେ ଏ ବିବାଦ ହୋଇଥାଏ ।

ବନ୍ଦୋବସ୍ତ କାର୍ଯ୍ୟ ଅନେକ ସମୟରେ ବିବାଦକୁ ବାହାରକୁ ଟାଣି ଆଣେ । ତେଣୁ ଏ ସମ୍ପର୍କରେ ଏକ ଅଭିଯୋଗ ହେଉଛି, ବନ୍ଦୋବସ୍ତ ସବୁ ଅବନ୍ଦୋବସ୍ତ କରି ଦିଏ । ବିଧବା ମାନେ ଏ ସବୁ ବିବାଦରେ ବିଶେଷ ଜଡ଼ିତ ହୋଇ ଥିବାର ଦେଖାଯାଏ ।

ଖାନାପୁରି ରେକର୍ଡ ଭୂଲ ତଥ୍ୟକୁ ଗ୍ରାମବାସୀଙ୍କୁ ପଢ଼ାଇ ଶୁଣାଇ ଦେବାର ନାମ ହେଉଛି, ବୁଝାରତ୍ । ବୁଝାରତ୍ ସରିବା ପରେ ଯେ କୌଣସି ବ୍ୟକ୍ତି ଏ ରେକର୍ଡକୁ ଦେଖି ପାରନ୍ତି । ସମସ୍ତ ବିବାଦ ନିଷ୍ପତ୍ତି ହେବାପରେ ରେକର୍ଡ ସଂଶୋଧନ କରାଯାଏ ଏବଂ ଖସଡ଼ା ପ୍ରକାଶ କରାଯାଏ । ଖସଡ଼ା ପ୍ରକାଶନ ବେଳେ ଯଦି କିଛି ଭୁଲ ଭଟକା ଦେଖାଯାଏ, ତାହାହେଲେ ଅଫିସରେ ତାର ସଂଶୋଧନ କରାଯାଇପାରେ । କିମ୍ବା ସମ୍ପୃକ୍ତ ବ୍ୟକ୍ତିଙ୍କର ଅଧିକାରରେ ଆଞ୍ଚ ଆସିଥିବା ଭଳି ଯଦି ଏଥିରେ କିଛି ଗୁରୁତର ଭୁଲଥାଏ ତାହାହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆପତ୍ତି ଦରଖାସ୍ତ କରିବା ପାଇଁ କୁହାଯାଏ ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର କ୍ୟାମ୍ପ ବସେ । ଏ ଅଧ୍ୟାୟ ସରିବା ପରେ ନୂଆ ସତ୍ତା ବା

Digitized by srujanika@gmail.com

ଖଜଣା ଧାର୍ଯ୍ୟ କରାଯାଏ । ତାର ଖସଡ଼ା ପ୍ରକାଶିତ ହୁଏ, ଆପତ୍ତି ଥିଲେ ସେ ସମ୍ପର୍କୀୟ ନିଷ୍ପତ୍ତି କରାଯାଏ ଏବଂ ଶେଷକୁ ଚୂଡ଼ାନ୍ତ ରେକର୍ଡ ଛପା ହୋଇ ପ୍ରକାଶିତ ହୁଏ ।

ନୂଆ ଖଜଣା ଧାର୍ଯ୍ୟ ହେବା ବେଳେ ଖାନାପୁରି ଅବସ୍ଥାରେ ଜମି କେଉଁ ଧରଣର ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରାହେବା ପରେ ନିଷ୍ପତ୍ତି ନିଆଯାଏ । ଆଟେଷ୍ଟେସନରେ ଜମିର ହାରାହାରି ଉତ୍ପାଦନ କେତେ ତାହା ନମୁନା ସ୍ୱରୂପ ସେହି ଜମିର ଦୁଇ ଚାରି ଯାଗାରୁ ଫସଲ କଟାଯାଇ ସ୍ଥିର ହୁଏ । ବର୍ତ୍ତମାନ ତଥ୍ୟ ସଂଗ୍ରହ ବିଜ୍ଞାନର ଯେପରି ଉନ୍ନତ ହେଲାଣି ସେଥିରେ ଫସଲ କାଟିବା ଓ ହାରାହାରି ଉତ୍ପାଦନ ନିରୂପଣ କରିବା ପ୍ରଣାଳୀରେ ଯଥେଷ୍ଟ ଉନ୍ନତ ଦେଖା ଯାଉଛି । ଲୋକଙ୍କର ଅଧିକାର ସମ୍ପର୍କୀୟ ରେକର୍ଡ ବାଣ୍ଟି ଦିଆଯାଏ । ଏହାର ତିନୋଟି କପି ପ୍ରସ୍ତୁତ କରା ଯାଇଥାଏ । ଗୋଟିଏ କଲେକ୍ଟରଙ୍କ ଅଫିସରେ, ଆଉ ଗୋଟିଏ ଜମି ମାଲିକ ଏବଂ ଅନ୍ୟଟି ରୟତୀକୁ ଦିଆଯାଏ । ଯେଉଁଠି ଖଜଣା ଧାର୍ଯ୍ୟ କରାଯାଇ ପାରେ ନାହିଁ, ସେଠାରେ ବନ୍ଦୋବସ୍ତର ଖର୍ଚ୍ଚ ଜମି ମାଲିକ ଓ ରୟତୀ ଠାରୁ ସମାନ ଅଂଶରେ ଅସୁଲ କରାଯାଏ ।

## ପିଲଙ୍କ ମୁଣ୍ଡ ମପା

ବନ୍ଦୋବସ୍ତ ବେଳେ ବହୁ ତଥ୍ୟ ସଂଗ୍ରହ କରାଯାଏ ଏବଂ ତାହା ପୃଥକ ଭାବରେ ସଂରକ୍ଷିତ ହୁଏ । ଶେଷରେ ସରକାରୀ ବନ୍ଦୋବସ୍ତ ଅଫିସର ଗ୍ରାମ ସମ୍ପର୍କୀୟ ତାଙ୍କର ମନ୍ତବ୍ୟ ପ୍ରସ୍ତୁତ କରନ୍ତି ଏବଂ ତାହା ମଧ୍ୟ ସଂରକ୍ଷିତ ହୁଏ । ଜଣେ ଅଫିସର କଣ କଣ ଅନୁସନ୍ଧାନ କରିବେ ବା କଣ ଲେଖିବେ ସେ ସମ୍ପର୍କରେ କୌଣସି ବାରଣ ନଥାଏ । ବ୍ୟବସାୟ, ବାଣିଜ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ଜନ ସାଧାରଣଙ୍କ ଆଚରଣ, ବ୍ୟବହାର, ବିଭିନ୍ନ ଜାତିର ଚଳଣି ଓ ପ୍ରଥା, ଶିକ୍ଷାଦି ସମ୍ପର୍କରେ ଜଣେ ଅନୁସନ୍ଧାନ କରିପାରେ । ଜଣେ ସରକାରୀ ବନ୍ଦୋବସ୍ତ କର୍ମଚାରୀ ଥରେ ନୃତତ୍ତ୍ୱ ସମ୍ପର୍କୀୟ ଗବେଷଣା କରୁଥିଲେ । ସେ ଗୋଟିଏ ଅଞ୍ଚଳର ପିଲଙ୍କର ମୁଣ୍ଡ ମାପୁଥିଲେ । ବିହାରର ପାହାଡ଼ି ନାମକ ଏକ ଦୁର୍ଦ୍ଧର୍ଷ ଜାତିର ଲୋକେ ମନେକଲେ ଯେ ସେ ସେମାନଙ୍କ ଝିଅ ପିଲଙ୍କ ସହିତ ପ୍ରେମ କରୁଛନ୍ତି ।

—*—

ଯେଉଁମାନଙ୍କର ଅବସର ବିନୋଦନ ପାଇଁ ସମୟ ନଥାଏ,
ସେମାନଙ୍କୁ ରୋଗଶଯ୍ୟା ପାଇଁ ବହୁତ ସମୟ ମିଳେ ।
— ଜନ୍ ୱାନାମେକର୍

Digitized by srujanika@gmail.com

# ବାରବାଟୀ ଲଟେରୀ

## ଗୋଟିଏ ଭଲରୁ ସହସ୍ର ଭଲ !!

ସତ୍ ତଥା ମହତ୍ ଉଦ୍ଦେଶ୍ୟ ରଖି ସଂସାରରେ ଯେତେ କାର୍ଯ୍ୟ ହୋଇଛି ସେଥିରୁ ଆମ୍ଭର ଅସଂଖ୍ୟ ଭଲ ଫଳ ମିଳିଛି ।

# ବାରବାଟୀ ରାଫଲ କ୍ଷେତ୍ରରେ ମଧ୍ୟ ତାହାହିଁ ପ୍ରମାଣିତ ହୋଇଗଲା

ନବ ଉତ୍କଳର ଗୋଟିଏ ଅକ୍ଷୟ କୀର୍ତ୍ତି ପାଇଁ ଦେଶର ଘରଆଡୁ କେବଳ ଗୋଟିଏ ଲେଖା ଟଙ୍କା ସଂଗ୍ରହ କରିବାର କଳ୍ପନା ସଫଳ ହେଲା ।

ଆଜି ଦେଖା ଯାଉଛି ........

ବାରବାଟୀ ଷ୍ଟେଡ଼ିୟମ ତିଆରି କାର୍ଯ୍ୟ ତ ଚାଲିଛି, ତା ସଙ୍ଗେ ସଙ୍ଗେ ଯେଉଁ ପାଣ୍ଠିରୁ —

| | |
|---|---|
| ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ | —୧,୮୨,୭୮୫-୦୦ |
| ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ | —ଟ ୫୦,୦୦୦-୦୦ |
| ନେହେରୁ ସ୍ମୃତିରକ୍ଷା ପାଣ୍ଠିକୁ | —ଟ ୨୨,୫୦୦-୦୦ |
| ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳପାଇଁ | —ଟ ୪୦,୦୦୦-୦୦ |
| ବିହାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | —ଟ ୨୦,୦୦୦-୦୦ |

ଓ ଅନ୍ୟାନ୍ୟ ଅନେକ ପାଣ୍ଠିକୁ ମଧ୍ୟ ପ୍ରାୟ ଏକଲକ୍ଷ (ଟ୧,୦୦,୦୦୦) ଟଙ୍କା ଯାଇଛି—

ଆପଣ ଆମକୁ ଟଙ୍କାଏ ଟଙ୍କାଏ ସାହାଯ୍ୟ ଦେଇ ଅନାମାନଙ୍କୁ ସାହାଯ୍ୟ ଦେବାପାଇଁ ପଥ ପରିଷ୍କାର କରି ଦିଅନ୍ତୁ ବୋଲି ବିନୀତ ଅନୁରୋଧ ।

**ପ୍ରଥମ ପୁରସ୍କାର ଟ ୧,୦୦୦,୦୦ (ଏକ ଲକ୍ଷ ଟଙ୍କା)**

ଏହାପର ଉଠାଣ ତା ୧୦-୧୨-୬୭

ବିଶେଷ ବିବରଣୀ ପାଇଁ ଲେଖନ୍ତୁ— ଅବୈତନିକ ସମ୍ପାଦକ

**ବାରବାଟୀ ରାଫଲ କମିଟୀ**

କଟକ-୫

Digitized by srujanika@gmail.com

# ସ୍ୱାଧୀନତା ସଂଗ୍ରାମର ସ୍ମୃତି



## ସର୍ଦ୍ଦାର ପଟେଲଙ୍କ ସହ ମିତ୍ରତା

-- ମହାବୀର ତ୍ୟାଗୀ

ଯେ ଅଚଳ ଦୃଢ଼ତା, ଅଟଳ ମତ ଏବଂ ଅମିତ ଦୃଢ଼ତା ଦେଇ ଆମ ଭାରତୀୟଙ୍କୁ କର୍ମକୁଶଳତାର ପାଠ ପଢ଼ାଇବାକୁ ଅସିଥିଲେ । ଲୋକେ ଏହାଙ୍କୁ ଲୌହ ପୁରୁଷ କହୁଥିଲେ କିନ୍ତୁ ଖୁବ୍ କମ ଲୋକ ଜାଣନ୍ତି, କିପରି ପଞ୍ଜୁରୀ ପରି ଏହାଙ୍କ ବକ୍ଷସ୍ଥଳ ଭିତରେ ଚକୋର ପରି କର୍ମୋତ୍ସ ଏବଂ ବାଳକ ପରି ଚଞ୍ଚଳ ଏକ ହୃଦୟ ରହିଥିଲା । ମୋର ମନେହୁଏ ତାଙ୍କର ହୃଦୟ ତାଙ୍କ ଅତୀତରେ ଥିଲା, କାରଣ ମୋ ଅର୍ଦ୍ଧରୁ ଏକ ମିତ୍ରତାର ପରିଚୟ ମିଳୁଥିଲା । ମୋର ଜଣେ ବନ୍ଧୁ କହନ୍ତି, ଆଖି ଅପେକ୍ଷା ଓଠରେ ତାଙ୍କର ହୃଦୟର ଝଲକ ଦେଖାଯାଉଥିଲା । କେହି କେହି ଏ କଥା ମଧ୍ୟ କହନ୍ତି, ତାଙ୍କର ହୃଦୟ ତାଙ୍କର ଭ୍ରୂରେ ଥିଲା । ଯେଉଁଠି ଆଜ୍ଞା କାହିଁକି ସେ ଏକ ଅତ୍ୟନ୍ତ ହୃଦୟବାନ ବ୍ୟକ୍ତି ଥିଲେ । ହସୁଥିଲେ ତ ସମସ୍ତ ଦ୍ୱାର ଝରକା, ବାଗ ବଗିଚା ହସି ଉଠୁଥିଲା । କହୁଥିଲେ ତ ଦୁନିଆ ଏକ ମନରେ କାନ ଦେଇ ତାହା ଶୁଣୁଥିଲା ।

### 'କାହାରିକୁ କହିବ ନାହିଁ'

ତାଙ୍କର ଓ ମୋ ଭିତରେ ବଡ଼ ଘନିଷ୍ଠ ବନ୍ଧୁତା ଥିଲା । ବନ୍ଧୁତା ଶବ୍ଦର ପ୍ରୟୋଗ ଏଥିପାଇଁ କରୁଛି ଯେ, ଥରେ ମୋର ଜଣେ

Digitized by srujanika@gmail.com

ବନ୍ଧୁ (ସ୍ୱର୍ଗୀୟ ଖୁର୍ଶେଦ ଲାଲ) ଯେଉଁ ମୋ ସଙ୍ଗେ ଗପସପ କରିବା ପାଇଁ ଡ୍ରେଗ୍ରନ୍ଭଟ ଏକ୍ସିଟ ହାଉସକୁ ଯାଉଥିଲେ, ସେ ସର୍ଦ୍ଦାର ପଟେଲ କହିଥିବା ଏକ ମଜା କଥା ନିଜର ଜଣେ ସାଙ୍ଗ ପାର୍ଲିଆମେଣ୍ଟ ସଭ୍ୟ (ସ୍ୱର୍ଗୀୟ ବାଲକୃଷ୍ଣ ଶର୍ମା ନବୀନ ) ଙ୍କୁ କହି ଦେଲେ । ଏହା ସଙ୍ଗେ ସଙ୍ଗେ ତାଙ୍କୁ କହିଲେ, କାହାରିକୁ ନକହି ନିଜ ଭିତରେ କଥାଟା ରଖିବ । ଏ ବନ୍ଧୁ ଉତ୍ତରୀ ବର୍ଷ ଧରି ଏଇଥି ପାଇଁ ଜଣାଶୁଣା ଥିଲେ ଯେ ସେ କୌଣସି କଥା ପେଟରେ ରଖିପାରୁ ନଥିଲେ । କାହାରିକୁ ନକହିବା ପାଇଁ ତାଙ୍କୁ ଯଦି କହିବ, ତାହାହେଲେ ତା' ଆର ଦିନ ନିଶ୍ଚୟ ଅନ୍ୟଜଣେ ବନ୍ଧୁଙ୍କଠାରୁ ସେହି କଥା ଅତି-ରଞ୍ଜିତ ଭାବରେ ଶୁଣିବାକୁ ମିଳିବ । ଦେଶ, ନିଜର ଧର୍ମ ଏବଂ ସ୍ୱଭାବ ଅନୁସାରେ ଏହିବନ୍ଧୁ କଥାଟାକୁ ଚର୍ଚ୍ଚା କରିଦେଲେ ଏବଂ କଥାଟା ଜଣଙ୍କ ପାଖରୁ ପାଞ୍ଚ ଜଣଙ୍କ ପାଖକୁ ଯାଇ ଶେଷରେ ସର୍ଦ୍ଦାର ପଟେଲଙ୍କ ପାଖରେ ପହଞ୍ଚି ଗଲା ।

## ଗାନ୍ଧୀ - ହୀରାଲାଲଙ୍କ ମିତ୍ରତା

କିଛି ଦିନ ପରେ ସର୍ଦ୍ଦାର ସାହେବ ମତେ ଡାକି ପଚାରିଲେ, ତୁମେ ସେ ଲୋକ-ଟିକୁ କାହିଁକି ସାଙ୍ଗରେ ଆଣିଥିଲ ? ମୁଁ ବଡ଼ ଲଜ୍ଜିତ ହୋଇଗଲି, ମୋର ବନ୍ଧୁ ମଧ୍ୟ ଏହା ଜାଣି ବଡ଼ ଦୁଃଖିତ ହେଲେ । ଏ ଥିଲା ଦିଲ୍ଲୀ ସହରରେ ସର୍ଦ୍ଦାର ଥିବା ବେଳର କଥା । ପର ଦିନ ଗତ ଅନୁସାରେ ମଣିବେନ୍ (ସର୍ଦ୍ଦାରଙ୍କ ଝିଅ) ମତେ ଆସିବା ପାଇଁ ଟେଲିଫୋନ କଲେ । ଦୁଇ ତିନି ଦିନ ସକାଳେ ଏହାଙ୍କ ସାଙ୍ଗରେ ମଟରରେ ହାୱା ଖାଇ ବାକୁ ଗଲି । କେବେ କାହାରିକୁ ସାଙ୍ଗରେ ନେବାର ଥିଲେ ସେଥିପାଇଁ ଆଗରୁ ମୁଁ ଟେଲିଫୋନରେ ପଚାରି ଦେଉଥିଲି । ସେଦିନ ମଣିବେନ୍ କହିଦେଲେ—''କାହା-ରିକୁ ସାଙ୍ଗରେ ଆଣିବା ଠିକ୍ ହେବନାହିଁ । ଏଠାର ଖବର କୁଆଡ଼େ ନା କୁଆଡ଼େ ଯାଇ ପହଞ୍ଚୁଛି ।'' ଜବାନର ବନ୍ଧୁ ଝରକା ଭିତରୁ ଏ ଗୋଟିଏ । ଏହାପରେ ମୁଁ ମାନେ ମାନେ ରହିଗଲି । ଶ୍ରୀ ଶଙ୍କର (ସର୍ଦ୍ଦାରଙ୍କ ପ୍ରାଇ-ଭେଟ୍ ସେକ୍ରେଟେରୀ) ଟେଲିଫୋନ କଲେ, ''ସର୍ଦ୍ଦାର ଖୋଜୁଛନ୍ତି ।'' ମୁଁ କହିଲି — ''ବେଶ୍ ହୋଇଗଲା, ମୋ ପାଇଁ ସେ ଘରର ଦରଜା ସବୁଦିନ ପାଇଁ ବନ୍ଦ, ଆଉ ମୁଁ ଯିବି ନାହିଁ ।'' କିଛି ଦିନ ପାଇଁ ମୁଁ ସିଆଡ଼େ ଆଉ ଗଲି ନାହିଁ ।

ଏ ଭିତରେ ସର୍ଦ୍ଦାରଜୀ ଡ୍ରେଗ୍ରନ୍ଭନ୍ ଚାଲିଗଲେ । ମୁଁ ବି ଡ୍ରେଗ୍ରନ୍ଭନ୍ ଫେରିଗଲି । ମୁଁ ପହଞ୍ଚିବା ସଙ୍ଗେ ସଙ୍ଗେ ଟେଲିଫୋନ୍ ଆସିଲା, ''ସରଦ୍ଦାରଜୀ ଡାକୁଛନ୍ତି ।'' ମୁଁ ଗଲି । ମଧ୍ୟାହ୍ନ ଭୋଜନ ସମୟ । ମତେ ସେ ଖାଇବା ପାଇଁ ଡାକିଲେ । ମୁଁ କହିଲି, ''କ୍ଷମା କରନ୍ତୁ ମୁଁ ଖାଇବି ନାହିଁ ।'' ସର୍ଦ୍ଦାରଜୀ ଉତ୍ତର ଦେଲେ, ''ନଖାଇଲେ କ୍ଷମା ଦିଆ-ଯିବ ନାହିଁ ।'' ବେକ ପାଖରେ ହାତ ପକାଇ କହିଲେ, ''ଜାଣ, ପଞ୍ଚତନ୍ତ୍ରରେ କ'ଣ ଲେଖା ହୋଇଛି ;

Digitized by srujanika@gmail.com

ଯସ୍ୟୋରେବ ସମଂବିତ୍ତଂ
ଯସ୍ୟୋରେବ ସମଂ କୁଳମ୍
ତସ୍ୟୋର୍ମୈତ୍ରୀ ବିବାହଶ୍ଚ
ନ ତୁ ପୁଷ୍ଟ ବିପୁଷ୍ଟୟୋଃ ।

ଅର୍ଥାତ୍ ନିଜର ସମାସ୍ତରର ସହିତ ମିତ୍ରତା ଓ ବିବାହ କରିଗଲେ ତାହା ସଫଳ ହୁଏ ।

ମୁଁ ତାଙ୍କର ଉଦ୍ଦେଶ୍ୟ ବୁଝିପାରିଲି ନାହିଁ । ପୁଣି କହିଲେ, "ଅରେ ଯଦି ବନ୍ଧୁତା ହୋଇଗଲା ଜୀବନ ଚାଲିଯିବ ପଛେ ବନ୍ଧୁତା ଯିବ ନାହିଁ ।" ମୁ ତେବେ ବି ବୁଝିପାରିଲି ନାହିଁ । ଖାଇବା ପାଖରେ ବସି ପୁଣି କହିଲେ, "ତୁମ ସହିତ ମୁଁ ମିତ୍ରତା କରିବାକୁ ଚାହେଁ । ତୁମେ ରାଜି ତ ?" ମୁଁ ଉତ୍ତର ଦେଲି, "ମୁଁ ରାଜି ନୁହେଁ, ତୁଳସୀ ଦାସ କହିଛନ୍ତି, ସମାସ୍କନ୍ଧ ଲୋକ ସାଙ୍ଗରେ ବିବାହ, ବନ୍ଧୁତା ଓ ଶତ୍ରୁତା ବି କରାଯାଏ ।" ସମସ୍ତେ ହସିଲେ । ସର୍ଦ୍ଦାରଜୀ କହିଲେ, "ମୁଁ ତ ବନ୍ଧୁତାର କଥା କହୁଛି ।" "ମୁଁ କହିଲି, "ନା ।" ସର୍ଦ୍ଦାର ଦୁଃଖକରି ଚାହିଲେ । ମୁଁ କହିଲି, "ମୁଁ ଯେପରି ଇଚ୍ଛା କରେ ସେପରି ବନ୍ଧୁତା ଆପଣ କରିବାକୁ ଚାହାନ୍ତି ତ, କହନ୍ତୁ ।" ସେ ପଚାରିଲେ, "କିପରି ବନ୍ଧୁତା ?" ମୁଁ କହିଲି, "ଆପଣଙ୍କର ଏବଂ ଦୟାଭାଇ (ସର୍ଦ୍ଦାରଙ୍କ ପୁଅ), ଙ୍କ ବନ୍ଧୁତା ଏପରି ଯେପରିକି ମହାତ୍ମାଜୀ ଓ ଦେବ ଦାସଙ୍କ ବନ୍ଧୁତା । ମହାତ୍ମାଜୀ ଏବଂ ଜବାହରଲାଲଙ୍କ ମଧ୍ୟରେ ଯେପରି ବନ୍ଧୁତା, ମୋ ସହିତ ଆପଣ ସେପରି ବନ୍ଧୁତା କରି ପାରିବେ? ମୁଁ ଯାହା ଚାହିଁବି ତାହା କରିବି, ଖାଇବି, ପିଇବି, ହିନ୍ଦୁ ହୋଇ ରହେ ବା ମୁସଲମାନ ହୋଇ ରହେ, ବନ୍ଧୁତା ଭାଙ୍ଗିବ ନାହିଁ ।" ସମସ୍ତେ ଜୋରରେ ହସିଲେ । ସର୍ଦ୍ଦାର କହିଲେ "ତାହା ହିଁ ହେଲା ।" ଏହିପରି ସେ ଦିନ ଠାରୁ ମୁଁ ତାଙ୍କର ହିତୈଷୀ ହୋଇଗଲି । ମରିବା ପର୍ଯ୍ୟନ୍ତ ମୋ' ସହିତ ତାଙ୍କର ଏହି ସ୍ନେହ ଓ ବନ୍ଧୁତା ରହିଥିଲା ।

## ଜରୁରୀ ଡ଼ାକରା

୧୯୪୮ ମସିହାର କଥା । ମୁଁ ପୁନର୍ବାସ ମନ୍ତ୍ରଣାଳୟର ଏକ କମିଟି ସଂପର୍କରେ ଦିଲ୍ଲୀ ଯାଇଥିଲି ଏବଂ ଶ୍ରୀ ଇନ୍ଦ୍ର ବିଦ୍ୟାବାଚସ୍ପତିଙ୍କ ଘରେ ରହିଥିଲି । ହଠାତ୍ ଶ୍ରୀ ରଫି ଅହମ୍ମଦ କିଦୱାଇଙ୍କ ଘରୁ ଟେଲିଫୋନ୍ ଆସିଲା ଯେ ସର୍ଦ୍ଦାର ପଟେଲ ଡ଼କାଇଛନ୍ତି । କିଦ୍‌ୱାଇଙ୍କ ଘରେ ଗାଡ଼ି ଅପେକ୍ଷା କରି ରହିଛି । ମତେ ଶୀଘ୍ର ଡ଼େରାଡୁନ ଯିବାକୁ ହେବ । ସନ୍ଧ୍ୟା-ବେଳ ସମୟ । ମୁଁ ଟିକିଏ ବିବ୍ରତ ହୋଇ-ଗଲି । ମହାତ୍ମା ଗାନ୍ଧୀଙ୍କ ହତ୍ୟାପରେ ସର୍ଦ୍ଦାର ପଟେଲଙ୍କର ହୃଦ୍‌ରୋଗ ହୋଇଥିଲା, ଯେଉଁଥି ପାଇଁ ସେ ବିଶ୍ରାମ ନେବା ନିମନ୍ତେ ବାରମ୍ବାର ଡ଼େରାଡୁନ ଯାଉଥିଲେ । ମୋ' ମନରେ ପାପ ଛୁଇଁଲା । ମତେ ଏପରି ଲାଗିଲା ଯେ ସର୍ଦ୍ଦାର-ଙ୍କର ଦେହ ବୋଧହୁଏ ଅଧିକ ଖରାପ । ମଣିବେନ୍, ଯେକି ତାଙ୍କର ଏକମାତ୍ର ତତ୍ତ୍ୱାବଧାନକାରିଣୀ ସେ ବୋଧହୁଏ ଅଧିକସ୍ତ ବିବ୍ରତ ହୋଇ ମତେ ଡ଼କାଇଛନ୍ତି । ସବୁ କାମ ଛାଡ଼ି ମୁଁ ସିଧା ଏକ ନମ୍ବର ଆଉରଙ୍ଗ-ଜେବ୍ ରୋଡ଼ରେ ପହଞ୍ଚିଗଲି ଏବଂ ଦିବା ସଙ୍ଗେ ସଙ୍ଗେ ମଟର ଚଢ଼ି ଡ଼େରାଡୁନ୍ ଚାଲିଲି ।

Digitized by srujanika@gmail.com

ଉଚ୍ଚକୋଟିର ସବ ଓ ସୋର ବଜନମ୍ୟରେ ହିଁ
ସାହିତ୍ୟ ବୁଦ୍ଧିମନ୍ତ ହୁଏ

# ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର

ଏହି ଲକ୍ଷ୍ୟକୁ ଆଗରେ ରଖି

୧ । ହିନ୍ଦୀ ଓ ଇଂରାଜୀର ବହୁ ବିଶିଷ୍ଟ ଲେଖାକୁ ଓଡ଼ିଆରେ ଅନୁବାଦ କରାଇଛନ୍ତି

୨ । ଓଡ଼ିଆ ସାହିତ୍ୟର ବହୁ ବିଶିଷ୍ଟ କୃତିକୁ ହିନ୍ଦୀରେ ଅନୁବାଦ କରାଇଛନ୍ତି

୩ । ହିନ୍ଦୀଭାଷୀ ଦୁନିଆ ଆଗରେ ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ଚିତ୍ର ଦେବାପାଇଁ

'ବିରାଟ ରାଷ୍ଟ୍ରଭାଷା ରଜତ ଜୟନ୍ତୀ ଗ୍ରନ୍ଥ'
ପ୍ରକାଶ କରିଛନ୍ତି

ସମସ୍ତ ଉଚ୍ଚକୋଟିର ହିନ୍ଦୀ, ଓଡ଼ିଆ ପୁସ୍ତକପାଇଁ
ଅନୁସନ୍ଧାନ କରନ୍ତୁ

ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର
ବାଂକାବଜାର, କଟକ-୨



ସମ୍ବଲପୁରୀ ବସ୍ତ୍ରାଳୟ ଟେକ୍ସଟାଇଲ୍ ସହଯୋଗ ସମିତି ଲିଃର
ଲୁଗା ସୁନ୍ଦର ଯେପରି ମଜଭୁତ ମଧ୍ୟ ସେପରି । ଲୁଗାର ରଙ୍ଗ ପକ୍କା
ଏହି ସମିତିର ଲୁଗା ଦେଶ ବିଦେଶରେ ଅଦ୍ଭୁତ ଏବଂ ସର୍ବ-
ଭାରତୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ।
ଏହା ବ୍ୟବହାର କରି ଦେଶର ଶିଳ୍ପ ତଥା ଶିଳ୍ପୀଙ୍କୁ
ଉତ୍ସାହିତ କରନ୍ତୁ ।

କୃତାର୍ଥ ଆଚାର୍ଯ୍ୟ (ପଦ୍ମଶ୍ରୀ)
ସଭାପତି


Digitized by srujanika@gmail.com

ରାସ୍ତା ସାରା ମନଭିତରେ ଭୟ ଓ ଆଶଙ୍କା ଲୁଚିଥାଏ । ମୋର ପହଞ୍ଚିବା ପୂର୍ବରୁ ସର୍ଦ୍ଦାରଜୀଙ୍କର ହୃଦୟର ସ୍ପନ୍ଦନ ବନ୍ଦ ହୋଇ ଯାଇ ନଥିବ ତ ! ମଣିବେନ୍‌ଙ୍କୁ ଖବର କ'ଣ ବୋଲି ପଚାରିଲେ ସେ କେଉଁ ମୁହଁରେ ଓ କେଉଁ ଭାଷାରେ ମତେ ଉତ୍ତର ଦେବେ ? ସର୍କିଟ୍ ହାଉସର ଗୋଲ ଗୃହରେ ଏହାଙ୍କୁ ଶୁଆଇ ଦିଆ ଯାଇଥିବ । କଂଗ୍ରେସରେ ଥିବା ମୋର ସବୁ ବନ୍ଧୁ ତ ପହଞ୍ଚି ଯିବେଣି । ଫୁଲ ଆଦି ଦେବାର ବ୍ୟବସ୍ଥା ହୋଇଛି କି ନାହିଁ ? ତାଙ୍କୁ ନେଇ ସଙ୍ଗେ ସଙ୍ଗେ ଦିଲ୍ଲୀ ଚାଲି ଆସିବି । ପଛରେ ଏକ ମଟର ଆସିଲା । ଜରୁରୀ ଟେଲିଫୋନ ଖବର ପାଇ ଜବାହର ଲାଲ ନେହରୁ ଆସୁଛନ୍ତି ବୋଲି ଭାବିଲି । ବାହାରକୁ ଚାହିଁ ଦେଖିଲି ; ଭାବିଲି "ଆରେ ମୂର୍ଖ, ତୁ ସବୁବେଳେ କ'ଣ ନିଜ ମିତ୍ରର ମରଣ କାମନା କରୁଛୁ ? ଠିକ୍ କଲି, ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବି । ଏହାଙ୍କ ଜୀବନରକ୍ଷା ପାଇଁ ଗାୟତ୍ରୀମନ୍ତ୍ର ପଢ଼ିବାକୁ ଲାଗିଲି । କିନ୍ତୁ ମୁହଁରେ ଗାୟତ୍ରୀମନ୍ତ୍ର ; ମନ ଭିତରେ ମଣିବେନ୍ ଆଉ ଶଙ୍କର ପ୍ରଭୃତିଙ୍କର କ୍ରନ୍ଦନଧ୍ୱନି । ଏହିପରି ଭାବରେ ରାତି ହୋଇ ଗଲା । ଡ଼େରାଡୁନ ଆସିଗଲା । ସର୍କିଟ୍ ହାଉସର ଫାଟକ ଆସିଗଲା । ପୋଲିସ୍ ନାହିଁ । ଆଲୁଅ ବନ୍ଦ ହୋଇଗଲାଣି । ଶୀଘ୍ର ଚପରାଶି ବାହାରକୁ ଆସି ନମସ୍କାର କଲା । ତାକୁ ଦେଖି ମୋ ପିଣ୍ଡରେ ପ୍ରାଣ ପଶିଲା । ସବୁ ଲୋକ ଶୋଇ ପଡ଼ିଥିଲେ । ମୋ' ପ୍ରତି ନିର୍ଦ୍ଦେଶ ଥିଲା ଯେ ମୁଁ ଘରକୁ ନଯାଇ ସେଇଠି ଶୋଇ ଯିବି । ମୋ ପାଇଁ ରହିବା ଘରେ ବିଛଣା ସଜା ହୋଇଥିଲା । ଶେଯ ପଡ଼ିବା ମାତ୍ରେ ନିଦ ଆସିଗଲା । ସକାଳୁ ଉଠିବା କ୍ଷଣି ମଣିବେନ୍ ଚା' ଆଣିଲେ । ଏ ପରିବାରର ଅତିଥି ସତ୍କାର କେଡ଼େ ମନୋହର ! ଯେତେବେଳେ ବାହାରକୁ ବାହାରିଲି ସର୍ଦ୍ଦାର ଡ଼କାଇଲେ । ଚା' ଜଳଖିଆ ପ୍ରସ୍ତୁତ ହୋଇ ରହିଥିଲା । ସର୍ଦ୍ଦାର ଠିଆ ହୋଇ ସ୍ୱାଗତ କଲେ । ମୁଁ ଏଥିରୁ ଶିକ୍ଷା କଲି ଯେ ଯେତେ ଶ୍ରେଷ୍ଠ ହେଲେ ମଧ୍ୟ ଘରକୁ କେହି ଆସିଲେ ଏପରି ଢଙ୍ଗରେ ସ୍ୱାଗତ କରିବାକୁ ହୁଏ । ସର୍ଦ୍ଦାର କହିଲେ, "ଶଙ୍କର, ସେ କାଗଜଟା ବାହାର କର, ଶୁଭକାର୍ଯ୍ୟ କରିବା ଆଗରୁ ବ୍ରାହ୍ମଣଙ୍କୁ ପଚାରିବା ଦରକାର ।"

ମୁଁ ଅବାକ୍ ହୋଇ ରହିଗଲି । "କ'ଣ ଏହି କାଗଜ ?" ସର୍ଦ୍ଦାର କହିଲେ, "ତୁମକୁ ଏକ ଚୁକ୍ତିର ପରାମର୍ଶ ପାଇଁ ଡ଼କାଯାଇଛି ।" କାଗଜ ଆସୁଥିବା ବେଳେ ମଣିବେନ୍ ଓ ସର୍ଦ୍ଦାରଙ୍କ ପି. ଏ ଏପରି ଭାବରେ ଆସି ଆମ ପାଖରେ ଠିଆହେଲେ, ଯେପରିକି ଏଠାରେ ସଙ୍ଗୀନ୍ ମକଦ୍ଦମାର ଶୁଣାଣୀ ଚାଲିଛି । ଶ୍ରୀ ଶଙ୍କର ଲଫାଫାରୁ କାଗଜ ବାହାର କରି ମୋ ହାତରେ ଦେଲେ । ଦେଖିଲି ପଣ୍ଡିତ ଜବାହରଲାଲ ନେହରୁଙ୍କ ନାମରେ ତା' ଲେଖା ହୋଇଛି । ପତ୍ରର ଶବ୍ଦ କ'ଣ ଥିଲା ମନେ ନାହିଁ । କାରଣ ଭାଷା, ଶବ୍ଦ ଓ ଶବ୍ଦର ଅର୍ଥ ପାର ହୋଇ ଏହି ପତ୍ରର ପରିଣାମରେ ଭାରତରୁ ଯେଉଁ ଅନ୍ଧକାରମୟ ଚିତ୍ର ହେବ ତାହାହିଁ ମୋ ଆଖି ଆଗରେ ଭାସି ଯାଉଥିଲା । ସବୁ ପଢ଼ି ସାରିବା ପରେ ବି ମୁଁ ପଢ଼ୁଥିବା ପରି ରହିଗଲି । ସର୍ଦ୍ଦାରଜୀ ପଚାରିଲେ,

Digitized by srujanika@gmail.com

"ପଢ଼ି ସାରିଲ ?" ମୁଁ କ'ଣ ଜବାବ ଦେବି ? ଆଖି ଆଗରେ ଚିଠିଟା ଥିଲେ ମଧ୍ୟ ସର୍ଦ୍ଦାରଙ୍କ ଚେହେରାଟା ହିଁ ବେଶି ଜଣା ଯାଉଥିଲା, " କ'ଣ, ପସନ୍ଦ ହେଲା ନାହିଁ ? " ସର୍ଦ୍ଦାର ପଚାରିଲେ ।

ମଣିବେନ୍ ଓ ଶଙ୍କର ମୋ' ମୁହଁକୁ ଏପରି ଚାହିଁ ଥିଲେ ଯେପରିକି ଏ ବିଷୟରେ ଶେଷ ନିଷ୍ପତ୍ତି ଦେବାର ଅଧିକାର ଏହି ବ୍ରାହ୍ମଣର ଅଛି । ମତେ ଜଣା ଗଲା, ପରିସ୍ଥିତି ଅତ୍ୟନ୍ତ ଗୁରୁତର । ମୁଁ ସଙ୍ଗେ ସଙ୍ଗେ କହିଲି, "ମତେ ଆପଣ ଅନୁମତି ଦିଅନ୍ତୁ । ମୁଁ ଦଶ-ମିନିଟ ସମୟ ଭିତରେ ବଗିଚା ଭିତରେ ବୁଲି ଆସି ଏ ପତ୍ରକୁ ହଜମ କରି ନେବି ।" ସର୍ଦ୍ଦାର ହସି ହସି କହିଲେ, "ହଁ, ଯାଅ, ଏହାର ସିଦ୍ଧାନ୍ତ ମୁଁ ତୁମ ଉପରେ ଛାଡ଼ି ଦେଇଛି ।" ମୁଁ ସଙ୍ଗେ ସଙ୍ଗେ ସବୁ ବାହାରି ଆସିଲି, ମନେ ମନେ ଭାବିବାକୁ ଲାଗିଲି, "କଣ ଜବାବ୍ ଦେବି ? ମୋର ଜୀବନର ସବୁଠାରୁ ବଡ଼ ପରୀକ୍ଷା ଆଗରେ ଆସି ପହଞ୍ଚି ଗଲି ।"

## ମନର ଦ୍ୱନ୍ଦ୍ୱ

ଅସଲ କଥା ହେଉଛି, ମନୁଷ୍ୟର ମନ ଓ ଶରୀରର ସବୁଠାରୁ କ୍ଷତିକାରକ ସମୟ ଏହି, ଯେତେବେଳେ ସେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଦ୍ୱନ୍ଦ୍ୱରେ ପଡ଼ି ଯାଏ ଏବଂ କୌଣସି ବାଟ ବାହାର କରିବାକୁ ଅସମର୍ଥ ହୁଏ । ଏହି ସମୟ ଆସିଗଲେ ସବୁଠାରୁ ବଡ଼ ବଡ଼ ମସ୍ତିଷ୍କ ଶୂନ୍ୟସ୍ଥାନ (Zero Level) ରେ ପହଞ୍ଚିଯାଏ । ଏପରି ଅବସ୍ଥା ହୁଏ ଯେ, ଶୁଆକୁ ପଚାରି, ଉପରକୁ ପଇସା ପକାଇ, ନାକର ଦୁଇ ପୁଡ଼ାରେ ନିଶ୍ୱାସ ନେଇ କମ୍ବା ରାମାୟଣର ପନ୍ନ ଖୋଲି ଏସବୁ ସମସ୍ୟାର ସମାଧାନ ପାଇଁ ଲୋକେ ଚେଷ୍ଟା କରନ୍ତି । ମୋର ମନେ ହେଉଛି, ସର୍ଦ୍ଦାରଜୀଙ୍କର ସେ ଦିନ ଠିକ୍ ଏହିପରି ଅବସ୍ଥା ଥିଲା । ତା'ନ ହୋଇଥିଲେ ସେ ନିଜେ ଏତେ ବଡ଼ ବିଚକ୍ଷଣ ବନ୍ଧୁ ବ୍ୟସ୍ତ ହୋଇ ମୋ ପରି ଜଣେ ତୁଚ୍ଛ ବ୍ୟକ୍ତିକୁ କାହିଁକି ପରାମର୍ଶ କରନ୍ତେ ? ମଣିବେନ୍ ଓ ଶଙ୍କର କ'ଣ କମ ପ୍ରତିଭାବାନ୍ ଥିଲେ ? କିନ୍ତୁ ଦ୍ୱନ୍ଦ୍ୱ ଏକ ସଂକ୍ରାମକ ରୋଗ । ସେ ମଧ୍ୟ ଏହି ଦୁଇଜଣଙ୍କୁ ଆସି ଆକ୍ରମଣ କରିଥିଲା ।

ବୁଲି ବୁଲି ମୋର ବହୁତ ଡେରି ହୋଇଗଲା ଏବଂ ମୁଁ ଏହି ଦ୍ୱନ୍ଦ୍ୱରେ ପଡ଼ିଥିବା ଅବସ୍ଥାରେ ସର୍ଦ୍ଦାରଜୀ ମତେ ଡ଼କାଇ ପଠାଇଲେ । "କଣ ଚିନ୍ତା କଲ ?" ଭାରତର ଭାଗ୍ୟବଳରୁ ମୋ ମୁହଁରେ ସରସ୍ୱତୀ ବିଜେ କଲେ । କିଛି ନ ଭାବି ମୁଁ ଉତ୍ତର ଦେଲି, "ପତ୍ରର ଭାଷା ବଡ଼ ସରଳ ଓ ବହୁ ଭାବି ଚିନ୍ତି ଏହା ଲେଖା ହୋଇଛି । ଯେଉଁ ଉଦ୍ଦେଶ୍ୟରେ ଏହା ଲେଖା ହୋଇଛି, ତାହା ମଧ୍ୟ ମହତ୍ । ଏଥିରେ ସନ୍ଦେହ ନାହିଁ ଯେ ଏ ସମ୍ପର୍କରେ ଆପଣ ଯେଉଁ ଯୁକ୍ତି କରିଛନ୍ତି, ତାହାର ମଧ୍ୟ କେହି ପ୍ରତିବାଦ କରି ପାରିବ ନାହିଁ । କିନ୍ତୁ ଏକଥା ମନେ ରଖନ୍ତୁ, ମହାତ୍ମାଗାନ୍ଧୀ ଚାଲିଯିବା ପରେ ଦେଶର ଆଶା ଆପଣ ଆଉ ଜବାହରଲାଲଙ୍କ ଉପରେ ଅଛି । ଏହି ପତ୍ର ଦିଲ୍ଲୀରେ ପହଞ୍ଚିବା ପରେ କଂଗ୍ରେସ ସରକାର ଏବଂ କଂଗ୍ରେସର ସମସ୍ତ

Digitized by srujanika@gmail.com

ନେତାଙ୍କର ଶେଷ ଅବସ୍ଥା ଆସିଯିବ । ସାରା ଦେଶର ଜନତା ଆପଣଙ୍କ ସାଙ୍ଗରେ ରହିବ । କିନ୍ତୁ ଇତିହାସର ସାକ୍ଷୀ ଆପଣଙ୍କ ବିରୁଦ୍ଧରେ ଯିବ ଏବଂ ଦେଶର ଯେଉଁ କ୍ଷତି ହେବ ସେଥିପାଇଁ ଆପଣଙ୍କୁ ପୂରାପୂରି ଦାୟୀ କରା-ଯିବ । ସବୁ ନଷ୍ଟ ଭ୍ରଷ୍ଟ ହୋଇଯିବା ପରେ ଯେତେ ଦୁଃଖ ଆପଣଙ୍କୁ ହେବ, ଏତେ ଆଉ କାହାରିକୁ ହେବନାହି । ଯେଉଁ କଥା ପାଇଁ ଆପଣ ଏହି ଚିଠି ଲେଖୁଛନ୍ତି, ତାହା ସଫଳ ହେବନାହିଁ ।"

ସର୍ଦ୍ଦାର କହିଲେ, "ତାହାହେଲେ ଯାହା ହୋଇ ଯାଉଛି ତା'କୁ କ'ଣ ସେହିପରି ହେବାକୁ ଦିଆଯିବ ? ଏଥିରୁ ଯେଉଁ ପରିସ୍ଥିତି ଉପୁଜିବ, ତାହା କଣ କମ୍ କ୍ଷତିକାରକ ହେବ ? ଲୋକେ ମତେ ବି ପଚାରିବେ, "ତୁ ତ ୱାରକିଙ୍ଗ କମିଟିର ମେମ୍ବର ଥିଲି, ଏହାକୁ ରୋକିବା ପାଇଁ ତୁ କ'ଣ କରିଥିଲି ?"

ମୁଁ କହିଲି, "ଏଥିପାଇଁ ମୋର ସିଦ୍ଧାନ୍ତ ହେଉଛି, ଏ ପତ୍ରକୁ ନିଶ୍ଚୟ ପଠାଇବାକୁ ହେବ ; କିନ୍ତୁ ବାବୁ ରାଜେନ୍ଦ୍ର ପ୍ରସାଦଙ୍କ ପାଖକୁ ଏହିପରି ଲେଖି ଏହା ପଠାଇ ଦିଆଯିବ ; "ଅସୁସ୍ଥତା ଯୋଗୁଁ ମୁଁ ଏଠାରେ ଏକୁଟିଆ ପଡ଼ି ରହିଛି । ପରାମର୍ଶ କରିବା ପାଇଁ କେହି ସାଥୀ ନାହାନ୍ତି । ୱାର୍କିଙ୍ଗ କମିଟି ବୈଠକକୁ ଯିବା ପାଇଁ ମୁଁ ଅକ୍ଷମ । କାର୍ଯ୍ୟସୂଚୀ (Agenda)କୁ ଦେଖି ମୋର ଯେଉଁ ପ୍ରତିକ୍ରିୟା ହେଲା, ତାହାର ଫଳ ସ୍ୱରୂପ ଏହିପତ୍ର ଜବାହରଲାଲଙ୍କୁ ଲେଖିଲି । ଆପଣ କଂଗ୍ରେସର ମୁଖ୍ୟ । ଏଥିପାଇଁ ଭାବିଲି, ଆପଣଙ୍କୁ ପ୍ରଥମେ ଦେଖାଇ ଦେବି । ଦୟା କରି ଏହାକୁ ପଣ୍ଡିତ ଜବାହରଲାଲଙ୍କ ପାଖକୁ ପଠାଇ ଦେବେ ।"

"ବେଶ୍ ହୋଇଗଲା । ଶଙ୍କର, ବ୍ରାହ୍ମଣର କଥା ମାନ ଏବଂ ଶୀଘ୍ର ମୋହର ଲଗାଇ ମଟର ଦ୍ୱାରା ବାବୁ ରାଜେନ୍ଦ୍ର ପ୍ରସାଦଙ୍କ ପାଖକୁ ପଠାଇ ଦିଅ ।" ମୋ ସପକ୍ଷରେ ମଧ୍ୟ ସେ କେତୋଟି କଥା କହିଲେ ଯାହାକୁ ଜୀବନର ଅମୂଲ୍ୟ ପୁରସ୍କାର ମନେ କରି ଆଜି ବି ମୁଁ ଆନନ୍ଦ ପାଏ ।

ପରାମର୍ଶର ସଫଳତାରେ ଆନନ୍ଦିତ ହୋଇ ମୁଁ ଯେତେବେଳେ ଘରକୁ ଯିବାକୁ ଅନୁମତି ମାଗିଲି, ସର୍ଦ୍ଦାରଜୀ କହିଲେ, "ଆରେ, ଖାଇକରି ଯା, କିଛି ସମୟ ପରେ, ରାଜେନ୍ଦ୍ର ବାବୁଙ୍କ ଟେଲିଫୋନ୍ ନିଶ୍ଚୟ ଆସିବ । ତାକୁ ମଧ୍ୟ ଶୁଣି ଯିବୁ ।"

କଥାଟା କଅଣ କି ମେଓ ମାନଙ୍କୁ ପାକିସ୍ଥାନରୁ ଫେରାଇ ଆଣି ଏଠାରେ ତାଙ୍କର ପୁନର୍ବସତି କରିବା ପାଇଁ ମନ୍ତ୍ରୀମଣ୍ଡଳ ଦୁଇଥର ସିଦ୍ଧାନ୍ତ କରି ପାଶ କରିଥିଲା । କଂଗ୍ରେସ ୱାର୍କିଙ୍ଗ କମିଟିର ଜଣେ ସଭ୍ୟଙ୍କ ପ୍ରେରଣାରେ ଏହି ପ୍ରଶ୍ନ ୱାର୍କିଙ୍ଗ କମିଟିର କାର୍ଯ୍ୟସୂଚୀରେ ରଖା ଯାଇଥିଲା । ଉଦ୍ଦେଶ୍ୟ ହେଉଛି, ମନ୍ତ୍ରୀମଣ୍ଡଳର ସିଦ୍ଧାନ୍ତକୁ ୱାର୍କିଙ୍ଗ କମିଟି ଦ୍ୱାରା ବଦଳାଇ ଦେବା । ସର୍ଦ୍ଦାର ସାହେବଙ୍କର ଏହା ଇଚ୍ଛାବିରୁଦ୍ଧ ଥିଲା । ଅସୁସ୍ଥତା ହେତୁରୁ କମିଟିର ବୈଠକକୁ ସେ ଯାଇ ପାରୁନଥିଲେ, ତେଣୁ କଂଗ୍ରେସ ୱାର୍କିଙ୍ଗ କମିଟି ଏବଂ ମନ୍ତ୍ରୀମଣ୍ଡଳ ଉଭୟରୁ ଇସ୍ତଫା ଦେବାପାଇଁ ସିଦ୍ଧାନ୍ତ କରିଥିଲେ ।

ଗପ ସପ ଓ ଖାଇବାରେ କେତେ

Digitized by srujanika@gmail.com

ଘଣ୍ଟା ଚ୍ଛଲଗଲା । ମୁଁ ଗୋଲଘରେ ବସିଛୁ ଟେଲିଫୋନ ଘଣ୍ଟି ବାଜିଲା, ଦିଲ୍ଲୀରୁ ସର୍ଦ୍ଦାରଜୀଙ୍କର ଟେଲିଫୋନ ଆସିଛୁ । ଟେଲିଫୋନ୍ ଥିବା ଘରୁ ହସି ହସି ଆସିଲେ ଏବଂ ହାତରେ ଫୁଟ୍‌କି ମାରି କହିଲେ, "ଦେଖ, ମୁଁ ତ କହୁଥିଲି ; ରାଜେନ୍ଦ୍ରବାବୁ ବିବ୍ରତ ହୋଇ ପଡ଼ିଲେ । ସେ ବି ମୋ' ସହିତ ଏକମତ ଏବଂ କାର୍ଯ୍ୟପ୍ରଣାଳୀରୁ ସେ ବିଷୟଟିକୁ ସେ ଉଠାଇ ଦେଲେ ।"

## ମର୍ତ୍ତ୍ୟ ଲୋକ ଓ ପଶୁ ଲୋକ

ଦିନେ ଟେଲିଫୋନ ଆସିଲା, "ନରସିଂହଙ୍କ ରଥ ଧରି ଶୀଘ୍ର ଚ୍ଛଲିଆସ ।" ମୋ' ଜିପ୍‌କୁ ସେ ନରସିଂହଙ୍କ ରଥ ବୋଲି କହୁଥିଲେ । ମୁଁ ଦଶ ମିନିଟରେ ସର୍କିଟ ହାଉସରେ ପହଞ୍ଚିଗଲି । ମତେ କହିଲେ, "ଡ଼କ୍‌ଟର ସୁଶୀଲା ନାୟାରଙ୍କୁ ରଥରେ ବସାଇ ମୀରାବେନ୍‌ଙ୍କ ପଶୁଲୋକ ଦେଖାଇ ଆଣ ।"

ମହାତ୍ମାଜୀଙ୍କ ଆଶୀର୍ବାଦ ଓ ଆଦେଶରେ ମୀରାବେନ୍ ଋଷିକେଶ ନିକଟରେ ବୁଢ଼ୀ, ମୃତପ୍ରାୟ ଓ ରୋଗିଣୀ ଗୋରୁ ମାନଙ୍କର ପାଳନ ପାଇଁ ଏକ କେନ୍ଦ୍ର ଖୋଲିଥିଲେ । ଯାହାର ନାମ ହେଉଛି ପଶୁଲୋକ , ମୁଁ କହିଲି, "ଆପଣ ଯେତେବେଳେ କହିଲେଣି, ଯାଉଛି ।"

ସର୍ଦ୍ଦାର ଆଶ୍ଚର୍ଯ୍ୟ ହୋଇ ପଚ୍ଛରିଲେ, "ଏଥିରେ ମୁଁ କହୁଛି ବୋଲି କାହିଁକି କହିଲ ?"

ମୁଁ ଉତ୍ତର ଦେଲି, "ପୁରାଣରେ କଥା ମନେ ପଡ଼ୁଛି । ଯେତେବେଳେ ପାଣ୍ଡବମାନେ ସ୍ୱର୍ଗକୁ ଯିବା ପାଇଁ ହିମାଳୟ ଚଢ଼ୁଥିଲେ, ସେତେବେଳେ ସେମାନଙ୍କୁ ସ୍ୱର୍ଗକୁ ନେବା ପାଇଁ ଏକ ପୁଷ୍ପକ ବିମାନ ଆସିଲା । ପାଣ୍ଡବ ମାନଙ୍କ ସାଙ୍ଗରେ ଗୋଟିଏ କୁକୁର ଥିଲା । ସେମାନଙ୍କ ସହିତ ସେ ବି ସ୍ୱର୍ଗଲୋକ ଚ୍ଛଲିଗଲା । ମୋର ଭାଗ୍ୟ, ମୋର ସମ୍ପର୍କ ଏପରି ଏକ ପରିବାର ସହିତ ହୋଇଛି ଯେ ମୋତେ ମର୍ତ୍ତ୍ୟ ଲୋକ ଛାଡ଼ି ପଶୁଲୋକ ଯିବା ପାଇଁ କୁହା ଯାଉଛି । କେତେ ଯେ ସର୍ଦ୍ଦାର ହସିଲେ, ମୁଁ ଲେଖି ପାରୁନାହିଁ । କେତେଥର ଏହି କଥା କହି ସେ ହସିଛନ୍ତି ।

## ମଣିବେନ୍‌ଙ୍କ ସାଢ଼ୀ

ଥରେ ମଣିବେନ୍ ସର୍ଦ୍ଦାରଙ୍କୁ କିଛି ଔଷଧ ପିଆଇ ଦେଉଥିଲେ । ମୋର ତ ଯା'ଆସ କରିବାରେ ସେଠାରେ କୌଣସି ବାଧା ନଥିଲା । ମୁଁ ଘର ଭିତରକୁ ପଶିଯାଇ ଦେଖିଲି, ମଣିବେନ୍‌ଙ୍କ ସାଢ଼ୀରେ ଏକ ବଡ଼ ପଟି ପଡ଼ିଛି । ମୁଁ ପାଟିକରି କହିଲି, "ମଣିବେନ୍ ତୁମେ ତ ନିଜକୁ ବହୁତ ବଡ଼ଲୋକ ବୋଲି ମନେକର । ତୁମେ ଏତେ ବଡ଼ ବାପର ଝିଅ ଯେ କି ବର୍ଷକ ଭିତରେ ଏତେବଡ଼ ଚକ୍ରବର୍ତ୍ତୀ ଅଖଣ୍ଡ ରାଜ୍ୟ ଶାସନ କରି ପାରିଛନ୍ତି, ଯାହାକି ରାମଚନ୍ଦ୍ରଙ୍କର ନଥିଲା, କୃଷ୍ଣଙ୍କର ନଥିଲା, ଅଶୋକଙ୍କର ନଥିଲା, ଆକବର କିମ୍ବା ଇଂରେଜଙ୍କର ନଥିଲା । ଏତେ ବଡ଼ ରାଜ୍ୟ, ଏତେ ବଡ଼ ରାଜା ମହାରାଜାଙ୍କର ସର୍ଦ୍ଦାର, ତାଙ୍କର ଝିଅ ହୋଇ ତୁମକୁ ଲଜ୍ଜା ଲାଗୁନାହିଁ ?" ବହୁତ ଚଢ଼ିଯାଇ ମୁହଁ ମୋଡ଼ି

Digitized by srujanika@gmail.com

ମଣିବେନ୍ କହିଲେ, "ଯେଉଁମାନେ ମିଛ କହନ୍ତି, ବେଇମାନ କରନ୍ତି, ସେମାନଙ୍କର ଲଜ୍ଜା ହେବାର କଥା । ମୋ'ର କାହିଁକି ହେବ ?"

ମୁଁ କହିଲି, "ଆମର ଡେରାଡୁନ ସହର ଭିତରେ ବୁଲି ଯାଅ, ଲୋକେ ତୁମକୁ ଭିକାରୁଣୀ ଭାବି ଦୁ'ପଇସା ବା ଅଣିଟାଏ ହାତରେ ପକାଇ ଦେବେ । ତୁମକୁ ଲଜ୍ଜା ଆସୁନାହିଁ, ତୁମେ ଫଟିପକା ଶାଢ଼ୀ ପିନ୍ଧି ଯାଉଛ ?" ମୁଁ ତ ହସିକରି କହୁଥିଲି । ସର୍ଦ୍ଦାରଜୀ ବି ଖୁବ୍ ହସିକରି କହିଲେ, "ବଜାରରେ ତ ବହୁତ ଲୋକ ଯିବା ଆସିବା କରୁଛନ୍ତି ; ଗୋଟିଏ ଅଣି ଦେଲେ ବହୁତ ଟଙ୍କା ଏକାଠି ହୋଇ ଯିବ ଯେ !"

ତାପରେ ସୁଶୀଲା ନାୟାରଙ୍କ ଠାରୁ ଶୁଣି ମୁଁ ଲଜ୍ଜିତ ହୋଇଗଲି । ନାୟାର କହିଲେ, "ତ୍ୟାଗୀଜୀ । କାହିଁକି ଏପରି ବଡ଼ ବଡ଼ କଥା କହୁଛ ? ମଣିବେନ ଦିନସାରା ସର୍ଦ୍ଦାର ସାହେବଙ୍କର ସେବା କରନ୍ତି, ପୁଣି ଡାଏରୀ ଲେଖନ୍ତି ଏବଂ ନିୟମ ଅନୁସାରେ ଚରଖାରେ ସୂତା କାଟନ୍ତି । ଯେଉଁ ସୂତା ହୁଏ, ସେଥିରେ ସର୍ଦ୍ଦାରଙ୍କର କୁର୍ତ୍ତା, ଧୋତି ତିଆରି ହୁଏ । ଆପଣଙ୍କ ପରି କ'ଣ ସର୍ଦ୍ଦାର ସାହେବ ଖଦଡ଼ ଭଣ୍ଡାରରୁ କପଡ଼ା କିଣନ୍ତି ? ଯେବେ ସର୍ଦ୍ଦାର ସାହେବଙ୍କର ଧୋତି କୁର୍ତ୍ତା ଫାଟିଯାଏ, ତାହାହେଲେ ତାକୁ କାଟି ସିଲେଇ କରି ମଣିବେନ ନିଜର ବ୍ଲାଉଜ୍ ତିଆରି କରନ୍ତି ।" ମୁଁ ନିଃସ୍ୱ, ଦେବୀଙ୍କର ସମ୍ମୁଖରେ ଅବାକ୍ ହୋଇ ଠିଆ ହୋଇଗଲି । କେଡ଼େ ପବିତ୍ର ଆତ୍ମା ମଣିବେନଙ୍କର । ତାଙ୍କର ପାଦ ଛୁଇଁଲେ ମୋ' ପରି ପାପୀ ପବିତ୍ର ହୋଇଯିବ । ପେର ସର୍ଦ୍ଦାର କହିଲେ, "ଗରିବ ଲୋକର ଝିଅ ; ଭଲା ଲୁଗା କାହୁଁ ପାଇବ ? ତା' ବାପର କି ରୋଜଗାର ଅଛି ?" ସର୍ଦ୍ଦାର ନିଜର ଚଷମାର ଖୋଳ ଦେଖାଇଲେ । ଏହା କୋଡ଼ିଏ ବର୍ଷର ପୁରୁଣା ଖୋଳ ; ଏହିପରି ଘଡ଼ିଟା ମଧ୍ୟ ତିରିଶି ବର୍ଷର ପୁରୁଣା ଘଡ଼ି । କେଡ଼େ ପବିତ୍ର ଆତ୍ମା ତାଙ୍କର ଥିଲା ! କି ଧରଣର ନେତା ସେ ଥିଲେ । ଆମେ ନୂଆ ନୂଆ ପଢ଼ିପିନ୍ଧା ଦେଶଭକ୍ତମାନେ ତାଙ୍କର ପରି ବ୍ୟକ୍ତିଙ୍କର ତ୍ୟାଗ ତପସ୍ୟାକୁ ଧୋଇ ଖାଇ ଗିଳୁଛୁ ।

---

> ଯଦି ପ୍ରତ୍ୟେକ ଲୋକ ଅନ୍ୟମାନଙ୍କ ଭୁଲ ବାଛିବା ପରି ନିଜ ଭୁଲ ବାଛନ୍ତା, ତା'ହେଲେ ମାନବ ସମାଜ କେଡ଼େ ସୁଖୀ ହୋଇ ନଥାନ୍ତା !
>
> -- ଡାନିଏଲ ଚନ୍ଦ୍ର 'କୁଟେଲ'

Digitized by srujanika@gmail.com

ଏହି ମନୁଷ୍ୟ ଭିତରେ ତାଙ୍କର ଅବିରତ ଯୁଦ୍ଧ ଚାଲିଛି

# ଦେବତା ଓ ଅସୁର


## ଶ୍ରୀ ଜଗଦ୍‌ଗୁରୁ ଚନ୍ଦ୍ରଶେଖର ସ୍ୱାମୀ

(ଶୃଙ୍ଗେରୀମଠର ପୂର୍ବତନ ଶଙ୍କରାଚାର୍ଯ୍ୟ)


ସତ୍ୟଯୁଗରେ ଦେବତା ଓ ଅସୁରମାନେ ଜଣେ ପିତାଙ୍କର ପୁତ୍ର ହେଲେ । ସେମାନଙ୍କର ମାତା ଭିନ୍ନ ଭିନ୍ନ ହୋଇଥିବା ଯୋଗୁଁ ମନେ କଲେ ଯେ ସେମାନଙ୍କର ମତ, ଗତି ଓ ଚରିତ୍ର ବୁଦ୍ଧି ପରସ୍ପରଠାରୁ ଭିନ୍ନ । ଅତଏବ ସେମାନେ ଏକାଠି ନ ରହି ଭିନ୍ନ ଭିନ୍ନ ଲୋକରେ ରହିଲେ । ଦେବତାମାନେ ଦେବଲୋକରେ ରହିଲେ ଏବଂ ଅସୁରମାନେ ଅସୁରଲୋକରେ ରହିଲେ । ସେମାନଙ୍କ ମଧ୍ୟରେ ବିଶେଷ ବିବାଦ ହେଉ ନଥିଲା ।

ପରେ ତ୍ରେତା ଯୁଗରେ ଯେତେବେଳେ ରାମଚନ୍ଦ୍ର ଧର୍ମର ରକ୍ଷାପାଇଁ ଧରା ପୃଷ୍ଠରେ ଅବତୀର୍ଣ୍ଣ ହେଲେ, ଦେବତାମାନେ ଅଯୋଧ୍ୟା କିମ୍ବା କିଷ୍କିନ୍ଧ୍ୟା, ଅସୁରମାନେ ଦଣ୍ଡକାରଣ୍ୟ ବା ଲଙ୍କାରେ ରହିଲେ । ଅର୍ଥାତ୍ ଭିନ୍ନ ଭିନ୍ନ ଲୋକରେ ନରହି ସେହି ଗୋଟିଏ ଲୋକରେ ବା ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳରେ ଅବସ୍ଥାନ କଲେ । ଅସୁରମାନେ ପୃଥିବୀ ଜୟ କରିବାକୁ ବାହାରିବା ବେଳେ କିମ୍ବା ଦେବତାମାନେ ଦଣ୍ଡକାରଣ୍ୟରେ ସେମାନଙ୍କର ବାସସ୍ଥଳରେ ଅନଧିକାର ପ୍ରବେଶ କଲେ, ସେମାନଙ୍କ ମଧ୍ୟରେ ଯୁଦ୍ଧ ହେଉଥିଲା । କିନ୍ତୁ ଅଧିକାଂଶ ସମୟରେ ଯୁଦ୍ଧ ହେଉନଥିଲା ।

ଯେତେବେଳେ ଭଗବାନ ଦ୍ୱାପର ଯୁଗରେ କୃଷ୍ଣ ରୂପେ ଅବତୀର୍ଣ୍ଣ ହେଲେ, ସେତେବେଳେ ଏ ପୂର୍ବର ଅବସ୍ଥା ଆଉ ରହି ପାରିଲା ନାହିଁ । ଦେବତା ଓ ଅସୁରମାନେ ଗୋଟିଏ ପରିବାରରେ ଜନ୍ମହେଲେ । କୃଷ୍ଣଙ୍କର ନିଜ ମାମୁଁ କଂସ ଓ ମାଉସୀପୁଅ ଭାଇ ଶିଶୁପାଳ ଅସୁର ଥିଲେ । ତାଙ୍କର ଅନ୍ୟ ମାଉସୀପୁଅ ଭାଇ ପାଣ୍ଡବମାନେ ଦେବତା ଏବଂ ପାଣ୍ଡବଙ୍କର ବଡ଼ ବାପ ପୁଅ ଭାଇ କୌରବମାନେ ଅସୁର ଥିଲେ । ଏକା ପରିବାର ମଧ୍ୟରେ ଜନ୍ମ ହୋଇଥିବା ଯୋଗୁଁ ସେମାନଙ୍କ ମଧ୍ୟରେ ସବୁବେଳେ ବିବାଦ ଲାଗିଥିଲା । ଏବଂ ଏହି ବିବାଦ ବା ଯୁଦ୍ଧ ଶେଷକୁ ମହାଭାରତ ଯୁଦ୍ଧ ଆକାର ଧାରଣ କରି ସମସ୍ତଙ୍କୁ ଶେଷ କରିଦେଲା ।

ଆଧୁନିକ ଯୁଗରେ ଗୋଟିଏ ପରିବାରରେ ଜନ୍ମ ହୋଇ ବା ସମ୍ପର୍କୀୟ ହୋଇ ରହିବା ଯଥେଷ୍ଟ ହେଉ ନାହିଁ, ଯାହା ଫଳରେ ଦେବତା ଅସୁରମାନେ ଭିନ୍ନ ଭିନ୍ନ ଲୋକରେ

Digitized by srujanika@gmail.com

ନରହି, ବା ଗୋଟିଏ ଲୋକର ଭିନ୍ନ ଭିନ୍ନ ଅଞ୍ଚଳରେ ନରହି ବା ଗୋଟିଏ ପରିବାର ଭିତରେ ନରହି ଗୋଟିଏ ଶରୀର ଭିତରେ ଆସି ରହିଲେଣି ।

ଏ କାଳରେ କୌଣସି ଗୋଟିଏ ଲୋକ ସମ୍ପୂର୍ଣ୍ଣ ଭାବରେ ଦେବତା ବା ସମ୍ପୂର୍ଣ୍ଣ ଭାବରେ ଅସୁରର ବଂଶଧର ବୋଲି କୁହା ଯାଇ ପାରିବ ନାହିଁ । ଏ ମୁହୂର୍ତ୍ତରେ ସେ ଦେବତା ତ, ପର ମୁହୂର୍ତ୍ତରେ ଅସୁର । ଦେବ ଓ ଅସୁରଙ୍କର ଅଂଶ ଆଧୁନିକ ମନୁଷ୍ୟ ଭିତରେ ଏପରି ମିଶି ରହିଛି ଯେ ଜୀବନର ପ୍ରତି ମୁହୂର୍ତ୍ତରେ ତା'ମଧ୍ୟରେ ଦେବାସୁର ବିବାଦ ଚାଲିଛି; ଫଳରେ ଯେତେ ଭଲ କାମ କରି ଯାଉନା କାହିଁକି, ତା'ଭିତରେ କିଛି ନା କିଛି ଅନ୍ତସନ୍ଧି ରହି ଯାଉଛି । ମନ୍ଦ କାମ କଲେ ମଧ୍ୟ ତା'ମଧ୍ୟରେ କିଛି ଭଲ ନିହିତାର୍ଥ ଭାବରେ ଅଛି ।

ଯେତେବେଳେ ଦେବତା ଓ ଅସୁର ମାନେ ଭିନ୍ନ ଭିନ୍ନ ଲୋକରେ ରହୁଥିଲେ ଈଶ୍ୱର ଦେବତା ମାନଙ୍କ ରକ୍ଷାପାଇଁ ନିଜର ପୂର୍ଣ୍ଣ ଦାୟିତ୍ୱରେ ଦେବତା ମାନଙ୍କ ସହିତ ଯୁଦ୍ଧକଲେ । ଯେତେବେଳେ ସେମାନେ ପୃଥିବୀର ବିଭିନ୍ନ ଅଞ୍ଚଳରେ ରହିଲେ ସେ ଅସୁର ମାନଙ୍କ ସହିତ ସେମାନଙ୍କ ନିଜ ବାସସ୍ଥଳୀ ଜନସ୍ଥାନ ଓ ଲଙ୍କାରେ ଯୁଦ୍ଧ କଲେ । ଯେତେବେଳେ ସେମାନେ ଗୋଟିଏ ପରିବାରରେ ଜାତ ହେଲେ ସେତେବେଳେ ଉଭୟ ତାଙ୍କର ସାହାଯ୍ୟ ପାଇଁ ଆସିଲେ । ଭଗବାନ ଶ୍ରୀକୃଷ୍ଣ ତାଙ୍କର ନିଜର ସୈନ୍ୟ-ମାନଙ୍କୁ ବା ନାରାୟଣୀ ସେନାକୁ କୌରବଙ୍କୁ ଦେଇ ପାଣ୍ଡବ ମାନଙ୍କର ନିରପେକ୍ଷ ପରାମର୍ଶ ଦାତା ହୋଇ ରହିଲେ ।

ଏବେ ମନୁଷ୍ୟର ହୃଦୟ ଭିତରେ ଦେବାସୁର ଯୁଦ୍ଧ ଲାଗିଛି, ମାତ୍ର କେହି ତା'ଙ୍କ (ଈଶ୍ୱରଙ୍କ) ଚିନ୍ତା କରୁ ନାହାନ୍ତି । ସେଥିପାଇଁ ସେ ମନୁଷ୍ୟମାନଙ୍କ ହୃଦୟରେ ଜଣେ ଅଜ୍ଞାତ ଦର୍ଶକ ଭାବରେ ବସି ରହିଛନ୍ତି । ଜଣା ଯାଉଛି, ଏହି ଯୁଦ୍ଧରେ ସେ କୌଣସି ଅଂଶ ଗ୍ରହଣ କରୁ ନାହାନ୍ତି । କିନ୍ତୁ ସେ ହେଉଛନ୍ତି ଏହାର ସର୍ବଂଦ୍ରଷ୍ଟା ସାକ୍ଷୀ ଏବଂ ଏହାର ଶେଷ ଫଳର ନିୟାମକ ।

× × ×

ଆମର ପରଂପରା ହେଉଛି ସକାଳୁ ଉଠି ମାଟିରେ ଗୋଡ଼ ଦେବା ପୂର୍ବରୁ ପୃଥ୍ୱୀ ମାତାକୁ ନମସ୍କାର କରିବା । ଆମେ ସଗର ରାଜାଙ୍କର ଷାଠିଏ ହଜାର ପୁଅଙ୍କ କଥା ଶୁଣିଛୁ । ସେମାନେ ପୃଥ୍ୱୀ ମାତାକୁ ଅସମ୍ମାନିତ କରି ଖୋଳିବାକୁ ଲାଗିଲେ, ଯାହାର ପରିଣାମରେ ସେମାନେ ସମସ୍ତେ ଧ୍ୱଂସପ୍ରାପ୍ତ ହୋଇଗଲେ । କିନ୍ତୁ ଏବେ ଆମେ ପୃଥ୍ୱୀ ମାତାକୁ ଆଉ ମାତା ବା ଦେବୀ ରୂପେ ଜ୍ଞାନ କରୁ ନାହୁଁ । ଆମେ ପୃଥିବୀରୁ ଖୋଳି ଖୋଳି ତେଲ ବାହାର କରୁଛୁ, ଆମର ମେସିନ ଚଳାଇବା ପାଇଁ, ବତୀ ଜଳାଇବା ପାଇଁ । ଜଳର ଦେବତା ବରୁଣଙ୍କୁ ଆମେ ଆମର କାରଖାନା ଚଳାଇବା ଜଳୀୟ ବାଷ୍ପ ଉଦ୍ଦେଶ୍ୟରେ ବା ଘରକୁ ପାଣି ଯୋଗାଇବା ଉଦ୍ଦେଶ୍ୟରେ (ଟ୍ୟୁବ୍ ଖୋଳି ପାଣି ବାହାର କରିବା) ବ୍ୟବହାର କରୁଛୁ ।

Digitized by srujanika@gmail.com

ଦେବତା ମାନଙ୍କ ଭିତରେ ଶ୍ରେଷ୍ଠ ଅଗ୍ନିଙ୍କୁ ଆମେ ଆମର ଭୃତ୍ୟରୂପେ ଜ୍ଞାନକରୁଛୁ । ବୋତାମ ଟିପିଲା ମାତ୍ରକେ ସେ ଆଲୋକ ବା ଉତ୍ତାପ ଧରି ଉଭା ହୋଇ ଯାଉଛନ୍ତି । ବାୟୁ ଦେବତା ଚକ୍କର ପରି ସୁଇଚ ଟିପି ଦେବା ମାତ୍ରେ ଆମ କାର୍ଯ୍ୟରେ ଲାଗି ଯାଉଛନ୍ତି । ପଞ୍ଚମହାଭୂତଙ୍କ ମଧ୍ୟରେ ଶ୍ରେଷ୍ଠ ଆକାଶ ଆମର ସେବା କରିବା ପାଇଁ ଦୂର ଦୂରାନ୍ତରରୁ ବାର୍ତ୍ତା ଓ ସଙ୍ଗୀତ (ରେଡ଼ିଓ) ଆଣି ପହଞ୍ଚାଇ ଦେଉଛନ୍ତି ।


ଏହିପରି ଭାବରେ ପଞ୍ଚମହାଭୂତଙ୍କ ଉପରେ ଆମେ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରି ପାରିଛୁ, ଯେପରି ରାବଣ ଦିନେ କରିଥିଲା । କେବଳ ତା ଭାଗ୍ୟରେ ଯାହା ଘଟିଥିଲା, ଆମର ତାହା ଘଟିବାକୁ ବାକିଅଛି । ସେଥିରୁ ଶିକ୍ଷାଲାଭ କରିବାର ସମୟ କ'ଣ ଆମର ଆସିନାହିଁ ? ଭୌତିକ ଐଶ୍ୱର୍ଯ୍ୟ ଆଧ୍ୟାତ୍ମିକତା କ୍ଷେତ୍ରରେ ଆମକୁ ସାହାଯ୍ୟ କରିବ ନାହିଁ । ଯଦି ଧର୍ମ ଜ୍ଞାନ ନରହେ ତାହାହେଲେ ସବଳ ମାଂସପେଶୀ, ସୁସ୍ଥ ଇନ୍ଦ୍ରିୟଗଣ, ବୁଦ୍ଧି ଏବଂ ବିଳାସର ଐଶ୍ୱର୍ଯ୍ୟ ଏ ସବୁ କୌଣସି କାର୍ଯ୍ୟରେ ଲାଗିବ ନାହିଁ । ଈଶ୍ୱରଙ୍କ ଅନୁଗ୍ରହ ନଥିଲେ ଏସବୁ ଐଶ୍ୱର୍ଯ୍ୟ ସମ୍ପୂର୍ଣ୍ଣ ମୂଲ୍ୟହୀନ ।

—*—

SHREE GANESH
DAL, FLOUR & OIL MILLS
KATCHERY ROAD, ROURKELA-1

**Manufacturers & Millers of All types of Dal**
**(MUNG, MASUR, ARHAR, KHESARI, CHANA, Etc)**

Digitized by srujanika@gmail.com



ଏହି ଦେଶରେ ପୁଷ୍ପକ ବିମାନର କିମ୍ବଦନ୍ତୀର ଜନ୍ମ—ସେହି ବଳିଷ୍ଠ ଚିନ୍ତା ଭିତରୁ ମାନବ-ସଭ୍ୟତାର ଏକ ବିରାଟ ସଫଳତା କିପରି ସମ୍ଭବ ହେଲା, ତାହାର କାହାଣୀ ।

# ପୁଷ୍ପକ ଯାନରୁ ଜେଟ୍ ଯୁଗ

କଳା ଓ ବିଜ୍ଞାନର ବହୁ ସଫଳତା ପୂର୍ତ୍ତି ଅଧ୍ୟାୟର ଜନ୍ମଦାତ୍ରୀ ଏହି ଏସିଆ ମହାଦେଶରେ ପ୍ରଥମ ହୋଇ ଆକାଶ ମାର୍ଗରେ ବିଚରଣ କରିବାର କାହାଣୀ ଲିପିବଦ୍ଧ ହୋଇଥିଲା ।

ଆକାଶରେ ଉଡ଼ିବାର ବହୁ କିମ୍ବଦନ୍ତୀ ଅଛି । ରାମଚନ୍ଦ୍ର ପୁଷ୍ପକ ବିମାନରେ ସିଂହଳରୁ ଅଯୋଧ୍ୟା ଯାତ୍ରା କରିଥିବାର ବର୍ଣ୍ଣନା କରାଯାଇଛି । ପଞ୍ଚତନ୍ତ୍ରରେ ଜଣେ ବଢ଼େଇର କାହାଣୀ ଅଛି, ଯେ'କି ବିମାନ ନିର୍ମାଣ କରୁଥିଲା ଏବଂ ନିଜକୁ ସ୍ୱୟଂ ବିଷ୍ଣୁ ବୋଲି ମନେକରି ଆକାଶରେ ଉଡ଼ିଲା । ଶକୁନ୍ତଳା କାହାଣୀରେ ରାଜା ଦୁଷ୍ମନ୍ତ ଆକାଶ ମାର୍ଗରୁ ପୃଥିବୀ କିପରି ଦେଖାଯାଏ, ତା'ର ବର୍ଣ୍ଣନା କରିଛନ୍ତି ।

ଦୁଇହଜାର ବର୍ଷତଳେ ଚୀନ ସମ୍ରାଟ ସୁନ୍ ବନ୍ଦୀ ଅବସ୍ଥାରେ ଥିବାବେଳେ ପକ୍ଷୀର ଡେଣାପରି ଡେଣା ଲଗାଇ ଆକାଶକୁ ଉଡ଼ିଯାଇ ଖସି ପଳାଇଥିଲେ ବୋଲି କିମ୍ବଦନ୍ତୀ ଅଛି । ବିଦ୍ୟୁତ ଓ ଝଡ଼ର ଦେବତା ଲେଇ-କୁଙ୍ଗ୍ଙ୍କର ବାହୁଢ଼ି ପରି ଦୁଇଟା ଡେଣା ଥିଲା, କି କୁଙ୍ଗ୍ସି ଏକ ଉଡ଼ନ୍ତା ରଥ ଆବିଷ୍କାର କରି ଥିଲେ, ଯାହା ଉପରେ ଚଢ଼ି ସେ ଆକାଶ ମାର୍ଗରେ ଉଡ଼ି ବୁଲୁଥିଲେ ।

ଏ ସବୁ କିମ୍ବଦନ୍ତୀକୁ ମିଥ୍ୟା ବୋଲି ଅବଜ୍ଞା କରି ଯାଇ ପାରିବ ନାହିଁ । ପୁରୁଷ ପୁରୁଷ ଧରି ଏହା ପ୍ରଚଳିତ ହେବା ଫଳରେ ଏଥିରେ ଅବଶ୍ୟ ବହୁ ଅତିରଞ୍ଜନ ଅଛି, କିନ୍ତୁ ଏହା ସତ୍ୟରୁ ଉଦ୍ଭୂତ ।

୯୦୦ ଖ୍ରୀଷ୍ଟାବ୍ଦରେ ଯଦି ବାରୁଦର ଉଦ୍ଭାବନ କରି ଯାଇ ପାରିଲା ଏବଂ ୧୧୦୦ ଖ୍ରୀଷ୍ଟାବ୍ଦରେ ରକେଟ ବା ହାଉଇ ସମ୍ପର୍କରେ ଏକ କାର୍ଯ୍ୟକାରୀ ଧାରଣା ହୋଇ ପାରିଥିଲା, ତା' ହେଲେ ୧୦୦୦ ଖ୍ରୀଷ୍ଟାବ୍ଦରେ ଉଡ଼ାପାଲୁ-

Digitized by srujanika@gmail.com

ଥିବା ଲୋକ ନଥିଲେ ବୋଲି କାହିଁ କି ମନେ କରାଯିବ ?

ଏହି ପୃଥିବୀ ଏବଂ ତା'ର ସମସ୍ୟା ମଧ୍ୟରେ ଜଡ଼ିତ ରହି ଲୋକେ ଆକାଶକୁ ଉଡ଼ିଯିବା ପାଇଁ ସବୁବେଳେ ଉତ୍କଣ୍ଠିତ ଥିଲେ । ଚଢ଼େଇ ପରି ଉଡ଼ି ବୁଲିବାର ଚିନ୍ତା ମନୁଷ୍ୟକୁ ଏପରି ଆକୃଷ୍ଟ କରିଥିଲା ଯେ ଏହାକୁ କେନ୍ଦ୍ର କରି ମନୁଷ୍ୟର ବହୁ ଆଶା ଓ ସ୍ୱପ୍ନ ଗଢ଼ି ଉଠିଥିଲା ।

ଯେତେବେଳେ ପୃଥିବୀ ଇତିହାସର କେନ୍ଦ୍ରବିନ୍ଦୁ ପ୍ରଥମେ ୟୁରୋପ ଏବଂ ପରେ ଆମେରିକାକୁ ବ୍ୟାପିଲା, ଉଡ଼ିବା ପାଇଁ ନୂଆ ନୂଆ ପରୀକ୍ଷା ଓ ପ୍ରୟୋଗ ମଧ୍ୟ ଆରମ୍ଭ ହୋଇଗଲା । ୟୁରୋପରେ ବହୁ ବ୍ୟକ୍ତି ଏ ସମ୍ପର୍କରେ ଗବେଷଣା କରିବାକୁ ଲାଗିଲେ । କିନ୍ତୁ ସେ ସମସ୍ତଙ୍କ ମଧ୍ୟରୁ ରେନେସାଁ ଯୁଗର ଲିଓନାର୍ଡୋ ଡ଼ାଭିନ୍‌ସିଙ୍କ ନାମ ଉଲ୍ଲେଖ ଯୋଗ୍ୟ । ସେ ବିମାନ ବିଦ୍ୟା ସମ୍ପର୍କରେ ବହୁ ମୌଳିକ ତତ୍ତ୍ୱ ନିର୍ଣ୍ଣୟ କରିଥିଲେ । ୧୭୮୩ ମସିହା ଜୁନ୍ ୪ ତାରିଖରେ ଆନନେ ସହରର ଯୋସେଫ ନାମକ ଜଣେ ବ୍ୟକ୍ତି ଏବଂ ତାଙ୍କର ଭାଇ ଏକ ୧୦୦ ଫୁଟିଆ ବେଲୁନ୍ ଭିତରେ ଗରମ ପବନ ଭର୍ତ୍ତି କରି ଆକାଶରେ ଛ ହଜାର ଫୁଟ ଉଚ୍ଚକୁ ଉଡ଼ାଇ ଦେଇଥିଲେ ।

ଅନ୍ୟ ଜଣେ ବୈଜ୍ଞାନିକ ଜେ. ଏ. ସି. ଚାର୍ଲସ୍ ଉଦଯାନ ବା ହାଇଡ୍ରୋଜେନକୁ ଏହି ପରି ପରୀକ୍ଷାରେ ବ୍ୟବହାର କରିଥିଲେ । ସେହି ବର୍ଷ ଅଗଷ୍ଟ ୨୭ ତାରିଖରେ ପ୍ୟାରିସ ସହରରେ ୫୦,୦୦୦ ଲୋକଙ୍କ ସମ୍ମୁଖରେ ଚାର୍ଲସଙ୍କର ବେଲୁନ୍ ଆକାଶକୁ ଉଡ଼ି ଯାଇ ଥିଲା ।

## ମେଣ୍ଢା, କୁକୁଡ଼ା ଓ ବତକ

୧୭୮୩ ସେପ୍‌ଟେମ୍ବର ୨୩ ତାରିଖରେ ଷୋଡ଼ଶ ଲୁଇଙ୍କ ନିର୍ଦ୍ଦେଶରେ ମଣ୍ଟଗଲ-ଫିଅର ଭ୍ରାତା ଦ୍ୱୟ ତାଙ୍କର ବେଲୁନ୍‌କୁ ଉଡ଼ାଇ ଥିଲେ, ଏ ବେଲୁନ୍ ସହିତ ଏକ ପଞ୍ଜୁରି ଭିତରେ ଗୋଟିଏ ମେଣ୍ଢା ଗୋଟିଏ କୁକୁଡ଼ା ଏବଂ ଗୋଟିଏ ବତକ ଥିଲା । ଉର୍ଦ୍ଧ୍ୱରେ ପ୍ରାଣୀମାନେ ବଞ୍ଚି ପାରିବେ କି ନାହିଁ ତାହା ପରୀକ୍ଷା କରିବା ପାଇଁ ଏମାନଙ୍କୁ ଛଡ଼ା ଯାଇ ଥିଲା । ମଣ୍ଟଗଲଫିଅର ଭ୍ରାତାଦ୍ୱୟ ଦୁଇଜଣ ଲୋକଙ୍କୁ ନେବା ଭଳି ଏକ ବେଲୁନ ପ୍ରସ୍ତୁତକଲେ ଏବଂ ନଭେମ୍ବର ୨୧ ତାରିଖ ଦିନ ବେଲୁନ୍ ସମର୍ଥିତ ଏକ ବୋଝ ଭିତରେ ପଶି ବହୁ ଉପରକୁ ଉଠି ପାରିଥିଲେ

ଏହା ଏକ ଐତିହାସିକ ଘଟଣା । କାରଣ ଶେଷରେ ମଣିଷ ଆକାଶକୁ ଗଲା ।

୧୮୮୫ ମସିହାରେ କାର୍ଲ ବେଞ୍ଜ ନାମକ ଜଣେ ଜର୍ମାନ ଗେସୋଲିନ୍ ଚାଳିତ ପ୍ରଥମ ମଟର ତିଆରି କଲେ । ୧୮୯୮ ମସିହାରେ ପ୍ୟାରିସ୍‌ରେ ରହୁଥିବା ବ୍ରାଜିଲ ଦେଶର ଜଣେ ଧନୀ ବ୍ୟକ୍ତି ଅଲବର୍ଟ ଡୁମଣ୍ଟ ବେଲୁନ ସହିତ ଏକ ଗେସୋଲିନ୍ ମଟର ଖଞ୍ଜିବା କଥା ଚିନ୍ତାକଲେ । ୧୯୦୩ ମସିହାରେ ଏହିପରି ଏକ ମଟର ସାହାଯ୍ୟରେ ସେ ପ୍ୟାରିସ ସହରର ସବୁଠାରୁ ବିଳାସପୂର୍ଣ୍ଣ ଅଞ୍ଚଳ ଚମ୍ ଏଲିସି ଉପର ଦେଇ


Digitized by srujanika@gmail.com

ତାଙ୍କ ଘରକୁ ଉଡ଼ିଯାଇ ଥିଲେ ।

୧୮୯୩ ମସିହାରେ ଆମେରିକା ଯୁକ୍ତରାଷ୍ଟ୍ରର କଂଗ୍ରେସ ବା ବିଧାୟକ ସଭା ସାମୁଏଲ ଲିଙ୍ଗ୍‌ଲି ନାମକ ଜଣେ ବ୍ୟକ୍ତିଙ୍କୁ ଏକ ଶକ୍ତିଚାଳିତ ବ୍ୟୋମଯାନ ନିର୍ମାଣ କରିବା ପାଇଁ ବରାଦ୍ ଦେଲେ । ଲିଙ୍ଗଲିଙ୍କ ଉଦ୍ୟମ ବିଫଳ ହେଲା । କିନ୍ତୁ ଏହାର ୯ ଦିନ ପରେ ରାଇଟ୍ ଭ୍ରାତାଦ୍ୱୟଙ୍କ ସଫଳତା ସମଗ୍ର ପୃଥିବୀକୁ ଚକିତ କରିଦେଲା ।

## ସାଇକେଲ ମରାମତିରୁ ବିମାନ ତିଆରି

ଏ ଦୁଇ ଭାଇ ସାଇକେଲ ମରାମତି କରୁଥିଲେ । କିନ୍ତୁ ୧୮୯୯ ମସିହାରୁ ଆକାଶରେ ଉଡ଼ିବା ସମ୍ପର୍କୀୟ ଗବେଷଣାରେ ସେମାନେ ଲିପ୍ତ ଥିଲେ । ସେମାନେ ଆମେରିକାର ଏକ ସମୁଦ୍ର ଉପକୂଳରେ ଡେଣା ଥିବା ବ୍ୟୋମଯାନ ସମ୍ପର୍କରେ ବିଭିନ୍ନ ପରୀକ୍ଷାମୂଳକ ପ୍ରୟୋଗ ଚଳାଇଥିଲେ ।



ଟର୍ବୋ ପ୍ରପ୍

୧୯୦୦ ମସିହାରେ ଗ୍ଲାଇଡ଼ର୍ ସାହାଯ୍ୟରେ ଉଡ଼ିବାର ଏକ ପରୀକ୍ଷାରେ ବିଫଳ ହୋଇ ଜଣେ ଭାଇ ଉଇଲବର ରାଇଟ୍ ରାଗରେ କହି ପକାଇ ଥିଲେ, "୧,୦୦୦ ବର୍ଷମଧ୍ୟରେ କେହି ଉଡ଼ି ପାରିବେ ନାହିଁ ।" କିନ୍ତୁ ଦୁଇବର୍ଷ ପରେ ସେ ନିଜେ ଏକ ଗ୍ଲାଇଡ଼ର୍ ସାହାଯ୍ୟରେ ଏବଂ ତିନି ବର୍ଷ ପରେ ଏକ ବିମାନରେ ଉଡ଼ି ପାରିଥିଲେ ଓ ନିଜର ଉକ୍ତିକୁ ଭ୍ରାନ୍ତ ପ୍ରମାଣିତ କରିଥିଲେ ।

ଉଇଲବର ତାଙ୍କ ବିମାନରେ ଉଡ଼ିଗଲା ବେଳେ କିପରି ଅନୁଭବ କରିଥିବେ, କେହି କହି ପାରିବ ନାହିଁ । କିମ୍ବା ତାଙ୍କ ଭାଇ ଅର୍‌ଭିଲ ୧୨ ଅଶ୍ୱଶକ୍ତି ସମ୍ପନ୍ନ ଇଞ୍ଜିନ ସାହାଯ୍ୟରେ ୧୨ ସେକେଣ୍ଡରେ ୧୨୦ ଫୁଟ ଉଡ଼ିଥିବା ବେଳେ କିପରି ଅନୁଭବ କରିଥିବେ, ତାହା ମଧ୍ୟ ଜଣା ନାହିଁ ।

କିନ୍ତୁ ୧୯୦୩ ଡ଼ିସେମ୍ବର ୧୭ ତାରିଖରେ ଚଢ଼େଇ ପରି ମନୁଷ୍ୟର ଆକାଶରେ ଉଡ଼ିବାର ସ୍ୱପ୍ନ ସବୁଦିନ ପାଇଁ ସଫଳ ହେଲା ।

ଉଇଲବର ରାଇଟ୍ ଗୋଟିକିଆ ଇଞ୍ଜିନ ଏବଂ ଦୁଇ ଡେଣା ବିଶିଷ୍ଟ ଯେଉଁ ଯାନ ତିଆରି କରିଥିଲେ । ତା ଭିତରେ ଜଣେ ଯାତ୍ରୀ ପେଟେଇ କରି ଶୋଇ ଯାଇ ପାରିବ । ଏହାର ମାତ୍ର ୨୦ ବର୍ଷ ଭିତରେ ବ୍ୟୋମଯାନରେ ଉନ୍ନତ ଗତି ଶକ୍ତି ଇଞ୍ଜିନ ବିଶିଷ୍ଟ ଉଡ଼ାଜାହାଜ ପ୍ରସ୍ତୁତ ହୋଇ ପାରିଲା, ଯାହା ଭିତରେ ୧୨ ଜଣ ଯାତ୍ରୀ ସିଧା ଭାବରେ ବସି ଯାଇ ପାରିଲେ ।

## ଶବ୍ଦର ଗତିରୁ ଦୁଇ ଗୁଣ ବେଗରେ

ଏହାର ୩୦ ବର୍ଷରେ ସାନଫ୍ରାନ୍‌ସିକୋରୁ ମାନିଲା ପର୍ଯ୍ୟନ୍ତ ବିଶାଳତମ ସମୁଦ୍ର ବକ୍ଷ ଉପରେ ବଡ଼ ବଡ଼ ବ୍ୟୋମଯାନ ଯାଠିମ

Digitized by srujanika@gmail.com

ଘଣ୍ଟା ଭିତରେ ଉଡ଼ିଯାଇ ପାରିଲା । ଆଜିଠାରୁ ୮ ବର୍ଷ ମଧ୍ୟରେ ଏହି ୬୦ ଘଣ୍ଟା ସମୟ ୫ ଘଣ୍ଟାକୁ ଖସି ଆସିବ ବୋଲି ଅନୁମାନ କରାଯାଏ ।

୧୯୧୯ ମସିହାରେ ଉଡ଼ାଜାହାଜ କଂପାନିମାନ ବିଭିନ୍ନ ଦେଶରେ ଗଠିତ ହୋଇଥିଲା । ଓଲନ୍ଦାଜ, ଇଂରେଜ ଓ ଜର୍ମାନ କମ୍ପାନିମାନେ ନିୟମିତ ଭାବରେ ଯାତ୍ରୀ ନେଇ ଆଣି ଆରମ୍ଭ କଲେ । ପରବର୍ତ୍ତୀ ଅଧ୍ୟାୟ ୧୯୩୦ ମସିହାରେ ଆରମ୍ଭ ହେଲା । ୧୪ ଜଣଙ୍କୁ ନେଇ ପାରିବା ଭଳି ଦୁଇଇଞ୍ଜିନ ବିଶିଷ୍ଟ ଉଡ଼ାଜାହାଜ ବୁଇଙ୍ଗ୍ କମ୍ପାନି ପକ୍ଷରୁ ନିର୍ମିତ ହେଲା । ସେହି ବର୍ଷ ଡଗଲାସ କମ୍ପାନି ଡିସି-୨ ଏବଂ ଡିସି-୩ ନାମକ ସେମାନଙ୍କର ପ୍ରସିଦ୍ଧ ଯାତ୍ରୀବାହି ଉଡ଼ାଜାହାଜ ନିର୍ମାଣ କଲେ । ଏଥିରେ ଏକ ସମୟରେ ୨୧ ଜଣ ଯାତ୍ରୀ ଯାଇ ପାରୁଥିଲେ ।

ଦ୍ୱିତୀୟ ମହାଯୁଦ୍ଧ ପରେ ପରବର୍ତ୍ତୀ ଅଧ୍ୟାୟ ଆରମ୍ଭ ହେଲା । ଏହି ଅଧ୍ୟାୟରେ ପ୍ରେସରାଇଜଡ଼ କେବିନ୍ ବା ଶୀତ ତାପ ନିୟନ୍ତ୍ରିତ କୋଠରି ପରି କୋଠରି ମଧ୍ୟରେ ଯାତ୍ରୀମାନେ ଯିବା ଆସିବା କରି ପାରିଲେ । ଜାହାଜର କ୍ଷିପ୍ରତାର ମଧ୍ୟ ଅଭିବୃଦ୍ଧି ଘଟିଲା । ୧୯୫୮ ମସିହାରେ ଜେଟ ବିମାନମାନଙ୍କର ସଫଳ ପରୀକ୍ଷା ହେଲା । ୧୩୦ ଜଣ ଯାତ୍ରୀଙ୍କୁ ଧରି ୪୦,୦୦୦ ଫୁଟ ଉଚ୍ଚରେ ଓ ଘଣ୍ଟାକେ ୫୫୦ ମାଇଲ ବେଗରେ ଏହି ବିମାନମାନ ଗତିକଲା ।

ବର୍ତ୍ତମାନ ପୃଥିବୀରେ ୯୬ ଟି ଯାତ୍ରୀ-ବାହୀ ବିମାନ କମ୍ପାନି ଅଛି ।

ଏବେ ବିମାନ ଯାତ୍ରାରେ ଆଉ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି । ବ୍ରିଟେନ ଏବଂ ଫ୍ରାନ୍ସ ଏକ ୪ ଇଞ୍ଜିନ ବିଶିଷ୍ଟ ଜେଟ ବିମାନ ନିର୍ମାଣ କରିବାକୁ ଯାଉଛନ୍ତି । ୧୯୭୨ ମସିହାରୁ ଏହି ବିମାନ ୧୪୦ ଜଣ ଯାତ୍ରୀଙ୍କୁ ଧରି ଘଣ୍ଟାକୁ ୧,୪୫୦ ମାଇଲ ବେଗରେ ଯାଇ ପାରିବ, ଅର୍ଥାତ୍ ଶବ୍ଦ ଯେତେ ବେଗରେ ଗତି କରୁଛି ଏହା ତା'ର ଦୁଇ ଗୁଣରୁ ଅଧିକ ବେଗରେ ଗତି କରିବ । ୧୯୭୫ ମସିହା ସୁଦ୍ଧା ଆମେରିକାର ବୁଇଙ୍ଗ୍ କମ୍ପାନି ଏସ୍‌ଏସ୍‌ଟି ନାମକ ବିମାନ ନିର୍ମାଣ କରିବ, ଯାହାକି ୧,୮୦୦ ମାଇଲ ବେଗରେ ଯିବ ଏବଂ ୨୫୦ ରୁ ୩୫୦ ଜଣ ପର୍ଯ୍ୟନ୍ତ ଯାତ୍ରୀ ନେଇ ପାରିବ ।



ଜେଟ ବିମାନ

Digitized by srujanika@gmail.com

ଏହା ଫଳରେ ବର୍ତ୍ତମାନ ଟୋକିଓ ଓ ସିଙ୍ଗାପୁର ମଧ୍ୟରେ ବିମାନରେ ଚଢ଼ିବା ଠାରୁ ବିମାନରୁ ଓହ୍ଲାଇବା ପର୍ଯ୍ୟନ୍ତ ଯେଉଁ ସାଢ଼େ ଛ'ଘଣ୍ଟା ସମୟ ଲାଗୁଛି ତାହା ୩ ଘଣ୍ଟାରୁ କମ ସମୟକୁ ଚାଲି ଆସିବ ।

ଏହାର ପରବର୍ତ୍ତୀ ଅଧ୍ୟାୟ କ'ଣ ହେବ ବର୍ତ୍ତମାନ ଠାରୁ କହିବା କଷ୍ଟକର । ତଥାପି ବୈଜ୍ଞାନିକ ମାନେ ଚିନ୍ତା କଲେଣି ଯେ ଘଣ୍ଟାରେ ୩,୮୦୦ ମାଇଲ ଗତି ବିଶିଷ୍ଟ ବ୍ୟୋମଯାନ ନିର୍ମାଣ ସମ୍ଭବ ହୋଇ ପାରିବ ।

ପୁଣି ତ ମହାକାଶ ଯାନଙ୍କର କାହାଣୀ ରହିଛି !

(ସେପ୍ଟେମ୍ବର-ନଭେମ୍ବର, ୧୯୬୭ ମହିଳା ସଂଘର 'ପ୍ରଦୀପ' ପତ୍ରିକାର ସୌଜନ୍ୟରୁ ।)

---

"ମୁଣ୍ଡକୁ ଯେବେ ଡର
କର ଟାଇଲ ଘର"

ଗାଁ ଗହଳରେ ପଞ୍ଚାୟତମାନଙ୍କରେ ୬୭ଟି ଟାଇଲ କାରଖାନା ବସିଲଣି । ଲୋକଙ୍କର ମଙ୍ଗଳପାଇଁ ସରକାର ଏହି କାରଖାନାମାନ ବସାଇଛନ୍ତି । ଏହି କାରଖାନାମାନଙ୍କରୁ ସୁବିଧା ଓ ଶସ୍ତା ଦରରେ ଟାଇଲ ମିଳେ । ନିକଟତମ ଟାଇଲ କାରଖାନାରେ ଅନୁସନ୍ଧାନ କରନ୍ତୁ ।

ଯାହାର ଘର ପୋଡ଼ିଯାଇଛି, ସେମାନଙ୍କୁ ଶତକଡ଼ା ୧୦ ଟଙ୍କା ରିହାତି ମିଳିବ ।

ସବିଶେଷ ବିବରଣୀପାଇଁ :—

ଦି ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରିଜ କର୍ପୋରେସନ୍ ଲିମିଟେଡ଼ର

ନିମ୍ନଲିଖିତ ଶାଖା ଅଫିସମାନଙ୍କରେ ଅନୁସନ୍ଧାନ କରନ୍ତୁ :—

କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସୁନାବେଡ଼ା, ସମ୍ବଲପୁର ଓ ବାଲେଶ୍ୱର

"କରିବ ଟାଇଲ ଘର
ମୁଣ୍ଡକୁ ନଥିବ ଡ଼ର"

Digitized by srujanika@gmail.com




Digitized by srujanika@gmail.com

ମହାଭାରତ ଗଳ୍ପ

# କପଟ--ପାଶା

ଜୟନ୍ତୀ ପଟ୍ଟନାୟକ

ବିଦୁର ଦ୍ୟୁତକ୍ରୀଡ଼ାର ନିମନ୍ତ୍ରଣ ନେଇ ପାଣ୍ଡବମାନଙ୍କ ରାଜପ୍ରାସାଦରେ ପହଞ୍ଚିବା ପରେ ଧର୍ମପ୍ରାଣ ରାଜା ଯୁଧିଷ୍ଠିର ତାଙ୍କର, ଧୃତରାଷ୍ଟ୍ର ଓ ଅନ୍ୟମାନଙ୍କର କୁଶଳ ପ୍ରଶ୍ନ ପଚାରି କହିଲେ, "ଆପଣ କାହିଁକି ଏପରି ବିଷଣ୍ଣ ଦେଖା ଯାଉଛନ୍ତି ? ଧୃତରାଷ୍ଟ୍ରଙ୍କର ସବୁ ମଙ୍ଗଳ ତ ? ତାଙ୍କର ପୁତ୍ରମାନେ ଓ ପ୍ରଜାବର୍ଗ ତାଙ୍କୁ ମାନି ଚଳୁଛନ୍ତି ତ ?"

ବିଦୁର କହିଲେ, "ହସ୍ତିନାପୁରରେ ସମସ୍ତେ ମଙ୍ଗଳରେ ଅଛନ୍ତି । ପୁତ୍ର ଓ ଜ୍ଞାତିବର୍ଗ ପରିବେଷ୍ଟିତ ରାଜା ଧୃତରାଷ୍ଟ୍ର କୁଶଳରେ ଓ ଆନନ୍ଦରେ ଅଛନ୍ତି । ସେ ତୁମର ଓ ତୁମ ଆତ୍ମୀୟମାନଙ୍କର କୁଶଳ ପ୍ରଶ୍ନ କରି କହିଛନ୍ତି, ତୁମେ ତୁମର ଭାଇମାନଙ୍କ ସହିତ ହସ୍ତିନା ଆସିବ । ସେଠାରେ ତୁମର ସଭାଗୃହ ପରି ଏକ ମନୋରମ ସଭାଗୃହ ନିର୍ମିତ ହୋଇଛି । ସେହି ସଭାଗୃହରେ ଦୁର୍ଯୋଧନ ଓ ଅନ୍ୟାନ୍ୟ କୌରବ ରାଜପୁତ୍ରଙ୍କ ସହିତ ଦ୍ୟୁତକ୍ରୀଡ଼ା କରି ଆମୋଦ କରିବ । ଏହାଛଡ଼ା ସେଠାରେ ଦ୍ୟୁତକ୍ରୀଡ଼ାରେ ପାରଦର୍ଶିତା ଅର୍ଜନ କରିଥିବା ବହୁ ଧୂର୍ତ୍ତ ଉପସ୍ଥିତ ଅଛନ୍ତି । ତୁମେ ମଧ୍ୟ ସେମାନଙ୍କୁ ଦେଖିପାରିବ ।"

ବିଦୁର ବାଧ୍ୟ ହୋଇ ଧୃତରାଷ୍ଟ୍ରଙ୍କ ନିମନ୍ତ୍ରଣ ନେଇ ଆସିଥିଲେ ମଧ୍ୟ ଦ୍ୟୁତକ୍ରୀଡ଼ା ଯେ ଏକ ଧୂର୍ତ୍ତ, ମାୟାବୀମାନଙ୍କର କ୍ରୀଡ଼ା, ତାହାର ସୂଚନା ଯୁଧିଷ୍ଠିରଙ୍କୁ ଦେବାକୁ ଭୁଲି ନ ଥିଲେ ।

## ଯୁଧିଷ୍ଠିରଙ୍କ ଆସକ୍ତି

ତଥାପି ଯୁଧିଷ୍ଠିର ପଚାରିଲେ, "ଆପଣ ଜଣେ ଜ୍ଞାନୀ ଓ ବିଜ୍ଞ ବ୍ୟକ୍ତି ବୋଲି ସମସ୍ତେ ଜାଣନ୍ତି । ଆପଣଙ୍କୁ ପଚାରି ସମସ୍ତ କାର୍ଯ୍ୟ କରିବା ଆମେ ଉଚିତ ମନେକରୁ । ଦ୍ୟୁତକ୍ରୀଡ଼ା ହିଁ ବନ୍ଧୁମାନଙ୍କ ମଧ୍ୟରେ କଳହର ସୃଷ୍ଟି କରେ । ଜାଣିଶୁଣି ଏଥିରେ ଆମେ କିପରି ଯୋଗଦେବୁ ?"

ବିଦୁର କହିଲେ, "ଦ୍ୟୁତକ୍ରୀଡ଼ା ଯେ ସମସ୍ତ ଅନର୍ଥର ମୂଳ, ତାହା ମୁଁ ଜାଣେ । ସେଥିପାଇଁ ମୁଁ ଧୃତରାଷ୍ଟ୍ରଙ୍କୁ ବହୁତ ବୁଝାଇ ବ୍ୟର୍ଥ ହେଲି । ଏବେ ତାଙ୍କ ଆଦେଶରେ ମୁଁ ତୁମକୁ ନିମନ୍ତ୍ରଣ କରିବାକୁ ଆସିଛି । ତୁମେ ଯାହା ଉଚିତ ମନେ କରୁଛ, ତାହା କର ।"

ବିଦୁରଙ୍କଠାରୁ ପ୍ରଥମେ ସୂଚନାରେ ଓ ପରେ ପରିଷ୍କାର ଭାବରେ ଏ ନିମନ୍ତ୍ରଣର ତାତ୍ପର୍ଯ୍ୟ ବୁଝି ମଧ୍ୟ ଯୁଧିଷ୍ଠିର ବୁଝି ପାରିଲେ ନାହିଁ । ଦ୍ୟୁତକ୍ରୀଡ଼ା ପ୍ରତି ତାଙ୍କର ଯେଉଁ

Digitized by srujanika@gmail.com

ଆସକ୍ତ ଥିଲି, ସେହି ଦୁର୍ବଳତାର ସୁଯୋଗ ନେବା ପାଇଁ ଏହି ନିମନ୍ତ୍ରଣ । ତେଣୁ ସେ ପୁଣି ବିଦୁରଙ୍କୁ ପ୍ରଶ୍ନ କଲେ, "ଯଦି ଆମେ ଯାଉ, କେଉଁମାନଙ୍କ ସହିତ ଆମକୁ ଖେଳିବାକୁ ହେବ ? ଆଉ କେଉଁ ଧୂର୍ତ୍ତମାନେ ସେଠାରେ ଉପସ୍ଥିତ ଅଛନ୍ତି ?"

ବିଦୁର କହିଲେ, "ସମସ୍ତ ଚକ୍ଷକ ମାନଙ୍କ ମଧ୍ୟରେ ଶ୍ରେଷ୍ଠ ଗାନ୍ଧାରରାଜ ଶକୁନି ସେଠାରେ ଉପସ୍ଥିତ ଅଛନ୍ତି । ଦ୍ୟୁତ କ୍ରୀଡ଼ାରେ ସେ ଅତ୍ୟନ୍ତ ନିପୁଣ, ସିଦ୍ଧହସ୍ତ ବ୍ୟକ୍ତି । ସେ ମର୍ଯ୍ୟାଦାକୁ ଲଂଘନ କରି ଖେଳନ୍ତି । ତାଙ୍କ ଛଡ଼ା ବିବିଂଶତି, ଚିତ୍ରସେନ, ସତ୍ୟବ୍ରତ, ପୁରୁମିତ୍ର ଓ ଜୟ ଏହି କ୍ରୀଡ଼ାବିତ୍ ମାନେ ସେଠାରେ ଉପସ୍ଥିତ ଅଛନ୍ତି ।"

ଏହା ଶୁଣି ଯୁଧିଷ୍ଠିର ତାଙ୍କର ମନର ପ୍ରତିକ୍ରିୟା ପ୍ରକାଶ କରି କହିଲେ, "ତା' ହେଲେ ଅତି ଭୟାନକ, ମାୟାବୀ, କପଟୀ କ୍ରୀଡ଼ାବିତ୍ ମାନେ ସେଠାରେ ଅଛନ୍ତି ।"

ମାତ୍ର ଏହା କହିବା ସଙ୍ଗେ ସଙ୍ଗେ ଦ୍ୟୁତ ପ୍ରତି ତାଙ୍କର ଆସକ୍ତି ଫଳରେ ମନରେ ଯେଉଁ ଦ୍ୱନ୍ଦ୍ୱ ଜାତ ହେଉଥିଲା, ତାହା ମଧ୍ୟ ପ୍ରକାଶ ପାଇଲା । ସେ କହିଲେ, "ଧୃତରାଷ୍ଟ୍ର ଯେତେବେଳେ ନିମନ୍ତ୍ରଣ କରିଛନ୍ତି ଆମେ ସେଠାକୁ ଯିବୁ । ଯଦି ସଭା ମଧ୍ୟରେ ଶକୁନି ଆହ୍ୱାନ ନ କରନ୍ତି, ତା'ହେଲେ ଆମକୁ ଖେଳିବାକୁ ପଡ଼ିବ ନାହିଁ । କିନ୍ତୁ ଯଦି ଶକୁନି ଆହ୍ୱାନ କରିବେ, ତା'ହେଲେ ଆମେ ତାକୁ ପ୍ରତ୍ୟାଖ୍ୟାନ କରି ପାରିବୁ ନାହିଁ ।"

ଏହିପରି ଭାବରେ ବିଦୁରଙ୍କ କହି ଯୁଧିଷ୍ଠିର ସମସ୍ତ ଭାଇ ଓ ଦ୍ରୌପଦୀଙ୍କ ସହିତ ହସ୍ତିନା ଯାତ୍ରା କଲେ । ସେଠାରେ ରାଜା ଧୃତରାଷ୍ଟ୍ର, ଗାନ୍ଧାରୀ, ଦୁର୍ଯ୍ୟୋଧନ, ଦୁଃଶାସନ ଆଦି ଭ୍ରାତା ମାନଙ୍କ ସମେତ ଅନ୍ୟାନ୍ୟ ସମସ୍ତ କୁରୁବଂଶୀୟ ମାନଙ୍କ ସହିତ ସାକ୍ଷାତ କରି ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ଏକ ରମଣୀୟ ପ୍ରାସାଦରେ ଅବସ୍ଥାନ ଓ ରାତ୍ରି ଯାପନ କଲେ । ପରଦିନ ପ୍ରଭାତରେ ସେ ଦ୍ୟୁତକ୍ରୀଡ଼ା ପାଇଁ ଉଦ୍ଦିଷ୍ଟ ସଭା ଗୃହରେ ପ୍ରବେଶ କଲେ ।

ସେଠାରେ ପୂର୍ବରୁ ଦୁର୍ଯ୍ୟୋଧନ, ଓ ଶକୁନି ତାଙ୍କର ମିତ୍ର ମାନଙ୍କ ସହିତ ଉପସ୍ଥିତ ଥିଲେ । ଯୁଧିଷ୍ଠିର ଆସିବା ମାତ୍ରେ ଶକୁନି କହିଲେ, "ମହାରାଜ ! ଏଠାରେ ଦ୍ୟୁତକ୍ରୀଡ଼ା ପାଇଁ ସମସ୍ତ ସମଗ୍ରୀ ପ୍ରସ୍ତୁତ ହୋଇ ରହିଛି । ଶୁଭ୍ର ଆସ୍ତରଣ ବିଛା ଯାଇଛି । ଆପଣଙ୍କୁ ସମସ୍ତେ ଅପେକ୍ଷା କରି ରହିଛନ୍ତି ।"

ଯୁଧିଷ୍ଠିର କହିଲେ, "ହେ ରାଜା, ଦ୍ୟୁତକ୍ରୀଡ଼ା ଏକ ପାପକର୍ମ । ଏଥିରେ କ୍ଷତ୍ରିୟର ପରାକ୍ରମ ନାହିଁ କି କୌଣସି ଉଚ୍ଚ କୋଟିର ନୀତି ନାହିଁ । ଏହା ଏକ ଧୂର୍ତ୍ତ ମାନଙ୍କର ଖେଳ । ଏହାର ପ୍ରଶଂସା କରିବାର କୌଣସି କାରଣ ନାହିଁ । ଆପଣ ଜଣେ ନୃଶଂସ ବ୍ୟକ୍ତି ପରି ମର୍ଯ୍ୟାଦା ଲଂଘନ ପୂର୍ବକ ଆମ ସହିତ ଖେଳିବେ ନାହିଁ ବୋଲି ଆମେ ଆଶା କରୁ ।"

ଶକୁନି ଏହାର ଉତ୍ତରରେ କହିଲେ, "କୁନ୍ତୀପୁତ୍ର ! ପଶା ଏପରି ଏକ ଖେଳ,

Digitized by srujanika@gmail.com

ଯେଉଁ ବ୍ୟକ୍ତି ଭଲରୂପେ ଗଣନା କରି ଜାଣନ୍ତି, ଧନ୍ତିତାରେ ଅବଗତ, ଭଲ ପଟ (ପଶାକାଠି) ଧକାଇ ପାରନ୍ତି, ସେ ଜୟଲାଭ କରନ୍ତି । ଯଦି ଦୋଷ ଥାଏ ଖେଳର, ଖେଳାଳୀଙ୍କର ନୁହେଁ ।"

ଏହା ଶୁଣି ମଧ୍ୟ ଯୁଧିଷ୍ଠିର ପଶାଖେଳିବା ଟାକୁ ଦୋଷ ବୋଲି ବର୍ଣ୍ଣନା ନ କରି ଶକୁନିଙ୍କୁ ଖେଳରେ ଧର୍ମ ଆଚରଣ କରିବା ପାଇଁ ଉପଦେଶ ଦେଇ କହିଲେ, "ଅସିତ, ଦେବଳ ଓ ଅନ୍ୟ ଜ୍ଞାନୀ ବ୍ୟକ୍ତିମାନେ କହିଛନ୍ତି, କପଟୀ ଲୋକମାନଙ୍କ ସହିତ କପଟତା ପୂର୍ବକ ପାଶ କ୍ରୀଡ଼ା କରିବା ଉଚିତ ନୁହେଁ । ସରଳ ଭାବରେ ଚଞ୍ଚଳତା ଅବଲମ୍ବନ ନକରି ଖେଳିବା ଉଚିତ । ଆମେ ଯେଉଁ ଧନକୁ ପଣ ରଖି ଖେଳିବୁ, ତାହା ଧର୍ମରେ ଉପାର୍ଜିତ ଧନ । ତୁମେ ପ୍ରତାରଣା କରି ତାହା କ୍ରୀଡ଼ା ଛଳରେ ଆମଠାରୁ ଅପହରଣ କରି ନେବ, ଆମେ ତାହା ଚାହୁଁ ନାହୁଁ ।"

## ମାମୁଁ ଖେଳିବେ

ଶକୁନି ଦ୍ୟୁତ ପ୍ରତି ଯୁଧିଷ୍ଠିରଙ୍କ ଦୁର୍ବଳତା ଜାଣନ୍ତି । ସେ ଦେଖିଲେ ଯେ ଯୁଧିଷ୍ଠିର ଖେଳିବାପାଇଁ ଇଚ୍ଛୁକ । କିନ୍ତୁ ସ୍ୱଭାବ ସିଦ୍ଧ ଭାବରେ ଧର୍ମ ଉପଦେଶ ଦେଉ-ଛନ୍ତି । ସେ କହିଲେ, "ଜୟର ଇଚ୍ଛା ନ ରଖି କେହି କ୍ରୀଡ଼ା କରେ ନାହିଁ । କ୍ଷତ୍ରିୟ ମାନେ ଯୁଦ୍ଧ କରନ୍ତି, ପଣ୍ଡିତ ମାନେ ତର୍କରେ ପ୍ରବେଶ କରନ୍ତି । କାହିଁକି କରନ୍ତି ? କୌଣସି ସ୍ପୃହା ନ ରଖି ? ତାହା ନୁହେଁ । ଜୟର ଆଶାରେ ସମସ୍ତେ ଲଢ଼ନ୍ତି । ଯେ ଅଧିକ ଶକ୍ତିଶାଳୀ, ଅଧିକ କୌଶଳୀ ସେ ହିଁ ଜୟଲାଭ କରନ୍ତି । ଯେହିପରି ଦ୍ୟୁତକ୍ରୀଡ଼ାରେ ଅନଭିଜ୍ଞ ବ୍ୟକ୍ତିଙ୍କୁ ଅଭିଜ୍ଞ, ଦକ୍ଷ ବ୍ୟକ୍ତି ପରାସ୍ତ କରିବା ସୁନିଶ୍ଚିତ । ଆପଣ ଯଦି ନିଜକୁ ଦୁର୍ବଳ ମନେ କରୁଛନ୍ତି, ତା'ହେଲେ ଖେଳନ୍ତୁ ନାହିଁ । ଏଠାରେ ଧର୍ମ ଅଧର୍ମର ଉପଦେଶ କାହିଁକି ଦେଉଛନ୍ତି ?"

ଏହି ଦମ୍ଭୋକ୍ତି ଶୁଣି ଯୁଧିଷ୍ଠିର ଆଉ ବଶେଷ ଧର୍ମଜ୍ଞାନର ଉପଦେଶ ନ ଦେଇ କହିଲେ, "ହେଉ, ମୁଁ ଖେଳିବାପାଇଁ ପ୍ରସ୍ତୁତ । କିନ୍ତୁ ମୋ ସହିତ ଖେଳିବ କିଏ ?"

ଦୁର୍ଯ୍ୟୋଧନ କହିଲେ, "ମହାରାଜ ! ଯେତେ ଧନ, ରତ୍ନ ପଣ ରଖାଯିବ, ସେ ସବୁ ମୁଁ ଦେବି । କିନ୍ତୁ ମୋ'ପାଇଁ ମୋର ମାମୁଁ ଶକୁନି ଖେଳିବେ ।"

ଯୁଧିଷ୍ଠିର ଭାବିଥିଲେ ଯେ ଯଦି ଦୁର୍ଯ୍ୟୋଧନ ତାଙ୍କ ସହିତ ଖେଳେ, ତା'-ହେଲେ ସେ ତାକୁ ଅକ୍ଳେଶରେ ପରାଜିତ କରି ପାରିବେ । କିନ୍ତୁ ଶକୁନି ? ସେ ତ ଦ୍ୟୁତରେ ଅପରାଜେୟ । ତେଣୁ ସେ କହିଲେ "ଜଣେ ବ୍ୟକ୍ତି ପାଇଁ ଅନ୍ୟ ଜଣେ ବ୍ୟକ୍ତି ଖେଳିବା ମୋ' ମତରେ ଅତି ଅସଙ୍ଗତ ଜଣା ଯାଉଚି । ତଥାପି ତୁମେ ଯଦି ସଙ୍ଗତ ମନେ କରୁଚ, ତା' ହେଲେ ଖେଳ ଆରମ୍ଭ ହେଉ ।"

ଏହିପରି ଉକ୍ତି ପ୍ରତ୍ୟୁକ୍ତି ମଧ୍ୟରେ ଯୁଧିଷ୍ଠିରଙ୍କ ପ୍ରତି କାଳପ୍ରେରିତ ଅଭିଶାପ ପରି ମହା ଭୟାନକ ଦ୍ୟୁତ କ୍ରୀଡ଼ା ଆରମ୍ଭ ହେଲା ।

Digitized by srujanika@gmail.com

## ବିଦୁରଙ୍କ ଶେଷ ଚେଷ୍ଟା

ସମ୍ଭ୍ରାନ୍ତ ସମ୍ମାନିତ ଦର୍ଶକ ମାନଙ୍କ ଦ୍ୱାରା ସଭାପୂର୍ଣ୍ଣ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଭୀଷ୍ମ, ଦ୍ରୋଣ, କୃପାଚାର୍ଯ୍ୟ ଓ ବିଦୁର ଉପସ୍ଥିତ ଥିଲେ । ଏହି କ୍ରୀଡ଼ାର ପରିଣାମ କ'ଣ ହେବ ସେମାନେ ତାହା ଜାଣିଥିଲେ । ତେଣୁ ଏହାକୁ ନିବାରଣ କରିବାକୁ ଅସମର୍ଥ ହୋଇ ସେମାନେ ବିଚଳିତ ଦର୍ଶକ ଭାବରେ ସମସ୍ତଙ୍କ ପଛରେ ବସି ରହିଥିଲେ ।

ପ୍ରଥମେ ଉଭୟ ପକ୍ଷରୁ ବିଭିନ୍ନ ରତ୍ନ ଓ ଅଳଙ୍କାର ପଣ ରଖାଗଲା । ଶକୁନି ତାହା ଜିଣି ନେଲେ । ଏହା ପରେ ରଥ, ଅଶ୍ୱ, ଗଜ, ସୈନ୍ୟ ସାମନ୍ତ, ଦାସ, ଦାସୀ ଯୁଧିଷ୍ଠିରଙ୍କ ପକ୍ଷରୁ ପଣ ରଖାଗଲା ଏବଂ ସବୁ ସେ ଗୋଟିକ ପରେ ଗୋଟିଏ ହାରି ଗଲେ ।

ଏହି ପରିସ୍ଥିତିରେ ବିଦୁର ଦ୍ୟୁତ କ୍ରୀଡ଼ାକୁ ନିବାରଣ କରିବା ପାଇଁ ଶେଷ ଚେଷ୍ଟା କଲେ । ଧୃତରାଷ୍ଟ୍ରଙ୍କୁ ଉଦ୍ଦେଶ୍ୟ କରି ସେ କହିଲେ, "ଲୋଭ ଓ ଈର୍ଷାରେ ପ୍ରରୋଚିତ ହୋଇ ଦୁର୍ଯ୍ୟୋଧନ ପାଣ୍ଡବ-ମାନଙ୍କ ସହିତ ଯେପରି ଭୟାନକ ଦ୍ୟୁତରେ ପ୍ରବୃତ୍ତ ହୋଇଛି, ଏହାର ପରିଣାମ କୁରୁ ବଂଶ ପ୍ରତି ଅତି ଭୟଙ୍କର ହେବ । ପାଣ୍ଡବ ମାନଙ୍କ ସହିତ ଶତ୍ରୁତା କରିବା ଆଦୌ ଆପଣଙ୍କ ପକ୍ଷରେ ଉଚିତ ହେଉ ନାହିଁ । ମାତ୍ର ଦୁର୍ଯ୍ୟୋଧନ ପ୍ରତି ଆପଣଙ୍କର ଆସକ୍ତି ଥିବା ପର୍ଯ୍ୟନ୍ତ ପାଣ୍ଡବମାନଙ୍କ ସହିତ ମିତ୍ରତା ରହିବ ନାହିଁ ।

"କୁଳରକ୍ଷା ନିମିତ୍ତ ଜଣେ ବ୍ୟକ୍ତିକୁ ତ୍ୟାଗ କରିବ, ଗ୍ରାମ ରକ୍ଷା ନିମିତ୍ତ କୁଳତ୍ୟାଗ କରିବ, ଦେଶରକ୍ଷା ନିମିତ୍ତ ଗ୍ରାମ ତ୍ୟାଗ କରିବ ଓ ଆପଣାର ନିମିତ୍ତ ପୃଥିବୀ ତ୍ୟାଗ କରିବ । ନୀତିଶାସ୍ତ୍ରରେ ଲିଖିତ ଏହି ବାକ୍ୟକୁ ଧ୍ୟାନରେ ରଖି ଆପଣ ଦୁର୍ଯ୍ୟୋଧନକୁ ପରିତ୍ୟାଗ କରନ୍ତୁ ଓ ପାଣ୍ଡବ ମାନଙ୍କୁ ଆପଣାର କରି ନିଅନ୍ତୁ ।"

"ବର୍ତ୍ତମାନ ଦ୍ୟୁତରେ ଦୁର୍ଯ୍ୟୋଧନର ଜୟ ଦେଖି ଆପଣ ଯେତିକି ଆନନ୍ଦିତ ହେଉଛନ୍ତି, ଏହାକୁ ବାରଣ ନ କଲେ ଭବିଷ୍ୟତରେ ସେତିକି ଦୁଃଖିତ ହେବେ ।"

ଧୃତରାଷ୍ଟ୍ର କିଛି ଉତ୍ତର ଦେବା ପୂର୍ବରୁ ଦୁର୍ଯ୍ୟୋଧନ ଉତ୍ତେଜିତ ସ୍ୱରରେ କହିଲେ, "ବିଦୁର ଆମର ସୌଭାଗ୍ୟ ଦେଖି ପାରନ୍ତି ନାହିଁ । ସେ ଆମର ଆଶ୍ରୟରେ ରହି ଆମର ବିରୁଦ୍ଧାଚରଣ କରୁଛନ୍ତି । ତେଣୁ ଏହାଙ୍କୁ ଶୀଘ୍ର ବହିଷ୍କାର କରିବା ଉଚିତ ହେବ ।"

ଧର୍ମପ୍ରାଣ ବିଦୁର ଏଥିରେ ଉତ୍ତ୍ୟକ୍ତ ନ ହୋଇ କହିଲେ, "ଯେଉଁଥିରେ ଧୃତରାଷ୍ଟ୍ର ଏବଂ ତାଙ୍କର ପୁତ୍ରମାନଙ୍କର ଉନ୍ନତି ହେବ, ତାହା ମୁଁ କହୁଥିଲି । ମୁଁ ଜାଣେ, ଦୁର୍ଯ୍ୟୋଧନକୁ ଉପଦେଶ ଦେଇ ଲାଭ ନାହିଁ । ତେଣୁ ମୁଁ ରାଜା ଧୃତରାଷ୍ଟ୍ରଙ୍କୁ ପରାମର୍ଶ ଦେଉଥିଲି, ତାହାର ଯଦି କିଛି ଫଳ ହେଲା ନାହିଁ, ତାହେଲେ ମୋ କଥା ସେତିକିରେ ରହିଲା ।"

## ଭାଇମାନଙ୍କୁ ପଣ

ଏହାପରେ ପୁଣି ଦ୍ୟୁତକ୍ରୀଡ଼ା ଆରମ୍ଭ ହେଲା ଏବଂ ଯୁଧିଷ୍ଠିର ଗୋ ମେଷାଦି ପଶୁ,

Digitized by srujanika@gmail.com

ସମସ୍ତ ଗ୍ରାମ, ସହର ଓ ରାଜ୍ୟ ପଣ ରଖି ତାହା ମଧ୍ୟ ହାରିଗଲେ । ଶେଷକୁ ନିଜର ଓ ନିଜ ଭାଇମାନଙ୍କ ଦେହରେ ଥିବା ଅଳଙ୍କାର ମଧ୍ୟ ହାରିଲେ ।

ଏହାପରେ ଶକୁନି ପଚାରିଲେ, "ଆଉ କିଛି ଆପଣଙ୍କର ଅବଶିଷ୍ଟ ଅଛି ନା ସରିଗଲା ?

ଦ୍ୟୂତକ୍ରୀଡ଼ାରେ ଉନ୍ମତ୍ତ ଯୁଧିଷ୍ଠିର କହିଲେ, "ନା, ଆମର ବହୁତ ଧନ ଅଛି । ଶ୍ୟାମଳବର୍ଣ୍ଣ, ଆୟତଚକ୍ଷୁ, କମନୀୟକାନ୍ତି ଯୁବରାଜ ନକୁଳଙ୍କୁ ମୁଁ ପଣ ରଖୁଛି ।

ଶକୁନି କହିଲେ, "ଭଲ କଥା, ତୁମର ପ୍ରିୟ ଯୁବରାଜଙ୍କୁ ଆମେ ଜିଣି ନେଉଛୁ ।" ଏତିକି କହି ଶକୁନି ପଶାକାଠି ପକାଇ ନକୁଳଙ୍କୁ ଜିଣି ନେଲେ । ଏହି ଦୃଶ୍ୟରେ ସଭାସ୍ଥ ଲୋକେ ଥରିବାକୁ ଲାଗିଲେ ।

ଯୁଧିଷ୍ଠିର କହିଲେ, "ଧର୍ମପ୍ରାଣ ସହଦେବ, ଯେ କି ଅଗାଧ ଜ୍ଞାନର ଅଧିକାରୀ, ଧାର୍ମିକ ଓ ପଣର ଅଯୋଗ୍ୟ, ଆମ୍ଭମାନଙ୍କର ସେହି ପରମ ପ୍ରିୟ ସହଦେବଙ୍କୁ ଆମେ ପଣ ରୂପେ ରଖୁଛୁ ।"

ତତ୍‌କ୍ଷଣାତ୍ ଶକୁନି ପଶାକାଠି ପକାଇ କହିଲେ, "ପୁଣି ଆମ୍ଭର ଜୟ ହେଲା ।" ଯୁଧିଷ୍ଠିର ସହଦେବଙ୍କୁ ହାରିଲେ ।

କାଳେ ଯୁଧିଷ୍ଠିର ଏତିକିରେ ରହିଯିବେ, ସେଥିପାଇଁ ତାଙ୍କ ପ୍ରତି ବ୍ୟଙ୍ଗୋକ୍ତି ପ୍ରୟୋଗ କରି ଶକୁନି କହିଲେ, "ମାଦ୍ରୀପୁତ୍ରମାନଙ୍କୁ ଆମ୍ଭେ ଜୟ କଲୁ । କିନ୍ତୁ ତୁମର ସହୋଦର ଭାଇ ଭୀମ ଓ ଅର୍ଜୁନ ତୁମର ଅଧିକ ପ୍ରିୟ ହୋଇଥିବାରୁ ତୁମେ କ'ଣ ତାଙ୍କୁ ପଣ ରଖିବ ?" ଯୁଧିଷ୍ଠିର କହିଲେ, "ଶକୁନି, ତୁମେ ଅଭିସନ୍ଧି ରଖି କରି ଲୋକ ପରି ଆମର ଭାଇମାନଙ୍କ ମଧ୍ୟରେ ଭେଦ ସୃଷ୍ଟି କରିବାପାଇଁ ଚେଷ୍ଟା କରୁଛ । ତୁମ ପରି ଦୁଷ୍ଟବୁଦ୍ଧି ବ୍ୟକ୍ତି ଆମେ କିପରି ଧାର୍ମିକ ଜୀବନ ଯାପନ କରୁ, ତାହା ବୁଝି ପାରିବ ନାହିଁ ।

"ସମସ୍ତ ଶତ୍ରୁଙ୍କର ବିଜେତା ଓ ଶତ୍ରୁ ସାଗରରେ ନୌକା ପରି ସହାୟକ ଏହି ବୀର ଫାଲ୍‌ଗୁନଙ୍କୁ ଆମେ ପଣ ସ୍ୱରୂପ ରଖୁଛୁ ।"

ଶକୁନି କହିଲେ, "ଦେଖ, ମୁଁ କାଠି ପକାଇଲି ।" ଏହିପରି ଅର୍ଜୁନ ବିଜିତ ହେଲେ ।

ତତ୍‌କ୍ଷଣାତ୍ ଯୁଧିଷ୍ଠିର କହିଲେ, "ମୋର ଭାଇ ଭୀମ, ଯୁଦ୍ଧରେ ଆମ୍ଭମାନଙ୍କର ନେତା, ରାକ୍ଷସମାନଙ୍କ ମଧ୍ୟରେ ଭୟ ସଞ୍ଚାରକାରୀ, ଗଦାଯୁଦ୍ଧରେ ଅନୁପମ, ତାଙ୍କୁ ମୁଁ ଲୋଭକପୂର୍ଣ୍ଣ ଚକ୍ଷୁରେ ପଣ ସ୍ୱରୂପ ରଖିଲି ।"

ଯୁଧିଷ୍ଠିର ଖେଳି ଭୀମଙ୍କୁ ମଧ୍ୟ ହାରିଗଲେ ।

ଶକୁନି ପଚାରିଲେ, "ଆଉ କିଛି ପଣ ରଖିବାକୁ ଅବଶିଷ୍ଟ ଅଛି ?

ଯୁଧିଷ୍ଠିର କହିଲେ, "ହିଁ, ମୁଁ ନିଜେ ଅଛି ଓ ନିଜକୁ ପଣ ରଖୁଛି ।"

Digitized by srujanika@gmail.com

ଶକୁନି କହିଲେ, "ଦେଖ, ମୁଁ ଜିତିଗଲି ।"

ଏଥର ମଧ୍ୟ ଶକୁନିଙ୍କର ପଶାକାଠି ଅବ୍ୟର୍ଥ ହେଲା । ଏହାପରେ ସଭାସ୍ଥଳରେ ଠିଆ ହୋଇ ଓ ସମସ୍ତ ଲୋକଙ୍କୁ ଉଦ୍ଦେଶ୍ୟ କରି ଶକୁନି ବଡ଼ପାଟିରେ ଗୋଟି ଗୋଟି କରି ପାଞ୍ଚ ଭାଇଙ୍କ ନାମ ଉଚ୍ଚାରଣ କଲେ ଏବଂ କହିଲେ ଯେ ସେମାନେ ସମସ୍ତେ ଦୁର୍ଯ୍ୟୋଧନଙ୍କ କ୍ରୀତଦାସ ହୋଇଛନ୍ତି ।

## ଗୋଟିଏ ରତ୍ନ ଅବଶିଷ୍ଟ

ସମଗ୍ର ସଭାସ୍ଥଳ ନିସ୍ତବ୍ଧ ଭାବରେ ଏହି ଅସ୍ତ୍ରୁତପୂର୍ବ ଅହଙ୍କାରପୂର୍ଣ୍ଣ ଉକ୍ତିକୁ ଶୁଣି ନୀରବ ରହିଲା ।

କେବଳ ଶକୁନି ସେହି ନିର୍ଦ୍ଧନତାକୁ ଭଙ୍ଗ କରି ଯୁଧିଷ୍ଠିରଙ୍କୁ ଉଦ୍ଦେଶ୍ୟ କରି କହିଲେ, "ହେ ରାଜା, ତୁମର ସବୁ ଧନ ନାହିଁ । ଗୋଟିଏ ରତ୍ନ ଅବଶିଷ୍ଟ ଅଛି । ତୁମେ ଏବେ ମଧ୍ୟ ତୁମର ପ୍ରିୟ ପତ୍ନୀ ସେହି ପାଞ୍ଚାଳୀଙ୍କୁ ପଣ ରଖି ନିଜକୁ ମୁକ୍ତ କରିପାର ।"

ଯୁଧିଷ୍ଠିର ପରାଜୟରେ ସମ୍ପୂର୍ଣ୍ଣ ହତୋତ୍ସାହ ହୋଇ ରହିଥିଲେ । ଶକୁନିଙ୍କ ଏହି ଆହ୍ୱାନର ପରିଣତି କ'ଣ ହେବ, ତାହା ଚିନ୍ତା ନ କରି ସେ ନିର୍ବୋଧ ପରି କହିଲେ, "ହଁ, ତାଙ୍କୁ ମୁଁ ପଣ ସ୍ୱରୂପ ରଖିଲି ।"

ଶକୁନିଙ୍କର ଆହ୍ୱାନ ଓ ଯୁଧିଷ୍ଠିରଙ୍କର ଉତ୍ତର ଶୁଣି ସଭାସ୍ଥ ବ୍ୟକ୍ତି ସ୍ତମ୍ଭିତ ହୋଇଗଲେ । ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଅଧୋମୁଖ ହେଲେ । ଚତୁର୍ଦ୍ଦିଗରୁ ଧିକ୍କାର ଶୁଣାଗଲା । ବିଦୁରଙ୍କର ଏପରି ଅବସ୍ଥା ହେଲା ଯେ, ଦେହରେ ପ୍ରାଣ ନ ଥିବା ବ୍ୟକ୍ତି ପରି ବସି ରହିଲେ ।

କିନ୍ତୁ ଅନ୍ୟ ପକ୍ଷରେ ଦୁଃଶାସନ ଓ କର୍ଣ୍ଣ ପ୍ରଭୃତି ଦୁର୍ଯ୍ୟୋଧନ ପକ୍ଷର ବ୍ୟକ୍ତିମାନଙ୍କ ମଧ୍ୟରେ ହର୍ଷ ଧ୍ୱନି ସୃଷ୍ଟି ହେଲା । ବିଜୟର ଅଭିମାନରେ ଉଦ୍ଧତ ଶକୁନି ଚିତ୍କାର କରି କହିଲେ, "ଦେଖ, ଆମର ଜୟ ହେଲା ।"

ଏହିପରି କୁଳଉଜ୍ଜ୍ୱଳା, ଅସାମାନ୍ୟ ରୂପଲାବଣ୍ୟସମ୍ପନ୍ନା ଗୁଣବତୀ, ପାଣ୍ଡବ ମହିଷୀ, ପାଞ୍ଚାଳରାଜନନ୍ଦିନୀ ସ୍ୱାମୀଙ୍କର ମୋହବଶରୁ ପଣ ସ୍ୱରୂପ ହୋଇ ବିଜିତା ହେଲେ ।

---

ସେହି ହେଉଛି ବାଗ୍ମୀ, ଯେ ଅତି ସୁନ୍ଦର ଓ ଅର୍ଥପୂର୍ଣ୍ଣ ଅଳ୍ପ କଥା କହେ ।
କିନ୍ତୁ ଯେ ଅନର୍ଥକ ବହୁ କଥା କହେ, ସେ ହେଉଛି ପ୍ରଳାପକାରୀ ବ୍ୟକ୍ତି ।

-- ସୁନ୍ଦର ପାଣ୍ଡ୍ୟ

Digitized by srujanika@gmail.com

# ରାଜ୍ୟପାଳଙ୍କର ନିଯୁକ୍ତି ଓ କ୍ଷମତା

ଅଧ୍ୟାପକ ଡକ୍‌ଟର ବୈଦ୍ୟନାଥ ମିଶ୍ର

ରାଜ୍ୟପାଳ ଓ ରାଜ୍ୟ ମନ୍ତ୍ରୀମଣ୍ଡଳ କ୍ଷମତା ନେଇ ଯେପରି ବିବାଦ ଆରମ୍ଭ ହେଉଛି, ସେଥିରେ ଆମର ସମ୍ବିଧାନକୁ ଆଜିଥରେ ପରୀକ୍ଷା କରିବା ଦରକାର ପଡ଼ୁଛି । ସମ୍ବିଧାନ ଯେତେବେଳେ ପ୍ରଣୟନ କରାଯାଇଥିଲା, ସେତେବେଳେ ଦେଶରେ ଯେଉଁ ଅବସ୍ଥା ଥିଲା, ବର୍ତ୍ତମାନ ତାହା ନାହିଁ । ସମ୍ବିଧାନ ଯେଉଁମାନେ ପ୍ରଣୟନ କରିଥିଲେ କିଂବା ସମ୍ବିଧାନ ପ୍ରଣୟନରେ ଯେଉଁମାନେ ମୁଖ୍ୟ ଭାଗ ନେଇଥିଲେ, ସେମାନେ ଏବେ ନାହାନ୍ତି । ସମ୍ବିଧାନର ଉଦ୍ଦେଶ୍ୟ ଯାହା ଆଲୋଚନା ଓ ସମାଲୋଚନାରେ ପ୍ରକାଶ ପାଇଛି, ତାକୁ ଭିନ୍ନ ଭିନ୍ନ ରାଜନୀତିଜ୍ଞମାନେ ବିଭିନ୍ନ ଅର୍ଥରେ ପ୍ରକାଶ କରୁଛନ୍ତି । ପୁଣି, ସମ୍ବିଧାନ ପ୍ରଣୟନ ହେବାର ପ୍ରଥମ ପନ୍ଦର ବର୍ଷ ଭିତରେ ସମ୍ବିଧାନ ଯେପରି ଭାବରେ ପ୍ରୟୋଗ କରାଯାଇଥିଲା, ତାହା ବର୍ତ୍ତମାନ କରାଯାଇ ପାରୁ ନାହିଁ କାରଣ ଯେତେବେଳେ ସାରା ଭାରତରେ ପ୍ରାୟ ଏକ-ଦଳୀୟ ଶାସନ ଚାଲିଥିଲା ଏବଂ କେନ୍ଦ୍ର ନେତୃତ୍ୱକୁ କେହି ବେଖାତିର କରିବାକୁ ସାହସ କରୁ ନ ଥିଲେ । ଆମ ଦେଶରେ ଯଦି ସୁସ୍ଥ ଗଣତାନ୍ତ୍ରିକ ପରଂପରା ଥାନ୍ତା, ତାହାହେଲେ ମଧ୍ୟ ଏତେ ଦ୍ୱନ୍ଦ୍ୱ ଉପୁଜନ୍ତା ନାହିଁ । କିନ୍ତୁ ଗଣତାନ୍ତ୍ରିକ ଶାସନ ଏବେ ରାଜନୀତିଜ୍ଞମାନଙ୍କର ଏକ ବ୍ୟବସାୟ କ୍ଷେତ୍ର ହୋଇଛି । ଏପରି ଅବସ୍ଥାରେ ସମ୍ବିଧାନକୁ ନୂତନ ଦୃଷ୍ଟିରୁ ପରୀକ୍ଷା କରି ଏହାର ଉଦ୍ଦେଶ୍ୟ, କାର୍ଯ୍ୟକାରିତା ଓ ପ୍ରୟୋଗ ବିଷୟରେ କେତେକ ସିଦ୍ଧାନ୍ତ ଗ୍ରହଣ କରି ତାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ—ତା ନ ହେଲେ ରାଜନୀତିଜ୍ଞମାନେ ସମ୍ବିଧାନର ବିଭିନ୍ନ ଧାରାକୁ ନିଜ ଉଦ୍ଦେଶ୍ୟ ସାଧନରେ ବ୍ୟବହାର କରି, ଗଣତନ୍ତ୍ରର ମୂଳଦୁଆ ଉତ୍ପାଟନ କରିବାକୁ ଚେଷ୍ଟା କରିବେ ।

## ଦୁଇଟି ପ୍ରଶ୍ନ

ରାଜ୍ୟପାଳଙ୍କର ନିଯୁକ୍ତି ଓ କ୍ଷମତା ନେଇ ଯେଉଁ ଦୁଇଟି ପ୍ରଶ୍ନ ଏବେ ଆଲୋଡ଼ନ ସୃଷ୍ଟି କରିଛି, ସେ ହେଉଛି ଯେ ରାଜ୍ୟପାଳଙ୍କର ନିଯୁକ୍ତିରେ ରାଷ୍ଟ୍ରପତି ରାଜ୍ୟ ମନ୍ତ୍ରୀମଣ୍ଡଳର ପରାମର୍ଶ ନେବେ କି ନାହିଁ ଓ ଦ୍ୱିତୀୟରେ ରାଜ୍ୟପାଳ ନିଜର କ୍ଷମତା ପରିଚାଳନା କରିବାରେ ମନ୍ତ୍ରୀମଣ୍ଡଳଙ୍କ ଦ୍ୱାରା ପରିଚାଳିତ ହେବେ କି ନାହିଁ । ପ୍ରଥମ ପ୍ରଶ୍ନଟି ପ୍ରଥମେ ବିଚାର କରାଯାଉ । ସମ୍ବିଧାନର ନିୟମ ଅନୁଯାୟୀ ରାଷ୍ଟ୍ରପତି ରାଜ୍ୟପାଳଙ୍କୁ ନିଯୁକ୍ତ

Digitized by srujanika@gmail.com

କରିବାର କଥା । ସମ୍ବିଧାନରେ କୌଣସି ସ୍ଥାନରେ ଉଲ୍ଲେଖ ନାହିଁ ଯେ ରାଷ୍ଟ୍ରପତି ରାଜ୍ୟପାଳଙ୍କୁ ନିଯୁକ୍ତ କଲାବେଳେ କେନ୍ଦ୍ର ମନ୍ତ୍ରୀମଣ୍ଡଳ କି ରାଜ୍ୟ ମନ୍ତ୍ରୀମଣ୍ଡଳର ପରାମର୍ଶ ଗ୍ରହଣ କରିବେ । କିନ୍ତୁ ଆମ ଦେଶରେ ଯେତେବେଳେ ପାର୍ଲାମେଣ୍ଟ ପ୍ରଥା ଅନୁଯାୟୀ ଶାସନ କାର୍ଯ୍ୟ ପରିଚାଳନା କରାଯାଉଛି, ସେତେବେଳେ ରାଷ୍ଟ୍ରପତି ନିଜର ଇଚ୍ଛା ଅନୁସାରେ କାର୍ଯ୍ୟ କରିବା ସମୀଚୀନ ନୁହେଁ । ଯେଉଁ ପର୍ଯ୍ୟନ୍ତ ପାର୍ଲାମେଣ୍ଟ ଅଛି, ପାର୍ଲାମେଣ୍ଟର ସଂଖ୍ୟା ଗରିଷ୍ଠ ଦଳ ମନ୍ତ୍ରୀମଣ୍ଡଳ ଗଠନ କରି ଶାସନର ଦାୟିତ୍ୱ ଗ୍ରହଣ କରିଛନ୍ତି, ସେ ପର୍ଯ୍ୟନ୍ତ ରାଷ୍ଟ୍ରପତି କେନ୍ଦ୍ର ମନ୍ତ୍ରୀମଣ୍ଡଳର ପରାମର୍ଶ ନେଇ ନିଜର କ୍ଷମତା ପ୍ରୟୋଗ କରିବା କଥା । ତେଣୁ ରାଷ୍ଟ୍ରପତି ଯଦି କେନ୍ଦ୍ର ମନ୍ତ୍ରୀମଣ୍ଡଳର ପୁରୋଧା ପ୍ରଧାନମନ୍ତ୍ରୀ ଓ ଦେଶର ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଥିବା ସ୍ୱରାଷ୍ଟ୍ର-ମନ୍ତ୍ରୀଙ୍କର ପରାମର୍ଶ ଅନୁସାରେ ରାଜ୍ୟପାଳଙ୍କୁ ନିଯୁକ୍ତି କରିଛନ୍ତି, ସେଥିରେ ସମାଲୋଚନା କରିବାର କୌଣସି ଅବକାଶ ନାହିଁ । ତେଣୁ କେନ୍ଦ୍ରରେ ଯେଉଁ ଦଳ କ୍ଷମତାରେ ରହିବେ, ସେହି ଦଳର ପରାମର୍ଶ ଅନୁଯାୟୀ ରାଷ୍ଟ୍ରପତି ଶାସନ କାର୍ଯ୍ୟ ନିର୍ବାହ କରିବେ । ଏହା ଅର୍ଥ ରାଜ୍ୟପାଳ କେନ୍ଦ୍ର ମନ୍ତ୍ରୀମଣ୍ଡଳର ପ୍ରାର୍ଥୀ ହେବାକୁ ବାଧ୍ୟ ହେବେ ।

## ରାଜ୍ୟପାଳ ନିଯୁକ୍ତି

ପ୍ରଶ୍ନ ହେଉଛି ଯେ ଏହି କେନ୍ଦ୍ର ମନ୍ତ୍ରୀମଣ୍ଡଳ ରାଜ୍ୟ ମନ୍ତ୍ରୀମଣ୍ଡଳର ପରାମର୍ଶ ଅନୁସାରେ ନିଜର କ୍ଷମତା ପ୍ରୟୋଗ କରିବେ କି ନାହିଁ । ଯେଉଁ ପାର୍ଲାମେଣ୍ଟ ପ୍ରଥାକୁ ଗୁରୁତ୍ୱ ଦିଆଯାଇ ରାଷ୍ଟ୍ରପତିଙ୍କର କ୍ଷମତାକୁ ସୀମିତ କରାଯାଇଛି ଏବଂ ରାଷ୍ଟ୍ରପତି କେନ୍ଦ୍ର ମନ୍ତ୍ରୀମଣ୍ଡଳର ପରାମର୍ଶ ଅନୁସାରେ ରାଜ୍ୟପାଳଙ୍କୁ ନିଯୁକ୍ତ କରିବେ ବୋଲି ଧରି ନିଆଯାଇଛି, ସେହି ପ୍ରଥାକୁ ଭିତ୍ତିକରି କେନ୍ଦ୍ର ମନ୍ତ୍ରୀମଣ୍ଡଳ ରାଜ୍ୟ ମନ୍ତ୍ରୀମଣ୍ଡଳର ପରାମର୍ଶ ନେବା କଥା । ଗଣତାନ୍ତ୍ରିକ ପରଂପରା କେବଳ କେନ୍ଦ୍ର ଭିତରେ ଆବଦ୍ଧ ହୋଇ ରହିବା ଉଚିତ ନୁହେଁ । ଏହାର ପରିସର ରାଜ୍ୟ ପର୍ଯ୍ୟନ୍ତ ବ୍ୟାପିବା ଉଚିତ । ବିଶେଷତଃ ଏ ପର୍ଯ୍ୟନ୍ତ ଯେତେବେଳେ କେନ୍ଦ୍ର ମନ୍ତ୍ରୀମଣ୍ଡଳ ରାଜ୍ୟ ମନ୍ତ୍ରୀମଣ୍ଡଳର ପରାମର୍ଶ ନେଇଛନ୍ତି, ସେତେବେଳେ ସେହି ପରଂପରାକୁ ବଞ୍ଚେଇ ରଖିବାପାଇଁ ଏବଂ ଦେଶରେ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ଏହି ସହଯୋଗ ଦରକାର । ସେଥିପାଇଁ କେନ୍ଦ୍ର ସରକାର ବିଭିନ୍ନ ପ୍ରାର୍ଥୀଙ୍କର ନାମ ରାଜ୍ୟ ସରକାରଙ୍କ ଆଗରେ ଉପସ୍ଥାପିତ କରି ଯେଉଁ ପ୍ରାର୍ଥୀ ଉଭୟଙ୍କ ପକ୍ଷେ ଗ୍ରହଣୀୟ, ତାଙ୍କୁ ନିଯୁକ୍ତ କରିବା ଉଚିତ । ତାହାହେଲେ କେନ୍ଦ୍ର ଓ ରାଜ୍ୟ ଭିତରେ ସଦ୍ଭାବ ପ୍ରତିଷ୍ଠିତ ହୋଇ ପାରିବ । କିନ୍ତୁ ଏହା ସତ୍ତ୍ୱେ ଯଦି କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀମଣ୍ଡଳ ଭିତରେ ରାଜ୍ୟପାଳ ନିଯୁକ୍ତି ନେଇ କୌଣସିମତେ ବୁଝାମଣା ନହୁଏ, ତାହାହେଲେ ଦଳୀୟ ବିବାଦିତ ପ୍ରାର୍ଥୀଙ୍କୁ ଅନ୍ତତଃ ବାଦ ଦେବାକୁ ପଡ଼ିବ । କେନ୍ଦ୍ରରେ ଗୋଟିଏ ଦଳ ଓ ରାଜ୍ୟରେ ଅନ୍ୟ ଗୋଟିଏ ଦଳ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ,

Digitized by srujanika@gmail.com

ଯାହାକି ଏକ ସଂଘ ଶାସନରେ ସମ୍ଭବ, କେନ୍ଦ୍ର ହୁଏତ ନିଜ ଅଧିକାର ସାବ୍ୟସ୍ତ କରିବେ । କାରଣ ରାଜ୍ୟପାଳ କେନ୍ଦ୍ରର ପ୍ରତିନିଧି ହିସାବରେ ରାଜ୍ୟ ଶାସନ ତଦାରଖ-ଦାର କଥା । କିନ୍ତୁ କେନ୍ଦ୍ରରେ ଶାସନ ପରିଚାଳନା କରୁଥିବା ଦଳ ଯଦି ନିଜ ଦଳର ପ୍ରାର୍ଥୀଙ୍କୁ ଏକ ରାଜ୍ୟରେ ରାଜ୍ୟପାଳ କରି ଯୋଗଇଦେବେ, ତାହାହେଲେ ସେ ରାଜ୍ୟ ମନ୍ତ୍ରିମଣ୍ଡଳର ସହଯୋଗ ପାଇବେ ନାହିଁ । ରାଜ୍ୟରୁ ଯେତିକି ସମ୍ବାଦ ପାଇବା କଥା, ସେ ସମ୍ବାଦ ପାଇବେ ନାହିଁ । କେନ୍ଦ୍ର ଓ ରାଜ୍ୟ ଭିତରେ ତିକ୍ତତା ବଢ଼ିବ ଓ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି ହୋଇପାରିବ ନାହିଁ । ରାଜ୍ୟପାଳ ଦଳୀୟ ସ୍ୱାର୍ଥର ପ୍ରତୀକ ନୁହନ୍ତି । ସେ ରାଜ୍ୟର ମୁଖ୍ୟ, କେନ୍ଦ୍ରର ପ୍ରତିନିଧି, ରାଜ୍ୟ ଶାସନର ମୁଖ୍ୟ. ମନ୍ତ୍ରି-ମଣ୍ଡଳର ପରାମର୍ଶଦାତା । ଯଦି ଏପରି ଏକ ଧାରଣା ହୁଏ ଯେ କେନ୍ଦ୍ର ମନ୍ତ୍ରିମଣ୍ଡଳ କେନ୍ଦ୍ରର ସୁବିଧାପାଇଁ ନୁହେଁ, ରାଜ୍ୟ-ଶାସନର ଉପଯୁକ୍ତ ପରିଚାଳନା ପାଇଁ ନୁହେଁ, ରାଜ୍ୟ ମନ୍ତ୍ରିମଣ୍ଡଳକୁ ଉପଯୁକ୍ତ ପରାମର୍ଶ ଦେବାପାଇଁ ନୁହେଁ, କିନ୍ତୁ ଗୋଟିଏ ଦଳର ସ୍ୱାର୍ଥ ଜଗିବାପାଇଁ ରାଜ୍ୟପାଳଙ୍କୁ ନିଯୁକ୍ତ କରୁଛନ୍ତି, ତାହାହେଲେ ସମ୍ବିଧାନରେ ରାଜ୍ୟପାଳଙ୍କୁ ଯେଉଁ କ୍ଷମତା ଓ ସମ୍ମାନ ଦିଆଯାଇଛି, ସେ ତାହା ହରାଇ ବସିବେ । ତେଣୁ ରାଜ୍ୟପାଳ ନିଯୁକ୍ତିରେ ଯେତେଦୂର ପାରିଯାଏ, ବିବାଦକୁ ଦୂର କରିବା ଉଚିତ ।

## ରାଜ୍ୟପାଳଙ୍କ କ୍ଷମତା ଓ ତା'ର ପ୍ରୟୋଗ

ପୁଣି ରାଜ୍ୟପାଳଙ୍କର କ୍ଷମତା ପ୍ରୟୋଗରେ ମଧ୍ୟ ସାବଧାନ ହେବାକୁ ହେବ । ସମ୍ବିଧାନରେ ରାଜ୍ୟପାଳଙ୍କୁ ଅନେକ କ୍ଷମତା ଦିଆଯାଇଛି । ସେହିପରି ସମ୍ବିଧାନରେ ରାଷ୍ଟ୍ରପତିଙ୍କୁ ମଧ୍ୟ ଅନେକ କ୍ଷମତା ଦିଆଯାଇଛି । କିନ୍ତୁ ଏକ ପାର୍ଲାମେଣ୍ଟ ଶାସନ ପନ୍ଥାରେ ରାଷ୍ଟ୍ରପତି ଓ ରାଜ୍ୟପାଳ ନିଜର କ୍ଷମତା ବ୍ୟବହାର ନ କରି ମନ୍ତ୍ରି-ମଣ୍ଡଳର ପରାମର୍ଶ ଅନୁଯାୟୀ କାମ କରିବା ଉଚିତ ବୋଲି ଧରି ନିଆଯାଏ । ଏହା ଅର୍ଥ ନୁହେଁ ଯେ ମନ୍ତ୍ରିମଣ୍ଡଳ ଯଦି ଅଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରିବେ, ତାହାହେଲେ ରାଜ୍ୟପାଳ ତୁନି ହୋଇ ବସିବେ । ହରିଆନା ଓ ପଶ୍ଚିମ ବଙ୍ଗଳାରେ ଯେପରି ଭାବରେ ପ୍ରତିନିଧିମୂଳକ ଶାସନ ପରିଚାଳିତ ହେଉଥିଲା, ତାକୁ କେହି ଗଣତନ୍ତ୍ର ବୋଲି ଆଖ୍ୟା ଦେଇପାରିବେ ନାହିଁ । ହରିଆନାରେ କେତେକ ସଭ୍ୟ ଦିନକୁ ତିନି ଥରଥର ଦଳ ପରିବର୍ତ୍ତନ କରିବାର ମଧ୍ୟ ସମ୍ବାଦ ମିଳିଛି । ନିଜକୁ କ୍ଷମତାରେ ରଖିବାପାଇଁ ସେଠାକାର ମନ୍ତ୍ରିମଣ୍ଡଳ ଯେପରି କଣାବିକା କାର୍ଯ୍ୟ ଆରମ୍ଭ କରିଥିଲେ, ସେଥିରେ ଗଣତନ୍ତ୍ର ଏକ ପ୍ରହସନରେ ପରିଣତ ହୋଇଥିଲା । ସେହିପରି ବଙ୍ଗଳାରେ ଯେଉଁମାନେ ସମ୍ବିଧାନ ନାମରେ ଶପଥ ନେଇ ସମ୍ବିଧାନକୁ କାର୍ଯ୍ୟକାରୀ କରିବେ ବୋଲି ଶାସନ କ୍ଷମତା ଅଧିକାର କରିଥିଲେ,

Digitized by srujanika@gmail.com

ସେମାନେ ସମ୍ବିଧାନକୁ ହତ୍ୟା କରିବାପାଇଁ ଯେପରି ଭିତରେ ଭିତରେ ବିଦ୍ରୋହର ସୂତ୍ରପାତ କରୁଥିଲେ, ସେଥିରେ ସେମାନଙ୍କର ସମ୍ବିଧାନ ବା ଗଣତନ୍ତ୍ର ଉପରେ ବିଶ୍ୱାସ ଅଛି ବୋଲି କେହି କହିପାରିବ ନାହିଁ । ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ମାନିଥିଲେ ଯେ କ୍ଷମତାରେ ଥାଇ ମଧ୍ୟ ତାଙ୍କର କେତେକ ସହଯୋଗୀ ଦଳ ଦେଶରେ ସଶସ୍ତ୍ର ବିଦ୍ରୋହ ପାଇଁ ଆନ୍ଦୋଳନ କରୁଥିଲେ ଏବଂ ପଡ଼ୋଶୀ ଏକ ଶତ୍ରୁ ରାଜ୍ୟର ସାହାଯ୍ୟ ପାଇଁ ଉଦ୍ୟମ କରୁଥିଲେ । ଯେଉଁମାନେ ନିଜେ ଗଣତନ୍ତ୍ରରେ ବିଶ୍ୱାସ କରୁ ନାହାନ୍ତି ଏବଂ ପ୍ରତିନିଧିମୂଳକ ଶାସନର ସୁବିଧା ଓ ସୁଯୋଗ ନେଇ ପ୍ରତିନିଧିମୂଳକ ଶାସନର ବିଲୋପ ପାଇଁ ଉଦ୍ୟମ କରୁଛନ୍ତି, ସେମାନେ ସମ୍ବିଧାନର ଦୁହାଇ ଦେଇ ରାଜ୍ୟପାଳଙ୍କର ଅଗଣତାନ୍ତ୍ରିକ ପନ୍ଥାକୁ ସମାଲୋଚନା କରିବାରେ କିଛି ଯଥାର୍ଥତା ନାହିଁ । ଯଦି ମନ୍ତ୍ରିମଣ୍ଡଳ ଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରିବେ, ତାହାହେଲେ ରାଜ୍ୟପାଳ ଅଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରିବାକୁ ସାହସ କରି ପାରିବେ ନାହିଁ, କଲେ ସମ୍ବିଧାନ ଅନୁଯାୟୀ ନିନ୍ଦିତ ହେବେ ।

## ସଂବିଧାନର ମୂଳ ଉଦ୍ଦେଶ୍ୟ ରକ୍ଷା

ସେଥିପାଇଁ ହରିଆନା ବା ପଶ୍ଚିମ ବଙ୍ଗଳାରେ ରାଜ୍ୟପାଳ କଣ କଲେ, ତାକୁ ଭିତ୍ତି କରି ଆମେ ରାଜ୍ୟପାଳଙ୍କର କ୍ଷମତା ଆଲୋଚନା କରୁ ନାହୁଁ । ଆମର ପ୍ରଶ୍ନ ହେଉଛି ଯେ ଭାରତର ଭିନ୍ନ ଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଦଳର ଶାସନ ଚାଲିଛି ବା ଚାଲିବାର ସମ୍ଭାବନା ଅଛି । ଯଦି କୌଣସି କ୍ଷେତ୍ରରେ ଜଣେକ ରାଜ୍ୟପାଳ କେନ୍ଦ୍ରର ପରାମର୍ଶ ବା ନିର୍ଦ୍ଦେଶ ଅନୁଯାୟୀ ଗୋଟିଏ ରାଜ୍ୟର ମନ୍ତ୍ରିମଣ୍ଡଳର ଅଗଣତାନ୍ତ୍ରିକ ପନ୍ଥାକୁ ପ୍ରଶ୍ରୟ ଦିଅନ୍ତି ଏବଂ ଅନ୍ୟ ଏକ ରାଜ୍ୟରେ ସେହିପରି ଏକ ପରିସ୍ଥିତିରେ ଆଉ ଜଣେ ରାଜ୍ୟପାଳ ଅନ୍ୟ ଏକ ପନ୍ଥା ଗ୍ରହଣ କରି ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରନ୍ତି, ତାହାହେଲେ ଦେଶରେ ସନ୍ଦେହର ଅବକାଶ ବଢ଼ିବ ଏବଂ ଏହାଫଳରେ ରାଜ୍ୟପାଳ, କେନ୍ଦ୍ର ସରକାର ଓ ରାଜନୈତିକ ଦଳମାନେ ସମାଲୋଚନାର ସମ୍ମୁଖୀନ ହେବେ । ଏହି ବର୍ତ୍ତମାନ ପରିସ୍ଥିତିରୁ ରାଜ୍ୟପାଳଙ୍କୁ ଉଦ୍ଧାର କରିବାପାଇଁ ବୋଧ ହୁଏ ଏକ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି । ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ଭିନ୍ନ ଭିନ୍ନ ରାଜନୈତିକ ଦଳମାନେ ଏକଜୁଟ ହୋଇ ଯଦି ଏଥିପାଇଁ ଏକ କର୍ମପନ୍ଥା ବାହାର କରିପାରିବେ, ତାହାହେଲେ ଅନେକ ଅଶାନ୍ତି ଦୂର ହୋଇପାରିବ ।

ଏ କଥା ମାନିନେବାକୁ ପଡ଼ିବ ଯେ ରାଜ୍ୟପାଳ ରାଜ୍ୟର ମନ୍ତ୍ରିମଣ୍ଡଳର ଦ୍ୱାରା ପରିଚାଳିତ ହେବେ । କାରଣ ଗଣତାନ୍ତ୍ରିକ ଶାସନରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଶାସନ ପରିଚାଳନା କରିବାର କଥା । ଯେଉଁ ପର୍ଯ୍ୟନ୍ତ ମନ୍ତ୍ରି-ମଣ୍ଡଳର ସଂଖ୍ୟା ଗରିଷ୍ଠତା ଅଛି, ସେ ପର୍ଯ୍ୟନ୍ତ ସେମାନେ ଶାସନ ଚଳାଇବାକୁ ହକଦାର । ସେମାନଙ୍କର କେନ୍ଦ୍ର ସରକାରଙ୍କର ସହିତ ମତଭେଦ ହେଲେ ମଧ୍ୟ କେନ୍ଦ୍ର ସରକାର

Digitized by srujanika@gmail.com

ରାଜ୍ୟପାଳଙ୍କ ଜରିଅରେ ସେମାନଙ୍କୁ ନିୟନ୍ତ୍ରଣ କରିବା ଉଚିତ ହେବ ନାହିଁ । ଏଣିକି କେନ୍ଦ୍ର ଓ ରାଜ୍ୟ ଭିତରେ ମତଭେଦ ହେବା ସ୍ୱାଭାବିକ—କାରଣ କେନ୍ଦ୍ର ଓ ରାଜ୍ୟରେ ଏକ ଦଳର ଶାସନ ରହିବା ସମ୍ଭବ ନୁହେଁ । କିନ୍ତୁ ରାଜ୍ୟର ମନ୍ତ୍ରିମଣ୍ଡଳ ଯଦି ନିଜର କ୍ଷମତା ଜାହିର କରିବାକୁ ଯାଇ ସମ୍ବିଧାନର ବ୍ୟତିକ୍ରମ କରନ୍ତି, ସମ୍ବିଧାନକୁ ହତ୍ୟା କରିବାପାଇଁ ଷଡ଼ଯନ୍ତ୍ର କରନ୍ତି, କେନ୍ଦ୍ରରେ ବିରୋଧୀ ଦଳର ସରକାର ଅଛି ବୋଲି କେନ୍ଦ୍ର ବିରୁଦ୍ଧରେ ବିଦ୍ରୋହ ଘୋଷଣା କରନ୍ତି, ମୋଟ ଉପରେ ସାମ୍ବିଧାନିକ ଉପାୟକୁ ପରିତ୍ୟାଗ କରି ଅସାମ୍ବିଧାନିକ ପନ୍ଥା ଗ୍ରହଣ କରନ୍ତି, ତାହାହେଲେ ସେମାନଙ୍କୁ ସମ୍ବିଧାନର ସୁବିଧା ଓ ସୁଯୋଗ ମିଳିବା ଉଚିତ ନୁହେଁ । ଖେଳର ନିୟମ ନ ମାନି ଖେଳିବା ଯେପରି ଦୋଷାବହ, ସମ୍ବିଧାନର ନିୟମ ନ ମାନି ସାମ୍ବିଧାନିକ ସୁବିଧା ଓ ସୁଯୋଗର ଅନୁସନ୍ଧାନ ସେହିପରି ଦୋଷାବହ । ସେହି ଦୃଷ୍ଟିରୁ ଏ ବିଷୟରେ ଏକ ସର୍ବଜନଗ୍ରାହ୍ୟ ସିଦ୍ଧାନ୍ତ ଗ୍ରହଣ କରାଯିବା ଉଚିତ ।

---

Phone : 2830
2830-A
2323

M/s. MANSARAM AGARWALA

*NEHRU NAGAR*

**ROURKELA-1**

Dist. Sundergarh. (Orissa)

**Wholesale Dealers**

**IN**

**ATTA, MAIDA, SUJI AND SUGAR**

**AND**

**Government Storage Agent**

Panposh and Bonai Sub-Divisions


Digitized by srujanika@gmail.com

ସୋଭିଏଟ ରୁଷ, ଚେକୋସ୍ଲୋଭାକିଆ, ଜର୍ମାନୀ,
ଥାଇଲଣ୍ଡ ଯେଉଁଠି ଖୋଜ

## ସ୍ପାର୍କ (ବ୍ୟାଟେରୀ)

ମଟର ମାଲିକ ଓ ଡ୍ରାଇଭର
ସମସ୍ତେ ଜାଣନ୍ତି !

ସ୍ପାର୍କ
ଶକ୍ତିଶାଳୀ ଓ ନିର୍ଭର ଯୋଗ୍ୟ




## ବ୍ୟାଟେରୀ

କେବଳ ଆମ ଦେଶରେ ନୁହେଁ
ବିଦେଶରେ ମଧ୍ୟ ଏହାର ଚାହିଦା
ଦିନକୁ ଦିନ ବଢ଼ି ଚାଲିଛି ।

ସ୍ପାର୍କ ବ୍ୟାଟେରୀଟିଏ କିଣି
ନିଶ୍ଚିନ୍ତ ରୁହନ୍ତୁ

ଅନ୍ୟ ସବୁ ବ୍ୟାଟେରୀ ଅଚଳ ହେଲେବି
ସ୍ପାର୍କ ବିଜୁଳି ପରି କାମ କରେ ।

ପ୍ରସ୍ତୁତକାରୀ —
ସ୍ପାର୍କ ବ୍ୟାଟେରୀ ମାନ୍ୟୁଫାକ୍‌ଚରିଂ ଓ୍ୱାର୍କସ୍‌ ଲି:
ଇଣ୍ଡଷ୍ଟ୍ରିୟାଲ ଇଷ୍ଟେଟ, କଟକ-୩ ଫୋନ-୧୫୫୪


Digitized by srujanika@gmail.com

Vol 1 No. 6 PAURUSHA Regd. No. 0-116

# ଖଲିକୋଟ କଲେଜ ଲଟେରି

ଜାଣନ୍ତିକି ? ଏହାର ରୌପ୍ୟଜୟନ୍ତୀ ( ପଞ୍ଚବିଂଶତମ )

## ଓଡ଼ିଶାରେ କଲେଜସ୍ତରୀୟ ଶିକ୍ଷାର ଅଗ୍ରଗତି ଦିଗରେ ଏହାର ବିଶିଷ୍ଟ ଅବଦାନ

ଖଲିକୋଟ କଲେଜ ( ବ୍ରହ୍ମପୁର ) ରେ ବିଭିନ୍ନ ଅନର୍ସ ଓ ସ୍ନାତକୋତ୍ତର (M. A. M. Sc) ବିଭାଗମାନ ଖୋଲିଛି ।

ତା ପାଇଁକି ଆଇନ ଓ ଶିକ୍ଷକ ତାଲିମ ଶାଖା ପ୍ରତିଷ୍ଠା କରିଛି,

ଶାଖା କଲେଜ ସ୍ଥାପନ ତଥା ବିଲ୍ଡିଂ, ଷ୍ଟାଡ଼ିଅମ, ପାଠାଗାରର ଏକାଧିକ ଛାତ୍ରାବାସ ଆଦିରେ ବ୍ୟୟ ହୋଇଛି, ଟ ୪୭ ଲକ୍ଷ

[illegible] ପ୍ରତିଷ୍ଠା ପାଇଁ ଓ ଅନ୍ୟାନ୍ୟ [illegible]

[illegible] ଟ [illegible] ଲକ୍ଷ

ସ୍ୱାମୀ [illegible] ଓ ଅନ୍ୟାନ୍ୟ [illegible] ପାଇଁ [illegible] ଟ [illegible] ଲକ୍ଷ

[illegible] ଟ ୫୦,୦୦୦

[illegible] ପାଇଁ [illegible] ଟ [illegible]୦,୦୦୦

[illegible]

[illegible] — [illegible] ପ୍ରଥମ [illegible]

[illegible] ପାଇଁ [illegible]


[illegible]

[illegible] - [illegible] - [illegible] ବ୍ରହ୍ମପୁର (ଗଞ୍ଜାମ)

December — 1967 Price Rs. 1/-

Digitized by srujanika@gmail.com


# ପୌରୁଷ



... with the assistance
of the Govt. of India Under the
Scheme of Financial Assistance
to Voluntary Educational
Organisations working Public
Libraries ... Libraries in the ...

Digitized by srujanika@gmail.com

# ପୌରୁଷ



KEDARANATHA GAVESHANA PRATISTHAN, Bhubaneswar
ACC No. 2971

...with the assistance of the Govt. of India Under the Scheme of Financial Assistance to Voluntary Educational Organisations working Public Libraries/MSS. Libraries in the Year

ACC.NO 2971

Digitized by srujanika@gmail.com

# ଖଲିକୋଟ କଲେଜ

# ଲଟେରି

## ଓଡ଼ିଶାରେ କଲେଜସ୍ତରୀୟ ଶିକ୍ଷାର ଅଗ୍ରଗତି ଦିଗରେ ଏହାର ବିଶିଷ୍ଟ ଅବଦାନ

ଖଲିକୋଟ କଲେଜ (ବ୍ରହ୍ମପୁର) ରେ ବିଭିନ୍ନ ଅନର୍ସ ଓ ସ୍ନାତକୋତ୍ତର (M. A. M. Sc, M.Com) ବିଭାଗମାନ ଖୋଲି ଯାଇଛି । ତା ସାଙ୍ଗକୁ ଆଇନ ଓ ଶିକ୍ଷକ ତାଲିମ ଶାଖା (B.Ed.) ପ୍ରତିଷ୍ଠିତ ହୋଇ ସାରିଛି । ଶାଖା କଲେଜ ସ୍ଥାପନ ତଥା ବିଲ୍ଡିଂ, ଷ୍ଟାଡ଼ିଅମ, ଉଚ୍ଚଧରଣର ଏକାଧିକ ଛାତ୍ରାବାସ ଆଦିରେ ବ୍ୟୟ ହେଲାଣି, ଟ ୪୬ ଲକ୍ଷ ।

| | |
|---|---|
| ରାମଚନ୍ଦ୍ର ମର୍ଦ୍ଦରାଜ କଲେଜ ଖଲିକୋଟରେ ପ୍ରତିଷ୍ଠା ପାଇଁ ଓ ଅନ୍ୟାନ୍ୟ କୋଡ଼ିଏଟି କଲେଜକୁ ଦିଆଗଲାଣି | ଟ ୧୪ ଲକ୍ଷ |
| ସ୍ୱାମୀ ବିବେକାନନ୍ଦ ଶତବାର୍ଷିକୀ ଓ ଅନ୍ୟାନ୍ୟ ପାଣ୍ଠି ପାଇଁ ଦାନ | ଟ ୬ଲକ୍ଷ |
| ଜାତୀୟ ପ୍ରତିରକ୍ଷା ପାଣ୍ଠି ନିମନ୍ତେ | ଟ ୫୦,୦୦୦ |
| ଉତ୍ତର ଓଡ଼ିଶା ବନ୍ୟାତ୍ରାଣ ପାଇଁ ଦାନ.... | ଟ ୧୨,୦୦୦ |
| କଟକ ବାତ୍ୟା ପ୍ରପୀଡ଼ିତ ଅଞ୍ଚଳ ପାଇଁ ଦାନ.. | ଟ ୫,୧୦୦ |

ଆପଣ କେବଳ ଏକଟଙ୍କା ସାହାଯ୍ୟ କରି ଶିକ୍ଷାର ଅଗ୍ରଗତିରେ ଭାଗ ନିଅନ୍ତୁ, ମହତ୍‌କାର୍ଯ୍ୟ ସାଧିତ ହେଉ ।

ଦ୍ରଷ୍ଟବ୍ୟ — ଓଡ଼ିଶାର ବିଶଜଣ ବ୍ୟକ୍ତି ପ୍ରତ୍ୟେକେ ଲକ୍ଷାଧିକ ଟଙ୍କାର ପ୍ରଥମ ପୁରସ୍କାର ଓ ଦୁଇଗୋଟି ଜାତୀୟ ପୁରସ୍କାର ଆଜିଯାଏ ପାଇଛନ୍ତି ।

ବିଶେଷ ବିବରଣୀ ପାଇଁ ନିମ୍ନ ଠିକଣାକୁ ଲେଖନ୍ତୁ ।

ଅବୈତନିକ ସମ୍ପାଦକ

ଖଲିକୋଟ - କଲେଜ - କୃଷ୍ଟି - ଲଟେରି ଫଣ୍ଡ ବ୍ରହ୍ମପୁର (ଗଞ୍ଜାମ)


Digitized by srujanika@gmail.com

ସୋଭିଏଟ ରୁଷ, ଚେକୋସ୍ଲୋଭକିଆ, ଜର୍ମାନୀ,
ଆଇଲଣ୍ଡ ଯେଉଁଠି ଖୋଜ

# ସ୍ପାର୍କ (ବ୍ୟାଟେରୀ)

ମଟର ମାଲିକ ଓ ଡ୍ରାଇଭର
ସମସ୍ତେ ଜାଣନ୍ତି !

ସ୍ପାର୍କ
ଶକ୍ତିଶାଳୀ ଓ ନିର୍ଭର ଯୋଗ୍ୟ




## ବ୍ୟାଟେରୀ

କେବଳ ଆମ ଦେଶରେ ନୁହେଁ
ବିଦେଶରେ ମଧ୍ୟ ଏହାର ଚାହିଦା
ଦିନକୁ ଦିନ ବଢ଼ି ଚାଲିଛି ।

ସ୍ପାର୍କ ବ୍ୟାଟେରୀଟିଏ କିଣି
ନିଶ୍ଚିନ୍ତ ରହନ୍ତୁ

ଅନ୍ୟ ସବୁ ବ୍ୟାଟେରୀ ଅଚଳ ହେଲେବି
ସ୍ପାର୍କ ବିଜୁଳି ପରି କାମ କରେ ।

ପ୍ରସ୍ତୁତକାରୀ —
ସ୍ପାର୍କ ବ୍ୟାଟେରୀ ମାନ୍ୟୁଫାକଚରିଂ ୱାର୍କସ୍ ଲି:
ଇଣ୍ଡଷ୍ଟ୍ରିୟାଲ ଇଷ୍ଟେଟ, କଟକ-୩ ଫୋନ-୧୫୫୪


Digitized by srujanika@gmail.com

# ପୌରୁଷ

୧(୮) ଫେବୃଆରି ୧୯୬୮

**दैवायत्तं कुले जन्म मदायत्तं च पौरुषम्**

ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର ମୋର ଅଧୀନ ।

କର୍ଣ୍ଣ--ବେଣୀସଂହାରମ୍

## ସୂଚୀପତ୍ର


| | ପୃଷ୍ଠା |
|---|---|
| ଶିବ-ବନ୍ଦନା | ୫ |
| ସଂପାଦକୀୟ * | ୯ |
| ଅତୀତ, ବର୍ତ୍ତମାନ ଓ ଗୋଟିଏ ପ୍ରଶ୍ନବାଚକ | |
| ପରାର୍ଥେ ଜୀବନ | ୧୧ |
| ଉତ୍କଳ ଗୌରବ ମଧୁସୂଦନ | |
| ଉତ୍କଳଗୌରବ ମଧୁସୂଦନ | ୧୫ |
| ସ୍ୱାମୀ ବିଚିତ୍ରାନନ୍ଦ ଦାସ | |
| ମଧୁବାବୁଙ୍କ ମୌଳିକତା | ୨୧ |
| ରାଧାନାଥ ରଥ | |
| ଓଡ଼ିଆ ଭାଷା, ସାହିତ୍ୟର | |
| ଅଭିବୃଦ୍ଧି | ୨୫ |
| ଜାନକୀବଲ୍ଲଭ ପଟ୍ଟନାୟକ | |
| ଓଡ଼ିଶାର ଆର୍ଥନୀତି | ୩୧ |
| ଅଧ୍ୟାପକ ଡ଼କ୍ଟର ବୈଦ୍ୟନାଥ ମିଶ୍ର | |
| ଅଂକାନ୍ତନର ଜୀବନ ସ୍ମୃତି | ୩୫ |
| ଡ଼କ୍ଟର ପ୍ରାଣକୃଷ୍ଣ ପରିଜା | |
| ସ୍ୱାଧୀନତା ସଂଗ୍ରାମର ସ୍ମୃତି | ୪୧ |
| ମହାବୀର ତ୍ୟାଗୀ | |
| ଓଡ଼ିଶାରେ ସଂସ୍କୃତ | |
| କୃଷ୍ଣକାବ୍ୟ | ୪୯ |
| ପଣ୍ଡିତ ନୀଳମଣି ମିଶ୍ର | |
| ଶୂଦ୍ରମୁନି ସାରଳାଦାସ | ୫୫ |
| ଅଧ୍ୟାପକ ଡ଼କ୍ଟର ବଂଶୀଧର ମହାନ୍ତି | |
| ମୋ' କାହାଣୀ | ୫୯ |
| ନୀଳମଣି ସେନାପତି | |


Digitized by srujanika@gmail.com

କୃଷ୍ଣାବତାର ୭୯
କେ. ଏମ୍. ମୁନସୀ

ହା ମାଂ ପାଉ ୭୪
ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ

ନଈ ପାହାଚ (ଗଳ୍ପ) ୮୧
ରବୀନ୍ଦ୍ରନାଥ ଠାକୁର

ଜଟିଳର ଭାଇ ମଧୁସୂଦନ ୮୭
(ପିଲାଙ୍କ ଗଳ୍ପ)

ରାମକୃଷ୍ଣ ପରମହଂସ


ଭୀଷ୍ମଙ୍କ ପ୍ରତିଜ୍ଞା
(ମହାଭାରତ କାହାଣୀ) ୯୧
ଜୟନ୍ତୀ ପଟ୍ଟନାୟକ


ପ୍ରଚ୍ଛଦପଟ-(ଆଲୋକଚିତ୍ର) ମିଷ୍ଟର ଦାସ


ସଂପାଦକ * ଜାନକୀବଲ୍ଲଭ ପଟ୍ଟନାୟକ

ପୌରୁଷର ଗ୍ରାହକ ଚାନ୍ଦା
ବାର୍ଷିକ— ୧୦ ଟଙ୍କା
ଷାଣ୍ମାସିକ— ୫ ଟଙ୍କା ୫୦ ପ.
ମାସିକ— ୧ ଟଙ୍କା

ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା
ମୁଦ୍ରିତ ଓ ପ୍ରକାଶିତ
ପୌରୁଷ ପ୍ରେସ ଓ କାର୍ଯ୍ୟାଳୟ,
ଚାନ୍ଦନୀଚୌକ, କଟକ-୨



Konark
ELECTRICAL ACCESSORIES
Manufactured by
ORISSA ELECTRICAL MANUFACTURERS LTD.
INDUSTRIAL ESTATE, CUTTACK-3


Digitized by srujanika@gmail.com

# ଶିବ-ବନ୍ଦନା



ଚୂଡୋତ୍ତଂସିତଚନ୍ଦ୍ରଚାରୁକଳିକା
ଚଞ୍ଚଚ୍ଛିଖାଭାସ୍ୱରୋ
ଲୀଳାଦଗ୍ଧବିଲୋଲ କାମଶଲଭଃ
ଶ୍ରେୟୋ ଦଶାଗ୍ରେ ସ୍ଫୁରନ୍ ।
ଅନ୍ତଃସ୍ଫୂର୍ଜଦପାରମୋହତିମିର
ପ୍ରାଗ୍‌ଭାର ମୁଚ୍ଚାଟୟଂ-
ଶ୍ଚେତସ୍‌ସଦ୍ମନି ଯୋଗିନାଂ ବିଜୟତେ
ଜ୍ଞାନପ୍ରଦୀପୋ ହରଃ ॥

ଯାହାର ଚୂଡ଼ାରେ ଅଗ୍ନି ଶିଖାପରି ମନୋରମ ଚନ୍ଦ୍ରକଳା ଶୋଭାପାଏ, ଯାହାର ପ୍ରଖର ତେଜରେ ମଦନ ପତଙ୍ଗ ପରି ଜଳିଯାଏ, ସେହି ଜ୍ଞାନ ରୂପକ ପ୍ରଦୀପ, ଯୋଗି ମାନଙ୍କ ହୃଦୟ ନିବାସୀ, ମହାଦେବ, ମୋର ହୃଦୟ ମଧ୍ୟରେ ଥିବା ପୁଞ୍ଜୀଭୂତ ମୋହ-ଅନ୍ଧକାରକୁ ଦୂରକରନ୍ତୁ ।

—ଭର୍ତ୍ତୃହରି, ବୈରାଗ୍ୟଶତକମ୍

Digitized by srujanika@gmail.com

# ସମ୍ପାଦକୀୟ

## * ଅତୀତ, ବର୍ତ୍ତମାନ ଓ ଗୋଟିଏ ପ୍ରଶ୍ନବାଚକ

୧୯୨୧ ମସିହାରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ପାଇଁ ଓଡ଼ିଶା ଭ୍ରମଣରେ ଆସିଥିଲେ । ଓଡ଼ିଶାର ଦାରିଦ୍ର୍ୟ ତାଙ୍କୁ ଏପରି ଅଭିଭୂତ କରିଥିଲା ଯେ ସେ ଓଡ଼ିଶାକୁ ଭାରତର ଦାରିଦ୍ର୍ୟର ପ୍ରତୀକ ବୋଲି କହିଥିଲେ ( Epitome of India's poverty ) । 'ୟଙ୍ଗ ଇଣ୍ଡିଆ'ରେ My Orissa Tour ଓ Orissa And Andhra ନାମକ ଦୁଇଟି ପ୍ରବନ୍ଧରେ ଓଡ଼ିଶାର ଦାରିଦ୍ର୍ୟ ସମ୍ପର୍କରେ ସେ ଲେଖିଥିଲେ, "ମୋର ଧାରଣା ଥିଲା ବିହାରର ଚମ୍ପାରଣ ଜିଲାର ଲୋକଙ୍କ ପରି ଦରିଦ୍ର ଲୋକେ କେଉଁଠାରେ ନ ଥିବେ । କିନ୍ତୁ ଓଡ଼ିଶାକୁ ଆସି ଦେଖିଲି ଓଡ଼ିଶା ଚମ୍ପାରଣକୁ ବଳି ଯାଇଛି । ମୁଁ ଓଡ଼ିଶାରେ ଅସ୍ଥି, କଙ୍କାଳ ଦେଖିବା ପାଇଁ ପ୍ରସ୍ତୁତ ଥିଲି । କିନ୍ତୁ ବାସ୍ତବରେ ମୁଁ ଯାହା ଦେଖିଲି ତାହା ନିଜେ ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ ।"

ଗାନ୍ଧିଜୀ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ତଳେ ଓଡ଼ିଶା ସମ୍ପର୍କରେ ଏହା ଲେଖିଥିଲେ । ସେତେବେଳେ ଭାରତ ପରାଧୀନ ; ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା । ଏହାର ବିଭିନ୍ନ ଅଂଶ ମାନ୍ଦ୍ରାଜ, ବଙ୍ଗଳା, ବିହାର, ମଧ୍ୟପ୍ରଦେଶ ସହିତ ମିଶି ରହିଥିଲା । ଅତି ନୈରାଶ୍ୟରେ ତତ୍କାଳୀନ ବା ତା'ର ଅଳ୍ପ କାଳ ପୂର୍ବର ଓଡ଼ିଶାର ଅବସ୍ଥାକୁ ଲକ୍ଷ୍ୟକରି ବ୍ୟାସକବି ଫକୀର ମୋହନ କହିଥିଲେ,–

"କୁକୁର ଗୋଟାଏ କାହିଁ ବନାଇବ ଘର,
ତୃଟି ଭୁଲେ ବାଘ ଘର, ଅଗଣା ପଥର ।"

ଏବେ ଭାରତ ସ୍ୱାଧୀନ ହେବାର ୨୧ ବର୍ଷ ହୋଇଗଲାଣି । ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବାର ହେଲା, ୩୨ ବର୍ଷ । ଗୋଟାଏ ଜାତିର ଉନ୍ନତି ପାଇଁ ଏହି ସମୟ କିଛି ଅଳ୍ପ ନୁହେ । ଜାପାନରେ ମେଇଜି ଯୁଗ ବୋଲି ଯେଉଁ ଯୁଗର ନାମକରଣ କରାଯାଏ, ତାହାର ସମୟ ହେଉଛି ୪୪ ବର୍ଷ (୧୮୬୮-୧୯୧୨) । ଏହି ସମୟ ମଧ୍ୟରେ କୃଷି, ଶିଳ୍ପ, ବ୍ୟବସାୟ, ବାଣିଜ୍ୟ, ଶିକ୍ଷା, ସଂସ୍କୃତି, ସାମରିକ କ୍ଷେତ୍ର ସମସ୍ତ କ୍ଷେତ୍ରରେ ଜାପାନ ଏକ ପ୍ରଥମ ଶ୍ରେଣୀର ରାଷ୍ଟ୍ର ହୋଇ ଠିଆ ହୋଇଗଲା ।

ଏହି ସମୟ ମଧ୍ୟରେ ଭାରତ ଆର୍ଥିକ କ୍ଷେତ୍ରରେ ଅନୁନ୍ନତ ଅବସ୍ଥାରେ ପଡ଼ିଛି । କିନ୍ତୁ ଭାରତୀୟ ପ୍ରୁନଅନରେ ଓଡ଼ିଶାର ଚିତ୍ର ଦେଖିଲେ ଆହୁରି ଲଜ୍ଜିତ ଓ ନିରାଶ ହେବାକୁ ପଡ଼େ । ଓଡ଼ିଶା ଏବେ ମଧ୍ୟ ଭାରତର ଅର୍ଥନୈତିକ ନିଶ୍ରେଣୀର ସବାତଳ ପାହାଚରେ ଅଛି । ଅର୍ଥନୀତିଜ୍ଞମାନେ ଲୋକଙ୍କର ଆର୍ଥିକ ଅବସ୍ଥା କଳନା କରିବା ପାଇଁ ଏକ ହାର-

Digitized by srujanika@gmail.com

ହାର ମୁଣ୍ଡ ପିଛା ଆୟ ନିରୂପଣ କରନ୍ତି । ୧୯୭୧ ମସିହାରେ ଭାରତରେ ହାରାହାରି ମୁଣ୍ଡ ପିଛା ଆୟ ହେଲା ଟ ୩୩୦୧ (୧୯୫୧ ମସିହାରେ ଥିଲା ଟ୨୮୪୧) । ସେତେବେଳେ ଓଡ଼ିଶାର ମୁଣ୍ଡ ପିଛା ଆୟ ହେଲା ଟ୨୪୪୧ । ଅର୍ଥାତ୍ ୧୯୭୧ ମସିହାରେ ଓଡ଼ିଶାରେ ମୁଣ୍ଡ ପିଛା ଆୟ ଯାହା, ଦଶ ବର୍ଷ ତଳେ ଥିବା ଭାରତର ହାରାହାରି ମୁଣ୍ଡ ପିଛା ଆୟଠାରୁ ତାହା ଯଥେଷ୍ଟ କମ୍ ।

ଏହା ଛଡ଼ା ଦାରିଦ୍ର୍ୟର ମାନ ନିରୂପଣ କରିବା ପାଇଁ ଅର୍ଥନୀତିଜ୍ଞ ମାନେ ଏକ ସୀମା ରେଖା (poverty line) ଟାଣିଛନ୍ତି । ଅର୍ଥାତ୍ ଯେଉଁ ପରିବାରର ମୁଣ୍ଡ ପିଛା ଆୟ ମାସକୁ ଦଶଟଙ୍କାରୁ କମ୍ ସେ ଅତିଶୟ ଦରିଦ୍ର ବୋଲି ଧରାଯିବ । ଏହି ବିଚାରରେ ଓଡ଼ିଶାର ୬୫ ଭାଗ ଲୋକ ହେଉଛନ୍ତି ଅତିଶୟ ଦରିଦ୍ର । ଭାରତରେ ଅନ୍ୟ କୌଣସି ରାଜ୍ୟ ନାହିଁ, କୌଣସି ଅଞ୍ଚଳ ନାହିଁ, ଯେଉଁଠାରେ ଏତେ ସଂଖ୍ୟାରେ ଲୋକେ ଏପରି ଦରିଦ୍ର ଅଛନ୍ତି ।

ଶିକ୍ଷାର କ୍ଷେତ୍ରରେ ଓଡ଼ିଶା ସେହିପରି ପଛରେ ପଡ଼ିଛି । ୧୯୭୧ ମସିହାରେ ଭାରତର ସାକ୍ଷର ସଂଖ୍ୟା ଥିଲା ଶତକଡ଼ା ୨୪ । ଓଡ଼ିଶାର ସାକ୍ଷର ସଂଖ୍ୟା ଶତକଡ଼ା ୨୧ । ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ, କାରିଗରୀ ଓ ବୈଜ୍ଞାନିକ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ବହୁତ ପଛରେ ।

ଗୋଟିଏ ଗୋଟିଏ ରାଜ୍ୟ ଅଛି ଯାହା ଧନରେ ହେଉ, ବିଦ୍ୟାରେ ହେଉ, ବୁଦ୍ଧିରେ ହେଉ ବା ବଳରେ ହେଉ ଭାରତୀୟ ରାଷ୍ଟ୍ର ସଂଘରେ ନିଜ ପାଇଁ ଏକ ସ୍ୱତନ୍ତ୍ର, ସମ୍ମାନିତ ସ୍ଥାନ ଦାବୀ କରିଛି । ଧନ ଦୃଷ୍ଟିରୁ ଦେଖିଲେ ଗୁଜରାଟୀ ଓ ରାଜସ୍ଥାନୀମାନେ, ବିଦ୍ୟା ବୁଦ୍ଧିରେ ବଙ୍ଗାଳୀମାନେ ଦିନେ ଯେଉଁ ସ୍ଥାନ ଅଧିକାର କରିଥିଲେ ଏବେ ମରାଠୀ ଓ ଦକ୍ଷିଣ ଭାରତୀୟ ମାନେ, ସଂଖ୍ୟା ଦୃଷ୍ଟିରୁ ହିନ୍ଦୀ ଭାଷୀ ରାଜ୍ୟ ଗଣ (ବିହାର, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ), ବଳ ଦୃଷ୍ଟିରୁ ବା ଭାରତୀୟ ସୈନ୍ୟ ବାହିନୀରେ ସଂଖ୍ୟା ଦୃଷ୍ଟିରୁ ପଞ୍ଜାବୀ ମାନେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଏପରିକି ପୂର୍ବେ କେନ୍ଦ୍ର ଦ୍ୱାରା ଶାସିତ ହେଉଥିବା ଏକ ଅତି କ୍ଷୁଦ୍ର ରାଜ୍ୟ କୁର୍ଗ (ଏବେ ମହୀଶୂରର ଅନ୍ତର୍ଭୁକ୍ତ) ଭାରତୀୟ ସେନାରେ ଏକ ବିଶିଷ୍ଟ ସ୍ଥାନ ଦାବୀ କରିଥିବା ଯୋଗୁଁ (କୁର୍ଗର ଦୁଇଜଣ ପ୍ରଧାନ ସେନାପତି ଥିଲେ—ଜେନେରାଲ କାରିଆପ୍ପା ଓ ଜେନେରାଲ ଥିମାୟା) ବାହାରରୁ ଆସୁଥିବା ଅଫିସର ବା ବ୍ୟବସାୟୀ ମାନଙ୍କୁ ଖାତିର କରୁ ନଥିଲା । କିନ୍ତୁ ଏ ସବୁ ମଧ୍ୟରେ ଓଡ଼ିଶାର ସ୍ଥାନ କେଉଁଠି ? ବ୍ୟବସାୟ, ବାଣିଜ୍ୟ, ଚାକିରୀ, ବାକରୀ, ରାଜନୀତି, ସୈନ୍ୟବାହିନୀ କେଉଁଠି ଓଡ଼ିଶା ବା ଓଡ଼ିଆଙ୍କର ସ୍ଥାନ ଅଛି ?

ବର୍ତ୍ତମାନ ପୃଥିବୀରେ ଏକ ନୂଆ ଉପନିବେଶବାଦର କଥା କୁହା ଯାଉଛି । ଏକ ଉନ୍ନତ ଶକ୍ତିଶାଳୀ ଦେଶ ଏକ ଅନୁନ୍ନତ ଦେଶକୁ ଜବରଦସ୍ତ ଦଖଲ ନକରି ମଧ୍ୟ ନିଜ କବ୍ଜାରେ ରଖିପାରେ, ଅର୍ଥାତ୍ ଏହାର ଶିଳ୍ପ, ବାଣିଜ୍ୟକୁ ନିଜର ପୁଞ୍ଜି ବା କାରିଗରୀ ବୁଦ୍ଧି ବଳରେ ନିୟନ୍ତ୍ରଣ କରି ।

Digitized by srujanika@gmail.com

ପୃଥିବୀରେ ଅନେକ ସ୍ୱାଧୀନ ଦେଶ ଅଛନ୍ତି, ସେମାନେ ନାମ ମାତ୍ର ସ୍ୱାଧୀନ । ବାସ୍ତବିକ ସେମାନଙ୍କ ଅର୍ଥନୀତି ଅନ୍ୟ ଦେଶଙ୍କ ଦ୍ୱାରା ନିୟନ୍ତ୍ରିତ । ଭାରତ ବର୍ଷରେ ଓଡ଼ିଶା ସେହି-ପରି ଏକ ରାଜ୍ୟ, ଯେ କି ସ୍ୱତନ୍ତ୍ର ହେଲେ ମଧ୍ୟ ରାଜନୀତି, ବାଣିଜ୍ୟ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଅନ୍ୟମାନଙ୍କର ଏକ ଉପନିବେଶ । ହରିଜନ, ଆଦିବାସୀ ମାନଙ୍କୁ ଅନୁନ୍ନତ ସମ୍ପ୍ରଦାୟ (Depressed Class) ବୋଲି କୁହା ଯାଉଛି । ଭାରତୀୟ ରାଷ୍ଟ୍ର ସଂଘରେ ଓଡ଼ିଶା ସେହିପରି ଗୋଟିଏ ହରିଜନ ରାଜ୍ୟ (Depressed area) ।

କିନ୍ତୁ ଅତୀତରେ ଓଡ଼ିଶା ଏପରି ନ ଥିଲି କି ତା'ର ପ୍ରାକୃତିକ ସମ୍ପଦ ଦୃଷ୍ଟିରୁ ବର୍ତ୍ତମାନ ତାହା ଏପରି ହେବାର କଥା ନୁହେଁ ।

ଭାରତର ଇତିହାସ, ପୁରାଣ, କିମ୍ବଦନ୍ତୀ ଓ ପ୍ରାଚୀନ ସଂସ୍କୃତ, ପାଲି ସାହିତ୍ୟରେ କଳିଙ୍ଗ ଓ ଉତ୍କଳର ନାମ ପ୍ରସିଦ୍ଧି ଲାଭ କରିଛି । ଅତି ପ୍ରାଚୀନ କାଳରୁ କଳିଙ୍ଗ ଏକ ନୌଶକ୍ତି ଓ ସାମରିକ ଶକ୍ତି ଭାବରେ ଭାରତରେ ନିଜକୁ ପ୍ରତିଷ୍ଠିତ କରିଛି । ଅଶୋକଙ୍କର ଦିଗ୍ ବିଜୟ ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର, ଯାହାକୁ ସେ ଜୟ କରି-ଥିଲେ, ତାହା ଯେ କଳିଙ୍ଗ ଥିଲା ତାହା ତାଙ୍କ ନିଜର ଶିଳାଲିପିରୁ ପ୍ରକାଶ ପାଉଛି । ଅଶୋକଙ୍କ ପୂର୍ବରୁ ଗ୍ରୀକ୍ ପରିବ୍ରାଜକ ମେଗାସ୍ଥିନିସ କଳିଙ୍ଗ ସୈନ୍ୟ ବାହିନୀ ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ କହିଥିଲେ, କଳିଙ୍ଗ ସେନାରେ ଥିଲେ ୬୦ ହଜାର ପଦାତିକ; ୧ ହଜାର ଅଶ୍ୱାରୋହୀ ଓ ୭୦୦ ଗଜାରୋହୀ ସୈନ୍ୟ । ଅଶୋକ ତାଙ୍କ କଳିଙ୍ଗ ଯୁଦ୍ଧ ସମ୍ପର୍କରେ ବର୍ଣ୍ଣନା କରିଥିଲେ ଯେ ଲକ୍ଷେ ସୈନ୍ୟ ଯୁଦ୍ଧରେ ନିହତ ହେଲେ ; ଦେଢ଼ ଲକ୍ଷ ସୈନ୍ୟ ବନ୍ଦୀ ଭାବରେ ନିଆ ଗଲେ । ଖାରବେଳଙ୍କ ସମୟରେ (ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ) କଳିଙ୍ଗ ପୁଣି ଏକ ଦୁର୍ଜ୍ଜୟ ଶକ୍ତି ରୂପେ ଠିଆ ହୋଇଗଲା । ଗୁପ୍ତ ରାଜତ୍ୱ ବେଳକୁ (ଯାହାକି କବି କାଳିଦାସଙ୍କ ସମୟ ବୋଲି ବହୁ ପଣ୍ଡିତ ମତ ପ୍ରକାଶ କରନ୍ତି) କଳିଙ୍ଗର ରାଜା ଉଭୟ ସମୁଦ୍ର ଓ ଭୂଭାଗରେ ନିଜର ପ୍ରଭାବ ବିସ୍ତାର କରିଥିବା ଜଣା ଯାଏ । ତା' ନହେଲେ ରଘୁଙ୍କର ଦିଗ୍ ବିଜୟ ବର୍ଣ୍ଣନା କରି କାଳିଦାସ କଳିଙ୍ଗ ରାଜାଙ୍କୁ ମହେନ୍ଦ୍ର (ମହେନ୍ଦ୍ର ଗିରି) ଓ ମହୋଦଧିର ଅଧିପତି ବୋଲି ବର୍ଣ୍ଣନା କରି ନ ଥାନ୍ତେ । ଭୌମକର ମାନଙ୍କ ରାଜତ୍ୱ କାଳ ବା ପଞ୍ଚମ ଶତାବ୍ଦୀରୁ ସପ୍ତମ ଶତାବ୍ଦୀ ହେଉଛି କଳିଙ୍ଗର ଇତିହାସରେ ଏକ ସ୍ୱର୍ଣ୍ଣ ଯୁଗ । ଖାରବେଳଙ୍କ ସମୟରୁ ଯେଉଁ ଅଭ୍ୟୁତ୍‌ଥାନ ଆରମ୍ଭ ହେଲା, ତାହା ପଞ୍ଚମ-ସପ୍ତମ ଶତାବ୍ଦୀ ମଧ୍ୟରେ ସମସ୍ତ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କରି ଏହାକୁ ଏକ ଐଶ୍ୱର୍ଯ୍ୟଶାଳୀ ରାଜ୍ୟରେ ପରିଣତ କରି ପାରିଥିଲା । ଖଣ୍ଡଗିରି, ଉଦୟଗିରି, ଲଳିତ ଗିରି, ରତ୍ନଗିରି (ସେତେବେଳେ ଭାରତର ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ରୂପେ ଖ୍ୟାତ ହୋଇଥିଲା) ଓ ଭୁବନେଶ୍ୱର ନଗରୀ ପ୍ରତିଷ୍ଠିତ ହୋଇ ପାରିଥିଲା । ଶୁଭାକର କେଶରୀ ଏଠାରୁ ଏକ ବୌଦ୍ଧ ଗ୍ରନ୍ଥ ଚୀନ ରାଜାଙ୍କୁ ଉପହାର ସ୍ୱରୂପ ପଠାଇଥିଲେ ଓ ଏଥିରୁ ଜଣାଯାଏ ଚୀନ ଓ ଓଡ଼ିଶା ମଧ୍ୟରେ

Digitized by srujanika@gmail.com

ଧର୍ମ, ଶିକ୍ଷା ଓ ସଂସ୍କୃତିର ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା ।

ନୌବାଣିଜ୍ୟ କ୍ଷେତ୍ରରେ ତାମ୍ରଲିପ୍ତ (ମେଦିନୀପୁର ଜିଲାରେ) ଚିଲିକା ଓ ଦନ୍ତପୁର (ବର୍ତ୍ତମାନର ପାଲୁର) ପ୍ରାଚ୍ୟ ଉପକୂଳରେ-ପ୍ରଧାନ ବନ୍ଦର ରୂପେ ପ୍ରସିଦ୍ଧି ଲାଭ କରିଥିଲା । ୭୫ ଖ୍ରୀଷ୍ଟାବ୍ଦରେ କଳିଙ୍ଗର ନାବିକ ମାନେ ଜାଭା ଉପକୂଳରେ ପହଞ୍ଚାଇଥିଲେ ଓ ସେଠାରେ ସେମାନେ ଉପନିବେଶ ମାନ ପ୍ରତିଷ୍ଠା କରି ନିଜର ମାତୃଭୂମି ସହିତ ଓ ପୂର୍ବ ଉପକୂଳ ସହିତ ନିୟମିତ ବାଣିଜ୍ୟ ଆରମ୍ଭ କରିଦେଲେ । ସୁଦୂର ପ୍ରାଚ୍ୟକୁ ହିନ୍ଦୁ ସଭ୍ୟତା ଓ ଭାରତୀୟ ସଭ୍ୟତାର ଆଲୋକ ବର୍ତ୍ତିକା ପ୍ରଥମେ ଯେ ଏମାନେ ନେଲେ ତାହା ସମସ୍ତ ଐତିହାସିକ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ।

ସିଂହଳ ସହିତ କଳିଙ୍ଗର ସମ୍ପର୍କ ଏତେ ପ୍ରାଚୀନ କାଳରୁ ଥିଲା ଯେ ଅଶୋକଙ୍କ ସମୟରୁ ତାମ୍ରଲିପ୍ତ ବନ୍ଦରରୁ ସିଂହଳକୁ ନିୟମିତ ନୌ ଯାତ୍ରା ହେଉଥିଲା । ଅଶୋକଙ୍କ ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରା ଏହି ବନ୍ଦରରୁ ବୋଧିଦ୍ରୁମର ଏକ ଡାଳ ନେଇ ସିଂହଳ ଯାତ୍ରା କରିଥିଲେ । ପୁଣି ବିଧର୍ମୀମାନଙ୍କ ଆକ୍ରମଣରୁ ବୁଦ୍ଧଙ୍କ ପବିତ୍ର ଦନ୍ତକୁ ରକ୍ଷା କରିବାପାଇଁ କଳିଙ୍ଗ ରାଜକୁମାରୀ ହେମମାଳା ସିଂହଳକୁ ପଳାଇ ଯାଇଥିଲେ । କଳିଙ୍ଗର ବହୁ କ୍ଷତ୍ରିୟ ପରିବାର ମଧ୍ୟ ସିଂହଳ ଚାଲିଯାଇ ଥିଲେ । ଏବେ ସିଂହଳରେ ଏପରି ଉପାଧିଧାରୀ ବହୁ ବ୍ୟକ୍ତି ଅଛନ୍ତି, ଯାହାଙ୍କର ଓଡ଼ିଶାର ପାଇକ ଓ କ୍ଷତ୍ରିୟମାନଙ୍କ ସାଙ୍ଗିଆ ସହିତ ମିଳ ଯାଉଛି ।

ଭାରତୀୟ ନୌ ସେନାର କମାଣ୍ଡର କେ. ଶ୍ରୀଧରନଙ୍କ ଲିଖିତ A Maritime History of Indiaରେ କୁହାଯାଇଛି, "ଭାରତୀୟ ନୌ ବାଣିଜ୍ୟର ଇତିହାସରେ କଳିଙ୍ଗର ସ୍ଥାନ ଗୌରବ ମଣ୍ଡିତ.....ଦକ୍ଷିଣ ଭାରତରେ ଚୋଳମାନେ ଓ ବୃହତ୍ତର ଭାରତରେ ଶ୍ରୀବିଜୟ ରାଜାମାନଙ୍କ ଅଭିର୍ଭାବ ପୂର୍ବରୁ ସେମାନେ ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ଅଦ୍ୱିତୀୟ ଥିଲେ ଓ ସେମାନଙ୍କ ସଭ୍ୟତାର ଅମିଟ ପଦଚିହ୍ନ ରଖି ଦେଇ ଯାଇଥିଲେ ।"

କେବଳ ଜାଭା, ସୁମାତ୍ରା, ସିଂହଳ ନୁହେଁ, ବ୍ରହ୍ମଦେଶ ଓ ଶ୍ୟାମ ଦେଶରେ ଓଡ଼ିଶାର ବହୁ ନଗର, ନଗରୀର ନାମ ପ୍ରଚଳିତ ଅଛି । ଚୀନ ପରିବ୍ରାଜକ ଫାହିଏନ ତାମ୍ରଲିପ୍ତ ବନ୍ଦରରୁ ଏକ ଜାହାଜରେ ଜାଭା ବାଟରେ ଚୀନ ଯାତ୍ରା କରିଥିବାର ବର୍ଣ୍ଣନା କରିଛନ୍ତି ।

ଜାଭାରେ ଓଡ଼ିଶା ଏକ ଶକ୍ତିଶାଳୀ ରାଜ୍ୟ ରୂପେ ଦୀର୍ଘକାଳ ଧରି ପ୍ରତିଷ୍ଠା ଅର୍ଜନ କରିଥିଲା ଓ ଖାରବେଳଙ୍କ ପରି ଦ୍ୱିତୀୟ ନରସିଂହ ଦେବ ଓ କପିଳେନ୍ଦ୍ର ଦେବ ଓଡ଼ିଶା ସୈନ୍ୟ ବାହିନୀର ଖ୍ୟାତି ସମଗ୍ର ଦେଶରେ ପ୍ରକଟିତ କରିଥିଲେ ।

ଓଡ଼ିଶାର ଏହି ଶକ୍ତି, ସାମର୍ଥ୍ୟ, ସାହସିକ ମନୋବୃତ୍ତି ଦେଶର କଳା, ସ୍ଥାପତ୍ୟ, କାରିଗରୀ ଓ ସାହିତ୍ୟ କ୍ଷେତ୍ରରେ ପ୍ରତିଫଳିତ ହୋଇଥିଲା । ଯଦି ତାଜମହଲ ପରି

Digitized by srujanika@gmail.com

ଏକ ଜାତି ପାଇଁ ମୋଗଲ ସାମ୍ରାଜ୍ୟର ବିଭବ ଦରକାର ହେଲା, ତା' ହେଲେ ଉତ୍କଳୀୟ ଏକ ଜାତି କୋଣାର୍କର ନିର୍ମାଣ ପଛରେ କେତେ ବଡ଼ ରାଜ୍ୟ ଓ ତାର କେତେବଡ଼ ସଭ୍ୟତା ନ ଥିବ ।

ଅତୀତର ଗୌରବର କୌଣସି ମୂଲ୍ୟ ନାହିଁ, ଯଦି ଆଧୁନିକ ରାଷ୍ଟ୍ରର ନିର୍ମାଣ ପାଇଁ କୌଣସି ଦେଶର ପ୍ରାକୃତିକ ସମ୍ପଦ ନ ଥାଏ । ପ୍ରାକୃତିକ ସମ୍ପଦହୀନ ଦେଶ ପକ୍ଷରେ ତାର ପ୍ରାଚୀନ ଗୌରବ ହେଉଛି ଏକ ନିର୍ଜନ ବେଳାଭୂମିରେ କୌଣସି ଅଜ୍ଞାତ ରାଜ୍ୟର ସଙ୍ଗୀତ ଧ୍ୱନି ପରି । ପୃଥିବୀରେ ଏହିପରି ଅନେକ ଦେଶ ଅଛନ୍ତି, ଉଦାହରଣ ସ୍ୱରୂପ ଟ୍ୟୁନିସିଆ (ପ୍ରାଚୀନ କାର୍ଥେଜ ରାଜ୍ୟ), ସିରିଆ ଓ ଲେବାନନ (ପ୍ରାଚୀନ ବାବିଲନ ଓ ଆସିରିଆ) ଏମାନଙ୍କର ପ୍ରାଚୀନ ସଭ୍ୟତା ଗୌରବମୟ । କିନ୍ତୁ ଆଧୁନିକ ବିଭବ ସେପରି ଉଲ୍ଲେଖଯୋଗ୍ୟ ନୁହେଁ ।

କିନ୍ତୁ ଓଡ଼ିଶା ଏପରି ଏକ ରାଜ୍ୟ ଯାହାର ପ୍ରାକୃତିକ ସମ୍ପଦ ଅତୁଳନୀୟ । ଏହାର ନଦୀ ସମ୍ପଦ, ଅରଣ୍ୟ ସମ୍ପଦ, ଖଣିଜ ଓ ସାମୁଦ୍ରିକ ବିଭବ ଭାରତର ଖୁବ୍ କମ୍ ରାଜ୍ୟର ଅଛି । ଭାରତର ସମସ୍ତ ନଦୀରେ ବର୍ଷକୁ ଯେତେ ଜଳ ପ୍ରବାହିତ ହୁଏ, ତାର ଦଶଭାଗରୁ ଭାଗେ ଓଡ଼ିଶାର ନଦୀମାନଙ୍କରେ ଯାଏ । ଏହି ଜଳ ସମ୍ପଦର ସଦୁପଯୋଗ କରାଯାଇ ପାରିଲେ ଜଳସେଚନ, ବିଦ୍ୟୁତ୍-ଶକ୍ତି ଉତ୍ପାଦନ, ନୌ ଚଳାଚଳ, ମତ୍ସ୍ୟ ସମ୍ପଦ ବିକାଶରେ ଏହା ଯଥେଷ୍ଟ ସାହାଯ୍ୟ କରିବ । ଓଡ଼ିଶାର ୩୦୦ ମାଇଲ ସୁଦୀର୍ଘ ଉପକୂଳ ଅଛି । ଏହି ଉପକୂଳରେ ଠିଆ ହେଲେ ସମୁଦ୍ରର ପ୍ରତ୍ୟେକ ଲହରୀର ଐତିହାସିକ ଆହ୍ୱାନ ଶୁଣିବାକୁ ମିଳିବ, "ମୁଁ ସେହି ସମୁଦ୍ର, ସେହିପରି ରହିଛି, କିନ୍ତୁ କାହିଁ ସେ ନାବିକର ସାହସ ଓ ନୌ ବାଣିଜ୍ୟ, କାହିଁ ସେ ଶିଳ୍ପବିଭବ ?" ଓଡ଼ିଶାର ଭୌଗୋଳିକ କ୍ଷେତ୍ରଫଳର ତିନି ଭାଗରୁ ଭାଗେ ହେଉଛି ଅରଣ୍ୟ ସମ୍ପଦରେ ପରିପୂର୍ଣ୍ଣ । ଏହାଛଡ଼ା ଲୁହା, କୋଇଲା, ଅଭ୍ର, ଚୂନପଥର, ଡୋଲୋମାଇଟ୍, କ୍ରୋମାଇଟ୍, ବକ୍ସାଇଟ୍ ଆଦି ଧାତବ ଦ୍ରବ୍ୟ ଏଠାରେ ଭରପୂର ହୋଇ ରହିଛି । ଓଡ଼ିଶାର ଏହି ବିରାଟ ପ୍ରାକୃତିକ ସମ୍ପଦ ସାଙ୍ଗକୁ ଅଛି ତା'ର ଜନ-ସମ୍ପଦ । ଆସାମର ଚା' ବଗିଚାରୁ ଆରମ୍ଭ କରି ବଙ୍ଗଳା, ବିହାର, ମଧ୍ୟପ୍ରଦେଶ, ଅହମ୍ମଦାବାଦର ଶିଳ୍ପବିଭବ ପଛରେ ଅଛି କାହାର କଠିନ ପରିଶ୍ରମ ଓ ନିଷ୍ଠା ?

ଓଡ଼ିଶାର ବିରାଟ ନବ ନିର୍ମାଣ ପାଇଁ ଅତୀତର ଭିତ୍ତିଭୂମି ଅଛି; ପୁଣି ଅଛି ତାର ବିରାଟ ପ୍ରାକୃତିକ ସମ୍ପଦ । କିନ୍ତୁ କେଉଁ ଅଭିଶାପଯୋଗୁଁ ଏ ଜାତି ଉଠିପାରୁ ନାହିଁ ତା'ର ପ୍ରଶ୍ନବାଚକ ହିଁ ହୃଦୟ, ମନକୁ ଆଲୋଡ଼ିତ କରେ ।

Digitized by srujanika@gmail.com

ବିଭିନ୍ନ ବକ୍ତୃତା ଓ ଲେଖା ଛଳରେ ମିଷ୍ଟର ଦାସ ତାଙ୍କର ଦେଶ ଓ ଜାତିକୁ ଯେଉଁ ଉଦ୍‌ବୋଧନ ଦେଇଥିଲେ ତାହାର କେତେକ ସାରାଂଶ ଏହି ଲେଖାରେ ଦିଆଯାଇଛି ।

# ପରାର୍ଥେ ଜୀବନ

## ଉତ୍କଳ ଗୌରବ ମଧୁସୂଦନ ଦାସ

ଏକ ବୃକ୍ଷର ଜୀବନ ତୁମର ଆଦର୍ଶ ହେଉ । ବୃକ୍ଷ କୋଟି କୋଟି ମାଇଲ ଦୂରରେ ଥିବା ସୂର୍ଯ୍ୟଠାରୁ ଆଲୋକ ପାଏ । ଏହି ଆଲୋକରୁ ସେ ଶକ୍ତି ସଂଗ୍ରହ କରେ । ହିମାଳୟର ଶୀତଳ ପବନ ଓ ମରୁ ଦେଶର ତପ୍ତ ବାୟୁ ଏହା ଉପରେ ପ୍ରବାହିତ ହୁଏ । ଉଭୟଙ୍କଠାରୁ ସମାନ ଭାବରେ ସେ ଶକ୍ତି ସଂଗ୍ରହ କରେ । ସେମାନେ ବୃକ୍ଷର ପ୍ରକୃତିକୁ ବଦଳାଇ ପାରନ୍ତି ନାହିଁ । କାରଣ ଏହାର ଚେର ମାଟିର ଗଭୀର ତଳକୁ ଯାଇଛି ଓ ସେଠାରୁ ସର୍ବାଧିକ ଶକ୍ତି ସଂଗ୍ରହ କରୁଛି । ତୁମର ପ୍ରକୃତିରେ ଦେଶ ପ୍ରେମର ଚେର ଗଭୀର ଭାବରେ ପ୍ରୋଥିତ ହେଉ । ଏହି ଚେର ତୁମ ଜାତିର ଇତିହାସର ଗଭୀର ତଳକୁ ଯାଇ ସେଠାରୁ ଶକ୍ତି ଓ ପ୍ରେରଣା ସଂଗ୍ରହ କରୁ । ତା'ହେଲେ ବିଦେଶୀୟ ସଭ୍ୟତା ଓ ସଂସ୍କୃତି ତୁମର ପ୍ରକୃତିକୁ ବଦଳାଇ ପାରିବ ନାହିଁ । ବରଂ ତୁମକୁ ଅଧିକ ଶକ୍ତି ଓ ସହାୟତା ଦେବ ।

### ଦେଶ ପ୍ରେମ

ମୂଳରୁ ଶେଷ ପର୍ଯ୍ୟନ୍ତ ମନୁଷ୍ୟ ଜୀବନକୁ ପର୍ଯ୍ୟବେକ୍ଷଣ କରି ମୁଁ ମନେ କରେ, ଦେଶ ପ୍ରେମର ମୌଳିକ ତତ୍ତ୍ୱ ହେଉଛି ଆତ୍ମୋତ୍ସର୍ଗ । ଏହା ଏକ ପବିତ୍ର ଭାବନା । ଅନ୍ୟ ଦେଶ, ଜାତି ପ୍ରତି ଘୃଣା ବା ପ୍ରତିହିଂସା ଦେଶ ପ୍ରେମ ମଧ୍ୟରେ ସ୍ଥାନ ପାଏ ନାହିଁ । ପ୍ରକୃତ ଦେଶ ପ୍ରେମୀ ନିଜ ଦେଶ ଓ ଜାତିକୁ ନିଷ୍ଟୟ ଶ୍ରଦ୍ଧା କରିବ; କିନ୍ତୁ ଅନ୍ୟ ଦେଶ ବା ଜାତିକୁ ଘୃଣା କରିବ ନାହିଁ । ସ୍ୱଦେଶ ପ୍ରେମିକ ଆବଶ୍ୟକ ହେଲେ

Digitized by srujanika@gmail.com

ନିଜ ଦେଶ ପାଇଁ ଜୀବନ ଦେଇ ଦେବ, କିନ୍ତୁ ଅନ୍ୟ ମାନଙ୍କ ରକ୍ତରେ ନିଜର ହସ୍ତକୁ

। ଅନ୍ୟ ମାନଙ୍କ

ଉତ୍ଥାନ

ଜୀବନ

ବଢ଼ାଇ

ଜୀବନର

ୟ ବାଣୀ

ଗ କରି

ନୋରମ

ର ଏହି

ାଇବା

। ଯାଏ,

ଯେପରିକି ବସନ୍ତର ଆଗମନରେ ବୃକ୍ଷମାନ ପଲ୍ଲବିତ ହୋଇ ସମସ୍ତ ପ୍ରାଣୀଙ୍କୁ ଆନନ୍ଦିତ କରନ୍ତି ।

ଦେଶ ପାଇଁ ବଞ୍ଚିବାକୁ ଶିଖ ; ଅନ୍ୟ ମାନଙ୍କ ପାଇଁ ବଞ୍ଚି ରହି ନିଜେ ସୁଖୀ ହୁଅ । ବୃକ୍ଷ ମୃତ୍ତିକା, ବାୟୁ ଓ ସୂର୍ଯ୍ୟାଲୋକରୁ ବର୍ଷ ଯାକ ଶକ୍ତି ସଂଗ୍ରହ କରେ, କାରଣ ପ୍ରାଣୀ ମାନଙ୍କୁ ଏହା ସୁମିଷ୍ଟ ଫଳ ଦାନ କରି ପାରିବ । ବାୟୁ ମଣ୍ଡଳକୁ ନିଜର ସୁବାସରେ ମହକାଇ ଦେବା ପାଇଁ ଫୁଲ ତାର ସମସ୍ତ ଶକ୍ତିକୁ ଢ଼ାଳିଦିଏ । ମନୁଷ୍ୟକୁ ଆଲୋକ ଦେବା ପାଇଁ ବତି ନିଜକୁ ଜାଳି, ପୋଡ଼ି ପାଉଁଶ କରି ଦିଏ । ବିରାଟ, ଉଜ୍ଜଳ ଜ୍ୟୋତିଷ୍କ ସୂର୍ଯ୍ୟ ପୂର୍ବ ଦିଗ୍‌ଭାଗରୁ ଉଦିତ ହୋଇ କୋଟି କୋଟି ପ୍ରାଣୀଙ୍କୁ ଜୀବନ ଓ ଆଲୋକ ଦେବା ପାଇଁ ପ୍ରତ୍ୟହ ତା'ର ଯାତ୍ରା ଆରମ୍ଭ କରେ । ତୁମର ଯୌବନ ହେଉ ଆତ୍ମୋତ୍ସର୍ଗ ମୂଳକ ଜୀବନର ପ୍ରଭାତ । ତୁମେ ଯେଉଁ କ୍ଷେତ୍ରରେ ରହି ନା କାହିଁକି, ଅନ୍ୟମାନଙ୍କୁ ସୁଖୀ କରିବା ପାଇଁ ନିଜର ଜୀବନକୁ ଢାଳି ଦିଅ ।

ଅଧିକାଂଶ ଲୋକଙ୍କର ଜୀବନ ନିଜର ପରିବାରର ଉନ୍ନତି ମଧ୍ୟରେ ସୀମାବଦ୍ଧ ହୁଏ । କିନ୍ତୁ ଯେଉଁମାନେ ମନୁଷ୍ୟ ଜୀବନର ପ୍ରକୃତ ଲକ୍ଷ୍ୟ ଜାଣନ୍ତି, ସେମାନଙ୍କ ପାଇଁ ଜୀବନ ଏତିକରେ ସୀମାବଦ୍ଧ ନୁହେ । ସେମାନେ ସମାଜର ମଙ୍ଗଳ, ଜାତିର ମଙ୍ଗଳ, କେହି କେହି ପୃଥିବୀର ସମସ୍ତ ଜାତିର ମଙ୍ଗଳରେ ନିଜର ଜୀବନକୁ ଉତ୍ସର୍ଗ କରନ୍ତି ।

## ଦୀନ, ଦୁଃଖୀଙ୍କ ଉନ୍ନତି

ଯଦି ସର୍ବାନ୍ତଃକରଣରେ ଦେଶର ଉନ୍ନତି କରିବାକୁ ଇଚ୍ଛାକର, ତା'ହେଲେ ଭାରତମାତାଙ୍କ ପବିତ୍ର ନାମରେ ଉତ୍କଳ ଜନନୀଙ୍କ ସେହିମସ୍ତ ନାମ ଉଚ୍ଚାରଣ କରି ମୁଁ ତୁମକୁ ପ୍ରାର୍ଥନା କରୁଛି, ଦେଶର ଦୀନ, ଦୁଃଖୀ ଲୋକଙ୍କୁ ଭୁଲି ଯାଅ ନାହିଁ । ଏମାନଙ୍କୁ ଛାଡ଼ି କୌଣସି ଦେଶର ଉନ୍ନତି ହୋଇ ପାରିବ ନାହିଁ । କୌଣସି ଦେଶ ସଭ୍ୟତାର ସୋପାନରେ ଉଠି ପାରିବ ନାହିଁ । ଯେତେ ବଡ଼ ଶିକ୍ଷିତ ହେଲେ ମଧ୍ୟ ଯେ ଜନସାଧାରଣଙ୍କଠାରୁ ନିଜକୁ ଉଚ୍ଚରେ ରଖେ, ତା'ର ଶିକ୍ଷା ଶିକ୍ଷା ନୁହେ, ସେ ଅଧମ ଶ୍ରେଣୀର, ସେ ମୂର୍ଖ ପଦବାଚ୍ୟ ।

ଲୋକେ କହନ୍ତି ଓଡ଼ିଶା ଗରିବ । ମୁଁ କହେ, କଦାପି ନୁହେ । ବର୍ତ୍ତମାନ କଲିକତା ନାଗପୁର ପ୍ରଭୃତି ସ୍ଥାନର ଜେଲ, କାର-

Digitized by srujanika@gmail.com

ଖାନାରେ ଲକ୍ଷ ଲକ୍ଷ ଓଡ଼ିଆ କାମ କରୁଛନ୍ତି ; ଏହାର ଅର୍ଥ, ଓଡ଼ିଆର ହାତର ମୂଲ୍ୟ ଅଛି, ଯେଉଁ ମୂଲ୍ୟ ବାହାରର ଲୋକେ ଖାଇ ଯାଉଛନ୍ତି ।

ଧନ, ଜନ, ମନ, ଅର୍ଥାତ୍ ଅର୍ଥ, କାଯିକ ପରିଶ୍ରମ ଓ ବୁଦ୍ଧି ଏହି ତିନୋଟି ଏକତ୍ର ହେଲେ ଶିଳ୍ପର ଅଭିବୃଦ୍ଧି ସୁନିଶ୍ଚିତ । ଜଣେ ବ୍ୟକ୍ତିଠାରେ ଏହି ତିନି ଶକ୍ତି ଯଥେଷ୍ଟ ପରିମାଣରେ ମିଳିବା ସମ୍ଭବ ନୁହେଁ । ଏହି ହେତୁରୁ ତିନି ଶ୍ରେଣୀର ଲୋକ ଏକତ୍ର ହୋଇ ୟୁରୋପରେ ଶିଳ୍ପର ଉନ୍ନତି କରିଛନ୍ତି । ଶିଳ୍ପ କ୍ଷେତ୍ରରେ ପାଶ୍ଚାତ୍ୟ ଜଗତ ସହିତ ଆମକୁ ପ୍ରତିଯୋଗିତା କରିବାକୁ ହେବ ଏବଂ ସେଠାରେ ଯାହା ସବୁ ଉତ୍ପନ୍ନ ହେଉଛି, ଆମକୁ ତାହା ଉତ୍ପନ୍ନ କରିବାକୁ ହେବ ।

ବର୍ତ୍ତମାନ ଯେଉଁ ବ୍ୟକ୍ତି ବିଶ୍ୱାସ କରେ, ଶିଳ୍ପର ଉନ୍ନତି ଦ୍ୱାରା ଓଡ଼ିଶାର ଉନ୍ନତି ହେବ, ସେ ଆପଣାର ପରିଶ୍ରମ, ବୁଦ୍ଧି ଓ ଧନକୁ ବଳିଦାନ ସ୍ୱରୂପ ସେ କାର୍ଯ୍ୟରେ ଅର୍ପଣ କରୁ । ଲାଭର ଆଶା ତ୍ୟାଗ କରୁ । ହୋଇପାରେ ସେ ଦରିଦ୍ର ଅବସ୍ଥାରେ ପ୍ରାଣ ତ୍ୟାଗ କରିବ । କିନ୍ତୁ ସେ ଯେଉଁ ଉନ୍ନତିର ମଞ୍ଜି ପୋତିଦେଇ ଯିବ, ତାର ଫଳ ଉତ୍କଳର ସନ୍ତାନ ସନ୍ତତି ମାନେ ଭବିଷ୍ୟତରେ ଭୋଗ କରି ପାରିବେ । ଜଣଙ୍କର ମୃତ୍ୟୁରେ ଜାତିର ଜୀବନ ସମୃଦ୍ଧ ହୁଏ । ଏହା ହେଉଛି ପ୍ରକୃତିର ନିୟମ ।

## ଭଗ୍ନ ଜାହାଜର କପ୍ତାନ

ମୁଁ ସ୍ୱଦେଶୀ ଶିଳ୍ପ ସଂଗଠନ କ୍ଷେତ୍ରରେ ଜଣେ କର୍ମୀ । ଦେଶରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ମୁଁ ଏ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିଥିଲି । ମୁଁ ଜାଣେ ମୁଁ ବିଫଳ ହୋଇଛି, ତଥାପି ମୁଁ ଶିଳ୍ପ କ୍ଷେତ୍ରରେ ମୋର ପ୍ରଚେଷ୍ଟା ଛାଡ଼ି ନାହିଁ । ଜାହାଜ କପ୍ତାନର ଉପଦେଶର ମୂଲ୍ୟ ହେଉଛି, ସେ ଦେଖାଇ ଦେଇ ପାରନ୍ତି, କେଉଁଠାରେ ପଥର ଦ୍ୱାରା ତାଙ୍କର ଜାହାଜ ନଷ୍ଟ ହୋଇ ଥିଲା । ମୋ' ଉପଦେଶର କ'ଣ ସେତିକି ମୂଲ୍ୟ ନାହିଁ ? ଭାରତରେ ଶାରୀରିକ ଶ୍ରମ ପ୍ରତି ଯେଉଁ ତାଚ୍ଛଲ୍ୟ ଓ ଅବହେଳା, ତାହା ଦୂର କର । ଶାରୀରିକ ଶ୍ରମର ମର୍ଯ୍ୟାଦା ଅନୁଭବ ନ କଲେ ଜାତିର ଉନ୍ନତି ନାହିଁ ।

ମୋର ଦୀର୍ଘ ଆଶା ପୂରଣ ହେବାର ମୁଁ ଦେଖୁଛି । ମୁଁ ଯେତେବେଳେ ଆନ୍ଦୋଳନ ଆରମ୍ଭ କରିଥିଲି, ତା'ଠାରୁ ଏକ ଦୀର୍ଘ କଠିନ ସମସ୍ତ ମଧ୍ୟରେ ଆମେ ଗତି କରି ଆସିଲୁଣି । ମୋତେ ଏପରି ଲୋକଙ୍କ ସହିତ ସଂଘର୍ଷ କରିବାକୁ ପଡ଼ିଥିଲା, ଯେଉଁମାନେ ଧନୀ ବୁଦ୍ଧିମାନ୍ ଓ କ୍ଷମତାଶାଳୀ ଥିଲେ । ଉପରେ ଈଶ୍ୱର ଓ ହୃଦୟରେ ବିବେକ ଘେନି ମୋତେ ଏକୁଟିଆ ଲଢ଼ିବାକୁ ପଡ଼ିଥିଲା । ମୋତେ ଧନେ ଜଣାଗଲା, ଓଡ଼ିଶାର ପ୍ରଥମ ଗ୍ରାଜଏଟ୍ ମୁଣ୍ଡରେ ଓଡ଼ିଆ ଜାତିକୁ ମିଳିତ କରିବାର ଚିନ୍ତା ଦେବାରେ ଭଗବାନଙ୍କର ଏକ ମହତ୍ ବାର୍ତ୍ତା ଅଛି । ମୁଁ ଚିନ୍ତାକଲି ଓ ଦେଖିଲି ଯେ ଇତିହାସ ମୋ' ପଛରେ ଅଛି ।

ଏପରିକି ଓଡ଼ିଆ ରାଜାମାନେ ନିଜକୁ ଓଡ଼ିଆ ବୋଲି କହିବାକୁ ଲଜ୍ଜା ବୋଧ କରୁଥିଲେ ଏବଂ ଓଡ଼ିଆ ସ୍କୁଲ୍ ଛାତ୍ରମାନେ ନିଜକୁ ବଙ୍ଗାଳୀ ବୋଲି ଚଳାଇ ଦେଉ-

Digitized by srujanika@gmail.com

ଥିଲେ । ଜଣେ ଜଣାଶୁଣା ରାଜା ଯାହାଙ୍କ ନାମ ସହିତ କଟକର ଏକ ପ୍ରଧାନ ହଲର ନାମ ସଂପୃକ୍ତ (ଶ୍ରୀ ରାମଚନ୍ଦ୍ର ଭଞ୍ଜ) ବଙ୍ଗଳାରେ ବଙ୍ଗାଳୀ ବୋଲି ପରିଚିତ ହୋଇ ଥିଲେ । ମୁଁ ତାଙ୍କ ସହିତ ଥରେ ଟ୍ରେନରେ ଅଠଶାରୁ ଗୋଟାଏ ଯାଏଁ କଥା ବାର୍ତ୍ତା କରିଥିଲି । ମୁଁ ତାଙ୍କୁ କହିଲି, "ରାଜା ମୁଁ ଆପଣଙ୍କୁ ଓଡ଼ିଆ କରିବାକୁ ପ୍ରତିଜ୍ଞାବଦ୍ଧ ।" ସେ ପ୍ରଥମ ଉତ୍କଳ ସମ୍ମିଳନୀର ସଭାପତି ହୋଇଥିଲେ ।

ବଣିକ ଜାତି ହିସାବରେ ଇଂରେଜ ମାନେ ଟଙ୍କା ବୁଝୁଥିଲେ । କର୍ମଚାରୀମାନେ ଟଙ୍କା ଛଡ଼ା ଅନ୍ୟ କୌଣସି ବିଷୟ ଚିନ୍ତା ଚିନ୍ତା କରି ଦେଖୁ ନ ଥିଲେ । ବଙ୍ଗବାସୀ ମାନେ ଶାସନ ପରିଚାଳନା ଶିକ୍ଷା କରିଥିଲେ, ମୁସଲମାନ ରାଜତ୍ୱ କାଳରୁ ସେମାନେ ଏଥିରେ ଅଭ୍ୟସ୍ତ ଥିଲେ । ବ୍ରିଟିଶ ମାନେ ସେମାନଙ୍କୁ ଧରି ଏକ ମଧ୍ୟବର୍ତ୍ତୀ ଶାସକ ସମ୍ପ୍ରଦାୟ ଗଢ଼ିଲେ । ବଙ୍ଗବାସୀ ମାନେ ଆମକୁ ଚାପି ରଖିବା ପାଇଁ ଇଂରେଜ ମାନଙ୍କ ସହିତ ମିଶି ଯାଇଥିଲେ ।

## କେବଳ ଅସ୍ଥି ଗଦା

ମୁଁ କେବଳ ଅସ୍ଥି, ଅସ୍ଥି ଗଦା ଚାରି ଆଡ଼େ ଦେଖୁଥିଲି ଏବଂ ଏହି ଅସ୍ଥି କଙ୍କାଳକୁ ଜୀବନ ଦେବାର ଭାର ମୁଁ ଗ୍ରହଣ କରି ଥିଲି । ସେମାନଙ୍କ ଅସ୍ଥିରେ ମାଂସ ପେଶୀ ଦେଲି । ବାହୁରେ ଯୁଦ୍ଧ କରିବାର ଗୋଳା ବାରୁଦ ଦେଲି । କିନ୍ତୁ ଉପରୁ ଭଗବାନଙ୍କ ବ୍ୟତୀତ ମୁଁ କାହାରି ସାହାଯ୍ୟ ପାଇ ନଥିଲି ।

ମୁଁ ଓଡ଼ିଆ ଜାତିର ପ୍ରଥମ ଏମ୍. ଏ. । ମୁଁ ପ୍ରଥମ ଓଡ଼ିଆ ଓକିଲ ଓ ପ୍ରଥମ ଆଡ଼ଭୋକେଟ । ୟୁରୋପକୁ ପ୍ରଥମ ଓଡ଼ିଆ ଯାତ୍ରୀ । ପ୍ରାଦେଶିକ ଓ ଭାରତ ସରିଆଲ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଭ୍ୟ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଓ ମନ୍ତ୍ରୀତ୍ୱ ପରିତ୍ୟାଗ କରିବାରେ ପ୍ରଥମ ଭାରତୀୟ ମନ୍ତ୍ରୀ । ଭାରତର ପ୍ରଥମ ଗ୍ରାଜୁଏଟ ଏତେ କାମ କରି ନାହାନ୍ତି, ଯାହା ମୁଁ କରିଛି । ବଙ୍ଗର ପ୍ରଥମ ଗ୍ରାଜୁଏଟ ଜଣେ ପେନ୍‌ସନ ପ୍ରାପ୍ତ ଡେପୁଟି ମାଜିଷ୍ଟ୍ରେଟ ଭାବରେ ମରିଗଲେ । ଆଜି ମୋ' ଜୀବନର ଲକ୍ଷ୍ୟ ଯାହା, ଅର୍ଦ୍ଧ ଶତାବ୍ଦୀ ପୂର୍ବେ ବି ସେଇଆ ଥିଲା—ତାହା ହେଉଛି ଉତ୍କଳକୁ ପୃଥିବୀର ଆଗି ଆଗକୁ ଆଣିବା । ଯଦି ପ୍ରଥମ ଗ୍ରାଜୁଏଟ ଏତେ କରି ପାରିଲା, ତେବେ ଅନ୍ୟ ବଂଶଧର ମାନେ ଆହୁରି ଅନେକ କାମ କରି ପାରିବେ, ଯଦି ସେମାନଙ୍କ ଦାୟିତ୍ୱ ସେମାନେ ବୁଝନ୍ତି । ବ୍ୟକ୍ତିଗତ ଭାବରେ ନୁହେଁ, ଜାତିର ଜଣେ ବୋଲି ଜାଣି ସେମାନେ ସେମାନଙ୍କ ଦାୟିତ୍ୱ ଉପଲବ୍ଧି କରିବା ଉଚିତ ।

ଯେତେବେଳେ ମୃତ୍ୟୁଯୋଗରେ ସଂସାର ସହିତ ମୋ'ର ସଂପର୍କ ଛିନ୍ନ ହେବ ଏବଂ ମୋର ଆତ୍ମାକୁ ଈଶ୍ୱର ପଚାରିବେ, "ତୁ ତୋର ଜାତି ପ୍ରତି କର୍ତ୍ତବ୍ୟ କାର୍ଯ୍ୟ କିପରି କରିଛୁ", ସେତେବେଳେ ମୋର ଆତ୍ମା ଯଦି କହିପାରେ, ଯଥାସାଧ୍ୟ ମୋ' ଜାତିର ସେବା କରିବାକୁ ମୁଁ ଚେଷ୍ଟା କରିଛି, ତା'ହେଲେ ଦୀନ, ଦରିଦ୍ର ଅବସ୍ଥାରେ ଜନଶୂନ୍ୟ ସ୍ଥାନରେ ମୋର ଶଯ୍ୟା ଥିଲେ ମଧ୍ୟ ମୁଁ ନିଜକୁ ସୁଖୀ ବୋଲି ମନେ କରିବି ।

Digitized by srujanika@gmail.com

# ଉତ୍କଳଗୌରବ ମଧୁସୂଦନ



ସ୍ୱାମୀ ବିଚିତ୍ରାନନ୍ଦ ଦାସ

ଆମ ପିଲାବେଳେ ମଧୁବାବୁଙ୍କ ନାଁ ନ ଶୁଣିଥିବା ଭଲ ପିଲା କମ୍ ଥିଲେ । ସେତେବେଳେ ଗୋବିନ୍ଦ ରଥଙ୍କ ବର୍ଣ୍ଣବୋଧକ ପଢ଼ା ଯାଉଥିଲା । ସେଥିରେ ଥିଲା, 'ପାଠ ପଢ଼ିବ, ଉକିଲ ହେବ, ମଧୁବାବୁ ସଙ୍ଗେ ଲଢ଼ିବ ' ୧୯୧୬ ମସିହାରେ ମୁଁ ଏବଂ ବି. ଦାସ କଟକ ଆସିଲୁ । ସେତେବେଳେ ଆମର ବୟସ ଦଶ ବର୍ଷ । ସେ ସମୟକୁ ମଧୁବାବୁ ଜଣେ ବାରିଷ୍ଟର ଓ ସାଧାରଣସେବୀ ଭାବରେ ଓଡ଼ିଶାରେ ପ୍ରସିଦ୍ଧି ଅର୍ଜନ କରି ସାରିଛନ୍ତି । ସେ ପିଲା ବୟସର ଗୋଟିଏ କଥା ମନେ ପଡୁଛି । ତତ୍କାଳୀନ ଲାଟ ସାହେବ ସାରଜନ୍ ଉଡ଼ବର୍ଣ୍ଣ, କଟକରେ ମଧୁବାବୁଙ୍କ ଘରକୁ ଆସିବା ପାଇଁ ତାଙ୍କ ଘର ଏପରି ସଜା ହୋଇଥିଲା ଯେ, ସେ ସାଜସଜା ଦେଖିବାକୁ ବହୁ ଲୋକ ଜମା ହୋଇଥିଲେ । ଲାଟ, ବଡ଼ ଲାଟ ସମସ୍ତଙ୍କ ସହିତ ମଧୁବାବୁଙ୍କର ଭଲ ପରିଚୟ ଥିଲା । ସେମାନେ ତାଙ୍କୁ ସମ୍ମାନ କରୁଥିଲେ ଏବଂ ସେ ପରିଚୟକୁ ସେ ଓଡ଼ିଶାର ମଙ୍ଗଳ ପାଇଁ ବ୍ୟବହାର କରୁଥିଲେ ।

## ମଧୁ ଉକ୍ତି

ଥରେ ଲର୍ଡ଼ କର୍ଜନଙ୍କ ସହିତ ତାଙ୍କର ସାକ୍ଷାତ ବିଷୟରେ ସେ ଉଲ୍ଲେଖ କରି ଏହିପରି କହିଥିଲେ, "ବୋଧହୁଏ ଲର୍ଡ଼ କର୍ଜନ ଭାବିଥିଲେ ଯେ, ମୁଁ ଜଣେ ବୋକା । କିନ୍ତୁ ମୋଠାରେ ସେ ଯେଉଁ ଦେଶ ପ୍ରେମ ଓ ଜାତି ପ୍ରତି ସ୍ନେହ ଦେଖିଲେ, ସେଥିରେ ତାଙ୍କର ଧାରଣା ବଦଳି ଗଲା । ସେତେବେଳେ ମୋର ଓଡ଼ିଆ ଜାତିର ଦୁଃଖ ମୁଁ ତାଙ୍କ ଆଗରେ କହୁଥାଏ, ମୋ ଆଖିରୁ

Digitized by srujanika@gmail.com

ଧୀର ଧୀର ହୋଇ ନିଦ୍ର ବୋଧ ଯାଉଥାଏ । ମୁଁ ବଙ୍ଗ ଦେଶରେ ଏକମାତ୍ର ଓଡ଼ିଆ ଛାତ୍ର ଥିଲି ଓ ବଙ୍ଗାଳୀଙ୍କର ସବୁ ଥଟ୍ଟା, ପରିହାସର ଲକ୍ଷ୍ୟ ସ୍ଥଳ ହୋଇଗଲି । ସେମାନେ ମୋତେ 'ମଧୁ ଉଡ଼େ' ବୋଲି ଡ଼ାକୁଥିଲେ । ଲର୍ଡ଼ କର୍ଜନଙ୍କୁ ମୁଁ ଓଡ଼ିଆ ଜାତିର ଦାବୀ ଜଣାଇବାରୁ ସେ ତାଙ୍କ ମିଲିଟାରି ସେକ୍ରେଟାରିଙ୍କୁ ଡ଼ାକି କହିଲେ, 'କମିଶନର୍‌ଙ୍କୁ ଖବର ଦିଅ, ମୁଁ ଓଡ଼ିଶା ଯାଉଛି । ''ପୁରୀଠାରେ ଏଥିପାଇଁ ଏକ ଦରବାର ହେଲା । କିନ୍ତୁ ମୋ ପାଇଁ ସେଠାରେ କୌଣସି ସ୍ଥାନ ନ ଥାଏ, ଲର୍ଡ଼ କର୍ଜନ ପଚାରିଲେ, ମିଷ୍ଟର ଦାସ କୁଆଡ଼େ ଗଲେ ? ମୁଁ ତାଙ୍କୁ ଏଠି ଦେଖିବାକୁ ଚାହେଁ ।'' ଏହି ଗୋଟିକ ଘଟଣାରୁ ମଧୁବାବୁଙ୍କ ଦେଶ ପ୍ରେମ ଓ ଏ ଦେଶରେ ଥିବା ସର୍ବୋଚ୍ଚ ବ୍ରିଟିଶ କର୍ମଚାରୀଙ୍କର ତାଙ୍କ ପ୍ରତି ଥିବା ସମ୍ମାନର ପରିଚୟ ମିଳେ ।

ମଧୁବାବୁ ପ୍ରଥମେ ଆସି ବନ୍ଧୁ ଧନ ବିହାରୀବାଗରେ ଥିବା ସ୍ୱର୍ଗୀୟ ବିହାରୀଲାଲ ପଣ୍ଡିତଙ୍କ ଘରେ ରହୁଥିଲେ । ୧୯୦୧ କିମ୍ବା ୧୯୦୨ ମସିହାରେ ଉତ୍କଳ ୟଙ୍ଗ ମେନ୍‌ସ ଏସୋସିଏସନ୍ ନାମରେ ଏକ ଅନୁଷ୍ଠାନ ଗଢ଼ିଥିଲେ । ସ୍ୱର୍ଗୀୟ ରାଧାଚରଣ ଦାସ ଥିଲେ ତାର ସେକ୍ରେଟେରୀ । ମୁଁ ଏବଂ ବି. ଦାସ ତାର ସଭ୍ୟ ହୋଇଥିଲୁ । ଅନ୍ୟମାନଙ୍କ ମଧ୍ୟରୁ ଓକିଲ ବାଞ୍ଛାନିଧି ମହାପାତ୍ରଙ୍କ ଭାଇ ଭଗବାନ ମହାପାତ୍ରଙ୍କ ନାମ ମୋର ମନେ ପଡ଼ୁଛି । ସିଂହଭୂମ୍ ଠାରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ଅଞ୍ଚଳର ଛାତ୍ର ଏଠାରେ ରହି ପଢ଼ୁଥିଲେ । ମିଷ୍ଟର ଦାସ୍ ନିଜେ Figaro, Strand, Punch ପ୍ରଭୃତି ବହୁ ବିଲାତି ପତ୍ର ପତ୍ରିକା ମଗାଉଥିଲେ । ଆମେମାନେ ସେଠାକୁ ଯାଉ । ପତ୍ର ପତ୍ରିକା ପଢ଼ୁ । ଟେନିସ୍, ପିଙ୍ଗ୍‌ପଙ୍ଗ୍ ଖେଳୁ । ଛାତ୍ରଙ୍କ ମଧ୍ୟରେ ସ୍ୱଦେଶୀ ଭାବନା ଜନ୍ମାଇବା, ସେମାନଙ୍କ ସାଧାରଣ ଜ୍ଞାନ ବଢ଼ାଇବା ଓ ଶାରୀରିକ ଉନ୍ନତି କରିବା ଥିଲା ଏହି ଅନୁଷ୍ଠାନର କାର୍ଯ୍ୟ । ଏଠିକି ନିୟମିତ ମୁଁ ଯାଉଥିବାରୁ ପ୍ରଥମ ବର୍ଷ ମୁଁ ଗୋଟିଏ ସ୍ୱର୍ଣ୍ଣ ପଦକ ପାଇଥିଲି । ଦ୍ୱିତୀୟ ବର୍ଷ ଘୋଷିତ ହେଲା, ଯେ ସ୍ୱଦେଶୀ ବସ୍ତ୍ର ନିୟମିତ ବ୍ୟବହାର କରିବ, ସେ ପୁରସ୍କୃତ ହେବ । ମୁଁ ସେହିଦିନ ଠାରୁ ସ୍ୱଦେଶୀ ପିନ୍ଧିଲି । ବଙ୍ଗଳାରେ ସ୍ୱଦେଶୀ ଆନ୍ଦୋଳନ ହେବାର ଏହା ୩।୪ ବର୍ଷ ପୂର୍ବର କଥା ।

## ଉତ୍କଳ ସମ୍ମିଳନୀ

୧୯୦୩ ମସିହାରେ ଉତ୍କଳ ସମ୍ମିଳନୀର ଜନ୍ମ । ଆମେମାନେ ସେତେବେଳେ ସ୍ୱେଚ୍ଛାସେବକ ବାହିନୀରେ ଯୋଗ ଦେଇଥିଲୁ । ମୁଁ ଗୋଟିଏ ବାହିନୀର କାପ୍‌ଟେନ୍ ଥିଲି । ମୟୂରଭଞ୍ଜ ରାଜାସାହେବ ଶ୍ରୀ ରାମଚନ୍ଦ୍ର ଭଞ୍ଜ ସଭାପତି ହୋଇଥିଲେ । ଯେଉଁମାନଙ୍କ ବକ୍ତୃତା ଆମକୁ ଭଲ ଲାଗିଥିଲା, ସେମାନେ ହେଉଛନ୍ତି ମଧୁବାବୁ, ବିଶ୍ୱନାଥ କର, ନୀଳମଣି ବିଦ୍ୟାରତ୍ନ ଓ ଦୈତାରି ପ୍ରସାଦ ଦାସ ଓକିଲ । ଉତ୍କଳ ସମ୍ମିଳନୀ ହେବା ପରଠାରୁ ମଧୁବାବୁଙ୍କ ସହିତ ଆମର ସମ୍ପର୍କ ନିକଟତର ହୋଇଥିଲା । ସେ ଅତି ଚମତ୍କାର ବକ୍ତା ଓ ସଂଗଠକ ଥିଲେ । ସେତେବେଳର ସବୁ

Digitized by srujanika@gmail.com

ଓଡ଼ିଆ ଦେଶୀୟ ରାଜ୍ୟ ରାଜାମାନଙ୍କୁ ସେ ଗୋଟିଏ ସମ୍ମିଳନୀ ମଣ୍ଡପରେ ଏକଜୁଟ କରିଥିଲେ । ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବ୍ରାହ୍ମ ସମାଜର ନେତା କେଶବଚନ୍ଦ୍ର ସେନଙ୍କ କନ୍ୟାକୁ ବିବାହ କରିଥିଲେ । ସେ ବଙ୍ଗଳାରେ ବଙ୍ଗାଳୀ ବୋଲି ପରିଚିତ ହୋଇଥିଲେ । ମଧୁବାବୁ ଦିନେ ରାତି ଆଠଟାରୁ ଗୋଟାଏ ପର୍ଯ୍ୟନ୍ତ ତାଙ୍କ ସହିତ ପାଞ୍ଚଘଣ୍ଟା କଥା ଭାଷା କରି ଆମକୁ କହିଲେ, "ରାଜା, ମୁଁ ଆପଣଙ୍କୁ ଓଡ଼ିଆ କରିବାକୁ ବଦ୍ଧ ପରିକର ।' ତା'ପରେ ତାଙ୍କୁ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସଭାପତି କରି ଦିଆଗଲା ।

## ଛାତ୍ରଙ୍କ ପ୍ରତି ଶ୍ରଦ୍ଧା

ଯୁବକ ଓ ଛାତ୍ରମାନଙ୍କ ସହିତ ଆଲୋଚନା କରିବା ପାଇଁ ସେ ଖୁବ ଭଲ ପାଉଥିଲେ । ସେମାନଙ୍କ ଚର୍ଚ୍ଚା କରିବାରେ ତାଙ୍କର ଆନନ୍ଦ ଥିଲା । ସେ ଖ୍ରୀଷ୍ଟାନ ଥିଲେ । ତେଣୁ କାଳେ ନୈଷ୍ଠିକ ହିନ୍ଦୁଙ୍କର ମନରେ ଆଘାତ ଲଗିବ, ସେଥିପାଇଁ ବ୍ରାହ୍ମଣ ପୂଜାରୀଙ୍କୁ ଡାକି ରୋଷାଇ କରି ସେ କଦଳୀ ପତ୍ରରେ ଖାଇବାକୁ ଦେଉଥିଲେ ।

ସେ ସବୁବେଳେ ଆମକୁ ପରାମର୍ଶ ଦେଉଥିଲେ ଯେ "ପରାର୍ଥେ ଜୀବନ" ଅର୍ଥାତ୍ ଅନ୍ୟମାନଙ୍କ ମଙ୍ଗଳ ପାଇଁ ନିଜକୁ ନିୟୋଜିତ କରି ଜୀବନକୁ ପ୍ରକୃତରେ ଉପଭୋଗ କର । ସ୍ୱାଭିମାନ ଓ ଜାତୀୟ ଗୌରବର ଉଦ୍‌ବୋଧନ ସେ ସର୍ବଦା କରୁଥିଲେ । ତାଙ୍କ ସହିତ ଆଲୋଚନା କଲାବେଳେ ତାଙ୍କର ଏକ ଅଦ୍ଭୁତ ନିଷ୍ଠା ଓ ତନ୍ମୟ ଭାବ ଦେଖିବାକୁ ମିଳେ । ତାଙ୍କ ଆଖି ଦୁଇଟା ଏପରି ଥିଲା, ଯେପରିକି ତାହା ହୃଦୟର ଅନ୍ତରତମ ପ୍ରଦେଶକୁ ପ୍ରବେଶ କରି ଯାଉଛି । କେହି ଯଦି କଥା ପ୍ରସଙ୍ଗରେ ଗରିବ ଓଡ଼ିଆ ବା ଗରିବ ଓଡ଼ିଶା ବୋଲି କହି ଦେଉଥିଲା, ତା'ହେଲେ ରକ୍ଷା ନାହିଁ । ସଙ୍ଗେ ସଙ୍ଗେ ସେ ରାଗି ଉଠି ଗାଳି ଦେଉଥିଲେ । ସେ ସବୁବେଳେ କହୁଥିଲେ, ନିଜକୁ ଶ୍ରେଷ୍ଠ ମନେ କରି କେହି ବଡ଼ ହୁଅନ୍ତି ନାହିଁ । ଜାତୀୟ ଅଭିମାନ ଆଣିବା ପାଇଁ ଯୋଗୀମାନେ କେନ୍ଦରା ବଜାଇ ଯେଉଁ ସ୍ୱରରେ ଗୋବିନ୍ଦ-ଚନ୍ଦ୍ର ଗୀତ ବୋଲନ୍ତି, ସେହି ସ୍ୱରରେ ସେ ଜାତୀୟ ଗୀତ ଲେଖିଥିଲେ । ତାଙ୍କର—

"ମାଆ ମାଆ ବୋଲି କେତେ ମୁଁ ଖୋଜିଲି
ମାଆକୁ ପାଇଲି ନାହିଁ
ଭାଇ ଭାଇ ବୋଲି କେତେ ମୁଁ ଖୋଜିଲି
ନ ଦେଲେ ଉତ୍ତର କେହି"

ଏହା କାହା ମନରେ କ୍ରନ୍ଦନ ନ ଆଣିଛି ? ଫକୀର ମୋହନ ତାଙ୍କର ଏହି ପ୍ରାଣସ୍ପର୍ଶୀ କବିତାର ଭୂୟସୀ ପ୍ରଶଂସା କରିଥିଲେ ।

ଅନ୍ୟାୟକୁ ସ୍ପଷ୍ଟ ଭାବରେ ଅନ୍ୟାୟ ବୋଲି କହିବା ଓ ତାର ପ୍ରତିରୋଧ କରିବା ତାଙ୍କଠାରେ ଯେପରି ମୁଁ ଦେଖିଛି, ଆଉ କାହାରିଠାରେ ଦେଖି ନାହିଁ । ସେ ଅତ୍ୟନ୍ତ ନିର୍ଭୀକ ପୁରୁଷ ଥିଲେ । ତାଙ୍କର ବୁଦ୍ଧି କାମ୍ରା ଦାମ୍ଭୀରେ ପରିଣତ ହୋଇ ଯାଇଥିଲା । ସେ ରାଜାର ପରି ଉପାର୍ଜନ କରୁଥିଲେ ଓ ଦେହିଦର ମତ ଖର୍ଚ୍ଚ କରୁଥିଲେ, ଅର୍ଥ ପ୍ରତି

Digitized by srujanika@gmail.com

ତାଙ୍କର ଆଦୌ ଲୋଭ ନଥିଲା । ସେ କୌଣସି ସତ୍ କାର୍ଯ୍ୟ ପାଇଁ କେହି ତାଙ୍କୁ କିଛି ମାଗିବାକୁ ଆସିଲେ, ସେ ଅତି ଆନନ୍ଦରେ ଦାନ କରୁଥିଲେ । ଛାତ୍ରମାନଙ୍କ ଠାରୁ ଆରମ୍ଭ କରି ବଡ଼ ବଡ଼ ଅନୁଷ୍ଠାନ ପର୍ଯ୍ୟନ୍ତ କେହି ତାଙ୍କ ଦ୍ୱାରରେ ବଞ୍ଚିତ ହୋଇ ନାହାନ୍ତି ।

## ତାଙ୍କର ଉଦାରତା ଓ ନିର୍ଲୋଭତା

ଥରକର ଗୋଟିଏ ଘଟଣା ମନେ ପଡ଼ୁଛି, ସେତେବେଳେ ନୋଟର ବେଶୀ ପ୍ରଚଳନ ନ ଥାଏ । ଗୋଟିକିଆ ଟଙ୍କା (ରୂପା) ବେଶୀ ଚଳୁଥିଲା । ବହୁତ ଟଙ୍କା ପାଉଥିଲେ ତ, ମଧୁବାବୁ ତାକୁ ଲମ୍ବା ସିନ୍ଦୁକରେ ରଖି ଦିଅନ୍ତି । ସ୍ତୁପ ଉପରେ ପଡ଼ିଥାଏ । ଥରେ ପଣ୍ଡିତ ନୀଳକଣ୍ଠ ଦାସ ଓ ତାଙ୍କ ସହିତ କେତେକ କର୍ମୀ ତାଙ୍କ ପାଖକୁ ଚାନ୍ଦା ମାଗିବା ପାଇଁ ଯାଇଥାନ୍ତି । ତାଙ୍କୁ ସେ ସିନ୍ଦୁକ ଆଡ଼କୁ ହାତ ଦେଖାଇ ଦେଇ କହିଲେ, ଯାଅ, ସେ ସିନ୍ଦୁକରୁ ଟଙ୍କା ନେଇଯାଅ । ତାଙ୍କର ପାଳିତ କନ୍ୟା ଶ୍ରୀମତୀ ଶୈଳବାଳା ଦାସ ଦେଖିବା ପାଇଁ ତାଙ୍କ ପଛେ ପଛେ ଯିବାରୁ ମଧୁବାବୁ ପାଟି କରି ଉଠିଲେ । କହିଲେ, "ତୁ କାହିଁକି ପଛରେ ଯାଉଛୁ ? ଆଉ ଥରେ ସେପରି ଯିବୁ, ମୋର ବେତକୁ ଚିହ୍ନିଥା ।" ବନ୍ଧୁମାନଙ୍କ ପ୍ରତି ତାଙ୍କର ପ୍ରଗାଢ଼ ସ୍ନେହ, ଶ୍ରଦ୍ଧା ଓ ଉଦାରତା ଥିଲା । ସେ କାହାରି ବଦ୍‌ଗୁଣ ଦେଖିଲେ ପ୍ରକାଶ କରୁ ନଥିଲେ ଓ ଭଲ ଗୁଣର ପ୍ରଶଂସା କରୁଥିଲେ । ମୋ' ପ୍ରତି ତାଙ୍କର ସ୍ନେହ ଓ ଉଦାରତା ମୁଁ ଭୁଲି ପାରିବି ନାହିଁ । କେତେବେଳେ କୌଣସି ବିଷୟରେ ଆଲୋଚନା ହେଲେ ଯଦି ତାଙ୍କୁ କଡ଼ା ଉତ୍ତର ଦିଆ ହୁଏ, ସେ ସେଥିରେ କ୍ଷୁବ୍ଧ ନ ହୋଇ ପସନ୍ଦ କରୁଥିଲେ । ଯଦି କୌଣସି କଥାରେ କେବେ ସେ ମୋତେ ଗାଳି ଦିଅନ୍ତି, ତା' ଆରଦିନ ଆମଘରକୁ ଆସି ବୁଝାଉଥିଲେ, 'ଯାହାକୁ ସେ ବେଶୀ ଭଲ ପାଆନ୍ତି, ତାରି ଉପରେ ରାଗନ୍ତି । ବିବାହର ଅଳ୍ପକାଳପରେ ମୋ' ସ୍ତ୍ରୀ ମରିଗଲେ ।' ସେ ଦିନ ପିତାମାତାଙ୍କ ପରି ସେ ମୋତେ କୋଳକୁ ନେଇ ଯେପରି ବୁଝାଇଛନ୍ତି, ସେ ସ୍ମୃତି ଏପର୍ଯ୍ୟନ୍ତ ଜୀବନ୍ତ ହୋଇ ରହିଛି ।

ଓକିଲ ହିସାବରେ ସେ ଅଦ୍ୱିତୀୟ ଥିଲେ । ବହୁତ ପ୍ରଧାନ ମକଦ୍ଦମା ମଧ୍ୟରୁ ସେ ଯୋଡ଼ିଏ ମକଦ୍ଦମା କଥା ସବୁବେଳେ କହନ୍ତି । ଗୋଟିଏ ହେଉଛି, ଜଗନ୍ନାଥ ମନ୍ଦିର ମକଦ୍ଦମା ଓ ଅନ୍ୟଟି ସୂର୍ଯ୍ୟମଣି ପୋଷ୍ୟ ପୁତ୍ର ମକଦ୍ଦମା । ପ୍ରଥମୋକ୍ତ ମକଦ୍ଦମାରେ ସେ ଯେଉଁ ବ୍ରିଫ୍ ଲେଖି ଦେଇଥିଲେ, ତାହା ଦେଖି ବିଖ୍ୟାତ ଇଂରେଜ ବାରିଷ୍ଟର ଉଡ୍‌ରଫ୍ ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ ।

ମଧୁବାବୁ ଖ୍ରୀଷ୍ଟିୟାନ ଥିଲେ ମଧ୍ୟ ହିନ୍ଦୁ ଜାତି ଓ ଜଗନ୍ନାଥ ମନ୍ଦିର ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ସମ୍ମାନ ଥିଲା । ସ୍ୱୟଂ ମନ୍ଦିର ମକଦ୍ଦମା ତାଙ୍କୁ ହିନ୍ଦୁମାନଙ୍କର ପ୍ରଶଂସା ଭାଜନ କରିଥିଲା ।

Digitized by srujanika@gmail.com

## ସ୍ୱଦେଶୀ

ଗାନ୍ଧୀଜୀ ଆସିବା ପୂର୍ବରୁ ଓଡ଼ିଶାବାସୀଙ୍କୁ ସ୍ୱଦେଶୀର କଥା ଯଦି ତାଙ୍କୁ କେହି ଶିକ୍ଷା ଦେଇଥିଲା, ତାହେଲେ ସେ ମଧୁବାବୁ । ସନ୍ଧ୍ୟାବେଳେ ଆମ୍ଭେମାନେ ତାଙ୍କ ଘରେ ଏକାଠି ହେଉ । ସେ କଥା କଥାକେ ଅରଟରେ ସୂତା କାଟ, କପା ଚାଷ କର, ନିଜର ସ୍ୱଚ୍ଛ ବସ୍ତ୍ର ଶିଳ୍ପର ବିସ୍ତାର ପାଇଁ ଜଏଣ୍ଟ ଷ୍ଟକ୍ କମ୍ପାନୀ ମାନ ଗଢ଼ିବା ନିମନ୍ତେ ପରାମର୍ଶ ଦେଉଥିଲେ । ଓଡ଼ିଶାର ବିରାଟ ପ୍ରାକୃତିକ ସମ୍ପଦର କିପରି ଶୀଘ୍ର ବିନିଯୋଗ ହୋଇ ପାରିବ, କୃଷିର ଦ୍ରୁତ ଉନ୍ନତି ହେବ ସେଥିପାଇଁ ସେ ଭାରି ବ୍ୟାକୁଳ ଥିଲେ । ଉତ୍କଳ ସମ୍ମିଳନୀର ଶାଖା ରୂପେ ଗ୍ରାମେ ଗ୍ରାମେ ପ୍ରଜା ପ୍ରତିନିଧି ସଙ୍ଘ ଗଢ଼ିବା କଥା ସେ କହୁଥିଲେ । ଓଡ଼ିଶାରେ ଶିଳ୍ପର ଉଚ୍ଚ ମାନଦଣ୍ଡ ରକ୍ଷା କରିବା ପାଇଁ ସେ ଉତ୍କଳ ଟ୍ୟାନେରି ପ୍ରତିଷ୍ଠା କରି ଉତ୍କୃଷ୍ଟ ଯୋତା ଉତ୍ପାଦନ କରୁଥିଲେ । ଯଦି କୌଣସି ଜୋତା ମନୋନୀତ ହେଉ ନଥିଲା, ତାହେଲେ ସେ ତାକୁ ପୋଡ଼ି ଦେଉଥିଲେ ।

ରାଜନୈତିକ କ୍ଷେତ୍ରରେ ମଧୁବାବୁ ତାଙ୍କର ସମସାମୟିକ ନେତାମାନଙ୍କ ମଧ୍ୟରେ ଦେଶ ପ୍ରେମରେ କାହାରି ଠାରୁ ଊଣା ନ ଥିଲେ । ଜାତୀୟ କଂଗ୍ରେସର ପ୍ରଥମ ଅବସ୍ଥାରୁ ବହୁତ କାଳ ଧରି ସେ ସଭ୍ୟ ଥିଲେ ଓ କଂଗ୍ରେସ ସେସନ ମାନଙ୍କରେ ବହୁବାର ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ । ୧୯୧୧-୧୨ ମସିହାରେ କଂଗ୍ରେସ ଅଧିବେଶନରେ ଭାଷା ସୂତ୍ରରେ ପ୍ରଦେଶ ପୁନର୍ଗଠନ ସମ୍ପର୍କୀୟ ପ୍ରସ୍ତାବ ସେ ଆଗତ କରିଥିଲେ । ପରେ ତାହା ଦାସ ପ୍ରସ୍ତାବ ନାମରେ ଅଭିହିତ ହୋଇଥିଲା । । ୧୯୨୧ ମସିହାରେ କଂଗ୍ରେସ ଅସହଯୋଗ ନୀତିକୁ ଗ୍ରହଣ କରିବା ପରଠାରୁ ସେ କଂଗ୍ରେସ ଠାରୁ ଅଲଗା ହୋଇଯାଇଥିଲେ ।

ମଧୁବାବୁ ହେଉଛନ୍ତି ନବୀନ ଉତ୍କଳର ପ୍ରାଣ ପ୍ରତିଷ୍ଠାତା । ଆଜି ଓଡ଼ିଶାରେ ଆମେ ଯାହା କିଛି ଯେଉଁ ଗର୍ବ କରୁଛୁ, ତାହା ପଛରେ ତାଙ୍କର ପ୍ରେରଣା ନିହିତ । ମୋର ସୌଭାଗ୍ୟ ମୁଁ ତାଙ୍କର ପାଦତଳେ ବସି ନିଜର କ୍ଷୁଦ୍ର ଜୀବନକୁ ଗଢ଼ିବାର ସୁଯୋଗ ପାଇଥିଲି ।

> କୌଣସି ବସ୍ତୁ ଭୁଲ ସ୍ଥାନରେ ରହିଲେ, ତା'ର ନାମ ମଇଳା ।
> ସାର୍ଟରେ ଯଦି କାଳି ଲାଗିଗଲା, ତାହା ହେଉଛି ମଇଳା ।
> କିନ୍ତୁ ସେ କାଳିରେ ଯଦି ବହି ଛପା ହେଲା, ତା ହେଲେ ତା ମଇଳା ନୁହେଁ ।
>
> —ମିଷ୍ଟର ଦାସ

Digitized by srujanika@gmail.com

# ବାରବାଟୀ ଲଟେରୀ

ଗୋଟିଏ ଭଲରୁ ସହସ୍ର ଭଲ !!

ସତ୍ ତଥା ମହତ୍ ଉଦ୍ଦେଶ୍ୟ ରଖି ସଂସାରରେ ଯେତେ କାର୍ଯ୍ୟ ହୋଇଛି ସେଥିରୁ ଆହୁରି ଅସଂଖ୍ୟ ଭଲ ଫଳ ମିଳିଛି ।

## ବାରବାଟୀ ରାଫଲ କ୍ଷେତ୍ରରେ ମଧ୍ୟ ତାହାହିଁ ପ୍ରମାଣିତ ହୋଇଗଲା

ନବ ଉତ୍କଳର ଗୋଟିଏ ଅକ୍ଷୟ କୀର୍ତ୍ତି ପାଇଁ ଦେଶର ଘରୁଆଡ଼ୁ କେବଳ ଗୋଟିଏ ଲେଖା ଟଂକା ସଂଗ୍ରହ କରିବାର କଳ୍ପନା ସଫଳ ହେଲା ।

ଆଜି ଦେଖା ଯାଉଛି ........

ବାରବାଟୀ ଷ୍ଟେଡ଼ିୟମ ତିଆରି କାର୍ଯ୍ୟ ଚାଲିଛି, ତା ସଙ୍ଗେ ସଙ୍ଗେ ଯେଉଁ ପାଣ୍ଠିକୁ —

| | |
|---|---|
| ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ | — ୧,୮୨,୭୮୫-୦୦ |
| ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ | — ଟ ୫୦,୦୦୦-୦୦ |
| ନେହେରୁ ସ୍ମୃତିରକ୍ଷା ପାଣ୍ଠିକୁ | — ଟ ୨୨,୫୦୦-୦୦ |
| ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳପାଇଁ | — ଟ ୪୦,୦୦୦-୦୦ |
| ବିହାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | — ଟ ୨୦,୦୦୦-୦୦ |

ଓ ଅନ୍ୟାନ୍ୟ ଅନେକ ପାଣ୍ଠିକୁ ମଧ୍ୟ ପ୍ରାୟ ଏକଲକ୍ଷ (ଟ୧,୦୦,୦୦୦) ଟଙ୍କା ଯାଇଛି—

ଆପଣ ଆମକୁ ଟଙ୍କାଏ ଟଙ୍କାଏ ସାହାଯ୍ୟ ଦେଇ ଅନ୍ୟମାନଙ୍କୁ ସାହାଯ୍ୟ ଦେବାପାଇଁ ପଥ ପରିଷ୍କାର କରି ଦିଅନ୍ତୁ ବୋଲି ବିନୀତ ଅନୁରୋଧ ।

ପ୍ରଥମ ପୁରସ୍କାର ଟ ୧,୦୦୦,୦୦ (ଏକ ଲକ୍ଷ ଟଙ୍କା)

ଏଥର ଉଠାଣ ତା ୨୧-୪-୭୮

ବିଶେଷ ବିବରଣୀ ପାଇଁ ଲେଖନ୍ତୁ— ଅବୈତନିକ ସମ୍ପାଦକ

**ବାରବାଟୀ ରାଫଲ କମିଟୀ**

କଟକ-୫

# ମଧୁବାବୁଙ୍କ ମୌଳିକତା



ରାଧାନାଥ ରଥ

ସମ୍ପାଦକ, ସମାଜ

ଆଧୁନିକ ଉତ୍କଳର ଇତିହାସ ପ୍ରକାରାନ୍ତରେ ଉତ୍କଳ-ଗୌରବ ମଧୁସୂଦନଙ୍କ ଜୀବନର ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ମଧୁବାବୁ କଲିକତାରୁ ଏମ. ଏ., ବି. ଏଲ. ପାଶ କରି ୧୮୮୮ ରେ କଟକକୁ ଆସିଲେ । ସେ କଲିକତା ଯିବା ପୂର୍ବରୁ ୧୮୬୫ ରେ କଲିକତା ବିଶ୍ୱବିଦ୍ୟାଳୟର ଏଣ୍ଟ୍ରେନ୍ସ ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । କଲିକତାରେ ପଢ଼ିଲାବେଳେ କଲିକତାର ଭବାନୀପୁରରେ ଥିବା ଏଲ. ଏମ. ଏସ୍ କଲେଜରେ ସେ ପଢ଼ୁଥିଲେ । ତାଙ୍କ ସାଙ୍ଗରେ ମେଦିନୀପୁର ଜିଲାର ଶ୍ରୀ ଅମ୍ବିକା ଚରଣ ହାଜରା ଏକା ଶ୍ରେଣୀରେ ପଢ଼ୁଥିଲେ । ଉଭୟେ ଏକା ଛାତ୍ରାବାସର ଏକା ବଖରାରେ ରହୁଥିଲେ । ତାଫଳରେ ଉଭୟେ ପରସ୍ପରର ଘନିଷ୍ଠ ବନ୍ଧୁ ହୋଇଗଲେ । ଏପରି ଘଟଣା ଘଟିଲା ଯେ, ଏକା ଦିନକେ ଉଭୟେ ଖ୍ରୀଷ୍ଟ ଧର୍ମ ଗ୍ରହଣ କଲେ ଏବଂ ଏକା ଚର୍ଚ୍ଚରେ ଏକାବେଳକେ ଦୁହେଁ ଦୀକ୍ଷିତ ହୋଇଥିଲେ । ମଧୁବାବୁ ତାପରେ କଲିକତାର ଜଣେ ବଙ୍ଗ ମହିଳାଙ୍କୁ ବିବାହ କଲେ । ଅଳ୍ପକାଳ ପରେ ତାଙ୍କ ପତ୍ନୀଙ୍କର ପରଲୋକ ହୋଇ ଯାଇଥିଲା । ତାପରେ ମଧୁବାବୁ କଲିକତା ଛାଡ଼ି କଟକ ବାହାରି ଆସିଲେ ।

କଲିକତାରେ ଥିବାବେଳେ ମଧୁବାବୁ ସାର୍ ଆଶୁତୋଷ ମୁଖର୍ଜୀଙ୍କର ଗୃହ ଶିକ୍ଷକ ରୂପେ ତାଙ୍କୁ ପଢ଼ାଉଥିଲେ । ସେତେବେଳେ ତାଙ୍କ ସାଥୀ ଶ୍ରୀ ଅମ୍ବିକା ଚରଣ ହାଜରା ଭାରତ ସରକାରଙ୍କର ଜଣେ ଅଫିସର ରୂପେ କଲିକତାରେ ରହି କାର୍ଯ୍ୟ କରୁଥିଲେ । ସେହି ସମୟରେ ଅମ୍ବିକା ବାବୁଙ୍କ ପିଲାମାନେ ଆସି ମଧୁବାବୁଙ୍କ ବାସ ଭବନରେ ରହୁଥିଲେ । ମଧୁବାବୁଙ୍କ ବାସ ଭବନରେ ଶ୍ରୀମତୀ ଶୈଳବାଳା ଦାସଙ୍କର ଜନ୍ମ । ମଧୁବାବୁଙ୍କ ଧର୍ମ ପତ୍ନୀ ତାଙ୍କୁ ନିଜର କନ୍ୟା ରୂପେ ପାଳିବାରୁ ମଧୁବାବୁ ତାଙ୍କୁ ନିଜର ପାଳିତା କନ୍ୟା ରୂପେ ଗ୍ରହଣ କରିଥିଲେ । ଶ୍ରୀ ହାଜରା-

Digitized by srujanika@gmail.com

ଙ୍କର ଧର୍ମପତ୍ନୀ ଶ୍ରୀମତୀ ପ୍ରସନ୍ନମୟୀଙ୍କର ପରଲୋକ ହୋଇଗଲା । ଅମ୍ବିକାବାବୁ ତାଙ୍କର ପିଲାମାନଙ୍କୁ ଧରି ସିମଲା ଚାଲିଗଲେ। ୧୮୮୮ ରେ ସିମଲାରୁ ସେ ପୁଣି କଲିକତାକୁ ଫେରି ଆସିଲା ପରେ ମଧୁବାବୁଙ୍କ ସହିତ ତାଙ୍କର ପୁଣି ଦେଖା ହୋଇଥିଲା । ଶ୍ରୀଯୁକ୍ତ ହାଜରା ତାଙ୍କର ପତ୍ନୀ ବିୟୋଗ ପରେ ଦ୍ୱିତୀୟ ଥର ବିବାହ କଲେ ଏବଂ ଅନ୍ୟତ୍ର ବଦଳି ହେଲେ । ସେତେବେଳେ ତାଙ୍କର ପ୍ରଥମ ପତ୍ନୀଙ୍କର ପିଲାମାନେ ମଧୁବାବୁଙ୍କ ଆଶ୍ରୟରେ ରହି ତାଙ୍କ ସହିତ ୧୮୯୨ ରେ କଟକ ବାହାର ଆସିଲେ । ତେଣୁ ଶ୍ରୀମତୀ ଶୈଳବାଳା, ଶ୍ରୀମତୀ ସୁଧାଂଶୁବାଳା ଓ ଶ୍ରୀଚନ୍ଦ୍ର ଶେଖର ହାଜରା ମଧୁବାବୁଙ୍କ ଆଶ୍ରୟରେ ରହି ଲାଳିତ ପାଳିତ ହୋଇ ଥିଲେ ।

## ଦେଶମିଶ୍ରଣ ପରିକଳ୍ପନା

ମଧୁବାବୁ ଓଡ଼ିଶାକୁ ଆସିଲା ପରେ ଓଡ଼ିଆ ଜାତିର ସେବାରେ ନିଜକୁ ନିୟୋଜିତ କଲେ । ସେ କଟକରେ ଓକିଲାତି ଆରମ୍ଭ କରିବାର ଅଳ୍ପଦିନ ଭିତରେ ତାଙ୍କର ଖ୍ୟାତି ଚାରିଆଡ଼େ ବ୍ୟାପିଲା । ସେ ଓଡ଼ିଆ ଜାତିର ସେବାରେ ନିଜକୁ ଉତ୍ସର୍ଗ କଲେ । ବିଚ୍ଛିନ୍ନ ଓଡ଼ିଆ ଭାଷୀ ଅଞ୍ଚଳ ସବୁ କିପରି ଏକାଠି ହେବ, ଓଡ଼ିଆ ଲୋକେ କିପରି ଶିକ୍ଷା ପାଇବେ, ଓଡ଼ିଶାରେ କିପରି ଶିଳ୍ପ ବିକାଶ ହେବ, ସେଥିପାଇଁ ସେ ନାନା ଯୋଜନା କରି ବସିଲେ । କଟକ ବଣିଆ ମାନଙ୍କର ତାରକସି କାମ, କଟକ କାଗଜିଙ୍କର ଶିଙ୍ଗ କାମ, ଓଡ଼ିଶା ତନ୍ତୀ ମାନଙ୍କର ଲୁଗାବୁଣା ଓ ପାଟ ଟସର ବୁଣା କାମ, ଓଡ଼ିଶା ମୋଚି ମାନଙ୍କର ଯୋତା କାମ, ଓଡ଼ିଶା ଚିତ୍ରକାର ଓ ପଥରିଆ ମାନଙ୍କର ଚିତ୍ର ଓ କାରୁକାର୍ଯ୍ୟ ପୂର୍ଣ୍ଣ ପଥର କାମ—ଏସବୁର ସୁରକ୍ଷା ଓ ବିକାଶ ଦିଗରେ ସେ ମନ ପ୍ରାଣ ଢାଳି ଦେଲେ । ତା ସଙ୍ଗେ ସଙ୍ଗେ ଓଡ଼ିଶା ଲୋକଙ୍କର ଶିକ୍ଷା ଓ ନାରୀଶିକ୍ଷା ପ୍ରତି ସେ ସବୁ ପ୍ରଥମେ ଦୃଷ୍ଟି ଦେଲେ । ଓଡ଼ିଶା ଗଡ଼ଜାତ ସମେତ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା ଲଗାସ୍ଥିତ ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳରେ ଓଡ଼ିଆ ଭାଷା ରକ୍ଷା ଓ ଦେଶ ମିଶ୍ରଣର ବିରାଟ ପରିକଳ୍ପନା କଲେ । ଉତ୍କଳ ସମ୍ମିଳନୀ ପ୍ରଥମେ ତାଙ୍କର ପରିକଳ୍ପନା ।

୧୯୦୩ ଡିସେମ୍ବର ମାସ ୩୦ ତାରିଖରେ ଗଞ୍ଜାମ ଜିଲ୍ଲାର ରମ୍ଭାଠାରେ ଉତ୍କଳ ସମ୍ମିଳନୀର ଅଧିବେଶନ ଆରମ୍ଭ ହେଲା । ସେତେବେଳକୁ ମଧୁବାବୁ ତାଙ୍କ ବିଲାତ ଭ୍ରମଣରୁ ଫେରି ଆସିଥାନ୍ତି । ଉକ୍ତ ସମ୍ମିଳନୀରେ କଟକରେ ପ୍ରତିଷ୍ଠିତ ଉତ୍କଳ ସାହିତ୍ୟ ସମାଜ ସହିତ ସମ୍ପର୍କ ପ୍ରତିଷ୍ଠା କରି ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଗଠନ ମୂଳକ କାର୍ଯ୍ୟ କରିବା ସକାଶେ ଏହି ସମ୍ମିଳନୀରେ ଗୋଟିଏ ସମିତି ଗଢ଼ାଗଲା । ସେ ପ୍ରସ୍ତାବ କବିବର ରାଧାନାଥ ରାୟ ଆଗତ କରିଥିଲେ ଏବଂ ମୟୂର ଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ସଭାପତି ହୋଇଥିଲେ ।

## ଓଡ଼ିଆ ସାହିତ୍ୟର ବିକାଶ

ଉକ୍ତ ସମ୍ମିଳନୀର ଲିପିବଦ୍ଧ ବିବରଣୀରେ ନିମ୍ନଲିଖିତ ପ୍ରକାରେ ଉଲ୍ଲିଖିତ ଅଛି:—

Digitized by srujanika@gmail.com

"ଏହା ଉତ୍ତାରୁ ସମ୍ମିଳନୀରେ ଅନେକ ପ୍ରସ୍ତାବ ଅନୁମୋଦନ, ସମର୍ଥନ ଓ ଗ୍ରହଣ ଉତ୍ତାରୁ ଦ୍ୱାଦଶ ନିର୍ଦ୍ଧାରଣରେ ରାଧାନାଥ ପ୍ରସ୍ତାବକ ହୋଇ ଦଣ୍ଡାୟମାନ ହେଲେ । ନିର୍ଦ୍ଧାରଣ ଏହି :—" ଓଡ଼ିଆ ଭାଷାର ଏବଂ ସାହିତ୍ୟର ଉନ୍ନତି ସାଧନାର୍ଥ ସମ୍ମିଳିତ ଓ ସୁଶୃଙ୍ଖଳିତ ଚେଷ୍ଟାର ଆବଶ୍ୟକତା ଏହି ସମ୍ମିଳନୀ ଉପଲବ୍ଧି କରୁ ଅଛନ୍ତି । ସେହି ଉଦ୍ଦେଶ୍ୟ ସାଧନାର୍ଥ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠନ ହେଉ । ଉକ୍ତ ସ୍ଥାୟୀ ସମିତି କଟକର ଉତ୍କଳ ସାହିତ୍ୟ-ସମାଜ' ସଙ୍ଗେ ଯୁକ୍ତ ହୋଇ ଉଦ୍ଦେଶ୍ୟ ସାଧନ ନିମନ୍ତେ ବିହିତ ଉପାୟର ବିଧାନ କରନ୍ତୁ । ଉତ୍କଳ ଭାଷାର ଇତିହାସ ସଂକଳନ ଓ ପ୍ରାଚୀନ ଉତ୍କଳୀୟ ଗ୍ରନ୍ଥ ସଂଗ୍ରହ ଏବଂ ପ୍ରକାଶ କରିବା ନିମନ୍ତେ ସମ୍ମିଳନୀ ପକ୍ଷରୁ ଉତ୍କଳ ସାହିତ୍ୟ-ସମାଜକୁ ସାହାଯ୍ୟ ଦିଆଯିବାର ନିର୍ଦ୍ଧାରିତ ହେଉ ।

ବ୍ୟକ୍ତି ବର୍ଗଙ୍କ ନାମ—ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ, ମୟୂରଭଞ୍ଜ, ରାଜା କିଶୋର ଚନ୍ଦ୍ର ହରିଚନ୍ଦନ ବୀରବର ହରିଚନ୍ଦନ, ତାଳଚେର, ରାଜା ବୈକୁଣ୍ଠ ନାଥ ଦେ ବାହାଦୁର, ବାଲେଶ୍ୱର, ବାବୁ ମଧୁସୂଦନ ରାଓ, ବାବୁ ଫକୀର ମୋହନ ସେନାପତି, ବାବୁ ରାମ ଶଙ୍କର ରାୟ, ବାବୁ ବିଶ୍ୱନାଥ କର, ବାବୁ ନୀଳମଣି ବିଦ୍ୟାରତ୍ନ, ବାବୁ ଗୋପାଳ ବଲ୍ଲଭ ଦାସ, ବାବୁ ଦାମୋଦର ପଟ୍ଟନାୟକ, ବାବୁ ବ୍ରଜ ସୁନ୍ଦର ଦାସ, ବାବୁ କାମପାଳ ମିଶ୍ର, ବାବୁ ନୀଳମଣି ବୃନ୍ଦ ଦେ, ବାବୁ ନନ୍ଦ କିଶୋର ବଳ, ବାବୁ ଅଭିରାମ ଭଞ୍ଜ ।"

ରାଧାନାଥ ଦଣ୍ଡାୟମାନ ହୋଇ କହିଲେ—

"ମାନନୀୟ ସଭାପତି ଏବଂ ସଭ୍ୟବୃନ୍ଦ,

କେବଳ ସମ୍ମିଳନୀର ଆଦେଶ ପ୍ରତିପାଳନ ସକାଶେ ମୁଁ ଦଣ୍ଡାୟମାନ । ମୁଁ ଜାଣେ, ଏ ପ୍ରସ୍ତାବର ଗୁରୁତ୍ୱାନୁରୂପ ମୋହର ସ୍ୱର କିମ୍ବା ଶକ୍ତି ନାହିଁ । ମୋହର ଏ ସମ୍ବନ୍ଧରେ ତ୍ରୁଟି ପରବର୍ତ୍ତୀ ବକ୍ତାମାନେ ପୂରଣ କରିବେ । ସଂକ୍ଷେପରେ ମୁଁ କେବଳ ଏତିକି କହିବି ଯେ, ଜାତୀୟ ଜୀବନରେ ସାହିତ୍ୟର ମୂଲ୍ୟ କିପରି ଉଚ୍ଚ, ତାହା ଆପଣମାନେ ସୁବିଦିତ ଅଛନ୍ତି । କଳ୍ପନାରେ ଭାରତରୁ ମହାଭାରତକୁ ବାହାର କରି ନିଅନ୍ତୁ, ଭାରତ କେମନ୍ତେ ବିକଳାଙ୍ଗ ହୋଇଯିବ । ଉପେନ୍ଦ୍ର ଭଞ୍ଜ ଆମ୍ଭମାନଙ୍କ ଭଳି ଜଣେ ସାମାନ୍ୟ ମନୁଷ୍ୟ ଥିଲେ ; ମାତ୍ର କଳ୍ପନାର ଉତ୍କଳରୁ ତାହାଙ୍କୁ ବାହାର କରି ଦିଅନ୍ତୁ, ଉତ୍କଳ କେମନ୍ତେ ବିକଳାଙ୍ଗ ହୋଇଯିବ । ଏପରି ଗୁରୁତର ବିଷୟରେ ମୁଁ ଆପଣମାନଙ୍କର ମୂଲ୍ୟବାନ ସମୟର ଅପଚୟ ନକରି ପରବର୍ତ୍ତୀ ବକ୍ତାଙ୍କୁ ତାହାଙ୍କର ବକ୍ତବ୍ୟ ବ୍ୟକ୍ତ କରିବାର ଅବସର ଦେବି ।"

ଓଡ଼ିଆ ଭାଷା, ସାହିତ୍ୟର ବିକାଶ ଓ ସୁରକ୍ଷା ପାଇଁ ଆନ୍ଦୋଳନ କରିବା ସଙ୍ଗେ ସଙ୍ଗେ ମଧୁବାବୁ ଉତ୍କଳର ଶିଳ୍ପ ସୁରକ୍ଷା ପାଇଁ ଏକୁଟିଆ ଲାଗି ପଡ଼ି ଥିଲେ । ୧୮୯୬ରୁ ସେ କଟକର ତାରକସି କାମ, ଶିଙ୍ଗ କାମ ଓଡ଼ିଶାର ତନ୍ତ ଶିଳ୍ପର ବିକାଶ ପାଇଁ ସେଉଁ ଯୋଜନା କଲେ ଓ ସଂଗଠନ ଆରମ୍ଭ କଲେ

Digitized by srujanika@gmail.com

ସେଥିରେ ଓଡ଼ିଶାର ଜାତୀୟ ଜୀବନରେ ଗୋଟିଏ ନୂଆ ଜାଗରଣ ଦେଖାଦେଲା । ମ୍ରିୟମାଣ ଓଡ଼ିଆ ଜାତିର ପ୍ରାଣରେ ସେ ଆଶା, ଆକାଙ୍କ୍ଷା ଓ ଉଦ୍ଦୀପନା ସୃଷ୍ଟି କଲେ । କାରିଗର ମାନେ ମଧୁବାବୁଙ୍କ ପ୍ରେରଣାରେ ଏପରି ଉତ୍ସାହିତ ହେଲେ ଯେ, ଅଳ୍ପକାଳ ମଧ୍ୟରେ ତାରକସି, ଶିଙ୍ଗ କାମ ଓ ଚର୍ମ କାମର ଅଦ୍ଭୁତ ପ୍ରସାର ଘଟିଲା । ଓଡ଼ିଶାର ଶିଳ୍ପ ସାମଗ୍ରୀକୁ ସେ କଲିକତା ନେଇ ପ୍ରଶଂସିତ କରାଇଥିଲେ । ସେ ସବୁ ଜିନିଷ ଏପରି ବିକ୍ରି ହେଲା ଯେ, କାରିଗର ମାନଙ୍କ ଭିତରେ ଏକ ନୂଆ ଜୀବନର ସଞ୍ଚାର ଦେଖାଗଲା । ସେତେବେଳେ ଚର୍ମୀମାନେ ଏକପ୍ରକାର ଜୋତା ତିଆରି କଲେ, ଯାହାକି, "ମଧୁବାବୁଙ୍କ ଜୋତା" ବୋଲି ପରିଚିତ ହେଲା । ମଧୁବାବୁ ଏତିକରେ ସନ୍ତୁଷ୍ଟ ନ ହୋଇ ଏସବୁ କୁଟୀର ଶିଳ୍ପର ବିକାଶପାଇଁ ଏକ ମୌଳିକ ଯୋଜନା ପ୍ରସ୍ତୁତ କରାଇ ଏ ଦିଗରେ ଇଂରେଜ ସରକାରଙ୍କ ସାହାଯ୍ୟ ଓ ସମର୍ଥନ ପାଇବା ଉଦ୍ଦେଶ୍ୟରେ ୧୮୯୭ ରେ ବିଲାତ ଯାତ୍ରା କଲେ । ସେତେବେଳେ ତାଙ୍କ ସାଙ୍ଗରେ କଟକର ରୂପାର ତାରକସି କାମ, ଶିଙ୍ଗ କାମ, ରୂପାତାର, ମୌଳିକ ଶିଙ୍ଗ, ଖଦିସାଣପଥର ଓ ଏସବୁ ଜିନିଷ ତିଆରି କରିବାରେ କାରିଗରମାନେ ଯେଉଁ ସବୁ ଯନ୍ତ୍ରପାତି ଓ ଉପକରଣ ବ୍ୟବହାର କରୁଥିଲେ ସେଗୁଡ଼ିକୁ ସେ ସଙ୍ଗରେ ଧରି ବିଲାତ ଯାଇଥିଲେ ।

ବିଶେଷ ଉଲ୍ଲେଖଯୋଗ୍ୟ ଯେ ଲଣ୍ଡନ ସହରରେ ପହଞ୍ଚିବା ପରେ ବିଲାତର ଇଷ୍ଟଇଣ୍ଡିଆ ଅସୋସିଏସନ ଲଣ୍ଡନ ଟାଉନହଲରେ ଏକ ସ୍ଵତନ୍ତ୍ର ସଭା ଡକାଇ "ପ୍ରଥମ ଭାରତୀୟ ଓଡ଼ିଆ ଖ୍ରୀଷ୍ଟିଆନ ମିଷ୍ଟର ମଧୁସୂଦନ ଦାସ C. I. E.ଙ୍କ" ଉକ୍ତ ସଭାରେ ଇଂରେଜ ଶାସିତ ଭାରତରେ ଶିଳ୍ପ ବିକାଶ ବିଷୟରେ ବକ୍ତୃତା ଦେବାପାଇଁ ଅନୁରୋଧ କରିଥିଲେ । ସେ ସଭାରେ ସାର୍ ଜର୍ଜ ବାର୍ଡ଼ଉଡ୍ ସଭାପତି ହୋଇଥିଲେ । ସାର୍ ଲେପେଲ ଗ୍ରିଫିନ୍, ଡକ୍ଟର ପୋଲେନ୍, ମିଷ୍ଟର କୋଡ୍ରିଙ୍ଗ୍ ମ ଓ ମିଷ୍ଟର ଏନ. ବ୍ୟା ଓ୍ୟାଜଲେ ଆଲୋଚନାରେ ଭାଗ ନେଇଥିଲେ । ମଧୁବାବୁ ଭାରତର ଜାତିପ୍ରଥା କିପରି ବିଦ୍ଧ ଯୁଗରୁ ପ୍ରଚଳିତ ଓ ଏହାର ବୃତ୍ତି ବା ଧନ୍ଦା ଶିଳ୍ପ ସମ୍ବନ୍ଧୀୟ ଉପରେ ପ୍ରତିଷ୍ଠିତ, ଏଥିରେ କିପରି ସାଂପ୍ରଦାୟିକତା ନାହିଁ, ଭାରତୀୟ ଓ ଓଡ଼ିଆ କାରିଗରମାନେ ପୁରୁଷାନୁକ୍ରମେ ଓ ପାରମ୍ପରିକ ଭାବରେ ତାଲିମ ନେଇଥିଲେ, ଛୋଟ ଛୋଟ ପିଲା ଏହିପରି ଭାବରେ ଚମତ୍କାର କାରିଗରୀ କରି ପାରୁଛନ୍ତି, ସେ ବିଷୟରେ ସେ କଟକର କାରିଗରୀ ଓ ଶିଙ୍ଗ କାମ, ଖଦିସାଣ ପଥର ଓ ହତିଆରମାନଙ୍କର ନମୁନା ଦେଇ ବୁଝାଇ ଦେଇଥିଲେ । ସେ କହିଥିଲେ, ଭାରତର କାରିଗରୀ ପୃଥିବୀରେ ଅଦ୍ଵିତୀୟ । ଏଭଳି କାରିଗରମାନଙ୍କୁ କିପରି ଉତ୍ସାହ ଓ ସମ୍ମାନ ଦେବା କର୍ତ୍ତବ୍ୟ, ସେ ବିଷୟରେ ସେ କେତେକ ମୌଳିକ ପ୍ରସ୍ତାବ ଦେଇଥିଲେ ।

---

Digitized by srujanika@gmail.com

# ଓଡ଼ିଆ ଭାଷା, ସାହିତ୍ୟର ଅଭିବୃଦ୍ଧି

ଜାନକୀବଲ୍ଲଭ ପଟନାୟକ

ଭାଷା ଓ ସାହିତ୍ୟ ଏକ ନୁହେଁ । ଭାଷା ସାହିତ୍ୟଠାରୁ ପ୍ରାଚୀନ । ପୃଥିବୀରେ ବହୁ ଭାଷା ଅଛି, ଯାହାର ସାହିତ୍ୟ ନାହିଁ । ପୃଥିବୀର ଦୁଇହଜାର ଭାଷା ମଧ୍ୟରୁ ପ୍ରାୟ ୧୦।୧୨ ଟି ଭାଷା ସାହିତ୍ୟ ଦୃଷ୍ଟିରୁ ଆନ୍ତର୍ଜାତିକ ପ୍ରାଧାନ୍ୟ ଲାଭ କରିଛି ; ପ୍ରାୟ ଶହେଟି ଭାଷାର ଉଲ୍ଲେଖ ଯୋଗ୍ୟ ସାହିତ୍ୟ ଅଛି । ବାକି ଅଧିକାଂଶ ଭାଷାର ସାହିତ୍ୟ ନାହିଁ । ଆମେରିକାର ରେଡ଼ ଇଣ୍ଡିଆନ୍ ମାନଙ୍କ ଭାଷା ସାହିତ୍ୟ ଅଭାବରୁ ଲୁପ୍ତ ହୋଇ ଯାଇଛି । ସେମାନଙ୍କର ଅଳ୍ପ କେତୋଟି ଶବ୍ଦ ଆମେରିକାନ୍ (ଇଂରାଜୀ) ଭାଷାରେ କେବଳ ଦେଖିବାକୁ ମିଳେ । ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡର ଆଦିମ ଅଧିବାସୀ ମାନଙ୍କର ଭାଷାର ମଧ୍ୟ ସେହି ଅବସ୍ଥା । ଆମ ଦେଶରେ ୮୪୫ ଟି ଭାଷା ଓ ବୋଲି ଅଛି । କିନ୍ତୁ ଉତ୍କୃଷ୍ଟ ସାହିତ୍ୟ ଥିବା ଯୋଗୁଁ ୧୪ ଟି ଭାଷାକୁ ଜାତୀୟ ଭାଷାର ସ୍ଥାନ ଦିଆ ଯାଇଛି । ଗୋଟିଏ ଗୋଟିଏ ଆଦିବାସୀ ଭାଷା ଏତେ ଦରିଦ୍ର ଯେ ସେଥିରେ ୪୦।୫୦ଟି ମାତ୍ର ଶବ୍ଦ ଅଛି ।

ତେଣୁ ଖାଲି ଭାଷା ରହିଲେ ହେବ ନାହିଁ, ସାହିତ୍ୟ ଆବଶ୍ୟକ । ଭାଷା ମାଟି ହେଲେ, ସାହିତ୍ୟ ହେଉଛି ମଂଜ । ଭାଷା ବହିରଙ୍ଗ । ସାହିତ୍ୟ ଅନ୍ତରଙ୍ଗ । କାଳିଦାସଙ୍କ ଭାଷାରେ 'ବାଗର୍ଥାବିବ ସଂପୃକ୍ତୌ'—ବାକ୍ ଅର୍ଥାତ୍ ଭାଷା, ଅର୍ଥ ଅର୍ଥାତ୍ ସାହିତ୍ୟ, ଏ ଦୁହିଁଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ବିଦ୍ୟମାନ ।

ଉଭୟ ଭାଷା ଓ ସାହିତ୍ୟ ଦୃଷ୍ଟିରୁ ବିଚାର କଲେ ଓଡ଼ିଆ ଭାଷା ଓ ଓଡ଼ିଆ ସାହିତ୍ୟ ଅତ୍ୟନ୍ତ ପ୍ରାଚୀନ । ଏହି ପ୍ରାଚୀନତା ଏତେ ଦୂରକୁ ଯାଇଛି ଯେ ଭରତ ତାଙ୍କର ନାଟ୍ୟ-ଶାସ୍ତ୍ରରେ ଓଡ୍ର ବିଭାଷାର ଉଲ୍ଲେଖ କରିଛନ୍ତି । ଏହି ଓଡ୍ର ବିଭାଷାର କୌଣସି ସାହିତ୍ୟ ଥିବାର ଜଣା ଯାଉନାହିଁ । ମାର୍କଣ୍ଡେୟ କବୀନ୍ଦ୍ର ତାଙ୍କର 'ପ୍ରାକୃତ ସର୍ବସ୍ୱ'ରେ ଏହାର ଗୋଟିଏ ପଦ ଉଦାହରଣ ଆକାରରେ ଦେଇଛନ୍ତି । ଅନେକ ପଣ୍ଡିତଙ୍କ ମତରେ ଅର୍ଦ୍ଧ ମାଗଧୀ ପ୍ରାକୃତରୁ ଓଡ଼ିଆ ଭାଷାର ଜନ୍ମ । ଓଡ଼ିଶାରେ ଥିବା ଅଶୋକଙ୍କ ଶିଳାଲିପି (ଧଉଳି ଓ ଜଉଗଡ଼) ଏହି ପ୍ରାକୃତରେ ଲିଖିତ । ଓଡ୍ର ବିଭାଷା ହେଉ ବା ମାଗଧୀ ପ୍ରାକୃତ ହେଉ, ଯେଉଁଥିରୁ ଜନ୍ମ ହେଲେ ମଧ୍ୟ ଓଡ଼ିଆ ଭାଷାର ପ୍ରାଚୀନତ୍ୱ ପ୍ରକଟିତ ହେଉଛି ।

Digitized by srujanika@gmail.com

## ସର୍ବ ପ୍ରାଚୀନ ସାହିତ୍ୟ

ଏହି ପ୍ରାଚୀନ ଭାଷାର ସାହିତ୍ୟ ସୃଷ୍ଟି ସପ୍ତମ ଶତାବ୍ଦୀରେ ପଦ୍ୟ ଆକାରରେ ବୌଦ୍ଧ ସିଦ୍ଧ ମାନଙ୍କର 'ଚର୍ଯ୍ୟାପଦ'ରେ ହିଁ ଆରମ୍ଭ ହୋଇଥିବାର ପ୍ରମାଣ ମିଳେ । ଏହି ଚର୍ଯ୍ୟାପଦ ଓ ଆଧୁନିକ ଓଡ଼ିଆ ଭାଷା ମଧ୍ୟରେ ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ବିଶେଷତଃ ଏହି ସିଦ୍ଧ କବି ମାନଙ୍କ ମଧ୍ୟରୁ କାହ୍ନୁପା ବା କୃଷ୍ଣାଚର୍ଯ୍ୟ ଜଣେ ଉତ୍କଳୀୟ ଥିଲେ ବୋଲି ଗବେଷକ ପଣ୍ଡିତମାନେ ଏକମତ ହୁଅନ୍ତି । ଗଦ୍ୟ ଆକାରରେ ସାହିତ୍ୟ ସୃଷ୍ଟିର ଆରମ୍ଭ ଅନ୍ତତଃ ଏକାଦଶ ଶତାବ୍ଦୀ ବେଳକୁ ହୋଇ ଯାଇଥିଲା ବୋଲି ୧୦୫୧ ମସିହାରେ ଅନନ୍ତବର୍ମ ବଜ୍ରହସ୍ତ ଦେବଙ୍କ ଏକ ଲେଖାରୁ ପ୍ରମାଣିତ ହୁଏ । ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗ ବଂଶର ରାଜା ମାନଙ୍କ ଅଭିଲେଖରେ ଓଡ଼ିଆ ଗଦ୍ୟ ଶୈଳୀ ଆହୁରି ସ୍ପଷ୍ଟତର ହୋଇଲାଗି । ଏହି ଶେଷୋକ୍ତ ସମୟ ଅର୍ଥାତ୍ ତ୍ରୟୋଦଶ ଶତାବ୍ଦୀକୁ ହିଁ ଯଦି ଓଡ଼ିଆ ଗଦ୍ୟର ଜନ୍ମକାଳ ବୋଲି ଗ୍ରହଣ କରାଯାଏ, ତା'ହେଲେ ସମସ୍ତ ଉତ୍ତର ଭାରତର ଭାଷା ଓ ସାହିତ୍ୟ ମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ଓଡ଼ିଆ ସାହିତ୍ୟ ସର୍ବ ପ୍ରାଚୀନ । ଅନ୍ୟ ଭାଷାରେ କହିବାକୁ ଗଲେ ଓଡ଼ିଆ ପଦ୍ୟ ସାହିତ୍ୟର ଇତିହାସ ପ୍ରାୟ ୧୩ ଶହ ବର୍ଷ ଓ ଓଡ଼ିଆ ଗଦ୍ୟ ସାହିତ୍ୟର ଇତିହାସ ସାତ ଶହ ବର୍ଷ । ତେଣୁ ଭାରତୀୟ ଭାଷା ମାନଙ୍କ ମଧ୍ୟରେ ଏହା କେବଳ ଏକ ପ୍ରାଚୀନତମ ଭାଷା ନୁହେଁ, ପ୍ରାଚୀନତା ଦୃଷ୍ଟିରୁ ପୃଥିବୀର ପ୍ରଧାନ ଭାଷାମାନଙ୍କ ସହିତ ତୁଳନୀୟ ।

ପୁଣି ଓଡ଼ିଆ ଭାଷା ଏହିପରି ଏକ ଭାଷା, ବିଭିନ୍ନ ଭାଷା ଓ ସାହିତ୍ୟର ସଂପର୍କରେ ଆସି ମଧ୍ୟ ଏହାର ମୌଳିକତ୍ୱ ବହୁ ପରିମାଣରେ ଅକ୍ଷୁଣ୍ଣ ରହିଛି । ଏହାର ଏକ ସ୍ୱତନ୍ତ୍ର ଆଭିଜାତ୍ୟ ଅଛି, ଯାହାକି ପ୍ରଖ୍ୟାତ ଭାରତୀୟ ଓ ପାଶ୍ଚାତ୍ୟ ପଣ୍ଡିତମାନେ ସ୍ୱୀକାର କରିଛନ୍ତି । ଅଧ୍ୟାପକ ସୁନୀତି କୁମାର ଚଟ୍ଟୋପାଧ୍ୟାୟଙ୍କ ମତରେ ଖୁବ୍ କମ୍ ଭାରତୀୟ ଭାଷାର ଏହି କୃଷ୍ଟି ବା ଆଭିଜାତ୍ୟ ଅଛି । ଏହା ଛଡ଼ା ଅଧ୍ୟାପକ ମହୋଦୟ ଓଡ଼ିଆ ଭାଷାକୁ ବଙ୍ଗ ଭାଷାର ଜ୍ୟେଷ୍ଠ ଭଗ୍ନୀରୂପେ ଉଲ୍ଲେଖ କରି ଏହାର ପ୍ରାଚୀନତର କୃଷ୍ଟିକୁ ସ୍ୱୀକାର କରିଛନ୍ତି । Linguistic Survey of India ର ଲେଖକ ଗ୍ରିୟର୍ସନଙ୍କ ମତରେ ଓଡ଼ିଆ ଭାଷା ଶିକ୍ଷା କରିବା ସବୁଠାରୁ ସହଜ । କାରଣ ଏହା ଯେପରି ଲେଖାଯାଏ, ସେହିପରି ଉଚ୍ଚାରଣ କରାଯାଏ ।

### ଏ ଘାଟି

ଉଦାହରଣ ସ୍ୱରୂପ କଟକ ବା ଭୁବନେଶ୍ୱର । କିନ୍ତୁ ବଙ୍ଗ ଭାଷାରେ 'କଲିକତା' ତାହା ନୁହେଁ । ଏହା ଲେଖାଯାଏ—କଲକାତା, ଉଚ୍ଚାରଣ କରାଯାଏ କୋଲକାତା । ଇଂରେଜୀ ଭାଷାରେ ଲେଖା ଓ ଉଚ୍ଚାରଣ ମଧ୍ୟରେ ଏତେ ପାର୍ଥକ୍ୟ ଯେ ପ୍ରସିଦ୍ଧ ଲେଖକ ସ୍ୱର୍ଗୀୟ ଜର୍ଜ ବର୍ଣ୍ଣାଡ଼ ସ' ତାଙ୍କ ଉଇଲରେ ୫୦୦ ପାଉଣ୍ଡ ପୁରସ୍କାର ବ୍ୟବସ୍ଥା କରି ଯାଇଥିଲେ, ଏପରି ଏକ ନୂଆ

Digitized by srujanika@gmail.com

ବର୍ଣ୍ଣମାଳା କେହି ସୃଷ୍ଟି କରୁ, ଯାହାଫଳରେ ଯେପରି ଲେଖା ଯାଇ ପାରିବ, ସେହିପରି ଉଚ୍ଚାରଣ କରାଯାଇ ପାରିବ । ଇଂରାଜୀ ଉଚ୍ଚାରଣରେ ପାଗଳାମି କେତେଦୂର ଯାଇ ପାରେ ତା'ର ଏକ ଉଦାହରଣ ଦେଇ ସେ' ଘୋଟି (Ghoti) ନାମରେ ଏକ ଶବ୍ଦ ସୃଷ୍ଟି କରିଥିଲେ । ସେ ଦର୍ଶାଇଥିଲେ ଯେ ଏହି ଶବ୍ଦର ପ୍ରଥମ ଦୁଇ ଅକ୍ଷର gh ଫ (f) ପରି ଉଚ୍ଚାରଣ ହେବ, ଯେପରିକି ଇଂରାଜୀରେ Cough ର ଶେଷ ଦୁଇ ଅକ୍ଷର ଉଚ୍ଚାରିତ ହୁଏ । ତା' ପରବର୍ତ୍ତୀ ଅକ୍ଷର o ର ଉଚ୍ଚାରଣ ହେବ ଇ (i), ଯେପରିକି women ରେ o ର ଉଚ୍ଚାରଣ ହୁଏ । ତା'ପରେ ଶେଷ ଦୁଇ ଅକ୍ଷର ti ର ଉଚ୍ଚାରଣ ହେବ ଶ (sh), ଯେପରିକି nation ରେ ti ର ଉଚ୍ଚାରଣ ହୁଏ । ଅର୍ଥାତ୍ ଲେଖିବା ବେଳକୁ ଘୋଟି ghoti ; ଉଚ୍ଚାରିତ ହେବା ବେଳକୁ ଫିଶ୍ (fish) । କିନ୍ତୁ ଏପରି ଏକ ବିଚିତ୍ର ଭାଷା ହୋଇ ମଧ୍ୟ ଆଜି ଇଂରାଜୀର ସ୍ଥାନ କେଉଁଠି ଓ ଶ୍ରେଷ୍ଠ ନାଟ୍ୟକାର ବର୍ଣ୍ଣାର୍ଡ୍ ଶ'ଙ୍କର ପୁରସ୍କାର ଯୋଗ୍ୟ ହେଇ ମଧ୍ୟ ଓଡ଼ିଆର ସ୍ଥାନ କେଉଁଠି ?

ପ୍ରାଚୀନ ସାହିତ୍ୟର ବିଭବରେ ଭାରତୀୟ ସାହିତ୍ୟ ମାନଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ଅଦ୍ୱିତୀୟ । ପଞ୍ଚଦଶ ଶତାବ୍ଦୀରେ ଲିଖିତ ସାରଳା ଦାସଙ୍କ ବିରାଟ ମହାଭାରତ ଗ୍ରନ୍ଥର ତୁଳନା ଉତ୍ତର ଭାରତର ଅନ୍ୟାନ୍ୟ ସାହିତ୍ୟ ମାନଙ୍କ ମଧ୍ୟରେ ମିଳେ ନାହିଁ । ବଙ୍ଗ ଭାଷାରେ ମହାଭାରତ ନ ଥିବାରୁ ସାରଳାଙ୍କ ଶହେବର୍ଷ ପରେ ତାଙ୍କ ମହାଭାରତ ସେଥିରେ ଅନୂଦିତ ହୋଇଥିଲା । ସେହିପରି ସାରଳାଙ୍କ ଶହେ ବର୍ଷ ପରେ ତୁଳସୀ ଦାସ ହିନ୍ଦୀରେ ରାମାୟଣ ରଚନା କରିଥିଲେ । ବିଭିନ୍ନ ଭାରତୀୟ ଭାଷା ମଧ୍ୟରେ ସଂସ୍କୃତ ସାହିତ୍ୟର ଆଳଂକାରିକ ବିଭବକୁ ଯଦି କେହି ନିଖୁଣ ଭାବରେ ଏକ ଆଞ୍ଚଳିକ ଭାଷା ମାଧ୍ୟମରେ ଆୟତ୍ତ କରି ପାରିଥିଲା, ତା'ହେଲେ ସେ ଓଡ଼ିଆ ଭାଷାର ଶ୍ରେଷ୍ଠ କବି ଉପେନ୍ଦ୍ର ଭଞ୍ଜ ।

## ଓଡ଼ିଆ ଭାଷାର ଅଭାବ

କିନ୍ତୁ ଦୁଃଖର ବିଷୟ ମୋଗଲ-ମରହଟ୍ଟା-ଇଂରେଜ ରାଜତ୍ୱ କାଳରେ ଓଡ଼ିଆ ଭାଷାର ବିଶେଷ ଉନ୍ନତି ହେଲା ନାହିଁ । ଆଧୁନିକ ଭାରତୀୟ ଭାଷା ଓ ସାହିତ୍ୟ ମାନଙ୍କ ସହିତ ଓଡ଼ିଆକୁ ତୁଳନା କଲେ ଆମକୁ ଲଜ୍ଜିତ ହେବାକୁ ପଡ଼େ । ଓଡ଼ିଆ ଲିପି ସଂସ୍କାର ହେବ ହେବ ବୋଲି ଏ ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ, ବିଭିନ୍ନ ପ୍ରାଦେଶିକ ଭାଷାରେ ଯାନ୍ତ୍ରିକ ଉପାୟରେ କମ୍ପୋଜିସନ୍ ହୋଇ ପାରୁଛି । ଲିନୋ, ମନୋର ବିକାଶ ହୋଇଛି । ଓଡ଼ିଆରେ ଏ ସମ୍ପର୍କରେ ଗୋଟିଏ କମିଟି ବସି ତାର ରିପୋର୍ଟ ଦେଇ ଥିଲେ ମଧ୍ୟ ସରକାରୀ ସ୍ତରରେ ତାହା କାର୍ଯ୍ୟକାରୀ ହେବାକୁ ଯାଉ ନାହିଁ । ୧୮୩୭ ମସିହାରେ ମିସନାରୀମାନେ ଓଡ଼ିଆ ଟାଇପ ବାହାର କଲେ । ଏବେ ମଧ୍ୟ ସେହି ଟାଇପ ଚାଲିଛି । ହାତରେ ଅକ୍ଷର ସଜା ହେଉଛି । ଆଧୁନିକ ରେଟାର୍ଣ୍ଣ ସେସିନ ଛାପା ସହିତ ଏ ହାତ ଅକ୍ଷର ମଟର ଇଞ୍ଜିନରେ ଶଗଡ଼

Digitized by srujanika@gmail.com

ଯୋଡ଼ିବା ଭଳି । ଓଡ଼ିଆରେ ଅକ୍ଷର ମାତ୍ରା ଭାଙ୍ଗିବା ଓ ପରେ ଅକ୍ଷର ଭାଙ୍ଗିବା ଏକ ସାଧାରଣ କଥା । ତେଣୁ ନିଖୁଣ ଭାବରେ ଅକ୍ଷର ସଜ୍ଜା ଓ ସୁନ୍ଦର ଛପା ପାଇଁ ଲିପି ସଂସ୍କାର ଓ ଓଡ଼ିଆ ଲାଇନୋ, ମନୋ ଶୀଘ୍ର ପ୍ରଚଳିତ ହେବା ଆବଶ୍ୟକ । ତା' ନହେଲେ ଖବର କାଗଜ ଛପା ଓ ବହି ଛପା ଓ ପ୍ରକାଶନ କ୍ଷେତ୍ରରେ ଓଡ଼ିଆ ଭାଷା ଅନ୍ୟ ଭାଷା ମାନଙ୍କ ତୁଳନାରେ ଯଥେଷ୍ଟ ପଛରେ ପଡ଼ି ରହିଥିବ ।

ଓଡ଼ିଆ ସାହିତ୍ୟର ଅଭାବ ମଧ୍ୟରେ ଏ ପର୍ଯ୍ୟନ୍ତ ଏ ସାହିତ୍ୟରେ ଏକ ପୂର୍ଣ୍ଣାଙ୍ଗ ଇତିହାସ ଲେଖା ହୋଇ ନାହିଁ । ୧୮୯୭ ସାଲରେ 'ଉତ୍କଳ ସାହିତ୍ୟ'ରେ ଶ୍ରୀ କୃଷ୍ଣ ପ୍ରସାଦ ଚୌଧୁରୀ ଏକ ଇଚ୍ଛା ପ୍ରକାଶ କରି ଥିଲେ ; ସେହି ଦିନଠାରୁ ଏ ପର୍ଯ୍ୟନ୍ତ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ଇଚ୍ଛା ବା କ୍ଷୀଣ ଉଦ୍ୟମ କରିବା ଛଡ଼ା କୌଣସି ଉଲ୍ଲେଖ ଯୋଗ୍ୟ କାର୍ଯ୍ୟ ହୋଇ ନାହିଁ । କେବଳ ସଂସ୍କୃତ ବ୍ୟାକରଣ ଅନୁକରଣରେ ଚାଲୁଥିବା କେତେକ କ୍ଷୁଦ୍ର ଓଡ଼ିଆ ବ୍ୟାକରଣକୁ ଛାଡ଼ି ଦେଲେ ଏକ ପ୍ରାମାଣିକ ଓଡ଼ିଆ ବ୍ୟାକରଣ ନାହିଁ । ବିଶ୍ୱ କୋଷ ବା ଜ୍ଞାନ କୋଷ ନାହିଁ । ବାଳକ ବାଳିକାଙ୍କ ପାଇଁ ଚିତ୍ରମୟ ପୁସ୍ତକ ଓ ପତ୍ର, ପତ୍ରିକା ଅନ୍ୟ ଭାରତୀୟ ଭାଷାମାନଙ୍କରେ ଯେପରି ଅଛି, ଓଡ଼ିଆରେ ନାହିଁ । ଗବେଷଣାମୂଳକ ପତ୍ର, ପତ୍ରିକା ମଧ୍ୟ ନାହିଁ । କଲେଜରେ ପାଠ୍ୟ ପୁସ୍ତକ, ବିଶେଷତଃ ବିଜ୍ଞାନ ପୁସ୍ତକ ମାନଙ୍କର ଓଡ଼ିଆରେ ଅନୁବାଦ ହୋଇ ନାହିଁ ।

## ଶହେକେ ଜଣେ ପାଠକ

ସମ୍ବାଦପତ୍ର ପାଠକ ସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଭାରତରେ ହଜାରରେ ୧୨ ଜଣ, କେରଳରେ ୫୦ ଜଣ, ମାତ୍ର ଓଡ଼ିଆରେ ୪ ଜଣ ଖବର କାଗଜ ପଢ଼ନ୍ତି । କେରଳ ଓଡ଼ିଶାଠାରୁ ଆୟତନ ଓ ଜନ ସଂଖ୍ୟା ତୁଳନାରେ ଏକ କ୍ଷୁଦ୍ର ରାଜ୍ୟ ହେଲେ ମଧ୍ୟ ଏଠାରେ ୧୭ ଟି ଦୈନିକ ସମ୍ବାଦପତ୍ର ପ୍ରକାଶ ପାଏ ଓ ୭ ଲକ୍ଷ ଲୋକ ଖବର କାଗଜ ପଢ଼ନ୍ତି । ଓଡ଼ିଆରେ ୫ ଟି ଦୈନିକ ଓ ସେମାନଙ୍କ ପାଠକଙ୍କ ସଂଖ୍ୟା ୭୫ ହଜାର ।

ଉନ୍ନତ ସାହିତ୍ୟ ବୋଲି କୌଣସି ଏକ ସାହିତ୍ୟକୁ ବିବେଚନା କରିବାକୁ ହେଲେ, ସେ ସାହିତ୍ୟରେ କେତେଜଣ ଲେଖକ କେବଳ ଲେଖା ଲେଖି କରି ଜୀବିକା ନିର୍ବାହ କରନ୍ତି, ତାର ବିଚାର କରିବାକୁ ହେବ । ବଙ୍ଗଳା, ତାମିଲ, ଗୁଜରାଟୀ, ମରାଠୀ ସବୁ ସାହିତ୍ୟରେ ଏପରି ବହୁ ଲୋକ ମିଳିବେ । ସେଥିପାଇଁ ସେଠାରେ ବହୁ ଆଜୀବନ ସାହିତ୍ୟ ସାଧକଙ୍କୁ ଦେଖିବାକୁ ମିଳିବ, ଯେଉଁମାନେ ନିରବଚ୍ଛିନ୍ନ ଭାବରେ ଲେଖା ଲେଖି କରନ୍ତି । ନିକଟରେ 'ଟାଇମସ୍ ଅବ୍ ଇଣ୍ଡିଆ' ସମ୍ବାଦପତ୍ରରେ ତାଙ୍କର ଜଣେ ରିପୋର୍ଟର ବଙ୍ଗଳାର ବିଖ୍ୟାତ ଔପନ୍ୟାସିକ ଓ ଗତ ବର୍ଷ ଭାରତୀୟ ଜ୍ଞାନପୀଠ ଦ୍ୱାରା ପୁରସ୍କୃତ ଶ୍ରୀ ତାରାଶଙ୍କର ବନ୍ଦ୍ୟୋପାଧ୍ୟାୟଙ୍କ ସହିତ ତାଙ୍କର ସାକ୍ଷାତ୍କାରର ବିବରଣୀ ପ୍ରକାଶ

Digitized by srujanika@gmail.com

କରିଥିଲେ । ତାଙ୍କର ଭାଷା କହୁଥିଲେ ଯେ ଏ ପର୍ଯ୍ୟନ୍ତ ତାଙ୍କର ୧୧୪ଟି ପୁସ୍ତକ ପ୍ରକାଶ ପାଇଲାଣି ଓ ଏବେ ସେ ଆଉ ଗୋଟିଏ ଉପନ୍ୟାସରେ ହାତ ଦେଇଛନ୍ତି ।

ଓଡ଼ିଶା ରାଜ୍ୟର ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରାଚୀନ ଗୌରବରେ ମଣ୍ଡିତ, ମାତ୍ର ଆଧୁନିକ ବିଭବ ଦୃଷ୍ଟିରୁ ନିଃସ୍ୱ । ଅତୀତର ଗୌରବ ଅନେକ ସମୟରେ ସମୃଦ୍ଧି ପହଞ୍ଚିବାର ଶକ୍ତି ଓ ପ୍ରେରଣା ଦିଏ । ଅନେକ ସମୟରେ ମଧ୍ୟ ପହଞ୍ଚିବା ଲୋକର ବେକରେ ପଥର ପରି ହୁଏ । ବର୍ତ୍ତମାନ ଭାରତର ବିଭିନ୍ନ ଅଞ୍ଚଳ ମଧ୍ୟରେ ଯେପରି ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହୋଇଛି, ସେହିପରି ବିଭିନ୍ନ ଆଞ୍ଚଳିକ ଭାଷା ଓ ସାହିତ୍ୟ ମଧ୍ୟରେ ମଧ୍ୟ । ହିନ୍ଦୀ ସରକାରୀ ଭାଷା ହେବ କି ନାହିଁ, ଇଂରାଜୀର ସ୍ଥାନ କ'ଣ ହେବ, ସେଥିରେ ବିଶେଷ ମୁଣ୍ଡ ନ ଖେଳାଇ ଓଡ଼ିଆ ଭାଷାର ଉନ୍ନତି ପାଇଁ ଏକ ସଂଗଠିତ ପ୍ରଚେଷ୍ଟା ହେବା ଆବଶ୍ୟକ । ସରକାର, ପ୍ରକାଶକଗଣ ଓ ବିଶ୍ୱବିଦ୍ୟାଳୟ, ସାହିତ୍ୟ ଏକାଡେମୀ ପରି ସାଂସ୍କୃତିକ ପ୍ରତିଷ୍ଠାନ ମାନଙ୍କର ସହଯୋଗ ଓ ସଂଘବଦ୍ଧ ଉଦ୍ୟମ ବଳରେ ଏହା କରାଯିବା ଆବଶ୍ୟକ । ଭାଷା ଓ ସାହିତ୍ୟର ଅଭିବୃଦ୍ଧି ନ ହେଲେ କୌଣସି ଜାତିର ଅଭିବୃଦ୍ଧି ହୋଇ ନାହିଁ କି ହୋଇ ପାରିବ ନାହିଁ ।

## ଇଂରାଜୀ ଭାଷାର ଗୌରବ

ଯେଉଁ ଜାତିର ଭାଷା ଓ ସାହିତ୍ୟ ଉନ୍ନତ, ସେ ଜାତି ପୃଥିବୀରେ ଉଚ୍ଚସ୍ଥାନ ଅଧିକାର କରିଛି । ଇଂରାଜ ଜାତି, ଫରାସୀ ଜାତି, ଜର୍ମାନ ଜାତି, ରୁଷ ଓ ଜାପାନ ଜାତି ସମସ୍ତେ ବଡ଼ ହୋଇଛନ୍ତି । ସମସ୍ତଙ୍କର ଭାଷା ଓ ସାହିତ୍ୟର ଅଭିବୃଦ୍ଧି ଯୋଗୁଁ । ଅଥଚ ହଜାରେ ବର୍ଷ ପୂର୍ବେ ଏ ଦରିଦ୍ର ଭାଷା ଓଡ଼ିଆ ଭାଷା ପରି ଏକ ଭାଷା ଥିଲା ବା ତା'ଠାରୁ ନିମ୍ନ ଥିଲା । ୧୦୬୬ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡରେ ନର୍ମାନ ବିଜୟ ବେଳେ ୧୫ ଲକ୍ଷ ଲୋକ ଇଂରାଜୀ ଭାଷା କହୁଥିଲେ । 'କାଣ୍ଟରବରି ଟେଲସ୍'ର କବି ଚସର୍ ଏପରି ଏକ ଭାଷାରେ କାହିଁକି ଲେଖୁଛନ୍ତି ବୋଲି ଦୁଃଖ ପ୍ରକାଶ କରିଥିଲେ । ଏ ଭାଷାକୁ ବାହାର ଦୁନିଆରେ କେହି ପଢ଼ିବେ ବୋଲି ତାଙ୍କର ସନ୍ଦେହ ଥିଲା । ମାତ୍ର ସେକ୍ସପିଅରଙ୍କ ସମୟକୁ ଇଂରେଜ କବି ମାନଙ୍କର ଏପରି ଆତ୍ମବିଶ୍ୱାସ ଆସି ଯାଇଥିଲା ଯେ ସାମୁଏଲ ଡାନିଏଲ ବୋଲି ଜଣେ କବି କହୁଥିଲେ, "କିଏ ଜାଣେ, ଦିନେ ଆମର ଭାଷା ଯାଇ କେଉଁ ଅଜ୍ଞାତ ଉପକୂଳରେ ଲାଗିବ ଏବଂ ଆଜି ଯେଉଁମାନେ ଏହି ଭାଷାକୁ ଜାଣନ୍ତି ନାହିଁ, ସେମାନେ ଏହା ଶିକ୍ଷାକରି ସଭ୍ୟ ଓ ଶିକ୍ଷିତ ହେବେ ।" କବି 'କ୍ରାନ୍ତଦର୍ଶୀ' ବୋଲି କୁହାଯାଏ । ଇଂରେଜ କବିଙ୍କର ଏହି ଭବିଷ୍ୟତ ବାଣୀ ଆଜି ସାର୍ଥକ ହୋଇଛି । ପୃଥିବୀରେ ଏପରି କୌଣସି ଦେଶ ନାହିଁ, ଯେଉଁ ଦେଶରେ ଇଂରାଜୀ ଭାଷା କଥିତ ହେଉନାହିଁ । ପୃଥିବୀର ପ୍ରତି ପାଞ୍ଚ ଜଣରୁ ଜଣେ ବା ୬୦ କୋଟି ଲୋକ ଇଂରାଜୀ ଭାଷା କହନ୍ତି ।

Digitized by srujanika@gmail.com

ରୁଷ ଭାଷା ଅତି ଅଳ୍ପକାଳ ମଧ୍ୟରେ ଏକ ପ୍ରଧାନ ଆନ୍ତର୍ଜାତିକ ଭାଷା ହେବାକୁ ଯାଉଛି । ଜଣେ ଐତିହାସିକଙ୍କ ମତରେ ଏକାଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ରୁଷ ଭାଷାରେ ସେପରି କୌଣସି ଉଲ୍ଲେଖଯୋଗ୍ୟ କୃତି ନାହିଁ । କିନ୍ତୁ ଊନବିଂଶ ଶତାବ୍ଦୀରେ ନେପୋଲିଅନଙ୍କ ପରାଜୟ ପରଠାରୁ ରୁଷ ଭାଷାରେ ଯେଉଁ ସାହିତ୍ୟର ସୃଷ୍ଟି ହେଲା ତାହା ବିଶ୍ୱ ସାହିତ୍ୟର ବିସ୍ମୟ ହୋଇ ରହିଲା ।

ସେହିପରି ଜାପାନୀ ଭାଷା ଓ ସାହିତ୍ୟର ଉନ୍ନତି ପ୍ରଧାନତଃ ଗତ ଶହେ ବର୍ଷ ମଧ୍ୟରେ ହୋଇଛି । ଜାପାନରେ ଶତକଡ଼ା ଶହେ ସାକ୍ଷର । ପୃଥିବୀରେ ସର୍ବାଧିକ ପାଠକ ଥିବା ସମ୍ବାଦପତ୍ର ଜାପାନରୁ ବାହାରେ । (ଟୋକିଓରୁ ପ୍ରକାଶ ପାଉଥିବା ଆସାହି ସିମ୍ବୁନ—ପାଠକଙ୍କ ସଂଖ୍ୟା ୮୦ ଲକ୍ଷ) । ସର୍ବାଧୁନିକ ମୁଦ୍ରାଯନ୍ତ୍ର ପ୍ରଥମେ ଜାପାନରେ ପ୍ରଚଳିତ ହେଲା (Photon Press) ।

## ଉଚ୍ଚାଭିଳାଷ

ଉଚ୍ଚାଭିଳାଷ, ଗଭୀର ଆତ୍ମ ବିଶ୍ୱାସ ଓ ମାତୃଭାଷା ପ୍ରତି ଅଗାଧ ମମତା ବଳରେ ହିଁ ଓଡ଼ିଆ ଭାଷା ଓ ସାହିତ୍ୟକୁ ବିଶ୍ୱ ସାହିତ୍ୟର ଦରବାରରେ ଉଚ୍ଚସ୍ଥାନ ଦିଆଯାଇ ପାରିବ । ଏହାର ପ୍ରାଚୀନ ଗୌରବ ଅଛି ଓ ଏକ ପ୍ରାଣବନ୍ତ, ପ୍ରେରଣାମୟ ଐତିହ୍ୟ ଓ ସଂସ୍କୃତି ଅଛି । ପଞ୍ଚଦଶ ଶତାବ୍ଦୀରେ ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଷୋଡ଼ଶ ଶତାବ୍ଦୀରେ ଜଗନ୍ନାଥ ଦାସଙ୍କ ସମେତ ପଞ୍ଚସଖାଗଣ, ଊନବିଂଶ ଶତାବ୍ଦୀରେ ଫକୀର ମୋହନ, ରାଧାନାଥ, ମଧୁସୂଦନ, ଗଙ୍ଗାଧର ଓ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶଙ୍କ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟିକ ମାନଙ୍କ ଆଗରେ ଯୁଗର ଯେଉଁ ଆହ୍ୱାନ ଆସିଛି ଓ ସେମାନେ ତାକୁ ଯେପରି ଭାବରେ ଗ୍ରହଣ କରିଛନ୍ତି, ତାହା ବର୍ତ୍ତମାନ ଓ ଭବିଷ୍ୟତର ବଂଶଧର ମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିବ । ବର୍ତ୍ତମାନ ଯୁଗର ଆହ୍ୱାନ ହେଉଛି ଓଡ଼ିଆ ଭାଷାକୁ ଓଡ଼ିଶାରେ ତାର ଉଚିତ ସ୍ଥାନ ଓ ସମ୍ମାନ ଦେବାକୁ ହେବ । ଏହା ଶୀଘ୍ର ସରକାରୀ ଭାଷା ଓ ବିଶ୍ୱବିଦ୍ୟାଳୟର ଭାଷା ହେଉ । ସାହିତ୍ୟିକ, ସାହିତ୍ୟ ସଂସ୍ଥା, ସାହିତ୍ୟ ପ୍ରକାଶକ ମାନଙ୍କୁ ସରକାର ଓ ପ୍ରାପ୍ତ-ସରକାରୀ ସଂସ୍ଥା ମାନଙ୍କ ପକ୍ଷରୁ ସମସ୍ତ ସାହାଯ୍ୟ ଓ ଉତ୍ସାହ ଦିଆ ଯାଉ । ଏ ରାଜ୍ୟରେ ଏପରି ଏକ ବାତାବରଣ ସୃଷ୍ଟି ହେଉ, 'ଯେଉଁଥିରେ ଓଡ଼ିଆରେ ଲେଖିବି କାହିଁକି' ବୋଲି ଜଣେ ହେଲେ ସାହିତ୍ୟିକର ଦ୍ୱିଧା, ସଙ୍କୋଚ ବା ଅନୁତାପ ନ ଆସୁ । ଏହି ଭାଷାର ପ୍ରତି ଲେଖକ ନିଜକୁ ଗର୍ବିତ ଓ ଗୌରବାନ୍ୱିତ ମନେ କରନ୍ତୁ ।

Digitized by srujanika@gmail.com

# ଓଡ଼ିଶାର ଅର୍ଥନୀତି

ଅଧ୍ୟାପକ ଡକ୍ଟର ବୈଦ୍ୟନାଥ ମିଶ୍ର

ଓଡ଼ିଶା ଗୋଟିଏ ଦରିଦ୍ର ରାଜ୍ୟ ବୋଲି ଭାରତରେ ଏହାର ଦୁର୍ନାମ ଅଛି । ସାଧାରଣତଃ ବ୍ୟକ୍ତିପିଛା ଆୟ ଦୃଷ୍ଟିରୁ ପ୍ରତ୍ୟେକ ରାଜ୍ୟର ଆର୍ଥନୀତିକ ପ୍ରଗତି ବିଚାର କରାଯାଏ । ଅର୍ଥାତ୍ ବ୍ୟକ୍ତିପିଛା ହାରାହାରି ଆୟ ଆର୍ଥନୀତିକ ପ୍ରଗତିର ମାପକାଠି । ସେହି ଦୃଷ୍ଟିରୁ ବିଚାର କଲେ ଓଡ଼ିଶାର ସ୍ଥାନ ସବୁ ନିମ୍ନ । କାରଣ ୧୯୬୦ ୬୧ ମସିହା ହିସାବରୁ ଜଣା ପଡ଼େ ଯେ ଓଡ଼ିଶାର ଜଣ ପିଛା ବାର୍ଷିକ ଆୟ ପ୍ରାୟ ୨୩୭ ଟଙ୍କା ହେଲା ବେଳକୁ, ଅନ୍ୟ ପ୍ରତ୍ୟେକ ରାଜ୍ୟର ଆୟ ଏହାଠାରୁ ଅଧିକ । ବିଶେଷ ଭାବରେ ପଶ୍ଚିମ ବଙ୍ଗଳା ଓ ମହାରାଷ୍ଟ୍ର ପ୍ରଭୃତି କେତୋଟି ରାଜ୍ୟର ଆୟ ଯଥେଷ୍ଟ ଅଧିକ । ସେଥିପାଇଁ ଭାରତର ଜନସାଧାରଣଙ୍କର, ହାରାହାରି ବାର୍ଷିକ ଆୟ ଯାହା, ଓଡ଼ିଶାର ଜନସାଧାରଣଙ୍କର ଜଣପିଛା ବାର୍ଷିକ ଆୟ ତାହାଠାରୁ ବହୁତ କମ । ଏହାର ପ୍ରଧାନ କାରଣ ହେଉଛି ଯେ ଓଡ଼ିଶାରେ ଶିଳ୍ପର ଯଥେଷ୍ଟ ପ୍ରଗତି ହୋଇ ନାହିଁ, କୃଷି ମଧ୍ୟ ପତିତ ଅବସ୍ଥାରେ ଅଛି । ଯେଉଁ ରାଜ୍ୟରେ ବେଶୀ ଶିଳ୍ପ, ସେହି ରାଜ୍ୟରେ ମଫସଲ ଅଞ୍ଚଳ ଅପେକ୍ଷା ସହର ଅଞ୍ଚଳର ଗୁରୁତ୍ୱ ଅଧିକ । ସରକାରୀ ହିସାବରୁ ଏ କଥା ମଧ୍ୟ ପ୍ରକାଶ ପାଏ ଯେ ମଫସଲ ଅଞ୍ଚଳର ହାରାହାରି ଜଣପିଛା ଆୟ ସହର ଅଞ୍ଚଳର ହାରାହାରି ଜଣପିଛା ଆୟଠାରୁ ଯଥେଷ୍ଟ କମ, ପ୍ରାୟ ଅଧେ । ଓଡ଼ିଶା ଏକ ମଫସଲ ରାଜ୍ୟ ହୋଇ ଥିବାରୁ ଏହା ଏପର୍ଯ୍ୟନ୍ତ ଅନୁନ୍ନତ ଅବସ୍ଥାରେ ଅଛି, ତିନୋଟି ଯୋଜନା ପରେ ମଧ୍ୟ ଓଡ଼ିଶାର ଦାରିଦ୍ର୍ୟ ଦୋଷ ଯାଇନାହିଁ ।

## ଦରିଦ୍ରତମ ରାଜ୍ୟ

ଭାରତରେ ଗତ କୋଡ଼ିଏ ବର୍ଷ ଭିତରେ ଶିଳ୍ପର ଅନେକ ପ୍ରଗତି ହୋଇଛି । ଗୋଟିଏ ହିସାବରୁ ଜଣାପଡ଼େ ଯେ ଭାରତରେ ୧୯୬୧ ମସିହାରେ ପ୍ରାୟ ୫୦ ହଜାର କଲ କାରଖାନା ଥିଲା । ତା ଭିତରେ ଓଡ଼ିଶାର ଭାଗ ହେଉଛି ପ୍ରାୟ ୪୯୪, ସାନ ଓ ବଡ଼ ସବୁ ମିଶି । ଅନ୍ୟ ପ୍ରତ୍ୟେକ ରାଜ୍ୟର କଲକାରଖାନା ସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ । ଉଦାହରଣ ସ୍ୱରୂପ ବମ୍ବେରେ ପ୍ରାୟ ୭ ହଜାର, ଆନ୍ଧ୍ରରେ ପ୍ରାୟ ୫ ହଜାର, ମାନ୍ଦ୍ରାଜରେ ପ୍ରାୟ ୫୬୦୦, ପଶ୍ଚିମ ବଙ୍ଗଳାରେ ୪୩୩୩ କଲ କାରଖାନା ଅଛି । ସେହିପରି କଲ କାରଖାନାରେ ନିଯୁକ୍ତ ହୋଇଥିବା ଜନସଂଖ୍ୟା ଓଡ଼ିଶାରେ ସବୁଠାରୁ

Digitized by srujanika@gmail.com

କମ । ସାରା ଭାରତରେ ପ୍ରାୟ ୪୦ ଲକ୍ଷ ଲୋକ ସେହି ବର୍ଷ କଳ କାରଖାନାରେ ନିଯୁକ୍ତ ହୋଇଥିଲେ ବେଳେ, ଓଡ଼ିଶାରେ କଳ କାରଖାନାରେ ମୋଟେ ୬୩ ହଜାର ଲୋକ କାମ କରୁଥିଲେ । ଆର୍ଥନୀତିକ ପ୍ରଗତିର ଆଉ ଏକ ମାପକାଠି ହେଉଛି ଯେ କେଉଁ ରାଜ୍ୟ କେତେ କୋଇଲା ଲୁହା ଓ ଇସ୍ପାତ ଓ ବିଦ୍ୟୁତ୍‌ଶକ୍ତି ବ୍ୟବହାର କରୁଛନ୍ତି । କାରଣ ଏହି ସବୁ ଉପକରଣ ଶିଳ୍ପୀକରଣ ଓ ଆର୍ଥନୀତିକ ପ୍ରଗତିରେ ସାହାଯ୍ୟ କରେ । ଏ ଦିଗରେ ମଧ୍ୟ ଓଡ଼ିଶା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ବହୁତ ପଛରେ ପଡ଼ିଛି । ସହଜେ ତ ଭାରତ ଏକ ଦରିଦ୍ର ଦେଶ, ଓଡ଼ିଶା ତା ଭିତରେ ଦରିଦ୍ରତମ । ଓଡ଼ିଶାର ଅର୍ଥନୀତିକୁ ଉନ୍ନତ କରିବାକୁ ହେଲେ, ଓଡ଼ିଶାରେ ଶିଳ୍ପର ପ୍ରସାର କରିବା ଯେ ଏକ ପ୍ରଧାନ କାମ, ତାହା ଆମକୁ ମାନିବାକୁ ପଡ଼ିବ ।

## ଅନୁନ୍ନତ କୃଷି

ଓଡ଼ିଶାର କୃଷି ମଧ୍ୟ ପ୍ରଗତିଶୀଳ ନୁହେଁ । ପଞ୍ଜାବ ଓ ମାନ୍ଦ୍ରାଜ ପ୍ରଭୃତି ରାଜ୍ୟ କୃଷିରୁ ଭିନ୍ନ ଭିନ୍ନ ଫସଲ ଆଦାୟ କରି ଯେପରି ନିଜର ଅର୍ଥନୀତିକୁ ମଜବୁତ କରିଛନ୍ତି, ଆମେ ତାହା କରି ପାରିନାହୁଁ । ଓଡ଼ିଶାରେ ବର୍ଷକୁ ଯେତେ ଆୟ ହୁଏ, ତା ଭିତରୁ ଶତକଡ଼ା ପ୍ରାୟ ୭୩ ଭାଗ କେବଳ କୃଷିରୁ ସଂଗ୍ରହ କରାଯାଏ । ସାରା ଭାରତର ମୋଟ ଆୟର ଶତକଡ଼ା ପ୍ରାୟ ୪୭ ଭାଗ କୃଷିରୁ ଆଦାୟ କରାଯାଏ । ଏଥିରୁ ଦେଖା ଯିବ ଯେ ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ କୃଷିର ଭାଗ ବେଶୀ । ଅଥଚ ଓଡ଼ିଶାର ଅଧିକାଂଶ ଜାଗାରେ କେବଳ ଗୋଟିଏ ଫସଲ ଉତ୍ପନ୍ନ କରାଯାଏ । କୃଷିରୁ ଯେତେ ଆୟ ସଂଗ୍ରହ କରାଯାଏ ତାର ଅଧେରୁ ଅଧିକ କେବଳ ଧାନ ଚାଷରୁ ଆଦାୟ କରାଯାଏ । ସମୁଦାୟ ଓଡ଼ିଶା ଆୟର ପ୍ରାୟ ୬୫ ଭାଗ କେବଳ ଧାନ ଚାଷରୁ ମିଳେ ବୋଲି ହିସାବ କରାଯାଇଛି । ଗୋଟିଏ ଫସଲ ଉପରେ ନିର୍ଭର କଲେ କୌଣସି ରାଜ୍ୟର ଆୟ ଯଥେଷ୍ଟ ପରିମାଣରେ ବୃଦ୍ଧି ହୋଇ ପାରିବ ନାହିଁ । ମାନ୍ଦ୍ରାଜ, ଆନ୍ଧ୍ର ଓ ପଞ୍ଜାବର ଚାଷୀମାନେ ନିଜ ନିଜ ଜମିରୁ ୨୩ ପ୍ରକାର ଅର୍ଥକରୀ ଫସଲ ଉତ୍ପନ୍ନ କରି ଯଥେଷ୍ଟ ଅର୍ଥ ସଂଗ୍ରହ କରନ୍ତି । ଏହା ମଧ୍ୟ ଦେଖାଯାଇଛି ଯେ କଦଳୀ, ଧଆଁପତ୍ର, ଲଙ୍କାମରିଚ ଓ ଆଳୁ ପ୍ରଭୃତି ଚାଷରୁ ଯେତିକି ଲାଭ ମିଳେ, ଧାନ ଫସଲରୁ ସେତିକି ଲାଭ ମିଳେ ନାହିଁ । ତେଣୁ ଆମ ଚାଷରେ ଧାନଚାଷର ଗୁରୁତ୍ୱ ଆମ ରାଜ୍ୟର ଆୟକୁ କମେଇବାରେ ଲାଗିଛି ।

## ଦର ବୃଦ୍ଧି ଠିକ୍ ନୁହେଁ

କେତେକ ଅର୍ଥନୀତିଜ୍ଞ ମତ ପ୍ରକାଶ କରିବାର ଦେଖାଯାଏ ଯେ ଓଡ଼ିଶାରେ ଯେତେବେଳେ ଅନେକ ବଳକା ଧାନ ଚାଷ କରାଯାଉଛି, ସେତେବେଳେ ଧାନ ବା ଚାଉଳ ଦର ବୃଦ୍ଧି କଲେ, ଓଡ଼ିଶା ଅନେକ ଅର୍ଥ ସଂଗ୍ରହ କରି ପାରିବ । ଏ କଥା ସତ ଯେ

Digitized by srujanika@gmail.com

ଓଡ଼ିଶା ଅନ୍ୟ ରାଜ୍ୟକୁ ଧାନ ପଠାଉଛି । ତେଣୁ ଧାନର ଦର ଅଧିକ ହେଲେ, ଓଡ଼ିଶା କିଛି ଲାଭବାନ୍ ହେବ । କିନ୍ତୁ ଓଡ଼ିଶା ଯେ ଅନ୍ୟ ରାଜ୍ୟକୁ ଧାନ ପଠାଉଛି, ସେଥିରୁ ଓଡ଼ିଶା ଏକ ବଳକା ରାଜ୍ୟ ବୋଲି ଧରି ନେଇ ହେବ ନାହିଁ । ଓଡ଼ିଶାରେ ଅନ୍ୟ କୌଣସି ଶିଳ୍ପଜାତ ଦ୍ରବ୍ୟ ଓ କୃଷିଜାତ ଦ୍ରବ୍ୟ ଯଥେଷ୍ଟ ପରିମାଣରେ ଉତ୍ପନ୍ନ ନହେଉ ଥିବାରୁ, ନିଜର ଦରକାରି ଜିନିଷ ଅନ୍ୟ ରାଜ୍ୟମାନଙ୍କରୁ ସଂଗ୍ରହ କରିବା ପାଇଁ ଓଡ଼ିଶାକୁ କିଛି ଧାନ ଅନ୍ୟ ରାଜ୍ୟକୁ ବିକ୍ରୀ କରିବାକୁ ପଡ଼ୁଛି । ଓଡ଼ିଶା ଲୋକମାନଙ୍କର ଅଭାବ ପୂରଣ କରି ବଳକା ସଂଗ୍ରହ କରି ବିକ୍ରୀ କରିବାକୁ ଉଦ୍ୟମ କଲେ, ବୋଧହୁଏ ଓଡ଼ିଶାରୁ କିଛି ବଳକା ଧାନ ବାହାରିବ ନାହିଁ । ଦ୍ୱିତୀୟରେ ଓଡ଼ିଶାର ଅଧିକାଂଶ କୃଷୀ ହେଉଛନ୍ତି ଦରିଦ୍ର । ଅଧିକାଂଶ କୃଷୀଙ୍କର ପରିବାର ପିଚ୍ଛା ଜମି ପରିମାଣ ୩।୪ ଏକରରୁ କମ । ଏମାନେ ଫସଲ ଅମଦାନୀ ସମୟରେ ନିଜର କରଜ ପରିଶୋଧ କରିବା ପାଇଁ ଓ ଅନ୍ୟାନ୍ୟ ଅଭାବ ପୂରଣ କରିବା ପାଇଁ ଧାନ ବିକ୍ରୀ କରୁଥିଲେ ମଧ୍ୟ, ବର୍ଷ ଶେଷ ଆଡ଼କୁ ପୁଣି ଧାନ ବା ଚାଉଳ ଖରିଦ କରି ନିଜର ଅଭାବ ପୂରଣ କରିଛନ୍ତି । ତେଣୁ ଧାନ ବା ଚାଉଳର ଦର ବୃଦ୍ଧି କଲେ ମୁଷ୍ଟିମେୟ କେତେକ ବଡ଼ କୃଷୀ ଲାଭବାନ ହେବେ, ୮୦।୮୫ ଭାଗ କୃଷୀ କ୍ଷତିଗ୍ରସ୍ତ ହେବେ । ଏହା ବ୍ୟତୀତ ଆମ ଦେଶରେ ଦର ବୃଦ୍ଧି ହୋଇ ଚାଲିଛି, ସେତେବେଳେ ଧାନ ଚାଉଳ ଦରବୃଦ୍ଧି କରିବା ଅର୍ଥ ମୁଦ୍ରା ସ୍ଫୀତି ପାଇଁ ପଥ ସୁଗମ କରିବା । ଅଧିକାଂଶ ଦରିଦ୍ର ଲୋକ ନିଜ ଆୟର ଅଧିକାଂଶ ଭାଗ ଖାଦ୍ୟରେ ନିୟୋଗ କରନ୍ତି । ସେଥିପାଇଁ ଧାନ ଚାଉଳର ଦର ଅନ୍ୟାନ୍ୟ ଜିନିଷର ଦରକୁ ପ୍ରଭାବିତ କରେ । ସେହି ଦୃଷ୍ଟିରୁ ବର୍ତ୍ତମାନ ଅବସ୍ଥାରେ ଧାନ ଚାଉଳର ଦର ବୃଦ୍ଧି କରିବା ଯୁକ୍ତିଯୁକ୍ତ ହେବ ନାହିଁ । ତେଣୁ ଆମ ପକ୍ଷରେ ବର୍ତ୍ତମାନ ପ୍ରଧାନ ପନ୍ଥା ହେଉଛି ଯେ କୃଷିରୁ ଭିନ୍ନ ଭିନ୍ନ ପ୍ରକାର ଅର୍ଥକରୀ ଫସଲ ଉତ୍ପନ୍ନ କରି କୃଷିକୁ ଏକ ଲାଭବାନ ବ୍ୟବସାୟରୂପେ ପରିଣତ କରିବା । ତା ସଙ୍ଗେ ସଙ୍ଗେ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ବ୍ୟବହାର ପାଇଁ ଭିନ୍ନ ଭିନ୍ନ ଅଞ୍ଚଳରେ କ୍ଷୁଦ୍ର କ୍ଷୁଦ୍ର ଶିଳ୍ପ ( Processing industries ) ପ୍ରତିଷ୍ଠା କରିବା । ଆମ ରାଜ୍ୟରେ ଯଥେଷ୍ଟ ପୁଞ୍ଜି ନାହିଁ । ସ୍ୱଳ୍ପ ପୁଞ୍ଜି ଖର୍ଚ୍ଚ କରି ଯେଉଁ ଶିଳ୍ପ ପ୍ରତିଷ୍ଠା କରାଯାଇ ପାରିବ, ସେଥିପ୍ରତି ପ୍ରଥମେ ଦୃଷ୍ଟି ଦେବା ଦରକାର ।

ଆମ ରାଜ୍ୟର ବଜେଟ ଅବସ୍ଥା ମଧ୍ୟ ଏବେ ବଡ଼ ଜଟିଳ ହୋଇ ପଡ଼ିଛି । ଆମେ କେନ୍ଦ୍ର ସରକାରଙ୍କଠାରୁ ଏତେ ଋଣ ସଂଗ୍ରହ କରିଛୁ ଯେ ସେହି ଋଣ ବାବଦ ସୁଧ ଓ ଋଣ ପରିଶୋଧ କରିବା ପାଇଁ ଆମକୁ ଏତେ ଅର୍ଥ ବ୍ୟୟ କରିବାକୁ ପଡ଼ୁଛି ଯେ ଆମେ ଉନ୍ନୟନ କାର୍ଯ୍ୟରେ ଯଥେଷ୍ଟ ଅର୍ଥ ପାଇ ପାରୁନାହୁଁ । ଋଣରେ କିଛି କ୍ଷତି ନାହିଁ ଯଦି ସେହି ଋଣ ଉତ୍ପାଦନ ମୂଳକ ଆର୍ଥନୀତିକ ବ୍ୟବସ୍ଥାରେ ଲାଗି ରାଜ୍ୟର ଆର୍ଥନୀତିକ ପ୍ରଗତି ସମ୍ଭବ ହୋଇ ପାରନ୍ତା । କିନ୍ତୁ ଆମେ ଋଣ କରି

Digitized by srujanika@gmail.com

ଯଦି ସରକାରୀ ବିଭାଗ ବୃଦ୍ଧି କରୁ, ତାହାହେଲେ ରାଜ୍ୟର ଅର୍ଥନୀତି ଦେବାଳିଆ ହୋଇଯିବ। ପରିସଂଖ୍ୟାନ ବିଭାଗ ତରଫରୁ ଏବେ ହିସାବ ପ୍ରକାଶ ପାଇଛି ଯେ ଆମର ସଞ୍ଚୟର ମାତ୍ରା ଶୂନ। ପ୍ରତି ବର୍ଷ ଆମର ଜନସଂଖ୍ୟା ପ୍ରାୟ ୨ ଭାଗ ବୃଦ୍ଧି ପାଉଛି। ଏଥିରୁ ଦେଖାଯିବ ଯେ ଆମେ ଆମର ପୂର୍ବ ସଞ୍ଚିତ ପୁଞ୍ଜିକୁ ଖର୍ଚ୍ଚ କରିବାରେ ଲାଗିଛୁ। ଏପରି ଏକ ଦୁର୍ବଳ ଅର୍ଥନୀତିକୁ ଯଦି ଆମେ ସଜାଡ଼ିବାକୁ ଉଦ୍ୟମ ନକରୁ, ତାହାହେଲେ ଓଡ଼ିଶା ଅନ୍ୟରାଜ୍ୟ ମାନଙ୍କ ସହିତ ସମକକ୍ଷ ହୋଇ ପାରିବନାହିଁ। ବର୍ତ୍ତମାନ ମଧ୍ୟ ସମୟ ଅଛି, ଯେତେବେଳେ ଆମେ ଆମର ରାଜସ୍ୱକୁ ଉପଯୁକ୍ତ ଭାବରେ ବିନିଯୋଗ କରି ରାଜ୍ୟର ଅର୍ଥନୀତିକୁ ଦୃଢ଼ କରିବା ପାଇଁ ଉଦ୍ୟମ କରି ପାରିବା। ଏଥିପାଇଁ ସାହସିକ କାର୍ଯ୍ୟପନ୍ଥା ଦରକାର।

ଉଚ୍ଚକୋଟିର ଭାବ ଓ ଭାଷାର ସମନ୍ୱୟରେ ହିଁ
ସାହିତ୍ୟ ଋଦ୍ଧିମନ୍ତ ହୁଏ

## ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର

ଏହି ଲକ୍ଷ୍ୟକୁ ଆଗରେ ରଖି

୧। ହିନ୍ଦୀ ଓ ଇଂରାଜୀର ବହୁ ବିଶିଷ୍ଟ ଲେଖାକୁ ଓଡ଼ିଆରେ ଅନୁବାଦ କରାଇଛନ୍ତି
୨। ଓଡ଼ିଆ ସାହିତ୍ୟର ବହୁ ବିଶିଷ୍ଟ କୃତିକୁ ହିନ୍ଦୀରେ ଅନୁବାଦ କରାଇଛନ୍ତି
୩। ହିନ୍ଦୀଭାଷୀ ଦୁନିଆ ଆଗରେ ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ଛବି ଦେବାପାଇଁ

'ଭାରତ ରାଷ୍ଟ୍ରଭାଷା ରଜତ ଜୟନ୍ତୀ ଗ୍ରନ୍ଥ'
ପ୍ରକାଶ କରିଛନ୍ତି

ସମସ୍ତ ଉଚ୍ଚକୋଟିର ହିନ୍ଦୀ, ଓଡ଼ିଆ ପୁସ୍ତକପାଇଁ
ଅନୁସନ୍ଧାନ କରନ୍ତୁ

ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର
ବାଂକାବଜାର, କଟକ-୨

Digitized by srujanika@gmail.com

# ଅଭିଜ୍ଞତାର ଜୀବନସ୍ମୃତି



## ପ୍ରଥମ ମହାଯୁଦ୍ଧ ଓ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ

ଡକ୍ଟର ପ୍ରାଣକୃଷ୍ଣ ପରିଜା

ମୁଁ ଯେଉଁ ବିଶ୍ୱବିଦ୍ୟାଳୟର 'ଉପରକୁ ଉଠିଲି', ଏଇ ହେଉଚି ତାର ସଂକ୍ଷିପ୍ତ ପରିଚୟ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ନିଜ ପାଇଁ ଏକ ସମ୍ମାନଜନକ ସ୍ଥାନ ଦାବୀ କରି ଆସୁଥିଲା । ଯେଉଁମାନେ ସେଠାକୁ ପଢ଼ିବାକୁ ଯା'ନ୍ତି ; ସେମାନେ 'ଉପରକୁ ଉଠୁଛନ୍ତି' (go up) ବୋଲି କୁହାଯାଏ । ଯଦି କେହି ସେଠାରୁ ବହିଷ୍କୃତ ହୁଅନ୍ତି, ତା'ହେଲେ ତାଙ୍କୁ 'ତଳକୁ ପଠାଇ ଦିଆଗଲା' (sent down) ବୋଲି କୁହାଯାଏ । ମନକୁ ମନ ଯଦି କେହି ଚାଲି ଯା'ନ୍ତି ତା'ହେଲେ ବି ସେ ତଳକୁ ଚାଲି ଗଲେ (goes down) ବୋଲି କୁହାଯାଉଥିଲା । ଯେପରିକି କୌଣସି ଏକ ଉଚ୍ଚ ସ୍ଥାନରୁ ସେ ତଳକୁ ଖସି ଗଲେ ।

### ପ୍ରଥମ ମହାଯୁଦ୍ଧ

କେମ୍ବ୍ରିଜରେ ମୁଁ ସାତ ବର୍ଷ ପାଖାପାଖି ରହିଥିଲି । ଏହି ସମୟ ମଧ୍ୟରେ ବହୁ ଘଟଣା ଘଟି ଯାଇଛି ଓ ବହୁ ଲୋକଙ୍କ ସଂପର୍କରେ ମୁଁ ଆସିଛି । ଏଠାରେ ସେ ବିଷୟରେ କିଛି ଉଲ୍ଲେଖ କରିବା ମୁଁ ଉଚିତ ମନେ କରୁଛି । ମୁଁ ପୂର୍ବରୁ କହିଛି ଯେ ୧୯୧୪ ମସିହାରେ ମୋର କେମ୍ବ୍ରିଜରେ

Digitized by srujanika@gmail.com

ପଢ଼ୁଥିବା ବେଳକୁ ପ୍ରଥମ ମହାଯୁଦ୍ଧ ଆରମ୍ଭ ହୋଇ ଯାଇଥିଲା । ପ୍ରଥମ ଅବସ୍ଥାରେ କଲେଜରେ ସ୍ଥାନ ଭର୍ତ୍ତି ହୋଇ ଯାଇଥିଲା । କିନ୍ତୁ ପରେ ସୈନ୍ୟବାହିନୀରେ ଯୋଗ ଦେବା ପାଇଁ ଯେତେବେଳେ ଯୁବକମାନଙ୍କୁ ନିବେଦନ କରାଗଲା, ସେତେବେଳେ ବହୁ ଯୁବକ କଲେଜ ଛାଡ଼ି ଚାଲିଗଲେ । ଶେଷରେ ବାଧ୍ୟତାମୂଳକ ସାମରିକ ନିଯୁକ୍ତି ବ୍ୟବସ୍ଥା (Compulsory military service) ପ୍ରବର୍ତ୍ତନ କରାଗଲା ଓ ତା' ଫଳରେ ଏକ ବର୍ଷ ଓ ତା'ଠାରୁ ଊର୍ଦ୍ଧ୍ୱ ବୟସର ଯୁବକମାନେ ବିଶ୍ୱବିଦ୍ୟାଳୟ ଛାଡ଼ି ସୈନ୍ୟବାହିନୀରେ ଯୋଗ ଦେଲେ । କେବଳ ଡାକ୍ତରୀ ରିପୋର୍ଟରେ ଯେଉଁମାନେ ଅକ୍ଷମ ଜଣାଗଲେ ଓ କ୍ୱେକର ମାନଙ୍କ (Quakers) ପରି ଯେଉଁମାନେ ନୀତି ବା ବିବେକର ତାଡ଼ନାରେ ଏହି ବ୍ୟବସ୍ଥାର ବିରୋଧ କରୁଥିଲେ ସେହିମାନେ ରହିଗଲେ । ଛାତ୍ରମାନଙ୍କର ଏକ ଜନଗଣନା (Census) କରାଯାଇଥିଲା । ଯଦି ସୈନ୍ୟବାହିନୀରେ ଭର୍ତ୍ତି କରିବା ଦାୟିତ୍ୱରେ ଥିବା ଅଫିସର ଦେଖୁଥିଲେ, କେହି ବ୍ରିଟିଶ ଛାତ୍ର ସୈନ୍ୟ-ବାହିନୀରେ ନାମ ଲେଖାଇ ନାହିଁ, ତା'ହେଲେ ସେ ତାକୁ ଡକାଇ ପଠାଉଥିଲେ । ମୋ'ର ଏକ ଘଟଣା ମନେ ପଡ଼ୁଛି । ଜଣେ ଆଫ୍ରିକାର ନିଗ୍ରୋ ଛାତ୍ରର ନାମ ଥିଲା ଉଇଲସନ୍—ଏକ ଖ୍ରୀଷ୍ଟାନ୍ ନାମ । ଅଫିସର ତାକୁ ଡ଼କାଇ ପଠାଇଲେ । ସେ ଯେତେବେଳେ ଅଫିସରଙ୍କ ଆଗରେ ଉପସ୍ଥିତ ହେଲା, ଅଫିସର କହି ଉଠିଲେ, "ଓହୋ, ତୁମେ ଜଣେ ଆଫ୍ରିକାନ୍ ।" ଛାତ୍ର ଜଣକ ରସିକତା କରି କହିଲା, "ମୁଁ କ'ଣ ସେପରି ଦେଖା ଯାଉଛି କି ?"

## ଦୁଧ ଓ କଫି ସମାନ

ଶ୍ୱେତାଙ୍ଗ ଛାତ୍ରମାନଙ୍କର ସଂଖ୍ୟା କମି ଯିବାରୁ ଭାରତ, ପଶ୍ଚିମ ଭାରତ ଦ୍ୱୀପପୁଞ୍ଜ, ଚୀନ ଓ ମଧ୍ୟ ପ୍ରାଚ୍ୟର ଛାତ୍ରମାନେ ବେଶୀ ଆଖିରେ ପଡ଼ିଲେ । କେମ୍ବ୍ରିଜ ପତ୍ରିକା (ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ହୁଏ ନାହିଁ)ରେ ଜଣେ କେହି ବିଶ୍ୱବିଦ୍ୟାଳୟ ଜନସଂଖ୍ୟା ସମ୍ପର୍କରେ ଏକ କବିତା ଲେଖି-ଥିଲେ—ସମାନ ପରିମାଣରେ ଦୁଧ ମିଶିଲେ କଫିର ରଙ୍ଗ ଯାହା ହୁଏ ସେହି ରଙ୍ଗ (as cafe au lait) । ମୋର ମନେ ପଡ଼ୁଛି, ଭାରତୀୟ ଛାତ୍ର ମାନଙ୍କର ପରାମର୍ଶ ଦାତା ସେଣ୍ଟଜନସ୍ କଲେଜର ମିଷ୍ଟର ବେନ୍ସଥନସଙ୍କ ଦୃଷ୍ଟିକୁ ଆମେ ଏହା ଆଣିବାରୁ ସେ ତାହା ଗୋଟିଏ ହାସ୍ୟରସର କବିତା ବୋଲି କହି ହସି ଦେଲେ । ଥରେ ଭାରତୀୟ ଛାତ୍ରମାନଙ୍କ ମଧ୍ୟରୁ ଶ୍ରୀ ଜେ. ବି. ସେଠ (ପରେ ଆଇ. ଇ. ଏସ୍ ହୋଇଥିଲେ), ଭିଦେ (ପରେ ଆଇ. ସି. ଏସ୍), କାମତା ପ୍ରସାଦ (ପରେ ଆଇ. ଇ. ଏସ) ଓ ମୁଁ ମିଷ୍ଟର ବେନଅନସଙ୍କ ପାଖକୁ ଯାଇ ଯେ କୌଣସି କାର୍ଯ୍ୟରେ ସୈନ୍ୟ ବାହିନୀରେ ଆମକୁ ନିଯୁକ୍ତ କରିବା ପାଇଁ ଅନୁରୋଧ କଲୁ । କିନ୍ତୁ ମିଷ୍ଟର ବେନଅନସ୍ ଆମକୁ ନିରୁତ୍ସାହିତ କରିଥିଲେ ଓ ଯେଉଁ ଉଦ୍ଦେଶ୍ୟରେ ଆମେମାନେ କେମ୍ବ୍ରିଜ ଆସିଛୁ, ସେହି ଉଦ୍ଦେଶ୍ୟ ବା ଅଧ୍ୟୟନରେ ମନୋ

Digitized by srujanika@gmail.com

ନବେଶ କରିବାପାଇଁ ଆମକୁ ପରାମର୍ଶ ଦେଇଥିଲେ ।

ଡ଼କ୍ଟର ଆର୍. ପି. ପାରାଞ୍ଜପେ କହୁଥିଲେ, କେମ୍ବ୍ରିଜ କିମ୍ବା ଅକ୍ସଫୋର୍ଡ଼ ଗଲେ ଭାରତବର୍ଷର ପରିଚୟ ମିଳେ । କିନ୍ତୁ ଏହାକୁ ଆହୁରି ସ୍ପଷ୍ଟ ଭାବରେ କହିଲେ ଠିକ ହେବ ଯେ କେମ୍ବ୍ରିଜକୁ ଗଲେ ଜଣେ ପୃଥିବୀକୁ ଜାଣି ପାରିବ । ମୁଁ ଯେତେବେଳେ କ୍ରାଇଷ୍ଟସ୍ କଲେଜରେ ଯୋଗଦେଲି, ସେତେବେଳେ ବ୍ରିଟିଶ ଛାତ୍ରଙ୍କ ଛଡ଼ା ଭାରତ (ପାକିସ୍ତାନ ସମେତ), ସିଂହଳ, ବ୍ରହ୍ମଦେଶ, ଚୀନ, କୋରିଆ, ସିଙ୍ଗାପୁର, ଅଷ୍ଟ୍ରେଲିଆ, ଆଫ୍ରିକାରୁ ଛାତ୍ରମାନେ ଆସିଥିଲେ । ବିଶ୍ୱବିଦ୍ୟାଳୟର ଚାରି ଆଡ଼କୁ ଚାହିଁଲେ ପୃଥିବୀର ସବୁ ଦେଶର ପ୍ରତିନିଧିଙ୍କୁ ସେଠାରେ ଦେଖିବାକୁ ମିଳୁଥିଲା ।

## ଶିକ୍ଷକଙ୍କ କର୍ତ୍ତବ୍ୟ ଜ୍ଞାନ

ଯୁଦ୍ଧ ଯେତିକି ଘନେଇଲା, ବିଶ୍ୱବିଦ୍ୟାଳୟରେ ସେତିକି ସେତିକି ବ୍ରିଟିଶ ଛାତ୍ରଙ୍କ ସଂଖ୍ୟା କମିବାକୁ ଲାଗିଲା । ଅଧ୍ୟାପକମାନଙ୍କ ମଧ୍ୟରେ ଯେଉଁମାନେ ଯୁବକ ଥିଲେ, ସେମାନେ ମଧ୍ୟ ସୈନ୍ୟବାହିନୀରେ ଯୋଗ ଦେଲେ । ଏପରିକି ସୈନ୍ୟ ବାହିନୀରେ ଯୋଗ ଦେବାର ବୟସ ଯେଉଁମାନଙ୍କର ଚାଲି ଯାଇଥିଲା, ସେମାନେ ସୈନ୍ୟ ବାହିନୀ ପାଇଁ ଶିକ୍ଷାର୍ଥୀ ମାନଙ୍କୁ ଡ୍ରିଲ କରାଇବା କିମ୍ବା ବିମାନ ଆକ୍ରମଣ ବେଳେ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ ଆଦି କାର୍ଯ୍ୟରେ ନିଜ ନିଜକୁ ନିୟୋଜିତ କରୁଥିଲେ । ଆମର ଉଦ୍‌ଭିଦ ବିଜ୍ଞାନ ଅଧ୍ୟାପକ ସାର ଆର୍ଥର ସିୱାର୍ଡ଼୍ ବୃଦ୍ଧ ହୋଇ ଯାଇଥିଲେ । ତଥାପି ତାଙ୍କୁ ସ୍ଥାନୀୟ ବାହିନୀର ଯେ ଜଣେ ଅଫିସର ଭାବରେ କାର୍ଯ୍ୟ କରୁଥିଲେ । ଶିକ୍ଷକ ଗୋଷ୍ଠୀର କର୍ତ୍ତବ୍ୟ ଜ୍ଞାନ ଏପରି ଥିଲା ଯେ ଏ ସବୁ କାର୍ଯ୍ୟରେ ଲାଗିଥିଲେ ମଧ୍ୟ ଅଧ୍ୟାପନାରେ ସେମାନେ କେବେ ହେଲା କରୁ ନଥିଲେ । ସାମରିକ ପୋଷାକ ପିନ୍ଧି ସେମାନେ କଲେଜକୁ ଆସି ପାଠ୍ୟ ବିଷୟରେ ବକ୍ତୃତା ଦେଉଥିଲେ କିମ୍ବା ପ୍ରାକ୍‌ଟିକାଲ୍ ଶ୍ରେଣୀମାନ ନେଉଥିଲେ ।

ସହରର ଗଳି ଓ ରାସ୍ତା ମାନଙ୍କରେ ପୋଷାକରେ ଥିବା ସୈନ୍ୟ ଓ ଅଫିସର ମାନଙ୍କୁ ଦେଖିବା ଏକ ସାଧାରଣ ଦୃଶ୍ୟ ଥିଲା । ଏକ ସମୟରେ ସୈନ୍ୟମାନଙ୍କୁ କଲେଜ ମାନଙ୍କରେ ଆଣି ରଖାଗଲା । ବିମାନ ଆକ୍ରମଣର ପ୍ରତିରୋଧ କ ରୂପେ ରାସ୍ତାର ବତି ସବୁ ନିଭାଇ ଦିଆ ଯାଇଥିଲା ଓ ଲୋକେ ତାଙ୍କର ଝରକାକୁ ଆବୃତ କରି ରଖୁଥିଲେ, ଯେପରିକି ବାହାରକୁ କୌଣସି ଆଲୁଅ ଦେଖାଦିବ ନାହିଁ । କେହି ଏ ବ୍ୟବସ୍ଥା ନ ମାନିଲେ କଠୋର ଦଣ୍ଡ ବିଧାନ କରା ଯାଉଥିଲା । ଆମ କଲେଜର କେତେକ ଛାତ୍ରଙ୍କୁ ସେମାନଙ୍କର ଅସାବଧାନତା ପାଇଁ ଜୋରିମାନା ଦେବାକୁ ପଡ଼ିଥିଲା । ଏହି ସବୁ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ପୋଲିସ ନ ଥିବାରୁ ଏ. ଆର. ପି ଲୋକେ ଓ ସ୍ୱେଚ୍ଛାସେବକ ମାନଙ୍କୁ ରଖାଗଲା ଓ ଏହା କିପରି କଠୋର ଭାବରେ କାର୍ଯ୍ୟକାରୀ ହେବ, ତାହା ଦେଖିବା ହେଲା, ସେମାନଙ୍କର କାମ ।

Digitized by srujanika@gmail.com

ଯୁଦ୍ଧର ପ୍ରଥମ ଅବସ୍ଥାରେ ଖାଦ୍ୟ ପେସ୍ଥରେ ବିଶେଷ କଷ୍ଟକଣା ନଥିଲା । କିନ୍ତୁ ଇଂଲଣ୍ଡ ପ୍ରଣାଳୀ ଏବଂ ଅନ୍ୟ ସବୁ ସାମୁଦ୍ରିକ ଉପକୂଳରେ ମାଇନ୍ (ପାଣିତଳେ ରଖା ଯାଉଥିବା ବିସ୍ଫୋରକ ବୋମା) ଖଞ୍ଜା ଦିବା ଫଳରେ ଝିକ୍ କଡ଼ା ଦଢ଼ ବ୍ୟବସ୍ଥା ପ୍ରଚଳନ କରାଗଲା । ଉଦାହରଣ ସ୍ୱରୂପ ଆମକୁ ସପ୍ତାହକୁ ଚାରି ଆଉନସ ବା ଦୁଇ ଛଟାଙ୍କି ଚିନି ମିଳୁଥିଲା । ବହୁ ଲୋକ ଚା'ରେ ସାକାରିନ୍ ଖାଇଲେ ଏବଂ ମୋ' ଭଳି କେତେକ ଲୋକ ଚା' ସହିତ ଚିନି ଖାଇବା ବିଲ୍‌କୁଲ୍ ଛାଡ଼ି ଦେଲେ ।

ଖାଦ୍ୟ ଯୋଗାଣରେ ସାହାଯ୍ୟ କରିବା ପାଇଁ ବହୁ ନାଗରିକ ପାର୍କ ମାନଙ୍କରେ କିମ୍ବା ଖୋଲା ମଇଦାନରେ ଜମି ଆବାଦ କରି ଆଳୁ, ପନି ପରିବା ଓ ଏପରିକି ଗହମ କୃଷି କଲେ । ମ୍ୟୁନିସିପାଲିଟି ଏହି ଉଦ୍ଦେଶ୍ୟରେ ଲୋକଙ୍କୁ ଜମି ଦେଉଥିଲେ । କେମ୍ବ୍ରିଜ ଓ ଅକ୍‌ସ୍‌ଫୋର୍ଡ଼ ଉପରେ ବୋମା ମାଡ ହେଉ ନଥିଲା । ଆମେ ଶୁଣିଲୁ, ବିଶ୍ୱ ବିଦ୍ୟାଳୟ ମାନଙ୍କ ଉପରେ ବୋମା ନପକାଇବା ପାଇଁ ଜର୍ମାନମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ଥରେ ଏକ ଛୁଟିରେ ମୁଁ ଲଣ୍ଡନର ଷ୍ଟ୍ରେଥାମ୍ ଠାରେ ରହୁଥିଲି । ଦିନେ ରାତିରେ ଆମେ ବିସ୍ଫୋରଣର ଶବ୍ଦ ଶୁଣିଲୁ । ଏକ ନିକଟବର୍ତ୍ତୀ ରେଲବାଇ ଷ୍ଟେସନରେ ବୋମା ପଡ଼ିଚି ବୋଲି ଆମେ ଶୁଣିଲୁ । ପରଦିନ ସକାଳେ ସେଠାକୁ ଦେଖିବାକୁ ଗଲୁ । କୋଠାଘର ମାନଙ୍କର ଯାହା କ୍ଷତି ହୋଇଚି, ତାହା ଦେଖା ଯାଉଥିଲା, କିନ୍ତୁ ସବୁ ଭଙ୍ଗା ଇଟା, ପଥର, ଅଳିଆ ଗଡ଼ାଗଡ଼ି ପରିଷ୍କାର ହୋଇ ଯାଇଥିଲା, ଯେପରିକି ଲୋକଙ୍କର ନୈତିକତା ଅବିଚଳିତ ରହେ । ଜେପେଲିନ ଲଣ୍ଡନ ସହର ଉପର ଦେଇ ଉଡ଼ିବା ଏକ ସାଧାରଣ କଥା ହୋଇ ଯାଇଥିଲା । ବିମାନ ଆକ୍ରମଣରୁ ରକ୍ଷା ପାଇବା ପାଇଁ ବହୁ ସଂଖ୍ୟକ ଆଶ୍ରୟସ୍ଥଳ ନିର୍ମିତ ହୋଇଥିଲା ଓ ମାଟିତଳେ ଥିବା ରେଲ ଷ୍ଟେସନମାନ ମଧ୍ୟ ଏହି ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥିଲା ।

## ଲଏଡ଼ ଜର୍ଜ

ଯୁଦ୍ଧର ପ୍ରଥମ ଅବସ୍ଥାରେ ଆସ୍‌କ୍ୟୁଇଥ୍ ପ୍ରଧାନମନ୍ତ୍ରୀ ଥିଲେ । କିନ୍ତୁ ଜର୍ମାନମାନେ ଯେତେବେଳେ ଦ୍ରୁତ ଅଗ୍ରଗତି କରି ଚାଲିଲେ, ଜାହାଜ ସବୁ ଧ୍ୱଂସ କରିବାରେ ଲାଗିଲେ ଓ ବ୍ରିଟିଶ ଦ୍ୱୀପପୁଞ୍ଜ ଅବରୁଦ୍ଧ ଅବସ୍ଥାରେ ରହି ଜିନିଷପତ୍ର ସବୁ ବାହାରୁ ଆସିବା ବହୁ ପରିମାଣରେ ବନ୍ଦ ହୋଇଗଲା, ଲୋକେ ଆସ୍‌କ୍ୟୁଇଥ୍‌ଙ୍କର 'ଧୈର୍ଯ୍ୟଧର, ଅପେକ୍ଷାକର' ନୀତିକୁ ପସନ୍ଦ କରି ପାରିଲେ ନାହିଁ । ୧୯୧୬ ମସିହାରେ ଲଏଡ଼୍ ଜର୍ଜ ପ୍ରଧାନ ମନ୍ତ୍ରୀ ହେଲେ । ସେ ଆସ୍‌କ୍ୟୁଇଥ୍‌ଙ୍କ ଅପେକ୍ଷା ଅଧିକ ତତ୍ପର ଓ ଦକ୍ଷ ବ୍ୟକ୍ତି ଥିଲେ । ଶେଷରେ ଆମେରିକା ମିତ୍ର ପକ୍ଷରେ ଯୋଗ ଦେଲା ଓ ଜର୍ମାନମାନେ ପରାଜିତ ହେଲେ । ୧୯୧୮ ମସିହାରେ ସନ୍ଧି ଘୋଷିତ ହେଲା ।

ନିଃସନ୍ଦେହ ଭାବରେ ଲୋକେ ଯୁଦ୍ଧ କାଳରେ ଅବର୍ଣ୍ଣନୀୟ ଦୁଃଖ, କଷ୍ଟ ମଧ୍ୟରେ ଗତି କରୁଥିଲେ । ସନ୍ଧି ଘୋଷଣା ସାରା ଦେଶରେ ଏକ ଆନନ୍ଦ ଉଚ୍ଛ୍ୱାସ ଖେଳାଇ ଦେଲା ।

Digitized by srujanika@gmail.com


କେମ୍ବ୍ରିଜ ଏଥିରୁ ଅଲଗା ନଥିଲା । ଲୋକେ ରାସ୍ତାରେ ଜମା ହୋଇ ପାଟି ତୁଣ୍ଡ କରୁଥାନ୍ତି । ଆନନ୍ଦ ଉତ୍ସବରେ ମାତିଥାନ୍ତି । ପୁଣି ବତୀ ଖୁଣ୍ଟ ମାନଙ୍କରେ ଆଲୁଅ ଜଳିଲା । ରାତିସାରା ଆନନ୍ଦ ଉତ୍ସବ ମଧ୍ୟରେ କେତେ ଗର୍ହିତ କାର୍ଯ୍ୟରେ ମଧ୍ୟ ଲୋକେ ମାତିଲେ । ଦୀର୍ଘ ଛଅବର୍ଷ ଧରି କଠୋର ନିୟନ୍ତ୍ରଣ ମଧ୍ୟରେ ରହିବା ପରେ ହଠାତ୍ ଏ ନିୟନ୍ତ୍ରଣ ଉଠିଗଲେ ସେମାନେ କିପରି ଅନୁଭବ କରିବେ, ତାହା ସହଜରେ ଅନୁମାନ କରିଯାଇପାରେ ।

ଭାରତୀୟ ଛାତ୍ରମାନେ ବିଶେଷ ଖୁସି ହୋଇ ନଥିଲେ ବୋଲି ଏଠାରେ ଉଲ୍ଲେଖ କରାଯାଇ ପାରେ । କାରଣ ବିଦେଶୀ ଶାସନ ବିରୁଦ୍ଧରେ ଏକ ବିଦ୍ରୋହ ଭାବ ଛଡ଼ା, ଇଂଲଣ୍ଡରେ ସେମାନଙ୍କର ଅଭିଜ୍ଞତା, ସେମାନଙ୍କ ପ୍ରତି ପାନ୍ତର ଅନ୍ତର ବ୍ୟବହାର ଭାରତୀୟ ଛାତ୍ରମାନଙ୍କ ମନରେ ଏକ ବ୍ରିଟିଶ ବିରୋଧୀ ମନୋଭାବ ସୃଷ୍ଟି କରିଥିଲା । ହୁଏତ ଜର୍ମାନ ମାନଙ୍କର ବିଜୟ ଭାରତ ପାଇଁ ଏକ ନୂଆ ଧରଣର ଉପନିବେଶବାଦ ସୃଷ୍ଟି କରିଥାନ୍ତା । କିନ୍ତୁ ବ୍ରିଟିଶ ବିରୋଧୀ ମନୋଭାବ ସନ୍ଧି ଦିବସ ଦିନ ଭାରତୀୟ ଛାତ୍ର ମାନଙ୍କୁ ବିଶେଷ ଆନନ୍ଦିତ କରି ନଥିଲା ।

## ଶୋକାବହ ଘଟଣା

ଯୁଦ୍ଧକାଳୀନ ଅବସ୍ଥା ବିଷୟ ଆଲୋଚନା କରିବା ଶେଷ କରିବା ପୂର୍ବରୁ ଏକ ଶୋକାବହ ଘଟଣା ମୁଁ ଉଲ୍ଲେଖ ନକରି ରହିପାରୁ ନାହିଁ । ଏହା ସହିତ ଜଣେ ଓଡ଼ିଆ ଛାତ୍ର ସମ୍ପୃକ୍ତ । ଆମେ ସମସ୍ତେ ଏଥିରେ ଅତିଶୟ ବିପନ୍ନ ହୋଇ ପଡ଼ିଲୁ । ସ୍ୱର୍ଗୀୟ ରାୟ ବାହାଦୂର ଚନ୍ଦ୍ରାମଣି ଆଚାର୍ଯ୍ୟଙ୍କର ଜଣେ ଭଣେଇ ଶ୍ରୀ ହେମଚନ୍ଦ୍ର ଶତପଥୀ ବାର-ଆଟ୍‌ଲ' ଶେଷ କରି ଘରକୁ ଫେରୁଥିଲେ । ସେ ଯେଉଁ ଷ୍ଟିମରରେ ଆସୁଥିଲେ, ଇଂଲିଶ ପ୍ରଣାଳୀରେ ଜର୍ମାନ ମାନଙ୍କ ଟର୍ପେଡ଼ୋ ଆକ୍ରମଣରେ ତାହା ବୁଡ଼ିଗଲା । ହେମଚନ୍ଦ୍ରଙ୍କ ମୃତ ଦେହ ପ୍ଲାଇ ମାଉଥ୍‌କୁ ଅଣାଗଲା । ଶ୍ରୀ ଭୁବନାନନ୍ଦ ଦାସ ବ୍ରିଷ୍ଟଲଠାରେ ଯେତେବେଳେ ଜଣେ ଇଞ୍ଜିନିଅର ଭାବରେ କାର୍ଯ୍ୟ କରୁଥିଲେ । ସେ ଯାଇ ଏହି ମୃତ ଦେହକୁ ଚିହ୍ନଟ କଲେ ଓ ତା'ପରେ ତାହା ଲଣ୍ଡନ ଅଣାଗଲା । ସଚ୍ଚିଦାନନ୍ଦ ରାୟ ଅକ୍‌ସଫୋର୍ଡ଼ରୁ ଓ ମୁଁ କେମ୍ବ୍ରିଜରୁ ଆସି ଶବଦାହ କାର୍ଯ୍ୟରେ ଯୋଗ ଦେଲୁ । ଶତପଥୀଙ୍କର କେତେଜଣ ଭାରତୀୟ ଓ ଇଂରେଜ ବନ୍ଧୁ ମଧ୍ୟ ଏଥିରେ ଯୋଗଦେଇ ଥିଲେ । ବୈଦ୍ୟୁତିକ ଦାହ ଯନ୍ତ୍ର (Electrical Crematorium) ରେ ତାଙ୍କର ଶବଦାହ କରାଯାଇଥିଲା । ମୋର ବନ୍ଧୁ ଶ୍ରୀ ପି. କେ. ଆଚାର୍ଯ୍ୟ, ଯାହାଙ୍କ ସମ୍ପର୍କରେ ମୁଁ ପୂର୍ବରୁ ଉଲ୍ଲେଖ କରିଛି, ସେ ପବିତ୍ର ବେଦମନ୍ତ୍ର ପାଠ କରିଥିଲେ ଏବଂ ଶବ ଧାର ଉପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଥିଲା । ଶ୍ରୀ ଭୁବନାନନ୍ଦ ଦାସ, ଶ୍ରୀ ଏସ୍. ସି. ରାୟ ଓ ମୁଁ ସେହି ଦିନଟି ଲଣ୍ଡନରେ କଟାଇ ତା' ପରଦିନ ନିଜ ନିଜ କର୍ମକେନ୍ଦ୍ରକୁ ଫେରି ଯାଇଥିଲୁ । ଶ୍ରୀ ଭୁବନାନନ୍ଦ ଦାସ ବ୍ରିଷ୍ଟଲ ଠାରେ ତାଙ୍କ ସହିତ ଗୋଟିଏ ଛୁଟି କଟା-ଇବା ପାଇଁ ଆମକୁ ନିମନ୍ତ୍ରଣ କରିଥିଲେ ଓ ପରେ ଆମେ ତାହା ରକ୍ଷା କରିଥିଲୁ ।

Digitized by srujanika@gmail.com



C M Chandan

Steel Furniture for

**OFFICES**
**HOMES**
**INSTITUTIONS**

WE DEAL WITH

* Chandan Steel Furniture
* Trigon Slotted Angles.
* Norman & Krishna Iron Safe & Cash Boxes.
* Arrow & Krishna Sofa Cum Bed Set & Sofa set.
* Goodlass Nerolac Paints & Colours.
* Hawkins Pressure Cooker.
* Rita Sewing Machine.
* Refrigerators & Air Conditioners.
* Pumps, Machineries, Automobile Spare Parts Etc.
* Challenge, Mepco, Truebend Folding Tubular Tables, Chairs & Easy Chairs
* Asbestos Cement Sheets, Tarpaulines, Linoleums, Durries, Carpets, Iron Safes etc.
* We also act as Contractors and Motion Picture Distributors.

**G. Naik & Co**
STATION ROAD
CUTTACK 3


Digitized by srujanika@gmail.com

# ସ୍ୱାଧୀନତା ସଂଗ୍ରାମର ସ୍ମୃତି



## ପାକିସ୍ଥାନ ସହିତ ଯୁଦ୍ଧରୁ ଶିକ୍ଷା

—ମହାବୀର ତ୍ୟାଗୀ

ଫିରୋଜପୁର ପାଖରେ ଶତଦ୍ରୁ ନଦୀର ପୋଲ । ଏହି ପୋଲରୁ ଲାହୋର ପର୍ଯ୍ୟନ୍ତ ପକ୍କା ସଡ଼କ ଯାଇଛି । ହିନ୍ଦୁସ୍ଥାନ ଭାଗ ଭାଗ ହୋଇଯିବାପରେ ଆପୋଷ ଆଲୋଚନାରେ ଆମେ ପାକସ୍ଥାନ ସୀମା ପାଖରେ ଏକ ପୋଲିସ ଷ୍ଟେସନ ରଖିଲୁ । ପାକସ୍ଥାନୀ ପୋଲିସ ହିନ୍ଦୁ ଓ ଶିଖ ଶରଣାର୍ଥୀ ପରିବାରଙ୍କ ହେଫାଜତ କରି ସାଙ୍ଗରେ ଆଣି ଆମ ପୋଲିସଙ୍କ ପାଖରେ ଛାଡ଼ି ଦେଇ ଯାଉଥିଲେ ।

### ପାକିସ୍ଥାନୀଙ୍କ ଆକ୍ରମଣ

୧୮ ମାର୍ଚ୍ଚ, ୧୯୫୭ । ରାତି ପ୍ରାୟ ୮ଟା ସମୟ । ପ୍ରଧାନ ସେନାପତି ସୂଚନା ଦେଲେ (ସେ ସମୟରେ ମୁଁ ପ୍ରତିରକ୍ଷା ବିଭାଗ ମନ୍ତ୍ରୀ ଥିଲି), ଜେନେରାଲ ମ୍ୟାକ୍ନକ୍ସ ସିଂହଙ୍କର ଟେଲିଫୋନ ଆସିଛି ଯେ ଲାହୋରରୁ ପାକିସ୍ଥାନୀ ସେନା ଆମଆଡ଼କୁ ମାଡ଼ି ଆସୁଛନ୍ତି ଓ ବନ୍ଧୁକ ମଟର ଓ ଟ୍ୟାଙ୍କ ଧାଡ଼ି ଧାଡ଼ି ହୋଇ ଚାଲିଛି । ଯଦି ଏମାନେ ପ୍ରକୃତରେ ଆକ୍ରମଣ କରନ୍ତି, ତା'ହେଲେ ଆମକୁ କ'ଣ କରିବାକୁ

Digitized by srujanika@gmail.com

ହେବ, ତା'ର ସ୍ପଷ୍ଟ ଆଦେଶ ଦିଆଯାଉ । କାରଣ ପାକିସ୍ତାନ ସୀମା ଭିତରକୁ ଗୁଳି ଚଳାଇବା ପାଇଁ ଆମକୁ ମନା କରାଯାଇଛି । ମୁଁ କହିଲି, "ଯଦି ଭ୍ରମର ଶକ୍ତି ଯଥେଷ୍ଟ ଥାଏ, ତା'ହେଲେ ଗୁଳିର ଜବାବ ଗୁଳିରେ ଦିଅ ଏବଂ ଏମାନଙ୍କୁ ତୁମ ସୀମାରୁ ବାହାର କର । ଲଢ଼ାଇ ଚାଲିଥିବା ବେଳେ ସୀମା ଦେଖା ଯାଏ ନାହିଁ । ତେଣୁ ଯାହା ଉଚିତ କର । ଯଦି ଏମାନେ ଆମ ସୀମା ଭିତରକୁ ଆସି ପାରିଲେ, ଆମେ କାହିଁକି ତାଙ୍କ ସୀମା ଭିତରକୁ ଯାଇ ପାରିବା ନାହିଁ ?" ପ୍ରଧାନ ସେନାପତି ବଡ଼ ଉତ୍ସାହର ସହିତ କହିଲେ, "ଏପରି ମିନିଷ୍ଟର ପାଇ ଆମର ଗର୍ବ । ମୁଁ କଥା ଦେଉଛି ଯେ, ଶତ୍ରୁକୁ ଆମେ କେବେ ନିଃଶ୍ୱାସ ମାରିବାକୁ ସମୟ ଦେବୁ ନାହିଁ ।"

ତାପରେ ମୁଁ ଜେନେରାଲ ଗୁରୁବକ୍ସ ସିଂଙ୍କୁ ସିଧା ଟେଲିଫୋନ କଲି । ଶୁଣିଲି ଯେ ନଦୀର ସେ ପାଖରେ ୫୦ ଫୁଟର ଏକ ବାଲି ଚଢ଼ା ଅଛି ଓ ଚଢ଼ା ପରେ ଏକ ବଡ଼ ଓସାରିଆ କଂକ୍ରିଟ୍ ବନ୍ଧ ଅଛି । ପଡ଼ିଆରୁ ବନ୍ଧର ଉଚ୍ଚତା ୧୬ ଫୁଟ । ଜେନେରାଲ ଗୁରୁବକ୍ସ ସିଂ ଶୀଘ୍ର ବହୁ ସଂଖ୍ୟାରେ ସୈନ୍ୟଙ୍କୁ ନାହାରେ ବସାଇ ନଦୀ ପାର କରାଇ ବାଲି ଚଢ଼ାରେ ପହଞ୍ଚାଇ ଦେଇ ଛନ୍ତି । ପାକିସ୍ତାନଙ୍କ ଅଡୁ ଯେତେବେଳେ ଗୋଳି ବର୍ଷଣ ଆରମ୍ଭ ହେଲା, ଆମର ସେନା ମଧ୍ୟ ଗୋଳିରେ ତା'ର ଜବାବ ଦେଲେ । କେତେକ ସମୟ ଧରି ଦୁଇ ପକ୍ଷରୁ ଏହିପରି ଅତସବାଜି ଚାଲିଲା । କିନ୍ତୁ ଦୁଇ ସେନାର ମଝିରେ ଏକ ଉଚ୍ଚ ବନ୍ଧ ଥିବା ଯୋଗୁଁ କେହି ମୃତାହତ ହେଲେ ନାହିଁ ।

କିଛି ସମୟ ପରେ ଶତ୍ରୁ ସେନାମଧ୍ୟରୁ କେତେ ଜଣ ବନ୍ଧର ଗୋଟିଏ ପାଖରୁ ଉପରକୁ ଚଢ଼ି ଆସିଲେ । ସେମାନଙ୍କ ଉପରେ ଆମ ସୈନ୍ୟଙ୍କ ନଜର ପଡ଼ିବାରୁ ସେମାନଙ୍କୁ ଘଉଡ଼ାଇ ଦେଲେ । କିନ୍ତୁ ଏହି ସମସ୍ତ ମଧ୍ୟରେ ଖୁବ ଗୋପନରେ ଅଳ୍ପ କେତେଜଣ ପାକିସ୍ତାନୀ ସୈନ୍ୟ ବନ୍ଧର ଅନ୍ୟ ଗୋଟିଏ ପାଖରେ ଏକ ମେସିନଗନ ରଖି ଗୁଳି ବର୍ଷଣ ଆରମ୍ଭ କରିଦେଲେ ।

## ଆତ୍ମହତ୍ୟା କରିବି

ରାତି ୧୧ଟା ବେଳେ ଜେନେରାଲ ମୋତେ ଜଣାଇଲେ ଯେ ଦୁର୍ଭାଗ୍ୟର କଥା, ଆମର ସୈନ୍ୟମାନେ ଘେରରେ ପଡ଼ି ଯାଇଛନ୍ତି । ଆମେ ସେମାନଙ୍କ ପାଖରେ ଗୁଳି ବାରୁଦ ପହଞ୍ଚାଇ ପାରୁନାହୁଁ । ଅଧିକ ସୈନ୍ୟ ମଧ୍ୟ ପଠାଇ ପାରୁନାହୁଁ କିମ୍ବା ଆହତ ବ୍ୟକ୍ତିଙ୍କୁ ଚିକିତ୍ସାପାଇଁ ଆଣିପାରୁ ନାହୁଁ । ଶତ୍ରୁ ବନ୍ଧ ଉପରେ ଚାରି ମେସିନଗନକୁ ଏପରି ଏକ ସ୍ଥାନରେ ରଖିଛି ଯେ ସମଗ୍ର ନଦୀର ଶଯ୍ୟା ଗୋଳା ଗୁଳିରେ ଭର୍ତ୍ତି ହୋଇ ଗଲାଣି । ଏକଥା ପୁଣି ମୋ'ର ଛାତି ପଡ଼ିଗଲା ଭଳିଠି । ଶତ ସଂଖ୍ୟକ ସୈନିକ ଯଦି ଘେରରେ ପଡ଼ି ଜୀବନ ହରାନ୍ତି, ତା'ହେଲେ ଜବାହାରଲାଲଙ୍କୁ ମୁଁ କିପରି ମୁହଁ ଦେଖାଇବି ! ମୁଁ ଜେନେରାଲଙ୍କୁ କହିଦେଲି, "ଯଦି ସବୁ ସୈନ୍ୟ ସେଠାରେ ମରି ଯା'ନ୍ତି, ତା'ହେଲେ କାଲି ସକାଳ ହେବା ପୂର୍ବରୁ ମୋ'ର

Digitized by srujanika@gmail.com

ଅତ୍ମହତ୍ୟା କରିବା ନିଶ୍ଚିତ । ପିସ୍ତଲ ଭରି ମୁଁ ବସି ରହିଲି ।"

ଜେନେରାଲ କହିଲେ, "ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଅଧଘଣ୍ଟାଏ ସମସ୍ତ ମଧ୍ୟରେ ବାଲି ପଡ଼ିଆରେ ପହଞ୍ଚି ପ୍ରକୃତ ପରିସ୍ଥିତିର ଖବର ଆପଣଙ୍କୁ ଦେଉଛି ।" ଦୁ ଘଣ୍ଟା ହୋଇଗଲା । କୌଣସି ଖବର ନାହିଁ । ନିଜ ଘର ଭିତରେ ମୁଁ ଏପାଖ ସେପାଖ ହେଉଛି । କିଛି ସମୟପରେ ଟେଲିଫୋନ ବାଜିଲା ।

"ସୁଖର ଖବର"


ମୁଁ କହିଲି, "କ'ଣହେଲା ?"

## ମେସିନଗନ ମୁହଁ ଚୁପ୍

ଜେନେରାଲଙ୍କ ପାଖରୁ ଉତ୍ତର ଆସିଲା, "ମୁଁ ବାଲି ଖଣ୍ଡରେ ପହଞ୍ଚି ପାଣ୍ଟିକରି କହିଲି, ଏପରି କେହି ଅଛି ଯେ କି ଏ ମେସିନଗନର ମୁହଁ ବନ୍ଦକରି ପାରିବ ?" ଜଣେ କହିଲା, ଲାନସ ନାଏକ ସୁନ୍ଦର ସିଂ ଏ କାମ କରି ପାରିବ । କାରଣ ପାକିସ୍ତାନରୁ ନିଜ ପରିବାରକୁ ନେଇ ଏ ଯେତେବେଳେ ଭାରତ ଆସୁଥିଲେ ବହୁ ସ୍ଥାନରେ ତାଙ୍କୁ ନିର୍ଯ୍ୟାତନକାର୍ଯ୍ୟ ଓ ହତ୍ୟା କାଣ୍ଡଙ୍କ ସମ୍ମୁଖୀନ ହେବାକୁ ପଡ଼ିଥିଲା । ସୁନ୍ଦର ସିଂ ପାଖକୁ ଆସି ସାଲ୍ୟୁଟ ଦେଇ କହିଲେ, "ମୋତେ ଛ'ଟି ବୋମା (ହେଣ୍ଡ୍ ଗ୍ରେନେଡ଼୍) ଦିଅନ୍ତୁ । ମୁଁ ମେସିନଗନର ମୁହଁ ବନ୍ଦ କରିଦେବି ।" ସୁନ୍ଦର ସିଂ ଛ'ଟି ହେଣ୍ଡ୍ ଗ୍ରେନେଡ ଧରି ବନ୍ଧ ଉପରେ ଚଢ଼ିଲେ । ଶତ୍ରୁର ଗୁଳି ବର୍ଷା ଉପରୁ ଚାଲିଥାଏ । ସେ ବହୁଲେଇ ଚାଲିଲା ପରି ଘୁଷୁରି ଘୁଷୁରି ଦେଢ଼ଶ ଗଜ ପର୍ଯ୍ୟନ୍ତ ଗଲେ ଓ ମେସିନଗନ ପାଖରେ ପହଞ୍ଚି ଠିଆ ହୋଇ ଏପରିଏକ ଗ୍ରେନେଡ଼୍ ପକାଇଲେ ଯେ ମେସିନ ଗନ ଉପରେ ଯାଇ ତାହା ଫୁଟିଲା । ମେସିନ ଗନ୍ ଚଳାଉଥିବା ତିନି ଜଣ ସୈନ୍ୟ ସଙ୍ଗେ ସଙ୍ଗେ ମରିଗଲେ । ସୁନ୍ଦର ସିଂ ଗ୍ରେନେଡ଼୍ ଫୁଟାଇ ତିନିଥର ଉପରକୁ ଗଲେ ଓ ମରି ପଡ଼ିଥିବା ତିନିଜଣ ପାକିସ୍ତାନୀ ସୈନ୍ୟଙ୍କ କଲରକୁ ଧରି ଘୋଷାଡ଼ି ଘୋଷାଡ଼ି ବାଲିଲେ ଆଣି ପକାଇ ଦେଲେ । ପୁଣି ନିଜର ସଫଳତାରେ ଉତ୍ସାହିତ ହୋଇ ଦୁଇଥର ବନ୍ଧ ଉପରେ ଚଢ଼ିଗଲେ ଓ ଗୋଟିଏ ଲାଇଟ ମେସିନ୍ ଗନ୍ ଓ ଦୁ ବାକ୍ସ କାରତୁସ ନେଇ ଚାଲି ଆସିଲେ । ଫେର କ'ଣ ହେଲା । ଆମର ସମସ୍ତ ସୈନ୍ୟ ବନ୍ଧ ଉପରକୁ ଚଢ଼ିଗଲେ । ବନ୍ଧର ଅପର ପାର୍ଶ୍ୱରେ ପାକିସ୍ତାନୀ ସୈନ୍ୟମାନେ ଖାଇ ଖୋଳି ରହିଥିଲେ ଓ ନିଜକୁ ଘୋଡ଼ାଇବା ପାଇଁ ଶୁଖିଲା ଘାସ କୁଟାରେ ତାକୁ ଢାଙ୍କି ଦେଇଥିଲେ ।

ଆମର ସୈନ୍ୟମାନଙ୍କୁ ସଫଳତାର ନିଶା ଲାଗି ଯାଇଥିଲା । ଏମାନେ ଅଖାରେ ମାଟି, ପଥର ପୂର୍ତ୍ତି କରି ତାକୁ ପେଟ୍ରୋଲରେ ବୁଡ଼ାଇ ନିଆଁ ଲଗାଇ ଦେଇ ପାକିସ୍ତାନୀ ସୈନ୍ୟମାନଙ୍କ ଆଡ଼କୁ ଫୋପାଡ଼ିଲେ । ଦୁଇ ମାଇଲ ଧରି ଏକ ଶୁଖିଲା ଘାସର ଜଙ୍ଗଲରେ ଲାଗିଲା ନିଆଁ । ଯେଉଁ ପାକିସ୍ତାନୀ ସୈନ୍ୟମାନେ ଦୌଡ଼ି ପଳାଇଲେ, ଆମ ସେନା ତାଙ୍କର ପିଛା ଧରି କେତେ ବାଟ ଯେ ଗୋଡ଼ାଇଲେ, ତାହା ଲେଖି

Digitized by srujanika@gmail.com




Digitized by srujanika@gmail.com

ଯାଇ ପାରୁନାହିଁ । କିନ୍ତୁ ଏତିକି ମୁଁ କହି ପାରେ ଯେ ଲାହୋର ବଜାର ବନ୍ଦ ହୋଇଗଲା ।

କେତେ ସୈନ୍ୟ ମଲେ, ପାକିସ୍ତାନ ପକ୍ଷରୁ ତାହା ପ୍ରକାଶ ପାଇଲା ନାହିଁ । ଆମେ ମଧ୍ୟ ଏତିକି କହି କଥାଟାକୁ ଘୋଡାଇ ଦେବା ପାଇଁ ଚେଷ୍ଟା କଲୁ ଯେ ଉଚ୍ଚ ଘାସ ଭିତରେ କିଏ ମରି ପଡ଼ିଚି କି ନାହିଁ, ତାର ଖବର ଆମେ ରଖିନାହୁଁ । ହଁ, ବହୁ ଲୋକ ଦଉଡ଼ି ପଳାଉ ଥିବାର ଆମେ ଲକ୍ଷ୍ୟ କରିଛୁ । ସେମାନେ ଛାଡ଼ି ଯାଇଥିବା ପ୍ରାୟ ଶହେ ପର୍ଯ୍ୟନ୍ତ ଅସ୍ତ୍ର, ଶସ୍ତ୍ର ଆମେ ଜବତ କରିଛୁ ।

ପାକିସ୍ତାନ ପ୍ରଚାର କଲା ଯେ ଆମେ ତା' ସୀମା ଭିତରେ ପଶି ହାତ ହତିଆର ଜବତ କରି ନେଲୁ । ଆମେ କହିଲୁ ପାକିସ୍ତାନୀ ସୈନ୍ୟମାନେ ବନ୍ଧ ଉପରେ ଚଢ଼ି ଆମ ସୈନ୍ୟମାନଙ୍କ ଉପରେ ଆକ୍ରମଣ କରୁଥିବାରୁ ଆମ ସୈନ୍ୟମାନେ ସେମାନଙ୍କୁ ଘଉଡ଼ାଇ ଦେଲେ । ସେମାନେ ଜଲଦି ପଳାଇ ଯାଉଥିବାବେଳେ ବନ୍ଧ ଉପରେ ଯେଉଁସବୁ ହାତ ହତିଆର ଛାଡ଼ିଗଲେ, ଆମେ ସବୁ ତାକୁ ସଂଗ୍ରହ କରିଛୁ ।

ହଁ, ମୁଁ ଲେଖିବାକୁ ଭୁଲି ଯାଇଚି ଯେ ରାତି ପ୍ରାୟ ୧୧ଟା ବେଳେ ଆମର ସେନା ପାକିସ୍ତାନର ଜବାବ ଦେଉଛନ୍ତି, ମୁଁ ଜବାହାରଲାଲଜୀଙ୍କୁ ଦେଖାକରି କହିଲି, ମୁଁ ଆମର ସେନାଙ୍କୁ ନିର୍ଦ୍ଦେଶ ଦେଉଛି ଯେ ଦରକାର ପଡ଼ିଲେ ସେମାନେ ପାକିସ୍ତାନୀ ସୀମା ଭିତରେ ପ୍ରବେଶ କରିବେ । ପୋଲର ସେପାଖରେ ଆମର ଯେଉଁ ଭୂମି ଅଛି, ସେମାନେ ନିଶ୍ଚିନ୍ତ ସେଠାକୁ ଯାଇ ପାରିବେ । ମୋର ଡର ଥିଲା, ପାକିସ୍ତାନର ସୀମା ଲଙ୍ଘନ କଲେ ଆମ ପାଇଁ ଏକ ଆନ୍ତର୍ଜାତିକ ସମସ୍ୟା ସୃଷ୍ଟି ହେବ । ଆନନ୍ଦର କଥା ଆମ ସୈନ୍ୟଙ୍କୁ ବହୁତ ଦୂର ଯିବା ଦରକାର ପଡ଼ି ନଥିଲା ।

ଅବଶ୍ୟ ଜବାହାରଲାଲଙ୍କଠାରୁ ଲୁଚି ଛପାରେ ମୁଁ ଏହା କରୁଥିଲି । କିନ୍ତୁ ତାଙ୍କ ସହିତ ମୋର ସମ୍ପର୍କ ଏପରି ଥିଲା, ଯେପରିକି ସ୍ୱାମୀ ସ୍ତ୍ରୀ ମଧ୍ୟରେ ସଦ୍ଭାବନା ଥାଏ । ଯେତେ ପ୍ରତିଜ୍ଞା ଭଙ୍ଗ, ଯେତେ ଭୁଲ ଭଟକା ହେଉ, ସବୁ ନିଜ ମଧ୍ୟରେ ଚଳାଇ ନିଆ ହେଉ ଥିଲା ; ଅନ୍ତତଃ ଏକଥାଟା ମୁଁ ଭଲରୂପେ ଜାଣିଥିଲି ଯେ ଜବାହାରଲାଲ ଥିଲେ ଏକ ଅତୁଲ ନମ୍ବର କାଶ୍ମୀରୀ ।

## ମେସିନ୍‌ଗନ ଫେରାଇ ଦିଅ

୧୦ । ୧୫ ଦିନ ମଧ୍ୟରେ ପାକିସ୍ତାନୀ ସରକାରଙ୍କ ସହିତ ଏକ ମିଳା ମିଶା ହୋଇଗଲା ଯେ ଯାହା ହୋଇଯାଇଚି, ଯାଇଚି । ଏବେ ଦୁଇ ପକ୍ଷ ଏହାକୁ ଭୁଲି ଯାନ୍ତୁ ଏବଂ ପାକିସ୍ତାନର ଯେଉଁ ମେସିନ୍‌ଗନ୍ ଓ ରାଇଫଲ ଆମ ହାତରେ ପଡ଼ିଚି, ତାକୁ ଫେରାଇ ଦିଆଯାଉ । ମୋତେ ଡାକି ଜବାହାରଲାଲଜୀ ହୁକୁମ ଦେଲେ, ସବୁ ଅସ୍ତ୍ର ଶସ୍ତ୍ର ଫେରାଇ ଦିଅ । ମୁଁ ଜେନେରାଲ ଗୁରୁବକ୍ସ ସିଂଙ୍କୁ ଟେଲିଫୋନ କଲି, "ଯେଉଁ ରାଇଫଲରେ ନିଆଁ ଲାଗିଥିବାର ଚିହ୍ନ ଅଛି, ତାକୁ ରଖି ବାକୀ ସବୁ ଅସ୍ତ୍ର, ଶସ୍ତ୍ର ଫେରାଇ ଦିଅ ।"

Digitized by srujanika@gmail.com

ସେ କହିଲେ, "ମେସିନଗନ୍ ଆମର କାମୁ କାଶ୍ମୀର ପଦାତିକ ବାହିନୀର ଚତୁର୍ଥ ବାଟାଲିଅନ ମେସରେ ଏକ ଟ୍ରଫି ସ୍ୱରୂପ ରଖାଯିବ । ଜିଣିଥିବା ଅସ୍ତ୍ର ଶସ୍ତ୍ର ଫେରାଇ ଦିଆଯାଏ ନାହିଁ । ଆମର ସମସ୍ତ ସେନା ସବୁ କିଛି ଦେଇ ପାରନ୍ତି, କିନ୍ତୁ ଶତ୍ରୁଠାରୁ ଜିଣି ଆଣିଥିବା ଶସ୍ତ୍ର ଫେରି ହୋଇ ପାରିବ ନାହିଁ ।"

ମୁଁ ପୁଣି ଜବାହାରଲାଲଙ୍କ ପାଖକୁ ଗଲି । ସେହି ଦିନ ଦି'ଟା ବେଳେ ପାକିସ୍ତାନୀ ଜେନେରାଲ ଅସ୍ତ୍ର, ଶସ୍ତ୍ର ଫେରାଇ ନେବାପାଇଁ ସ୍ୱସେନାବାଲ ଆସିବେ । ଜବାହାରଲାଲଜୀଙ୍କୁ ଯେତେବେଳେ ମୁଁ ଜେନେରାଲ ସ୍ଥରୁବକ୍ସ ସିଂ କହିଥିବା କଥା କହିଲି, ସେ ରାଗରେ ଲାଲ ପଡ଼ି ଯାଇ କହିଲେ, "କ'ଣ ଏ ଖେଳଘର ହୋଇଛି ? ତୁମ ଜେନେରାଲ ପାଗଳ ହୋଇ ଗଲଣି ନା କଣ ? ଉଭୟ ସରକାର ମଧ୍ୟରେ କୌଣସି ନୀତି ନିର୍ଣ୍ଣୟ କରାହେବ, ଆଉ ଜଣେ ଜେନେରାଲ ଆସି ତାକୁ ଅନ୍ୟଥା କରିବା ପାଇଁ ଚେଷ୍ଟା କରିବ, ଏହା କେବେ ହୋଇ ପାରିବ ନାହିଁ । ତୁମ ଜେନେରାଲକୁ କହି ଦିଅ ସେ ଚାକିରି ଛାଡ଼ି ଇସ୍ତଫା ଦେଇ ଚାଲିଯାଉ । ଅସ୍ତ୍ର, ଶସ୍ତ୍ର ଫେରାଇବାକୁ ହିଁ ପଡ଼ିବ ।"

ମୁଁ ଦେଖିଲି, ଜଲ୍ଦି କିଛି କରିବାକୁ ହେବ । ଟେଲିଫୋନ ଲାଇନ ଠିକ୍ ଯଦି ନଥିବ ଓ ଦୁଇ ଜେନେରାଲଙ୍କ ମଧ୍ୟରେ କଥା ଭାଷା ଆରମ୍ଭ ହୋଇଯିବ, ତା' ହେଲେ କ'ଣ କରାଯିବ ? ସବୁ କଥାତ ବୁଝାନାଇ ପାରିବ ନାହିଁ । ଦେଶରକ୍ଷା ବିଭାଗ କୌଣସି ସତ୍ୟ, ଅହିଂସା, ଗାନ୍ଧିବାଦୀ କାମ ନୁହେଁ । ଏଥିରେ ଢୋଲ ଅଣା ଦେଖେଇକି ହେବାକୁ ପଡ଼ିବ । ତା'ହେଲେ ଯାଇ ପାତଖୁଣ ମାଫ୍ ।

## କବାଲୀ ଶୁଣାଅ

ମୁଁ ସ୍ଥରୁବକ୍ସ ସିଂଙ୍କୁ କହିଦେଲି, "ତୁମେ ପାକିସ୍ତାନୀ ଜେନେରାଲଙ୍କୁ ଯେନିକ ଗାଡ଼ ଅବ୍ ଅନର ଦିଅ । ଭଲ ମଧ୍ୟାହ୍ନ ଭୋଜନ ଦିଅ । ଅଗ୍ରୁ କରି ବୋତଲ ତାଙ୍କ ଟେବୁଲ ଉପରେ ସଜାଇ ଦିଅ ଏବଂ ଯେତେ ସୈନ୍ୟ ବା ଅଫିସର ଆସିଥିବେ ତାଙ୍କୁ ଖୁବ୍ ଆଦରରେ ସତ୍କାର କର । କିଛି କବାଲୀ ଶୁଣାଇବାର ମଧ୍ୟ ଯୋଗାଡ଼କର । ତୁମ ଅଫିସର ମାନଙ୍କ ମଧ୍ୟରେ ଯେଉଁମାନେ ଭଲ ଉର୍ଦ୍ଦୁ କହିପାରନ୍ତି ଏବଂ ଯାହାଙ୍କ କାନ୍ଧରେ ଉଚ୍ଚ ପଦ, ପଦବୀର ଚିହ୍ନ ଲାଗି ଥିବ, ସେମାନଙ୍କୁ ଏମାନଙ୍କ ସାଙ୍ଗରେ ବସି ଖାଇବାର ବ୍ୟବସ୍ଥା କରାଅ । ଏହାପରେ କରି ୪ଟା ବଜାଇ ଦିଅ । ମୁଁ ତୁମର ପ୍ରଧାନ ସେନାପତିଙ୍କ ସହିତ ପରାମର୍ଶ କରି ତୁମକୁ ମେସିନ୍‌ଗନ ସମ୍ପର୍କରେ କ'ଣ କରିବାକୁ ହେବ, ଶେଷ ପରାମର୍ଶ ଶୁଣାଇ ଦେବି ।"

ଠିକ୍ ସେଇଆ କରାଗଲା । ସୈନ୍ୟ ବାହିନୀର ବଡ଼ ଅଫିସରମାନେ ଏହି ମତ ଦେଲେ ଯେ ଜିଣିଥିବା ଅସ୍ତ୍ର, ଶସ୍ତ୍ର ଫେରାଯାଏ ନାହିଁ କାରଣ ତାହା ହେଉଛି ସେନାର ଗୌରବ ଚିହ୍ନ । କିନ୍ତୁ ଯଦି ଏହା ସରକାରୀ ଆଦେଶ, ତାହେଲେ ତାକୁ ପାଳନ କରିବାକୁ ପଡ଼ିବ ।

Digitized by srujanika@gmail.com

ଇଆଡ଼େ ଜବାହରଲାଲଜୀ ମୋତେ କହି ଦେଇଛନ୍ତି ଯେ "ତୁମର ଜେନେରାଲ ଯଦି ଚାଲିଯିବାକୁ ଚାହେଁ, ତା'ହେଲେ ଯାଉ।" କିନ୍ତୁ ଜବାହାରଲାଲଙ୍କ ଦୁର୍ବଳତା ମୁଁ ଜାଣେ। ଯଦି କାହା ଉପରେ କେବେ ରାଗନ୍ତି, ସେ ଲୋକଟି ଭାଗ୍ୟବାନ ହୁଏ। କାରଣ ରାଗ ବଦଳରେ ତାକୁ କିଛି ନା କିଛି ପୁରସ୍କାର ଶୀଘ୍ର ମିଳିଯାଏ। ଜବାହାର-ଲାଲଜୀ ସୈନ୍ୟାଧକ୍ଷଙ୍କୁ ଡାକି କହିଲେ, "ମେସିନ୍‌ଗନ୍ ଫେରାଇ ଦେବାପାଇଁ ଚାରୁବକ୍ସ ସିଂଙ୍କୁ ସେ ପରାମର୍ଶ ଦିଅନ୍ତୁ।" ଏବେ ମୁଁ ଚାରୁବକ୍ସ ସିଂଙ୍କୁ ଟେଲିଫୋନ କରିବାରୁ ସେ କହିଲେ, "ହଜୁର, ପ୍ରଧାନ ସେନାପତିଙ୍କ ଆଦେଶ ମୁଁ ପାଇଗଲିଣି। ମୁଁ ମେସିନ୍‌ଗନ୍ ଫେରାଇ ଦେଉଛି। କିନ୍ତୁ ମୋ'ର ସୈନ୍ୟମାନଙ୍କ ଆଗରେ ମୁଁ ଆଉ ମୁହଁ ଦେଖାଇ ପାରିବି ନାହିଁ।" ଟେଲି-ଫୋନରେ କଥା କହୁ କହୁ ତାଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇ ଉଠିଲା। ମୋତେ ମଧ୍ୟ ଭାରି ଦୁଃଖ ଲାଗୁଥାଏ। ମୋତେ ନ ପଚାରି ପାକିସ୍ତାନ ସହିତ କିପରି ଏ ସମାଧାନ କରାଗଲା? କିନ୍ତୁ ଭଗବାନ ମୋତେ ଏକ ବରଦାନ ଦେଇଥିଲେ। ତାହା ହେଉଚି, ଘୋର ସଙ୍କଟ କାଳରେ ମୋତେ କିଛି ନା କିଛି ବୁଦ୍ଧି ଆସି ଦେଖାଯାଏ।

## ଇଜ୍ଜତ ରହିଲା

ମୁଁ ଚାରୁବକ୍ସ ସିଂଙ୍କୁ ଡାକି କହିଲି, "ଦେଖ ଦୁଇଟି ରସିଦ ଟାଇପ କରି ରଖ ରସିଦରେ ରହିବ, '୧୯୫୬ ମସିହା ମାର୍ଚ୍ଚ ୧୮ ତାରିଖ ରାତିରେ ଯେଉଁ ମେସିନ୍‌ଗନ୍ ମୁଁ ବନ୍ଧର ଗୋଟିଏ କୋଣରେ ରଖିଥିଲି ଓ ଏହା ସଙ୍ଗେ ସଙ୍ଗେ ଆମର ଯେଉଁ ସବୁ ରାଇଫଲ ହିନ୍ଦୁସ୍ତାନୀ ସେନାର ହାତରେ ପଡ଼ିଥିଲା, ସେ ସବୁ ଫେରି ପାଇଲି-ସ୍ୱାକ୍ଷର ଜେନେରାଲ, ପାକିସ୍ତାନୀ ସେନା।' ବନ୍ଧ ଆମ ସୀମା ଭିତରେ। ଏହା ଉପରେ ମେସିନଗନ୍ ଲଗାଇବା କଥା ପାକିସ୍ତାନ ଲିଖିତ ଭାବରେ କେବେ ହେଲେ ସ୍ୱୀକାର କରିବ ନାହିଁ। କାରଣ ଆମେ ଜାତିସଂଘ ଆଗରେ ଏହାକୁ ଉପସ୍ଥାପିତ କରି ପ୍ରମାଣ କରିବୁ ଯେ ଯୁଦ୍ଧବନ୍ଦ ଚୁକ୍ତିର ଖିଲାଫ ପାକିସ୍ତାନ କରିଚି।"

ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଜେନେରାଲ ଚାରୁବକ୍ସ ସିଂ କହିଲେ, "ବୁଝିଲି, ଥାଙ୍କ୍ ୟୁ ସର୍।"

ଠିକ୍ ଏହି ଢଂଗରେ କାର୍ଯ୍ୟ ହେଲା। ମଧ୍ୟାହ୍ନ ଭୋଜନ ପରେ ଅସ୍ତ୍ର, ଶସ୍ତ୍ର ସବୁ ଗଣା ଗଲା। ତା'ପରେ ରସିଦ ସ୍ୱାକ୍ଷର ପାଇଁ ରଖାଗଲା। ଆମର ଜଣେ ଅଫିସର ଏ ରସିଦକୁ ଉଠାଇ ପଢ଼ିବା ଆରମ୍ଭ କରିଦେଲେ। ତା'ପରେ ବନ୍ଧୁ ସମସ୍ତ ଭାବ କହିଲେ, "କ'ଣ ଏଥିରେ ଏ ସ୍ୱାକ୍ଷର କରିବେ?" ଏହି ସାମରିକ ଅଫିସର ମାନେ ସିନା ସାଧା ସିଧା ଦେଖାଯାନ୍ତି, କିନ୍ତୁ ଏମାନେ ଏକ ନମ୍ବର ଚତୁର ବ୍ୟକ୍ତି।

'ଏତେ ଡେରିଯାଏ କ'ଣ ପଢୁଚ' ବୋଲି କହି ପାକିସ୍ତାନୀ ଜେନେରାଲ ଖୁବ୍ ଧ୍ୟାନ ଦେଇ ରସିଦକୁ ପଢ଼ିଲେ।

Digitized by srujanika@gmail.com

ତା'ପରେ କହିଲେ, "ଆରେ, ହତଆର ଫଉଆର କଥା ଛାଡ଼ । ଆମେ ତ ବନ୍ଧୁତା କରିବା ପାଇଁ ଆସିଥିଲୁ ।"

ସମସ୍ତଙ୍କ ସହିତ ହାତ ମିଳାଇ ସେ ଚାଲିଗଲେ । ତା'ଆରଦିନ ମୁଁ ଜବାହାର ଲାଲଙ୍କୁ କହିଲି, କପର ବାଟରେ ଇଙ୍ଗିତ ରକ୍ଷା କରିବାକୁ ହେଲା । ସେ ଖୁବ୍ ଖୁସି ହେଲେ । ଲାନସ୍ ନାଏକ ସୁନ୍ଦର ସିଂଙ୍କୁ ତାଙ୍କ ବୀରତ୍ୱପାଇଁ ଅଶୋକ ଚକ୍ର ଦିଆଗଲା । କିନ୍ତୁ ଜେନେରାଲ ଗୁରୁବକ୍ସ ସିଂ ଅବସର ଗ୍ରହଣ କରି ସାରିଥିଲେ । ତେବେ ତାଙ୍କୁ ମଧ୍ୟ ସମ୍ମାନିତ କରିବାର କଥା ।


# "ନିଆଁକୁ ଯେବେ ଡର
# କର ଟାଇଲ୍ ଘର"

ଗାଁ ଗହଳରେ ପଞ୍ଚାୟତମାନଙ୍କରେ ୨୭ଟି ଟାଇଲ୍ କାରଖାନା ବସିଲାଣି । ଲୋକଙ୍କର ମଙ୍ଗଳପାଇଁ ସରକାର ଏହି କାରଖାନାମାନ ବସାଇଛନ୍ତି । ଏହି କାରଖାନାମାନଙ୍କରୁ ସୁବିଧା ଓ ଶସ୍ତା ଦରରେ ଟାଇଲ୍ ମିଳେ । ନିକଟତମ ଟାଇଲ୍ କାରଖାନାରେ ଅନୁସନ୍ଧାନ କରନ୍ତୁ ।

ଯାହାର ଘର ପୋଡ଼ିଯାଇଛି, ସେମାନଙ୍କୁ ଶତକଡ଼ା ୧୦ ଟଙ୍କା ରିହାତି ମିଳିବ ।

ସବିଶେଷ ବିବରଣୀପାଇଁ :—

**ଦି ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରିଜ କର୍ପୋରେସନ୍ ଲିମିଟେଡ୍‌ର**

ନିମ୍ନଲିଖିତ ଶାଖା ଅଫିସମାନଙ୍କରେ ଅନୁସନ୍ଧାନ କରନ୍ତୁ :—

କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସୁନାବେଡ଼ା, ସମ୍ବଲପୁର ଓ ବାଲେଶ୍ୱର

# "କରିବ ଟାଇଲ୍ ଘର
# ନିଆଁକୁ ନଥିବ ଡର"


Digitized by srujanika@gmail.com

# ଶୂଦ୍ରମୁନି ସାରଳା ଦାସ

ଅଧ୍ୟାପକ ଡକ୍‌ଟର ବଂଶୀଧର ମହାନ୍ତି

ଶୂଦ୍ରମୁନି ସାରଳା ଦାସ ଓଡ଼ିଆ ସାହିତ୍ୟର ଆଦିକବି ତଥା ବ୍ୟାସ ଭାବରେ ପରିଚିତ । ଓଡ଼ିଶାର ଗଜପତି ରାଜା କପିଳେନ୍ଦ୍ର ଦେବ (ଖ୍ରୀ ୧୪୩୫-୧୪୬୭)ଙ୍କ ସମୟରେ କବିଙ୍କର ଆବିର୍ଭାବ ଘଟିଥିବାର ବିଷୟ ସେ ତାଙ୍କ ମହାଭାରତର ଆଦିପର୍ବରେ ଉଲ୍ଲେଖ କରିଛନ୍ତି ।

"କଳି କାଳ ଧ୍ୱଂସିଣ
ଭୋଗେଣ କୋଟି ପୁଜା
ପ୍ରଣମିତେ ଅଛନ୍ତି
କପିଳେଶ୍ୱର ଦେବ ରାଜା ।"

କବି ତାଙ୍କର ଜନ୍ମ ସ୍ଥାନ, ତାଙ୍କର ଜୀବନ ସମ୍ବନ୍ଧୀୟ ବିଭିନ୍ନ ଘଟଣା ତାଙ୍କର ମହାଭାରତ ଓ ଚଣ୍ଡୀପୁରାଣର ବିଭିନ୍ନ ସ୍ଥଳରେ ଚର୍ଚ୍ଚିତ କରି ଅଛନ୍ତି । କବି ନିଜେ ତାଙ୍କ ମହାଭାରତରେ ଅନେକ ସ୍ଥଳରେ କହିଛନ୍ତି ଯେ ତାଙ୍କର ଜନ୍ମସ୍ଥାନ ଝଂକଡ଼ ବିଷୟର କନକାବତୀ ପାଟଣା । ଏହି ଝଂକଡ଼ ବିଷୟ ବିଷୟ ହେଉଛି କଟକ ଜିଲ୍ଲାର ଆଧୁନିକ ଝଂକଡ଼ ପ୍ରଗଣାର କନକପୁର ଗ୍ରାମ । ସେ ମହାଭାରତର ସଭା ପର୍ବରେ କହିଛନ୍ତି

"ସେ ନଦୀର ତୀରେ
ଆଶ୍ରମ ଶ୍ରେଷ୍ଠ ଗ୍ରାମ
ନିଜ ଭୁବନ ନାମ ଗୋଟି ମୋ
ପାଟଣା କନକାବତୀ ନାମ ।

ବିପେ ଝଙ୍କର ଗୋ
ଜଇନ୍ତ୍ରା ନଗ୍ର ବୋଲି
ଯେ ସ୍ଥାନ ବାସୀ ମୁହିଂ
ଭଗତେ ଭେଟିଲି ।

ପୂର୍ବ ଗତ କଲି ମୋତେ
କହିଲି ଶାସ୍ତ୍ର ଯୋଗେ
ଏଥୁ ଗ୍ୟାନ ମୁହିଂ
ପାଇଲି ସୁଭାଗ୍ୟେ ।

କୃପା କଲି ଦୃଷ୍ଟାର
ନିଧର୍ମା ସେବିଣ ଦେବୀ
ଜନ୍ମେଂ ଜନ୍ମେଂ ଅଭ୍ୟାସ
ମୁହିଂ ତାହାର ଚରଣ ସେବି ।

ପ୍ରସନ୍ନେ ସ୍ୱରୂପେ ମୁହିଂ
ପାଇଲି ସିଦ୍ଧ ପୋଥି
ଶ୍ରୀ ଚଣ୍ଡୀ ସାରୋଳା ପ୍ରସନ୍ନେ
ମୁହିଂ ହୋଇଲି ଦୁଗତ ।

(ସଭାପର୍ବ, ପୃ୪୧୧)

ଅନ୍ୟତ୍ର ସେ ଆଦିପର୍ବରେ ଲେଖିଛନ୍ତି

ସାରୋଳା ଦେବୀ ଚଣ୍ଡୀ
ଅଟଇ ବଇଷ୍ଣବୀ
ତାହାଙ୍କର ପୁତ୍ର ମୁଁ
ସାରଳା ଦାସ କବି ।

(ଆଦି, ପୃ୩)

Digitized by srujanika@gmail.com

## ସାରଳାଦାସଙ୍କ ପୂର୍ବର ଓଡ଼ିଆ ସାହିତ୍ୟ

ସାରଳା ଦାସଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟର ସ୍ୱରୂପ ଅନେକାଂଶରେ ଅସ୍ପଷ୍ଟ ଥିଲା । ଖ୍ରୀ: ୮—୯ମ ଶତାବ୍ଦୀର ସହଜିଆ ବୌଦ୍ଧ ସାହିତ୍ୟ ଓ ନାଥ ସମ୍ପ୍ରଦାୟର ସାହିତ୍ୟକୁ ଆମେମାନେ ସିଦ୍ଧ ସାହିତ୍ୟ ବୋଲି ଆଖ୍ୟାତ କରି ପାରିବା । ନାଥ ସମ୍ପ୍ରଦାୟର ପ୍ରସିଦ୍ଧ ରଚନା "ଶିଶୁବେଦ" କ୍ଷୁଦ୍ର ରଚନା ହେଲେହେଁ ତାହା ଦୋହା ସାହିତ୍ୟର କ୍ରମ ରକ୍ଷା କରିଥିଲା । ମନେ ହୁଏ ଖ୍ରୀ: ୧୦ମ ଶତାବ୍ଦୀ ଠାରୁ ଖ୍ରୀ: ୧୫ଶ ଶତାବ୍ଦୀ ମଧ୍ୟରେ ମୁଖ୍ୟତଃ ବୌଦ୍ଧ, ଜୈନ ଓ ଶାକ୍ତ ଧର୍ମ ସମ୍ବନ୍ଧୀୟ ସାହିତ୍ୟ ପ୍ରସାର ଲାଭ କରିଥିଲା ।

## ସଂସ୍କୃତ ମହାଭାରତ

ଗଙ୍ଗ ମାନଙ୍କର ରାଜତ୍ୱରେ ଓଡ଼ିଶାରେ ସଂସ୍କୃତ ସାହିତ୍ୟର ସବିଶେଷ ପ୍ରଚୁର ଏବଂ ପ୍ରସାର ଥିଲା । ଭାରତୀୟ ଆର୍ଯ୍ୟ ଭାଷା ଓ ସାହିତ୍ୟ ସମୂହର କଲ୍ୟାଣ ପ୍ରାୟ ଗୁଣା ଅଧିକେ ଏକ ସମୟରେ ଘଟିଥିବାର ଅମ୍ଭେମାନେ ଜାଣିବାକୁ ପାଇଥାଉଁ । ଓଡ଼ିଆ, ବଙ୍ଗଳା, ଆସାମୀ, ମୈଥିଳୀ, ଗୁଜରାଟୀ, ମରହଟ୍ଟୀ ପ୍ରଭୃତି ଭାଷା ଓ ସାହିତ୍ୟର ବିକାଶ ଖ୍ରୀ: ୧୪ଶ ଶତାବ୍ଦୀରୁ ହିଁ ଆରମ୍ଭ ହୋଇଛି । ଭାରତୀୟ ପ୍ରତ୍ୟେକ ଭାଷାରେ ରାମାୟଣ ଓ ମହାଭାରତ ହେଲା ପ୍ରଧାନ ଇତିହାସ ବା ପୁରାଣ—ଏବଂ ସେହି ଦୁଇ ବିଶାଳ ଜାତୀୟ ସାହିତ୍ୟରୁ ହିଁ ପ୍ରତ୍ୟେକ ଭାରତୀୟ ଜାତି ଓ ଗୋଷ୍ଠୀ ସେମାନଙ୍କର ସାହିତ୍ୟ ଓ ସଂସ୍କୃତି ସୃଷ୍ଟି କରି ଅଛନ୍ତି ।

ଭାଗବତରେ ବ୍ୟାସ ଅବତାର ଭାବରେ କଥିତ । ବେଦବ୍ୟାସ ନାମର ପ୍ରଧାନ ଅର୍ଥ ହେଲା, ସେ ବେଦର ଚ୍ଚରି ସଂହିତାକୁ ବିଭାଜନ କରିଥିଲେ । ସଂସ୍କୃତ ମହାଭାରତର ଶ୍ଳୋକ ସଂଖ୍ୟା ଏକଲକ୍ଷ ତେଣୁ ତାହା 'ଶତସହସ୍ର ସଂହିତା' ନାମରେ ଆଖ୍ୟାତ । ଗୁପ୍ତକାଳୀନ ଏକ ଶିଳା ଲେଖରେ 'ଶତ ସହସ୍ରୀ ସଂହିତା'ର ଉଲ୍ଲେଖ ଥିବାରୁ ଜଣାଯାଏ ଯେ ତାହା ୧୫୦୦ ବର୍ଷ ତଳର ରଚନା ଅଟେ ।

## ଓଡ଼ିଆ ମହାଭାରତର ଆବଶ୍ୟକତା

ପ୍ରାୟ ପ୍ରତ୍ୟେକ ଭାରତୀୟ ଭାଷା ଓ ସାହିତ୍ୟରେ କବି ଓ ପୁରାଣକାର ମାନେ ପ୍ରଥମେ ହିଁ ମହାଭାରତ ଓ ରାମାୟଣକୁ ଅନୁବାଦ କରି ଅଛନ୍ତି ଏବଂ ଓଡ଼ିଆ ସାହିତ୍ୟ ତହିଁରୁ ବାଦ ଯାଇ ନାହିଁ ।

ସାଧାରଣ ଅଶିକ୍ଷିତ ଲୋକେ ସଂସ୍କୃତ ଭାଷାରେ ଲିଖିତ ମହାଭାରତ ବୁଝିପାରୁ ନଥିଲେ । ତେଣୁ ପ୍ରାଚୀନ କାଳରେ ସଂସ୍କୃତ ଗ୍ରନ୍ଥର ବ୍ୟାଖ୍ୟା ନିମିତ୍ତ ଆଜିର ଓଡ଼ିଆ ପାଲା ପରି 'ପୁରାଣ ପାଠକ' ବା 'ପୁରାଣ ପଣ୍ଡାର' ଆବଶ୍ୟକତା ଥିଲା । କ୍ରମେ ଅପଭ୍ରଂଶ ଭାଷା ସମୂହ ବିକଶିତ ହୋଇ ଆଧୁନିକ ଭାଷା ସମୂହର ରୂପ ପରିଗ୍ରହଣ

Digitized by srujanika@gmail.com

କରନ୍ତେ କ୍ରମେ ବିଭିନ୍ନ ସଂସ୍କୃତ ଗ୍ରନ୍ଥକୁ ପ୍ରାକୃତ ଭାଷା ମାନଙ୍କରେ ଅନୁବାଦିତ କରିବା ପାଇଁ ଦେଶର କବି ଓ ଲେଖକ ମାନଙ୍କର ଦୃଷ୍ଟି ପଡ଼ିଲା । ସମାଜର ଶିଷ୍ଟ ଗୋଷ୍ଠୀ ମାନଙ୍କର ବିରୋଧ ସତ୍ତ୍ୱେ ଲୌକିକ ଭାଷାରେ କବି ମାନେ ପୁରାଣ କାବ୍ୟ ପ୍ରଭୃତି ରଚନା କଲେ ଓ କ୍ରମେ ସେସବୁ ଭାଷା ପ୍ରତିଷ୍ଠିତ ଭାଷା ଓ ସାହିତ୍ୟ ରୂପେ ଗଢ଼ି ଉଠିଲା ।

ଓଡ଼ିଆ ଭାଷାର ସର୍ବଶ୍ରେଷ୍ଠ ପ୍ରାଚୀନ ସାହିତ୍ୟ ହେଉଛି ସାରଳା ସାହିତ୍ୟ । ସାରଳା ଦାସ ନିଜକୁ ତାଙ୍କ ରଚନାର ବିଭିନ୍ନ ସ୍ଥାନରେ ମୂର୍ଖ, ଅପଣ୍ଡିତ, ଅଜ୍ଞାନୀ ବୋଲି କହି ଅଛନ୍ତି ଓ ସ୍ୱୀୟ ମହାଭାରତ, ଚଣ୍ଡୀ ପୁରାଣ ଗ୍ରନ୍ଥ ରଚନାରେ ଐଶ୍ୱରିକ ଶକ୍ତିକୁ ବିଜଡ଼ିତ କରାଇ ଅଛନ୍ତି । ସେ ତାଙ୍କର ଚଣ୍ଡୀ ପୁରାଣରେ କହି ଅଛନ୍ତି:—

ଜନ୍ମେଣ ଶୂଦ୍ର ମୁଁ
ଅପଣ୍ଡିତ ଗ୍ୟାଂତା
କୁ ସ୍ଥାନ ବାସୀ ମୁହିଂ
କପି ମୁଂ କବିତା ।
ନପଢ଼ିଲି ଶାସ୍ତ୍ର ବିଦ୍ୟା
ହୋଇଲି ଅପାଠକ
ଅଣ ଅକ୍ଷର ହୋଇନଲେ
ଅମର୍ଯ୍ୟାଦା ଅବିବେକ ।
ଅହୋ ଅଶିଣ ମାସ
ଶୁକ୍ଳପକ୍ଷ ଦଶମୀ ଅପରାହ୍ନତେ
ବ୍ରାହ୍ମଣ ସ୍ତ୍ରୀ ସ୍ୱେକ
ଭେଟିଲି ଆସି ମୋତେ ।
ତୁଳସୀ ମାଳ ଦୋଟିଏ
ମୋହର ହୃଦେ ଦେଇ
ସ୍ୱେ ଶାସ୍ତ୍ର କଥା ମତେ
ବର୍ଣ୍ଣିଣ କହି ।
ଯେ ମୋତେ ସ୍ୱଚେତଣ
ବସି କହଇ ଯାହା
ସମସ୍ତର ପଣସନ୍ତେ ମୁଁ
ଲେଖନ କରଇ ତାହା ।

ସାରଳା ଦାସ ଦେବୀଙ୍କର ଆଜ୍ଞାରେ ହେଉ ବା ସ୍ୱୀୟ ଅସୀମ ପ୍ରତିଭା ବଳରେ ହେଉ, ବିରାଟ ମହାଭାରତ ଗ୍ରନ୍ଥ ରଚନା କରି ଜାତିର ଆଶା ଓ ଆକାଂକ୍ଷା ପୂରଣ କରି ଅଛନ୍ତି । ସେତେବେଳେ ଓଡ଼ିଶାର ଅଗଣିତ ଜନତା ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅନ୍ଧ ପରି ବସି ରହିଥିଲେ—ସାରଳା ଦାସହିଁ ଭାଷା ଓ ସାହିତ୍ୟର ସ୍ରଷ୍ଟା ହୋଇ ଓଡ଼ିଆ ଜାତିର ଶିକ୍ଷକ ହେଲେ । ସାରଳା ଦାସଙ୍କ ସମସ୍ତରୁହିଁ "ପ୍ରାକୃତିକ ଭାଷା" ଓଡ଼ିଆ ସାହିତ୍ୟର ସୃଷ୍ଟି । ଲୋକେ କଠିନ ସଂସ୍କୃତ ମହାଭାରତକୁ ନ ଅନାଇ ଓଡ଼ିଆ ମହାଭାରତ ପଢ଼ିବାକୁ ଲାଗିଲେ ।

## ଓଡ଼ିଆ ମହାଭାରତର ବୈଚିତ୍ର୍ୟ

ସାରଳା ଦାସଙ୍କ ଓଡ଼ିଆ ମହାଭାରତ ସଂସ୍କୃତ ମହାଭାରତର ଅନୁବାଦ ନୁହେଁ—ଏହି ମହାଭାରତ ସାରଳା ଦାସଙ୍କର ଏକ ସମ୍ପୂର୍ଣ୍ଣ ଅଭିନବ ରଚନା । ସଂସ୍କୃତ ମହାଭାରତର ମୌଳିକ ବିଷୟବସ୍ତୁ ସାରଳା ମହାଭାରତର କେତେକ ସ୍ଥାନରେ ଅନୁସୃତ

Digitized by srujanika@gmail.com

ହୋଇଥିଲେ ହେଁ ତହିଁରେ ପର୍ବମାନଙ୍କର ବିଭାଗ ଓ ନାମକରଣରୁ ଆରମ୍ଭ କରି ବିଷୟ ବସ୍ତୁ ଓ ବର୍ଣ୍ଣନା ପର୍ଯ୍ୟନ୍ତ ପ୍ରତ୍ୟେକରେ ସେ ସ୍ୱତନ୍ତ୍ରତା ଅବଲମ୍ବନ କରିଛନ୍ତି । ଓଡ଼ିଶାର ତତ୍କାଳୀନ ସମାଜ ଓ ସଂସ୍କୃତିର ଛବିଳ ଚିତ୍ର ସାରଳା ମହାଭାରତରେ ଯେପରି ଦେଖିବାକୁ ମିଳେ, ତାହା ପରବର୍ତ୍ତୀ କୌଣସି ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସେପରି ଚିତ୍ର ଆମ୍ଭେମାନେ ଦେଖିବାକୁ ପାଇ ନଥାଉଁ । ସାରଳା ମହାଭାରତର ତୀକ୍ଷ୍ଣ ଓ ଦୁଷ୍ଟ ବୁଦ୍ଧି ଶକୁନିର ଚରିତ୍ର, ଅସମ୍ଭବ ଶକ୍ତି ସମ୍ପନ୍ନ ଭୀମର ହିଂସ୍ରା ଚରିତ୍ର ଯେ କୌଣସି ପାଠକର ହୃଦୟକୁ ରସାନ୍ବିତ କରିଥାଏ । ସାରଳା ମହାଭାରତରେ ଗଂଗାଙ୍କର ଚରିତ୍ର ଓଡ଼ିଆ ଗାଁ ଗହଳର ଏକ କଳିହୁଡ଼ି, କ୍ଷଣ କୋପୀ ସ୍ତ୍ରୀ ଲୋକର ଚିତ୍ର ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ କରିଥାଏ । ସାରଳା ମହାଭାରତର 'ଗଙ୍ଗା କହିଲେ ଥିବି ଗାଙ୍ଗୀ କହିଲେ ଯିବି' ଏ ଉକ୍ତି ଏବେ ବି ଓଡ଼ିଶାର ଏକ ଲୋକପ୍ରିୟ ପ୍ରବଚନ ଅଟେ । ପୁତ୍ର ଲକ୍ଷ୍ମଣ କୁମାରର ଶବ ଉପରେ ଦୁର୍ଯ୍ୟୋଧନର ରକ୍ତନଦୀସନ୍ତରଣ ପରି ଲୋମହର୍ଷଣକାରୀ ଆଖ୍ୟାନ ପ୍ରାଚୀନ ଭାରତୀୟ ସାହିତ୍ୟ ମାନଙ୍କରେ ଦୁର୍ଲ୍ଲଭ ଅଟେ ।

## ଓଡ଼ିଆ ଜାତିର ଶ୍ରେଷ୍ଠ କବି 'ସାରଳା'

ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତି ସାରଳା ମହାଭାରତର ଏକ ଶୁଦ୍ଧ ସଂସ୍କରଣ କରି ଅଛନ୍ତି ; କିନ୍ତୁ ତାହା ଏପର୍ଯ୍ୟନ୍ତ ପ୍ରକାଶ ଲାଭ କରିପାରି ନାହିଁ । ସାରଳା ମହାଭାରତ ଓଡ଼ିଆ ଭାଷା ଓ ଓଡ଼ିଆ କୃଷ୍ଟିର ଭିତ୍ତି । ତେଣୁ ସାରଳା ସାହିତ୍ୟର ଗବେଷଣାତ୍ମକ ଆଲୋଚନା ଲୋଡ଼ା । ସର୍ବଭାରତୀୟ ସ୍ତରରେ ପ୍ରସାର ଲାଗି ଏହାର ଅନୁବାଦ ଓ ଦେବନାଗରୀ ଲିପିରେ ଏହାର ଅନ୍ୟ ଏକ ସଂସ୍କରଣ କରିଗଲେ ଉକ୍ତ ଗ୍ରନ୍ଥର ଆଲୋଚନା ଲାଗି ଭାରତର ଅନ୍ୟାନ୍ୟ ପ୍ରଦେଶର ପଣ୍ଡିତ ମାନଙ୍କର ଦୃଷ୍ଟି ମଧ୍ୟ ଆକର୍ଷିତ ହୁଅନ୍ତା । ବିଭିନ୍ନ ସଭା ସମିତିର ବକ୍ତୃତାରେ ଆମେ ସାରଳାଙ୍କୁ ଓଡ଼ିଆ ଜାତିର ଶ୍ରେଷ୍ଠ କବି ବୋଲି କହିଥାଉଁ, କିନ୍ତୁ କାର୍ଯ୍ୟତଃ ଆମ୍ଭେମାନେ ସାରଳାଙ୍କର ପ୍ରକୃତ ଶ୍ରେଷ୍ଠତ୍ୱ ଏପର୍ଯ୍ୟନ୍ତ ପ୍ରଦର୍ଶନ କରି ପାରି ନାହୁଁ ।

Digitized by srujanika@gmail.com

# ମୋ କାହାଣୀ

## ଓଡ଼ିଶା ବନ୍ଦୋବସ୍ତ



### କଟକ ଓ ଉପକୂଳବର୍ତ୍ତୀ ଓଡ଼ିଶାର ଅବସ୍ଥା

୧୯୨୬-୧୯୨୮

ନୀଳମଣି ସେନାପତି

ଉପକୂଳବର୍ତ୍ତୀ ଓଡ଼ିଶାରେ ଯୋଗାଯୋଗ ବ୍ୟବସ୍ଥା ଅତି ପୁରାତନ ଥିଲା । କେବଳ କଲିକତା-ମାନ୍ଦ୍ରାଜ ଟ୍ରଙ୍କରୋଡ ଓ ପୁରୀକୁ ଯାଉଥିବା ଜଗନ୍ନାଥ ସଡ଼କ ଥିଲା ପକ୍କା ରାସ୍ତା । କିନ୍ତୁ ବହୁ ନଦୀରେ ପୋଲ ହୋଇ ନଥିବା ଯୋଗୁଁ ରାସ୍ତା ଉପରେ ଥିବା ସଙ୍କେତ-ପଥର ମାନଙ୍କର କୌଣସି ମୂଲ୍ୟ ନଥିଲା । ଉଦାହରଣ ସ୍ୱରୂପ ସଙ୍କେତ ପଥରେ "କଟକକୁ ଯିବା ରାସ୍ତା" ବୋଲି ଲେଖା ହୋଇଥିଲେ ମଧ୍ୟ ତୁମେ କେବେ କଟକରେ ପହଞ୍ଚି ପାରିବ ନାହିଁ । ପକ୍କା ସଡ଼କର ଅବସ୍ଥା ଏପରି ଥିଲା ଯେ ସ୍ଥାନେ ସ୍ଥାନେ ବଳଦ ଗାଡ଼ି ଗଡ଼ରେ ପଡ଼ିବାକୁ ହେଉଥିଲା । ରାସ୍ତାରେ ବାହାରିବା ପାଇଁ ଅଫିସର ମାନଙ୍କୁ ଫେବୃୟାରୀ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ୁଥିଲା । ସେତେବେଳେ ଯାଇ ନଦୀ ଭିତରେ ଖରାଦିନିଆ ରାସ୍ତା ଖୋଲେ ଓ ଧୂଳିଆ ରାସ୍ତା ଯୋଗୁଁ ମାଇଲ ମାଇଲ ଦୂରରୁ ମଟର ଗାଡ଼ି ଯାଉଥିବାର ଜଣାଯାଏ ।

### ନାଲି ଧୂଳି

କଟକ ସହରର ରାସ୍ତା ସବୁ ପକ୍କା ଥିଲା । କିନ୍ତୁ ସେଠାରେ ନାଲି ଧୂଳି ଯୋଗାଉ

Digitized by srujanika@gmail.com

ଉଭୟ ପାର୍ଶ୍ୱରେ ଥିବା ଦନ୍ତ ଜଙ୍ଘ ଉପରେ ଜମି ରହିଥିବା ଯୋଗୁଁ ସହରର ଅତି କୁତ୍ସିତ ଦେଖା ଯାଉଥିଲା । କାଠଯୋଡ଼ୀ ନଦୀ କୂଳରେ ଥିବା କମିସନରଙ୍କ କୋଠିରେ କିମ୍ବା କନିକା ରାଜବାଟୀରେ କୌଣସି ଭୋଜି ସଭା ହେଉଥିଲେ ମହାନଦୀ କୂଳ କାଣ୍ଟୋନମେଣ୍ଟ ରୋଡ ଓ ରେଳଷ୍ଟେସନ ନିକଟବର୍ତ୍ତୀ କଲେଜ ଅଞ୍ଚଳରେ ଅଫିସର ମାନଙ୍କ ଗାଡ଼ି ରାସ୍ତାରେ ଏକ ଧୂଳି ପଟଳ ସୃଷ୍ଟି କରି ଯାଉଥିବାର ଦେଖିବାକୁ ମିଳେ । ପ୍ରଥମ ଗାଡ଼ିକୁ ଛାଡ଼ି ଦେଲେ ବାକୀ ସବୁ ମଟରଗାଡ଼ି ଓ ଘୋଡ଼ାଗାଡ଼ିକୁ ଖୋଲି ନରହିଁ ସମ୍ପୂର୍ଣ୍ଣ ବନ୍ଦ କରି ଦେବାକୁ ପଡ଼ୁଥିଲା । ଏହି ସମୟରେ ସାଇକେଲ ଚଢ଼ାଳି ଓ ପଦଯାତ୍ରୀ ମାନଙ୍କ ପାଇଁ କୌଣସି ସ୍ଥାନ ନଥିଲା । ଧୂଳିର କୁହୁଡ଼ି ଭିତରେ ଯାଉଥିବା ବେଳେ କୌଣସି ଗାଡ଼ି ଦେଖି ନପାରି କାଳେ ଧକ୍କା ଦେଇ ଦେବ, ସେହି ଭୟରେ ସେମାନେ କଟକ ରେଳଷ୍ଟେସନରୁ କାଣ୍ଟୋନମେଣ୍ଟ ଯାଇଥିବା ପ୍ରଧାନ ରାସ୍ତା ଓ କଟକ ଚଣ୍ଡୀରୁ ଲାଲବାଗ ଯାଇଥିବା ଗଳି ରାସ୍ତାରେ ଯାଉ ନଥିଲେ । ଭୋଜି ସଭାର ଅଧଘଣ୍ଟା ପୂର୍ବରୁ ଓ ଅଧଘଣ୍ଟା ପରେ ରାସ୍ତାର ଦୁଇ ପାଖରେ ରହୁଥିବା ଲୋକେ ସେମାନଙ୍କ ଗାଈ, ବାଛୁରୀ ଓ ପିଲମାନଙ୍କୁ ଘରେ ବନ୍ଦ କରି ରଖୁଥିଲେ । ଥରେ ଲାଲବାଗରେ ଏକ ଭୋଜି ସଭାରେ ଯୋଗ ଦେବାକୁ ମୁଁ ସାଇକେଲରେ ଯାଉଥିଲି । ନାଲି ଧୂଳିରୁ ମୋର ଲୁଗା ପଟା ଓ ମୋ' ସ୍ତ୍ରୀଙ୍କ ଲୁଗାପଟା ରକ୍ଷା କରିବା ପାଇଁ ମୁଁ ଅଣଓସାରିଆ ଗଳି କନ୍ଧ ଭିତର ଦେଇ ଯାଇଥିଲି । କିନ୍ତୁ ସେଠାରେ ମଧ୍ୟ ରକ୍ଷା ନାହିଁ, କାରଣ ବାଷ୍ପମଣ୍ଡଳ ଉଡ଼ନ୍ତା ନାଲି ଧୂଳିରୁ ମୁକ୍ତ ଥିଲେ ହେଁ ନଳା, ନର୍ଦ୍ଦମାର ପୂତି ଗନ୍ଧରୁ ମୁକ୍ତ ନଥିଲା । ମୋର ଏକମାତ୍ର ସାନ୍ତ୍ୱନା ଥିଲା ଯେ ଅନ୍ୟ ଅତିଥିମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ବେଳକୁ ସେମାନଙ୍କର ମୁଣ୍ଡବାଳ ନାଲି ହୋଇ ଯାଇଥିବ ଓ ପୋଷାକ ପତ୍ରରେ ନାଲି ଧୂଳି ଲାଗିଥିବ । କିନ୍ତୁ ମୁଁ ଏକମାତ୍ର ଅତିଥି, ଯେ ବାଟସାକ ଗନ୍ଧ ଶୁଙ୍ଘି ଆସିଲେ କ'ଣ ହେଲା, ତା'ର ବାଳତକ କଳା ରହିଥିବ ଓ ପୋଷାକ ପତ୍ର ପରିଚ୍ଛନ୍ନ ରହିଥିବ ।

ଏହି ସବୁ ଭୋଜି ସଭାରେ କେହି କେହି ସ୍ତ୍ରୀ ଲୋକ ତାଙ୍କ ସ୍ୱାମୀଙ୍କ କାନ୍ଧରୁ ନାଲି ଧୂଳି ଫୁଙ୍କି ଝାଡ଼ି ଦେଉଥିବାର ଦେଖା ଯାଉଥିଲା ।

## ଏକ ବଳଦିଆ

ରାତ୍ରରୁ ଆସି ଷ୍ଟେସନ୍ ରୋଡ୍‌ରେ ଅନେକ ସମୟରେ ମୁଁ ସାଇକେଲରେ ରାତିରେ ଫେରେ । ରାସ୍ତା ସମ୍ପୂର୍ଣ୍ଣ ଅନ୍ଧକାର । ରାସ୍ତାରେ ଜଳୁଥିବା ମ୍ୟୁନିସିପାଲିଟି ବତୀ କେବଳ ଏହି ଅନ୍ଧକାରକୁ ବଢ଼ାଇବାରେ ସାହାଯ୍ୟ କରୁଥିଲା । ରାସ୍ତାରେ ଯାନ ବାହନ କହିଲେ କା ଭିଁ ଗୋଟିକିଆ ଘୋଡ଼ା ଟଣାଗାଡ଼ି କିମ୍ବା ଏକ ବଳଦିଆ ଶଗଡ଼ଗାଡ଼ି । ଏପରି ଶଗଡ଼ଗାଡ଼ି କଟକର ଏକ ବିଶେଷତ୍ୱ । କଟକର ରାସ୍ତା ଅତି ଅଣଓସାରିଆ ଥିବା ଯୋଗୁଁ ଲୋକେ ମଣିଷ ଓ ଜିନିଷ ପତ୍ର

Digitized by srujanika@gmail.com

ନେବାପାଇଁ ଏକ ବଳଦିଆ ଗାଡ଼ି ଉଦ୍ଭାବନ କଲେ । ସୁବିଧା ଥିଲେ ସେମାନେ ଶ୍ରେଷ୍ଠ ଧରଣର ବସ୍ତୁ ମଧ୍ୟ ଉଦ୍ଭାବନ କରି ପାରି ଥାନ୍ତେ । କଟକର ସଙ୍କୀର୍ଣ୍ଣ ଜନାକୀର୍ଣ୍ଣ ରାସ୍ତାରେ ଯେଉଁମାନେ ବରିଷ୍ଟକାପ୍ସ ଟ୍ରକ୍‌ମାନ ଚଳାଇ ଯା'ନ୍ତି, ସେ ଚାଳକ ମାନଙ୍କ କରାମତିକୁ ମୁଁ ବାହାବା ଦିଏ । ୧୯୬୮ ମସିହାରେ ଯାନବାହନ ସମସ୍ୟା ହୋଇ କିଛି ନଥିଲା, କାରଣ ସେତେବେଳେ ଯାନବାହନ ଖୁବ୍ କମ୍ ଥିଲା । କଟକର ୬୦ ହଜାର ଲୋକ ଅଧିକାଂଶ ସମସ୍ତ ଘର ଭିତରେ ରହୁଥିଲେ । ଏବେ ଲୋକେ ବାହାରେ ବୁଲୁଛନ୍ତି । କିନ୍ତୁ ସଙ୍କୀର୍ଣ୍ଣ ରାସ୍ତା ଓସାରିଆ ହୋଇ ପାରୁନାହିଁ । ସେଥିପାଇଁ ହଜାର ହଜାର ରିକ୍‌ସା ଦରକାର ପଡୁଛି । ଏ ରିକ୍‌ସାଟି ହେଉଛି ଚୀନାମାନଙ୍କ ଉର୍ବର ମସ୍ତିଷ୍କରୁ ପ୍ରସୂତ । ମନୁଷ୍ୟର ଶ୍ରମଦ୍ୱାରା ପରିଚାଳିତ ଏକ ଦ୍ୱିଚକ୍ର ଯାନରେ ଆଉ ଜଣେ ମନୁଷ୍ୟ ବସି ଯିବା ଅସମ୍ମାନକର ହେଲେହେଁ, ଯେଉଁ ଦେଶରେ ବହୁ ସଂଖ୍ୟକ ଲୋକ ଭୋକ ଉପାସରେ ରହନ୍ତି, ସେ ଦେଶକୁ ଏହା ବାଧିବାର ପ୍ରଶ୍ନ ଉଠୁନାହିଁ ।

## କରଣୀ ଲିପି

ଲୋକଙ୍କର ଲିପି ଥିଲା କରଣୀ । କିନ୍ତୁ ବନ୍ଦୋବସ୍ତ କାର୍ଯ୍ୟରେ ଓଡ଼ିଆ ଲିପି ବ୍ୟବହୃତ ହେଉଥିଲା । ଅବଶ୍ୟ ଏଥିରେ ଜଲ୍‌ଦି ଲେଖା ଯାଇ ପାରୁ ନଥିଲା । ମାନ୍‌ସଫିଲ୍‌ଡଙ୍କର ବନ୍ଦୋବସ୍ତ ବିଷୟରେ ପରାମର୍ଶ ଥିଲା ଯେ "ଆଗ ସବୁ ଠିକ୍ ଥିବା ଦରକାର" (Accuracy First) । ତର ତର ହେବା ଅନାବଶ୍ୟକ ଥିଲା । କାରଣ ତର ତର କରି ଓଡ଼ିଆରେ ଲେଖିଲେ, ତାହା ଏତେ ସଂକ୍ଷିପ୍ତ ହୋଇ ଯାଉଥିଲା ଯେ ଅନ୍ୟ ଗୋଟିଏ ଭାଷା ଭଳି ଜଣା ଯାଉଥିଲା । କାଳକ୍ରମେ ପାଣ୍ଡୁଲିପି ଉଦ୍ଦେଶ୍ୟରେ କରଣୀର ପ୍ରଚଳନ ହୋଇଥିଲା ; ଛପା ପାଇଁ ନୁହେ । ଏହାର ନାମ କରଣୀ ହେବାର ଉଦ୍ଦେଶ୍ୟ ଲେଖିବା କାମ ବିଶେଷ ଭାବରେ କରଣ ଜାତିଙ୍କ ଦ୍ୱାରା ହେଉଥିଲା । ୧୯୩୪ ମସିହାରେ କଟକ, ପୁରୀ, ବାଲେଶ୍ୱର ଜିଲାର ସମସ୍ତ କୋର୍ଟ କଚେରୀରେ ସବୁ ଦରଖାସ୍ତ କରଣୀରେ ଲେଖା ହେଉଥିଲା । କିନ୍ତୁ ୧୯୪୭ ମସିହାରେ କରଣୀର ସ୍ଥାନ ଓଡ଼ିଆ ଅଧିକାର କଲା । ଆଜି କାଲି କୌଣସି ଦରଖାସ୍ତ କରଣୀରେ ଲେଖା ହେଲେ ତାହା କୌତୁହଳ ସୃଷ୍ଟି କରିବ ।

ବନ୍ଦୋବସ୍ତ ସଂପର୍କୀୟ ବିବାଦ ବିଧବା ସ୍ତ୍ରୀ ଲୋକଙ୍କୁ କେନ୍ଦ୍ର କରି ଏତେ ହେଉଥିଲା ଯେ ସେମାନଙ୍କୁ ଚକ୍ରାନ୍ତର କେନ୍ଦ୍ର କହିଲେ ଭୁଲ ହେବ ନାହିଁ । ଜଣେ ପୁରୁଷ ଲୋକ ମରିଗଲେ, କେତେକ ଦୁଷ୍ଟବୁଦ୍ଧି ଲୋକ ତା'ର ବିଧବା ପତ୍ନୀକୁ ଘେରି ଯା'ନ୍ତି । ଯଦି ତା'ର କିଛି ପିଲା ପିଲି ନଥାନ୍ତି, ତା' ହେଲେ ଅବସ୍ଥା ଆହୁରି ଖରାପ ହୁଏ । ସେ ଟାଉଟର ମାନଙ୍କର କ୍ରୀଡ଼ନକ ହୋଇଯାଏ । ଏହି କାରଣରୁ ବୋଧହୁଏ ପ୍ରାଚୀନ ହିନ୍ଦୁ ସ୍ମୃତିକାର ମାନେ ସଂପତ୍ତିରେ ସ୍ତ୍ରୀ ଲୋକଙ୍କର ଅଧିକାରକୁ ଅତ୍ୟନ୍ତ ସୀମିତ ଓ ସଙ୍କୁଚିତ କରି ଦେଇଥିଲେ ।

Digitized by srujanika@gmail.com

WITH BEST COMPLIMENTS OF:

# SAMANTRAY CONSTRUCTIONS

RAJABAGICHA

CUTTACK-1

Digitized by srujanika@gmail.com

## ଟାଉଟର

ପ୍ରତ୍ୟେକ ଗ୍ରାମରେ ଦୁଇ ବା ତତୋଽଧିକ ଟାଉଟର ଥିଲେ, ଯେଉଁମାନଙ୍କର ଜୀବିକା ଥିଲା ବୃଦ୍ଧି ଖର୍ଚ୍ଚକରି ଗ୍ରାମ୍ୟ ବିବାଦ ଓ ମାଲି ମକଦ୍ଦମା ଭିତରକୁ ଲୋକଙ୍କୁ ଟାଣି ନେବା । ସେମାନେ ବହୁ ସାମାଜିକ ସମସ୍ୟା ମାନ ସୃଷ୍ଟି କରୁଥିଲେ । ସହରରେ ଓକିଲ ମୁକ୍ତାର ମାନଙ୍କ ସହିତ ସେମାନେ ସଂପୃକ୍ତ ଥାଇ ତାଙ୍କ କାର୍ଯ୍ୟ କରୁଥିଲେ । ବିହାରରେ ୧୩ ବର୍ଷ ରହିବା ପରେ ୧୯୪୭ ମସିହାରେ ମୁଁ ଯେତେବେଳେ ଓଡ଼ିଶାକୁ ଫେରି ଆସିଲି, ମୁଁ ଜାଣିଥିବା ବହୁ ଟାଉଟର କଂଗ୍ରେସ କର୍ମୀ ହିସାବରେ ବୁଲୁଥିବାର ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସେମାନଙ୍କ ମଧ୍ୟରୁ କେତେକ ମଧ୍ୟ ସ୍ଥାନୀୟ ନେତା ହୋଇ ସାରିଥିଲେ । ଟାଉଟର ହେଉଛି ଭ୍ରଷ୍ଟାଚାରର ମୂଳପିଣ୍ଡ ।

## ଅମିନ

ବନ୍ଦୋବସ୍ତ କାମ ଖୁବ ଶସ୍ତାରେ ହେଉଥିଲା । କାରଣ ଖାନାପୁରି ବେଳେ ଶ୍ରମ ପାଇଁ ଲୋକଙ୍କୁ ପଇସା ଦେବାକୁ ହେଉ ନଥିଲା ଏବଂ ଅମିନ ମଧ୍ୟ ଖାଇବା ପାଇଁ ପଇସା ଦେଉ ନଥିଲା । ସେ ଜଣଙ୍କ ଘରେ ରହିଯାଇ ଅନ୍ୟମାନଙ୍କୁ ତା'ପାଇଁ ଛଞ୍ଚା ବା ସିଧା ପଠାଇବା ପାଇଁ ବରାଦ କରୁଥିଲା । ସେ ନିଜପାଇଁ ରୋଷେଇ କରୁଥିଲା । ଗ୍ରାମ ବାସୀମାନେ କାଠ ଯୋଗାଇ ଦେଉଥିଲେ । ଏ ସବୁ ପାଇଁ ତା'ର ପଇସା ଦେବାର କଥା । କିନ୍ତୁ ତାକୁ କିଛୁ ଦେବାକୁ ପଡୁ ନଥିଲା । ତା'ର ଜରିବ ଓ ଖାନାପୁରି ପାଇଁ ଜଣେ ଲୋକ ଦରକାର ହେଉଥିଲା, ଜଣେ ଲୋକ ତାର ଯନ୍ତ୍ରପାତି ଓ କାଗଜ ପତ୍ର ଧରି ଯାଉଥିଲା, ଦୁଇଜଣ ଲୋକ ଜଞ୍ଜିର ଟାଣିବା ପାଇଁ ଥିଲେ । ଗ୍ରାମବାସୀ ମାନଙ୍କ ମଧ୍ୟରୁ ପ୍ରତିଦିନ ଏହିପରି ଚାରିଜଣ ଲୋକ ତା'ସହିତ ରହୁଥିଲେ । ଦୈନିକ ଏମାନଙ୍କୁ ଯୋଗାଡ଼ କରିବା କାମ କଷ୍ଟକର ନଥିଲା । ସେ ଗାଁ ଯାକ ବୁଲି ଆସି ଜଣଙ୍କ ଦୁଆର ମୁହଁରେ ଖଣ୍ଡେ କଳା ରଖିଦେଇ ଆସୁଥିଲା । ସବୁ କାହାର ସଙ୍ଗେ ସାକ୍ଷାତ୍ କରିବା ତା'ର ଦରକାର ପଡୁ ନଥିଲା । ତା'ପର ଦିନ ସକାଳୁ ଗୃହସ୍ଥ ଜଣେ ଲୋକଙ୍କୁ କଳା ଧରାଇ ଅମିନ ପାଖକୁ ପଠାଇ ଦେବା ପାଇଁ ବାଧ୍ୟ ହୋଇ ଯାଉଥିଲା । ଏହିପରି କଳା ଥିଲା ସବଂଶନ୍ତ୍ରମାନ୍ । କ୍ୟାମ୍ପ୍ ବଦଳାଇବାକୁ ହେଲେ ବଳଦଗାଡ଼ି ବନ୍ଦୋବସ୍ତ କରିବାପାଇଁ ମୋ' ପିଅନ କାହାରି ଜଣଙ୍କ ଦୁଆର ମୁହଁରେ ଚାରଣିଟିଏ ରଖି ଦେଇ ଆସୁଥିଲା । ସେହି ଚାରଣି ଥିଲା ସରକାରୀ କ୍ଷମତାର ପ୍ରତିନିଧି । କାରଣ ଯାହା ଦୁଆର ମୁହଁରେ ସେ ରହୁଥିଲା, ସେ ଲୋକ ବଳଦ ଗାଡ଼ି ଧରି ଆସି ପହଞ୍ଚି ଯାଉଥିଲା । ପାରମ୍ପରିକ ପ୍ରଥା ବିରୁଦ୍ଧରେ ଯିବାର ପ୍ରଶ୍ନ ଉଠୁ ନଥିଲା । କାରଣ ସେଥିରୁ କୌଣସି କ୍ଷତି ଘଟୁ ନଥିଲା । ବନ୍ଦୋବସ୍ତ ବେଳେ ଭିନ୍ନ ଭିନ୍ନ ସମସ୍ତରେ ଯାହା ଧାର୍ଯ୍ୟ କରାଯାଉ ଥିଲା, ସେହି ଅନୁସାରେ ଖର୍ଚ୍ଚ ଦିଆଯାଉଥିଲା ।

କହିବା ଅନାବଶ୍ୟକ ଯେ ଏ ସବୁ ପ୍ରଥା ଆଉ ନାହିଁ । ଏବେ ଅମିନ ସାଙ୍ଗରୁ ଦରମା ପାଇ ସାହାଯ୍ୟକାରୀମାନେ ଅଛନ୍ତି

Digitized by srujanika@gmail.com

ଏବଂ ବୋଧହୁଏ ଖାଇବା ଝଣ୍ଟା. ତାଙ୍କୁ ନିଜେ ବନ୍ଧନ କରିବାକୁ ପଡ଼ିଲାଣି । କଳା ଓ ମୁଦ୍ରା ତାଙ୍କର ଶକ୍ତି ହରାଇ ବସିଲେଣି ।

## ଦୁର୍ନୀତି

ବନ୍ଦୋବସ୍ତ ଅଫିସର ହିସବରେ ମାନ୍‌ସଫିଲ୍‌ଡ ଓ ଡ୍ୟୁବେନ ବନ୍ଦୋବସ୍ତ କାର୍ଯ୍ୟର ମାନ ଦକ୍ଷତା, ସାଧୁତା, ଓ ବ୍ୟକ୍ତି ଗତ ଆଗ୍ରହ ବ୍ୟବହାର ଦୃଷ୍ଟିରୁ ଯେତେଦୂର ସମ୍ଭବ ଖୁବ୍ ଉଚ୍ଚରେ ରଖିବା ପାଇଁ ଉଦ୍ୟମ କରୁଥିଲେ । କୌଣସି ଅଫିସର ତାଙ୍କର ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହିତ ସାକ୍ଷାତ୍ କରି ବାକୁ ଆସିଲେ ବାରଣ୍ଡାରେ ବସି ଅପେକ୍ଷା କରୁଥିଲେ । ଗୋଟିଏ ନିର୍ଦ୍ଦେଶ ନାମା (Circular) ଜାରି କରାଗଲା ଯେ କେହି ଲୋକ କାନ୍ଧେଇ ନେଉଥିବା କୌଣସି ଯାନ ବ୍ୟବହାର କରି ପାରିବେ ନାହିଁ । ଜଣେ ଅଫିସର ଗୋଟିଏ ଥର ବେଳେ ସ୍ଥାନୀୟ ଜମିଦାରଙ୍କ ସହିତ ନିଜ ତମ୍ବୁ ଭିତରେ କଥା ଭାଷା କରୁଥିବାର ଦେଖାଗଲା । ଏହା ନିର୍ଦ୍ଦେଶନାମା ଜାରି କରାଗଲା ଯେ କେହି. ନିଜ ରହିବା ତମ୍ବୁ ଭିତରେ କାହାରି ସହିତ ଦେଖା ସାକ୍ଷାତ୍ କରି ପାରିବେ ନାହିଁ । ଦେଖା କରିବା ପାଇଁ ଅଫିସ ତମ୍ବୁ ଅଛି । ଏହା ନିର୍ଦ୍ଦେଶ ନାମା ଜାରି କରାଗଲା ଯେ ବିନା ମୂଲ୍ୟରେ କୌଣସି ଜିନିଷ ବା କୌଣସି ସେବା କାହାରିଠାରୁ ଗ୍ରହଣ କରିହେବ ନାହିଁ । ସମସ୍ତ କଡ଼ା କଡ଼ି ଓ ସାବଧାନତା ସତ୍ତ୍ୱେ ଅମିନ ଓ ଇନ୍‌ସପେକ୍‌ଟର ମାନଙ୍କ ମଧ୍ୟରେ ପ୍ରବଳ ଦୁର୍ନୀତି ବ୍ୟାପିଥିଲା । ଏ କାର୍ଯ୍ୟଟି ଏପରି ଥିଲା ଯେ ଲୋକେ ମୁଣ୍ଡିଆ ମାରି ଅମିନ ବା ମୁନସରିମଙ୍କୁ ଲାଞ୍ଚ ଦେଇ ଯାଉ ଥିଲେ । ବର୍ଷକର ଗୋଟିଏ ବନ୍ଦୋବସ୍ତ ସମୟରେ ଜଣେ ଅମିନ କେତେ ହଜାର ଟଙ୍କା ସଂଗ୍ରହ କରିଥିଲା । ସେ ଗ୍ରାମ ଛାଡ଼ିବା ପୂର୍ବଦିନ ଲୋକେ ଟଙ୍କାତକ ଛଡ଼ାଇ ନେବା ପାଇଁ ତାକୁ ଘେରି ଗଲେ ଓ ଛଡ଼ାଇ ନେଲେ ମଧ୍ୟ । ଅମିନ କାହାରି ପାଖରେ ଅଭିଯୋଗ କରିବା ଦ୍ରୁତ ନଥିଲା । କାରଣ ତଦନ୍ତ ହୋଇଥିଲେ ତା'ର ବିପକ୍ଷରେ ଯାଇଥାନ୍ତା ।

## ୧୯୨୪-୧୯୨୮

ଉଭୟ ସରକାରୀ ଓ ବେସରକାରୀ ଗୋଷ୍ଠୀରେ ଆମର ଭଲ ଚଳ ପ୍ରଚଳ ଥିଲା । କଟକ କ୍ଲବରେ ମଧ୍ୟ ଆମେ ଯୋଗ ଦେଇ ଥିଲୁ । ରାଧାକୃଷ୍ଣ ଦାଶ, ଶ୍ୟାମ ଚନ୍ଦ୍ର ତ୍ରିପାଠୀ, ଡ଼ାଭିଡ଼ ଏବଂ ଡ୍ୟୁବେନଙ୍କ ସହିତ ସବୁଠାରୁ ଆମର ଘନିଷ୍ଠ ସମ୍ପର୍କ ଥିଲା । କଟକ କ୍ଲବର ଅଳ୍ପ କେତେଜଣ ବେସରକାରୀ ସଭ୍ୟ ଥିଲେ । ସେମାନେ ହେଲେ, ରତନ ଇଷ୍ଟେଟ୍‌ର ମାଲିକ ଶ୍ରୀ ଯୋଗେନ୍ଦ୍ର ନାଥ ବୋଷ, ମୋଟର ଏଜେଣ୍ଟ୍ ଗାଉସ୍, କନିକା ରାଜାସାହେବ, ମୟୂରଭଞ୍ଜ ମହାରାଜା ଓ ବୋଧହୁଏ ମଧୁସୂଦନ ଦାସ । ଶେଷୋକ୍ତ ଦୁଇଜଣ କ୍ୱଚିତ୍ କ୍ଲବକୁ ଆସୁ ନଥିଲେ । ବାହାରେ ଥିବା ଭଦ୍ରବ୍ୟକ୍ତି (ସରକାରୀ ଓ ବେସରକାରୀ) ମାନଙ୍କ ମଧ୍ୟରେ ଯେଉଁ ମାନଙ୍କର ଅଧିକ ନିକଟ ସମ୍ପର୍କରେ ଆମେ ଆସିଥିଲୁ, ସେମାନେ ହେଉଛନ୍ତି ଡକ୍‌ଟର

ଜୟନ୍ତ ରାଓ ଓ କବି ମଧୁସୂଦନ ରାଓଙ୍କ ପରିବାରର ଅନ୍ୟ ସଭ୍ୟଗଣ, ବିଶ୍ୱନାଥ କର ବିଜୁ ପଟ୍ଟନାୟକଙ୍କ ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, କବି ରାଧାନାଥ ରାୟଙ୍କ ପୁତ୍ର ଶଶୀ ଭୂଷଣ ରାୟ, ନିର୍ମଳା ନାୟକ, ଲକ୍ଷ୍ମୀ ନାରାୟଣ ସାହୁ, କ୍ଷୀରୋଦ ଚନ୍ଦ୍ର ଚୌଧୁରୀଙ୍କ ପରିବାର ଏବଂ ସୁଧାଂଶୁବାଲା ହାଜରା। ଅନ୍ୟ ବେସରକାରୀ ଭଦ୍ରବ୍ୟକ୍ତିଙ୍କ ସହିତ ସମ୍ପର୍କ ସାଧାରଣ ଭାବରେ ଥିଲା।

କମିସନର ହବାକ୍ ଓ ପେକ୍ ଏବଂ ବି. ସି. ସେନ୍ (ସମସ୍ତେ ଆଇ. ସି. ଏସ ଥିଲେ) ସାମାଜିକ ଜୀବନରେ କେନ୍ଦ୍ର ସ୍ଥଳରେ ଥିଲେ। ୧୯୬୭ ମସିହା ମାର୍ଚ୍ଚମାସ ଶେଷ ସପ୍ତାହରେ କମିସନ ସେନଙ୍କ ସହିତ ଲାଲବାଗଠାରେ ଆମେ ଉପସ୍ଥିତ ଥିଲୁ। ମଧ୍ୟାହ୍ନ ଭୋଜନ ଓ ଚା ପିଆ ସମସ୍ତ ମଧ୍ୟରେ କାଠଯୋଡ଼ୀରୁ ଏତେ ବାଲି ଉଡ଼ିଆସିଲା ଯେ ବୈଠକ ଖାନା ଚାରିଘଣ୍ଟା ମଧ୍ୟରେ ତିନିଥର ସଫା କରିବାକୁ ହୋଇଥିଲା।

## ମାଙ୍କଡ଼ଙ୍କ ପ୍ରତିଶୋଧ

ମୋର ସାବତ ଝିଅ ଡ଼ଲି ରେଭେନସା ବାଳିକା ସ୍କୁଲରେ ହଷ୍ଟେଲରେ ଥିଲା। ମାଙ୍କଡ଼ ମାନଙ୍କର ବୁଦ୍ଧି ସମ୍ପର୍କରେ ସେ ଏକ ଗଳ୍ପ କହୁଥିଲା। ଛାତ୍ରୀମାନେ ବୋଟ୍ ବୋଟ୍ କରି ଆମ୍ବ ଆଣୁଥିଲେ, କିନ୍ତୁ ସେମାନେ ସ୍କୁଲରେ ଥିବାବେଳେ ମାଙ୍କଡ଼ ମାନେ ଆମ୍ବ ନେଇ ଚାଲି ଯାଉଥିଲେ। ଦିନେ ପିଲାମାନେ ଠିକ୍ କଲେ ସେମାନେ ମାଙ୍କଡ଼ ମାନଙ୍କୁ ଏକ ଶିକ୍ଷା ଦେବେ। ସେମାନେ ଆମ୍ବତକ ଖାଇ ଟାକୁଆଗୁଡ଼ାକ ଟ୍ରେପା ଭିତରେ ଭଲ ଭାବରେ ରଖି ଦେଲେ। ଯେତେବେଳେ ମାଙ୍କଡ଼ମାନେ ଆସିଲେ, ସେମାନେ ବୁଝି ପାରିଲେ ଯେ ସେମାନଙ୍କୁ ଠକା ଯାଇଛି। ଏହିପରି ଭାବରେ ସେମାନେ ପ୍ରତିଶୋଧ ନେଲେ। ସେମାନେ ଟ୍ରେପାରୁ ଟାକୁଆ ଗୁଡ଼ାକ ନେଇ ଛାତ ଉପରେ ଯାଇ ବସିଲେ। ପିଲାମାନେ ସ୍କୁଲରୁ ଫେରିବା ମାତ୍ରେ ତାଙ୍କ ଉପରେ ହେଲା ଟାକୁଆ ବୃଷ୍ଟି ଓ ତା ସଙ୍ଗେ ମାଙ୍କଡ଼ଙ୍କର ଖେଁ ଖେଁ ରଡ଼ି।

## ଅଭିନବ ଭୋଜି

ଜୁଲାଇ ୧୯୬୮ ମସିହାରେ ଶ୍ରୀ ବି.ସି ସେନ ଅବସର ଗ୍ରହଣ କଲେ। ଅସ୍ଥାୟୀ ଭାବରେ କଟକ କଲେକ୍ଟରର ଦାୟିତ୍ୱ ମୋତେ ତୁଲାଇବାକୁ ହେଲା ଓ ଆମେ ଶ୍ରୀ ସେନଙ୍କ ବିଦାୟ ସମ୍ବର୍ଦ୍ଧନା ପାଇଁ ଏକ ଅଭିନବ ଭୋଜି ସଭାର ବ୍ୟବସ୍ଥା କଲୁ। ବିଭିନ୍ନ ସ୍ଥଳରେ ଖାଇବା ଜିନିଷ ସଜଡ଼ା ହୋଇ ରହିଲା ଓ ବିଚିତ୍ର ପୋଷାକ (Fancy dress) ପିନ୍ଧିଥିବା ଝିଅମାନଙ୍କ ମାର୍ଫତରେ ଏହା ରଖାଗଲା। ଅତିଥି ମାନଙ୍କୁ କାଡ଼ ବୋଡ଼ରେ ତିଆରି ହୋଇଥିବା ସୁନା ଓ ରୂପାର ମୁଦ୍ରା ମାନ ଦିଆଗଲା, ଯେପରିକି ସେଥିରେ ସେମାନେ ଯାହା ଖାଇବାକୁ ଚାହାନ୍ତି ସେ ସବୁ କିଣି ଖାଇ ପାରିବେ। ସବା ଶେଷରେ ଥିଲା ଆଇସକ୍ରିମ୍ ଓ ତାକୁ ସ୍ନୋହ୍ୱାଇଟ ଝିଅମାନେ ବିକ୍ରୀ କରୁଥିଲେ। ସ୍ଥଳରେ ଥିବା ସବୁ ଜିନିଷ କିଣାଯାଇ

Digitized by srujanika@gmail.com

ନପାରିବାରୁ ବହୁତ ବଳ ପଡ଼ିଲା ଓ ତା'ଆର ଦିନ ଆଉ ଏକ ଖେଳ ସଜ୍ଜ ହେଲା ।

ମହିଳାମାନେ ପିକେଟିଂ ପାଇଁ ଏକ ନୂତନ ପନ୍ଥା ଉଦ୍ଭାବନ କଲେ । ବିଦ୍ରୋହୀଙ୍କର ଅଜ୍ଞାତରେ ଚା' ଖାଇବା ସମୟରେ ସେମାନେ ହଠାତ୍ ଯାଇ ପହଞ୍ଚି ପଡ଼ୁଥିଲେ । ବିଦ୍ରୋହୀ ତାଙ୍କ ଚା' ଜଳଖିଆ ଛାଡ଼ିବା ପାଇଁ ବାଧ୍ୟ । ଫଳରେ ହେଲା, କେଉଁ ବିଦ୍ରୋହୀ ପୂର୍ବରୁ ଖବର ନପାଇ ଘରେ ଘରେ ଏକ ଚା' ଭୋଜର ବ୍ୟବସ୍ଥା କରି ଦେଇ ପାରିବେ । ବହୁ ବିଦ୍ରୋହୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ । କିନ୍ତୁ ଜଣେ ଉଚ୍ଚ ପଦସ୍ଥ ଇଞ୍ଜିନିଅରଙ୍କ ସ୍ତ୍ରୀ ହୋଇ ପାରିଲେ ନାହିଁ । କାରଣ ଅଳ୍ପ ଦିନ ରହିବା ପାଇଁ ମଧ୍ୟ ତାଙ୍କ ଘରେ କିଛି ତେଲ କି ଘିଅ ନଥିଲା । ଶେଷରେ ସେମାନେ କମିଶନର ସେନଙ୍କ ଘର ଘେରାଉ କରିବେ ବୋଲି ସ୍ଥିର କଲେ । ସେ ବିପତ୍ନୀକ ଭାବରେ ଏକୁଟିଆ ରହୁଥିବାରୁ ତାଙ୍କୁ ଆଗରୁ ସତର୍କ ନକରି ତାଙ୍କ ଘରେ ଘେରାଉ କରିବା ଠିକ୍ ହେବ ନାହିଁ ବୋଲି ସ୍ଥିର ହେଲା । ତେଣୁ ଯେଉଁ ଅତର୍କିତ ଆକ୍ରମଣ ହେଲା, ତାହା ପୂର୍ବ ଅତର୍କିତ ନଥିଲା ।

୧୯୨୬ ଓ ୧୯୨୭ ମସିହାରେ ମୋ' ସ୍ତ୍ରୀ କଟକର ମହିଳାମାନଙ୍କ ସଙ୍ଗେ (ସେମାନଙ୍କ ମଧ୍ୟରେ ଥିଲେ ଶ୍ରୀମତୀ ନିର୍ମଳା ନାୟକ, ପ୍ରିନ୍ସିପାଲ ରେଭେନ୍ସା ଗାର୍ଲ୍ସ ସ୍କୁଲ, ପ୍ରଖ୍ୟାତ ଶିଶୁସାହିତ୍ୟ ଲେଖିକା ଶ୍ରୀମତୀ ସୁଶୀଳତା ରାଓ, ରସାୟନ ବିଜ୍ଞାନ ଅଧ୍ୟାପକଙ୍କ ସ୍ତ୍ରୀ ଶ୍ରୀମତୀ କୁନ୍ତୀ ସିଂହ, ଅଧ୍ୟାପକ ପ୍ରାଣକୃଷ୍ଣ ପରିଜାଙ୍କ ସ୍ତ୍ରୀ ଶ୍ରୀମତୀ ସୁନ୍ଦରମଣି ପରିଜା) ବହୁସଂଖ୍ୟକ ଚ୍ୟାରିଟି ସୋ' କରିଆରେ ଚାନ୍ଦା ସଂଗ୍ରହ କରିଥିଲେ ଓ କଟକର ମାତୃମଙ୍ଗଳ କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ଏହାର ଏକ କାର୍ଯ୍ୟକ୍ରମ ଥିଲା ଏକ ଧାଈ ଟ୍ରେନିଂ ସ୍କୁଲ କରି ଗାଁ ଗହଳରୁ ଧାଈ କାମ କରୁଥିବା ସ୍ତ୍ରୀ ଲୋକଙ୍କୁ ଆଣି କିପରି ସ୍ୱାସ୍ଥ୍ୟକର ବୈଜ୍ଞାନିକ ପ୍ରଣାଳୀରେ ପ୍ରସୂତି କାର୍ଯ୍ୟ କରିବାକୁ ହେବ ତାହା ଶିକ୍ଷା ଦେବା । ପ୍ରଥମ ହେଲ୍‌ଥ୍ ଭିଜିଟର ଥିଲେ ଡ଼କ୍ଟର ଶ୍ରୀମତୀ କୁନ୍ତଳା କୁମାରୀ ସାବତ, ଯେ ଅଳ୍ପ ବୟସରେ ମରିଗଲେ, କିନ୍ତୁ ଓଡ଼ିଆ ଭାଷାରେ ଯଥେଷ୍ଟ କାବ୍ୟ, କବିତା ଲେଖି ଛାଡ଼ିଦେଇ ଗଲେ, ଯାହା ଫଳରେ ସେ ଅମର ହୋଇ ରହିଲେ ।

ମୋ' ସ୍ତ୍ରୀ ମାତୃମଙ୍ଗଳ କେନ୍ଦ୍ରର ପ୍ରତିଷ୍ଠାତ୍ରୀ-ସମ୍ପାଦିକା ଥିଲେ ଏବଂ ୧୯୨୮ରେ କଲିକତାରେ କାଂଗ୍ରେସ ଅଧିବେଶନ ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀରେ ଭାଗ ନେଇଥିଲେ । ମିସ୍ କାଥେରାଇନ୍ ମେୟୋ ଭାରତୀୟ ନାରୀମାନଙ୍କ ସମ୍ପର୍କରେ ମୋ' ସ୍ତ୍ରୀଙ୍କଠାରୁ ବହୁ ଖବର ସଂଗ୍ରହ କରିଥିଲେ ଓ ତାଙ୍କ ପ୍ରଣୀତ ପୁସ୍ତକ "ମଦର ଇଣ୍ଡିଆ"ରେ ମୋ' ସ୍ତ୍ରୀଙ୍କ ନାମ ଉଲ୍ଲେଖ କରିବା ପାଇଁ ଚାହିଁଲେ । ଆମେ ଏଥିରେ କିଛି ଗୂଢ଼ ରହସ୍ୟ ଅଛି ବୋଲି ଭାବି ତାଙ୍କୁ ପରିଷ୍କାର ମନା କରିଦେଲୁ ।

୧୯୨୭ ମସିହାରେ ଆମେ ୮ନମ୍ବର କାଣ୍ଟନମେଣ୍ଟ ରୋଡ଼ ସ୍ଥିତ ବଙ୍ଗଳାରେ

Digitized by srujanika@gmail.com

ରହୁଥିଲୁ । ଏ ଘରଟି ଗୋଟିଏ ମାଟିକାନ୍ଥର ପୁରୁଣା ଛପରଘର, ପ୍ରାୟ ଶହେବର୍ଷର ହେବ । କାଣ୍ଟନମେଣ୍ଟ ଗ୍ରେଡ଼ରେ ସେଟଲମେଣ୍ଟ ଅଫିସରଙ୍କ ପାଇଁ ନୂଆ ହୋଇ ତିଆରି ହୋଇଥିବା ୭ନମ୍ବର ଘରକୁ ଛାଡ଼ି ଦେଲେ ବାକି ସବୁଘର ଏହି ଧରଣର ଥିଲା । ୮ନମ୍ବର ଘରେ ଖରାଦିନେ ବେଶ୍ ଥଣ୍ଡା ଓ ଆରାମ ଲାଗୁଥିଲା । କିନ୍ତୁ ଶୀତ ଦିନକୁ ଏଥିରେ ଭଲ ଆଲୁଅ ହେଉ ନଥିଲା । ବର୍ଷା ଦିନେ ପଙ୍କିଲ ମହାନଦୀର ପାଣି ଆସି ବଗିଚା ପାହାଚରେ ଲାଗୁଥିଲା । ପହଁରିବା ପାଇଁ ସେତେବେଳେ ସୁବିଧା ଥିଲେ ମଧ୍ୟ ବଡ଼ ବିପଦ୍‌ଜନକ ଥିଲା । ଏ ଘରଟିର ଏକମାତ୍ର ଅସୁବିଧାର ବିଷୟ ଥିଲା କିନା ଛାତ ଉପରେ ସାଲଆପତନଙ୍କର ଦଉଡ଼ା ଧାପଡ଼ା । ସାରା ରାତି ଏହା ଚାଲୁଥିଲା । କିନ୍ତୁ ଆମେ ଶୀଘ୍ର ଏଥିରେ ଅଭ୍ୟସ୍ତ ହୋଇଗଲୁ । ଥରେ ଏକ ଆମେରିକାନ ଦମ୍ପତି ଓ ଜଣେ ଇଂରେଜ ମହିଳା ଆମ ସଙ୍ଗେ ରହିବାକୁ ଆସିଲେ । ଆମେ ଧୂଆଁ ଦେଇ ସାଲଆପତନଙ୍କୁ ବିଦା କରିଦେଲୁ । କିନ୍ତୁ କିଛିଦିନ ପରେ ସେମାନେ ପୁଣି ଫେରି ଆସିଲେ । ଆମର ଅତିଥିମାନେ ରାମମୋହନ ରାୟ ଶତବାର୍ଷିକୀ ଉତ୍ସବରେ ଯୋଗଦେବା ପାଇଁ ଆସିଥିଲେ ।

## ଗ୍ରାମ-ଗଠନ

ବନ୍ଦୋବସ୍ତ ବିଭାଗରେ କାମ କଲାବେଳେ ମୁଁ ଗ୍ରାମମାନଙ୍କର ଗଠନ ସମ୍ପର୍କରେ କିଛି ଗବେଷଣା କରିବାକୁ ଚେଷ୍ଟା କରିଥିଲି । କିନ୍ତୁ ଖୁବ୍ କମ୍ ସମୟ ମଧ୍ୟରେ ମୋତେ ସମସ୍ତ ମିଳିଲା ନାହିଁ । କୌଣସି ନା କୌଣସି କାରଣ ବଶତଃ ମୋ'ର ସେହି ଚେଷ୍ଟାଟି ସେହିପରି ରହିଗଲା । ଏକଥା ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି, କେହି ଏହାକୁ ଅଧ୍ୟୟନ କଲେ ମୁଁ ଯାହା କହିଥାନ୍ତି, ସେ ତାହା କରି ପାରନ୍ତି । ଉତ୍ତର ବାଲେଶ୍ୱର ସମୁଦ୍ର କୂଳରେ ସମୁଦ୍ର ଦୂରକୁ ଘୁଞ୍ଚିବା ଫଳରେ ବାଲିବନ୍ତ ମାନଙ୍କ ଧାରରେ ଗାଁମାନ ଗଢ଼ି ଉଠିଛି । ଏହିପରି ଧାଡ଼ି ଧାଡ଼ି ହୋଇ ଗ୍ରାମ ସମାନ୍ତରାଳ ଭାବରେ ରହିଛି । ଯଦି ଏହି ଧାରକୁ ଅଭ୍ୟନ୍ତରବର୍ତ୍ତୀ ଅଞ୍ଚଳ ପର୍ଯ୍ୟନ୍ତ ଅନୁସରଣ କରାଯାଏ, ତା'ହେଲେ ସାମୁଦ୍ରିକ ଜୀବମାନଙ୍କର ହାଡ଼ କଙ୍କାଳରୁ ପୂର୍ବେ ସମୁଦ୍ର ଯେଉଁ ପର୍ଯ୍ୟନ୍ତ ଥିଲା, ତାହା ଜଣା ପଡ଼ିବ । ଭିକୋରେଙ୍କୁମି ଓଡ଼ିଶାରେ ଅନେକ ସମୟରେ ନଦୀମାନ ତାଙ୍କର ସ୍ରୋତ ପରିବର୍ତ୍ତନ କରିଛନ୍ତି ଓ ଏଥିରେ ନଦୀ ଶଯ୍ୟାର କୌଣସି ଚିହ୍ନ ରହିନାହିଁ । କିନ୍ତୁ ନଦୀ କୂଳରେ ଯେଉଁସବୁ ଗ୍ରାମଥିଲା, ସେ ସବୁ ସେହିପରି ରହିଛି । ବିଭିନ୍ନ ଗ୍ରାମ ମାନଙ୍କୁ ଏହିପରି ଭାବରେ ଅନୁଧ୍ୟାନ କରି ଏବଂ କୂପ ଓ ପୁଷ୍କରିଣୀରେ ପୁରୁଣା ନଦୀର ଗୋଟି ପଥର ଆବିଷ୍କାର କରି ପୁରାତନ ନଦୀମାନଙ୍କର ସ୍ରୋତ ନିର୍ଦ୍ଧାରଣ କରାଯାଇ ପାରେ । ମନ୍ଦିର ମାନଙ୍କର ଅବସ୍ଥିତିରୁ ଆହୁରି ଏକ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରାଯାଇପାରେ । ମନ୍ଦିରରେ ବ୍ୟବହୃତ ପଥର ନଦୀ ସ୍ରୋତରେ ନୌକା ସହାୟ୍ୟରେ

Digitized by srujanika@gmail.com

ଅଣା ଯାଇଥାଏ । ପୁରାତନ ନଦୀମାନଙ୍କର ଧାର ଏହିପରି ମନ୍ଦିର ମାନଙ୍କ ସହିତ ସଂଯୁକ୍ତ କରି ନିର୍ମିତ କରାଯାଉଥିଲେ । କୋଣାର୍କ ମନ୍ଦିର ଏକ ପୁରାତନ ନଦୀ ଶଯ୍ୟା ଉପରେ ଅବସ୍ଥିତ । ୧୮୮୬ ମସିହା ପର୍ଯ୍ୟନ୍ତ ଏହି ନଦୀର ନାମ ଥିଲା ପଥରବୁହା । ଅର୍ଥାତ୍ ଏହି ନଦୀରେ ପଥରବୁହା ହେଉଥିଲା । ୧୯୧୧ ମସିହାବେଳେ ଏ ନଦୀ ନିଶ୍ଚିହ୍ନ ହୋଇଗଲା । ବର୍ତ୍ତମାନ ଏହି ନଦୀର ମୁହାଣ ଏକ ମଧ୍ୟରକାଳୀ ପୁଷ୍କରିଣୀରେ ପରିଣତ ହୋଇଛି । ପଚିଶ ଗଜ ଓସାର ଏକ ବାଲିବନ୍ଧ ଦ୍ୱାରା ସମୁଦ୍ରଠାରୁ ଏହା ପୃଥକ ହୋଇଛି । ଗାଡ଼େଇ ପଞ୍ଚାଣ ଗ୍ରାମର ବୃଦ୍ଧନାଥ ମନ୍ଦିର ପାଖରେ ସେହିପରି ଏକ ପୁରାତନ ନଦୀର ସନ୍ଧାନ କରାଯାଇ ପାରେ । ଏହି ନଦୀର ଅବଶେଷ ହେଉଛି ବୋଧହୁଏ ବର୍ତ୍ତମାନର ଧାନଆ ନାଳ ।

---


ORIENT DISTRIBUTORS

&

**Agencies Private Limited**

**MERIA BAZAR**

**CUTTACK-1.**

*Distributors of:* **ACC's Portland Cement, White Cement & Water Proofing Compound**


Digitized by srujanika@gmail.com

# କୃଷ୍ଣାବତାର

## ହସ୍ତିନାପୁରରେ ସମୟ ଆସିଗଲା

କେ. ଏମ୍. ମୁନ୍‌ସୀ — ଅନୁବାଦ—ଜୟନ୍ତୀ ପଟ୍ଟନାୟକ

ଅସ୍ତଗାମୀ ସୂର୍ଯ୍ୟର କିରଣରେ ଝଟଝଳ ଉଠୁଥିବା ଯମୁନା ନଦୀର ଜଳରେ ହସ୍ତିନା ପୁରର ସୌଧ ଓ ମନ୍ଦିରମାନ ପ୍ରତିବିମ୍ବିତ ହେଉଥିଲା ।

ନଦୀ କୂଳରେ ଅବସ୍ଥିତ କୌରବ ରାଜ ପ୍ରାସାଦରେ ରାଜା ଶାନ୍ତନୁଙ୍କ ବିଧବା ପତ୍ନୀ ସତ୍ୟବତୀ ତାଙ୍କର ପ୍ରାର୍ଥନା ଗୃହରେ ବସିଥିଲେ । ତାଙ୍କ କପାଳ ଭସ୍ମ ବିଲେପିତ ଏବଂ ସେ ଶୁଭ୍ର ବସ୍ତ୍ର ପରିଧାନ କରିଥିଲେ । ତାଙ୍କର ପିତାଙ୍କ ପରି ତାଙ୍କ ବର୍ଣ୍ଣ ଶ୍ୟାମଳ ଥିଲା ଏବଂ ତାଙ୍କର ଶ୍ୟାମଳ ମୁଖମଣ୍ଡଳରେ ଦୀପ୍ତି ଏହି ଶୁଭ୍ର ବସ୍ତ୍ର ମଧ୍ୟରେ ଅଧିକ ଉଦ୍ଭାସିତ ହୋଇ ଉଠୁଥିଲା । ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ହେଲେ ମଧ୍ୟ ତାଙ୍କର ଶରୀର ଓ ମୁଖମଣ୍ଡଳରେ ସେହି ପୂର୍ବ ସୌନ୍ଦର୍ଯ୍ୟ ଓ ଲାବଣ୍ୟର ଆଭା ରହିଥିଲା, ଯାହା କି ଦିନେ ଋଷି ପରାଶରଙ୍କୁ ଆତ୍ମବିସ୍ମୃତ ଓ ରାଜା ଶାନ୍ତନୁଙ୍କୁ ପ୍ରଣୟରେ ପାଗଳ କରି ଦେଇ ଥିଲା ।

ତାଙ୍କ ଦକ୍ଷିଣ ପାର୍ଶ୍ୱରେ ସ୍ୱର୍ଣ୍ଣ ପତ୍ର ପରିବୃତ ଆସନରେ ବସିଥିଲେ ଗାଙ୍ଗେୟ, ଯାହାଙ୍କୁ ଲୋକେ ଭୀଷ୍ମ ନାମରେ ଅଭିହିତ କରୁଥିଲେ । ତାଙ୍କର ଏହି ସାବତ ପୁଅ ତାଙ୍କଠାରୁ କୋଡ଼ିଏ ବର୍ଷ ବଡ଼ ଥିଲେ । ତାଙ୍କର କେଶ ଓ ଶ୍ମଶ୍ରୁ ଶୁକ୍ଳ ଓ ବୟସ ଅଧିକ ହେଲେହେଁ ସେ ସିଧା ହୋଇ ବସିଥିଲେ । ତାଙ୍କର ଲଲାଟର ଚର୍ମ ଅଣୁମାତ୍ର ଲୋଳିତ ହୋଇ ନଥିଲେ ମଧ୍ୟ ମୁହୂର୍ତ୍ତିକ ପାଇଁ କୁଞ୍ଚିତ ହୋଇ ଉଠିଥିଲା ଓ ଚକ୍ଷୁରେ ଥିଲା ବିଷାଦର ଛାୟା ।

ରାଣୀଙ୍କର ସମ୍ମୁଖରେ କୁଶାସନରେ ବସିଥିଲେ ମୁନି କୃଷ୍ଣ ଦ୍ୱୈପାୟନ । ସେ ଭୀଷ୍ମଙ୍କ ପରି ଗୌରବର୍ଣ୍ଣ ନହେଲେହେଁ, ତାଙ୍କ ମାତାଙ୍କ ଠାରୁ ତାଙ୍କର ବର୍ଣ୍ଣ କମ୍ ଶ୍ୟାମଳ ଥିଲା । ତାଙ୍କର ଦେହର ଗଠନ ସାଧାସିଧା ଓ ଟିକିଏ ବେନିୟମିତ ଥିବା ପରି ଜଣା ଯାଉଥିଲା । ଏହା ବୋଧହୁଏ ମାତୃକୂଳର କୌଣସି ପୂର୍ବ ପୁରୁଷଙ୍କଠାରୁ

Digitized by srujanika@gmail.com

ଈଶ୍ୱରାଧିକାଙ୍କ ପୂଜାରେ ସେ ଲଭ କରିଥିଲେ। କିନ୍ତୁ ତାଙ୍କ ମୁଖମଣ୍ଡଳରୁ ଏକ ଅପୂର୍ବ ସରଳତାର ଆଭା ଫୁଟି ଉଠିଥିଲା।

ବିଦୁର ଓ ଅକ୍ରୂର ଋଷିଙ୍କର ଉଭୟ ପାର୍ଶ୍ୱରେ ବସିଥିଲେ। ପ୍ରାଚୀନ କାଳରେ ମନ୍ତ୍ରଦ୍ରଷ୍ଟା ଋଷିମାନେ ଯେଉଁ ବେଦକୁ ପ୍ରେରଣା ଦ୍ୱାରା ଲଭ କରିଥିଲେ, ମୁନି କୃଷ୍ଣ ଦ୍ୱୈପାୟନ ତାହାକୁ ଏକତ୍ର ସଂଗ୍ରହ କରି ଓ ତାହାକୁ ନୂତନ ଆକାର ଦେଇ ଏକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ସାଧନ କରିଥିଲେ। ଏଥିପାଇଁ ସୁଧୀ ସମାଜ ତାଙ୍କୁ ବେଦବ୍ୟାସ ନାମରେ ସମ୍ମାନିତ କରିଥିଲେ।

"କୃଷ୍ଣ, ପ୍ରସ୍ତାଗରୁ ମୁଁ ତୁମକୁ ଡ଼କାଇ ପଠାଇବାକୁ ବାଧ୍ୟ ହୋଇଗଲି। କାରଣ ସମ୍ରାଟ ଭରତଙ୍କ ବଂଶ ଉପରେ ଏଙ୍କ ନୂଆ ବିପତ୍ତି ଆସି ପଡ଼ିଲାଣି। ତୁମ ଛଡ଼ା ଆମକୁ କେହି ସାହାଯ୍ୟ କରି ପାରିବ ନାହିଁ।" ଏହା କହି ସତ୍ୟବତୀଙ୍କର କଣ୍ଠ ବାଷ୍ପାକୁଳ ହୋଇ ଉଠିଲା। ଲୋକମାନଙ୍କୁ ବାରମ୍ବାର କଷ୍ଟ ଦେବା ପାଇଁ କାହିଁକି ମୁଁ ଜନ୍ମ ହୋଇଥିଲି ବୋଲି କହି ସେ ରୋଦନ କରିବାକୁ ଲଗିଲେ।

ମୁନି ସ୍ନେହସିକ୍ତ ସ୍ୱରରେ ଉତ୍ତର ଦେଲେ, "ମାଆ, ମୋର ଆନନ୍ଦ ଯେ ତୁମେ ମୋତେ ଡ଼କାଇ ପଠାଇଲ। ମୋର କିଛି ହେଲେ ଅସୁବିଧା ହୋଇ ନାହିଁ। ମୋର ପୂଜନୀୟ ପିତା ମୋତେ ଯେତେବେଳେ ତୁମଠାରୁ ଦୂରକୁ ନେଇଗଲେ, ସେତେବେଳେ ମୁଁ ସବୁଦିନ ପାଇଁ ତୁମର ଆଦେଶ ଶିରୋଧାର୍ଯ୍ୟ କରିବି ବୋଲି ପ୍ରତିଜ୍ଞା କରି ନଥିଲି କି ? ତୁମେ ଯେଉଁ ଆଦେଶ ଦେବ, ମୁଁ ତାହା ପାଳନ କରିବା ପାଇଁ ପ୍ରସ୍ତୁତ ଅଛି।

ବ୍ୟାସଙ୍କର ସ୍ନିଗ୍ଧ ସ୍ୱରର ପ୍ରଭାବକୁ କିଏ ପ୍ରତିରୋଧ କରି ପାରିବ ? ବିଷଣ୍ଣ ଅବସ୍ଥାରେ ଥିଲେ ମଧ୍ୟ ସତ୍ୟବତୀ ହସ ହସ ମୁହଁରେ ଅନାଇ ରହିଲେ। ତାଙ୍କର ପୁଅ ଯେତେ ବଡ଼ ହେଲେ ହେଁ ଏବଂ ଅତୀତରେ ବହୁ କାଳ ଧରି ସେ ତାଙ୍କ ଠାରୁ ଦୂରରେ ରହିଥିଲେ ମଧ୍ୟ ସବୁବେଳେ ତାଙ୍କୁ ସେ ଗଣ୍ଠିଧନ ପରି ଦେଖିଥିଲେ ଓ ସବୁ ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ଏହି ପୁତ୍ର ଥିଲେ ତାଙ୍କର ଏକମାତ୍ର ଆଶ୍ରୟ।

କେଉଁ ଅଶୁଭ ମୁହୂର୍ତ୍ତରେ ମୋର ପିତା କୁରୁ ରାଜାଙ୍କୁ ପ୍ରବର୍ତ୍ତାଇ ଗାଙ୍ଗେୟଙ୍କ ଠାରୁ ପ୍ରତିଜ୍ଞା କରାଇ ନେଲେ ଯେ ସେ ଆଉ ବିବାହ କରିବେ ନାହିଁ। ବିବାହ କରିବା ପାଇଁ କେତେ ଯେ ମୁଁ ତାଙ୍କୁ ପ୍ରାର୍ଥନା କରିଛି ! କିନ୍ତୁ କୃଷ୍ଣ, ଭୀଷ୍ମ କେଉଁ ଧାତୁରେ ଗଢ଼ା ତୁମେ ତାହା ଜାଣ। ସେ ତାଙ୍କ ପ୍ରତିଜ୍ଞା ଭାଙ୍ଗିବେ ନାହିଁ। ନିଜର ପ୍ରତିଜ୍ଞାରେ ଦୃଢ଼ ରହି ସେ ମୋ ପ୍ରତି, ତାଙ୍କର ପିତା ଓ ପୂର୍ବ ପୁରୁଷମାନଙ୍କ ପ୍ରତି ଅବିଚାର କରିଛନ୍ତି। ସତ୍ୟବତୀ ଭୀଷ୍ମଙ୍କ ଆଡ଼କୁ ଚାହିଁ ବିଷାଦଭରା କଣ୍ଠରେ ଏହା କହି ଯାଇଥିଲେ। ଅନ୍ନସଂଯମର ପ୍ରତିମୂର୍ତ୍ତି ଭୀଷ୍ମ ନୀରବ ହୋଇ ବସି ରହିଥିଲେ।

ବ୍ୟାସ କହିଲେ, "ମା, ଏପରି ବଂଶ୍ର, ନିରାଶ କାହିଁକି ହେଉଛ ? ମୋତେ କହ କ'ଣ ତୁମର ଅସୁବିଧା ହୋଇଛି।"

Digitized by srujanika@gmail.com

ସତ୍ୟବତୀ ଅଖିର ନିହ ପୋଛି ଉତ୍ତର ଦେଲେ, "ଦୁଇବର୍ଷ ତଳେ ଆମେ ଧୃତରାଷ୍ଟ୍ର ଓ ପାଣ୍ଡୁନଙ୍କର ବିବାହ କାର୍ଯ୍ୟ ସଂପାଦନ କଲୁ । ଯେତେଦିନ ପର୍ଯ୍ୟନ୍ତ ଚନ୍ଦ୍ର, ସୂର୍ଯ୍ୟ ଆକାଶରେ ଆଡଯାନ ହେଉଥିବେ, ସେତେଦିନ କୁରୁକୁଳର ସୌଭାଗ୍ୟ ରହିଥିବ ବୋଲି ଆମର ଧାରଣା ହେଲା । କିନ୍ତୁ ପୁଅ, ସେମାନେ ବିବାହ କଲେ ମଧ୍ୟ........"
ସତ୍ୟବତୀ ଆଉ କହି ପାରିଲେ ନାହିଁ ।

"ମା, କ'ଣ ହୋଇଛି ? ମୋତେ ସବୁ ଖୋଲି କହ ।"

କମ୍ପିତ ସ୍ୱରରେ ସତ୍ୟବତୀ କହି ଚାଲିଲେ, "ଧୃତରାଷ୍ଟ୍ର ଅନ୍ଧ । ତେଣୁ ସେ ରାଜା ହୋଇ ପାରିବେ ନାହିଁ । ତାଙ୍କର ସ୍ତ୍ରୀ ଗାନ୍ଧାରୀ ଗର୍ଭବତୀ । କିନ୍ତୁ ତାଙ୍କ ପ୍ରତି ଏକ ଅଭିଶାପ ଅଛି, ବର୍ଷେ ହେଲା ତାଙ୍କର ଗର୍ଭାଧାନ ହେଲେ ମଧ୍ୟ, ଯେଉଁ ପୁତ୍ରର ଜନ୍ମ ହେବାର କଥା, ସେ ତାଙ୍କର ଗର୍ଭରେ ମିଳାଇ ଯାଇଚି ।"

"କି ଦୁର୍ଭାଗ୍ୟର କଥା ।"

"ପାଣ୍ଡୁ........" ଏତିକି କହି ସତ୍ୟବତୀ କିଛି ସମୟ ରହିଗଲେ । କିଛି ସମୟ ଭୂଇଁକୁ ଚାହିଁ ରହି ସାହସ ସଂଚୟ କରି କହିଲେ, "ତାଙ୍କର କୋଣସି ପୁଅ ହେବ ନାହିଁ, ସେ ଅଭିଶପ୍ତ ।"

ସମସ୍ତେ କିଛି ସମୟ ନୀରବରେ ବସି ରହିଲେ ।

ଭୀଷ୍ମ ଅତିଶୟ କ୍ଷୋଭ ଓ ବିରକ୍ତିରେ କହିଲେ, "ଜୀବନ ସାରା ମୁଁ ଏହି ମହାନ କୁରୁବଂଶର ଗୌରବ ଓ ପ୍ରତିଷ୍ଠା ପାଇଁ କାର୍ଯ୍ୟ କରି ଆସିଲି । କିନ୍ତୁ ଏବେ ସେ କୁଳରେ ପିଣ୍ଡ ଦେବାପାଇଁ କେହି ରହିବେ ନାହିଁ ।"

"ସେ ପାପ ହେଉଛି ମୋ'ର । ମୋ' ନିମନ୍ତେ ବିବାହ ନକରିବା ପାଇଁ ଭୀଷ୍ମ ଶପଥ କଲେ । ମୋ'ର ସେ ପାପ ପାଇଁ ପ୍ରଭୁ ଶିବ ମୋତେ ଯାହା ଏପର୍ଯ୍ୟନ୍ତ ଦଣ୍ଡ ଦେଇ ନାହାନ୍ତି ! ଭରତ ବଂଶର ରକ୍ଷାପାଇଁ ଆମେ କ'ଣ କିଛି କରି ପାରିବା ନାହିଁ ।" ଏତିକି କହି ସତ୍ୟବତୀ କାନ୍ଦିବାକୁ ଲାଗିଲେ ।

ଧୀର, ସଂଯତ ସ୍ୱରରେ ଭୀଷ୍ମ କହିଲେ, "ସେତିକି ନୁହେ । ଆମର ବିପତ୍ତି ସଂପର୍କରେ ଯଦି ବାହାରେ ଲୋକେ ଜାଣନ୍ତି, ତା'ହେଲେ କୌରବ କୁଳର ଗୌରବ ଚିରଦିନ ପାଇଁ ଲୁପ୍ତ ହୋଇଯିବ ।"

"କ'ଣ ଏ ବିପତ୍ତି ?" ମୁନି ବେଦବ୍ୟାସ ପଚାରିଲେ ।

ଭୀଷ୍ମ କହିଲେ, "ପାଣ୍ଡୁଙ୍କର ସ୍ତ୍ରୀ କୁନ୍ତୀ ନିଃସନ୍ତାନ ହୋଇ ଜୀବନ ଧରି ରହି ପାରିବେ ନାହିଁ । ତେଣୁ ସେ ଅଗ୍ନିରେ ଝାସ ଦେବେ ବୋଲି ସ୍ଥିର କରିଛନ୍ତି ।"

"ଓଃ, ମୋ'ର ମରଣ ହୋଇନାହିଁ, ଏ ସବୁ ମୁଁ ଦେଖିବାକୁ ଅଛି ।" କପାଳରେ ହାତମାରି ସତ୍ୟବତୀ କାନ୍ଦିବାକୁ ଲାଗିଲେ ।

ସତ୍ୟବତୀଙ୍କ ମୁହଁରେ ବିଷାଦର ଛାୟା ଦେଖି ବ୍ୟାସଦେବ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, 'ମା, ନିରାଶ ହୁଅ ନାହିଁ । ଏତେ

Digitized by srujanika@gmail.com

ଧନ ପର୍ଯ୍ୟନ୍ତ ଐଶ୍ୱର୍ଯ୍ୟର ସହିତ ତୁମେ ମୁକ୍ତ କରି ଆସିଛ ଏବଂ ବିଜୟଶ୍ରୀ ଲାଭ କରିଛ । ସ୍ୱଜନସ୍ଥ ଭୀଷ୍ମ ମଧ୍ୟ ସେଇସ୍ତା କରିଛନ୍ତି ।

"କୃଷ୍ଣ, ଯେତେବେଳେ ଭୀଷ୍ମ ତାଙ୍କ ପୂର୍ବପୁରୁଷଙ୍କ ଗତି ଲାଭ କରିବେ, ସେତେବେଳେ କ'ଣ ହେବ ?"

"ମା, ମୁଁ ଜାଣେ ତୁମ ମନରେ କି ଦୁଃଖ ଅଛି । ମୁଁ ମଧ୍ୟ ଏଥିରେ କ୍ଷୁବ୍ଧ ଓ ବିଚଳିତ । କୁରୁମାନେ କେବଳ ରାଜା ନୁହନ୍ତି, ସେମାନେ ଆର୍ଯ୍ୟ ଧର୍ମର ରକ୍ଷକ । ଯଦି ସେମାନଙ୍କର ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡ ହୋଇଯାଏ, ତା ହେଲେ ଘୋର ଅରାଜକତା ଦେଖାଦେବ ଓ ଧର୍ମର ଲୋପ ହେବ ।

ଭୀଷ୍ମ କହିଲେ, "ମହର୍ଷି, ତୁମେ ଆମ୍ଭମାନଙ୍କ ପାଇଁ ଥରେ ଧର୍ମର ଉଦ୍ଧାର କରିଛ । ବର୍ତ୍ତମାନ ଆମକୁ ରକ୍ଷା କର । ପ୍ରାଜ୍ଞ ମାନଙ୍କ ମଧ୍ୟରେ ତୁମେ ହିଁ କେବଳ ଆମକୁ ବାଟ ଦେଖାଇ ପାରିବ ।"

"ଏଠାରେ କୁନ୍ତୀ ଅଛନ୍ତି ?"

ଭୀଷ୍ମ କହିଲେ, "ହଁ, ଆମେ ତାଙ୍କୁ ଏଠାକୁ ଆଣିଛୁ । ଆମେ କି ଅବସ୍ଥା ଭିତରେ ଗତି କରୁଛୁ, ତାହା ହସ୍ତିନାପୁର ନ ଜାଣୁ, ଏହା ହିଁ ଆମର ଇଚ୍ଛା ।"

ରାଜପ୍ରାସାଦର ଅନ୍ୟ ଗୋଟିଏ ପାଖରେ ପୃଥା ତାଙ୍କର ବୃଦ୍ଧା ଧାତ୍ରୀଙ୍କ ଦେହରେ ଆଉଜି ଦୁଃଖରେ ବସିଛନ୍ତି । ସେ ବସୁଦେବଙ୍କ ଭଗିନୀ । କିନ୍ତୁ କୁନ୍ତୀ ଭୋଜ ରାଜାଙ୍କ ଦ୍ୱାରା ପୋଷ୍ୟା ହୋଇଥିବା ଯୋଗୁଁ କୁନ୍ତୀ ନାମ ଗ୍ରହଣ କରିଛନ୍ତି । ଦିନେ ସେ ଖୁବ୍ ସୁନ୍ଦରୀ, ଖୁବ୍ ସ୍ୱାସ୍ଥ୍ୟବତୀ ଥିଲେ । କିନ୍ତୁ ବର୍ତ୍ତମାନ ସେ କ୍ଷୀଣକାୟ, ଦିନ ରାତି କାନ୍ଦୁଛନ୍ତି ।

କୁନ୍ତୀ ତାଙ୍କ ପାଖକୁ ମୁନି ଆସୁଥିବାର ଦେଖି ଠିଆ ହୋଇ ପଡ଼ିଲେ ଓ କ'ଣ କହି ତାଙ୍କୁ ଅଭିବାଦନ କରିବେ, ତାହା ଜାଣି ନପାରି ତାଙ୍କ ପାଦତଳେ ପଡ଼ିଯାଇ କାନ୍ଦିବାକୁ ଲାଗିଲେ । ଅତି ସ୍ନେହରେ ମୁନି ତାଙ୍କୁ ଉଠାଇ, ସେ ଯେଉଁଠାରେ ବସିଥିଲେ ସେଠାରେ ନେଇ ବସାଇ ଦେଲେ । ତାପରେ ବୃଦ୍ଧା ଧାତ୍ରୀ ତାଙ୍କ ପାଇଁ ପାରିଥିବା ତୃଣର ଆସନ ଗ୍ରହଣ କଲେ । ସେ ଧାତ୍ରୀକୁ ଆଶୀର୍ବାଦ କରି କକ୍ଷ ତ୍ୟାଗ କରିବା ପାଇଁ ଇଙ୍ଗିତ ଦେଲେ ।

"କୁନ୍ତୀ, ଏ କ'ଣ ?"

"ଗୁରୁଦେବ, ମୁଁ ବଞ୍ଚିବାକୁ ଚାହେଁ ନାହିଁ, ଚାହେଁ ନାହିଁ, ଚାହେଁ ନାହିଁ ।"

"ମା, ପାଣ୍ଡୁଙ୍କ ଉପରେ ଯେଉଁ ଅଭିଶାପ ପଡ଼ିଛି, ତାହା ମୁଁ ଜାଣେ । କିନ୍ତୁ ଏଥିପାଇଁ ତୁମେ ଏପରି ହଉଥିବ, ଏହା ମୁଁ ଦେଖିବାକୁ ଚାହେଁ ନାହିଁ ।"

"ନା, ମୁଁ କେବେହେଲେ ସୁଖୀ ହୋଇ ପାରିବି ନାହିଁ । ମୁଁ ମୃତ୍ୟୁ ଚାହେଁ । ଆପଣ ଜାଣନ୍ତି, ମୁଁ ପିଲାମାନଙ୍କୁ କେତେ ଭଲପାଏ । ମୋ ସନ୍ତାନର ମୁହଁ ମୁଁ ଆଉ ଦେଖି ନାହିଁ । କିନ୍ତୁ ମୋ ଆଖିରେ ତାର ମୁହଁ ଦିନ ରାତି ଭାସି ଯାଉଛି । ସେ ଯେପରି ମୋତେ ଡାକୁଛି, ମୋ ଆଡ଼କୁ ଯେପରି ଅପେକ୍ଷା

Digitized by srujanika@gmail.com

କରି ରହିଛ । ସେ ଜନ୍ମ ହେବାଛଣି ମାତା ହୋଇ ମୁଁ ନିଷ୍ଠୁର ଭାବରେ ତାକୁ ପରିତ୍ୟାଗ କରିଚ ଏବଂ ତୁମେ ତାଙ୍କୁ ନେଇଗଲ— କେତେ ସୁନ୍ଦର ସେ ଦିଶୁଥିଲ, ଗୁରୁଦେବ, ମୁଁ ଏହା କହିଗଲି । ମୋତେ କ୍ଷମା କର । ମୁଁ ପାଗଳ ହୋଇ ଗଲିଣି, ଆପଣଙ୍କ ପ୍ରତି ମୋର ସମ୍ମାନ କିଛୁ ରହୁ ନାହିଁ । ହେ ଭଗବାନ, ମୁଁ କେବେହେଲେ ଅଭ ସନ୍ତାନର ମାତା ହେବ ନାହିଁ । ମୃତ୍ୟୁ ପର୍ଯ୍ୟନ୍ତ ମୁଁ ଯେଉଁ ସନ୍ତାନମାନଙ୍କ ଜନନୀ ହୋଇଥାନ୍ତ, ସେମାନଙ୍କ ହସ ମୋତେ ଅନୁସରଣ କରୁଥିବ । ମୁଁ ନ ମରି କାହିଁକି ବଞ୍ଚିଛି ? ମୋ ପକ୍ଷରେ ଅନ୍ୟ କୌଣସି ପନ୍ଥା ନାହିଁ ।

ମୁନି ଗଭୀର ସ୍ନେହ ଓ ହୃଦ୍ୟତାର ସହିତ ଅଳ୍ପ ହସି କୁନ୍ତୀଙ୍କ ଉପରେ ହାତ ରଖିଲେ । ତାଙ୍କର କୁହୁକ ପ୍ରଭାବ ଶୀଘ୍ର କୁନ୍ତୀଙ୍କ ଉପରେ ପଡ଼ିଲା ଓ ତାଙ୍କର ବାତୁଳ ଅବସ୍ଥା ଦୂର ହୋଇଗଲା ।

ସ୍ନେହାର୍ଦ୍ର କଣ୍ଠରେ ମୁନି କହିଲେ, "ବତ୍ସ, ମୁଁ କ'ଣ ଜାଣେ ନାହିଁ, ତୁମେ କେତେ ସ୍ନେହାଳୁ ଓ ପିଲାମାନଙ୍କୁ କେତେ ଭଲ ପାଅ ?"

"ଗୁରୁଦେବ, ଆପଣଙ୍କୁ ଏପରି କହି ମୁଁ ଭାରି ଲଜ୍ଜିତ ଅନୁଭବ କରୁଛି । କିନ୍ତୁ ମୁଁ କ'ଣ କରିବ, ମୁଁ ନାରୀ ।

"କୁନ୍ତୀ, ଲଜ୍ଜାର କୌଣସି କାରଣ ନାହିଁ । ଜନନୀ ହେବା ପାଇଁ ପ୍ରତ୍ୟେକ ସ୍ତ୍ରୀର ଗର୍ବ ଓ ଗୌରବ ଥାଏ । ଯେଉଁ ସ୍ତ୍ରୀ ନିଃସନ୍ତାନା ହେବା ପାଇଁ ଇଚ୍ଛା କରେ, ସନ୍ତାନକୁ ଘୃଣା ବା ପରିତ୍ୟାଗ କରେ ଏବଂ ସେମାନଙ୍କ ପାଇଁ ବଞ୍ଚି ରହିବା ଜାଣେନାହିଁ, ସେ ରାକ୍ଷସୀ, ସେ ପରିବାରର ଅଭିଶାପ, ଧର୍ମର ଧ୍ୱଂସକାରିଣୀ ।

ଧୀର, ନମ୍ର କଣ୍ଠରେ ବ୍ୟାସଙ୍କର ସ୍ନେହ ସିକ୍ତ ସାନ୍ତ୍ୱନା ବାଣୀ କୁନ୍ତୀଙ୍କ ମନରେ ନୂତ୍ନ ଆଶାର ଜାଗରଣ ସୃଷ୍ଟି କଲା ଓ ସେ ବେଦନ କରିବାକୁ ଲାଗିଲେ ।

ଅନୁରକ୍ତା ମାତା ଯେପରି ନିଜର ସନ୍ତାନର ମୁଣ୍ଡକୁ ସ୍ନେହରେ ଆଉଁଶି ଦିଏ, ସେହିପରି ବ୍ୟାସଦେବ କୁନ୍ତୀଙ୍କ ମୁଣ୍ଡର ବାଳକୁ ଆଉଁଶି କହିଲେ, "କୁନ୍ତୀ, ତୁମର ହୃଦୟର ଇଚ୍ଛା ପୂର୍ଣ୍ଣହେବ ଓ କୁରୁବଂଶ ନାଶ ହେବନାହିଁ । ସେଥିରେ ତୁମର ସନ୍ତୋଷ ହେବ ତ ?"

କୁନ୍ତୀ ଲୋତକାର୍ଦ୍ର ଚକ୍ଷୁରେ ମୁନିଙ୍କ ଆଡ଼କୁ ଚାହିଁ ରହିଲେ । ତାଙ୍କର ଆଖିରେ ଏକ ନୂତନ ଆଶା, ନୂତନ ଜିଜ୍ଞାସା ।

ମୁନି ଅଳ୍ପ ସମୟ ନୀରବ ହୋଇ ରହିଲେ । ତା'ପରେ କହିଲେ, "ଶୁଣ କୁନ୍ତୀ, ଆମର ପୂଜ୍ୟ ପ୍ରାଚୀନ ଋଷିଗଣ ନିର୍ଦ୍ଦେଶ ଦେଇଛନ୍ତି ଯେ ଧର୍ମରକ୍ଷା କରିବାକୁ ହେଲେ, ଯେ କୌଣସି ପ୍ରକାରେ ବଂଶ ରକ୍ଷା କରିବାକୁ ହେବ । ସ୍ନେହମୟୀ ମାତା, ଯେ ତା'ର ସ୍ୱାମୀକୁ ପୂଜା କରେ ଓ ସନ୍ତାନ ମାନଙ୍କ ଲାଗି ବଞ୍ଚି ରହେ, ସେ ହେଉଚି ଧର୍ମର ମୂଳ ପିଣ୍ଡ । ପ୍ରାଚୀନ ଋଷିମାନେ ନିୟୋଗର କଥା କହିଛନ୍ତି । ତେଣୁ ମୁଁ ତୁମକୁ ଯେଉଁ ବ୍ରତର କଥା କହୁଚି, ତୁମେ ତାହା ପାଳନ କଲେ, ତୁମର ସନ୍ତାନ ସନ୍ତତି ହୋଇ ପାରିବେ ।"

Digitized by srujanika@gmail.com

ଆଗ୍ରହର ନବୀନ ଉନ୍ମାଦନାରେ କୁନ୍ତୀ କହି ଉଠିଲେ, "ଆପଣ ଯାହା ନିର୍ଦ୍ଦେଶ ଦେବେ, ମୁଁ ତାହା ପାଳନ କରିବି । କିନ୍ତୁ କୁରୁପ୍ରବର ମୋର ସ୍ୱାମୀଙ୍କ ପ୍ରତି ମୋର ସତୀ୍ୟ, ମୋ'ର ପାତିବ୍ରତ୍ୟ ଯେପରି ଅକ୍ଷୁଣ୍ଣ ରହେ ।"

"ତୁମେ ନିଷ୍ଠସ୍ଥ ସତୀ ହୋଇ ରହିବ । ପାଣ୍ଡୁ ତୁମକୁ ଆଦେଶ ଦେବେ ଓ ତୁମର ଗୁରୁଜନ ମାନଙ୍କର ସେଥିରେ ସମ୍ମତି ରହିବ । ତାହାପରେ ଯାଇ ମୁଁ ତୁମକୁ ଦେବତାମାନଙ୍କୁ ଆବାହନ କରିବାର ମନ୍ତ୍ରଦାନ କରିବି । ମନ୍ତ୍ର ଉଚ୍ଚାରଣ କରି ସେହି ତେଜୋମୟ ପୁରୁଷ ମାନଙ୍କୁ ତୁମେ ସ୍ମରଣ କରିବ । ସେମାନେ ତୁମକୁ ଆଶୀର୍ବାଦ କରିବେ । ତା'ପରେ ଯଥାର୍ଥ ଅର୍ଘ୍ୟ ରୂପେ ତୁମେ ତୁମର ଶରୀରକୁ ସମର୍ପଣ କରିବ । ଏହା କରିବେଳେ ତୁମେ ତୁମର ସ୍ୱାମୀଙ୍କଛଡ଼ା ଅନ୍ୟ କାହାର ଚିନ୍ତା କରିବ ନାହିଁ, କିମ୍ବା ଅନ୍ୟ କାହାର ଉଦ୍ଦେଶ୍ୟରେ ତୁମର ପ୍ରେମ ବା କାମ ପିପାସା ଅର୍ପଣ କରିବ ନାହିଁ । ତା'ହେଲେ ଦେବ ଦେବ ମହାଦେବ ତୁମକୁ ଆଶୀର୍ବାଦ କରିବେ ।

"ଗୁରୁଦେବ, ମୁଁ ଯାହା କରିବି, ତାହା ଠିକ୍ ହେବ ତ ?" କୁନ୍ତୀ ବିହ୍ୱଳ ହୋଇ ପଚାରିଲେ ।

"ହଁ ମା, ଠିକ୍ ହେବ । ଜଣେ ଯୁବତୀ ସ୍ତ୍ରୀ ପକ୍ଷରେ ମାତୃତ୍ୱ ଓ ତା'ର ସ୍ୱାମୀ ପ୍ରତି ଅତ୍ୟନ୍ତ ଶ୍ରଦ୍ଧା ଓ ବିଶ୍ୱାସ ହେଉଛି ଶ୍ରେଷ୍ଠ ଧର୍ମ । ତୁମେ ପ୍ରାଣୀତ ପୁତ୍ର ମାନଙ୍କର ଜନନୀ ହେବ ଓ ସେମାନଙ୍କ ପାଇଁ ଜୀବନ ଧାରଣ କରିବ ଏବଂ ସେମାନେ ଧର୍ମରକ୍ଷା ପାଇଁ ରହିବେ···ଆନନ୍ଦରେ ରହ । ସତ୍ୟବତୀଙ୍କର ପୁତ୍ରର ଏହି ଆଶୀର୍ବାଦ ।"

କୁନ୍ତୀଙ୍କର ହୃଦୟ ଆନନ୍ଦରେ ନାଚି ଉଠିଲା ।

ଯେଉଁଠି ଯେଉଁ ଲୋକ ଦୁଃସ୍ଥ ଅବସ୍ଥାରେ ପଡ଼ିଛନ୍ତି, ସେଥିରୁ ସେମାନଙ୍କୁ ଉଦ୍ଧାର କରିବା ମୋର କାମ ନୁହେଁ । ଲୋକେ କିପରି ନିଜେ ନିଜର ଅସୁବିଧା ଦୂର କରି ପାରିବେ, ତାହା ତାଙ୍କୁ ଦେଖାଇ ଦେବା ହେଉଛି ମୋର ବିନମ୍ର କର୍ତ୍ତବ୍ୟ ।

—ମହାତ୍ମା ଗାନ୍ଧୀ

Digitized by srujanika@gmail.com

# ଯା ମାଂ ପାତୁ

ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ,

**ବସନ୍ତ** ପଞ୍ଚମୀ । ସେଦିନ ଅଗଣିତ କଣ୍ଠରେ ଶୁଣା ଯାଏ—

ଯା କୁନ୍ଦେନ୍ଦୁ ତୁଷାରହାରଧବଳା
ଯା ଶୁଭ୍ରବସ୍ତ୍ରାନ୍ୱିତା
ଯା ବୀଣାବରଦଣ୍ଡମଣ୍ଡିତକରା
ଯା ଶ୍ୱେତପଦ୍ମାସନା
ଯା ବ୍ରହ୍ମାଚ୍ୟୁତଶଙ୍କରପ୍ରଭୃତିଭି
ର୍ଦେବୈ ସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ ଭଗବତୀ
ନିଃଶେଷ ଜାଡ୍ୟାପହା ॥

ଯେ କୁନ୍ଦପୁଷ୍ପ, ଇନ୍ଦୁ, ତୁଷାର ଓ ହାରପରି ଧବଳ, ଯେ ଶୁଭ୍ରବସ୍ତ୍ର ପରିହିତା, ଯାହାଙ୍କର ହସ୍ତ ବୀଣାଦଣ୍ଡ ଦ୍ୱାରା ମଣ୍ଡିତ, ଯେ ଶ୍ୱେତପଦ୍ମ ଉପରେ ଆସୀନା, ଯାହାଙ୍କୁ ବ୍ରହ୍ମା, ଅଚ୍ୟୁତ, ଶଙ୍କର ପ୍ରଭୃତି ଦେବତା ମାନେ ସର୍ବଦା ବନ୍ଦନା କରୁଛନ୍ତି ଓ ଯେ ଅଶେଷ ଜଡ଼ତା ଦୂର କରିପାରନ୍ତି, ସେ ଭଗବତୀ ସରସ୍ୱତୀ ମୋତେ ରକ୍ଷା କରନ୍ତୁ । ସରସ୍ୱତୀଙ୍କୁ ଏହିପରି ଭାବରେ ସ୍ତୁତିକରି ପୁଷ୍ପାଞ୍ଜଳି ଦିଆଯାଏ ବା ଏହିପରି ଭାବରେ ତାଙ୍କ ମୂର୍ତ୍ତି କଳ୍ପନା କରି ଧ୍ୟାନ କରାଯାଏ ।

ଏହାକୁ ଦେଖିଲେ ଜଣା ପଡ଼ୁଛି ଯେ— ସରସ୍ୱତୀ ହେଉଛନ୍ତି ସର୍ବଶ୍ୱେତା, ତାଙ୍କର ବସ୍ତ୍ର ଓ ପରିଧାନ ଶ୍ୱେତ, ତାଙ୍କର ଆସନ ମଧ୍ୟ ଶ୍ୱେତପଦ୍ମ । ତାଙ୍କର ଦୁଇ ହାତ ଏବଂ ସେହି ହାତରେ ଗୋଟିଏ ବୀଣା ଥାଏ । ସେ ଦେବତାମାନଙ୍କ ଦ୍ୱାରା ପରିବୃତ୍ତ ମଧ୍ୟ । ଏଠାରେ ହଂସର ଉଲ୍ଲେଖ ନାହିଁ, କିନ୍ତୁ ଏହା ସର୍ବଜନବିଦିତ ଯେ ହଂସ ତାଙ୍କର ବାହନ, ହେବା ସ୍ୱାଭାବିକ ମଧ୍ୟ । ସରସ୍ୱତୀ ମୂଳତଃ ଗୋଟିଏ ନଦୀ ଏବଂ ପଦ୍ମ ଏବଂ ହଂସ ଜଳର ପ୍ରତୀକ । କିନ୍ତୁ ପ୍ରଶ୍ନ ହୁଏ ସରସ୍ୱତୀଙ୍କର ବସ୍ତ୍ର କେବଳ ଶୁଭ୍ର, ହାତ ଦୁଇ ଏବଂ ଅସ୍ତ୍ର ବୀଣା କି ? ବାଗ୍‌ଦେବତା ବା ବାଗୀଶ୍ୱରୀଙ୍କ ଗୋଟିଏ ଧ୍ୟାନ, ଯେଉଁଥିରେ ତାଙ୍କର ବସ୍ତ୍ର ଶୁଭ୍ର, ହାତ ଦୁଇ ଓ ଆସନ ଶ୍ୱେତପଦ୍ମ ବୋଲି କୁହାହୋଇଛି, କିନ୍ତୁ ବୀଣା ସ୍ଥାନରେ ଲେଖନୀ ଓ ପୁସ୍ତକର କଳ୍ପନା କରି ହୋଇଛି । ଯଥା—

ତରୁଣ ଶକଲମିନ୍ଦୋ
ର୍ବିଭ୍ରତୀ ଶୁଭ୍ର କାନ୍ତିଃ
କୁଚଭରନମିତାଙ୍ଗି
ସନ୍ନି ଷଣ୍ଣା ସିତାବ୍‌ଜେ ।
ନିଜକର କମଲୋଦ୍ୟ
ଲ୍ଲେଖନୀ ପୁସ୍ତକଶ୍ରୀଃ
ସକଳବିଭବସିଦ୍ଧ୍ୟୈ ପାତୁ
ବାଗ୍‌ଦେବତା ନଃ ॥

Digitized by srujanika@gmail.com

ବାଗୀଶ୍ୱରୀ ମସ୍ତକରେ ବାଳଚନ୍ଦ୍ର ଖଣ୍ଡ ଧାରଣ କରନ୍ତି, ତାଙ୍କର ଦେହର କାନ୍ତି ଶୁଭ୍ର, ତାଙ୍କର ଅଙ୍ଗ କୁଚଭାରରେ ଆନତ, ସେ ଶ୍ୱେତପଦ୍ମ ଉପରେ ଆସୀନା ଓ ତାଙ୍କ କର କମଳରେ ଲେଖନୀ ଓ ପୁସ୍ତକ ଶୋଭା ପାଉଥାଏ । ସେହି ବାଗ୍‌ଦେବତା ସକଳ ବିଭବ ସିଦ୍ଧି ପାଇଁ ଆମ୍ଭମାନଙ୍କୁ ରକ୍ଷା କରନ୍ତୁ ।

ବାଗୀଶ୍ୱରୀଙ୍କ କେବଳ ଦୁଇ ହାତ ନୁହେଁ, ଚାରି ହାତର ମଧ୍ୟ ଧ୍ୟାନ କରାଯାଇଛି ଓ ସେହି ହାତ ମାନଙ୍କରେ ଆୟୁଧ ହେଉଛି—ବ୍ୟାଖ୍ୟା ବା ବ୍ୟାଖ୍ୟାନ ମୁଦ୍ରା, ଅକ୍ଷମାଳା, ଅମୃତ କଳଶ ଓ ବିଦ୍ୟା ବା ପୁସ୍ତକ । ଏହା ବାହାରେ ତାଙ୍କର ଆଖି ମଧ୍ୟ ତିନୋଟି ।

ଶୁଭ୍ରାଂ ସ୍ୱଚ୍ଛବିଲେପମାଲ୍ୟବସନାଂ
ଶୀତାଂଶୁଖଣ୍ଡୋଜ୍ଜ୍ୱଳାଂ
ବ୍ୟାଖ୍ୟାମକ୍ଷଗୁଣଂ ସୁଧାଢ୍ୟକଳଶଂ
ବିଦ୍ୟାଂଚ ହସ୍ତାମ୍ବୁଜୈଃ ।
ବିଭ୍ରାଣାଂ କମଳାସନାଂ କୁଚନତାଂ
ବାଗ୍‌ଦେବତାଂ ସୁସ୍ମିତାଂ
ବନ୍ଦେ ବାଗ୍‌ବିଭବପ୍ରଦାଂ ତ୍ରିନୟନାଂ
ସୌଭାଗ୍ୟସମ୍ପତ୍‌କରାମ୍ ।।

ବାଗୀଶ୍ୱରୀଙ୍କ ବର୍ଣ୍ଣ ଶୁଭ୍ର, ତାଙ୍କର ଅଙ୍ଗରାଗ, ମାଲ୍ୟ, ବସନ ମଧ୍ୟ ଶୁଭ୍ର, ଶୀତାଂଶୁ ଖଣ୍ଡଦ୍ୱାରା ଉଜ୍ଜ୍ୱଳ, କରକମଳରେ ବ୍ୟାଖ୍ୟା, ଅକ୍ଷସୂତ୍ର, ସୁଧା କଳଶ ଓ ବିଦ୍ୟା ଧାରଣ କରିଥାନ୍ତି । ସେହିପରି କମଳାସନା, କୁଚନତା, ସୁସ୍ମିତା, ତ୍ରିନୟନା, ବାଗ୍‌ବିଭବପ୍ରଦା, ସୌଭାଗ୍ୟସମ୍ପତ୍‌କରୀ ବାଗୀଶ୍ୱରୀଙ୍କୁ ମୁଁ ବନ୍ଦନା କରେ ।

ଏହି ଧ୍ୟାନ ସଙ୍ଗରେ ପ୍ରାୟ ମିଶିଯାଉଥିବା ଅନ୍ୟ ଗୋଟିଏ ବାଗୀଶ୍ୱରୀଧ୍ୟାନ ମିଳୁଛି, ପ୍ରଭେଦ ଭିତରେ—ଅକ୍ଷଗୁଣ ସ୍ଥାନରେ ବର୍ଣ୍ଣାକ୍ଷମାଳା, ସୁଧାଢ୍ୟ କଳଶ ସ୍ଥାନରେ ମଣିମୟ କଳଶ ଓ ବିଦ୍ୟା ସ୍ଥାନରେ ପୁସ୍ତକ ଦେଖିବାକୁ ମିଳେ । ବିଦ୍ୟାର ଅର୍ଥ ପୁସ୍ତକମୁଦ୍ରା ମଧ୍ୟ ହୁଏ । ବ୍ୟାଖ୍ୟା ଦୁଇସ୍ଥାନରେ ସମାନ । ଧ୍ୟାନହେଲ—

ମୁକ୍ତାହାରବଦାତା ଶିରସି ଶଶି
କଳାଲଂକୃତାଂ ବାହୁଭିଃ ସ୍ୱୈ—
ବ୍ୟାଖ୍ୟାଂ ବର୍ଣ୍ଣାକ୍ଷମାଳାଂ ମଣିମୟକଳଶଂ
ପୁସ୍ତକଂ ବିଭ୍ରହନ୍ତୀମ୍ ।
ଆପୀନୋତ୍ତୁଙ୍ଗ ବକ୍ଷୋରୁହଭରବିନ
ମ୍ରମଧ୍ୟଦେଶା ମଧୀଣାଂ
ବାଗ୍ମୀଡ଼ ଚରସ୍ତ୍ରିଭୁବନ ନମିତାଂ
ପୁଣ୍ଡରୀକେ ନିଷଣ୍ଣାମ୍ ।।

ମୁକ୍ତାହାର ପରି ଶୁଭ୍ର, ମସ୍ତକରେ ଶଶିକଳା ଦ୍ୱାରା ଅଲଂକୃତ, ହାତରେ ବ୍ୟାଖ୍ୟା, ବର୍ଣ୍ଣ ଅକ୍ଷମାଳା, ମଣିମୟ କଳଶ ଓ ପୁସ୍ତକ ଧାରଣ କରିଥିବା, ପୀନ ଓ ଉତ୍ତୁଙ୍ଗ ବକ୍ଷୋଜର ଭର ଦ୍ୱାରା ଅବନମିତ ମଧ୍ୟଦେଶା ତ୍ରିଭୁବନ ବନ୍ଦିତା ପୁଣ୍ଡରୀକାସୀନା ବାଗୀଶ୍ୱରୀଙ୍କୁ ସ୍ତୁତ କରୁଛି ।

ବାଗୀଶ୍ୱରୀଙ୍କ ଆଉ ଗୋଟିଏ ଭେଦ ହେଉଛି—ହଂସବାଗୀଶ୍ୱରୀ । ତାଙ୍କର ଧ୍ୟାନ ହେଉଛି—

ବାଣୀଂ ପୂର୍ଣ୍ଣନିଶାକରୋଜ୍ଜ୍ୱଳମୁଖୀଂ
କର୍ପୂରକୁନ୍ଦପ୍ରଭାଂ
ଚନ୍ଦ୍ରାର୍ଦ୍ଧାଙ୍କିତ ମସ୍ତକାଂ ନିଜକରୈ
ସମ୍ବିଭ୍ରତୀମାଦରାତ୍ ।

Digitized by srujanika@gmail.com

ବୀଣାମକ୍ଷସୁଣଂ ସୁଧାଢ୍ୟ କଲଶଂ
ବିଦ୍ୟାଂଚ ତୁଙ୍ଗସ୍ତନୀଂ
ଦିବ୍ୟୈରାଭରଣୈର୍ବିଭୂଷିତତନୁଂ
ହଂସାଧିରୂଢ଼ାଂ ଭଜେ ।।

ବାଣୀଙ୍କର ମୁଖ ପୂର୍ଣ୍ଣଚନ୍ଦ୍ର ପରି ଉଜ୍ଜ୍ୱଳ, ଦେହର ପ୍ରଭା କର୍ପୂର କୁନ୍ଦ ପରି ଶୁଭ୍ର, ମସ୍ତକ ଅର୍ଦ୍ଧଚନ୍ଦ୍ର ଦ୍ୱାରା ଅଙ୍କିତ, ହାତରେ ବୀଣା, ଅକ୍ଷମାଳା, ସୁଧା କଲଶ ଓ ବିଦ୍ୟା ବିଦ୍ୟମାନ, ସେ ତୁଙ୍ଗସ୍ତନୀ ଏବଂ ଦିବ୍ୟ ଆଭରଣରେ ଭୂଷିତ । ଏହିପରି ହଂସାଧିରୂଢ଼ା ହଂସବାଗୀଶ୍ୱରୀଙ୍କୁ ମୁଁ ଭଜନ କରୁଛି ।

ବାଗୀଶ୍ୱରୀଙ୍କ ଆଉ ଗୋଟିଏ ଧ୍ୟାନ ଅଛି, ଯେଉଁଥିରେ ଯେ 'ମୁନିଗଣୈରାସେବ୍ୟମାନା' ବୋଲି କୁହା ହୋଇଛନ୍ତି, ସରସ୍ୱତୀଙ୍କ ଧ୍ୟାନରେ ଯେପରି "ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିର୍ଦେବୈଃ ସଦା ବନ୍ଦିତା" ବୋଲି ସ୍ତୁତ କରା ହୋଇଛି । ଏହାଙ୍କୁ ମୁନି ବାଗୀଶ୍ୱରୀ ବୋଲି କୁହାଯାଇ ପାରେ । ଏହାଙ୍କ ହାତରେ ଆୟୁଧ ମଧ୍ୟ ଅନ୍ୟ ପ୍ରକାର । ଏହାଙ୍କ ଧ୍ୟାନ ହେଉଛି—

ଆସୀନା କମଲେ କରୈ ର୍ଜପବଟୀଂ
ପଦ୍ମଦ୍ୱୟଂ ପୁସ୍ତକଂ
ବିଭ୍ରାଣ ତରୁଣେନ୍ଦୁ ବଦ୍ଧମୁକୁଟା
ମୁକ୍ତେନ୍ଦୁ କୁନ୍ଦପ୍ରଭା ।
ଭାଲୋନ୍ମୀଳିତଲୋଚନା କୁଚଭରାକ୍ରାନ୍ତା
ଭବଦ୍ଭୂତୟେ
ଭୂୟାଦ୍ ବାଗଧିଦେବତା ମୁନିଗଣୈ
ରାସେବ୍ୟମାନାଃ ନିଶମ୍ ।।

କମଳରେ, ଆସୀନା ହୋଇ ହାତରେ ଜପବଟୀ, ପଦ୍ମଦ୍ୱୟ ଓ ପୁସ୍ତକ ଧାରଣ କରିଥିବା, ତରୁଣ ଶଶାଙ୍କ ଦ୍ୱାରା ଶୋଭିତ ମୁକୁଟା, ମୁକ୍ତା, ଇନ୍ଦୁ ପରି ପ୍ରଭା ବିଶିଷ୍ଟା, ଭାଲପଟ୍ଟରେ ଉନ୍ମୀଳିତ ଲୋଚନା (ଅର୍ଥାତ୍ ତ୍ରିନୟନା), କୁଚଭରାକ୍ରାନ୍ତା ବାଗ୍‌ଦେବୀ ମୁନିଗଣ ଦ୍ୱାରା ଆସେବିତ ହୋଇ ଆପଣ ମାନଙ୍କ ଭୂତି ସାଧନ କରନ୍ତୁ । ଏଠାରେ ଦେଖା ଯାଉଛି ଯେ ତାଙ୍କ ହାତରେ ଜପବଟୀ, ପଦ୍ମଦ୍ୱୟ ଓ ପୁସ୍ତକ ଅଛି । ଏହି ବାଗୀଶ୍ୱରୀଙ୍କୁ ଲିପିତନୁ ବୋଲି ମଧ୍ୟ କୁହା ହୋଇଛି । ବିଦ୍ୟାଧିଷ୍ଠାତ୍ରୀ ଦେବୀଙ୍କୁ ଲିପିତନୁ ବୋଲି କହିବା ସ୍ୱାଭାବିକ ମଧ୍ୟ । ଏହାଙ୍କ ଆୟୁଧରେ ମଧ୍ୟ ସାମାନ୍ୟ ପ୍ରଭେଦ ପରିଲକ୍ଷିତ ହୁଏ । ତାଙ୍କର ଧ୍ୟାନ ହେଉଛି—

ଅଙ୍କୋନ୍ମୁକ୍ତଶଶାଙ୍କକୋଟିସଦୃଶୀ
ମାପୀନତୁଙ୍ଗସ୍ତନୀଂ
ଚନ୍ଦ୍ରାର୍ଦ୍ଧାଙ୍କିତ ମସ୍ତକାଂ ମଧୁମଦା
ଦାଲୋଳନେତ୍ରତ୍ରୟାମ୍ ।
ବିଭ୍ରାଣାମନିଶଂ ବରଂ ଜପବଟୀଂ
ବିଦ୍ୟାଂ କପାଲଂ କରୈ—
ରାଦ୍ୟାଂ ଯୌବନଗର୍ବିତାଂ ଲିପିତନୁଂ
ବାଗୀଶ୍ୱରୀ ମାଶ୍ରୟେ ।।

କଳଙ୍କ ମୁକ୍ତ କୋଟି ଶଶାଙ୍କ ସଦୃଶ କାନ୍ତିମୟୀ, ଆପୀନତୁଙ୍ଗସ୍ତନୀ, ଅର୍ଦ୍ଧଚନ୍ଦ୍ର ଦ୍ୱାରା ଅଙ୍କିତ ମସ୍ତକ, ବର ଜପବଟୀ, ବିଦ୍ୟା ଓ କପାଳ ଧାରଣ କରିଥିବା ହସ୍ତଦ୍ୱାରା ଶୋଭିତ ହୋଇ ମଧୁମଦରୁ ନେତ୍ରତ୍ରୟ ପର୍ଣ୍ଣିତ ଯୌବନ ଗର୍ବିତା ଲିପିତନୁ ବାଗୀଶ୍ୱରୀଙ୍କୁ ଆଶ୍ରା କରୁଛି । ଏହି ଲିପିତନୁ ବାଗୀଶ୍ୱରୀଙ୍କୁ ଲିପିତରୁ ମୂଳରେ ପୂଜା ଓ ଧ୍ୟାନ କରିବାକୁ କୁହା ହୋଇଛି । ଲିପିତନୁର

Digitized by srujanika@gmail.com

ଆହୁର ବ୍ୟାଖ୍ୟା ସ୍ୱରୂପ କଥିତ ହୋଇ ଅଛି—

> ପଞ୍ଚାଶଲ୍ଲିପିଭିର୍ବିଭକ୍ତ ମୁଖଦୋଃ
> ପନ୍ମଧ୍ୟବକ୍ଷଃସ୍ଥଲାଂ
> ଭାସ୍ୱନ୍ମୌଳିନିବଦ୍ଧଚନ୍ଦ୍ରଶକଲା
> ମାପୀନତୁଙ୍ଗ ସ୍ତନୀମ୍ ।
> ମୁଦ୍ରାମକ୍ଷଗୁଣ ସୁଧାଢ଼୍ୟକଲଶଂ
> ବିଦ୍ୟାଂ ଚ ହସ୍ତାମ୍ବୁଜୈ—
> ର୍ବିଭ୍ରାଣ ବିଶଦପ୍ରଭାଂ ତ୍ରିନୟନାଂ
> ବାଗ୍‌ଦେବତାମାଶ୍ରୟେ ॥

ମୁଖ, ବାହୁ, ପାଦ, ମଧ୍ୟ ଓ ବକ୍ଷଃ ସ୍ଥଳରେ ପଞ୍ଚାଶତ୍ ବର୍ଣ୍ଣ ନ୍ୟାସକରି ଓ ମସ୍ତକରେ ଖଣ୍ଡଚନ୍ଦ୍ର ଧାରଣ କରି ହାତରେ ମୁଦ୍ରା ବା ଜ୍ଞାନମୁଦ୍ରା, ଅକ୍ଷସୂତ୍ର, ସୁଧାକଲଶ ଓ ବିଦ୍ୟା ଧାରଣ କରିଥିବା ପୀନତୁଙ୍ଗସ୍ତନୀ ବିଶଦପ୍ରଭା ତ୍ରିନୟନା ବାଗ୍‌ଦେବୀଙ୍କୁ ମୁଁ ଆଶ୍ରୟ କରୁଛି । କେଉଁ ଅଙ୍ଗରେ କେଉଁ ବର୍ଣ୍ଣ ବା ଲିପି ନ୍ୟାସ କରିବାକୁ ହେବ, ତାର ବିସ୍ତୃତ ବିବରଣୀ ଅଛି ।

ଏଥିରୁ ସ୍ପଷ୍ଟ ଜଣାପଡ଼ୁଛି ଯେ ବାଗୀଶ୍ୱରୀ ହେଉଛନ୍ତି ଲିପିତନୁ । ଏପର୍ଯ୍ୟନ୍ତ ଯାହା ଆଲୋଚିତ ହେଲା, ସେଥିରୁ ଏହାମଧ୍ୟ ଜଣା ପଡ଼ୁଛି ଯେ ସରସ୍ୱତୀ—ବାଗୀଶ୍ୱରୀଙ୍କ ବର୍ଣ୍ଣ ଶୁକ୍ଳ । ଏଥିପାଇଁ

"ଯା କୁନ୍ଦେନ୍ଦୁତୁଷାର ହାର ଧବଳା"

କୁହାହୋଇଛି ।

କିନ୍ତୁ ସରସ୍ୱତୀଙ୍କ ଦେହର ବର୍ଣ୍ଣ କେବଳ ଶୁକ୍ଳନୁହେଁ, ଅନ୍ୟ ବର୍ଣ୍ଣ ମଧ୍ୟ ଅଛି । ବର୍ଣ୍ଣେଶ୍ୱରୀ ସରସ୍ୱତୀଙ୍କ ଧ୍ୟାନ ଦେଖିଲେ ଏହା ସ୍ପଷ୍ଟ ହେବ । ବର୍ଣ୍ଣେଶ୍ୱରୀଙ୍କ ଧ୍ୟାନ ହେଉଛି—

> ସିନ୍ଦୂର କାନ୍ତିମମିତାଭରଣାଂ ତ୍ରିନେତ୍ରାଂ
> ବିଦ୍ୟାକ୍ଷସୂତ୍ର ମୃଗପୋତବରଂ ଦଧାନାମ୍ ।
> ପାର୍ଶ୍ୱସ୍ଥିତାଂ ଭଗବତୀମପି କାଞ୍ଚନାଙ୍ଗୀଂ
> ଧ୍ୟାୟେତ୍ କରାବ୍‌ଜଧୃତପୁସ୍ତକ ବର୍ଣ୍ଣମାଳାମ୍

ବର୍ଣ୍ଣେଶ୍ୱରୀଙ୍କ ଦେହର କାନ୍ତି ସିନ୍ଦୂର ପରି ରକ୍ତ, ସେ ନାନା ଆଭରଣ ଦ୍ୱାରା ଭୂଷିତ, ତାଙ୍କର ତିନୋଟି ନେତ୍ର, ସେ ହାତରେ ବିଦ୍ୟା, ଅକ୍ଷସୂତ୍ର, ମୃଗଶାବକ ଓ ବର (ବରଦାମୁଦ୍ରା) ଧାରଣ କରିଆନ୍ତି । ତାଙ୍କ ପାର୍ଶ୍ୱରେ ଭଗବତୀ ଥାନ୍ତି । ସେ କାଞ୍ଚନାଙ୍ଗୀ ଏବଂ ତାଙ୍କ ହାତରେ ପୁସ୍ତକ ଓ ବର୍ଣ୍ଣମାଳା ଥାଏ । ବର୍ଣ୍ଣେଶ୍ୱରୀଙ୍କୁ ଏହିପରି ଭାବରେ ଧ୍ୟାନ କରିବାକୁ ହୁଏ ।

ପାର୍ଶ୍ୱରେ ଭଗବତୀ ନଥାଇ ମଧ୍ୟ ବର୍ଣ୍ଣେଶ୍ୱରୀଙ୍କ ଗୋଟିଏ ରୂପ କଳ୍ପନା କରା ହୋଇଛି । ତାଙ୍କର ଦେହର ବର୍ଣ୍ଣ ମଧ୍ୟ ଲାଲ ଓ ଆୟୁଧର ସାମାନ୍ୟ ପ୍ରଭେଦ ଅଛି ଅର୍ଥାତ୍ ବରଦମୁଦ୍ରା ସ୍ଥାନରେ ଟଙ୍କ (ବା ଟାଙ୍ଗି)ର ଉଲ୍ଲେଖ ଅଛି । ଯଥା—

> ଅକ୍ଷସ୍ରଜଂ ହରିଣପୋତମୁଦଗ୍ରଟଙ୍କଂ
> ବିଦ୍ୟାଂ କରୈରବିରତଂ ଦଧତୀଂ ତ୍ରିନେତ୍ରାମ୍
> ଅର୍ଦ୍ଧେନ୍ଦୁମୌଳିମରୁଣାମରବିନ୍ଦ ବାମାଂ
> ବର୍ଣ୍ଣେଶ୍ୱରୀଂ ପ୍ରଣମତ ସ୍ତନଭାରନମ୍ରାମ୍ ॥

ହାତରେ ଅକ୍ଷମାଳା, ହରିଣଶାବକ, ଉଦ୍ୟତଟଙ୍କ ଓ ବିଦ୍ୟା । ସେ ତ୍ରିନେତ୍ରା, ମୌଳିରେ ଅର୍ଦ୍ଧେନ୍ଦୁ, ଅରୁଣ ବର୍ଣ୍ଣା, ପଦ୍ମାସନା ଓ ସ୍ତନଭାର ନମ୍ରା, ଏହିପରି ବର୍ଣ୍ଣେଶ୍ୱରୀଙ୍କୁ ପ୍ରଣାମ କର ।

ଶୁକ୍ଳ ଓ ରକ୍ତ ଛଡ଼ା ନୀଳସରସ୍ୱତୀ ମଧ୍ୟ ଅଛନ୍ତି । ନୀଳସରସ୍ୱତୀଙ୍କ ଧ୍ୟାନ ହେଉଛି—

Digitized by srujanika@gmail.com

ନୀଳାଂଶୁକାଂ ମଣିମୟୀଂ ଚ
କରେଷୁ ବୀଣାଂ
ମୁଦ୍ରାଂ ଚ ପାତ୍ରମଥପୂର୍ଣ୍ଣସୁଧଂ
ଦଧାନାମ୍ ।
ଉଦ୍ୟଚ୍ଚତୁର୍ମୁଖ ବଦନ୍ତ
କବିତା ପ୍ରବାହାଂ
ନୀଳାଂ ଭଜାମି ହୃଦୟେନ
ସରସ୍ୱତୀଂ ତାମ୍ ।।

ନୀଳାଂଶୁକ ପରିହିତା, ମଣିମୟୀ, ହାତରେ ବୀଣା-ମୁଦ୍ରା-(ଜ୍ଞାନ ମୁଦ୍ରା)-ପୂର୍ଣ୍ଣ ସୁଧା-ପାତ୍ର-ଧାରଣୀ ଓ ଚତୁର୍ମୁଖରୁ କବିତା ପ୍ରବାହିତ ହେଉଥିବା ନୀଳ ସରସ୍ୱତୀଙ୍କୁ ମୁଁ ଭଜନ କରୁଛି ।

ଏହା ନୀଳ ସରସ୍ୱତୀଙ୍କ କଥା ମନରେ ରଖି ବୋଧହୁଏ ସ୍ତ୍ରୀ କବି ବିଜ୍ଜକା କହିଥିଲେ—

ନୀଳୋତ୍ପଳଦଳଶ୍ୟାମାଂ ବିଜ୍ଜକାଂ
ମାମଜାନତା ।
ବୃଥୈବ ଦଣ୍ଡିନା ପ୍ରୋକ୍ତା ସର୍ବଶୁକ୍ଳା
ସରସ୍ୱତୀ ।।

ନୀଳୋତ୍ପଳ ଦଳ ଶ୍ୟାମ ବିଜ୍ଜକାଙ୍କୁ ନଜାଣି ବୋଧହୁଏ ଦଣ୍ଡୀ ବୃଥା କହିଥିଲେ ଯେ "ସର୍ବଶୁକ୍ଳା ସରସ୍ୱତୀ" । ବିଜ୍ଜକାଙ୍କର ବର୍ଣ୍ଣ ବୋଧହୁଏ ଶ୍ୟାମଳ ଥିଲା ଓ ନିଜକୁ ସେ ନୀଳ ସରସ୍ୱତୀ କହିଛନ୍ତି ।

ପୂର୍ବରେ ଯେତେ ସରସ୍ୱତୀଙ୍କର ଧ୍ୟାନ ଆଲୋଚିତ ହୋଇଅଛି, ସେଥିରୁ ଜଣା ପଡୁଛି ଯେ ସରସ୍ୱତୀଙ୍କ ଦୁଇ ବା ଚାରି ହାତ ଓ ଗୋଟିଏ ମୁଖ, କିନ୍ତୁ ନୀଳ ସରସ୍ୱତୀଙ୍କର ଚାରିଟି ମୁଖ । କିନ୍ତୁ ଶାରଦାଙ୍କ ଧ୍ୟାନରୁ ଜଣାପଡୁଛି ଯେ ତାଙ୍କର ପାଞ୍ଚଟି ମୁଖ ଓ ଦଶଟି ଭୁଜ ମଧ୍ୟ ହୋଇଥିଲା । ଶାରଦାଙ୍କର ଧ୍ୟାନ ହେଉଛି—

ହସ୍ତୈଃ ପଦ୍ମଂ ରଥାଙ୍ଗଂ ଗୁଣମଥ
ହରିଣଂ ପୁସ୍ତକଂ ବର୍ଣ୍ଣମାଳାଂ
ଟଙ୍କଂ ଶୁଭ୍ରଂ କପାଳଂ ଦରମମୃତ
ଲସଦ୍ଧେମ କୁମ୍ଭଂ ବହନ୍ତୀମ୍ ।
ମୁକ୍ତା ବିଦ୍ୟୁତ୍ପୟୋଦ ସ୍ଫଟିକନବଜବା
ବନ୍ଧୁରୈଃ ପଞ୍ଚ ବକ୍ତ୍ରେ—
ସ୍ତ୍ର୍ୟକ୍ଷେ ର୍ବକ୍ଷୋଜନମ୍ରାଂ ସକଳଶଶିନିଭାଂ
ଶାରଦାଂ ତାଂ ନମାମି ।

ଶାରଦା ଦଶ ହାତରେ ପଦ୍ମ, ରଥାଙ୍ଗ ବା ଚକ୍ର, ତ୍ରିଶୂଳ, ହରିଣ, ପୁସ୍ତକ, ବର୍ଣ୍ଣମାଳା ବା ଅକ୍ଷମାଳା, ଟଙ୍କ, ଶୁଭ୍ର କପାଳ, ଶଙ୍ଖ ଓ ଅମୃତପୂର୍ଣ୍ଣ ହେମକୁମ୍ଭ ଧାରଣ କରିଥାନ୍ତି । ତାଙ୍କର ପାଞ୍ଚଟି ମୁଖ ଏବଂ ପ୍ରତ୍ୟେକ ମୁଖର ବର୍ଣ୍ଣ କ୍ରମରେ ମୁକ୍ତା, ବିଦ୍ୟୁତ୍, ମେଘ, ସ୍ଫଟିକ ଓ ନବଜବାପୁଷ୍ପ ପରି ଏବଂ ପ୍ରତ୍ୟେକ ବକ୍ତ୍ରରେ ତିନୋଟି କରି ଆଖି । ତାଙ୍କର ଦେହର ବର୍ଣ୍ଣ ଚନ୍ଦ୍ର ପରି ଶୁଭ୍ର ଓ ବକ୍ଷୋଜ ନମ୍ର, ଏହିପରି ଶାରଦାଙ୍କୁ ମୁଁ ନମସ୍କାର କରୁଛି ।

ଏଠାରେ ସରସ୍ୱତୀଙ୍କ ଏହି କେତୋଟି ଧ୍ୟାନ ଆଲୋଚିତ ହେଲା । ବିଭିନ୍ନ ଉଦ୍ଦେଶ୍ୟରେ ବିଭିନ୍ନ ମୂର୍ତ୍ତିର ପୂଜା କରାହୁଏ । ମନ୍ଦିର ଗାତ୍ରରେ ଚିତ୍ର ଆଦିରେ ଅନେକ ମୂର୍ତ୍ତି ଦେଖିବାକୁ ମିଳେ । ଏହି ସବୁ ଓ ଅନ୍ୟାନ୍ୟ ଧ୍ୟାନ ଦେଖିଲେ ସେ ସବୁ ବୁଝିବାରେ ସାହାଯ୍ୟ କରିବ ବୋଲି ଆଶା ।

Digitized by srujanika@gmail.com

ଚଳଚ୍ଚିତ୍ର ପରିବେଷଣରେ

## ନୂଆ ଆଲୋଡ଼ନ ସୃଷ୍ଟି କରିଛି

ଓଡ଼ିଶାରେ ସ୍ୱନାମଧନ୍ୟ

# ରୂପରାଗ ପ୍ରାଇଭେଟ୍ ଲିମିଟେଡ

ଅଫିସ :

ପୁରୀଘାଟ, କଟକ


Digitized by srujanika@gmail.com

# ନଈ ପାହାଚ

**ରବୀନ୍ଦ୍ରନାଥ ଠାକୁର**

ଯେବେ ତୁମେ ଅତୀତ ଦିନର କାହାଣୀ ଶୁଣିବାକୁ ଚାହଁ, ତା'ହେଲେ ତୁମେ ମୋ'ର ଏହି ପାହାଚରେ ବସ ଓ ପାଣିର ସେ କୁଳୁ କୁଳୁ ଧ୍ୱନି ଶୁଣ ।

ଆଶ୍ୱିନ ମାସ । ନଈ ପୂରା ବଢ଼ିଥାଏ । କେବଳ ମୋ'ର ଉପର ଚାରି ପାହାଚକୁ ଛାଡ଼ିଦେଲେ ସବୁ ପାହାଚ ବୁଡ଼ି ଯାଇଥାଏ । ଯେଉଁଠି ଆମ୍ବଗଛ ଡାଳ ତଳକୁ ନଇଁ ପଡ଼ିଛି ଓ ତା' ତଳେ ଗୁଳ୍ମଲତା ସବୁ ଘଞ୍ଚ ଭାବରେ ବଢ଼ିଛି, ସେ ପର୍ଯ୍ୟନ୍ତ ବଢ଼ିପାଣି ଲାଗି ଯାଇଥିଲା । ନଈର ବାଙ୍କରେ ବହୁ ଦିନର ପୁରୁଣା ଇଟାଗଦା କେବଳ ବଢ଼ି ପାଣି ଉପରେ ଯାହା ମୁଣ୍ଡ ଟେକି ରହିଥାଏ । ନଈ କୂଳ ଗଛରେ ଯେଉଁ ମାଛଧରା ନାହା ବନ୍ଧା ହୋଇଥାଏ, ସକାଳୁଆ ନଈ ସୁଅର ଢେଉରେ ଏ ପାଖ ସେ ପାଖ ଦୋହଲୁଥାଏ ।

ସୁନେଲି ଖରାରେ ଛୋଟ ଛୋଟ ନୌକା ପାଲଟାଣି ଚାଲିଥାନ୍ତି । ବ୍ରାହ୍ମଣ ପୂଜାରୀ ତାଙ୍କର ଗଡୁ ଓ ପିତଳ ଧରି ଗାଧୋଇ ଆସିଥାନ୍ତି । ସ୍ତ୍ରୀ ଲୋକମାନେ ଦୁଇ ତିନି ଜଣ ହୋଇ କଳସୀରେ ପାଣି ନେବାକୁ ଆସୁଥାନ୍ତି । ମୁଁ ଜାଣେ କୁସୁମର ଗାଧୁଆ ତୁଠକୁ ଆସିବାର ଏହି ହେଉଛି ସମୟ ।

କିନ୍ତୁ ସେ ଦିନ ସକାଳେ ତାକୁ ମୁଁ ଦେଖିଲି ନାହିଁ । ତାର ସାଙ୍ଗ ଭୁବନ ଓ ସ୍ୱର୍ଣ୍ଣ କେତେ ଦୁଃଖରେ କଥା ଭାଷା ହେଉଥାନ୍ତି । କୁସୁମ ତା'ର ଶାଶୁଘରକୁ ଚାଲି ଯାଇଛି—ଏ ନଈଠାରୁ ବହୁ ଦୂରରେ ତା'ର ଶାଶୁଘର—ଅଚିହ୍ନା ଲୋକ, ଅଚିହ୍ନା ଘର, ଅଚିହ୍ନା ରାସ୍ତା, ସବୁ ଖାଲି ଅଚିହ୍ନା ।

ସମସ୍ତ ଗଡ଼ିଗଲା ଓ କୁସୁମକୁ ମଧ୍ୟ ମୁଁ ଭୁଲିଗଲି । ବର୍ଷେ ଗଲା । ଗାଧୁଆ ପାହାଚରେ ଗପ ସପ ହେଲାବେଳେ, ସେମାନେ ଖୁବ୍ କମ ତା' କଥା କହନ୍ତି । କିନ୍ତୁ ଦିନେ ସଞ୍ଜବେଳେ ତା'ର ସେ ଚିହ୍ନା ଚିହ୍ନା ପାଦ ଦୁଇଟିର ସ୍ପର୍ଶ ମୁଁ ଯେପରି ଅନୁଭବ କଲି । ହଁ, ସେଇ ଛୋଟ ଛୋଟ ପାଦ ଦୁଇଟି । କିନ୍ତୁ ପାଦରେ ସେ ନୂପୁର ନାହିଁ କି ତା'ର ସେ ସଙ୍ଗୀତମୟ ଧ୍ୱନି ଆଉ ନାହିଁ ।

କୁସୁମ ବିଧବା ହୋଇ ଯାଇଛି । ତା'ର ସ୍ୱାମୀ କେଉଁଠି ବହୁ ଦୂରରେ ଚାକିରି କରିଥିଲା ଓ ତା' ସହିତ କୁସୁମର ଥରେ ଦି' ଥର ଦେଖା ହୋଇଥିବ କି ନାହିଁ । ସ୍ୱାମୀର

Digitized by srujanika@gmail.com

ମୃତ୍ୟୁ ଖବର ସେ ଝଣ୍ଟେ ଶଠିରୁ ଯାହା ଜାଣିଲା । ଆଟବର୍ଷ ବୟସରେ ବାଢବା । ମୁଣ୍ଡରୁ ସିନ୍ଦୁର ସେ ପୋଛିଚ, ଅଳଙ୍କାର କାଢ଼ି ଦେଇଚ ଓ ଗଙ୍ଗା ନଦୀ କୂଳରେ ତା'ର ବାପଘର ଗାଁକୁ ଫେରି ଆସିଚ । କିନ୍ତୁ ସେଠାରେ ଆଉ ତାର ପୁରୁଣା ସାଥି-ମାନେ ନାହାନ୍ତି । ଭୁବନ, ସ୍ୱର୍ଣ୍ଣ, ଅମଳା ସମସ୍ତେ ବାହା ହୋଇ ଚାଲି ଗଲେଣି । କେବଳ ଜଣେ ଅଛି—ଶରତ । ଡ଼ିସେମ୍ବର ମାସରେ ତା'ର ମଧ୍ୟ ବାହାଘର ହୋଇଯିବ ।

ବର୍ଷା ଆସିଗଲେ ଗଙ୍ଗାନଦୀ ଯେପରି ବଢ଼ି ବଢ଼ି ଭରି ପାଣିରେ ଫୁଲି ଉଠେ ସେହିପରି କୁସୁମ ମଧ୍ୟ ବୟସରେ ବଢ଼ିଚ । ଦେହରେ ତା'ର ନବୀନ ଯୌବନର ଲାବଣ୍ୟ । କିନ୍ତୁ ତା'ର ସେ ଛେଦା ସାଢ଼ି, ଗମ୍ଭୀର, ଚିନ୍ତାଶୀଳ ମୁଖମଣ୍ଡଳ ଓ ଧୀର ସ୍ୱଭାବ ଯେପରି ତା'ର ଯୌବନ ଉପରେ ଏକ ଓଢ଼ଣା ଟାଣି ଆଣିଚ ଓ ତାକୁ ରଖିଚ ବୁଢ଼ୀଙ୍କ ଆଖିର ଅନ୍ତରାଳରେ । ଦଶ ବର୍ଷ ବିତି ଯାଇଚ । କୁସୁମ ଯେ ବଡ଼ ହୋଇ ଗଲେଣି, ତାହା ଯେପରି କେହି ଜାଣନ୍ତି ନାହିଁ ।

ଦିନେ ସକାଳେ; ଆଶ୍ୱିନ ମାସ ଶେଷକୁ ହେବ ; ଜଣେ ଦୀର୍ଘକାୟ, ଗୌର ବର୍ଣ୍ଣ, ଯୁବକ ସନ୍ନ୍ୟାସୀ ମୋ' ସାମନାରେ ଥିବା ଶିବ ମନ୍ଦିରରେ ଆସି ରହିଲେ । ତାଙ୍କର ଆସିବା ଖବର ଗାଁ ଭିତରେ ବ୍ୟାପି ଗଲା । ସ୍ତ୍ରୀମାନେ ତାଙ୍କର କଳସୀ ଘୁଡ଼ି ଦଳ ଦଳ ହୋଇ ଚାଲିଲେ ସନ୍ନ୍ୟାସୀଙ୍କର ଦର୍ଶନ ପାଇଁ । ଦିନକୁ ଦିନ ଲୋକ ଗହଳି ବଢ଼ିବାକୁ ଲାଗିଲା । ସ୍ତ୍ରୀଲୋକଙ୍କ ଭିତରେ ସନ୍ନ୍ୟାସୀଙ୍କ ନାମ ଖୁବ୍ ଶୀଘ୍ର ପ୍ରଚାରିତ ହୋଇଗଲା । କିଏ ଆସିଲା ପରାମର୍ଶ ପାଇଁ, କିଏ ମାଗିଲା ସାନ୍ତ୍ୱନା ଓ ଆଶୀର୍ବାଦ ଓ କିଏ ଆସିଲା ରୋଗ ବ୍ୟାଧିର ଉପଶମ ପାଇଁ ।

ମାସ ମାସ ଗଡ଼ିଗଲା । ସେ ଦିନ ମହା ବିଷୁବ ସଂକ୍ରାନ୍ତି । ଗଙ୍ଗାରେ ବୁଡ଼ ପକାଇବା ପାଇଁ ଯାତ୍ରୀମାନଙ୍କର ଅସମ୍ଭବ ଭିଡ଼ ଲାଗି ଥାଏ । ବହୁଯାତ୍ରୀ ସନ୍ନ୍ୟାସୀଙ୍କ ଦର୍ଶନ ପାଇଁ ଗଲେ । ଏମାନଙ୍କ ମଧ୍ୟରେ ଥିଲେ କୁସୁମର ଶାଶୁଘର ଗାଁର ଦଳେ ସ୍ତ୍ରୀ ଲୋକ ।

ସନ୍ନ୍ୟାସୀ ସବୁଦିନ ସକାଳେ ମୋ' ପାହାଚରେ ବସି ଯେପରି ନୀରବ ନିଶ୍ଚଳ ଭାବରେ ଧ୍ୟାନ କରନ୍ତି, ସେ ଦିନ ମଧ୍ୟ ସେହିପରି କରୁଛନ୍ତି । ହଠାତ୍ ତାଙ୍କୁ ଦେଖି ବାକୁ ଆସିଥିବା ସ୍ତ୍ରୀ ଲୋକଙ୍କ ମଧ୍ୟରୁ ଜଣେ ଅନ୍ୟ ଜଣକୁ ଡାକି କହିଲା, "ଦେଖିଲୁଣି ଏ ତ ଆମ କୁସୁମର ବର ।" ଅନ୍ୟଜଣେ ତା'ର ଓଢ଼ଣା ଟିକିଏ ଖୋଲି ଚାହିଁ କହିଲା, "ହଁ ସେଇତ, ଆମ ଗାଁ ଚାଟର୍ଜୀ ଘରର ସାନ ପୁଅ ।" ତୃତୀୟ ଜଣକ କହିଲା, "ଠିକ୍ ସେହିପରି ନାକ, ସେହିପରି ଆଖି ଓ କପାଳ ।" କିନ୍ତୁ ଆଉ ଜଣେ ସ୍ତ୍ରୀଲୋକ ସନ୍ନ୍ୟାସୀଙ୍କ ଆଡ଼କୁ ନ ଚାହିଁ ତାର କଳସୀଟାକୁ ପାଣିରେ ବୁଡ଼ାଉ ବୁଡ଼ାଉ କହିଲା, "ଚାଟର୍ଜୀ ଘର ସାନ ପୁଅ ସିଏ କାହିଁକି ହେବବା । ସିଏ ବଡର କୁସୁମକୁ ହୀନକପାଳୀ

Digitized by srujanika@gmail.com

ଝିଣ ସବୁ ଦିନ ପାଇଁ ଚାଲି ଯାଇଛି । ଆଉ ଫେରିବ ନାହିଁ ।"

ଅନ୍ୟମାନେ ଏ କଥାରେ ଯୋଗ ଦେଇ କହିଲେ, 'ତା'ର ତ ଏପରି ଲମ୍ବା ଦାଢ଼ି କେବେ ନଥିଲା । ସେ କ'ଣ ଏତେ ପତଳା, ଏତେ ଢେଙ୍ଗା ଥିଲା ।' ଏତିକିରେ ସେ କଥା ସେଇଠି ଶେଷ ହେଲା । ଆଉ ତାହାରେ ଚର୍ଚ୍ଚା ହେଲା ନାହିଁ ।

ଦିନେ ସଞ୍ଜ ହୋଇ ଆସିଲାଣି । ଆକାଶରେ ପୂର୍ଣ୍ଣଚନ୍ଦ୍ର । କୁସୁମ ଆସି ପାଣି କୂଳରେ ଶେଷ ପାହାଚରେ ବସିଲା । ଅନ୍ୟ କେହି ଗାଧୁଆ ତୁଠରେ ନଥିଲେ । ପୋକ ସବୁ ମୋ' ବୃକ୍ଷପତ୍ରେ ଝୁଣ୍ଣୁ ଝୁଣ୍ଣୁ ହେଉଥାନ୍ତି । ଦୂରରେ ମନ୍ଦିରର ଘଣ୍ଟାଧ୍ୱନି ଶୁଣା ଯାଉଥାଏ । ଗଙ୍ଗାର ନୀଳ ଜଳ ଉପରେ ଚନ୍ଦ୍ର କିରଣର ଆଭା । ମଝିରେ ମଝିରେ କୁକୁର ଭୁକୁଥାନ୍ତି । କୂଳର ଆନ୍ଧାରିଆ ପତ୍ର ଗହଳି ଭିତରୁ ପେଚାଟାଏ ଉଡ଼ିଗଲା ।

ଧୀର ପଦରେ ସନ୍ନ୍ୟାସୀ ମନ୍ଦିରରୁ ଆସିଲେ । ଗାଧୁଆ ତୁଠ ପାହାଚରେ ତଳକୁ ଓହ୍ଲାଇଲାବେଳେ ସେ ଦେଖିଲେ ଜଣେ ସ୍ତ୍ରୀ ଲୋକ ଏକୁଟିଆ ବସିଛି । ସେ ଫେରି ଯିବାକୁ ବସିଛନ୍ତି, ହଠାତ୍ କୁସୁମ ପଛକୁ ମୁହଁ ବୁଲାଇ ଚାହିଁଲା । ତା'ର ଓଢ଼ଣା ଖସିଗଲା ଓ ଚନ୍ଦ୍ର କିରଣରେ ତା' ମୁହଁ ବେଶ ଚୋଫା ଦେଖା ଯାଉଥିଲା ।

ସେମାନଙ୍କ ମୁଣ୍ଡ ଉପରେ ଏକ ବିଷାଦପୂର୍ଣ୍ଣ ଚିତ୍କାର କରି ପକ୍ଷୀଟାଏ ଉଡ଼ିଗଲା । ଏଥିରେ ବିଚଳିତ ହୋଇ କୁସୁମ ମୁହଁ ଉପରେ ଓଢ଼ଣାଟା ଟାଣି ଆଣିଲା ଓ ସନ୍ନ୍ୟାସୀଙ୍କ ପାଦତଳେ ପ୍ରଣାମ କଲା ।

ଆଶୀର୍ବାଦ କରି ସନ୍ନ୍ୟାସୀ କହିଲେ, "କିଏ ତୁମେ ?"

"ମୁଁ କୁସୁମ ।"

ଏହା ପରେ ଆଉ କିଛି କଥା ଭାଷା ନାହିଁ । ଧୀର ପଦରେ କୁସୁମ ତା' ଘରକୁ ଚାଲିଗଲା । ସେଇ ପାଖରେ ତା' ଘର । କିନ୍ତୁ ସନ୍ନ୍ୟାସୀ ମୋ' ପାହାଚରେ ସେ ଦିନ ରାତିରେ ବହୁ ସମୟ ଧରି ବସି ରହିଲେ । ଶେଷକୁ ଚନ୍ଦ୍ର ପୂର୍ବରୁ ପଶ୍ଚିମକୁ ଗଲେ । ସନ୍ନ୍ୟାସୀଙ୍କ ଛାଇ ତାଙ୍କ ପଛରୁ ଆଗରେ ଯାଇ ପଡ଼ିଲା । ସେ ଉଠି ମନ୍ଦିରକୁ ପଶିଗଲେ ।

ଏହି ଘଟଣା ପରେ କୁସୁମ ପ୍ରତିଦିନ ତାଙ୍କ ପାଦତଳେ ମୁଣ୍ଡିଆ ମାରିବାକୁ ଆସେ । ସନ୍ନ୍ୟାସୀ ଯେବେ ଧର୍ମ ଉପଦେଶ ଦିଅନ୍ତି, ସେ ଗୋଟିଏ କୋଣରେ ଠିଆ ହୋଇ ତାହା ଶୁଣେ । ସେ ବନ୍ଦ ହାରିବା ପରେ ତାକୁ ପାଖକୁ ଡାକି ଧର୍ମ ଉପଦେଶ ଦିଅନ୍ତି । ସେ ସବୁ ବୁଝି ପାରେ ନାହିଁ । କିନ୍ତୁ ମନଦେଇ ଶୁଣେ ଓ କିଛି କିଛି ବୁଝିବା ପାଇଁ ଚେଷ୍ଟା କରେ । ସେ ତାଙ୍କର ସମସ୍ତ ଆଦେଶ ପାଳନ କରେ । ସେ ସବୁ ଦିନ ଭକ୍ତିପୂର୍ଣ୍ଣ ହୃଦୟରେ ଦେବତାଙ୍କୁ ପ୍ରାର୍ଥନା କରି ମନ୍ଦିରରେ ସେବା କରେ । ପୂଜାପାଇଁ ଫୁଲ ଯୋଗାଡ଼ କରେ ଓ ଗଙ୍ଗାରୁ ପାଣି ଆଣି ମନ୍ଦିର ଚଟାଣକୁ ଧୁଏ ।

ଶୀତ ଋତୁ ସରି ଆସୁଛି । ଆଗରୁ ଖାଲି ଥଣ୍ଡା ପବନ ବହୁଥିଲା । ଏବେ ସଞ୍ଜ

Digitized by srujanika@gmail.com

ବେଳେ ହଠାତ୍ ଉଲକାଏ ଦକ୍ଷିଣା ପବନ ବହି ଯାଉଚି । ସେତେବେଳେ ଆକାଶର ସେ ପାଣ୍ଡୁର ବର୍ଣ୍ଣ, ଗୃହଆଡ଼ର ଅଣ୍ଡା କୁଆଡ଼େ ଉଭେଇ ଗଲ ପରି ଲାଗୁଚି । ଶୀତ କାଳର ଦୀର୍ଘ ନୀରବତା ପରେ ପକ୍ଷୀ ଗାଁ ଗହଳରେ ସଙ୍ଗୀତର ସ୍ୱର ଶୁଣା ଗଲଣି । ନାଉରି ମାନେ ପାଲ ଟାଣି ଗଲବେଳେ କୃଷ୍ଣଙ୍କର ଗୀତ ବୋଲି ଯାଉଛନ୍ତି । କାରଣ ଏହା ହେଉଚି ସେହି ଗୀତର ସମୟ ।

ଠିକ୍ ଏତିକିବେଳେ ମୁଁ ଆଉ କୁସୁମକୁ ଦେଖିଲି ନାହିଁ, କିଛିଦିନ ହେଲା ସେ ଆଉ ମନ୍ଦିରକୁ, ଗାଧୁଆ ତୁଠକୁ କିମ୍ବା ସନ୍ନ୍ୟାସୀଙ୍କ ପାଖକୁ ଆସୁନାହିଁ ।

ଏହା ପରେ କ'ଣ ଘଟିଲା, ମୁଁ ଜାଣେ ନାହିଁ । କିନ୍ତୁ କିଛି ସମୟ ପରେ ଉଭୟଙ୍କ ମଧ୍ୟରେ ମୋର ପାହାଚରେ ପୁଣି ସନ୍ଧ୍ୟା ବେଳେ ଦେଖା ହେଲା ।

କୁସୁମ ନମ୍ରଭାବରେ ପଚାରିଲା, "ଗୁରୁଦେବ, ଆପଣ ମୋତେ ଡ଼କାଇ ପଠାଇଲେ ?"

"ହଁ", ସନ୍ନ୍ୟାସୀ ଉତ୍ତର ଦେଲେ । "ମୁଁ କାହିଁକି ତୁମକୁ ଆଉ ଦେଖୁନାହିଁ ? ଦେବତାଙ୍କ ପୂଜାରେ କାହିଁକି ତୁମର ଏ ଅବହେଳା ?"

ସେ ଚୁପ୍ ହୋଇ ରହିଲା ।

ସନ୍ନ୍ୟାସୀ ଧୀର ସ୍ୱରରେ ପଚାରିଲେ, "କ'ଣ ତୁମର ହୋଇଛି, ମୋତେ କହ ।"

ମୁହଁ ବୁଲାଇ ଦେଇ କୁସୁମ ଉତ୍ତର ଦେଲା, "ମୁଁ ଘୋର ଅପରାଧୀ । ମୋର କର୍ତ୍ତବ୍ୟରେ ସେଥିପାଇଁ ମୁଁ ଅବହେଳା କରିଚି ।"

ସନ୍ନ୍ୟାସୀ କହିଲେ, "କୁସୁମ, ମୁଁ ଜାଣେ ତୁମର ମନରେ ଘୋର ଦୁଃଖ ହୋଇଛି ।"

କୁସୁମ ଦୁଃଖଭରା ଆଖିରେ ସନ୍ନ୍ୟାସୀଙ୍କ ଆଡ଼କୁ ଚାହିଁ ରହିଲା । ତା'ପରେ ମୁହଁରେ ଓଢ଼ଣା ଟାଣି ସନ୍ନ୍ୟାସୀଙ୍କ ପାଦତଳେ ବସି କାନ୍ଦିବାକୁ ଲାଗିଲା ।

ସନ୍ନ୍ୟାସୀ ଟିକିଏ ଦୂରକୁ ଘୁଞ୍ଚିଯାଇ କହିଲେ, "କହ, କ'ଣ ତୁମର ମନରେ ଅଛି, କହ । କେମିତି ତୁମକୁ ଶାନ୍ତି ମିଳିବ, ମୁଁ ତାର ବାଟ ବତାଇ ଦେବି ।"

ପୂର୍ଣ୍ଣ ବିଶ୍ୱାସ ରଖି ସେ ଉତ୍ତର ଦେଲା, "ଆପଣ ଯଦି ଆଜ୍ଞା ଦେବେ, ତା'ହେଲେ ମୁଁ ନିଶ୍ଚୟ କହିବି । କିନ୍ତୁ ମୁଁ ସବୁ ପରିଷ୍କାର କରି ବୁଝାଇ ପାରିବି ନାହିଁ । କିନ୍ତୁ ଗୁରୁଦେବ, ତୁମେ ସବୁ ବୁଝି ପାରୁଥିବ । ମୁଁ ଜଣକୁ ଦେବତା ରୂପେ ପୂଜା କରୁଥିଲି ଓ ସେହି ନୈସର୍ଗିକ ପ୍ରେମର ଆନନ୍ଦ ମୋର ହୃଦୟକୁ ଭରି ଦେଇଥିଲା । କିନ୍ତୁ ଦିନେ ରାତିରେ ମୁଁ ସ୍ୱପ୍ନ ଦେଖିଲି, ମୋର ହୃଦୟେଶ୍ୱର ଏକ ଉଦ୍ୟାନରେ ବସିଛନ୍ତି ଓ ତାଙ୍କର ବାଁ ହାତରେ ମୋ' ଡ଼ାହାଣ ହାତକୁ ଧରିଛନ୍ତି । ଆଉ ପ୍ରେମରେ ମୋ' କାନରେ କେତେ କଥା କହି ଯାଉଛନ୍ତି । କିନ୍ତୁ ଏ ସମସ୍ତ ଦୃଶ୍ୟ ମୋ ପକ୍ଷରେ ଆଦୌ ଅଚିହ୍ନା ନୁହେ । ସ୍ୱପ୍ନ ସରିଗଲା, ତାକୁ ମୁଁ ଭୁଲି ପାରିଲି ନାହିଁ । ତା' ଆର ଦିନ ଯେତେ-

Digitized by srujanika@gmail.com

ବେଳେ ମୁଁ ତାଙ୍କୁ ଦେଖିଲି, ସେହି ସ୍ୱପ୍ନର ଚିତ୍ର ମୋ' ମନରେ ଅଙ୍କା ହୋଇଥିଲା । ମୁଁ ତାଙ୍କୁ ଆଉ ଦେବତା ବୋଲି ଭାବି ପାରିଲି ନାହିଁ, ସେ ମୋ' ପକ୍ଷରେ ହେଲେ ଏକ ରକ୍ତ ମାଂସର ଦେହଧାରୀ ମନୁଷ୍ୟ । ମୁଁ ଭୟରେ ତାଙ୍କ ପାଖରୁ ପଳାଇ ଆସିଲି । କିନ୍ତୁ ସ୍ୱପ୍ନର ସେ ଛବି ମୋ' ମନରୁ ଯାଉ ନାହିଁ । ସେହି ଦିନଠାରୁ ମୋ' ହୃଦୟରେ ଆଉ ଶାନ୍ତି ନାହିଁ । ମୋ ଭିତରେ ସବୁ ଯେପରି ଅନ୍ଧାର ହୋଇ ଯାଇଛି ।

ଯେତେବେଳେ ତା'ର କଥା ସରି ଆସିଲା ଓ ଆଖିର ଲୁହ ଶୁଖି ଯାଇଥିଲା, ସନ୍ନ୍ୟାସୀ କହିଲେ, "ତୁମେ କାହାକୁ ସ୍ୱପ୍ନରେ ଦେଖିଲ, ମୋତେ ନିଶ୍ଚୟ କହିବାକୁ ହେବ ।"

"ଗୁରୁଦେବ, ମୁଁ କହି ପାରିବି ନାହିଁ ।" ଏତିକି କହିଚି, ତା'ର କୋହ ଉଠିଲା ।

କିନ୍ତୁ ସନ୍ନ୍ୟାସୀ ଲଗାଇଲେ, "ସେ କିଏ, ତୁମକୁ ନିଶ୍ଚୟ କହିବାକୁ ହେବ ।"

ଦୁଇ ହାତକୁ ଚାପି ଧରି କୁସୁମ କହିଲା, "ତା'ହେଲେ ମୋତେ କହିବାକୁ ହେବ ?" ସନ୍ନ୍ୟାସୀ ଉତ୍ତର ଦେଲେ, "ହଁ, ନିଶ୍ଚୟ ।"

"ଗୁରୁଦେବ, ସେ ହେଉଛନ୍ତି ଆପଣ" ଏତିକି କହି ସେ ସାଷ୍ଟାଙ୍ଗ ହୋଇ କାନ୍ଦିବାକୁ ଲାଗିଲା ।

ଯେତେବେଳେ ନିଜକୁ ସଯତ୍ନ କରି ସେ ଉଠି ବସିଲା, ସନ୍ନ୍ୟାସୀ ଧୀର ସ୍ୱରରେ କହିଲେ, "ମୁଁ ଆଜି ରାତିରେ ଏ ସ୍ଥାନ ଛାଡ଼ି ଚାଲି ଯାଉଚି । ତୁମେ ଆଜିଠାରୁ ମୋତେ ଆଉ ଦେଖିବ ନାହିଁ । ଜାଣି ରଖ ମୁଁ ଜଣେ ସନ୍ନ୍ୟାସୀ । ମୁଁ ଏ ଦୁନିଆର ନୁହେଁ । ମୋ' କଥା ଶୀଘ୍ର ଭୁଲିଯାଅ ।"

କୁସୁମ ଧୀର ସ୍ୱରରେ ଉତ୍ତର ଦେଲା, "ତାହାହିଁ ହେବ, ଗୁରୁଦେବ ।"

ସନ୍ନ୍ୟାସୀ କହିଲେ, "ମୁଁ ବର୍ତ୍ତମାନ ବାହାରିଲି । ବିଦାୟ ।" କୌଣସି କଥା ନକହି କୁସୁମ ପ୍ରଣାମ କରି ସନ୍ନ୍ୟାସୀଙ୍କ ପାଦ ଧୂଳି ଆଣି ନିଜ ମୁଣ୍ଡରେ ମାରିଲା । ତା'ପରେ ସେ ସ୍ଥାନ ଛାଡ଼ି ସେ ଚାଲିଗଲା ।

ଚନ୍ଦ୍ର ଅସ୍ତ ହୋଇଛନ୍ତି । ରାତିର ଅନ୍ଧକାର ଘୋଟି ଆସିଲାଣି । ପାଣିରେ କ'ଣ ଗୋଟାଏ ପଡ଼ିବାର ଶବ୍ଦ ମୁଁ ଶୁଣି ପାରିଲି । ଅନ୍ଧାରରେ ପବନ ଗର୍ଜିବାରେ ଲାଗିଚି, ଯେପରିକି ଆକାଶର ସବୁ ତାରାଙ୍କୁ ସେ ଉଡ଼ାଇ ନେବାକୁ ଚାହେଁ ।

ଇଉକୋ ବ୍ୟାଙ୍କ
ସେଭିଂସ
ବ୍ୟାଙ୍କ
ଏକାଉଣ୍ଟ ଖୋଲନ୍ତୁ

ଆପଣଙ୍କର
ପ୍ରିୟଜନମାନଙ୍କ
ପାଇଁ

ଦି
ଇଉନାଇଟେଡ
କମାର୍ଶିୟାଲ
ବ୍ୟାଙ୍କ
ଲିମିଟେଡ

ହେଡ ଅଫିସ—କଲିକତା




RSP/UCO-23/65

Digitized by srujanika@gmail.com

ପିଲାଙ୍କ ପାଇଁ ଗଳ୍ପ—

# ଜଟିଳର ଭାଇ ମଧୁସୂଦନ

ରାମକୃଷ୍ଣ ପରମହଂସ

ଜଣେ ବିଧବାର ଗୋଟିଏ ଛୋଟ ପୁଅ ଥିଲା । ତାର ନାମ ଜଟିଳ । ଜଟିଳ ଗାଁ ଠାରୁ ଦୂରରେ ଗୁରୁଙ୍କ ପାଠଶାଳାକୁ ପଢ଼ିବାକୁ ଯାଏ । ବିଧବା ବଡ଼ ଗରିବ ଥିଲା । ତାର ନିଜର ହୋଇ କେହି ନଥିଲେ । ଜଟିଳ ପାଠଶାଳାକୁ ଯିବାବେଳେ ଏକ ବଣ ଭିତର ଦେଇ ଯାଏ । ଛୋଟ ପିଲା, ବଣ ଭିତର ଦେଇ ଗଲାବେଳେ ତାକୁ ଭାରି ଡ଼ର ଲାଗେ । ଦିନେ ମା ପାଖରେ କାନ୍ଦି କାନ୍ଦି ସେ କହିଲା, ମା ଏକୁଟିଆ ପାଠଶାଳାକୁ ଯିବାକୁ ମୋତେ ଭୟ ଲାଗୁଛି । ମୋ ସାଙ୍ଗରେ ଜଣେ ଲୋକ ପଠାଅ । ତା ନ ହେଲେ ପଢ଼ିବାକୁ ଯିବି ନାହିଁ ।

ଜଟିଳ କଥାରେ ମା ମନରେ ଦୁଃଖ ହେଲା । କହିଲା, ମୁଁ ଲୋକ କେଉଁଠି ପାଇବିରେ ପୁଅ ! ବଣରେ ତୋର ଜଣେ ଭାଇ ଅଛି । ତାର ନାମ ମଧୁସୂଦନ । ଭୟ ହେଲେ ତାକୁ ଡ଼ାକିବୁ । ସେ ତୋ ସଙ୍ଗରେ ଯିବ ।

ମା କଥା ଶୁଣି ଜଟିଳ ମନରେ ଆନନ୍ଦ ହେଲା । ପାଠଶାଳା ଯିବା ବାଟରେ ସେ ଦିନ ବଣ ଭିତରେ ସେ ଖୁବ ପାଟିକରି ଡ଼ାକିଲା, "ମଧୁସୂଦନ ଭାଇ, ହେ ମଧୁସୂଦନ ଭାଇ, ଆସ, ମୋତେ ଭାରି ଡ଼ର ଲାଗୁଛି ।"

କେହି ଆସୁନାହିଁ, କେହି ଜବାବ ଦେଉନାହିଁ, ଦେଖି ଜଟିଳ ଆହୁରି ବଡ଼ ପାଟିକରି ଡ଼ାକିବାକୁ ଲାଗିଲା । ତାର ବିଶ୍ୱାସ ମଧୁସୂଦନ ଭାଇ ନିଶ୍ଚୟ ଆସିବ ।

ଜଟିଳର ସରଳ ଭକ୍ତିରେ ଭଗବାନ ଆଉ ରହି ପାରିଲେ ନାହିଁ । ସେ ଗୋଟିଏ ଛୋଟ ବାଳକର ରୂପ ଧରି ହସି ହସି ଜଟିଳ ପାଖରେ ପହଞ୍ଚି କହିଲେ, "ଆରେ ଭାଇ, ମୁଁ ଆସୁଛି ଯେ ।" ଜଟିଳର କି ଆନନ୍ଦ ! ପ୍ରତିଦିନ ମଧୁସୂଦନ ଭାଇ ପାଠଶାଳା ଯାଏଁ ଆସେ ଏବଂ ଫେରିବା ବେଳେ ଘର ଯାଏଁ ତାକୁ ବାଟେଇ ଦେଇ ଯାଏ । ଦୁଇଜଣଙ୍କର ଭିତରେ କେତେ କଥାଭାଷା, କେତେ ଖେଳ, କେତେ ଆନନ୍ଦ । ଏହିପରି ଦିନ ଚାଲିଯାଏ ।

ତା ପରେ ଦିନେ ଗୁରୁଙ୍କର ମା' ମରିଗଲେ । ଗୁରୁ ମା'ର ଶ୍ରାଦ୍ଧ କରିବେ । ଛାତ୍ରମାନେ ନିଜର ଶକ୍ତି ଅନୁଯାୟୀ, ଯାହା ପାରନ୍ତି ଗୁରୁଙ୍କୁ ଦେଉଛନ୍ତି । କିଏ ଚାଉଳ ଦେଉଛି, କିଏ ଦୁଧ ଦେଉଛି, କିଏ ଦେଉଛି

Digitized by srujanika@gmail.com

ଝଲ ପଛ, ଏହିପରି ସମସ୍ତେ ଦେଉଛନ୍ତି । ଗୁରୁ ଜଟିଲକୁ ଡ଼ାକ ପଚାରିଲେ, ଜଟ, ତୁ କ'ଣ ଦେବୁରେ ।

ଜଟିଲ କହିଲା, "ଅଜ୍ଞା, ମା,କୁ ପଚାରି କହିବ ।"

ପାଠଶାଳାରୁ ଫେରି ଜଟିଲ ମା'କୁ ସବୁକଥା କହିଲା । ଶୁଣି ମା କହିଲା, "ବାପା ଗୁରୁଙ୍କୁ ଦେବାପାଇଁ ଆମର କିଛି ନାହିଁ । ଆମେ ଅତି ଗରିବ । ତୁ ତୋର ମଧୁସୂଦନ ଭାଇକୁ ଏ କଥା କହ ।"

ଜଟିଲ ବଡ଼ ବୁଝିବା ସୁଝିବା ପିଲା ଥିଲା, ମାର ଦୁଃଖ ସେ ଜାଣିପାରେ । ପରଦିନ ପାଠଶାଳାକୁ ଯିବା ବାଟରେ ମଧୁସୂଦନ ଭାଇକୁ ଗୁରୁଙ୍କ କଥା କହିଲା । ମଧୁସୂଦନ ଭାଇ କହିଲେ, "କେବେ ଗୁରୁଙ୍କର ଶ୍ରାଦ୍ଧ ?"

"କାଲି ।"

"ଆଚ୍ଛା, ଗୁରୁଙ୍କୁ କହିଦେବୁ, ଶ୍ରାଦ୍ଧରେ ଯେତେ ଦହି ଦରକାର, ସବୁ ତୁ ଦେବୁ ।" ପାଠଶାଳାକୁ ଯିବା ପରେ ଗୁରୁ ପଚାରିଲେ, "ଜଟ, କ'ଣ ଦେଉଛୁ ? ତୋର ମା କ'ଣ କହିଲା ।"

"ଆଜ୍ଞା, ଶ୍ରାଦ୍ଧରେ ଯେତେ ଦହି ଲାଗିବ, ସବୁ ମୁଁ ଦେବ ।" ଗୁରୁ କହିଲେ, "ଜଟ ପରି ଭଲ ପିଲା ଆଉ କେହି ନାହିଁ । ତେବେ ବାପା, ଗୋଟାଏ କଥା ଶୁଣ୍ । ଯେପରି ଡେରି ହେବ ନାହିଁ । କାଲି ଶ୍ରାଦ୍ଧ ଠିକ ?"

"ଆଜ୍ଞା କାଲି ସକାଳେ ଦେଇଯିବ ।"

ଶ୍ରାଦ୍ଧ ଦିନ ସବୁ ପିଲା ମିଶି ଗୁରୁଙ୍କୁ ସାହାଯ୍ୟ କରୁଛନ୍ତି, ଜଟିଲର ଦେଖା ନାହିଁ । ଗୁରୁ ଭାରି ଚିନ୍ତିତ ହୋଇ ପଡ଼ିଛନ୍ତି । ଦହି ନ ଆସିଲେ ସବୁ ପଣ୍ଡ ହୋଇଯିବ । ନା, ଗୋଟିଏ ପିଲା କଥାରେ ବିଶ୍ୱାସ କରିବା ଠିକ ହୋଇ ନାହିଁ ।

ଜଟିଲ ସେହି ସମୟରେ ଦହି ନେଇ ଆସୁଛି । ତାକୁ ଆସିବାର ଦେଖି ଜଣେ ପିଲା ଗୁରୁଙ୍କୁ ଡ଼ାକ କହିଲା, "ଗୁରୁ, ଏଇ ଯେ ଜଟିଲ ଆସୁଛି ଏବଂ ଏଡ଼ ମସ୍ତବଡ଼ ଦହି ହାଣ୍ଡି ନେଇ ଆସୁଛି !

ଜଟିଲ ହାତରେ ଛୋଟ ଅଟିକାଟିଏ ଦେଖି ଗୁରୁ ରାଗି ନାଲି ପଡ଼ିଗଲେ । କହିଲେ "ଶ୍ରାଦ୍ଧର ସବୁ ଦହି ତୁ ଦେବୁ ନା ? ଆଉ ଦହି କୁଆଡ଼େ ଗଲା ?"

"ଆଜ୍ଞା, ମୁଁ ଛୋଟ ପିଲା, ବେଶୀ ଦହି ଆଣି ପାରି ନଥାନ୍ତି । ସେଥିପାଇଁ ମଧୁସୂଦନ ଭାଇ ମୋତେ ଏ ଛୋଟ ଦହି ଅଟିକାଟି ଦେଇଛନ୍ତି, ଏଥିରେ ସମସ୍ତଙ୍କର ହୋଇଯିବଯେ ।"

ଜଟିଲର ଏ କଥା ଶୁଣି ଗୁରୁ ଆହୁରି ରାଗିଗଲେ । ଜୋରରେ ଜଟିଲ ହାତରୁ ଅଟିକାଟିକୁ ଟାଣିନେଇ ଗୋଟିଏ ପିଲାର ହାତରେ ଦେଇ କହିଲେ, "ଯାଅ, ଏ ଦହିକୁ ଆଉ ଗୋଟିଏ ପାତ୍ରରେ ରଖି ଅଟିକାଟାକୁ ହତଭାଗାକୁ ଫେରାଇ ଦିଅ ।"

'ମୋର ମା ଶ୍ରାଦ୍ଧ ତୁ ପଣ୍ଡ କରିଛୁ' ବୋଲି କହି ଗୁରୁ ଜଟିଲକୁ ମାରିବାକୁ ଲାଗିଲେ ଜଟିଲ ମାଡ଼ରେ ମୂର୍ଚ୍ଛା ହୋଇ ପଡ଼ିଲା । ଏହି ସମୟରେ ଆହୁରି ଏକ ଘଟଣା ଘଟିଲା ।

Digitized by srujanika@gmail.com

ଯେଉଁ ପିଲାଟି ଦହି ରଖିବାକୁ ଯାଇଥିଲା, ସେ ଆସି କହିଲା, ବଡ଼ ଆଶ୍ଚର୍ଯ୍ୟର କଥା, ଗୁରୁ ଦେବ, ଯେତେ ଦହି ଢାଳିଲେ ବି ଅଟିକାର ଦହି ସରୁନାହିଁ ।

"କରେ, କ'ଣ କହୁଚୁ ରେ", ଗୁରୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

"ହଁ, ଗୁରୁଦେବ, ଅଟିକାରୁ ଯେତେ ଦହି ଢାଳୁଛୁ, ଅଟିକା ସେହିପରି ପୂର ରହୁଛି ।"

"ତାହେଲେ ଜଟିଳ ଠିକ୍ କଥା କହୁଥିଲା, ଆହା, ପିଲାଟିକୁ କି କଷ୍ଟ ଦେଲି । ଆରେ କିଏ କେଉଁଠି ଅଛ, ତା ମୁହଁରେ ପାଣି ଛାଟି ଦିଅ । ପଙ୍ଖାରେ ବିଞ୍ଚିଦିଅ ।"

ସମସ୍ତେ ମିଶି ଜଟିଳର ମୁହଁରେ, ଆଖିରେ ପାଣି ଛାଟିଲେ । ଦୁଇଜଣ ତାକୁ ପଙ୍ଖାରେ ବିଞ୍ଚିବାକୁ ଲାଗିଲେ । କିଛି ସମୟ ପରେ ଜଟିଳ ଆଖି ଖୋଲିଲା ।

ଗୁରୁ ଆଦରରେ ତାକୁ କୋଳ କରି କେତେ ବାପ ଧନ କହି ପଚାରିଲେ, "ଆଚ୍ଛା, ଜଟି, ଏ ଦହି ତୁ କେଉଁଠାରୁ ପାଇଲୁ ?"

"ମୋର ମଧୁସୂଦନ ଭାଇଙ୍କ ଠାରୁ ।"

"ତୋର ମଧୁସୂଦନ ଭାଇ ? ସେ କେଉଁଠି ଥାନ୍ତି ?"

"ଆଜ୍ଞା, ସେହି ବଣରେ ଥାନ୍ତି ।"

"ଆଚ୍ଛା, ତୋର ମଧୁସୂଦନ ଭାଇଙ୍କ ସହିତ ଥରେ ମୋର ଦେଖା କରାଇ ପାରିବୁ ?"

"କାହିଁକି ପାରିବି ନାହିଁ ? ଆସନ୍ତୁ ମୋ ସାଙ୍ଗରେ ।"

ଛାତ୍ର ମାନଙ୍କ ସଙ୍ଗେ ଗୁରୁ ଜଟିଳର ପଛେ ପଛେ ଚାଲିଲେ । ବଣକୁ ଯାଇ ଜଟିଳ ବଡ଼ ପାଟିରେ ମଧୁସୂଦନ ଭାଇ ବୋଲି ଡ଼ାକିବାକୁ ଲାଗିଲା । କିନ୍ତୁ ଆଜି ମଧୁସୂଦନ ଭାଇର ଦେଖା ନାହିଁ । ଜଟିଳର ମହାଚିନ୍ତା ହେଲା । କାନ୍ଦି କାନ୍ଦି ପୁଣି ସେ ଡ଼ାକିବାକୁ ଲାଗିଲା । ସେତେବେଳେ ଯାଇ ଦୂରରୁ ମଧୁସୂଦନ ଭାଇର କଥା ଶୁଣାଗଲା, "ଜଟିଳ, ଆଜି ମୁଁ ଆସି ପାରିବି ନାହିଁ, ତୁ ସରଳ ବିଶ୍ୱାସରେ ମୋତେ ପାଇଥିଲୁ । ତୋର ଗୁରୁର ଓ ଅନ୍ୟମାନଙ୍କର ସେ ବିଶ୍ୱାସ ନାହିଁ । ତେଣୁ ସେମାନେ ମୋତେ ଦେଖି ପାରିବେ ନାହିଁ । ସେମାନେ ଚାଲିଗଲେ ମୁଁ ତୋ' ପାଖକୁ ଚାଲି ଆସିବିଯେ ।"

ଶିକ୍ଷା:—

ମନୁଷ୍ୟ ଈଶ୍ୱରଙ୍କୁ ପାଇବା ପାଇଁ କେତେ ଯାଗ, ଯଜ୍ଞ, ତପସ୍ୟା, କେତେ କ'ଣ କରେ । କିନ୍ତୁ ସରଳ ବିଶ୍ୱାସରେ ତାଙ୍କୁ ଡ଼ାକି ପାରିଲେ, ସେ ସହଜରେ ଦେଖା ଦିଅନ୍ତି ।

Digitized by srujanika@gmail.com

WITH COMPLIMENTS
FROM

THE ASIATIC TRADE
COMBINE

RANIHAT, CUTTACK-3

*62, Bhubaneswar Marg, Bhubaneswar-3*

Digitized by srujanika@gmail.com

## ମହାଭାରତ କାହାଣୀ

# ଭୀମଙ୍କ ପ୍ରତିଜ୍ଞା

**ଜୟନ୍ତୀ ପଟ୍ଟନାୟକ**

ଦ୍ୟୂତକ୍ରୀଡ଼ାରେ ପରାଜିତ ହେଲେ ମଧ୍ୟ ପାଣ୍ଡୁପୁତ୍ରମାନଙ୍କର ଦୁଃଖ ଶେଷ ହେଲା ନାହିଁ । ପଣ ଅନୁଯାୟୀ ସେମାନେ ବାରବର୍ଷ ବନବାସ ଓ ଏକ ବର୍ଷ ଅଜ୍ଞାତ ବାସ ପାଇଁ ପ୍ରସ୍ତୁତ ହେଲେ । ସେମାନେ ରାଜପୁତ୍ର ମାନଙ୍କର ପୋଷାକ, ପରିଚ୍ଛଦ ଅଳଙ୍କାରାଦି ତ୍ୟାଗ କରି ମୃଗଚର୍ମ ପରିଧାନ କଲେ ।

ସେମାନଙ୍କର ଏ ଦୁଃଖ ଦେଖି କୌରବ ମାନଙ୍କ ମନରେ ହର୍ଷଜାତ ହେଲା ଓ ଦୁଃଶାସନ ନିଜର ଆନନ୍ଦୋଚ୍ଛ୍ୱାସକୁ ସମ୍ବରଣ କରି ନପାରି ପାଣ୍ଡବମାନଙ୍କୁ ବିଦ୍ରୂପ କରି କହିଲା, "ଏମାନେ ଧନ ଗର୍ବରେ ଉନ୍ମତ୍ତ ହୋଇ ଆମକୁ ରାଜସୂୟ ଯଜ୍ଞରେ ଯେପରି ଅପମାନ କରିଥିଲେ, ଏବେ ତାର ଫଳ ଭୋଗକଲେ । ଏମାନେ ଦୀକ୍ଷାଗ୍ରହଣ କରିଥିବା ତପସ୍ୱୀ ମାନଙ୍କ ପରି ମୃଗ ଚର୍ମ ପରିଧାନ କରିଥିଲେ ମଧ୍ୟ, କୌଣସି ଜ୍ଞାନ, ଯଜ୍ଞ, ତପ ବା ସୁକୃତିର ଅଧିକାରୀ ନୁହନ୍ତି । ସେମାନେ ହୀନ ଲୋକଙ୍କ ପରି ଚମଡ଼ା ପିନ୍ଧିଛନ୍ତି, ଯେଉଁଥିପାଇଁ ସେମାନେ ପ୍ରକୃତିରେ ଯୋଗ୍ୟ ।

ଏହାପରେ ଦୁଃଶାସନ ଦ୍ରୌପଦୀଙ୍କୁ ଲକ୍ଷ୍ୟ କରି କହିଲା, "ପାଞ୍ଚାଳୀ, ତୁମର ସ୍ୱାମୀ ପାଣ୍ଡବମାନେ କ୍ଲୀବ । ସେମାନଙ୍କର କିଛି ସାମର୍ଥ୍ୟ ନାହିଁ । ଶସ୍ୟ ନଥିବା ଯୋଗୁଁ ଅଗାଡ଼ି ଯେପରି ନିଷ୍ଫଳ, ତେଜୋହୀନ ପାଣ୍ଡବମାନଙ୍କ ଅବସ୍ଥା ଠିକ୍ ସେହିପରି । ତେଣୁ ତୁମେ ଏ ଅଗାଡ଼ିଙ୍କୁ ପୂଜା କରି କି ସୁଖ ଲଭି କରିବ ? ଏଠାରେ ଏତେ ଲୋକ ଅଛନ୍ତି, ତୁମେ କାହାରି ଜଣକୁ ପତିତ୍ୱରେ ବରଣ କରି ସୁଖରେ ରହ ।"

### ପାଣ୍ଡବମାନଙ୍କ ପ୍ରତିଜ୍ଞା

ଦୁଃଶାସନର ଏହି ନିଷ୍ଠୁର ବିଦ୍ରୂପାତ୍ମକ ବାଣୀ ଶୁଣି ଭୀମ ରାଗରେ ଜଳି ଉଠି କହିଲେ, "ହୀନ, ନୀଚ ଲୋକଙ୍କ ପରି ନିଜର ଜ୍ଞାତିମାନଙ୍କୁ ତୁ ଯେପରି ବିଦ୍ରୂପ କରୁଛୁ, ଦିନେ ନା ଦିନେ ତା'ର ପରିଣାମ ପାଇଁ ପ୍ରସ୍ତୁତ ରହ । ତୋର କ୍ଷତ୍ରିୟତ୍ୱର ତେଜ ଓ ବଳ କ'ଣ ଅଛି ମୁଁ ଜାଣେ । ଯେଉଁ ଦିନ ତୋ' ସହିତ ଏହାର କଡ଼ା ଗଣ୍ଡା ହିସାବ ନିକାଶ ହେବ, ସେ ଦିନ ଶକୁନିର ପଶାକାଠି ତୋତେ ବା ତୋ'ର ରକ୍ଷକମାନଙ୍କୁ ସାହାଯ୍ୟ କରି ପାରିବ ନାହିଁ ।"

ଦୁଃଶାସନ ଏହାର ପ୍ରତ୍ୟୁତ୍ତରରେ ଭୀମଙ୍କ ଚାରିପାଖେ "ଏ ଗୋଟିଏ ଗୋରୁ,

Digitized by srujanika@gmail.com

ଗୋରୁ" ବୋଲି କହି ନୃତ୍ୟ କରିବାକୁ ଲଗିଲ । ଭୀମ ନିଜର କ୍ରୋଧକୁ ବନ୍ଧୁ ପରି ମାଣରେ ସମ୍ବରଣ କରି କୁରୁସଭା ସମକ୍ଷରେ ପ୍ରତିଜ୍ଞା କଲେ, "ଯୁଦ୍ଧରେ ଦୁଃଶାସନ ବକ୍ଷ ସ୍ଥଳକୁ ଚିରି ରକ୍ତପାନ ନକରିବା ପର୍ଯ୍ୟନ୍ତ ମୁଁ କେବେ ମୋ'ର ପିତୃ ପିତାମହଙ୍କ ଦାୟାଦ ବୋଲି କଥିତ ହେବ ନାହିଁ ।"

ଏହାପରେ ପାଣ୍ଡବ ମାନେ ମୃଗଚର୍ମ ପରିଧାନ କରି କୌରବ ରାଜସଭା ଛାଡ଼ି ଯିବାବେଳେ ଦୁର୍ଯ୍ୟୋଧନ ପରିହାସ କରି ଭୀମଙ୍କ ସିଂହ ଗତିର ଅନୁକରଣ କରିବାକୁ ଲଗିଲେ ।

ଭୀମ ମୁହଁ ବୁଲାଇ ପାଣ୍ଡବ ମାନଙ୍କ ପକ୍ଷରୁ ଏହି ପ୍ରତିଜ୍ଞା କଲେ, "ପାପାତ୍ମା କୌରବ ମାନଙ୍କ ସହିତ ଆମର ନିର୍ଦ୍ଧିତ ରୂପେ ଯେଉଁ ଯୁଦ୍ଧ ହେବ, ସେଥିରେ ଅର୍ଜୁନ କର୍ଣ୍ଣକୁ ନିହତ କରିବେ । ଶକୁନିକୁ ସହଦେବ ପଶୁବନ୍ତ ହତ୍ୟା କରିବେ । ଗଦା ଯୁଦ୍ଧରେ ଦୁର୍ଯ୍ୟୋଧନକୁ ଭୂତଳଶାୟୀ କରି ପାଦରେ ତା'ର ଏହି ଗର୍ବସ୍ଫୀତ ମସ୍ତକକୁ ଦଳନ କରିବି ଓ ଦୁଃଶାସନର ବକ୍ଷସ୍ଥଳକୁ ଚିରି ସିଂହ ମୃଗର ରୁଧିର ପାନ କରିବା ପରି ମୁଁ ତାର ରୁଧିର ପାନ କରିବି ।"

ଭୀମଙ୍କର ଏହି ପ୍ରତିଜ୍ଞାରେ ଯୋଗ ଦେଇ ଅର୍ଜୁନ କହିଲେ, "ଭୀମଙ୍କର ଏହି ପ୍ରତିଜ୍ଞା ରୂପକ ଆଜ୍ଞା ପାଳିତ ହେବ । କର୍ଣ୍ଣକୁ ମୁଁ ତାର ସମସ୍ତ ଅନୁଚରଙ୍କ ସହିତ ଯୁଦ୍ଧ କ୍ଷେତ୍ରରେ ନିହତ କରିବି । ହିମାଳୟ ସ୍ୱସ୍ଥାନରୁ ଟଳିଯିବ । ସୂର୍ଯ୍ୟ ନିଷ୍ପ୍ରଭ ହୋଇଯିବ, ଚନ୍ଦ୍ରର ଶୀତଳତ୍ୱ ନଷ୍ଟ ହୋଇଯିବ । କିନ୍ତୁ ଅର୍ଜୁନ ତା'ର ପ୍ରତିଜ୍ଞାରୁ ଟଳିବ ନାହିଁ ।"

ସହଦେବ ଶକୁନିକୁ ଅବଶ୍ୟ ବିନାଶ କରିବେ ବୋଲି ଉଚ୍ଚ ସ୍ୱରରେ ଘୋଷଣା କଲେ ।

## କୁନ୍ତୀଙ୍କଠାରୁ ବିଦାୟ

ଯୁଧିଷ୍ଠିର ତାଙ୍କର ଭାଇ ମାନଙ୍କ ସହିତ ପିତାମହ ଭୀଷ୍ମ, ରାଜା ସୋମଦତ୍ତ, ଦ୍ରୋଣ, କୃପ, ଅଶ୍ୱତ୍ଥାମା, ବିଦୁର, ଧୃତରାଷ୍ଟ୍ରଙ୍କ ଠାରୁ ବିଦାୟ ନେଲେ । ବିଦୁରଙ୍କଠାରୁ ବିଦାୟ ନେବାବେଳେ ସେ ପାଣ୍ଡବ ମାନଙ୍କୁ କହିଲେ, "ତୁମର ମାତା କୁନ୍ତୀଦେବୀ ତୁମ ସହିତ ଅରଣ୍ୟବାସ କରିବାପାଇଁ ଯୋଗ୍ୟ ନୁହନ୍ତି । ସେ ସର୍ବଦା ସୁଖରେ କାଳଯାପନ କରି ଆସିଛନ୍ତି ; ତା'ପରେ ପୁଣି ସେ ବୃଦ୍ଧା । ତୁମେ ଅରଣ୍ୟ ବାସରୁ ଫେରିବା ପର୍ଯ୍ୟନ୍ତ ସେ ମୋର ଘରେ ରହିବେ । ତୁମେ ନିଶ୍ଚିନ୍ତ ରହି ଓ ସେଥିପାଇଁ ତାଙ୍କୁ ଅନୁମତି ଦିଅ ।" ଏଥିରେ ପାଣ୍ଡବ ମାନେ ସମ୍ମତ ହୋଇ ନିଜର ପରମ ମଙ୍ଗଳକାମୀ ବିଦୁରଙ୍କୁ କୃତଜ୍ଞତା ଜଣାଇଲେ ।

ବିଦୁର ଯୁଧିଷ୍ଠିରଙ୍କୁ ଉପଦେଶ ଦେଇ କହିଲେ, "ହେ ରାଜା, ତୁମେ ତୁମର ଭାଇ ମାନଙ୍କ ସହିତ ମିଶି କ୍ଷତ୍ରିୟମାନଙ୍କୁ ବଳଦ୍ୱାରା ଓ ଋଷିମାନଙ୍କୁ ସେବା ଦ୍ୱାରା ଜୟ କର । ତୁମେ ଇନ୍ଦ୍ରଙ୍କର ବୀରତ୍ୱ, କୁବେରଙ୍କର ଦାନ, ବରୁଣଙ୍କର ସଂଯମ, ଚନ୍ଦ୍ରଙ୍କର ମନୋହାରିତ୍ୱ, ଭୂମିର କ୍ଷମା, ସୂର୍ଯ୍ୟଙ୍କର ତେଜ ରୂପକ ଗୁଣକୁ ଆପଣାର କରିବା

Digitized by srujanika@gmail.com

ପାଇଁ ଚେଷ୍ଟାକର । ତୁମର ସମସ୍ତ ମଙ୍ଗଳ ହେଉ ।"

ପାଣ୍ଡବମାନଙ୍କ ପତ୍ନୀ ଦ୍ରୌପଦୀ କୁନ୍ତୀ ଦେବୀ ଓ ତାଙ୍କ ସହିତ ଥିବା ଅନ୍ତଃପୁରର ମହିଳାମାନଙ୍କଠାରୁ ବିଦାୟ ନେଇ ଯିବା ବେଳେ କୁନ୍ତୀ ତାଙ୍କର ପଛରେ ଆସି ପୁତ୍ର ମାନଙ୍କର ଏ ଅବସ୍ଥା ଦେଖି ନିଜକୁ ସମ୍ଭରଣ କରି ପାରିଲେ ନାହିଁ ଓ ଭୀଷ୍ମ, ଦ୍ରୋଣ, କୃପ ଆଉ ଆଉ ଓ ନିଜର ପୁତୁରା ଶ୍ରୀକୃଷ୍ଣଙ୍କ ଅଜ୍ଞାତରେ ପାଣ୍ଡବ ମାନଙ୍କର ଏ ଦଶା କିପରି ହେଲା ବୋଲି କହି ଦୁଃଖରେ କାନ୍ଦି ବାକୁ ଲାଗିଲେ ।

ପାଣ୍ଡବମାନେ କୁନ୍ତୀ ଦେବୀଙ୍କୁ ସାନ୍ତ୍ୱନା ଦେଇ ଓ ପ୍ରଣାମ କରି ଅରଣ୍ୟକୁ ପ୍ରସ୍ଥାନ କଲେ ।

ଅନ୍ଧ ଧୃତରାଷ୍ଟ୍ର ପାଣ୍ଡବମାନେ କିପରି ବନକୁ ଗଲେ ତାହା ଜାଣିବା ପାଇଁ ବିଦୁରଙ୍କୁ ଡ଼କାଇ ପଠାଇବାରୁ ବିଦୁର କହିଲେ, "ହେ ରାଜା ! କୁନ୍ତୀପୁତ୍ର ଧର୍ମନିଷ୍ଠ ଯୁଧିଷ୍ଠିର ବସ୍ତ୍ରରେ ମୁହଁକୁ ଘୋଡ଼ାଇ ଯାଉଛନ୍ତି । ଭୀମ ନିଜର ବଳିଷ୍ଠ ବାହୁକୁ ଚାହିଁ ଚାହିଁ, ଅର୍ଜୁନ ବାଲି ପକାଇ ପକାଇ, ନକୁଳ ଦେହରେ ଭସ୍ମ ବିଲେପନ କରି ଓ ସହଦେବ ଅଧୋ ମୁଖ ହୋଇ ଯାଉଛନ୍ତି । ଦ୍ରୁପଦ ନନ୍ଦିନୀ ନିଜର ମୁକୁଳା ବାଳକୁ ମୁହଁରେ ଘୋଡ଼ାଇ ପାଣ୍ଡବମାନଙ୍କ ପଛରେ ଓ କୁଳ ପୁରୋହିତ ଧୌମ୍ୟ ହାତରେ କୁଶ ଧରି ସାମବେଦର ଯମ ଦେବତାଙ୍କ ସ୍ତୋତ୍ର ଗାନ କରି ଯାଉଛନ୍ତି ।

## ପାଣ୍ଡବ ମାନଙ୍କ ସଙ୍କେତ

ସେମାନେ କାହିଁକି ଏପରି ଯାଉଛନ୍ତି ତା'ର ଅର୍ଥ ବୁଝାଇ ବିଦୁର କହିଲେ, "ଯୁଧିଷ୍ଠିର ଅତ୍ୟନ୍ତ ଧାର୍ମିକ । କୌରବ ମାନଙ୍କ ପ୍ରତି ତାଙ୍କର ସର୍ବଦା ସ୍ନେହ ଥାଏ । କିନ୍ତୁ ଯେପରି ରାଜ୍ୟ ଲକ୍ଷ୍ମୀରୁ ତାଙ୍କୁ ବଞ୍ଚିତ କରାଗଲା, ସେଥିରେ ସେ ଅତ୍ୟନ୍ତ କ୍ରୁଦ୍ଧ ହୋଇ ଅଛନ୍ତି । ସେ ଅତ୍ୟନ୍ତ ସଂଯତ ହୋଇ ଥିବାରୁ ତାଙ୍କର କ୍ରୁଦ୍ଧ ଦୃଷ୍ଟି କାହାରି ଉପରେ ନପଡୁ ଏଥିପାଇଁ ସେ ମୁହଁକୁ ଘୋଡ଼ାଇ ଦେଇଛନ୍ତି । ଭୀମ ନିଜର ବାହୁକୁ ଚାହିଁ ଚାହିଁ ଯିବାର ଉଦ୍ଦେଶ୍ୟ ହେଉଛି, ସେ ଶତ୍ରୁମାନଙ୍କ ପ୍ରତି ସେହି ବିଶାଳ ବାହୁର ଯୋଗ୍ୟ କାର୍ଯ୍ୟ ଅଚିରେ ସମ୍ପାଦନ କରିବେ । ଅର୍ଜୁନ ବାଲି ପକାଇ-ବାର କାରଣ ଅସଂଖ୍ୟ ବାଲୁକା ପାତ ପରି ତାଙ୍କ ହସ୍ତରୁ ଶତ୍ରୁଙ୍କ ସହିତ ଯୁଦ୍ଧ ବେଳେ ନିରନ୍ତର ଶର ବର୍ଷା ହେବ । ସହଦେବ ତାଙ୍କୁ କେହି ଚିହ୍ନି ନପାରନ୍ତୁ ଏଥିପାଇଁ ମୁହଁପୋତି ଓ ନକୁଳ ତାଙ୍କର କମନୀୟ କାନ୍ତି କୌଣସି ନାରୀର ମନୋହରଣ ନକରୁ ଏଥିପାଇଁ ଦେହରେ ଭସ୍ମ ବୋଳି ହୋଇ ଛନ୍ତି । ଆଉ ଦ୍ରୌପଦୀ ଏକବସ୍ତ୍ରା, ମୁକ୍ତକେଶୀ ଓ ରୋଦନଶୀଳା ଭାବରେ ଯିବାର ଅର୍ଥ ହେଉଛି, ତାଙ୍କର ଏହି ଦୀନାବସ୍ଥା ଦିନେ ନା ଦିନେ ତାଙ୍କର ଶତ୍ରୁକୁଳର ପୁରନାରୀ ମାନଙ୍କର ଘଟୁ ।"

ଅତ୍ୟନ୍ତ ଦୁଃଖରେ ପାଣ୍ଡବମାନେ ନିଜ ଭାଗ୍ୟର କ୍ରୀଡ଼ନକ ଭାବରେ ଯାଇଥିଲେ ମଧ୍ୟ କ୍ଷତ୍ରିୟର ଶୌର୍ଯ୍ୟ ଓ ପ୍ରତିଶୋଧର

Digitized by srujanika@gmail.com

ଭାବନା ସେମାନଙ୍କର ମନକୁ ବ୍ୟାକୁଳ କରୁଥିଲା। ସେଥିପାଇଁ ସେମାନେ କୌରବ ମାନଙ୍କୁ ଶୋକର ବେଳରେ ତାର ସଙ୍କେତ ଦେବାକୁ ଛାଡ଼ି ନଥିଲେ ।

ବିଦୁରଙ୍କ ଠାରୁ ଏହିପରି ଶୁଣି ଧୃତରାଷ୍ଟ୍ର ଅତି ଉଦ୍‌ବିଗ୍ନ ଭାବରେ ପଚାରିଲେ, "ପାଣ୍ଡବ ମାନେ ଏହିପରି ଟିକାର ଦେଖି ହସ୍ତିନାର ଜନସାଧାରଣ କ'ଣ କହୁଛନ୍ତି ?"

ବିଦୁର କହିଲେ, "ହେ ରାଜା, ସେମାନେ ନିଜର ପ୍ରିୟଜନଙ୍କୁ ହରାଇବା ପରି ଦୁଃଖ ଅନୁଭବ କରି କହୁଛନ୍ତି, 'ଆମେ ପାଣ୍ଡବ ମାନଙ୍କୁ ହରାଇ ଅନାଥ ହୋଇଗଲୁ; କୁରୁଭୂମି ନେତୃଶୂନ୍ୟ ହୋଇଗଲେ । ଲୋଭ ବଶରେ ଧୃତରାଷ୍ଟ୍ର ଓ ତାଙ୍କର ପୁତ୍ରମାନେ ନିରପରାଧ ପାଣ୍ଡୁ ପୁତ୍ର ମାନଙ୍କୁ ରାଜ୍ୟରୁ ତଡ଼ି ବନବାସର ଦୁଃଖ ଦେଲେ । କୁରୁବୃଦ୍ଧମାନଙ୍କୁ ଧିକ୍, ସେମାନେ ଥାଉ ଥାଉ ଏପରି ହେଲା ।' କେବଳ ସେତିକି ନୁହେଁ, ମାଂସଭୋଜୀ ଗୃଧ୍ର ଓ କାକ ଦେବାଳୟ ଓ ପ୍ରାସାଦ ଉପରେ ବସି ଅଦ୍ଭୁତ ରବ କରୁଛନ୍ତି ଓ ବହୁ ଉତ୍ପାତ ଓ ଅନିଷ୍ଟର ସଙ୍କେତ ଦେଖା ଯାଉଛି ।"

## ପରିଣାମ ଭୋଗ ହେବ

ବିଦୁର ଓ ଧୃତରାଷ୍ଟ୍ର ଏହିପରି କଥା ଭାଷା ହେଉଛନ୍ତି, ଦେବର୍ଷି ନାରଦ କୁଆଡ଼େ ଥିଲେ ହଠାତ୍ ଆସି ପହଞ୍ଚିଯାଇ କହିଲେ, "ଆଜଠାରୁ ୧୪ବର୍ଷ ପରେ ଦୁର୍ଯ୍ୟୋଧନର ଦୁଷ୍କର୍ମ ପାଇଁ କୌରବମାନେ ଧ୍ୱଂସ ଓ ନିହତ ହେବେ ।" ଏଥିରେ ଦୁର୍ଯ୍ୟୋଧନ ଅତ୍ୟନ୍ତ ଆତଙ୍କିତ ହୋଇ କର୍ଣ୍ଣ ଓ ଶକୁନିଙ୍କ ସହିତ ଦ୍ରୋଣଙ୍କ ପାଖରେ ପହଞ୍ଚି ନିବେଦନ କଲେ ଯେ ବିପଦର ବେଳରେ ସେ ଯେପରି ସେମାନଙ୍କୁ ଛାଡ଼ି ଚାଲି ନଯାନ୍ତି ।

ଦ୍ରୋଣ ଅତି ଗମ୍ଭୀର ଭାବରେ ଉତ୍ତର ଦେଲେ, "ବ୍ରାହ୍ମଣ ବ୍ୟକ୍ତିମାନେ କହିଛନ୍ତି, ପାଣ୍ଡବମାନେ ଦେବପୁତ୍ର । ସେମାନେ ଯୁଦ୍ଧରେ ଅଜେୟ । କିନ୍ତୁ ତୁମେ ତୁମର ସ୍ୱଜନଙ୍କ ସହିତ ମୋ'ର ଶରଣାଗତ ହୋଇ ଥିବା ଯୋଗୁଁ ଓ ମୁଁ ତୁମର ଅନ୍ନରେ ପାଳିତ ହେଉଥିବା ଯୋଗୁଁ ତୁମ ପକ୍ଷରେ ରହି ଲଢ଼ିବି ଓ ତୁମକୁ କେବେ ପରିତ୍ୟାଗ କରିବି ନାହିଁ । କିନ୍ତୁ ଆମର ଯେତେ ବଳ ହେଲେ ମଧ୍ୟ ବିଧିଠାରୁ କେହି ଅଧିକ ବଳବାନ୍ ନାହିଁ । ପାଣ୍ଡବମାନେ ଅନ୍ୟାୟରେ ରାଜ୍ୟ ଚ୍ୟୁତ ହୋଇଥିବା ଯୋଗୁଁ ବନବାସ ପରେ ପରେ ଅତି କ୍ରୁଦ୍ଧ ଭାବରେ ପ୍ରତିଶୋଧ ବୁଦ୍ଧିରେ ପରିଚାଳିତ ହୋଇ ଫେରିବେ । ହେ ରାଜା, କ୍ରୋଧ କ'ଣ ତାହା ମୁଁ ଜାଣେ । ପୂର୍ବେ ମୁଁ ଦ୍ରୁପଦଙ୍କୁ ରାଜ୍ୟଚ୍ୟୁତ କରିଥିବା ଯୋଗୁଁ ସେ ମୋ'ର ବିନାଶ ନିମନ୍ତେ କଠୋର ତପଶ୍ଚରଣ କରି ଯଜ୍ଞ କଲେ । ସେହି ଯଜ୍ଞରୁ ସେ କନ୍ୟା ଦ୍ରୌପଦୀ ଓ ପୁତ୍ର ଧୃଷ୍ଟଦ୍ୟୁମ୍ନଙ୍କୁ ଲାଭ କରିଛନ୍ତି । ଏହି ଧୃଷ୍ଟଦ୍ୟୁମ୍ନଙ୍କ ହାତରେ ମୋର ମୃତ୍ୟୁ ଅଛି । ବିଧିର ଅଭିପ୍ରେତ ଯାହା ତାହା କେହି ଅନ୍ୟଥା କରି ପାରିବ ନାହିଁ । ଧୃଷ୍ଟଦ୍ୟୁମ୍ନ ଏବେ ପାଣ୍ଡବ ମାନଙ୍କର ଶାଳକ ଓ ବନ୍ଧୁ । ଆଜିଠାରୁ ଚତୁର୍ଦ୍ଦଶ ବର୍ଷରେ ଘୋର ବିନାଶର ସମୟ ଉପସ୍ଥିତ ହେବ । ଅତଏବ ଦୁର୍ଯ୍ୟୋଧନ, ପୁଣ୍ୟ କର୍ମମାନଙ୍କର ସମ୍ପାଦନ କର ।"

Digitized by srujanika@gmail.com

ଦ୍ରୋଣ ଦୁର୍ଯୋଧନଙ୍କ ପକ୍ଷରେ ରହି ସାହାଯ୍ୟ କରିବେ ବୋଲି କହିଲେ ମଧ୍ୟ ପାଣ୍ଡବ ମାନଙ୍କ ପ୍ରତି ହୋଇଥିବା ଅନ୍ୟାୟର ପରିଣାମ କ'ଣ ହେବ, ତାହା ଜାଣିଥିଲେ ଓ ସେଥିପ୍ରତି ଦୁର୍ଯୋଧନ ଓ ତାଙ୍କର ଆତ୍ମୀୟ ମାନଙ୍କୁ ସାବଧାନ କରିଦେବା ପାଇଁ ଭୁଲି ନଥିଲେ ।

ପାଣ୍ଡବ ମାନଙ୍କ ବନ ଗମନ ପରେ ଧୃତରାଷ୍ଟ୍ର ଅତି ଚିନ୍ତିତ ହୋଇ ପଡ଼ିଲେ । ତାଙ୍କ ମନରେ ମହା ଭୟ ଜାତ ହେଲା ।

ମନ୍ତ୍ରୀ ସଞ୍ଜୟ ତାଙ୍କୁ ପଚାରିଲେ, "ହେ, ରାଜା ପାଣ୍ଡବ ମାନଙ୍କଠାରୁ ଏତେ ବଡ଼ ରାଜ୍ୟ ଓ ଐଶ୍ୱର୍ଯ୍ୟ ଲାଭ କରି ଆପଣ ଆନନ୍ଦିତ ହେବା ପରିବର୍ତ୍ତେ କାହିଁକି ଏପରି ଚିନ୍ତାକୁଳ ଦେଖା ଯାଉଛନ୍ତି ?"

ଅନ୍ଧରାଜା ଉତ୍ତର ଦେଲେ, "ଶକ୍ତିଶାଳୀ, ଯୁଦ୍ଧରେ ଦୁର୍ଜ୍ଜୟ ପାଣ୍ଡବ ମାନଙ୍କୁ ଏପରି ଅବସ୍ଥାରେ ପକାଇ ଓ ସେମାନଙ୍କର ଶତ୍ରୁତା ସୃଷ୍ଟି କରି ମୁଁ କିପରି ଶାନ୍ତିରେ ରହି ପାରିବି ?"

ସଞ୍ଜୟ କହିଲେ, "ଆପଣ ଯାହା କହିଲେ ସତ । ସ୍ୱଜନରେ ବିବାଦ ଓ ଶତ୍ରୁତା ସୃଷ୍ଟି କରିବାପରେ କାହା ମନରେ ଶାନ୍ତି ରହି ପାରିବ ? ତାପରେ ପୁଣି ପାଣ୍ଡବ ମାନଙ୍କ ପ୍ରତି ଶତ୍ରୁତା । ଯେପରି ସଭରେ ଆପଣଙ୍କ ପୁତ୍ର ଦୁର୍ଯୋଧନ ଦ୍ରୌପଦୀଙ୍କୁ କୌରବ ରାଜ ସଭାକୁ ବଳ ପୂର୍ବକ ଆଣାଇ ଅପମାନିତ କଲେ, ତାହା ଅତ୍ୟନ୍ତ ଧର୍ମ ବିରୁଦ୍ଧ କାର୍ଯ୍ୟ । ତାର ପରିଣାମ ଆପଣ ଓ ଆପଣଙ୍କ ପୁତ୍ର ମାନେ ନିଶ୍ଚୟ ଭୋଗ କରିବେ; ବିନାଶ କାଳରେ ବିପରୀତ ବୁଦ୍ଧି ଦେଖା ଯାଏ । କୁରୁବଂଶର ଆଉ ଶାନ୍ତି ନାହିଁ ।

ଧୃତରାଷ୍ଟ୍ର ପୂର୍ବର ଘଟଣାବଳୀକୁ ସ୍ମରଣ କରି କହିଲେ, "ହେ ସଞ୍ଜୟ । ଦ୍ରୌପଦୀଙ୍କୁ ଯେପରି ଅପମାନ ଦିଆଗଲା, ତାହା ଅତ୍ୟନ୍ତ ଦୁଃଖଦାୟକ । ଏଥିରେ ପୁରନାରୀମାନେ ଶୋକାର୍ତ୍ତ, ପ୍ରଜାଗଣ କ୍ଷୁବ୍ଧ ଓ କ୍ରୁଦ୍ଧ ଏବଂ ଧର୍ମ ନଷ୍ଟହେଲା । ମୁଁ ବିଦୁର ଓ ଗାନ୍ଧାରୀଙ୍କ ପରାମର୍ଶ ଶୁଣି ପାଣ୍ଡବ ମାନଙ୍କୁ ତାଙ୍କର ରାଜ୍ୟ ଓ ଧନ ଫେରାଇ ଦେଇଥିଲି । ମାତ୍ର ମୋର ମନ୍ଦବୁଦ୍ଧି ପୁତ୍ରମାନଙ୍କ କଥା ଶୁଣି ପୁଣି ସେମାନଙ୍କୁ ପଶା ଖେଳକୁ ନିମନ୍ତ୍ରଣ କରି ନିଜ ବଂଶର ଧ୍ୱଂସକୁ ଡାକି ଆଣିଲି ।"

ଏହିପରି ଅହରହ ଚିନ୍ତାକୁଳ ରହି ଦିନେ ଧୃତରାଷ୍ଟ୍ର ବିଦୁରଙ୍କୁ ଡାକି ପରାମର୍ଶ କଲେ । କଣ କଲେ କୁରୁକୁଳର ମଙ୍ଗଳ ହେବ, ପ୍ରଜାମାନେ ଆଶ୍ୱସ୍ତ ହେବେ, ସେମାନଙ୍କର କ୍ରୋଧ ଦୂର ହେବ, ତାର ପରାମର୍ଶ ଦେବାପାଇଁ ସେ ତାଙ୍କୁ ଅନୁରୋଧ କଲେ ।

## ପାଣ୍ଡବଙ୍କ ରାଜ୍ୟ ଫେରାଇ ଦିଅ

ବିଦୁର କହିଲେ, "ଧର୍ମକୁ ଆଚରଣ କରି ତୁମେ ପାଣ୍ଡୁଙ୍କର ପୁତ୍ର ଓ ତୁମର ପୁତ୍ରଙ୍କୁ ସମଦୃଷ୍ଟିରେ ଦେଖ । ତୁମର ପୁତ୍ର ମାନେ ଅନ୍ୟାୟ ଦ୍ୟୂତ କ୍ରୀଡ଼ାରେ ପାଣ୍ଡୁ ପୁତ୍ରମାନଙ୍କର ରାଜ୍ୟ ଓ ଧନ ଅପହରଣ କରିଛନ୍ତି । ତୁମେ ପାଣ୍ଡବ ମାନଙ୍କୁ ତାହା ପ୍ରତ୍ୟର୍ପଣ କର । ଏଥିରେ ଦୁର୍ଯୋଧନ, କର୍ଣ୍ଣ ଓ ଶକୁନି ଯଦି ଅସନ୍ତୁଷ୍ଟ ହୁଅନ୍ତି, ସେଥିରେ ବିଚଳିତ ହୁଅ ନାହିଁ । ତୁମେ ରାଜା । ତୁମର ଧର୍ମଯୁକ୍ତ ବାକ୍ୟ ଓ ଆଦେଶକୁ ସମସ୍ତେ ପାଳନ କରିବେ । ଯଦି

Digitized by srujanika@gmail.com

କେହି ନ କରନ୍ତୁ, ତା'ହେଲେ ଶୀଘ୍ର ସେମାନଙ୍କୁ ପରିତ୍ୟାଗ କର । ଏପରିକି ତୁମର ମନ୍ଦବୁଦ୍ଧି ପୁତ୍ର ଦୁର୍ଯ୍ୟୋଧନକୁ ପରି ତ୍ୟାଗ କଲେ ତୁମକୁ ପ୍ରକୃତ ଶାନ୍ତି ମିଳି ପାରିବ । ପାଣ୍ଡବ ମାନଙ୍କର ଶତ୍ରୁତା ଅର୍ଜନ କରି ତୁମର ପୁତ୍ର ଓ ଏହି ଶକୁନି ଓ କର୍ଣ୍ଣ ତିଷ୍ଠି ପାରିବେ ନାହିଁ । ତୁମେ ଆଦେଶ ଦିଅ, ଏମାନେ ପାଣ୍ଡୁପୁତ୍ର ମାନଙ୍କର ଶ୍ରଦ୍ଧା ଭାଜନ ହେବାପାଇଁ ଉଦ୍ୟମ କରନ୍ତୁ । ଦୁଃଶାସନ ତାଙ୍କର କାର୍ଯ୍ୟପାଇଁ ସଭା ମଧ୍ୟରେ ଭୀମ ଓ ଦ୍ରୌପଦୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ।"

ବିଦୁରଙ୍କର ଏହି ପରାମର୍ଶ ଧୃତରାଷ୍ଟ୍ରଙ୍କ ପକ୍ଷରେ ଅତି ଅପ୍ରୀତିକର ହେଲା । ସେ କ୍ରୋଧରେ କହିଲେ, "ବିଦୁର ତୁମେ ଯାହା କହିଲ, ତଦ୍ଦ୍ୱାରା କେବଳ ପାଣ୍ଡବ ମାନଙ୍କ ମଙ୍ଗଳ ହେବ । କିନ୍ତୁ କୌରବ ମାନଙ୍କର ମଙ୍ଗଳ କେବେ ହେଲେ ତୁମର ଇଚ୍ଛା ନୁହେଁ । ପାଣ୍ଡବ ମାନେ ମୋର ଭ୍ରାତୃଷ୍ପୁତ୍ର । କିନ୍ତୁ ଦୁର୍ଯ୍ୟୋଧନ ମୋର ନିଜର ପୁତ୍ର । ପାଣ୍ଡବ ମାନଙ୍କର ମଙ୍ଗଳ କରିବା ପାଇଁ ମୁଁ କିପରି ମୋର ନିଜର ପୁତ୍ରକୁ ପରିତ୍ୟାଗ କରିବି ? ଏହା ପରାମର୍ଶ ଦେବା ଯାହା, ଅନ୍ୟପାଇଁ ନିଜର ଦେହତ୍ୟାଗ କରିବା ପାଇଁ କହିବା ତାହା । ବାରଂବାର ତୁମେ ଦୁର୍ଯ୍ୟୋଧନକୁ ପରିତ୍ୟାଗ କରିବା କଥା କହୁଚ । ଏଥିରୁ ମୁଁ ଜାଣୁଚି ଯେ ତୁମେ ମୋ' ପୁତ୍ରମାନଙ୍କର ଅହିତକାରୀ । ମୁଁ ତୁମକୁ ମାନ୍ୟ କରେ ବୋଲି ତୁମେ ତା'ର ଯଥେଷ୍ଟ ସୁଯୋଗ ନେଲଣି । ଏଣିକି ତୁମର ପରାମର୍ଶ ମୋର ଲୋଡ଼ା ନାହିଁ । ତୁମର ଇଚ୍ଛା ହେଲେ ତୁମେ ଏଠାରେ ରହିପାର, ନଚେତ୍ ଅନ୍ୟ କେଉଁଆଡ଼େ ଯାଇପାର ।"

ବିଦୁର ଜାଣି ପାରିଲେ ଯେ କୌରବ ମାନଙ୍କର ବିନାଶ ସମୟ ଉପସ୍ଥିତ । ତେଣୁ ଯାହା ନ୍ୟାୟ୍ୟ ଓ ଉଚିତ କଥା, ତାହା ତାଙ୍କୁ ବିପରୀତ ବୋଧ ହେଉଚି । ସେ ଆଉ କାଳ ବିଲମ୍ବ ନକରି ହସ୍ତିନା ପରିତ୍ୟାଗ କଲେ ଓ ଯେଉଁଠାରେ ପାଣ୍ଡବମାନେ ଆଶ୍ରମ କରି ରହିଥିଲେ, ସେହି ସ୍ଥାନକୁ ପ୍ରସ୍ଥାନ କଲେ ।

ବିଦୁର ଚାଲିଯିବା ପରେ ଧୃତରାଷ୍ଟ୍ରଙ୍କର ଚିନ୍ତା ବଢ଼ିବାକୁ ଲାଗିଲା । ଏହି ଅନ୍ଧରାଜା ଏକ ପକ୍ଷରେ ଧର୍ମାତ୍ମା ବିଦୁର ଓ ଅନ୍ୟ ପକ୍ଷରେ ତାଙ୍କର ମନ୍ଦବୁଦ୍ଧି ପୁତ୍ରଙ୍କ ପରାମର୍ଶ ମଧ୍ୟରେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରନ୍ତି ନାହିଁ । ଶେଷକୁ ପୁତ୍ରମାନେ ଯାହା କହନ୍ତି ବା କରନ୍ତି, ସେଥିରେ ହିଁ ଭରନ୍ତି । ପରେ ବିଦୁରଙ୍କ ପାଖକୁ ଡାକି ସେ ସାନ୍ତ୍ୱନା ଲାଭ କରନ୍ତି । ଏବେ ବିଦୁର ନଥିବାରୁ ସେ ତାଙ୍କର ଅଭାବ ପଦେ ପଦେ ଅନୁଭବ କଲେ ଓ ବିଦୁରଙ୍କୁ ଫେରାଇ ଆଣିବା ପାଇଁ ସଞ୍ଜୟଙ୍କୁ ପଠାଇଲେ, ।

ସଞ୍ଜୟ ଯାଇ ବିଦୁରଙ୍କୁ କହିଲେ, "ରାଜା ଧୃତରାଷ୍ଟ୍ର ଅତ୍ୟନ୍ତ ଅନୁତପ୍ତ । ଆପଣ ଯଦି ଫେରି ନଆସନ୍ତି, ତା'ହେଲେ ରାଜା ନିଶ୍ଚୟ ପ୍ରାଣତ୍ୟାଗ କରିବେ ।"

କୋମଳ-ହୃଦୟ ବିଦୁର ନିଜର ଭାଇଙ୍କ ପ୍ରତି ଅତି ଅନୁରକ୍ତ ଥିଲେ । ସେ ଯୁଧିଷ୍ଠିରଙ୍କ ଅନୁମତି ନେଇ ପୁଣି ହସ୍ତିନାକୁ ଫେରି ଆସିଲେ ।

Digitized by srujanika@gmail.com

# ପୌରୁଷ




Digitized by srujanika@gmail.com

ସୋଭିଏଟ ରୁଷ, ଚେକୋସ୍ଲୋଭାକିଆ, ଜର୍ମାନୀ,
ଆଇଲଣ୍ଡ ଯେଉଁଠି ଖୋଜ

# ସ୍ପାର୍କ (ବ୍ୟାଟେରୀ)

ମଟର ମାଲିକ ଓ ଡ୍ରାଇଭର
ସମସ୍ତେ ଜାଣନ୍ତି !

ସ୍ପାର୍କ
ଶକ୍ତିଶାଳୀ ଓ ନିର୍ଭରଯୋଗ୍ୟ




## ବ୍ୟାଟେରୀ

କେବଳ ଆମ ଦେଶରେ ନୁହେଁ
ବିଦେଶରେ ମଧ୍ୟ ଏହାର ଚାହିଦା
ଦିନକୁ ଦିନ ବଢ଼ି ଚାଲିଛି ।

ସ୍ପାର୍କ ବ୍ୟାଟେରୀ କିଣି
ନିଶ୍ଚିନ୍ତ ରହନ୍ତୁ

ଅନ୍ୟ ସବୁ ବ୍ୟାଟେରୀ ଅଚଳ ହେଲେବି
ସ୍ପାର୍କ ବିଜୁଳି ପରି କାମ କରେ ।

ପ୍ରସ୍ତୁତକାରୀ —
ସ୍ପାର୍କ ବ୍ୟାଟେରୀ ମାନୁଫାକଚରିଂ ୱାର୍କସ୍ ଲି:
ଇଣ୍ଡଷ୍ଟ୍ରିୟାଲ ଇଷ୍ଟେଟ, କଟକ-୩ ଫୋନ-୧୫୫୪

ଚଳଚ୍ଚିତ୍ର ପରିବେଷଣରେ

## ନୂଆ ଆଲୋଡ଼ନ ସୃଷ୍ଟି କରିଛି

ଓଡ଼ିଶାରେ ସ୍ୱନାମଧନ୍ୟ

# ରୂପରାଗ ପ୍ରାଇଭେଟ୍ ଲିମିଟେଡ

ଅଫିସ:

ପୁରୀଘାଟ, କଟକ

Digitized by srujanika@gmail.com

# A. C. C. CEMENT

**Known for Quality and Strength**
**Freely available on fixed price.**

**For Your Immediate Requirements Contact Our Stockists/Dealers and Insiston Cash Memos.**

Contact us at the following address for any difficulties in obtaining your cement requirements in small or in large quantities,
FOR STATIONS IN BIHAR AND ORISSA :

**THE CEMENT MARKETING CO. OF INDIA LTD.,**
EXHIBITION ROAD, POST BOX NO. 88
PATNA. 1 (BIHAR)




Digitized by srujanika@gmail.com

# ବାରବାଟୀ ଲଟେରୀ

ଗୋଟିଏ ଭଲରୁ ସହସ୍ର ଭଲ !!

ସତ୍ ତଥା ମହତ୍ ଉଦ୍ଦେଶ୍ୟ ରଖି ସଂସାରରେ ଯେତେ କାର୍ଯ୍ୟ ହୋଇଛି ସେଥିରୁ ଆହୁରି ଅସଂଖ୍ୟ ଭଲ ଫଳ ମିଳିଛି ।

## ବାରବାଟୀ ରାଫଲ କ୍ଷେତ୍ରରେ ମଧ୍ୟ ତାହାହିଁ ପ୍ରମାଣିତ ହୋଇଗଲା ।

ନବ ଉତ୍କଳର ଗୋଟିଏ ଅକ୍ଷୟ କୀର୍ତ୍ତି ପାଇଁ ଦେଶର ଘରଆଡୁ କେବଳ ଗୋଟିଏ ଲେଖା ଟଙ୍କା ସଂଗ୍ରହ କରିବାର କଳ୍ପନା ଦିନେ ହେଲା ।

ଆଜି ଦେଖା ଯାଉଛି .......

ବାରବାଟୀ ଷ୍ଟେଡ଼ିୟମ ତିଆରି କାର୍ଯ୍ୟ ତ ଚାଲିଛି, ତା ସଙ୍ଗେ ସଙ୍ଗେ

ସେହି ପାଣ୍ଠିରୁ —

| | |
|---|---|
| ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ | — ୧,୮୬,୭୮୫.୦୦ |
| ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ | — ଟ ୫୦,୦୦୦-୦୦ |
| ନେହେରୁ ସ୍ମୃତିରକ୍ଷା ପାଣ୍ଠିକୁ | — ଟ ୬୬,୫୦୦-୦୦ |
| ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳପାଇଁ | — ଟ ୪୦,୦୦୦-୦୦ |
| ବିହାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | — ଟ ୬୦,୦୦୦-୦୦ |

ଓ ଅନ୍ୟାନ୍ୟ ଅନେକ ପାଣ୍ଠିକୁ ମଧ୍ୟ ପ୍ରାୟ ଏକଲକ୍ଷ (ଟ୧,୦୦,୦୦୦) ଟଙ୍କା ଯାଇଛି—

ଆପଣ ଆମକୁ ଟଙ୍କାଏ ଟଙ୍କାଏ ସାହାଯ୍ୟ ଦେଇ ଅନ୍ୟମାନଙ୍କୁ ସାହାଯ୍ୟ ଦେବାପାଇଁ ପଥ ପରିଷ୍କାର କରି ଦିଅନ୍ତୁ ବୋଲି ବିନୀତ ଅନୁରୋଧ !

ପ୍ରଥମ ପୁରସ୍କାର ଟ ୧,୦୦୦,୦୦ (ଏକ ଲକ୍ଷ ଟଙ୍କା)

ଏହାପର ଉଠାଣ ତା ୬୧-୪-୭୮

ବିଶେଷ ବିବରଣୀ ପାଇଁ ଲେଖନ୍ତୁ— ଅବୈତନିକ ସମ୍ପାଦକ

ବାରବାଟୀ ରାଫଲ କମିଟୀ

କଟକ-୫

# ପୌରୁଷ

୧(୨) ମାର୍ଚ୍ଚ ୧୯୬୮

**दैवायत्तं कुले जन्म मदायत्तं च पौरुषम्**

ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର ମୋର ଅଧୀନ ।

କର୍ଣ୍ଣ--ବେଣୀସଂହାରମ୍

## ସୂଚୀପତ୍ର


| | ପୃଷ୍ଠା | | ପୃଷ୍ଠା |
|---|---|---|---|
| ଶ୍ରୀକୃଷ୍ଣ ବନ୍ଦନା | ୭ | କୋଣାର୍କ ସଂପର୍କରେ | |
| ସଂପାଦକୀୟ * | ୮ | କେତୋଟି ଚିଠି | ୨୭ |
| ନେତୃତ୍ୱର ଅଭାବ | | ଅଧ୍ୟାପକ ପ୍ରଭାତ ମୁଖାର୍ଜୀ | |
| ନିଶା ନିବାରଣ | ୧୩ | ଇଂରେଜଙ୍କ ବିଷୟରେ | |
| ମହାତ୍ମା ଗାନ୍ଧୀ | | ପଚଦ | ୩୩ |
| ଗାନ୍ଧୀଙ୍କ ବ୍ରତ | | ମହାବୀର ତ୍ୟାଗୀ | |
| ବିଶ୍ୱାସ ଘାତକତା | ୧୫ | କୃଷ୍ଣାବତାର | ୩୯ |
| ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ | | କେ. ଏମ୍. ମୁନ୍‌ସୀ | |
| ସ୍ୱାଧୀନତା ପରେ | ୧୯ | ଆମର ସଂସ୍କୃତି | ୪୯ |
| ଆଚାର୍ଯ୍ୟ କୃପାଳାନୀ | | ଅଧ୍ୟାପକ ବିବେକାନନ୍ଦ ମୁଖୋପାଧ୍ୟାୟ | |
| ଅର୍ଥନୈତିକ ପରାଧୀନତା | ୨୩ | ଅମୃତ ପ୍ରମାଦ୍ | ୫୯ |
| ଅଧ୍ୟାପକ ଡକ୍ଟର ବୈଦ୍ୟନାଥ ମିଶ୍ର | | କୃଷ୍ଣଚନ୍ଦ୍ର ମିଶ୍ର | |


Digitized by srujanika@gmail.com

ମୋ' କାହାଣୀ ୬୩
କୁଳମଣି ସେନାପତି

ନବଡ଼ ବନ୍ଧୁତା ୬୯
(ପିଲାଙ୍କ ପାଇଁ ଗଳ୍ପ)

କାପୁରୁଷଟାଣ (କବିତା) ୭୩
ଉଇଲିୟମ ସେକ୍ସପିଅର

ବକାଳୀ (ଗଳ୍ପ) ୭୪
ସୟଦ ଅହମଦ୍

ମହାଭାରତ କାହାଣୀ ୭୩
ଜୟନ୍ତୀ ପଟ୍ଟନାୟକ

ଅନ୍ୟଗ୍ରହରେ ଜୀବନ (ବିଜ୍ଞାନ) ୯୧


ପ୍ରଚ୍ଛଦପଟ-ବସନ୍ତରାସ (ଚିତ୍ର) ଶିବ ପାଣିଗ୍ରାହୀ



ସଂପାଦକ * ଜାନକୀବଲ୍ଲଭ ପଟ୍ଟନାୟକ

| ପୌରୁଷର ଗ୍ରାହକ ମୂଲ୍ୟ | | ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା |
|---|---|---|
| ବାର୍ଷିକ— | ୧୦ ଟଙ୍କା | ମୁଦ୍ରିତ ଓ ପ୍ରକାଶିତ |
| ଷାଣ୍ମାସିକ— | ୫ ଟଙ୍କା ୫୦ପ. | ପୌରୁଷ ପ୍ରେସ ଓ କାର୍ଯ୍ୟାଳୟ, |
| ମାସିକ— | ୧ ଟଙ୍କା | ଗୃହ୍ନମାଚୌକ, କଟକ-୨ |






Konark
ELECTRICAL ACCESSORIES
Manufactured by
ORISSA ELECTRICAL MANUFACTURERS LTD.
INDUSTRIAL ESTATE, CUTTACK-3


Digitized by srujanika@gmail.com



# ଶ୍ରୀକୃଷ୍ଣ-ବନ୍ଦନା

ଜୟତୁ ଜୟତୁ ଦେବୋ
ଦେବକୀ ନନ୍ଦନୋୟଂ
ଜୟତୁ ଜୟତୁ କୃଷ୍ଣୋ
ବୃଷ୍ଣି ବଂଶପ୍ରଦୀପଃ ।
ଜୟତୁ ଜୟତୁ ମେଘ-
ଶ୍ୟାମଳଃ କୋମଳାଙ୍ଗୋ
ଜୟତୁ ଜୟତୁ ପୃଥ୍ୱୀ
ଭାରହାରୋ ମୁକୁନ୍ଦଃ ।।

ଏହି ଦେବକୀଙ୍କର ପୁତ୍ର ଦେବଙ୍କର ଜୟ ହେଉ, ଜୟ ହେଉ । ଏହି ବୃଷ୍ଣିକୁଳର ଦୀପ ସ୍ୱରୂପ କୃଷ୍ଣଙ୍କର ଜୟ ହେଉ, ଜୟ ହେଉ । ମେଘର ବର୍ଣ୍ଣପରି ଶ୍ୟାମଳ କୋମଳାଙ୍ଗଙ୍କର ଜୟ ହେଉ, ଜୟ ହେଉ । ପୃଥିବୀର ଭାର ହରଣ କରିଥିବା ମୁକୁନ୍ଦଙ୍କର ଜୟ ହେଉ, ଜୟ ହେଉ ।

—କବି ଲୀଳାଶୁକ, କୃଷ୍ଣକର୍ଣ୍ଣାମୃତମ୍

Digitized by srujanika@gmail.com

# ସଂପାଦକୀୟ

## * ନେତୃତ୍ୱର ଅଭାବ

କୌଣସି ଦେଶରେ ଯେତେ ପ୍ରାକୃତିକ ବିଭବ ଓ ଗୌରବମୟ ପରମ୍ପରା ଥାଉ ନା କାହିଁକି ଏକ ଦୃଢ଼ ନେତୃତ୍ୱର ଅଭାବ ଘଟିଲେ ସେ ଦେଶ କେବେ ଅଗ୍ରସର ହୋଇ ପାରିବ ନାହିଁ, ପୃଥିବୀରେ ଏହାର ଭୂରି ଭୂରି ଦୃଷ୍ଟାନ୍ତ ଅଛି ।

ଯେଉଁ ଫ୍ରାନ୍ସ ଦିନେ କଳା, ବିଜ୍ଞାନ, ସଙ୍ଗୀତ, ସ୍ଥାପତ୍ୟ, ସାହିତ୍ୟ ବା ଗୋଟିଏ କଥାରେ କହିଲେ ପାଶ୍ଚାତ୍ୟ ସଂସ୍କୃତିର ଶୀର୍ଷ ସ୍ଥଳରେ ଅଧିଷ୍ଠିତ ଥିଲା, ୧୮୭୮ ମସିହାରେ ଜର୍ମାନୀ ସହିତ ଯୁଦ୍ଧରେ ପରାଜିତ ହେବା ପରଠାରୁ ସେଠାରେ ଏପରି ଏକ ରାଜନୈତିକ ଅସ୍ଥିରତା ଦେଖାଦେଲା, ତାହା ଦୀର୍ଘକାଳ ଲାଗି ରହି ଦ୍ୱିତୀୟ ମହାଯୁଦ୍ଧରେ ଏକ ଶୋଚନୀୟ ପରାଜୟର କାରଣ ହେଲା । ଦ୍ୱିତୀୟ ମହାଯୁଦ୍ଧ ପରେ ମଧ୍ୟ ଏହାର ଶେଷ ହେଲନାହିଁ ଓ ଏହି ଦେଶ ଏକ ଆତ୍ମସମ୍ମାନ ହୀନ ତୃତୀୟ ଶ୍ରେଣୀ ଶକ୍ତିରେ ପରିଣତ ହେଲା । କିନ୍ତୁ ୧୯୫୮ ମସିହାରେ ଚାର୍ଲସ ଡି'ଗଲ ପ୍ରାୟ ସବୁ ରାଜନୈତିକ ଦଳର ଅନୁରୋଧରେ କ୍ଷମତାକୁ ଆସିଲେ ଓ ତାଙ୍କର ଜାତୀୟ ପ୍ରତିଷ୍ଠା, ବୀରତ୍ୱପୂର୍ଣ୍ଣ ପରମ୍ପରା, ଦେଶର ହୃତ ଗୌରବକୁ ଫେରାଇ ଆଣିବାର ସଂକଳ୍ପ ଅଳ୍ପକାଳ ମଧ୍ୟରେ ଏକ ଦୁର୍ବଳ, ବିଭେଦଗ୍ରସ୍ତ ଫ୍ରାନ୍ସର ରୂପ ଓ ଚରିତ୍ରକୁ ବଦଳାଇ ଦେଲା । ବର୍ତ୍ତମାନ ଫ୍ରାନ୍ସ କହିଲେ ଏକ ତୃତୀୟ ଶକ୍ତି । ଏହା ଆମେରିକାର ଗୋଡ଼ାଣିଆ ନୁହେଁ । କି ଇଂଲଣ୍ଡର ପାର୍ଶ୍ୱଚର ନୁହେଁ । ଏହା ବାସ୍ତବରେ ଏକ ଶକ୍ତିଶାଳୀ, ସମ୍ମାନିତ, ନିରପେକ୍ଷ ରାଷ୍ଟ୍ର ।

୧୯୧୭ ମସିହା ପୂର୍ବରୁ ରୁଷିଆର ଚିତ୍ର ଥିଲା ଏକ ଦରିଦ୍ର କୃଷିସାକୃତ ଦେଶ, କିନ୍ତୁ ଆନ୍ତର୍ଜାତିକ କ୍ଷେତ୍ରରେ ଏକ ତୃତୀୟ ଶ୍ରେଣୀ ଶକ୍ତି, ଯେ କି ପ୍ରାଚ୍ୟ ଭୂଖଣ୍ଡର କ୍ଷୁଦ୍ର ଦେଶ ଜାପାନ ସହିତ ଯୁଦ୍ଧରେ ପରାଜିତ ହୋଇଥି

Digitized by srujanika@gmail.com

୧୯୪୯ ମସିହା ପୂର୍ବରୁ ଚୀନର ଚିତ୍ର ମଧ୍ୟ ସେହିପରି ଏକ ସଭ୍ୟ, ସୁଶିକ୍ଷିତ, ପ୍ରାଚୀନ ଗୌରବମଣ୍ଡିତ ଦେଶ ଖଣ୍ଡିତ, ବିଭକ୍ତ, ଦୁର୍ବଳ ଓ ଲାଞ୍ଛିତ ହେଲେ ଯାହାହୁଏ ସେହିପରି ଥିଲା । କିନ୍ତୁ ଏକ ଶକ୍ତିଶାଳୀ ରାଜନୈତିକ ନେତୃତ୍ୱ ଯୋଗୁଁ ଏହି ଉଭୟ ଦେଶର ଚିତ୍ର ପରିବର୍ତ୍ତିତ ହୋଇ ଯାଇଛି ।

ଭାରତରେ ଆଜି ଯେଉଁ ଚିତ୍ର ଦେଖିବାକୁ ମିଳୁଛି, ତାହା ନେତୃତ୍ୱର ଅଭାବ ଯୋଗୁଁ ହିଁ ଏହିପରି ହୋଇଛି । କିନ୍ତୁ ଭାରତରେ ଯାହା ଏବେ ଦେଖା ଦେଇଛି, ତାହା ଓଡ଼ିଶାରେ ବହୁଦିନ୍ ଦେଖା ଗଲାଣି । ଦେଶର ଅନ୍ୟ କୌଣସି ଅଞ୍ଚଳରେ ଦୀର୍ଘ କାଳ ଧରି ଏପରି ରାଜନୈତିକ ଅସ୍ଥିରତା ଦେଖା ଦେଇ ନାହିଁ, ଯାହା ଓଡ଼ିଶାରେ ହୋଇଛି । ହୁଏତ କେରଳ କେତେକାଂଶରେ ଓଡ଼ିଶା ସହିତ ତୁଳନୀୟ ହୋଇପାରେ । ଏହି ଅସ୍ଥିରତା ଯୋଗୁଁ ଏ ରାଜ୍ୟର ଅଗ୍ରଗତି ପାଇଁ କୌଣସି ଦୃଢ଼ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ପାରୁନାହିଁ । କିମ୍ବା କରାଗଲେ ମଧ୍ୟ କାର୍ଯ୍ୟକାରୀ ହୋଇ ପାରୁନାହିଁ । ବ୍ୟକ୍ତିଗତ କ୍ଷମତା ଲିପ୍‌ସା, ଅର୍ଥ ଲିପ୍‌ସା ଏପରି ପ୍ରବଳ ହୋଇଛି ଯେ ରାଜ୍ୟର ସର୍ବତୋମୁଖୀ ଉନ୍ନୟନ ପାଇଁ ଯେଉଁ ସାଧୁତା, ନିଷ୍ଠା, ଉଦାର ଦୃଷ୍ଟିକୋଣ ରହିବା ଆବଶ୍ୟକ, ତାହା ରହୁନାହିଁ । ଓଡ଼ିଶା ସେହିପରି ପଡ଼ିଥାଉ ପଛକେ ନିଜର ଉଦ୍ଦେଶ୍ୟ, ଅଭିସନ୍ଧି, ସ୍ୱାର୍ଥ କେମନ୍ତେ ପୂର୍ଣ୍ଣ ସାଧିତ ହୋଇ ପାରିବ ତାହା ବିଭିନ୍ନ ଦଳ, ବ୍ୟକ୍ତି ବିଶେଷଙ୍କୁ ଅଭିଭୂତ କରି ରଖିଛି । ଏପରି କେହି ନାହିଁ, ଯାହାର ବିରାଟ ବ୍ୟକ୍ତିତ୍ୱକୁ ଦେଖି ଅନ୍ୟମାନେ ତାଙ୍କର ରାଜନୈତିକ ବିବାଦକୁ ବହୁ ପରିମାଣରେ ଭୁଲିଯିବେ ଓ ଏକ ସର୍ବସମ୍ମତ କାର୍ଯ୍ୟକ୍ରମ ପଛରେ ଏକତ୍ର ହୋଇ ପାରିବେ ।

ସ୍ୱାଧୀନତା ପୂର୍ବରୁ ଓଡ଼ିଶା ଭାରତର ସବୁ ରାଜ୍ୟର ପଛରେ ପଡ଼ିଥିଲା । ସ୍ୱାଧୀନତା ପରେ ଉତ୍କଟ ରାଜନୈତିକ ବିବାଦ, କ୍ଷମତାସୀନ ଦଳ ମଧ୍ୟରେ ପ୍ରବଳ ବିଭେଦ ଓ ଏହା ଫଳରେ ଘଟିଥିବା କ୍ରମାଗତ ରାଜନୈତିକ ଅସ୍ଥିରତା ଯୋଗୁଁ ଓଡ଼ିଶା ଆହୁରି ପଛକୁ ଚାଲିଗଲା । ଅର୍ଥନୈତିକ ହିସାବ ଆକାରରେ ଏହାକୁ କହିବାକୁ ଗଲେ ୧୯୫୧ ରୁ ୧୯୬୧ ବା ଯୋଜନାର ପ୍ରଥମ ଦଶକ ମଧ୍ୟରେ ଭାରତର ହାରାହାରି ଉନ୍ନୟନର ହାର ବର୍ଷକୁ ଶତକଡ଼ା ୨ ଭାଗ ହୋଇଥିବା ବେଳେ ଓଡ଼ିଶାରେ ଉନ୍ନୟନର ହାର ବର୍ଷକୁ ଶତକଡ଼ା ୧ ଭାଗ ହୋଇଛି । ଅର୍ଥାତ୍ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ସ୍ୱାଧୀନତା ପରେ ଯାହା ବି ଉନ୍ନତ ହୋଇଛି, ଓଡ଼ିଶାରେ ସେତିକି ହୋଇ ନାହିଁ । ତାର ଅଧା ମାତ୍ର ହୋଇଛି ।

ଜାତୀୟ ବ୍ୟାବହାରିକ ଅର୍ଥନୀତି ପରିଷଦ ପକ୍ଷରୁ ଏକ ବ୍ୟାପକ ସମୀକ୍ଷା ହୋଇ ୧୯୬୨ ମସିହାରେ ତତ୍ ସମ୍ପର୍କୀୟ ଯେଉଁ ପୁସ୍ତକ ପ୍ରକାଶିତ ହୋଇଥିଲା, ସେଥିରେ ସୂଚନା ଦିଆ ଯାଇଥିଲା ଯେ ଠିକ୍ ଢଙ୍ଗରେ ଦୃଢ଼ଭାବ ସହିତ ଯୋଜନା କରାଗଲେ ୧୦ ବର୍ଷ ମଧ୍ୟରେ ବା ୧୯୭୧ ମସିହା ସୁଦ୍ଧା ଓଡ଼ିଶା ଭାରତର ଅନ୍ୟାନ୍ୟ ଅଞ୍ଚଳ ସହିତ ସମକକ୍ଷ ହୋଇ ପାରିବ ।

Digitized by srujanika@gmail.com

ପରିଷଦ ଏହିପରି ଏକ ଯୋଜନାର ଚିତ୍ର ଦେଇ କହିଥିଲେ, ଏହା କାର୍ଯ୍ୟକାରୀ ହୋଇ ପାରିଲେ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୪୩ ଲକ୍ଷ ଟନ ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦନ କରାଯାଇ ପାରିବ ଓ ଓଡ଼ିଶା ବାହାରକୁ ୧୮ ଲକ୍ଷ ଟନ ଖାଦ୍ୟ ଶସ୍ୟ ରପ୍ତାନି କରି ପାରିବ । ଅର୍ଥାତ୍ ଏହି ବାଟରେ କୃଷୀମାନେ ୧୮୦ କୋଟି ଟଙ୍କା ଅଧିକ ଉପାର୍ଜନ କରି ପାରିବେ ।

ଜଙ୍ଗଲ ଜାତଦ୍ରବ୍ୟରୁ ଓଡ଼ିଶା ବର୍ଷକୁ ୭ କୋଟି ଟଙ୍କା ସ୍ଥାନରେ ୧୩୮ କୋଟି ଟଙ୍କା ପାଇ ପାରିବ ।

ମତ୍ସ୍ୟ ଚାଷ କ୍ଷେତ୍ରରେ ଓଡ଼ିଶାର ବାର୍ଷିକ ଉତ୍ପାଦନ ହୋଇ ପାରିବ ୧ ଲକ୍ଷ ଟନ । ଅର୍ଥାତ୍ ୧୯୬୧ ଉତ୍ପାଦନର ଚାରି ଗୁଣ । ଏଥିରୁ ୧୦ ହଜାର ଟନ ମାଛ ସାମୁଦ୍ରିକ ମାଛ ବ୍ୟବହାର କରୁଥିବା କଳ, କାରଖାନାରେ ଲାଗି ପାରିବ ।

୧୯୬୧ ମସିହାରେ ଓଡ଼ିଶାର ଖଣିଜ ଦ୍ରବ୍ୟର ଉତ୍ପାଦନ ମୂଲ୍ୟଥିଲା ୯ କୋଟି ଟଙ୍କା । ୧୯୭୧ ମସିହା ସୁଦ୍ଧା ଏହାର ସମ୍ଭାବନା ହେଉଛି ୪୬ କୋଟି ୬୬ ଲକ୍ଷ ଟଙ୍କା, ଅର୍ଥାତ୍ ପ୍ରାୟ ୫ ଗୁଣ । ଏହା ଫଳରେ ୨ ଲକ୍ଷ ୬୦ ହଜାର ଇଞ୍ଜିନିୟର, କାରିଗର ଓ ଶ୍ରମିକ କାମ ପାଇ ପାରିବେ ।

୧୯୬୧ ମସିହାରେ ଓଡ଼ିଶାରେ ବଡ଼ ଧରଣର କଳ, କାରଖାନାମାନଙ୍କରୁ ନିଟ୍ ଆୟ ହେଉଥିଲା ୬୮ କୋଟି ଏକ ଲକ୍ଷ ଟଙ୍କା । ୧୯୭୧ ମସିହାରେ ଏ କ୍ଷେତ୍ରରେ ସମ୍ଭାବନା ହେଉଛି ୧୬୯ କୋଟି ୩୦ ଲକ୍ଷ ଟଙ୍କା । ଏହା ଫଳରେ ଆଉ ୪୦ ହଜାର ଇଞ୍ଜିନିୟର, କାରିଗର ଓ ଶ୍ରମିକ କାମ ପାଇ ପାରିବେ ।

କୁଟୀର ଶିଳ୍ପ କ୍ଷେତ୍ରରେ ୧୯୭୧ ସୁଦ୍ଧା ଅଧିକ ୯୦ ହଜାର ଲୋକ ନିଯୁକ୍ତ ହୋଇ ପାରିବେ ଓ ଉତ୍ପାଦନ ଅଧିକ ୧୦ କୋଟି ଟଙ୍କା ବଢ଼ିଯିବ । କ୍ଷୁଦ୍ର ଶିଳ୍ପରେ ୩, ୫୦୦ କାରିଗର ଓ ଶ୍ରମିକ ନିଯୁକ୍ତ ପାଇ ପାରିବେ ।

ବିଦ୍ୟୁତ୍ ଶକ୍ତିର ବୃଦ୍ଧି ୧୦୦୦ ମେଗାଓ୍ୱାଟ୍ ହୋଇଥିବ ଓ ଏହା ଏହି ରାଜ୍ୟରୁ ଉତ୍ପନ୍ନ ହୋଇ ପାରିବ ।

ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦଶ ବର୍ଷ ମଧ୍ୟରେ ଓଡ଼ିଶାରେ ବର୍ଷକୁ ୧୦୪୦ ଇଞ୍ଜିନିୟର ଓ ଓଭରସିୟର ଏବଂ ୧୧ ହଜାର କାରିଗର ଆବଶ୍ୟକ ହେବେ ଓ ଇଞ୍ଜିନିୟରିଂ ଶିକ୍ଷାର ବିସ୍ତାର ଦ୍ୱାରା ଏହା କରାଯାଇ ପାରିବ ।

ପରିଷଦ ମଧ୍ୟ କିପରି ଭାବରେ ଓଡ଼ିଶାର ଆୟ ବଢ଼ି ପାରିବ, ଋଣ ଓ କେନ୍ଦ୍ର ସାହାଯ୍ୟ କ ପରିମାଣରେ ସଂଗ୍ରହ କରାଯାଇ ପାରିବ ତାର ଏକ ଚିତ୍ର ଦେଇ ଥିଲେ । ଏଥିରେ ଅଣଟିକସ ରାଜସ୍ୱ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଥିଲା । ମାତ୍ର ଭୂରାଜସ୍ୱ ପରି କେତେକ ପ୍ରଚଳିତ ରାଜସ୍ୱ ବୃଦ୍ଧିର ମଧ୍ୟ ଏକ ବଳିଷ୍ଠ, ଯୁକ୍ତିଯୁକ୍ତ ସୂଚନା ଥିଲା ।

Digitized by srujanika@gmail.com

ଏହି ଯୋଜନାରେ ଏହିସବୁ ସମ୍ଭାବନା ସମ୍ପର୍କରେ ଉଲ୍ଲେଖ କରି କୁହାଯାଇଥିଲା ଯେ ଏତେ ସଂଖ୍ୟାରେ ତାଲିମପ୍ରାପ୍ତ ଲୋକ ଆବଶ୍ୟକ ହେବେ, ଶ୍ରମିକ ଦରକାର ପଡ଼ିବେ, କୃଷି କ୍ଷେତ୍ରରେ ମୂଲିଆମାନଙ୍କର ଅଭାବ ପଡ଼ିଯିବ । ସେପରି ଅବସ୍ଥାରେ ବାହାରୁ ମୂଲିଆମାନଙ୍କୁ ଏଠାକୁ ଆସିବାପାଇଁ ଉତ୍ସାହିତ କରାଯିବା ଉଚିତ ହେବ ।

ଏହି ଯୋଜନା ହୋଇ ପାରିଲେ ଦଶବର୍ଷ ମଧ୍ୟରେ ଓଡ଼ିଶାର ଆୟ ବର୍ଷକୁ ଶତକଡ଼ା ୧୪ଭାଗ କରି ବଢ଼ିବ । ମୁଣ୍ଡପିଛା ଆୟ ଦୁଇଗୁଣ ହୋଇ ୪୨୦ଟଙ୍କା ହେବ । ଓଡ଼ିଶାର ଅନୁନ୍ନତ କୃଷି ପ୍ରଧାନ ଅର୍ଥନୀତି ବଦଳି ଯାଇ ଏହା ଏକ ପ୍ରଗତିଶୀଳ ଶିଳ୍ପ ପ୍ରଧାନ ରାଜ୍ୟରେ ପରିଣତ ହେବ । ଅଥଚ କୃଷି କ୍ଷେତ୍ରରେ ଏହା ଭାରତର ଏକ ଅଗ୍ରଗାମୀ ରାଜ୍ୟ ହୋଇ ରହିବ ।

ବର୍ତ୍ତମାନ ଏହି ଯୋଜନାର ଐତିହାସିକ ମୂଲ୍ୟ ଛଡ଼ା ଅନ୍ୟ କିଛି ନାହିଁ । କାରଣ ଦଶବର୍ଷ ମଧ୍ୟରୁ ୭ବର୍ଷ ଅତୀତ ହୋଇ ଗଲାଣି । ଏହି ସାତବର୍ଷ ଓଡ଼ିଶାର ରାଜନୀତି କ୍ଷେତ୍ରରେ କେବଳ ସେହି ଅସ୍ଥିରତାର ହିଁ ସୂଚନା ଦେଇଛି । ବଳିଷ୍ଠ ସଂଖ୍ୟାଧିକ୍ୟ ଥାଇ ମଧ୍ୟ ପ୍ରଥମେ ଥିବା କ୍ଷମତାସୀନ ଦଳ ଅନ୍ତର୍ଦ୍ୱନ୍ଦ୍ୱ ଓ ବାହାରର ଉତ୍କଟ ବିବାଦ ମଧ୍ୟରେ ନିଜର ଲକ୍ଷ୍ୟ ପଥରୁ ବିଭ୍ରାନ୍ତ ହୋଇ କ୍ଷମତାଚ୍ୟୁତ ହୋଇଛି ଓ ଏବେ ଦୁଇଟି ଦଳର ସହଯୋଗରେ ପ୍ରତିଷ୍ଠିତ ମିଳିତ ଶାସନ ବର୍ଷେ ଅତୀତ ହୋଇ ଯାଇଥିରେ ମଧ୍ୟ ନିଜର ଆଭିମୁଖ୍ୟ ସ୍ଥିର କରି ପାରିନାହିଁ । ଅବଶ୍ୟ ଏ ଶାସନ ପୂର୍ବ ଶାସନର କେତେକ ଅପବ୍ୟୟର ଉତ୍ତରାଧିକାରୀ ହୋଇଛି । କିନ୍ତୁ ନିଜେ ନିର୍ବାଚନ ସମୟରେ ରାଜସ୍ୱ ଉଠାଇବା ପ୍ରତିଶ୍ରୁତି ଜନପ୍ରିୟତା ହାସଲ କରିବା ନାମରେ କେତେକ ଅନାବଶ୍ୟକ ଧ୍ୱନି ଦେଇ ଦେଶର ସାଧାରଣ ଆର୍ଥିକ ସଙ୍କଟ ମଧ୍ୟରେ ଓଡ଼ିଶା ପାଇଁ ସ୍ୱୋପାର୍ଜିତ କେତେକ ନୂତନ ସଙ୍କଟ ସୃଷ୍ଟି କରିଛି ଓ ତାର ସମ୍ମୁଖୀନ ହେବାକୁ ଯାଇ ନକାରାତ୍ମକ ଭୂମିକା ଗ୍ରହଣ କରିଛି ।

ବର୍ତ୍ତମାନ ଦେଶରେ ଯେଉଁ ଦୁଃସ୍ଥିତି, ଓଡ଼ିଶା ଭାରତର ଦୁର୍ବଳତମ ଅଙ୍ଗ ହୋଇଥିବା ଯୋଗୁଁ ଏଠାରେ ତାହା ସବୁଠାରୁ ଉତ୍କଟ ହୋଇଛି । ଯେଉଁ ରାଜ୍ୟ ଅପେକ୍ଷାକୃତ ଧନୀ ସେଠାରେ କିଛିକାଳ ଆର୍ଥିକ ଅସୁବିଧା ଦେଖାଗଲେ ତାହା ସମ୍ଭାଳି ନେଇ ହେବ । କିନ୍ତୁ ଯେଉଁ ରାଜ୍ୟ ଅତ୍ୟନ୍ତ ଦରିଦ୍ର ତାହା ପକ୍ଷରେ ଏକ ତୀବ୍ର ଆର୍ଥିକ ସଙ୍କଟ ସମ୍ଭାଳିବା ଅତିଶୟ କଷ୍ଟକର ।

ଏହିପରି ଅବସ୍ଥାରେ ପରିସ୍ଥିତିର ଆହ୍ୱାନ ଗ୍ରହଣ କରିବା ପାଇଁ ସାଧାରଣତଃ ଦୁଇଟି ମନୋବୃତ୍ତି ଦେଖାଯାଏ । ଗୋଟିଏ ହେଉଛି ଏକ ଚିରାଚରିତ, ରକ୍ଷଣଶୀଳ ମନୋବୃତ୍ତି । ଅର୍ଥାତ୍ ଟିକିଏ ଆଡ଼ୁ ବ୍ୟୟସଂକୋଚ କରି ଜଗି ଦେଲେ, ସରକାର ନିଜେ କୌଣସି ବଡ଼ ବଡ଼ କାର୍ଯ୍ୟକ୍ରମ ଆରମ୍ଭ ନ କରି ଚୁପ୍ ହୋଇ ରହିଗଲେ ଅବସ୍ଥା ଆପେ ଆପେ ବଦଳିଯିବ । ଅନ୍ୟ

Digitized by srujanika@gmail.com

ମନୋବୃତ୍ତି ହେଉଛି ଏ ସଙ୍କଟର ସମାଧାନ ପାଇଁ ଏକ ସୁଚିନ୍ତିତ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଗ୍ରହଣ କରିବା । ଏକ ଆବଦ୍ଧ ଜଳରାଶିକୁ ପୁଣି ପ୍ରବହମାନ କରିବାକୁ ହେଲେ ଯେପରି ତା' ସହିତ ଏକ ବହମାନ ଜଳସ୍ରୋତର ସମ୍ମିଶ୍ରଣ ଆବଶ୍ୟକ, ସେହିପରି ଯେଉଁ ଅର୍ଥନୀତି ଏକ ସ୍ଥିର, ଶିଥିଳ ଅବସ୍ଥାରେ ଆସି ରହି ଯାଇଛି, ତାକୁ ପୁଣି, ଅଗ୍ରସର କରିବାକୁ ହେଲେ ଅଧିକ ଶକ୍ତିଶାଳୀ ଅର୍ଥନୈତିକ ଯୋଜନା ଓ କାର୍ଯ୍ୟକ୍ରମ ଆବଶ୍ୟକ । ଉଭୟ ଗଣତନ୍ତ୍ର ଓ ଏକଛତ୍ରବାଦରେ ଏହି ମତରେ ହିଁ ସଫଳତା ହାସଲ କରାଯାଇଛି । ଆମେରିକାରେ ଫ୍ରାଙ୍କ୍ଲିନ୍ ରୁଜଭେଲ୍ଟ ଓ ଜର୍ମାନୀରେ ହିଟଲର ୧୯୨୯-୩୦ ମସିହାରେ ଆରମ୍ଭ ହୋଇଥିବା ଆର୍ଥିକ ବିପର୍ଯ୍ୟୟକୁ ଏହିପରି ଢଙ୍ଗରେ ସମ୍ଭାଳିଛନ୍ତି । ସର୍ବସାଧାରଣୀୟ ନେତୃତ୍ୱ ପକ୍ଷରେ ଅବଶ୍ୟ ଏହା ଏକ ଆହ୍ୱାନ । କିନ୍ତୁ ଓଡ଼ିଶା ପାଇଁ ଏହି ଆହ୍ୱାନର ଗୁରୁତ୍ୱ ସବୁଠାରୁ ବେଶୀ ।

ପୂର୍ବରୁ ଯାହା ଦରକାର ହେଉଥିଲା, ଏବେ ଓଡ଼ିଶା ପାଇଁ ତାହା ଅଧିକ ଆବଶ୍ୟକ ହେଉଛି । ଯେତେବେଳେ ବଳିଷ୍ଠ ନେତୃତ୍ୱ ନାହିଁ, ଓଡ଼ିଶାର ଅଗ୍ରଗତି ପାଇଁ ଯେତେଦୂର ସମ୍ଭବ ଏକ ସର୍ବଦଳୀୟ ସର୍ବସମ୍ମତ କାର୍ଯ୍ୟକ୍ରମ ଓ କାର୍ଯ୍ୟ ପ୍ରଣାଳୀ ଆବଶ୍ୟକ ।



ଜବାହରଲାଲ ଓ ମୋ' ମଧ୍ୟରେ ପାର୍ଥକ୍ୟ ହେଉଛି ସେ ବ୍ରିଟିଶମାନଙ୍କୁ ତଡ଼ି ଦେବାକୁ ଚାହେଁ, କିନ୍ତୁ ବ୍ରିଟିଶ ମନୋବୃତ୍ତିକୁ ନୁହେଁ । ବ୍ରିଟିଶମାନେ ରହନ୍ତୁ, ମୁଁ ରାଜି, କିନ୍ତୁ ତାଙ୍କର ମନୋବୃତ୍ତିକୁ ମୁଁ ରହିବାକୁ ଦେବା ଚାହେଁ ନାହିଁ ।

—ମହାତ୍ମା ଗାନ୍ଧୀ

Digitized by srujanika@gmail.com

ବରଂ ଦେଶ କପର୍ଦ୍ଦକ ଶୂନ୍ୟ ହୋଇଯାଉ,
କିନ୍ତୁ ମଦ୍ୟପ ନ ହେଉ . . .



# ନିଶା ନିବାରଣ

ମହାତ୍ମା ଗାନ୍ଧୀ

ସଇତାନର ମସ୍ତିଷ୍କରୁ ମଦ୍ୟର ସୃଷ୍ଟି ହୋଇଥିଲା । ଇସଲାମ ଧର୍ମ ଶାସ୍ତ୍ରରେ କୁହା ଯାଏ ଯେ, ପୁରୁଷ ଓ ସ୍ତ୍ରୀ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ସଇତାନ ସେମାନଙ୍କ ଆଗରେ 'ନାଲିଆ ପାଣି' ଦେଖାଇଥିଲା । ମୁଁ ନିଜେ ବହୁତ ଘଟଣାରେ ଦେଖିଛି ମଦର ପ୍ରଭାବରେ ଲୋକେ ଯେ କେବଳ ସେମାନଙ୍କର ଅର୍ଥ ହରାଇଛନ୍ତି, ତାହା ନୁହେଁ, ସେମାନଙ୍କର ବିଚାର ଶକ୍ତି ହରାଇଛନ୍ତି । ନିଶାସକ୍ତ ଥିବା-ବେଳେ ସେମାନେ ନିଜର ମାତା ଓ ସ୍ତ୍ରୀ ମଧ୍ୟରେ ପାର୍ଥକ୍ୟ ଭୁଲି ଯାଇଛନ୍ତି ; ବୈଧ ଓ ଅବୈଧ କାର୍ଯ୍ୟର ପ୍ରଭେଦ ଭୁଲିଯାଇଛନ୍ତି । ବାରିଷ୍ଟରମାନେ ମଦ ପିଇ ରାସ୍ତାର ନର୍ଦ୍ଦମାରେ ପଡ଼ିଥିବା ଓ ପୋଲିସ ସେମାନଙ୍କୁ ଘରକୁ ଟେକି ନେବାର ମୁଁ ଦେଖିଛି । ଦୁଇଟି ଘଟଣାରେ ଜାହାଜର କାପ୍ଟେନ୍ ଉନ୍ମତ୍ତ ଅବସ୍ଥାରେ ରହି ତାଙ୍କର ଦାୟିତ୍ୱ ତୁଲାଇ ପାରି ନ ଥିବାର ମୁଁ ଜାଣେ । ସାମୟିକ ଭାବରେ ମଦ ଏକ ଔଷଧ ହୋଇ ପାରେ ଏବଂ ଜୀବନ ଚାଲି ଯାଉଥିବା ବେଳେ ଅଳ୍ପ ମଦ ଦ୍ୱାରା ଲୋକଙ୍କୁ କିଛି ସମୟ ବଞ୍ଚାଇ ଦିଆ ଯାଇପାରେ । କିନ୍ତୁ ମଦ ସପକ୍ଷରେ ଆଉ ତାହାଠାରୁ ବେଶୀ କୁହା ଯାଇ ପାରିବ ନାହିଁ ।

## ସବୁଠାରୁ ଘୃଣିତ କାର୍ଯ୍ୟ

ଯେଉଁମାନେ ଯୁକ୍ତି କରନ୍ତି ଯେ, ବାଧ୍ୟତାମୂଳକ ନିଶା ନିବାରଣ କରି ଭାରତ

Digitized by srujanika@gmail.com

ବାସୀଙ୍କ ମସ୍ତିଷ୍କ ଠିକ୍ ରଖିବା ସମ୍ଭବ ନୁହେ ଏବଂ ଯେଉଁମାନେ ମଦ୍ୟପାନ କରିବାକୁ ଚାହାନ୍ତି, ସେମାନଙ୍କୁ ତାର ସୁବିଧା ଦିଆଯିବା ଦରକାର, ରାଷ୍ଟ୍ରର ଚରିତ୍ର ସମ୍ପର୍କରେ ସେମାନଙ୍କର ଧାରଣା ନାହିଁ । ଲୋକଙ୍କର ପାପକାର୍ଯ୍ୟର ସୁବିଧା ଦେବା ପାଇଁ ରାଷ୍ଟ୍ର ହୋଇ ନାହିଁ । ଆମେ ବେଶ୍ୟାବୃତ୍ତି କରିବା ପାଇଁ ଲାଇସେନ୍ସ ତ ଦେଉନାହୁଁ । ଚୋରି କରି ଚୋରମାନେ କପରି ତାଙ୍କର ପ୍ରବୃତ୍ତି ଚରିତାର୍ଥ କରିବେ, ତାର ସୁବିଧା ଆମେ ଦେଉନାହୁଁ । ମଦ୍ୟପାନକୁ ଚୋରିଠାରୁ ଏପରିକି ବେଶ୍ୟା ବୃତ୍ତି ଠାରୁ ଏକ ଘୃଣିତ କାର୍ଯ୍ୟ ବୋଲି ମୁଁ ମନେ କରେ, କାରଣ ଅନେକ ସମୟରେ ଏହି ମଦ୍ୟପାନରୁ ହିଁ ଚୋରି ଓ ବେଶ୍ୟାବୃତ୍ତି ଆରମ୍ଭ ହୁଏ ।

## ଏକ ରୋଗ

ମଦ୍ୟପାନ ଯେତେ ପାପ ନୁହେ, ସେତେ ରୋଗ । ମୁଁ ବହୁ ଲୋକଙ୍କୁ ଜାଣେ ଯେଉଁମାନେ ଯଦି ପାରନ୍ତେ, ଆନନ୍ଦରେ ମଦ୍ୟପାନ ଛାଡ଼ି ଦିଅନ୍ତେ । କେତେକ ଲୋକଙ୍କୁ ମୁଁ ଜାଣିଛି, ମଦ ବୋତଲ ତାଙ୍କ ପାଖରୁ ହଟାଇ ନିଆଯାଉ ବୋଲି ସେମାନେ କହିଛନ୍ତି । କିନ୍ତୁ ହଟାଇ ନିଆଯିବା ସତ୍ତ୍ୱେ ସେମାନେ ପୁଣି ତାହା ଲୁଚାଇ ଆଣି ପିଇଛନ୍ତି । ତେଣୁ ଯେଉଁମାନେ ରୋଗଗ୍ରସ୍ତ, ସେମାନଙ୍କୁ ସାହାଯ୍ୟ କରିବା ଆମର କର୍ତ୍ତବ୍ୟ ।

ଶ୍ରମିକ ମାନଙ୍କ ସହିତ ନିଜକୁ ମିଶାଇ ଦେଇ ମୁଁ ଜାଣେ, ମଦ୍ୟପାନ ଦ୍ୱାରା କପରି ବହୁ ଶ୍ରମିକଙ୍କର ଘର ଭାଙ୍ଗି ଯାଇଛି । ମୁଁ ଜାଣେ, ମଦ ସହଜଲଭ୍ୟ ହୋଇ ନ ଥିଲେ, ସେମାନେ ତାକୁ ଛୁଅଁନ୍ତେ ନାହିଁ । ମଦ୍ୟପମାନେ ନିଶା ନିବାରଣ ଦାବୀ କରିବାର ଭୂରି ଭୂରି ଦୃଷ୍ଟାନ୍ତ ଆମ ପାଖରେ ଅଛି । ବରଂ ଏ ଦେଶ କପର୍ଦ୍ଦକଶୂନ୍ୟ ହୋଇଯିବ ମୁଁ ଦେଖିବି, କିନ୍ତୁ ଆମ ଭିତରେ ହଜାର ହଜାର ମଦ୍ୟପ ରହିବା ପସନ୍ଦ କରି ପାରିବି ନାହିଁ । ନିଶାନିବାରଣ ବ୍ୟୟ ତୁଲାଇବା ପାଇଁ ଯଦି ଭାରତରୁ ସ୍କୁଲ କଲେଜ ହଟାଇ ଦେବାକୁ ହୁଏ, ସେଥିପାଇଁ ମଧ୍ୟ ମୁଁ ପ୍ରସ୍ତୁତ ହେବି ।


ଯେଉଁ ଜାତି ମଦ୍ୟପାନ ରୂପ ମନ୍ଦ ଅଭ୍ୟାସର ବଶବର୍ତ୍ତୀ, ସେହି ଜାତିର ଧ୍ୱଂସ ଅନିବାର୍ଯ୍ୟ । ବହୁ ସାମ୍ରାଜ୍ୟ ଏହି ଅଭ୍ୟାସର ବଶବର୍ତ୍ତୀ ହୋଇ ଧ୍ୱଂସ ହୋଇ ଯାଇଥିବାର ଦୃଷ୍ଟାନ୍ତ ଇତିହାସରେ ଦେଖିବାକୁ ମିଳିବ । ଆମ ଏ ଦେଶରେ ମଧ୍ୟ ଯେଉଁ ଯଦୁ ବଂଶରେ ଶ୍ରୀକୃଷ୍ଣ ଜନ୍ମିଥିଲେ, ତାହା ଏହି ଅଭ୍ୟାସ ଦ୍ୱାରା ଧ୍ୱଂସ ପାଇଗଲା । ରୋମ ସାମ୍ରାଜ୍ୟର ପତନ ପାଇଁ ଯେତେ ମୁଖ୍ୟ କାରଣ ଦାୟୀ ଏହି ବିରାଟ କଦାଚାର ତାହା ମଧ୍ୟରେ ଅନ୍ୟତମ ।

ଯଦି ମୁଁ ଘଣ୍ଟାକ ପାଇଁ ସମସ୍ତ ଭାରତର ଡିକ୍ଟେଟର ରୂପେ ନିଯୁକ୍ତ ହୁଅନ୍ତି, ମୋର ପ୍ରଥମ କାମ ହୁଅନ୍ତା, କୌଣସି କ୍ଷତିପୂରଣ ନ ଦେଇ ସମସ୍ତ ମଦ ଦୋକାନ ବନ୍ଦ କରି ଦେବା ଏବଂ ଶ୍ରମିକ ମାନଙ୍କର ସୁଖ ସୁବିଧା ଓ ସ୍ୱାସ୍ଥ୍ୟ, ନିର୍ଦ୍ଦୋଷ ଆମୋଦ ପ୍ରମୋଦର ବ୍ୟବସ୍ଥା କରାଇବା ପାଇଁ କଳ କାରଖାନା ମାଲିକ ମାନଙ୍କୁ ବାଧ୍ୟ କରିବା ।

Digitized by srujanika@gmail.com

ନିଶା ନିବାରଣ ଉଠାଇଦେବା ସମାଜବାଦ ନୁହେଁ, ସୁଶାସନ ନୁହେଁ, ଏହା ଏକ ଠକାମି . . .

# ଗାନ୍ଧୀଙ୍କ ପ୍ରତି ବିଶ୍ୱାସଘାତକତା



## ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ

ଗାନ୍ଧିଜୀଙ୍କ ବହୁ ପ୍ରିୟ କାର୍ଯ୍ୟ ମଧ୍ୟରେ ନିଶା ନିବାରଣ ଅନ୍ୟତମ ଥିଲା । ସମ୍ବିଧାନ ୪୭ ଧାରା (ନିର୍ଦ୍ଦେଶନାମା ଅଧ୍ୟାୟ)ର ଖୋଲଖୋଲି ବିରୋଧ କରି ଗାନ୍ଧୀ ଶତ-ବାର୍ଷିକୀ ପାଳନ କରିବା ଏକ ପ୍ରଶଂସନୀୟ କାର୍ଯ୍ୟ ନୁହେଁ । ମଦ ଦେଇ ଗରିବ ଲୋକଙ୍କୁ ଠକିବା ଏବଂ ଏହି ଠକ ବୃତ୍ତି ଦ୍ୱାରା ଉପାର୍ଜିତ ଅର୍ଥରେ ସରକାର ଅଂଶୀଦାର ହେବା ସମାଜବାଦ ନୁହେଁ ବା ସୁଶାସନ ନୁହେଁ । ଏହି କାର୍ଯ୍ୟକ୍ରମରେ ସବୁଠାରୁ ଆମର ସ୍ତ୍ରୀ ଜାତି କ୍ଷତିଗ୍ରସ୍ତ ହେବେ । ଏହି ବାଟରେ କଣ ସରକାର ସେମାନଙ୍କ ସମସ୍ୟାର ସମ୍ମୁଖୀନ ହେବାକୁ ଚାହାନ୍ତି ?

### ମାନ୍ଦ୍ରାଜ ସରକାର ସମ୍ମାନର ପାତ୍ର

ମାନ୍ଦ୍ରାଜକୁ ଛାଡ଼ିଦେଲେ ସବୁ ରାଜ୍ୟ ସରକାର ଗାନ୍ଧିଜୀଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି ଓ ମଦ ଦୋକାନ ଖୋଲିଛନ୍ତି । ମହୀଶୂର ସରକାର ନିଶା ନିବାରଣ ଉଠାଇ-ଦେବା ପକ୍ଷରେ ସିଦ୍ଧାନ୍ତ ଗ୍ରହଣ କରିବାରୁ ଯଶୋଦାରମ୍ମା ଦାସପ୍ପା ମନ୍ତ୍ରୀତ୍ୱରୁ ଇସ୍ତଫା ଦେଇଦେଲେ । ସେ ସମସ୍ତଙ୍କର ସମ୍ମାନର ପାତ୍ରୀ । ସମସ୍ତ ଆର୍ଥିକ ପ୍ରଲୋଭନ ସତ୍ତ୍ୱେ ନିଶା ନିବାରଣ ଉଠାଇଦେବା ପାଇଁ ସମ୍ମତ ନ ହୋଇ ଶ୍ରୀ ସି. ଏନ୍. ଅନ୍ନାଦୁରାଇ ସମସ୍ତଙ୍କ ସମ୍ମାନାର୍ହ ହୋଇଛନ୍ତି । କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଠିକ୍ ଭାବରେ ଅର୍ଥ ବଣ୍ଟନ ହେଉ ନ ଥିବା ଯୋଗୁଁ ଓ ରାଜ୍ୟ ସରକାରମାନେ ଅର୍ଥ ସାପେକ୍ଷ କାର୍ଯ୍ୟ-କ୍ରମମାନ ଆରମ୍ଭ କରି ଦେଉଥିବା ଯୋଗୁଁ ସେମାନଙ୍କର ଅର୍ଥାଭାବ ଘଟୁଛି ଓ ଅଧିକ ରାଜସ୍ୱ ପାଇବା ପାଇଁ ସେମାନେ ମଦ ଦୋକାନ ଖୋଲୁଛନ୍ତି । ମଦ ବାବଦ ରାଜସ୍ୱର ପ୍ରତ୍ୟେକଟି ଟଙ୍କା ହେଉଛି ଏକ ଭଲ ପାରିବାରିକ ଜୀବନଯାପନ କରିବାପାଇଁ ଗରିବ ଲୋକଙ୍କ ସମ୍ବଳର ଅଧିକ ନ ହେଲେ ମଧ୍ୟ ପାଞ୍ଚୋଟି ଟଙ୍କା ସହିତ ସମାନ ।

Digitized by srujanika@gmail.com

## ସମାଜବାଦ ନା ଠକାମି

ସମାଜବାଦ ହେଉଛି, ଆମର ଯେଉଁ ଧନ ଅଛି ତାହା ଏପରି ଭାବରେ ନିୟନ୍ତ୍ରଣ କରିବା, ଯେପରିକି ଲୋକଙ୍କର ଦାରିଦ୍ର୍ୟ ଦୂର ହୋଇ ପାରିବ । ଏହା ଉତ୍ପାଦନର ଏକ ନୂତନ ପନ୍ଥା ନୁହେଁ । ଏପରିକି କେତେକ ଲୋକଙ୍କ ମତରେ ଏହା ଉତ୍ପାଦନ କମାଇବାର ଏକ ବାଟ । ଜାତୀୟକରଣ ବା ପରମିଟ ଲାଇ-ସେନ୍‌ସ-ରାଜ ଆମର ଯେଉଁ ଆର୍ଥିକ ସମ୍ପଦ ଅଛି, ତାହାର ଏକ ସନ୍ତୋଷଜନକ ବଣ୍ଟନ କରିପାରି ନାହିଁ, କିମ୍ବା ଆମ ଅର୍ଥନୀତିର ପ୍ରସାର ସାଧନ କରି ନାହିଁ ।

ତା'ହେଲେ ଯେଉଁ ସମାଜବାଦର କଥା ଏତେ କୁହାଯାଉଛି ଓ ଯଦ୍ଦ୍ୱାରା ଭୋଟଦାତା ମାନଙ୍କୁ ଏତେ ବିଭ୍ରାନ୍ତ କରା-ଯାଇଛି, ସେ ସମାଜବାଦର ପ୍ରକୃତ ଲକ୍ଷ୍ୟ କଣ ? ଦରିଦ୍ର ଲୋକମାନଙ୍କୁ ସେମାନଙ୍କର ଅବସ୍ଥା ପରିବର୍ତ୍ତନ ପାଇଁ ସୁଯୋଗଦେବା ନିମନ୍ତେ ଏହା ଉଦ୍ଦିଷ୍ଟ ବୋଲି ଏହାର ତାରିଫ୍ କରାଯାଏ । ତାହା ଯଦି ନ ହୁଏ, ଏହା ସମାଜବାଦ ନୁହେଁ, ଏହା ଏକ ଠକାମି ।

## ସୁନା ଘଣ୍ଟା ଓ ଚାବିକାଠି

ଯଦି ଗରିବ ଲୋକଙ୍କର ଅବସ୍ଥା ବଦଳାଇବା ପାଇଁ ସମାଜବାଦ ଉଦ୍ଦିଷ୍ଟ ହୋଇଥାଏ, ତା ହେଲେ ସବୁଠାରୁ ଯେ ବେଶୀ ନିଲାମ ଡାକପାରୁଛି ତାକୁ ମଦ ଲାଇସେନ୍‌ସ ଦେଇ ସର୍ବାଧିକ ଅର୍ଥ ଉପାର୍ଜନ କରିବା ଏକ ସମାଜବାଦ-ବିରୁଦ୍ଧ କାର୍ଯ୍ୟ । ମଦର ମୋହରେ ଥିବା ଜଣେ ଗରିବ ଲୋକ ପାଖରେ ଯଦି କିଛି ପଇସା ଥାଏ ଓ ସେ ମଦଦୋକାନ ବାଟେ ଯାଉଥାଏ, ସେ ପଇସା ସେ ମଜୁରି ଆକାରରେ ବା ଅନ୍ୟ କୌଣସି ଭାବରେ ପାଇଥାଉ, ତାହା ମଦ ଦୋକାନୀର ବାକ୍‌ସରେ ଯାଇ ପହଞ୍ଚାଇ ଦିଏ । ଏହିପରି ଭାବରେ ସରକାରୀ ମଦ-ଦୋକାନୀମାନଙ୍କ ଜରିଆରେ ପଇସା ଯାଇ ଧନୀ ଲୋକଙ୍କର ପକେଟ ଭର୍ତ୍ତି ହୁଏ । ଏହା ଯେଉଁ ଧରଣର ମଦ ହେଉନା କାହିଁକି ସେଥିରେ ଯାଏ ଆସେ ନାହିଁ । ଦେଶୀ ମଦ ହେଲେ ନିଶା ଧରିବା ପାଇଁ ଗରିବଲୋକେ ବେଶୀ ପିଇ ଦିଅନ୍ତି । ଜୈବିକ ରସାୟନ ଶାସ୍ତ୍ର ଅନୁଯାୟୀ ମଦ୍ୟପାନ ଗରିବ ଲୋକର ଇଚ୍ଛା ଶକ୍ତିକୁ କମାଇଦିଏ ଏବଂ ଏହାଫଳରେ ତା'ର ବିଚାରଶକ୍ତି ମଧ୍ୟ ନଷ୍ଟ ହୋଇଯାଏ । ସର୍ବୋତ୍କୃଷ୍ଟ ବ୍ରିଟିଶ ସୁନାଘଣ୍ଟା ଭିତରେ ତୁମେ ଯଦି ବାଲିକଣାଟିଏ ପୂରାଇଦେବ, ତା ହେଲେ ସେ ଘଣ୍ଟା ତୁମକୁ ଠିକ୍ ସମୟ କହି ପାରିବ ନାହିଁ ଏବଂ ଏହା ଏକ ବଦ୍‌ନାମୀ ଘଣ୍ଟା ହୋଇଯିବ । ସମସ୍ତ ଅନିଚ୍ଛାସତ୍ତ୍ୱେ ଗରିବ ଲୋକ ତା ପାଖରେ ଥିବା ଅର୍ଥ ମଦ ଦୋକାନୀକୁ ଦେବାକୁ ବାଧ୍ୟ ହୋଇଯାଏ । ଭଲ ଖାଦ୍ୟ ଖାଇବାରୁ ବଞ୍ଚିତ ହେଉଥିବା ଏହି ଗରିବ ଲୋକଟି ମଦ୍ୟ-ପାନର ସମସ୍ତ ବିଷାକ୍ତ ପରିଣାମର ଶିକାର ହୁଏ ।

Digitized by srujanika@gmail.com

## ସରକାରଙ୍କ ପକ୍ଷରୁ ବାଟ ମାରଣା


ଯଦି ଦୁଷ୍ଟଲୋକେ ବେଆଇନ ମଦ ତିଆରି କରି ଆଇନକୁ ଆଖି ମିଟିକା ମାରନ୍ତି ଓ ପଇସା କରିଯାନ୍ତି, ତା ହେଲେ ସରକାର କଣ ତାଙ୍କ ନିଜ ପକ୍ଷରୁ ଆହୁରି କେତେକ ଠକଙ୍କୁ ଠିକାଦେଇ ଗରିବ ଲୋକଙ୍କ ପିଣ୍ଡ ବାଟମାରଣା ଲଗାଇବେ ? ମୁଁ ଯେତେବେଳେ ମାନ୍ଦ୍ରାଜରେ ପ୍ରଥମେ ନିଶା ନିବାରଣ ପ୍ରବର୍ତ୍ତନ କଲି, ତତ୍କାଳୀନ ଇନ୍‌ସପେକ୍ଟର ଜେନେରାଲ ଅଫ୍ ପୋଲିସ ସାର୍ କନିଙ୍ଗହାମଙ୍କୁ ଉତ୍ତର ଦେଇ କହିଲି, ଯେଉଁମାନେ ଚୋରା ମଦ ବିକ୍ରୀ କରୁଛନ୍ତି, ସେହିମାନଙ୍କୁ ସେ ଧରି ଦଣ୍ଡିତ କରନ୍ତୁ ଏବଂ ଯେତେଦୂର ସମ୍ଭବ ହୁଏ, ଯେଉଁ ଲୋକ ପିଉଛି, ତାକୁ ଚୋରାମଦ କାରବାର କରୁଥିବା ଲୋକ ବିରୁଦ୍ଧରେ ସାକ୍ଷୀ କରନ୍ତୁ । କିନ୍ତୁ ପୋଲିସ ଏକ ସୁବିଧା ବାଟ ଧରି ମଦ୍ୟପମାନଙ୍କୁ ଅଭିଯୁକ୍ତ କରୁଛି ଓ ଚୋରା ମଦ ବେପାରୀଙ୍କୁ ଛାଡ଼ି ଦେଉଛି । ନିଶା ନିବାରଣ ଆଇନ କାର୍ଯ୍ୟକାରୀ କରିବା ଠାରୁ ଏ ଅତ୍ୟାଚାର ବଳି ପଡ଼ୁଛି । ନିଶା ନିବାରଣ ଭଲ ଭାବରେ କାର୍ଯ୍ୟକାରୀ କରାଯିବା ସମସ୍ତେ ଚାହାଁନ୍ତି । କିନ୍ତୁ ତାହା ନ ହେଲା ବୋଲି ଏ କଥା ଭୁଲିଗଲେ ଚଳିବ ନାହିଁ ଯେ, ଯେଉଁ ବ୍ୟବସାୟ ବେଆଇନ ଢଙ୍ଗରେ ଚାଲେ ତାହା ନିଶ୍ଚୟ ଦିନେ ନା ଦିନେ ନଷ୍ଟ ହୋଇଯିବ, କାରଣ ସାଧାରଣ ଜନମତ, ମଦ୍ୟପାନ ଓ ମଦ୍ୟ କାରବାର ବିରୁଦ୍ଧରେ । ଭାରତର ଦରିଦ୍ର ଜନ ସାଧାରଣଙ୍କର ମତ ହେଉଛି ନିଶା ନିବାରଣ ସପକ୍ଷରେ । ହୁଇସ୍କି ଓ ବ୍ରାଣ୍ଡି ପିଉଥିବା ଉପର ଶ୍ରେଣୀର ଲୋକଙ୍କର ସମସ୍ତ ପ୍ରଚାର ସତ୍ତ୍ୱେ ଏହି ମତରେ କୌଣସି ପରିବର୍ତ୍ତନ ହେବ ନାହିଁ । ଏହି ଉପର ଶ୍ରେଣୀର ଲୋକେ ମଦ ପିଇବାର ଖର୍ଚ୍ଚ ତୁଲାଇ ପାରିବେ ଏବଂ ସେମାନଙ୍କର ଧନ ଓ ସ୍ୱାସ୍ଥ୍ୟର ଅପଚୟ କରି ପାରିବେ । ସେମାନେ ନିଶା ନିବାରଣ ବିରୁଦ୍ଧରେ । କାହିଁକି ନା, ମଦ ପରମିଟ୍ ପାଇଁ ଦରଖାସ୍ତ କରିବା ଓ ପରମିଟ୍ ପାଇବା ପାଇଁ ସେମାନଙ୍କୁ ଲଜ୍ଜା ଲାଗୁଛି । ସେମାନେ ଭାବୁଛନ୍ତି, ନିଶା ନିବାରଣ ଆଇନରୁ ଧନୀ, ଦରିଦ୍ର ସମସ୍ତେ ଅବ୍ୟାହତି ପାଇଗଲେ, ସେମାନଙ୍କର ନିଜର ଅସୁବିଧା ଦୂର ହୋଇଯିବ । ସେମାନଙ୍କର ଯେଉଁ ଲଜ୍ଜା ହେଉଛି, ମଦ୍ୟପାନ ବିରୁଦ୍ଧରେ ଜନମତର ତାହା ଏକ ପ୍ରତିବିମ୍ବ ଏବଂ ତାହା ହିଁ ନିଶା ନିବାରଣ ଉଠିବା ବେଳେ ଆମେରିକାର ଅବସ୍ଥା ଓ ବର୍ତ୍ତମାନ ଭାରତର ଅବସ୍ଥା ମଧ୍ୟରେ ପ୍ରକୃତ ପାର୍ଥକ୍ୟ ।

ନିଶା ନିବାରଣ ହେଉଛି ଏକମାତ୍ର ସଂସ୍କାର ଯାହା ଫଳରେ ଗରିବ ଲୋକଙ୍କର ସାମାଜିକ ଅବସ୍ଥାର ଉନ୍ନତି ଓ ପାରିବାରିକ ସୁଖ ସୁବିଧା ହୋଇ ପାରିବ । ଗରିବ ସ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ପଚାର । ଗାନ୍ଧୀ ଶତବାର୍ଷିକୀରେ ଏକ ଚରମ ବିଶ୍ୱାସଘାତକତା ନ ହେଉ ।

---

(ସ୍ୱରାଜ୍ୟ, ମାର୍ଚ୍ଚ ୨, ୧୯୬୮ ସୌଜନ୍ୟରୁ)

Digitized by srujanika@gmail.com




Digitized by srujanika@gmail.com

ସ୍ୱାଧୀନତା ପୂର୍ବର ଆଶା ଓ ବିଶ୍ୱାସ ଏବଂ ପରବର୍ତ୍ତୀ ନୈରାଶ୍ୟ ଓ ବ୍ୟର୍ଥତାର ଏକ ପୃଷ୍ଠାଙ୍ଗ ଚିତ୍ର . . .



# ସ୍ୱାଧୀନତା ପରେ

ଆଚାର୍ଯ୍ୟ କୃପାଳାନୀ

କେବଳ ବୈଦେଶିକ ଶାସନ ଲୋପ କରିବା ଆମ ସ୍ୱାଧୀନତା ଆନ୍ଦୋଳନର ଉଦ୍ଦେଶ୍ୟ ନଥିଲା । ଦେଶର ସର୍ବତୋମୁଖୀ ଉନ୍ନୟନ ଓ ଅଗ୍ରଗତି ପାଇଁ ରାଜନୈତିକ, ସାମାଜିକ, ନୈତିକ ଓ ସାଂସ୍କୃତିକ ଲକ୍ଷ୍ୟ ଘେନି ଏହି ଆନ୍ଦୋଳନର ଆରମ୍ଭ ହୋଇଥିଲା ।

ସ୍ୱାଧୀନତା ପୂର୍ବରୁ କଂଗ୍ରେସ ଗୋଟିକ ପରେ ଗୋଟିଏ ପ୍ରସ୍ତାବ ଗ୍ରହଣ କରି ବାରମ୍ବାର ଏହି କଥା କହିଥିଲା ଯେ ବୈଦେଶିକ ଶାସନ ଯୋଗୁ ଦେଶର ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବିପର୍ଯ୍ୟୟ ଘଟିଛି । ରାଜନୈତିକ କ୍ଷେତ୍ରରେ ଗଣତନ୍ତ୍ର ଓ ଧର୍ମନିରପେକ୍ଷତା ଥିଲା, କଂଗ୍ରେସର ଘୋଷିତ ଲକ୍ଷ୍ୟ । ଅର୍ଥନୈତିକ କ୍ଷେତ୍ରରେ ସାମାଜିକ ନ୍ୟାୟର ପ୍ରତିଷ୍ଠା ପାଇଁ ସଂକଳ୍ପ ଗ୍ରହଣ କରାଗଲା । ସାମାଜିକ କ୍ଷେତ୍ରରେ ହିନ୍ଦୁ-ମୁସଲମାନ ଏକତା, ହିନ୍ଦୁମାନଙ୍କ ମଧ୍ୟରୁ ଅସ୍ପୃଶ୍ୟତା ରୂପକ ବିପତ୍ତିଜନକ ବ୍ୟାଧିର ଲୋପ ଏବଂ ସ୍ତ୍ରୀ-ପୁରୁଷଙ୍କ ମଧ୍ୟରେ ସମାନ ଅଧିକାର ପ୍ରତିଷ୍ଠା ପାଇଁ କଂଗ୍ରେସ କାର୍ଯ୍ୟ କଲା ।

ନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଗାନ୍ଧିଜୀଙ୍କର ସତ୍ୟ ଓ ଅହିଂସା ନୀତି, ଯାହାକି ସଂସ୍କୃତିର ବାସ୍ତବ ପରିଚୟ ଦିଏ, ତାହା ଗ୍ରହଣ କରାଯାଇଥିଲା । ଏହା ଛଡ଼ା ଏକ ଜାତୀୟ ଶିକ୍ଷା ପ୍ରଣାଳୀ ଜରିଆରେ ଶିଳ୍ପର ବିସ୍ତାର ଓ ଲଳିତ କଳାର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଗଲା । ସ୍ୱାଧୀନତା ପୂର୍ବରୁ ଏସବୁ ଦିଗରେ ଉଲ୍ଲେଖ ଯୋଗ୍ୟ କାର୍ଯ୍ୟ ମଧ୍ୟ ହୋଇଥିଲା । ଆଶା କରାଯାଉଥିଲା ଯେ ସ୍ୱାଧୀନତା ପରେ ଯେତେବେଳେ ଲୋକ ପ୍ରତିନିଧି ଗଣ ଶାସନ ଦାୟିତ୍ୱରେ ରହିବେ, ଏହିସବୁ କାର୍ଯ୍ୟ ଅଧିକ ପ୍ରସାରିତ ହେବ ।

ରାଜନୈତିକ କ୍ଷେତ୍ରରେ ବୟସ୍କମାନଙ୍କର ସାର୍ବଜନୀନ ଭୋଟ ଅଧିକାର ଓ ଗୋପନୀୟ ଭୋଟ ପ୍ରଥା ପ୍ରଚଳିତ ହେଲା । ଆମେ ଗୃରୋଟି ସାଧାରଣ ନିର୍ବାଚନ ମଧ୍ୟ ଏହି ଭିତ୍ତିରେ

Digitized by srujanika@gmail.com

କଲୁ । ତାହା ମଧ୍ୟ ଶାନ୍ତିପୂର୍ଣ୍ଣ ଭାବରେ ସମାହିତ ହେଲା । କିନ୍ତୁ ଆମେ ସେଥିରୁ ଗଣତାନ୍ତ୍ରିକ ମୂଲ୍ୟବୋଧ ବହୁତ ପରିମାଣରେ କାଢ଼ି ନେଇଗଲୁ । ଶାସନରେ ଥିବା ଦଳକୁ ଜୟଯୁକ୍ତ କରିବା ପାଇଁ ସରକାରୀ କ୍ଷମତାକୁ ଅବୈଧ ଭାବରେ ନିୟୋଜିତ କରାଗଲା । ଜାତିଗତ ଓ ସାମ୍ପ୍ରଦାୟିକ ମନୋବୃତ୍ତିର ମଧ୍ୟ ପୂର୍ଣ୍ଣ ସୁଯୋଗ ନିଆଗଲା । ଭୋଟଦାତା ମାନଙ୍କୁ ପ୍ରଭାବିତ କରିବାପାଇଁ ବେପରୁଆ ଭାବରେ ଅର୍ଥର ବିନିଯୋଗ ହେଲା । ନିଶା ନିବାରଣ ଆମର ଘୋଷିତ ନୀତି ହେଲେ ମଧ୍ୟ ନିଶାରେ ଅଭ୍ୟସ୍ତ ଥିବା କେତେକ ଜାତିର ଲୋକଙ୍କୁ ଭୋଟବେଳେ ଆମେ ନିଶା ଦେଇ ପ୍ରଭାବିତ କରିବାକୁ ଚେଷ୍ଟା କଲୁ । ଆମେ ଆମର 'ମାଲିକ' ଭୋଟଦାତାମାନଙ୍କୁ ଉଚିତ ଶିକ୍ଷା ଦେଲୁ ନାହିଁ । ଫଳ ହେଲା, ସମ୍ବିଧାନରେ ସ୍ୱୀକୃତ ସାର୍ବଜନୀନ ଭୋଟ ସାର୍ବଜନୀନ ଅଜ୍ଞତାରେ ପରିଣତ ହେଲା । ଏହି ସମସ୍ତ ଅସୁବିଧା ସତ୍ତ୍ୱେ ସରକାରରେ ଓ କଂଗ୍ରେସରେ ଥିବା ବହୁତ ସୁପ୍ରତିଷ୍ଠ ବ୍ୟକ୍ତିଙ୍କୁ ଭୋଟରେ ଜନସାଧାରଣ ବେଳେ ବେଳେ ହରାଇ ଦିଅନ୍ତି । ଗଣତନ୍ତ୍ରର ଭବିଷ୍ୟତ ପାଇଁ ଏହା ଏକ ଶୁଭ ଚିହ୍ନ । ଏହାର ସମସ୍ତ ବାହାଦୂରି ଜନସାଧାରଣଙ୍କର ।

## ଅଯୋଗ୍ୟ କର୍ମଚାରୀ ଗୋଷ୍ଠୀ

ଶାସନ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖା ଯାଉ ନାହିଁ । ବ୍ରିଟିଶ ଶାସନରେ ସରକାରୀ କର୍ମଚାରୀଗଣ ଯେପରି ନିଜକୁ ଲୋକଙ୍କର ମାଲିକ ବୋଲି ଭାବୁଥିଲେ, ଏବେ ମଧ୍ୟ ସେହିପରି ଭାବୁଛନ୍ତି ଓ ସେମାନେ ଲୋକଙ୍କର ସେବକ ବୋଲି ଭୁଲି ଯାଉଛନ୍ତି । କଂଗ୍ରେସ ମନ୍ତ୍ରୀମାନେ ବିଭିନ୍ନ ସମୟରେ ସେମାନଙ୍କର ଅଧସ୍ତନ କର୍ମଚାରୀ ମାନଙ୍କୁ ସ୍ମରଣ କରାଇବାରେ ଲାଗିଛନ୍ତି ଯେ ସେମାନେ ଏକ ଗଣତନ୍ତ୍ର ପରିସ୍ଥିତି ମଧ୍ୟରେ କାର୍ଯ୍ୟ କରୁଛନ୍ତି ବୋଲି ହୃଦୟଙ୍ଗମ କରିବା ଉଚିତ । କର୍ମଚାରୀମାନଙ୍କ ମଧ୍ୟରେ ଦକ୍ଷତା ଓ ସାଧୁତାର ଅଭାବ ଏକ ଘୋର ବ୍ୟାଧିରେ ପରିଣତ ହୋଇଗଲାଣି । ଚିଠିର ଶୀଘ୍ର ଉତ୍ତର ମିଳୁ ନାହିଁ । ସମୟ ସମୟରେ ଖୁବ୍ ପ୍ରୟୋଜନୀୟ ଚିଠି ଓ ଫାଇଲ୍ ପତ୍ର ରହସ୍ୟ ଜନକ ଭାବରେ ଅନ୍ତର୍ହିତ ହୋଇଯାଉଛି । ଶାସନ କାର୍ଯ୍ୟ ଚଳାଇବାରେ ଯେଉଁ ମାନେ ନିଜ ଯୋଗ୍ୟତାର ପ୍ରମାଣ ଦେଇ ପାରୁ ନାହାନ୍ତି ସେମାନଙ୍କୁ ଶିଳ୍ପ ଓ ବ୍ୟବସାୟ ଗତି ପରିଚାଳନା କାର୍ଯ୍ୟରେ ଅଧିକ ଭାରପ୍ରାପ୍ତ କରାଯାଉଛି ।

## ପାଶ୍ଚାତ୍ୟର ଅନୁକରଣ

ଅର୍ଥନୈତିକ କ୍ଷେତ୍ରରେ ପାଶ୍ଚାତ୍ୟର ଅନୁକରଣରେ ଆମେ ବଡ଼ ବଡ଼ କଳ, କାରଖାନା ଓ କେନ୍ଦ୍ରୀଭୂତ ଶିଳ୍ପ ମାନଙ୍କ ସାହାଯ୍ୟରେ ପଞ୍ଚବାର୍ଷିକ ଯୋଜନା ମାନଙ୍କ ଜରିଆରେ ଆମେ ଶୀଘ୍ର ଶିଳ୍ପ ବିସ୍ତାର ଚାହୁଁ । କିନ୍ତୁ ଯୋଜନା ସବୁ ଠିକ ଢଙ୍ଗରେ ହେଉ ନାହିଁ । ଯୋଜନା କମିସନର ଜଣେ ପୂର୍ବତନ ଉପାଧ୍ୟକ୍ଷ ଏହା ନିଜେ ସ୍ୱୀକାର କରିଛନ୍ତି । ଦେଶକୁ ଶୀଘ୍ର ଶିଳ୍ପ-ପ୍ରଧାନ କରିବାକୁ ଯାଇ ଆମେ କୃଷି ଓ ଯେଉଁସବୁ

Digitized by srujanika@gmail.com

ଖାଉଟି ଦ୍ରବ୍ୟର ଉତ୍ପାଦନ ଉପରେ ଲୋକଙ୍କର ଦୈନନ୍ଦିନ ଆବଶ୍ୟକତା ନିର୍ଭର କରୁଛି, ସେଥିପ୍ରତି ଚରମ ଅବହେଳା ଦେଖାଇ ଆସିଛୁ । ଏହା ଛଡ଼ା ସରକାରୀ ଉଦ୍ୟୋଗ ହେଉ ବା ବ୍ୟକ୍ତିଗତ ଉଦ୍ୟୋଗ ହେଉ କାହାକୁ ଅଗ୍ରାଧିକାର ଦିଆଯିବ, ତାହା ମଧ୍ୟ ଆମେ ଜାଣି ପାରୁନାହୁଁ । ଲାଇସେନ୍ସ, ପରମିଟ ଆଖିବୁଜା ଦିଆ ଚାଲିଛି । ପ୍ରଭାବଶାଳୀ ଶିଳ୍ପପତି ମାନେ ଯେଉଁ କଳ, କାରଖାନା ବସାଇବା ପାଇଁ ଲାଇସେନ୍ସ ଆଣୁଛନ୍ତି, ସେମାନେ ତାହା ବସାଉ ନାହାନ୍ତି କି ଅନ୍ୟମାନଙ୍କୁ ବସାଇ ଦେଉ ନାହାନ୍ତି । ବଡ଼ ବଡ଼ ଶିଳ୍ପ ପାଇଁ ଅର୍ଥର ଯୋଗାଡ଼ କରିବା ଓ ନିଜର ନିତ୍ୟ ବିସ୍ତାରିତ ଶାସନ କାର୍ଯ୍ୟର ଖର୍ଚ୍ଚ ତୁଲାଇବା ପାଇଁ ଆମର ଯାହା ଷ୍ଟର୍ଲିଂ ମୁଦ୍ରା ଗଚ୍ଛିତ ଥିଲା, ତାକୁ ଯେ ଆମେ ନିଃଶେଷ କରିଦେଲୁ, ସେତିକି ନୁହେଁ, ବାହାର ଦେଶ ମାନଙ୍କରୁ ପ୍ରଚୁର ପରିମାଣରେ ଋଣ କରିବାକୁ ଲାଗିଲୁ । ଏବେ ଏହି ସବୁ ଋଣ ଉପରେ ବାର୍ଷିକ ସୁଧ ଦେଇ ନ ପାରି ଆମେ ସ୍ୱାକୁ କିସ୍ତିବନ୍ଦି ଗଡ଼ାଇ ଦେବାପାଇଁ ଆବେଦନ କରୁଛୁ । ଆମେ ଯାହା ରପ୍ତାନି କରୁଛି, ତା' ତୁଳନାରେ ଆମଦାନି କରୁଛୁ ବେଶୀ । ଫଳରେ ପୃଥିବୀରେ ଏପରି କୌଣସି ଶିଳ୍ପ-ପ୍ରଧାନ ଦେଶ ନାହିଁ, ଯାହା ସହିତ ବ୍ୟବସାୟ କାରବାରରେ ଆମର ଦେଣନେଣ ଗଢ଼ି ନ ଥିବ । ଏପରିକି ରୁମାନିଆ, ଯୁଗୋସ୍ଲାଭିଆ ପରି କ୍ଷୁଦ୍ର, କ୍ଷୁଦ୍ର ଦେଶ ମଧ୍ୟ ।

ଏହିପରି ସୁଚିନ୍ତିତ ଯୋଜନା ଓ ତା'ର ସୁଦୃଢ଼ ପରିଚାଳନା ଅଭାବରୁ ଏପରି ଅବସ୍ଥା ହେଲା, ଆମେ ବାଧ୍ୟ ହୋଇ ଗତ ବର୍ଷ ମୁଦ୍ରା ମୂଲ୍ୟ ହ୍ରାସ କଲୁ । ପୂର୍ବରୁ କୌଣସି ସତର୍କତା ମୂଳକ ବ୍ୟବସ୍ଥା ଗ୍ରହଣ ନ କରି ଏହା ମଧ୍ୟ ଆମେ କରିନେଲୁ । ମୁଦ୍ରାମୂଲ୍ୟ ହ୍ରାସ ପରଠାରୁ ଆମର ରପ୍ତାନି ବାଣିଜ୍ୟ ଶତକଡ଼ା ୧୫ ଭାଗ କମିଗଲାଣି । ଏହା ଫଳରେ ଆମେ ଯାହା ଆମଦାନି କରିବୁ, ତା'ର ମୂଲ୍ୟ ବୃଦ୍ଧି ହେବ । ଆମର ଶସ୍ତା ଶ୍ରମ ଶକ୍ତି ଥିଲେ ମଧ୍ୟ ପୃଥିବୀ ବଜାରରେ ପ୍ରତିଯୋଗିତାରେ ଆମେ ଠିଆ ହୋଇ ପାରିବୁ ନାହିଁ । କେବଳ ଯେ ଆମେ ପ୍ରଚୁର ପରିମାଣରେ ବୈଦେଶିକ ଋଣ ଆଣିଲୁ, ତାହା ନୁହେଁ, ମୁଦ୍ରାସ୍ଫୀତିରେ ମଧ୍ୟ ମାତିଲୁ । ଲୋକଙ୍କ ଉପରେ ଅଧିକ ଟିକସ ବସାଇଲେ ଯାହା ନ ବାଧିବ, ମୁଦ୍ରାସ୍ଫୀତିରେ ଅଧିକ ବାଧିବ । ଗରିବ ଲୋକମାନଙ୍କୁ ଏହା ସବୁଠାରୁ ଅଧିକ ଆଘାତ କରେ । ଏହା ଫଳରେ ଜିନିଷ ପତ୍ରର ଦର ଦାମ୍ କ୍ରମେ ଅଧିକରୁ ଅଧିକ ବଢ଼ିବାରେ ଲାଗିଛି । ଯେତେବେଳେ ବର୍ଷା ହେଉନାହିଁ, ଦେଶର ଖାଦ୍ୟ ପରିସ୍ଥିତି ଏପରି ଯେ, ଏହା ସାଙ୍ଘାତିକ ହୋଇ ଉଠୁଛି ଓ ଦେଶରେ ଦୁର୍ଭିକ୍ଷ ଦେଖା ଦେଉଛି ।

## ସାଂପ୍ରଦାୟିକତା ଓ ଜାତିଆଣ

ସାମାଜିକ କ୍ଷେତ୍ରରେ ଭାରତ ଭାଗ ଭାଗ ହେଲେ ମଧ୍ୟ ସାମ୍ପ୍ରଦାୟିକ ପ୍ରଶ୍ନ ପୂର୍ବପରି ରହିଛି । ସାମାଜିକ ଜୀବନରୁ ଯେଉଁ ଜାତି ଭେଦ ପ୍ରଥା ଉଠି ଯିବାକୁ ବସିଥିଲା,

Digitized by srujanika@gmail.com

ରାଜନୈତିକ କ୍ଷେତ୍ରରେ ତାହା ମୁଣ୍ଡ ଟେକିବାକୁ ବସିଲାଣି ଓ ଏଥିଯୋଗୁଁ ଗଣତନ୍ତ୍ରର ଯେ କି କ୍ଷତି ହେଉଛି, ତାହା ଅନୁମାନ କରାଯାଇ ପାରେ । ଚାରିଆଡ଼େ ଏକ ହିଂସାତ୍ମକ ମନୋଭାବ । ଯଦିଓ କେତେଜଣ ନାରୀ ଉଚ୍ଚ ପଦ ପଦବୀରେ ଅଛନ୍ତି, ସ୍ୱାଧୀନତା ଆନ୍ଦୋଳନ ବେଳେ ଭାରତୀୟ ନାରୀମାନେ ଯେପରି ସ୍ୱଚ୍ଛନ୍ଦରେ ଯାତାୟତ କରି ପାରୁଥିଲେ ଏବେ ଏକ ହିଂସାତ୍ମକ ବାତାବରଣ ମଧ୍ୟରେ ଯାତାୟତ କଷ୍ଟକର ନ ହେଲେ ମଧ୍ୟ ଆଉ ପୂର୍ବପରି ସ୍ୱଚ୍ଛନ୍ଦ ନୁହେଁ ।

## ନୈତିକ ଅଧୋଗତି

ସବୁଠାରୁ ନୈତିକ କ୍ଷେତ୍ରରେ ଆମର ଅଧିକ କ୍ଷତି ଘଟିଛି । ଲାଞ୍ଚ, ମିଛ, ଦୁର୍ନୀତି, ସ୍ୱଜନପ୍ରୀତି ତୋଷଣ ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ଏକ ସାଧାରଣ ବ୍ୟାପାର ହୋଇ ଗଲାଣି । ଲାଇସେନ୍ସ, ପରମିଟ୍ ଓ କୋଟା ପ୍ରଥାଦ୍ୱାରା ତାହା ଅଧିକ ଉତ୍କଟ ହେଉଛି । ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ କଳାବଜାର ଓ ଅପମିଶ୍ରଣ ପ୍ରବଳ ହେଲାଣି । ଆମ ଦେଶରେ ବିଷରେ ମଧ୍ୟ ଖାଦ ମିଶୁଛି ବୋଲି ଲୋକେ କହୁଲେଣି । ଟିକସ ନ ଦେଇ ଖସିଯିବା ଏକ ସାଧାରଣ କଥା । କୋଟି କୋଟି ଟଙ୍କାର ବାକି ଟିକସ ଗଡ଼ୁଛି । ଚାରିଆଡ଼େ ପରସ୍ପର ମଧ୍ୟରେ ବିଶ୍ୱାସ ଓ ସଦ୍‌ଭାବ ତୁଟି ଯାଉଛି । ବ୍ୟର୍ଥମନା ଲୋକଙ୍କ ମଧ୍ୟରେ ପ୍ରକୃତ ସମ୍ପତ୍ତି ବଢ଼ି ପାରିବ କି ? କେବଳ ନୂଆ ହୋଇ ଧନୀ ହୋଇଥିବା ଲୋକଙ୍କ ମଧ୍ୟରେ ଏହାର ସାମାନ୍ୟ ଆଭାସ ଥାଇପାରେ ।

ଯେଉଁ ଚିତ୍ର ଏଠାରେ ଅଙ୍କିତ ହେଲା, ତାହା ଆଦୌ ଅତିରଞ୍ଜନ ନୁହେଁ । ଲୋକେ ଯେଉଁଠି ଏକାଠି ହେଉଛନ୍ତି, ଅଫିସ ଆପଣା ଘରେ, ହାଟ ବଜାରରେ, କ୍ଲବ ଘରେ କିମ୍ବା ଗାଡ଼ି ମଟରରେ ଯାଉଥିବା ବେଳେ ଏହି ବିଷୟରେ କଥା ଭାଷା ହେଉଛନ୍ତି । ବିରାଟ ନଦୀ ଉପତ୍ୟକା ଯୋଜନା ବା କଳ, କାରଖାନାମାନଙ୍କ ଦ୍ୱାରା ଚତୁର୍ଦ୍ଦିଗରେ ଘୋଟିଥିବା ଏହି ବ୍ୟର୍ଥତାରୁ ରକ୍ଷା ମିଳିବ ନାହିଁ । ହୁଏତ ଏହିସବୁ ଯୋଜନା ଓ କାରଖାନାର ସୁଫଳ ଆମ ନାତି ମାନଙ୍କର ନାତିମାନେ ଉପଭୋଗ କରି ପାରନ୍ତି । କଂଗ୍ରେସ ଅତୀତରେ ଯେଉଁ ସବୁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲା ଓ ଏବେ ଅଣକଂଗ୍ରେସ ସରକାର ମାନେ ଯେଉଁ ବୈପ୍ଳବିକ ପ୍ରତିଶ୍ରୁତିର ଧ୍ୱନି ଦେଉଛନ୍ତି ତାହା ସତ୍ତ୍ୱେ, କୌଣସି ଆଶାର ଝଲକ ଦେଖିବାକୁ ମିଳୁ ନାହିଁ । ଏକମାତ୍ର ଆଶା ହେଉଛି ପୁନର୍ବାର ଆମର ପ୍ରଚଳିତ ମୂଲ୍ୟାୟନ କରିବା ଓ ଯୋଜନାକୁ ଏକ ବାସ୍ତବ ଦୃଷ୍ଟି କୋଣରୁ ଆଉ ଥରେ ପ୍ରସ୍ତୁତ କରିବା । ଏହା ଶୀଘ୍ର କରି ନ ଗଲେ ଆମ ଦେଶର ଅଗ୍ରଗତିର କ୍ଷୀଣ ଆଶା ଦେଖା ଯାଉଛି ।

(ହିମ୍ମତ ପତ୍ରିକାର ସୌଜନ୍ୟରୁ)

Digitized by srujanika@gmail.com

# ଅର୍ଥନୈତିକ ପରାଧୀନତା

ଅଧ୍ୟାପକ ଡକ୍ଟର ବୈଦ୍ୟନାଥ ମିଶ୍ର

ଭାରତରେ ଯୋଜନା ଆରମ୍ଭ ଦିନ ଠାରୁ ସ୍ୱାବଲମ୍ବନଶୀଳତା ଉପରେ ଗୁରୁତ୍ୱ ଦିଆ ହୋଇ ଆସୁଛି । ଏପରିକି ଯୋଜନା ପୂର୍ବରୁ ମଧ୍ୟ ସ୍ୱାବଲମ୍ବନଶୀଳତାକୁ ଭାରତର ଆର୍ଥନୀତିକ ପ୍ରଗତିର ଏକ ପ୍ରଧାନ ଲକ୍ଷ୍ୟ ବୋଲି ଘୋଷଣା କରାଯାଇଛି । କିନ୍ତୁ ସ୍ୱାଧୀନତା ପରେ ପ୍ରାୟ କୋଡ଼ିଏ ବର୍ଷ ଅତି କ୍ରମ ହୋଇଥିଲେ ମଧ୍ୟ ଓ ତିନୋଟି ପଞ୍ଚ ବାର୍ଷିକ ଯୋଜନା ଏ ଦେଶରେ କାର୍ଯ୍ୟକାରୀ ହୋଇ ସାରିଥିଲେ ସୁଦ୍ଧା, ଆମେ ଆତ୍ମନିର୍ଭର ଶୀଳ ହେବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ । ଆମର ଆର୍ଥନୀତିକ ପରାଧୀନତା ବରଂ ବର୍ଷକୁ ବର୍ଷକୁ ବୃଦ୍ଧି ହେବାରେ ଲାଗିଛି । ଅନୁନ୍ନତ ଅର୍ଥନୀତିର ଉନ୍ନତି ପାଇଁ କିଛି କିଛି ବୈଦେଶିକ ସାହାଯ୍ୟ ଯେ ଦରକାର, ଏଥିରେ କୌଣସି ସନ୍ଦେହ ନାହିଁ । ପ୍ରାଥମିକ ଅବସ୍ଥାରେ ପ୍ରତ୍ୟେକ ଅନୁନ୍ନତ ଦେଶ ବୈଦେଶିକ ସାହାଯ୍ୟ ଉପରେ ନିର୍ଭର କରି ନିଜ ଅର୍ଥନୀତିର ଉନ୍ନତି କରିଛନ୍ତି । ଭାରତରେ ଯଥେଷ୍ଟ ପୁଞ୍ଜି ନାହିଁ, ଯଥେଷ୍ଟ କଳ କବଜା ନାହିଁ, କାରିଗରୀ ଶିକ୍ଷାର ଯଥେଷ୍ଟ ପ୍ରସାର ହୋଇ ନାହିଁ, ତେଣୁ ଏ ସବୁ ଜିନିଷ ବିଦେଶରୁ ଆମଦାନୀ କରି ଅର୍ଥନୀତିରେ ଖଟେଇବାକୁ ପଡ଼ିବ । କିନ୍ତୁ ପ୍ରଶ୍ନ ହେଉଛି ଯେ ଆମେ ଯେଉଁ ଅନୁପାତରେ ଜିନିଷପତ୍ର ଆମଦାନୀ କରିବାକୁ ଯାଉଛୁ, ସେହି ଅନୁପାତରେ ଯଦି ଅନ୍ୟ କୌଣସି ଜିନିଷ ବିଦେଶକୁ ରପ୍ତାନୀ କରି ପାରନ୍ତୁ, ତାହାହେଲେ ବିଦେଶ ଉପରେ ବେଶୀ ନିର୍ଭର କରିବା ବା ବୈଦେଶିକ ସାହାଯ୍ୟ ଗ୍ରହଣ କରିବା ଦରକାର ପଡ଼ନ୍ତା ନାହିଁ । କିନ୍ତୁ ଅତି ଦୁଃଖର କଥା ଯେ ଯୋଜନା ଯେତେ ଆଗେଇ ଥିଲେ ମଧ୍ୟ ଆମଦାନୀ ଓ ରପ୍ତାନୀ ଭିତରେ ଆମେ ସାମଞ୍ଜସ୍ୟ ଆଣି ପାରି ନାହୁଁ । ବରଂ ଏହା ଭିତରେ ଏହି ବିଭେଦ ବୃଦ୍ଧି ହେବାରେ ଲାଗିଛି ।

## ଆମଦାନୀ ଓ ରପ୍ତାନୀ ଭିତରେ ବ୍ୟବଧାନ

ଉଦାହରଣ ସ୍ୱରୂପ ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଆମେ ଯେତେ ରପ୍ତାନୀ କରିଥିଲୁ, ତା'ଠାରୁ ୩୧୮ କୋଟି ଟଙ୍କାର ଅଧିକ ଜିନିଷପତ୍ର ଓ ସେବା (Services) ବିଦେଶରୁ ଆମଦାନୀ କରୁଥିଲୁ । ତେଣୁ ଆମ ବ୍ୟବସାୟ ଓ ବାଣିଜ୍ୟ ସମତୁଲ ହୋଇ ପାରିଲା ନାହିଁ । ଆମ ପାଖରେ ଯାହା କିଛି ବୈଦେଶିକ ମୁଦ୍ରା ଗଚ୍ଛିତ ଥିଲା, ସେଥିରୁ

Digitized by srujanika@gmail.com

କରୁ ଦେଇ ଏ ବ୍ୟବଧାନକୁ ପୂରଣ କରିବାକୁ ଚେଷ୍ଟା କଲୁ । କିନ୍ତୁ ତାହା ଅଣ୍ଟିଲ ନାହିଁ । ସେଥିପାଇଁ ପ୍ରାୟ ୧୯୬ କୋଟି ଟଙ୍କାର ବୈଦେଶିକ ସାହାଯ୍ୟ ଲଗାଇ ଏହି ଅଭାବକୁ ପୂରଣ କଲୁ । କିନ୍ତୁ ଦ୍ୱିତୀୟ ପଞ୍ଚ ବାର୍ଷିକ ଯୋଜନା ବେଳକୁ ଆମଦାନୀ ମାତ୍ରା ରପ୍ତାନୀ ମାତ୍ରାଠାରୁ ୨୦୫୯ କୋଟି ଟଙ୍କା ବୃଦ୍ଧି ପାଇଲା । ସେତେବେଳକୁ ଆମର ଗଚ୍ଛିତ ବୈଦେଶିକ ମୁଦ୍ରାର ମଧ୍ୟ ଅଭାବ ପଡ଼ିଲା । ତେଣୁ ଦ୍ୱିତୀୟ ପଞ୍ଚ ବାର୍ଷିକ ଯୋଜନାରେ ପ୍ରାୟ ୧୪୦୬ କୋଟି ଟଙ୍କା ବୈଦେଶିକ ସାହାଯ୍ୟ ସଂଗ୍ରହ କରି ଏହି ଅଭାବ ପୂରଣ କଲୁ । କିନ୍ତୁ ଏଥିରେ ମଧ୍ୟ ଆମର ଅଭାବ ପୂରଣ ହେଲା ନାହିଁ କି ଭାରତୀୟ ଅର୍ଥନୀତି ଆତ୍ମନିର୍ଭରଶୀଳ ହୋଇ ପାରିଲା ନାହିଁ । ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳ ଭିତରେ ଆମଦାନୀ ଓ ରପ୍ତାନୀ ଭିତରେ ବ୍ୟବଧାନ ଆହୁରି ବୃଦ୍ଧି ହୋଇ ପ୍ରାୟ ୨୫୯୮ କୋଟି ଟଙ୍କାରେ ପହଞ୍ଚିଲା । ଏହି ବ୍ୟବଧାନକୁ ପୂରଣ କରିବାକୁ ଆମେ ପ୍ରାୟ ୨୪୩୮ କୋଟିର ବୈଦେଶିକ ସାହାଯ୍ୟ ଖଟାଇଲୁ । ନିମ୍ନଲିଖିତ ଟେବୁଲରେ ତିନୋଟି ଯୋଜନାର ହିସାବ ଏକତ୍ର ପରିବେଷଣ କରାଯାଇଛି ।

## ଆମଦାନୀ ଓ ରପ୍ତାନୀରେ ବ୍ୟବଧାନ ଓ ବୈଦେଶିକ ସାହାଯ୍ୟ

| | ପ୍ରଥମ ଯୋଜନା | ଦ୍ୱିତୀୟ ଯୋଜନା | ତୃତୀୟ ଯୋଜନା |
|---|---|---|---|
| ଆମଦାନୀ ଓ ରପ୍ତାନୀର ବ୍ୟବଧାନ | ୩୧୮ | ୨୦୫୯ | ୨୫୯୮.୪ |
| ବ୍ୟବହୃତ ବୈଦେଶିକ ସାହାଯ୍ୟ | ୧୯୬ | ୧୪୦୬ | ୨୪୩୭.୭ |

ଏହି ହିସାବରୁ ଦେଖାଯିବ ଯେ ଆମର ଯୋଜନା ଯେତିକି ଅଗ୍ରଗତି କରିଛି, ବୈଦେଶିକ ସାହାଯ୍ୟ ଉପରେ ନିର୍ଭରଶୀଳତା ସେତିକି ଅଧିକ ହୋଇଛି । ଖାଲି ସେତିକି ନୁହେଁ, ଯୋଜନା ଯେତିକି ଆଗଉଛି, ଯୋଜନାରେ ଅର୍ଥନୀତିକ ଉନ୍ନତି ପାଇଁ ବିନିଯୋଗ ହେଉଥିବା ଅର୍ଥର ଅଧିକାଂଶ ଭାଗ ବୈଦେଶିକ ସାହାଯ୍ୟରୁ ଆସୁଛି । ଉଦାହରଣ ସ୍ୱରୂପ, ପ୍ରଥମ ଯୋଜନାରେ ଯେତେ ଅର୍ଥ ବିନିଯୋଗ କରାଯାଇଥିଲା, ତାର ଶତକଡ଼ା ୫.୮ ଭାଗ ବୈଦେଶିକ ସାହାଯ୍ୟରୁ ଭରଣା କରା ଯାଇଥିଲା, ଦ୍ୱିତୀୟ ଓ ତୃତୀୟ ଯୋଜନାରେ ଏହା ବୃଦ୍ଧି ପାଇ ଯଥାକ୍ରମେ ୨୦.୧ ଓ ୨୫ ଭାଗ ହେଲା । ଏହି ହିସାବରୁ ଭାରତୀୟ ଆର୍ଥନୀତିକ ପ୍ରଗତିର ଧାରା ବିଷୟରେ ଏକ ସମ୍ୟକ ଧାରଣା କରି ହେବ ।

## ବୈଦେଶିକ ଋଣଭାର ଓ ତାର ପରିଣତି

ଆର୍ଥନୀତିକ ପ୍ରଗତି ଯାହା ହେଉ ପଛେ, ଏହି ବୈଦେଶିକ ସାହାଯ୍ୟ ବୃଦ୍ଧି ହେବା ଫଳରେ ଭାରତରେ ଏବେ ଏକ ବିଷମ ପରିସ୍ଥିତି ସୃଷ୍ଟି ହୋଇଛି । ବୈଦେଶିକ ଋଣ ଏବେ ଏତେ ବୃଦ୍ଧି ପାଇଛି ଯେ ଏହି ଋଣ ଏବଂ ଋଣ ବାବଦ

Digitized by srujanika@gmail.com

ସୁଧରୁ ଆମେ କପରି ମୁକୁଳିବୁ, ତାହା ଭାରତ ସରକାର ବିଚାର କରି ସ୍ଥିର କରି ପାରୁ ନାହାନ୍ତି। ୧୯୫୦-୫୧ ରେ ଭାରତ ସରକାରଙ୍କର ବୈଦେଶିକ ଋଣର ମାତ୍ରା ମୋଟେ ୩୨ କୋଟି ଟଙ୍କା ଥିଲା। ୧୯୬୫-୬୬ କୁ ଏହା ବୃଦ୍ଧି ପାଇ ୨୬୨୧ କୋଟି ଟଙ୍କା ହେଲା, ଅର୍ଥାତ୍ ୧୫ ବର୍ଷ ଭିତରେ ୮୨ ଗୁଣ ବଢ଼ିଗଲା। ଯଦି ଏହି ଋଣ ସାହାଯ୍ୟରେ ଆମ ଅର୍ଥନୀତିର ଯଥେଷ୍ଟ ଉନ୍ନତି ହୋଇଥାନ୍ତା, ତାହାହେଲେ ବିନା କଷ୍ଟରେ ମୂଳ ଓ ସୁଧ ପରିଶୋଧ କରିବାକୁ ଆମେ କ୍ଷମ ହୋଇ ଥାଆନ୍ତେ। କିନ୍ତୁ ଗତ ଦଶ ବର୍ଷ ଭିତରେ ଆମ ଅର୍ଥନୀତିର ପ୍ରଗତି ହାର କମି ଯାଇଛି। ବିଶେଷ ଭାବରେ ତୃତୀୟ ଯୋଜନା କାଳ ଭିତରେ ଆମେ ଯେତେ ଆୟ ବୃଦ୍ଧି କରିବାକୁ ଚାହିଁଥିଲେ ତାହାର ଅଧେ ମଧ୍ୟ ବୃଦ୍ଧି ହୋଇ ପାରି ନାହିଁ। ବର୍ତ୍ତମାନ ଏପରି ଏକ ସମୟ ଆସି ପହଞ୍ଚିଛି ଯେତେବେଳେ କି କରଜ ଓ କରଜ ବାବଦ ସୁଧ ପରିଶୋଧ କରିବା ପାଇଁ ଆମକୁ ଅଧିକ କରଜ ଆଣିବା ଦରକାର ପଡ଼ୁଛି। ଆମେ ଅଧିକ କରଜ ନ ପାଇଲେ, କରଜ ପରିଶୋଧ କରି ପାରୁନାହୁଁ। ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ଯେଉଁ ହିସାବ ଦିଆଯାଇଛି, ସେଥିରୁ ଦେଖା ଯାଉଛି ଯେ ସରକାର ଋଣ ଓ ଋଣ ବାବଦ କରଜ ପରିଶୋଧ କରିବା ପାଇଁ ପ୍ରତ୍ୟେକ ବର୍ଷ ଅନ୍ତତଃ ୩୦୦ କୋଟି ଟଙ୍କା ବିଦେଶୀ ସରକାରଙ୍କୁ ବୈଦେଶିକ ମୁଦ୍ରାରେ ଦେବେ। ଏହା ଭିତରେ ଭାରତୀୟ ମୁଦ୍ରାର ବିନିମୟ ହାର କମି ଯାଇଥିବାରୁ ଏହାର ମାତ୍ରା ବୃଦ୍ଧି ହୋଇଛି। ଅର୍ଥାତ୍ ମୁଦ୍ରାର ବିନିମୟ ହାର ହ୍ରାସ ଯୋଗୁଁ ସରକାରଙ୍କୁ ଋଣ ଓ ଋଣ ବାବଦ ସୁଧ ପରିଶୋଧ କରିବା ପାଇଁ ପ୍ରତ୍ୟେକ ବର୍ଷ ପ୍ରାୟ ୪୬୦ କୋଟି ଟଙ୍କା ବୈଦେଶିକ ମୁଦ୍ରା ସଂଗ୍ରହ କରିବାକୁ ପଡ଼ିବ। ଏହା ବ୍ୟତୀତ ଆମଦାନୀ ଓ ରପ୍ତାନୀ ଭିତରେ ବ୍ୟବଧାନ ଅଛି। ସେ ବାବଦରେ ପ୍ରାୟ ବର୍ଷକୁ ୧୨୦୦ କୋଟି ଟଙ୍କା ବୈଦେଶିକ ମୁଦ୍ରା ଦରକାର ପଡ଼ିବ। ସରକାର ଏତେ ବୈଦେଶିକ ସାହାଯ୍ୟ ପାଇବେ କେଉଁଠାରୁ, ଯଦିବା ପାଇବେ, ଏଥିରେ ଭାରତର ଆତ୍ମନିର୍ଭରଶୀଳତା ବୃଦ୍ଧି ବା ପାଇବ କପରି ?

## ବୈଦେଶିକ ସାହାଯ୍ୟର ଢଙ୍ଗ

ଆମକୁ ଯଦି ବିଦେଶୀ ସରକାରମାନେ ସାହାଯ୍ୟ ଆକାରରେ କିଛି ବୈଦେଶିକ ମୁଦ୍ରା ଦେଇଥାନ୍ତେ, ତାହାହେଲେ ଆମକୁ ବେଶୀ ଚିନ୍ତା କରିବାକୁ ପଡ଼ନ୍ତା ନାହିଁ। ଦ୍ୱିତୀୟ ମହାଯୁଦ୍ଧ ପରେ ୟୁରୋପରେ ଯେତେବେଳେ ଆମେରିକା ତରଫରୁ ମାର୍ଶାଲ ସାହାଯ୍ୟ ପାଣ୍ଠି ଜରିଆରେ ସାହାଯ୍ୟ ଦିଆ ଗଲା, ସେଥିର ଶତକଡ଼ା ୯୦ ଭାଗ ସାହାଯ୍ୟ ଥିଲା, ଯାହାକୁକି ଇଉରୋପୀୟ ରାଜ୍ୟମାନେ ପରିଶୋଧ କରିବା ଦରକାର ପଡ଼ୁ ନଥିଲା। ତେଣୁ ସେମାନେ ଆମେରିକା ପାଖରେ ବେଶୀ ଋଣଗ୍ରସ୍ତ ହେଲେ ନାହିଁ। କିନ୍ତୁ ଆମେ ଯେଉଁ ସବୁ ବୈଦେଶିକ ସାହାଯ୍ୟ ପାଉଛୁ, ତାହା ସାହାଯ୍ୟ ନାମରେ ଯାଉ-ଥିଲେ ମଧ୍ୟ, ତାର ଅଧିକାଂଶ ଭାଗ ହେଉଛି

Digitized by srujanika@gmail.com

ଋଣ, ଶତକଡ଼ା ପ୍ରାୟ ୧୦ ଭାଗ ହେଉଛି ପ୍ରାକୃତିକ ସାହାଯ୍ୟ, ଯାହାକୁ କି ପରିଶୋଧ କରିବା ଦରକାର ନାହିଁ । ସେ ସାହାଯ୍ୟରେ ମଧ୍ୟ ଅନେକ ସର୍ତ୍ତ ଅଛି, ସାହାଯ୍ୟକାରୀମାନେ ତାଙ୍କର ସାହାଯ୍ୟରେ ଆମକୁ ସେମାନଙ୍କ ଜିନିଷ କିଣିବାକୁ ବାଧ୍ୟ କରିବେ, ସେମାନଙ୍କ ଲୋକଙ୍କୁ ଭାରତକୁ ବିଶେଷଜ୍ଞ କରି ପଠାଇବେ । ଆମେ ଆମ ନିଜ ଇଚ୍ଛାରେ ସେ ସାହାଯ୍ୟ ବ୍ୟବହାର କରି ପାରିବୁ ନାହିଁ । ଆଜି ଯେଉଁ ସବୁ ସାହାଯ୍ୟ ଋଣ ଆକାରରେ ଆସୁଛି, ତାର ପରିମାଣ ବୃଦ୍ଧି ହେବା ଫଳରେ ଆମର ଅର୍ଥନୀତି ବିଦେଶୀ ଅର୍ଥନୀତି ସହିତ ବନ୍ଧା ହୋଇ ଯାଉଛି । ଋଣ ଓ ସୁଧ ପରିଶୋଧ କରିବା ପାଇଁ ପୁଣି ଅଧିକା ସାହାଯ୍ୟ ଲୋଡ଼ୁଛୁ ।

ଏହି ଯେଉଁ ଜଟିଳ ପରିସ୍ଥିତି ଭିତର ଦେଇ ଆମେ ଗତି କରୁଛୁ, ସେଥିରୁ ଉଦ୍ଧାର ପାଇବାକୁ ହେଲେ ଆମର ଯୋଜନାର ମାର୍ଗ ପରିବର୍ତ୍ତନ କରି ଆତ୍ମନିର୍ଭରଶୀଳତା ପାଇଁ ଉଦ୍ୟମ କରିବାକୁ ପଡ଼ିବ । ତା ନହେଲେ, ଭାରତ ରାଜନୀତିକ ସ୍ୱାଧୀନତା ପାଇ ମଧ୍ୟ ଆର୍ଥିକ କ୍ଷେତ୍ରରେ ଚିରଦିନ ପରାଧୀନ ହୋଇ ରହିବ ।

---

## କ୍ଷୀର ନୀର

ସାଧୁ ଲୋକଙ୍କର ବନ୍ଧୁତା କ୍ଷୀର ନୀର ପରି । ନୀର ଯେତେବେଳେ କ୍ଷୀର ସଙ୍ଗେ ମିଶେ, ସେ ନିଜକୁ ସମ୍ପୂର୍ଣ୍ଣ ଭାବରେ ହଜାଇ ଦିଏ । ତା'ର ପ୍ରତିଦାନରେ କ୍ଷୀର ନିଜର ସମସ୍ତ ଗୁଣ ନୀରକୁ ଦେଇ ଦିଏ । କ୍ଷୀରକୁ ନିଆଁରେ ତତାଇଲେ ବନ୍ଧୁର ଦୁଃଖରେ ନୀର ନିଜକୁ ଅଗ୍ନିରେ ଝାସ ଦିଏ ବା ଜଳୀୟବାଷ୍ପ ଆକାରରେ ଉଡ଼ିଯାଏ । କ୍ଷୀର ବନ୍ଧୁର ଏ ଆତ୍ମଦାନ ଦେଖି ତା ସହିତ ମିଶିବା ପାଇଁ ବ୍ୟାକୁଳତା ପ୍ରକାଶ କରେ ବା ଉଛୁଳି ପଡ଼େ । ବନ୍ଧୁ ସହିତ ପୁଣି ତା'ର ମିଳନ ହେଲେ, ଅର୍ଥାତ୍ ଟିକିଏ ପାଣି ଛିଞ୍ଚି ଦେଲେ ସେ ଯାଇ ସ୍ଥିର ହୋଇ ରହେ ।

ଭର୍ତ୍ତୃହରି, ନୀତି ଶତକ

Digitized by srujanika@gmail.com

କୋଣାର୍କ ମନ୍ଦିର ବହୁ ଦିନ ପରିତ୍ୟକ୍ତ ହେବାପରେ ଏହା କାହିଁକି ଏତେ ଶୀଘ୍ର ଭାଙ୍ଗି ପଡ଼ିଲା, ଏହାର ସଂରକ୍ଷଣ କାର୍ଯ୍ୟ କିପରି ବହୁ ବିଳମ୍ବରେ ଆରମ୍ଭ ହେଲା ଓ ନବଗ୍ରହ ସ୍ଥାନାନ୍ତରିତ କରିବାର ଚେଷ୍ଟା ପରିତ୍ୟକ୍ତ ହେଲା, ତାହା କେତେଗୁଡ଼ିଏ ଐତିହାସିକ ଚିଠି ପ୍ରକାଶ କରି ଲେଖକ ଏଥିରେ ଛୋଟ ଲାଟ, କମିସନର, ମାଜିଷ୍ଟ୍ରେଟ, ରାଜା, ମହାନ୍ତ, ପଣ୍ଡିତ ପ୍ରଭୃତିଙ୍କର ଭୂମିକା ଉଲ୍ଲେଖ କରିଛନ୍ତି ।

# କୋଣାର୍କ ସମ୍ପର୍କରେ କେତୋଟି ଚିଠି

ଅଧ୍ୟାପକ ପ୍ରଭାତ ମୁଖାର୍ଜୀ

( ୧ )

ଲେଖକ—ଜେମସ୍ ପ୍ରିନ୍‌ସେପ, ସେକ୍ରେଟାରୀ,
ଏସିଆଟିକ ସୋସାଇଟି, କଲିକତା

ପାଠକ—ଟି. ଏଚ, ମ୍ୟାଡ଼କ, ସେକ୍ରେଟାରୀ,
ଭାରତ ଗଭର୍ଣ୍ଣମେଣ୍ଟ୍

ତାରିଖ—୧୮ ଅଗଷ୍ଟ, ୧୮୩୮

ଏସିଆଟିକ ସୋସାଇଟିର ବିଗତ ଅଧିବେଶନରେ ଜଣେ ସଦସ୍ୟଙ୍କ (୧) ଚିଠି ପଠିତ ହେଲା, ସେ ଲେଖିଛନ୍ତି ଯେ କର୍ତ୍ତୃପକ୍ଷ ଖୋର୍ଦ୍ଧା ରାଜାଙ୍କ ଦ୍ୱାରା କୋଣାର୍କ ମନ୍ଦିର ବା ବ୍ଲାକ ପାଗୋଡ଼ାର କ୍ଷତି କରିବା ବନ୍ଦ କରୁ ନାହାନ୍ତି । ଖୋର୍ଦ୍ଧା ରାଜା କଟକ ପ୍ରଦେଶର ଭୂତପୂର୍ବ କମିଶନର (୨) ମି: ୱିଲ୍‌କିନସଙ୍କ ଠାରୁ ମନ୍ଦିରର ଧ୍ୱଂସ ସ୍ତୂପରୁ କେତୋଟି ପଥର ସଂଗ୍ରହ କରିବା ପାଇଁ ଅନୁମତି ପାଇଥିଲେ । ରାଜା ଏହି ଅନୁମତି ସମ୍ପର୍କରେ ଭୁଲ ଧାରଣା କରି ସମଗ୍ର ସୌଧଟିକୁ ଭାଙ୍ଗିବାକୁ ଆରମ୍ଭ କରିଛନ୍ତି । ପ୍ରଧାନ ମୂର୍ତ୍ତି ଗୁଡ଼ିକୁ ସେ ନିଜର ଘରକୁ ନେଇ ଯାଉଛନ୍ତି, ବଡ଼ ବଡ଼ ଖୋଦିତ ପ୍ରସ୍ତର ଗୁଡ଼ିକୁ ନେଇ ଯାଇ ନ ପାରିଲେ ସେଠାରେ ଫୋପାଡ଼ି ଦେଉଛନ୍ତି ।

ଏହି ଭାବରେ ତାଙ୍କୁ କାର୍ଯ୍ୟ କରିବାକୁ ଦିଆ ଗଲେ ଏହି ପୁରାତନ ସୌଧ (ଏହି ଉପକୂଳର ପ୍ରଧାନ ଲକ୍ଷ୍ୟ ବସ୍ତୁ) ସମ୍ପୂର୍ଣ୍ଣ ଧ୍ୱଂସ ହୋଇ ଯିବାର ସମ୍ଭାବନା ଅଛି ।

Digitized by srujanika@gmail.com

ତେଣୁ ସୋସାଇଟି ଏହି ବ୍ୟାପାରରେ ଗଭର୍ଣ୍ଣମେଣ୍ଟର ଦୃଷ୍ଟି ଆକର୍ଷଣ କରୁଛୁ । ସୋସାଇଟି ଆଶା କରେ ଯେ ମାନନୀୟ ସପରିଷଦ ବଡ଼ଲାଟ ଏଥିରେ ହସ୍ତକ୍ଷେପ କରି ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇ ରାଜାଙ୍କୁ ଧ୍ୱଂସ କାର୍ଯ୍ୟରେ ଆଉରି ଅଗ୍ରସର ହେବାରୁ ନିବୃତ୍ତ କରିବେ ।

ଯଦି କେତୋଟି ବଡ଼ ଖୋଦିତ ପଥର ଖଣ୍ଡେ ପୁଣି ଯଥାସ୍ଥାନ ସ୍ଥାପନ ସମ୍ଭବ ନ ହୁଏ (ବିଶେଷତଃ ମି: ଷ୍ଟାର୍ଲିଂଙ୍କ କଟକର ଇତିହାସରେ ଯେଉଁ ସୁନ୍ଦର ଭାବେ ଖୋଦିତ ତୋରଣଟିର ଛବି ଦିଆ ହୋଇଛି), ତା'ହେଲେ ସୋସାଇଟି ସେହି ସବୁ ଗୁରୁ କଳା ସମ୍ପନ୍ନ ପଥର ଗୁଡ଼ିକୁ ବୋହି ଆଣି ପାରିବା ଭଳି ଗୋଟିଏ ଜାହାଜରେ ସେମାନଙ୍କ ମିଉଜିୟମରେ ସ୍ଥାନାନ୍ତରିତ କରିବାକୁ ଚାହେଁ ।

କିନ୍ତୁ ସୋସାଇଟିର ପ୍ରଧାନ ଉଦ୍ଦେଶ୍ୟ ହେଲା —ମନ୍ଦିରଟିର ଆଉରି କ୍ଷତି ସାଧନ ବନ୍ଦ କରିବା (୩)

ଟୀକା— (୧) ସୋସାଇଟିର ଲାଇବ୍ରେରିଆନ୍ ଲେଫ୍‌ଟେନାଣ୍ଟ ମାର୍କହାମ କିଟୋ ୧୮୩୮ ରେ କୋଣାର୍କ ପରିଦର୍ଶନ କରି ଖୋର୍ଦ୍ଧା ରାଜାଙ୍କ ଦ୍ୱାରା ମନ୍ଦିର ଭାଙ୍ଗିବା ବିଷୟରେ ସୋସାଇଟିକୁ ଲେଖିଲେ । ସୋସାଇଟିର ଅଧିବେଶନ ବେଳେ ସେ ବମ୍ବେ ବଦଳି ହୋଇ ଯାଇଥିଲେ ।

(୨) ଉଇଲିଅମ୍ ଉଇଲ୍‌କିନ୍‌ସନ୍ ପୁରୀର ମ୍ୟାଜିଷ୍ଟ୍ରେଟ ଥିଲେ । ସେ କମିଶନର ହୋଇ ନ ଥିଲେ ।

(୩) ବେଙ୍ଗଲ ଗଭର୍ଣ୍ଣମେଣ୍ଟ କଟକ ପ୍ରଦେଶର କମିଶନରଙ୍କୁ ଏ ବିଷୟରେ ଅନୁସନ୍ଧାନ କରିବାକୁ ଲେଖିଲେ

( ୨ )

ଲେଖକ—ହେନ୍‌ରି ରିକେଟ୍‌ସ୍, କମିଶନର, କଟକ ପ୍ରଦେଶ

ପାଠକ—ଫ୍ରେଡ଼େରିକ ହ୍ୟାଲିଡ଼େ, ସେକ୍ରେଟାରି, ବେଙ୍ଗଲ ଗଭର୍ଣ୍ଣମେଣ୍ଟ

ତାରିଖ—୩୧ ଅକ୍ଟୋବର ୧୮୩୮

ମୁଁ ପୁରୀର ମ୍ୟାଜିଷ୍ଟ୍ରେଟଙ୍କ ଚିଠିର ନକଲ ପଠାଇ ଦେଉଛୁ । ଏହି ଚିଠିରେ ସେ କାହିଁକି ବ୍ଲାକ୍ ପ୍ୟାଗୋଡ଼ା ଭାଙ୍ଗିବାକୁ ଦିଆ ଗଲା, ତାର କାରଣ ଦର୍ଶାଇଛନ୍ତି । ଖୋର୍ଦ୍ଧା ରାଜା ବିଦାୟୀ ମ୍ୟାଜିଷ୍ଟ୍ରେଟ୍ ମି: ଉଇଲକିନସନଙ୍କ ଠାରୁ କେତୋଟି କଳା ଆଉ ଧଳା ପଥର ଆଣି ଜଗନ୍ନାଥ ମନ୍ଦିରର ଗୋଟିଏ ଅଂଶ ମରାମତି କରିବାକୁ ଅନୁମତି ମାଗିଥିଲେ । ତାଙ୍କୁ ଅନୁମତି ଦିଆଗଲା, ମାତ୍ର ରାଜା କେବଳ ଯେ ତଳେ ପଡ଼ିଥିବା ପଥର ଗୁଡ଼ିକ ନେଇ ଗଲେ ତାହା ନୁହେଁ, ସେ ପ୍ରାଚୀନ ସୌଧଟିକୁ ଭାଙ୍ଗିବାକୁ ଆରମ୍ଭ କଲେ । ରାଜାଙ୍କ ଉପସ୍ଥିତ 'ନବଗ୍ରହ' ନାମରେ ବିରାଟ ପଥରଟିକୁ ତଳେ ଖସାଇ ରଖା ହୋଇଛି, କିନ୍ତୁ ଏବେ ମଧ୍ୟ ସ୍ଥାନାନ୍ତରିତ କରା ହୋଇ ନାହିଁ ।

ଭବିଷ୍ୟତରେ ଆଉ କୌଣସି ପଥର ନ ନେଇ ଦିବାକୁ ରାଜାଙ୍କୁ ନିର୍ଦ୍ଦେଶ ଦିଆ ହୋଇଛି, କାରଣ ବ୍ଲାକ ପାଗୋଡ଼ା ସ୍ଥଳର ଲକ୍ଷ୍ୟ ବସ୍ତୁ ହିସାବରେ ସବୁ ଭୂଚିତ୍ରରେ

Digitized by srujanika@gmail.com

ଉଲ୍ଲିଖିତ ହୋଇଛୁ । ମୋ ମତରେ ନବଗ୍ରୀହମ୍‌କୁ ଲକ୍ଷ୍ୟ ବସ୍ତୁ ହୋଇ ପାରିବା ଭଳି ଗୋଟିଏ ଉଚ୍ଚ ଖିଲାଣ ଉପରେ ରଖା ଯାଉ ।

ଟୀକା—ହେନଶ୍ୱ ରିକେଟ୍‌ସ ବାଧା ଦେଇ ନ ଥିଲେ କୋଣାର୍କ ମନ୍ଦିର ଧ୍ୱଂସ ସ୍ତୁପରେ ପରିଣତ ହୋଇଥାନ୍ତା । କିନ୍ତୁ ନବଗ୍ରହ ପଥରଟିକୁ ଉପରକୁ ଟେକା ହେଲା ନାହିଁ । ୩୧ । ୧୦ । ୧୮୩୮ ତାରିଖରେ କମିଶନର ମିଲସ୍ ସାହେବ କୋଣାର୍କ ମନ୍ଦିର ଉପରେ ଗୋଟିଏ ବନ୍ଧ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଲେ । ତାହା ମଧ୍ୟ କାର୍ଯ୍ୟକାରୀ ହେଲା ନାହିଁ । କୋଡ଼ିଏ ବର୍ଷ କୋଣାର୍କ ମନ୍ଦିର ଆଡ଼କୁ କେହି ନଜର ଦେଲେ ନାହିଁ । ସଂରକ୍ଷଣ ନ ହେଲେ ସୌଧଟି ଭୂପୃଷ୍ଠ ପଡ଼ିବ, ଏ କଥା ପୁନର୍ବାର ମ୍ୟାକକ୍ରେଟ ୧୮୫୪ ରେ କମିଶନରଙ୍କୁ ଜଣାଇଲେ ।

( ୩ )

ଲେଖକ—ଜର୍ଜ ଫ୍ରେଡ଼େରିକ୍ କକବର୍ଣ୍ଣ,
କମିଶନର, କଟକ ପ୍ରଦେଶ
ପାଠକ —ପୁଣି ମ୍ୟାକକ୍ରେଟ୍
ତାରିଖ —୧୫ ଡ଼ିସେମ୍ବର, ୧୮୫୪

ବ୍ଲାକ ପାଗୋଡ଼ା ଭାଙ୍ଗି ପଡ଼ୁଛି, ଏଥି ପାଇଁ ଖେଦ ନ କରି ବରଂ ଆନନ୍ଦିତ ହେବା ଦରକାର । ମୋ ମତରେ ଏହି କଦର୍ଯ୍ୟ ମୂର୍ତ୍ତି ସମ୍ବଳିତ ସୌଧଟିର ବାକି ଅଂଶଟିକ ଭୂପୃଷ୍ଠ ପଡ଼ିଲେ ଭଲ ହେବ । ଏହି ଧ୍ୱଂସାର୍ଦ୍ଧ ସୌଧର ବାକି ଅଂଶ ରକ୍ଷା କରିବା ପାଇଁ ଗୋଟିଏ ଟଙ୍କା ମଧ୍ୟ ଖର୍ଚ୍ଚ କରିବାର ପ୍ରୟୋଜନ ନାହିଁ ।

ଟୀକା—ମନ୍ଦିର ସଂରକ୍ଷଣ ପ୍ରସ୍ତାବ ଅଗ୍ରାହ୍ୟ ହେଲେ, ବେଙ୍ଗଲ୍ ଗଭର୍ଣ୍ଣମେଣ୍ଟ କକବର୍ଣ୍ଣଙ୍କୁ କଲିକତା ମିଉଜିୟମକୁ ନବଗ୍ରହ ପଥର ପଠାଇ ଦେବା ପାଇଁ ଲେଖିଲେ ।

( ୪ )

ଲେଖକ—ଜର୍ଜ ରେଣିର, ଏକ୍‌ସିକ୍ୟୁଟିଭ ଇନ୍‌ଜିନିଅର, ପୁରୀ ଡ଼ିଭିଜନ
ପାଠକ—ଜଜ କକବର୍ଣ୍ଣ, କମିଶନର
ତାରିଖ—୮ ଫେବୃଆରୀ ୧୮୬୦

ନବଗ୍ରହ ପଥରର ଘନଫଳ ୩୬୧·୫ ଘନଫୁଟ, ଏହାର ଓଜନ ୬୧୯୭·୨୫ ହନ୍ଦର ବା ୨୬·୬୭ ଟନ ବା ପ୍ରାୟ ୨୭୨୭ ମହଣ । ସୌଧଟି ଗଡଶୀଳ ବାଲି ଜୁଦ ଦ୍ୱାରା ପରିବେଷ୍ଟିତ । ରାସ୍ତା ତିଆରି କରି ପଥରଟି ବେଲଣା ସାହାଯ୍ୟରେ କାଠ ପଟା ଉପରେ, ରଖି, ଦଉଡ଼ି ଦେଇ ଟାଣି, ହାତ ଚୁଣ୍ଡା ଦ୍ୱାରା ଠେଲି ସମୁଦ୍ର କୂଳକୁ ନିବା ପାଇଁ ଫାଙ୍କ ଅଛି ।

୨୧ ଖଣ୍ଡ ବାର-ଇଞ୍ଚ ଲମ୍ବା କାଠ ପଟା, ୮ଟା ଶାଳ କାଠ ଖଣ୍ଡର ବେଲଣା, ୫୦ ଟା ହାତଚୁଣ୍ଡା, ୨୫ ଟା ଶାବଳ ଏବଂ ୬ ଟା ଶହେ ଫୁଟ ଲମ୍ବା ଦୁଇ ଇଞ୍ଚିଆ ଦଉଡ଼ା ସାହାଯ୍ୟରେ ପଚିଶ ଜଣ ଲୋକ ଚାରି ଦିନରେ ପଥରଟିକୁ ସମୁଦ୍ର କୂଳକୁ ଟାଣି ନେଇ ପାରିବେ ।

ଜାହାଜ ପାଖକୁ ନେଇ ଯିବା ପାଇଁ ପଟଅସ୍ଥି ମଜବୁତ ଭେଲା ୬୫୦୦ ଗ୍ୟାଲନ୍

Digitized by srujanika@gmail.com

ପାଣି ଧରି ପାରିବ । ଏହି ଆକାରର କେତୋଟି ପିପା ଉପରେ ରଖି ବାନ୍ଧିବାକୁ ହେବ । ଏହି ଉପାୟରେ କେତୋଟି ଡଙ୍ଗା ସାହାଯ୍ୟରେ ପଥରଟିକୁ ଜାହାଜ ପାଖକୁ ନେଇ ଯାଇ ହେବ ।

କିନ୍ତୁ ଜାହାଜର ଦଉଡ଼ି ସାହାଯ୍ୟରେ କିପରି ସେଟିକୁ ଉପରେ ଟେକି ହେବ, ମୁଁ କହି ପାରିବି ନାହିଁ । କାରଣ ମୋର ଧାରଣା କୌଣସି ଉପକୂଳ-ବାହୀ ଜାହାଜର ଆକର୍ଷଣ ଯନ୍ତ୍ର ପଥରଟିକୁ ଉଠାଇବାକୁ ସକ୍ଷମ ହେବ ନାହିଁ । ଯଦିବା ଏହି ଭାର ଉତ୍ତୋଳନ ସମ୍ଭବ ହୁଏ, ଜାହାଜଟି ଗୋଟିଏ ଆଡ଼କୁ ଢଳି ପଡ଼ିବ ଏବଂ ପଥର ସମେତ ସମୁଦ୍ର ଗର୍ଭରେ ବୁଡ଼ି ଯିବ ।

ଟୀକା—ରେଣର ଏକଥା ମଧ୍ୟ ଜଣାଇଲେ ଯେ କୋଣାର୍କରେ ବର୍ଷରେ ଥରେ ଗୋଟିଏ ମେଳା ହୁଏ । ସେହି ମେଳା କିଛି ଦିନ ତଳେ ଶେଷ ହୋଇଛି । ମେଳା ସମୟରେ ଲୋକେ ପଥରଟିକୁ ପୂଜା କରନ୍ତି । ତେଣୁ ସ୍ଥାନୀୟ ଲୋକେ ପଥରଟିକୁ ଅପସାରଣ କଲେ ଆପତ୍ତି କରି ପାରନ୍ତି ।

୩୦୦୦୦ ଟଙ୍କା ଖର୍ଚ୍ଚ କରି ନୂଆ ଲାଇନ ବସାଇ ପଥରଟିକୁ ମାତ୍ର ଦୁଇ ଶତ ଗଜ ନିଆଗଲା । ସମୁଦ୍ର କୂଳ ଆହୁରି ମାଇଲଏ ଦୂରରେ ଥିବାରୁ ଏହି ବ୍ୟୟ ବହୁଳ କାର୍ଯ୍ୟ ପରିତ୍ୟକ୍ତ ହେଲା ।

( ୫ )

ଲେଖକ—ଜର୍ଜ ପୋଥେକାରି, ଏକ୍‌ଜିକିଉଟିଭ ଇନ୍‌ଜିନିଅର, ପୁରୀ

ପାଠକ—ସୁପରିଣ୍ଟେଣ୍ଡିଂ ଇନ୍‌ଜିନିଅର, କଟକ

ତାରିଖ—୧୮ ମେ, ୧୮୬୮ ।

ବର୍ତ୍ତମାନ ମନ୍ଦିରର ବହିର୍ଭାଗ ମୋଟାମୋଟି ଭଲ ଭାବରେ ଅଛି । ତେବେ ଯେଉଁ କେତେକ ଅଂଶରୁ ଜଗନ୍ନାଥ ମନ୍ଦିରର ପାଣ୍ଡାମାନେ ଖୋଦିତ ପଥର ବାହାର କରି ନେଇଛନ୍ତି, ସେହି ଅଂଶର ପରିବର୍ତ୍ତୀ ପଥର ଗୁଡ଼ିକ ଶିଥିଳ ହୋଇ ଯାଇଛି । ମନ୍ଦିର ଅଭ୍ୟନ୍ତରରେ ଭିତରର ଛାତ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ି ଗୃହ ତଳେ ପଥରର ସ୍ତୂପ ହୋଇଛି ।

( ୬ )

ଲେଖକ—ଜେ. ଟି. ନିକଲସ୍, ସେକ୍ରେଟାରୀ ପୂର୍ତ୍ତ ବିଭାଗ, ବେଙ୍ଗଲ୍ ଗଭର୍ଣ୍ଣମେଣ୍ଟ୍

ପାଠକ—ଚିଫ୍ ସେକ୍ରେଟାରୀ, ବେଙ୍ଗଲ୍ ଗଭର୍ଣ୍ଣମେଣ୍ଟ୍

ତାରିଖ—୩୧ ଜୁଲାଇ ୧୮୬୮

ଇଣ୍ଡିଆନ ମିଉଜିୟମର ପ୍ରତ୍ନତତ୍ତ୍ୱ ବିଭାଗରେ ରଖିବା ପାଇଁ କୋଣାର୍କ ପଥରକୁ ବ୍ଲାକ ପାଗୋଡ଼ାରୁ ଅପସାରଣ କରି ଟ୍ରାକ୍ ଉପରେ ରଖା ହୋଇଛି । ବର୍ଷା ପରେ ଏହାକୁ ସମୁଦ୍ର କୂଳକୁ ବୋହି ନିଆ ଯିବ ।

ଟୀକା—ଅତ୍ୟଧିକ ଭାରି ହେବାରୁ ନବଗ୍ରହ ପଥରକୁ କଟକରେ ନିର୍ମିତ ଏହି ଟ୍ରାକ୍‌ରେ ବାଲି ଉପର ଦେଇ ବହନ କରି ହେଲା ନାହିଁ ।।

Digitized by srujanika@gmail.com

୧୮୮୧ ରେ ଛୋଟଲାଟ ସାର୍ ଆଶଲି ଇଡ଼େନ କୋଣାର୍କ ମନ୍ଦିର ସଂରକ୍ଷଣ ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଲେ । ୧୭ ଡିସେମ୍ବର ୧୮୮୧ ଖ୍ରୀଷ୍ଟାବ୍ଦ ଓଡ଼ିଶାର କମିଶନର ପୁରୀ ମ୍ୟାଜିଷ୍ଟ୍ରେଟଙ୍କୁ ମନ୍ଦିରର ଧ୍ୱଂସ ସ୍ତୂପ ପରିଷ୍କାର କରି ମୂର୍ତ୍ତି ଗୁଡ଼ିକୁ ଯଥାସ୍ଥାନରେ ସ୍ଥାପନ କରିବା ଲାଗି ବ୍ୟବସ୍ଥା ଗ୍ରହଣ କରିବାକୁ ଲେଖିଲେ ଓ ସେଥିପାଇଁ ୩୦,୦୦୦ ଟଙ୍କା ମଞ୍ଜୁର କଲେ ।

( ୭ )

ଲେଖକ—ଜେ. ସି. ଗ୍ରାଣ୍ଟ, ମ୍ୟାଜିଷ୍ଟ୍ରେଟ୍ ପୁରୀ ।
ପାଠକ—କମିଶନର, ଓଡ଼ିଶା
ତାରିଖ—୧୦, ଫେବୃଆରୀ ୧୮୮୨

ପୂର୍ତ୍ତ ବିଭାଗ ମନ୍ଦିର ଚୂଡ଼ା ଓ ଦେହରେ ଜନ୍ମିଥିବା ଛୋଟ ଛୋଟ ଗଛ କାଟି ପରିଷ୍କାର କରିଛି, ଚାରିଆଡ଼େ ବିକ୍ଷିପ୍ତ ଖୋଦିତ ପଥର ଗୁଡ଼ିକ ସଂଗ୍ରହ କରି ସଜାଇ ରଖା ଯାଇଛି ।

ଟୀକା—ଆଲଫ୍ରେଡ୍ ସ୍ମିଥ୍, କମିଶନର, ସଂରକ୍ଷଣ କାର୍ଯ୍ୟ ଦେଖିବା ପାଇଁ ୧୮୮୫ ରେ କୋଣାର୍କ ଗଲେ । ସେ ଲେଖିଲେ, ମନ୍ଦିର ଛାତରୁ ବଡ଼ ବଡ଼ କେତୋଟି ପଥର ବର୍ଷକ ପୂର୍ବେ ତଳେ ଖସି ପଡ଼ିଛି । ମନ୍ଦିରର ଚାରି ପାଖରେ ଜଙ୍ଗଲ ପରିଷ୍କାର କାମ ଚାଲିଛି ।

( ୮ )

ଲେଖକ—ଏ. ସ୍ୟାଭେଜ, ମ୍ୟାଜିଷ୍ଟ୍ରେଟ୍, ପୁରୀ
ପାଠକ—ଉଇଲିୟମ ଉପଲ, କଟକ
ତାରିଖ—୭ ଅଗଷ୍ଟ ୧୮୮୭

ବ୍ଲାକ ପାଗୋଡ଼ାରୁ ଖୋଦିତ ପଥର ଚୋରି କରି ନେଇ ଯିବା ବନ୍ଦ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆ ହୋଇଛି । କୋଣାର୍କ ମନ୍ଦିରର ସଂସ୍କାର କାର୍ଯ୍ୟ ଅର୍ଥ ଅଭାବରେ ବ୍ୟାହତ ହୋଇଛି ।

୧୧ ମାର୍ଚ୍ଚ, ୧୮୯୨ ତାରିଖରେ ଛୋଟଲାଟ ସାର ଚାର୍ଲସ୍ ଇଲିୟଟ ମନ୍ଦିରର ସଂସ୍କାର ପାଇଁ ପୂର୍ତ୍ତ ବିଭାଗକୁ ଆଦେଶ କଲେ ।

୨୪ ମାର୍ଚ୍ଚ ୧୮୯୨ ତାରିଖରେ ଇଣ୍ଡିଆନ୍ ମିଉଜିୟମର ପରିଚାଳକ ବୋର୍ଡ ପ୍ରସ୍ତାବ କଲେ ଯେ ସମ୍ପୂର୍ଣ୍ଣ ନବଗ୍ରହ ପଥର କଲିକତାକୁ ଆଣିବା ଯଦି ସମ୍ଭବ ନ ହୁଏ, ତା'ହେଲେ ପଥର ସମ୍ମୁଖ ଭାଗର ଖୋଦିତ ଅଂଶଟି କାଟି ଆଣିଲେ ଚଳିବ, "ତଦନୁସାରେ ପଥରର ସମ୍ମୁଖ ଭାଗରୁ ୮ ଇଞ୍ଚ ଗଭୀର ଏବଂ ପଶ୍ଚାତ ଭାଗରୁ ୧୫ ଫୁଟ ଲମ୍ବା ଓ ୨୧ ଇଞ୍ଚ ଚଉଡ଼ା ଅଂଶ କଟା ହେଲା" (ଚିଫ୍ ସେକ୍ରେଟାରି ଟମାସ୍ ରିଚ୍ଚର୍ଡ୍ସନଙ୍କ ରିପୋର୍ଟ, ୨୫ । ୨ । ୧୯୦୭)

ସେପ୍ଟେମ୍ବର ୧୮୯୨ ରେ ସ୍ଥାନୀୟ ଲୋକେ ପଥରଟି ଅପସାରଣ ବିରୁଦ୍ଧରେ ଆପତ୍ତି କରି ଛୋଟଲାଟଙ୍କୁ ଦରଖାସ୍ତ ଦେଲେ । ୭ ନଭେମ୍ବର ୧୮୯୨ ତାରିଖରେ ଛୋଟଲାଟ ମିଉଜିୟମ ପରିଚାଳକ ବୋର୍ଡକୁ ଲେଖିଲେ—"ସମସ୍ୟା ହେଉଛି, ବିଜ୍ଞାନ ସମ୍ମତ ଚେତନାବୋଧ ଏବଂ ପ୍ରତ୍ନତାତ୍ତ୍ୱିକ ଗବେଷଣା ଦୃଷ୍ଟିରୁ ଏହି ଆପତ୍ତି ଅଗ୍ରାହ୍ୟ କରିବା ଉଚିତ ହେବ କି ନାହିଁ ।"

ଛୋଟଲାଟ ମିଉଜିୟମ ପରିଚାଳକ ବୋର୍ଡ ଓ ଏସିଆଟିକ ସୋସାଇଟିର

Digitized by srujanika@gmail.com

ମ୍ୟାନେଜିଂ କମିଟିର ଭାରତୀୟ ସଦସ୍ୟ ମାନଙ୍କ ଅଭିମତ ଜାଣିବାକୁ ଚାହିଁଲେ—"କାରଣ ବିଦେଶୀମାନଙ୍କ ଅପେକ୍ଷା ସେମାନେହିଁ ଏ ବିଷୟରେ ପରାମର୍ଶ ଦେବାକୁ ଯୋଗ୍ୟ ଅଟନ୍ତି" ।

ଏସିଆଟିକ ସୋସାଇଟିର ସଦସ୍ୟ ପଣ୍ଡିତ ମହେଶ ନ୍ୟାୟରତ୍ନ ଅନୁସନ୍ଧାନ କରିବା ପାଇଁ କୋଣାର୍କ ଗଲେ । ୧୮ ମେ ୧୮୬୩ ତାରିଖରେ ହରପ୍ରସାଦ ଶାସ୍ତ୍ରୀ, ମହେଶ ନ୍ୟାୟରତ୍ନ ପ୍ରଭୃତି ଅନୁସନ୍ଧାନ କମିଟିର ସଦସ୍ୟ ମାନେ ମତ ଦେଲେ ନବଗ୍ରହର ପୂଜା ବେଶୀ ଦିନର ନ ହେଲେ ମଧ୍ୟ ପଥରଟି ଅପସାରଣ କଲେ ସ୍ଥାନୀୟ ଲୋକଙ୍କର ଧର୍ମ ବିଶ୍ୱାସ କ୍ଷୁଣ୍ଣ ହେବ, ପୁରୀର ମ୍ୟାଜିଷ୍ଟ୍ରେଟ ଡଫ୍ ସେକ୍ରେଟାରି ହେନ୍‌ରି କଟନଙ୍କୁ ଜଣାଇଲେ ଯେ ପୁରୀର ବିଶିଷ୍ଟ ନାଗରିକ ମହନ୍ତ ରଘୁନନ୍ଦନ ଦାସ ନବଗ୍ରହକୁ ପୂଜା କରି ରୋଗମୁକ୍ତ ହେବାରୁ ନବଗ୍ରହର ଅଲୌକିକ ଶକ୍ତି ଲୋକ ବିଶ୍ୱାସ କରୁଛନ୍ତି । ପଥରଟି ଅପସାରଣ କଲେ ଧର୍ମ ପରାୟଣ ହିନ୍ଦୁ ମାନେ ଆପତ୍ତି କରିବେ ଓ ସ୍ୱଦେଶୀ ଖବର କାଗଜଗୁଡ଼ିକ ସେମାନଙ୍କୁ ସମର୍ଥନ କରିବେ । ଅସ୍ଥାୟୀ ଲେଃଲାଟ ସାର୍ ହେନରି ମ୍ୟାକଡ଼ୋନେଲ ଏହି ଯୁକ୍ତି ସ୍ୱୀକାର କରି ଲେଖିଲେ "Don't meddle and you wo'nt muddle" କିନ୍ତୁ କିଛି ବର୍ଷପରେ ଲେଃଲାଟ ସାର୍ ହେନରୀ ଫ୍ରେଜାର ପୁଣି meddle କଲେ । ୧୯୦୩ ରେ ପ୍ରତ୍ନତତ୍ତ୍ୱବିଭାଗର 'ପଣ୍ଡିତ' ପୂର୍ଣ୍ଣଚନ୍ଦ୍ର ମୁଖାର୍ଜିଙ୍କ ତତ୍ତ୍ୱାବଧାନରେ ଖନନ କାର୍ଯ୍ୟ ଆରମ୍ଭ ହେଲା । ସେ ବାଲି ଭିତରରୁ ମନ୍ଦିର Plinth ଖୋଲି ବାହାର କଲେ ।

(କ୍ରମଶଃ)

---

## ଇନିଙ୍ଗସ୍

କ୍ରିକେଟ ଖେଳର ଇନିଂସ ପରି ଦକ୍ଷିଣ ଓ ଉତ୍ତର ଭାରତ ମଧ୍ୟରେ ବିଚାର ଆଦାନ ପ୍ରଦାନ ଚାଲି ଆସୁଛି । ଉତ୍ତରରୁ ବୁଦ୍ଧ ଓ ମହାବୀର ଆସି ଦକ୍ଷିଣରେ କରୁଣାର ଧର୍ମ ଶିକ୍ଷା ଦେଇଗଲେ । ତା'ପରେ ପଡ଼ିଲା, ଦକ୍ଷିଣର ପାଳି । ଶଙ୍କରାଚାର୍ଯ୍ୟ, ରାମାନୁଜ, ବଲ୍ଲଭାଚାର୍ଯ୍ୟ, ମାଧ୍ୱାଚାର୍ଯ୍ୟ ଦକ୍ଷିଣରୁ ଉତ୍ତରକୁ ଗଲେ ଏବଂ ଭକ୍ତି ଧର୍ମ ପ୍ରଚାର କଲେ । ସେମାନେ ସଂସ୍କୃତକୁ ସେମାନଙ୍କର ପ୍ରଚାର ମାଧ୍ୟମ ରୂପେ ଗ୍ରହଣ କଲେ, କାରଣ ସମଗ୍ର ଭାରତରେ ତାହା ହିଁ ଥିଲା ପ୍ରଚଳିତ ଭାଷା । ସେମାନେ ଯଦି ନିଜ ମାତୃଭାଷାକୁ ଧରି ରହିଥାନ୍ତେ, ତା' ହେଲେ ସେମାନଙ୍କର ବାର୍ତ୍ତା ପ୍ରଚାର କରି ପାରି ନ ଥାନ୍ତେ । ପୁଣି ଉତ୍ତରର ଇନିଙ୍ଗସ୍ ଆରମ୍ଭ ହେଲା ଏବଂ ରାମ ମୋହନ ରାୟ, ଗୋଖଲେ, ରାନାଡ଼େ, ବିବେକାନନ୍ଦ ଦକ୍ଷିଣକୁ ଆସିଲେ । ଏବେ ଦକ୍ଷିଣର ଉତ୍ତର ଭାରତରେ ଇନିଙ୍ଗସ୍ ଖେଳିବାର ବେଳ ଆସିଗଲାଣି । ସେଥିପାଇଁ ସେମାନଙ୍କର ହିନ୍ଦୀ ଭାଷା ଶିଖିବା ଆବଶ୍ୟକ ହେଉଛି ।

—ବିନୋବା

Digitized by srujanika@gmail.com

# ସ୍ୱାଧୀନତା ସଂଗ୍ରାମର ସ୍ମୃତି



## ଇଂରେଜଙ୍କ ବିଷୟରେ ପଦେ

ମହାବୀର ତ୍ୟାଗୀ

ଯାହା କହ ପଛେ, ଇଂରେଜ ଅଫିସରମାନେ ବଡ଼ ଭଲଥିଲେ । ସଜା ଦେଉଥିଲେ, ଜେଲରେ ଭର୍ତ୍ତି କରୁଥିଲେ, ଲାଠି ଓ ବେତରେ ପିଟୁଥିଲେ, କିନ୍ତୁ ଏମାନଙ୍କ ମନ ପରିଷ୍କାର ଥିଲା ଏବଂ ଏମାନେ ଆମର ତ୍ୟାଗ ଓ ଦେଶଭକ୍ତି ପରି ସଦ୍‌ଗୁଣର ତାରିଫ ମଧ୍ୟ କରୁଥିଲେ । ତାପରେ ପୁଣି ଏମାନଙ୍କର ସ୍ତ୍ରୀ ମାନଙ୍କଠାରେ ବହୁତ କିଛି ଆକର୍ଷଣ ଥିଲା । ସତ କଥା କହିବାକୁ ଗଲେ, ଇଂରେଜ ଚେହେରାରେ ଯେପରି ମଧୁରତା ଓ ଯାଦୁକରୀ ସ୍ପର୍ଶ ମୁଁ ଦେଖିଛି, ଅନ୍ୟଠାରେ ତାହା ଖୋଜିଲେ ବି ମିଳିବ ନାହିଁ । ଇଂରେଜ ଅଫିସର ଓଠରେ ହସୁଥିଲେ । କିନ୍ତୁ ସେମାନଙ୍କ ସ୍ତ୍ରୀମାନଙ୍କର ଆଖିରେ ଥିଲା ହସ, ଓଠରେ ଥିଲା ପ୍ରବର୍ତ୍ତିନା ଓ କଥାରେ ଉତ୍ସାହ ।

କୃତଜ୍ଞତା ସମ୍ପର୍କରେ ବହୁ ସାହିତ୍ୟ ଲେଖାଯାଇ ପାରିବ, କିନ୍ତୁ ସଂକ୍ଷେପରେ ମୁଁ ଏତିକି କହି ଦେବାକୁ ଚାହେଁ ଯେ, ଭଗବାନ ପ୍ରଦାନ କରିଥିବା ଏହି ଗୁଣ, କେବଳ ମନୁଷ୍ୟକୁ ମିଳିଛି । ଅନ୍ୟ ପ୍ରାଣୀ ମାନଙ୍କୁ ନୁହେଁ । ହେଲେ ରଂଗ ଓ ଢଙ୍ଗ ସମ୍ପନ୍ନ

Digitized by srujanika@gmail.com

ସଜ୍ଜା ବସ୍ତୁ ମନକୁ ମତାଇ ଦିଏ ସେହିପରି ମିଠା ବ୍ୟବହାର ମଣିଷର ଚେହେରା ଉପରେ ଚମକ ସୃଷ୍ଟି କରେ ! ଆମେ କୌଣସି ମନ-ମୁଗ୍ଧକର ଦୃଶ୍ୟକୁ ଦେଖିଲେ କିମ୍ବା କୌଣସି ରୋମାଞ୍ଚକର କଥା ଶୁଣିଲେ ମନରେ ଏକ ଗଭୀର ଛାପ ରହିଯାଏ । ସେହିପରି ମନ ବାହାରେ କୌଣସି ସୁଖ ଦାୟକ ଦୃଶ୍ୟ ଆଡ଼କୁ ଦୃଷ୍ଟି ଫେରାଇଲେ, ଅନ୍ୟ କାହାର ବହୁତ ଥଟ୍ଟା ତାମସା କଲେ, କିଂବା କୌଣସି ଭଲ ଖବର ବା ହସର ଖବର ନେଲେ, କିମ୍ବା ପିଲା ମାନଙ୍କର ମନ ଭୁଲାଣିଆ କଥା ଶୁଣିଲେ ଏହାର ଛାପ ଗଭୀର ନହୋଇ ହାଲୁକା ହୁଏ ।

ଥରେ ସନ୍ଧ୍ୟାବେଳେ ଏପରି ଏକ ଘଟଣା ଘଟିଲା ଯାହାକୁ ମୁଁ କେବେ ଭୁଲି ପାରିବି ନାହିଁ । ମୁଁ କୌଣସି ଏକ କାମରେ ଆଠଟା ବେଳରେ ଡେରାଡୁନ୍‌ର ଜିଲା ମାଜିଷ୍ଟ୍ରେଟ୍ ଶ୍ରୀ ସି. ଏନ୍. କାର୍‌ଙ୍କ ଘରକୁ ଯାଇଥିଲି । ସେ ବହୁତ ପିଉଥିଲେ । ଜଣେ ମୁସଲମାନ୍ ଡ଼େପୁଟି କଲେକ୍ଟର, ଯାହାଙ୍କ ସହିତ ସେ ଏକାଠି ପିଅନ୍ତି, ତାଙ୍କୁ କହି-ଥିଲେ ଯେ, "ସନ୍ଧ୍ୟାବେଳେ ତ୍ୟାଗୀ ପାଖକୁ ଯିବ ନାହିଁ । ସେ ଖୁବ ରକ୍ଷଣଶୀଳ ଲୋକ । ତୁମ ମୁହଁରୁ ମଦ ଗନ୍ଧ ବାହାରେ, ତା'ହେଲେ ତୁମ ଅବସ୍ଥା ବାରଣ୍ଡା ଦକଡ଼ା ହେବ ।" ମୁଁ ଏକଥା ଆଗରୁ ଶୁଣିଥିଲି ।

## ନିଶା ନିବାରଣ ଭଲଣ୍ଟିଅର

ମୁଁ ତାଙ୍କର ବୈଠକ ଖାନାକୁ ପଶି ଗଲାବେଳେ, ସେ ହଠାତ୍ ଉତ୍ତେଜିତ ହୋଇ ଠିଆ ହୋଇଗଲେ । କଥାଟାକୁ ସୁଧାରି ନେବା ପାଇଁ କହିଲେ, "ହ୍ୱିସ୍କିର ବିଷୟ, ଆଜି ମୁଁ ଧରା ପଡ଼ିଗଲି ।" ହାତରେ ତାଙ୍କର ଥିଲା ଏକ ହୁଇସ୍କିର ଗ୍ଲାସ୍ । ମୁଁ ଜାଣିଶୁଣି ଇଂରେଜୀରେ ତାଙ୍କୁ ଏକ ଲମ୍ବା ବକ୍ତୃତା ଦେଲି । "କ'ଣ ପାଗଳ ହୋଇଗଲ ? ଯଦି ତୁମ ପିଲାମାନଙ୍କ ଉପରେ ଏହାର ଖରାପ ପ୍ରଭାବ ପଡ଼େ ଏବଂ ତୁମର ସ୍ତ୍ରୀ ମଧ୍ୟ ପିଇବା ଆରମ୍ଭ କରି ଦିଅନ୍ତି, ତା'ହେଲେ କ'ଣ ହେବ ?" ସେ ବହୁତ ହସିଲେ । ପଣ୍ଡିତଜୀ ମୋତେ କହିଥିଲେ, ମଦ ପିଇବା ବାଲାଙ୍କୁ ଯଦି ତାଙ୍କର ସେ ଅଭ୍ୟାସ ବିଷୟରେ କିଏ କିଛି କହି ଦିଏ, ତାହାଲେ ସେମାନଙ୍କୁ ବଡ଼ ମଜା ଲାଗେ । ଠିକ୍ ସେଇଆ ହେଲା, ମୁଁ ଶ୍ରୀମତୀ କାର୍‌ଙ୍କୁ କହିଲି, "କ'ଣ ତୁମେ ମୋର ଭଲେଣ୍ଟିଅର ହୋଇ ପାରିବ ନାହିଁ ?" ସିଏ ଠିଆହୋଇ ମୁଣ୍ଡ ନୁଆଁଇ କହିଲେ, "ୟେସ୍ ମାଇଁ ଲିଡର୍ (ମୋର ନେତା, ଆଦେଶ ଦିଅ) ।" ମୁଁ ମୋର ଟୋପିକୁ ତାଙ୍କ ମୁଣ୍ଡ ଉପରେ ରଖି କହିଲି, "ଯାଅ ଏହି ମଦ୍ୟପର ହାତରୁ ଗ୍ଲାସ୍ ଛଡ଼ାଇ ଆଣ ।" ସେ ସଙ୍ଗେ ସଙ୍ଗେ ମୋତେ ସଲାମ୍ କରି ମିଲିଟାରି ଢଙ୍ଗରେ ଯାଇ ଶ୍ରୀ କାର୍‌ଙ୍କ ହାତରୁ ଗ୍ଲାସ୍ ଛଡ଼ାଇ ନେଇ କହିଲେ, "ମୋ ଲିଡ଼ର୍‌ଙ୍କ ଆଗରେ ତୁମେ ପିଇ ପାରିବ ନାହିଁ" ପୁଣି ମୋ ଆଡ଼କୁ ଚାହିଁ କହିଲେ, "ମୋର ଲିଡ଼ର୍, ମୋ ଆଡ଼କୁ ଅନାଅ ନାହିଁ ।" ଏହା କହି ମୋ ଆଡ଼କୁ ପିଠିକରି ଗ୍ଲାସ୍‌ରେ ମୁହଁ ଲଗାଇ ପିଇବାକୁ ଲାଗିଲେ । ସେ ଗାନ୍ଧିଟୋପି

Digitized by srujanika@gmail.com

ଲଗାଇ ତାଙ୍କ ସୁନ୍ଦର ଚେହେରାରେ ମୋତେ ଆକୃଷ୍ଟ କରିଥିଲେ । କିଂତୁ ଟୋପିର ଯେ ଅପମାନ ହେଲା, ତାକୁ ମୁଁ ସହି ପାରିଲି ନାହିଁ । ପାଖକୁ ଚାଲିଯାଇ ପଛଆଡ଼ୁ କାନ୍ଧ ଉପରେ ହାତରଖି ତାଙ୍କୁ ହଲାଇ ଦେଲି । ମୃଣ୍ଡ ବାଳର ମହକରେ ମୋର ରାଗ କିଛି କମି ଯାଇଥିଲା । ତଥାପି ଜୋର୍‌ରେ କହିଲି "ତୁମକୁ ଲାଜ ଲାଗୁନାହିଁ, ମୋର ଟୋପିର ଏପରି ଅପମାନ କରୁଛ ?" ଟୋପିଟା ତାଙ୍କ ମୁଣ୍ଡରୁ କାଢ଼ିନେଇ ନିଜ ମୁଣ୍ଡରେ ପିନ୍ଧି ପକାଇଲି । କିଂତୁ ସେ ଓଠ ଉପରେ ଅଙ୍ଗୁଳି ରଖି, ଏପରି ଆଖିରେ ମୋ ଆଡ଼କୁ ଚାହିଁଲେ ଓ ଏପରି ଢଙ୍ଗରେ ଓଠ ହଲାଇ ଧୀର ସ୍ୱରରେ କହିଲେଯେ, ଆଜି ମଧ୍ୟ କବିତା ପରି ତା ମନ ଆଗରେ ନାଚି ଯାଉଛି । ପ୍ରଥମେ ନିଜର ସ୍ୱାମୀଙ୍କ ଆଡ଼କୁ ସଙ୍କେତ କରି କହିଲେ, "ଏ କ'ଣ କହୁଛନ୍ତି, ଶୁଣୁଛତ ?" ପୁଣି ମୁଗ୍ଧ ରସିକତା ଭରା ଆଖିରେ ମୋ ଆଡ଼କୁ ଚାହିଁ କହିଲେ, "କିପ୍ କ୍ୱାଇଟ୍, କିପ୍ କ୍ୱାଇଟ୍, ମାଇ ଲଡ଼ର, ଦ୍ୟାଟ୍ ଇଜ୍ ହ୍ୱାଟ୍ ଏଭରି ଓ୍ୱାନ୍ ଅଫ୍ ୟୁଅର୍ ଭଲେଣ୍ଟିୟର ଡୁଜ୍, ହ୍ୱେନ୍ ହି ଟୋଜ୍ ଟୁ ପିକେଟ୍ ଏ ଟାଡ଼ି ସପ୍" (ଚୁପ୍ ରୁହ, ଚୁପ୍ ରୁହ, ଲଡ଼ର୍ । ତୁମର ଯେଉଁ ସବୁ ଭଲେଣ୍ଟିୟର୍ ମଦ ଦୋକାନ ଆଗରେ ପିକେଟିଂ କରୁଛନ୍ତି ସେମାନେ ସବୁ ଏହିପରି କରନ୍ତି ।)

ସେ ସମସ୍ତ ଥିଲା ନିଶା ନିବାରଣ ସମୟ । ଆମର ସ୍ୱେଚ୍ଛାସେବକମାନେ ମଦ ଦୋକାନ ଆଗରେ ହାତ ଯୋଡ଼ି ଠିଆ ହେଉଥିଲେ ଏବଂ ଯଦି କେହି ମଦ ଖାଇବାକୁ ଆସୁଥିଲା, ତାକୁ ନମ୍ରତା ସହ ବୁଝାଇ ସୁଝାଇ ଫେରାଇ ଦେଉଥିଲେ । ଏତିକିରେ ପୁଲିସ୍ ଆସି ଭଲେଣ୍ଟିୟରଙ୍କୁ ଗିରଫ୍ କରି ଥାନାକୁ ନେଇ ଯାଉଥିଲା । ପୁଣି ନୂଆ ଭଲେଣ୍ଟିୟର୍ ମାନେ ଯାଉଥିଲେ । ଏହିପରି ପଚିଶ ହଜାରରୁ ଅଧିକ ଭଲେଣ୍ଟିୟର୍ ଗିରଫ୍‌ଦାର ହୋଇ ଜେଲ୍‌ ଭୋଗ କରୁଥିଲେ ।

ଆମର ବରୋଧିଙ୍କ ପତ୍ନୀ ଠାରୁ ଏହି ବ୍ୟଙ୍ଗ ଭରା କଥା ସେ ଦିନ ଏକ ଉଚ୍ଚବ୍ୟଙ୍ଗ ସାହିତ୍ୟ ପରି ହୋଇଗଲା । ଶ୍ରୀକାର୍ ଏବଂ ମୁଁ ବାରମ୍ବାର ହାତ ମିଳାଇ ଠୋ, ଠୋ ହସିବାକୁ ଲାଗିଲୁ । କିଂତୁ ଏତିକିରେ କଥା ସରିଲା ନାହିଁ ।

## ପୂର୍ବର ସ୍ମୃତି

୧୯୫୫ ମସିହାରେ ଯେତେବେଳେ ପ୍ରତିରକ୍ଷା ବିଭାଗର ମନ୍ତ୍ରୀ ଭାବରେ ମୁଁ ବିଲାତ ଯାଇଥିଲି, ଲଣ୍ଡନର ଦାଉସ୍ଚ ହୋଟେଲ୍‌ରେ ଶ୍ରୀ କାର୍ ଙ୍କର ଟେଲିଫୋନ୍ ଆସିଲା, "କାଲି ଆପଣଙ୍କର ଆମ ଘରେ ମଧ୍ୟାହ୍ନ ଭୋଜନ ହେବ ।" ମୁଁ ଗଲି । କାର୍ ଦଶ ବର୍ଷ ଆଗରୁ ପେନ୍‌ସନ୍ ନେଇ ଚାଲି ଯାଇଥିଲେ । ତାଙ୍କ ଘରେ ପହଞ୍ଚି ଦେଖିଲି, ଦ୍ୱାର ପାଖରେ ମିଷ୍ଟର କାର୍, ତାଙ୍କର ପିଲାମାନେ ଓ ମିସେସ୍ କାର ସ୍ୱାଗତ କରିବା ପାଇଁ ଠିଆ ହୋଇଛନ୍ତି । କେଉଁଠୁ ମଗାଇଥିଲେ କେଜାଣି, ଶ୍ରୀମତୀ କାର୍ ମୋ ସ୍ୱାଗତ ଦିନପରି ଏକ ଗାନ୍ଧୀ ଟୋପି ପିନ୍ଧିଥିଲେ ।

Digitized by srujanika@gmail.com

"ଗୁଡ୍ ଆଫ୍‌ଟରନୁନ୍ ମିଃ ଲଡ଼ର ।"

ମୁଁ ହାତ ମିଳାଇ ପଚାରିଲି, "କ'ଣ ଏବେ ମଧ୍ୟ ପିଉଛ ?"

କହିଲେ, "ଖୁବ୍ ।"

ଏହିପରି ଥିଲେ ଏ ଇଂରେଜ ଅଭି ଥି ଏସ୍ ମାନେ ।

# ମୋ ଜଙ୍ଗଲର ବାଘ

ଝଡ଼ ଜୋର ଝଡ଼ । ମୁଣ୍ଡରେ ଝାଞ୍ଜି ଝାଞ୍ଜି ବାଜୁଛି । ୨୪ ମାଇଲ ଚାଲିକରି ଜଣେ ନିର୍ଜନ ଜଙ୍ଗଲ ଭିତରେ ଆସି ବୁଲୁଚି, ଦେଖିଲି ଗଛ ଛାଇ ତଳେ ଏକ ଥଣ୍ଡା ଝରଣା । ଶୋଷ କେତେ ଥିଲା, ଆସିଗଲି । ହାତଟେକାକୁ ଓହ୍ଲାଇ ଅଞ୍ଜୁଳାରେ ମନଇଚ୍ଛା ପାଣି ପିଇ ଆତ୍ମାକୁ ସାନ୍ତ୍ୱନା ଦେଲି । ଏବେ ମନ୍ତ୍ରୀତ୍ୱର ଚଉକିରେ ବସି ଗ୍ଲାସରେ ବରଫ ଦିଆ ପାଣି ପାଇବା ବେଳେ ସେହି ଗରିବ ଦିନର କଥା ମନକୁ ଆସିଯାଏ । ପୋଷ (ଅଞ୍ଜୁଳା)ରେ ପାଣି ପିଇବାର ମଜା ଗ୍ଲାସରେ କୁଆଡ଼ୁ ଆସିବ ? ପେଟେ ପାଣି ପିଇ ଝରଣାରେ ପାଦ ବୁଡ଼ାଇ ଖଣ୍ଡେ ପଥର ଉପରେ ବସିଲେ । ନାଳରେ ବହିଯାଉଥିବା ପାଣିରେ ପାଦ ବୁଡ଼େଇକି ଏପରି ଥଣ୍ଡା, ଆରାମ ଲାଗିଲା, ନିଜର ଦେହକୁ ଢଳାଇ ଦେଇ ଶୋଇଗଲି ।

## ଦେଶୀ ବାଘ ବିଦେଶୀ ବାଘ

ଅଧଘଣ୍ଟାକ ପରେ ଜଣେ ଇଂରେଜର ସ୍ୱର ଶୁଭାଗଲା, "ହେର୍, ହ ଇଜ୍ ମିଷ୍ଟର ତ୍ୟାଗୀ" (ହେଜ୍‌ରେ ଇଏ ତ ତ୍ୟାଗିଜି) । ଶରୀର ନିଦ ଆସ ଯାଇଥିଲା । କିନ୍ତୁ ଝନଝନାଟା ଘଣ୍ଟାର ଆଲାର୍ମ ପରି କାନରେ ବାଜିଗଲା । ଆଖି ଖୋଲିଗଲି, ଦେଖିଲି ଆମ ଜିଲ୍ଲା କଲେକ୍ଟର ଏଫ୍. ଡବ୍ଲ୍ୟୁ. ବେନସ୍ । ସଙ୍ଗେ ସଙ୍ଗେ ଠିଆ ହୋଇ ପଡ଼ି ନମସ୍କାର କଲି ଓ ହାତ ମିଳାଇ ପଚାରିଲି, "ଆରେ, ବେନସ୍, ତୁମେ ଏଠିକି କପରି ଆସିଲ ? ସେ ଆସ୍ତେ ଆସ୍ତେ ସନ୍ଦେହ ପୂର୍ବକ କହିଲେ, ଚାଲ ୟୁପିର ଗଭର୍ଣ୍ଣରଙ୍କ ସହିତ ତୁମର ସାକ୍ଷାତ କରାଇ ଦେବି ।" ମୁଁ ତାଙ୍କ ସହିତ ଲାଟ-ସାହେବଙ୍କ ପାଖକୁ ଗଲି ।

ଇଂରେଜ ଅଫିସର ମୋର ଶତ୍ରୁ ଓ ମୁଁ ତାଙ୍କର ଶତ୍ରୁ । ତଥାପି ଶିଷ୍ଟାଚାର ଦୃଷ୍ଟିରୁ ତାଙ୍କୁ ନମସ୍କାର କଲି ଓ ହାତ ମିଲାଇ ପଚାରିଲି, "ୟୋର ଏକ୍‌ସିଲେନ୍‌ସି, ଆପଣ ଏଠାକୁ କେମିତି ଆସିଛନ୍ତି ?" କହିଲେ, "ମୁଁ ଶିକାର କରିବାକୁ ଆସିଚି । ତୁମେ ଜଙ୍ଗଲରେ କାହିଁକି ଶୋଇଥିଲ ।" ମୁଁ ଉତ୍ତର ଦେଲି, "ଏଠାରୁ ତିନି ମାଇଲ ଦୂରରେ ଥିବା ଏକ ଗାଁରେ ପହଞ୍ଚିବା

ଯୋଗାଡ଼ କରି ରଖା ଯାଇଚି । କିନ୍ତୁ ମୁଁ ଦେଖିଲି ଅଧଘଣ୍ଟାକ ଆଗରୁ ଗୃହ ଆସିଚି । ଥକା ହୋଇ ପଡ଼ିଥିଲି । ଭାବିଲି ଟିକିଏ ବିଶ୍ରାମ ନେଇ ଯିବି ।" ସେ ପଚାରିଲେ, "ଆଗରୁ ପହଞ୍ଚି ଯିବାରେ ଭୟ କାହିଁକି ?" ମୁଁ କହିଲି "ସେ କଥା ପଚାରନ୍ତୁ ନାହିଁ । ସେଇଟା ଆମର ଟ୍ରେଡ୍ ସିକ୍ରେଟ (ବ୍ୟବସାୟ କୌଶଳ) ।" ଏଥିରେ ତାଙ୍କର ଔତ୍ସୁକ୍ୟ ବଢ଼ିଗଲା । ସେ କହିଲେ, "ମୁଁ କାହାକୁ କହିବି ନାହିଁ," ମୁଁ କହିଲି, "ଆମ ଜିଲାର ଗୃହ ଆଡେ଼ ଇଂରେଜଙ୍କ ଗୁ' ବାଗିଚ୍ଚ ଅଛି । ଏଥିରେ କାମ କରୁଥିବା ଲୋକମାନେ ତରି ତରି ଗୃହରଙ୍କ ପରି ମୋ' ପାଖକୁ ଆସୁଛନ୍ତି । ଏଥିପାଇଁ ମୁଁ ଜଣେ ଢୋଲ ଢମାଲର ବ୍ୟବସ୍ଥା କରିଥାଏ ଏବଂ ନିଜ ସ୍ୱେଚ୍ଛାସେବକଙ୍କୁ ଫୁଲମାଳ ସହିତ ଆଗରୁ ପଠାଇ ଦେଉଚି । ଯେପରିକି ମୁଁ ପହଞ୍ଚିବା ବେଳକୁ ସେ 'ଜେରାଜନଗର ସୁଲତାନ ଜିନ୍ଦାବାଦ' ବୋଲି ଧ୍ୱନି କରିବେ ଏବଂ ମୋ' ବେକରେ ଫୁଲ ମାଳ ପକାଇ ମୋତେ ସ୍ୱାଗତ କରିବେ ।" ଲାଟସାହେବ ପଚାରିଲେ, 'ତୁମର କ'ଣ ଏଥିରେ ଭାରି ସଉକ ?' ମୁଁ କହିଲି, "ଏହାର ଉଦ୍ଦେଶ୍ୟ ହେଉଚି, ଭିଡ଼ ଦେଖି ଲୋକଙ୍କ ମନରେ ସାହସ ଆସିଯାଏ ଏବଂ ଏମାନେ ନିର୍ଭୟରେ ମୋର ସଭାରେ ବହୁ ସଂଖ୍ୟାରେ ଆସି ଯୋଗ ଦେଉଛନ୍ତି ।" ମୋ' କଥା ଶୁଣି ଲାଟଙ୍କୁ ଭାରି ମଜା ଲାଗିଲା । ସେ ମୃଦୁକ ହସି ପଚାରିଲେ, "ଜଙ୍ଗଲରେ ଶୋଉଚ, ତୁମକୁ କ'ଣ ବାଘ ଭୟ ନାହିଁ ? ଆମେ ତ ବାଘ ଶିକାର କରିବାକୁ ଆସିଚୁ ।"

ମୁଁ ହସି ହସି ଉତ୍ତର ଦେଲି, "ଏଠି ଯେଉଁ ବାଘ ଅଛନ୍ତି, ସେ ସବୁ ଆମର ହିନ୍ଦୁ ପ୍ରାଣୀ ଭାଇ । ଯଦି ବିଲାତର ବାଘ ହସି ହସି ମୋ' ସହିତ ହାତ ମିଳାଉଚି, ଆଉ ମୋ' ଦେଶର ବାଘ କ'ଣ ମୋତେ ଭୁଲି ଯିବ ?" ଲାଟ ସାହେବ ବହୁତ ହସିଲେ ଓ କହିଲେ, "ମିଷ୍ଟର ତ୍ୟାଗୀ । ଜଙ୍ଗଲର ବାଘ ସାମ୍ୟ-ବାଦରେ ବିଶ୍ୱାସ କରେ । ସେ ଆପଣା, ପର, ଶତ୍ରୁ, ମିତ୍ର ଭିତରେ ଆଦୌ ପକ୍ଷପାତ କରେ ନାହିଁ ।" ଏହା କହି ସେ ଠିକ ଦିଗକୁ ଚାଲି ଗଲେ ଓ ମୁଁ ମୋ' ଆଡ଼କୁ ଚାଲିଲି ।

## ବଫକ୍ରିଡ଼ର ଇନ୍ଦ୍ରଜାଲ

ଫଟଆର, ଯଦ୍ଧ ଆରମ୍ଭ ହେବା ପରେ ଦିନେ ମୁଁ ଜେରାଜନ ପେରି ଆସିଲି ଏବଂ ଖାଇ ସାରି ଗଡ଼ ପଡ଼ ହେଉଛି କି ନାହିଁ, ଫରେଷ୍ଟ ଅଫିସର ଶ୍ରୀ ସୁରି ସିଂ ମୋ' ସହିତ ସାକ୍ଷାତ କରିବାକୁ ଆସିଲେ । ମୋ' ଟେବଲ ଉପରେ ଶହେ ଟଙ୍କାର ଥଳି ରଖି ଆଖିରେ ଲୁହ ଓ ଦୁଃଖସ୍ୱରରେ ପ୍ରେମରେ କହିଲେ, "ଆପଣ ଦେଖିଥିବେ, ମୁଁ ଲାଟସାହେବଙ୍କ ପଛରେ ଠିଆ ହୋଇଥିଲି । ଆପଣ ଚାଲିଯିବା ପରେ ମିଷ୍ଟର ବେଜସ ଲାଟସାହେବଙ୍କୁ କହିଲେ "ଯେବେ କଂଗ୍ରେସ ଆନ୍ଦୋଳନକୁ ଦବାଇ ଦେବା ପାଇଁ କୌଣସି ଦମନ-ଯନ୍ତ୍ରର ବିଚାର କରାଯାଏ, ତା'ହେଲେ ପ୍ରଥମେ ତ୍ୟାଗୀଙ୍କୁ ନଜରବନ୍ଦୀ କରି ରଖାଯିବା ଉଚିତ । କାରଣ ମୁଁ ତାର ବ୍ୟକ୍ତିତ୍ୱର ଇନ୍ଦ୍ର ଜାଲରେ ଏପରି ବନ୍ଧାହୋଇ ଯେ ସେ କାହାରେ ଚାହିଁଲେ, ମୁଁ କିଛି କରି ପାରିବି ନାହିଁ । ସେ

Digitized by srujanika@gmail.com

ପାଦ୍ରୀପରି ଏହି ଘାଟିରେ ବୁଲୁଥାଏ ଏବେ ସେଠାରେ ରହୁଥିବା ଲୋକେ ତାକୁ ପୂଜା କରନ୍ତି । ଲାଟସାହେବ ମଧ୍ୟ ଆପଣଙ୍କୁ ପ୍ରଶଂସା କରି ଦୁ' ଚାରି ପଦ କହିଲେ । ପଛେ ପଛେ ଯାଉଥିବା ବେଳେ ମୁଁ ସେମାନଙ୍କ କଥା ଶୁଣୁଥିଲି । ଗୌରବରେ ମୋ'ର ଛାତି ଫୁଲି ଉଠିଲା । ଆପଣଙ୍କୁ ସ୍ୱାଗତ କରୁଛି ଓ ଏହି ଚିଠି ଭେଟି କଂଗ୍ରେସର ସେବା ପାଇଁ ଦେଉଛି ।"

---


# "ନିଆଁକୁ ଯେବେ ଡର
# କର ଟାଇଲ ଘର"

ଗାଁ ଗହଳରେ ପଞ୍ଚାୟତମାନଙ୍କରେ ୨୭ଟି ଟାଇଲ କାରଖାନା ବସିଲାଣି । ଲୋକଙ୍କର ମଙ୍ଗଳପାଇଁ ସରକାର ଏହି କାରଖାନାମାନ ବସାଇଛନ୍ତି । ଏହି କାରଖାନାମାନଙ୍କରୁ ସୁବିଧା ଓ ଶସ୍ତା ଦରରେ ଟାଇଲ ମିଳେ । ନିକଟତମ ଟାଇଲ କାରଖାନାରେ ଅନୁସନ୍ଧାନ କରନ୍ତୁ ।

ଯାହାର ଘର ପୋଡ଼ିଯାଇଛି, ସେମାନଙ୍କୁ ଶତକଡ଼ା ୧୦ ଟଙ୍କା ରିହାତି ମିଳିବ ।

ସବିଶେଷ ବିବରଣୀପାଇଁ :—

**ଦି ଓଡ଼ିଶା ସ୍ମଲ ଇଣ୍ଡଷ୍ଟ୍ରିଜ କର୍ପୋରେସନ୍ ଲିମିଟେଡ଼ର**

ନିମ୍ନଲିଖିତ ଶାଖା ଅଫିସମାନଙ୍କରେ ଅନୁସନ୍ଧାନ କରନ୍ତୁ :—

କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସୁନାବେଡ଼ା, ସମ୍ବଲପୁର ଓ ବାଲେଶ୍ୱର

# "କରିବ ଟାଇଲ ଘର
# ନିଆଁକୁ ନଥିବ ଡର"


Digitized by srujanika@gmail.com

# କୃଷ୍ଣାବତାର

କେ. ଏମ୍. ମୁନ୍‌ସୀ                    ଅନୁବାଦ—ଜୟନ୍ତୀ ପଟ୍ଟନାୟକ

## ନନ୍ଦଙ୍କର ମଥୁରା ପରିଦର୍ଶନ

ମନୋରମ ବ୍ରଜଭୂମି ଦୁର୍ଭିକ୍ଷର କବଳରେ । ନଈ, ନାଳ ଶୁଖିଗଲା । ଯମୁନାର ଧାର କ୍ଷୀଣ ହୋଇ ଆସିଲା ।

ବ୍ରଜଭୂମିର ସବୁଠାରୁ ସୁନ୍ଦର ଗ୍ରାମ ଗୋକୁଳରେ ବିଷାଦର ଛାୟା । କୂପର ଜଳ ଶୁଷ୍କ ହୋଇ ଆସିଲାଣି । ପାନୀୟ ଜଳ ଅଭାବରେ ଗୋରୁ ମାନେ ଅସ୍ଥି କଙ୍କାଳ ସାର । ଗୋପ ଗୋପୀ ମାନଙ୍କର ଆଉ ପୂର୍ବ ପରି ସେ ହସ ନାହିଁ, ସେ ସଙ୍ଗୀତ, ସେ ନୃତ୍ୟ ଆଉ ନାହିଁ ।

ଗୋକୁଳର ଶୂରଯାଦବ ମାନଙ୍କର ଗଣମୁଖ୍ୟ ନନ୍ଦ ବର୍ଷା ପାଇଁ ଆକାଶକୁ ଅଧୀର ଦୃଷ୍ଟିରେ ଚାହିଁ ରହିଥାନ୍ତି । ଶ୍ୟାମଳା ଗୋଚର ଭୂମିରେ ତାଙ୍କର ନଅ ଶତ ଧେନୁ ଦିନେ ରାଜରାଣୀ ମହିମାରେ ସ୍ୱଚ୍ଛନ୍ଦରେ ଚରୁ ଥିଲେ । ବର୍ତ୍ତମାନ ସେମାନେ ଜୀର୍ଣ୍ଣ, ଶୀର୍ଣ୍ଣ ତୃଷାର୍ତ୍ତ ଅବସ୍ଥାରେ ତୃଣ ବିହୀନ ପ୍ରାନ୍ତରରେ ଜଳର ସନ୍ଧାନରେ ଇତସ୍ତତଃ ଘୂରୁଛନ୍ତି । ସେମାନଙ୍କ ମଧ୍ୟରୁ କେତେକ କରୁଣ ସ୍ୱରରେ ଆକାଶକୁ ଚାହିଁ ମରି ଶେଷ ହେଲେଣି ।

ଧେନୁ ମାନଙ୍କର ଯାହା ହେଉ ପଛକେ, ନନ୍ଦ ଗୋକୁଳ ଗ୍ରାମବାସୀ ମାନଙ୍କର ସମସ୍ତ ତତ୍ତ୍ୱାବଧାନ କରୁଥିଲେ । ଗ୍ରାମର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ ନିଜ ପିତୃତୁଲ୍ୟ ତତ୍ପରତା ଏବଂ ସ୍ନେହ ସହ ଦେଖା ଚାହାଁ କଲେ ।

ତାଙ୍କ ପତ୍ନୀ ଯଶୋଦା ମଧ୍ୟ ସେମାନଙ୍କର ଜନନୀ ତୁଲ୍ୟ ଥିଲେ । ଗ୍ରାମର ସ୍ତ୍ରୀମାନଙ୍କୁ ଏକତ୍ରିତ କରି ଖାଦ୍ୟ ପାନୀୟ ସଂଗ୍ରହ କରିବା ପାଇଁ ବିଭିନ୍ନ ଉପାୟରେ ନିଜକୁ ନିୟୋଜିତ କରିବାକୁ ସେ ବାଧ୍ୟ କରୁଥିଲେ । ତାହା ଦ୍ୱାରା ଗ୍ରାମର କୌଣସି ବ୍ୟକ୍ତି କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ହୋଇ ରହିବେ ନାହିଁ ବୋଲି ସେ ମନେ କରୁଥିଲେ ।

ପୂର୍ବେ ଆଉ କେବେହେଲେ ବ୍ରଜ ଭୂମିରେ ଏପରି ମରୁଡ଼ି ଦେଖାଦେଇ ନଥିଲା । ଲୋକମାନେ ଜାଣିବା ପରି ମୃତ୍ୟୁ

Digitized by srujanika@gmail.com

ହଲଇ କହିବାକୁ ଲଗିଲେ ଯେ, ଘୋଷ୍ଠର ରାଜା ମନ୍ଦପ୍ରକୃତର ହେଲେ, ଏପରି ଦେଶ ଦୁର୍ବିପାକ ଘଟିଥାଏ । ଏଥିରେ ସନ୍ଦେହ ନଥିଲା ଯେ, କଂସର ପାପ, ଦେବତା ମାନଙ୍କର କ୍ରୋଧ ଉଦ୍ରେକ କରାଇଥିଲା । ବ୍ରଜଭୂମିର ଅଧିକାଂଶ ଲୋକଙ୍କର ମନର ଧାରଣା ଏହା ଥିଲା । ଏପରିକି ମଥୁରାରେ ମଧ୍ୟ, କଂସ ଉପରେ ଏକାନ୍ତ ନିର୍ଭରଶୀଳ କେତେକ ବ୍ୟକ୍ତିଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତଙ୍କର କଂସ ପ୍ରତି ବିରାଗ ଜନ୍ମିଥିଲା । ଏପର୍ଯ୍ୟନ୍ତ ଦେବକୀଙ୍କର ଛଅ ପୁଅ କଂସ ଦ୍ୱାରା ନିହତ ହୋଇ ସାରିଥିଲେ । ତାଙ୍କର ନବଜାତ ସନ୍ତାନକୁ ଯେତେବେଳେ ହତ୍ୟା କରାଯାଏ, ଲୋକମାନେ ଭୀତତ୍ରସ୍ତ ହୋଇ ପଡ଼ନ୍ତି । ତଥାପି ଭବିଷ୍ୟତ ବାଣୀ ସତ୍ୟ ହେବ ଏବଂ ଏହି ସବୁ କାର୍ଯ୍ୟଦ୍ୱାରା ମୁକ୍ତିଦାତାଙ୍କ ଜନ୍ମ ନିକଟତର ହେବ, ଏହି ଆଶାରେ ସେମାନେ ଆଶ୍ୱସ୍ତ ହୋଇ ରହନ୍ତି ।

ଦିନେ ଋଷି ମାନଙ୍କର କୂଳ ପୁରୋହିତ ଗାର୍ଗାଚାର୍ଯ୍ୟ ନନ୍ଦଙ୍କ ସହିତ କଥାବାର୍ତ୍ତା କରି କିଛି ଦିନ ଅତିବାହିତ କରିବା ପାଇଁ ଗୋକୁଳ ଅଭିମୁଖରେ ତୀର୍ଥଯାତ୍ରା କଲେ । ଗାର୍ଗଙ୍କ ମୁହଁରେ ଉଦବେଗ, କିନ୍ତୁ ନନ୍ଦଙ୍କ ମୁହଁରେ ଏକ ସ୍ମିତ ହାସ୍ୟର ରେଖା ଓ ଦୃଢ଼ତାର ଚିହ୍ନ ।

ଗାର୍ଗ ନନ୍ଦଙ୍କୁ ପୂର୍ବରୁ ସାବଧାନ କରି ଦେଇଥିଲେ । ପରଦିନ କଂସର ଅନୁଚର ମାନେ ଗୋକୁଳ ଗ୍ରାମରେ ପହଞ୍ଚିଲେ । ସେମାନେ ତାଙ୍କୁ କହିଲେ ଯେ ଯୁବରାଜ ନନ୍ଦଙ୍କୁ ଦେଖିବାପାଇଁ ଇଚ୍ଛା କରିଛନ୍ତି । କଂସର ଆଜ୍ଞା ଶୁଣି ନନ୍ଦ ପ୍ରସ୍ତୁତ ହୋଇ ସାରଥିଙ୍କ ଅଶ୍ୱ ଶକଟରେ ଗୋକୁଳ ଗ୍ରାମର ଗଣମୁଖ୍ୟ ମଥୁରା ଅଭିମୁଖେ ଯାତ୍ରା କଲେ । ତାଙ୍କ ସହିତ ଦଶଜଣ ଚକ୍ରଧାରୀ ବୀର ଥିଲେ ।

ଛଅ ବର୍ଷ ଧରି କଂସ ବିବ୍ରତ ହୋଇ ପଡ଼ିଥିଲା । ତା'ମନରେ ଶାନ୍ତି ନଥିଲା । ସେ ଭାବୁଥିଲା ଯେ ପ୍ରତ୍ୟେକ ବ୍ୟକ୍ତି ତା ବିରୁଦ୍ଧରେ । ନିଦ୍ରାରେ ବିଶ୍ରାମ ମଧ୍ୟ କରିପାରୁ ନଥିଲା, କାରଣ ପ୍ରକୃତ ବା କାଳ୍ପନିକ ଶତ୍ରୁ ବିରୁଦ୍ଧରେ ମୁକ୍ତ କରିବା ପାଇଁ ବିଭିନ୍ନ ଉପାୟ ଉଦ୍ଭାବନ କରିବାରେ ତାର ମୁଣ୍ଡ ଖେଳୁଥିଲା । ରାତିରେ କ୍ୱଚିତ୍ ତାର ନିଦ୍ରା ହେଉଥିଲା, କାରଣ ସେ ଭାବୁଥିଲା ଯେ ବିଶ୍ୱାସଘାତକ ମାନେ ତାକୁ ହତ୍ୟା କରିବା ପାଇଁ ତା ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛନ୍ତି ଏବଂ ଯାଦବମାନେ ମୁକ୍ତିଦାତାଙ୍କ ଉଦ୍ଦେଶ୍ୟରେ ଅପେକ୍ଷା କରି ବସିଛନ୍ତି ।

ମୁକ୍ତିଦାତା ଆସି ନଥିଲେ ମଧ୍ୟ କଂସ ତାଙ୍କୁ ନିଜର ଆଖି ଆଗରେ ଧବାରଚି ଦେଖୁଥିଲା । ମୁକ୍ତି ଦାତାଙ୍କ ଆସିବା ବିଷୟରେ ଲୋକମାନେ ଗୁନ ଗୁନ କଥାବାର୍ତ୍ତା ହେବା ଖବର ଶୁଣି ସେ ଅନୁଭବ କରୁଥିଲା, ଯେପରି ଏକ ଅଦୃଶ୍ୟ ପାଶ ଆସି ତା ଉପରେ ପଡ଼ି ଯାଉଛି । ଅନେକ ସମୟରେ ନିଦ୍ରାରେ ତାକୁ କିଏ ମାଡ଼ି ବସିବା ପରି ମନେ କରେ ଏବଂ ହଠାତ୍ ନିଦ୍ରାରୁ ଜାଗ୍ରତ ହୋଇ ଉଠି ବସେ ଏବଂ ଯେତେବେଳେ ହୃତ୍ପିଣ୍ଡରେ

Digitized by srujanika@gmail.com

ନୂତ ସ୍ପନ୍ଦନ ହୁଏ ଓ ଶଯ୍ୟାରୁ ଉଷ୍ମ ବାଷ୍ପ ପ୍ରବାହିତ ହୁଏ । ତା'ପରେ ମୃତ୍ୟୁଦାତାଙ୍କ ଆସିବାର ଦୃଶ୍ୟ ତା' ଆଖି ଆଗରେ ଦେଖା ଦିଏ । ପ୍ରତିଦିନ ପ୍ରଭାତରେ ସେ ଶଯ୍ୟା ତ୍ୟାଗ କରି ଦାନ୍ତ ରଗଡ଼ି ପ୍ରତିଜ୍ଞା କରେ, ଯାହା ହେବାର ହେଉ, ତାକୁ କିଏ ବାଧା ଦେଇ ପାରିବ ନାହିଁ ।

ତାପରେ ହେଲା ମରୁଡ଼ି, ମରୁଡ଼ି ପରେ ପରେ ଦୁର୍ଭିକ୍ଷ । ଏହା ଫଳରେ ଲୋକ ମାନଙ୍କ ମନରେ ଅସନ୍ତୋଷ ଦେଖାଦେଲା । ପ୍ରତ୍ୟେକଙ୍କ ଆଖିରେ କଂସ ଏକ ଶତ୍ରୁ ବିବେଚିତ ହେଲା ଏବଂ ଯାଦବ ମାନଙ୍କୁ ଦମନ କରି ଉପଯୁକ୍ତ କରି ରଖିବା ପାଇଁ ସ୍ଥିର କଲା । ତାର ଅନୁଚରଗଣ ଗ୍ରାମବାସୀଙ୍କର ଗୋଧନ ଓ ଗୋପାଳ, କୃଷକମାନଙ୍କର ଜମି ବାଜ୍ୟାପ୍ତ କରିନେବା ପାଇଁ ସେମାନଙ୍କୁ ଧମକ ଦେଇ ଗାଁ ଗାଁ ବୁଲୁଥାନ୍ତି ।

ଦେବକୀଙ୍କ ଉପରେ କଂସ କଡ଼ା ନଜର ରଖି ଆସୁଥିଲା । ସେ ଦିନ ଗଣୁଥିଲା, କେବେ ଦେବକୀଙ୍କର ସପ୍ତମ ଗର୍ଭରୁ ସନ୍ତାନ ହେବ । ଅନେକ ସମୟରେ ସେ ଭାବୁଥାଏ ଏହି ଗର୍ଭ ସପ୍ତମ ନା ଅଷ୍ଟମ ?

କଂସ ଖବର ପାଉଥାଏ ଯେ ଶୂର ମାନେ ଦେବକୀଙ୍କ ଅଷ୍ଟମ ଗର୍ଭକୁ ଅପେକ୍ଷା କରି ରହିଛନ୍ତି ଓ ମୃତ୍ୟୁଦାତାଙ୍କ ଆଗମନ ବିଷୟରେ ପ୍ରକାଶ୍ୟରେ କଥାବାର୍ତ୍ତା ହେଉଛନ୍ତି । ଶୂର ମାନଙ୍କ ମଧ୍ୟରେ ନନ୍ଦ ସବୁଠାରୁ ଅଧିକ ପ୍ରତିପତ୍ତିଶାଳୀ ଥିଲେ ଏବଂ ତାଙ୍କୁ ଶୂରକୋଠର ପିତା ବୋଲି ମନେ କରାଯାଉ ଥିଲା । ସେ କେବେହେଲେ ମୃତ୍ୟୁଦାତାଙ୍କ ବିଷୟରେ ପ୍ରକାଶ୍ୟରେ କିଛି କହୁ ନଥିଲେ, କିନ୍ତୁ କଂସ ଜାଣିଥିଲା ଯେ ସେ ଲୋକଙ୍କ ବିଶ୍ୱାସରେ ଭାଗୀଦାର ଥିଲେ ।

ଅନ୍ୟ ଯାଦବ ଜାତିମାନେ ମଧ୍ୟ ଏହି ସବୁ କଥା ଶୁଣି ତାକୁ ନଜର କରିନେଲେ । କଂସ ଅତି ଶକ୍ତିଶାଳୀ ହେଲେ ମଧ୍ୟ ତା'ର ହତ୍ୟା କରିବାକୁ ଯେ ଲୋକେ ଅପେକ୍ଷା କରିଛନ୍ତି ସେ ଏଥିରେ ଅତି ବିରକ୍ତ ବୋଧ କଲା । ଗୋଟାଏ କିଛି କଠୋର କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ହେବ, ଏହା ସ୍ଥିର କରି ସେ ନନ୍ଦଙ୍କୁ ଡକାଇ ପଠାଇଲା । କଂସ ନନ୍ଦଙ୍କୁ କ୍ରୂର ଦୃଷ୍ଟିରେ ଚାହିଁବାକୁ ଲାଗିଲା । କିନ୍ତୁ ନନ୍ଦ ସମ୍ମାନ ପ୍ରଦର୍ଶନ ପୂର୍ବକ ତା'ର ପଦ ତଳେ ଉପହାର ଭେଟି ଦେଲେ । ନନ୍ଦଙ୍କର କନିଷ୍ଠ ଶୂରମାନେ ତାଙ୍କ ପଶ୍ଚାତରେ ସସମ୍ମାନ ଠିକ ପିତୁଳା ପରି ଠିଆ ହୋଇଥାନ୍ତି । ତା'ପରେ କଂସ ନନ୍ଦଙ୍କୁ କହିଲା-ନନ୍ଦ, ମୁଁ ତୁମକୁ ଜଣେ ଭଲ ବ୍ୟକ୍ତି ବୋଲି ମନେକରେ, କିନ୍ତୁ ବର୍ଷେ ହୋଇଗଲା, ତୁମେ ତୁମର କର ଦେଇନାହିଁ । ତାହାର କାରଣ ?

"ରାଜପୁତ୍ର, ତୁମେ ଜାଣ, ମରୁଡ଼ି ହୋଇଥିଲା, ତାପରେ ଆସିଲା ଦୁର୍ଭିକ୍ଷ । ଆମ୍ଭେମାନେ ଅନାହାରରେ କାଳ ଯାପନ କରୁଛୁ । ଆମ୍ଭମାନଙ୍କ ଗାଈ ଗୋରୁ ଜଳାଭାବରୁ ପ୍ରାଣ ହରାଉଛନ୍ତି । ଆମେ କିପରି କର ଦେବୁ ?"

"ତୁମେ କେଉଁଠୁ ଆଣିବ, ମୁଁ ଜାଣେ ନାହିଁ । ମୁଁ ମୋର ପ୍ରାପ୍ୟ ଚାହେଁ । ମୋତେ ଏତେ ବଡ଼ ରାଜ୍ୟ ଚଳାଇବାକୁ ହେବ ।

Digitized by srujanika@gmail.com

ତୁମେ ଯଦି ଦେବ ନାହିଁ, କ'ଣ ହେବ ତାହା ଜାଣ ? ମୁଁ ତୁମର ସମସ୍ତ ଜମି ଦଖଲ କରିବି । ମୋର ଭୃତ୍ୟମାନେ ତୁମଠାରୁ ନେଇ ଆହୁରି ଭଲ ଭାବରେ ତାହା ଚାଷ କରିବେ" ।

"ରାଜପୁତ୍ର, ତୁମେ ରାଜା, ତୁମେ ଆମ୍ଭମାନଙ୍କର ପ୍ରଭୁ । କିନ୍ତୁ ଜମିସବୁ ଆମର । ଜମି ଯେତେ ଅଳ୍ପ ହେଲେ ମଧ୍ୟ ଚାଷୀର । କାରଣ ସେ, ତା'ର ପରିବାରବର୍ଗ ଏବଂ ତାର ପିତୃପୁରୁଷ ଗଣ ଜମିରେ ନିଜ ଜୀବନ ଉତ୍ସର୍ଗ କରିଛନ୍ତି । ମୋର ସେପରି ଜ୍ଞାନ ଗରିମା ନାହିଁ, କିନ୍ତୁ ଯେଉଁ ଜମି ଚାଷୀ ପକ୍ଷରେ ତାର ଜୀବନଠାରୁ ପ୍ରିୟ ସେଥିରୁ ଏତେ ଟିକିଏ ଜମିନେବା ମଧ୍ୟ ଧର୍ମ ହେବ ନାହିଁ । ତୁମପରି ମହାନୁଭବ ରାଜା ଏପରି ଅଧର୍ମ କେବେ କରିବ ନାହିଁ ବୋଲି ମୁଁ ଜାଣେ । ଦେବତାମାନେ ତୁମକୁ କ୍ଷମା ଦେବେ ନାହିଁ ।

"ମୁଁ ଯଦି ତୁମ ଜମିରୁ ଅଧିକ ଅର୍ଥ ସଂଗ୍ରହ କରି ପାରିବି ଏବଂ ତାହା ଯଦି ମୋର ଶକ୍ତି ଓ କ୍ଷମତା ବୃଦ୍ଧିରେ ସାହାଯ୍ୟ କରିବ, ତେବେ ଅରେ ନନ୍ଦେ, ଶତବାର ଅଧର୍ମ ଆଚରଣ କରିବି । ମୋର ସୈନ୍ୟମାନେ ଖାଇବେ କ'ଣ ? ମୋର ଭୃତ୍ୟମାନେ ଖାଇବେ କ'ଣ ? କହ, କେବେ ତୁମେ ତୁମର କର ଦେଇପାରିବ ?" କଂସ ପାଟିକରି କହି ଉଠିଲା ।

"ଯେତେବେଳେ ଦେବତା ମାନଙ୍କ ଅନୁଗ୍ରହରୁ ବର୍ଷା ହେବ, ଆମର ଗାଈମାନେ ପ୍ରଚୁର ଦୁଧ ଦେବେ, ଆମେ ନିଶ୍ଚୟ ତୁମର କର ଦେବୁ," ନନ୍ଦ ଅଳ୍ପ ହସି ଉତ୍ତର ଦେଲେ ।

"ଆଚ୍ଛା ନନ୍ଦ, ମୁଁ ଅପେକ୍ଷା କରିବାକୁ ପ୍ରସ୍ତୁତ ଅଛି । ଏହି ଥର ପାଇଁ ତୁମକୁ ଓ ତୁମର ଲୋକଙ୍କୁ ମୁଁ ଛାଡ଼ି ଦେଉଛି । କିନ୍ତୁ ମୋର ବିରୁଦ୍ଧରେ ଯଦି ତୁମେ ପଦେ କଥା କହ, ତାହେଲେ ତୁମର ଆତ୍ମୀୟ ସ୍ୱଜନଙ୍କ ସହିତ ତୁମକୁ ମୁଁ ହତ୍ୟା କରିବି । କ'ଣ ଗୋଟିଏ ମୃତ୍ୟୁଦାତା କଥା ଉଠିଛି ? ମୋର ମୃତ୍ୟୁ କ'ଣ ତୁମମାନଙ୍କର କାମ୍ୟ" ।

"ମୃତ୍ୟୁଦାତା ! କିଏ ସେ ବିଷୟରେ କଥାବାର୍ତ୍ତା ହେଉଛି ?" ଚକ୍ଷୁରେ କୌତୁକ ଭରି ଚାହାଣୀ ଓ ମୁଖରେ ସ୍ମିତ ହାସ୍ୟ ଫୁଟାଇ ନନ୍ଦ ପଚାରିଲେ ।

'ତୁମର ଶତ୍ରୁମାନେ ଏପରି କଥା ଆଲୋଚନା କରୁଛନ୍ତି । ସେମାନଙ୍କୁ ଚୁପ୍ ହୋଇ ରହିବାକୁ କୁହ ।' କଂସ ଗର୍ଜନ କରି ଉଠିଲା ।

ନନ୍ଦ କହିଲେ, "ଯେ ଆଜ୍ଞା ଯୁବରାଜ ।"

କଂସ ପୁଣି ଗର୍ଜନ କରି କହିଲା, "ବର୍ତ୍ତମାନ, ଯାଅ ।"

"ଯୁବରାଜଙ୍କର ଯଦି ଅନୁମତି ମିଳେ ତାହାହେଲେ ଗୋଟିଏ ବିଷୟ ପଚାରିବି ।"

"କ'ଣ ପଚାର ।"

ନନ୍ଦଙ୍କ ଚକ୍ଷୁରେ ଉପହାସର ସଙ୍କେତ, "ତାହାହେଲେ ମୁଁ କହିବି । ଶୂର ମାନଙ୍କ ସହିତ ମୋର କଥାବାର୍ତ୍ତା ହେବା ଯଦି ଆପଣ ଚାହାନ୍ତି ତେବେ ମୋତେ ପ୍ରଥମେ ଆମର ଗଣମୁଖ୍ୟ ବସୁଦେବଙ୍କ ସହିତ

Digitized by srujanika@gmail.com

ସାକ୍ଷାତ କରିବା ପାଇଁ ଅନୁମତି ଦିଅନ୍ତୁ । ତା'ହେଲେ ଶତ୍ରୁମାନଙ୍କୁ ତାଙ୍କ ପକ୍ଷରୁ ମୁଁ ପରାମର୍ଶ ଦେଇ ପାରିବି ।"

କଂସ କହିଲା, "ତୁମର ଯାହା ଇଚ୍ଛା ତାହା କର । କିନ୍ତୁ ତୁମର ଆଚରଣ ଯଦି ମୋର ଅସନ୍ତୋଷର କାରଣ ହୁଏ, ତା' ହେଲେ ମନେରଖ, ତୁମର ସମସ୍ତ ଭୂସମ୍ପତ୍ତି ହରାଇବ ।"

"ତୁମେ ସାରା ପୃଥିବୀର ରାଜା," ଏହା କହି ନନ୍ଦ କଂସକୁ ସାଷ୍ଟାଙ୍ଗ ପ୍ରଣିପାତ କରି ବାହାରି ଆସିଲେ ।

ଏହାପରେ ହେଲା ଯେ വୃଷ୍ଣି ବଂଶର ଗଣ୍ୟମାନ୍ୟ ଅକ୍ରୂର ଏବଂ ଶତ୍ରୁମାନଙ୍କର କୂଳ ପୁରୋହିତଙ୍କ ସହିତ ନନ୍ଦ ଯାଇ ବସୁଦେବ ଓ ଦେବକୀଙ୍କ ସହିତ ସାକ୍ଷାତ କଲେ । ବସୁଦେବଙ୍କ ଜ୍ୟେଷ୍ଠ ପତ୍ନୀ ଗର୍ଭବତୀ ରୋହିଣୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ ।

ସେମାନେ ବହୁ ସମୟ ଧରି ଅତି ଉଦ୍‌ବେଗ ଭାବରେ କଥା ବାର୍ତ୍ତା ହେଲେ । କଂସର କବଳରୁ ରକ୍ଷା ପାଇବାର କୌଣସି ଉପାୟ ନଦେଖି ସେମାନେ ଅତି ନିରାଶ ହୋଇ ପଡ଼ିଥିଲେ । ତାପରେ ରୋହିଣୀ କହିବାକୁ ଆରମ୍ଭ କଲେ, ତାଙ୍କର ଗଣ୍ଡଦେଶ ଆରକ୍ତ ହୋଇ ଉଠିଲା ; ସମସ୍ତେ ତାଙ୍କୁ ସସମ୍ମାନରେ ଶୁଣିଲେ । ସେ କହିଲେ, ସେ ନିଶ୍ଚୟ ଏହାର ଉପାୟ ବାହାର କରିବେ ।

"ଦୈବୀବାଣୀ ସତ୍ୟ ହେବ," ଦୃଢ଼ ଗମ୍ଭୀର ସ୍ୱରରେ ସେ ଏହି କଥା କହିଲେ, ତାଙ୍କ ଆଖିରୁ ଧାରି ଧାରି ଲୁହ ବହି ଯାଉଥାଏ ।

ପରଦିନ ନନ୍ଦଙ୍କ ସହିତ ରୋହିଣୀ ଗୋକୁଳ ଗ୍ରାମ ଅଭିମୁଖରେ ଯାତ୍ରା କଲେ । ଯେଉଁ ସବୁ ଯାନ ନନ୍ଦଙ୍କ ଆତ୍ମୀୟ ମାନଙ୍କୁ ମଥୁରା ଆଣିଥିଲା, ସେ ସମସ୍ତ ଗୋକୁଳ ଗ୍ରାମକୁ ଗଲା ନାହିଁ । ଯେଉଁଥିରେ ନନ୍ଦ ଓ ରୋହିଣୀ ଯାତ୍ରା କଲେ, ସେହି ଯାନ ବ୍ୟତୀତ ଅନ୍ୟ ସମସ୍ତ ଯାନ ପଥମଧ୍ୟରେ ଭିନ୍ନ ଭିନ୍ନ ସ୍ଥାନରେ ରହିଗଲା ।

ସେହି ରାତିରେ କଂସ ଏକ ଦୁଃସ୍ୱପ୍ନ ଦେଖି ହଠାତ୍ ଚିତ୍କାର କରି ଉଠି ବସିଲା । ସେ ଯେପରି ଶ୍ୱାସରୁଦ୍ଧ ହୋଇ ପଡ଼ୁଛି । ସାରା ଦେହ ତାର କମ୍ପିବାରେ ଲାଗିଲା । ସେ ନିଜକୁ ଜୀବନ୍ତ ଅବସ୍ଥାରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ।

କଂସ ସ୍ୱପ୍ନ ଦେଖିଲା ସେ ହସ୍ତରେ ଖଡ଼୍ଗ ଧରି ଦେବକୀ ଯେଉଁଠାରେ ବନ୍ଦୀ ହୋଇ ରହିଛନ୍ତି ସେଠାକୁ ଯାଇ ଦେଖେ ତ, ଦେବକୀଙ୍କ ଦୁଇଟି ପୁତ୍ର ସନ୍ତାନ ଜନ୍ମ ହୋଇଛନ୍ତି ଏବଂ ଉଭୟ ହାତ ଗୋଡ଼ ବାଡ଼େଇ ଖେଳୁଛନ୍ତି । ଅଷ୍ଟମ ସନ୍ତାନ ଜାଲ ପଦ୍ମ ପରି ସତେଜ ଓ ସୁନ୍ଦର ଦିଶୁଛି । ସେ ପ୍ରତି ମୁହୂର୍ତ୍ତରେ ବଢ଼ିବାକୁ ଲାଗିଲା । ସୌନ୍ଦର୍ଯ୍ୟରେ ଉଦ୍‌ଭାସିତ ତା'ର ମୁଖମଣ୍ଡଳ । ମୁଣ୍ଡରେ ତା'ର ଏକ ଗୋଲକ ଓ ହାତରେ ଚକ୍ର ସେ ନିଜେ ନିର୍ଭୀକ ହୋଇ ଠିଆ ହୋଇ ରହିଛି, ଏହି ସମୟରେ ସେ ବାଳକ ତାକୁ ଲକ୍ଷ୍ୟ କରି ଚକ୍ର ନିକ୍ଷେପ କଲା । ଚକ୍ର ଦ୍ରୁତ ଗତିରେ ଆସି ତାର ମସ୍ତକକୁ ଶରୀରରୁ ଛିନ୍ନ କରିନେଲା ଓ ତାର ମସ୍ତକ ଗଡ଼ି ଗଡ଼ି

Digitized by srujanika@gmail.com

ଯାଇ ଏକ ରକ୍ତ ପୁଅ ଛୁଟାଇ ପଡ଼ି ରହିଲା । ସେ ନିଜେ ଏହା ଦେଖୁଥାଏ । ପୁଣି ଦେଖୁଥାଏ ସେ ପିଲାଟି କି ହୁଏ..... ..... ..... ।

ତା'ପରେ କଂସ ତାର ମୁଖ୍ୟ ଦେହରକ୍ଷୀ ପ୍ରଦ୍ୟୋତର ପତ୍ନୀ ପୁତନାକୁ ଡ଼କାଇ ପଠାଇଲା । ଦେବକୀଙ୍କୁ ଜଗିବା ପାଇଁ ସେ ପୁତନାକୁ ନିଯୁକ୍ତ କରିଥିଲା । ସେ ତାର ବିଶ୍ୱସ୍ତ ପରିଚାରିଣୀ ହୋଇଥିବା ଯୋଗୁ ସ୍ୱପ୍ନର ବିବରଣୀ କେବଳ ତାକୁ ତାକ କହିଲା ।

ଦେବକୀ ଆସନ୍ନ ପ୍ରସବା କି ନୁହେଁ, ତାହା ବୁଝି ଆସି କହିବା ପାଇଁ ସେ ପୁତନାକୁ ଆଦେଶ ଦେଲା । ପୁତନା ସମସ୍ତ ବିଷୟ ବୁଝି ଆସି ଖବର ଦେଲା ଯେ ଦେବକୀଙ୍କର ପ୍ରସୂତି ପାଇଁ ଆଉ ଗ ମାସେ ସମୟ ଅଛି । ତେବେ ଯାଇ କଂସ ଆଶ୍ୱସ୍ତିରେ ନିଃଶ୍ୱାସ ମାରିଲା ।

# ବଳରାମ ଜନ୍ମ

ଦିଶଦିନ ଧରି ବସୁଦେବ ଓ ଦେବକୀ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ । ସେ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ତାହା ସେ ନିଶ୍ଚୟ ପାଳନ କରିବେ । ଦେବକୀ ଜାଣି ପାରିଲେ ଯେ, ବ୍ୟାସଙ୍କର କଥା ନିଶ୍ଚୟ ସତ୍ୟ ହେବ । ସେ ସନ୍ତୋଷରେ ରହିଲେ ।

ବସୁଦେବ ଓ ଦେବକୀ ଯେପରି ଶ୍ରଦ୍ଧା ଓ ବିଶ୍ୱାସର ସହିତ ଦିନ ପରେ ଦିନ ଦୁଃଖ କଷ୍ଟ ସହୁଛନ୍ତି, ତାହା ଦେଖି ପ୍ରାସାଦର ପ୍ରହରୀମାନଙ୍କର ହୃଦୟ ତରଳିଗଲା । ଶତ୍ରୁମାନଙ୍କର ମୁଖ୍ୟ ଏବଂ ତାଙ୍କର ପତ୍ନୀଙ୍କ ଉପରକୁ ଯେପରି କୌଣସି ବିପତ୍ତି ନ ଆସେ, ତାହା ହିଁ ଥିଲା ସେମାନଙ୍କର ଚିନ୍ତା ଓ ଉଦ୍‌ବେଗର ବିଷୟ । ବ୍ୟାସଙ୍କର ଭବିଷ୍ୟତ ବାଣୀ କଥା ସେମାନେ ଶୁଣିଥିଲେ ଏବଂ ମୁକ୍ତିଦାତା ଆସୁଛନ୍ତି ବୋଲି ଅକ୍ରୁରଙ୍କ ହୃଦ୍‌ଗତ ବିଶ୍ୱାସ ମଧ୍ୟ ସେମାନଙ୍କୁ ଜଣା ଥିଲା । ସେମାନେ ସମସ୍ତ ଆନ୍ତରିକତା ସହ ମୁକ୍ତିଦାତା ଶୀଘ୍ର ଆସନ୍ତୁ ବୋଲି ପ୍ରାର୍ଥନା କଲେ ।

ନବମ ଦିବସରେ ଗୋକୁଳର ରାଜା ନନ୍ଦ ମଥୁରା ଛାଡ଼ିବା ପରେ ବସୁଦେବ ଓ ଦେବକୀ ଯେଉଁ ପ୍ରାସାଦରେ ବନ୍ଦୀ ହୋଇଥିଲେ, ଯମୁନା ତୀରସ୍ଥ ସେହି ପ୍ରାସାଦର ଘାଟରେ ଗୋଟିଏ ନୌକା ଆସି ଲାଗିଲା । ନୌକାରେ ଥିବା ଜନଜଣଙ୍କ ମଧ୍ୟରୁ ଜଣେ ହାତରେ ଗୋଟିଏ ବୁଜୁଳା ଧରି ନୌକାରୁ ଓହ୍ଲାଇଲେ । ଗାର୍ଗାଚାର୍ଯ୍ୟଙ୍କ ସଙ୍ଗେ ବସୁଦେବଙ୍କ ପାଖରେ ଅକ୍ରୁର ସାଧାରଣତଃ ରହୁଥିଲେ । ନୌକା ଲାଗିବାର ଦେଖି ସେ ଘାଟ ଯାହାଚର ତଳକୁ ଓହ୍ଲାଇଗଲେ ।

Digitized by srujanika@gmail.com

"ବୃଷ୍ଣିମାନଙ୍କର ମୁଖ୍ୟ, ମୁଁ ଆସିଗଲି" ଯୁବକ ଜଣକ କହୁଥିଲେ।

ତାଙ୍କ ହାତରେ ଥିବା ବୁଜୁଳା ଆଡ଼କୁ ଅକ୍ରୂର ଅଙ୍ଗୁଳି ଦେଖାଇ ନୀରବରେ ଜିଜ୍ଞାସା କଲେ।

"ହଁ, ଏକ ସଦ୍ୟଜାତ କନ୍ୟା।"

ଅକ୍ରୂର ଉପରକୁ ଚାହିଁ ନୀରବରେ ପ୍ରାର୍ଥନା କଲେ। ସେଠାରେ ଠିଆ ହୋଇଥିବା ଦୁଇଜଣ ପ୍ରହରୀ ସେମାନଙ୍କ ନିକଟକୁ ଆସିଲେ। ଅକ୍ରୂର ଚୁପ୍ ଚୁପ୍ କରି ସେମାନଙ୍କୁ କହିଲେ, "ଦେବକୀଙ୍କର ଜୀବନକୁ ବଞ୍ଚାଇବା ପାଇଁ ଗାର୍ଗାଚାର୍ଯ୍ୟ ମନ୍ତ୍ର ଉଚ୍ଚାରଣ କରିବା ନିମନ୍ତେ ଏହି ବ୍ରାହ୍ମଣ ଯୁବକଙ୍କୁ ଡକାଇଛନ୍ତି। ଯାଅ, ଶୀଘ୍ର ରାଜାଙ୍କୁ ଜଣାଇଦିଅ, ଦେବକୀ ସମ୍ଭବତଃ ଏକ ପୁତ୍ର ସନ୍ତାନ ଜନ୍ମ ଦେବେ।"

ପ୍ରହରୀମାନେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ। ମାତ୍ର ସଙ୍ଗେ ସଙ୍ଗେ ନିଜର କର୍ତ୍ତବ୍ୟ କରିବା ପାଇଁ ଚାଲିଗଲେ।

ଗାର୍ଗାଚାର୍ଯ୍ୟ ଦୁଇଜଣ ବୃଦ୍ଧା ସ୍ତ୍ରୀ ଲୋକଙ୍କ ସହିତ ଏହି ଯୁବକଙ୍କର ଆଗମନକୁ ଅପେକ୍ଷା କରିଥିଲେ। ଅଳ୍ପ ସମୟ ଧରି ସେମାନେ ଚୁପ୍ ଚୁପ୍ କଥାବାର୍ତ୍ତା ହେଲେ। ଦେବକୀ ବସୁଦେବଙ୍କର ହାତରେ ହାତ ରଖି ଆଖି ବୁଜି ରହିଥିଲେ। ଗାର୍ଗ ଜଣେ ଧାତ୍ରୀର ସହିତ ଅନ୍ତଃପୁରକୁ ଯିବାପାଇଁ ଦେବକୀଙ୍କୁ ନିର୍ଦ୍ଦେଶ ଦେଲେ।

ଦେବକୀଙ୍କର ମୁଣ୍ଡ ଉପରେ ହାତରଖି ଗାର୍ଗ କହିଲେ, "ମା, ଭଗବାନ ତୁମକୁ ଶକ୍ତି ଦିଅନ୍ତୁ।"

ଦେବକୀ କହିଲେ, "ଗୁରୁଦେବ, ବ୍ୟସ୍ତ ହୁଅନ୍ତୁ ନାହିଁ। ଦରକାର ପଡ଼ିଲେ, ମୁଁ ଅଗ୍ନି ଭିତରେ ଯିବାପାଇଁ ପ୍ରସ୍ତୁତ ଅଛି। ମୋର କଷ୍ଟ ହେବ ନାହିଁ। ଗତ ଦୁଇଦିନ ଧରି ମୁଁ ଅନୁଭବ କରୁଛି, ଯେପରି କି ଅନନ୍ତ ତାଙ୍କର ସହସ୍ର ଫଣା ଟେକି ମୋତେ ରକ୍ଷା କରୁଛନ୍ତି। ଦେବକୀ ତାଙ୍କର ଗୁରୁ ଓ ବସୁଦେବଙ୍କର ପାଦତଳେ ପ୍ରଣିପାତ କରି ବୃଦ୍ଧା ଧାତ୍ରୀଙ୍କ ସହିତ ପ୍ରସ୍ଥାନ କଲେ।

ଯୁବକ ଜଣକ ଅନ୍ୟ ବୃଦ୍ଧାର ହାତକୁ ବୁଜୁଳାଟି ବଢ଼ାଇ ଦେଲେ।

କିଛି ସମୟ ପାଇଁ ସବୁ ନୀରବ, ନିସ୍ତବ୍ଧ। ତା ପରେ ଦେବକୀ କଷ୍ଟରେ ଚିତ୍କାର କରିବାକୁ ଲାଗିଲେ। ତାଙ୍କର ଚିତ୍କାର କ୍ରମେ ତୀବ୍ରତର ହେବାକୁ ଲାଗିଲା। ଶେଷରେ ସେ ଖୁବ୍ ଜୋରରେ ଚିତ୍କାର କରି ଉଠିଲେ।

ଗାର୍ଗାଚାର୍ଯ୍ୟ, ଅକ୍ରୂର, ବସୁଦେବ ଓ ତାଙ୍କ ସହିତ ଥିବା ଯୁବକ ରୁଦ୍ଧନିଃଶ୍ୱାସ ହୋଇ ଅପେକ୍ଷା କରିଥାନ୍ତି। ତା ପରେ ସେମାନେ ଏକ ବଳଶାଳୀ, ତେଜସ୍ୱୀ ନବଜାତ ଶିଶୁର କ୍ରନ୍ଦନ ଧ୍ୱନି ଶୁଣିବାକୁ ପାଇଲେ।

କିଛି ସମୟ ଚାଲିଗଲା। ଶିଶୁର କ୍ରନ୍ଦନ ଥମିଗଲା। ଯେଉଁଠି ସେମାନେ ଅପେକ୍ଷା କରିଥିଲେ, ସେଠାକୁ ଜଣେ ବୃଦ୍ଧା ଆସି କହିଲା, "ଗୋଟିଏ ପୁଅ ଜନ୍ମ ହୋଇଛି, ଆସ, ଆସ, ତୁମେ ଦେଖିବ।"

ପାଦ ଚପି ଚପି ଏମାନେ ଗଲେ ଓ ଦ୍ୱାର ପାଖରେ ଠିଆ ହୋଇ, ସେ ଘର

Digitized by srujanika@gmail.com

ଭିତରକୁ ଚାହିଁଲେ । ଏହାର ଆଲୋକିତ ଗୃହରେ ଦେବକୀ ଶୋଇଛନ୍ତି । ସେ ବିବର୍ଣ୍ଣ ଓ ଶ୍ରାନ୍ତ । ତାଙ୍କ ପାଖରେ ଖୁବ୍ ବଳୁଆ ଶିଶୁଟିଏ ଶୋଇଛି ।

ଅକ୍ରୂର କହିଲେ, "ଆଉ ଡେରି କର ନାହିଁ । ପ୍ରହରୀମାନେ କଂସକୁ ଖବର ଦେବାପାଇଁ ଯାଇଛନ୍ତି, ସେ କୌଣସି ମୁହୂର୍ତ୍ତରେ ଫେରି ପାରନ୍ତି ।

ଦେବକୀ ଓଠରେ ଏକ ମଧୁର ହସର ରେଖା । ସେ ଶିଶୁଟିକୁ ଅମୂଲ୍ୟଧନ ପରି କୋଳରେ ଜାକି ଧରି କହିଲେ, "ହଁ, ମୁଁ ଜାଣେ ।" ତା ପରେ ଶିଶୁଟିକୁ ନେଇଯିବା ପାଇଁ ଜଣେ ବୁଢ଼ୀକୁ ହାତ ଠାରି ଡାକି କହିଲେ ଓ ଆଖିର ଲୁହ ଟୋପାଟିକୁ ପୋଛି ଦେଲେ ।

ବୁଢ଼ୀ ସ୍ତ୍ରୀ ଲୋକଟି ଶିଶୁକୁ ଦେବକୀଙ୍କ ଠାରୁ ଆଣି ଗାଧୋଇଦେଲା ଓ ଭୂଇଁ ଉପରେ ଶୋଇଲା । ଶିଶୁଟି ଖୁବ୍ ଜୋରରେ କାନ୍ଦୁଥାଏ । ଗାର୍ଗାଚାର୍ଯ୍ୟ ତାକୁ ଉଠାଇ ମନ୍ତ୍ର ଉଚ୍ଚାରଣ ପୂର୍ବକ ତା ବେକରେ ଗୋଟିଏ କଳାସୂତା ବାନ୍ଧି ଦେଲେ । "ଆମେ ତାର କି ନାଁ ଦେବା ?" ଗାଗାଚାର୍ଯ୍ୟ ପଚାରିଲେ । ବସୁଦେବ ପ୍ରଶଂସା-ପୂର୍ଣ୍ଣ ଆଖିରେ ତାଙ୍କର ପତ୍ନୀଙ୍କ ଆଡ଼କୁ ଚାହିଁ ପଚାରିଲେ "ଦେବକୀ, କଣ ତୁମର ଇଚ୍ଛା ?"

ଦେବକୀ କହିଲେ, "ସେ ଖୁବ ବଳୁଆ ହୋଇଛି । ତାକୁ ବଳ ବୋଲି ଡାକ ।"

ବସୁଦେବ ଗୁରୁଙ୍କୁ ପଚାରିଲେ, "ଗୁରୁଦେବ, ତୁମେ କଣ ନାମ ଦେବ ?"

ଗାର୍ଗାଚାର୍ଯ୍ୟ ଟିକିଏ ହସି କହିଲେ, "ମୁଁ ତାକୁ ସଙ୍କର୍ଷଣ ନାମରେ ଡାକିବି କାରଣ ସେ ଜନ୍ମ ହୋଇନାହିଁ । ମା ପେଟରୁ ତାକୁ ଟାଣି ଆଣାଯାଇଛି ।"

ବସୁଦେବ ଗାର୍ଗଙ୍କଠାରୁ ଶିଶୁକୁ ଆଣି ସ୍ନେହରେ ତାକୁ ନିଜ ବକ୍ଷସ୍ଥଳରେ ଚାପି ଧରିଲେ । ତା ପରେ ପାଖରେ ଥିବା ଯୁବକକୁ ବଢ଼ାଇଦେଲେ । ଅକ୍ରୂର ଏବଂ ଯୁବକ ଦୃଢ଼ପଦରେ ପ୍ରସ୍ଥାନ କଲେ ।

ପ୍ରହରୀମାନେ କଂସର ପ୍ରାସାଦକୁ ଦଉଡ଼ି ଯାଇ ଖବର ଦେଲେ । ଟିକିଏ ଡେରି ହେଲେ ସେମାନଙ୍କର ରକ୍ଷା ନାହିଁ । ଜଣକଠାରୁ ଜଣେ ହୋଇ ଏହି ଖବର ପ୍ରହରୀମାନଙ୍କର ସର୍ଦ୍ଦାର ପ୍ରଦ୍ୟୋତ ପାଖରେ ପହଞ୍ଚିଲା । ପ୍ରଦ୍ୟୋତ ନିଜ ଶୋଇବା ଖଟରୁ ଡେଇଁପଡ଼ି କଂସ ନିକଟକୁ ଦଉଡ଼ିଯାଇ କହିଲା, "ମହାରାଜ, ଦେବକୀ-ଙ୍କର ପୁଣି ପ୍ରସବ ବେଦନା ହେଉଛି ।" କଂସକୁ ଏକ ଦୁଃସ୍ୱପ୍ନରୁ ଉଠିବାପରି ଲାଗିଲା । ସେ ଆଖି ମଳି ଖଡ୍ଗଧାରଣ ପୂର୍ବକ ନିଜର ରଥରେ ଆରୋହଣ କଲା । ପ୍ରହରୀମାନଙ୍କ ସର୍ଦ୍ଦାରକୁ ଆଦେଶ ଦେଲା, ତାର ସ୍ତ୍ରୀ ପୂତନାକୁ ସଙ୍ଗରେ ଧରି ଆସୁ । ତାର ଅତ୍ୟନ୍ତ ଭୟ ହେଲା ଯେ ଦେବକୀ ଦୁଇଟି ଯାଆଁଳା ପିଲାଙ୍କୁ ଜନ୍ମ ଦେଇ ପାରନ୍ତି । ଦଶଦିନ ତଳେ ସେ ଯେଉଁ ସ୍ୱପ୍ନ ଦେଖିଥିଲା, ସେହିଦିନଠାରୁ ସେ ନିଜକୁ

Digitized by srujanika@gmail.com

ପ୍ରକୃତିସ୍ଥ କରିପାରି ନ ଥିଲା । ଦ୍ରୁତଗାମୀ ଅଶ୍ୱ ସଂଯୋଜିତ ରଥରେ ବସୁଦେବ ଓ ଦେବକୀଙ୍କର ପ୍ରାସାଦରେ ପ୍ରସ୍ତରର ନୀରବତା ଭଙ୍ଗ କରି ସେ ପହଞ୍ଚିଲା ।

ପ୍ରଦ୍ୟୋତ ଓ ପୂତନାର ସହିତ କଂସ ପ୍ରାସାଦରେ ପହଞ୍ଚିବା କ୍ଷଣି ଗାର୍ଗାଗ୍ରୟି ଓ ବସୁଦେବ ତାକୁ ଅଭ୍ୟର୍ଥନା କରିବାପାଇଁ ଦ୍ୱାର ଦେଶରେ ଉପସ୍ଥିତ ଥିଲେ ।

କଂସ ଚିତ୍କାର କରି ଉଠିଲା, "ପୁଅମାନେ କାହାନ୍ତି ।"

ଗାର୍ଗାଗ୍ରୟି ଉତ୍ତର ଦେଲେ "ପୁଅମାନେ, କେଉଁ ପୁଅମାନେ ?"

"ଦେବକୀ ଯେଉଁ ସାଆଁଳା ପିଲି ଦୁହିଁଙ୍କୁ ଜନ୍ମ ଦେଇଛି ।"

"ସାଆଁଳା ପୁଅ ତ ଦୂରର କଥା, ଗୋଟିଏ ପୁଅ ବି ନୁହେଁ । କେବଳ ଝିଅଟିଏ ଜନ୍ମ ହୋଇଛି ।" ବସୁଦେବ କହିଲେ ।

ଦେବକୀ ଯେଉଁ ଘରେ ଶୋଇଥିଲେ ସେ ଘରକୁ ପଶିବା ପାଇଁ ଉଦ୍ୟତ ହୋଇ କଂସ ଚିତ୍କାର କରି ଉଠିଲା "ତୁମେ ମିଛ କହୁଛ । ପୂତନା, ଯାଅ କଥାଟା କଣ ବୁଝି ଆସ । କେଉଁଠି ସେ ଝିଅ ଅଛି ?"

"ହେଇଟି ଝିଅ", ଗାର୍ଗାଗ୍ରୟି ଏହା କହିବା ମାତ୍ରେ ଯେଉଁ ନବଜାତ କନ୍ୟାକୁ ବ୍ରାହ୍ମଣ ଯୁବକ ଗୋକୁଳରୁ ସେଠାକୁ ଲଗାରେ ଘୋଡ଼ାଇ ଆଣିଥିଲେ, ସେହି କନ୍ୟାର ମୃତଦେହକୁ ବୁଢ଼ୀ ସ୍ତ୍ରୀ ଲୋକଟି ବଢ଼ାଇ ଦେଲା ।

ମୃତଦେହକୁ କଂସ କିଛି ସମୟ ଧରି ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା । ତା ପରେ ଯେପରି ଏକ ସ୍ୱପ୍ନରୁ ସେ ଉଠିଛି । ପୂତନା ଓ ତାର ସ୍ୱାମୀ ପ୍ରଦ୍ୟୋତକୁ ପାଟିକରି କହିଲା "ଏ ଘରର ପ୍ରତି ଅନ୍ଧ ସନ୍ଧି ଖୋଜ । ଜଣାଯାଉଛି ମୋତେ ଠକିବାର ଏକ ଚକ୍ରାନ୍ତ ହୋଇଛି ।"

ସେମାନେ ଘରର ଅନ୍ଧସନ୍ଧି ଖୋଜିଲେ । କିଛି ଫଳ ହେଲା ନାହିଁ ।

କଂସ ନିରାଶ ହୋଇ ପ୍ରାସାଦକୁ ଫେରି ଆସିଲା । କ୍ରମେ ତାର କ୍ରୋଧ ଦୃଢ଼ ହୋଇ ଚିନ୍ତା ବଢ଼ିବାକୁ ଲାଗିଲା । ଯେପରି ଘଟଣା ଘଟିଯାଉଛି, ସେ ତାର କଳ୍ପନା କରି ନ ଥିଲା । ସେ ଅନୁଭବ କଲା ଯେପରି ଏକ ଅଦୃଶ୍ୟ ଶକ୍ତି ତା ଆଡ଼କୁ ଧାବମାନ ହେଉଛି ।

କିଛିକ୍ଷଣ ପରେ ସେ ନିଜକୁ ସାନ୍ତ୍ୱନା ଦେଲା । ଏ ହେଉଛି ଦେବକୀର ସପ୍ତମ ଗର୍ଭ । ଅଷ୍ଟମ ଗର୍ଭ ବାକି ଅଛି । ସତର୍କ ହେବା ପାଇଁ ବହୁତ ସମୟ ରହିଛି । ଦେବକୀକୁ ସଙ୍ଗେ ସଙ୍ଗେ ମାରିଦେବା ତାର ଇଚ୍ଛା ଥିଲା । କିନ୍ତୁ ସେ ତା' କରିଥିଲେ ତାର ପିତା ଏବଂ ପିତୃବ୍ୟ ଅନାହାରରେ ଆତ୍ମହତ୍ୟା କରି-ଥାନ୍ତେ ଓ ଖୋଲା ଖୋଲି ଭାବରେ ଯାଦବ ମାନେ ବିଦ୍ରୋହ କରିଥାନ୍ତେ । ନା, ତାହା ଠିକ୍ ହୋଇ ନ ଥାନ୍ତା । ଅଷ୍ଟମ ଗର୍ଭ ପାଇଁ ତାକୁ ଅପେକ୍ଷା କରିବାକୁ ହେବ ।

ବ୍ରାହ୍ମଣ ଯୁବକ ଜଣେ ଦକ୍ଷ ଚକ୍ରାନ୍ତକ ଥିଲେ । ସେ ମଧ୍ୟରେ ରୁଳା ବୁଢ଼ାଇ

Digitized by srujanika@gmail.com

ଶିଶୁଟିକୁ ଚରମିବାକୁ ଦେଲେ ଓ ତାର କ୍ଷୁଧା ଶାନ୍ତ କଲେ ।

ସକାଳ ହେବା ପୂର୍ବରୁ ସେ ଗୋକୁଳରେ ପହଞ୍ଚି ବସୁଦେବଙ୍କ ଜ୍ୟେଷ୍ଠ ପତ୍ନୀ ରୋହିଣୀଙ୍କୁ ପିଲାଟିକୁ ବଢ଼ାଇଦେଲେ । ରୋହିଣୀ ନନ୍ଦଙ୍କର ଆଶ୍ରୟରେ ଥିଲେ । ସେ ହୃଷ୍ଟପୁଷ୍ଟ ଶିଶୁଟିକୁ ଦେଖି ଅତ୍ୟନ୍ତ ଆନନ୍ଦରେ କୋଳରେ ଧରିଲେ ଓ ତା ମୂର୍ତ୍ତିରେ ନିଜ ସ୍ୱାମୀଙ୍କର ପ୍ରତିଛବି ଦେଖି-ବାକୁ ପାଇଲେ ।

ସେ ଶିଶୁଟିକୁ ଖାଇବାକୁ ଦେଇ ଦୋଳିରେ ଝୁଲାଇ ଦେଇ ଶୋଇବାକୁ ଗଲେ । ଉଠିବାମାତ୍ରେ ସେ ଯାହା ଦେଖିଲେ ଭୟରେ ଜଡ଼ସଡ ହୋଇ ଚମକିଗଲେ । ଗୋଟିଏ ବଡ଼ ସାପ ଫଣାଟେକି ଦୋଳି ଉପରେ ଝୁଲୁଛି । ଗୋଟିଏ ମୁହୂର୍ତ୍ତ ତାଙ୍କୁ ଦୀର୍ଘ ସମୟ ପରି ବୋଧହେଲା । ସେ ଚିତ୍କାର କରି ପାରିଲେ ନାହିଁ, କାଳେ ସାପ ଭୟଗ୍ରସ୍ତ ହୋଇ ଶିଶୁକୁ ଦଂଶନ କରିବ ।

ସାପ କିଛି ସମୟ ଧରି ଦୋଳି ଉପରେ ଝୁଲିଲା । ତାପରେ ନିଜ ଫଣାକୁ ସଙ୍କୁଚିତ କରି ଧୀରେ ଧୀରେ ଚାଲିଗଲା ।

ରୋହିଣୀ ଦୋଳି ପାଖକୁ ଯାଇ ଦେଖିଲେ ପିଲାଟି ନିଦ୍ରିତ ଶୋଇଛି । ତାର ଦେହଟି ଉପରେ ଏତେ ଟିକିଏ ହିଁସ ।

---

ORIENT DISTRIBUTORS

&

**Agencies Private Limited**

**MERIA BAZAR**

**CUTTACK-1.**

*Distributors of:* **ACC's Portland Cement, White Cement & Water Proofing Compound**

Digitized by srujanika@gmail.com

ଭାରତୀୟ ସଂସ୍କୃତି କହିଲେ କେବଳ ସତ୍ୟ, ଅହିଂସା, ସଦାଚାର ନୁହେଁ—ଏହାର ବହୁ ବ୍ୟତିକ୍ରମ ପୁରାଣ ଓ ଧର୍ମଶାସ୍ତ୍ରମାନଙ୍କରେ ଦେଖାଯାଏ । ଏହି ବ୍ୟତିକ୍ରମକୁ ମଧ୍ୟ ସଂସ୍କୃତିରେ ଗଣାଯାଏ ।

# ଆମର ସଂସ୍କୃତି

## ଅଧ୍ୟାପକ ବିବେକାନନ୍ଦ ମୁଖୋପାଧ୍ୟାୟ

ଆଜିକାଲି ସଭାସମିତି ସ୍ଥାନଙ୍କରେ ପ୍ରାୟ ଭାରତୀୟ ସଂସ୍କୃତିର ଗୌରବଗାନ ଶୁଣିବାକୁ ମିଳିଥାଏ । ଭାରତୀୟ ହିସାବରେ ଅବଶ୍ୟ ସେଥିରେ ଆତ୍ମପ୍ରସାଦ ଲାଭ କରିବା କଥା । କିନ୍ତୁ ଅନ୍ୟ ଯେ କୌଣସି ଜାତିଙ୍କୁ ସଂସ୍କୃତି ବୋଲିବାରେ ଏହାକୁ ପ୍ରତିଷ୍ଠାପିତ କରି ଆମର ନିଜ ସାଂସ୍କୃତିକ ବୈଶିଷ୍ଟ୍ୟ ପାଇଁ ଆମେ ଯେତେବେଳେ ଗର୍ବ ଅନୁଭବ କରୁଁ ସେତେବେଳେ ଆମ୍ଭମାନଙ୍କର ସାବଧାନ ହେବା ଉଚିତ । ଯେଉଁ ଧର୍ମ ଦେଶ-କାଳ-ପାତ୍ରର ଊର୍ଦ୍ଧ୍ୱରେ ଏକ ଶାଶ୍ୱତ ଧର୍ମ, ସେ ଧର୍ମ ସମସ୍ତଙ୍କର ହିଁ ଆଚରଣୀୟ ଏବଂ ପୃଥିବୀର ସମସ୍ତ ଧର୍ମରେ ହିଁ ତାହାର ଅନୁଶୀଳନର ବିଷୟ ବର୍ଣ୍ଣିତ ହୋଇଅଛି । ଯେଉଁ ଧର୍ମ ଦେଶ-କାଳ-ପାତ୍ର ଦ୍ୱାରା ସଙ୍କୀର୍ଣ୍ଣ ଓ ସୀମିତ ସେ ଧର୍ମ ଶାଶ୍ୱତ ଧର୍ମ ନୁହେଁ । ପ୍ରାଚୀନ ସଂସ୍କୃତିକୁ ଏକମାତ୍ର ଆଦର୍ଶ ଭାବେ ଗ୍ରହଣ କରି ଯେଉଁମାନେ ତାହାର ଉପାସନା କରନ୍ତି, ସେମାନେ ଅନେକ ଅଂଶରୁ ହିଁ ଜୀବନ ଧର୍ମଚ୍ୟୁତ ହୋଇ ଅଛନ୍ତି । ଆମ ଧର୍ମରେ ଆତ୍ମ ପ୍ରଶଂସା ଆତ୍ମହତ୍ୟା ସଙ୍ଗେ ସମାନ; ଅଥଚ ପ୍ରତି ମୁହୂର୍ତ୍ତରେ ଆମେ ଆତ୍ମହତ୍ୟା ରୂପକ ପାପାଚରଣ କରୁଅଛୁ ! ଏକଦା ଯୁଧିଷ୍ଠିରଙ୍କ ପ୍ରତି ପରୁଷ ବାକ୍ୟ ପ୍ରଚାରଣ କରି ଅର୍ଜୁନ ଅନୁତପ୍ତ ହୋଇ-ଥିଲେ ଏବଂ ସେହି ଅନୁତାପ ବଶତଃ ଆତ୍ମହତ୍ୟା କରିବାକୁ ଉଦ୍ୟତ ହୋଇଥିଲେ । ସେତେବେଳେ ଭଗବାନ କୃଷ୍ଣ ତାହାଙ୍କୁ ଉପଦେଶ ଦେଇଥିଲେ—

'ତୁମେ ନିଜ ମୁହଁରେ ନିଜର ଗୁଣ କୀର୍ତ୍ତନ କର, ତାହା ହିଁ ଆତ୍ମହତ୍ୟା କଲା ଭଳି ହେବ ।'

Digitized by srujanika@gmail.com

## କେତେବେଳେ ମିଥ୍ୟା କହିବ

ବିଶୁଦ୍ଧ ଧର୍ମମତ ଜୀବନ ସଂସାରୀ ମନୁଷ୍ୟ ପକ୍ଷରେ ଯାପନ କରିବା ଦୁରୂହ—ପ୍ରାୟ ଅସମ୍ଭବ କହିଲେ ଚଳେ । ଖ୍ରୀଷ୍ଟାନ ମାନେ ଯଦି ଯୀଶୁଖ୍ରୀଷ୍ଟଙ୍କ ଧର୍ମ ଆଚରଣ କରନ୍ତେ, ହିନ୍ଦୁ ମାନେ ଯଦି ଗୀତାର ନିଷ୍କାମ ଧର୍ମ ଅନୁସରଣ କରନ୍ତେ, ତାହାହେଲେ ସମାଜର ରୂପରେଖ କିପରି ହୁଅନ୍ତା ତାହା ଅନୁମାନ କରିବା କଷ୍ଟକର । ଅସମ୍ପୂର୍ଣ୍ଣ ମନୁଷ୍ୟ ପରିପୂର୍ଣ୍ଣ ଆଦର୍ଶର ପ୍ରତିମୂର୍ତ୍ତି ହୋଇ ପାରେନା—କେବେ ହୋଇପାରି ନାହିଁ । ଜଣେ ଦୁଇଜଣ ମହାପୁରୁଷ ଜୀବନ ବିସର୍ଜନ କରି ସତ୍ୟ ଧର୍ମ ରକ୍ଷା କରିଛନ୍ତି ଏବଂ ସମଗ୍ର ମାନବଜାତିକୁ ଭ୍ରମ ପ୍ରମାଦର ପଥରୁ ବାରମ୍ବାର ରକ୍ଷା କରିଅଛନ୍ତି । କିନ୍ତୁ ଲୌକିକ ଧର୍ମରେ ପ୍ରାୟ ଗୋଟାଏ ଆପୋଷ ସମାଧାନ ଦେଖାଯାଏ । ସତ୍ୟକଥା କହିବା ପରମ ଧର୍ମ । ଏ ବିଷୟରେ ସନ୍ଦେହ ରହିବାର ନାହିଁ, କିନ୍ତୁ କୃଷ୍ଣ ଏକଦା ଅର୍ଜୁନଙ୍କ ନିକଟରେ ଧର୍ମର ଦୁରୂହ ତତ୍ତ୍ୱ ବାଖ୍ୟା ପ୍ରସଙ୍ଗରେ କହିଥିଲେ—

'ସତ୍ୟସ୍ୟ ବଚନଂ ସାଧୁ
ନ ସତ୍ୟାଦ୍ ବିଦ୍ୟତେ ପରମ୍
ତତ୍ତ୍ୱେନୈବ ସୁଦୁର୍ଜ୍ଞେୟଂ
ପଶ୍ୟ ସତ୍ୟମନୁଷ୍ଠିତମ୍
ଭବେତ୍ ସତ୍ୟମବକ୍ତବ୍ୟଂ
ବକ୍ତବ୍ୟମନୃତଂ ଭବେତ୍
ଯତ୍ରାନୃତଂ ଭବେତ୍ ସତ୍ୟଂ
ସତ୍ୟଂ ଚାପ୍ୟନୃତଂ ଭବେତ ।'

ସତ୍ୟ କହିବା ହିଁ ଧର୍ମ ସଙ୍ଗତ, ସତ୍ୟ ଅପେକ୍ଷା କିଛି ଶ୍ରେଷ୍ଠ ନାହିଁ । କିନ୍ତୁ ସତ୍ୟାନୁସାରେ ଧର୍ମର ଅନୁଷ୍ଠାନ ଉଚିତ କି ନୁହେଁ, ତାହା ସ୍ଥିର କରିବା ଖୁବ୍ ଦୁରୂହ । ଯେଉଁଠାରେ ମିଥ୍ୟା ହିଁ ସତ୍ୟ ସଦୃଶ ହିତକର ଏବଂ ସତ୍ୟ ମିଥ୍ୟା ତୁଲ୍ୟ ଅହିତକର, ସେଠାରେ ସତ୍ୟ କହିବା ଅନୁଚିତ, ମିଥ୍ୟା କହିବା ହିଁ ଉଚିତ ।

'ବିବାହ କାଳେ ରତିସପ୍ରୟୋଗେ
ପ୍ରାଣାତ୍ୟୟେ ସର୍ବଧନାପହାରେ
ବିପ୍ରସ୍ୟଚାର୍ଥେ ହ୍ୟନୃତଂ ବଦେତ
ପଞ୍ଚାନୃତାନ୍ୟାହୁରପାତକାନି ।'

ଏହି ପ୍ରସଙ୍ଗରେ ଶ୍ରୀକୃଷ୍ଣ ଗୋଟିଏ କାହାଣୀ ମଧ୍ୟ କହିଥିଲେ । କାହାଣୀଟି ଏହିପରି—କୌଶିକ ନାମରେ ଜଣେ ବ୍ରାହ୍ମଣ ଗ୍ରାମର ଅଦୂରରେ ନଦୀର ସଙ୍ଗମ ନିକଟରେ ବାସ କରୁଥିଲେ । ସେ ତପସ୍ୱୀ କିନ୍ତୁ ଅଲ୍ପଜ୍ଞ ଥିଲେ । ତାହାଙ୍କର ବ୍ରତ ଥିଲା ସେ ସର୍ବଦା ସତ୍ୟ କଥା କହିବେ । ସେଥିପାଇଁ ସେ ସତ୍ୟବାଦୀ ରୂପେ ଖ୍ୟାତି ଲାଭ କରିଥିଲେ । ଦିନେ କେତେଜଣ ଲୋକ ଦସ୍ୟୁ ଭୟରେ କୌଶିକଙ୍କ ଆଶ୍ରମରେ ଆଶ୍ରୟ ଗ୍ରହଣ କଲେ । ଦସ୍ୟୁମାନେ କୌଶିକଙ୍କ ଆଶ୍ରମରେ ଆସି ଉପସ୍ଥିତ ହେଲେ । ପଚାରିଲେ—'ଭଗବନ୍, କେତେଜଣ ଲୋକ ଏଇ ପଥରେ ଆସିଥିଲେ, ସେମାନେ କେଉଁ ଦିଗକୁ ଯାଇଛନ୍ତି କହି ପାରିବେ ?' ସତ୍ୟବାଦୀ କୌଶିକ ସତ୍ୟକଥା ହିଁ କହିଲେ । ଦସ୍ୟୁମାନେ ସେଇ ଲୋକମାନଙ୍କ ସନ୍ଧାନ ପାଇ ସେମାନଙ୍କୁ ହତ୍ୟା କଲେ ।

Digitized by srujanika@gmail.com

ମୂଢ଼ କୌଶିକ ଧର୍ମର ସୂକ୍ଷ୍ମ ତତ୍ତ୍ୱ ଜାଣି ନ ଥିଲେ, ଏଣୁ ସେ ତାହାଙ୍କ ଦୁରୁକ୍ତି ଲାଗି ପାପଗ୍ରସ୍ତ ହୋଇ କଣ୍ଟକମୟ ନରକ ପ୍ରାପ୍ତ ହୋଇଥିଲେ—

'ଶ୍ରେୟସ୍ତା ତ୍ରାନୃତଂ ବକ୍ତୁଂ
ତତ୍‌ସତ୍ୟଂମବିଗର୍ହିତମ୍'
(କର୍ଣ୍ଣପର୍ବ)

ଏଠାରେ ମିଥ୍ୟା କହିବା ହିଁ ଶ୍ରେୟ, ସେହି ମିଥ୍ୟା ହିଁ ନିର୍ବିଚାରରେ ସତ୍ୟର ସମାନ ବୋଲି ଗଣ୍ୟ ।

## ସର୍ପ ଓ ଯୁଧିଷ୍ଠିର

ସକଳ ଧର୍ମ ଏବଂ ସମ୍ପ୍ରଦାୟରେ ଗୁରୁଙ୍କ ଆଦେଶର ସହାବସ୍ଥାନ ଲକ୍ଷିତ ହୁଏ ଏବଂ ଜାତି ଯଦି ମୁକ୍ତ ନ ହୁଏ ତେବେ ସେହି ଜାତିର ସମ୍ପ୍ରଦାୟ ନାଗରର ଅନ୍ୟ ଏବଂ ସମ୍ପୂର୍ଣ୍ଣ ଭିନ୍ନ ଜାତିସ୍ଥ ସମ୍ପ୍ରଦାୟଠାରୁ ଖାଦ୍ୟ ଗ୍ରହଣ କରି ନିଜକୁ ପୁଷ୍ଟ କରିଥାଏ,— ପାଣ୍ଡବମାନଙ୍କର ବନବାସ କାଳରେ ଭୀମସେନ ମୃଗ, ବରାହ ଓ ମହିଷ ବଧ କରି ବନରେ ବିଚରଣ କରୁଥିଲେ । ଏହି ସମୟରେ ଜଣେ ପର୍ବତ କନ୍ଦରବାସୀ ହରିଦ୍ରବର୍ଣ୍ଣ, ଚର୍ଚ୍ଚିତ ଦେହ, ମହାକାୟ ସର୍ପ ତାହାଙ୍କୁ ବେଷ୍ଟନ କଲା । ଅଜଗର ସ୍ପର୍ଶରେ ଭୀମଙ୍କର ସଂଜ୍ଞା ଲୋପ ପାଇଲା, ମହାବଳଶାଳୀ ହୋଇ ମଧ୍ୟ ସେ ନିଜକୁ ମୁକ୍ତ କରି ପାରିଲେ ନାହିଁ । ଭୀମ କହିଲେ, 'ଭୁଜଗଶ୍ରେଷ୍ଠ, ତୁମେ କିଏ ସେ ?' ଭୀମଙ୍କର ଦୁଇବାହୁ ମୁକ୍ତ । ସର୍ପ ତାହାଙ୍କ ଦେହକୁ ବେଷ୍ଟନ କରି କହିଲା—ମୁଁ ତୁମ୍ଭର ପୂର୍ବ ପୁରୁଷ ନହୁଷ । ଅଗସ୍ତ୍ୟଙ୍କ ଶାପ ଫଳରେ ମୁଁ ସର୍ପତ୍ୱ ପ୍ରାପ୍ତ ହୋଇଅଛି । ମୁଁ ବହୁକାଳରୁ କ୍ଷୁଧାର୍ତ୍ତ, ଆଜି ଭାଗ୍ୟକ୍ରମରେ ତୁମକୁ ଭୋଜ୍ୟ ରୂପରେ ଲାଭ କରିଅଛି । ଭୀମଙ୍କ ସନ୍ଧାନରେ ମୃଗୟାର ଚିହ୍ନ ଅନୁସରଣ କରି ଯୁଧିଷ୍ଠିର ସେହି ପର୍ବତ କନ୍ଦରରେ ଉପସ୍ଥିତ ହୋଇ ଦେଖିଲେ, ଗୋଟିଏ ମହାବଳଶାଳୀ ସର୍ପ ଭୀମଙ୍କୁ ବେଷ୍ଟନ କରିଅଛି । ସର୍ପ କହିଲା— 'ମୁଁ ଏହି ରାଜପୁତ୍ରକୁ ମୁହିଁ ପାଖରେ ପାଇଛି, ଇଏ ମୋର ଭକ୍ଷ୍ୟ, ତୁମେ ପଳାୟନ କର, ନରୁବା କାଳି ତୁମକୁ ମଧ୍ୟ ଭକ୍ଷଣ କରିବି । କିନ୍ତୁ ତୁମେ ଯଦି ମୋର ପ୍ରଶ୍ନର ଉତ୍ତର ଦେଇ ପାରିବ ତାହାହେଲେ ତୁମର ଭ୍ରାତାକୁ ମୁକ୍ତ କରିବି ।' ଯୁଧିଷ୍ଠିର କହିଲେ— 'ଆପଣ ଇଚ୍ଛାମତେ ପ୍ରଶ୍ନ କରନ୍ତୁ ।' ସର୍ପ କହିଲେ—'କିଏ ବ୍ରାହ୍ମଣ କିଏସେ ? ଜ୍ଞାତବ୍ୟ କଣ ।' ଯୁଧିଷ୍ଠିର କହିଲେ— 'ସତ୍ୟ, ଦାନ, କ୍ଷମା, ସଚ୍ଚରିତ୍ର, ଅହିଂସା, ତପସ୍ୟା ଓ ଦୟା ଯାହାଙ୍କର ଅଛି ସେ ବ୍ରାହ୍ମଣ । ସୁଖ-ଦୁଃଖ-ହୀନ ପରମ ବ୍ରହ୍ମ, ଯାହାଙ୍କୁ ଲାଭ କଲେ ଶୋକ ରହେ ନାହିଁ— ସେଇ ହେଉଛନ୍ତି ଜ୍ଞାତବ୍ୟ ।' ସର୍ପ କହିଲେ —'ଶୂଦ୍ର ମାନଙ୍କ ମଧ୍ୟରେ ମଧ୍ୟ ଏହି ଗୁଣ ସବୁ ରହିପାରେ ।' ଯୁଧିଷ୍ଠିର କହିଲେ— 'ଯେଉଁ ଶୂଦ୍ରଙ୍କ ଠାରେ ଏଇ ସବୁ ଲକ୍ଷଣ ଥାଏ ସେ ଶୂଦ୍ର ନୁହନ୍ତି, ବ୍ରାହ୍ମଣ । ଯେଉଁ ବ୍ରାହ୍ମଣଠାରେ ଏଇ ସବୁ ଗୁଣ ନଥାଏ, ସେ ବ୍ରାହ୍ମଣ ନୁହନ୍ତି, ତାଙ୍କୁ ଶୂଦ୍ର କହିବାହିଁ ଉଚିତ ।' ସର୍ପ କହିଲେ—'ଯଦି ଗୁଣାନୁସାରେ ବ୍ରାହ୍ମଣ ହୁଏ, ତେବେ ଯେ ପର୍ଯ୍ୟନ୍ତ

Digitized by srujanika@gmail.com

କେହି ଗୁଣମୁକ୍ତ ନହୁଏ, ସେପର୍ଯ୍ୟନ୍ତ ସେ ଜାତିରେ ବ୍ରାହ୍ମଣ କହେଁ ।' ଯୁଧିଷ୍ଠିର କହିଲେ—'ମହାସର୍ପ । ମୁଁ ମନେକରେ ସକଳ ବର୍ଣ୍ଣରେ ହିଁ ସଂକରତ୍ୱ ରହିଅଛି, ସେଥିପାଇଁ ମନୁଷ୍ୟର ଜାତି ନିର୍ଣ୍ଣୟ ଦୁଃସାଧ୍ୟ ।'

ମନୁଷ୍ୟର ଧର୍ମରେ ଯେପରି ବର୍ଣ୍ଣରେ ମଧ୍ୟ ସେହିପରି ସଙ୍କରତ୍ୱ ରହିଅଛି । ଏହି କଥା ଯେପରି ମହାଭାରତରେ ସ୍ୱୀକୃତ ହୋଇଅଛି, ସେହିପରି ପୁଣି ଏହି ମହାଭାରତରେ ଭଗବଦ୍ ଗୀତା ଅଧ୍ୟାୟରେ ବର୍ଣ୍ଣସଙ୍କରକୁ କୁଳନାଶକାରୀ ଏବଂ ନରକର କାରଣ କୁହାଯାଇଅଛି । 'ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟଚ' ।

## ହିଂସା ଓ ଅହିଂସା

ଅହିଂସା ପରମ ଧର୍ମ । ଏହି ନୀତି ସକଳ ଧର୍ମର ଅଙ୍ଗ । ବୁଦ୍ଧଦେବ ଅହିଂସା ଧର୍ମ ପ୍ରଚାର କରି ହିନ୍ଦୁର ଅବତାର ରୂପେ ପରିଗଣିତ ହୋଇଅଛନ୍ତି । ଭାରତବର୍ଷରେ ମହାତ୍ମାଗାନ୍ଧୀ ଅହିଂସା ଆନ୍ଦୋଳନର ଶକ୍ତି ପ୍ରମାଣ କରି ଯାଇଅଛନ୍ତି । କିନ୍ତୁ ମଣିଷକୁ ହିଂସା ଦ୍ୱାରା ବଞ୍ଚିବାକୁ ପଡ଼େ । ଜଗତରେ ଏକ ପ୍ରାଣୀ ଅନ୍ୟ ପ୍ରାଣୀର ଭକ୍ଷ୍ୟ । ଜୀବ ବଳି ହିନ୍ଦୁର ଶକ୍ତି ଉପାସନାର ଏକ ଅଙ୍ଗ ରବୀନ୍ଦ୍ରନାଥଙ୍କର 'ବିସର୍ଜନ' ନାଟକରେ ଶାନ୍ତ ରଘୁପତିର ଉକ୍ତି ଏ ସମ୍ପର୍କରେ ଅନୁଧାନ ଯୋଗ୍ୟ—

କେ ବଲିଲ ହତ୍ୟାକାଣ୍ଡ ପାପ
ଏ ଜଗତ ମହା ହତ୍ୟାଶାଳା,
କାନୋ ନାକି—
ପ୍ରତ୍ୟେକ ପଲକ ପାତେ
ଲକ୍ଷ କୋଟି ପ୍ରାଣୀ
ଚିର ଆଁଖି ମୁଦିତେଛେ,
ସେ କାହାର ଖେଳା ।
ହତ୍ୟାୟ ଖଚିତ
ଏଇ ଧରଣୀର ଧୂଲି ।
ପ୍ରତି ପଦେ ଚରଣେ
ଦଲିତ ଶତ କୀଟ—
ତାହାରା କି ଜୀବ ନହେ ।
ରକ୍ତେର ଅକ୍ଷରେ
ଅବିଶ୍ରାମ ଲିଖିତେଛେ
ବୃଦ୍ଧ ମହାକାଲ
ବିଶ୍ୱ ପତ୍ରେ ଜୀବେର
କ୍ଷଣିକ ଇତିହାସ ।
ହତ୍ୟା ଅରଣ୍ୟର ମାଝେ,
ହତ୍ୟା ଲୋକାଲୟେ
ହତ୍ୟା ବିହଙ୍ଗେର ନୀଡ଼େ,
କୀଟେର ଗହ୍ୱରେ,
ଅଗାଧ ସାଗର ଜଲେ,
ନିର୍ମଲ ଆକାଶେ—
ହତ୍ୟା ଜୀବିକାର ତରେ,
ହତ୍ୟା ଖେଲାଚ୍ଛଲେ,
ହତ୍ୟା ଅକାରଣେ,
ହତ୍ୟା ଅନିଚ୍ଛାର ବଶେ—
ଚଲେଛେ ନିଖିଲ ବିଶ୍ୱ
ହତ୍ୟାର ତାଡ଼ନେ
ଉର୍ଦ୍ଧ୍ୱଶ୍ୱାସେ ପ୍ରାଣ ପଣେ,
ବ୍ୟାଘ୍ରେର ଆକ୍ରମେ
ମୃଗସମ ମୁହୂର୍ତ୍ତ ନା ତାଡ଼େ
ନାହିଁ ପାରେ ।

Digitized by srujanika@gmail.com

ମହାକାଳୀ କାଳ ସ୍ୱରୂପିଣୀ,
ଲଭିଥିଲେ
ଡାଇଙ୍ଗ୍ଧା ତୃଷା ଶାନ୍ତି
ଲେଲ ଜିହ୍ୱା ମେଲ—
ବିଶ୍ୱର ଚୌଦିକ ବେଢ଼ି
ଚିର ରକ୍ତ ଧାରା
ଫେଟେ ପଡ଼ୁଛିତ ହେଳେ
ନିକ୍ଷେପିତ ଦ୍ରାକ୍ଷାହତେ
ରସେର ମତନ ଅନନ୍ତ
ଖର୍ପରେ ତାଁର—'

ଗୀତାରେ ଶ୍ରୀ ଭଗବାନ ଅର୍ଜୁନଙ୍କୁ ଯୁଦ୍ଧରେ ଅର୍ଥାତ୍ ଅହିଂସାରେ ପ୍ରବୃତ୍ତ କରିବା ଲାଗି କହୁଛନ୍ତି—'ମୁଁ ଲୋକକ୍ଷୟକାରୀ କାଳ, ଏହିକ୍ଷଣି ଲୋକମାନଙ୍କୁ ସଂହାର କରିବାରେ ପ୍ରବୃତ୍ତ ହୋଇଅଛି, ତୁମେ ଯୁଦ୍ଧ ନକଲେ ବି ପ୍ରତିପକ୍ଷ ସୈନ୍ୟ ଦଳରେ ଯେଉଁ ଯୋଦ୍ଧା ମାନେ ଅବସ୍ଥିତ ସେମାନେ କେହି ରହି ପାରିବେ ନାହିଁ । ଅତଏବ ଯୁଦ୍ଧାର୍ଥରେ ଉତ୍ଥିତ ହୁଅ, ଶତ୍ରୁ ଜୟକରି ଯଶ ଲଭ କର । ମୁଁ ଏମାନଙ୍କୁ ପୂର୍ବରୁ ନିହତ କରିଅଛି । ତୁମେ ନିମିତ୍ତ ମାତ୍ର ହୁଅ । ଅତଃପର ଅର୍ଜୁନ ଶ୍ରୀକୃଷ୍ଣସ୍ତୁତି ପ୍ରସଙ୍ଗରେ କହିଛନ୍ତି—ପତଙ୍ଗ ଯେପରି ଅତି ବେଗରେ ଧାବମାନ ହୋଇ ମରଣ ପାଇଁ ଜ୍ୱଳନ୍ତ ଅଗ୍ନି ରେ ପ୍ରବେଶକରେ ସେହିଭଳି ଲୋକମାନେ ମରଣ ନିମିତ୍ତ ଅତି ବେଗରେ ତୁମର ମୁଖ ଗହ୍ୱରରେ ପ୍ରବେଶ କରୁଅଛନ୍ତି । ତୁମେ ଜ୍ୱଳନ୍ତ ବଦନ ଦ୍ୱାରା ଲୋକ ସମୂହଙ୍କୁ ଗ୍ରାସ କରୁଅଛ ! ତେଜ ଦ୍ୱାରା ସମସ୍ତ ଜଗତକୁ ପୂର୍ଣ୍ଣ କରି ତୁମର ତୀବ୍ର ପ୍ରଭା ପ୍ରତପ୍ତ ହେଉଅଛି ।

ପୁନଶ୍ଚ ଋଗ୍‌ବେଦରେ
'କସ୍ମୈ ଦେବାୟ' ସୂକ୍ତରେ
ମାନୋ ହିଂସୀଜ୍ଜନିତା ଯଃ ପୃଥିବ୍ୟା
ଯୋବା ଦିବଂ ସତ୍ୟଧର୍ମା ଜଜାନ
ଯଶ୍ଚାପଶ୍ଚନ୍ଦ୍ରା ବୃହତୀର୍ଜଜାନ
କସ୍ମୈ ଦେବାୟ ହବିଷା ବିଧେମ
ଅର୍ଥାତ୍—
ପୃଥିବୀର ପିତା ସ୍ୱର୍ଗେର ଯିନି ଜନ୍ମଦାତା
ସତ୍ୟଧର୍ମା ହିଂସା ଜାନେନା ସୁପ୍ରେଣେତା
ଜଳ ବୃହତ ସୂର୍ଯ୍ୟ ଚନ୍ଦ୍ର ହସିଦ୍ରବୀ
କୋନ୍‌ସେ ଦେବତା ପୂଜିବ ଆମରା
ପ୍ରଦାନ ହବି ।

ମହାଭାରତର ଶାନ୍ତି ପର୍ବରେ ଶୁକଦେବ ନାରଦଙ୍କୁ ଉପଦେଶ ପ୍ରସଙ୍ଗରେ କହୁଛନ୍ତି—

ନହିଂସ୍ୟାତ୍ ସର୍ବଭୂତାନି
ମୈତ୍ରାୟଣ ଗତଶ୍ଚରେତ୍
ନେଦଂ ଜନ୍ମ ସମାସାଦ୍ୟ ବୈରଂ
କୁର୍ବୀତ କେନଚିତ୍'

ଅର୍ଥାତ କୌଣସି ପ୍ରାଣୀକୁ ହିଂସା କରିବନାହିଁ, ସମସ୍ତଙ୍କ ପ୍ରତି ମିତ୍ରତୁଲ୍ୟ ଆଚରଣ କରିବ । ମାନବଜନ୍ମ ଲଭକରି କାହାରି ସହିତ ଶତ୍ରୁତା କରିବ ନାହିଁ ।

## ମଦ୍ୟପାନ

ମଦ୍ୟପାନ ଆମଦେଶରେ ନିନ୍ଦିତ । ବର୍ତ୍ତମାନ ଭାରତ ରାଷ୍ଟ୍ରର ନୀତି ହେଉଛି ମାଦକତା ବର୍ଜନ । ନୈତିକ ଓ ଅର୍ଥ ନୈତିକ କାରଣରୁ ଏହି ମାଦକ ବର୍ଜନ ନୀତି ସାର୍ଥକ ହେବନାହିଁ । କିନ୍ତୁ ଋକ୍ ବେଦରେ ଧର୍ମର କେନ୍ଦ୍ର ହେଉଛି ଯାଜ୍ଞିକ ହୋମ ଅନୁଷ୍ଠାନ ।

Digitized by srujanika@gmail.com

ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର ସର୍ବାଧିକ ସୋମାସକ୍ତ । ସୋମପାନ କରି ମତ୍ତତା ବଶରୁ ଲୋକ ମାନେ ବେଶୀ କଥା କୁହନ୍ତି ବୋଲି ସୋମକୁ ବାକ୍ପତି, ବ୍ରହ୍ମର୍ଷି, କବି ପ୍ରେମ କୁହାଯାଏ । ଏହି ସୋମରସ ଦ୍ରୁତ ଆନନ୍ଦଦାତା, ବଳ ଦାୟକ, ସୋମ ଦୁର୍ଦ୍ଧର୍ଷ । ସୋମ ହେଉଛନ୍ତି ଇନ୍ଦ୍ରଙ୍କ ବନ୍ଧୁ । ଋକ୍ ସଂହିତାରେ ସର୍ବତ୍ର ସୋମରସର ପ୍ରଶଂସା ବିସ୍ତୃତ—'ଏହି ଅମର୍ତ୍ତ୍ୟ ଦେବ ଏହି ଚିର ନବୀନ ଶିଶୁ ଏହି ଜ୍ୟୋତିର୍ମୟ ଗନ୍ଧର୍ବ ଆକାଶର ଊର୍ଦ୍ଧ୍ୱ ଭାଗରେ ଅବସ୍ଥିତ ଥିଲେ ; ସେଠାରେ ଜଗତକୁ ନିରୀକ୍ଷଣ କରୁଥିଲେ । ଏହାଙ୍କ ଶୁଭ୍ର ତେଜ ଦୀପ୍ତ ହେଉଥିଲା । ସେ ପ୍ରେମ ଭଲି ଦ୍ୟୁଲୋକକୁ ଧାରଣ କରିଛନ୍ତି । ସେ ଭୂଲୋକକୁ ଦ୍ୟୁଲୋକ ସହିତ ଯୁକ୍ତ କରିଅଛନ୍ତି । ସେ ସପ୍ତସିନ୍ଧୁକୁ ଦ୍ୟୁଲୋକ ପର୍ଯ୍ୟନ୍ତ ଘେରି ଅଛନ୍ତି । ଏହି ନବୀନ ଯୁବା ବିଶ୍ୱଜନଙ୍କ ଲାଗି ଜନ୍ମିଅଛନ୍ତି । ସେ ଦିବ୍ୟ ରୂପରେ ରୂପବାନ, ସେ ନର ମାନଙ୍କପ୍ରତି କୃପାବାନ୍, ସେ ଜଗତର ଅସ୍ତୁ ସଦୃଶ । ଦିବୋଦାସ ପୁତ୍ର ପ୍ରତର୍ଦ୍ଦନ କହିଛନ୍ତି ସେ ଦେବଗଣଙ୍କ ମଧ୍ୟରେ ବ୍ରହ୍ମା, କବିଗଣଙ୍କ ମଧ୍ୟରେ ଋଷି; ମୃଗ ଗଣ ମଧ୍ୟରେ ମହିଷ, ଗୃଧ ଗଣ ମଧ୍ୟରେ ଶ୍ୟେନ ପକ୍ଷୀ । ସେ ଋତସ୍ୟ ଗୋପା—ସତ୍ୟର ରକ୍ଷା କର୍ତ୍ତା । ସେ ବିଦ୍ୱାନ, ଊର୍ଦ୍ଧ୍ୱରୁ ସେ ବିଶ୍ୱ ଭୁବନକୁ ଦୃଷ୍ଟିପାତ କରନ୍ତି (ଯଜ୍ଞ କଥା) ।

## ପଞ୍ଚମକାର

କୌଳ ଧର୍ମରେ ଯେଉଁ ପଞ୍ଚମକାର ସାଧନା, ତାହାର ତତ୍ତ୍ୱ ଅଂଶରେ ଯାହା ଥାଉନା କାହିଁକି ତାହାର ଲୌକିକ ବିକୃତି ଅନେକ କବିଙ୍କୁ ଦ୍ରୁଲବ୍ଧ କରୁଅଛି । ଧର୍ମର ବିକୃତ ରୂପରେ ଯେଉଁ ଲୋକାଚାର ତାହା ମଧ୍ୟ ସମସ୍ତଙ୍କର ଅଙ୍ଗୀଭୂତ । ପ୍ରତିପକ୍ଷ ମାନେ ସାଧାରଣତଃ ଏହାକୁ ଆକ୍ରମଣ କରିଥାଆନ୍ତି । ବିଶୁଦ୍ଧ ଧର୍ମ ନିନ୍ଦାର ଯୋଗ୍ୟ ନୁହେଁ । ସକଳ କାଳର ସକଳ ଦେଶର ସୁସ୍ଥ ମନା ମନୁଷ୍ୟ ସେହି ଧର୍ମର ଉପାସନା କରି ଆସିଛନ୍ତି । ରାଜଶେଖରଙ୍କ 'କର୍ପୂର ମଞ୍ଜରୀ' ନାଟକରେ ପ୍ରଥମ 'ଜବନକାନ୍ତରେ' ଭୈରବାନନ୍ଦଙ୍କ ମୁଖରେ କୌଳ ଧର୍ମର ଲୋଭନୀୟତା ପ୍ରକାଶ ପାଇଅଛି—

> 'ମନ୍ତୋ ନ ତନ୍ତୋ' ଣେ ଅ କିଂପି ଜାଣେ
> ଝାଣଂ ଚ ଣୋ କିଂପି ଗୁରୁପ୍ପସାଦା
> ମଜ୍ଜଂ ପିବାମ ମହିଲଂ ରମାମୋ
> ମୋକ୍ଖଂ ଚ ଜାମୋ କୁଲମଗ୍ଗ ଲଗ୍ଗା
> ରଣ୍ଡା ଚଣ୍ଡା ଦକ୍ଖିଦା ଧମ୍ମ ଦାରା
> ମଜ୍ଜଂ ମଂସ ପିଜ୍ଜଏ ଖଜ୍ଜଏ ଅ
> ଭିକ୍ଖା ଭୋଜ୍ଜଂ ଚମ୍ମ ଖଣ୍ଡଂ ଚ ସେଜ୍ଜା
> କୋଲୋ ଧମ୍ମୋ କସ୍ସଣୋ ଭାଦି ରମ୍ମୋ
> ମୁତ୍ତିଂ ଭଣନ୍ତି ହରି ବମ୍ହମୁହାଦି ଦେଆ
> ଝାଣେନ ବେଅ ପଢଣେନ କଦୁକ୍ କିଆଏ
> ଏକ୍କେନ କେବଲମୁମାଦଇଏଣ ଦିଟ୍ଠୋ
> ମୋକ୍ଖୋ ସମଂ ସୁରଅ କେଲି ସୁରାରସେହିଂ'

ଏହାର ବ୍ୟାଖ୍ୟା ନିଷ୍ପ୍ରୟୋଜନ । ଉକ୍ତର ମତ୍ତତାକୁ ମଧ୍ୟ ଅନେକ କବି ମଦ୍ୟପାନର ମତ୍ତତା ସଙ୍ଗେ ତୁଳନା କରିଅଛନ୍ତି । ଶାକ୍ତ କବିଙ୍କ 'ଆମର ମନ ମାତାଲେ ମାତାଲ

Digitized by srujanika@gmail.com

ଫେଲିଲ ମଦ ମାତାଲେ ମାତାଲ ବଲେ' ଇତ୍ୟାଦି ଉକ୍ତି ଉଲ୍ଲେଖ ଯୋଗ୍ୟ ।

ଆମ୍ଭେମାନେ ଆମ ସଭ୍ୟତାକୁ ଆଧ୍ୟାତ୍ମ ସଭ୍ୟତା ବୋଲି ଟଙ୍କ କରିଥାଉଁ ଏବଂ ପାଶ୍ଚାତ୍ୟ ସଭ୍ୟତାକୁ ବସ୍ତୁ ସଭ୍ୟତା ବୋଲି ଧିକ୍କାର ଦେଇ ସାନ୍ତ୍ୱନା ଲାଭ କରୁ । ମାନବର ସାମଗ୍ରିକ ଜୀବନରେ ଏହି ଦୁଇଟି ପରସ୍ପର ଉପରେ ନିର୍ଭରଶୀଳ । ଆମ ଦେଶର ଋଷିମାନେ ସେକଥା ବାରମ୍ବାର ଘୋଷଣା କରି ଯାଉଛନ୍ତି । ଅନ୍ନ ସାଧନାରେ ଯେଉଁ ଲୋକ ସିଦ୍ଧି ଲାଭ କରିପାରିଲା ନାହିଁ, ତାହାପକ୍ଷରେ ମାନସ-ସାଧନା ବିଡ଼ମ୍ବନା । ଆମ୍ଭେମାନେ ଆରମ୍ଭରୁ ଅଧ୍ୟାତ୍ମ୍ୟ ସାଧନାର ଦୋହାଇ ଦେଇ ଯେତେବେଳେ ପାଶ୍ଚାତ୍ୟର ନବ ନବ ଭୋଗର ଉପକରଣ ସ୍ୱରୂପ ବସ୍ତୁକୁ ଉପହାସ କରୁ ସେତେବେଳେ ତାହା ଅପେକ୍ଷା ମୂର୍ଖତା ଆଉ କିଛି ହୋଇ ପାରେନା । ଏହା ପଳାୟନବାଦୀ କାପୁରୁଷତା ମାତ୍ର । ବିବେକାନନ୍ଦ କହୁଥିଲେ—ଏଇ ଦୁର୍ବଳଚିତ୍ତ ଲୋକଙ୍କର ଘରେ ବସି ଜପତପ କରିବା ଠାରୁ ଫୁଟବଲ ଖେଳି ଦୈନିକ ସ୍ୱାସ୍ଥ୍ୟ ରକ୍ଷା କରିବା ଅନେକ ଭଲ ।

'First of all our young men must be strong. Religion will come afterwards. Be strong my young friends, that is my advice to you. You will be nearest of heaven through foot ball than through the study of the Gita. These are bold words, but I have to say them because I love you. I know where the shoe pinches. I have gained a little experience. You will understand Geeta better with your biceps, your muscles a little stronger. You will understand the Upanishad better and the story of the 'Atman' when your body stands firm on your feet and you feel yourself as men. 'Vedanta & Indian Life.'

Lectures from Colombo to Almorah.

ଶ୍ୱେତକେତୁ ନାମରେ ଅରୁଣଙ୍କର ଏକ ପୌତ୍ର ଥିଲେ । ପିତା ଆରୁଣି ତାହାଙ୍କୁ ବିଦ୍ୟାର ଉପଯୁକ୍ତ ପାତ୍ର ମନେକରି ଏବଂ ତାହାଙ୍କର ଉପନୟନର କାଳ ଅତୀତ ହୋଇ ଯାଉଛି ଦେଖି କହିଥିଲେ, ହେ ଶ୍ୱେତକେତୁ, ଉପଯୁକ୍ତ ଗୁରୁଙ୍କ ନିକଟକୁ ଯାଇ ବ୍ରହ୍ମଚର୍ଯ୍ୟ ପାଳନ କର । ଶ୍ୱେତକେତୁ ଦ୍ୱାଦଶବର୍ଷ ଗୁରୁ ଗୃହରେ ବାସ କରି ସମସ୍ତ ବେଦ ଅଧ୍ୟୟନ କରି ଗମ୍ଭୀର ଚିତ୍ତ ପାଣ୍ଡିତ୍ୟାଭିମାନୀ ଏବଂ ଦୁର୍ବିଧ ଅର୍ଥାତ୍ .

Digitized by srujanika@gmail.com

ଅତଏବ ପ୍ରଣବ ସମ୍ପନ୍ନ ହୋଇ ପ୍ରତ୍ୟାଗମନ କଲେ । ପିତା ତାଙ୍କୁ ଜିଜ୍ଞାସା କଲେ—ତୁମେ କି ସେଇ ଆଦେଶଟି ଜାଣିଅଛ ଯାହା ମାହାତ୍ମ୍ୟରେ ଅଶ୍ରୁତ ଶ୍ରୁତ ହୁଏ, ଯାହାକୁ ମନନ କରିଯାଇ ପାରେନା, ତାହା ମନନ-ଯୋଗ୍ୟ ହୁଏ ଏବଂ ଅବିଜ୍ଞାତ ବିଜ୍ଞାତ ହୁଏ ।' ଶ୍ୱେତକେତୁ କହିଲେ ସେ ଆଦେଶ ପୁଣି କିପରି ? ପିତା ପୁତ୍ରଙ୍କୁ ଉପଦେଶ ଦେବାକୁ ଯାଇ କହିଲେ—'ଅନ୍ନଂମୟଂହି ସୋମ୍ୟମନ ଆପୋମୟଃ ପ୍ରାଣସ୍ତେଜୋମୟୀ ବାଗିତି'— ଅର୍ଥାତ୍ ହେ ସୌମ୍ୟ, ମନ ଅନ୍ନମୟ, ପ୍ରାଣ ଅପମୟ ଓ ବାକ୍ୟ ତେଜୋମୟ ଅଟେ ।' ପୁତ୍ର କିଛି ବୁଝିପାରିଲେ ନାହିଁ । ପିତା କହିଲେ, 'ହସ୍ତ ମନୁଜାତ ଷୋଡ଼ଶାକଳା ଏହି ପୁରୁଷ ଷୋଡ଼ଶକଳ ଯୁକ୍ତ ।' ତୁମେ ପନ୍ଦର ଦିନ ଭୋଜନ କର ନାହିଁ, ଇଚ୍ଛାନୁସାରେ ଜଳପାନ କର । କାରଣ ଜଳପାନ ନ କଲେ ତୁମର ଆପୋମୟ ପ୍ରାଣ ବିଚ୍ଛେଦ ପ୍ରାପ୍ତ ହେବ । ଶ୍ୱେତକେତୁ ପନ୍ଦର ଦିନ ଉପବାସ କଲେ । ଅନନ୍ତର ପିତାଙ୍କ ନିକଟକୁ ଆସି ଜିଜ୍ଞାସା କଲେ—'କେଉଁ ବିଷୟରେ ମୁଁ କହିବ ?' ପିତା କହିଲେ— 'ହେ ପୁତ୍ର, ଋକ୍, ଯଜୁଃ, ସାମ ବେଦ ଉଚ୍ଚାରଣ କର ।' ପୁତ୍ର କହିଲେ—'ମୋତେ କିଛି ପ୍ରତିଭାତ ହେଉ ନାହିଁ ।' ପିତା ଶ୍ୱେତକେତୁଙ୍କୁ କହିଲେ—'ହେ ସୌମ୍ୟ, ଯେପରି ପ୍ରଜ୍ଜ୍ୱଳିତ ପ୍ରଭୂତ ପରିମାଣ ଅଗ୍ନିର ଖଦ୍ୟୋତ ପରିମିତ ଅଳ୍ପମାତ୍ର ଅଙ୍ଗାର ଅବଶେଷ ରହେ ଓ ତାହାଦ୍ୱାରା ଅଧିକ କିଛି ଦଗ୍ଧ କରାଯାଇ ପାରେନା । ସେହିପରି ତୁମର, ମଧ୍ୟ ଷୋଳକଳାର ଗୋଟିଏ ମାତ୍ର ଅବଶିଷ୍ଟ ଥିଲା । ତୁମେ ତାହାଦ୍ୱାରା ଏବେ ବେଦ ସମୂହକୁ ବୁଝିପାରୁ ନାହିଁ । ଭୋଜନ କର ପାରିଲେ ମୋ କଥା ବୁଝିପାରିବ । ସେତେବେଳେ—'ସହାଶାଥ ହୈନମୁପସସାଦ ସ୍ୱନ୍ତ୍ କିଞ୍ଚ ପ୍ରପଚ୍ଛ ସର୍ବଂହ ପ୍ରତିପେଦେ'— ଶ୍ୱେତକେତୁ ଭୋଜନ କଲାପରେ ପିତାଙ୍କ ସମୀପରେ ଉପସ୍ଥିତ ହେଲେ । ପିତା ଯାହାକିଛି ଜିଜ୍ଞାସା କଲେ ତାହାର ସଦୁତ୍ତର ଦେଲେ ।

ତୈତ୍ତିରୀୟ ଉପନିଷଦରେ ଭାର୍ଗବୀ ବାରୁଣୀବିଦ୍ୟାରେ ମଧ୍ୟ ଏହି ଅନ୍ନର ମହିମା ଘୋଷିତ ହୋଇଅଛି—'ଅହମନ୍ନ ମହମନ୍ନ ମହମନ୍ନମ୍ । ଅହମନ୍ନାଦୋଽହମନ୍ନାଦୋଽହମନ୍ନାଦଃ । ଅହଂ ଶ୍ଳୋକକୃଦହଂ ଶ୍ଳୋକକୃଦହଂ ଶ୍ଳୋକକୃଦ । ଅହମସ୍ମି ପ୍ରଥମଜା ଋତସ୍ୟ । ପୂର୍ବଂ ଦେବେଭ୍ୟୋଽମୃତସ୍ୟ ନାଭାୟି । ଯୋ ମା ଦଦାତି ସ ଇଦେବ ମାବାଃ । ଅହମନ୍ନମନ୍ନମଦନ୍ତମଦ୍ମି । ଅହଂ ବିଶ୍ୱଂ ଭୁବନମଭ୍ୟଭବାମ୍ ସୁବର୍ଣ୍ଣ ଜ୍ୟୋତୀଃ ଯ ଏବଂ ବେଦ । ଇତ୍ୟୁପନିଷଦ୍ ।

ଅର୍ଥାତ୍ ମୁଁ ଅନ୍ନ, ମୁହିଁ ଅନ୍ନ, ମୁହିଁ ଅନ୍ନ । ମୁଁ ଅନ୍ନଭୋକ୍ତା, ମୁଁ ଅନ୍ନଭୋକ୍ତା, ମୁଁ ଅନ୍ନଭୋକ୍ତା । ମୁଁ ଅନ୍ନ ଓ ଅନ୍ନଭୋକ୍ତାର ମିଳନକାରୀ । ମୁଁ ମିଳନ ସଂଘଟକ, ମୁଁ ମିଳନ ସଂଘଟକ, ମୁଁ ମିଳନ ସଂଘଟକ । ମୁଁ ପ୍ରଥମଜ, ମୁଁ ମୂର୍ତ୍ତାମୂର୍ତ୍ତ ଜଗତର ଏବଂ ଦେବଗଣଙ୍କ ପୂର୍ବବର୍ତ୍ତୀ । ଯେ ଅନ୍ନାର୍ଥୀଙ୍କୁ ଅନ୍ନରୂପୀ ମୋତେ ଦାନ କରନ୍ତି, ସେ ହିଁ ଏହି ଭାବରେ ମୋତେ ରକ୍ଷା କରିଥାନ୍ତି ।

Digitized by srujanika@gmail.com

ଯେ ଅନ୍ନଦାନ କରନ୍ତି ନାହିଁ ତାହାଙ୍କୁ ମୁଁ ଅନ୍ନ ରୂପରେ ଭକ୍ଷଣ କରେ । ମୁଁ ପରମେଶ୍ୱର ରୂପରେ ସମସ୍ତ ଜଗତକୁ ଶାସନ କରେ । ମୋର ଜ୍ୟୋତି ସମୂହ ଅଖଣ୍ଡ୍ୟ ଭଳି ନିତ୍ୟ ପ୍ରକାଶମାନ । ଏହାହିଁ ପରମାତ୍ମାଙ୍କ ଜ୍ଞାନ ।

ଯାଗ ଯଜ୍ଞ, ପଶୁବଳି, ଯେପରି ଆମର ଧର୍ମର ଅଙ୍ଗ, ନିଷ୍କାମ ଧର୍ମ ସାଧନା, ଜୀବ ଦୟା, ଜୀବ ପ୍ରେମ ସେହିପରି ଆମର ଧର୍ମ ସାଧନାର ଅନ୍ୟ ଏକ ବୈଶିଷ୍ଟ୍ୟ । ଏମାନେ ପରସ୍ପର ବିରୋଧୀ । ନାନା ଧର୍ମ ଏବଂ ସଂସ୍କୃତିର ମିଳନରେ ହିନ୍ଦୁ ଧର୍ମ ସଂସ୍କୃତି ଗଢ଼ି ଉଠିଛି; ସେଥିପାଇଁ ପରସ୍ପର ବିରୋଧୀ ଆଦର୍ଶ ସେଠାରେ ସହଅବସ୍ଥାନ କରୁଅଛି । ସମସ୍ତ ଜ୍ଞାନକୁ ହିଁ ଶ୍ରଦ୍ଧାର ସହିତ ଅନୁଶୀଳନ କରିବା ହେଉଛି ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ । ଶ୍ରଦ୍ଧାବାନ ହିଁ ଜ୍ଞାନଲାଭର ଅଧିକାରୀ ହୁଅନ୍ତି । ଏଣୁ ଆମେ ଶ୍ରଦ୍ଧାର ଦେହଳି ଅଗ୍ନିରେ ସମିଧି ଦାନ କରୁ । ଶ୍ରଦ୍ଧାରେ ହବିଃ ଅର୍ପଣ କରୁ । ନିୟମ ଏବଂ ବିନୟ ମଧ୍ୟ ସକଳ ଧର୍ମ ଭଳି ଭାରତୀୟ ଧର୍ମର ଅଙ୍ଗ, ଅନନ୍ତ ଜିଜ୍ଞାସା ହିଁ ପରମ ସତ୍ୟଲାଭର ଏକମାତ୍ର ପଥ । ଜ୍ଞାନ ଏବଂ ସତ୍ୟ ଅନନ୍ତ । କୌଣସି ବିନ୍ଦୁ ତାହାର ସମାପ୍ତି ଘଟେ ନାହିଁ । ମୁକ୍ତ ମନ ନେଇ ନବ ନବ ଜ୍ଞାନ ଲାଭର ଆଶାରେ ଚରୈବେତି ସଚେଷ୍ଟ ରହିବା ହିଁ ମନୁଷ୍ୟର ଧର୍ମ । 'ଚରୈବେତି' ଭାରତୀୟ ସାଧନାର ମୂଳ ମନ୍ତ୍ର । ଶୋଇ ରହିବାଟା କଳିକାଳ; ଜାଗ୍ରତ ହେବା ଦ୍ୱାପର, ଉଠି ଠିଆ ହେବା ତ୍ରେତା ଯୁଗ ଏବଂ ଚଲାଚଲ ହେବାଟା ସତ୍ୟଯୁଗ—

କଳିଃ ଶୟାନୋ ଭବତି
ସଞ୍ଜିହାନସ୍ତୁ ଦ୍ୱାପରଃ
ଉତ୍ତିଷ୍ଠ ସ୍ତ୍ରେତା ଭବତି କୃତଂ
ସମ୍ପଦ୍ୟତେ ଚରନ୍
ଚରୈବେତି ଚରୈବେତି

ଏପରି କ୍ଷେତ୍ରରେ ଆମେ ଯଦି ସଭ୍ୟତାକୁ ବୃଦ୍ଧି କେବଳ ମାତ୍ର ଅତୀତ ଲବ୍ଧ ଜ୍ଞାନର ଆସ୍ଫାଳନ କରୁ ତେବେ ତା'ଠାରୁ ବଡ଼ ଦୁର୍ଭାଗ୍ୟ ଆଉ କିଛି ହୋଇ ନ ପାରେ । ଅହଂକାର ମଣିଷକୁ ବିମୂଢ଼ କରେ । ଅହଂକାର ସତ୍ୟଦର୍ଶନ ପଥରେ ସର୍ବାପେକ୍ଷା ବଡ଼ ବାଧା । ଅତଏବ ସଙ୍କୀର୍ଣ୍ଣ ଅହଂକାର ତ୍ୟାଗ କରି ଆମ୍ଭମାନଙ୍କୁ ବିରାଟ ବିଶ୍ୱ ଆଡ଼କୁ ଆଖି ମେଲି ଚାହିଁବାକୁ ହେବ । ଆମର ସଂସ୍କୃତିକୁ ଜୀବନ୍ତ ରଖିବାର ତାହାହିଁ ଏକମାତ୍ର ଉପାୟ । ଉଦାର ବିଚାର ବୁଦ୍ଧି, ନିର୍ଭୀକ, ସତ୍ୟନିଷ୍ଠା ଏକମାତ୍ର ଶକ୍ତିଶାଳୀ ଜାତି ପକ୍ଷରେ ସମ୍ଭବ । ଜାତି ଯେତେବେଳେ ଶୋଇପଡ଼େ ସେତେବେଳେ ଏଇ ବିଚାରବୁଦ୍ଧି ସ୍ତିମିତ ହୋଇପଡ଼େ । କଳପୀ ଜଳ ସଢ଼ିଯାଏ । ସଞ୍ଚିତ ଧନ ନିଃଶେଷ ହୋଇଯାଏ । ତେଣୁ ଅନନ୍ତ ସ୍ରୋତା, ନିତ୍ୟ ପ୍ରକାଶମାନ ଜ୍ଞାନର ଉପାସନାହିଁ ଶ୍ରେୟ । ଭାରତବର୍ଷର ଋଷିମାନେ ସେହି ଉପଦେଶ ହିଁ ଦାନ କରି ଯାଇଛନ୍ତି । ପଞ୍ଚତନ୍ତ୍ରର 'ମିତ୍ର ଭେଦ'ରୁ ଗୋଟିଏ ଶ୍ଳୋକ ଉଦ୍ଧାର କରି ପ୍ରବନ୍ଧ ସାଙ୍ଗ କରାଯାଉ ପାଞ୍ଚତନ୍ତ୍ରରେ

Digitized by srujanika@gmail.com

ମଧ୍ୟ ନାନା ବିରୋଧୀ ନୀତିର ସମବାୟ ଅଛି । ଇଂରାଜୀରେ ଯାହାକୁ expediency କୁହାଯାଏ ତାହାକୁ ମଧ୍ୟ ଉପେକ୍ଷା କରାଯାଇ ନାହିଁ ।

'ଯଦ୍ୟାପି ସର୍ବତ୍ର ଗତିଃ ସକାଶାତ୍
ସ୍ୱଦେଶରାଗେଣହି ଯାନ୍ତି ନାଶମ୍
ତାତସ୍ୟ କୂପୋଽୟମିତି ବ୍ରୁବାଣାଃ
କ୍ଷାରଂ ଜଳଂ କାପୁରୁଷା ପିବନ୍ତି ।'

ଯାହାର ସର୍ବତ୍ର ଗତି ସେ କାହିଁକି ନିଜକୁ ସଙ୍କୀର୍ଣ୍ଣ ଦେଶାନୁରାଗର ସୀମାରେ ଆବଦ୍ଧ କରିବ ? ପୂର୍ବ ପୁରୁଷମାନେ କୂପ ଖନନ କରିଅଛନ୍ତି, ବୋଲି ସେହି କୂପର ଜଳ ଖାରଯୁକ୍ତ ହେଲେ ମଧ୍ୟ ତାହା ପାନ କରିବାକୁ କଣ ବିଧେୟ ? ମାତ୍ର କାପୁରୁଷ ମାନେ ହିଁ ସେହି କୂପର ଜଳ ପାନ କରିବାକୁ ଆଗ୍ରହୀ ହୋଇଥାନ୍ତି ।

---

ଉଚ୍ଚକୋଟିର ଭାବ ଓ ଭାଷାର ସମନ୍ୱୟରେ ହିଁ
ସାହିତ୍ୟ ଋଦ୍ଧିମନ୍ତ ହୁଏ

ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର

ଏହିଲକ୍ଷ୍ୟକୁ ଆଗରେ ରଖି

୧ । ହିନ୍ଦୀ ଓ ଇଂରାଜୀର ବହୁ ବିଶିଷ୍ଟ ଲେଖାକୁ ଓଡ଼ିଆରେ ଅନୁବାଦ କରାଇଛନ୍ତି
୨ । ଓଡ଼ିଆ ସାହିତ୍ୟର ବହୁ ବିଶିଷ୍ଟ କୃତିକୁ ହିନ୍ଦୀରେ ଅନୁବାଦ କରାଇଛନ୍ତି
୩ । ହିନ୍ଦୀଭାଷୀ ଦୁନିଆ ଆଗରେ ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ଚିତ୍ର ଦେବାପାଇଁ

'ବିରାଟ ରାଷ୍ଟ୍ରଭାଷା ରଜତ ଜୟନ୍ତୀ ଗ୍ରନ୍ଥ'
ପ୍ରକାଶ କରିଛନ୍ତି

ସମସ୍ତ ଉଚ୍ଚକୋଟିର ହିନ୍ଦୀ, ଓଡ଼ିଆ ପୁସ୍ତକପାଇଁ
ଅନୁସନ୍ଧାନ କରନ୍ତୁ

ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର
ବାଙ୍କାବଜାର, କଟକ-୨

Digitized by srujanika@gmail.com

# ଅମ୍ବୁସ୍ମାନ

ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର

ଆଜିକାଲି ଆମ ସମାଜ ଓ ଶାସନ କଳରେ ଦୁର୍ନୀତି ଏପରି ପ୍ରଭାବ ବିସ୍ତାର କରିଛି ଯେ ସବୁଆଡ଼େ ଚିନ୍ତାଶୀଳ ଲୋକେ ଏହାର ନିୟନ୍ତ୍ରଣ ପାଇଁ ଦୃଷ୍ଟି ପକାଇଅଛନ୍ତି । ସବୁଆଡ଼େ ଏହି ସମ୍ପର୍କରେ ଆଲୋଚନା ଚାଲିଛି ଓ ଏହାର ନିରାକରଣ ପାଇଁ ବିଭିନ୍ନ ମହଲରୁ ଭିନ୍ନ ଭିନ୍ନ ପ୍ରସ୍ତାବ ଆଗତ କରାଯାଉଛି। କେହି କେହି ସୁଇଡ଼େନ ଦେଶରେ ପ୍ରଚଳିତ ଅମ୍ବୁସମାନ ପ୍ରଥା ଏ ଦେଶରେ ପ୍ରଚଳନ କରିବାକୁ ମତ ଦେଇଚନ୍ତି । ଏହି ଅମ୍ବୁସମାନ ପ୍ରଥାଟି କ'ଣ ଓ କିପରି କାର୍ଯ୍ୟକାରୀ ହେଉଅଛି ତାହା ଜାଣିବା ପାଇଁ ଅନେକ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ— ତେଣୁ ଏ ସମ୍ପର୍କରେ କେତେକ ସୂଚନା ଏହି ପ୍ରବନ୍ଧରେ ଦିଆଯାଇଛି ।

ଜନମଙ୍ଗଳ ରାଷ୍ଟ୍ରରେ ଶାସନ କଳର ବିଭିନ୍ନ ସ୍ତରରେ ବହୁ ଲୋକ ନିଯୁକ୍ତି ପାଇ ଥାଆନ୍ତି । ସେମାନେ ଜନତା ଜନାର୍ଦ୍ଦନର ସେବକ । ଲୋକଙ୍କ ଅଭାବ ଅସୁବିଧା ପ୍ରତି ଦୃଷ୍ଟି ଦେଇ ସେମାନଙ୍କୁ ସୁଖରେ ରଖିବା ହେଲ ଏହି ସରକାରୀ କର୍ମଚାରୀ ମାନଙ୍କର ପ୍ରଧାନ କର୍ତ୍ତବ୍ୟ । କେଉଁଠି କିଏ କାମରେ ହେଳା କଲ, ଅର୍ଥ ଲୋକେ ଅସୁବିଧାରେ ପଡ଼ିଲେ, ପ୍ରତିକାର ପାଇଁ ସେମାନେ କାହା ପାଖକୁ ଯିବେ ? କୌଣସି ଗୋଟିଏ ଅସୁବିଧାର ପ୍ରତିକାର ପାଇଁ ବା କୌଣସି ଗୋଟିଏ ସୁବିଧା ପାଇବା ପାଇଁ ଜଣେ ଲୋକକୁ ଯଦି ଏକାଧିକ ସରକାରୀ ଦପ୍ତର ଓ କର୍ମଚାରୀଙ୍କ ପାଖରେ ଆବେଦନ ନିବେଦନ କରିବାକୁ ପଡ଼େ ବା ଦରକାର ହୁଏ, ତେବେ ଲୋକେ ବରଂ ଅସୁବିଧା ଭୋଗିବେ ସିନା, ଏତେ ଏପଟ ସେପଟ ହେବାକୁ ପସନ୍ଦ କରିବେ ନାହିଁ । ସେଥିପାଇଁ ଜନସାଧାରଣଙ୍କର ଯାବତୀୟ ଅସୁବିଧା, ଅଭାବ ଓ ଅଭିଯୋଗ ଶୁଣିବା ପାଇଁ ଯଦି ଗୋଟିଏ ସଂସ୍ଥା ରହେ, ତାହାହେଲେ ସେମାନେ ସେଠାରେ ପ୍ରତିକାର ପାଇଁ ହାଜର ହେବା ସୁବିଧା ହୁଏ । ଏହି ଦୃଷ୍ଟିରୁ ସୁଇଡେନ ସେ ଦେଶର ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣିବା ପାଇଁ ଗୋଟିଏ ସଂସ୍ଥା ଗଠନ କରିବାରେ ପୃଥିବୀରେ ଅଗ୍ରଣୀ ହୋଇଅଛି ଏହି ସଂସ୍ଥାର ଅଧିକାରୀ 'ଅମ୍ବୁସମାନ' ନାମରେ ଅଭିହିତ । 'ଅମ୍ବୁସମାନ'ର ଆକ୍ଷରିକ ଅର୍ଥ ହେଲ "କ୍ଷମତାପ୍ରାପ୍ତ ପ୍ରତିନିଧି" ।

ସୁଇଡେନରେ ଅମ୍ବୁସମାନ ନିଯୁକ୍ତି ଅଷ୍ଟାଦଶ ଶତାବ୍ଦୀରେ ପ୍ରଚଳନ କରାଗଲା ।

Digitized by srujanika@gmail.com

ଯେଉଁ ବ୍ୟକ୍ତି ଏହି ପଦବୀରେ ନିଯୁକ୍ତ ହେବେ ସେ ଜଣେ 'ଦକ୍ଷ ଆଇନଜ୍ଞ ଓ ବଶିଷ୍ଟ ସାଧୁ ବ୍ୟକ୍ତି' ହୋଇଥିବେ ବୋଲି ସୁଇଡ଼େନର ସମ୍ବିଧାନରେ ଉଲ୍ଲେଖ କରାଯାଇଛି ।

ପ୍ରଥମେ ଅମ୍ବୁଡ଼ସମାନ ମୁଖ୍ୟତଃ ଆଇନ ଅଦାଲତରେ ଅନ୍ୟାୟ ବିଚାରର ପ୍ରତିକାର ପାଇଁ ନିଯୁକ୍ତ ହୋଇଥିଲେ । କିନ୍ତୁ ଆଜିକାଲି ତାଙ୍କର କାର୍ଯ୍ୟ ପରିସର ଯଥେଷ୍ଟ ବଢ଼ିଯାଇଛି ଓ ସେ ଶାସନ କଳର ଅନ୍ୟାୟ ପ୍ରତି ଅଧିକ ଦୃଷ୍ଟି ଦେଉଅଛନ୍ତି ।

## ଅମ୍ବୁଡ଼ସମାନଙ୍କ କାମ

ପ୍ରକୃତରେ ସୁଇଡ଼େନରେ ଆଜି କାଲି ତିନିଜଣ ଅମ୍ବୁଡ଼ସମାନ ଅଛନ୍ତି । ଜଣେ ହେଉଛନ୍ତି ନ୍ୟାୟପତି ଓ ଆଇନ ପରାମର୍ଶ ଦାତା । ତାଙ୍କର ପ୍ରଧାନ କାମ ହେଲା ସେ ସରକାରୀ ଅଫିସ ଓ ଅଫିସରମାନଙ୍କର କାର୍ଯ୍ୟ ତନଖି କରିବେ ଓ ଜନସାଧାରଣ ଆଇନ ଅନୁଯାୟୀ ଯେତିକି ସୁବିଧା ଓ ନିରାପତ୍ତା ପାଇବାକୁ ଅଧିକାରୀ ତାହା ପାଉଛନ୍ତି କି ନାହିଁ ତାହା ଦେଖିବେ । ଅନ୍ୟଜଣେ ହେଉଛନ୍ତି, ବେସାମରିକ ଅମ୍ବୁଡ଼ସମାନ । ସରକାରୀ ସ୍ତରରେ ଯେଉଁ ସବୁ ସିଦ୍ଧାନ୍ତ ଗ୍ରହଣ କରାଯାଉଛି ତା'ଦ୍ୱାରା ଲୋକେ କି ପରିମାଣରେ ଉପକୃତ ହେଉଛନ୍ତି ଓ ସେମାନଙ୍କର ନାଗରିକ ଅଧିକାର ଉପରେ ହସ୍ତକ୍ଷେପ ହେଉଛି କି ନାହିଁ ତାହା ଦେଖିବା ତାଙ୍କର ପ୍ରଧାନ କାମ । ତୃତୀୟ ଅମ୍ବୁଡ଼ସମାନ ହେଉଛନ୍ତି ସାମରିକ ବ୍ୟାପାର ପାଇଁ । ସାମରିକ ବିଭାଗର କର୍ମଚାରୀମାନେ ଉପଯୁକ୍ତ ନ୍ୟାୟ ପାଉଛନ୍ତି କି ନାହିଁ, ତାହା ସେ ଦେଖନ୍ତି । ସୁଇଡ଼େନର ଦେଶରକ୍ଷା ମନ୍ତ୍ରୀ ତାଙ୍କ କ୍ଷମତା ପରିସର ବାହାରେ । ବେସାମରିକ ଅମ୍ବୁଡ଼ସମାନଙ୍କ ଅଧୀନରେ ଜଣେ ଡେପୁଟି ଅମ୍ବୁଡ଼ସମାନ ଥାଆନ୍ତି ।

ଅମ୍ବୁଡ଼ସମାନଙ୍କ କ୍ଷମତା ଅତି ବ୍ୟାପକ । କେବଳ ତାଙ୍କ ପାଖରେ ଆନୁଷ୍ଠାନିକ ଭାବରେ ଅଭିଯୋଗ ଆଗତ କଲେ ଯେ ସେ ତାହା ବିଚାର କରିବେ, ତାହା ନୁହେଁ । ଖବର କାଗଜରେ କୌଣସି ଅନ୍ୟାୟ ବା ଅବିଚାର ସମ୍ପର୍କରେ ସମ୍ବାଦ ପ୍ରକାଶିତ ହେଲେ ସେ ତାହା ପଢ଼ି ସେ ସମ୍ପର୍କରେ ମଧ୍ୟ କାର୍ଯ୍ୟାନୁଷ୍ଠାନ କରିପାରିବେ । କୌଣସି ଅଭିଯୋଗ ବିଚାର କଲାବେଳେ ସେ ତତ୍ସମ୍ପର୍କୀୟ ସମସ୍ତ ସରକାରୀ ଫାଇଲ ଓ କାଗଜ ପତ୍ର ମଗାଇ ଦେଖି ପାରିବେ । ଏପରିକି ବିଚାରାଳୟର ନଥି ମଧ୍ୟ ସେ ତଲବ କରିପାରିବେ । ବେସାମରିକ ସରକାରୀ ବିଭାଗ ଗୁଡ଼ିକ ତାଙ୍କୁ ସମସ୍ତ ଆବଶ୍ୟକୀୟ ତଥ୍ୟ ଜଣାଇବାକୁ ଓ ତାଙ୍କ ତଦନ୍ତ କାର୍ଯ୍ୟରେ ସାହାଯ୍ୟ କରିବାକୁ ଆଇନତଃ ବାଧ୍ୟ । କେବଳ ମନ୍ତ୍ରୀମଣ୍ଡଳର ସଭ୍ୟମାନଙ୍କୁ ଛାଡ଼ି ସେ କୌଣସି ସରକାରୀ ଅଫିସରଙ୍କ ବିରୁଦ୍ଧରେ ସେ ଅଭିଯୋଗ ଆଣି ପାରିବେ ଓ ବିଚାର କରି ପାରିବେ ।

ଅମ୍ବୁଡ଼ସମାନ ତାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ପ୍ରଧାନତଃ ତିନିଗୋଟି ସୂତ୍ରରୁ ସମ୍ବାଦ ବା ଉପାଦାନ ସଂଗ୍ରହ କରନ୍ତି । ଜନସାଧାରଣଙ୍କଠାରୁ ପାଉଥିବା ଅଭିଯୋଗ, ସମ୍ବାଦପତ୍ରରେ ପ୍ରକାଶିତ ଅଭିଯୋଗ,

Digitized by srujanika@gmail.com

ବିଭିନ୍ନ ଅନୁଷ୍ଠାନ ବା ସଂସ୍ଥାର ବିବରଣୀମାନଙ୍କରୁ ସଂଗୃହୀତ ତଥ୍ୟ ଏବଂ ସୁପ୍ରିମ କୋର୍ଟ ସମେତ ସମସ୍ତ ବିଚାରାଳୟର ରାୟଗୁଡ଼ିକରୁ ସେ ତାଙ୍କର ବିଚାର ଉପାଦାନ ସଂଗ୍ରହ କରନ୍ତି । କି ସ୍ଥାନୀୟ କି ଆଞ୍ଚଳିକ କି କେନ୍ଦ୍ରୀୟ ସବୁ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଅଭିଯୋଗ ବିଚାର କରିବାକୁ ସେ କ୍ଷମତାପ୍ରାପ୍ତ । ଏହି କାର୍ଯ୍ୟରେ ସେ ଯେ କୌଣସି ସରକାରୀ ନଥି ପତ୍ର ଦେଖିବାକୁ ଚାହିଁଲେ ତାଙ୍କୁ ଯୋଗାଇ ଦିଆଯିବ । କୌଣସି ଅଭିଯୋଗର ବିଚାର କଲାବେଳେ ପ୍ରଚଳିତ ଆଇନ କାନୁନରେ ଯଦି କୌଣସି ଅସଂଗତି ତାଙ୍କ ଦୃଷ୍ଟିରେ ପଡ଼ିବ ସେ ବିଷୟ ସେ କେନ୍ଦ୍ର ସରକାରଙ୍କୁ ଜଣାଇ ପାରିବେ । ଯଦି କୌଣସି କ୍ଷେତ୍ରରେ ଜଣେ ଅଫିସରଙ୍କୁ ଦଣ୍ଡ ଦେବା ପରିବର୍ତ୍ତେ ସାବଧାନ କରାଇଦେବା ବା ଭବିଷ୍ୟତରେ ଅଧିକ ସତର୍କ ହେବାକୁ ପରାମର୍ଶ ଦେବା ଅଧିକ ଫଳପ୍ରଦ ହେବ ବୋଲି ସେ ବିଚାରନ୍ତି, ତେବେ ତାହା କରିବାକୁ ସେ ସରକାରଙ୍କୁ ପରାମର୍ଶ ଦେଇ ପାରିବେ ।

ବେସାମରିକ ବ୍ୟାପାର ଦାୟିତ୍ୱରେ ଥିବା ଅମ୍ବୁସମାନଙ୍କ କ୍ଷମତା ଓ କାର୍ଯ୍ୟର ପରିସର ସମ୍ପର୍କରେ ଗୋଟିଏ ଦୁଇଟି ଉଦାହରଣ ଦିଆଯାଇପାରେ । ଥରେ ଜଣେ ବିଚାରପତି ଗୋଟିଏ ମକଦ୍ଦମାରେ ଗୋଟିଏ ପକ୍ଷକୁ ଅପରପକ୍ଷର ଖର୍ଚ୍ଚା ଦେବାକୁ ଆଦେଶ ଦେଇଥିଲେ । ଏହା ବିରୁଦ୍ଧରେ ସଂପୃକ୍ତ ପକ୍ଷ ଅମ୍ବୁସମାନର ନିକଟରେ ଆବେଦନ କରିବାରୁ ଅମ୍ବୁସମାନ ଅଭିଯୋଗଟି ବିଚାର କରି ଦେଖିଲେ ଯେ ବିଚାରପତିଙ୍କ ଆଦେଶ ତ୍ରୁଟିଯୁକ୍ତ । ତେଣୁ ଉକ୍ତ ବିଚାରପତି ମକଦ୍ଦମାର ଖର୍ଚ୍ଚ ନିଜ ହାତରୁ ଦେବା ଉଚିତ ହେବ ବୋଲି ଅମ୍ବୁସମାନ ସିଦ୍ଧାନ୍ତ କଲେ । ମାତ୍ର ବିଷୟଟିର ପୁନର୍ବିଚାର କରି ସେ ଉକ୍ତ ବିଚାରପତିଙ୍କୁ ସତର୍କ କରାଇଦେଲେ । ଆଉ ଗୋଟିଏ ମକଦ୍ଦମାରେ ସଂପୃକ୍ତ ବିଚାରପତି ଓକିଲଙ୍କୁ ଅପମାନିତ କରିଥିବା ହେତୁ ତାଙ୍କୁ ଅମ୍ବୁସମାନ ଦୁଇମାସ କାରାଦଣ୍ଡ ଆଦେଶ ଦେଇଥିଲେ ।

ସୁଇଡ଼େନରେ ଅମ୍ବୁସମାନଙ୍କ କାର୍ଯ୍ୟକଳାପ ସଂକ୍ରାନ୍ତୀୟ ବାର୍ଷିକ ବିବରଣୀ ସେ ଦେଶର ପାର୍ଲାମେଣ୍ଟରେ ଉପସ୍ଥାପିତ ହୁଏ ଓ ସବୁ ସରକାରୀ ଅଫିସରଙ୍କୁ ଯୋଗାଇ ଦିଆଯାଏ ।

ସବୁ କ୍ଷେତ୍ରରେ ଯେ ଅଭିଯୋଗକାରୀଙ୍କ ଅଭିଯୋଗ ଗ୍ରହଣ କରି ଅଭିଯୁକ୍ତ କର୍ମଚାରୀଙ୍କ ପ୍ରତି ଦଣ୍ଡ ବିଧାନ କରାଯାଏ ତାହା ନୁହେଁ । ପ୍ରତ୍ୟେକ ଅଭିଯୋଗର ପୁଙ୍ଖାନୁପୁଙ୍ଖ ବିଚାର କରାଯାଇ ଭିତ୍ତିହୀନ ଅଭିଯୋଗ ଗୁଡ଼ିକ ଖାରଜ କରାଯାଏ ଓ ସଂପୃକ୍ତ ଅଫିସରଙ୍କୁ ନିର୍ଦ୍ଦୋଷ ବୋଲି ଘୋଷଣା କରାଯାଏ । ସୁଇଡ଼େନରେ ଯେଉଁମାନେ ଅମ୍ବୁସମାନଙ୍କ ପାଖରେ ଅଭିଯୋଗ ଆଗତ କରନ୍ତି, ସେମାନେ ସାଧାରଣତଃ ବିଂଶ୍ଵବିଶେଷ ଅଫିସରମାନଙ୍କ ବିରୁଦ୍ଧରେ ତାହା ଆଗତ ନ କରି ସରକାରୀ ସଂଗଠନ ବିରୁଦ୍ଧରେ ଆଗତ କରିଥାନ୍ତି । ଅର୍ଥାତ୍ ସରକାରୀ ନୀତି ବା ନିୟମ ବିରୁଦ୍ଧରେ ସେମାନେ ଅଭିଯୋଗ ଆଗତ କରନ୍ତି । ତେଣୁ ଅମ୍ବୁସମାନ ସଂପୃକ୍ତ ସରକାରୀ ଫାଇଲ

Digitized by srujanika@gmail.com

ପର ଦେଖି ତାଙ୍କର ସିଦ୍ଧାନ୍ତ ଦିଅନ୍ତି । ଖୁବ ଜ୍ୱଳନ୍ତ ଘଟଣାରେ ମୌଖିକ ସାକ୍ଷ୍ୟପ୍ରମାଣ ନିଆଯାଏ ।

## ଅନ୍ୟଦେଶର ବ୍ୟବସ୍ଥା

ସୁଇଡେ଼ନର ଅମ୍ବୁଡସମାନ ଭଳି ୟୁରୋପର ଅନ୍ୟାନ୍ୟ କେତେକ ଦେଶରେ ମଧ୍ୟ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ବିଚାର ପାଇଁ ଅଫିସର ନିଯୁକ୍ତ ହୋଇଅଛନ୍ତି । ଫିନଲାଣ୍ଡ, ଡେନମାର୍କ, ନରୱେ, ନିଉଜିଲାଣ୍ଡ ପଶ୍ଚିମ ଜର୍ମାନୀ ଓ ଇଂଲଣ୍ଡରେ ଉଣା ଅଧିକେ ସୁଇଡେ଼ନ ପ୍ରଣାଳୀ ଅନୁଯାୟୀ ଏହି ବ୍ୟବସ୍ଥା କରାଯାଇଅଛି । ଇଂଲଣ୍ଡରେ ଏହି ଅଫିସର ନିଜେ କୌଣସି ରାୟ ବା ସିଦ୍ଧାନ୍ତ ଦେଇ ପାରିବେ ନାହିଁ । ସେ କେବଳ ପାର୍ଲାମେଣ୍ଟକୁ ତାଙ୍କର ରିପୋର୍ଟ ଦିଅନ୍ତି ଓ ପାର୍ଲାମେଣ୍ଟ ଶେଷ ସିଦ୍ଧାନ୍ତ ଗ୍ରହଣ କରନ୍ତି ।

ସୁଇଡେ଼ନ ଓ ଅନ୍ୟାନ୍ୟ ଦେଶରେ ପ୍ରଚଳିତ ଅମ୍ବୁଡସମାନ ଅନୁଷ୍ଠାନ ଗୁଡ଼ିକର କାର୍ଯ୍ୟ କଳାପ ଆଲୋଚନା କଲେ ଜଣାଯାଏ ଯେ ଏହି ପ୍ରଥା ଅଳ୍ପ ଲୋକ ବିଶିଷ୍ଟ ଛୋଟ ଛୋଟ ଦେଶରେ ଯେପରି ସୁଚାରୁରୂପେ ଓ ଦକ୍ଷତାର ସହିତ କାର୍ଯ୍ୟ କରୁଛି, ଭାରତଭଳି ଜନବହୁଳ ଓ ବିରାଟ ଦେଶରେ ସେପରି ହୋଇପାରିବ ନାହିଁ । ତେଣୁ ଭାରତ ଭଳି ବିରାଟ ଦେଶରେ ଏହି ସଂସ୍ଥା ଜିଲ୍ଲା ସବ୍‌ଡିଭିଜନ ସ୍ତରରେ ଗଠନ କରାଯାଇପାରେ ।

---

ସୁନ୍ଦର ଛାପା ଓ ଡିଜାଇନ୍
ପାଇଁ
ଅନୁସନ୍ଧାନ କରନ୍ତୁ

ପୌରୁଷ ପ୍ରେସ, ପୁରୁଣା କଲେଜ ଗଳି,
କଟକ-୨ ଇଂରାଜୀ ଓ ଓଡ଼ିଆରେ ସମସ୍ତ
ଛାପାକାମ ଏଠାରେ କରାଯାଏ । ଫୋନ-୧୯୮

Digitized by srujanika@gmail.com

# 'ମୋ' କାହାଣୀ



## କଟକ କଲେକ୍ଟର

( ଜୁଲାଇ ୧୯୪୮-ମାର୍ଚ୍ଚ ୧୯୫୨ )

ନୀଳମଣି ସେନାପତି

୧୯୪୮, ଜୁଲାଇ ମାସରେ ମୁଁ ମିଷ୍ଟର ଏନ୍. ଏଫ୍ ପେକ୍‌ଙ୍କ ସ୍ଥାନରେ କଟକ ଜିଲାର "ମାଜିଷ୍ଟ୍ରେଟ ଓ କଲେକ୍ଟର" ରୂପେ ନିଯୁକ୍ତ ହେଲି । ମିଷ୍ଟର ପେକ୍ କମିସନର ହୋଇଗଲେ । "ମାଜିଷ୍ଟ୍ରେଟ ଓ କଲେକ୍ଟର ହେଲେ ଜିଲା ଶାସନର ମୁଖ୍ୟ । ୧୯୪୮ ମସିହାରେ କଟକର କ୍ଷେତ୍ରଫଳ ଥିଲା ୩,୬୫୪ ବର୍ଗମାଇଲ । ଲୋକ ସଂଖ୍ୟା ୪୦ ଲକ୍ଷ । ଏହାର ସାମୁଦ୍ରିକ ଉପକୂଳର ଦୈର୍ଘ୍ୟ ଥିଲା ୬୫ ମାଇଲ । ତତ୍‌କାଳୀନ ବିହାର ଓଡ଼ିଶାର କଟକ ଥିଲା ଅନ୍ୟତମ ଜିଲା । ୧୯୩୬ ମସିହାରେ ଓଡ଼ିଆ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ।

### ଐତିହାସିକ ଲାଲବାଗ କୋଠି

କମିସନର ପେକଙ୍କ ସହିତ ବ୍ୟବସ୍ଥା କରି ମୁଁ କାଠଯୋଡ଼ୀ ନଦୀ କୂଳରେ ଥିବା ଲାଲବାଗ କୋଠିରେ ଅବସ୍ଥାନ କଲି । ଲାଲବାଗ କୋଠି ଥିଲା କମିସନରଙ୍କର ଚିରକାଳୀ ବାସଭବନ । ମିଷ୍ଟର ପେକ କଲେକ୍ଟର କୋଠିରେ ରହିବା ପାଇଁ ପସନ୍ଦ କଲେ । ଲାଲବାଗ ଏକ ଐତିହାସିକ କୋଠି ଥିଲା, କାରଣ ମୋଗଲ ସମ୍ରାଟ ସାହାଜାହାନଙ୍କ ପ୍ରତିନିଧି ଏଠାରେ ଏକ ବିରାଟ ପ୍ରାସାଦ ନିର୍ମାଣ କରୁଥିବା କଥା ବ୍ରିଟିଶ ପରିବ୍ରାଜକ ବ୍ରୁଟନ ୧୬୩୩ ମସିହାରେ ପ୍ରତ୍ୟକ୍ଷରେ ଦେଖିଥିବା କଥା ଉଲ୍ଲେଖ

Digitized by srujanika@gmail.com

କରିଛନ୍ତି । କାରଣ ମୋଗଲ ସମ୍ରାଟଙ୍କ ପ୍ରତିନିଧି ହିନ୍ଦୁ ରାଜା ମୁକୁନ୍ଦଦେବଙ୍କ ଦ୍ୱାରା ନିର୍ମିତ ବାରବାଟୀ ଦୁର୍ଗର ନିକଟସ୍ଥ ପ୍ରାସାଦରେ ରହିବା ପାଇଁ ରାଜି ହୋଇ ନଥିଲେ । ମୋର ଦରମାର ଅଧିକଂଶ ୧୦ ଭାଗ ବା ମାସିକ ୧୦୦ଟଙ୍କା ଭଡ଼ା ଏଥିପାଇଁ ଦେବାକୁ ପଡ଼ିଲା । କିନ୍ତୁ ଆଠ ମାସ ପରେ ମୁଁ ୫୭୨ ଟଙ୍କା ଫେରି ପାଇଲି । ୫୦ ଏକର ଜମିରେ ଅବସ୍ଥିତ ଲାଲବାଗ ପ୍ରାସାଦର ଭଡ଼ା ହେଲା ମାସକୁ ୨୮ ଟଙ୍କା । ଲାଲବାଗରେ ଏକ କ୍ଷୁଦ୍ର ମୃଗବନ ଥିଲା ଓ ପ୍ରାୟ ୧୨ଟି ହରିଣ ସେଠାରେ ରହୁଥିଲେ । ପ୍ରତିଦିନ ସଂଧ୍ୟାରେ ଘଣ୍ଟି ବାଜିଲେ ହରିଣମାନେ ଖାଇବା ପାଇଁ ଘର ଆଗରେ ଆସି ଠିଆ ହୋଇ ଯାଆନ୍ତି । ମୁଁ ରହୁଥିବା ଯାଏ ସେମାନଙ୍କୁ ଖାଇବାକୁ ଦେବା ଦାୟିତ୍ୱ ଥିଲା ମୋ'ର । ଯରେ କମିଶନର ଏ ବାବଦ ଖର୍ଚ୍ଚ ମୋତେ ଦେଇଥିଲେ । ହରିଣମାନେ ନିକଟରେ ଥିବା ଶସ୍ୟ କ୍ଷେତରେ ମଧ୍ୟ ଯାଇ ଖାଉଥିଲେ । କିନ୍ତୁ ସେମାନେ କମିଶନରଙ୍କ ହରିଣ—ତାଙ୍କୁ କେହି କ୍ଷତି କରି ପାରୁ ନଥିଲେ ।

ବର୍ଷା ଋତୁରେ ବନ୍ୟାପ୍ଲାବିତ କାଠ-ଯୋଡ଼ୀ ଓ ସୂର୍ଯ୍ୟାସ୍ତ ସମୟରେ ବହୁ ରଙ୍ଗର ରଞ୍ଜିତ ମେଘମାଳାର ଦୃଶ୍ୟ ଭୁଲିବାର ନୁହେଁ । ଶୀତ ଋତୁରେ ଏହି ଦୃଶ୍ୟରେ ପରିବର୍ତ୍ତନ ଘଟେ । ଯେଉଁ ଆଡ଼େ ଚାହିଁ, ଖାଲି ବାଲି ଆଉ ବାଲି । ତା'ଭିତରେ ଦୂରରେ ଏକ ନୀଳ ବର୍ଣ୍ଣର କ୍ଷୁଦ୍ର ଧାର—

ଏହିଁ ବର୍ଷାକାଳୀନ ପୂର୍ଣ୍ଣତୋୟା କାଠ-ଯୋଡ଼ୀର ଅବଶେଷ ।

... ଲାଲବାଗ ... ଲକୁ କାଠଯୋଡ଼ୀ ନଦୀରେ ... ଏକ ଶ୍ରେଷ୍ଠ ଗଣ୍ଡ ହୋଇଥାଏ । ସେଠିକି ଲୋକେ ଗାଧୋଇ ଆସନ୍ତି । ରାତି ନଟା ବେଳକୁ ପାଟି ଶୁଣ ହେଉଥିବା ଯୋଗୁଁ ମୋ' ସ୍ତ୍ରୀ ଅଭିଯୋଗ କଲେ ଓ ପୋଲିସ ଲୋକଙ୍କ ଗାଧୁଆ ବନ୍ଦ କଲେ । ମୁଁ ଏ ନିଷେଧାଦେଶକୁ ପ୍ରତ୍ୟାହାର କରାଇ ନେଲି—କାରଣ ସାଧାରଣ ଜଳା-ଶୟରେ ଗାଧୋଇବା ଲୋକଙ୍କର ଏକ ମୌଳିକ ଅଧିକାର ସଙ୍ଗେ ସମାନ ।

## ପଥର ବନ୍ଧ

କାଠଯୋଡ଼ୀ ନଦୀରେ ବହୁ ବୁରୁଜ ସମନ୍ୱିତ ଏକ ପଥରବନ୍ଧ ଅଛି । ଏହି ବୁରୁଜକୁ କାରିଗରୀ କୌଶଳ (engineer ing)ର ଏକ ଆଶ୍ଚର୍ଯ୍ୟ ବୋଲି କୁହାଯାଇ ପାରେ । ବନ୍ଧକୁ ରକ୍ଷା କରିବା ପାଇଁ ନଦୀର ସ୍ରୋତକୁ ଟିକିଏ ଘୁଞ୍ଚାଇ ନେବା ହେଉଛି ବୁରୁଜ ମାନଙ୍କର କାମ । କିନ୍ତୁ ଏହାଦ୍ୱାରା ବନ୍ଧ ପାଖରେ ସ୍ରୋତ ରହୁଥିଲା । ୮୦୦ ବର୍ଷ ପୂର୍ବେ ଏହି ବୁରୁଜ ବ୍ୟବସ୍ଥା କରାଯାଇଥିଲା । ଆଧୁନିକ ବ୍ୟବସ୍ଥା ହେଉଛି ଏକ ପ୍ରସ୍ତର ନିର୍ମିତ ବନ୍ଧ (spur) ବହୁ ଶହ ଗଜ ପର୍ଯ୍ୟନ୍ତ ନଦୀ ଭିତରକୁ ଯେଉଁଦିବା । ଏହା ଫଳରେ ନଦୀର ଧାର ଏତେ ଦୂରକୁ ଘୁଞ୍ଚି ଯାଇଛି ଯେ ଗାଧୋଇବାକୁ ହେଲେ ଲୋକଙ୍କୁ ଦୂର ନଈ ଭିତରେ ଚାଲିବାକୁ ପଡ଼ୁଛି । ଅବଶ୍ୟ କଟକ ସହରରେ ପାଣିକଳ ବସି ଗଲାଣି ଓ ଲୋକେ

Digitized by srujanika@gmail.com

ମ୍ୟୁନିସିପାଲିଟିର ନିଷେଧକୁ ଅମାନ୍ୟ କରି କଳରେ ଗାଧୋଉଛନ୍ତି । କିନ୍ତୁ କଳ ଗାଧୁଆ ଓ ନଈ ପାଣିରେ ବୁଡ଼ ଗାଧୋଇବା ଭିତରେ ବହୁତ ଫରକ ।

ବନ୍ୟା ସମୟରେ କୋଠାର ପାହାଚର ଅଳ୍ପ କେତେ ହାତ ତଳୁ ଯେତେବେଳେ ପାଣି ବୁହେ, ସେତେବେଳେ ପାଣି ଭିତରକୁ ଲମ୍ଫ ଦେବା ଓ ଗଣେଶ ଘାଟ ପର୍ଯ୍ୟନ୍ତ ପହଁରି ଯିବାରେ ଭାରି ମଜା ଲାଗୁଥିଲା । ଅବଶ୍ୟ ପହଁରିଲାବେଳେ କୂଳଠାରୁ ଦୂରକୁ ଛାଡ଼ିଯିବା ଦରକାର, କାରଣ ତା'ନହେଲେ ଭଉଁରି ଭିତରେ ପଡ଼ି ପାଣି ତଳକୁ ଚାଲି ଯିବାର ଭୟ ଅଛି । କିନ୍ତୁ ନଈରେ ଭରା ପାଣି ବେଶୀ ସମୟ ରହୁନଥିବା ଯୋଗୁଁ ଏପରି ସନ୍ତରଣ ସୁଯୋଗ ଥରେ ମାତ୍ର ଆସେ ।

## ମେଡ଼ିକାଲ ଧର୍ମଘଟ

କଟକ କଲେକ୍ଟରର ରୂପେ ମୁଁ ମେଡ଼ିକାଲ ସ୍କୁଲ ପରିଚାଳନା କମିଟିର ସଭାପତି ଥିଲି । ମେଡ଼ିକାଲ ସ୍କୁଲ ପଡ଼ିଆରେ ରେଭେନ୍ସା କଲେଜ ଓ କଟକ ମେଡ଼ିକାଲ ସ୍କୁଲ ମଧ୍ୟରେ ଏକ ଫୁଟବଲ ଖେଳରୁ ଝଗଡ଼ା ସୃଷ୍ଟି ହେଲା ଓ ମେଡ଼ିକାଲ ସ୍କୁଲ ପିଲାମାନେ ସ୍କୁଲରୁ ହାଡ଼ ଆଣି ରେଭେନ୍ସା କଲେଜ ପିଲାଙ୍କୁ ବାଡ଼େଇଲେ । ପରିଚାଳନା କମିଟି କେତେ ଜଣ ମେଡ଼ିକାଲ ଛାତ୍ରଙ୍କୁ ସ୍କୁଲରୁ ରଷ୍ଟିକେଟ କଲେ ଓ ସବୁ ମେଡ଼ିକାଲ ଛାତ୍ର ଏହାର ପ୍ରତିବାଦ କରି ଧର୍ମଘଟ କଲେ । ସେତେବେଳେ ବିହାର ଓଡ଼ିଶା ପ୍ରଦେଶର ରାଜଧାନୀ ପାଟନାରୁ ମନ୍ତ୍ରୀ ଶ୍ରୀ ଗଣେଶଦତ୍ତ ସିଂ କଟକ ଆସିଲେ ଓ ରଷ୍ଟିକେଟ ଆଦେଶକୁ ରହିତ କରି ଦେଲେ । କମିଶନର ସରକାରଙ୍କୁ ଲେଖିଲେ, "ମନ୍ତ୍ରୀ ହସ୍ତକ୍ଷେପ କରିବା ପୂର୍ବରୁ କଲେକ୍ଟରର କମିଟିକୁ ବେଶ ସୁଧାରି ପାରିଥିଲେ ।" ରେଭେନ୍ସା କଲେଜ ପିଲାମାନଙ୍କୁ ସେମାନଙ୍କ କଥା ଶୁଣିବା ପାଇଁ ମନ୍ତ୍ରୀ କୌଣସି ସୁବିଧା ଦେଇ ନଥିଲେ କିମ୍ବା ପରିଚାଳନା କମିଟି ସହିତ ମଧ୍ୟ ଆଲୋଚନା କରି ନଥିଲେ । ଏବେ ଯଦି ସେତେବେଳେ ଯଦି ଛାତ୍ର ୟୁନିଅନ ଥା'ନ୍ତା ତା'ହେଲେ ରେଭେନ୍ସା କଲେଜରେ ଧର୍ମଘଟ ହୋଇଥାନ୍ତା କିମ୍ବା ରେଭେନ୍ସା କଲେଜ ପକ୍ଷରୁ ମେଡ଼ିକାଲ କଲେଜ ଉପରେ ସଶସ୍ତ୍ର ଆକ୍ରମଣ ହୋଇଥାନ୍ତା ।

## ବନ୍ଧିତ ଦଳ ବିଲୋପ

୧୯୨୮ ମସିହାରେ କମିସନର ପେକ 'ବନ୍ଧିତ ଦଳ ବିଲୋପ' ଅଭିଯାନ ଆରମ୍ଭ କଲେ । ଏହି ଦଳକୁ ତାର ସୁନ୍ଦର ଫଳ ପାଇଁ ବଙ୍ଗଳାରୁ କେହି ଓଡ଼ିଶା ଆଣିଥିଲା । କିନ୍ତୁ ଅଳ୍ପ କେତେ ବର୍ଷ ମଧ୍ୟରେ ଏହା ଉପକୂଳବର୍ତ୍ତୀ ଓଡ଼ିଶାରେ ଭର୍ତ୍ତି ହୋଇଗଲା । ବନ୍ଧିତ ଦଳ ଭିତରେ ମଶା ବଢ଼ିବା ଓ ତା'ଫଳରେ ମେଲେରିଆ ବ୍ୟାପିବା ସହଜ ହୋଇଗଲା । ବହୁ ଅଞ୍ଚଳ ମାଛଚାଷ ଓ ସାଧାରଣ ଚାଷର ଅଯୋଗ୍ୟ ବୋଲି ବିବେଚିତ ହେଲା । ପେକ୍ ଜିଲାବୋର୍ଡ଼ମାନଙ୍କ ଜରିଆରେ ଆଇନ କରାଇ ନେଲେ ଯେ ଯେଉଁମାନଙ୍କ ଦଖଲରେ କୌଣସି ପୋଖରୀ ବା ନଈ ଅଛି, ସେମାନେ ସେଥିରୁ ବନ୍ଧିତ ଦଳ ପରିଷ୍କାର ନ କଲେ ତାଙ୍କୁ ଦୈନିକ ଜୋରିମାନା ଦେବାକୁ ପଡ଼ିବ । କୌଣସି

Digitized by srujanika@gmail.com

ସ୍ୱତ୍ୱାଧିକାରୀ ଯଦି ତାଙ୍କର ଦାୟିତ୍ୱ ନ ବୁଝନ୍ତି, ତା'ହେଲେ କଲେକ୍ଟର ଭାବରେ ଆମର ଦାୟିତ୍ୱ ହେଲା, ବଳଦ ଦଳ ସଫା କରିଦେଇ ତାର ଖର୍ଚ୍ଚ ଏମାନଙ୍କଠାରୁ ଆଦାୟ କରିବା । ଏହି କାର୍ଯ୍ୟରେ ଆମେ ପୂରାପୂରି ଜନଙ୍କୁ ନିୟୋଜିତ କଲି । ମୁଁ ନିଜେ ସ୍କୁଲ ପିଲା, ଗ୍ରାମର ଯୁବକ ଦଳ ଓ ଚୌକିଦାର ମାନଙ୍କୁ ଧରି ସାପ ଓ ଜୋକ ପୂର୍ଣ୍ଣ ପୋଖରୀରୁ ବଳଦ ଦଳ ସଫା କରାଇବାରେ ଅଗ୍ରଣୀ ହୋଇଥିଲି । ତିନି ବର୍ଷ ଭିତରେ କଟକ, ପୁରୀ, ବାଲେଶ୍ୱର ତିନୋଟି ଜିଲ୍ଲାରୁ ବଳଦ ଦଳ ସଫା ହୋଇଗଲା । ଏଥିରେ ସରକାରୀ ପୋଖରୀ ସବୁକୁ ଛାଡ଼ି ଦେଲେ ସରକାରଙ୍କର କୌଣସି ଖର୍ଚ୍ଚ ହୋଇ ନ ଥିଲା । ଆଧୁନିକ କଲେକ୍ଟର, କମିସନର ମାନେ ଏଥିରୁ କିଛି ଶିଖିବେ ବୋଲି ଆଶା କରେ ।

ଜିଲା ମାଜିଷ୍ଟ୍ରେଟ ପ୍ରତିଦିନ ବହୁ ଅପମୃତ୍ୟୁ ଓ ଅପରାଧର ରିପୋର୍ଟ ପାଉଥିଲେ । ଆତ୍ମ-ହତ୍ୟା ଯୋଗୁ ଅଧିକାଂଶ ଅପମୃତ୍ୟୁ ଘଟୁଥିଲା ଏବଂ ପେଟ ବ୍ୟଥା ହେଲା ଏହାର ଏକ ପ୍ରଧାନ କାରଣ । ସ୍ତ୍ରୀ ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ବିଶେଷ ଭାବରେ ଶାଶୁର ବୋହୂ ପ୍ରତି ଅତ୍ୟାଚାର ଯୋଗୁ ହେଉଥିଲା । ଆଧୁ-ନିକ ଶାଶୁ ଆଉ ପୂର୍ବର ଅତ୍ୟାଚାରୀ ଶାଶୁ ହୋଇ ନାହିଁ । କନିଅର ମଞ୍ଜି ଖାଇ, କୂଅରେ ପଡ଼ି କିମ୍ବା ଅଧିକ ପରିମାଣରେ ଅଫିମ ଖାଇ ଆତ୍ମହତ୍ୟା କରୁଥିଲେ । ମୁଁ କନିଅର ଗଛ ସବୁ କାଟି ଦେବା ପାଇଁ ଆଦେଶ ଦେଇ ଥିଲି । ବହୁତ ସଂଖ୍ୟାରେ ଗଛ କଟାଗଲା । କିନ୍ତୁ ଶେଷଫଳ ଜାଣିବା ପାଇଁ ମୁଁ ବେଶୀ ଦିନ ନଥିଲି ।

## ମଟର ଲଞ୍ଚରେ ହୁକିତଲା

ଜୁନ ଓ ମାର୍ଚ୍ଚ ମାସ ମଧ୍ୟରେ ପରିଦର୍ଶନର ସର୍ବୋତ୍କୃଷ୍ଟ ବ୍ୟବସ୍ଥା ଥିଲା—ନଈ, ନାଳ ମାନଙ୍କର ସାହାଯ୍ୟ ନେବା । ସୁପରିଣ୍ଟେଣ୍ଡିଂ ଇଞ୍ଜିନିଅର, ପୋଲିସ ସୁପରିଣ୍ଟେଣ୍ଡେଣ୍ଟ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଓ କଲେକ୍ଟରଙ୍କର ନିଜର ଲଞ୍ଚ ଓ ହାଉସ୍‌ବୋଟ ଥିଲା । କଟକରୁ ହୁକିତଲା ସମୁଦ୍ର ପର୍ଯ୍ୟନ୍ତ ନୌକାରେ ଯାତ୍ରା କରିବା ଥିଲା ଏକ ବେଶ୍ ମନୋରମ, ଆରାମ ଦାୟକ ଅଭିଜ୍ଞତା । ରାତିରେ ଖାଇ ସାରି ଜୋବ୍ରା ଆନିକଟ ପାଖରୁ ନାଉରି, ନୌକରଙ୍କୁ ମିଶାଇ ପ୍ରାୟ ୨୦ ଜଣ ଆମେ ନାହାରେ ଚଢ଼ୁ । ରାତିରେ ଆମେ ଶୋଇଥିବା ବେଳେ ନାହା ମହାନଦୀ ଭିତରେ କେନାଲ ଲକ୍ ଦେଇ ଚାଲିଥାଏ । ସକାଳୁ ଉଠିବାବେଳେ କଟକଠାରୁ ପନ୍ଦର ମାଇଲ ଦୂରରେ ଆମେ ପହଞ୍ଚି ଯାଇଥାଉ । ବର୍ତ୍ତମାନ ମଟରଲଞ୍ଚ କାମ କରିବାକୁ ଆରମ୍ଭ କଲା ଏବଂ ଆମେ ଶୀଘ୍ର ଚାଲିବାକୁ ଲାଗିଲୁ ଘଣ୍ଟାକେ ଛ ମାଇଲ । କେନ୍ଦ୍ରାପଡ଼ାରେ ଦିନେ ରହି ମୁଁ ସବ୍‌ଡିଭିଜନାଲ ଅଫିସ ପରିଦର୍ଶନ କଲି । କେନାଲରେ ଶେଷଆଡ଼କୁ ଦିବା ବିଶେଷତଃ ଶେଷ ଲକ୍ ବାଟେ ହୁକିତଲା ସମୁଦ୍ର ଭିତରକୁ ପଶିବା ଭାରି ଚମତ୍କାର । ଏହି ଶେଷ ଲକ୍ ପାଖରେ ଆମେ ଗୋଟିଏ କୁମ୍ଭୀରଛୁଆ ଧରି କଟକ ଆଣିଲୁ ଓ ଅଠର ନମ୍ବର କ୍ୟାଣ୍ଟନମେଣ୍ଟ ରୋଡ୍ ପୋଖରୀରେ ତାକୁ ଛାଡ଼ିଲୁ । ଦିନେ ରାତିରେ ସେ

Digitized by srujanika@gmail.com

କ୍ୟାଣ୍ଟନମେଣ୍ଟ ରୋଡ଼୍ ରାସ୍ତା ପାର ହୋଇ ଅପର ପାଖରେ ଥିବା ଘରର ବଗିଚା ଭିତରେ ପଶି ମହାନଦୀକୁ ଚାଲିଗଲା । ସମୁଦ୍ର ନିକଟବର୍ତ୍ତୀ ସନ୍ତସନ୍ତିଆ ପାଟ ମଧ୍ୟରେ ଡାର୍‌ଉଇନ୍‌ଙ୍କର ବିବର୍ତ୍ତନବାଦ ଅଧ୍ୟୟନ କରିବା ପାଇଁ ବହୁତ ସୁଯୋଗ ମିଳେ । ମାଛ ସବୁ ଗଛ ଉପରେ ଚଢ଼ିଥିବା, ଶତ୍ରୁ ଆସିବା ଦେଖିଲେ ଗଛ ଡ଼ାଳରୁ ପାଣିକୁ ଖସିପଡ଼ିବା ଏଠାରେ ଦେଖିବାକୁ ମିଳେ । ପୁଣି ଏପରି ମାଛ ଅଛନ୍ତି ଅଳ୍ପ ଜୁଆରରେ ସେମାନେ କୂଳର କାଦୁଆ ଭୂମି ଉପରେ ଚାଲି ଚାଲି ଯାଉଥିବା ଦେଖାଯାଏ । ହୁକିତଲା ସମୁଦ୍ରରେ ବହୁତ ଭଗ୍ନ ପୋତ ଦେଖିବାକୁ ମିଳିବ । ଦୁଇଟି ଜାହାଜ ଅର୍ଦ୍ଧମଗ୍ନ ଅବସ୍ଥାରେ ରହିଥିଲା । ଏଥିମଧ୍ୟରୁ ଗୋଟିଏ ଜର୍ମାନ ଯୁଦ୍ଧ ଜାହାଜ ଏମ୍‌ଡ଼େନ୍ ଦ୍ୱାରା ଅନୁଧାବିତ ହୋଇ ପ୍ରଥମ ମହାଯୁଦ୍ଧ ସମୟରେ ଏଠାରେ ଆସି ଲାଗିଥିଲା । ଏହି ଏମ୍‌ଡ଼େନ୍ ବଙ୍ଗୋପସାଗରରେ ଜାହାଜ ମାନଙ୍କ ପକ୍ଷରେ ଏକ ଘୋର ଭୟ ଓ ଆତଙ୍କର କାରଣ ହୋଇଥିଲା । ହୁକିତଲା ଦ୍ୱୀପରେ ଗୋଟିଏ ପରିଦର୍ଶନ ବଙ୍ଗଳା ଅଛି । ବର୍ଷା ପାଣି ଜମା ହୋଇଥିବା ଏକ ସ୍ଥାନରୁ ଏଠାକୁ ପିଇବା ପାଣିର ବ୍ୟବସ୍ଥା କରାଯାଏ । ଆମେ ସେ ପାଣି ବ୍ୟବହାର କଲୁ ନାହିଁ । ଆମେ ନିଜର ପାଣି ନେଇଥିଲୁ । ଜୁଆର ଯୋଗୁଁ ଆମର ଟିକିଏ ଡ଼େରି ହୋଇଯାଇଥିଲେ ମଧ୍ୟ ଆମର ନାହା ସବୁ ନିକଟରେ ନଂଗର ପକାଇ ଥିଲେ । ହୁକିତଲାଠାରେ ମୁଁ ସମୁଦ୍ର ପାଣି ଭିତରକୁ ଲମ୍ଫ ଦେଇ ପହଁରିଲି । ମୁଁ ଜାଣେ ଏ ସମୁଦ୍ରରେ ମଗରମାନେ ପୁରି ରହିଛନ୍ତି । କିନ୍ତୁ ଆମର ନୌକା ଭେଳା ଦେଖି ସେମାନେ ବୋଧହୁଏ ଡ଼ରି ଯାଇଥିଲେ । ତାହା ନ ହୋଇଥିଲେ ମୁଁ ନୌକାକୁ ଅକ୍ଷତ ଶରୀରରେ ଫେରି ନଥାନ୍ତି ।

## ଏନ୍. ସି. ଓ

ପ୍ରସିଦ୍ଧ ବଙ୍ଗାଳୀ ବୈଜ୍ଞାନିକ ଡ଼କ୍‌ଟର ପ୍ରଫୁଲ୍ଲଚନ୍ଦ୍ର ରାୟ କଟକ ଆସିଥିଲେ । ମୋର ସ୍ତ୍ରୀ ତାଙ୍କର ଜଣା ଶୁଣା ଥିଲା । ଆମେ ତାଙ୍କୁ ଚା' ଖାଇବାକୁ ଡ଼ାକିଲୁ । ପୋଲିସ୍ ରିପୋର୍ଟ ଦେଲା—"ଏନ୍. ସି. ଓ ପ୍ରଫୁଲ୍ଲ ଚନ୍ଦ୍ର ରାୟ କଲେକ୍‌ଟରଙ୍କ ସହିତ ଚା' ଖାଇଲେ ।" ସେ ରିପୋର୍ଟ ମୋ ଜରିଆରେ ଗଲା । ପୋଲିସ ଭାଷାରେ ଏନ୍. ସି. ଓ ର ଅର୍ଥ ହେଉଛି ନନ୍-କୋ-ଅପରେଟର ଅର୍ଥାତ୍ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା କିମ୍ବା ସେଥିପ୍ରତି ସହାନୁଭୂତି ଥିବା ବ୍ୟକ୍ତି । ଏହା ରାଜଦ୍ରୋହୀ ବୋଲି ଧରାଯାଉଥିଲା । ସରକାରର ଜଣେ ଶତ୍ରୁଙ୍କର ସତ୍କାର କରିବା ମୋ ପକ୍ଷରେ ଏକ ଠିକ୍ କଥା ବୋଲି ବିବେଚିତ ହେଲାନାହିଁ । ମୁଁ ସରକାରଙ୍କୁ ଏକ ସ୍ୱତନ୍ତ୍ର ରିପୋର୍ଟ ପଠାଇ ଲେଖିଲି, "ପି. ସି ରାୟ ଆମ ପରିବାରର ଜଣେ ପୁରାତନ ବନ୍ଧୁ ଏବଂ ସେ ଅସହଯୋଗୀ ନହନ୍ତି । ସେ ଜଣେ ସରକାରୀ କର୍ମଚାରୀ । କଲିକତା ପ୍ରେସିଡ଼େନ୍‌ସି କଲେଜର ରସାୟନ ଶାସ୍ତ୍ର ଅଧ୍ୟାପକ ।" ଥରେ ରାତିରେ ମହାତ୍ମାଗାନ୍ଧୀ ଯେତେବେଳେ କଟକ ବାଟେ ଗଲେ, ନିରାପତ୍ତା କାରଣରୁ ତାଙ୍କର ବଗିକୁ କଟକ ଠାରେ ଅଲଗା କରି ନିଆଗଲା । ତାଙ୍କ ଗାଡ଼ି ଛାଡ଼ିବା ପୂର୍ବରୁ ମୁଁ

Digitized by srujanika@gmail.com

କଟକ ଷ୍ଟେସନ୍‌କୁ ଯାଇ ତାଙ୍କୁ ସାକ୍ଷାତ୍ କଲି । ଏହି ବ୍ୟବସ୍ଥା ପାଇଁ ସେ ମୋତେ ଧନ୍ୟବାଦ ଦେଇଥିଲେ ।

## ଡାକ୍ତରଙ୍କ ଲାଞ୍ଚ

ପୋଲିସ୍ କେସ୍ ମାନଙ୍କରେ ଜଣେ ଭାରତୀୟ ଆସିଷ୍ଟାଣ୍ଟ ସର୍ଜନ୍ ଷଡଚନ୍ଦ୍ର ସମ୍ପର୍କୀୟ ରିପୋର୍ଟ ଦେଇ ପଇସା ନେଉଥିଲେ । ଗୋଟିଏ ଘଟଣାରେ ମୁଁ ତାଙ୍କୁ ଧରିଲି । ସେ ଜଣେ ୟୁରୋପୀୟ ସିଭିଲ୍ ସର୍ଜନ୍‌ଙ୍କର ପ୍ରିୟପାତ୍ର ଥିଲେ । ୟୁରୋପୀୟ ଜଣେ ମଧ୍ୟ ଦୁର୍ନୀତି କରୁଥିଲେ । କିନ୍ତୁ ସେ ତାଙ୍କର ବନ୍ଧୁ କମିଶନର୍‌ଙ୍କୁ ସାକ୍ଷାତ କରି ଏ ଘଟଣାଟା ଚପାଇ ଦେବା ପାଇଁ ଚେଷ୍ଟା କଲେ । କମିଶନର୍ ଏଥିରେ ଅଧିକ ବେଶୀ ଦୂର ନ ଯିବାପାଇଁ ମୋତେ ପରାମର୍ଶ ଦେଲେ । ପରେ ସେହି ଆସିଷ୍ଟାଣ୍ଟ ସର୍ଜନଙ୍କୁ ଯେତେବେଳେ ବଦଳି ଆଦେଶ ହେଲା, ସେ କହିଥିଲେ, "ମୁଁ ପୁରୀ ଯିବି ନାହିଁ କାରଣ ସେଠାରେ ସେନାପତି ଅଛନ୍ତି । ମୁଁ ବାଲେଶ୍ୱର ଯିବି ନାହିଁ କାରଣ ସେଠାରେ କହ୍ନୁ ରାଓ ଅଛନ୍ତି ।" ଡକ୍ଟର କହ୍ନୁ ରାଓ ବିଖ୍ୟାତ କବି, ଶିକ୍ଷାବିତ୍ ମଧୁସୂଦନ ରାଓଙ୍କର ପୁଅ । ସିଭିଲ୍ ସର୍ଜନ ଭାବରେ ସେ ଭାରି କଡ଼ା ଲୋକ ଥିଲେ ଓ ନିଜ ପାଇଁ ତଥା ଅନ୍ୟମାନଙ୍କ ପାଇଁ ଏକ ଉଚ୍ଚ ମାନ ପ୍ରତିଷ୍ଠା କରିଥିଲେ ।

ଏହି ସମୟରେ ବର୍ତ୍ତମାନ କବିଚନ୍ଦ୍ର ରୂପେ କଥିତ କାଳିଚରଣ ପଟ୍ଟନାୟକ ଜଣେ ନୃତ୍ୟ-ନାଟକ-ସଙ୍ଗୀତଜ୍ଞ ଭାବରେ ଦେଖା ଦେଇଥିଲେ । କଳିଙ୍ଗ ଥିଏଟର ପାର୍ଟି ବନ୍ଦ ହୋଇଯିବା ପରେ ତାର କେତେକ କଳାକାରଙ୍କୁ ଧରି ସେ ଅଶ୍ୱିନୀ କୁମାର ଘୋଷଙ୍କ ନାଟକ 'କୋଣାର୍କକୁ ମଞ୍ଚସ୍ଥ କରିଥିଲେ । ତାହା ଖୁବ୍ ଚମତ୍କାର ହୋଇଥିଲା ମୁଁ ଓଡ଼ିଶାର ଯେଉଁ ଜିଲ୍ଲାକୁ ଗଲି କାଳିଚରଣଙ୍କୁ ଉତ୍ସାହିତ କଲି । କାଳିଚରଣ ବର୍ତ୍ତମାନ କବିଚନ୍ଦ୍ର ରୂପେ ପ୍ରତିଷ୍ଠିତ । ସେ ଏକା ଧାରରେ କବି, ନାଟ୍ୟକାର ଏବଂ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ଜଣେ ବିଶେଷଜ୍ଞ । ଓଡ଼ିଶୀ ଭାରତର ବିଖ୍ୟାତ ପୁରାତନ ନୃତ୍ୟ ମାନଙ୍କ ମଧ୍ୟରୁ ଅନ୍ୟତମ । ଓଡ଼ିଶାର ଗୁମ୍ଫା ଓ ମନ୍ଦିର ମାନଙ୍କର ଗାତ୍ରରେ ଖୋଦିତ ମୂର୍ତ୍ତି ମାନଙ୍କର ଅଙ୍ଗ ଭଙ୍ଗୀରେ ଏହା ପ୍ରତିଫଳିତ ହୋଇଛି ।

ଭାରତରେ ଯେଉଁ ଲୋକ ସମାଜରେ ପ୍ରତିଷ୍ଠିତ ହୋଇଯାନ୍ତି ସେମାନଙ୍କୁ ଆପେ ଆପେ ଉପାଧି ମିଳିଯାଏ ଓ ଲୋକ ସାଧାରଣରେ ତାହା ଗୃହୀତ ହୋଇଯାଏ । ଏଥିପାଇଁ କୌଣସି ପ୍ରସ୍ତାବ କରାଯାଏ ନାହିଁ । ଭୋଟ ନିଆଯାଏ ନାହିଁ । କେହି ବିରୋଧ କରନ୍ତି ନାହିଁ । ଏହା ମନକୁ ମନ ଗୃହୀତ ହୋଇଯାଏ । ଏହିପରି ଭାବରେ ଗାନ୍ଧୀ ହେଲେ ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ହେଲେ 'ଉତ୍କଳମଣି', ସି. ଏଫ୍. ଆଣ୍ଡ୍ରୁଜ୍ ହେଲେ 'ଦୀନବନ୍ଧୁ', ମଧୁସୂଦନ ଦାସ 'ଉତ୍କଳ ଗୌରବ' । ୧୯୪୩ ମସିହାରେ ଗୋଟିଏ ସରକାରୀ ଫାଇଲରେ ମୁଁ ମହାତ୍ମା ଗାନ୍ଧୀ ବୋଲି ଲେଖିଲି । ବ୍ରିଟିଶ ଗଭର୍ଣ୍ଣର ରଥର୍ ଫୋର୍ଡ଼ ମୋର କୈଫିୟତ ଦାବୀ କଲେ । ଦେଶରେ ବହୁ ଗାନ୍ଧୀ ଅଛି ସିନା । କିନ୍ତୁ ମହାତ୍ମା ଗାନ୍ଧୀ କହିଲେ ଜଣଙ୍କୁ ବୁଝାଏ ।

Digitized by srujanika@gmail.com

ପିଲାଙ୍କ ପାଇଁ ଗଳ୍ପ

# ନବିଡ ବନ୍ଧୁତା



କ ସମୟରେ ଜଣେ କୃଷକ ତା' ଜମିରେ ହଳ କରୁଥିଲା । ହଠାତ୍ ଗୋଟିଏ ମହାବଳ ବାଘ କେଉଁଆଡୁ ଆସି ପହଞ୍ଚିଲା ଓ ମୁହୂର୍ତ୍ତେ ଅପେକ୍ଷା ନକରି କହିଲା, "ଭାଇ କେମିତି ଅଛ ? କେଡ଼େ ସୁନ୍ଦର ସକାଳଟା ହୋଇଛି !"

କୃଷକ ଭୟରେ ଥରୁଥାଏ । କିନ୍ତୁ ଶିଷ୍ଟାଚାର ରକ୍ଷାକରି କହିଲା, "ଭଲ ଅଛି ଭଲ ଅଛି, ଆପଣ କେମିତି ଅଛନ୍ତି ?"

ବାଘ ଏ ଉତ୍ତର ଶୁଣି ଖୁବ୍ ଖୁସିହୋଇ କହିଲା, "ଆଜି ଭଗବାନ ମୋତେ ତୁମ ପାଖକୁ ପଠାଇଛନ୍ତି । କାରଣ ଆଜି ଏ ସୁନ୍ଦର ସକାଳରେ ତୁମର ବଳଦ ଦୁଇଟି ମୋ'ର ଖାଦ୍ୟ ହେବେ । ତମେ ଜଣେ ଧର୍ମ-ପ୍ରାଣ ଲୋକ ବୋଲି ମୁଁ ଜାଣେ । ଆଉ ବିଳମ୍ବ ନକରି ବଳଦ ହଳକ ଫିଟାଇ ଦିଅ ।"

କୃଷକ ଯେତେବେଳେ ଶୁଣିଲା ଯେ ବାଘ ତାକୁ ନଖାଇ ବଳଦଙ୍କୁ ଖାଇବ ବୋଲି କହୁଛି, ତା' ମନରେ ଟିକିଏ ଦମ୍ଭ ଆସିଲା । ସେ ଉତ୍ତର ଦେଲା, "ଆପଣ ବୋଧହୁଏ ଭୁଲରେ ଏଆଡ଼େ ଚାଲି ଆସିଲେ । କାରଣ ଭଗବାନ ମୋତେ ଏ ଜମିରେ ହଳ କରିବାକୁ ପଠାଇଛନ୍ତି ଏବଂ ହଳ କରିବାକୁ ହେଲେ ବଳଦ ଦରକାର । ତେଣୁ ଆପଣ ଆଉ କୁଆଡ଼େ ଯାଇ ପଚାରିଲେ ଭଲ ହୁଅନ୍ତା ନାହିଁ ?"

"ବିଳମ୍ବରେ କିଛି ଲାଭ ନାହିଁ । ତୁମର ଅଧିକ ସମୟ ନେବା ମୁଁ ଉଚିତ ମନେ କରୁନାହିଁ," ଏହା କହି ବାଘ ତା'ର ଦାନ୍ତ ଓ ନଖକୁ ସଜାଇବାକୁ ଲାଗିଲା ।

କୃଷକ ବାଘକୁ ପ୍ରାର୍ଥନା କରି କହିଲା, ତା'ର ବଳଦ ଯୋଡ଼ିକ ଯେ କୌଣସିମତେ

Digitized by srujanika@gmail.com

ଛାଡ଼ ଦେଲେ, ତା' ସ୍ତ୍ରୀ ଯେଉଁ ଭଲ ଦୁଧ-ଆଳୀ ଗାଈଟିଏ ଅଗଣାରେ ବାନ୍ଧିଚ, ତାକୁ ଯାଇ ନେଇ ଆସିବ ।

ବାଘ କୌଣସିମତେ ଏଥିରେ ରାଜି ହେଲା । କୃଷକ ବଳଦ ଦୁହିଙ୍କୁ ବାନ୍ଧି ଅତି ଦୁଃଖରେ ଘରକୁ ଫେରିଲା । ଏତେ ଶୀଘ୍ର ବିଲରୁ ତାକୁ ଫେରି ଆସୁଥିବା ଦେଖି ତା'ର ସ୍ତ୍ରୀ ରାଗି ପଚାରିଲେ, "ଅଳସୁଆ କଣ୍ଠେଇକାର, ମୋ'କାମ ଆରମ୍ଭ ହେବାକୁ ନାହିଁ, ତୁମେ ଚାଲି ଆସିଲଣି ।"

କୃଷକ କିପରି ବାଘକୁ କଥା ଦେଇ ଆସିଚ, ବଳଦ ହଳକ ପାଇଁ ଗାଈଟିକୁ ବଦଳ ଦେବାକୁ ହେବ, ସବୁ କଥା ଦୁଃଖରେ କହିଲା । ଏହା ଶୁଣି ତା'ସ୍ତ୍ରୀ କାନ୍ଦିବାକୁ ଲାଗିଲା, "ଦେଖ, ଯାଙ୍କର କଥା ; ଯାଙ୍କ ବୁଢ଼ା ବଳଦ ହଳକ ପାଇଁ ମୋ'ର ଦୁଧିଆଳୀ ଗାଈକୁ ପୁଣି ମୁଁ ଦେଇଦେବି ? ପିଲାମାନେ କେଉଁଠୁ ଦୁଧ ଖାଇବେ । ଦହି ଟିକିଏ, ଲହୁଣୀ ଟିକିଏ ଆମକୁ କାହୁଁ ମିଳିବ ?"

କୃଷକ କହିଲା, "ବୁଢ଼ା ବଳଦ ହଳକ ! ତୁ କ'ଣ କହୁଚୁ ? ବଳଦ ନଥିଲେ କେଉଁଠୁ ହଳ ହେବ, ଫସଲ ହେବ ଓ ଭାତ ଖାଇବାକୁ ମିଳିବ ? ଦୁଧ, ଦହି ନହେଲେ ଆମେ ଚଳିଯିବା । କିନ୍ତୁ ଭାତ ନହେଲେ ଆମେ କ'ଣ ଖାଇବା, କୁଆଡ଼େ ଚଳିବା ।"

"କେମିତି ମଣିଷ ଏଇଟା," ସ୍ତ୍ରୀ କାନ୍ଦି କାନ୍ଦି କହିଲା, "ମୁଣ୍ଡରେ ଟିକିଏ ବୁଦ୍ଧି ଥିଲେ ଏଥିରୁ ଖସିବାର ଉପାୟ ନକରି ବଳଦ ବଦଳରେ ଗାଈ ଦେବା କଥା କହନ୍ତା ନାହିଁ ।"

"ହଉ ହେଲା, ତୋ'ର ଯଦି ବୁଦ୍ଧି ଅଛି ତୁ ଉପାୟ କର," କହି କୃଷକ ମୁଣ୍ଡରେ ହାତ ଦେଇ ବସିଲା ।

ସ୍ତ୍ରୀ କହିଲା, "ଅଚ୍ଛା ହେଉ, ମୁଁ ଯଦି ଉପାୟ ପାଞ୍ଚିବି, ମୋର ଆଦେଶ ତୁମକୁ ପାଳନ କରିବାକୁ ହେବ । ଏଟା ଯାକ କାମ ମୁଁ ଏକା ସାଙ୍ଗରେ କରି ପାରିବି ନାହିଁ । ବାଘ ପାଖକୁ ଯାଇ କହ, 'ଗାଈ ମୋ' ସାଙ୍ଗରେ ଆସିଲା ନାହିଁ । ମୋ' ସ୍ତ୍ରୀ ଗାଈକୁ ସାଙ୍ଗରେ ଧରି ଆସୁଚି' ।"

କୃଷକ ଭାରି ଛଟରୁଟ ଲେକ । ଖାଲି ହାତରେ ବାଘ ପାଖକୁ ଗଲେ କି ବିପଦ ଅଛି, ତାହା ଜାଣି ତା' କଲିଜା ପାଣି ହୋଇ ଗଲଣି । କିନ୍ତୁ କ'ଣ କରିବ । ନିଜକୁ ତ ବୁଦ୍ଧି ଦିଶୁ ନାହିଁ । ସ୍ତ୍ରୀ ବୁଦ୍ଧିରେ ତାକୁ ଚାଲିବାକୁ ହେବ । ଥରେ ଥରେ ବାଘ ପାଖରେ ପହଞ୍ଚିଲା ବେଳକୁ ବାଘ ରାଗରେ ଲାଞ୍ଜ ବାଡ଼ାଉଚି, ନିଶ ଦ'ଟା ଫୁଲାଇ କଡ଼ମଡ଼ କରି ଚାହୁଁଚି । ଏ ଦୃଶ୍ୟ ଦେଖି ଲେକଟାର ଗୋଡ଼ ହାତ କୋଳ ମାରିଗଲା ।

ଇଆଡ଼େ କ'ଣ ହେଇଚି ନା, କୃଷକ ପଛେ ପଛେ ତା ସ୍ତ୍ରୀ ଗୋଟାଏ ଟଟୁ ଘୋଡ଼ା ପିଠିରେ ବସି, ପୁରୁଷ ବେଶରେ ପାଟ ଲୁଗା, କୁର୍ତ୍ତା ପିନ୍ଧି, ମୁଁଣ୍ଡରେ ଦ'ଟା ପାଟ ଲୁଗାର ପଗଡ଼ି ଭିଡ଼ି, ହାତରେ ପଜା ହୋଇଥିବା ଦା' ଖଣ୍ଡେ ଧରି ଆସୁଚି । ବିଲ ମୋଡ଼ରେ ପହଞ୍ଚୁଛି କି ନାହିଁ, ବଡ ପାଟି କରି କହିଲା, ଆରେ କିଏ ଅଛରେ, ଗୋଟାଏ ବାଘ ମୋତେ ଖୋଜି ଆଣି ଦିଅରେ । କାଲିଠାରୁ ମୁଁ ବାଘ ମାଂସ ଖାଇ ନାହିଁ । ସକାଳ

Digitized by srujanika@gmail.com

ଜଳଖିଆରେ ଛନଟା ବାଘ ଦରକାର । ଆଜି ସକାଳୁ ଜଳଖିଆ ହୋଇନାହିଁ ।''

ଏ ପାଟି ଶୁଣି ଓ ତା' ଉତ୍ତୁଙ୍କରେ ତା' ଆଡ଼କୁ ଏପରି ଜଣେ ଆସୁଥିବାର ଦେଖି, ବାଘର ତ ପାପକୁ ଡର, ସେ ଭାବିଲା ମୋତେ ଇଏ ଖାଇବାକୁ ଆସିଲା । ସାଙ୍ଗେ ସାଙ୍ଗେ ଲାଙ୍ଗୁଡ଼ ବୁଲାଇ ସେ ଦୌଡ଼ିଲା ଯେ ତାକୁ ଆଉ ବାଟ ଘାଟ ଦେଖାଗଲା ନାହିଁ । ବାଘ ସାଙ୍ଗରେ ଜଣେ ଜଣେ ବିଲୁଆ ଥା'ନ୍ତି । ସେମାନଙ୍କର କାମ ହେଲା ବାଘକୁ ଖୋସାମତ କରିବା ଓ ବୁଦ୍ଧି ଦେବା ଏବଂ ବାଘ କୌଣସି ଶିକାର ଜନ୍ତୁକୁ ଖାଇ ସାରିବା ପରେ ଯାହା ହାଡ଼, ଗୋଡ଼ ବଳକା ହେଲ, ତାକୁ ଖାଇବା । ଏ ବାଘର ବିଲୁଆ ବାଟରେ ଅପେକ୍ଷା କରି ଥିଲା । ଏତେ଼ ଜୋରରେ ତା' ମାଲିକ ଦଉଡ଼ୁଥିବାର ଦେଖି ସେ ପ୍ରଥମେ କିଛି ବୁଝି ପାରିଲା ନାହିଁ । ତା'ପରେ ତାକୁ ପାଟି କରି ଡ଼ାକିଲା, ''ହଜୁର, ହଜୁର, କଥା କ'ଣ, କାହିଁକି ଏପରି ଦଉଡ଼ୁଚ ?''

ବାଘ ଧଇଁ ସଇଁ ହୋଇ କହିବାକୁ ଲାଗିଲା, ''ପଳା, ପଳା, ସେ ଜମି ପାଖରେ ଗୋଟାଏ ଭୂତ ଘୋଡ଼ା ଚଢ଼ି ଆସୁଚ, ସେ କହୁଚ, ସକାଳ ଜଳଖିଆ ବେଳେ ତା'ର ଛନଟା ବାଘ ଦରକାର ।''

ଚତୁର ବିଲୁଆ କଥାଟା କ'ଣ ବୁଝି ପାରିଲା । କହିଲା, ''ହଜୁର, ଖରାରେ ଆପଣଙ୍କ ଆଖି ଝିଙ୍କିଏ ଜାଲୁ ଜାଲୁଆ ଦେଖା ଯାଉଚ, ସେ ଭୂତ ଫୁତ କିଛି ନୁହେଁ । ସେ କୃଷକର ସ୍ତ୍ରୀ, ଚୁଲିକରେ ସେପରି ବେଶରେ ଆସିଚ ।''

ବାଘ ଝିଙ୍କିଏ ରହି ଯାଇ ପଚାରିଲା, ''ତୁ ଠିକ୍ ଜାଣିଛୁତ ?''

''ହଜୁର, ଆପଣଙ୍କ ଆଖି ଝିଙ୍କିଏ, ହିଁ କ'ଣ କହୁଥିଲି କି, ଆଖିରେ ଝିଙ୍କିଏ ଜଳକା ଧରି ଯାଇଚ । ତା'ନହୋଇଥିଲେ ଆପଣ ତଳକୁ ଓହ୍ଲାଉଥିବା ତା' ବେଣୀଟାକୁ କପରି ଦେଖି ପାରିଲେ ନାହିଁ ?''

କିନ୍ତୁ ବାଘ ଏତେ ଡ଼ରି ଯାଇଥିଲାଯେ ବିଲୁଆ ଯେତେ କହିଲେ ମଧ୍ୟ ସେ ବୁଝୁ ନଥାଏ । ସେ କହିଲା, ''ତୁ ଅନୁମାନ କରି କହୁଚୁ । ମୁଁ ନିଜେ ଦେଖିଚ; ଘୋଡ଼ା ପିଠିରେ ବସି ସେ କପରି ଭୟଙ୍କର ଦେଖା ଯାଉଚ ।'' ବିଲୁଆ କହିଲା, ''ଏତେ କଥାରୁ କ'ଣ ମିଳିବ ? ଆପଣ ମୋ ସାଙ୍ଗରେ ଆସନ୍ତୁ । ଗୁହର ସ୍ତ୍ରୀ ଲୋକଟା ପାଇଁ ଆପଣ ଅଳ୍ପ ଉପାସରେ ରହିବେ, ତା' ହୋଇ ପାରିବ ନାହିଁ ।''

ବାଘର ତେବେ ବି ବିଶ୍ୱାସ ହେଉ ନଥାଏ । ସେ କହିଲା, ''ତୁ ମୋତେ ଏପରି ବୁଝାଇ ସୁଝାଇ ନେଇ ଭୂତ ମୁହଁରେ ଯେ ପହଞ୍ଚାଇ ନ ଦେବୁ, କିଏ ଜାଣେ ? ଖାଲି ହାଙ୍ଗରେ ଗଲେ ହେବ ନାହିଁ । କାଳେ, ତୁ ଦଉଡ଼ି ପଳାଇ ଆସିବୁ । ତୋ ଲାଞ୍ଜ, ମୋ ଲାଞ୍ଜ ଏକାଠି ବାନ୍ଧି ଦିବା । ତା'ହେଲେ ତୁ ଆଉ ଖସି ଯାଇ ପାରିବୁ ନାହିଁ ।''

ବାଘ, ବିଲୁଆ ଏକାଠି ପରସ୍ପରର ଲାଞ୍ଜକୁ ବାନ୍ଧି ଗଣ୍ଠି ପକାଇ ଚାଲିଲେ ।

କୃଷକ ଓ ତା' ସ୍ତ୍ରୀ ବିଲରେ ଠିଆ ହୋଇ ବାଘ ଦଉଡ଼ି ପଳାଇବା କଥା ପକାଇ ଠୋ ଠୋ ହସୁଥିଲେ । ଏହି ସମୟରେ ବାଘ

Digitized by srujanika@gmail.com

ବଳଆ ଲଞ୍ଜ ଛନ୍ଦା ଛନ୍ଦ ହୋଇ ଖୁବ ସାହସରେ ଆସୁଥିବାର ଦେଖି କୃଷକ ପାଟି କରି କହିଲା, "ଏଥର ଗୋଟାଏ ବଳଆ ସାଙ୍ଗରେ ଆସୁଛି, ଆଉ ରକ୍ଷା ନାହିଁ, ଚାଲ ପଳାଇବା।"

କୃଷକ ସ୍ତ୍ରୀ କହିଲା, "ଅସ୍ତ୍ର ଧର, ଚୁପ କର; ଏପରି ପାଟି ଶୁଣି କଲେ ବାଘ ନିଶ୍ଚୟ ଖାଇବ।"

ତା'ପରେ ସେମାନେ ଡାକେ ବାଟକୁ ଆସି ଦିବାଦରେ କୃଷକର ସ୍ତ୍ରୀ ପାଟି କରି କହିଲା, "ବଳଆ ଭାଇ, ଧନ୍ୟବାଦ, ଧନ୍ୟବାଦ, ଏଡେ ସୁନ୍ଦର ମାଉସିଆ ବାଘଟିଏ କେଉଁଠୁ ପାଇଲ ? ଯାକୁ ଖାଇବାପାଇଁ ମୋତେ ବେଶୀ ସମୟ ଲାଗିବ ନାହିଁ ଯେ ! ତା' ପରେ ହାଡ଼ ଗୋଡ଼ ଯାକ ତମର। ଟିକିଏ ଆଉ ଛଣ ଜଲଦି !"

ଏକଥା ଶୁଣି ବାଘ ଉପରେ ଏତେ ଗୁନଆ ହୋଇଗଲା ଯେ ତା' ସାଙ୍ଗରେ ବଳଆ ଅଛି ଓ ବଳଆ ଲଞ୍ଜଟା ତା' ଲଞ୍ଜରେ ବନ୍ଧା ହୋଇଛି, ତାହା ଏକଦମ୍ ଭୁଲିଗଲା। ସେ ଏପରି ଜୋରରେ ଦଉଡ଼ିବାକୁ ଲାଗିଲା ଯେ ବଳଆ ଯେତେ ପାଟି କଲେ ବି ଶୁଣିଲା ନାହିଁ। ସେ ଥରେ ଝାମ୍ପ ଦେଲା ବେଳକୁ ବଳଆଟା ପଥରରେ ବାଡ଼େଇ ହୋଇ ପଡୁଥାଏ—ଥଡ଼ ; କଣ୍ଟା ବାଡ଼ ଡେଇଁଲା ବେଳେ ବଳଆ ଚିରି ହୋଇ ଯାଉଥାଏ—ଚର୍। ବଳଆର ଚିତ୍କାରରେ ତାକୁ ଆହୁରି ଡର ମାଡୁଥାଏ। ଶେଷକୁ ବଣ ପର୍ବତ ଭିତରେ ଦଉଡ଼ି ଦଉଡ଼ି ସେ ହାଲିଆ ହୋଇ ପଡ଼ିଲା। ସେତେବେଳକୁ ବଳଆ କଣ୍ଟା ପଥରରେ ଚିରି ବାଡ଼େଇ ହୋଇ ଘୋଷରା ଖାଇ ମରିଗଲାଣି।

**ଶିକ୍ଷା:—**

ଯେତେ ବଳଆ ହେଲେ ମଧ୍ୟ ଗୋଟାଏ ଖରୁ ଲୋକ ସାଙ୍ଗରେ କେବେ ହେଲେ କଥାକୁ କଥା ଗଅଣ୍ଠେଇବ ନାହିଁ।

---

> କଳହ ଦ୍ୱାରା ଘର ଭାଙ୍ଗେ, କୁବାକ୍ୟ ଦ୍ୱାରା ବନ୍ଧୁତା ଭାଙ୍ଗି ଯାଏ, କୁଶାସନ ଦ୍ୱାରା ରାଷ୍ଟ୍ର ଭଙ୍ଗ ହୁଏ ଓ ଶାସକମାନଙ୍କ ସମସ୍ତ ଯଶ ମନ୍ଦ କର୍ମ ଦ୍ୱାରା ନଷ୍ଟ ହୁଏ।
>
> —ପଞ୍ଚତନ୍ତ୍ର

Digitized by srujanika@gmail.com



# କାପୁରୁଷ ଗଣ

## ଉଇଲିୟମ୍ ସେକ୍ସପିଅର

କାପୁରୁଷ ଗଣ,
ମରନ୍ତି ସେ ବାରଂବାର ନ ହେଉ ମରଣ ।
ଯେ ସାହସୀ ବୀରେ,
ମୃତ୍ୟୁର ଆସ୍ୱାଦ ମାତ୍ର ଲଭନ୍ତି ସେ ଥରେ ।

ଶୁଣିଅଛୁ ବହୁ କଥା ଆଶ୍ଚର୍ଯ୍ୟ-ଜନକ
ମାତ୍ର ଏ ଗୋଟିଏ ମୋତେ କରେ ଆଚମ୍ବିତ—
ମରଣ ଯେ ଜୀବନର ଅନ୍ତିମ ଅଧ୍ୟାୟ
ଆଜି ହେଉ କାଲି ହେଉ ଆସିବ ନିଶ୍ଚୟ;
(ମାତ୍ର) ଜାଣି ତାହା ଲୋକେ
ଭୟଭ୍ରାନ୍ତ ପରାଣ ଆତଙ୍କେ ।

---

( From 'Julius Caesar' )

Digitized by srujanika@gmail.com

WITH BEST COMPLIMENTS OF:

SAMANTRAY
CONSTRUCTIONS
RAJABAGICHA
CUTTACK-1

Digitized by srujanika@gmail.com

ଗଳ୍ପ—

# ବକାଳୀ

## ସୟଦ ଅଖମଦ୍



ଟୁଆଁଣିଆ ପାହାଡ଼ ପଛରେ ନଈର ସେ କୁଳୁ କୁଳୁ ସ୍ୱନ ଶୁଣାଯାଉ ନାହିଁ । ତୃଣଅଡ଼ର ମର୍ମରଧ୍ୱନିକୁ ଭେଦ କରି ଖାଲି ଶୁଣାଯାଉଛି ଗୋଟାଏ ବଗର କେଁ କେଁ ସ୍ୱର । କିନ୍ତୁ ଏ ସ୍ୱର ଉପରେ ଉଡ଼ି ଯାଉଥିବା ପକ୍ଷୀର ସ୍ୱର ନୁହେଁ । ତାହା କେଉଁଆଡ଼ୁ ଶୁଣାଯାଉଛି । ଧୀର ପବନରେ ପାଟଳି ସମ୍ପୁଟର ମହକ ଭାସି ଆସୁଛି । ଧୂଳି ଦ୍ୱାରା ଧ୍ୱସ୍ତ ଶହେ ମିଟର ଦୂରରେ ହେବ କି ନାହିଁ, କୁଡ଼ିଆ ଘରଟିଏ ଠିଆ ହୋଇଛି ଏକ ତରଭୁଜ କିଆରୀ ଭିତରେ ଓ ସେ ଭିତରେ ବସିଛି ଜଣେ ବୁଢ଼ା ଲୋକ । ସୁପକ୍ୱ-ତରଭୁଜ ପାଚିଲେ ତା' ଗନ୍ଧରେ ପାଟିରୁ ନାଳ ବହିପଡ଼େ । ମୋତେ ଭରି ଶୋଷ ଲାଗୁଥାଏ । ସେତେବେଳେ ତରଭୁଜ ଗନ୍ଧ ନାକରେ ଆସି ବାଜୁଛି । ସିଧା ଚାଲିଲି କୁଡ଼ିଆ ଆଡ଼କୁ ।

ବୁଢ଼ା ନୀରବ, ନିଶ୍ଚଳ ଭାବରେ ବସିଥାଏ । ତା' ପାଖରେ ବସିଥାଏ ଗୋଟିଏ ବଗ ଓ ତା' ଟଳାପଛୀରେ ହଳଦିଆ ଗୋଡ଼ ଦୁଇଟି ନଚ ଯାଇଥାଏ । ମଝିରେ ମଝିରେ ପାହାଡ଼ର ମଥାଣରେ ଅସ୍ତ ହୋଇ ଯାଉଥିବା ଲାଲ ଗୋଲାଲ ସୂର୍ଯ୍ୟ ଆଡ଼କୁ ଚାହିଁ, ତା'ର ଭାଷାରେ ସେ କ'ଣ କହୁଥାଏ ଓ ତା' ଚୂଳରେ ସୂର୍ଯ୍ୟର କିରଣ ବାଜି ଏକ ରେଶମୀ ଆଭା ଚଉଦିଆଡ଼େ ଖେଳାଇ ଦେଉଥାଏ । ଏ ଦୃଶ୍ୟରେ ମୁଁ ଏପରି ଅଭିଭୂତ ହୋଇଗଲି ଯେ ଗୃ'ର କେଣ୍ଟଲଣ୍ଠା ଉପରେ ପଡ଼ି ଯାଇଥାନ୍ତି । ଏହିସମୟରେ ବୁଢ଼ା ମୁହଁ ଟେକି ମୋ' ଆଡ଼କୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲା । ମୋର ଆସିବାର ଶବ୍ଦ ସେ ବୋଧହୁଏ ଶୁଣିପାରି ନାହିଁ । ହଠାତ୍ ମୋର ମନେ ପଡ଼ିଗଲା, ଯେଉଁମାନେ ତରଭୁଜ କିଆରୀ କରନ୍ତି, ସେମାନଙ୍କର

Digitized by srujanika@gmail.com

ନଜର କୁକୁର ଥାନ୍ତା । ମୁଁ ରହିଗଲି, କାଳେ କୌଣସି କୁକୁର ରାଗିଯାଇ ମୋ’ ଆଡ଼କୁ ଦୌଡ଼ି ଆସିବ ।

“ତମ କୁକୁର କେଉଁଠି ଅଛି ?” ଡରି ଡରି ମୁଁ ପଚାରିଲି ।

“ମୁଁ କୁକୁର ରଖି ପାରୁ ନାହିଁ । କାରଣ ସେ ବଗଙ୍କୁ କାମୁଡ଼ି ଦେଇପାରେ”, ଏତକ କହି ବୁଢ଼ା ମୋତେ ବସିବାକୁ ହାତ ଠାରିଲା ।

ବଗ ଜଣେ ଆଗନ୍ତୁକଙ୍କୁ ଦେଖି ଉଠିଗଲା ଓ କୁଡ଼ିଆ ପଛପଟକୁ ଚାଲିଗଲା ।

“ଆରେ, ଓଲ୍, ଡରୁଚୁ କାହାକୁ ?” ବଗ ଆଡ଼କୁ ସ୍ନେହରେ ଚାହିଁ ବୁଢ଼ା ଏକଥା କହିଲା ଓ ଗୋଟାଏ ରେଜାଇ ବିଛାଇଦେଇ ମୋତେ ତା’ ଉପରେ ବସିବାକୁ ଇସାରା ଦେଲା ।

“କୁଆଡ଼େ ପୁଅ ବୁଲି ଆସିଲ ? ତୁମେ କଣ ଜଣେ ଇନସ୍‌ପେକ୍‌ଟର କି ?”

କ’ଣ ଉତ୍ତର ଦେବି ହଠାତ୍ ଭାବି ପାରିଲେ ନାହିଁ ।

“ନା, ମୁଁ ଇନ୍‌ସ୍‌ପେକ୍‌ଟର ନୁହେଁ । ମୁଁ ଏହିପରି ଆସି ଯାଇଛି । ତମ ଗାଁରେ ରହୁଛି । ଗାଡ଼ିକୁ ଯାଉଥିଲି । ବାଟରେ ତରଭୁଜ ବାସନା ପାଇ ଇଆଡ଼କୁ ଚାଲି ଆସିଲି । ତରଭୁଜଟିଏ କିଣିବାକୁ ଦେବ ?”

ବୁଢ଼ା ଅସନ୍ତୁଷ୍ଟ ହୋଇ କହିଲା, “ତରଭୁଜ କିଆରୀରେ କେହି ଜଣେ ଅତିଥି ଠାରୁ କେବେ ପଇସା ନିଏ ନାହିଁ, ତୁମେ କ’ଣ ଏତିକି ଜାଣିନାହିଁ ? ମୁଁ ତମ ପାଇଁ କିଛି ତରଭୁଜ ଯାଇ ନେଇ ଆସିବି ନା ତମେ ନିଜେ ଯାଇ ଆଣିବ । ଭଲ ହେବ, ନିଜେ ଗଲେ । ତୁମେ ନିଜେ ଯାହାକୁ ବାଛିବ, ସେ ତୁମକୁ ବେଶୀ ମିଠା ଲାଗିବ । ଟିକିଏ କିଆରୀର ଶେଷ ମୁଣ୍ଡକୁ ଚାଲିଯାଅ ସେଠି ଖୁବ୍ ଭଲ ସସ୍ତା-ତରଭୁଜ ହୋଇଛି ।”

ବୁଢ଼ା କେଟଲ୍‌ଟାକୁ ଉଠାଇ ଭର୍ତ୍ତି କରି ଚୂଲି ଲଗାଇବାକୁ ବାହାରିଲା । ଆଣ୍ଠୁରେ ଶୁଖିଲା ଡାଙ୍ଗ ଭାଙ୍ଗି ଭାଙ୍ଗି ମୋତେ ଡାକି କହିଲା, ଯଦି ପ୍ରକୃତରେ ଭଲ ତରଭୁଜ ଆଣିବାକୁ ଚାହିଁ, ସକାଳ କାକରରେ ଫାଟି ପଡ଼ିଥିବା କେତୋଟି ନେଇ ଆସ । ତା’ର ସୁଆଦ ଜୀବନରେ ଚାଖିବାର କଥା ।”

ମୁଁ କ୍ଷେତର ଶେଷ ମୁଣ୍ଡକୁ ଗଲି ଓ ଆନନ୍ଦରେ ଠିଆ ହୋଇଗଲି । ଆଜି ପବନ ନାହିଁ । ପାଚିଲା ତରଭୁଜର ସେ ମନ ମତାଣିଆ ଗନ୍ଧ ମୋତେ ପାଗଳ କରିଦେଲା । ଚାରିଆଡ଼ୁ ଖାଲି ଫାଟିବାର ଶବ୍ଦ ମୁଁ ଶୁଣୁଥାଏ, ଯେପରିକି ଛୋଟ ଲୁଗାକୁ କିଏ ଆସ୍ତେ ଆସ୍ତେ ଚିରିବାରେ ଲାଗିଛି । ଏ ଶବ୍ଦ ହେଉଛି ମିଠା ତରଭୁଜ ପାଚି ଫାଟିବାର ଶବ୍ଦ ।

ମୁଁ ଗୋଟିଏ ତରଭୁଜ ହାତରେ ଧରି କୁଡ଼ିଆକୁ ଫେରି ଆସିବା ବେଳକୁ କେଟଲ୍ ନିଆଁରେ ବସା ହୋଇଛି । ବୁଢ଼ା ମୋ’ ଆଡ଼କୁ ଚାହିଁ ମୁରୁକି ହସି ଦେଲା ।

“ସହରରୁ ଆସିଛ ବୋଲି ଜଣା ପଡ଼ିଗଲା । କାରଣ ତରଭୁଜ ସେଇ କିଆରୀ

ଭୂତରେ ଖିଆଯାଏ । ତା'ର ସବୁଠୁ ବେଶୀ ସ୍ୱାଦ ସେଇଠି ।"

ବୁଢ଼ା ତା' ଗୁଲରେ ଖୋସା ହୋଇ ଥିବା ଖଣ୍ଡେ ଛୁରୀ ବାହାର କରି ମୋତେ ଦେଲା । ମଞ୍ଚାରେ ଓହଳାଥିବା ଥଉ ଗୋଟିଏ ମୁଣିରୁ କିଛି ଶୁଖିଲା ଆପ୍ରିକଟ ଫଳ ଓ ରୁଟି ଗୋଟିଏ ବାସନରେ ଆଣି ମୋ' ପାଖରେ ଥୋଇଲା ।

ଯଦି ଖୁବ୍ ଭଲ ତରଭୁଜ ଗୋଟାଏ ତମକୁ ମିଳିଗଲା, ତା'ହେଲେ ବୁଝିବାକୁ ହେବ ଏପରି ତରଭୁଜ ତୁମେ କେବେ ଖାଇ ନାହଁ । ମୁଁ ଖୁବ୍ ଖୁସିରେ ତରଭୁଜଟି ଖାଇବାକୁ ଆରମ୍ଭ କଲି ଓ କେତେବେଳେ ଖାଇବା ସରିଗଲା, ମୁଁ ଜାଣି ପାରିଲି ନାହିଁ । ବୁଢ଼ା ସେତେବେଳକୁ ଗୋଟାଏ ବଡ଼ ପାତ୍ରରେ ଚା ଭର୍ତ୍ତି କରି ରଖି ସାରି ଲଣି । ମୁଁ ପାତ୍ରଟିକୁ ଧରି ମୁହଁ ଲଗାଇଲି । ବୁଢ଼ା ମୋ' ଆଡ଼କୁ ଚାହିଁ ପୁଣି ମୁରୁକ ମୁରୁକ ହସିଲା ।

"ଆମ ଏଠାର ତରଭୁଜ, ତରଭୁଜ ନୁହେଁ, ଚିନି । ବର୍ତ୍ତମାନ ଯେଉଁ ଶ୍ରେଷ୍ଠ ତରଭୁଜ ତୁମେ ଖାଇଲ, ସେ ସମ୍ରାଟ-ତରଭୁଜ । ତା'ର ମଞ୍ଜି ପାଇବା ପାଇଁ ବହୁ ଲୋକ ବ୍ୟସ୍ତ ।" ଏହା କହି ବୁଢ଼ା ହାତ ଧୋଇବା ପାଇଁ ମୋ' ହାତକୁ ପାଣି ବଢ଼ାଇ ଦେଲା ।

ସୂର୍ଯ୍ୟ ବୁଡ଼ି ଗଲେଣି । ଦୂର ଆକାଶରୁ ଦଳେ ବଗ ଉଡ଼ି ଚାଲିଛନ୍ତି । ବୁଢ଼ା ସେମାନଙ୍କ ଆଡ଼କୁ ଚାହିଁଲା । ସେ ସେପରି ଚାହିଁ ରହିଥାଏ, ଦୂର ଦିଗ୍‌ବଳୟର ରକ୍ତିମ ଆଭାରେ ସେମାନେ ମିଶିଯିବା ପର୍ଯ୍ୟନ୍ତ ।

କୁଡ଼ିଆ ପଛପଟେ ଥିବା ବଗ ତା'ର ଡେଣା ଦୁଇଟା ମେଲାଇ ଫଡ଼ ଫଡ଼ କଲା, ମନେ ହେଲା ସେ ବି ଉଡ଼ିଯିବାକୁ ଚାହେଁ । ବଗଦଳ ଉଡ଼ିଯିବାର ବହୁ ସମୟ ପର୍ଯ୍ୟନ୍ତ ମୁଁ ଏହିପରି ପକ୍ଷୀର ଫଡ଼ ଫଡ଼ ଶବ୍ଦ ଶୁଣିଲି ।

ବୁଢ଼ାର ମୁହଁରୁ ହସ, ଆଖିର ତେଜ ଟିକିକ କେଉଁଆଡ଼େ ଲୁଚିଗଲା । ସେ ଉଠି ବଗକୁ ବାହାରୁ ଧରି ଘର ଭିତରକୁ ନେଇ ଆସିଲା ।

"ମୁଁ ବୁଝି ପାରିଲି, ବୁଝି ପାରିଲି, ତୋ' ନିଜ ଜାତି ଭାଇଙ୍କ ସାଙ୍ଗରେ ତୁ ଉଡ଼ି ଚାଲି ଯିବାକୁ ଚାହୁଁ । ଯା' ଯା', ତୋ'ର ଯଦି ଉଡ଼ି ଚାଲିଯିବାର ଇଚ୍ଛା ଥାଏ, ତା'ହେଲେ ଚାଲିଯା । ତୁ ତ ସେମାନଙ୍କ ଭିତରୁ ଜଣେ ।"

ବଗଟି ଦିଗ୍‌ବଳୟରେ ଲୁପ୍ତ ହୋଇ ଯାଇଥିବା ବଗଦଳଙ୍କ ଆଡ଼କୁ ବାରମ୍ବାର ଚାହୁଁଥାଏ, ଏକ ବିଦାୟ ଦେବାର ଭଙ୍ଗୀରେ ।

"ଏଠି ଏ ବଗ କେତେଦିନ ହେଲା ରହିଲାଣି ?"

"ଗତ ବସନ୍ତ ଋତୁରୁ । ସେତେବେଳେ ଲେନିନଗ୍ରାଡ଼ରେ ଥିବା ମୋ' ପୁଅ ଆଣ୍ଡ୍ରୁଷ୍କା ପାଖକୁ ଯିବା ପାଇଁ ବାହାରି ଥିଲି । ହଠାତ୍ ତା' ପାଖରୁ ଏକ ଟେଲିଗ୍ରାମ ଆସି ପହଞ୍ଚିଲା, ତା'ର ଏକ କାମ ପଡ଼ିଲା । ସେ ବହୁଦିନ ବାହାରେ ରହିବ, ତେଣୁ ସେ ପର୍ଯ୍ୟନ୍ତ ମୋତେ ଅପେକ୍ଷା କରିବାକୁ ହେବ । ମୋ'ର

Digitized by srujanika@gmail.com

ଉପାୟ କ'ଣ ? ମୋ' ପୁଅକୁ ଦେଖିବାପାଇଁ ମୋ' ମନ ଭାରି ଚଞ୍ଚଳ ହେଉଥିଲା । ଅଳ୍ପ ଦିନ ପୂର୍ବରୁ ମୋ' ପୁଅ ଫଜଲ୍‌ଦ୍ଦିନ ସମ୍ପର୍କରେ ମୁଁ ଏକ ସ୍ୱପ୍ନ ଦେଖିଥିଲି । ସେ ଭାରି ଦୁଃଖରେ ବସି ରହିଥିଲା ଓ ତା'ଭାଇ କାହିଁକି ତା' ପାଖକୁ ଫେରି ଲେଟୁନାହିଁ ବୋଲି ମୋତେ ପଚାରିଲା । ଶାମସୁଦ୍ଦିନ ଅଭି ନାହିଁ, ଏକଥା ତାକୁ କହିବାକୁ ମୋର ସାହସ ହେଲା ନାହିଁ । ଏହାପରେ ହଠାତ୍ ମୁଁ ଶାମସୁଦ୍ଦିନକୁ ଦେଖିଲି, ସେ ମୋ ପାଖରେ ବସିଛି ଓ ଫଜଲ୍‌ଦ୍ଦିନ ମରିଯିବା କଥା ମୁଁ ତାକୁ କାହିଁକି କହିଲି ନାହିଁ ବୋଲି ମୋତେ ଗାଳି ଦେଉଛି । ଏହାପରେ ଗୋଟାଏ ଗୋଳମାଳ ହୋଇ ମୋ'ର ନିଦ ଭାଙ୍ଗିଗଲା । ଜଣାଗଲା ଯେପରିକି ଦଳେ ମେଣ୍ଢାଙ୍କୁ କିଏ ଏଇ କୁଡ଼ିଆ ନିକଟରେ ଦଉଡ଼ାଇ ନେଉଛି । ମୁଁ ବାହାରକୁ ଚାହିଁ ଦେଖିଲି ବଗ ଦଳେ କୁଡ଼ିଆ ଉପରେ ଉଡ଼ୁଛନ୍ତି ଓ କେଁ କେଁ ହୋଇ ରାବୁଛନ୍ତି । ମୁଁ ଏତେ ପାଖରେ ବଗଙ୍କୁ କେବେ ଏତେ ସଂଖ୍ୟାରେ ଉଡ଼ିବା ଦେଖି ନାହିଁ । ସେମାନେ ଏହିପରି କୁଡ଼ିଆ ଉପରେ ଘେରି ଦେଇ କିଛି ସମୟ ଉଡ଼ିଲେ । ତାଙ୍କର ଚିତ୍କାରରେ ଯେପରି ଏକ ବିଷାଦର ସ୍ୱନ । ତା'ପରେ ଦୁଇଟି ବଗ ଗୋଟାଏ ଟେକା ତଳକୁ ପଡ଼ିଲା ପରି ଖୁବ୍ ଜୋରରେ ତଳକୁ ଖସି ଆସିଲେ ଓ ସାଙ୍ଗେ ସାଙ୍ଗେ ପୁଣି ଉପରକୁ ଉଠିଗଲେ । ଯେତେବେଳେ ବଗଦଳକ ଉଡ଼ିଗଲେ, ମୁଁ ଦେଖିଲି, ଗୋଟିଏ ବଗ ଆହତ ଅବସ୍ଥାରେ ପଡ଼ି ରହିଛି । ତାର ଡେଣାରେ ଏକ ଛୋଟ କ୍ଷତ । ଏହିପରି ଅବସ୍ଥାରେ ସେ ଏଠି ରହିଯାଇଛି । ମୁଁ ତା'ର ବହୁ ସେବା ଶୁଶ୍ରୂଷା କରିଛି । ବର୍ତ୍ତମାନ ସେ ଭଲ ହୋଇଗଲାଣି । କାଲି ଗତ ଦିନଦିନ ହେଲା ଏଇ ଘର ଉପରେ ବଗ ଦଳକ ଉଡ଼ି ଚାଲି ଯାଉଛନ୍ତି ଓ ସେ ଖାଲି ଛଟ ପଟ ହେଉଛି ।

"ଏବେ କ'ଣ ସେ ଉଡ଼ି ଯାଇ ପାରିବ ?"

"ହଁ, ସେ ଉଡ଼ି ପାରିବ । ବେଳେ ବେଳେ ସେ ବହୁ ଦୂର ଉଡ଼ି ଚାଲି ଯାଉଛି ଓ ପୁଣି ଫେରି ଆସୁଛି ।" ବୁଢ଼ା ଏତିକି କହି ଚୁପ ହୋଇ କାନ ଡେରିଲା । "ପୁଅ ତମେ ତ ଆଉ ଗାଡ଼ି ଚଢ଼ି ପାରିବ ନାହିଁ । ହେଇ ଗାଡ଼ି ଷ୍ଟେସନରେ ଆସି ପହଞ୍ଚିଗଲାଣି", ବଡ଼ି ଲଗାଉ ଲଗାଉ ସେ କହିଲା ।

ଅଳ୍ପ ସମୟ ପରେ ମୁଁ ଇଞ୍ଜିନର ହୁଇସଲ୍‌ର ବୋବାଳି ଶୁଣିବାକୁ ପାଇଲି ଓ ଗଛ ଅନ୍ତରାଳରେ ରେଲଗାଡ଼ିର ଗୁଡ଼ାଏ ଆଲୋକିତ ବାତାୟନ ଦ୍ରୁତଗତିରେ ଲୁଚିଗଲା ।

"କିଛି ଚିନ୍ତାନାହିଁ, ତୁମେ ଏଠି ଶୋଇପଡ । ମୁଁ ତୁମପାଇଁ ବିଛଣା କରି ଦେଉଛି । କାଲି ଗଲେ କ'ଣ ଚଳିବ ନାହିଁ ?"

ସେ କୁଡ଼ିଆରେ ବ୍ୟବସ୍ଥା କରି ବିଛଣା କରିବା ପାଇଁ ଲାଗିଲା । ପୁରୁଣା ଲୁଗା ପଟାକୁ ଏକାଠି ବଣ୍ଡିଲ କରି ତକିଆର ବ୍ୟବସ୍ଥା ହେଲା । ତା'ପରେ ସେ ବଗ ପାଖକୁ ଯାଇ ତା' ମୁହଁ ପାଖରେ କ'ଣ ଚୁପ୍ ଚୁପ୍ କରି

Digitized by srujanika@gmail.com

କହିଲି । ବୋଧହୁଏ ତା' ପିଲାମାନଙ୍କ କଥା ସେ ତାକୁ କହୁଥିଲି । ତା'ର ଦୁଇଟି ପୁଅ ମରି ଯାଇଛନ୍ତି ଓ ତୃତୀୟ ପୁଅ ଲେନିନ-ଗ୍ରାଡ଼ରେ ରହୁଚି । ତା' ନାଁ । ଆଣ୍ଡ୍ରି କାହିଁକି ହୋଇଛି ?

ମୁଁ ଶୋଇଥିବା ଅବସ୍ଥାରେ ଦୂରକୁ ଟିକିଏ ହାତ ବଢ଼ାଇ ମୋ ସିଗାରେଟ ଡ଼ବା ଓ ଦିଆସିଲିଟାକୁ ଆଣିଲି । ବୁଢ଼ା ମୋ' ଆଡ଼କୁ କରି ନେଇଟାଇଲା ।

"କ'ଣ ଏବଯାଏଁ ଚଆଁଇଚ ?"

"ନାଦ ଲାଗୁନାହିଁ ।"

ସେ ଧୀରେ ଧୀରେ ଯାଇ ବତୀର ଆଲୁଅଟା ନଭେଇ ଦେଲା । ମୋ ପାଖରେ ଆସି ଚକାମୁଣ୍ଡି ପକାଇ ବସିଲା । ଚନ୍ଦ୍ର-କିରଣ ଆସି ତା' ମୁହଁରେ ପଡ଼ୁଥାଏ ଓ ସେଥିରେ ତା'ର ଚେଳାଏ ଧଳା ଦାଢ଼ି ଆହୁରି ଧଳା ଦେଖା ଯାଉଥାଏ । ଦୂରରେ ରାତିର ନିର୍ଜନତାକୁ ଭେଦ କରି ଝିଙ୍କାରିର ଝିଁ ଝିଁ ସ୍ୱର ଶୁଣା ଯାଉଥାଏ ।

"ମୁଁ ତୁମକୁ ଗୋଟାଏ କଥା ପଚାରିବାକୁ ବସିଥିଲି—ତୁମେ କିଛି ଭାବିବ ନାହିଁ ତ—ତୁମ ପୁଅମାନଙ୍କ ବିଷୟରେ ମୋତେ କିଛି କହିବ କି ?"

ଚେରେଜେଇଟା କାନ୍ଧ ଉପରକୁ ଟାଣି ଦେଇ ବୁଢ଼ା କିଛି କହିବାକୁ ବସିଲା । ଖଣ୍ଡେ ଚଲି ବଉଦ ହଠାତ୍ ଚନ୍ଦ୍ରକୁ ଘୋଡ଼ାଇ ଦେଲା ଓ ବୁଢ଼ାର ମୁହଁ ଅନ୍ଧାରରେ ଲୁଚିଗଲା । ସେ ଗୋଟାଏ ଦୀର୍ଘ ନିଃଶ୍ୱାସ ମାରି ଆଣ୍ଠୁରେ ହାତ ଦୁଇଟାକୁ ରଖି ବଡ଼ ଚେଷ୍ଟାରେ କହିବାକୁ ଆରମ୍ଭ କଲା ।

"ମୋ' ପୁଅମାନଙ୍କ ବିଷୟରେ ଜାଣିବାକୁ ଚାହୁଁଚ ? ମଣିଷର ଯାହା ସହିବାର ଶକ୍ତି ନ ଥାନ୍ତା, ତା' ହେଲେ ବହୁଦିନୁ ଦୁଃଖରେ ସେ ଭାଙ୍ଗି ପଡ଼ନ୍ତାଣି । ତୁମେ ଏବେ ଦେଖୁଚ, ମୁଁ ବଞ୍ଚି ରହିଛି । ମୋର ଧାରଣା ଥିଲା, ମୁଁ ଏଥର ପଡ଼ିଗଲି, ଆଉ ଉଠି ପାରିବି ନାହିଁ । ମୋର ଦୁ' ପୁଅଙ୍କୁ ମୁଁ ହରାଇଚି । ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା, ବଡ଼ ପୁଅ ଯାମସୁଦ୍ଦିନର ବୟସ ବାଇଶି ବର୍ଷ ଓ ସାନ ଫଜଲୁଦ୍ଦିନ ବୟସ ଉଣେଇଶ । ବଡ଼ର ଆଖି ଟିକିଏ ଖରାପ ଥିବା ଯୋଗୁଁ ତାକୁ ସୈନ୍ୟ-ବାହିନୀରେ ନିଆ ହେଲାନାହିଁ ।

"ତା'ର ଆଖି କାହିଁକି ଖରାପ ହୋଇଥିଲା ?"

"ଉମର ଖୋଜା ତା ଘୁଅର ସୁନ୍ନତ ପାଇଁ ଏକ ଭୋଜି ଦେଇ ସେଥିରେ ଭାରି ବାଣ ଫୁଟାଇ ଥିଲା । ଯାମସୁଦ୍ଦିନ ସେତେ-ବେଳେ ପିଲାଟିଏ ହୋଇଥାଏ । ମୋ ସ୍ତ୍ରୀ ତାକୁ ଝୁଲାରେ ଶୁଆଇ ଦେଇଥାଏ । କିଏ ଜାଣିଚ ଏପରି ବିପଦ ପଡ଼ିବ ବୋଲି ? ଗୋଟାଏ ବାଣ ଝୁଲା ଉପରେ ପଡ଼ି ଫୁଟି ଗଲା । ପିଲାର ମୁହଁ ପୋଡ଼ିଗଲା ଓ ବାଁ ଆଖି ନଷ୍ଟ ହୋଇଗଲା । ତାକୁ ଶ୍ରମିକ ବାହିନୀରେ ନେଲେ । ଫଜଲୁଦ୍ଦିନ କିନ୍ତୁ ସେନା-ବାହିନୀରେ ନାଁ ଲେଖାଇ ଯୁଦ୍ଧ ଭୂଇଁକୁ ଗଲା । ମୁଁ ତାକୁ ଦେଟ୍ରିକ୍ଟ ଷ୍ଟେସନଠାରେ ବିଦାୟ ଦେଲି । ସେ ଲେନିନଗ୍ରାଡ଼ରେ

ଥାଇ ମୋ' ପାଖକୁ ଚିଠି ଦେଉଥିଲା । କିନ୍ତୁ ସାମସୁଦ୍ଦିନ ପଢ଼ଗୋଟେଠାରୁ ଚିଠି ଦେଉଥିଲା । ତୁମେ ସେ ଯାଗା ଦେଖିଛ ? ମସ୍କୋର ଖୁବ ନିକଟରେ ।''

କୌଣସି ଉତ୍ତରକୁ ଅପେକ୍ଷା ନ ରଖି ବୁଢ଼ା କହି ଚାଲିଲା ।

''ମୁଁ ସେଠିକି ଯାଇଥିଲି । ସେମାନେ ଯେତେବେଳେ ମୋ ପୁଅ ପାଇଁ ସେଠାରେ ଏକ ସ୍ମୃତି ସ୍ତମ୍ଭ ତିଆରି କରିଥିଲେ, ସେତେବେଳେ ମୋତେ ନିମନ୍ତ୍ରଣ କରିଥିଲେ । ସେଠି ଗୋଟିଏ ବିଦ୍ୟୁତ କେନ୍ଦ୍ର ଅଛି । ମସ୍କୋ ସହରକୁ ବିଜୁଳି ଶକ୍ତି ସେଇଠୁ ଆସେ । ଫାସିଷ୍ଟମାନେ ମସ୍କୋ ପାଖରେ ପହଞ୍ଚିବା ମାତ୍ରେ ଏହି ବିଦ୍ୟୁତ କେନ୍ଦ୍ରକୁ ଧ୍ୱଂସ କରି ଦେବାପାଇଁ ଥରକୁଥର ଉଡ଼ାଜାହାଜରୁ ବୋମା ପକାଇଲେ ।

''ସାମସୁଦ୍ଦିନ କୋଇଲା ଫୋପାଡ଼ିବା କାମରେ ଥାଏ । ଦିନେ ସେ କାମ କରିବାକୁ ଯାଉଛି, ସତର୍କ ଘଣ୍ଟି ବାଜିଲା । ସଙ୍ଗେ ସଙ୍ଗେ ବୋମା ବୃଷ୍ଟି ଆରମ୍ଭ ହୋଇଗଲା । ଗୋଟାଏ ବୋମା ଏକ ଶ୍ରେଷ୍ଠ ପିଲଙ୍କ ସ୍କୁଲ ପାଖରେ ଯାଇ ପଡ଼ିଲା । ଯେ କୌଣସି ମୁହୂର୍ତ୍ତରେ ଏ ବୋମାଟା ଫୁଟି ଯାଇଥାନ୍ତା । ତା' ହୋଇଥିଲେ ପିଲମାନେ ଚିରିଆଡ଼େ ଥିଲେ । ସେମାନଙ୍କର କ'ଣ ହୋଇଥାନ୍ତା, ଅନୁମାନ କର । ସାମସୁଦ୍ଦିନ ବୋମାଟାକୁ ଧରି ପକାଇ ନଈ ଆଡ଼କୁ ଧାଇଁଲା । କିନ୍ତୁ ତା' ଆଖି ଖରାପ ଥିବା ଯୋଗୁଁ ସେ ଝୁଣ୍ଟି ପଡ଼ିଗଲା ଓ ସାଙ୍ଗେ ସାଙ୍ଗେ ବୋମାଟା ଫୁଟିଗଲା ।

''ମୁଁ ମୋ' ପୁଅର କବର ପାଖକୁ ଯାଇଥିଲି । ଛାତିଠାରୁ ମୁଣ୍ଡ ପର୍ଯ୍ୟନ୍ତ ତାରି ଏକ ପିତ୍ତଳର ମୂର୍ତ୍ତି ଶ୍ରେଷ୍ଠ ପିଲଙ୍କ ସ୍କୁଲର ପ୍ରାଙ୍ଗଣରେ ରହିଛି ।''

ବୁଢ଼ା ଆଉ ବିଶେଷ କାନ୍ଦି ପାରୁନି । କ'ଣ କିଛି କହିବି ବୋଲି ମୁଁ ଚେଷ୍ଟା କରୁଥାଏ ।

''ମୋତେ କିଛି କହିବା ଦରକାର ନାହିଁ । ସାନ୍ତ୍ୱନା ଦେବା ଦରକାର ନାହିଁ । ମୁଁ କାନ୍ଦିଲା ବେଳେ ମୋ ଆଖିରୁ ଏପରି ଲୁହଧାର ବହିଯାଏ । ସେଥିରେ ମୋତେ ଶାନ୍ତି ମିଳେ ।''

କିଛି ସମୟ ଚୁପ ରହିବା ପରେ ସେ ସେ ପୁଣି କହି ଚାଲିଲା ।

''ଫଜଲୁଦ୍ଦିନକୁ ତା ଭାଇର ମରିବା ଖବର ମୁଁ ଦେଲି ନାହିଁ । ସବୁ ଚିଠିରେ ସେ ତା' ଭାଇର ଠିକଣା କ'ଣ ବୋଲି ପଚାରି ପଠାଏ । ମୁଁ ଗୋଟାଏ କ'ଣ ଲେଖି ଦେଇ ତାକୁ ବାଆଁରେଇ ଦିଏ । କିନ୍ତୁ ଦିନେ ଆଉ ଗୋଟାଏ ଚିଠି ମୁଁ ପାଇଲି । ଫଜଲୁଦ୍ଦିନ ଆଉ ନାହିଁ । ନଈ ପାରି ହେଉଥିବା ବେଳେ ସେ ବୁଡ଼ିଗଲା । ତା' ପାଇଁ କବର ମଧ୍ୟ କେଉଁଠାରେ ନାହିଁ । ମୁଁ ଏକୁଟିଆ ହୋଇଗଲି ।''

ଆଉ ଦଳେ ବଗ ପୁଣି କୁଡ଼ିଆ ଉପର ଦେଇ ଉଡ଼ିଗଲେ । କହୁଥିବା ବେଳେ ବୁଢ଼ା ସିଆଡ଼କୁ ଚାହିଁଥାଏ ।

''ମୁଁ ସତରେ ଏକୁଟିଆ । ଯୁଦ୍ଧ ପୂର୍ବରୁ ମୋ ସ୍ତ୍ରୀ ମରି ଯାଇଥିଲା । ମୋର କେବେ ପିଲା ଥିଲେ ବୋଲି ମୋତେ

Digitized by srujanika@gmail.com

ଲଗିଲା ନାହିଁ । ମୁଁ ଏଣେ ତେଣେ ବୁଲିଲି । ଯେପରିକି ମୁଁ ପାଗଳ ହୋଇ ଯାଇଚି । ପରିଷ୍କାର ଦିନ ଗୁଡ଼ାକ ମୋତେ ଅନ୍ଧାର ରାତି ପରି ଲଗେ । କିନ୍ତୁ ଆମର ଚେୟାର-ମ୍ୟାନ, ମୁଁ ତାଙ୍କୁ ନମସ୍କାର କରୁଚି । ତାଙ୍କର ସ୍ତ୍ରୀ ହୃଦୟରେ ସେ ପରର ଦୁଃଖ ବୁଝି ପାରନ୍ତି । ସେ ମୋତେ ଆଣ୍ଡ୍ରିଜାନ୍ ପାଖକୁ ନେଇଗଲେ । ଲେନିନଗ୍ରାଡ଼ରୁ ଦଳେ ଛୁଆ ଆସିଥାନ୍ତି । ଗ୍ରେଟ ଛୁଆ ଗୁଡ଼ିଏ, କିନ୍ତୁ ଏପରି ହୋଇଥାନ୍ତି ଯେ ଦେହରେ ଜୀବନ ନ ଥାଏ । ତାଙ୍କୁ ଦେଖିଲେ ହୃଦୟ ଫାଟିଯିବ । ମୁଁ ଏହିପରି ଦୁବଳା, ପତଳା ଛୁଆଟିଏ ଆଣ୍ଡ୍ରିୟାକୁ ନେଇ ଆସିଲି । ମୁଁ ତାକୁ ପାଳିଲି ଓ ଏତେବେଳୁ ଏତେ କଲି । କିନ୍ତୁ ପରେ ଶୁଣିଲି ତା'ର ବନ୍ଧୁ ବାନ୍ଧବ କେହି ତାକୁ ଖୋଜୁ-ଛନ୍ତି । ମୁଁ କିଛି କହିଲି ନାହିଁ । ମୁଁ କେମିତି ତାକୁ ଛାଡ଼ି ଦେବି ? କିନ୍ତୁ ପିଲା ଅନେକ ସମୟରେ ଲେନିନ୍‌ଗ୍ରାଡ଼ କଥା, ତା' ବାପ ମା'ଙ୍କ କଥା କହେ । ଏଥିରେ ମୁଁ ତାକୁ ଆଉ କେତେ ଦିନ ପାଖରେ ରଖନ୍ତି । ତେଣୁ ମୁଁ ନିଜେ ଯାଇ ଆଣ୍ଡ୍ରି କାର୍ପଭର ବାପ ମା'ଙ୍କୁ ଲେନିନଗ୍ରାଡ଼ରେ ଖୋଜାଇବାର ବ୍ୟବସ୍ଥା କଲି । ଶୁଣିଲି ଲେନିନ୍‌ଗ୍ରାଡ଼ ଅବରୋଧ କାଳ ମଧ୍ୟରେ ସେମାନେ ମରି ଯାଇଛନ୍ତି । କିନ୍ତୁ ତା'ର ଜଣେ ମାଉସୀ ଅଛି । ମୁଁ ଅଣ୍ଡ୍ରିକୁ ଏକଥା କହିଲି । ସେ ଶୁଣି ଏପରି ଖୁସି ହୋଇଗଲା, ଯେପରିକି ତା'ର ପକ୍ଷୀ ଲଗି ଯାଇଚି । ମୁଁ ତାକୁ ହାତରେ ଧରି ଲେନିନ୍‌ଗ୍ରାଡ଼ ଗଲି ଓ ମାଉସୀ ହାତରେ ତାକୁ ସମର୍ପି ଦେଇ ଆସିଲି । ତା'ପରେ ପୁଣି ସେଇ ଏକୁଟିଆ ଜୀବନ....... । ଆଣ୍ଡ୍ରି ଲେନିନ୍‌ଗ୍ରାଡ଼ରେ ପଢ଼ାଶୁଣା କଲା । ସେ ବଡ଼ ହୋଇଚି ଓ ତା'ର ଗୋଟିଏ ପୁଅ । ସେ ତା' ପୁଅର ନାଁ ସବର ଦେଇଚି । ସବର ହେଉଚି ମୋର ନାଁ । ଅଳ୍ପ ଦିନ ତଳେ ସେମାନେ ଏଠିକି ଆସିଥିଲେ । ବେଟ୍ରିକ ଷ୍ଟେସନରେ ଯେତେବେଳେ ମୁଁ ତାଙ୍କୁ ବିଦାୟ ଦେଲି, ସେତେବେଳେ ଗୋଟିଏ ଗ୍ରେଟ ଛୁଆ ମୋତେ କୁଣ୍ଢେଇ ଧରିଲା ଓ ମୋ' ଗାଲରେ ଚୁମା ଦେଇ ଜେଜେ ଜେଜେ ବୋଲି ଡାକିବାକୁ ଲଗିଲା । ମୁଁ ସପୁଷ୍ଟ ତରଭୁଜକୁ ଦଶ ବାରଟା ତା' ଡବା ଭିତରେ ରଖି ଦେଇ ଆସିଲି । ଲେନିନ୍‌ଗ୍ରାଡ଼ ପର୍ଯ୍ୟନ୍ତ ସେ ତରଭୁଜ ରହିଥିବ କି ନାହିଁ କେଜାଣି ?"

"ହିଁ, ନିଶ୍ଚୟ ରହିଥିବ ।"

"ବହୁତ ସମୟ ହୋଇ ଗଲଣି । ମୁଁ ଖାଲି ନିଜ କଥା ଗପି ତମକୁ ଏତେ ସମୟ ଜଗେଇ ରଖିଲିଣି । ଶୋଇପଡ଼ ।"

ବୁଢ଼ା ଚୁପ ହୋଇଗଲା । କିନ୍ତୁ ମୁଁ ଶୀଘ୍ର ଶୋଇ ପାରିଲି ନାହିଁ । ତା'ର ଜୀବନଟା ଯେପରି ମୋ' ଆଖି ଆଗରେ ନାଚି ଯାଉଚି । ମୁଁ ଟିକିଏ ଘୁମେଇ ପଡ଼ିଚି କି ନାହିଁ, ଶୁଣିଲି ଗୋଟାଏ ବଗର କେଁ କେଁ ଶବ୍ଦ ଓ ପାଖରେ ଡେଣାର ଫଡ଼୍ ଫଡ଼୍ । ବୁଢ଼ା ହଠାତ୍ ଉଠି ଠିଆ ହୋଇଗଲା । ମୁଁ ଉପରକୁ ଚାହିଁଲି ।

"ଏଁ, ଉଡ଼ିଗଲା ।" ବୁଢ଼ା ଆହତ ସ୍ୱରରେ କହିଲା ।

Digitized by srujanika@gmail.com

କେଇ ଘଣ୍ଟା ତଳେ ଯେଉଁ ବଗର ଏତେ ପ୍ରଶଂସା ମୁଁ କରୁଥିଲି, ସେ ଦକ୍ଷିଣ ମୁହାଁ ହୋଇ ଉଡ଼ି ଯାଉଛି । ପ୍ରତି ଡେଣା ଚାଳନାରେ ଯେପରି ସେ ନୂଆ ଶକ୍ତି ପାଇ ଆହୁରି ଉପରକୁ ଉଠୁଛି ।

ଉଡ଼ି ଯାଉଥିବା ବଗଦଳ ପଛକୁ ଏକ ଅର୍ଦ୍ଧବୃତ୍ତ ଆକାରରେ ଫେରି ଆସିଲେ । ଯେପରି ଉଭୟ ପରସ୍ପରର ମିଳନ ପାଇଁ ବ୍ୟଗ୍ର । ଅର୍ଦ୍ଧବୃତ୍ତ ଭାଙ୍ଗିଗଲା । ବିବାହ ଉତ୍ସବରେ ଯେପରି ହୁଏ, ବର୍ତ୍ତମାନ ସେହିପରି ଏକ କଳରବ—ସେ କେଁ କେଁ ସ୍ୱର ଆଉ ନାହିଁ ।

ତା'ପରେ ବଗ ଦଳ ଏକ ମାଳା ଆକାରରେ ପୁଣି ଆମର କୁଡ଼ିଆ ଉପର ଦେଇ ଉଡ଼ିଗଲେ ଦକ୍ଷିଣର ପାଣ୍ଡୁର ଦିଗ୍‌ବଳୟ ଆଡ଼କୁ ।

"ଏଁ, ଚାଲିଗଲେ", ପୁଣି ଥରେ ବୁଢ଼ା କହିଲା ଏକ ସ୍ନେହ ଓ ବିଷାଦ ମିଶ୍ରିତ ସ୍ୱରରେ ।

ପ୍ରତି ବସନ୍ତ ଋତୁରେ ମୁଁ ଯେତେବେଳେ ନୀଳ ଆକାଶର ବକ୍ଷରେ ବଳାକାର ଶୋଭା-ଯାତ୍ରା ଦେଖେ, ସେତେବେଳେ କୋଠ ଚାଷର ସେଇ କ୍ଷୁଦ୍ର ତରଭୁଜ ବାଡ଼ି ଓ ସେଥିରେ ରହୁଥିବା ସେ ବୃଦ୍ଧର ନିଃସଙ୍ଗ ଜୀବନ ମୋ' ଆଖି ଆଗରେ ନାଚିଯାଏ ।

ମନେ ମନେ ଭାବେ, ସେଇ ରେଶମୀ ପୀତାଭ ରଙ୍ଗର ଚାଲୁଥିବା ବଗଟି ପୁଣି ଥରେ ବୁଢ଼ାର କୁଡ଼ିଆ ଭିତରକୁ ଉଡ଼ି ଆସନ୍ତା କି !

---

(୧୯୬୭ ସୋଭିଏଟ ଲିଟରେଚର ପତ୍ରିକାର ଦ୍ୱାଦଶ ସଂଖ୍ୟା—,ଉଜବେକ୍ ସାହିତ୍ୟ' ବିଶେଷାଙ୍କରୁ ଅନୁଦିତ)

**THE CUTTACK UNITED CENTRAL CO OPERATIVE BANK LTD.**

**NIMICHAUDI, CUTTACK-2.**

*Phone—841.*

The Bank transacts all kinds of banking business into the interior of the Cuttack District except Banki and Baramba area.

All types of deposits are accepted at favourable rates of interest.

For further details please contact the above address.

**S. K. Roy,**
*President.*

**G. D. Misra,**
*Secretary.*

Digitized by srujanika@gmail.com

# ମୈତ୍ରେୟଙ୍କ ଅଭିଶାପ ଓ ଶ୍ରୀକୃଷ୍ଣଙ୍କ ଶପଥ

ଜୟନ୍ତୀ ପଟ୍ଟନାୟକ

ବିଦୁର ହସ୍ତିନାକୁ ଫେରି ଆସିବା ସମ୍ବାଦରେ ଦୁର୍ଯ୍ୟୋଧନ, ଦୁଃଶାସନ, କର୍ଣ୍ଣ ଓ ଶକୁନି ସୁଖୀ ହେଲେ ନାହିଁ । ଦୁର୍ଯ୍ୟୋଧନ କହିଲେ, "ରାଜା ଧୃତରାଷ୍ଟ୍ରଙ୍କ ପରମ ବିଶ୍ୱସ୍ତ ମନ୍ତ୍ରୀ ବିଦୁର ଫେରି ଆସିଲେଣି । ସେ ପାଣ୍ଡବ ମାନଙ୍କର ବନ୍ଧୁ ଓ ହିତାକାଂକ୍ଷୀ । ତାଙ୍କର କାର୍ଯ୍ୟ ହେବ ସେମାନଙ୍କୁ ବନବାସରୁ ଫେରାଇ ଆଣିବା ପାଇଁ ଧୃତରାଷ୍ଟ୍ରଙ୍କ ମତ ପରିବର୍ତ୍ତନ କରିବା । ପାଣ୍ଡବମାନେ ଯଦି ଫେରି ଆସନ୍ତି, ମୁଁ ପ୍ରତିଜ୍ଞା କରି କହୁଛି, କେବେ ହେଲେ ଅନ୍ନ, ଜଳ ସ୍ପର୍ଶ କରିବି ନାହିଁ । ଅନାହାରରେ କିମ୍ବା ଅଗ୍ନିରେ ପ୍ରବେଶ କରି ବା ବିଷ ପାନକରି ପ୍ରାଣତ୍ୟାଗ କରିବା ଭଲ, ମାତ୍ର ପୁନର୍ବାର ଶତ୍ରୁମାନଙ୍କ ଐଶ୍ୱର୍ଯ୍ୟ ଦେଖିବା ଉଚିତ ନୁହେଁ ।"

ଶକୁନି କହିଲେ, "ପାଣ୍ଡବ ମାନେ ତେର ବର୍ଷ ନ ପୂରୁଣୁ କେବେ ହେଲେ ସତ୍ୟ ଭଙ୍ଗ କରି ଆସିବେ ନାହିଁ । ଯଦି ସେମାନେ ଆସନ୍ତି, ତୁମେ ଚିନ୍ତା କର ନାହିଁ, ପୁଣି ଥରେ ସେମାନଙ୍କୁ ରାଜ୍ୟଚ୍ୟୁତ କରିବାର ମୁଁ ଉପାୟ କରିବି ।"

## ଆକ୍ରମଣ କର

କର୍ଣ୍ଣ କହିଲେ, "ମୁଁ ମଧ୍ୟ ଜାଣିଛି, ବିଦୁରଙ୍କ ପରାମର୍ଶରେ ଧୃତରାଷ୍ଟ୍ର ସେମାନଙ୍କୁ ଯେତେ ଡାକିଲେ ବି ସେମାନେ ଆସିବେ ନାହିଁ । ତଥାପି ନିଜର ପଥକୁ ନିଷ୍କଣ୍ଟକ କରି ରଖିବା ଭଲ । ପାଣ୍ଡବମାନେ ବର୍ତ୍ତମାନ ଶୋକାଭିଭୂତ, ମିତ୍ରହୀନ, ରାଜ୍ୟ-ଧନ-ଚ୍ୟୁତ । ଏପରି ଅବସ୍ଥାରେ ଅରଣ୍ୟ ମଧ୍ୟରେ ସେମାନଙ୍କୁ ଶୀଘ୍ର ଆକ୍ରମଣ କରି ବିନାଶ କରିବା ଉଚିତ ହେବ ।"

କର୍ଣ୍ଣଙ୍କ ପ୍ରସ୍ତାବ ମନ୍ଦବୁଦ୍ଧି ଦୁର୍ଯ୍ୟୋଧନ ଓ ତାଙ୍କର ଅନ୍ୟ ମିତ୍ରମାନେ ଅନୁମୋଦନ

Digitized by srujanika@gmail.com

କଲେ ଓ ପାଣ୍ଡବମାନଙ୍କୁ ଆକ୍ରମଣ କରିବା ପାଇଁ ସେମାନଙ୍କର ପ୍ରସ୍ତୁତି ଚାଲିଲା ।

## ବ୍ୟାସଙ୍କର ପରାମର୍ଶ

କପଟ ପାଶାରେ ପ୍ରବଞ୍ଚିତ ପାଣ୍ଡବମାନଙ୍କର ରାଜ୍ୟଚ୍ୟୁତ ଓ ବନବାସ ସମ୍ବାଦ କ୍ରମେ ଦେଶ ଦେଶାନ୍ତରରେ ପ୍ରଚାରିତ ହେଲା ଓ କୌରବ କୁଳର ହିତାକାଂକ୍ଷୀ ବ୍ୟାସଦେବ ଓ ମୁନି ମୈତ୍ରେୟ ଏ ସମ୍ବାଦ ପାଇ ହସ୍ତିନା ଆସିଲେ । ବ୍ୟାସ କୁରୁବଂଶର ରକ୍ଷାକର୍ତ୍ତା । ଧୃତରାଷ୍ଟ୍ର, ପାଣ୍ଡୁ ଓ ବିଦୁର ତାଙ୍କର ନିଜର ପୁତ୍ର । ସେ ଧୃତରାଷ୍ଟ୍ରଙ୍କ ପାଖରେ ପହଞ୍ଚି ପାଣ୍ଡବମାନଙ୍କୁ ଶୀଘ୍ର ବନବାସରୁ ଫେରାଇ ଆଣି ରାଜ୍ୟ ପ୍ରତ୍ୟର୍ପଣ କରିବା ପାଇଁ ପରାମର୍ଶ ଦେଲେ ।

ବ୍ୟାସ କହିଲେ, "ଦ୍ୟୂତକ୍ରୀଡ଼ା ରୂପକ ଯେଉଁ ପ୍ରତାରଣା ହେଲା, ଏହାର ପରିଣାମ କୁରୁକୁଳ ପକ୍ଷରେ ବିଷମୟ ହେବ । ୧୨ ବର୍ଷ ବନବାସ ଓ ଏକ ବର୍ଷ ଅଜ୍ଞାତ ବାସର ଦୁଃଖ ସ୍ମରଣ କରି ପାଣ୍ଡବମାନେ କେବେ ହେଲେ ତୁମର ପୁତ୍ରମାନଙ୍କୁ କ୍ଷମା ଦେବେ ନାହିଁ । ଦୁର୍ଯ୍ୟୋଧନ କାହିଁକି ପାଣ୍ଡବ ମାନଙ୍କ ପ୍ରତି ଏପରି କ୍ରୋଧ ଓ ଈର୍ଷାପର ମୁଁ ବୁଝି ପାରୁ ନାହିଁ । ମୁଁ ହସ୍ତିନାକୁ ଆସି ଶୁଣୁଛି ଯେ କର୍ଣ୍ଣ ଓ ଶକୁନିଙ୍କ ସହିତ ପରାମର୍ଶ କରି ଅରଣ୍ୟ ମଧ୍ୟରେ ନିଜର ଭାଗ୍ୟକୁ ଆଦରି ରହିଥିବା ପାଣ୍ଡୁ ପୁତ୍ରଙ୍କୁ ସେ ଆକ୍ରମଣ କରିବାକୁ ଚାହେଁ । ତୁମେ ନିଜେ ଏବଂ ଭୀଷ୍ମ, ଦ୍ରୋଣ ଓ ବିଦୁର ଥାଉ



ମଧୁସୂଦନ ! ତୁମେ ମଧ୍ୟ ମୋତେ ପରିତ୍ୟାଗ କଲ----

Digitized by srujanika@gmail.com

ଆଜି ଏପରି ଘୋର ଅନର୍ଥ କିପରି ସମ୍ଭବ ହେଉଚି ?

"ହେ ରାଜା, ପୁତ୍ରମାନଙ୍କ ପ୍ରତି ତୁମର ଅଗାଧ, ସ୍ନେହ ଓ ମମତା ଥିବାର ମୁଁ ଜାଣେ । ପ୍ରତ୍ୟେକ ପିତାର ପୁତ୍ର ପ୍ରତି ଏହିପରି ମୋହ ରହିଥାଏ । ପାଣ୍ଡୁ ଓ ବିଦୁରଙ୍କ ପରି ତୁମେ ମଧ ମୋର ପୁତ୍ର । ସ୍ନେହ ବଶରୁ ତୁମର ଓ ତୁମ କୁଳର ମଙ୍ଗଳ ପାଇଁ ତୁମକୁ ଯେଉଁ ପରାମର୍ଶ ଦେଉଚି, ତାହା ଗ୍ରହଣ କର । ତୁମର ଶହେ ପୁଅ ଅଛନ୍ତି । ମାତ୍ର ପାଣ୍ଡୁଙ୍କର ପାଞ୍ଚୋଟି ପୁଅ । ସେମାନେ ଆଜନ୍ମ ଦୁଃଖୀ । ସେମାନେ କିପରି ଜୀବନ ଧରି ସୁଖରେ ରହିବେ, ପିତୃବ୍ୟ ଭାବରେ ତାହି ଦେଖିବା ତୁମର କର୍ତ୍ତବ୍ୟ ନୁହେଁ କି ?"

ଏହିପରି ଭାବରେ କରୁଣାରେ ଅଭିଭୂତ ହୋଇ ତ୍ରିକାଳଦର୍ଶୀ ମୁନିପ୍ରବର ବ୍ୟାସ ଦେବ ଧୃତରାଷ୍ଟ୍ରଙ୍କୁ ବୁଝାଇଲେ । କିନ୍ତୁ ଧୃତରାଷ୍ଟ୍ର ସବୁ ବୁଝି ନ ବୁଝି ରହିବା ପରି ହୋଇ କହିଲେ, "ଆପଣ ନିଜେ ଯାଇ ଦୁର୍ଯୋଧନକୁ ବୁଝାନ୍ତୁ ।"

ବ୍ୟାସ ଏଥିରେ ବ୍ୟଥିତ ହୋଇ କହିଲେ, "ରାଜା, ଦୁର୍ଯୋଧନ କାହାଠାରୁ ଯଦି କୌଣସି ଉପଦେଶ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି, ତା'ହେଲେ ସେପରି ଉପଦେଶ ଦେବା ବ୍ୟକ୍ତିଙ୍କର ଅଭାବ ହେବ ନାହିଁ । ଖୁବ୍ ନିକଟରେ ମୈତ୍ରେୟ ମୁନି ହସ୍ତିନା ଆସିବେ । ସେ ଯେପରି କହିବେ ସେପରି କାର୍ଯ୍ୟ କରିବ । ନଚେତ୍ ସେ ଯଦି ଅପମାନିତ ହୁଅନ୍ତି, ତା'ହେଲେ ପରିଣାମ ଅତି ଦୁଃଖମୟ ହେବ ।"

## ମୈତ୍ରେୟ

ବ୍ୟାସ ବିଦାୟ ନେବାର ଅଳ୍ପସମୟ ପରେ ମୈତ୍ରେୟ ମୁନି ଆସିଲେ । ସେ କାମ୍ୟକ ବନରେ ପାଣ୍ଡବମାନଙ୍କୁ ଜଟା ଓ ମୃଗଚର୍ମ ଧାରଣ କରି ଘୋର ବନବାସ ଦୁଃଖରେ ରହିଥିବାର ଦେଖି ଆସିଲେ ।

କୌରବ ରାଜସଭାରେ ସେ ଉପସ୍ଥିତ ହେବା ମାତ୍ରେ ରାଜା ଧୃତରାଷ୍ଟ୍ର ତାଙ୍କୁ ସମସ୍ତ ସମ୍ମାନ ଦେଖାଇ ଅନନ୍ୟ ବିନମ୍ର ହୋଇ ପାଣ୍ଡବମାନେ କିପରି ଅଛନ୍ତି ବୋଲି ପଚାରିଲେ ।

ମୈତ୍ରେୟ ଉତ୍ତର ଦେଲେ, "ତୀର୍ଥଯାତ୍ରା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନ ଭ୍ରମଣ କରୁ କରୁ ମୁଁ କାମ୍ୟକ ବନରେ ରାଜଲକ୍ଷ୍ମୀ ଅପହୃତ, ଜଟା ଓ ମୃଗ ଚର୍ମ ପରିହିତ ଯୁଧିଷ୍ଠିର ଓ ତାଙ୍କର ଭାଇମାନଙ୍କୁ ଦେଖି ବିସ୍ମିତ ହେଲି । ଆପଣ ଓ ଭୀଷ୍ମ ଜୀବିତ ଥାଉଁ ଥାଉଁ କୌରବ ବଂଶର ଏହା କିପରି ହେଲା ? ମୁଁ ହିତକାମନା କରି ଆପଣ ମାନଙ୍କୁ କିଛି ପରାମର୍ଶ ଦେବା ପାଇଁ ଆଜି ଏଠାକୁ ଆସିଚି ।"

ତା'ପରେ ଦୁର୍ଯୋଧନ ଆଡ଼କୁ ଚାହିଁ ସେ କୋମଳ ସ୍ୱରରେ କହିଲେ, "ତୁମେ ଧୃତରାଷ୍ଟ୍ରଙ୍କ ଜ୍ୟେଷ୍ଠ ନନ୍ଦନ ଓ କୁରୁ ସାମ୍ରାଜ୍ୟର ଉତ୍ତରାଧିକାରୀ । ପ୍ରାଜ୍ଞ ଓ ବୀର ଯୋଦ୍ଧା ରୂପେ ତୁମର ଖ୍ୟାତି ଅଛି । ନିଜର ସ୍ୱଜନମାନଙ୍କ ସହିତ ନିରନ୍ତ ବିବାଦ କରିବା ତୁମ ପକ୍ଷରେ ଆଦୌ ଉଚିତ ହେଉନାହିଁ ।

Digitized by srujanika@gmail.com

ତା'ପରେ ପାଣ୍ଡବମାନେ ସାମାନ୍ୟ ବ୍ୟକ୍ତି ନୁହନ୍ତି । ସେମାନେ ନିଜେ ଅମିତ ଶୌର୍ଯ୍ୟ-ବୀର୍ଯ୍ୟର ଅଧିକାରୀ । ପୁଣି ଦ୍ରୁପଦ ତାଙ୍କର ବନ୍ଧୁ ଓ ଶ୍ରୀକୃଷ୍ଣ ତାଙ୍କର ସହାୟ । ତେଣୁ ତୁମେ ଶୀଘ୍ର ସେମାନଙ୍କ ସହିତ ବନ୍ଧୁତା ସ୍ଥାପନ କର ।"

ଦୁର୍ଯ୍ୟୋଧନ ଏହି କଥାକୁ ଉପହାସ କରିବା ପରି ହସି, ଜଙ୍ଘରେ ହାତ ବାଡେଇ ଗୋଡ଼ର ନଖରେ ଭୂଇଁକୁ ଚିରିବାକୁ ଲାଗିଲେ । ମୈତ୍ରେୟଙ୍କ ପରି ଜଣେ ପ୍ରତିଷ୍ଠିତ ଋଷି ଏପରି ବ୍ୟବହାର ଆଶା କରି ନଥିଲେ ।

## ଉରୁଭଙ୍ଗ ହେବ

ରାଗରେ ତାଙ୍କର ମୁହଁ ଲାଲ ହୋଇଗଲା । ସମସ୍ତ ସଭାସ୍ଥଳକୁ କମ୍ପିତ କରି ଜଳଦ ଗମ୍ଭୀର ସ୍ୱରରେ ସେ ଦୁର୍ଯ୍ୟୋଧନଙ୍କୁ ଅଭିଶାପ ଦେଇ କହିଲେ, "କ୍ଷମତାର ଗର୍ବରେ ଉନ୍ମତ୍ତ ହୋଇ ତୁମେ ଯେଉଁ ଅଶୋଭନୀୟ ଆଚରଣ ଦେଖାଇଲ, ତା'ର ପ୍ରତିଫଳ ଅଚିରେ ଭୋଗ କରିବ । ପାଣ୍ଡବମାନଙ୍କ ସହିତ ତୁମର ଅନୁଚିତ ବିବାଦ ଓ ବିଦ୍ୱେଷ ଯୋଗୁଁ ଯେଉଁ ମହାଯୁଦ୍ଧ ହେବା ସୁନିଶ୍ଚିତ, ସେଥିରେ ବଳବାନ୍ ଭୀମ ଗଦାଘାତ ଦ୍ୱାରା ତୁମର ଏହି ଉରୁ ଭଙ୍ଗ କରିବେ ।"

ଧୃତରାଷ୍ଟ୍ର ଋଷିଙ୍କ ପାଦତଳେ ପଡ଼ି-ଯାଇ କ୍ରୋଧ ସମ୍ବରଣ କରିବା ପାଇଁ ତାଙ୍କୁ ବହୁ ଅନୁରୋଧ କଲେ ।

ମୈତ୍ରେୟ କହିଲେ, "ଯଦି ତୁମର ପୁତ୍ର ପାଣ୍ଡବମାନଙ୍କ ସହିତ ସଖ୍ୟ ସ୍ଥାପନ କରି ଶାନ୍ତିରେ ରହନ୍ତି, ତା' ହେଲେ ମୋର ଅଭିଶାପ ସଫଳ ହେବ ନାହିଁ । ଅନ୍ୟଥା ଏ ବାକ୍ୟ ଫେରିବାର ନୁହେଁ ।"

ମହାଭାରତ ଭାରତୀୟ ଜୀବନର ଏକ ଚିରନ୍ତନ ଦର୍ଶନ । କୌଣସି ଅନ୍ୟାୟ କର୍ମର ପ୍ରତ୍ୟାହାର ବା ପ୍ରାୟଶ୍ଚିତ୍ତ କରିବା ପାଇଁ ଜୀବନରେ ବହୁ ସୁଯୋଗ ଆସେ, ବହୁ ହିତାକାଙ୍କ୍ଷୀ, ବହୁ ସାଧୁ, ସନ୍ଥଙ୍କ ନିଃସ୍ୱାର୍ଥ ଉପଦେଶ ଶୁଣିବାକୁ ମିଳେ, ତଥାପି ଅନେକ ସମୟରେ ମନ୍ଦ ଚରିତ୍ରର ପରିବର୍ତ୍ତନ ହୁଏ ନାହିଁ ।

( ୬ )

ପାଣ୍ଡବମାନଙ୍କର ଏହି ବିପର୍ଯ୍ୟୟ-ବେଳେ କୃଷ୍ଣ ଦ୍ୱାରକାରେ ନ ଥିଲେ । ସେତେବେଳେ ତାଙ୍କର ଜଣେ ପୁରାତନ ଶତ୍ରୁ ଶିଶୁପାଳର ବନ୍ଧୁ ଶାଲ୍ୱ ସହିତ ସେ ଯୁଦ୍ଧରେ ପ୍ରବୃତ୍ତ ଥିଲେ । ପାଣ୍ଡବମାନଙ୍କ ରାଜସୂୟ ଯଜ୍ଞରେ କୃଷ୍ଣଙ୍କ ଦ୍ୱାରା ଶିଶୁପାଳ ନିହତ ହୋଇଥିବା ସମ୍ବାଦ ପାଇ ଶାଲ୍ୱ କ୍ରୁଦ୍ଧ ହୋଇ ଦ୍ୱାରକା ଅବରୋଧ କଲା । କୃଷ୍ଣ ସେତେବେଳକୁ ଦ୍ୱାରକା ଫେରି ନ ଥାନ୍ତି । ବୃଦ୍ଧ ରାଜା ଉଗ୍ରସେନ ଦ୍ୱାରକାର ରକ୍ଷା ଦାୟିତ୍ୱରେ ଥାନ୍ତି ।

## ଅବରୁଦ୍ଧ ଦ୍ୱାରକା

ସମୁଦ୍ର ପରିବେଷ୍ଟିତ ଦ୍ୱାରକା ନଗରୀ ଶତ୍ରୁମାନଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ସବୁବେଳେ ଏକ ସୁସଜ୍ଜିତ

Digitized by srujanika@gmail.com

ଦୁର୍ଗ ପରି ରହିଥିଲା । ଏହାର ବିଭିନ୍ନ ସୈନ୍ୟ ଛାଉଣୀରେ ବୀର ଯୋଦ୍ଧାମାନେ ପ୍ରସ୍ତୁତ ହୋଇ ରହିଥିଲେ । ଶତାଧିକ ସୌଧରେ ପ୍ରଚୁର ପରିମାଣରେ ଖାଦ୍ୟ ଦ୍ରବ୍ୟ ସଞ୍ଚିତ ହୋଇଥିଲା । ବିଭିନ୍ନ ଅସ୍ତ୍ର, ଶସ୍ତ୍ର ବିଶେଷତଃ ଆଗ୍ନେୟାସ୍ତ୍ର ସମୂହ ଓ ଗୁଳି ନିକ୍ଷେପକାରୀ ଯନ୍ତ୍ର ଦୁର୍ଗ ଉପରେ ସାମରିକ କୌଶଳ ଦୃଷ୍ଟିରୁ ଉପଯୁକ୍ତ ସ୍ଥାନମାନଙ୍କରେ ରଖା ଯାଇଥିଲା । ଶାମ୍ବ, ପ୍ରଦ୍ୟୁମ୍ନ, ଚାରୁଦେଷ୍ଣ ପ୍ରଭୃତି ବୀର ସେନାପତିମାନେ ଦୁର୍ଗ ରକ୍ଷା ପାଇଁ ନିୟୋଜିତ ଥିଲେ । ଏହି ଅବରୋଧ ସମୟରେ ଉଗ୍ରସେନ ଦ୍ୱାରକାରେ କଠିନ ସଂଯମ ଓ ଶୃଙ୍ଖଳା ପ୍ରବର୍ତ୍ତନ କଲେ । ମଦ୍ୟପାନ ନିଷିଦ୍ଧ କରାଗଲା; ନୃତ୍ୟ, ସଙ୍ଗୀତ ଓ ନର୍ତ୍ତକୀ ଗୃହମାନ ବନ୍ଦ କରି ଦିଆଗଲା । ଦ୍ୱାରକା ନଗରକୁ ଜାହାଜମାନଙ୍କ ଯାତାୟାତ ବନ୍ଦ କରି ଦିଆଗଲା । ନଗରର ଚତୁର୍ଦ୍ଦିଗରେ ପ୍ରାୟ ଏକ କୋଶ ଧରି ବଡ଼ ବଡ଼ ଲୁହା କଣ୍ଟାମାନ ପୋତି ଦିଆ ଯାଇଥିଲା, ଯେପରି ଶତ୍ରୁ ସୈନ୍ୟମାନେ ସହଜରେ ପ୍ରବେଶ କରି ପାରିବେ ନାହିଁ ।

ଶ୍ରୀକୃଷ୍ଣଙ୍କ ଅନୁପସ୍ଥିତିରେ ଯାଦବ ବୀରମାନେ ଶାଲ୍ୱ ଆକ୍ରମଣରୁ ଦ୍ୱାରକାକୁ ବହୁ କଷ୍ଟରେ ରକ୍ଷା କଲେ ମଧ୍ୟ ଦୀର୍ଘକାଳ ଅବରୋଧ ଫଳରେ ଦ୍ୱାରକାବାସୀ ଅତିଶୟ ଦୁଃଖ କଷ୍ଟରେ ରହିଥିଲେ । କୃଷ୍ଣ ଦ୍ୱାରକାରେ ପହଞ୍ଚି ଏ ଅବସ୍ଥା ଦେଖି ଅତିଶୟ ବ୍ୟଥିତ ହେଲେ ଓ ଶୀଘ୍ର ପ୍ରତିଆକ୍ରମଣ କରି ଶାଲ୍ୱକୁ ତାର ନିଜ ରାଜ୍ୟକୁ ତଡ଼ି ନେଲେ । ସେଠାରେ ତାକୁ ସେହିପରି ଅବରୁଦ୍ଧ କରି ରଖି ଶେଷରେ ଖୋଲାଖୋଲି ଯୁଦ୍ଧରେ ନିହତ କଲେ ।

ଦ୍ୱାରକାଧିପତି ବିଜୟୋଲ୍ଲାସରେ ଫେରିଛନ୍ତି କି ନାହିଁ, ଦ୍ୟୁତ କ୍ରୀଡ଼ାରେ ନିଜର ପରମ ମିତ୍ର ପାଣ୍ଡବମାନଙ୍କ ପରାଭବ, ରାଜ୍ୟଚ୍ୟୁତି ଓ ବନବାସର ସମ୍ବାଦ ପାଇଲେ । ଆଉ ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ସେ ଅରଣ୍ୟବାସୀ ବନ୍ଧୁମାନଙ୍କ ଅଭିମୁଖରେ ଯାତ୍ରା କଲେ ।

ଶ୍ରୀକୃଷ୍ଣ ଏକାକୀ ନୁହନ୍ତି, ତାଙ୍କ ସହିତ ଚେଦିରାଜ ଧୃଷ୍ଟକେତୁ, ବୃଷ୍ଣି ଓ ଭୋଜ ବଂଶୀୟ ବୀର ଗଣ, କେକୟ ଗଣ ଓ ଦ୍ରୌପଦୀଙ୍କ ଭାଇ ପାଞ୍ଚାଳ ରାଜପୁତ୍ର ଧୃଷ୍ଟଦ୍ୟୁମ୍ନ ମଧ୍ୟ ଯାତ୍ରା କଲେ ।

ପାଣ୍ଡବମାନଙ୍କ ଦୁଃଖ ଦେଖି ଏମାନେ ଏପରି ଅଭିଭୂତ ହୋଇ ପଡ଼ିଲେ ଯେ ସେହି ସ୍ଥାନରେ ପ୍ରତିଜ୍ଞା କଲେ, ଧର୍ମାତ୍ମା ଯୁଧିଷ୍ଠିରଙ୍କୁ ତାଙ୍କର ସାମ୍ରାଜ୍ୟ ଫେରାଇ ଦେବା ପାଇଁ ସେମାନେ ସମସ୍ତ ତ୍ୟାଗ ସ୍ୱୀକାର କରିବେ । ଶ୍ରୀକୃଷ୍ଣ କହିଲେ ବସୁଧା ଅଚିରେ ଦୁର୍ଯ୍ୟୋଧନ ଓ ତାର ମନ୍ଦ ବୁଦ୍ଧି ବନ୍ଧୁ ଓ ସୋଦରଙ୍କର ରକ୍ତ ପାନ କରିବ ।

## ଦ୍ରୌପଦୀଙ୍କ ଶୋକ

କୃଷ୍ଣଙ୍କୁ ଦେଖି ଅତି କଷ୍ଟରେ ନିଜର ଦୁଃଖକୁ ହୃଦୟରେ ଚାପି ରଖିଥିବା ଦ୍ରୌପଦୀ ଆଉ ସମ୍ଭାଳି ପାରିଲେ ନାହିଁ ।

ସେ କହିଲେ, "ହେ ଗୋବିନ୍ଦ, ତୁମେ ପାଣ୍ଡବମାନଙ୍କର ଆତ୍ମୀୟ ସ୍ୱଜନ, ପ୍ରିୟ

Digitized by srujanika@gmail.com

ବନ୍ଧୁ । ମୁଁ ତୁମକୁ ମୋ'ର ସଖା ବୋଲି ଜ୍ଞାନ କରେ । ତୁମର ମଧ୍ୟ ମୋ' ପ୍ରତି ଅପାର ସ୍ନେହ ଅଛି । ସେଥିପାଇଁ ଆଜି ମୋ' ହୃଦୟର ଦୁଃଖ ତୁମକୁ ନିବେଦନ କରୁଛି । ମୋ' ଦେହରେ ଗୋଟିଏ ମାତ୍ର ବସ୍ତ୍ର ଥିବା ବେଳେ କୌରବମାନେ ବଳପୂର୍ବକ ମୋତେ ସଭାସ୍ଥଳକୁ ଟାଣି ନେଲେ । ମୋର ଦୁଃଖର ସେମାନେ ମୋତେ ଅଧିକ ଅପମାନିତ ଓ ଉପହସିତ କରି 'ଦାସୀ, ଦାସୀ' ବୋଲି ସମ୍ବୋଧନ କଲେ । ମୋର ସ୍ୱାମୀ ପାଣ୍ଡବ-ମାନେ ଜୀବିତ ଅଛନ୍ତି । ମୋର ପିତା ଦ୍ରୁପଦ, ଭ୍ରାତା ଧୃଷ୍ଟଦ୍ୟୁମ୍ନ ବଞ୍ଚି ଅଛନ୍ତି । ହେ ମାଧବ, ମୁଁ କିପରି ସେମାନଙ୍କର ଦାସୀ ହେଲି ? ମୁଁ କାହାର ଝିଅ, କାହାର ବୋହୂ, ଏପରିକି ଭୀଷ୍ମ ଓ ଧୃତରାଷ୍ଟ୍ର କ'ଣ ଭୁଲି ଗଲେ ? କୁଆଡ଼େ ଗଲା ସ୍ୱାମୀଙ୍କର ସେ ଅସାମାନ୍ୟ ବଳ, ଅର୍ଜୁନଙ୍କର ଭୁବନବିଦିତ ଗାଣ୍ଡୀବ ଧନୁର ଶକ୍ତି ? ଏମାନେ ନିଶ୍ଚଳ ହୋଇ ଚୁପ୍ ରହିଥାନ୍ତି, ବୀରପତ୍ନୀ ହୋଇ ଅରକ୍ଷିତ, ନିଃସହାୟା ନାରୀ ପରି ମୋତେ କି ଦୁଃଖ, ଅପମାନ ସହିବାକୁ ହେଲା ? ଯଦି ଏମାନଙ୍କର ଶୌର୍ଯ୍ୟ ଥାନ୍ତା ଆଜି ଦୁର୍ଯ୍ୟୋଧନ ଜୀବନ ଧରି ନ ଥାନ୍ତା ।''

ଏହା କହୁ କହୁ ଦ୍ରୌପଦୀଙ୍କର କୋହ ଆହୁରି ବଢ଼ିବାକୁ ଲାଗିଲା । ସେ କଥା କହି ପାରିଲେ ନାହିଁ । କୋମଳ କର-ପଲ୍ଲବରେ ମୁହଁକୁ ଘୋଡ଼ାଇ କାନ୍ଦିବାକୁ ଲାଗିଲେ । ସମସ୍ତେ ନିର୍ବାକ ଓ ନିନ୍ଦିତ ଭାବରେ ରହି ନାରୀହୃଦୟର ଏହି ଦୁଃଖ ଓ ଅପମାନକୁ ଶୁଣୁଥାନ୍ତି ।

ଅଳ୍ପକ୍ଷଣ ପରେ ପୁଣି ଦୀର୍ଘ ନିଃଶ୍ୱାସ ତ୍ୟାଗ କରି ଭଗ୍ନ ସ୍ୱରରେ ସେ କହିଲେ, "ମୋ'ର କେହି ନାହାନ୍ତି । ପତି ନାହାନ୍ତି କି ପୁତ୍ର ନାହାନ୍ତି, ବାନ୍ଧବମାନେ ନାହାନ୍ତି, ପିତା ବା ଭ୍ରାତାମାନେ ନାହାନ୍ତି । ହେ ମଧୁସୂଦନ ! ଏପରିକି ତୁମେ ମଧ୍ୟ ନାହିଁ । ଶେଷକୁ ତୁମେ ମଧ୍ୟ ମୋତେ ପରିତ୍ୟାଗ କଲ ।''

## ଶ୍ରୀକୃଷ୍ଣଙ୍କ ଶପଥ

ପାଣ୍ଡବମାନଙ୍କ ଦୁଃଖ, ବିଶେଷତଃ ଦ୍ରୌପଦୀଙ୍କର ଏହି ମର୍ମନ୍ତୁଦ ଶୋକ ପୂର୍ଣ୍ଣ ବାଣୀରେ ଶ୍ରୀକୃଷ୍ଣ ଅତ୍ୟନ୍ତ ଅଭିଭୂତ ହୋଇ ପଡ଼ିଲେ । ନିଶ୍ଚଳ ଭାବରେ ବସି ରହିଥିବା ବୀର ଯୋଦ୍ଧାମାନଙ୍କ ନୀରବତା ଭଙ୍ଗ କରି ଦ୍ରୌପଦୀଙ୍କୁ ସାନ୍ତ୍ୱନା ପୂର୍ବକ ସେ କହିଲେ, "ହେ ପାଞ୍ଚାଳୀ, ତୁମେ ସତୀ, ତେଜସ୍ୱିନୀ, ତୁମକୁ ଯେଉଁମାନେ ଏହି ଦୁଃଖ ଓ ଅପମାନ ଦେଇଛନ୍ତି, ସେମାନେ ନିଶ୍ଚୟ ତାର ପ୍ରତି-ଫଳ ଭୋଗ କରିବେ । ତୁମେ ସ୍ୱଚକ୍ଷୁରେ ସେମାନଙ୍କର ରକ୍ତାକ୍ତ ମସ୍ତକ ଧରଣୀକୁ ଚୁମ୍ବନ କରୁଥିବାର ଦେଖିବ । ମୋର ସମସ୍ତ ଶକ୍ତି ପାଣ୍ଡବମାନଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିବାରେ ନିଯୁକ୍ତ ହେବ । ପୁଣି ଯୁଧିଷ୍ଠିର ସମ୍ରାଟ ହେବେ ଓ ତୁମେ ସମ୍ରାଜ୍ଞୀ ରୂପେ ଅଧିଷ୍ଠିତ ହେବ । ତୁମେ ଧୈର୍ଯ୍ୟ ଧର ଓ ମୋ'ଠାରେ ବିଶ୍ୱାସ ରଖ ।

"ହେ କୃଷ୍ଣ ! ଆକାଶ ଖସି ଯାଇ-ପାରେ, ହିମାଳୟ ଟଳି ଯାଇପାରେ, ପୃଥିବୀ ଖଣ୍ଡ ଖଣ୍ଡ ହୋଇଯାଇ ପାରେ, ସମୁଦ୍ର

Digitized by srujanika@gmail.com

ଶୁଣ୍ଟ ହୋଇପାରେ, କିନ୍ତୁ ମୋର ଏ ବାକ୍ୟ କେବେ ହେଲେ ଅସତ୍ୟ ହେବ ନାହିଁ ।"

ଶ୍ରୀକୃଷ୍ଣଙ୍କ ଏହି ବାକ୍ୟରେ ଦ୍ରୌପଦୀଙ୍କ ହୃଦୟ ଶାନ୍ତ ହେଲା । ସେ ଅର୍ଜୁନଙ୍କ ଆଡ଼କୁ ଚାହିଁଲେ । ଅର୍ଜୁନ କହିଲେ, "ଦେବି ! ମଧୁସୂଦନ ଯାହା କହିଲେ, ତାଙ୍କର କଥା ଅନ୍ୟଥା ହେବ ନାହିଁ ।"

ପାଞ୍ଚାଳ ରାଜପୁତ୍ର ଧୃଷ୍ଟଦ୍ୟୁମ୍ନ କହିଲେ, "ଗୋବିନ୍ଦଙ୍କ ବାଣୀ ନିଶ୍ଚୟ ସତ୍ୟ ହେବ । ମୋ' ହସ୍ତରେ ଦ୍ରୋଣାଚାର୍ଯ୍ୟଙ୍କ ନିଧନ ହେବ । ଶିଖଣ୍ଡୀ ଭୀଷ୍ମଙ୍କୁ ନିହତ କରିବେ । ଭୀମଙ୍କ ହସ୍ତରେ ଦୁର୍ଯ୍ୟୋଧନ ଓ ତାର ଭାଇ-ମାନଙ୍କର ପ୍ରାଣ ଯିବ । ଅର୍ଜୁନ କର୍ଣ୍ଣଙ୍କୁ ବଧ କରିବେ । ଏହିପରି ଭାବରେ ତୁମର ଓ ପାଣ୍ଡବମାନଙ୍କ ଅପମାନର ପ୍ରତିଶୋଧ ନିଆ-ଯିବ ।"

ଶ୍ରୀକୃଷ୍ଣ ପୁଣି କହିଲେ, "ତୁମର ଦ୍ୟୂତ ରୂପକ ଏହି ଘୋର ଅନିଷ୍ଟ ସମୟରେ ମୁଁ ଦ୍ୱାରକାରେ ନ ଥିଲି । ମୁଁ ଯଦି ଥାଆନ୍ତି, ଏହି ଖବର ପାଇ ଅନିମନ୍ତ୍ରିତ ହେଲେ ମଧ ଶୀଘ୍ର ହସ୍ତିନାରେ ପହଞ୍ଚି ଥାନ୍ତି ଓ କେବେ ହେଲେ ଏହି କପଟ-କ୍ରୀଡ଼ା ଅନୁଷ୍ଠିତ ହେବାକୁ ଦେଇ ନ ଥାନ୍ତି । ଦ୍ୟୂତ, ମୃଗୟା ମଦ୍ୟପାନ ଓ ବ୍ୟଭିଚାର ଏହି ଚାରୋଟି ବ୍ୟସନର ପରିଣାମ ଭୟାବହ । ଏ ସମସ୍ତଙ୍କ ମଧ୍ୟରେ ଦ୍ୟୂତ ଅଧିକ ଦୋଷାବହ । ମୁଁ ଥିଲେ ଭୀଷ୍ମ, ଦ୍ରୋଣ, କୃପ ପ୍ରଭୃତି ବରିଷ୍ଠ-ମାନଙ୍କୁ ଏହି କ୍ରୀଡ଼ା ବନ୍ଦ କରିବା ପାଇଁ ନିବେଦନ କରିଥାନ୍ତି । ଧୃତରାଷ୍ଟ୍ରଙ୍କୁ ଏହାର ଭୟାବହ ପରିଣାମ ସମ୍ପର୍କରେ ସାବଧାନ କରି ଦେଇଥାନ୍ତି । ଯଦି ତାହାର କିଛି ଫଳ ହୋଇ ନ ଥାନ୍ତା, ତା' ହେଲେ ବଳପୂର୍ବକ ମୁଁ ତାହା ବାରଣ କରିଥାନ୍ତି । କିନ୍ତୁ ଶକୁନିର କପଟପାଶା ରୂପକ ପାଶରେ ତୁମେ ଆବଦ୍ଧ ଥିବାବେଳେ ମୁଁ ଶାଲ୍ୱ ସହିତ ଯୁଦ୍ଧରେ ରତ ଥିଲି । ଏବେ ଜଳ ତଳକୁ ବହି ଚାଲି ଗଲାଣି । ଆଉ ବନ୍ଧ ବାନ୍ଧିବା କଥା କହି ଲାଭ ନାହିଁ । ମୋର ଦୁଃଖ, ମୁଁ ଏହା ବାରଣ କରି ପାରିଲି ନାହିଁ ।"

ଏହିପରି ଭାବରେ ଦ୍ରୌପଦୀ ଓ ପାଣ୍ଡୁ ପୁତ୍ରମାନଙ୍କୁ ସାନ୍ତ୍ୱନା ଦେଇ ଅର୍ଜୁନଙ୍କ ସ୍ତ୍ରୀ ଓ ନିଜର ଭଗିନୀ ସୁଭଦ୍ରା ଓ ଭଣଜା ଅଭି-ମନ୍ୟୁଙ୍କୁ ସାଙ୍ଗରେ ଧରି ଶ୍ରୀକୃଷ୍ଣ ବିଦାୟ ନେଲେ । ଯୁଧିଷ୍ଠିର ଓ ଭୀମସେନ ତାଙ୍କର ମସ୍ତକକୁ ଆଘ୍ରାଣ କଲେ, ଅର୍ଜୁନ, ନକୁଳ ଓ ସହଦେବ ତାଙ୍କର ଭୂଜକୁ ଆଲିଙ୍ଗନ କଲେ । ଦ୍ରୌପଦୀ ନେତ୍ର ଜଳରେ ବିଦାୟ ଦେଲେ ।

ଧୃଷ୍ଟଦ୍ୟୁମ୍ନ ଦ୍ରୌପଦୀଙ୍କ ପଞ୍ଚପୁତ୍ରଙ୍କୁ ସଙ୍ଗରେ ଧରି ପାଞ୍ଚାଳ ଅଭିମୁଖରେ ବିଦାୟ ନେଲେ ।

---

Digitized by srujanika@gmail.com

WITH COMPLIMENTS
FROM

# THE ASIATIC TRADE COMBINE

RANIHAT, CUTTACK-3

*62, Bhubaneswar Marg, Bhubaneswar-3*

Digitized by srujanika@gmail.com

ବିଜ୍ଞାନ

# ଉଡନ୍ତା ଥାଳିଆ : ଅନ୍ୟ ଗ୍ରହରେ ଜୀବନ

୧୯୪୦ ମସିହା ପରଠାରୁ ପୃଥିବୀର ବିଭିନ୍ନ ଅଞ୍ଚଳରେ ବହୁ ଗୋଲାକାର ଜ୍ୟୋତିଷ୍ମାନ୍ ପଦାର୍ଥ ବାୟୁମଣ୍ଡଳରେ ଘୂରୁଥିବାର ଲକ୍ଷ୍ୟ କରାଯାଇଛି । ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଅତ୍ୟାଧୁନିକ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଆକାଶ ମଣ୍ଡଳକୁ ଲକ୍ଷ୍ୟ କରୁଥିବା ବୈଜ୍ଞାନିକମାନଙ୍କ ପର୍ଯ୍ୟନ୍ତ ଏହି ପଦାର୍ଥ ଲକ୍ଷ୍ୟ କରିଛନ୍ତି । ଏହାର ଲୌକିକ ନାମ ହେଲା ଉଡନ୍ତା ଥାଳିଆ (flying saucer) । କାରଣ ଏହାର ଆକାର ଥାଳିଆର ଆକାର ପରି । ବୈଜ୍ଞାନିକମାନେ ଏହି ପଦାର୍ଥ କ'ଣ ତାହା ସଠିକ ଭାବରେ ନିରୂପଣ କରି ପାରି ନଥିବା ଯୋଗୁଁ ଏହାର ନାମ ଦେଇଛନ୍ତି UFO (Unidentified Flying Objects), ଅର୍ଥାତ୍ ଯେଉଁ ଉଡ଼ନ୍ତା ବସ୍ତୁ କ'ଣ, ତାହା ସ୍ଥିର କରାଯାଇ ପାରିନାହିଁ ।



ନିକଟରେ ଏହି ଉଡ଼ନ୍ତା ବସ୍ତୁ ଫ୍ରାନ୍ସ, ସୋଭିଏଟ ୟୁନିଅନ, ଆମେରିକା ପ୍ରଭୃତି ଦେଶରେ ବାରମ୍ବାର ଲକ୍ଷ୍ୟ କରାଯାଇଥିବାର ସମ୍ବାଦ ମିଳୁଛି । ୧୯୫୪ ମସିହାରେ ଜଣେ ଫରାସୀ ବୈମାନିକ ରୁଏନ ନିକଟରେ ୨୫ ଫୁଟ ପରିଧିର ଏକ ଉଡ଼ନ୍ତା ଗୋଲାକାର ବସ୍ତୁକୁ ଦେଖି ତାର ଫଟୋ ଚିତ୍ର ଗ୍ରହଣ କରିଥିଲେ ।

## ନୀଳ ଗୋଲକ

୧୯୫୭ ନଭେମ୍ବର ୨ ତାରିଖରେ ସୋଭିଏଟ ୟୁନିଅନ ସ୍ପୁଟନିକ-୨ ଅନ୍ତରୀକ୍ଷ ଯାନକୁ ପଠାଇବାର ଅଳ୍ପ କେତେ ଘଣ୍ଟା

Digitized by srujanika@gmail.com

ପରେ ଆମେରିକାର ଟେକ୍ସାସ ରାଜ୍ୟର ଏକ ଅଞ୍ଚଳରେ ହଠାତ୍ ଏକ ଲାଲ ଗୋଲକ ଓହ୍ଲାଇବାର ଦେଖାଗଲା । ଏହାର ଆଲୋକରେ ବିପର୍ଯ୍ୟସ୍ତ ହେବାରୁ ଆସୁଥିବା ମଟର ଗାଡ଼ି ସବୁ ଥୋମଣା ହୋଇ ରହିଗଲା । ଏହାର ଅଳ୍ପ କେତେ ଘଣ୍ଟା ପରେ ଆମେରିକାର ହ୍ୱାଇଟ୍ ସାଣ୍ଡସ୍ ସାମରିକ କେନ୍ଦ୍ର ନିକଟରେ ସେହିପରି ଏକ ଗୋଲକ ଅବତରଣ କଲା । ବୈଜ୍ଞାନିକମାନେ ଏହାର କୌଣସି ତଥ୍ୟ ନିରୂପଣ କରି ପାରିଲେ ନାହିଁ ।

୧୯୬୦ ମସିହା ଅଗଷ୍ଟ ୧୭ ତାରିଖରେ ଦଳେ ସୋଭିଏଟ ଭୂତତ୍ତ୍ୱବିଦ୍ କାଜାକସ୍ତାନ ପ୍ରଦେଶରେ କାର୍ଯ୍ୟ କରୁଥିବା ବେଳେ ଚନ୍ଦ୍ରଠାରୁ ପ୍ରାୟ ଦେଢ଼ ଗୁଣ ପରିଧି ବିଶିଷ୍ଟ ଏକ କମଳା ରଙ୍ଗର ଗୋଲକାର ବସ୍ତୁ ଅତି ଦ୍ରୁତ ଗତିରେ ଦୂର ପର୍ବତ-ମାନଙ୍କ ଚୂଳ ଉପରେ ଉଡ଼ିଯିବାର ଦେଖିଲେ ।

୧୯୬୪ ମସିହା ଜୁଲାଇ ୧୭ ତାରିଖରେ ଅଧ୍ୟାପକ ଜାଇତ୍ସେଭ ଏକ ସୋଭିଏଟ ଜେଟ୍ ବିମାନରେ ଲେନିନ-ଗ୍ରାଡ଼ରୁ ମସ୍କୋ ଯାଉଥିଲେ । ଅଧା ରାସ୍ତା ଯିବାପରେ ସେ ଦେଖିଲେ ଏକ ବିରାଟ ଗୋଲକାର ବସ୍ତୁ ବିମାନର କଡ଼ରେ ଦେଖାଗଲା ଓ କିଛି ସମୟ ଧରି ସମାନ୍ତରାଳ ଗତିରେ ଚାଲିଲା । ତା'ପରେ ଖୁବ୍ ଦ୍ରୁତ ଗତିରେ ବାଟ ଛାଡ଼ି ଚାଲିଗଲା ।

ବିଶିଷ୍ଟ ସୋଭିଏଟ ଜ୍ୟୋତିର୍ବିଦ୍ ଏଲ. ସେଖାନୋଭିଚ ୧୯୬୫ ମସିହା ସେପ୍ଟେମ୍ବର ୧୪ ତାରିଖରେ ଏକ ଗୋଲକାର ବସ୍ତୁ ବିଜୁଳି ବେଗରେ ତାଙ୍କ ରହୁଥିବା ସହର ଉପରେ ଉଡ଼ି ଚାଲିଯିବାର ଦେଖିଥିଲେ । ୧୯୬୭-୬୭ ମସିହାରେ ବହୁ ସୋଭିଏଟ ବୈଜ୍ଞାନିକ ଏହିପରି ଉଡ଼ନ୍ତା ବସ୍ତୁ ଲକ୍ଷ୍ୟ କରି ଥିବାର ବିବରଣୀ ଦେଇଛନ୍ତି ।

## ଦୃଷ୍ଟିର ବିକାର

ପୂର୍ବରୁ ବୈଜ୍ଞାନିକମାନେ କହୁଥିଲେ ଯେ ଏହିସବୁ ଉଡ଼ନ୍ତା ବସ୍ତୁ, ଅନ୍ୟ କିଛି ନୁହେଁ, ଦୃଷ୍ଟିର ବିକାର । ପ୍ରସିଦ୍ଧ ଆମେରିକାନ ବୈଜ୍ଞାନିକ ହାର୍ଭାର୍ଡ୍ ବିଶ୍ୱବିଦ୍ୟାଳୟର ଅନ୍ତରୀକ୍ଷ ବିଦ୍ୟା ଅଧ୍ୟାପକ ଡୋନାଲ୍ ମେଞ୍ଜେଲ 'ଉଡ଼ନ୍ତା ଥାଳିଆ' ସମ୍ପର୍କରେ ତାଙ୍କ ଲିଖିତ ପୁସ୍ତକରେ କହିଛନ୍ତି ଯେ ଉଡ଼ନ୍ତା ଥାଳିଆ ହୁଏତ ଦୃଷ୍ଟିର ବିକାର କିମ୍ବା ବାୟୁମଣ୍ଡଳରେ ବିଭିନ୍ନ ତେଜସ୍କ୍ରିୟ ପଦାର୍ଥର ସଂଘର୍ଷରୁ ଜାତ ଏକ ସାମୟିକ ପ୍ରକ୍ରିୟା । ଏଥିରେ ଅଧିକ ଗୁରୁତ୍ୱ ଦେବା ଅନୁଚିତ ।

କିନ୍ତୁ ଆମେରିକା, ସୋଭିଏଟ ୟୁନିଅନ ଓ ପୃଥିବୀର ବିଭିନ୍ନ ଦେଶର ଅନ୍ୟ ବହୁ ବୈଜ୍ଞାନିକ ଏବେ ବିଶ୍ୱାସ କରୁଛନ୍ତି ଯେ ଏହା ଦୃଷ୍ଟି ଶକ୍ତିର ବିକାର ନୁହେଁ । ପୃଥିବୀର ବାହାରେ ଅନ୍ୟ କୌଣସି ଗ୍ରହ ନକ୍ଷତ୍ରରେ ମନୁଷ୍ୟଠାରୁ ହୁଏତ ଅଧିକ ବୁଦ୍ଧିମାନ ଜୀବ ଅଛନ୍ତି, ଯେଉଁମାନେ ମନୁଷ୍ୟ ସମ୍ପର୍କରେ ଓ ପୃଥିବୀ ସମ୍ପର୍କରେ

Digitized by srujanika@gmail.com

ଅଧିକ ତଥ୍ୟ ସଂଗ୍ରହ କରିବାପାଇଁ ଏହି ଅନ୍ତରୀକ୍ଷ ପୋତମାନଙ୍କୁ ପଠାଉଛନ୍ତି ।

ବିଶେଷତଃ ପୃଥିବୀରେ ଅନ୍ତରୀକ୍ଷ ସମ୍ପର୍କୀୟ ଗବେଷଣାର ଦ୍ରୁତ ଅଗ୍ରଗତି ହେଉଥିବା ବେଳେ ଅପରିଚିତ ଉଡ଼ନ୍ତା ବସ୍ତୁ ମାନଙ୍କର ସଂଖ୍ୟା ବଢ଼ି ଚାଲିଛି । ୧୯୪୯ ମସିହାରେ ଆମେରିକା ପକ୍ଷରୁ ରକେଟ ପରୀକ୍ଷା ହେବାଠାରୁ ୧୯୫୭ ମସିହାରେ ସୋଭିଏଟ ୟୁନିଅନ କୃତ୍ରିମ ଉପଗ୍ରହ ପଠାଇବା ପର୍ଯ୍ୟନ୍ତ ଯେତେ ଅପରିଚିତ ଉଡ଼ନ୍ତା ବସ୍ତୁ ମାନଙ୍କୁ ଲକ୍ଷ୍ୟ କରାଯାଇଛି, ସେଥିରୁ ଗୋଟିଏ କଥା ସୂଚିତ ହେଉଛି ଯେ ଏହି ସବୁ ବସ୍ତୁ ଜାହାଜ, ବିମାନ, ରେଲଗାଡ଼ି ପ୍ରଭୃତି ଦ୍ରୁତଗାମୀ ଯାନ ମାନଙ୍କର ଗତିକୁ ଖୁବ୍ ନିକଟରେ ଥାଇ ଲକ୍ଷ୍ୟ କରୁଛନ୍ତି ।

## ସ୍ପୁଟନିକର ସଙ୍ଗୀ

୧୯୫୭ ନଭେମ୍ବର ୨ ତାରିଖରେ ସୋଭିଏଟ ୟୁନିଅନ ଲାଇକା ନାମକ କୁକୁରକୁ ସ୍ପୁଟନିକ-୨ ଉପଗ୍ରହ ଭିତରେ ପଠାଇଲା । ତା'ର ୧୭ ଦିନ ପରେ ଜଣେ ଆମେରିକାନ ବୈଜ୍ଞାନିକ ନିଉ କାର୍ଲ ଓ ତାଙ୍କର ସାହାଯ୍ୟକାରୀଗଣ ଶକ୍ତିଶାଳୀ କାମେରା ମାନଙ୍କ ସାହାଯ୍ୟରେ ଏହାର ଆଲୋକ ଚିତ୍ର ଗ୍ରହଣ କରି ଦେଖିଲେ, ଏହି ଉପଗ୍ରହ ଏକ ଆଲୋକର ଲମ୍ବ ବିସ୍ତାର କରି ଚାଲିଛି । କିନ୍ତୁ ତା' ସାଙ୍ଗେ ସାଙ୍ଗେ ଆହୁରି ମଧ୍ୟ ଏକ ଆଲୋକର ଲମ୍ବ ଦେଖା ଯାଉଛି । ଏହି ଦ୍ୱିତୀୟ ଆଲୋକ ଅର୍ଦ୍ଧ ପଥ ପରେ ବାଟ ଛାଡ଼ି ଚାଲିଗଲା । ଅର୍ଥାତ୍ ସ୍ପୁଟନିକ-୨ ତା'ର ଏହି ମହାଶୂନ୍ୟ ଯାତ୍ରା ପଥରେ ଏକାକୀ ନୁହେଁ, ତା' ସହିତ ଅନ୍ୟ ଜଣେ ସଙ୍ଗୀ ଥିଲା ।

ପୃଥିବୀର ଚାରିଆଡ଼େ ଏହା ପ୍ରକାଶ ପାଇଥିଲା ଯେ ୧୯୬୧ ଫେବୃୟାରୀ ୧୭ ତାରିଖରେ ସୋଭିଏଟ ୟୁନିଅନ ଜଣେ ପୁରୁଷ ଓ ସ୍ତ୍ରୀକୁ ଆର୍ଟିକ ହ୍ରଦ ନିକଟବର୍ତ୍ତୀ ଏକ ସ୍ଥାନରୁ ମହାଶୂନ୍ୟକୁ ପଠାଇଥିଲା ଓ ଏ ଦୁଇ ଜଣ ଯାତ୍ରୀ ଆଉ ପୃଥିବୀକୁ ଫେରି ନଥିଲେ । ସେହିଦିନ ଓ ଏହାର ସାତ ଦିନ ପର୍ଯ୍ୟନ୍ତ ପୃଥିବୀର ବିଭିନ୍ନ ସ୍ଥାନରେ ଥିବା ମହାଶୂନ୍ୟ ପର୍ଯ୍ୟବେକ୍ଷଣ କେନ୍ଦ୍ର ମାନଙ୍କରେ ବୈଜ୍ଞାନିକ ମାନେ ସୋଭିଏଟ ଅନ୍ତରୀକ୍ଷ କେନ୍ଦ୍ର ସହିତ ଉଭୟ ମହାଶୂନ୍ୟ ଯାତ୍ରୀଙ୍କ କଥା ଭାଷା ଲିପିବଦ୍ଧ କରିଥିଲେ । ସପ୍ତମ ଦିବସରେ ୟୁରୋପର ଟ୍ୟୁରିନ ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ବୈଜ୍ଞାନିକମାନେ ସେମାନଙ୍କର କଥାଭାଷାରୁ ଜାଣିଲେ ଯେ ଉଭୟଙ୍କର ସ୍ୱାସ୍ଥ୍ୟ ଭଲ ଅଛି, କିନ୍ତୁ ସେମାନଙ୍କର ପୋତ ମଧ୍ୟରେ ବାୟୁ କ୍ରମେ ଶେଷ ହେବାକୁ ବସିଛି ଓ ଆଲୋକ ନିଭି ଯାଇଛି ।

## ମୁଁ ଦେଖିପାରୁଛି

ଏହି ସମୟରେ ନାରୀ କଣ୍ଠରୁ ଶୁଣାଗଲା, "ମୁଁ ଏହାକୁ ଧରିନେବି ଓ ନିଜହାତରେ ଧରି ରଖିବି । ଏହି କ୍ଷୁଦ୍ର କାଚ ବାତାୟନ ମଧ୍ୟରେ ଦେଖ, ଦେଖ ! ମୁଁ ଦେଖି ପାରୁଛି...

Digitized by srujanika@gmail.com

କିଛିକ୍ଷଣପରେ ପୁରୁଷର ସ୍ୱର ଶୁଣାଗଲା, "ହେଉଛି, ହେଉଛି ଦେଖ, ସେଇଠି ଦେଖାଗଲା"—( ଊନସେକଣ୍ଡ ପରେ ) "ଆମେ ଯଦି ଫେରି ନପିବା ପୃଥିବୀର ଲୋକେ ଏହା ଜାଣି ପାରିବେ ନାହିଁ ····"

ଏହାପରେ ଭଗ୍ନ ସ୍ୱରରେ ଯେଉଁ କେତେକ ଶବ୍ଦ ଶୁଣାଗଲା, ତାହା ବୁଝାଗଲା ନାହିଁ । ତା'ପରେ ସୋଭିଏଟ ଷ୍ଟେସନର ସ୍ୱର ଶୁଭିଲା—ମସ୍କୋ ସମସ୍ତ ଅନୁସାସ୍ଥୀ ରାତି ୮ଟା ହୋଇଛି ।

ଏହି ଶୂନ୍ୟପୋତ ମଧ୍ୟରେ ଥିବା ଦୁଇ ସୋଭିଏଟ ଯାତ୍ରୀଙ୍କ କଥା ଭାଷାରୁ ଯେଉଁ ସୂଚନା ମିଳିଲା, ସେଥିରୁ ଅନୁମାନ କରାଯାଏ ଯେ ଏମାନେ କୌଣସି ଆଶ୍ଚର୍ଯ୍ୟ ଜନକ ବସ୍ତୁ ଦେଖି ସ୍ତବ୍ଧ ହୋଇଗଲେ ।

୧୯୬୨ ମସିହା ଜାନୁଆରି ମାସରେ ଆମେରିକା ପକ୍ଷରୁ ଯେଉଁ ପୋଲାରିସ କ୍ଷେପଣାସ୍ତ୍ର ପଠାଗଲା, ଅଳ୍ପ ସମୟ ପରେ ଦୂର ଅନ୍ତରୀକ୍ଷରେ ତା' ପାଖରେ ଏକ ବିରାଟକାୟ ବସ୍ତୁ ହଠାତ୍ ଆବିର୍ଭୂତ ହୋଇ କିଛି ସମୟପରେ ଚାଲିଗଲା । ଏହି ବସ୍ତୁ ଆବିର୍ଭୂତ ହେବାପରେ ପୋଲାରିସର ସ୍ୱୟଂ-କ୍ରିୟ ରାଡ଼ାର ଯନ୍ତ୍ର କାର୍ଯ୍ୟ କଲା ନାହିଁ ।

ଏହା ପରେ ପରେ ପୃଥିବୀରୁ ପଠା ଯାଇଥିବା ମହାଶୂନ୍ୟ ପୋତ ମାନଙ୍କ ମଧ୍ୟରୁ ଅନେକ ପୋତ ଏହିପରି ବହୁ ଅପରିଚିତ ଉଡ଼ନ୍ତା ବସ୍ତୁର ଅଭିଜ୍ଞତା ଲାଭ କରିଛନ୍ତି ।

## ଚନ୍ଦ୍ରରେ ଘାଟି

ଆହୁରି ଏକ ଉଲ୍ଲେଖ ଯୋଗ୍ୟ ବିଷୟ ହେଉଛି, ମନୁଷ୍ୟ ପ୍ରଥମେ ଚନ୍ଦ୍ରରେ ଅବତରଣ କରି ଚନ୍ଦ୍ରସ୍ଥିତ ଘାଟି ସାହାଯ୍ୟରେ ସୌରମାଣ ଜଗତକୁ ଆବିଷ୍କାର କରିବାକୁ ଚାହେଁ । କିନ୍ତୁ ଅନ୍ୟ କୌଣସି ଗ୍ରହର କୌଣସି ବୁଦ୍ଧିମାନ୍ ଜୀବ ଏହିପରି ପରି-କଳ୍ପନା କରି ତାହାକୁ ବହୁ ଆଗରୁ କାର୍ଯ୍ୟ-କାରୀ କରି ସାରିଲଣି ।

୧୯୬୨ ଡିସେମ୍ବର ମାସରେ ଆମେରିକାନ୍ ରକେଟ ସୋସାଇଟିର ଅଧିବେଶନରେ ଜଣେ ବିଶିଷ୍ଟ ବୈଜ୍ଞାନିକ ଡ଼କ୍ଟର କାର୍ଲ ସାଗାନ ଭାଷଣ ଦେଇ କହିଥିଲେ, "ବହିର ଅନ୍ୟ ଗ୍ରହ ଉପଗ୍ରହରୁ ବୁଦ୍ଧିମାନ୍ ଜୀବ ପୃଥିବୀକୁ ଆସୁଥିବାର ଓ ଚନ୍ଦ୍ରଲୋକରେ ସେମାନଙ୍କ ବହୁ ଘାଟି ଥିବାର ସମ୍ଭାବନା ଅଛି ।"

ଆମେରିକା ଚନ୍ଦ୍ର ପୃଷ୍ଠରୁ ଚିତ୍ର ଗ୍ରହଣ କରିବା ପାଇଁ ବହୁ ଉଦ୍ୟମ କରି ୧୯୬୪ ମସିହାରେ ଯେତେବେଳେ ସଫଳ ହେଲା, ତାହା ପକ୍ଷରୁ ପ୍ରେରିତ ରେଞ୍ଜର-୭ ଚନ୍ଦ୍ର-ପୃଷ୍ଠରେ ଓହ୍ଲାଇ ହଜାର ହଜାର ଆଲୋକ ଚିତ୍ର ଗ୍ରହଣ କଲା । ତା' ମଧ୍ୟରୁ ଗୋଟିଏ ଥିଲା—ଚନ୍ଦ୍ରସ୍ଥିତ ଏକ ବିରାଟ ଗର୍ତ୍ତ ମଝିରେ ଦୁଇଟି ବିଶାଳ ଗୁଦପରି ଧବଳ ବସ୍ତୁ ।

ତା'ର ଅଳ୍ପ କେତେମାସ ପରେ ରେଞ୍ଜର-୮ ସାତ ହଜାର ଚିତ୍ର ଚନ୍ଦ୍ର ପୃଷ୍ଠରୁ ପଠାଇଲା ଓ ଏଥିରୁ କେତୋଟି ଚିତ୍ରରେ ଏହି ଧବଳବସ୍ତୁ ମାନ ଆହୁରି ସ୍ପଷ୍ଟ ଭାବରେ ଦେଖାଗଲା । ୧୯୩୦ ମସିହାରୁ ମଧ୍ୟ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ମାନଙ୍କ ସାହାଯ୍ୟରେ ଚନ୍ଦ୍ର ପୃଷ୍ଠରେ ଏହିପରି ବହୁ ଧବଳ ବସ୍ତୁ ଲକ୍ଷ୍ୟ କରାଯାଇଛି । ବେଳେ ବେଳେ କେତେକ

Digitized by srujanika@gmail.com

ସ୍ଥାନରେ ଏହା ଦେଖା ଯାଇଛି । ପୁଣି ଅନ୍ତର୍ହିତ ହୋଇ ଯାଇଛି । ଏଥିରୁ ଏହା ଯେ ପାହାଡ଼ ନୁହେଁ, ସ୍ପଷ୍ଟ ହୋଇ ଯାଇଛି ।

ବହୁ ରୁଷୀୟ ଓ ଆମେରିକାନ ବୈଜ୍ଞାନିକ ୧୯୫୮ ମସିହାରୁ ଏ ମଧ୍ୟରେ ଚନ୍ଦ୍ରର ବହୁ ଅଞ୍ଚଳରେ ଏକ ବିଚିତ୍ର ଆଲୋକ ରେଖା ନିରୀକ୍ଷଣ କରିଛନ୍ତି । ଏ ଆଲୋକ ସୂର୍ଯ୍ୟ କିରଣର ପ୍ରତିବିମ୍ବ ନୁହେଁ—କାରଣ ଚନ୍ଦ୍ରର ଅନ୍ଧକାର ମୟ ଅଞ୍ଚଳରେ ଏହା ପରିଲକ୍ଷିତ ହୋଇଛି । ଏହା ଆଗ୍ନେୟଗିରିର ଅଗ୍ନ୍ୟୁତ୍ପାତ ନହେ । କାରଣ ଅଳ୍ପସମୟ ଦେଖାଯାଇ ପୁଣି ଏହା ଅନ୍ତର୍ହିତ ହୋଇ ଯାଇଛି ।

ତେଣୁ ଚନ୍ଦ୍ରଲୋକରେ ଆଗେ ଦେଖା ଯାଉଥିବା ଓ ପୁଣି ଚାଲି ଯାଉଥିବା ଏହି ଧବଳ ଗୋଲାକାର ବସ୍ତୁ ଓ ଆଲୋକ ରେଖା ସବୁ କ'ଣ, ତାହା ଏପର୍ଯ୍ୟନ୍ତ ବୈଜ୍ଞାନିକ ମାନଙ୍କର ବିସ୍ମୟ ହୋଇ ରହିଛି ଓ ଚନ୍ଦ୍ରଲୋକ ଏକ ନିର୍ଜୀବ ଅଞ୍ଚଳ ନୁହେଁ, ତା'ର ସମ୍ଭାବନା ବଢ଼ାଇ ଦେଇଛି ।

ତେଣୁ ପୃଥିବୀରେ ଓ ମହାଶୂନ୍ୟରେ ସୁନିୟନ୍ତ୍ରିତ ଭାବରେ ଉଡ଼ୁଥିବା ଏହି ଅପରିଚିତ ବସ୍ତୁ ଓ ଚନ୍ଦ୍ରଲୋକରେ ଅବସ୍ଥିତ ଏହି ଧବଳ ପଦାର୍ଥ ସବୁ ପୃଥିବୀ ସାରା ବୈଜ୍ଞାନିକ ମାନଙ୍କର ଏକ ବିସ୍ମୟ ସୃଷ୍ଟି କରିଛି ଯେ ହୁଏତ ମନୁଷ୍ୟ ଏହି ବିଶ୍ୱ ବ୍ରହ୍ମାଣ୍ଡରେ ଏକମାତ୍ର ବୁଦ୍ଧିମାନ୍ ଜୀବ ନୁହେଁ—ଅନ୍ୟଗ୍ରହ ଉପଗ୍ରହରେ ଆହୁରି ସଭ୍ୟ ଆହୁରି ବୁଦ୍ଧିମାନ୍ ଜୀବମାନେ ଅଛନ୍ତି ।

---

## ଇଂରାଜୀ ମାଧ୍ୟମ

ବୈଦେଶିକ ଶାସନର ବହୁ ମନ୍ଦ ଫଳ ମଧ୍ୟରୁ ଦେଶର ଯୁବକମାନଙ୍କୁ ବିଦେଶୀ ଭାଷା ମାଧ୍ୟମରେ ଶିକ୍ଷାଦାନ ସବୁଠାରୁ ଗୁରୁତର ବୋଲି ଇତିହାସ ନିର୍ଣ୍ଣୟ କରିବ । ଏହା ଜାତିର କର୍ମପ୍ରବଣତାକୁ କମାଇ ଦେଇଛି । ଛାତ୍ରମାନଙ୍କର ଜୀବନକାଳ କମାଇ ଦେଇଛି ଓ ଜନସାଧାରଣଙ୍କ ଠାରୁ ସେମାନଙ୍କୁ ଦୂରେଇ ଦେଇଛି । ଶିକ୍ଷାଦାନ ଏହା ଫଳରେ ଅଧିକ ଖର୍ଚ୍ଚ ସାପେକ୍ଷ ହୋଇଛି । ଯଦି ଏହି ପ୍ରଣାଳୀ ଚାଲୁ ରଖାଯାଏ, ତା ହେଲେ ଜାତିଠାରୁ ତା'ର ଆତ୍ମା ଛିନ୍ନ ହୋଇଯିବ । ତେଣୁ ଯେତେ ଶୀଘ୍ର ଶିକ୍ଷିତ ଭାରତ ବିଦେଶୀ ମାଧ୍ୟମରୁ ନିଜକୁ ମୁକ୍ତ କରିପାରେ, ସେତେଶୀଘ୍ର ଉଭୟ ଶିକ୍ଷିତ ଗୋଷ୍ଠୀ ଓ ଜନସାଧାରଣଙ୍କର ମଙ୍ଗଳ ହେବ ।

ମହାତ୍ମା ଗାନ୍ଧୀ—ୟଙ୍ଗ୍ ଇଣ୍ଡିଆ ୫।୭।୨୮

Digitized by srujanika@gmail.com

১৭২৭ ২৭.১০.৭৭

# Statement about ownership and other particulars about PAURUSHA

## FORM IV

(*See* Rule 8)

| | | |
|---|---|---|
| 1. | Place of publication | Cuttack |
| 2. | Periodicity of its publication | Monthly |
| 3. | Printer's Name | Narendra Chandra Pradhan |
| | Nationality | Indian |
| | Address | Old College Lane, Cuttack-2 |
| 4. | Publisher's Name | Narendra Chandra Pradhan |
| | Nationality | Indian |
| | Address | Old College Lane, Cuttack-2 |
| 5. | Editor's Name | Janaki Ballav Patnaik |
| | Nationality | Indian |
| | Address | Old College Lane Cuttack-2 |
| 6. | Names and addresses of individuals who own the newspaper and partners or shareholders holding more than one per cent of the total capial. | J. B. Patnaik<br>Old College Lane<br>Cuttack-2 |

I, N. C. Pradhan, hereby declare that the particulars given above are true to the best of my knowledge and belief.

*N. C. Pradhan*

*Date. 22. 3. 68* *Signature of Publisher*

Digitized by srujanika@gmail.com

# ପୌରୁଷ



Digitized by srujanika@gmail.com

ସୋଭିଏଟ ରୁଷ, ଚେକୋସ୍ଲୋଭକିଆ, ଜର୍ମାନୀ,
ଥାଇଲଣ୍ଡ ଯେଉଁଠି ଖୋଜ

# ସ୍ପାର୍କ (ବ୍ୟାଟେରୀ)

ମଟର ମାଲିକ ଓ ଡ୍ରାଇଭର
ସମସ୍ତେ ଜାଣନ୍ତି !




## ବ୍ୟାଟେରୀ

କେବଳ ଆମ ଦେଶରେ ନୁହେଁ
ବିଦେଶରେ ମଧ୍ୟ ଏହାର ଚାହିଦା
ଦିନକୁ ଦିନ ବଢ଼ି ଚାଲିଛି ।

ସ୍ପାର୍କ ବ୍ୟାଟେରୀଟିଏ କିଣି
ନିଶ୍ଚିନ୍ତ ରହନ୍ତୁ

ଅନ୍ୟ ସବୁ ବ୍ୟାଟେରୀ ଅଚଳ ହେଲେବି
ସ୍ପାର୍କ ବିଜୁଳି ପରି କାମ କରେ ।

ପ୍ରସ୍ତୁତକାରୀ —
ସ୍ପାର୍କ ବ୍ୟାଟେରୀ ମାନ୍ୟୁଫାକ୍‌ଚରିଂ ଓ୍ୱାର୍କସ, ଲି:
ଇଣ୍ଡଷ୍ଟ୍ରିୟାଲ ଇଷ୍ଟେଟ, କଟକ-୩ ଫୋନ-୧୫୫୪

# ବାରବାଟୀ ଲଟେରୀ

ଗୋଟିଏ ଭଲରୁ ସହସ୍ର ଭଲ !!

ସତ୍ ତଥା ମହତ୍ ଉଦ୍ଦେଶ୍ୟ ରଖି ସଂସାରରେ ଯେତେ କାର୍ଯ୍ୟ ହୋଇଛି ସେଥିରୁ ଆନ୍ତୁର ଅସଂଖ୍ୟ ଭଲ ଫଳ ମିଳିଛି ।

## ବାରବାଟୀ ରାଫଲ କ୍ଷେତ୍ରରେ ମଧ୍ୟ ତାହାହିଁ ପ୍ରମାଣିତ ହୋଇଗଲା ।

ନବ ଉତ୍କଳର ଗୋଟିଏ ଅକ୍ଷୟ କୀର୍ତ୍ତି ପାଇଁ ଦେଶର ଘରଆଡୁ କେବଳ ଗୋଟିଏ ଲେଖା ଟଂକା ସଂଗ୍ରହ କରିବାର କଳ୍ପନା ଦିନେ ହେଲା ।

ଆଜି ଦେଖା ଯାଉଛି ........

ବାରବାଟୀ ଷ୍ଟେଡ଼ିୟମ ତିଆରି କାର୍ଯ୍ୟ ତ ଚାଲିଛି, ତା ସଙ୍ଗେ ସଙ୍ଗେ ସେହି ପାଣ୍ଠିରୁ —

| | |
|---|---|
| ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ | —୧,୮୨,୭୮୫-୦୦ |
| ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ | —ଟ ୫୦,୦୦୦-୦୦ |
| ନେହେରୁ ସ୍ମୃତିରକ୍ଷା ପାଣ୍ଠିକୁ | —ଟ ୨୨,୫୦୦-୦୦ |
| ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳପାଇଁ | —ଟ ୪୦,୦୦୦-୦୦ |
| ବିହାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | —ଟ ୨୦,୦୦୦-୦୦ |

ଓ ଅନ୍ୟାନ୍ୟ ଅନେକ ପାଣ୍ଠିକୁ ମଧ୍ୟ ପ୍ରାୟ ଏକଲକ୍ଷ (ଟ୧,୦୦,୦୦୦)ଟଙ୍କା ଯାଇଛି—

ଆପଣ ଆମକୁ ଟଙ୍କାଏ ଟଙ୍କାଏ ସାହାଯ୍ୟ ଦେଇ ଅନ୍ୟମାନଙ୍କୁ ସାହାଯ୍ୟ ଦେବାପାଇଁ ପଥ ପରିଷ୍କାର କରି ଦିଅନ୍ତୁ ବୋଲି ବିନୀତ ଅନୁରୋଧ ।

ପ୍ରଥମ ପୁରସ୍କାର ଟ ୧,୦୦,୦୦ (ଏକ ଲକ୍ଷ ଟଙ୍କା)

ଉଠାଣ ତା ୨୧-୪-୬୮

ବିଶେଷ ବିବରଣୀ ପାଇଁ ଲେଖନ୍ତୁ—

ଅବୈତନିକ ସମ୍ପାଦକ
ବାରବାଟୀ ରଫଲ କମିଟୀ
କଟକ-୫

Digitized by srujanika@gmail.com

# ପୌରୁଷ

ଦୈବାୟତ୍ତଂ କୁଳେ ଜନ୍ମ ମଦାୟତ୍ତଂ ଚ ପୌରୁଷମ୍

ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର ମୋର ଅଧୀନ ।

କର୍ଣ୍ଣ--ବେଣୀସଂହାରମ୍

## ସୂଚୀପତ୍ର


| | ପୃଷ୍ଠା |
|---|---|
| ଶ୍ରୀରାମ ବନ୍ଦନା | ୫ |
| ସଂପାଦକୀୟ * | ୭ |
| ନୈତିକ ଅଧୋଗତି | |
| ରାମରାଜ୍ୟ | ୧୧ |
| ବାଲ୍ମୀକି | |
| ସୀତା, ମୂର୍ତ୍ତିମତୀ | |
| ଭାରତ ଜନନୀ | ୧୩ |
| ସ୍ୱାମୀ ବିବେକାନନ୍ଦ | |
| ରାମନାମ ଓ ଗାନ୍ଧିଜୀ | ୧୭ |
| ଆଚାର୍ଯ୍ୟ ବିନୋବା ଭାବେ | |
| ରାମନାମ ରସ (ଭଜନ) | ୨୩ |
| ମୀରାବାଈ | |
| ଅଯୋଧ୍ୟା, କିଷ୍କିନ୍ଧ୍ୟା, | |
| ଲଙ୍କା | ୨୫ |
| ଜାନକୀବଲ୍ଲଭ ପଟ୍ଟନାୟକ | |
| ଓଁ ଯୋ ହବେ | |
| ଶ୍ରୀରାମଚନ୍ଦ୍ର | ୨୯ |
| ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ | |
| ଅଭିନବ ଗୀତଗୋବିନ୍ଦ | ୩୫ |
| ନୀଳମଣି ମିଶ୍ର | |
| ଓଡ଼ିଆ ଅଧ୍ୟାପକ | |
| ବୌଲଟନଙ୍କ ସଂଗେ (ଭ୍ରମଣକାହାଣୀ) | ୪୧ |
| ଅଧ୍ୟାପକ ଡକ୍ଟର କୃଷ୍ଣବିହାରୀ ଦାଶ | |
| ମୋ' କାହାଣୀ | ୪୯ |
| ନୀଳମଣି ସେନାପତି | |
| କୃଷ୍ଣାବତାର | ୫୫ |
| କେ. ଏମ୍. ମୁନ୍‌ସୀ | |
| କୋଣାର୍କ ସମ୍ବନ୍ଧିତ କେତୋଟି ଚିଠି | ୭୧ |
| ଅଧ୍ୟାପକ ପ୍ରଭାତ ମୁଖାର୍ଜୀ | |


Digitized by srujanika@gmail.com

[illegible]ତୀ ତାର (ବଜ୍ଞାନ) ୬୭
ଅଧ୍ୟାପକ କୁମାରଚନ୍ଦ୍ର ମିଶ୍ର

ସ୍ୱାଧୀନତା ସଂଗ୍ରାମର ସ୍ମୃତି ୭୨
ମହାବୀର ତ୍ୟାଗୀ

ମହାଭାରତ କାହାଣୀ ୭୫
ଜୟନ୍ତୀ ପଟ୍ଟନାୟକ

ଅକାଞ୍ଚନର ଜୀବନସ୍ମୃତି ୮୩
ଡକ୍ଟର ପ୍ରାଣକୃଷ୍ଣ ପରିଜା

ସାଧୁ ଓ ଖୋଡ଼ଆ ବଳଦ ୮୯
(ପିଲାଙ୍କ ପାଇଁ ଗଳ୍ପ)

ପ୍ରଚ୍ଛଦପଟ-ଶ୍ରୀରାମଚନ୍ଦ୍ର (ଚିତ୍ର) ଶିବ ପାଣିଗ୍ରାହୀ

ସଂପାଦକ * ଜାନକୀବଲ୍ଲଭ ପଟ୍ଟନାୟକ

ପୌରୁଷର ଗ୍ରାହକ ଚାନ୍ଦା
ବାର୍ଷିକ— ୧୦ ଟଙ୍କା
ଷାଣ୍ମାସିକ— ୫ ଟଙ୍କା ୫୦ପ.
ମାସିକ— ୧ ଟଙ୍କା

ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା
ମୁଦ୍ରିତ ଓ ପ୍ରକାଶିତ
ପୌରୁଷ ପ୍ରେସ ଓ କାର୍ଯ୍ୟାଳୟ,
ଚାନ୍ଦନୀଚୌକ, କଟକ-୨




Konark
ELECTRICAL ACCESSORIES
Manufactured by
ORISSA ELECTRICAL MANUFACTURERS LTD.
INDUSTRIAL ESTATE, CUTTACK-3

Digitized by srujanika@gmail.com

# ଶ୍ରୀରାମ-ବନ୍ଦନା



ସ୍ମରାମି ରାମଂ ରଘୁବଂଶକେତୁମ୍ ।
ଭଜାମି ପାଥୋନିଧିବଦ୍ଧସେତୁମ୍ ॥
ଜାନାମି ରାମଂ ଜଗଦେକହେତୁମ୍ ।
ନମାମି ରକ୍ଷଃକୁଳଧୂମକେତୁମ୍ ॥

ରଘୁବଂଶର କେତନ ସ୍ୱରୂପ ରାମଚନ୍ଦ୍ରଙ୍କୁ ସ୍ମରଣ କରୁଛି । ସମୁଦ୍ରରେ ସେତୁ ବାନ୍ଧିଥିବା ଶ୍ରୀରାମଙ୍କୁ ଭଜନ କରୁଛି । ରାମଚନ୍ଦ୍ର ଜଗତର ଏକମାତ୍ର କାରଣ ବୋଲି ମୁଁ ଜାଣୁଛି । ରାକ୍ଷସ କୁଳର ଧୂମକେତୁ ରାମଚନ୍ଦ୍ରଙ୍କୁ ପ୍ରଣାମ କରୁଛି ।

—ଶ୍ରୀ ରାମାଷ୍ଟକମ୍

Digitized by srujanika@gmail.com

# ସମ୍ପାଦକୀୟ

## * ନୈତିକ ଅଧୋଗତି

ରାମାୟଣ ହେଉଛି ଭାରତୀୟ ବ୍ୟକ୍ତି, ସମାଜ ଓ ଶାସନର ପ୍ରେରଣାର ଉତ୍ସ । ଯୁଗ ପରେ ଯୁଗ ଅତୀତ ହେଲେ ମଧ୍ୟ ଏହାର ମର୍ଯ୍ୟାଦା କ୍ଷୁଣ୍ଣ ହୋଇନାହିଁ । ସେଥିପାଇଁ ଭାରତରେ ଏହି ଆଦିକାବ୍ୟ ସମ୍ପର୍କରେ କୁହାଯାଇଛି :—

ଯାବତ୍ ସ୍ଥାସ୍ୟନ୍ତି ଗିରୟଃ
ସରିତଶ୍ଚ ମହୀତଳେ ।
ତାବତ୍ ରାମାୟଣକଥା
ଲୋକେଷୁ ପ୍ରଚରିଷ୍ୟତି ॥

ଯେତେଦିନ ପର୍ଯ୍ୟନ୍ତ ଗିରି ଓ ନଦୀମାନେ ଏ ପୃଥିବୀରେ ଅଛନ୍ତି, ସେତେଦିନ ପର୍ଯ୍ୟନ୍ତ ରାମାୟଣ କଥାର ପ୍ରଚାର ହେଉଥିବ ।

ରାମଚନ୍ଦ୍ରଙ୍କୁ ଏକ ଆଦର୍ଶ ପୁରୁଷ, ରାଜା ବା ଶାସକରୂପେ କଳ୍ପନା କରାଯାଇ କୁହାଯାଇଛି, "ଦ୍ୱିଃ ଶରଂ ନାଭିସନ୍ଧତେ, ରାମ ଦ୍ୱି ନାଭିଭାଷତେ ।" ରାମ ଦୁଇଥର ଶର ସନ୍ଧାନ କରନ୍ତି ନାହିଁ କିମ୍ବା ଦୁଇଥର କହନ୍ତି ନାହିଁ । ଅର୍ଥାତ୍ ତାଙ୍କର ଶର ଅବ୍ୟର୍ଥ । ଏବେ ମଧ୍ୟ କୌଣସି ଔଷଧର ଅବ୍ୟର୍ଥ ଗୁଣ ସମ୍ପର୍କରେ କହିବାକୁ ଯାଇ ଆମର କୁହାଯାଏ, ତାହା ରାମବାଣ ପରି କାର୍ଯ୍ୟକରେ । ସେହିପରି ରାମଙ୍କର ବଚନ ମଧ୍ୟ ଅବ୍ୟର୍ଥ ହେବାର ନୁହେ ।

କେବଳ ରାମଚନ୍ଦ୍ର ନୁହନ୍ତି, ସେ ଯେଉଁ ବଂଶରେ ଉଦ୍ଭୂତ ସେହି ରଘୁକୁଳର ବା ପ୍ରାଚୀନ ଭାରତୀୟ ରାଜଧର୍ମର ଉଲ୍ଲେଖ କରି ମହାକବି ତୁଳସୀଦାସ କହିଛନ୍ତି, "ରଘୁକୁଳ ରୀତି ସଦା ଚଲି ଆୟୀ ; ପ୍ରାଣ ଜାଇଁ ବରୁ ବଚନ ନ ଜାଇଂ ।" ଅର୍ଥାତ୍ ଜୀବନ ଚାଲିଯାଉ ପଛକେ କେବେ ହେଲେ ବଚନ ଟଳିବ ନାହିଁ, ଏହା ହେଉଛି ରଘୁକୁଳର ଧର୍ମ ।

ଏହି ବଚନ ବା କଥା ଦେଇ ରକ୍ଷା କରିବା, ନିଜର ସତ୍ୟ ବା ପ୍ରତିଶ୍ରୁତି ପାଳନ

Digitized by srujanika@gmail.com

କରିବା ହେଉଛି ଭାରତୀୟ ଜୀବନ ବା ଆଦର୍ଶର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି, ଯାହାକୁ କେନ୍ଦ୍ର କରି ପ୍ରାଚୀନ ଭାରତର ସମସ୍ତ ପ୍ରଧାନ କାବ୍ୟ, ନାଟକ, ପୁରାଣ, ଆଖ୍ୟାୟିକା ରଚିତ ହୋଇଛି ।

ରାମାୟଣର ନାୟକ ରାମଚନ୍ଦ୍ର ପିତୃ ସତ୍ୟ ପାଳନ କରିବାପାଇଁ ରାଜଭୋଗ ଛାଡ଼ି ବନବାସ ଦୁଃଖକୁ ଆନନ୍ଦରେ ବରଣ କରିଛନ୍ତି । ସୁଗ୍ରୀବଙ୍କୁ କଥା ଦେଇଥିବା ଯୋଗୁଁ ଅଧିକ ବଳବାନ୍ ବାଲୀଙ୍କର ଶତ୍ରୁତା ବରଣ କରିଛନ୍ତି ଓ ବିଭୀଷଣଙ୍କୁ କଥା ଦେଇ ଲଙ୍କାରେ ତାଙ୍କୁ ରାଜପଦରେ ଅଭିଷିକ୍ତ କରିଛନ୍ତି । ମହାଭାରତର ନାୟକ ଯୁଧିଷ୍ଠିର ନିଜର କଥା ରକ୍ଷା କରିବାପାଇଁ ବାରବର୍ଷ ବନବାସ ଓ ବର୍ଷେ ଅଜ୍ଞାତବାସ ବରଣ କରିଛନ୍ତି । ନିଜର ପତ୍ନୀ ଓ ଭାଇମାନଙ୍କର ସମସ୍ତ ଯୁକ୍ତି, ଅନୁଯୋଗସତ୍ତ୍ୱେ ସେ ନିଜ କଥାରୁ ଟିକିଏ ହେଲେ ଟଳି ନାହାନ୍ତି । କର୍ଣ୍ଣ କୁନ୍ତୀଦେବୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ "ଅର୍ଜୁନଙ୍କ ଛଡ଼ା ସେ କୌଣସି ପାଣ୍ଡବଙ୍କର ଜୀବନ ନେବେ ନାହିଁ" ନିଜର ପ୍ରାଣର ବିନିମୟରେ ସେ ତାହା ପାଳନ କରିଛନ୍ତି । କେବଳ ଏମାନେ ନୁହନ୍ତି, ନଳ ଓ ହରିଶ୍ଚନ୍ଦ୍ର, ବଳିରାଜା ଓ ଶିବି, ବୌଦ୍ଧ ଜାତକର କେତେ ଶୁକ, ଶଶକ, ହସ୍ତୀ ଓ ବାନର, କୋଶଳର ରାଜପୁତ୍ର ଓ ବାରାଣସୀର ବ୍ରାହ୍ମଣ, ଏହିପରି ଶହ ଶହ ଚରିତ୍ର ଆମର ଆଖି ଆଗରେ ଉଦ୍ଭାସିତ ହୋଇ ଉଠନ୍ତି, ଯେଉଁମାନେ ସତ୍ୟର ରକ୍ଷା ପାଇଁ ଚରମ ତ୍ୟାଗ ଓ ତିତିକ୍ଷାର ଆଦର୍ଶ ଦେଖାଇ ଯାଇ ପାରିଛନ୍ତି ।

ଭାରତୀୟ ପରମ୍ପରା ହେଉଛି, ସତ୍ସଂକଳ୍ପ କରିବାପାଇଁ ଶିଖିବା ଓ ତାହା ପାଳନ କରିବା । ବ୍ୟକ୍ତି, ସମାଜ ଓ ରାଷ୍ଟ୍ରର ଜୀବନରେ ଏହା ପ୍ରତିଫଳିତ ହୋଇଛି । ବିଶେଷତଃ 'ରାଜା କାଳସ୍ୟ କାରଣମ୍' । ରାଜା ବା ଶାସନ ବିଭିନ୍ନ ଯୁଗର ସୃଷ୍ଟି କରେ । ରାମ ତ୍ରେତା ଯୁଗରେ ରାଜତ୍ୱ କରୁଥିଲେ । କିନ୍ତୁ ତାଙ୍କର ସତ୍ୟବ୍ରତ ଓ ସତ୍ୟାନୁସନ୍ଧାନ ଯୋଗୁଁ ତ୍ରେତା ଯୁଗରେ କୃତଯୁଗ ବା ସତ୍ୟଯୁଗର ଫଳ ଭୋଗ ହେଲା ।

ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର ଶାସନରେ ଦୁଃଖର ବିଷୟ ଏହି ଚିନ୍ତା ପ୍ରତିଫଳିତ ହେଲା ନାହିଁ । ପ୍ରଥମତଃ ଆମେ ପ୍ରତିଜ୍ଞା କରିବାକୁ ଶିଖିଲୁ ନାହିଁ । ଯେଉଁଠି ବା କଲୁ ସେ ପ୍ରତିଜ୍ଞା ରକ୍ଷା କରି ପାରିଲୁ ନାହିଁ । ଭାରତରେ ଯେଉଁ ସମ୍ବିଧାନ ରଚନା କରାଗଲା, ସେଥିରେ ସାମାଜିକ, ନୈତିକ ଓ ଅର୍ଥନୈତିକ ପରିବର୍ତ୍ତନ ନାମରେ ଯେଉଁ ଅଧ୍ୟାୟଟି ରହିଲା; ତାହା ଏକ ନିର୍ଦ୍ଦେଶନାମା (Directive Principles of State Policy) ହୋଇ ରହିଲା । ଏହା ପୂର୍ବରୁ ଥିବା ମୌଳିକ ଅଧିକାର ଗୁଡ଼ିକୁ ଯେପରି ସ୍ୱୀକୃତି ଦିଆ ଯାଇଥିଲା, ଏହାକୁ ସେପରି ସ୍ୱୀକୃତି ଦିଆଗଲା ନାହିଁ । ତଥାପି ସ୍ୱାଧୀନତା କହିଲେ ଜନସାଧାରଣ ଯେଉଁ ପରିବର୍ତ୍ତନ ଆଶା କରୁଥିଲେ, ତାହା କିନ୍ତୁ ଏହି ଅଧ୍ୟାୟରେ ଥିବା ଯୋଗୁଁ ଆଶା

Digitized by srujanika@gmail.com

କରି ଯାଉଥିଲି ଯେ ଏହାକୁ କାର୍ଯ୍ୟକାରୀ କରିବାରେ ସର୍ବାଧିକ ଗୁରୁତ୍ୱ ଦିଆଯିବ ।

ଘରର ମାଲିକ, କୁଟୁମ୍ବର ପରିଚାଳକଙ୍କୁ ପ୍ରଥମେ ଗ୍ରହଣ କରିବାକୁ ହୁଏ ଯେ ଘରର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଙ୍ଗେ ସଙ୍ଗେ ଭୋଜନ ମିଳିବା ଆବଶ୍ୟକ । କାମ ମିଳିବା ଆବଶ୍ୟକ । ଏହି ଦୃଷ୍ଟିରେ ସରକାରଙ୍କୁ ତାଙ୍କର ଯୋଜନା କରିବାକୁ ହେବ । କିନ୍ତୁ ଦେଶରେ ଏବେ ତିନୋଟି ଯୋଜନା ହୋଇ ଗଲାଣି । କୌଣସି ଯୋଜନାରେ ଜନ-ସାଧାରଣଙ୍କୁ ଭୋଜନ ଓ କାମର ପ୍ରତିଶ୍ରୁତି ଦିଆଯାଇ ନାହିଁ ।

ଯୋଜନା ଆରମ୍ଭ ହେବା ପୂର୍ବରୁ ଏକ ପ୍ରତିଜ୍ଞା କରାଗଲା ଯେ ୧୯୫୧ ମସିହା ସୁଦ୍ଧା ଦେଶ ଖାଦ୍ୟଶସ୍ୟରେ ସ୍ୱାବଲମ୍ବୀ ହୋଇ-ଯିବ । ଆଶା କରି ଯାଉଥିଲି ଯୁଦ୍ଧ ସମୟରେ ବ୍ରିଟିଶ ସରକାର ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦନ କରିବାର କାର୍ଯ୍ୟକ୍ରମ ନେଇ ଯଦି ଆଂଶିକ ସଫଳ ହୋଇ ପାରିଲେ, ସ୍ୱାଧୀନ ଦେଶର ସରକାର ପ୍ରତିଜ୍ଞାବଦ୍ଧ ହୋଇ କାହିଁକି ସଫଳ ହେବେ ନାହିଁ ? ଏକଥା ମନେ ରଖିବାକୁ ହେବ ଯେ ସ୍ୱାଧୀନତାର ବ୍ରାହ୍ମ ମୁହୂର୍ତ୍ତରେ ଭାରତର ଶ୍ରେଷ୍ଠନେତା ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କ ମୁହଁରେ ଏ ପ୍ରତିଜ୍ଞା କରାଗଲା । କିନ୍ତୁ ଏ ପ୍ରତିଜ୍ଞା ରକ୍ଷା କରିବା ପାଇଁ ଗ୍ରାମେ ଗ୍ରାମେ ଯେଉଁ ବୈପ୍ଳବିକ କାର୍ଯ୍ୟକ୍ରମ ଆବଶ୍ୟକ, ଭୂସଂସ୍କାର, ପ୍ରତ୍ୟେକ ଇଞ୍ଚ ଭୂମିକୁ ଜଳ ଯୋଗାଣର ବ୍ୟବସ୍ଥା, ଉନ୍ନତ ସାର, ବିହନ ଯୋଗାଇବାର କାର୍ଯ୍ୟକ୍ରମ, ଏଥିପ୍ରତି ଲୋକ ଚେତନାର ଉଦ୍ରେକ ତାହା କରାଗଲା ନାହିଁ । ସରକାର ଯେଉଁ କଥା କହୁଥିଲେ, ସେ କଥାକୁ ଲୋକ ନେଲେ । ୧୯୫୧ ମସିହାରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା ହେବା ବେଳେ କୁହାଗଲା, ଦେଶ ଖାଦ୍ୟ ଶସ୍ୟରେ ସ୍ୱାବଲମ୍ବୀ ହୋଇ ପାରିଲା ନାହିଁ, ସେଥିପାଇଁ ବାହାରୁ ପ୍ରତିବର୍ଷ ୩୦ ଲକ୍ଷ ଟନ ଖାଦ୍ୟ ଶସ୍ୟ ଆମଦାନୀ କରିବାକୁ ହେବ । ପ୍ରଥମ ଯୋଜନା ଶେଷ ହେବା ବେଳକୁ ନିଶ୍ଚୟ ଖାଦ୍ୟ ଶସ୍ୟରେ ଦେଶ ସ୍ୱାବଲମ୍ବୀ ହୋଇ ଯାଇଥିବ । ଏ କେଉଁପରି ଯୋଜନା ? ବାହାରୁ ଖାଦ୍ୟ ଶସ୍ୟ ଆସୁ-ଥିବ । ଲୋକଙ୍କୁ କୁହାଯିବ, ସେମାନେ ଖାଦ୍ୟ ଉତ୍ପାଦନ କରି ଦେଶକୁ ସ୍ୱାବଲମ୍ବୀ କରନ୍ତୁ । ଏହାର ପ୍ରତିକ୍ରିୟା କ'ଣ ଲୋକଙ୍କ ଉପରେ ପଡ଼ିବ ?

ଯୋଜନା କମିଶନ ସୁପାରିଶ କଲେ ଓ ସରକାର ସିଦ୍ଧାନ୍ତ ଗ୍ରହଣ କଲେ । କୃଷି ଓ ଖାଦ୍ୟମନ୍ତ୍ରୀ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ତାଙ୍କର ବିଭାଗ ଜରିଆରେ ବିଭିନ୍ନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଦେଲେ । ରାଜ୍ୟ ସ୍ତରରେ ସେକ୍ରେଟେରିଏଟରୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ପଠାଗଲା । ସେ ବ୍ଲକ ଅଫିସରଙ୍କୁ ନିର୍ଦ୍ଦେଶ ପଠାଇଲେ । ବ୍ଲକ ଅଫିସର ଗ୍ରାମସେବକଙ୍କୁ ପଠାଇଲେ । ତା' ପରେ ଉଜାଣି ବହିଲା । ଗ୍ରାମସେବକ ତାଙ୍କର ଚାକିରି ବଜାୟ ରଖିବା ପାଇଁ ଯେତେଦୂର ଅଧିକ ଉତ୍ପାଦନ ହୋଇପାରେ ତାର ରିପୋର୍ଟ ଦେଲେ । ବ୍ଲକ ସ୍ତରରେ ଅଫିସର ତାଙ୍କର ଦକ୍ଷତା ଦେଖାଇବା ପାଇଁ

Digitized by srujanika@gmail.com

ଉତ୍ପାଦନ ଆହୁରି ଟିକିଏ ବଢ଼ାଇ ଦେଲେ । ଏହିପରି ଢଙ୍ଗରେ ଦିଲ୍ଲୀରେ ଏହା ପହଞ୍ଚିବା ବେଳକୁ ଜଣାଗଲା ଦେଶ ଖାଦ୍ୟ ଶସ୍ୟରେ ସ୍ୱାବଲମ୍ବୀ ବହୁ ଦିନୁଁ ହୋଇ ଯାଇଛି । ଏହିପରି ଏକ ଅବାସ୍ତବ ବାତାବରଣ ମଧ୍ୟରେ ଯେତେବେଳେ ସରକାର ରହିଲେ, ସ୍ଥାନେ ସ୍ଥାନେ ଦୁର୍ଭିକ୍ଷ ଓ ମରୁଡ଼ି ପଡ଼ିବାକୁ ଲାଗିଲା । ଏଥିରେ ସ୍ତମ୍ଭିତ ହୋଇ ପୂର୍ବେ ସରକାର ଯେତିକି ଖାଦ୍ୟ ଶସ୍ୟ ବାହାରୁ ଆମଦାନୀ କରୁଥିଲେ, ତାହାଠାରୁ ଅଧିକ ଆମଦାନୀ କରିବାକୁ ଲାଗିଲେ ।

ଦେଶରେ ପଞ୍ଚବାର୍ଷିକ ଯୋଜନା ମାନଙ୍କର ଇତିହାସ ହେଉଛି ଅନ୍ନରେ ସ୍ୱାବଲମ୍ବୀ ହେବା ପାଇଁ ବାରଂବାର ପ୍ରତିଶ୍ରୁତି ଦାନ ଓ ପ୍ରତିଶ୍ରୁତି ଭଙ୍ଗ ; ଯାହା ଫଳରେ ଏ ସରକାର କଥାରେ ଲୋକେ କଡ଼ାକର ମୂଲ୍ୟ ଦେବା ପାଇଁ ପ୍ରସ୍ତୁତ ନୁହନ୍ତି । ଦେଶର ଆତ୍ମବିଶ୍ୱାସ ସମ୍ପୂର୍ଣ୍ଣ ରୂପେ ତୁଟି ଯାଇଛି । ସ୍ୱାଧୀନତା ପୂର୍ବରୁ ଯେତେ ଦୁର୍ଭିକ୍ଷ ହେଉଥିଲା, ଏବେ ତାହାଠାରୁ ଅଧିକ ଦୁର୍ଭିକ୍ଷ ପଡୁଛି । ଭାରତ କହିଲେ ବାହାର ଦେଶମାନଙ୍କରେ ଲୋକେ ବୁଝିଛନ୍ତି ଏକ ଦରିଦ୍ର, କାଙ୍ଗାଳ ଭିକ୍ଷୁକଙ୍କର ଦେଶ ।

ଲୋକଙ୍କୁ କାମ ଯୋଗାଇବା କ୍ଷେତ୍ରରେ ଏ ଚିତ୍ର ଆହୁରି ଭୟାବହ । ତିନୋଟି ଯୋଜନାରେ ଖର୍ଚ୍ଚ ହେଉଛି ସାଢ଼େ ସତର ହଜାର କୋଟି ଟଙ୍କା । ଏଥିରେ ବହୁତ ବଡ଼ ବଡ଼ କଳ, କାରଖାନା, ନଦୀବନ୍ଧ ଯୋଜନା, କୋଠା, ବାଡ଼ି ଆଦି ନିର୍ମିତ ହୋଇଛି । ଏହାକୁ ସବୁ ନବଭାରତର ମନ୍ଦିର ଓ ତୀର୍ଥ ସ୍ଥାନ ବୋଲି କୁହାଯାଉଛି । କିନ୍ତୁ ଯେଉଁ ନର ନାରାୟଣଙ୍କର ତୃପ୍ତି ପାଇଁ ଏହା କରା ଯାଇଛି, ସେ ଉପାସ, ଭୋକରେ ଗଡ଼ୁଛନ୍ତି । ପ୍ରତ୍ୟେକ ଯୋଜନାର ହିସାବ ଫର୍ଦ୍ଦରେ ବେକାର ଲୋକଙ୍କ ସମସ୍ୟା ଏପରି ଉତ୍କଟ ହୋଇଛି ଯେ ଶିକ୍ଷିତ, ତାଲିମ ପ୍ରାପ୍ତ ବ୍ୟକ୍ତି ମାନେ ଗାଁ ଗଣ୍ଡା ଛାଡ଼ି, ବଜାରରେ କାମ ପାଇଁ ବୁଲୁଛନ୍ତି । ଯଦି ଯୋଜନା ହୋଇ ସ୍ଥିର ହେଲା ଯେ ଦେଶରେ ଏତେ ସଂଖ୍ୟାରେ ଗ୍ରାଜୁଏଟ ଦରକାର, ଇଞ୍ଜିନିଅର ଦରକାର, ବିଶେଷଜ୍ଞ, କାରିଗର ଦରକାର, ଓ ସେଇ ଅନୁସାରେ ଇଞ୍ଜିନିଅର, କାରିଗର, ବିଶେଷଜ୍ଞ ବାହାରି ସେମାନେ କାମ ନ ପାଇ ବସି ରହିଲେ ତେବେ ଏ କେଉଁ ଭଳି ଯୋଜନା ଏବଂ ସମସ୍ତ ଲଜ୍ଜା ତ୍ୟାଗ କରି ଯଦି ଯୋଜନାକାରୀମାନେ ଉପଦେଶ ଦେଲେ ଇଞ୍ଜିନିଅରମାନେ ନିଜର ନିଜର ଧନ୍ଦା ଖୋଜନ୍ତୁ, ସରକାର ସେମାନଙ୍କୁ କାମ ଯୋଗାଇବା ପାଇଁ ବାଧ୍ୟ ନୁହେଁ, ତା'ହେଲେ ଏମାନଙ୍କ କଥାକୁ ନିର୍ବୋଧକ ଗୋଷ୍ଠୀ କି ମୂଲ୍ୟ ଦେବେ ?

ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରାଗଲେ ବେକାର ସମସ୍ୟା ରହିବ ନାହିଁ, ଗାଁ, ଗଣ୍ଡାର କୃଷିଜାତ କଞ୍ଚା ମାଲକୁ କେନ୍ଦ୍ର କରି ସେଠାରେ ଛୋଟ ଛୋଟ କଳ, କାରଖାନାମାନ ବସାଇବା ଅର୍ଥାତ୍ ଗ୍ରାମୋଦ୍ୟୋଗ ନାମରେ ଯେଉଁସବୁ ଶିଳ୍ପ ବୁଝାଯାଏ ବିଦ୍ୟୁତଶକ୍ତି ଓ ଯନ୍ତ୍ରପାତି ସାହାଯ୍ୟରେ ତାକୁ ଅଧିକ ଉନ୍ନତ କରିବା, ତା'ର କୌଣସି କାର୍ଯ୍ୟକ୍ରମ ବିଭିନ୍ନ ଯୋଜନାରେ

Digitized by srujanika@gmail.com

ସ୍ଥାନ ପାଇନାହିଁ । ଜାପାନ ଶିଳ୍ପପ୍ରଧାନ ଦେଶମାନଙ୍କ ମଧ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଉନ୍ନତ କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ଜରିଆରେ ହିଁ ଏହା ବେକାର ସମସ୍ୟା ସମାଧାନ କରିବାରେ ସଫଳ ହୋଇଛି । ବଡ଼ ବଡ଼ କଳ, କାରଖାନା ନ ବସୁ ଏ କଥା କେହି କହୁନାହିଁ । ଦେଶର ସାମରିକ ଶକ୍ତି ଓ ଶିଳ୍ପ ସାମର୍ଥ୍ୟ ବଢ଼ାଇବା ପାଇଁ ଏହା ବହୁ ସଂଖ୍ୟାରେ ବସିବା ଦରକାର । କିନ୍ତୁ ଯେଉଁଟି ମୂଳ କଥା, ଲୋକଙ୍କର କର୍ମ ସନ୍ଧାନକୁ ଆଗରେ ରଖି ଯୋଜନା କରିବା, ସେଇଟି ଯଦି ଭୁଲି ଦିବାକୁ ହୁଏ, ତା'ହେଲେ ଏ ଯୋଜନାରେ ଜନସାଧାରଣଙ୍କର ଆତ୍ମବିଶ୍ୱାସ ଫେରିବ ନାହିଁ କି ସେମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହେବ ନାହିଁ ।

ଆଜି ଦେଶରେ ଯେଉଁ ନୈତିକ ଅଧୋଗତି ଦେଖା ଦେଇଚି, ତାହା ନେତୃତ୍ୱର ଅଧୋଗତି ଓ ଶାସନର ଅଧୋଗତିର ଫଳ । ଯେଉଁ ନେତୃତ୍ୱ ସତ୍‌ସଙ୍କଳ୍ପ କରି ଜାଣେ ନାହିଁ, କଲେ ମଧ୍ୟ ତାହା ରକ୍ଷା କରି ପାରେନାହିଁ, ତଥାପି ଶାସନର ନିୟାମକ ହୋଇରହେ, ତାହାଠାରୁ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଶା କରିବା ସମ୍ଭବ ନୁହେଁ । ଆଧୁନିକ ଭାରତୀୟ ନେତୃତ୍ୱରେ ଗାନ୍ଧିଜୀ ପ୍ରମାଣିତ କରିଥିଲେ, କିପରି ପ୍ରତିଜ୍ଞା କରି ରକ୍ଷା କରିବାକୁ ହୁଏ । ସ୍ୱାଧୀନତା ତାଙ୍କର ଏକମାତ୍ର ପ୍ରତିଜ୍ଞା ନୁହେଁ । ସ୍ୱଦେଶୀର ସଙ୍କଳ୍ପ କରି ସେ ପରମୁଖାପେକ୍ଷୀ ଦେଶକୁ ବସ୍ତ୍ରରେ ସ୍ୱାବଲମ୍ବୀ କରି ଦେଇ ଗଲେ । ସେ ଯଦି ବଞ୍ଚିଥାନ୍ତେ, ଦୁଇବର୍ଷ ମଧ୍ୟରେ ଦେଶ ଖାଦ୍ୟ ଶସ୍ୟରେ ସ୍ୱାବଲମ୍ବୀ ହୋଇ ପାରିଥାନ୍ତା ଓ ସ୍ୱାଧୀନ ଭାରତର ଶାସନକୁ ଯଥାର୍ଥ ଦିଗ୍‌ଦର୍ଶନ ମିଳି ପାରିଥାନ୍ତା ।

ବର୍ତ୍ତମାନ ଜନସାଧାରଣଙ୍କ ମଙ୍ଗଳ ପାଇଁ ସତ୍‌ସଙ୍କଳ୍ପର ଅଭାବ ଯୋଗୁଁ କେବଳ କ୍ଷମତାରେ ରହିବାହିଁ ହୋଇଛି ଶାସକମାନଙ୍କର ଏକମାତ୍ର ଲକ୍ଷ୍ୟ । ଏହି ଲକ୍ଷ୍ୟ ସବୁ ଦଳର ରାଜନୀତିଜ୍ଞ ମାନଙ୍କୁ ପ୍ରଭାବିତ କରିଛି । ଏହା ଏକ ଆସୁରୀ ପ୍ରବୃତ୍ତି, ଯାହା ବିରୁଦ୍ଧରେ କି ଭଗବାନ ଶ୍ରୀରାମଚନ୍ଦ୍ର ଅସ୍ତ୍ର ଧାରଣ କରିଥିଲେ ।

Digitized by srujanika@gmail.com

ଏ ଦେଶରେ ଶାସନର ଅତ୍ୟୁଚ୍ଚ ଆଦର୍ଶକୁ ରାମରାଜ୍ୟ ନାମରେ ଅଭିହିତ କରାଯାଏ । ରାମ ରାଜ୍ୟ କିପରି ଥିଲା, ମହାକବି ବାଲ୍ମୀକୀଙ୍କ ନିଜ ଭାଷାରେ ତାହା ଉଦ୍ଧାର କରାଗଲା । ପ୍ରଥମେ ଗଦ୍ୟାନୁବାଦ ଓ ପରେ ଶ୍ଲୋକ ।

# ରାମ ରାଜ୍ୟ

## ବାଲ୍ମୀକୀ

ରାମ ରାଜ୍ୟ ଶାସନ କଲାବେଳେ ତାଙ୍କ ରାଜ୍ୟରେ କେହି ବିଧବା ହୋଇ ବିଳାପ କଲା ନାହିଁ । ସର୍ପ ଦଂଶନାଦି ଭୟ କିମ୍ବା ରୋଗର ଭୟ ରହିଲା ନାହିଁ ।

ସମସ୍ତ ରାଜ୍ୟ ଦସ୍ୟୁ-ଶୂନ୍ୟ ହେଲା । କେହି ଅନ୍ୟର ଅର୍ଥ ଛୁଇଁଲେ ନାହିଁ । ଅକାଳ ମୃତ୍ୟୁ ନ ହେବା ଯୋଗୁଁ କୌଣସି ବୃଦ୍ଧ ବ୍ୟକ୍ତିକୁ ବାଳକର ପାଇଁ ପ୍ରେତକର୍ମାଦି କରିବାକୁ ହେଉ ନ ଥିଲା ।

ସମସ୍ତେ ସୁଖୀ ହେଲେ । ସମସ୍ତେ ଧର୍ମପରାୟଣ ହେଲେ । ରାମଙ୍କ ମନରେ ଦୁଃଖ ହେବ, ଏହା ବିଚାର କରି କେହି କାହାପ୍ରତି ହିଂସାଚରଣ କଲେ ନାହିଁ ।

ରାମ ରାଜ୍ୟ ଶାସନ କଲାବେଳେ ଲୋକେ ହଜାରେ ବର୍ଷ ବଞ୍ଚୁଥିଲେ ଓ ହଜାରେ ପୁତ୍ର ଲାଭ କରୁଥିଲେ । ସମସ୍ତେ ନିରୋଗ ଓ ଶୋକହୀନ ଥିଲେ ।

ପ୍ରଜାମାନଙ୍କ ମଧ୍ୟରେ କେବଳ ରାମ, ରାମ, ରାମ ଏହି କଥା ହିଁ ଚର୍ଚ୍ଚା ହେଉଥିଲା । ରାମ ରାଜ୍ୟ ଶାସନ କରୁଥିବାବେଳେ ସମସ୍ତ ଜଗତ କେବଳ ରାମମୟ ହୋଇ ଯାଇଥିଲା ।

ରାମ ରାଜ୍ୟରେ ବୃକ୍ଷମାନେ ସର୍ବଦା ପୁଷ୍ପ ଓ ଫଳରେ ଭରା ରହି ଶାଖା ମେଲି ଦେଉଥିଲେ । ଠିକ୍ ସମୟରେ ବର୍ଷା ହେଉଥିଲା ଓ ମେଘମାନେ ବର୍ଷଣ କରୁଥିଲେ ଓ ପବନର ସ୍ପର୍ଶ ବଡ଼ ମଧୁର ଥିଲା ।

ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ମାନେ ଲୋଭ ଛାଡ଼ି ଦେଇ ସେମାନଙ୍କ କର୍ତ୍ତବ୍ୟ କର୍ମରେ ଲାଗି ପଡ଼ିଲେ ଓ ସେଥିରେ ହିଁ ସେମାନେ ସନ୍ତୁଷ୍ଟ ହେଉଥିଲେ ।

ରାମଙ୍କ ଶାସନରେ ପ୍ରଜାମାନେ ଧାର୍ମିକ ଥିଲେ । ମିଥ୍ୟା କହୁ ନଥିଲେ ଓ ସମସ୍ତ ଶୁଭ ଲକ୍ଷଣରେ ଯୁକ୍ତ ଥିଲେ ।

Digitized by srujanika@gmail.com


# ଶ୍ଲୋକ

ନ ପର୍ଯ୍ୟଦେବନ୍ ବିଧବା ନଚ ବ୍ୟାଳକୃତଂ ଭୟମ୍ ।
ନ ବ୍ୟାଧିଜଂ ଭୟଂ ବାପି ରାମେ ରାଜ୍ୟଂ ପ୍ରଶାସତି ।
ନିର୍ଦସ୍ୟୁରଭବଲ୍ଲୋକୋ ନାନର୍ଥଃ କଂଚିଦସ୍ପୃଶତ୍ ।
ନଚସ୍ମ ବୃଦ୍ଧା ବାଳାନାଂ ପ୍ରେତକାର୍ଯ୍ୟାଣି କୁର୍ବତେ ।
ସର୍ବମ୍ମୁଦିତମେବାସୀତ୍ ସର୍ବୋ ଧର୍ମପରୋଽଭବତ୍ ।
ରାମମେବାନୁପଶ୍ୟନ୍ତୋ ନାଭ୍ୟହିଂସନ୍ ପରସ୍ପରମ୍ ।
ଆସନ୍ ବର୍ଷ ସହସ୍ରାଣି ତଥା ପୁତ୍ର ସହସ୍ରିଣଃ ।
ନିରାମୟା ବିଶୋକାଶ୍ଚ ରାମେ ରାଜ୍ୟଂ ପ୍ରଶାସତି ।
ରାମୋ ରାମୋ ରାମ ଇତି ପ୍ରଜାନାମଭବନ୍ କଥାଃ ।
ରାମଭୂତଂ ଜଗଦଭୂଦ୍ରାମେ ରାଜ୍ୟଂ ପ୍ରଶାସତି ।
ନିତ୍ୟ ପୁଷ୍ପା ନିତ୍ୟଫଳାସ୍ତରବଃ ସ୍କନ୍ଧବିସ୍ତୃତାଃ
କାଳେ ବର୍ଷୀ ଚ ପର୍ଜନ୍ୟଃ ସୁଖସ୍ପର୍ଶଶ୍ଚ ମାରୁତଃ ।
ବ୍ରାହ୍ମଣାଃ କ୍ଷତ୍ରିୟା ବୈଶ୍ୟାଃ ଶୂଦ୍ରା ଲୋଭବିବର୍ଜିତାଃ
ସ୍ୱକର୍ମସୁ ପ୍ରବର୍ତ୍ତନ୍ତେ ତୁଷ୍ଟାଃ ସ୍ୱୈରେବ କର୍ମଭିଃ
ଆସନ୍ ପ୍ରଜା ଧର୍ମରତା ରାମେ ଶାସତି ନାନୃତାଃ ।
ସର୍ବେ ଲକ୍ଷଣସଂପନ୍ନାଃ ସର୍ବେ ଧର୍ମପରାୟଣାଃ ।



Digitized by srujanika@gmail.com

# ସୀତା, ମୂର୍ତ୍ତିମତୀ ଭାରତ ଜନନୀ



## ସ୍ୱାମୀ ବିବେକାନନ୍ଦ

ଲଙ୍କାବିଜୟ ପରେ ରାମଚନ୍ଦ୍ର ସୀତାଙ୍କୁ ଗ୍ରହଣ କରିବା ପୂର୍ବରୁ ସର୍ବସାଧାରଣଙ୍କ ସନ୍ତୋଷ ବିଧାନ ପାଇଁ ତାଙ୍କୁ ସ୍ୱୟଂ ବିଶୁଦ୍ଧ-ସ୍ୱଭାବା ବୋଲି ଜାଣି ମଧ୍ୟ ସମବେତ ବାନର ଓ ରାକ୍ଷସମାନଙ୍କ ସମକ୍ଷରେ ଅଗ୍ନି ପରୀକ୍ଷା କରିଥିଲେ । ଯେତେବେଳେ ସୀତା ଅଗ୍ନି ପ୍ରବେଶ କଲେ, ସେତେବେଳେ ରାମଚନ୍ଦ୍ର 'ବୋଧହୁଏ ସୀତାକୁ ହରାଇଲି' ଭାବି ଶୋକରେ ମୁହ୍ୟମାନ ହେଲେ ; କିନ୍ତୁ ମୁହୂର୍ତ୍ତିରେ ସମସ୍ତେ ବିସ୍ମିତ ହୋଇ ଦେଖିଲେ ଯେ, ଅଗ୍ନିଦେବ ସ୍ୱୟଂ ସେହି ଅଗ୍ନି ଭିତରୁ ଉତ୍ଥିତ ହେଉଛନ୍ତି । ତାଙ୍କ ମସ୍ତକରେ ହିରଣ୍ମୟ ସିଂହାସନ, ତାହା ଉପରେ ସୀତା ଦେବୀ ଉପବିଷ୍ଟା । ଏହା ଦେଖି ରାମଚନ୍ଦ୍ର ଓ ସମବେତ ଜନତାର ଆନନ୍ଦର ସୀମା ରହିଲା ନାହିଁ । ରାମ ପରମ ଆଦରରେ ତାଙ୍କୁ ଗ୍ରହଣ କଲେ । ଅଯୋଧ୍ୟାର ପ୍ରଜାମାନେ ଏ ଅଗ୍ନି ପରୀକ୍ଷା ବିଷୟରେ ଅବଗତ ଥିଲେ. କିନ୍ତୁ ସେମାନେ ତାହା ନିଜେ ନ ଦେଖି ଥିବାରୁ ସେମାନଙ୍କର ମନ ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ହୋଇ ନ ଥିଲା । ସେମାନେ ନିଜ ନିଜ ମଧ୍ୟରେ କୁହାକୁହି ହେଉଥିଲେ, ସୀତା ରାବଣ ଗୃହରେ ବହୁକାଳ ବାସ କରିଥିଲେ ; ସେ ଯେ ସେଠାରେ ବାସ କରୁଥିବା ସମୟରେ ସମ୍ପୂର୍ଣ୍ଣ ବିଶୁଦ୍ଧ-ସ୍ୱଭାବା ଥିଲେ, ତାହାର କି ପ୍ରମାଣ ଅଛି ? ରାଜା ଏପରି ଅବସ୍ଥାରେ ସୀତାଙ୍କୁ ଗ୍ରହଣ କରି ଧର୍ମବିଗର୍ହିତ କାର୍ଯ୍ୟ କରୁଛନ୍ତି ; ହୁଏତ ସର୍ବସମକ୍ଷରେ ନିଜ ବିଶୁଦ୍ଧ ସ୍ୱଭାବର ପୁଣି ପରୀକ୍ଷା ଦେବା ସୀତାଙ୍କର କର୍ତ୍ତବ୍ୟ, ନତୁବା ତାଙ୍କୁ ବିସର୍ଜ୍ଜନ କରିବା ହିଁ ରାଜାଙ୍କ ପକ୍ଷରେ ଶ୍ରେୟଃ ।

### ନିର୍ବାସନ

ପ୍ରଜାମାନଙ୍କର ସନ୍ତୋଷ ବିଧାନ ନିମନ୍ତେ ସୀତା ଅରଣ୍ୟକୁ ନିର୍ବାସିତା ହେଲେ । ଯେଉଁଠାରେ ସୀତା ପରିତ୍ୟକ୍ତା ହେଲେ, ସେ ସ୍ଥାନର ଅତି ନିକଟରେ ହିଁ ଆଦିକବି ମହର୍ଷି ବାଲ୍ମୀକିଙ୍କର ଆଶ୍ରମ ଥିଲା । ମହର୍ଷି ତାଙ୍କୁ ଏକାକିନୀ ରୋରୁଦ୍ୟମାନା ଅବସ୍ଥାରେ

Digitized by srujanika@gmail.com

ଦେଖିଲେ ଓ ତାଙ୍କ ଦୁଃଖ କାହାଣୀ ଶୁଣି ତାଙ୍କୁ ନିଜ ଆଶ୍ରମରେ ସ୍ଥାନ ଦେଲେ । ସୀତା ସେତେବେଳେ ଆସନ୍ନପ୍ରସବା ଥିଲେ ସେହି ଆଶ୍ରମରେ ସେ ଦୁଇଟି ଯମଜ ପୁତ୍ର ପ୍ରସବ କଲେ । ଉପଯୁକ୍ତ ବୟସରେ ମହର୍ଷି ସେମାନଙ୍କୁ ବ୍ରହ୍ମଚର୍ଯ୍ୟ ବ୍ରତ ଗ୍ରହଣ କରାଇ ଯଥା ବିଧାନରେ ଶିକ୍ଷା ଦେଲେ ।

ଏହି ସମୟରେ ସେ ରାମାୟଣ ନାମକ କାବ୍ୟ ରଚନା କରି ସେଥିରେ ସୁରତାଳ ସଂଯୋଗ କଲେ ।

ଭାରତର ନାଟକ ଓ ସଙ୍ଗୀତ ଅତି ପବିତ୍ର ବସ୍ତୁ ବୋଲି ବିବେଚିତ ହୋଇଥାଏ । ଏ ସବୁକୁ ଲୋକେ ଧର୍ମସାଧନ ସହିତ ଅଭିନ୍ନ ବୋଲି ମନେ କରିଥାନ୍ତି । ଲୋକଙ୍କ ଧାରଣା ପ୍ରେମ ସଙ୍ଗୀତ ହେଉ ବା ଯାହା କିଛି ହେଉ, ସଙ୍ଗୀତ ମାତ୍ରକେ ପବିତ୍ର ; ସେଥିରେ ଯଦି କେହି ତନ୍ମୟ ହୋଇ ଯାଇ ପାରନ୍ତି, ତେବେ ତାଙ୍କର ଅବଶ୍ୟ ମୁକ୍ତିଲାଭ ହୋଇଥାଏ । ସେମାନଙ୍କର ବିଶ୍ୱାସ ଧ୍ୟାନ ଦ୍ୱାରା ଯେଉଁ ଫଳ ଲାଭ ହୁଏ, ସଙ୍ଗୀତରେ ତାହା ହୋଇଥାଏ ।

ବାଲ୍ମୀକି ରାମାୟଣରେ ସୁରତାଳ ସଂଯୋଗ କରି ରାମଙ୍କର ପୁତ୍ରଦ୍ୱୟଙ୍କୁ ତାହା ଗାଇବାକୁ ଶିଖାଇଲେ ।

ଭାରତରେ ପ୍ରାଚୀନ ରାଜାମାନେ ମଝିରେ ମଝିରେ ଅଶ୍ୱମେଧାଦି ବଡ଼ ବଡ଼ ଯଜ୍ଞ କରୁଥିଲେ । ରାମଚନ୍ଦ୍ର ମଧ୍ୟ ସେହି ଅନୁସାରେ ଅଶ୍ୱମେଧ ଯଜ୍ଞ କରିବା ପାଇଁ ସଂକଳ୍ପ କଲେ । କିନ୍ତୁ ସେତେବେଳେ ଗୃହସ୍ଥ ବ୍ୟକ୍ତିର ପତ୍ନୀ ବ୍ୟତୀତ କୌଣସି ଧର୍ମାନୁଷ୍ଠାନରେ ଅଧିକାର ନ ଥିଲା, ଧର୍ମକାର୍ଯ୍ୟ ସମୟରେ ପତ୍ନୀ ଅବଶ୍ୟ ସାଙ୍ଗରେ ଥିବା ଆବଶ୍ୟକ । ସେଥିପାଇଁ ପତ୍ନୀର ଅପର ଗୋଟିଏ ନାମ ସହଧର୍ମିଣୀ-ଯାହା ସହିତ ଏକତ୍ରରେ ମିଳିତ ହୋଇ ଧର୍ମକାର୍ଯ୍ୟାନୁଷ୍ଠାନ କରିବାକୁ ହୋଇଥାଏ । ହିନ୍ଦୁ ଗୃହସ୍ଥଙ୍କୁ ଶତ ଶତ ପ୍ରକାର ଧର୍ମାନୁଷ୍ଠାନ କରିବାକୁ ପଡ଼ୁଥିଲା ; କିନ୍ତୁ ପତ୍ନୀ ସାଙ୍ଗରେ ଥାଇ ଉକ୍ତ ଧର୍ମାନୁଷ୍ଠାନରେ ତାଙ୍କର କର୍ତ୍ତବ୍ୟ ଠିକ ଅନୁଷ୍ଠାନ ନ କଲେ କୌଣସି ଧର୍ମାନୁଷ୍ଠାନ ବିଧିମତେ ଅନୁଷ୍ଠିତ ହେଉ ନ ଥିଲା ।

## ସୁବର୍ଣ୍ଣ ସୀତା

ସୀତାଙ୍କୁ ବନରେ ବିସର୍ଜନ କରି ଦେବାରୁ ରାମ କପରି ବିଧି ପୂର୍ବକ ସସ୍ତ୍ରୀକ ଅଶ୍ୱମେଧ ଯଜ୍ଞ ସମ୍ପନ୍ନ କରିବେ, ବର୍ତ୍ତମାନ ଏ ପ୍ରଶ୍ନ ଉଠିଲା । ପ୍ରଜାମାନେ ତାଙ୍କୁ ପୁନର୍ବାର ବିବାହ କରିବା ପାଇଁ ଅନୁରୋଧ କଲେ । କିନ୍ତୁ ରାମଚନ୍ଦ୍ର ଜୀବନରେ ଏହି ପ୍ରଥମ ଥର ପାଇଁ ପ୍ରଜାମାନଙ୍କ ମତ ବିରୁଦ୍ଧରେ ଦଣ୍ଡାୟମାନ ହେଲେ । ସେ କହିଲେ, "ଏହା କଦାପି ହୋଇ ପାରିବ ନାହିଁ । ମୁଁ ସୀତାଙ୍କୁ ବିସର୍ଜନ କରିଛି ସତ ; କିନ୍ତୁ ମୋ ହୃଦୟ ସୀତାଙ୍କ ପାଖରେ ପଡ଼ି ରହିଛି ।" ଶାସ୍ତ୍ରବିଧି ରକ୍ଷା କରିବା ନିମନ୍ତେ ସୀତାଙ୍କର ପ୍ରତିନିଧି ସ୍ୱରୂପରେ ତାଙ୍କର ଗୋଟିଏ ସୁବର୍ଣ୍ଣମୟୀ ମୂର୍ତ୍ତି ନିର୍ମିତ ହେଲା ଓ ଯଜ୍ଞୋତ୍ସବରେ ସର୍ବସାଧାରଣଙ୍କ ଧର୍ମଭାବ ଓ ଆନନ୍ଦ ବର୍ଦ୍ଧନ ନିମନ୍ତେ ସଙ୍ଗୀତର ଆୟୋଜନ ହୋଇଥିଲା । କବିବରଙ୍କୁ ମହର୍ଷି ବାଲ୍ମୀକି ତାଙ୍କ ଶିଷ୍ୟ ଦ୍ୱୟଙ୍କୁ

Digitized by srujanika@gmail.com

ସାଙ୍ଗରେ ଧରି ଯଜ୍ଞସ୍ଥଳରେ ଉପସ୍ଥିତ ହେଲେ । ସେମାନେ ରାମଙ୍କର ଅଜ୍ଞାତ ପୁତ୍ର ଲବ ଓ କୁଶ । ସଭାସ୍ଥଳରେ ଗୋଟିଏ ରଙ୍ଗମଞ୍ଚ ନିର୍ମିତ ହୋଇଥିଲା ଓ ବାଲ୍ମୀକି ପ୍ରଣୀତ ରାମାୟଣ ଗାନ ପାଇଁ ଅନ୍ୟାନ୍ୟ ସମ୍ପ୍ରଦାୟ ଆୟୋଜନ ସମ୍ପୂର୍ଣ୍ଣ ହୋଇଥିଲା । ସଭାସ୍ଥଳରେ ରାମ ଓ ତାଙ୍କର ଅମାତ୍ୟ ବର୍ଗ ଏବଂ ଅଯୋଧ୍ୟାର ସମସ୍ତ ପ୍ରଜା ଶ୍ରୋତୃମଣ୍ଡଳୀ ରୂପେ ଆସନ ଗ୍ରହଣ କଲେ । ବିପୁଳ ଜନତାର ସମାବେଶ ହେଲା । ବାଲ୍ମୀକିଙ୍କ ଶିକ୍ଷାମତେ ଲବ ଓ କୁଶ ରାମାୟଣ ଗାନ ଆରମ୍ଭକଲେ । ସେମାନଙ୍କର ମନୋହର ରୂପ ଲାବଣ୍ୟ ଦର୍ଶନ ଓ ମଧୁର ସ୍ୱର ଶ୍ରବଣ କରି ସମଗ୍ର ସଭାମଣ୍ଡଳୀ ମନ୍ତ୍ରମୁଗ୍ଧ ହୋଇ ଗଲେ । ସୀତାଙ୍କ ପ୍ରସଙ୍ଗ ଶ୍ରବଣ କରି ରାମ ଉନ୍ମତ୍ତ ପରି ହେଲେ । ଯେତେବେଳେ ସୀତାଙ୍କର ବିସର୍ଜନ ପ୍ରସଙ୍ଗ ଉପସ୍ଥିତ ହେଲା; ସେତେବେଳେ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲେ । ମହର୍ଷି ରାମଙ୍କୁ କହିଲେ, "ଆପଣ ଶୋକାର୍ତ୍ତ ହୁଅନ୍ତୁ ନାହିଁ । ମୁଁ ସୀତାଙ୍କୁ ଆପଣଙ୍କ ସମ୍ମୁଖକୁ ଆଣୁଛି ।" ଏହା କହି ବାଲ୍ମୀକି ସୀତାଙ୍କୁ ସଭାସ୍ଥଳକୁ ଆଣିଲେ । ସୀତାଙ୍କୁ ଦର୍ଶନ କରି ଅତିଶୟ ବିହ୍ୱଳ ହେଲେ ମଧ୍ୟ ପ୍ରଜାବର୍ଗଙ୍କ ସନ୍ତୋଷ ବିଧାନ ପାଇଁ ରାମଙ୍କୁ ସଭା ସମକ୍ଷରେ ସୀତାଙ୍କର ବିଶୁଦ୍ଧତା ବିଷୟରେ ପୁଣି ପରୀକ୍ଷା ଦାନ ବିଷୟ ପ୍ରସ୍ତାବ କରିବାକୁ ପଡ଼ିଲା । ମାନା ସୀତାଦେବୀ ବାରମ୍ବାର ତାଙ୍କର ବିଶୁଦ୍ଧତା ଉପରେ ଏପରି ନିଷ୍ଠୁର ଭାବରେ ସନ୍ଦେହ ପ୍ରକାଶିତ ହେବାରୁ ଏତେଦୂର କାତର ହେଲେ ଯେ, ସେ ଆଉ ତାହା ସହ୍ୟ କରିପାରିଲେ ନାହିଁ । ସେ ନିଜ ବିଶୁଦ୍ଧତାର ସାକ୍ଷ୍ୟ ଦେବା ପାଇଁ ଦେବଗଣଙ୍କ ନିକଟରେ କାତର ଭାବରେ ପ୍ରାର୍ଥନା କଲେ । ସେତେବେଳେ ପୃଥିବୀ ହଠାତ୍ ଦ୍ୱିଧା ହେଲା; ସୀତା ଉଚ୍ଚ ସ୍ୱରରେ କହିଲେ, "ଏହା ହିଁ ମୋର ପରୀକ୍ଷା ।" ଏହା କହି ସେ ପୃଥିବୀ ବକ୍ଷରେ ଅନ୍ତର୍ହିତା ହେଲେ । ପ୍ରଜାମାନେ ଏହି ଅଦ୍ଭୁତ ଓ ଶୋଚନୀୟ ବ୍ୟାପାର ଦେଖି କିଂକର୍ତ୍ତବ୍ୟବିମୂଢ଼ ହୋଇଗଲେ ; ରାମ ଶୋକରେ ମୁହ୍ୟମାନ ହୋଇ ପଡ଼ିଲେ ।

ସୀତାଙ୍କର ଅନ୍ତର୍ଦ୍ଧାନର କିଛିକାଳ ପରେ ଦେବତାମାନଙ୍କ ନିକଟରୁ ଜଣେ ଦୂତ ଆସି ରାମଙ୍କୁ କହିଲେ, "ପୃଥିବୀରେ ଆପଣଙ୍କର କାମ ଶେଷ ହୋଇଛି । ଅତଏବ ଆପଣ ବର୍ତ୍ତମାନ ସ୍ୱଧାମ ବୈକୁଣ୍ଠକୁ ଚାଲନ୍ତୁ ।" ଏ କଥାରେ ରାମଙ୍କର ନିଜ ସ୍ୱରୂପ ସ୍ମୃତି ଜାଗରିତ ହେଲା । ସେ ଅଯୋଧ୍ୟା ନିକଟବର୍ତ୍ତୀ ସରଭରି ସରଯୂ ଜଳରେ ଦେହ ବିସର୍ଜନ କରି ବୈକୁଣ୍ଠରେ ସୀତାଙ୍କ ସହିତ ମିଳିତ ହେଲେ ।

## ମୂର୍ତ୍ତିମତୀ ଭାରତମାତା

ଭାରତରେ ପ୍ରାଚୀନ ଶ୍ରେଷ୍ଠ ପୌରାଣିକ କାବ୍ୟ ରାମାୟଣର ଏହି ଆଖ୍ୟାୟିକା । ରାମ ଓ ସୀତା ଭାରତବାସୀଙ୍କର ଆଦର୍ଶ । ଭାରତର ବାଳକ ବାଳିକାମାନେ, ବିଶେଷତଃ ବାଳିକାମାନେ ହିଁ ସୀତାଙ୍କୁ ପୂଜା କରି ଆସନ୍ତି । ଭାରତୀୟ ରମଣୀମାନଙ୍କର ସର୍ବାପେକ୍ଷା ଉଚ୍ଚାକାଙ୍କ୍ଷା—ପରମବିଶୁଦ୍ଧସ୍ୱଭାବା, ପତି-

Digitized by srujanika@gmail.com

ପରାୟଣା, ସର୍ବଂସହା ସୀତାଙ୍କ ପଥ ହେବ । ଏ ସମସ୍ତ ଚରିତ୍ର ଆଲୋଚନା କରିବାବେଳେ ପାଶ୍ଚାତ୍ୟ ଆଦର୍ଶ ଠାରୁ ଭାରତୀୟ ଆଦର୍ଶ କେଉଁ ପରିମାଣରେ ବିଭିନ୍ନ, ତାହା ସହଜରେ ବୁଝାଯାଇ ପାରିବ । ସମଗ୍ର ଭାରତବାସୀଙ୍କ ସମକ୍ଷରେ ସୀତା ଯେପରି କି ସହିଷ୍ଣୁତାର ଉଚ୍ଚତମ ଆଦର୍ଶ ରୂପେ ବିଦ୍ୟମାନ ରହିଛନ୍ତି । ପାଶ୍ଚାତ୍ୟ ଦେଶ କହୁଛି, "କର୍ମ କର, କର୍ମ କରି ତୁମର ଶକ୍ତି ଦେଖାଅ ।" ମନୁଷ୍ୟ କେତେ ଅଧିକ ବିଷୟରେ ଅଧିକାରୀ ହୋଇପାରେ, ପାଶ୍ଚାତ୍ୟ ଦେଶ ଏହି ସମସ୍ୟା ପୂରଣ କରୁଛି; ଏଆଡ଼େ ଭାରତ ମଣିଷ କେତେ ଅଳ୍ପ ନେଇ ରହିପାରେ—ଏ ସମସ୍ୟା ପୂରଣ କରୁଛି । ଏ ଦୁଇଟି ଆଦର୍ଶ ଗୋଟିଏ ଗୋଟିଏ ଭାବର ଚରମ ସୀମା । ସୀତା ଯେପରି କି ଭାରତୀୟ ଭାବର ପ୍ରତିନିଧି ସ୍ୱରୂପା, ଯେପରି କି ମୂର୍ତ୍ତିମତୀ ଭାରତମାତା । ସୀତା ବାସ୍ତବିକ ଥିଲେ କି ନା, ସୀତା ଉପାଖ୍ୟାନର କୌଣସି ଐତିହାସିକ ଭିତ୍ତି ଅଛି କି ନା, ଏ ବିଷୟ ଯେବେ ଆମ୍ଭେମାନେ ବିଚାର କରୁ ନାହୁଁ, କିନ୍ତୁ ଆମ୍ଭେମାନେ ଜାଣୁ, ସୀତା ଚରିତ୍ରରେ ଯେଉଁ ଆଦର୍ଶ ପ୍ରଦର୍ଶିତ ହୋଇଛି, ସେ ଆଦର୍ଶ ଭାରତରେ ଆଜି ମଧ୍ୟ ବିଦ୍ୟମାନ । ସୀତା ଚରିତ୍ରର ଆଦର୍ଶ ଯେପରି ଭାବରେ ସମଗ୍ର ଜାତିର ଜୀବନ ଭିତରେ, ସମଗ୍ର ଜାତିର ଅସ୍ଥିମଜ୍ଜାରେ ପ୍ରବେଶ କରିଛି, ଯେପରି ଭାବରେ ତାହା ପ୍ରତ୍ୟେକ ଶୋଣିତ ବିନ୍ଦୁରେ ମଧ୍ୟ ପ୍ରବାହିତ ହେଉଛି, ଅନ୍ୟ କୌଣସି ପୌରାଣିକ ଉପାଖ୍ୟାନ ସେପରି କରିପାରି ନାହିଁ ।

## ତ୍ୟାଗ, ତିତିକ୍ଷାର ପରିଚୟ

ସୀତାଙ୍କ ନାମ ଭାରତର ଯାହା କିଛି ଶୁଭ, ଯାହା କିଛି ପୁଣ୍ୟ, ଯାହା କିଛି ବିଶୁଦ୍ଧ, ତାହାର ହିଁ ପରିଚାୟକ । ନାରୀମାନଙ୍କ ମଧ୍ୟରେ ଯେଉଁ ଭାବକୁ ଆମେମାନେ ଶ୍ରଦ୍ଧା ଓ ଆଦର କରିଥାଉ, ସୀତା ବୋଲି କହିଲେ ତାହା ହିଁ ବୁଝାଇଥାଏ । ବ୍ରାହ୍ମଣ ଯେତେବେଳେ ସ୍ତ୍ରୀ ଲୋକଙ୍କୁ ଆଶୀର୍ବାଦ କରନ୍ତି, 'ସୀତା ପରି ହୁଅ' ବୋଲି କହନ୍ତି । ବାଳିକାଙ୍କୁ ଆଶୀର୍ବାଦ ବେଳେ ତାହା ହିଁ କୁହାଯାଇ ଥାଏ । ସବୁ ଭାରତୀୟ ନାରୀ ସହିଷ୍ଣୁତାର ପ୍ରତିମୂର୍ତ୍ତି, ସର୍ବଂସହା, ସତତପତିପରାୟଣା, ନିତ୍ୟ ବିଶୁଦ୍ଧସ୍ୱଭାବା ରାମଙ୍କ ପତ୍ନୀ ସୀତାଙ୍କର ସନ୍ତାନ ବୋଲି ନିଜକୁ ଜ୍ଞାନ କରନ୍ତି । ସେ ଏତେ ଦୁଃଖ ସହିଛନ୍ତି, କିନ୍ତୁ ରାମଙ୍କ ଉଦ୍ଦେଶ୍ୟରେ ପଦେ କର୍କଶ କଥା ମଧ୍ୟ ତାଙ୍କ ମୁହଁରୁ ବାହାରି ନାହିଁ । ସୀତାଙ୍କୁ ଅରଣ୍ୟରେ ନିର୍ବାସିତ କରିବା ତାଙ୍କ ପ୍ରତି ଏକ ଘୋର ଅବିଚାର । କିନ୍ତୁ ସେଥିପାଇଁ ତାଙ୍କ ମନରେ ବିନ୍ଦୁ ମାତ୍ର ବିରକ୍ତି ଦେଖା ଦେଇ ନାହିଁ । ଏପରି ତିତିକ୍ଷା ହିଁ ଭାରତର ବିଶେଷତ୍ୱ । ଭଗବାନ ବୁଦ୍ଧ କହି ଯାଇଛନ୍ତି, "ଆଘାତ ପରିବର୍ତ୍ତେ ଆଘାତ କଲେ ତାହା ପ୍ରତିକାର ନୁହେଁ, ତାହା ପାପ ବୃଦ୍ଧିକୁ ହିଁ ଜନ୍ମ ଦିଏ ।" ଭାରତର ଏ ବିଶେଷ ଭାବ ସୀତାଙ୍କର ପ୍ରକୃତିଗତ ଥିଲା । ସେ ଅତ୍ୟାଚାରର ପ୍ରତିଶୋଧ ପାଇଁ ଚିନ୍ତା ମଧ୍ୟ କରି ନ ଥିଲେ । *

* ସ୍ୱାମୀଜୀଙ୍କ ବକ୍ତୃତାମାଳାରୁ ଗୃହୀତ, ଶ୍ରୀ ରାମକୃଷ୍ଣ ମଠର ସୌଜନ୍ୟରୁ ।

Digitized by srujanika@gmail.com

ଭଜନ, ସ୍ମରଣ, ବିଚାର, ଆଚାର ଏ ସବୁ ଥିଲେ
ଭଗବାନଙ୍କ ନାମରୁ ପ୍ରକୃତ ଶକ୍ତି ମିଳି ପାରିବ . . .



# ରାମ ନାମ ଓ ଗାନ୍ଧିଜୀ

ଆଚାର୍ଯ୍ୟ ବିନୋବା ଭାବେ

ପରମେଶ୍ୱରଙ୍କ ନାମର ମହିମା ସବୁ ଧର୍ମରେ ଗାନ କରାଯାଇଛି । ଜୀବନକୁ ଦେଖିବା ପାଇଁ ପ୍ରତ୍ୟେକ ଧର୍ମର ନିଜ ନିଜର ଦୃଷ୍ଟିଭଙ୍ଗୀ ଥିଲେ ମଧ୍ୟ ଏ ବିଷୟରେ କାହାର ଭିନ୍ନ ଦୃଷ୍ଟି ବା ଭିନ୍ନ ବିଚାର ଦେଖାଯାଏ ନାହିଁ । ଭଗବାନଙ୍କର ବହୁ ଗୁଣ ଅନୁଯାୟୀ ବହୁ ନାମର କଳ୍ପନା କରିବା ଓ ନିଜ ନିଜର ରୁଚି ଓ ଆବଶ୍ୟକତା ଅନୁରୂପ ଏହି ସବୁ ନାମର ସମ୍ମିଳିତ ଜପ କରିବାର ପ୍ରଥା ସବୁ ଧର୍ମରେ ଅଛି ଏବଂ ଦୁନିଆ ସାରା ସାଧୁସନ୍ଥମାନେ ନିଜର ଅନୁଭବ ଦ୍ୱାରା ଏହାକୁ ପରିପୁଷ୍ଟ କରିଛନ୍ତି । ଭାଗବତ ଭଗବାନଙ୍କର ମଙ୍ଗଳ ଗାନ କରିଛି । କୋରାନ ଅଲ୍ଲାଙ୍କର ପ୍ରଶଂସା କରୁଛି । ଗୋଟିଏ ସଂସ୍କୃତ, ଅନ୍ୟଟି ଆରବୀ । ଏତିକି କେବଳ ପ୍ରଭେଦ ।

## ଭାରତୀୟ ଭାଷାରେ ନାମ ରସ

ଭାରତର ପ୍ରତ୍ୟେକ ଭାଷାରେ ନାମ ରସ ସମ୍ପର୍କୀୟ ସାହିତ୍ୟ ପୂରି ରହିଛି । ନାମ ରସ ସେବନରେ କୌଣସି ଭାଷା ଅନ୍ୟ ଭାଷାର ପଛରେ ପଡ଼ି ନାହିଁ । ତୁଳସୀ ଦାସ, ଚୈତନ୍ୟ, ତୁକାରାମ, ନରସିଂହ ମେହେଟା ବା ନମ୍ମାଲ ଭିନ୍ନ ଭିନ୍ନ ଭାଷାରେ ଲେଖିଛନ୍ତି । କିନ୍ତୁ ଜଣାଯାଉଛି ଯେପରି, ଜଣେ ଅନ୍ୟର ଅନୁବାଦ କରୁଛି । ତୁଳସୀ ଦାସଙ୍କ ରାମାୟଣରେ ରାମଙ୍କଠାରୁ ନାମକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି । ସେ ରାମାୟଣ ଲେଖି ଲେଖି ଏକ ପରମ ମଧୁର ଶ୍ରେଷ୍ଠ କାଣ୍ଡର ନାମାୟନ ମଧ୍ୟ ଲେଖି ଦେଲେ । ଗାନ୍ଧିଜୀ ଏହିରୁ ପ୍ରେରଣା ପାଇ ତାଙ୍କର ବିଭିନ୍ନ

Digitized by srujanika@gmail.com

ଲେଖା ଓ ଭାଷଣରେ ରାମନାମର ମହତ୍ତ୍ୱ ଆମ୍ଭମାନଙ୍କ ଆଗରେ ଖୋଲି ଦେଇଛନ୍ତି ।

ନାମ ଅନୁଭୂତିର ପ୍ରଥମ ପ୍ରକାଶ ବେଦରେ ମିଳୁଛି । ଋଗ୍‌ବେଦରେ ନାମ ଶବ୍ଦ ଶତାଧିକ ବାର ଆସିବାର ଦେଖାଯାଏ । ସବୁ ବେଦର ସାର ପରମେଶ୍ୱରଙ୍କ ନାମ । ତେଣୁ ଉପନିଷଦରେ ଘୋଷଣା କରାଯାଇଛି, "ସର୍ବେ ବେଦା ଯତ୍ପଦଂ ଆମନନ୍ତି ।" ସବୁ ବେଦ ଈଶ୍ୱରଙ୍କ ନାମକୁ ହିଁ ଆମନନ କରନ୍ତି ।

ଗାନ୍ଧିଙ୍କୁ ବାରମ୍ବାର ପଚରା ଯାଇଛି, "ତୁମର ରାମ କିଏ ?"

ସେ ପରମ ରମଣୀୟ ସର୍ବାନ୍ତର୍ଯାମୀ ଅନ୍ତରାତ୍ମଙ୍କର ନିର୍ଦ୍ଦେଶ କରିଛନ୍ତି । ଲୋକେ ପଚାରନ୍ତି, "ଏ କ'ଣ ଦଶରଥଙ୍କ ପୁତ୍ର ?" ମୁଁ ତା ଉତ୍ତରରେ କହୁଛି, ଦଶରଥ ନିଜର ପୁତ୍ରଙ୍କୁ ଯାହାଙ୍କର ନାମ ଦେଇଥିଲେ, ଏ ହେଉଛନ୍ତି ସେହି । ସେ ବିଶ୍ୱନନ୍ଦନ, ତେଣୁ ସେ ମଧ ଦଶରଥ ନନ୍ଦନ । ସେ ବିଶ୍ୱରୂପ, ପୁଣି ବିଶ୍ୱାତୀତ ।

## ତୁମେ ଗଧ

ଥରେ ତୁକାରାମ ଈଶ୍ୱରଙ୍କ ଉପରେ ରାଗିଯାଇ କହିଲେ, "ହେ ଈଶ୍ୱର, ଆଜି ମୁଁ ତୁମକୁ ଗାଳି ଦେବାକୁ ଚାହୁଁଛି । ତୁମେ ଗଧ, ତୁମେ ଗୋଟିଏ କୁକୁର । ତୁମେ ଏକ ଭାରବାହୀ ବଳଦ ।" କି ଣ ବିଷ୍ଣୁଙ୍କର ସହସ୍ର ନାମ କେବଳ ବିଷ୍ଣୁଙ୍କର, ଏହି ସବୁ ନାମ ଅନ୍ୟ କାହାର ? ବିଷ୍ଣୁ ସହସ୍ର ନାମରେ ପ୍ରଥମ ନାମ ଦିଆଯାଇଛି, "ବିଶ୍ୱମ୍ ।" ସାରା ବିଶ୍ୱ ହେଉଛି ହରି ନାମ ।

ବେଦରେ ପରମେଶ୍ୱରଙ୍କର "ଚାରୁ ନାମ" ଗାନ କରୁଥିବା ବହୁ ମନ୍ତ୍ର ଅଛି । କିନ୍ତୁ ତଳେ ଦିଆଯାଇଥିବା ମନ୍ତ୍ର ସବୁ ଭକ୍ତ ଜାଣନ୍ତି;

> ମର୍ତ୍ତାଃ ଅମର୍ତ୍ତ୍ୟସ୍ୟ ତେ
> ଭୂରି ନାମ ମନାମହେ ।
> ବିପ୍ରାସୋ ଜାତବେଦସଃ

"ହେ ପରମେଶ୍ୱର, ଆମ୍ଭେମାନେ ମରଣଧର୍ମୀ । ତୁମେ ଅମୃତ ସ୍ୱରୂପ, ଆମେ ଜ୍ଞାନ ପାଇଁ ଉତ୍ସୁକ । କିନ୍ତୁ ତୁମେ ଜ୍ଞାନମୟ, ତୁମେ ସବୁ କଥା ଜାଣ । ଆମେ ସାମାନ୍ୟ ; ତୁମର ବିଶାଳ ନାମକୁ ମନନ କରୁଛୁ ।

ବାରମ୍ବାର ଗାନ୍ଧୀଜୀ ଏହି କଥା କହିଛନ୍ତି, "ରାମ ନାମ ହୃଦୟରେ ନେବାର କଥା, କେବଳ କଥାରେ ନୁହେଁ । ରାମ ନାମ ଅନ୍ତଃଶୁଦ୍ଧିର ସାଧନ ।

## ନମ୍ରତାର ମହତ୍ତ୍ୱ

ନାମ ଶବ୍ଦ ନମ ଧାତୁରୁ ଉତ୍ପନ୍ନ ହୋଇଛି । ସେଉଁଥିରୁ ନମ୍ରତା ଓ ନମସ୍କାର ଆସୁଛି । ନମ୍ରତା ବିନା ସତ୍ୟ ସନ୍ଧାନ ହୋଇ ପାରିବ ନାହିଁ, ସେଥିପାଇଁ ବୈଜ୍ଞାନିକ ମାନେ ନମ୍ର ହୁଅନ୍ତି । ନମ୍ରତା ବିନା ଚିତ୍ତଶୁଦ୍ଧି ହୁଏ ନାହିଁ । ସେଥିପାଇଁ ସବୁ ଆଧ୍ୟାତ୍ମିକ ବ୍ୟକ୍ତି ନମ୍ର ହୁଅନ୍ତି । ଗାନ୍ଧିଜୀ ଏକ ଅଦ୍ଭୁତ ପ୍ରାର୍ଥନା କରିଛନ୍ତି । ହେ ନମ୍ରତାର ଦେବ, ତୁମ ନିଜର ନମ୍ରତା ମୋତେ ଟିକିଏ ଦିଅ ।

Digitized by srujanika@gmail.com

ଉପନିଷଦ୍‌ରେ ଅଛି
ତତ୍ ନମ ଇତ୍ୟୁପାସୀତ
ନମ୍ୟନ୍ତେ ଅସ୍ମୈ କାମାଃ ।

ଏହାଙ୍କୁ ନମ୍ରତାର ରୂପରେ ଉପାସନା କରିବା ଆବଶ୍ୟକ । ଯେ ଏହି ରୂପରେ ଉପାସନା କରେ, ତାକୁ ସବୁ କାମନା ଛାଡ଼ିବାକୁ ହେବ, ଅର୍ଥାତ୍ ନିର୍ବିକାର ହେବାକୁ ପଡ଼ିବ । ବେଦରେ ମଧ୍ୟ ଏହି ନମ୍ରତାର କଥା ଆସି ଯାଇଛି ।—

ନମ ଇତ୍ ଉଗ୍ରେ ନମ ଆବିବାସେ
ନମୋ ଦାଧାର
ପୃଥିବୀଂ ଉତ୍ ଦ୍ୟାମ୍ ।

ନମ୍ରତା ହେଉଛି ଉଚ୍ଚ । ମୁଁ ନମ୍ରତାର ଉପାସନା କରୁଛି । ନମ୍ରତାରେ ପୃଥିବୀ ଓ ସ୍ୱର୍ଗକୁ ଧାରଣ କରାଯାଉଛି । ବାପୁ ଈଶ୍ୱରଙ୍କର ନମ୍ରତା ବର୍ଣ୍ଣନା କରି, "ଦୀନ ହରିଜନର ହୀନ କୁଟୀରରେ ନିବାସୀ" କହି ପ୍ରାର୍ଥନା କରିଛନ୍ତି ।

## ତ୍ରିବିଧ ମୁକ୍ତି

ଗାନ୍ଧୀଜୀ ରାମନାମକୁ ତିନି ପ୍ରକାର ମୁକ୍ତିର କାରଣ ରୂପେ ବର୍ଣ୍ଣନା କରିଛନ୍ତି । (୧) ଭୟ-ମୁକ୍ତି, (୨) ବିକାର-ମୁକ୍ତି, (୩) ରୋଗମୁକ୍ତି ।

ବଙ୍ଗ ଦେଶରେ ଯେତେବେଳେ ହିନ୍ଦୁମାନଙ୍କୁ ସେ ଅତି ଭୟଭୀତ ଅବସ୍ଥାରେ ରହିଥିବାର ଦେଖିଲେ, ସେତେବେଳେ ସେମାନଙ୍କ ଆଗରେ ସେ ରାମ ନାମ ପେଶ୍ କଲେ । ସେଠାରେ ଏକ ଭାଷଣରେ ସେ କହିଥିଲେ ଆପଣମାନେ ଯଦି ଆପଣଙ୍କ ମନରୁ ଭୟ ଦୂର କରି ଦିଅନ୍ତି ତା' ହେଲେ ମୋତେ ଯଥେଷ୍ଟ ସାହାଯ୍ୟ କରିପାରିବେ । କିନ୍ତୁ ଏପରି କୌଣସି ମାନ୍ତ୍ରିକଶକ୍ତି କିଛି ଅଛି, ଯେ, ଏ ଭୟକୁ ଦୂର କରି ପାରିବ ? ଏହା ହେଉଛି ରାମ ନାମର ଅମୋଘ ମନ୍ତ୍ର । ଆପଣ କହି ନ ଜାଣି କହି ପାରନ୍ତି, ରାମ ନାମରେ ଆପଣଙ୍କର ବିଶ୍ୱାସ ନାହିଁ । କିନ୍ତୁ ରାମ ନାମକୁ ଛାଡ଼ି ଆପଣ ଗୋଟିଏ ମଧ୍ୟ ନିଃଶ୍ୱାସ ନେଇ ପାରିବେ ନାହିଁ । ରାମ ପବିତ୍ର ଲୋକମାନଙ୍କ ହୃଦୟରେ ସବୁ ସମୟରେ ରହନ୍ତି । ଆପଣମାନଙ୍କର ଯଦି ରାମ ନାମ ପ୍ରତି ଭୟ ଥାଏ, ତା ହେଲେ ଆପଣଙ୍କର କାହାକୁ ଡରିବା ଦରକାର ନାହିଁ । ଯଦି ଈଶ୍ୱରଙ୍କ ପ୍ରତି ଆପଣଙ୍କର ଶ୍ରଦ୍ଧା ଥାଏ, ତାହେଲେ ଆପଣଙ୍କ ସ୍ତ୍ରୀ ଓ କନ୍ୟାର ଇଜ୍ଜତ ଉପରେ ହାତ ଦେବା ଭଳିଆ କାହାର ଶକ୍ତି ଅଛି ? ଆପଣଙ୍କର ପୂର୍ବ ବଙ୍ଗ ଛାଡ଼ି ଯିବାର ଚିନ୍ତା ହେବା ଆଦୌ ଉଚିତ ନୁହେଁ । ଦରକାର ପଡ଼ିଲେ ସାହସୀ ପୁରୁଷ ଭଳି ନିଜର କର୍ତ୍ତବ୍ୟ କରୁ କରୁ ମରିଯିବା ଭଲ । ବିପଦର ସମ୍ମୁଖୀନ ହେବା ପରିବର୍ତ୍ତେ ଦୂରକୁ ପଳାଇଯିବା ନିଜ ପ୍ରତି, ମନୁଷ୍ୟର ମନୁଷ୍ୟ ପ୍ରତି ଓ ଈଶ୍ୱରଙ୍କ ପ୍ରତି ଥିବା ଶ୍ରଦ୍ଧାର ବିରୁଦ୍ଧାଚରଣ କରୁଛି ।

ଏ ସମ୍ପର୍କରେ ଅଧିକ ବିବରଣୀ ଦେବା ଅନାବଶ୍ୟକ । ଗାନ୍ଧୀଜୀଙ୍କର ପ୍ରଥମ କାମ ଥିଲା, ଲୋକଙ୍କୁ ନିର୍ଭୟ କରିବା । ନିର୍ଭୟତା ନ ରହିଲେ ମାନବ ଜୀବନର କୌଣସି ମୂଲ୍ୟ

Digitized by srujanika@gmail.com

ରହିବ ନାହିଁ । ଯେ ହୃଦୟରେ ପ୍ରେମ ରଖିବା ପାଇଁ ଚହେଁ, ରାମ ନାମ ତାହାର ଏକ ଅସ୍ତ୍ର । ମନୁଷ୍ୟକୁ ଘୃଣା କରୁଥିବା ଲୋକର ଏହା ଅସ୍ତ୍ର ହୋଇନପାରେ ।

ଅନ୍ୟଟି ହେଉଛି ବିକାର ମୁକ୍ତି, ଯଦ୍ୱାରା ବ୍ରହ୍ମଚର୍ଯ୍ୟ ସିଦ୍ଧି ହୋଇ ପାରିବ । ନିର୍ବିକାର ହେବାକୁ ହେଲେ ପ୍ରଥମେ ନିଜର ରସନାକୁ ସଂଯତ କରିବାକୁ ହେବ । ଅନ୍ୟ ଇନ୍ଦ୍ରିୟ ମାନଙ୍କୁ ସଂଯତ କରିବାକୁ ଯାଇ ରସନା ସଂଯମ କାର୍ଯ୍ୟ ପଛରେ ପକାଇ ଦେବା ଉଚିତ ନୁହେଁ । ମଦ୍ୟ ଓ ଉତ୍ତେଜକ ପଦାର୍ଥ ଖାଇବା ଠିକ୍ ନୁହେଁ । ସ୍ୱାଦ ପାଇଁ ଆମେ ଭୋଜନ କରୁ ନାହିଁ, ଶରୀର ରକ୍ଷା ପାଇଁ ଆମକୁ ଏହା କରିବାକୁ ହୁଏ ।

ତୃତୀୟ ଉପାୟଟି ହେଲା, ରାମନାମ । ଗାନ୍ଧୀଜୀ କହିଛନ୍ତି, "ନିଜ ନିଜର ଚିନ୍ତା ଅନୁଯାୟୀ ଭଗବାନଙ୍କର କୌଣସି ନା କୌଣସି ନାମ ଜପ କରାଯାଇପାରେ । ଏହି ଜପରେ ନିଜେ ତନ୍ମୟ ହୋଇଯିବା ଦରକାର । ଜପ କରିବା ସମୟରେ ଅନ୍ୟ କୌଣସି ଚିନ୍ତା ଆସିଗଲେ ବ୍ୟସ୍ତ ହେବା ଉଚିତ ନୁହେଁ । ଯଦି ଶ୍ରଦ୍ଧା ରଖି ଜପ କରାଯାଏ, ତା ହେଲେ ନିଶ୍ଚୟ ସଫଳତା ଆସିବ ।" ତେଣୁ ରାମନାମ ହେଉଛି ସଂଯମର ସୁନେଲି ରାସ୍ତା ।

## ରୋଗ ମୁକ୍ତି

ଆହୁରି ଗୋଟିଏ କଥା ଗାନ୍ଧୀଜୀ ଚର୍ଚ୍ଚା କରିଛନ୍ତି ଯେ, ରାମନାମ ଦ୍ୱାରା ରୋଗମୁକ୍ତ ହୁଏ । ଅନେ:

ସେ କହିଛନ୍ତି, "ରାମନାମ ହେଉଛି ସବୁ ସ୍ଥାନରେ ମହଜୁଦ୍ ରହିଥିବା ଅବ୍ୟର୍ଥ ଔଷଧ ।" ଯେଉଁଠି ପରମେଶ୍ୱରଙ୍କ ନାମ, ସେଠି ନିର୍ବିକାରତା ; ଯେଉଁଠି ନିର୍ବିକାରତ୍ୱ ସେଠାରେ ପୂର୍ଣ୍ଣ ଆରୋଗ୍ୟ । ସ୍ପଷ୍ଟତରେ ଆତ୍ମନିଷ୍ଠା ଓ ପୂର୍ଣ୍ଣ ଆରୋଗ୍ୟ, ଏ ଦୁଇଟି କଥାକୁ ଗୋଟିଏ ଶବ୍ଦରେ କୁହାଯାଇଛି— "ସ୍ୱସ୍ଥ" । ସ୍ୱସ୍ଥ ପୁରୁଷର ଲକ୍ଷଣ ଗୀତାରେ ଯାହା ଦିଆଯାଇଛି, ଚରକ ସଂହିତାରେ ମଧ୍ୟ ସେୟା ଦିଆଯାଇଛି, ଗାନ୍ଧୀଜୀ କହିଛନ୍ତି "ମୁଁ ଯାହା ଦେଖିଛି ଏବଂ ଧର୍ମ ଶାସ୍ତ୍ରରେ ପଢ଼ିଛି ତାହାରି ଉପରେ ନିର୍ଭର କରି ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଛି ଯେ ଏହି ଅଦୃଶ୍ୟ ଶକ୍ତି ପ୍ରତି ମନୁଷ୍ୟର ପୂର୍ଣ୍ଣ ପ୍ରାଣରେ ଶ୍ରଦ୍ଧା ଆସିଗଲେ ଏହାର ଶରୀରର ଭିତରେ ପରିବର୍ତ୍ତନ ଆସିଯାଏ । ମନକୁ ମନ ଏହା ହୁଏ ନାହିଁ । ଏଥିପାଇଁ ସାବଧାନ ରହିବାକୁ ପଡ଼ିବ ଓ ଅଭ୍ୟାସ କରିବାକୁ ହେବ । ଏ ଦୁଇଟି ଥାଇ ଯଦି ଈଶ୍ୱର କୃପା ନ ରହିବ, ତାହେଲେ ମନୁଷ୍ୟର ଉଦ୍ୟମ ବ୍ୟର୍ଥ ହୋଇ ଯିବ ।"

ଏହାକୁ ଅଧିକ ପରିଷ୍କାର କରି ଗାନ୍ଧିଜୀ ଥରେ ଲେଖିଥିଲେ, "ଜଣେ ଜ୍ଞାନୀ ବ୍ୟକ୍ତି ମୋ' କଥା ପଢ଼ି ଲେଖିଥିଲେ ଯେ ରାମ-ନାମରେ ଏପରି କମିଆ ଅଛି, ଯେ ଶରୀରକୁ ବଦଳାଇ ଦେଇ ପାରିବ । ଏଥିରେ ଅମୋଘ ଶକ୍ତି ଉତ୍ପାଦନ କରିବା କେବଳ ରାମନାମ ଦ୍ୱାରା ସମ୍ଭବ ।"

ଜ୍ଞାନୀ ନାମରେ କଏ ଏହା ଲେଖିଥିଲ ମୁଁ ଜାଣେନାହିଁ । କିନ୍ତୁ ଶରୀରର ଦ୍ରବ୍ୟ

Digitized by srujanika@gmail.com

ରୂପାନ୍ତର ପାଇଁ ଏହି ଔଷଧର କଥା ପ୍ରାଚୀନ ଯୋଗ ସାହିତ୍ୟରେ ଉଲ୍ଲେଖ ଅଛି ଏବଂ ଜ୍ଞାନଦେବ ତାଙ୍କର ଏକ ଅନୁପମ ଭଜନରେ ମଧ୍ୟ ଏହି କଥା ଉଲ୍ଲେଖ କରିଛନ୍ତି ।

ରାମନାମ ଆତ୍ମଶୁଦ୍ଧିର ଏକ ପ୍ରକ୍ରିୟା । ଅନ୍ଧ ବିଶ୍ୱାସରେ କୌଣସି କାଳ୍ପନିକ ଦେବ, ଦେବୀ ବା ଆତ୍ମାଠାରୁ ଭିନ୍ନ କୌଣସି ସର୍ବାଧିକାରୀ ପରମେଶ୍ୱରଙ୍କର ତୋଷାମୋଦ ନୁହେ ।

## ଖାଲି ମୁହଁରେ ନୁହେ

ଗାନ୍ଧିଜୀଙ୍କର ଅନ୍ୟ ଏକ ଚିନ୍ତା ହେଉଚି, ରାମନାମ କେବଳ ମୌଖିକ ହୋଇ ନ ରହୁ । ଏହା କେବଳ ଏକ ଶବ୍ଦ ନୁହେ, ଏହା ଏକ ସମ୍ପୂର୍ଣ୍ଣ ବିଗ୍ରହ । ଜଣେ ଭକ୍ତିମାର୍ଗୀ ମୋତେ କହିଲେ, ମରଣ ଶବ୍ଦରେ ମ ଆଉ ର ଅକ୍ଷର ଅଛି । ରାମ ନାମରେ ଏହାର ବିପରୀତ କ୍ରମରେ ର ଓ ମ ଅକ୍ଷର ଅଛି । ଏଥିପାଇଁ ଏହି ଦୁଇ ଅକ୍ଷର ପୂର୍ବ ଦୁଇ ଅକ୍ଷରକୁ କାଟି ଦେଉଚି । ଅର୍ଥାତ୍ ଏହି ଭକ୍ତଙ୍କ ପାଇଁ ରାମନାମ ଏକ ଶବ୍ଦ ବିଶେଷ ହୋଇଗଲା । ଏହି ଭକ୍ତଙ୍କ ବିଶ୍ୱାସରେ ମୁଁ ବାଧା ଦେବାକୁ ଚାହେନାହିଁ । କିନ୍ତୁ ଏପରି ଆରୋପିତ ଅର୍ଥ ଦ୍ୱାରା ମନୁଷ୍ୟ ବିଶେଷ ଉନ୍ନତି କରିପାରେ ନାହିଁ ।

କେତେକ ଭକ୍ତିମାର୍ଗୀ ଓ କର୍ମକାଣ୍ଡୀ ଲୋକଙ୍କ ମତରେ ଜପ ପାଇଁ ଯେଉଁ ଶବ୍ଦ ଉଦ୍ଦିଷ୍ଟ ସେଥିରୁ କିଛି ଅର୍ଥ ବାହାର କରିବାକୁ ଚେଷ୍ଟା କରାଯିବା ଉଚିତ ନୁହେ । ବେଦର ଅର୍ଥ ଚିନ୍ତା କରିବା ଦ୍ୱାରା ତା'ର ମନ୍ତ୍ର ଶକ୍ତି ଯେ କ୍ଷୟ ହୋଇଯାଏ, ପ୍ରାଚୀନ କାଳରୁ ଏ ପର୍ଯ୍ୟନ୍ତ ଏହି ମତ ଚଳି ଆସୁଚି, ଏମାନେ କହନ୍ତି ଯେ ମନ୍ତ୍ର ଶକ୍ତି ଅକ୍ଷରର ଉଚ୍ଚାରଣରୁ ଆସେ । ଆମେ ରୋଟି ଖାଉଚୁ ନ ରୋଟି ଖାଉଚି । ଏହାର ଚିନ୍ତା କରିବା କ'ଣ ଦରକାର । ଈଶ୍ୱରଙ୍କ ନାମ ଉଚ୍ଚାରଣ ବା ବେଦ ମନ୍ତ୍ର ପଠନ ଭୋଜନର ସମାନ ସ୍ୱୟଂଫଳଦାୟୀ ।

ଗାନ୍ଧିଜୀ କିନ୍ତୁ ଏହାର ବିପରୀତ ଚିନ୍ତନ, ମନନ ଓ ଆଚରଣ ଉପରେ ଜୋର ଦେଇ ଛନ୍ତି, "ଖାଲି ମୁହଁରେ ରାମ ନାମ ରଟିଲେ କୌଣସି ଶକ୍ତି ମିଳିବ ନାହିଁ । ଶକ୍ତି ଲାଭ କରିବାକୁ ହେଲେ ଖୁବ୍ ଭାବି ଚିନ୍ତି ନାମ ଜପ କରିବାକୁ ହେବ ଓ ଜପର ସର୍ତ୍ତ ପାଳନ କରି ଜୀବନ ବିତେଇ ଦେବାକୁ ହେବ । ଈଶ୍ୱରଙ୍କନାମ ନେବାକୁ ହେଲେ ଈଶ୍ୱରମୟ ଜୀବନ ଯାପନ କରିବାକୁ ହେବ ।"

ବିଷ୍ଣୁ ସହସ୍ର ନାମର ପ୍ରବକ୍ତା ଭୀଷ୍ମଦେବ ଯୁଧିଷ୍ଠିରଙ୍କୁ ଏହାର ଉପଦେଶ ଦେଇ ଏହି କଥା କହିଥିଲେ । ସେ କହିଥିଲେ, "ଯାନି ନାମାନି ଗୌଣାନି ବିଖ୍ୟାତାନି ମହାତ୍ମନଃ ।" ଗୌଣକୁ ଆମେ ସାଧାରଣତଃ ଯେଉଁ ଅର୍ଥରେ ନେଉ, ଏହା ସେ ଅର୍ଥ ନୁହେ । ଏହାର ମୂଳ ସଂସ୍କୃତ ଅର୍ଥ ହେଉଚି ଗୁଣ ବାଚକ । ଅର୍ଥାତ୍ ଈଶ୍ୱରଙ୍କର ପ୍ରତ୍ୟେକ ନାମ ତାଙ୍କର ଗୋଟିଏ ଗୋଟିଏ ଗୁଣର ସୂଚକ । ତେଣୁ ତାଙ୍କର ନାମୋଚ୍ଚାରଣ ସଙ୍ଗେ ଏହି ସବୁ ଗୁଣର ଚିନ୍ତନ ଆବଶ୍ୟକ ।

Digitized by srujanika@gmail.com

ଏହା ସଙ୍ଗେ ସଙ୍ଗେ ଆଚରଣରେ ମଧ୍ୟ ଜୋର ଦିଆଯିବା ଉଚିତ ।

ସର୍ବାଗମାନାଂ ଆଚାରଃ
ପ୍ରଥମଂ ପରିକଳ୍ପତେ
ଆଚାରପ୍ରଭବୋ ଧର୍ମଃ
ଧର୍ମସ୍ୟ ପ୍ରଭୁରଚ୍ୟୁତଃ ।

ସବୁ ଶାସ୍ତ୍ରର ମୂଳଭିତ୍ତି ହେଉଚି ଆଚାର । ଆଚାରରୁ ଧର୍ମର ଉତ୍ପତ୍ତି ଓ ଧର୍ମର ପ୍ରଭୁ ହେଉଛନ୍ତି ପରମେଶ୍ୱର । *

* ଗାନ୍ଧିଜୀଙ୍କ 'ରାମନାମ' ପୁସ୍ତକରେ ବିନୋବାଙ୍କ ଉପକ୍ରମର ଏକ ଅଂଶ ।

ଉଚ୍ଚକୋଟିର ଭାବ ଓ ଭାଷାର ସମନ୍ୱୟରେ ହିଁ
ସାହିତ୍ୟ ବୁଦ୍ଧିମନ୍ତ ହୁଏ

# ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର

ଏହି ଲକ୍ଷ୍ୟକୁ ଆଗରେ ରଖି

୧ । ହିନ୍ଦୀ ଓ ଇଂରାଜୀର ବହୁ ବିଶିଷ୍ଟ ଲେଖାକୁ ଓଡ଼ିଆରେ ଅନୁବାଦ କରାଇଛନ୍ତି
୨ । ଓଡ଼ିଆ ସାହିତ୍ୟର ବହୁ ବିଶିଷ୍ଟ କୃତିକୁ ହିନ୍ଦୀରେ ଅନୁବାଦ କରାଇଛନ୍ତି
୩ । ହିନ୍ଦୀଭାଷୀ ଦୁନିଆ ଆଗରେ ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ଚିତ୍ର ଦେବାପାଇଁ

'ବିରାଟ ରାଷ୍ଟ୍ରଭାଷା ରଜତ ଜୟନ୍ତୀ ଗ୍ରନ୍ଥ'
ପ୍ରକାଶ କରିଛନ୍ତି

ସମସ୍ତ ଉଚ୍ଚକୋଟିର ହିନ୍ଦୀ, ଓଡ଼ିଆ ପୁସ୍ତକପାଇଁ
ଅନୁସନ୍ଧାନ କରନ୍ତୁ

ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର
ବାଙ୍କାବଜାର, କଟକ-୨

Digitized by srujanika@gmail.com

# ରାମ ନାମ ରସ *

## ମୀରାବାଈ

ରାମ ନାମ ରସ ପିଇ ଯା
ମନୁଆ, ରାମ ନାମ ରସ ପିଇ ଯା । (ଘୋଷା)

ମନ୍ଦ ସଙ୍ଗ ତେଜି ସାଧୁ ସଙ୍ଗ କର
କାନେ ହରି କଥା ନେଇ ଯା ।।

କାମ କ୍ରୋଧ ମଦ ଲୋଭ ମୋହ ସବୁ
ଚିତ୍ତରୁ ତୁ ଛାଡ଼ି ଦେଇ ଯା ।

ମୀରାର ପ୍ରଭୁ ଗିରିଧର ନାଗର
ରଙ୍ଗେ ବୋଲା ସେ କହି ଯା ।।

* ମୀରାଙ୍କର 'ରାମ ନାମ ରସ ପୀଜୈ' ଭଜନର ଓଡ଼ିଆ ଅନୁବାଦ । ତାହା ସେହି ସ୍ୱରରେ ବୋଲାଯିବ ।



Digitized by srujanika@gmail.com

WITH BEST COMPLIMENTS OF:

SAMANTRAY
CONSTRUCTIONS
RAJABAGICHA
CUTTACK-1

Digitized by srujanika@gmail.com

ରାମାୟଣକାଳୀନ ସଭ୍ୟତା

# ଅଯୋଧ୍ୟା, କିଷ୍କିନ୍ଧ୍ୟା, ଲଙ୍କା

ଜାନକୀବଲ୍ଲଭ ପଟ୍ଟନାୟକ

ରାମାୟଣରେ ରାମଚନ୍ଦ୍ର, ସୁଗ୍ରୀବ ଓ ରାବଣ ତିନୋଟି ସଭ୍ୟତାର ପ୍ରତୀକ ଥିଲେ । ରାମ ଥିଲେ ଆର୍ଯ୍ୟ ସଭ୍ୟତାର, ସୁଗ୍ରୀବ ଦକ୍ଷିଣ ଭାରତରେ ପ୍ରଚଳିତ ଦ୍ରାବିଡ଼ ସଭ୍ୟତାର ଓ ରାବଣ ଅସୁର ସଭ୍ୟତାର । ଅଯୋଧ୍ୟା, କିଷ୍କିନ୍ଧ୍ୟା ଓ ଲଙ୍କା ମଧ୍ୟରେ ଲଙ୍କା ଥିଲା ସ୍ୱର୍ଣ୍ଣପୁରୀ, ସବୁଠାରୁ ଐଶ୍ୱର୍ଯ୍ୟଶାଳୀ । ତା'ପରେ କିଷ୍କିନ୍ଧ୍ୟା, ତା'ପରେ ଅଯୋଧ୍ୟା । ବୈଷୟିକ ବିଭବର ବିଚାରରେ ଏହି ତିନୋଟି ସଭ୍ୟତାର ଏହାହିଁ ଥିଲା କ୍ରମ ।

ଏହାର ଅର୍ଥ ନୁହେଁ ଯେ ଅଯୋଧ୍ୟା ଏକ ଦରିଦ୍ର ରାଜ୍ୟ ଥିଲା । ଅଯୋଧ୍ୟାର ବିଭବ ଓ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ବାଲ୍ମୀକିଙ୍କର ଲେଖନୀ ମୁଖର ହୋଇ ଉଠିଛି । ଏହାକୁ ସେ ଲୋକବିଶ୍ରୁତା, ଅତୁଳାପ୍ରଭା, ଶାଳି ତଣ୍ଡୁଳପୂର୍ଣ୍ଣା, ସର୍ବରତ୍ନ-ସମାକୀର୍ଣ୍ଣା ଆଦି ଶବ୍ଦରେ ବର୍ଣ୍ଣନା କରିଛନ୍ତି । ମାନବଶ୍ରେଷ୍ଠ ମନୁ ଏହି ନଗରୀକୁ ନିଜେ ନିର୍ମାଣ କରିଥିଲେ; ବିଭିନ୍ନ ପଣ୍ୟ ଦ୍ରବ୍ୟରେ ପରିପୂର୍ଣ୍ଣ ରାଜପଥ ନଗରୀର ଶୋଭାକୁ ବଢ଼ାଉଥିଲା, ଉଚ୍ଚ ପ୍ରାସାଦମାନ ବହୁ ଧନ, ରତ୍ନରେ ପୂର୍ଣ୍ଣ ଥିଲା, ଅସଂଖ୍ୟ ଘୋଡ଼ା, ହାତୀ, ଗୋରୁ, ଓଟ ଓ ଗଧ ରହୁଥିଲେ ଓ ବହୁଆଡ଼େ ନର୍ତ୍ତକ ଓ ନର୍ତ୍ତକୀଗୋଷ୍ଠୀ ଥିଲେ ବୋଲି ବିସ୍ତୃତ ଭାବରେ ରାମାୟଣରେ ବର୍ଣ୍ଣିତ ହୋଇଛି । ଏଥିରୁ ଜଣାଯାଏ ଯେ ଉତ୍ତର ଭାରତରେ ଆର୍ଯ୍ୟ ସଭ୍ୟତାର ଏହି କେନ୍ଦ୍ରସ୍ଥଳ ନଗର ସଭ୍ୟତାର ଉଚ୍ଚ ସୋପାନରେ ପହଞ୍ଚିଥିଲା ।

କିନ୍ତୁ ସେହି ଅଯୋଧ୍ୟାର ରାଜପୁତ୍ର ଲକ୍ଷ୍ମଣ ଯେତେବେଳେ ସୁଗ୍ରୀବଙ୍କୁ "ତାଙ୍କର ରାମଙ୍କୁ ଦେଇଥିବା ପ୍ରତିଶ୍ରୁତି" ଚେତାଇ ଦେବାପାଇଁ କିଷ୍କିନ୍ଧ୍ୟା ନଗରୀରେ ପ୍ରବେଶ କରୁଛନ୍ତି, ସେତେବେଳେ କିଷ୍କିନ୍ଧ୍ୟାର ଅତୁଳନୀୟ ବିଭବ ଦେଖି ସେ ବିସ୍ମିତ ହୋଇ ପଡ଼ୁଛନ୍ତି । ବାଲ୍ମୀକିଙ୍କ ଭାଷାରେ—

"ଲକ୍ଷ୍ମଣ ସେହି ନାନା ରତ୍ନ ପରି-ପୂର୍ଣ୍ଣ ପୁଷ୍ପିତ ଉଦ୍ୟାନ ଯୁକ୍ତ ନଗରୀ ମଧ୍ୟରେ ପ୍ରବେଶ କଲେ । ······ଚନ୍ଦନ, ଅଗୁରୁ ଓ ପଦ୍ମଯୁକ୍ତ ଗନ୍ଧରେ ସେ ନଗରୀ ସୁଗନ୍ଧିତ

Digitized by srujanika@gmail.com

ହୋଇଥିଲା । …ସେଠାରେ ଏପରି ବଡ଼, ବଡ଼ ପ୍ରାସାଦ ଥିଲା ଯେ ଯାହା ବିନ୍ଧ୍ୟ ବା ମେରୁ ପର୍ବତ ସହିତ ଉଚ୍ଚତାରେ ତୁଳନୀୟ ହୋଇ ପାରିବ । …ଏହି ପ୍ରାସାଦମାନ ଶ୍ୱେତବର୍ଣ୍ଣ ମେଘ ସଦୃଶ ଦେଖା ଯାଉଥିଲା । ସୁଗନ୍ଧିତ ମାଳାମାନ ସେଥିରେ ଝୁଲୁଥିଲା, ପ୍ରଚୁର ଧନ ଧାନ୍ୟ ଭରି ରହିଥିଲା ଓ ସ୍ତ୍ରୀରତ୍ନମାନଙ୍କଦ୍ୱାରା ଶୋଭନୀୟ ଥିଲା । ଇନ୍ଦ୍ର ଭବନ ସଦୃଶ ବାନର ରାଜଙ୍କର ପ୍ରାସାଦକୁ ଲକ୍ଷ୍ମଣ ଦେଖିଲେ । ……ସବୁ ଦ୍ୱାରର ତୋରଣମାନ ଶୁଦ୍ଧ ସୁବର୍ଣ୍ଣରେ ନିର୍ମିତ ହୋଇଥିଲା……ଅନ୍ତଃପୁରରେ ସେ ସୁନା ଓ ରୁପାର ପଲଙ୍କମାନ, ଅନେକ ଉତ୍କୃଷ୍ଟ ଆସନ ଓ ମୂଲ୍ୟବାନ୍ ବିଛଣାମାନ ଦେଖିଲେ ଓ ସୀତାର ଓ ବୀଣାର ମଧୁର ସଙ୍ଗୀତ ଶୁଣିପାରିଲେ ।''

ଅର୍ଥାତ୍ ଅଯୋଧ୍ୟାର ବିଭବଠାରୁ ଉତ୍କୃଷ୍ଟତର ବୋଲି କହି ନ ଥିଲେ ହେଁ ଲକ୍ଷ୍ମଣଙ୍କ ବିସ୍ମୟ-ବିସ୍ଫାରିତ ଚକ୍ଷୁରେ କିଷ୍କିନ୍ଧ୍ୟାର ବିଭବ ବର୍ଣ୍ଣନାରେ ତାହାହିଁ ପ୍ରମାଣିତ ହେଉଛି ।

କିନ୍ତୁ ବିଭବରେ ଲଙ୍କା ସମସ୍ତଙ୍କୁ ବଳି ଯାଇଥିଲା ଓ ଏହା ଉଭୟ କିଷ୍କିନ୍ଧ୍ୟାର ଅଧିବାସୀ ଓ ଅଯୋଧ୍ୟାର ରାଜପୁରୁଷମାନଙ୍କର ବିସ୍ମୟ ସୃଷ୍ଟି କରିଥିଲା । ବାଲ୍ମିକିଙ୍କ ଭାଷାରେ ଏହାର ବର୍ଣ୍ଣନା କରାଯିବା ସଙ୍ଗତ ହେବ:—

"ବାନର ଯୂଥପତିମାନେ ସୁବେଳ ପର୍ବତରେ ସେ ରାତି ଯାପନକରି ଲଙ୍କା ପୁରୀର ସମସ୍ତ ବନ ଓ ଉପବନକୁ ଦେଖିଲେ, ସେହିବନ ଓ ଉପବନଗୁଡ଼ିକ ଚୈତ୍ରରଥ, ସୁନ୍ଦର, ରମଣୀୟ, ବିଶାଳ, ପ୍ରଶସ୍ତ ଥିଲା ଓ ନୟନ ଓ ମନକୁ ହରଣ କରି ନେଉଥିଲା । ତାହାକୁ ଦେଖି ବାନରମାନେ ବିସ୍ମିତ ହେଲେ । ସେହି ବନ ଓ ଉପବନ ଚମ୍ପା, ଅଶୋକ, ପୁନ୍ନାଗ, ଶାଳବୃକ୍ଷଦ୍ୱାରା ବ୍ୟାପ୍ତ ଓ ନାଗେଶ୍ୱର ବୃକ୍ଷରେ ପରିବେଷ୍ଟିତ ଥିଲା ……ଲଙ୍କାର ଶୋଭା ଇନ୍ଦ୍ରଙ୍କ ଅମରାବତୀ ସଦୃଶ ଥିଲା । ନାନା ରଙ୍ଗର ପୁଷ୍ପରେ ମଣ୍ଡିତ ବୃକ୍ଷସବୁ, ଶ୍ୟାମଳ ଦୂର୍ବାଦଳ ଓ ନାନା ରଙ୍ଗର ଚର୍ଚ୍ଚିତ ବନରାଜିଦ୍ୱାରା ଶୋଭିତ ଥିଲା । …ଲଙ୍କାର ସେହି ବନ ଚୈତ୍ରରଥ ବନ ପରି ଅଥବା ମନୋରମ ନନ୍ଦନକାନନ ପରି ସବୁ ଋତୁରେ ରମଣୀୟ ଥିଲା ।''

ଲଙ୍କାର ଉପକଣ୍ଠବର୍ତ୍ତୀ ଏହି ପୁଷ୍ପ ଓ ଫଳୋଦ୍ୟାନ ଓ ସେଥିରେ ଗୁଞ୍ଜନକାରୀ ଭ୍ରମର, ପଶୁ, ପକ୍ଷୀମାନଙ୍କର ବର୍ଣ୍ଣନା କରି କବି ଲଙ୍କାନଗରୀର ଚିତ୍ର ଅଙ୍କନ କରିଛନ୍ତି । ଅଯୋଧ୍ୟାର ଆୟତନ ଦୈର୍ଘ୍ୟରେ ବାର ଯୋଜନ ଓ ପ୍ରସ୍ଥରେ ତିନି ଯୋଜନ ଥିଲା ବେଳେ "ସେହି ଲଙ୍କା ଶହେ ଯୋଜନ ଲମ୍ବ ଓ ତିରିଶ ଯୋଜନ ଓସାର ଥିଲା । ତାହାର ଅତି ଉଚ୍ଚ ଗୋପୁର ମାନ ଧଳା ମେଘ ସଦୃଶ ଦେଖା ଯାଉଥିଲା । ତାହା ସୁବର୍ଣ୍ଣ ଓ ରୌପ୍ୟର ପ୍ରାଚୀର ଦ୍ୱାରା ଶୋଭିତ ଥିଲା । ---ଯେପରି ଗ୍ରୀଷ୍ମ ଶେଷରେ ମେଘଶ୍ରେଣୀ ଦ୍ୱାରା ଆକାଶ ଶୋଭାପାଏ, ସେପରି ଲଙ୍କାରେ ଏପରି ଘର ଥିଲା, ଯାହା ସହସ୍ର ସ୍ତମ୍ଭ ଦ୍ୱାରା ଶୋଭା ପାଉଥିଲା । ତାହା ମଧ୍ୟରେ ରାବଣ ପ୍ରାସାଦକୁ କୈଳାସ ଗିରିର ସହିତ

Digitized by srujanika@gmail.com

ଉଚ୍ଚତା ଦୃଷ୍ଟିରୁ ତୁଳନା କରାଯାଇପାରେ । ଏହା ନବରତ୍ନମୟୀ ଥିଲା ଓ ଲଙ୍କାର ଭୂଷଣ ସ୍ୱରୂପ ହୋଇଥିଲା । ନଗରୀ ମଧ୍ୟରେ ବହୁ ରମଣୀୟ ବନ ଓ ଉପବନ ଥିଲା । ...... ଅନେକ ବୀରଙ୍କ ଦ୍ୱାରା ସେବିତ, ସମୃଦ୍ଧ ଓ ବହୁଦ୍ରବ୍ୟ ପରିପୂର୍ଣ୍ଣ ରାବଣରେ ସେହି ଲଙ୍କା-ପୁରୀକୁ ଲକ୍ଷ୍ମଣାଗ୍ରଜ ରାମଚନ୍ଦ୍ର ନିଜର ଭାଇ ଓ ବାନର ମାନଙ୍କ ସହିତ ଦେଖି ବିସ୍ମିତ ହୋଇଗଲେ ।'' ସାରା ସଂସାରରେ ଶ୍ରେଷ୍ଠ ସ୍ଥପତି ବିଶ୍ୱକର୍ମାଙ୍କ ଦ୍ୱାରା ଏହା ନିର୍ମିତ ହୋଇଥିଲା ।

## ରାବଣର ବିଭୂତି

କେବଳ ବିଭବ ନୁହେଁ, ଆଭିଜାତ୍ୟ, ପାଣ୍ଡିତ୍ୟ, ଶୌର୍ଯ୍ୟ, ବୀର୍ଯ୍ୟରେ ଲଙ୍କାର ଅଧୀଶ୍ୱର ରାବଣ ସମସ୍ତ ପୃଥିବୀରେ ଅଦ୍ୱିତୀୟ ଥିଲେ । ବଂଶ ପରମ୍ପରାରେ ସେ ଥିଲେ ବିଶ୍ରବା ଋଷିଙ୍କର ପୁତ୍ର ଓ ବ୍ରହ୍ମାଙ୍କର ନାତି । ପୃଥିବୀର କେଉଁ ରାଜା ଏପରି ସୃଷ୍ଟିକର୍ତ୍ତାଙ୍କର ନିଜର ଔରସରୁ ଜନ୍ମଲାଭ କରିଥିଲା ? ପାଣ୍ଡିତ୍ୟରେ ମଧ୍ୟ ରାବଣ ସମସ୍ତ ବେଦ, ବେଦାଙ୍ଗ, ଧର୍ମଶାସ୍ତ୍ର, ରାଜନୀତିରେ ପାରଙ୍ଗମ ଥିଲେ । ଶିବଙ୍କ ସ୍ତୁତି କରି ସେ ଯେଉଁ ସ୍ତୋତ୍ର ରଚନା କରିଥିଲେ, ତାହା ଏବେ ମଧ୍ୟ ରାବଣକୃତ-ଶିବତାଣ୍ଡବ-ସ୍ତୋତ୍ରମ୍ ନାମରେ ପରିଚିତ । ଛନ୍ଦର ମନୋହାରିତା, ଭାବର ଗମ୍ଭୀରତା, ଶବ୍ଦ ଯୋଜନାର ବୈଚିତ୍ର୍ୟ ଓ ପାଣ୍ଡିତ୍ୟ ଦୃଷ୍ଟିରୁ ତାହାର ଗୋଟିଏ ମାତ୍ର ପଦ ଏଠାରେ ଉଦ୍ଧାର କଲେ ଯଥେଷ୍ଟ ହେବ । ତାହା ହେଉଛି---

ଜଟା କଟାହସଂଭ୍ରମ
ଭ୍ରମନ୍ନିଲିମ୍ପନିର୍ଝରୀ
ବିଲୋଲ ବୀଚିବଲ୍ଲରୀ
ବିରାଜମାନ ମୂର୍ଦ୍ଧନି
ଧଗଦ୍ଧଗଦ୍ଧଗଜ୍ଜ୍ୱଳ
ଲଲାଟପଟ୍ଟ ପାବକେ
କିଶୋର ଚନ୍ଦ୍ରଶେଖରେ
ରତିଃ ପ୍ରତି କ୍ଷଣଂ ମମ ।

ଏହାର ଅର୍ଥ ହେଉଛି ଯାହାଙ୍କର ଜଟା ରୂପକ କଟାହ ମଧ୍ୟରେ ଗଙ୍ଗାନଦୀ ତାଙ୍କର ସ୍ୱଚ୍ଛ ତରଙ୍ଗମାନଙ୍କ ସହିତ ପ୍ରବାହିତ, ଯାହାଙ୍କର ଲଲାଟ ପଟରୁ ଅଗ୍ନିଶିଖା ଧକ୍ ଧକ୍ ହୋଇ ବାହାରୁଛି, ଯାହାଙ୍କର ମସ୍ତକରେ ଚନ୍ଦ୍ରକଳା ଶୋଭିତ, ତାହାଙ୍କଠାରେ ମୋ'ର ମନ ଦୃଢ଼ ମୁହୂର୍ତ୍ତରେ ବନ୍ଧାଥାଉ ।

ରାବଣ ରାମଚନ୍ଦ୍ରଙ୍କର ଶତ୍ରୁ ହେଲେ ମଧ୍ୟ ମୃତ୍ୟୁ ପୂର୍ବରୁ ସେ ତାଙ୍କୁ ରାଜନୀତି ଶିକ୍ଷା ଦେଇଥିଲେ ।

## ଅସୁର କିଏ

ପ୍ରଥମତଃ ତପସ୍ୱୀ ବ୍ରାହ୍ମଣ, ତା'ପରେ ବିଦ୍ୱାନ୍, ତା'ରେ ପୁଣି ଅତୁଳ ବଳ, ବୀର୍ଯ୍ୟ, ଯୋଗୁଁ ତ୍ରିଲୋକ ବିଜୟୀ ଓ ସମସ୍ତ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ରାବଣଙ୍କୁ ଓ ତାଙ୍କର ଅନୁଚର ମାନଙ୍କୁ କାହିଁକି ଅସୁର ବୋଲି ଅଭିହିତ କରାଯାଇଛି ଓ ତାଙ୍କର ଆଚରଣ ମର୍ଯ୍ୟାଦାକୁ କାହିଁକି ନିକୃଷ୍ଟ ବୋଲି ପ୍ରମାଣିତ କରାଯାଇଛି ? ଅସୁର ଶବ୍ଦ ଅସ୍ତ୍ର

(ପ୍ରାଣ) ଶବ୍ଦରୁ ହୋଇଛି । ଅସୁର ବା ଅସୁ ପରାୟଣ ଏହି ବ୍ୟକ୍ତି ନିଜର ପ୍ରାଣ ରକ୍ଷାପାଇଁ ଅନ୍ୟ ମାନଙ୍କର ପ୍ରାଣ ଓ ସୁଖକୁ ବଳିଦେବା ପାଇଁ କୁଣ୍ଠିତ ନୁହେଁ । ସେ ଅହଂଯୁକ୍ତ, ସ୍ୱାର୍ଥପର, ଆତ୍ମସର୍ବସ୍ୱ । ଅନ୍ୟମାନଙ୍କ ଉପରେ ନିଜର ପ୍ରଭୁତ୍ୱ ବିସ୍ତାର କରିବା, ସଦାଚାରରେ ନିଜସ୍ୱ ଓ ସଦ୍ ଧର୍ମରେ ବ୍ରତୀଥିବା ବ୍ୟକ୍ତି ମାନଙ୍କୁ ଭୟଭୀତ କରି ରଖିବା, ଧନ ଓ ଭୋଗ ବିଳାସରେ ଲିପ୍ତ ରହିବା, ସୁରାପାନ ଓ ସ୍ତ୍ରୀଙ୍କର ସତୀତ୍ୱ ଅପହରଣ କରିବା ହେଉଛି ଏହି ଆଚରଣର ଅନୁଭୁକ୍ତ । ସେଥିପାଇଁ କୁହାଯାଇଛି, "ଅସୁର୍ଯ୍ୟା ନାମତେ ଲୋକାଃ ଅନ୍ଧେନ ତମସାବୃତାଃ" । ଅର୍ଥାତ୍ ଆସୁରୀ ବୃତ୍ତି ପରିଚାଳିତ ସମାଜ, ଶାସନ ବା ବ୍ୟକ୍ତି ଘୋର ଅନ୍ଧକାର ମଧ୍ୟକୁ ଟାଣି ଟାଣି ହୋଇ ଯାଏ । ତେଣୁ ସମସ୍ତ ସାଧାରଣ ଗୁଣ ଓ ଐଶ୍ୱରିକ ବିଭବର ଅଧୀଶ୍ୱର ହୋଇ ମଧ୍ୟ କେବଳ ବିଳାସୀ, ସ୍ୱାର୍ଥପର, ନୈତିକତାହୀନ ଉପଭୋଗମୟ ଜୀବନ ଯାପନ ଦ୍ୱାରା ରାବଣ ଓ ତାଙ୍କର ଅନୁଚର ବର୍ଗ ଓ ସେମାନଙ୍କ ସହିତ ସ୍ୱର୍ଣ୍ଣପୁରୀ ଲଙ୍କାର ପତନ ହେଲା ।

ଲଙ୍କାରେ ଯାହା ପରିପୂର୍ଣ୍ଣ ଭାବରେ ଦେଖା ଦେଇଛି, ସୁଗ୍ରୀବଙ୍କ କିଷ୍କିନ୍ଧ୍ୟାରେ ମଧ୍ୟ ତାର ଆଭାସ ଦେଖିବାକୁ ମିଳୁଛି । ସୀତାଙ୍କୁ ଖୋଜି ଆଣିବେ ବୋଲି ରାମ-ଚନ୍ଦ୍ରଙ୍କୁ ପ୍ରତିଶ୍ରୁତି ଦେଇ ସୁଗ୍ରୀବ ଏକ ପ୍ରଚଣ୍ଡ ଉପଭୋଗର ଜୀବନ ଯାପନ କରୁଛନ୍ତି । ମଦ ଓ ନାରୀ ମଧ୍ୟରେ ରହି ସେ ନିଜର ବନ୍ଧୁଙ୍କ ପ୍ରତି ଦ୍ରୋହ କରିଛନ୍ତି । ଏପରିକି ଲକ୍ଷ୍ମଣଙ୍କ କ୍ରୋଧ ଶାନ୍ତ କରିବା ପାଇଁ କିଷ୍କିନ୍ଧ୍ୟାର ଶ୍ରେଷ୍ଠ ମହିଳା ତାରା ମଧ୍ୟ ମଦ ବିହ୍ୱଳ ଅବସ୍ଥାରେ ଆସି ତାଙ୍କ ସହିତ କଥା ଭାଷା କରୁଛନ୍ତି ।

## ଆର୍ଯ୍ୟ ଧର୍ମ

ଅନ୍ୟ ପକ୍ଷରେ ଅଯୋଧ୍ୟାର ବର୍ଣ୍ଣନା କରିବାକୁ ଯାଇ ବାଲ୍ମିକି କେବଳ ଏହି ନଗରୀର ବିଭବ ବର୍ଣ୍ଣନା କରି ନାହାନ୍ତି । ଏଠାରେ ଥିବା ନର, ନାରୀ ମାନଙ୍କ ଧର୍ମ ପ୍ରାଣତା, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ବା ବିଭିନ୍ନ ବୃତ୍ତିରେ ନିରତ ପ୍ରଜାମାନେ ସ୍ୱ ସ୍ୱ କର୍ତ୍ତବ୍ୟରେ ନିଷ୍ଠଥିବା, ଚୋରି ନ କରିବା, ମଦ ନ ପିଇବା, ମିଥ୍ୟା ନ କହିବା, ପରିବାର, ରାଜା ଓ ଆଦର୍ଶ ପ୍ରତି ଅନୁରକ୍ତଥିବା ସେ ଉଲ୍ଲେଖ କରିଛନ୍ତି, ଯାହାକି ରାମଚନ୍ଦ୍ର ରାଜା ହେବାପରେ ଶତ ଗୁଣ ବଢ଼ିଯାଇଛି । ରାମଙ୍କର ଅଯୋଧ୍ୟା ଲଙ୍କା ବା କିଷ୍କିନ୍ଧ୍ୟାର ଐଶ୍ୱର୍ଯ୍ୟ ସହିତ ତୁଳନୀୟ ନହେଲେ ମଧ୍ୟ ଏହା ହେଉଛି ଭାରତର ସନାତନ ଆଦର୍ଶର ସର୍ବଶ୍ରେଷ୍ଠ ପ୍ରତୀକ । ଏଠାରେ ରାଜା ବ୍ୟକ୍ତିଗତ ଜୀବନରେ ଯେପରି ଶୁଦ୍ଧ, ସଚ୍ଚରିତ୍ର, ସତ୍ୟନିଷ୍ଠ ରାଷ୍ଟ୍ରୀୟ ଜୀବନରେ ମଧ୍ୟ ସେହିପରି ନ୍ୟାୟ-ନିରପେକ୍ଷ, ଲୋକ-ରଞ୍ଜନ-ତତ୍ପର, ସମସ୍ତ ଆଧ୍ୟାତ୍ମିକ ଓ ନୈତିକ ଗୁଣର ପୋଷକ ଓ ପରିପାଳକ । ତାଙ୍କର ଏହି ଗୁଣାବଳୀ ତାଙ୍କର ପରିବାର ଓ ରାଜ୍ୟର ନାଗରିକଙ୍କ ମଧ୍ୟରେ ବହୁ ଅଂଶରେ ପ୍ରତି-ଫଳିତ । ଏହାହିଁ ରାମରାଜ୍ୟ, ଏହାହିଁ ଶ୍ରେଷ୍ଠ ଆର୍ଯ୍ୟଧର୍ମ ।

Digitized by srujanika@gmail.com

# ଓଁ ଯୋ ହବୈ ଶ୍ରୀରାମଚନ୍ଦ୍ର

ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ

ଚୈତ୍ର ମାସ ଆସିଲା, ରାମନବମୀର ମାସ । ଚୈତ୍ର ମାସର ଶୁକ୍ଳ ନବମୀ ଦିନ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମ ହୋଇଥିଲା ବୋଲି ଆବହମାନ କାଳରୁ ପରଂପରା ଚାଲି ଆସୁଥିବାରୁ ଶ୍ରୀରାମଙ୍କ ସ୍ମୃତିରେ ପୂଜା ହୋଇ ଆସୁଛି । ଅଗସ୍ତ୍ୟ ସଂହିତାରେ ଅଛି—"ଚୈତ୍ରେ ମାସି ନବମ୍ୟାଂତୁ ଜାତୋ ରାମଃ ସ୍ୱୟଂ ହରିଃ" ଚୈତ୍ର ମାସରେ ନବମୀ ଦିନ ସ୍ୱୟଂ ଭଗବାନ୍ ଶ୍ରୀରାମ ଜାତ ହୋଇ ଥିଲେ ।

## ପରିପୂର୍ଣ୍ଣତମ

ଭାରତୀୟ ପରଂପରାରେ ତିନିଜଣ ରାମ ପ୍ରସିଦ୍ଧ । ଏଣୁ ଅଙ୍କ ଗଣନାରେ ରାମ କହିଲେ ତିନି ବୁଝାଏ । ଏହି ତିନି ରାମ ହେଉଛନ୍ତି—

ଭାର୍ଗବୋ ରାଘବୋ ଗୋପବୃନ୍ଦ୍ୟୋ ରାମାଃ ପ୍ରକୀର୍ତ୍ତିତାଃ । ଭାର୍ଗବ ଅର୍ଥାତ୍ ପରଶୁରାମ ରାମ, ରାଘବ ରାମ ଏବଂ ଗୋପ ଅର୍ଥାତ୍ ବଳରାମ ରାମ ଏହି ସବୁ ତିନି ରାମ । କିନ୍ତୁ ରାମ ନବମୀ ସହିତ କେବଳ ରାଘବ ରାମଙ୍କ ସମ୍ବନ୍ଧ ଅଛି । ରାମୋପାସକ ମାନେ ଏହି ରାମଙ୍କୁ 'ପରିପୂର୍ଣ୍ଣତମ' ବୋଲି କହନ୍ତି ।

ସର୍ବେ ଚାଂଶକଳାଃ ପୁଂସଃ
କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍
ପରିପୂର୍ଣତମୋ ରାମୋ
ବ୍ରହ୍ମଣାପାତ୍ମବସ୍ତୁତଃ ।।

ପୁରୁଷ 'ଆଦି ପୁରୁଷ' ବା ବ୍ରହ୍ମର ସବୁ ଅବତାର ହେଉଛନ୍ତି ଅଂଶକଳା, କୃଷ୍ଣ ସ୍ୱୟଂ ଭଗବାନ୍ ଓ ରାମ ହେଉଛନ୍ତି ପରିପୂର୍ଣ୍ଣତମ, କିନ୍ତୁ ବ୍ରହ୍ମଣାପରୁ ଆତ୍ମବସ୍ତୁ ହୋଇଛନ୍ତି । ଏହା ଦେଖିଲେ ଜଣା ପଡ଼ୁଛି ଯେ ଯେତେ ଅବତାର ସମସ୍ତେ ଅଂଶକଳାରୁ ସମ୍ଭୂତ କିନ୍ତୁ କୃଷ୍ଣ ନିଜେ ଭଗବାନ୍ ଅର୍ଥାତ୍ ପରିପୂର୍ଣ୍ଣ ବ୍ରହ୍ମ ଓ ରାମ ହେଉଛନ୍ତି ପରିପୂର୍ଣ୍ଣତମ, ଅର୍ଥାତ୍ ସମସ୍ତଙ୍କ ଉପରେ । ଏଣୁ କୁହା ହୋଇଅଛି—

ରାମ ଏବ ପରଂ ବ୍ରହ୍ମ
ରାମ ଏବ ପରଂ ତପଃ ।
ରାମ ଏବ ପରଂ ତତ୍ତ୍ୱଂ
ଶ୍ରୀରାମୋ ବ୍ରହ୍ମତାରକମ୍ ।।

ରାମ ହିଁ ହେଉଛନ୍ତି ପରଂ ବ୍ରହ୍ମ, ରାମହିଁ ଶ୍ରେଷ୍ଠ ତପ ଏବଂ ଶ୍ରେଷ୍ଠ ତତ୍ତ୍ୱ, ଶ୍ରୀରାମ ହେଉଛନ୍ତି ତାରକ ବ୍ରହ୍ମ । ଉପନିଷଦ୍‌ରେ ରାମଙ୍କ ସମ୍ବନ୍ଧରେ ଆହୁରି ଉଲ୍ଲେଖ ମିଳେ—

Digitized by srujanika@gmail.com

ଚିନ୍ମୟସ୍ୟାଦ୍ୱିତୀୟସ୍ୟ
ନିଷ୍କଳଙ୍କସ୍ୟାଶରୀରିଣଃ ।
ଉପାସକାନାଂ କାର୍ଯ୍ୟାର୍ଥଂ
ବ୍ରହ୍ମଣୋ ରୂପ କଳ୍ପନା ॥

ରାମ ହେଉଛନ୍ତି ଚିନ୍ମୟ, ଅଦ୍ୱିତୀୟ, ନିଷ୍କଳଙ୍କ ଅଶରୀରୀ ବ୍ରହ୍ମ, ଉପାସକମାନେ ସହଜରେ ଏହି ବ୍ରହ୍ମର ଅବଧାରଣା କରି ପାରନ୍ତି ନାହିଁ ବୋଲି ସେହି ମାନଙ୍କର କାର୍ଯ୍ୟସିଦ୍ଧି ପାଇଁ ଚିନ୍ମୟ ବ୍ରହ୍ମର ରାମ ରୂପରେ କଳ୍ପନା କରା ହୋଇଛି ।

## ସର୍ବଦାତା

ରାମ ଶବ୍ଦର ବ୍ୟୁତ୍ପତ୍ତି ପ୍ରସଙ୍ଗରେ ମଧ୍ୟ ଏହି ଅର୍ଥର ସୂଚନା ଦିଆ ହୋଇ ଅଛି—

ଚିନ୍ମୟେଽସ୍ମିନ୍, ମହାବିଷ୍ଣୌ
ଜାତେ ଦଶରଥେ ହରୌ ।
ରଘୋଃ କୁଲେଽଖିଳଂ ରାତି
ରାଜତେ ଯୋ ମହୀସ୍ଥିତଃ ।
ସରାମ ଇତି ଲୋକେଷୁ
ବିଦ୍ୱଦ୍ଭିଃ ପ୍ରକଟୀକୃତଃ ॥

ଚିନ୍ମୟ ମହାବିଷ୍ଣୁ ହରି ଦଶରଥଙ୍କ ପୁତ୍ର ରୂପରେ ଜାତ ହେଲା ପରେ ରଘୁକୁଳରେ ଅଖିଳ ଦାନ କଲେ (ରାତି = ଦଦାତି) ଏବଂ ମହୀରେ ରହି ଶୋଭା ପାଇଲେ (ରାଜତେ), ଏଣୁ ବିଦ୍ୱଦ୍‌ଗଣ ତାଙ୍କୁ ପୃଥିବୀରେ ରାମ ବୋଲି ପ୍ରକଟ କଲେ । ଏଥିରୁ ଜଣା ପଡୁଛି ଯେ ରାମ ଶବ୍ଦ ଦାନାର୍ଥକ ରା ଧାତୁ ବା ଦୀପ୍ତ୍ୟର୍ଥ ରାଜ୍ ଧାତୁରୁ ନିଷ୍ପନ୍ନ ହୋଇଛି । କିନ୍ତୁ ରାମଶବ୍ଦ ରମ୍ ଧାତୁରୁ ଘଞ୍. ପ୍ରତ୍ୟୟ କରି ସିଦ୍ଧ କରାଯାଇ ଥାଏ । ଏଣୁ ରମ୍ ଧାତୁ ନେଲେ ଅର୍ଥ ହେବ—

ରମନ୍ତେ ଯୋଗିନୋଽନନ୍ତେ
ନିତ୍ୟାନନ୍ଦେ ଚିଦାତ୍ମନି ।
ଇତି ରାମପଦେନାସୌ
ପରଂ ବ୍ରହ୍ମାଭିଧୀୟତେ ।

ଯାହାଙ୍କ ପାଖରେ ଯୋଗୀମାନେ ରମଣ କରନ୍ତି, ଅର୍ଥାତ୍ ଯେଉଁ ଅନନ୍ତ ନିତ୍ୟାନନ୍ଦ ଚିଦାତ୍ମକ (ସତ୍-ଚିତ୍-ଆନନ୍ଦ ସ୍ୱରୂପ) ସତ୍ତା ଉପରେ ରମଣ କରନ୍ତି, ସେ ହେଉଛନ୍ତି ରାମ, ଏଣୁ ରାମ ଶବ୍ଦର ଅର୍ଥ ହେଉଛି ବ୍ରହ୍ମ ।

ବ୍ୟାକରଣକୁ ଆଶ୍ରୟ କରି ରାମଶବ୍ଦର ଏପରି ଅର୍ଥ କରାହୋଇଛି । ଅକ୍ଷରକୁ ନେଇ କରି ଆଉ ଗୋଟିଏ ପ୍ରକାର ଅର୍ଥ କରା ହୋଇଛି ।

ରାଶବ୍ଦୋ ବିଶ୍ୱ ବଚନୋ
ମଶ୍ଚାପୀଶ୍ୱର ବାଚକଃ ।
ବିଶ୍ୱାନାମୀଶ୍ୱରୋ ଯୋହି
ତେନ ରାମଃ ପ୍ରକୀର୍ତ୍ତିତଃ ॥

'ରା' ଶବ୍ଦର ଅର୍ଥ ହେଉଛି ବିଶ୍ୱ, 'ମ' ଶବ୍ଦର ଅର୍ଥ ହେଉଛି ଈଶ୍ୱର, ଏଣୁ ଯେ ବିଶ୍ୱେଶ୍ୱର, ସେ ହେଉଛନ୍ତି ରାମ । 'ରା' ଶବ୍ଦକୁ ଲକ୍ଷ୍ମୀ ଅର୍ଥ ମଧ୍ୟ କରା ହୋଇଛି ।

ରା ଚେତି ଲକ୍ଷ୍ମୀବଚନୋ
ମଶ୍ଚାପୀଶ୍ୱର ବାଚକଃ ।
ଲକ୍ଷ୍ମୀପତିଂ ଗତିଂ ରାମଂ
ପ୍ରବଦନ୍ତି ମନୀଷିଣଃ ॥

Digitized by srujanika@gmail.com

'ରା' ଶବ୍ଦର ଅର୍ଥ ଲକ୍ଷ୍ମୀ, 'ମ' ର ଅର୍ଥ ଈଶ୍ୱର, ଏଣୁ ପଣ୍ଡିତମାନେ ଲକ୍ଷ୍ମୀପତି ବିଷ୍ଣୁଙ୍କୁ ରାମ ବୋଲି କହିଥାନ୍ତି, ସେ ହେଉଛନ୍ତି ସମସ୍ତଙ୍କର ଗତି ।

## ଶ୍ରୀରାମଙ୍କ ପୂଜା

ରାମଙ୍କ ପୂଜା କଲାବେଳେ ସାଧାରଣତଃ ରାମଙ୍କୁ ଏହିପରି ଭାବରେ ଧ୍ୟାନ କରି ଯାଇଥାଏ ।

କାଳାମ୍ଭୋଧରକାନ୍ତିକାନ୍ତମନିଶଂ
ବୀରାସନାଧ୍ୟାସିତଂ
ମୁଦ୍ରାଂ ଜ୍ଞାନମୟୀଂ ଦଧାନମପରଂ
ହସ୍ତାମ୍ବୁଜଂ ଜାନୁନି ।
ସୀତାଂ ପାର୍ଶ୍ୱଗତାଂ ସରୋରୁହକରାଂ
ବିଦ୍ୟୁନ୍ନିଭାଂ ରାଘବଂ
ପଶ୍ୟନ୍ତଂ ମୁକୁଟାଙ୍ଗଦାଦିବିବିଧା
କଳ୍ପୋଜ୍ଜ୍ୱଳାଙ୍ଗଂ ଭଜେ ॥

ରାମଙ୍କ ଦେହର କାନ୍ତି ହେଉଛି କୃଷ୍ଣ ମେଘ ସଦୃଶ, ସେ ବୀରାସନରେ ଆସୀନ, ଗୋଟିଏ ହାତରେ ସେ ଜ୍ଞାନମୁଦ୍ରା ଧାରଣ କରିଥାନ୍ତି ଓ ଅପର ହସ୍ତ ଜାନୁଉପରେ ନ୍ୟସ୍ତ ଥାଏ, ପାର୍ଶ୍ୱରେ ସୀତା ଥାନ୍ତି, ସେ ପୁଣି ହାତରେ ଗୋଟିଏ ପଦ୍ମ ଧରିଥାନ୍ତି ଏବଂ ତାଙ୍କ ଦେହର କାନ୍ତି ହେଉଛି ବିଦ୍ୟୁତ୍‌ସଦୃଶ, ଯେଉଁପରି ସୀତାଙ୍କ ଉପରେ ରାମଙ୍କ ଦୃଷ୍ଟି ନିବଦ୍ଧ ଥାଏ ମୁକୁଟ ଅଙ୍ଗଦ ଆଦି ବିବିଧ ଆଭରଣ ଦ୍ୱାରା ବିଭୂଷିତ ହୋଇଥିବା ଏହିପରି ରାମଙ୍କୁ ମୁଁ ଧ୍ୟାନ କରେ ।

ଶ୍ରୀରାମଙ୍କର ଆଉ କେତୋଟି ଧ୍ୟାନ ମିଳୁଛି, ଯାହା ତାଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟ ସହିତ ସଂଯୁକ୍ତ ପରି ଜଣା ପଡ଼ୁଛି । ଯଥା—

କୋମଳାଙ୍ଗ ବିଶାଳାକ୍ଷ
ମିନ୍ଦ୍ରନୀଳସମପ୍ରଭମ୍ ।
ଦକ୍ଷିଣାଂଶେ ଦଶରଥଂ
ପୁତ୍ରାବେଷ୍ଟନତତ୍ପରମ୍ ।
ପୃଷ୍ଠତୋ ଲକ୍ଷ୍ମଣଂ ଦେବଂ
ସଚ୍ଛତ୍ରଂ କନକପ୍ରଭମ୍ ।
ପାର୍ଶ୍ୱେ ଭରତ ଶତ୍ରୁଘ୍ନୌ
ତାଳ ବୃନ୍ତକରାବୁଭୌ ॥
ଅଗ୍ରେ ବ୍ୟଗ୍ରଂ ହନୁମନ୍ତଂ
ରାମାନୁଗ୍ରହ କାଙ୍କ୍ଷିଣମ୍ ॥
ଏବଂ ଧ୍ୟାତ୍ୱା ଶ୍ରୀରାମଂ ପୂଜୟେତ୍ ।

ରାମ ହେଉଛନ୍ତି କୋମଳାଙ୍ଗ, ବିଶାଳାକ୍ଷ ଓ ଇନ୍ଦ୍ରନୀଳଶ୍ୟାମଳ, ତାଙ୍କର ଦକ୍ଷିଣ ଅଂଶରେ ପୁତ୍ରାଲିଙ୍ଗନ ତତ୍ପର ଦଶରଥ, ପୃଷ୍ଠ-ଭାଗରେ ଛତ୍ରଧାରଣ କରି କନକ କାନ୍ତି ଲକ୍ଷ୍ମଣ, ଉଭୟ ପାର୍ଶ୍ୱରେ ପଙ୍ଖାଧରି ଭରତ ଓ ଶତ୍ରୁଘ୍ନ ଓ ଅଗ୍ର ଭାଗରେ ରାମାନୁଗ୍ରହ ପ୍ରାର୍ଥୀ ହନୁମାନ ଥିବା ଶ୍ରୀରାମଙ୍କୁ ଧ୍ୟାନ କରି ପୂଜା କରିବ । ଏହି ଧ୍ୟାନରେ ସୀତା ନାହାନ୍ତି, ଦଶରଥ ଅଛନ୍ତି, ଏଣୁ ଏହା ରାମଙ୍କ ବିବାହ ପୂର୍ବର ଅବସ୍ଥା ବୋଲି ଧରି ଯାଇ ପାରେ । ଏଥିରେ ଗୋଟିଏ ଅଡ଼ୁଆ ହେଉଛି ଯେ—ଅଗ୍ରଭାଗରେ ହନୁମାନ ଅଛନ୍ତି । ବନଗମନ ପରେ ରାମ-ହନୁମାନଙ୍କ ସାକ୍ଷାତ୍, ସେତେବେଳେ ଦଶରଥ ଆଉ ନଥିଲେ । କିନ୍ତୁ ହନୁମାନ୍ ଚିରଂଜୀବ ଥିଲେ । ଆଉ ଗୋଟିଏ ଧ୍ୟାନରେ ରାମଙ୍କ

Digitized by srujanika@gmail.com

ବନବାସ ଅବସ୍ଥାର ସୂଚନା ମିଳେ ସେତେବେଳେ ସେ ଦଣ୍ଡକାରଣ୍ୟରେ ଥିବା ବା ଲଙ୍କାରୁ ଫେରୁଥିବା ଅବସ୍ଥାର ଧ୍ୟାନ କରା ହୋଇଛି । ଯଥା—

ମଧ୍ୟେବନଂ କଳ୍ପତରୋ
ର୍ମୂଳେପୁଷ୍ପଲତାସନେ ।
ଲକ୍ଷ୍ମଣେନ ଚ୍ଛତ୍ରଣୀକୃମକ୍ଷଃ
କୋଣେନ ସାସ୍ତୁକମ୍ ।।
ଅବେକ୍ଷ୍ୟମାଣଂ ଜାନକ୍ୟା
ଧୃତବ୍ୟଜନସ୍ତେଶ୍ୱରମ୍ ।
ଜଟାଭ୍ରିରଂଲସଚ୍ଛୀର୍ଷଂ
ଶ୍ୟାମଂମୁନିଗଣାବୃତମ୍ ।।
ଲକ୍ଷ୍ମଣେନ ଧୃତଚ୍ଛତ୍ର
ମଥବାପୁଷ୍ପକୋପରି ।
ଦଶାସ୍ୟ ମଥନଂ ଶାନ୍ତଂ
ସସୁଗ୍ରୀବବିଭୀଷଣମ୍ ।।
ଏବଂ ଲବ୍ଧ୍ୱା ଜୟାର୍ଥୀରୁ
ବଣ ଲପଂଜପେନ୍ନରଃ ।

ବନ ମଧ୍ୟରେ କଳ୍ପତରୁର ମୂଳରେ ପୁଷ୍ପ ଲତାର ଆସନରେ ଆସୀନ, ଆଖିର କୋଣରେ ଧନରେ ଗୁଣ ଚଢ଼ାଉଥିବା ଲକ୍ଷ୍ମଣଙ୍କ ସହ ଅବସ୍ଥିତ, ହାତରେ ବ୍ୟଜନ ଧରିଥିବା ଜାନକୀଙ୍କ ଦ୍ୱାରା ଅବେକ୍ଷିତ, ମସ୍ତକରେ ଜଟାଭାର ଦ୍ୱାରା ପରିଶୋଭିତ ଓ ମୁନିଗଣଦ୍ୱାରା ପରିବୃତ ଶ୍ୟାମଳ ରାମଚନ୍ଦ୍ରଙ୍କୁ ଅଥବା ପୁଷ୍ପକ ବିମାନ ଲକ୍ଷ୍ମଣ ଛତ୍ର ଧାରଣ କରିଥିବା ବେଳେ ଦଶାସ୍ୟ ମଥନକାରୀ ସୁଗ୍ରୀବ ବିଭୀଷଣାଦିଙ୍କ ଦ୍ୱାରା ପରିବୃତ ପୂର୍ବବତ୍ ରାମଚନ୍ଦ୍ରଙ୍କୁ ଜୟନାମନ୍ତ୍ରେ ବର୍ଣଲକ୍ଷ ଅର୍ଥାତ୍ ୧ ଲକ୍ଷ ମନ୍ତ୍ରଜପ କରିବେ । (ବର୍ଣ୍ଣର ନାନା ଅର୍ଥଅଛି)

ରାମରକ୍ଷା କବଚ ପାଳନକଲା ବେଳେ ମଧ୍ୟ ଏହିପରି ରାମଚନ୍ଦ୍ରଙ୍କ ଧ୍ୟାନ କରିବାକୁ କୁହା ହୋଇଛି ।

ଧ୍ୟାତ୍ୱା ନୀଳୋତ୍ପଳଦଳଶ୍ୟାମଂ
ରାମଂ ରାଜୀବଲୋଚନମ୍ ।
ଜାନକୀ ଲକ୍ଷ୍ମଣୋପେତଂ
ଜଟାମୁକୁଟ ମଣ୍ଡିତମ୍ ।।
ସାସିତୂଣଧନୁର୍ବାଣପାଣିଂ
ନକ୍ତଞ୍ଚରାନ୍ତକମ୍ ।
ସ୍ୱଲୀଳୟା ଜଗତ୍ ତ୍ରାତୁ
ମାବିର୍ଭୂତମଜଂବିଭୁମ୍ ।।
ରାମରକ୍ଷାଂ ପଠେତ୍ ପ୍ରାଜ୍ଞଃ
ପାପଘ୍ନୀଂ ସର୍ବକାମଦାମ୍ ।।

ନୀଳୋତ୍ପଳ ଦଳପରି ଶ୍ୟାମ, ଜାନକୀ ଓ ଲକ୍ଷ୍ମଣଙ୍କ ଦ୍ୱାରା ପରିଶୋଭିତ ଜଟାମୁକୁଟ ମଣ୍ଡିତ, ହାତରେ ଅସି, ତୂଣ ଓ ଧନୁର୍ବାଣଧାରୀ, ରାକ୍ଷସାନ୍ତକ, ନିଜର ଲୀଳାରେ ଜଗତ୍ ତ୍ରାଣ କରିବାକୁ ଆବିର୍ଭୂତ, ଅଜ, ବିଭୁ, ରାଜୀବଲୋଚନ ରାମଙ୍କୁ ଧ୍ୟାନକରି ପାପନାଶ କାରିଣୀ, ସର୍ବକାମନା ରାମରକ୍ଷା (କବଚ)କୁ ପାଠ କରିବ । ବନବାସୀ ରାମ ଜଟାମୁକୁଟ ଧାରଣ କରିଥିଲେ ।

ବନବାସରୁ ଫେରି ଅଯୋଧ୍ୟାରେ ସିଂହାସନା ରୂଢ଼ ହେବା ଅବସ୍ଥାର ମଧ୍ୟ ଧ୍ୟାନ କରାହୋଇଛି ।

ଅଯୋଧ୍ୟାନଗରେ ରମ୍ୟ
ସର୍ବସୌବର୍ଣମଣ୍ଡପେ ।

Digitized by srujanika@gmail.com

ମନ୍ଦାର ପୁଷ୍ପୈର୍ବିବଦ୍ଧ
ବିତାନେତୋରଣାଞ୍ଚିତେ ।।
ସିଂହାସନ ସମାରୂଢ଼ଂ
ପୁଷ୍ପକୋପରି ରାଘବମ୍ ।
ରକ୍ଷୋଭି ହରିଭି ର୍ଦେବୈ
ର୍ଦିବ୍ୟଯାନଗତୈଃ ଶୁଭୈଃ ।।
ସଂସ୍ତୂୟମାନଂ ମୁନିଭି
ର୍ଗନ୍ଧର୍ବୈଃ ପରିଶୋଭିତମ୍ ।
ସୀତାଲଂକୃତବାମାଙ୍ଗଂ
ଲକ୍ଷ୍ମଣେନୋପସେବିତମ ।।
ଶ୍ୟାମଂ ପ୍ରସନ୍ନବଦନଂ
ସର୍ବାଭରଣଭୂଷିତମ୍ ।
ଧ୍ୟାତ୍ୱୈବଂ ଜପେନ୍ମନ୍ତ୍ରଂ
ବର୍ଣ ଲକ୍ଷଂ ବିଚକ୍ଷଣଃ ।।

ଅଯୋଧ୍ୟା ନଗରୀରେ ବିଚିତ୍ର ସର୍ବସୁବର୍ଣ୍ଣ ନିର୍ମିତ ମଣ୍ଡପରେ ତୋରଣ ଶୋଭିତ ମନ୍ଦାର ପୁଷ୍ପଦ୍ୱାରା ଆବଦ୍ଧ ବିତାନତଳେ ସିଂହାସନାରୂଢ଼, ରାକ୍ଷସ, ବାନର, ଦିବ୍ୟ ବିମାନଗତ ଦେବତା ମାନଙ୍କ ଦ୍ୱାରା ସଂସ୍ତୂୟମାନ, ମୁନିଗଣ ଓ ଗନ୍ଧର୍ବ ମାନଙ୍କ ଦ୍ୱାରା ପରିଶୋଭିତ, ଯାହାଙ୍କ ବାମାଙ୍ଗ ସୀତାଙ୍କଦ୍ୱାରା ଅଳଂକୃତ ଓ ଯେ ଲକ୍ଷ୍ମଣଙ୍କ ଦ୍ୱାରା ଉପସେବିତ, ଏହିପରି ଶ୍ୟାମଳ ପ୍ରସନ୍ନବଦନ, ସର୍ବାଭରଣଭୂଷିତ ରାମଚନ୍ଦ୍ରଙ୍କ ଧ୍ୟାନ କରି ପଣ୍ଡିତବ୍ୟକ୍ତି ବର୍ଣଲକ୍ଷ ମନ୍ତ୍ର ଜପ କରିବା ଉଚିତ ।

ଏହି ଧ୍ୟାନରେ ଅଯୋଧ୍ୟାନଗରୀ, ସିଂହାସନ, ରାକ୍ଷସ, ବାନର ଆଦିର ଉଲ୍ଲେଖରୁ ସ୍ପଷ୍ଟ ସୂଚିତ ହେଉଛି ଯେ ଲଙ୍କାରୁ ଫେରି ଅଭିଷେକ ହେବାର ଅବସ୍ଥାର ଏହି ଧ୍ୟାନ ।

ଏ ଗଲା ରାମଙ୍କ ବିଭିନ୍ନ ଅବସ୍ଥାର ଧ୍ୟାନ । ଆଗରୁ ରାମଙ୍କୁ ଲକ୍ଷ୍ମୀପତି ବୋଲି କୁହାଯାଇଅଛି । ଲକ୍ଷ୍ମୀପତି ଚତୁଂ ରାମମ୍.......... । ଏଣୁ ରାମଙ୍କ ଚତୁର୍ଭୁଜ ବିଷ୍ଣୁ ରୂପର ଧ୍ୟାନ ମିଳୁଛି ।

ଏବଂଭୂତଂ ଜଗଦାଧାରଭୂତଂ
ରାମଂ ବନ୍ଦେସଚ୍ଚିଦାନନ୍ଦ ରୂପମ୍ ।
ଗଦାରି ଶଙ୍ଖାବ୍ଜଧରଂ ଭବାରିଂ
ସଯୋଧ୍ୟାୟେନ୍ମୋକ୍ଷମାପ୍ନୋତିସଦ୍ୟଃ

ଜଗତର ଆଧାରଭୂତ, ସଚ୍ଚିଦାନନ୍ଦ ସ୍ୱରୂପ, ଭବସଂସାରରୁ ତାରକେଣ୍ଡା ଗଦା, ଚକ୍ର, ଶଙ୍ଖ, ପଦ୍ମ ଧାରୀ ରାମଙ୍କୁ ଯେଉଁମାନେ ଧ୍ୟାନ କରନ୍ତି, ସେମାନେ ସଦ୍ୟେ ମୋକ୍ଷ ପାନ୍ତି । ଶଙ୍ଖ, ଚକ୍ର, ଗଦା, ପଦ୍ମ, ବିଷ୍ଣୁଙ୍କ ଆୟୁଧ । ଏଠାରେ ଏସବୁ ରାମଙ୍କ ଆୟୁଧ ବୋଲି କୁହାଯାଇଛି । ଏଣୁ ଏହା ସ୍ପଷ୍ଟ ଯେ ରାମ ଓ ବିଷ୍ଣୁଙ୍କୁ ଏକରୂପରେ ନିଆଯାଇଛି ।

## କୃଷ୍ଣ ଓ ଶିବ ରୂପ

କେବଳ ବିଷ୍ଣୁ ନୁହେଁ, କୃଷ୍ଣରୂପରେ ମଧ୍ୟ ଶ୍ରୀରାମଙ୍କ ଧ୍ୟାନ ମିଳୁଛି ।

ଉଦ୍ଭିନ୍ନନୀଳଶିଳାମଳକାନ୍ତି ମବ୍ଜ-
ଚ୍ଛପାସିବାଣକର ମମ୍ବୁଜପତ୍ରନେତ୍ରମ୍ ।
ପୀତାମ୍ବରଂ ସ୍ମିତସୁଧାମଧୁରଂ ମୁରାରିଂ
ସଂଚିନ୍ତୟେନ୍ମିଥିଳରାଜସୁତାସହାୟମ୍ ।।

ଉଜ୍ଜ୍ୱଳ ନୀଳମଣିଖଣ୍ଡପରି ଅମଳକାନ୍ତି ଥିବା, ପଦ୍ମ, ଧନୁ, ଅସି, ବାଣ ହାତରେ ଧରିଥିବା,

Digitized by srujanika@gmail.com

ପଦ୍ମପତ୍ରପରି ଆୟତ ନେତ୍ରଦ୍ୱାରା ଶୋଭା ପାଉଥିବା, ପୀତାମ୍ବର, ପ୍ରିୟଙ୍ଗୁ ଶ୍ୟାମଧର ମିଥିଳା ରାଜସୁତା ସୀତାଙ୍କ ସହିତ ମୁରାରୀଙ୍କୁ ଚନ୍ତା କରିବ । ରାମ ଓ କୃଷ୍ଣ ଉଭୟେ ଶାମଳ କାନ୍ତି, କିନ୍ତୁ ଏଠାରେ ମିଥିଳା ରାଜସୁତା ସହିତ ହୋଇ ମଧ୍ୟ ମୁରାରି, ସେ ପୁଣି ଚତୁର୍ଭୁଜ ଏବଂ ବ୍ୟାହାତରେ ପଦ୍ମ ଚାପ, ଅସି ଓ ବାଣ । ଏଥିରୁ ଜଣା ପଡୁଛି ଯେ ରାମ ଓ କୃଷ୍ଣ, ଉଭୟଙ୍କ ମିଶ୍ରଣ କରି ହୋଇଛି । ଏଠାରେ 'ଅସି' ଶବ୍ଦ ଗୋଟିଏ ସମସ୍ୟା ହୋଇଛି ସାଧାରଣତଃ ରାମ, ବିଷ୍ଣୁ ବା କୃଷ୍ଣଙ୍କର ଆୟୁଧ ହୋଇ ନଥାଏ । ଏହାକୁ ଯଦି 'ଚାପାରି ବାଣ କର...ପାଠକରି ଯାଏ, ତେବେ ବେଶି ସଙ୍ଗତ ହେବା ପରି ଜଣା ପଡୁଛି । ଅରି ଅଛି ଯାହାର ସେ ଅସ୍ତ୍ର, ଅର୍ଥାତ୍ ଚକ୍ର, (ସମାସ କଲେ 'ଅବ୍ଜ' ହୋଇ ଯିବ) । ଏପରି କଲେ ବିଷ୍ଣୁଙ୍କ ଆୟୁଧ ଶଙ୍ଖ ଚକ୍ର, ଗଦା, ପଦ୍ମରୁ ଆସିଲା ଅବ୍ଜ (ପଦ୍ମ) ଏବଂ ଅସ୍ତ୍ର (ଚକ୍ର) ଏବଂ ରାମଙ୍କ ଆୟୁଧ ହେଲା ଚାପ ଓ ବାଣ । ଅର୍ଥାତ୍ ଏଠାରେ ମୁରାରି ଓ ରାବଣାରିଙ୍କ ସମ୍ମିଶ୍ରଣ ହୋଇଛି ।

ରାମଙ୍କୁ କେବଳ ବିଷ୍ଣୁ ବା କୃଷ୍ଣ ରୂପରେ ନୁହେଁ, ଶିବରୂପରେ ମଧ୍ୟ କଳ୍ପନା କରା ଯାଇଛି ।

ରାମଂ ତ୍ରିନେତ୍ରଂ ସୋମାର୍ଧ
ଧାରିଣଂ ଶୂଳିନଂ ପରମ୍ ।
ଭସ୍ମୋଦ୍ଧୂଳିତସର୍ବାଙ୍ଗ
କପର୍ଦିନମୁପାସ୍ମହେ ॥
ରାମାଭିରାମାଂ ସୌନ୍ଦର୍ଯ୍ୟସୀମାଂ
ସୋମାବତଂସିକାମ୍ ।
ପାଶାଙ୍କୁଶଧନୁର୍ବାଣଧରାଂ
ଧ୍ୟାୟେତ୍ ତ୍ରିଲୋଚନାମ୍ ॥

ତ୍ରିନେତ୍ର, ଅର୍ଦ୍ଧଚନ୍ଦ୍ର ଶୋଭିତ, ଶୂଳପାଣି, ଭସ୍ମ ବିଲେପିତ କପର୍ଦୀ ରାମଙ୍କୁ ଉପାସନା କରେଁ । ସୌନ୍ଦର୍ଯ୍ୟସୀମା, ଚନ୍ଦ୍ର ଭୂଷିତା, ପାଶ, ଅଙ୍କୁଶ, ଧନୁ ବାଣ ଧାରିଣୀ ତ୍ରିଲୋଚନା ରାମକାନ୍ତାଙ୍କୁ ମଧ୍ୟ ଉପାସନା କରେଁ । ଏଠାରେ ସୁସ୍ପଷ୍ଟ ଯେ ରାମଙ୍କୁ ଶିବ ରୂପରେ ଏବଂ ସୀତାଙ୍କୁ ପାର୍ବତୀ ବା ଶିବଙ୍କ ଶକ୍ତି ରୂପରେ ନିଆ ହୋଇଛି । ବଳଙ୍କା ରାମାୟଣରେ ସୀତାଙ୍କୁ ଶକ୍ତି ରୂପରେ କଳ୍ପନାର ବୀଜ ଏହିଠାରେ ଅଛି । ଅବଶ୍ୟ ତାର ବିସ୍ତୃତ ଆଲୋଚନା କରିବାର ପ୍ରସଙ୍ଗ ଏହା ନୁହେଁ । ଆଜିର ପ୍ରସଙ୍ଗ ରାମନବମୀ ରାମଙ୍କ ଜନ୍ମ । ସେହି ପୁଣ୍ୟପ୍ରସଙ୍ଗରେ ଶ୍ରୀ ରାମଚନ୍ଦ୍ରଙ୍କୁ ସ୍ମରଣ କରି କହୁଅଛୁଁ—"ଓଁ ଯୋହବୈ ଶ୍ରୀରାମଚନ୍ଦ୍ରଃ ଭଗବାନ୍, ଅଦ୍ୱୈତ ପରମାନନ୍ଦାତ୍ମା ଯତ୍ ପରଂ ବ୍ରହ୍ମ ଭୂର୍ଭୁର୍ବଃ ସ୍ୱଃ ତସ୍ମୈ ବୈ ନମୋ ନମଃ ।

Digitized by srujanika@gmail.com

# ଅଭିନବ ଗୀତଗୋବିନ୍ଦ

ନୀଳମଣି ମିଶ୍ର

ପୃଥିବୀ ପ୍ରସିଦ୍ଧ ଓଡ଼ିଆ କବି ଜୟଦେବଙ୍କ 'ଗୀତ ଗୋବିନ୍ଦ' ମହାକାବ୍ୟରେ ସଂସ୍କୃତ କାବ୍ୟ ଗୁଡ଼ିକରେ ପ୍ରଚଳିତ ମନ୍ଦାକ୍ରାନ୍ତା, ଶିଖରିଣୀ, ବସନ୍ତ ତିଳକ, ସ୍ରଗ୍ଧରା, ପୃଥ୍ୱୀ, ଶାର୍ଦ୍ଦୂଳବିକ୍ରୀଡ଼ିତ ପ୍ରଭୃତି ଲୋକପ୍ରିୟ ଛନ୍ଦ ଗୁଡ଼ିକର ପରମ୍ପରା ପ୍ରତି ଦୃଷ୍ଟି ନ ଦେଇ ଯେଉଁ ଗୀତିଛନ୍ଦର ପ୍ରବର୍ତ୍ତନ କରିଗଲେ, ତାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କାବ୍ୟଟିକୁ ଯୁଗୋପଯୁକ୍ତ ଗ୍ରନ୍ଥରୂପେ ଲୋକସମାଜରେ ପ୍ରଚାର କରାଇବା । ସେହି ମୁଖ୍ୟ ଉଦ୍ଦେଶ୍ୟ ନେଇ କବି ଜୟଦେବ ମାଳବ, ବସନ୍ତ, ରାମକେରୀ ଗୋଣ୍ଡକିରୀ, ଭୈରବ, କର୍ଣ୍ଣାଟକ, ଦେଶୀ ବରାଡ଼ି, ବିଭାସ ପ୍ରଭୃତି ଲୋକପ୍ରିୟ ଛନ୍ଦରେ ଗୀତଗୋବିନ୍ଦ କାବ୍ୟଟିକୁ ରଚନା କରିଥିଲେ । କେବଳ ଛନ୍ଦ ଯୋଜନାରେ ଯେ କବି ନୂତନ ପନ୍ଥାର ଅନୁସରଣ କଲେ ତା' ନୁହେ, ପଦସଯୋଜନା କ୍ଷେତ୍ରରେ ମଧ୍ୟ ସରସ ପଦାବଳୀଲାଳିତ୍ୟର ଅନୁସରଣ କରି କାବ୍ୟ ରଚନା କ୍ଷେତ୍ରରେ ଏକ ନୂତନ ପଦକ୍ଷେପ ନେଲେ । ଏହା ଫଳରେ କବି ଜୟଦେବଙ୍କ ରଚନା ସଂସ୍କୃତ କାବ୍ୟ ରାଜ୍ୟରେ ଏକ ଶ୍ରେଷ୍ଠ ରତ୍ନରୂପେ ସମାଦୃତ ହେଲା ।

ଯେଉଁ ଦେଶରେ ଜଣେ କବି ଜନ୍ମଗ୍ରହଣ କରି ତାଙ୍କ ଲୋକୋତ୍ତର ରଚନା ଦ୍ୱାରା ସମାଜରେ ପ୍ରତିଷ୍ଠିତ ହୁଅନ୍ତି, ସେତେବେଳେ ସମସାମୟିକ ଓ ପରବର୍ତ୍ତୀ କବିମାନଙ୍କ ଉପରେ ତାଙ୍କ ରଚନାର ପ୍ରତ୍ୟକ୍ଷ ପ୍ରଭାବ ପଡ଼େ ଏବଂ ସେମାନେ ସେହି ପରମ୍ପରାର ଅନୁସରଣରେ ନିଜେ କିଛି ରଚନା କରି ପ୍ରଖ୍ୟାତ ହେବାକୁ ଚେଷ୍ଟା କରନ୍ତି । ଗୀତ ଗୋବିନ୍ଦ ମହାକାବ୍ୟର ଲୋକପ୍ରିୟତାରେ ଓଡ଼ିଶାର ଅଦ୍ୟ କେତେଜଣ ପରବର୍ତ୍ତୀ କବି ପ୍ରଲୁବ୍ଧ ହୋଇ ନିଜେ ସେହି ଧରଣର ଗୀତିଛନ୍ଦର ପ୍ରୟୋଗରେ କାବ୍ୟ ରଚନା କରିବାକୁ ଚେଷ୍ଟା କରିଥିଲେ । ସେହି ପ୍ରଚେଷ୍ଟାରେ ବ୍ରତୀ ହୋଇଥିବା କବିମାନଙ୍କ ମଧ୍ୟରେ କବିଚନ୍ଦ୍ର ରାୟ ଦିବାକର ମିଶ୍ର ଥିଲେ ଅନ୍ୟତମ ।

କବିଚନ୍ଦ୍ର ଦିବାକର ମିଶ୍ର ଓଡ଼ିଶାର ପ୍ରଖ୍ୟାତ ବାଜସନେୟ ଶାଖା ଅନ୍ତର୍ଗତ ଭରଦ୍ୱାଜ ଗୋତ୍ରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ବୈଦ୍ୟେଶ୍ୱର 'ସୂର୍ଯ୍ୟବଂଶ ଗଜପତି'ଙ୍କ ରାଜସଭାରେ ଜଣେ ପ୍ରସିଦ୍ଧ ପଣ୍ଡିତ ଥିବାର ପ୍ରମାଣ ମିଳେ । ତାଙ୍କ

Digitized by srujanika@gmail.com

ପିତୃବ୍ୟ ନାରାୟଣ ଓ ଶ୍ରୀକୃଷ୍ଣ ତଥା ଭ୍ରାତା ମଧୁସୂଦନ ପ୍ରଭୃତି ତାଙ୍କ ବଂଶରେ ବହୁ ବିଦ୍ୱାନ ଜନ୍ମ ଗ୍ରହଣ କରିଥିଲେ । କବିଚନ୍ଦ୍ର ରାୟ ଦିବାକର ମଧ୍ୟ ଭାରତାମୃତ ମହାକାବ୍ୟ, ଧୂର୍ତ୍ତଚରିତ, ଦେବୀ ଶତକ, ରସ ମଞ୍ଜରୀ, ପାରିଜାତ ହରଣ, ହରି ଚରିତ ନାମ୍ନି ପ୍ରଭାବତୀ ନାଟକ, ଲକ୍ଷଣାଦର୍ଶ ମହାକାବ୍ୟ ତଥା 'ଅଭିନବ ଗୀତ ଗୋବିନ୍ଦ' ପ୍ରଭୃତି ବହୁ ଗ୍ରନ୍ଥର ପ୍ରଣେତା ରୂପେ ପ୍ରଖ୍ୟାତ ଥିଲେ ।

କବିଚନ୍ଦ୍ର ଦିବାକର ନିଜେ ଅଭିନବ ଗୀତଗୋବିନ୍ଦ ନାମକ ଗ୍ରନ୍ଥଟି ଲେଖି ସ୍ୱପୃଷ୍ଟପୋଷକ ପୁରୁଷୋତ୍ତମ ଦେବ ଗଜପତି ( ଖ୍ରୀ: ଅ: ୧୪୬୭-୧୪୯୭ ) ଙ୍କ ନାମରେ ଭଣିତା କରିଥିଲେ । ତେଣୁ 'ଅଭିନବ ଗୀତ ଗୋବିନ୍ଦ' ଗ୍ରନ୍ଥର ପ୍ରତ୍ୟେକ ଭଣିତାରେ ଗଜପତି ପୁରୁଷୋତ୍ତମ ଦେବଙ୍କ ନାମ ଦେଖିବାକୁ ମିଳେ ।

କବି ଦିବାକର ମିଶ୍ରଙ୍କର କୃତିତ୍ୱ କେବଳ ଉତ୍କଳରେ ବ୍ୟାପି ନଥିଲା, ସେ ନିଜର ବିଦ୍ୱତ୍ତା ବଳରେ କର୍ଣ୍ଣାଟ (ଆନ୍ଧ୍ର) ରାଜସଭାରେ ମଧ୍ୟ ସମ୍ମାନାସ୍ପଦ ସ୍ଥାନ ଲାଭ କରିଥିଲେ । ସେ ନିଜ ସମ୍ବନ୍ଧରେ କେତେକ ତଥ୍ୟ 'ଭାରତାମୃତ ମହାକାବ୍ୟ'ର ପ୍ରତ୍ୟେକ ସର୍ଗର ପୁଷ୍ପିକାରେ ଦେଇଛନ୍ତି । ଉଦାହରଣ ସ୍ୱରୂପ କେତୋଟି ଆବଶ୍ୟକୀୟ ଉଦ୍ଧରଣ ଏଠାରେ ଉଲ୍ଲେଖ କରାଗଲା ।

"କର୍ଣ୍ଣାଟାଧିପ କୃଷ୍ଣରାୟ ସଦସି
ଖ୍ୟାତସ୍ୟ ବିଦ୍ୱତ୍ତୟା" ।

× × ×

ଜାତୋ ବାଜସନେୟିନା ମପିକୁଲେ
ଯୋଽନେକ ବିଦ୍ୟାବତାଂ ।

× × ×

ଯସ୍ୟୋଦ୍ଧାମଗିରଃ କୁଲେ କବିତସ୍ଥା
ଖ୍ୟାତଃ ଶତଂ ବାଧିକା ॥

× × ×

ଯଦ୍ଭବେ ରସମଞ୍ଜରୀତି
ରସିକାହ୍ଲାଦାସ୍ପ ପଦ୍ୟାବଲୀଂ ।

× × ×

ଯସ୍ମାପତ୍ର କବିଚନ୍ଦ୍ରରାୟପଦବୀଂ
ଶ୍ରୀରୁଦ୍ର ଭୂମିଭୁଜଃ ।

× × ×

ରମ୍ୟଂ ସ୍ୱକୃତ ପାରିଜାତ ହରଣଂ
ଯନ୍ନାଟକଂ ଯସ୍ୟସ୍ତଃ ।

× × ×

କାବ୍ୟେ ତସ୍ୟ ସହୋଦରସ୍ୟ ଦଭିନବ
ଶ୍ରୀଗୀତଗୋବିନ୍ଦତଃ

× × ×

ଯତ୍ପିତା କବି ଡିଣ୍ଡିମୋଽପି
କବିତା ବାଚସ୍ପ ଜଗନ୍ନାଥ କୃତା ॥

ଉପରୋକ୍ତ ଉଦ୍ଧୃତାଂଶରୁ ଜଣାଯାଏ ଯେ ସେ ମଧ୍ୟ ପ୍ରତାପରୁଦ୍ରଙ୍କ ଠାରୁ 'କବିଚନ୍ଦ୍ର ରାୟ' ପଦବୀ ଲାଭ କରିଥିଲେ ଏବଂ ତାଙ୍କ ପିତା ବୈତ୍ୟେଶ୍ୱର କବି ଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କ ପରାସ୍ତ କରିଥିଲେ । ଆହୁରି ମଧ୍ୟ କବି ଦିବାକରଙ୍କ କୁଳରେ ଶତାଧିକ ପଣ୍ଡିତ ଜନ୍ମ ଗ୍ରହଣ କରିଥିଲେ ।

କବିଚନ୍ଦ୍ର ଦିବାକର ମିଶ୍ର 'ଅଭିନବ ଗୀତଗୋବିନ୍ଦ' ଥିଲା ଏକ ସୁଗେୟ କାବ୍ୟ

Digitized by srujanika@gmail.com

ରଚନା କରି ତାଙ୍କ ପୃଷ୍ଠପୋଷକଙ୍କ ନାମରେ ଉତ୍ସର୍ଗ କରିବା କିଛି ନୂତନ ପରମ୍ପରା ନୁହେଁ । ଭାରତୀୟ ବନ୍ଦ୍ୟନ୍ମଣ୍ଡଳୀର ବହୁ ବିଦ୍ୱାନ ସ୍ୱ ପୃଷ୍ଠ ପୋଷକଙ୍କ ପରିତୁଷ୍ଟି ଲାଗି ଏ ପ୍ରକାର ଉପାୟ ଅବଲମ୍ବନ କରି ଯାଇ ଥିବାର ଉଦାହରଣ ବହୁତ ମିଳେ ।

କବି 'ଅଭିନବ ଗୀତଗୋବିନ୍ଦ' କାବ୍ୟଟିକୁ 'ରାଧାମାଧବ' ଙ୍କର 'ରମଣୀୟ' 'ରହସ୍ୟ ଲୀଳା' ତଥା 'ସଙ୍ଗୀତ ସୁନ୍ଦର' 'ସାହିତ୍ୟସାର' ଗ୍ରନ୍ଥ ରୂପେ ଜନସମାଜରେ ପରିଚିତ କରାଇବାକୁ ମନସ୍ଥ କରି ଲେଖିଛନ୍ତି

"ରାଧା ମୁରାରି ରମଣୀୟ ରହସ୍ୟ ଲୀଳା-
ସଙ୍ଗୀତ ସୁନ୍ଦର ସମନ୍ଦପୂରାଭିରାମମ୍ ।
ସାହିତ୍ୟସାରସମ୍ପଦାୟ ବୁଧଃ ପ୍ରବନ୍ଧ
ମେତଂ କରୋତ ପୁରୁଷୋତ୍ତମ
ଭୂମିଭର୍ତ୍ତା" ॥

କବି ଗୀତ ଗୋବିନ୍ଦ'ପରି ଅଭିନବ ଗୀତଗୋବିନ୍ଦ ରେ ଦଶା ବତାର ବର୍ଣ୍ଣନା କରିଛନ୍ତି । ଅବଶ୍ୟ ଜୟଦେବଙ୍କ ବର୍ଣ୍ଣିତ ଦଶାବତାର ବର୍ଣ୍ଣନା ପରି ଏହା ସୁଲଳିତ ହୋଇନାହିଁ । ତଥାପି କବି ନୀଳଗିରି ପତି ଜଗନ୍ନାଥଙ୍କୁ 'ଦଶାକୃତକୃତେ' ରୂପେ ବର୍ଣ୍ଣନା କରି ଲେଖିଛନ୍ତି—

ବାରି ପୁରିତଗଗନକନ୍ଦର
ଜଲଧି ମଗ୍ନ ମହାସୁରଂ
ଶଙ୍ଖନାମକ ମାଶୁ ଜହ୍ନା କଳିତ
ବେଦମନାତୁରଂ ।
ନମତ ମୀନ ଶରୀର ମଭ୍ରମଖିଳ
ମୁନିଜନ ବନ୍ଦିତଂ
ଜନନ ପାଳନନାଶକାରଣ
ନୀଳଗିରିପତି ମଚ୍ୟୁତମ୍ ॥

ଏହି ଦଶାବତାର ସବୁ ବର୍ଣ୍ଣନାର ବିଶେଷତ୍ୱ ହେଉଛି—ଗୀତଗୋବିନ୍ଦରେ ବୁଦ୍ଧଙ୍କୁ ନବମ ଅବତାର ରୂପେ ବର୍ଣ୍ଣନା କରି ଯାଇଥିଲେ ହେଁ ଅଭିନବ ଗୀତ-ଗୋବିନ୍ଦରେ ବୁଦ୍ଧଙ୍କୁ ଆଦୌ ବର୍ଣ୍ଣନା କରି ନଯାଇ ନବମ ଅବତାର ରୂପେ ଶ୍ରୀକୃଷ୍ଣଙ୍କୁ ବର୍ଣ୍ଣନା କରାଯାଇଛି ।

"ଗୋପଗୋକୁଳ ରକ୍ଷଣ
କ୍ଷଣଧାରିତାଚଳ ଭୂଭୃତଂ
ନୀଳମଣି-ମୟ ଦଣ୍ଡପଙ୍କଜ
ମାତପତ୍ର ମିବୋଦ୍ଧୃତମ୍ ।
ନମତ କଂସାସୁର ନିସୂଦନ
ନିଖିଳ ମୁନିଜନ ବନ୍ଦିତଂ
ଜନନ ପାଳନ ନାଶକାରଣ
ନୀଳଗିରିପତିମଚ୍ୟୁତମ୍ ॥

ପରିଶେଷରେ ଦଶାକୃତକୃତେ' ରୂପେ କୃଷ୍ଣଙ୍କୁ ବର୍ଣ୍ଣନା କରି ଶ୍ରୀ ଜଗନ୍ନାଥଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କବି ଲେଖିଛନ୍ତି—

ନୀଳଗିରିପତିଚରଣସରସିଜ
ମଦ୍ଭୁମଧୁକର ରୂପିଣୀ
ରଚିତମେତତ୍ପୁରୁଷୋତ୍ତମ
ଭୂଭୁଜା ମତିରୂପିଣୀ ।
ନମତ ଦଶବିଧରୂପମଦ୍ଭୁତ
ନିଖିଳ ମୁନିଜନବନ୍ଦିତଂ
ଜନନପାଳନନାଶ କାରଣ
ନୀଳଗିରିପତିମଚ୍ୟୁତମ୍ ॥

ନୀଳଗିରିପତି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦଶାବତାର ବର୍ଣ୍ଣନା କରିବା

Digitized by srujanika@gmail.com

ପିତୃବ୍ୟ ନାରାୟଣ ଓ ଶ୍ରୀକୃଷ୍ଣ ତଥା ଭ୍ରାତା ମଧୁସୂଦନ ପ୍ରଭୃତି ତାଙ୍କ ବଂଶରେ ବହୁ ବିଦ୍ୱାନ ଜନ୍ମ ଗ୍ରହଣ କରିଥିଲେ । କବିଚନ୍ଦ୍ର ରାୟ ଦିବାକର ମଧ୍ୟ ଭାରତାମୃତ ମହାକାବ୍ୟ, ଧୂର୍ତ୍ତଚରିତ, ଦେବୀ ଶତକ, ରସ ମଞ୍ଜରୀ, ପାରିଜାତ ହରଣ, ହରି ଚରିତ ଚମ୍ପୂ ପ୍ରଭାବତୀ ନାଟକ, ଲକ୍ଷଣାଦର୍ଶ ମହାକାବ୍ୟ ତଥା 'ଅଭିନବ ଗୀତ ଗୋବିନ୍ଦ' ପ୍ରଭୃତି ବହୁ ଗ୍ରନ୍ଥର ପ୍ରଣେତା ରୂପେ ପ୍ରଖ୍ୟାତ ଥିଲେ ।

କବିଚନ୍ଦ୍ର ଦିବାକର ନିଜେ ଅଭିନବ ଗୀତଗୋବିନ୍ଦ ନାମକ ଗ୍ରନ୍ଥଟି ଲେଖି ସ୍ୱପୃଷ୍ଠପୋଷକ ପୁରୁଷୋତ୍ତମ ଦେବ ଗଜପତି (ଖ୍ରୀ: ଅ: ୧୪୬୭-୧୪୯୭) ଙ୍କ ନାମରେ ଭଣିତା କରିଥିଲେ । ତେଣୁ 'ଅଭିନବ ଗୀତ ଗୋବିନ୍ଦ' ଗ୍ରନ୍ଥର ପ୍ରତ୍ୟେକ ଭଣିତାରେ ଗଜପତି ପୁରୁଷୋତ୍ତମ ଦେବଙ୍କ ନାମ ଦେଖିବାକୁ ମିଳେ ।

କବି ଦିବାକର ମିଶ୍ରଙ୍କର କୃତିତ୍ୱ କେବଳ ଉତ୍କଳରେ ବ୍ୟାପି ନଥିଲା, ସେ ନିଜର ବିଦ୍ୱତ୍ତା ବଳରେ କର୍ଣ୍ଣାଟ (ଆନ୍ଧ୍ର) ରାଜସଭାରେ ମଧ୍ୟ ସମ୍ମାନାସ୍ପଦ ସ୍ଥାନ ଲାଭ କରିଥିଲେ । ସେ ନିଜ ସମ୍ବନ୍ଧରେ କେତେକ ତଥ୍ୟ 'ଭାରତାମୃତ ମହାକାବ୍ୟ'ର ପ୍ରତ୍ୟେକ ସର୍ଗର ପୁଷ୍ପିକାରେ ଦେଇଛନ୍ତି । ଉଦାହରଣ ସ୍ୱରୂପ କେତୋଟି ଆବଶ୍ୟକୀୟ ଉଦ୍ଧରଣ ଏଠାରେ ଉଲ୍ଲେଖ କରାଗଲା ।

"କର୍ଣ୍ଣାଟାଧିପ କୃଷ୍ଣରାୟ ସଦସି
ଖ୍ୟାତସ୍ୟ ବିଦ୍ୱଦ୍ଭିୟା" ।

× × ×

ଜାତୋ ବାଜସନେୟିନାମପିକୁଲେ
ଯୋଽନେକ ବିଦ୍ୟାବତାଂ ।

× × ×

ଯସ୍ୟୋଦ୍ଧାମଗିରଃ କୁଲେ କବିତଯା
ଖ୍ୟାତଃ ଶତଂ ବାଧିକା ॥

× × ×

ଯଚ୍ଛେ ରସମଞ୍ଜରୀତି
ରସିକାହ୍ଲାଦାୟ ପଦ୍ୟାବଲୀଂ ।

× × ×

ଯସ୍ମାପତ୍ ଜବଚନ୍ଦ୍ରରାୟପଦବୀଂ
ଶ୍ରୀରୁଦ୍ର ଭୂମିଭୁଜଃ ।

× × ×

ରମ୍ୟଂ ସ୍ମୃକୃତ ପାରିଜାତ ହରଣଂ
ଯନ୍ନାଟକଂ ଯସ୍ୟସ୍ୱଃ ।

× × ×

କାବ୍ୟେ ତସ୍ୟ ସହୋଦରୋ ଦଭିନବ
ଶ୍ରୀଗୀତଗୋବିନ୍ଦତଃ

× × ×

ଯତ୍ ପିତା କବି ଡିଣ୍ଡିମୋଽପି
କବିତା ବାଟେନ୍ଦ୍ର ଜଡପ୍ରତ୍ କୃତା ॥

ଉପରୋକ୍ତ ଉଦ୍ଧୃତାଂଶରୁ ଜଣାଯାଏ ଯେ ସେ ମଧ୍ୟ ପ୍ରତାପରୁଦ୍ରଙ୍କ ଠାରୁ 'କବିଚନ୍ଦ୍ର ରାୟ' ପଦବୀ ଲାଭକରିଥିଲେ ଏବଂ ତାଙ୍କ ପିତା ବୈତେଶ୍ୱର କବି ଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କୁ ପରାସ୍ତ କରିଥିଲେ । ଆହୁରି ମଧ୍ୟ କବି ଦିବାକରଙ୍କ କୁଳରେ ଶତାଧିକ ପଣ୍ଡିତ ଜନ୍ମ ଗ୍ରହଣ କରିଥିଲେ ।

କବିଚନ୍ଦ୍ର ଦିବାକର ମିଶ୍ର 'ଅଭିନବ ଗୀତଗୋବିନ୍ଦ' ପରି ଏକ ସୁଗେୟ କାବ୍ୟ

Digitized by srujanika@gmail.com

ରଚନା କରି ତାଙ୍କ ପୃଷ୍ଠପୋଷକଙ୍କ ନାମରେ ଉତ୍ସର୍ଗ କରିବା କିଛି ନୂତନ ପରମ୍ପରା ନୁହେଁ । ଭାରତୀୟ ବନ୍ଦ୍ୟମଣ୍ଡଳୀର ବହୁ ବିଦ୍ୱାନ ସ୍ୱ ପୃଷ୍ଠ ପୋଷକଙ୍କ ପରିତୁଷ୍ଟି ଲାଗି ଏ ପ୍ରକାର ଉପାୟ ଅବଲମ୍ବନ କରି ଯାଇ ଥିବାର ଉଦାହରଣ ବହୁତ ମିଳେ ।

କବି 'ଅଭିନବ ଗୀତଗୋବିନ୍ଦ' କାବ୍ୟଟିକୁ 'ରାଧାମାଧବ' ଙ୍କର 'ରମଣୀୟ' 'ରହସ୍ୟ ଲୀଳା' ତଥା 'ସଙ୍ଗୀତ ସୁନ୍ଦର' 'ସାହିତ୍ୟସାର' ଗ୍ରନ୍ଥ ରୂପେ ଜନସମାଜରେ ପରିଚିତ କରାଇବାକୁ ମନସ୍ଥ କରି ଲେଖିଛନ୍ତି

"ରାଧା ମୁରାରି ରମଣୀୟ ରହସ୍ୟ ଲୀଳା-
ସଙ୍ଗୀତ ସୁନ୍ଦର ସମନ୍ଦପୁରାଭିରାମମ୍ ।
ସାହିତ୍ୟସାରସମୁଦାୟ ବୁଧଃ ପ୍ରବନ୍ଧ
ମେତଂ କରୋତି ପୁରୁଷୋତ୍ତମ
ଭୂମିଭର୍ତ୍ତା" ॥

କବି ଗୀତ ଗୋବିନ୍ଦ'ପରି ଅଭିନବ ଗୀତଗୋବିନ୍ଦ ରେ ଦଶା ବତାର ବର୍ଣ୍ଣନା କରିଛନ୍ତି । ଅବଶ୍ୟ ଜୟଦେବଙ୍କ ବର୍ଣ୍ଣିତ ଦଶାବତାର ବର୍ଣ୍ଣନା ପରି ଏହା ସୁଲଳିତ ହୋଇନାହିଁ । ତଥାପି କବି ନୀଳଗିରି ପତି ଜଗନ୍ନାଥଙ୍କୁ 'ଦଶାକୃତିକୃତେ' ରୂପେ ବର୍ଣ୍ଣନା କରି ଲେଖିଛନ୍ତି—

ବାରି ପୁରିତଗଗନକନ୍ଦର
ଜଳଧି ମଗ୍ନ ମହାସୁରଂ
ଶଙ୍ଖନାମକ ମାଶୁ ଜଳ୍ପା କଳିତ
ବେଦମନାତୁରଂ ।
ନମତ ମୀନ ଶରୀର ମଦ୍ଭୁତମଖିଳ
ମୁନିଜନ ବନ୍ଦିତଂ
ଜନନ ପାଳନନାଶକାରଣ
ନୀଳଗିରିପତି ମଚ୍ୟୁତମ୍ ॥

ଏହି ଦଶାବତାର ସବୁ ବର୍ଣ୍ଣନାର ବିଶେଷତ୍ୱ ହେଉଛି—ଗୀତଗୋବିନ୍ଦରେ ବୁଦ୍ଧଙ୍କୁ ନବମ ଅବତାର ରୂପେ ବର୍ଣ୍ଣନା କରି ଯାଇଥିଲେ ହେଁ ଅଭିନବ ଗୀତ-ଗୋବିନ୍ଦରେ ବୁଦ୍ଧଙ୍କୁ ଆଦୌ ବର୍ଣ୍ଣନା କରି ନଯାଇ ନବମ ଅବତାର ରୂପେ ଶ୍ରୀକୃଷ୍ଣଙ୍କୁ ବର୍ଣ୍ଣନା କରାଯାଇଛି ।

"ଗୋପଗୋକୁଳ ରକ୍ଷଣ
କ୍ଷଣଧାରିତାରୁଳ ଭୂଭୃତଂ
ନୀଳମଣି-ମୟ ଦଣ୍ଡସଙ୍ଗତ
ମାତପତ୍ର ମିବୋଦ୍ଧୃତମ୍ ।
ନମତ କଂସାସୁର ନିସୂଦନ
ନିଖିଳ ମୁନିଜନ ବନ୍ଦିତଂ
ଜନନ ପାଳନ ନାଶକାରଣ
ନୀଳଗିରିପତିମଚ୍ୟୁତମ୍ ॥

ପରିଶେଷରେ ଦଶାକୃତିକୃତେ' ରୂପେ କୃଷ୍ଣଙ୍କୁ ବର୍ଣ୍ଣନା ନକରି ଶ୍ରୀ ଜଗନ୍ନାଥଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କବି ଲେଖିଛନ୍ତି—

ନୀଳଗିରିପତିଚରଣସରସିଜ
ମଧୁମଧୁକର ରୂପିଣା
ରଚିତମେତଦ୍ପୁରୁଷୋତ୍ତମ
ଭୂଭୁଜା ମତିଶାଳିନା ।
ନମତ ଦଶବିଧରୂପମଦ୍ଭୁତ
ନିଖିଳ ମୁନିଜନବନ୍ଦିତଂ
ଜନନପାଳନନାଶ କାରଣ
ନୀଳଗିରିପତିମଚ୍ୟୁତମ୍ ॥

ନୀଳଗିରିପତି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦଶାବତାର ବର୍ଣ୍ଣନା କରିବା

Digitized by srujanika@gmail.com

ପରେ 'କବି ଅଭିନବ ଗୀତଗୋବିନ୍ଦ'ରେ ଶ୍ରୀକୃଷ୍ଣଙ୍କ ବର୍ଣ୍ଣନା କରି 'ଗୀତ ଗୋବିନ୍ଦ' ର 'ଚନ୍ଦନଚର୍ଚ୍ଚିତନୀଳକଳେବର ପୀତ ବସନବନମାଳୀ' ଆଦି ଜୟଦେବଙ୍କ କମନୀୟ ବର୍ଣ୍ଣନାର ଅନୁକରଣ କରିଛନ୍ତି—

"ଗୋପୀଜନାଲିଙ୍ଗିତ ମଧ୍ୟଭାଗଂ
ବେଣୁଂ ଧମନ୍ତଂ ଭୃଶଲୋଲ ନେତ୍ରମ୍
କଳେବରେ ପ୍ରସ୍ଫୁଟ ରୋମବୃନ୍ଦଂ
ନମାମି କୃଷ୍ଣଂ ଜଗଦେକ କନ୍ଦମ୍
ସୁଲଳିତ ବର୍ହିଣ ଚନ୍ଦ୍ରକଚୂଳଂ
ତଦଧର ପରିବୃତ ନବ ବନମାଳଂ ।
ମୃଗମଦତିଳକ ଚଟୁଳତର ଭାଳଂ
ପରିହିତ ଚନ୍ତର ପୀତନିଚେଳଂ ।।
କୁସୁମିତ ନୀପବିଟପି ତଳମିଳିତଂ
ନମତ ମୁରଲୀମୃଦୁବାଦନନିରତମ୍ ।।
ଶ୍ରୁତିପୁଟ ବିଗଳିତ କୁଣ୍ଡଳ ଯୁଗଳଂ
ମଣିରଗଭୂଷିତ ମୃଦୁଗଳନାଳଂ ।
କୌସ୍ତୁଭଶୋଭିତ ପୃଥୁତର ହୃଦୟଂ
ମଲୟଜପଙ୍କ ବିଲେପିତ କାୟମ୍" ।।
ଇତ୍ୟାଦି

କିନ୍ତୁ ଜୟଦେବ 'ଗୀତଗୋବିନ୍ଦ'ର ପ୍ରଥମସର୍ଗରେ ଶ୍ରୀକୃଷ୍ଣଙ୍କୁ 'ସାମୋଦଦାମୋଦର' ରୂପେ ବର୍ଣ୍ଣନା କରିଥିଲେ ହେଁ 'ଅଭିନବ ଗୀତଗୋବିନ୍ଦ' ରେ କବି ଶ୍ରୀରାଧାଙ୍କୁ ବିଧୁର ରୂପେ ବର୍ଣ୍ଣନା କରି ସର୍ଗଟିର ନାମ 'ବିଧୁର ରାଧା' ବୋଲି ନାମିତ କରିଛନ୍ତି । ସେହି ପ୍ରଥମ ସର୍ଗରେ କୃଷ୍ଣ-ବିରହ-ବିଧୁରା ଶ୍ରୀରାଧା ନିଜ ସଖୀ ଆଗରେ କ୍ଷୋଭ ପ୍ରକାଶ କରି କହିଛନ୍ତି—

"କାଲୋବସନ୍ତୋ ନବ ଯୌବନାହଂ
ଲଜ୍ଜା ବିଶେଷୋ ମଦନସ୍ୟ ପୀଡ଼ା ।
ଜନେ ଦୁରାପେ ମହତୀ ସ୍ପୃହାମେ
ନ କୋଽପ୍ୟୁପାୟଃ ସଖି-ଜୀବନାୟ ।।

× × ×

କିଂମୟା ସଖି ବିଧେୟଂ
ନନ୍ଦ ନନ୍ଦନ କୃତେ ଜୀବନ ଦେୟମ୍" ।।

ଏହି ପରି ଭାବରେ ଦେଖିବାକୁ ଗଲେ ଅଭିନବଗୀତ ଗୋବିନ୍ଦର ପ୍ରଣେତା ଗୀତ ଗୋବିନ୍ଦର 'ସାମୋଦ ଦାମୋଦର', ଅକ୍ଳେଶ କେଶବ, ମୁଗ୍‌ଧ ମଧୁସୂଦନ, ସ୍ନିଗ୍‌ଧ ମଧୁସୂଦନ, ସାକାଂକ୍ଷ ପୁଣ୍ଡରୀକାକ୍ଷ, ଧୃଷ୍ଟ ବୈକୁଣ୍ଠ, ନାଗର ନାରାୟଣ, ବିଲକ୍ଷ ଲକ୍ଷ୍ମୀପତି, ମୁଗ୍‌ଧ ମୁକୁନ୍ଦ, ମୁଗ୍‌ଧ ମାଧବ, ସାନନ୍ଦ ଗୋବିନ୍ଦ, 'ସୁପ୍ରୀତପୀତାମ୍ବର' ନାମକ ବାରଟି ସର୍ଗକୁ 'ବିଧୁରରାଧା', ସୋତ୍କଣ୍ଠ ବୈକୁଣ୍ଠ, ମୁଦିତ ରାଧା, ବିମୂଢ଼ ରାଧା, ବିଦଗ୍‌ଧ ମାଧବ, ସମ୍ବୁଦ୍ଧ ରାଧା, ବିଲକ୍ଷ ପୁଣ୍ଡରୀକାକ୍ଷ, ଅକୁଣ୍ଠ ବୈକୁଣ୍ଠ, ଅନୁକୂଳ ରାଧା, ସାନନ୍ଦ ମୁକୁନ୍ଦ ନାମକ ଦଶଟି ସର୍ଗରେ ଶ୍ରୀରାଧା କୃଷ୍ଣଙ୍କର ଅଲୌକିକ ଲୀଳାର ବର୍ଣ୍ଣନା କରିଛନ୍ତି ।

"ଗୀତ ଗୋବିନ୍ଦ'ର 'ସୁପ୍ରୀତ ପୀତାମ୍ବର' ନିଧୁବନ କ୍ରୀଡ଼ା ପରେ ବିଗଳିତ ବେଶା ରାଧାଙ୍କ ଅନୁରୋଧକ୍ରମେ ପୁଣି ବେଶ ଭୂଷଣରେ ସଜ୍ଜିତ କରାଇ ଥିବାର ବର୍ଣ୍ଣନାକୁ କବି ଜୟଦେବ ନିମ୍ନୋକ୍ତ ପ୍ରକାର ଉଲ୍ଲେଖ କରିଛନ୍ତି—

Digitized by srujanika@gmail.com

"ରଚୟ କୁଚୟୋଃପତ୍ରଂ ଚିତ୍ରଂ
କୁରୁଷ୍ୱ କପୋଲୟୋଃ
ଘଟୟ ଜଘନେ କାଞ୍ଚୀମୁଞ୍ଚ
ସ୍ରଜା କବରୀ ଭରଂ ।
କଲୟ ବଲୟ-ଶ୍ରେଣୀଂ ପାଣୌ
ପଦେ କୁରୁ ନୂପୁର
ମିତି ନିଗଦିତଃ ପ୍ରୀତଃ ପୀତା-
ମ୍ବରୋଽପିତଥା କରୋତ୍" ॥

କିନ୍ତୁ 'ଅଭିନବ ଗୀତ ଗୋବିନ୍ଦ'ରେ କବି ସେହି 'ରତାନ୍ତବେଶ ରଚନା' ପ୍ରକରଣ ଟିକୁ ଆହୁରି ସରସ କରିବା ଲଗି ଶ୍ରୀକୃଷ୍ଣଙ୍କର ମୁଖରେ କହିଛନ୍ତି—

"ହୃଦୟସ୍ୱାମି ସୁକେଶି ମନୋରମ
ବିଗଳିତ କବରୀଭରଂ
ପ୍ରଣୟମଞ୍ଜୁରୁହ ଫଳମିବ ବିଦଧେ
ଚନ୍ଦନ ତିଳକ ମୁଦାରଂ ।

× × ×

କୁଟିଳ ବିଲୋକନ ନୟନେ ଚପଳେ
ମଳିନଂ ତବ ଘଟୟେୟଂ ।
ଅଞ୍ଜନ ମୁରସିରୁହେ ମକରଧ୍ୱଜ
କେତନମପି ରଚୟେୟଂ ।
ଭୁଜଗବଲ୍ଲିଦଳ ମିଦମୁରସିକୁରୁ
ରୁଚିରଂ ସହଜ ସରାଗଂ
ଅଧର ବିମ୍ବମଧୁନା ତବସୁନ୍ଦରି
ବିଦଧେ ସଲ୍ଲିତରାଗଂ" ।

ଆହୁରି ମଧ୍ୟ କବି ଜୟଦେବ ଦଶାବତାରଙ୍କୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଶ୍ଳୋକରେ ବର୍ଣ୍ଣନା କରିବା ପରେ 'ବେଦାନୁଦ୍ଧରତେ' ଶ୍ଳୋକରେ ଏକତ୍ର ଦଶାବତାରଙ୍କୁ ପ୍ରଥମ ସର୍ଗରେ ସ୍ତୁତି କରିଛନ୍ତି । ମାତ୍ର 'ଅଭିନବଗୀତ ଗୋବିନ୍ଦ'ରେ କାବ୍ୟର ଶେଷରେ କବି ମଙ୍ଗଳ ନୃତ୍ୟଗୀ ଙ୍ଗରେ ଦଶାବତାରଙ୍କୁ ସ୍ତୁତିକରି ଲେଖିଛନ୍ତି—

ଉଦ୍ଧୃତ ନିଗମନିକାୟଂ
ଧୃତମୀନାକୃତିକାୟଂ ।
କଚ୍ଛପବପୁସ୍ପମୁଦାରଂ
ଧରଣୀଧରଣ ସୁରୁଯାରଂ ।

× × ×

କରଧୃତମନ୍ଦର ଶୈଳଂ
ନନ୍ଦଗୋପବର ବାଳଂ ।
କରସମୁଦ୍ଧୃତ କରବାଳଂ
କଲ୍କି ନମରକୁଳ-କାଳଂ ।
ଦଶବିଧଭବଦବତାରଂ
ଭବଜଳଧୀଦବତାରଂ ।
ନୃପ ପୁରୁଷୋତ୍ତମ ଗୀତଂ
ସୁଖୟତୁ ସନ୍ତ ନ ତତ୍ତ୍ୱମ୍ ॥

କବି ଜୟଦେବ 'ସାଧ୍ୱୀ ମାଧ୍ୱୀକ ଚିନ୍ତା' ତଥା 'ଶ୍ରୀଭୋଜଦେବ ପ୍ରଭବସ୍ୟ' ଶ୍ଳୋକରେ ଗୀତଗୋବିନ୍ଦ ମହାକାବ୍ୟଟିକୁ ଶେଷ କରିଥିବା ବେଳେ 'ଅଭିନବ ଗୀତ ଗୋବିନ୍ଦ' କାର 'ମାୟାକଳ୍ପିତ ମୂର୍ତ୍ତି' ଭଗବାନଙ୍କୁ ସ୍ତୁତିକରି ଗ୍ରନ୍ଥଟି ଶେଷ କରିଛନ୍ତି—

"ନିତ୍ୟାନନ୍ଦପଦାତ୍ମକାସ୍ୟ ସହଜ
ପ୍ରଦ୍ୟୋତମାନନ୍ତି ଯେ
ହୃତପଦ୍ମାନ୍ତରବାସିନୋଽଖିଳଜଗତ୍
ସୃଷ୍ଟିସ୍ଥିତିସ୍ଥା ହେତବେ ।

Digitized by srujanika@gmail.com

ବନ୍ଦେଽହଂ ତତ୍ପଦଯୁଗଳାଯଶସ୍ୱେ
ତସ୍ମୈ ପରାତ୍ପରାୟ
ମାୟାକଲ୍ପିତ ମୂର୍ତ୍ତିୟେଭଗବତେ
ଦେବାୟ ତୁଭ୍ୟଂ ନମଃ" ।।

ସରସ-ସାବଲୀଲ-କାନ୍ତ-କୋମଳ-ପଦାବଳୀର ପରିବେଷଣରେ କବି 'ଅଭିନବ ଗୀତଗୋବିନ୍ଦ' କାବ୍ୟଟିକୁ, ଜୟଦେବଙ୍କ ଗୀତଗୋବିନ୍ଦର ସମକକ୍ଷ କରାଇ ପାରି ନଥିଲେ ହେଁ ଛନ୍ଦ-ଯୋଜନା କ୍ଷେତ୍ରରେ ଗୀତ ଗୋବିନ୍ଦ ଠାରୁ ଟିକିଏ ଅଗ୍ରଗତି କରି ଛନ୍ତି । ସେ ଗୀତଗୋବିନ୍ଦର ମାତ୍ର ଦଶଟି (କେତେକଙ୍କ ମତରେ ବାରଟି) ଛନ୍ଦର ବିକାଶ କରି—

ଅମର ପଞ୍ଚମ, ଆଭିରୀ, କକୁଭ,କର୍ଣ୍ଣାଟ, କେଦାର ଗୌଡ଼ା, କୋଳାହଳ, ଗାନ୍ଧାର, ଗୁର୍ଜରୀ, ଗୋଣ୍ଡକିରୀ, ଗୌଡ଼ୀ, ଘଣ୍ଟାରବ, ଚନ୍ଦ୍ରାଦେଶୀ, ଛାୟାନାଟ, ତୋଡ଼ି, ଦୀପକ, ଦେଶାକ୍ଷ, ଦେଶୀ, ଧନାସୀ, ନଟନାରାୟଣ, ନାଦରାମକିରୀ, ନାରାୟଣ ଗୌଡ଼ା, ନାରାୟଣ ଦେଶାକ୍ଷ, ପୁରବୀ, ବଙ୍ଗାଳ ଗୌଡ଼ା ବଙ୍ଗାଳ ବରାଡ଼ି, ବସନ୍ତ, ବହୁଳା, ବେଲା-ବଳୀ, ଭିନ୍ନ ଷଡ଼ଜ, ଭୂପାଳ, ଭୈରବ, ଭୈରବୀ, ମଙ୍ଗଳଗୁର୍ଜ୍ଜରୀ, ମଲ୍ଲହରୀ,ମଲ୍ଲାର, ମାଳବ ଗୌଡ଼ା, ମାଳଶ୍ରୀ, ମୁଖାରୀ, ରାମକେରୀ, ରେହୁଗୁପ୍ତି, ଲଳିତ, ଶଙ୍କରାଭରଣ, ଶ୍ରୀ, ଶୁଦ୍ଧନାଟ, ଶୁଦ୍ଧବଙ୍ଗାଳ, ଶୁଦ୍ଧବସନ୍ତ, ସାଲ କର୍ଣ୍ଣାଟ, ସାମବେଦ୍ଭ, ସୋମ, ସୌରାଷ୍ଟ୍ରଗୁର୍ଜ୍ଜରୀ, ହିନ୍ଦୋଳ ଆଦି ଅଭିନବ ଶାସ୍ତ୍ରୀୟ ରାଗ-ରାଗିଣୀରେ ସ୍ୱକାବ୍ୟଟିକୁ ଅତୀବ ସୁନ୍ଦର କରିବାଲାଗି ଯତ୍ନପରୋନାସ୍ତି ଚେଷ୍ଟା କରିଛନ୍ତି ।

ଗୀତଛନ୍ଦରେ ସଂସ୍କୃତ କାବ୍ୟ ଗ୍ରନ୍ଥକର ରଚନା କରିବାର ପରମ୍ପରା ଗୀତଗୋବିନ୍ଦ ଠାରୁ ଆରମ୍ଭ ହୋଇ ଉନବିଂଶ ଶତାବ୍ଦୀ ଯାଏ ଓଡ଼ିଶାରେ ପ୍ରଚଳିତ ଥିବାର ପ୍ରମାଣ ମିଳୁଛି । ଏହି ଗୀତ ଛନ୍ଦର ପ୍ରୟୋଗରେ ରଚିତ (ଗୀତଗୋବିନ୍ଦ ଓ ଅଭିନବ ଗୀତ ଗୋବିନ୍ଦ ବ୍ୟତୀତ) ମୁକୁନ୍ଦବିଳାସ, ଶ୍ରୀକୃଷ୍ଣ ଲୀଳାତରଙ୍ଗିଣୀ, ଗୀତପୀତାବମ୍ବରଭୂଷଣ ଆଦି କେତୋଟି ଉପାଦେୟ ଗ୍ରନ୍ଥ ଓଡ଼ିଆ କବି ମାନଙ୍କ ଦ୍ୱାରା ରଚିତ ହୋଇଥିଲା । ଏତଦ୍ ବ୍ୟତୀତ ଏହି ଛନ୍ଦର ବିକାଶ ଧାରା ଧୀରେ ଧୀରେ ଓଡ଼ିଆ କାବ୍ୟ ଗୁଡ଼ିକରେ ମଧ୍ୟ ସମ୍ପୃକ୍ତ ହେବାକୁ ଲାଗିଲା । ତାହା ଫଳରେ ପରବର୍ତ୍ତୀ ଓଡ଼ିଆକବି ଅର୍ଜୁନ ଦାସ, ନରସିଂହ ସେଣ, ବିଷ୍ଣୁ ଦାସ, ଦୀନକୃଷ୍ଣ ଦାସ, ଧନଞ୍ଜୟ ଭଞ୍ଜ, ଉପେନ୍ଦ୍ର ଭଞ୍ଜ, ଘନଭଞ୍ଜ, ଅଭିମନ୍ୟୁ, ଭକ୍ତଚରଣ ତଥା ବଳରାମ ପ୍ରଭୃତି ସ୍ୱ ସ୍ୱ କାବ୍ୟରେ ବହୁଳ ଭାବରେ ଛନ୍ଦର ପ୍ରୟୋଗ କରି ଓଡ଼ିଆ ଜନତାର ଚିରସ୍ମରଣୀୟ ହୋଇ ରହିଲେ ।

Digitized by srujanika@gmail.com

ଭ୍ରମଣ କାହାଣୀ

# ଓଡ଼ିଆ ଅଧ୍ୟାପକ ବୌଲ୍‌ଟନ୍‌ଙ୍କ ସଂଗେ

ଅଧ୍ୟାପକ ଡକ୍‌ଟର କୁଞ୍ଜବିହାରୀ ଦାଶ

ଲଣ୍ଡନ ବିଶ୍ୱବିଦ୍ୟାଳୟ ପାଠାଗାର ବୁଲି ଦେଖୁ ଦେଖୁ ଭାରତୀୟ ଭାଷାର ଓଡ଼ିଆ ବିଭାଗରେ ମି. ବୌଲ୍‌ଟନଙ୍କ ସହିତ ସାକ୍ଷାତ ହୋଇଗଲା । ସେ ଏବେ ଲଣ୍ଡନ ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ; ମୋ ଗୁରୁଙ୍କର ଗୁରୁ । ବିଜୟ ପ୍ରସାଦ ମହାପାତ୍ର ଲଣ୍ଡନରେ ଥିଲାବେଳେ ତାଙ୍କୁ ଓଡ଼ିଆ ଶିଖାଇଥିଲେ । ପଢ଼ୁ ପଢ଼ୁ ସେ ଏଇ ଭାଷାରେ ବିଶେଷଜ୍ଞ ହୋଇ ଉଠିଛନ୍ତି—ଫକୀର ମୋହନଙ୍କ ଉପରେ ଥେସିସ ଲେଖିଛନ୍ତି ; ଏତେ ସୁନ୍ଦର ଓଡ଼ିଆ କୌଣସି ଇଂରେଜ ମୁହଁରୁ କେବେ ଶୁଣିନାହିଁ, ଉଚ୍ଚାରଣ ସ୍ପଷ୍ଟ । ମୋତେ କହିଲେ-'ଏଠି କାହା ସଙ୍ଗେ କଥା ହେବି ? ଅଭ୍ୟାସ ନାହିଁ, ନଇଲେ ଆହୁରି ପ୍ରାଞ୍ଜଳ ଭାବେ ଓଡ଼ିଆ କହି ପାରନ୍ତି ।'

ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ବୌଲଟନଙ୍କ ଶ୍ରଦ୍ଧା ଦେଖି ମନେ ହେଲା-ସେ ବୋଧେ ପୂର୍ବ ଜନ୍ମରେ ଓଡ଼ିଆ ଥିଲେ । ଓଡ଼ିଆ ପଢ଼ିବାକୁ ତ ପିଲା ନାହାନ୍ତି । ତାଙ୍କୁ ବେଳେବେଳେ ବଙ୍ଗଳା କ୍ଲାସ ନିଅଯାଏ । କିନ୍ତୁ ବଙ୍ଗଳା ପଢ଼ିବା ବା ପଢ଼ାଇବାରେ ତାଙ୍କର ଆନନ୍ଦ ନାହିଁ । ଓଡ଼ିଆ ଭାଷାକୁ ସେ ଗଭୀର ସମ୍ମାନ ଦେଉଥିବା ଦେଖି ମୋ କୁଣ୍ଠେ ମୋଟ ହୋଇଗଲା । ମନେହେଲା-ସେ ମୋର ଆତ୍ମୀୟ ; ବିଦେଶୀ ମୁହଁରେ ଓଡ଼ିଆ ଭାଷା ବଡ଼ ମଧୁର ଶୁଣାଗଲା । ଦେହ ମୋର ଶୀତେଇ ଉଠିଲା, ଏଇ ସ୍ୱତନ୍ତ୍ର ମାଧୁର୍ଯ୍ୟର ଆସ୍ୱାଦ ପାଇ ।

ବୌଲଟନଙ୍କ ଦୃଷ୍ଟିରେ ଫକୀର ମୋହନଙ୍କ ଆତ୍ମ ଚରିତ ଗୋଟିଏ ଅଦ୍ଭୁତ ପୁସ୍ତକ ; ଓଡ଼ିଆ ଭାଷାରେ ବ୍ରିଟିଶ ଶାସକଙ୍କ ଅଜ୍ଞତା ଫକୀର ମୋହନଙ୍କ ସୁଯୋଗ ଗ୍ରହଣ ଓ ଡମ୍ପଡ଼ା ପ୍ରଜାମେଳି ଏମନ ତାଙ୍କୁ ବଡ଼ କୌତୁକପ୍ରଦ ବୋଧ ହେଉଥିଲା ।

"Well, ପ୍ରଜାମାନେ, ତୁମ୍ଭେମାନେ କହୁଛ—ରଜାଙ୍କ ସହିତ ତୁମ୍ଭମାନଙ୍କର ଯେଉଁ ବିବାଦ ଚାଲୁଅଛି, ଦେବାନ ଫକୀର ମୋହନ ବାବୁ ମଧ୍ୟସ୍ଥ ହୋଇ ସେ ଗୋଳମାଳ ନିଷ୍ପତ୍ତି କରିଦେବେ ?"

ବୃଦ୍ଧ ପାଞ୍ଚଜଣ ସରଦାର ପଧାନ ଏକ ସଙ୍ଗରେ ପାଟିକରି କହିଲେ "ଦେବାନବାବୁ ସବୁ ଗୋଳମାଳ ନିଷ୍ପତ୍ତି କରିଦେବେ,

Digitized by srujanika@gmail.com

ତେବେ ଆପଣ କ ସକାଣେ ଏତେ ବର୍ଷା ତୋଫାନରେ କଷ୍ଟକରୁ ଧାଇଁ ଅଇଲେ ?''

ସାହେବ ବୁଝିନପାର ଫଙ୍କାର ମୋହନଙ୍କ ମୁହଁକୁ ଚାହିଁଲେ । ଫଙ୍କାର ମୋହନ ବୁଝାଇଲେ—ଏମାନେ କହୁଛନ୍ତି କ' ଦେବାନ ବାବୁ ଆମ୍ଭମାନଙ୍କ ମାମଲା ନକାଶ କରଦେବେ । ଆପଣ ଏ ବର୍ଷା ତୋଫାନରେ କଷ୍ଟକରୁ ଆସି କଷ୍ଟ ପାଉଛନ୍ତି କାହିଁକ ?

ବୌଲଟନ ଅମୃତଚରିତରୁ ଏ କଥା ଉଦ୍ଧାରକର ହସି ହସି ଗଡ଼ିଯାଉଥାନ୍ତି । ତାଙ୍କ ମୁହଁରୁ ଏ ସବୁ ଶୁଣିବାକୁ ବଡ଼ ମଜା ଲାଗୁଥାଏ ; ଆମେ ଲଣ୍ଡନର ଫୁଟ ପାଥରେ ଚାଲିଥାଉ, ଖଣ୍ଡିଏ ମାତ୍ର ଛତା ; ମଝିରେ ମୁଁ, ଗୋଟାଏ ପଟେ ଗୋପୀ ବାବୁ, ଆରପଟେ ବୌଲଟନ, ସେ ଜାଣିଶୁଣି ଛତାଟି ଗୋପୀ ବାବୁଙ୍କ ଆଡ଼କୁ ଅଡେଇ ଦଅନ୍ତି । ନିଜେ ଗୋଟାପଣେ ଓଦା ; ଛତା ସିଧାକଲେ କହନ୍ତି—ଆମଦେଶ ବର୍ଷା, ମୋତେ ବାଧିବ ନାହିଁ । ଆଶ୍ଚର୍ଯ ମହତ୍ତ୍ୱ !

ମୁଁ ଇଂରେଜଙ୍କ ସାଧୁତାର ବହୁତ ପ୍ରଶଂସା କରିବାରୁ ବୌଲଟନ କହିଲେ— ଆମ ଜାତିର ମର୍ମ ତୁମେ କ'ଣ ଜାଣ ?

ଟାକ୍‌ସିବାଲା ଅପରିଚିତ ବିଦେଶୀଙ୍କ ବୁଲେଇ ବୁଲେଇ ନିଏ, ବେଶୀ ପଇସା ଆଦାୟ କରିବ ବୋଲି ।

ଷ୍ଟେସନ ଜନସ ବଙ୍କୀ ଏଠି ବେଶ ଚାଲେ—କଣାଳ ଗିଫ୍‌ଟ ଦିଏ ମାଗଣା ମିଳୁଥିବା ବାଇବେଲ ; ବକାଳ ଗିଫ୍‌ଟ ନାମରେ ବିକେ 'Lady Chatterly's Lover', ବାଜ୍ୟାପ୍ତ ଉପନ୍ୟାସ ।

ପ୍ରସ୍ତାବ ଦେଲି—ଚାଲ, Tower of London ଦେଖି ଆସିବା । ବୌଲଟନ କହିଲେ—ରାଜମୁକୁଟର ହୀରା ଦେଖି ଯିବା ଇଚ୍ଛା ମୋର ନାହିଁ, କାରଣ ଏ ଦେଶର ରାଜା ମାନଙ୍କର ଅତ୍ୟାଚାର ମୋର ମନେ ପଡ଼ିଯିବ । ଅଷ୍ଟମ ହେନେରୀ 'ୟୁଟୋପିଆ'ର ଲେଖକ ସାର୍ ଟମାସ୍ ମୁର୍‌ଙ୍କ ଙ୍କ ମସ୍ତକ ଉଭରେ ଏଠି ହତ୍ୟା କରିଛନ୍ତି ! ସାର୍ ଓ୍ୱାଲ୍‌ଟର ରାଲେ ମଧ୍ୟ ସେହିପରି ଦୁର୍ଭାଗ୍ୟର ସମ୍ମୁଖୀନ ହୋଇଛନ୍ତି ; ସେଇ ସବୁ ଅବିଚାରର ଇତିହାସ କ'ଣ ଏବେ ଲେଖା ହେଲଣି ? କିନ ଗରମାର ପୂଜା ଏ ଦେଶରେ ନାହିଁ ? ସବୁଠ ଧନ ଧନର, ଅର୍ଚ୍ଚନା ଚାଲିଛି, ବ୍ରିଟିଶ ଗୋଟିଏ ବଣିକ ଜାତି ।

ତା ପରଦିନ ମି: ବୌଲଟନ୍ ମୋତେ ବୁଲେଇ ନେବାର କଥା ହୋଇଥିଲା । ନିର୍ଦ୍ଦିଷ୍ଟ ସମୟରେ ସେ ଲଣ୍ଡନର ଭାରତୀୟ ନୌ ଅଫିସକୁ ଆସିଲେ । ବୁଲି ବୁଲି ସାଇ ଆମେ ଇଣ୍ଡିଆ ଅଫିସ ଲାଇବ୍ରେରୀରେ ପହଞ୍ଚିଲୁ ।

ତୋରଣରେ ଭାରତରେ ବ୍ରିଟିଶ ସାମାଜ୍ୟ ନିର୍ମାତା କ୍ଲାଇବଙ୍କ ପ୍ରତିଷ୍ଠିତ ମୂର୍ତ୍ତି ; ଏକ ସ୍ଥାନରେ ସେ ମୋଗଲ ସମ୍ରାଟ ସାହା ଆଲମଙ୍କ ଠାରୁ ବଙ୍ଗଳା, ବିହାର, ଓଡ଼ିଶାର ଦେଓ୍ୱାନୀ ଗ୍ରହଣ କରୁଛନ୍ତି । ଅନ୍ୟତ୍ର ପଲାସୀ ଯୁଦ୍ଧ, ଓ ବିଜୟୀ ବ୍ରିଟିଶ ମୂର୍ତ୍ତି । ଭାରତ ଇତିହାସର କେତୋଟି କରୁଣ ଅଧ୍ୟାୟ ପ୍ରାଣକୁ ମୁହୂର୍ତ୍ତେ ବେଦନାକ୍ତ କରିବାକୁ ଲାଗିଲା ।

Digitized by srujanika@gmail.com

ଏହି ଅଫିସ ଦେଖିବାଲାଗି ଶାସନ ବିଭାଗର ଅନୁମତି ନେବାକୁ ପଡ଼େ ; କେବଳ ଲାଇବ୍ରେରୀଟି ଉନ୍ମୁକ୍ତ ।

ଇଣ୍ଡିଆ ଅଫିସ୍ ଓ ଲାଇବ୍ରେରୀ ୧୮୦୧ ଖ୍ରୀଷ୍ଟାବ୍ଦରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ସ୍ଥାପିତ ; ୧୮୫୮ରେ ବ୍ରିଟିଶ ସରକାରଙ୍କ ହସ୍ତାନ୍ତରିତ ହୋଇଥିଲା । ଏହା ଡ଼ିପାର୍ଟମେଣ୍ଟ ଅଫ୍ ଷ୍ଟେଟ ଦ୍ୱାରା ପରିଚାଳିତ ହେଉଥିଲା । ଭାରତର ସ୍ୱାଧୀନତା ପରେ ଏହାର ସ୍ୱରୂପ ବଦଳି ଯାଇଛି ଓ ସେକ୍ରେଟାରୀ ଅଫ୍ ଷ୍ଟେଟ ଫର କମନ୍ ଓ୍ୱେଲଥ୍ ଦ୍ୱାରା ପରିଚାଳିତ ହେଉଛି ।

ପୁସ୍ତକାଗାରରେ ପ୍ରାୟ ଅଢ଼େଇ ଲକ୍ଷ ଛପା ବହି ଅଛି । ସେଥିମଧ୍ୟରୁ ପଞ୍ଚସ୍ତରୀ ହଜାର ଇଂରାଜୀ ଓ ବିଭିନ୍ନ ଇଉରୋପୀୟ ଭାଷାର ; ବାକିତକ ସଂସ୍କୃତ, ପ୍ରାକୃତ ଓ ବିଭିନ୍ନ ପ୍ରାଦେଶିକ ଭାଷାର । କୋଡ଼ିଏ ହଜାର ଭାରତୀୟ ଭାଷାର ପାଣ୍ଡୁଲିପି ମଧ୍ୟରେ ଓଡ଼ିଆ ପାଣ୍ଡୁଲିପି ସଂଖ୍ୟା ମାତ୍ର ପଚିଶ ଖଣ୍ଡି—କଳା ବାକ୍ସରେ ଲାଲ କନା ବନ୍ଧା ହୋଇ ପୋଥି ସବୁ ରଖା ହୋଇଛି । ଏଠି ଉନବିଂଶ ଶତାବ୍ଦୀର ବହୁ ଦୁଷ୍ପ୍ରାପ୍ୟ ଛପା ଓଡ଼ିଆ ବହି ମଧ୍ୟ ରହିଛି । କିନ୍ତୁ ଲାଇବ୍ରେରୀଟି ସ୍ଥାନାନ୍ତରିତ ହେଉଥିବାରୁ ସେ ସବୁ ଦେଖିବା ସମ୍ଭବ ହେଲା ନାହିଁ ।

ପେଣ୍ଟିଂ, ଜବ ଓ ଫଟୋ ବିଶେଷ ଭାବରେ ଦୃଷ୍ଟି ଆକର୍ଷଣ କଲା । ଏଠି ଏକ ହଜାର ପେଣ୍ଟିଂ, ପନ୍ଦରଶ ଲାଗୋୟ ଛବି, ପ୍ରାକୃତିକ ଇତିହାସ ଅନ୍ତର୍ଭୁକ୍ତ ପାଞ୍ଚ ହଜାର ଡ୍ରଇଁ, ଉନବିଂଶ ଶତାବ୍ଦୀର ବହୁ ଫଟୋ, ନାନା ମନ୍ଦିରର ଚିତ୍ର, ବହୁ ଆଲବମ, ଇଷ୍ଟ ଇଣ୍ଡିଆ କମ୍ପାନୀର ଯାବତୀୟ ରେକର୍ଡପତ୍ର ମାନଚିତ୍ର, ଭାଇସରୟ ମାନଙ୍କ ଘରୋଇ କାଗଜ ପତ୍ର ସଂରକ୍ଷିତ ହୋଇଅଛି । ପାଠାଗାର ଦେଖିଲାପରେ ଲାଇବ୍ରେରିୟାନ ମିଃ ସଟନଙ୍କ ସହିତ ସାକ୍ଷାତ କଲି । ଭାରତ ସମ୍ପର୍କରେ ସେ ନାନା ସମ୍ବାଦ ପଚାରିଲେ ଓ ବିଦାୟ ବେଳେ କେତେକ ଛବି ଉପହାର ଦେଲେ—ଗୋଟିଏ ହଲଦି ବସନ୍ତ, ସୁନେଲି ରାଗିଣୀ, ମେଘ ମହ୍ଲାର (ବର୍ଷାରେ କୃଷ୍ଣଙ୍କ ନୃତ୍ୟ, ଗୋପୀ ମାନଙ୍କ ଗୀତ), ହିନ୍ଦୋଳ-ରାଗ (ଦୋଳରେ ପ୍ରିୟ ଓ ପ୍ରିୟା), ମାଳବିକା ରାଗିଣୀ, ରାଜକନ୍ୟାଙ୍କ ଦଶହରା ପ୍ରାଙ୍ଗଣରେ ଗୋଟିଏ ସର୍ପକୁ ବିନାଶ କରିବା ଚିତ୍ର, ଉନବିଂଶ ଶତାବ୍ଦୀର ଛପା ସବୁ, ଏବେ ଦୁଷ୍ପ୍ରାପ୍ୟ ।

ମିଃ ବୌଲଟନ ପ୍ରଶ୍ନକଲେ—ଛବି ଗ୍ରାହକତାର କ ପ୍ରମାଣ ପାଇଲେ ଯେ ମିଃ ସଟନ ଏସବୁ ଆପଣଙ୍କୁ ଉପହାର ଦେଲେ ? ମୋର ମନେହୁଏ, ଏ ଅତି ମୂଲ୍ୟବାନ ଉପହାର !

'ପ୍ରକୃତରେ ମୁଁ ଛବିକାର ନୁହେଁ, ଗୋଟିଏ ଗାର ସିଧା ସଳଖ କାଟିଅସେ ନାହିଁ । ବରଂ ପିଲାଦିନେ ଆମ୍ଭରେ ହିଁ, ମୋର ଡ୍ରଇଁ ଶିକ୍ଷା ଶେଷ ହୋଇଥିଲା । କିନ୍ତୁ ଜଣେ ଗ୍ରାହକ ମୁଁ, କଳା ଭଲଭାବେ ବୁଝେଁ ବା ନବୁଝେଁ ।'

Digitized by srujanika@gmail.com

ତା ପରେ ଦଶନମ୍ବର ଡାଉନିଂ ଷ୍ଟ୍ରିଟ ଗୋଟିଏ ଗାର୍ଡ ବନ୍ଧୁକ ହସ୍ତରେ ପହରା ଦେଉଥାଏ, ବ୍ରିଟିଶ ପ୍ରଧାନ ମନ୍ତ୍ରୀଙ୍କ ବାସଭବନ । ଗୋଟିଏ ମୁହୂର୍ତ୍ତ ଦୃଷ୍ଟି ପକାଇ ଆମେ ଜେମସ୍ ପାର୍କରେ ପ୍ରବେଶ କଲୁ—ପ୍ଲେନ୍ ଟ୍ରି, ବଡ଼ ବଡ଼ ଓକ୍, ଉଇଲୋ, ତୃଣ ପ୍ରାନ୍ତରର ମଧ୍ୟେ ମଧ୍ୟେ ।

ଏହି ପାର୍କଟି ବକିଂହାମ୍ ପାଲେସରୁ ହର୍ସ ଗାର୍ଡ ପ୍ୟାରେଡ୍ ଗ୍ରାଉଣ୍ଡ ପର୍ଯ୍ୟନ୍ତ ବିସ୍ତୃତ ; ଆଗେ ଗୋଟାଏ ଖାଲ ଥିଲା, ପଚାପାଣି ଜମି ରହୁଥିଲା । ଏବେ ତାକୁ ଗୋଟିଏ ସୁନ୍ଦର ହ୍ରଦରେ ପରିଣତ କରାଯାଇଛି । ତାର ତୀରେ ତୀରେ ନାନା ବର୍ଣ୍ଣର ଫୁଲବୃକ୍ଷ ହୋଇଛି, ହ୍ରଦରେ ରାଜହଂସ, ନୀଳଗ୍ରୀବା ମୁକ୍ତ ଇଂରେଜ ପାଡିଂମ୍ସ ଓ ସିଗାଲ୍ ମାନେ ଶତଶତ ସଂଖ୍ୟାରେ ସନ୍ତରଣ କରୁଛନ୍ତି ।

ଲଣ୍ଡନ ସହରର ଗୋଟେ ଫୁସ୍ ଫୁସ୍ ଏ । ଅବସର ସମୟରେ ଭିଡ଼ ଜମେ । ଖାଦ୍ୟ ଯୋଗାଇବା ଲାଗି ସ୍ଥାନେ ସ୍ଥାନେ ରେସ୍ତୋରାଁ । ଯାତ୍ରୀଙ୍କ ଦୟା ଉପରେ ନିର୍ଭରକରି ଚଳନ୍ତି ସହସ୍ର ସହସ୍ର ପାରା । ଅକର୍ମା, ଅଳସ, ରୋଗ ବିସ୍ତାର କରୁଛନ୍ତି ବୋଲି ସେମାନଙ୍କୁ ମାରି ନିପାତ କରିଦେବା କଳ୍ପନା ହେଉଛି ।

ବୌଲଟନ ଏଠି ମୋତେ ସ୍ୟାଣ୍ଡଉଇଚ, ଟମାଟୋ ରସ ଓ କଫି ଖୁଆଇଲେ । ଫେରିଲା ବେଳେ ନାନା ସୈନିକ ଓ ସେନାପତି ମାନଙ୍କ ସ୍ମୃତି ମନ୍ଦିର ଦେଖିଲି । ବୌଲଟନ କହିଲେ—ଇଂରେଜ ତରୁଣ ସୈନ୍ୟ ବିଭାଗକୁ ବଡ଼ ବିଭାଗ ମନେକରେ ; ସୈନ୍ୟ ବିଭାଗରେ ପଶିବା ତାର ଏକ ଉଚ୍ଚାକାଂକ୍ଷା, ଏ ଦେଶ ସୈନିକର ପୂଜା କରେ, କବି ଲେଖକଙ୍କ ସ୍ମୃତି କ୍ୱଚିତ୍ ଦେଖିବାକୁ ମିଳେ । ଏହା କହୁ କହୁ ସେ ମୋତେ ହର୍ସ ଗାର୍ଡସ ପାରେଡ୍ ସ୍ମୃତିସ୍ତମ୍ଭ ନିକଟକୁ ନେଇଗଲେ । ପ୍ରଥମ ମହାଯୁଦ୍ଧର ମୃତ ଅଶ୍ୱାରୋହୀ ସୈନିକଙ୍କ ସ୍ମୃତି ଏଠି ରଖା ହୋଇଛି । ୧୯୧୮ ନଭେମ୍ବର, ଏଗାର ତାରିଖରେ ଏଠି ଅସ୍ତ୍ର ବିରତି ଘୋଷଣା କରାଯାଇଥିଲା, ସେହି କାଳରୁ ଏପର୍ଯ୍ୟନ୍ତ ବାର୍ଷିକ ସ୍ମୃତି ଉତ୍ସବ ପାଳିତ ହୋଇ ଆସୁଛି । ଲୋକେ 'ପପି' ଫୁଲ (ଲାଲ୍, ମଝିରେ କଳା)ର ବ୍ୟାଜ୍ ଅଶ୍ୱାରୋହୀ ସୈନିକର ସ୍ମୃତି ସ୍ତମ୍ଭରେ ଅର୍ପଣ କରନ୍ତି । ଯୁଦ୍ଧବେଳେ ଟ୍ରେଞ୍ଚ ନିକଟରେ ଏଇ ସବୁ ଫୁଲ ଫୁଟିଥିଲା, ଏବେ ଇଂଲଣ୍ଡରେ ଏହା ପ୍ରତୀକାତ୍ମକ ଭାବେ ବ୍ୟବହୃତ ।

ବକିଂହାମ ପ୍ରାସାଦ, ତାର ଅଳ୍ପ ଦୂରରେ ମନ୍ତ୍ରୀଙ୍କ ପ୍ରାସାଦ, ନୌବିଭାଗ—ଏଠି ଦୁଇଜଣ ଅଶ୍ୱାରୋହୀ ସୈନିକ—କଳା ପ୍ୟାଣ୍ଟ ଲାଲ୍ କୋଟ, ହେଲମେଟ୍ ପିନ୍ଧି ଉନ୍ମୁକ୍ତ ତରବାରି ହସ୍ତରେ ସେମାନେ ଠିଆ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ଭିତରେ ଅନେକ ଜବୁଆଲୀ ସୈନିକ ରହିଛନ୍ତି । ତାପରେ ଆକାଶ ବାହିନୀ ଅଫିସ, ହୋମ୍ ଅଫିସ ପ୍ରିଭିକାଉନସିଲ୍, କାବିନେଟ ଅଫିସ, ପୁଲିସ ଓ ମିଲିଟାରି ବାରିକ୍ସ, ଡିଟେକଟିଭ ଅଫିସ, ପାର୍ଲାମେଣ୍ଟ ଦେଖିଲି, ଏ ସମସ୍ତ ଅଞ୍ଚଳକୁ ହ୍ୱାଇଟ ହଲ୍ କହନ୍ତି ।

Digitized by srujanika@gmail.com

ବୌଲଟନଙ୍କ ଷ୍ଟାଫ ମିଟିଂ ; ଭୂମି ତଳେ ଟ୍ରେନରେ ବସାଇଆଣି ମୋତେ ବ୍ରିଟିଶ ମ୍ୟୁଜିୟମ୍‌ରେ ପହଞ୍ଚାଇ ଦେଲେ ।

୧୯୧୧ କପିରାଇଟ ଆକଟ ଅନୁସାରେ ଇଂଲଣ୍ଡରେ ପ୍ରକାଶିତ ପତ୍ରିକା, ପୁସ୍ତକ ଖଣ୍ଡିଏ ଖଣ୍ଡିଏ ଜମା ହୋଇ ଆସୁଅଛୁ-ଦାନ, କ୍ରୟ ଓ ବିନିମୟରେ ଏହି ଯାଦୁ-ଘରର ଆକାର ବଢ଼ି ଚାଲିଛି । ପ୍ରତିବର୍ଷ ନୂତନ ଦ୍ରବ୍ୟ ସମ୍ଭାର ଯୋଗୁ ପ୍ରାୟ ମାଇଲିଏ ସେଲଫ୍ ସ୍ଥାନ ଆବଶ୍ୟକ ହୋଇଥାଏ । ସମ୍ବାଦପତ୍ର, ପାଠାଗାର, ମାନଚିତ୍ରାଗାର ପାଣ୍ଡୁଲିପି ବିଭାଗ, ମ୍ୟାଗ୍ନାକାର୍ଟା, ବାଇବେଲର ହିବ୍ରୁ, ଆରବୀ, ପାରସୀ ସଂସ୍କରଣ, ବହୁ ରେକର୍ଡ, ସିଲ୍, ପ୍ରାଚୀନ କବିମାନଙ୍କର ହାତଲେଖା, ସେକସପିୟରଙ୍କର ଦସ୍ତଖତଥିବା ଦଲିଲ, ନେଲସନଙ୍କ ପ୍ରଦତ୍ତ ଟ୍ରାଫଲଗାର ଯୁଦ୍ଧର ବିବରଣୀ, ରୁବେନସ, ରେମବ୍ରାଣ୍ଟ, ରାଫେଲ, ମାଇକେଲ୍ ଆଞ୍ଜେଲୋଙ୍କ ଛବି ଓ ଓ ପେଣ୍ଟିଂ, ଖ୍ରୀ: ପୂ: ତିନିହଜାର ବର୍ଷତଳର ଇଜିପ୍ଟର ମୂର୍ତ୍ତି, ମମି, ସମାଧି ସହିତ ଉତ୍କୃଷ୍ଟ ଦ୍ରବ୍ୟ ସମ୍ଭାର, ପ୍ରସ୍ତରଲେଖ, ମାର୍ଜାର କୁମ୍ଭୀର, ବସ୍ତ୍ରଜଡ଼ି ପ୍ରଭୃତି ପବିତ୍ର ଜୀବମାନଙ୍କ ମମି, ସାରଗନ୍ ପ୍ରସାଦର ମନୁଷ୍ୟ ମସ୍ତକଯୁକ୍ତ ସିଂହ, ସୁମେରୀୟ, ବେବିଲୋନୀୟ, ଆସିରୀୟ, ଫୋନେସିୟ, ଗ୍ରୀସୀୟ, ସିରୀୟ ଓ ଆରବୀୟ ନାନା କଳା ଓ ଭାସ୍କର୍ଯ୍ୟ ସଙ୍କେତରେ ଅତୀତକୁ ମୂର୍ତ୍ତ କରିବା ଉଦ୍ୟମ ହୋଇଅଛି । ବୋଧହୁଏ ବିଶ୍ୱକଳା ଓ ଭାସ୍କର୍ଯ୍ୟର ଏ ଗୋଟିଏ ମଧୁଚକ୍ର ; ଜଗତ ଉଦ୍ୟାନର ଯାବତୀୟ ମଧୁ ସଂଗୃହୀତ ହୋଇ ଯେପରିକି ଏହି ଚକ୍ରରେ ସଞ୍ଚିତ କରାଯାଇଛି । ଏତେ ଅଳ୍ପ ସମୟରେ କ'ଣ ବା ଦେଖିବି ? ଟିକିଏ ଆଖି ବୁଲାଇ ଦେଇ ଆସି ଓଡ଼ିଆ ପାଣ୍ଡୁଲିପି ବିଭାଗରେ ବସିଲି ।

ଜଗନ୍ନାଥ ଭାଗବତ, ଚିତ୍ରକାବ୍ୟ ବନ୍ଧୋଦୟ, ରାମାୟଣ, ରାଧାକୃଷ୍ଣ କେଳି-କଥା, ସ୍କନ୍ଦ ପୁରାଣ, ଗଂଗା ମାହାତ୍ମ୍ୟ ପ୍ରଭୃତି କେତେଖଣ୍ଡି ପାଣ୍ଡୁଲିପି ରହିଅଛି । ଦାଠ୍ୟତା ଭକ୍ତି ପୋଥି ଶେଷରେ ଲେଖାଅଛି—ମାର୍ଗ-ଶୀର ଶୁକ୍ଳ ପ୍ରତିପଦା ଭୃଗୁବାସରେ, କଳିଙ୍ଗା ଗ୍ରାମରେ ବଗିରୁ ସାଇରେ ଥାଇ ରାମଦାସେ ଏ ପୋସ୍ତକ ଲେଖ ସମ୍ପୂର୍ଣ୍ଣ କଲେ । ଅପ୍ରକା-ଶିତ ପାଣ୍ଡୁଲିପି ନାହିଁ ।

ଛପା ଓଡ଼ିଆ ପୁସ୍ତକର ତାଲିକା ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ । ଖୋଜି ଦେଖିଲି-ଉନବିଂଶ ଶତାବ୍ଦୀର ବହୁ ଗୌଣ କବିଙ୍କର ପୁସ୍ତକ ସଂଗୃହୀତ ହୋଇ ରହିଅଛି । ବିଂଶ ଶତାବ୍ଦୀର ଆମେ ସେମାନଙ୍କ ନାମ ଭୁଲିଯାଇଛୁ । ଉତ୍କଳରେ ହୁଏତ ଏସବୁ ଦୁର୍ଲ୍ଲଭ ।

ପାଠାଗାରରେ ଖ୍ରୀଷ୍ଟିୟାନ ଧର୍ମ ପୁସ୍ତକର ବହୁ ଓଡ଼ିଆ ଅନୁବାଦ ରହିଅଛି ; ଶ୍ରୀରାମପୁରେ ଛପା । ୧୮୧୧ ଖ୍ରୀଷ୍ଟାବ୍ଦରେ ପାଦ୍ରୀଙ୍କ ହାତରେ ଓଡ଼ିଆ ଭାଷାର ସ୍ୱରୂପ ଜାଣିବାଲାଗି ଗୋଟିଏ ପଂକ୍ତି ଉଦ୍ଧାରିଲି:—

ଈଶ୍ୱରର ସମସ୍ତ ବାକ୍ୟ-ବିଶେଷରେ ମନୁଷ୍ୟର ପ୍ରାଣ ଓ କାର୍ଯ୍ୟର ସାଧନା-ଅର୍ଥରେ ସେ ଯାହା ପ୍ରକାଶ କରିଅଛନ୍ତି ଅର୍ଥାତ୍ ଧର୍ମ ପୁସ୍ତକ—

Digitized by srujanika@gmail.com

ତାହାର ପ୍ରଥମ ଭାଗ ଯଦ୍ଧ ରେ ମୋ ଶହର ବ୍ୟବସ୍ଥା

ଯିଶର ବିବରଣୀ
ଗୀତାଦ, ଭବିଷ୍ୟତ କାବ୍ୟ
ଏବର ଭାଷାରେ ତର୍ଜମା ହୋଇଲା ।
ଶ୍ରୀରାମପୁରଠାରେ ଛପା ହେଲା ।
ଶନ ୧୮୧୧ ଶାଲ

"ଯେମନ୍ତ ଆମ୍ଭେ ମୋ ଶହକୁ କହି ଥିଲୁ ତେମନ୍ତ ଯେଉଁ ପ୍ରତ୍ୟେକ ସ୍ଥାନର ଉପରେ ତୁମ୍ଭର ଗୋଡ଼ର ତାଳୁଆର ବିକ୍ଷେପ ହେବ ସେ ପ୍ରତ୍ୟେକ ସ୍ଥାନକୁ ଆମ୍ଭେ ତୁମ୍ଭ ମାନଙ୍କୁ ନେଇଅଛୁଁ । ଏ ଅରଣ୍ୟ ପୁଣି ଲିବୋନନର ମହାନଦୀ ଫରାତ ହେକେ ଖିଟ୍ଟି ମାନଙ୍କର ସମସ୍ତ ଦେଶ ପୁଣି ସୂର୍ଯ୍ୟର ଅସ୍ତ ଯିବାର ସ୍ଥାନର ଦିଗରେ ମହା ସମୁଦ୍ର ପର୍ଯ୍ୟନ୍ତ ତୁମ୍ଭ ମାନଙ୍କର ସୀମା ହେବ । ତୁମ୍ଭର ଆୟୁଷର ସମସ୍ତ ଦିନରେ କେହି ତୁମ୍ଭର ସମ୍ମୁଖରେ ଠିଆ ହେବାକୁ ପାରିବନା ଆମ୍ଭେ ଯେମନ୍ତ ମୋ ଶହର ସହିତ ଥିଲୁଁ ତେମନ୍ତ ତୁମ୍ଭର ସହିତ ହେବ, ଆମ୍ଭେ ତୁମ୍ଭର ତ୍ରତ ଶିଥିଲ ହେବା ନା ପୁଣି ତୁମ୍ଭଙ୍କୁ ତ୍ୟାଗ କରିବା ନା ।"

ନୂଆ ଓଡ଼ିଆ ଛପାଅକ୍ଷର ତିଆରି ହେବା କାଳ । କେତେକ ଅକ୍ଷର ବହୁ ଚେଷ୍ଟା କରି ପଢ଼ିପାରିଲି ନାହିଁ । 'ଯେମନ୍ତ, ତେମନ୍ତ' ସ୍ଥାନରେ 'ଯେମନ୍ତ, ତେମନ୍ତ', 'ଯେଉଁ ସ୍ଥାନରେ ଯେଉଁ', 'ଠିଆ' ସ୍ଥାନରେ 'ଠିଆ', 'କରିବ ନାହିଁ', ସ୍ଥାନରେ 'କରିବାନା', 'ଶିଥିଲ' ସ୍ଥାନରେ 'ଶିଥିଲ', 'ଫରାତ' ପ୍ରଭୃତି ପାରସୀ ଶବ୍ଦର ପ୍ରୟୋଗ ଭାଷାତାତ୍ତ୍ୱିକ ମାନଙ୍କୁ ସେ କାଳର ଭାଷା ସମ୍ପର୍କରେ ଆଲୋଚନା କରିବା ଲାଗି ପ୍ରରୋଚିତ କରିବ, ମୋର ବିଶ୍ୱାସ ।

ମହାନ୍ ପ୍ରସାଦ ଠାକୁରଙ୍କ **Oriya and English Vocabulary** (ଶ୍ରୀରାମପୁର, ୧୮୧୧), 'ପୀତାମ୍ବର ସିଂହର ଚରିତ' (ଲେଖକଙ୍କ ନାମ ଉଲ୍ଲିଖିତ ହୋଇ ନାହିଁ), କେହି କେବେ ହେଁ ନଜାଣିବ (ଧର୍ମପୁସ୍ତକ) ଲେ-ଥୋମାସ (୧୮୫୮), ଚତୁର୍ଭୁଜ ପଟ୍ଟନାୟକଙ୍କ 'କାବ୍ୟ କୁସୁମ' (୧୮୮୧), ହରମୋହନରାୟ ଚୂଡ଼ାମଣିଙ୍କ 'ଅତ୍ରକାଳୀୟ ପଦ୍ୟାବଳୀ' (୧୮୭୯), ବିଚ୍ଛନ୍ଦ ପଟ୍ଟନାୟକଙ୍କ କାଳିଦାସ (ରଘୁବଂଶ) (୧୮୬୮), ମଧୁସୂଦନ ରାଓଙ୍କ ବେତାଳପଞ୍ଚ-ବିଂଶତି, ଇଶାନଚନ୍ଦ୍ର ବସୁଙ୍କ ନୀତି ମଂଜରୀ, ଚନ୍ଦ୍ରନାଥ ରାୟଙ୍କ ଆଖ୍ୟାନ ମଂଜରୀ, କ୍ଷେତ୍ର ମୋହନ ରାୟଙ୍କ 'ସୀତା ମାଇ କ ଅର୍ଣ୍ଣିଗ' ଗଳ୍ପ ପୁସ୍ତକ, ୨୮ ପୃଷ୍ଠା (୧୮୯୩) ସବୁ ଗଢ଼ାଇ ଦେଇଗଲା । ଗଳ୍ପ ପୁସ୍ତକଟି କାଲେଣ୍ଡର ଜିଲ୍ଲାର ସେକାଳ ବନ୍ଦୋବସ୍ତକୁ ଲକ୍ଷ୍ୟକରି ରଚିତ ।

୧୮୭୮ରେ ଗୌରୀଶଙ୍କର ରାୟଙ୍କ ସଙ୍କଳିତ ଲବଣ୍ୟବତୀ, ଗଦାଧର ତ୍ରିପାଠୀଙ୍କର ଇଂଲଣ୍ଡର ଇତିହାସ (୧୮୭୫), ରାସବିହାରୀ ନାୟକଙ୍କ 'ନାରିକେଳୋତ୍କର୍ଷଣ', ମିଲ୍ଲର ଓ ରଘୁନାଥ ମିଶ୍ରଙ୍କ 'ଓଡ଼ିଆ ଭାଷାବିଧାନ' ମୋର ଦୃଷ୍ଟି ବିଶେଷ ଭାବେ ଆକର୍ଷଣ କରିଥିଲା ।

Digitized by srujanika@gmail.com

ଏ· ସନ୍ଧନଙ୍କ 'ଇତିହାସ ସାର ସଂଗ୍ରହ' ୧୮୭୨ରେ ଛପା, ମୂଲ୍ୟ ଦୁଇଅଣା । ଐତିହାସିକ ଦୃଷ୍ଟିରୁ ଏହା ଏକ ଆଜି ମାଳିକା, କିନ୍ତୁ ଓଡ଼ିଆଭାଷାରେ ଓଡ଼ିଶାର ଇତିହାସ ରଚନା ଇତିହାସରେ ଏହା ଏକ ମାଇଲ୍ ଖୁଣ୍ଟ, ଅସ୍ୱୀକାର କରିବ ନାହିଁ । ଊନବିଂଶ ଶତାବ୍ଦୀର ଗଦ୍ୟ ସାହିତ୍ୟ ଶୈଳୀ ବିଷୟରେ ଲାଗି ଏଥିରୁ ଦୃଷ୍ଟାନ୍ତ ଦିଆଯାଇ ପାରେ:—

ଯେପରି ନାନା ଦୁର୍ଗମ୍ଭୀତ ପର୍ବତରେ ନାନା ପାଣିଧାର ଉପ୍ତଯାଏ ହୋଇ ପଡ଼ୁଛନ୍ତି ସେମାନଙ୍କର ସୋତ ସବୁ ମିଶି ଏକ ବଡ଼ ବଡ଼ ନଦୀହୋଇ ଅଗାଧ ସମୁଦ୍ରକୁ ବହିଯାଏ ତେପରି ଏହି ଦେଶ ପୃଥ୍ୱୀ ଅନ୍ୟ ଦେଶର ନଦୀ ସ୍ୱରୂପ ଚରିତ ଜାଣିବ ।

ପ୍ରାଚ୍ୟ ପୁସ୍ତକ ପାଣ୍ଡୁଲିପିର ଗ୍ରନ୍ଥାଗାରିକ କେଦାରଣ ନିଜ ହାତରେ ଉପର ମହଲାରୁ ପୁସ୍ତକ ସବୁ ବୋହି ଆଣି ମୋତେ ସାହାଯ୍ୟ କରିଛନ୍ତି । ତାଙ୍କ ମହାନୁଭବତା ନିକଟରେ ମୁଁ ଋଣୀ ।

ପାଞ୍ଚଟା ବେଳକୁ ମ୍ୟୁଜିୟମ ବନ୍ଦ, ଦେଖା ଅସମ୍ପୂର୍ଣ୍ଣ ; ମନ ଦୁଃଖରେ ପୁସ୍ତକ ଗୁଡ଼ିକ ଫେରାଇ ଦେଲି । କୋରିଡରେ ଅପେକ୍ଷା କରି ଛିଡ଼ାହେଲି । ବୌଲ୍ଟନ ! ବାଃ ଠିକ୍ ସମୟରେ ପହଞ୍ଚିଛନ୍ତି ।

ଲଞ୍ଚ, ଗାଡ଼ିଭଡ଼ା ; ସେ ମୋ ଲାଗି ଖର୍ଚ୍ଚ କରି ଲାଗିଛନ୍ତି । ମନକଷ୍ଟ କରିବେ ବୋଲି କିଛି କହି ପାରୁନାହିଁ । କିପରି ତାଙ୍କର ଏ ଋଣ ଶୁଝିବି ? ମନେ ପଡ଼ିଲା—ତାଙ୍କର ପୁଅ କଥା-ସାଇମନ୍ ! ତା ଲାଗି ଗୋଟିଏ ଖେଳଣା କିଣିଦେବି ।

ବୌଲ୍ଟନ କହିଲେ—'ଦୋକାନ ବନ୍ଦ'

'ନା, ଚାଲ ଖୋଜିବା',

ଗୋଟିଏ ଖେଳଣା ଦୋକାନରେ ପଶିଲି—ହସ, କୌତୁକ, ବ୍ୟଙ୍ଗ ! ବୌଲ୍ଟନ କହିଲେ—ଏଟା Shop of Jokes ! ଏ ଚଳିବ ନାହିଁ ।

'ଯାହା ଚଳିବ, ସେଥିରୁ ଗୋଟିଏ କିଣ ; ମୁଁ ତୁମ ପୁଅକୁ ଦେଖିନାହିଁ, ସେ କ'ଣ ଭଲପାଏ, କିଛି ଜାଣେ ନାହିଁ ।'

ତାପରେ ବୌଲ୍ଟନ ଗୋଟିଏ ମଟର ଗାଡ଼ି ଧରିଲେ—ତା ମାନେ କଥା ରକ୍ଷାକଲେ ଯାହା ଗୋଟିଏ ନେଲେ ହେଲା ।

କହିଲି— ଆମ ଆଡ଼ ମଫସଲ ପିଲା ମଟରଗାଡ଼ିରେ ଖେଳନ୍ତି । ଆଟମ୍ ଯୁଗର ପିଲା ସେଥିକୁ କ'ଣ ପସନ୍ଦ କରିବ ? ଏଇଟା କେଡ଼େ ଗ୍ରେଟ, ଦାମ ଦୁଇ ଶିଲିଙ୍ଗ ମାତ୍ର ! ଆଉ ଗୋଟିଏ କିଛି ବାଛ ।

ଶେଷକୁ ସେ ଗୋଟାଏ ବସ୍ କଣ୍ଡକଟର ମୂର୍ତ୍ତି ଓ ଟିକେଟ କାଟିବା କଳ ବାଛିଲେ— ଏଥିରେ ସାଇମନ ଖୁସି ହେବ ।

କହିଲି—ଆପଣଙ୍କୁ ତ ଆଗେ ଟିକଟ ଦେବ । କେତେ ପଇସା ଗଣିବେ ମିଛି ମିଛିକିଆ ବସରେ ବସି ।

ସେ କହିଲେ—ମିଛ ବସ୍‌କୁ ମିଛ ପଇସା !

ଏସ୍କାଲେଟରରେ ପାତାଳ ପୁରୀକୁ ଯାଇ ରେଲ୍‌ଗାଡ଼ିରେ ଗଲୁ । ପୃଥ୍ୱୀ ଉପରକୁ ଉଠିଲୁ । ବୌଲ୍ଟନ୍ ଦେଖାଇଦେଲେ— ହେନେରି ଆରଭିଙ୍ଗଙ୍କ ମୂର୍ତ୍ତି-ଜନ୍ମ ୧୮୩୮,

Digitized by srujanika@gmail.com

ମୃତ୍ୟୁ ୧୯୦୫ ; ସେକସପିୟରଙ୍କ ନାଟକର ଜଣେ ବଡ଼ ଅଭିନେତା ! ଆଉ ମୂର୍ତ୍ତିଟି ଦେଖୁଛ ? ଗାରିକ୍, ସେ ବି ଜଣେ ନାମ ଯାଦା ଅଭିନେତା ; ଡ଼କ୍ଟର ଜନସନ୍‌ଙ୍କ ସମସ୍ତର ଲୋକ । ତାଙ୍କ ନାମାନୁସାରେ ଲଣ୍ଡନର ପ୍ରସିଦ୍ଧ 'ଗାରିକ୍ ଥିଏଟର ହାଉସ' ନାମିତ ; ସେକସପିଅରଙ୍କ ନାଟକ ଅଭି-ନେତା ମାନଙ୍କର ଯନ୍ତ୍ର ସାମାନ୍ୟ ସ୍ମୃତି ଇତସ୍ତତଃ ରଖାଯାଇଛି ।

କଥା ହେଉଁ ହେଉଁ ସେଣ୍ଟ ମାର୍ଟିନ ଗୀର୍ଜା ପାଖେ ପହଞ୍ଚିଲୁ ; ଟାଓ୍ୱାର ପର ଆକାଶ ଭେଦ କରୁଛି ଏହାର ତୀକ୍ଷ୍ଣତମ ଅଗ୍ରଭାଗ । ହଜାର ହଜାର ବାସ୍ତୁ ଚଢ଼େଇଙ୍କ ଆଶ୍ରୟ ସ୍ଥଳ । ସନ୍ଧ୍ୟାକାଶକୁ କୋଳାହଳରେ ଉଛୁଳାଇ ଦେଉଥାନ୍ତି ।

ତା ପରେ ଭିକ୍‌ଟୋରିଆ ଷ୍ଟେସନ୍‌ରେ ମୋତେ ପହଞ୍ଚାଇ ବୌଲଟନ୍ ଫକୀର ମୋହନଙ୍କ କଥା ଗପି ଲାଗିଲେ—ତାଙ୍କ ଅଦ୍ଭୁତ ଆତ୍ମଚରିତ ଓ ଛ'ମାଣ ଆଠଗୁଣ୍ଠର ମହତ୍ତ୍ୱ । ତାଙ୍କ ମତରେ ଫକୀର ମୋହନ ଯେତେବେଳେ ଉପନ୍ୟାସ କ'ଣ ଜାଣି ନଥିଲେ—ସେ ଭଲ ଉପନ୍ୟାସ ଲେଖିଥିଲେ 'ପ୍ରାୟଶ୍ଚିତ' ଲେଖିଲା ବେଳକୁ ସେ ଉପନ୍ୟାସ ବିଷୟରେ ସଚେତନ ; କିନ୍ତୁ ସେଥିରେ ସେ ସଫଳ କଳାକାର ହୋଇପାରି ନାହାନ୍ତି । ତାଙ୍କ ଭୁଣ୍ଡରୁ ଲଣ୍ଡନ ସହରରେ ଏ ସବୁ ଶୁଣିବାକୁ ଖୁବ୍ ଭଲ ଲାଗୁଥାଏ ।

ତା ପରେ ସେ କହିଗଲେ—ବଗଲା ବଗଲୀ, ଧୂଳିଆ ବାବା, ଗୁଣ୍ଡୀପୁଅ ଅନନ୍ତା କଥା, ଚରିତ୍ର ଚିତ୍ରଣରେ ତାଙ୍କର ଅଭିନବତ୍ୱ ; କିନ୍ତୁ ଭଲ ଯେ ସେ ମିଛକୁ ଭଲ—କ୍ରିୟା ହୀନ, ଅକର୍ମଣ୍ୟ—ସାନ୍ତାଣୀ, ଶାରିଆ, ଭଗିଆ ! ତେଣୁ ପରେ 'ଯେଷାକୁ ତେଷା' ଉପରେ ତାଙ୍କର ବିଶ୍ୱାସ ଜନ୍ମିଛି । ମାଧ ମହାନ୍ତିଙ୍କ ଝିଅ ବାପ ଉପରେ ଉପଯୁକ୍ତ ପ୍ରତିଶୋଧ ନେଉଛି ।

ଏତିକି ବେଳେ ଗାଡ଼ି ଛାଡ଼ିଦେଲା ; ଆମ ଆଳାପ ଆଲୋଚନାକୁ ଭ୍ରୂକ୍ଷେପ ନକରି । ମୁଁ ଭାବି ଚାଲିଲି—ବୌଲଟନ୍‌ଙ୍କ କଥା—ସାହେବ ଦେହ, ଓଡ଼ିଆ ପ୍ରାଣ, ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରେଇବାଲାଗି ସେ ଦୃଢ଼ ପ୍ରତିଜ୍ଞ । ପ୍ରଥମେ ତାଙ୍କର ଦୃଷ୍ଟିରେ ପଡ଼ିଛନ୍ତି ସେ ଧନର ହତଭାଗ୍ୟ, କିନ୍ତୁ ଅକ୍ଷର ପରମ ଭାଗ୍ୟବାନ ଫକୀରମୋହନ ।

---

# 'ମୋ' କାହାଣୀ

## କଟକ

### ୧୯୨୮ ଜୁଲାଇ-୧୯୨୯ ମାର୍ଚ୍ଚ

## ଦେବାନ ବାହାଦୂର, ସୁକିନ୍ଦା-ପଟିଆ



ନୀଳମଣି ସେନାପତି

ମୁଁ କଟକ କଲେକ୍ଟର ରୂପେ ୮ ମାସ ଥିଲି । ଏହାର ଦୁଇ ବର୍ଷ ପୂର୍ବରୁ 'ଦୁଃଖିନୀ କନିକା' ନାମକ ଏକ ବହିରେ କନିକା ଜମିଦାରୀରେ ଅନ୍ୟାୟ ପାଉଣା ଆଦାୟ ସମ୍ପର୍କରେ ବହୁ ଘଟଣାର ବିବରଣୀ ପ୍ରକାଶ ପାଇଥିଲା । କିନ୍ତୁ ମୁଁ କଲେକ୍ଟର ଥିବା ସମୟରେ ଏପରି କୌଣସି ଅଭିଯୋଗ ଶୁଣି ନଥିଲି । ରାଜା ଅବଶ୍ୟ ବହୁ କର ବସାଇଥିଲେ ଏବଂ ସେଥିରୁ କେତେକ ସମର୍ଥନ ଯୋଗ୍ୟ ନଥିଲା । କିନ୍ତୁ ସବୁ ସ୍ଥାନୀୟ ପରମ୍ପରାଗତ ଓ ପ୍ରଚଳିତ ସମ୍ମତ ଥିଲା । 'ଦୁଃଖିନୀ କନିକା' ରାଜନୈତିକ କାରଣରୁ ଲେଖା ଯାଇଥିଲା ଏବଂ ଏହା ସତ୍ତ୍ୱେ ରାଜା ତାଙ୍କ ଜମିଦାରୀରେ ଲୋକପ୍ରିୟ ଥିଲେ । ସେ ତାଙ୍କର ଉପକୂଳବର୍ତ୍ତୀ ଜଙ୍ଗଲ ସଂରକ୍ଷଣ କରି ପାରିଥିଲେ । ଏବେ ପ୍ରଜାମାନେ ସର୍ବତ୍ରରେ ତାହା ନଷ୍ଟ କରି ଦେବାରେ ଲାଗିଛନ୍ତି । ସମୁଦ୍ର ଜୁଆରରୁ ଉପକୂଳ ଭୂମିକୁ ଏହି ଜଙ୍ଗଲ ରକ୍ଷା କରୁଥିଲା ଓ ଗ୍ରାମବାସୀମାନଙ୍କୁ ଘରତୋଳିବା ଓ ଜାଳେଣି ପାଇଁ ପ୍ରଚୁର କାଠ ଯୋଗାଉଥିଲା ।

ନବ ନିଯୁକ୍ତ ସହକାରୀ ମାଜିଷ୍ଟ୍ରେଟ ଶ୍ରୀ ଏମ୍. ଏମ୍. ଫଲ୍‌ପଙ୍କ ପାଖରେ ଏକ ଦର୍ଖାସ୍ତ ଦେଲେ ନବ [illegible] ସୃଷ୍ଟି ହୋଇ-ଥିଲା । ଏହି ଦର୍ଖାସ୍ତକାରୀ ହେଉଛନ୍ତି ଦେୱାନ ବାହାଦୂର ଶ୍ରୀକୃଷ୍ଣ ମହାପାତ୍ର, ଯେ କି ତାଙ୍କର ସ୍ଥାନାନ୍ତର ଦରଖାସ୍ତ ( Transfer petition ) ରେ

Digitized by srujanika@gmail.com

କମିଶନର ପେକଙ୍କ ବିରୁଦ୍ଧରେ ଗୁରୁତର ଅଭିଯୋଗମାନ କରିଥିଲେ । ଜିଲ୍ଲା ମାଜିଷ୍ଟ୍ରେଟ ରୂପେ ଏହି ଛାନାନ୍ତର ଦରଖାସ୍ତର ବିରୋଧ ମୁଁ କରିଥିଲି ।

## ପ୍ରଥମ ଶହୀଦ

ଏହି ସ୍ଥଳରେ ଦେବାନ ବାହାଦୂରଙ୍କ ସମ୍ପର୍କରେ କିଛି କହି ରଖିବା ଆବଶ୍ୟକ । ଦେବାନ ବାହାଦୂର ଉପାଧି ସେ ଭାରତର ଭାଇସରୟଙ୍କଠାରୁ ପାଇଥିଲେ । ୧୯୦୬ ବଙ୍ଗ ଭଙ୍ଗ ପରେ ବଙ୍ଗଳାରେ ଯେଉଁ ବ୍ରିଟିଶ ବିରୋଧୀ ସନ୍ତ୍ରାସବାଦୀ ଆନ୍ଦୋଳନ ଚାଲିଲା, ଶ୍ରୀକୃଷ୍ଣ ମହାପାତ୍ର କନଷ୍ଟେବଲ ରୂପେ ଆରମ୍ଭକରି ପୋଲିସ ଡ଼ି. ଅ.ଇ ଜି ପଦକୁ ଅତଶୀଘ୍ର ଉଠି ପାରିଥିଲେ । ସନ୍ତ୍ରାସବାଦୀ ମାନଙ୍କର ସେ ଆତଙ୍କର କାରଣ ଥିଲେ । ତାଙ୍କର ପୁତ୍ର ସାରଦା ସନ୍ତ୍ରାସବାଦୀ ମାନଙ୍କ ସହିତ ସମ୍ପୃକ୍ତ ଥିବାର ବିଶ୍ୱାସ କରାଯାଉଥିଲା ଓ ତାଙ୍କର ବନ୍ଧୁ ମାନଙ୍କୁ ରକ୍ଷା କରିବା ପାଇଁ ସେ ଆତ୍ମହତ୍ୟା କରିଥିଲେ । ତାଙ୍କ ମୃତ୍ୟୁ ସମ୍ପର୍କରେ ସେତେବେଳେ ଏହି ଚର୍ଚ୍ଚା କରାଗଲା ଯେ ସେ ତାଙ୍କ ପାବତ ମା'ଙ୍କ ଦୁର୍ବ୍ୟବହାର ସହି ପାରିଲେ ନାହିଁ । କିନ୍ତୁ ସାରଦାଙ୍କୁ ଯେଉଁମାନେ ଭଲ ଭାବରେ ଜାଣିଥିଲେ, ତା' ମଧ୍ୟରେ ମୋ' ସ୍ତ୍ରୀ ଥିଲେ ଅନ୍ୟତମ, ସେମାନେ ଏହାକୁ ବିଶ୍ୱାସ କଲେ ନାହିଁ । ସାରଦା ହେଉଛନ୍ତି ଓଡ଼ିଶାର ପ୍ରଥମ ସହୀଦ । ଶ୍ରୀକୃଷ୍ଣ ସନ୍ତ୍ରାସବାଦୀ ମାନଙ୍କ ବିରୁଦ୍ଧରେ ସଫଳତାର ସହିତ ଅଭିଯାନ ଚଳାଇ ବହୁ ଉପାଧି ଓ ପଦୋନ୍ନତି ଲାଭ କରିଥିଲେ । ମୁଁ କଟକରେ ଥିବାବେଳେ ସେ ପୋଲିସ ଚାକିରିରୁ ଅବସର ଗ୍ରହଣ କରି କଟକ ମ୍ୟୁନିସିପାଲିଟିର ଚେୟାରମାନ ଥିଲେ ଓ ସରକାରଙ୍କ ଦୃଷ୍ଟିରୁ ଜଣେ ବିଶିଷ୍ଟ ମାନ୍ୟ ଗଣ୍ୟ ବ୍ୟକ୍ତି (V. I. P.) ଥିଲେ । କଟକ ମ୍ୟୁନିସିପାଲିଟିର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନଥିଲା । କିନ୍ତୁ ଜଳ ଯୋଗାଣ, ଜଳ ନିଷ୍କାସନ ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ୩ ଲକ୍ଷ ଟଙ୍କା ଦାନ ଓ ୩ ଲକ୍ଷ ଟଙ୍କା ଋଣ ଏହା ଗ୍ରହଣ କଲା ନାହିଁ । ସମୁଦାୟ ୬ ଲକ୍ଷ ଟଙ୍କା ଦାନ ସୂତ୍ରରେ ଦିଆଯାଉ ବୋଲି ମ୍ୟୁନିସିପାଲିଟି ପକ୍ଷରୁ ଦାବୀ ହେଲା । ସରକାର ତାହା ଦେଇ ପାରିଲେ ନାହିଁ । କାରଣ ତାହା ଦେଇଥିଲେ ବିହାର ଓଡ଼ିଶାର ଅନ୍ୟାନ୍ୟ ସରକାରମାନଙ୍କ ପାଇଁ ଏହା ଏକ ନଜିର ହୋଇ ରହିଥାନ୍ତା । ୧୯୧୬ ମସିହାରେ ମୁଁ କଟକରେ କଲେକ୍ଟର ଥିଲେ ଶ୍ରୀକୃଷ୍ଣ ମହାପାତ୍ରଙ୍କ ଉପରେ ଚାପ ପକାଇଥାନ୍ତି ଯେ, ସେ ଏହି ଯୋଜନାକୁ ଗ୍ରହଣ କରନ୍ତୁ । ୧୯୨୭ ମସିହାରେ ଯାହା ହୋଇ ପାରିଲା ନାହିଁ, ୧୯୨୮ରେ ମଧ୍ୟ ତାହା ହୋଇ ନାହିଁ । ଏ ଭିତରେ ସେ ଟଙ୍କାର କୋଡ଼ିଏ ଗୁଣ ଖର୍ଚ୍ଚ ହୋଇ ଗଲାଣି । ମୁଁ କଟକର କଲେକ୍ଟର ହେବା ବେଳକୁ ଘୋର ଆର୍ଥିକ ବିପର୍ଯ୍ୟସ୍ତ ସମସ୍ୟା ଉପସ୍ଥିତ । ଏହି ୬ ଲକ୍ଷ ଟଙ୍କା ଯୋଜନାକୁ ଆଉ ଥରେ ଉପସ୍ଥାପିତ କରିବା ସରକାରଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ ।

Digitized by srujanika@gmail.com

## ଦୀପାବଳି

ଆମେ ନଭେମ୍ବର ମାସରେ କାଠଯୋଡ଼ୀ ନଦୀ ବାଲିରେ ବାଣ ଫୁଟାଇ ଦୀପାବଳୀ ଉତ୍ସବ ପାଳନ କଲୁ । ଲାଲବାଗ ତଳକୁ କାଠଯୋଡ଼ୀ ସ୍ରୋତରେ ଏହାର ପ୍ରତିବିମ୍ବ ବେଶ୍ ଉପଭୋଗ୍ୟ ହୋଇଥିଲା । ଏହି ବାଣ ମଉଜର ଫଟୋ ମୟୂରଭଞ୍ଜର ଜନ ନାମକ ଜଣେ ଯୁବକ ଉଠାଇଥିଲେ । ଏହି ଯୁବକ ୧୯୦୭ ମସିହାରେ ବାରିପଦାକୁ ପ୍ରଥମ ମଟର ସାଇକଲ ଆଣିଥିଲେ ଓ ମୋତେ ସେଥିରେ ବୁଲାଇଥିଲେ । ଦୀପାଳି ଉତ୍ସବକୁ କନଭେଣ୍ଟ ସ୍କୁଲର ଶିକ୍ଷକ, ଛାତ୍ର ଛାତ୍ରୀ ମାନଙ୍କୁ ନିମନ୍ତ୍ରଣ କରା ଯାଇଥିଲା । କାରଣ ମୋ’ ପୁଅ ବାବିଲ ସେତେବେଳେ ଏହି ସ୍କୁଲରେ ପଢୁଥିଲା ।

କଟକ ତା’ର ବାଣ ପାଇଁ ପ୍ରସିଦ୍ଧ ଥିଲା । କଟକର କନିକା ରାଜବାଟୀରେ ଅନୁଷ୍ଠିତ ଉଦ୍ୟାନ ଭୋଜି ମାନଙ୍କରେ ଏହି ବାଣମଉଜ ଦୃଶ୍ୟ ଦେଖିବାର କଥା । ଭାରତ ବା ଇଂଲଣ୍ଡର ଅନ୍ୟ କୌଣସି ସ୍ଥାନରେ ଏପରି ଦୃଶ୍ୟ ମୁଁ ଦେଖିନାହିଁ । ଦୀପାଳି ରାତିରେ ଲାଲବାଗରେ ଯେଉଁ ବାଣମଉଜ ହେଲା, ତାହା ଦୁଇଜଣଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ଭାବରେ ହୋଇଥିଲା । ସେମାନେ କେବଳ ପ୍ରଶଂସାପତ୍ର ଚାହୁଁଥିଲେ । ମୁଁ ତାଙ୍କୁ ଟଙ୍କା ଦେବା ପାଇଁ ବାଧ୍ୟ କଲି । ଅବଶ୍ୟ ତାଙ୍କର ନିର୍ଦ୍ଧିତ ପ୍ରାପ୍ୟ ପ୍ରଶଂସାପତ୍ର ମଧ୍ୟ ଦିଆଗଲା ।

## ରାଜାଙ୍କ ପରିଚୟ ପତ୍ର

ସୁକିନ୍ଦା କଟକ ଜିଲ୍ଲାର ଏକ ପ୍ରଧାନ ସୀମାନ୍ତବର୍ତ୍ତୀ ଜମିଦାରୀ ଥିଲା । ଏକ ପ୍ରାଚୀନ ସମ୍ଭ୍ରାନ୍ତ ବଂଶ ପ୍ରତି ପୌତ୍ରାଦିକ୍ରମେ ଉତ୍ତରାଧିକାର ସୂତ୍ରେ ଏହା ଭୋଗ କରୁଥିଲେ ।

ମୁଁ ସୁକିନ୍ଦା ପରିଦର୍ଶନ କଲାବେଳେ, ରାଜା ମୋ ସହିତ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ତାଙ୍କର ସାକ୍ଷାତ ପରିଚୟ ପତ୍ର (Visiting Card) ହେଲା, ଗୋଟିଏ ବୋଝ ଖାଦ୍ୟ ଜିନିଷ—ଏହା ଭିତରେ ଥିଲା ଦୁଇ ବୋତଲ ସ୍କଚ ହୁଇସ୍କି, ଦୁଇ ବୋଝ ଫଳ ଓ ପନି, ପରିବା ଓ ମୋ’ ସହିତ ଯେଉଁମାନେ ଯାଇଥିଲେ, ସେମାନଙ୍କର ଖାଦ୍ୟ ଦ୍ରବ୍ୟ । ବୋଝ ଭିତରେ ନ ଥିବା ଏହି ଡାଲିର ଅନ୍ୟ ଏକ ଅଂଶ ଥିଲା— ମେଁ ମେଁ ବୋବାଉଥିବା ଗୋଟାଏ ଛେଳି ଓ ଟେଁ ଟେଁ କରୁଥିବା କେତେ ଯୋଡ଼ିଏ କୁକୁଡ଼ା । ଏମାନେ ଡାଲିର ଶୋଭାଯାତ୍ରା ପାଇଁ ବେଶ୍ ସଙ୍ଗୀତ ଯୋଗାଉ ଥିଲେ । ଏହାପରେ ଯୋଡ଼ିଏ ଜିନିଷ ସହ ରାଜା ଏକ ସୁସଜ୍ଜିତ ହାତୀର ପିଠରେ ବସି ଚହ୍ଲିଲେ ଓ ପରିଦର୍ଶନ ବଙ୍ଗଳାର ଦ୍ୱାର ଦେଶରେ ଓହ୍ଲାଇ ଯାଇ ଟାହାଚ ଚାଲି ମୁଁ ରହିଥିବା ଘର ଆଡ଼କୁ ମୁହାଁଇଲେ । ତାଙ୍କ ପଛେ ପଛେ ଏ ସବୁ ବୋଝ ଧରି ଭୃତ୍ୟମାନେ ଚାଲିଥାନ୍ତି । ଏପରି ଢଙ୍ଗରେ ଶିଷ୍ଟାଚାର ପ୍ରଦର୍ଶନରେ ମୁଁ ରାଗି ଯାଇଥିଲି ; କିନ୍ତୁ ବାହାରକୁ ବାହାରି ଆସି ତାଙ୍କୁ ଭେଟିଲି ଓ ବୈଠକ ଗୃହରେ ଆଣି ବସାଇଲି । ମୋର ମନ୍ତବ୍ୟ ତାଙ୍କ ପକ୍ଷରେ ଆଦୌ ସୁଖକର ହୋଇ ନଥିବ । ମୁଁ କହିଲି ତାଙ୍କର ଏପରି ଡାଲି ଭେଟି ଦେବାରେ ମୁଁ ଆଦୌ ସୁଖୀ ନୁହେ ; ଏହାକୁ ଗ୍ରହଣ

Digitized by srujanika@gmail.com

ନକଲେ ପ୍ରଜାମାନଙ୍କ ନିକଟରେ ତାଙ୍କର ସମ୍ମାନ ହାନି ହେବ । ତେଣୁ ମୁଁ ଗ୍ରହଣ କରିବାକୁ ବାଧ୍ୟ ହେଉଛି । ଭବିଷ୍ୟତ୍‌ରେ ଅନ୍ୟ କୌଣସି କର୍ମଚାରୀଙ୍କୁ ସେ ଏପରି ଭେଟି ଦେବେ ନାହିଁ ବୋଲି ମୁଁ ଆଶାକରେ । ମୁଁ ସପରିବାର ସୁକିନ୍ଦା ଯାଇଥିଲି । ମୋ' ସ୍ତ୍ରୀ ରାଣୀଙ୍କ ସହିତ ଯାଇ ସାକ୍ଷାତ୍ କଲେ । ସୁକିନ୍ଦା ଜମିଦାରୀର ଅଧିକାଂଶ ଅଞ୍ଚଳ ପାର୍ବତ୍ୟ ଓ ଜଙ୍ଗଲ ପୂର୍ଣ୍ଣ । ପ୍ରଜାମାନଙ୍କ ମଧ୍ୟରେ ନିକଟବର୍ତ୍ତୀ କେନ୍ଦୁଝର ରାଜ୍ୟରୁ ଉଠି ଆସିଥିବା ବହୁ ସଂଖ୍ୟକ ସାନ୍ତାଳ ଥିଲେ । ଅମର ମନୋରଞ୍ଜନ ପାଇଁ ରାଜା ଏକ ସାନ୍ତାଳ ନୃତ୍ୟ ପରିବେଷଣ କରାଇ ଥିଲେ ।

ବର୍ତ୍ତମାନ ଭାରତବର୍ଷର ସବୁ ଜମିଦାରୀ ସହିତ ସୁକିନ୍ଦା ଜମିଦାରୀ ମଧ୍ୟ ଉଠିଗଲାଣି । ରାଜା ତାଙ୍କର ପୂର୍ବର କ୍ଷମତା ହରାଇଛନ୍ତି । କିନ୍ତୁ ରାଣୀ ଏବେ ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ବ୍ୟବସ୍ଥା ସଭାର ସଭ୍ୟ ଭାବରେ ନିର୍ବାଚିତ ହୋଇଛନ୍ତି । ସେଥିରୁ ଜଣା ଯାଉଛି ଯେ ତାଙ୍କ ସ୍ୱାମୀଙ୍କର ପୂର୍ବରୁ ଯେଉଁ ପ୍ରଭାବ ଥିଲା, ତାଙ୍କର ସେ ଅଞ୍ଚଳରେ ସେହିପରି ପ୍ରଭାବ ଅଛି ।

ସୁକିନ୍ଦା ନିକେଲ୍ ଓ କ୍ରୋମାଇଟ୍ ପାଇଁ ପ୍ରସିଦ୍ଧ ହେବ ବୋଲି ୧୯୨୮ ମସିହାରେ କେହି କଳ୍ପନା କରି ନଥିଲେ । ସେତେବେଳେ ବାଘ ଓ ହାତୀଙ୍କ ପାଇଁ ଏହାର ପ୍ରସିଦ୍ଧି ଥିଲା । ଏହା ଛଡ଼ା ଦମ୍‌ଖାଲ ପ୍ରବାହିତ ହେଉଥିବା ଏକ ଭୟଙ୍କର ଉପତ୍ୟକା ( Death Valley ) ପାଇଁ ଏହା ପ୍ରସିଦ୍ଧ ଥିଲା । ଏପରିକି ବାଘ ମାରିବା ପାଇଁ ମଧ୍ୟ ଏହି ଉପତ୍ୟକାକୁ ନ ଯିବା ପାଇଁ ମୋତେ ସତର୍କ କରି ଦିଆଯାଇ ଥିଲା ।

## କଟକର କାରିଗରୀ

କଟକର ପ୍ରତି ବୈଠକ ଖାନାରେ କଳା କାଠ ଓ ବେତର ଚୌକି ବ୍ୟବହାର କରାଯାଉଥିଲା । ଏ ଚୌକିର ବିଶେଷତ୍ୱ ହେଉଛି, ଏହାର ପିଠପଟକୁ ଯେପରି ଭାବରେ ଆଉଜିବାକୁ ସୁବିଧା ସେପରି ରଖା ଯାଇ ପାରିବ । ଏପରି ଚୌକି ମୁଁ ଇଂଲଣ୍ଡରେ, ଦିଲ୍ଲୀରେ ଓ ବିହାର ଏବଂ ଓଡ଼ିଶାର ବହୁ ସହରରେ ଦେଖିଛି । ଯେଉଁ ସବୁ ସହରରେ ମୁଁ ଏହା ଦେଖିଛି, ସେ ପରିବାରରେ କେହି ଜଣେ ବିଂଶ ଶତାବ୍ଦୀର ପ୍ରଥମ ତିରିଶ ବର୍ଷ ମଧ୍ୟରେ କଟକରେ ଥିଲେ ବୋଲି ପ୍ରମାଣିତ ହେଉଛି । ଦ୍ୱିତୀୟ ମହାଯୁଦ୍ଧପରେ ଏ ଚୌକି ତିଆରି କରୁଥିବା ବଢ଼େଇଙ୍କୁ ଆଉ ଦେଖିବାକୁ ମିଳୁ ନାହିଁ । ବୋଧହୁଏ ବାପା ମରିଯିବାପରେ ପୁଅ ଏ ପୈତୃକ ବ୍ୟବସାୟକୁ ଛାଡ଼ି ଦେଇଛି । ଯେଉଁ ସବୁ କଟକ ସହରବାସୀ ଏପରି ଚୌକି ପୂର୍ବରୁ ବରାଦ ଦେଇଛନ୍ତି, ଚୌକି ପାଇଁ ସେମାନଙ୍କର ମାସ ମାସ ଧରି ଅପେକ୍ଷା କରିବାର ଅଭିଜ୍ଞତା ଅଛି । ତିନି ଜଣ ଲୋକ ଏ ଚୌକି ତିଆରି କରୁଥିଲେ । ସେମାନେ ଅର୍ଡ଼ର ନେବା ସଙ୍ଗେ ସଙ୍ଗେ କିଛି ଟଙ୍କା ଆଗତୁରା ମଧ୍ୟ ନେଉଥିଲେ ।

Digitized by srujanika@gmail.com

କିନ୍ତୁ ଚୌକ କେବେ କରି ଦେବାକୁ ହେବ, ସେ ସମସ୍ୟାଟା ସେମାନେ ଠଉରାଣା କରୁଥିଲେ। ବର୍ତ୍ତମାନ ଦ୍ରୁତ ଗତିରେ ଚାଲିଥିବା ବ୍ୟବସାୟ-ଯୁଗରେ ଏପରି ଶିଳ୍ପ କେବେ ହେଲେ ଜୀବିକା ଅର୍ଜନରେ ସାହାଯ୍ୟ କରିବ ନାହିଁ। ଭାରତର ରାଷ୍ଟ୍ରପତି ଗୋଟିଏ ଶ୍ରେଷ୍ଠ ପଥର ମନ୍ଦିର ପାଇଁ ଅର୍ଡ଼ର ଦେଇଥିଲେ ଓ ଏଥିପାଇଁ ୧୨୦୦ ଟଙ୍କା ଦେବା ନିମନ୍ତେ ପ୍ରସ୍ତୁତ ଥିଲେ। କିନ୍ତୁ ୧୮ ମାସ ଚାଲିଗଲା ଓ ମନ୍ଦିର ହୋଇ ପାରିଲା ନାହିଁ। ସେ ତାଙ୍କର ଅର୍ଡ଼ର ପ୍ରତ୍ୟାହାର କରିନେଲେ। ଶିଳ୍ପୀ ହୁଏତ ଏ ମନ୍ଦିର ତିଆରି କରିବାରେ ଲାଗିଥିବେ। କିନ୍ତୁ ତାଙ୍କ ଅର୍ଡ଼ର ଚାଲିଗଲା। ବୋଧହୁଏ ଏତେଟଙ୍କା ଦେଇ କେହି ସେ ମନ୍ଦିର କିଣି ପାରୁ ନଥିବା ଯୋଗୁଁ ତାଙ୍କ ପାଖରେ ଏ ପର୍ଯ୍ୟନ୍ତ ତାହା ତିଆରି ହୋଇ ରହିଥିବ।

## ତାରକସୀ

କଟକ ସହରର ତାର ରୁପା ତାରକସି କାମ ପାଇଁ ପ୍ରସିଦ୍ଧ। ମୋ' ସମସ୍ତରେ ଯେ କୌଣସି ଅଳଙ୍କାର ଦୋକାନକୁ ପଶି ଯାଇ ପାଞ୍ଚଟଙ୍କା ମୂଲ୍ୟର ଏକ ଜନ୍ମଦିନ ଉପହାର କିଣି ଆଣିବା କିମ୍ବା ବିବାହର ଉପହାର ପାଇଁ ୧୫ ଟଙ୍କା ମୂଲ୍ୟର ଏକ ସୁନ୍ଦର ଉପହାର କିଣି ଆଣିବା ସ୍ୱାଭାବିକ ଥିଲା। ପୃଥିବୀର ଯେ କୌଣସି ସ୍ଥାନରେ ଯଦି ଏକ ସୁନ୍ଦର ରୁପା ତାରକସି କାମ ଦେଖିବାକୁ ମିଳେ, ତା' ହେଲେ ତାହା କଟକରୁ ଆସିଛି ବୋଲି ଧରି ନିଆଯାଇ ପାରେ। ଇଟାଲି ଓ ଇଜିପ୍ଟ ରୁପା ତାରକସି କରନ୍ତି। କିନ୍ତୁ ତାହା କଟକ ପରି ନୁହେଁ। ତୁମେ ଯଦି ବିଳାତର କୌଣସି ବୈଠକ ଖାନାରେ କିମ୍ବା ଏବେ ନ୍ୟୁୟର୍କର ବୈଠକ ଖାନାରେ ରୁପା ତାରକସି ବ୍ୟାଗ୍ ଧରିଥିବା କୌଣସି ମହିଳାଙ୍କୁ ଦେଖ, ତା' ହେଲେ ତୁମେ ନିଶ୍ଚିତ ହୋଇପାର ଯେ ସେ ମହିଳା କେବେ କଟକ ଯାଇଛନ୍ତି କିମ୍ବା ତାଙ୍କର ଜଣା ଶୁଣା କେହି ଭଦ୍ରବ୍ୟକ୍ତି କେବେ କଟକ ଯାଇଥିବା ବେଳେ ତାଙ୍କ ପାଇଁ ଏହା ଆଣି ଦେଇଛନ୍ତି। ଓଡ଼ିଶାର ମହାନ ନେତା ମଧୁସୂଦନ ଦାସ ତାଙ୍କ ଘରେ ଏକ ବଡ଼ ସୋ' କେସ୍‌ରେ କଟକର ବିଭିନ୍ନ ତାରକସି ଜିନିଷ ସଜାଇ ରଖିଥିଲେ। ସେ ଏହାର ଜଣେ ପ୍ରଧାନ ପ୍ରେମୀ ଓ ପୃଷ୍ଠପୋଷକ ଥିଲେ, କିନ୍ତୁ ଇଂରେଜଙ୍କ ପରି ତାଙ୍କର ଦୋକାନଦାରି ବୁଦ୍ଧି ନଥିଲା। ତେଣୁ ସେ ଏହାକୁ ବିକ୍ରୟ କରି ପଇସା କରି ନଥିଲେ।

କଟକ ମଧ୍ୟ ତାର ସିଙ୍ଘ କାମ ପାଇଁ ପ୍ରସିଦ୍ଧ ଥିଲା। ରେଲଷ୍ଟେସନରେ ପ୍ରତିଗାଡ଼ି ଆସିବା ବେଳେ କଟକର ସିଙ୍ଘ କାମ ଚାଲି ବିକାଳିମାନେ ପାଟି କରି ଡାକୁଥିବାର ଶୁଣା ଯାଉଥିଲା। ଗାଡ଼ି ରହିବା ବେଳେ ଶୁଭୁଥିଲା, "ସିଙ୍ଘ ବାଡ଼ି ନେବ, ସିଙ୍ଘ ବାଡ଼ି।" ଏବେ କେତୋଟି ଶ୍ରେଷ୍ଠ ଶ୍ରେଷ୍ଠ ଦୋକାନରେ ସିଙ୍ଘକାମ ମିଳୁଛି। କିନ୍ତୁ ରେଲଷ୍ଟେସନରେ ଆଉ ବିକ୍ରୀ ହେଉନାହିଁ। ଏହି ସବୁ ସିଙ୍ଘକାମ ମଧ୍ୟରେ ଥିଲା ସୁନ୍ଦର ସୁନ୍ଦର ଚାଲିଦିବା

Digitized by srujanika@gmail.com

ନାଡ଼ି । ପଶ୍ୱ, ପକ୍ଷୀ, ପାନିଆ, କଲମଦାନୀ ସିଗାରେଟ ଭ଼ବା, ଧୂଆଁ ଖିଆ ପାଇପ୍ ଏବଂ ପିଠି କୁଣ୍ଡେଇ ହେବାପାଇଁ ଲମ୍ବା ଲମ୍ବା ବାଡ଼ି । କଟକ ଗୋଟିଏ ସହର ଯେଉଁଠି ତୁମେ ନଜେ ତୁମର ପିଠି କୁଣ୍ଡେଇ ହୋଇ ପାରବ । ଏଠି "ତୁ ମୋ' ପିଠି କୁଣ୍ଡେଇ ଦେଲେ ମୁଁ ତୋ'ର କୁଣ୍ଡେଇ ଦେବ" କଥା ଉଠେ ନାହିଁ । ଏବେ ପାରଲା ଖେମଣ୍ଡିରେ ମଧ୍ୟ ସିଙ୍ଘ ଜନକ ତଆର ହେଉଚ ଓ ସମବାୟ ସଂସ୍ଥାମାନ ତାହା ବକ୍ରୀ କରୁଛନ୍ତ ।

## ସାପୁଆ କେଳା

କଟକଠାରୁ ନାକସିଧା ରାସ୍ତାରେ ପଟିଆ ହେଉଚ ସାତମାଇଲ । କନ୍ତୁ କଟକ ଠାରୁ ସେଠାକୁ କୌଣସି ସିଧା ରାସ୍ତା ନାହିଁ । ଆମ୍ବତୋଟା ମାନଙ୍କ ମଧ୍ୟରେ ଏହ ଗ୍ରାମଟି ଏକ ସନ୍ତ ସନ୍ତଆ ଭୂମିର ତଟ ଦେଶରେ ଅବସ୍ଥିତ । ବର୍ଷା ଋତୁରେ ଏହା ଜଲାର୍ଣ୍ଣବ ହୋଇଯାଏ । ଗ୍ରାମର ଗୋଟିଏ ପାଖରେ ସାପୁଆ କେଲାମାନେ ରହନ୍ତ । ସେମାନେ ପୁରୁଷ ପୁରୁଷ ଧର ସେଠାରେ ରହୁଛନ୍ତ । ୧୯୬୮ ଅକ୍ଟୋବର ମାସରେ ମୁଁ ପଟିଆ ଯାଇଥିଲ । କେଲାମାନେ ଖେଳ ଦେଖାଇବା ପାଇଁ ତାଙ୍କର ପେଡ଼ି ସବୁ ଧର ମୋତେ ଘେର ବସିଲେ । ସେମାନେ ତାଙ୍କର ନାଗେଶ୍ୱର ବଜାଇବା ସଂଗେ ସଂଗେ ସାପ ମାନେ ପେଡ଼ିରୁ ବାହାର ଆସିଲେ । ମୁଁ ଦେଖିଲ ମୋ' ଚାର ପାଖରେ ପ୍ରାୟ ୧୦।୧୨ ସାପ । ଫଣା ଟେକ ଠିଆ ହୋଇ ବାଣର ସଙ୍ଗୀତରେ ସେମାନେ ଦୋହଲବାରେ ଲାଗିଛନ୍ତ । କଛ ସମୟ ପରେ କ୍ଲାନ୍ତ ହୋଇ ପଡ଼ି କମ୍ବା ବରକ୍ତ ହୋଇ ଯାଇ କେତୋଟି ସାପ ଶୋଇ ଗଲେ କମ୍ବା କେହ କେହ ମୋ' ଆଡ଼କୁ ମୁହାଁଇଲେ । କେଲା ତାଙ୍କୁ ଟାଣି ନେଇ ତାର ଆଦେଶ ମାନବାକୁ କହୁଥାଏ । ମୁଁ ଗୋଟାଏ ମୋଟା ସାପ ପଣ ପ୍ରାୟ ୧୦।୧୨ ନାଗେଶ୍ୱରର ସଙ୍ଗୀତରେ ମୁଗ୍ଧ ଭାବରେ ଠିଆ ହୋଇ ଥାଏ ଓ ମୋ' ସାପର ପରବାର ମୋ' ଚାର ପାଖରେ ଖେଳୁଥାନ୍ତ । ଏହ ଖେଲ କେତେ ମିନଟ ଧର ଚାଲଲ । ମୁଁ ସେମାନଙ୍କୁ ପୁରସ୍କାର ଯାଚଲ । ସେମାନେ ଗ୍ରହଣ କଲେ ନାହିଁ । ପ୍ରଶଂସାପତ୍ର ମାଗିଲେ । ମୁଁ ତାହା ପଛରେ ପଠାଇଦେଲ ।

ସାପୁଆ କେଲାମାନେ ଗୋଟିଏ ଶ୍ରେଣୀର ଯାଯାବର ଜାତ । ସେମାନେ ପଟିଆରେ ଗୃହ ବାସ କର ରହଗଲେଣି । ଧାନ ଅମଲପରେ ସେମାନେ ପୂର୍ବ ଭାରତରେ ଆସାମର କାମାକ୍ଷା ପର୍ଯ୍ୟନ୍ତ ଉତ୍ତର ଭାରତରେ ଏଲହାବାଦ ପର୍ଯ୍ୟନ୍ତ ଓ ଦକ୍ଷିଣରେ ମାନ୍ଦ୍ରାଜ ପର୍ଯ୍ୟନ୍ତ ଖେଲ ଦେଖାଇବା ପାଇଁ ଯା'ନ୍ତ । ସେମାନେ ରେଲଗାଡ଼ିରେ ବନା ଟିକଟରେ ଯାନ୍ତ ଓ ସାପ ଖେଲ ଦେଖାଇ ରେଲବାଇ କର୍ମଚାରୀଙ୍କୁ ଖୁସି କର ଦଅନ୍ତ । ସେମାନେ ଜୁନ ମାସରେ ପଟିଆକୁ ଫେର ଆସନ୍ତ । ଆସିବା ବେଲେ କଛ ନୂଆସାପ ମଧ୍ୟ ଧର ଥାନ୍ତ । ନାଗେଶ୍ୱରର ସଙ୍ଗୀତ ଶୁଣିଲେ ସାପମାନେ ଗାତରୁ ବାହାର ଆସନ୍ତ । ସାପକୁ ଧରବାପାଇଁ ବା ମାରବା ପାଇଁ ଏହା ହେଉଚ ଗୋଟାଏ ବାଟ ।

---

Digitized by srujanika@gmail.com

# କୃଷ୍ଣାବତାର

କେ. ଏମ୍. ମୁନ୍‌ସୀ

ଅନୁବାଦ:—ଜୟନ୍ତୀ ପଟ୍ଟନାୟକ

## ଅଷ୍ଟମ ଗର୍ଭ

ବ୍ରଜବାସୀ ସମସ୍ତେ ଅଶାନ୍ତ ; ପ୍ରତ୍ୟେକଙ୍କ ମନରେ ଅଧୀରତା, ହୃଦୟରେ ଆନ୍ଦୋଳନ ; ଶତ୍ରୁମାନଙ୍କର ମୁଖ୍ୟ ବସୁଦେବଙ୍କର ପତ୍ନୀ ଦେବକୀଙ୍କର ଅଷ୍ଟମ ସନ୍ତାନର ଜନ୍ମ ହେବ ।

ସେହି ଅଭିପ୍ସିତ ଦିନ ଯେତିକି ନିକଟ ହେଉଥାଏ, ଫୁଟି ଅସୁଥିବା ବସନ୍ତ ଋତୁର ଫୁଲ ପରି ଦେବକୀଙ୍କ ଶରୀରରେ ଲାବଣ୍ୟ ଝଲକି ଉଠୁଥାଏ ଏବଂ ତାଙ୍କର ଶରୀର ଓ ମନରେ ଏକ ଅପୂର୍ବ ଆନନ୍ଦ ପ୍ରକାଶ ପାଉଥାଏ । ତାଙ୍କର ଚକ୍ଷୁରେ ଭକ୍ତିର ଦୀପ୍ତି, କାରଣ ସ୍ୱପ୍ନରେ ହେଉ ବା ଜାଗରଣରେ ହେଉ ସେ ମହାପ୍ରଭୁଙ୍କୁ ଦେଖି ପାରୁଥାଆନ୍ତି ।

ଯେତେବେଳେ ସମୟ ଆସିଲା, ସେ ଅତ୍ୟନ୍ତ ବ୍ୟଗ୍ର ହୋଇ ପଡ଼ିଲେ । ତାଙ୍କ ପରି ଦୁର୍ବଳ, ଅସହାୟା, ଦୁର୍ଭାଗା ନାରୀର ଗର୍ଭରୁ ଯେ ମହାପ୍ରଭୁଙ୍କର ଜନ୍ମ ହେବ, ତାହା ସେ ବିଶ୍ୱାସ କରି ପାରୁ ନ ଥିଲେ । ସତେ କ'ଣ କଂସର କବଳରୁ ସେ ମାନବ ମାନଙ୍କୁ ମୁକ୍ତ ଦେବେ ? ନା, ଏହି ସନ୍ତାନଟି ମଧ୍ୟ କଂସ ହାତରେ ତାର ଅନ୍ୟ ଭାଇମାନଙ୍କ ଦଶା ଭୋଗ କରିବ ?

ଯେତେ ସନ୍ଦେହ ହେଉଥିଲେ ମଧ୍ୟ, ଦେବକୀଙ୍କର ମନର ବିଶ୍ୱାସ ଅତୁଟ ଥିଲା । ସେ ଜାଣିଥିଲେ, ଦେବର୍ଷି ନାରଦ ଓ ମୁନି ଦେବ୍ୟାସଙ୍କର ଭବିଷ୍ୟତବାଣୀ ଅନ୍ୟଥା ହୋଇ ନ ପାରେ ।

ଦେବକୀଙ୍କର ସନ୍ତାନ ଜନ୍ମ କାଳ ନିକଟ ହେବା ସଙ୍ଗେ ସଙ୍ଗେ କଂସ ପକ୍ଷରୁ ସବୁ ପ୍ରକାର ସତର୍କତା ଦେଖାଗଲା । ଦେବକୀ ଓ ବସୁଦେବ ଯେଉଁ ପ୍ରାସାଦରେ ବନ୍ଦୀ ଥିଲେ, ସେଥିରୁ ସବୁ ଭୃତ୍ୟ ଓ ପରିଚର ବର୍ଗଙ୍କୁ କାଢ଼ି ନିଆଗଲା । ପୂର୍ବରୁ ଜଣେ

Digitized by srujanika@gmail.com

ଜଣେ ଧାଇ ରହୁଥିଲେ । ବର୍ତ୍ତମାନ ଧାଇଟିଏ ମଧ୍ୟ ରହିଲ ନାହିଁ । ଏମାନଙ୍କ ପରିବର୍ତ୍ତେ ଥିଲ ପୁତନା । ପୁତନା ତାର ଜଣେ ବିଶ୍ୱସ୍ତ ସମ୍ପର୍କୀୟ ଭଗିନୀ ଓ ତାର ଦେହରକ୍ଷୀ ମାନଙ୍କର ମୁଖ୍ୟ ପ୍ରଦ୍ୟୋତର ସ୍ତ୍ରୀ । ଦେବକୀ କିନ୍ତୁ ପୁତନାକୁ ଏପରି ଘୃଣା କରୁଥିଲେ ଯେ, ସେ ତାକୁ ତାଙ୍କ ପାଖକୁ ଆସିବାକୁ ଦେଲେ ନାହିଁ ।

ବସୁଦେବ ସବୁବେଳେ ଦେବକୀଙ୍କ ପାଖେ ପାଖେ ଥିଲେ, ଯେପରିକି ଦେବକୀଙ୍କ ପାଖରେ କେହି ନାହାନ୍ତି ବୋଲି ସେ ଭାବନ୍ତି ନାହିଁ । ତାଙ୍କର ଏହି ସୁନ୍ଦରୀ କ୍ଷୀଣକାୟା ସ୍ତ୍ରୀଙ୍କ ପ୍ରତି ଅତିଶୟ ଅନୁରକ୍ତ ଥିଲେ ଓ ତାଙ୍କର ସମସ୍ତ କଥା ଟିକି ନଖି ବୁଝୁଥିଲେ । ତାଙ୍କର ପ୍ରାର୍ଥନାରେ ସେ ଯୋଗ ଦେଉଥିଲେ ଓ ମନରେ କୌଣସି ଦୁଃଖ ହେଲେ, ତାଙ୍କୁ ଖୁସି କରାଇବା ପାଇଁ ଚେଷ୍ଟା କରୁଥିଲେ । ପ୍ରତିଦିନ ସନ୍ଧ୍ୟାରେ ପ୍ରାସାଦର ବାରଣ୍ଡାରେ ସେ ଶୋଇ ରହି ଯମୁନାର ଜଳକୁ ଲକ୍ଷ୍ୟ କରୁଥିବା ବେଳେ ସେ ତାଙ୍କ ପାଖରେ ବସି ପ୍ରାଚୀନ କାଳର ବୀରମାନଙ୍କର ଗାଥା କୀର୍ତ୍ତନ କରୁଥିଲେ ।



........ପ୍ରଭୁ ତାଙ୍କର ସମସ୍ତ ଐଶ୍ୱର୍ଯ୍ୟ ନେଇ ଠିଆ ହୋଇଛନ୍ତି ।

Digitized by srujanika@gmail.com

ଉଭୟ ମହାପ୍ରଭୁଙ୍କର କଥା ଓ ତାଙ୍କର ଅପାର କରୁଣାର ବିଷୟ ଆଲୋଚନା କରି ପୁନଃ ପୁନ ଅଧିକ ଶକ୍ତି ଓ ବିଶ୍ୱାସ ଅର୍ଜନ କରୁଥିଲେ । ବେଳେ ବେଳେ ସେମାନଙ୍କର ମନେ ହୁଏ, ସେପରିକି ପ୍ରଭୁ ପାଖରେ ଠିଆ ହୋଇ ହାତ ଉଠାଇ ଆଶୀର୍ବାଦ କରୁଛନ୍ତି ।

ଖାଲି ମଥୁରାବାସୀ ନୁହନ୍ତି, ବ୍ରଜଭୂମିର ପ୍ରତ୍ୟେକ ଗ୍ରାମ ଓ ଆଶ୍ରମର ଲୋକେ ଆଶାନ୍ୱିତ ହୋଇ ରହିଥାନ୍ତି । ଏହି ନ ବର୍ଷ କାଳ ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତି ପ୍ରାର୍ଥନା କରୁଥିଲେ, କଂସର ରାଜତ୍ୱରେ ଯେଉଁ ଅଧର୍ମ ବ୍ୟାପିଗଲା, ଶୀଘ୍ର କିପରି ତାର ବିନାଶ ହେବ । ଯେତେବେଳେ ଦେବକୀଙ୍କର ପ୍ରତ୍ୟେକଟି ସନ୍ତାନକୁ କଂସ ହତ୍ୟା କରୁଥିଲା, ଲୋକେ ଦିନ ଗଣୁଥିଲେ ଅଷ୍ଟମ ଗର୍ଭର ସନ୍ତାନ କେବେ ଜନ୍ମହେବ । ଏବେ ସେହି ବହୁ ଅପେକ୍ଷିତ ସମୟ ଆସି ଯାଉଛି । ସେମାନେ ସଂକଳ୍ପ କଲେ, ଦୁଷ୍ଟ ଶନି ଗ୍ରହମାନଙ୍କୁ ସନ୍ତୁଷ୍ଟ କରି ଦେବତାମାନଙ୍କୁ ପୂଜା କରି ପ୍ରାର୍ଥନା କରିବେ, ସେମାନେ ଶୀଘ୍ର ମୁକ୍ତିଦାତାଙ୍କୁ ପଠାନ୍ତୁ । ଯମୁନାର ଉଭୟ ପାର୍ଶ୍ୱରେ ଯେଉଁ ସବୁ ଆଶ୍ରମମାନ ଗଢ଼ି ଉଠିଥିଲା, ସେଠାରେ ଥିବା ମୁନି ଋଷିମାନେ ଭଗବାନଙ୍କ ଅବତାର ପାଇଁ ପ୍ରାର୍ଥନା କରି ହୋମ ଓ ଯଜ୍ଞ କରିବାକୁ ଲାଗିଲେ; ବ୍ରାହ୍ମଣମାନେ ସେମାନଙ୍କ ଗୃହରେ ଏପରି ପୂଜା ବା ହୋମ କରୁ ନ ଥିଲେ, ଯେଉଁଥିରେ କି ମୁକ୍ତିଦାତାଙ୍କୁ ପଠାଇବାର ପ୍ରାର୍ଥନା ନାହିଁ । ଏଥର ମଧ୍ୟ କଂସର ମନକୁ ଏକ ଅଜଣା ଭୟ ଗ୍ରାସ କରୁଥାଏ । ବାରମ୍ବାର ସେ ତାର ଶତ୍ରୁମାନଙ୍କୁ ପଦଦଳିତ କରୁଥିଲା । ଯାଦବମାନେ ଗୋଟିଏ କାରଣ ହିସାବରେ ତାର କଥାକୁ ଗ୍ରହଣ କରୁ ନ ଥିଲେ । ବହୁ ଯାଦବମୁଖ୍ୟ ବ୍ରଜଭୂମି ଛାଡ଼ି ଚାଲି ଯାଇଥିଲେ । କଂସ ଜାଣି ଥିଲା ଯେ, ଅନେକେ ମଧୁର ଭାଷଣ କରି ଆଗରେ ତାର ପ୍ରଶଂସା କରୁଛନ୍ତି, କିନ୍ତୁ ପଛରେ ଗୋପନରେ ତାର ବିନାଶ କାମନା କରୁଛନ୍ତି । ତାର ଦେହରକ୍ଷୀ ଓ ଗୁପ୍ତଚରମାନେ ହିଁ କେବଳ ତା ପ୍ରତି ଅନୁରକ୍ତ ଥିଲେ । କାରଣ ଯାଦବମାନେ ସେମାନଙ୍କ ପ୍ରତି ଯେପରି ଋକ୍ଷ, ସେଥିରେ ସେ ଥିଲା ସେମାନଙ୍କର ଏକମାତ୍ର ଆଶ୍ରୟ ସ୍ଥଳ ।

ଦିନ ଯେତିକି ଗଡ଼ି ଯାଉଥାଏ କଂସ ସେତିକି ଆତଙ୍କିତ ହୋଇ ଉଠୁଥାଏ । ଲୋକେ ମୁକ୍ତିଦାତା ଶୀଘ୍ର ଜନ୍ମ ହେବେ ବୋଲି ଅପେକ୍ଷା କରି ରହିଛନ୍ତି, ଏ ଖବର ଶୁଣି ଶୁଣି ସେ ଅବଶ ହୋଇପଡ଼େ । ସମସ୍ତଙ୍କ ପ୍ରତି ତାର ସନ୍ଦେହ । ସବୁ କଥାରେ ସେ ଉତ୍ତେଜିତ ହୋଇ ପଡ଼େ । ଅନେକ ସମୟରେ ସେ ଅନ୍ୟମନସ୍କ ରହେ । ତାକୁ ନିଦ ହେଉ ନଥାଏ । ସେ ସବୁବେଳେ ଭୟଙ୍କର ସ୍ୱପ୍ନ ଦେଖୁଥାଏ ।

ତାର ନିର୍ଦ୍ଦେଶରେ ଯେଉଁ ପ୍ରହରୀମାନେ ବସୁଦେବ ଓ ଦେବକୀଙ୍କୁ ଜଗିଥିଲେ ସେମାନେ ଦିନରାତି ବଦଳନ୍ତି । ସେମାନଙ୍କୁ ଆଦେଶ ଦିଆଯାଇଥାଏ ଯେ ବସୁଦେବ ଓ ଦେବକୀଙ୍କୁ ବନ୍ଦୀର ପୁରୋହିତ ଗାର୍ଗ୍ୟଙ୍କ ଛଡ଼ା ଅନ୍ୟ କେହି ସାକ୍ଷାତ କରି ପାରିବେ ନାହିଁ । ବନ୍ଦୀର ପୁରୋହିତଙ୍କୁ ଅଧିକ

Digitized by srujanika@gmail.com

ପୂଜାପାଠ କରିବାରୁ ବାରଣ କରାଯାଇ ନଥିଲେ । ସେମାନଙ୍କ ସହିତ ରହୁଥିବା ପୂତନା ଦେବକୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପ୍ରତି ଦିନ ଖବର ପଠାଉଥିଲା । ଦେବକୀଙ୍କର ଅଷ୍ଟମ ଗର୍ଭରୁ ଜାତ ସନ୍ତାନକୁ ସେ ହତ୍ୟା କଲେ କାଳେ ଚାରିଆଡ଼େ ଲୋକଙ୍କ ପକ୍ଷରୁ ବିଦ୍ରୋହ, ବିକ୍ଷୋଭ ପ୍ରକାଶ ପାଇବ, ସେଥିପାଇଁ ସେ ମଗଧର ସୈନ୍ୟମାନଙ୍କୁ ସହରର ବିଭିନ୍ନ କେନ୍ଦ୍ର ସ୍ଥାନରେ ଜଗାଇ ଥିଲା ।

ସେଦିନ ଶ୍ରାବଣ କୃଷ୍ଣପକ୍ଷ ଅଷ୍ଟମୀ । ଦିନସାରା ଘଡ଼ଘଡ଼ି ଚଡ଼ଚଡ଼ି ବିଜୁଳି ଓ ବର୍ଷା ଲାଗିରହିଥାଏ । ସୁ ସୁ ହୋଇ ପବନ ଗର୍ଜୁଥାଏ । ପ୍ରାୟ ଦ୍ୱିପ୍ରହର ବେଳକୁ ଝଡ଼ ବର୍ଷା ସତ୍ତ୍ୱେ ଗର୍ଗାଚାର୍ଯ୍ୟ ତାଙ୍କର ଆହ୍ନିକ କର୍ମ କରିବା ପାଇଁ ପ୍ରାସାଦକୁ ଆସିଲେ । କର୍ମ ସରିବା ପରେ ବୃଦ୍ଧ ପୁରୋହିତ ବସୁଦେବଙ୍କୁ କୋଳାଗ୍ରତ କରି ତାଙ୍କ କାନରେ ଚୁପ୍ ଚୁପ୍ କ'ଣ କହିଦେଲେ ।

ଅବିରତ ପ୍ରବଳ ବର୍ଷା ହେଉଥାଏ । ସୂର୍ଯ୍ୟାସ୍ତ ପୂର୍ବରୁ ସହର ଅନ୍ଧକାରମୟ ହୋଇ ଗଲା । ପୂତନା ସକାଳେ ତା ଘରକୁ ଯାଇ ଥିଲା । କିନ୍ତୁ ରାସ୍ତାରେ ପାଣି ସୁଅ ବହୁଥିବା ଯୋଗୁଁ ସେ ଆଉ ଫେରିଲା ନାହିଁ । ପ୍ରାସାଦର ପ୍ରହରୀମାନେ ଶୀତରେ ଥରି ଯାଉଥିଲେ । ସେମାନେ ତାଙ୍କ ଘର ଭିତରେ କବାଟ ଦେଇ ଶୋଇଗଲେ ଏବଂ ପ୍ରାସାଦର ଦ୍ୱାରକୁ ପୂତନା ଆସିବ ବୋଲି ଖୋଲି ଦେଇଥିଲେ ।

ସମଗ୍ର ପ୍ରାସାଦ ଅନ୍ଧକାରାଚ୍ଛନ୍ନ । ଦେବକୀ ଯେଉଁ କକ୍ଷରେ ଶୋଇଥାନ୍ତି ସେଠାରେ ମିଞ୍ଜି ମିଞ୍ଜି ହୋଇ କେତୋଟି ଦୀପ ଜଳୁଥାଏ । ବସୁଦେବ ତାଙ୍କ ପାଖରେ ବସିଥାନ୍ତି । ମୁଷଳ ଧାରାରେ ବର୍ଷା ହେବାକୁ ଲାଗିଲା । ଛାତ ଉପରେ ପାଣି ପଡ଼ି ଭୟଙ୍କର ଶବ୍ଦ ହେଉଥାଏ ଏବଂ ଚଡ଼ଚଡ଼ିର ଶବ୍ଦ ପ୍ରାସାଦର ମୁକ୍ତ କକ୍ଷ ମାନଙ୍କରେ ଗମ୍ଭୀର ପ୍ରତିଧ୍ୱନି ସୃଷ୍ଟି କରୁଥାଏ ।

ଆକାଶ ବିଜୁଳିର ଝଲକରେ ଆଲୋକିତ ହୋଇଗଲା । ଏକ ଭୟାନକ ଚଡ଼ଚଡ଼ି ଶବ୍ଦରେ ଜଣାଗଲା ପ୍ରାସାଦର ମୂଳଦୁଆ ଦୋହଲି ଯାଉଛି । ଦେବକୀ ଭୟଭୀତ ହୋଇ ବସିପଡ଼ିଲେ । ପର ମୁହୂର୍ତ୍ତରେ ସେ ବସୁଦେବଙ୍କର ହାତକୁ ଧରି ନିଜର ଯନ୍ତ୍ରଣାର ଉପଶମ ପାଇଁ ଚେଷ୍ଟାକଲେ । ସେ ଏକ ପ୍ରାର୍ଥନାର ଭଙ୍ଗୀରେ ସ୍ୱାମୀଙ୍କ ଆଡ଼କୁ ଚାହିଁବା ବେଳେ ଆଖିରେ ତାଙ୍କର ଆନନ୍ଦାଶ୍ରୁ ଭରି ଉଠୁଥାଏ ।

ନିଜର ଯନ୍ତ୍ରଣାକୁ ଚାପିରଖି ସେ କହି ଉଠିଲେ—"ସ୍ୱାମୀ, ତା'ର ଆସିବାର ବେଳ ହୋଇଗଲା ।"

ପ୍ରାଣର ଗମ୍ଭୀର ଶ୍ରଦ୍ଧାରେ ବସୁଦେବ ତାଙ୍କୁ ପାର୍ଶ୍ୱବର୍ତ୍ତୀ କକ୍ଷକୁ ନେଇଗଲେ ।

ସେତେବେଳେ ଅର୍ଦ୍ଧରାତ୍ରି ସମୟ । ସେହିପରି ପ୍ରବଳ ବର୍ଷା ହେଉଛି ଓ ବିଜୁଳି ମାରୁଛି । ପୂର୍ବ ଦିଗ୍‌ବଳୟରେ ଅଭିଜିତ୍ ନକ୍ଷତ୍ରର ସଂଯୋଗ ସମୟରେ ଦେବକୀଙ୍କର ସୁଖ ପ୍ରସବ ହେଲା । ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଲେ ।

Digitized by srujanika@gmail.com

ସ୍ନେହଶୀଳ ସ୍ୱାମୀ ବସୁଦେବ ସେହି ନିର୍ଜନ ପ୍ରାସାଦରେ ଧାତ୍ରୀର କାର୍ଯ୍ୟ କରିଥିଲେ । ଯେତେବେଳେ ତାଙ୍କର ସମସ୍ତ ଆଶା ଓ ଭରସାର ସ୍ଥଳ ଏହି ସନ୍ତାନକୁ ସେ ହାତରେ ଟେକି ଧରିଲେ, ସେ କିଛି ସମୟ ମୁଗ୍ଧ, ଚକିତ ହୋଇ ରହିଗଲେ । ଏହି ଶିଶୁର ଗଠନ ଅତି ଚମତ୍କାର ଏବଂ ଏହାର ରଂଗ ନୀଳପଦ୍ମର ରଂଗ ପରି । ନବଜାତ ଶିଶୁମାନେ ଯେପରି କ୍ରନ୍ଦନ କରନ୍ତି, ସେ କ୍ରନ୍ଦନ କରି ନଥିଲା । ତାର ଶ୍ରେଷ୍ଠ ଓଠରେ ଏତେ ଟିକିଏ ସୁନ୍ଦର ହସ ଲାଗି ରହିଥିଲା ।

ବସୁଦେବ ଶିଶୁକୁ ଚାହିଁ ଆଶ୍ଚର୍ଯ୍ୟ ହୋଇଗଲା । ମୁହୂର୍ତ୍ତିକ ପାଇଁ ସେ ଦେଖିଲେ, ଯେପରି ତାଙ୍କ ଆଗରେ ପ୍ରଭୁ ତାଙ୍କର ସମସ୍ତ ଐଶ୍ୱର୍ଯ୍ୟ ଓ ବିଭୂତି ସେନି ଠିଆ ହୋଇଛନ୍ତି । ହାତରେ ଅଛି, ଶଙ୍ଖ, ଚକ୍ର, ଗଦା ଓ ପଦ୍ମ । ଋଷି ଦେବବ୍ୟାସଙ୍କର ଭବିଷ୍ୟତ୍‌ବାଣୀ ସତ୍ୟ ହୋଇଛି !

ହଠାତ୍ ଏହି ଅବସ୍ଥାରୁ ନିଜକୁ ଜାଗ୍ରତ କରି ବସୁଦେବ ସେ ମୁହୂର୍ତ୍ତରେ ତାଙ୍କର ଯାହା କରିବାର କଥା, କଲେ । ଦେବକୀଙ୍କ ପାଖରେ ଅଳ୍ପ ସମୟ ପାଇଁ ଶିଶୁଟିକୁ ରଖିଦେଇ ହାତରେ ଦୁଇଟି ଦୀପ ଧରି ସେ ପ୍ରାସାଦର ବାଟଣ୍ଡାକୁ ଯାଇ ଆରତି କରିବା ଢଙ୍ଗରେ ଦୀପ ଦୁଇଟିକୁ ଘୂରାଇବାକୁ ଲାଗିଲେ । ନଦୀ ମଝିରୁ ଏହାର ପ୍ରତ୍ୟୁତ୍ତରରେ ଗୋଟିଏ ନାଆଁ ଧୀରେ ଧୀରେ କୂଳ ଆଡ଼କୁ ଘୁଞ୍ଚିବାକୁ ଲାଗିଲା ।

ବସୁଦେବ ଦେବକୀଙ୍କ ପାଖକୁ ଫେରି ଆସି ଶିଶୁଟିକୁ ସଫା କରି ପୋଛି ଦେଲେ ଓ ଟିକିଏ ତୁଳା ମଧୁରେ ବୁଡ଼ାଇ ତାକୁ ଚାଟିବାକୁ ଦେଲେ ଏବଂ ଗୋଟିଏ ଟୋକେଇ ଭିତରେ ଶୁଆଇ ଦେଲେ ।

"ଦେବକୀ, ମୁଁ ଯାଉଛି ।"

"କିନ୍ତୁ ତୁମେ କିପରି ଯିବ ? ବାହାରେ ଯେ ବର୍ଷା ଏବଂ ଯମୁନାରେ ବନ୍ୟା !"

ବସୁଦେବ ଉତ୍ତର ଦେଲେ, "ଈଶ୍ୱରଙ୍କର ଇଚ୍ଛା ପୂର୍ଣ୍ଣ ହେବ ।" ଏହା କହି ପ୍ରହରୀମାନେ କ'ଣ କରୁଛନ୍ତି, ସେ ଦେଖିବାକୁ ଗଲେ । ଦେଖିଲେ, ସେମାନେ କୋଠରୀର ଦ୍ୱାର ବନ୍ଦ କରି ନିର୍ଧୂମ ନିଦରେ ଶୋଇଛନ୍ତି । ପୁତନା ତାର ଘରୁ ଫେରି ନାହିଁ । ପ୍ରାସାଦର ଦ୍ୱାର ଖୋଲା ଅଛି !

ବସୁଦେବ ଶିଶୁକୁ ଗୋଟିଏ ଚାଦର ଘୋଡ଼ାଇ ଦେଇ ଟୋକେଇ ଭିତରେ ରଖି ଟୋକେଇ ଉପରେ ଖଣ୍ଡିଏ ମଶିଣା ଘୋଡ଼ାଇଲେ ଏବଂ କାନ୍ଧରେ ଟୋକେଇକୁ ରଖି ପ୍ରାସାଦ ବାହାରକୁ ଚାଲିଗଲେ ।

ଅଳ୍ପ ଦୂରରେ ଯମୁନା ଏକ ପ୍ରସ୍ତରମୟ ଶଯ୍ୟା ଉପରେ ପ୍ରବାହିତ । ଗୋକୁଳକୁ ଯିବା ପାଇଁ ଏହା ଏକ ପ୍ରାକୃତିକ ନଇ-ପାରି ଘାଟ ରୂପେ କାର୍ଯ୍ୟ କଲା । ମୁଣ୍ଡରେ ଟୋକେଇକୁ ରଖି ସେ ଚାଲିଲେ । ଶିଶୁଟି ବୁଢ଼ା ଆଙ୍ଗୁଠିକୁ ମୁହଁରେ ରଖି ନୀରବରେ ଶୋଇଥାଏ ।

ହଠାତ୍ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ବର୍ଷା ବନ୍ଦ ହୋଇଗଲା । ଏବଂ

ନଗ୍ନର କୃଷ୍ଣ ବର୍ଷାର ସେଧଖଣ୍ଡ ତଳକୁ ନକ୍ଷି ଅପି ନାଗ ଦାପରା ଫଣା ପର ଦୋଷ ଉପରେ ଏକ ଦ୍ୱନ୍ଦ୍ୱ ଅ ଟାଣିବା ପର ହେଲା ।

ବସୁଦେବ ପ୍ରବଳ ସ୍ରୋତ ପତ୍ତ୍ୱେ ଶୀଘ୍ର ନଦୀ ପାର ହୋଇଗଲେ । ଅପର ପାଶ୍ୱର ଗୋଟିଏ ଗଛ ତଳେ ପୂର୍ବେହ୍ନତ ଗୋଗାଚାର୍ଯ୍ୟ ଓ ଗୋକୁଳର ଯାଦବମାନଙ୍କ ମୁଖ୍ୟ ନନ୍ଦ ଠିଆ ହୋଇଛନ୍ତି ।

ଗାର୍ଗ ବସୁଦେବଙ୍କ ମୁଣ୍ଡରୁ ଟୋଇ ଟିକୁ ଓହ୍ଲାଇ ଦେଇ ନାଙ୍କ ମୁଣ୍ଡରେ ଅନ୍ୟ ଗୋଟିଏ ଟୋଇ ଦେଇଦେଲେ ।

ବସୁଦେବ ପଚାରିଲେ, "ଏ କାହାର ସନ୍ତାନ ?"

"ଆଜି ସକାଳେ ଯଶୋଦା ଏହି କନ୍ୟାଟିକୁ ଜନ୍ମ ଦେଇଛନ୍ତି ।"

ବସୁଦେବ କୃତଜ୍ଞତା ଓ ଆନନ୍ଦରେ ଅଧୀର ହୋଇ ନନ୍ଦଙ୍କୁ କହିଲେ, "ନନ୍ଦ, ମୁଁ କପରି ତୁମର ଋଣ ଶୁଝିବ ?"

ନନ୍ଦ ବସୁଦେବଙ୍କର ପଦ ସ୍ପର୍ଶ କରି କହିଲେ, "ପ୍ରଭୁ, ତୁମେ ଆମର ମୁଖ୍ୟ । ମୋର ଯାହା ଅଛି, ସେ ସବୁ ତୁମର ।"

ନନ୍ଦ ଗାର୍ଗାଚାର୍ଯ୍ୟଙ୍କ ହାତରୁ ଟୋଇଟି ଓହ୍ଲାଇ ଆଣିବା ମାତ୍ରକେ ମଶିଣୋଟି ଖସିଗଲା । ଆକାଶରେ ହଠାତ୍ ଏକ ବିଜୁଳିର ଝଲକ । ଏହି ଆଲୁଅରେ ନନ୍ଦ ଯେତେବେଳେ ଏହି ସୁନ୍ଦର ନୀଳ ବର୍ଣ୍ଣ ଶିଶୁଟି ତାର ଆଖିକୁ ଟିକିଏ ଖୋଲୁଥିବା ଓ ବନ୍ଦ କରୁଥିବାର ଦେଖିଲେ, ତାଙ୍କ ଗୋପାଳର ହୃଦୟରେ ଏକ ଗଭୀର ସ୍ନେହର ତରଙ୍ଗ ଖେଳିଗଲା ।

ମୁକ୍ତିଦାତା ଆସିଗଲେ ।

---

## ମହନୀୟ ପରମ୍ପରା

ତା'ର ବୈଷୟିକ ଐଶ୍ୱର୍ଯ୍ୟ ପାଇଁ ନୁହେଁ, ସାମରିକ ଶକ୍ତି ପାଇଁ ନୁହେଁ, ଧାର୍ମିକ ସତ୍ୟ ପ୍ରତି ଗଭୀର ଶ୍ରଦ୍ଧା ଓ ବିଶ୍ୱାସ ଯୋଗୁ ଯୁଗ ଯୁଗ ଧରି ଏ ଦେଶ ବଞ୍ଚି ରହିଛି । ଏହି ସତ୍ୟକୁ ଆମର ସାଧୁ ସନ୍ଥମାନେ ସେମାନଙ୍କ ଜୀବନରେ ପ୍ରମାଣିତ କରିଛନ୍ତି । ଏହି ମହନୀୟ ପରମ୍ପରାର ଦାୟାଦ ରୂପେ ଆମେ ରହିଛୁ । ସାଧୁ ସନ୍ଥମାନେ ସେମାନଙ୍କ ତପସ୍ୟା ଦ୍ୱାରା ସଂସାରକୁ ଧାରଣ କରିଛନ୍ତି । ଏବେ ମଧ୍ୟ ରାଜନୀତିଜ୍ଞମାନେ ନୁହନ୍ତି, ସେହିମାନେ ହିଁ ସେମାନଙ୍କର ଗଭୀର ସାଧନା ଓ ତପସ୍ୟା ଦ୍ୱାରା ନିଜକୁ ଏବଂ ଏହି ସଂସାରକୁ ବିଶ୍ୱକର୍ତ୍ତାଙ୍କ ଆଦର୍ଶରେ ରୂପାୟିତ କରି ରଖିଛନ୍ତି ।

—ରାଧାକୃଷ୍ଣନ୍

Digitized by srujanika@gmail.com

ଭଗ୍ନ କୋଣାର୍କ ସମ୍ପର୍କରେ କେତେକ ଗୁରୁତ୍ୱ ଉପାଦେୟ କଥା ଗତ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ନବଗ୍ରହ ମୂର୍ତ୍ତିକୁ ଏଠାରୁ ନେବାପାଇଁ ଉଦ୍ୟମ ହୋଇ କିପରି ତାହା ସଫଳ ହେଲା ନାହିଁ ସେଥିରେ ତାହାର ଉଲ୍ଲେଖ ଥିଲା । ଏ ସଂଖ୍ୟାରେ ପ୍ରକାଶିତ କଥା ସବୁରେ ନବଗ୍ରହକୁ ପୁଣି ତା'ର ସ୍ଥାନରେ ସ୍ଥାପିତ କରିବାର ବିଫଳ ଉଦ୍ୟମ ବର୍ଣ୍ଣିତ ହୋଇଛି ।

# କୋଣାର୍କ ସମ୍ବନ୍ଧରେ କେତୋଟି କଥା

## ( ନବଗ୍ରହ )

ଅଧ୍ୟାପକ ପ୍ରଭାତ ମୁଖାର୍ଜୀ

ନବଗ୍ରହ ପଥର ଅତ୍ୟଧିକ ଭାରି ହେବାରୁ ("କିଛି ଅଂଶ କଟିଗଲେ ହେଲେ ମଧ୍ୟ"—ଫ୍ରେଜର) ଏବଂ ସ୍ଥାନୀୟ ହିନ୍ଦୁମାନେ ଆପତ୍ତି କରିବାରୁ ଏହାର ଅପସାରଣ ସ୍ଥଗିତ ହେଲା । ପୂର୍ତ୍ତ ବିଭାଗ ନବଗ୍ରହ ଉପରେ ଗୋଟିଏ ଚାଳ (Shed) ନିର୍ମାଣ କଲେ । ୧୯୦୧ ର ପ୍ରଥମ ଭାଗରେ ପ୍ରତ୍ନତତ୍ତ୍ୱବିଭାଗର ଡାଇରେକ୍ଟର ଜେନେରାଲ୍ ସାର୍ ଜନ ମାର୍ଶାଲ କୋଣାର୍କ ପରିଦର୍ଶନ କରି ମନ୍ଦିର ସଂରକ୍ଷଣ ପାଇଁ ଗଭର୍ଣ୍ଣମେଣ୍ଟଙ୍କୁ ଲେଖିଲେ । ୧୯୦୨ ରେ ଲେଫ୍ଟନାଣ୍ଟ ସାର ଜନ ଉଡ଼ବର୍ଣ୍ଣ ଅର୍ଥ ମଂଜୁର କଲେ । ୧୯୦୪ ରେ ମନ୍ଦିରର ଅଭ୍ୟନ୍ତର ବାଲିରେ ଭର୍ତ୍ତି କରି ପ୍ରବେଶ ଦ୍ୱାର ବନ୍ଦ କରି ଦିଆ ହେଲା ।

ଜାନୁଆରି ୧୯୦୭ ରେ ଲେଫ୍ଟନାଣ୍ଟ ସାର୍ ହେନରି ଫ୍ରେଜର କୋଣାର୍କ ଯାଇଥିଲେ ।

ଲେଖକ—ସ୍ୟାର ହେନରି ଫ୍ରେଜର
ପାଠକ—ଚିଫ୍ ସେକ୍ରେଟେରୀ ଗଭର୍ଣ୍ଣମେଣ୍ଟ
ତାରିଖ—୨୨ । ୨ । ୦୭

ଏହି କୁଟୀର ପୂର୍ଣ୍ଣ ମନ୍ଦିରର ନୂତନ କରି ସଂସ୍କାରର ପ୍ରୟୋଜନ ନାହିଁ । କେବଳ

Digitized by srujanika@gmail.com

ପୁରାତତ୍ତ୍ୱ ପାଇଁ ମୂଲ୍ୟବାନ ଅଂଶ ଗୁଡ଼ିକୁ ସଂରକ୍ଷଣ କରିବା ଉଚିତ । ମୁଁ ଦେଖିଲି କେତେଜଣ ପଣ୍ଡା ପୂର୍ବ ବର୍ଣ୍ଣିତ ଦ୍ୱାର ନିର୍ମିତ ସ୍ଥଳ (କୌଣସି ଅଧିକାର ନ ଥିଲେ ମଧ୍ୟ) ଦଖଲ କରିଛନ୍ତି । ଏବଂ ପଥରଟିର ପୂଜା ଆରମ୍ଭ କରିଛନ୍ତି । ନବଗ୍ରହ ପଥର ମନ୍ଦିରର ଧ୍ୱଂସ ସ୍ତୂପ ମଧ୍ୟରେ ଅବହେଳାରେ ପଡ଼ିଥିଲା ! ଗଭର୍ଣ୍ଣମେଣ୍ଟ ଏହାକୁ ଖୋଳି ବାହାର କରି ସଂରକ୍ଷଣ କରିଛି । କେତେଟା ଅର୍ଥଲୋଭୀ ପଣ୍ଡାଙ୍କ ଜୋର କରି ପଥରଟି ଉପରେ ଦାବୀ ସାବ୍ୟସ୍ତ କରି ତାହାକୁ ଉପାର୍ଜନର ପନ୍ଥା କରିବାକୁ ଦିଆ ଯାଇ ପାରେନା ।

୬

ଏହି ସମୟରେ କୋଣାର୍କର ଧ୍ୱଂସ ସ୍ତୂପ ଅପସାରଣ କାର୍ଯ୍ୟ ଚାଲିଥିଲା ।

ପାଠକ—ବିଷୟ ସ୍ୱରୂପ, ଏକସିକ୍ୟୁଟିଭ ଇନ୍‌ଜିନିଅର, ପିପିଲି

ଲେଖକ—ପ୍ରସନ୍ନ ପାଲ, ସହକାରୀ ଇନ୍‌ଜିନିଅର, ପିପିଲି

ତାରିଖ—୨୨ ମାର୍ଚ୍ଚ, ୧୯୦୭

କୋଣାର୍କ ଦେଉଳର ଜଗମୋହନର ପଶ୍ଚାତ୍ତରେ ଅବସ୍ଥିତ ଭଗ୍ନ ଶିଖର ଭିତରୁ ପଥର ଗଦା ଓ ଲୁହା କଡ଼ିକାଠ ଅପସାରଣ କରି କକ୍ଷତଳକୁ ଉନ୍ମୁକ୍ତ କରା ହୋଇଛି । କକ୍ଷଟିର ବର୍ଗଫଳ ୩୨ଫୁଟ୮ ଇଞ୍ଚ ସୂର୍ଯ୍ୟ ଦେବତାଙ୍କ କୌଣସି ମୂର୍ତ୍ତି ସେଠାରେ ନ ଥିଲା । ଏଥିରୁ ନିଃସନ୍ଦେହରେ ପ୍ରମାଣିତ ହୁଏ ଯେ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ଅଭିଷେକ ପୂର୍ବରୁ ମନ୍ଦିରରେ ବିପତ୍ତି ଘଟିଲା । ମୋ ମତରେ ଭୋଗ ମଣ୍ଡପ ଭିତରୁ ପ୍ରାପ୍ତ ସୂର୍ଯ୍ୟ ମୂର୍ତ୍ତିହିଁ କୋଣାର୍କର ଉପାସ୍ୟ ଦେବତା । ମୂର୍ତ୍ତିଟି ମିଳିବା ପରେ ଏହା ମୁଁ ମୋର ୫. ୪. ୦୭ ତାରିଖରେ ଲିଖିତ ଚିଠିରେ ଜଣାଇଥିଲି ।

ଗର୍ଭ ଗୃହର ଚୂଳ ପାଖ ଅନାଡ଼ମ୍ବର । କେବଳ ଚଟାଣରୁ ୫ ଫୁଟ ଉପରେ ଦୁଇ ଲାଇନ ସମାନ୍ତରାଳ ରେଖା (String Courses) ଖୋଦିତ ହୋଇଛି । କକ୍ଷ ଭିତରେ ଗୋଟିଏ କୋଲ୍‌ରାଇଟ ପଥରରେ ସପ୍ତରଥ ପଦ୍ଧତିରେ ନିର୍ମିତ ସିଂହାସନ ଅଛି । ଏହାର ସବୁଠାରୁ ଦୈର୍ଘ୍ୟ ୧୬ଫଟ ୬ଇଞ୍ଚ ଓ ଓସାର ୫ ଫୁଟ, ଚଟାଣରୁ ଏହାର ଉଚ୍ଚତା ୪ଫୁଟ ୯ଇଞ୍ଚ ସମ୍ମୁଖ ଭାଗରେ ହାତୀ ମୂର୍ତ୍ତି ଗୁଡ଼ିକ ସୁନ୍ଦର ଭାବରେ ଖୋଦିତ ହୋଇଛି । ଚଟାଣରୁ ସିଂହାସନର ତଳଭାଗ (Plinth) ୮ଫୁଟ ଉଚ୍ଚ, ତଳଭାଗ ଉପରେ ପାଞ୍ଚଟି ଫେଲେଟ୍ ଅଛି, ଫେଲେଟ୍ ଉପରେ ୧ଫୁଟ ୩ଇଞ୍ଚ ଉଚ୍ଚ ଶିଳାଚିତ୍ରରେ (Frieze) ଦୁଇ ଧାଡ଼ି ମନୁଷ୍ୟ ମୂର୍ତ୍ତି ଖୋଦିତ ହୋଇଛି, ଶିଳାଚିତ୍ରର ଦୁଇ କୋଣରେ ଉପବିଷ୍ଟ ଦୁଇଟି ସିଂହ ମୂର୍ତ୍ତି ଦେଖାଯାଏ ।

ବେଦୀ ( Pedestal ) ଉପରେ ଆଉ ଗୋଟିଏ ବେଦୀ ସ୍ଥାପିତ ହୋଇଛି । ଭୋଗ ମଣ୍ଡପରେ ଅବସ୍ଥିତ ସୂର୍ଯ୍ୟ ମୂର୍ତ୍ତିର ବେଦୀ ଓ ଏହି ବେଦୀ ଆକାରରେ ସମାନ । ଜଗମୋହନରେ ଥିବାର ପ୍ରବେଶ ପଥ (Corridor) ପଥରରେ ଭରି ରହିଛି, ସେଗୁଡ଼ିକୁ କାଢ଼ିନେଲେ ମନ୍ଦିରର ସମ୍ମୁଖ ଭାଗର—କାନ୍ଥର ଯତ୍ନ ହୋଇ ପାରେ ।

Digitized by srujanika@gmail.com

ତେଣୁ ପ୍ରବେଶ ପଥକୁ ଇଟା ଗାନ୍ଥୁଣୀ ଦେଇ ବନ୍ଦ କରା ହୋଇଛୁ, ଓ ଜଗମୋହନକୁ ମଜବୁତ କରିବା ପାଇଁ ବାଲିରେ ଭର୍ତ୍ତି କରା ହୋଇଛୁ ।

( ୩ )

ଗ୍ରେଟଲିଟ ମେଜର ସାହେବ ନବଗ୍ରହ ପଥରଟିକୁ କଲିକତା ମିଉଜିଅମକୁ ଆଣିବାକୁ ଚାହିଲେ । "ପଥର ଅପସାରଣ କଲେ ଲୋକେ ଆପତ୍ତି କରିବେ କି ନାହିଁ"—ଏ ବିଷୟରେ ଅନୁସନ୍ଧାନ କରିବା ଲାଗି ସେ ଚିଫ୍ ସେକ୍ରେଟାରୀଙ୍କୁ ନିର୍ଦ୍ଦେଶ ଦେଲେ । ଚିଫ୍ ସେକ୍ରେଟାରୀ ଓଡ଼ିଶାର କମିଶନାରଙ୍କୁ ଚିଠି ଲେଖିଲେ ।

ଲେଖକ—ଟମାସ୍ ଗ୍ରୀଣ, କମିଶନର,
ଓଡ଼ିଶା

ପାଠକ—ଟମାସ୍ ହେନେରୀ ରିଚାର୍ଡସନ୍,
ଚିଫ୍ ସେକ୍ରେଟାରୀ

ତାରିଖ—୧ ମେ, ୧୯୦୭

ଜନସାଧାରଣଙ୍କ ଗବର୍ଣ୍ଣମେଣ୍ଟ ପ୍ରତି ମନୋଭାବ ବର୍ତ୍ତମାନ ଅନୁକୂଳ ନୁହେଁ । ପଥରଟି ଏହି ସମୟରେ କଲିକତାକୁ ଅପସାରଣ କଲେ ହିନ୍ଦୁ ଧର୍ମ-ବିଶ୍ୱାସ କ୍ଷୁଣ୍ଣ ହୋଇଛୁ ବୋଲି ସାଟି ରୁଣ୍ଡ ହେବ । ଗବର୍ଣ୍ଣମେଣ୍ଟ ଓ ହିନ୍ଦୁମାନଙ୍କ ମଧ୍ୟରେ କୌଣସି ବିବାଦ ସମୀଚୀନ ହେବ ନାହିଁ ।

( ୪ )

କମିଶନର ପୁରୀ ମ୍ୟାଜିଷ୍ଟ୍ରେଟଙ୍କୁ ନବଗ୍ରହ ଦେଖି ଆସିବାକୁ ଲେଖିଥିଲେ ।

ଲେଖକ—ଡବ୍ଲ୍ୟୁ ଆର୍ ଗୁର୍ଲେ,
ମ୍ୟାଜିଷ୍ଟ୍ରେଟ, ପୁରୀ

ପାଠକ—ଟମାସ ଗ୍ରୀନ୍, କମିଶନର

ତାରିଖ—୧ ମେ, ୧୯୦୭

ମୁଁ ନବଗ୍ରହ ପଥର ଦେଖିବା ପାଇଁ ଘେରି ଭିତରକୁ ପ୍ରବେଶ କରିଥିଲି । ସେଥିରେ ପଣ୍ଡାମାନଙ୍କ ଆପତ୍ତି ନ ଥିଲା । ଏପରିକି ମୁଁ ପଥରଟି ଉପରେ ବସିଲେ ମଧ୍ୟ ସେମାନେ ଆପତ୍ତି କଲେ ନାହିଁ । ମୋ ସାହାଯ୍ୟରେ ସେମାନେ ମୂର୍ତ୍ତିଗୁଡ଼ିକ ଉପରରୁ ଫୁଲ ଓ ଲୁଗାର ଆଚ୍ଛାଦନ ଘୁଞ୍ଚାଇ ଦେଲେ ଏବଂ ମୂର୍ତ୍ତି ଗୁଡ଼ିକର ଲଲାଟରେ ଲେପିତ ଚନ୍ଦନ ପୋଛି ଦେଲେ । ନବଗ୍ରହ ପଥର ଯେ ସରକାରୀ ସମ୍ପତ୍ତି, ଏହା ପଣ୍ଡାମାନେ ସ୍ୱୀକାର କରନ୍ତି ।

( ୫ )

ବେଙ୍ଗଲ ଗବର୍ଣ୍ଣମେଣ୍ଟ ପ୍ରସ୍ତାବ କଲା ଯେ ନବଗ୍ରହ ପଥରଟିକୁ ତା'ର ପୂର୍ବ ସ୍ଥାନରେ ସ୍ଥାପନ କରା ହେଉ ।

ଲେଖକ—ଫ୍ରେଡ଼େରିକ ଉଇଲିଅମ
ଡିଉକ

ପାଠକ—ହେନେରୀ ଷ୍ଟିଟଫିଲ୍ଡ,
ସେକ୍ରେଟାରୀ, ବେଙ୍ଗଲ
ଗବର୍ଣ୍ଣମେଣ୍ଟ୍

ତାରିଖ—୨୭ ଜୁନ୍ ୧୯୦୭

ମୂଳ ପଥରଟିକୁ କାଟି ଏକ ତୃତୀୟାଂଶ କରା ହୋଇଛୁ । ପଥରଟି ଯଥାସ୍ଥାନରେ ପୁଣି ସ୍ଥାପିତ ହେଲେ କେବଳ ଖୋଦିତ ଅଂଶଟିକ ଦେଖାଯିବ । ତାକୁ ଆଉ ତୋରଣ-ଶୀର୍ଷ

Digitized by srujanika@gmail.com

(architrave) କରି ଯାଇ ପାରିବ ନାହିଁ । ପଥରଟି ଗୋଟିଏ ବରାଟ ଲମ୍ବା କଡ଼ି ଉପରେ ସ୍ଥାପିତ ହୋଇଥିଲା । ତାହା ଏବେ ମଧ୍ୟ ଦ୍ୱାର ସମ୍ମୁଖରେ ପଡ଼ି ରହିଛି । ନବଗ୍ରହ ପଥର ୧୯୦୫ ରେ ନିର୍ମିତ ଖମ୍ବ ଦୁଇଟି ଉପରେ ରଖାଯାଇ ପାରିବ । ଏହି ବ୍ୟବସ୍ଥା ଗ୍ରହଣ କଲେ ପଣ୍ଡାମାନଙ୍କ ଉପଦ୍ରବ ବନ୍ଦ ହେବ । ସେମାନେ ଆପତ୍ତି କଲେ ମଧ୍ୟ ପ୍ରଭାବଶାଳୀ ହିନ୍ଦୁମାନଙ୍କ ସମର୍ଥନ ପାଇବେ ନାହିଁ । ତୋରଣ ଦ୍ୱାରର ୨୫ ଫୁଟ ଊର୍ଦ୍ଧ୍ୱରେ ପଥରଟି ସ୍ଥାପିତ ହେଲେ ସେମାନେ ଆଉ ପୂଜା କରି ପାରିବେ ନାହିଁ । ନବଗ୍ରହ ପଥର ଉପରେ ପୂର୍ତ୍ତିବିଭାଗ ଗୋଟିଏ ଚାଳି କରିଛି । ପଣ୍ଡାମାନେ ଏହି ଘରକୁ ନିଜ ସ୍ୱାର୍ଥରେ ଲଗାଇଛନ୍ତି, ଏହି ଚାଳି ଭାଙ୍ଗି ଦେବା ଉଚିତ ।

ବେଙ୍ଗଲ ଗବର୍ଣ୍ଣମେଣ୍ଟର ସେକ୍ରେଟାରୀ ଉପରୋକ୍ତ ମତ ମିଳନେ ନବଗ୍ରହ ପୁନର୍ସ୍ଥାପନ ସମ୍ବନ୍ଧରେ ପ୍ରତ୍ନତତ୍ତ୍ୱ ବିଭାଗର ସୁପରିନ୍‌ଟେନ୍‌ଡେନ୍‌ଟ ଲଂହାର୍ଷ୍ଟଙ୍କ ମତ ଜାଣିବାକୁ ଚାହିଁଲେ । ଲଂହାର୍ଷ୍ଟ ଜଣାଇଲେ ଯେ ପଥରଟି ଭାରି ହେବାରୁ ତାକୁ କଠିନ ହୋଇଛି । କିନ୍ତୁ କର୍ତ୍ତିତ ସମ୍ମୁଖ ଅଂଶ ଏତେ ସରୁ ଯେ ତାକୁ ବନ୍ଧନୀ (clamp) ବ୍ୟତୀତ ଝିଲ୍ଲଣ ଉପରେ ରଖି ହେବ ନାହିଁ ।

( ୭ )

ପ୍ରୋଟେକ୍ଟ ସ୍ୟାର୍ ହେନେରି ଫ୍ରେଜାର ୪. ୭. ୦୭ ତାରିଖରେ ଲେଖିଲେ "ନବଗ୍ରହ ପଥର ଯଥାସ୍ଥାନରେ ସ୍ଥାପନ କରିବା ପ୍ରସ୍ତାବ ସହିତ ମୁଁ ଏକମତ । କିନ୍ତୁ ଏ ବିଷୟରେ ପୂର୍ତ୍ତିବିଭାଗ ସହିତ ପରାମର୍ଶ କରିବା ଦରକାର ।" ୨୭. ୭. ୧୯୦୭ ତାରିଖରେ ଏମ୍, ଜେ, ହୋବ, ଚିଫ୍ ଇନ୍‌ଜିନିଅର, ଲେଖିଲେ ଯେ ନବଗ୍ରହ ଉପରେ ନିର୍ମିତ ଚାଳର କାଠବନ୍ଧକ ଭାଙ୍ଗି ଦିଆ ହୋଇଛି । ପୂର୍ତ୍ତିବିଭାଗର ସେକ୍ରେଟାରୀ ଓଡ଼ିଶାର ସୁପରିଣ୍ଟେଣ୍ଡେଣ୍ଟ ଇନ୍‌ଜିନିଅରଙ୍କୁ ନବଗ୍ରହ ପୁନର୍ସ୍ଥାପନ ସମ୍ବନ୍ଧରେ ଲେଖିଲେ । ସୁପରିଣ୍ଟେଣ୍ଡେଣ୍ଟ ଇନ୍‌ଜିନିଅର ଏକ୍‌ଜିକ୍ୟୁଟିଭ ଇନ୍‌ଜିନିଅର ବିପିନ ସ୍ୱରୂପଙ୍କ ମତ ଜାଣିବାକୁ ଚାହିଁଲେ ।

ଲେଖକ—ବିପିନ୍ ସ୍ୱରୂପ, ଏକ୍‌ଜିକ୍ୟୁଟିଭ୍ ଇନ୍‌ଜିନିଅର

ପାଠକ—କେ. ବାନର୍ଜୀ, ସୁପରିଣ୍ଟେଣ୍ଡେଣ୍ଟ ଇନ୍‌ଜିନିଅର

ତାରିଖ—୨ ଅଗଷ୍ଟ ୧୯୦୭

ପଥରଟିକୁ ତାର ପ୍ରବର୍ତ୍ତନ ସ୍ଥାନରେ ରଖିବାକୁ ହେଲେ କାଠକୁରକୁ (corbelling) ଲମ୍ବରେ ଦୁଇ ଦିଗରେ ୪୧ ଫୁଟ କରି ଓ ଚୌଡ଼ାରେ ଦୁଇ ଦିଗରେ ୧୧ ଫୁଟ କରି କାଟିବାକୁ ପଡ଼ିବ । ଏପରି କାଟିବା ନିରାପଦ ନୁହେଁ କାରଣ ପୁରା କାଠକୁରା ଶିଥିଳ ହୋଇ ଯାଇପାରେ । କାଠକୁରା ଦ୍ୱାରା ଉପରର ଭାରି କର୍ଣ୍ଣିସ (cornice) ପତନରୁ ରକ୍ଷା କରା ହୋଇଛି । ତାଛଡ଼ା କାଠକୁରା କାଟିବା ପରେ ଲମ୍ବା କଡ଼ି (joist) ଦ୍ୱାରା ଅବଲମ୍ବନ ହେଲେ ମଧ୍ୟ ପଥର କାମ ମଜଭୁତ ହେବ ନାହିଁ ।

Digitized by srujanika@gmail.com

ନବଗ୍ରହ ପଥରକୁ ପୁନର୍ସ୍ଥାପନ କରିବାକୁ ହେଲେ ପଥରର ଦୁଇ କୋଣକୁ କାଟିବାକୁ ହେବ । ସେଥିରେ ଖୋଦନ ଅଂଶର କିଛି କ୍ଷତି ହେବନାହିଁ । ଏପରି କଲେ ପଥରଟି ତାର ଆଗକାର ସ୍ଥାନରେ ତିନି ଫୁଟ ମଧ୍ୟରେ ସ୍ଥାପନ କରି ଯାଇ ପାରିବ ।

( ୭ )

ଲେଖକ— କେ. ବାନର୍ଜୀ, ସୁପରି-ଟେଣ୍ଡେଣ୍ଟ ଇନ୍‌ଜିନିଅର

ପାଠକ—ଅଣ୍ଡର ସେକ୍ରେଟେରୀ, ପୂର୍ତ୍ତ-ବିଭାଗ

ତାରିଖ—୩୧. ୮. ୧୯୦୭

ନବଗ୍ରହର ପୁନର୍ସ୍ଥାପନ ସମ୍ଭବ ନୁହେଁ । ମନ୍ଦିରର ଉପରେ କର୍ଣ୍ଣିସ (Super-incumbent) ଗୁରୁ ଭାର ଯୋଗୁ ଟଳମଳ ହୋଇଥିଲା । ପ୍ରତ୍ନତତ୍ତ୍ୱ ବିଭାଗର ପରାମର୍ଶରେ ବଡ଼ ଆକାରର କର୍ବେଲ୍‌ ଦ୍ୱାରା କର୍ଣ୍ଣିସକୁ ଟେକ ଦିଆ ହୋଇଛି । ନବଗ୍ରହ ପଥରକୁ ତା'ର ପୂର୍ବସ୍ଥାନରେ ରଖିବାକୁ ଗଲେ କାନ୍ଥକୁ ଭାଙ୍ଗି ଦେବାକୁ ପଡ଼ିବ ଏବଂ ଏହା ଭାଙ୍ଗି ଦେଲେ କର୍ଣ୍ଣିସର ନିରାପତ୍ତା ବିପନ୍ନ ହେବ । ମନ୍ଦିରଟି ରକ୍ଷା କରିବା ପାଇଁ ଗତ ବର୍ଷ ଯେଉଁ ପଥର ବେଷ୍ଟନ ଦିଆ ହୋଇଥିଲା, ତାହା ସମାନ ଓସାରର ନୁହେଁ । ମନ୍ଦିର କାନ୍ଥରୁ ବାହାରି ଆସୁଥିବା ପଥର ଓ ଲୁହା କଡ଼ି ଏହି ପଥର କାମରେ ସଂଲଗ୍ନ କରା ହୋଇଛି ।

ନବଗ୍ରହର ପୁନର୍ସ୍ଥାପନର ଏକମାତ୍ର ଉପାୟ ହେଉଛି, ପଥରଟିର ଦୁଇ କୋଣରେ ତ୍ରିକୋଣ ଆକାରର ଅଂଶ କାଟି ଦେବା । ଏହା କଲେ କର୍ବେଲ୍‌ର କ୍ଷତି ହେବ ନାହିଁ । ପଥରଟି ଗୋଟିଏ ଲୁହା କଡ଼ି (joist) ଉପରେ ରହି କଡ଼ିଟିକୁ ପଥର ବେଷ୍ଟନ ମଧ୍ୟରେ ଭର୍ତ୍ତି କରିବାକୁ ହେବ । କଡ଼ି ତଳେ ପଥରର ଓଜନ ବହନ କରିବା ପାଇଁ କେତୋଟି ଖୁଣ୍ଟା ଦେବା ଦରକାର, ଦୁଇ କୋଣରେ ଦୁଇଟି ନୂଆ ଖମ୍ବ ମଧ୍ୟ ତିଆରି କରିବାକୁ ହେବ ।

ଚିଫ୍ ଇଞ୍ଜିନିଅର ଏମ ଜେ ଘୋଷ ତାଙ୍କୁ ନବଗ୍ରହ ପଥର ସମ୍ବନ୍ଧରେ କେତୋଟି ପ୍ରଶ୍ନ କଲେ । ୫. ୯. ୧୯୦୭ ତାରିଖରେ ବାନର୍ଜୀ ଏପରି ଉତ୍ତର ଦେଲେ ।

୧—ନବଗ୍ରହ ପଥରର ଓସାର ଆଗେ ୪ ଫୁଟ ଥିଲା । ପଛରୁ ୨ ଫୁଟ ୬ ଇଞ୍ଚ କାଟି ଓସାର ୧ ଫୁଟ ୬ ଇଞ୍ଚ କରାଗଲା ।

୨—୧୯୦୫ ରେ କରବେଲ୍‌କୁ ଟେକ ଦେବାଲାଗି ଦୁଇଟି ଖମ୍ବ ତିଆରି କରା ଯାଇଥିଲା । ଖମ୍ବ ଗୁଡ଼ିକ ଓସାରରେ ମାତ୍ର ଅଢ଼େଇ ଫୁଟ । ସେଗୁଡ଼ିକ ଉପରେ ନବଗ୍ରହ ପଥରଟି ରଖି ହେବନାହିଁ । ତେଣୁ ପଥରର ପୁନର୍ସ୍ଥାପନ ପାଇଁ ଦୁଇଟି ନୂତନ ଖମ୍ବ ଦରକାର ।

୩—ନବଗ୍ରହର ଠିକ ଉଚ୍ଚତା ହେଉଛି ୧୮ ଫୁଟ + ୪ ଫୁଟ ୬ ଇଞ୍ଚ = ୨୨ ଫୁଟ ୬ ଇଞ୍ଚ ।

( ୮ )

ଲେଖକ—ଏମ୍. ଜେ. ଘୋଷ, ଚିଫ୍ ଇନ୍‌ଜିନିଅର

Digitized by srujanika@gmail.com

ସ୍ୱାଃ—ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର,
ଓଡ଼ିଶା

ତାରିଖ—୮. ୧୧. ୧୯୦୭

ପ୍ରତ୍ନତତ୍ତ୍ୱ ଉପଦେଷ୍ଟାଙ୍କ ସହିତ ପରାମର୍ଶ କରି ନବଗ୍ରହ ପଥର ଦୁଇଟି ନୂଆ ସ୍ତମ୍ଭ ଉପରେ ରଖାଯାଉ । ମୁଁ ପଥରରପୁଣି କିଛି ଅଂଶ କାଟିବାର ସପକ୍ଷରେ ନୁହେଁ । ସ୍ଥାନ ଦେଖି ମନ ହେଉଛି ପଥରଟିର ଶୀର୍ଷାକୃତ (Vertical face) ଥିଲା ।

ନବଗ୍ରହର ଅବଲମ୍ବନ ସ୍ତମ୍ଭ ନିର୍ମାଣ ପାଇଁ ଗଭର୍ଣ୍ଣମେଣ୍ଟ ୨୪. ୨. ୧୯୦୮ ତାରିଖରେ ୪୧୨୧ ଟଙ୍କା ମଞ୍ଜୁର କଲେ । ନାନା କାରଣରୁ ନବଗ୍ରହ ପଥରର ପୁନର୍ସ୍ଥାପନ ସମ୍ଭବ ହୋଇ ପାରିଲା ନାହିଁ ।

---

ORIENT DISTRIBUTORS
&
Agencies Private Limited
MERIA BAZAR
CUTTACK-1.

*Distributors of:* ACC's Portland Cement,
White Cement & Water Proofing
Compound

Digitized by srujanika@gmail.com

# ପ୍ରଭାତୀ ତାରା

ଅଧ୍ୟାପକ କୁମାର ଚନ୍ଦ୍ର ମିଶ୍ର

ପ୍ରଭାତୀ ତାରା ବା ସନ୍ଧ୍ୟା ତାରା ହେଉଛି ବୈଜ୍ଞାନିକ ମାନଙ୍କର ଶୁକ୍ରଗ୍ରହ । ଏ ଏକ ତାରା ନୁହେଁ, ଗ୍ରହ । ହିନ୍ଦୁ ଶାସ୍ତ୍ରରେ ଶୁକ୍ର ରାକ୍ଷସ ମାନଙ୍କର ଗୁରୁ ଓ ପରାମର୍ଶ ଦାତା ବୋଲି ସୁପରିଚିତ । କିନ୍ତୁ ପ୍ରାଚୀନ ଗ୍ରୀକ୍ କିମ୍ବଦନ୍ତୀ ଅନୁସାରେ ଶୁକ୍ର (Venus) ପୁରୁଷ ନୁହନ୍ତି, ସ୍ତ୍ରୀ । ସେ ହେଉଛନ୍ତି ପ୍ରେମର ଅଧିଷ୍ଠାତ୍ରୀ ଦେବୀ । ବିଜ୍ଞାନର ଅନ୍ତର୍ଗତ ନହେଁ ଶୁକ୍ର ପ୍ରେମପରି ଅବୋଧ ଓ ବୈଜ୍ଞାନିକ ସମସ୍ୟା ଦୃଷ୍ଟିରୁ ଜଟିଳ । ତେବେ ସୌନ୍ଦର୍ଯ୍ୟ ଓ ଉଜ୍ଜ୍ୱଳତାରେ ଶୁକ୍ର ସବୁ ନକ୍ଷତ୍ର ଓ ଗ୍ରହଙ୍କୁ ବଳି ଯାଇ ଥିବାରୁ ତାହା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାଏ ।

ଶୁକ୍ରଗ୍ରହ ବେଳେବେଳେ ଏତେ ଉଜ୍ଜ୍ୱଳ ଦେଖାଯାଏ ଯେ, ଅନ୍ଧକାର ରାତିରେ ଏହା ଅସ୍ପଷ୍ଟ ଛାୟା ସୃଷ୍ଟି କରିଥାଏ । ଏହା ବର୍ଷକ ମଧ୍ୟରେ ପାଞ୍ଚସପ୍ତାହ ଆମକୁ ଦେଖାଯାଏ ନାହିଁ । ଅନ୍ୟସମୟରେ କେତେବେଳେ ସନ୍ଧ୍ୟାତାରା ଭାବରେ ପଶ୍ଚିମାକାଶରେ ଓ କେତେବେଳେ ପ୍ରଭାତତାରା ରୂପେ ପୂର୍ବାକାଶରେ ଦେଖାଦେଉଥାଏ । ଏହାର ବ୍ୟାସ ୭୭୦୦ ମାଇଲ, ପୃଥିବୀର ବ୍ୟାସସହ ପ୍ରାୟ ସମାନ । ସୂର୍ଯ୍ୟର, ଚତୁର୍ଦ୍ଦିଗରେ ଏହାକୁ ଥରେ ବୁଲି ଆସିବାପାଇଁ ୨୨୪ ଦିନ-୧୬ ଘଣ୍ଟା-୪୮ ମିନିଟ୍ ଲାଗେ । କକ୍ଷପଥରେ ଶୁକ୍ରର ବେଗ ଏକ ସେକେଣ୍ଡକୁ ୨୧.୭ ମାଇଲ । ପୃଥିବୀଠାରୁ ଏହାର ନିକଟତମ ଦୂରତା ୨୪,୬୦୦,୦୦୦ ମାଇଲ୍ ଏବଂ ଏହାର ଓଜନ ପୃଥିବୀର ଓଜନର ପାଞ୍ଚଭାଗରୁ ଚାରି ଭାଗ । ପୃଥିବୀସହ କେତେକାଂଶରେ ଏହାର ସାମଞ୍ଜସ୍ୟ ଥିବାରୁ ଏହାକୁ ପୃଥିବୀର ଯାଆଁଳା ଭଉଣୀ କହନ୍ତି ।

## ନିକଟତମ ଗ୍ରହ

ଶୁକ୍ର ପୃଥିବୀର ନିକଟତମ ଗ୍ରହ । ତଥାପି ଘନ ମେଘମଣ୍ଡଳର ଆବରଣତଳେ ଆତ୍ମଗୋପନ କରିଥିବାରୁ ଆଜିଯାଏ ଗ୍ରହ ବିଷୟରେ ସଠିକ ବୈଜ୍ଞାନିକ ତଥ୍ୟ ସଂଗ୍ରହ କରାଯାଇ ପାରିନଥିଲା । କିନ୍ତୁ ଆମେରିକାର ମେରିଇନର୍-୫ ଓ ରୁଷିଆର ଭେନସ୍-୪ ର

Digitized by srujanika@gmail.com

ପଠାଇଲ ମହାକାଶଯାନ ଶୁକ୍ରସମ୍ବନ୍ଧୀୟ ଚମତ୍କାର ବିବରଣୀ ଯୋଗାଇ ଦେବାରେ ସମର୍ଥ ହୋଇପାରିଛି । ଜଣାଯାଇଛି ଯେ ଶୁକ୍ର ଆଦୌ ବାସୋପଯୋଗୀ ନୁହେଁ । ଷ୍ଟାନ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟର ପଦାର୍ଥବୈଜ୍ଞାନିକ ଡ଼: ଇସ୍‌ଲମେନ୍‌ଙ୍କର ମତରେ—'ଶୁକ୍ର ସାଦ୍ୟ ନର୍କ ନୁହେଁ, ଏହା ନର୍କର ଦ୍ୱାର ସଦୃଶ ।'

## ମୃଗତୃଷ୍ଣାର କ୍ରୀଡ଼ାଭୂମି

ଶୁକ୍ରର ପୃଷ୍ଠଦେଶର ଉତ୍ତାପ ପ୍ରାୟ ୫୦୦ ଡିଗ୍ରୀ ଫାରେନ୍‌ହିଟ୍ ଓ ଏହାର ବାୟୁମଣ୍ଡଳର ସାନ୍ଦ୍ରତା ପୃଥିବୀ ବାୟୁମଣ୍ଡଳର ସାନ୍ଦ୍ରତାର ପନ୍ଦରଗୁଣ । ଏହି ଘନ ବାୟୁମଣ୍ଡଳ ପ୍ରତ୍ୟେକ ବସ୍ତୁର ମରୀଚିକା ସୃଷ୍ଟି କରିଥାଏ । ସାନ୍ଦ୍ର ବାୟୁମଣ୍ଡଳରେ ଆଲୋକ ରଶ୍ମି ଏତେଦୂର ପ୍ରତିସାରିତ ହୋଇଥାଏ ଯେ ପୃଷ୍ଠଭୂମିରେ ଥିବା ବସ୍ତୁ ଅନେକଫୁଟ ଉଚ୍ଚରେ ଥିବାପରି ଜଣାପଡ଼େ । ଡ଼: ଇସ୍‌ଲମେନ୍ କହନ୍ତି—"ଶୁକ୍ର ଗୋଟିଏ ଗୋଲକାର ଗ୍ରହ ବୋଲି ହୃଦୟଙ୍ଗମ କରିବା ପାଇଁ ଶୁକ୍ରରେ ବାସ କରୁଥିବା ଲୋକଙ୍କ ପକ୍ଷେ (ଯଦି ବା ବାସ କରୁଥାନ୍ତି) ଅନେକ କଷ୍ଟ ଲାଗିଯିବ । କାରଣ ଏ ଗ୍ରହରେ ସବୁଠି ଦିଗ୍‌ବଳୟ ଖୁବ ଉଚ୍ଚରେ ଦେଖାଯାଏ । ସେଥିପାଇଁ ଗ୍ରହଟି ଗୋଟିଏ ପାଣିମାଠିଆ ସଦୃଶ ବୋଲି ଧାରଣା ହୁଏ ।" ସେ ଗ୍ରହର ସବୁ ଜିନିଷ ଏହିପରି ଅହେତୁକ ଭ୍ରାନ୍ତଧାରଣା ଦେଇଥାଏ । ସେଥିପାଇଁ ଶୁକ୍ରଗ୍ରହକୁ ମୃଗତୃଷ୍ଣାର ଏକ ବିରାଟ କ୍ରୀଡ଼ାଭୂମି ବୋଲି କୁହାଯାଇ ପାରେ ।

ଶୁକ୍ରରେ ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟାସ୍ତ ନିଶ୍ଚୟ ବିସ୍ମୟପ୍ରଦ । ରାତିରେ ମଧ୍ୟ ସୂର୍ଯ୍ୟରଶ୍ମି ପ୍ରତିଫଳିତ ହୋଇ ଦିଗ୍‌ବଳୟକୁ ଏକ ମୋଟା ଆଲୋକ ରେଖା ଦ୍ୱାରା ଆଲୋକିତ କରି ରଖେ । ୧୧୭ ଦିନପରେ ଯେତେବେଳେ ସୂର୍ଯ୍ୟୋଦୟ ହୁଏ ସେତେବେଳେ ବିଖଣ୍ଡିତ ସୂର୍ଯ୍ୟର ବିଭିନ୍ନ ଅଂଶ ଏକତ୍ର ହୋଇ ଏକ ନୂତନ ସୂର୍ଯ୍ୟର ସୃଷ୍ଟି ହେବାପରି ଜଣାପଡ଼େ । ସୂର୍ଯ୍ୟ ଦିଗ୍‌ବଳୟରେ ଆସ୍ତେ ଆସ୍ତେ ଉଭେଇଯାଏ । କିନ୍ତୁ ପ୍ରକୃତରେ ସୂର୍ଯ୍ୟାସ୍ତ ହୁଏନାହିଁ ।

ଏଇ ମରୀଚିକାର ଗ୍ରହରେ ନିଜର ପୃଷ୍ଠଦେଶ ଅକ୍ଲେଶରେ ଦେଖିହେବ । ବାସ୍ତବ କ୍ଷେତ୍ରରେ ଏହା ସମ୍ଭବ କି ଅସମ୍ଭବ କହି ହୁଏ ନାହିଁ । ଗାଣିତିକ ମତରେ ଆପାତତଃ ଏହା ସମ୍ଭବପର, କାରଣ ବାୟୁମଣ୍ଡଳର ନିରତିଶୟ ସାନ୍ଦ୍ରତା ଯୋଗୁଁ ପ୍ରସାରିତ ଆଲୋକରଶ୍ମି ବୃତ୍ତାକାର ପଥରେ ଗତି କରିପାରେ ।

ଶୁକ୍ର ଆଦୌ ବସବାସର ସ୍ଥଳୀ ନୁହେଁ । କିନ୍ତୁ ଏ ଗ୍ରହରେ ଜୀବନର ସମ୍ଭାବନାକୁ ବୈଜ୍ଞାନିକମାନେ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିପାରିନାହାନ୍ତି । ଜେଟ୍ ପ୍ରୋପଲ୍‌ସନ୍ ଲେବୋରେଟୋରୀର ବୈଜ୍ଞାନିକ ଉଇଲିୟମ୍ ପିକେରିଂକ୍ କହନ୍ତି ଯେ, ନିକୃଷ୍ଟ ଧରଣର କେତେକ ଜୀବ ଅତି ଉଚ୍ଚରେ—ଯଥା ଉଚ୍ଚ ପର୍ବତଶ୍ରେଣୀ ଉପରେ ବସବାସ

Digitized by srujanika@gmail.com

କରୁଥିବାର ସମ୍ଭାବନା ଅଛି । ଉଷ୍ମପ୍ରସ୍ଥ କେତେକ ଆଣବିକ କୀଟ ଶୁକ୍ର ବାୟୁମଣ୍ଡଳରେ ସୃଷ୍ଟି ହେବା ଅବାସ୍ତବ ନୁହେଁ । ବସ୍ତୁତଃ ଏ ସୃଷ୍ଟିରେ ପ୍ରକୃତିର କଳନା ମଣିଷର ବନ୍ଧି-ଭୂତ । ସେଥିପାଇଁ ଶୁକ୍ରର ବାତାବରଣରେ ଜୀବନର ସମ୍ଭବ ଅସମ୍ଭବ ବୋଲି ଅକାଟ୍ୟ ପ୍ରମାଣ ଯୋଗାଇବା ଏତେ ସହଜ ନୁହେଁ ।

ପୃଥିବୀର ବାଲ୍ୟାବସ୍ଥାର ବାତାବରଣ ସହ ଶୁକ୍ର ବାୟୁମଣ୍ଡଳର ଅନେକ ସାମଞ୍ଜସ୍ୟ ରହିଛି । ଶୁକ୍ରର ବାୟୁମଣ୍ଡଳରେ ମଧ୍ୟ ପ୍ରଥମେ ପ୍ରଚୁର ଅଙ୍ଗାରାମ୍ଳଜାନ ଥିଲା । କାଳକ୍ରମେ ଜଳ ସଂସ୍ପର୍ଶରେ ଆସି ଏହି ଅଙ୍ଗାରାମ୍ଳଜାନର ଅଧିକାଂଶ କାର୍ବୋନେଟ୍‌ରେ ପରିଣତ ହେଲା ଓ ତାହା ଅନେକ ରାସାୟନିକ ପ୍ରକ୍ରିୟାଦ୍ୱାରା ଭୂପୃଷ୍ଠସ୍ଥ ପଥର ଦେହରେ ମିଳେଇ ଗଲା । ସୃଷ୍ଟି ପ୍ରାରମ୍ଭର ଏହି ବାୟୁମଣ୍ଡଳରେ ଏହି ବାୟୁମଣ୍ଡଳର ରୂପସହ ଶୁକ୍ର ବାୟୁମଣ୍ଡଳର ରୂପ ପ୍ରାୟ ସମାନ । ମଙ୍ଗଳଗ୍ରହର ବାୟୁ-ମଣ୍ଡଳରେ ମଧ୍ୟ ଶତକଡ଼ା ପଚାଶଭାଗ ଅଙ୍ଗାରାମ୍ଳଜାନ ରହିଛି ।


ସଦ୍ୟଜାତ ଅଙ୍ଗାରାମ୍ଳଜାନପୂର୍ଣ୍ଣ ଗୋଟିଏ ନଳୀଦେଇ ଗତିକରିଥିବା ଆଲୋକରଶ୍ମିର ବର୍ଣ୍ଣାଳୀ ସହ ଶୁକ୍ରବର୍ଣ୍ଣାଳୀର ଅଶେଷ ସାମଞ୍ଜସ୍ୟ ଦେଖାଯାଇଥାଏ । ଏହା ପରୀକ୍ଷିତ ଓ ପ୍ରମାଣିତ ହୋଇଥିଲା ୧୯୩୨ ମସିହାରେ । ଏଥିରୁ ଅନୁମାନ କରାଯାଇଥିଲା ଯେ ଶୁକ୍ର ବାୟୁମଣ୍ଡଳ ଅଙ୍ଗାରାମ୍ଳଜାନରେ ଭରପୁର । ୬୭ ବର୍ଷପରେ ଆମେରିକା ଓ ସୋଭିଏତ୍ ମହାକାଶଯାନ ସେହି ତଥ୍ୟକୁ ପୁଣିଥରେ ପ୍ରମାଣିତ କରିଛି ।

ଏ ଦୁଇଟି ମହାକାଶଯାନ ସଂଗ୍ରହ-କରିଥିବା ତଥ୍ୟାବଳୀ ମଧ୍ୟରେ କେତେକ ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ମେରିନର୍—୫ ଶୁକ୍ରଗ୍ରହରେ ଏକ ଦୁର୍ବଳ ଚୁମ୍ବକକ୍ଷେତ୍ର ଥିବାର ସୂଚନା ଦେଇଥିଲା । ଭିନସ୍—୪ ଦ୍ୱାରା ତାହା ଅସ୍ୱୀକୃତ ହେଲା । କିନ୍ତୁ ଶୁକ୍ରର ଭିତରରେ ଉତ୍ତପ୍ତ ତରଳପଦାର୍ଥ ଯଦି ଥାଏ ତେବେ ନିଶ୍ଚୟ ଚୁମ୍ବକକ୍ଷେତ୍ର ରହିଥିବ । ଭିନସ୍—୪ ତଥ୍ୟାନୁଯାୟୀ ଯଦି ଏହି ଉତ୍ତପ୍ତ ତରଳପଦାର୍ଥ ନଥାଏ ତେବେ ଏହି ଗ୍ରହର ତାପମାତ୍ରା ଏତେ ଅଧିକ କାହିଁକି ?

ଶୁକ୍ର ସମ୍ବନ୍ଧୀୟ ଆଉ କେତେକ ତଥ୍ୟ ମଧ୍ୟ ସନ୍ଦେହାତ୍ମକ । ମେରିନର୍—୫ ଶୁକ୍ରର ବାତାବରଣ ସମ୍ବନ୍ଧରେ କେତେକ ଅବୋଧ୍ୟ ବିସ୍ମୟକର ତଥ୍ୟ ଯୋଗାଇଅଛି । ଝଡ଼ତୋଫାନ କିମ୍ବା ସ୍ତମ୍ଭୀଭୂତ ମେଘର ଆସ୍ତରଣ ହୋଇପାରେ । ଯାହାହେଉ ଶୁକ୍ର ଗ୍ରହ ସମ୍ପର୍କରେ କାଳକ୍ରମେ ବହୁ ତଥ୍ୟ ଜଣାପଡ଼ିବ । ଆଉ ବେଶୀଦୂର ନୁହେଁ, ନିକଟ ଭବିଷ୍ୟତରେ 'ପ୍ରଭାତୀ ତାରା' ଆଉ ବିସ୍ମୟର ବିଷୟବସ୍ତୁ ହୋଇ ନ ଥିବ ।

---

Digitized by srujanika@gmail.com




Digitized by srujanika@gmail.com

# ସ୍ୱାଧୀନତା ସଂଗ୍ରାମର ସ୍ମୃତି

## ଅପ୍ରେଲର ସେହି ସ୍ମରଣୀୟ ତିଥି



ମହାବୀର ତ୍ୟାଗୀ

ଭାରତୀୟ ପାଞ୍ଜି ଅନୁଯାୟୀ ୧୩ ଅପ୍ରେଲ ହେଉଛି ବିଷୁବ ସଂକ୍ରାନ୍ତି । ଏହି ଦିନଠାରୁ ନୂଆବର୍ଷ ଆରମ୍ଭ ହୁଏ । ଆମର ସ୍ୱତନ୍ତ୍ରତା ଯୁଦ୍ଧର ଇତିହାସରେ ଏହି ତିଥିକୁ ମଧ୍ୟ ଏକ ନୂଆ ଦିନ ରୂପେ ପାଳନ କରାଯାଏ । କାରଣ ଆଜିକୁ ୫୦ ବର୍ଷ ପୂର୍ବେ ଏହି ଦିନ ଆମେ ବିଦେଶୀ ସେନା ବିରୁଦ୍ଧରେ ପ୍ରଥମ ଅଭିଯାନ ଆରମ୍ଭ କରିଥିଲୁ । ବିଷୟ ପୁରୁଣା ହୋଇଯିବା ଯୋଗୁଁ ଲୋକେ କାଳେ ଭୁଲି ନ ଯା'ନ୍ତି ସେଥିପାଇଁ କିଛି ବ୍ୟାଖ୍ୟା ସହ ମୁଁ ବୁଝାଇଦେବାକୁ ଚାହେଁ, ଏହି ଅଭିଯାନର ଇତିହାସ କହି !

ମାର୍ଚ୍ଚ ୧୯୨୯ ମସିହାରେ ସରକାର ରୋଲଟ ବିଲ ନାମରେ ଏକ ଆଇନ କଲେ । ଏହି ଆଇନ ଅନୁଯାୟୀ ସରକାର ବିନା ୱାରେଣ୍ଟରେ ରାଜନୈତିକ ଓ ସମାଜ-ବାଦୀ ବ୍ୟକ୍ତିମାନଙ୍କୁ ଗିରଫ କରିବାର ବ୍ୟବସ୍ଥା ଥିଲା । ଏହି ଆଇନର ବିଭିନ୍ନ ଧାରାର ସାରାଂଶ ଥିଲା, ରୁଦ୍ଧ କକ୍ଷରେ ମୋକଦ୍ଦମା ଚଳିବ, ସମାଜବାଦୀମାନେ ଯାହା ଘରେ ଥିବେ ତାଙ୍କୁ ଗିରଫ କରାଯାଇ ପାରିବ, ଯାହା ପାଖରେ କୌଣସି ସମାଜ-ବାଦୀ ପତ୍ରିକା ବା କାଗଜପତ୍ର ମିଳିବ, ତାଙ୍କୁ

Digitized by srujanika@gmail.com

ବିନା ଓ୍ୱାରଣ୍ଟରେ ଗିରଫ କରିଯାଇ ପାରିବ ଓ ଦୁ' ବର୍ଷ ପର୍ଯ୍ୟନ୍ତ ଜେଲ ଦିଆଯାଇ ପାରିବ ।

କେନ୍ଦ୍ରୀୟ ଆସେମ୍ବ୍ଲିରେ ଦିନ ଯାଏ ଏ ସମ୍ପର୍କରେ ଆଲୋଚନା ଚାଲିଲା । ଯେଉଁମାନେ ନିର୍ବାଚିତ ସଦସ୍ୟ ଥିଲେ (ମାଳବୀୟଜୀ, ଜିନ୍ନାସାହେବ, ବିଠଲଭାଇ ପଟେଲ ଆଦି) ସମସ୍ତେ ଏହି ବିଲର ବିରୋଧ କଲେ । କିନ୍ତୁ ତଥାପି ବେଳେ ବିଲ ପାସ ହୋଇଗଲା । ସାରା ଦେଶରେ ଲୋକେ ହାହାକାର କରିବାକୁ ଲାଗିଲେ । କାରଣ ଇଂରେଜ ରାଜ୍ୟରେ ଏପରି ଆତଙ୍କ ଆଇନ ଆଗରୁ କେବେ ହୋଇ ନ ଥିଲା । ମହାତ୍ମା ଗାନ୍ଧୀ କହିଲେ, "ଶୋଇଥିବା ଲୋକକୁ ଉଠାଇ ହେବ; କିନ୍ତୁ ଯେ ଚେଇଁ ଶୋଇଥିବ, ତାକୁ କିଏ ଉଠାଇବ ! ଯେତେ ପାଟିତୁଣ୍ଡ କଲେ ମଧ ସେ ଉଠିବ ନାହିଁ ।"

## ଗାନ୍ଧିଜୀଙ୍କ ସ୍ୱପ୍ନ

ସେଦିନ ଗାନ୍ଧିଜୀ ଅସୁସ୍ଥ ଥିଲେ । ତେଥିପି ସେ ଦେଶ ଭ୍ରମଣ ଆରମ୍ଭ କରି ଦେଲେ । ଯେବେ ମାନ୍ଦ୍ରାଜରେ ପହଞ୍ଚିଲେ, ରାଜଗୋପାଳାଚାରୀଙ୍କର ଅତିଥି ହେଲେ । କ୍ଲାନ୍ତ ହୋଇ ପଡ଼ିଥିଲେ, ତଥାପି ନିଦ୍ରା ଭାଙ୍ଗିବା ପୂର୍ବରୁ ଉଠି ପଡ଼ିଲେ ଓ ରାଜାଜୀଙ୍କୁ ଉଠାଇ କହିଲେ, "ଆଜ ମୁଁ ଅର୍ଦ୍ଧ ନିଦ୍ରା ଅବସ୍ଥାରେ ଏକ ସ୍ୱପ୍ନ ଦେଖିଲି; ଏ ସ୍ୱପ୍ନ ମୋତେ ପାଗଳ କରି ଦେଇଛି । ସ୍ୱପ୍ନ ହେଉଛି, ସମସ୍ତ ଭାରତବାସୀଙ୍କୁ ଆହ୍ୱାନ କରିଯାଉ, ସେମାନେ ଗୋଟିଏ ଦିନ ସ୍ଥିର କରି ସେଦିନ ଉପବାସ ରହନ୍ତୁ, ଭଗବାନଙ୍କର ସ୍ମରଣ କରି ନିଜର ଅପରାଧର ପ୍ରାୟଶ୍ଚିତ୍ତ କରନ୍ତୁ ଏବଂ ସେହି ଦିନଟି ସବୁ ଦୋକାନ, ବଜାର, ବ୍ୟବସାୟ, କାରବାର ବନ୍ଦ ରହୁ ।" ରାଜାଜୀ ଏହି କଥାକୁ ପସନ୍ଦ କଲେ ଏବଂ ମାର୍ଚ୍ଚ ୩୦ ତାରିଖକୁ ଦିନ ସ୍ଥିର କରାଗଲା । ପୁଣି ମାର୍ଚ୍ଚ ୩୦ ତାରିଖ ବଦଳରେ ହେଲା ଅପ୍ରେଲ ୭ ତାରିଖ ଏବଂ ସେଦିନର ନାମ ରଖାଗଲା ସତ୍ୟାଗ୍ରହ ଦିବସ । ସ୍ଥିର ହେଲା ଯେ ସେଦିନ ଜବତ କରାଯାଇଥିବା ସାହିତ୍ୟ ଖୋଲି ଖୋଲି ଭାବରେ ବିକ୍ରୀ କରାଯିବ । ଅପ୍ରେଲ ୭ ତାରିଖ ଦିନ ସତ୍ୟାଗ୍ରହ ନାମରେ ଏକ ନିଷିଦ୍ଧ ପ୍ରଚାରପତ୍ର ବଣ୍ଟାଗଲା ଓ ଜବାହାରଲାଲ ନିଜ ହାତରେ ତାହା ବାଣ୍ଟିଲେ ।

ଦିଲ୍ଲୀବାସୀଗଣ ୩୦ ମାର୍ଚ୍ଚରେ ତାଙ୍କର ହରତାଳ ପାଳନ କଲେ । ସେଠାରେ ହିଂସାତ୍ମକ ବିକ୍ଷୋଭ ହେଲା । ପଞ୍ଜାବର କେତେ ସ୍ଥାନରେ ମଧ ଏହିପରି ବିକ୍ଷୋଭମାନ ଦେଖାଗଲା । ଗାନ୍ଧିଜୀ ପଞ୍ଜାବ ଆସୁଥିଲେ । କିନ୍ତୁ ତାଙ୍କୁ ଗିରଫ କରି ମଥୁରା ନିଆଗଲା । ସେଠାରୁ ଏକ ମାଲଗାଡ଼ିରେ ତାଙ୍କୁ ବସାଇ ସବାଇ-ମାଧୋପୁର ଓ ସେଠାରୁ ବମ୍ବେ ନିଆଗଲା । ବମ୍ବେ, ଅହମଦାବାଦ ଓ ନଡିଆଦରେ ମଧ ବିକ୍ଷୋଭ ଲାଗି ରହିଥାଏ । ଗାନ୍ଧିଜୀ ପ୍ରାୟଶ୍ଚିତ୍ତ ସ୍ୱରୂପ ତିନିଦିନ ଉପବାସ କଲେ । କାରଣ ସେ ହିଂସା ଚାହୁଁ ନ ଥିଲେ । ଏହି ଅବସରରେ ସେ କହିଲେ, ବିନା ପ୍ରସ୍ତୁତିରେ

Digitized by srujanika@gmail.com

ସତ୍ୟାଗ୍ରହ ଆରମ୍ଭ କରିଦେବା ହିମାଳୟ ପରି ଏକ ମସ୍ତବଡ଼ ଭୁଲ ।

ଅପ୍ରେଲ ୧୦ ତାରିଖରେ ଅମୃତସରରେ ଏକ ଜନତାକୁ ଶାନ୍ତ କରିବାକୁ ଯାଇ ଡକ୍ଟର କିଚ୍‌ଲୁ, ଡକ୍ଟର ସତ୍ୟପାଲ ଓ ରାମଭଜଦତ୍ତ ଚୌଧୁରୀ ଗିରଫ ହୋଇଗଲେ । ସହର ସାରା ନିଆଁ ଜଳି ଉଠିଲା । ହଜାର ହଜାର ସଂଖ୍ୟାରେ ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟାନ ଏକାଠି ଏକ ପଟୁଆରରେ ଡେପୁଟି କମିସନରଙ୍କ କୋଠି ଅଭିମୁଖରେ ଯାଉଥିଲେ, ଜେଲ ଫାଟକ ପାଖରେ ପୋଲିସ ଗୁଳି ଚଳାଇଲା ଓ ଦଶଜଣ ଲୋକ ଶହୀଦ ହୋଇଗଲେ ଓ ଶହ ଶହ ଲୋକ ଆହତ ହେଲେ । ଏହି ପଟୁଆର ଶହୀଦ ମାନଙ୍କର ମୃତଦେହ ଘେନି ଫେରୁଥିବା ଅବସ୍ଥାରେ ଜଣେ ଇଂରେଜ ସେହି ବାଟରେ ଆସୁଥିଲେ । ଲୋକେ ତାଙ୍କୁ ମାରି ପକାଇଲେ । ଏହିପରି ଲୋକଙ୍କ ମୁଣ୍ଡରେ ରକ୍ତ ଚଢ଼ିଗଲା । ଆଉ କେତେଜଣ ଇଂରେଜଙ୍କୁ ମଧ୍ୟ ମାରି ଦିଆଗଲା । ଡାକଘର ଓ ରେଳ ଗୋଦାମ ଲୁଟ୍ ହୋଇଗଲା ଏବଂ ଟାଉନ ହଲରେ ନିଆଁ ଲଗାଇ ଦିଆଗଲା । ସକାଳେ ବ୍ରିଗେଡ଼ିଅର ଜେନେରାଲ ଡାୟରଙ୍କ କମାଣ୍ଡରେ ସାରା ସହରରେ ସୈନ୍ୟମାନେ ପହରା ଦେବାକୁ ଲାଗିଲେ । ଅମୃତସରରେ ଦୁଇଦିନ ମାତ୍ର ଶାନ୍ତି ରହିଲା ।

## ଜାଲିଆନାବାଗ

ଅପ୍ରେଲ ୧୩ତାରିଖ ଦିନ ବୈଶାଖୀ ମେଳା ଉପଲକ୍ଷେ ଜାଲିଆନବାଗଠାରେ ବହୁ ସଂଖ୍ୟାରେ ଲୋକ ଜମା ହେଲେ । ଏହି ସ୍ଥାନ ଚାରିପାଖରେ ଲୋକଙ୍କ ଘରର କାନ୍ଥ । କେବଳ ଗୋଟିଏ ଗଳି ରାସ୍ତାରେ ଯାଇ ଏହା ଭିତରେ ପହଞ୍ଚିବାକୁ ହେବ । ଯାହା ହେଲା, ଜେନେରାଲ ଡାୟର ତାଙ୍କର ସୈନ୍ୟମାନଙ୍କୁ ଆଗୀ ଲୋକଙ୍କୁ ଆଦୌ ସତର୍କ ନ କରି ଗୁଳି ଚଳାଇବାକୁ ଆଦେଶ ଦେଲେ । ଦଶମିନିଟ ଧରି ଗୁଳି ବର୍ଷା ହେବାକୁ ଲାଗିଲା । ସ୍ତ୍ରୀ, ପୁରୁଷ, ପିଲା ଯେଉଁମାନେ ମେଳାକୁ ଆସିଥିଲେ ମୃତ୍ୟୁଙ୍କ ଭୟରେ ଏଣେ ତେଣେ ପଳାଇବାକୁ ଲାଗିଲେ । ତଥାପି ଡାୟରଙ୍କ ଗୋଳି ବର୍ଷା ବନ୍ଦ ହେଲା ନାହିଁ । ପଳାଇ ଯିବାର ରାସ୍ତା ଅତି ଛୋଟ ଥିବା ଯୋଗୁଁ ଲୋକେ ବାହାରି ପଳାଇଯାଇ ପାରିଲେ ନାହିଁ । ଦୁଧ ପିଉଥିବା ଛୁଆକୁ ଧରି ମାଆ ପଳାଉଥିବା ଅବସ୍ଥାରେ ଗୁଳି ମାଡ଼ରେ ଟଳି ପଡ଼ିଲା । ଏକହଜାର ଛ'ଶ ଲୋକ ଏହିପରି ଗୁଳିର ଶିକାର ହେଲେ । ଚାରିଆଡ଼େ ହା ହା କାର ପଡ଼ିଗଲା । କିନ୍ତୁ ଆହତ ବ୍ୟକ୍ତିଙ୍କୁ ବ୍ୟାଣ୍ଡେଜ୍ କରାଇବାପାଇଁ ମଧ୍ୟ କେହି ନ ଥିଲେ । ୪୦୦ ରୁ ଅଧିକ ଲୋକ ମଲେ । ୧୨୦୦ ଲୋକ ଆହତ ହୋଇ ଚିତ୍କାର କରିବାକୁ ଲାଗିଲେ । ସାରା ସହରରେ ସାମରିକ ଆଇନ ଜାରି କରାଗଲା ।

## ନିର୍ମମ ଜୁଲମ

କୌଣସି ଏକ ଗଳିର ଲୋକ କୌଣସି ଜଣେ ମେମକୁ କ'ଣ ଅପମାନ କରି କହିଥିଲେ । ସରକାରୀ ହୁକୁମ ହୋଇଗଲା ଯେ ସଡ଼କରେ ଯେଉଁ ହିନ୍ଦୁସ୍ତାନୀ ଲୋକ ଆସିବ, ସେ ଛେଳି ବଳଦଙ୍କ ପରି ଚାରି ହାତ-ଗୋଡ଼ ମାଡ଼ି ଚାଲିବ ।

Digitized by srujanika@gmail.com

ଯଦି କୌଣସି ଇଂରେଜ ଏହି ରାସ୍ତାରେ ଯାଉଥାଏ ତା'ହେଲେ ହିନ୍ଦୁସ୍ତାନୀ ନିଜର ମଟର ବା ସାଇକଲରୁ ଓହ୍ଲାଇ ତାଙ୍କୁ ସଲାମ କରିବାକୁ ହେବ ।

କର୍ଣ୍ଣେଲ ଜନସନ୍ ହୁକୁମ ଦେଲେ ପ୍ରତିଦିନ ୧୦୦ ଜଣ କଲେଜ ଛାତ୍ରଙ୍କୁ ଖରାରେ ୧୭ ମାଇଲ ମର୍ଚିଂ କରି ଚିଡ଼ିବାକୁ ହେବ ଓ ଉପସ୍ଥାନ ପଡ଼ିଲା ପରେ ସରକାରୀ ପତାକାକୁ ସେମାନଙ୍କୁ ସାଲ୍ୟୁଟ କରିବାକୁ ହେବ । ଯଦି କାହାର ଘର କାନ୍ଥରେ ସରକାରୀ ନୋଟିସ ନୋଚ୍ଚ କୋଚ୍ଚ ହୋଇ ଯାଇଥାଏ, କିମ୍ବା ଫାଟି ଯାଇଥାଏ, ତା'ହେଲେ ସେ ଘରର ଲୋକଙ୍କୁ ଗିରଫ କରାଯିବ । ଏହି ସମ୍ପର୍କରେ ଗୋଟିଏ କଲେଜର ସବୁ ପ୍ରଫେସରଙ୍କୁ ଗିରଫ କରି ନିଆଗଲା । ଏକ ବରଯାତ୍ରୀ ପଲ୍‌ଟଣର ବାଜା ବଜାଇ ଚାଲିଥିବା, ଏଥିରେ ଥିବା ସବୁ ଲୋକଙ୍କୁ ହଣ୍ଟରର ସାହାଯ୍ୟରେ ପିଟି ଦିଆଗଲା । ବାଦସାହି ମସ୍‌ଜିଦରେ ୪୬ ଦିନ ମୁସଲିମଙ୍କୁ ନମାଜ ପଢ଼ିବା ପାଇଁ ମନାକରି ଦିଆଗଲା ।

ଆମେ ବର୍ଷେ ପର୍ଯ୍ୟନ୍ତ ଜାଲିଆନାବାଗ କାହାଣୀ ଶୁଣାଇ ଶୁଣାଇ ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତିଶାଳୀ କଲୁ ।

କିନ୍ତୁ ଇଂରେଜ କର୍ମଚାରୀମାନେ ଆମ ଉପରେ ଯେତେ ଦମନ ଚଲାଇଲେ ବ୍ରିଟିଶ ସମ୍ରାଟ ଓ ତାଙ୍କର ପାର୍ଲାମେଣ୍ଟର ସହାନୁଭୂତି ସେତିକି ଆମ ଆଡ଼କୁ ଟଳିଲା । ୧୯୧୯ ମସିହା ଡିସେମ୍ବର ୨୪ ତାରିଖକୁ ବ୍ରିଟିଶ ସମ୍ରାଟ ଭାରତର ସବୁ ରାଜନୈତିକ ବନ୍ଦୀଙ୍କୁ ଛାଡ଼ିଦେଲେ ଓ ଭାରତ ରକ୍ଷାର ଆଇନକୁ ଉଠାଇ ଦିଆଗଲା ।

ମହାତ୍ମା ଗାନ୍ଧୀଙ୍କର ଉପରେ ଏହାର ଖୁବ୍ ଭଲ ପ୍ରଭାବ ପଡ଼ିଲା । ଅମୃତସର କଂଗ୍ରେସରେ ସେ ପ୍ରସ୍ତାବ ଦେଲେ ଯେ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର କରି ନିଆଯାଉ । ଦେଶବନ୍ଧୁ ଦାସ, ବିପିନ ଚନ୍ଦ୍ର ପାଲ, ଲୋକମାନ୍ୟ ତିଲକ ସମସ୍ତେ ଏହାର ବିରୋଧରେ ଥିଲେ । ଗାନ୍ଧିଜୀ କଂଗ୍ରେସଛାଡ଼ି ଚାଲିଯିବାପାଇଁ କହିବାରୁ ମାଲବୀୟଜୀ ତାଙ୍କୁ ବୁଝେଇ ସୁଝେଇ ଅଟକାଇଲେ । ଜୟରାମ ଦାସ ଦୌଲତରାମ ଏପରି ଏକ ସଂଶୋଧନ ପ୍ରସ୍ତାବ ଆଣିଲେ ଯାହାକି ସମସ୍ତେ ସମର୍ଥନ କରିଗଲେ । ମହାତ୍ମାଗାନ୍ଧୀଙ୍କର ଏପରି କ୍ଷମତା ଥିଲା, ଯାହାଫଳରେ ବ୍ରିଟିଶ ସରକାର ଆନନ୍ଦ ମନରେ ଆମକୁ ସ୍ୱାଧୀନତା ଦେଇ ଶାସନର ବାଗଡ଼ୋର ଆମ ହାତରେ ବଢ଼ାଇ ଦେଲେ । ଆମର ଯେପରି ଆମ ସ୍ୱାଧୀନତାରେ ଗର୍ବ, ବ୍ରିଟିଶ ସରକାରଙ୍କର ମଧ୍ୟ ନିଜର ଉଦାରତାରେ ସେହିପରି ଗୌରବ । ଆଜି ମଧ୍ୟ ସେ ଆମର ମିତ୍ର ଓ ସଙ୍କଟ ସମୟରେ ଆମର ସାହାଯ୍ୟକାରୀ । ଆମେ ବ୍ରିଟିଶଙ୍କ ପ୍ରତି କୃତଜ୍ଞ ; କିନ୍ତୁ ସତ କହିବାକୁ ଗଲେ ପାକିସ୍ତାନ ପ୍ରତି ସେମାନଙ୍କର ଅନୁରାଗ ଅଧିକ ।

ଯେପରିକି ପଚାଶବର୍ଷ ତଳେ ହିନ୍ଦୁ, ମୁସଲମାନ, ଶିଖ, ପାର୍ସୀ ସବୁଶ୍ରେଣୀର ଶହୀଦ ରକ୍ତରେ ଏକତାର ଶପଥ ନେଇଥିଲେ, ଆଜି ସେହିପରି ଆମର ଶତ୍ରୁମାନଙ୍କର ମୁକାବିଲା କରିବା ପାଇଁ ଜବାନମାନେ ଏକତା ମନ୍ତ୍ରରେ ଦୀକ୍ଷିତ ହୋଇଛନ୍ତି । ଜୟହିନ୍ଦ୍ ।

---

Digitized by srujanika@gmail.com

# ତେରମାସ ବନବାସ ଓ ପାଶୁପତ ଅସ୍ତ୍ର

ଜୟନ୍ତୀ ପଟ୍ଟନାୟକ

ପାଣ୍ଡବମାନେ କାମ୍ୟକ ବନରୁ ଯାଇ ଦ୍ୱୈତବନରେ ଅବସ୍ଥାନ କଲେ ଓ ଏହି ଠାରେ ବାରବର୍ଷ କଟାଇ ଦେବେ ବୋଲି ସ୍ଥିର କଲେ । ସେମାନଙ୍କ ସହିତ ବହୁ ବ୍ରାହ୍ମଣ ଯାଇ ଅବସ୍ଥାନ କରୁଥିଲେ । ଏହି ପରି କବି ବର୍ଣ୍ଣନା ଅଛି ଯେ ବ୍ରାହ୍ମଣମାନଙ୍କର ବେଦ ଧ୍ୱନି ଓ ପାଣ୍ଡବମାନଙ୍କର ଧନୁର ଟଙ୍କାର ଏକତ୍ର ମିଶ୍ରିତ ହୋଇ ମନୋଜ୍ଞ ବୋଧ ହେଲ ।

ମଝିରେ ମଝିରେ କେହି କେହି ଖ୍ୟାତନାମା ଋଷି ତୀର୍ଥଯାତ୍ରାରେ ଆସି ସେମାନଙ୍କ ପାଖରେ ପହଞ୍ଚି ଯାଉଥିଲେ । ଦାଲଭ୍ୟ ନାମକ ଏହିପରି ଜଣେ ଋଷି ଆସି ପାଣ୍ଡବମାନଙ୍କର ଏହି ଆଦର୍ଶ ଜୀବନର ପ୍ରଶଂସା କରିଥିଲେ । ସେ କହିଥିଲେ, "ଯେପରି ଅଗ୍ନି ସହିତ ବାୟୁ ସଂଯୋଜିତ ହେଲେ ବନମାନେ ଦଗ୍ଧ ହୁଅନ୍ତି, ସେହିପରି ଯାଗ ବଳରେ ବ୍ରହ୍ମତେଜ ସଂଯୁକ୍ତ ହେଲେ ଶତ୍ରୁମାନେ ବିନଷ୍ଟ ହୁଅନ୍ତି । ରାଜା ଯୁଧିଷ୍ଠିର ବ୍ରାହ୍ମଣ ଓ ଋଷିମାନଙ୍କ ସମ୍ପର୍କରେ ଆସି ସେମାନଙ୍କ ପ୍ରତି ଶ୍ରଦ୍ଧାଯୁକ୍ତ ହେଉଥିବା ଯୋଗୁଁ ନିଶ୍ଚୟ ସେ ଶତ୍ରୁମାନଙ୍କୁ ଦମନ କରି ଯଶସ୍ୱୀ ହେବେ ।"

ପ୍ରସିଦ୍ଧ ମାର୍କଣ୍ଡେୟ ଋଷି ମଧ୍ୟ ଆସି ପାଣ୍ଡବମାନଙ୍କୁ ଉପଦେଶ ଦେଇଥିଲେ । ମାର୍କଣ୍ଡେୟ ଅମର ଥିଲେ । ତ୍ରେତା ଯୁଗରେ ବନବାସୀ ରାମଚନ୍ଦ୍ରଙ୍କୁ ସେ ଭ୍ରାତା ଲକ୍ଷ୍ମଣଙ୍କ ସହିତ ଋଷ୍ୟମୂକ ପର୍ବତରେ ଅବସ୍ଥାନ କରିଥିବାର ଦେଖିଥିଲେ । ତେଣୁ ସେ ଯୁଧିଷ୍ଠିର ଓ ତାଙ୍କର ଭାଇମାନଙ୍କୁ ଧୈର୍ଯ୍ୟ ଧରି ରହିବା ପାଇଁ ପରାମର୍ଶ ଦେଲେ ।

ଯୁଧିଷ୍ଠିର ନିଜର ମନକୁ ସ୍ଥିର କରି ନେଇଥିଲେ ଓ କୌଣସି ଅସନ୍ତୋଷ ବା ଅଭିଯୋଗ ନ କରି ବନବାସ ବ୍ରତ ପାଳନ କରୁଥିଲେ । କିନ୍ତୁ ଦ୍ରୌପଦୀ ବା ଅନ୍ୟ ପାଣ୍ଡବମାନେ ଏହିପରି ଏକ ଅଯାଚିତ ଦୁଃଖରେ ନିଜକୁ ଅଭ୍ୟସ୍ତ କରି ପାରିଲେ ନାହିଁ ।

## ଦ୍ରୌପଦୀଙ୍କ ଭର୍ତ୍ସନା

ଦିନେ ଦ୍ରୌପଦୀ ଅନ୍ୟ ପାଣ୍ଡବମାନଙ୍କ ଉପସ୍ଥିତିରେ ଯୁଧିଷ୍ଠିରଙ୍କୁ କହିଲେ,

Digitized by srujanika@gmail.com

"ଦୁର୍ଯ୍ୟୋଧନ ଆପଣଙ୍କ ନିଜର ଭାଇ ହେଲେ ମଧ୍ୟ ନିର୍ଦ୍ଦୋଷରେ ଆପଣଙ୍କୁ ଓ ଆମମାନଙ୍କୁ ବନବାସ ଦୁଃଖ ଭୋଗ କରାଇ ଅନୁତପ୍ତ ହେଉନାହିଁ, ସମସ୍ତେ ଆମର ଦୁଃଖରେ ଦୁଃଖିତ । କିନ୍ତୁ ଦୁର୍ଯ୍ୟୋଧନ, ଦୁଃଶାସନ, କର୍ଣ୍ଣ, ଶକୁନି ଏମାନେ ଦୁଃଖିତ ନୁହନ୍ତି । ଏହା ଜାଣି ଓ ରାଜଭୋଗ ପରିବର୍ତ୍ତେ ଏହି କଷ୍ଟକର ଜୀବନ ଯାପନ କରି ମଧ୍ୟ ଆପଣଙ୍କ ମନରେ ଟିକିଏ ହେଲେ କ୍ରୋଧ ଜାତ ହେଉନାହିଁ । ଅନିନ୍ଦ୍ୟପରାକ୍ରମ ଭୀମ, ଅର୍ଜୁନ ଦୁଃଖ ଭୋଗ କରୁଛନ୍ତି । ସୁକୁମାର ମାଦ୍ରୀ-ନନ୍ଦନ ନକୁଳ, ସହଦେବ ଏପରି ଦୁଃଖ ଭୋଗ କରୁଛନ୍ତି ; ମୁଁ ରାଜକୁମାରୀ, ପାଣ୍ଡୁଙ୍କର ପୁତ୍ରବଧୂ ଓ ରାଜରାଣୀ ହୋଇ ମଧ୍ୟ ଏପରି ଦଶା ଭୋଗ କରୁଛି ; ତଥାପି ଆପଣଙ୍କ ମନରେ ଦୁଃଖ ହେଉନାହିଁ, କ୍ରୋଧ ଜାତ ହେଉନାହିଁ, ଏହା ଅତିଶୟ ଆଶ୍ଚର୍ଯ୍ୟର ବିଷୟ । କ୍ଷତ୍ରିୟ ହୋଇ ଯେ ନିଜର କର୍ତ୍ତବ୍ୟ ତେଜ, ବଳ ଓ ପରାକ୍ରମ ପ୍ରକାଶ ନ କରେ, ତାକୁ କେହି ଲୋକରେ ସମ୍ମାନ ଦିଅନ୍ତି ନାହିଁ ।

"ଆପଣଙ୍କର ଏପରି ଭାଗ୍ୟକୁ ଆଦରି ରହିବା ଓ ଦୁର୍ଯ୍ୟୋଧନର ଐଶ୍ୱର୍ଯ୍ୟ ଦିନ ଦିନ ବୃଦ୍ଧି ହେବାର ଦେଖି ମୁଁ ମନେ କରୁଛି ଯେ ସୃଷ୍ଟିକର୍ତ୍ତାଙ୍କ କାର୍ଯ୍ୟ ଅତ୍ୟନ୍ତ ବିପରୀତ । ଏଣିକି ଧର୍ମକୁ ଆଉ ପ୍ରଶଂସା ନ କରି କୁଟିଳତା ଓ ପାପ ବୁଦ୍ଧିକୁ ପ୍ରଶଂସା କରିବାକୁ ହେବ । ପ୍ରବଞ୍ଚକମାନେ ଧନ୍ୟ, ଯେଉଁମାନେ ବଳ ଓ ଶଠତା ଦ୍ୱାରା ନିଜର ଇପ୍‌ସିତ ଲକ୍ଷ୍ୟ ସାଧନ କରୁଛନ୍ତି । ଦୁର୍ବଳ ଲୋକଙ୍କୁ ଶୋଚନା କରିବାର କଥା, କାରଣ ସେମାନେ ନିଜର ଭାଗ୍ୟକୁ ଆଦରି ରହିବାହିଁ ଜାଣନ୍ତି ।"

ଦ୍ରୌପଦୀଙ୍କର ଏହି ଉକ୍ତି ତାଙ୍କ ପ୍ରତି ଏକ ଭର୍ତ୍ସନା ବୋଲି ଅନୁଭବ କରି ଯୁଧିଷ୍ଠିର କ୍ରୋଧ ଦ୍ୱାରା କିପରି ବିବେକ ବୁଦ୍ଧି ନଷ୍ଟ ହୁଏ, କ୍ରୋଧ ସମସ୍ତ ବିବାଦ, କଳହ ଓ ଯୁଦ୍ଧର କାରଣ, ସେହି ଦୃଷ୍ଟିରୁ କ୍ଷମା ଆଚରଣ ସର୍ବଦା ବାଞ୍ଛନୀୟ ଓ ଶାନ୍ତି ସ୍ଥାପନ କର୍ତ୍ତବ୍ୟ, ଏହା ବୁଝାଇବା ପାଇଁ ଚେଷ୍ଟା କରିଥିଲେ । ୧୩ ବର୍ଷ ବନବାସ ଅନ୍ତ ହୋଇଗଲେ ସେମାନେ ନିଜର ରାଜ୍ୟ ନିଶ୍ଚୟ ଲାଭ କରି ପାରିବେ ବୋଲି ସେ କହିଥିଲେ ।

## ଆତ୍ମଗୋପନ ଅସମ୍ଭବ

କିନ୍ତୁ ଏଥିରେ ଦ୍ରୌପଦୀ ବା ଅନ୍ୟମାନଙ୍କର ହୃଦ୍‌ବୋଧ ହେଲା ନାହିଁ । ଭୀମ ଦ୍ରୌପଦୀଙ୍କ ପକ୍ଷ ଅବଲମ୍ବନ କରି କହିଲେ, "ମହାରାଜ, ଆପଣଙ୍କର ଅତ୍ୟଧିକ ଧର୍ମାଚରଣ ଯୋଗୁଁ ବୁଦ୍ଧିଭ୍ରଂଶ ହୋଇଅଛି । ଆପଣ କ୍ଷତ୍ରିୟ ଓ ରାଜକୁଳରେ ଜନ୍ମ ହୋଇ ବ୍ରାହ୍ମଣଙ୍କ ପରି ଭିକ୍ଷା ବୃତ୍ତି ଅବଲମ୍ବନରେ କୃତ-ନିଶ୍ଚୟ ପରି ଜଣା ଯାଉଛି । ଦୁର୍ଯ୍ୟୋଧନ ଧର୍ମ କିମ୍ବା ପରାକ୍ରମ ଦ୍ୱାରା ଆମର ରାଜ୍ୟକୁ ଅପହରଣ କରିନାହିଁ । କପଟ ପାଶା-ଖେଳର ଆଶ୍ରୟ ଗ୍ରହଣ କରି ସେ ଏହା କରିଅଛି । ତେଣୁ ଏପରି ଲୋକ ପ୍ରତି ଧର୍ମାଚରଣର କି ମୂଲ୍ୟ ଅଛି ? ନିଜର କପଟୀ ଶତ୍ରୁମାନଙ୍କୁ ଜୟ କରିବା ପାଇଁ ଯେ ପୌରୁଷ ବା ସାହସ ପ୍ରକାଶ ନ କରେ, ସେପରି

Digitized by srujanika@gmail.com

ସର୍ବସ୍ୱ ନିନ୍ଦାର ଯୋଗ୍ୟ । ଆପଣଙ୍କ ପ୍ରତି ଅତ୍ୟଧିକ ଶ୍ରଦ୍ଧା ଥିବା ଯୋଗୁଁ ଓ ଆପଣଙ୍କ ଚରିତ୍ରକୁ ଆମେମାନେ ସ୍ୱୀକାର କରୁଥିବା ଯୋଗୁଁ କେବଳ ଆପଣଙ୍କର ସନ୍ତୋଷ ନିମନ୍ତେ ଏହି ଅସହ୍ୟ ଦୁଃଖ ଭୋଗ କରୁଅଛୁ । ଆମର ଦୁଃଖ ଯେ ଆପଣଙ୍କ ପ୍ରତି ଉପରୋଧ ରଖି ଦୁର୍ଯ୍ୟୋଧନ ଓ ତାର ବନ୍ଧୁମାନଙ୍କୁ ଆମେ ତତ୍‌କାଳରେ ବିନାଶ କରିନାହୁଁ । ଆପଣଙ୍କର ଏହି ବ୍ୟବହାରକୁ କୃଷ୍ଣ, ଅର୍ଜ୍ଜୁନ, ଅଭିମନ୍ୟୁ, ସଜସ୍ୱ, ନକୁଳ, ସହଦେବ ଆମ୍ଭେମାନେ କେହି ସମର୍ଥନ କରି ପାରୁ ନାହୁଁ । କାଳେ ଆପଣଙ୍କ ମନରେ କଷ୍ଟ-ହେବ, ସେଥିପାଇଁ ସେମାନେ ମନ ଦୁଃଖ ମନରେ ମାରି ରହିଛନ୍ତି । ଦ୍ରୌପଦୀ ଓ ମୁଁ ଚୁପ୍ ହୋଇ ରହି ପାରୁନାହୁଁ ।

"ଆପଣ ଯେଉଁ ବ୍ରତ ପାଳନର କଥା କହୁଛନ୍ତି, ତାହାର କି ମୂଲ୍ୟ ଅଛି ମୁଁ ବୁଝି ପାରୁନାହିଁ । ଯେଉଁମାନେ କାପୁରୁଷ, ନିଜର ସମ୍ପତ୍ତି ରକ୍ଷା କରିବାରେ ଅସମର୍ଥ, ସେମାନେ ଏପରି ନିଷ୍ଫଳ ବୈରାଗ୍ୟ ଅବଲମ୍ବନ କରି ମନେ ମନେ ସନ୍ତୁଷ୍ଟ ହୁଅନ୍ତି । ଜନ୍ମହେଲେ ମରଣ ନିଶ୍ଚିତ । ୧୩ ବର୍ଷକାଳ କିଛି କମ୍ ସମୟ ନୁହେଁ । ତାହାପରେ ରାଜ୍ୟ ପାଇବା ପାଇଁ ଆମେ ବଞ୍ଚିଥିବୁ ବୋଲି କିଏ କହିବ ? ପୁଣି ବର୍ଷେ ଅଜ୍ଞାତବାସ ! ପାଣ୍ଡବ ମାନେ ସମସ୍ତ ଭୁବନବିଦିତ । ନଡ଼ା ବିଡ଼ାକରେ ହିମାଳୟ ପର୍ବତକୁ ଲୁଚାଇ ରଖିବା ଯେପରି କଷ୍ଟକର, ଆମର ଆତ୍ମ ଗୋପନ ସେହିପରି କଷ୍ଟକର । ଧନୁର୍ଦ୍ଧାରୀ ଅର୍ଜ୍ଜୁନଙ୍କୁ କିଏ ଲୁଚାଇ ରଖିବ ? ସିଂହ ସଦୃଶ ନକୁଳ, ସହଦେବ କେଉଁଠି ଲୁଚି ରହିବେ ? ପାଞ୍ଚାଳ ରାଜନନ୍ଦିନୀଙ୍କୁ ତାଙ୍କ ରୂପ, ଗୁଣ ପାଇଁ ସମସ୍ତେ ଜାଣନ୍ତି । ସେ ବୀରପୁତ୍ରମାନଙ୍କ ଜନନୀ । ସେ କିପରି ଲୁଚି ରହିବେ ? ଏହାଛଡ଼ା ରାଜସୂୟ ବେଳେ ବହୁ ରାଜାଙ୍କୁ ଆମେ ପ୍ରତ୍ୟାଖ୍ୟାତ କରିଥିବା ଯୋଗୁଁ ସେମାନେ କୌରବମାନଙ୍କ ପକ୍ଷ ଅବଲମ୍ବନ କରିଛନ୍ତି । ସେମାନେ ଚର ଲଗାଇ ଆମକୁ ଖୋଜାଇବାରେ ଦୁର୍ଯ୍ୟୋଧନକୁ ସାହାଯ୍ୟ କରିବେ । ଧରା ପଡ଼ିଗଲେ ଏହି ତେର ବର୍ଷର କଷ୍ଟ ବୃଥା ହୋଇଯିବ । ତେଣୁ ମୋର କଥା ମାନନ୍ତୁ । ଆଜିକୁ ତେରମାସ ପୂରିଗଲା । ବର୍ଷର ପ୍ରତିନିଧି ହେଉଛି ମାସ; ତେର ମାସକୁ ତେର ବର୍ଷ ବୋଲି ଜ୍ଞାନ କରନ୍ତୁ ଏବଂ ଏକ ମଙ୍ଗଳସୂଚକ ବୃଷଭକୁ ଭଲ ଭୋଜନ ଦେଇ ଆପଣ ପାପମୁକ୍ତ ହୁଅନ୍ତୁ ।"

## ପ୍ରତିଜ୍ଞା ପାଳିତ ହେବ

ଭୀମଙ୍କର ଯୁକ୍ତିରେ ଯୁଧିଷ୍ଠିର ଦୁଃଖିତ ସ୍ୱରରେ କହିଲେ, "ତୁମେ ବାକ୍ୟବାଣ ଦ୍ୱାରା ଯେଉଁ ଦୁଃଖ ଦେଲ, ସେଥିପାଇଁ ମୁଁ ତୁମକୁ ନିନ୍ଦା କରୁନାହିଁ । ତୁମେ ଦ୍ୟୂତକ୍ରୀଡ଼ା ପରେ ମୋର ବାହୁଦ୍ୱୟକୁ ଦଗ୍ଧ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲ । ଅର୍ଜୁନ ତୁମକୁ ବାରଣ କଲେ । ମୁଁ ତୁମର କ୍ରୋଧ ଓ ଅଧୀର-ତାକୁ ଅନୁଭବ କରି ପାରୁଛି । କିନ୍ତୁ ତୁମେ ଜାଣ, କପଟପାଶା ନିନ୍ଦନୀୟ ହେଲେ ମଧ୍ୟ ଥରେ ସେଥିରେ ପଶି ମୁଁ ଯେତେବେଳେ ବାରବର୍ଷ ବନବାସ ଓ ଏକବର୍ଷ ଅଜ୍ଞାତବାସ

Digitized by srujanika@gmail.com

ପାଇଁ ପ୍ରତିଜ୍ଞାବଦ୍ଧ ହୋଇଛୁ, ତାହା ମୁଁ ନିଶ୍ଚୟ ପାଳନ କରିବି । ଏ ପ୍ରତିଜ୍ଞା କେବେ ଅସତ୍ୟ ହେବାର ନୁହେ । ଧର୍ମ ହିଁ ସବୁଠାରୁ ଶ୍ରେଷ୍ଠ ବସ୍ତୁ । ରାଜ୍ୟ, ପୁତ୍ର, ଯଶ ଓ ଧନ ଏମାନେ ସତ୍ୟରକ୍ଷା, ଧର୍ମରକ୍ଷାର ଷୋଳଭାଗରୁ ଭାଗେ ମଧ୍ୟ ନୁହନ୍ତି ।

"କେବଳ ସାହସ ପ୍ରକାଶ କରି ଦୁର୍ଯ୍ୟୋଧନ ସହିତ ଯୁଦ୍ଧ କରିବା ଆଦୌ ବାଞ୍ଛନୀୟ ନୁହେ । ଦୁର୍ଯ୍ୟୋଧନ ବର୍ତ୍ତମାନ ତାର ଶକ୍ତି ଯଥେଷ୍ଟ ବୃଦ୍ଧି କରିଛି । ବହୁ ରାଜା ତାକୁ ସମର୍ଥନ କରୁଛନ୍ତି । ଏହା ଛଡ଼ା ଭୀଷ୍ମ,ଦ୍ରୋଣ, ଅଶ୍ୱତ୍ଥାମା ,କୃପ ନିରପେକ୍ଷ ହେଲେ ହେଁ ସେମାନେ କୌରବଙ୍କ ଅନ୍ନରେ ପାଳିତ ହେଉଥିବା ଯୋଗୁଁ ଦୁର୍ଯ୍ୟୋଧନ ପାଇଁ ପ୍ରାଣମୂର୍ଚ୍ଛା ସଂଗ୍ରାମ କରିବେ । ବିଶେଷତଃ କର୍ଣ୍ଣ ସମସ୍ତ ଅସ୍ତ୍ର, ଶସ୍ତ୍ରରେ ପାରଙ୍ଗମ । ତାଙ୍କ କଥା ଚିନ୍ତା କଲାବେଳେ ମୋତେ ରାତିରେ ନିଦ ହେଉନାହିଁ ।"

ଯୁଧିଷ୍ଠିରଙ୍କର ଦୁଃଖ, ବିଶେଷତଃ ନିଜ କଥାରୁ ଟିକିଏ ହେଲେ ନ ଟଳିବାର ଦୃଢ଼ତା ଦେଖି ଭୀମ ଓ ଦ୍ରୌପଦୀ ନୀରବ ରହିଲେ ।

## ଦିବ୍ୟାସ୍ତ୍ରର ସନ୍ଧାନ

ଏହି ସମୟରେ ସତ୍ୟବତୀଙ୍କର ପୁତ୍ର ମୁନି ବ୍ୟାସଦେବ ସେଠାରେ ଉପସ୍ଥିତ ହେଲେ ଏବଂ ଆଲୋଚନାର ବିଷୟ ଅବଗତ ହୋଇ ପରାମର୍ଶ ଦେଲେ, ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଅଶ୍ୱତ୍ଥାମା, କୃପାଚାର୍ଯ୍ୟଙ୍କୁ ଯୁଦ୍ଧରେ ଜୟ କରିବା ପାଇଁ ଅର୍ଜୁନ ଇନ୍ଦ୍ର ଓ ମହାଦେବଙ୍କ ଠାରୁ ସିଦ୍ଧ ଅସ୍ତ୍ର ମାନଙ୍କୁ ସଂଗ୍ରହ କରନ୍ତୁ ।

ଅର୍ଜୁନ ଗାଣ୍ଡୀବ ଧନୁ ଓ ଅକ୍ଷୟ ତୂଣୀର ଗ୍ରହଣ ପୂର୍ବକ ଦିବ୍ୟାସ୍ତ୍ରମାନଙ୍କ ସନ୍ଧାନରେ ବାହାରିଲେ । ବ୍ରାହ୍ମଣମାନେ ତାଙ୍କୁ ଆଶୀର୍ବାଦ କଲେ ଓ ଯୁଧିଷ୍ଠିର ସାଧୁ ବ୍ରତରେ ରହି ନିଜର ଉପସ୍ଥିତ ଲକ୍ଷ୍ୟ ଲାଭ ପାଇଁ ପରାମର୍ଶ ଦେଇ କହିଲେ, "ହେ ପାର୍ଥ, ତୁମେ ଆମ୍ଭମାନଙ୍କର ଏକମାତ୍ର ସହାୟ । ତୁମେ ଇନ୍ଦ୍ରାଦି ଦେବତା ମାନଙ୍କଠାରୁ ଶୀଘ୍ର ଦିବ୍ୟ ଅସ୍ତ୍ରମାନ ଲାଭ କରି ଫେରି ଆସ ।"

ଅର୍ଜୁନ ଦ୍ରୌପଦୀଙ୍କଠାରୁ ବିଦାୟ ନେବାବେଳେ ସେ କହିଲେ, "ଧନଞ୍ଜୟ, ତୁମେ ଜନ୍ମ ହେବାବେଳେ କୁନ୍ତୀଦେବୀ ଯେଉଁ ଇଚ୍ଛା ପ୍ରକାଶ କରିଥିଲେ, ତାହା ସାର୍ଥକ ହେଉ । ଆମ୍ଭମାନଙ୍କର ସୁଖ, ସୌଭାଗ୍ୟ, ଶାନ୍ତି ଓ ସମ୍ମାନ ତୁମରି ଉପରେ ନିର୍ଭର କରୁଛି । କୁରୁ ରାଜସଭାରେ ଦୁର୍ଯ୍ୟୋଧନ ମୋତେ ଯେଉଁ ଅପମାନ କରିଛି, ତାହା ମୁହୂର୍ତ୍ତେ ମାତ୍ର ମୁଁ ଭୁଲି ପାରୁନାହିଁ । ତୁମର ଯାତ୍ରା ମଙ୍ଗଳମୟ ହେଉ । ତୁମର ଲକ୍ଷ୍ୟ ସିଦ୍ଧ ହେଉ । ମୁଁ ତୁମର ଭାଇମାନଙ୍କ ସହିତ ତୁମ ଆସିବାର ସମୟକୁ ଚାହିଁ ରହିଥିବି ।"

ଅର୍ଜୁନ ଏହିପରି ବିଦାୟ ଗ୍ରହଣ କରି ବହୁ ଅରଣ୍ୟ ଓ ପର୍ବତ ପାର ହୋଇ ହିମାଳୟ ଅଭିମୁଖରେ ଯାତ୍ରାକଲେ । ସେଠାରେ 'ଇନ୍ଦ୍ରକୀଳ' ନାମକ ଏକ ପର୍ବତରେ ପହଞ୍ଚିବା କ୍ଷଣି ଜଣେ ବୃଦ୍ଧ ତପସ୍ୱୀ ଗୋଟିଏ ବୃକ୍ଷ ମୂଳରେ ବସି ରହିଥିବାର ଦେଖିଲେ । ଅର୍ଜୁନଙ୍କୁ ଦେଖି ତପସ୍ୱୀ

Digitized by srujanika@gmail.com

କହିଲେ "ତୁମେ କିଏ ? ଏପରି ଧନୁ, କବଚ, ତୁଣୀର ଧାରଣ କରି ଏଠାକୁ ଆସିଛ । ଏଠାରେ ଏପରି ଅସ୍ତ୍ର, ଶସ୍ତ୍ରର ପ୍ରୟୋଜନ ନାହିଁ । ବନସ୍ଥ ଧର୍ମ ଆଚରଣ କରୁଥିବା ଋଷି ଓ ସନ୍ନ୍ୟାସୀ ମାନଙ୍କର ଏହା ରହିବାର ସ୍ଥାନ । ଏଠାରେ ଧନୁଶରର କୌଣସି କାର୍ଯ୍ୟ ନାହିଁ ।"

ଅର୍ଜୁନ ସ୍ଥିର ଭାବରେ ତାଙ୍କୁ ଚାହିଁ ରହିଥାନ୍ତି । ଇନ୍ଦ୍ର ଆଉ ବେଶୀ ସମୟ ତାଙ୍କୁ ସନ୍ଦେହାନ ଅବସ୍ଥାରେ ନ ରଖି କହିଲେ, "ହେ ପୁତ୍ର, ମୁଁ ହେଉଛି ଇନ୍ଦ୍ର । ମୁଁ ତୁମକୁ ସାକ୍ଷାତ ଦେବାପାଇଁ ଆସିଛି ।

ଅର୍ଜୁନ ନିଜର ପିତାଙ୍କୁ ପ୍ରଣିପାତ କରି କହିଲେ, "ମୁଁ ଦିବ୍ୟଅସ୍ତ୍ର ଲାଭ କରିବା ପାଇଁ ଆସିଛି । ଆପଣ ମୋତେ ସେ ସବୁ ଅସ୍ତ୍ରରେ ଶିକ୍ଷାଦାନ କରନ୍ତୁ ।"

ଇନ୍ଦ୍ର ଉତ୍ତର ଦେଲେ, "ତୁମେ ଏପରି ସ୍ଥାନକୁ ଆସି କାହିଁକି ଅସ୍ତ୍ରର କାମନା କରୁଛ ? ତୁମେ ଯଦି ସ୍ୱର୍ଗ ଲୋକରେ ସୁଖରେ ବାସ କରିବାପାଇଁ ଚାହିଁ, ମୁଁ ତୁମକୁ ସେ ବର ପ୍ରଦାନ କରିବି ।"

ଅର୍ଜୁନ କହିଲେ, "ମୁଁ ସ୍ୱର୍ଗ ଲୋକର ଐଶ୍ୱର୍ଯ୍ୟ ବା ଦେବତାଙ୍କର ଅମରତ୍ୱ କାମନା କରୁନାହିଁ । ବନବାସ ଦୁଃଖରେ ରହିଥିବା ମୋର ଭାଇମାନଙ୍କୁ ଓ ପାଞ୍ଚାଳୀଙ୍କୁ ମୁଁ ଛାଡ଼ି ଦେଇ ଆସିଛି । ମୋର ଏକମାତ୍ର ଲକ୍ଷ୍ୟ, ଦିବ୍ୟାସ୍ତ୍ର ଲାଭ କରି ଶତ୍ରୁ ମାନଙ୍କୁ ଜୟ କରିବି ।"

ଶିଷ୍ୟର ଅଧିପତି ଇନ୍ଦ୍ର ଉତ୍ତର ଦେଲେ, "ତୁମର ଅଭିଳାଷ ପୂର୍ଣ୍ଣହେବ । କିନ୍ତୁ ସେଥିପାଇଁ ତୁମେ ଶୂଳପାଣି, ତ୍ରିଲୋଚନ ଶିବଙ୍କୁ ତପସ୍ୟାଦ୍ୱାରା ସନ୍ତୁଷ୍ଟ କର । ତାଙ୍କର ଦର୍ଶନ ଲାଭ କରିବାପରେ ତୁମର ବାଞ୍ଛିତ ଦିବ୍ୟାସ୍ତ୍ରମାନ ମୁଁ ତୁମକୁ ଦାନ କରିବି ।" ଏତିକି କହି ଇନ୍ଦ୍ର ଅନ୍ତର୍ହିତ ହୋଇ ଗଲେ ।

ଅର୍ଜୁନ ଉତ୍ତର ଅଭିମୁଖୀ ହୋଇ ହିମାଳୟର ଏକ ନିର୍ଜନ ଅରଣ୍ୟ ମଧ୍ୟରେ ମହାଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉଗ୍ର ତପସ୍ୟାରେ ରତ ହେଲେ । ତାଙ୍କର ନିଷ୍ଠା ଓ କଠୋରତା ସର୍ବଦା ତପସ୍ୟାରେ ନିରତ ଋଷିମାନଙ୍କୁ ମଧ୍ୟ ଲଜ୍ଜିତ କଲା ।

## କିରାତ

ଶେଷରେ ମହାଦେବ ଏକ ମନୋରମ କିରାତର ବେଶ ଧାରଣ କରି କିରାତିନୀ ବେଶ ଧାରିଣୀ ପତ୍ନୀ ପାର୍ବତୀଙ୍କ ସହିତ ସେହି ଅରଣ୍ୟକୁ ଆସିଲେ । ଠିକ୍ ଏହି ସମୟରେ ଏକ ବରାହ ଅର୍ଜୁନଙ୍କୁ ଆକ୍ରମଣ କରିବା ପାଇଁ ଦଉଡ଼ି ଆସିଲା ଓ ଗାଣ୍ଡୀବଧନ୍ୱା ସେହି ବରାହପ୍ରତି ଶୀଘ୍ର ଶର ନିକ୍ଷେପ କଲେ । ଉଜ୍ଜ୍ୱଳଦୀପ୍ତି କିରାତ ମଧ୍ୟ ସେହି ସମୟରେ ନିଜର ଧନୁ ଟଙ୍କାର କରି ସେହି ବରାହ ପ୍ରତି ଏକ ଶାଣିତ ଶର ପ୍ରୟୋଗ କଲେ । ଦୁହିଁଙ୍କର ଶର ଏକ ସଙ୍ଗରେ ବରାହକୁ ବିଦ୍ଧ କଲା ।

ଅନ୍ୟ ଏକ ଶର ଆସି ବରାହକୁ ବିଦ୍ଧ କରିବାର ଦେଖି ଅର୍ଜୁନ ଚିତ୍କାର କରି

Digitized by srujanika@gmail.com

କହିଲେ, "ହେ କିରାତ, ତୁମେ କିଏ ? ଅସ୍ତ୍ରୀକ ତୁମେ କାହିଁକି ଏଠାରେ ଭ୍ରମଣ କରୁଛ ? ଏହି ପଶୁ ମୋତେ ଆକ୍ରମଣ କରିବାକୁ ଆସିବାରୁ ମୁଁ ତା' ପ୍ରତି ଶର ପ୍ରହାର କରିଛି । କିନ୍ତୁ ତୁମେ ମୋର ବଧକୁ ଶରବିଦ୍ଧ କରି ମୃଗୟା-ଧର୍ମର ବହୁଭିଚାରଣ କରିଛ । ତୁମେ କାହିଁକି ଏପରି କଲ, ତାର ସନ୍ତୋଷଜନକ କାରଣ ନ ଦେଖାଇବା ପର୍ଯ୍ୟନ୍ତ, ଏଠାରୁ ତୁମେ ଜୀବନ ଧରି ଫେରିବ ନାହିଁ ।"

କିରାତରୂପୀ ଶିବ ଉପହାସ କରି କହିଲେ, "ବହୁ ମୃଗ ଓ ପଶୁ ସମନ୍ୱିତ ଏହି ଅରଣ୍ୟରେ ଆମେ ବାସ କରୁ । ଏହି ଅରଣ୍ୟ ଆମର ଓ ବନ୍ୟ ପଶୁମାନେ ଆମରି ବଧ୍ୟ ! ତୁମେ ଏଠାରେ ଅନଧିକାର ପ୍ରବେଶ କରି ଆମକୁ ମୃଗୟାର ଧର୍ମ ଶିକ୍ଷା ଦେଉଛ । ଯେପରି ଜଣାଯାଉଛି, ତୁମେ ସୁକୁମାର, କେବେ ହେଲେ ମୃଗୟାର କଠିନ ଜୀବନ ସହିତ ଅଭ୍ୟସ୍ତ ନୁହଁ । ନିଜର ବଳ ଅପେକ୍ଷା ତୁମେ ଅଧିକ ଅହଂକାର କରୁଛ । ତେଣୁ ତୁମର ଯଦି ଶକ୍ତି ଥାଏ, ତୁମେ ଆମର ବାଣରେ ନିହତ ଏହି ବରାହକୁ ଆମ ଆଗରୁ ନେଇ ଯାଇପାର ।"

## ପରାଜୟରେ ବିଜୟ

ଅର୍ଜୁନ କି ଜଣେ କିରାତ ସହିତ ଯୁଦ୍ଧ କରିବାରେ କାହିଁକି ପଶ୍ଚାତ୍‌ପଦ ହେବେ ? ସଙ୍ଗେ ସଙ୍ଗେ ଗାଣ୍ଡୀବ ଧନୁରେ ଶହ ଶହ ଶର ମୁକ୍ତ ହୋଇ କିରାତଙ୍କ ପ୍ରତି ନିକ୍ଷିପ୍ତ ହେବାକୁ ଲାଗିଲା । କିନ୍ତୁ ଏ ଶର ତାଙ୍କର ଦେହରେ ବାଜିବା ମାତ୍ରେ ପାହାଡ଼ର ଦେହରେ ଶିଳାବୃଷ୍ଟି ହେଲେ ଯେପରି ତାହା ବ୍ୟର୍ଥ ହୁଏ, ସେହିପରି ହେଲା । ନିଜେ ଶର ନିକ୍ଷେପ ନ କରି କିରାତ ଯେପରି ବୀରଶ୍ରେଷ୍ଠ ସବ୍ୟସାଚୀଙ୍କର ସମସ୍ତ ଶର ଅନାୟାସରେ ପୁଷ୍ପବୃଷ୍ଟି ପରି ଗ୍ରହଣ କରୁଛନ୍ତି, ତାହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କର ସବୁ ଶର ଶେଷ ହୋଇଥିବାରୁ ସେ ଧନୁର ଦ୍ୱାରାରେ କିରାତଙ୍କର ଦେହକୁ ପ୍ରହାର କରିବା ପାଇଁ ଉଦ୍ୟମ କରନ୍ତେ କିରାତ ଗାଣ୍ଡୀବ ଧନୁକୁ ବଳପୂର୍ବକ ଛଡ଼ାଇ ନେଇ ହସିବାକୁ ଲାଗିଲେ । ଜଣେ କିରାତ ପକ୍ଷରୁ ଏପରି ଅପମାନଜନକ ପରାଭବ ପାଇ ଅର୍ଜୁନଙ୍କ ମନରେ ନାନା ଭୟ ଓ ଆଶଙ୍କା ସୃଷ୍ଟି ହେଲା । ମାତ୍ର ସାହସ ନ ହରାଇ ସେ ଖଡ୍‌ଗ ଧାରଣ କରି କିରାତଙ୍କ ମସ୍ତକକୁ ପ୍ରହାର କଲେ । କିନ୍ତୁ ଏହି ଖଡ୍‌ଗ ତା'ର ଲକ୍ଷ୍ୟ ସ୍ଥଳକୁ ସ୍ପର୍ଶ କରିବା ପୂର୍ବରୁ ଖଣ୍ଡ ବିଖଣ୍ଡିତ ହୋଇଗଲା । ଅର୍ଜୁନ ଆଉ କିଛି ନ ପାଇ ମୁଷ୍ଟି ପ୍ରହାର କରିବାକୁ ଲାଗିଲେ । କିରାତ ଅର୍ଜୁନକୁ ନିଜର ଲୌହପରି କଠିନ ଭୁଜଦ୍ୱୟରେ ଗ୍ରହଣ କରି ମୁହୂର୍ତ୍ତକ ମଧ୍ୟରେ ମୂର୍ଚ୍ଛିତ କରି ଭୂପତିତ କଲେ ।"

କିଛି ସମୟ ପରେ ତାଙ୍କର ଚେତନା ଆସିବାରୁ ସେ ଦେବ ଦେବ ମହାଦେବଙ୍କ ଶରଣାଗତ ହୋଇ ତାଙ୍କୁ ପ୍ରାର୍ଥନା କଲେ । ହଠାତ୍ ତାଙ୍କ ଚକ୍ଷୁ ମଧ୍ୟରେ ଯେପରି ଏକ ଆଲୋକ ଉଦ୍‌ଭାସିତ ହୋଇ ଉଠିଲା ଓ ସେ ଦେଖି ପାରିଲେ, ତ୍ରିଲୋଚନ, ଶୂଳପାଣି ନିଜେ ଏହି କିରାତ ବେଶ ଧାରଣ କରିଛନ୍ତି ।

Digitized by srujanika@gmail.com

ଅର୍ଜୁନ ଶିବଙ୍କର ଚରଣ ତଳେ ପ୍ରଣତ ହୋଇ କହିଲେ, "ହେ ତ୍ରିଲୋଚନ, ସର୍ବାନ୍ତର୍ଯାମୀ, ମୁଁ ମୋହ ଓ ଅଜ୍ଞାନତା ବଶରୁ ଆପଣଙ୍କୁ ଚିହ୍ନି ନ ପାରି ଆପଣଙ୍କ ଦ୍ରୋହ ଆଚରଣ କରିଛି । ମୁଁ ଆପଣଙ୍କର ଶରଣାଗତ । ମୋତେ କ୍ଷମା କରନ୍ତୁ ।"

## ପାଶୁପତ

ମହାଦେବ ସ୍ମିତ ହାସ ପୂର୍ବକ ଅର୍ଜୁନଙ୍କୁ କ୍ଷମା ପ୍ରଦାନ କରି ତାଙ୍କୁ ପୁଣି ନିଜର ଭୁଜ ଦ୍ୱୟରେ ସ୍ପର୍ଶ କଲେ । ପରମେଶ୍ୱରଙ୍କର ସ୍ପର୍ଶରେ ଅର୍ଜୁନଙ୍କ ଦେହର କ୍ଷତ ଚିହ୍ନ ଓ ତପସ୍ୟା ଯୋଗୁ କ୍ଷୀଣତା ଲୁଚିଗଲା । ସେ ଶରୀରେ କ୍ଷଣରେ ତେଜସ୍ୱୀ ଓ ବଳବାନ୍ ଦେଖାଗଲେ । ତ୍ରିଲୋଚନ ତାଙ୍କର ହୃଦଗତ କାମନାକୁ ଅବଗତ ହୋଇ ତାଙ୍କୁ ତ୍ରିଭୁବନ ଜୟକାରୀ ଅମୋଘ ପାଶୁପତ ଅସ୍ତ୍ର ଦାନ କଲେ ଏବଂ ଏହି ଅସ୍ତ୍ରକୁ କେଉଁ କ୍ଷେତ୍ରରେ କିପରି ପ୍ରୟୋଗ କରିବାକୁ ହେବ ତା'ର ସମସ୍ତ ଉପଦେଶ ଦେଲେ । ଏହାଛଡ଼ା ସବ୍ୟସାଚୀଙ୍କର ପ୍ରସିଦ୍ଧ ଗାଣ୍ଡୀବ ଧନୁ ତାଙ୍କୁ ଫେରାଇ ଦେଲେ । ଏହି ଦିବ୍ୟାସ୍ତ୍ର ଓ ଦିବ୍ୟତେଜ ଦାନ କରି ସେ ଅର୍ଜୁନଙ୍କୁ କହିଲେ, "ଏହି ସମସ୍ତ ଅସ୍ତ୍ର ଦ୍ୱାରା ତୁମେ ଯେ କୌଣସି ଦୁର୍ଜୟ ଶତ୍ରୁକୁ ଜୟ କରି ପାରିବ । ବର୍ତ୍ତମାନ ତୁମର ପିତା ଇନ୍ଦ୍ରଙ୍କ ପ୍ରତି ତୁମର କର୍ତ୍ତବ୍ୟ ସମାପନ କରିବା ଓ ତାଙ୍କଠାରୁ ଅନ୍ୟାନ୍ୟ ଦିବ୍ୟାସ୍ତ୍ର ଗ୍ରହଣ କରିବା ପାଇଁ ତୁମେ ସ୍ୱର୍ଗ ଲୋକକୁ ଯାତ୍ରା କର ।" ଅର୍ଜୁନ ଦେଖୁ ଦେଖୁ ଉମାଙ୍କ ସହିତ ଶୂଳପାଣି ତ୍ରିଲୋଚନ ଅନ୍ତର୍ହିତ ହୋଇଗଲେ ।

ଆନନ୍ଦରେ ଅଭିଭୂତ ହୋଇ କୁନ୍ତୀନନ୍ଦନ ଚିତ୍କାର କରି ଉଠିଲେ, 'ମୋର ପରମ ସୌଭାଗ୍ୟ ଯେ ମୁଁ ତ୍ରିଲୋକଦୁର୍ଲ୍ଲଭ ଭଗବାନ୍ ଶୂଳପାଣିଙ୍କର ଦର୍ଶନ ଓ ସ୍ପର୍ଶ ଲାଭ କରି ପାରିଲି । ଏହା ପାଇବା ପରେ ଆଉ କ'ଣ ମୋର ଦରକାର ?"

ଠିକ୍ ଏହି ସମୟରେ ଇନ୍ଦ୍ରଙ୍କର କମନୀୟ ବେଗବାନ୍ ରଥକୁ ଧରି ସାରଥି ମାତଳି ଆସି ପହଞ୍ଚିଲେ ଓ ତାଙ୍କୁ ଇନ୍ଦ୍ରଲୋକକୁ ଘେନିଗଲେ ।

———

ମୋ' ପାଇଁ ଧର୍ମ ନ ଥାଇ ରାଜନୀତି ନାହିଁ । ରାଜନୀତି ଧର୍ମର ବଶ୍ୟତା ସ୍ୱୀକାର କରେ । ଧର୍ମ-ହୀନ ରାଜନୀତି ଲୋକଙ୍କୁ ମାରିବା ପାଇଁ ଏକ କୌଶଳପୂର୍ଣ୍ଣ ଯନ୍ତ୍ର, କାରଣ ମନୁଷ୍ୟର ଆତ୍ମାକୁ ହିଁ ତାହା ପ୍ରଥମେ ହତ୍ୟା କରେ ।

—ମହାତ୍ମା ଗାନ୍ଧୀ

Digitized by srujanika@gmail.com

ଚଳଚ୍ଚିତ୍ର ପରିବେଷଣରେ

## ନୂଆ ଆଲୋଡ଼ନ ସୃଷ୍ଟି କରିଛି

ଓଡ଼ିଶାରେ ସ୍ୱନାମଧନ୍ୟ

# ରୂପରାଗ ପ୍ରାଇଭେଟ୍ ଲିମିଟେଡ

ଅଫିସ :

ପୁରୀଘାଟ, କଟକ


Digitized by srujanika@gmail.com

# ଅବିସ୍ମର ଜୀବନ ସ୍ମୃତି

୨୪



## କେମ୍ବ୍ରିଜରେ ଛାତ୍ର ଜୀବନ

ଡକ୍ଟର ପ୍ରାଣକୃଷ୍ଣ ପରିଜା

ଏବେ ମୋର କେମ୍ବ୍ରିଜ ରହଣି ବିଷୟକୁ ପୁଣି ଫେରି ଆସୁଛି । ପୂର୍ବରୁ ଉଲ୍ଲେଖ କରିଛି ଯେ ମୁଁ ୧୯୧୪ ଅକ୍ଟୋବର ମାସରେ କ୍ରାଇଷ୍ଟ'ସ କଲେଜରେ ଯୋଗ ଦେଲି । ଅନ୍ୟ ଭାରତୀୟ ଛାତ୍ର ଜଣକ ହେଉଛନ୍ତି ଆସାମର ଇନାମୁଲ ମଜିଦ୍ । ତାଙ୍କ କଥା ପୂର୍ବରୁ ଉଲ୍ଲେଖ କରାଯାଇଛି । ମୁଁ ଏକଥା ଲେଖିବାକୁ ଭୁଲି ଯାଇଥିଲି ଯେ ମାଟ୍ରିକୁଲେସନ ଉତ୍ସବ ପରେ ବିଧିବଦ୍ଧ ଭାବରେ ବିଶ୍ୱ ବିଦ୍ୟାଳୟର ଛାତ୍ରଜୀବନ ଆରମ୍ଭ ହୁଏ । ପ୍ରତ୍ୟେକ କଲେଜରେ ଗୋଟିଏ ଦିନ ନିର୍ଦ୍ଦିଷ୍ଟ ଥାଏ, ଯେଉଁଦିନ କି ନୂଆ ହୋଇ ଯୋଗ ଦେଇଥିବା ସେହି କଲେଜର ଛାତ୍ରମାନେ ଟୋପି ଓ ଗାଉନ ପିନ୍ଧି ସିନେଟ ଗୃହକୁ ଯାଆନ୍ତି । ସେଠାରେ କୁଳପତି ଏହି ଉତ୍ସବ ପାଇଁ ଉଦ୍ଦିଷ୍ଟ ଏକ ଚୌକିରେ ବସିଥାନ୍ତି ଓ ତାଙ୍କ ଆଗରେ ଛାତ୍ରମାନଙ୍କୁ ଜଣେ ଫେଲୋ ଉପସ୍ଥାପିତ କରନ୍ତି । ଏହି ଫେଲୋଙ୍କୁ ପ୍ରିଲେକ୍ଟର କୁହାଯାଏ । ସେ ତାଙ୍କର ଡାହାଣ ହାତ ବଢ଼ାଇ ଦିଅନ୍ତି ଓ ପାଞ୍ଚଜଣ ଛାତ୍ର ତାଙ୍କର ଗୋଟିଏ ଗୋଟିଏ ଆଙ୍ଗୁଠିକୁ ଧରନ୍ତି । ତା ପରେ ସେ ଲାଟିନରେ କେତୋଟି ମନ୍ତ୍ର ଉଚ୍ଚାରଣ କରି କୁଳପତିଙ୍କ ଆଗରେ ସେମାନଙ୍କୁ ଉପସ୍ଥାପିତ

Digitized by srujanika@gmail.com

କରନ୍ତି । ଛାତ୍ରମାନେ ଗୋଟିଏ ଆଣୁ ମାଡ଼ି ଆଣ୍ଠୋଇ କୁଳପତିଙ୍କ ଦୁଇହାତ ଭିତରେ ସେମାନଙ୍କ ହାତ ରଖନ୍ତି ଓ କୁଳପତି ଲାଟିନରେ କେତେକ ମନ୍ତ୍ର ଉଚ୍ଚାରଣ କରି ସେମାନଙ୍କୁ ବିଶ୍ୱବିଦ୍ୟାଳୟର ଛାତ୍ର ଭାବରେ ଗ୍ରହଣ କରନ୍ତି । ଏହିପରି ପାଞ୍ଚଜଣ ବା ଶେଷରେ ଯଦି କମ ରହିଗଲେ ସେମାନଙ୍କ ପାଇଁ ଏହି ଉତ୍ସବ ହୁଏ । ଯେତେବେଳେ ଏହା ସରିଯାଏ ଛାତ୍ରମାନେ ସେମାନଙ୍କର ନାମ ରେଜିଷ୍ଟ୍ରାରଙ୍କ ଦ୍ୱାରା ରଖା ଯାଇଥିବା ରେଜିଷ୍ଟରରେ ଦସ୍ତଖତ କରନ୍ତି । ଆମ ବିଶ୍ୱବିଦ୍ୟାଳୟମାନଙ୍କରେ ବା ଇଂଲଣ୍ଡର ଅନ୍ୟ ସବୁ ବିଶ୍ୱବିଦ୍ୟାଳୟରେ ଯାହାଙ୍କୁ ରେଜିଷ୍ଟ୍ରାର ବୋଲି କୁହାଯାଏ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ସେ ରେଜିଷ୍ଟ୍ରାରି ନାମରେ ଅଭିହିତ ।

ଏହିପରି ନୂଆ ହୋଇ ପ୍ରବେଶ କରିଥିବା ଛାତ୍ର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ତାଙ୍କର ଜୀବନ ଆରମ୍ଭ କରନ୍ତି । ତାଙ୍କର ଲେକ୍‌ଚର ଓ ଟ୍ୟୁଟୋରିଅଲ ଶ୍ରେଣୀରେ ସହାୟତା ସମ୍ପର୍କରେ ପୂର୍ବରୁ ଆଲୋଚନା କରାଯାଇଛି । କେମ୍ବ୍ରିଜ ପରି ଏକ ସୁସମ୍ବଦ୍ଧ (Compact) ବିଶ୍ୱବିଦ୍ୟାଳୟରେ ଛାତ୍ର କେବଳ କ୍ଲାସ ଲେକ୍‌ଚରରୁ ଶିକ୍ଷାଲାଭ କରନ୍ତି ନାହିଁ । ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ବିଶେଷଜ୍ଞମାନେ ଯେଉଁସବୁ ବକ୍ତୃତା ଦିଅନ୍ତି, ସେଥିରେ କୌଣସି ଅନୁରକ୍ତ ଛାତ୍ରଙ୍କର ଯୋଗ ଦେବାରେ ବାଧା ନ ଥାଏ । ପଦାର୍ଥ ବିଜ୍ଞାନ, ରସାୟନ ଶାସ୍ତ୍ର ଓ ଉଦ୍‌ଭିଜ ବିଜ୍ଞାନ ମୋର ଅଧୀତ ବିଷୟ ଥିଲେ ମଧ୍ୟ ମୁଁ ଇଂରାଜୀ ସାହିତ୍ୟ, ଭୂତତ୍ତ୍ୱ, ନୃତତ୍ତ୍ୱ ଓ ଦର୍ଶନ ଶାସ୍ତ୍ର ଓ ଅନ୍ୟାନ୍ୟ ବିଷୟରେ ଦିଆଯାଉଥିବା ବକ୍ତୃତାରେ ଯୋଗ ଦେଉଥିଲି ।

## କ୍ଲବ ଜୀବନ

ଏସବୁ ବକ୍ତୃତା ଛଡ଼ା ବହୁ ସୋସାଇଟି ଓ କ୍ଲବମାନ ଥାଏ ଯେଉଁଠି କି ଅନୁରକ୍ତ ଛାତ୍ରମାନେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରନ୍ତି ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଭାଷଣ ଶୁଣନ୍ତି । ବିଶ୍ୱବିଦ୍ୟାଳୟ ୟୁନିଅନ, ଯାହାର କି ସଭ୍ୟ ହେବା ବାଧ୍ୟତାମୂଳକ ନୁହେଁ, ତାହା ପକ୍ଷରୁ ମଧ୍ୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଏ । ଯେଉଁ-ମାନେ ସଭ୍ୟ ନୁହଁନ୍ତି ସେମାନେ ଅନ୍ୟ ସଭ୍ୟଙ୍କର ଅତିଥି ଭାବରେ ଯୋଗ ଦେଇ ପାରନ୍ତି । ଭାରତୀୟ ଛାତ୍ରମାନଙ୍କର 'ମଜଲିସ' ଥିଲି । ଏହି ସୋସାଇଟି ସପ୍ତାହରେ ଥରେ ବସେ ଓ ଏହା ପକ୍ଷରୁ ବିଭିନ୍ନ ବିଷୟରେ ଆଲୋଚନା ଏବଂ ଭାରତୀୟ ଓ ବିଦେଶୀୟ ବିଭିନ୍ନ ଅତିଥିଙ୍କର ବକ୍ତୃତାଦାନର ବ୍ୟବସ୍ଥା କରାଯାଇଥାଏ । ଏହି ବିଷୟରେ ପରେ ମୁଁ ଉଲ୍ଲେଖ କରିବି । ଆହୁରି ଗୋଟିଏ କ୍ଲବ ଥିଲା, ତାର ନାମ 'ହେରେଟିକସ' । ଏହାର ସଂଗଠକ ମିଷ୍ଟର ଓଗଡେନ କେମ୍ବ୍ରିଜ ମାଗାଜିନର ସମ୍ପାଦକ ମଧ୍ୟ ଥିଲେ । ଏହି କ୍ଲବ ସପ୍ତାହରେ ଥରେ ବସୁଥିଲା ଓ ବିଶିଷ୍ଟ ବକ୍ତାମାନେ ନିମନ୍ତ୍ରିତ ହୋଇ ଆସୁଥିଲେ । ଲର୍ଡ଼ ରସେଲ ଏବଂ ଅନ୍ୟାନ୍ୟ ଖ୍ୟାତନାମା ପଣ୍ଡିତମାନେ କ୍ଲବକୁ ଆସି ଭାଷଣ ଦେଉ-ଥିଲେ । କ୍ଲବର ନାମକରଣ ଦୃଷ୍ଟିରୁ ସଭ୍ୟ-

Digitized by srujanika@gmail.com

ମାନେ କୌଣସି ନିର୍ଦ୍ଦିଷ୍ଟ ଧର୍ମମତାବଲମ୍ବୀ ନ ଥିଲେ । ସେମାନେ ଯାହା ଯୁକ୍ତିସମ୍ମତ ତାହାକୁ ହିଁ ଗ୍ରହଣ କରୁଥିଲେ । ମୁଁ ଏହି କ୍ଲବ୍‌କୁ ବରାବର ଯାଉଥିଲି ।

## ଚରମପନ୍ଥୀ ତିଳକ

ପୂର୍ବରୁ କୁହା ଯାଇଥିବା ଭାରତୀୟ ମଜଲିସ ତର୍କସଭା ଓ ସାଂସ୍କୃତିକ ଅନୁଷ୍ଠାନ ଉଦ୍ଦେଶ୍ୟରେ ଗଢ଼ା ହୋଇଥିଲା । ସମସ୍ତେ ନହେଲେ ମଧ୍ୟ ପ୍ରାୟ ସବୁ ଭାରତୀୟ ଛାତ୍ର ଏହାର ସଭ୍ୟ ଥିଲେ । ମୋର ଯେତେଦୂର ମନେ ପଡ଼ୁଛି, ସିଂହଳ ଛାତ୍ରମାନେ ମଧ୍ୟ ଏହାର ସଭ୍ୟ ଥିଲେ । ସଭ୍ୟମାନେ ବର୍ଷକ ପାଇଁ ଜଣଙ୍କୁ ସଭାପତି ରୂପେ ବାଛୁଥିଲେ । ଜଣେ ସମ୍ପାଦକ ମଧ୍ୟ ରହୁଥିଲେ । ମୁଁ ବର୍ଷେ ସଭାପତି ରୂପେ ନିର୍ବାଚିତ ହୋଇଥିଲି । ବହୁ ବିଶିଷ୍ଟ ଭାରତୀୟ କେମ୍ବ୍ରିଜ ପରିଦର୍ଶନରେ ଯାଇ ମଜଲିସରେ ଭାଷଣ ଦେଉଥିଲେ । ମିଷ୍ଟର ଜିନ୍ନା, ମିଷ୍ଟର ସି. ୱାଇ. ଚିନ୍ତାମଣି, ଶ୍ରୀମତୀ ନାଇଡୁ, ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ, ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ରାୟ, ଆଚାର୍ଯ୍ୟ ଜଗଦୀଶଚନ୍ଦ୍ର ବୋଷ ଓ ଅନ୍ୟ ବହୁ ବିଶିଷ୍ଟ ଭାରତୀୟ ମଜଲିସ ପକ୍ଷରୁ ଆୟୋଜିତ ସଭାରେ ଭାଷଣ ଦେଇଛନ୍ତି । ମୁଁ ସଭାପତି ଥିବାବେଳେ ଲୋକମାନ୍ୟ ତିଳକ ଓ 'କେଶରୀ'ର ସମ୍ପାଦକ ଶ୍ରୀ କେଲକାର କେମ୍ବ୍ରିଜ ପରିଦର୍ଶନରେ ଆସିଥିଲେ । ମୁଁ ଯେଉଁ ବସାଘରେ ରହୁଥିଲି, ତାହା ଖାଲି କରି ତାଙ୍କ ରହିବାପାଇଁ ମୁଁ ବ୍ୟବସ୍ଥା କରିଥିଲି । ଲୋକମାନ୍ୟ ମଜଲିସରେ ଭାଷଣ ଦେବା ବେଳେ ବହୁ ଇଂରେଜ ଛାତ୍ର ସଭାରେ ଯୋଗ ଦେଇଥିଲେ । ସେ ବ୍ରିଟିଶ ରାଜ୍ୟ ଗୋଷ୍ଠୀରେ ଭାରତର ସ୍ୱରାଜ୍ୟ ସପକ୍ଷରେ କହୁଥିଲେ । ଭାଷଣ ଶେଷ ହେବାପରେ ଜଣେ ଇଂରେଜ ଛାତ୍ର ମନ୍ତବ୍ୟ ଦେଲେ, "ଏ ଯଦି ତୁମର ଚରମପନ୍ଥୀ, ତା'ହେଲେ ମୁଁ ନରମପନ୍ଥୀ ମାନଙ୍କୁ ଶୁଣିବାକୁ ଚାହେଁ ନାହିଁ ।"

ଯେତେବେଳେ ଆଚାର୍ଯ୍ୟ ଜଗଦୀଶଚନ୍ଦ୍ର କେମ୍ବ୍ରିଜ ପରିଦର୍ଶନରେ ଆସିଲେ, ସେ ତାଙ୍କର ପ୍ରାଣୀ-ପଦାର୍ଥ ବିଦ୍ୟା (biophysics) ସମ୍ପର୍କୀୟ ଗବେଷଣା ବିଷୟରେ ବିଶ୍ୱବିଦ୍ୟାଳୟର ଉଦ୍‌ଭିଜ ବିଜ୍ଞାନ ପରୀକ୍ଷାଗାରରେ ଭାଷଣ ଦେଇଥିଲେ । ତାଙ୍କ ଭାଷଣ ଶୁଣିବା ପାଇଁ ଖୁବ ଗହଳି ହୋଇଥିଲା । ମୁଁ ଯେତେବେଳେ ଡକ୍ଟର ଏଫ୍. ଏଫ୍. ବ୍ଲାକମାନଙ୍କ ନିର୍ଦ୍ଦେଶରେ ଜଣେ ଗବେଷକ ଛାତ୍ର ରୂପେ କାର୍ଯ୍ୟ କରୁଥିଲି । ବକ୍ତୃତା ସରିବାର ଦିନକ ପରେ ଡକ୍ଟର ବ୍ଲାକମାନ 'ଜଗଦୀଶଚନ୍ଦ୍ର' ଶବ୍ଦର ଅର୍ଥ କ'ଣ ବୋଲି ମୋତେ ପଚାରିଲେ । ମୁଁ ବୁଝାଇ କହିଲି, ଜଗତର ଈଶ୍ୱରଙ୍କର ଚନ୍ଦ୍ର । ଡକ୍ଟର ବ୍ଲାକମାନ କହି ଉଠିଲେ, "ବେଶ୍ ଗୋଟାଏ ନାଁ ତ ।" ବିଶିଷ୍ଟ ଭାରତୀୟ ମାନଙ୍କର କେମ୍ବ୍ରିଜ ପରିଦର୍ଶନ ସମୟର ଗୋଟିଏ ଦିଓଟି ଘଟଣା ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ । ଯେତେବେଳେ ଶ୍ରୀମତୀ ନାଇଡୁ ଆସିଥିଲେ ଓ ତାଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ ଏକ ଚା' ଭୋଜିର ବ୍ୟବସ୍ଥା କରି ଯାଇଥିଲି, ତାଙ୍କ ସହିତ ମୋତେ

Digitized by srujanika@gmail.com

ପରିଚିତ କରାଇଦେବା ପାଇଁ ମୁଁ ଜଣେ ବନ୍ଧୁଙ୍କୁ ଅନୁରୋଧ କଲି । ଯେତେବେଳେ ମୋର ବନ୍ଧୁ ତାଙ୍କ ସହିତ ମୋତେ ପରିଚିତ କରାଇଲେ, ସେ କହି ଉଠିଲେ, "କ'ଣ ହେଲା, ତୁମେ ମୋତେ ଭୁଲି ଗଲଣି କି ?" ବାସ୍ତବିକ ତାଙ୍କ ସହିତ ପୂର୍ବରୁ ମୋର କେବେ ଦେଖା ସାକ୍ଷାତ ହୋଇ ନଥିଲା । ସେ ବୋଧହୁଏ ମୋ' ସମ୍ପର୍କରେ ପୂର୍ବରୁ ଶୁଣିଥିବେ ଓ ତାଙ୍କ ସହିତ ମୁଁ ପରିଚିତ ବୋଲି ଭାବି ନେଇଥିବେ । ସେ ଯେତେବେଳେ ଏ ମନ୍ତବ୍ୟ ଦେଲେ ମୁଁ ନୀରବ ରହିଲି ଓ ମୋ'ର ସ୍ମୃତି ବିଭ୍ରମ ବୋଲି ମାନିଲି ।

ସାର ସି. ଭି. ରମଣଙ୍କର କେମ୍ବ୍ରିଜ ପରିଦର୍ଶନ ବେଳେ ଆଉ ଗୋଟିଏ ଘଟଣା ଘଟିଥିଲା । ଏକ ଚା' ଭୋଜିରେ ମାନ୍ଦ୍ରାଜରୁ ଆସିଥିବା ଆମର ଜଣେ ବନ୍ଧୁ ଇଂଲଣ୍ଡରେ ମାଂସାହାରକୁ ଖୁବ ଜୋରରେ ତାରିଫ କରୁଥିଲେ । କିଛି ସମୟ ଶୁଣିବା ପରେ ସାର ସି. ଭି. ରମଣ ତାଙ୍କର ରୋକ ଠୋକ ଢ଼ଂଗରେ କହିଲେ, "ଓ୍ୱାରନ୍ ! ତୁମେ ତୁଚ୍ଛାଟାରେ ପାଟି କରୁଛ । ମୁଁ ଜଣେ ଶାକାହାରୀ । କିନ୍ତୁ ମୋର କେବେ ହେଲେ କୌଣସି ରୋଗ ହୋଇ ନାହିଁ ।" ଏଥିକରେ ଆମର ବନ୍ଧୁ ନୀରବ ହୋଇଗଲେ ।

ଅନ୍ୟଜଣେ ବିଶିଷ୍ଟ ବ୍ୟକ୍ତି ଯେ କେମ୍ବ୍ରିଜ ପରିଦର୍ଶନରେ ଯାଇ ଭାରତୀୟ ମଜଲିସ ପକ୍ଷରୁ ଲିଅନ୍ସ ହୋଟେଲରେ ଆୟୋଜିତ ଏକ ଭୋଜି ସଭାରେ ଭାଷଣ ଦେଇ ପ୍ରଶଂସିତ ହୋଇଥିଲେ, ସେ ଥିଲେ ହିନ୍ଦ୍ ସେବକ ସମାଜର ଜଣେ ବିଶିଷ୍ଟ ସଭ୍ୟ ।

## ସମସାମୟିକ ଭାରତୀୟ

ମୁଁ ପୂର୍ବରୁ ଉଲ୍ଲେଖ କରିଛି ଯେ ଇନାମୁଲ୍ ମଜିଦ ଏକମାତ୍ର ଭାରତୀୟ ଯେ କି ୧୯୧୪ ମସିହାରେ କ୍ରାଇଷ୍ଟସ୍ କଲେଜରେ ଯୋଗ ଦେଇଥିଲେ । ତାଙ୍କର ବାପା କ୍ରାଇଷ୍ଟସ୍ କଲେଜରେ ପଢ଼ୁଥିଲେ । ଇନାମୁଲ ମଜିଦ କ୍ରାଇଷ୍ଟସ୍ କଲେଜକୁ ଆସିବା ଆଗରୁ କେମ୍ବ୍ରିଜରେ ପର୍ସେ ନାମକ ସ୍କୁଲରେ ପଢ଼ୁଥିଲେ । ଆଉ ଅନେକ ଭାରତୀୟ ଥିଲେ, ଯେ କି ମୋ'ଉପର ଶ୍ରେଣୀରେ ଥିଲେ । ସେମାନେ ହେଲେ ପଞ୍ଜାବର ମହମ୍ମଦ ଆଫଜଲ ହୁସେନ, ମାନ୍ଦ୍ରାଜର ଆର. କୃଷ୍ଣ ମେନନ । ଆଫଜଲ ହୁସେନ ମିଆଁ ଫଜଲି ହୁସେନଙ୍କ ସାନଭାଇ । ଫଜଲି ହୁସେନ ଜଣେ ବିଶିଷ୍ଟ ରାଜନୀତିଜ୍ଞ ରୂପେ ଅବିଭକ୍ତ ପଞ୍ଜାବର ଜଣେ ମନ୍ତ୍ରୀ ଥିଲେ ଓ ପରେ ପାକିସ୍ତାନର ଜଣେ ବିଶିଷ୍ଟ ନେତା ହୋଇଥିଲେ । ଆଫଜଲ ହୁସେନ ତାଙ୍କର ଦ୍ୱିତୀୟ ଭାଗ ଟ୍ରାଇପସ୍ ପାଇଁ ପ୍ରାଣୀ-ତତ୍ତ୍ୱକୁ ଏକ ବିଷୟ ରୂପେ ଗ୍ରହଣ କରିଥିଲେ ଓ ବିଶ୍ୱବିଦ୍ୟାଳୟରେ ଜଣେ ଗବେଷକ ଛାତ୍ର ହୋଇଥିଲେ । ଭାରତକୁ ଫେରି ଆସିବା ପରେ ସେ ଭାରତୀୟ ଏଗ୍ରିକଲଚରାଲ ସର୍ଭିସ (ବର୍ତ୍ତମାନ ସ୍ୱତନ୍ତ୍ର ହୋଇ ପଡ଼ିଥିବା ଆଇ. ଏ. ଏସ୍) ରେ ଯୋଗଦେଇ ବିହାର ପୁସା ଅନୁଷ୍ଠାନରେ କାର୍ଯ୍ୟକଲେ । ପାକିସ୍ତାନ ହେବା ପରେ ସେ ସେଠାରେ ରହିବା ପାଇଁ

Digitized by srujanika@gmail.com

ପସନ୍ଦ କଲେ ଓ ଲାହୋରର ପଞ୍ଜାବ ବିଶ୍ୱ-ବିଦ୍ୟାଳୟର କୁଳପତି ହୋଇଥିଲେ । ପରେ ପାକିସ୍ତାନ ପବ୍ଲିକ୍ ସର୍ଭିସ କମିସନର ସେ ଚେୟାରମାନ ହେଲେ । ଆମେ ଦୁହେଁ ବଡ଼ ବନ୍ଧୁ ଥିଲୁ ଓ ଏବେ ମଝିରେ ମଝିରେ ଆମ ମଧ୍ୟରେ ପତ୍ରାଳାପ ହୁଏ । ମୋ'ପରି ହୁସେନ ଟ୍ରାଇପସ୍ ପ୍ରଥମ ଭାଗରେ ଦ୍ୱିତୀୟ ଶ୍ରେଣୀ ଓ ଦ୍ୱିତୀୟ ଭାଗରେ ପ୍ରଥମ ଶ୍ରେଣୀ ପାଇଥିଲେ । ଆମେ ଦୁହେଁ ଟିକିଏ ବେଶି ବୟସରେ କେମ୍ବ୍ରିଜରେ ଯୋଗ ଦେଇ ଥିଲୁ । କେବଳ ଆମ କଥା ନୁହେ ; ଯେଉଁମାନେ ଅପେକ୍ଷାକୃତ ବେଶି ବୟସରେ କେମ୍ବ୍ରିଜରେ ଯୋଗ ଦେଉଥିଲେ ସେମାନେ ଟ୍ରାଇପସ୍ ପ୍ରଥମ ଭାଗ ଅପେକ୍ଷା ଦ୍ୱିତୀୟ ଭାଗରେ ଭଲ କରୁଥିଲେ । ଏହାର କାରଣ ବୁଝାଇବା କଷ୍ଟକର । ବିଭିନ୍ନ ବିଷୟରେ ଆଲୋଚନା କରି ନିଜର ମତାମତ ଦେବାର ଦକ୍ଷତା ସାଧାରଣତଃ ଅଧିକ ବୟସର ଯୁବକମାନଙ୍କର ଥାଏ । ବିଶେଷତଃ ପ୍ରକୃତି ବିଜ୍ଞାନ ବିଷୟ-ମାନଙ୍କରେ ଏହା ସହଜ ହୋଇଥାଏ । କେମ୍ବ୍ରିଜ ପରୀକ୍ଷା ପ୍ରଣାଳୀ ବର୍ଗୀକରଣ ବା ଗ୍ରାଡିଂ (grading) ଉପରେ ପ୍ରତିଷ୍ଠିତ, ନମ୍ବର ଦେବା ଉପରେ ନୁହେ । ଜଣେ ବହୁସଂଖ୍ୟକ ପ୍ରଶ୍ନର ଉତ୍ତର ଦେଇ 'ଗ' ବର୍ଗ ଲାଭ କରି ପାରନ୍ତି ଓ ଅନ୍ୟ ଜଣେ ଅଳ୍ପ ପ୍ରଶ୍ନର ଉତ୍ତର ଦେଇ 'କ' ବର୍ଗ ବା ଶ୍ରେଣୀ ଲାଭ କରି ପାରନ୍ତି । ମୁଁ ଜଣେ ଭାରତୀୟ ଛାତ୍ରଙ୍କ କଥା ଜାଣେ । ସେ ପ୍ରଥମ ଶ୍ରେଣୀ ପାଇଥିଲେ, କାରଣ ତାଙ୍କର ପ୍ରବନ୍ଧଟି ଖୁବ୍ ଭଲ ହୋଇଥିଲା ।

ଭାରତକୁ ଫେରି ଆସିବା ପରେ ମୁଁ ଆଫଜଲ ହୁସେନଙ୍କୁ ଭାରତୀୟ ବିଜ୍ଞାନ କଂଗ୍ରେସ ସଭାମାନଙ୍କରେ ଭେଟିଛି । ସେ ଥରେ ଭାରତୀୟ ବିଜ୍ଞାନ କଂଗ୍ରେସର କଲିକତା ଅଧିବେଶନରେ ସାଧାରଣ ସଭାପତି ହୋଇଥିଲେ । ପାକିସ୍ତାନକୁ ଫେରିଯିବା ପରେ ମଧ୍ୟ ୧୯୫୮ ମସିହାରେ କାନାଡ଼ାର ଟରେଣ୍ଟୋଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ବିଶ୍ୱବିଦ୍ୟାଳୟ ସମ୍ମିଳନୀରେ ତାଙ୍କ ସହିତ ମୋର ଦେଖା ହୋଇଥିଲା । ସେଠାରେ କ୍ରାଇଷ୍ଟ'ସ କଲେଜର ମାଷ୍ଟର ଡକ୍ଟର ବି. ଡବ୍ଲ୍ୟୁ ଡାଉନସଙ୍କ ସହିତ ଆମର ମଧ୍ୟ ସାକ୍ଷାତ ହେଲା । ଏଠାରେ ମୁଁ ଉଲ୍ଲେଖ କରିପାରେ ଯେ ଡକ୍ଟର ଡାଉନସ ଆମଠାରୁ ଅଳ୍ପ କେତେବର୍ଷ ସିନିଅର ଥିଲେ ଓ ଜଣେ ଭାଷାତତ୍ତ୍ୱବିତ୍ ଥିଲେ । ଫ୍ରାନ୍ସକୁ ଯିବାପାଇଁ ମୋର ଇଚ୍ଛା ଥିବାରୁ ମୁଁ ଡକ୍ଟର ଡାଉନସଙ୍କ ଠାରୁ ଫରାସୀ ଭାଷା ଶିକ୍ଷା କରୁଥିଲି । ଟରଣ୍ଟୋରେ ତାଙ୍କୁ ଭେଟିବା ବଡ଼ ଆନନ୍ଦଦାୟକ ହୋଇଥିଲା ।

Digitized by srujanika@gmail.com

WITH COMPLIMENTS
FROM

THE ASIATIC TRADE
COMBINE
RANIHAT, CUTTACK-3
*62, Bhubaneswar Marg, Bhubaneswar-3*

Digitized by srujanika@gmail.com

ପିଲାଙ୍କପାଇଁ ଗଳ୍ପ

# ସାଧୁ ଓ ଥୋଡିଆ ବଳଦ

ଥରେ ଜଣେ ସନ୍ନ୍ୟାସୀ ଏକାକୀ ତୀର୍ଥ ଯାତ୍ରା କରି ଯାଉଥିବା ବେଳେ ରାଜପୁତାନାର ଏକ ନିର୍ଜନ ମରୁଭୂମିରେ ପହଞ୍ଚିଲେ । ମଝିରେ ମଝିରେ କେଉଁଠି ଖଜୁରୀ ବା ତାଳଗଛ ଦେଖାଗଲେ, ତାର ଅଳ୍ପ ଛାଇରେ ସେ କ୍ଳାନ୍ତି ଦୂର କରିବା ପାଇଁ କିଛି ସମୟ ବସି ଯାଉଥିଲେ ଏବଂ ସେହି ସମୟତକ ଭଗବାନଙ୍କ ପ୍ରାର୍ଥନାରେ ଅତି-ବାହିତ କରୁଥିଲେ ।

ଏହି ସମୟରେ କେତେଜଣ ବଣିକ ତାଙ୍କ ପାଖକୁ ଆସି ପଚାରିଲେ, "ମହାରାଜ, ଆମେ ଆମର ଥୋଡ଼ିଆ ବଳଦଟିକୁ କେଉଁ-ଆଡ଼େ ହଜାଇ ଦେଇଛୁ । ଏ ଆଡ଼େ ଆସି ଥିବାର ଆପଣ ଦେଖିଛନ୍ତି କି ?"

ସନ୍ନ୍ୟାସୀ ପଚାରିଲେ, "ଏହାର ଡାହାଣ ଆଖି କ'ଣ ନାହିଁ ?"

ବଣିକମାନେ କହିଲେ, "ହଁ, ମହାରାଜ ବହୁ ଦିନୁ ବଳଦର ଡାହାଣ ଆଖିଟି ନଷ୍ଟ ହୋଇ ଯାଇଛି ।"

"ସେ ଟିକିଏ ବାଁ ଗୋଡ଼ରେ ଛୋଟେଇ ଛୋଟେଇ ଚାଲେ କି ?"

ବଣିକମାନେ ପାଟିକରି ଉଠିଲେ, "ହଁ, ହଁ, ମହାରାଜ, ସେ ଛୋଟେଇ ଛୋଟେଇ ଚାଲେ ।"

ସନ୍ନ୍ୟାସୀ ପୁଣି ପଚାରିଲେ, "ତାର ସାମ୍ନା ଦାନ୍ତତକ ତ ନାହିଁ ।"

ବଣିକମାନେ ଆହୁରି ଆଗ୍ରହର ସହିତ ଏକ ସ୍ୱରରେ କହିଲେ, "ହଁ, ହଁ, ଠିକ୍ କଥା ।

"ବଳଦର ଗୋଟିଏ ପାଖରେ ଗହମ ଓ ଅନ୍ୟ ପାଖରେ ମହୁ ବୋଝେଇ ହୋଇ ନ ଥିଲା କି ?"

ସନ୍ନ୍ୟାସୀ ବଳଦଟି କୁଆଡ଼େ ଯାଇଛି, ତାହା ନିଶ୍ଚୟ ଜାଣିଛନ୍ତି ବୋଲି ମନେ କରି ବଣିକମାନେ ଆନନ୍ଦରେ ପାଟିକରି ଉଠିଲେ, "ମହାରାଜ, ଭଗବାନଙ୍କର ବଡ଼ ଦୟା ଯେ, ଆମେ ଆପଣଙ୍କର ଦର୍ଶନ ପାଇଲୁ । ତାହା ନ ହେଲେ ଆମର ବଳଦଟି ଆମେ କେବେ ହେଲେ ପାଇ ପାରି ନ ଥାନ୍ତୁ ।"

ସନ୍ନ୍ୟାସୀ କହିଲେ, "ଭାଇମାନେ, ମୁଁ ତୁମର ବଳଦକୁ କେବେ ଦେଖି ନାହିଁ କି କେବେ ତା ବିଷୟରେ କିଛି ଶୁଣିନାହିଁ ।

Digitized by srujanika@gmail.com

ତୁମର ଏପରି ଗୋଟିଏ ବଳଦ ଅଛି ବୋଲି ତୁମରଠାରୁ ପ୍ରଥମ ହୋଇ ଜାଣୁଛୁ ।"

ଏ କଥା ଶୁଣି ବଣିକ ମାନଙ୍କର କ୍ରୋଧର ସୀମା ରହିଲା ନାହିଁ । ସେମାନେ ଭାବିଲେ, ଜଣେ ଭଣ୍ଡ ସନ୍ନ୍ୟାସୀର ବେଶ ଧରି ଏ ଆମର ବଳଦକୁ ଚୋରାଇ ନେଇ କେଉଁଠାରେ ରଖିଛି ଓ ସେଠାରେ ଥିବା ବହୁ ମୂଲ୍ୟବାନ ପଦାର୍ଥକୁ ଆତ୍ମସାତ କରିଛି, ସେମାନେ ସନ୍ନ୍ୟାସୀଙ୍କୁ ଧରି ଜବରଦସ୍ତ ଟାଣି ଟାଣି ଆଣିଲେ ଓ ନିକଟବର୍ତ୍ତୀ ସହରରେ ଥିବା ବିଚାରାଳୟରେ ଆଣି ହାଜର କରାଇଲେ ।

ବିଚାରପତି ବଣିକମାନଙ୍କଠାରୁ ସମସ୍ତ ଘଟଣା ଶୁଣି ସାଧୁ ସେମାନଙ୍କୁ ସେପରି କହିଛନ୍ତି କି ନାହିଁ ପଚାରିଲେ । ସାଧୁ କହିଲେ, "ହଁ, ସେ ସେପରି କହିଛନ୍ତି ।"

ବିଚାରପତି ପଚାରିଲେ, "ତୁମେ କିପରି ଜାଣିଲ ଯେ, ବଳଦର ଗୋଟିଏ ଆଖି ଫୁଟି ଯାଇଛି ?"

ସନ୍ନ୍ୟାସୀ ଉତ୍ତର ଦେଲେ, "ବାଟର ଗୋଟିଏ ପଟରେ ଥିବା ଘାସ ସେ ଚରିଛି । ଅନ୍ୟ ପଟର ଘାସକୁ ଛାଡ଼ି ଦେଇଛି ।"

"ତୁମେ କିପରି ଜାଣିଲ, ସେ ବାଁ ଗୋଡ଼ରେ ଛୋଟେଇ ଛୋଟେଇ ଚାଲେ ?"

"ମୁଁ ଏଥିରୁ ଜାଣିଲି ଯେ, ତାର ଅନ୍ୟସବୁ ଗୋଡ଼ର ଚିହ୍ନ ଅପେକ୍ଷା ଏ ଗୋଡ଼ଟିର ଚିହ୍ନ ସ୍ପଷ୍ଟ ଦେଖା ଯାଉନାହିଁ ।"

ବିଚାରପତି ପଚାରିଲେ, "ତାର ଦାନ୍ତ ନାହିଁ ବୋଲି କେମିତି ଜାଣିଲ ?"

ସନ୍ନ୍ୟାସୀ ଉତ୍ତର ଦେଲେ, "ତାର ଛାମୁଦାନ୍ତ ନାହିଁ ବୋଲି ମୁଁ ଏଇଥିରୁ ଜାଣିଲି ଯେ, ସେ ଯେଉଁ ବାଟରେ ଚରି ଯାଇଛି, ତାର ଚରିବା ସ୍ଥାନର ମଝିରେ ଅଳ୍ପ ଅଳ୍ପ ଘାସ ଅକ୍ଷତ ଅବସ୍ଥାରେ ରହିଛି ।"

"ଆଛା, ଏ ସବୁ ତ ହେଲା, କିନ୍ତୁ ତାର ପିଠିରେ କି କି ବୋଝ ଲଦା



Digitized by srujanika@gmail.com

ହୋଇଛି, ତାହା ତୁମେ କପରି ଜାଣିଲ ?" ବଣିକପତି ଆଗ୍ରହର ସ୍ୱରରେ ପଚାରିଲେ ।

" ମୁଁ ଦେଖିଲି, ବଳଦ ଯାଇଥିବା ବାଟର ଗୋଟିଏ ପାଖରେ ପିମ୍ପୁଡ଼ି ଧାଡ଼ି ଲାଗିଛନ୍ତି ଓ ଅନ୍ୟ ପାଖରେ ମେଞ୍ଚା ମେଞ୍ଚା ହୋଇ ମାଛି ବସୁଛନ୍ତି । ପିମ୍ପୁଡ଼ି ଚାଲୁଥିବା ପାଖରେ ଗହମ ଓ ମାଛି ବସୁଥିବା ପାଖରେ ନିଶ୍ଚୟ ମହୁ ଲଦା ହୋଇଥିବା କଥା ଏଇଥିରୁ ମୁଁ ବୁଝି ପାରିଲି । କେବଳ ଏତିକ ନୁହେ ମୁଁ ଜାଣୁଛି ଯେ, ବଳଦଟିକୁ କେହି ଚୋରି କରି ନେଇ ନାହାନ୍ତି । ବୋଧହୁଏ ବାଟବଣା ହୋଇ ସେ କୁଆଡ଼େ ଚାଲି ଯାଇଛି । କାରଣ ବଳଦର ପାଦ ଚିହ୍ନ ଛଡ଼ା କୌଣସି ମଣିଷର ପାଦ ଚିହ୍ନ ନାହିଁ, ଟିକିଏ ଭଲ କରି ଖୋଜିଲେ, ନିଶ୍ଚୟ ମିଳିଯିବ ।"

ବଣିକପତି ସନ୍ନ୍ୟାସୀଙ୍କ ବୁଦ୍ଧିକୁ ଉଚ୍ଚ ପ୍ରଶଂସା କରି ତାଙ୍କୁ ନିର୍ଦ୍ଦୋଷ ବୋଲି ଘୋଷଣା କଲେ ଏବଂ ବଣିକମାନଙ୍କୁ ଦୁଇ ବେତ କରି ପ୍ରହାର କରିବା ପାଇଁ ଦଣ୍ଡାଦେଶ ଦେଲେ ।

ମାଡ଼ ଖାଇ ବଣିକ ମାନଙ୍କର ବୁଦ୍ଧି ଫେରିଲା । ସେମାନେ ସନ୍ନ୍ୟାସୀ କହିଥିବା ସ୍ଥାନର ଅଳ୍ପ ଦୂରରେ ବଳଦଟିକୁ ଗୋଟିଏ ପଡ଼ିଆରେ ଚରୁଥିବାର ଦେଖିବାକୁ ପାଇଲେ ।

---

ହେ ଭାରତ, ଭୁଲିଯାଅ ନାହିଁ—ତୁମର ନାରୀ ଜାତିର ଆଦର୍ଶ ସୀତା, ସାବିତ୍ରୀ, ଦମୟନ୍ତୀ; ଭୁଲ ନାହିଁ, ତୁମର ଉପାସ୍ୟ ସର୍ବତ୍ୟାଗୀ ଶଙ୍କର; ଭୁଲ ନାହିଁ, ତୁମର ବିବାହ, ତୁମର ଧନ, ତୁମର ଜୀବନ ଇନ୍ଦ୍ରିୟ ସୁଖ—ନିଜର ବ୍ୟକ୍ତିଗତ ସୁଖ ପାଇଁ ନୁହେଁ; ଭୁଲ ନାହିଁ— ତୁମେ ଜନ୍ମଠାରୁ ମା'ଙ୍କ ପାଇଁ ଉତ୍ସର୍ଗୀକୃତ; ଭୁଲ ନାହିଁ—ତୁମର ସମାଜ ସେ ବିରାଟ ମହାମାୟାର ଛାୟା ମାତ୍ର; ଭୁଲ ନାହିଁ—ନୀଚ ଜାତି, ମୂର୍ଖ, ଦରିଦ୍ର, ଅଜ୍ଞ, ମୋଚି, ମେହେନ୍ତର ତୁମର ରକ୍ତ, ତୁମର ଭାଇ ! ତୁମେ ମଧ୍ୟ ଅଣ୍ଟା ପର୍ଯ୍ୟନ୍ତ ଲୁଗା ପିନ୍ଧି ସଦର୍ପରେ ଡାକି କହ—ଭାରତବାସୀ ମୋର ଭାଇ, ଭାରତବାସୀ ମୋ'ର ପ୍ରାଣ, ଭାରତର ଦେବ ଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁ ଶଯ୍ୟା, ମୋ'ର ଯୌବନର ଉପବନ, ବାର୍ଦ୍ଧକ୍ୟର ବାରାଣସୀ; କହ ଭାଇ—ଭାରତର ମୃତ୍ତିକା ମୋ'ର ସ୍ୱର୍ଗ, ଭାରତର କଲ୍ୟାଣ ମୋ'ର କଲ୍ୟାଣ । ଆଉ ଦିନ ରାତି କହ— "ହେ ଶଙ୍କର, ହେ ଦୁର୍ଗେ, ମୋତେ ମନୁଷ୍ୟତ୍ୱ ଦିଅ, ମା' ମୋ'ର ଦୁର୍ବଳତା, କାପୁରୁଷତା ଦୂର କର, ମୋତେ ମନୁଷ୍ୟ କର ।"

—ସ୍ୱାମୀ ବିବେକାନନ୍ଦ

Digitized by srujanika@gmail.com

ଏସିଆର ଅତ୍ୟାଧୁନିକ

## "ଫେରୋ ସିଲିକନ" କାରଖାନା

**ଦେଶ ସମୃଦ୍ଧି ସେବାରେ ନିୟୋଜିତ**

ଦେଶର ରାଜକୋଷକୁ ଆମର ବାର୍ଷିକ ଦେୟ :—

| | |
|---|---|
| ବିକ୍ରୟ କର | = ଟ ୩, ୦୦, ୦୦୦ |
| ବିଦ୍ୟୁତ୍ କର | = ଟ ୨, ୫୦, ୦୦୦ |
| ରେଲ ମାହାସୁଲ | = ଟ ୧୧, ୦୦, ୦୦୦ |
| ଅନ୍ୟାନ୍ୟ ଖଜଣା ଓ ଶୁଳ୍କ | = ଟ ୩, ୦୦, ୦୦୦ |

ଆମର ବାର୍ଷିକ ୨,୦୦୦ ଟନ ଫେରୋ ସିଲିକନ ଉତ୍ପାଦନ ଦ୍ୱାରା ଆମେ ପ୍ରାୟ ଏକ କୋଟି ଟଙ୍କାର ବିଦେଶୀ ମୁଦ୍ରା ସଞ୍ଚୟ କରୁ ।

## ଇଣ୍ଡିଆନ ମେଟାଲ୍ସ ଏଣ୍ଡ ଫେରୋ ଏଲୟସ୍ ଲି:

ପୋ:—ଥେରୁବାଲି ଜି:—କୋରାପୁଟ

ଶାଖା:—ଭୁବନେଶ୍ୱର : କଲିକତା : ଦିଲ୍ଲୀ



## ସୁନ୍ଦର ଛାପା ଓ ଡିଜାଇନ୍

ପାଇଁ

## ଅନୁସନ୍ଧାନ କରନ୍ତୁ

ପୌରୁଷ ପ୍ରେସ, ପୁରୁଣା କଲେଜ ଟଙ୍କି,
କଟକ-୨ ଇଂରାଜୀ ଓ ଓଡ଼ିଆରେ ସମସ୍ତ
ଛାପାକାମ ଏଠାରେ କରାଯାଏ । ଫୋନ-୧୧୮


Digitized by srujanika@gmail.com

ଶାନ୍ତପୁତା ହିମଗିରିସୁତା

ଶକ୍ତି ରୂପେ ପ୍ରାଣ ରୂପେ ସ୍ଥିତା

.................................

ତୁମକୁ ସେ ଦେବେ ଶକ୍ତି ମାତା

—ସ୍ୱାମୀ ବିବେକାନନ୍ଦ



ସ୍ୱାମୀଜୀ ଥିଲେ ଶକ୍ତିର ପୂଜାରୀ । ସେ ଆଧ୍ୟାତ୍ମିକ ଶକ୍ତି ଓ ଶାରୀରିକ ଶକ୍ତି ଉଭୟର ଜାଗରଣ ଚାହୁଁଥିଲେ ।

ସେହି ମହାପୁରୁଷଙ୍କର ବାର୍ତ୍ତା ଓଡ଼ିଶାର ଗ୍ରାମେ ଗ୍ରାମେ ପ୍ରଚାର କରିବା ପାଇଁ ବିବେକାନନ୍ଦ ଶତବାର୍ଷିକୀ ଉପଲକ୍ଷେ ଆମେ ଆମର ନମ୍ର ନିବେଦନ ସ୍ୱରୂପ ଦାନ କରିଥାନ—


ଟ ୫,୭୮,୧୦୬

ପୁଣି ଯେଉଁ ଜବାନମାନେ ଭାରତର ଶକ୍ତି ସ୍ୱରୂପ ଦୂର ହିମାଳୟରୁ କୁମାରିକା ପର୍ଯ୍ୟନ୍ତ ଦେଶ ରକ୍ଷାରେ ନିଯୁକ୍ତ ଅଛନ୍ତି, ସେମାନଙ୍କ ସାହାଯ୍ୟାର୍ଥେ ଦେଶରକ୍ଷା ପାଣ୍ଠିକୁ ଆମର ଦାନ—


ଟ ୫୦,୦୦୦

ବାସ୍ତବିକ ଏ ଦାନ ଆମର ନୁହେଁ, ଆମର ପୃଷ୍ଠପୋଷକ ଜନସାଧାରଣଙ୍କର ।

**କେ. ସି. ଗ୍ରାଫିକ୍, ବ୍ରହ୍ମପୁର, ଗଞ୍ଜାମ**



Digitized by srujanika@gmail.com




# ✳ ଗୋଟିଏ ଟଙ୍କା

✳ ସେ ଅଧିକର ତୁମର ନିଜର ଭାଗ୍ୟ ବଦଳାଇ ଏକ ବିରାଟ ଶିକ୍ଷାନୁଷ୍ଠାନକୁ ସାହାଯ୍ୟ କରିପାରିବ ।

✳ ଖଲ୍ଲିକୋଟ କଲେଜ ବର୍ତ୍ତମାନ ଓଡ଼ିଶାର ବୃହତ୍ତମ ବେସରକାରୀ ଶିକ୍ଷାନୁଷ୍ଠାନ । କିଛି କାଳ ପୂର୍ବେ ଏହା ୧୦୦ ଛାତ୍ର ବିଶିଷ୍ଟ ଏକ ଇଣ୍ଟରମିଡ଼ିଏଟ କଲେଜ ଥିଲା । କିନ୍ତୁ ଏବେ ସେ ଶହେ ସଂଖ୍ୟାଟି ଅଛି; କିନ୍ତୁ ତାହା ଛାତ୍ରଙ୍କର ନୁହେଁ ଅଧ୍ୟାପକମାନଙ୍କର । ଛାତ୍ରମାନଙ୍କର ସଂଖ୍ୟା ୧୫ ଗୁଣ ବଢ଼ିଯାଇ ୧୫୦୦ ହୋଇଛି । ଇଣ୍ଟରମିଡ଼ିଏଟ କଲେଜ ସ୍ଥାନରେ ଗଢ଼ି ଉଠିଛି ଏକ ବିରାଟ ଶିକ୍ଷାନୁଷ୍ଠାନ, ଯେଉଁଠି ବହୁ ବିଷୟରେ ଅନର୍ସ ଓ ସାତଟି ବିଷୟରେ ସ୍ନାତକୋତ୍ତର ଶିକ୍ଷାଦାନର ବ୍ୟବସ୍ଥା ହୋଇଛି ।

✳ ଖଲ୍ଲିକୋଟ କଲେଜ, ବ୍ରହ୍ମପୁର, ଓଡ଼ିଶାର ଏକମାତ୍ର କଲେଜ ଯାହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଟି ବିଜ୍ଞାନ କଲେଜ (ହିଞ୍ଜିଳି ବିଜ୍ଞାନ କଲେଜ ଓ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ କଲେଜ, ଖଲ୍ଲିକୋଟ) ଓ ତିନୋଟି ହାଇସ୍କୁଲ (କେ. ସି. ହାଇଅର ସେକେଣ୍ଡାରୀ ସ୍କୁଲ, ଆର. ସି. ଟାଉନ ସ୍କୁଲ, କେ. ସି. ଗାର୍ଲସ୍ ହାଇସ୍କୁଲ) ପରିଚାଳିତ ହେଉଛି ।


✳ ଖୁବ୍ ନିକଟରେ ଏହି କଲେଜ ପାଇଁ ଆଧୁନିକ ରୁଚି ସମ୍ପନ୍ନ କୋଠାବାଡ଼ି ନିର୍ମାଣର ପରିକଳ୍ପନା ହୋଇଛି । ଏହା ଏକ ସ୍ୱପ୍ନର ସୌଧ ନୁହେଁ— ଏକ ନିର୍ମାଣ-ଅଭିମୁଖୀ ବାସ୍ତବ ଯୋଜନା ।

✳ ଖଲ୍ଲିକୋଟ କଲେଜ, କେ. ସି. ଚାରିଟିଜ୍ ଲଟେରୀର ଦାନରେ ପରିପୁଷ୍ଟ; କେ. ସି. ଚାରିଟିଜ୍ ଲଟେରୀ ଜନସାଧାରଣଙ୍କ ଦାନରେ ପୁଷ୍ଟ ଓ ବର୍ଦ୍ଧିତ ।

## କେ. ସି. ଚାରିଟିଜ୍‌କୁ ସାହାଯ୍ୟ କର

**ଆପଣ ନିଜକୁ ଓ ନିଜର ଏହି ମହତ୍ ଶିକ୍ଷାନୁଷ୍ଠାନକୁ ସାହାଯ୍ୟ କରନ୍ତୁ ।**

Digitized by srujanika@gmail.com



ଦୁର୍ଗାପୂଜାର ଅନନ୍ଦ ଉତ୍ସବ; ସାରା ଦେଶ ଏହି ଉତ୍ସବରେ ମାତିଥିବା ବେଳେ ଓଡ଼ିଶାର କୋଟିଏ ଅଞ୍ଚଳ ଉପରେ ବହିଲେ ଏକ ନାହିଁ ନ ଥିବା ବାତ୍ୟାବର୍ତ୍ତ । କେତେ ଘର ଦ୍ୱାରର ଛାତ ଉଡ଼ିଗଲ, କେତେ ଲୋକ, ଗୋରୁ ଗାଈ ମରି ହଜି ଗଲେ ।

ପ୍ରାକୃତିକ ବିପଦକୁ କେହି ଏଡ଼ାଇ ଦେଇ ପାରେ ନାହିଁ । କିନ୍ତୁ ଲୋକଙ୍କର ଦୁଃଖ ବେଳେ ଟିକିଏ ଆହା କହିବା, ସାହା ହୋଇ ଠିଆ ହେବା ଏତିକି ମନୁଷ୍ୟ କରି ପାରେ ।

**ସେତିକି କରି ପାରିଲେ ଆମର ଆନନ୍ଦ ।**

| | |
|---|---|
| ❊ ବାତ୍ୟାରେ ଧ୍ୱସ୍ତ ହାଇସ୍କୁଲ ଓ କଲେଜମାନଙ୍କ ପୁନଃ ନିର୍ମାଣ ଦିଗରେ ଆମର ଦାନ | ଟ ୫୦,୦୦୦୲ |
| ❊ ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ସାହାଯ୍ୟ ପାଣ୍ଠିକୁ ଦାନ | ଟ ୫,୦୦୦୲ |
| ❊ ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ସାହାଯ୍ୟ ପାଣ୍ଠିକୁ ଦାନ | ଟ ୨୫,୦୦୦୲ |
| ❊ ରେଡ଼କ୍ରସ ପାଣ୍ଠିକୁ ଦାନ | ଟ ୧,୦୦୦୲ |

ଓଡ଼ିଶାର ସେବାରେ ନିୟୋଜିତ

**କେ. ସି. ଚାରିଟେଜ୍, ବ୍ରହ୍ମପୁର, ଗଞ୍ଜାମ**

Digitized by srujanika@gmail.com

Vol 1 No. 10 PAURUSHA Regd. No. 0-116

# ଖଲିକୋଟ କଲେଜ ଲଟେରି

## ଓଡ଼ିଶାରେ ଉଚ୍ଚଶିକ୍ଷାର ଅଗ୍ରଗତି ପାଇଁ ଏହାର ମହନୀୟ ଦାନ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ଦାନ ପଞ୍ଚସ୍ତରୀ ହଜାର ଟଙ୍କା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଇଁ ଦାନ ପଚିଶ ହଜାର ଟଙ୍କା ।

ଓଡ଼ିଶାର ବହୁ ନୂତନ କଲେଜ ଏହାର ଦାନ ଦ୍ୱାରା ପ୍ରତିଷ୍ଠିତ ଓ ପରିପୁଷ୍ଟ ହୋଇ ପାରିଛି ।

ରାମଚନ୍ଦ୍ର ମର୍ଦ୍ଦରାଜ କଲେଜ, ହିଞ୍ଜିଳି ବିଜ୍ଞାନ କଲେଜ ଓ ଅନ୍ୟାନ୍ୟ କୋଡ଼ିଏଟି କଲେଜକୁ ଦିଆଗଲାଣି ୧୭ଲକ୍ଷ ୭୦ହଜାର ଟଙ୍କା ।

## ଆପଣ କେବଳ ଏକଟଙ୍କା ସାହାଯ୍ୟ କରି ଶିକ୍ଷାର ଅଗ୍ରଗତିରେ ଭାଗ ନିଅନ୍ତୁ, ମହତ୍ କାର୍ଯ୍ୟ ସାଧିତ ହେଉ ।

ବିଶେଷ ବିବରଣୀ ପାଇଁ ନିମ୍ନ ଠିକଣାକୁ ଲେଖନ୍ତୁ ।

ଅବୈତନିକ ସମ୍ପାଦକ
ଖଲିକୋଟ କଲେଜ—ଟ୍ରଷ୍ଟି—ଲଟେରି ଫଣ୍ଡ୍
ବ୍ରହ୍ମପୁର (ଗଞ୍ଜାମ)

April— 1968 Price Rs. 1/-

Digitized by srujanika@gmail.com

# ପୌରୁଷ



Digitized by srujanika@gmail.com

# ପୌରୁଷ

दैवायत्तं कुले जन्म मदायत्तं च पौरुषम्

ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର ମୋର ଅଧୀନ ।

କର୍ଣ୍ଣ--ବେଣୀସଂହାରମ୍

## ସୂଚୀପତ୍ର


| | ପୃଷ୍ଠା |
|---|---|
| ବୁଦ୍ଧ ବନ୍ଦନା | ୩ |
| ସଂପାଦକୀୟ * | ୪ |
| ପ୍ରିୟ କର୍ମଭୂମି | |
| ଜୀବନର ଆଦର୍ଶ | ୭ |
| ଗୌତମ ବୁଦ୍ଧ | |
| ବୁଦ୍ଧ ପୂର୍ଣ୍ଣିମା | ୯ |
| ଜାନକୀବଲ୍ଲଭ ପଟ୍ଟନାୟକ | |
| ବୁଦ୍ଧଙ୍କର ନେଲି ମୁଁ ଶରଣ (କବିତା) | ୧୫ |
| ରବୀନ୍ଦ୍ରନାଥ ଠାକୁର | |
| ଅକ୍ଷୟ ତୃତୀୟା | ୧୭ |
| ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ | |
| ଭାରତୀୟ ସାହିତ୍ୟର ପରିଚୟ (ଉର୍ଦ୍ଦୁ) | ୨୫ |
| ଅଧ୍ୟାପକ ଡକ୍ଟର ବଂଶୀଧର ମହାନ୍ତି | |

| | ପୃଷ୍ଠା |
|---|---|
| ଅନୁରାଗ କଳ୍ପଲତିକା | ୩୩ |
| ବାଇକୋଲ ଜ୍ୟୋତିଷ ବିଶାରଦ | |
| କୃଷ୍ଣାବତାର | ୩୭ |
| କେ. ଏମ୍. ମୁନସୀ | |
| ଭାରତ ମୋ'ର ଆଧ୍ୟାତ୍ମିକ ଜନ୍ମଭୂମି | ୪୯ |
| ଶ୍ରୀ ଲୁସିଏନ | |
| ସ୍ୱାଧୀନତା ସଂଗ୍ରାମର ସ୍ମୃତି | ୫୩ |
| ମହାବୀର ତ୍ୟାଗୀ | |
| ମହାଭାରତ କାହାଣୀ | ୬୩ |
| ଜୟନ୍ତୀ ପଟ୍ଟନାୟକ | |
| ମୋ' କାହାଣୀ | ୭୫ |
| ନଳମଣି ସେନାପତି | |


Digitized by srujanika@gmail.com

ବାଘ, ବ୍ରାହ୍ମଣ ଓ ବଣ୍ଡୁଆ ୭୪
(ପିଲାଙ୍କ ପାଇଁ ଗଳ୍ପ)
ମୋ'ର ସ୍ମୃତି (ଗଳ୍ପ) ୮୩
ଅଣ୍ଡ୍ରି ପ୍ଲାଟନଭ୍


ଉସ୍ତାଦ ବଡ଼େ ଗୁଲାମ
ଅଲ୍ଲି ଖାଁ ୯୧


ପ୍ରଚ୍ଛଦପଟ-ଯୋଗୀଗୀତ (ଚନ୍ଦ)


ସଂପାଦକ * ଜାନକୀବଲ୍ଲଭ ପଟ୍ଟନାୟକ

| ପୌରୁଷର ଗ୍ରାହକ ଚାନ୍ଦା | | ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା |
|---|---|---|
| ବାର୍ଷିକ— | ୧୦ ଟଙ୍କା | ମୁଦ୍ରିତ ଓ ପ୍ରକାଶିତ |
| ଷାଣ୍ମାସିକ— | ୫ ଟଙ୍କା ୫୦ପ. | ପୌରୁଷ ପ୍ରେସ ଓ କାର୍ଯ୍ୟାଳୟ, |
| ମାସିକ— | ୧ ଟଙ୍କା | ଚାନ୍ଦନୀଚୌକ, କଟକ-୨ |





Konark
ELECTRICAL ACCESSORIES
Manufactured by
ORISSA ELECTRICAL MANUFACTURERS LTD.
INDUSTRIAL ESTATE, CUTTACK-3


Digitized by srujanika@gmail.com

# ବୁଦ୍ଧ-ବନ୍ଦନା



ଯଂ କିଂଚ ରତନଂ ଲୋକେ
ବିଜ୍ଜତି ବିବିଧା ପୃଥୁ
ରତନଂ ବୁଦ୍ଧସମଂ ନାତ୍ଥି
ତସ୍ମା ସୋତ୍ଥି ଭବନ୍ତୁ ତେ
ନମୋ ତସ୍ସ ଭଗବତ ଅର୍ହତ ସମ୍ମା
ସମ୍ବୁଦ୍ଧସ୍ସ

ସଂସାରରେ ବହୁ ପ୍ରକାର ରତ୍ନ ଅଛି । କିନ୍ତୁ ବୁଦ୍ଧ ରତ୍ନପରି ରତ୍ନ ନାହିଁ । ଆପଣମାନଙ୍କର ତହିଁରୁ କଲ୍ୟାଣ ହେଉ । ସମ୍ୟକ୍ ରୂପେ ଜ୍ଞାନ ଲାଭ କରିଥିବା ବୁଦ୍ଧ ଭଗବାନଙ୍କୁ ମୁଁ ନମସ୍କାର କରୁଛି ।

Digitized by srujanika@gmail.com

# ସମ୍ପାଦକୀୟ

## * ପ୍ରିୟ କର୍ମଭୂମି

ପୃଥିବୀର ଶ୍ରେଷ୍ଠ ମାନବମାନଙ୍କ ମଧ୍ୟରେ ବୁଦ୍ଧ ଅନ୍ୟତମ । ଭାରତର ସୌଭାଗ୍ୟ, ସେ ଏହି ଭୂମିରେ ଜନ୍ମ ଗ୍ରହଣ କରିଥିଲେ ଓ ଏହାକୁ ତାଙ୍କର କର୍ମଭୂମି ରୂପେ ବାଛି ନେଇଥିଲେ ।

୮୦ ବର୍ଷ ବୟସରେ ସେ ବୈଶାଳୀ ନଗରରୁ ବିଦାୟ ନେଇ କୁଶୀନାର ଅଭିମୁଖରେ ଯାତ୍ରା କରୁଥିବା ବେଳେ ତାଙ୍କର ପ୍ରିୟ ଶିଷ୍ୟ ଆନନ୍ଦଙ୍କୁ କହିଥିଲେ, "ଚିତ୍ରଂ ଜମ୍ବୁଦ୍ୱୀପଂ, ମନୋରମଂ ଜୀବିତଂ ମନୁଷ୍ୟାଣାମ୍" (କେଡ଼େ ସୁନ୍ଦର, ଚିତ୍ରିତ ଏ ଭାରତବର୍ଷ, ମନୁଷ୍ୟମାନଙ୍କର ଜୀବନ ଏଠାରେ କେତେ ମନୋରମ ) ।

କୌଣସି ଉଗ୍ର ଜାତୀୟତାର ପୂଜାରୀ ନ ହୋଇ ସେ ଭାରତବର୍ଷକୁ ଅତିଶୟ ଶ୍ରଦ୍ଧା କରୁଥିଲେ । ତାଙ୍କର ଧର୍ମ ଥିଲା, ସମଗ୍ର ମାନବ ଜାତି ପ୍ରତି ପ୍ରେମର ଧର୍ମ । ଏଥିରେ ଜାତି, ବର୍ଣ୍ଣ, ଦେଶ, ଦେଶ ମଧ୍ୟରେ କୌଣସି ଭେଦ ନ ଥିଲା । ସେ ବାରଂବାର କହୁଥିଲେ ଯେପରି ଗଙ୍ଗା, ଯମୁନା, ଅଚିର ବତୀ ଆଦି ନଦୀଗଣ ସମୁଦ୍ରରେ ମିଶି ନିଜର ଭେଦ ବାଦକୁ ହରାଇ ଦିଅନ୍ତି, ସେହିପରି ସେମାନେ ଯେଉଁ ଦେଶ, ଯେଉଁ ଜାତିର ହୁଅନ୍ତୁ ନା କାହିଁକି, ବୁଦ୍ଧଙ୍କର ଶିଷ୍ୟମାନଙ୍କ ମଧ୍ୟରେ କୌଣସି ଭେଦ, କୌଣସି ସଙ୍କୀର୍ଣ୍ଣତା ରହିବା ଉଚିତ ନୁହେ । ଏହି ବିଶ୍ୱମାନବିକତାର ଆଦର୍ଶରେ ସେ ତତ୍କାଳୀନ ଭାରତବର୍ଷର ସମାଜ ଓ ଜୀବନର ଚରିତ୍ରକୁ ବଦଳାଇବା ପାଇଁ ଚେଷ୍ଟା କରିଥିଲେ ।

ବୁଦ୍ଧତ୍ୱ ଲଭ ପରେ ସାରନାଥଠାରେ ସେ ତାଙ୍କର ପ୍ରଥମ ଧର୍ମ ଉପଦେଶ, ଯାହାକି 'ଧର୍ମଚକ୍ର ପ୍ରବର୍ତ୍ତନ ସୂତ୍ର' ନାମରେ ଖ୍ୟାତ, ଦେଇ ଶିଷ୍ୟମାନଙ୍କୁ କହିଥିଲେ, ସେମାନେ ଯେଉଁ ଜ୍ଞାନ ଲଭ କଲେ, ତାହା କେବଳ ସେମାନଙ୍କ ପାଇଁ ନୁହେଁ ସମଗ୍ର ବିଶ୍ୱର ପାଇଁ, 'ବହୁଜନ ହିତାୟ, ବହୁଜନ ସୁଖାୟ ଚ' । ବର୍ତ୍ତମାନ ବିଭିନ୍ନ ଧର୍ମ ପକ୍ଷରୁ ଯେଉଁ ମିଶନ ବା ପ୍ରଚାରକ ଗୋଷ୍ଠୀ ଦେଖାଯାନ୍ତି, ତାହାର ଆରମ୍ଭ ବୁଦ୍ଧଙ୍କ ସମୟରୁ ହୋଇଥିଲା ଓ ବୁଦ୍ଧଙ୍କ ପରେ ବିଖ୍ୟାତ ବୌଦ୍ଧ ଭିକ୍ଷୁମାନେ ଏହି ଦେଶରୁ ଯାଇ ମଧ୍ୟ ଏସିଆ, ତିବ୍ବତ, ଚୀନ, ମଙ୍ଗୋଲିଆ, କୋରିଆ, ଜାପାନ ଓ ଦକ୍ଷିଣ ପୂର୍ବ ଏସିଆରେ ବୌଦ୍ଧ ଧର୍ମର ପ୍ରଚାର କରିଥିଲେ । ଏହି ବୌଦ୍ଧ ଧର୍ମ ଜରିଆରେ ଭାରତୀୟ ଜୀବନର ଆଦର୍ଶ ବା ସଂସ୍କୃତି ସେହି ସବୁ ଦେଶରେ ପ୍ରସାରିତ ହୋଇଥିଲା । ଏବେ ମଧ୍ୟ ଏହି ସବୁ ଦେଶରେ

Digitized by srujanika@gmail.com

ବୌଦ୍ଧ ଧର୍ମ ଭାରତବର୍ଷ ପରି ଏକ ଅନ୍ତରର ଧର୍ମ ନୁହେ, ତାହା ଏକ ପ୍ରଚଳିତ ବିଶ୍ୱାସ ଓ ଜୀବନ ଧାରଣ ପଦ୍ଧତି । ବୌଦ୍ଧ ଧର୍ମ ଜରିଆରେ ଭାରତୀୟ ସଭ୍ୟତା ଯେ ସବୁ ଦେଶ ଉପରେ ଯେଉଁ ଗଭୀର ପ୍ରଭାବ ପକାଇଛି, ତାହା ଏବେ ମଧ୍ୟ ଦେଖି ଆଶ୍ଚର୍ଯ୍ୟ ହେବାକୁ ପଡ଼େ ।

ବୁଦ୍ଧ ଭାରତୀୟ ସଭ୍ୟତାର ଯେଉଁ ସବୁ ଶ୍ରେଷ୍ଠ ଗୁଣକୁ ପ୍ରତିପାଦିତ କରିଥିଲେ, ତାହାର ଆବାହନ ଓ ସଂସ୍ଥାନ ଯଦି ପୁନର୍ବାର ଏ ଦେଶରେ କରି ନ ଯାଏ, ତା'ହେଲେ ଏତେ ବଡ଼ ବିରାଟ ଦେଶ ହୋଇ ମଧ୍ୟ ଭାରତର କୌଣସି ପ୍ରଭାବ ଓ ପ୍ରତିପତ୍ତି ରହିବ ନାହିଁ ।

ଭୌତିକ ବିଭବକୁ ସେ କେବେ ହେଲେ ବ୍ୟକ୍ତି ବା ସମାଜ ଜୀବନର ଆଦର୍ଶ ହେବା ଉଚିତ ବୋଲି ଗ୍ରହଣ କରୁ ନ ଥିଲେ । ଏକଥା ସତ୍ୟ ଯେ ବୁଦ୍ଧ ଈଶ୍ୱରଙ୍କ ନାମ ନେଉ ନ ଥିଲେ । ଈଶ୍ୱର ଅଛନ୍ତି ନା ନାହାନ୍ତି ତାହା ପଚାରିଗଲେ ସେ କିଛି ଉତ୍ତର ଦେଉ ନ ଥିଲେ ଓ କହୁଥିଲେ ଯେ ଏ ଜୀବନର ସମସ୍ୟା ଏତେ ଅଧିକ ଓ ଉତ୍କଟ ଯେ ସେ ପ୍ରଶ୍ନରେ ମୁଣ୍ଡ ଖେଳାଇବା ଉଚିତ ନୁହେ । କିନ୍ତୁ ଈଶ୍ୱରଙ୍କ ନାମ ନ ନେଇ ମଧ୍ୟ ସେ ଯେଉଁ ଉଚ୍ଚ ଆଧ୍ୟାତ୍ମିକବାଦର ପ୍ରଚାର କରିଛନ୍ତି, ତାହା ଯେ କୌଣସି ଈଶ୍ୱର ବିଶ୍ୱାସ ଉପରେ ପ୍ରତିଷ୍ଠିତ ଧର୍ମର ଅତିଶୟ ଉପାଦେୟ, ମୂଲ୍ୟବାନ ବସ୍ତୁ ।

'ଧର୍ମଚକ୍ର ପ୍ରବର୍ତ୍ତନ ସୂତ୍ର'ରେ ସେ କହିଥିଲେ, "ଭିକ୍ଷୁମାନେ, ସନ୍ନ୍ୟାସୀର ପକ୍ଷରେ ଦୁଇଟି ଅତିଶୟ କଥା ସବୁବେଳେ ପରିତ୍ୟାଗ କରିବା ଉଚିତ । ଗୋଟିଏ ହେଉଛି ଭୋଗ ବିଳାସମୟ ଜୀବନ । ଅନ୍ୟଟି ହେଉଛି ଶରୀରକୁ ସବୁବେଳେ କଷ୍ଟ ଦେଇ ସାଧନା କରିବା । ହୀନ ଅନାର୍ଯ୍ୟ ଶ୍ରେଣୀରେ ଲୋକେ ଏପରି ଜୀବନ ଯାପନ କରନ୍ତି ।" ତାଙ୍କର ନିଜର ଜୀବନ ଯାପନ ପ୍ରଣାଳୀ, ତାଙ୍କର ଶିଷ୍ୟ ମାନଙ୍କର ଜୀବନ ଯାପନ ପ୍ରଣାଳୀ ତତ୍କାଳୀନ ଭାରତର ନବ ଯୁବକ ଗୋଷ୍ଠୀକୁ ଉଚ୍ଚ ଆଦର୍ଶବାଦରେ ଉଦ୍‌ବୁଦ୍ଧ କରିଥିଲା ଓ ପ୍ରାୟ ଏକ ହଜାର ବର୍ଷଧରି ତାହା ଏ ଦେଶରେ ଏକ ଅଫୁରନ୍ତ ପ୍ରେରଣାର ଉତ୍ସ ଭାବରେ କାର୍ଯ୍ୟ କରିଥିଲା ।

ବୁଦ୍ଧ ଭଣ୍ଡାମି ବା ଆତ୍ମପ୍ରବଞ୍ଚନାକୁ ଆଦୌ ପ୍ରଶ୍ରୟ ଦେଉ ନଥିଲେ । କବି ମାତୃଚେଟା ବୁଦ୍ଧଙ୍କର ଭାବକୁ ପ୍ରକାଶ କରି କହିଛନ୍ତି :—

କେଶାଃ ତ୍ୱଂ ଅପରାଧ୍ୟନ୍ତି
କ୍ଲେଶାନାଂ ମୁଣ୍ଡନଂ କୁରୁ
ସକାଷାୟସ୍ୟ ଚିତ୍ତସ୍ୟ
କାଷାୟୈଃ କିଂ ପ୍ରୟୋଜନମ୍ ।

ଅର୍ଥାତ୍ ମୁଣ୍ଡର ବାଳ କ'ଣ ଦୋଷ କରିଛି, ତାକୁ ଛିଣ୍ଡାଇ ଦେଉଛ, ତୁମର ଦୁଃଖ ବା ଦୁଃଖର ହେତୁ କାମନାକୁ ଛିଣ୍ଡାଇ ଦିଅ । ଯେଉଁ ଚିତ୍ତ କାଷାୟ, ମଳିନ ବା ପାପଯୁକ୍ତ, ତା' ପକ୍ଷରେ କାଷାୟ ବସ୍ତ୍ର ପରିଧାନ କରି କୌଣସି ଲାଭ ନାହିଁ ।

ବ୍ୟକ୍ତି, ସମାଜ ବା ରାଷ୍ଟ୍ରୀୟ ଜୀବନରେ କୌଣସି କଥାକୁ ଭଲରୂପେ ପରୀକ୍ଷା ନ କରି ଦୃଆ ବା ଧୂନରେ ପରିଚାଳିତ ହୋଇଯିବା ଉଚିତ ନୁହେ ବୋଲି ସେ କହୁଥିଲେ ।

Digitized by srujanika@gmail.com

"ଏତସ୍ୟ ବାକ୍ୟେଃ ନ ମମାତ୍ର ନଷ୍ଟୟୁଃ ।" ଏପରିକି ତାଙ୍କ ବାକ୍ୟକୁ ମଧ୍ୟ ବିନା ବିଚାରରେ ଗ୍ରହଣ କରିଦିବା ପାଇଁ ସେ କାହାରିକୁ ଉପଦେଶ ଦେଇ ନ ଥିଲେ । ସେ କହୁଥିଲେ:—

ପରୀକ୍ଷା ଭିକ୍ଷବୋ ଗ୍ରାହ୍ୟଂ
ମଦ୍ବଚୋ ନଚ ଗୌରବାତ୍

"କେବଳ ମୋ' ପ୍ରତି ତୁମର ଶ୍ରଦ୍ଧା ଅଛି ବୋଲି ନୁହେଁ, ଭଲ ରୂପେ ପରୀକ୍ଷା କରି ସାରିବା ପରେ ତୁମେମାନେ ମୋର ବାକ୍ୟକୁ ଗ୍ରହଣ କରିପାର ।"

ବୁଦ୍ଧଙ୍କ ସମୟରେ ଭାରତ ବର୍ଷରେ ଶାସନ ରାଜତନ୍ତ୍ର ମୂଳକ ଥିଲା । କିନ୍ତୁ କେତୋଟି ପ୍ରଜାତାନ୍ତ୍ରିକ ରାଷ୍ଟ୍ର ମଧ୍ୟ ଥିଲା, ଯାହା ମଧ୍ୟରେ ବୈଶାଳୀ ଥିଲା ଅନ୍ୟତମ । ଏହି ବୈଶାଳୀ ରାଜ୍ୟ ବୁଦ୍ଧଙ୍କର ଅତି ପ୍ରିୟ ଥିଲା ।

ବୈଶାଳୀର ଅଧିବାସୀ ଲିଚ୍ଛବି ମାନଙ୍କ ସମ୍ପର୍କରେ ଥରେ ବୁଦ୍ଧ ଆନନ୍ଦଙ୍କୁ କହିଥିଲେ, "ଆନନ୍ଦ ଯେତେଦିନ ପର୍ଯ୍ୟନ୍ତ ଲିଚ୍ଛବିମାନେ ତାଙ୍କର ଗଣସଭାରେ ବସି ସମସ୍ତ ବିଷୟ ବାରଂବାର ଆଲୋଚନା କରୁଥିବେ, ସେମାନଙ୍କ ମଧ୍ୟରେ ଏକତା ଓ ମିତ୍ରତାର ବାତାବରଣ ଥିବ, ଜ୍ୟେଷ୍ଠମାନଙ୍କର ଉପଦେଶ ସେମାନେ ମାନୁଥିବେ, ସେତେଦିନ ପର୍ଯ୍ୟନ୍ତ ସେମାନଙ୍କର ଅଗ୍ରଗତି, ସେମାନଙ୍କର ଅଧୋଗତି ନାହିଁ ।"

ଅର୍ଥାତ୍ ମିତ୍ରତାର ବାତାବରଣ ଓ ଏକତା । ଅନ୍ୟ କଥାରେ କହିଲେ ସମସ୍ତଙ୍କ ବା ପ୍ରାୟ ସମସ୍ତଙ୍କ (near unanimity) ବୁଝାଇ ସୁଝାଇ ନେବାର ଉଦ୍ୟମ ନ ରହିଲେ, କୌଣସି ଗଣତାନ୍ତ୍ରିକ ଶାସନ ସଫଳ ହୋଇ ପାରିବ ନାହିଁ ।

ବର୍ତ୍ତମାନ ବୁଦ୍ଧଙ୍କର ଉପଦେଶ ବା ଭାରତୀୟ ସଭ୍ୟତାର ଏହିସବୁ ମହନୀୟ ଗୁଣ କେତେଦୂର ଆମର ରାଷ୍ଟ୍ରୀୟ, ସାମାଜିକ ବା ବ୍ୟକ୍ତିଗତ ଜୀବନରେ ପ୍ରତିଫଳିତ ହେଉଛି, ତାହାହିଁ ବିଚାର କରିବାର ବିଷୟ । ରାଷ୍ଟ୍ରୀୟ ଆଦର୍ଶ ହେଲା ଦାରିଦ୍ର୍ୟ ଦୂର କରିବା ନାମରେ ଏକ ଆଡ଼ମ୍ବର ପୂର୍ଣ୍ଣ ଶାସନ ସଂସ୍ଥା ଓ ଅପବ୍ୟୟ ବହୁଳ ଯୋଜନାର ପ୍ରଚଳନ—ଯାହାର ପ୍ରମାଣ ହେଉଛି ରାଜାନୁଗତ ଧର୍ମ ପରି ଯେ କୌଣସି ପନ୍ଥାରେ ଧନୀ ହୋଇଯିବାର ପ୍ରତ୍ୟେକଙ୍କର ଉଦ୍ୟମ ।

ପୁଣି ଏହି ରାଷ୍ଟ୍ରୀୟ ଆଦର୍ଶ ହେଲା ସମାଜବାଦ, ଯେଉଁ ଆଦର୍ଶକି ଦରିଦ୍ର ଜନତା ପ୍ରତି କରୁଣାର ମଧ୍ୟରୁ ଜନ୍ମଲାଭ କରିଛି । କିନ୍ତୁ ଭାରତବର୍ଷରେ ପୁଞ୍ଜିବାଦର ଯେଉଁ ଉତ୍କଟ ଚିତ୍ର ଦେଖିବାକୁ ମିଳେ, ଧନୀ, ଦରିଦ୍ରଙ୍କ ମଧ୍ୟରେ ଯେଉଁ ବ୍ୟବଧାନ ପରିଦୃଷ୍ଟ ହୁଏ, ତାହା ପୃଥିବୀର କୌଣସି ଦେଶରେ ଦେଖିବାକୁ ମିଳେ ନାହିଁ । ଧନ, ଭୋଗ ବିଳାସର ଉଚ୍ଛୃଙ୍ଖଳତା, କ୍ଷମତାର ଉଚ୍ଛୃଙ୍ଖଳତା, ଗଣତନ୍ତ୍ର ନାମରେ ଘୋର ରାଜନୈତିକ ବିଭେଦ ଓ ବିବାଦ—ଏହି ଜୀବନକୁ ଯେନ ଭାରତ କାହାକୁ ପ୍ରଭାବିତ କରିବ ?

Digitized by srujanika@gmail.com



ଜୀବନର ଆଦର୍ଶ

# ପ୍ରେମ, ଜ୍ଞାନ, ସଂଯମ

ଗୌତମ ବୁଦ୍ଧ

ଆମେ ଯାହା ଚିନ୍ତା କରୁ, ସେହି ଅନୁସାରେ ଆମେ ଗଢ଼ାହେଉ । ଯଦି କୌଣସି ବ୍ୟକ୍ତି ମନ୍ଦଚିନ୍ତା ଘେନ କୌଣସି କଥା କହେ ବା କୌଣସି କାର୍ଯ୍ୟ କରେ, ତା'ହେଲେ ଦୁଃଖ ତା' ପଛରେ ଛାୟାପରି ଲାଗି ରହିଥାଏ । ଯଦି କୌଣସି ବ୍ୟକ୍ତି ପବିତ୍ର ଚିନ୍ତା ଘେନ କୌଣସି କଥା କହେ ବା କୌଣସି କାର୍ଯ୍ୟ କରେ, ତା'ହେଲେ ସୁଖ ତା' ପଛରେ ଛାୟା ପରି ଲାଗି ରହିଥାଏ ।

କେହି ଗାଳି, ମାଡ଼ ବା ଅପମାନ କଲେ ତାହା ଭୁଲି ନ ଯାଇ ଯଦି ସେହି କଥା ସବୁବେଳେ ଚିନ୍ତା କରାଯାଏ, ତା'ହେଲେ ମନରେ ଘୃଣା ଜାତ ହୁଏ ଓ ଘୃଣା ଦ୍ୱାରା ଘୃଣାର ଶେଷ ହୁଏ ନାହିଁ ପ୍ରେମ ଦ୍ୱାରା ହିଁ ଘୃଣାର ଶେଷ ହୁଏ—ଏହା ହେଉଛି ଅବିନଶ୍ୱର ଧର୍ମ ।

ନିଜର ମନକୁ ପାପମୁକ୍ତ ନ କରି କାଷାୟ ବସ୍ତ୍ର ପରିଧାନ କରିବାର କୌଣସି ମୂଲ୍ୟ ନାହିଁ । ଯଦି କୌଣସି ବ୍ୟକ୍ତି ଲୋଭୀ, କ୍ଷୁଦ୍ରମନା, ଭ୍ରଷ୍ଟାଚାରୀ ଓ ମିଥ୍ୟାବାଦୀ ହୋଇଥାଏ, ତା'ହେଲେ ସେ ସନ୍ନ୍ୟାସୀର ଗୈରିକ ବସ୍ତ୍ର ପିନ୍ଧି ବୁଦ୍ଧଙ୍କର ଯେତେ ନିକଟରେ ଥାଏ ବୋଲି ମନେକରେ, ତାହା ନୁହେଁ । ପ୍ରକୃତରେ ସେ ତାଙ୍କଠାରୁ ବହୁତ ଦୂରରେ ଥାଏ ।

ମନ ଏପରି ଚଞ୍ଚଳ ଯେ ତାକୁ ନିଜର ଆୟତ୍ତରେ ରଖିବା କଷ୍ଟକର । ମନକୁ ଯେ

Digitized by srujanika@gmail.com

ପୋଷା ମନାଇ ପାରେ, ସେ ହିଁ ବାସ୍ତବିକ ଧନ୍ୟ ।

ଯେ ଜାଗ୍ରତ ଅବସ୍ଥାରେ ଥାଏ, ରାତି ତାକୁ ଦୀର୍ଘ ଜଣାଯାଏ ; ଯେ କ୍ଳାନ୍ତ ହୋଇ-ପଡ଼େ କୋଶେ ରାସ୍ତା ତାକୁ ଦୀର୍ଘ ଜଣାପଡ଼େ; ଯେ ପ୍ରକୃତ ଧର୍ମର ପଥ ଜାଣେ ନାହିଁ, ଜୀବନ ତା' ପକ୍ଷରେ ଦୀର୍ଘ ବା ଦୁର୍ବିଷହ ।

ଜିହ୍ବା ଯେପରି ଝୋଳର ସ୍ୱାଦ ଶୀଘ୍ର ଗ୍ରହଣ କରିପାରେ, ଜ୍ଞାନୀ ଲୋକଙ୍କ ସମ୍ପର୍କରେ ଆସିଲେ, ବୁଦ୍ଧିମାନ ବ୍ୟକ୍ତି ସେହିପରି ମୁହୂର୍ତ୍ତିକ ମଧ୍ୟରେ ଜ୍ଞାନ ଲାଭ କରିପାରେ ।

ଯେଉଁ କାର୍ଯ୍ୟ କରିବା ଦ୍ୱାରା ମନୁଷ୍ୟ ଅନୁତାପ କରେ ଓ ଯେଉଁ କାର୍ଯ୍ୟର ଫଳ ତାକୁ କାନ୍ଦି କାନ୍ଦି ଗ୍ରହଣ କରିବାକୁ ହୁଏ, ସେ କାର୍ଯ୍ୟ କେବେ ଉଚିତ କାର୍ଯ୍ୟ ହୋଇ ନ ପାରେ । ଯେଉଁ କାର୍ଯ୍ୟ କଲେ ମନୁଷ୍ୟ ଅନୁତାପ କରେ ନାହିଁ ଓ ତା'ର ଫଳ ସ୍ୱରୂପ ସେ ସୁଖୀ ହୁଏ, ସେହି କାର୍ଯ୍ୟ ହେଉଛି ଉଚିତ କାର୍ଯ୍ୟ ।

ପାଣି ପାଖରେ କିପରି ପହଞ୍ଚିବାକୁ ହେବ, ତାହା କୂଅ ଖୋଳାଳିମାନେ ଜାଣନ୍ତି । କାଠକୁ କିପରି ବଙ୍କା କରିବାକୁ ହେବ ତାହା ବଢ଼େଇମାନେ ଜାଣନ୍ତି । ନିଜକୁ କିପରି ଗଢ଼ିବାକୁ ହେବ, ତାହା ବିଜ୍ଞ ବ୍ୟକ୍ତିମାନେ ଜାଣନ୍ତି ।

ଯେତେ ପବନ ହେଲେ ମଧ୍ୟ ପାହାଡ଼କୁ ଯେପରି ତାହା ଦୋହଲାଇ ପାରେ ନାହିଁ, ନିନ୍ଦା ବା ପ୍ରଶଂସାରେ ସନ୍ଥ ଲୋକମାନେ ସେହିପରି ବିଚଳିତ ହୁଅନ୍ତି ନାହିଁ ।

ଯଦି କୌଣସି ବ୍ୟକ୍ତି ସହସ୍ର ସହସ୍ର ଯୋଦ୍ଧାଙ୍କୁ ଜୟ କରି ସହସ୍ର ଯୁଦ୍ଧରେ ବିଜୟୀ ହୁଏ, ଏବଂ ଅନ୍ୟ ଜଣେ ବ୍ୟକ୍ତି କେବଳ ନିଜକୁ ଜୟ କରେ, ତା'ହେଲେ ଏହି ଶେଷୋକ୍ତ ବ୍ୟକ୍ତି ହେଉଛି ସର୍ବଶ୍ରେଷ୍ଠ ବିଜୟୀ ।

ପ୍ରଥମେ ଯାହା ସତ୍ୟ ଓ ଉଚିତ ମାର୍ଗ ସେଥିରେ ନିଜକୁ ପରିଚାଳିତ କରି ପରେ ଅନ୍ୟକୁ ସେଥିରେ ଉପଦେଶ ଦେବା ଉଚିତ ।

ଆମୋଦ ହିଁ ଦୁଃଖର କାରଣ, ଭୟର କାରଣ । ଆମୋଦଠାରୁ ନିଜକୁ ଯେ ଦୂରରେ ରଖି ପାରିଛି, ସେ ହିଁ ଦୁଃଖ ଓ ଭୟକୁ ଜୟ କରିଛି । ଲୋଭ ଏବଂ କାମନା ହେଉଛି ଦୁଃଖର କାରଣ ; ଭୟର କାରଣ । ତାକୁ ଯେ ଜୟ କରି ପାରିଛି, ସେ ଦୁଃଖ ଓ ଭୟକୁ ଜୟ କରି ପାରିଛି ।

ଦର୍ଶନରେ ସଂଯମ, ଶ୍ରବଣରେ ସଂଯମ, ଆଘ୍ରାଣରେ ସଂଯମ, ଜିହ୍ୱାରେ ସଂଯମ, ଶରୀରରେ ସଂଯମ, ବାକ୍ୟରେ ସଂଯମ, ଚିନ୍ତାରେ ସଂଯମ—ସବୁଥିରେ ସଂଯମ ହିଁ ହେଉଛି ସର୍ବୋତ୍କୃଷ୍ଟ । ସଂଯତ ବ୍ୟକ୍ତି କେବେ ଦୁଃଖଭାଗୀ ହୋଇ ନପାରେ ।

ଅନ୍ଧକାରମୟ ଗୃହରେ ପ୍ରଦୀପ ପରି ବିବେକ ହିଁ ମନୁଷ୍ୟର ପଥ ପ୍ରଦର୍ଶକ ହୁଏ ।

Digitized by srujanika@gmail.com

ବୁଦ୍ଧଙ୍କ ଜୀବନର ତିନୋଟି ପ୍ରଧାନ ଘଟଣା—

# ବୁଦ୍ଧ ପୂର୍ଣ୍ଣିମା

ଜାନକୀବଲ୍ଲଭ ପଟ୍ଟନାୟକ

ବୈଶାଖ ପୂର୍ଣ୍ଣିମୀ ଦିନ ବୁଦ୍ଧଙ୍କ ଜୀବନର ତିନୋଟି ପ୍ରଧାନ ଘଟଣା ଘଟିଥିଲା । ସେ ଦିନ ସେ ଜନ୍ମ ଗ୍ରହଣ କଲେ, ବୁଦ୍ଧତ୍ୱ ପ୍ରାପ୍ତ ହେଲେ ଏବଂ ସେହିପରି ଏକ ବୈଶାଖ ପୂର୍ଣ୍ଣିମା ରାତିରେ ତାଙ୍କର ମୃତ୍ୟୁ ବା ମହାନିର୍ବାଣ ହୋଇଥିଲା । ସେଥିପାଇଁ ବୈଶାଖ ପୂର୍ଣ୍ଣିମା ବୌଦ୍ଧମାନଙ୍କ ପକ୍ଷରେ ତିନିବାର ସୌଭାଗ୍ୟର ଦିନ (thrice blessed day) ।

ବୌଦ୍ଧ ଗ୍ରନ୍ଥମାନଙ୍କରେ ବୁଦ୍ଧଙ୍କର ଜନ୍ମ, ବୁଦ୍ଧତ୍ୱ ପ୍ରାପ୍ତି ଓ ମହା ପରିନିର୍ବାଣର ଯେଉଁ ବର୍ଣ୍ଣନା କରାଯାଇଛି, ତାହା ସଂକ୍ଷେପରେ ଉଲ୍ଲେଖ କରାଯାଇପାରେ ।

## ଜନ୍ମ

୨୫୯୨ ବର୍ଷ ତଳର ବୈଶାଖ ପୂର୍ଣ୍ଣିମା । ଭାରତ ଓ ନେପାଳ ସୀମାନ୍ତର କପିଳବାସ୍ତୁ ନାମକ ତତ୍କାଳୀନ ଏକ ରାଜ୍ୟରେ ଲୁମ୍ବିନୀ ନାମକ ଏକ ବନ ଥିଲା । ରାଜରାଣୀ ମହାମାୟା ସନ୍ତାନ ଜନ୍ମ ଅପେକ୍ଷାରେ ପିତୃଗୃହକୁ ଯିବା ବାଟରେ ଏହି ବନରେ ବିଶ୍ରାମ ନେଉଛନ୍ତି । ଶାଳଗଛମାନଙ୍କରେ ଏତେ ଫୁଲ ଫୁଟିଛି ଯେ, ଗଛର ପତ୍ର ସବୁ ଲୁଚି ଯାଇଛି । ଡାଳେ ଡାଳେ ବିଭିନ୍ନ ରଙ୍ଗର ଭ୍ରମର ଓ ପକ୍ଷୀମାନଙ୍କର ଗୁଞ୍ଜନ । ହିମାଳୟର ଦେହରୁ ଏକ ସୁଶୀତଳ ପବନ ପ୍ରବାହିତ ହେଉଛି । ଛୋଟ ଛୋଟ ଗିରି ଝରଣା କୁଳୁ କୁଳୁ ସ୍ୱରରେ ବହି ଯାଉଛି ।

ରାଣୀ ମହାମାୟା ଶାଳ ବନର ସୁଶୀତଳ ଛାୟାରେ ବିଚରଣ କରୁଛନ୍ତି ! ହଠାତ୍ ତାଙ୍କର ପ୍ରସବ ବେଦନା ଆରମ୍ଭ ହୋଇଗଲା । ପରିଚାରିକାମାନେ ବସ୍ତ୍ରର ଆବରଣ କଲେ ଓ ଶାଳ ଗଛର ଡାଳକୁ ଧରି ଠିଆ ହୋଇଥିବା ଅବସ୍ଥାରେ ରାଣୀଙ୍କର ଏକ ପୁତ୍ର ସନ୍ତାନ ଜାତ ହେଲା । ଏହିପରି କବି ବର୍ଣ୍ଣନା ଅଛି ଯେ, ରାଣୀଙ୍କ ଗର୍ଭରୁ ଝାସି ପଡ଼ିବା ବେଳେ ଏହି ଶିଶୁକୁ ଗୋଟିଏ ସୁନାର ଜାଲରେ ଚାରିଜଣ ମହାବ୍ରହ୍ମ ଆସି ଧରି ନେଲେ ଏବଂ କହିଲେ, 'ମହାରାଣୀ, ସନ୍ତୁଷ୍ଟ ହୁଅ । ତୁମ ଗର୍ଭରୁ ଏକ ମହା ଶକ୍ତିଶାଳୀ ପୁତ୍ର ଜନ୍ମ ଲାଭ କରିଛି ।'' ମହାବ୍ରହ୍ମଙ୍କ ଠାରୁ ଚାରି ଦିଗପାଳ ଆସି କୋମଳ ମୃଗଚର୍ମରେ ଗ୍ରହଣ କଲେ ଏବଂ ସେମାନଙ୍କ

Digitized by srujanika@gmail.com

ତାକୁ ମନୁଷ୍ୟମାନେ ନବଜାତ ଶିଶୁକୁ ପଞ୍ଚ-ବସ୍ତ୍ରରେ ଗ୍ରହଣ କଲେ ।

ମନୁଷ୍ୟଙ୍କ ହାତରୁ ଖସି ଯାଇ ଏହି ନବଜାତ ଶିଶୁ ଭୂଇଁ ଉପରେ ଠିଆ ହୋଇ ଚାରି ଦଗକୁ ନିରୀକ୍ଷଣ କଲେ ଏବଂ କ୍ଷଣକେ ମଧ୍ୟରେ ତାଙ୍କର ଆଖି ଆଗରେ ସମସ୍ତ ଜଗତ ଚଳ ପରି ଭାସିଗଲା । ସେ ଦଶଦିଗ ଆଡ଼କୁ ଦୃଷ୍ଟିପାତ କରି ଉତ୍ତର ଦିଗ ଅଭିମୁଖରେ ସାତପାଦ ଚାଲିଗଲେ। ଏବଂ ମୁଁ ଏ ଜଗତରେ ସର୍ବଶ୍ରେଷ୍ଠ ହେବି ବୋଲି କହି ସିଂହନାଦ କଲେ । ତାଙ୍କର ଏହି ସାତ ପାଦ ବାଟରେ ସାତଟି ପଦ୍ମଫୁଲ ଫୁଟିଲେ ।

ଲୁମ୍ବିନୀ ବନରେ ଯେଉଁ ସମୟରେ ବୋଧିସତ୍ତ୍ୱଙ୍କର ଜନ୍ମ ହେଲା, ଠିକ୍ ସେହି ସମୟରେ ତାଙ୍କର ଭବିଷ୍ୟତର ସ୍ତ୍ରୀ ଯଶୋଧାରା, ବିଶ୍ୱସ୍ତ ଅନୁଚର ଛନ୍ଦକ, ତାଙ୍କର ଅଶ୍ୱ କନ୍ଥକ ଏବଂ ବୋଧିଦ୍ରୁମର ଜନ୍ମ ହେଲା । ସାଗର ଓ ଧରଣୀ ପୃଷ୍ଠରେ ଏକ ନୂତନ ମଳୟ ପ୍ରବାହିତ ହେଲା ।

## ବୋଧିଦ୍ରୁମ ତଳେ

ଏହାର ୩୫ ବର୍ଷ ପରେ ଆସୁଛି ଏକ ବୈଶାଖ ପୂର୍ଣ୍ଣିମା । ନେରଞ୍ଜନା ନଦୀ କୂଳରେ ପୁଷ୍ପିତ ଶାଳ ବନ ସ୍ପନ୍ଦିତ ହୋଇ ଉଠିଛି । ଏହି ବନରେ ଦିନ ସାକ ବିହାର କରି ସନ୍ଧ୍ୟା ସମୟକୁ ସିଦ୍ଧାର୍ଥ ଏକ ନିକଟବର୍ତ୍ତୀ ଅଶ୍ୱତ୍ଥ ଗଛ ପାଖକୁ ଗଲେ । ବାଟରେ ସ୍ୱୋତ୍ରିୟ ନାମକ ଏକ ଘାସ କଟାଳି ସହିତ ତାଙ୍କର ସାକ୍ଷାତ ହେଲା । ଆଠ ବିଡ଼ା ଘାସ ଭିକ୍ଷା କରି ସେ ଏହି ଅଶ୍ୱତ୍ଥ ଗଛର ତଳେ ଆଣି ବିଛାଇ ଏକ ଆସନ ପ୍ରସ୍ତୁତ କଲେ । ଅଶ୍ୱତ୍ଥ ଗଛ ପତ୍ରରେ ପରିପୂର୍ଣ୍ଣ ଥିଲା ଏବଂ ସୁଶୀତଳ ଛାୟା ଦାନ କରୁଥିଲା । ଏହି ଅଶ୍ୱତ୍ଥ ଗଛ ତଳେ ଘାସର ଆସନରେ ବସି ସିଦ୍ଧାର୍ଥ ପ୍ରତିଜ୍ଞା କଲେ ଯେ ସେ ବୁଦ୍ଧ ନ ହେବା ଯାଏଁ ଏ ସ୍ଥାନ ଛାଡ଼ିବେ ନାହିଁ । ତାଙ୍କର ରକ୍ତମାଂସ ଶୂନ୍ୟ ହାଡ଼ ଚମର ଶରୀର ଖାଲି ପଡ଼ି ରହୁ, ସେଥିରେ କିଛି କ୍ଷତି ନାହିଁ ।

ସିଦ୍ଧାର୍ଥଙ୍କର ଏହି ପ୍ରତିଜ୍ଞାରେ ସଂସାରର ମଙ୍ଗଳ କାର୍ଯ୍ୟରେ ଲାଗିଥିବା ସମସ୍ତେ ଆନନ୍ଦିତ ହେଲେ । ମାତ୍ର ମାର ବା କୁଲେ-ଭଞ୍ଜକାରୀ ଶକ୍ତି ଏଥିରେ ଆନନ୍ଦିତ ହେଲା ନାହିଁ । ସେ ସିଦ୍ଧାର୍ଥଙ୍କୁ ପ୍ରଲୋଭନର ଦିଗରେ ଟାଣିନେବା ପାଇଁ ସବୁବେଳେ ତାଙ୍କ ପଛରେ ଲାଗିଥିଲା । ବର୍ତ୍ତମାନ ତାଙ୍କର ଅଟଳ ପ୍ରତିଜ୍ଞା ଦେଖି ସେ ସ୍ଥିର କଲା ଏଥିରୁ ନିବର୍ତ୍ତାଇବା ପାଇଁ, ସେ ତାର ଶେଷ ଚେଷ୍ଟା କରିବ, କାରଣ ସିଦ୍ଧାର୍ଥ ବୁଦ୍ଧ ହୋଇଗଲେ ସେ ଯେଉଁ ଜ୍ଞାନର ଆଲୋକ ବିସ୍ତାର କରିବେ, ସେଥିରେ ମାରର ଅନ୍ଧକାର ରାଜ୍ୟ ଲୋପ ପାଇଯିବ ।

## ମାରର ପ୍ରଲୋଭନ

ମାର ସିଦ୍ଧାର୍ଥଙ୍କ ମନ ଭିତରେ ପ୍ରବେଶ କଲା ଏବଂ ଶେଷଥର ପାଇଁ ତାଙ୍କ ମନରେ ଅତୀତର ସ୍ମୃତି, ରାଜପ୍ରାସାଦର ବିଳାସ, ପିତାମାତା ସ୍ତ୍ରୀ ପୁତ୍ରଙ୍କ ସମ୍ପର୍କ ଜାଗ୍ରତ କରାଇଲା । ମାତ୍ର ସିଦ୍ଧାର୍ଥଙ୍କର ସଂକଳ୍ପ

Digitized by srujanika@gmail.com

ସେଥିରେ ବଦଳିଲା ନାହିଁ । ମାର କହିଲା, "କୁମାର, ଏବେ ମଧ୍ୟ ସମୟ ଅଛି । ତୁମେ ଚକ୍ରବର୍ତ୍ତୀ ରାଜା ହୁଅ ଓ ସମସ୍ତ ସଂସାରକୁ କରଗତ କର । ଲୋକେ ତୁମର ଯଶ ଗାନ କରନ୍ତୁ ।"

ସିଦ୍ଧାର୍ଥ ଉତ୍ତର ଦେଲେ, "ମାର, ମୋର ଧର୍ମ କ'ଣ, କର୍ତ୍ତବ୍ୟ କ'ଣ ମୁଁ ଜାଣେ । ମୁଁ ଏହି ଆସନରେ ରହି ବୁଦ୍ଧତ୍ୱ ଲାଭ କରିବି ଏବଂ ମୋର ଲକ୍ଷ୍ୟର ମୁଁ ବର୍ତ୍ତମାନ ସବୁଠାରୁ ନିକଟରେ ।" ଗୌତମଙ୍କ ଏହି ଘୋଷଣା ଶୁଣି ମାର ମନରେ ଭୟ ଜାତ ହେଲା । ସେ ତାର ଦଳ ବଳକୁ ଆହ୍ୱାନ କରି ଗୌତମଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ମାରର ରାକ୍ଷସ ସୈନ୍ୟ-ମାନେ ନାନା ମାରଣାସ୍ତ୍ରରେ ସଜ୍ଜିତ ହୋଇ ଭୟଙ୍କର ଗର୍ଜ୍ଜନ କରି ସିଦ୍ଧାର୍ଥଙ୍କ ଆଡ଼କୁ ଅଗ୍ରସର ହେଲେ । ଯେଉଁ ଦେବତାମାନେ ଆଗରୁ ଅଶରୀରୀ ଭାବରେ ସିଦ୍ଧାର୍ଥଙ୍କ ପାଖରେ ରହିଥିଲେ, ସେମାନେ ଭୟରେ ପଳାଇ-ଗଲେ । ମାତ୍ର ଗୌତମ କେବଳ ତାଙ୍କ ଆସନରେ ଦୃଢ଼ ଭାବରେ ବସି ରହିଲେ । ମାରର ନିର୍ଦ୍ଦେଶରେ ଖୁବ୍ ଜୋରରେ ଝଞ୍ଜା ଓ ବତାସ ବହିବାକୁ ଲାଗିଲା । ପ୍ରସ୍ତର ଓ ଆଗ୍ନେୟାସ୍ତ୍ର ବୃଷ୍ଟି ହେବାକୁ ଲାଗିଲା । ମାତ୍ର ସିଦ୍ଧାର୍ଥଙ୍କ ପାଖରେ ପହଞ୍ଚିବା ବେଳେ ଏହି ଝଞ୍ଜା ମଳୟ ରୂପେ ପ୍ରବାହିତ ହେଲା ଓ ଆଗ୍ନେୟାସ୍ତ୍ରମାନ ଫୁଲମାଳରେ ପରିଣତ ହୋଇଗଲା । ସିଦ୍ଧାର୍ଥଙ୍କ ଶରୀରର ତେଜରେ ଏହି ଅସ୍ତ୍ରୋକ୍ଷିପ୍ତ ରାକ୍ଷସମାନେ ତାଙ୍କ ପାଖରେ ପଶି ପାରିଲେ ନାହିଁ ଏବଂ ପରାଜୟ ସ୍ୱୀକାର କରି ପଳାଇଗଲେ । ଶେଷକୁ ମାର କନ୍ୟାମାନେ ମାରକୁ ସାନ୍ତ୍ୱନା ଦେଇ କହିଲେ, ସେମାନଙ୍କର ସୌନ୍ଦର୍ଯ୍ୟ ଓ ଉଚ୍ଛଳ ଯୌବନ ଆଗରେ କେତେ ଯୋଗୀ ଋଷିଙ୍କର ତପସ୍ୟା ଭାଙ୍ଗି ଯାଇଛି, ସିଦ୍ଧାର୍ଥ ବା କ'ଣ ? ମାତ୍ର ମାରକନ୍ୟାମାନେ ରୂପ ଓ ଯୌବନ ଗର୍ବରେ ସିଦ୍ଧାର୍ଥଙ୍କ ଆଗରେ ପହଞ୍ଚିବା କ୍ଷଣି ସେମାନଙ୍କ ରୂପ ଯୌବନ ମଉଳିଗଲା ଏବଂ ଅକାଳ ବାର୍ଦ୍ଧକ୍ୟ ଅନୁଭବ କରି ସେମାନେ କାନ୍ଦି କାନ୍ଦି ଫେରିଗଲେ । ମାର ଓ ତାର ସୈନ୍ୟମାନେ ସମ୍ପୂର୍ଣ୍ଣ ଭାବରେ ପରାସ୍ତ ହେଲେ ।

## ବିଜୟର ସାକ୍ଷୀ

ମାରକୁ ପରାସ୍ତ କରି ସିଦ୍ଧାର୍ଥ ଡାହାଣ ହାତରେ ପୃଥିବୀକୁ ସ୍ପର୍ଶ କରି କହିଲେ, "ହେ ପୃଥିବୀ, ଏ ବିଜୟରେ ତୁ କେବଳ ମୋର ସାକ୍ଷୀ ।" ଯେଉଁ ଆସନରେ ରହି ସିଦ୍ଧାର୍ଥ ମାରକୁ ଜୟ କରି ପୃଥିବୀକୁ ସାକ୍ଷୀ କଲେ ତାହା ଭୂମିସ୍ପର୍ଶ ମୁଦ୍ରା ନାମରେ ଖ୍ୟାତ ଏବଂ ବିଭିନ୍ନ ଯୁଗରେ ପାଷାଣର ଗାତ୍ରରେ ଗୌତମ ବୁଦ୍ଧଙ୍କର ଏହି ବିଜୟର ପ୍ରତିମୂର୍ତ୍ତି ବହୁ ସଂଖ୍ୟାରେ ଖୋଦିତ ହୋଇଛି ।

ଏହି ଆସନରେ ସ୍ଥିର ରହି ଧ୍ୟାନରତ ଥିବାବେଳେ ରାତ୍ରିର ପ୍ରଥମ ପ୍ରହରରେ ଗୌତମଙ୍କ ମନରେ ବୁଦ୍ଧତ୍ୱର ପ୍ରଥମ ଝଲକ ଖେଳିଗଲା । ସେ ତାଙ୍କର ସମସ୍ତ ପୂର୍ବ ଜନ୍ମ ଦେଖି ପାରିଲେ । ସେ ଦେଖିଲେ ଯେ, ପ୍ରତି

Digitized by srujanika@gmail.com

ଜନ୍ମରେ ପୁଣ୍ୟ ଅର୍ଜନ କରି ଯେଉଁ ସଞ୍ଚିତ ପୁଣ୍ୟ ବଳରେ ସେ ବୁଦ୍ଧତ୍ୱ ପାଇଁ ଉପଯୁକ୍ତ ହୋଇଛନ୍ତି ।

## ସତ୍ୟ ବା ଜ୍ଞାନ ଲାଭ

ରାତିର ଦ୍ୱିତୀୟ ଯାମରେ ସିଦ୍ଧାର୍ଥଙ୍କ ଆଖି ଆଗରେ ସ୍ୱର୍ଗଲୋକ, ନାଗଲୋକ, ମାରର ରାଜ୍ୟ ଆଦି ସମସ୍ତ ଜଗତ ଦେଖାଗଲା । ପ୍ରାଣୀମାନଙ୍କ ଦୁଃଖ ଦେଖି ତାଙ୍କ ମନରେ ଗଭୀର କରୁଣା ଜାତ ହେଲା । ସଂସାର ଯେ ଦୁଃଖମୟ, ତାହା ସେ ଅନୁଭବ କଲେ । ଏହି ଦୁଃଖରୁ କିପରି ଯେ ମୁକ୍ତି ଲାଭ କରିବାକୁ ହେବ, ଏହି କଥା ଚିନ୍ତା କରୁ କରୁ ରାତିର ତୃତୀୟ ଯାମରେ ତାଙ୍କ ମନରେ ପ୍ରକୃତ ସତ୍ୟର ଉଦୟ ହେଲା । ସେ ଦେଖିଲେ ଅତି ସାମାନ୍ୟ ଅସ୍ଥାୟୀ ଜିନିଷ ପଛରେ ଏ ସଂସାରରେ ସମସ୍ତେ ଦଉଡ଼ୁଛନ୍ତି । ନ ମିଳିଲେ ଦୁଃଖ ହେଉଛି, ମିଳିଲେ ପୁଣି କାମନା ବଢ଼ି ଚାଲିଛି । କାମନା ଅପୂର୍ଣ୍ଣ ରହି ଯାଉଥିବାରୁ ପୁଣି ସଂସାରରେ ଜନ୍ମ ଗ୍ରହଣ କରିବା ପାଇଁ ଇଚ୍ଛା ହେଉଛି । ସଂସାରରେ ଜନ୍ମ ହେବାକ୍ଷଣି ନୂଆ ନୂଆ କାମନା ଜାତ ହେଉଛି । କାମନାର ଶେଷ ନାହିଁ । ସେଥିପାଇଁ ଦୁଃଖର ଶେଷ ନାହିଁ । ଅତଏବ କାମନା ହେଉଛି ଦୁଃଖର ପ୍ରକୃତ କାରଣ ଏବଂ କାମନାର ବିନାଶରେ ହିଁ ଦୁଃଖର ବିନାଶ । କିପରି ଜୀବନ ଯାପନ କଲେ କାମନାର ବିନାଶ ହୋଇ ପାରିବ, ତାହା ମଧ୍ୟ ସେ ଅନୁଭବ କଲେ । ଏହି ଜୀବନ ଯାପନ ପ୍ରଣାଳୀକୁ ଆର୍ଯ୍ୟ ଅଷ୍ଟାଙ୍ଗିକ ମାର୍ଗ ବା ଆଠୋଟି ଆର୍ଯ୍ୟପଥ ବୋଲି କୁହାଯାଏ ।

ଯେତେବେଳେ ବୁଦ୍ଧ ଏହି ଜ୍ଞାନ ବା ସତ୍ୟ ଲାଭ କଲେ, ତାଙ୍କ ମୁଖମଣ୍ଡଳରୁ ଏକ ଉଜ୍ଜ୍ୱଳ ଦୀପ୍ତି ପ୍ରକାଶ ପାଇଲା । ଚତୁର୍ଦ୍ଦିଗରେ ତାଙ୍କ ଜୟଧ୍ୱନି ଶୁଣାଗଲା । ଯେଉଁ ଅଶ୍ୱତ୍ଥ ଗଛ ମୂଳରେ ସେ ଜ୍ଞାନ ଲାଭ କଲେ, ତାହାର ନାମ ହେଲା—ବୋଧିଦ୍ରୁମ ଓ ସେହି ଦିନ ଠାରୁ ସେ ବୁଦ୍ଧ ବା ମହାଜ୍ଞାନୀ ଭାବରେ ପରିଚିତ ହେଲେ ।

## କୁଶୀନାରା

ଏହାର ୪୫ ବର୍ଷ ପରର ବୈଶାଖ ପୂର୍ଣ୍ଣିମା । ୮୦ ବର୍ଷ ବୟସରେ ବୁଦ୍ଧ ଯେତେବେଳେ ହିରଣ୍ୟବତୀ ନଦୀ କୂଳରେ କୁଶୀନାରାର ମଲ୍ଲମାନଙ୍କ ଶାଳ ବନରେ ପହଞ୍ଚିଲେ ସେତେବେଳେ ସେ ବଡ଼ କ୍ଳାନ୍ତ ଓ ଅବଶ ଅନୁଭବ କଲେ । ଏହି ଶାଳବନର ଦୁଇଟି ଶାଳଗଛ ମଝିରେ ବିଛଣା କରି ଦେବାକୁ ସେ ଆନନ୍ଦଙ୍କୁ ଅନୁରୋଧ କଲେ । ବିଛଣା ହୋଇଗଲା । ସିଂହ ଯେପରି ବିଶ୍ରାମ ନିଏ, ସେହିପରି ବୁଦ୍ଧ ଗୋଡ଼ ଉପରେ ଗୋଡ଼ ରଖି ଉତ୍ତର ଦିଗକୁ ମୁଣ୍ଡ କରି ଡାହାଣ କଡ଼ ମାଡ଼ି ଶୋଇଲେ ।

ଏହିପରି କଥିତ ଅଛି ଯେ, ଯେତେବେଳେ ଶାଳଗଛରେ ଫୁଲ ଫୁଟିବାର ସମୟ ହୋଇ ନଥିଲେ ମଧ୍ୟ ବୁଦ୍ଧ ଯେଉଁ ଦୁଇଟି ଶାଳ ଗଛ ମଝିରେ ଶୋଇଥିଲେ, ତାହା ଫୁଲରେ ଭରି ଉଠିଥିଲା ଓ ତାଙ୍କ ଦେହ ଉପରେ ଗୋଟି ଗୋଟି ହୋଇ

Digitized by srujanika@gmail.com

ଫଲ ଆସି ପଡ଼ୁଥିଲା । ଆକାଶରୁ ସଙ୍ଗୀତର ମୂର୍ଚ୍ଛନା ଭାସି ଆସୁଥିଲା । ବୁଦ୍ଧ ଆନନ୍ଦଙ୍କୁ ଡ଼ାକି କହିଲେ, "ଆନନ୍ଦ, ଶାଳ ଗଛରେ ଫଲ ଫୁଟିବାର ଏ ବେଳ ନ ହେଲେ ମଧ୍ୟ ଫଲ ଫୁଟିଛି, ଆକାଶରୁ ସଙ୍ଗୀତ ଶୁଣା-ଯାଉଛି, ତଥାଗତଙ୍କ ମୃତ୍ୟୁ ସମୟରେ ତାଙ୍କୁ ସମ୍ମାନ ଦେବା ପାଇଁ ଏ ସବୁର ଆୟୋଜନ । କିନ୍ତୁ ଆନନ୍ଦ, ଏପରି ସମ୍ମାନ ତଥାଗତଙ୍କ ପ୍ରିୟ ନୁହେଁ । ସ୍ତ୍ରୀ ବା ପୁରୁଷ ଯେଉଁମାନେ ବୁଦ୍ଧଙ୍କର ଶିଷ୍ୟ ବା ଉପାସକ, ସେମାନେ ଯଦି ତାଙ୍କ ଉପଦେଶ ମାନି ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲନ୍ତି, ତାହେଲେ ସେଥିରେ ତଥାଗତଙ୍କର ସର୍ବଶ୍ରେଷ୍ଠ ସମ୍ମାନ, ସର୍ବଶ୍ରେଷ୍ଠ ଗୌରବ ।"

ତା' ପରେ ବୁଦ୍ଧ ଆନନ୍ଦଙ୍କୁ ମୃତ୍ୟୁପରେ ତାଙ୍କର ଶରୀରର କି ବ୍ୟବସ୍ଥା କରିବାକୁ ହେବ, କିପରି ଦାହ କରିବାକୁ ହେବ , ସବୁ ଉପଦେଶ ଦେଲେ । ଆନନ୍ଦ ନିଜକୁ ସମ୍ଭାଳି ନ ପାରି ଗଛ ଆଢୁଆଳରେ ରହି ରୋଦନ କରିବାକୁ ଲାଗିଲେ ।

## ଜୀବନ ନାଶଶୀଳ

ବୁଦ୍ଧ ଭିକ୍ଷୁମାନଙ୍କୁ ପଠାଇ ଆନନ୍ଦଙ୍କୁ ଡ଼କାଇ କହିଲେ, "ଶୋକ କର ନାହିଁ, ଆନନ୍ଦ, କେତେଥର ତୁମକୁ ନ କହିଛି, ଯାହା କିଛି ପ୍ରିୟ, ସୁଖକର ଓ ଉପଭୋଗ୍ୟ ଦିନେ ନା ଦିନେ ତାକୁ ହରାଇବାକୁ ପଡ଼ିବ, କାରଣ ଏ ଜୀବନ ନାଶଶୀଳ, ଏ ଜୀବନର ନାଶ ନ ହେଉ, ଏହା ଭାବିବା ବୃଥା । ଏହା କେବେ ସମ୍ଭବ ନୁହେଁ ।"

ବୁଦ୍ଧ ମଲ୍ଲମାନଙ୍କ ଶାଳବନରେ ଅନ୍ତିମ ଶଯ୍ୟାରେ ଶୋଇଥିବା ସମ୍ବାଦ ସଙ୍ଗେ ସଙ୍ଗେ ଚତୁର୍ଦ୍ଦିଗରେ ବ୍ୟାପିଗଲା । ତାଙ୍କର ଶେଷ ଦର୍ଶନ ପାଇଁ ଜନତାର ଏକ ଅବାରିତ ସ୍ରୋତ ଛୁଟିଲା । ମହାପୁରୁଷଙ୍କର ଦର୍ଶନ ଆଉ ହେବ ନାହିଁ, ଏହା ଚିନ୍ତା କରି ବାଷ୍ପ-ରୁଦ୍ଧ କଣ୍ଠରେ ଧାରି ଧାରି ହୋଇ ସ୍ତ୍ରୀ ପୁରୁଷ ତାଙ୍କର ଚରଣ ବନ୍ଦନା କରି ଯାଉଥିଲେ । ଏହିପରି ରାତ୍ରିର ପ୍ରଥମ ଯାମଟି କଟିଗଲା ।

## ଶେଷ ଶିଷ୍ୟ

ଦ୍ୱିତୀୟ ପ୍ରହରରେ ବୁଦ୍ଧ ସମ୍ପୂର୍ଣ୍ଣ ବିଶ୍ରାମ ନେଉଛନ୍ତି, ଏହି ସମୟରେ ସୁଭଦ୍ର ନାମରେ ଜଣେ ସନ୍ନ୍ୟାସୀ ଆସି ପହଞ୍ଚିଲେ । ତାଙ୍କ ମନରେ ଧର୍ମ ସମ୍ପର୍କୀୟ ବହୁ ସନ୍ଦେହ ଥିଲା । ସେ ତାଙ୍କର ସନ୍ଦେହ ମୋଚନ ପାଇଁ ବୁଦ୍ଧଙ୍କର ସାକ୍ଷାତ ପାଇଁ ପ୍ରାର୍ଥନା କଲେ । ତଥାଗତ ବିଶ୍ରାମ ନେଉଛନ୍ତି, ତାଙ୍କୁ କଷ୍ଟ ଦେବା ଉଚିତ ନୁହେଁ ବୋଲି କହି ଆନନ୍ଦ ସୁଭଦ୍ରଙ୍କୁ ଫେରାଇ ଦେଉଥିଲେ । ମାତ୍ର ବୁଦ୍ଧ ଏ କଥା ଶୁଣିପାରି ତାଙ୍କୁ ଡ଼କାଇ ପଠାଇଲେ ଓ ତାଙ୍କର ସନ୍ଦେହ ମୋଚନ କରି ଶିଷ୍ୟ ରୂପେ ଗ୍ରହଣ କଲେ, ସୁଭଦ୍ର ହେଲେ ବୁଦ୍ଧଙ୍କ ଜୀବନର ସର୍ବଶେଷ ଶିଷ୍ୟ ।

## ଗୁରୁ କିଏ

ଏହାପରେ ବୁଦ୍ଧ ଆନନ୍ଦଙ୍କୁ ଡ଼ାକି କହିଲେ, "ଆନନ୍ଦ, ମୁଁ ଚାଲିଯିବା ପରେ ତୁମ ମଧ୍ୟରୁ କେହି କହି ପାରନ୍ତି, ଆମକୁ ସବୁ ଶୂନ୍ୟ ଜଣା ଯାଉଛି । ଆମର ଆଉ

Digitized by srujanika@gmail.com

କେହି ଗୁରୁ ନାହାନ୍ତି । ଆନନ୍ଦ, ଏପରି କହିବା ଠିକ୍ ନୁହେ । ମୁଁ ଯେଉଁ ଧର୍ମ ବିନୟର ଉପଦେଶ ଦେଇଛି, ମୋ' ପରେ ସେହି ତୁମର ଗୁରୁ । ସେହି ଧର୍ମର ଅନୁସରଣ କର ।

ତା ପରେ ବୁଦ୍ଧ ଭିକ୍ଷୁ ସଂଘକୁ ଆମନ୍ତ୍ରଣ କରି କାହାର କିଛି ସନ୍ଦେହ ଥିଲେ ପଚାରିବା ପାଇଁ କହିଲେ । କେହି କିଛି ନ ପଚାରିବାରୁ କହିଲେ, "ଶୁଣ, ଭିକ୍ଷୁମାନେ, ଯାହାର ଜନ୍ମ ଅଛି, ତାର ନିଶ୍ଚୟ ମୃତ୍ୟୁ ଅଛି । ଆଳସ୍ୟ ନ କରି ଜୀବନର ଲକ୍ଷ୍ୟ ସଂପାଦନ କର ।" ଏହି ହେଉଛି ବୁଦ୍ଧଙ୍କର ଶେଷ କଥା ।

## ମହାପରିନିର୍ବାଣ

ଏହାପରେ ବୁଦ୍ଧ ପ୍ରଥମ ଧ୍ୟାନପ୍ରାପ୍ତ ହେଲେ । ପ୍ରଥମ ଧ୍ୟାନରୁ ଦ୍ୱିତୀୟ ଧ୍ୟାନ ଦ୍ୱିତୀୟରୁ ତୃତୀୟ ଓ ଚତୁର୍ଥ ଏହିପରି ନିର୍ବାଣର ସମସ୍ତ ସ୍ତରରେ ପହଞ୍ଚି ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ଯେଉଁ ଭିକ୍ଷୁମାନେ ନୂଆ ହୋଇ ଭିକ୍ଷୁ ସଂଘରେ ଯୋଗ ଦେଇଥିଲେ, ବୀତରାଗ ହୋଇ ନଥିଲେ, ବୁଦ୍ଧଙ୍କର ପରିନିର୍ବାଣ ହେବା ପରେ ସେମାନେ ବିଳାପ କରିବାକୁ ଲାଗିଲେ । ମାତ୍ର ଶିଷ୍ୟ ଅନୁରୁଦ୍ଧ ବୁଦ୍ଧଙ୍କର ଶିଷ୍ୟମାନେ ଶୋକ କରିବା ଉଚିତ ନୁହେ ବୋଲି କହି ଏମାନଙ୍କୁ ସାନ୍ତ୍ୱନା ଦେଇଥିଲେ ।

ବୈଶାଖ ପୂର୍ଣ୍ଣିମାର ଶେଷ ଯାମରେ ମଲ୍ଲମାନଙ୍କ ଶାଳବନରେ ବୁଦ୍ଧଙ୍କର ପରିନିର୍ବାଣ ହେଲା ।

———



# ପୌରୁଷ

ଜୁଲାଇ, ୧୯୬୮ ସଂଖ୍ୟା ବାର୍ଷିକ ସଂଖ୍ୟା ରୂପେ ପ୍ରକାଶ ପାଇବ । ଓଡ଼ିଶାର ଇତିହାସ, ସାହିତ୍ୟ, କଳା, ଶିଳ୍ପ, ସ୍ଥାପତ୍ୟ ଓ ଆଧୁନିକ ଓଡ଼ିଶାର ବିଭିନ୍ନ ସମସ୍ୟା ସମ୍ପର୍କରେ ଓ ଭାରତୀୟ ସଂସ୍କୃତି ଉପରେ ଏଥିରେ ବହୁ ବିଶିଷ୍ଟ ଲେଖକଙ୍କର ଲେଖା ପ୍ରକାଶ ପାଇବ ।

ପୌରୁଷ ବାର୍ଷିକ ସଂଖ୍ୟା ଓଡ଼ିଶା ସମ୍ପର୍କରେ ଏକ ଉପାଦେୟ ସଂଚୟ ଗ୍ରନ୍ଥ ରୂପେ ରହିବ ।

ଗ୍ରାହକ, ଏଜେଣ୍ଟ ଓ ବିଜ୍ଞାପନଦାତାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ।


Digitized by srujanika@gmail.com



# ବୁଦ୍ଧଙ୍କର ନେଲି ମୁଁ ଶରଣ

ରବୀନ୍ଦ୍ରନାଥ ଠାକୁର

ଅନ୍ତହୀନ ଯଜ୍ଞର ଆହୁତ ଯେ ମାଗି
ସର୍ବଗ୍ରାସୀ କ୍ଷୁଧାନଳ ଉଠିଅଛି ଜାଗି
ତେଣୁ ଆସିଅଛି ଦିନ
ପୀଡ଼ିତ ମାନବ ମୁକ୍ତିହୀନ
ପୁଣି ଆଜି ଯିବ ତୀର୍ଥ ଦ୍ୱାରେ
ଶୁଣିବାକୁ ବାରେ
ପାଷାଣର ମୌନ ତଟେ ଯେ ବାଣୀ ରହିଛି ଚିର ସ୍ଥିର
କୋଳାହଳ ଭେଦ କରି ଶତ ଶତାବ୍ଦୀର
ଆକାଶେ ଉଠିଛି ଅବିରାମ
ଅମେୟ ପ୍ରେମର ମନ୍ତ୍ର, "ବୁଦ୍ଧଙ୍କର ନେଲି ମୁଁ ଶରଣ ।"

---

( ଇଣ୍ଡୋନେସିଆର ପ୍ରସିଦ୍ଧ ବରବୁଦୁର ବୌଦ୍ଧମନ୍ଦିର ସମ୍ପର୍କରେ ରବୀନ୍ଦ୍ରନାଥଙ୍କ ରଚିତ ଏକ କବିତାର ଅଂଶ । )

Digitized by srujanika@gmail.com

WITH COMPLIMENTS
FROM

THE ASIATIC TRADE
COMBINE

RANIHAT, CUTTACK-3

*62, Bhubaneswar Marg, Bhubaneswar-3*

Digitized by srujanika@gmail.com

# ଅକ୍ଷୟ ତୃତୀୟା

**ଅଧ୍ୟାପକ ପ୍ରହ୍ଲାଦ ଚନ୍ଦ୍ର ପ୍ରଧାନ**

ବୈଶାଖ ମାସ ନୃସିଂହ ଚତୁର୍ଦ୍ଦଶୀ ବୁଦ୍ଧ ପୂର୍ଣ୍ଣିମା ଆଦି ନାନା ପର୍ବ ପାଇଁ ପ୍ରସିଦ୍ଧ, କିନ୍ତୁ ସବୁଠାରୁ ପ୍ରସିଦ୍ଧ ଅକ୍ଷୟ ତୃତୀୟା ପାଇଁ । ହିନ୍ଦୁ ଜୀବନରେ ବିଶେଷ କରି ଓଡ଼ିଶାରେ, ଏହା ଗୋଟିଏ ବିଶିଷ୍ଟ ଦିନ । ଏହି ଦିନଟି ନାନା ଦିଗରୁ ଓଡ଼ିଆ ଜୀବନ ସହିତ ସଂପୃକ୍ତ । ଏହି ଦିନ ଅକ୍ଷିମୁଠି ପଡ଼େ, ଚନ୍ଦନ ଯାତ୍ରା ଆରମ୍ଭ ହୁଏ, ରଥରେ ଅଖି ଲାଗେ ଓ ଷଠୀ ବୁଢ଼େଇଙ୍କ ପୂଜା ହୁଏ ଓ ଏ ଦିନଟି ମଧ୍ୟ ପର୍ଶୁରାମ ଜୟନ୍ତୀ ରୂପେ ପାଳିତ ହୁଏ ।

## ସତ୍ୟଯୁଗର ଆରମ୍ଭ

ଅକ୍ଷୟ ତୃତୀୟାର ଏତେ ମହାତ୍ମ୍ୟ କାହିଁକି ? ଏହି ଦିନ ସତ୍ୟଯୁଗ ଆରମ୍ଭ ହୋଇଥିଲା ବୋଲି ହିନ୍ଦୁମାନଙ୍କ ବିଶ୍ୱାସ ।

ବୈଶାଖେ ଶୁକ୍ଳପକ୍ଷେତୁ
ତୃତୀୟାୟାଂ କୃତଂ ଯୁଗମ୍
କାର୍ତ୍ତିକେ ଶୁକ୍ଳପକ୍ଷେତୁ
ତ୍ରେତା ଚ ନବମେଽହନି ।
ଅଥ ଭାଦ୍ରପଦେ ମାସି
ତ୍ରୟୋଦଶ୍ୟାଂତୁ ଦ୍ୱାପରମ୍
ମାଘେ ତୁ ପୌର୍ଣ୍ଣମାସ୍ୟାଂତୁ
ଘୋରଂ କଳିଯୁଗଂ ସ୍ମୃତମ୍ ।
ଯୁଗାରମ୍ଭାସ୍ତୁ ତିଥୟୋ
ଯୁଗାଦ୍ୟାସ୍ତେନ ବିଶ୍ରୁତାଃ ।

ବୈଶାଖ ଶୁକ୍ଳ ତୃତୀୟା ଦିନ ସତ୍ୟଯୁଗ ଆରମ୍ଭ ହୋଇଥିଲା, କାର୍ତ୍ତିକ ଶୁକ୍ଳ ନବମୀ ଦିନ ତ୍ରେତା ଯୁଗ, ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ଦିନ ଦ୍ୱାପର ଓ ମାଘ ପୌର୍ଣ୍ଣମାସୀ ଦିନ କଳିଯୁଗ ଆରମ୍ଭ ହୋଇଥିଲା । ଏହି ଯୁଗାରମ୍ଭ ତିଥି ଗୁଡ଼ିକ ଯୁଗାଦ୍ୟା ବୋଲି ପ୍ରସିଦ୍ଧ ।

ଏହି ଦିନ ଦାନ ଧର୍ମ କଲେ ଅକ୍ଷୟ ପୁଣ୍ୟ ହୁଏ, ଏଣୁ ଏହି ତିଥିର ନାମ ଅକ୍ଷୟ ତୃତୀୟା ।

ଯା ଶୁକ୍ଳା କର ଶାର୍ଦ୍ଦୁଳ
ବୈଶାଖେ ମାସି ବୈ ତିଥିଃ
ତୃତୀୟା ସାଽକ୍ଷୟା ଖ୍ୟାତା
ଗୀର୍ବାଣୈରପି ବନ୍ଦିତା ।
ଯୋଽସ୍ୟାଂ ଦଦାତି କରକାନ୍
ବାରିବୀଜସମନ୍ୱିତାନ୍
ସ ଯାତି ପୁରୁଷୋ ବୀର
ଲୋକାନ୍ ବୈ ହେମମାଳିନଃ ।

ବୈଶାଖମାସ ଶୁକ୍ଳ ପକ୍ଷର ଯେଉଁ ତୃତୀୟା ତିଥି, ତାକୁ ଅକ୍ଷୟା (ଅକ୍ଷୟ ତୃତୀୟା) କହନ୍ତି, ଦେବତାମାନେ ମଧ୍ୟ ତାକୁ ବନ୍ଦନା କରନ୍ତି । ସେହି ତିଥିରେ ଯେ ଜଳ ଓ ଅନ୍ନ ସହି କରକ (କମଣ୍ଡଳୁ ବା ଘଡ଼ୀ) ଦାନ କରେ ସେ ସ୍ୱର୍ଗଲୋକକୁ ଯାଏ । ବୈଶାଖ ମାସ ଗ୍ରୀଷ୍ମଋତୁ, ଜଳ ଓ ଜଳପାତ୍ର ଦାନ

Digitized by srujanika@gmail.com

କଲେ ପୁଣ୍ୟ ହେବା ସ୍ୱାଭାବିକ, ଏହି ଦିନ ଯବଦାନର ମଧ୍ୟ ବିଧାନ ଅଛି ।

ତସ୍ୟାଂ କାର୍ଯ୍ୟୋ ଯବୈର୍ହୋମୋ
ଯବୈର୍ବିଷ୍ଣୁଂ ସମର୍ଚ୍ଚୟେତ୍
ଯବାନ୍ ଦଦ୍ୟାତ୍ ଦ୍ୱିଜାତିଭ୍ୟଃ
ପ୍ରଯତଃ ପ୍ରାଶୟେତ୍ ଯବାନ୍ ।
ପୂଜୟେତ୍ଛଙ୍କରଂ ଗଙ୍ଗାଂ
କୈଳାସଂ ଚ ହିମାଳୟମ୍
ଭଗୀରଥଂ ଚ ନୃପତିଂ
ସାଗରାଣାଂ ସୁଖାବହମ୍ ।

ଅକ୍ଷୟ ତୃତୀୟା ଦିନ ଯବଦ୍ୱାରା ହୋମ କରିବ, ଯବଦ୍ୱାରା ବିଷ୍ଣୁଙ୍କ ପୂଜା କରିବ, ବ୍ରାହ୍ମଣମାନଙ୍କୁ ଯବଦାନ କରିବ, ସଂଯତ ହୋଇ ଅନ୍ୟମାନଙ୍କୁ ଯବ ଖୁଆଇବ, ସେହି-ଦିନ ଶଙ୍କର, ଗଙ୍ଗା, କୈଳାସ, ହିମାଳୟ ଓ ଭଗୀରଥଙ୍କୁ ପୂଜା କରିବ । ଏହି ବିଧି ବୋଧ-ହୁଏ ଓଡ଼ିଶା ପାଇଁ ପ୍ରଯୁଜ୍ୟ ନୁହେଁ; ଏଠାରେ ଯବ ହୁଏ ନାହିଁ କି, ଗଙ୍ଗା, କୈଳାସ, ହିମାଳୟ ନାହାନ୍ତି । ଯବ ହେଉଥିବା ଦେଶକୁ ଲକ୍ଷ୍ୟକରି ବୋଧହୁଏ ଏହି ବିଧାନ କରି ହୋଇଛି ।

## ଅକ୍ଷିମୁଠି

ଓଡ଼ିଶାରେ ଏହିଦିନ ଅକ୍ଷିମୁଠି ପଡ଼େ । କୃଷୀ ଅକ୍ଷୟ ତୃତୀୟା ଦିନ ସକାଳୁ ସ୍ନାନକରି ନୂଆ ଶୋକେଇ ଓ ନୂଆ ଗଉଣିରେ ସିନ୍ଦୁର ଚନ୍ଦନ ଲଗାଇ ଧାନ ବିହନ ଧରି ଶଙ୍ଖ ବା ବାଜା ଆଦି ବଜାଇ ହଳ ନେଇ ପୁରୋହିତଙ୍କ ସଙ୍ଗରେ ଅକ୍ଷି ମୁଠି କିଆରିକୁ ଯାଏ । ସେଠାରେ ସେ ଅଗଣା ଘରୁ ନେଇ ଥିବା ଗୋଟିଏ ସୁନା ଅଲଂକାର ଏବଂ ଲଙ୍ଗଳ ନିହାକୁ ଲକ୍ଷ୍ମୀ ରୂପେ କଳ୍ପନା କରି ପୁରୋହିତ ପୂଜା କରନ୍ତି । ପୁରୋହିତ ପୂଜା ନୈବେଦ୍ୟ ଦେଇ ସାରିବା ପରେ କୃଷୀ କିଆରିରେ ହଳ ବୁଲାଏ ଓ ଅକ୍ଷି ମୁଠି ପକାଏ, ଅର୍ଥାତ୍ ବିହନ ମୁଠା ମୁଠା କରି ବୁଣେ । ଅଗିରା ପୂର୍ଣ୍ଣିମା ଦିନର ଅଗିଜଳା ପାଉଁଶ ମଧ୍ୟ ସେହିଦିନ ବିଲରେ ପକାହୁଏ । କୃଷୀ ପକ୍ଷରେ ଅକ୍ଷିମୁଠି ଜମିର ମୂଲ୍ୟ ବହୁତ ବେଶୀ, ସେ ସବୁପଛେ ଦେବ, ଅକ୍ଷିମୁଠି ଜମି କାହାକୁ ଦେବ ନାହିଁ । ତା'ର ବିଶ୍ୱାସ ଅକ୍ଷିମୁଠି ଜମିରୁ ତା'ର ଅକ୍ଷୟ ଫସଲ ହେବ । ଏହି ଅକ୍ଷିମୁଠି ପକାଇବା ବିଧିନେଇ ଭିନ୍ନ ଭିନ୍ନ ଜାଗାରେ ସାମାନ୍ୟ ବ୍ୟତିକ୍ରମ ଦେଖା-ଯାଏ । କେଉଁଠାରେ ଘରେ ଲକ୍ଷ୍ମୀଙ୍କ ପୂଜା ହୁଏ ତ କେଉଁଠାରେ କିଆରିରେ । କେଉଁ-ଠାରେ ପୁରୋହିତ ପୂଜା କରନ୍ତି ତ କେଉଁ-ଠାରେ କୃଷୀ ନିଜେ, କିନ୍ତୁ ଅକ୍ଷିମୁଠି ସବୁଠାରେ ପଡ଼େ । ସମ୍ବଲପୁର ଅଞ୍ଚଳରେ ଏହାକୁ ମୁଠି ଛୁଆଁ କହନ୍ତି, ବିଧି କିନ୍ତୁ ପ୍ରାୟ ସମାନ । ଅକ୍ଷିମୁଠି ଶବ୍ଦ ଅକ୍ଷୟ ମୁଠିରୁ ଆସିଛି ଓ ଅକ୍ଷୟ ଶବ୍ଦର ଅକ୍ଷୟ ତୃତୀୟା ସହିତ ମଧ୍ୟ ସମ୍ବନ୍ଧ ଅଛି ।

ଅକ୍ଷୟ ତୃତୀୟା ଅକ୍ଷିମୁଠି ଅର୍ଥାତ୍ ବୀଜବପନର ଦିନ । ଚାନ୍ଦ୍ର ଗଣନା ଅନୁ-ସାରେ ଏହା ବୈଶାଖ ଶୁକ୍ଳ ତୃତୀୟା ଦିନ ପଡ଼େ, ସୌର ଗଣନା ଅନୁସାରେ ଏହା ସାଧାରଣତଃ ମେଷ ମାସରେ ପଡ଼େ, କିନ୍ତୁ ରଜ ସଂକ୍ରାନ୍ତି ହେଉଛି ମିଥୁନ ସଂକ୍ରାନ୍ତି ବା ମିଥୁନ ମାସର ପ୍ରଥମ ଦିନ । ଏହି ମିଥୁନ

Digitized by srujanika@gmail.com

ସଂକ୍ରାନ୍ତି ବା ରଜ ସଂକ୍ରାନ୍ତି ଅକ୍ଷୟ ତୃତୀୟା ପଡ଼ୁଥିବା ମେଷ ମାସ ଯାଇ ବୃଷ ମାସ ଗଲା ପରେ ଆସେ । ମିଥୁନ ସଂକ୍ରାନ୍ତି ଦିନ ପୃଥିବୀ ରଜସ୍ୱଳା ହୁଏ ବୋଲି ହିନ୍ଦୁମାନେ ବିଶ୍ୱାସ କରୁଥିବାରୁ ଏହାକୁ ରଜ ସଂକ୍ରାନ୍ତି କୁହାଯାଏ ଏବଂ ରଜସ୍ୱଳା ସ୍ତ୍ରୀକୁ ସ୍ପର୍ଶ କରିବାକୁ ନିଷେଧ ଥିବାରୁ କନ୍ୟାମାନେ ପୃଥିବୀକୁ ପାଦରେ ସ୍ପର୍ଶ କରନ୍ତି ନାହିଁ । ଏଣୁ ମିଥୁନ ସଂକ୍ରାନ୍ତି ଦିନ ପୃଥିବୀ ରଜସ୍ୱଳା ହେଉଥିଲେ ତେବେ ବୃଷ ମାସରେ ଅକ୍ଷୟ ତୃତୀୟା ଦିନ ବୀଜବପନ କରିବା କିପରି ଅସଙ୍ଗତ ଜଣା ପଡ଼ୁଛି । ରଜସ୍ୱଳା ହୋଇ ଶୁଦ୍ଧ ସ୍ନାନ କଲାପରେ ଗର୍ଭାଧାନ ବା ବୀଜବପନ କରିବାର ବିଧି ଅଛି । କିନ୍ତୁ ଏ କ୍ଷେତ୍ରରେ ବ୍ୟତିକ୍ରମ ଦେଖା ଯାଉଛି । ଆହୁରି ମଧ୍ୟ—ଚତୁର୍ଥ ଦିନ ରଜସ୍ୱଳା ମାନଙ୍କର ଶୁଦ୍ଧ ସ୍ନାନର ବ୍ୟବସ୍ଥା ଅଛି, କିନ୍ତୁ ଧରା ସ୍ନାନ ହୁଏ ମିଥୁନ ଠିକ ଦିନରେ, ମିଥୁନ ପ୍ରଥମ ଦିନ ରଜ, ଦ୍ୱିତୀୟ ଦିନ ଭୂମିଦାହ, ତୃତୀୟ ଦିନରେ ବସୁମତୀ ସ୍ନାନ । ସୌର ମାସ ଅନୁସାରେ ମିଥୁନ ଠିକ ଦିନରେ ଧରାସ୍ନାନ ଓ ଚାନ୍ଦ୍ରମାସ ଅନୁସାରେ ବୈଶାଖ ଠିକ ଦିନରେ ଅକ୍ଷୟ ତୃତୀୟା, ଅକ୍ଷିମୁଠି ବା ବୀଜବପନର ଦିନ । ଚାନ୍ଦ୍ରମାସ ଗଣନା ଦୁଇ ପ୍ରକାର ହୁଏ- ପୂର୍ଣ୍ଣିମାନ୍ତ ଓ ଅମାନ୍ତ । ଓଡ଼ିଶାରେ ପୂର୍ଣ୍ଣିମାନ୍ତ ଗଣନା ହୁଏ, କେତେ ଜାଗାରେ ଅମାନ୍ତ ଗଣନା ହୁଏ । ଅମାନ୍ତ ଚାନ୍ଦ୍ରମାସ ଅନୁସାରେ ଅକ୍ଷୟ ତୃତୀୟା ବୈଶାଖ ଠିକ ଦିନରେ ପଡ଼ିବ । ଏହି ତୃତୀୟଦିନ ସହିତ ଅକ୍ଷିମୁଠି ବା ବୀଜବପନର ସମ୍ବନ୍ଧ ଅଛି । ବୋଧହୁଏ କୌଣସି ସମୟରେ ଧରାସ୍ନାନ ଓ ଅକ୍ଷୟ ତୃତୀୟା (ଅକ୍ଷିମୁଠି) ଗୋଟିଏ ଦିନରେ ପଡ଼ୁଥିଲା । ଗ୍ରହଗତି ଅନୁସାରେ ଏହି ଦୁଇ ଦିନ ଅଲଗା ଅଲଗା ହୋଇଗଲେ ଓ ଅକ୍ଷୟ ତୃତୀୟା ଦିନ ବୀଜବପନ ଓ ମିଥୁନ ଠିକ ଦିନରେ ଧରା ସ୍ନାନ ରହିଗଲା, ଯାହା ଆଜି ପର୍ଯ୍ୟନ୍ତ ପାଳିତ ହୋଇ ଆସୁଛି ।

ଭାରତ ବର୍ଷ କୃଷିପ୍ରଧାନ ଦେଶ ହୋଇ ଥିବାରୁ ବୀଜବପନ ବା ଅକ୍ଷିମୁଠିର ଦିନକୁ ମୃଗାଦ୍ୟ ବୋଲି ଧରା ହୋଇଛି । ସେହିଦିନ ବୀଜବପନ କଲେ, ବୀଜ ଅକ୍ଷୟ ହେବ, ମୁଠି ଅକ୍ଷୟ ହେବ, ଏଣୁ ତାକୁ ଅକ୍ଷୟ ତୃତୀୟା କହିବା ମଧ୍ୟ ସ୍ୱାଭାବିକ ।

## ଚନ୍ଦନ ଯାତ୍ରା

ଏହି ଅକ୍ଷୟତୃତୀୟା ଦିନ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ମଧ୍ୟ ଆରମ୍ଭ ହୁଏ । ଏହି ଦିନ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସଙ୍ଗରେ ନେଇ ବିମାନରେ ଚନ୍ଦନ ପୋଖରୀକୁ ଯାଆନ୍ତି ଏବଂ ସେଠାରେ ନୌକା ବିହାର ଓ ଜଳ କ୍ରୀଡ଼ା କରନ୍ତି । ଅନ୍ୟ ଏକ ପାଲିଙ୍କିରେ ରାମ କୃଷ୍ଣ ଆଉ ଗୋଟିକରେ ପଞ୍ଚ ପାଣ୍ଡବ ମଧ୍ୟ ନରେନ୍ଦ୍ର ପୁଷ୍କରିଣୀକୁ ଯାଆନ୍ତି ବୋଲି ଲୋକେ କହନ୍ତି । ପଞ୍ଚ ପାଣ୍ଡବ ପାଣ୍ଡବ ପାଞ୍ଚଭାଇ ନୁହନ୍ତି, ସେମାନେ ହେଉଛନ୍ତି—ମାର୍କଣ୍ଡେୟ, ଲୋକନାଥ, ଯମେଶ୍ୱର, କପାଳ-ମୋଚନ ଓ ନୀଳକଣ୍ଠେଶ୍ୱର । ପାଞ୍ଚ ସଂଖ୍ୟା ଥିବାରୁ ଏମାନଙ୍କୁ ପଞ୍ଚ ପାଣ୍ଡବ କହି ଦେଉଛନ୍ତି, ପ୍ରକୃତରେ ଏମାନେ ପଞ୍ଚ ଶିବ ବା ପଞ୍ଚେଶ । ନୀଳାଦ୍ରି ମହୋଦୟରେ ଅଛି—

Digitized by srujanika@gmail.com

ପଞ୍ଚେଶାନାଂଚ ପାର୍ଶ୍ୱସ୍ଥ ପ୍ରତିମାସ୍ତା
ସ୍ୱମନଗାଃ
ମହୋତ୍ସବନ୍ତସ୍ଥା ସର୍ବା ଆନୟେତ
ଜଳୋତ୍ସବେ ।

ପଞ୍ଚ ଇଶ ବା ଶିବଙ୍କ ପାର୍ଶ୍ୱସ୍ଥ ପ୍ରତିମା ମଧ୍ୟ ବିମାନରେ ବସାଇ ଆଡ଼ମ୍ବର ସହକାରେ ଜଳୋତ୍ସବ (ଚନ୍ଦନ ଯାତ୍ରା)କୁ ଆଣିବ । ନୀଳାଦ୍ରି ମହୋଦୟ ଅନୁସାରେ ମଦନ ଗୋପାଳଙ୍କ ସଙ୍ଗରେ ଲକ୍ଷ୍ମୀ ଓ ସରସ୍ୱତୀ ଯା'ନ୍ତି ନାହିଁ, ଲକ୍ଷ୍ମୀ ଓ 'ଧର୍ତ୍ରୀ' ଯାନ୍ତି ।

କୃଷ୍ଣଂ ମଦନଗୋପାଳଂ ଲକ୍ଷ୍ମୀଂ
ପୃଥ୍ୱୀଂ ତଥାପ୍ରଭୋ ।
ଅର୍ଚ୍ଚାପ୍ୟ ସୁଖାସୀନ ଜଳକ୍ରୀଡ଼ା-
କୃତେ ହରେ ।

ଜଗନ୍ନାଥଙ୍କୁ ଚନ୍ଦନଦ୍ୱାରା ପୂଜା କରି ସାରି ତାଙ୍କର ପ୍ରତିମା ମଦନ ଗୋପାଳଙ୍କୁ ବିମାନରେ ନେବାକୁ ଅନୁମତି ମାଗି କହନ୍ତି—ହେ ପ୍ରଭୁ, କୃଷ୍ଣ, ମଦନ ଗୋପାଳ, ଲକ୍ଷ୍ମୀ ଓ ପୃଥ୍ୱୀଙ୍କୁ ଜଳ କ୍ରୀଡ଼ା କରିବା ପାଇଁ ଅନୁମତି ଦିଅନ୍ତୁ । ଚନ୍ଦନ ପୋଖରୀକୁ ଗଲ ପରେ ଧର୍ତ୍ରୀ, ଲକ୍ଷ୍ମୀ ଓ ମଦନଗୋପାଳଙ୍କ ସହିତ ଗୋଟିଏ କୁଣ୍ଡରେ ରହିଛନ୍ତି, ସରସ୍ୱତୀଙ୍କର ଉଲ୍ଲେଖ ନାହିଁ ।

ଭ୍ରାମୟେତ୍ୱଦେବବାଟଂ ଚ
ତେଷୁସ୍ଥାନ୍ ଜଳମଣ୍ଡପେ ।
ତତଃ ନୀତ୍ୱା ଚ ପ୍ରତ୍ୟର୍ଚ୍ଚାଃ
କୁଣ୍ଡେଷୁ ବିବିଧେଷୁ ଚ ।
ଗନ୍ଧପୁଷ୍ପୋଦକୈଃ ପୂର୍ଣ୍ଣେଷ୍ୱେଷୁ ତା
ବାସୟେତ୍ତୁ ପୃଥକ୍ ॥

ରାମକୃଷ୍ଣୌ ନ୍ୟସେତ୍ତ୍ରବଦେକସ୍ମ
କୁଣ୍ଡଚନ୍ଦ୍ର ପଦେ ।
ଲକ୍ଷ୍ମୀଂ ମଦନଗୋପାଳଂ
ଧର୍ତ୍ରିମେକସ୍ମ ବାସୟେତ୍ତୁ ।
ମହେଶାନାଂ ତୁ ପ୍ରତ୍ୟର୍ଚ୍ଚାଃ
ପୃଥଗେକସ୍ମ ବାସୟେତ୍ତୁ ॥

ଚନ୍ଦନ ପୁଷ୍କରିଣୀକୁ ନେଇ ନାଆରେ ଥରେ ବୁଲାଇ ସାରିଲାପରେ ଗନ୍ଧପୁଷ୍ପୋଦକପୂର୍ଣ୍ଣ ବିବିଧ କୁଣ୍ଡରେ (ଚନ୍ଦନ କୁଣ୍ଡରେ) ସେମାନଙ୍କୁ ବାସ କରାଇବ । ରାମ ଓ କୃଷ୍ଣଙ୍କୁ ଗୋଟିଏ କୁଣ୍ଡରେ ରଖିବ, ଲକ୍ଷ୍ମୀ, ମଦନ-ଗୋପାଳ ଏବଂ ଧର୍ତ୍ରୀ ଦେବୀଙ୍କୁ ଗୋଟିଏ କୁଣ୍ଡରେ ବାସ କରାଇବ ଏବଂ ମହେଶ-ପଞ୍ଚେଶ-ପଞ୍ଚଶିବ (ପଞ୍ଚ ପାଣ୍ଡବ ?)ଙ୍କୁ ପୃଥକ୍ କରି ଗୋଟିଏ କୁଣ୍ଡରେ ରଖିବ । ଏଠାରେ ସରସ୍ୱତୀଙ୍କ ସ୍ଥାନ ନାହିଁ ।

ବଳରାମ, ଜଗନ୍ନାଥ ଓ ସୁଭଦ୍ରା ଚନ୍ଦନଲାଗି ହୋଇ ସାରିବା ପରେ ତାଙ୍କ ରଥ ନିର୍ମାଣ କରିବା ପାଇଁ ମଧ୍ୟ ଅନୁମତି ମଗା ହୁଏ ଏବଂ ଚନ୍ଦନ ପୋଖରୀକୁ ଯାତ୍ରାରେ ଗଲାବେଳେ ନିଯୋଗ କରି ଆଗରୁ ଆଣି ପୂର୍ବ ଦ୍ୱାରରେ ରଖିଥିବା କାଠରେ ରଥ ତିଆରି କରିବାକୁ ଶିଳ୍ପୀମାନଙ୍କୁ ମାଳାଦେଇ ଅନୁମତି ଦିଆଯାଏ । ଚନ୍ଦନଯାତ୍ରା ବା ଅକ୍ଷୟତୃତୀୟା ଦିନ ରଥ ତିଆରି ମଧ୍ୟ ଆରମ୍ଭ ହୁଏ । କେହି କେହି ଏହି ଦିନ ଚକରେ ଅଖ ଲାଗେ ବୋଲି କହନ୍ତି । କିନ୍ତୁ ନୀଳାଦ୍ରି ମହୋଦୟରେ ସେପରି କିଛି ଉଲ୍ଲେଖ ମିଳୁ ନାହିଁ । ଅକ୍ଷୟ ସଙ୍ଗରେ

Digitized by srujanika@gmail.com

ଅଖର ସାମଞ୍ଜସ୍ୟ ଥିବାରୁ ସେହିପରି ପ୍ରବାଦ ଚଳିଯାଇ ଥିବା ପରି ଜଣା ପଡ଼ୁଛି ।

ଏହାକୁ ଚନ୍ଦନଯାତ୍ରା କାହିଁକି କହନ୍ତି ? ନୀଳାଦ୍ରି ମହୋଦୟରେ ଚନ୍ଦନଯାତ୍ରା ଶବ୍ଦ ଆସି ନାହିଁ, ବରଂ ସେଠାରେ ଜଳକ୍ରୀଡ଼ା, ଜଳୋତ୍ସବ, ଜଳଭ୍ରମଣ ଯାତ୍ରା ଆଦି ଶବ୍ଦ ଆସିଛି ।

ଏତଦ୍ଧି ତୃତୀୟାଦିନତୋ
ଜ୍ୟେଷ୍ଠଶୁକ୍ଳଚତୁର୍ଦ୍ଦଶୀମ୍ ।
ବ୍ୟାପ୍ୟ ନୀତିରସ୍ୟଂ ରାଜନ୍
କର୍ତ୍ତବ୍ୟାନୁଦିନଂ ମହୈଃ ।।
ଜଳଭ୍ରମଣଯାତ୍ରାଂ ତା
ମେକବିଂଶତିଭର୍ଦ୍ଦିନୈଃ ।
କୁର୍ଯାତ୍ ...... ।

ତୃତୀୟାରୁ ଆରମ୍ଭ କରି ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦଶୀ ପର୍ଯ୍ୟନ୍ତ ପ୍ରତିଦିନ ଉତ୍ସବ ସହ-କାରେ ଏହି ନୀତି ପାଳନ କରିବା ଉଚିତ, ଏକୋଇଶଦିନ ପର୍ଯ୍ୟନ୍ତ ଜଳଭ୍ରମଣ ଯାତ୍ରା କରିବ । ତେବେ ଚନ୍ଦନ ଯାତ୍ରା କାହିଁକି ? ଏହାର କାରଣ ହୋଇପାରେ—ଅକ୍ଷୟ-ତୃତୀୟା ଦିନଠି ଠାକୁରଙ୍କ ଚନ୍ଦନ ସେବା ଦ୍ୱାରା ଆରମ୍ଭ ହୁଏ । ଚନ୍ଦନ କୁଣ୍ଡରେ ଅଧି-ବାସ ଦ୍ୱାରା ଶେଷ ହୁଏ । ଠାକୁରଙ୍କ ଦେହରେ ଚନ୍ଦନ ଲାଗି ହେବା ପୂର୍ବରୁ ଚନ୍ଦନର ମଧ୍ୟ ଯାତ୍ରା ହୁଏ, ତିନିବାର ସେହି ଚନ୍ଦନକୁ ମନ୍ଦିରର ଚୂଡ଼ପଟେ ବୁଲା ହୁଏ ।

ପ୍ରାସାଦଂ ଭ୍ରାମୟିତ୍ୱା ଚ
ଚନ୍ଦନଂ ତତ୍ ତ୍ରିବାରତଃ ।
ଦେବାନ୍ ତଥା ଭ୍ରାମୟିତ୍ୱା
ଦେବାଗ୍ରେ ତଦ୍ଭୃତଂ ନ୍ୟସେତ୍ ।

ଚନ୍ଦନକୁ ମନ୍ଦିରର ଚୂଡ଼ପଟେ ତିନିଥର ବୁଲାଇ ଏବଂ ଦେବତାମାନଙ୍କୁ ମଧ୍ୟ ସେହି-ପରି ବୁଲାଇ ଠାକୁରଙ୍କ ଆଗରେ ରଖିବ । ସ୍କନ୍ଦ ପୁରାଣରେ ମଧ୍ୟ ଅଛି—

ବୈଶାଖସ୍ୟ ସିତେ ପକ୍ଷେ
ତୃତୀୟାକ୍ଷୟସଂଜ୍ଞିତା
ତତ୍ର ମାଂ ଲେପୟେଦ୍ ଗନ୍ଧୈ
ର୍ଲେପନୈରତିଶୋଭନୈଃ ।

ବୈଶାଖ ଶୁକ୍ଳପକ୍ଷ ଅକ୍ଷୟ ତୃତୀୟାଦିନ ମୋତେ (ଜଗନ୍ନାଥଙ୍କୁ) ଅତିଶୋଭନ ଚନ୍ଦନ ଲେପନ ଦ୍ୱାରା ଲିପ୍ତ କରିବ । ନୀଳାଦ୍ରି-ମହୋଦୟରେ ଚନ୍ଦନ ନିର୍ମାଣବିଧି ଓ ପରିମାଣ ବର୍ଣ୍ଣିତ ହୋଇଛି ଏବଂ ପ୍ରତ୍ୟେକଙ୍କ ପାଇଁ ଆଲଗା ଅଲଗା ମନ୍ତ୍ର ଅଛି । ସେହି ମନ୍ତ୍ରରେ ତାପତସ୍ୟାଗ୍ନି ଶାନ୍ତ୍ୟର୍ଥଂ,ତାପତସ୍ୟୋପ ଶାନ୍ତ୍ୟର୍ଥଂ ଓ ତାପୋପଶାନ୍ତୟେର ଉଲ୍ଲେଖ ଅଛି । ଗ୍ରୀଷ୍ମଦିନ, ଚନ୍ଦନ ଲାଗି ହେବା ସ୍ୱାଭାବିକ । ସନ୍ଧ୍ୟାରେ ଚନ୍ଦନ କୁଣ୍ଡରେ ଠାକୁର ମାନଙ୍କୁ ରଖା ହୁଏ । ଆରମ୍ଭରେ ଚନ୍ଦନ, ଶେଷରେ ଚନ୍ଦନ ଏଣୁ ଯାତ୍ରାର ନାମ ଚନ୍ଦନ ଯାତ୍ରା ପଡ଼ି ଯାଇଛି ।

## ଲକ୍ଷ୍ମୀ ଓ ଧରା

ଆହୁରି ମଧ୍ୟ—ଯଦି ଧରିତ୍ରୀ ସହିତ ଅକ୍ଷୟ ତୃତୀୟାର ସମ୍ବନ୍ଧ ଥାଏ, ଚନ୍ଦନ କୁଣ୍ଡରେ ମଦନ ଗୋପାଳ (କୃଷ୍ଣ ନୁହନ୍ତି) ଲକ୍ଷ୍ମୀ ଓ ଧରା ସହିତ ଗୋଟିଏ କୁଣ୍ଡରେ

Digitized by srujanika@gmail.com

ବାସ କରନ୍ତି ମଧ୍ୟ, ତେବେ ଜଗନ୍ନାଥ ଲକ୍ଷ୍ମୀ ଓ ଧରଣୀଙ୍କ ଭେଟ ପୂର୍ବରୁ ସୁବେଶିତ ଓ ଚନ୍ଦନ ଚର୍ଚ୍ଚିତ ହେବା ସ୍ୱାଭାବିକ । ତେବେ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ଏକାଠି ନ ଆଣି ଲକ୍ଷ୍ମୀ ଓ ଧରଣୀଙ୍କୁ ଏକାଠି କାହିଁକି ଅଣା ହୋଇଛି । ଲକ୍ଷ୍ମୀ ସମୁଦ୍ରରୁ ଜାତ, ଧରଣୀ ମଧ୍ୟ ସମୁଦ୍ରରୁ ଜାତ । ଧରଣୀ ସମୁଦ୍ରରେ ବୁଡ଼ି ଯାଉଥିଲେ, ଭଗବାନ୍ ବରାହ ଅବତାରରେ ତାଙ୍କୁ ଉଦ୍ଧାର କରେ । ସମୁଦ୍ର ମନ୍ଥନରେ ଲକ୍ଷ୍ମୀ ଜାତ ହେଲେ । ରାମକୃଷ୍ଣଙ୍କ ଭିତରୁ ରାମ ବା ବଳରାମଙ୍କର ଆୟୁଧ ଲଙ୍ଗଳ, କୃଷ୍ଣ ଶବ୍ଦ 'କୃଷ୍' ଧାତୁରୁ ଆସିଛି, ଯାହାର ଅର୍ଥ ଚାଷ କରିବା । କୃଷ୍ଣଙ୍କ ଅବତାର ଜଗନ୍ନାଥଙ୍କ ସଙ୍ଗରେ ଧରଣୀର ସମ୍ବନ୍ଧ ରହିବା ସ୍ୱାଭାବିକ । କୃଷ୍ଣ ଓ ଧରଣୀ ସଙ୍ଗରେ ଲକ୍ଷ୍ମୀ ରହିବା ମଧ୍ୟ ଅପେକ୍ଷିତ । ଅକ୍ଷୟ ତୃତୀୟା ଦିନ ଷଠୀ ଦୁଛେଇଙ୍କ ପୂଜା ସହିତ ଏହି ଧରଣୀ ଓ ଲକ୍ଷ୍ମୀଙ୍କର କିଛି ସମ୍ବନ୍ଧ ଥିବା ପରି ଜଣାପଡ଼ୁଛି ।

## ଷଷ୍ଠୀ ଦେବୀଙ୍କ ପୂଜା

ଏହି ଅକ୍ଷୟ ତୃତୀୟା ଦିନ ସ୍ତ୍ରୀମାନେ ନିଜ ନିଜ ଇଷ୍ଟ ଦେବତାଙ୍କ ନିକଟରେ ଇଷ୍ଟ ମନାସି ନାନା ପ୍ରକାର ଭୋଗ ଦେଇ ପୂଜା କରି ଛୋଟ ମାଟି ଘଡ଼ିରେ ନାନାଫଳ ଓ ଚୂଡ଼ା ପୂରାଇ ବାଳକ ବାଳିକାମାନଙ୍କୁ ଦେଇ ଥାନ୍ତି । ସେମାନେ ଘର ଘର ବୁଲି ଏହି ସବୁ ସଂଗ୍ରହ କରନ୍ତି । ପୂର୍ବରେ ମଧ୍ୟ ମିଷ୍ଟାନ୍ନପୂର୍ଣ୍ଣ ଚିତ୍ରିତ ମାଟି ଘଡ଼ି ବାଳକ ବାଳିକା ମାନେ ସଂଗ୍ରହ କରନ୍ତି । ଏହି ଘଡ଼ି ଢଙ୍ଗରେ ଷଣ୍ଢଘୋଡ଼ା ମଧ୍ୟ ପୂଜାରେ ବସନ୍ତି । ଏହାକୁ ଦେଖିଲେ ଜଣାପଡ଼ୁଛି ମାଆମାନେ ନିଜ ନିଜ ଶିଶୁର ମଙ୍ଗଳ କାମନା କରି ପୂଜା କରନ୍ତି ଓ ଶିଶୁ ମଙ୍ଗଳର ଦେବୀ ହେଉଛନ୍ତି ଷଷ୍ଠୀ ଦେବୀ । ଧରଣୀରେ ଯଦି ବୀଜବପନ ହୁଏ, ତାର ଭବିଷ୍ୟତ୍‌ରକ୍ଷା ପାଇଁ ଷଷ୍ଠୀ ଦେବୀର ଆଶ୍ରୟ ନେବା ବାଞ୍ଛନୀୟ । ଷଷ୍ଠୀ ଦେବୀ ଷୋଡ଼ଶ ମାତୃକାର ଅନ୍ୟତମ, ସେ ସ୍କନ୍ଦଭାର୍ଯ୍ୟା ଓ ଶିଶୁମାନଙ୍କ ପ୍ରତିପାଳନକାରିଣୀ ।

ପ୍ରଧାନାଂଶସ୍ୱରୂପା ଯା
ଦେବସେନା ଚ ନାରଦ ।
ମାତୃକାସୁ ପୂଜ୍ୟତମା
ସା ଚ ଷଷ୍ଠୀ ପ୍ରକୀର୍ତ୍ତିତା ॥
ଶିଶୂନାଂ ପ୍ରତିବିଶ୍ୱେଷୁ
ପ୍ରତିପାଳନ କାରିଣୀ ।

ତପସ୍ୱିନୀ ବିଷ୍ଣୁଭକ୍ତା
କାର୍ତ୍ତିକେୟସ୍ୟ କାମିନୀ ॥
ଷଷ୍ଠାଂଶରୂପା ପ୍ରକୃତେସ୍ତେନ
ଷଷ୍ଠୀ ପ୍ରକୀର୍ତ୍ତିତା ।
ପୁତ୍ର ପୌତ୍ରପ୍ରଦାତ୍ରୀ ଚ
ଧାତ୍ରୀ ତ୍ରିଜଗତାଂ ସତୀ ॥

ଷଷ୍ଠୀ ଦେବୀ ପ୍ରଧାନାଂଶସ୍ୱରୂପା, ତାଙ୍କ ନାମ ଦେବସେନା, ସେ ମାତୃକାମାନଙ୍କ ଭିତରେ ପୂଜ୍ୟତମା, ସେ ଶିଶୁମାନଙ୍କର ସବଂଶ ପାଳନ କାରିଣୀ, ସେ ତପସ୍ୱିନୀ, ବିଷ୍ଣୁଭକ୍ତା, କାର୍ତ୍ତିକେୟଙ୍କ ଭାର୍ଯ୍ୟା, ସେ ପ୍ରକୃତିର ଷଷ୍ଠାଂଶ ସ୍ୱରୂପ, ଏଣୁ ତାଙ୍କର ନାମ ଷଷ୍ଠୀ, ସେ ପୁତ୍ର ପୌତ୍ର ପ୍ରଦାୟିନୀ ଏବଂ ଜଗତ୍ତ୍ରୟର

Digitized by srujanika@gmail.com

ଧାତ୍ରୀ । ଏଣୁ ଅକ୍ଷୟ ତୃତୀୟା ଦିନ ତାଙ୍କର ପୂଜା କରିବା ବିଧେୟ ।

ଏହି ସବୁ ଆଲୋଚନା କଲେ ଜଣାପଡ଼ୁଛି ଯେ ହିନ୍ଦୁ ସଂସ୍କୃତିରେ ଅକ୍ଷୟତୃତୀୟା ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଦିବସ । ଏଣୁ ଏହି ଶୁଭ ଦିନରେ ତାଙ୍କୁ ଚନ୍ଦନ ଅର୍ପଣ କରି ମୁଁ ପ୍ରାର୍ଥନା କରୁଛି—

ଜଗନ୍ନାଥ ନମସ୍ତେଽସ୍ତୁ
ନମଃ ସଂସାରତାରକ ।
ଜନାର୍ଦ୍ଦନ ଜଗଦ୍ବନ୍ଧୋ
ଜଗଦାଧାର ତେ ନମଃ ॥
ତାପତ୍ରୟୋପଶାନ୍ତ୍ୟର୍ଥଂ
ଦଦାମି ଗୃହ୍ଣ ଚନ୍ଦନମ୍ ।
ଅଙ୍ଗୀକୁରୁ ମହାବାହୋ
ପାହି ମାଂ ଶରଣାଗତମ୍ ॥

---

ଉଚ୍ଚକୋଟିର ଭାବ ଓ ଭାଷାର ବନ୍ଧନମଧ୍ୟରେ ହିଁ
ସାହିତ୍ୟ ଋଦ୍ଧିମନ୍ତ ହୁଏ

## ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର

ଏହି ଲକ୍ଷ୍ୟକୁ ଆଗରେ ରଖି

୧। ହିନ୍ଦୀ ଓ ଇଂରାଜୀର ବହୁ ବିଶିଷ୍ଟ ଲେଖାକୁ ଓଡ଼ିଆରେ ଅନୁବାଦ କରାଇଛନ୍ତି
୨। ଓଡ଼ିଆ ସାହିତ୍ୟର ବହୁ ବିଶିଷ୍ଟ କୃତିକୁ ହିନ୍ଦୀରେ ଅନୁବାଦ କରାଇଛନ୍ତି
୩। ହିନ୍ଦୀଭାଷୀ ଦୁନିଆ ଆଗରେ ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ଚିତ୍ର ଦେବାପାଇଁ

'ବିରାଟ ରାଷ୍ଟ୍ରଭାଷା ରଜତ ଜୟନ୍ତୀ ଗ୍ରନ୍ଥ'
ପ୍ରକାଶ କରିଛନ୍ତି
ସମସ୍ତ ଉଚ୍ଚକୋଟିର ହିନ୍ଦୀ, ଓଡ଼ିଆ ପୁସ୍ତକପାଇଁ
ଅନୁସଂଧାନ କରନ୍ତୁ
ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର
ବାଙ୍କାବଜାର, କଟକ-୨

Digitized by srujanika@gmail.com

WITH BEST COMPLIMENTS OF:

SAMANTRAY
CONSTRUCTIONS
RAJABAGICHA
CUTTACK-1

Digitized by srujanika@gmail.com

# ଓଡ଼ିଆ

## [ ଆଦ୍ୟ ଓ ମଧ୍ୟଯୁଗ ]

ଅଧ୍ୟାପକ ଡକ୍ଟର ବଂଶୀଧର ମହାନ୍ତି

ସଂସ୍କୃତ ଭାଷାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ । ଏକ ନିୟମାବଦ୍ଧ କଠୋର ଲିଖିତ ସାହିତ୍ୟ ଯାହା ଅଳ୍ପ ସଂଖ୍ୟକ ପଣ୍ଡିତ ଓ ଧାର୍ମିକ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ ଥିଲା, ଦ୍ୱିତୀୟଟି ହେଉଛି ବୈଦିକ ସଂସ୍କୃତ । ଏହା ବ୍ୟାପକ ଅଞ୍ଚଳରେ ସର୍ବଦା ବହୁ ସଂଖ୍ୟକ ଲୋକଙ୍କ ଦ୍ୱାରା କଥିତ ହେଉଥିଲା । ଏହି ବୈଦିକ ପ୍ରାକୃତର ଏକ ଶାଖା ହେଉଛି ଶୌରସେନୀ ପ୍ରାକୃତ । ଏହା ଦୋଆବ ଅଞ୍ଚଳରେ ବିକାଶ ଲାଭ କରିଥିଲା । ଖ୍ରୀଷ୍ଟପର ୧ମ ଶତାବ୍ଦୀରେ ଶୌରସେନୀ ପ୍ରାକୃତ ଏକ ଅଭିବ୍ୟକ୍ତି-ସମର୍ଥ ବିକଶିତ ଭାଷାରେ ପରିଣତ ହୋଇଥିଲା । ଦେଶର ବିଶାଳତା ଯୋଗୁଁ ଏହି ଭାଷା ମଧ୍ୟ କିଛିକାଳ ପରେ ନିଷ୍ପ୍ରାଣ ହେବାକୁ ଆରମ୍ଭ କଲା ଏବଂ ଜନସାଧାରଣଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ଅଳ୍ପ ସଂଖ୍ୟକ ସାହିତ୍ୟିକ, ସମ୍ଭ୍ରାନ୍ତ ଗୋଷ୍ଠୀର ଭାଷା ରୂପେ ରହିଲା । ଏହି ସୀମିତ ଭାଷାର ବିରୁଦ୍ଧରେ ଶୀଘ୍ର ପ୍ରତିକ୍ରିୟା ଦେଖା ଦେଇଥିଲା । ଫଳତଃ ୬ଷ୍ଠ ଶତାବ୍ଦୀରେ "ଅପଭ୍ରଂଶ"ର ଉଦ୍‌ଭବ ହେଲା । ଏହାର ଦୋଆବ ଏବଂ ରାଜପୁତନା ଭାଷା ଉପରେ ଗଭୀର ପ୍ରଭାବ ପଡ଼ିଥିଲା । ଗାଙ୍ଗେୟ ଉପତ୍ୟକାରେ ସେ ସମୟରେ ରାଜପୁତମାନଙ୍କର ଆଧିପତ୍ୟ ଥିଲା । ଶୌରସେନ ପ୍ରଦେଶର ଅପଭ୍ରଂଶକୁ ଏହି ସମୟରେ ସୁଯୋଗ ମିଳିଲା ଓ ଏହା ଉତ୍ତର ଭାରତର ସ୍ୱୀକୃତ ସାହିତ୍ୟିକ ଭାଷା ହୋଇଗଲା । (୮୦୦-୧୦୦୦ ଖ୍ରୀ)

### ଏକ ଭାରତୀୟ ଭାଷା

କିନ୍ତୁ ଯେତେବେଳେ କୌଣସି ଭାଷା ବିରାଟ ଅଞ୍ଚଳରେ ବ୍ୟାପିଯାଏ ଏ ଭାଷା ଅନେକ ଖଣ୍ଡରେ ବିଭକ୍ତ ହୋଇ ଯାଏ ଓ ଏହାର ଅନେକ ଉପଭାଷା ମଧ୍ୟ ସୃଷ୍ଟି ହୋଇଯାଏ । ଏହା ମଧ୍ୟରେ ସ୍ଥାନୀୟ ଅର୍ଥ ଓ ତାତ୍ପର୍ଯ୍ୟ ମଧ୍ୟ ଦେଖାଯାଏ । ଉତ୍ତର

Digitized by srujanika@gmail.com

ଭାରତର ଏହି ଭାରତୀୟ ଆର୍ଯ୍ୟଭାଷା ଏହି ପ୍ରକାରେ ବୁନ୍ଦେଲି, ହରିୟାଣା, ବ୍ରଜବୋଲି ଏବଂ ଖଡ଼ୀବୋଲି ବା ହିନ୍ଦୁସ୍ଥାନୀ ଭାଷାର ସୃଷ୍ଟି ହେଲା । ଏହି ପଶ୍ଚିମୀ ହିନ୍ଦୀ ଉର୍ଦ୍ଦୁର ଭିତ୍ତି ଭୂମି ଥିଲା । ଉର୍ଦ୍ଦୁ ବ୍ୟାକରଣ, ଅନେକ କାହାଣୀ ଓ ହଜାର ହଜାର ଶବ୍ଦ ଏହି ଭାଷାର । ଏଥିରୁ ସ୍ପଷ୍ଟ ହେଉଛି ଯେ ଉର୍ଦ୍ଦୁ ଭାରତର ଭାଷା ଓ ଏଥିରେ ଅନ୍ତର୍ନିହିତ ବାକ୍ୟ ବିନ୍ୟାସ ବିଶେଷତଃ ଖଡ଼ୀବୋଲିର ।

ପୂର୍ବ ମଧ୍ୟ କାଳରେ ଭାରତରେ ମୁସଲମାନଙ୍କର ପ୍ରସାରର ଐତିହାସିକ ପ୍ରଭାବ ବହୁତ ବ୍ୟାପକ ଥିଲା । ଏମାନଙ୍କର ଆଗମନ ସଙ୍ଗେ ସଙ୍ଗେ ନୂତନ ଧର୍ମର ପ୍ରବେଶ ହେଲା, ଏକ ନୂତନ ଦର୍ଶନ, ନୂତନ ସଂସ୍କୃତିର ମଧ୍ୟ ଅଭ୍ୟୁଦୟ ହେଲା । ସେ ସମୟରେ ଫାର୍ସୀ ରାଜଭାଷା ଥିଲା । ଏଥିରେ ବହୁ ସଂଖ୍ୟାରେ ଆରବୀୟ ଏବଂ ତୁର୍କୀ ଭାଷାର ଶବ୍ଦ ଥିଲା । ଏହି ଭାଷା ସ୍ୱାଭାବିକ ଭାବରେ ପଶ୍ଚିମୀ ହିନ୍ଦୀ-ଭାଷା ମାନଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କଲା । ଏମାନଙ୍କ ଭାଷାରେ କ୍ରମେ ଅନେକ ଫାରସୀ ଓ ଆରବୀ ଶବ୍ଦ ପ୍ରବେଶ କଲା । ଏହି ଧାରା କବୀର (୧୪୪୦-୧୫୧୮) ଓ ଗୁରୁନାନକ (୧୪୬୯-୧୫୩୮) ଙ୍କ ସମୟ ପର୍ଯ୍ୟନ୍ତ ଚାଲି ଆସିଲା । ଏଥିରୁ ଜଣା ଯାଉଛି ଶୌରସେନୀ ଅପଭ୍ରଂଶର ସ୍ଥାନ ମୁସଲିମ ପ୍ରଭାବ ଯୋଗୁଁ ଧୀରେ ଧୀରେ ଖଡ଼ିବୋଲି ବା ଜବାନେ ଦେହଲଓ୍ୱୀ ନେଇଥିଲା । ଉତ୍ତର ଭାରତର ଭାଷାମାନଙ୍କର ମଧ୍ୟ ପ୍ରଭାବ ଫାର୍ସୀ ଉପରେ ପଡ଼ିଥିଲା ଏବଂ ଆଲବେରୁନୀ, ମନୁଚେହରୀ, ସିନାଇ ତଥା ଫାରୁଖୀ ପ୍ରଭୃତି ସାହିତ୍ୟିକମାନେ ଅବଧରେ ହିନ୍ଦୀ ଶବ୍ଦର ପ୍ରୟୋଗ କଲେ ।

## ଫାର୍ସୀ

ଉର୍ଦ୍ଦୁ ଯେତେବେଳେ ସାହିତ୍ୟିକ ଭାଷା ରୂପରେ ବିକଶିତ ହେବାକୁ ଲାଗିଲା, ଏହା ଅନେକ ଫାର୍ସୀ ଶବ୍ଦକୁ ଗ୍ରହଣ କରିନେଇ ଥିଲା । କାରଣ ଫାର୍ସୀ ଯେତେବେଳେ ଭାରତରେ ସରକାରୀ ଭାଷା ଥିଲା । ଫାରସୀଛଡ଼ା ଆରବୀ ଓ ତୁର୍କୀର ମଧ୍ୟ ଅନେକ ଶବ୍ଦ ଉର୍ଦ୍ଦୁ ଭାଷା ଗ୍ରହଣ କରିଛି । ମୁସଲମାନ ମାନଙ୍କର ରାଜଧାନୀ ଦିଲ୍ଲୀ ବ୍ରଜ ଭାଷା, ଖଡ଼ୀବୋଲି ଏବଂ ହରିୟାଣୀ ଭାଷାଭାଷୀ ଅଞ୍ଚଳମାନଙ୍କର ସନ୍ଧିସ୍ଥଳୀ ଥିଲା । ନବାଗନ୍ତୁକ ଓ ଭାରତୀୟ ମାନଙ୍କ ମଧ୍ୟରେ ଆଳାପ, ସଂସ୍କୃତି ପ୍ରଭୃତିର ସୁବିଧା ଦୃଷ୍ଟିରୁ ଏଭଳି ଏକ ଭାଷାର ଆବଶ୍ୟକ ପଡ଼ୁଥିଲା, ଯାହାକି ଉଭୟ ପକ୍ଷ ବୁଝି ପାରୁଥିବେ । ଏହି ଭାବରେ ଏହି ନୂତନ ଭାଷା" ଉର୍ଦ୍ଦୁ"ର ଉଦ୍‌ଭବ ହୋଇଥିଲା ।

ମୁସଲମାନ ମାନଙ୍କର ଆଗମନ ପରେ ମଧ୍ୟଦେଶ (ଉତ୍ତର ପ୍ରଦେଶ ଓ ପୂର୍ବପଞ୍ଜାବ)ର ଭାଷା ଅନିଶ୍ଚିତତା ମଧ୍ୟରେ ଟଳମଳ ହୋଇଥିଲା । ଶୌରସେନୀ ଅପଭ୍ରଂଶ ନିଷ୍ପ୍ରଭ ଓ ନିର୍ଜୀବ ହୋଇ ଯାଇଥିଲା । ପଶ୍ଚିମୀ ହିନ୍ଦୀରେ ଏଭଳି ପରିବର୍ତ୍ତନ ହୋଇଥିଲା ଯାହା ଫଳରେ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାମାନଙ୍କର ଉତ୍ପତ୍ତି ହେଲା । ଆବଶ୍ୟକ ପରିମାଣରେ ଓ ମନ୍ଥର ଗତିରେ ଏକ ପରିବର୍ତ୍ତନ ଘଟିବାକୁ ଲାଗିଲା । ମୁସଲମାନମାନେ ଏହି ଗତିକୁ କ୍ଷିପ୍ରତର କରିଦେଲେ । ସେମାନେ

Digitized by srujanika@gmail.com

ଖଡ଼ିବୋଲି ଭାଷାକୁ ପ୍ରଭାବିତ ଓ ସମୃଦ୍ଧ ମଧ୍ୟ କଲେ ।

ଉର୍ଦ୍ଦୁ ଭାଷାର ସର୍ବ ପ୍ରାଚୀନ ପ୍ରାମାଣିକ ରଚନା ବର୍ତ୍ତମାନ ପ୍ରାପ୍ତ ମିଳୁନାହିଁ । ମୋହମ୍ମଦ ଔଫୀ (ଲୁବ୍‌ବୁଲ ଅଲ୍ବାବ, ୨ୟ ଖଣ୍ଡ ୨୪୭ ପୃଷ୍ଠା) ଏବଂ ଅମୀର ଖୁସ୍ରୁ (ଘରଭୂଲ କଲମ, ୬୭ ପୃଷ୍ଠା) ରୁ ଜଣାଯାଏ ଯେ ଖ୍ୱାଜା ମସୁଦ ସଲମନ (ମୃତ୍ୟୁ ସମୟ ୧୧୨୫ରୁ ୧୧୩୦ ଭିତରେ ହୋଇଥିବା ଅନୁମାନ କରାଯାଏ) "ହିନ୍ଦୱୀ"ରେ ପଦ୍ୟରଚନା କରିଥିଲେ । ଲିଖିତ ପ୍ରାମାଣିକ କିଛି ନମିଳିବା ଯାଏଁ ଏହି ଭାଷାର ସ୍ୱରୂପ କଅଣ ଥିଲି କହିହେବ ନାହିଁ ଅମୀର ଖୁସ୍ରୁ (୧୨୫୫-୧୩୨୫) ମଧ୍ୟ 'ହିନ୍ଦୱୀ' ରେ ଅନେକ କଥା ଲେଖିଥିବାର ଜଣାଯାଏ ।

ପ୍ରାଥମିକ ଅବସ୍ଥାରେ ଉର୍ଦ୍ଦୁର ବିକାଶ ଦୁଇଟି ଦିଗରେ ହୋଇଥିଲା । ପ୍ରଥମତଃ ମୁସଲିମ୍ ସନ୍ଥ ଓ ସୁଫୀମାନେ ଏହାକୁ ଏକତା ଓ ସମନ୍ୱୟ ସିଦ୍ଧାନ୍ତର ପ୍ରଚାର ମାଧ୍ୟମ କରିଥିଲେ । ବବା ଫରିଦ (୧୧୮୭-୧୨୬୫), ଶେଖ ହମୀଦୁଦ୍ଦୀନ ନାଗୌରି, ଶାହ ବୁ ଅଲି କଲନ୍ଦର (ମୃତ୍ୟୁ ୧୩୨୪), ଶେଖ ବଦରୁଦ୍ଦୀନ ବଜନ (ମୃତ୍ୟୁ ୧୫୦୬) ଆଦିଙ୍କର ଅବିର୍ଭାବ ଉର୍ଦ୍ଦୁ ସାହିତ୍ୟରେ ବିକାଶ ଘଟାଇଥିଲା । ଦ୍ୱିତୀୟତଃ ଭକ୍ତି କାଳୀନ ହିନ୍ଦୁ ସନ୍ଥମାନେ ଇସ୍‌ଲାମ ଚନ୍ତାଧାରରେ ପ୍ରଭାବିତ ହୋଇ ଏକତା ବିଚାରକୁ ପ୍ରୋତ୍ସାହିତ କଲେ ଓ ଫଳରେ ଭାଷାମାନଙ୍କର ସମନ୍ୱୟ ମଧ୍ୟ ହେଲା ଓ ଉର୍ଦ୍ଦୁ ଭାଷାର ବିକାଶଲାଗି ସୁଯୋଗ ମିଳିଲା ।

## ଦାକ୍ଷିଣାତ୍ୟ ଓ ଉର୍ଦ୍ଦୁ

ଆଲ୍ଲାଉଦ୍ଦୀନ ଖିଲ୍‌ଜୀ (୧୨୯୬-୧୩୧୬) ଏବଂ ମାଲିକ କାଫୁର ଦାକ୍ଷିଣାତ୍ୟରେ ରାଜ୍ୟ ଜୟ କରିଥିଲେ । ମୋହମ୍ମଦ ତୋଗଲକ (୧୩୨୫-୧୩୫୧) ଦିଲ୍ଲୀରୁ ଦୌଲତାବାଦକୁ ରାଜଧାନୀ ପରିବର୍ତ୍ତନ କରିଥିଲେ । ୧୩୪୭ରେ ବାହମନୀ ରାଜ୍ୟର ସ୍ଥାପନ ହୋଇଥିଲା । ଔରେଙ୍ଗଜେବ ମଧ୍ୟ ଦକ୍ଷିଣ-ବିଜୟ କରି ଆରଙ୍ଗାବାଦକୁ ଦ୍ୱିତୀୟ ରାଜଧାନୀ କରିଥିଲେ । ଏହିସବୁ ମହତ୍ତ୍ୱପୂର୍ଣ୍ଣ ଘଟଣା ଯୋଗୁଁ ଦକ୍ଷିଣଭାରତରେ ଉର୍ଦ୍ଦୁର ବିକାଶ ଘଟିଥିଲା । ଦକ୍ଷିଣଭାରତରେ କେତେକ ଭାଷାର କିଛି ଶବ୍ଦକୁ ମଧ୍ୟ ଉର୍ଦ୍ଦୁ ଗ୍ରହଣ କଲା ।

ଉତ୍ତର ଭାରତରେ ଉର୍ଦ୍ଦୁରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇଥିଲା । ଆକବର (୧୫୫୬-୧୬୦୫) ଆଗ୍ରାରେ ରାଜଧାନୀ କରିଥିଲେ । ଆଗ୍ରା ବ୍ରଜଭାଷା-ଅଞ୍ଚଳର ପ୍ରଧାନ ନଗର ଥିଲା । ଏହି କାରଣରୁ ଉର୍ଦ୍ଦୁ ଉପରେ ବ୍ରଜଭାଷାର ପ୍ରଭାବ ପଡ଼ିଲା ।

## ଉର୍ଦ୍ଦୁ ଶବ୍ଦର ବ୍ୟୁତ୍ପତ୍ତି

'ଉର୍ଦ୍ଦୁ'ର ଅର୍ଥ ସୈନ୍ୟବାହିନୀ । ଏହାର ପ୍ରଥମ ପ୍ରୟୋଗ ଜହାଙ୍ଗୀରଙ୍କର "ତାରଖେ ଜହାଁ କୁଶା"ରେ ୧୧୫୦ ଖ୍ରୀ:ରେ ହୋଇଥିବାର ଜଣାଯାଏ । ବାବର ନିଜର ସୈନ୍ୟମାନଙ୍କୁ 'ଉର୍ଦ୍ଦୁ-ଏ ନୁସରତ ଶଆର' ଅର୍ଥାତ୍ 'ବିଜୟୀ-ସେନା' ବୋଲି ସମ୍ବୋଧନ କରୁଥିଲେ । କିନ୍ତୁ ଏକ ଭାଷା ଅର୍ଥରେ ଉର୍ଦ୍ଦୁ ଶବ୍ଦର ପ୍ରୟୋଗ ବେଶୀ ପ୍ରାଚୀନ

Digitized by srujanika@gmail.com

ନ୍ତେନ୍ତି । ଭାଷା ଅର୍ଥରେ 'ଉର୍ଦ୍ଦୁ'ର ପ୍ରୟୋଗ ମୀରଙ୍କର 'ନକାତୁଶ୍ ଶୁଅରା' (୧୭୫୨) ରେ, 'ଉ.ଣ୍ଡଖେ-ଗୁଲ୍‌କାରେ-ଇବ୍ରାହିମ' (୧୭୮୩) ରେ, 'ନାମା-ଏ-ମୁରାଦ' (୧୭୮୮)ରେ, ମୌଲନା ବକର ଆଗାଙ୍କର ଧର୍ମିକ କବିତା-ମାନଙ୍କର ଗଦ୍ୟ-ଭୂମିକାରେ ଏବଂ ମୁସ୍‌ହଫୀଙ୍କର "ତଜକିରା-ଏ ଶୁଅରାଏ-ହିନ୍ଦୀ' (୧୭୯୪)ରେ ହୋଇଥିଲି । ଆଉ ଏକ କଥା ପ୍ରତି ଧ୍ୟାନ ଦେବାକୁ ହେବ ଯେ 'ହିନ୍ଦୀ' ଶବ୍ଦର ପ୍ରୟୋଗ ଉର୍ଦ୍ଦୁ 'ଅର୍ଥରେ ହୋଇଛି । ହିନ୍ଦୀ ଶବ୍ଦର ଏହିଭଳି ପ୍ରୟୋଗରେ ତାତ୍ପର୍ଯ୍ୟ ଏହି ଯେ 'ଉର୍ଦ୍ଦୁ' ଏହି ଦେଶର ମାଟିରେ ଉତ୍ପନ୍ନ ଭାଷା । ଏହିଭଳି ପ୍ରୟୋଗ ମିର୍ଜା ଗାଲିବଙ୍କ ସମୟ (ମୃତ୍ୟୁ ୧୮୬୯) ପର୍ଯ୍ୟନ୍ତ ପ୍ରଚଳିତ ଥିଲି । ବର୍ଜଣ୍ଡ ଏହାକୁ (ଉର୍ଦ୍ଦୁକୁ) ଜବାନେ ହିନ୍ଦୁସ୍ଥାନୀ (୧୬୭୪) ବୋଲି କହିଛନ୍ତି । ପାଶ୍ଚାତ୍ୟ ଲେଖକ କେଟଲ ଓ ଫ୍ରାୟର୍ ଉର୍ଦ୍ଦୁକୁ ତତ୍କାଳୀନ ପ୍ରଚଳିତ ନାମ "ଇନ୍ଦୋସ୍ତାନ" କହିଛନ୍ତି । ଡ଼କ୍ଟର ଜନ୍ ଗିଲ୍‌କ୍ରାଇଷ୍ଟ ଏହାକୁ "ହିନ୍ଦୁସ୍ଥାନୀ" କହିବାକୁ ପସନ୍ଦ କରିଛନ୍ତି ।

## ଉତ୍ତର ଭାରତରେ ଉର୍ଦ୍ଦୁର ବିକାଶ

ଉର୍ଦ୍ଦୁ ସାହିତ୍ୟ ଉତ୍ତର ଭାରତରେ ୧୮ଶ ଶତାବ୍ଦୀ ଆରମ୍ଭରେ ପ୍ରତିଷ୍ଠିତ ହୋଇ-ଥିଲା । ବଲୀ ଦିଲ୍ଲୀକୁ ଯାଇ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ । ସେ ପର୍ଯ୍ୟନ୍ତ କେହି ବିଶ୍ୱାସ କରି ପାରୁନଥିଲେ ଯେ ଘର ଓ ବଜାରର ଭାଷା ଏତେ ଚମତ୍କାର ଓ ହୃଦୟସ୍ପର୍ଶୀ ହୋଇ କାବ୍ୟରେ ଗୁମ୍ଫିତ ହୋଇ-ପାରେ ଏବଂ ଏତେ ବିଶୁଦ୍ଧ ହୋଇପାରେ । ବଲୀ ଦିଲ୍ଲୀର କବିମାନଙ୍କୁ ଏହି ଯେଉଁ ପ୍ରେରଣା ଦେଇଥିଲେ ତାହା ପରବର୍ତ୍ତୀ କାଳର କବିମାନଙ୍କଠାରେ ମଧ୍ୟ ପରିଦୃଷ୍ଟ ହୋଇ-ଥିଲା । ବେଦିଲ୍ ଉମ୍ମୀଦ, ଖାନେ ଆରଜୁ ଏବଂ ଫିତରତ ପ୍ରଭୃତି ଫାର୍ସୀ କବିମାନେ ମଧ୍ୟ ଉର୍ଦ୍ଦୁରେ ଲେଖିବାର ଚେଷ୍ଟା କରିଥିଲେ ।

ଆଉରଙ୍ଗ ଜେବଙ୍କ ମୃତ୍ୟୁପରେ (୧୭୦୭) ମୋଗଲ ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡ ହେବାକୁ ଲଗିଲା । ୧୭୨୯ ରୁ ୧୭୪୮ ଯାଏ ମୋହମ୍ମଦଶାହ ଶାସନ କରିଥିଲେ । ୧୭୩୯ ରେ ନାଦିରଶାହ ଭାରତ ଆକ୍ରମଣ କରି ଦେଶ ବାସୀଙ୍କର ହୃତ୍‌କମ୍ପ ଜାତକରାଇ ଥିଲା । ଦେଶ ମଧ୍ୟରେ ବି ଆଭ୍ୟନ୍ତରୀଣ ବିପ୍ଳବ ଲାଗି ରହିଥିଲା । ଜାଠ, ମରାଠୀ ଓ ରୋହିଲା-ମାନେ ବିପ୍ଳବୀ ହୋଇ ଉଠିଥିଲେ । ଏହିସବୁ କାରଣରୁ ଦିଲ୍ଲୀରେ ସବୁବେଳେ ଏକ ଅଶାନ୍ତ ବାତାବରଣ ଖେଳଯାଇଥିଲା । ଏହି ବାତା-ବରଣରେ ଦିଲ୍ଲୀର କବିମାନେ ମଧ୍ୟ ଆଶା-ନିରାଶାର ଦୋଳାରେ ଆନ୍ଦୋଳିତ ହୋଇ-ଥିଲେ ।

ଆଶ୍ଚର୍ଯ୍ୟର କଥା, ଏହି ଅଶାନ୍ତ କାଳ ମଧ୍ୟରେ ଉର୍ଦ୍ଦୁ ପରିପୁଷ୍ଟ ହୋଇଥିଲା । ସାମନ୍ତ ଶାସକମାନଙ୍କର ଆନୁକୂଲ୍ୟ ପାଇ ଜନ-ଭାଷା ବିକଶିତ ହୋଇଥିଲା । ଆବରୁ (ମୃତ୍ୟୁ ପ୍ରାୟ ୧୭୪୭), ହାତମ (ମୃତ୍ୟୁ ୧୭୯୧), ନାଜି (ମୃତ୍ୟୁ ୧୭୫୪), ମଜନୁନ (ମୃତ୍ୟୁ ପ୍ରାୟ ୧୭୫୪) ଏବଂ ମଜହୁର (ମୃତ୍ୟୁ ୧୭୮୧)

Digitized by srujanika@gmail.com

ପ୍ରଭୃତି ବନ୍ଦୀଙ୍କର ସମକାଳୀନ କବିମାନେ ଉର୍ଦ୍ଦୁ ସାହିତ୍ୟର ଉଲ୍ଲେଖନୀୟ ସେବା କରିଥିଲେ । ହାତିମ ଦିଲ୍ଲୀ-ଶୈଳୀର ପ୍ରବର୍ତ୍ତକ ଥିଲେ । ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ଭାଷାର ପରିଶୁଦ୍ଧତା ଓ ଅଶୁଦ୍ଧ ଦକ୍ଷିଣୀ ଶବ୍ଦକୁ ବାହାର କରିବା ଦିଗରେ ବିନିଯୁକ୍ତ ହୋଇଥିଲା । ମିର୍ଜା ମଜହର (ମୃତ୍ୟୁ ୧୭୮୧) ଜଣେ ପ୍ରସିଦ୍ଧ ରହସ୍ୟବାଦୀ କବିଥିଲେ । ସେ ଉର୍ଦ୍ଦୁ କବିତାରୁ ଶ୍ଳେଷତ୍ୱ ଦୂର କରି ଅସାଧାରଣ ଆଧ୍ୟାତ୍ମିକ ଓଜଃ ଓ ରହସ୍ୟାତ୍ମକ ଅର୍ଥବସ୍ତୁ ଭରି ଦେଇଥିଲେ ।

ସୌଦା (୧୭୧୩-୮୦) ଉର୍ଦ୍ଦୁ ସାହିତ୍ୟରେ ଏକ ଆଲୋକସ୍ତମ୍ଭ କହିଲେ ଅତ୍ୟୁକ୍ତି ହେବନାହିଁ । ଦିଲ୍ଲୀର ଅଶାନ୍ତିପୂର୍ଣ୍ଣ ବାତାବରଣ ଭିତରେ ସେ ଜୀବନର ଅଧିକ କାଳ ବିତାଇଥିଲେ । ତେଣୁ ନିଜର ପ୍ରତ୍ୟକ୍ଷ ଅନୁଭୂତିକୁ କବିତାରେ ସ୍ଥାନ ଦେଇଥିଲେ । ଅଧଃପତିତ ମୋଗଲ ସମ୍ରାଟମାନଙ୍କର କୁଶାସନ ଓ ଅଯୋଗ୍ୟତା, ଅମୀରମାନଙ୍କର ଷଡ଼ଯନ୍ତ୍ର, ଅଧିକାରୀମାନଙ୍କର ଭ୍ରଷ୍ଟାଚରଣ, ଦିଲ୍ଲୀ ଜନତାର ଦୁର୍ଦ୍ଦଶା ଏହି ସବୁ ଉପରେ ସେ ଆଲୋକପାତ କରିଛନ୍ତି ।

ସୌଦାଙ୍କର ଗଜଲ ସମେତ ସବୁ ପ୍ରକାର କାବ୍ୟରେ ଦଖଲ ଥିଲା ।

ମୀର ତକୀ ମୀର (୧୭୨୪—୧୮୧୦) "କାବ୍ୟ-ଦେବତା" ଭାବରେ ପରିଚିତ । ତାଙ୍କର ଜନ୍ମସ୍ଥାନ ଆଗ୍ରା, ମାତ୍ର ସେ ଦିଲ୍ଲୀରେ ରହୁଥିଲେ । ୧୭୮୩ ପର୍ଯ୍ୟନ୍ତ ଦିଲ୍ଲୀରେ ଅନେକ ରକ୍ତରଞ୍ଜିତ ଯୁଦ୍ଧ ଦେଖିଥିଲେ । ସେ ନିମନ୍ତ୍ରଣ ପାଇ ଦିଲ୍ଲୀ ଛାଡ଼ି ଅବଧରେ ପହଞ୍ଚିଲେ ଓ ସେଠାରେ ତାଙ୍କର ୧୮୧୦ରେ ମୃତ୍ୟୁ ହୋଇଥିଲା ।

ଗଜଲ ରଚନା କ୍ଷେତ୍ରରେ ସେ ହେନ୍ତୁ ସମସ୍ତରେ ଅପ୍ରତିଦ୍ୱନ୍ଦ୍ୱୀ ଥିଲେ । ଗଜଲରେ ସେ ତତ୍କାଳୀନ ଅନ୍ୟାୟ ବିରୁଦ୍ଧରେ ଅଗ୍ନି ବର୍ଷଣ କରିଛନ୍ତି । ସେ ବଡ଼ ଅଭିମାନୀ ଓ ଭାବପ୍ରବଣ କବି ଥିଲେ । ଗଜଲରେ ସେ ନିଜର ଆତ୍ମପ୍ରକାଶ ନିର୍ଭୀକ ଭାବରେ କରିଛନ୍ତି । ପ୍ରକୃତରେ ତାଙ୍କ ସମ୍ବନ୍ଧରେ କୁହାଯାଇଛି ସେ ଗଜଲ ରଚନା କରି ନାହାନ୍ତି ସେ ନିଜର ହୃଦୟସ୍ଥ ସଙ୍ଗୀତ ଗାଇଛନ୍ତି ।

ମୀର କବିତାରେ ମାନବବାଦୀ ପରମ୍ପରା ପରିଲକ୍ଷିତ ହୁଏ । ତାଙ୍କ ନିକଟରେ ମନ୍ଦିର ମସଜିଦ୍ ସବୁ ସମାନ । ତାଙ୍କର କବିତା ପ୍ରେମ ଓ ସଦ୍‌ବିଶ୍ୱର ଉପରେ ପ୍ରତିଷ୍ଠିତ ଥିଲା । ମୀର ବହୁତ ଲେଖିଛନ୍ତି । ୧୦୦୦ ପୃଷ୍ଠାର କୁଲ୍ଲିୟାତ, ଏକ ଆତ୍ମଚରିତ ମଧ୍ୟ ଛାଡ଼ି ଯାଇଛନ୍ତି ।

ଖ୍ୱାଜା ମୀର ଦର୍ଦ (୧୮୧୯-୧୮୮୫) କେବଳ ରହସ୍ୟବାଦୀ ଗଜଲ ଲେଖିଛନ୍ତି । ସେ ପ୍ରଥମେ ସୈନିକ ଥିଲେ, ପରେ ସୈନ୍ୟ ବିଭାଗ ଛାଡ଼ି ଦେଇଥିଲେ । ଦିଲ୍ଲୀର ସଂଘର୍ଷମୟ ଝଡ଼ଝଞ୍ଜା ଭିତରେ ବି ସେ ଦିଲ୍ଲୀ ଛାଡ଼ି ନ ଥିଲେ । ତାଙ୍କର ଗଜଲରେ ଦୈବୀ ପ୍ରେମର ଗଭୀର ଛାପ ପଡ଼ିଅଛି । ସେଗୁଡ଼ିକ ଓଜଃ ଓ କରୁଣାରେ ଓତଃପ୍ରୋତ । ଶ୍ରେଷ୍ଠ ଶ୍ରେଷ୍ଠ ଛନ୍ଦ ଲେଖିବାରେ ସେ ଅଧିକ ଦକ୍ଷ ଥିଲେ ।

Digitized by srujanika@gmail.com

ଦିଲ୍ଲୀର ମୀର ହସନ (ମୃତ୍ୟୁ ୧୭୮୬) ଉର୍ଦ୍ଦୁର ପ୍ରସିଦ୍ଧ ମସନଓ୍ୱୀ ଲେଖକମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର "ସେହ୍ରଲ୍ ବୟାଁ"(ବାଣୀରବାଜିଗରୀ) ଏକ ଅମର କୃତି । ମୀର ମଧ୍ୟ ୫ଟି ମସନଓ୍ୱୀ ଲେଖିଥିଲେ । ମାତ୍ର ହସନଙ୍କ ସମକକ୍ଷ ହୋଇପାରି ନ ଥିଲେ । ମୀର ହସନଙ୍କର କବିତାରେ ଥିଲା ସଙ୍ଗୀତର ମୂର୍ଚ୍ଛନା ଓ ପ୍ରାଣସ୍ପର୍ଶୀ ମାଧୁର୍ଯ୍ୟ ।

ଏହିଭଳି ଭାବରେ ମୀର, ସୌଦା ଓ ମୀର ହସନ୍ ଗଜଲ, କସୀଦା ଏବଂ ମସନଓ୍ୱୀ ରଚନା କ୍ଷେତ୍ରରେ ଭବିଷ୍ୟତ କବିମାନଙ୍କ ଆଗରେ ଆଦର୍ଶ ଓ ସ୍ମରଣୀୟ ହୋଇ ପାରିଥିଲେ । ମୀର୍ଜା ମଜହର ଓ ଦର୍ଦ୍ଦଙ୍କର ଗୀତ ଗୁଡ଼ିକରେ ଦୈବୀ ପ୍ରେମର ଆଭାସ ମିଳେ ଏବଂ ସେ ରହସ୍ୟବାଦୀ ଉର୍ଦ୍ଦୁ କବିତାର ସର୍ବୋତ୍କୃଷ୍ଟ ପରମ୍ପରାର ପ୍ରତିନିଧିତ୍ୱ କରିଥିଲେ । ମୀର, ମୀର ହସନ୍ ଓ ମୁସଫୀ ଜୀବନୀ ସଂଗ୍ରହ ମଧ୍ୟ ଲେଖିଥିଲେ ଯହିଁରୁ ସେ ସମୟର ସାହିତ୍ୟିକ ସମୀକ୍ଷାର ପରିଚୟ ମିଳେ । କେତେଗୁଡ଼ିଏ କବି ସମ୍ମିଳନୀ ଓ ଆଲୋଚନା ଚକ୍ର ମଧ୍ୟ ସେ ସମୟରେ ସ୍ଥାପିତ ହୋଇ ଭାଷା ପ୍ରଚାର ଏବଂ ଭାଷଣକୁ ଆଶାନୁରୂପ ସ୍ତରକୁ ନେଇ ପାରିଥିଲେ । କାୟମ (ମୃତ୍ୟୁ ୧୭୮୭-୯୫ ମଧ୍ୟରେ), ସୋଜ (୧୭୨୦-୯୮), କଲୀମ (୧୭୫୦ ପାଖାପାଖି), ଦସ୍ତାଁ (ମୃତ୍ୟୁ ୧୭୯୮) ଏହି ସମୟର ପ୍ରସିଦ୍ଧ କବି ଥିଲେ ।

ଦିଲ୍ଲୀର ଚକ୍ଷୁହୀନ ସମ୍ରାଟ ଶାହ-ଅଲମଙ୍କ ସମୟରେ ରାଜକୋଷ ଶୂନ୍ୟ ହୋଇଥିଲା ଓ ଦିଲ୍ଲୀରେ ଏକ ଆର୍ଥିକ ଶୋଚନୀୟତା ଦେଖା ଦେଇଥିଲା । ଏହି ପରିସ୍ଥିତିରେ କବିମାନେ ଭାଗ୍ୟକୁ ଆଦରି ଦିଲ୍ଲୀ ଛାଡ଼ି ଫରୁଖାବାଦ, ଟାଣ୍ଡା, ଅବଧ, ଅଜୀମାବାଦ, ହାଇଦ୍ରାବାଦ ପ୍ରଭୃତି ଅଞ୍ଚଳକୁ ଚାଲିଗଲେ । ସେ ସମୟରେ ଅବଧ ସବୁଠାରୁ ସମୃଦ୍ଧ ରାଜ୍ୟଥିଲା ଓ ସାହିତ୍ୟିକ ମାନଙ୍କୁ ପୃଷ୍ଠପୋଷଣ କରିବା ଦିଗରେ ବିଖ୍ୟାତ ଥିଲା । ତେଣୁ ଦିଲ୍ଲୀ ସାହିତ୍ୟିକ-କେନ୍ଦ୍ର ନ ହୋଇ କ୍ରମେ ଅବଧ ହିଁ ସାହିତ୍ୟିକ କେନ୍ଦ୍ର ହେଲା । ସୌଦା, ମୀର, ହସନ, ମୁସହଫୀ, ଜୁରଅତ, ଇଂଶା ଓ ଅନ୍ୟାନ୍ୟ ଅନେକ କବି ଅବଧରେ ଯାଇ ବାସ କଲେ ଓ ଅନୁକୂଳ ପରିବେଶ ପାଇ ସାହିତ୍ୟର ସମୃଦ୍ଧି ସାଧନ କଲେ ।

ଅବଧ ଖଡ଼ୀବୋଲୀ ଅଞ୍ଚଳଠାରୁ ବହୁତ ଦୂରରେ ଥିବାରୁ ଖଡ଼ୀ ବୋଲୀର ସହଜ ସରଳତା ଓ ସ୍ପଷ୍ଟତା ଅବଧର ସାହିତ୍ୟିକ ସୃଷ୍ଟି ମାନଙ୍କରେ ବିଶେଷ ଭାବରେ ପରିଲକ୍ଷିତ ହୁଏ ନାହିଁ । ଏହି ସାହିତ୍ୟିକ ମାନଙ୍କର ଶୈଳୀରେ ଫାରସୀର ଶବ୍ଦ, ଛନ୍ଦ, କଳାରୂପ ଅବାଧରେ ପ୍ରବେଶ କଲା ଏବଂ ଉର୍ଦ୍ଦୁ ପୁରାପୁରି ଫାରସୀର ଏକ ରୂପାନ୍ତର ହେବାକୁ ଯାଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ସରଳତା ପରିବର୍ତ୍ତେ ଏଥିରେ କୃତ୍ରିମତା ଓ ଆଳଂକାରିକତା କ୍ରମେ ପ୍ରବେଶ କରିଥିଲା ।

ଦିଲ୍ଲୀରୁ ଲକ୍ଷ୍ନୌ (ଅବଧ)କୁ ସାହିତ୍ୟ-କେନ୍ଦ୍ର ଅପସାରିତ ହେବାପରେ ସାହିତ୍ୟରୁ ଆଧ୍ୟାତ୍ମିକ ପବିତ୍ରତା ପ୍ରାଧାନ୍ୟ ହରାଇଲା । ତା ପରିବର୍ତ୍ତେ ସ୍ୱପ୍ନ-ବିଳାସ, ଅବାସ୍ତବତା ଓ

Digitized by srujanika@gmail.com

କୃତ୍ରିମତା ଦେଖା ଦେଲା । ଏ କବିତାରେ କଳାତ୍ମକତା ଯେ ନଥିଲା ତା କୁହାଯାଇ ନପାରେ, ମାତ୍ର ମାନବିକ ଆବେଦନ ଓ ସାର୍ବଜନୀନ ସମ୍ବେଦନା ସେଥିରେ ନଥିଲା । କବିଗଣ ରାଜ୍ୟାଶ୍ରୟ ପ୍ରତି ବିଶେଷ ଯତ୍ନଶୀଳ ଥିଲେ । ନାଜିମଙ୍କ ସମୟରେ କବିମାନଙ୍କର ଏତାଦୃଶ ଅନ୍ତର ରଚନା ପରଂପରା ଚରମ ସୀମାରେ ପହଞ୍ଚିଲା ।

ମୁସହଫୀ (୧୭୫୦-୧୮୨୪) ମୀର ଏବଂ ସୋଦାଙ୍କର ପରମ୍ପରାକୁ ବଞ୍ଚାଇ ରଖି-ବାକୁ ପ୍ରଚେଷ୍ଟା କରିଥିଲେ । ତାଙ୍କର କୃତି-ମାନଙ୍କରେ ସେ ନିଜର ଶୈଳୀ ସହ ପୂର୍ବ-ବର୍ତ୍ତୀ କବିମାନଙ୍କର ଦୁଇଟି ଜୀବନ ଇତିହାସ ମଧ୍ୟ ଲେଖିଛନ୍ତି ଓ ସେସବୁ ପ୍ରକାଶିତ ହୋଇସାରିଛି ।

ଇଂଶା (ମୃତ୍ୟୁ ୧୮୨୭) ଜଣେ ବହୁମୁଖୀ ପ୍ରତିଭାଶାଳୀ କବି ଉଚ୍ଚକୋଟିର କଳାକାର ଥିଲେ । କିନ୍ତୁ ସେ ନିଜର ସଂରକ୍ଷକଙ୍କର ମନଖୁସି ପାଇଁ ନିଜର ପ୍ରତିଭାର ଅସଦୁପଯୋଗ କରିଥିଲେ । ତାଙ୍କ ସମ୍ବନ୍ଧରେ ବେତାବ ଠିକ୍ କହୁଥିଲେ "ନବାବ ସଆଦତଅଲି ଖାଁ ଇଂଶାଙ୍କ କବିତାକୁ ବିଗାଡ଼ି ଦେଲେ ଏବଂ ଇଂଶାଙ୍କ କବିତା ଇଂଶାଙ୍କୁ ବିଗାଡ଼ି ଦେଲା ।" ଇଂଶା "ରାନୀ କେତକୀ କୀ କାହାନୀ"ର ମଧ୍ୟ ରଚୟିତା । ୧୮୦୨ ରେ ସେ "ଦରିୟାଏ ଲତାଫତ" ଲେଖିଥିଲେ ଫାର୍ସୀ ଭାଷାରେ ଭାରତୀୟମାନଙ୍କ ଦ୍ୱାରା ଲେଖା ଯାଇଥିବା ଉର୍ଦ୍ଦୁ ବ୍ୟାକରଣ ପୁସ୍ତକ ମଧ୍ୟରେ ଏହା ସର୍ବପ୍ରଥମ ।

ଜୁରଅତ (ମୃତ୍ୟୁ ୧୮୧୦) ମୀରଙ୍କର ପଦାଙ୍କ ଅନୁସରଣ କରିବାକୁ ଚେଷ୍ଟା କରିଥିଲେ ହେଁ ମୀରଙ୍କର ହାର୍ଦ୍ଦିକ ସମ୍ବେ-ଦନର ଅଧିକାରୀ ହୋଇ ପାରିନଥିଲେ । ମୀର ନିଜେ ଥରେ ତାଙ୍କୁ କହିଥିଲେ, "ତୁମେ କବିତାର ଅସଲ ସ୍ୱରୂପ ସମ୍ବନ୍ଧରେ କିଛି ଜାଣ ନାହିଁ । ଖାଲି ଚୁମ୍ବନ, ଆଲିଙ୍ଗନ ବର୍ଣ୍ଣନାରେ ମାତିଛ ।" ପ୍ରକୃତରେ ଜୁରଅତଙ୍କ କବିତାରେ ଉଚ୍ଛୃଙ୍ଖଳ ପ୍ରେମର ପ୍ରବାହ ଅନେକ ସମୟରେ ଶ୍ଳୀଳତାର କୂଳ ଲଙ୍ଘନ କରିଛି ।

ଉର୍ଦ୍ଦୁ ନାଟକର ଉନ୍ମେଷ ଗୀତିନାଟ୍ୟ ରୂପେ ଏହି ସମୟରେ ମଧ୍ୟ ସାଧିତ ହୋଇ-ଥିଲା । ଅମାନତ (୧୮୧୫-୫୮) ଙ୍କର "ଇନ୍ଦ୍ରସଭା" ଏହାର ଏକ ଉଦାହରଣ ।

୧୮୫୬ ମସିହାରେ ଲକ୍ଷ୍ନୌର ଶେଷ ନବାବ ୱାଜିଦ ଅଲିଙ୍କୁ ଗାଦିଚ୍ୟୁତ କରାଯାଇ ଯେତେବେଳେ କଲିକତାକୁ ନିର୍ବାସିତ କରାଗଲା । ଲକ୍ଷ୍ନୌସ୍ଥିତ ସାହିତ୍ୟିକ ମାନଙ୍କର ସାଧନା-କ୍ଷେତ୍ରରେ ଏକ ଅବସାଦ ଦେଖାଦେଲା । ସେମାନେ ପୁଣି ଦିଲ୍ଲୀକୁ ଫେରିବାକୁ ଆରମ୍ଭ କଲେ । ଦିଲ୍ଲୀରେ ବ୍ରିଟିଶ ରେସିଡେନ୍ସି ସ୍ଥାପନ ହେବା ଫଳରେ କିଛି ସମୟ ପାଇଁ ଶାନ୍ତ (୧୮୫୭ ପର୍ଯ୍ୟନ୍ତ) ଦେଖା ଦେଇଥିଲା । ମୋଗଲ ଅସ୍ତିତ୍ୱ-ରବି ସେ ସମୟକୁ ଅସ୍ତାୟମାନ । ଏହି ସମୟରେ ଦିଲ୍ଲୀରେ ମୋମିନ୍ (୧୮୦୦-୧୮୫୧), ନସୀମ (୧୭୯୪-୧୮୬୪), ଜୌକ (୧୭୮୯-୧୮୫୪),

Digitized by srujanika@gmail.com

ମଜରୁଦ, ଆଜୁର୍ଦ୍ଦା (ମୃ. ୧୮୬୮) ଓ ଶେଫ୍‌ତା ପ୍ରଭୃତି ଥିଲେ । କିନ୍ତୁ ଏସମସ୍ତର ସର୍ବଶ୍ରେଷ୍ଠ କବି ହେଉଛନ୍ତି ମିର୍ଜାଗାଲିବ (୧୭୯୭ ୧୮୬୯) ଯେ "ଜିନ୍ଦଗୀ ଔର ଜିନ୍ଦଗୀ କେ ହର ପହ୍ଲୁ" ଗୀତ ଗାଉଥିଲେ । ଉର୍ଦ୍ଦୁ କବିମାନଙ୍କ ଭିତରେ ସେ ସବୁଠାରୁ ମାନବ-ବାଦୀ, ହୃଦୟବାନ ଓ ମୌଳିକ କବି ଥିଲେ । ଦେଶର ସଂସ୍କୃତି ସହିତ ତାଙ୍କ ସାହିତ୍ୟର ନିବିଡ଼ ସମ୍ପର୍କ ଥିଲା । ଅଭିବ୍ୟକ୍ତି-ସୌନ୍ଦର୍ଯ୍ୟ, ମଧୁରତମ ଶୈଳୀ, ସଙ୍ଗୀତ ଓ ଛନ୍ଦ ବିନ୍ୟାସରେ କବିତା ତାଙ୍କର ଅନ-ବଦ୍ୟ ହୋଇ ଉଠିଥିଲା । ଗଜଲ ରଚନା କ୍ଷେତ୍ରରେ ତାଙ୍କର ଅସାଧାରଣ ଅଧିପତ୍ୟ ଥିଲା । କଳ୍ପନା ପ୍ରବଣତାରେ ସେ ଅଦ୍ୱିତୀୟ ଥିଲେ ।

ଜୌକ ଶବ୍ଦ ଉପରେ ଅଧିକ ଜୋର୍ ଦେଇଛନ୍ତି, କିନ୍ତୁ ତାଙ୍କର କେତେକ କବିତାରେ ଦିଲ୍ଲୀ ଯୁବକର ସୁନ୍ଦର ଚିତ୍ରଣ ହୋଇଛି । ମୋମିନ୍ ନଜର ଉର୍ଦ୍ଦୁ ଗଜଲରେ ଲୌକିକ ପ୍ରେମ ଓ କାବ୍ୟିକ ଗାମ୍ଭୀର୍ଯ୍ୟର ସମନ୍ୱୟ କରିଥିଲେ । କିନ୍ତୁ ତାଙ୍କର କବିତା ଦୁର୍ବୋଧ ।

ଯେଉଁ ସମୟରେ ବାଜିଦ ଅଲି ଶାହଙ୍କୁ କଲିକତା ନିର୍ବାସିତ କରି ଦିଆଗଲା ଲକ୍ଷ୍ନୌରୁ ଏହି ସାହିତ୍ୟିକ ପ୍ରେରଣାର ଉତ୍ସ କ୍ରମେ କ୍ରମେ ଶୁଖିବାକୁ ଲାଗିଲା । କବିତାରେ ବିଶେଷ ଗୌରବ ପରିଦୃଷ୍ଟ ହେଲାନାହିଁ । ଅମୀର (୧୮୨୮-୧୯୦୦) ନାସିଖଙ୍କର ଶୈଳୀକୁ ଗ୍ରହଣ କରିଥିଲେ । କିନ୍ତୁ ତାଙ୍କ କବିତାରେ କାବ୍ୟିକ ମହତ୍ତ୍ୱ କିଛି ନଥିଲା କହିଲେ ଅସମୀଚୀନ ହେବନାହିଁ । ଜଲାଲ ଦିଲ୍ଲୀର ଗତିବିଧିକୁ ଲକ୍ଷ୍ୟ କରି କବିର ଲେଖିଥିଲେ ଓ ଖୁବ୍ କମ୍ ସଫଳ ହୋଇ-ଥିଲେ । ଦିଲ୍ଲୀରେ ଦାଗ (୧୮୩୧-୧୯୦୫) ଏକ ନୂତନ ଢଙ୍ଗରେ ଗୀତି କାବ୍ୟ ଲେଖି-ଥିଲେ ହେଁ ଭାବନା, ଜୀବନପ୍ରତି ସମ୍ବେଦନା ଅଭାବରୁ ଓ ଐନ୍ଦ୍ରିକତାର ଆଧିକ୍ୟ ହୋଇଁ ତାଙ୍କ କବିତା ଉଚ୍ଚସ୍ଥାନ ପାଇ ପାରିନାହିଁ ।

> ପ୍ରାର୍ଥନା ହୃଦୟରେ ଆଧ୍ୟାତ୍ମିକ ଶକ୍ତିର ଜାଗରଣ କରେ ଓ ମନରେ ଅପୂର୍ବ ଶାନ୍ତି ଦାନ କରେ । ତୁମେ ଯଦି ନିୟମିତ ଭାବରେ ପ୍ରାର୍ଥନା କରିବ, ତୁମର ଜୀବନ ଆସ୍ତେ ଆସ୍ତେ ପରିବର୍ତ୍ତିତ ଓ ସଗଠିତ ହେବ । ପ୍ରାର୍ଥନା ପର୍ବତକୁ ଘୁଞ୍ଚାଇ ଦେଇପାରେ ଓ ଅସମ୍ଭବକୁ ସମ୍ଭବ କରିପାରେ । କିନ୍ତୁ ସେ ପ୍ରାର୍ଥନା ନିଃସ୍ୱାର୍ଥପର ହେବା ଦରକାର ।
>
> —ସ୍ୱାମୀ ଶିବାନନ୍ଦ

Digitized by srujanika@gmail.com

# ଅନୁରାଗ କଳ୍ପଲତିକା

ବାଇକୋଳି ଜ୍ୟୋତିଷ ବିଶାରଦ

ଏହି ଗ୍ରନ୍ଥର ରଚୟିତା ଶ୍ୟାମସୁନ୍ଦର ଦେବ ବଡ଼ଖେମୁଣ୍ଡୀର ରାଜା ବୋଲି ଜଣା ଯାଏ । ଗ୍ରନ୍ଥର ରଚନାକାଳ ୧୭୨୪ ଶକାବ୍ଦ (ଖ୍ରୀ: ୧୮୦୨) । କବି ନିଜ ପୂର୍ବପୁରୁଷ ଗଜପତି ପୁରୁଷୋତ୍ତମ ଦେବଙ୍କଠାରୁ ବଂଶ ଚରିତ ଉଲ୍ଲେଖ କରିଛନ୍ତି ।

ଶ୍ରୀକୃଷ୍ଣଙ୍କ ଲୀଳାମୃତ ବିଭିନ୍ନ ରାଗ-ବନ୍ଧରେ ପରିବେଷଣ ଉଦ୍ଦେଶ୍ୟରେ କବି ଗ୍ରନ୍ଥର ନାମ ରଖିଛନ୍ତି ଅନୁରାଗ-କଳ୍ପଲତିକା; ଭକ୍ତି ଓ ପ୍ରେମର ମନ୍ଦାକିନୀପ୍ରବାହ ଗ୍ରନ୍ଥରେ ଲୀଳାୟିତ ହୋଇ ଭକ୍ତ ତଥା ପ୍ରେମିକର ଅନ୍ତରକୁ ଦିବ୍ୟଭାବରେ ଆପ୍ଲୁତ କରିବାରେ ସମର୍ଥ ହୋଇଅଛି ।

ମହାକବି ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ-ବିଳାସର ପ୍ରତ୍ୟେକ ପଦ ଯେପରି, ବ ଅକ୍ଷରରେ ଆରମ୍ଭ ହୋଇଅଛି, ଏ ଗ୍ରନ୍ଥର ପ୍ରତ୍ୟେକ ପଦ ସେହିପରି "ଅ" ଅକ୍ଷରରେ ଆରମ୍ଭ କରାଯାଇଛି ।

ଗ୍ରନ୍ଥ ଆଠୋଟି ପ୍ରବନ୍ଧରେ ବିଭକ୍ତ, ଶବ୍ଦାଲଙ୍କାର ତଥା ଅର୍ଥାଲଙ୍କାର କୌଣସିଠିହିଁ ଅଭାବ ଦେଖାଯାଏ ନାହିଁ । ଅନୁପ୍ରାସ, ଆଦ୍ୟ ତଥା ପ୍ରାନ୍ତଯମକ ଆଦିରେ ଗ୍ରନ୍ଥ ଶୋଭିତ ଓଡ଼ିଆ-ସାହିତ୍ୟରେ ଭଞ୍ଜଯୁଗର କାବ୍ୟ ମଧ୍ୟରେ ଏ ଗୋଟିଏ ମୂଲ୍ୟବାନ୍ ସଂଯୋଜନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପ୍ରାଚୀନ କବିମାନେ ସାଧାରଣତଃ ଶବ୍ଦାଲଙ୍କାର ପ୍ରତି ବିଶେଷ ଲକ୍ଷ୍ୟ ରଖି କ୍ଲିଷ୍ଟ କଳ୍ପନାକୁ ସ୍ଥାନ ଦେଇଥାନ୍ତି ; କିନ୍ତୁ କବି ଶ୍ୟାମସୁନ୍ଦର ଶବ୍ଦଯୋଜନାରେ ଉତ୍କର୍ଷ ଦେଖାଇଥିଲେ ହେଁ ବାସ୍ତବତା ପ୍ରତି ଅଧିକ ଆଗ୍ରହ ଦେଖାଇଛନ୍ତି, ତେଣୁ ଏହା ସୁବୋଧ୍ୟ ହୋଇଅଛି ।

ଅଷ୍ଟାକ୍ଷର ପ୍ରାନ୍ତ ଯମକର ଉଦାହରଣ ଦେଖନ୍ତୁ—

ଅବନୀ ଭିତରେ କେବା କହିତରେ
ସୁରମଣି ବନାଶିବ
ଅନୁକମ୍ପାହୀନ ହୋଇଲେ ମଦନ
ସୁରମଣୀ ବନାଶିବ ।

ଅତିସୁଖ ପଦ ସାଜିବି ଏପଦ
କମଳରାଗ ବେଶରେ
ଆନ ନାହିଁ ଧ୍ୟାନ ଆନନରେ ଧ୍ୟାନ
କମଳରାଗ ବେଶରେ ।

Digitized by srujanika@gmail.com

ଅଙ୍ଗ ଚଢ଼ାଢକୁ ପିଧାନ ହେତୁକୁ
କାମକଳାବସନରେ
ଅବଲୋକନରେ ଲେଖି ନୟନରେ
କାମକଳା ବଶନରେ

× × ×

ହେମନ୍ତଋତୁ-ବର୍ଣ୍ଣନାରେ—

ଆଗତ ହୋଇଲା ହେମନ୍ତଋତୁ
ଆରମ୍ଭ ବିଶ୍ୱକେତୁ ନୟନଋତୁ ॥
ଅନଳ ସ୍ଥାପିତ ହୃଦ-କୁଣ୍ଡରେ
ଅଧିକେ ଜନମ ଧୂମ ତୁଣ୍ଡରେ,
ଆଜ୍ୟ ହୃମକାଣ୍ଡ,
ଆହୁତ ତରୁଣ ପଶୁପ୍ରୋକ୍ଷଣ ॥

ବସନ୍ତ ଋତୁବର୍ଣ୍ଣନାରେ—

ଅନଙ୍ଗ ବସନ୍ତ-ସଖା ସାକରେ
ଅନ୍ତେ ବିଶ୍ୱଜୟ ଭରସା କରେ ।
ଆମ୍ରପତ୍ରକାନ୍ଦ ବାଣପ୍ରକରେ
ଅଶୋକ ଅମ୍ଭୋରୁହ କ୍ଷିପ୍ରକରେ
ଅଣି ଦର୍ପକରେ,
ଅପ୍ରୀତ କରିବାରୁ ଦର୍ପକରେ ॥
ଆତପତ୍ର ରୁଚ ପୁଣ୍ଡ୍ରକକରେ
ଆଖ୍ୟା ଶିଳ୍ପ-ଭ୍ରମର ନକରେ ।
ଆନ୍ଦୋଳନ ହୁଏ ତରୁକଙ୍କରେ
ଅତୁଲା କେତକୀ ସବଳା କରେ
ଅସି କିଂଶୁକରେ,
ଅଭିନବଦଳ ମେଖଳା କରେ ॥

ଯମୁନାସ୍ତୁତ ଛନ୍ଦ ଅର୍ଥରେ କରାଯାଇଛି—

ଅର୍କ ଆତ୍ମଜାରେ ସଦା ବିନସ୍ତୁ
ଅନନ୍ତ ବିଧୂରୂପ ଅଦ୍ୱିତୀୟ ।
ଅର୍ଘଭ୍ରଜନ ଘନସାରକାନ୍ତ
ଅନମିତରଶିରେ ଶୋଭନୀୟ ।
ଅବିରତ କମଳାଙ୍କେ ରଞ୍ଜିତ
ଆଖ୍ୟାତ ବିଶ୍ୱରେ କୁମୁଦବନ୍ତ ।

× × ×

ଅନୁଗ୍ରହ କର ଅର୍କନନ୍ଦନା
ଅଧୋକ୍ଷଜ ବ୍ରଜକେତବର୍ଣ୍ଣନା ॥

କାଳୀୟ ଦଳନରେ—

ଆଦେଶ କଂସର ବ୍ରଜସଖର
ଅମ୍ଭୋରୁହ ଦେବ ସହସ୍ରାଖର
ଅଛୁ ବିଷ ସେ ବିଷଭଦକରେ
ଅନ୍ତେ ଆଶ୍ରୟ ଗରୁଡ଼ରେ କରେ ॥

× × ×

ଅନା ଅନା ମୀନଦୃଶୀ
ଗୋବିନ୍ଦ ମନ୍ଦରେ ହସି
କାଳୀୟ-ଶିରେ କରନ୍ତ ନୃତ୍ୟ ଗୋ
ଅମ୍ବୁଜ-ଚରଣ ମଣି
ଜ୍ୟୋତରେ ରୁଚିର ମଣି
ନଭେ ଶୋଭି ଯେମନ୍ତ ଆଦିତ୍ୟ ଗୋ ॥

କଂସର ଅନୁଚର କେଶୀ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବା ନିମନ୍ତେ ଗୋକୁଳରେ ପ୍ରବେଶ କଲା, କବି ଲେଖିଲେ—

ଅସୁର କେଶୀ ଗୋକୁଳେ ଆସି
ଅମରଦ୍ୱେଷ କଂସ ଦେବାରୁ ପେଷି ।
ଅଶ୍ୱରୂପରେ ମିଳି ଗୋପରେ
ଅତି କ୍ଷୁରଘାତ କରି କୋପରେ ।
ଅସିତଘନ ପରି ଶୋଭନ
ଆସାର କି ମୂତ୍ରଧାର ପତନ ।

Digitized by srujanika@gmail.com

ଆଉରେ ଯାସ ଲଭି ବିଶେଷ
ଆଗତେ ହଚାଇଲେ ପୀତବାସ ।

× × ×

ଶେଷରେ-ଅତ୍ୟନ୍ତେ ସ୍ତୁତି ଗତ ବିତଥି
ଆସି ଛନ୍ନ କଲେ କଂସର ମଠ ॥

ଅକ୍ରୂର ରଥେ ବ୍ରଜସ୍ଥ ପଥେ
ଅଭୁତକର୍ମି ମହାସୁଖଅର୍ଥେ,

କବି ଜୟଦେବଙ୍କ ଗୀତ-ଗୋବିନ୍ଦ, ସାହିତ୍ୟଦର୍ପଣ, ରସକଳ୍ପଦ୍ରୁମ, ସଙ୍ଗୀତକୌମୁଦୀ ଆଦି ବହୁ ସଂସ୍କୃତ ଗ୍ରନ୍ଥରୁ ବାକ୍ୟମାନ ଉଦ୍ଧାର କରିଛନ୍ତି ଓ ପ୍ରତ୍ୟେକ ସ୍ଥଳର ବର୍ଣ୍ଣନା ଦେଇଛନ୍ତି ।

ଗ୍ରନ୍ଥଶେଷରେ କବି ନିଜର ବଂଶ ପରିଚୟ ଦେଇଛନ୍ତି । ଓଡ଼ିଶାସମ୍ରାଟ ଗଜପତି ପୁରୁଷୋତ୍ତମଙ୍କ କାଞ୍ଚୀବିଜୟ, ମୁକୁନ୍ଦଦେବଙ୍କ ଚରିତ୍ର, ଦିବ୍ୟସିଂହ ଦେବଙ୍କ ସୁଶାସନ, ହରେକୃଷ୍ଣଙ୍କ ବିଷ୍ଣୁଭକ୍ତି, ରାମଚନ୍ଦ୍ର ଦେବଙ୍କ ରଣଦକ୍ଷତା, ବୀରକେଶରୀଙ୍କ ଖ୍ୟାତି, ବଡ଼ ଦେଉଳରେ କଳଙ୍କିଭସ୍ମ ବିଲେପନ ଆଦି ଐତିହାସିକ ତଥ୍ୟସବୁର ଯେଉଁଭଳି ବର୍ଣ୍ଣନା ଦେଇଛନ୍ତି, ତାହା ପ୍ରଣିଧାନଯୋଗ୍ୟ ।

"ଅଟନ୍ତି ଗଜପତି ଯେ ରାଜ-
ଅଧୀଶ ପଞ୍ଚଗୌଡ଼େ ବିରାଜ ।
ଆଦ୍ଭେଗୀ ଏକ କଳବର୍ଗକ
ଆଧାନ୍ତି ନବକୋଟି କର୍ଣ୍ଣାଟକ
ଅବନୀଧବ ଦୃଢବାସବ
ଅଭିଧେୟ ପୁରୁଷୋତ୍ତମଦେବ ।
ଅଗ୍ରେ ଯାହାର ହେଲେ ବାହାର
ଅଗଣିତ ଯେନ ରମାହୃଦହାର

ଅମରକଣ୍ଟରେ କାଞ୍ଚୀଦେଶରେ
ଆସିଲେ ପଦ୍ମିନୀକନ୍ୟା ତୋଷରେ
ଅର୍କ ସଦୃଶ୍ୟ ମୋଦି ବିଶେଷ
ଅଭିଯାତି-ନୃପ-ତମବିନାଶ ॥

ଆତପତ୍ରର ନରପତିର
ଆଣିଲି ଦନ୍ତି ଛଶଦ୍ୱୟଶିର
ଅନ୍ତରବାଣୀ ମଧୁରବାଣୀ
ଅନ୍ତ୍ରସ୍ଥ ଯାହା ମୁଖେ କଲେ ବାଣୀ ॥

ଅଶନାମିଳା ଅଶ୍ରୁ ତଟିନୀ
ଅଗାଧରେ ଝୀଡ଼େ ଯଶହଂସିନୀ ।

ଅମରନଦୀ ସ୍ନାନେ ପ୍ରମୋଦୀ
ଆନ ଗତି ନାହିଁ ଶପଥବନ୍ଦୀ ॥

ଅଛି ପ୍ରବଳ ପ୍ରତାପାନଳ
ଅନ୍ତଳ ଧୃତ ସାକ୍ଷୀ ଦିଗପାଳ
ଆରୋହି ଜମ୍ବୁ ଅମ୍ବୁଧିଅମ୍ବୁ
ଅଚରେ ଲଂଘି ପ୍ଲକ୍ଷ-ଆଦି ସବୁ
ଆରୋହ କରେ ଶାଳ୍ମଳି ଶିରେ
ଅବଗାହି ପୁନ କ୍ଷୀରସିନ୍ଧୁରେ
ଆପେ ଆଲୋକ ଯେ ଲୋକାଲୋକ
ଅନ୍ଧକାର ଅପହୃତଦ୍ୟୋତକ
ଅମ୍ଭଙ୍କି ବେଗ-ବନ୍ତରେ ବେଗ
ଆସି ଝୀଡ଼େ ଅଙ୍ଗବଙ୍ଗକଳିଙ୍ଗ ।

ଆଗତ କାଶୀ କାଞ୍ଚୀରେ ପଶି
ଆସେ ବେଦୀ ବେଦୀ ଭେଟନ୍ତେ ହସି
ଅଟେ ସୁରାଷ୍ଟ୍ର ଯେ ମହାରାଷ୍ଟ୍ର
ଅଛି ଗୁଜରାଟ ତୈଲ କର୍ଣ୍ଣାଟ ॥

ଆଖ୍ୟା କେବଳ ଆଦି ସକଳ
ଅବସ୍ଥିତ ଶ୍ରମ ଲଭି ହକଳ

Digitized by srujanika@gmail.com

ଆଖ୍ୟା ମୁକୁନ୍ଦଦେବ ନରେନ୍ଦ୍ର
ଅଧିକ କାନ୍ତିଖ୍ୟାତ ଚନ୍ଦ୍ରବୃନ୍ଦ
ଆତ୍ମଜ ଖ୍ୟାତ ଯେପର କାନ୍ତି
ଅନନ୍ତ ଦିବ୍ୟସିଂହ ଚକ୍ରବର୍ତ୍ତୀ
ଅତି ପ୍ରତାପ ଅନଳ ବ୍ୟାପ
ଅମ୍ଭୋଧି ହେଲ ସିକତାକଳାପ
ଅରିରମଣୀ ଅଶ୍ରୁରେ ପୁଣି
ଆପୂର୍ଣ୍ଣିତ ଜାତ ତରଙ୍ଗଶ୍ରେଣୀ ॥

ଅଟେ ବୈଷ୍ଣବ ଶାନ୍ତସ୍ୱଭାବ
ଅବନୀପାଳ ହରେକୃଷ୍ଣଦେବ
ଅଧୀଶ୍ୱର ଯେ ପୁନର୍ବାରେ
ଅଗମ ଗୋପୀନାଥଦେବ ରାଜେ ।

ଅଧିକ ତେଜ କି ଗ୍ରହରାଜ
ଆଖ୍ୟା ରାମଚନ୍ଦ୍ରଦେବ ଭୂଭୁଜ
ଅର୍ଜ୍ଜନସମ ବୀର ଉତ୍ତମ
ଅଶ୍ୱାରୁଢ଼େ କ୍ଷେତ୍ରପାଳ ଅସମ ॥
ଅଧିକଳିତ କଳକାବନ୍ତ
ଅଭିମନ୍ଦେ ନାଶି ଶତ୍ରୁସଂଘାତ
ଅଧିକେ ଯାହା ସକାଶୁ ନାହା
ଆଦର ପତିବ୍ରତା ସଂସହା ॥
ଅଟେ ତଦ୍‌ବଂଶ ଯେ ନୃପସୁତ
ଆଖ୍ୟା ଶ୍ରୀବୀରକେଶରୀ ଭୂଭୃତ
ଆପେ ସମ୍ରାଟ ସକଳରାଟ
ଅଂଘ୍ରି ପୂଜେ ଦେଇ ଶିରମୁକୁଟ ॥

ଅଶେଷବିତ୍ତ ରଣରେବନ୍ତ
ଅବନୀ ତେଜ ସନ୍ତାନ ଲକ୍ଷିତ
ଅବଳାବୃନ୍ଦ ହାସରେ ମନ୍ଦ
ଅଙ୍ଗଚନ୍ଦ୍ରେ ଅନୁଷ୍ଟୁପାଦ ଛନ୍ଦ ॥

ଆଷାଢ଼ କୂଟ ବାଣୀପ୍ରକଟ
ଆଶ୍ରେକଲି କଳ ସ୍ପଷ୍ଟ ଅଷ୍ଟୁଟ
ଅଚ୍ୟୁତ ନାମ ଲେଭଜନମ
ଅପାଙ୍ଗେ ବନ୍ଧ ଅନ୍ଧକାରେ ତମ ॥

ଅଛୁ ମହର୍ଷୀ ଯଶପ୍ରକାଶି
ଅବନୀ ଶୂନ୍ୟକରି ଚନ୍ଦନରାଶି
ଆଲେପକଲେ ବଡ଼ ଦେଉଳେ
ଅଷ୍ଟିଲନାହିଁ କପର୍ଦ୍ଦୀ ବନ୍ଧୁଲେ
ଆତ୍ମଜ ସେହି ନୃପର ମୁହିଁ
ଆଖ୍ୟା ଦେବ ଶ୍ୟାମସୁନ୍ଦର କହି
ତାପରେ ମାସ ଅଙ୍ଗରେ ଚନ୍ଦ୍ରକଳା

ତୁଳନ କହି କବ ଗ୍ରନ୍ଥ ଭଣିତରେ ଲେଖିଛନ୍ତି—

ଅଟେ ଯେ ଶାଳି ବାହନ
ଶକଅବ୍ଦ ସଂଖ୍ୟାମାନ
ଅଧିକ ଚଉଦ ସପ୍ତଦଶ
ଶିତ ମାସ ମାର୍ଗଶିର ଜାଣ ॥

× × ×

ଗ୍ରନ୍ଥ ଅପ୍ରକାଶିତ, ପୂର୍ଣ୍ଣାଙ୍ଗ ଗ୍ରନ୍ଥ ମିଳୁନାହିଁ । ସାହିତ୍ୟିକମାନେ ଏ ଦିଗରେ ଦୃଷ୍ଟି ଦେଲେ ଏ ସବୁର ସନ୍ଧାନ ମିଳିବ । ଓଡ଼ିଆ ଭାଷା-ଭଣ୍ଡାରର ଏହି ମହାର୍ଘ ରତ୍ନ ଯେପରି ଲୋକ ଲୋଚନକୁ ଆସି ପାରିବ ତାର ବ୍ୟବସ୍ଥା ହେବା ଆବଶ୍ୟକ ।

# କୃଷ୍ଣାବତାର

## କଂସର କୌଶଳ

କେ. ଏମ୍. ମୁନ୍‌ସୀ

ଅନୁବାଦ—ଜୟନ୍ତୀ ପଟ୍ଟନାୟକ

କଂସ ମନରେ ଆଦୌ ସୁଖ ନଥାଏ । ବର୍ଷ ବର୍ଷ ଧରି ଅତିଶୟ ଉଦ୍‌ବିଗ୍ନ ଭାବରେ ରହିଥିବା ଯୋଗୁଁ ଜାଗ୍ରତ ଥିବାବେଳେ ମଧ୍ୟ ସେ ଦୁଃସ୍ୱପ୍ନ ଦେଖିବା ପରି ବିଳ ବିଳେଇ ହେଉଥାଏ । ତାର ସମସ୍ତ ପ୍ରତିଶୋଧକ ବ୍ୟବସ୍ଥା ସତ୍ତ୍ୱେ ଭବିଷ୍ୟଦ୍‌ବାଣୀ ସତ୍ୟ ହେବ ବୋଲି ତାର ଆଶଙ୍କା ହେଉଥାଏ ।

ବିପଦର ନିବାରଣ ପାଇଁ ସେ ନିଃସନ୍ଦେହ ଭାବରେ ବହୁ ପ୍ରତିଶୋଧମୂଳକ ବ୍ୟବସ୍ଥା ଗ୍ରହଣ କରିଛି । ବସୁଦେବ ଓ ଦେବକୀଙ୍କ ଉପରେ ଯେଉଁ ପ୍ରହରୀମାନେ କଡ଼ା ନଜର ରଖିଛନ୍ତି, ସେମାନେ ସବୁ ତାର ନିଜର ଲୋକ, ସମସ୍ତେ ବିଶ୍ୱାସୀ ବ୍ୟକ୍ତି । ତା'ର ସମ୍ପର୍କୀୟା ଭଉଣୀ ଓ ବିଶ୍ୱାସୀ ପୂତନା ଦେବକୀଙ୍କୁ ଜଗି ରହିଛି । କେବଳ ଗାର୍ଗାଚାର୍ଯ୍ୟଙ୍କ ଛଡ଼ା ଆଉ କାହାରି ପ୍ରାସାଦକୁ ଯିବାର ଅଧିକାର ନାହିଁ । ଗାର୍ଗାଚାର୍ଯ୍ୟ ସକାଳବେଳା ଆହ୍ନିକ କର୍ମ କରିବା ପାଇଁ ଆସନ୍ତି ଓ ସେ ସମୟରେ ବୁଢ଼ୀ ପୂତନା ସେଠାରେ ଉପସ୍ଥିତ ଥାଏ ।

ଶ୍ରାବଣ ମାସର କୃଷ୍ଣପକ୍ଷ ଅଷ୍ଟମୀ ରାତିରେ କଂସକୁ ମୁହୂର୍ତ୍ତେ ମଧ୍ୟ ନିଦ ହେଉ ନ ଥାଏ । ସେ ଅତିଶୟ ଭୟାର୍ତ୍ତ ଅବସ୍ଥାରେ ଥାଏ । ଚଡ଼ ଚଡ଼ିର ଶବ୍ଦ ତା'ର ହୃଦୟ ମଧ୍ୟରେ ଭୟାନକ ପ୍ରତିଧ୍ୱନି ସୃଷ୍ଟି କରୁଥାଏ । ଯେତେବେଳେ ଆକାଶରେ ବିଜୁଳି ଝଲସି ଉଠୁଥାଏ, ସେ ଚମକି ପଡ଼ୁଥାଏ । ଏ ସବୁ ଅସ୍ୱାଭାବିକ ଘଟଣା କ'ଣ ସବୁ ତା'ର ବିନାଶର ସଙ୍କେତ ?

କଂସ ତା'ର କକ୍ଷରେ ଏପାଖରୁ ସେ ପାଖ ହୋଇ ବୁଲୁଥାଏ । ଏକ ଅସହନୀୟ ଅଧୈର୍ଯ୍ୟର ସେ ବଶବର୍ତ୍ତୀ ହୋଇ ପଡ଼ିଛି । ଦଶ ବର୍ଷକାଳ ସେ ଏଇଥିପାଇଁ ଅପେକ୍ଷା କରି ରହିଛି । ଯେ କୌଣସି ମୁହୂର୍ତ୍ତରେ ଏହା ଘଟି ଯାଇପାରେ । ସେ ତତ୍‌କ୍ଷଣାତ୍ ଦେବକୀଙ୍କର ଅଷ୍ଟମ ସନ୍ତାନକୁ ହତ୍ୟା କରିବ

Digitized by srujanika@gmail.com

ଓ ଭବିଷ୍ୟତ୍‌ବାଣୀ ଅସତ୍ୟ ବୋଲି ପ୍ରମାଣିତ ହେବ ।

ବିଚଳିତ ଅବସ୍ଥାରେ ସେ ଝରକା ଖୋଲି ଆକାଶ ଆଡ଼କୁ ଚାହିଁଲା । କିନ୍ତୁ ସେ ଚାହିଁ ପାରିଲା ନାହିଁ, କାରଣ ସେ ବର୍ଷାରେ ଘାନ୍ଧିଗଲା । ଝରକା ବନ୍ଦ କରିଦେଇ ପୁଣି ସେ କକ୍ଷ ମଧ୍ୟରେ ନିଜର ହାତକୁ ମୋଡ଼ି ମୋଡ଼ି ବୁଲିବାକୁ ଲାଗିଲା ।

ଆଗାମୀ ବିପଦର ଚିନ୍ତାକୁ ସେ ମନରୁ ଦୂର କରି ପାରିଲା ନାହିଁ । ସୁଦୀର୍ଘ ରଜନୀର ପ୍ରତ୍ୟେକ ମୂହୂର୍ତ୍ତ ଯେପରି ତା' ଉପରେ ମାଡ଼ି ମାଡ଼ି ପଡ଼ୁଥାଏ ।

କିଏ ତା' ପାଖରେ ଅଛି ଯେ ସେ କାହାକୁ ବିଶ୍ୱାସକୁ ନେଇ କହିବ ? ତାର ନିଜର ଲୋକମାନେ, ଏପରିକି ତା'ର ସ୍ତ୍ରୀ ମାନେ ମଧ୍ୟ ତାକୁ ଭୟ କରୁଥାନ୍ତି । ସେ ନିଜେ ମଧ୍ୟ ଭୟଭୀତ ଅବସ୍ଥାରେ ଥାଏ । କିନ୍ତୁ ସେ ନିଜକୁ ପ୍ରବୋଧନା ଦେଉଥାଏ ଯେ ଏହି ଅବସ୍ଥା ଅଳ୍ପ କ୍ଷଣ ରହିବ । ଥରେ ସେ ଦେବକୀର ଅଷ୍ଟମ ସନ୍ତାନକୁ ଶେଷ କରି ଦେଲେ ତା'ର ଏ ଭୟର ମଧ୍ୟ ଅବସାନ ହୋଇଯିବ।

ଏହି ସମୟରେ ତା' କୋଠରି ଭିତରକୁ ମେଞ୍ଚାଏ ଅଲୁଅ ପଶିଗଲା । ସକାଳ ହୋଇ ଗଲାଣି, ଯଦିଓ ଆକାଶ ମେଘାଛନ୍ନ ଓ ଅନବରତ ବର୍ଷାର ଧାର ପଡ଼ୁଛି । କଂସ ମନରେ ଯେଉଁ ଭୟ ଥିଲା, ତାହା ଟିକିଏ କମିଗଲା ।

ଏବେ ଦିନ ହୋଇ ଗଲାଣି । ଅଳ୍ପ ସମୟ ପରେ ପୂତନା ଆସି ତାକୁ ଖବର ଦେବ, କେବକୀର ସନ୍ତାନ ହୋଇନାହିଁ । ତାହା ମଧ୍ୟ ଏକ ଉଦ୍‌ବେଗର କାରଣ ହେବ । କାରଣ ପୁଣି କେତେ ରାତି ଯେ ତାକୁ ଉନ୍ନିଦ୍ର ହେବାକୁ ପଡ଼ିବ, ତାହା କିଏ କହି ପାରିବ ? କିନ୍ତୁ ଅଳ୍ପ ସମୟ ପାଇଁ ହେଲେ ମଧ୍ୟ ଏ ଖବର ତ ଟିକିଏ ଆଶ୍ୱସ୍ତିକର ହେବ !

ଶେଷରେ ପୂତନା ଆସି ପହଞ୍ଚିଲା ଓ ମୁଣ୍ଡ ନୁଆଁଇ ପ୍ରଣାମ କରି ହାତଯୋଡ଼ି କହିଲା, "ମହାରାଜ, ଦେବକୀଙ୍କର ଗୋଟିଏ କନ୍ୟା ସନ୍ତାନ ହୋଇଛି ।"

"କ'ଣ କହୁଛୁ ତୁ ?" କଂସ ବ୍ୟସ୍ତ ଭାବରେ ପଚାରିଲା । ନିଜ ଗୁପ୍ତଚର ଖନ୍ଦନକୁ ଚିହ୍ନି ପାରି ପୂତନା ଗୋଟାଏ ଡ଼ାହାମିଛ କହିଦେଲା, "ହଁ, ମୁଁ ଯାହା କହୁଚି, ବିଲକୁଲ ଠିକ୍ । ସେ ଜନ୍ମ ହେବାବେଳେ ମୁଁ ସେଠାରେ ଥିଲି ।"

କଂସର କିନ୍ତୁ ପୂରା ବିଶ୍ୱାସ ହେଉନି ନାହିଁ । ଭବିଷ୍ୟତ୍‌ବାଣୀ ଯଦି ସତ୍ୟ ହୁଏ, ତା'ହେଲେ ଦେବକୀର ଅଷ୍ଟମ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମଲାଭ କରିବାର କଥା । ଏବେ କନ୍ୟାଟିଏ କେମିତି ହେଲା ? ଏ କନ୍ୟାକୁ ତା'ହେଲେ କ'ଣ ସେ ହତ୍ୟା କରିବ ? ସେ ମନେ ମନେ ଭାବିବାକୁ ଲାଗିଲା, "କାହିଁକି ସେ ବିପଦକୁ ମୁଣ୍ଡକୁ ନେବ ?"

Digitized by srujanika@gmail.com

ହାତରେ ଏକ ଗଦା ଧାରଣ କରି ସେ ଚିତ୍କାର କରି ଉଠିଲା, "ସାରଥିକୁ ଡ଼ାକ, ସେ ଶୀଘ୍ର ରଥ ସଜ କରୁ ।" ବସୁଦେବ ଓ ଦେବକୀ ବନ୍ଦୀ ହୋଇ ରହିଥିବା ନଗରର ଦୂରବର୍ତ୍ତୀ ବନ୍ଦୀଶାଳାରେ ଶୀଘ୍ର ତା'ର ରଥ ଯାଇ ପହଞ୍ଚିଲା ।

ରଥରୁ ଡ଼େଇଁପଡ଼ି ଦେବକୀ ଯେଉଁ କକ୍ଷରେ ଥିଲେ ତା'ଭିତରକୁ ସେ ପଶିଯାଇ କହିଲା, "କାହିଁ ସେ ସନ୍ତାନ, ଶୀଘ୍ର ମୋ' ହାତକୁ ବଢ଼ାଇ ଦିଅ ।"

ବସୁଦେବ ନମ୍ର ଭାବରେ କହିଲେ, "ମହାରାଜ ! ଏଇଟି ଝିଅଟିଏ । ଏହାକୁ କ'ଣ ତୁମେ ହତ୍ୟା କରିବ ?"

"ଝିଅ ହେଉ, ପୁଅ ହେଉ, ତାକୁ ମୁଁ ବଞ୍ଚିବାକୁ ଦେବି ନାହିଁ ।" ଏହା କହୁ କହୁ କଂସ ଝିଅ ଶୋଇଥିବା ଦୋଳି ଆଡ଼କୁ ଅଗ୍ରସର ହେଲା ।

ଦେବକୀ ଲୋତକ ପୂର୍ଣ୍ଣ ଚକ୍ଷୁରେ ଯୋଡ଼ହସ୍ତ ହୋଇ କହିଲେ, "ଭାଇ, ତୁମେ କ'ଣ ସତେ ଏପରି ନିଷ୍ଠୁର ମୋ'ର ଗୋଟିଏ ହେଲେ ସନ୍ତାନକୁ ବଞ୍ଚିବାକୁ ଦେବ ନାହିଁ ? ଏତିକ ବଳକଟେ ପିଲା ତୁମପରି ମହାରାଜାଙ୍କର କ'ଣ ବା କରି ପାରିବ ?"ସେ ପିଲାଟିକୁ ନିଜ କୋଳରେ ଜାକି ଧରିଲେ ।

କଂସ ପିଲାକୁ ଛଡ଼ାଇ ନେଇ ତାକୁ ଗୋଡ଼ ଆଡ଼ୁ ଧରିଲା । ହଠାତ୍ ସେ ଅନୁଭବ କଲା ତାର ମୁଣ୍ଡ ଘୂରି ଯାଉଛି । ଶୀଘ୍ର ଯେଉଁ ହାତ ତା'ର ପିଲାକୁ କଚାଡ଼ି ଦେବାପାଇଁ ଧରିଥିଲା, ତାହା ଥରିବାକୁ ଲାଗିଲା । ପିଲା ତା' ହାତରୁ ଖସି ଗଲା । ହଠାତ୍ ଦୁଃଖ ଓ ଭୟମିଶ୍ରିତ ଏକ ଚିତ୍କାର ଶୁଣାଗଲା । ପିଲା ତା' ହାତକୁ ଯାଇ ଝଟକା ବାଟେ ଖସିଗଲା ।

ତା ଆଗରେ ସମସ୍ତ କକ୍ଷ ଯେପରି ଘୂରିବାକୁ ଲାଗିଲା । ହଠାତ୍ ଏକ ଅଶରୀରୀ ସ୍ୱର ଶୁଣାଗଲା; "ତୋ'ର ବିନାଶକାରୀ ଜନ୍ମ ହୋଇ ଅନ୍ୟଠାରେ ବଢ଼ୁଛି ।"

କଂସ ଦେବକୀଙ୍କର କକ୍ଷ ତ୍ୟାଗ କରି ବାହାରକୁ ଆସିବାବେଳେ ମନେ ହେଉଥାଏ, ଯେପରି ତା'ର ଗୋଡ଼ ଭାଙ୍ଗି ଭାଙ୍ଗି ପଡୁଛି । ଏହି ଅଶରୀରୀ ଚିତ୍କାର ତା'ର କାନରେ ବାରମ୍ବାର ବାଜୁଥାଏ ।

ପୂତନା ଏକ ପାତ୍ରରେ ପାଣିଧରି କଂସ ପାଖରେ ପହଞ୍ଚିଲା । ତା'ର ସ୍ୱାମୀ ପ୍ରଦ୍ୟୋତ ମଧ୍ୟ ପାଖରେ ଆସି ଠିଆ ହୋଇଗଲା ।

"ମହିମା କ'ଣ ରାଜପ୍ରାସାଦକୁ ଫେରି ଯିବେ ନାହିଁ," ପ୍ରଦ୍ୟୋତ ପଚାରିଲା ।

ଏକ ଅଜ୍ଞାତଭୟରେ ଆତଙ୍କିତ ହୋଇ କଂସ କହିଲା, "ଚାଲ ଶୀଘ୍ର ଏ ସ୍ଥାନ ଛାଡ଼ି ଚାଲିଯିବା ।"

"ବସୁଦେବ ଓ ଦେବକୀଙ୍କ ବିଷୟ କ'ଣ ହେବ, ଆମେ ଆଉ ଏଠି ରହିବୁ ନା ଘରକୁ ଚାଲିଯିବୁ ?" ପୂତନା ପଚାରିଲା ।

କଂସ ଯେପରି ପ୍ରଶ୍ନଟାକୁ ବୁଝି ନ ପାରି ପୂତନାର ମୁହଁକୁ ଚାହିଁ ରହିଲା । କିଛି ସମୟ ପରେ କହିଲା, "ସେମାନଙ୍କର ମୁଆଡ଼େ ଇଚ୍ଛା ସିଆଡ଼େ ଯାଆନ୍ତୁ । ସେମାନେ ନିଜର ପ୍ରାସାଦକୁ ଫେରି ଯାଆନ୍ତୁ । ନାରଦ ମୋତେ

Digitized by srujanika@gmail.com

ଅନ୍ଧାକର ଭବିଷ୍ୟତ୍‌ବାଣୀ କରିଥିଲେ ।" ଏତିକି କହି କଂସ ପ୍ରାସାଦକୁ ଫେରିଗଲା ।

ତା'ପରଦିନ କଂସ ତାର ବିଶ୍ୱସ୍ତ ଅନୁଚରମାନଙ୍କୁ ଡକାଇ ପରାମର୍ଶ କଲା । ଏମାନଙ୍କ ମଧ୍ୟରେ ତା'ର ମୁଖ୍ୟ ପରାମର୍ଶ-ଦାତା ପ୍ରଲମ୍ବ ମଧ୍ୟ ଥିଲା । ପ୍ରଦ୍ୟୋତ ଓ ତା'ର ସ୍ତ୍ରୀ ପୂତନା ଥିଲେ । ବୃଦ୍ଧ ମାଗଧୀ ଯୋଦ୍ଧା ବାହୁକ, ଯାହାଙ୍କୁ ଜରାସନ୍ଧ ତା'ର ବିବାହିତା କନ୍ୟାମାନଙ୍କ ସହିତ ମଥୁରା ପଠାଇଥିଲା, ସେ ମଧ୍ୟ ଥିଲା ।

ଯାହା ସବୁ ଘଟିଯାଇଚି, ଯେପରି ଝରକା ବାଟେ ସେ ପିଲିଟା ଖସିଗଲା, ଯେପରି ଭୟାର୍ତ୍ତସ୍ୱର ଓ ଅଶରୀରୀ ବାଣୀ, "ତୋ'ର ବିନାଶକାରୀ ଜନ୍ମହୋଇ ଅନ୍ୟଠି ବଢୁଚି" ଶୁଣାଗଲା, କଂସ ସବୁ ସେମାନଙ୍କ ଆଗରେ ବର୍ଣ୍ଣନା କରି କହିଲା ।

କଂସର ପ୍ରଧାନ ପରାମର୍ଶଦାତା ପ୍ରଲମ୍ବ ପଚାରିଲା, "ମହିମା, ମୁଁ ଆପଣଙ୍କ ଅନୁମତି ନେଇ ସତ୍ୟ କହିପାରେ କି ?"

କଂସ ମୁଣ୍ଡନାଡ଼ି ଅନୁମତି ଦେଲା ।

ପ୍ରଲମ୍ବ କହିଲା, "ମହାରାଜ, ଆପଣ ଯେଉଁ ଅଶରୀରୀ ବାଣୀ ଶୁଣିଲେ, ମୋର ମନେହୁଏ, ତାହା ଆପଣଙ୍କୁ ସତର୍କ କରାଇ ଦେବାପାଇଁ ଦୈବ ବାଣୀ । ଲୋକେ ଆପଣଙ୍କୁ ଭୟ କରନ୍ତି ଓ କହିବା ପାଇଁ ସାହସ କରୁ ନାହାନ୍ତି । କିନ୍ତୁ ସମସ୍ତେ ମୁକ୍ତି ଦାତାଙ୍କ ଅପେକ୍ଷାରେ ଅଛନ୍ତି ।

ପୂତନା କହିଲା, "ମହିମା, ମୁଁ ମଧ୍ୟ ଏହିପରି ଏକ ବାଣୀ ଶୁଣିଲି । କୁଆଡୁ ତାହା ଆସିଲା, ମୁଁ କହି ପାରିବି ନାହିଁ । କିନ୍ତୁ ମୋତେ ଶୁଣାଗଲା, "ତୋର ବିନାଶକାରୀ ଅନ୍ୟଠାରେ ଜନ୍ମ ହୋଇ ବଢୁଚି ।"

କଂସ କିଛି ସମୟ ଚିନ୍ତା କଲା, ତାର ଭ୍ରୂ କୁଞ୍ଚିତ ହୋଇ ଉଠିଲା । ସେ ଆଦେଶ ଦେଲା, "ମୁଁ କୌଣସି କଥା ମନକୁ ମନ ଘଟିବାକୁ ଦେବନାହିଁ ; ଗତ ଦଶଦିନ ହେଲା ଯେତେ ଶିଶୁ ଜନ୍ମ ହୋଇଛନ୍ତି ସମସ୍ତଙ୍କୁ ହତ୍ୟାକର । ଏପରିକି ଯେଉଁମାନେ ମାସେ ହେଲା ଜନ୍ମ ହୋଇଛନ୍ତି, ସେମାନଙ୍କୁ ମଧ୍ୟ ଛାଡ଼ ନାହିଁ । ବରେଣ୍ୟ ବାହୁକଙ୍କର ଏ ବିଷୟରେ ମତକ'ଣ ?"

ଏକ ସମୟରେ ଜରାସନ୍ଧର ମନ୍ତ୍ରୀ-ଭାବରେ କାର୍ଯ୍ୟ କରିଥିବା ବାହୁକ ଧୀର ସ୍ୱରରେ କହିଲା, "ମହାରାଜ, ଆପଣ ଯେତେ ଇଚ୍ଛା ସେତେ ଶିଶୁଙ୍କୁ ହତ୍ୟା କରିପାରନ୍ତି । କିନ୍ତୁ ଲୋକେ ଯେ ମୁକ୍ତିଦାତାଙ୍କ ଅପେକ୍ଷାରେ ଅଛନ୍ତି, ତାଙ୍କୁ ସେଥିରୁ ଆପଣ କିପରି ନିବର୍ତ୍ତାଇ ପାରିବେ ? ଯେତେଦିନ ପର୍ଯ୍ୟନ୍ତ ସେମାନେ ମୁକ୍ତିର ଅପେକ୍ଷାରେ ଥିବେ, ସେତେଦିନ ଆପଣଙ୍କୁ ବିପଦ ଘେରି ରହିଥିବ ।"

"ଆମେ କିପରି ଲୋକଙ୍କୁ ମୁକ୍ତିଦାତାଙ୍କ ଅପେକ୍ଷା କରିବାରୁ ନିବର୍ତ୍ତାଇ ପାରିବା ?" କଂସ ପଚାରିଲା ।

ବାହୁକ ଉତ୍ତର ଦେଲା, "ମହିମା, ଲୋକମାନେ ଭୀରୁ, କାପୁରୁଷ । ଆପଣ ଯଦି ସେମାନଙ୍କୁ କଠୋର ଭାବରେ ଶାସନ କରିବେ, ସେମାନେ ଆପଣଙ୍କୁ ରାଜା ବୋଲି ମାନିଥିବେ

Digitized by srujanika@gmail.com

କିନ୍ତୁ ମୁକ୍ତିଦାତା ଆସିବେ ବୋଲି ସେମାନେ ଆଶା ରଖିଥିବା ଯାଏ ତୁମେ ତାଙ୍କର ମନୋବଳକୁ ଭାଙ୍ଗି ପାରିବ ନାହିଁ ।"

"ସେମାନେ ମୁକ୍ତିଦାତାଙ୍କ କଥା ଚିନ୍ତା କରିବାଟା ଆମେ କିପରି ବନ୍ଦ କରି ପାରିବା ?"

ବାହୁକ ଉତ୍ତର ଦେଲା, "ମୁନି ଋଷି ଓ ବ୍ରାହ୍ମଣମାନେ ଯେଉଁମାନେ ଧର୍ମର କଥା କହୁଛନ୍ତି, ସେହିମାନେହିଁ ଲୋକଙ୍କ ଆଶାକୁ ଜାଗ୍ରତ କରି ରଖିଛନ୍ତି ।"

"ତୁମେ ଠିକ୍ କଥା କହୁଛ । ମୁଁ ଯାହା କରୁଛି, ସେମାନେ ଅଧର୍ମ ବୋଲି କହୁଛନ୍ତି । ବାହୁକ, ତୁମେ ଜଣେ ବିଜ୍ଞ ବ୍ୟକ୍ତି । ଆମର ଶ୍ୱଶୁର ମହାଯଶା ରାଜା ଜରାସନ୍ଧଙ୍କ ଅଧୀନରେ ରହି ତୁମର ଯଥେଷ୍ଟ ଶିକ୍ଷା ଓ ଅଭିଜ୍ଞତା ହୋଇଛି । ଆମେ କ'ଣ କରି ପାରିବା, ଶୀଘ୍ର ସେ ବିଷୟରେ ଉପଦେଶ ଦିଅ ।"

"ମହିମା, ଜଣେ ଶକ୍ତିଶାଳୀ ରାଜାର ପ୍ରଥମ କର୍ତ୍ତବ୍ୟ ହେଲା, ଲୋକଙ୍କ ମନରେ ଥିବା ମୁକ୍ତିର ଆଶାକୁ ଲୋପ କରିଦେବା । ମୁଁ ଆଗରୁ କହିଛି ଯେ ମୁନିମାନେ ଏହି ଆଶାକୁ ଜାଗ୍ରତ ରଖିଛନ୍ତି ।"

"କିପରି ଭାବରେ ସେମାନଙ୍କୁ ଶାସନ କରିବାକୁ ହେବ ?

"ମହାରାଜ, ସହଜରେ ଆପଣ ସେମାନଙ୍କୁ ପାରିବେ ନାହିଁ । ସେମାନେ ନିର୍ଲୋଭ । କାହାରିକୁ ଭୟ କରନ୍ତି ନାହିଁ । ବା ଘୃଣା କରନ୍ତି ନାହିଁ । ସେଥିପାଇଁ ସେମାନେ ଏତେ ଶକ୍ତିଶାଳୀ, କେବଳ ଏମାନେ ନୁହନ୍ତି ; ପୃଥି ବ୍ରାହ୍ମଣମାନେ ଅଛନ୍ତି, ଯେଉଁମାନେ ସଂଯମୀ ଓ ବେଦବାକ୍ୟରେ ବିଶ୍ୱାସ କରନ୍ତି ଓ ଯେଉଁମାନେ ଈଶ୍ୱରଙ୍କୁ ଆବାହନ କରି କହନ୍ତି, ଧର୍ମ ରାଜଶକ୍ତିର ଊର୍ଦ୍ଧ୍ୱରେ । ସେମାନେ ଆପଣଙ୍କର ଆଦେଶକୁ ଆନନ୍ଦରେ ଗ୍ରହଣ କରିବେ ନାହିଁ । ସେମାନେ ଯାହାକୁ ଧର୍ମ ବୋଲି କହନ୍ତି, ସେହି ନୀତିବାକ୍ୟ ଦ୍ୱାରାହିଁ ପ୍ରଥମେ ତାକୁ ପରୀକ୍ଷା କରିବେ ।"

କଂସ କହିଲା, "ମୁଁ ସେମାନଙ୍କୁ ପ୍ରଚୁର ଦାନ ଦେଇ ଆପଣାର କରିବା ପାଇଁ ଚେଷ୍ଟା କରୁଚି ।

"ଆପଣ ମୁନି ଋଷିମାନଙ୍କୁ ଲାଞ୍ଚ ଦେଇ ପାରିବେ ନାହିଁ । ସେମାନେ କୌଣସି କଥାରେ ଭ୍ରଷ୍ଟ ହେବେ ନାହିଁ । ଆପଣ ବ୍ରାହ୍ମଣମାନଙ୍କୁ ଦାନ ଦେଉଛନ୍ତି, ଭଲକଥା, ସେମାନେ ଯେତେ ଦାନ ପାଇବେ ଗ୍ରହଣ କରିବେ । କିନ୍ତୁ ଜ୍ଞାନାର୍ଜନ ପ୍ରତି ସେମାନଙ୍କ ହୃଦୟ ସର୍ବଦା ଆକୃଷ୍ଟ ହୋଇ ରହିଥିବ ଓ ଯେଉଁମାନେ ଧନ ଓ ଭୋଗ ବିଳାସରେ ରହିବା ପାଇଁ ଚାହାନ୍ତି ନାହିଁ ସେହିମାନଙ୍କର ପରାମର୍ଶ ହିଁ ସେମାନେ ଗ୍ରହଣ କରିବେ ।"

"ମୁଁ ସେମାନଙ୍କୁ ହତ୍ୟା କରିପାରେ ।"

"ମହାରାଜ, ଆପଣ ସେମାନଙ୍କୁ ଯଦି ହତ୍ୟା କରିବେ, ତା'ହେଲେ ଲୋକମାନେ ଆପଣଙ୍କ ବିରୁଦ୍ଧରେ ଉଠିବେ । ଆପଣ ଯଦି ସେମାନଙ୍କୁ ମଥୁରାରୁ ତଡ଼ିଦେବେ, ସେମାନେ ମୁଆଡ଼େ ଯିବେ, ଆପଣଙ୍କ ବିରୁଦ୍ଧରେ ଶତ୍ରୁମାନଙ୍କୁ ସୃଷ୍ଟି କରିବେ ।"

କଂସ ନୀରବରେ ବାହୁକର କଥା ଶୁଣୁଥାଏ । ବାହୁକ କହି ଚାଲିଲା, "ମହାରାଜ

Digitized by srujanika@gmail.com

କେବଳେ ଗୋଟିଏ ବାଟରେ ଆପଣ ମୁନି, ଋଷି ଓ ବ୍ରାହ୍ମଣମାନଙ୍କର ନିପାତ କରିଦେଇ ପାରିବେ । ଲୋକମାନଙ୍କ ପାଇଁ ଆପଣଙ୍କ ରାଜ କୋଷ ମୁକ୍ତ କରି ଦିଅନ୍ତୁ । ସେମାନଙ୍କୁ ଖାଇବା, ପିଇବା ଓ ଉପଭୋଗ କରିବାକୁ ଶିଖାନ୍ତୁ । ସେମାନଙ୍କ ପରିବାର ଗଢ଼ି ଦିଅନ୍ତୁ ; ସ୍ତ୍ରୀ ଲୋକ ମାନଙ୍କୁ ଶିକ୍ଷା ଦିଅନ୍ତୁ, ଉପଭୋଗମୟ ଜୀବନର ତୁଳନାରେ ସତୀତ୍ୱର କୌଣସି ମୂଲ୍ୟ ନାହିଁ, ପିଲାମାନଙ୍କୁ ଏପରି ଢଙ୍ଗରେ ବଢ଼ାନ୍ତୁ, ସେମାନେ ଯେପରି ତାଙ୍କ ପିତାମାତାଙ୍କୁ ବୃଦ୍ଧ ଓ ଅପଦାର୍ଥ ଜ୍ଞାନ କରିବେ । ଲୋକମାନେ ଯେତେବେଳେ ନିରଙ୍କୁଶ ଉପଭୋଗକୁ ଜୀବନର ଲକ୍ଷ୍ୟ ବୋଲି ଗ୍ରହଣ କରିଯିବେ, ସେମାନେ ମୁନି ଋଷିମାନଙ୍କର ଉପଦେଶକୁ ପାଗଳର ପ୍ରଳାପ ଓ ବ୍ରାହ୍ମଣମାନଙ୍କୁ ସ୍ୱାର୍ଥପର ବୋଲି ମନେ କରିବେ । ଯେଉଁମାନେ କର୍ତ୍ତବ୍ୟ, ତପ, ପ୍ରେମ ଓ ଦୟାର କଥା କହିବେ, ସେମାନଙ୍କୁ ଲୋକେ ହସରେ ଉଡ଼ାଇଦେବେ । ଯେତେବେଳେ ମଦର ସୁଅ ଛୁଟିବ, ଆତ୍ମସଂଯମ ଅନ୍ତର୍ହିତ ହୋଇଯିବ ଲୋକମାନେ ଭଲ ଖାଇ ପିଇ ରହିଥିବା ଗାଈ ଗୋରୁ ଯେପରି ଗଉଡ଼ର ଦୟାରେ ଥାନ୍ତି, ସେହିପରି ରହିବେ । କୌଣସି ଅଭିଯୋଗ ନ କରି ପଶୁମାନେ ଯେପରି ସବୁ ସହିଯାନ୍ତି, ଆପଣ ଯାହା କରିବେ, ସେମାନେ ତାହା ସହିଯିବେ । ଆପଣ ତାଙ୍କୁ ବେତ୍ରାଘାତ କରନ୍ତୁ; ସେମାନେ ମନେ କରିବେ, ତାଙ୍କ ପିଠିରେ ଚନ୍ଦନ ବୋଳା ହେଲା ।"

"ବାହୁକ ତୁମେ ଯେଉଁ ପରାମର୍ଶ ଦେଲ ଆମେ ତାକୁ ପାଳନ କରିବା ପାଇଁ ଚେଷ୍ଟା କରିବା । କିନ୍ତୁ ତାହା ଦୀର୍ଘପଥ । ସୂଚନା, ଇତ୍ୟବସରରେ ତୁ ଯାଇ ବୁଝ, ଏହି ଅଳ୍ପ କେତେଦିନ ମଧ୍ୟରେ କେତେ ଶିଶୁ ଜନ୍ମ ହୋଇଛନ୍ତି ଏବଂ ମନେରଖ, ସେମାନଙ୍କ ମଧ୍ୟରୁ ଜଣେ ଯେପରି ନ ବଞ୍ଚେ ।

# ତାଙ୍କର ନାମ ହେଲା କୃଷ୍ଣ

କଂସର ବନ୍ଦୀଶାଳାରୁ ମୁକ୍ତ ହୋଇ ଦେବକୀ ଏବେ ନିଜ ପ୍ରାସାଦରେ ରହିଲେ । ତାଙ୍କ ପାଇଁ ଏବେ ଏକ ନୂଆ ସ୍ୱପ୍ନର ସଂସାର; ତାଙ୍କ ଆଖି ଆଗରେ, ସେହି ନୀଳ ବର୍ତ୍ତୁଳ ଶ୍ରେଷ୍ଠ ଛୁଆଟି, ତାଙ୍କୁ ଯେପରି ଜାକି ଧରିଛି, ଗୋଡ଼ ବାଡ଼ଉଛି, ତାଙ୍କଠାରୁ କ୍ଷୀର ଖାଉଛି । ତାର ସୁନ୍ଦର ଶ୍ରେଷ୍ଠ ଓଠରେ ଏତେ ଟିକିଏ ହସ ଏବଂ ସେ ଆଖି ଦୁଇଟି ତାଙ୍କର ଆଡ଼କୁ ଆନନ୍ଦରେ ଚାହିଁ ରହିଛି । ଅନ୍ୟମାନେ ପାଖରେ ନ ଥିବା ବେଳେ ଓ କେବଳ ସେ ବସୁଦେବଙ୍କ ସାଙ୍ଗରେ ଥିବା ବେଳେ ସେହି ଶ୍ରେଷ୍ଠ ଛୁଆଟି ବିଷୟରେ ସେ କଥା-

Digitized by srujanika@gmail.com

ଭାଷା ହୁଅନ୍ତି । ସେ ଦିନ ରାତିରେ ଯେଉଁ ସବୁ ଆଶ୍ଚର୍ଯ୍ୟଜନକ ଘଟଣାସବୁ ଘଟିଲା, ସବୁ ବସୁଦେବଙ୍କ ଠାରୁ ବାରମ୍ବାର ଶୁଣିବା ପାଇଁ ତାଙ୍କୁ ଭଲ ଲାଗେ । ଛୁଆଟିକୁ ନେବାବେଳେ, ସେ କିପରି ଚତୁର୍ଭୁଜ ହୋଇ ସାକ୍ଷାତ ଭଗବାନ କୃଷ୍ଣଙ୍କ ରୂପ ଧାରଣ କଲା, ବସୁଦେବଙ୍କ ହୃଦୟ-କନ୍ଦରରୁ କିପରି ଏକ ପ୍ରାର୍ଥନାର ସଙ୍ଗୀତ ବାହାରି ଆସିଲା, କିପରି ଅଦୃଶ୍ୟ ହସ୍ତ ଦ୍ୱାରା ଦ୍ୱାରସବୁ ଖୋଲିଗଲା, ପ୍ରହରୀମାନେ କିପରି ନିଘୋଡ଼ ନିଦରେ ଶୋଇଥିଲେ, ବଢ଼ିଥିବା ଯମୁନାର ଭିତରେ ସେ ପଶିବା ବେଳକୁ କିପରି ବର୍ଷା ଛାଡ଼ିଗଲା, ସର୍ପରାଜ ଶେଷନାଗଙ୍କର ବିଶାଳ ଫଣା ସ୍ୱରୂପ କିପରି ଏକ କୃଷ୍ଣ ବର୍ଣ୍ଣର ମେଘ ଏହି ଶିଶୁକୁ ବର୍ଷାରୁ ରକ୍ଷା କରିବା ପାଇଁ ଉପରେ ଉପରେ ଚାଲିଲା, କିପରି ସମସ୍ତଙ୍କ ଅଦୃଶ୍ୟରେ ସେ ଯଶୋଦାଙ୍କର କନ୍ୟାକୁ ପ୍ରାସାଦ ଭିତରକୁ ନେଇ ଆସିଲେ, କଂସ ହାତରୁ କିପରି ସେ କନ୍ୟା ଖସି ଯାଇ ଝରକା ବାଟେ ଉଭାନ ହୋଇଗଲା ଏବଂ ତାର ଆର୍ତ୍ତ ଚିତ୍କାରରେ ଦୁଷ୍ଟ କଂସ ଭୟରେ ଅବାକ୍ ହୋଇ ଠିଆ ହୋଇଗଲା, ତାହା ସମସ୍ତ ବସୁଦେବ ବର୍ଣ୍ଣନା କରନ୍ତି ଓ ଦେବକୀ ଆଶ୍ଚର୍ଯ୍ୟ ହୋଇ ଶୁଣନ୍ତି ।

ବସୁଦେବ ଓ ଗାର୍ଗାଚାର୍ଯ୍ୟଙ୍କ ଛଡ଼ା ଦେବକୀ ଅନ୍ୟ କାହାରି ସହିତ କଥାଭାଷା ବା ସାକ୍ଷାତ କରିବାକୁ ଚାହୁଁ ନ ଥିଲେ, କାରଣ ଯେଉଁ ଶିଶୁଟି ତାଙ୍କର ହୃଦୟ ଓ ମନକୁ ଅଧିକାର କରି ରହିଛି, ସେହିମାନେ ହିଁ ତାହାର କଥା କହି ପାରିବେ । ଅନେକ ସମୟରେ ରାତିରେ ତାଙ୍କର ମନେ ହୁଏ ସେ ଯେପରି ଗୋକୁଳକୁ ଚାଲିଯାଆନ୍ତେ ଓ ତାଙ୍କର ସେହି ଆଦରର ଧନ ସେଠାରେ କ'ଣ କରୁଥିବ, ତାକୁ ଦେଖି ଆସନ୍ତେ । କିନ୍ତୁ ପର ମୁହୂର୍ତ୍ତରେ ତାଙ୍କୁ ହସିଆଉ ହୋଇ ଯିବାକୁ ହୁଏ । କାରଣ ତାଙ୍କର ପୁଅ ଜୀବିତ ଅଛି, ଏକଥା କେହି ଜାଣି ନେଇ ପାରେ ।

ରାତିରେ ବସୁଦେବଙ୍କ ଉପରେ ହାତ ପକାଇ ଶୋଇଥିବା ବେଳେ ତାଙ୍କ ହୃଦୟରେ ଏକ ଗଭୀର ବ୍ୟାକୁଳତା ଆସେ । ଥରେ ସେ ତାଙ୍କ ପୁଅଟିକୁ ଦେଖନ୍ତେ କି ? ତାକୁ ଛାତିରେ ଧରି ଟିକିଏ ଚୁମା ଦିଅନ୍ତେ କି ? ଏବଂ ତାହାର ଶ୍ରେଷ୍ଠ ଆଖି ଦୁଇଟିରୁ ଯେଉଁ ଆନନ୍ଦ ଝରି ପଡୁଥାଆନ୍ତା, ସେଥିରେ ସେ ନିଜକୁ ବୁଡ଼ାଇ ଦିଅନ୍ତେ କି ?

ପ୍ରତି ପନ୍ଦର ଦିନରେ ଥରେ ଗାର୍ଗାଚାର୍ଯ୍ୟ ନନ୍ଦଙ୍କର ଘରେ ପୂଜା ଓ ହୋମାଦି କରିବା ପାଇଁ ଗୋକୁଳ ଯାଆନ୍ତି । ସେ ଯିବାବେଳେ ଦେବକୀ ଅତିଶୟ ଅସ୍ଥିର ହୋଇ ପଡ଼ନ୍ତି । ତାଙ୍କର ଫେରିବା ପର୍ଯ୍ୟନ୍ତ ସେ ଅଧୀର ଭାବରେ ଅପେକ୍ଷା କରି ରହି ଥାଆନ୍ତି । ଯେତେବେଳେ ସେ ଫେରି ଆସନ୍ତି, ଗାର୍ଗଙ୍କ ଆଖିରେ ଏକ ଆନନ୍ଦର ଚିହ୍ନ ଦେଖି ସେ ଅସୀମ ଆନନ୍ଦରେ ବିହ୍ୱଳ ହୋଇ ମନେ ମନେ ଭାବନ୍ତି, "ଭଲରେ ଅଛି, କୃଷ୍ଣ ଭଲରେ ଅଛି, ମୋ ପୁଅ, ମୋର ମୁକ୍ତିଦାତା, ମୋର ଈଶ୍ୱର କୃଷ୍ଣ ଭଲରେ ଅଛି ।"

ତାଙ୍କର ସନ୍ତାନକୁ ଦେଖିବା ପାଇଁ ଥରେ ଥରେ ସେ ଏପରି ବିହ୍ୱଳ ହୋଇ

Digitized by srujanika@gmail.com

ଛନ୍ତି ଯେ, ମନକୁ ମନ ଶ୍ରେଷ୍ଠ ପିଲଙ୍କୁ ଶୁଆଇବା ବେଳର ମଧୁର ଗୀତ ସବୁ ଗାଇ ଛନ୍ତି । ପ୍ରଥମେ ପ୍ରଥମେ ତାଙ୍କର ଦାସୀ-ମାନେ ଭାବିଲେ, ଦେବକୀ ପାଗଳ ହୋଇ ଗଲେଣି । କିନ୍ତୁ ସେମାନେ ଜାଣନ୍ତି ଯେ ଅଠୋଟି ଯାକ ସନ୍ତାନ ହରାଇବା ପରେ ମା'ର ହୃଦୟ କିପରି ହୁଏ ।

ଦିନେ ଦେବକୀ ମନର ଭାବମାନଙ୍କୁ ଆଉ ବେଶୀ ଚାପି ରଖି ପାରିଲେ ନାହିଁ । ସେ ନିଜ ହାତରେ ଗୋଟିଏ ନବଜାତ ଶିଶୁର ମୂର୍ତ୍ତି ମାଟିରେ ଗଢ଼ିଲେ ଏବଂ ତା ପାଇଁ ଗୋଟିଏ ଦୋଳି ମଧ ତିଆରି କଲେ । ସେତିକି ତାଙ୍କର କାମ ହେଲା, ପ୍ରତିଦିନ ସକାଳୁ ଉଠି ଏହି ମାଟିର ଛୁଆକୁ ଫୁଲ, ଚନ୍ଦନ ସିନ୍ଦୁର ଦେବା, ଜଗା ପିନ୍ଧାଇ ଦେବା, ଖୁଆଇବା ପାଇଁ ଦୁଧ ନେଇ ପାଖରେ ଥୋଇବା ଓ ଶ୍ରେଷ୍ଠ ଶ୍ରେଷ୍ଠ ଗୀତ ବୋଲି ତାକୁ ଶୁଆଇବା ପାଇଁ ଦୋଳିରେ ଝୁଲାଇବା । ତା ପରେ ତାକୁ ଶୁଆଇ ସାରିଲା ପରେ ପୁଣି ଚୁପ୍ ଚୁପ୍ କରି ଗୀତ ବୋଲି ଉଠାଇବା, ଘଣ୍ଟି ବଜାଇବା ଏବଂ ଫୁଲ ଫଳ, ଦୁଧ ଓ ମହୁ ନେଇ ଯାଚିବା ।

ଦେବକୀ କ'ଣ କରୁଛନ୍ତି, ବସୁଦେବ ଓ ଗାର୍ଗାଚାର୍ଯ୍ୟ ବୁଝିଥିଲେ । ଏହି ମାଟିର ପୁତ୍ତଳି ତାଙ୍କର ସେହି ହଜା ଧନ, ସେହି ଈଶ୍ୱର, ଯାହାଙ୍କୁ ସେ ଭୁଲି ପାରିବା ସମ୍ଭବ ନୁହେଁ । ଅନ୍ୟମାନେ ଭାବୁଥିଲେ, ଦେବକୀଙ୍କର ମସ୍ତିଷ୍କ ବିକାର ଘଟିଛି, କିନ୍ତୁ ଯେପରି ନମସ୍କାର ସହ ସେ ତାଙ୍କ ଦେବତାଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତିକୁ ପୂଜା କରନ୍ତି, ସେଥିପାଇଁ ସେମାନେ ତାଙ୍କୁ ସମ୍ମାନ ଦେଉଥିଲେ ।

ନନ୍ଦଙ୍କର ସ୍ତ୍ରୀ ଯଶୋଦାଙ୍କର ଏତେ ଦିନ ପର୍ଯ୍ୟନ୍ତ କୌଣସି ସନ୍ତାନ ସନ୍ତତି ହୋଇ ନ ଥିଲା । ତେଣୁ ତାଙ୍କର ପ୍ରସୂତି ବଡ଼ କଠିନ ଓ କଷ୍ଟକର ହୋଇଥିଲା । ଛୁଆ ଜନ୍ମ ହେବା ପରେ ସେ ମୂର୍ଚ୍ଛା ହୋଇ-ଗଲେ । ବସୁଦେବଙ୍କର ସ୍ତ୍ରୀ ରୋହିଣୀ କେବଳ ତାଙ୍କର ପାଖରେ ଥାଇ ସେବା କରୁଥିଲେ ।

ସକାଳେ ଯଶୋଦାଙ୍କର ଚେତା ହେବା ବେଳକୁ, ରୋହିଣୀ ଛୁଆଟିକୁ ତାଙ୍କ ହାତକୁ ବଢ଼ାଇ ଦେଲେ । ଯଶୋଦାଙ୍କର ହୃଦୟ ଅପୂର୍ବ ଆନନ୍ଦରେ ନାଚି ଉଠିଲା । ସବୁ ଆଶା ଛାଡ଼ିଦେବା ପରେ ଏବେ ତାଙ୍କର ଗୋଟିଏ ପିଲା ହୋଇଛି ଏବଂ ସେ ପିଲାଟି ପୁଅ ଏବଂ ସେ ଏତେ ସୁନ୍ଦର ହୋଇଛି ଯେ ସେପରି ଛୁଆ ଦେଖାଯିବା ଦୁର୍ଲଭ । ବିଶେ-ଷତଃ ତାହାର ରଙ୍ଗ ଆକାଶର ରଙ୍ଗ ପରି ସୁନ୍ଦର ନୀଳବର୍ଣ୍ଣ । ଆନନ୍ଦରେ ବିହ୍ୱଳ ହୋଇ ଯଶୋଦା ଛୁଆଟିକୁ ନେଇ ଛାତିରେ ଜାକି ଧରିଲେ ।

"ମୋର ଧନ", "ମୋର ଜୀବନ" ସେ ଆନନ୍ଦରେ କହି ଲାଗିଥାନ୍ତି । ଛୁଆଟି ତାର ଆଖି ଖୋଲିଲା । ତା'ର ଆଖିରେ ସେ ଏକ ଆଲୋକ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ।

କ୍ରମେ ଜଣକ ମୁହଁରୁ ଜଣେ ହୋଇ ସମସ୍ତେ ଏ ଖବର ଜାଣିଲେ । ସମସ୍ତ ଗୋକୁଳ ଗ୍ରାମ ଆନନ୍ଦରେ ଆତ୍ମହରା । ବୃଦ୍ଧ

Digitized by srujanika@gmail.com

ନନ୍ଦଙ୍କର ଗୋଟିଏ ପୁତ୍ର ସନ୍ତାନ ହୋଇଛି, ତାହା ପୁଣି ଏତେ ସୁନ୍ଦର ଯେ ଏପରି ସୁନ୍ଦର କୁଆ କେହି କେବେ ଦେଖି ନାହାନ୍ତି । ଗୋକୁଳର ଗୋପୀମାନେ ଆନନ୍ଦରେ ବିହ୍ୱଳ ହୋଇ ପଡ଼ିଲେ । ଯେପରି କୌଣସି ଯାତ୍ରା ବା ଉତ୍ସବର ଦିନ, ଗୋପୀମାନେ ନୂଆ ବେଶ ଭୂଷାରେ ନିଜକୁ ସଜାଇବାରେ ଲଗିଲେ । ଗୋପମାନେ ସେମାନଙ୍କର ଗୋରୁମାନଙ୍କୁ ଭଲ ରୂପେ ଗାଧୋଇ ଦେଇ ଲାଲ ରଙ୍ଗ କମ୍ବା ସବୁଜ ରଙ୍ଗରେ ସେମାନଙ୍କୁ ଚର୍ଚ୍ଚିତ କରି ସେମାନଙ୍କ ଶିଂଘରେ ସୁନେଲି ଓ ରୁପେଲି ପତ୍ର ବାନ୍ଧିଦେଲେ । ପିଲାମାନେ ଆନନ୍ଦରେ ପାଟିକରି ବ୍ରଜ ଦାଣ୍ଡରେ ନାଚି-ବାକୁ ଲଗିଲେ । ସମସ୍ତେ ନନ୍ଦଙ୍କର ଘରକୁ ଯାଇ ଯଶୋଦାଙ୍କ ପୁଅକୁ ଦେଖିବା ପାଇଁ ଯେପରି ଅଧୀର ହୋଇ ଉଠୁଛନ୍ତି ।

ତା'ପରେ ବୃନ୍ଦାବନ ନନ୍ଦଙ୍କର ଗୃହକୁ ଏକ ମଧୁମୟ ଶୋଭାଯାତ୍ରା ; ସୁନେଲି ରୁପେଲି ପତ୍ରରେ ଝକ ଝକ ଦିଶୁଥିବା ଗୋରୁ ଗାଈ ମାନେ, ଆନନ୍ଦ କୋଳାହଳ କରି ଦଉଡ଼ୁ-ଥିବା ବାଳକ ବାଳିକାଗଣ, ବହୁରଂଗୀ ପଗଡ଼ି ପିନ୍ଧି ଆନନ୍ଦରେ ପରସ୍ପର ପିଠି ଆପୁଡ଼ି ଯାଉଥିବା ଗୋପୀମାନେ ଓ ଉତ୍ସବ ଦିନର ବେଶ ଭୂଷା ଓ ଅଳଙ୍କାରରେ ସଜ୍ଜିତ ଗୋପାଙ୍ଗନାଗଣ ।

ନନ୍ଦଙ୍କର ଅଙ୍ଗନ ଦ୍ୱାରରେ ଶୋଭାଯାତ୍ରା ପହଞ୍ଚିଲା । ବୃଦ୍ଧ ଗଣମୁଖ୍ୟ ବାହାରକୁ ଆସି ସମସ୍ତଙ୍କୁ ଆଦରରେ ସ୍ୱାଗତ କଲେ । ନନ୍ଦଙ୍କ ଗୃହର ଲୋକେ ମଧ୍ୟ ବାହାରକୁ ଆସି ଆନନ୍ଦରେ ଏମାନଙ୍କୁ ପାଛୋଟି ନେଲେ । ଗୋପୀମାନେ ଧୀର ପଦରେ ଯଶୋଦାଙ୍କ ଗୃହକୁ ଯାଇ ସେହି ଚମତ୍କାର ନୀଳବର୍ଣ୍ଣର ଶିଶୁକୁ ଦେଖି ମୁଗ୍ଧ ଚକିତ ହୋଇ ରହିଗଲେ । ଏପରି ସୁନ୍ଦର ଶିଶୁ ସେମାନେ କେବେ ଜୀବନରେ ଦେଖି ନାହାନ୍ତି ।

ଦିନେ ଦେବକୀ ତାଙ୍କର ପ୍ରାସାଦ ବାରଣ୍ଡାରେ ଠିଆ ହୋଇ ଦେଖିଲେ ଆକାଶରେ ଏକ କୃଷ୍ଣ ମେଘ ଖଣ୍ଡ ଭାସି ଯାଉଛି । ମେଘର ରଙ୍ଗ ହେଉଛି ଘନ ନୀଳ ବର୍ଣ୍ଣ—ଠିକ୍ ତାଙ୍କର ପୁଅର ବର୍ଣ୍ଣ ପରି । ସେ ମେଘକୁ ଚାହିଁ ରହିଛନ୍ତି, କିଛି କ୍ଷଣ ପରେ ତାହା ଏକ ଶ୍ରେଷ୍ଠ ପିଲାର ଆକାର ଧାରଣ କଲା । ଯେଉଁ ହାତ, ଗୋଡ଼ ଓ ମୁହଁ ତାଙ୍କ ପକ୍ଷରେ ଏକ ଅଲଭ୍ୟ ସ୍ମୃତି ହୋଇ ରହିଛି ଓ ଯେଉଁ ଆଖି ଦୁଇଟି ଦିନ ରାତି ତାଙ୍କୁ ଘାରୁଛି ସେ ଏହି ନୀଳ ମେଘରେ ତାକୁ ଦେଖି ପାରିଲେ । ପରମ ଆନନ୍ଦରେ ସେ ମୂର୍ଚ୍ଛିତ ପ୍ରାୟ ରହିଗଲେ । ହଁ ଠିକ୍ ତାଙ୍କର ପୁଅ ଏହିପରି ମେଘପରି ଶ୍ୟାମଳବର୍ଣ୍ଣ—ହଁ ସେ **ଘନଶ୍ୟାମ** ।

ଗାର୍ଗାଚାର୍ଯ୍ୟ ଆସି ପହଞ୍ଚିଲେ । ବସୁଦେବ ବି ସେମାନଙ୍କ ସଙ୍ଗେ ଯୋଗ ଦେଲେ । କୁଳଗୁରୁ ଶିଶୁର ଜାତକ ତିଆରି କରି ସାରିଛନ୍ତି । ଆଶ୍ଚର୍ଯ୍ୟର କଥା ହେଲା, ମୁନି, ଋଷିମାନଙ୍କ କଳ୍ପିତ ଶାସ୍ତ୍ରୀୟ ନିୟମ ଅନୁଯାୟୀ ଶିଶୁର ନାମ କ, ଛ କମ୍ବା ଘ ରୁ ଆରମ୍ଭ ହେବାର କଥା । ତା'ହେଲେ ଘନଶ୍ୟାମ, କୃଷ୍ଣ ଏହି ନାମ ତ ଠିକ୍ ମାନୁଛି ;

Digitized by srujanika@gmail.com

ପରଦିନ ବସୁଦେବ ଦେବକୀଙ୍କ ନିମନ୍ତେ କୃଷ୍ଣ ବର୍ଣ୍ଣର ମାର୍ବଲ ପ୍ରସ୍ତରରେ ଏକ କଣ୍ଢେଇ ତିଆରି କରି ଦେଲେ । ସେତିକି ଦେବକୀଙ୍କର ପ୍ରତିଦିନ ପୂଜାର କେନ୍ଦ୍ରରେ ରହିଲା ଏହି କଣ୍ଢେଇ ଶିଶୁଟି, ଯାହାକୁ ସେ ଘନଶ୍ୟାମ ନାମରେ ଡାକିଲେ । ତିନିଜଣଙ୍କ ଛଡ଼ା ଏହି ଘନଶ୍ୟାମ ଯେ କୃଷ୍ଣଙ୍କର ପ୍ରତିମୂର୍ତ୍ତି, ତାହା କେହି ଜାଣି ପାରିଲେ ନାହିଁ କିମ୍ବା ଏମାନେ କାହାରିକୁ ଜାଣିବାକୁ ଦେଲେ ନାହିଁ । କାରଣ କଂସ ଯଦି ଜାଣିପାରେ ଯେ ଏହି ପ୍ରତିମୂର୍ତ୍ତି ଯେଉଁ ଶିଶୁର ସେ ଗୋପରେ ବଢୁଚି, ତା'ହେଲେ ପରିଣାମ ସାଂଘାତିକ ହେବ ।

ସେ ଦିନଟା ବ୍ରଜରେ କେତେ ଦିନରେ ଗୋଟାଏ ଦିନ । କାରଣ ସେଦିନ ନନ୍ଦଙ୍କ ପୁଅର ନାମକରଣ ଉତ୍ସବ । ନନ୍ଦଙ୍କର ଅଗଣାରେ ଧାଡ଼ି ଧାଡ଼ି ହୋଇ କଦଳୀଗଛ ପୋତା ହୋଇଛି । ଆମ୍ବପତ୍ର ଦଉଡ଼ିରେ ମାଳ ମାଳ ହୋଇ ବନ୍ଧା ହୋଇ ପବନରେ ଝୁଲୁଚି । ଭୂଇଁତଳ ଲିପା ପୋଛା ହୋଇ ସେଥିରେ ଚନ୍ଦନ ଓ କର୍ପୂର ଛିଞ୍ଚା ହୋଇଚି ଓ ଜକ ଜକ କରୁଥିବା ପିତଳର ଗରା ମଟିରେ ଉପରକୁ ଉପର ରଖା ହୋଇ ସଜା ହୋଇଚି ।

ତା'ପରେ ଗାର୍ଗାଚାର୍ଯ୍ୟ ତାଙ୍କର ଶିଷ୍ୟ-ମାନଙ୍କ ସହ ବ୍ରଜରେ ପହଞ୍ଚିଲେ । ଶଙ୍ଖ ମହୁରି ବଜା ହୋଇ ତାଙ୍କୁ ସ୍ୱାଗତ କରାଗଲା । ନନ୍ଦ ମୂଲ୍ୟବାନ ଉପହାର ଦେଇ ତାଙ୍କୁ ସମ୍ମାନିତ କଲେ । ଯଶୋଦା ପିଲାକୁ ଆଣିଲେ ଓ ଗାର୍ଗାଚାର୍ଯ୍ୟ ତାଙ୍କୁ କ୍ଷୀର ଓ ଘିଅ ଖୋଇବାକୁ ଦେଇ ବିଧି ପୂର୍ବକ ନାମକରଣ କର୍ମ କରି ତା'ର ନାମ ଦେଲେ—କୃଷ୍ଣ ।

ତା'ପରେ ବ୍ରାହ୍ମଣମାନଙ୍କ ପାଇଁ ଭୂରି ଭୋଜନର ବ୍ୟବସ୍ଥା ହେଲା । ଗୋପ ଗୋପୀ-ମାନେ ଏହି ଭୋଜିରେ ଯୋଗଦେଲେ । ଚତୁର୍ଦ୍ଦିଗରେ ଥିବା ଗ୍ରାମ ମାନଙ୍କରୁ ଆସିଥିବା ଦରିଦ୍ର ମାନଙ୍କୁ ଭୋଜନ ଦିଆଗଲା । ସନ୍ଧ୍ୟା-ବେଳେ ଗାର୍ଗାଚାର୍ଯ୍ୟ ତାଙ୍କର ଶିଷ୍ୟମାନଙ୍କ ସହ ମଥୁରାକୁ ଫେରିଗଲେ ।

ବସୁଦେବ ଓ ଦେବକୀ ସମସ୍ତ ଘଟଣା ଶୁଣିବା ପରେ ପୁଷ୍ପ ଶଯ୍ୟାରେ ଶୋଇଥିବା ସେହି ମାର୍ବଲର ପ୍ରତିମୂର୍ତ୍ତିକୁ କର ଯୋଡ଼ି ପ୍ରାର୍ଥନା କଲେ ଓ ଭଗବାନ ନିଜେ ସେମାନଙ୍କ ଔରସରେ ଜନ୍ମ ହୋଇଛନ୍ତି, ଏ ବିଶ୍ୱାସ ସେମାନଙ୍କର ଦୃଢ଼ୀଭୂତ ହେଲା ।

୧୨ ମାସ ଅତୀତ ହୋଇଗଲା । ଯମୁନା କୂଳରେ ଗୋପନାଥ ମହାଦେବଙ୍କ ପୁରାତନ ମନ୍ଦିର ଆଗରେ ବ୍ରଜବାସୀମାନେ ଶ୍ରୀକୃଷ୍ଣଙ୍କର ବର୍ଷ ପୂରୁଣି ଜନ୍ମ ଦିନ ଉତ୍ସବ ପାଳନ କଲେ । ନନ୍ଦ ବ୍ରାହ୍ମଣମାନଙ୍କୁ ଏକ ଭୋଜି ଦେଲେ । ସବୁ ଗୋପ ଓ ଗୋପୀ ଏହି ଭୋଜିକୁ ନିମନ୍ତ୍ରିତ ହୋଇ ଆସିଥିଲେ । ଯଶୋଦା ତାଙ୍କର ପ୍ରିୟ ପୁତ୍ରଟିକୁ କାଖରେ ଧରି ସମସ୍ତଙ୍କର ସତ୍କାର କଲେ ।

ଦି' ପହର ସମୟରେ ଭୋଜି ଆରମ୍ଭ ହେଲା । ପିଲାଟିକୁ ନିଦ ଲାଗୁଥାଏ । ଯଶୋଦା ସମସ୍ତଙ୍କ କଥା ଟିକିଏ ଭଲ ଭାବରେ ବୁଝିବା ପାଇଁ ତାଙ୍କୁ ପାଖରେ ଥୁଆ ହୋଇଥିବା ଶଗଡ଼ର ତଳେ ଛାଇରେ ଶୁଆଇ ଦେଲେ ।

Digitized by srujanika@gmail.com

ଯଶୋଦା ସ୍ତ୍ରୀ ଲୋକମାନଙ୍କ ମଧ୍ୟରେ ସେମାନଙ୍କୁ ପଚରି ଉଚୁରି କରି ବା ସେମାନଙ୍କ ସହିତ ଥଟ୍ଟା ପରିହାସ ହୋଇ ବୁଲୁଥିଲେ । ହଠାତ୍ ଏକ ଚିତ୍କାର ଶୁଣାଗଲା । ଶଗଡ଼ ଲେଉଟି ପଡ଼ିଛି । ଯଶୋଦା ପାଟିକରି ଦଉଡ଼ି ଗଲେ । ଦେଖିଲେ ପିଲାର କିଛି ହୋଇ ନାହିଁ । ସେ କେବଳ ଗୋଡ଼ ବାଡ଼େଇ କାନ୍ଦୁଛି ।

ନନ୍ଦ ମଧ୍ୟ ସେ ସ୍ଥାନକୁ ଦଉଡ଼ି ଗଲେ । ଏପରି ଏକ ଶିଶୁ ଶଗଡ଼କୁ ଗୋଡ଼ ବାଡ଼େଇ ଲେଉଟେଇ ଦେଇପାରେ, ସେ ଆଶ୍ଚର୍ଯ୍ୟ ହୋଇଗଲେ ।


ଯେତେବେଳେ ଗାର୍ଗାଚାର୍ଯ୍ୟ ଏହି ଆଶ୍ଚର୍ଯ୍ୟ ଜନକ ଘଟଣାର ସମ୍ବାଦ ଦେବକୀଙ୍କୁ ଦେଲେ, ଦେବକୀଙ୍କର ଆଖି ଛଳ ଛଳ ହୋଇ ଉଠିଲା—"ମୋ' ହୃଦୟର ଧନ, ମୋ' ଆଖିର ପଥସ୍ୱା, ମୋ' ପ୍ରାଣର ଦେବତା" ସେ ଆନନ୍ଦାଶ୍ରୁ ମିଶ୍ରିତ କଣ୍ଠରେ କହି ଉଠିଲେ ।

———

ORIENT DISTRIBUTORS
&
Agencies Private Limited
MERIA BAZAR
CUTTACK-1.

Distributors of: ACC's Portland Cement, White Cement & Water Proofing Compound

Digitized by srujanika@gmail.com




Digitized by srujanika@gmail.com

# ଭାରତ, ମୋ'ର ଆଧ୍ୟାତ୍ମିକ ଜନ୍ମଭୂମି

ଶ୍ରୀ ଲୁସିଏନ                ଅନୁବାଦ—ଗଙ୍ଗାଧର ମିଶ୍ର

ଭାରତବର୍ଷ ମୋର ଆଧ୍ୟାତ୍ମିକ ବାସଭୂମି ପାଇଁ ଅଭିପ୍ରେତ ଥିଲା ; ଏ ଭୂମିର ତାନ୍ତ୍ରିକ-ରହସ୍ୟବାଦ ଏବଂ ଦାର୍ଶନିକ ପରମ୍ପରା ବିଶୁଦ୍ଧ ଆଧ୍ୟାତ୍ମିକ ଜୀବନ ଗଠନ ପାଇଁ ମୋତେ ଏକ ଅନୁକୂଳ ବାତାବରଣ ଯୋଗାଇ ଦେଲା ।

ଏ ଦେଶରେ ମୁଁ ରହିବାର ନ ବର୍ଷ ହୋଇଗଲା । ଏଠାରେ ପାଇଥିବା ସହାନୁଭୂତି, ବୁଝାମଣା, ଆତିଥେୟତା ଏବଂ ବାସ୍ତବ ମୂଲ୍ୟାବଧାରଣ ଦ୍ୱାରା ମୋର ବ୍ୟାକୁଳତା ବହୁ ଭାବରେପୂର୍ଣ୍ଣ ହୋଇଛି ।

ଅଜ୍ଞାତସାରରେ ଏଠାର ଲୋକେ ବୋଧହୁଏ ଆଧ୍ୟାତ୍ମିକ ବିଷୟବସ୍ତୁ ସମ୍ପର୍କରେ ସ୍ୱତନ୍ତ୍ର ସହଜ ପ୍ରବୃତ୍ତି ଉତ୍ତରାଧିକାରୀ ସୂତ୍ରରେ ପାଇଥାଆନ୍ତି । ଏହାହିଁ ଆଧ୍ୟାତ୍ମିକତା ଆଡ଼କୁ ମନ ଢଳିଥିବା ମୋ ଭଳି ଲୋକ ସହିତ ସେମାନଙ୍କୁ ମିଳାମିଶା କରେଇବା ଛଡ଼ା, ମୋ' ପକ୍ଷରେ ବହୁଜ୍ଞାନ ଓ ଅଭିଜ୍ଞତାର କାରଣ ହୋଇଛି । ଏହା ଉପର ହେଉଛି ମୁଁ ଠିକ୍ ଭାଷାରେ ପ୍ରକାଶ କରି ପାରୁନାହିଁ ସତ, ମାତ୍ର ଜାଣୁଛି ହିନ୍ଦୁଙ୍କ ସାଙ୍ଗରେ ଖାଲି ବସବାସ କରିବା ଦ୍ୱାରାହିଁ ମୁଁ ସେମାନଙ୍କ ତାନ୍ତ୍ରିକ ରହସ୍ୟବାଦ ବହୁ-ପରିମାଣରେ ଅବଧାରଣ କରିଛି । ସରଳ, ଅର୍ଦ୍ଧ ସାକ୍ଷର ଗ୍ରାମବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଉତ୍ତରାଧିକାରକୁ ମୁଁ ଅତି ସ୍ପଷ୍ଟ ଆକାରରେ ଦେଖି ପାରିଛି ।

ପର୍ଯ୍ୟଟନ ପଥରେ କୌଣସି କୌଣସି ଗ୍ରାମରେ ଅବସ୍ଥାନ କରିବା ବେଳେ ଅଳ୍ପ ସଂଖ୍ୟାରେ ଲୋକେ ମୋ ପାଖରେ ରୁଣ୍ଡ ହୁଅନ୍ତି, ସେମାନଙ୍କ ଠାରୁ ମୁଁ କିଛି କମ୍ ବିଷୟ ଶିଖି ନାହିଁ । ସେମାନେ ଧାର୍ମିକ ଗ୍ରନ୍ଥ ଗୁଡ଼ିକର ଚମତ୍କାର ବ୍ୟାଖ୍ୟା କରନ୍ତି । ଏ ବ୍ୟାଖ୍ୟା ପୁରୁଷାନୁକ୍ରମେ ପ୍ରଚଳିତ ରହିଛି । ଆଧୁନିକ ପାଣ୍ଡିତ୍ୟପୂର୍ଣ୍ଣ ଜଟିଳ ବୌଦ୍ଧିକ ଭାବ ପ୍ରକାଶ ଦ୍ୱାରା ଏ ଗୁଡ଼ିକର ଅର୍ଥ ବିକୃତ ହୋଇ ନାହିଁ ।

ବେଳେ ବେଳେ ମୁଁ ଗ୍ରାମବାସୀଙ୍କ ଭିତରେ ତୁନି ହୋଇ ବସିରହେ । କିଛି ଜବାବ ନଦେଇ ଖାଲି ତାଙ୍କ ଆଲୋଚନା ଶୁଣେ । ଯେଉଁ ସବୁ ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ଲକ୍ଷଣ ସେମାନେ ମୋଠାରେ ଆରୋପ କରନ୍ତି ବା ଅଛି ବୋଲି ଭାବନ୍ତି, ସେ ସବୁ

Digitized by srujanika@gmail.com

ବିଷୟରେ ପରସ୍ପର ସହିତ ସେମାନେ ଟିକା-ଟିପ୍ପଣୀ କରିବାକୁ ଆରମ୍ଭ କରନ୍ତି, ମୁଁ ଯାହା ହୋଇନାହିଁ ସେପରି ଉଚ୍ଚସ୍ତରକୁ ମୋତେ ନେଇ ଯାଇ ସେମାନେ ଯେଉଁ ଆଲୋଚନା କରନ୍ତି, ସେଥିରୁ ମୁଁ ଯାହା ହେବାକୁ ଆଶା ବାନ୍ଧିଛି ସେ ଦିଗରେ ବହୁ ସାହାଯ୍ୟ ଲାଭ କରେ । ଏ ସମ୍ବନ୍ଧରେ ଆଗରୁ ଭାବି ନଥିବା ଅନେକ ତଥ୍ୟ ମୁଁ ଏହି ସୁଯୋଗରେ ହୃଦୟଙ୍ଗମ କରି ପାରିଛି ।

ସହର, ଗ୍ରାମ, ତୀର୍ଥ ଓ ଗ୍ରାମାଞ୍ଚଳରେ ମୁଁ ପରିଭ୍ରମଣ କରିଛି, ଲୋକଙ୍କ ଭିତରେ ଅବାଧରେ ବାସ କରିଛି । ଏପରି ଖୋଲା ଜୀବନ ଭାରତବର୍ଷରେ ହିଁ ସମ୍ଭବ । ଭାରତବାସୀ ହିଁ ଏପରି ଚଳିଚଳନକୁ ଭଲ ବୁଝନ୍ତି । ଏ ଦେଶର ଲୋକେ ତାଙ୍କ ଜୀବନ ଓ କର୍ମ ଭିତରକୁ ମତେ ଏପରି ଟାଣି ନିଅନ୍ତି ଯେ ମୁଁ ଅନ୍ୟ ଅଞ୍ଚଳର ମଣିଷ ବୋଲି ପୂରା ଭୁଲିଯାଏ ।

ଭାବିଲେ ଦୁଃଖ ଲାଗେ ଯେ ଆଧୁନିକ ସମାଜ କ୍ରମଶଃ ଏହି ସରଳ ସହଜ ଜୀବନ-ପଥରେ ଅନଧିକାର ପ୍ରବେଶ କରିଯିବ । ଉଦ୍‌ବେଗହୀନ ଗ୍ରାମ୍ୟ ଜୀବନ, ଅତିପ୍ରାକୃତ ବିଷୟ ବସ୍ତୁର ସରଳ ବିଶ୍ୱାସ, ଘରୋଇ ସାମାଜିକ ମେଳା, ବ୍ୟକ୍ତିତ୍ୱର ବଳିଷ୍ଠ ଗୁଣାଭିବ୍ୟକ୍ତି, ସୌହାର୍ଦ୍ଦ୍ୟ, ଦୈନନ୍ଦିନ ଘଟଣା ପ୍ରତି ନିସ୍ପୃହତା, ପରଲୋକ ବିଶ୍ୱାସର ପ୍ରଚ୍ଛନ୍ନ ବାତାବରଣ ଭାରତରେ ବର୍ତ୍ତମାନ ସୁଦ୍ଧା ରହିଛି । ଏ ସବୁ ଗୁଣର ଅନୁପକାରିତା ଅଛି ସତ, ମାତ୍ର ସେଇଥିରେ ଭାରତୀୟ ଜୀବନ ପ୍ରଣାଳୀ ଗଠିତ । ଏହାର ଅନ୍ତର୍ନିର୍ଦ୍ଦେଶରେ ଯାହା ରହିଛି ଆଧୁନିକ ଜଗତରେ ତାହାହିଁ ଆବଶ୍ୟକ । ବସ୍ତୁତଃ ଆଜିର ଦୁନିଆଁରେ ଏଥି ପ୍ରତି ପିପାସା ଅରମ୍ଭ ହୋଇଛି । କି ପରିତାପର କଥା ଏ ଦେଶ ଏତିକି ବେଳେ ଯାଉଛି ତାକୁ ଫୋପାଡ଼ି ଦବାକୁ ।

ଭାରତରେ ବାସ ଓ ପରିଭ୍ରମଣ କରୁ କରୁ ତାର ବାତାବରଣରେ ସବିଶେଷ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପାଇ ମୋ ଜୀବନର ଗତିଧାରା ପରିବର୍ତ୍ତିତ ହୋଇଛି । ମାତ୍ର ଆଧୁନିକ ଭାରତ ତଥା ପୃଥିବୀର ପ୍ରତ୍ୟେକ ସ୍ଥାନରେ ଜନସମାଜ ଯେଉଁ ଦିଗକୁ ଧାବମାନ ତାହାଠାରୁ ଏହା ଭିନ୍ନ । ମୋ ଜୀବନଯାତ୍ରାପ୍ରଣାଳୀ ଭାରତୀୟ ପାରମ୍ପରିକ ତ୍ୟାଗର ଆଦର୍ଶ ଦ୍ୱାରା ନିବିଡ଼ ଭାବରେ ପ୍ରଭାବିତ । ହିନ୍ଦୁ ତତ୍ତ୍ୱବିତ୍‌ମାନଙ୍କ ଅନୁସୃତ ସନ୍ୟାସ ଜୀବନର ଏହା ଗୋଟିଏ ମୋଟାମୋଟି ପରିପ୍ରକାଶ । ସମ୍ପଦ ଓ ଜିନିଷପତ୍ର ବାସ୍ତବରେ ମୂଲ୍ୟବାନ । ଜୀବନ ଯୋଗାଇଥିବା ସୃଜନଶୀଳ ସୁଯୋଗ ଗୁଡ଼ିକର ସଦୁପଯୋଗ ନ କରିବା ଦୂଷଣୀୟ । ବହୁ ଶ୍ରମଲବ୍ଧ ପଦାର୍ଥ ସବୁ ହରାଇବା ମାରାତ୍ମକ । (ଭୌତିକ ଭୋଗକୁ ପୂରାପୂରି ବର୍ଜନ କରିବା ଯଦି ସନ୍ୟାସର ଅର୍ଥ ହୁଏ, ତେବେ ମୁଁ ସନ୍ୟାସୀ ନୁହେଁ ।) ମତେ ଲାଗୁଛି ଆମୋଦ ଏବଂ ଜିନିଷପତ୍ର ଲାଭ ପ୍ରଚେଷ୍ଟା କରୁ କରୁ ଯଦି ଜୀବନର ସୌନ୍ଦର୍ଯ୍ୟଟି ନଷ୍ଟ ହୋଇଗଲା, ତାହା ବେଶୀ ମାରାତ୍ମକ ହୋଇପଡ଼େ ।

ଆଜିର ଦୁନିଆ ଯେପରି ଅଣନିଃଶ୍ୱାସୀ, ବିରାମହୀନ କାର୍ଯ୍ୟସୂଚୀ ଦାବୀକରେ ତା ପାଖରେ ମୁଣ୍ଡ ନୁଆଁଇ ଦେଲେ ଜୀବନର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ ।

Digitized by srujanika@gmail.com

ଏହା ଅପେକ୍ଷା ମୋ ଭାଗରେ ପଡ଼ିଥିବା ଦୁଃଖ, କଷ୍ଟ ଭୋଗ କରିବାକୁ ବରଂ ମୁଁ ପସନ୍ଦ କରିବି । ମତେ ଲାଗେ କେତେକ ପରିମାଣରେ ବିପଦ ଜୀବନରେ ଅନିବାର୍ଯ୍ୟ । କିନ୍ତୁ ଜୀବନର ସୌନ୍ଦର୍ଯ୍ୟ ଯଦି ସୁରକ୍ଷିତ ହୋଇଥାଏ ତେବେ ଆପଦ ମଧ୍ୟ ଏହି ସୌନ୍ଦର୍ଯ୍ୟର ଏକ ଅଙ୍ଗରେ ପରିଣତ ହୋଇ-ଯାଏ । ମୁଁ ବିଶ୍ୱାସ କରୁଥିବା ସୃଷ୍ଟି ବିଶ୍ୱରେ ଜୀବନର ସୌନ୍ଦର୍ଯ୍ୟ, ତ୍ୟାଗ ଦ୍ୱାରା ସବୁବେଳେ ସଂରକ୍ଷିତ ହୋଇ ପାରିବ ।

ଭାରତ ଆଗେଇ ଯାଉଚି ଏକ ସଂଗଠିତ, ଶିଳ୍ପପ୍ରଧାନ ଆଧୁନିକତାର ସହଜଭୋଗ୍ୟ ବସ୍ତୁବାଦ ନିକଟରେ ଆତ୍ମ ସମର୍ପଣ କରିବାକୁ । ଏପରି ଅବସ୍ଥାରେ ଗଲା କେତେ ବର୍ଷଧରି ମୋର ଆଧ୍ୟାତ୍ମିକ ବାସଭୂମି ହୋଇଥିବା ଏହି ଦେଶ ପାଇଁ ମୋତେ ଦୁଃଖ ଲାଗୁଚି ।

ମୁଁ କେବେ କଳ୍ପନା କରିପାରୁ ନାହିଁ ଯେ ଭାରତ ତାର ଆଧ୍ୟାତ୍ମିକ ମୂଲ୍ୟ ସମ୍ପଦକୁ ପୁରାପୁରି ଆଖି ବୁଜି ଦେବ । *

* ଭବନସ ଜର୍ଣ୍ଣାଲର ସୌଜନ୍ୟରୁ

(ଲ୍ସିଏନ ଦକ୍ଷିଣ ଆଫ୍ରିକାର ଅଧିବାସୀ । ପିଲାଦିନୁ ସେ ହିନ୍ଦୁ ଧର୍ମପ୍ରତି ଆକୃଷ୍ଟ ହୋଇ ଭଗବଦ୍‌ଗୀତା ଓ ପାତଞ୍ଜଳୀଙ୍କ ଯୋଗସୂତ୍ର ଗଭୀର ଭାବରେ ଅଧ୍ୟୟନ କରିଛନ୍ତି । ଏବେ ସେ ଗୈରିକ ବସ୍ତ୍ର ପରିଧାନ କରି ଭାରତରେ ଏକ ପରିବ୍ରାଜକ ଜୀବନ ଯାପନ କରୁଛନ୍ତି । ଭାରତୀୟ ଜୀବନ ଓ ପରମ୍ପରାରେ ସେ ଗଭୀର ଭାବରେ ପ୍ରଭାବିତ ।)

---


ସୁନ୍ଦର ଛାପା ଓ ଡିଜାଇନ୍ ପାଇଁ

ଅନୁସନ୍ଧାନ କରନ୍ତୁ

ପୌରୁଷ ପ୍ରେସ, ପୁରୁଣା କଲେଜ ଗଳି, କଟକ-୨ ଇଂରାଜୀ ଓ ଓଡ଼ିଆରେ ସମସ୍ତ ଛାପାକାମ ଏଠାରେ କରାଯାଏ । ଫୋନ-୧୧୮


Digitized by srujanika@gmail.com

ଚଳଚ୍ଚିତ୍ର ପରିବେଷଣରେ

## ନୂଆ ଆଲୋଡ଼ନ ସୃଷ୍ଟି କରିଛି

ଓଡ଼ିଶାରେ ସ୍ୱନାମଧନ୍ୟ

# ରୂପରାଗ ପ୍ରାଇଭେଟ୍ ଲିମିଟେଡ

ଅଫିସ:

ପୁରୀଘାଟ, କଟକ

Digitized by srujanika@gmail.com

# ସ୍ୱାଧୀନତା ସଂଗ୍ରାମର ସ୍ମୃତି

## ଷଡ଼ଯନ୍ତ୍ରକାରୀ ଆନ୍ଦୋଳନ



ମହାବୀର ତ୍ୟାଗୀ

ମହାତ୍ମା ଗାନ୍ଧୀ ତାଙ୍କର ଅସହଯୋଗ ଆନ୍ଦୋଳନ ଦ୍ୱାରା ସାରା ଦେଶରେ ଏକ ଅହିଂସାତ୍ମକ ବାତାବରଣ ପ୍ରସ୍ତୁତ କରି ଦେଇଥିଲେ । ଜନ ସାଧାରଣଙ୍କ ସହିତ ସହଯୋଗ ଓ ସହାନୁଭୂତି ରଖି କାର୍ଯ୍ୟ କରିବା ପାଇଁ ଦେଶପ୍ରେମୀଙ୍କ ମଧ୍ୟରେ ସେ ଏକ ପ୍ରବୃତ୍ତି ସୃଷ୍ଟି କରିଥିଲେ । ଇଂରେଜ ସାମ୍ରାଜ୍ୟ ବିରୁଦ୍ଧରେ ନବ ଯୁବକମାନଙ୍କ ମଧ୍ୟରେ ଏତେ ଘୃଣା ଓ ଉତ୍ତେଜନା ସୃଷ୍ଟି ହୋଇ ଯାଇଥିଲା, ଭାରତମାତାର ପାଇଁ ସେମାନେ ନିଜର ଜୀବନ ଦେଇଦେବା ପାଇଁ ତିଆର ହୋଇ ଯାଇଥିଲେ ।

ସ୍ଥାନେ ସ୍ଥାନେ ଷଡ଼ଯନ୍ତ୍ରକାରୀମାନେ ଅସ୍ତ୍ର ଶସ୍ତ୍ର ଏକାଠି କରିବା ଓ ବୋମା ତିଆରି କରିବା ପାଇଁ ଲାଗି ପଡ଼ିଥିଲେ । ଏହି ଲୋକ-ମାନେ ଗାନ୍ଧିଜୀଙ୍କ ସହିତ ମଧ୍ୟ କେତେଥର ସାକ୍ଷାତ୍ କରିଥିଲେ ଓ ଏମାନଙ୍କ ମଧ୍ୟରେ କଥା ହେଲା ଯେ ସତ୍ୟାଗ୍ରହ ଆନ୍ଦୋଳନ ମଝିରେ କୌଣସି ପ୍ରକାର ଶାନ୍ତିଭଙ୍ଗ କଲେ ସ୍ୱାଧୀନତା ସଂଗ୍ରାମ ବାଧା ପ୍ରାପ୍ତ ହେବ ।

ଆମର ପ୍ରଦେଶ ୟୁ. ପି. ରେ ଶଚୀନ୍ଦ୍ରନାଥ ସାନ୍ୟାଲ୍, ଚନ୍ଦ୍ରଶେଖର ଆଜାଦ୍, ରାମପ୍ରସାଦ

Digitized by srujanika@gmail.com

ବିସ୍ମିଲ, ଅସଫାକ୍ ଉଲ୍ଲାଖାଁ, ପ୍ରେମକୃଷ୍ଣ ଖନ୍ନା, ଯୋଗେଶଚନ୍ଦ୍ର ଚାଟାର୍ଜୀ ପ୍ରଭୃତି କେତେକ ଗୁପ୍ତ ଷଡ଼ଯନ୍ତ୍ର ସହିତ ସମ୍ପୃକ୍ତ ଥିଲେ । ମୋର ଶଚୀନ୍ଦ୍ର ସାନ୍ୟାଲଙ୍କ ସହିତ ଖୁବ୍ ଘନିଷ୍ଠ ବନ୍ଧୁତା ଥିଲା । ବଡ ଦୁଃଖରେ ସହିତ ମୋତେ ଏଠାରେ ସ୍ୱୀକାର କରିବାକୁ ହେଉଛି ଯେ ଗାନ୍ଧିଜୀଙ୍କ ସହିତ ମୁଁ ଖୁବ୍ ବିଶ୍ୱାସଘାତକତା କରିଛି ଏବଂ ଆଜି ଏପରି କୌଣସି ସୁଯୋଗ ନାହିଁ ଯେ ମୁଁ ତାଙ୍କଠାରୁ କ୍ଷମା ମାଗିନେଇ ପାରିବି । ମଲାବାପରେ ମଧ୍ୟ ସାକ୍ଷାତ୍ ହେବ ନାହିଁ । କାରଣ ସେ ଥିବେ ସ୍ୱର୍ଗରେ, ଆଉ ମୁଁ ଥିବି ନର୍କରେ । ବାହାରେ ମୁଁ ବାପୁଙ୍କର ବିଶ୍ୱାସର ପାତ୍ର ହୋଇ ଥାଏ ଓ ଭିତରେ ଭିତରେ ସନ୍ତ୍ରାସବାଦୀଙ୍କ ସହିତ ଷଡ଼ଯନ୍ତ୍ର କରୁଥାଏ ଓ ସିଗରେଟ ମଧ୍ୟ ଖାଉ ଥାଏ । ଦିନେ ଶଚୀନ ଦାଦା ମୋତେ ଏଲାହାବାଦ ଡକାଇ ଶାଜାହାନପୁରର ରାମପ୍ରସାଦ ବିସ୍ମିଲ ଓ ଅସଫାକଉଲ୍ଲା (ଦୁଇଜଣ ଯାକଙ୍କୁ ଫାସି ହୋଇଗଲା) ଙ୍କ ପାଖକୁ କୌଣସି ଅସ୍ତ୍ର ଶସ୍ତ୍ର ବ୍ୟାପାରରେ ପଠାଇଲେ । ଆମେ ଯାଇ ନିକଟବର୍ତ୍ତୀ ଏକ ତେଲଘଣା ପାଖରେ ଲୁଚି ରହିଲୁ । ବଣରେ ଶ୍ରୀ ପ୍ରେମକିଶନ ଖନ୍ନା ନିଜ ଅଣ୍ଟାରେ ବନ୍ଧା ହୋଇଥିବା ପିସ୍ତଲକୁ ଖୋଲି କିପରି ଗୁଳି ଚଳାଇବାକୁ ହେବ ଆମକୁ ଶିକ୍ଷା ଦେଲେ । (ମୁଁ ଆଶା କରୁଛି ଯେ ବ୍ରିଟିଶ ପୋଲିସ ଆମ ଉପରେ ଏବେ କୌଣସି ଅଭିନ କାର୍ଯ୍ୟକାରୀ କରିବେ ନାହିଁ ।) ରାମପ୍ରାସାଦ ବିସ୍ମିଲ ମୋତେ ଭରସା ଦେଲେ ଯେ ଶଚୀନ ଦାଙ୍କର ଯେତେ ହାତ ହତିଆର ଦରକାର ପଡ଼ିବ, ସେ ସବୁ ସେ ଦେବେ ।

## ଅଦ୍ଭୁତ ଚାକିରୀ

ଦିନେ ଦାଦା ମୋତେ ଡକାଇ ଏକ କୋଟ ମଇଳା ଲୁଗା ପିନ୍ଧାଇ ଦେଇ ଏଲାହାବାଦର ସି. ଆଇ. ଡ଼ି. ଆଇ ଜିଙ୍କ ଘରେ ବାସନ ମାଜିବା କାମରେ ଲଗାଇ ଦେଲେ । ଦରମା ଖୋରାକ ଛଡା ୧୬ ଟଙ୍କା । ମୋତେ ତାଗିଦ୍ କରି ଦିଆଗଲା ଯେ ମୁଁ ଚଷମା ଲଗାଇବି ନାହିଁ ଓ ପଢ଼ି ଲେଖି ଜାଣେ ବୋଲି କୌଣସି ସଙ୍କେତ ଦେବି ନାହିଁ । ଟୁଙ୍କୁକୁ ଚକ୍କୁ ବୋଲି କହିବ । ମୁଁ ସେତେବେଳେ ଅଖିଳ ଭାରତ କଂଗ୍ରେସ କମିଟିର ସଭ୍ୟ ଥିଲି ଓ ସବୁ ନେତାମାନଙ୍କ ସହିତ ହସ, ଖୁସି ପରିଚୟ ଥିଲା । କିନ୍ତୁ ଏଣେ ଘର ଚାକର ହୋଇଗଲି । ଦିନେ ଡ଼ି. ଆଇ. ଜିଙ୍କ ଘରେ ଏକ ଭୋଜି ହେଲା ଓ ବହୁ ବଡ଼ ବଡ଼ ଗୁପ୍ତ ପୋଲିସ ଅଫିସର ନିମନ୍ତ୍ରିତ ହୋଇ ଆସିଲେ । ମୁଁ ଖାଇବା ପରଷୁ ଥିଲି । ଏହି ସରକାରୀ ଅଫିସରମାନେ ଇଂରେଜୀରେ କଥା ଭାଷା ହେଉଥିଲେ । ମୋର ସାଙ୍ଗରେ ଆହୁରି ଏକ ଟୋକା ଥିଲା, ତା'ର ନାମ ଇଦ୍‌ଦୁ । ଏମାନଙ୍କ କଥା ଶୁଣି ମୋ' ଆଖିରେ ଲୁହ ଆସିଗଲା । ବାହ୍ ରେ ଭାରତର ସନ୍ତାନ, ତୁହେଁ ହିନ୍ଦୁ, ମୁସଲମାନ ; ଗୋଟିଏ ଶରୀର ଦୁଇଟି ପ୍ରାଣ । ମୋର ସାହେବ କହିଲେ, "କାନପୁର ଯାଇ ଝାନତଲାସ କରି କୌଣସି ଜିନିଷପତ୍ର ମିଳି-ଗଲେ, ଜେତେ ଯେ ଯୁବକ ପଢ଼ିଛିବେ,

Digitized by srujanika@gmail.com

କହି ହେଉନାହିଁ । କିନ୍ତୁ ଆମେ ଏହି ଦେଶବାସୀ; ଜାଣି ଶୁଣି ନିଜ ହାତରେ ଆମର ପୁଅଙ୍କୁ ଆମେ ଫାଶୀ ଚଢ଼ାଇବା । ଏମାନଙ୍କର ମା' ବାପ ଆମକୁ କ'ଣ କହିବେ ?" ଅନ୍ୟମାନେ କହିଲେ, ଠିକ୍ କଥା । କାନପୁର ବାଲା ସାହେବ କହିଲେ, "ମୁଁ କାହାହାତରେ ଖଣ୍ଡେ ବେନାମୀ ଚିଠି ଲେଖି ପଠାଇ ଦେବାକୁ ଚାହେଁ, 'ଶୀଘ୍ର ତୁମ ଘର ଖାନତଲାସ ହେବ, କାଗଜପତ୍ର ସବୁ ବାହାର କରି ନିଅ' ।" ମୁଁ ରାତି ଗୋଟାଏ ବେଳେ ଯାଇ ଶଚୀନଦାଙ୍କୁ ସବୁ ଖବର ଦେଇଦେଲି । ରାତାରାତି କାନପୁର ଖବର ଚାଲିଗଲା । ପରଦିନ ଏକ ବେନାମୀ ଚିଠି ମଧ୍ୟ ଆସି ପହଞ୍ଚିଗଲା । ଖାନ ତଲାସ ହେଲା ନାହିଁ ।

## ଫୁଲକୋବି ପାଇଁ ମାଡ

୯ । ୧୦ ଦିନ ଚାକିରି କରିବା ପରେ ପୁଣି ଥରେ ଭୋଜ ହେଲା । ସାହେବ ମୋତେ ଗୋଟିଏ ଟଙ୍କା ଦେଇ ବଜାରରୁ କୋବି କିଣି ଆଣିବା ପାଇଁ ପଠାଇଲେ । ମୁଁ ସାଇକଲରେ ଗଲି ଓ ଫୁଲକୋବି ନ ଆଣି ପତ୍ର କୋବି ନେଇ ଆସିଲି । ସଂଧ୍ୟା ବେଳେ ସାହେବ ଅଫିସରୁ ଫେରି ମୋତେ ପାଖି କରି ଡାକିଲେ, "ବଜୁବ୍ବା, ଇଆଡ଼େ ଆସ ।" ମୁଁ ଆସିବା ମାତ୍ରେ ମୋ' ଗାଲରେ ଏକ ଜୋର ଚଟକଣା ଲଗାଇ କହିଲେ, "ତୁମ୍ଭବକ କାହାଁକା, ତୋତେ ଫୁଲ କୋବି ଆଣିବାକୁ କୁହା ହୋଇଥିଲା, ତୁ କ'ଣ ନେଇ ଆସିଲୁ ?" ମାଡ଼ ଖାଇ ମୋ' ମୁଣ୍ଡରେ ରକ୍ତ ଚଢ଼ିଗଲା । ମୁଁ ଇଂରେଜୀରେ କହିବାକୁ ଯାଉଥିଲି, "ଡ୍ୟାମ୍ ସ୍ୱାଇନ୍"— ଏହି ସମୟରେ ମୋର ସ୍ମରଣ ଆସିଗଲା ଯେ ମୁଁ ଏଠାରେ ଚାକିରି କରୁଛି । "ଭୁଲ ହୋଇଗଲା, ସାହେବ, ଏବେ ଯାଇ ଫୁଲ କୋବି ନେଇ ଆସୁଛି ।" ଖୁବ୍ ଶୀଘ୍ର ଫୁଲ କୋବି ନେଇ ଆସିଲି ଓ ଶଚୀନଦାଙ୍କୁ ସମସ୍ତ ଖବର ଦେଇ କହିଲି, "ମୋ'ର ଡର ହେଉଛି, ମୁଁ ବେଶୀ ଦିନ ଏଠି ଚାକିରି କରି ପାରିବି ନାହିଁ ।" ଦାଦା କହିଲେ, ଭୋଜ ପରେ ପରେ ବାଇ ସାଇକଲ୍ ସଂଗରେ ନନେଇ ଏଠାକୁ ଆସି ନିଜର ଲୁଗାପିନ୍ଧା ପକାଇବ ଓ ଶୀଘ୍ର ବିଜନୌର ଚାଲିଯିବ । ବେଶ, ନିଜର ଦରମା ନ ନେଇ ତୃତୀୟ ଶ୍ରେଣୀ ଟିକଟ କାଟି ବିଜନୌର ଚାଲିଗଲି ।

ପୁଣି ଦାଦା କହିଲେ, କୌଣସି ବିଶ୍ୱାସୀ ବନ୍ଧୁଙ୍କର ନାମ କହ । ମୁଁ ବୁଲନ୍ଦ ସହରର ରାମଚନ୍ଦ୍ର ଶର୍ମା ଓ ମିରଟର ବିଷ୍ଣୁ ଚରଣ ଡୁବଲିଶଙ୍କ ନାମ ଦେଲି । ବିଷ୍ଣୁଚରଣ ଡୁବଲିଶଙ୍କ ସହିତ କେଉଁଠି ସାକ୍ଷାତ୍ କରିବାକୁ ହେବ ? ସ୍ଥିର ହେଲା, ଗାଜିଆବାଦର ୱେଟିଂ ରୁମ୍‌ରେ ଦେଖା ହେବ । ଡୁବଲିଶ ଗାଜିଆବାଦ ଆସିଲେ ଓ ଷଡ଼ଯନ୍ତ୍ରକାରୀମାନଙ୍କ ସହିତ ମିଳିତ ହେଲେ । କାକୋରୀ ଟ୍ରେନରେ ଯେଉଁ ଡକାୟତି ଆମେମାନେ କରିଥିଲୁ, ତା'ର ପ୍ରଥମ ଚକ୍ରାନ୍ତ ମିରଟର ଅନାଥାଳୟରେ ହୋଇଥିଲା, ଯେଉଁଠିକି ଡୁବଲିଶ ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ମିରଟ ଆଲୋଚନା ବେଳେ ମୋ' ପାଖକୁ ତାର ଆସିଲା, ଶୀଘ୍ର ସେଠାରେ ଯାଇ

Digitized by srujanika@gmail.com

ପହଞ୍ଚିବାକୁ ହେବ । କିନ୍ତୁ ବିଜନୁରେ ମୁଁ ଯାହାଙ୍କ ଘରେ ରହୁଥିଲି (ବିଶ୍ୱମିତ୍ର ବର୍ମ୍ମା) ତାଙ୍କ ମନରେ ସନ୍ଦେହ ସୃଷ୍ଟି ହେଲା ଓ ସେ ମୋତେ ଦ୍ୱାର ଦେଖାଇଲେ ନାହିଁ । ପୁଣି ଯେଉଁ ଦିନ ଡ଼କାଏତି ହେବାର ସ୍ଥିର ହେଲା, ତା'ର ଖବର ଦେବାପାଇଁ ଯେଉଁ ବଙ୍ଗାଳୀ ବାବୁ ମୋ' ସହିତ ସାକ୍ଷାତ୍ କରିବା ପାଇଁ ଆସିଲେ, ତାଙ୍କୁ ବିଶ୍ୱମିତ୍ରଜୀ ଏପରି କହି ଭୁଲାଇ ଦେଲେ ଯେ ମୁଁ ବହୁଦିନୁ ବିଜନୁର ଛାଡ଼ି ଚାଲିଯାଇଛି ! ମୁଁ ଘର ଭିତରେ ଥିଲି, କିନ୍ତୁ ଖବର ପାଇଲି ନାହିଁ । ସେ ଏକ କୃଷକ ସମ୍ମିଳନୀର ଆୟୋଜନ କଲେ । ଏହିପରି ଭାବରେ ମୁଁ ଡ଼କାଏତିରେ ଭାଗ ନେଇ ପାରିଲି ନାହିଁ । ସି. ଆଇ. ଡ଼ିର ରିପୋର୍ଟ ଅନୁସାରେ ମୋ' ନାଁରେ ଓ୍ୟାରେଣ୍ଟ ବାହାରିଲା । କିନ୍ତୁ ସେହିଦିନ ଏକ କୃଷକ ସଭାରେ ମୁଁ ଭାଷଣ ଦେଇ ଥିବାର ଖବର ଇଂରେଜ କଲେକ୍ଟରଙ୍କ ପାଖରେ ପହଞ୍ଚି-ଥିଲା । ତେଣୁ ମୋତେ ଗିରଫ କରିଯାଇ ପାରିଲା ନାହିଁ ।

## ସାଇମନ କମିସନ

୧୯୨୯ ମସିହାରେ ଭାରତରେ ରାଜ୍ୟ ପୁନର୍ଗଠନ ଲକ୍ଷ୍ୟରେ ଏକ କମିସନ ନିଯୁକ୍ତ ହେଲା, ଯାହାର ସଭାପତି ଥିଲେ ସାର ସାଇମନ୍ । ଏହା ଇତିହାସରେ ସାଇମନ୍ କମିସନ ନାମରେ ଖ୍ୟାତ । କଂଗ୍ରେସ ଏହି କମିସନକୁ ବହିଷ୍କାର କରିବା ପାଇଁ ସ୍ଥିର କଲା । ଯେଉଁଠିକି ଏ କମିସନ ଗଲା, ହଜାର ହଜାର ସଂଖ୍ୟାରେ ଲୋକେ କଳା ପତାକା ଦେଖାଇ 'ସାଇମନ୍ ଗୋ ବ୍ୟାକ୍' କହି ଏହାକୁ ସ୍ୱାଗତ କଲେ । ଲକ୍ଷ୍ନୌକୁ ଯେତେବେଳେ କମିସନ ଆସିଲା, କଳା ପତାକା ସହି ଏକ ବଡ଼ ଧରଣର ଶୋଭାଯାତ୍ରା ବାହାରିଲା । ଏହି ଶୋଭାଯାତ୍ରାର ନେତା ଥିଲେ ପଣ୍ଡିତ ଜବାହାରଲାଲ ନେହରୁ ଓ ତାଙ୍କ ସଙ୍ଗେ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ । ଘୋଡ଼-ସବାର ପୋଲିସ ପଛରୁ ଏହି ପନ୍ଥଆର ଉପରେ ଜୋର ଯୋରରେ ଲାଠି ଚାଲିଲା କରାଗଲା । ବିଶେଷତଃ ଜବାହାର ଲାଲ-ନେହେରୁଙ୍କ ଅଣ୍ଟାରେ ପ୍ରହାର ବସିଲା । ମାଡ଼ ବସି ଅଣ୍ଟା ସାରା ନୋଳା ଫାଟିଗଲା । ପଣ୍ଡିତ ମୋତିଲାଲ ନେହରୁ ଏଲାହାବାଦରେ ଆନନ୍ଦ ଭବନରେ ରହୁଥିଲେ । ତାଙ୍କୁ ଯେତେବେଳେ ଖବର ମିଳିଗଲା, ସେ ନିଜ ହାତରେ ମଟର ଚଳାଇ ଲକ୍ଷ୍ନୌ ପହଞ୍ଚି ଗଲେ । ଗୋଟିଏ ବୋଲି ପୁଅ ; ତା'ର ଅଣ୍ଟାରେ ଏପରି ମାଡ଼ ବସିଥିବା ଦେଖି ସେ କାନ୍ଦି ପକାଇଲେ । ତାଙ୍କ ସାଙ୍ଗରେ ଥିବା ଅନ୍ୟ ସାଥିମାନେ ମଧ୍ୟ କାନ୍ଦି ପକାଇଲେ । ଅଣ୍ଟାର ଫଟୋ ନିଆଗଲା ଓ ସବୁ ଖବର କାଗଜରେ ଛପା ହେଲା । ଆମକୁ କେବଳ ଗୋଟିଏ କଥା ଆଲୋଡ଼ିତ କଲା ଯେ ଆମେ ସାଇମନଙ୍କୁ କଳା ପତାକା ଦେଖାଇ ପାରିଲୁ ନାହିଁ । କାରଣ ପୋଲିସ ସବୁ ପତାକା ଆଗରୁ ଛଡ଼ାଇ ନେଇଥିଲା । ସନ୍ଧ୍ୟାବେଳେ ଜମିଦାର ମାନଙ୍କ ପକ୍ଷରୁ ବାରାଦରୀ ମଇଦାନରେ ଏକ ରାତ୍ରି ଭୋଜି ହେଲା । ଲକ୍ଷ୍ନୌ ଘୁଡ଼ି ଉଡ଼ା ପାଇଁ ନବାବ ମାନଙ୍କ ସମୟରୁ ପ୍ରସିଦ୍ଧ । ବେଶ୍, ଜଣେ ପିଲା ଏପରି ଭାବରେ ଏକ ଘୁଡ଼ି

Digitized by srujanika@gmail.com

ଉଡ଼ାଇଲା ଯେ ତାହା ଲର୍ଡ ସାଇମନଙ୍କ ଆଗରେ ଥିବା ଟେବୁଲ ଉପରେ ପ୍ଲେଟ୍ ପାଖରେ ପଡ଼ି ଚଲ ଯେପରି ଝାମ୍ପ ମାରି ଗ୍ଲ ଆସେ ସେହିପରି ଗ୍ଲ ଆସିଲା । ଏହି ଗୁଡ଼ି ଉପରେ ବଡ଼ ବଡ଼ ଇଂରେଜୀ ଅକ୍ଷରରେ ଲେଖାଥିଲା, "ସାଇମନ ଗୋ ବ୍ୟାକ୍" । ସାଇମନ ଏହାକୁ ପଢ଼ିଲେ, କିନ୍ତୁ ଗୁଡ଼ି ଜବତ୍ କରାଯାଇ ପାରିଲା ନାହିଁ । ପୋଲିସ ବହୁତ ଚେଷ୍ଟା କଲେ, କିନ୍ତୁ ଗୁଡ଼ି ପିଗ୍ଭ ଧରି ପାରିଲେ ନାହିଁ । ଥରେ ମୁଁ ଯେତେବେଳେ ପ୍ରାଦେଶିକ କଂଗ୍ରେସ କମିଟିର ମେମ୍ବେଟେଣ୍ଟ ହେଲି, ଶ୍ରୀ ସି. ବି. ଗୁପ୍ତ, ସ୍ୱର୍ଗୀୟ ହରିଶ୍ଚନ୍ଦ୍ର ବାଜପେୟୀ ଓ ଶ୍ରୀ ତ୍ରିଲୋକୀ ସିଂହଙ୍କ ଦଳ ଲକ୍ଷ୍ନୌ ସିଟି କଂଗ୍ରେସ ଅଧିକାର କରିବାର ସ୍ଥିର ହେଲା । ମୁଁ ସିଟି କଂଗ୍ରେସ ଅଫିସରେ ତାଲା ପକାଇ ଦେଲି । ସବୁଠାରୁ ଏହି ପ୍ରଶ୍ନ ଉପରେ ବିବାଦ ଲାଗିଲା ଯେ ଏ ଗୁଡ଼ି କାହା ପାଖରେ ରହିବ । ମୁଁ ଖୋଜି ଦେଖିଲି ଯେ ଗୁଡ଼ିଟି ଗୋଟିଏ କଣରେ ପଡ଼ିଚ, ଟିକିଏ ଯାହା ଫାଟି ଯାଇଚ ।

## ଲାଲାଜୀଙ୍କ ମୃତ୍ୟୁର ପ୍ରତିଶୋଧ

ଏହି ସମୟରେ ଲାହୋରରେ ଯେଉଁ କଳା ପତାକା ପଟୁଆର ହେଲା, ତା'ର ନେତୃତ୍ୱ ଦେଇଥିଲେ ସ୍ୱର୍ଗୀୟ ଲାଲା ଲାଜପତ ରାୟ । ସେଠାରେ ମଧ୍ୟ ପ୍ରବଳ ଲାଠି ଚାଳନା ହେଲା । ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ମିଷ୍ଟର ସ୍କଟ ଲାଲା ଲାଜପତ ରାୟଙ୍କ ଛାତି ଉପରେ ଏପରି ଜୋରରେ ମାଡ଼ ଦେଲେ ଯେ ସେ ଅତିଶୟ ଆହତ ହୋଇ ମୂର୍ଚ୍ଛିତ ହୋଇଗଲେ । ଏହାର ୮ । ୧୦ ଦିନ ପରେ ୧୭ ନଭେମ୍ବର, ୧୯୨୮ ମସିହାରେ ତାଙ୍କର ଦେହାନ୍ତ ହୋଇଗଲା । ତାହାଙ୍କ ମୃତ୍ୟୁପରେ ସାରା ଦେଶର ରକ୍ତ ଉତ୍ତେଜିତ ହୋଇ ଉଠିଲା । ମନକୁ ମନ ନବ ଯୁବକଗଣ ବାହାରି ପଡ଼ିଲେ । ସ୍ୱର୍ଗୀୟ ଚିତ୍ତରଞ୍ଜନ ଦାସଙ୍କ ବିଧବା ପତ୍ନୀ ଶ୍ରୀମତୀ ବାସନ୍ତୀ ଦେବୀ ଏକ ବିବୃତିରେ ନିବେଦନ କରି କହିଲେ, "କ'ଣ ଦେଶରେ ଜଣେ ହେଲେ ସ୍ୱାଭିମାନୀ ଯୁବକ ନାହିଁ, ଯେ ଲାଲା ଲାଜପତରାୟଙ୍କ ମୃତ୍ୟୁର ପ୍ରତିଶୋଧ ନେବ ନାହିଁ ।" ଭଗତ ସିଂ (୨୨ ବର୍ଷ), ରାଜଗୁରୁ ଓ ଚନ୍ଦ୍ରଶେଖର ଆଜାଦ ସ୍କଟଙ୍କୁ ମାରିବାପାଇଁ ସ୍ଥିର କଲେ । ଦିନେ ସନ୍ଧ୍ୟାବେଳେ ମଟର ସାଇକେଲରେ ଜଣେ ସାହେବ ଚଢ଼ିଛନ୍ତି, ଏହାଙ୍କୁ ସ୍କଟ ମନେକରି ସେମାନେ ଗୁଳି ଚଳାଇଲେ । ପ୍ରଥମ ଗୁଳି ରାଜଗୁରୁ ଚଳାଇଲେ । କିନ୍ତୁ ଏ ପୋଲିସ ଅଫିସର ଜଣକ ସ୍କଟ ନୁହନ୍ତି । ସେ ଥିଲେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସାଣ୍ଡର୍ସ; ଗୁଳି ବସିବା ମାତ୍ରେ ସେ ମରି ପଡ଼ିଗଲେ ଓ ଏହି ତିନି ଜଣ ଯୁବକ ଦୌଡ଼ି ପଳାଇ-ଗଲେ । ଫର୍ଣ୍ଣ ନାମକ ଜଣେ ଗୋରା ଓ କନେଷ୍ଟେବଲ ଚନ୍ଦନ ସିଂହ ସେମାନଙ୍କ ପିଗ୍ଭ ଧରି ଗୁଳି ଚଳାଇବାକୁ ଲାଗିଲେ । ଏମାନେ ମଧ୍ୟ ଗୁଳିର ଜବାବ ଗୁଳିରେ ଦେଲେ । ଏମାନେ ଖାଲି ତେଜସ୍ୱୀ ନ୍ ଯୁବକ ଥିଲେ । ଗୁଳି ମାଡ଼ରେ ଚନ୍ଦନ ସିଂ ମରି ପଡ଼ିଲେ, ସାହେବ ଜଣକ ଦଉଡ଼ି ପଳାଇଲେ । ସର୍ଦ୍ଦାର ଭଗତ୍ ସିଂହ ନିଜ ବାଲ କାଟି ଦେଇ ଥିବାରୁ ତାଙ୍କୁ ଚିହ୍ନିବା ସହଜ ହେଲା ନାହିଁ ।

Digitized by srujanika@gmail.com

ପଛରେ ଜଣାଗଲା ଯେ ପଣ୍ଡିତ ମୋତିଲାଲ ନେହରୁ ଚନ୍ଦ୍ରଶେଖର ଆଜାଦଙ୍କୁ କହି ଦେଇ ଥିଲେ, "ବର୍ତ୍ତମାନ କିଛି ନା କିଛି କରିବାକୁ ହେବ । "ପଣ୍ଡିତ ଜବାହାରଲାଲ ନେହରୁ ଯେତେବେଳେ ଲାହୋର ଯାଇ-ଥିଲେ, ସେ ଦୟାଲ ସିଂ କଲେଜ ଆଗରେ ବୁଲୁଥିଲେ । ସେତେବେଳେ ଏହି ଯୁବକ ତାଙ୍କ ସହିତ ସାକ୍ଷାତ୍ କରି ତାଙ୍କୁ ନିଜର ମନର କଥା କହିଲେ ଓ ଏହି ହତ୍ୟା ପାଇଁ ତାଙ୍କର ଅନୁମତି ମାଗିଲେ । ଜବାହାରଲାଲ ଉତ୍ତର ଦେଲେ, "ମାରିବ କି ନ ମାରିବ, ତାହା କ'ଣ ନ ପଚାରିଲେ ଚଳିବ ନାହିଁ ?"

୧୯୩୦ ଡିସେମ୍ବର ୨୨ ତାରିଖ ଦିନ ଗଭର୍ଣ୍ଣର ମାଣ୍ଟମୋରସୀ ଲାହୋର ବିଶ୍ୱ-ବିଦ୍ୟାଳୟ କନ୍‌ଭୋକେସନରେ ଭାଷଣ ଦେବାକୁ ପହଞ୍ଚିବା ବେଳେ, ସେଠାର ଛାତ୍ର ହରେକୃଷ୍ଣ (ବୟସ ୧୭ ବର୍ଷ), ଦୁର୍ଗା ଦାସ ଖାନ୍ନା (୨୧ ବର୍ଷ), ରଣବୀର (୨୧ ବର୍ଷ) ଏବଂ ଚମନ ଲାଲ (ହରେକୃଷ୍ଣଙ୍କ ଦାଦପୁଅ ଭାଇ) ଗଭର୍ଣ୍ଣରଙ୍କୁ ମାରିବାର ଷଡ଼ଯନ୍ତ୍ର କଲେ । ପ୍ରଥମ ଗୁଳିରେ ଗଭର୍ଣ୍ଣର ଆହତ ହୋଇଗଲେ । ଦ୍ୱିତୀୟ ଗୁଳି ଚଳାଇବା ବେଳେ ଗଭର୍ଣ୍ଣରଙ୍କ ଆଗକୁ ସହକାରୀ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଚନନ ସିଂହ ଆସିଗଲେ ଏବଂ ଗୁଳି ଖାଇ ସଙ୍ଗେ ସଙ୍ଗେ ମରିଗଲେ । ଏମାନଙ୍କ ଉପରେ ମୋକଦ୍ଦମା ହେଲା ଓ ଶ୍ରୀ ହରେକୃଷ୍ଣଙ୍କ ଫାସି ହୋଇ-ଥିଲା ।

## କେନ୍ଦ୍ର ଆସେମ୍ବ୍ଲିରେ ବୋମା

୧୯୨୯ ଅପ୍ରେଲ ୮ ତାରିଖ ଦିନ ହିନ୍ଦୁସ୍ଥାନ ସୋସାଲିଷ୍ଟ ଏଣ୍ଡ୍ ରିପବ୍ଲିକାନ ପାର୍ଟି (ଭାରତୀୟ ସମାଜବାଦୀ ଓ ଗଣତାନ୍ତ୍ରିକ ଦଳ)ର ସିଦ୍ଧାନ୍ତ ଅନୁସାରେ ଶ୍ରୀ ଭଗତ ସିଂ ଓ ବଟୁକେଶ୍ୱର ଦତ୍ତ କେନ୍ଦ୍ର ଆସେମ୍ବ୍ଲିରେ ବୋମା ପକାଇବା ପାଇଁ ସ୍ଥିର କଲେ । ଦୁଇ ଜଣଙ୍କର ବୟସ ୨୦ । ୨୨ ବର୍ଷ ମଧ୍ୟରେ । ଏ ଦୁଇଜଣ ଗୋଟିଏ ଗୋଟିଏ ହାତ ତିଆରି ବୋମା ଓ ପିସ୍ତଲ ଗୁପ୍ତ ଭାବରେ ନିଜ ସଙ୍ଗରେ ରଖି ଲୋକସଭାର ଦର୍ଶକ ଗ୍ୟାଲେରୀକୁ ଆସିଗଲେ । ସ୍ୱର୍ଗୀୟ ପଣ୍ଡିତ ମଦନ ମୋହନ ମାଲବୀୟ ଏମାନଙ୍କ ପାଇଁ ପାସ୍ ଯୋଗାଡ଼ କରି ଦେଇଥିଲେ । ସେ ଦିନ କେନ୍ଦ୍ର ଆସେମ୍ବ୍ଲିରେ ଏକ ଗୁରୁତ୍ୱ-ପୂର୍ଣ୍ଣ ବୈଠକ ଥାଏ । ଏକ ଟ୍ରେଡ଼ ଡିସପ୍ୟୁଟ ବିଲ ଥିଲା, ଯାହାକି ସିମଳା ଅଧି-ବେଶନ ବେଳୁ ରଖା ଯାଇଥିଲା । ସରକାରୀ ପକ୍ଷ ଓ ଆମ ପକ୍ଷର ସମାନ ସମାନ ଭୋଟ ହେଲା ଓ ଅଧ୍ୟକ୍ଷ (ଶ୍ରୀ ପଟେଲ) ନିଜ ଭୋଟ ଦ୍ୱାରା ଏହା ରଦ୍ଦ କରି ଦେଲେ । ଆଉରି ଏକ ବିଲ ଥିଲା ସେଫ୍‌ଟି ବିଲ, ଯେଉଁଥିରେ କମ୍ୟୁନିଷ୍ଟ ମାନଙ୍କୁ ଦେଶ ବାହାରକୁ ନିର୍ବା-ସନ କରିବାର ଅଧିକାର ସରକାରଙ୍କୁ ଦିଆ ଯାଉଥିଲା । ଅନ୍ୟ ଏକ ବିଲ ଥିଲା ମିରଟ କନସ୍ପିରେସି କେସ ବିଲ । ସାରା ଦେଶରେ ଏହି ବିଲ ବିରୁଦ୍ଧରେ ବିକ୍ଷୋଭ ହେଉଥିଲା । ସେ ଦିନର ବୈଠକ ଦେଖିବା ପାଇଁ ଲର୍ଡ଼ ସାଇମନ ଟ୍ରୀଷ୍ଟ ଦର୍ଶକଙ୍କ ସ୍ଥାନରେ ବସି-

Digitized by srujanika@gmail.com

ଥିଲେ । ମିରଟ କନ୍‌ସ୍ପିରେସି କେସ୍ ବିଲ ଉପରେ ରୁଲିଂ ହୋଇଗଲା ଯେ ମକଦ୍ଦମା ଉଠାଇ ନିଅ, ନଚେତ୍ ବିଲ ଉଠାଇ ନିଅ । ଶ୍ରୀ ମୋତିଲାଲ ନେହରୁ, ଶ୍ରୀ ଜିନ୍ନା ଓ ଦେବାନ ଚମନଲାଲ ପ୍ରଭୃତିଙ୍କର ଭାଷଣ ହୋଇ ସାରିଥିଲା । ପୁରା ଗ୍ୟାଲେରୀ ଦର୍ଶକଙ୍କ ଦ୍ୱାରା ଭରି ପୂରି ହୋଇ ରହିଥିଲା । ଏହି ଦୁଇଜଣ ଦେଶଭକ୍ତ ଆସ୍ତେ ଆସ୍ତେ ଚୌକି ଘୁଞ୍ଚାଇ ଆଗକୁ ଚାଲି ଆସିଲେ । ବିଲ ଉପରେ ଭୋଟ ନିଆଯିବା ସମୟରେ ଡିଭିଜନ ହେଲା । ଆମେ ହାରିଗଲୁ ଓ ସରକାରୀ ପକ୍ଷ ଜିଣିଗଲେ । ସରକାରୀ ସଭ୍ୟମାନେ ଖୁସି ଖୁସିରେ ହାତ ବାଡ଼ାଇଲେ ଓ ଟୋପି ଫିଙ୍ଗିବାକୁ ଆରମ୍ଭ କଲେ । ସ୍ପିକର ପବ୍ଲିକ ସେଫଟି ବିଲ ଉପରେ ନିଜର ରୁଲିଂ ଦେବାକୁ ଠିଆ ହୋଇଛନ୍ତି, ଏହି ସମୟରେ ଉପରୁ ଦୁଇଟି ବୋମା ପଡ଼ିଲା ଓ ସାରା ହଲ୍ ଧୂଆଁରେ ପୂରିଗଲା । ହା ହୁଲ ପଡ଼ିଗଲା । ସ୍ପିକର ଚାଲିଗଲେ । ସାରଜର୍ଜ ସୁଷ୍ଟର (ଯେ ଅର୍ଥ ମନ୍ତ୍ରୀ ଥିଲେ) ଓ ସାର ଜେମସ୍ କେରର ଟେବଲର ତଳେ ନଇଁ ରହି ଉପରକୁ ଦେଖୁଥିଲେ । ସବୁ ମେମ୍ବର ଓ ଦର୍ଶକ ପଳାଇଗଲେ । ଶ୍ରୀ କବୀର ଉଦ୍ଦିନ ଅହମ୍ମଦ ଆଲମାରୀ ପଛରେ ଓ ସାର ହରି ସିଂ ଗୌଡ଼ ବାଥରୁମ୍‌ରେ ନଇଁଲେ । ବାଥରୁମର କବାଟ ବନ୍ଦ ହୋଇଗଲା । ତାକୁ ଭାଙ୍ଗିବା ଦରକାର ପଡ଼ିଲା । ଶ୍ରୀ ବାମନଜୀ ଦଲାଲଙ୍କ ଦେହରେ ଝଣ୍ଟେ ନିହାର ଛୁଟିକା ବାଜି ୪ଇଞ୍ଚ ଗଭୀର ଏକ ଘା ହୋଇଗଲା । ଲର୍ଡ଼ ସାଇମନ ମଧ୍ୟ ପଳାଇଗଲେ । କେବଳ ଦୁଇଜଣ ଭଗତ୍ ସିଂ ଓ ବ. କେ. ଦତ୍ତ ଦର୍ଶକ ଗ୍ୟାଲେରୀରେ ରହି ଯାଇଥିଲେ । କିଛି ସମୟ ପରେ ଏମାନେ ତାଙ୍କର ଇସ୍ତାହାର ତଳକୁ ଫୋପାଡ଼ିବାକୁ ଲାଗିଲେ ଓ ଆସେମ୍ବ୍ଲିର କବାଟ ବନ୍ଦ ହେବାକୁ ଲାଗିଲା ।

ଜଣେ ଗୋରା ସର୍ଜେଣ୍ଟ ଗ୍ୟାଲେରୀ ଉପରକୁ ଯାଇ ଦେଖେ ତ ଭଗତ ସିଂଙ୍କ ହାତରେ ପିସ୍ତଲ ଅଛି । ସେ ସ୍ଥିର ହୋଇ ରହିଗଲା । ଭଗତ ସିଂ ତଳକୁ ପିସ୍ତଲ ଫିଙ୍ଗି ଦେଲେ ଏବଂ ଦୁଇଜଣ ଖାଲି ହାତ ଉପରକୁ ଉଠାଇ ସ୍ଲୋଗାନ୍ ଦେଲେ, ଲଙ୍ଗ୍ ଲିଭ୍ ରେଭଲ୍ୟୁସନ (ବିପ୍ଳବ ଯିଗଯୁଗଜୀବୀ ହେଉ) । ଦୁଇଜଣଙ୍କୁ ଗିରଫ କରି ନିଆଗଲା ଓ ସର୍ଜେଣ୍ଟଙ୍କ ସଙ୍ଗେ ଏକ କକ୍ଷରେ ବସାଇ ଦିଆଗଲା । ଦୁଇଘଣ୍ଟା ଏମାନେ ଏଠାରେ ବସି ରହିଲେ । ଛ' ଘଣ୍ଟା ସମୟରେ ସାଇମନ୍ ସାହେବଙ୍କୁ ଏକ ବନ୍ଦ ଗାଡ଼ିରେ ନିଆଗଲା । ଶ୍ରୀ ବ. କେ. ଦତ୍ତଙ୍କୁ ନୂଆ ଦିଲ୍ଲୀର ଓ ଭଗତ୍ ସିଂଙ୍କୁ ପୁରୁଣା ଦିଲ୍ଲୀର ଜେଲ ହାଜତରେ ରଖାଗଲା । ଏଠାରେ ଏମାନଙ୍କୁ ଚା' ଜଳଖିଆ ସରୁଗଲା ଓ ଖୁବ୍ ଆତିଥ୍ୟର ସହିତ ବ୍ୟବହାର କରାଗଲା । ଶ୍ରୀ ଦତ୍ତଙ୍କ ପାଖକୁ ଜଣେ ଫଟୋଗ୍ରାଫର ଫଟୋ ନେବାପାଇଁ ଆସିଲା । କୁହାଗଲା, ସେ ପ୍ରେସ ଫଟୋଗ୍ରାଫର, କିନ୍ତୁ ପ୍ରକୃତରେ ସେ ପୋଲିସ ଫଟୋଗ୍ରାଫର ଥିଲା । କାରଣ ସାକ୍ଷୀ ପ୍ରମାଣ ନେଲେ ଫଟୋ ଦେଖାଇ ଦେଲେ କୋର୍ଟରେ ଅସୁବିଧା ହେବ ନାହିଁ । ପୁଣି ବୃଦ୍ଧ ପୁଲିସ ଅଫିସର ଶ୍ରୀ ଚସଦ୍ଦିନ ହୁସେନ ଆସିଲେ ; ସେତେବେଳେ ବଡ଼

୧୨ଟା ବାଜି ସାରିଥିଲା । ସେ ଖୁବ୍ ଦେଶ ଭକ୍ତିର ପ୍ରଶଂସା କଲେ ଓ ସିନେମା ସବୁର ଖବର ପଚାରିଲେ । ସେଦିନ ଏପରି ଏକ ସିନେମା ଆସିଥିଲା, ଯେଉଁଥିରେ ବୋମା ଫଟାଇବାର ଦୃଶ୍ୟ ଥିଲା । ସେ ପଚାରିଲେ, "ଆପଣ ଏ ଫିଲ୍ମ ଦେଖିଛନ୍ତି ?" କଥା-ପ୍ରସଙ୍ଗରେ ଏକ ଚପଳ ଗୁପ୍ତଚର ଆହୁରି ଏକ ଚାଲ ଖେଳିବାକୁ ଆରମ୍ଭ କଲେ । ସେ କହିଲେ, "ଆପଣଙ୍କ ଲୁଗା ବହୁତ ମଇଳା ହୋଇ ଗଲାଣି । କାଲି ନୂଆ ହେଲେ ଲୁଗା ମୁଁ ପଠାଇ ଦେବି । ମୁଁ ଯାହାକୁ ପଠାଇ-ଥିବି ତା' ହାତରେ ମୋ' ପାଖକୁ ଲେଖି ଆପଣଙ୍କ ମଇଳା ଲୁଗା ପଠାଇ ଦେବେ, କାରଣ ମୁଁ ତାହା ଧୋବାଘରକୁ ଦେଇ ଦେବି ?" ଶ୍ରୀ ଦତ୍ତ ବୁଝି ପାରିଲେ, ଏ ଚାଲ ତାଙ୍କର ହାତଲେଖା ଓ ହସ୍ତାକ୍ଷର ପାଇବା ପାଇଁ କରା ଯାଇଛି ଓ ପୁରୁଣା ଲୁଗା ନେବାର ଉଦ୍ଦେଶ୍ୟ ହେଉଛି, ସେଥିରେ ଯେଉଁ ଧୋବାର ଚିହ୍ନ ଥିବ, ତାକୁ ଯାଇ ଧରିବା । ତା' ଆରଦିନ ସେ ଲୁଗା ପଠାଇ ଦେଲେ, କିନ୍ତୁ ଲୁଗାର ଚିହ୍ନ ଥିବା ଅଂଶଟି କାଟି ରଖି ନେଲେ । ଶ୍ରୀ ବି. କେ. ଦତ୍ତ ଜାଣିଥିଲେ ଯେ ଏହି ଲୁଗା ଉପରେ ଥିବା ଧୋବାର ଚିହ୍ନ ଦ୍ୱାରା କାକୋରି ଟ୍ରେନ ଡକାଏତି ମୋକଦ୍ଦମାରେ ପୁଲିସ ପ୍ରମାଣ ସଂଗ୍ରହ କରିଥିଲା । କିନ୍ତୁ ଶ୍ରୀ ଦତ୍ତ ନିଜ ହାତରେ କେତେ ଖଣ୍ଡ ଲୁଗା ଦେଲେ ତାହା ଲେଖି ପଠାଇ ଦେଲେ । ଜଣେ ଝାଡ଼ୁ ଦେଉଥିବା ବ୍ୟକ୍ତି ଶ୍ରୀ ଦତ୍ତଙ୍କ ସହିତ ଘନିଷ୍ଠତା ଜମାଇବା ପାଇଁ ଚେଷ୍ଟାକରି କହିଲା, "ଆପଣଙ୍କ ଆତ୍ମାକୁ ଧନ୍ୟ, ଏତେ ଅଳ୍ପ ବୟସରେ ଆପଣ ଦେଶ ପାଇଁ ନିଜକୁ ବଳି ଦେଉଛନ୍ତି । ମୋଦ୍ୱାରା ଆପଣଙ୍କର କ'ଣ ସେବା ହୋଇ ପାରିବ, କହନ୍ତୁ, ମୁଁ କରିବା ପାଇଁ ପ୍ରସ୍ତୁତ ଅଛି । ଯଦି ଜେଲ ବାହାରକୁ କାହାରି ପାଖକୁ କିଛି ଖବର ପଠାଇବାକୁ ହେବ କହିଲେ ମୁଁ ତାହା ପହଞ୍ଚାଇ ଦେବି ।" କିନ୍ତୁ ଜେଲ ଓ୍ୱାର୍ଡ଼ନ ଚୁପ୍ ଚାପ୍ କରି କହିଲେ, ଏହା ଉପରେ ନିର୍ଭର କରିବ ନାହିଁ, କାରଣ ଏ ଗୁପ୍ତ ପୁଲିସର ଏଜେଣ୍ଟ ଭାବରେ କାର୍ଯ୍ୟକରେ । ଦିନେ ଶ୍ରୀ ଦତ୍ତଙ୍କୁ କୁହାଗଲାଯେ ଭଗତ ସିଂ ତାଙ୍କ ନିଜର ବିବୃତି ଦେଇ ଦେଲେଣି, ଯଦି ସେ ଚାହାନ୍ତି, ତା'ହେଲେ ଦେଇ ପାରନ୍ତି । ପରେ ଜଣା-ଗଲା ଯେ ଭଗତ ସିଂଙ୍କୁ ମଧ୍ୟ ଏହିପରି କୁହା ଯାଇଥିଲା । କିନ୍ତୁ ଏ ଦୁଇଜଣ ନବ ଯୁବକ ବଡ଼ ହୁସିଆର ଥିଲେ । ଦୁଇ ଜଣଙ୍କୁ ଏକାଠି ନ ରଖାହିବା ପର୍ଯ୍ୟନ୍ତ ସେମାନେ ବିବୃତି ଦେବେ ନାହିଁ ବୋଲି ମନା କରି ଦେଲେ ।

## ସମାଜବାଦୀ ଲକ୍ଷ୍ୟ

ସାତ ଦିନ ପରେ ତାଙ୍କ ପ୍ରତି କଠୋର ବ୍ୟବହାର କରାଗଲା । ସେ ଅନଶନ କରିବାରୁ ଚଉଦ ଦିନ ପରେ ଦିଲ୍ଲୀ ଜେଲର ଗୋରା ବାରକ୍‌କୁ ତାଙ୍କୁ ପଠାଇ ଦିଆଗଲା ଓ ଭଗତ ସିଂଙ୍କୁ ମଧ୍ୟ ତାଙ୍କ ସହିତ ରଖାଗଲା । ଏହି ମାନଙ୍କ ପକ୍ଷରୁ ଓକିଲ ହେଲେ ବାରିଷ୍ଟର ଆସଫ୍ ଅଲ୍ଲୀ । ସାକ୍ଷୀ ଦେବା ଓ ଏମାନଙ୍କ ଚିହ୍ନଟ କରିବା କାର୍ଯ୍ୟ ଶେଷ ହେଲା । ଦୁହିଁଙ୍କୁ ପଚରାଗଲା, ସେମାନଙ୍କର

Digitized by srujanika@gmail.com

ଯଦି କିଛି କହିବାର ଥାଏ, କହନ୍ତୁ । ନିଜର ଦଳର ପ୍ରଚାର ପାଇଁ ଏମାନେ ବୋମା ପକାଇଥିଲେ । ଯେଉଁ ନିଜର ବିବୃତି ଏମାନେ ଏପରି ଭାଷାରେ ଲେଖିଥିଲେ ଯେ, ତାକୁ ପଢ଼ିଲେ, ଯୁବକମାନଙ୍କର ଦେଶଭକ୍ତି ଓ ଉତ୍ସାହ ବଢ଼ିବ । ସରକାର ଏ ବିବୃତି ଛପାଇବାରେ ଯେପରି କୌଣସି ବାଧା ସୃଷ୍ଟି ନ କରେ, ସେଥିପାଇଁ ଅଦାଲତରେ ଏହା ପାଠ କରିଦିବା ପୂର୍ବରୁ, ପ୍ରେସକୁ ତାହା ପଠାଇ ଦିଆ ଯାଇଥିଲା । ସେ ଦିନ ପ୍ରେସ୍‌ରେ ତାହା ଛପା ହୋଇଗଲା । ଏ ବିବୃତିରେ ଲେଖାଥିଲା, "କେବଳ ବିଷାକ୍ତ ଛୁରି ଦ୍ୱାରା ସ୍ୱାଧୀନତା ମିଳିବା କଷ୍ଟକର । ଆମ୍ଭମାନଙ୍କୁ ଗୁରୁଗୋବିନ୍ଦ ସିଂହ ଓ ଲେନିନ୍ ପ୍ରଭୃତି ବିପ୍ଳବୀମାନଙ୍କର ମନୋବୃତ୍ତିକୁ ଅନୁକରଣ କରିବାକୁ ହେବ । କାରଣ କେବଳ ବୋମା ପିସ୍ତଲ ଏବଂ ବିପ୍ଳବ ଆମର ଉଦ୍ଦେଶ୍ୟ ନୁହେଁ । ଆମେ ରାଜନୈତିକ ସତ୍ତା, ଇଣ୍ଡଷ୍ଟ୍ରିଅଲ୍ ବିଲଡ଼୍ ଅପ୍ ଓ ସମାଜବାଦୀ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ଚାହୁଁ । ଆମର ଏ ବୋମା କାହାରିକୁ ହତ୍ୟା କରିବା ପାଇଁ ନୁହେଁ, କେବଳ ବିପ୍ଳବର ଆରମ୍ଭ ପାଇଁ ଏହା ପକା ଯାଇଥିଲା ।" ପର ଦିନ ବିବୃତିର ଏ ଅଂଶଟି ସରକାରୀ ଆଦେଶ ଦ୍ୱାରା କାଟି ଦିଆଗଲା, କେବଳ ଏତିକି ରଖାଗଲା, ଏମାନେ ବୋମା ପକାଇବା କଥା ସ୍ୱୀକାର କଲେ । କିନ୍ତୁ ଖବର କାଗଜରେ ଆଗରୁ ସବୁ କିଛି ଛପା ହୋଇ ସାରିଥିଲା । ଅଦାଲତ ଅଭିଯୁକ୍ତ-ମାନଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ଦେଇ କହିଲେ ଯେ, "ଏମାନଙ୍କର ଅପରାଧ ଯେତେ ଭୟଙ୍କର ନୁହେଁ, ଏମାନଙ୍କର ବିବୃତିରେ ଥିବା ବିଚାର ଧାରା ସେତେ ଭୟଙ୍କର । ଯେପରି ଏ ପ୍ରଚାର ଆଉ ଭବିଷ୍ୟତରେ ନ ହେବ, ସେଥିପାଇଁ ଲାହୋର ଜେଲରେ ଏମାନଙ୍କୁ ରଖାଯିବା ପାଇଁ ମୁଁ ଅନୁମତି ଦେଉଛି ।"

## ଭଗତ ସିଂ ପ୍ରଭୃତିଙ୍କ ଫାଶୀ

୧୯୨୯ ରେ ଲାହୋର ଷଡ଼ଯନ୍ତ୍ର (ସାଣ୍ଡର୍ସଙ୍କ ହତ୍ୟା)ର ଅଭିଯୋଗ ବେଳେ ପୁଣି କେତେକ ଲୋକ ଗିରଫ ହେଲେ । ଏମାନଙ୍କ ବିରୁଦ୍ଧରେ ଅଭିଯୋଗ ହେଲା ଯେ, ଏମାନେ ସମ୍ରାଟଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଛନ୍ତି । ଏମାନଙ୍କ ପକ୍ଷରୁ ଦାବୀ ହେଲା, ଯୁଦ୍ଧରେ ବନ୍ଦୀ ହୋଇଥିବା ସୈନ୍ୟମାନଙ୍କ ପ୍ରତି ଯେପରି ବ୍ୟବହାର କରାଯାଏ, ଆମ୍ଭ-ମାନଙ୍କ ପ୍ରତି ସେହିପରି ବ୍ୟବହାର କରାଯାଉ । ଏ ଦାବୀକୁ ସ୍ୱୀକାର କରା ନ ଯିବାରୁ ଜୁନ୍ ୧୫ ତାରିଖ ଠାରୁ ଏମାନେ ଅନଶନ ଧର୍ମ-ଘଟ କଲେ । ଯେତେବେଳେ ଏମାନଙ୍କ ଅବସ୍ଥା ଖରାପ ହୋଇ ଆସିଲା, ନାକ ଭିତରେ ନଳୀ ଭର୍ତ୍ତି କରି ଦୁଧ ଓ ଔଷଧ ଏମାନଙ୍କୁ ଦିଆଗଲା, ଯାହା ଫଳରେ କି ଏମାନେ ଜୀବନ୍ତ ମରଣର ଦୁଃଖ ଅନୁଭବ କଲେ । ୬୩ ଦିନ ଅନଶନ ଧର୍ମଘଟ ପରେ ୧୩. ୮. ୨୯ ରେ ଯତୀନ୍ଦ୍ର ନାଥ ଦାସଙ୍କର ମୃତ୍ୟୁ ହୋଇଗଲା । ଦେଶ ସାରା ହୁଲସ୍ଥୁଳ ପଡ଼ିଗଲା, ତାଙ୍କର ମୃତ ଦେହ ରେଲ ଯୋଗେ କଲିକତା ପଠାଇ ଦିଆ ଗଲା । ବାଟଯାକ ପ୍ରତି ଷ୍ଟେସନରେ

Digitized by srujanika@gmail.com

ଜନତାର ଏପରି ଭିଡ଼ ଯେ, କୁହା ନ ଯାଏ । ୧୧୨ ଦିନ ପରେ ଅକ୍‌ଟୋବର ୫ ତାରିଖ ଦିନ ଏମାନଙ୍କର ଦାବୀ ପୂରା କରାଗଲା ଓ ଧର୍ମଘଟ ବନ୍ଦ ହେଲା । କିନ୍ତୁ ଅନଶନ ସମୟରେ ଅଭିଯୁକ୍ତମାନଙ୍କୁ କଚେରୀରେ ହାଜର କରାଯାଇ ନପାରିବାରୁ ଏକ ଅର୍ଡ଼ି-ନାନ୍‌ସ ଜାରି କରାଗଲା ଯେ, ଲାହୋର ଷଡ଼୍‌-ଯନ୍ତ୍ର କେସ୍‌ରେ ଅଭିଯୁକ୍ତଙ୍କ ଅନୁପସ୍ଥିତିରେ ମକଦ୍ଦମା ଚାଲି ପାରିବ ଓ ହାଇକୋର୍ଟର ତିନି ଜଣ ଜଜ୍ ମକଦ୍ଦମା ଶୁଣି ପାରିବେ । ଏହି ଅର୍ଡ଼ିନାନ୍‌ସକୁ କେନ୍ଦ୍ର କରି କେନ୍ଦ୍ର ଆସେମ୍ବ୍ଲିରେ ଏକ ବିଲ ଅଣାଗଲା । ପଣ୍ଡିତ ମୋତିଲାଲ, ମିଷ୍ଟର ଜିନ୍ନା ପ୍ରଭୃତି ଏ ବିଲ୍‌ର ଖୁବ୍ ବିରୋଧ କଲେ । ହାଇକୋର୍ଟ ବି ଏହାକୁ ରଦ୍ଦ କରିଦେଲା । ଏ ବିଲ୍‌କୁ ଫେରାଇ ନିଆଗଲା । ଅନଶନ ଧର୍ମଘଟ ଶେଷ ହେବା ପରେ ମକଦ୍ଦମାର କାର୍ଯ୍ୟ ପୁଣି ଚାଲିଲା । ଶେଷରେ ସର୍ବଶ୍ରୀ ବିଜୟ କୁମାର, ଶିବ ବର୍ମା, ଡ଼ାକ୍ତର ଗୟାପ୍ରସାଦ, ମହାବୀର ସିଂ ଓ ଜୟଦେବଙ୍କୁ ଆଜୀବନ କାରାଦଣ୍ଡ ଏବଂ ସର୍ବଶ୍ରୀ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କୁ ପ୍ରାଣଦଣ୍ଡ ଆଦେଶ ହେଲା ।

୧୯୩୧ ମାର୍ଚ୍ଚ ୨୩ ତାରିଖ ଦିନ ତିନିଟା ବେଳେ ଜେଲର ଫାଟକ ବନ୍ଦ କରି ଦିଆଗଲା । ପାଞ୍ଚଟା ବାଜିବା ପୂର୍ବରୁ ମାଜିଷ୍ଟ୍ରେଟ ପ୍ରଭୃତି ଜେଲରେ ପଶିଲେ ଓ ଏହି ତିନିଜଣ ଦେଶପ୍ରେମୀଙ୍କୁ ଫାଶୀ ପାଇଁ ପ୍ରସ୍ତୁତ ହେବା ପାଇଁ କହିଲେ ।

"ହଁ, ଆଜି ଆମର ପରୀକ୍ଷାର ଦିନ । ଆଜି ସରକାର ଜାଣିବ, ବିପ୍ଳବୀମାନେ କେଉଁ ଧାତୁରେ ଗଢ଼ା ।"

## ଧନ୍ୟ ପିତା ମାତା

ତିନିଜଣ ପରସ୍ପରକୁ ଆଲିଙ୍ଗନ କରି ଫାସୀ ଘର ଅଭିମୁଖରେ ଚାଲିଲେ । ଏମାନଙ୍କ ମନରେ ସେତେବେଳେ କି କି ଭାବନା ଆସୁଥିଲା, ତାହା ଅନୁମାନ କରିବା କଷ୍ଟକର । ଫାସୀଘରେ ପହଞ୍ଚିବା ପରେ ତିନିଜଣଙ୍କୁ ଏକ ସଙ୍ଗରେ ଫାସୀ କାଠ ଉପରେ ଚଢ଼ାଇ ଦିଆଗଲା । ଏମାନଙ୍କ ଆଗରେ ଦଉଡ଼ି ଟଙ୍ଗା ଯାଇଥାଏ, ଯାହାର ଫାଶ କି ସେମାନଙ୍କ ବେକ ଉପରେ ପଡ଼ିବ । ତିନିଜଣ ତିନିଥର 'ଇନ୍‌କିଲାବ ଜିନ୍ଦାବାଦ' ଧ୍ୱନି କଲେ । ନିଜ ନିଜ ଫାଶକୁ ଚୁମ୍ବନ କଲେ ଓ ଆଖି ବୁଜି ଠିଆ ହୋଇଗଲେ ଜଲ୍ଲାଦ ଫାଶଟିକୁ ସେମାନଙ୍କ ବେକରେ ଚଳାଇ ତଳେ ଥିବା ପଟାକୁ ଟାଣି ଦେଲା । ତିନିଜଣ ତଳକୁ ଝୁଲିଗଲେ ଓ ମୁହୂର୍ତ୍ତିକ ପାଇଁ ତାଙ୍କର ଝୁଲୁଥିବା ଦେହର ଛଟପଟରେ ଦଉଡ଼ିଟା ନାଚିବାକୁ ଲାଗିଲା । ଏମାନଙ୍କର ପିତା ମାତାଙ୍କୁ ଧନ୍ୟ, ଭାରତମାତାର ପୂଜା-ପୀଠରେ ବଳିଦାନ ଦେବା ପାଇଁ ସେମାନେ ଏପରି ସନ୍ତାନଙ୍କୁ ଜନ୍ମ ଦେଇଥିଲେ ।

Digitized by srujanika@gmail.com

# ଉର୍ବଶୀଙ୍କ ଅଭିଶାପ ; ନଳ ଦମୟନ୍ତୀ

## ଜୟନ୍ତୀ ପଟ୍ଟନାୟକ

ଅର୍ଜୁନ ପାଶୁପତ ଅସ୍ତ୍ର ଲାଭ କରି ଦେବରାଜ ଇନ୍ଦ୍ରଙ୍କ ଠାରୁ ସମସ୍ତ ଅସ୍ତ୍ର ଶସ୍ତ୍ର ଶିକ୍ଷା କରିବାପାଇଁ ଇନ୍ଦ୍ରପୁରୀରେ ଅବସ୍ଥାନ କଲେ । ସେଠାରେ ଅମରାବତୀର ସୌନ୍ଦର୍ଯ୍ୟ, ନନ୍ଦନକାନନ ଓ ଏପରିକି ଦେବତାମାନଙ୍କର ଭୋଗ ମଧ୍ୟ ତାଙ୍କୁ ରୁଚିକର ହେଲା ନାହିଁ ।

ଏହି ସୌନ୍ଦର୍ଯ୍ୟ ଓ ଭୋଗ ବିଳାସର ବେଷ୍ଟନୀ ମଧ୍ୟରେ ସେହି କପଟପାଶାର ଘଟଣାବଳୀ ତାଙ୍କ ଆଖି ଆଗରେ ଆସି ନାଚି ଯାଉଥାଏ ଓ ପାଞ୍ଚାଳୀଙ୍କର ଅପମାନ ତାଙ୍କର ହୃଦୟକୁ ବିଦୀର୍ଣ୍ଣ କରି ଦେଉଥାଏ । ବନବାସ ଦୁଃଖରେ ତାଙ୍କର ଭାଇମାନେ ଦ୍ରୌପଦୀଙ୍କ ସହ କିପରି ଅସହ୍ୟ କଷ୍ଟ ଭୋଗ କରୁଛନ୍ତି, ତାହା ସବୁବେଳେ ତାଙ୍କର ମନେ ପଡ଼ୁଥାଏ ।

ଇନ୍ଦ୍ରଙ୍କ ସହିତ ଥିବାବେଳେ ସେ ସମସ୍ତ ଦୈବ ଅସ୍ତ୍ର, ଶସ୍ତ୍ର ଅଳ୍ପକାଳ ମଧ୍ୟରେ ଶିକ୍ଷା କରି ଦେବରାଜଙ୍କ ଆଦେଶ ଅନୁସାରେ ଗନ୍ଧର୍ବରାଜ ଚିତ୍ରସେନଙ୍କଠାରୁ ସଙ୍ଗୀତ ବିଦ୍ୟା ମଧ୍ୟ ଶିକ୍ଷା କଲେ ।

### ଉର୍ବଶୀ

ଏହି ସମୟରେ ସେଠାରେ ଅନ୍ୟ ଏକ ଘଟଣା ଘଟିଲା । ଅର୍ଜୁନଙ୍କ ବୀରତ୍ୱ ଓ ତାଙ୍କର ରୂପ, ଯୌବନରେ ମୁଗ୍ଧ ହୋଇ ଇନ୍ଦ୍ରପୁରୀର ଶ୍ରେଷ୍ଠ ନର୍ତ୍ତକୀ ଉର୍ବଶୀ ଦିନେ ରାତ୍ରିରେ ତାଙ୍କର ପ୍ରଣୟ ଭିକ୍ଷା କରିବାକୁ ଆସିଲେ । ଅର୍ଜୁନ କହିଲେ, "ଆପଣ ଦେବଲୋକର ନର୍ତ୍ତକୀ ଓ ପୁରୁବଂଶର ଜନନୀ ରୂପେ ଆମ୍ଭମାନଙ୍କର ମାତୃତୁଲ୍ୟ ମାନନୀୟା; ତେଣୁ ଆପଣ ମୋତେ କ୍ଷମା ଦେଇ ସ୍ୱଗୃହକୁ ପ୍ରତ୍ୟାବୃତ୍ତ ହୁଅନ୍ତୁ ।"

ନିଜ ରୂପର ଅଭିମାନିନୀ ଉର୍ବଶୀ କଳ୍ପନା କରି ପାରିଲେ ନାହିଁ ଯେ କେବେ ତାଙ୍କର ପ୍ରଣୟ ପ୍ରତ୍ୟାଖ୍ୟାତ ହୋଇପାରେ । କ୍ରୋଧରେ ତାଙ୍କର ଶରୀର କମ୍ପିତ ଓ ଭ୍ରୂଲତା ଦ୍ୱୟ କୁଞ୍ଚିତ ହେବାକୁ ଲାଗିଲା । ସେ ଧନଞ୍ଜୟଙ୍କୁ ଅଭିଶାପ ଦେଇ କହିଲେ, "ତୁମେ ମୋ'ର ପ୍ରଣୟ ଭିକ୍ଷାକୁ ଯେପରି ଭାବରେ ଅବଜ୍ଞା କଲ ତା'ର ଫଳ ସ୍ୱରୂପ କିଛିଦିନ ପୁଂସତ୍ୱହୀନ, କ୍ଳୀବ ଭାବରେ

Digitized by srujanika@gmail.com

ଉଦ୍ଭବ ଓ ବୀରଶ୍ରେଷ୍ଠ ହେଲେ ମଧ୍ୟ ପୃଥିବୀରେ ତୁମକୁ ସେହିପରି ଭାବରେ ସମସ୍ତେ ଜାଣିବେ ।"

ଅର୍ଜ୍ଜୁନଙ୍କର ହୃଦୟ ନିର୍ମଳ ଓ ନିଷ୍କଳଙ୍କ ଥିଲା । ତାଙ୍କ ପ୍ରତି ଏହି ବାଣୀ ଅବିଧେୟ ଓ ଅସଙ୍ଗତ ହେଲେ ମଧ୍ୟ ଦେବ ନର୍ତ୍ତକୀଙ୍କର ଅଭିଶାପ ଅନ୍ୟଥା ହେବାର ନୁହେଁ । ତାହା ଏପରି ସମୟରେ ଫଳିଲା, ଯେତେବେଳେ ଏହା ବରଦାନ ସ୍ୱରୂପ କାର୍ଯ୍ୟ କଲା । ୧୨ବର୍ଷ ବନବାସ ପରେ ପାଣ୍ଡବମାନେ ଯେତେବେଳେ ବିରାଟ ନଗରରେ ବର୍ଷେ ଅଜ୍ଞାତବାସ କଲେ, ସେତେବେଳେ ବିଶ୍ୱବିଶ୍ରୁତ ଯୋଦ୍ଧା ଧନଞ୍ଜୟ ବୃହନ୍ନଳା ନାମ ଧାରଣ କରି ରାଜକନ୍ୟା ଉତ୍ତରାଙ୍କର ନୃତ୍ୟଗୁରୁ ରୂପେ ଆତ୍ମଗୋପନ କରିଥିଲେ ।

ଅର୍ଜ୍ଜୁନଙ୍କ ଅନୁପସ୍ଥିତିରେ ପାଣ୍ଡବମାନଙ୍କୁ ଘୋର ଦୁଃଖରେ କାଳାତିପାତ କରିବାକୁ ହେଲା । କିଛିଦିନ କୃଷ୍ଣ କାମ୍ୟକ ବନରେ ସେମାନଙ୍କ ସହିତ ଆସି ଅବସ୍ଥାନ କରିଥିଲେ । ପୂର୍ବରୁ ଯୁଧିଷ୍ଠିରଙ୍କୁ ବନବାସ ବ୍ରତ ଛାଡ଼ିବା ପାଇଁ ବହୁତ ପ୍ରବର୍ତ୍ତାଇବା ପରେ ସଫଳ ନ ହୋଇ ଭୀମ ମନ ଦୁଃଖ ମନରେ ମାରି ରହିଥିଲେ । କିନ୍ତୁ ଅର୍ଜ୍ଜୁନ ନ ଥିବାରୁ ସେ ଆଉ ତାଙ୍କର ଦୁଃଖ ଚାପି ରଖି ପାରିଲେ ନାହିଁ ।

## ଭୀମଙ୍କର ଦୁଃଖ

ଦିନେ ଯୁଧିଷ୍ଠିରଙ୍କୁ ସେ କହିଲେ, "ଆପଣଙ୍କ ଆଦେଶରେ ଅର୍ଜ୍ଜୁନ ହିମାଳୟ ଅଭିମୁଖରେ ଯାତ୍ରା କଲେ । ସେ କୁଆଡ଼େ ଗଲେ, କେଉଁଠି ରହିଲେ, ତା'ର କୌଣସି ସମ୍ବାଦ ଆମକୁ ଏ ପର୍ଯ୍ୟନ୍ତ ମିଳିଲା ନାହିଁ । ଆପଣ ଜାଣନ୍ତି, ଅର୍ଜ୍ଜୁନ ପାଣ୍ଡବମାନଙ୍କ ପିଣ୍ଡର ପ୍ରାଣ ସ୍ୱରୂପ । ତାଙ୍କୁ ଆଶ୍ରୟ କରି ଆପଣ ରାଜ୍ୟ ଓ ଧନ ଫେରି ପାଇବାର ଆଶା ରଖିଛନ୍ତି । ସେ ବହୁ ଦୁଃଖ, କଷ୍ଟ ଭୋଗ କରିବେ, ଏହା ଜାଣି ମଧ୍ୟ ଆପଣ ତାଙ୍କୁ ଦୁର୍ଗମ ପର୍ବତ ଓ ଅରଣ୍ୟ ମଧ୍ୟକୁ ପ୍ରେରଣ କଲେ । ଯଦି ଅର୍ଜ୍ଜୁନ ନ ଫେରନ୍ତି, ତା'ହେଲେ ସାତ୍ୟକ, କୃଷ୍ଣ ବା ପାଞ୍ଚାଳର ରାଜପୁତ୍ରମାନେ କେହି ଆମକୁ ରକ୍ଷା କରି ପାରିବେ ନାହିଁ । ଦ୍ୟୂତ ରୂପକ ଚକ୍ରାନ୍ତରେ ପଡ଼ିଯାଇ ଆମମାନଙ୍କୁ କି ଦୁଃଖ ଭୋଗ କରିବାକୁ ହେଲା । ଯେତେବେଳେ ଶକୁନି, କର୍ଣ୍ଣ ଓ ଦୁର୍ଯ୍ୟୋଧନ ପାଞ୍ଚାଳୀଙ୍କୁ କୁରୁସଭାରେ ଅପମାନିତ କଲେ, ସେତେବେଳେ ମହା-ଧନୁର୍ଦ୍ଧର ପାର୍ଥଙ୍କ ସାହାଯ୍ୟରେ ମୁଁ ଏମାନଙ୍କୁ ଅବିଳମ୍ବେ ନିହତ କରିଥାନ୍ତି । କିନ୍ତୁ କେବଳ ଆପଣଙ୍କର ସନ୍ତୋଷବିଧାନ ପାଇଁ ଏହି ନ୍ୟାୟଯୁକ୍ତ କାର୍ଯ୍ୟରୁ ମୁଁ ନିବୃତ୍ତ ହୋଇଛୁ । ଅନ୍ୟମାନେ ମଧ୍ୟ ନିଜ ମନର ଦୁଃଖ ମନରେ ମାରି ରହିଛନ୍ତି । କେତେଦିନ ଏହିପରି ଛାତ୍ରବୃତ୍ତିରୁ ଦୂରରେ ରହି ଆତ୍ମମାନଙ୍କୁ କାଳାତିପାତ କରିବାକୁ ହେବ ? ହେ ରାଜା ବର୍ତ୍ତମାନ ମଧ୍ୟ ସମୟ ଅଛି, ଯେତେବେଳେ ଆମେ କୃଷ୍ଣଙ୍କ ସାହାଯ୍ୟରେ ଆମର ଅଭିଷ୍ଟ ଲକ୍ଷ୍ୟ ସାଧନ କରି ପାରିବା ।"

ଯୁଧିଷ୍ଠିର ଭୀମଙ୍କୁ ଆଲିଙ୍ଗନ କରି କହିଲେ, "ହେ ବୀର, ୧୩ବର୍ଷ ପରେ

Digitized by srujanika@gmail.com

ତୁମର ଉଦ୍ଦେଶ୍ୟ ନିଶ୍ଚୟ ସିଦ୍ଧ ହେବ । ଅର୍ଜୁନଙ୍କ ସାହାଯ୍ୟରେ ତୁମେ ନିଶ୍ଚୟ ଦୁର୍ଯ୍ୟୋଧନକୁ ତାର ବନ୍ଧୁ ଓ ଅନୁଚରମାନଙ୍କ ସହିତ ବିନାଶ କରିବ । ବର୍ତ୍ତମାନ ସେ ସମୟ ଆସି ନାହିଁ । ଧୈର୍ଯ୍ୟ ଧର । ଦୁର୍ଯ୍ୟୋଧନ ନିଶ୍ଚୟ ପାପମୁକ୍ତ କର୍ମର ଫଳ ଭୋଗ କରିବ ।"

ଦୁଃଖଗ୍ରସ୍ତ ପାଣ୍ଡୁ ପୁତ୍ରମାନଙ୍କ ମଧ୍ୟରେ ଏହିପରି ଆଲୋଚନା ହେଉଥିବା ବେଳେ ମହର୍ଷି ବୃହଦଶ୍ୱ ପାଣ୍ଡବମାନଙ୍କ ଆଶ୍ରମରେ ପହଞ୍ଚିଲେ ।

## ବୃହଦଶ୍ୱ

ଯୁଧିଷ୍ଠିର ଶାସ୍ତ୍ରୋକ୍ତ ବିଧିରେ ତାଙ୍କୁ ଅଭିନନ୍ଦନ କରି ଆସନରେ ବସାଇ କିଛି ସମୟ ପରେ କହିଲେ, "ମହାଭାଗ ! କପଟ ଅକ୍ଷକ୍ରୀଡ଼ାରେ ନିପୁଣ ଆମର ଶତ୍ରୁମାନେ ଆମକୁ କ୍ରୀଡ଼ାକୁ ନିମନ୍ତ୍ରିତ କରି ସମସ୍ତ ରାଜ୍ୟ ଓ ଧନ ଅପହରଣ କରି ନେଲେ । ଆମର ପତ୍ନୀ ପାଞ୍ଚାଳୀଙ୍କୁ ରାଜସଭାରେ ଅପମାନିତ କରାଇଲେ । ଶେଷକୁ ବଳ୍କଳ ପିନ୍ଧାଇ ୧୨ବର୍ଷ ବନବାସ ଓ ବର୍ଷେ ଅଜ୍ଞାତ ବାସ ପାଇଁ ଆମକୁ ଶପଥ କରାଇ ନେଲେ । ଏଠାରେ ଆମେ ଘୋର ଦୁଃଖରେ କାଳାତିପାତ କରୁଛୁ । ଦୁଃଖ ପରେ ପୁଣି ଅଧିକ ଦୁଃଖ ଆସିବା ପରି ମୋର କନିଷ୍ଠ ଭ୍ରାତା ଅର୍ଜୁନ ଦିବ୍ୟାସ୍ତ୍ର ସନ୍ଧାନରେ ଯାଇ ଏ ପର୍ଯ୍ୟନ୍ତ ଫେରିଲେ ନାହିଁ । ସେ କେଉଁଠାରେ ଅଛନ୍ତି, ତାଙ୍କର ଉଦ୍ୟମ ସଫଳ ହେଲା କି ନାହିଁ, ସେ ସମସ୍ତ ବିଷୟ ଚିନ୍ତାକରି ଆମର ହୃଦୟ ସବୁବେଳେ ସନ୍ତାପିତ ହେଉଛି । ସଂସାରରେ ଆମଠାରୁ ବଳି ଦୁଃଖୀ ଲୋକ ଆଉ କେହି ନାହିଁ ।"

ଅଭିଜ୍ଞ ତପୋଧନ ଧର୍ମନିଷ୍ଠ ରାଜାଙ୍କୁ ସାନ୍ତ୍ୱନା ଦେଇ କହିଲେ, "ଆପଣଙ୍କପରି ଧର୍ମଜ୍ଞ ବ୍ୟକ୍ତି ଦୁଃଖରେ ବିଚଳିତ ହେବା ଉଚିତ ନୁହେଁ । ଅର୍ଜୁନ ନିଶ୍ଚୟ ସିଦ୍ଧ ଅସ୍ତ୍ର ମାନଙ୍କର ଅଧିକାରୀ ହୋଇ ଫେରିବେ । ଆପଣ ଶତ୍ରୁମାନଙ୍କୁ ଦମନ କରି ପୁଣି ଆପଣଙ୍କର ରାଜ୍ୟ ଓ ଐଶ୍ୱର୍ଯ୍ୟ ଫେରି ପାଇବେ ।

"ଆଉ ଆପଣ ଯାହା କହିଲେ, ଆପଣଙ୍କ ଭଳି ଦୁଃଖୀ, କେହି ସଂସାରରେ ନାହିଁ, ତାହା ସତ୍ୟ ନୁହେଁ । ପୂର୍ବରୁ ନଳ ରାଜା ଆପଣଙ୍କଠାରୁ ଆହୁରି ଅସହନୀୟ ଦୁଃଖ ଭୋଗ କରିଥିଲେ । ସେ ନିଷଧ ଦେଶର ରାଜା ବୀର ସେନଙ୍କର ପୁତ୍ର । କଳି ଓ ଦ୍ୱାପରଙ୍କ ସହାୟତାରେ ତାଙ୍କର ଭାଇ ପୁଷ୍କର ତାଙ୍କୁ ଦ୍ୟୁତ-କ୍ରୀଡ଼ା ପାଇଁ ନିମନ୍ତ୍ରିତ କରି ପରାଜିତ କରିଥିଲେ । ରାଜ୍ୟରୁ ନିର୍ବାସିତ ହୋଇ ଓ କଳିର ଦ୍ୱାରା ବଶୀଭୂତ ହୋଇ ସେ ତାଙ୍କର ପ୍ରିୟତମ ପତ୍ନୀଙ୍କୁ ମଧ୍ୟ ପରିତ୍ୟାଗ କଲେ । ତାଙ୍କ ସଙ୍ଗରେ କେହି ନ ଥିଲେ—ଭ୍ରାତା, ବନ୍ଧୁ, ପତ୍ନୀ ବା ଅନୁଗତ ବ୍ରାହ୍ମଣମାନେ । ତାଙ୍କର ଦୁଃଖ ତୁଳନାରେ ଆପଣଙ୍କର ଦୁଃଖ କିଛି ନୁହେଁ ।"

ଯୁଧିଷ୍ଠିର ନଳରାଜାଙ୍କ ବୃତ୍ତାନ୍ତ ଶୁଣିବା ପାଇଁ ବ୍ୟାକୁଳତା ପ୍ରକାଶ କରିବାରୁ ମୁନି ବୃହଦଶ୍ୱ ତାହା ବିଶେଷ ଭାବରେ ବର୍ଣ୍ଣନା

Digitized by srujanika@gmail.com

କରିଥିଲେ । ମହାଭାରତର ୨୭ଟି ଅଧ୍ୟାୟ ଏହି ନଳ ଦମୟନ୍ତୀ ଉପାଖ୍ୟାନରେ ପୂର୍ଣ୍ଣ ହୋଇଛି ଓ ଯୁଗେ ଯୁଗେ ଏହା ଦେଶର କବି, ଲେଖକ ଓ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରିଛି ।

ସଂକ୍ଷେପରେ ଏହି ଉପାଖ୍ୟାନକୁ ଏଠାରେ ପ୍ରକାଶ କରାଯାଇ ପାରେ ।

## ନଳରାଜା ଉପାଖ୍ୟାନ

ବୀରସେନଙ୍କ ପୁତ୍ର ନଳ ନିଷଧ ଦେଶରେ ରାଜପଣ କରୁଥିବା ବେଳେ ବିଦର୍ଭ ଦେଶରେ ଭୀମ ନାମକ ରାଜାଙ୍କର ଜଣେ ଅପୂର୍ବ ରୂପଲାବଣ୍ୟସମ୍ପନ୍ନା କନ୍ୟା ଥିଲେ । ତାଙ୍କର ନାମ ଥିଲା ଦମୟନ୍ତୀ ଓ ତାଙ୍କର ରୂପ ଗୁଣର ଖ୍ୟାତି ଦେବଲୋକ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା ।

ଦିନେ ରାଜା ନଳ ତାଙ୍କର ପ୍ରାସାଦର ଉପବନରେ ଅନ୍ୟମନସ୍କ ଭାବରେ ବୁଲୁଛନ୍ତି, ଏହି ସମୟରେ କେତେଗୁଡ଼ିଏ ସୁବର୍ଣ୍ଣ ପକ୍ଷଯୁକ୍ତ ହଂସ ବିଚରଣ କରୁଥିବାର ଦେଖି ପାରିଲେ । କୌତୂହଳବଶତଃ ସେ ଗୋଟିଏ ହଂସକୁ କୌଶଳରେ ଧରି ପକାଇବାରୁ ହଂସଟି ମନୁଷ୍ୟ ପରି ତାଙ୍କ ସହିତ କଥା କହିବାକୁ ଆରମ୍ଭ କଲା । ସେ କହିଲା, "ହେ ନିଷଧରାଜ, ବିଦର୍ଭ ରାଜକନ୍ୟା ଦମୟନ୍ତୀଙ୍କ ପରି ସୁନ୍ଦରୀ କେହି ସଂସାରରେ ନାହାନ୍ତି । ତୁମେ ଯଦି ହତ୍ୟା ବା ବନ୍ଦୀ ନ କରି ମୋତେ ଛାଡ଼ିଦେବ, ତା'ହେଲେ ମୁଁ ବିଦର୍ଭ ଦେଶକୁ ଉଡ଼ିଯାଇ ଦମୟନ୍ତୀଙ୍କ ଆଗରେ ତୁମର ରୂପଗୁଣର ବର୍ଣ୍ଣନା କରିବି, ଯେପରିକି ସେ ଅହରହ ତୁମର କଥା ଶୁଣିବାକୁ ଲାଗିବେ ।"

## ହଂସ ଦୂତ

ନଳଙ୍କଠାରୁ ମୁକ୍ତ ହୋଇ ସ୍ୱର୍ଣ୍ଣହଂସମାନେ ବିଦର୍ଭ ନଗରୀର ରାଜୋଦ୍ୟାନରେ ପହଞ୍ଚିଲେ । ସେଠାରେ ଦମୟନ୍ତୀ ସଖୀମାନଙ୍କ ସହିତ ବିହାର କରୁଥିବାବେଳେ ସେମାନେ ମନୁଷ୍ୟ କଣ୍ଠରେ ନଳରାଜାଙ୍କର ଅପୂର୍ବ ରୂପ ଗୁଣର ବର୍ଣ୍ଣନା କରିବାକୁ ଲାଗିଲେ । ସେମାନେ କହିଲେ, "ରାଜନନ୍ଦିନୀ, ରୂପ ଓ ଗୁଣରେ ନିଷଧର ଅଧୀଶ୍ୱର ନଳ ହିଁ ତୁମର ସ୍ୱାମୀ ହେବାପାଇଁ ଉପଯୁକ୍ତ । ତାଙ୍କର ତୁଲ୍ୟ ପୁରୁଷ ସାରା ସଂସାରରେ ଭ୍ରମଣ କରି ମଧ୍ୟ ଆମେ ଦେଖି ପାରୁ ନାହୁଁ ।" ଦମୟନ୍ତୀ କହିଲେ, "ତୁମେ ଆମ ପାଖରେ ଯେପରି ନଳଙ୍କର କଥା କହିଲ, ସେହିପରି ନଳଙ୍କ ପାଖରେ ଆମର ନିବେଦନ ପ୍ରକାଶ କର ।" ଏହିପରି ସ୍ୱର୍ଣ୍ଣହଂସମାନେ ନଳ ଓ ଦମୟନ୍ତୀଙ୍କ ମଧ୍ୟରେ ପ୍ରଣୟର ଦୂତ କର୍ମ କରିଥିଲେ ।

## ସ୍ୱୟମ୍ବର

ଅଳ୍ପକାଳ ପରେ ତତ୍କାଳୀନ ବିଧି ଅନୁସାରେ ଦମୟନ୍ତୀଙ୍କର ସ୍ୱୟମ୍ବର ଆୟୋଜନ ହେଲା । ଚତୁର୍ଦ୍ଦିଗରୁ ରାଜାମାନେ ଏହି ସ୍ୱୟମ୍ବର ସଭାକୁ ଆସିଲେ । ନଳ ମଧ୍ୟ ଆସିଲେ । କିନ୍ତୁ ସ୍ୱର୍ଗର ଚାରିଜଣ ଦେବତା ଇନ୍ଦ୍ର, ଅଗ୍ନି, ବରୁଣ ଓ ଯମ ଦମୟନ୍ତୀଙ୍କ ରୂପରେ ଆକୃଷ୍ଟ ହୋଇ ସେହି ସ୍ୱୟମ୍ବର ସଭାରେ ଯୋଗଦେବା ପାଇଁ ଆସିଲେ । ସେମାନେ ବିଦର୍ଭ ନଗରୀର ଅଦୂରରେ

Digitized by srujanika@gmail.com

ନଳଙ୍କୁ ଯାଉଥିବାର ଦେଖିପାରି ଓ ତାଙ୍କର ଅପୂର୍ବ ରୂପ ଲାବଣ୍ୟରେ ବସ୍ମିତ ହୋଇ ମନେ ମନେ ଭାବିଲେ, ଏହି ରାଜପୁତ୍ରଙ୍କ ଛଡ଼ା ଦମୟନ୍ତୀ ଅନ୍ୟ କାହାରିକୁ ବରଣ କରିବେ ନାହିଁ । ତେଣୁ ଏହାଙ୍କୁ ପ୍ରଥମେ ବଶୀଭୂତ କରିବା ଉଚିତ ହେବ । ସେମାନେ ନଳଙ୍କୁ ନିଜର ପରିଚୟ ଦେଇ ଓ ଦେବକାର୍ଯ୍ୟ ସେ ସମ୍ପାଦନ କରିବେ ଏହି ପ୍ରତିଶ୍ରୁତି ଗ୍ରହଣ କରି ତାଙ୍କୁ କହିଲେ. "ରାଜା, ତୁମେ ଆମର ଦୂତ ରୂପେ ଦମୟନ୍ତୀଙ୍କ ନିକଟକୁ ଯାଇ କହ, ସେ ଆମମାନଙ୍କ ମଧ୍ୟରୁ ଜଣେ କାହାରିକୁ ପତି ରୂପେ ବରଣ କରିବେ ।"

ପ୍ରତିଶ୍ରୁତ ରାଜା ଅତି ବିଷଣ୍ଣ ମନରେ ଏହି ଦୌତ୍ୟ କାର୍ଯ୍ୟରେ ନିଯୁକ୍ତ ହୋଇ ଦମୟନ୍ତୀଙ୍କ ପାଖକୁ ଗଲେ । ଉଭୟ ପରସ୍ପରକୁ ଦେଖି ଅତି ମୁଗ୍ଧ ହୋଇଗଲେ । ଦମୟନ୍ତୀ କହିଲେ, ନଳଙ୍କ ଛଡ଼ା ସେ କାହାରିକୁ ପତି ରୂପେ ବରମାଳ୍ୟ ଦେବେ ନାହିଁ । ନଳ ଦେବତାମାନଙ୍କୁ ଏହି କଥା କହିବାରୁ ସେମାନେ ସ୍ଥିର କଲେ ସ୍ୱୟମ୍ବର ସମୟରେ ସେମାନେ ନଳଙ୍କ ରୂପ ଧାରଣ କରିବେ ।

ସ୍ୱୟମ୍ବର ସଭାକୁ ଆସି ଦମୟନ୍ତୀ ଦେଖିଲେ, ଯେଉଁଠାରେ ଜଣେ ନଳ ନାହାନ୍ତି, ପାଞ୍ଚଜଣ ନଳ ଏକତ୍ର ବସିଛନ୍ତି । ସେ ଅତି ସଂଶୟରେ ପଡ଼ି ଦେବତାମାନଙ୍କର ବିଶେଷ ଲକ୍ଷଣର କଥା ଚିନ୍ତା କଲେ । ଏହି ଲକ୍ଷଣ ହେଉଛି, ଦେବତାମାନଙ୍କ ଶରୀରର ଛାୟା ପଡ଼େ ନାହିଁ, ସେମାନଙ୍କ ଦେହରୁ ଝାଳ ବହେ ନାହିଁ, ଚକ୍ଷୁର ପଲକ ପଡ଼େ ନାହିଁ, ଫୁଲମାଳ ଶୁଖେ ନାହିଁ ବା ପାଦ ଭୂମିକୁ ସ୍ପର୍ଶ କରେ ନାହିଁ । ଏହି ଲକ୍ଷଣମାନଙ୍କରୁ ଦମୟନ୍ତୀ ନଳ କିଏ ଓ ଦେବତାମାନେ କିଏ ତାହା ସ୍ଥିର କରି ନେଲେ ଓ ନଳଙ୍କ ଗଳାରେ ବରମାଳ୍ୟ ଅର୍ପଣ କଲେ ।

## କଳିର ଚକ୍ରାନ୍ତ

ସ୍ୱୟମ୍ବର ଶେଷରେ କଳି ଓ ଦ୍ୱାପର ଆସି ପହଞ୍ଚିଲେ । କଳିର ହୃଦୟ ପାପପୂର୍ଣ୍ଣ । ସେ ମଧ୍ୟ ଦମୟନ୍ତୀଙ୍କୁ ଇଚ୍ଛା କରି ଆସୁଥିଲା । କିନ୍ତୁ ସ୍ୱୟମ୍ବର ଶେଷ ହୋଇ ଯିବାର ଦେଖି ସେ ନଳଙ୍କର ସର୍ବନାଶ କରି ଦମୟନ୍ତୀଙ୍କ ପ୍ରତି ତାର ପ୍ରତିଶୋଧ ନେବ ବୋଲି ସ୍ଥିର କଲା । ଏଥିରେ ଦ୍ୱାପର ହେଲା ତା'ର ସହାୟକ । ସର୍ବନାଶର ଉପାୟ ଚିନ୍ତା କରାଗଲା । ତାହା ହେଲା, କେଉଁଠାରେ ଟିକିଏ ଦୋଷ ଦୁର୍ବଳତା ଦେଖିଲେ କଳି ନଳଙ୍କ ଦେହରେ ପ୍ରବେଶ କରି ତାଙ୍କର ବୁଦ୍ଧି ଭ୍ରଂଶ ଘଟାଇବ; ତା'ପରେ ନଳଙ୍କର ଭାଇ ପୁଷ୍କରଙ୍କୁ ଯାଇ କହିବ, "ତୁମେ ଯଦି ନିଷଧ ଦେଶର ଅଖଣ୍ଡ ଐଶ୍ୱର୍ଯ୍ୟ ଭୋଗ କରିବାକୁ ଚାହଁ, ତା'ହେଲେ ନଳଙ୍କୁ କପଟ ପଶା ଖେଳକୁ ଆହ୍ୱାନ କର ।" ପଶା ଖେଳରେ ଦ୍ୱାପର କଳିର ସହାୟକ ଭାବରେ ପଶାକାଠିର ରୂପ ଧାରଣ କରିବ ।

ଏହିପରି ସ୍ଥିର କରି କଳି ନିଷଧ ଦେଶରେ ୧୨ବର୍ଷ ରହିବାପରେ ଦିନେ ନଳ ରାଜାଙ୍କର ଦୁର୍ବଳତା ଲକ୍ଷ୍ୟ କଲା । ତାହା ହେଉଚି, ରାଜା ପରିସ୍ରା କରିବା ପରେ ସନ୍ଧ୍ୟାବନ୍ଦନ ନେଇପରି ମୁହଁ ଓ ଗୋଡ଼ ଧୁଅନ୍ତି,

Digitized by srujanika@gmail.com

ସେଦିନ ମୂର୍ଦ୍ଧ ଧୋଇଲେ, ମାତ୍ର ଗୋଡ଼ ଧୋଇଲେ ନାହିଁ । ଏହି ସାମାନ୍ୟ ଦୋଷର ଅବସରରେ କଳି ନଳ ରାଜାଙ୍କ ଦେହରେ ପ୍ରବେଶ କରି ତାଙ୍କୁ ମୋହାବିଷ୍ଟ କଲା । ପୁଣି ସେ ଅନ୍ୟ ବେଶରେ ପୁଷ୍କରଙ୍କ ପାଖକୁ ଯାଇ ତାଙ୍କୁ ପଶା ଖେଳ ପାଇଁ ସଫଳତାର ସହିତ ପ୍ରବର୍ତ୍ତାଇ ପାରିଲା ।

## ପଶାଖେଳ

ରାଜ୍ୟ ଓ ଐଶ୍ୱର୍ଯ୍ୟ ପଣ ରଖି ଓ କଳିଦ୍ୱାରା ସମସ୍ତ ବିବେକ ବୁଦ୍ଧି ହରାଇ ନଳ ପଶା ଖେଳରେ ମାତିଲେ । ସେ ନିଜର ଆତ୍ମୀୟ, ଅମାତ୍ୟ ବା ପ୍ରିୟପତ୍ନୀ ଦମୟନ୍ତୀଙ୍କର ପରାମର୍ଶ ଶୁଣିଲେ ନାହିଁ । କଳିର ସହାୟକ ଦ୍ୱାପର ପଶାକାଠି ହୋଇଥିବା ଯୋଗୁଁ ସେ ନଳଙ୍କର ବୋଲ ମାନିଲା ନାହିଁ । ପୁଷ୍କର ଯେପରି କହିଲେ, ସେପରି ଦାନ ପଡ଼ିଲା । ନଳ ସମସ୍ତ ରାଜ୍ୟ ଓ ଐଶ୍ୱର୍ଯ୍ୟ ହରାଇ ଦମୟନ୍ତୀଙ୍କ ସହିତ ନିଷଧ ଦେଶ ତ୍ୟାଗ କଲେ ।

ସେ କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ଭାବରେ ଅରଣ୍ୟରେ ବୁଲୁଛନ୍ତି, ଦେଖିଲେ କାଞ୍ଚନ ବର୍ଣ୍ଣ ପକ୍ଷଧାରୀ କେତେ ଗୁଡ଼ିଏ ପକ୍ଷୀ ବସିଛନ୍ତି । ସେ ଭାବିଲେ ଏହି ପକ୍ଷୀମାନଙ୍କୁ ଧରି ପାରିଲେ ତାଙ୍କର ତତ୍କାଳୀନ କ୍ଷୁଧା ମେଣ୍ଟି ପାରିବ ଓ ସୁବର୍ଣ୍ଣର ପର ସବୁ ବିକ୍ରୟ କରି ଧନ ଲାଭ ମଧ୍ୟ ହୋଇ ପାରିବ । କିନ୍ତୁ ତାଙ୍କ ପାଖରେ କୌଣସି ଅସ୍ତ୍ର, ଶସ୍ତ୍ର ନ ଥିବା ଯୋଗୁ ସେ ପିନ୍ଧିଥିବା ଲୁଗା ଖଣ୍ଡିକ ଜାଲପରି କରି ଏହି ପକ୍ଷୀମାନଙ୍କ ଉପରକୁ ପକାଇ ଦେଲେ । କିନ୍ତୁ ପକ୍ଷୀମାନେ ଥଣ୍ଟରେ ଲୁଗାଟିକୁ ଧରି ଆକାଶ ପଥରେ ଉଡ଼ିଗଲେ ଏବଂ ଗଲାବେଳେ କହିଲେ, "ହେ ରାଜା, ଆମ୍ଭେମାନେ ସୁବର୍ଣ୍ଣର ପକ୍ଷୀ ନୁହଁ, ଆମ୍ଭେମାନେ ସେହି ପଶା, ତୁମ ଦେହରେ ଲୁଗା ଖଣ୍ଡିଏ ଅଛି, ଏହା ଦେଖି ଆମ୍ଭେ କିପରି ସନ୍ତୁଷ୍ଟ ହୋଇ ପାରିବୁ ! ତେଣୁ ସେଇଟିକୁ ହରଣ କରି ନେବାପାଇଁ ଆମ୍ଭେ ଏହି ବେଶରେ ଆସିଥିଲୁ ।"

ଶେଷରେ ପିନ୍ଧିଥିବା ଲୁଗାଟି ଚାଲି ଗଲା, ଏହା ଦେଖି ନଳଙ୍କର ଦୁଃଖର ସୀମା ରହିଲା ନାହିଁ । ସେ ଲଜ୍ଜାରେ ଅଧୋମୁଖ ହୋଇ ବସିରହି ଦମୟନ୍ତୀଙ୍କୁ କହିଲେ ସେ ଏପରି ଭାଗ୍ୟହୀନ ସ୍ୱାମୀଙ୍କ ସହିତ ନ ରହି ଶୀଘ୍ର ପିତୃଗୃହକୁ ପ୍ରସ୍ଥାନ କରନ୍ତୁ । ଦମୟନ୍ତୀ କହିଲେ, ସ୍ୱାମୀଙ୍କର ଏହି ଦାରୁଣ ଦୁଃଖ ସମୟରେ ସେ ତାଙ୍କୁ ମୁହୂର୍ତ୍ତେ ମଧ୍ୟ କୁଆଡ଼େ ଛାଡ଼ି ଯାଇ ପାରିବେ ନାହିଁ ଓ ତାଙ୍କୁ ପିତୃଗୃହକୁ ଯିବାପାଇଁ କହିବା ଏକ ନିଷ୍ଠୁରତା । ସେ ତାଙ୍କର ପିନ୍ଧିଥିବା ଲୁଗାର ଗୋଟିଏ କାନି ନଳଙ୍କୁ ପିନ୍ଧିବାକୁ ଦେଲେ ଓ ଏହିପରି ସେମାନେ କିଛିକାଳ ବୁଲିବାକୁ ଲାଗିଲେ ।

କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ଭାବରେ ସେମାନେ ନିର୍ଜନ ଅରଣ୍ୟ ମଧ୍ୟରେ ଏକ ବୃକ୍ଷମୂଳରେ ବସିଛନ୍ତି, ଦମୟନ୍ତୀ ଅତିଶୟ କ୍ଲାନ୍ତ ଅନୁଭବ କରି ଶୋଇ ପଡ଼ିଲେ । ନଳଙ୍କୁ ନିଦ ହେଉ ନ ଥାଏ । ସେ କିପରି ଅବସ୍ଥାରେ ଥିଲେ, ଦୁର୍ବୁଦ୍ଧିର ବଶବର୍ତ୍ତୀ

Digitized by srujanika@gmail.com

ହୋଇ କପରି ଏତେବଡ଼ ରାଜ୍ୟ ଓ ଐଶ୍ୱର୍ଯ୍ୟ ହରାଇ ବସିଲେ, ସୁକୁମାରୀ ବଇଦର୍ଭ ରାଜପୁତ୍ରୀ କ ଅକଥନୀୟ ଦୁଃଖ, କଷ୍ଟ ସହୁଛନ୍ତି, ଏ ସମସ୍ତ ଚିନ୍ତା କରି ତାଙ୍କର ଗଭୀର ଦୁଃଖ ଓ ମନସ୍ତାପ ହେଲା । ଏହି ଦୁଃଖରେ ଅନେକ ବ୍ୟକ୍ତି ଆତ୍ମହତ୍ୟା କରନ୍ତି, ଅନେକେ ପାଗଳ ହୋଇ ଯାଆନ୍ତି ଓ ମୂକ ପରି ବସି ରହନ୍ତି । କିନ୍ତୁ ନଳ ରାଜାଙ୍କ ହୃଦୟରେ ଏହି ଭାବନା ସ୍ଥାନ ପାଇଲା ଯେ ସେ ଦମୟନ୍ତୀଙ୍କୁ ଛାଡ଼ି ଚାଲିଯିବେ । ତାଙ୍କର ଏହି ଦୁର୍ଦ୍ଦଶାର ଅଂଶୀଦାର ତାଙ୍କର ସ୍ତ୍ରୀ ନ ହୁଅନ୍ତୁ ଏବଂ ଛାଡ଼ି ରହିଗଲେ ସେ ନିଜକୁ ନିଃସହାୟା ମନେ କରି ପିତୃ ଗୃହକୁ ଚାଲି ଯାଆନ୍ତୁ, ଏହି ଧାରଣାର ବଶବର୍ତ୍ତୀ ହୋଇ ସେ ସ୍ତ୍ରୀଙ୍କର ପିନ୍ଧା ଲୁଗାକୁ ତାଙ୍କ ନିଦ୍ରିତ ଅବସ୍ଥାରେ କାଟି ଦେଇ ଅରଣ୍ୟ ମଧ୍ୟକୁ ପଳାୟନ କଲେ ।

ଦମୟନ୍ତୀ ଉଠି ଦେଖନ୍ତି ତ ସ୍ୱାମୀ ତାଙ୍କ ପାଖରେ ନାହାନ୍ତି । ଭୟ ଓ ଆଶଙ୍କାରେ ତାଙ୍କର ହୃଦୟ ବ୍ୟାକୁଳ ହେବାକୁ ଲାଗିଲା । ସେ ଉଚ୍ଚ ସ୍ୱରରେ ରୋଦନ କରି ସ୍ୱାମୀଙ୍କୁ ଇତସ୍ତତଃ ଖୋଜିବାକୁ ଲାଗିଲେ । ଦୁଃଖରେ କାତର ହୋଇ ବନ୍ୟପଶୁ ସଙ୍କୁଳ ନିର୍ଜନ ବନ ମଧ୍ୟରେ ସେ ବୁଲୁଛନ୍ତି, ଦେଖିଲେ ସେହି ଅରଣ୍ୟ ବାଟରେ କେତେକ ବୃଦ୍ଧ ବ୍ରାହ୍ମଣ ଚେଦି ରାଜ୍ୟ ଅଭିମୁଖରେ ଯାତ୍ରା କରୁଛନ୍ତି । ସେମାନଙ୍କୁ ସହାୟ ନ ଦେଖି ଓ ବଣିକ ଦଳକୁ ନିଜର ଦୁଃଖ ନିବେଦନ କରି କୌଣସି ମତେ ସେମାନଙ୍କ ସହିତ ଚେଦି ରାଜ୍ୟର ରାଜଧାନୀରେ ପହଞ୍ଚିଲେ । ଅନ୍ତ୍ରାର ବିନା କ୍ଷୀଣକାୟ, ଖଣ୍ଡିଏ ଲୁଗା କାନି ଯାହା ପିନ୍ଧିଛନ୍ତି, ତାହା ମଧ୍ୟ ଅତିଶୟ ଅପରିଷ୍କାର, ମୁଣ୍ଡର ବାଳ ଜୁଆ ହୋଇ ଉଡ଼ୁଚି, ପିଲାମାନେ ତାଙ୍କୁ ଏକ ପାଗଳୀ ବୋଲି ଭାବି ଘେରି ଯାଇ ଚଡ଼ଉ ଥାନ୍ତି । କେହି କେହି ଧୂଳି ମଧ୍ୟ ପକାଉ ଥାନ୍ତି । ରାଜ-ମାତା ପ୍ରାସାଦ ଉପରେ ଥାଇ ଏହା ଦେଖିଲେ ଓ ତାଙ୍କ ପ୍ରତି ଦୟାର୍ଦ୍ର ହୋଇ ଦାସୀକୁ ପଠାଇ କହିଲେ, "ଅନାଥା, ଆଶ୍ରୟହୀନା ଭାବରେ ଯେଉଁ ସ୍ତ୍ରୀ ଲୋକଟି ରାଜଦାଣ୍ଡରେ ଯାଉଥିବାର ଦେଖୁଚ, ଜଣାଯାଉଚି ସେ କୌଣସି ଉଚ୍ଚକୁଳସମ୍ଭୂତା । ତୁମେ ତାଙ୍କୁ ମୋ' ପାଖକୁ ଘେନି ଆସ ।"

ଦମୟନ୍ତୀ ନିଜର ବା ତାଙ୍କ ସ୍ୱାମୀଙ୍କର ପରିଚୟ ନ ଦେଇ ତାଙ୍କର ସମସ୍ତ ଦୁଃଖ ବର୍ଣ୍ଣନା କଲେ ଓ ରାଜମାତା ତାଙ୍କୁ ପ୍ରାସାଦରେ ପରିଚାରିଣୀ ହୋଇ ରହିବା ପାଇଁ କହିବାରୁ ସେ ଉତ୍ତର ଦେଲେ, "ମୋର ସୌଭାଗ୍ୟ, ଆପଣ ମୋତେ ଆଶ୍ରୟ ଦେବା ପାଇଁ ଦୟା ପ୍ରଦର୍ଶନ କଲେ । କିନ୍ତୁ ମୋର ଏତିକି ନିବେଦନ ଯେ ମୁଁ କାହାର ଉଚ୍ଛିଷ୍ଟ ଭୋଜନ କରିବି ନାହିଁ, କାହାର ପାଦ ଧୋଇ ଦେବି ନାହିଁ, କୌଣସି ପୁରୁଷ ସଙ୍ଗେ କଥା କହିବି ନାହିଁ । ମୋ'ର ସ୍ୱାମୀଙ୍କର ଅନ୍ୱେଷଣ ପାଇଁ ବ୍ରାହ୍ମଣମାନଙ୍କ ସହିତ ସାକ୍ଷାତ୍ କରି ପାରିବି ।" ଦମୟନ୍ତୀ ରାଜକନ୍ୟା ସୁନନ୍ଦାଙ୍କର ସଖୀ ଭାବରେ ରହିଲେ ।

Digitized by srujanika@gmail.com

## ସର୍ପର ଦଂଶନ

ନଳ ରାଜା ଦମୟନ୍ତୀଙ୍କୁ ପରିତ୍ୟାଗ କରି ଦ୍ରୁତ ବେଗରେ ଅରଣ୍ୟ ମଧ୍ୟରେ ପଳାଇ ଯାଉଥିବା ବେଳେ ହଠାତ୍ ଗୋଟାଏ ସ୍ଥାନରେ ନିଆଁ ଲାଗି ଥିବାର ଦେଖିଲେ ଓ ତା' ମଧ୍ୟରୁ ଶୁଣା ଯାଉଥିଲା, "ପୁଣ୍ୟ ଶ୍ଳୋକ ନଳ, ରକ୍ଷା କର ।" ରାଜା 'ଭୟନାହିଁ' ବୋଲି କହି ଅଗ୍ନି ମଧ୍ୟରେ ପ୍ରବେଶ କରି ଦେଖିଲେ ଚେକାମାରି ଗୋଟିଏ ବଡ଼ ସାପ ଶୋଇଛି । ବିରାଟ ସର୍ପଟି ନଳଙ୍କ ସମ୍ମୁଖରେ ଅଙ୍ଗୁଳି ପରି କ୍ଷୁଦ୍ର ହୋଇଗଲା ଓ ତାଙ୍କୁ ସେଠାରୁ ଉଦ୍ଧାର କରି ନେବା ପାଇଁ କହିଲା । ନଳ ସାପଟିକୁ ହାତରେ ଧରି ବାହାରକୁ କେତୋଟି ପାଦ ଚାଲି ଆସି ତାକୁ ପକାଇ ଦେବାକୁ ଯାଉଛନ୍ତି, ସାପଟିହଠାତ୍ ତାଙ୍କୁ ଦଂଶନ କଲା ଓ ସଙ୍ଗେ ସଙ୍ଗେ ନଳ ଏକ କୃଷ୍ଣବର୍ଣ୍ଣ ବିକୃତ ରୂପ ଧାରଣ କଲେ ।

ରାଜା ଆଶ୍ଚର୍ଯ୍ୟ ହୋଇ ଏହି କୃତଘ୍ନତାର କାରଣ କଣ ବୋଲି ପଚାରିବାରୁ ନାଗରାଜ କର୍କୋଟକ କହିଲା, "ମହାରାଜ, ମୋର ଦଂଶନ ଦ୍ୱାରା ଆପଣଙ୍କ ରୂପ ବଦଳି ଗଲା, ଯେପରିକେ ଆପଣଙ୍କୁ କେହି ଚିହ୍ନି ପାରିବେ ନାହିଁ । ଯେଉଁ କଳି ଆପଣଙ୍କ ଦେହରେ ବାସ କରି ଆପଣଙ୍କୁ ଏତେ ଦୁଃଖ ଦେଉଛି, ମୋ ବିଷଜ୍ୱାଳାରେ ସେ ଅତି ଦୁଃଖରେ ରହିବ । ଏଣିକି କୌଣସି ଶତ୍ରୁ ବା ହିଂସ୍ରଜନ୍ତୁ ଆପଣଙ୍କର କିଛି କ୍ଷତି କରି କରି ପାରିବ ନାହିଁ ।

"ଏଠାରୁ ଆପଣ ଅଯୋଧ୍ୟା ଯାତ୍ରା କରନ୍ତୁ । ସେଠାରେ ରାଜା ଋତୁପର୍ଣ୍ଣ ଅକ୍ଷ ବିଦ୍ୟାରେ ପାରଙ୍ଗମ । ଆପଣ ଅଶ୍ୱବିଦ୍ୟାରେ ଧୂରନ୍ଧର । ତାଙ୍କର ସାରଥୀ ରୂପେ ରହି ବାହୁକ ନାମରେ ଆପଣ ପରିଚିତ ହେବେ । ତାଙ୍କୁ ଅଶ୍ୱବିଦ୍ୟା ଦାନ କରି ତାଙ୍କଠାରୁ ଅକ୍ଷ ବିଦ୍ୟା ଶିଖିବେ । ସେଠାରେ ଥିବାବେଳେ ପ୍ରିୟତମା ପତ୍ନୀଙ୍କ ସମ୍ବାଦ ଲାଭ କରି ତାଙ୍କ ସହିତ ସାକ୍ଷାତ୍କାର ସୁଯୋଗ ଲାଭ କରିବେ । ଅନ୍ତରେ ଆପଣଙ୍କ ଦୁଃଖ ଦୂର ହେବ । ଏଇ ନିଅନ୍ତୁ, ଏହି ଦୁଇ ଖଣ୍ଡି ବସ୍ତ୍ର । ଏହାକୁ ପରିଧାନ କରି ମୋତେ ସ୍ମରଣ କଲେ ଆପଣ ପୂର୍ବ ରୂପ ଫେରି ପାଇବ ।"

କର୍କୋଟକଙ୍କ ଆଦେଶରେ ନଳ ରାଜା ଋତୁପର୍ଣ୍ଣଙ୍କ ସାରଥି ରୂପେ ନିଯୁକ୍ତ ହେଲେ । ତାଙ୍କର ନାମ ହେଲା ବାହୁକ । ନଳ ରାଜାଙ୍କର ଏହି ଦୁଃଖକୁ ଯେନ ଆମର କିମ୍ବଦନ୍ତୀ ଅଛି, "ଭାଗ୍ୟ ଦୋଷେ ନଳରାଜା କାଟେ ଘୋଡ଼ାଘାସ" ।

ଏହି ସମୟରେ ବିଦର୍ଭର ରାଜା ଭୀମ ନିଜର କନ୍ୟା ଓ ଜାମାତାଙ୍କର ଏ ଦୁର୍ଦ୍ଦଶାର ସମ୍ବାଦ ଶୁଣି ସେମାନଙ୍କୁ ଖୋଜିବା ପାଇଁ ଚତୁର୍ଦ୍ଦିଗରେ ବ୍ରାହ୍ମଣମାନଙ୍କୁ ପଠାଇଲେ । ନଳଙ୍କର ରୂପ ବଦଳି ଯାଇଥିବା ଯୋଗୁଁ ତାଙ୍କୁ କେହି ଚିହ୍ନି ପାରିଲେ ନାହିଁ । କିନ୍ତୁ ସୁଦେବ ନାମରେ ଜଣେ ବ୍ରାହ୍ମଣ, ଯେ କି ଦମୟନ୍ତୀଙ୍କ ଭାଇଙ୍କର ପ୍ରିୟ ସଖା ଥିଲେ ସେ ଚେଦି ରାଜ୍ୟରେ ଥିବାବେଳେ ଦିନେ ପ୍ରାସାଦରେ ଦମୟନ୍ତୀଙ୍କୁ ଦେଖି ଚିହ୍ନି ପାରିଲେ । ସେ ତାଙ୍କୁ ସାକ୍ଷାତ୍ କରି ପରିଚୟ

Digitized by srujanika@gmail.com

ଦେବାରୁ ଦମୟନ୍ତୀ ବିଳାପ କଲେ । କ୍ରମେ ରାଜମାତା ତାହା ଜାଣିଲେ ଓ ଦମୟନ୍ତୀଙ୍କର ପ୍ରକୃତ ପରିଚୟ ଲାଭ କରି ନିଜେ କାନ୍ଦି ପକାଇଲେ । କାରଣ ଦମୟନ୍ତୀ ଥିଲେ ତାଙ୍କ ନିଜ ଭଉଣୀର ଝିଅ । ସେ ତାଙ୍କୁ ଚେଦି ରାଜ୍ୟରେ କିଛିଦିନ ରହିବା ପାଇଁ ଲଗାଇଲେ । ମାତ୍ର ଦମୟନ୍ତୀ ତାଙ୍କ ଦୁଇପୁତ୍ର ବିଦର୍ଭରେ ରହିଥିବା ଯୋଗୁଁ ଓ ପିତା ମାତାଙ୍କ ସହିତ ସାକ୍ଷାତର ବ୍ୟାକୁଳତା ଯୋଗୁଁ ପିତୃ ଗୃହକୁ ଫେରିଗଲେ । ପିତୃ ଗୃହକୁ ଯାଇ ତାଙ୍କର ପ୍ରଥମ କାମ ହେଲା ନଳଙ୍କୁ ଖୋଜିବା ପାଇଁ ଚାରି ଆଡ଼କୁ ବ୍ରାହ୍ମଣମାନଙ୍କୁ ପଠାଇବା ।

## ଉତ୍ତର ମାଗ

ଏହି ବ୍ରାହ୍ମଣ ମାନଙ୍କୁ ଦମୟନ୍ତୀ କହିଲେ, "ତୁମେ ଯେଉଁଆଡ଼େ ଯିବ ଓ ଯେଉଁଠି ବହୁ ଲୋକ ଏକତ୍ର ହୋଇଥିବାର ଦେଖିବ, ସେଠାରେ ଏହି ଶ୍ଳୋକ ପାଠ କରିବ, ଯାହାର ଅର୍ଥ ହେଉଛି, 'ହେ ଛଳନାକାରୀ, ହେ ପ୍ରିୟ, ବସ୍ତ୍ରାର୍ଦ୍ଧକୁ ଛେଦନ କରି, ତୁମପ୍ରତି ଅତୀବ ଅନୁରକ୍ତା ପ୍ରିୟାକୁ ଅରଣ୍ୟ ମଧ୍ୟରେ, ପରିତ୍ୟାଗ କରି କେଉଁଆଡ଼େ ପ୍ରସ୍ଥାନ କଲ ? ସେ ସେହିପରି ବସ୍ତ୍ରାର୍ଦ୍ଧରେ ନିଜର ଦେହକୁ ଆଚ୍ଛାଦନ କରି ତୁମର ପ୍ରତୀକ୍ଷାରେ ରହି ସବୁବେଳେ ରୋଦନ କରୁଛି, ଏହି ଶ୍ଳୋକ ଆବୃତ୍ତି କରି ତାହାର ପ୍ରତ୍ୟୁତ୍ତର ଦାବୀ କର ।"

ଏହିପରି ଜଣେ ବ୍ରାହ୍ମଣ ଅଯୋଧ୍ୟାକୁ ଆସି ବିଭିନ୍ନ ସ୍ଥାନରେ ଶ୍ଳୋକ ଆବୃତ୍ତି କରି କରି ରାଜ ପ୍ରାସାଦରେ ମଧ୍ୟ ସେହିପରି କହିଲେ । ବାହୁକ ତାଙ୍କୁ ଏକ ନିର୍ଜନ ସ୍ଥାନକୁ ଡ଼ାକି ନେଇ ବାଷ୍ପ ଗଦ୍ ଗଦ୍ ସ୍ୱରରେ ଉତ୍ତର ଦେଲେ, "ହେ ବ୍ରାହ୍ମଣ, ତାର ପ୍ରତ୍ୟୁତ୍ତର ହେଉଛି ଏହି, କୁଳବଧୂମାନେ ଦୁଃଖଗ୍ରସ୍ତ ହେଲେ ମଧ୍ୟ ଅନ୍ୟ ଆଗରେ ପ୍ରକାଶ କରନ୍ତି ନାହିଁ । କାରଣ ସେମାନଙ୍କ ଚରିତ୍ର ହିଁ ସେମାନଙ୍କ ରକ୍ଷା କବଚ । ଯେଉଁ ସ୍ୱାମୀ ଅବିବେକୀ, ଦୁଃଖ ଓ ଦୁର୍ଭାଗ୍ୟଗ୍ରସ୍ତ ହୋଇ ଜୀବନ ନିର୍ବାହ କରିବା ପାଇଁ ବହୁ ଚେଷ୍ଟା କଲେ ମଧ୍ୟ ପକ୍ଷୀମାନେ ତାର ବସ୍ତ୍ର ଖଣ୍ଡିକ ମଧ୍ୟ ଅପହରଣ କଲେ, ତା'ର ମାନସିକ ଯନ୍ତ୍ରଣା କେତେ ହୋଇଥିବ ତାହା ଅନୁମାନ କରି ତାଙ୍କପ୍ରତି କୋପ କରିବା ସତୀ, ଅନୁରକ୍ତା ସ୍ତ୍ରୀଙ୍କର ଉଚିତ ନୁହେଁ ।"

## ଦ୍ୱିତୀୟ ସ୍ୱୟମ୍ବର

ବ୍ରାହ୍ମଣଙ୍କଠାରୁ ଏହି କଥା ଶୁଣି, ମାତ୍ର ଯେଉଁ ବ୍ୟକ୍ତି ଏହା କହିଲେ ତାଙ୍କର କଦାକାର ରୂପର ସମ୍ବାଦ ପାଇ ଦମୟନ୍ତୀଙ୍କ ମନରେ ସନ୍ଦେହ ଜାତ ହେଲା । ସେ ଏହାର ମୋଚନ ପାଇଁ ଏକ ଉପାୟ ଚିନ୍ତା କଲେ ଓ ତାଙ୍କ ମାତାଙ୍କ ଛଡ଼ା ଏହା କେହି ଜାଣିଲେ ନାହିଁ । ସଙ୍ଗେ ସଙ୍ଗେ ସୁଦେବ ବ୍ରାହ୍ମଣ ଋତୁପର୍ଣ୍ଣଙ୍କ ନଗରୀରେ ଉପସ୍ଥିତ ହୋଇ ରାଜାଙ୍କୁ ସମ୍ବାଦ ଦେଲେ ଯେ ସେ ବିଦର୍ଭ ଦେଶରୁ ଆସିଛନ୍ତି । ବୀର ନଳରାଜା ଜୀବିତ

Digitized by srujanika@gmail.com

ଅଛନ୍ତି କି ନାହିଁ, ତାହା ଦମୟନ୍ତୀ ଜାଣି ପାରୁ ନାହାନ୍ତି । ତେଣୁ ତାଙ୍କର ସ୍ୱାମୀ ବହୁକାଳ ନିରୁଦ୍ଦିଷ୍ଟ ଥିବା ଯୋଗୁଁ ଆଜି ରଜନୀ ପ୍ରଭାତ ହେଲେ ସୂର୍ଯ୍ୟୋଦୟ ପରେ ସେ ଦ୍ୱିତୀୟ ପତି ଗ୍ରହଣ କରିବେ । ତେଣୁ ତାଙ୍କର ସ୍ୱୟମ୍ବରର ଆୟୋଜନ କରାଯାଉଛି ।

ରାଜା ଋତୁପର୍ଣ୍ଣ ବାହୁକଙ୍କୁ ନିର୍ଦ୍ଦେଶ ଦେଲେ ଶୀଘ୍ର ରଥ ସଜ କର, ଯେପରି ସୂର୍ଯ୍ୟାସ୍ତ ପୂର୍ବରୁ ବିଦର୍ଭରେ ପହଞ୍ଚିବାକୁ ହେବ । ବାହୁକ ମଧ୍ୟ ଦମୟନ୍ତୀଙ୍କ ଦ୍ୱିତୀୟ ସ୍ୱୟମ୍ବର ଉଦ୍ଦେଶ୍ୟ ବୁଝି ନ ପାରି ଅତିଶୟ ଦୁଃଖ ଓ ସଂଶୟରେ ପଡ଼ିଲେ ଓ ସନ୍ଦେହ ମୋଚନ ପାଇଁ ବିଦର୍ଭ ଯାତ୍ରା ନିମନ୍ତେ ବ୍ୟାକୁଳ ହେଲେ ।

ବାହୁକଙ୍କର ଚାଳନାରେ ଅଶ୍ୱମାନେ ପବନ ପରି ଉଡ଼ିବାକୁ ଲାଗିଲେ । କୌଣସି ପାର୍ଥିବ ମନୁଷ୍ୟ ଏପରି ରଥ ଚାଳନା କରି-ପାରେ ଏହା ଚିନ୍ତା କରି ଋତୁପର୍ଣ୍ଣ ବିସ୍ମିତ ହେବାକୁ ଲାଗିଲେ । କିଛି ସମୟ ପରେ ପଥ ମଧ୍ୟରେ ଏକ ବାହାଡ଼ା ଗଛ ପଡ଼ିଲା । ତାକୁ ଦେଖି ନିଜର ଗୌରବ ପ୍ରତିପାଦିତ କରିବା ପାଇଁ ଋତୁପର୍ଣ୍ଣ କହିଲେ, "ବାହୁକ ଦେଖ, ଏ ଗଛରେ କେତେ ପତ୍ର ଅଛି, ଫଳ ଅଛି, ମୁଁ ଗଣନା କରି କହି ଦେବି ।" ବାହୁକ ଗୋଟିଏ ଡାଳକୁ ଦେଖାଇ କେତେ ଫଳ ଅଛି ବୋଲି ଜାଣିବାକୁ ଚାହିଁଲେ । ରାଜା ଯେତେ ଫଳ ଅଛି ବୋଲି କହିଲେ ବାହୁକ ଗଣନା କରି ଦେଖିଲେ ଠିକ୍ ସେତିକି ଫଳ ଅଛି । ସେ ଆଶ୍ଚର୍ଯ୍ୟ ହୋଇ ଏ ବିଦ୍ୟା ସେ କେଉଁଠାରୁ ଶିଖିଛନ୍ତି ବୋଲି ପଚାରିଲେ । ଋତୁପର୍ଣ୍ଣ କହିଲେ ସେ ଅକ୍ଷ ବିଦ୍ୟାରେ ନିପୁଣ । ତେଣୁ ତାଙ୍କର ଗଣନା ଠିକ ହୋଇଛି । ତା'ପରେ ବାହୁକ ଓ ଋତୁପର୍ଣ୍ଣ ପରସ୍ପରର ବିଦ୍ୟା ଜାଣିବା ପାଇଁ ଆଗ୍ରହ ପ୍ରକାଶ କଲେ । ବାହୁକ ତାଙ୍କୁ ଅଶ୍ୱ ବିଦ୍ୟା ଦାନ କଲେ ଓ ତାର ପ୍ରତିଦାନରେ ସେ ଅଯୋଧ୍ୟାର ରାଜାଙ୍କଠାରୁ ଅକ୍ଷ ବିଦ୍ୟା ଗ୍ରହଣ କଲେ । ସେ ଅକ୍ଷବିଦ୍ୟା ଗ୍ରହଣ କରିବା ମାତ୍ରେ ବିଷ ଜ୍ୱାଳାରେ ଜର୍ଜର କଲି ଶୀଘ୍ର ନଳଙ୍କର ଦେହ ପରିତ୍ୟାଗ କଲା ଓ ରାଜା ନିଜକୁ ସମ୍ପୂର୍ଣ୍ଣ ସୁସ୍ଥ, ସବଳ ଅନୁଭବ କଲେ ।

ବିଦର୍ଭରେ ପହଞ୍ଚିବା ପରେ ଋତୁପର୍ଣ୍ଣ ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ପ୍ରାସାଦରେ ଯାଇ ଅବସ୍ଥାନ କଲେ । ସ୍ୱୟମ୍ବରର କୌଣସି ଆୟୋଜନ ହୋଇ ନ ଥିବା ଦେଖି ସେ ମନେ ମନେ ବିସ୍ମିତ ହେଲେ ।

## ନଳଙ୍କ ପରୀକ୍ଷା

ଏହି ସମୟରେ ବାହୁକ ଯେଉଁଠାରେ ରହୁଥିଲେ, ସନ୍ଦେହ ମୋଚନ ପାଇଁ ଦମୟନ୍ତୀ ତାଙ୍କର ଦୁଇ ପୁତ୍ରଙ୍କୁ ନିଜର ଦାସୀ ସହିତ ସେଠାକୁ ପଠାଇ ଦେଲେ । ପୁତ୍ର ମାନଙ୍କୁ ଦେଖି ବାହୁକ ସେମାନଙ୍କୁ ସଙ୍ଗେ ସଙ୍ଗେ କୋଳାଗତ କଲେ ଓ ତାଙ୍କର ଚକ୍ଷୁରୁ ଅଶ୍ରୁ ଧାର ବହିବାକୁ ଲାଗିଲା । ମାତ୍ର ସେ ନିଜକୁ ସମ୍ବରଣ କରି କହିଲେ, "ମୋର ଏହିପରି ଦୁଇଟି ପୁଅ ଅଛନ୍ତି । ସେମାନଙ୍କ କଥା ମୋ' ମନକୁ ଆସିଗଲା ।" ଦମୟନ୍ତୀଙ୍କ ସନ୍ଦେହ ବହୁ ଅଂଶରେ ମୁକ୍ତ ହେଲା । କିନ୍ତୁ

Digitized by srujanika@gmail.com

ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ ହେବା ପାଇଁ ସେ ପରିଚାରିକାଙ୍କୁ କହିଲେ, "ବାହୁକ ରୋଷେଇ କରିବା ବେଳେ ତୁ ଯାଇ ସେଠାରେ ରହିବୁ ଓ ଯାହା ଯାହା ଅଦ୍‌ଭୁତ କାର୍ଯ୍ୟ ସେଠାରେ ଦେଖିବୁ, ମୋତେ ଆସି କହିବୁ ।"

ପରିଚାରିକା ଦେଖିଲା, ମାଂସ ରନ୍ଧା ହେବା ପାଇଁ ଯେଉଁ ସବୁ କୁମ୍ଭ ପାଣି ଅଣା-ଥିବା ନିମନ୍ତେ ରଖା ଯାଇଛି, ବାହୁକ ଛୁଇଁଲା ମାତ୍ରେ ତାହା ପାଣିରେ ଭରିଗଲା । ରନ୍ଧନ ପୂର୍ବରୁ ସେ ଚୁଲିରେ କାଠ ଦେଇ କେତୋଟି ଶୁଖିଲା ଘାସ ଆଣି ପକାଇ ଦେବା ମାତ୍ରେ ମନକୁ ମନ ତାହା ଜଳି ଉଠିଲା । ନଳ ରାଜା ଜଳ ଓ ଅଗ୍ନିରେ ସିଦ୍ଧି ଲାଭ କରିଥିଲେ ଓ ସେଠାରେ ଦମୟନ୍ତୀଙ୍କ ଛଡ଼ା ଅନ୍ୟ କେହି ତାହା ଜାଣି ନଥିଲେ । ଏ ସମ୍ବାଦ ପାଇ ସମ୍ପୂର୍ଣ୍ଣ ସନ୍ଦେହ ମୁକ୍ତ ହେବା ପରେ ଦମୟନ୍ତୀ ପିତା ମାତାଙ୍କ ଅନୁମତି ନେଇ ବାହୁକଙ୍କୁ ଡ଼କାଇ ପଠାଇଲେ ଓ ଏକ ନିର୍ଜନ କକ୍ଷରେ ତାଙ୍କୁ ପଚାରିଲେ, "ହେ ବାହୁକ, ତୁମେ ଏପରି କୌଣସି ଧାର୍ମିକ ପୁରୁଷଙ୍କୁ ଦେଖିଛ, ସେ ଦେବତା-ମାନଙ୍କୁ ସାକ୍ଷୀରଖି ପାଣି ଗ୍ରହଣ କରିଥିବା ତାଙ୍କର ଏକାନ୍ତ ପତିବ୍ରତା ସ୍ତ୍ରୀକୁ ଘୋର ଅରଣ୍ୟ ମଧ୍ୟରେ ନିଦ୍ରିତା ଅବସ୍ଥାରେ ପରିତ୍ୟାଗ କରି ପାରେ ?" ଏହି ପ୍ରଶ୍ନ ପଚାରିବା ସଙ୍ଗେ ସଙ୍ଗେ ତାଙ୍କ ନୟନ ଯୁଗଳରୁ ଅବିରତ ବାରିଧାରା ବହିବାକୁ ଲାଗିଲା ।

ପାଖରେ ଅତି ଦୁଃଖରେ ବେଦନ କରୁଥିବା ଓ ଝିଣ୍ଡିଏ ଛିନ୍ନ କାଛୁଥିବା ବସ୍ତ୍ର ପିନ୍ଧିଥିବା ଦମୟନ୍ତୀଙ୍କୁ ଦେଖି ନଳ ଆଉ ନିଜକୁ ସଯତ କରି ପାରିଲେ ନାହିଁ । ସେ ବିଳାପ କରି କହିଲେ, "କଳିର ଦୋଷରୁ ମୁଁ ବିବେକ ଭ୍ରଷ୍ଟ ହୋଇ ରାଜ୍ୟ ଧନ ହରାଇଲି । ଯେଉଁ ଅବସ୍ଥାରେ ମୋତେ ଏହି କାର୍ଯ୍ୟ କରିବାକୁ ହେଲା ତାହା ସେହି ପାପା-ତ୍ମାର ବଶରୁ ହୋଇଛି । ମୁଁ କେବଳ ତୁମ୍ଭର ପାଇଁ ଆତ୍ମଗୋପନ କରି ରହିଛି ଓ ତୁମ୍ଭଙ୍କୁ ଦେଖିବା ପାଇଁ ଏଠାକୁ ଆସିଛି । ତେଣୁ ତୁମ୍ଭେ ଆଉ ସେ କଥା କହି ମୋତେ ଲଜ୍ଜିତ କର ନାହିଁ । କିନ୍ତୁ ତୁମେ ଯେଉଁ ଦ୍ୱିତୀୟ ପତି ବରଣ କରିବା ପାଇଁ ସ୍ଥିର କରିଛ, କହ ଦେଖି, କେଉଁ ଧର୍ମଚାରିଣୀ ପତିବ୍ରତା ନାରୀ ତାହା କରିପାରେ ?"

ଦମୟନ୍ତୀ କହିଲେ, "ହେ ସ୍ୱାମୀ, ତୁମ ଛଡ଼ା କୌଣସି ପୁରୁଷର କଥା ମୁଁ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରି ନାହିଁ । ମୁଁ ଜାଣେ ତୁମ ଛଡ଼ା ଜନକ ମଧ୍ୟରେ ଅଶ୍ୱଚାଳନା କରି କେହି ଅଯୋଧ୍ୟାରୁ ବିଦର୍ଭକୁ ଆସି ପାରନ୍ତେ ନାହିଁ । ସେଥିପାଇଁ ମୁଁ ଏହି କୌଶଳ ପୂର୍ଣ୍ଣ ବାର୍ତ୍ତା ପଠାଇଥିଲି । ଯଦି ତୁମର କୌଣସି ସନ୍ଦେହ ଥାଏ, ଯେ କୌଣସି ପରୀକ୍ଷା ପାଇଁ ମୁଁ ପ୍ରସ୍ତୁତ ଅଛି ।"

ନଳ ସ୍ମିତ ହାସ ପୂର୍ବକ କର୍କୋଟକ ନାଗକୁ ସ୍ମରଣ କଲେ । ସେହି ମୁହୂର୍ତ୍ତରେ ତାଙ୍କର ପୂର୍ବରୂପ ଫେରି ଆସିଲା ଓ ପରସ୍ପର ଆନନ୍ଦାଶ୍ରୁ ବର୍ଷଣ କରିବାକୁ ଲାଗିଲେ ।

ରାଜା ଋତୁପର୍ଣ୍ଣ ପରଦିନ ପ୍ରଭାତରେ ସମସ୍ତ ବୃତ୍ତାନ୍ତ ଜାଣି ଆନନ୍ଦିତ ହେଲେ ।

Digitized by srujanika@gmail.com

ଋତୁପର୍ଣ୍ଣଙ୍କ ସହିତ ତାଙ୍କର ଚିର ସଖ୍ୟ ସ୍ଥାପିତ ହେଲା ।।

## ପୁଣ୍ୟଶ୍ଳୋକ

ବିଦର୍ଭ ଦେଶରେ କିଛି ଦିନ ରହିବା ପରେ ନଳ ଦମୟନ୍ତୀଙ୍କ ସଙ୍ଗରେ ଧନ ବହୁ ସୈନ୍ୟ ସମାବେଶରେ ନିଷଧ ଦେଶରେ ପ୍ରବେଶ କଲେ ଓ ପୁଷ୍କରଙ୍କୁ ଅକ୍ଷକ୍ରୀଡ଼ା ପାଇଁ ଆହ୍ୱାନ କଲେ । ପୁଣି ପଣ ରଖାମାଇ କ୍ରୀଡ଼ା ହେଲା ଏବଂ ଏଥର ପୁଷ୍କର ଅଳ୍ପ ସମୟ ମଧ୍ୟରେ ପରାଜିତ ହେଲେ । କିନ୍ତୁ ନଳଙ୍କର ଉଦାରତା, ସେ ପୁଷ୍କରଙ୍କ ପ୍ରତି କୌଣସି ପ୍ରତିଶୋଧ ନ ନେଇ ତାଙ୍କୁ ରାଜ୍ୟରୁ କିଛି ଅଂଶ ଓ ଧନ ଦେଇ ବିଦାୟ ଦେଲେ ।

ଭାରତୀୟ ପରମ୍ପରାରେ ନଳ ରାଜାଙ୍କୁ ପୂଣ୍ୟଶ୍ଳୋକ ବୋଲି କୁହାଯାଏ । ତାଙ୍କ ନାମ ସହିତ ଏହି ଶ୍ଳୋକଟି ପ୍ରାତଃ କାଳରେ ସ୍ମରଣ କରାଯାଏ :—

ପୁଣ୍ୟ ଶ୍ଳୋକ ନଳୋରାଜା
ପୁଣ୍ୟ ଶ୍ଳୋକ ଜନାର୍ଦ୍ଦନଃ
ପୁଣ୍ୟ ଶ୍ଳୋକାଚ ବୈଦେହୀ
ପୂଣ୍ୟ ଶ୍ଳୋକୋ ଯୁଧିଷ୍ଠିରଃ ।

ଭାରତ ବର୍ଷର ଅମର କାହାଣୀ ମାନଙ୍କ ମଧ୍ୟରେ ନଳ ଦମୟନ୍ତୀ ଅନ୍ୟତମ ।

ଋଷି ବୃହଦଶ୍ୱ ଯୁଧିଷ୍ଠିରଙ୍କୁ ଏହି ଉପାଖ୍ୟାନ ବର୍ଣ୍ଣନା କରି ସାନ୍ତ୍ୱନା ଦାନ ପୂର୍ବକ କହିଥିଲେ, "ହେ ରାଜା, ଏପରି ଦୁଃଖ ଓ ଶୋକ ସଂସାରରେ ନୂତନ ନୁହେ ।"

---

ଯେପରି ଆକାଶରେ ଆମିଷ ଥିଲେ ପକ୍ଷୀମାନେ ତାହା ଭକ୍ଷଣ କରନ୍ତି, ପୃଥିବୀ ଉପରେ ଥିଲେ ଶ୍ୱାପଦ ଜନ୍ତୁ ମାନଙ୍କର ଓ ପାଣି ଭିତରେ ଥିଲେ ଜଳଜନ୍ତୁ ମାନଙ୍କର ତାହା ଆହାର ହୁଏ, ସେହିପରି ଧନୀ ବ୍ୟକ୍ତି ଯେଉଁଠାରେ ରହୁ ନା କାହିଁକି, ତା ଚାରିପଟେ ବିପଦ ଆସି ଘେରି ଯାଏ ।

—ଶୌନକ, ମହାଭାରତ

# ମୋ' କାହାଣୀ



## ବାଲେଶ୍ୱର ଜିଲ୍ଲା ମାଜିଷ୍ଟ୍ରେଟ

ନୀଳମଣି ସେନାପତି

ମୋର ସର୍ବପ୍ରଥମ ସମସ୍ୟା ହେଲା, କାଳ ବୋଡ଼ ଟଙ୍କା ଆତ୍ମସାତ୍ ସମ୍ପର୍କରେ ଏକ ମକଦ୍ଦମାର ବିଚାର । ଏହି ମକଦ୍ଦମାରେ ଅଭିଯୁକ୍ତ କିମ୍ବା ସାକ୍ଷୀ ଥିବା ଜଣେ ବିଶିଷ୍ଟ କର୍ମକର୍ତ୍ତାଙ୍କ ଅନୁପସ୍ଥିତି ଯୋଗୁଁ ଏହାର ବିଚାର ହୋଇ ପାରୁ ନଥିଲା । ଅଦାଲତ ପକ୍ଷରୁ ଯେଉଁ ସମନ ଯାଉଥିଲା, ତାହା "ଅଭିଯୁକ୍ତଙ୍କର କୌଣସି ଖବର ନାହିଁ", ଏହି ମର୍ମରେ ଫେରି ଆସୁଥିଲା ।

### କଚେରୀ ଘର ଚାଳ ଡ଼ିଆଁ

ଦିନେ ସନ୍ଧ୍ୟା ସମୟରେ ମୁଁ ଜଣେ ଦାଦା ଯୋଗାଣିଆ ପୋଲିସ ଅଫିସରଙ୍କୁ କାର୍‌ରେ ଧରି "ଅଭିଯୁକ୍ତ'ଙ୍କ ଗ୍ରାମର ଦୁଇ ମାଇଲ ଦୂରରେ ତାଙ୍କୁ ଛାଡ଼ି ଦେଲି । ସେ ଦୁଇ ମାଇଲ ବୁଲି ଯାଇ ଏହି ଭଦ୍ର ବ୍ୟକ୍ତିଙ୍କ ଆଗରେ ନିଜର ପରିଚୟ ଦେଲେ—ସେ ଜଣେ ପଥିକ, ରାତିରେ ଆଶ୍ରୟ ଚାହାନ୍ତି । ସେହି ଲୋକ ଜଣଙ୍କ ଯେ ଖୋଜା ଚାଲିଚି ତାହା ନିଶ୍ଚିତ ଭାବରେ ଜାଣିବା ପରେ ପୋଲିସ ଅଫିସର ନିଜର ପ୍ରକୃତ ପରିଚୟ ଦେଲେ ଓ ତାଙ୍କୁ ଗିରଫ କରାଗଲା ବୋଲି କହିଲେ । ତା'ପରେ ମକଦ୍ଦମାର ବିଚାର ଚାଲିଲା ।

ଲୌକିକି ଜମିଦାର ପ୍ରଜାଙ୍କ ପାଇଁରି ଦେଲେ ବୋଲି ଅଭିଯୋଗ

Digitized by srujanika@gmail.com

ହେଲି । ମୁଁ ଏକ ଦୂରବର୍ତ୍ତୀ ଗ୍ରାମରେ ଥିବା ଜଣଙ୍କ ଜମିଦାରଙ୍କ କଚେରୀରେ ହଠାତ୍ ଯାଇ ହାଜର ହୋଇଗଲି ଓ ବୁଝିଲି ଯେ ତାଙ୍କର ଏଜେଣ୍ଟ ବା ମାନେଜର ଅନୁପସ୍ଥିତ ଅଛନ୍ତି । ମୁଁ ଗୃହୀମାନଙ୍କର ବୃତ୍ତ ସବୁ ଟିପି ରଖିଲି । ସେମାନଙ୍କ ମଧ୍ୟରୁ ଜଣେ ମୋ' କାନରେ ଆସି କହିଲା, "ଜମିଦାରଙ୍କ ଏଜେଣ୍ଟ ଆପଣ ଆସିବାର ଖବର୍ ଅଳ୍ପ ସମୟ ଆଗରୁ ଗାଁ ଭିତରେ ଥିଲେ । କଚେରୀ ଘର ବନ୍ଦ ଥିଲା, ଯଦିଓ ତା' ଭିତରେ ଲୋକ ବସିଥିବା ପରି ଜଣା ଯାଉଥିଲା । ଦୁଇଜଣ ଚୌକିଦାର ଓ ଜଣେ ଦଫାଦାରଙ୍କୁ ସାଙ୍ଗରେ ଧରି ମୁଁ ଦ୍ଵାରରେ ଚଢ଼ି ଅଗଣା ଭିତରକୁ ଡେଇଁଲି । କୌଣସି ଲୋକଙ୍କର ସ୍ୱର, ଶବ୍ଦ ଶୁଣାଗଲା ନାହିଁ । ଗୋଟିଏ ଘରର କବାଟ ବାହାରୁ କିଲା ହୋଇଥିଲା । ମୁଁ ଭିତରେ ଥିବା ଲୋକଙ୍କୁ ସାବଧାନ କରି ଦେଲି, ସେମାନେ କବାଟ ନ ଫିଟାଇଲେ, କବାଟ ଭାଙ୍ଗି ଖୋଲିବାକୁ ହେବ । ଗୋଟିଏ ଛୋଟ ଝିଅ କବାଟ ଖୋଲିଲା ଓ ଘର ଭିତରେ ଥିବା ସମସ୍ତଙ୍କୁ ମୁଁ ବାହାରକୁ ଚାଲି ଆସିବା ପାଇଁ କହିଲି ।

ଘର ଭିତରୁ ବହୁ ସ୍ତ୍ରୀ ଲୋକ ବାହାରି ଆସିଲେ । ସେମାନେ କହିଲେ, ଘର ଭିତରେ ଆଉ କେହି ନାହାନ୍ତି । ଏ ଘରଟା ରୋଷାଇ ଘର ଥିଲା । ଦଫାଦାର ଓ ମୁଁ ଘର ଭିତରକୁ ପଶିଯାଇ ଦେଖିଲୁ, ଜଣେ ଲୋକ ଗୋଟିଏ କୋଣରେ ଠିଆ ହୋଇଛି । ସେ ହେଉଛନ୍ତି ଜମିଦାରଙ୍କ ଏଜେଣ୍ଟ । ମୁଁ ତାଙ୍କୁ ପରୀକ୍ଷା କରି ତାଙ୍କ ବୃତ୍ତିକୁ ଟିପି ରଖିଲି ଓ ସବୁ କାଗଜପତ୍ର ଦେଖାଇବା ପାଇଁ ଆଦେଶ ଦେଲି । କେଜଣା ନେଇ ପତ୍ର ନ ଦେବାର ଅଭିଯୋଗ ପ୍ରମାଣିତ ହେଲା । ଏହି ଘଟଣା ପରେ ରାଜନୈତିକ ନେତା ଶ୍ରୀ ହରେକୃଷ୍ଣ ମହତାବ ତାଙ୍କ ସମ୍ପାଦିତ ସାପ୍ତାହିକ 'ପ୍ରଜାତନ୍ତ୍ର'ର ଏକ ସମ୍ପୂରଣ ବାହାର କଲେ । ସେଥିରେ ବଡ଼ ବଡ଼ ଶିରୋନାମାରେ ଲେଖା ଥିଲା, "ସେନାପତି ଜଣେ ପୋଲିସ ଇନସ୍‌ପେକ୍ଟର ହୋଇଥିଲେ ଭଲ ହୋଇଥାନ୍ତା" ଓ ଏହା ତଳକୁ ସମସ୍ତ ଘଟଣାର ବିବରଣୀ ଦିଆ ଯାଇଥିଲା ।

ମୁଁ ବାଲେଶ୍ୱର ଫେରି ଆସିଲି । ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ ଅନୁସାରେ ଗୁଡ଼ିଏ ମକଦ୍ଦମାର ବିଚାର କଲି ଓ ସର୍ବାଧିକ ଜୋରିମାନା କଲି । କମିଶନରଙ୍କ ପାଖରେ ଅପିଲ ହେଲା ଏବଂ ଏଥିରେ କିଛି ରାଜନୀତି ଅଛି କି ନାହିଁ ବୋଲି ସେ ମୋତେ ଏକୁଟିଆ ଡାକି ପଚାରିଲେ । ମୁଁ ତାଙ୍କୁ ଉତ୍ତର ଦେଲି ଯେ, ଜମିଦାରଙ୍କ ଏଜେଣ୍ଟ ଜଣେ ରାଜନୀତିଜ୍ଞ ବୋଲି ମୋର ଆଦୌ ଧାରଣା ନାହିଁ । ଏହା ଏକ ସମ୍ପୂର୍ଣ୍ଣ ପ୍ରଜାସ୍ୱତ୍ୱ ଆଇନ ସମ୍ପର୍କୀୟ ବିଷୟ । ସେ ମୋର ଆଦେଶକୁ କାଏମ ରଖିଲେ । କିନ୍ତୁ ଜୋରିମାନା କମାଇ ଦେଲେ । ଜମିଦାର ହେଲେ ଶ୍ରୀ ମୁକୁନ୍ଦ ପ୍ରସାଦ ଦାସ । ସେ ଜଣେ ମୁକ୍ତାର ଭାବରେ ବାଲେଶ୍ୱର କଚେରୀରେ ପ୍ରାକ୍‌ଟିସ କରୁଥିଲେ । କଂଗ୍ରେସକୁ ସହାନୁଭୂତି ଦେଖାଇବା ଛଡ଼ା ତାଙ୍କର କୌଣସି ରାଜନୀତି ନ ଥିଲା । ତାଙ୍କ ପରି ମୋର ମଧ୍ୟ କଂଗ୍ରେସ ପ୍ରତି ସହାନୁଭୂତି ଥିଲା । କିନ୍ତୁ

Digitized by srujanika@gmail.com

ପଛକୁ ତାଙ୍କ ସ୍ତ୍ରୀ ୧୯୩୧ ମସିହାରେ ମହାତ୍ମା ଗାନ୍ଧୀଙ୍କର ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇ ଥିଲେ । ସେତେବେଳେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଥିଲେ ନିକ୍ସ୍ । ସେ ଜଣେ ଆଇରିଶ୍, ଅବିବାହିତ ବ୍ୟକ୍ତି ; ପ୍ରଥମ ମହାଯୁଦ୍ଧ ବେଳେ ବୋମା ମାଡ଼ ଶବ୍ଦରେ ତାଙ୍କ ଶ୍ରୁତିରେ ଛନକା ପଶି ଯାଇଥିଲା । ସେ ଏହି ଭଦ୍ର ମହିଳାଙ୍କୁ ଗିରଫ ନ କରି କହୁଥିଲେ, "ଜଣେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ପାଇଁ କିପରି ପୁରୁଷକୁ ଅନୁମତି ଦେବି ?" ଜାହ୍ନବୀ ଦେବୀଙ୍କୁ ଗିରଫ କରିବା ପାଇଁ ସ୍ତ୍ରୀ କନଷ୍ଟେବଲଙ୍କୁ ଡ଼କାଗଲା । ସେ ଜାଣି ନ ଥିଲେ ଯେ, ହାତକଡ଼ି ପକାଇବା ପର୍ଯ୍ୟନ୍ତ ସେ ଅପେକ୍ଷା କରିବେ ନାହିଁ, ଖାଲି ତୁଣ୍ଡରେ ଗିରଫ କରିଦେଲେ ଯଥେଷ୍ଟ । ସେତିକିରେ ସେ ମନକୁ ମନ ଜେଲ ଖାନାକୁ ଚାଲି ଯାଇଥା'ନ୍ତେ । ୧୯୩୭ ମସିହାରେ ମୁକୁନ୍ଦ ପ୍ରସାଦ ଦାସ କଂଗ୍ରେସରେ ଯୋଗ ଦେଲେ ଓ ଓଡ଼ିଶା ବ୍ୟବସ୍ଥାପକ ସଭାର ପ୍ରଥମ ବାଚସ୍ପତି ହେଲେ । ୧୯୨୧ ମସିହାରେ ମହାତ୍ମା ଗାନ୍ଧୀ ବାଲେଶ୍ୱର ଭ୍ରମଣରେ ଆସି-ଥିବା ବେଳେ ତାଙ୍କର ଅତିଥି ହୋଇଥିଲେ ।

ବାଲେଶ୍ୱରରେ ଆମର ସାମାଜିକ ଜୀବନରେ ଏକମାତ୍ର ବନ୍ଧୁ ଥିଲେ ବାଲେଶ୍ୱର ଜିଲ୍ଲା ସ୍କୁଲର 'ହେଡ୍‌ମାଷ୍ଟର ସଚ୍ଚିଦାନନ୍ଦ ରାୟ; ସେ ମୋ' ସହିତ ବଙ୍ଗଳାରେ ଥିଲେ । ତାଙ୍କ ସ୍ତ୍ରୀ ଓ ମୋ' ସ୍ତ୍ରୀ ମୋର ବିବାହ ପୂର୍ବରୁ ପରସ୍ପରର ଜଣାଶୁଣା ଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲ, ଜିଲ୍ଲାର ଏକମାତ୍ର ସରକାରୀ ହାଇସ୍କୁଲ ଥିଲା ।

ସଚ୍ଚିଦାନନ୍ଦ ରାୟଙ୍କ ମା' ରେବା ରାୟ ମଡ଼େଲ ଗାର୍ଲସ୍କୁଲ ପ୍ରତିଷ୍ଠା କରି ଥିଲେ । ଏହା ଥିଲା କଟକରେ ପ୍ରତିଷ୍ଠିତ ଓଡ଼ିଶାର ପ୍ରଥମ ମହିଳା ଉଚ୍ଚ ବିଦ୍ୟାଳୟ । ୧୯୧୧ ମସିହାରେ ଏହି ସ୍କୁଲରୁ ପରୀକ୍ଷାର୍ଥୀମାନେ କଲିକତା ବିଶ୍ୱବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରେ ଚନ୍ଦ୍ରମୁଖୀ ଖଡ଼ଙ୍ଗୀ ଅନ୍ୟତମ, ଯେ କି ପରେ ଶ୍ରୀ ସାମୁଏଲ ଦାସଙ୍କୁ ବିବାହ କରିଥିଲେ ।

ବାଲେଶ୍ୱରର ଜଣେ ମହିଳା ପୂର୍ବତନ କଲେକ୍ଟରଙ୍କ ବିଲଙ୍କର ଏପରି ସୁପରିଚିତ ଥିଲେ ଯେ ବିଲ୍‌ଙ୍କର ବହି 'ଇଣ୍ଡିଆନ୍ ଇର୍ଙ୍କ'ରେ ତାଙ୍କର ନାମ ଅମର ହୋଇ ରହିଛି । ମୁଁ ସେଠାରେ ଛଅମାସ ରହିବା ଭିତରେ ତାଙ୍କ ସହିତ ସାକ୍ଷାତ୍ କରିଥିଲି । ତାଙ୍କ ଭଉଣୀଙ୍କ ସହିତ ଇଂଲଣ୍ଡରେ ଓ କଟକରେ ମୋର ଦେଖା ହୋଇଥିଲା ।

ସମୁଦ୍ର କୂଳରେ ଅବସ୍ଥିତ ଚାନ୍ଦିପୁରକୁ ଆମେ ବାରଂବାର ଯାଉଥିଲୁ । ସେଠାରେ ସରକାରଙ୍କର ଏକ ଗୋଲା ବାରୁଦ ପରୀକ୍ଷା-ଗାର ଅଛି । ଭାରତରେ ଏହା ଏକମାତ୍ର ଏହି ଧରଣର ଅନୁଷ୍ଠାନ । ଗୋଲାର ଗତିକୁ ଏହିପରି ପରୀକ୍ଷା କରାଯାଏ—ଗୋଲା ଛାଡ଼ି ଦିବାର ସମସ୍ତ ଏବଂ ବିଦ୍ୟୁତ ସଂଗୃହୀତ ଏକ ତାର ଜାଲିରେ ଏହି ଗୋଲା ବାଜିବାର ସମସ୍ତ ଉଭୟ ପରୀକ୍ଷାଗାରରେ ବୈଦ୍ୟୁତିକ ଯନ୍ତ୍ର ସାହାଯ୍ୟରେ ଟିପା ହୋଇଯାଏ । ଚାନ୍ଦିପୁର ନିକଟରେ ସମୁଦ୍ର ଅତିଶୟ ଅଗଭୀର, ଯାହା ଫଳରେ ଯେଉଁସବୁ ଗୋଲା ସମୁଦ୍ର ଭିତରେ ପଡ଼େ, ତାହା ଭଟା

Digitized by srujanika@gmail.com

ସମସ୍ତରେ ସଙ୍ଗୃହୀତ ହୋଇଯାଏ । ସମୁଦ୍ର ଏଠାରେ ଏତେ ଅଗଭୀର ଯେ ଅଧ ମାଇଲଏ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଗଲେ ମଧ୍ୟ ଲୋକ ବୁଡ଼ିବ ନାହିଁ । କିନ୍ତୁ ଯେତେବେଳେ ଜୁଆର ଆସେ, ତାହା ଏତେ ଜୋରରେ ମାଡ଼ି ଆସେ ଯେ କୂଳକୁ ଦଉଡ଼ି ପଳାଇ ନ ଆସିଲେ ରକ୍ଷା ନାହିଁ । ଚାନ୍ଦିପୁରରେ ଏକ ବିରଳ ପ୍ରାଗ୍ ଐତିହାସିକ ପ୍ରାଣୀ, ଗୋଟିଏ ଶ୍ରେଣୀର କଙ୍କଡ଼ା (King Crab) ମିଳେ । ଏହା ଏକ ଭୟଙ୍କର ଜୀବ ବୋଲି ଲୋକେ କହନ୍ତି, କାରଣ ଯେଉଁ ପଛ ଗୋଡ଼ରେ ଏହା ସମୁଦ୍ରରେ ପହଁରେ ତାହାର ସାହାଯ୍ୟରେ ମନୁଷ୍ୟ ଦେହରୁ ପୁଳାଏ ମାଂସ ଟାଣିନିଏ । ମୁଁ ଅବଶ୍ୟ ଏପରି କୌଣସି ଘଟଣା ଘଟିଥିବାର ଜାଣି ନାହିଁ, ଯଦି ଓ ଏହି ଧରଣର କଙ୍କଡ଼ା ମୁଁ ବହୁ ସଂଖ୍ୟାରେ ସମୁଦ୍ର କୂଳରୁ ସଂଗ୍ରହ କରିଛି । ପ୍ରାୟ ୩୦ ଲକ୍ଷ ବର୍ଷର ବିବର୍ତ୍ତନ ମଧ୍ୟରେ ଏହା ସେହି ପରି ଅପରିବର୍ତ୍ତିତ ରହିଛି ।

ସମୁଦ୍ର କୂଳରେ ଥିବା ବିଚିତ୍ରସ୍ଥଳ ଏକ ସରକାରୀ ମାହାଲ । ପ୍ରଜାମାନେ ସରକାରଙ୍କୁ ସିଧା ସଳଖ ଖଜଣା ଦିଅନ୍ତି । କୌଣସି ଜମିଦାର ବା ମଧ୍ୟସ୍ୱତ୍ତ୍ୱାଧିକାରୀ ସେଠାରେ ନ ଥିଲେ । ସମୁଦ୍ର ଘୁଞ୍ଚି ଘୁଞ୍ଚି ଯିବା ଫଳରେ ଯେଉଁ ସୁଦୀର୍ଘ ବାଲିବନ୍ତମାନ ସୃଷ୍ଟି ହେଲ, ତାହାକୁ ନେଇ ଏହି ମାହାଲ ଗଠିତ । ଦୁଇ ବାଲିବନ୍ତ ମଧ୍ୟବର୍ତ୍ତୀ ଉପତ୍ୟକା ବର୍ଷା ପାଣି ଓ ଧୋଇଗ୍ରୀ ପଙ୍କରେ କିଛି ମୃତ୍ତିକା ସଂଗ୍ରହ କରେ । ଲୋକେ ଫସଲ କରିବାକୁ ଆସନ୍ତି ଓ ବନ୍ତ ଉପରେ ନିଜର କୁଡ଼ିଆ ଖଣ୍ଡ ମାନ କରନ୍ତି । ଏହିପରି ଗ୍ରାମମାନଙ୍କର ସୃଷ୍ଟି ହୁଏ । ବାଲେଶ୍ୱର ଜିଲାରେ ସମୁଦ୍ର ଉପକୂଳ ସହିତ ସମାନ୍ତରାଳ ଭାବରେ ଗ୍ରାମ ମାନ ଗଢ଼ି ଉଠିଛି । ମୂଳରୁ ଏହି ସବୁ ସ୍ଥାନରେ ଥିଲା ସମୁଦ୍ର ଛାଡ଼ିଯିବା ଦ୍ୱାରା ଗଠିତ ବାଲିବନ୍ତ ।

ମାଲେରିଆ ଓ ଅଫିମ ବାଲେଶ୍ୱର ଜିଲ୍ଲାର ଦୁଇଟି ଅଭିଶାପ ସ୍ୱରୂପ ଥିଲା । ସ୍କୁଲରେ ପଢ଼ୁଥିବା ପିଲାମାନେ କାଉଁରିଆ ଦେଖାଯାନ୍ତି । ଯେତେବେଳେ କ୍ଷେତରେ କାମ କରିବା ସମୟ, ସେତେବେଳେ ଲୋକେ ମାଲେରିଆ ଜ୍ୱରରେ ପୀଡ଼ିତ । ଲୋକେ ବଡ଼ ଗରିବ ଥିଲେ ଓ ବହୁ ସଂଖ୍ୟାରେ କଲିକତା କାମ କରିବାକୁ ଯାଉଥିଲେ । ଭାସ୍କର ମହାପାତ୍ର ନାମକ ଜଣେ ବ୍ୟକ୍ତି କଲିକତା ବନ୍ଦରକୁ ବହୁ ସଂଖ୍ୟାରେ ଶ୍ରମିକ ପଠାଇ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରିଥିଲେ । ଓଡ଼ିଶାରେ ବାଲେଶ୍ୱର ଓ ବିହାରରେ ପୂର୍ଣ୍ଣିଆ ଜିଲାରେ ରହିବା କର୍ମଚାରୀମାନଙ୍କ ପକ୍ଷରେ ଏକ ଦଣ୍ଡ ସ୍ୱରୂପ ଥିଲା ।

ଯଦି କୌଣସି କର୍ମଚାରୀ ସରକାରଙ୍କର ଅପ୍ରିୟ ଭାଜନ ହେଉଥିଲା, ତା'ହେଲେ ତାକୁ ବାଲେଶ୍ୱର କିମ୍ବା ପୂର୍ଣ୍ଣିଆ ଜିଲାକୁ ପଠାଇ ଦିଆ ଯାଉଥିଲା । ଏହି ଆଖ୍ୟା ଗ୍ରହଣ କରିବା ପାଇଁ ମୁଁ ବେଶୀ ଦିନ ବାଲେଶ୍ୱରରେ ନ ଥିଲି କିମ୍ବା ଯେଉଁ ସବୁ କର୍ମଚାରୀ ବାଲେଶ୍ୱର ଯାଉଥିଲେ, ସମସ୍ତେ ସରକାରଙ୍କର ଆଖିରେ ଅନଭିପ୍ରେତ ନ ଥିଲେ । ଦୁଇ ବର୍ଷ ପରେ ମୋର ବନ୍ଧୁ ଜୀବନ ବାଲେଶ୍ୱରର ଜିଲା କଲେକ୍ଟର ହୋଇ ଗଲେ । ସେ ଥିଲେ ସରକାରଙ୍କର 'ସୁନାପିଲା' ଭିତରୁ ଜଣେ ।

Digitized by srujanika@gmail.com

**ପିଲାଙ୍କ ପାଇଁ ଗଳ୍ପ**

# ବାଘ, ବ୍ରାହ୍ମଣ ଓ ବିଲୁଆ

ଥରେ ଗୋଟିଏ ବାଘ ବୁଲି ବୁଲି ଜନ୍ତାରେ ପଡ଼ିଗଲା । ସେ ଜନ୍ତାର ଲୁହା ବାଡ଼ ଭିତରୁ ଗଳି ଆସିବା ପାଇଁ ଯେତେ ଚେଷ୍ଟା କଲା, ଯେତେ ବାଡ଼େଇ ପିଟି ହେଲା, ରାଗରେ ଦାନ୍ତ କାମୁଡ଼ିଲା, କିଛି ଫଳ ହେଲା ନାହିଁ ।

ଜଣେ ବ୍ରାହ୍ମଣ ସେହି ବାଟ ଦେଇ ଯାଉଥିଲା । ବାଘ ତାକୁ ପାଟି କରି ଡାକି କହିଲା,—"ଆପଣଙ୍କ ପରି ଧାର୍ମିକ ଲୋକ ମୁଁ କେଉଁଠି ଦେଖି ନାହିଁ । ମୋତେ ଟିକିଏ ଯନ୍ତାରୁ ବାହାରିବା ପାଇଁ ସାହାଯ୍ୟ କରନ୍ତୁ ।"

ବ୍ରାହ୍ମଣ ଜଣକ ହସି ହସି କହିଲା, "ନାହିଁ, ତା କ'ଣ କେବେ ସମ୍ଭବ ? ଆମେ ହେଲୁ ଖାଦ୍ୟ, ତୁମେ ଖାଦକ । ତୁମକୁ ମୁକୁଳାଇ ଦେଲେ ତୁମେ ଆଗ ଆମକୁ ଧରି ଖାଇବ ।"

ବାଘ ବହୁତ ପ୍ରକାର ନିୟମ କରି କହିଲା, "ପାପ କଥା ଆପଣ କହୁଛନ୍ତି, ଆପଣ ମୋତେ ରକ୍ଷା କରିବେ, ଆଉ ମୁଁ ଆପଣଙ୍କୁ ଖାଇବାକୁ ଯିବି ? ଆପଣ ଯଦି ମୋତେ ରକ୍ଷା କରନ୍ତି ଚିରଦିନ ମୁଁ ଆପଣଙ୍କର ପୋଷା ମାନି ସେବା କରିବି ।"

ଏତିକି କହି ବହୁ ଅନୁନୟ ବିନୟ ହେଲା, କାତର ସ୍ୱରରେ ପ୍ରାର୍ଥନା କରିବାକୁ ଲାଗିଲା ଓ ଶେଷରେ ମଧ୍ୟ କାନ୍ଦିଲା । ଏଥିରେ ବ୍ରାହ୍ମଣର ହୃଦୟ ତରଳିଗଲା । ସେ ଶୀଘ୍ର ଯାଇ ଯନ୍ତାର ଦ୍ୱାରକୁ ଖୋଲି ଦେଇଛି କି ନାହିଁ, ବାଘ ତାକୁ ଧରି ପକାଇ କହିଲା, ଆରେ ବୋକା, ଏବେ ତୁ ଯିବୁ କୁଆଡ଼େ ? ଏତେ ସମସ୍ତ ଜନ୍ତା ଭିତରେ ରହି ଓ ବାଡ଼େଇ କଚାଡ଼ି ହୋଇ ମୋତେ ଭାରି ଭୋକ ହେଉଥିଲା । ଦୈବ ବଳରୁ ତୁ ଆସି ପହଞ୍ଚିଗଲୁ । ଏଣିକି ତୋର ଇଷ୍ଟ ସୁମରଣା କର ।"

ବ୍ରାହ୍ମଣ ଯେତେ ବିନୀତ ଭାବରେ ପ୍ରାର୍ଥନା କରୁଥାଏ, ବାଘ ସେତିକି ଦାନ୍ତ କଡ଼ମଡ଼ କରିବାରେ ଲାଗିଥାଏ । ଶେଷକୁ କେବଳ ଗୋଟିଏ କଥାରେ ସେ ରାଜି ହେଲା । ତାହା ହେଉଛି, ବାଘ ଠିକ୍ କରୁଛି କି ଭୁଲ କରୁଛି ତାହା ତିନି ଜଣଙ୍କୁ ପଚାରିବା ଉତ୍ତରୁ ଯାହା ସ୍ଥିର ହେବ ।

Digitized by srujanika@gmail.com

ବ୍ରାହ୍ମଣ ପ୍ରଥମେ ଯାଇ ଗୋଟିଏ ଅଶ୍ୱତ୍ଥ ଗଛ ପାଖରେ ପହଞ୍ଚି ଏ ବିଷୟରେ ନିଷ୍ପତ୍ତି କରିଦେବା ପାଇଁ କହିଲା, କିନ୍ତୁ ଅଶ୍ୱତ୍ଥ ଗଛ କହିଲା, "ତୁ କ'ଣ ଜାଣିନାହୁଁ ଯାହାର ଉପକାର କରିବ ସେ ଆସି ତମ ଟାଙ୍କରେ ହାଣିବ ? ମୁଁ ଏଠାରେ କେତେ ପଥିକଙ୍କୁ ଛାୟା ଦାନ କରୁଛି, କିନ୍ତୁ ସେମାନେ ମୋର ଡାଳ କାଟି ଗୋରୁ ଓ ଛେଳିମାନଙ୍କୁ ତାର ପତ୍ର ଖାଇବାକୁ ଦେଉଛନ୍ତି । ତେଣୁ ଆଉ ଅଭିଯୋଗ ନ କରି ମରିବାପାଇଁ ପ୍ରସ୍ତୁତ ହୋଇଯାଅ ।"

ଅତି ଦୁଃଖରେ ବ୍ରାହ୍ମଣ ଆସି ଗୋଟିଏ ବଳଦ ପାଖରେ ପହଞ୍ଚିଲା । ବଳଦଟି ବୁଢ଼ା ହୋଇଗଲାଣି । ନ ଖାଇ ନ ପିଇ ଭୋକ ଉପାସରେ ପଡ଼ିଥାଏ । ବ୍ରାହ୍ମଣ ତାକୁ ନିଜର ଦୁଃଖ କହିବାରୁ ସେ ଉତ୍ତର ଦେଲା, "ଉପକାରର ପ୍ରତ୍ୟୁପକାର ଆଶା କରିବା ବୋକା ଲୋକମାନଙ୍କର କାମ । ଏବେ ମୋ ଅବସ୍ଥା ଦେଖ । ଯେତେବେଳେ ମୁଁ ପାରୁଥିଲି, ହଳରେ ଯାଉଥିଲି ବା ଶଗଡ଼ ବୋହୁଥିଲି, ସେତେବେଳେ କୁଣ୍ଡା ତୋରାଣି, ଘାସ ବା ନଡ଼ା ଦେଇ ମୋ ମାଲିକ ମୋର କେତେ ଯତ୍ନ ନେଉଥିଲା । ଏବେ ମୁଁ ବୁଢ଼ା ହୋଇଗଲି ବୋଲି ମୋତେ ଖାଇବାକୁ ଦେଉ ନାହିଁ । ଶେଷରେ ମୁଖୁଣ୍ଡି ହାତରେ ଦେଇ ଦେବ ବୋଲି କହୁଛି । ତେଣୁ କାହାକୁ ଦୋଷ ନ ଦେଇ ନିଜେ କରିଥିବା କର୍ମର ଫଳ ଭୋଗ କର ।"

ତିନିଜଣଙ୍କ ମଧ୍ୟରୁ ଦୁଇଜଣ ଏହିପରି ନ୍ୟାୟ ବିଚାର କରିବାରୁ ଶେଷକୁ ବ୍ରାହ୍ମଣ ଯେଉଁ ରାସ୍ତା ଉପରେ ଯାଉଥିଲା ତାହାକୁ ଅତି ଦୁଃଖରେ ନ୍ୟାୟ ଦେବାପାଇଁ ନିବେଦନ କଲା । ରାସ୍ତା କହିଲା, "ମୋ ଅବସ୍ଥା ଦେଖ, ମୋତେ ଖୋଳି ତାଡ଼ି କିପରି କରିଛନ୍ତି । ଲୋକଙ୍କର ଏତେ ଉପକାର କରି ତା' ବଦଳରେ ମୁଁ କ'ଣ ପାଇଛି ?"

ତିନିଜଣଙ୍କୁ ପଚାରି ସାରିବା ପରେ ବ୍ରାହ୍ମଣର ବୁଦ୍ଧି ହଜିଗଲା । ସେ ଦେଖିଲା ଯେ ଏଣିକି ତାର ମରିବା ନିଶ୍ଚିତ । ଏହିପରି ଅତି ଦୁଃଖରେ ସେ ଆସୁଛି, ବାଟରେ ଗୋଟିଏ ବିଲୁଆକୁ ଭେଟିଲା । ବ୍ରାହ୍ମଣର ମୁହଁ ଏପରି ଶୁଖି ଯାଇଥିବାର ଦେଖି ବିଲୁଆ ପଚାରିଲା, "କ'ଣ ଭାଇ, କ'ଣ ତୁମର ହୋଇଛି ? କାହିଁକି ଏପରି ମୁହଁ ଶୁଖାଇ ଯାଉଛ ?"

ବ୍ରାହ୍ମଣ ତାକୁ ସମସ୍ତ ଘଟଣା କହିବାରୁ ସେ କହିଲା, "କଥାଟା ଟିକିଏ ଗୋଳମାଳିଆ ଜଣା ପଡୁଛି । ମୂଳରୁ ପୁଣି ଥରେ କହ ।"

ବ୍ରାହ୍ମଣ ପୁଣି ଥରେ କହିଲା । ବିଲୁଆ ଫେର୍ ମୁଣ୍ଡ ହଲାଇ କଥାଟା ବୁଝି ପାରିଲାନି ବୋଲି ଉତ୍ତର ଦେଲା । ଶେଷକୁ ସେ କହିଲା, "ତୁମେ ମନରେ କିଛି ଭାବିବ ନାହିଁ । ମୁଁ ଆଦୌ ଏ କଥାଟାକୁ ବୁଝିପାରୁ ନାହିଁ । ତୁମେ ଯାହା କହୁଛ ମୋର ଏ କାନରେ ପଶି ସେ କାନରେ ବାହାରି ଯାଉଛି । ଯେଉଁଠି ଏ ଘଟଣା ଘଟିଥିଲା ସେ ଜାଗାକୁ ନ ଗଲେ ମୁଁ କିଛି କହି ପାରିବି ନାହିଁ ।"

Digitized by srujanika@gmail.com

ତାପରେ ବଦଳେ ଯନ୍ତ୍ରା ପାଖରେ ଯାଇ ପହଞ୍ଚିଲେ । ବାଘ ସେତେବେଳେ କ୍ଷୁଧାରେ ଅଧୀର ହୋଇ ତାର ଲାଞ୍ଜ ପିଟିବାରେ ଲଗିଥାଏ । ସେ ସ୍ୱରରେ କହିଲା, "ଏତେବେଳ ଯାଏଁ କ'ଣ କରୁଥିଲ ? ମୁଁ ଆଉ ଏତେ ସମୟ ଅପେକ୍ଷା କରି ପାରିବ ନାହିଁ । ବର୍ତ୍ତମାନ ଚାଲ, ଆମର ଭୋଜନ ଆରମ୍ଭ କରିବା ।"

"ଆମର ଭୋଜନ !" ଭୟରେ ମନେ ମନେ ବ୍ରାହ୍ମଣ ଭାବୁଥାଏ । କଥାଟାକୁ କପଟ ଢଙ୍ଗରେ ସେ କହୁଛି ।

ବ୍ରାହ୍ମଣ ହାତଯୋଡ଼ି କହିଲା; "ମୋତେ ପାଞ୍ଚ ମିନିଟ ସମୟ ଦିଅନ୍ତୁ । ଏହି ବିଲୁଆକୁ ମୁଁ ସାଙ୍ଗରେ ଧରି ଆସିଛି । ଏହାର ଟିକିଏ ବୁଦ୍ଧି କମ୍ । ଏ କଥାଟାକୁ ବୁଝିପାରୁ ନାହିଁ । ମୁଁ ଟିକେ ତାକୁ ବୁଝାଇ ଦିଏଁ ।

ବିଲୁଆ ତାର ଗୋଡ଼ ନଖରେ ମୁଣ୍ଡକୁ ଘର୍ଷି କହିଲା, "କେଡ଼େ ବୋକା ମୁଁ । କଥାଟାକୁ ବୁଝିପାରୁ ନାହିଁ । ଆଚ୍ଛା କ'ଣ ହେଲା ? ତୁମେ ଯନ୍ତ୍ରା ଭିତରେ ଥିଲ, ଆଉ ବାଘ ସେ ବାଟେ ଯାଉଥିଲା, ଏଇଆ ନା ?"

"ଧେତ୍, ସତରେ ଏ ଗୋଟାଏ ବୋକା । ଯନ୍ତ୍ରାରେ ମୁଁ ଥିଲି, ସେ ନ ଥିଲା," ବାଘ ପାଟିକରି କହିଲା ।

ସେ ଯେପରି ଭୟରେ ତୁନିଆ ହୋଇ ଯାଉଛି, ସେହିପରି ବ୍ୟବହାର କରି ବିଲୁଆ କହିଲା, "ହଉ ଆଜ୍ଞା, କଥାଟା ସେଆ । ଯନ୍ତ୍ରାରେ କିଏ ଥିଲା ? ମୁଁ—ନାଇଁ ନାଇଁ ମୁଁ ନୁହେଁ—ଓଃ—ମୋର ବୁଦ୍ଧିଗୁଡ଼ାକ କ'ଣ ଘରେ ଥୋଇ ଦେଇ ଆସିଲି ନା କ'ଣ ? ଆଚ୍ଛା ପୁଣି ଟିକେ ଚିନ୍ତା କରେ । ବାଘ ଥିଲା ବ୍ରାହ୍ମଣ ଭିତରେ ଆଉ ଯନ୍ତ୍ରାଟା ଚାଲି ଚାଲି ଆସୁଥିଲା—ନା ନା ଏଇଟା ତ ହୋଇ ନ ପାରେ । ତୁଚ୍ଛ ତୁଚ୍ଛ ମୁଁ ବୁଝି ପାରିବ ନାହିଁ । ତୁମମାନଙ୍କର ଭୋଜନ ଆରମ୍ଭ ହେଉ ।"

ବିଲୁଆର ବୋକାମିରେ ବାଘ ରାଗିଯାଇ ଗର୍ଜି ଉଠି କହିଲା, "ତତେ ଅଲବତ୍ତ ବୁଝିବାକୁ ହେବ । ବୋକା କୋଉଠିକାର । ମୁଁ ଏହି ମୁହୂର୍ତ୍ତରେ ତୋତେ ବୁଝାଇ ଦେଉଛି । ଦେଖେ, ମୁଁ ହେଲି ବାଘ—"

"ହଜୁର", ବିଲୁଆ କହିଲା ।

"ସେ ହେଲା ବ୍ରାହ୍ମଣ—"

"ହଜୁର"

"ସେଇଟା ହେଲା ଯନ୍ତ୍ରା—"

"ହଜୁର"

"ଏବଂ ମୁଁ ସେଇ ଯନ୍ତ୍ରା ଭିତରେ ଥିଲି—ଏବେ ବୁଝିଲୁ ?"

"ହଁ ଆଜ୍ଞା—ନାଇଁ ଆଜ୍ଞା—ଆଉ ଟିକେ ବୁଝାଇ ଦିଅନ୍ତୁ ଆଜ୍ଞା—"

"ଏଁ, ପୁଣି ବୁଝି ପାରିଲୁ ନାହିଁ ?" ବାଘ ପଚାରିଲା ।

"ଟିକେ ମୁଁ ବୁଝି ପାରିଲି ନାହିଁ । ଆପଣ କେମିତି ସେ ଯନ୍ତ୍ରା ଭିତରେ ପଶିଲେ ?"

"କେମିତି ପଶିଲି !—ଯେମିତି ସମସ୍ତେ ପଶନ୍ତି !"

Digitized by srujanika@gmail.com



"ଓଃ ଓଃ, ସତେ କେଡ଼େ ବୋକା ମୁଁ, ବୁଝିପାରୁ ନାହିଁ । ଆଜ୍ଞା, ମୋ ଉପରେ ରାଗନ୍ତୁ ନାହିଁ । ସମସ୍ତେ କେମିତି ପଶନ୍ତୁ ?"

ଏଥିରେ ବାଘ ଅତ୍ୟନ୍ତ ବିରକ୍ତ ହୋଇ ଯନ୍ତା ଭିତରକୁ ଡେଇଁପଡ଼ି କହିଲା, "ଏହିପରି ପଶନ୍ତୁ ! ଏବେ ବୁଝିଲୁ ବୋକା ?"

"ଏଣିକି ବିଲକୁଲ ଠିକ୍ ବୁଝିଗଲି", ଏହା କହି ବିଲୁଆ ଯନ୍ତାର ଦ୍ୱାରଟିକୁ ବନ୍ଦ କରି ଦେଲା । ହସି ହସି କହିଲା,— "ବୋଧହୁଏ ମୋର ବୋକାମି ଯୋଗୁଁ ଦୁର୍ଘଟଣା ଯେଉଁଠାରେ ଆରମ୍ଭ ହୋଇଥିଲା, ପୁଣି ସେଇଠି ରହିଗଲା ।"

Digitized by srujanika@gmail.com

ରୁଷୀୟ ଲେଖକଙ୍କର ଏହି ଗଳ୍ପ ଦୁଇବାର ପୃଥିବୀର ଆଧୁନିକ ଶ୍ରେଷ୍ଠ ଗଳ୍ପ ସଙ୍କଳନ ମଧ୍ୟରେ ସ୍ଥାନ ପାଇଛି ।

# ମା'ର ସ୍ମୃତି

ଆଣ୍ଡ୍ରି ପ୍ଲାଟନଭ୍

ଛୋଟ ସହରରେ ରହୁଥିବା ବୁଢ଼ୀ ଲୋକଟି ମରିଗଲା । ତାର ସ୍ୱାମୀ ୭୦ ବର୍ଷର ଜଣେ ପେନ୍‌ସନ ପ୍ରାପ୍ତ ବ୍ୟକ୍ତି । ସେଦିନ ଟେଲିଗ୍ରାଫ୍ ଅଫିସକୁ ଯାଇ ସେ ଛ'ଟି ଏକ ପ୍ରକାର ଟେଲିଗ୍ରାମ ଛ'ଟି ରାଜ୍ୟରେ ରହୁଥିବା ଛ' ଜଣ ଲୋକଙ୍କ ଠିକଣାରେ ପଠାଇଲା । "ମା' ଚାଲିଗଲା ଶୀଘ୍ର ଆସ ବାପା ।"

ଯେଉଁ ବୟସ୍କା ମହିଳା ଜଣକ କିରାଣୀ ଥିଲା, ତା'ର ଟଙ୍କା ଗଣି ନେବାରେ ଡେରି ହୋଇଗଲା । କାରଣ ରେଜା ପଇସା ହିସାବ କଲେ ସେ ଟିକିଏ ଅଡୁଆରେ ପଡ଼ିଯାଏ, ତା'ପରେ ସେ ରସିଦ କାଟି ସେଥିରେ ମୋହର ଦେଲା । କାଠ କାଉଣ୍ଟର ଭିତର ଦେଇ ବୁଢ଼ା ଅତି ନମ୍ର ଭାବରେ ତା' ଆଡ଼କୁ ଚାହିଁଥାଏ । ଏହି ଦୁଃଖରୁ ନିଜକୁ ସଯତ କରିବା ପାଇଁ ସେ ଚେଷ୍ଟା କରୁଥିବା ବେଳେ ମନରେ କେତେ ଯେ କ'ଣ ଭାବନା ତା'ର ଆସି ଯାଉଥାଏ । ସେ ଅନୁଭବ କଲା, ସେ ସ୍ତ୍ରୀ ଲୋକଟିର ମଧ୍ୟ ସେହିପରି କିଛି ଦୁଃଖ ହୋଇଚି—ହୁଏତ ସେ ଜଣେ ବିଧବା କିମ୍ବା ଦୁର୍ଭାଗ୍ୟ ବଶତଃ ନିଜ ସ୍ୱାମୀ ଦ୍ୱାରା ପରିତ୍ୟକ୍ତା ।

ଏଠି ସେ ବସି ରହି ସାମାନ୍ୟ କେତେଟା ଟଙ୍କା ହିସାବ କରି ଗଣି ନେଇ ପାରୁ ନାହିଁ । ସେ ଯେପରି ଅନ୍ୟମନସ୍କା । କାମ ଯେତେ ଶ୍ରେଷ୍ଠ ହେଲେ ମଧ୍ୟ ଅନ୍ତତଃ କିଛିଟା ମାନସିକ ଥାନ୍ତ ଥିବା ଚିହ୍ନ ।

ଘରକୁ ଫେରି ତାର ସ୍ତ୍ରୀ ଯେଉଁ ଟେବଲ ଉପରେ ମରି ଶୋଇଚି, ତା' ପାଖରେ ଥିବା ଗୋଟିଏ ଟୁଲ ଉପରେ ସ୍ତ୍ରୀ'ର ଶୀତଳ ପାଦ ତଳେ ଯାଇ ବସିଗଲା । ପଞ୍ଜୁରୀରେ ଥିବା କପସି ରଙ୍ଗର ପକ୍ଷୀଟି ତା'ର ବସିବା କାଠି ଉପରେ ଏ ପାଖ ସେ ପାଖ ହେଉଥାଏ । କିନ୍ତୁ ସମସ୍ତ ଚୁପ୍ ହୋଇ ବସୁଥାଏ ; ତା'ପରେ ବୁଢା ମୁହଁରେ ହାତ ଦେଇ କାନ୍ଦୁଥାଏ । ଅଳ୍ପ କ୍ଷଣ ପାଇଁ ନିଜକୁ ସଯତ କରି ସେ ତାର ପକେଟ ଘଡ଼ିରେ ଚାବି ଦେଲା ଓ ଝରକା ବାଟ ଦେଇ ଆକାଶକୁ ଚାହିଁଲା । ମିନିଟକ ଆଗରୁ ବରଫ ପାତ ସଙ୍ଗେ ସଙ୍ଗେ ଗଛର ପତ୍ର ସବୁ ଝଡ଼ି ପଡ଼ିଥିଲା । ପୁଣି ହଠାତ୍ ଆସିଲା ଅସରାଏ ବର୍ଷା ଓ ଏବେ ବର୍ଷା ଛାଡ଼ି ମେଘ ପଟଳ ମଧ୍ୟରୁ ଗୋଟିଏ ସଜ ତାରା ପରି ସୂର୍ଯ୍ୟ ଉଙ୍କିମାରି ଚାହୁଁଚି ।

Digitized by srujanika@gmail.com

ବୁଢ଼ା ତା' ପିଲମାନଙ୍କ ଆସିବା ବାଟକୁ ଚାହିଁ ରହିଛି ।

ବଡ଼ ପୁଅ ତା' ଆଗଦିନ ଉଡ଼ାଜାହାଜରେ ଆସି ପହଞ୍ଚିଲା । ଅନ୍ୟ ପାଞ୍ଚ ପୁଅ ଯାକ ଦୁଇ ଦିନ ମଧ୍ୟରେ ଆସି ପହଞ୍ଚିଗଲେ । ତାଙ୍କ ମଧ୍ୟରୁ ଜଣେ ବୁଢ଼ାର କନିଷ୍ଠ ପୁଅ ତା' ଛ' ବର୍ଷର ଝିଅକୁ ସାଙ୍ଗରେ ଧରି ଆସିଛି । ଏ ଝିଅ ତା'ର ଜେଜେ ବାପାକୁ ଦେଖି ନାହିଁ ।

ଚାରି ଦିନ ହେଲା ମା' ମରି ଶୋଇଛି ; କିନ୍ତୁ ଦେହରୁ କୌଣସି ଦୁର୍ଗନ୍ଧ ହେଉନାହିଁ ; ରୋଗ ଓ କ୍ଲାନ୍ତି ସେ ଦେହର ସବୁ ଯେପରି ଶୋଷଣ କରି ଦେଇଛି । ଛ' ପୁଅ ଯାକଙ୍କୁ ମା' ପ୍ରଚୁର ଜୀବନ ଦାନ କରି ନିଜର କ୍ଷୀଣ ଶରୀରଟିକୁ କେବଳ ବଞ୍ଚାଇ ରଖିଥିଲା ଶେଷ ପର୍ଯ୍ୟନ୍ତ ପିଲା ମାନଙ୍କର ସୁଖ ଓ ଆନନ୍ଦ ଦେଖିବା ପାଇଁ ।

ଛ'ଟି ହୃଷ୍ଟ ପୁଷ୍ଟ ମଣିଷ । ୨୦ରୁ ୪୦ ବର୍ଷ ମଧ୍ୟରେ । ସମସ୍ତେ ଶବାଧାରର ଚାରି-ପଟେ ଘେରି ଠିଆ ହୋଇଛନ୍ତି । ସପ୍ତମ ବ୍ୟକ୍ତିଟି ସେମାନଙ୍କର ବାପା, ସେମାନଙ୍କଠାରୁ ଜ୍ୟେଷ୍ଠ ଓ ଦୁର୍ବଳ । ତା'ର କାଖରେ ନାତୁଣୀଟି ଭୟରେ ଭୀତ ହୋଇ ରହିଛି । ବୁଢ଼ୀ ମା'ର ଆଖି ପୁରା ବନ୍ଦ ହୋଇ ନାହିଁ । ସେ ଯେପରି ଜ୍ୟେଷ୍ଠ ନାତୁଣୀକୁ ଚାହିଁ ରହିଛି ।

ପୁଅମାନେ ନିଃଶବ୍ଦ ଭାବରେ କାନ୍ଦୁଛନ୍ତି, ଯେଉଁ ସ୍ନେହ ଗଢ଼ି ଆସୁଛି, ତାକୁ ଜାକି ଧରି ନୀରବରେ ନିଜର ଦୁଃଖକୁ ସମ୍ଭାଳି ନେବା ପାଇଁ ସେମାନଙ୍କର ଉଦ୍ୟମ ଯେପରି ବ୍ୟର୍ଥ ହୋଇଛି । ସେମାନଙ୍କର ବାପାଙ୍କର କାନ୍ଦିବା ବନ୍ଦ ହୋଇ ଯାଇଛି, କାରଣ କେହି ନ ଥିବା ବେଳେ ସେହି ଏକୁଟିଆ ଘରେ ବୁଢ଼ା ବହୁତ କାନ୍ଦିଛି । ବର୍ତ୍ତମାନ ପିଲମାନଙ୍କୁ ଦେଖି ତାର ହୃଦୟ ପୂରି ଯାଇଛି । ସେମାନଙ୍କ ଭିତରୁ ଦୁଇଜଣ ନାବିକ, ଦୁଇ-ଜଣ ଯାକ କାପ୍ଟେନ୍ । ଜଣେ ଗାୟକ ଭାବରେ ମସ୍କୋରେ ରହେ । ଝିଅକୁ ଧରି ଯେ ଆସିଛି ସେ ଜଣେ ବୈଜ୍ଞାନିକ (ପଦାର୍ଥ-ବିଜ୍ଞାନବିତ୍) ଏବଂ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ । ସବା ସାନ ପିଲା କୃଷି ଅର୍ଥନୀତି ଅଧ୍ୟୟନ କରେ ଓ ସବା ଉପର ଏକ ଉଡ଼ାଜାହାଜ କାରଖାନାର ଏକ ଗୋଦାମ ପରିଚାଳନା କରେ ଓ ତାର କାର୍ଯ୍ୟରେ ଉଚ୍ଚ ପ୍ରଶଂସିତ ହୋଇ ଏକ ମେଡ଼ାଲ ଛାତିରେ ପିନ୍ଧିଛି ।

ଛ' ଜଣଯାକ ନିଜ ବାପାଙ୍କ ସମେତ ମୃତ ବ୍ୟକ୍ତିର ଚାରିପଟେ ଘେରି ଠିଆ ହୋଇ ହୋଇ ନୀରବରେ ଶୋକ କରୁଥାନ୍ତି । ପୁଅ ମାନେ ତାଙ୍କର ଅସହ୍ୟ ଦୁଃଖକୁ ନ ଦେଖା-ଇବା ପାଇଁ ଚେଷ୍ଟା କରୁଥାନ୍ତି—ପିଲା ଦିନ କଥା ସେମାନଙ୍କର ମନେ ପଡ଼ି ଯାଉଥାଏ । ସେମାନଙ୍କ ମା' ତାଙ୍କୁ କେତେ ଭଲ ପାଉ-ଥିଲା । ହଜାର ହଜାର ମାଇଲ ଦୂରରେ ଥିଲେ ମଧ୍ୟ ଏହି ସ୍ନେହ ତାଙ୍କ ଜୀବନରେ କେତେ ବଡ଼ ସମ୍ବଲ, କେତେ ବଡ଼ ପ୍ରେରଣା ଥିଲା । ଆଉ ଆଜି, ତାର ଜୀବନଶୂନ୍ୟ ଦେହ ସେମାନଙ୍କର ଆଖି ଆଗରେ ପଡ଼ି ରହିଛି— ସେମାନଙ୍କୁ ଭଲ ପାଇବାର ଶକ୍ତି ସେ ଦେହରେ ଆଉ ନାହିଁ —ଯେପରି କୌଣସି ଅଚିହ୍ନା ବୁଢ଼ୀ ଲୋକ ଶୋଇ

Digitized by srujanika@gmail.com

ପଡ଼ୁଚ, ତା'ର ଗୃହଆଡ଼େ କ'ଣ ହେଉଚ, ନ ହେଉଚ ସେ ଦଗରେ ତା'ର ଖିଆଲ ନାହିଁ ।

ହଠାତ୍ ପୁଅମାନଙ୍କୁ ଜଣାଗଲା ସେମାନେ ଦୁନଆରେ ଏକୁଟିଆ ; ମନକୁ ଭୟ ଘୋଟିଗଲା; ଗୋଟିଏ ପୁରୁଣା ଅନ୍ଧାରୁଆ ଘରେ ଝରକା ଉପରେ ଗୋଟାଏ ଆଲୁଅ ଜଳୁଥିଲା; ଅଳଷ୍ଟ ଓ ଲାଟ ପତଙ୍ଗ ପୂର୍ଣ୍ଣ ସେ ଘରଟାକୁ ସେ ଆଲୁଅ ଦେଉଥିଲା—ବହୁ-ଦନରୁ ପରତ୍ୟକ୍ତ ସେ ଘର ସହତ ପିଲା ଦନର କେତେ ସ୍ମୃତ ଜଡ଼ତ; ସେ ଘରର କବାଟ କେବେ ବନ୍ଦ ହୁଏ ନାହିଁ, କାଳେ ଯେଉଁମାନେ ଗୁଡ଼ କ୍ତି ଯାଇଛନ୍ତି, ପୁଣି ଫେରି ଆସିବେ······କନ୍ତୁ କେହି ଫେରଲେ ନାହିଁ । ଏବେ ସେ ଆଲୁଅଟା ହଠାତ୍ ଯେପର ଦପ୍ କନା ଳଭଗଲା ଓ ସ୍ମୃତର ରାଜ୍ୟରେ ମାଳ ମାଳ ଘଟଣାବଳୀ ଖୋଲ ହୋଇ ଗଲା ।

ମରବା ପୂର୍ବରୁ ବୁଢ଼ୀ ତା'ର ସ୍ୱାମୀକୁ କହଥିଲା, ଘର ଭତରେ ତାର ମୃତ ଦେହ ଥିବା ଭତରେ ଜଣେ ପୁରୋହତ ଆସି ତାର ଅନ୍ତ୍ୟେଷ୍ଟି କର୍ମ ପାଠ କରବ । ତା'ହେଲେ ତା'ର ଦେହକୁ କବର ଦେବାକୁ ନେବା-ବେଳେ ଆଉ ପୁରୋହତକୁ ଯିବା ଦରକାର ପଡ଼ବ ନାହିଁ କ ତା'ର ପିଲାମାନେ ଶବା-ଧାର ପ୍ରାଙ୍ଗଣକୁ ଯିବାବେଳେ ଅଡୁଆରେ ପଡ଼ବେ ନାହିଁ । ସେ ଯେ ଏପର କର୍ମ ପାଠରେ ଭାର ବଶ୍ୱାସ କରୁଥିଲା, ତା' ନୁହେଁ । କନ୍ତୁ ତା'ର ଧାରଣା, ମଲାପରେ ତାର ଶବ ପାଖରେ ଯଦ ପୁରୋହତ ପ୍ରାର୍ଥନା କରେ ଓ ମହମବତୀର ପୀତ ବର୍ଣ୍ଣର ଆଲୋକ ଜଳ ଉଠେ, ତା'ହେଲେ ଜୀବନଯାକ ଅତ ନବଡ଼ ଭାବରେ ଯେଉଁ ସ୍ୱାମୀକୁ ସେ ଭଲ ପାଇଚ, ସେ ତା'ର ବଦାୟର ଦୁଃଖକୁ ଅଧିକ ଗଭୀର ଭାବରେ ଅନୁଭବ କର ପାରବ ।

ପୁଅମାନେ ଆସିଯିବା ପରେ ବୁଢ଼ା ଚତୁର୍ଦ୍ଦିଗରେ ଜଣେ ପୁରୋହତ ଖୋଜି-ବାରେ ଲାଗି ପଡ଼ଲା । ସନ୍ଧ୍ୟା ସମୟକୁ ଜଣେ ପୁରୋହତ ମିଳଲା । ସେ ମଧ୍ୟ ତା'ପର ବୁଢ଼ା; ସାଧା ସିଧା ପୋଷାକ ପିନ୍ଧଚ; ନବମିଷ ଖାଦ୍ୟ ଖାଏ ଓ ସବୁବେଳେ ଚନ୍ତାକୁଳ । ବ୍ୟାଗ ଭତରେ ଅଚ୍ଛ-ଧୂପ କାଠି, ସବୁ ମହଣବତୀ କେତେଟା, ଖଣ୍ଡେ ବହି ଓ ଚେନ୍‌ରେ ଗୋଟିଏ କ୍ରୁଶ ଚହ୍ନ । ଅଳ୍ପ ସମୟ ମଧ୍ୟରେ ମୃତ ଦେହରେ ଶୁର ପାଖରେ ସେ ମହଣବତୀ ଓ ଧୂପ କାଠି ଜାଳ ଦେଲା, ତା'ପରେ ଚୁପ ଚୁପ୍ ନଜ ବହିରୁ ପୂଜା ପାଠ କରବାକୁ ଲାଗିଲା ।

ପିଲାମାନେ ଠିଆ ହୋଇଗଲେ । ସେମାନେ ତଳକୁ ମୁହଁ ପୋତ ନସ୍ତବ୍ଧରେ ଠିଆ ହୋଇ ରହଲେ । ପୁରୋହତ ଏ ପିଲାମାନଙ୍କ ଆଡକୁ ଦୃଷ୍ଟି ରଖି ଖୁବ ଗଦ୍‌ଗଦ୍ ହୋଇ ପଡ଼ଗଲା । ସେମାନଙ୍କ ପ୍ରତ ତା'ର ଶ୍ରଦ୍ଧା ଯେତକ ଭୟ ସେତକ । ସୁବଧା ହୋଇଥିଲେ ସେମାନଙ୍କ ସହତ ସେ କଥା ଭାଷା ହୋଇଥାନ୍ତା, ଏପରକ ସମାଜ-ବାଦ ପ୍ରତ ମଧ୍ୟ ଉତ୍ସାହ ପ୍ରଦର୍ଶନ କରଥାନ୍ତା । କନ୍ତୁ ସେମାନେ ସମସ୍ତେ ନୀରବ । ଏପରକ ବୁଢ଼ା ମଧ୍ୟ ଏ ନୀରବତା ଭଙ୍ଗ କରବାକୁ

Digitized by srujanika@gmail.com

ହୁଏ ନାହିଁ । ସମସ୍ତ ଦେଖିବାର ମୃତ ବ୍ୟକ୍ତି ପ୍ରତି ଯେପରି ଏକ ଗାଢ଼ ଅବ ଅନର ଦେଖ ହନ୍ତି—ଏ ଧାର୍ମିକ ଅନୁଷ୍ଠାନ ପ୍ରତି ସେମାନଙ୍କର ସେତେ ଶ୍ରଦ୍ଧା ନାହିଁ ।

ପୂଜା ପାଠ ସରିବା ପରେ ପୁରୋହିତ ମହିମବତୀ ନିକଟ ସବୁ ଜିନିଷକୁ ଏକାଠି କରି ବ୍ୟାଗ ଭିତରେ ରଖିଲେ । ବୁଢ଼ା ତା' ହାତରେ କିଛି ପଇସା ଧରାଇ ଦେଲା ଓ ସେ ଚୁପ୍ ଚାପ ଘରୁ ବାହାରିକୁ ଚାଲିଗଲା । ସତ କହିଲେ ପୁରୋହିତ ଚାହୁଁଥିଲା ରହି ଯିବା ପାଇଁ; ଅନ୍ତ୍ୟେଷ୍ଟି କ୍ରିୟା ପରେ ସେ ସମସ୍ତଙ୍କ ସହିତ ଏକାଠି ଖାଇଥାନ୍ତା, ସେମାନଙ୍କ ସହିତ ଯୁଦ୍ଧ ଓ ବିପ୍ଳବର କଥା ଆଲୋଚନା କରିଥାନ୍ତା—ଯେଉଁ ଦୁଆ ସଂସାରଠାରୁ ସେ ଦୂରରେ ରହିଛି, ତା'ର ନିକଟ ସମ୍ପର୍କରେ ଆସିବାର ସୁବିଧା ପାଇଥାନ୍ତା । ବେଳେ ବେଳେ କୌଣସି ଏକ ଅଦ୍ଭୁତ କାର୍ଯ୍ୟ କରି ସେ ହଠାତ୍ ନବ ଯୁବକ ମାନଙ୍କର ପ୍ରିୟ ଭଜନ ଓ ପ୍ରଶଂସାର ପାତ୍ର ହେବା ପାଇଁ ସ୍ୱପ୍ନ ଦେଖେ । ଥରେ ସେ ସ୍ଥାନୀୟ ଉଡ଼ାଜାହାଜ ଘାଟିକୁ ନିବେଦନ କରିଥିଲା, ତାକୁ ଅତି ଉଚ୍ଚ ଆକାଶକୁ ନିଆଯାଉ, ସେଠାରୁ ସେ ବିନା ଅମ୍ଳଯାନ ସାହାଯ୍ୟରେ ପାରାଚୁଟରେ ତଳକୁ ଅବତରଣ କରି ପାରିବ । ତା'ର ଏହି ଆବେଦନର କୌଣସି ଉତ୍ତର ମିଳିଲା ନାହିଁ ।

ସେ ଦିନ ସନ୍ଧ୍ୟାରେ ବାପ ପିଲାମାନଙ୍କ ପାଇଁ ଦୁ' ଟି ବିଛଣା ପ୍ରସ୍ତୁତ କଲା ଓ ତା' ନିଜ ପାଖରେ ଯେଉଁଠି ତା' ସ୍ତ୍ରୀ ଚାଳିଶ ବର୍ଷ ଧରି ଶୋଇଛି, ସେଠାରେ ନାରୁଣୀକୁ ଶୁଆଇଲା । ଯେଉଁ ବଡ଼ ଘରେ ସ୍ତ୍ରୀର ଶବାଧାର ଥିଲା, ସେହି ଘରେ ପୁଅମାନଙ୍କର ବିଛଣା ହୋଇଥିଲା । ସେମାନେ ଶୋଇବାକୁ ଯିବା ପରେ ବୁଢ଼ା ତା' ନିଜ ଶୋଇବା ଘର ଦ୍ୱାର ଆସ୍ତେ ବନ୍ଦ କରି ଶୋଇବାକୁ ଗଲା । ସେତେବେଳକୁ ସାନ ପିଲାଟି ଶୋଇ ପଡ଼ିଲାଣି । ବଡ଼ ବିଛଣାଟାରେ ତା'ର ଶ୍ରେଷ୍ଠ ମୁହଁଟି କମ୍ବଳରେ ଘୋଡ଼େଇ ହୋଇ ପଡ଼ିଛି ।

ଅନ୍ଧାରରେ ବୁଢ଼ା କିଛି ସମୟ ତାକୁ ଚାହିଁ ରହିଲା । ତା'ପରେ ଖୋଲା ଶବାଧାର ପାଖକୁ ଯାଇ ସେ ତା' ସ୍ତ୍ରୀର ହାତ, କପାଳ ଓ ଓଠରେ ଚୁମ୍ବନ ଦେଇ କହିଲା, "ଏଣିକି ଚିରଦିନ ବିଶ୍ରାମ ନିଅ ।"

ତା ପରେ କାଲେ ନାରୁଣୀ ଉଠି ପଡ଼ିବ, ସେଥିପାଇଁ ସେ ଚୁପ୍ ହୋଇ ଶୋଇଲେ । ହୃଦସ୍ୱର ଖରକୁ ନିଶ୍ୱାସ କରିବା ପାଇଁ ଆଖି ଦୁଇଟା ବୁଜିବା ନିମନ୍ତେ ସେ ବହୁ ଚେଷ୍ଟା କଲା । ଟିକିଏ ସେ ଘୁମାଇ ପଡ଼ିଛି କି ନାହିଁ, ତାର ନିଦ ଭାଙ୍ଗିଗଲା । ଆଉ ବଖରାରୁ ମେଞ୍ଚାଏ ଆଲୁଅ ଆସି ଏ ଘର ଭିତରେ ପଡ଼ିଛି ଓ ତାର ପୁଅମାନେ ଖୁବ୍ ଜୋର୍‌ରେ ପାଟି ତୁଣ୍ଡ କରୁଛନ୍ତି ଓ ହସୁଛନ୍ତି ।

ଶ୍ରେଷ୍ଠ ଝିଅଟି ବିଛଣାରେ ଏପଟ ସେପଟ ହେଲା । ବୋଧହୁଏ ଏ ଗୋଳମାଳରେ ତାର ନିଦ ଭାଙ୍ଗିଗଲା ନା କ'ଣ । ହୁଏତ ସେ ପ୍ରକୃତରେ ଶୋଇ ନ ଥିଲା । ଅନ୍ଧାର ଭିତରେ ରହିବାକୁ ତାକୁ ଡର

Digitized by srujanika@gmail.com

ମାଡ଼ୁ ଥିଲା ଏବଂ ସେ ଭାବୁଥିଲା କାଳେ ଖଟ
ତଳୁ ତାର ବୁଢ଼ୀମା ଆସି ଗ୍ଭୁହଁବ ।

ବଡ଼ ପୁଅ ଖୁବ୍ ଉତ୍ସାହର ସହିତ
'ମେଟାଲ ପ୍ରପେଲର' ସମ୍ପର୍କରେ କହୁ
ଛନ୍ତି । ଦୁଇଜଣ ଯାକ କ୍ୟାପଟେନ ବିଭିନ୍ନ
ବିଦେଶୀୟ ବନ୍ଦରରେ ସେମାନଙ୍କର ବିଭିନ୍ନ
ଅଭିଜ୍ଞତାର ବର୍ଣ୍ଣନା କରୁଛନ୍ତି । ତା ପରେ
ସେମାନେ ଯେଉଁ କମ୍ବଳ ଘୋଡ଼ି ହୋଇ
ଶୋଇଥିଲେ, ସେ ବିଷୟରେ ମନ୍ତବ୍ୟ ଆରମ୍ଭ
ହୋଇଗଲା । କମ୍ବଳରେ ଦୁଇପଟେ ଧଳା
କନାର ଧଡ଼ି ସିଲେଇ ହୋଇଛି ଏବଂ
ଗୋଟିଏ ପାଖରେ ସିଲେଇ ହୋଇ ଲେଖା
ହୋଇଛି, 'ମୁଣ୍ଡ' ଓ ଅନ୍ୟ ପଟେ 'ଗୋଡ଼' ।
ଏ କମ୍ବଳ ସେମାନଙ୍କର ପିଲା ଦିନର ଓ
ଏପରି ଲେଖା ହୋଇଥିବାର କାରଣ,
କେଉଁଟା ମୁଣ୍ଡପଟ ଓ କେଉଁଟା ଗୋଡ଼ପଟ
ସେମାନେ ଯେପରି ଭୁଲି ନ ଯାଆନ୍ତି ।

ଜଣେ ନାବିକ ଗାୟକର ସହିତ କୁସ୍ତି
କରିବା ଆରମ୍ଭ କରି ଦେଲା । ପିଲାଦିନେ
ସେମାନେ ଯେପରି ଭୂଇଁରେ ଗଡ଼ାଗଡ଼ି
ହୁଅନ୍ତି, ସେହିପରି ଗଡ଼ାଗଡ଼ି ହେଲେ । ସାନ
ପୁଅ ଉଭୟଙ୍କୁ ଲଢ଼ିବା ପାଇଁ ଉସ୍କାଉଥାଏ
ଓ କହୁଥାଏ, ଏ ଦୁଇଜଣ ଯାକ ତା ବାଁ
ହାତକୁ ନଆନ୍ତି । ଭାଇମାନଙ୍କ ମଧ୍ୟରେ ଖୁବ୍
ସ୍ନେହ ଶ୍ରଦ୍ଧା ଥିଲା ଓ ସେମାନେ ଏକାଠି
ହୋଇଥିବାରୁ ଖୁବ୍ ଖୁସି ହେଉଥିଲେ । ବହୁ
ବର୍ଷ ପରେ ସେମାନେ ଏକତ୍ର ହୋଇଛନ୍ତି ଓ
ବୋଧହୁଏ ବାପର ଅନ୍ତ୍ୟେଷ୍ଟି କ୍ରିୟା ପୂର୍ବରୁ
ସେମାନେ ଏକାଠି ହୋଇ ନାହାନ୍ତି । ଦୁଇ
ଭାଇ କୁସ୍ତି କରୁ କରୁ ଗୋଟିଏ ଚୌକି
ଭାଙ୍ଗି ଦେଲେ ଓ କିଛି ସମୟ ପର୍ଯ୍ୟନ୍ତ
ସମସ୍ତେ ରୁନତାନ ହୋଇଗଲେ । ପରେ
ଯେତେବେଳେ ଦେଖିଲେ ଯେ, ସେମାନଙ୍କ
ମା ଆଉ ସେମାନଙ୍କ କଥା ଶୁଣି ପାରିବ
ନାହିଁ, ପୁଣି ସେମାନଙ୍କ କଥାଭାଷା ଆରମ୍ଭ
ହୋଇଗଲା ।

ବଡ଼ ପୁଅ ଗାୟକକୁ ଗୋଟିଏ ଧୀର
ଗୀତ ବୋଲିବା ପାଇଁ କହିଲା । ମସ୍କୋରେ
ରହିଥିବା ଯୋଗୁ ସେ କିଛି ନୂଆ ଗୀତ
ଶିଖିଥିବ, ବୋଲି । କଳାବନ୍ତ ଉତ୍ତର ଦେଲା,
ସେ ହଠାତ୍ ଗୋଟିଏ ଗୀତ କେଉଁଅଡ଼ୁ
ଆଣିବ । "ଆଚ୍ଛା, ତା ହେଲେ ମୋ
ମୁହଁଟାକୁ ଘୋଡ଼ାଇ ଦିଅ", ସେ କହିଲା ।

ସେମାନେ ତା ମୁହଁକୁ ଘୋଡ଼ାଇ
ଦେଲେ ଓ ସେ ଗୀତ ବୋଲିବାକୁ ଆରମ୍ଭ
କଲା । ଭାଇମାନଙ୍କ ଆଗରେ ଗୀତ
ବୋଲିବାକୁ ତାକୁ ଟିକିଏ ଅଡୁଆ ଲାଗିବା
ସ୍ୱାଭାବିକ । ସେ ଗୀତ ବୋଲିବା ବେଳେ
ସାନ ପୁଅର ଦୁଷ୍ଟାମି ଆରମ୍ଭ ହୋଇଗଲା ।
ଫଳରେ ଆଉ ଜଣେ ଭାଇ ତା ବିଛଣା
ଉପରୁ ଆଉ ଗୋଟିଏ ଭାଇ ଉପରେ ଯାଇ
ପଡ଼ିଲା । ପ୍ରତ୍ୟେକେ ହସିଲେ ଓ ସବା ସାନ
ପୁଅକୁ କହିଲେ, ଯେ ପଡ଼ିଗଲା, ତାକୁ ବାଁ
ହାତରେ ସେ ଉଠାଇ ଖଟ ଉପରେ ଶୁଆଇ
ଦେଉ । ସାନ ପୁଅ ଚୁପ୍ ଚୁପ୍ କରି କ'ଣ
ଟିକିଏ କହି ଦେବାରୁ ପୁଣି ସମସ୍ତେ ହସିବାକୁ
ଲାଗିଲେ ।

ଆର ଘରେ କମ୍ବଳ ତଳୁ ମୁହଁ
ବାହାର କରି ସାନ ଝିଅଟି ଡାକିଲା,
"ନେନେ, ତମେ ଶୋଇ ପଡ଼ିଲଣି କି ?"

Digitized by srujanika@gmail.com

"ନାଇଁ, ମୁଁ ଶୋଇ ନାହିଁ । ମୁଁ ବେଶ୍ ଚେତା ଅଛି ।" ଏହା କହି ବୁଢ଼ା ଟିକିଏ ଅଳ୍ପ କାଶିବାକୁ ଆରମ୍ଭ କଲା । ଛୋଟ ଝିଅଟି କାନ୍ଦିବାକୁ ଲାଗିଲା ।

ତା ମୁହଁ ଉପରେ ହାତ ବୁଲାଇ ବୁଢ଼ା ଚୁପ୍ ଚୁପ୍ କରି କହିଲା, "ମା, କାହିଁକି କାନ୍ଦୁଛୁ ?"

ଝିଅ କହିଲା, "ବୁଢ଼ୀ ମା ପାଇଁ ମୋତେ ଭାରି ଦୁଃଖ ଲାଗୁଛି, ସମସ୍ତେ ଫଇଛନ୍ତି, ହସୁଛନ୍ତି, ଖାଲି ସେ ମରି ଶୋଇଛି ।"

ବୁଢ଼ା କିଛି କହିଲା ନାହିଁ । କିନ୍ତୁ ଟିକିଏ ଛିଙ୍କିଲା ଓ କାଶିଲା । ଝିଅ ଡରି ଯାଇ ଉଠି ପଡ଼ି ବୁଢ଼ାକୁ ଭଲ କରି ଦେଖିଲା । "ତେମେ କାହିଁକି କାନ୍ଦୁଛ ? ମୁଁ ତ ଭଲ ହୋଇ ଗଲଣି ।"

ବୁଢ଼ା ଝିଅର ମୁଣ୍ଡକୁ ଆଉଁସି ଧୀରେ ଧୀରେ କହିଲା, "ନାଇଁ...ମୁଁ ତ କାନ୍ଦି ନାହିଁ । ମୋ ଦେହରୁ ଟିକିଏ ଝାଳ ବୋହି ଯାଉଥିଲା ।"

"ତୁମେ କ'ଣ ବୁଢ଼ୀମା କଥା ଭାବୁଛ କି ?" ସେ ପଚାରିଲା ।

"କାନ୍ଦ ନାହିଁ, ତୁମେ ତ ବୁଢ଼ା ହୋଇ ଗଲଣି, ଅଳ୍ପ ଦିନ ପରେ ତୁମେ ବି ମରିଯିବ, ଅଉ ତ କାନ୍ଦି ପାରିବ ନାହିଁ ।"

ବୁଢ଼ା ପୁଣି ଧୀର ସ୍ୱରରେ କହିଲା, "ମୁଁ କାନ୍ଦିବି ନାହିଁ ।"

ଅନ୍ୟ ଘରେ ହଠାତ୍ ସମସ୍ତେ ନୀରବ ନିସ୍ତବ୍ଧ ହୋଇଗଲେ । ଜଣେ ପୁଅ କ'ଣ ଗୋଟିଏ କଥା କହି ପାରିଥାଏ । ବୁଢ଼ା ତା ସ୍ୱରଟାକୁ ବାରି ପାରିଲା । ସେ ହେଉଛି ତୃତୀୟ ପୁଅର ସ୍ୱର, ଯେ ହେଉଛି ଜଣେ ବୈଜ୍ଞାନିକ ଏବଂ ଏ ଝିଅର ବାପ । ସେ ପର୍ଯ୍ୟନ୍ତ ତା ମୁହଁରୁ କିଛି କଥା ବାହାରି ନ ଥିଲା । ସେ କିଛି କହୁ ନ ଥିଲା କି ହସରେ ଯୋଗ ଦେଇ ନ ଥିଲା ।

ଏହାପରେ ଦ୍ୱାରଟା ଖୋଲିଗଲା । ତୃତୀୟ ପୁଅ ପୋଷାକ ପିନ୍ଧି ଘର ଭିତରକୁ ପଶିଲା ଏବଂ ଶବାଧାର ପାଖକୁ ଗଲା । ଅଳ୍ପ ଅଳ୍ପ ଦେଖା ଯାଉଥିବା ତା ମା ମୁହଁ ଉପରେ ସେ ନଇଁ ପଡ଼ିଲା ।

ସେତେବେଳକୁ ବହୁତ ଶାନ୍ତ ହୋଇ ଗଲାଣି । ବାହାର ରାସ୍ତା ଉପରେ ଲୋକଙ୍କର ଯିବା ଆସିବା ବନ୍ଦ ହୋଇଗଲାଣି । ଅନ୍ୟ ବଖରାରେ ପାଞ୍ଚଭାଇ ଯାକ ନୀରବ ହୋଇ ବସି ଥାଆନ୍ତି । ବୁଢ଼ା ଏବଂ ତାରି ନାତୁଣୀ ସ୍ଥିର ହୋଇ ଚାହିଁ ରହିଥାନ୍ତି ସେହି ଲୋକଟି ଆଡ଼କୁ, ଯେ ହେଉଛି ଜଣକର ପୁଅ ଓ ଆଉ ଜଣକର ବାପ ।

ତୃତୀୟ ପୁଅ ସିଧା ହୋଇ ଠିଆ ହୋଇ ତାର ବାହା ଦୁଇଟାରେ ଶବାଧାରର ଗୋଟାଏ ପାଖ ଧରିବା ପାଇଁ ଚେଷ୍ଟା କଲା । ହଠାତ୍ ତା ହାତରୁ ତାହା ଖସିଗଲା ଏବଂ ସେ ତଳେ ପଡ଼ିଯାଇ ତାର ମୁଣ୍ଡ କାଠ ଚଟାଣ ଉପରେ ପିଟି ହୋଇଗଲା । ସେ କୌଣସି ଶବ୍ଦ କଲା ନାହିଁ । କିନ୍ତୁ ଝିଅ କାନ୍ଦି ଉଠିଲା ।

Digitized by srujanika@gmail.com

ପାଞ୍ଚ ଭାଇଯାକ ଦୌଡ଼ିଗଲେ ଏବଂ ସେମାନଙ୍କ ଭାଇକୁ ନିଜ କୋଠରୀକୁ ଟେକି ଆଣି ଛୁଆଁ ବଞ୍ଚା କରିବାକୁ ଲାଗିଲେ । ସେ ଭଲ ହୋଇଗଲା । କିନ୍ତୁ ସେ ବସିବା ବେଳକୁ ସେମାନେ ସମସ୍ତେ ପୋଷାକ ପିନ୍ଧି ସାରିଲେଣି । ସେତେବେଳେ ଗୋଟାକରୁ ଟିକିଏ ବେଶୀ ସମସ୍ତ ହୋଇଥାଏ । ପୁଅ-ମାନେ ଜଣ ଜଣ ହୋଇ ଘର ଓ ଅଗଣାରେ ବୁଲୁଥାନ୍ତି । ଏ ଘରଟା ହେଉଛି ତାଙ୍କର ନିହାତି ଆପଣାର, ପିଲା ଦିନର ଘର । ଦୁଃଖ ଓ ଅଭିଯୋଗ ମିଶା ସ୍ୱରରେ ସେମାନେ କାନ୍ଦୁଥାନ୍ତି, ଯେପରିକି ତାଙ୍କ ମା' ପାଖରେ ଠିଆ ହୋଇ ଶୁଣୁଛି ଏବଂ କହୁଛି ଯେ, ସେ ଭାରି ଦୁଃଖିତ, ସେ ମରିଗଲା ଏବଂ ତାର ନିଜର ପିଲାମାନଙ୍କୁ ଏତେ ଦୁଃଖ ଯନ୍ତ୍ରଣା ଦେଲା । ସେ ଯଦି ପାରନ୍ତା, ତା ହେଲେ ସେ ଚିରଦିନ ପାଇଁ ବଞ୍ଚି ରହନ୍ତା ଓ ଯେଉଁମାନଙ୍କୁ ସେ ଜନ୍ମ ଦେଇଛି ସେମାନଙ୍କୁ ଟିକିଏ ହେଲେ ଦୁଃଖ ଦିଅନ୍ତା ନାହିଁ । ସେମାନେ କ'ଣ ବୁଝିବେ ନାହିଁ ଯେ, ସେମାନଙ୍କ ମା ଅଉ ବେଶୀଦିନ ବଞ୍ଚିପାରି ନ ଥାନ୍ତା ।

ସକାଳେ ଛ ପୁଅଯାକ କାନ୍ଧରେ ଶବାଧାରକୁ ନେଇ କବରଖାନାକୁ ଚାଲିଲେ । ବୁଢା ସାନ ଟିକୁ କାଢେଇ ତାଙ୍କ ପଛେ ପଛେ ଚାଲିଥାଏ ; ଏବେ ସେ ନିଜକୁ ଟିକିଏ ଦମ୍ଭ କରି ସାରିଲେଣି । ତାରି ଗର୍ବ ଓ ଆନନ୍ଦ ଯେ ଏହି ଛ ଜଣ ଲୋକ ସେମାନଙ୍କ ଶାଶୂଆ କାନ୍ଧରେ ତାକୁ ବି ଏହିପରି ବୋହି ନେବେ ।

---

କୌଣସି ଖରାପ କାମ କରିବାକୁ ଯାଇ ଆମେ ଯଦି ଆମର ବିବେକକୁ ପ୍ରତିଶ୍ରୁତି ଦେଉ ଯେ ଖରାପ ହେଲେ କଣ ହେବ, କାମଟା ଭାରି ଦରକାରୀ, ସମସ୍ତ ଆସିବ ଯେତେବେଳେ ସବୁ ଖରାପ କାମ ଯାକ ଆମକୁ କମ୍ ଖରାପ ଓ ବେଶୀ ଦରକାରୀ ମନେ ହେବ ।

—ସିଡ଼ନି ହାରିସ୍

ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା ଜଣେ ଅଭିନେତାଙ୍କୁ ଥରେ ତାଙ୍କର ବୟସ ସମ୍ପର୍କରେ ପଚରା ଯିବାରୁ ସେ କହିଥିଲେ, "ମୋର ବୟସଟା ଯଦି ମୁଁ ଜାଣି ଥାଆନ୍ତି କହି ଦିଅନ୍ତି; କିନ୍ତୁ ତାହା ଅସମ୍ଭବ । କାରଣ ମୋର ବୟସ ସବୁବେଳେ ବଦଳିବାରେ ଲାଗିଛି ।"

—ଲ. ର.

Digitized by srujanika@gmail.com

# ଖଲିକୋଟ କଲେଜ ଲଟେରି

## ଓଡ଼ିଶାରେ ଉଚ୍ଚଶିକ୍ଷାର ଅଗ୍ରଗତି ପାଇଁ ଏଦ୍ୱାରା ମହନୀୟ ଦାନ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ଦାନ ପଞ୍ଚସ୍ତରି ହଜାର ଟଙ୍କା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଇଁ ଦାନ ପଚିଶ ହଜାର ଟଙ୍କା ।

ଓଡ଼ିଶାର ବହୁ ନୂତନ କଲେଜ ଏଦ୍ୱାରା ଦାନ ଦ୍ୱାରା ପ୍ରତିଷ୍ଠିତ ଓ ପରିପୁଷ୍ଟ ହୋଇ ପାରିଛି ।

ରାମଚନ୍ଦ୍ର ମର୍ଦ୍ଦରାଜ କଲେଜ, ହିଞ୍ଜିଳି ବିଜ୍ଞାନ କଲେଜ ଓ ଅନ୍ୟାନ୍ୟ କୋଡ଼ିଏଟି କଲେଜକୁ ଦିଆଗଲାଣି ୯ଲକ୍ଷ ୭୦ହଜାର ଟଙ୍କା ।

## ଆପଣ କେବଳ ଏକଟଙ୍କା ସାହାଯ୍ୟ କରି ଶିକ୍ଷାର ଅଗ୍ରଗତିରେ ଭାଗ ନିଅନ୍ତୁ, ମହତ୍ କାର୍ଯ୍ୟ ସାଧିତ ହେଉ ।

ବିଶେଷ ବିବରଣୀ ପାଇଁ ନିମ୍ନ ଠିକଣାକୁ ଲେଖନ୍ତୁ ।

ଅବୈତନିକ ସମ୍ପାଦକ
ଖଲିକୋଟ କଲେଜ—ଚାରିଟି—ଲଟେରି ଫଣ୍ଡ
ବ୍ରହ୍ମପୁର (ଗଞ୍ଜାମ)

Digitized by srujanika@gmail.com

## ଏହି ଶ୍ରେଷ୍ଠ ସଙ୍ଗୀତଜ୍ଞ ଥିଲେ ଭାରତୀୟ ସଂସ୍କୃତି, ସାଧନା ଓ ଜୀବନର ଜଣେ ମହାନ୍ ପୂଜାରୀ . . .



# ଉସ୍ତାଦ ବଡ଼େ ଗୁଲାମ ଅଲ୍ଲି ଖାଁ

ସ୍ୱାମୀ ବିବେକାନନ୍ଦ କହିଥିଲେ, "ଭାରତବର୍ଷର ସଂସ୍କୃତି କହେ, ଧ୍ୟାନ ଦ୍ୱାରା ଯେଉଁ ଫଳ ମିଳେ, ପବିତ୍ର ସଙ୍ଗୀତ ସାଧନା ଦ୍ୱାରା ସେହି ଫଳ ମିଳେ ।" ଉସ୍ତାଦ୍ ବଡ଼େ ଗୁଲାମ ଅଲ୍ଲି ଖାଁ ଥିଲେ ପବିତ୍ର ସଙ୍ଗୀତ ସାଧନା କ୍ଷେତ୍ରରେ ଭାରତୀୟ ସଂସ୍କୃତି ଓ ପରମ୍ପରାର ଜଣେ ମହାନ୍ ପ୍ରତିନିଧି । ତାଙ୍କର ପ୍ରିୟ ଭଜନମାନଙ୍କ ମଧ୍ୟରେ 'ହରି ଓଁ ତତ୍ ସତ୍' ପ୍ରଧାନ ଥିଲା ଏବଂ ଏହି ଭଜନ ଯେଉଁମାନେ ଶୁଣିଛନ୍ତି, ସେମାନେ ଏହି ମହାନ୍ ସଙ୍ଗୀତଜ୍ଞଙ୍କର ହୃଦୟର ଆବେଗ ଓ ଆଧ୍ୟାତ୍ମିକ ନିଷ୍ଠାରେ ଅଭିଭୂତ ହୋଇଛନ୍ତି ।

୧୯୪୪ ମସିହାରେ ଗାନ୍ଧିଜୀ ଶେଷଥର ଜେଲରୁ ମୁକ୍ତ ହେବାପରେ ସ୍ୱାସ୍ଥ୍ୟ ଲାଭ ପାଇଁ ବିଶ୍ରାମ କରୁଥାନ୍ତି । ସେତେବେଳେ ଉସ୍ତାଦ ବଡ଼େ ଗୁଲାମ ଅଲ୍ଲି ଖାଁ ତାଙ୍କ ସହିତ ସାକ୍ଷାତ କରି ତାଙ୍କର ଅନନ୍ୟକରଣୀୟ ସ୍ୱର ଓ ଶୈଳୀରେ ଗୋଟିଏ ଭଜନ ଗାନ କଲେ— "ରାଧେ କୃଷ୍ଣ ବୋଲ ।" ଏହି ଭଜନରେ ଗାନ୍ଧିଜୀ ଏପରି ଅନୁପ୍ରାଣିତ ହୋଇଥିଲେ ଯେ ସେ ଉସ୍ତାଦଙ୍କୁ ସଙ୍ଗେ ସଙ୍ଗେ ଏକ ପ୍ରଶଂସାପତ୍ର ଲେଖି କରି ଦେଇଥିଲେ । ଏହି ପ୍ରଶଂସାପତ୍ରକୁ ଭଲ ଭାବରେ ବନ୍ଧେଇ କରି ସେ ତାଙ୍କର ବୈଠକଖାନାରେ ରଖିଥିଲେ ।

ସଙ୍ଗୀତ ଥିଲା ତାଙ୍କ ଜୀବନର ଏକମାତ୍ର ପ୍ରିୟ ବସ୍ତୁ । ୧୯୬୧ ମସିହାରେ ଯେତେବେଳେ ସେ ପକ୍ଷାଘାତ ରୋଗଗ୍ରସ୍ତ ହୋଇ ବିଛଣାରେ ପଡ଼ି ରହିଲେ ଓ ଡାକ୍ତର

Digitized by srujanika@gmail.com

ପରାମର୍ଶ ଦେଲ ସେ ଆଜ୍ଞ ସଙ୍ଗୀତ ସାଧନା ନ କରି ପୂର୍ଣ୍ଣ ବିଶ୍ରାମ ନଅନ୍ତୁ, ସେ କହୁଥିଲେ, "ସଙ୍ଗୀତକୁ ଛାଡ଼ି ମୁଁ ବଞ୍ଚି ପାରିବି ନାହିଁ । ଗୀତ ବୋଲ୍ ବୋଲ୍ ବରଂ ମୋର ପ୍ରାଣ ଚାଲିଯାଉ, କିନ୍ତୁ ବିନା ସଙ୍ଗୀତରେ ମୁଁ ମୁହୂର୍ତ୍ତେ ବଞ୍ଚି ପାରିବି ନାହିଁ ।"

ତାଙ୍କର ରଚନା, ସ୍ୱର, ଶୈଳୀ ଓ ସାଧନା ଏପରି ଉଚ୍ଚକୋଟିର ଥିଲା ଯେ ହଜାର ହଜାର ଦର୍ଶକ ଘଣ୍ଟା ଘଣ୍ଟା ଧରି ମୁଗ୍ଧ ଚକିତ ଭାବରେ ବସି ତାଙ୍କର ଗାନ ଶୁଣୁଥିଲେ । ୨୩ ବର୍ଷ ବୟସରେ ଲାହୋର ସହରରେ ସେ ପ୍ରଥମେ ସର୍ବସାଧାରଣରେ ତାଙ୍କର ସଙ୍ଗୀତ ପରିବେଷଣ କରିଥିଲେ । ସେହିଦିନ ଠାରୁ ୫୮ ବର୍ଷ ବୟସରେ ୧୯୬୧ ମସିହାରେ ସେ ରୋଗଗ୍ରସ୍ତ ହେବା ପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନର ହଜାର ହଜାର ଶ୍ରୋତୃମଣ୍ଡଳୀଙ୍କୁ ସେ ତାଙ୍କର ସଙ୍ଗୀତ ଶୁଣାଇ ଆମୋଦିତ କରିଛନ୍ତି । ଭାରତବର୍ଷର ଏପରି କୌଣସି ରାଜ୍ୟ ନାହିଁ, ଯେଉଁଠି ତାଙ୍କର ସ୍ୱର ଓ ସଙ୍ଗୀତ ଶୁଣାଯାଇ ନାହିଁ । ହିନ୍ଦୁସ୍ତାନୀ ସଙ୍ଗୀତଜ୍ଞ ଭାବରେ ଉତ୍ତର ଭାରତରେ ତାଙ୍କର ଯେତିକି ଆଦର ଥିଲା, କର୍ଣ୍ଣାଟକୀ ସଙ୍ଗୀତର ଜନ୍ମସ୍ଥାନ ଦକ୍ଷିଣ ଭାରତରେ ମଧ୍ୟ ତାଙ୍କର ସେହିପରି ଆଦର ଥିଲା । ଏପରିକି ରୋଗାକ୍ରାନ୍ତ ହେବାପରେ ମଧ୍ୟ ସେ ଥରେ କଲିକତାର ମହାଜାତି ସଦନରେ ଦୁଇଘଣ୍ଟା ଧରି ତାଙ୍କର ଗାନ ଦ୍ୱାରା ସହସ୍ରସଂଖ୍ୟକ ଶ୍ରୋତାଙ୍କୁ ମୁଗ୍ଧ କରି ପାରିଥିଲେ ।

ଶାସ୍ତ୍ରୀୟ ସଙ୍ଗୀତର ବିଧି ହେଉଛି, ସ୍ୱଜ ପୌଣାଦ୍ଧ କମେ ସାଧକ ଗୋଷ୍ଠୀ ସାରା ଜୀବନ ଏହାକୁ ସାଧନା କରି ଏହାର ଉଚ୍ଚ ପରମ୍ପରା ବଜାୟ ରଖିବା । ସାଧକର ସଂକଳ୍ପ, ସଂଯମ, ଶୃଙ୍ଖଳା, ଅଧ୍ୟବସାୟ ଓ ଗୁରୁଚର୍ଯ୍ୟା ନ ରହିଲେ ଏଥିରେ ଦଖଲ ଆସେ ନାହିଁ । ବଡ଼େ ଗୁଲାମ ଅଲ୍ଲି ଖାଁ ଏକ ସଙ୍ଗୀତଜ୍ଞ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସଂସାରର ଆଲୋକ ଦେଖିବା କ୍ଷଣି ଉଚ୍ଚ-କୋଟିର ସଙ୍ଗୀତ ଶୁଣିବାର ସୁଯୋଗ ସେ ପାଇଥିଲେ । ତାଙ୍କର ବାପା ଓ ମାମୁଁ ଉଭୟ ଥିଲେ ଉଚ୍ଚକୋଟିର ସଙ୍ଗୀତଜ୍ଞ । କଥା କହି ଶିଖିବା ସଙ୍ଗେ ସଙ୍ଗେ ତାଙ୍କର ଗୀତ ଶିଖିବା ଆରମ୍ଭ ହୋଇଥିଲା । ପାଞ୍ଚବର୍ଷ ବୟସରେ ସେ ତାଙ୍କର ମାମୁଁଙ୍କଠାରୁ ବିଧିବଦ୍ଧ ଭାବରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ ଓ ମାତୁଳଙ୍କ ମୃତ୍ୟୁ ପରେ ପିତାଙ୍କ ଶୃଙ୍ଖଳାରେ ରହି ସଙ୍ଗୀତ ଶିକ୍ଷା କଲେ । ତାଙ୍କର ସାଧନାରେ ପୂର୍ଣ୍ଣ ବିଶ୍ୱାସ ନ ଆସିବା ପର୍ଯ୍ୟନ୍ତ ତାଙ୍କ ପିତା ତାଙ୍କୁ ସାଧାରଣରେ ସଙ୍ଗୀତ ପରିବେଷଣର ଅନୁମତି ଦେଇ ନ ଥିଲେ । ୨୩ ବର୍ଷ ବୟସ ପର୍ଯ୍ୟନ୍ତ ସେ କଠୋର ଅଧ୍ୟବସାୟ ସହ ଶିକ୍ଷା କରିଥିଲେ ।

ଶାସ୍ତ୍ରୀୟ ସଙ୍ଗୀତର କଠୋର ନିୟମ ଓ ଶୃଙ୍ଖଳାରୁ ବିଚ୍ୟୁତ ନ ହୋଇ ସେ ତାଙ୍କର ଉଚ୍ଚକୋଟିର ସ୍ୱର ସଂପଦ ଦ୍ୱାରା ବହୁ ନୂତନ ଶୈଳୀର ସୃଷ୍ଟି କରି ପାରୁ-ଥିଲେ । ଖୁବ୍ ସ୍ପଷ୍ଟଭାବରେ ଖୟାଲ ଗାନ କରି, ଉଚ୍ଚକୋଟିର ଠୁମ୍ରି, ପ୍ରେମମୂଳକ ଗଜଲ ଓ ଭକ୍ତିପୂର୍ଣ୍ଣ ଭଜନ ଗାଇ ସେ

Digitized by srujanika@gmail.com

ତାଙ୍କର କଳା-ବିଳାସ ଦ୍ୱାରା ଶ୍ରୋତା-ମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରି ରଖି ପାରୁଥିଲେ । ସେ ନିଜେ ଗୀତ ରଚନା କରି ସେଥିରେ ସ୍ୱର ଦେଉଥିଲେ ।

ତାଙ୍କର ବିଶେଷତ୍ୱ ଥିଲା ଶାସ୍ତ୍ରୀୟ ନିୟମ ମଧ୍ୟରେ ରହି ବିଭିନ୍ନ ରାଗକୁ ଅଳ୍ପ ସମୟ ମଧ୍ୟରେ ତାଙ୍କର ଗାନରେ ବିସ୍ତାର କରିବା । ଏପରି କି ବିଳମ୍ବିତ ରାଗକୁ ମଧ୍ୟ ସେ ସଂକ୍ଷିପ୍ତ ଭାବରେ ବିସ୍ତାର କରି ପାରୁଥିଲେ । ଏଥିରେ ବହୁ ରକ୍ଷଣଶୀଳ ଭ୍ରୂକୁଞ୍ଚନ କରି କହୁଥିଲେ ଯେ ଶାସ୍ତ୍ରୀୟ ସଙ୍ଗୀତର ସେ ଅବମାନନା କରୁଛନ୍ତି । କିନ୍ତୁ ଦେଶର ଜଣେ ସର୍ବଶ୍ରେଷ୍ଠ ଶାସ୍ତ୍ରୀୟ ସଙ୍ଗୀତ ବିଶେଷଜ୍ଞ ଭାବରେ ସେ ମତ ଦେଉଥିଲେ ଯେ ସମୟ ବଦଳି ଗଲାଣି । ବର୍ତ୍ତମାନ ଧୈର୍ଯ୍ୟବାନ୍ ସଙ୍ଗୀତର ସମୟ ଆଉ ନାହିଁ ଯେ କେତେକ ଉଚ୍ଚ ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ ଘଣ୍ଟା ଘଣ୍ଟା ଧରି ଶୁଣୁଥିବେ । ଅଧିକନ୍ତୁ ଶ୍ରୋତୃମଣ୍ଡଳୀ ଅତି ଦୀର୍ଘ ସମୟ ଧରି ଏହି ଶାସ୍ତ୍ରୀୟ ରାଗର ବିଶ୍ଳେଷଣ ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି । ଉତ୍ତର ଭାରତର ଶାସ୍ତ୍ରୀୟ ଓ ସୁଗମ ଶାସ୍ତ୍ରୀୟ ସଙ୍ଗୀତକୁ ଜନପ୍ରିୟ କରିବାରେ ତାଙ୍କର ଦାନ ସବୁଠାରୁ ବେଶୀ ।

ବଡ଼େ ଗୁଲାମ ଅଲ୍ଲି ଶେଷ ଜୀବନରେ ବହୁ ସମୟ ପାକିସ୍ତାନରେ କଟାଇ ଥିଲେ ଓ ସେଇଠାରେ ତାଙ୍କର ମୃତ୍ୟୁ ହେଲା । କିନ୍ତୁ ଭାରତ ଓ ପାକିସ୍ତାନ ତାଙ୍କ ପକ୍ଷରେ ଥିଲା ଗୋଟିଏ । ସନ୍ଥ କବୀରଙ୍କ ପରି ଭାରତୀୟ ସଂସ୍କୃତି, ସାଧନା ଓ ଜୀବନର ସେ ଥିଲେ ମହାନ୍ ପୂଜାରୀ ।

---

## ସୁବର୍ଣ୍ଣରେ ଢଙ୍କା ହୋଇଥିବା ସତ୍ୟ

ଉପନିଷଦରେ କୁହା ହୋଇଛି, ସତ୍ୟର ମୁହଁ ସୁବର୍ଣ୍ଣରେ ଢଙ୍କା ହୋଇଥାଏ । ଏଠାରେ ସୁବର୍ଣ୍ଣକୁ ମାୟା ରୂପରେ ଅର୍ଥ କରାଯାଇଛି । ସ୍ଥୂଳ ଅର୍ଥରେ ଦେଖିଲେ ବି ସତ୍ୟର ମୁହଁ ପଇସାରେ ଢଙ୍କା ହୋଇଥାଏ । ଆମକୁ କିଛି ନା କିଛି ଅର୍ଥ ଲୋଭ ରଖିବାକୁ ହୁଏ, ବ୍ୟକ୍ତିଗତ ଢଙ୍ଗରେ ନ ହେଲେ ମଧ୍ୟ ସଂସ୍ଥା ନିମନ୍ତେ ଏହି ଲୋଭ ଥାଏ । କିନ୍ତୁ ଆମେ ଯଦି ଏହାକୁ ସମ୍ପୂର୍ଣ୍ଣ ଛାଡ଼ି ଦେଇ ପାରିବା ତା' ହେଲେ ସତ୍ୟନାରାୟଣଙ୍କର ନିଶ୍ଚୟ ଦର୍ଶନ ମିଳି ପାରିବ ।

—ବିନୋବା


Digitized by srujanika@gmail.com

ସୋଭିଏଟ ରୁଷ, ଚେକୋସ୍ଲୋଭକିଆ, ଜର୍ମାନୀ,
ଥାଇଲଣ୍ଡ ଯେଉଁଠି ଖୋଜ

# ସ୍ପାର୍କ (ବ୍ୟାଟେରୀ)

ମଟର ମାଲିକ ଓ ଡ୍ରାଇଭର
ସମସ୍ତେ ଜାଣନ୍ତି !

ସ୍ପାର୍କ
ଶକ୍ତିଶାଳୀ ଓ ନିର୍ଭରଯୋଗ୍ୟ




## ବ୍ୟାଟେରୀ

କେବଳ ଆମ ଦେଶରେ ନୁହେଁ
ବିଦେଶରେ ମଧ୍ୟ ଏହାର ଚାହିଦା
ଦିନକୁ ଦିନ ବଢ଼ି ଚାଲିଛି ।

ସ୍ପାର୍କ ବ୍ୟାଟେରୀଟିଏ କିଣି
ନିଶ୍ଚିନ୍ତ ରହନ୍ତୁ

ଅନ୍ୟ ସବୁ ବ୍ୟାଟେରୀ ଅଚଳ ହେଲେବି
ସ୍ପାର୍କ ବିଜୁଳି ପରି କାମ କରେ ।

ପ୍ରସ୍ତୁତକାରୀ —
ସ୍ପାର୍କ ବ୍ୟାଟେରୀ ମାନ୍ୟୁଫାକଚରିଂ ଓ୍ୱାର୍କସ ଲି:
ଇଣ୍ଡଷ୍ଟ୍ରିୟାଲ ଇଷ୍ଟେଟ, କଟକ-୩ ଫୋନ-୧୫୫୪

Digitized by srujanika@gmail.com

DEDICATED TO THE SERVICE

OF

THE MOTHERLAND

IN

EARNING MUCH-NEEDED FOREIGN EXCHANGE

# The Orissa Commercial Transport Corporation Limited.

**PIONEERS**

**IN**

**Heavy Transportation of Exportable Iron Ore To Paradeep Port**

Digitized by srujanika@gmail.com

# ବାରବାଟୀ ଲଟେରୀ

ଗୋଟିଏ ଭଲରୁ ସହସ୍ର ଭଲ !!

ସତ୍ ତଥା ମହତ୍ ଉଦ୍ଦେଶ୍ୟ ରଖି ସଂସାରରେ ଯେତେ
କାର୍ଯ୍ୟ ହୋଇଛି ସେଥିରୁ ଆହୁରି ଅସଂଖ୍ୟ ଭଲ ଫଳ
ମିଳିଛି ।

## ବାରବାଟୀ ରାଫଲ କ୍ଷେତ୍ରରେ ମଧ୍ୟ
## ତାହାହିଁ ପ୍ରମାଣିତ ହୋଇଗଲା

ନବ ଉତ୍କଳର ଗୋଟିଏ ଅକ୍ଷୟ କୀର୍ତ୍ତି ଦାଇଁ ଦେଶର ବନ୍ଧୁଆଜୁ
କେବଳ ଗୋଟିଏ ଲେଖା ଟଂକା ସଂଗ୍ରହ କରିବାର କଳ୍ପନା
ଢନେ ହେଲା ।

ଆଜି ଦେଖା ଯାଉଛି ……..

ବାରବାଟୀ ଷ୍ଟେଡ଼ିୟମ ତିଆରି କାର୍ଯ୍ୟ ଚାଲିଛି, ତା ସଙ୍ଗେ ସଙ୍ଗେ
ସେହି ପାଣ୍ଠିରୁ —

| | |
|---|---|
| ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ | —୧,୮୨,୬୮୫..୦୦ |
| ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ | —ଟ ୫୦,୦୦୦-୦୦ |
| ନେହେରୁ ସ୍ମୃତିରକ୍ଷା ପାଣ୍ଠିକୁ | —ଟ ୨୨,୫୦୦-୦୦ |
| ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳପାଇଁ | —ଟ ୪୦,୦୦୦-୦୦ |
| ବିହାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | —ଟ ୨୦,୦୦୦-୦୦ |

ଓ ଅନ୍ୟାନ୍ୟ ଅନେକ ପାଣ୍ଠିକୁ ମଧ୍ୟ ପ୍ରାୟ ଏକଲକ୍ଷ (ଟ୧,୦୦,୦୦୦) ଟଙ୍କା ଯାଇଛି—

ଆପଣ ଆମକୁ ଟଙ୍କାଏ ଟଙ୍କାଏ ସାହାଯ୍ୟ ଦେଇ ଅନ୍ୟମାନଙ୍କୁ ସାହାଯ୍ୟ
ଦେବାପାଇଁ ପଥ ପରିଷ୍କାର କରି ଦିଅନ୍ତୁ ବୋଲି ବିନୀତ ଅନୁରୋଧ ।

ପ୍ରଥମ ପୁରସ୍କାର ଟ ୧,୦୦୦,୦୦ (ଏକ ଲକ୍ଷ ଟଙ୍କା)

ଏହାପର ଡ୍ରଗାଣ ତା ୧୫-୮-୬୮

ବିଶେଷ ବିବରଣୀ ପାଇଁ ଲେଖନ୍ତୁ— ଅବୈତନିକ ସମ୍ପାଦକ

ବାରବାଟୀ ରାଫଲ କମିଟୀ

କଟକ-୫

Digitized by srujanika@gmail.com

Vol 1 No. 11 PAURUSHA Regd. No. 0-116

With Best Compliments from :

**KALINGA TUBES LIMITED**

33, CHITTARANJAN AVENUE
CALCUTTA-12

**Works**
CHOUDWAR
CUTTACK (ORISSA)

***MANUFACTURERS OF :***

BLACK AND GALVANISED STEEL PIPES FOR GAS, WATER & STEAM AND STEP DRAWN STEEL TUBULAR POLES FOR POWER TRANSMISSION, STREET LIGHTING. ETC.

May— 1968 Price Rs. 1/-

Digitized by srujanika@gmail.com

# ପୌରୁଷ



Digitized by srujanika@gmail.com

# ପୌରୁଷ

दैवायत्तं कुले जन्म मदायत्तं च पौरुषम्

ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର୍ ମୋର ଅଧୀନ ।

କର୍ଣ୍ଣ--ବେଣୀସଂହାରମ୍

## ସୂଚୀପତ୍ର


| | ପୃଷ୍ଠା |
|---|---|
| ମଙ୍ଗଳର ପ୍ରାର୍ଥନା | ୩ |
| ସଂପାଦକୀୟ * | ୪ |
| ଦୁଇଟି ରାଜ୍ୟର କାହାଣୀ | |
| ଲୋକଙ୍କୁ କିପରି ଚିହ୍ନିବ | ୯ |
| ପରମହଂସ ଯୋଗାନନ୍ଦ | |
| ପ୍ରିୟ ମାତୃଭୂମି | ୧୨ |
| ଜବାହାରଲାଲ ନେହୃରୁ | |
| ଅକିଞ୍ଚନର ଜୀବନସ୍ମୃତି | ୧୫ |
| ଡକ୍ଟର ପ୍ରାଣକୃଷ୍ଣ ପରିଜା | |
| ଗଙ୍ଗାନଦୀର ଦେଶ | ୨୦ |
| ଉଇଲଫ୍ରେଡ଼ ନୋଲେ | |
| ମହାଭାରତ କାହାଣୀ | ୨୫ |
| ଜୟନ୍ତୀ ପଟ୍ଟନାୟକ | |

| | ପୃଷ୍ଠା |
|---|---|
| ଦେଶଟିକେ ଫାଙ୍କି, ନଇଟିକେ ବାଙ୍କି | ୩୩ |
| ଡକ୍ଟର ବୈଦ୍ୟନାଥ ମିଶ୍ର | |
| କୃଷ୍ଣାବତାର | ୩୭ |
| କେ. ଏମ୍. ମୁନସୀ | |
| ଉର୍ଦ୍ଦୁ (ଆଧୁନିକ ଯୁଗ) | ୪୯ |
| ଡକ୍ଟର ବଂଶୀଧର ମହାନ୍ତି | |
| ସାରଳାଦାସ ଓ ରାମାୟଣର ଚରିତାବଳୀ | ୫୫ |
| ପଣ୍ଡିତ ନୀଳମଣି ମିଶ୍ର | |
| ଗୀତାର ବିଷାଦ ଯୋଗ | ୭୨ |
| କବିରାଜ ଦେବୀପ୍ରସାଦ ତ୍ରିପାଠୀ | |


Digitized by srujanika@gmail.com

ଅବତାରୀୟ ଗୁଣ ଓ କର୍ମ ୭୭
ଶ୍ରୀ ଅରବିନ୍ଦ
ପରକ୍ରମା (ଗଳ୍ପ) ୭୯
ଶେଖର ଯୋଷୀ
ସ୍ୱାଧୀନତା ସଂଗ୍ରାମର ସ୍ମୃତି ୭୪
ମହାବୀର ତ୍ୟାଗୀ
ଭାରତରେ ଦଅଁ ଗଢିବା
ଲୋକ ୮୭
ଡକ୍ଟର ସୂର୍ଯ୍ୟକାନ୍ତ ଦାସ
ଚତୁର ଚୂଡ଼ାମଣି
(ପିଲାଙ୍କପାଇଁ ଗଳ୍ପ) ୯୨


ପ୍ରଚ୍ଛଦପଟ-ହସ୍ତଶିଳ୍ପ (ଚିତ୍ର)



ସଂପାଦକ * ଜାନକୀବଲ୍ଲଭ ପଟ୍ଟନାୟକ

ପୌରୁଷର ଗ୍ରାହକ ଚାନ୍ଦା

ବାର୍ଷିକ— ୧୦ ଟଙ୍କା
ଷାଣ୍ମାସିକ— ୫ ଟଙ୍କା ୫୦ପ.
ମାସିକ— ୧ ଟଙ୍କା

ଶ୍ରୀ ନରେନ୍ଦ୍ର ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା
ମୁଦ୍ରିତ ଓ ପ୍ରକାଶିତ
ପୌରୁଷ ପ୍ରେସ ଓ କାର୍ଯ୍ୟାଳୟ,
ବୃନ୍ଦାବନଚୌକ, କଟକ-୨







Digitized by srujanika@gmail.com

# ମଙ୍ଗଳ-ପ୍ରାର୍ଥନା



ସ୍ୱସ୍ତି ମାତ୍ର ଉତ ପିତ୍ରେ ନୋ ଅସ୍ତୁ
ସ୍ୱସ୍ତି ଗୋଭ୍ୟୋ ଜଗତେ
ପୁରୁଷେଭ୍ୟଃ ।
ବଶ୍ୱଂ ସୁଭୂତଂ ସୁବିଦତ୍ରଂ ନୋ ଅସ୍ତୁ
ଜ୍ୟୋଗେବ ଦୃଶେମ ସୂର୍ଯ୍ୟମ୍ ॥

ଆମ୍ଭମାନଙ୍କର ପିତା ମାତାଙ୍କର ମଙ୍ଗଳ ହେଉ । ଗୋ ଜାତିର ମଙ୍ଗଳ ହେଉ ; ଜଗତର ଓ ଜନସାଧାରଣଙ୍କର ମଙ୍ଗଳ ହେଉ । ଯେଉଁମାନେ ଆମ ସହିତ ଅଛନ୍ତି, ସେମାନେ ସୁଖୀ ଓ କଲ୍ୟାଣମୟ ଜ୍ଞାନର ଅଧିକାରୀ ହୁଅନ୍ତୁ । ଦୀର୍ଘକାଳ ଧରି ଆମେ ସୂର୍ଯ୍ୟଙ୍କୁ ଦେଖିବାକୁ ପାଉ ।

—ଅଥର୍ବବେଦ ୧. ୩୧. ୪

Digitized by srujanika@gmail.com

# ସଂପାଦକୀୟ

## ✳ ଦୁଇଟି ରାଜ୍ୟର କାହାଣୀ

ଏ ବର୍ଷ ଭାରତର ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଦୁଇଟି ଅଞ୍ଚଳର ଚିତ୍ର ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଗୋଟିଏ ପଞ୍ଜାବ-ହରିୟାନା ଅଞ୍ଚଳ ଓ ଅନ୍ୟଟି ଓଡ଼ିଶା ।

ପଞ୍ଜାବ ଓ ହରିୟାନାରେ ଏବର୍ଷ ଏପରି ଭଲ ଫସଲ ହୋଇଛି ଯେ ବିଭିନ୍ନ ହାଟ ଓ ବଜାରରେ ଗହମ ପୋଢ ହୋଇ ପଡ଼ିଛି । କେବଳ ଏହି ଦୁଇଟି ରାଜ୍ୟ ବା ପୂର୍ବତନ ପଞ୍ଜାବ ରାଜ୍ୟରୁ ୫୦ ଲକ୍ଷ ମହଣ ଅଧିକ ଗହମ ଭାରତର ଅନ୍ୟାନ୍ୟ ଅଞ୍ଚଳର ଅଭାବ ମୋଚନ ପାଇଁ ମିଳି ପାରିବ ବୋଲି ହିସାବ କରାଯାଉଛି । ସେଠାରେ ବର୍ତ୍ତମାନ ସମସ୍ୟା ହୋଇଛି, ଯେପରି ଦର ହଠାତ୍ କମି ଯାଇ କୃଷୀମାନେ କ୍ଷତିଗ୍ରସ୍ତ ନ ହୁଅନ୍ତି, ସେଥିପାଇଁ ଏକ ସର୍ବନିମ୍ନ ଦର ଧାର୍ଯ୍ୟକରି ଅନ୍ତତଃ ସେତିକି ଦରରେ ଖାଦ୍ୟ କର୍ପୋରେସନ ସବୁ ବଳକା ଗହମକୁ କିଣିନେବା ।

ପଞ୍ଜାବର ପାଖା ପାଖି ଭଲ ଫସଲ ହୋଇଛି, ଉତ୍ତର ପ୍ରଦେଶରେ ଓ ତା'ପାଖକୁ ଗତ ବର୍ଷର ଦୁର୍ଭିକ୍ଷଗ୍ରସ୍ତ ବିହାର ରାଜ୍ୟରେ । ଏସବୁ ରାଜ୍ୟରେ ମଧ୍ୟ ବଳକା ଫସଲ ଯେପରି ଉଚିତ ଦରରେ ଖାଦ୍ୟ କର୍ପୋରେସନ ବା ସରକାରୀ ଏଜେଣ୍ଟମାନେ କିଣନ୍ତି, ସେଥିପାଇଁ ଆନ୍ଦୋଳନ ହେଉଛି ।

ଏହାର ପ୍ରଭାବ କେବଳ ସେହି ସବୁ ରାଜ୍ୟ ନୁହେ ଦେଶର ଅର୍ଥନୀତି ଉପରେ ପଡ଼ିଛି । ଯେଉଁ ଅର୍ଥନୀତି ଏକ ସ୍ଥାଣୁ ଅବସ୍ଥାରେ ଆସି ପହଞ୍ଚି ଥିଲା, ବିଭିନ୍ନ କଳ, କାରଖାନା ହାତ ବାନ୍ଧି ବସିଥିଲେ, ସେମାନେ ହଠାତ୍ ଚଞ୍ଚଳ ହୋଇ ଉଠିଛନ୍ତି । ଟାଟା ଲୁହା ଓ ଇସ୍ପାତ କାରଖାନାର ଜମା ହୋଇ ରହିଥିବା ଲକ୍ଷ ଲକ୍ଷ ଟନର ଲୁହା ଛଡ଼ ଓ କଡ଼ ପ୍ରଭୃତି ବର୍ତ୍ତମାନ କୃଷୀମାନଙ୍କ ଦାବୀକୁ ମେଣ୍ଟାଇବା ପାଇଁ ପଞ୍ଜାବ ଗଲଣି । କୃଷୀମାନଙ୍କ ଆର୍ଥିକ ଉନ୍ନତିର ପ୍ରଥମ ଲକ୍ଷଣ ହେଲା, ନୂଆ, ମଜଭୁତ ଘର ତୋଳିବା । ସେଥିପାଇଁ ସିମେଣ୍ଟ, ଇଟା, ପଥର, ଲୁହା-ଛଡ଼ ପ୍ରଭୃତି ଗୃହନିର୍ମାଣ ସାମଗ୍ରୀର ଦାବୀ ବଢ଼ିଯାଏ । ଦେଶର ବୈଦେଶିକ ମୁଦ୍ରା ସଞ୍ଚୟରେ ସାହାଯ୍ୟ କରିବା ଛଡ଼ା ଏହି ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦନ ଦେଶର ଆଭ୍ୟନ୍ତରୀଣ ଅର୍ଥନୀତିକୁ ଯଥେଷ୍ଟ ପରିମାଣରେ ଦୃଢ଼, ଚଞ୍ଚଳ ଓ ଅଗ୍ରଗାମୀ କରାଏ ।

Digitized by srujanika@gmail.com

ଏହା ଏକ କ୍ଷଣିକ ଅବସ୍ଥା, କେବଳ ଗୋଟିଏ ବର୍ଷ ଭଲ ଫସଲରୁ ଏହା ବିଚାର କରିବା ଅନୁଚିତ, ଏପରି ଭାବିବା ଠିକ୍ ନୁହେଁ । କାରଣ କେବଳ ପାଗ, ଯୋଗ ଯେ ଏ ବର୍ଷ ଏସବୁ ରାଜ୍ୟକୁ ସାହାଯ୍ୟ କରିଚି, ତାହା ନୁହେଁ, ଏସବୁ ରାଜ୍ୟର ବିଶେଷତଃ ପଞ୍ଜାବର ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ସର୍ବୋତ୍କୃଷ୍ଟ ଗହମର ବିହନ (ମେକ୍ସିକାନ୍ ଗହମ) ଚାଷ କରାଯିବା ସଙ୍ଗେ ସଙ୍ଗେ ଅଧିକାଂଶ ଅଞ୍ଚଳରେ ଜଳସେଚନର ସୁବ୍ୟବସ୍ଥା କରାଯାଇ ପାରିଚି । ପଞ୍ଜାବର କୃଷୀମାନଙ୍କୁ ସାଧାରଣତଃ ଭାରତବର୍ଷରେ ଆଦର୍ଶ ବୋଲି କୁହାଯାଏ । ସେମାନେ କଠିନ ପରିଶ୍ରମ କରନ୍ତି ଓ ଉନ୍ନତ ପ୍ରଣାଳୀକୁ ଶୀଘ୍ର ଗ୍ରହଣ କରିଥାନ୍ତି । କିନ୍ତୁ ଏହା ସଙ୍ଗେ ସଙ୍ଗେ ସରକାର, ବିଶ୍ୱବିଦ୍ୟାଳୟର ସଂସ୍ଥା ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କୁ କମ୍ ସାହାଯ୍ୟ କରନ୍ତି ନାହିଁ ।

ଜମିରେ ଜଳ ସେଚନର ସୁବିଧା କରାଇବା, ଉତ୍କୃଷ୍ଟ ବିହନ ଓ ସାର ଆବଶ୍ୟକ ପରିମାଣରେ ଉଚିତ ମୂଲ୍ୟରେ କୃଷୀକୁ ଯୋଗାଇ ଦେବାରେ ପଞ୍ଜାବ ସରକାର ଗତ ୧୦।୧୨ ବର୍ଷ ମଧ୍ୟରେ ଖୁବ୍ ସଫଳତାର ସହିତ କାର୍ଯ୍ୟ କରିଛନ୍ତି । ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟର ଭୂମିକା ମଧ୍ୟ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଏହି ବିଶ୍ୱବିଦ୍ୟାଳୟ ଆମେରିକାର ଲ୍ୟାଣ୍ଡ୍ ଗ୍ରାଣ୍ଟ୍ କଲେଜ ମାନଙ୍କ ଅନୁକରଣରେ ପ୍ରତିଷ୍ଠିତ ହୋଇ ଉନ୍ନତ କୃଷି ଜ୍ଞାନର ଏକ କର୍ମ କେନ୍ଦ୍ରରେ ପରିଣତ ହୋଇଚି, ଉନ୍ନତ ଚାଷ ପଦ୍ଧତି ଉଦ୍ଭାବନ କରିବା, ଉନ୍ନତ ବିହନ, ସାର, ଚାଷପ୍ରଣାଳୀ ସାହାଯ୍ୟରେ ଯଥେଷ୍ଟ ଅଧିକ ଉତ୍ପାଦନ ହୋଇ ପାରିବ ବୋଲି ଦେଖାଇଦେବା, କୃଷୀମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଲବ୍ଧ ଜ୍ଞାନକୁ ବିତରଣ କରିବା ଆଦି କାର୍ଯ୍ୟ ସଫଳତାର ସହିତ କରି ପାରିଚି । ଏହା ଛଡ଼ା ପଞ୍ଜାବରେ ସମବାୟ ଆନ୍ଦୋଳନ ମଧ୍ୟ ଦେଶରେ ସବୁ ରାଜ୍ୟ ଅପେକ୍ଷା ଅଧିକ ସଫଳ ହୋଇଚି । ଶହ ଶହ ସମବାୟ ସଂସ୍ଥା କୃଷୀ ମାନଙ୍କୁ ଉତ୍ପାଦନ କ୍ଷେତ୍ରରେ ଆବଶ୍ୟକ, ଜରୁରି ସାହାଯ୍ୟ ଦେଇ ପାରିଛନ୍ତି ।

ପଞ୍ଜାବରେ ଯେଉଁ ସଫଳତା ଦେଖିବାକୁ ମିଳୁଚି, ବିହାର ରାଜ୍ୟରେ ଦୁଏନ୍ତ ତାହା ନାହିଁ । କିନ୍ତୁ ଗତବର୍ଷ ଯେଉଁ ବିହାର ରାଜ୍ୟର ଏକ ବ୍ୟାପକ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଥିଲା, ଏ ବର୍ଷ ସେଠାରେ ଯେ ଏତେ ଭଲ ଫସଲ ଫଳିଚି ତାହା ନୁହେଁ, ଗତ ବର୍ଷର ଦୁର୍ଭିକ୍ଷକାଳୀନ ସାହାଯ୍ୟ ସଦୁପଯୋଗ ବିହାର ଯେପରି କଲେ, ତାହା ଭାରତର ଅନ୍ୟ ରାଜ୍ୟମାନଙ୍କର ଅନୁକରଣୀୟ । ଗତ ବର୍ଷର ମରୁଡ଼ି ବା ଦୁର୍ଭିକ୍ଷଗ୍ରସ୍ତ ଅଞ୍ଚଳମାନଙ୍କରେ ଜଳାଭାବ ଚିରଦିନ ପାଇଁ ଦୂର କରିବା ନିମନ୍ତେ ସେଠାରେ ବ୍ୟାପକ କାର୍ଯ୍ୟକ୍ରମ ସଫଳତାର ସହିତ ଗ୍ରହଣ କରାଯାଇଚି । ପ୍ରଥମତଃ ସରକାରୀ ସାହାଯ୍ୟରେ ଶହ ଶହ ସଂଖ୍ୟାରେ ଛୋଟ ଜଳସେଚନ ଯୋଜନା କାର୍ଯ୍ୟକାରୀ ହୋଇଚି । ଦ୍ୱିତୀୟତଃ ଯେଉଁ ସବୁ ବାହାରର ଦେଶ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଠାରେ ସାହାଯ୍ୟ କରିଛନ୍ତି,

Digitized by srujanika@gmail.com

ସେମାନଙ୍କର ପ୍ରଧାନ କାର୍ଯ୍ୟକ୍ରମ ହେଉଛି ଗୋଟିଏ ଗୋଟିଏ ଅଞ୍ଚଳ ବା ଜିଲ୍ଲାକୁ ଧରି ସେଠାରେ ଜଳାଭାବ ଦୂର କରିବା । ଏ କାର୍ଯ୍ୟ ଏବେ ମଧ୍ୟ ସେଠାରେ ଚାଲିଛି ।

୧୯୬୮ ମସିହା ଓଡ଼ିଶାର ଚିତ୍ର ହେଉଛି ୧୯୬୭ ମସିହା ବିହାରର ଚିତ୍ର ସହିତ ସମାନ । ଏହି ବର୍ଷରେ ଏ ବର୍ଷ ଯେତେ ବ୍ୟାପକ ଅଞ୍ଚଳରେ ମରୁଡ଼ି ଓ ଦୁର୍ଭିକ୍ଷ ଘଟିଛି, ଗତ ୧୦ ବର୍ଷ ମଧ୍ୟରେ ତାହା କେବେ ଘଟି ନଥିଲା । କଳାହାଣ୍ଡି ଦୁର୍ଭିକ୍ଷ ଏକ ସୀମିତ ଅଞ୍ଚଳକୁ ଘେନି ହୋଇଥିଲା । ଏ ବର୍ଷ ବାଲେଶ୍ୱର ଜିଲ୍ଲାର ଅଧିକାଂଶ ଅଞ୍ଚଳ, ମୟୂରଭଞ୍ଜର କେତେକ ଅଞ୍ଚଳ, ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳ, ଗଞ୍ଜାମ, ଫୁଲବାଣୀ, କେନ୍ଦୁଝର, ଢେଙ୍କାନାଳ ଆଦି ଓଡ଼ିଶାର ବହୁ ଜିଲ୍ଲାକୁ ସ୍ପର୍ଶ କରିଛି ଏବଂ ଆଗୁର ଯଦି ଗୋଟିଏ ବର୍ଷ ଏପରି ମରୁଡ଼ି ପଡ଼ିଯାଏ, ତାହେଲେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷର ପୁନରାବୃତ୍ତି ହୋଇଯିବ ।

ଓଡ଼ିଶାକୁ ସାଧାରଣତଃ ଏକ ବଳକା ରାଜ୍ୟ ବୋଲି ଧରାଯାଏ । ପ୍ରକୃତରେ ଲୋକ ସଂଖ୍ୟା ଅନୁପାତରେ ଖାଦ୍ୟ ଶସ୍ୟର ଆବଶ୍ୟକତାକୁ ବିଚାର କଲେ ଓଡ଼ିଶା ଏକ ବଳକା ରାଜ୍ୟ ନୁହେଁ । ଓଡ଼ିଶାର ବହୁ ଅଞ୍ଚଳ ଆଦିବାସୀମାନଙ୍କ ଦ୍ୱାରା ଅଧ୍ୟୁଷିତ । ଏବେ ସେମାନଙ୍କର ଖାଦ୍ୟାଭ୍ୟାସ ବଦଳିଲେ ମଧ୍ୟ ପୂର୍ବରୁ ସେମାନେ ପ୍ରଧାନ ଖାଦ୍ୟ ଶସ୍ୟ ବା ଚାଉଳ ବେଶୀ ଭାବରେ ଖାଉ ନ ଥିଲେ । ଏମାନଙ୍କୁ ଛାଡ଼ିଦେଲେ ଯେଉଁମାନେ ଭାତ ପ୍ରଧାନତଃ ଖାଆନ୍ତି ସେମାନଙ୍କ ମଧ୍ୟରେ ଗରିବ ଲୋକମାନେ ପେଟପୂରି ଦୁଇ ଓଳି ଖାଇବାକୁ ପାଆନ୍ତି ନାହିଁ । ଅର୍ଥନୀତିଜ୍ଞମାନେ ଗୋଟିଏ ଶ୍ରେଣୀର ଲୋକଙ୍କୁ ଅତିଶୟ ଦରିଦ୍ର ବୋଲି ଗ୍ରହଣ କରନ୍ତି । ସେମାନେ ଦାରିଦ୍ର୍ୟର ସୀମାରେଖା (Poverty line)ର ତଳେ ଥିବା ଲୋକ । ଅର୍ଥାତ୍ ଯେଉଁ ପରିବାରର ମୁଣ୍ଡପିଛା ଆୟ ମାସକୁ ଦଶ ଟଙ୍କାରୁ କମ ସେମାନେ ଏହି ଶ୍ରେଣୀର ଲୋକ । ଓଡ଼ିଶାରେ ଏହି ଶ୍ରେଣୀର ଲୋକ ହେଉଛନ୍ତି, ଶହକେ ୩୫ ଜଣ ।

ଏଥିଯୋଗୁ ଓଡ଼ିଶା ହେଉଛି ଗୋଟିଏ 'ବଳକା' ରାଜ୍ୟ । କିନ୍ତୁ ପ୍ରକୃତରେ ଭାରତୀୟ ମାନରେ ଏକର ପିଛା ହାରାହାରି ଯାହା ଉତ୍ପାଦନ ହୁଏ, ଓଡ଼ିଶାରେ ହୁଏ ତାର ଶତକଡ଼ା ୬୦ ଭାଗ । ବ୍ୟାପକ ଅଞ୍ଚଳରେ କୌଣସି ବର୍ଷ ମରୁଡ଼ି ବା ଦୁର୍ଭିକ୍ଷ ପଡ଼ିଗଲେ ଏହି ତଥାକଥିତ ବଳକା ରାଜ୍ୟ ହଠାତ୍ ଏକ ଘୋର ନିଅଣ୍ଟିଆ ରାଜ୍ୟରେ ପରିଣତ ହୋଇଯାଏ ।

ଯୋଜନାକାରୀଙ୍କ ହିସାବ ଭୁଲ ଯେଉଁ ଦୃଷ୍ଟିରେ ଯେପରି ଭାରତ ଖାଦ୍ୟ ଶସ୍ୟରେ ସ୍ୱାବଲମ୍ବୀ ହୋଇଥିବା ଧାରଣା ହୋଇଯାଇଥିଲା, ଓଡ଼ିଶାରେ ମଧ୍ୟ ତଥ୍ୟ ସଙ୍କଳନକାରୀମାନେ ଧାରଣା ଦେଇଥିଲେ ଯେ ଓଡ଼ିଶାରେ ତୃତୀୟ ଯୋଜନା ଆରମ୍ଭରେ ଖାଦ୍ୟଶସ୍ୟ ଉତ୍ପାଦନ ହେଉଥିଲା—୩୬ ଲକ୍ଷ ଟନ । କିନ୍ତୁ ପ୍ରକୃତରେ ସଂଶୋଧିତ ହିସାବ ଅନୁସାରେ ଏହା ହେଲା ୨୯ ଲକ୍ଷ ଟନ ।

Digitized by srujanika@gmail.com

ତେଣୁ ହୀରାକୁଦର ଅତିରିକ୍ତ ନଦ୍ୱାରା କନ୍ଧ ରାଜ୍ୟର ପ୍ରକୃତ ସ୍ୱାର୍ଥକୁ ହୀରାକୁଦ ନ ନେଇ ଓଡ଼ିଶାକୁ ଏକ ବଳକା ରାଜ୍ୟ କରିବା ଧୃଷ୍ଟତା ମାତ୍ର ।

ଓଡ଼ିଶା ଏକ ବଳକା ରାଜ୍ୟ ହୋଇ ପାରିବ, ଏହାର ଉତ୍ପାଦନ ଯଥେଷ୍ଟ ପରିମାଣରେ ବଢ଼ିଯିବ ଓ ଏହି କୃଷି ଉତ୍ପାଦନ ବୃଦ୍ଧି ଦ୍ୱାରା ହିଁ ଅନ୍ୟାନ୍ୟ କ୍ଷେତ୍ରରେ ଏହାର ଦ୍ରୁତ ଅର୍ଥନୈତିକ ପରିବର୍ତ୍ତନ ସମ୍ଭବ ହେବ— ଯଦି ଏଠାରେ କଥାରେ କେବଳ ନ କହି କୃଷିକୁ ବାସ୍ତବିକ ଅଗ୍ରାଧିକାର ଦିଆଯାଏ ; ସରକାର ବା ସରକାର କହିଲେ ନେତୃବୃନ୍ଦ ଓ କର୍ମଚାରୀ ଗୋଷ୍ଠୀ ତାଙ୍କର ଦାୟିତ୍ୱକୁ ଜରୁରୀ କାଳୀନ ପରିସ୍ଥିତି ଦୃଷ୍ଟିରେ କରନ୍ତି; ସାଧାରଣସେବୀ ମାନେ ସମବାୟ ଆନ୍ଦୋଳନକୁ ଏକ ବ୍ରତ ରୂପେ ଗ୍ରହଣ କରନ୍ତି ; ଓଡ଼ିଶାର କୃଷି ବିଶ୍ୱବିଦ୍ୟାଳୟ ଏକ ରାଜନୀତି ଓ ଅପାରଗତାର କର୍ମକେନ୍ଦ୍ର ନ ହୋଇ ପ୍ରକୃତରେ ଏକ ଅଗ୍ରଗାମୀ ଚିନ୍ତାଧାରା ଓ ପ୍ରୟୋଗର କେନ୍ଦ୍ର ହୁଏ ।

ମରୁଡ଼ି ଓ ଦୁର୍ଭିକ୍ଷ ଏହିପରି ସବୁବର୍ଷ ଆସୁଥିବ, ଯଦି ମରୁଡ଼ିକାଳୀନ ଦୁଃସ୍ଥିତିର ସଦୁପଯୋଗ କରା ନ ଯାଏ । କଳାହାଣ୍ଡି ଦୁର୍ଭିକ୍ଷବେଳେ ସେଠାରେ ୧୪ କୋଟି ଟଙ୍କା ସାହାଯ୍ୟ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଲା; ବର୍ତ୍ତମାନ ସେଠାରେ କୌଣସି ସ୍ଥାୟୀ କାର୍ଯ୍ୟର ଚିହ୍ନ ବର୍ତ୍ତି ନାହିଁ । ଅଥଚ ଗତ ବର୍ଷ ବିହାର ଦୁର୍ଭିକ୍ଷର ସୁଯୋଗ ନେଇ ସେଠାରେ ବ୍ୟାପକ ଜଳସେଚନର ସ୍ଥାୟୀ ବ୍ୟବସ୍ଥା କରାଯାଇ ପାରିଲା ।

ଯେଉଁ ସ୍ଥାନରେ ମରୁଡ଼ି ବା ଦୁର୍ଭିକ୍ଷ ପଡୁଛି, ତାହା ସ୍ୱାଧୀନ ରାଷ୍ଟ୍ରର ଏକ ସରକାର ପକ୍ଷରେ ଚ୍ୟାଲେଞ୍ଜ ରୂପେ ଗୃହୀତ ହେବା ଆବଶ୍ୟକ, ଯେପରିକି ସେଠାରେ ଭବିଷ୍ୟତରେ କୌଣସି ଦୁର୍ଭିକ୍ଷ ବା ମରୁଡ଼ି ନ ପଡ଼େ । ଲୋକଙ୍କୁ ଅନ୍ନଛତ୍ର ଖୋଲି ଖାଇବାକୁ ଦେବା ଏକ ଗୌରବର ବିଷୟ ନୁହେ । ଏହା ଲଜ୍ଜାକର ଓ ଅସମ୍ମାନଜନକ ଏବଂ ଯେଉଁ ରାଜ୍ୟରେ ଏହିପରି ଅବସ୍ଥା ବାରମ୍ବାର ଦେଖାଦିଏ, ସେ ରାଜ୍ୟ କେବେ ବାହାରର ସମ୍ମାନର ପାତ୍ର ହୋଇ ନପାରେ । ତେଣୁ ଯେଉଁ ଅଞ୍ଚଳରେ ଏହା ହେଉଛି, ସେଠାରେ ଜଳାଭାବ ଦୂର କରିବାର ସ୍ଥାୟୀ ଉଦ୍ୟମ ହେଉ ।

ଜାତୀୟ ବ୍ୟାବହାରିକ ଅର୍ଥନୈତିକ ଗବେଷଣା ପରିଷଦ ପକ୍ଷରୁ ଓଡ଼ିଶାର ଅର୍ଥନୀତି ସମ୍ପର୍କରେ ଯେଉଁ ସମୀକ୍ଷା କରାଯାଇ ଥିଲା, ସେଥିରେ ଓଡ଼ିଶାର ଜଳସେଚନର ସୁବିଧା କିପରି ଅଛି ସେ ସମ୍ପର୍କରେ କୁହା ଯାଇଛି ଯେ ୧୯୬୧-୭୧ ଏହି ଦଶବର୍ଷ ମଧ୍ୟରେ ଅଧିକ ୩୫ ଲକ୍ଷ ଏକର ଜମିରେ ଜଳସେଚନ କରାଯାଇ ପାରିବ । ଏଥିରୁ ବଡ଼ ଧରଣର ଜଳସେଚନ ଯୋଜନାମାନଙ୍କ ଜରିଆରେ ୨୫ ଲକ୍ଷ ଏକର ଓ ଛୋଟାଜଳ ସେଚନ ଓ କୂପ ଜଳ ସେଚନ ଦ୍ୱାରା ୧୦ ଲକ୍ଷ ଏକର ଜମିରେ ପାଣି ମଡ଼ା ଯାଇ ପାରିବ । ତୃତୀୟ ଯୋଜନାରେ କୌଣସି ବଡ଼ ଧରଣର ଜଳ ସେଚନ ଯୋଜନା କାର୍ଯ୍ୟକାରୀ ହୋଇ ପାରି ନାହିଁ । ପୂର୍ବରୁ ଚାଲୁଥିବା ତ୍ରିକୋଣଭୂମି ଜଳସେଚନ

Digitized by srujanika@gmail.com

ଯୋଜନା ଅବଶ୍ୟ ବହୁ ଭାବରେ କାର୍ଯ୍ୟକାରୀ ହୋଇଛି । କିନ୍ତୁ ଓଡ଼ିଶାରେ ଜଳସେଚନର ବିରାଟ ସମ୍ଭାବନା, ବର୍ତ୍ତମାନ ଯେଉଁ ଢ଼ଂଗରେ ରାଜ୍ୟରେ ପ୍ରଗତି ହେଉଛି, ତଦ୍ଦ୍ୱାରା କାର୍ଯ୍ୟକାରୀ ହେବାର ଆଶା ଦେଖାଯାଉ ନାହିଁ । ସରକାରଙ୍କର କୃଷୀମାନଙ୍କ ପ୍ରତି ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେଉଛି—ଜଳସେଚନର ସୁବିଧା କରାଇଦେବା । ଯେତିକି ହୋଇ ପାରିଲେ ଉନ୍ନତି ବର୍ଦ୍ଧନ, ଅଧିକ ଶସ୍ୟ ଉତ୍ପାଦନ କୌଶଳ କୃଷୀମାନେ ଆଗ୍ରହର ସହିତ ଆପେ ଆପେ ଗ୍ରହଣ କରିପାରିବେ ; ଯାହାକି ଏବେ ଜଳସେଚନର ସୁବିଧା ଥିବା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ହେଉଛି ।

ଅଧିକ ଉତ୍ପାଦନ କ୍ଷେତ୍ରରେ ସମବାୟ ଆନ୍ଦୋଳନର ଭୂମିକା ସମ୍ପର୍କରେ କହିବା ନିଷ୍ପ୍ରୟୋଜନ । ବର୍ତ୍ତମାନ ବିଭିନ୍ନ କୃଷି ଋଣ ସମବାୟ ସମିତିମାନଙ୍କ ଜରିଆରେ ଦିଆଯାଉଛି । ଅବଶ୍ୟ ଏ ବିଭାଗରେ ଥିବା କର୍ମଚାରୀମାନେ ସେତେ ବୁଦ୍ଧିମାନ୍ ବା କୁଶଳ ନୁହନ୍ତି । ଅମଲାତନ୍ତ୍ରର ସବୁ ଦୋଷ ଦୁର୍ବଳତା ଯେପରି ଏହି ବିଭାଗରେ ଠୁଳ ହୋଇ ଥିବାର ଜଣାଯାଏ । କିନ୍ତୁ ସମବାୟ ଆନ୍ଦୋଳନରେ ସାଧାରଣସେବୀମାନଙ୍କର ଯେଉଁ ଦକ୍ଷତା, ସାଧୁତା, ଆଗ୍ରହ ଦେଖାଇବାର କଥା ତାହା ଦେଖିବାକୁ ମିଳୁନାହିଁ । ପଞ୍ଜାବ, ମାନ୍ଦ୍ରାଜ, ମହାରାଷ୍ଟ୍ରରେ ସମବାୟ ଆନ୍ଦୋଳନ ସଫଳ ହେଉଥିବା ବେଳେ ଓଡ଼ିଶାରେ କାହିଁକି ଉଧେଇ ପାରୁନାହିଁ ? ସରକାରଙ୍କର ବା ସମବାୟ ବିଭାଗର ଏଥିରେ ଯେତିକି ଉତ୍ତର ଦେବାର ଅଛି, ସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କର ମଧ୍ୟ ସେତିକି ଅଛି ।

ତା'ପରେ ପୁଣି କୃଷି ବିଶ୍ୱବିଦ୍ୟାଳୟର ଦାୟିତ୍ୱ । ଭାରତରେ ଯେତୋଟି କୃଷି ବିଶ୍ୱ-ବିଦ୍ୟାଳୟ ଆମେରିକା ଲାଣ୍ଡ ଗ୍ରାଣ୍ଟ କଲେଜ ଅନୁକରଣରେ ହୋଇଛି, ତା' ମଧ୍ୟରେ ଓଡ଼ିଶାର କୃଷି ବିଶ୍ୱବିଦ୍ୟାଳୟର କାର୍ଯ୍ୟ ବୋଧହୁଏ ସବୁଠାରୁ ନୈରାଶ୍ୟଜନକ । ଏହାର ସାଧାରଣ ବିଶ୍ୱବିଦ୍ୟାଳୟର ସ୍ୱାଧୀନତା ନାହିଁ କି ସରକାରୀ ବିଭାଗର କ୍ଷମତା ନାହିଁ । ଓଡ଼ିଶାରେ ଏହା ଏକ କମ୍ପୁତ କିମାକାର ବିଶ୍ୱ ଅନୁଷ୍ଠାନରେ ପରିଣତ ହେଲାଣି, ଯେଉଁଠି ରାଜନୀତି ଓ ରାଜନୈତିକ ହସ୍ତକ୍ଷେପ ବେଶୀ, ଗବେଷଣା ଓ ପ୍ରୟୋଗର କାର୍ଯ୍ୟ ଅତ୍ୟନ୍ତ ସୀମାବଦ୍ଧ । ଏହି ଅନୁଷ୍ଠାନର ସଂସ୍କାର କରିବା କ'ଣ କାହାର ଦାୟିତ୍ୱ ନୁହେ ?

[illegible]

ଶରୀର ଗଠନ ଓ ସ୍ୱଭାବଗତ ପ୍ରତିକ୍ରିୟା ହିଁ...
ମନୁଷ୍ୟ ଚରିତ୍ରର ପରିମାପକ

# ଲୋକକୁ କିପରି ଚିହ୍ନିବ ?



ପରମହଂସ ଯୋଗାନନ୍ଦ

ଅନ୍ୟମାନଙ୍କର ଚରିତ୍ର ଅଧ୍ୟୟନ ଦ୍ୱାରା ନିଜକୁ ପରିଶୋଧିତ, ଉନ୍ନତ ଓ ସତର୍କ କରାଯାଇପାରେ । ଚରିତ୍ର ଅଧ୍ୟୟନର ଗୋଟିଏ ଗୁଣ ଏହା ହେବା ଦରକାର ଯେ ଅନ୍ୟର ଭଲଗୁଣକୁ ନିଜେ ବାଛିନେବା । ମୁଁ ଏହି ଦୃଷ୍ଟିରୁ ଚରିତ୍ର ଅଧ୍ୟୟନ କରେ । ବିଶେଷତଃ ମୁଁ ଯେଉଁ ଲୋକଙ୍କ ସହିତ କାର୍ଯ୍ୟ କରିବାକୁ ହେବ, ସେହି ଲୋକଙ୍କ ସମ୍ବନ୍ଧରେ ଜାଣିବାକୁ ଚାହେଁ । ସମୟ ସମୟରେ ଯେଉଁ ଲୋକକୁ ମୁଁ 'ଖରାପ' ବୋଲି ଜାଣେ ତାକୁ ମୁଁ ଗ୍ରହଣ କରେ, ଏହି ଆଶାରେ ଯେ ତାର ପରିବର୍ତ୍ତନ ହୋଇ ପାରିବ । ସେ ଯଦି ମୋ ଆଧ୍ୟାତ୍ମିକ ଭାବନାକୁ ତାର ମଙ୍ଗଳ ପାଇଁ ଗ୍ରହଣ କରେ ତାହେଲେ ତାର ପରିବର୍ତ୍ତନ ଘଟେ । ଯଦି ନ କରେ, ନାହିଁ । ଜଣେ ଡାକ୍ତରର କାମ ହେଉଛି ରୋଗୀର ସେବା କରିବା ଓ ତାକୁ ଭଲ କରିଦେବା ପାଇଁ ଉଦ୍ୟମ କରିବା ।

ଚରିତ୍ର ଗଠନର ଗୋଟିଏ ପ୍ରଣାଳୀ ହେଉଛି ଶାରୀରିକ ଗଠନର ବିଚାର କରିବା । କୁହାଯାଏ ଯେ ଲୋକର ପ୍ରଧାନ ପ୍ରଧାନ ଚରିତ୍ରଗତ ଗୁଣ ତାର ଶରୀରରୁ ହିଁ ଜଣାପଡ଼େ । କିନ୍ତୁ ଏହା ମୁଖ୍ୟ ନୁହେଁ । ମନୁଷ୍ୟର ସମସ୍ତ ଅଙ୍ଗଭଙ୍ଗୀ ବା ଶରୀରଗତ ହାବଭାବ ଦ୍ୱାରା ତାର ଅନ୍ତରର କାହାଣୀ ପୂରା ଜଣାପଡ଼େ ନାହିଁ ।

ଆରିଷ୍ଟଟଲ ଶାରୀରିକ ଗଠନକୁ ଚରିତ୍ର ଗଠନର ମାନଦଣ୍ଡ ରୂପେ ଗ୍ରହଣ କରିଥିଲେ । ହିନ୍ଦୁ ଗୁରୁମାନେ ଏହାଠାରୁ ଅଧିକ ଦୂରକୁ ଯାଆନ୍ତି । ସେମାନେ କହନ୍ତି, ଜଣେ ବ୍ୟକ୍ତିର କେବଳ ବର୍ତ୍ତମାନର ଜୀବନ ନୁହେଁ, ପୂର୍ବ ଜୀବନର କାହାଣୀ ଆଖିରୁ ହିଁ ଜଣାଯାଏ । ଆଖିରେ ଆତ୍ମାର କାହାଣୀ ପ୍ରତିବିମ୍ବିତ ହେଲେ ମଧ୍ୟ ତାହା ସମସ୍ତେ ଜାଣି ପାରିବେ ନାହିଁ । ପ୍ରକୃତ ଗୁରୁ ହିଁ ତାହା ଜାଣି ପାରନ୍ତି ।

## ଯୋଗୀ ଓ ଗୁପ୍ତଚର

ଜଣେ ଯୋଗୀର ଚକ୍ଷୁ ଧୀର ଓ ପ୍ରଶାନ୍ତ ଦେଖାଯାଏ । କାରଣ ସେ ଯୋଗୀ ଏକ ପ୍ରଶାନ୍ତ ଆତ୍ମାର ଧ୍ୟାନରେ ନିମଗ୍ନ ରହିଥାଏ । ଭୟ, କ୍ରୋଧ, ଈର୍ଷା, ଲୋଭ, ଅଧ୍ୟାତ୍ମିକ ଚିନ୍ତା—ଏହି ସମସ୍ତ ମନୁଷ୍ୟର

Digitized by srujanika@gmail.com

ଚକ୍ଷୁରେ ଯଥାଯଥ ପ୍ରତିବିମ୍ବିତ ହେଉଛି । ସେଥିପାଇଁ ଗୁପ୍ତଚରମାନେ ତାଙ୍କର ଚିନ୍ତା ଅନ୍ୟ ମାନେ ଜାଣି ନ ପାରିବା ପାଇଁ ନିଜର ମୁଖ ଭଙ୍ଗୀକୁ ଯେତେ ସଂଯତ କଲେ ମଧ୍ୟ ନିଜର ଚକ୍ଷୁକୁ ସଂଯତ କରିପାରନ୍ତି ନାହିଁ ।

ସମସ୍ତ ସମୟରେ ତୁମେ ଯାଉଥିବା ବେଳେ, ହଠାତ୍ ଅନ୍ୟଜଣେ କାହାରିକୁ ଯାଉଥିବାର ଦେଖି ମନେ ମନେ ଭାବ, "ମୋତେ ସେ ଲୋକଟାକୁ ଭଲ ଲାଗୁନାହିଁ" ବା "ମୋତେ ସେ ଲୋକଟିକୁ ଭଲ ଲାଗୁଛି ।" କାରଣ ତାର ଆଖି ହିଁ ତାର ସମସ୍ତ କାହାଣୀ ତୁମକୁ ଜଣାଇ ଦିଏ ।

## ସିଜର, କାସିଅସ

ଜୁଲିୟସ୍ ସିଜର କାସିଅସକୁ ଭଲ ପାଉ ନଥିଲେ । କାରଣ କାସିଅସ କ୍ଷୀଣକାୟ ଓ ତାର ଚକ୍ଷୁରେ ଥିଲା ଏକ କ୍ଷୁଧିତର ଚାହାଣି । କେତେକ ଭାବନ୍ତି ମୋଟା ଲୋକ ବିଳାସପ୍ରିୟ ଓ ପତଳା ଲୋକମାନେ ଧାର୍ମିକ । କିନ୍ତୁ ଭାରତରେ ବହୁମୋଟା ଲୋକ ଅତି ଧର୍ମାତ୍ମା, ମହାପୁରୁଷ ଥିବାର ଜଣାଯାଇଛି । କେତେକ ଲେଖକ ଭାବନ୍ତି, ପତଳା ଲୋକମାନେ ବହୁଚିନ୍ତା କରୁଥିବା ଯୋଗୁଁ ତାଙ୍କ ଦେହରେ ମାଉଁସ ଲାଗେ ନାହିଁ । କିନ୍ତୁ ଏହା ସତ୍ୟ ନୁହେଁ । ଉଭୟ ମୋଟା ଓ ପତଳା ଲୋକେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଛନ୍ତି ।

ଦୁଇଜଣ ସ୍ୱାମୀ ଖବର ପାଇଲେ ଯେ ତାଙ୍କର ସ୍ତ୍ରୀମାନେ ବୁଡ଼ି ମରିଛନ୍ତି । ଜଣଙ୍କ ମୁହଁରୁ ଅତିଶୟ ଦୁଃଖ ପ୍ରକାଶ ପାଇଲା, କିନ୍ତୁ ଅନ୍ୟ ଜଣଙ୍କ ମୁହଁରେ ତାହା ଦେଖାଗଲା ନାହିଁ । କିନ୍ତୁ ପ୍ରକୃତରେ ଯେଉଁ ଲୋକଟି ତା ସ୍ତ୍ରୀକୁ ଭଲପାଉ ନଥିଲା ସେ ବେଶୀ ଦୁଃଖିତ ହୋଇ ଦେଖାଇଦେଲା । ସ୍ତ୍ରୀକୁ ଭଲପାଉଥିବା ବ୍ୟକ୍ତି ତାର ଦୁଃଖକୁ ମନ ମଧ୍ୟରେ ଚାପି ରଖିଲା । ତେଣୁ ଶରୀରର ହାବଭାବ ସବୁବେଳେ ହୃଦୟର ପରିମାପକ ନୁହେଁ । ଲୋକେ କୁତ୍ସିତ ଚେହେରାର ଅଧିକାରୀ ହୋଇମଧ୍ୟ-ଆଧ୍ୟାତ୍ମିକ ଦିଗରୁ ଦେଖିଲେ ଅନ୍ୟମାନଙ୍କୁ ଆକର୍ଷଣ କରିପାରନ୍ତି ।

ଚରିତ୍ର ଅଧ୍ୟୟନର ଆଉ ଗୋଟିଏ ପ୍ରଣାଳୀ ହେଉଛି ଲୋକର ମନୋଭାବକୁ ଅଧ୍ୟୟନ କରିବା । ତାର ଜୀବନର ଘଟଣାବଳୀ ଓ ସ୍ୱଭାବଗତ ପ୍ରତିକ୍ରିୟାକୁ ଅଧ୍ୟୟନ କରିବା । ଏହା ହେଉଛି ଏକ ଗଭୀର ଅଧ୍ୟୟନ ଏବଂ ଅଧିକ ଫଳପ୍ରଦ । ସକ୍ରେଟିସ ଏହିପରି ଥିଲେ । ସେଣ୍ଟ ଫ୍ରାନ୍‌ସିସ ମଧ୍ୟ ଏହିପରି ଥିଲେ ।

## ସତ୍‌ସଙ୍ଗ

ହିନ୍ଦୁ ଦର୍ଶନ ଅନୁଯାୟୀ ସତ୍ତ୍ୱ, ରଜ ଓ ତମ ଏହି ତିନି ଗୁଣରୁ ଗୋଟିଏ ନା ଗୋଟିଏ ଗୁଣ ପ୍ରତ୍ୟେକ ଲୋକକୁ ପ୍ରଭାବିତ କରିଥାଏ । ସାତ୍ତ୍ୱିକ ଲୋକ ଆଧ୍ୟାତ୍ମିକତା ଆଡ଼କୁ, ରାଜସିକ ଲୋକ କର୍ମଠତା ଆଡ଼କୁ ଓ ତାମସିକ ଲୋକ କାମନାର ସନ୍ତୋଷ ପାଇଁ ବ୍ୟଗ୍ର ହୁଏ । ତେଣୁ ସାତ୍ତ୍ୱିକଲୋକଙ୍କ ସଂପର୍କରେ ଆସିଲେ ହିଁ ଶେଷ ଦୁଇ ଶ୍ରେଣୀର ଲୋକଙ୍କର ଉନ୍ନତି ହୋଇପାରେ । ତେଣୁ ପ୍ରତ୍ୟେକ ଲୋକ ନିଜଠାରୁ ମହତ୍ତର ଲୋକର ସହିତ ମିଶିବା ପାଇଁ ବ୍ୟାକୁଳ ହେବା ଉଚିତ ।

Digitized by srujanika@gmail.com

# ପ୍ରିୟ ମାତୃଭୂମି



**ଜବାହାରଲାଲ ନେହେରୁ**

ଭାରତ ଆବିଷ୍କାର—ମୁଁ କ'ଣ ଆବିଷ୍କାର କରିଛି ? ମୋ ପକ୍ଷରେ ଏହା କଳ୍ପନା କରିବା ଧୃଷ୍ଟତା ହେବ ଯେ ମୁଁ ଭାରତମାତାର ଓଢ଼ଣା ଖୋଲି ଦେଇ ସେ ବର୍ତ୍ତମାନ କିପରି ଅଛି ଓ ଅତୀତରେ କିପରି ଥିଲା ତାହା ଅନ୍ୟମାନଙ୍କୁ ଜଣାଇ ପାରିଛି । ଆଜି ଭାରତ-ମାତା କହିଲେ ୪୦ କୋଟି ସ୍ତ୍ରୀ ପୁରୁଷଙ୍କୁ ବୁଝାଉଛି । ପ୍ରତ୍ୟେକ ବ୍ୟକ୍ତି ତାର ଏକ ସ୍ୱତନ୍ତ୍ର ଭାବ ଓ ଚିନ୍ତା ରାଜ୍ୟରେ ବାସ କରୁଛି । ଯଦି ଏବେ ଏହା ହେଉଛି, ତାହେଲେ ପୁରୁଷ ପୁରୁଷ ଧରି ଅଗଣିତ ମନୁଷ୍ୟର ପଟୁଆରରେ ଯେଉଁ ଅତୀତ ଘଟଣା ବହିଗଲା, ତାହାର ଅବଧାରଣ କରିବା କେତେ କଷ୍ଟକର, ଅନୁମାନ କରାଯାଇପାରେ ।

## ଏକତାର ରଜ୍ଜୁ

ତଥାପି କିଛି ଗୋଟାଏ ଅଛି, ଯାହାକି ଅତୀତରେ ଭାରତର ଜନଗଣଙ୍କୁ ବାନ୍ଧି ରଖିଥିଲା ଓ ବର୍ତ୍ତମାନ ମଧ୍ୟ ରଖିଛି । ଭାରତ ହେଉଛି ଗୋଟିଏ ଭୌଗୋଳିକ ଓ ଅର୍ଥ-ନୈତିକ ଏକକ ; ବିଭିନ୍ନତା ମଧ୍ୟରେ ଏକତାର ସୂତ୍ର ; ଯେପରିକି ଏକ ଶକ୍ତ ଅଥଚ ଅଦୃଶ୍ୟ ରଜ୍ଜୁ ଦ୍ୱାରା ବହୁ ବିରୋଧୀ ଶକ୍ତି ଏକତ୍ର ବାନ୍ଧି ହୋଇ ରହିଛନ୍ତି । ବାର-ମ୍ବାର ପଦାନତ ହେଲେ ମଧ୍ୟ ଭାରତର ଆତ୍ମାକୁ କେହି ଜୟ କରିପାରିନାହିଁ ଏବଂ ଇଂରେଜ ବିଜେତା ଆତ୍ମଗର୍ବରେ ଭାରତକୁ ନିଜର ଏକ ଖେଳଣା ବୋଲି ମନେ କରି ଥିଲେ ମଧ୍ୟ ସେ ଅବିଜିତ ଓ ଅପରାଜେୟ ହୋଇ ରହିଆସିଛି । ବହୁକାଳର କିମ୍ବ-ଦନ୍ତୀର ଏକ ଅବୋଧ ସତ୍ୟ ହେଉଛି ଭାରତ ବର୍ଷ ; ଯେପରିକି କୌଣସି ଯାଦୁ ବିଦ୍ୟା ତାର ମନକୁ ମୁଗ୍ଧ କରି ରଖିଛି । ସେ ହେଉଛି ଗୋଟିଏ ରହସ୍ୟ, ଗୋଟିଏ ଧାରଣା, ଏକ ସ୍ୱପ୍ନ ଏବଂ ଗୋଟିଏ ଚିନ୍ତା ଏବଂ ଏ ସବୁ

Digitized by srujanika@gmail.com

ମନ୍ତ୍ରେ ଯେ ନିହିତ ଅଛି ଏକ ଜୀବନ୍ତ ବାହିନୀ । ତା'ର ଅସ୍ତିତ୍ୱ ଅଛି ଏବଂ ତାହା ସୁଦୂର-ପ୍ରସାରୀ !

ବେଳେ ବେଳେ ମନେହୁଏ, ଯେମିତି ତା'ର ଅନ୍ଧକାରାଚ୍ଛନ୍ନ ବାରଣ୍ଡା ବୁଲାଇ ଦେଇ ଜଣେ ଯାଇ ଏକ ସୁଦୂର ଅତୀତ ରାଜ୍ୟର ଗହ୍ୱର ମଧ୍ୟରେ ପ୍ରବେଶକରେ ; ବେଳେ ବେଳେ ମଧ୍ୟ ସମ୍ପୂର୍ଣ୍ଣ ଉଦାରଲୋକର ନିଶ୍ଚିନ୍ତତା ଓ ଆନନ୍ଦ ଜଣେ ଅନୁଭବ କରେ । ବେଳେ ବେଳେ ତାକୁ ଦେଖି ଲଜ୍ଜା ଲାଗେ, ଦୂରକୁ ଘୁଞ୍ଚିଯିବା ପାଇଁ ଇଚ୍ଛା ହୁଏ ; ଅତୀତର ଏଇ ମହଳା ବେଳେ ବେଳେ ପାଗଳୀ ସୁଦ୍‌ଖୋର ଓ କଦର୍ଯ୍ୟ କର୍ମରେ ତତ୍ପର ମନେ ହୁଏ । କିନ୍ତୁ ସେ ଅତ୍ୟନ୍ତ ସ୍ନେହଶୀଳା ଏବଂ ତାର ପିଲାମାନେ ଯୁଆଡ଼େ ଯାଆନ୍ତୁ ନା କାହିଁକି, ଯେଉଁ ଅବସ୍ଥାରେ ରହନ୍ତୁ ନା କାହିଁକି ତାକୁ କେବେହେଲେ ଭୁଲି ପାରନ୍ତି ନାହିଁ । କାରଣ ନିଜର ଗୌରବରେ ହେଉ ବା ବିଫଳତାରେ ହେଉ ସେ ହେଉଛି ସେମାନଙ୍କର ଅଂଶ ବିଶେଷ, ତା ର ସେହି ଗଭୀର ଚକ୍ଷୁଦ୍ୱୟ ଯେ କି ଜୀବନର ଉଦ୍ଦୀପନା, ଆନନ୍ଦ ଓ ନିର୍ବୋଧତା ଦେଖିଛି ଓ ଜ୍ଞାନର କୂପର ଅତଳ ତଳକୁ ନିରୀକ୍ଷଣ କରିଛି, ସେଥିରେ ସେମାନଙ୍କର ପ୍ରତିବିମ୍ବକୁ ଦେଖିବାକୁ ମିଳେ । ବିଭିନ୍ନ କାରଣ ଯୋଗୁଁ ହେଉ କିମ୍ବା ବିନା କାରଣରେ ହେଉ ସେମାନେ ପ୍ରତ୍ୟେକେ ତା' ଆଡ଼କୁ ଆକୃଷ୍ଟ ହୁଅନ୍ତି ଏବଂ ତାର ବହୁମୁଖୀ ବ୍ୟକ୍ତିତ୍ୱର ଗୋଟିଏ ନା ଗୋଟିଏ ଦିଗକୁ ଦେଖନ୍ତି ।

ଯୁଗ ଯୁଗ ଧରି ସେ ମହାପୁରୁଷ ଓ ନାରୀ-ମାନଙ୍କୁ ଜନ୍ମ ଦେଇଛି, ଯେଉଁମାନେ କି ଅତୀତର ପରଂପରାକୁ ପ୍ରଚାର କରିବା ସଙ୍ଗେ ସଙ୍ଗେ ପରିବର୍ତ୍ତିତ ସମସ୍ତ ସହିତ ତାଳ ମିଳାଇ ଚାଲିଛନ୍ତି । ସେହି ଉତ୍ତରାଧିକାର ସହିତ ତାଳ ଦେଇ ରବୀନ୍ଦ୍ରନାଥ ଠାକୁର ଆଧୁନିକ ଯୁଗର ଦାବୀ ଓ ଭାବାବେଗକୁ ସୁସ୍ପଷ୍ଟଭାବରେ ପ୍ରକାଶ କରିଛନ୍ତି । ତଥାପି ଭାରତୀୟ ସଂସ୍କୃତିକୁ ସେ ମୂଳରୂପେ ଧରି-ଛନ୍ତି । ସେ ନିର୍ମାଣ କରିଛନ୍ତି ଆଧୁନିକ ଓ ପୁରାତନ ମଧ୍ୟରେ ଏକ ସମନ୍ୱୟ ସେତୁ । ସେ କହିଥିଲେ, "ମୁଁ ଭାରତବର୍ଷକୁ ଶ୍ରଦ୍ଧା-କରେ ତା'ର କାରଣ, ମୁଁ ଭୂଗୋଳର ଅନ୍ଧ ଉପାସକ ବୋଲି ନୁହେଁ, ଏହି ମାଟିରେ ଜନ୍ମ ହୋଇଥିବା ଯୋଗୁଁ ନୁହେଁ, ଏଇଥି-ପାଇଁ ଯେ ଯୁଗ ଯୁଗର ଝଡ଼ ଝଂଜା ମଧ୍ୟରେ ସିଦ୍ଧ ସାଧକ ମାନଙ୍କର ବାଣୀ ଏହି ଦେଶ ବହନ କରିଆସିଛି ।" ଏହିପରି ଭାବରେ ବହୁ ବ୍ୟକ୍ତି କହିବେ ; ଅନ୍ୟମାନେ ମଧ୍ୟ ଦେଶପ୍ରତି ସେମାନଙ୍କର ପ୍ରେମ ବା ଶ୍ରଦ୍ଧାକୁ ଅନ୍ୟ ଭାବରେ ବୁଝାଇବା ପାଇଁ ଚେଷ୍ଟା କରିବେ ।

## ଅତୀତର ଭଣ୍ଡାର

ପୁରାତନର ଯାଦୁ କ୍ରମେ ହୁଏତ ଅନ୍ତର୍ହିତ ହୋଇଯିବା ପରି ଲାଗୁଛି ଏବଂ ମନେ ହେଉଛି ଆଧୁନିକ ଯୁଗର ଦାବୀ ପ୍ରତି ଅବହିତ ହୋଇ ଏ ଦେଶ ଚତୁର୍ଦ୍ଦିଗକୁ ନିରୀକ୍ଷଣ କଲାଣି ଓ ଜାଗ୍ରତ ହେଲାଣି । କିନ୍ତୁ ତାର ଯେତେ ପରିବର୍ତ୍ତନ ହେଉ ନା

Digitized by srujanika@gmail.com

ତାହାଙ୍କ ସେହି ପ୍ରତିଭାର ଇନ୍ଦ୍ରଜାଲ ଭୁଲିଯାଇ ପାରିବ ନାହିଁ ଓ ଲୋକଙ୍କର ହୃଦୟକୁ ତାହାହିଁ ଧରି ରଖିବ । ତାର ପୋଷାକ ପରିଚ୍ଛଦ ବଦଳିଗଲେ ମଧ୍ୟ ସେ ପୂର୍ବେ ଯେପରି ଥିଲା ସେପରି ରହିବ ଏବଂ ଜୀବନରେ ଯାହା ସତ୍ୟ, ସୁନ୍ଦର ଏବଂ ମଙ୍ଗଳମୟ ତାହା ଏହି ପ୍ରତିଶୋଧପୂର୍ଣ୍ଣ ପ୍ରତିଯୋଗିତାମୟ ପୃଥିବୀରେ ଧରି ରଖିବାପାଇଁ ସେ ସମର୍ଥ ହେବ । କାରଣ ତା ନିକଟରେ ଅଛି, ଅତୀତର ଅସରନ୍ତି ଜ୍ଞାନର ଭଣ୍ଡାର ।

× × × ×

ଆମେ ହେଉଛୁ ଭାରତର ଏକ ବିଶୃଙ୍ଖଳ ଯୁଗର ନରନାରୀ, ହୁଏତ ଅଳ୍ପକାଳ ପାଇଁ ଆମେ ଆମ ଦାୟିତ୍ୱରେ ଲାଗି ରହିବୁ ; କିନ୍ତୁ ଆମର ଦିନ ସରିଯିବ ଏବଂ ଅନ୍ୟମାନେ ଆମର ସ୍ଥାନ ଗ୍ରହଣ କରିବେ । ସେମାନେ, ତାଙ୍କର ଜୀବନ କଟାଇ ଯାହାର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସେମାନଙ୍କ ବୋଝ ବୋହି ନେବେ । ଯେଉଁ କ୍ଷୁଦ୍ର ସମୟଟି ବର୍ତ୍ତମାନ ଶେଷ ହେବାକୁ ବସିଛି, ସେଥିରେ ଆମ୍ଭେମାନେ କିପରି ଭାବରେ ଆମର କର୍ତ୍ତବ୍ୟ ପାଳନ କରୁଛୁ ? ମୁଁ ଜାଣେ ନାହିଁ । ପରବର୍ତ୍ତୀ ଯୁଗରେ ଲୋକେ ତାହା ବିଚାର କରିବେ । କେଉଁ ମାପର ସାହାଯ୍ୟରେ ସଫଳତା ବା ବିଫଳତାକୁ ମପାଯାଏ ? ତା'ମଧ୍ୟ ମୁଁ ଜାଣେ ନାହିଁ । ଅତି କର୍କଶ ଓ କଠୋର ଜୀବନ ଆମକୁ ଯାପନ କରିବାକୁ ପଡ଼ିଛି ବୋଲି ଆମେ ମଧ୍ୟ ଅଭିଯୋଗ କରୁନାହୁଁ । କାରଣ ଜାଣିଶୁଣି ଆମେ ଏପରି ଜୀବନକୁ ବରଣ କରିଛୁ । ବୋଧହୁଏ ଜୀବନଟା ଆମ ପକ୍ଷରେ ସେତେ ମନ୍ଦ ହୋଇ ନାହିଁ । କାରଣ ଯେଉଁମାନେ ଜୀବନ ମୃତ୍ୟୁର ଭୟଦ୍ୱାରା ପରିଚାଳିତ ହୁଅନ୍ତି ଓ ଯେଉଁମାନେ ଜୀବନ ମୃତ୍ୟୁର ଧାରରେ ଅନେକ ସମୟରେ ରହନ୍ତି ସେହିମାନେ ହିଁ ଜୀବନକୁ ପ୍ରକୃତ ଉପଭୋଗ କରିପାରନ୍ତି । ଆମେ ସମସ୍ତ ଭୁଲ ଭ୍ରାନ୍ତି ସତ୍ତ୍ୱେ ନିଜକୁ କ୍ଷୁଦ୍ର ସ୍ୱାର୍ଥବୁଦ୍ଧିରୁ, କାପୁରୁଷତାରୁ ଓ ଲଜ୍ଜାରୁ ରକ୍ଷା କରିଛୁ । ଆମର ବ୍ୟକ୍ତିଗତ ଜୀବନ ପାଇଁ ଏହା ନିଶ୍ଚୟ ଏକ ସାଫଲ୍ୟ । ଲେନିନଙ୍କ ଭାଷାରେ, "ମନୁଷ୍ୟର ସବୁଠାରୁ ପ୍ରଧାନ ସମ୍ପଦ ହେଲା ତାର ଜୀବନ । ଥରେ ବଞ୍ଚିବା ପାଇଁ ତାକୁ ଏହା ମିଳିଥିବା ଯୋଗୁଁ ସେ ଏପରି ଭାବରେ ବଞ୍ଚିବା ଉଚିତ, ଯେପରିକି ତାକୁ କେହି କାପୁରୁଷ ବା କ୍ଷୁଦ୍ରମନା ବୋଲି କହିପାରିବେ ନାହିଁ, ଯେପରିକି ଉଦ୍ଦେଶ୍ୟହୀନ ଭାବରେ ସେ ଏକ ଯନ୍ତ୍ରଣାର ଜୀବନ ଯାପନ ନକରେ ; ସେ ଏପରି ଭାବରେ ବଞ୍ଚୁ, ଯେପରିକି ମଲାବେଳେ ସେ କହିପାରିବ. 'ମୋର ସମସ୍ତ ଜୀବନ ଏବଂ ମୋର ସମସ୍ତ ଶକ୍ତି ପୃଥିବୀର ଏହି ପ୍ରଥମ ଓ ପ୍ରଧାନ କାରଣରେ ଲାଗିଥିଲା—ମାନବ ସମାଜର ମୁକ୍ତି' ।" *

———

* 'ଭାରତ ଆବିଷ୍କାର' ପୁସ୍ତକରୁ ଉଦ୍ଧୃତ ।


Digitized by srujanika@gmail.com

ସୋଭିଏଟ ରୁଷ, ଚେକୋସ୍ଲୋଭକିଆ, ଜର୍ମାନୀ,
ଥାଇଲଣ୍ଡ ଯେଉଁଠି ଖୋଜ

# ସ୍ପାର୍କ (ବ୍ୟାଟେରୀ)

ମଟର ମାଲିକ ଓ ଡ୍ରାଇଭର
ସମସ୍ତେ ଜାଣନ୍ତି !

ସ୍ପାର୍କ
ଶକ୍ତିଶାଳୀ ଓ ନିର୍ଭର ଯୋଗ୍ୟ




## ବ୍ୟାଟେରୀ

କେବଳ ଆମ ଦେଶରେ ନୁହେଁ
ବିଦେଶରେ ମଧ୍ୟ ଏହାର ଚାହିଦା
ଦିନକୁ ଦିନ ବଢ଼ି ଚାଲିଛି ।

ସ୍ପାର୍କ ବ୍ୟାଟେରୀଟିଏ କିଣି
ନିଶ୍ଚିନ୍ତ ରହନ୍ତୁ

ଅନ୍ୟ ସବୁ ବ୍ୟାଟେରୀ ଅଚଳ ହେଲେବି
ସ୍ପାର୍କ ବିଜୁଳି ପରି କାମ କରେ ।

ପ୍ରସ୍ତୁତକାରୀ —
ସ୍ପାର୍କ ବ୍ୟାଟେରୀ ମାନୁଫାକ୍‌ଚରିଂ ୱାର୍କସ ଲି:
ଇଣ୍ଡଷ୍ଟ୍ରିୟାଲ ଇଷ୍ଟେଟ, କଟକ-୩ ଫୋନ-୧୫୫୪


Digitized by srujanika@gmail.com

# ଅବିସ୍ମରଣୀୟ ଜୀବନସ୍ମୃତି

## କେମ୍ବ୍ରିଜର ବନ୍ଧୁ ଗୋଷ୍ଠୀ



ଡକ୍ଟର ପ୍ରାଣକୃଷ୍ଣ ପରିଜା

ଏଠାରେ ଉଲ୍ଲେଖ କରିବା ଅସଙ୍ଗତ ହେବ ନାହିଁ ଯେ ଟରେଣ୍ଟୋରେ ଥିବା-ବେଳେ ଭାରତୀୟ ଛାତ୍ରମାନେ କେତେଜଣ ଭାରତୀୟ କୁଳପତିଙ୍କୁ ଏକ ଉତ୍ସବକୁ ନିମନ୍ତ୍ରଣ କରିଥିଲେ । କଥା ଭାଷା ପ୍ରସଙ୍ଗରେ ସେମାନେ କହିଲେ ଆମେରିକାରେ କାମ କରିବାର ଏତେ ସୁବିଧା ଅଛି ଏବଂ ଏପରି ଭଲ ପଇସା ମିଳୁଛି ଯେ ସେମାନେ ଭାରତକୁ ଫେରିବାକୁ ଇଚ୍ଛୁକ ନୁହନ୍ତି । ମୁଁ କହିଲି, ଭାରତ ଭଳି ସ୍ଥାନରେ ଗବେଷଣା ପାଇଁ ଏଭଳି ସୁବିଧା ବା ବେତନ ଦେଇ ପାରିବ ନାହିଁ, ଯାହା କି ଆମେରିକା ଦେଉଛି, ତାହା ଆମେ ବୁଝୁଁ ; କିନ୍ତୁ ଭାରତୀୟ ଛାତ୍ରମାନଙ୍କର ସେମାନଙ୍କ ମାତୃଭୂମି ପ୍ରତି କର୍ତ୍ତବ୍ୟ ଅଛି । ସେମାନେ ଭାରତକୁ ଫେରି ଯାଇ ଦେଶର ପ୍ରଗତିରେ ସାହାଯ୍ୟ କରିବା ବାଞ୍ଛନୀୟ । ସେମାନେ ମଧ୍ୟ ଏକଥା ବୁଝିବା ଉଚିତ ଯେ ଏସ୍ତ ଶହର ବଜାରରେ ଗୋଟିଏ ଡଲାର ଗୋଟିଏ ଟଙ୍କା ସହିତ ସମାନ (ସେତେବେଳେ ଜିନିଷ ପତ୍ର ଦର ଦାମର ତୁଳନା-ତ୍ମକ ବଜାରରେ ମୁଁ ଏହା କହିଥିଲି । ବର୍ତ୍ତମାନ ଅବସ୍ଥା ବଦଳି ଗଲାଣି) ।

Digitized by srujanika@gmail.com

## କ୍ରାଇଷ୍ଟ'ସ କଲେଜ

ବର୍ତ୍ତମାନ ମୁଁ ପୁଣି କେମ୍ବ୍ରିଜ ବେଳକୁ ଫେରି ଯାଉଛି । କେମ୍ବ୍ରିଜରେ ଥିବା ବେଳେ ମୋ'ର ସମସାମୟିକ ବନ୍ଧୁ ମାନଙ୍କ ସମ୍ପର୍କରେ ଉଲ୍ଲେଖ କଲା ବେଳେ କ୍ରାଇଷ୍ଟ'ସ କଲେଜରେ ଥିବା ମୋର ବନ୍ଧୁ-ମାନଙ୍କ ସମ୍ପର୍କରେ ପ୍ରଥମରେ କହି ଦେଏ । ପରେ ଅନ୍ୟ କଲେଜରେ ପଢ଼ୁଥିବା ବନ୍ଧୁ-ମାନଙ୍କ ସମ୍ପର୍କରେ କହିବ । ମୁଁ ଆସାମରୁ ଯାଇଥିବା ଜ୍ଞାନାମ୍ବର ମଜୁମଦାରଙ୍କ କଥା ପୂର୍ବରୁ ଉଲ୍ଲେଖ କରିଛି । ଆମ୍ଭେମାନେ ପରସ୍ପରର ଅତି ଘନିଷ୍ଠ ବନ୍ଧୁ ହୋଇଥିଲୁ । ଥରେ ଗୋଟିଏ ଛୁଟିରେ ଭୁବନାନନ୍ଦ ଦାସ ବ୍ରିଷ୍ଟଲକୁ ଆମକୁ ନିମନ୍ତ୍ରଣ କରିଥିଲେ । ଶ୍ରୀ ଦାସ ଓ୍ୟାଟଫୋର୍ଡ଼ ପରିବାରରେ ରହୁ-ଥିଲେ । ଶ୍ରୀ ସଚ୍ଚିଦାନନ୍ଦ ବସୁ, ମଜୁମଦାର ଓ ମୁଁ ଛୁଟିର କିଛି ସମୟ ଶ୍ରୀ ଦାସଙ୍କ ସହିତ କଟାଇଥିଲୁ । ସେଠାରେ ମିସ୍ ଓ୍ୟାଟ-ଫୋର୍ଡଙ୍କ ସହିତ ମଜୁମଦାରଙ୍କର ସାକ୍ଷାତ୍ ହେଲା । ପରେ ଉଭୟ ପରସ୍ପର ସହିତ ବିବାହ ବନ୍ଧନରେ ଆବଦ୍ଧ ହେଲେ ।

ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର କୁଳପତି ଓ କ୍ରାଇଷ୍ଟ'ସ୍ କଲେଜର ଜଣେ ପୂର୍ବତନ ଛାତ୍ର ସାର୍ ରାମୁନ୍ନି ମେନନଙ୍କ ପୁଅ ଶ୍ରୀକୃଷ୍ଣ ମେନନ୍ ମୋ'ଠାରୁ ଗୋଟିଏ ବର୍ଷ ସିନିଅର ଥିଲେ । ସେ ଖୁବ ସରଳ, ନିରାଡ଼ମ୍ବର ଲୋକ ଥିଲେ ଓ ମୋ'ର ଯେତେଦୂର ମନେ ପଡ଼ୁଛି, ଇତିହାସ ଅଧ୍ୟୟନ କରୁଥିଲେ । ମୁଁ ଆସିବାର ବହୁ ପୂର୍ବରୁ ସେ ଭାରତକୁ ଫେରି ଆସିଥିଲେ ଓ ମାନ୍ଦ୍ରାଜର ଶିକ୍ଷା ବିଭାଗରେ ଯୋଗ ଦେଇ ଇନସ୍ପେକ୍ଟର ଅବ୍ ସ୍କୁଲସ୍ ଓ ପରେ ପାଲଘାଟର ଏକ କଲେଜରେ ପ୍ରିନ୍ସିପାଲ ହୋଇଥିଲେ । ଏଇ କେତେବର୍ଷ ତଳେ ତାଙ୍କର ମୃତ୍ୟୁ ହେଲା ।

ବରୋଦାର ଗାଇକଓ୍ୟାଡ଼ ପରିବାରର ଭଦ୍ରସିଂ ଗାଇକଓ୍ୟାଡ଼ ମୋ'ଠାରୁ ଜୁନିଅର ଥିଲେ । ସେ ଜଣେ ଖେଳଓ୍ୟାଡ୍ ଓ ଖୁବ ମେଳାପୀ ଲୋକ ଥିଲେ । ବରୋଦାକୁ ଫେରି ଆସିବା ପରେ ସେ ଶାସନ କ୍ଷେତ୍ରରେ କାର୍ଯ୍ୟ କରି ଶେଷକୁ ବରୋଦାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ଭାରତକୁ ଫେରି ଆସି ବଙ୍ଗାନ କଂଗ୍ରେସ ଅଧିବେଶନରେ ଯୋଗ ଦେବା ପାଇଁ ମୁଁ ବରୋଦା ଯାଇଥିଲି । ସେତେ-ବେଳେ ଶ୍ରୀ ଭଦ୍ରସିଂ ଗାଇକଓ୍ୟାଡ଼ ଶିକ୍ଷା ମନ୍ତ୍ରୀ ଥିଲେ ଓ ତାଙ୍କ ସହିତ ମୋ'ର ପୂର୍ବ ସମ୍ପର୍କ ଦୃଢ଼ୀଭୂତ କରିବାର ସୁଯୋଗ ମୁଁ ପାଇଥିଲି । ମୋ'ପରେ ବହୁ ଭାରତୀୟ ଛାତ୍ର କ୍ରାଇଷ୍ଟ'ସ୍ କଲେଜରେ ଯୋଗ ଦେଇ-ଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଚଟ୍ଟ-ଗାଁର ଶ୍ରୀ ଆନ୍ଓ୍ୟାରୁଲ ଅଜିମ୍ । କଲେଜର ଶୃଙ୍ଖଳା ଓ ନିୟମାବଳୀ ସମ୍ପର୍କରେ ଚର୍ଚ୍ଚା କଲାବେଳେ ମୁଁ ତାଙ୍କ କଥା ଲେଖିଥିଲି । ସବୁଦିନ ରାତି ୧୦ଟା ପୂର୍ବରୁ ସେ କଲେଜକୁ ଫେରି ଆସୁଥିଲେ ଓ କେବେ ହେଲେ ବିଳମ୍ବ ଜନିତ ଜୋରିମାନା ଦେଇ ନ ଥିଲେ । ଥରେ ଡନ ଡାକି ତାଙ୍କୁ ପଚାରିଲେ—ତାଙ୍କର କ'ଣ କେମ୍ବ୍ରିଜରେ କେହି ବନ୍ଧୁ ନାହାନ୍ତି ; ସେ ତ କେବେ

Digitized by srujanika@gmail.com

ହେଲେ ଦଶଟା ପରେ ବାହାରେ ରହୁ ନାହାନ୍ତି !

ଅଳ୍ପ କେତେ ମାସ ତଳେ ଫାଇଷ୍ଟ୍‌'ସ୍ କଲେଜର ସିନିଅର ଟ୍ୟୁଟର ଅଜମଙ୍କ ସମ୍ପର୍କରେ ଜାଣିବା ପାଇଁ ମୋ' ପାଖକୁ ଲେଖିଥିଲେ । ବହୁଦିନ ଧରି ଅଜମଙ୍କ ଖବର ମୁଁ ରଖି ନ ଥିଲେ ମଧ୍ୟ କଲିକତାରେ ଥିବା ପାକିସ୍ତାନ କନସଲ ଜେନେରାଲଙ୍କ ପାଖକୁ ମୁଁ ଜାଣିବା ପାଇଁ ଲେଖିଲି । ସେଠାରୁ ଉତ୍ତର ଆସିଲା, ବାରିଷ୍ଟର ଆନଓ୍ୱାରୁଲ ଅଜମଙ୍କର ଅଳ୍ପ କେତେବର୍ଷ ତଳେ ପରଲୋକ ହୋଇ ଯାଇଛି ।

ମାନ୍ଦ୍ରାଜର ଡକ୍ଟର ଏଚ. ପରମେଶ୍ୱରନ୍ (ସେ ନିଜକୁ ଏଚ. ପି. ଓ୍ୱାରେନ୍ ବୋଲି କହୁଥିଲେ) ପଦାର୍ଥ ବିଜ୍ଞାନରେ ଏକ ଗବେଷକ ଛାତ୍ର ଭାବରେ ଯୋଗ ଦେଇଥିଲେ । କାଚ ନିର୍ମାଣରେ ସେ ଜଣେ ବିଶେଷଜ୍ଞ ଥିଲେ ଓ ମୋର ଗବେଷଣା କାଳରେ କାଚର ଯନ୍ତ୍ରପାତି ନିର୍ମାଣରେ ମୁଁ ତାଙ୍କର ସାହାଯ୍ୟ ନେଉଥିଲି । ସେ ଭାରତକୁ ଆସି ମାନ୍ଦ୍ରାଜର ପ୍ରେସିଡେନ୍‌ସି କଲେଜରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ । ପ୍ରେସିଡେନ୍‌ସି କଲେଜର କ୍ଲକ୍‌ଟାଓ୍ୱାର୍ ତାଙ୍କର ସ୍ମୃତି ନିର୍ଦ୍ଦେଶକ । କାରଣ ଏହାର ନିର୍ମାଣ ପାଇଁ ସେ ଦାୟୀ ଥିଲେ । ଅଳ୍ପଦିନ ତଳେ ତାଙ୍କର ମୃତ୍ୟୁ ହେଲା ।

ତାଙ୍କ ପରି ଆଉ ଜଣେ ଗବେଷକ ଛାତ୍ର ଥିଲେ—ପଞ୍ଜାବର ଡକ୍ଟର କେ.ଏଲ. ମୈତ୍ର ଗିଲ୍ । ଡକ୍ଟର ମୈତ୍ର ଗିଲ ରେଡ଼ିଓ ଉପରେ ଗବେଷଣା କରୁଥିଲେ ଓ ଭାରତକୁ ଫେରି ଆସିବା ପରେ ସରକାରୀ ସ୍କୁଲରେ ଯୋଗଦେଇ ଶେଷକୁ କେରଳ ରାଜ୍ୟରେ ଘରଦ୍ୱାର କରି ରହିଲେ ।

ଭାରତୀୟଙ୍କ ଛଡ଼ା ସିଂହଳର ଦୁଇଜଣ ଛାତ୍ର ଥିଲେ । ସେମାନେ ହେଲେ ମୋ ଠାରୁ ସିନିଅର ଥିବା ଶ୍ରୀ ତ୍ୟାଗରାଜ ଏବଂ ଜୁନିଅର ଲସ୍ଟନେଲ କୋଟଲଓ୍ୱାଲ (ପରେ ସାର ହୋଇଥିଲେ) । ଶ୍ରୀ ତ୍ୟାଗରାଜ ବାରିଷ୍ଟରି ପାସ କରିବା ପରେ ସିଂହଳକୁ ଫେରି ଆସି ପାର୍ଲିଆମେଣ୍ଟ ସଭ୍ୟ ହୋଇଥିଲେ । ଏବେ ମଧ୍ୟ ସେ ଓକିଲାତି କରୁଛନ୍ତି । ସାର ଲସ୍ଟନେଲ୍ କୋଟଲଓ୍ୱାଲ ଜଣେ ଖେଳାଳି ଥିଲେ । ମୋ କେମ୍ବ୍ରିଜ୍ ଛାଡ଼ିବା ବେଳକୁ ସେ ସେଠାରେ ରହିଥିଲେ ।

ଫାଇଷ୍ଟ୍‌'ସ୍ କଲେଜ ଏକ ବିଶ୍ୱଜନୀନ ଶିକ୍ଷାନୁଷ୍ଠାନ ଥିଲା । ପୃଥିବୀର ସବୁ ଅଞ୍ଚଳରୁ ଛାତ୍ର ଏଠାକୁ ପଢ଼ିବାକୁ ଆସୁଥିଲେ । ଆଫ୍ରିକାର ସ୍ୱର୍ଣ୍ଣ ଉପକୂଳରୁ ଶ୍ରୀ ଏଡ୍ୱାର୍ଡ଼ ଟାଗୋ ମୁଁ ଯେଉଁବର୍ଷ ଯାଇଥିଲି ସେହି ବର୍ଷ ଆସି ଯୋଗ ଦେଇଥିଲେ । ପରେ ସେ ବାରିଷ୍ଟର ହୋଇ ତାଙ୍କ ଦେଶକୁ ଫେରିଗଲେ । ତାଙ୍କର ବାପା ରପ୍ତାନୀ ବାଣିଜ୍ୟ କ୍ଷେତ୍ରରେ ଗୋଟିଏ ବଡ଼ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଥିଲେ । ମୁଁ ଟରେଣ୍ଟୋ ଠାରେ ଆଫ୍ରିକାର ଜଣେ ଭଦ୍ର ଲୋକଙ୍କୁ ଭେଟିଥିଲି । ଟାଗୋଙ୍କ ସମ୍ପର୍କରେ ପଚାରିବାରୁ ସେ କହିଲେ, ସେ ତାଙ୍କ ବାପାଙ୍କ ବ୍ୟବସାୟ ପ୍ରତିଷ୍ଠାନରେ ଯୋଗ ଦେଇ-

Digitized by srujanika@gmail.com

ଥିଲେ । ଅଲ୍ପ କେତେବର୍ଷ ତଳେ ତାଙ୍କର ମୃତ୍ୟୁ ହୋଇଛି । ଚୀନ, କୋରିଆ ଓ ସିଙ୍ଗାପୁରରୁ ଛାତ୍ରମାନେ ମଧ୍ୟ ଏଠାକୁ ଆସୁଥିଲେ ।

## ଅନ୍ୟ କଲେଜ

ବର୍ତ୍ତମାନ ମୁଁ ଅନ୍ୟ କଲେଜରେ ଅଧ୍ୟୟନ କରୁଥିବା ବନ୍ଧୁମାନଙ୍କ ସମ୍ପର୍କରେ ଉଲ୍ଲେଖ କରିବି । ପ୍ରଥମେ ହେଉଛି ଏମାନୁଏଲ କଲେଜ, କାରଣ ଏହି କଲେଜ କ୍ରାଇଷ୍ଟ'ସ କଲେଜର ନିକଟବର୍ତ୍ତୀ ଏବଂ ଏହି କଲେଜର ପ୍ରତିଷ୍ଠାତା କ୍ରାଇଷ୍ଟ'ସ୍ କଲେଜର ଜଣେ ପୁରାତନ ଛାତ୍ର । ତାପରେ ପୁର୍ଣି ବହୁ ବିଖ୍ୟାତ ଭାରତୀୟ ଛାତ୍ର ଏହି କଲେଜରେ ପଢ଼ୁଥିଲେ । ସେମାନଙ୍କ ଓଡ଼ିଶାରୁ ଶ୍ରୀ ଶ୍ୟାମଚନ୍ଦ୍ର ତ୍ରିପାଠୀଙ୍କ ନାମ ଓ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ନାମ ଉଲ୍ଲେଖଯୋଗ୍ୟ । ସମସ୍ତଙ୍କ ମଧ୍ୟରେ ସିନିଅର ଛାତ୍ର ଥିଲେ କେରଳର ଜର୍ଜ ମାଥାଇ । ସେ ମୋଠାରୁ ସିନିଅର ଥିଲେ ଏବଂ ମୁଁ କଲେଜ କୋଠରୀ ଛାଡ଼ି ବସାଘରେ ରହିବା ବେଳେ ସେ ମଧ୍ୟ ସେହି ବସା ଘରେ ରହୁଥିଲେ । ସେ ଜଣେ ଖୁବ୍ ଭଲ ଛାତ୍ର ଥିଲେ ଏବଂ ମୋ ମତରେ ସେ ଥିଲେ ଜଣ ଧର୍ମାନ୍ଧ ଖ୍ରୀଷ୍ଟାନ୍ । ଲୋକେ କହନ୍ତି ସେ ତାଙ୍କର ଚିଠିଟ କାର୍ଡରେ ତାଙ୍କର ଖ୍ରୀଷ୍ଟାନ୍ ନାମକୁ ଲେଖନ୍ତି, ଯେପରିକି ଲୋକେ ଜାଣିବେ ଯେ ସେ ଜଣେ ଖ୍ରୀଷ୍ଟାନ୍ । କିନ୍ତୁ ଏହା ଠିକ ସତ୍ୟ ନୁହେଁ ; ସେ ଏପରି ଲେଖିବାର କାରଣ ଏହା ହୋଇପାରେ ଯେ ତାଙ୍କର ଭାଇ ଥିଲେ ଶ୍ରୀ ଜନ୍ ମାଥାଇ ଯେ କି ପରେ ଭାରତର ଅର୍ଥମନ୍ତ୍ରୀ ହୋଇଥିଲେ ଓ ସେତେବେଳେ ଅକ୍ସଫୋର୍ଡରେ ଅଧ୍ୟୟନ କରୁଥିଲେ । ତାଙ୍କ ଭାଇଙ୍କଠାରୁ ସେ ସ୍ୱତନ୍ତ୍ର ବାରି ହେବା ପାଇଁ ଚାହୁଁଥିଲେ । ଆମେ ଦୁହେଁ ଏକାଠି ପ୍ରାତଃ ଭୋଜନ କରୁଥିଲୁ ଓ ଦୁଇଜଣ ବେଶ୍ ବନ୍ଧୁ ଥିଲୁ । ଥରେ ଗୋଟିଏ ଘଟଣାରେ ସେ ଭାରି ବିରକ୍ତ ହୋଇଗଲେ । ଆମ ଉଭୟଙ୍କର ବନ୍ଧୁ ଥିବା ସୋଲନ୍ ର ଶ୍ରୀ ପି. ଏଲ୍. ମାଥର୍ କେମ୍ବ୍ରିଜ ଛାଡ଼ି ଯାଉଥିଲେ । ମାଥାଇ ଓ ମୋ' ସମେତ ଷ୍ଟେସନରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବାପାଇଁ ତାଙ୍କର ବହୁ ବନ୍ଧୁ ଯାଇଥିଲେ । ଗାଡ଼ି ଆସିବାରେ ଡେରି ହୋଇଗଲା । ମାଥାଇ କହିଲେ, ମାଥୁର୍ ଟ୍ରେନ୍ ପହଞ୍ଚିବାରେ ବିଳମ୍ବ ହେଉଛି କାରଣ ଗାଡ଼ି ତୁମକୁ ନେବାପାଇଁ ସ୍ୱର୍ଗରୁ ଆସୁଛି ।" ମୁଁ ପାଖରେ ଠିଆହୋଇଥିଲି । ଅଟାରେ କହିଲି, "କିନ୍ତୁ ଗାଡ଼ିଟା ଅନ୍ୟ ଆଡ଼େ ଯାଉଛି ଯେ ।" ସମସ୍ତେ ହସିଲେ ; କିନ୍ତୁ ମୁଁ ମନେକଲି ମାଥାଇଙ୍କର ଖ୍ରୀଷ୍ଟାନ୍ ହୃଦୟରେ ଏହା ଦୃଢ଼ ଆଘାତ ଦେଲା । ଆମେ ଏକା ବସାଘରେ ରହୁଥିଲେ ମଧ୍ୟ ସେ ବହୁଦିନ ପର୍ଯ୍ୟନ୍ତ ମୋ ସହିତ କଥାଭାଷା କରି ନଥିଲେ । ମାଥାଇ ଭାରତକୁ ଫେରି ଲାହୋରଠାରେ ପଞ୍ଜାବ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ । ପରେ ଅସୁସ୍ଥ ହୋଇ ସ୍ୱଇଜରଲାଣ୍ଡ ଗଲେ । ସେଠାରେ ଥିବାବେଳେ ସେ ତାଙ୍କର

Digitized by srujanika@gmail.com

ନିର୍ଦ୍ଦେଶକୁ ବିବାହ କରିଥିଲେ ଏବଂ ଶେଷରେ ଆତ୍ମହତ୍ୟା କଲେ ।

## ଫ୍ରାଙ୍କ୍ ସ୍ମାଟ୍ ଛାତ୍ରବୃତ୍ତି

ସେଇ କଲେଜରେ ପରବର୍ତ୍ତୀ ପ୍ରିନ୍ସିପାଲ ହେଲେ ଡ଼କ୍ଟର ବୀରବଲ ସାହାନି । ସେ ପଞ୍ଜାବର ଲାହୋର ସରକାରୀ କଲେଜର ଅଧ୍ୟାପକ ରୁଚିରାମ ସାହାନୀଙ୍କର ପୁତ୍ର ଥିଲେ । ସାହାନି ଉଦ୍ଭିଦ ବିଜ୍ଞାନର ଦ୍ୱିତୀୟ ଭାଗରେ ଅଧ୍ୟୟନ କରୁଥିଲେ ଓ ପରେ ସେହି ବିଭାଗରେ ଗବେଷଣା କଲେ । ପରୀକ୍ଷାଗାରରେ ଆମ ଦୁଇଜଣଙ୍କର ସାକ୍ଷାତ ହୋଇଥିଲା ଓ ଆମେ ଘନିଷ୍ଠ ବନ୍ଧୁ ହୋଇଗଲୁ । ପରେ ମୁଁ ଟ୍ରାଇପସ ଦ୍ୱିତୀୟ ଭାଗ ଶେଷ କରିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଦ୍ଭିଦ ବିଜ୍ଞାନରେ ଗବେଷଣା ପାଇଁ ଦିଆ ଯାଉଥିବା ଫ୍ରାଙ୍କ୍ ସ୍ମାର୍ଟ ଛାତ୍ରବୃତ୍ତି ଖାଲି ପଡ଼ିଲା । ଏଥିପାଇଁ ଆବେଦନ କରିବା ନିମନ୍ତେ ସାହାନି ମୋତେ ପରାମର୍ଶ ଦେଲେ । ଜଣେ ଭାରତୀୟଙ୍କୁ ସେମାନେ ଏ ବୃତ୍ତି ଦେବା ବିଷୟରେ ମୋର ସନ୍ଦେହ ଥିଲା । ଉଦ୍‌ଭିଦ ବିଜ୍ଞାନ ଅଧ୍ୟାପକ ସାର ଆଲ୍‌ବର୍ଟ ସିଓ୍ୱାର୍ଡ ଲୁପ୍ତ ହୋଇ ପଡ଼ିଥିବା ଉଦ୍ଭିଦମାନଙ୍କ ବିଷୟରେ ଜଣେ ବିଶେଷଜ୍ଞ ଥିଲେ । ସାହାନି ତାଙ୍କର ନିର୍ଦ୍ଦେଶରେ ଗବେଷଣା କରୁଥିଲେ । ଅଧ୍ୟାପକ ସିଓ୍ୱାର୍ଡ ମୋତେ ପରାମର୍ଶ ଦେଲେ ଯେ ଏହି ଲୁପ୍ତପ୍ରାୟ ଉଦ୍ଭିଦମାନଙ୍କ ବିଷୟରେ ଗବେଷଣା କରିବା ପାଇଁ ମୁଁ ଆବେଦନ କରିବି । ମାତ୍ର ମୁଁ ଉଦ୍ଭିଦ ଶରୀରତତ୍ତ୍ୱ ସମ୍ପର୍କରେ ଆଗ୍ରହୀ ଥିବା ଯୋଗୁ ତାହା ଉଲ୍ଲେଖ ନକରି ଅନ୍ୟ ଗୋଟିଏ ବିଷୟ ଉଲ୍ଲେଖ କରିବା ଉଚିତ ମନେକଲି ନାହିଁ । ତେଣୁ ସାହାନିଙ୍କର ପରାମର୍ଶ ଗ୍ରହଣ କରି ମୋ ଦରଖାସ୍ତରେ ଲେଖିଲି ଯେ ଡକ୍ଟର ଏଫ୍. ଏଫ୍. ବ୍ଲାକ-ମାନଙ୍କ ନିର୍ଦ୍ଦେଶରେ ଉଦ୍ଭିଦ ଶରୀରତତ୍ତ୍ୱ ସମ୍ପର୍କରେ ଗବେଷଣା କରିବି । ଭାଗ୍ୟକୁ ଅଧ୍ୟାପକ ସିଓ୍ୱାର୍ଡ ଫ୍ରାଙ୍କ୍ ସ୍ମାର୍ଟ ଛାତ୍ରବୃତ୍ତି ମୋତେ ପ୍ରଦାନ କଲେ । ଏହି ଛାତ୍ରବୃତ୍ତିର ପଛରେ ବେଶ୍ ଗୋଟାଏ ଇତିହାସ ଅଛି । ଫ୍ରାଙ୍କ୍ ସ୍ମାର୍ଟ ଗନ୍‌ଭିଲେ ଓ କେମ୍ବ୍ରିଜର କାୟସ୍ କଲେଜରେ ଉଦ୍ଭିଦ ବିଜ୍ଞାନ ଛାତ୍ର ଥିଲେ ଓ ଜଣେ ମେଧାବୀ ଓ କୃତୀ ଛାତ୍ର ରୂପେ ସେ ପରିଚିତ ଥିଲେ । ଅଳ୍ପବୟସରେ ସେ ମରିଗଲେ । ତାଙ୍କର ପିତା ପୁତ୍ରର ସ୍ମୃତି ରକ୍ଷାପାଇଁ ଦୁଇଟି ଛାତ୍ରବୃତ୍ତି ଦେଇଥିଲେ ଓ ତାହାର ନାମ ଥିଲା ଫ୍ରାଙ୍କ୍ ସ୍ମାର୍ଟ ଛାତ୍ର ବୃତ୍ତି ତାହା ମଧ୍ୟରୁ ଗୋଟିଏ କାୟସ କଲେଜ ଓ ଅନ୍ୟଟି ବିଶ୍ୱବିଦ୍ୟାଳୟ ସହିତ ସଂଲଗ୍ନ ଥିଲା । ଏହା ଛଡ଼ା ବିଶ୍ୱବିଦ୍ୟାଳୟରେ ସେ ଆଉ ଗୋଟିଏ ପ୍ରାଇଜ୍ ଗଢ଼ିଥିଲେ । ଉଦ୍ଭିଦ ବିଜ୍ଞାନରେ ଟ୍ରାଇପସ ପ୍ରଥମଭାଗ ବା ଦ୍ୱିତୀୟ ଭାଗ ହେଉ ଯେ ସବୁଠାରୁ ବେଶୀ ନମ୍ବର ରଖିଥିଲା, ତାକୁ ଏହି ପୁରସ୍କାର ମିଳୁଥିଲା । ଯେଉଁ ଭାରତୀୟମାନେ ଏହି ପୁରସ୍କାର ପାଇଥିଲେ, ମୋର ସ୍ମରଣରେ ସେମାନେ ହେଉଛନ୍ତି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଆର୍. ଏସ୍. ଇନାମଦାର, ଭାରତର ପୂର୍ବତନ ଅର୍ଥମନ୍ତ୍ରୀ ସି. ଡ଼ି. ଦେଶମୁଖ ଏବଂ ମୁଁ ।

---

# ଗଙ୍ଗାନଦୀର ଦେଶ :

# ଜର୍ମାନୀ ଉପରେ ତାର ପ୍ରଭାବ

ଉଇଲଫ୍ରିଡ଼ ନୋଲେ

ଜର୍ମାନ ପଣ୍ଡିତ ମେସ୍ତର ବେନଫ୍ରେଙ୍କ ଭାଷାରେ ଜର୍ମାନୀ ଓ ଭାରତ ପୃଥିବୀରେ ଦୁଇଟି ଆଦର୍ଶବାଦୀ ଭୂମି, କାରଣ ଉଭୟ ହେଉଛି ଦାର୍ଶନିକ ଓ କବିମାନଙ୍କର ଦେଶ । ସେମାନେ ଗୋଟିଏ ପରିବାରଭୁକ୍ତ ଓ ଉଭୟ ପରସ୍ପରକୁ ଅନ୍ତରର ସହିତ ଶ୍ରଦ୍ଧା କରନ୍ତି । ବର୍ତ୍ତମାନ ପୃଥିବୀରେ ଯେପରି ପ୍ରଚଣ୍ଡ ଅହଂକାର ଓ କ୍ଷମତା ଲାଳସା ଦେଖିବାକୁ ମିଳୁଛି, ସେଥିରେ ଜର୍ମାନୀ ଓ ଭାରତ ଦୃଢ଼ ବନ୍ଧୁ ଭାବରେ ଠିଆ ହେବା ଉଚିତ ।

ଜର୍ମାନ କବି ହେନରିକ୍ ହେନେ (୧୭୯୯-୧୮୫୬) ଏହି କଥାକୁ ଅନ୍ୟ ଭାଷାରେ ପ୍ରକାଶ କରିଥିଲେ । ସେ କହିଥିଲେ, ଉପନିବେଶବାଦୀ ଦେଶମାନେ ସେମାନଙ୍କ ଶାସିତ ଦେଶମାନଙ୍କରୁ ଯେଉଁ ବୈଷୟିକ ଲାଭ ଉଠାଇଥିଲେ, ଜର୍ମାନମାନେ ସେଥିରେ ଅଂଶୀଦାର ନ ଥିଲେ; କିନ୍ତୁ "ଭାରତର ଦାର୍ଶନିକ ଚିନ୍ତାର ଗନ୍ତାଘରରୁ ସେମାନେ ନିଶ୍ଚୟ ଲାଭ ଉଠାଇଥିଲେ ।" ତାଙ୍କର 'ବୁକ୍ ଅବ୍ ସଙ୍ଗସ୍'ରେ ସେ ଲେଖିଛନ୍ତି, "ଗଙ୍ଗାନଦୀର କୂଳରେ ଯେଉଁ ବିଭବଶାଳୀ ଦେଶ ଅଛି, ତାର ଅମୂଲ୍ୟ ଦାର୍ଶନିକ ବିଭବର ପୁନରୁଦ୍ଧାର ପାଇଁ ଜର୍ମାନମାନେ ସେମାନଙ୍କର ବିଭିନ୍ନ ବିଶ୍ୱବିଦ୍ୟାଳୟରେ କାରଖାନାମାନ ନିର୍ମାଣ କରିଥିଲେ ।"

ଜର୍ମାନ ରୋମାଣ୍ଟିକ ଯୁଗର କବିମାନଙ୍କ ମଧ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରିଥିବା ଏହି ଯୁହୁଦୀ କବିଙ୍କର ଭାରତୀୟ କୃତିମାନଙ୍କ ପ୍ରତି ଭାବପ୍ରବଣ ଅନୁରକ୍ତି ଥିଲା । ଗୋଟିଏ ପଦ୍ମଫୁଲର ବର୍ଣ୍ଣନାରେ ଭାରତର ଆଧ୍ୟାତ୍ମିକ ବିଭବ ପ୍ରତି ତାଙ୍କର ଗଭୀର ଅନୁରାଗର ପରିଚୟ ମିଳେ ।

ବର୍ଣ୍ଣନାଟି ହେଉଛି ଏହି—

ସେ ନିଜକୁ ଲାଜକୁଳୀ ବୋଲି ଭାବେ
କାରଣ ନିକଟରେ ତାର
ପାଖୁଡ଼ାତକ ଫୁଟି ଉଠେନା;

Digitized by srujanika@gmail.com

ଏବଂ ସେ ନିଜକୁ ଚନ୍ଦ୍ର ବୋଲି
 ମନେ କରେ
 କାରଣ ତା'ର ରୁପେଲି ରଙ୍ଗ
 ଦା'ନ୍ତ ଦାଉ ହୁଏ ।
 ସା'ରା ରାତି ପରିକ୍ରମ କରି କରି
 କମଳିନୀ ତାର ଅଙ୍ଗେ ଅଙ୍ଗେ
 ଫୁଟି ଉଠେ ।
 କିନ୍ତୁ ଏତେ ପରିକ୍ରମ ପରେ ସେ
 ଜନ୍ମ ହଏ କ'ଣ ?
 ଖାଲି ଗୋଟିଏ ଗୀତି ଓ
 ଅଉ ଗୋଟିଏ ଉପମା ।

ଭାରତର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ତାଙ୍କର ଗଭୀର ପ୍ରେମ ଥିଲା । ନିମ୍ନଲିଖିତ ବର୍ଣ୍ଣନାରୁ ତାହା ସ୍ପଷ୍ଟ ହୁଏ ;

 ହେ ମୋ'ର ହୃଦୟର ପ୍ରିୟତମ !
 କବିତାର ଡେଣା ଉପରେ ତୁମକୁ ବସାଇ
 ମୁଁ ଉଡ଼ି ଯିବ, ସେଇଠିକି
 ଯେଉଁଠି ଗଙ୍ଗାନଦୀ ସବୁଠାରୁ
 ଶୁଭ୍ର ଆଉ ସ୍ୱଚ୍ଛ
 ଏବଂ ମୁଁ ଜାଣେ
 ଯେଉଁଠି ଅଛି ସେହି ଈପ୍ସିତ ସ୍ୱର୍ଗ ।

ଊନବିଂଶ ଶତାବ୍ଦୀରେ ଜର୍ମାନ ପଣ୍ଡିତ ମାନେ ଯେଉଁ ଉତ୍ସାହ ଓ ଆଗ୍ରହର ସହିତ ଭାରତୀୟ ସଂସ୍କୃତି ସମ୍ପର୍କରେ ଯାହା ଲେଖି ଯାଇଛନ୍ତି, ତାହା ବର୍ତ୍ତମାନର ଗବେଷକ ମାନଙ୍କୁ ଅବାକ୍ ବିସ୍ମୟରେ ଭରିଦିଏ । ଏଚ. ଉଇଲ୍ହେଲ୍ମ ସୁମାନ୍ 'ଜର୍ମାନ ଚିନ୍ତାର କ୍ଷେତ୍ରରେ ଭାରତ' ଶୀର୍ଷକ ପ୍ରବନ୍ଧ (ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଜର୍ଣ୍ଣାଲ, ୫ମ ଭାଗ, ୧୯୬୦) ରେ ଲେଖିଛନ୍ତି ଭାରତ ଓ ଜର୍ମାନୀର ମାନସ ରାଜ୍ୟରେ ପରସ୍ପର ପ୍ରତି ଗଭୀର ଭାବାବେଗ ନଥିଲେ ଏହା ସମ୍ଭବ ହୋଇ ନ ଥାନ୍ତା । ଆଦର୍ଶବାଦୀ ଦାର୍ଶନିକ ଚିନ୍ତାଧାରା ପ୍ରତି ସହାନୁଭୂତି ଓ ଦାର୍ଶନିକ ସିଦ୍ଧାନ୍ତକୁ ଗ୍ରହଣ କରିବାରେ ଶେଷ ପର୍ଯ୍ୟନ୍ତ ଯିବାର ସାହସ ଜର୍ମାନ ଓ ଭାରତୀୟ ମାନସର ଏକ ବିଶେଷତ୍ୱ । ଜର୍ମାନ ଓ ଭାରତୀୟମାନଙ୍କର ବହୁ ଚରିତ୍ରଗତ ସାମ୍ୟ ଅଛି ଓ ସେମାନେ ଦୂରରେ ରହିଥିବା ଯୋଗୁଁ ପରସ୍ପରକୁ ଗଭୀର ଶ୍ରଦ୍ଧା କରନ୍ତି ।

ସୁମାନଙ୍କର ଏହି ମତର ବିରୋଧ କରିବା କୌଣସି ସମାଲୋଚକ ପକ୍ଷରେ ସମ୍ଭବ ନୁହେଁ । ଜୋହାନ୍ ଉଲ୍ଫଗାଙ୍ଗ୍ ଭନ୍ ଗେଟେଙ୍କ ପରି ବିଖ୍ୟାତ କବିମାନେ ଭାରତୀୟ ସଂସ୍କୃତି ଓ ଦାର୍ଶନିକ ଚିନ୍ତା ଧାରା ଦ୍ୱାରା ପ୍ରଭାବିତ ନ ହୋଇ ରହି ପାରି ନାହାନ୍ତି । ଯୋନେବାର୍ଟଙ୍କର 'ଭସ୍କଜ ଅକ୍ସ ଇଣ୍ଡିସ୍' ନାମକ ପୁସ୍ତକରେ ଗେଟେଙ୍କର ଦୁଇଟି କବିତା ଏହାର ପ୍ରମାଣ ଦିଏ । ପ୍ରଥମଟି ହେଉଛି :—

 ହେ ଜଗଦୀଶ୍ୱର ମହାଦେବ,
 ଅବତର ଏ ମର୍ତ୍ତ୍ୟରେ ମାନବ ରୂପରେ
 ହେବା ପାଇଁ ଅଂଶୀଦାର
 ତାର ସୁଖ ଦୁଃଖେ ।

ପ୍ରାଚ୍ୟ ଜଗତ୍ ସମ୍ପର୍କରେ ଗେଟେଙ୍କର ଧାରଣା ଅତି ସ୍ପଷ୍ଟ ଥିଲା । ସେ ତାଙ୍କର 'ପ୍ରାଚ୍ୟ-ପାଶ୍ଚାତ୍ୟ ଦିବାନ' ନାମକ କବିତାରେ ଲେଖିଥିଲେ—

Digitized by srujanika@gmail.com

ପ୍ରାଚ୍ୟ ଭଗବାନଙ୍କର
ପାଶ୍ଚାତ୍ୟ ମଧ୍ୟ ଭଗବାନଙ୍କର
ଉତ୍ତର ଓ ଦକ୍ଷିଣାଞ୍ଚଳ
ତାଙ୍କର ଅଭୟ ହସ୍ତଦ୍ୱାରା ସୁରକ୍ଷିତ ।

## ଉପନିଷଦ ଓ ଶାନ୍ତି

ଅର୍ଥପୂର୍ଣ୍ଣ କବିତା ଭାବରେ ହେଉ ବା ଉଚ୍ଚ ଦାର୍ଶନିକ ଚିନ୍ତା ଦୃଷ୍ଟିରୁ ବିଚାର କରି-ଯାଉ, ଭାରତୀୟ କବିମାନଙ୍କର ଏହି ବିଶେଷତ୍ୱ ଜର୍ମାନ କବିମାନଙ୍କଠାରେ ଅଭାବ ନ ଥିଲା । ଆର୍ଥର ସୋପେନହାଉରଙ୍କ ପରି ଦାର୍ଶନିକ ଯେ କି ପ୍ଲେଟୋ ଓ କାଣ୍ଟଙ୍କ ଲେଖାବଳୀରୁ ଦୃଶ୍ୟମାନ ଜଗତ୍ ସମ୍ପର୍କରେ ତାଙ୍କର ଦାର୍ଶନିକ ଚିନ୍ତା ଆହରଣ କରିଥିଲେ ସେ ମଧ୍ୟ ସ୍ୱୀକାର କରିଥିଲେ, କେବଳ ଉପନିଷଦମାନଙ୍କରୁ ହିଁ ସେ "ଜୀବନରେ ଶାନ୍ତି ପାଇ ପାରିଛନ୍ତି ଓ ତାଙ୍କର ବିଶ୍ୱାସ "ମୃତ୍ୟୁରେ ମଧ୍ୟ ସେ ଶାନ୍ତି ପାଇ ପାରିବେ ।" କେବଳ ସେତିକି ନୁହେଁ, ସେ କହିଛନ୍ତି, "ମନୁଷ୍ୟର ଜ୍ଞାନ ଓ ବିଜ୍ଞ ବିଚାର ବୁଦ୍ଧିର ଉଚ୍ଚତମ ନିଦର୍ଶନ କେବଳ ବେଦରେ ହିଁ ଦେଖିବାକୁ ମିଳିବ ।" ସୋପେନହାଉର ଏ ସମ୍ପର୍କରେ ପୁଣି କହିଥିଲେ ଯେ ଜ୍ଞାନର ଅନ୍ୱେଷଣ କରେ, ସେ କେବଳ ତା'ର ଦେଶର ସୀମା ମଧ୍ୟରେ ଆବଦ୍ଧ ରହି ପାରିବ ନାହିଁ । ସେ ଅନ୍ୟ ଦେଶ ମାନଙ୍କରୁ ମଧ୍ୟ ତାହା ଆହରଣ କରିବ । ତା'ଛଡ଼ା ଜ୍ଞାନ ଯଦି ପ୍ରକୃତ ପ୍ରେମୀ ଲୋକମାନଙ୍କର ହାବୁଡରେ ନ ପଡ଼େ, ତାହା ମଧ୍ୟ ବୃଥା ହୋଇଯାଏ ।

## ବେଦର ଦାନ

ତାଙ୍କର ସର୍ବଶ୍ରେଷ୍ଠ କୃତି "ଇଚ୍ଛା ଓ ଧାରଣାର ପୃଥିବୀ" ପୁସ୍ତକରେ ସୋପେନହାଉର କହିଛନ୍ତି, ତାଙ୍କ ଦାର୍ଶନିକ ଚିନ୍ତାଧାରା ବୁଝି-ବାକୁ ହେଲେ ଭାରତୀୟ ଦର୍ଶନ ସହିତ ପରିଚିତ ହେବାକୁ ପଡ଼ିବ । ଉପନିଷଦ-ମାନଙ୍କ ଜରିଆରେ ବେଦର ଯେଉଁ ଉଚ୍ଚ ଦାର୍ଶନିକ ଚିନ୍ତା ପ୍ରକଟିତ ହୋଇଛି, ମାନବ ସମାଜ ପ୍ରତି ତା'ର ମୂଲ୍ୟ କେତେ ସେ ତାହା ବୁଝିଥିଲେ ।

ସୋପେନହାଉରଙ୍କ ଦର୍ଶନରେ ଭାରତୀୟ ଆଧିଭୌତିକ ପ୍ରଣାଳୀର ବହୁ ବିଶେଷତ୍ୱ ଦେଖିବାକୁ ମିଳେ । ଉଦାହରଣସ୍ୱରୂପ ସଂସାର ଦୁଃଖମୟ, ତେଣୁ ଅର୍ଥହୀନ ଓ ସଂସାରରେ ପୁଣି ଜନ୍ମ ହେବାର ଇଚ୍ଛାର ନାଶରେ ହିଁ ମୁକ୍ତି ମିଳି ପାରିବ । ପୁଣି ତାଙ୍କ ଦର୍ଶନରେ ଭାରତୀୟ ପ୍ରଭାବ ଆହୁରି ସ୍ପଷ୍ଟ ହୁଏ ତାଙ୍କ ପ୍ରଚାରିତ ଅହିଂସାନୀତି ଓ ଇଚ୍ଛାର ବିନାଶରୁ ।

ଆଉ ଜଣେ ଦାର୍ଶନିକ କାର୍ଲ ଖ୍ରୀଷ୍ଟିଆନ ଫ୍ରେଡ଼ରିକ କ୍ରାଉସେ ସୋପେନହାଉରଙ୍କଠାରୁ ଆହୁରି ପାଦେ ଆଗକୁ ଯାଇଛନ୍ତି । ତାଙ୍କ ଜୀବନ ସାରା ସେ ବେଦାନ୍ତର ଗୌରବ ଗାନ କରି ଯାଇଛନ୍ତି । ସେ ନିଜେ ଯୋଗର ସାଧନା କରୁଥିଲେ ଓ ତାଙ୍କର ଛାତ୍ରମାନଙ୍କୁ ତାହା କରିବା ପାଇଁ ଉପଦେଶ ଦେଉଥିଲେ । ଭାରତର ଏହି ପ୍ରାଚୀନ ଦର୍ଶନ ଛଡ଼ା ଆଧୁନିକ ଯୁଗରେ ରବୀନ୍ଦ୍ରନାଥ ଠାକୁର ଓ ସର୍ବପଲ୍ଲୀ ରାଧାକୃଷ୍ଣନ ଜର୍ମାନ ଚିନ୍ତାଧାରାକୁ

Digitized by srujanika@gmail.com

ପ୍ରଭାବିତ କରିଛନ୍ତି । ୧୯୧୩ ମସିହାରେ ନୋବେଲ ପୁରସ୍କାର ଲାଭ କରି ପୃଥିବୀ ପ୍ରସିଦ୍ଧ ହେବା ପରେ ରବୀନ୍ଦ୍ରନାଥଙ୍କର ଇଂରାଜୀରେ ପ୍ରକାଶିତ ସମସ୍ତ ବହି ୧୯୨୨ ମସିହା ମଧ୍ୟରେ ଜର୍ମାନ ଭାଷାରେ ଅନୁଦିତ ହୋଇ ସାରିଥିଲା । ରବୀନ୍ଦ୍ରନାଥଙ୍କୁ ଜର୍ମାନିର ବିଭିନ୍ନ ସ୍ଥାନରେ ଏପରି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଯେ ସେ ମୁଗ୍ଧ ହୋଇ କହିଥିଲେ, "ମୁଁ ଏହି ଦେଶବାସୀଙ୍କ ହୃଦୟରେ ପୁନର୍ଜନ୍ମ ଲାଭ କରିଚି ବୋଲି ମନେକରେ—କାରଣ ଏହି ଦେଶ ମୋତେ ତାର ନିଜର ଜଣେ ବୋଲି ଗ୍ରହଣ କରିଚି ।" *

* ଉଇଲଫ୍ରିଡ୍ ନୋଲେଙ୍କର "ବେଦର ଦ୍ୱିତୀୟ ଜନ୍ମଭୂମି ; ଜର୍ମାନୀ" ପୁସ୍ତକରୁ ଗୃହୀତ ।

---

ଉଚ୍ଚକୋଟିର ଭାବ ଓ ଭାଷାର ବିନିମୟରେ ହିଁ
ସାହିତ୍ୟ ବୁଦ୍ଧିମନ୍ତ ହୁଏ

# ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର

ଏହି ଲକ୍ଷ୍ୟକୁ ଆଗରେ ରଖି

୧ । ହିନ୍ଦୀ ଓ ଇଂରାଜୀର ବହୁ ବିଶିଷ୍ଟ ଲେଖାକୁ ଓଡ଼ିଆରେ ଅନୁବାଦ କରାଇଛନ୍ତି
୨ । ଓଡ଼ିଆ ସାହିତ୍ୟର ବହୁ ବିଶିଷ୍ଟ କୃତିକୁ ହିନ୍ଦୀରେ ଅନୁବାଦ କରାଇଛନ୍ତି
୩ । ହିନ୍ଦୀଭାଷୀ ଦୁନିଆ ଆଗରେ ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ଚିତ୍ର ଦେବାପାଇଁ

'ଉତ୍କଳ ରାଷ୍ଟ୍ରଭାଷା ରଜତ ଜୟନ୍ତୀ ଗ୍ରନ୍ଥ'
ପ୍ରକାଶ କରିଛନ୍ତି

ସମସ୍ତ ଉଚ୍ଚକୋଟିର ହିନ୍ଦୀ, ଓଡ଼ିଆ ପୁସ୍ତକପାଇଁ
ଅନୁସନ୍ଧାନ କରନ୍ତୁ

ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର
ବାଂକାବଜାର, କଟକ-୨

Digitized by srujanika@gmail.com

ଆପଣଙ୍କର ବର୍ତ୍ତମାନ ସଞ୍ଚୟ ଉପରେ ନିର୍ଭର କରୁଛି ତାର ଭବିଷ୍ୟତ୍ । ତାର ସ୍କୁଲ କଲେଜରେ ପଢ଼ାଶୁଣା, ବିବାହ—ସବୁ କିଛି ପାଇଁ ଦରକାର ହେବ ଟଙ୍କାର—ଅନେକ ଅନେକ ଟଙ୍କାର । ତା ପାଇଁ ଇଉକୋବ୍ୟାଙ୍କରେ ସଞ୍ଚୟ କରନ୍ତୁ—ସେଇଠାରେ ଟଙ୍କା ବଢ଼ି ଯିବେ ।

ତାର ହସଟିକୁ ସବୁ ଅବସ୍ଥା ମଧ୍ୟରେ ବଞ୍ଚାଇ ରଖନ୍ତୁ ।

# ତାର ହସଟିକୁ ବଞ୍ଚାଇ ରଖନ୍ତୁ ।



ଦି ୟୁନାଇଟେଡ କମାର୍ଶିୟାଲ ବ୍ୟାଙ୍କ ଲିମିଟେଡ

ହେଡ ଅଫିସ : କଲିକତା

ଆପଣ ସଞ୍ଚୟ
କର ପାରନ୍ତି—
ଇଉକୋବ୍ୟାଙ୍କ
ଆପଣଙ୍କୁ
ସାହାଯ୍ୟ କରିପାରେ

# ଅଗସ୍ତ୍ୟ

ଜୟନ୍ତୀ ପଟ୍ଟନାୟକ

ଅର୍ଜୁନଙ୍କ ବିନା କାମ୍ୟକ ବନରେ ରହିବା ପାଇଁ ପାଣ୍ଡବମାନଙ୍କୁ ସୁଖ ଲାଗିଲା ନାହିଁ । ସମୟ କଟାଇବା ପାଇଁ ସେମାନେ ଭାରତର ବିଭିନ୍ନ ତୀର୍ଥ ସ୍ଥାନ ପରିଦର୍ଶନ କରିବାକୁ ସ୍ଥିର କଲେ । ପୁରୋହିତ ଧୌମ୍ୟ ତୀର୍ଥମାନଙ୍କର ଅବସ୍ଥିତି ଓ ମାହାତ୍ମ୍ୟ ବର୍ଣ୍ଣନା କଲେ ଓ ତୀର୍ଥ ଯାତ୍ରାରେ ବାହାରିବା ପାଇଁ ସବୁ ସ୍ଥିର ହୋଇଗଲା । ଠିକ୍ ଏହି ସମୟରେ ଲୋମଶ ନାମକ ଜଣେ ବିଖ୍ୟାତ ଋଷି ପାଣ୍ଡବମାନଙ୍କ ଆଶ୍ରମରେ ପହଞ୍ଚିଲେ ଓ ଅର୍ଜୁନଙ୍କର ସୁସମ୍ବାଦ ଦେଇ ସେମାନଙ୍କୁ ଆହ୍ଲାଦିତ କଲେ ।

ଲୋମଶ କହିଲେ, ସେ ଇନ୍ଦ୍ରପୁରରେ ଅର୍ଜୁନଙ୍କୁ ଦେଖିଛନ୍ତି । ଅର୍ଜୁନ କୃତାସ୍ତ୍ର । ସେ ଶିବଙ୍କଠାରୁ ଅତି ଶକ୍ତିଶାଳୀ ଅସ୍ତ୍ର ବ୍ରହ୍ମଶିର ଲାଭ କରିଛନ୍ତି ଓ ଇନ୍ଦ୍ରାଦି ଦେବତାମାନଙ୍କ ଠାରୁ ଦିବ୍ୟାସ୍ତ୍ରମାନ ମଧ୍ୟ ଶିକ୍ଷା କରିଛନ୍ତି । ଚିତ୍ରସେନ ଗନ୍ଧର୍ବଙ୍କଠାରୁ ନୃତ୍ୟ, ଗୀତ, ବାଦ୍ୟ ଶିକ୍ଷାକରି ସେଥିରେ ନିପୁଣ ହୋଇଛନ୍ତି । ଇନ୍ଦ୍ରଙ୍କ ଅନୁରୋଧକ୍ରମେ ସେ କିଛି ସମୟ ଅମରାବତୀରେ ଅବସ୍ଥାନ କରି ଭାଇମାନଙ୍କ ସହିତ ମିଳିତ ହେବେ ।

ଅର୍ଜୁନଙ୍କ ସାଫଲ୍ୟର ସମ୍ବାଦ ଶୁଣି ପାଣ୍ଡବ ମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ରାଜା ଯୁଧିଷ୍ଠିର ସେମାନଙ୍କୁ ଏହି ସୁସମ୍ବାଦ ଦେଇଥିବା ଯୋଗୁଁ ଲୋମଶ ଋଷିଙ୍କୁ ଗଭୀର କୃତଜ୍ଞତା ଜଣାଇଲେ ଓ ତୀର୍ଥ ଯାତ୍ରା ପାଇଁ ତାଙ୍କର ପରାମର୍ଶ ଲୋଡ଼ିଲେ ।

ଲୋମଶ କହିଲେ, "ମହାରାଜ, ମୁଁ ଆପଣଙ୍କର ଧର୍ମ ପ୍ରତି ଅଗାଧ ଅନୁରକ୍ତି ବିଷୟ ଜାଣିଛି । ପୁଣି ଅର୍ଜୁନ ମଧ୍ୟ ମୋତେ ଆପଣଙ୍କ ସହିତ କିଛିକାଳ ରହିବା ପାଇଁ ଅନୁରୋଧ କରିଛନ୍ତି । ମୁଁ ଦୁଇଥର ତୀର୍ଥ ଯାତ୍ରା କରି ସମସ୍ତ ତୀର୍ଥ ଦେଖିଛି । ଏବେ ଆପଣଙ୍କ ସହିତ ତୃତୀୟ ବାର ତୀର୍ଥ ଯାତ୍ରା କରିବ ।"

ଲୋମଶଙ୍କ ପରାମର୍ଶରେ ଯୁଧିଷ୍ଠିର ଅଳ୍ପସଂଖ୍ୟକ ଅନୁଚରଙ୍କ ସହିତ ତୀର୍ଥ ଯାତ୍ରା

Digitized by srujanika@gmail.com

କଲେ । ରାଜ୍ୟ ତ୍ୟାଗ କରିବା ସମୟରେ ତାଙ୍କ ପ୍ରତି ଅନୁରକ୍ତ ବହୁ ସଂଖ୍ୟକ ବ୍ରାହ୍ମଣ ଓ ପ୍ରଜା ତାଙ୍କର ଅନୁସରଣ କରିଥିଲେ । ସେମାନେ କାମ୍ୟକ ବନରେ ମଧ୍ୟ ପାଣ୍ଡବମାନଙ୍କ ସହିତ ରହୁଥିଲେ । ବନବାସ ସମୟରେ ଏମାନଙ୍କ ଖାଦ୍ୟର ବ୍ୟବସ୍ଥା କରିବା କଷ୍ଟକର । ତଥାପି ପାଣ୍ଡବମାନେ ମୃଗୟା ଦ୍ୱାରା ତାହା କରୁଥିଲେ । ଏବେ ଏତେ ଲୋକଙ୍କୁ ସାଙ୍ଗରେ ଧରି ତୀର୍ଥ ଯାତ୍ରା କରିବା ଅସମ୍ଭବ । ଯୁଧିଷ୍ଠିର ସେମାନଙ୍କୁ ଡାକି କହିଲେ ଯେ ଯେଉଁମାନେ ଦୁଃଖ, କଷ୍ଟରେ ରହିବା ପାଇଁ ଅଭ୍ୟସ୍ତ ନୁହନ୍ତି, କେବଳ ତାଙ୍କ ପ୍ରତି ସ୍ନେହବଶତଃ ଅରଣ୍ୟ ବାସ କରୁଛନ୍ତି, ସେମାନେ ଧୃତରାଷ୍ଟ୍ରଙ୍କ ପାଖକୁ ଫେରି ଯାଆନ୍ତୁ, ନଚେତ୍ ହସ୍ତିନା ଯିବା ଯଦି ସେମାନଙ୍କର ଇଚ୍ଛା ନ ହୁଏ, ତା'ହେଲେ ପାଞ୍ଚାଳ ରାଜ୍ୟକୁ ଯାଆନ୍ତୁ, ସେଠାରେ ରାଜା ଦ୍ରୁପଦ ସେମାନଙ୍କର ସମସ୍ତ ବ୍ୟବସ୍ଥା କରିବେ ।

## ଅଗସ୍ତ୍ୟ

ଏହିପରି ଅଳ୍ପ ସଂଖ୍ୟକ ସହଯାତ୍ରୀଙ୍କ ସହିତ ପାଣ୍ଡବମାନେ ଋଷି ଲୋମଶଙ୍କୁ ଅଗ୍ରସର କରି ତୀର୍ଥାଟନ କଲେ । ଭାରତର ଏହି ସବୁ ତୀର୍ଥ ସ୍ଥାନକୁ କେନ୍ଦ୍ର କରି ସେତେବେଳେ ବହୁ ଇତିହାସ ଓ ଆଖ୍ୟାୟିକା ଗଢ଼ି ଉଠିଲାଣି । ଏହା ପୂର୍ବରୁ ରାମାୟଣର ଘଟଣାବଳୀ, ବେଦ, ଉପନିଷଦ ଓ ତାର ପୂର୍ବବର୍ତ୍ତୀ କାଳ ଶେଷ ହୋଇ ଯାଇଚି । କେତେ ମୁନି, ଋଷି, ସିଦ୍ଧ, ସାଧକ, ବୀର, ବୀର ତାଙ୍କର ସାଧନା ଓ କାର୍ଯ୍ୟଦ୍ୱାରା ଏହିସବୁ ସ୍ଥାନକୁ ବିଖ୍ୟାତ ଓ ପବିତ୍ର କରିଛନ୍ତି । ପାଣ୍ଡବମାନେ ପ୍ରତି ତୀର୍ଥ ସ୍ଥାନରେ ପହଞ୍ଚିବା ବେଳେ ଲୋମଶ ସେ ସବୁ ତୀର୍ଥର ମାହାତ୍ମ୍ୟ ବର୍ଣ୍ଣନା କରନ୍ତି ଓ ତା' ପଛରେ ଗଢ଼ି ଉଠିଥିବା କିମ୍ବଦନ୍ତୀର ଆଖ୍ୟାନ ଶୁଣାନ୍ତି । ଏହିପରି କେତେକ ଆଖ୍ୟାନ ମଧ୍ୟରୁ ଋଷି ଅଗସ୍ତ୍ୟଙ୍କ ଆଖ୍ୟାନ ବିଶେଷ ଉପଭୋଗ୍ୟ ।

ପାଣ୍ଡବମାନେ ଅଗସ୍ତ୍ୟ ଋଷିଙ୍କ ଆଶ୍ରମ ଖାଲି ପଡ଼ିଥିବାର ଦେଖି ଲୋମଶଙ୍କୁ ଏହାର କାରଣ ପଚାରିବାରୁ ସେ କହିଲେ, ଅଗସ୍ତ୍ୟ ଚିରଦିନ ପାଇଁ ଉତ୍ତରାଞ୍ଚଳ ଛାଡ଼ି ଦକ୍ଷିଣକୁ ଯାତ୍ରା କରିଛନ୍ତି ଏବଂ ତାଙ୍କର ଯାତ୍ରା ପଛରେ ଏହି କାହାଣୀ ରହିଚି ।

ଥରେ ହିମାଳୟଙ୍କ ଗୌରବ ସହି ନ ପାରି ବିନ୍ଧ୍ୟ ପର୍ବତ ବଢ଼ିବାକୁ ଲାଗିଲେ । ସୂର୍ଯ୍ୟ ପ୍ରତିଦିନ ହିମାଳୟ ବା ମେରୁ ଗିରିକୁ ପ୍ରଦକ୍ଷିଣ କରି ଉଦୟାସ୍ତ ହୁଅନ୍ତି । ବିନ୍ଧ୍ୟ ପର୍ବତ ସୂର୍ଯ୍ୟଙ୍କୁ ସମ୍ବୋଧନ କରି କହିଲେ, "ହେ ଭାସ୍କର, ତୁମେ ଯେପରି ମେରୁ ଗିରିକୁ ପ୍ରଦକ୍ଷିଣ କରୁଚ, ସେହିପରି ମୋତେ ମଧ୍ୟ ପ୍ରଦକ୍ଷିଣ କର ।"

ସୂର୍ଯ୍ୟ ଉତ୍ତର ଦେଲେ, "ମୁଁ ସ୍ୱଇଚ୍ଛାରେ ମେରୁ ଗିରିକୁ ପ୍ରଦକ୍ଷିଣ କରୁନାହିଁ । ବିଶ୍ୱକର୍ତ୍ତା ମୋ ପାଇଁ ଯେଉଁ ପଥ ନିର୍ଦ୍ଦେଶ କରିଛନ୍ତି, ସେହି ପଥରେ ହିଁ ମୁଁ ଯାତାୟାତ କରୁଚି । ସେହି ପଥରେ ମେରୁ ପର୍ବତ ବିଦ୍ୟମାନ । ମୁଁ ଯଦି ତୁମକୁ ପ୍ରଦକ୍ଷିଣ

Digitized by srujanika@gmail.com

କରିବା ପାଇଁ ବାଟ ଛାଡ଼ି ଅବାଟରେ ଯିବ, ତା'ହେଲେ ସଂସାର ଚାଲି ପାରିବ ନାହିଁ । ତା'ର ସମସ୍ତ ନିୟମ, ଶୃଙ୍ଖଳା ଭାଙ୍ଗି ଯିବ ।"

ଏଥିରେ କ୍ରୁଦ୍ଧ ହୋଇ ବିନ୍ଧ୍ୟ ପର୍ବତ ବଢ଼ିବାକୁ ଲାଗିଲେ ଓ ଚନ୍ଦ୍ର ସୂର୍ଯ୍ୟଙ୍କ ଗତି-ରୋଧ କରିବା ପାଇଁ ସ୍ଥିର କଲେ । ଦେବତାମାନେ ଓ ଋଷିମାନେ ଯେତେ ବୁଝାଇଲେ ମଧ୍ୟ ବିନ୍ଧ୍ୟ କାହାର କଥା ଶୁଣିଲେ ନାହିଁ ।

ଚନ୍ଦ୍ର, ସୂର୍ଯ୍ୟଙ୍କର ଗତିରୋଧ ହେଲେ ପୃଥିବୀ ଅନ୍ଧକାରାଚ୍ଛନ୍ନ ଓ ପ୍ରାଣୀ ଜଗତର ଧ୍ୱଂସ ହେବାର ଆଶଙ୍କାରେ ସମସ୍ତଙ୍କ ମନରେ ହୁଲେଣି ପଡ଼ିଗଲା । ସମସ୍ତେ ସ୍ଥିର କଲେ, ବିନ୍ଧ୍ୟ କାହାରି କଥା ଶୁଣିବ ନାହିଁ; କେବଳ ତ୍ରିଲୋକ ପୂଜ୍ୟ ଅଗସ୍ତ୍ୟ ମୁନିଙ୍କ କଥା ସେ ମାନେ । ଅତଏବ ଅଗସ୍ତ୍ୟଙ୍କର ଶରଣାଗତ ହେଲେ କେବଳ ରକ୍ଷା ମିଳି ପାରିବ ।

ଅଗସ୍ତ୍ୟ ସସ୍ତ୍ରୀକ ବିନ୍ଧ୍ୟ ପର୍ବତ ନିକଟକୁ ଗଲେ । ମୁନିଶ୍ରେଷ୍ଠଙ୍କୁ ଦେଖି ଶୈଳ ମସ୍ତକ ଅବନତ କରି ନମସ୍କାର କରିବାରୁ ଅଗସ୍ତ୍ୟ କହିଲେ, "ଗିରିରାଜ, ତୁମର ମଙ୍ଗଳ ହେଉ । ଆମେ କାର୍ଯ୍ୟ ଉପଲକ୍ଷରେ ଦକ୍ଷିଣ ଦିଗକୁ ଯାତ୍ରା କରୁଛୁ । ତୁମେ ଆମକୁ ଯିବା ପାଇଁ ବାଟ ଦିଅ ଓ ଆମେ ଫେରିବା ପର୍ଯ୍ୟନ୍ତ ଏହିପରି ଅବନତ ଅବସ୍ଥାରେ ରହିଥାଅ ।"

ବିନ୍ଧ୍ୟ ଋଷିଙ୍କର ଆଦେଶ ପାଳନ କରି ସେହିପରି ରହିଲେ । ଅଗସ୍ତ୍ୟ ଆଉ ଫେରିଲେ ନାହିଁ କି ବିନ୍ଧ୍ୟଗିରି ବଢ଼ି ପାରିଲେ ନାହିଁ ।

## ଲୋପାମୁଦ୍ରା

ଅଗସ୍ତ୍ୟ ଋଷି ବହୁକାଳ ପର୍ଯ୍ୟନ୍ତ ଗାର୍ହସ୍ଥ୍ୟ ଜୀବନ ଆରମ୍ଭ କରି ନ ଥିଲେ । ଥରେ ସେ ଦେଖିଲେ, ତାଙ୍କର ପିତୃଗଣ ଅଧୋମୁଖ ହୋଇ ଗୋଟିଏ ଗର୍ତ୍ତରେ ଝୁଲୁଛନ୍ତି । ଅଗସ୍ତ୍ୟ ସେମାନେ କିଏ ଓ କାହିଁକି ଏପରି ଅବସ୍ଥାରେ ଅଛନ୍ତି ବୋଲି ପଚାରିବାରୁ ସେମାନେ କହିଲେ, "ଆମେ-ମାନେ ହେଉଛୁ, ତୁମର ପିତୃପୁରୁଷ । ତୁମେ ଆମ କୁଳରେ ଏକମାତ୍ର ପୁତ୍ର ହୋଇ ଗୃହସ୍ଥାଶ୍ରମ ନ କରୁଥିବା ଯୋଗୁଁ ବଂଶ ନାଶ ଭୟରେ ଆମେ ଏହିପରି ଅବସ୍ଥାରେ ରହି ଦୁଃଖ ଭୋଗ କରୁଛୁ । ଏହାର ପ୍ରତିକାର ତୁମେ ହିଁ କେବଳ କରି ପାରିବ ।"

ଅଗସ୍ତ୍ୟ ପିତୃଗଣଙ୍କୁ ସାନ୍ତ୍ୱନା ଦେଇ ନିଜ ପାଇଁ ଗୋଟିଏ ଉପଯୁକ୍ତ କନ୍ୟା ବାଛିବା ପାଇଁ ସ୍ଥିର କଲେ । କିଛିଦିନ ପରେ ବିଦର୍ଭ ଦେଶର ରାଜା ନିଃସନ୍ତାନ ହୋଇ ସନ୍ତାନ ଲାଭ ଉଦ୍ଦେଶ୍ୟରେ ଅଗସ୍ତ୍ୟ ଋଷିଙ୍କ ଆଶୀର୍ବାଦ ଭିକ୍ଷା କଲେ ।

ଅଗସ୍ତ୍ୟ କହିଲେ, "ତୁମେ ଶୀଘ୍ର ଏକ କନ୍ୟାରତ୍ନ ଲାଭ କରିବ । କିନ୍ତୁ ଏହା ପୂର୍ବରୁ ତୁମେ ମୋତେ ପ୍ରତିଶ୍ରୁତି ଦିଅ ଯେ ଏହି କନ୍ୟାକୁ ମୋ' ଛଡ଼ା ଆଉ କାହାରିକୁ ପ୍ରଦାନ କରିବ ନାହିଁ ।" ପରିସ୍ଥିତିରେ ପଡ଼ି ରାଜା ପ୍ରତିଶ୍ରୁତି ଦେଲେ ।

କିଛିକାଳ ପରେ ରାଣୀ ଏକ ସୁନ୍ଦରୀ କନ୍ୟା ପ୍ରସବ କଲେ । ତାଙ୍କର ନାମ ହେଲା

Digitized by srujanika@gmail.com

ଲୋପାମୁଦ୍ରା । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ କନ୍ୟାର ରୂପର ଖ୍ୟାତି ଚାରିଆଡ଼େ ବଢ଼ିବାକୁ ଲାଗିଲା । ଫଳସ୍ୱ ରାଜକୁମାରମାନେ ଏହି ଅସାମାନ୍ୟ ରୂପବତୀ କନ୍ୟାର ପାଣି ଗ୍ରହଣ କରିବା ପାଇଁ ବ୍ୟାକୁଳ ହେଲେ ମଧ୍ୟ ଅଗସ୍ତ୍ୟ ଋଷିଙ୍କ ଭୟରେ ନୀରବ ରହିଲେ । ଚକ୍ରବର୍ତ୍ତିଜନ ମଧ୍ୟ ସ୍ୱୟମ୍ବର କରି ପାରିଲେ ନାହିଁ ।

ଏହିପରି ଅବସ୍ଥାରେ ଦିନେ ଅଗସ୍ତ୍ୟ ଋଷି ଆସି ରାଜାଙ୍କୁ ତାଙ୍କର ପୂର୍ବ ପ୍ରତିଶ୍ରୁତି ରକ୍ଷା ପାଇଁ ଦାବୀ କଲେ ।

ଅଗସ୍ତ୍ୟଙ୍କୁ ଦେଖି ରାଜାଙ୍କ ଦେହରେ ଜୀବନ ନ ଥିଲା ପରି ମନେ ହେଲା । ରାଜପ୍ରାସାଦ ଭୋଗ ବିଳାସରେ ବଢ଼ିଥିବା ନିଜର ଅଳିଅଳି କନ୍ୟାକୁ ଜଣେ ବସ୍ତ୍ରହୀନ, ବନଗୃହୀ ଭିକ୍ଷୁକ ହସ୍ତରେ କିପରି ସମର୍ପି ଦେବେ ତାହା ସେ କଳ୍ପନା କରି ପାରିଲେ ନାହିଁ । କିନ୍ତୁ ମନା କଲେ ସେ ରକ୍ଷା ନାହିଁ ! ଅଗସ୍ତ୍ୟ ଯଦି କ୍ରୁଦ୍ଧ ହୁଅନ୍ତି, ତା'ହେଲେ ସର୍ବନାଶ । ରାଜା ରାଣୀଙ୍କୁ ପଚାରିଲେ ଓ ରାଣୀ ମଧ୍ୟ ସେହି ଅବସ୍ଥାରେ ପଡ଼ିଲେ ।

ପିତା, ମାତାଙ୍କୁ ଏପରି ଚିନ୍ତିତ ଦେଖି ଲୋପାମୁଦ୍ରା କହିଲେ, "ଆପଣମାନେ ଚିନ୍ତା କରନ୍ତୁ ନାହିଁ । ମୁଁ ଅଗସ୍ତ୍ୟ ଋଷିଙ୍କୁ ସ୍ୱାମୀ ରୂପେ ବରଣ କରୁଛି ।"

ଯଥା ସମୟରେ ବିବାହ କାର୍ଯ୍ୟ ସମାପ୍ତ ହେଲା । ଲୋପାମୁଦ୍ରାଙ୍କୁ ଧରି ଅଗସ୍ତ୍ୟ ବିଦାୟ ନେବା ବେଳେ କହିଲେ, "ରାଜନନ୍ଦିନୀ, ଏଣିକି ତୁମେ ଋଷିପତ୍ନୀ ହେଲ । ତୁମ ପକ୍ଷରେ ଏ ମୂଲ୍ୟବାନ ବସ୍ତ୍ର ଓ ଅଳଙ୍କାର ପରିଧାନ କରିବା ଉଚିତ ହେଉ ନାହିଁ । ତୁମେ ସେ ସବୁ ଥୋଇ ଦେଇ ଆସ ।"

## ଧନ ଆହରଣ

ଲୋପାମୁଦ୍ରା ଆନନ୍ଦ ମନରେ ତାହାଙ୍କ ସବୁ ପରିତ୍ୟାଗ କରି ବଲ୍କଲ ଓ ମୃଗଚର୍ମ ପରିଧାନ ପୂର୍ବକ ସ୍ୱାମୀଙ୍କ ସହିତ ଗଲେ । ଅଗସ୍ତ୍ୟ ଗଙ୍ଗାକୂଳରେ ଏକ ଆଶ୍ରମ ନିର୍ମାଣ କରି ପତ୍ନୀଙ୍କ ସଙ୍ଗେ କଠୋର ତପସ୍ୟାରେ ନିରତ ହେଲେ । କ୍ରମେ ଉଭୟଙ୍କ ମଧ୍ୟରେ ଗଭୀର ପ୍ରେମ ଓ ଶ୍ରଦ୍ଧାଭାବ ଜାତ ହେଲା । ଲୋପାମୁଦ୍ରାଙ୍କ ସଂଯମ, କଷ୍ଟ ସହିବା ଗୁଣ ଓ ସେବାର ନିଷ୍ଠା ଦେଖି ଅଗସ୍ତ୍ୟ ମୁଗ୍ଧ ହୋଇଯାଇ ଉପଭୋଗ ପାଇଁ ତାଙ୍କୁ ନିମନ୍ତ୍ରଣ କଲେ ।

ଅତି ସଲଜ୍ଜ ଓ ନମ୍ର ଭାବରେ ଲୋପାମୁଦ୍ରା କହିଲେ, "ଋଷି ଶ୍ରେଷ୍ଠ, ମୁଁ ପିତୃଗୃହରେ ଯେଉଁ ଶଯ୍ୟାରେ ଶୋଉଥିଲି, ଯେଉଁ ମୂଲ୍ୟବାନ ବସ୍ତ୍ର ଓ ଅଳଙ୍କାର ପରିଧାନ କରୁଥିଲି, ତାହା ମୁଁ ଇଚ୍ଛା କରେ । ଆପଣ ମଧ୍ୟ ଉତ୍ତମ ବସ୍ତ୍ର ଓ ଅଳଙ୍କାର ଧାରଣ କରନ୍ତୁ । ତା'ହେଲେ ଆମେମାନେ ଜୀବନକୁ ଭଲ ଭାବରେ ଉପଭୋଗ କରି ପାରିବା ।"

ସ୍ମିତହାସ୍ୟ ପୂର୍ବକ ଅଗସ୍ତି ଉତ୍ତର ଦେଲେ, "ଲୋପା, ତୁମ ପିତାଙ୍କର ଯେପରି ଧନ ଅଛି, ତାହା ତୁମର ବା ମୋ'ର ନାହିଁ । ଅରଣ୍ୟବାସୀଙ୍କର ଧନ ବୋଲି କ'ଣ ଗର୍ବ କରିବାର ଅଛି ?"

Digitized by srujanika@gmail.com

ଲୋପାମୁଦ୍ରା ଅଗସ୍ତ୍ୟଙ୍କର ଅଲୌକିକ ଦିବ୍ୟ ଶକ୍ତି ବିଷୟ ଜାଣି ଥିଲେ । ସେ ପୁଣି ନିବେଦନ କଲେ, "ତପୋଧନ, ତୁମେ ଇଚ୍ଛା କଲେ ତୁମ ଦିବ୍ୟ ଶକ୍ତି ବଳରେ ସମସ୍ତ ସଂସାରର ଐଶ୍ୱର୍ଯ୍ୟ ସଂଗ୍ରହ କରି ପାରିବ ।"

ଅଗସ୍ତ୍ୟ କହିଲେ, "ତୁମେ ଯାହା କହିଲ, ସତ୍ୟ । ମାତ୍ର ନିଜର ତପସ୍ୟା ଦ୍ୱାରା ଲବ୍ଧ ଶକ୍ତିକୁ ଯଦି ସାଂସାରିକ ଭୋଗ ବିଳାସରେ ବ୍ୟବହାର କରାଯାଏ, ତା' ହେଲେ ଅଳ୍ପ ସମୟ ମଧ୍ୟରେ ତାହା ନଷ୍ଟ ହୋଇଯିବ । ମୁଁ ଜାଣେ ତୁମେ କେବେ ତାହା ଇଚ୍ଛା କର ନାହିଁ ।"

ଲୋପା ମୁଦ୍ରା କହିଲେ, "ନା, ମୁଁ କେବେ ତାହା ଚାହେଁ ନାହିଁ । କିନ୍ତୁ ଆପଣ ସାଧାରଣ ଭାବରେ ମାଗିଲେ ଯେ କୌଣସି ରାଜା ବା ଧନୀକ ବ୍ୟକ୍ତି ଆପଣଙ୍କୁ ଏ ଧନ ଦାନ କରିବାରେ କୁଣ୍ଠିତ ହେବେ ନାହିଁ । ଆପଣଙ୍କ ଠାରେ ମୁଁ ମୋର ହୃଦୟ ଅର୍ପଣ କରିଛି । ମୋର ଅଭିଳାଷ ପୂର୍ଣ୍ଣ କରିବା ମଧ୍ୟ ଆପଣଙ୍କର କର୍ତ୍ତବ୍ୟ ।"

ଅଗସ୍ତ୍ୟ ଲୋପାମୁଦ୍ରାଙ୍କ ମନରେ କଷ୍ଟ ନ ଦେବାପାଇଁ ସ୍ଥିର କରି ଧନ ଆହରଣ ଉଦ୍ଦେଶ୍ୟରେ ଯାତ୍ରା କଲେ ।

ସେତେବେଳେ ଶ୍ରୁତର୍ବା ନାମକ ଜଣେ ରାଜା ସବୁଠାରୁ ଧନଶାଳୀ ଥିଲେ । ଅଗସ୍ତ୍ୟ ତାଙ୍କ ନିକଟରେ ପହଞ୍ଚି ନିଜର ମନର ଅଭିଳାଷ ବ୍ୟକ୍ତ କରି କହିଲେ, "ହେ ରାଜା, ଅନ୍ୟର କ୍ଷତି ବା ଅନ୍ୟ ପ୍ରତି ହିଂସାଚରଣ ନ କରି ଶକ୍ତି ଅନୁଯାୟୀ ମୋତେ ଧନ ଦାନ କର ।"

## ଆୟ, ବ୍ୟୟ, ସମାନ

ଶ୍ରୁତର୍ବା ବିନୀତ ଭାବରେ ଉତ୍ତର ଦେଲେ, "ମୁନି ଶ୍ରେଷ୍ଠ, ରାଜ୍ୟର ସମସ୍ତ ଆୟ ବ୍ୟୟର ବିବରଣୀ ମୁଁ ଆପଣଙ୍କ ଆଗରେ ଥୋଇ ଦେଉଛି । ଯାହା ଆୟ ହେଉଛି, ତାହା ବ୍ୟୟ ହେଉଛି । କିଛି ବଳକା ହେଉ ନାହିଁ । ଆପଣଙ୍କର ଯାହା ଇଚ୍ଛା, ତାହା କରନ୍ତୁ ।"

ଯେଉଁଠି ଆୟ ବ୍ୟୟ ସମାନ ସେଠାରେ ରାଜକୋଷରୁ ଅର୍ଥ ଗ୍ରହଣ କରିବା ଦ୍ୱାରା ଲୋକେ କଷ୍ଟ ଭୋଗ କରିବେ, ଏହା ବିଚାର କରି ସମଦର୍ଶୀ ଋଷି ଶ୍ରୁତର୍ବାଙ୍କଠାରୁ ବିଦାୟ ନେଇ ଅନ୍ୟ ରାଜ୍ୟର ଅଭିମୁଖରେ ଯାତ୍ରା କଲେ । କିନ୍ତୁ ସେ ଯେଉଁ ରାଜ୍ୟକୁ ଗଲେ, ସେଇ ଗୋଟିଏ କଥା ଶୁଣିଲେ— ଆୟ ବ୍ୟୟ ସମାନ । ଅର୍ଥାତ୍ ସମତୁଲ ବଜେଟ ଥିଲା ସେତେବେଳେ ରାଜ୍ୟମାନଙ୍କର ଧର୍ମନୀତି । ବଳକା ହେଉ ନ ଥିଲା କି ନିଅଣ୍ଟିଆ ହେଉ ନ ଥିଲା । ଏହିପରି ବୁଲି ବୁଲି ଶେଷକୁ ଅଗସ୍ତ୍ୟ ଋଷି ଶୁଣିଲେ, ଇଲ୍ୱଳ ନାମକ ଜଣେ ଅସୁର ରାଜା ଅଛି, ସେ କାହାରିକୁ ଦାନ କରେ ନାହିଁ । ତା' ପାଖରେ ଯଥେଷ୍ଟ ପରିମାଣରେ ଧନ, ରତ୍ନ ଅଛି ।

## ବାତାପି

ଅସୁର ରାଜ ଇଲ୍ୱଳ ଓ ତାର ଭାଇ ବାତାପି ଋଷି ଓ ବ୍ରାହ୍ମଣମାନଙ୍କୁ ଅତ୍ୟନ୍ତ

Digitized by srujanika@gmail.com

ହିଂସା କରୁଥିଲେ । ଇଲ୍ୱଳର ଏକ ଶକ୍ତି ଥିଲା ଯେ ସେ ଲୋକକୁ ମାରି ଦେଇ ତାର ନାମ ଧରି ଉଚ୍ଚ ସ୍ୱରରେ ଡାକଲେ ସେ ଜୀବନ୍ତ ହୋଇ ଉଠୁଥିଲା । ଏହି ଶକ୍ତିର ସୁଯୋଗ ନେଇ ଇଲ୍ୱଳ ପ୍ରଥମେ ବ୍ରାହ୍ମଣ ମାନଙ୍କୁ ଘରି ଆଦରରେ ସତ୍କାର କରେ । ତାର ଭାଇ ବାତାପିକୁ ଗୋଟିଏ ମେଣ୍ଢା କରିଦିଏ ଓ ତାକୁ ମାରି ତାର ମାଂସ ରନ୍ଧନ କରି ଅତିଥି ମାନଙ୍କୁ ଖାଇବାକୁ ଦିଏ । ଯେତେବେଳେ ସେମାନେ ଖାଇ ସାରି ଉଠନ୍ତି, ଇଲ୍ୱଳ ଉଚ୍ଚ ସ୍ୱରରେ ବାତାପିର ନାମ ଧରି ଡାକେ । ମୁହୂର୍ତ୍ତକ ମଧ୍ୟରେ ଗର୍ଜନ ଓ ଅଟ୍ଟହାସ୍ୟ କରି ବାତାପି ଅତିଥି ମାନଙ୍କର ପେଟ ଚିରି ବାହାରି ପଡ଼େ ।

ଋଷି ଓ ବ୍ରାହ୍ମଣମାନଙ୍କ ମଧ୍ୟରେ ଅଗସ୍ତ୍ୟ ଶ୍ରେଷ୍ଠ ଓ ସର୍ବଜନ ପୂଜ୍ୟ ଥିଲେ । ଇଲ୍ୱଳ ଯେତେବେଳେ ଜାଣିଲା ଯେ ଅଗସ୍ତ୍ୟ ତା'ର ରାଜ୍ୟକୁ ଆସୁଛନ୍ତି, ତା'ର ଆନନ୍ଦର ସୀମା ରହିଲା ନାହିଁ । ସେ ବିଧିପୂର୍ବକ ତାଙ୍କର ପୂଜା କରି ତାଙ୍କୁ ଆଦରରେ ଆଣି ବସାଇଲା ଓ ଭୋଜନର ବ୍ୟବସ୍ଥା କଲା । ସେ ଦିନ ମଧ୍ୟ ବାତାପି ଗୋଟିଏ ମେଣ୍ଢା ହେଲା ଓ ତାର ମାଂସରେ ଉତ୍କୃଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହେଲା ।

ନିଜେ ଇଲ୍ୱଳ ଖୁବ୍ ଖୁସି ହୋଇ ଋଷିଙ୍କ ପାଖରେ ବସିଲା । କ୍ରମେ ଅଗସ୍ତ୍ୟ ସବୁ ମାଂସ ଯାକ ଖାଇ ଦେଲେ ଓ ଖୁସିରେ ଗୋଟିଏ ହେଉଡ଼ି ମାରି ପେଟକୁ ଆଉଁସି କହିଲେ, 'ଜୀର୍ଣ୍ଣ ହୋଇ ଯାଅ, ଜୀର୍ଣ୍ଣ ହୋଇ ଯାଅ ।' ଅଗସ୍ତ୍ୟଙ୍କର ଏକ ଶକ୍ତି ଥିଲା ଯେ ସେ ଯାହା ଖାଉଥିଲେ, ସଙ୍ଗେ ସଙ୍ଗେ ଜୀର୍ଣ୍ଣ କରି ଦେଉଥିଲେ ।

ଇଲ୍ୱଳ ତାର ପୂର୍ବ ଅଭ୍ୟାସ ଅନୁସାରେ ଉଚ୍ଚ ସ୍ୱରରେ 'ବାତାପି, ବାତାପି, ବାହାରି ଆସ' ବୋଲି ଡାକିବାକୁ ଲାଗିଲା । କିନ୍ତୁ ଏଥର ଆଉ ନିୟମ ଘଟିଲା ନାହିଁ ।

ଭୟରେ କଳାକାଠ ପଡ଼ି ଯାଇଥିବା ଇଲ୍ୱଳକୁ ଦେଖି, ଅଗସ୍ତ୍ୟ ଋଷି ହସି ହସି କହିଲେ, "ଦାନବରାଜ, ଜଗତର କଲ୍ୟାଣ ପାଇଁ ବାତାପିକୁ ମୁଁ ଜୀର୍ଣ୍ଣ କରି ସାରିଛି । ସେ ଆଉ ଫେରିବ ନାହିଁ ।"

ଇଲ୍ୱଳ ଋଷିଙ୍କ ପାଦତଳେ ପଡ଼ି ଯାଇ କହିଲା, "ମହାଭାଗ, ଆପଣ ଆଉ କ୍ରୋଧ କରନ୍ତୁ ନାହିଁ । ମନରେ ମନ୍ଦ ଚିନ୍ତାକୁ ସ୍ଥାନ ଦେଇ ମୁଁ ଆପଣଙ୍କର ଦ୍ରୋହ କରିଛି । ତା'ର ଫଳ ସ୍ୱରୂପ ମୁଁ ମୋ'ର ଭାଇକୁ ହରାଇଲି । ଆପଣ କୋପ ଶାନ୍ତ କରି ମୋ' ଦ୍ୱାରା ଆପଣଙ୍କର କି କାର୍ଯ୍ୟ ସାଧିତ ହୋଇ ପାରିବ କହିଲେ, ମୁଁ ତାହା ନିଶ୍ଚୟ କରିବ ।"

ଅଗସ୍ତ୍ୟ ଇଲ୍ୱଳକୁ ନିଜର ମନୋଭାବ ବ୍ୟକ୍ତ କଲେ ଓ ବହୁ ଧନ ରତ୍ନ ଲାଭ କରି ଲୋପାମୁଦ୍ରାଙ୍କ ଅଭିଳାଷ ପୂର୍ଣ୍ଣ କଲେ ।

ପୌରାଣିକ କିମ୍ବଦନ୍ତୀରେ ଅଗସ୍ତିଙ୍କ ସମ୍ପର୍କରେ ବହୁ କାହାଣୀ ପ୍ରଚଳିତ ଅଛି । ଖାଇବାରେ ଯେପରି ସେ ଅସାଧାରଣ, ପାନ କରିବାରେ ମଧ୍ୟ ସେ ସେପରି ଅସାଧାରଣ ଥିଲେ ।

Digitized by srujanika@gmail.com

## ସମୁଦ୍ର ଶୋଷଣ

କାଲେୟ ନାମକ ଏକ ଦୈତ୍ୟ ବାହିନୀ ସମୁଦ୍ର ମଧ୍ୟରେ ଲୁଚି ରହି ଦେବତା ଓ ମନୁଷ୍ୟ ମାନଙ୍କ ମନରେ ଭୟର ସଞ୍ଚାର କରିଥିଲେ । ରାତ୍ରିରେ ସମସ୍ତେ ଶୋଇଥିବା ଅବସ୍ଥାରେ ସେମାନେ ଆଶ୍ରମ ଓ ଲୋକାଳୟମାନ ଆକ୍ରମଣ କରି ଗୃହ ପାଳିତ ପଶୁମାନଙ୍କୁ ଓ ଅରଣ୍ୟବାସୀ ଋଷି ମାନଙ୍କୁ ହତ୍ୟା କରନ୍ତି । ଦିନବେଳେ ସମୁଦ୍ର ମଧ୍ୟରେ ଲୁଚି ରହନ୍ତି । ସେଥିପାଇଁ ସେମାନଙ୍କ ସହିତ ଯୁଦ୍ଧ କରିବା ସମ୍ଭବ ହୁଏ ନାହିଁ ।

ଏହି ରାକ୍ଷସମାନଙ୍କ ଅତ୍ୟାଚାରରେ କ୍ରମେ ଗ୍ରାମ ଓ ନଗରମାନ ଶୂନ୍ୟ ହୋଇଗଲା ଓ ଚାରିଆଡ଼େ ହାହାକାର ପଡ଼ିଗଲା ।

ଏହାର ପ୍ରତିକାର ପାଇଁ ଦେବତାମାନେ ସ୍ଥିର କଲେ ଅଗସ୍ତ୍ୟ ଋଷିଙ୍କ ନିକଟକୁ ଯିବେ ଓ ତାଙ୍କୁ ପ୍ରାର୍ଥନା କରିବେ, ସେ ସମୁଦ୍ରକୁ ଶୋଷି ଶୁଷ୍କ କରି ଦିଅନ୍ତୁ ।

ଅଗସ୍ତ୍ୟ ଦେବତାମାନଙ୍କ ଅନୁରୋଧ ରକ୍ଷା କରି ସମସ୍ତଙ୍କ ସମ୍ମୁଖରେ ମହାର୍ଣ୍ଣବର ଜଳକୁ ପାନ କରିଥିଲେ । ସମୁଦ୍ର ଶୁଷ୍କ ହୋଇଯିବା ପରେ କାଲେୟ ଦୈତ୍ୟମାନେ ଦେବତା ମାନଙ୍କ ଦ୍ୱାରା ନିହତ ହେଲେ ।

ଏହାପରେ ଦେବତାମାନେ ଅଗସ୍ତ୍ୟଙ୍କୁ କହିଲେ ସେ ଯେଉଁ ଜଳ ପାନ କରିଛନ୍ତି ତାହା ପୁଣି ବାହାର କରି ସମୁଦ୍ରକୁ ପୂର୍ଣ୍ଣ କରି ଦିଅନ୍ତୁ । କାରଣ ସମୁଦ୍ର ନ ରହିଲେ ପ୍ରାଣୀ ଜଗତ ବିନଷ୍ଟ ହୋଇ ଯିବେ ।

ଅଗସ୍ତ୍ୟ କହିଲେ ତାଙ୍କ ପେଟରେ ଯାହା ପଡ଼େ ତାହା ଜୀର୍ଣ୍ଣ ହୋଇଯାଏ । ମହାସମୁଦ୍ର ଜୀର୍ଣ୍ଣ ହୋଇ ଯାଇଛି । ତେଣୁ ତାହା ଆଉ ଉଦ୍‌ଗୀର୍ଣ୍ଣ ହୋଇ ପାରିବ ନାହିଁ ।

ଏହା ପୁଣି ପୂର୍ଣ୍ଣ ହେଲା ଯେତେବେଳେ ଭଗିରଥ ସ୍ୱର୍ଗରୁ ଗଙ୍ଗାଙ୍କୁ ଆଣି ସମୁଦ୍ରରେ ପକାଇ ଥିଲେ ।

---

ଆମେରିକାର ମଧ୍ୟବିତ୍ତ ଶ୍ରେଣୀର ଜୀବନ ଧାରଣର ମାନ ଯଦି ପ୍ରତ୍ୟେକ ଭାରତୀୟର ଆଦର୍ଶ, ତା'ହେଲେ କ'ଣ କରିବାକୁ ହେବ, ତାହା ତାକୁ ଜାଣିବାରେ ଅସୁବିଧା ହୁଅନ୍ତା ନାହିଁ । ସେ ତା'ର ସମସ୍ତ ଶକ୍ତିକୁ ଗୋଟିଏ ଦିଗରେ ନିୟୋଜିତ କରନ୍ତା—ତାହା ହେଉଛି ଧ୍ୟାନ, ଯାହାକି ପାଶ୍ଚାତ୍ୟ ମନୁଷ୍ୟ ଭୁଲି ଯାଇଛି ।

—ଅଧ୍ୟାପକ ଆର୍ଣ୍ଣଲ୍ଡ଼ ଟଏନବି

Digitized by srujanika@gmail.com

WITH COMPLIMENTS
FROM

THE ASIATIC TRADE
COMBINE

RANIHAT, CUTTACK-3

*62, Bhubaneswar Marg, Bhubaneswar-3*

Digitized by srujanika@gmail.com

ସବୁ ଦେଶର ଆର୍ଥିକ ଉନ୍ନତି ଗୋଟିଏ ଢଙ୍ଗରେ ହୁଏ ନାହିଁ...

# ଦେଶକେ ଫାଙ୍କ, ନଈକେ ବାଙ୍କ

ଅଧ୍ୟାପକ ଡକ୍ଟର ବୈଦ୍ୟନାଥ ମିଶ୍ର

ପୃଥିବୀର ଭିନ୍ନ ଭିନ୍ନ ଦେଶ ଭିତରେ ଅର୍ଥନୀତିକ ଉନ୍ନତି ନେଇ ଅନେକ ପ୍ରଭେଦ ଦେଖିବାକୁ ମିଳୁଛି । ସାଧାରଣତଃ ବ୍ୟକ୍ତିଗତ ଆୟ ଅନୁଯାୟୀ କୌଣସି ଏକ ଦେଶର ଅର୍ଥନୀତିକ ସ୍ଥିତି ବିଚାର କରାଯାଏ । ସେହି ଅନୁସାରେ ଦେଖିଲେ ସାମାନ୍ୟ କେତୋଟି ଦେଶ ଅତି ଉନ୍ନତ ବୋଲି ପରିଚିତ, ଅଧିକାଂଶ ଦରିଦ୍ର ହିସାବରେ ଗଣ୍ୟ । ମିଳିତ ଜାତିସଂଘର ଏକ ହିସାବ ଅନୁଯାୟୀ ପୃଥିବୀର ପ୍ରାୟ ଦୁଇ ତୃତୀୟାଂଶ ଲୋକ ଏବେ ନିଜର ଅତ୍ୟାବଶ୍ୟକ ଅଭାବ ପୂରଣ କରିବାକୁ କ୍ଷମ ନୁହନ୍ତି । ଜାତୀୟ ଆୟ ଅନୁସାରେ ଯଦି ଭିନ୍ନ ଭିନ୍ନ ଦେଶର ସ୍ଥିତି ନିର୍ଣ୍ଣୟ କରାଯାଏ, ତାହାହେଲେ ଦେଖାଯିବ ଯେ ଯଦି ଆମେରିକା ପ୍ରଥମ ସ୍ଥାନ ଅଧିକାର କରେ, ତାହାହେଲେ ଭାରତ ୮୪ ସ୍ଥାନ ଅଧିକାର କରିବ । ଭିନ୍ନ ଭିନ୍ନ ଦେଶ ଭିତରେ ଏହି ଯେଉଁ ପ୍ରଭେଦ ଅଛି, ତାହାକୁ ଲୋପ କରି ପ୍ରତ୍ୟେକ ରାଜ୍ୟକୁ ଏକ ସ୍ତରକୁ ଆଣିବା ସହଜ ନୁହେଁ । କାରଣ ପ୍ରତ୍ୟେକ ରାଜ୍ୟରେ ଅର୍ଥନୀତିକ ପ୍ରଗତି ପାଇଁ ଏକ ପ୍ରକାର ସୁଯୋଗ ନାହିଁ । ଉଦାହରଣ ସ୍ୱରୂପ ଆମେରିକାର ଆୟତନ ଭାରତଠାରୁ ପ୍ରାୟ ଅଢ଼େଇ ଗୁଣରୁ ଅଧିକ, ଆମେରିକାର ଜନସଂଖ୍ୟା ଭାରତର ଜନସଂଖ୍ୟା ଠାରୁ ପ୍ରାୟ ଅଧାରୁ କମ । ଏହା ବ୍ୟତୀତ ଆମେରିକାର ଆହୁରି ଅନେକ ସୁବିଧା ଅଛି ଯାହାକି ଭାରତର ନାହିଁ । ଆମେରିକା ସହିତ ଭାରତର ତୁଳନା କରିବା ଉଚିତ ନୁହେଁ—ଆମେରିକା କାହିଁ ପ୍ରାୟ ଶହେ ବର୍ଷ ଧରି ଉଦ୍ୟମ କରି ଯେଉଁ ଅବସ୍ଥାକୁ ଆସିଛନ୍ତି, ଆମେ ୧୫ । ୨୦ ବର୍ଷରେ ସେହି ଅବସ୍ଥାକୁ ଆସି ପାରିବା ନାହିଁ । ଏହା ବ୍ୟତୀତ ଆମେ ଯେପରି ଆମର ଅର୍ଥନୀତିକ ପ୍ରଗତି ପାଇଁ ଉଦ୍ୟମ କରୁଛୁ, ସେମାନେ ମଧ୍ୟ ସେହିପରି ଉଦ୍ୟମ କରୁଛନ୍ତି । ତେଣୁ ଆମ ଆଗରେ ପ୍ରଶ୍ନ ନୁହେଁ ଯେ ଆମେ କେବେ ଆମେରିକା ଅବସ୍ଥାକୁ ଆସିବା—ଆମ ଆଗରେ ପ୍ରଶ୍ନ ହେଉଛି ଯେ ଆମେ କିପରି ଆମର ଅର୍ଥନୀତିକୁ ଉନ୍ନତ କରି ଆମ ଦେଶର ଜନସାଧାରଣଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି କରିବା । ଏହି ପ୍ରଶ୍ନ କେବଳ

Digitized by srujanika@gmail.com

ଆମ ଦେଶରେ ନୁହେଁ, ପ୍ରତ୍ୟେକ ଅନୁନ୍ନତ ଦେଶରେ ଉଠୁଛି, ବିଶେଷତଃ ଏସିଆ ଓ ଆଫ୍ରିକାର ଅଧିକାଂଶ ଦେଶ ଏଥିପାଇଁ ଉଦ୍ୟମ କରୁଛନ୍ତି । କିନ୍ତୁ କେତେକ ଅର୍ଥ-ନୀତିଜ୍ଞ ମତ ପ୍ରକାଶ କରୁଛନ୍ତି ଯେ ଯେତେ ଚେଷ୍ଟା କଲେ ମଧ୍ୟ ଏସିଆ ଓ ଆଫ୍ରିକାର ଅନୁନ୍ନତ ରାଜ୍ୟମାନେ ଉନ୍ନତ ସ୍ତରକୁ ଆସି ପାରିବେ ନାହିଁ । ସେମାନଙ୍କ ଯୁକ୍ତି ହେଉଛି ଯେ ଏହି ଦେଶ ଗୁଡ଼ିକରେ ଯଥେଷ୍ଟ ଜାତୀୟ ବିଭବ ନାହିଁ ।

## ପ୍ରାକୃତିକ ସଂପଦ

ଏ କଥା ସତ୍ୟ ଯେ ଜାତୀୟ ବିଭବ ଅଧିକ ଥିଲେ ଅର୍ଥନୈତିକ ପ୍ରଗତି ସହଜ ହୁଏ । ଯଦି ଆମ ଦେଶରେ ଯଥେଷ୍ଟ କୋଇଲା, ଲୁହା, ବିଦ୍ୟୁତ୍ ଶକ୍ତି ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଥିବ, ତାହାହେଲେ ଆମେ ଅନ୍ୟ ଦେଶମାନଙ୍କ ଉପରେ ବେଶୀ ନିର୍ଭର ନ କରି ନିଜ ଉଦ୍ୟମରେ ଆର୍ଥନୈତିକ ପ୍ରଗତି ପାଇଁ ପନ୍ଥା ନିରୂପଣ କରି ପାରିବା । ଆର୍ଥନୀତିକ ପ୍ରଗତି ପାଇଁ ଶିଳ୍ପର ପ୍ରସାର ଦରକାର, ଶିଳ୍ପର ପ୍ରସାର ପାଇଁ ଖଣିଜ ପଦାର୍ଥ ଦରକାର । କିନ୍ତୁ ଅନୁନ୍ନତ ଦେଶମାନଙ୍କରେ କେତେ ଜାତୀୟ ବିଭବ ଅଛି, ତାର ଉପଯୁକ୍ତ କଳନା ଏ ପର୍ଯ୍ୟନ୍ତ କରାଯାଇ ନାହିଁ । ପ୍ରତ୍ୟେକ ଦେଶରେ କିଛି ନା କିଛି ବିଭବ ଅଛି, ସେ ବିଭବକୁ ଆବିଷ୍କାର କରି ତାର ଉପଯୁକ୍ତ ବିନିଯୋଗ କରି ପାରିଲେ ଆର୍ଥନୈତିକ ପ୍ରଗତିରେ ଅସୁବିଧା ସୃଷ୍ଟି ହେବ ନାହିଁ । ଅନ୍ତତଃ ଭାରତରେ ସେ ଦିଗରେ କୌଣସି ଅସୁବିଧା ଥିଲା ପରି ଜଣା ପଡ଼େ ନାହିଁ ।

ଏହା ବ୍ୟତୀତ ବିଜ୍ଞାନର ଉନ୍ନତି ଫଳରେ ଜାତୀୟ ବିଭବର ସୀମା ମଧ୍ୟ ବୃଦ୍ଧି ହେବାରେ ଲାଗିଛି । ପ୍ରଥମେ ଯେତେବେଳେ ଲୋକମାନେ କୋଇଲାର ବ୍ୟବହାର ଜାଣି ନ ଥିଲେ, ସେତେବେଳେ କାଠ ପୋଡ଼ି ଜାଳି ଶକ୍ତି ଉତ୍ପାଦନ କରୁଥିଲେ, ଏଥିରେ ବହୁତ ଖର୍ଚ୍ଚ ହେଉଥିଲା ଏବଂ ଯେଉଁ ଦେଶରେ ଅଧିକ ଜଙ୍ଗଲ ନ ଥିଲା, ସେମାନେ ଯଥେଷ୍ଟ ଶକ୍ତି ଉତ୍ପାଦନ କରି ପାରୁ ନ ଥିଲେ । ତାପରେ କୋଇଲାର ଆବିଷ୍କାର ହେଲା; ଏଥିରେ ଅଳ୍ପ ଖର୍ଚ୍ଚରେ ଅଧିକ ଶକ୍ତି ଉତ୍ପାଦନ କରାଗଲା । କୋଇଲା ପରେ ଜଳ ବିଦ୍ୟୁତ ଶକ୍ତି ବାହାରିଲା ଏବଂ ଏଥିରେ ଅତି ଅଳ୍ପ ଖର୍ଚ୍ଚରେ ଅଧିକ ଶକ୍ତି ଉତ୍ପାଦିତ ହେଲା । ଏସିଆ ଓ ଆଫ୍ରିକାର ପ୍ରାୟ ପ୍ରତ୍ୟେକ ରାଜ୍ୟରେ ଯଥେଷ୍ଟ ନଦୀ ଓ ହ୍ରଦ ଥିବାରୁ ବିଦ୍ୟୁତ ଶକ୍ତି ଉତ୍ପାଦନ କରିବାରେ ବେଶୀ କିଛି ଅସୁବିଧା ହେଲା ନାହିଁ । ଏବେ ପୁଣି ବିଜ୍ଞାନର ଉନ୍ନତି ଫଳରେ ଆଣବିକ ଶକ୍ତିର ପ୍ରସାର ହେଉଛି—ଏବଂ ଏହା ଶିଳ୍ପ ଜଗତରେ ଏକ ବିପ୍ଳବ ସୃଷ୍ଟି କରିବାରେ ଲାଗିଛି । ଏଥିରୁ ଦେଖାଯିବ ଯେ ଜାତୀୟ ବିଭବର ପରିସର ବୃଦ୍ଧି ହେବାରେ ଲାଗିଛି ଏବଂ ଏହା ଆର୍ଥନୀତିକ ପ୍ରଗତିରେ ସାହାଯ୍ୟ କରୁଛି ।

## ଜମିର ଉତ୍ପାଦିକା ଶକ୍ତି

ଅନ୍ୟ ଏକ ଉଦାହରଣ ଦେଖାଯାଉ । କୌଣସି ଏକ ଦେଶରେ ଜମି ସୀମାବଦ୍ଧ

Digitized by srujanika@gmail.com

ହୋଇପାରେ, କିନ୍ତୁ ଜମିର ଉତ୍ପାଦିକା ଶକ୍ତି ସୀମାବଦ୍ଧ ନୁହେଁ । ଭାରତର ଜନସଂଖ୍ୟା ବୃଦ୍ଧି ହେବା ଫଳରେ ଜଣପିଛା ଜମିର ପରିମାଣ କମିବାରେ ଲାଗିଛି । ତେଣୁ ଆତଙ୍କ ସୃଷ୍ଟି ହେଉଛି । ଏଥିପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଏକ ଆବଶ୍ୟକୀୟ ଯୋଜନା । କିନ୍ତୁ ତାହା ସମୟ ସାପେକ୍ଷ । ତେଣୁ ଜମିରେ ଯଦି ଅଧିକ ସାର, ଅଧିକ ଉତ୍ପାଦନକ୍ଷମ ବିହନ ଓ ଜଳସେଚନ ପ୍ରଭୃତି ଉପାଦନର ବ୍ୟବସ୍ଥା କରାଯାଏ, ତାହାହେଲେ ସେହି ଜମିରୁ ଅଧିକ ଉତ୍ପାଦନ କରାଯାଇ ପାରିବ । ଏସିଆ ପରି ଏକ ଅନୁନ୍ନତ ମହାଦେଶ ଭିତରେ ଯାପାନ ଓ ଫର୍ମୋଜା ପ୍ରଭୃତି କେତେକ ଉନ୍ନତ ଦେଶମାନଙ୍କରେ ଏହି ପରି ଭାବରେ ଉତ୍ପାଦିକା ଶକ୍ତିର ବୃଦ୍ଧି ହୋଇଛି । ତେଣୁ ସୀମିତ ଜାତୀୟ ବିଭବକୁ ଆଳ କରି ଏସିଆ ଓ ଆଫ୍ରିକାର ଭିନ୍ନ ଭିନ୍ନ ଦେଶକୁ ଚିରଦିନ ଦରିଦ୍ର କରି ରଖିବାର ଯେଉଁ ଯୁକ୍ତି ହେଉଛି, ତାହା ଅଯୌକ୍ତିକ ।

ଏହା ବ୍ୟତୀତ ପ୍ରଚୁର ଜାତୀୟ ବିଭବ ନ ଥାଇ ମଧ୍ୟ ଅନେକ ଦେଶ ଉନ୍ନତି କରିଛନ୍ତି । ବସ୍ତ୍ର ଶିଳ୍ପରେ ବ୍ରିଟେନ ଅଗ୍ରଣୀ । ଅଥଚ ଅତି ଆଶ୍ଚର୍ଯ୍ୟର କଥା ଯେ ବ୍ରିଟେନରେ ତୁଳା ଉତ୍ପନ୍ନ କରାଯାଏ ନାହିଁ । ଯେଉଁମାନେ ବ୍ରିଟେନର ଆର୍ଥନୀତିକ ପ୍ରଗତି ଆଲୋଚନା କରିଛନ୍ତି, ସେମାନେ ମତ ପ୍ରକାଶ କରିଛନ୍ତି ଯେ ଲଙ୍କାସାଏର ବସ୍ତ୍ରଶିଳ୍ପ ବ୍ରିଟେନ ଅର୍ଥନୀତିର ମୂଳଭିତ୍ତି ସ୍ଥାପନ କରିଛି । କିନ୍ତୁ ଏହି ଲଙ୍କାସାଏର ବସ୍ତ୍ରଶିଳ୍ପ ଭାରତୀୟ ତୁଳା ଉପରେ ନିର୍ଭର କରୁଛି । ସେହିପରି ଯାପାନର ଉଦାହରଣ ଦେଖାଯାଉ । ଯାପାନ ଏକ ଅତି ଉନ୍ନତ ଦେଶ । ଯାପାନ ଲୁହା ଓ ଇସ୍ପାତ ସାହାଯ୍ୟରେ ଅନେକ ଶିଳ୍ପଜାତ ଦ୍ରବ୍ୟ ପ୍ରସ୍ତୁତ କରୁଛି । ଲୁହା ଇସ୍ପାତ ଶିଳ୍ପର ପ୍ରସାର ପାଇ ପ୍ରଧାନ ଉପାଦାନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଥଚ ଯାପାନରେ ଲୁହାଖଣି ନାହିଁ, ଯାପାନ ବିଦେଶରୁ ଲୁହା ଆମଦାନୀ କରି ନିଜର ଅର୍ଥନୀତିକୁ ମଜବୁତ କରିପାରିଛି । ସେହିପରି ଡେନମାର୍କ, ସ୍ୱିଡେନ ଓ ସୁଇଜରଲାଣ୍ଡ ପ୍ରଭୃତି କେତେକ ଉନ୍ନତ ଦେଶ ନିଜ ବିଭବ ଉପରେ ନିର୍ଭର ନ କରି, ଦରକାରୀ ଉପାଦାନ ଅନ୍ୟ ଦେଶରୁ ଆମଦାନୀ କରି ଶିଳ୍ପର ପ୍ରସାର କରିଛନ୍ତି ।

## ଅନ୍ୟ ଦେଶର ସାହାଯ୍ୟ

ଅନ୍ୟ ଏକ ପ୍ରଶ୍ନର ବିଚାର କରାଯାଉ । ଆର୍ଥନୀତିକ ପ୍ରଗତି କେବଳ ଜାତୀୟ ବିଭବ ଉପରେ ନିର୍ଭର କରେ ନାହିଁ, ଏଥିପାଇଁ ଯନ୍ତ୍ରପାତି, କାରିଗରୀ ଶିକ୍ଷା ଓ ତାଲିମ ପ୍ରାପ୍ତ ଶ୍ରମିକ ଦରକାର । କୌଣସି ଦେଶ ଏ ସବୁ ବିଷୟରେ ସ୍ୱୟଂସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ । ବର୍ତ୍ତମାନ ଦେଶ ଦେଶ ଭିତରେ ଏ ଦିଗର ଚଳ ପ୍ରଚଳନ ବୃଦ୍ଧି ହେବାରେ ଲାଗିଛି । ଏପରିକି ଉନ୍ନତ ଦେଶମାନେ ମଧ୍ୟ ଏ ସବୁ ପାଇଁ ଅନ୍ୟାନ୍ୟ ଦେଶମାନଙ୍କ ଉପରେ କେତେକାଂଶରେ ନିର୍ଭର କରୁଛନ୍ତି । ତେଣୁ ପ୍ରତ୍ୟେକ ଅନୁନ୍ନତ ଦେଶ ନିଜର ଯଥେଷ୍ଟ ବିଭବ ଥିଲେ ମଧ୍ୟ ଅନ୍ୟ ଦେଶରୁ ସାହାଯ୍ୟ ନେଇ ନିଜର ଦରକାର

Digitized by srujanika@gmail.com

ଅନୁଯାୟୀ ଯନ୍ତ୍ରପାତି, କାରିଗରୀ ଶିକ୍ଷା ଓ ତାଲିମପ୍ରାପ୍ତ ଶ୍ରମିକ ସଂଗ୍ରହ କରି ପାରିବେ । ଏଥିପାଇଁ ହୁଏତ ଅନୁନ୍ନତ ଦେଶମାନଙ୍କୁ ନିଜର ବଜାରକୁ କିଛି ଉନ୍ନତ ଦେଶମାନଙ୍କୁ ଦେବାକୁ ପଡ଼ିବ । ଆଜି ଯେଉଁମାନେ ଉନ୍ନତ ଦେଶ ବୋଲି ପରିଚିତ, ସେମାନେ ମଧ୍ୟ ଅତୀତରେ ଅନ୍ୟ ଦେଶ ଉପରେ ନିର୍ଭର କରି ନିଜର ଅର୍ଥନୀତିକୁ ଉନ୍ନତ କଲେ । ତେଣୁ ଜାତୀୟ ବିଭବର ଅଭାବ ଅଛି ବୋଲି ଅନୁନ୍ନତ ଦେଶମାନେ ଯେ ଉନ୍ନତି କରି ପାରିବେ ନାହିଁ, ତାହା ଠିକ୍ ନୁହେଁ । ଆମମାନଙ୍କ ମତରେ ଦେଶର ଆର୍ଥନୀତିକ ଉନ୍ନତି ପାଇଁ ଜାତୀୟ ବିଭବଠାରୁ ଉପଯୁକ୍ତ ଆର୍ଥନୀତିକ ସଂଗଠନ ବେଶୀ ଆବଶ୍ୟକ । ଅନୁନ୍ନତ ଦେଶମାନେ ଯଦି ଏ ଦିଗରେ ଧ୍ୟାନ ଦେବେ, ତାହାହେଲେ ସେମାନେ ନିଜର ଅର୍ଥନୀତିକୁ ଯଥେଷ୍ଟ ପରିବର୍ତ୍ତନ କରି ଦେଶର ଜନସାଧାରଣଙ୍କର ଜୀବନ ମାନଦଣ୍ଡକୁ ଅନେକ ଆଗେଇ ନେଇ ପାରିବେ ।

———

ORIENT DISTRIBUTORS
&
Agencies Private Limited
MERIA BAZAR
CUTTACK-1.

Distributors of: ACC's Portland Cement,
White Cement & Water Proofing
Compound

Digitized by srujanika@gmail.com

# କୃଷ୍ଣାବତାର

## ପୁତନା ମାଉସୀ

କେ. ଏମ୍. ମୁନ୍‌ସୀ      ଅନୁବାଦ—ଜୟନ୍ତୀ ପଟ୍ଟନାୟକ

ପୁତନା ଉପରେ କଂସର କ୍ରୋଧ ଲୁହା ଯାଇ ନ ପାରେ । ଶ୍ରାବଣ ମାସରେ ଯେତେ ପିଲା ଜନ୍ମ ହୋଇ ଥିଲେ ସମସ୍ତଙ୍କୁ ଖୋଜି ବାହାର କରିବା ଓ ହତ୍ୟା କରିବା ବା ବିଷ ଦେଇ ମାରିବାର ଦାୟିତ୍ୱ ସେ ନେଇଥିଲା । କଂସକୁ ଏହି ପ୍ରତିଶ୍ରୁତି ଦେବାର ଦୁଇ ବର୍ଷ ବିତି ଗଲାଣି । ସେହି ମାସରେ ମଥୁରାରେ ନଅଟି ପୁଅ ଜନ୍ମ ହୋଇଥିଲେ । ଏମାନଙ୍କୁ ଚୋରାଇ ନିଆ ହୋଇଛି, ବିଷ ଦେଇ ମରା ହୋଇଛି କିମ୍ବା ହତ୍ୟା କରାଯାଇଛି । ପୁତନା ଏତିକି କରିଥିବାର କହୁଛି ।

କିନ୍ତୁ କଂସର ସବୁବେଳେ ଭୟ ଯେ, ପୁତନା ହୁଏତ ସବୁ ଶିଶୁଙ୍କୁ ଖୋଜି ବାହାର କରି ପାରି ନାହିଁ । କୌଣସି ଅଜଣା ଗୃହରେ ସେହି ସମୟରେ ଜନ୍ମ ଗ୍ରହଣ କରିଥିବା କୌଣସି ପୁଅ ଏବେ ହୁଏତ ବଞ୍ଚି ରହି ବଢ଼ୁଛି । ତାର ରାଜଧାନୀରେ ଗୋଟିଏ ମାସ ଭିତରେ ମାତ୍ର ନଅଟି ପୁଅ ଜନ୍ମ ହୋଇଛନ୍ତି, ଏହା ସେ ବିଶ୍ୱାସ କରିବା ପାଇଁ ପ୍ରସ୍ତୁତ ନୁହେଁ ।

ବାରମ୍ବାର କଂସ ପୁତନା ଓ ପ୍ରହରୀମାନଙ୍କୁ ପଚାରିଛି, ଦେବକୀର ଅଷ୍ଟମ ଗର୍ଭରୁ ଝିଅ ଜନ୍ମ ହେବାର ବିବରଣୀ ତାକୁ ଦେବା ପାଇଁ । କାରଣ, ଏ ବିଷୟରେ ସେ ସମ୍ପୂର୍ଣ୍ଣ ନିଃସନ୍ଦେହ ହେବାକୁ ଚାହେଁ । କିନ୍ତୁ ଏହା ସଙ୍ଗେ ସଙ୍ଗେ ତା ଆଗରେ ଯେଉଁ ଭୌତିକ କାଣ୍ଡ ଘଟିଲା, ନବଜାତ ଶିଶୁ କନ୍ୟା ତା ହାତରୁ ଖସି ଯାଇ ଝରକା ବାଟେ ଉଡ଼ାନ ହୋଇଗଲା ଓ ଗଲାବେଳେ ଏକ ଭୟାନକ ଚିତ୍କାର କରି ଗଲା, ସେ ସବୁ ସେ ଭୁଲି ପାରୁ ନାହିଁ । ଏ ଚିତ୍କାରର ଅର୍ଥ ଏବେ ମଧ୍ୟ ତାର କାନରେ ବାଜୁଛି ; ତାକୁ ଯେ ଭବିଷ୍ୟତରେ ନାଶ କରିବ, ସେ ଜନ୍ମ ହେଲାଣି ଓ ଅନ୍ୟତ୍ର ବଢ଼ୁଛି ।

ଏ ଯାହା ହେଉ, ପୁତନାର ବୁଦ୍ଧି ବଣା ହୋଇ ଗଲା । କେହି ତାକୁ କହି

Digitized by srujanika@gmail.com

କାହାରି କଣ୍ଠୀ ସେ ମଧ୍ୟ କୌଣସି ଖବର ପାଇ ନାହିଁ ଯେ, ଏ ନଅ ଜଣଙ୍କ ଛଡ଼ା ଆଉ କୌଣସି ଶିଶୁ ପୁତ୍ର ସେହି ମାସରେ ଜନ୍ମ ହୋଇଛି । ବର୍ତ୍ତମାନ ଆଉ ସେ ଅଧିକ କ'ଣ କରିପାରେ ? ଯେତେବେଳେ ସେ ବଜାରରେ ବା ଗଳି ରାସ୍ତାରେ ଯାଉଛି, ଲୋକେ ତାଙ୍କର ଦ୍ୱାର ବନ୍ଦ କରି ଦେଉଛନ୍ତି, କାଳେ ସେ ସେମାନଙ୍କର ପିଲାମାନଙ୍କୁ ଦେଖି ପକାଇବ । ବହୁ ସ୍ତ୍ରୀଲୋକ ତାଙ୍କର ଶ୍ରେଷ୍ଠ ଛୁଆଙ୍କୁ ଧରି ମଥୁରା ଛାଡ଼ି ପଳାଇଲେଣି ।

ମଥୁରାରେ ଗୋଟିଏ ବର୍ଷ ବୟସର ଯେତେ ବାଳକ ଅଛନ୍ତି ସେ ସମସ୍ତଙ୍କୁ ହତ୍ୟା କରିବା ପାଇଁ ଚିନ୍ତା କଲା । କିନ୍ତୁ ସେ ଜାଣି ପାରିଲା ଯେ, ତାର କେତେକ ବିଶ୍ୱସ୍ତ ଅନୁଚରଙ୍କର ବର୍ଷକର ଶିଶୁପୁତ୍ର ଅଛନ୍ତି । ତାର ଦୁଇଜଣ ସ୍ତ୍ରୀ ମଧ୍ୟ ସେହି ବର୍ଷ ଭିତରେ ଦୁଇଟି ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି । ତେଣୁ ଏ କାର୍ଯ୍ୟ ସେ କରି ନାହିଁ ।

ପରେ କଂସ ଶୁଣିଲା ଗୋକୁଳର ମୁଖ୍ୟ ନନ୍ଦଙ୍କର ସ୍ତ୍ରୀ ପ୍ରୌଢ଼ ବୟସରେ ଦୁଇ ବର୍ଷ ତଳେ ଗୋଟିଏ ଶିଶୁ ସନ୍ତାନ ଜନ୍ମ ଦେଇଛନ୍ତି, ଅଳ୍ପ ଦିନ ତଳେ ନନ୍ଦ ତାଙ୍କର କେତେକ ସ୍ୱଜନଙ୍କୁ ଧରି କର ଦେବା ପାଇଁ ମଥୁରା ଆସିଥିଲେ । କଂସର ଗୁପ୍ତଚରମାନେ ସେମାନଙ୍କ ଭିତରୁ ଖବର ସଂଗ୍ରହ କଲେ ଯେ, ନନ୍ଦଙ୍କର ଏହି ପୁତ୍ର ଜନ୍ମକୁ ଗୋପମାନେ ଅତି ଆନନ୍ଦ ଉତ୍ସବରେ ପାଳନ କରିଛନ୍ତି । ନନ୍ଦ ମଧ୍ୟ ତାଙ୍କ ସରଳତାରେ ଏହି ଶିଶୁ ପୁତ୍ରର ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କଳାପର ବର୍ଣ୍ଣନା କରିଛନ୍ତି । ଏହି କ୍ଷୁଦ୍ର ବାଳକର ସୌନ୍ଦର୍ଯ୍ୟ ଓ ଅଦ୍ଭୁତ କର୍ମମାନ ପ୍ରତ୍ୟେକ ଗୋପର ମୁହଁରେ ଶୁଣିବାକୁ ମିଳୁଛି ।

କଂସ ଏହି ସମ୍ବାଦ ପାଇବା ଦିନଠାରୁ ତା ଛାତି ଭିତରେ କେଜାଣି କାହିଁକି ଏକ ଭୟଙ୍କର ସନ୍ଦେହ ହୋଇଛି । ତାହେଲେ କ'ଣ ଏହି ଛୁଆ ଯାହା ବିଷୟରେ ନନ୍ଦ ଓ ତାଙ୍କର ସ୍ୱଜନମାନେ ଏତେ କଥା କହୁଛନ୍ତି, ସେହି ଛୁଆ କ'ଣ ତାକୁ ହତ୍ୟା କରିବ ? ନନ୍ଦ ନିୟମିତ ଭାବରେ କର ଦେଉଛନ୍ତି ଏବଂ ତାଙ୍କର ଲୋକେ ତାଙ୍କୁ ଭାରି ଶ୍ରଦ୍ଧା ଓ ଭକ୍ତି କରନ୍ତି । ଗୋକୁଳର ଗୋପମାନେ ଅତିଶୟ ଧନୀ ଓ ଶକ୍ତିଶାଳୀ । ବହୁ ପ୍ରଭାବଶାଳୀ ପରିବାର ସହିତ ସେମାନଙ୍କର ସମ୍ପର୍କ ଅଛି । ଜନ ସାଧାରଣଙ୍କ ମଧ୍ୟରେ ସେମାନଙ୍କର ସମ୍ମାନ ରହିଛି । ସେମାନେ ନିର୍ଭୀକ ଓ ସ୍ୱାଧୀନଚେତା ଲୋକ । ସେମାନଙ୍କୁ ଅପମାନ କରାଗଲେ, ସେମାନେ ଭାରି ଗଣ୍ଡଗୋଳ କରିବେ । ସେମାନଙ୍କର ରାଜା ବସୁଦେବ ବିବାହ ସମ୍ପର୍କ ଦ୍ୱାରା ବହୁ ଉଚ୍ଚ ସ୍ଥାନୀୟ ଲୋକଙ୍କ ସହିତ ସମ୍ପୃକ୍ତ । ତାଙ୍କର ଭଉଣୀ ହସ୍ତିନାପୁରର ରାଜା ପାଣ୍ଡୁଙ୍କୁ ବିବାହ କରିଛନ୍ତି । ଗୋପଙ୍କ ବିରୁଦ୍ଧରେ ଯୁଦ୍ଧ କରି ଯଦି ଗୋଟିଏ ଦୁଇବର୍ଷ ବୟସର ଶିଶୁକୁ ହତ୍ୟା କରାଯାଏ, ତାହେଲେ ମଗଧରୁ ହସ୍ତିନାପୁର ପର୍ଯ୍ୟନ୍ତ ସେ ଏକ ଘୃଣାର ପାତ୍ର ହୋଇଯିବ । ନା, ତାହା କରିବା ଠିକ୍ ହେବ ନାହିଁ । ଏକ ମାତ୍ର ବାଟ ହେଉଛି, ପୁତନାର ସାହାଯ୍ୟ ନେବା ।

କଂସ ପୁତନାକୁ ଡ଼କାଇଲା । ପୁତନା କଂସ ଆଗରେ ଠିଆ ହୋଇଥାଏ । ଜଣା

Digitized by srujanika@gmail.com

ଯାଉଥାଏ ସେ ଯେପରି ଏକ ବିଷାଦର ଚିହ୍ନ । ସେ ବୁଝି ପାରିଲା, ବୋଧହୁଏ କୌଣସି ଛୁଆକୁ ମାରିବା ପାଇଁ କଂସ ତାକୁ ଡ଼କାଇ ପଠାଇଛି । ଏକଥା ଶୁଣିଲା ମାତ୍ରେ ତାର ହୃଦୟ ଥରି ଉଠୁଛି । ନିର୍ଦ୍ଦୋଷ, ନିରପରାଧ ଶିଶୁକୁ ସେ ଯେତେବେଳେ ବିଷ ଦେଇ ମାରେ ବା ହତ୍ୟା କରେ, ତାର ଆର୍ତ୍ତିସ୍ୱର ତାର କାନରେ ସବୁବେଳେ ପ୍ରତି-ଧ୍ୱନିତ ହୁଏ ।

"ପୂତନା ଗୋକୁଳର ମୁଖ୍ୟ ନନ୍ଦଙ୍କର ସ୍ତ୍ରୀର ଗୋଟିଏ ପୁଅ ହୋଇଥିବା ଖବର ତୁ ପାଇଛୁ ?"

ପୂତନା, କିଛି ନ ଜାଣିଥିବା ପରି ମୁଣ୍ଡ ହଲାଇ ମନା କଲା ।

"ଦେବକୀ ଯେଉଁ ସମୟରେ ସେହି କନ୍ୟା ସନ୍ତାନକୁ ଜନ୍ମ ଦେଲା, ଠିକ୍ ସେହି ସମୟରେ ନନ୍ଦର ସ୍ତ୍ରୀର ଗୋଟିଏ ପୁଅ ହୋଇଥିଲା । ସମସ୍ତେ ସେ ଶିଶୁଟିକୁ ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି, ଏ କ୍ଷେତ୍ରରେ ତତେ ତୋର କାର୍ଯ୍ୟ କରିବାକୁ ହେବ ।"

"ମହିମା, ମୁଁ ପାରିବି ନାହିଁ । ଆପଣ ଜାଣନ୍ତି, ମଥୁରାରେ କିପରି ସମସ୍ତେ ମୋତେ ଭୟ କରୁଛନ୍ତି । ମୁଁ ହେଉଛି ସମସ୍ତଙ୍କର ଘୃଣିତ ସେହି ପୂତନା ମାଉସୀ । ମୋର ନାଁ ଶୁଣିଲେ ପିଲାଏ ଡ଼ରି ପଳାଉଛନ୍ତି । ଏପରି କୌଣସି ସନ୍ତାନବତୀ ନାରୀ ନାହିଁ ଯେ କି ମୋତେ ଅଭିଶାପ ଦେଉନାହିଁ, ଏପରିକି ମୋ ବଂଶର ସ୍ତ୍ରୀ ଲୋକମାନେ, ମୋର ଭଉଣୀମାନେ ମଧ୍ୟ ମୋ, ଠାରୁ ଦୂରରେ ରହୁଛନ୍ତି । ମୋ ଆଡ଼କୁ ଚାହିଁବାର ଅର୍ଥ ଅମଙ୍ଗଳକୁ ଡାକି ଆଣିବା । ମୋ ବିଷୟରେ ପ୍ରତ୍ୟେକ ଲୋକଙ୍କର ଏହାହିଁ ଧାରଣା ।"

ଏକା ନିଶ୍ୱାସରେ ପୂତନା ଏହି କଥା କହିଗଲା ।

"ଏପରି ବାଜେ କଥା କହି ସମୟ ନଷ୍ଟ କର ନାହିଁ ।"

"ମହିମା, ମୋର ସମସ୍ତ ଶକ୍ତି ଖଟାଇ ମୁଁ ଆପଣଙ୍କର ସେବା କରି ଆସୁଛି । ମାତ୍ର ଏଇଠି ମୁଁ ପାରିବି ନାହିଁ । ଆପଣଙ୍କର ନିଜ ରାଣୀଙ୍କୁ ପଚାରନ୍ତୁ, ସେମାନେ ମୋ ମୁହଁକୁ ଯଦି କେବେ ଦେଖି ପକାନ୍ତି, ତାହେଲେ ପାପ ଧୋଇଦେବା ପାଇଁ ଯାଇ ବିଧିପୂର୍ବକ ସ୍ନାନ କରି ଆସନ୍ତି ।"

"ପୂତନା, ତୋ ଧାରଣା ଭୁଲ । ତୋ ବିଷୟରେ ମୋର ଧାରଣା କେତେ ଉଚ୍ଚରେ ତାହା ତୁ ଜାଣୁ । ସେତିକି କ'ଣ ତୋ ପାଇଁ ଯଥେଷ୍ଟ ନୁହେଁ । ମୂର୍ଖ ସ୍ତ୍ରୀଲୋକ ପୁରୁଷଙ୍କ ତୋ ବିଷୟରେ କ'ଣ ଭାବୁଛନ୍ତି, ସେଥିରେ ମୁଣ୍ଡ ଖେଳାଇବା ତୋର ଉଚିତ ନୁହେଁ । ନନ୍ଦର ପୁଅ ବିଷୟରେ ମୋତେ ସାହାଯ୍ୟ କର । କେବଳ ଏତିକି ତୁ କରି ଦେଲେ ତୋତେ ମୁଁ ଆଉ ବ୍ୟସ୍ତ କରିବି ନାହିଁ ।"

"ମହିମା, ମୋ ପ୍ରତି ସଦୟ ହୁଅନ୍ତୁ । ମୋତେ କ୍ଷମା କରନ୍ତୁ । ଗୋଟିଏ ଛୋଟ ପିଲାକୁ କାଖେଇ ନେବା ପାଇଁ ମଧ୍ୟ ମୋର ସାମର୍ଥ୍ୟ ନାହିଁ । ଦୁଇ ମାସ ତଳେ ମୋର ଶେଷ ସନ୍ତାନ ମୋର କୋଳରେ ଆଖି ବୁଜି ଦେଲା । ତାର ମୃତ୍ୟୁର ଯନ୍ତ୍ରଣାରେ ଯେଉଁ

Digitized by srujanika@gmail.com

ଦ୍ୱେଷି ଶିଶୁଙ୍କୁ ମୁଁ ପ୍ରତ୍ୟାଦାନ କରି ମାରିଛି, ସେମାନଙ୍କ ମୃତ୍ୟୁର ଅନ୍ତିମସ୍ୱର ମୁଁ ଶୁଣି ପାରିଛି ଏବଂ ସେ ଯେତେବେଳେ ମରିଗଲା, ମୁଁ ବିଷ ଦେଇ ବା ତଣ୍ଟି ଚିପି ମାରିଥିବା ନଅଟି ଯାକ ଶିଶୁଙ୍କର ଜନନୀଙ୍କର ହୃଦସ୍ୱର ବେଦନା ଅନୁଭବ କରି ପାରିଛି । ନିଜର ଆଖି ଆଗରେ ନିଜର ସନ୍ତାନର ମୃତ୍ୟୁ କେପରି ଦୁଃଖକର, ତାହା ମୁଁ ଜାଣେ । ନା ମଣିମା, ମୁଁ ଆଉ ପାରିବି ନାହିଁ । ବଡ଼ ଦୁଃଖ ପୂର୍ଣ୍ଣ କଣ୍ଠରେ ସେ ଏହା କହିବାକୁ ଲାଗିଲା ।

"କ'ଣ ପୂତନା, ଏପରି ପାଟଳୀଙ୍କ ପରି ଗପି ଯାଉଛୁ । ଅନ୍ତତଃ ସମସ୍ତଙ୍କ ଅପେକ୍ଷା ତୋର ବୟସ ବେଶୀ ଥିବା ବୃଦ୍ଧ । ମୁଁ ଯେତେ ସେ କଥା ଭାବୁଛି, ମୁଁ ସେତିକି ଅନୁଭବ କରୁଛି ଯେ, ତାକୁ ମୁହୂର୍ତ୍ତେ ବାଞ୍ଚିବାକୁ ଦେବା ଠିକ୍ ହେବନାହିଁ ।"

ପୂତନା ଉତ୍ତରରେ କୌଣସି ସିଦ୍ଧାନ୍ତ ଗ୍ରହଣ କରି ନ ପାରି ତଳକୁ ମୁହଁ ପୋତି ରହିଲା ।

କଂସ ଭୀଷଣ ଚିତ୍କାର କରି କହିଲା, "ତାହେଲେ, ତୁ କରିବୁ ନାହିଁ ?"

"ମୋତେ କ୍ଷମା କରନ୍ତୁ, ମଣିମା, ଆଉ ଯାହା କହନ୍ତୁ, ମୁଁ ଆପଣଙ୍କ ଆଜ୍ଞା ନିଶ୍ଚୟ ପାଳନ କରିବି । କିନ୍ତୁ ଆଉ ଗୋଟିଏ ହେଲେ ପିଲ କଥା ମୋତେ କହନ୍ତୁ ନାହିଁ ।" ପୂତନା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥାଏ । ଜୀବନରେ ପ୍ରଥମ ଥର ତାର ଆଖିରୁ ଲୁହ ଧାର ବୋହି ଯାଉଥାଏ ।

"ପୂତନା, ଭୁଲିଯାଅ ନାହିଁ, ତୁ ତୋର ସ୍ୱାମୀ, ବକା, ଅଘା ତୁମେ ସମସ୍ତେ ଜୀବନ ସାଙ୍ଗ ବନ୍ଧା ହୋଇ ରହିଛନ୍ତି । ମୋର କଥା ଅମାନ୍ୟ କଲେ ମୁଁ ସଙ୍ଗେ ସଙ୍ଗେ ତୁମକୁ ସବୁ ବରଖାସ୍ତ କରିବି । କିନ୍ତୁ ତୁମେମାନେ ମୋତେ ଛାଡ଼ି ଯାଇ ପାରିବ ନାହିଁ । ତୁମେମାନେ ଅତୀତରେ ଯାହା ହୋଇଥିଲ ଏବଂ ଏବେ ଯାହା ହୋଇଛ ତାହା କେବଳ ମୋ'ରି ପାଇଁ । ତୁମର ମାନ ସମ୍ମାନ, ଧନ, କ୍ଷମତା ଏପରିକି ଜୀବନ, ମୁଁ ଯେତେ ଦିନ ବଞ୍ଚିଛି, ସେତେ ଦିନ ରହିବ । ମୁଁ ଯଦି ମରିଯାଏ, ତୁମ ଭିତରୁ ଜଣେ ହେଲେ ବଞ୍ଚି ରହି ପାରିବ ନାହିଁ । ଲୋକେ ତୁମକୁ ଟିକି ଟିକି କରି ଚିରି ଦେବେ । ତେଣୁ ତୁମକୁ ମୋର ଆଦେଶ ମାନି ଚଳି-ବାକୁ ହେବ । କେବଳ ଆଜି ନୁହେଁ, ସବୁଦିନ ପାଇଁ । ବୁଝି ପାରୁଛୁ ?"

ପୂତନା ନୀରବରେ ତଳକୁ ମୁହଁ ପୋତି ରହିଲା ।

କଂସ ଧୀର ସ୍ୱରରେ କହି ଚାଲିଥାଏ, "ତୁ ଜାଣୁ, ମୋର ଆଦେଶ କେହି କେବେ ଅମାନ୍ୟ କରନ୍ତି ନାହିଁ । ମୋ ମୁହଁରୁ ପଦେ କଥା ବାହାରିଲେ, ମଗଧର ଯୋଦ୍ଧାମାନେ ଖାଲି ହାତରେ ତତେ ତଣ୍ଟି ଚିପି ମାରି ଦେବେ ।

"ପୂତନା, ତୁ ଓ ପ୍ରଦ୍ୟୋତ ଜୀବନରେ ଓ ମୃତ୍ୟୁରେ ମୋ'ର ହୋଇ ରହିଥିବ ।

"ମଣିମା, ମୁଁ ତାହା ଜାଣେ ।"

"ତା'ହେଲେ ଗୋଟିଏ ଅସହାୟ ମୂକ ବ୍ୟକ୍ତି ପରି ସେଠାରେ ଠିଆ ହୋଇ ରହି ନାହିଁ । ଗୋକୁଳକୁ ଯାଇ ଶୀଘ୍ର ତୋର କାର୍ଯ୍ୟ ଶେଷ କର ।"

Digitized by srujanika@gmail.com

ଥର ଥର କଣ୍ଠରେ ପୂତନା ଉତ୍ତର ଦେଲା, "ଯେ ଆଜ୍ଞା, ମଣିମା।"

ରାଜପ୍ରାସାଦର ଯେଉଁ ଦ୍ୱାରରେ ସ୍ତ୍ରୀ ଲୋକମାନେ ଯିବା ଆସିବା କରନ୍ତି ପୂତନା ସେହି ଦ୍ୱାରରେ ଯାଉଛି, ଦେଖିଲା, ଦାସୀମାନେ ତାକୁ ଦେଖି କବାଟ ଖୋଲି ଦେଉଛନ୍ତି। ହଁ, ସେ ହେଉଛି ଅଭିଶପ୍ତ ପୂତନା ମାଉସୀ।

କୃଷ୍ଣଙ୍କ ଦୁଇ ବର୍ଷ ପୂରି ଯିବା ପରେ ଆଶ୍ୱିନ ମାସ ପୂର୍ଣ୍ଣିମା ଦିନ ଗୋକୁଳର ଇଷ୍ଟଦେବ ଗୋପିନାଥ ମହାଦେବଙ୍କ ମନ୍ଦିରରେ ପୂର୍ବପରି ଏକ ଉତ୍ସବ ହେଲା। ଗୋପମାନେ ଦୂର ଦୂରାନ୍ତରୁ ବଳଦ ଗାଡ଼ି କରି ପରିବାର ଏହି ଉତ୍ସବରେ ଯୋଗ ଦେଲେ।

ଏହି ଶୁଭ ଦିନ ପ୍ରଭାତରେ ପ୍ରତ୍ୟେକେ ଯମୁନାରେ ସ୍ନାନ କରି ମହାଦେବଙ୍କର ଦର୍ଶନ କରନ୍ତି ଏବଂ ବେଲପତ୍ର ଲାଗି କରି ଏକ ଭଲ ଧରଣର ଭୋଜି କରନ୍ତି।

ସେ ଦିନ ପୂର୍ଣ୍ଣିମା ରାତି ବର୍ଷକ ମଧ୍ୟରେ ଅତି ମଙ୍ଗଳମୟ ଓ ମନୋରମ ଥିଲା। ସୋମ ବା ଚନ୍ଦ୍ର ଦେବତା ପୃଥିବୀ ଉପରେ ତାଙ୍କର ଅମୃତର କିରଣ ବର୍ଷା କରୁଥିଲେ। ସେ ଦିନ ରାତିରେ ଚନ୍ଦ୍ର ଉଦିତ ହେବା ସଙ୍ଗେ ସଙ୍ଗେ ସ୍ତ୍ରୀ, ପୁରୁଷ ଓ ବାଳକ, ବାଳିକା ମାନେ ସଙ୍ଗରେ ଭାତ ମିଶିଥିବା ଦୁଧର ଏକ ପାତ୍ର ଧରି ଯମୁନା କୂଳର ବାଲିକୁ ଯାଇ ସବୁ ବର୍ଷ ପରି ଚନ୍ଦ୍ର କିରଣରେ ଏହାକୁ ଜାତ୍ତ ଦମସ୍ତ ଥୋଇଦେଲେ। କାରଣ ସେମାନଙ୍କର ବିଶ୍ୱାସ, ଏହି ଦୁଧ ଓ ଭାତ ଉପରେ ଆଶ୍ୱିନ ପୂର୍ଣ୍ଣିମା ଚନ୍ଦ୍ରର କିରଣ ପଡ଼ିଲେ, ତାହା ମନୁଷ୍ୟଙ୍କୁ ଦୀର୍ଘ ଜୀବନ ଦାନ କରେ।

ଏହି ଦୁଧ ଓ ଭାତ ଖାଇ ସାରିବା ପରେ ଗୋପମାନଙ୍କର ଉତ୍ସବ ଆରମ୍ଭ ହୁଏ। ଯୁବତୀମାନେ ଗୀତ ଗାଆନ୍ତି, ହସନ୍ତି ଓ ନାଚନ୍ତି। ଯୁବକମାନେ ଆନନ୍ଦରେ ବାଜା ବଜାଇ ବା କରତାଳି ଦେଇ ସେମାନଙ୍କ ସହିତ ଯୋଗ ଦିଅନ୍ତି। ଛୋଟ ପିଲାମାନେ ନାଚନ୍ତି, କୁଦନ୍ତି କିମ୍ବା ଗୋଡ଼ିଆ ଗୋଡ଼ି ହୁଅନ୍ତି।

ଭୋର ହେଲା ବେଳକୁ ଉତ୍ସବ ଶେଷ ହୁଏ। ଆଶ୍ୱିନର ପୂର୍ଣ୍ଣଚନ୍ଦ୍ରର ସହଯୋଗରେ ମଙ୍ଗଳମୟ ଭବିଷ୍ୟତର ଧାରଣା ନେଇ ଆନନ୍ଦ ବିହ୍ୱଳ ନର ନାରୀ ସେମାନଙ୍କ ଘରକୁ ଫେରି ଆସନ୍ତି।

ଏ ବର୍ଷ ଏହି ପୂର୍ଣ୍ଣିମାର ଅଳ୍ପ ଦିନ ପୂର୍ବରୁ କଂସ ପୂତନାକୁ ଡାକି ତାର ଆଦେଶ ଦେଇଥିଲା। ପୂର୍ଣ୍ଣିମା ଦିନ ଗୋକୁଳର ରାଜା ନନ୍ଦ ତାଙ୍କର କେତେକ ଅନ୍ତରଙ୍ଗ ସ୍ୱଜନଙ୍କୁ ନେଇ ମଥୁରା ଯାଇଥିଲେ ଓ ଅପରାହ୍ଣ ପୂର୍ବରୁ ତାଙ୍କର ଫେରିବାର ନ ଥିଲା।

ଉପରବେଳା ନନ୍ଦରାଣୀ ଯଶୋଦାଙ୍କ ପାଖରେ ସମ୍ବାଦ ପହଞ୍ଚିଲା, ମଥୁରାର ଜଣେ ମୁଖ୍ୟ ବ୍ରାହ୍ମଣ ସମ୍ପ୍ରଦାୟଙ୍କର ପତ୍ନୀ ଗୋପିନାଥ ମହାଦେବଙ୍କ ମନ୍ଦିରକୁ ତାଙ୍କର ଏକ ବ୍ରତ ପାଳନ ପାଇଁ ଆସୁଛନ୍ତି।

ଗ୍ରାମବାସୀ ମାନେ ସର୍ବଦା ଅତିଥିପରାୟଣ। ସେତେବେଳର ଆନ୍ତରିକ

ସନ୍ଧ୍ୟାବନ୍ଦନାର ସମୟରେ ଯାଦବ ମାନେ ତାଙ୍କର ଅତିଥି ସତ୍କାର ପାଇଁ ପ୍ରସିଦ୍ଧ ଥିଲେ। ବିଶେଷତଃ ନନ୍ଦଙ୍କର ମତ ଥିଲା ଧନୀ ହେଉ, ଦରିଦ୍ର ହେଉ, ଉଚ୍ଚ ହେଉ ଅବା ନୀଚ ହେଉ, କେହି ଯଦି ଗୋକୁଳକୁ ଆସେ ତା'ହେଲେ ତାଙ୍କୁ ଜଣେ ସମ୍ମାନିତ ଅତିଥି ଭାବରେ ଗ୍ରହଣ କରିବାକୁ ହେବ।

ଯଶୋଦା, ରୋହିଣୀ ଓ ପରିବାରର ଅନ୍ୟମାନେ ଚନ୍ଦ୍ରୋଦୟ ଦେଖିବା ପାଇଁ ଯମୁନାର କୂଳକୁ ଯିବା ପାଇଁ ବାହାରୁଥିଲେ, ଏହି ସମୟରେ ଦୂତ ଆସି ପହଞ୍ଚିଲା। ଜଣେ ବରିଷ୍ଠ ବ୍ୟକ୍ତି ଆସୁଥିବାର ସମ୍ବାଦ ପାଇ ଯଶୋଦା ଦୁଇଜଣ ଯୁବକ ଓ କେତେଜଣ ଭୃତ୍ୟଙ୍କୁ ଗାଁ ମୁଣ୍ଡକୁ ପଠାଇ ଦେଲେ, ଯେପରିକି ତାଙ୍କର ଯଥାର୍ଥ ସ୍ୱାଗତ କରାଯାଏ। ଅତିଥିଙ୍କୁ ଘରକୁ ଡାକିବା ପାଇଁ ଓ ନଈ କୂଳ ଭୋଜି ଓ ଉତ୍ସବରେ ସମସ୍ତଙ୍କ ସହିତ ଯୋଗ ଦେବା ପାଇଁ, ତାଙ୍କୁ ଯେପରି ଅନୁରୋଧ କରାଯାଏ, ତା'ର ନିର୍ଦ୍ଦେଶ ମଧ୍ୟ ଯଶୋଦା ଦେଲେ। ଅବଶ୍ୟ ସ୍ନାନ ସାରି, ମହାଦେବଙ୍କର ପୂଜା ଓ ନିଜର ବ୍ରତ ପାଳନ କରି ସାରିବା ପରେ ସେ ଏହି ନିମନ୍ତ୍ରଣ ରକ୍ଷା କରିବେ।

ପୁତନା ଯେଉଁ କାର୍ଯ୍ୟରେ ଆସୁଛି, ସେଥିରେ ତା' ମନରେ ଆଦୌ ସୁଖ ନ ଥିଲା। ଗୋକୁଳର ସୀମାରେ ନନ୍ଦଙ୍କର ସ୍ୱଜନମାନେ ତାକୁ ପାଛୋଟି ନେଲେ। ସେ ଯଶୋଦାଙ୍କ ନିମନ୍ତ୍ରଣ କଥା ଶୁଣିବା ପରେ, ତା'ର ରଥକୁ ନନ୍ଦଙ୍କ ଖୁଅଡକୁ ପଠାଇଦେବା ପାଇଁ ସ୍ଥିର କଲା। କାରଣ ବଳଦଙ୍କୁ ଗାଧୋଇ ଦେଇ ଓ ଖାଇବାକୁ ଦେଇ ପୁଣି କିଛି ଅଧ ପରେ ମଥୁରାକୁ ଫେରିଯିବା ପାଇଁ ପ୍ରସ୍ତୁତ ହେବାକୁ ହେବ। ତା' ପରେ ଦାସ, ଦାସୀଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ସେ ସିଧା ସିଧା ନଈ କୂଳକୁ ଚାଲିଲା।

ସେଠାରେ ପହଞ୍ଚି ସେ ଯେତେବେଳେ ଦେଖିଲା ସମସ୍ତେ ଆନନ୍ଦ ଉତ୍ସବରେ ମାତି ଛନ୍ତି, ତା'ର ଦୁଃଖର ସୀମା ରହିଲା ନାହିଁ। ଏହି ଆନନ୍ଦମୟ ସମାଜ ମଧ୍ୟରେ ସେଇ ଜଣେ ଲୋକ, ଯାହା ମନରେ ଅନିଷ୍ଟ ଚିନ୍ତା ସ୍ଥାନ ପାଇଛି। ସେ ଏକ ବିଷଧର ସପ ପରି ଆସିଛି, ସେମାନଙ୍କ ରାଜାଙ୍କର ଗୋଟିଏ ମାତ୍ର ପୁଅର ପ୍ରାଣ ନେବା ପାଇଁ, ଏହି ସୁଖୀ ଲୋକ ମାନଙ୍କ ମଧ୍ୟରେ ବିଷାଦର ଛାୟା ଖେଳାଇ ଦେବାପାଇଁ ଓ ଯଶୋଦାଙ୍କର ଅମୂଲ୍ୟ ନିଧି, ପ୍ରାଣର ପ୍ରତିମାକୁ ତାଙ୍କଠାରୁ ଚିର ଦିନ ପାଇଁ ଛଡାଇ ନେଇ ତାଙ୍କର ହୃଦୟକୁ ଭାଙ୍ଗି ଦେବା ପାଇଁ।

ପୁତନା ପ୍ରଥମେ ନଈ କୂଳକୁ ଗାଧୋଇବାକୁ ଗଲା, ତା' ପରେ ଗଲା ମନ୍ଦିରକୁ ପୂଜା କରିବା ପାଇଁ। ସେ ଦେଖିଲା ତପ୍ତ କାଞ୍ଚନ ବର୍ଣ୍ଣର ଚନ୍ଦ୍ରମା ସହସ୍ର ହୃଦୟକୁ ଆହ୍ଲାଦିତ କରି ଓ ସ୍ୱପ୍ନର ଏକ ପରୀରାଜ୍ୟ ସୃଷ୍ଟି କରି ଦିଗ୍‌ବଳୟ ଉପରେ ଉଦିତ ହେଉଛି। କିନ୍ତୁ ତା' ପ୍ରତି ଏହା ଦେଉଛି ଦୁଃଖର ଏକ ଧକ୍କା। ଏହି ମନୋରମ କିରଣ ତା' ପକ୍ଷରେ ବିଷର ଶର ପରି ହୋଇଛି ଓ ତାକୁ ଚେତାଇ ଦେଉଛି ଯେ

Digitized by srujanika@gmail.com

ଏହି ସୁନ୍ଦର ସଂସାର ମଧ୍ୟରେ ସେହି ଜଣେ ହେଉଛି ରାକ୍ଷସୀ ।

ସେ ମନ୍ଦିର ପାଖରେ ପହଞ୍ଚିବା ବେଳକୁ ଦେଖିଲା, ଲୋକେ ପରସ୍ପର ମଧ୍ୟରେ ଥଟ୍ଟା ତାମସା କରି ମନ୍ଦିର ଭିତରକୁ ଯା' ଆସ କରୁଛନ୍ତି । କେତେକ ଶିବ ଲିଙ୍ଗଙ୍କ ପାଖରେ ଠିଆ ହୋଇ ତାଙ୍କର ସ୍ତୁତି କରୁଛନ୍ତି । ସେ ଗୋଟିଏ ବେଲ ପତ୍ର ଆଣି ଲିଙ୍ଗଙ୍କ ଉପରେ ଚଢ଼ାଇଲା । ତା' ପରେ ଦଣ୍ଡ ପ୍ରଣାମ ପୂର୍ବକ କହିଲା, "ହେ ଭଗବାନ, ସମସ୍ତଙ୍କୁ ତୁମେ ସୁଖୀ କରିଛ । ମୋତେ କାହିଁକି ସୁଖରୁ ବଞ୍ଚିତ କଲ ? ମୋତେ କାହିଁକି ଯମର ଦୂତ କରି ପଠାଇଲ—ମୋ'ର କ'ଣ କାମ ହେଲା ସଂସାରର ସୁନ୍ଦର, ନିର୍ଦ୍ଦୋଷ ଶିଶୁମାନଙ୍କୁ ହତ୍ୟା କରିବା ?"

ପୁତନା ନିଜର ମୁଣ୍ଡ ଟେକିଲା, ପୁଣି ଭୂଇଁରେ ଲଗାଇ କହିଲା, "ହେ, ଭଗବାନ, ଏ ହେଉଛି ଶେଷ ଶିଶୁ—ଏହା ପରେ ଆଉ କୌଣସି ଶିଶୁକୁ ମୁଁ ହତ୍ୟା କରିବି ନାହିଁ । ହେ ପ୍ରଭୁ, ମୋତେ କ୍ଷମା କର । କେବେ ଆଉ ମୁଁ ଏ ମନ୍ଦ ବୁଦ୍ଧିରେ ଚାଲିବି ନାହିଁ ।" ପୁତନା ଠିଆ ହୋଇ ପାଦୁକ ପାଣି ନେଇ ଆଖିରେ ମାରିଲା ଓ ଜନତାର ଭିଡ଼ ମଧ୍ୟରେ ବାହାରକୁ ଠେଲି ହୋଇ ବାହାରି ଆସିଲା ।

ଯେଉଁଠି ଯଶୋଦା ତାଙ୍କ ପରିବାରଙ୍କ ସହିତ ବସିଛନ୍ତି ଓ ସେମାନଙ୍କ ମଝିରେ ଦୁଧ ଭାଣ୍ଡ ଥୁଆ ହୋଇଛି, ସେଠିକି ଜଣେ ଯୁବକ ଆସି ତାକୁ ବାଟ କଢ଼େଇ ନେଲା । ଯୁବତୀ ସ୍ତ୍ରୀ ମାନେ, ସେ ଯେଉଁ ପୋଷାକ ଓ ଅଳଙ୍କାର ପିନ୍ଧିଥିଲା, ତାକୁ ଈର୍ଷାର ଦୃଷ୍ଟିରେ ଚାହିଁ ରହିଲେ ; କାରଣ ମଥୁରାର ଜଣେ ସମ୍ଭ୍ରାନ୍ତ ମହିଳାଙ୍କୁ ଦେଖିବା ସେମାନଙ୍କ ପକ୍ଷରେ ଏହି ପ୍ରଥମ ।

ଯଶୋଦା ବାଲି ଉପରେ ବସିଛନ୍ତି । ରୋହିଣୀ ତାଙ୍କ ପାଖରେ ବସି ଗୋଷ୍ଠ ପିଲା-ମାନଙ୍କୁ ଦୁଧ ବାଣ୍ଟୁଛନ୍ତି, ସେମାନେ ପ୍ରତ୍ୟେକେ ହାତରେ ଧରିଛନ୍ତି ଗୋଟିଏ ମାଟିର ଘଡ଼ି । ସେ ଅଳ୍ପ ହସି ପୁତନାକୁ କହିଲେ, "ଭଉଣୀ, ଯାହାହେଉ ତମେ ଆସିଲ, ଆମର ଭାଗ୍ୟ ।" ତା' ପରେ ଅଳ୍ପ ଟିକିଏ ଘୁଞ୍ଚିଯାଇ ସେ ପୁତନା ବସିବା ପାଇଁ ଜାଗା କରିଦେଲେ ।

ଯଶୋଦାଙ୍କର ଆନ୍ତରିକ ସ୍ନେହ ଦେଖି ପୁତନା ମନେ ମନେ ତାଙ୍କୁ ପ୍ରଶଂସା କଲା । ତା' ସଙ୍ଗେ ସଙ୍ଗେ ନିଜର ଅଭିଶପ୍ତ ଜୀବନର କଥା ଚିନ୍ତା କରି ଦୁଃଖିତ ହେଲା । ଯଶୋଦା କେତେ ଭଦ୍ର, କେତେ ସୁଖୀ, ଅଥଚ ସେ ଆସିଛି ତାଙ୍କ ପ୍ରାଣର ଦୁଲାଳକୁ ହତ୍ୟା କରିବା ପାଇଁ ।

ଯଶୋଦାଙ୍କ ନିକଟରେ ବସି ସେ ତାଙ୍କୁ ଦେଖିବାକୁ ଲାଗିଲା । ଯଶୋଦାଙ୍କ ଚେହେରାରେ ଏକ ସୌନ୍ଦର୍ଯ୍ୟ, ବଳିଷ୍ଠତା ଓ ସମ୍ଭ୍ରାନ୍ତ ପରିବାରର ଛାପ । ତାଙ୍କ ପାଖରେ ଗୋଷ୍ଠ ଛୁଆଟିଏ ଠିଆ ହୋଇ ଓ ତାଙ୍କ ଶାଢ଼ୀ ଭିତରେ ମୁହଁ ଭର୍ତ୍ତି କରି ଦୁଧ ଖାଇବାରେ ଲାଗିଛି । ସେହି ଶିଶୁର ନୀଳ-ବର୍ଣ୍ଣର ଚେହେରା, ତା'ର ଚମତ୍କାର ଅଙ୍ଗ ସୌଷ୍ଠବ, ପାଦରେ ରୂପାର ନୂପୁର ଓ

Digitized by srujanika@gmail.com

ଈଶାରେ ସୁନାର ଅସ୍ଥାପୁତା ପୂତନା ପ୍ରଶଂସାର ଆଖିରେ ଦେଖିବାକୁ ଲାଗିଲା । ଏଇ ପିଲାର କଥା କଂସ ତାକୁ କହିଛି । ଏଥିରେ ଟିକିଏ ହେଲେ ସନ୍ଦେହ ନାହିଁ । କାରଣ ଏ ଫଳା ନାଲ ରଙ୍ଗକୁ ଭୁଲିବାର ନୁହେଁ ।

ଏଇ ଛୋଟ ପିଲାଟିର ପାଖରେ ଅଉ ଗୋଟିଏ ଛୁଆ ଠିଆ ହୋଇଛି । ତା' ବୟସ ଛଅବର୍ଷ ଯାଏଁ ହେବ । ବୟସକୁ ଦେଖିଲେ ସେ ବେଶ ହୃଷ୍ଟ ଓ ମୋଟା ଦେଖା ଯାଉଛି ଓ ହେଉଁଙ୍କର ବାଳକୁ ଟାଣି ଖେଳୁଛି । ସେ ହେବେଁଙ୍କୁ ଜାଣେ— ବସୁଦେବଙ୍କର ଜ୍ୟେଷ୍ଠପତ୍ନୀ । ଏଇ ବଡ଼ ପିଲାଟି ନିଶ୍ଚୟ ତାଙ୍କରି ପୁଅ ।

ନାଲ ବର୍ଣ୍ଣର ପିଲାଟି ଖାଇ ସାରି ମା'ର ଶାଢ଼ୀ ଭିତରୁ ମୁହଁ ବାହାର କଲା ଓ ମଜା କରିବା ପାଇଁ ଅଉ ଗୋଟିଏ ପିଲା ହାତରୁ ଦୁଧ ଘଡ଼ିଟିକୁ ଛଡ଼ାଇ ନେଇ ନିଜେ ଦୁଧ ତକ ପିଇ ଦେଲା ଓ ଘଡ଼ିଟିକୁ ଫୋପାଡ଼ି ଦେଲା । ପୁତନା ମୁଗ୍ଧ ଦୃଷ୍ଟିରେ ପିଲା ଆଡ଼କୁ ଚାହିଁ ଥାଏ । ମୁଣ୍ଡ ବାଳଟି ତା'ର କୁଞ୍ଚ କୁଞ୍ଚିଆ ; କଜଳ କଳା ଆଖିରେ ହସର ଢେଉ ଖେଳୁଛି ; ମୁହଁରେ ଦୁଷ୍ଟାମିର ଆନନ୍ଦ । ତା'ର ନଜର ବହୁତ ପିଲା ଅଛନ୍ତି । ସେ ଶହ ଶହ ପିଲାଙ୍କୁ ଦେଖିଛି ; କିନ୍ତୁ ଏଭଳି ସୁନ୍ଦର ଛୁଆ ସେ କେଉଁଠି ହେଲେ ଦେଖି ନାହିଁ ।

ତା'ହେଲେ ଏହି ଶିଶୁର ସେ ହତ୍ୟା-କାରିଣୀ ହେବାକୁ ଯାଉଛି ! ସେ ଭାବିଲା, ନା, ତାକୁ ଏ କାର୍ଯ୍ୟ କରିବାକୁ ହେବ ନାହିଁ । ଏ ଶିଶୁକୁ ମାରିବା ଅପେକ୍ଷା ନିଜେ ମରିଯିବା ଭଲ । କିନ୍ତୁ ଏ କ'ଣ ସେ ଭାବୁଛି । ତାକୁ ତା'ର ଦାୟିତ୍ୱ ତୁଲାଇବାକୁ ହେବ ଯେ ! ନ ହେଲେ ସେ ତ ମରିବ, ତା' ସଙ୍ଗେ ସଙ୍ଗେ ତା'ର ସ୍ୱାମୀ ଉଦ୍ୟୋତ ମଧ୍ୟ । ତା'ର ଆଠଟିଯାକ ସନ୍ତାନ ମଧ୍ୟ ନିହତ ହେବେ । କଂସର କ୍ରୋଧ ତା'ର ସମସ୍ତ ପରିବାର ଉପରେ ପଡ଼ିବ । ନା, ଯାହାହେଉ ଛେ ଏ ପିଲାକୁ ସେ ନିଶ୍ଚୟ ମାରିବ । ଏତିକିରେ ତ ତା'ର କାର୍ଯ୍ୟ ଶେଷ । ଏଇ ପିଲା ପରେ ତାକୁ ଆଉ କାହାରିକୁ ମାରିବାକୁ ହେବ ନାହିଁ ।

ପୁତନା ସ୍ଥିର ଭାବରେ ପିଲାଟିକୁ ଚାହିଁ ରହିଲା । ଯେତେବେଳେ ପିଲାର ଆଖିରେ ତା'ର ଆଖି ପଡ଼ିଗଲା, ସେ ଆଙ୍ଗୁଠିରେ ଫୁଟୁକି ମାରିଲା, ହସିଲା ଓ ପାଟିରେ ଶିଶିର ବଜାଇଲା । ପିଲା ତା' ଆଡ଼କୁ ଚାହିଁ ମୁରୁକି ମୁରୁକି ହସିଲା । ଉଃ, କି ସୁନ୍ଦର ସେ ହସ ।

ପୁତନା କୋଳ କରିବା ପାଇଁ ତା'ର ହାତ ଦୁଇଟି ବଢ଼ାଇଲା । କୃଷ୍ଣ ଟିକିଏ ହେଲେ ଭୟ ନ କରି ଯଶୋଦାଙ୍କ କୋଳରେ ଚଢ଼ି ପୁତନା ପାଖକୁ ଚାଲି ଆସିଲେ । ପୁତନାର ହୃଦୟ ଭିତରେ ହଠାତ୍ ଏକ ମାତୃତ୍ୱର ସ୍ନେହ ଜାଗି ଉଠିଲା ଓ ସେ କୃଷ୍ଣଙ୍କୁ ଛାତିରେ ଭିଡ଼ି ଧରିଲା । ଜୀବନରେ ସେ ଯେଉଁ ଛୁଆଟିକୁ ହରାଇଛି, ତାକୁ ଯେପରି ସେ ଫେରି ପାଇଛି, ସେହି-ପରି ଅନୁଭବ କଲା । କୌଣସି ଛୁଆକୁ ସେ ଏପରି ଭାବରେ କେବେ ଭିଡ଼ି ଧରି ନାହିଁ ।

Digitized by srujanika@gmail.com

କିନ୍ତୁ ଏ ସବୁ ସତ୍ତ୍ୱେ ପୂତନା ଏକା ବେଳକେ ଆତ୍ମବିସ୍ମୃତ ଅବସ୍ଥାରେ ନ ଥାଏ । ଏ ପିଲାକୁ ତାକୁ ମାରିବାକୁ ହେବ । ଆଉ କୌଣସି ବାଟ ନାହିଁ । ତା' ନିଜର, ସ୍ୱାମୀର ଓ ସାତୋଟି ଶିଶୁ ସନ୍ତାନଙ୍କର ଜୀବନ ସୂତା ଖିଅକରେ ଝୁଲୁଛି ।

ପୂତନା ମୁହଁ ତଳକୁ କରି ପିଲାକୁ କୁରୁ କୁରୁ କରିବା ପାଇଁ ତା' ଦେହରେ ନିଜର ନାକ ଘଷିଲା । ପିଲା ଖୁସିରେ ହସି-ବାକୁ ଲାଗିଲା ଓ ଏ ହୃଦୟରେ ଯେଉଁ ଆନନ୍ଦ, ତା'ର ଢେଉ ତା' ଶିରା ପ୍ରଶିରାରେ ଖେଳି-ଗଲା । ପୂତନା ଶିବ ମନ୍ଦିରରୁ ଫେରିବା ବେଳେ ମୁଣ୍ଡରେ ଯେଉଁ ବଡ଼ ଚମ୍ପାଫୁଲଟା ଖୋସି ଥିଲା, ହଠାତ୍ ପିଲାର ଦୃଷ୍ଟି ତା' ଉପରେ ପଡ଼ିଗଲା ଓ ସଙ୍ଗେ ସଙ୍ଗେ ଦୁଷ୍ଟାମିରେ ଚମ୍ପା ଫୁଲଟାକୁ ସେ ଛଡ଼ାଇ ନେଲା । ସେ ଉପରକୁ ଚାହିଁଲା ବେଳକୁ, ଛୁଆ ହସୁଛି ଓ ତା' ମୁହଁକୁ ଚମ୍ପା ଫୁଲଟାକୁ ଫିଙ୍ଗି ଦେଉଛି ।

"ମା, ମା, ଦେଖ ତୁମ ପୁଅ କ'ଣ କରୁଛି," ପୂତନା ଯଶୋଦାଙ୍କୁ ଡାକି କହିଲା ବେଳେ ପୁରୁଷ ପରି ତାର ରୁକ୍ଷ ମୁହଁରେ ଏକ ଉଜ୍ଜ୍ୱଳ ହାସ୍ୟର ରେଖା । "ଏ ପିଲା ବୟସରୁ ମଧ୍ୟ ସେ ମୋତେ ପରିହାସ କରୁଛି, ମୋ' ମୁଣ୍ଡର ଚମ୍ପା ଫୁଲଟାକୁ ନେଇ, ଦେଖ, ମୋ' ମୁହଁକୁ ପୁଣି କେମିତି ଫୋପାଡ଼ି ଦେଲା ।"

ଯଶୋଦା ମାତୃତ୍ୱର ଗର୍ବରେ କୃଷ୍ଣଙ୍କ ଆଡ଼କୁ ଅନାଇ କହିଲେ, "ଏହାଠାରୁ କେତେ ବେଶୀ ତା'ର ଦୁଷ୍ଟାମି, ତୁମେ ତା' ଜାଣିନାହିଁ ।"

ପୂତନା କହିଲା, "ଯଦି ଏବେ ଠାରୁ ସେ ଏପରି ହେଲାଣି, ତା'ହେଲେ ବଡ଼ ହେଲେ କ'ଣ ନ କରିବ ?"

ସେ ଦେଖିଲା, ତା'ର ହୃଦୟ ଭିତରେ କି ଆନନ୍ଦ ଖେଳି ଯାଉଛି । ସେ ପୁଣି ଥରେ କୃଷ୍ଣଙ୍କୁ ଛାତିରେ ଭିଡ଼ି ଧରିଲା । ଏକି ପ୍ରବଳ ବନ୍ୟା ପରି ତା'ର ହୃଦୟରେ ମାତୃତ୍ୱର ସ୍ନେହ ଯେପରି ଆଉ ବନ୍ଧନ ମାନୁ ନ ଥାଏ । ସେ ଅନୁଭବ କଲା, ତାର ଛାତି ଭରି ଯାଇଛି । ସେଇ ଆନନ୍ଦର ମୂହୂର୍ତ୍ତରେ ତା'ର ସ୍ତନ୍ୟରୁ ଦୁଧ ଝରି ପଡ଼ୁଛି ଓ ତାର ଛାତିର ବସ୍ତ୍ର ଓଦା ହୋଇ ଯାଉଛି ।

ବର୍ତ୍ତମାନ ତା'ର ଶରୀର, ମନ ଓ ଆତ୍ମା ଯେପରି ଏହି ଶିଶୁକୁ ହିଁ ମାଗୁଛି— ତା' ମନ ଭିତରେ କେତେ ଉଦ୍‌ବେଳ ଭାବନା । ଏହି ରମଣୀୟ ଶିଶୁକୁ ସେ ସ୍ତନ୍ୟ-ଦାନ କରିବ । କିନ୍ତୁ ଗାଧୋଇ ସାରିବା ପରେ ସେ ତା'ର ସ୍ତନ୍ୟ ଉପରେ ଯେ ବିଷ ବୋଳି ଦେଇଛି । ଏହି ବିଷର ଲେପ ସହିତ ମିଶ୍ରିତ ମିଠା । ତା' ଛଡ଼ା ଏକଥା ଅନ୍ୟ କେହି ଜାଣନ୍ତି ନାହିଁ । ତାର ଉଦ୍ଦେଶ୍ୟ ହେଉଛି ସ୍ତନ୍ୟ ପାନ କରିବାକୁ ଦେବା ବେଳେ ପିଲା ମିଠା ଲୋଭରେ ଏ ଲେପକୁ ଚାଟି ଦେବ ଓ ତାହା ହିଁ ହେବ ପିଲାର ଶେଷ ଖାଦ୍ୟ । ଏହିପରି ବାଟରେ ସେ ବହୁ ଶିଶୁଙ୍କୁ ହତ୍ୟା କରିଛି । ନିଜକୁ, ତାର ସ୍ୱାମୀ ଓ ପିଲା ମାନଙ୍କୁ ରକ୍ଷା କରିବା ପାଇଁ ଏହା

Digitized by srujanika@gmail.com

ଛଡ଼ା ଅନ୍ୟ ଚିନ୍ତା ନାହିଁ । ଏବେ ସରିଗଲେ, ସେମାନେ ସମସ୍ତେ ରାଜାର ଅଖଣ୍ଡ ଅନୁଗ୍ରହ ଲାଭ କରିବେ ।

ତା'ର ହୃଦୟର ଆବେଦନ ହେଉଛି, "ଏଇ ସୁନ୍ଦର ଛୁଆଟିକୁ ତୁ ନେଇ ସ୍ତନ୍ୟ ଦାନ କର । ତୁ ପ୍ରକୃତ ଆନନ୍ଦ କ'ଣ ଜୀବନରେ ଜାଣୁ ନାହିଁ । ସବୁ ବେଳେ ଅନ୍ୟର ଅମଙ୍ଗଳ କାମନା ଓ ଦୁଷ୍ଟ ବୁଦ୍ଧିରେ ତୋ'ର ଜୀବନ ଯାଇଛି । ଯେଉଁ ଆନନ୍ଦ ତା'ର ହୃଦୟକୁ ଭରି ଦେଉଛି, ମନକୁ ପାଗଳ କରି ଦେଉଛି, ସେ ଆନନ୍ଦ ଟିକିଏ ଅନୁଭବ କର । ଏଇ ହେଉଛି ମୁହୂର୍ତ୍ତ, ତୋ'ର ସ୍ୱାମୀ, ତୋ'ର ପୁଅ ଓ ତୋ'ର ନିଜର ଜୀବନ ବିପନ୍ନ । ନେ, ଆଉ ବିଳମ୍ବ ନ କରି ଏ ଶିଶୁକୁ ତୋ'ର ସ୍ତନ୍ୟ ଦାନ କର ।"

ଏଇ ଭାବନାର ସୁଅରେ ପୂତନା ନିଜକୁ ହରାଇ ଦେଲା । ପିଲାକୁ ଗ୍ରହଣ କରିବା ପାଇଁ ହୃଦୟର ଆବେଗରେ ସେ ବିଷ ବୋଳି ଥିବା କଥା ଭୁଲି ଗଲା ଓ କୃଷ୍ଣଙ୍କୁ ନିଜର କୋଳକୁ ଟାଣି ନେଲା । ସେ ହସି ହସି ତା' କୋଳରୁ ଖସି ଆସିବା ପାଇଁ ଚେଷ୍ଟା କରୁଥାନ୍ତି । ପୂତନା ଯନ୍ତ୍ରପରି ଛାତି ଉପରୁ ଲୁଗା ଖୋଲି ଦେଇ ନିଜର ଓଦା ସ୍ତନକୁ ଲୁଗାରେ ପୋଛି ଦେଲା ।

ତା' କାନରେ ଯେପରି କେହି ଚୁପ୍ ଚୁପ୍ କହି ଯାଉଛି, "ତୋ ସ୍ତନ୍ୟରେ ପରା ବିଷ ବୋଳା ହୋଇଛି । ତୋ'ର ହୃଦୟ ଯାହାପାଇଁ ଝୁରୁଛି, ତୁ କ'ଣ ସେଇ ପିଲାକୁ ମାରି ଦେବାକୁ ଚାହୁଁ ?" କିନ୍ତୁ ପୂତନା ନିଜକୁ ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇଛି । ସେ କୃଷ୍ଣଙ୍କ ମୁଣ୍ଡକୁ ଟାଣି ନେଲା ଓ କୃଷ୍ଣ ମଧ୍ୟ ଭୁଣ୍ଡିକୁ ପାଟିରେ ନେଇ ଦୁଧ ଶୋଷିବାକୁ ଲାଗିଲେ ।

ପୂତନା ଆନନ୍ଦରେ ଆତ୍ମହରା ହୋଇଗଲା । ଏ ମୁହୂର୍ତ୍ତ ତା' ପକ୍ଷରେ ଆଉ ଆସିବ ନାହିଁ । "ଏ ଛୁଆ, ତୋ'ର ଯେତେ ଇଚ୍ଛା ଖା । ଏ ଆନନ୍ଦ ମୋ' ଜୀବନରେ କେବେ ପାଇ ନାହିଁ ।"

ଯେ ଅନୁଭବ କଲା, ତା' ମନ ଯେପରି ନିଶ୍ଚଳ ହୋଇ ପଡ଼ିଛି । ଆନନ୍ଦରେ କ'ଣ ସେ ମୂର୍ଚ୍ଛା ହୋଇଲେ କି ? ହଁ, ତାହା ହିଁ ତା'ର ଇଚ୍ଛା ଥିଲା—ଯଶୋଦାର ପୁଅ କୃଷ୍ଣ ତା'ଠାରୁ ତା'ର ଦୁଧ, ତା'ର ଜୀବନ, ତାର ଆଶା, ଭରସା, ସବୁ ଯେପରି ଶୋଷି ନେଉ । ତା'ର ମନ ମଧ୍ୟରେ ଏଇ ଭାବନା ଖେଳିଗଲା, "ହେ ମୋ'ର ପ୍ରିୟ ଶିଶୁ, ମୁଁ ତୋତେ ସବୁ କିଛି ଦେଉଛି । ମୁଁ ତୋର ପରା !"

ତା'ର ମସ୍ତିଷ୍କ ଭିତରେ ଯେପରି କିଛି ଠକ୍ ଠକ୍ କରିବାରେ ଲାଗିଛି । ତାର ହୃଦୟ ଏକ ବଣୁଆ ଘୋଡ଼ା ପରି ଧାଉଁଛି, ତା' ପରେ ତାର ଦେହ ହଠାତ୍ କ'ଣ ହୋଇଗଲା—ଗୋଟାଏ କିଛି ଯନ୍ତ୍ରଣା ଓ ଶିଶୁ ତାର ସ୍ତନ୍ୟରୁ ଦୁଧ ଶୋଷି ନେଉଥିବାର ଆନନ୍ଦ ।

ମେଳା ସେ ପାଖରୁ ଖୁବ୍ କୋଳାହଳ ଶୁଣାଗଲା । ଲୋକେ ବାଉଁଶ ଠେଙ୍ଗା ଉଞ୍ଚାଇ ଦଉଡ଼ୁ ଥାନ୍ତି । ସେମାନଙ୍କ ଆଗରେ

Digitized by srujanika@gmail.com



ନନ୍ଦ । ଖଣ୍ଟି ଯେପରି ଧସେଇ ପଶିଯାଏ, ସେହିପରି ସେ ମାଡ଼ି ଆସୁଛନ୍ତି । ଲୋକେ ଉଦ୍‌ଭ୍ରାନ୍ତ ହୋଇଗଲେ ।

"ପୁତନା ଏଠାରେ ଅଛି ।"

"କାହିଁ ସେ ? କାହିଁ କୃଷ୍ଣ ?"

"କୃଷ୍ଣ, କୃଷ୍ଣ"—ନନ୍ଦଙ୍କର ଆର୍ତ୍ତ ଚିତ୍କାର ଶୁଣା ଯାଉଥାଏ । "କୁଆଡ଼େ ଗଲ, କୃଷ୍ଣ ?"

ପ୍ରତ୍ୟେକଙ୍କ ମୁହଁରୁ ଶୁଭୁଥାଏ—'ପୁତନା, ପୁତନା, ପୁତନା'—ଯଶୋଦା ଉପରେ ଚଢ଼ି ଥାନ୍ତି, ତାଙ୍କ ଆଡ଼କୁ ଲୋକମାନେ ଦଉଡ଼ି ଆସୁଛନ୍ତି ଓ ଚାରିଆଡ଼େ ଶୁଣା ଯାଉଚି, 'ପୁତନା, ପୁତନା, କୃଷ୍ଣ ।' ତାଙ୍କ ପାଖରେ ବସିଥିବା ସମ୍ଭ୍ରାନ୍ତ ମହିଳା ଆଡ଼କୁ ସେ ଅନାଇଲେ । ସେଇ ତା'ହେଲେ ପୁତନା !

ଯାହା ହେଉ, ଯଶୋଦା କୃଷ୍ଣଙ୍କୁ ପୁତନା ଠାରୁ ଛଡ଼ାଇ ଆଣିବା ପୂର୍ବରୁ ସେ

Digitized by srujanika@gmail.com

ଦେଖିଲେ ସେ ଧୀରେ ଧୀରେ ଭୂଇଁ ଉପରେ ଟଳି ପଡ଼ୁଛି । ତା' ଆଖିପତା ମେଲା ହୋଇଛି । ଟଳି ପଡ଼ିବା ବେଳେ ସେ ଶେଷ ଚେଷ୍ଟା କରିଛି କୃଷ୍ଣଙ୍କୁ ଜାକି ଧରିବା ପାଇଁ । ଯେତେବେଳେ ସେ ମରି ପଡ଼ିଗଲା, ସେତେବେଳେ ତା'ର ଓଠରେ ଏକ ମାତୃତ୍ୱର ମଧୁର ହସ ।

ଏପରିକି ପୂତନା ଅଣନିଃଶ୍ୱାସୀ ହୋଇଥିବା ବେଳେ କୃଷ୍ଣ ତାଙ୍କୁ ଛାଡ଼ି ଦେଇ ଯଶୋଦାଙ୍କ କୋଳକୁ ଚାଲିଗଲେ ଓ ଯଶୋଦା ତାଙ୍କୁ କୋଳ କରି ଆଉଁସିବାକୁ ଲାଗିଲେ ।

ଯେଉଁଠି ନନ୍ଦଙ୍କର ପରିବାର କ'ଣ ଘଟିଲା ବୋଲି ଆଶ୍ଚର୍ଯ୍ୟ ହୋଇ ଦେଖୁଛନ୍ତି, ସେଠାରେ ପହଞ୍ଚି ନନ୍ଦ ଦେଖିଲେ ପୂତନା ମରି ଶୋଇଛି ।

ସେ ଝାଇଁ ଯାଇଁ ହୋଇ କହୁଥାନ୍ତି, "କୃଷ୍ଣ କେଉଁଠି ଅଛୁ ? ମୁଁ ମଥୁରାରେ ଶୁଣିଲି, ପୂତନା ଗୋକୁଳକୁ ଆସିଛି । ତେଣୁ ମୁଁ ଦଉଡ଼ିଛି ।"

"ମାର, ମାର, ପୂତନାକୁ ମାର"— ବାଉଁଶ ଠେଙ୍ଗା ଧରି ଦୂରପଟେ ଦେଖିଥିବା ଲୋକେ ପାଟି କରୁଥାନ୍ତି ।

ପୂତନାର ମୃତ ଦେହ ପାଖରୁ ଘୁଞ୍ଚିଯାଇ ଯଶୋଦା କହିଲେ, "ସେ ମରି ଯାଇଛି । ମୋ' ପୁଅର ହାତରେ ।"

ଏହା କହି ସେ କୃଷ୍ଣଙ୍କୁ ଛାତିରେ ଜାବୁଡ଼ି ଧରିଲେ । ଏଇ ତାଙ୍କର ନୟନ ପିତୁଳି ! ଏଇ ତାଙ୍କର ଧନ, ତାଙ୍କର ଜୀବନ ।

---


**ସୁନ୍ଦର ଛାପା ଓ ଡିଜାଇନ୍**
ପାଇଁ
**ଅନୁସନ୍ଧାନ କରନ୍ତୁ**

ପୌରୁଷ ପ୍ରେସ, ପୁରୁଣା କଲେଜ ଟଲେ,
କଟକ-୨ ଇଂରାଜୀ ଓ ଓଡ଼ିଆରେ ସମସ୍ତ
ଛାପାକାମ ଏଠାରେ କରାଯାଏ । ଫୋନ-୧୨୮

Digitized by srujanika@gmail.com

# ଉର୍ଦ୍ଦୁ

## [ ଆଧୁନିକ ଯୁଗ ]

ଅଧ୍ୟାପକ ଡକ୍ଟର ବଂଶୀଧର ମହାନ୍ତି

ଯେତେବେଳେ କବିତାରେ ଏହିପରି ଏକ ପତନୋନ୍ମୁଖ କାଳ ପଡ଼ିଥିଲା, ଲକ୍ଷ୍ନୌ ଶୈଳୀର କୃତ୍ରିମତା ଓ ଆଡ଼ମ୍ବରର ହିଁ ପ୍ରାଧାନ୍ୟ ଲାଭ କଲା। ଉର୍ଦ୍ଦୁ ସାହିତ୍ୟାକାଶରେ ହାଲି ଉଦିତ ହୋଇ ଆଧୁନିକ ଉର୍ଦ୍ଦୁ-କବିତାର ଆଲୋକ ସୃଷ୍ଟିଥିଲେ। ଐତିହାସିକ ଦୃଷ୍ଟିରୁ ଏ କବିଙ୍କର ଅଭ୍ୟୁଦୟ ଆକସ୍ମିକ ନଥିଲା। ୧୮୫୭ ମସିହାର ମୁକ୍ତି-ସଂଗ୍ରାମ ଭାରତରେ କେବଳ ଜନ-ଜାଗୃତି ଆଣି ନଥିଲା ସାହିତ୍ୟିକଙ୍କ ମନୋବୃତ୍ତିକୁ ମଧ୍ୟ ବଦଳାଇ ଦେଇଥିଲା। ମୋଗଲ ସାମ୍ରାଜ୍ୟର ଅବସାନ ହେଲା ଓ ମୋଗଲ ଶାସନ କାଳରେ ଦୀର୍ଘ ତିନିଶତ ବର୍ଷ ଧରି ଯେଉଁ ସଂସ୍କୃତି ଲିପ୍ତ ହୋଇ ଯାଇଥିଲା ତାହା ମଧ୍ୟ ଭୂଲୁଣ୍ଠିତ ହେଲା। ବ୍ରିଟିଶ ଶାସକ କୂଟନୀତି, ଛଳ ଓ ଛଳନା ବଳରେ ଭାରତ ଭୂମିରେ ତାର ଅଧିକାର ସୁଦୃଢ଼ କରି ପୁଞ୍ଜିବାଦୀ ସ୍ୱାର୍ଥକୁ କାଏମ କରି ଶୋଷଣ ଆରମ୍ଭ କରି ଦେଇଥିଲେ। ବୈଦେଶିକ ଶାସନ ଫଳରେ ଭାରତର କେତେକ ଲାଭ ମଧ୍ୟ ହୋଇଥିଲା। ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନ ଭାରତୀୟ ସାମାଜିକ ଜୀବନ ଓ ଚିନ୍ତାଧାରା ଉପରେ ଏକ ପ୍ରଭାବ ପକାଇଥିଲା। ଉର୍ଦ୍ଦୁ ସାହିତ୍ୟ ଉପରେ ମଧ୍ୟ ଇଂରାଜୀ ସାହିତ୍ୟର ପ୍ରଭାବ ପଡ଼ିଥିଲା। ଏହି ନୂତନ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ଚଳାଇ ନପାରି ଦାଗ ଓ ଅମୀର ଆଦି ଦିଲ୍ଲୀ ଓ ଲକ୍ଷ୍ନୌ ଛାଡ଼ି ହାଇଦ୍ରାବାଦ ଏବଂ ରାମପୁରରେ ଯାଇ ଆଶ୍ରୟ ନେଲେ। ହାଲୀ ଏହି ନୂତନ ପରିସ୍ଥିତିର ସୁଯୋଗ ନେଇ ଯୁଗ ପ୍ରବର୍ତ୍ତକର ଆସନ ଲାଭ କଲେ।

କର୍ଣ୍ଣେଲ ହାଲ ରଏଡ୍ସଙ୍କର ପ୍ରେରଣାରେ ଆଜାଦ ଏବଂ ହାଲି ନୂତନ କାବ୍ୟଧାରାର

Digitized by srujanika@gmail.com

ଦେବନ୍ଦ୍ରିକ ହୋଇ ଲାହୋରରେ ୧୮୭୪ ରେ କବିତା-ଚକ୍ର ଗଠନ କରି ତହିଁରେ ନୂତନ ଧାରାର କବିତା ପାଠ ଓ ଆଲୋଚନା କଲେ । ହାଲୀ (୧୮୩୭-୧୯୧୪) 'ବରଖା ଋତୁ', 'ନିଶାତ୍', 'ଉନ ହାଫ୍' ଏବଂ "ହୁବେବ୍ ବତନ" ଶୀର୍ଷକ ଗ୍ରନ୍ଥ ଲେଖିଛନ୍ତି । ଆଲିଗଡ଼ ଆନ୍ଦୋଳନର ପ୍ରବର୍ତ୍ତକ ସାର୍ ସୟଦ୍ ଅହ୍ମଦଙ୍କର ପ୍ରେରଣାରେ ମୁସଲମାନ-ମାନଙ୍କର ବିପର୍ଯ୍ୟୟ ଉପରେ ଲିଖିତ ତାଙ୍କର "ମୁସଦ୍ଦସ" ଏକ ମହାନ୍ ଉର୍ଦ୍ଦୁ କାବ୍ୟ । ସେ ଯୁଗର ଏକ ସୁସ୍ପଷ୍ଟ ମୁଦ୍ରାଙ୍କନ ସେଥିରେ ଦେଖିବାକୁ ମିଳେ ।

## ଇକବାଲ

ଜଣେ କ୍ରାନ୍ତଦର୍ଶୀ କବିଭାବରେ ଇକ୍-ବାଲ୍ (୧୮୭୫-୧୯୩୮) ଙ୍କର ସ୍ଥାନ ଉର୍ଦ୍ଦୁ କବିତା କ୍ଷେତ୍ରରେ ଅତି ଉଚ୍ଚରେ । ତାଙ୍କ କବିତାରେ ମାନବ ହିଁ ପ୍ରଧାନ ଉପଜୀବ୍ୟ ଥିଲା । ଆତ୍ମ ସମୀକ୍ଷା ଓ ଆତ୍ମ-ଶୋଧନ ଦ୍ୱାରା ବ୍ୟକ୍ତିତ୍ୱ ବଳିଷ୍ଠ ବିକାଶ, ଜଗତରେ ମାନବର ଶ୍ରେଷ୍ଠତା ଓ ମାନବାତ୍ମାର ଅସଂଖ୍ୟ ସମ୍ଭାବନା ଉପରେ ସେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ଇକ୍‌ବାଲ୍ ପୂରା ବିଶ୍ୱାସ କରିଥିଲେ ଯେ ଜଡ଼ବାଦର ଦୁର୍ବଳ ଭିତ୍ତି ଉପରେ ସଭ୍ୟତାର ସ୍ଥିତି ଓ ପ୍ରଗତି ଚିର-ସ୍ଥାୟୀ ହୋଇପାରେ ନା, ତେଣୁ ସେ ପାଶ୍ଚାତ୍ୟ ଦେଶମାନଙ୍କୁ ଚେତାବନୀ ଶୁଣାଇ ଥିଲେ ଯେ ଯଦି ସେମାନେ ଜଡ଼ବାଦ ଉପରେ କେବଳ ଭିତ୍ତି ହେବାକୁ ଚାହାନ୍ତି ତେବେ ସେମାନଙ୍କର ସଭ୍ୟତା ଖୁବ ଶୀଘ୍ର ବିପର୍ଯ୍ୟସ୍ତ ହେବ ହିଁ ହେବ । ଯେଉଁ ଦେଶ ଅଧ୍ୟାତ୍ମିକ ଶକ୍ତି ଓ ଗୁରୁତ୍ୱ ଉପରେ ବଳୀ-ୟାନ୍ ସେ ହିଁ ବିଶ୍ୱର ନେତୃତ୍ୱ ନେଇ-ପାରିବ ।

ଇକ୍‌ବାଲ୍ ଏକ ବିଶିଷ୍ଟ ଶୈଳୀର ପ୍ରଦ୍ୟୋତକ । ଆଜିର ଅଧିକାଂଶ କବିଙ୍କ ଉପରେ ତାଙ୍କର ଶୈଳୀର ପ୍ରଭାବ ପରିଲକ୍ଷିତ ହୁଏ । ସେ ଯାହା କିଛି ଲେଖୁଥିଲେ, ତାଙ୍କର ପ୍ରତିଭାର ସ୍ପର୍ଶ-ମଣିରେ ସୁବର୍ଣ୍ଣ ପରି ପ୍ରତିଭାତ ହୋଇ ଉଠୁଥିଲା । ମର୍ମସ୍ପର୍ଶୀ କାବ୍ୟିକ ପ୍ରକାଶଭଂଗୀ ସହ ବ୍ୟାପକ ଅର୍ଥ-ବତ୍ତାର ଦ୍ୟୋତନା ସମନ୍ୱିତ କରି ସେ ଅପୂର୍ବ କାବ୍ୟ ରଚନା କରିପାରୁଥିଲେ ।

ଜୋଶ୍ ମଲିହାବାଦୀ ମଧ୍ୟ ଜଣେ କ୍ରାନ୍ତଦର୍ଶୀ ପ୍ରଗତିବାଦୀ କବି । ଦୁଇ ଦୁଇଟି ବିଶ୍ୱଯୁଦ୍ଧ, ୧୯୨୧ ର ଅସହଯୋଗ ଆନ୍ଦୋ-ଳନ, ବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିର ଆର୍ଥିକ ଦୁର୍ଭିକ୍ଷ, ୧୯୩୧ ର ଆଇନ୍ ଅମାନ୍ୟ ଆନ୍ଦୋଳନ, ଶ୍ରମିକ ଓ ପୁଞ୍ଜିପତି ସଂଘର୍ଷ ଏବଂ ସମାଜବାଦୀ ବିଚାରର ବହୁଳ ପ୍ରଚାର ପ୍ରଭୃତି ଉର୍ଦ୍ଦୁ କବିତାକୁ ବିପ୍ଳବବାଦୀ କରି ଗଢ଼ିଥିଲା । ଜୋଶୀ ଏହି ବିପ୍ଳବବାଦୀ ଭାବନାର ପ୍ରତିନିଧି ଭାବରେ ଦେଖା ଦେଇଥିଲେ ।

ପ୍ରଥମ ବିଶ୍ୱ ମହାଯୁଦ୍ଧ ପରେ ଗଜଲ ରଚନାରେ କେତେକ ପରିବର୍ତ୍ତନ ଦେଖା ଦେଇଥିଲା । ଇକ୍‌ବାଲ୍‌ଙ୍କ ପ୍ରଯତ୍ନରୁ ଉର୍ଦ୍ଦୁ ଗଜଲ ରେ ସାମାଜିକ ଚେତନାର ସମାବେଶ ହୋଇଥିଲା । ପୂର୍ବବର୍ତ୍ତୀ କବି ହାଲିଙ୍କ ପରି ପୁଣି ଜନତା ମଧ୍ୟରେ ଜାଗୃତି ଆସିବା ଲାଗି

Digitized by srujanika@gmail.com

କବିତାକୁ ପାଞ୍ଚଜନ୍ୟ କରି ଗଢ଼ିଥିଲେ । ଏଥିରେ ସେ ନିଜର ଦାର୍ଶନିକ ଚିନ୍ତାଧାରା ମଧ୍ୟ ପରିବେଷଣ କରୁଥିଲେ ।

୧୯୨୦ ମସିହାରୁ ଯେଉଁ ଯୁଗର ଆରମ୍ଭ ହୋଇଥିଲା ତହିଁରେ ଅନୁବାଦ, ଉତ୍କୃଷ୍ଟ ବିଷୟବସ୍ତୁ । ନୂତନ ନୂତନ ଛନ୍ଦର ପରୀକ୍ଷା ଏବଂ ସନେଟ୍ ରଚନା ପ୍ରାଧାନ୍ୟ ଲାଭ କରିଥିଲା । ସନେଟ୍ ରଚନାରେ ଅଜମତୁଲ୍ଲାହ ଖାଁ, ଅଖ୍‌ତର ଶୀରାନୀ ଏବଂ ହଫିଜ ଅଧିକ ସାଫଲ୍ୟ ଅର୍ଜନ କରିଥିଲେ । ୧୯୫୩ ମସିହା ପରେ ଉର୍ଦ୍ଦୁ ସାହିତ୍ୟରେ ରାଜନୀତିକ ଆନ୍ଦୋଳନ ଓ ବିଭିନ୍ନ ଧାରାର ପ୍ରଭାବ ବିଶେଷ ଭାବରେ ପଡ଼ିଥିଲା । ଏହି ବିଭିନ୍ନଧାରାର ପ୍ରତିନିଧି ଭାବରେ ଜୋଶ୍, ଫୈଜ୍, ଫିରାକ୍, ଜଜ୍‌ବୀ, ମଖଦୁମ୍, ଜାଁ ନିସାର୍ ଏବଂ ଜାଫରୀ ପ୍ରଭୃତିଙ୍କ ନାମ ଉଲ୍ଲେଖନୀୟ ।

ଆଜିର କବିତା ଅନେକ ଦିଗରୁ ଅନେକ ପରିମାଣରେ ଉତ୍ସାହପ୍ରଦ । ଏଥିରେ ସ୍ୱଦେଶପ୍ରୀତି, ଧର୍ମ ନିରପେକ୍ଷ ଉଦାର ଦୃଷ୍ଟି ଭଙ୍ଗୀ, ସ୍ୱାଧୀନତା ସଂଗ୍ରାମର ଚିତ୍ର, ଉପଦ୍ରବରେ ଜର୍ଜର ଦେଶବାସୀଙ୍କ ଯାତନା, ଶରଣାର୍ଥୀ ମାନଙ୍କର ଗଭୀର ବେଦନା ଏବଂ ଏମାନଙ୍କର ପୁନର୍ବସତି-ସମସ୍ୟା ଆଦି ପ୍ରତିବିମ୍ବିତ ହୋଇଛି । ଆଜିର କବି ଆଗରେ ଏକ ବ୍ୟାପକ ପରିଧି ଉନ୍ମୁକ୍ତ । ନିଜର କୃତିରେ ସେହି ବ୍ୟାପକ ଭାବଧାରାର ପ୍ରତିବିମ୍ବନରେ ତାହାର ସିଦ୍ଧି ।

## ଗଦ୍ୟ

ଉର୍ଦ୍ଦୁ ଗଦ୍ୟର ଆରମ୍ଭର ଉଲ୍ଲେଖ ପୂର୍ବରୁ କରାଯାଇଛି । ଆରମ୍ଭିକ ଗଦ୍ୟକୃତି ମାନଙ୍କ ମଧ୍ୟରେ 'ମିରାଜୁଲ୍ ଆଶିକୀନ୍' (୧୪୨୨), ସବରସ' (୧୬୩୫) ଏବଂ 'ରାଣୀ କେତକୀ କାହାଣୀ' (୧୮୦୭) ପ୍ରଧାନ । ଉତ୍ତର ଭାରତରେ ଉର୍ଦ୍ଦୁ ଗଦ୍ୟର ପ୍ରଗତି ଅଧିକ ହୋଇନାହିଁ, କାରଣ ଦରବାର ଏବଂ ସଂସ୍କୃତିର ଭାଷା ଫାରସୀ ଥିବାରୁ ଏହା ଦବି ଯାଇଥିଲା । ତଥାପି ଯେଉଁ କେତୋଟି ଗଦ୍ୟର ବିକାଶ ହୋଇଥିଲା ସେଥିରେ ଫାର୍ସୀ ଶୈଳୀ ଅନୁସୃତ ହୋଇଥିଲା । ଫଜ୍‌ଲୀଙ୍କର "ଦେହ ମଜ୍‌ଲିସ୍" (୧୭୩୨), ରଜବ ଅଲି ବେଗ୍‌ଙ୍କର "ଫସାନାଏ ଅଜାୟବ" (୧୮୨୪) ପ୍ରଭୃତି ଏହାର ଉଦାହରଣ । ଏହା ଗଦ୍ୟ କବିତାର ଅଧିକ ନିକଟବର୍ତ୍ତୀ ଏବଂ ଦୈନନ୍ଦିନ ସଲାପର ଅନୁପଯୁକ୍ତ ।

## ମିର୍ଜା ଗାଲିବ

ମୀର୍ଜା ଗାଲିବଙ୍କ ଲେଖାମାନଙ୍କରେ ସେହି ସମୟର ପୁନର୍ଜାଗରଣର ପ୍ରକୃତ ପ୍ରତିଫଳିତ ହୋଇଥିଲା । ଗାଲିବ ଏକାଧାରରେ ଜଣେ ମହାନ୍ କବି ଓ ଏକ ବିଶିଷ୍ଟ ଗଦ୍ୟ ଲେଖକ । ତାଙ୍କର ପ୍ରତି ପୃଷ୍ଠାରେ ଦର୍ପଣ-ସ୍ୱଚ୍ଛ ସ୍ପଷ୍ଟ-ବାଦିତା ଦେଦୀପ୍ୟମାନ ଏବଂ ସେ ଚିଠି ପ୍ରବାହମୟୀ ଶୈଳୀରେ ଲେଖି ଯାଇଛନ୍ତି । ସେ ପଦ୍ୟ ସାହିତ୍ୟର ଜଣେ ରତ୍ନ ଓ ଆଧୁନିକ ଗଦ୍ୟ ବିକାଶର ଏକ ମହତ୍ତ୍ୱପୂର୍ଣ୍ଣ ମାଇଲ ଷ୍ଟୋନ୍ ।

ସାର୍ ସୟଦ୍ ଅହମ୍ମଦ ଖାଁଙ୍କ ପ୍ରୟତ୍ନରେ ଉର୍ଦ୍ଦୁ ଗଦ୍ୟକୁ ଚମତ୍କାରିତା, ଅଳଂକାରବହୁଳ-ତ୍ୱ ଏବଂ ଅନାବଶ୍ୟକ ପାଣ୍ଡିତ୍ୟ ଭାରରୁ

Digitized by srujanika@gmail.com

ମୁକ୍ତ ମିଳିଲା । ସାର୍ ସୈୟଦଙ୍କୁ 'ଆଧୁନିକ ଉର୍ଦ୍ଦୁ ଗଦ୍ୟର ଜନକ' ନାମରେ ଅଭିହିତ କରିଥିଲେ । ୧୮୬୪ ରେ ସର ସୟଦ୍ ଇଂରେଜୀ ଭାଷାର ଅନେକ ବିଶିଷ୍ଟ ଗ୍ରନ୍ଥ ଅନୁବାଦ କରିବାଲାଗି ଏକ ସାହିତ୍ୟିକ ଓ ବୈଜ୍ଞାନିକ ସଂସ୍ଥାର ସ୍ଥାପନ କରିଥିଲେ ଏବଂ ୧୮୭୦ ରେ "ତହଜିବୁଲ୍ ଅଖଲାକ" ନାମକ ଏକ ପତ୍ରିକା ବାହାର କରିଥିଲେ । ସେ ଉର୍ଦ୍ଦୁ ଗଦ୍ୟରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିଲେ ଏବଂ ଅନେକ ବିଖ୍ୟାତ ଗଦ୍ୟ-ଲେଖକଙ୍କୁ ଗଢ଼ିଥିଲେ । ସେ ରାଜନୈତିକ, ସାମାଜିକ, ସାହିତ୍ୟିକ, ସବୁ କ୍ଷେତ୍ରରେ ପ୍ରଭାବଶାଳୀ ଥିଲେ ।

ଉର୍ଦ୍ଦୁ କଥା ସାହିତ୍ୟ "ଦାସ୍ତାନ୍" ବା କଥାମାଳା ଦୃଷ୍ଟିରୁ ଅତ୍ୟନ୍ତ ସମୃଦ୍ଧ । ଏମାନଙ୍କ ଭିତରୁ ଅଧିକାଂଶ ଫାରସୀରୁ ଅନୂଦିତ । ଉର୍ଦ୍ଦୁ କାହାଣୀରେ ଦୁଃସାହସିକ ଘଟଣା, ଅଲୌକିକ କାର୍ଯ୍ୟ ଓ ପ୍ରେମର ଦୀର୍ଘ ବର୍ଣ୍ଣନା ରହିଛି ।

ନଜୀର ଅହମଦଙ୍କ ପରେ ଆଧୁନିକ ଉର୍ଦ୍ଦୁ ଉପନ୍ୟାସର ପ୍ରକୃତ ଆରମ୍ଭ ପଣ୍ଡିତ ରତନନାଥ ସରଶାର (ମୃ. ୧୯୦୧)ଙ୍କର କୃତିମାନଙ୍କରେ ହୋଇଛି । ସେ ୧୮୭୮ରେ "ଫସନାଏ ଆଜାଦ" ର ପ୍ରଥମ ଭାଗ "ଅବଧ ଅଖବାର୍"ରେ ପ୍ରକାଶିତ କରିଥିଲେ । ଏହା ଏକ ଅମର ସୃଷ୍ଟି । ତତ୍କାଳୀନ ଲକ୍ଷ୍ନୌ ଜୀବନର ବାସ୍ତବ ଚିତ୍ର ଏଥିରେ ରହିଛି । କଳ୍ପନା ବା ଆଦର୍ଶ କୃତ୍ରିମ ଭାବରେ ଏଥିରେ ପ୍ରବେଶ କରିପାଇ ନାହିଁ ।

ଅବ୍ଦୁଲ୍ ହଲୀମ ଶରର "ଫଲ୍ଲି ଫ୍ଲୋରା" ଲେଖି ଐତିହାସିକ ଉପନ୍ୟାସର ପ୍ରଗତି ସାଧନ କରିଛନ୍ତି । ଶରର ଏକାଧାରରେ ଔପନ୍ୟାସିକ, ଐତିହାସିକ, ଆଲୋଚକ, ପ୍ରାବନ୍ଧିକ ଓ ପତ୍ରକାର । ତାଙ୍କର ରଚନା ସଂଖ୍ୟାରେ ଅଧିକ ।

ମିର୍ଜା ହାଦୀ ରୁସୱା "ଉମରାଓ ଜାନ୍ ଅଦା"ର ଲେଖକ ଭାବରେ ପ୍ରସିଦ୍ଧ । ଏହା ଲକ୍ଷ୍ନୌର ଏକ ନର୍ତ୍ତକୀର ଜୀବନ କଥା ।

ନଜୀର ଅହମଦଙ୍କର "ଜାହିର୍ ଦାର ବେଗ୍", ସରଶାରଙ୍କର "ଖୋଜା", ରୁସୱାଙ୍କର 'ଶରିଫ୍' ଏବଂ ରଶିଦୁଲ୍ ଖୈରୀଙ୍କର "ନାନୀ ଅଶଶୋ" ଉର୍ଦ୍ଦୁ ସାହିତ୍ୟର ଅମର ଚିତ୍ର । ଏମାନେ ଜୀବନର ସ୍ପନ୍ଦନରେ ଭରପୂର ।

## ପ୍ରେମଚାନ୍ଦ

ପ୍ରେମଚନ୍ଦ ଔପନ୍ୟାସିକ-ମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ସେ ପୁରାପୁରି ବାସ୍ତବବାଦୀ । ପଦ ଦଳିତ, ଅବହେଳିତ ଜନତାର ଦୁଃଖ, ଦୁର୍ଦ୍ଦଶା ସେ ଅତି ସଫଳ ଭାବରେ ଚିତ୍ରଣ କରି ପାରିଛନ୍ତି । ମୂକ, ପଦଦଳିତ ଜନତା ମୁଖରେ ସେ ଆଗ୍ନେୟବାଣୀ ଦେଇଛନ୍ତି ଏବଂ ମହତ୍ତ୍ୱର ଶିଖର ପ୍ରଦେଶରେ ବସାଇଛନ୍ତି । ଜନତାର ଆର୍ଥିକ ସଂଘର୍ଷ ସହ ଆଧ୍ୟାତ୍ମିକ ଜାଗରଣ ତାଙ୍କ କୃତିରେ ସ୍ପଷ୍ଟ । ତାଙ୍କର ଗୋଦାନ,......ଅମର କୃତି । କାହାଣୀକାର ଓ ଔପନ୍ୟାସିକଙ୍କ ଆଗରେ ସେ ଆକାଶ ଦୀପ ପରି ।

Digitized by srujanika@gmail.com

ଆଧୁନିକ ଉପନ୍ୟାସ-କାରମାନଙ୍କ ଭିତରେ କୃଷ୍ଣଚନ୍ଦ୍ର, ଅହମ୍ମଦ ଅଲ୍ଲୀ, ଅଶ୍କ, ଇସ୍ମତ, ଅଜୀଜ ଅହମ୍ମଦ, ଖ୍ୱାଜା ଅହମ୍ମଦ ଅବ୍ବାସ ଏବଂ ସାଲହା ଆବିଦ ହୁସେନଙ୍କୁ ନିଆଯାଇପାରେ । ଏମାନେ ବିଦେଶୀ ପ୍ରଭାବ ଏବଂ ଏହି ଯୁଗର ଅଧ୍ୟାତ୍ମିକ ଅସ୍ଥିରତା ପ୍ରତି ସଜାଗ ।

ଉର୍ଦ୍ଦୁରେ ଆଧୁନିକ କାହାଣୀର ଆରମ୍ଭ ପ୍ରେମଚନ୍ଦଙ୍କ ଠାରୁ ହୋଇଛି ବୋଲି ସ୍ୱୀକାର କରିବାକୁ ହେବ । ସେ ଜଣେ ସମ୍ବେଦନଶୀଳ ଓ ବହୁରବନ୍ତ କଳାକାର ଥିଲେ । ସେ ଦେଶର ଲକ୍ଷ ଲକ୍ଷ ଶ୍ରମିକ ଶ୍ରେଣୀର ଜୀବନର ପ୍ରତିଟି ମୁହୂର୍ତ୍ତକୁ ସୂକ୍ଷ୍ମ ଦୃଷ୍ଟିରେ ନିରୀକ୍ଷଣ କରି ଶହ ଶହ କରୁଣ ଘଟଣାକୁ ସରଳ ଅଥଚ ଶକ୍ତିଶାଳୀ ଶବ୍ଦରେ ବ୍ୟକ୍ତ କରିଛନ୍ତି । କିନ୍ତୁ ନିୟାଜ, ସଜ୍ଜାଦ, ହୈଦର ଯଲଦରମ ଏବଂ ଏଲ. ଅହମ୍ମଦଙ୍କ ରଚନାମାନଙ୍କରେ ଆସ୍ୱାସ ମଧ୍ୟ କଳ୍ପନା ଓ ଭାବୁକତାର ସ୍ପର୍ଶ ମିଳେ । ଉର୍ଦ୍ଦୁ ବସ୍ତୁତଃ ପ୍ରେମଚନ୍ଦଙ୍କର ପ୍ରଯତ୍ନରୁ ଓ ଚେଖଫ୍ ତଥା ମୋପାସାଁଙ୍କ ପଦାଙ୍କ ଅନୁସରଣ କରି ଅଗ୍ରସର ହୋଇଛି । ପ୍ରଗତିଶୀଳ ଆନ୍ଦୋଳନ ଦ୍ୱାରା ମଧ୍ୟ କାହାଣୀର ବିକାଶ ହୋଇଥିଲା । ୧୯୩୫ରେ ଯେତେବେଳେ ମୁଜୀବ୍, ଅହମ୍ମଦ ଅଲ୍ଲୀ, କୃଷ୍ଣଚନ୍ଦ୍ର, ଖ୍ୱାଜା ଅହମ୍ମଦ ଅବ୍ବାସ, ସଜ୍ଜାଦ ଜହିର, ମଣ୍ଟୋ, ଇସ୍ମତ, ଅସ୍କରୀ, ବେଦୀ, ନଦୀମ, କାସମୀ, ଅଶ୍କ, ହୟାତୁଲ୍ଲାହ ଆଦି ଲେଖୁଥିଲେ କାହାଣୀ ଏକ ମହତ୍ତ୍ୱପୂର୍ଣ୍ଣ କଳାରୂପରେ ଅଧିକାର ହୋଇଥିଲା । ସେହିସବୁ କାହାଣୀ-ଲେଖକମାନେ ମାନବ ପ୍ରକୃତିର ନିରୀକ୍ଷଣ ଓ ଅବଚେତନ ମନର ଚିତ୍ରଣ କରିଛନ୍ତି । କେତେକ କାହାଣୀରେ ଯୌନ-ଆକାଂକ୍ଷା, ପ୍ରସ୍ୱେ-ପ୍ରବୃତ୍ତି ଓ ଅତି ଭାବୁକତା ଦେଖିବାକୁ ମିଳେ ।

ଉର୍ଦ୍ଦୁରେ ମିଳୁଥିବା ସବୁ ପ୍ରାଚୀନ ନାଟକ ହେଉଛି "ଅମାନତ" । ଏହା ଏକ ଗୀତିନାଟ୍ୟ ଓ ଓ୍ୱାଜିଦ୍ ଅଲ୍ଲୀ ଶାହଙ୍କ ସମୟରେ ଲେଖାଯାଇଛି । ଅଲ୍ଲୀ ଶାହଙ୍କ ନିର୍ବାସନ ପରେ ପାର୍ସୀ ଥିଏଟର୍‌କାଳ କମ୍ପାନୀ ଗୁଡ଼ିକର ନାଟକାବଳୀ ଜନତାର ମନୋରଞ୍ଜନ କରିଥିଲା । ମୋହମ୍ମଦ ମିର୍ଯ୍ଯା ରୌନକ ବନାରସୀ, ତାଲିବ୍ ଏବଂ ଅହସାନ୍ ଲଖନଉ୍ୱୀ ଏହି କମ୍ପାନୀଗୁଡ଼ିକର ନାଟ୍ୟକାର ଥିଲେ । ଆଗା ହଶ୍ର କାଶ୍ମୀରୀଙ୍କୁ "ଉର୍ଦ୍ଦୁ ରଙ୍ଗମଞ୍ଚର ମାର୍ଲୋ" ବୋଲି କୁହାଯାଏ । ଏହି ସମୟର ନାଟକଗୁଡ଼ିକ ମନ୍ଦ-ଗତି-ଯୁକ୍ତ ଗଦ୍ୟରେ ଲେଖା ଯାଇଛି ।

## ପତ୍ର ସାହିତ୍ୟ

ଉର୍ଦ୍ଦୁର ପତ୍ର ସାହିତ୍ୟ ମଧ୍ୟ ସମୃଦ୍ଧ ଓ ବ୍ୟାପକ । ଏହି ସାହିତ୍ୟର ଅନେକ ମହାରଥୀମାନଙ୍କର ପତ୍ରାବଳୀର ସଙ୍କଳନ ମିଳୁଅଛି । ଏଥିରେ ଅନେକଙ୍କର ନାମ ଏହିଭଳି ମିଳୁଅଛି :—ରଜବ ଅଲ୍ଲୀ ବେଗ ସୁରୁର, ଓ୍ୱାଜିଦ୍ ଅଲ୍ଲୀ ଶାହା, ମିର୍ଜା ଗାଲିବ, ହାଲୀ, ଶିବଲୀ, ମେହଦୀ ଇଫାଦୀ ଏବଂ ମୌଲାନା ଆଜାଦ । ଏହି ପତ୍ରଗୁଡ଼ିକରେ ବିଚାର ଏବଂ ଭାବନାର ସମନ୍ୱୟ ମିଳୁଅଛି । ଏମାନଙ୍କର ଭାଷା ଭାବପୂର୍ଣ୍ଣ ଓ ସଳାପର ଭାଷା ।

Digitized by srujanika@gmail.com

ଚଳଚିତ୍ର ପରିବେଷଣରେ

# ନୂଆ ଆଲୋଡନ ସୃଷ୍ଟି କରିଛି

ଓଡ଼ିଶାରେ ସୁନାମଧନ୍ୟ

# ରୂପରାଗ ପ୍ରାଇଭେଟ୍ ଲିମିଟେଡ

ଅଫିସ:

ପୁରୀଘାଟ, କଟକ

Digitized by srujanika@gmail.com

# ସାରଳା ଦାସ ଓ ରାମାୟଣର ଚରିତାବଳୀ

**ନୀଳମଣି ମିଶ୍ର, ଓଡ଼ିଶା ମ୍ୟୁଜିଅମ**

ଉତ୍କଳର ବ୍ୟାସଦେବ ସାରଳା ଦାସ ଅଷ୍ଟାଦଶ ପର୍ବ ବିଶିଷ୍ଟ ମହାଭାରତ ରଚୟିତା ରୂପେ ଓଡ଼ିଶାର ଘରେ ଘରେ ସୁପରିଚିତ । ପଡ଼ୋଶୀ ପ୍ରାଦେଶିକ ଭାଷା ବଙ୍ଗଳା ଓ ହିନ୍ଦୀରେ ସ୍ୱତନ୍ତ୍ର ରଚନାର ନାମଗନ୍ଧ ନଥିବା ବେଳେ ସେ ମହାପୁରୁଷ 'ଝଙ୍କଡ଼' ପରି ଏକ ପଲ୍ଲୀଗ୍ରାମର କୃଷକ ପରିବାରରେ ଜନ୍ମ ଗ୍ରହଣ କରି ସେଠାକାର ଅଧିଷ୍ଠାତ୍ରୀ ଦେବୀ 'ସାରଳା'ଙ୍କ ପ୍ରାସାଦରୁ ମହାଭାରତ ପରି ଅଷ୍ଟାଦଶ ପର୍ବ ବିଶିଷ୍ଟ ଏକ ବିରାଟ ମୌଳିକ ରଚନାର ରଚୟିତା ରୂପେ ଉତ୍କଳର ସ୍ୱର ପର୍ଣ୍ଣରେ ଖ୍ୟାତ ହୋଇ ଥିଲେ ।

ଗଙ୍ଗବଂଶର ଅବସାନପରେ ଗଜପତି କପିଳେନ୍ଦ୍ରଙ୍କ ଠାରୁ ଉତ୍କଳର ରାଜସିଂହାସନରେ ସୂର୍ଯ୍ୟବଂଶର ଆଧିପତ୍ୟ ବିସ୍ତାର ଲାଭ କରିଥିଲା । କପିଳେନ୍ଦ୍ରଦେବଙ୍କ ଅମଳରେ ପ୍ରଜାମାନେ କେବଳ ସୁଖ ଶାନ୍ତିରେ ବାସ କରୁଥିଲେ ତା'ନୁହେଁ, ରାଜ୍ୟର ଗୁଣୀ ଓ ବରେଣ୍ୟ ବ୍ୟକ୍ତିମାନେ ସମୁଚିତ ଭାବରେ ସତ୍କୃତ ହୋଇ ସୁଖଶାନ୍ତିରେ ବସବାସ କରିବା ସଙ୍ଗେ ସଙ୍ଗେ ବହୁ ଗ୍ରନ୍ଥର ପ୍ରଣେତା ରୂପେ ଦେଶ ବିଦେଶରେ ପରିଚିତ ହୋଇ ଥିଲେ ।

କବି ସାରଳା ଦାସ ସେହି ପ୍ରବଳ ପ୍ରତାପୀ ରାଜା କପିଳେନ୍ଦ୍ରଙ୍କ ସମୟରେ ମହାଭାରତର ଅବଲମ୍ବନରେ ଓଡ଼ିଆ ମହାଭାରତର ରଚନା କରିଥିଲେ । (୧)

କବି ସାରଳା ଦାସ ସ୍ୱତନ୍ତ୍ର ରାମାୟଣ ଗ୍ରନ୍ଥର ରଚନା କରି ନଥିଲେ ହେଁ ତାଙ୍କ ରଚିତ 'ବିଲଙ୍କା ରାମାୟଣ' ଓ 'ମହାଭାରତ'ର କେତେକ ସ୍ଥଳରେ ସମ୍ପୂର୍ଣ୍ଣ ରାମାୟଣର ବିଷୟ ବସ୍ତୁର ଏକ ସଂକ୍ଷିପ୍ତ ଆଲୋଚନା କରିଛନ୍ତି । ତାଙ୍କ ମହାଭାରତର 'ବନପର୍ବ'ରେ ରାମାୟଣର ଚରିତାବଳୀ ଅତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ସେ ପ୍ରକରଣରେ କବି ସାରଳା ଦାସ ଭଗୀରଥଙ୍କ ଜନ୍ମ, ତାଙ୍କ ଦ୍ୱାରା ଗଙ୍ଗାଙ୍କ ଆନୟନ ଓ ସ୍ୱପିତୃପୁରୁଷଙ୍କ

---

(୧) ବିଶେଷ ଆଲୋଚନା ନିମିତ୍ତ ପ୍ରଖ୍ୟାତ ଐତିହାସିକ ଡକ୍ଟର ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଲିଖିତ 'ଓଡ଼ିଆ ମହାଭାରତରେ ବର୍ଣ୍ଣିତ ଦେବରକୋଣ୍ଡାର ଯୁଦ୍ଧ' ଶୀର୍ଷକ ଇଂରାଜୀ ପ୍ରବନ୍ଧ ଦ୍ରଷ୍ଟବ୍ୟ, Ref. J. A. H. R. S. vol. xxv P. 19.

Digitized by srujanika@gmail.com

ଦ୍ୱାର ବିଷୟ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି ।

"ଏଥୁ ଅନନ୍ତରେ ଶୁଣ ମନ ନରପତି,
ଏ ଉକ୍ତିରୁ ଯାହା ହେଲା ସ୍ଥିର ମତି ।।
ସଗରର ଯେଉଁ ପୁତ୍ର ଥିଲା ଅଂଶୁମାନ ।
ଦିଲ୍ଲୀପ ନାମେ ତାହାର ହୋଇଥିଲା-
ନନ୍ଦନ ।।

× × ×

ଦିଲୀପ ରାଜନ ଯହୁଁ ଗଲେ ସ୍ୱର୍ଗଲୋକ ।
ରାଜା ବିହନେ ଅଯୋଧ୍ୟା ହେଲା-
ଅରାଜକ ।।

× × ×

ଶୁଣି ଶିବ ଦିଲ୍ଲୀପଙ୍କ ରାଣୀ ପାଶେ ଗଲେ ।
ପୁତ୍ରବତୀ ହୁଅ ବୋଲି ତାଙ୍କୁ ବର ଦେଲେ ।।

× × ×

ଶିବ କହିଲେକ ଋତୁକାଳେ ଦୁଇଜଣ ।
ରତି କଲେ ଜଣକର ହୋଇବ ନନ୍ଦନ ।।

× × ×

ନିଶ୍ଚୟ ଉଦ୍‌ଗତ ହେବ ତୁମ୍ଭଙ୍କ ଏ ପୁତ୍ର ।
ଯତନେ ପାଳ ସ୍ତା'ନାମ ହେଉ ଭଗୀରଥ ।।

ଉକ୍ତ ପ୍ରକରଣରେ କବି ସାରଳା ଦାସ ମଧ୍ୟ ଐରାବତ ଓ ଗଙ୍ଗାଙ୍କ ଯୁଦ୍ଧ ପ୍ରସଙ୍ଗର ଅବତାରଣା କରିଛନ୍ତି । ଅନ୍ୟତ୍ର ମଧ୍ୟ କଳ୍ପନା-ବିଳାସୀ କବି ସାରଳାଦାସ ଗଙ୍ଗାଙ୍କ ଆଗମନ ପ୍ରକରଣରେ ଜୟନ୍ତକ ଓ ଅଜୟନ୍ତ ନାମକ ଦ୍ୱାରପାଳଙ୍କ ଶୂଳ ପ୍ରହାରରେ ମେରୁ ଗିରିରୁ ଗଙ୍ଗାଙ୍କ ନିସ୍ତାର ଓ ତହିଁରେ ନିର୍ଧାର ଗଙ୍ଗାଙ୍କୁ ଶୁଣ୍ଢୀଅଣୀ ନିଜ ସୁରା ହାଣ୍ଡିରେ ଭରିବାର ଘଟିବା ବୃତ୍ତାନ୍ତକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି ।

## ଅଦ୍ଭୁତ କଳ୍ପନା

ପରବର୍ତ୍ତୀ ଅଧ୍ୟାୟର ତାଡ଼କାସୁବାହୁବଧ ପ୍ରକରଣରେ କବି ସାରଳା ଦାସ ଅଦ୍ଭୁତ କଳ୍ପନାମାନ କରି ଯେପରି ଭାବରେ ନିଜର କାଳ୍ପନିକ କାହାଣୀର ସଙ୍ଗତି ରକ୍ଷା କରି-ଛନ୍ତି, ତାହାହିଁ ତାଙ୍କ ପ୍ରତିଭାର ବିଶେଷତ୍ୱ ।

"ତ୍ରେତୟା ଯୁଗର କଥା ଶୁଣ
ଯୁଧିଷ୍ଠିରେ ।
ଦଶରଥ ଲୁଚିଥିଲା ପର୍ଶୁରାମ ଡ଼ରେ ।
ଅପୁତ୍ରିକ ଦୋଷେ ତାଙ୍କୁ ପର୍ଶୁ ନ
ମାଇଲେ ।
ଯହୁଁ ତାର ବୃଦ୍ଧପୁତ୍ର ଜନମ ହୋଇଲେ ।।
ତାଙ୍କୁ ପର୍ଶୁରାମଠାରୁ କଲେକ ଗୁପତ ।
ଅନ୍ତଃପୁରୁ ବାହାର ନକରି ଦଶରଥ ।।
ପାତ୍ର ଅମାତ୍ୟ ଏ ଅବା ଜାଣନ୍ତି ସକଳ ।
ଗୁପ୍ତେ ସାତବର୍ଷ ତାଙ୍କୁ କଲେ ମହୀପାଳ" ।।

ତହିଁରେ ବିଶ୍ୱାମିତ୍ର ମୁନି ସନ୍ଧ୍ୟା କରି ବସିଥିବା ବେଳେ ଗୋଟିଏ ଅଦ୍ଭୁତ ଘୋଟକ ଆସି ସେଠାରେ ଉପସ୍ଥିତ ହେଲା । ସେ ଘୋଟକର ସର୍ବାଙ୍ଗରେ ତ୍ରିଶୂଳ, ନାରାଚ, ଶାବେଳୀ, ଚକ୍ର, ଯଷ୍ଟି, ଲଉଡ଼ିଆ, ଜୋଣ, ନବନଶି କୁନ୍ତ, ଗଦା, ମୁଦ୍‌ଗର, ଫଳା ଆଦି ଅସ୍ତ୍ର ଶସ୍ତ୍ର ବିଦ୍ଧ ହୋଇଥିଲା, ସେ ଅଦ୍ଭୁତ ଘୋଟକର ବର୍ଣ୍ଣ ଧବଳ । ସେହି ସମୟରେ ଆକାଶରୁ ଏକ ଖଡ୍‌ଗ ଆସି ଉପସ୍ଥିତ ହେଲା ଏବଂ ସେହି ଘୋଟକରେ ଚଢ଼ି ନିର୍ଦ୍ଦିଷ୍ଟ ଖଡ୍‌ଗଦ୍ୱାରା ଦଶରଥ ଗୃହରେ ଜାତ ହୋଇଥିବା ରାମ ଲକ୍ଷ୍ମଣ ତାଡ଼କାକୁ ସଂହାର କରିବେ ବୋଲି ବିଶ୍ୱାମିତ୍ରଙ୍କୁ

Digitized by srujanika@gmail.com

ନିର୍ଦ୍ଦେଶ କରି ଆକାଶବାଣୀ ହେଲା । ବିଶ୍ୱାମିତ୍ର ତତ୍ପରେ ଅଯୋଧ୍ୟାକୁ ଯାଇ ଦଶରଥଙ୍କ ଠାରେ ଉପସ୍ଥିତ ହୁଅନ୍ତେ ସେ ମିଥ୍ୟା କଥା କହି ନିଜର ପୁତ୍ର ନଥିବା ବିଷୟ ଜଣାଇଥିଲା । ତହୁଁ ବିଶ୍ୱାମିତ୍ର ଦଶରଥଙ୍କୁ ଆକାଶବାଣୀ ବିଷୟ ଜଣାଇଲେ । ତତ୍ପରେ ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ ଆଣି ଗଙ୍ଗାରେ ସ୍ନାନ କରାଇ ଶୁଣ୍ଡି ଆଣୀ ହାଣ୍ଡୀରେ ପଶିଥିବା ଦୋଷରୁ ଗଙ୍ଗାଙ୍କୁ ମୁକ୍ତ କରାଇଲେ ।

କବି ସାରଳା ରାମାୟଣର ପ୍ରସଙ୍ଗରୁ କେବଳ ଉପରୋକ୍ତ ମତେ ବର୍ଣ୍ଣନା କରି କ୍ଷାନ୍ତ ହୋଇ ନାହାନ୍ତି, ସେ ପରବର୍ତ୍ତୀ ପ୍ରକରଣରେ ସମୁଦାୟ ରାମାୟଣର ମୁଖ୍ୟ ବୃତ୍ତାନ୍ତ ଅର୍ଥାତ୍ ଚମ୍ପାବତୀ ନଗରରେ ଅନାବୃଷ୍ଟି, ଜରତା ବେଶ୍ୟା ଦ୍ୱାରା ବିଭାଣ୍ଡକ ସୁତ ଋଷ୍ୟଶୃଙ୍ଗ ମୁନିଙ୍କ ଆଗମନ ଆଦି ଘଟଣାରୁ ଆରମ୍ଭ କରି ରାବଣବଧ ଓ ରାମଚନ୍ଦ୍ରଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଆଦି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି । ମହାଭାରତର ବନପର୍ବରେ ରାମାୟଣ ପ୍ରସଙ୍ଗ କାଳେ ଅପ୍ରାସଙ୍ଗିକ ହେବ, ତେଣୁ କବି ସାରଳା ଦାସ, ବନବାସ କାଳରେ ଯୁଧିଷ୍ଠିରଙ୍କ ଜିଜ୍ଞାସାମତେ ମାର୍କଣ୍ଡେୟ ମୁନିଙ୍କ ମୁଖରେ ରାମାୟଣର ପ୍ରତ୍ୟେକ ବିଷୟ ସୁସ୍ପଷ୍ଟ ରୂପେ ବର୍ଣ୍ଣନା କରିଛନ୍ତି ।

"ମାରକଣ୍ଡ ଉକ୍ତ ଧର୍ମପୁରାଣ ପ୍ରସିଦ୍ଧି ।
ଯୁଧିଷ୍ଠିର ମାପନ୍ନାନ କଲେ ମହୋଦଧି ॥
ଚଳନ୍ତି ଧର୍ମନନ୍ଦନ ମହୋଦଧି କୂଳେ ।
ଚନ୍ଦନବନ ଦେଖିଲେ ପଶ୍ଚିମକୋଣଲେ ॥
କରଞ୍ଜବନକୁ ଜିଣି ଚଳିଲେ ବନ୍ଧନ ।
ଉତ୍ତର-ବାହିନୀ କାମଭଦ୍ରା ନଦୀନାମ ॥
ଏହି ପଞ୍ଚବଟୀ ବନ ମାର୍କଣ୍ଡ ବୋଇଲେ ।
ଋଷ୍ୟଶୃଙ୍ଗ ମୁନି ଏତ ଯଜ୍ଞ କରିଥିଲେ ॥
ବାବୁ ଦଶରଥ ରାଜା ଅପୁତ୍ରିକ ଥିଲା ।
ଋଷ୍ୟଶୃଙ୍ଗ ଯୋଗୁଁ ଚାରିପୁତ୍ର ସେ ପାଇଲା"

## ଅପୁତ୍ରିକ ରାଜା

ଏହି ପ୍ରକରଣରେ ଯୁଧିଷ୍ଠିର, ଦଶରଥ ଅପୁତ୍ରିକ ହେବାର କାରଣ ପ୍ରସଙ୍ଗରେ ଜିଜ୍ଞାସା କରନ୍ତେ ମାର୍କଣ୍ଡେୟ ମୁଖରେ କବି ସାରଳା ଦାସ କହିଛନ୍ତି—

ମାର୍କଣ୍ଡ ବୋଇଲେ ଶୁଣ ଯୁଧିଷ୍ଠିର ରାଣ ।
ଦଶରଥ ଅପୁତ୍ରିକ ହେବାର କାରଣ ॥
ରାଜା ଦଶରଥ ତୁଲେ ବାସବ ମଇତ୍ର ।
ଶନି ପ୍ରବେଶ ହୋଇଲେ ରୋହିଣୀ ନକ୍ଷତ୍ର ॥
ରୋହିଣୀ ବୃଷ ରାଶି ଯେ ସେ ଦଶରଥର ।
ରୋହିଣୀ ବୃଷଭ ରାଶି ପୁଣି ଇନ୍ଦ୍ରଙ୍କର ॥
ସେ କାରଣୁ ବନ୍ଧୁ ପ୍ରୀତ ଏ ଦୁହିଙ୍କ ଜାଣ ।
ନକ୍ଷତ୍ର ବନ୍ଧାପନା ଯେ କରେ ସୁର ରାଣ ॥
ମାତଳିକୁ ରାଇ ଆଜ୍ଞା ଦେଲେ ସୁରପତ ।
ରଥ ଘେନିଣ ଅଯୋଧ୍ୟା ପାଅ ହେ ଝଟତ ॥
ଏଠା ଉତ୍ସବ କହିବ ମଇତ୍ରର ଆଗେ ।
ଦଶରଥ ରାଜାଙ୍କୁ ରୁ ଘେନି ଆସ ବେଗେ ॥

× × ×

କଇକେୟୀଙ୍କି କହିଲେ ଯାଇ ମହୀପାଳ ।
ତୁମ୍ଭେ ରାଜ୍ୟ ସମ୍ଭାଳ ମୁଁ ଯିବି ସୁରଆଳ ॥

× × ×

ଗମନ ହେନ ରହିଲେ ରାଜା ପାଞ୍ଚଦିନ ।
ଏଣେ ଯେ କୈକେୟୀରାଣୀ କଲେ ଋତୁସ୍ନାନ ॥

Digitized by srujanika@gmail.com

ମନ୍ଥରାକୁ ହକାରଣ ବୋଇଲେ କୈକେୟୀ ।
ସ୍ୱର୍ଗପୁରୁ ରାଜାଙ୍କୁ ତୁ ଘେନ ଆସ ଯାଇ ॥
× × ×
ବାସବ ଆଗେ କହିଲେ ଯାଇ ଦଶରଥ ।
ଅଯୋଧ୍ୟାକୁ ଯିବ ଆଜ୍ଞା ଦିଅ ସୁରନାଥ ॥
× × ×
ବିମାନେ ବସିଲେ ରାଜା ହୋଇଣ ଆନନ୍ଦ ।
ଖେଳଲ ଲମ୍ବାଇଣ ଥିଲେ ତାଙ୍କ ବେଦପାଦ" ।

ଏହାପରେ ରାଜା ବିମାନରେ ବସି ଆସୁଥିବା ମାର୍ଗରେ ବେଦମାତା କପିଳାକୁ ନ ଦେଖି ତାଙ୍କ ଉପରେ ଖେଳରେ ପାଦ ପ୍ରହାର କରନ୍ତେ ସେ 'ଅପୁତ୍ରିକ ହୁଅ' ବୋଲି ଅଭିଶାପ ଦେଲେ । ତହୁଁ ରାଜା ବିବ୍ରତ ହୋଇ କପିଳା ଧେନୁର ସେବାରେ ଆତ୍ମ ନିୟୋଗ କଲେ । ରାଜା କଠୋର ବ୍ରତ ପାଳନ ପୂର୍ବକ କପିଳାର ସେବା କରୁଥିବା ସମୟରେ ଦିନେ ବନ ମାର୍ଗରେ କପିଳାକୁ ଗୋଟିଏ ମାୟା ବ୍ୟାଘ୍ର ଆକ୍ରମଣ କଲା । ତହୁଁ ଦଶରଥ ବ୍ୟାଘ୍ର ଉପରେ ଅସ୍ତ୍ର ପ୍ରୟୋଗ କରି ନିରସ୍ତ ହୁଅନ୍ତେ ଧେନୁ ବିନିମୟରେ ନିଜ ଶରୀର ଦାନ କରିବା ଲାଗି ପ୍ରସ୍ତୁତ ହେଲେ । ତହୁଁ ମାୟା ବ୍ୟାଘ୍ର ଅନ୍ତର୍ଦ୍ଧାନ ହୋଇଗଲା ଓ ବେଦମାତା ଦଶରଥଙ୍କ ସେବାରେ ସନ୍ତୁଷ୍ଟ ହୋଇ ତାଙ୍କୁ ପୁତ୍ର ବର ଦେଲେ ବୋଲି କବି ସାରଳା ଦାସ ନିଜ ମହାଭାରତର ରାମାୟଣ ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି ।

ବିଚକ୍ଷଣ ପ୍ରତିଭା ସମ୍ପନ୍ନ କବି ସାରଳା-ଦାସ ଉକ୍ତ ଦଶରଥ କପିଳା ପ୍ରସଙ୍ଗଟିକୁ କବି ଗୁରୁ କାଳିଦାସଙ୍କ ରଘୁବଂଶର ଦିଲୀପ ନନ୍ଦିନୀ ଉପାଖ୍ୟାନର ଅନୁକରଣରେ ଲେଖି-ଛନ୍ତି ବୋଲି ନିଃସନ୍ଦେହରେ କୁହାଯାଇ ପାରେ ।

ରଘୁବଂଶର ପ୍ରଖ୍ୟାତ ରାଜା ଦିଲୀପ ଏକ ସମୟରେ ଇନ୍ଦ୍ର ସେବା କରି ପ୍ରତ୍ୟା-ବର୍ତ୍ତନ କରୁଥିବା ମାର୍ଗରେ କଳ୍ପବୃକ୍ଷ ତଳେ ବିଶ୍ରାମ କରୁଥିବା କାମଧେନୁ ସୁରଭିକୁ ଉପଯୁକ୍ତ ସମ୍ମାନ ନ ଦେଖାଇ ଥିବା ହେତୁରୁ ଅଭିଶାପଗ୍ରସ୍ତ ହୋଇଥିଲେ । ସେହି ଅଭି-ଶାପରୁ ମୁକ୍ତ ହେବା ଲାଗି ରାଜା ଦିଲୀପ ଗୁରୁ ବଶିଷ୍ଠଙ୍କ ନିର୍ଦ୍ଦେଶମତେ ସୁରଭିର କନ୍ୟା ନନ୍ଦିନୀଙ୍କୁ ସେବା କରିବା ଲାଗି ତତ୍ପର ହୋଇଥିଲେ ଏବଂ ଉକ୍ତ ସେବାରେ ନିଯୁକ୍ତ ଥିବା ସମୟରେ ଦିନେ ବନ ମାର୍ଗରେ ମାୟା ସିଂହ ନନ୍ଦିନୀଙ୍କୁ ଆକ୍ରମଣ କରନ୍ତେ ରାଜା ପ୍ରଥମେ ଶସ୍ତ୍ର ପ୍ରୟୋଗରେ ସିଂହ ମୁଖରୁ ତାଙ୍କୁ (ନନ୍ଦିନୀଙ୍କୁ) ରକ୍ଷା କରିବା ଲାଗି ଚେଷ୍ଟା କଲେ । ମାତ୍ର ସେଥିରେ ବିଫଳ ହୋଇ ପରିଶେଷରେ ଆତ୍ମୋତ୍ସର୍ଗ ଦ୍ୱାରା ଆରାଧ୍ୟା ଧେନୁର ପ୍ରାଣରକ୍ଷା କରିବାକୁ ତତ୍ପର ହେଲେ । ତହୁଁ ମାୟା ସିଂହ ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲେ ; ନନ୍ଦିନୀ ଦିଲୀପଙ୍କ ସେବାରେ ସନ୍ତୁଷ୍ଟ ହୋଇ ତାଙ୍କୁ ପୁତ୍ର ପ୍ରାପ୍ତି ନିମିତ୍ତ ବରଦାନ କଲେ ।

ଉକ୍ତ ଉପାଖ୍ୟାନଟି ରଘୁବଂଶ ମହା କାବ୍ୟର ପ୍ରଥମସର୍ଗର ଶେଷ ଭାଗରୁ ଆରମ୍ଭ ହୋଇ ଦ୍ୱିତୀୟ ସର୍ଗ ଶେଷସୁଦ୍ଧା ବର୍ଣ୍ଣିତ ହୋଇଛି ।

Digitized by srujanika@gmail.com

"'ପୁରଣଙ୍କ ମୁପସ୍ଥାପ୍ୟ ତପୋବନୀଂ
ପ୍ରତ୍ୟାଯାନ୍ତଃ
ଆସୀଦ୍ କଳ୍ପତରୁଚ୍ଛାୟାମାଶ୍ରିତା
ସୁରଭିଃ ପଥି
ଧର୍ମଲୋପଭୟାଦ୍ରାଜ୍ଞୀ ମୃତୁସ୍ନାତାମିମାଂ
ସ୍ମରନ୍
ପ୍ରଦକ୍ଷିଣକ୍ରିୟାର୍ହାୟାଂ ତସ୍ୟାଂ ତ୍ୱଂ
ସାଧୁନା-ଚରଃ ॥
ଅବଜାନାସି ମାଂ ଯସ୍ମାଦତସ୍ତେ
ନ ଭବିଷ୍ୟତି ।
ମତ୍ ପ୍ରସୂତି ମନାରାଧ୍ୟ
ପ୍ରଜେତି ତ୍ୱାଂ ଶଶାପ ସା ॥

× × ×

ସୁତାଂ ତଦୀୟାଂ ସୁରଭେଃ
କୃତ୍ୱା ପ୍ରତିନିଧିଂ ଶୁଚିଃ ।
ଆରାଧୟ ସପତ୍ନୀକଃ
ପ୍ରୀତା କାମଦୁଘା ହି ସା ॥

× × ×

ଅଥ ପ୍ରଜାନାମଧିପଃ ପ୍ରଭାତେ
ଜାୟା ପ୍ରତିଗ୍ରାହିତ ଗନ୍ଧମାଲ୍ୟାମ ।
ବନାୟ ପୀତପ୍ରତିବଦ୍ଧ ବତ୍ସାଂ
ଯଶୋଧନୋ ଧେନୁମୃଷେର୍ମୁମୋଚ ॥

× × ×

ତତଃ ସମାନୀୟ ସ ମାନିତାର୍ଥୀ
ହସ୍ତୌ ସ୍ୱହସ୍ତାର୍ଜିତବୀର ଶବ୍ଦଃ ।
ବଂଶସ୍ୟ କର୍ତ୍ତାର ମନନ୍ତକୀର୍ତ୍ତିଂ
ସୁଦକ୍ଷିଣାୟଂ ତନୟଂ ଯୟାଚେ'' ॥

କବି ସାରଳା ଦାସ 'ରଘୁବଂଶ' ମହାକାବ୍ୟର ଉକ୍ତ ଉପାଖ୍ୟାନଟିକୁ ହୃଦୟଙ୍ଗମ କରି ତାକୁ ଅବିକଳ ରୂପେ ଦଣ୍ଡୀଙ୍କ ପ୍ରସଙ୍ଗରେ ଏପରି ଭାବରେ ବର୍ଣ୍ଣନା କରିଛନ୍ତି ଯେ, ରଘୁବଂଶ କାବ୍ୟ ପାଠ କରି ନଥିବା ଯେ କୌଣସି ବ୍ୟକ୍ତି ଘଟଣାବଳୀର ସତ୍ୟତାରେ ଆଦୌ ସନ୍ଦେହ କରି ପାରିବ ନାହିଁ । ଏହା ହିଁ କବିଙ୍କର ବୁଦ୍ଧି ବିଚକ୍ଷଣତାର ପୂର୍ଣ୍ଣ ପରିଚୟ ଦିଏ । ଏତଦ୍ ବ୍ୟତୀତ କବି ସାରଳାଦାସ ରାମାୟଣର ଅନ୍ୟ କେତେକ ସ୍ଥଳରେ ମଧ୍ୟ କଳ୍ପନାର ଆଶ୍ରୟ ନେଇ ନିଜର ଅଲୌକିକ ପ୍ରତିଭାର ପରିଚୟ ଦେଇଛନ୍ତି ।

କବି ସାରଳା ଦାସ ମହାଭାରତର ବନପର୍ବରେ ରାମାୟଣ ଚରିତ ସଂକ୍ଷେପରେ ବର୍ଣ୍ଣନା କରି କ୍ଷାନ୍ତ ହୋଇ ନାହାନ୍ତି । ସେ ବୋଧହୁଏ ମହାଭାରତର ରଚନା ପରେ 'ବିଲଙ୍କା ରାମାୟଣ'ର ପ୍ରଣୟନରେ ମନ ବଳାଇଥିଲେ । କବି 'ବିଲଙ୍କା ରାମାୟଣ'ରେ ଏକ ଅଲୌକିକ କଥା ବସ୍ତୁର ସୃଷ୍ଟି କରିବା ସଙ୍ଗେ ସଙ୍ଗେ ତାତ୍କାଳୀନ ସମାଜରେ ନାରୀମାନଙ୍କର ନିର୍ଯାତନା ପ୍ରତି ଲକ୍ଷ୍ୟ କରି ଏକ ଉନ୍ମୁଳ ବିଦ୍ରୋହର ସୂତ୍ରପାତ କରିଛନ୍ତି । ସମାଜରେ ନାରୀର ସ୍ଥାନ ପୁରୁଷମାନଙ୍କ ତୁଳନାରେ ଆଦୌ ନ୍ୟୂନ ନୁହେଁ, ନାରୀମାନେ ନିଜର ଅପୂର୍ବ ଲୋକମୋହିନୀ ଶକ୍ତି ଦ୍ୱାରା ଦୁନିଆର ପ୍ରବଳ ପରାକ୍ରାନ୍ତ ଦୁର୍ଦ୍ଧର୍ଷ ବ୍ୟକ୍ତିକୁ ଅନାୟାସରେ ପରାସ୍ତ କରି ପାରନ୍ତି ଏବଂ ଯେଉଁଠାରେ ପୁରୁଷର ତୀକ୍ଷ୍ଣ ଅସି ସୁତୀକ୍ଷ୍ଣ ନାରାଚ ବ୍ୟର୍ଥ ହୁଏ ସେଠାରେ ନାରୀ ଜନତାର ମଙ୍ଗଳ ଉଦ୍ଦେଶ୍ୟରେ ନିଜର ଶାନ୍ତା ଓ କାନ୍ତା ରୂପକୁ ଚଣ୍ଡୀ-

Digitized by srujanika@gmail.com

ରୂପରେ ପରିଣତ କରାଏ । ଶକ୍ତିର ପ୍ରଚଣ୍ଡ ଜ୍ୱାଳାମୟୀ ମୂର୍ତ୍ତି ସମ୍ମୁଖରେ ପୁରୁଷର ସମସ୍ତ ତାମ୍ବିକ ଶକ୍ତି ବ୍ୟର୍ଥ ହୁଏ ତଥା ନାରୀ ଜଗଜ୍ଜୟିନୀ ହୋଇ ଦେଶ ଓ ଦଶର ସେବାରେ ବିଜୟ ବୈଜୟନ୍ତୀ ଉଡ଼ାଏ । ଏହି ଶାଶ୍ୱତ ସତ୍ୟର ପ୍ରକାଶରେ କବି ସାରଳା ଦାସ ମନବଳାଇ ରାମଚନ୍ଦ୍ରଙ୍କର ଗର୍ବ ଗଞ୍ଜନ ଛଳନାରେ ଉଦ୍ଧତ ପୁରୁଷ-ମାନଙ୍କର ଗର୍ବଗଞ୍ଜନ ନିମିତ୍ତ 'ବିଲଙ୍କା ରାମାୟଣ'ର ପ୍ରଣୟନ କରିଥିଲେ ।

ରାବଣକୁ ବଧକରି ରାମଚନ୍ଦ୍ର ଲଙ୍କାରୁ ଫେରିବା ପରେ ତାଙ୍କ ରାଜ୍ୟାଭିଷେକ ହେବାର ସମସ୍ତ ଆୟୋଜନ କରାଗଲା । କିନ୍ତୁ ବିଲଙ୍କା ଦେଶର ଲକ୍ଷଶିରାର ପୁତ୍ର 'ସହସ୍ରଶିର ରାବଣ' ଜୀବିତ ଥିବାରୁ ଦେବତା ମାନଙ୍କ ମନରେ ଭୟଲେଶି ପଡ଼ିଲା । ତେଣୁ ରାମଚନ୍ଦ୍ରଙ୍କ ଅଭିଷେକ ପୂର୍ବରୁ ଇନ୍ଦ୍ରାଦି ଦେବଗଣ ଖଳ ଓ ଦୁଷ୍ଟଙ୍କୁ ଡ଼ାକି ରାମ ସୀତାଙ୍କ କଣ୍ଠରେ ବସି ସହସ୍ର ଶିର ରାବଣର ବଧ ନିମିତ୍ତ ଉଚ୍ଚାଟ କରାଇବା ଲାଗି ଅଯୋଧ୍ୟାକୁ ପ୍ରେରଣ କଲେ ।

ଅଭିଷେକ ପୂର୍ବରୁ ରାମଚନ୍ଦ୍ର ସ୍ୱବଳ ବୀର୍ଯ୍ୟର ପରାକାଷ୍ଠା ଦେଖାଇ ଆଲୋଚନା କରନ୍ତେ ସୀତାଦେବୀ ସେଥିରେ ପ୍ରତିବାଦ କଲେ ଏବଂ ସ୍ୱଶକ୍ତି ରାବଣକୁ ବଧ କରିଛନ୍ତି ବୋଲି କହି ସୀତାଦେବୀ ସର୍ବ ସମକ୍ଷରେ ରାମଚନ୍ଦ୍ରଙ୍କ ବଳବୀର୍ଯ୍ୟର ପରୋକ୍ଷରେ ଉପ-ହାସ କଲେ । ପରିଶେଷରେ ସୀତାଦେବୀ ସହସ୍ରଶିର ରାବଣର ପରାକ୍ରମ ବ୍ୟାଖ୍ୟାନ କରି ତାର ବଧ ନିମିତ୍ତ ରାମଚନ୍ଦ୍ରଙ୍କୁ ଆହ୍ୱାନ ଜଣାଇଲେ । ତେଣୁ ରାମଚନ୍ଦ୍ର ବିଲଙ୍କା ଗମନ କରି ସହସ୍ରଶିର ରାବଣ ଦ୍ୱାରା ପରାସ୍ତ ହେଲେ । ଅବଶେଷରେ ସୀତାଦେବୀ ଅଯୋଧ୍ୟାରୁ ଗମନ କରି ନିଜର ଅମୋଘ ଶକ୍ତି ବଳରେ ସହସ୍ରଶିର ରାବଣର ବଳବୀର୍ଯ୍ୟ ହରଣ କରନ୍ତେ ରାମଚନ୍ଦ୍ର ଉକ୍ତ ଅସୁରକୁ ମାରିବାରେ ସମର୍ଥ ହେଲେ ।

ଆଦିକବି ସାରଳାଦାସ 'ଅଦ୍ଭୁତ ରାମାୟଣ'ର ବିଷୟବସ୍ତୁର ଅବଲମ୍ବନରେ 'ବିଲଙ୍କା ରାମାୟଣ'ର ପ୍ରଣୟନ କରିଥିଲେ ହେଁ ମହାଭାରତ ପରି ପ୍ରତିକ୍ଷେତ୍ରରେ ନିଜ ପ୍ରତିଭାର କୌଶଳ ପ୍ରଦର୍ଶନ କରି ଅଛନ୍ତି । ସେ ଉପରୋକ୍ତ ମତେ ବିଲଙ୍କା ରାମାୟଣର ରଚନା କରି ଜଗତ୍ ସମକ୍ଷରେ ନାରୀଜାତିର ଅପୂର୍ବ ଟେକ ରଖିବା ଲାଗି ତୁମୁଳ ବିଦ୍ରୋହ ଚଳାଇଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସାରଳା ଦାସଙ୍କ ନାମରେ ଭଣିତା ହୋଇଥିବା ପରବର୍ତ୍ତୀ କାଳରେ ପ୍ରଣୀତ ଏକ 'ଅଧ୍ୟାତ୍ମ ରାମାୟଣ'ର ସନ୍ଧାନ ବର୍ତ୍ତ-ମାନର ଅନୁସନ୍ଧାନରୁ ମିଳିଛି । ଉକ୍ତ 'ଅଧ୍ୟାତ୍ମ ରାମାୟଣ'ର ଭାଷା ତଥା ବର୍ଣ୍ଣନା ଶୈଳୀ ସହିତ ସାରଳା ସାହିତ୍ୟର ଭାଷା ଓ ଶୈଳୀର ଆଦୌ ସାମଞ୍ଜସ୍ୟ ନଥିବାରୁ ତାହା ପରବର୍ତ୍ତୀ କାଳର କୌଣସି ଏକ ବ୍ୟକ୍ତିଙ୍କ ଦ୍ୱାରା ରଚିତ ହୋଇଥିବା ଖୁବ୍ ସମ୍ଭବ !

Digitized by srujanika@gmail.com

# ଗୀତାର ବିଷାଦଯୋଗ

କବିବର ଶ୍ରୀ ଦେବୀପ୍ରସାଦ ତ୍ରିପାଠୀ

ଗୀତାକୁ କିଏ କେଉଁ ଅର୍ଥରେ ବୁଝନ୍ତି ଥାଏ । କିଏ କହେ ଇତିହାସର ଆଦର୍ଶ ଧର୍ମାଭିବ୍ୟକ୍ତ ଗୋଟିଏ ଘଟଣା, କିଏ କହେ ଏହା ଐତିହାସିକ ଘଟଣା ନୁହେଁ; ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ବିଜ୍ଞାନ । ତାହା ରୂପକ ଛଳରେ ଲିଖିତ, କିଏ କହେ ଗୀତା କବିର ଆଦର୍ଶ କଳ୍ପନା, କିଏ କହେ ଗୀତା ଯୋଗ ଶାସ୍ତ୍ର । ନାନା ଲୋକଙ୍କ ଚକ୍ଷୁରେ ଗୀତା ନାନା ଭାବରେ ରଞ୍ଜିତ ।

ଗୀତା ଐତିହାସିକ ଧର୍ମାଭିବ୍ୟକ୍ତ ଘଟଣା ଏହା ସତ୍ୟ । ଗୀତା ଆଧ୍ୟାତ୍ମିକ ବିଜ୍ଞାନ ଏହା ମଧ୍ୟ ସତ୍ୟ, କୁରୁକ୍ଷେତ୍ର ଯୁଦ୍ଧ କ୍ଷେତ୍ରରେ ଯାହା ଘଟିଥିଲା ତାହା ବିରାଟ ପୁରୁଷଙ୍କର ବିରାଟ ଲୀଳା । ଯୋଗ ଚକ୍ଷୁଷ୍ମାନ୍ ବ୍ୟକ୍ତି ଯେପରି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ନିଜ ଶରୀର ମଧ୍ୟରେ ଦେଖିବାକୁ ପାଏ, ମନୁଷ୍ୟର ଦେହକୁ ଯେପରି ବିରାଟ ବ୍ରହ୍ମାଣ୍ଡର ଗୋଟିଏ କ୍ଷୁଦ୍ର ଆଦର୍ଶ ବୋଲି କହିପାରେ, ପ୍ରକୃତରେ ବିରାଟରେ ଓ ଦେହ ବ୍ରହ୍ମାଣ୍ଡରେ ଯେପରି ପରିମାଣ ଗତ ତାରତମ୍ୟ ଛଡ଼ା— ଅନ୍ୟ କୌଣସି ପ୍ରଭେଦ ନାହିଁ, ସେହିପରି ଗୀତା ବର୍ଣ୍ଣିତ କୁରୁକ୍ଷେତ୍ର ଯୁଦ୍ଧ କ୍ଷେତ୍ରର ଘଟଣା ଏବଂ ବିରାଟ ବ୍ରହ୍ମାଣ୍ଡର ମୁକ୍ତ ଆତ୍ମାକୁ ଯେଉଁ ଗତି ଓ ଜୀବ ମାନବର ବ୍ୟକ୍ତିଗତ ପଥରେ ଯେଉଁ ବିଚରଣ ଏହି ଉଭୟଟିରେ କୌଣସି ପ୍ରଭେଦ ନାହିଁ ।

## ଦିଗ ନିର୍ଣ୍ଣୟ ଯନ୍ତ୍ର

ବେଦର ସାର ଉପନିଷଦ୍, ଉପନିଷଦ୍‌ର ସାରାଂଶ ଗୀତା । ଉପନିଷଦ୍‌ରେ ଯେଉଁ ସବୁ ରତ୍ନ ନିହିତ ଅଛି, ଗୀତାରେ ସେସବୁକୁ ରତ୍ନହାର ଆକାରରେ ଗୁନ୍ଥା ଯାଇଛି । ଭଗବତ ଗୀତା ହେଉଛି ମହତ୍, ଶ୍ରେଷ୍ଠ ଏବଂ ଆଧ୍ୟାତ୍ମିକ ଜଗତର ଦୀପ ଶିଖା ନିତ୍ୟ, ଅପୌରୁଷେୟ । ଏହା ନିଶ୍ଚିତ ଯେ-ଯେଉଁଠାରେ ଜୀବ, ଯେଉଁଠାରେ ମୁକ୍ତି ବନ୍ଧନ ରୂପେ ଜୀବନ ମରଣ ସଂଗ୍ରାମ, ସେହି ସ୍ଥାନରେ ଭଗବାନଙ୍କର ଆବିର୍ଭାବ, ସେହି ସ୍ଥାନରେ ସାଧକର ଅଭୀଷ୍ଟ ସିଦ୍ଧି, ସେହି ସ୍ଥାନରେ ଗୀତା ଭଗବତ୍ କଣ୍ଠରେ ଧ୍ୱନିତ ।

ଗୀତା ଭଗବାନଙ୍କ ମୁଖର ଆଶ୍ୱାସନା ବାଣୀ, ଗୀତା-ଶ୍ରୀକୃଷ୍ଣଙ୍କର ପାଞ୍ଚଜନ୍ୟ ଶଙ୍ଖ-ନାଦ, ଗୀତା-ଜୀବର ଜୀବନ ପ୍ରବାହର

Digitized by srujanika@gmail.com

ପଥ ପ୍ରଦର୍ଶକ । ଗୀତା-ଦୀପ୍ତ ଆଲୋକ ଶିଖା ଭବାର୍ଣ୍ଣବର ଚଟ୍ଟ ନିର୍ଣ୍ଣୟ ଯନ୍ତ୍ର ।

ଗୀତାରେ ଅଛି କ'ଣ ? ଭଗବାନ ଗୀତାରେ କି ଶିକ୍ଷା ଦେଇଛନ୍ତି ? କୌଣସି ଜୀବ ଯଦି ଭଗବତ୍ ଲଭ ପାଇଁ ପ୍ରକୃତରେ ବ୍ୟାକୁଳହୁଏ, ଭଗବାନ୍ ତା'କୁ ତାର ହୃଦୟ ଭିତରେ ରହି, ଯେଉଁ ଯେଉଁ ସ୍ତର ଦେଇ ନିଜ ଅଙ୍ଗରେ ମିଶାଇ ଦିଅନ୍ତି, ଗୀତାରେ ସେ ସେହି କଥା କହିଛନ୍ତି । ଜୀବକୁ ନିଜର ସ୍ୱରୂପ ବୁଝାଇବା ପାଇଁ ସୃଷ୍ଟି ଚକ୍ର କଳ୍ପିତ, ଅସ୍ଥା ଯେତେବେଳ ପର୍ଯ୍ୟନ୍ତ ନିଜର ନିତ୍ୟତ୍ୱ, ବିଶାଳତ୍ୱ, ଅପରିଣାମିତା ଏବଂ ଏକତ୍ୱ ବୁଝି ନ ପାରେ, ସେତେବେଳ ପର୍ଯ୍ୟନ୍ତ ତା'ର ଜୀବଭାବ, ଏହାର ସାଧାରଣ ନାମ ବନ୍ଧନ, ମାୟା ବା ଭ୍ରାନ୍ତି । ଯେତେବେଳେ ବୁଝେ ସେତେବେଳେ ସେ ଶିବତ୍ୱ ଲଭ କରେ ବା ମୁକ୍ତ ହୁଏ ।

ଯାହା ହେଉ, ଏହି ଅଜ୍ଞାନ ଅବସ୍ଥାରୁ ଜ୍ଞାନମୟ ଅବସ୍ଥା ଆଡ଼କୁ ଗିବାକୁ ହେଲେ, ଯେଉଁ ଯେଉଁ ସ୍ତର ଦେଇ ଯେପରି ଗିବାକୁ ହୁଏ, ତା'ର ନାମ ଯୋଗ ସାଧନା । ଜନ୍ମ, ମୃତ୍ୟୁ, ଦେହାବସ୍ଥାନ ନାନାଯୋନି ଭ୍ରମଣ, ଅନନ୍ତ ଯୁଗ ଧରି ବିଶ୍ୱବ୍ରହ୍ମାଣ୍ଡରେ ଭ୍ରମଣ ଏହି ସମସ୍ତ ହେଉଛି ଯୋଗସାଧନା । ସୃଷ୍ଟି ବୋଲି କହିଲେ ଯୋଗ ମନ୍ଦିର ବ୍ୟତୀତ ଅନ୍ୟ କିଛି ନୁହେଁ । ପ୍ରତି ଅଣୁ ପରମାଣୁ ଏହାର ସାଧକ, ବିରାଟ ବିଜ୍ଞାନମୟ ପୁରୁଷ ଏହାର ଦେବତା ।

ଯୋଗର ଅର୍ଥ ବିରାଟ ବିଜ୍ଞାନମୟ ପୁରୁଷଙ୍କ ଠାରେ ଯୁକ୍ତ ହେବା, ବା ନିତ୍ୟ ଯୁକ୍ତତାର ଉପଲବ୍ଧି କରିବା । ଥରେ ମାତ୍ର ମାନସ ଦର୍ପଣରେ ଏହି ବିରାଟ ଯୋଗ ମନ୍ଦିରର କଳ୍ପନା ଫୁଟାଅ, ଥରେ କଳ୍ପନା ଚକ୍ଷୁରେ ଦେଖ ; ଧୂଳି କଣାଠାରୁ ଆରମ୍ଭ କରି ବ୍ୟୋମ ପରମାଣୁ ପର୍ଯ୍ୟନ୍ତ, କୀଟଠାରୁ ସିଦ୍ଧର୍ଷି ପର୍ଯ୍ୟନ୍ତ ସମସ୍ତେ ଏକ ଚିତ୍‌ଘନ ବିଜ୍ଞାନମୟ ଯୋଗେଶ୍ୱରଙ୍କ ସହିତ ସଂଯୁକ୍ତ ହେବାପାଇଁ ତାହାଙ୍କର ଶକ୍ତିର ମଙ୍ଗଳମୟ ଆବର୍ତ୍ତନରେ ବୁଲି, ତାହାଙ୍କୁ ପ୍ରଦକ୍ଷିଣ କରି କରି, ତାହାଙ୍କର ଅଙ୍ଗରେ ଲୀନ ହେବାପାଇଁ, ତାହାଙ୍କର ଅଙ୍ଗରେ ସଂଯୁକ୍ତ ହେବା ପାଇଁ, ତାଙ୍କ ସହିତ ଏକତ୍ୱ ଲଭ କରିବା ପାଇଁ, ତାହାଙ୍କର ଇଙ୍ଗିତରେ, ତାଙ୍କର ଶକ୍ତିର ଆକର୍ଷଣ ସ୍ରୋତରେ ତୃଣ ଭଳି ତାହାଙ୍କ ଆଡ଼କୁ ଗତି ଲଭ ପୁଣି ଜନ୍ମ ଲଭ କରୁଛନ୍ତି । କେତେବେଳେ ହର୍ଷରେ, ବିଷାଦରେ, ବିସ୍ମରଣରେ, ଜ୍ଞାନରେ, ସ୍ୱପ୍ନରେ, ଜାଗରଣରେ, ସୁଷୁପ୍ତିରେ, ବିକାଶରେ, ସ୍ଥିତିରେ, ଲୟରେ ଏହି ଭାବରେ ଯୁକ୍ତ ହୋଇ ଚାଲୁଛନ୍ତି । ବିରାମ ନାହିଁ, ବିଚ୍ଛେଦ ନାହିଁ ବିଶ୍ରାନ୍ତ ନାହିଁ । ବୁଝିବାକୁ ଗଲେ ଏହି ମହା ଯୋଗର ଅବସାନ ନାହିଁ । ଏହି ଯେଉଁ ଗତି ଏହାର ନାମ ଯୋଗ ସାଧନା ।

ତା' ହେଲେ ଯେତେବେଳ ପର୍ଯ୍ୟନ୍ତ ଆମ୍ଭେମାନେ ଏକତ୍ୱ କ'ଣ ବୁଝି ପାରୁ ନାହୁଁ ସେତେବେଳ ଯାଏ ନିରୁଦ୍ଦେଶ ଭାବରେ ଜାଗତିକ ବିଷୟ ସମୂହରେ ଜୀବନର ସାର୍ଥକତା ଉପଲବ୍ଧି କରୁଁ । ଯେତେବେଳେ ମନୁଷ୍ୟତ୍ୱ ଲଭ ହୁଏ । ସେତେବେଳେ ସେହି ବିରାଟ ପୁରୁଷଙ୍କର ଆକର୍ଷଣ ଅନୁଭବ କରି

Digitized by srujanika@gmail.com

ଯାଏ । ଯେତେବେଳେ ଜୀବନ ଆଉ ଅପେକ୍ଷା କରି ନ ପାରି, ଭଗବାନ୍ ଆଲିଙ୍ଗନରେ ଆବଦ୍ଧହେବା ପାଇଁ ବ୍ୟାକୁଳ ହୁଏ,

ସାଧାରଣ କଥାରେ ଏହା ହେଉଛି ଯୋଗର ପ୍ରଥମ ସୂଚନା ବା ଯୋଗଜ୍ଞାନର ପ୍ରଥମ ବିକାଶ । ଏହି ସ୍ଥଳରୁ ଆରମ୍ଭ କରି ଯେଉଁ ଯେଉଁ ଭାବାନ୍ତର ମଧ୍ୟ ଦେଇ ଭଗବାନ୍ ଜୀବନକୁ ଆକର୍ଷଣ କରନ୍ତି, ତାହାକୁ ଯୋଗ ବୋଲି କୁହାଯାଏ ।

## ବିଷାଦରୁ ମୁକ୍ତି

ଏହି ଠାରୁ ସେ ଯାହା କରନ୍ତି ଏବଂ କରାନ୍ତି ତାହାହିଁ ଗୀତା । ଭଗବତ୍ ଲାଭ ପାଇଁ ପ୍ରାଣର ବିଷାଦମୟ ଭାବଠାରୁ ସମ୍ମୁକ୍ତ ଭାବ ପର୍ଯ୍ୟନ୍ତ ଗୀତା, ବିଷାଦରୁ ଆରମ୍ଭ କରି ମୁକ୍ତି ପର୍ଯ୍ୟନ୍ତ ଯେଉଁ ଭାବ ପରଂପରା ଦ୍ୱାରା ଜୀବ ପରିଚାଳିତ ହୁଏ, ଗୀତାରେ ସେ-ଗୁଡ଼ିକ ଗୋଟିଏ ଗୋଟିଏ ଯୋଗ ନାମରେ ଅଭିହିତ ହୋଇଛି ।

ପ୍ରକୃତରେ ଭଗବାନଙ୍କ ପାଇଁ ସର୍ବ ପ୍ରଥମରେ ପ୍ରାଣ ଯେତେବେଳେ ବ୍ୟାକୁଳିତ ହୋଇ ଉଠେ, ତୀବ୍ର ବୃଶ୍ଚିକ ଦଂଶନ ପରି ଜୀବନ ଯେତେବେଳେ ସର୍ବ ପ୍ରଥମେ ଭଗବାନ୍ ବିରହ ଉପଲବ୍ଧି କରେ, ବୃଥା ଜୀବନ ଅତିବାହିତ ହେଉଛି ବୋଲି ଭାବି, ଜୀବନର ପ୍ରାଣ ଯେତେବେଳେ ହତାଶର ଦୀର୍ଘ ନିଶ୍ୱାସ ଛାଡ଼େ, ସେହି ସମୟଟି ଜୀବ ଜୀବନର ମହା ସନ୍ଧିକ୍ଷଣ ।

ସେହି ସମୟରେ କୁରୁକ୍ଷେତ୍ର ଯୁଦ୍ଧ କ୍ଷେତ୍ରରେ ଅର୍ଜ୍ଜୁନଙ୍କ ପରି, ତା'ର ହୃଦୟରୂପ ରଣ କ୍ଷେତ୍ରର ମଧ୍ୟ ସ୍ଥଳରେ ଠିଆ ହୋଇ, ଗୋଟିଏ ଦିଗରେ ସ୍ତ୍ରୀ, ପୁତ୍ର, ପିତା, ମାତା, ଆତ୍ମୀୟ ସ୍ୱଜନ ଦେଶ ପ୍ରଭୃତି ଇନ୍ଦ୍ରିୟ ସଂଚିତ ଭାବ, ଅନ୍ୟ ଦିଗରେ ହୃତ ସର୍ବସ୍ୱ ରାଜ୍ୟଚ୍ୟୁତ ଆତ୍ମ-ଶକ୍ତିକୁ ପର୍ଯ୍ୟ-ବେକ୍ଷଣ କରେ । ବୁଦ୍ଧିମାନ ବିବେଚକ ବୀର ସାଧକ ସେହି ସମୟରେ ଥରେ ନିଜର ଅବସ୍ଥା ପୁଙ୍ଖାନୁପୁଙ୍ଖ ଭାବରେ ବିଚାର କରି-ବାକୁ ଯାଇ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଯାଏ ଗୋଟିଏ ଦିଗରେ ପ୍ରାଣର ଆକୁଳ ପିପାସା, ଅନ୍ୟ ଦିଗରେ ମାୟାର ସୁଦୃଢ଼ ବନ୍ଧନ ; ଗୋଟିଏ ଦିଗରେ ଆତ୍ମଲାଭ ଆଶାର ଉଜ୍ଜ୍ୱଳ ଆଲୋକ, ଅନ୍ୟ ଦିଗରେ ପରାର୍ଥରେ ଆତ୍ମ ତ୍ୟାଗର କ୍ଷୀଣ ଜ୍ୟୋତିରେଖା, ଗୋଟିଏ ଦିଗରେ ପ୍ରଭାତ, ଅନ୍ୟ ଦିଗରେ ସନ୍ଧ୍ୟା । ସାଧକ ଏହି ଦୁଇ ଦିଗ ଦେଖି ନିସ୍ତେଜ ହୋଇ ପଡ଼େ ତା'ର ଉଦ୍ୟମ ଧନୁ ଖସି ପଡ଼େ, ଶରୀର ଅବସନ୍ନ ହୋଇଯାଏ । କଣ୍ଠ ଶୁଷ୍କ ହୋଇଯାଏ, ମାୟାର ଫାଶରେ ତା'ର କଣ୍ଠରୁଦ୍ଧ ହୋଇଯାଏ ।

## ବିଜ୍ଞତାର ଛଦ୍ମବେଶ

ଏହି ପରି ମାୟାର ଫାଶ ଯେତେବେଳେ ତାକୁ ଜଡ଼ାଇ ଧରେ, ସେତେବେଳେ ତା'ର ସେହି ଦୁର୍ବଳତା ବିଜ୍ଞତାର ଛଦ୍ମ ବେଶ ପରିଧାନ କରି ଅର୍ଜ୍ଜୁନଙ୍କ-ପରି ଭଗବାନଙ୍କୁ କହେ-ଏହି ସମସ୍ତ ଆତ୍ମୀୟ ଗଣଙ୍କୁ ହୃଦୟରୁ ଉଚ୍ଛେଦନ କରିବାକୁ ହେବ ଏହା ଭାବି ମୁଁ ସ୍ଥିର ହୋଇ ପାରୁ ନାହିଁ । ମୁଁ ସମସ୍ତ ବିପରୀତ ଦେଖୁଛି, ଏହାର ଆବଶ୍ୟକତା

Digitized by srujanika@gmail.com

କ'ଣ ବୁଝିପାରୁ ନାହିଁ । ଏମାନଙ୍କ ପାଇଁ ସବୁ ଜଳାଞ୍ଜଳି ଦେଲେ କ'ଣ ସେ ମହା-ତ୍ୟାଗର ଫଳ ନାହିଁ ? ସଂସାର ପାଳନ ରୂପ ମହା କର୍ତ୍ତବ୍ୟ ପାଳନରେ ଏପରି ମହା-ତ୍ୟାଗର କ'ଣ ମନୁଷ୍ୟ ଜୀବନରେ ସାର୍ଥକତା ହୁଏ ନାହିଁ ? ପିତା, ମାତା, ଭ୍ରାତା, ସ୍ତ୍ରୀ, ପୁତ୍ର, ଆତ୍ମୀୟ ସ୍ୱଜନ ପ୍ରଭୃତିଙ୍କୁ ତ୍ୟାଗ କଲେ କ'ଣ ମହା ପାପ ହେବ ନାହିଁ ? ନା' ମୁଁ ଏହା ଭାବି ପାରିବି ନାହିଁ । ମୁଁ ଆତ୍ମ ଲାଭ ରୂପ ସ୍ୱାର୍ଥ ସାଧନ ପାଇଁ ସ୍ୱାର୍ଥ ତ୍ୟାଗ ରୂପ ମହା ଧର୍ମକୁ ଉପେକ୍ଷା କରି ମହା-ପାପରେ ଲିପ୍ତ ହେଉଥିଲି । ସଂସାର ଧର୍ମ ପାଳନରେ ଯଦି ମୋର ମରଣ ହୁଏ ତାହା ଶ୍ରେୟ, ତାହା ମୋର ହିତକର !

ସାଧକର ମନ ପ୍ରଥମରେ ଏହି ପରି ଈଶ୍ୱରର ବା ଭଗବାନ୍ ଆକର୍ଷଣରେ ଚିତ୍ତ ବିକ୍ଷେପ ଉପସ୍ଥିତ ହୁଏ । ସନ୍ଦେହରେ ତା'ର ପ୍ରାଣ ଆନ୍ଦୋଳିତ ହୁଏ । ସଂସାର ଗୁରୁତର କର୍ତ୍ତବ୍ୟ ବା ସଂସାର ଧର୍ମ ପ୍ରତିପାଳନ ଶ୍ରେଷ୍ଠ ଏହି ଚିନ୍ତାରେ ତା'ର ପ୍ରାଣ ବ୍ୟାକୁଳ ହୁଏ ।

ବିଷାଦରେ ସନ୍ଦେହରେ ଆଶଙ୍କାରେ ଯେତେବେଳେ ସାଧକର ପ୍ରାଣ ଜରଜର ହୋଇଯାଏ, ସେତେବେଳେ ସେ ଭାବି ନ ପାରି, ତା'ର ବିଷାଦ ଭରା ହୃଦୟଟିକୁ ନେଇ ଭଗବାନଙ୍କର ଦ୍ୱାରସ୍ଥ ହୁଏ । କାନ୍ଦି କାନ୍ଦି କହେ, ହେ ପତିତପାବନ ! ଆଉ ଭାବି ନ ପାରି ତୁମ ଉପରେ ସବୁ ନିର୍ଭର କଲି । ଦୟା ପ୍ରଭୁ ପଥ ଦେଖାଇ ଦିଅ । ସ୍ୱାର୍ଥମୟ ସଂସାର ମରୁ ମଧ୍ୟରେ କାହାକୁ ହେଲେ ଖୋଜି ପାଇ ପାରୁ ନାହିଁ । ସମସ୍ତେ ସ୍ୱାର୍ଥାନ୍ଧ, ସ୍ୱାର୍ଥର ମଦିରାରେ ସମସ୍ତେ ଅଚେତନ ପ୍ରାୟ । ଏହି ଦୁରନ୍ତ ମରୁ ମଧ୍ୟରେ କେବଳ ତୁମେ ଆଶ୍ରୟ ସ୍ଥଳ ବୋଲି ଚାହିଁ ପାରି ତୁମକୁ ଡାକୁଛି । ଆଉ ଭାବିବି ନାହିଁ, ଆଉ କିଛି କରିବି ନାହିଁ । ତୁମେ ପଥ ଦେଖାଇ ଦିଅ, ତୁମ ଉପରେ ମୋର ସମସ୍ତ ଭାର ଅର୍ପଣ କଲି । କହ ସଂସାର ତ୍ୟାଗ କରିବି ନା ସଂସାର ଧର୍ମ ପ୍ରତି ପାଳନ କରିବି ? ବୈରାଗ୍ୟ ଅବଲମ୍ବନ କରି ହୃଦୟ ରାଜ୍ୟରୁ ପିତା, ମାତା, ପ୍ରଭୃତି ସ୍ୱଜନ ଉଚ୍ଛେଦ କରି ଆତ୍ମ ରାଜ୍ୟ ପ୍ରତିଷ୍ଠା-କଲେ ମୁକ୍ତିଲାଭ କରିବି ନା ମୋର ଜୀବନର ସମସ୍ତ ସ୍ୱାର୍ଥ ତାହାଙ୍କ ପାଇଁ ଜଳାଞ୍ଜଳି ଦେଲେ ନିଶ୍ଚିନ୍ତ ମନରେ ମରଣ ପାଇଁ ଅପେକ୍ଷା କଲେ ଶାନ୍ତି ପାଇବି ?

## ଆତ୍ମ ସମର୍ପଣ

ଏହି ପରି ସେହି ମହା ମୁହୂର୍ତ୍ତରେ ଭଗବାନଙ୍କର ଶରଣାପନ୍ନ ହେବାକୁ ହୁଏ । ହେ ଜୀବ ! ତୁମେ କ'ଣ ସଂସାର ମୋହ ଛେଦନ ପାଇଁ ଉଦ୍ୟୋଗୀ ହୋଇଛ ? ତୁମେ କ'ଣ ନିଜକୁ ଆତ୍ମୀୟ ସ୍ୱଜନ ଦ୍ୱାରା ଲାଞ୍ଛିତ ସର୍ବସ୍ୱ ବୋଲି ଭାବି ଆତ୍ମ ରାଜ୍ୟ ଉଦ୍ଧାର ପାଇଁ ସମରାୟୋଜନରେ ଉଦ୍ୟୋଗୀ ହୋଇଛ ? ଏହି ସଂସାର ତୁମର ଚକ୍ଷୁରେ କ'ଣ ଲୁଣ୍ଠନ ଓ ଛଳନା ଭୂମିରେ ପରିଣତ ହୋଇଛି ? ପତ୍ନୀର ପ୍ରେମଧାରା ହଳାହଳ ବିଷ ବୋଲି ଭାବି ପାରୁଛ ? ଆତ୍ମୀୟ ସ୍ୱଜନଙ୍କର କଳକଣ୍ଠ ତୁମର କର୍ଣ୍ଣ କୁହରରେ ବଜ୍ରଧ୍ୱନି ପରି ଘର୍ଷରିତ ହୋଇ ପାରୁଛି ? ତୁମେ କ'ଣ ଏହି

Digitized by srujanika@gmail.com

ଯନ୍ତ୍ରଣାର ବୋଝ ବୋହିବା ପାଇଁ ଅସ୍ୱୀକୃତ ? ନିଜର ଜୀବନ ବୃଥା ଯାଉଛି ବୋଲି କ'ଣ ତୁମେ ବ୍ୟାକୁଳ ?

ତା' ହେଲେ ତୁମର ଇନ୍ଦ୍ରିୟ ଅଶ୍ୱ ଯୋଜିତ ହୃଦୟ ରଥର ଲଗାମ୍ ଦିଅ । ଥରେ ରଣ କ୍ଷେତ୍ରର ମଧ୍ୟ ସ୍ଥଳରେ ସ୍ତବ୍ଧ ହୃଦୟରେ ଠିଆ ହୋଇ ନିଜର କର୍ତ୍ତୃତ୍ୱ ରୂପ ଧନୁ ପରିତ୍ୟାଗ କରି କର ଯୋଡ଼ି ଜ୍ୟୋତି-ର୍ମୟ ସାରଥୀଙ୍କ ନିକଟରେ କାନ୍ଦି କୁହ । ହେ ପ୍ରଭୁ ! ମୁଁ ମାୟାବିମୂଢ଼, ମୁଁ ସଂସାର ମାୟା ଛେଦନ କରିବାକୁ ଇଚ୍ଛୁକ, କିନ୍ତୁ—ପାରୁନାହିଁ, ମୁଁ ସ୍ତ୍ରୀ, ପୁତ୍ର ପ୍ରଭୃତି ଆତ୍ମୀୟ ସ୍ୱଜନଙ୍କ ବନ୍ଧନ ଛିଣ୍ଡାଇବା ପାଇଁ ଅକ୍ଷମ । ମୋତେ ରକ୍ଷାକର, ମୋତେ ପଥ ଦେଖାଅ, ମୋର କର୍ତ୍ତବ୍ୟ ନିର୍ଦ୍ଧାରିତ କରିଦିଅ ।

ଦେଖିବ, ସେତେବେଳେ ସେ ନିଜ ସ୍ୱରୂପରେ ପ୍ରକାଶ ହୋଇ ତୁମର ବିଷାଦ ମୋଚନ କରିଦେବେ । ତୁମର ହୃଦୟ ଭିତରେ ସେ କହି ଉଠିବେ, କ୍ଷୀତ ହୁଅନା । ତୁମର ଦୁର୍ବଳତା ତ୍ୟାଗ କର, ମୁଁ ତୁମର ସହାୟ ।


ଗୀତାରେ ଏହାର ନାମ ହେଉଛି ବିଷାଦଯୋଗ । ଅର୍ଜ୍ଜୁନଙ୍କ ପ୍ରାଣରେ ସର୍ବ ପ୍ରଥମରେ ଏହି ଭାବ ଉଦିତ ହୋଇଥିଲା । ସାଧକ ମାନେ ପ୍ରାଣରେ ସର୍ବ ପ୍ରଥମରେ ଏହି ଭାବ ଉଦିତ ହୁଏ ।

BISRA LIME
Perfectionists In Lime Production




Bisra Lime Used In All Public Sector Projects

Digitized by srujanika@gmail.com




Digitized by srujanika@gmail.com

# ଅବତାରୀୟ ଗୁଣ ଓ କର୍ମ

ଶ୍ରୀ ଅରବିନ୍ଦ

ଅନୁବାଦ—ସରୋଜିନୀ ମହାପାତ୍ର

ଅବତାରର ଶାବ୍ଦିକ ଅର୍ଥ ଅବତରଣ; ଅର୍ଥାତ୍—ଐଶୀ ଜଗତଠାରୁ ମାନବ ଜଗତ ବା ମାନବାବସ୍ଥାକୁ ପୃଥକ୍ କରୁଥିବା ବିଭାଜକ ରେଖାରୁ ନିମ୍ନକୁ ଈଶ୍ୱରଙ୍କର ଅବତରଣ କ୍ରିୟାକୁ ଅବତାର କୁହାଯାଏ ।

ମାନବାଧାରସ୍ଥ ଅଧଃ-ପ୍ରକୃତିର ଊର୍ଦ୍ଧ୍ୱରେ ଅବସ୍ଥିତ ଊର୍ଦ୍ଧ୍ୱ ପ୍ରକୃତିର ଉନ୍ମୋଚନ ନିମନ୍ତେ ଅବତାର ସୃଷ୍ଟି । ଉପରନ୍ତୁ, ମୁକ୍ତ-ନିରହଂକାର-ନିରାସକ୍ତ-ନିର୍ବ୍ୟକ୍ତିକ-ସାର୍ବଜନୀନ-ସ୍ୱର୍ଗୀୟାଲୋକ ପରିପୂରିତ-ଐଶୀକର୍ମ, ଐଶୀଶକ୍ତି ତଥା ଐଶୀ-ପ୍ରେମ ଏ ସମସ୍ତର ବିକାଶ ପାଇଁ ଅବତାରର ସୃଷ୍ଟି ।

ସେ ଅବତୀର୍ଣ୍ଣ ହୁଅନ୍ତି ସ୍ୱର୍ଗୀୟ ବ୍ୟକ୍ତିତ୍ୱ ନେଇ । ଏହି ବ୍ୟକ୍ତିତ୍ୱ ମାନବକୁ ମାନବୀୟ-ଚେତନାରେ ନିମଜ୍ଜନ କରାଇ ତା'ର ସୀମିତ ଅହଂପୂର୍ଣ୍ଣ-ବ୍ୟକ୍ତିତ୍ୱକୁ ବହିଷ୍କାର କରାଏ । ଫଳତଃ, ସେ ଅହଂମୁକ୍ତ ହୋଇ ସୀମାହୀନ ବିଶ୍ୱପ୍ରାଣ ମଧ୍ୟରେ ପ୍ରବେଶ କରେ—ମୃତ୍ୟୁ ମୁଖରୁ ପରିତ୍ରାଣ ପୂର୍ବକ ଅମରତ୍ୱ ପ୍ରାପ୍ତ ହୁଏ ।

ତାଙ୍କର ଆଗମନ ଐଶୀଶକ୍ତି ଓ ପ୍ରେମର ମାଧ୍ୟମରେ । ଏହି ଶକ୍ତି ଓ ପ୍ରେମ ମନୁଷ୍ୟମାନଙ୍କୁ ସେହି ଶକ୍ତି ଓ ପ୍ରେମର ସମୀପବର୍ତ୍ତୀ ହେବାକୁ ଆହ୍ୱାନ କରେ । ତଦ୍ଦ୍ୱାରା, ସେମାନେ ସେଇ ଶକ୍ତି ଓ ପ୍ରେମର ଶରଣାପନ୍ନ ହୋଇ ପାରନ୍ତି ଏବଂ ପୁନରାୟ ସେମାନଙ୍କୁ ମାନବୀୟ ଅପୂରଣୀୟ-ଆକାଂକ୍ଷା, ମାନବୀୟ ବିକଳ୍ପ ଜନିତ କୋଳାହଳ ତଥା କ୍ରୋଧ ଓ ମୋହର ଶିକାର ହେବାକୁ ପଡ଼େ ନାହିଁ । ସେମାନେ ଯନ୍ତ୍ରଣାରୁ ଉଦ୍ଧାର ଲଭ କରନ୍ତି । ସ୍ୱର୍ଗୀୟ ଆନନ୍ଦ ଓ ଶାନ୍ତି ମାଧ୍ୟମରେ ରହିବାକୁ ଅକ୍ଷମ ହୁଅନ୍ତି ।

ଊର୍ଦ୍ଧ୍ୱଗମନ ବା ବିବର୍ତ୍ତନ-ଧାରାର ସହାୟକ ରୂପେ ଅବତାର ସୃଷ୍ଟି ବା ଅବତାର ଗୃହୀତ ।

ନଚେତ୍ ଆମେ କହି ପାରୁଁ ଯେ ମର୍ତ୍ତ୍ୟଠାରେ ଐଶୀ-ପ୍ରକାଶର ସମ୍ଭାବନାକୁ ବାସ୍ତବମୁଖୀ କରିବା ସକାଶେ ଅବତାର ସୃଷ୍ଟି । ଏତଦ୍ଦ୍ୱାରା ଐଶୀ-ପ୍ରକାଶ ଦିଗରେ ମାନବର ଦୃଷ୍ଟି ଆକର୍ଷିତ ହୁଏ ; ତଥା ମାନବ ନିଜକୁ ତଦ୍ରୂପ ଗଢ଼ିବା ପାଇଁ ସାହସ ସଞ୍ଚୟ କରିପାରେ ।

ପୁନରାୟ ଅବତାର, ପାର୍ଥିବ-ପ୍ରକୃତିରେ ପ୍ରକାଶର ପ୍ରଭାବ ଜନିତ କମ୍ପନ ସୃଷ୍ଟି କରିଥାଏ

Digitized by srujanika@gmail.com

ଏବଂ ଉକ୍ତ ପ୍ରକାଶର ଆତ୍ମା ସ୍ୱରୂପ ସେ ପାର୍ଥିବ-ପ୍ରକୃତିର ଉର୍ଦ୍ଧ୍ୱାୟନ ପ୍ରଚେଷ୍ଟାର ନେତୃତ୍ୱ ନେଇଥାଏ ।

ଅବତାର, ଐଶୀ-ମାନବକତାକୁ ଏକ ଆଧ୍ୟାତ୍ମିକ ସ୍ୱରୂପ ଦେଇଥାଏ । ଏହାଫଳରେ ସାଧାରଣ-ମାନବାତ୍ମା ନିଜର ଲକ୍ଷ୍ୟ ଲାଭରେ ସମର୍ଥ ହୋଇଥାଏ ।

ଧର୍ମ ସଂସ୍ଥାପନାର୍ଥେ ଅବତାର ସୃଷ୍ଟି । କିନ୍ତୁ ସେ ଧର୍ମର ଅର୍ଥ କୌଣସି ଏକ କ୍ଷୁଦ୍ର ସଂସ୍ଥା ନୁହେଁ । ଏହା ସେହି ଧର୍ମ ଯାହାକି ଆନ୍ତର୍ଜୀବନ ତଥା ବହିର୍ଜୀବନ ଯାପନାର୍ଥେ ଏକ ପ୍ରଣାଳୀ । ଏହା ସେହି ଧର୍ମ ଯାହାକି ଅଗ୍ରସର ହେବା ନିମନ୍ତେ ଏକ ପନ୍ଥା—ଏକ ରୀତି—ଏକ ନୀତି । ଏହାକୁ ଅବଲମ୍ବନ ପୂର୍ବକ ମଣିଷ ନିଜକୁ ଊର୍ଦ୍ଧ୍ୱାୟିତ କରିପାରେ ।

ପୁନଶ୍ଚ, ଅବତାର ସୃଷ୍ଟିର ପ୍ରାରମ୍ଭରୁ ଏହା କେବଳ ଏକାନ୍ତ-ଐକିକ-ପ୍ରକୃତି ନୁହେଁ ବା ବ୍ୟକ୍ତିଗତ ଐହିକ-ପ୍ରକାଶ ନୁହେଁ । ବରଂ ସେ ସର୍ବତୋଭାବେ ସକଳ-ସ୍ୱର୍ଗୀୟ-ପାର୍ଥିବ-କାର୍ଯ୍ୟକ୍ରମର ଏକ ସମଷ୍ଟି-ଗତ-ଧାରା-ଏକ କର୍ମ-ସମଗ୍ର ମାନବ ଜାତି ନିମନ୍ତେ ଏକ କର୍ମ । ଏହି କର୍ମ ମାନବ ଜାତିର ଅଗ୍ରଗମନ ରେ ସହାୟ ହୋଇଥାଏ, ଜାତିର ସଙ୍କଟ-ମୁହୂର୍ତ୍ତରେ ତାକୁ ଏକତ୍ର କରି ରଖେ, ମାନବୀୟ ଅବାଧ-ଅଧୋଗତିକୁ ଅବରୋଧ କରେ, ଈଶ୍ୱରଙ୍କ ସହିତ ନିଜକୁ ଯୁକ୍ତ କରିବା ସକାଶେ ମାନବର ସ୍ୱଭାବ ସୁଲଭ ରୀତିକୁ ଉନ୍ମୀତ କରେ· ଅଥବା ପୁନର୍ଜୀବିତ କରେ, ଏପରିକି, ସୁଦୂର ପରାହତ ହେଲେ ମଧ୍ୟ, ଭଗବତ୍-ରାଜ୍ୟ ପ୍ରତିଷ୍ଠାପନାର୍ଥେ ପ୍ରସ୍ତୁତି ରଚନା କରେ, ଆଲୋକ ଓ ପରିପୂର୍ଣ୍ଣତା ସାଧାରଣ ମାନବ ତଥା ସାଧୁ ମାନଙ୍କୁ ଜୟଯୁକ୍ତ କରାଏ ଏବଂ ଆସୁରିକତା ଓ ଅଜ୍ଞାନତା ବଜାୟ ରଖିବା ପାଇଁ ଯେଉଁମାନେ ଲଢୁଥାଆନ୍ତି ସେମାନଙ୍କୁ ଚକଚଲାନ୍ତ କରିପକାଏ ।

ଏ ସକଳ, ଅବତାରର ପ୍ରତ୍ୟେକ୍ଷ ଲକ୍ଷ୍ୟ । ସାଧାରଣତଃ କର୍ମ ଜରିଆରେ ହିଁ, ମାନବ ସମାଜ ଅବତାରଙ୍କର ପରିଚୟ ପାଇ ଥାଆନ୍ତି ଏବଂ ସେଇ ସୂତ୍ରେ ତାଙ୍କର ପୂଜାର୍ଚ୍ଚନା କରିବାକୁ ପ୍ରସ୍ତୁତ ଥାଆନ୍ତି ।

ଯେଉଁ ମୁହୂର୍ତ୍ତରେ ଅବତାର ସୃଷ୍ଟି, ଯଦ୍ୟପି ସ୍ଥୂଳତଃ ତାହା ଘଟଣା ସମ୍ଭୂତ ମୁହୂର୍ତ୍ତ ଏବଂ ଏକ ମହାନ-ପ୍ରାକୃତିକ-ପରିବର୍ତ୍ତନର ସଙ୍ଗୀନ-ମୁହୂର୍ତ୍ତ, ମୂଳତଃ ତାହା ଏକ ମାନବୀୟ ଚେତନା ସମ୍ଭୂତ ଗୁରୁତର ମୁହୂର୍ତ୍ତ । ସେତେବେଳେ କେତେକ ଗୁରୁତର ପରିବର୍ତ୍ତନ ଏବଂ ନୂତନ-ଉନ୍ମୟନ ହେବାକୁ ଥାଏ ।

ଏହି ପରିବର୍ତ୍ତନ ନିମନ୍ତେ ଐଶୀ ଶକ୍ତିଙ୍କର ସହାୟତା ପ୍ରୟୋଜନ । କିନ୍ତୁ ଏହି ଶକ୍ତି ଯେତେବେଳେ ଯେଉଁ ଶରୀର ମଧ୍ୟରେ ଅବତୀର୍ଣ୍ଣ ହୋଇଥାଆନ୍ତି ସେହି ଶରୀରର ଚେତନ ଶକ୍ତି ଭେଦରେ ପୃଥକ୍ ହେବାକୁ ବାଧ୍ୟ । ଏହି କାରଣରୁ ମାନବୀୟ ମନ ଓ ଆତ୍ମା ସ୍ତରରେ ଉକ୍ତ ଐଶୀଚେତନାର ପରି-ପ୍ରକାଶର ଆବଶ୍ୟକତା ଅଛି ।

Digitized by srujanika@gmail.com

ବସ୍ତୁତଃ, ଯେଉଁଠାରେ ପରିବର୍ତ୍ତନ ପ୍ରେରଣା ପ୍ରଧାନ ଏବଂ ବାସ୍ତବମୁଖୀ ସେଠାରେ ଅବତାରର ଆବଶ୍ୟକତା ନାହିଁ । ଏ ସ୍ଥଳେ ମାନବୀୟ ଚିତ୍ତ ଶକ୍ତି ବେଶ୍ ବିକଶିତ ଓ ମାନବୀୟ ଶକ୍ତିର ବହୁଳ ପ୍ରକାଶ ହେତୁ ସେହି ମାଧ୍ୟମରେ ମଣିଷ ସ୍ୱୀୟ ଚରିତ୍ରଗତ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥାଏ । ପୁଣି, ଏହି ଚିତ୍ତ ଶକ୍ତିର ଜୁଆର କେତେକ ଅସାଧାରଣ-ବ୍ୟକ୍ତିତ୍ୱ-ସମ୍ପନ୍ନ 'ବିଭୂତି'ଙ୍କ ନିକଟରେ ଫେନାୟିତ ହୋଇଥାଏ । ଏଣୁ ଏଠାରେ ଆବଶ୍ୟକୀୟ ପରିବର୍ତ୍ତନ ନିମନ୍ତେ ସେହି 'ବିଭୂତି' ଗଣଙ୍କ ସାର୍ବଜନୀନ ନେତୃତ୍ୱହିଁ ଯଥେଷ୍ଟ ।

କିନ୍ତୁ ଯେତେବେଳେ ସେହି ସଙ୍ଗୀନ୍ ମୁହୂର୍ତ୍ତଟି ଆଧ୍ୟାତ୍ମିକ-ବୀଜ-ସମ୍ଭୂତ ଅଥବା ସେହି ମୁହୂର୍ତ୍ତର ଲକ୍ଷ୍ୟ ଥାଏ ଆଧ୍ୟାତ୍ମିକ-ବିବର୍ତ୍ତନ ତେବେ ସେତେବେଳେ ମାନବୀୟ ମନ ତଥା ଆତ୍ମାରେ ସମ୍ପୂର୍ଣ୍ଣ ଅଥବା ଆଂଶିକ ଐଶୀ ଚେତନା ସ୍ୱୟଂ ପ୍ରକାଶ ପୂର୍ବକ ଉକ୍ତ ବିବର୍ତ୍ତନ ଧାରାର ସୃଷ୍ଟିକର୍ତ୍ତା ଅବା ସୂତ୍ରଧର ରୂପେ ଅବତୀର୍ଣ୍ଣ ହୋଇଥାନ୍ତି ।

ସେ' ହିଁ ଅବତାର ।

———

Phone : 2830
2830-A
2323

M/s. MANSARAM AGARAWAL
NEHRU MARG
ROURKELA-1
Dist. Sundergarh. (Orissa)
Wholesale Dealers
IN
ATTA, MAIDA, SUJI AND SUGAR
AND
Government Storage Agent
Panposh and Bonai Sub-Divisions

Digitized by srujanika@gmail.com

# ବାରବାଟୀ ଲଟେରୀ

ଗୋଟିଏ ଭଲରୁ ସହସ୍ର ଭଲ ! !

ସତ୍ ତଥା ମହତ୍ ଉଦ୍ଦେଶ୍ୟ ରଖି ସଂସାରରେ ଯେତେ କାର୍ଯ୍ୟ ହୋଇଛି ସେଥିରୁ ଆହୁରି ଅସଂଖ୍ୟ ଭଲ ଫଳ ମିଳିଛି ।

## ବାରବାଟୀ ରାଫଲ କ୍ଷେତ୍ରରେ ମଧ୍ୟ ତାହାହିଁ ପ୍ରମାଣିତ ହୋଇଗଲା

ନବ ଉତ୍କଳର ଗୋଟିଏ ଅକ୍ଷୟ କୀର୍ତ୍ତି ପାଇଁ ଦେଶର ଘରଆଡୁ କେବଳ ଗୋଟିଏ ଲେଖା ଟଂକା ସଂଗ୍ରହ କରିବାର କଳ୍ପନା ଥରେ ହେଲା ।

ଆଜି ଦେଖା ଯାଉଛି ........

ବାରବାଟୀ ଷ୍ଟେଡ଼ିୟମ ତିଆରି କାର୍ଯ୍ୟ ତ ଚାଲିଛି, ତା ସଙ୍ଗେ ସଙ୍ଗେ

ସେହି ପାଣ୍ଠିରୁ —

| | |
|---|---|
| ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ | —୧,୮୨,୭୮୫-୦୦ |
| ପ୍ରଧାନମନ୍ତ୍ରୀଙ୍କ ପାଣ୍ଠିକୁ | —ଟ ୫୦,୦୦୦-୦୦ |
| ନେହେରୁ ସ୍ମୃତିରକ୍ଷା ପାଣ୍ଠିକୁ | —ଟ ୨୨,୫୦୦-୦୦ |
| ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳପାଇଁ | —ଟ ୪୦,୦୦୦-୦୦ |
| ବିହାର ଦୁର୍ଭିକ୍ଷ ଅଞ୍ଚଳ ପାଇଁ | —ଟ ୨୦,୦୦୦-୦୦ |

ଓ ଅନ୍ୟାନ୍ୟ ଅନେକ ପାଣ୍ଠିକୁ ମଧ୍ୟ ପ୍ରାୟ ଏକଲକ୍ଷ (ଟ୧,୦୦,୦୦୦) ଟଙ୍କା ଯାଇଛି—

ଆପଣ ଆମକୁ ଟଙ୍କାଏ ଟଙ୍କାଏ ସାହାଯ୍ୟ ଦେଇ ଅନ୍ୟମାନଙ୍କ ସାହାଯ୍ୟ ଦେବାପାଇଁ ପଥ ପରିଷ୍କାର କରି ଦିଅନ୍ତୁ ବୋଲି ବିନୀତ ଅନୁରୋଧ ।

**ପ୍ରଥମ ପୁରସ୍କାର ଟ ୧,୦୦୦,୦୦ (ଏକ ଲକ୍ଷ ଟଙ୍କା)**

ଏଥିପାଇଁ ଉଠାଣ ତା ୨୫-୮-୬୮

ବିଶେଷ ବିବରଣୀ ପାଇଁ ଲେଖନ୍ତୁ— ଅବୈତନିକ ସମ୍ପାଦକ

ବାରବାଟୀ ରାଫଲ କମିଟୀ

କଟକ-୫

Digitized by srujanika@gmail.com

# ପରିକ୍ରମା

ଶେଖର ଜୋଶୀ

ଅନୁବାଦ—ହେମଲତା ଦାସ

ସବୁବେଳେ ଘରେ ଗୁପ୍ତ ମନ୍ତ୍ରଣା, ସମସ୍ତଙ୍କ ମନ ଯେପରି ରହସ୍ୟାଚ୍ଛନ୍ନ । ନାଁ କୁ ଏକାନ୍ନବର୍ତ୍ତୀ ପରିବାର । ତେବେ ପରିବାର ଟିର ମେରୁଦଣ୍ଡ ଯେ ଦୁର୍ବଳ ହୋଇ ଗଲାଣି ଏ କଥା ଘର କାହିଁ କି ବାହାର ଲୋକ ବି ଜାଣି ସାରିଲେଣି । ସବୁବେଳେ ବିସ୍ଫୋରଣର ଭୟ ହେଉଥାଏ । କେଉଁ ମୁହୂର୍ତ୍ତରେ ଯେ ବାରୁଦରେ ଅଗ୍ନି-ସଂଯୋଗ ହେବ ତା' କିଏ କହିବ ।

ହରିଦତ୍ତ ବାବୁ ଦିନ ତମାମ ତାଙ୍କ ଘର ଅଗଣାରେ ଡାଳିମ୍ବ ଗଛ ଛାଇ ତଳେ ବସି ବକର ବକର ହେଉଥାଆନ୍ତି । ବୃଦ୍ଧଙ୍କର ନିଷ୍ପ୍ରଭ ଦୃଷ୍ଟିରେ ମଧ୍ୟ ସେ ଘରର ପ୍ରତ୍ୟେକଙ୍କର ମୁଖରେ ଘେରିଥିବା ବିଷାଦର ଛାୟାକୁ ଦେଖି ପାରନ୍ତି ।

କେତେ ଦିନ ଆଉ ଏମିତି ଚାଲିବ କିଛି ଗୋଟାଏ ସମାଧାନ ଏଥର ହୋଇଯିବା ଦରକାର । ସମାଧାନର ଅର୍ଥ ହେଉଛି ପୃଥକୀକରଣ । ପୃଥକ ହେବାର କଳ୍ପନା କରୁ କରୁ ହରିଦତ୍ତ ବାବୁଙ୍କର ଶରୀର ରୋମାଞ୍ଚିତ ହୋଇ ଉଠେ । ଆଜି ପର୍ଯ୍ୟନ୍ତ ନବାଗନ୍ତୁକମାନଙ୍କୁ ତାଙ୍କର ଏହି ଏକାନ୍ନବର୍ତ୍ତୀ ପରିବାରର କଥା କହି କେତେ ଗର୍ବ ଅନୁଭବ ନ କରନ୍ତି ସେ । ଏଣିକି ବେଶି ଦିନ ଆଉ ଏହି କ୍ରମ ସମ୍ଭବ ନୁହେଁ । ସେ ଦିନ ବଡ଼ ବୋହୂ ଆସି ଶ୍ୱଶୁରଙ୍କ ପାଦ ଯୋଡ଼ାକ ଭିଡ଼ି ଧରି ପକାଇଲା ପାଟି ଫିଟୁ ନ ଥାଏ । ଖାଲି ଲୁହ । ଆଉ ଲୁହ ! ତାର ସେହି ଲୁହରେ ଯେପରି ସାରା ଧରଣୀକୁ ସେ ଜଳ-ମଗ୍ନ କରି ଦେବ । ଏହି ଅଭାଗିନୀ ବିଧବାଟିର ଆଖିର ଲୋତକରେ ସେହି ଗୃହ ସିକ୍ତ ହୋଇ ଥାଏ । ଅଶ୍ରୁଚ୍ଛ୍ୱାସ ବନ୍ଦ ହେଲା ପରେ ରୁଦ୍ଧ କଣ୍ଠରେ ବାରମ୍ବାର ପଚାରୁଥାଏ—"ମୋର କି ଦୋଷ କହିଲେ, ବାପା ।" ଏହି ଅବସ୍ଥାରେ ସୁଦ୍ଧା ପିତୃତୁଲ୍ୟ ବୃଦ୍ଧ ଶ୍ୱଶୁରଙ୍କ ସାମନାରେ ତାର ମଥାର ଓଢ଼ଣା ଖସି ନ ଥାଏ ।

ହରି ଦତ୍ତ ମହାଶୟ କୌଣସି ଜବାବ ଦେଉନଥାନ୍ତି । 'ବଡ଼'ର ତ ଦୋଷ କେବଳ ତାଙ୍କର ଏହି ଦୀର୍ଘାୟୁ ଜୀବନର—

Digitized by srujanika@gmail.com

ଏପରି ଅଭିଶାପ ନେଇ କାହିଁକି ଜନ୍ମ ପାଇଛନ୍ତି ସେ । ତିନି ପୁଅ ମଧ୍ୟରୁ ଦୁଇଟି ଯୁବକ ପୁଅର ଅକାଳ ମରଣର ଦୁଃଖ ତାଙ୍କ ପାଇଁ ଯେପରି ଅଣ୍ଟିଲା ନାହିଁ ଯେ ଘରେ ପୁଣି ସବୁବେଳେ ଅଶାନ୍ତି ଲାଗି ରହିଛି । ଯିଏ ଚାଲିଗଲା ତାକୁ ତ ପୁଣି ପାଶୋରି ଯାଆନ୍ତେ ମାତ୍ର ସେହି ଅତୀତର ସ୍ମୃତି ମଧ୍ୟରେ ଦୁଇ ବିଧବାଙ୍କର ନଗ୍ନ ହାତ ଯେତେବେଳେ ତାଙ୍କ ପୂଜା ସାମଗ୍ରୀ ଠିକ୍ କରେ, ମନର କ୍ଷତ ଅତ୍ୟଧିକ ବେଦନାଗ୍ରସ୍ତ ହୋଇ ପଡେ । ଦ୍ୱିତୀୟ ବୋହୂ କେଭେ କନ୍ଦା କଟା କରି କୌଣସି ଅଭିଯୋଗ କରିବା କଥା ହରିଦତ୍ତଙ୍କର ମନେ ପଡେନା—ତାର ବୈଧବ୍ୟ ଯେପରି ମୂକ କରି ଦେଇଛି ତାକୁ ! ପୁଅ ହରିଶର ହାତଧରି କବାଟ କୋଣରେ ଠିଆ ହୋଇ କହି ଦିଏ—"ଯାଅ, ଜେଜେଙ୍କ ପାଖରେ ଯାଇ ବସ୍ ।"

ହରିଦତ୍ତ ବାବୁ ଆଖି ଟେକି ଥରେ ଅନାନ୍ତି, ମାତ୍ର ମଇଳା ଧୋତିରେ ଆବୃତା ବୋହୂର ଆକୃତି କେତେବେଳୁ କେଜାଣି ସେଠାରୁ ଅପସରି ଯାଇଥାଏ । ହରିଶକୁ ଡାକି ସେ ପାଖରେ ବସାନ୍ତି । ତାକୁ ଦେଖି ତାଙ୍କର ମନେ ହୁଏ, ତା'ରି ବାପା ଗୋପାଳ ପୁଣି ଥରେ ଶୈଶବାବସ୍ଥାକୁ ଫେରି ଆସିଛି ଯେପରି ! ସେହି ଆକୃତିଟା ମଧ୍ୟ ଧୀରେ-ଧୀରେ ଅସ୍ପଷ୍ଟ ହୋଇ ଉଠେ । ଶ୍ରାବଣ-ଭାଦ୍ରବର ମେଘ ସେହି ଦୁଇଜଣଙ୍କ ମନରେ ନିତିକାଳି ଖେଳେ ।

ବେଳେ ବେଳେ ରାମଦତ୍ତଙ୍କ ସ୍ତ୍ରୀର ତୀକ୍ଷ୍ଣ ଅସନ୍ତୁଷ୍ଟ ସ୍ୱର କାନରେ ବାଜେ । ପ୍ରତିଦିନ ଦୁଧ ନେଇ ହେଉ ବା ପିଲାଙ୍କ କଥା ନେଇ ହେଉ ଅଥବା ଅନ୍ୟାନ୍ୟ ଘରର କାମଧନ୍ଦା ନେଇ ଝଗଡ଼ା ସୃଷ୍ଟି ହୁଏ । ସବା ସାନ କୈଳାଶ, ତା' ସ୍ତ୍ରୀର କର୍କଶ ସ୍ୱର ତାଙ୍କୁ ବିଶେଷ ଶୁଣାଯାଏ ନାହିଁ ତେବେ ସେ ବି ସହଜ ନୁହେଁ, ହରିଦତ୍ତ ବାବୁ ବେଶ୍ ଭଲ ଭାବେ ଜାଣନ୍ତି । ଦୁଇ ବିଧବା ଆଗରେ ଏହି ଦୁଇ ସୌଭାଗ୍ୟବତୀ କେହି କାହାକୁ ନ୍ୟୂନ ମନେ କରନ୍ତି ନାହିଁ । ସେମାନଙ୍କର ରୋଜଗାରିଆ ସ୍ୱାମୀଙ୍କ ଯୋଗୁଁ ଘର ସଂସାର ଚାଲିଛି ଏହା ପ୍ରଦର୍ଶନ କରିବା ପାଇଁ ସେମାନେ ଦିନେ କେତେବେଳେ ହେଲେ ଭୁଲନ୍ତି ନାହିଁ । ଦୁହିଁଙ୍କ ମଧ୍ୟରେ ଅତ୍ୟନ୍ତ ସ୍ନେହ ମଧ୍ୟ ଥାଏ । ରାମଦତ୍ତଙ୍କ ସ୍ତ୍ରୀ କହେ—"ସାନବୋହୂ ଝିଅକୁ ଦୁଧ ଟିକେ ପିଆଇ ଦେ ମ !"

ସାନ ବୋହୂ ଦାନ୍ତ ତଳେ ଓଠକୁ କାମୁଡ଼ି ଉତ୍ତର ଦିଏ—"ଅପା, ଦୁଧ ତ କିଣି ବହୁତ କମି ଯାଉଛି । କୌଣସି ଦୁଇ ଗୋଡ଼ିଆ ବିରାଡ଼ି ପିଇ ଯାଇ ନାହିଁ ତ ?" ଏବଂ ତା ସଙ୍ଗେ ସଙ୍ଗେ ସୌଭାଗ୍ୟକର ମୁଖ ଦୁଇଟିରେ ରହସ୍ୟଭରା ମୁରୁକି ହସ ଖେଳି-ଯାଏ ।

ବଡ଼ ବୋହୂ ଓ ହରିଶର ମା, ଦୁଇ ବିଧବାଙ୍କ ହୃଦୟରେ ଏ କଥା ତୀର ଭଳି ବାଜେ । ଦିନ ଯାକ ଏହିପରି ବିଷପୂର୍ଣ୍ଣ ଶବ୍ଦ ଘରର ବାତାବରଣରେ ଖେଳି ବୁଲେ । ଏହି ବିଷାକ୍ତ ଶବ୍ଦ ମଧ୍ୟରୁ କେଭେ ମୁକ୍ତି ମିଳେ ନାହିଁ । ଯେଉଁଦିନ ଅତ୍ୟଧିକ ଅସହ୍ୟ ହୋଇପଡ଼େ ବଡ଼ ବୋହୂ ଗିରି ନେଇ

Digitized by srujanika@gmail.com

ଚାଲି ଯାଏ ପୋଖରୀକୁ ପାଣି ଆଣିବା ବାହାନାରେ । ହରିଶ୍ ମା'ର ମଧ ଭାରି ଇଚ୍ଛା ହୁଏ, ଏକାନ୍ତରେ ତା' ସହିତ ଦି' ପଦ କଥା ହେବାକୁ—ସେ ବି ସୁବିଧା ଖୋଜି ସେ ବି' ଜା'ଙ୍କ ଅଜଣାରେ ବଡ଼ ଜା'ର ପଛେ ପଛେ ଚାଲି ଯାଏ ।

ବଡ଼ ବୋହୂ ଆଶ୍ୱାସନା ଦେଇ କହେ—"ଭଉଣୀ ମନ ଦୁଃଖ କରନାହିଁ । ରାତି-ଦିନ ଭଳି ସୁଖ-ଦୁଃଖ ତ ଲାଗି ରହିଛି । ଭଗବାନ କଲେନ୍ତୁ, ଭୁବନ ଟିକେ ପଇସା ରୋଜଗାର କରୁ ତୋତେ ମୁଁ ତା' ସହିତ ପଠାଇ ଦେବି ! ହରିଶ୍ ଟିକେ ପଢ଼ି କରି ମଣିଷ ହେବ ।"

ଭୁବନ ବଡ଼ ବୋହୂର ଗୋଟିଏ ବୋଲି ପୁଅ । ସ୍ୱର୍ଗୀୟ ପିତାର ଏକମାତ୍ର ସନ୍ତକ । ସବୁବେଳେ ବଡ଼ ଦାଦା ପାଖରେ ରହି ପଢୁଥାଏ ।

ଦୁଇ ବୋହୂ ଯାକ ଏହିପରି ମନର ବୋଝ ହାଲୁକା କରି ପାଣି ମାଠିଆ ନେଇ ଘରକୁ ଫେରନ୍ତି ।

ରାମଦତ୍ତ କିଛି ଦିନ ଛୁଟି ନେଇ ଘରକୁ ଆସିଥାଏ । ଦିନେ କୌଣସି କାରଣରୁ ଘରେ କଳହ ଉପୁଜିଲା । ରାମଦତ୍ତର ସ୍ୱଭାବ ଭାରି ଶାନ୍ତଶିଷ୍ଟ । ତଥାପି ସେ ଦିନ ବାପାଙ୍କୁ ରୁକ୍ଷ ଭାବରେ କହିଲା—"ବାପା ଆପଣ ଯଦି କହିବେ, ମୁଁ କୈଳାଶକୁ ଚିଠି ଲେଖି ଡକାଇ ଆଣିବି । ଏମାନେ ତ ପରସ୍ପର ମିଳି ମିଶି ଚଳି ପାରୁ ନାହାନ୍ତି; ବରଂ କିଛି ଗୋଟାଏ ନିଷ୍ପତ୍ତି କରି ଅଲଗା ଅଲଗା ହୋଇ ଯିବା ଭଲ । ମୁଁ ତ ଭୁବନର ଭାର ନେଇଛି-ନୂଆବୋଉଙ୍କୁ ମଧ ମୋର ଶକ୍ତି ଅନୁଯାୟୀ ସାହାଯ୍ୟ କରିବି ଏବଂ ହରିଶ୍ ଓ ତାର ମା'ର ଦାୟିତ୍ୱ କୈଳାଶ ନେଉ ।"

ହରଦତ୍ତ ବାବୁ ଆଜି ଯାଏଁ ଯେଉଁ ଶଂକା କରୁଥିଲେ, ତାହା ଏପରି ଭାବେ ରାମଦତ୍ତ ମୁହଁରୁ ଶୁଣିବେ ବୋଲି ତାଙ୍କର ମୋଟେ ଆଶା ନ ଥିଲା । ତେଣୁ ସେ ଅବସନ୍ନ କଣ୍ଠରେ କହିଲେ "—ରାମୁ ! ମୁଁ ଯେଉଁ ଦିନ ଏ ସଂସାରରୁ ଚାଲିଯିବି, ସେଇଦିନ ତୁମେମାନେ ଆଗେ ଭିନ୍ନ ଭିନ୍ନ ହୋଇ ପରେ ମୋର ଶବ ସତ୍କାର କରିବ—ମୁଁ ବଞ୍ଚିଥିବା ଯାଏଁ ସେ କଥା ଏ ଘରେ ଆଉ ଯେପରି ନ ଉଠେ । ଅଦ୍ୟ ପର୍ଯ୍ୟନ୍ତ ଆମ ବଂଶରେ ଏହା ସମ୍ଭବ ହୋଇ ନାହିଁ !··· ।" କ୍ରୋଧ ଏବଂ ଦୁଃଖରେ ତାଙ୍କର ଶରୀର କଂପୁଥାଏ ଓ ଚକ୍ଷୁ ଲୋତକରେ ପରିପୂର୍ଣ୍ଣ ହୋଇ ଯାଇଥାଏ ।

ବାସ୍ତବିକ୍ ହରଦତ୍ତ ମହାଶୟ ଜୀବିତ ଥିବା ପର୍ଯ୍ୟନ୍ତ ସେ କଥା ଆଉ କେବେ ଉଠି ନାହିଁ । କିନ୍ତୁ ହଠାତ୍ ଦିନେ ତାଙ୍କର କାଳ ହୋଇଗଲା । ତା'ପରେ ଆସ୍ତେ ଆସ୍ତେ ପରିବାର ଭିତରୁ ଜଣେ ବାହାରକୁ ଗୋଡ଼ କାଢ଼ିଲେ । ବାପାଙ୍କର ଶ୍ରାଦ୍ଧ କ୍ରିୟା ପରେ ପରେ ହିଁ ରାମଦତ୍ତ ପିଲାଛୁଆଙ୍କୁ ନେଇଗଲା ଯାଗାରେ । ତାର ଅଳ୍ପ ଦିନ ପରେ କୈଳାଶ ବି "ସାନ ବୋହୂ"କୁ ଡକାଇ ନେଲା । ସେହି କୋଳାହଳମୟ ଗୃହରେ ଅବଶିଷ୍ଟ ରହିଲେ ଏକମାତ୍ର ଶିଶୁ ସନ୍ତାନ ହରିଶକୁ ନେଇ ସେ ଦୁଇଟି ବଧବା । ପ୍ରତି

Digitized by srujanika@gmail.com

ମାସରେ କୈଳାଶ ନରୁବା ରାମଦତ୍ତ କିଛି ନା କିଛି ସାହାଯ୍ୟ ସ୍ୱରୂପ ପଠାଉଥାନ୍ତି । ବାକି ଜମି ବାଡ଼ିରୁ ଯାହା ଆଦାୟ ହୁଏ, ସେଥିକ ମାତ୍ର ସେମାନଙ୍କର ଜୀବନ ନିର୍ବାହର ସମ୍ବଳ ହୋଇଥାଏ । ବେଳେ ବେଳେ ଭୁବନର ଚିଠି ଆସେ । ଅତି ଶୀଘ୍ର ଚାକିରି ପାଇବାର ସମ୍ଭାବନା କଥା ଲେଖି ମା'କୁ ସାନ୍ତ୍ୱନା ଦିଏ । ଏହି ସମୟରେ କିଛି ଦିନ ବିତିଗଲା ।

ହଠାତ୍ ଦିନେ ଭୁବନର ଚିଠି ଆସି ପହଞ୍ଚିଲା ଯେ ଆକାଶ-ବାହିନୀରେ ସେ ଭର୍ତ୍ତି ହୋଇ ଯାଇଛି ଏବଂ ସୁବିଧା ଦେଖି ମା' ଓ ଝିଅକୁ ସାଥିରେ ନେଇ ଆସିବ । ସେଦିନର ଜୀବନ କଥା ଭାବି ବଡ଼ବୋହୂର ମନ ଅତ୍ୟନ୍ତ ବ୍ୟାକୁଳ ହୋଇଥାଏ । ଦିଅର ପ୍ରତି ଆକ୍ରୋଶରେ ମନ ଭରି ଉଠୁଥାଏ । ଭାବୁଥାଏ ଅନ୍ୟ କେଉଁ ଆଡ଼େ ଚେଷ୍ଟା ନ କରି ଭୁବନକୁ କାହିଁକି ଆକାଶ ବାହିନୀରେ ପୂରାଇଲେ । ମାତ୍ର ତା' ପର ଦିନ ରାମଦତ୍ତର ଚିଠି ଆସିଲା "ଭୁବନର ଏହି ବିଭାଗରେ ଯିବା ପାଇଁ ଖୁବ ଇଚ୍ଛା ଥିଲା । ଚିନ୍ତା କରିବାର କୌଣସି କାରଣ ନାହିଁ—ସେ ଅତି ଉତ୍ତମ ଏବଂ ସୁରକ୍ଷିତ ସ୍ଥାନ ପାଇଛି ।" ବଡ଼ବୋହୂର ମନ ଟିକେ ଆଶ୍ୱସ୍ତ ହେଲା—ଏତିକି ପଢ଼ିବା ପରେ ।

କୌଣସି କାରଣ ବଶତଃ ଭୁବନ ଅତିଶୀଘ୍ର ମା' ଆଉ ଝିଅକୁ ତା' ନିକଟକୁ ନେଇ ପାରିଲାନି ସିନା ପ୍ରତି ମାସରେ ନିୟମିତ ଟଙ୍କା ପଠାଉଥାଏ । ଏଣିକି ରାମ ଓ କୈଳାସ ସାହାଯ୍ୟ କରିବା ବନ୍ଦ କରି ଦେଇଥାନ୍ତି । ଚିଠି ପତ୍ର ବି ଅତି କମ ଦିଅନ୍ତି । ବଡ଼ ବୋହୂ ଚାରିଖଣ୍ଡ ଦେଲେ, ତିନି ଚାରି ମାସ ପରେ ଖଣ୍ଡେ ଆସେ ।

ପାରିବାରିକ ଜୀବନର ଏହି ଶିଥିଳ ଗତିରେ ସହସା ଏକ ଅଦ୍ଭୁତ ପରିବର୍ତ୍ତନ ଘଟିଲା । ଭୁବନ ଲେଖିଥାଏ, ସେ ପାଇଲଟ୍ ଅଫିସର ରୂପେ ନିଯୁକ୍ତ ପାଇଛି । ଅତି ଉଚ୍ଛ୍ୱାସଭରା ତାର ସେହି ଚିଠି ଖଣ୍ଡିକ—ପ୍ରତି ଅକ୍ଷରରେ ପ୍ରସନ୍ନତା ଫୁଟି ଉଠିଥାଏ । ବିଶଦ ବିବରଣୀ ସହ ସେ ଲେଖିଥାଏ ଯେ ଟ୍ରେନିଂ ପରେ ପାଞ୍ଚଶହ ଟଙ୍କାରୁ ବି ଅଧିକ ପାଇବ । ଖୁବ ଆନନ୍ଦରେ ତାର ଉଜ୍ଜ୍ୱଳ ଭବିଷ୍ୟତର ଚିତ୍ରଣ କରିଥାଏ । ବଡ଼ବୋହୂକୁ ସେ ସବୁ ସ୍ୱପ୍ନ ପରି ଲାଗୁଥାଏ । ଏତେ ବଡ଼ ସୁଖର କଳ୍ପନା ସେ କେବେ କରି ନ ଥିଲା । ତେଣୁ ସେହି ଖବର ତାକୁ ସେପରି ଅସହ୍ୟ ବୋଧ ହେଉଥାଏ । ବାରମ୍ବାର ଆଖି ଲୁହରେ ଛଳ ଛଳ ହୋଇ ଯାଉଥାଏ । ହସ୍ତୀଶ ଆଉ ତା' ମା'ର ଆନନ୍ଦ ଦେଖେ କିଏ ! ଭୁବନ ବଡ଼ ଅଫିସର ହେବା ଖବର କ୍ଷଣକ ମଧ୍ୟରେ ଗାଁ ସାରା ବ୍ୟାପ୍ତ ହୋଇଗଲା । ଯିଏ ଶୁଣେ, ସେ ବଡ଼ବୋହୂକୁ ପ୍ରଶଂସା କରି କହେ ।

ଦୁଇ ଦିନ ପରେ ରାମଦତ୍ତ ଓ କୈଳାଶ ସ୍ଥୀର ଚିଠି ଆସି ପହଞ୍ଚିଲା । ସ୍ଥୀ' ଆଗରୁ କେବେ ସାନ ବୋହୂ ଚିଠି ଦେଇ ନ ଥିଲା । ଦୁଇ ଚାରି ଖଣ୍ଡ ଚିଠିର ଉତ୍ତରରେ ଖଣ୍ଡେ ଆସେ । ତା' ଏଣିକି କୈଳାସ ଠାରୁ । ଦୁଇ ଖଣ୍ଡ ଯାକରେ ଭୁବନର ପଦୋନ୍ନତି ଦିକାଶେ ଅପାର ଆନନ୍ଦ ପ୍ରକାଶ କରା ହୋଇଥାଏ ।

Digitized by srujanika@gmail.com

ବଡ଼ ବୋହୂ ଯାହା ମନ୍ଦିରେ ଠିଆ ହୋଇଥିବା ଚକଡ ଶିଶୁ ପରି ସବୁ ଦେଖୁଥାଏ । ଶୁଣୁଥାଏ । ଭୁବନ ସମାଜର ଜଣେ ଗଣ୍ୟ ମାନ୍ୟ ବ୍ୟକ୍ତି ରୂପେ ପରଗଣିତ ହେଲଣି ବୋଲି ବର୍ତ୍ତମାନ ସୁଦ୍ଧା ସେପରି ବିଶ୍ୱାସ ହେଉ ନ ଥାଏ ।

କିଛି ଦିନ ପରେ ଭୁବନ ଛୁଟି ନେଇ ଗାଁକୁ ଆସିଲା । ବର୍ତ୍ତମାନ ସେ ଜଣେ ପୂର୍ଣ୍ଣ ଯୁବକ । ତା' ମା'ର ମନେ ହେଲା, କାଲିର ଲଙ୍ଗୁଳା ଭୁବନ ଆଜ ଆଉ ନାହିଁ—ଏ ସେପରି ଅନ୍ୟ କେହି । ଭୁବନ ଯୋଗୁଁ ସାହିପଡ଼ଶାରେ ମାନମର୍ଯ୍ୟାଦା ବଢ଼ି ଯାଇଥାଏ । ଆଗ ଅପେକ୍ଷା ଲୋକେ ତାକୁ ଅଧିକ ମାନ ସମ୍ମାନ ଦେଉଥାନ୍ତି । ଭୁବନ ହରିଣର ହାତ ଧରି ଗାଁ ସାରା ବୁଲୁଥାଏ । ଅତି ସ୍ନେହ ଭରା ନୟନରେ ସେ ଦୁହିଁଙ୍କୁ ଅନାଇ ରହେ । ଝିଅର ହୃଦୟରୁ ଆଶିଷ ଝରି ପଡ଼ୁଥାଏ ।

ଛୁଟି ଶେଷ ନ ହେଉଣୁ ଭୁବନ ଫିବା ପାଇଁ ଆୟୋଜନ କଲା । କାରଣ ରାମଦତ୍ତ ଓ କୈଳାଶ ଦୁହେଁ ଯାକ ମା'କୁ ସାଙ୍ଗରେ ନେଇ ଆସିବା ପାଇଁ ଲେଖିଥାନ୍ତି ।

ତେଣୁ ବଡ଼ ବୋହୂ ଘରର ସାରା ଜଞ୍ଜାଳ ତା' ଉପରେ ଦେଇ ଭୁବନ ସହିତ ଗଲା । ରାମଦତ୍ତ ଷ୍ଟେସନକୁ ଆସିଥାଏ ସେମାନଙ୍କୁ ପାଛୋଟି ନେବା ପାଇଁ । ଦାଣ୍ଡର ଘରେ ପହଞ୍ଚି ବଡ଼ ବୋହୂର ମନେ ହେଲା ରାମଦତ୍ତର ସ୍ତ୍ରୀ ଭୁବନ ଅପେକ୍ଷା ଯେପରି ଅଧିକ ଆଗ୍ରହରେ ତା'ର ପ୍ରତୀକ୍ଷା କରୁଥିଲା । ତା'ର ଏପରି ଆଚରଣରେ ସେ ଅର୍ଦ୍ଧଚାହିଁ ହେଲା—କଥାରୁ ଯେପରି ଅମୃତ ଝରୁଛି । ତିନି ପାଞ୍ଚ ଦିନ ପରେ ଭୁବନ କୈଳାସ ଘରକୁ ବାହାରିଲା । ରାମଦତ୍ତର ସ୍ତ୍ରୀ କଣ୍ଠରେ ସରାଗ ଭରି ଭୁବନକୁ କହିଲା, ଦ୍ୱିଜନ୍ମରେ ଯୋଗ ଦେବା ପୂର୍ବରୁ ମା'ଙ୍କୁ ଏଠି ଛାଡ଼ି ଦେଇ ଯିବ । କୈଳାସ ଏବଂ ସାନବୋହୂ ର ବ୍ୟବହାର ମଧ୍ୟ ଢେର ଆତ୍ମୀୟତା ପୂର୍ଣ୍ଣ ହୋଇ ଯାଇଥାଏ ପୂର୍ବ ଅପେକ୍ଷା । ସାନ ବୋହୂ ବଡ଼ ଜା'ର ସେବା-ଯତ୍ନ ସକାଳେ ଅକାଳରେ ବ୍ୟସ୍ତ କରୁଥାଏ । ବଡ଼ ବୋହୂ ସାନ ବୋହୂ ଘରେ ପହଞ୍ଚୁ ପହଞ୍ଚୁ ବଜାରରୁ ଭଲି ରକମର ଶାଢ଼ୀ ଦି' ତିନି ଖଣ୍ଡ ମଗାଇ କହିଲା—"ଅପା, ତମେ ଏବେ ଜଣେ ବଡ଼ ଅଫିସରଙ୍କ ମା' ହେଲ । ଏମିତି ମୋଟା ଶାଢ଼ୀ କଣ ପିନ୍ଧିଲେ ସାଜିବ । ଦେଖିଲେ ଥଟ୍ଟା କରିବେନି ?"

ବଡ଼ ବୋହୂ ସ୍ନେହ ଭରା ଆଖିରେ ସାନ ବୋହୂକୁ ଚାହିଁ କହିଲା—"ତୁମର ପୁଅ ସେ; ତୁମେମାନେ କଲ୍ୟାଣ କର, ମୋର ସେଥିରେ କଣ ଅଛି, ଆଉ କୁ ନୟନ ଅଠ ଲଗାଇବା-ପିନ୍ଧିବାର ।" କହୁ କହୁ ଆଖି ତାର ଛଳ ଛଳ ହୋଇ ଆସିଲା ।

ଛୁଟି ଶେଷ ହୋଇ ଆସିଥାଏ ଭୁବନର । ବଡ଼ ଜା'କୁ ଛାଡ଼ିବା ପାଇଁ ସାନ ବୋହୂର ବି ଇଚ୍ଛା ନ ଥାଏ । ମାତ୍ର ପୁଣି ଥରେ ଆସିବା ପାଇଁ ପ୍ରତିଶ୍ରୁତି ଦେଇ ସେ ଭୁବନ ସହିତ ଫେରି ଆସିଲା ।

ଫେରିବେଳେ ଭୁବନ ମା'କୁ ରାମଦତ୍ତ ଘରେ ଛାଡ଼ି ଦେଇ ଯାଇଥାଏ । ହରିଣ ଆଉ ତା' ମା' କଥା ଛାଡ଼ା ବଡ଼ବୋହୂ ଗାଁର

Digitized by srujanika@gmail.com

ଜମିବାଡ଼ି ବିଷୟ ନେଇ ବିଶେଷ ଚିନ୍ତିତ ହେଉଥାଏ । ବାରମ୍ବାର କହୁଥାଏ—କିଏ ଜାଣେ ଏକ୍ସାଟିଆ କଣ କରୁଥିବ, କିମିତି ଘରବାଡ଼ି ଦେଖୁଥିବ, ଖେତ କଣ ହେବ ?"

ତଥାପି ଅଳ୍ପ କାଳ ହୋଇ ପ୍ରାୟ ଦୁଇ ମାସ ବିତିଗଲା ସେଠି । ରାମଦେଈର ସ୍ତ୍ରୀ ତାହାର ବିନାନୁମତିରେ କୌଣସି କାମ କରେନି ।

ବଡ଼ ବୋହୂ ରାମଦେଈ ଦ୍ୱାରା ଚିଠି ଲେଖାଇ କିଛିଦିନ ପାଇଁ କୈଳାଶର ପିଲା ଛୁଆଙ୍କୁ ପୁଣି ଗାଁରୁ ସେ ମା ପୁଅ ଦୁହିଁଙ୍କୁ ଡକାଇ ଆଣିଥାଏ । ରାତି-ଦିନ ଘରେ ଗହଳ-ଚହଳ ଲାଗିଥାଏ । ସବୁ କଥାର ଜବାବ ଯେପରି ବଡ଼ ବୋହୂ ପାଖରେ ଥିଲା । ଏଇଟା କିମିତି ହେବ, ସେଇଟା କିମିତି ହେବ, କଅଣ ରୋଷେଇ ହେବ ? ପ୍ରତ୍ୟେକ କଥା ବଡ଼ ଜା'କୁ ପଚରା । ପ୍ରଥମେ ବଡ଼ ବୋହୂ ଶାଶୁ ଘରେ ପହଞ୍ଚି ଶାଶୁଙ୍କୁ ଯେଉଁ ଗୌରବ ପୂର୍ଣ୍ଣ ଆସନରେ ବସିଥିବାର ଦେଖିଥିଲା, ତାହା ଯେପରି ଅନାୟାସରେ ପ୍ରାପ୍ତ ହୋଇଛି ବୋଲି ତାର ମନେ ହେଉଥାଏ । ଗୋଟାଏ ପରିପୂର୍ଣ୍ଣ ପରିବାରର ଚିତ୍ର ତା' ଆଖି ଆଗରେ ନାଚି ଉଠେ ।

ବଡ଼ ବୋହୂ ଶିଶୁ ଭଳି ଚକିତ ଦୃଷ୍ଟିରେ ଯେଉଁ ସ୍ୱପ୍ନ ଦେଖୁଥିଲା, ତାହା ସ୍ୱପ୍ନ ହୋଇ ହିଁ ରହିଲା ।

ଦ' ପହରର ଖିଅପିଆ ସାରି ସମସ୍ତେ ବିଶ୍ରାମ ନେଉଥାନ୍ତି । ସେତିକିବେଳେ ଡାକପିଅନ ଡାକ ଛାଡ଼ିଲା । ବଡ଼ ବୋହୂ ଉତ୍କଣ୍ଠିତ ହୋଇ କହିଲା—"ଦେଖିଲ ରାମ ! ଭୁବନର ଚିଠି ପରା ! କେତେଦିନ ହେଲା ତା'ଠୁ ଚିଠିପତ୍ର କିଛି ଆସି ନାହିଁ ।"

"ଟ୍ରେନିଂ କାମରେ ବ୍ୟସ୍ତ ଥିବେ ମ ଅପା ! ନ ହେଲେ ସେମିତିକା ସେ ନୁହନ୍ତି । ପ୍ରତି ହପ୍ତାରେ ପରା ଆମକୁ ଚିଠି ଦିଅନ୍ତି—" ସାନ ବୋହୂ ବଡ଼ ବୋହୂକୁ ଖୁସି କରିବା ଉଦ୍ଦେଶ୍ୟରେ କହିଲା ।

ବାସ୍ତବିକ୍ ଚିଠିଟା ଭୁବନର । କିନ୍ତୁ ରାମଦେଈ ବଡ଼ ପାଟିରେ ପଢ଼ି ଶୁଣାଇ ପାରିଲା ନାହିଁ ।

"କିଛି ବୁଝି ହେଉନି !" କେବଳ ଏତିକି ମାତ୍ର କହି ପୁଣି ସେ ଚିନ୍ତାମଗ୍ନ ହୋଇଗଲେ । କୌଣସି ଭୟଙ୍କର ଦୁର୍ଘଟଣାର ଆଶଙ୍କାରେ ସମସ୍ତଙ୍କର ହୃଦୟ ଥରି ଉଠୁଥାଏ ।

କିନ୍ତୁ କେତେବେଳେ ଯାଏ ବା ନୀରବ ରହି ହୁଅନ୍ତା । ଭୁବନ ଲେଖିଥାଏ—"ଗାଁରୁ ଫେରିବାର ମାତ୍ର ଅଳ୍ପଦିନ ପରେ ମୁଁ ଗୋଟାଏ କାର୍ ଏକ୍ସିଡେଣ୍ଟରେ ଆଘାତପ୍ରାପ୍ତ ହୋଇଥିଲି । ହାତରେ ଖୁବ୍ ଜୋର୍‌ରେ ମାଡ଼ ବାଜି ଥିଲା । କାଲି ପ୍ଲାଷ୍ଟର ଖୋଲିଛି । ବର୍ତ୍ତମାନ ଭଲ ଅଛି । ମାତ୍ର ହାତର ଦୁର୍ବଳତା ଯୋଗୁଁ ବୋଧହୁଏ ସେନା ବାହିନୀ ପାଇଁ ଉପଯୁକ୍ତ ହୋଇ ପାରିବି ନାହିଁ ।

ବଡ଼ ବୋହୂ ପଣତରେ ଆଖି ପୋଛି ଧୀରେ କହିଲା—ମୋ ଭୁବନର ପ୍ରାଣ ବଞ୍ଚିଗଲା ପ୍ରଭୁ, ଏତିକି ମୋ ପାଇଁ ଯଥେଷ୍ଟ ।

Digitized by srujanika@gmail.com

ତା' ପରେ ଦୁଇହାତ ଯୋଡ଼ି ମନେ ମନେ ସେପରି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲି ।


ବଡ଼ ବୋହୂର ହୃଦୟ ପରି ତ ସୁମନ୍ତଙ୍କ ହୃଦୟ ନୁହେଁ । ତେଣୁ କେଜାଣି କେମିତି ଗୋଟାଏ ସ୍ୱରରେ ରାମଦତ୍ତର ସ୍ତ୍ରୀ ପଚାରିଲା—"ଡାକ୍ତରଖାନାରୁ ଭଲ ହୋଇ ଆସିଲା ପରେ କୁଆଡ଼େ ଯିବାପାଇଁ ଲେଖିଛନ୍ତି ?"

ସ୍ୱା' ଘରେ ପରର କାମ ଧନ୍ଦା ସକାଶେ ଆଉ କେହି ବଡ଼ ବୋହୂର ଅନୁମତି ନେଲେ ନାହିଁ । କୈଳାଶ ଓ ତା ସ୍ତ୍ରୀ ବଡ଼ବୋହୂକୁ ସାଙ୍ଗରେ ନେବାପାଇଁ ବରାବର ଆଗ୍ରହ ପ୍ରକାଶ କରୁଥାନ୍ତି—ବର୍ତ୍ତମାନ ସେ ସେତେବେଳେ ଗ୍ରାମକୁ ଯିବା କଥା କହିଲା କେହି ହେଲେ ଆପତ୍ତି କଲେ ନାହିଁ ।

ନିଜର ଜିନିଷପତ୍ର ବନ୍ଧାବନ୍ଧି କରୁ କରୁ ହଷ୍ଟଲର ମା'କୁ ତା' ସହିତ ଯିବାପାଇଁ ବଡ଼ ବୋହୂକୁ ଡାକିବାକୁ ଆଉ ପଡ଼ିଲା ନାହିଁ । ସେମାନଙ୍କର ବାଟ ଏକା ବୋଲି ସେ ସେପରି ଜାଣି ସାରିଥିଲା ଆଗରୁ ।

---

SHREE GANESH
DAL, FLOUR & OIL MILLS
KATCHERY ROAD, ROURKELA-1



**Manufacturers & Millers of All types of Dal**
**(MUNG, MASUR, ARHAR, KHESARI, CHANA, Etc)**

Digitized by srujanika@gmail.com

WITH BEST COMPLIMENTS OF:

SAMANTRAY CONSTRUCTIONS
RAJABAGICHA
CUTTACK-1

Digitized by srujanika@gmail.com

# ସ୍ୱାଧୀନତା ସଂଗ୍ରାମର ସ୍ମୃତି



## ଏବେ ଯିବି କୁଆଡ଼େ ?

ମହାବୀର ତ୍ୟାଗୀ

ଭଗବାନ ସର୍ବବ୍ୟାପକ, ଏ ବିଶ୍ୱାସ ସମସ୍ତଙ୍କର ଅଛି, କିନ୍ତୁ ଏ ଅନୁଭୂତି ସମସ୍ତଙ୍କର ନାହିଁ, କେତେଜଣଙ୍କର ଅଛି । ଆଜିକୁ ୪୪ ବର୍ଷର ସାଥି ଓ ନେତାଙ୍କର ପରଲୋକରେ ଜୀବନରେ ମୁଁ ପ୍ରଥମଥର ଅନୁଭବ କଲି ବ୍ୟାପକତାର ବାସ୍ତବିକ ଅର୍ଥ କଣ ହୋଇପାରେ । ତାଙ୍କର ଦାହ କର୍ମର ଅଠର ଦିନ ହୋଇଗଲା । କିନ୍ତୁ ମନର ଗଭୀର ତଳରେ, ତାଙ୍କର ସେ ହସ, ସେ ଧମକ, ସେ ଉତ୍ସାହ ଦେବାର ଭାବ ନିଜର ହୃଦୟରେ ଏପରି ଏକ ଛାପ ପକାଇ ଦେଇଛି ଯେ ତାହା ଭୁଲି ହେବ ନାହିଁ । ଯେବେ କୌଣସି ସମସ୍ୟା ପଡ଼ି ଯାଉଛି, ତେବେ ପୁରୁଣା ଅଭ୍ୟାସ ଅନୁଯାୟୀ ଜବାହାରଲାଲଙ୍କ ସହିତ ସାକ୍ଷାତ କରିବା, ଟେଲିଫୋନ କରିବା, କିମ୍ବା ଚିଠି ଲେଖିବାର ପ୍ରବୃତ୍ତି ହେଉଛି । କିନ୍ତୁ ନିଜର ଜାଗ୍ରତ ବୁଦ୍ଧି କହୁଛି "ପାଗଳ ।"

"ବ୍ୟାପକ"ର ଅର୍ଥ ହେଉଛି ଛବିର ପ୍ରସାର । ଯେପରିକି ମା'ର ମନରେ ତାର ସନ୍ତାନ ବ୍ୟାପ୍ତ ହୋଇ ରହେ, ସେହିପରି ଜବାହାରଲାଲ ନେହରୁ ନିଜର ସାଥୀମାନଙ୍କ

✳ ଗତ ବର୍ଷ ତଳେ ପଣ୍ଡିତ ଜବାହାରଲାଲଙ୍କ ମୃତ୍ୟୁରେ ଲିଖିତ

Digitized by srujanika@gmail.com

ମନରେ ବ୍ୟାପ୍ତ ହୋଇ ଅଛନ୍ତି । ତାଙ୍କର ଶରୀର ନଷ୍ଟ ହୋଇ ଯାଇଛି, କିନ୍ତୁ ତାଙ୍କର ଚିତ୍ର ଆମର ହୃଦୟକୁ ପ୍ରଭାବିତ କରି ଅବିକଳ ହେଉପରି ରହିଛି । ଯେତେଦିନ ପର୍ଯ୍ୟନ୍ତ ଆମ୍ଭମାନଙ୍କର ଏ ହୃଦୟ ଜୀବିତ ଅଛି, ସେତେଦିନ ପର୍ଯ୍ୟନ୍ତ ଜବାହାରଲାଲ ମଧ୍ୟ ଜୀବିତ ଅଛନ୍ତି ।

## ଦୀପାବଳୀର ବଲ୍ବ

ମହାତ୍ମାଗାନ୍ଧୀ ଏହି ଅନ୍ଧକାରମୟ ଭାରତର ସେବାର ନିମନ୍ତେ ହଜାର ହଜାର ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇ ସ୍ୱାଧୀନତା ଆଣିଲେ । ଯେପରି ଦୀପାବଳୀରେ ଦୀପମାଳା ସଜ୍ଜିତ ହୋଇ ରହେ, ସେହିପରି ମହାତ୍ମା ଗାନ୍ଧୀ ଏହି ଭାରତର କୋଣେ କୋଣେ ନିଜର ଅନୁଗତମାନଙ୍କୁ ପ୍ରଦୀପ ରୂପେ ରଖାଇଥିଲେ । ଦୀପାବଳୀର ବଲ୍ବ ସ୍ୱରୂପ ଆମ୍ଭେମାନେ ସମସ୍ତେ ତେଜସ୍ୱୀନ ହୋଇଥିଲୁ । କିନ୍ତୁ ଆଜି ଜବାହାରଲାଲ ନେହରୁଙ୍କର ମୃତ୍ୟୁରେ ଆମର ପ୍ରକାଶ ସ୍ରୋତ (ପାଓ୍ୱାର ହାଉସ) ଶୁଖିଗଲା ଏବଂ ସବୁଯାକ ବଲବ ନିଭିଗଲା । କିନ୍ତୁ ଫିଉଜ୍ ହେଲା ନାହିଁ । ସେଥିପାଇଁ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ନିଜର ପ୍ରକାଶସ୍ରୋତ ଯୋଗୁ ତାହା ଟିକେ ଟିକେ ଜଳିବାକୁ ଲାଗିଲା ।

ମୋର ଭଲ ରୂପେ ମନେ ପଡ଼ୁଛି, ଖିଲାପତ୍ ଆନ୍ଦୋଳନ ସମୟରେ ଥରେ ଜବାହାରଲାଲ ବିଜନୌର ଆସିଥିଲେ । ସେତେବେଳେ ମୁଁ ଥିଲି ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ । କେତେଜଣ ସାଥୀଙ୍କ ସହିତ କଂଗ୍ରେସ ସଭ୍ୟ କରିବା ଓ ତିଲକ ସ୍ୱରାଜ ପାଣ୍ଠି ପାଇଁ ଚାନ୍ଦା ସଂଗ୍ରହ କରିବା ଉଦ୍ଦେଶ୍ୟରେ ସେ ବଜାରକୁ ଯାଇ ନିଜର କୁର୍ତ୍ତାର କାନିକୁ ଦେଖାଇ ଭିକ୍ଷୁକ ରୂପେ ଚାନ୍ଦା ମାଗିବାକୁ ଲାଗିଲେ । ଲୋକମାନେ ଧଡ଼ପଡ଼ ହୋଇ ଟଙ୍କା ଓ ପଇସା ପକାଇ ତାଙ୍କର ପାଦ ଛୁଇଁବା ଆରମ୍ଭ କରିଦେଲେ—"ମୋତିଲାଲଙ୍କ ପୁଅ ଆମର ଦୋକାନକୁ ପୁଣି ଆସି ଭିକ ମାଗିଲେ"—ଲୋକମାନେ ପାଗଳ ହୋଇଗଲେ । ଏହିପରି ଶ୍ୱସୁବେଲି ଓ ପ୍ରତାପଗଡ଼ ଜିଲ୍ଲାରେ ଧୋତି ଚପଲ ପିନ୍ଧି ଗାଁ ଗାଁରେ କିଷାନ ଆନ୍ଦୋଳନ ଉଦ୍ଦେଶ୍ୟରେ ସେ ପାଦରେ ଚାଲି ଚାଲି ଯାଉଥିଲେ । ସେଦିନ କଥା ମନେ ପଡ଼ିଲେ ହୃଦୟ ଭାବବିହ୍ୱଳ ହୋଇଯାଏ । ଭଗବାନ ପୁଣି ଥରେ ଏହିପରି ଦେଶଭକ୍ତି ଓ ସେବାଭାବର ଉତ୍ସାହ ଦେଶରେ ଜାଗ୍ରତ କରନ୍ତୁ ।

କଂଗ୍ରେସରେ ମୁଁ ତାଙ୍କର କେବଳ ଜଣେ ପୁରୁଣା ସାଥି ରହିଥିଲି ଯାହା ସାଙ୍ଗରେ ସେ ଖୋଲା ମନରେ କଥାଭାଷା କରି ପାରୁଥିଲେ ଏବଂ ମୋ ଠାରୁ ମଧ୍ୟ ବେଳେ ବେଳେ କଡ଼ା ମିଠା କଥା ଶୁଣୁଥିଲେ । ଅସଲ କଥା ହେଉଛି ଆମେ ଥିଲୁ ଗୋଟିଏ ଗାନ୍ଧୀ ପରିବାରର ଲୋକ, ସେ ବିଲାତରେ ପଢ଼ୁଥିଲେ ଏବଂ ମୁଁ ଥିଲି ଜଣେ ଗାଉଁଲି ଲୋକ । ଆମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ଖୋସାମଦ କରି କାମ କରାଉଥିଲେ, ସେମାନଙ୍କର କାମ ହୋଇ ଯାଉଥିଲା । କିନ୍ତୁ ମୁଁ ଜାଣେ ଜବାହାରଲାଲଙ୍କ ମନରେ ସେମାନଙ୍କ ପ୍ରତି ଭଲ ଧାରଣା ନ ଥିଲା ।

Digitized by srujanika@gmail.com

ସେମାନଙ୍କୁ ସେ ଶ୍ରେଷ୍ଠଲୋକ ବୋଲି କହୁଥିଲେ । ଖାଇ ସାରିବାପରେ ଯେପରି ଅଲାଇଚ ବା ପାନ ଖିଆଯାଏ; ସେହିପରି ଦିନସାରା ପରିଶ୍ରମ କରି ଅବକା ହୋଇସିବା ପରେ, କୌଣସି ଲୋକ ନିଜର ଆଖିରେ ଦେଖିଥିବା କୌଣସି କଥା ତାଙ୍କୁ ଖୋସାମଦ ନିକଟ ଅନ୍ୟଠାରୁ ଶୁଣିଥିବା ପ୍ରସଂଶାର ଚର୍ଚ୍ଚା କରେ, ତାହେଲେ ଆଗ୍ରହର ସହିତ ସେ ତାହା ଶୁଣନ୍ତି । ତାଙ୍କର ଆଉ ଗୋଟିଏ ଗୁଣ ଥିଲି ତାହା ହେଉଛି ତାଙ୍କର କୌଣସି ସାଥିବା ମିତ୍ର ବିରୁଦ୍ଧରେ ତୁମେ ଯଦି କିଛି କହିବା ପାଇଁ ଚାହିଁ ତାହା ଯେତେ ସତ ହେଉନା କାହିଁକି ସେ ସବୁ ଜାଣି ଶୁଣି କହନ୍ତି; "ମୁଁ ତୁମଠାରୁ ତାଙ୍କୁ ଖୁବ୍ ଭଲ ଭାବରେ ଜାଣେ, ଏପରି ମିଛରେ କଥାଗୁଡ଼ା ତୁମ ପକ୍ଷରେ କରିବା ଆଦୌ ଉଚିତ ହେଉନାହିଁ ।" ମୋ ସହିତ ବହୁ ସମୟରେ ସେ ଖୋଲି ମନରେ କଥା ହେଉଥିଲେ, କାରଣ ସେ ମୋତେ ମୂର୍ଖ ଲୋକ ବୋଲି ମନେ କରୁଥିଲେ ଏବଂ ମୂର୍ଖ ଲୋକମାନେ ହିଁ ସାଧାରଣତଃ ବିଶ୍ୱାସୀ ବୋଲି ଜଣାଯାଆନ୍ତି ।

ଥରେ ମୁଁ ଯେତେବେଳେ ପ୍ରତିରକ୍ଷା ବିଭାଗର ମନ୍ତ୍ରୀ ଥିଲି ; ଆମେ ସବୁ କଂଗ୍ରେସ ପାର୍ଟିର ସଭ୍ୟ ହୋଲି ଖେଳିବା ପାଇଁ ଜବାହାରଲାଲଙ୍କ ଘରକୁ ଗଲୁ । ହୋଲି ଉତ୍ସବ ହେଉଛି ହୃଦୟର ସ୍ନେହ ଓ ଶ୍ରଦ୍ଧା ନିବେଦନ କରିବାର ଦିନ । ସେଦିନ ସବୁ ଦୋଷର ସାତଖୁଣ ମାଫ୍ କରାଯାଏ । ସମସ୍ତେ ଜବାହରଲାଲଙ୍କ ମୁହଁରେ ନାଲି, ନେଳି, ହଳଦିଆ ରଂଗ ଲଗାଇ ତାଙ୍କୁ ଆଲିଙ୍ଗନ କରୁଥିଲେ । ପଣ୍ଡିତଜୀ ସେଠାରେ ଠିଆ ହୋଇଥିଲେ । ଯେତେବେଳେ ମୋର ନମ୍ବର ଆସିଲା, ମୁଁ ରଂଗ ବୋଳି ସାରିଲା ପରେ ଜବାହାରଲାଲଙ୍କୁ ଆଲିଙ୍ଗନ କରି ଏକ ଲମ୍ବା ଚୁମ୍ବନ ଦେଲି । ପ୍ରାଇମମିନିଷ୍ଟରଙ୍କ ଗାଲରେ ଚୁମ୍ବନ ଦେବା କଣ କମ୍ କଥା ! ସବୁ ବନ୍ଧୁମାନେ ଆବା କାବା ହୋଇ ରହିଗଲେ । ତାଙ୍କର ପିଲାଦିନର ଅଭ୍ୟାସ, ନିଜର ରଂଗ ମୁହଁକୁ ରୁମାଲରେ ପୋଛୁ ପୋଛୁ କହିଲେ "କିପରି ଅଭଦ୍ର ଲୋକ, ମୁହଁଟାକୁ ଅଇଁଠା କରିଦେଲ ।" ମୁଁ କହିଲି, "କ୍ଷମା କରନ୍ତୁ, କାଶ୍ମୀରୀ ଚାଲି ହିନ୍ଦୁସ୍ଥାନ ସାରା ଏହି କାମରେ ଲାଗେ ।" ସମସ୍ତେ ହୋଲି, ହୋଲି ବୋଲି କହି ମଜ୍ଜା କରିବାରେ ଲାଗିଲେ । ଏପରି ଥିଲା ସେ ଲାଲି ଲାଲି ଗାଲ, ଯେଉଁରେ ଗାଲି ଓ ରାଗ କଲେ ତାର ପ୍ରତିକ୍ରିୟା ସେଥିରୁ ଜଣା ପଡ଼ୁଥିଲା, ପୁଣି ଚୁମା ଦେଇଥିବା ଲୋକଙ୍କୁ ମଧ୍ୟ ପାଖରେ ଡ଼ାକି ବସାଇବାର ଶକ୍ତି ମଧ୍ୟ ତାର ଥିଲା ।

ବର୍ତ୍ତମାନ ମୁଁ ଯେଉଁ କଲମରେ ଲେଖୁଛି ତାହା ମୁଁ ଜବାହାରଲାଲଙ୍କ ଠାରୁ ଛଡ଼ାଇ ନେଇଥିଲି । ବହୁତ ଦୁର୍ବଳତା ଆସିଯାଇଥିଲା, କଂଗ୍ରେସ ପାର୍ଲିମେଣ୍ଟ ପାର୍ଟି ବୈଠକ ତାଙ୍କ ଘର ଭିତରେ ହେଉଥିଲା । ତାଙ୍କର ସ୍ୱରହେବା ଦେଖି ସମସ୍ତେ ଚିନ୍ତିତ ହୋଇ ପଡ଼ୁଥିଲେ । ଏପରି ଲାଗିଲା, ଆମର ଏପରି ମୌନ ଅବସ୍ଥାକୁ ଦେଖି ତାଙ୍କର ମନରେ ଖରାପ ପ୍ରତିକ୍ରିୟା ହେବ । ମୁଁ ଉଠିଯାଇ ତାଙ୍କ ପାଖରେ ପଡ଼ିଥିବା ଚୌକିରେ ବସି

Digitized by srujanika@gmail.com

ପଡ଼ିଲ । ସେ ଆଗରେ ଥିବା ଟାଲିକୁ ଉପରେ ବସି ସବୁ ବନ୍ଧୁମାନଙ୍କ ଚେହେରାକୁ ଦେଖୁଥିଲେ । ମୁଁ ଲମ୍ବାହାତ ବଢ଼ାଇ ତାଙ୍କ କୁର୍ତ୍ତା ପକେଟରେ ଯେଉଁ ସୁନ୍ଦର କଲମଟି ଥିଲା ତାକୁ କାଢ଼ିଆଣି ମୋ ନିଜ ପକେଟରେ ଖୋସିଦେଲି । ସେ ହସି ହସି କହିଲେ "ଏ କଣ ?" ମୁଁ କହିଲି, "ମୁଁ ପକେଟ୍‌ମାରି ଅଭ୍ୟାସ କରୁଛି ।" ସେ କହିଲେ, "ତୁମେ ଏ କଳାଟିରେ ମଧ୍ୟ ସଫଳ ହୋଇପାରିବ ନାହିଁ । ପକେଟ୍ ଏପରି କାଟିବା ଦରକାର ଯେପରିକି କେହି ଜାଣି ପାରିବେନାହିଁ । ତୁମେତ ଡକାୟତି ପାଇଁ ଯୋଗ୍ୟ ।" ମୁଁ କହିଲି "ପାର୍ଟିର ସିଦ୍ଧାନ୍ତ ହେଉଛି ଆପଣ ବେଶୀ କାମ କରିବା ଉଚିତ ନୁହେଁ । ଯେତେ-ଦିନ ପର୍ଯ୍ୟନ୍ତ ଆପଣଙ୍କ ହାତରେ କଲମ ଥିବ ଆପଣ ବିଶ୍ରାମ ନେଇ ପାରିବେ ନାହିଁ । ଏଥିପାଇଁ ଯାହାର ପକେଟ୍‌ରେ କଲମଟା ଅଛି, ସେ କଲମ ତାର ।" ସେ କହିଲେ, "ଠିକ୍ କଥା, ଏଥିପାଇଁ ଲଢ଼ିବା ଦରକାର ନାହିଁ । କଲମଟା ନେଇଯାଅ ।" ମୁଁ କଲମ ହାତରେ ଧରି କହିଲି, "ଲଜ୍ଜା ଲାଗୁନାହିଁ, ଭାରତର ପ୍ରଧାନ ମନ୍ତ୍ରୀ ହୋଇ ଏପରି ଚୋର-ଣିଆ କଲମ ବ୍ୟବହାର କରୁଛନ୍ତି (ଜର୍ମାନୀର ଉଇଲସନ ରେଜିଷ୍ଟାର୍ଡ ମାର୍କ ଥିଲା) ।" ଉତ୍ତର ଦେଲେ, "କଂଗ୍ରେସର ସଭ୍ୟ-ମାନଙ୍କୁ ତ ଚୋରଣିଆବାଲା ବୋଲି ସମସ୍ତେ କହୁଛନ୍ତି ।"

୧୯୫୨ ମସିହାରେ ମୁଁ ଯେବେ ରାଜସ୍ୱ ଓ ବ୍ୟୟ ବିଭାଗର ମନ୍ତ୍ରୀ ଥିଲି, କୌଣସି ଏକ ବିଭାଗର ଏକ ଖର୍ଚ୍ଚ ମଞ୍ଜୁରୀ ଦେବାରେ ମତଭେଦ ହେବାରୁ ମୁଁ ମନ୍ତ୍ରୀ ମଣ୍ଡଳର ବୈଠକକୁ ଯାଉଥିଲି । ଦିନେ ଦିନ ମିନଟ୍ ଡେରିରେ ପହଞ୍ଚିବାରୁ ଜବାହାରଲାଲ କହିଲେ, "ମନ୍ତ୍ରୀ ହୋଇ ମଧ୍ୟ ସମୟ ଜ୍ଞାନ ରହୁ ନାହିଁ ।" ମୁଁ କହିଲି, "ଆପଣ ଘରୋଇ ବିଭାଗ ମନ୍ତ୍ରୀ ଡକ୍‌ଟର କାଟ୍‌ଜୁଙ୍କୁ ପଚାରନ୍ତୁ, ମୁଁ ଲୋକସଭାରୁ ବାହାରି ଆସୁଥିବା ବେଳେ ସେ ମୋ ପକେଟରୁ ଘଡ଼ିଟି ନେଇ ଯାଇ ନିଜ ପକେଟରେ ରଖିଛନ୍ତି କି ନାହିଁ । ମୋ ପାଖରେ ଆଉ ଘଡ଼ି ନାହିଁ, ତେଣୁ କିପରି ସମୟ ନିରୂପଣ କରିବି ?" ଜବାହାରଲାଲଜୀ କହିଲେ, "ଆଚ୍ଛା ହେଉ ତୁମକୁ ଏକ ଘଡ଼ି ଦେବି ।" ଦୁ' ମାସ ବିତିଗଲା ଘଡ଼ି ମିଳିଲା ନାହିଁ । ଦିନେ ରାଷ୍ଟ୍ରପତି ଡକ୍‌ଟର ରାଜେନ୍ଦ୍ର ପ୍ରସାଦ କୌଣସି ଏକ ଉତ୍ସବର ଅବସରରେ ରାଷ୍ଟ୍ରପତି ଭବନରେ ଟି' ଦେଉଥିଲେ । ବହୁତ ଭିଡ଼ଥିଲା । ମୁଁ ଜବାହାରଲାଲଜୀଙ୍କ ହାତ ଧରିନେଇ କହିଲି, "ଟିକିଏ ରାଜେନ୍ଦ୍ର-ବାବୁଙ୍କ ପାଖକୁ ଚାଲନ୍ତୁ ।" ପାଖରେ ଠିଆ କରାଇ କହିଲି "ରାଷ୍ଟ୍ରପତିଜୀ, ଏକ ମକଦ୍ଦମା ମହାବୀର ତ୍ୟାଗୀ ବନାମ ପଣ୍ଡିତ ଜବାହାର-ଲାଲ । ପିତା । ପଣ୍ଡିତ ମୋତିଲାଲ ନେହେରୁ ଆପଣଙ୍କ ଅଦାଲତରେ ପେଶ୍ କରାଗଲା ।" ଜବାହାରଲାଲ କହିଲେ, "ମକଦ୍ଦମାର ଆଗେ ଆପୋଷ ମିଳାମିଶା କଣ ହୋଇ ପାରିବ ନାହିଁ ?" ମୁଁ କହିଲି, "ନାହିଁ, ମୋର ନିବେଦନ କି ହଜୁରଙ୍କ ହୋମ୍ ମିନିଷ୍ଟର ଜଣେ କାଶ୍ମୀରୀ ବ୍ୟକ୍ତି ଯେ କି ପାର୍ଲିଆମେଣ୍ଟରେ ମୋ ପକେଟରୁ ମୋ

Digitized by srujanika@gmail.com

ଘଡ଼ିକୁ ଛଡ଼ାଇ ନେଇଛନ୍ତି । ଯେତେବେଳେ ମୋର ମନ୍ତ୍ରିମଣ୍ଡଳ ବୈଠକକୁ ଯିବାରେ ଡେରି ହୋଇଗଲା, ଅନ୍ୟଜଣେ ଜାଣିଶୁ ଆପଣଙ୍କର ପ୍ରଧାନ ମନ୍ତ୍ରୀ ମୋତେ ଗୋଟିଏ ଘଡ଼ି ଦେବାପାଇଁ ପ୍ରତିଶ୍ରୁତି ଦେଲେ । କିନ୍ତୁ ଆଜିକୁ ଦୁଇମାସ ହୋଇଗଲା, ଘଡ଼ି ମିଳିଲା ନାହିଁ ।" ଜବାହାରଲାଲ ରାଷ୍ଟ୍ରପତିଙ୍କ ଆଗରେ ମୁଣ୍ଡ ନୁଆଁଇ କହିଲେ, "ଆଇ ପ୍ଲିଡ୍ ଗିଲ୍ଟି (ମୁଁ ମୋ ଦୋଷ ସ୍ୱୀକାର କରୁଛି) ।" ରାଜେନ୍ଦ୍ରବାବୁ ହସି ହସି କହିଲେ, "ବର୍ତ୍ତମାନ ତ ତୁମର ତ୍ରୁଟି ହୋଇଗଲା । ଯେବେ ଘଡ଼ି ନମିଳେ ତାହେଲେ ତୁମେ ଜୋକ୍ କରିପାରିବ ।" ତା ପରଦିନ ଜବାହାରଲାଲ ମୋତେ ଡ଼କାଇ ପଠାଇ ଗୋଟିଏ ଘଡ଼ି ବାହାର କରି ମୋ ହାତରେ ରଖିଦେଲେ ଓ କହିଲେ, "ଜାଣ ଏ ଘଡ଼ି କାହାର ? ଭ୍ରୂକୁଟୀ ମୋତେ ଏହା ଉପହାର ଦେଇଥିଲେ ।" ମୁଁ କହିଲି, "ଭ୍ରୂକୁଟୀ କିଏ ?" ଉତ୍ତର ମିଳିଲା, "ଭୁଲିଗଲ, ପ୍ରାଦେଶିକ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ତୁମେ କହିଥିଲ ମୋ ମୁଣ୍ଡରେ ଭ୍ରୂକୁଟୀ ଚଢ଼ିଛି ବୋଲି ।" କୋଡ଼ିଏ ପଚିଶ ବର୍ଷ ତଳର ଏକ କଥା ସେ ମନେ ରଖିଛନ୍ତି । ପ୍ରକୃତ ଘଟଣା ହେଉଛି, ଯେତେବେଳେ ଚ୍ୟଙ୍ଗ୍ କାଇସେକ ଥିଲେ ଚୀନର ନେତା ଓ ଚୀନର ବିପ୍ଳବରେ ତାଙ୍କର ହାତ ଥିଲା । ଆମେ ସବୁ ନିଜ ଦେଶର ସ୍ୱାଧୀନତା ସଂଗ୍ରାମରେ ମାତିଥିଲୁ । ମାଡ଼ାମ୍ ଚ୍ୟଙ୍ଗ୍ କାଇସେକ୍ ଭାରତ ଆସିଥିଲେ ବେଳେ ଆମେ ତାଙ୍କର ଖୁବ୍ ସ୍ୱାଗତ କରିଥିଲୁ । ସେ ଦିନ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ପଣ୍ଡିତ ଜବାହାରଲାଲ ମାଡ଼ାମ୍ ଚ୍ୟଙ୍ଗ୍ କାଇସେକଙ୍କ କଥା ଅଧଘଣ୍ଟାଏ ଧରି କହିଲେ । ଆମ୍ଭର ଅନେକ ବିଷୟ ବିଚାର କରିବାର ଥିଲା । ମୁଁ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଥିଲି । ତେଣୁ କାର୍ଯ୍ୟସୂଚୀ କେଉଁଠି ଶେଷ ହେବ ସେହି ଚିନ୍ତାରେ ବ୍ୟସ୍ତ ହୋଇ ମୁଁ କହି ଉଠିଲି, "ଆମ୍ଭର ବହୁତ ଜରୁରୀ ବିଷୟରେ ଆଲୋଚନା କରିବାର ଅଛି । କିନ୍ତୁ ମାଡ଼ାମ୍ ଚ୍ୟଙ୍ଗ୍ କାଇସେକ ଭ୍ରୂକୁଟୀ ହୋଇ ତୁମ ମୁଣ୍ଡରେ ଚଢ଼ିଛନ୍ତି । ତେଣୁ ବୋଧହୁଏ ତୁମେ ସେହି କଥା କହି ସମୟ ନଷ୍ଟ କରିବାକୁ ବସିଛ ।" ପନ୍ଥଜୀ, ବାଲକୃଷ୍ଣ ଶର୍ମା, ଆଚାର୍ଯ୍ୟ ନରେନ୍ଦ୍ର ଦେବ, ଓ ଟଣ୍ଡନଜୀ ଠୋ' ଠୋ' ହସିବାକୁ ଲାଗିଲେ ଓ ଜବାହାରଲାଲ ଅପ୍ରସ୍ତୁତ ହୋଇଯାଇ ହସି ଦେଲେ । ହାତରେ ଘଡ଼ିଟି ଧରି ମୁଁ କହିଲି, "ତେବେ ମାଡ଼ାମ୍ ଚ୍ୟଙ୍ଗ୍ କାଇସେକ୍ ତୁମ ମନରୁ ଓହ୍ଲାଇ ଯାଇଥିବା ଯୋଗୁଁ ଘଡ଼ିଟା ମୋ ଭାଗରେ ପଡ଼ିଲା ।" ଘଡ଼ିଟି ବହୁତ ମୂଲ୍ୟବାନ୍, ଏବେ ମଧ୍ୟ ତାହା ମୋ ପାଖରେ ସୁରକ୍ଷିତ ଅଛି ।

ମରିବାର ପ୍ରାୟ ପାଞ୍ଚ ସପ୍ତାହ ପୂର୍ବରୁ ଏକ ଟେଲିଫୋନ ଆସିଲା, ସନ୍ଧ୍ୟା ପାଞ୍ଚଟା ବେଳକୁ ଆସ, ପ୍ରଧାନ ମନ୍ତ୍ରୀ ସାକ୍ଷାତ କରିବାକୁ ଚାହାନ୍ତି । ମୋ ନାତି (ଅନିଲ କୁମାର, ଏଗାର ବର୍ଷ) କହିଲା "ପାପା, ତୁମକୁ ମନ୍ତ୍ରୀତ୍ୱ ଦେଲେ କେବେ ନେବନାହିଁ ।" ମୁଁ କହିଲି, "କାହିଁକି ନେବିନାହିଁ ?" ସେ କହିଲା, "ଯେତେବେଳେ ଭଲ ଲୋକମାନେ କାମ-

Digitized by srujanika@gmail.com

ଗ୍ରନ ଯୋଜନାରେ ମନ୍ତ୍ରୀତ୍ୱ ଗ୍ରହଣ ଦେଲେଣି ତୁମ ପାଇଁ ମନ୍ତ୍ରୀତ୍ୱ ଠିକ୍ ହେଉନାହିଁ ।" ନାଥର ବୁଦ୍ଧି ଦେଖି ମୁଁ ଖୁବ୍ ଖୁସି ହେଲି । ପାଞ୍ଚଟା ବେଳେ ପ୍ରଧାନମନ୍ତ୍ରୀଙ୍କ ଘରେ ପହଞ୍ଚିବା ପରେ ଅଧଘଣ୍ଟାଏ ଖଣ୍ଡେ କାଶ୍ମୀର ଆଦି ବିଭିନ୍ନ ବିଷୟରେ କଥାଭାଷା କରି କହିଲେ, "ହଁ ମୁଁ ଏଥିପାଇଁ ତୁମକୁ ଡାକିଥିଲି ଯେ ପୂର୍ବବଙ୍ଗର ଶରଣାର୍ଥୀ ସମସ୍ୟା ଖୁବ୍ ଜଟିଳ ହୋଇପଡ଼ିଛି । ବର୍ତ୍ତମାନ ତୁମେ ମନ୍ତ୍ରୀ ମଣ୍ଡଳକୁ ଆସିଯାଅ ଏବଂ ଏ କାମ ସମ୍ଭାଳ ।" ମନ୍ତ୍ରୀତ୍ୱରୁ ଫିଟିବାର ୭ ବର୍ଷ ହୋଇ ଯାଇଥିଲି । ମନଭିତରେ ଥିବା ନିଆଁ ଜଳି ଉଠିଲା । ବନ୍ଧୁମାନଙ୍କୁ କହି ଆସୁଥିଲି, ମନ୍ତ୍ରୀତ୍ୱର ଲାଳସା ଯେତେ ନାହିଁ, ମନ୍ତ୍ରୀତ୍ୱ ପାଇଁ ନିମନ୍ତ୍ରଣ ଆସିଲେ ତାହା ପ୍ରତ୍ୟାଖ୍ୟାନ କରିବାର ଇଚ୍ଛା ସେତିକି ଅଛି । ନିଜ ନାଥର କଥା ଅବିକଳ ଶୁଣାଇ ଦେଲି । ଜବାହାରଲାଲ ଖୁବ୍ ହସିଲେ ଓ କହିଲେ, "ତୁମର ପୁଅ ଏପରି କହିଲା ? ତୁମେ ମୋ' କଥା ଶୁଣିବ ନା ସେ ପିଲାର କଥା ଶୁଣିବ ?" ଆମେ ନିଜ ନିଜ ଭିତରେ ପରସ୍ପରକୁ ତୁମେ ବୋଲି ଡାକୁଥିଲୁ । ମୁଁ କହିଲି, "ଜବାହାରଲାଲଜୀ, ବୟସ ଯୋଗୁଁ ତୁମର ହୃଦୟ ଦୁର୍ବଳ ହୋଇ ଯାଇଛି ନା କ'ଣ ? ମୁଁ ତ ପାର୍ଟି କାମରେ ବେଶ୍ ଲାଗି ପଡ଼ିଛି । କ'ଣ ତୁମର କାବିନେଟ୍ ପାର୍ଟିଠାରୁ ବଡ଼ ? ଲୋକେ ମୋତେ କ'ଣ କହିବେ ?" ସେ କହିଲେ, "ମୁଁ କହିଦେଉଛି, କ'ଣ କହିବେ । ଲୋକେ କହିବେ, ଏ ବଡ଼ ଲମ୍ବା ଚୌଡ଼ା କଥା କହୁଥିଲେ, କିନ୍ତୁ ଯେତେବେଳେ ପରୀକ୍ଷାର ସମୟ ଆସିଗଲା, ସେତେବେଳେ ପୃଷ୍ଠଭଙ୍ଗ ଦେଇ ପଳାୟନ ।" ମୁଁ କହିଲି, "ଲୋକେ ତୁମକୁ ବି କହିବେ । ଲମ୍ବା ଲମ୍ବା କଥା କହୁଥିଲା, ସେଥିପାଇଁ ତାକୁ ମନ୍ତ୍ରୀକରି ମୁହଁ ବନ୍ଦ କରିଦେଲେ ।" କହିଲେ, "ତାହା ମଧ୍ୟ ହୋଇପାରେ, ପୁଣି କେତେକ ଲୋକ ଏକଥା ମଧ୍ୟ କହିପାରନ୍ତି, ଦେଖ ଜବାହାରଲାଲ କିପରି ଉଦାର ଚେତା ଲୋକ, ନିଜର ଦୋଷଦର୍ଶୀ ମାନଙ୍କ ପାଇଁ ମଧ୍ୟ ସ୍ଥାନ ରଖିଛି ।" ମୁଁ ପଚାରିଲି, "କ'ଣ ବିଚ୍ଛେଦ ହେଲାପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପୁଣି ବିବାହ ହୋଇ ପାରିବ ?" ଉତ୍ତର ଦେଲେ, "କାହିଁକି ହେବ ନାହିଁ, ଖରାପ ରାସ୍ତାରେ ଯାଉଥିଲେ, ପୁଣି ଭଲ ରାସ୍ତାକୁ ଆସିଲେ ହୋଇଯିବ ।" ମୁଁ କହିଲି, "କ'ଣ ଜଣେ ନା ଦୁଇଜଣ ଯାକ ଖରାପ ରାସ୍ତାରେ ଯାଉଥିଲେ ?" କହି ଉଠିଲେ, "ଏପରି ମୂର୍ଖଙ୍କ ପରି କଥା ଭାଷା କଲେ ପୁଣି ଶୁଣିବାକୁ ହେବ ।" ମୁଁ କହିଲି, "ଏବେ ଠିକଣା ରାସ୍ତାକୁ ଆସିଲ । ଆଜିକୁ ୪୨ ବର୍ଷ ହୋଇଗଲା । ୧୯୨୨ ମସିହାରେ ଲକ୍ଷ୍ନୌ ଜେଲର ୭ ନମ୍ବର ବାରକ୍‌ରେ ତୁମେ ଆମମାନଙ୍କୁ ଫରାସୀ ଭାଷା ପଢାଉଥିଲ ଓ ଆମେ ତୁମକୁ 'ବରଗୁ ମାଷ୍ଟର' ବୋଲି କହୁଥିଲୁ । ଯଦେ କୌଣସି ଶବ୍ଦର ଉଚ୍ଚାରଣ ବହୁତ ଥର ବତାଇବା ପରେ ମଧ୍ୟ ମୁଁ ଠିକ୍ ଉଚ୍ଚାରଣ କରି ପାରିଲି ନାହିଁ ୍ ତୁମେ ମୋତେ 'ଡେମ ଫୁଲ' କହି ଗାଳି ଦେଇଥିଲ । ପୁଣି ୧୯୬୪ ପର୍ଯ୍ୟନ୍ତ ସବୁ ସାଥୀଙ୍କୁ 'ତୁମେ ବଡ଼ ବୋକା' ଏହି କଥା କହି ଗାଳି ଦେଉଥିଲ । ତା'ପରେ

Digitized by srujanika@gmail.com

ଏକଥା କହିବା ବନ୍ଦ କରି ଦେଇ ମୋତେ ମୂର୍ଖ, ଅଭଦ୍ର, ଅନସେନ୍‌ସିବ୍‌ଲ୍, ଅନକାଇଣ୍ଡ କହି ଗାଳିଦେବାକୁ ଲାଗିଲ । ଯେତେବେଳେ ମୁଁ ଆପଣଙ୍କ ପ୍ରତିରକ୍ଷା ବିଭାଗର ମନ୍ତ୍ରୀ ଥିଲି, ସେତେବେଳେ ପୁଣି ହେଲି ମୂର୍ଖ ଓ ଅଭଦ୍ର । ମନ୍ତ୍ରୀତ୍ୱରୁ ବାହାର କରିବା ପରେ ମୋତେ ସମ୍ବୋଧନ କଲ ତ୍ୟାଗିଜୀ ଓ ମିଷ୍ଟର ତ୍ୟାଗୀ ବୋଲି । ଏବେ ତ ମୋତେ ଆପଣ ବୋଲି ଡାକୁଛ । ତୁମର ମୋ'ର ସମ୍ପର୍କ ବଦଳି-ଗଲେଣି ଜବାହାରଲାଲଜୀ । ଏବେ ମୁଁ ତୁମ କ୍ୟାବିନେଟକୁ କିପରି ଆସିବି କହ ?" ମୃଦୁକ ହସି କହିଲେ, କ'ଣ ମୂର୍ଖ କହିଲେ ତୁମକୁ ଭଲ ଲାଗୁଥିଲା ?" ମୁଁ କହିଲି, "ହଁ, ନିଶ୍ଚୟ, ସେଥିରେ ଥିଲା ପ୍ରକୃତ ହୃଦୟର ପ୍ରେମ ।" ବହୁତ ହସିଲେ ଓ ତାଙ୍କର ସେ ଭାବ ବିହ୍ୱଳ ଆଖିରେ ମୋ' ଆଡ଼କୁ ଚାହିଁ ସ୍ନେହ ମିଶ୍ରିତ ସ୍ୱରରେ କହିଲେ, "ଭାଇ, ମୋତେ କ୍ଷମା କର, ମୁଁ ତୁମକୁ ମୂର୍ଖ କହିବା ଏଥିପାଇଁ ବନ୍ଦ କରି ଦେଲି ଯେ ସତ କଥାଟା କହି ଅଣ୍ଟା କରିବା ଉଚିତ ନୁହେଁ । କଣାକୁ କେବେ କଣା ବୋଲି କହିବ ନାହିଁ ।" କ'ଣ କହିବି, ଏକ ମୁସାଏରା (କବି ସମ୍ମିଳନୀ)ର ଆନନ୍ଦ ଆସିଗଲା । ଦୁଇଜଣ ଯାକ ହସି ହସି ଏପରି ତନ୍ମୟ ହୋଇଗଲୁ ଯେ ସବୁ ଦୁଃଖ, ଅଭିଯୋଗ ଦୂର ହୋଇ-ଗଲା ।

ପୁଣି କହିଲେ, "ବର୍ତ୍ତମାନ ମୂର୍ଖ ବୋଲି ତ ନିଜକୁ କହିଲ । ଏବେ ମୋ' କଥା ମାନିଯାଅ ।" ମୁଁ ଲାଲବାହାଦୂରଙ୍କ ସହିତ ପରାମର୍ଶ କରିବା ପାଇଁ ତାଙ୍କର ଅନୁମତି ମାଗିବାପାଇଁ କହିଲେ, "ହଁ କର, କିନ୍ତୁ କେବେହେଲେ ଏ କଥା କହି ନାହିଁ ଯେ ମୁଁ କଥା-ଟାକୁ ଲୁଚାଇଥିଲି, ମୁଁ ଲାଲବାହାଦୂରଙ୍କ ସହିତ ପରାମର୍ଶ କରି ସାରିଚି ।" ତା' ପର ଦିନ ମୁଁ ଜାଣି ଶୁଣି ଲାଲବାହାଦୂରଙ୍କ ସହିତ ସାକ୍ଷାତ କଲି ନାହିଁ । ସେ ଟେଲି-ଫୋନ କରିବାରୁ ତାଙ୍କ ପାଖକୁ ଯାଇ କହିଲି, "କ'ଣ ଭାଇ, ମୋ' ସହିତ ବେଶ୍ ଗୋଟାଏ କରଣିଆ ଚାଲ ଖେଳିଲ, ମୋତେ ଖବର ନ ଦେଇ ଜବାହାରଲାଲଙ୍କ ଜାଲ ଭିତରେ ନେଇ ପକାଇ ଦେଲ ।" ସେ କହିଲେ, "ବହୁତ ଦିନ ହେଲା, କଥା ଚାଲିଚି, ଜବାହାରଲାଲଜୀଙ୍କ ଆଦେଶ ବିନା ମୁଁ ତୁମକୁ କିପରି କହିଥାନ୍ତି ?" ଆଉ ଥରେ ଜବାହରଲାଲଜୀ ଡାକିବାରୁ କହିଲି, "ମେହେରଚାନ୍ଦ ଖାନ୍ନାଙ୍କ ପାଖରେ ଦୁଇଟି ବଡ଼ ବଡ଼ ବିଭାଗ ଥାଇ ସେ ମିନିଷ୍ଟର ଅବ୍ ଷ୍ଟେଟ୍ ହୋଇ ରହିଛନ୍ତି । ମୁଁ ତାଙ୍କର ଅଧା ଦାୟିତ୍ୱରେ ରହି କାବିନେଟ୍ ମିନିଷ୍ଟର ହୋଇଗଲେ ତାଙ୍କ ମନରେ ଦୁଃଖ ହେବ ନାହିଁ ?' ସେ କହିଲେ, "ତୁମେ ଯାହା କହୁଛ ଠିକ୍ କଥା, କିନ୍ତୁ ବର୍ତ୍ତମାନ ତୁମକୁ ତ ମୁଁ ନିମନ୍ତ୍ରଣ କରି ସାରିଲିଣି ।" ମୁଁ ଯେତେ-ବେଳେ କହିଲି, "ଏ ନିମନ୍ତ୍ରଣ ତ ଏ ପର୍ଯ୍ୟନ୍ତ ସରକାରୀ ବିଜ୍ଞପ୍ତି ହୋଇ ନାହିଁ," ମୋ କାନ୍ଧ ଉପରେ ହାତ ରଖି ସେ କହିଲେ, "ଭାଇ ମାଫ୍ କର, ମୁଁ ସେପରି କିଛି ମନରେ ଭାବି ନ ଥିଲି; ତୁମର ଉଦାରତାକୁ ମୁଁ ପ୍ରଶଂସା କରୁଛି, ମୁଁ ତୁମକୁ ଆଉ ଏ ଶୃଙ୍ଖଳା

Digitized by srujanika@gmail.com

ଭିତରକୁ ଆଣିବ ନାହିଁ । ତୁମେ ଦଳର ସଂଗଠନ କାର୍ଯ୍ୟ କର । ସେ କାର୍ଯ୍ୟରେ ମୁଁ ତୁମକୁ ପୂରା ସହଯୋଗ କରିବି ।" ମିନିଷ୍ଟ୍ରି କଥା ଏତିକିରେ ଶେଷ ହେଲା, ଆମେ ପରସ୍ପରର ହାତ ମିଳାଇ ବିଦାୟ ନେଲୁ ।

ପୁଣି ପରଦିନ ମୋତେ ଡାକିଲେ ଏବଂ କହିଲେ, "ମୁଁ ଏ ବିଷୟରେ ପୁଣି ଚିନ୍ତା କଲି । ଖାନ୍ନାଙ୍କ ମନରେ କାହିଁକି ଦୁଃଖ ହେବ ? ସେ କଣ ଜାଣନ୍ତି ନାହିଁ ଯେ ଆମ ଦଳରେ ମୋ ପରେ ତୁମେ ସବୁଠାରୁ ସିନିଅର କଂଗ୍ରେସମ୍ୟାନ ? ଏହାଛଡ଼ା ପୁନର୍ବସତି ବିଭାଗ ସହିତ ଆହୁରି କିଛି ବାକି ପଡ଼ିଥିବା ବିଷୟ ସଂଯୁକ୍ତ କରି ମୁଁ ଏ ବିଭାଗ ବଦଳାଇବାକୁ ଚାହେଁ, ତୁମେ ରାଜି ହୋଇଯାଅ ।" ମୁଁ କହିଲି. "ଆହୁରି ଗୋଟିଏ ବାଟ ଅଛି । ମୋତେ ଖାନ୍ନାଙ୍କର ପାର୍ଲିଆମେଣ୍ଟାରି ସେକ୍ରେଟାରି କରିଦିଅ ଓ ଖବର କାଗଜରେ ଛପାଇ ଦିଅ ଯେ ମୋତେ ମନ୍ତ୍ରୀତ୍ୱ ପାଇଁ ନିମନ୍ତ୍ରଣ କରା ଯାଇଥିଲା, କିନ୍ତୁ ମୁଁ ତାହା ଗ୍ରହଣ ନ କରି ପାର୍ଲିଆମେଣ୍ଟାରି ସେକ୍ରେଟାରି ହେବାପାଇଁ ଇଚ୍ଛା ପ୍ରକାଶ କଲି ।" ଭାରି ଖୁସି ହୋଇଗଲେ ଏବଂ କହିଲେ, ଏଥିରେ, "ଦେଶରେ ତ ତୁମର ଖ୍ୟାତି ବଢ଼ିବ, ତା ଛଡ଼ା କଂଗ୍ରେସ ଏବଂ ସରକାରର ସ୍ଥାନ ଉଚ୍ଚକୁ ଚାଲିଯିବ । କିନ୍ତୁ ମୋତେ ଏ ବିଭାଗ ବଦଳାଇବାକୁ ପଡ଼ିବ ଏବଂ କୌଣସି ବିଭାଗ ପାର୍ଲିଆମେଣ୍ଟାରି ସେକ୍ରେଟାରିଙ୍କ ମାର୍ଫତ ରଖାଯାଇ ପାରିବ ନାହିଁ ।" ଏହିପରି ଦିଣାଦିନ ଧରି କଥାବାର୍ତ୍ତା ଚାଲିଲା । ଠିକ୍ ଅପ୍ରେଲ ୧୬ ତାରିଖ ଦିନ ମନ୍ତ୍ରୀ ରୂପେ ମୁଁ ଶପଥ ନେଇ-ଗଲି । କିନ୍ତୁ ମୁଁ କଣ ଏ କଥା ଜାଣିଥିଲି ଯେ ମନ୍ତ୍ରୀତ୍ୱକୁ ସେ ମୋତେ ଅନ୍ତିମ କାଳର 'ଉଇଲ' ସ୍ୱରୂପ ଦେଇ ଯାଉଛନ୍ତି । ମୋ ଜିମା ପୁନର୍ବାସ ଦେଇ ସେ ସ୍ୱର୍ଗବାସ କଲେ । ଯେତେବେଳେ ମୋ ସହର ଡେରାଡୁନ୍‌କୁ ସେ ଯାଉଥିଲେ ମୁଁ ମୋ କଲିକତା ପ୍ରୋଗ୍ରାମ ବନ୍ଦ କରି ଡେରାଡୁନ ଯିବାକୁ ଇଚ୍ଛା ପ୍ରକାଶ କଲି । ସେ ପୁଣି ମୋତେ ବେବକୁଫ୍ ବା ମୂର୍ଖ ବୋଲି କହି କଲିକତାର ଶରଣାର୍ଥୀମାନଙ୍କ ସଙ୍ଗେ ସଙ୍ଗେ ମୁସଲିମ୍ ବସ୍ତି ସବୁ ଦେଖି ଆସି ତାଙ୍କୁ ରିପୋର୍ଟ ଦେବାପାଇଁ ପରାମର୍ଶ ଦେଇଥିଲେ । ସେ ଡେରାଡୁନରୁ ଆସିବାର ପରଦିନ ସକାଳ ହେବା ପୂର୍ବରୁ ଅଚେତ ହୋଇ ଯାଇଥିଲେ । ମୁଁ ତାଙ୍କୁ ରିପୋର୍ଟ ଦେଇ ପାରିଲି ନାହିଁ । ଏବେ ମୁଁ ଯିବ କୁଆଡ଼େ ?

---

'ପାଞ୍ଚଟି ମନ ଇନ୍ଦ୍ରିୟ ଦ୍ୱାରା ବିଷୟ ଭୋଗ କରନ୍ତି । ପ୍ରଥମେ ସେମାନେ ବିଷୟ ଭୋଗ ନ କଲେ ମନକୁ ସଂଯତ ରଖିବା କଷ୍ଟକର । ଯେପରି ଅନାହାରରେ ରହିବା ଅପେକ୍ଷା ଆହାର ସୁଖକର, ସେହିପରି ମନ ପ୍ରଥମେ ବିଷୟ ଭୋଗ ନ କଲେ, ସେଥିରୁ ନିବୃତ୍ତ ହେବା ସହଜ ନୁହେଁ ।

—ମାର୍କଣ୍ଡେୟ, ମହାଭାରତ

Digitized by srujanika@gmail.com

# ଭାରତରେ ଦାଆଁ ଗଢିବା ଲୋକ

## ଡକ୍ଟର ସୂର୍ଯ୍ୟକାନ୍ତ ଦାସ

ଆଧୁନିକ ଭାରତର ମନ୍ତ୍ରୀ ହେବାଟା ସବୁଠାରୁ ବଡ଼ କଥା ! ମନ୍ତ୍ରୀତ୍ୱରେ ସକଳ ସୁଖ ସମ୍ପଦ ନିହିତ ଅଛି । ମନ୍ତ୍ରୀତ୍ୱ ଦ୍ୱାରା ଆଧୁନିକ ଭାରତରେ ଐହିକ ଜୀବନରେ ପରିପୂର୍ଣ୍ଣତା ମିଳୁଛି ! ପୂର୍ବ କାଳର ରାଜା ମହାରାଜା ମାନେ ବି ଏ ଯୁଗରେ ମନ୍ତ୍ରୀ ହେବା ଲାଗି ବ୍ୟାକୁଳ; ମନ୍ତ୍ରୀତ୍ୱର ଲାଳସା ରାଜାଙ୍କର ବି ଅଛି ! ଧନ ଓ କ୍ଷମତା ଲାଗି ଯେଉଁମାନଙ୍କର ପ୍ରବଳ ଇଚ୍ଛା (ମନୋ-ବିଜ୍ଞାନୀଙ୍କ ଭାଷାରେ ଯେଉଁମାନେ ମୋହାଚ୍ଛନ୍ନ) ସେହିମାନେ ଏ ଦେଶର ଶାସନଗାଦୀକୁ ଅବୋର ବସିବାକୁ କି ପେଞ୍ଚ ଖେଳୁ ନାହାନ୍ତି !

କ୍ୟାବିନେଟ୍ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ମୁଖ୍ୟ ମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ଉପମନ୍ତ୍ରୀ ଯାହା ହେଲେ କୌଣସି କିସମର ମନ୍ତ୍ରୀତ୍ୱ ପ୍ରାପ୍ତି ଲାଗି ଭାରତରେ ଯେଉଁ ଦୁର୍ବାର ବ୍ୟାକୁଳତା ପ୍ରକାଶ ପାଉଛି ଅନ୍ୟ ଦେଶରେ ତାହା ବିରଳ । କ୍ଷମତା ଜାହିର କରିବା ଲାଗି ମନ୍ତ୍ରୀତ୍ୱ ଦ୍ୱାରା ସୁଯୋଗ ମିଳୁଛି, ଭୋଗବିଳାସ ଆସ୍ୱାଦନ ଲାଗି ମନ୍ତ୍ରୀତ୍ୱରେ ଅବାଧ ସୁବିଧା ରହିଛି । ଜୀବନରେ ମଧ୍ୟ ତ୍ରିଶିବାର ଉନ୍ନତି ସମ୍ଭାବନା ରହିଛି ମନ୍ତ୍ରୀତ୍ୱରେ !

ଜାତିର ଜନକ ମହାତ୍ମା ଗାନ୍ଧୀ ମନ୍ତ୍ରୀଙ୍କ ଆଚାର ବ୍ୟବହାର ଓ ଜୀବନ ଯାପନ ପ୍ରଣାଳୀ ସମ୍ବନ୍ଧରେ ଯେଉଁ ପରାମର୍ଶ ଦେଉ-ଥିଲେ ଆଜିର ମନ୍ତ୍ରୀମାନଙ୍କ ଦ୍ୱାରା ସର୍ବଥା ତାହାର ଅସାରତା ପ୍ରମାଣିତ ହୋଇଛି । ଗାନ୍ଧିଜୀ ଭୋଗ ଅପେକ୍ଷା ତ୍ୟାଗକୁ ବିଶେଷ ଗୁରୁତ୍ୱ ଦେଉଥିଲେ, ଆଜି କିନ୍ତୁ ଦେଶ ଲାଗି ତ୍ୟାଗ ସ୍ୱୀକାର କରିବାକୁ ଶାସନ ଗାଦୀରେ ଥିବା କୌଣସି ବ୍ୟକ୍ତି ରାଜି ନୁହଁନ୍ତି—ଆଦୌ ରାଜି ନୁହଁନ୍ତି । ମହାତ୍ମା ଗାନ୍ଧୀଙ୍କର ଶିକ୍ଷା ଯଦି କାହାଠାରେ 'ସମ୍ପୂର୍ଣ୍ଣ' ବ୍ୟର୍ଥ ହୋଇଛି, ତାହା ଆଧୁନିକ ଭାରତର ମନ୍ତ୍ରୀ ମହଲରେ ! ସ୍ୱାଧୀନ ଭାରତର ମନ୍ତ୍ରୀମାନଙ୍କ ସ୍ୱଭାବ ଗଢ଼ି-ତୋଳିବାରେ ଗାନ୍ଧିଜୀ ବାସ୍ତବିକ ଅକ୍ଷମ ଥିଲେ ! !

ମୋ. କ. ଗାନ୍ଧୀ ନାମକ ଯେଉଁ ଅସାଧାରଣ ବ୍ୟକ୍ତି ଭାରତର ସ୍ୱାଧୀନତା ହାସଲ ଲାଗି ଜୀବନ ଉତ୍ସର୍ଗ କରିଗଲେ ଏବଂ ନିଜ ଲାଗି ବା ନିଜ ପରିବାର ଲାଗି ପଇସା-

Digitized by srujanika@gmail.com

ଟିଏ ସୁଦ୍ଧା ସହଯ୍ୟ କରି ନ ଥିଲେ, ସେ କଦାପି ଭାବି ପାରି ନ ଥିବେ ଯେ ସ୍ୱାଧୀନ ଭାରତରେ ମନ୍ତ୍ରୀ-ଜୀବନ ଏପରି ସକଳ ଆଡ଼ମ୍ବର ଓ ସମ୍ଭୋଗରେ ବୈଶିଷ୍ଟ୍ୟ ଅର୍ଜନ କରିବ । ଯେଉଁ କୋଟି କୋଟି ଦୀନ ହୀନ ଭାରତବାସୀଙ୍କ ଭାଗ୍ୟ ସହିତ ଗାନ୍ଧିଜୀ ନିଜ ଭାଗ୍ୟ ମିଳାଇ ଦେଇଥିଲେ, ସେହି ନିରନ୍ନ ଓ ଅର୍ଦ୍ଧ-ନଗ୍ନ ଲୋକଙ୍କଠାରୁ ଆଦାୟ ହେଉଥିବା ରାଜସ୍ୱର କିୟଦଂଶ ମନ୍ତ୍ରୀମାନଙ୍କ ଭୋଜନ ଉପଚାରର ଲାଗି ସବାରେ ବ୍ୟୟ ହୋଇପାରେ ବୋଲି ଗାନ୍ଧୀ କଳ୍ପନା କରି ପାରି ନ ଥିବେ !

ସ୍ୱାଧୀନ ଭାରତରେ ମନ୍ତ୍ରୀମାନେ କିପରି ଚଳିବେ, ସେ ସମ୍ପର୍କରେ ଗାନ୍ଧିଜୀ ବିହାର ମନ୍ତ୍ରୀମାନଙ୍କୁ ଯେଉଁ କଥା କହିଥିଲେ ଆଜି ତାହା ପୁନର୍ବାର ସ୍ମରଣ କରିବାର ବେଳ ଆସିଛି । କିଛି ନ ହେଲେ ମଧ୍ୟ ଗାନ୍ଧିଜୀଙ୍କ ପରାମର୍ଶକୁ କେଉଁ ଅକ୍ଷରେ ଅକ୍ଷରେ ନିଷ୍ଠାର ସହିତ ମନ୍ତ୍ରୀମାନେ ଉପେକ୍ଷା କରିଚନ୍ତି ତାହାର ସୂଚନା ପାଇବାକୁ ଗାନ୍ଧୀଙ୍କ ପରାମର୍ଶ ପ୍ରତି ପଶ୍ଚାଦବଲୋକନ କରାଯାଇପାରେ ! ଗାନ୍ଧିଜୀ କହିଥିଲେ **

୧—ମନ୍ତ୍ରୀମାନେ ଯଥା ସମ୍ଭବ ଭାରତରେ ଉତ୍ପନ୍ନ ହେଉଥିବା ସାମଗ୍ରୀ ବ୍ୟବହାର କରିବେ । ନିଜ ଓ ନିଜ କୁଟୁମ୍ବର ପରିଧେୟ ଲାଗି କେବଳ ହିଁ ଖଦୀ ବସ୍ତ୍ର ବ୍ୟବହାର କରିବେ । ନିୟମିତ ରୂପେ ସୂତା କାଟିବେ । 'ଅହିଂସା ର ଚକ୍ର'କୁ ଗତିଶୀଳ ରଖିବା ଲାଗି ସୂତା ଯନ୍ତ୍ରକୁ ବାଦ୍ ଦେଇ ପାରିବେ ନାହିଁ ।

୨—ସେମାନେ ଦେବ-ନାଗରୀ ଓ ପାରସ୍ୟ ଲିପି ଶିଖିବେ । ନିଜ ନିଜ ମଧ୍ୟରେ ଇଂରେଜୀ କଥାବାର୍ତ୍ତା ବନ୍ଦ କରିବେ । ପ୍ରାଦେଶିକ ଭାଷାର ପ୍ରଚଳନ କରାଇବେ । ସବୁ ସରକାରୀ କାରବାର ଲାଗି ହିନ୍ଦୁସ୍ଥାନୀ ଗ୍ରହଣ କରିବେ । ଅଫିସ ନିର୍ଦ୍ଦେଶନାମା ଓ ସର୍କ୍ୟୁଲାର ଇତ୍ୟାଦି ହିନ୍ଦୁସ୍ଥାନୀରେ ଚଳାଇବେ, ଯଦ୍ଦ୍ୱାରା ହିନ୍ଦୁସ୍ଥାନୀ ସାରା ଭାରତର ରାଷ୍ଟ୍ରଭାଷା ହୋଇ ପାରିବ ।

୩—ମନ୍ତ୍ରୀମାନେ ସମ୍ପୂର୍ଣ୍ଣ ରୂପେ ଅସ୍ପୃଶ୍ୟତା ନିବାରଣ କରିବେ । ଜାତିଅଣ ଭାବ ଦୂର କରିବେ । କୌଣସି ପ୍ରକାର ଗୋଷ୍ଠୀ ପ୍ରୀତି ବା ଭିନ୍ନ ଗୋଷ୍ଠୀ ପ୍ରତି ବିଦ୍ୱେଷରୁ ଦୂରେଇ ରହିବେ । ମନ୍ତ୍ରୀ ଆସନରେ ରହି ସେମାନେ ସମସ୍ତଙ୍କ ପ୍ରତି ସମାନ ନ୍ୟାୟ ବିଚାର କରିବେ । ନିଜ ପୁଅ, ଭାଇ, ବା ସାଧାରଣ ନାଗରିକ—ଶ୍ରମିକ କି କୃଷକ—ଯେ କେହି ହୁଅନ୍ତୁ, ସମସ୍ତଙ୍କ ପ୍ରତି ସମ ଭାବରେ ନ୍ୟାୟ ପରାୟଣ ହେବେ ।

୪—ମନ୍ତ୍ରୀମାନଙ୍କର ବ୍ୟକ୍ତିଗତ ଜୀବନରେ ସରଳତା ର ଆଦର୍ଶ ପ୍ରତିଷ୍ଠିତ ହେବ । ସେମାନେ ଦିନକୁ ଅନ୍ତତଃ ଘଣ୍ଟାଏ ଲେଖାଏଁ ଶାରୀରିକ ପରିଶ୍ରମ କରିବେ । ହୁଏତ ସୂତା

---

** ପ୍ୟାରେଲାଲ୍—"ମହାତ୍ମା ଗାନ୍ଧୀ, ଦି ଲଷ୍ଟ ଫେଜ୍" ୨ୟ ଭାଗ ପୃ ୧୧୨ସ୍ତା ।

Digitized by srujanika@gmail.com

କାଟିବେ । ନଚେତ ସଫେଇ କାମ (ମେହେନ୍ତରର କାମ) କରିବେ । ଅଥବା ପନି-ପରିବା ଫଳମୂଳ କୃଷିରେ ଖଟଣି କରିବେ ଯଦ୍ଦ୍ୱାରା ଦେଶରୁ ଖାଦ୍ୟାଭାବ ଦୂର କରି-ବାରେ ସକ୍ରିୟ ଅଂଶ ନେବେ ।

୫—ସେମାନେ ବଡ଼ ବଡ଼ 'ବଙ୍ଗଳା'ରେ ରହିବେ ନାହିଁ କିମ୍ବା ନିଜର ମଟର ଗାଡ଼ି ରଖିବେ ନାହିଁ । ସେମାନଙ୍କ ବାସଗୃହ ନିରାଡ଼ମ୍ବର ହେବା ଉଚିତ । କିନ୍ତୁ ଦର-କାର ପଡ଼ିଲେ ସେମାନେ ମଟର ଗାଡ଼ି ବ୍ୟବହାର କରିବେ, କିନ୍ତୁ ଏହା କଦବା କ୍ୱଚିତ ହେବା ଦରକାର ।

୬—ସବୁ ମନ୍ତ୍ରୀ ସେମାନଙ୍କ ପରିବାର-ବର୍ଗ ଓ ତାଙ୍କ କର୍ମଚାରୀ-ସହକାରୀ ବୃନ୍ଦ ଏକ ସ୍ଥାନରେ ପାଖାପାଖି ହୋଇ ବାସ ଗୃହ ନେବେ ; ତା'ହେଲେ ସେମାନଙ୍କ ସରକାରୀ କାର୍ଯ୍ୟରେ ସମନ୍ୱୟ ଦୃଢ଼ତରରେ ହୋଇ-ପାରିବ ।

୭—ମନ୍ତ୍ରୀମାନେ ଓ ତାଙ୍କ ନିକଟତମ ପରିବାର ବର୍ଗ 'ସର୍ଭେଣ୍ଟ' ବା ଚାକର ନରଖି ଯଥା ସମ୍ଭବ ନିଜ ଘର କାମ ନିଜ ହାତରେ ଚଳାଇନେବେ ।

୮—ବିଦେଶ ଠାରୁ ଆଣି ମୂଲ୍ୟବାନ ଗୃହୋ-ପକରଣ, 'ଶୋଫା ସେଟ୍' ଇତ୍ୟାଦି ବ୍ୟବହାର କରିବାରୁ ମନ୍ତ୍ରୀମାନେ କ୍ଷାନ୍ତ ରହିବେ । ଦେଶ ଯେଉଁ ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଛି ଏବଂ ଜନ ସାଧାରଣେ ଯେପରି ଦୁର୍ଦ୍ଦଶା ଭୋଗୁଛନ୍ତି ଯେ ଦୃଷ୍ଟିରୁ ମନ୍ତ୍ରୀମାନେ ଅନାଡ଼ମ୍ବରମୂର୍ତ୍ତି ଭାବେ ଚଳିବା ଅସଙ୍ଗତ ।

୯—ମନ୍ତ୍ରୀମାନେ ସର୍ବବିଧ ଦୁର୍ନୀତି ଓ କୁ-ଅଭ୍ୟାସରୁ ନିଜକୁ ମୁକ୍ତ ରଖିବେ । କୌଣସି ପ୍ରକାର ନିଶା ସେବନରେ ସେମାନେ ଲିପ୍ତ ହେବେ ନାହିଁ । ଯଦି ସେମାନେ 'ସରଳ ଜୀବନ ଯାପନ ଓ ଉଚ୍ଚ ଚିନ୍ତା' କରିବା ଆଦର୍ଶ ଦେଖାନ୍ତି ତେବେ ମନ୍ତ୍ରୀମାନଙ୍କ ଲାଗି ଶରୀର-ରକ୍ଷୀଙ୍କ ପ୍ରୟୋ-ଜନ ହେବ ନାହିଁ । ବର୍ତ୍ତମାନ ମନ୍ତ୍ରୀମାନେ 'ବଡ଼ିଗାର୍ଡ' ବ୍ୟବହାର କରି ଜନସାଧାରଣଙ୍କ ବିରୁଦ୍ଧରେ ନିରାପତ୍ତା ଲୋଡ଼ୁଛନ୍ତି ; କିନ୍ତୁ ଆଦର୍ଶ ମନ୍ତ୍ରୀ ହୋଇପାରିଲେ ଲୋକେ ଆପଣା ଛାଏଁ ମନ୍ତ୍ରୀମାନଙ୍କ ନିରାପତ୍ତା ଓ ସୁରକ୍ଷା ପ୍ରତି ଉଦ୍ୟମୀ ହେବେ ।

ମନ୍ତ୍ରୀ ଜୀବନ ଓ ମନ୍ତ୍ରୀମାନଙ୍କ ସାମାଜିକ ଚାଲିଚଳଣି ସମ୍ପର୍କରେ ଏହି ସୂଚନା ଦେଇ ଗାନ୍ଧୀ ଖୋଦ୍ କ୍ଷୋଭ କରିଥିଲେ ଯେ 'ବୋଧହୁଏ' ତାଙ୍କ ପକ୍ଷେ ଏହା ଅରଣ୍ୟ ରୋଦନ । ମନ୍ତ୍ରୀମାନଙ୍କର ଚାଲିଚଳଣିରେ ଯେଉଁ ଆଭାସ ସେ ପାଉଥିଲେ, ସେଥିରେ ସେ ଚୁପ୍ ରହିବାକୁ ଚାହୁଁ ନଥିଲେ । ହେଉ ବରଂ ଅରଣ୍ୟ ରୋଦନ, କିନ୍ତୁ ତାହା ପ୍ରକାଶ ନକରି ରହିଯିବାକୁ ସେ ପସନ୍ଦ କରି ନଥିଲେ ।

ପ୍ରାୟ ଷୋଳଏ ବର୍ଷର ସ୍ୱାଧୀନତା ଉପଭୋଗ ଉତ୍ତାରୁ ଏବଂ ଏହି ଦୀର୍ଘକାଳ ମଧ୍ୟରେ ମନ୍ତ୍ରୀଙ୍କ ଦୈନନ୍ଦିନ ଜୀବନ ଓ ଆଚରଣ ଲକ୍ଷ୍ୟ କରିବା ପରେ ଆଜି ସନ୍ଦେହ

Digitized by srujanika@gmail.com

ନାହିଁ ଯେ ଗାନ୍ଧୀଙ୍କର ଅରଣ୍ୟ ରୋଦନ ଆଶଙ୍କା ବାସ୍ତବ ହୋଇପଡ଼ୁଛି । ଏହିବର୍ଷ ମେ’ ମାସରେ ଲୋକସଭା ଅଧିବେଶନ କାଳରେ ପ୍ରଶ୍ନୋତ୍ତରରୁ ଜଣା ଯାଇଛି ଯେ କେନ୍ଦ୍ର ସରକାରରେ ଥିବା ଜଣେ ଜଣେ ମନ୍ତ୍ରୀଙ୍କ ଦରମା ବାବଦରେ ବର୍ଷିକ ହାରାହାରି ତିରିଶ ହଜାର ଟଙ୍କା ବ୍ୟୟ ହୁଏ । କେନ୍ଦ୍ର ମନ୍ତ୍ରୀ ମଣ୍ଡଳର ସବୁ ମନ୍ତ୍ରୀମାନଙ୍କ ଦରମା ବାବଦକୁ ଭାରତ ରାଜସ୍ୱରୁ ବର୍ଷକୁ ମୋଟ ୨,୩୨,୮୧୬ ଟଙ୍କା ଖର୍ଚ୍ଚ ହୁଏ । କେଉଁ ଶ୍ରେଣୀର ମନ୍ତ୍ରୀ ହାରାହାରି ବାର୍ଷିକ କେତେ ଦରମା ପାଆନ୍ତି ତାହାର ତାଲିକା ଏହିପରି — * * *

| | |
|---|---|
| କ୍ୟାବିନେଟ୍ ମନ୍ତ୍ରୀ | ୧,୧୨,୬୦୪ ଟଙ୍କା |
| ମିନିଷ୍ଟର୍ ଅଫ୍ ଷ୍ଟେଟ | ୬୪,୯୦୪ ଟଙ୍କା |
| ଡେପୁଟି ମିନିଷ୍ଟର | ୪୬,୨୮୮ ଟଙ୍କା |

ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଲାଗି ଯେଉଁ ଏକ ଲକ୍ଷ ତେର ହଜାର ପାଖାପାଖି ଟଙ୍କା ବାର୍ଷିକ ଖର୍ଚ୍ଚ ହୁଏ ତାହା ନିମ୍ନ ପ୍ରକାରରେ ହୋଇଥାଏ —

| | |
|---|---|
| ମନ୍ତ୍ରୀଙ୍କ ଦରମା | ୨୬ ୦୦୦ ଟଙ୍କା |
| ମନ୍ତ୍ରୀଙ୍କ ଭତ୍ତା | ୬ ୦୦୦ ,, |
| ମନ୍ତ୍ରୀଙ୍କ ଘରଭଡ଼ା ଖର୍ଚ୍ଚ | ୬୮ ୦୦ ,, |
| ବିଦ୍ୟୁତ ଓ ଜଳଯୋଗାଣ | ୨୪ ୦୦ ,, |
| ଗୃହୋପକରଣ ଓ | |
| ବୈଦ୍ୟୁତିକ ଯନ୍ତ୍ରପାତି ଭତ୍ତା | ୬ ୬୦୪ ,, |
| ମନ୍ତ୍ରୀଙ୍କ ସେକ୍ରେଟେରିଆଲ୍ | |
| ଷ୍ଟାଫ୍ଙ୍କ ଦରମା ଇତ୍ୟାଦି | ୬ ୮୦୦ ,, |

ଉପରୋକ୍ତ ବ୍ୟୟ ମଧ୍ୟରେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଗସ୍ତଖର୍ଚ୍ଚା ପରିମାଣ ଅନ୍ତର୍ଭୁକ୍ତ ନୁହେଁ । ଗସ୍ତଖର୍ଚ୍ଚା ବାବଦ୍ ବ୍ୟୟ ସ୍ୱତନ୍ତ୍ର ଓ ତାହାର ହିସାବ ମିଳେ ନାହିଁ । ‘ଷ୍ଟାଫ୍ କାର୍’ ବ୍ୟବହାର ବାବଦ୍ ଖର୍ଚ୍ଚ ଅଲଗା । ମନ୍ତ୍ରୀ ଓ ତାଙ୍କ ପରିବାର ଲାଗି ଚିକିତ୍ସା ଖର୍ଚ୍ଚ ଓ ଔଷଧପତ୍ର ବ୍ୟୟ ମଧ୍ୟ ସ୍ୱତନ୍ତ୍ର । ଏ ସମସ୍ତ ପ୍ରକାର ବ୍ୟୟର ହିସାବ ଏପର୍ଯ୍ୟନ୍ତ ପ୍ରକାଶିତ ସୂତ୍ରରୁ ଜଣାଯାଇ ନାହିଁ ।

ଲକ୍ଷ୍ୟ କରିବାର କଥା ଯେ ଜଣେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ବାସ ଗୃହରେ ବିଦ୍ୟୁତ୍ ଓ ଜଳ ଯୋଗାଣ ବାବଦ୍ ମାସିକ ଖର୍ଚ୍ଚ ହେଉଛି ହାରାହାରି ଦୁଇଶହ ଟଙ୍କା । ଭାରତ ଭଳି ଦେଶରେ ଯେଉଁଠି ଧନୀ ଦରିଦ୍ର ମଧ୍ୟରେ ପ୍ରଶସ୍ତତମ ପାର୍ଥକ୍ୟ ଦେଖାଯାଏ ଏବଂ ଯେଉଁଠି ଗାଁ ମାନଙ୍କରେ ପାନୀୟ ଜଳ ଲାଗି କୂଅ ପୋଖରୀ ଖୋଳାଇବାକୁ ଟଙ୍କା ଅଭାବ ପଡ଼େ, ସେ ଦେଶରେ କ୍ୟାବିନେଟ୍ ମନ୍ତ୍ରୀଙ୍କ ବିଳାସ ହର୍ମ୍ୟରେ ପାଣି ଓ ଆଲୁଅ ଖର୍ଚ୍ଚ ମାସିକ ଦୁଇଶହ ଟଙ୍କା ହେବା ଯେତିକି ଦୁଃଖର କଥା ତତୋଧିକ ଲଜ୍ଜାର କଥା ! ତିନିଗୋଟି ପଞ୍ଚବାର୍ଷିକ ଯୋଜନା ଦ୍ୱାରା ଆର୍ଥିକ ସମୃଦ୍ଧି ସାଧିତ ହେଲ ପରେ ସୁଦ୍ଧା ଭାରତବାସୀଙ୍କର ଜଣ ପିଛା ବାର୍ଷିକ ଆୟର ପରିମାଣ ହେଉଛି ୧୯୬୩-୧୯୬୪ ସାଲ ହିସାବ ଅନୁସାରେ (୧୯୪୮-୪୯ ମୂଲ୍ୟ ହାରରେ) ତିନି ଶହ ଏକ ଟଙ୍କା । ଏହାହିଁ ଭାରତୀୟ ଅର୍ଥନୈତିକ

*** ଇକନମିକ୍ ଟାଇମ୍ସ (ଦୈନିକ ସମ୍ବାଦପତ୍ର), ୪।୫।୧୯୬୮ ତାରିଖ ପୃଷ୍ଠା

Digitized by srujanika@gmail.com

ମନୁଷ୍ୟର ପ୍ରଗତିର ଶ୍ରେଷ୍ଠ ନିଦର୍ଶନ । ଯେଉଁ ଦେଶରେ ସାଧାରଣ ଲୋକ ଦିନକୁ ହାରାହାରି ଟଙ୍କାଟିଏ ଆୟ କରି ପାରୁନାହିଁ, ସେ ଦେଶରେ କ୍ୟାବିନେଟ୍ ମନ୍ତ୍ରୀଙ୍କର ଆଲୋକ ଓ ମୂଲ ପାଣିରେ ହାରାହାରି ଦୁଇଶହ ଟଙ୍କା ବ୍ୟୟ ହେବା ବ୍ୟବସ୍ଥାକୁ କିଭଳି ବର୍ଣ୍ଣନା କରାଯିବ ?

ଏହି ପୃଷ୍ଠଭୂମିକାରେ ମନ୍ତ୍ରୀ ଜୀବନର ଭୋଗ ବିଳାସ କେତେଦିନ ଏହିପରି ଚାଲିବ, ଭଗବାନ ଜାଣନ୍ତି । ସ୍ୱାଧୀନ ଭାରତରେ ଯେଉଁମାନେ ଦେଶ ଗଢ଼ିବାକୁ ଆଗଭର ହୋଇ ଶେଷରେ ମାଙ୍କଡ଼ ଗଢ଼ୁଛନ୍ତି ସେମାନେ ବୋଧହୁଏ ଭଗବାନଙ୍କ ବରପୁତ୍ର !

ଗାନ୍ଧିଜୀଙ୍କ 'ଅରଣ୍ୟ ରୋଦନ'କୁ ହୁଏତ କେତେକ ଆଧୁନିକ ମନ୍ତ୍ରୀ ପଚ୍ଛନ୍ଦ କରିବେ ନାହିଁ, କେତେକଙ୍କର ମନୋବୃତ୍ତି ଏପରି ଯେ ସେମାନେ ହୁଏତ କହିବେ ଏ ପରାମର୍ଶ ଯୁଗୋପଯୋଗୀ ନୁହେଁ, ମନ୍ତ୍ରୀମାନେ ସୂତା କାଟିବା, ଶ୍ରମଦାନ କରିବା, ଏବଂ ଗାଡ଼ି ନ ଚଢ଼ିବା ଦ୍ୱାରା ଦିନର ଦାୟିତ୍ୱ ଚଳାଇ ପାରିବେ ନାହିଁ ।

ଗାନ୍ଧୀଙ୍କର ପରାମର୍ଶ ଯୁଗୋପଯୋଗୀ ନୁହେଁ, ଏହା କହିଦେବା ସହଜ । କିନ୍ତୁ ଲାଲ୍ ବାହାଦୁର ଶାସ୍ତ୍ରୀ ବି ପ୍ରଧାନ ମନ୍ତ୍ରୀ ଥିଲେ, ସେ କେତେ ଭୋଗବିଳାସରେ ଥିଲେ ଏବଂ ମୃତ୍ୟୁ ପୂର୍ବରୁ କେତେ ବା ସମ୍ପତ୍ତି ରଖି ଯାଇଥିଲେ ?? ରବୀନ୍ଦ୍ରନାଥଙ୍କ ସଙ୍ଗୀତ ଆବୃତ୍ତି କରି ଗାନ୍ଧୀ କହୁଥିଲେ, ଏକଲା ଚଲ୍ ରେ !!!

---

> ସ୍ତ୍ରୀ ଲୋକଙ୍କ ଚରିତ୍ର ସମ୍ପର୍କରେ କାହିଁକି ଏପରି ଅହେତୁକ ଚିନ୍ତା ? ପୁରୁଷର ଚରିତ୍ର ସମ୍ପର୍କରେ ସ୍ତ୍ରୀ ଲୋକମାନଙ୍କୁ କିଛି କହିବାର ଅଧିକାର ଦିଆଯାଇଛି କି ? ପୁରୁଷଙ୍କ ଚରିତ୍ରବତ୍ତା ସମ୍ପର୍କରେ ନାରୀମାନଙ୍କର ଚିନ୍ତାର କଥା ଆମେମାନେ ଶୁଣୁ ନାହିଁ । ପୁରୁଷମାନେ କାହିଁକି ସ୍ତ୍ରୀ ଲୋକଙ୍କର ଚରିତ୍ର ଜଗିବାର କାମ ଆପଣା ଛୁଏଁ ଆବୋରି ବସିବେ ? ଚରିତ୍ର ଅନ୍ତରର ଭିତରୁ ଗଢ଼ା ହୁଏ; ତାକୁ କେହି ଜବରଦସ୍ତ ଲଦି ଦେଇ ପାରିବ ନାହିଁ ।
>
> ମହାତ୍ମା ଗାନ୍ଧୀ

Digitized by srujanika@gmail.com

## ପିଲାଙ୍କ ପାଇଁ ଗଳ୍ପ

# ଚତୁର ଚୂଡ଼ାମଣି

ପୂର୍ବ କାଳରେ ଚମ୍ପାବତୀ ନାମକ ଏକ ରାଜ୍ୟରେ ଅଜାତଶତ୍ରୁ ନାମକ ଜଣେ ରାଜା ରାଜପଣ କରୁଥିଲେ । ସେ ପ୍ରଜାମାନଙ୍କୁ ପୁତ୍ର ପରି ପାଳନ କରୁଥିଲେ ଓ ଅପରାଧୀମାନଙ୍କ ପ୍ରତି କଠୋର ଦଣ୍ଡ ବିଧାନ କରୁଥିଲେ ।

ସେହି ରାଜ୍ୟରେ ଚତୁର ଚୂଡ଼ାମଣି ନାମକ ଜଣେ ବ୍ୟକ୍ତିକୁ ଚୋରି ଅପରାଧରେ ଧରାଯାଇ ରାଜାଙ୍କ ସମ୍ମୁଖକୁ ଅଣାଗଲା । ଚୋରି ଅପରାଧରେ ମଧ୍ୟ ସେତେବେଳେ ପ୍ରାଣଦଣ୍ଡ ଆଦେଶ ଦିଆଯାଉଥିଲା ଓ ରାଜା ନିର୍ଦ୍ଦେଶ ଦେଲେ ଯେ ଚତୁର ଚୂଡ଼ାମଣିକୁ ନିର୍ଦ୍ଦିଷ୍ଟ ଦିନରେ ପ୍ରାଣଦଣ୍ଡ ଦିଆଯିବ ।

ନିୟମ ଥିଲା ଯେ ଫାଶି ପାଇବା ପୂର୍ବରୁ ଅପରାଧୀ ଯଦି କିଛି ଇଚ୍ଛା ପ୍ରକାଶ କରେ, ତା'ହେଲେ ତାହା ପୂରଣ କରାଯିବ ।

ଯେଉଁଦିନ ଚତୁର ଚୂଡ଼ାମଣିକୁ ଫାଶି ଦିଆଯିବ, ସେ ଦିନ ପ୍ରଭାତରେ ପ୍ରହରୀମାନଙ୍କ ଗହଣରେ ତାକୁ ଫାଶି ଖୁଣ୍ଟକୁ ନିଆଗଲା ; ଫାଶି କାଠରେ ଚଢ଼ାଇବା ପୂର୍ବରୁ କଟୱାଲ ପଚାରିଲେ, 'ତୁମର ଅନ୍ତିମ ଇଚ୍ଛା କ'ଣ ଅଛି କହ, ପୂରଣ କରାଯିବ ।''

ଚତୁର ଚୂଡ଼ାମଣି କହିଲା, ''ମୋର ଅନ୍ତିମ ଇଚ୍ଛା ମୁଁ ରାଜାଙ୍କ ଛଡ଼ା କାହାରିକୁ କହିବି ନାହିଁ । ତୁମେ ରାଜାଙ୍କୁ ଏଠାକୁ ଡାକ, ତା'ପରେ ତାଙ୍କୁ ମୁଁ ଏକାନ୍ତରେ ମୋର ଇଚ୍ଛା ପ୍ରକାଶ କରିବି ।''

କଟୱାଲ ଯାଇ ରାଜାଙ୍କୁ ଖବର ଦେଲେ । ରାଜା ଭାରି ଅସୁବିଧାରେ ପଡ଼ିଲେ କାରଣ ଜଣେ ସାଧାରଣ ଅପରାଧୀର ଇଚ୍ଛା କ'ଣ ତାହା ଜାଣିବା ପାଇଁ ରାଜା କେବେ ଯା'ନ୍ତି ନାହିଁ ; କିନ୍ତୁ ହେଲେ କ'ଣ ହେବ, ରାଜା ନିଜେ ନିୟମ କରିଛନ୍ତି ଯେ ପ୍ରାଣଦଣ୍ଡ ପାଉଥିବା ଅପରାଧୀର ଶେଷ ଇଚ୍ଛା ପୂରଣ କରିବାକୁ ହେବ । ଯଦି ତା'ର ଶେଷ ଇଚ୍ଛା ରାଜାଙ୍କୁ ଶୁଣାଇବା ଦରକାର ହୁଏ, ତା'-ହେଲେ ତାଙ୍କୁ ତାହା ଶୁଣିବାକୁ ହେବ !

ରାଜା ଯାଇ ପହଞ୍ଚିବାରୁ ଚତୁର ଚୂଡ଼ାମଣି ତାଙ୍କୁ ଟିକିଏ ଦୂରକୁ ଡ଼ାକିନେଇ କହିଲା, ''ମଣିମା, ମରିବାପାଇଁ ମୋର ଭୟ ନାହିଁ । ଯେ ଜନ୍ମ ହୋଇଛି, ସେ ଦିନେ ନା ଦିନେ ମରିବ । କାହିଁକି ବୁଢ଼ା, ଅକର୍ମଣ୍ୟ ହୋଇ ବା ରୋଗରେ ସଢ଼ି ମୁଁ ମରିଥାନ୍ତି । ଏଥିରେ ତ ଠିକ୍ କରି ମୋର ଜୀବନ ଚାଲିଯିବ । କିନ୍ତୁ ହେଲେ କ'ଣ ହେବ, ମୁଁ ଚାଲିଗଲେ ମୁଁ ଜାଣିଥିବା ବିଦ୍ୟା ଆଉ କେହି ଜାଣି ପାରିବେ ନାହିଁ ।''

ରାଜା ଭାବିଲେ ଚୋର ଆଉ କି ବିଦ୍ୟା ଜାଣିଥିବ ? ଚୋରି ବିଦ୍ୟାରେ ସେ ଖୁବ

Digitized by srujanika@gmail.com

ପାରଙ୍ଗମ ହୋଇଛି । ସେହି କଥା କ'ଣ ସେ କହୁଛି ?

ସେ କହିଲେ, "ତୁମେ ଚାଲିଗଲେ କାହାର କି କ୍ଷତି ହେବ ?"

ଚୋର କହିଲା, "ମହିମା, ସବୁଠାରୁ ବେଶୀ କ୍ଷତି ହେବ ଆପଣଙ୍କର ?"

ରାଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ଆପଣଙ୍କର ?—ଆମର କି କ୍ଷତି ହେବ ?"

ଚତୁର ଚୂଡ଼ାମଣି କହିଲା, "ହିଁ, ମହିମା, ଆପଣଙ୍କର ହିଁ ସବୁଠାରୁ କ୍ଷତି ହେବ । ରାଜ୍ୟରେ କେହି ଏକଥା ଜାଣନ୍ତି ନାହିଁ ଯେ ଯେଉଁ ବ୍ୟକ୍ତିକୁ ଆପଣ ଆଜି ପ୍ରାଣଦଣ୍ଡ ଦେବାକୁ ଯାଉଛନ୍ତି, ସେ ଏପରି ଏକ ବିଦ୍ୟା ଜାଣେ ଯାହା ଫଳରେ ରାଜକୋଷ ହୀରା, ନୀଳାରେ ଭର୍ତ୍ତି ହୋଇଯିବ ।"

ଏକଥା ଶୁଣି ରାଜାଙ୍କର କୌତୁହଳର ସୀମା ରହିଲା ନାହିଁ । ସେ କହିଲେ, "ଚତୁର ଚୂଡ଼ାମଣି, ତୁମେ ଯେଉଁ ବିଦ୍ୟା ଜାଣିଛ, ତାହା ରାଜ୍ୟର ମଙ୍ଗଳ ପାଇଁ ଦେଇ ଯାଅ ।"

ଚୋର କହିଲା, "ମହାରାଜ, ମୁଁ ସେଇଥିପାଇଁ କେବଳ ଆପଣଙ୍କୁ ଡାକିଛି । ଆପଣଙ୍କୁ ସେହି ବିଦ୍ୟାଟି ଦେଇ ମୁଁ ସଂସାରରୁ ବିଦାୟ ନେବି । ତାହା ହେଉଚି, ଯେପରି କ୍ଷେତରେ ଚାଷ କରି ଧାନ ବୁଣାଯାଏ, ସେହିପରି ରାଜପ୍ରାସାଦ ଭିତରେ ଗୋଟିଏ କ୍ଷେତ୍ର ପ୍ରସ୍ତୁତ କରି ସେଥିରେ କିଛି ହୀରା ନୀଳା ବୁଣିବାକୁ ହେବ ଓ ବୁଣିଲାବେଳେ ଗୋଟିଏ ମନ୍ତ୍ର ଉଚ୍ଚାରଣ କରିବାକୁ ହେବ ।"

ମନ୍ତ୍ରଟି କ'ଣ ତାହା ମଧ୍ୟ ଚୋର ରାଜାଙ୍କୁ କହିଦେଲା ।

ରାଜା ପଚାରିଲେ, "ତା'ହେଲେ କ'ଣ ହେବ ?"



ମନ୍ତ୍ରୀ ସୁନାର ଲଙ୍ଗଳରେ ଚାଷ କରୁଛନ୍ତି······

Digitized by srujanika@gmail.com

ଚତୁର ଚୂଡ଼ାମଣି କହିଲା, "ତା'ହେଲେ ଯେପରି ଅଳ୍ପ ଧାନ ବୁଣି କୃଷୀ ଭରଣି ଭରଣି ଧାନ ପାଉଛ, ସେହିପରି ଆପଣ ଭରଣି ଭରଣି ହୀରା, ନୀଳା ପାଇବେ । କିନ୍ତୁ ଗୋଟିଏ କଥା—ଯେ କେହି ଏ ମନ୍ତ୍ର ଉଚ୍ଚାରଣ କରି ବୁଣିଲେ ହେବନାହିଁ, କେବଳ ସେହି ବ୍ୟକ୍ତି, ଯେଉଁ ବ୍ୟକ୍ତି ଜୀବନରେ କେବେହେଲେ ଚୋରି କରି-ନଥିବ, ସେହି ଯାଇ ବୁଣିଲେ ହେବ ।"

ରାଜା ଚତୁର ଚୂଡ଼ାମଣିକୁ ପ୍ରଶଂସା କରି କହିଲେ, "ରାଜକୋଷର ବୃଦ୍ଧି ପାଇଁ ତୁମେ ଯେଉଁ ବିଦ୍ୟା ଦେଲ, ଶୀଘ୍ର ତା'ର ପରୀକ୍ଷା କରାଯିବ । ଏହି ପରୀକ୍ଷା ଚାଲିଥିବା ପର୍ଯ୍ୟନ୍ତ ତୁମ ପ୍ରତି ହୋଇଥିବା ପ୍ରାଣଦଣ୍ଡ ଆଦେଶ ସ୍ଥଗିତ ରଖାଗଲା ।"

ରାଜା ପ୍ରଥମେ କୋଟୱାଲଙ୍କ ଦ୍ୱାରା ହିଁ ଏହାର ପରୀକ୍ଷା କରାଇବା ପାଇଁ ସ୍ଥିର କଲେ । କାରଣ କୋଟୱାଲ ଅପରାଧୀମାନଙ୍କୁ ଧରନ୍ତି । ବିଶେଷତଃ ଚୋରମାନଙ୍କୁ ଧରିବାରେ ସେ ପାରଙ୍ଗମ । ସେ ଯେତେବେଳେ ରାଜାଙ୍କର ଶାନ୍ତିରକ୍ଷକ ଦାୟିତ୍ୱରେ ଅଛନ୍ତି, ସେ କେବେ ଚୋରି କରି ନଥିବେ । ଅତଏବ ଚାଷ କରି ହୀରା, ନୀଳା ବୁଣିବାର ଦାୟିତ୍ୱ ତାଙ୍କୁ ଦିଆଯାଉ ।

ରାଜପ୍ରାସାଦ ଉଦ୍ୟାନରେ ଏକ ସୁନ୍ଦର କ୍ଷେତ ପ୍ରସ୍ତୁତ କରାଗଲା ଓ ଜ୍ୟୋତିଷଙ୍କୁ ଦେଖାଇ ଏକ ଭଲ ଦିନ ବଛା ଗଲା । ରାଜକୋଷରୁ ଗୋଟିଏ ନଉଡ ବାଛି, ବାଛି ଭଲ ହୀରା, ନୀଳା ଅଣାଗଲା । କୋଟୱାଲ ବେଶ ପୋଷାକ ପିନ୍ଧି ନିହାର ଲଙ୍ଗଳରେ ସେହି କ୍ଷେତକୁ ଚଷ କରି ଚତୁର ଚୂଡ଼ାମଣି ଦେଇଥିବା ମନ୍ତ୍ର ପାଠ କରି ହୀରା ନୀଳା ବୁଣିଲେ ।

ବୁଣିବାର ଦୁ' ମାସ ଗଲା । ତିନିମାସ ଗଲା । ଛ' ମାସ ଗଲା । ଫସଲ ଫଳିବା ଦୂରେ ଥାଉ, ଗଛ ବି ଉଠିଲା ନାହିଁ । ରାଜା ଚୋରକୁ ଡକାଇଲେ ।

ଚୋର କହିଲା, "ମୋର ଦୋଷ ନାହିଁ, କି ମନ୍ତ୍ରର ଦୋଷ ନାହିଁ । ମୁଁ ଆପଣଙ୍କୁ କହିଥିଲି, ଚୋରି ନ କରିଥିବା ଲୋକ ଯଦି ବୀଜରି ବୁଣେ ତା'ହେଲେ ଫସଲ ଫଳିବ । ମୁଁ ବି ଆପଣଙ୍କୁ ଚାଷ କରି ଦେଖାଇ ଦେଇଥାନ୍ତି; କିନ୍ତୁ ମୁଁ ତ ନିଜେ ଚୋର, ମୁଁ କ'ଣ କରିବି ? ଆପଣ କୋଟୱାଲଙ୍କୁ ଡାକି ଏକାନ୍ତରେ ପଚାରନ୍ତୁ, ସେ କେବେ କିଛି ଚୋରି କରିଛନ୍ତି କି ନାହିଁ ?"

ରାଜା କୋଟୱାଲଙ୍କୁ ଏକୁଟିଆ ଡାକି ପଚାରିଲେ । କୋଟୱାଲ କହିଲେ, "ମହିମା କ୍ଷମା କରନ୍ତୁ, ଥରେ ଅନ୍ୟ ଏକ ରାଜ୍ୟରୁ ବହୁ ଧନ, ରତ୍ନ ଚୋରି କରି ଜଣେ ଚୋର ଏହି ରାଜ୍ୟବାଟେ ପଳାଇ ଯାଉଥିଲା । ମୁଁ ତାକୁ ଧରିଲି । ତାକୁ ଛାଡ଼ିଦେଲେ ସେ ମୋତେ ଅଧେ ଦେବ ବୋଲି କହିବାରୁ ମୁଁ ଲୋଭ ସମ୍ଭାଳି ନ ପାରି ତାକୁ ଛାଡ଼ିଦେଲି । ତେଣୁ ମୁଁ ନିଜେ ଚୋରି ନ କଲେ ମଧ୍ୟ ଚୋରି ଦ୍ରବ୍ୟରେ ଅଂଶୀଦାର ହୋଇଛି ।"

Digitized by srujanika@gmail.com

ରାଜା ସ୍ଥିର କଲେ ରାଜ୍ୟର ସବୁଠାରୁ ବଡ଼ ସେଠ ସାଧବଙ୍କୁ ଡକାଯାଉ । ସାଧବ ଯେତେବେଳେ ଏତେ ଧନର ମାଲିକ ସେ ଆଉ କି ଚୋରି କରିବେ ?

ପ୍ରାସାଦରେ ଷେତ ପ୍ରସ୍ତୁତ ହେଲା ଓ ସାଧବ ବେଶ ଭୂଷା ହୋଇ ଗୋଟିଏ ଭଲ ଦିନରେ ଏକ ରୁପା ନିର୍ମିତ ଲଙ୍ଗଳରେ ଯୋଚି ଗୋଟିଏ ନୌଠ ହୀରା, ନୀଳା ବୁଣିଲେ ।

ଗୋଟିଏ ବର୍ଷ ବିତିଗଲା । କିଛି ହେଲା ନାହିଁ । ରାଜା ମନେ ମନେ ଚିନ୍ତିତ ହୋଇ ସାଧବଙ୍କୁ ଡକାଇ ପଠାଇଲେ ଓ ତାଙ୍କୁ ପଚାରିଲେ, ସେ କେବେ ଚୋରି କରିଛନ୍ତି କି ନାହିଁ । ସାଧବ କହିଲେ ସେ ଚୋରି କରି ନାହାନ୍ତି ସତ ; କିନ୍ତୁ ୧୨ବର୍ଷ ତଳେ ଦେଶରେ ମରୁଡ଼ି ପଡ଼ିଥିଲା । ତାଙ୍କ ପାଖରେ ବହୁତ ଧାନ, ଚାଉଳ ଜମାହୋଇ ରହିଥିଲା । ତାହା ସବୁ ଲୋକଙ୍କୁ ବହୁତ ଅଧିକ ଦାମରେ ବିକି କରି ସେ ତାଙ୍କର ଧନ ଦୌଲତ ବଢ଼ାଇଛନ୍ତି । ଯେଉଁକି ମୂଲ୍ୟରେ ବିକ୍ରୀ କରିବାର କଥା, ତା'ଠାରୁ ଅଧିକ ମୂଲ୍ୟ ଯେତେବେଳେ ସେ ନେଇଛନ୍ତି, ତାହା ଚୋରି ନୁହେଁ ଆଉ କ'ଣ ହୋଇ ପାରେ ?

ରାଜା ବଡ଼ ଚିନ୍ତାରେ ପଡ଼ିଲେ । କୋଟୱାଲ ଓ ସାଧବ ଚୋର ହୋଇଗଲେ ! ରାଜ୍ୟ ପକ୍ଷରେ ଏହା ଏକ ପରୀକ୍ଷାର ବେଳ; ଅତଏବ ମନ୍ତ୍ରୀଙ୍କୁ ଡକାଯାଉ । ମନ୍ତ୍ରୀ ଆସିଲେ । ଗୋଟିଏ ଭଲ ଦିନ ବଛା ଗଲା । ଉତ୍ସବ ଦିନର ବେଶ ପୋଷାକ ପିନ୍ଧି ଏକ ସୁବର୍ଣ୍ଣର ଲଙ୍ଗଳ ଧରି ମନ୍ତ୍ରୀ ଚାଷ କଲେ ଓ ହୀରା, ନୀଳା ବୁଣାଗଲା ।

ମାସେ, ଦୁ'ମାସ, ଛ'ମାସ ଗଲା । କିଛି ହେଲା ନାହିଁ । ରାଜା ଚିନ୍ତିତ ହେବାକୁ ଲାଗିଲେ । ହୀରା, ନୀଳାର ସେ ଫସଲ କ'ଣ କାଟିବେ, ସେଥିକି ଜନ୍ମକୋଷ୍ଠୀରେ ଅଛି ତାହା ଶେଷ ହେବା ଉପରେ । ପ୍ରାଣଦଣ୍ଡ ଅପେକ୍ଷାରେ ଥିବା ଜେଲର ଚତୁର ଚୂଡ଼ାମଣିଙ୍କୁ ସେ ଡକାଇ ପଠାଇଲେ ।

ରାଜା କହିଲେ, "ଦେଖ, ତୁମର ମନ୍ତ୍ର ଭୁଲ । କାରଣ ମନ୍ତ୍ରୀ କେବେ ଚୋରି କରି ପାରିବେ ନାହିଁ । ତୁମେ ପ୍ରାଣଦଣ୍ଡରୁ ଖସିଯିବା ପାଇଁ ଏପରି ଏକ କୌଶଳ କରିଚ ।"

ଚତୁର କହିଲା, "ମହାରାଜ, ମୋର ମନ୍ତ୍ର କେବେ ଭୁଲ ହେବାର ନୁହେଁ । ଆପଣ ମନ୍ତ୍ରୀଙ୍କୁ ଡାକି ଏକାନ୍ତରେ ପଚାରନ୍ତୁ, ସେ କେବେ ଚୋରି କରିଛନ୍ତି କି ନାହିଁ ? ସେ ଯଦି କହନ୍ତି, ସେ କେବେ କରି ନାହାନ୍ତି, ତା'ହେଲେ ମୁଁ ଜାଣିବି ମୋର ମନ୍ତ୍ର ଭୁଲ । ତା'ହେଲେ ଆପଣ ମୋତେ ଫାଶି ନ ଦେଇ ଆହୁରି କଷ୍ଟରେ ମାରିବେ ।"

ରାଜା ଚିନ୍ତିତ ହୋଇ ମନ୍ତ୍ରୀଙ୍କୁ ଡକାଇ ପଚାରିଲେ । ମନ୍ତ୍ରୀ କହିଲେ, ସେ ତ କେବେ ଜୀବନରେ ଚୋରି ବା ପକେଟମାରୁ କରି ନାହାନ୍ତି । କିନ୍ତୁ ସେ ଯେଉଁ ଧନ ଉପାର୍ଜନ କରିଛନ୍ତି, ତାହା ନିଜର ଖର୍ଚ୍ଚକୁ ବାଦ ଦେଇ ସବୁ ସଞ୍ଚୟ କରି ରଖିଛନ୍ତି । କିଛି ଦାନ, ଧର୍ମ କରି ନାହାନ୍ତି, କି ଦୁଃଖୀ, ରଙ୍କୀଙ୍କୁ

Digitized by srujanika@gmail.com

ଦେଇ ନାହାନ୍ତି । ଶାସ୍ତ୍ରରେ କୁହାଯାଏ ଯେ ନିଜର ଚଳିବା ପାଇଁ ଯେତିକି ଆବଶ୍ୟକ, ତାହାଠାରୁ ଅଧିକ ସଂଗ୍ରହ କରି ରଖିବା ହେଉଛି ଚୋରି । ତେଣୁ ସେହି ଅର୍ଥରେ ସେ ଚୋର ହୋଇ ପାରନ୍ତି ।

ପୁଣି ରାଜା ଚୋରକୁ ଡକାଇଲେ । ଚୋର କହିଲା, "ମଣିମା ! ଆପଣ ରାଜା । ଆପଣ କେବେ କୌଣସି ଦୋଷ, ଅପରାଧ ବା ଭୁଲ କରି ପାରନ୍ତି ନାହିଁ । ମୋ ଶ୍ରେଷ୍ଠ ମୂର୍ଦ୍ଧିରେ ଏ ବଡ଼ କଥା ହେଲେ ମଧ୍ୟ ମୁଁ କହିବ, ଆପଣ ନିଜେ ଚେଷ୍ଟା କରନ୍ତୁ । ଦେଖିବେ, କପରି ଘର, ନାଳ ପସଳରେ ରାଜୋଦ୍ୟାନ ହସି ଉଠିବ ।"

ରାଜା ମନେ ମନେ ଭାବିଲେ, ସମସ୍ତେ ଚୋର ବୋଲି ପ୍ରମାଣିତ ହୋଇ ଗଲେଣି, ସେ ଖାଲି ବାକି ଅଛନ୍ତି ; ସେ ଯଦି ଚୋର ହୋଇଥାନ୍ତି ; ତା'ହେଲେ ଶାସନର ମାନ ମର୍ଯ୍ୟାଦା ତୁଟି ଯିବ । ଯେ ରାଜା ସେ କାହିଁକି ଚୋରି କରିବ ? କିନ୍ତୁ ତାଙ୍କର ରାଜକୋଷକୁ ଅନେକ ଗରିବ ଲୋକଙ୍କଠାରୁ କର ଆଦାୟ ହୋଇ ଆସୁଛି, ଯେତେ ସାବଧାନ କଲେ ମଧ୍ୟ ତାଙ୍କର କର୍ମଚାରୀମାନେ ବହୁ ଲୋକଙ୍କଠାରୁ ଅନ୍ୟାୟ ଜୁଲମ କରି ଅତିରିକ୍ତ ପାଉଣା ଆଦାୟ କରୁଥିବାର ଅଭିଯୋଗ ସେ ଶୁଣିଛନ୍ତି । ତା'ପରେ ସେ ଯେଉଁ ଭୋଗ ବିଳାସରେ ଅଛନ୍ତି, ତାହା ବି ପୁଣି ପ୍ରଜାଙ୍କର ଧନରେ ।

ରାଜା ଅଉ ନିଜକୁ ନେଇ ପରୀକ୍ଷା କଲେ ନାହିଁ । ସେ ଦେଖିଲେ କିଏ ଶ୍ରେଷ୍ଠ, କିଏ ବଡ଼; କିଏ ପକେଟ ମାରୁଛି ତ କିଏ ଅନ୍ୟ ବାଟରେ ପଇସା ଧରୁଛି; ସମସ୍ତେ ଚୋରି କରୁଛନ୍ତି । ସେ ମନେ ମନେ ଚତୁର ଚନ୍ଦ୍ରମଣିର ବୁଦ୍ଧିକୁ ଖୁବ ତାରିଫ କଲେ ଓ ତାକୁ ପ୍ରାଣଦଣ୍ଡରୁ ମୁକ୍ତ ଦେଲେ ।

---

ଅସଂଖ୍ୟ ବର୍ଷ ଧରି ପଥର ପାଣିରେ ରହିପାରେ; ତଥାପି ପାଣି ଏହାର କିଛି କ୍ଷତି କରି ପାରିବ ନାହିଁ । କିନ୍ତୁ ମାଟି ଯଦି ପାଣିର ସଂସ୍ପର୍ଶରେ ଆସେ, ତା'ହେଲେ ତାହା ଶୀଘ୍ର ନରମି ଯାଇ ପଙ୍କରେ ପରିଣତ ହୋଇଯାଏ । ଭଗବାନଙ୍କ ବିଶ୍ୱାସରେ ଯାହାର ହୃଦୟ ଦୃଢ଼ ହୋଇଛି, ଯେତେ ବଡ଼ ପରୀକ୍ଷା, ଦୁଃଖ, କଷ୍ଟର ସମ୍ମୁଖୀନ ହୁଅନ୍ତୁ ନା କାହିଁକି, ସେଥିରେ ତାହା ନଷ୍ଟ ବା ବିଚଳିତ ହୁଏ ନାହିଁ । କିନ୍ତୁ ଯାହାର ବିଶ୍ୱାସ ଦୁର୍ବଳ, ସେ ସାମାନ୍ୟ କାରଣରେ ଦୋହଲି ପଡ଼େ ।

—ଶ୍ରୀ ରାମକୃଷ୍ଣ ପରମହଂସ

Digitized by srujanika@gmail.com

# ଖଲିକୋଟ କଲେଜ ଲଟେରି

## ଓଡ଼ିଶାରେ ଉଚ୍ଚଶିକ୍ଷାର ଅଗ୍ରଗତି ପାଇଁ ଏହାର ମହନୀୟ ଦାନ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ଦାନ ପଞ୍ଚସ୍ତରୀ ହଜାର ଟଙ୍କା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଇଁ ଦାନ ପଚିଶ ହଜାର ଟଙ୍କା ।

ଓଡ଼ିଶାର ବହୁ ନୂତନ କଲେଜ ଏହାର ଦାନ ଦ୍ୱାରା ପ୍ରତିଷ୍ଠିତ ଓ ପରିପୁଷ୍ଟ ହୋଇ ପାରିଛି ।

ରାମଚନ୍ଦ୍ର ମର୍ଦ୍ଦରାଜ କଲେଜ, ହିଞ୍ଜିଳି ବିଜ୍ଞାନ କଲେଜ ଓ ଅନ୍ୟାନ୍ୟ କୋଡ଼ିଏଟି କଲେଜକୁ ଦିଆଗଲାଣି ୯୬ଲକ୍ଷ ୬୦ହଜାର ଟଙ୍କା ।

## ଆପଣ କେବଳ ଏକଟଙ୍କା ସାହାଯ୍ୟ କରି ଶିକ୍ଷାର ଅଗ୍ରଗତିରେ ଭାଗ ନିଅନ୍ତୁ, ମହତ୍ କାର୍ଯ୍ୟ ସାଧିତ ହେଉ ।

ବିଶେଷ ବିବରଣୀ ପାଇ ନିମ୍ନ ଠିକଣାକୁ ଲେଖନ୍ତୁ ।

ଅବୈତନିକ ସମ୍ପାଦକ
ଖଲିକୋଟ କଲେଜ୍-ଗ୍ରାଣ୍ଟି-ଲଟେରି ଫଣ୍ଡ
ବ୍ରହ୍ମପୁର (ଗଞ୍ଜାମ)



Digitized by srujanika@gmail.com